
ସମାରୋହ

# KALINGA COMMERCIAL CORPORATION LTD

## A Leading Turnkey Service Provider for Mining Sector

**(ISO 9001 : 2008 Certified)**

*Our Strength is- Unity & Teamwork with*





*Commitment and Dedication*

*Our Motto – No Words but Deeds*





*Aiming for Excellence in Achievement with Customer Satisfaction*

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

*CORPORATE OFFICE*

**A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012**
**MOB: 9937559264**
**WEB: www.kccl.co.in**



Bringing SMILE
to the Rural Life...
Agritech
Education
Green Energy
Power & Steel
Mining
SNM
SNM GROUP
Weigh Bridge Road, Barbil, Dist : Keonjhar - 758 035, Odisha
Website: www.snmgroups.com

# SIKSHA 'O' ANUSANDHAN

*A Bright Future Begins here...*

## Programme & Courses Offered in

- Institute of Technical Education and Research (ITER)
  B. Tech, M.Tech, BCA, MCA, M.Sc., PHD
- Institute of Business and Computer Studies (IBCS)
- SOA National Institute of Law (SNIL)
- Institute of Agricultural Sciences (IAS)
- Institute of Veterinary Scinece and Animal Husbandry (IVSAH)
- School of Pharmaceutical Sciences (SPS) and Center for Biotechnology
- Sum Nursing College (SNC)
- School of Hotel Management (SHM)
- Institute of Medical Sciences and SUM Hospital(IMS & SUM Hospital)
- Institute of Dental Science (IDS)

nirf
INDIA RANKINGS 2023

15th Best University
27th Best Engineering Institution
16th Best Medical Institution
9th Best Dental Institution
8th Best Law Institution
26th Overall

THE WORLD UNIVERSITY RANKINGS

QS WORLD UNIVERSITY RANKINGS

## OUR MAJOR RECRUITERS

Microsoft, IBM, Infosys, Cognizant, amazon, Reliance, Capgemini, BOSCH, MACLEODS, Marriott, TAJ, ICICI Bank, ARISTO, ITC Limited, Deloitte., Zydus, FEDERAL BANK, HYATT, wipro, BHARAT SERUMS & VACCINES LIMITED

## A Deemed to be University

*declared u/s. 3 of the UGC Act., 1956*

www.soa.ac.in

# ସମାରୋହ

( କଳା, ସାହିତ୍ୟ, ସଂସ୍କୃତିର ପାରିବାରିକ ମାସିକ ପତ୍ରିକା )

**Editor:**
Sailorani Mishra
**ସଂପାଦିକା:**
ଶୈଳରାଣୀ ମିଶ୍ର
**Associate Editor:**
Rabi Narayan Nanda
Kishore Kumar Mohanty
**ସହଯୋଗୀ ସଂପାଦକ:**
ରବି ନାରାୟଣ ନନ୍ଦ
କିଶୋର କୁମାର ମହାନ୍ତି
**Publisher:**
Bibhuti Bhusan Nanda
Gandarpur, Cuttack-753003
**ପ୍ରକାଶକ:**
ବିଭୂତି ଭୂଷଣ ନନ୍ଦ
ଗଣ୍ଡରପୁର, କଟକ-୭୫୩୦୦୩
**DTP:**
Printtech Offset Pvt. Ltd.
Bhubaneswar-24
**ଡିଟିପି:**
ପ୍ରିଣ୍ଟଟେକ୍ ଅଫ୍‌ସେଟ୍ ପ୍ରା:ଲି
ଭୁବନେଶ୍ୱର-୨୪
**Printer:**
Bibhuti Bhusan Nanda
Lipsa Printers, Gandarpur, Cuttack
**ମୁଦ୍ରଣ:**
ବିଭୂତି ଭୂଷଣ ନନ୍ଦ
ଲିପ୍‌ସା ପ୍ରିଣ୍ଟର୍ସ, କଟକ
**Managing Editor:**
Kalyani Nanda
**ପରିଚାଳନା ସଂପାଦିକା:**
କଲ୍ୟାଣୀ ନନ୍ଦ
**ପ୍ରଚ୍ଛଦପଟ:**
କଟକ ଦୁର୍ଗାପୂଜା

**Volume - 34 Issue - 12**
**Puja Special October - 2025**
**Price- Rs. 120/-**

*Owned, Printed and Published by*
*Bibhuti Bhusan Nanda, Gandarpur, Cuttack, Odisha*

## ସୂଚୀପତ୍ର

### ପ୍ରବନ୍ଧ

ଓଡ଼ିଶାରେ ଦେବୀ ପୂଜାର ଐତିହ — ପୂର୍ଣ୍ଣେନ୍ଦୁ କୁମାର ନନ୍ଦ — ୧୫
ସ୍ତମ୍ଭେଶ୍ୱରୀ, ଖମ୍ଭେଶ୍ୱରୀ, ମା’ ସୁଭଦ୍ରିକା ଓ ଦୁର୍ଗା:
ଏକ କ୍ରମବିକାଶଭିତ୍ତିକ ଆଲୋଚନା — ସୁଶାନ୍ତ କୁମାର ସ୍ୱାଇଁ — ୧୮
ମହାଶକ୍ତି ମା ଦୁର୍ଗାଦେବୀ — ପ୍ରଶାନ୍ତି ମିଶ୍ର — ୨୦
କଲ୍ୟାଣମୟୀ ମା’ ଭଟ୍ଟାରିକା — ବିଜୟଲକ୍ଷ୍ମୀ ସାହୁ — ୨୧
ଓଡ଼ିଆ ରହସ୍ୟ ସାହିତ୍ୟର ଭବିଷ୍ୟତ — ଡ. ଜୀବନ କୃଷ୍ଣ ମହାପାତ୍ର — ୨୩
ଏସିଆ ମହାଦେଶରେ ଦୁର୍ଗାରାଧନା ଏକ ସାମାଜିକ ପରମ୍ପରା
ବିଭୂତିଭୂଷଣ ସେନାପତି — ୨୬
ଶ୍ରୀମନ୍ଦିରରେ ଶାକ୍ତ ଗୁଣ୍ଡିଚା — ଅଧ୍ୟାପକ ପବିତ୍ର ମୋହନ ବାରିକ — ୨୯
“ରଥ ଉପରେ ‘ଅଧରପଣା’ ବ୍ୟବସ୍ଥା କାହିଁକି”
ଶକୁନ୍ତଳା ବଳିଆରସିଂହ — ୩୦
ରାଜ୍ୟ ଦେଶ ଓ ବିଶ୍ୱ ପ୍ରୀତିର ପ୍ରତୀକ ଗୋପବନ୍ଧୁ
ବାଉରିବନ୍ଧୁ ଲେଙ୍କା — ୩୨
ଅତିବଡ଼ୀ ଜଗନ୍ନାଥ ଦାସ ଓ ଶ୍ରୀଜଗନ୍ନାଥ
ବଦ୍ରୀ ମହାନ୍ତି — ୩୪
ଦଶ ମହାବିଦ୍ୟା — ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ — ୩୬

### ସଂପୂର୍ଣ୍ଣ ଉପନ୍ୟାସ

ଅନ୍ତରଙ୍ଗ ଆକାଶ — କ୍ଷୀରୋଦ ଦାସ — ୪୨

### କଥା ଓ କାହାଣୀ (ପ୍ରଥମ ପ୍ରସ୍ଥ)

ହେମ ହରିଣୀ — କୃପାସାଗର ସାହୁ — ୭୩
ଦିବାକର ସାର୍ — ଶାନ୍ତନୁ ବେଜ୍ — ୭୫
ଅଳିଆଗଦା — ଇନ୍ଦିରା ଦାଶ — ୭୭
ତୃଷା — ବିଷ୍ଣୁ ଚରଣ ଚୌଧୁରୀ — ୮୮
ଦୁଃଖରେ ଅଛନ୍ତି ବଶିଷ୍ଠ ମିଶ୍ର — ରଞ୍ଜନ ସାହୁ — ୯୩
ଅକୁହା କଥା — ଡକ୍ଟର ସୁବାସିନୀ ଲେଙ୍କା — ୯୬
ପାହାନ୍ତି ଆକାଶ — ଝୁମ୍‌ଝୁମ୍ ନାୟକ — ୯୯
ଆବେଗ ଅନ୍ତଃକରଣରେ — କମଳା ମହାପାତ୍ର — ୧୦୪
କୁନି ମାତାଜୀ — ସୁଜାତା ମହାପାତ୍ର — ୧୦୮
ଖାନ୍‌ଦାନି ଚିହ୍ନ — ଦେବହୂତି କର — ୧୧୧
ନିୟତି — ସଂଯୁକ୍ତା ମହାନ୍ତି — ୧୧୪
ଶ୍ରବଣଙ୍କ ବୋଝ — କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ — ୧୧୭
ରୂପାନ୍ତର — ପ୍ର. ଗିରିଜା ଶଙ୍କର ଶର୍ମା — ୧୧୯
ମମତାର ଆକାଶ — ବିଜୟିନୀ ତ୍ରିପାଠୀ — ୧୨୧
ପୁରସ୍କାର — ଲେଖିକା: ପୁଷ୍ପା ଭାଟିଆ
ଅନୁବାଦିକା: ସୁବାସିନୀ ରଥ — ୧୨୪
ସହରୀବାବୁ — ଜୟଶ୍ରୀ ପଟ୍ଟନାୟକ — ୧୨୭
ମୋହିନୀ କନ୍ୟା — ପଦ୍ମନାଭ ସାହୁ — ୧୨୮
ଦୃଶ୍ୟ — ସରୋଜିନୀ ଷଡଙ୍ଗୀ — ୧୩୦
ଉଧାର — ଡକ୍ଟର ମଧୁସ୍ମିତା ମିଶ୍ର — ୧୩୨
ଘାଟ ମାହାସୁଲ — କମଳିନୀ ମଲ୍ଲିକ — ୧୩୬
ସଜବାଜ — ପଦ୍ମାଳୟା ପାଢ଼ୀ — ୧୪୦

## କବିତା (ଆଦ୍ୟ ନିଳୟ)


| | | |
|---|---|---|
| ଉଭାସ | ଅମରେଶ ପଟ୍ଟନାୟକ | ୧୪୨ |
| ଦଶାନନ | ଡଃ. ଗୋପବନ୍ଧୁ ଦାଶ | ୧୪୨ |
| ନଈପାରି | ଡକ୍ଟର ନାରାୟଣ ପଣ୍ଡା | ୧୪୨ |
| ପାଉଁଶଗଦା | ପିନାକୀ ମିଶ୍ର | ୧୪୩ |
| ସ୍ମୃତି ସଦା ମଧୁଝରା | ମନୋଜ ମହାନ୍ତି | ୧୪୩ |
| ଶେଷ ସମୟ | ସଦାଶିବ ଦାଶ | ୧୪୩ |
| ଧିରେ ଧିରେ ଚଢ଼ ବାଇଶି ପାହାଚ | ଅୟସ୍କାନ୍ତ | ୧୪୪ |
| ଠିକଣା | ପ୍ରଫେସର ଅରୁଣ ଚନ୍ଦ୍ର ସାହୁ | ୧୪୪ |
| ଭାବ ଅଭାବ | ରମେଶ ଚନ୍ଦ୍ର ସାହୁ | ୧୪୪ |
| ସମୟ ଯଦି ହେବ..... | ନୃସିଂହ ଚରଣ ବେହେରା | ୧୪୫ |
| କି ଅମର ଅହଂକାର | ଡଃ ସରୋଜିନୀ ଷଡଙ୍ଗୀ | ୧୪୫ |
| ଶକ୍ତ କରିଦିଅ ଆପଣା ସିଦ୍ଧାନ୍ତ | କ୍ଷମାନିଧି ଭୋଇ | ୧୪୫ |
| ଅଧାବାଟରୁ | ରବି ଶତପଥୀ | ୧୪୬ |
| ଭବ୍ୟ ମହୋତ୍ସବ | ନରହରି ମିଶ୍ର | ୧୪୬ |
| ଅଥର୍ବ ସମୟ | ମନୋରଂଜନ ଶରଣ | ୧୪୭ |
| ଅର୍ଘ୍ୟ | ଚିତ୍ରା କାନୁନ୍‌ଗୋ | ୧୪୭ |
| ସୋନମ ରଘୁବଂଶୀ | ଶ୍ରୀ ଭୁବନେଶ୍ୱର ବିଶି | ୧୪୭ |
| ଜୀବନ ଉଜୁଡ଼ି ଯାଏ | ବିରଜା ଦେବୀ | ୧୪୭ |
| ମୁଁ ସମୁଦ୍ର | କବିତା ମହାନ୍ତି | ୧୪୮ |
| ମହିଷମର୍ଦ୍ଦିନୀ ରୂପରେ ଆ | ସ୍ୱୟଂପ୍ରଭା ରଥ | ୧୪୮ |
| ଘାସଫୁଲ | ନୀଳକଣ୍ଠ ସାହୁ | ୧୪୮ |
| ଆସ ଗୋ ବରଷା | ସୁରଞ୍ଜନ ପାତ୍ର | ୧୪୯ |
| ସେରାତି ପାଖେଇଗଲା | ପ୍ରଶାନ୍ତ କୁମାର ଦାଶ | ୧୪୯ |
| ଯାଦୁଖେଳ | ଡକ୍ଟର ଗୌତମ ଜେନା | ୧୪୯ |
| ତୁମଠୁ ଫେରିବା ପରେ | କୁମୁଦ ଚନ୍ଦ୍ର ଦାଶ | ୧୫୦ |
| ଜୀବନ ଏକ ମରୀଚିକା | କୁଳଦୀପ ଦାସ | ୧୫୦ |
| ଏଇ ତ ସତ୍ୟ | ସନ୍ତୋଷିନୀ ଦାଶ (ଗିରି) | ୧୫୧ |
| ବିଭୋର ସ୍ୱପ୍ନର ଗୀତ | ସୁକୁମାର ଦାସ | ୧୫୧ |
| ଏବେ ତ ଶିହରିଉଠୁଛି ମାଟି | ଚକ୍ରଧର ପଣ୍ଡା | ୧୫୧ |
| ପ୍ରିୟସଖୀ | ଡ.ଗୋପାଳକୃଷ୍ଣ ଆଚାର୍ଯ୍ୟ | ୧୫୨ |
| ସଂପର୍କ | ଗୌରାଙ୍ଗ ଚନ୍ଦ୍ର ଦାଶ | ୧୫୨ |
| ବର୍ଷା | ମୂଳ ଇଂରାଜୀ – ଜ୍ୟାକ ଗିର୍ଲବଟ | |
| | ଅନୁବାଦକ :- ନଗେନ୍ଦ୍ର ନାଥ ପଟ୍ଟନାୟକ | ୧୫୩ |
| ବାପାଙ୍କ ପାଇଁ ଗୀତ | ସୁଶାନ୍ତ ଦାଶ | ୧୫୩ |
| ସମାଜ ହାତରେ ହାତକଡି | ଡ. ସଂଜୀବ କୁମାର ପାଣିଗ୍ରାହୀ | ୧୫୩ |
| ପୁରୁଣା ଛାଇମାନଙ୍କ ଚିତ୍ର | ଯୋଗେନ୍ଦ୍ର କୁମାର ନାୟକ | ୧୫୪ |
| ଜଳଛବି | ରଞ୍ଜନ ବାଗ | ୧୫୪ |
| ବସୁଧା | ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡା | ୧୫୫ |
| ଡର ନାହିଁ ଅନ୍ଧାରକୁ | ସୁବାସ ଚନ୍ଦ୍ର ସାହୁ | ୧୫୫ |
| ନୀରବ ମିଳନ | କୃଷ୍ଣଚନ୍ଦ୍ର ରଥ | ୧୫୫ |
| ଦେହ | ସୁଶାନ୍ତ କୁମାର ନାୟକ | ୧୫୬ |
| ଶେଷ ଇଚ୍ଛା | ସ୍ନେହା ରଥ | ୧୫୬ |


## ଅନୁବାଦ ଉପନ୍ୟାସ


| | | |
|---|---|---|
| ସାତ ଫେରରେ ବନ୍ଧା | ମୂଳଲେଖା – ପ୍ରଭାବତୀ ଦେବୀ | |
| | ଭାଷାନ୍ତର – ସୁପ୍ରଭା ରାୟ | ୧୫୭ |


## ଏକାଙ୍କିକା


| | | |
|---|---|---|
| ମିଳନ ମାୟା | ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ | ୧୮୨ |


## କ୍ଷୁଦ୍ର ଉପନ୍ୟାସ


| | | |
|---|---|---|
| ଦ କିସ୍ | ମୂଳ ରଚନା: ଆଂଟୋନ ଚେକୋଭ୍ | |
| | ଅନୁବାଦ: ଦିଲିପ କୁମାର ବିଷୋୟୀ | ୧୯୨ |


## କବିତା (ମଧ୍ୟ ନିଳୟ)


| | | |
|---|---|---|
| ପ୍ରେମିକ ପ୍ରେମିକ ଲାଗେ | ସୌଭାଗ୍ୟବନ୍ତ ମହାରଣା | ୨୦୧ |
| ଲୁହ ନଥିବା ଆଖି | ଡକ୍ଟର କମଳାକୃଷ୍ଣ ତ୍ରିପାଠୀ | ୨୦୧ |
| ଜୀବନ ସଂପର୍କରେ | ଡ଼. ରମାକାନ୍ତ ଜେନା | ୨୦୧ |
| ଜୁଆଙ୍ଗପଲ୍ଲୀରେ ଜୀବନ | ଦେବାଶିଷ ଚକ୍ରବର୍ତ୍ତୀ | ୨୦୨ |
| ସ୍ତ୍ରୀ ଲୋକ | ଡକ୍ଟର ସୁଷମା ମିଶ୍ର | ୨୦୨ |
| ଘୋଡ଼ାଚଢ଼ା | କୃଷ୍ଣ ମିଶ୍ର | ୨୦୩ |
| ପୀରତିର ଗାଥା | ବିଷ୍ଣୁ ମୋହନ | ୨୦୩ |
| ଅଥର୍ବ ସମୟ | ମନୋରଂଜନ ଶରଣ | ୨୦୩ |
| ଲକ୍ଷ୍ମୀଛଡ଼ା ମୁହୂର୍ତ୍ତ | ପ୍ରତିଭା ପରିଡ଼ା | ୨୦୪ |
| ମୁକ୍ତି ଯାତ୍ରା | ବିନୋଦ | ୨୦୪ |
| ଲଂପଟ ନାଗର | ହରିଶ୍ଚନ୍ଦ୍ର ବେହେରା | ୨୦୪ |
| ମୋର ଗଲାଣି ବୟସ ଚାଲି | ଚୈତନ୍ୟ ପ୍ରସାଦ ବେହେରା | ୨୦୫ |
| ଲୁହ ନୁହେଁ ଲହୁର ଛିଟିକା | ବୃନ୍ଦାବନ ଦାସ | ୨୦୫ |
| ନିରୁଦ୍ଦିଷ୍ଟ | ଜିତେନ୍ଦ୍ର ପରିଡା | ୨୦୬ |
| ମାଟିଆ ସାହି | ଭରତ ବେହେରା | ୨୦୬ |
| ଶବ୍ଦ | ଜଳଧର ସ୍ୱାଇଁ | ୨୦୭ |
| ଅବରୁଦ୍ଧ ଅଭିମାନ | ମୁରଲୀଧର ମିଶ୍ର | ୨୦୭ |
| ବରଷାର ଭାଉ କମିତ ଗଲାଣି | ହଂସନାଥ ମୁଦୁଲି | ୨୦୮ |
| ମନ୍ତ୍ରପାଠ | ଡ. ଅନିଲ ନନ୍ଦ | ୨୦୮ |
| ଛାଇ ବିକ୍ରୀ | ଦେବେନ୍ଦ୍ର କୁମାର ବାଉରୀ | ୨୦୮ |
| ନୂଆଁଖାଇ | କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ | ୨୦୯ |
| ଉତ୍ତରାୟଣ | ସୁଶୀଲ କୁମାର ପାଣିଗ୍ରାହୀ | ୨୦୯ |
| ସ୍ମୃତିର ଜ୍ୱାଳା | ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ | ୨୦୯ |
| ସହଯାତ୍ରୀ | ଡ. ନୀଳମଣି ଲେଙ୍କା | ୨୧୦ |
| ଆତ୍ମବୀଣା ଇତିହାସ ମୁହଁ | ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ | ୨୧୦ |
| କାଳର ଖେଳ | ଉମାକାନ୍ତ ବେହେରା | ୨୧୧ |
| ସ୍ୱପ୍ନ ଜୀବନ | ପୀୟୂଷ ପଟ୍ଟନାୟକ | ୨୧୧ |
| ଭିଜିବାର ଇଚ୍ଛା ନାହିଁ | ବାବାଜୀ ଚରଣ ଜେନା | ୨୧୧ |
| ଗୋପନୀୟ | ପ୍ରିୟନାଥ ପାଣି | ୨୧୨ |
| ଜଗତରେ ପାଇବୁନି ଏମିତି ଠାକୁରଟିଏ | ରେଣୁବାଳା ମହାପାତ୍ର | ୨୧୨ |
| ନୀରିମାଖି ସୁଭଦ୍ରା | ଅର୍ଚ୍ଚିତା ଦାସ | ୨୧୨ |
| କିଏ ଜାଣେ କାହା କଥା | କୌଶିକ ନାୟକ | ୨୧୩ |

| | | |
|---|---|---|
| ପ୍ରେମ ପକ୍ଷୀ ଉଡ଼େ ବହୁଦୂରେ | ସତ୍ୟନାରାୟଣ ଆଚାର୍ଯ୍ୟ | ୨୧୩ |
| ଜୀବନ ଅଟେ ଖୋଲା ବହି | ସତ୍ୟବ୍ରତ ଦାସ | ୨୧୩ |
| ପ୍ରଳୟ | ଡକ୍ଟର ବିଜୟଲକ୍ଷ୍ମୀ ତାରେଣିଆ | ୨୧୪ |
| ଅନୁରାଗ | ଡ. କଳ୍ପନା ମହାନ୍ତି | ୨୧୪ |
| ଭାଗ୍ୟ | ଡ. ଚିତ୍ରାକାନ୍ତୀ ସେଠୀ | ୨୧୪ |
| ପ୍ରିୟା | ବିଭୁତି ଭୂଷଣ ତ୍ରିପାଠୀ | ୨୧୫ |
| ଅଛୁଆଁ ପ୍ରେମ | ଶ୍ରୀମତୀ ରୀତା ସ୍ୱାଇଁ | ୨୧୫ |
| ସକାଳର ସ୍ୱର | ବିଜୟଲକ୍ଷ୍ମୀ ମହାନ୍ତି | ୨୧୬ |
| ଢେଙ୍କାନାଳରେ କେବେ ବର୍ଷା !! | ରାହାସ କୁମାର ବେହେରା | ୨୧୬ |


## କଥା ଓ କାହାଣୀ (ଦ୍ୱିତୀୟ ପ୍ରସ୍ଥ)


| | | |
|---|---|---|
| ପଡୋଶିନୀ | ଗାୟତ୍ରୀ ଆର୍ଯ୍ୟ | ୨୧୭ |
| ଓଲଟ ପାଲଟ | ଭାନୁମତୀ ସାହୁ | ୨୨୦ |
| ମନୁଷ୍ୟର ଭାଉ ମୂଳହିନ୍ଦୀ – | ଆଚାର୍ଯ୍ୟ ଚତୁର ସେନ | |
| ଓଡିଆ ରୂପାନ୍ତର : | ଜନ୍ମେଜୟ ବାବୁ | ୨୨୪ |
| ଅନୁତାପ | ଡ. ବୈଜୟନ୍ତୀ ମିଶ୍ର | ୨୨୮ |
| ସ୍ୱପ୍ନରେ ଭିଜିବା ମନା | ଭାସ୍କର ଜେନା | ୨୩୦ |
| ସ୍ୱୟଂବରା | କାର୍ତ୍ତିକ ଚରଣ ବାରିକ | ୨୩୪ |
| ସୁମିନ୍ତରାର ଝିଅମାନେ | ସୂର୍ଯ୍ୟ ବାଲା | |
| | ଅନୁବାଦ – ସବିତା ମିଶ୍ର | ୨୩୮ |
| ଭୂତ ଦେଖିନଥିବା ଲୋକ | ଜାନକୀ ବଲ୍ଲଭ ମହାପାତ୍ର | ୨୪୧ |
| ପ୍ରାର୍ଥନା | ସରୋଜିନୀ ମିଶ୍ର (ଏମ୍.ଏ.) | ୨୪୫ |
| ଜୀବନ ନଈର ଏକ ବାଙ୍କରେ | ପ୍ରତାପ ବିଶ୍ୱାଳ | ୨୪୭ |
| ନିଷିଦ୍ଧ ଗଳିର ଅନ୍ଧାର | ଶୋଭନା ଜେନା | ୨୫୦ |
| ଡିମିରି ଫୁଲର ପ୍ରେମ | ସୁଷମା ପରିଜା | ୨୫୨ |
| ଶେଷ ପାହାଚ | ଉମାଶଙ୍କର ଷଡଙ୍ଗୀ | ୨୫୬ |
| ବାବୁ | ଡାଃ. ସୁରେନ୍ଦ୍ର ନାଥ ଦାଶ | ୨୫୮ |
| ବେବି ଏକାଅଶୀ | ସରୋଜକାନ୍ତ ଚୌଧୁରୀ | ୨୫୯ |
| ଚକ୍ରବ୍ୟୂହ | ସୁରଭି ପତି | ୨୬୩ |
| ବହୁରୂପୀ ଏଣ୍ଡୁଅ | ଲେଖିକା :– ରେଣୁ ମଣ୍ଡଳ | |
| | ମୂଳଭାଷା :– ହିନ୍ଦୀ, | |
| | ଅନୁବାଦ:– ସମ୍ବେଦନା ମିଶ୍ର | ୨୬୬ |
| ଜୀବନଟା ଏକ ସ୍ୱପ୍ନ | ବିଭୁତି ଭୂଷଣ ନନ୍ଦ | ୨୬୮ |
| ଅନ୍ତିମ ବ୍ୟାଧି | ଡାକ୍ତର ଶ୍ରୀପ୍ରସାଦ ମହାନ୍ତି | ୨୭୦ |
| ବୁଢା ବୃକ୍ଷ ମୂଳ ହିନ୍ଦୀ – | ରେନୁ ମଣ୍ଡଳ | |
| ଅନୁବାଦ – | ଦେବସ୍ମିତା ବେହେରା | ୨୭୩ |


## ରମ୍ୟରଚନା


| | | |
|---|---|---|
| ଭଲକରି ଚିହ୍ନ ଭ୍ରାତାଙ୍କ ବଦନ ! | ରାଧାଶ୍ୟାମ ରାଉଳ | ୨୭୬ |
| ଭଲ ବ୍ୟବସାୟ ରାଜନୀତି | ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ | ୨୭୮ |
| ରାଜଧାନୀରେ ମଶାଙ୍କ ଗୋଲଟେବୁଲ ବୈଠକ | ପ୍ରଭାତ କୁମାର ମହାପାତ୍ର | ୨୮୦ |


## କବିତା (ଅନ୍ତଃ ନିଳୟ)


| | | |
|---|---|---|
| ଚୌକୀ | ଡକ୍ଟର ଶ୍ରୀହରି ଧଳ | ୨୮୨ |
| କିଏ ଭାବୁଛି | ଦୁର୍ଗାଚରଣ ଷଡ଼ଙ୍ଗୀ | ୨୮୨ |
| ସନେଟ୍ ନୁହେଁ ସନେଟ୍ ପରି | ଭିକାରୀ ଧଳ | ୨୮୨ |
| ଡାକବାକ୍ସ | ଅଜୟ ପ୍ରଧାନ | ୨୮୩ |
| ମୋ ସ୍ୱାଭିମାନ | ଡାଃ ମନୋରଞ୍ଜନ ଦାଶ | ୨୮୩ |
| ଗାଆଁ ଗୀତ | ଉମାକାନ୍ତ ରାଉତ (ଅରୂପ) | ୨୮୩ |
| ବୁଲାଦାଶ କାଂଦୁଥିଲା | ରମେଶ ପତି | ୨୮୪ |
| ମୟୂରୀ ଗୋ | କିଶୋର କୁମାର ମହାନ୍ତି | ୨୮୫ |
| କବିର ମାନସିକତା | ମୋହନ କୁମାର ସ୍ୱାଇଁ | ୨୮୫ |
| ନିର୍ବାସନର ସହର | କପିଳ ଚନ୍ଦ୍ର ମହାନ୍ତି | ୨୮୬ |
| ଆଞ୍ଜୁଳାଏ ନୀରବତା | ମୀନକେତନ ପଶାୟତ | ୨୮୬ |
| ମାଆଙ୍କ ପାଇଁ ପଦେ | ଚନ୍ଦନ କୁମାର ଦାସ | ୨୮୬ |
| ଭୋର୍ ସକାଳ | ପ୍ରସନ୍ନ କୁମାର ଜେନା | ୨୮୭ |
| ଏଇଠି ଜଳୁଛି ଆଜି ମୁହିଁ ଏକା | ନୀଳମଣି ଚାନ୍ଦ | ୨୮୭ |
| ମଶାଲ | ନିରଂଜନ ସାହୁ | ୨୮୭ |
| ନାଚାର ନାରୀ | ବିପ୍ଳବ ରଞ୍ଜନ ପତି | ୨୮୮ |
| ଦାଗ | ନୀରଦ ସୁନ୍ଦର ଜେନା | ୨୮୮ |
| ଅନ୍ଧ | ବୃନ୍ଦାବନ ବାଡ଼ତ୍ୟା | ୨୮୯ |
| ଝଡ଼ | ବିଦ୍ୟାଧର ସେଠୀ | ୨୮୯ |
| ଝିଅ | ରତ୍ନ ମଞ୍ଜରୀ ରାଉତ | ୨୮୯ |
| ବାପା | ପ୍ରିୟଦର୍ଶିନୀ ନାୟକ | ୨୯୦ |
| ମନର ଯାନରେ ମୋହର ଅଶ୍ୱ | ଅନସୂୟା ପଣ୍ଡା | ୨୯୦ |
| ଚର୍ଯ୍ୟାପଦରେ ଚନ୍ଦ୍ରମୁଖୀ | ସୁରେଶ କୁମାର ନାୟକ | ୨୯୦ |
| କିରିବୁରୁ ଜହ୍ନ | ଚିନ୍ତାମଣି ମହାଳିକ | ୨୯୧ |
| ଅଥଚ ଉଧବ ଉବାଚ | ବସନ୍ତ କୁମାର ସାହୁ | ୨୯୧ |
| ମୋହରାତ୍ରି | ଅନୀତା ପାଣି | ୨୯୨ |
| ଶେଷ ପ୍ରାର୍ଥନା | ଦେବଦର୍ଶନ ଦାଶ | ୨୯୨ |
| କାବ୍ୟ ଉନ୍ମେଷ | ସୁଜିତ କୁମାର ମିଶ୍ର | ୨୯୨ |
| ବର୍ଷାରାଣୀ | ମନୋଜ କୁମାର ଜେନା | ୨୯୩ |
| ଦୁଇ ଭିନ୍ନ ସ୍ତବ | ମହେନ୍ଦ୍ର କୁମାର ମଲ୍ଲିକ | ୨୯୩ |
| ଅତୁଳ ଜୀବନ | ନୀହାରିକା ସାହୁ | ୨୯୩ |
| ବେଦୁଇନ | ଡ଼ଃ ସଂଜୟ କୁମାର ତ୍ରିପାଠୀ | ୨୯୪ |
| ପରଂବ୍ରହ୍ମ ସ୍ୱରୂପିଣୀ | ଶ୍ରୀମତୀ ସଂଘମିତ୍ରା ନାୟକ | ୨୯୪ |
| ମୋ ମାଆ ଆସିବ ପଡ଼ିଛି ହୁରି | ଶ୍ରମତୀ ସୁଷମା ଲେଙ୍କା | ୨୯୪ |


## କଥା ଓ କାହାଣୀ (ଶେଷ ପ୍ରସ୍ଥ)


| | | |
|---|---|---|
| ଝିଅର ବାପା | ଅରବିନ୍ଦ ଦାସ | ୨୯୫ |
| ବୋଉର ଉପହାର | ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର | ୨୯୭ |
| ଉଆଁସୀ ଝଡ଼ | ସୀମାଞ୍ଚଳ ଦାଶ | ୩୦୦ |
| ଅନ୍ତିମ ସୂର୍ଯ୍ୟର ଲୋହିତ ଛଟା | ଡକ୍ଟର ତ୍ରିନାଥ ପଟ୍ଟନାୟକ | ୩୦୨ |
| ଜୀବନ ଯୁଦ୍ଧ | ରାଜଲକ୍ଷ୍ମୀ ଦାଶ | ୩୦୭ |
| ପାହାନ୍ତି ସମୀରଣ | ଦୁର୍ଗାପ୍ରସାଦ ଆଚାର୍ଯ୍ୟ | ୩୧୧ |
| ରାଜ ଉଆସ | ପ୍ରଦ୍ୟୁମ୍ନ ପଟ୍ଟନାୟକ | ୩୧୪ |

| | | |
|---|---|---|
| ମିସେସ ନନ୍ଦୀ | ମୂଳ ବଙ୍ଗଳା ଗଳ୍ପ - ବିମଳ ମିତ୍ର<br>ଓଡ଼ିଆ ରୂପାନ୍ତର: ଜୟକୃଷ୍ଣ ସାମଲ | ୩୧୮ |
| "ହୃଦୟହୀନ" | ମୂଳ ହିନ୍ଦୀ - ପୁନମ୍ ଅହମଦ୍<br>ଅନୁବାଦ: ମଧୁସ୍ମିତା ପଟ୍ଟନାୟକ | ୩୨୩ |
| ଦୃଶ୍ୟ | ଭାଗୀରଥି ବେହେରା | ୩୨୫ |
| ଦଣ୍ଡି | ଇନ୍ଦୁମତୀ ପାତ୍ର | ୩୨୭ |
| ଶୀତଳ ସୂର୍ଯ୍ୟର ଛାଇ | ବିଜୟ ପଟ୍ଟନାୟକ | ୩୨୯ |
| ଉତ୍ତରା ଉବାଚ | ସବିତା ରଥ | ୩୩୨ |
| ମାର ଗୁଳି କୃଷ୍ଣକୁ | ପ୍ରବୀର ମହାନ୍ତି | ୩୩୫ |
| ଏମିତି ବି ହୁଏ | ନୃସିଂହ ବେହେରା | ୩୩୮ |
| ବାପା | ଶୈବାଳିନୀ ସାହୁ | ୩୪୨ |
| ଆହତ ସ୍ୱାଭିମାନ | ରବିନାରାୟଣ ନନ୍ଦ | ୩୪୫ |

## ଜ୍ୟୋତିଷ ବିଚାର

| | | |
|---|---|---|
| ରାଶିଫଳ | ଜ୍ୟୋତିର୍ବିଦ - ବିଶ୍ୱନାଥ ନାୟକ | ୩୪୮ |

## ତନ୍ମାତ୍ର

| | |
|---|---|
| ସିନେ ଦୁନିଆର କିମ୍ବଦନ୍ତୀ ପୁରୁଷ ! ସତ୍ୟଜିତ ରାଏ | ୩୫୧ |

## ଖେଳ ଓ ଖେଳାଳୀ

| | |
|---|---|
| ଭାରତ ବନାମ ପାକିସ୍ତାନ : ରଣଭୂମି ଓ ମଇଦାନ | ୩୫୩ |


**ସମାରୋହର ଆଜୀବନ ପୃଷ୍ଠପୋଷକ**

**ଶ୍ରୀ ଦେବ ପଟ୍ଟନାୟକ**

**ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର**

**ଡ. ସିଦ୍ଧାର୍ଥ ପାଢ଼ୀ**

**ଡା. ଅମରେନ୍ଦ୍ରନାଥ ଦାସ**

**ସମସ୍ତ ଲେଖା, ମନିଅର୍ଡ଼ର ପଠାଇବା ନିମନ୍ତେ ଏବଂ ସମସ୍ତ ଯୋଗାଯୋଗ ନିମନ୍ତେ ଡି-୯, ବିଜେବି ନଗର ପରିବର୍ତ୍ତେ ସହଯୋଗୀ ସଂପାଦକଙ୍କର ନିମ୍ନୋକ୍ତ ଠିକଣାଟି ବ୍ୟବହାର କରିବାକୁ ଅନୁରୋଧ ।**


## ଯୋଗାଯୋଗ ଠିକଣା

**ସହଯୋଗୀ ସଂପାଦକ : ସମାରୋହ**

**ସି-୧୬୩, ବିଡିଏ ଡୁପ୍ଲେକ୍ସ, ପ୍ରଜ୍ଞାବିହାର, ବରମୁଣ୍ଡା, ଭୁବନେଶ୍ୱର-୩**

**ଫୋନ୍ ନମ୍ବର : ୦୬୭୪-୨୩୫୪୮୭୩, ମୋବାଇଲ ନମ୍ବର : ୯୦୯୦୪୬୮୦୪୬**

E-mail: thesamaroha@gmail.com



| | | |
|---|---|---|
| **ସମାରୋହର ଦେୟ** | ବାର୍ଷିକ................ ଟ. ୩୦୦.୦୦ | ଦ୍ୱିବାର୍ଷିକ.............. ଟ. ୬୦୦.୦୦ |
| | ୩ ବର୍ଷ ପାଇଁ.......... ଟ. ୯୦୦.୦୦ | ୫ ବର୍ଷ ପାଇଁ.......... ଟ. ୧୫୦୦.୦୦ |

*ପ୍ରତ୍ୟେକ ମାସିକ ସଂଖ୍ୟା ଡାକ ଯୋଗେ ଗ୍ରାହକଙ୍କ ନିକଟକୁ ପଠାଇଦିଆଯିବାର ବ୍ୟବସ୍ଥା ରହିଛି ।*

# ସଂ ପା ଦ କୀ ୟ

"ଯା ଦେବୀ ! ସର୍ବ ଭୂତେଷୁ
ସୃଷ୍ଟି ରୂପେଣ ସଂସ୍ଥିତା
ନମଃସ୍ତସୈ ନମଃସ୍ତସୈ ନମଃସ୍ତସୈ ନମଃନମଃ"

ନାମ ରୂପ ଜଗତର ସୃଷ୍ଟି କେବେଠାରୁ ଆରମ୍ଭ ହୋଇଥିଲା, ବର୍ତ୍ତମାନ କହିବାର ଶକ୍ତି ମୋ ପାଖେ ନାହିଁ । ଖୋଜିବାର ସ୍ପୃହା ସଂପୂର୍ଣ୍ଣ ଉଭାନ ହୋଇଗଲାଣି । ତେବେ ସମୟ ଗଡ଼ି ଚାଲିଛି ତା ସହିତ ଖାପ ନ ଖୁଆଇ ମଧ୍ୟ ବହୁ କୀଟ ପତଙ୍ଗ ଜୀବନ ଯାପନ କରୁଥିବା ବେଳେ ମୁଁ ମଧ୍ୟ ରହିଛି । ଯେଉଁ ଦାୟିତ୍ୱଟିକୁ ମୋତେ ସମର୍ପି ଦିଆ ଯାଇଥିଲା, ତାକୁ ଏ ପର୍ଯ୍ୟନ୍ତ ସୁଚାରୁ ରୂପେ କରିପାରି ନାହିଁ । ଢୋକେ ପିଇ ଦଣ୍ଡେ ଜୀଇବାର ଜୀବନ ଧରି ଅନେକ ବର୍ଷ ଅତିକ୍ରାନ୍ତ ହୋଇଗଲାଣି । ପାବର୍ଣ ମାସ ସମ୍ମୁଖରେ ଦଣ୍ଡାୟମାନ ହୋଇଗଲାଣି କିନ୍ତୁ ଟିକିଏ ଲେଖି ନିଜକୁ ଜୀବିତ ବୋଲି ପ୍ରମାଣିତ କରିବାକୁ ହେବ । ନହେଲେ କର୍ତ୍ତବ୍ୟରେ ସଂପୂର୍ଣ ହେଳା ଜଣାପଡ଼ିଯିବ । ନିଜକୁ ବଂଚାଇ ରଖିବାକୁ କିଛି ଲେଖିବି କିନ୍ତୁ କଣ ଲେଖିବି ।

ବର୍ତ୍ତମାନ ଯେଉଁଦିନ ଟିକିଏ ଖବର କାଗଜ ଓଲଟାଇ ଦେଉଛି କିଛି ଭଲ ପରିବର୍ତ୍ତେ ଏତେ ଭେଲର ପରିମାଣ ଆସିଯାଉଛି । ସେହି ସୃଷ୍ଟିକୁ ନେଇ କଣ ମୁଁ ଲେଖିପାରିବି ।

କବି ଲେଖିଥିଲେ "ମଧୁମୟ ସୃଷ୍ଟି, ସୁଧାମୟ ସୃଷ୍ଟି, ଏ ସୃଷ୍ଟି ଅମୃତମୟ ହେ", ତାକୁ ବିକଳାଙ୍ଗ କରି ନିଜର ଦୈନ୍ୟତା ଦେଖେଇବାର ଆଉ ପ୍ରଚେଷ୍ଟା କରିବା ଜରୁରୀ ହେବନାହିଁ, କାରଣ ଏଇ ଧରାରେ ଯେଉଁମାନେ ଜୀବିତ ଅଛନ୍ତି ସେମାନେ ସମସ୍ତେ ଭୁକ୍ତଭୋଗୀ ହୋଇ ସାରିଥିବେ । ତାରି ଭିତରେ କିଏ କ୍ରିକେଟ ଟିକିଏ ଖେଳି, କିଏ ବଇଁଶୀଟିଏ ବଜାଇ, କିଏ ବେଶ ସାଜି ଓଡ଼ିଶୀ କି କୁଚୁପୁଡି ନାଚି ଚାଲିଲେ ମଧ୍ୟ ସମସ୍ତେ ନିଶ୍ଚିନ୍ତ ଅନୁଭବ କରୁଥିବେ ପ୍ରତି ମୁହୂର୍ତ୍ତରେ । କହିବାକୁ ଗଲେ ଘଡ଼ିକିଘଡ଼ି ପରିବର୍ତ୍ତନ ଏଇ ସୃଷ୍ଟିକୁ ଅନୁଭବ କରିଥିବେ । ନିଧଡ଼କ ମଧ୍ୟ ହୋଇ ଯାଇଥିବେ । ଖୋଲାଖୋଲି କରି ପୁରୁଣା ସିନ୍ଦୁକରୁ ମଇଳା କାଢ଼ିବା ଦରକାର । ଯାହାର ଆଖି, ନାକ, କାନ ଓ ମନ ଅଛି ସେ ସବୁକିଛି ଠିକ୍ ଅନୁଭବ କରିପାରୁଥିବ । କିଛି ବାହାରକୁ ଦେଖେଇବା ପାଇଁ ଫିଟ୍ ଫାଟ୍ ଡ୍ରେସ୍‌ଟିଏ ପିନ୍ଧି ଦେଇ ନିଜର ନିଜର କାଳିମାଠାରୁ ଆରମ୍ଭ କରି ଜଗତର କଳା କାରନାମାକୁ ସହଜରେ ଅତିକ୍ରମ କରିଗଲା ବୋଲି ନିଜକୁ ନିସ୍ତାର ଦେଉଥିବ । ହେଉ ! ଚନ୍ଦ୍ରଯାନ ଯାଇ ଫେରିଆସିଲା । ପରିବର୍ତ୍ତନ ତ ହେଲା, କିଛି ସେଥିରେ ଆଦର୍ଶ ନଥିଲା, ଚୁକ୍ତି ବଦ୍ଧତା ନଥିଲା, ନଥିଲା ନିଜର ଅଭ୍ୟନ୍ତର ଆନ୍ତରିକତାର ସ୍ପର୍ଶ ।

ମା' ଦୁର୍ଗା ଆସିବେ, ବିଘ୍ନ ବିନାୟକ ଗଣେଶ ବହୁ ରୂପ ଧରି ବାଜା, ବାଣ ଇତ୍ୟାଦି ଫୁଟାଇ ଏବେ କେଉଁ ପୋଖରୀ ନଈ ପାଣିରେ ବିକଳାଙ୍ଗ ହୋଇ ଦୃଶ୍ୟମାନ । କାଲିର ବଳ, ବୀର୍ଯ୍ୟ, ତେଜ ସବୁକିଛି ମଳିନ ମାଟିରେ ଘାଣ୍ଟି ହୋଇ ଯାଇଛି ।

ଆଉ ଅଧିକା ବଢ଼ାଇବାରେ ସମୟ ବା ପୃଷ୍ଠା ବୃଦ୍ଧି କରିବାର ପ୍ରୟୋଜନ ନାହିଁ, ବର୍ତ୍ତମାନ ନୀରବତାର ସମୟକୁ ଉପଭୋଗ କରି କଣ କରିବାକୁ ଚାହିଁଥିଲି ଏବଂ କଣ କରି ଚାଲିଲି ତାକୁ ଖୋଜିବାକୁ ବୁଦ୍ଧି, ବଳ, ମନ, ହୃଦୟ ସହିତ କେହି ଯୋଗ ଦେଉନାହାଁନ୍ତି । ତେଣୁ ମା' ! ତତେ ଆଶ୍ରାକରି ଏଇ ସୃଷ୍ଟି ଆଜି ପର୍ଯ୍ୟନ୍ତ ଗଡ଼ି ଆସିଛି । ଶୁଭ, ଅଶୁଭ ସବୁର ମୂଳରେ ତୁ ଅଛୁ । ତୁ ଚାହିଁଲେ ଏକ ମୁହୂର୍ତ୍ତରେ ସକଳ ଓଲଟ ପାଲଟ କରି ଜଗତରେ ନିଜର ଆଭା ବିସ୍ତାର କରିପାରିବୁ ! ତୋରି ଦୟା ଉପରେ ନିର୍ଭର କରି ମା' ଏ ଜୀବନ ଆଜିଯାଏଁ ଗତି କରି ଆସିଛି । ଆଲୋକର ରୋଷଣୀ କେବଳ ବ୍ୟାଣ୍ଡ ପାର୍ଟି ସହିତ ନରହି ସବୁରି ହୃଦୟ କନ୍ଦରରୁ ଉଚ୍ଛୁଳି ଉଠି ଆସୁ । ଆଜିର ଦିନରେ ଏଇ ମୋର ଏକାନ୍ତ ପ୍ରାର୍ଥନା ।

ଦୟାକରି, ରକ୍ଷାକର, କୃପାକର ! ଏ ସୃଷ୍ଟି ମଧୁମୟ ହୋଇଯାଉ ତୋର ଅମୃତ ହସ୍ତର ପରଶରେ ।

ହରିଓଁ ତତ୍‌ସତ୍
ବ୍ରହ୍ମାର୍ପଣମସ୍ତୁ

କଲ୍ୟାଣୀ ମିଶ୍ର

*With Best Wishes :-*

# HAPPY DUSSEHRA









*With Best Compliments from:*

# TRUPTI AUTOMOTIVES

**LIGHT COMMERCIAL VEHICLE DEALER**
**N.H.-5, MANGULI CHOWK, CUTTACK-754025**
**Tel:- 0671-2392392, Email:- info.ctc@truptigroup.co.in**

**BRANCH:- ANGUL, JAJPUR, JAGATSINGHPUR, KENDRAPARA, DHENKANAL**

# ‘କଥାକଳିକା’ର ମହାପୂଜା ସଂଖ୍ୟା
## ସେପ୍ଟେମ୍ବର-୨୦୨୫





THE NO.1 OUTDOOR MEDIA HOUSE
IN THE STATE OF ODISHA
NO.1
Mohapatra
torrent
ADVERTISERS
R. SHED NO. 37, RASULGARH IND.
ESTATE BHUBANESWAR - 751010, ODISHA
torrentadv4@gmail.com
9238321015, 9114152665, 9438840801
Deals In :- Hoarding, Bulletin, Kiosk, Backlit, Ete.



LUMINOUS INFOWAYS
Delivering values
A CMMI Level 3 Company
SmartFiles
File Workflow Automation System
Digital Archival System
Make my® Reports
Consolidated Reporting Platform
e-nirman
Online Project Monitoring System
e-Hospital
AI Based Query & Complaint Handling System
Connect through
Whatsapp, Chatbot, E-mail, Web
ସୂଚନା ଅଧିକାର
RTI Central Monitoring Mechanism
CII Industrial Relationship Award - 2020
National Awards on e-Governance
Brands of Odisha Pride of India 20-21
Reach us at :
DCB 615/616/617, 6th Floor, DLF Cyber City,
Chandaka Industrial Estate,
Bhubaneswar-751024, Odisha, India
info@lipl.in, hrd@lipl.in
+91 6742304010, +91 9438581317
www.luminousinfoways.com
https://www.facebook.com/luminousinfowayspl
https://www.linkedin.com/company/luminous-infoways-world
https://twitter.com/LuminousInfowa2

www.ohpcltd.com | /ohpc.odisha | /ohpc_odisha

# BUILDING A POWERFUL ODISHA



**OHPC,** a gold-rated state PSU of Odisha, has been enabling a future of sustainability by operating, maintaining and modernizing hydroelectric power and other non-conventional energy sources by supplying 25%-40% power demand of its people, single-handedly.

## OUR PROJECTS AT A GLANCE

TOTAL INSTALLED CAPACITY: **2099.80 MW**

**BURLA**-287.80 MW | **CHIPLIMA**-72 MW | **BALIMELA**-510 MW | **RENGALI**-250 MW

**UPPER KOLAB**-320 MW | **UPPER INDRAVATI**-600 MW

**MACHKUND**-60 MW (ODISHA SHARE)

OHPC

**ODISHA HYDRO POWER CORPORATION LTD.**

OHPC Corporate Office, Bhoi Nagar, Janpath, Bhubaneswar-751022

**Phone:** 91-0674-2542983, 2542802, 2545526, 2542826


Magnum Auto
Passion for Cars
CALL NOW- 9937067609 / 9937062627
A PIT STOP FOR CAR LOVERS
WASHING
CLEANING
REPAIRS
SERVICE
DETAILING
FOAM WASH
UNDER- BODY
SOUND-SYSTEM
SEATS
ALLOYS
ALIGNMENTS
LIGHTS BULB
HORNS TYRES
TSERV
TOTAL CAR SERVICE
We are now authorised TOYOTA Channel Partners
Plot No: 891/1046, Pahala, Bhubaneswar, Behind PAL Heights Mantra
20°20'32.8"N 85°52'56.3"E


HEALTHY DESSERTS
Sumi'z PATISSERIE
ORDER FROM SWIGGY & ZOMATO AS WELL
MILLET CHOCOLATE CAKE WITH CHOCO SYRUP
RAGI CHOCO COOKIES
MULTIGRAIN COOKIES
MILLET CHOCOLATE CAKE (FOXTAIL MILLET)
@sumizpatisserie
6371553221
KIIT road patia, bhubneswar, (opposite falcon residency)


Sumi'z Patisserie
Wishes You
Happy Diwali
10 Nirmalya Gardens, Patia, Bhubaneswar
Whatsapp us on 6371553221

# ଓଡ଼ିଶାରେ ଦେବୀ ପୂଜାର ଐତିହ୍ୟ

ପୂର୍ଣ୍ଣେନ୍ଦୁ କୁମାର ନନ୍ଦ



ସମଗ୍ର ଭାରତ ବର୍ଷରେ ମୁଖ୍ୟତଃ ଦୁଇଥର ଦୁର୍ଗୋତ୍ସବ ପାଳିତ ହୋଇଥାଏ। ଶ୍ରୀ ଚଣ୍ଡୀ ମାହାତ୍ମ୍ୟରୁ ଜଣାଯାଏ ଯେ ଥରେ ଦେବତା ମାନେ ମହିଷାସୁର ଦ୍ୱାରା ପରାଜିତ ହୋଇ ସ୍ୱର୍ଗରୁ ବିତାଡିତ ହେଲେ। ଏଣୁ ବ୍ରହ୍ମାଙ୍କ ନେତୃତ୍ୱରେ ସେମାନେ ଶିବ ଓ ବିଷ୍ଣୁଙ୍କ ନିକଟରେ ପହଞ୍ଚିଲେ। ଦେବତାମାନଙ୍କର ପରାଜୟର ବାର୍ତ୍ତା ଶୁଣି ଶିବ ଓ ବିଷ୍ଣୁ କ୍ରୋଧାନ୍ୱିତ ହେଲେ। ଫଳରେ ଶିବ ଓ ବିଷ୍ଣୁଙ୍କର କ୍ରୋଧରୁ ମହାତେଜ ଉତ୍ପନ୍ନ ହେଲା। ଏହିପରି ସମସ୍ତ ଦେବତାଙ୍କର ସମ୍ମିଳିତ ତେଜରୁ ଭଗବତୀ ଦୁର୍ଗାଙ୍କର ଆବିର୍ଭାବ ହୋଇଥିଲା। ସେହି ଦେବୀ ସମସ୍ତ ଦେବତାମାନଙ୍କର ଆୟୁଧରେ ବଳୀୟାନ୍ ହୋଇ ଘୋର ସଂଗ୍ରାମ କରି ମହିଷାସୁରକୁ ବଧ କରିଥିଲେ। ଦେବତାମାନେ ସ୍ୱର୍ଗରାଜ୍ୟ ଫେରି ପାଇ ସେହି ମହାଦେବୀଙ୍କୁ ବିନମ୍ରଭକ୍ତି ସହିତ ସ୍ତୁତି କରିଥିଲେ। ସେହି ସ୍ତୁତିର ପ୍ରଭାବରେ ଦେବୀ ସେମାନଙ୍କୁ ବର ଦେଇଥିଲେ ଯେ ଭବିଷ୍ୟତରେ ଯେତେବେଳେ ସେମାନେ ଦାନବମାନଙ୍କ ଦ୍ୱାରା କଷ୍ଟ ପାଇବେ, ସେତେବେଳେ ସେମାନଙ୍କୁ ସାହାଯ୍ୟ କରିବାକୁ ଦେବୀ ପୁନର୍ବାର ଆବିର୍ଭୂତା ହେବେ।

ସତ୍ୟଯୁଗରେ ରାଜ୍ୟଭ୍ରଷ୍ଟ ସୁରଥ ରାଜା ଓ ଜ୍ଞାତିକୁଟୁମ୍ବଙ୍କ ଦ୍ୱାରା ବିତାଡ଼ିତ ସମାଧି ବୈଶ୍ୟ ମେଧସ୍ ଋଷିଙ୍କ ନିର୍ଦ୍ଦେଶରେ ଦେବୀ ପୂଜା କରିଥିଲେ। ସେମାନେ ଏହାର ପ୍ରଭାବରେ ମହାଶକ୍ତିଙ୍କ କୃପାଲାଭ କରିଥିଲେ। ଫଳରେ ସୁରଥ ନିଜର ରାଜ୍ୟ ଫେରିପାଇଥିଲେ ଓ ସମାଧିଙ୍କର ଆତ୍ମଜ୍ଞାନ ଲାଭ ହୋଇଥିଲା।

ଆଉ ଏକ ଉପାଖ୍ୟାନରୁ ଜଣାଯାଏ ଯେ ଭଗବାନ ଶ୍ରୀରାମଚନ୍ଦ୍ର ଶରତ୍‌ଋତୁରେ ଦୁର୍ଗାପୂଜା କରି ପ୍ରବଳ ପ୍ରତାପୀ ରାବଣଙ୍କୁ ବଧ କରିପାରିଥିଲେ। ଏଣୁ ଏହି ସମସ୍ତ ଆଖ୍ୟାୟିକାର ପୃଷ୍ଠଭୂମିରେ ବର୍ଷରେ ସାଧାରଣତଃ ଚୈତ୍ରମାସର ନବମୀତିଥି ଓ ଶରତ୍ କାଳରେ ଷୋଡ଼ଶ ଦିନାତ୍ମକ ବା ତ୍ରିଦିନାତ୍ମକ ଦେବୀ ପୂଜା ଅନୁଷ୍ଠିତ ହୋଇ ଆସୁଛି।

### ଓଡ଼ିଶାରେ ଦୁର୍ଗାପୂଜାର ଉଦ୍‌ଭବ

ଓଡ଼ିଶାରେ ସର୍ବ ପ୍ରଥମେ ପ୍ରାଚୀନ ଅଧିବାସୀମାନେ ଅରଣ୍ୟ ଓ ପାର୍ବତ୍ୟ ଅଞ୍ଚଳରେ ଦେବୀଙ୍କୁ ପତ୍ରମାଳିନୀ ବନଦୁର୍ଗା ରୂପେ ପୂଜା କରୁଥିଲେ। ଶବରୀତନ୍ତ୍ରରେ ପୂଜିତା ଏହି ବନଦୁର୍ଗାଙ୍କର ପରବର୍ତ୍ତୀ ସମୟରେ ବିବିଧ ମୂର୍ତ୍ତି କଳ୍ପନା କରାଯାଇଥିଲା। କିନ୍ତୁ ଦୁର୍ଗା ରୂପେ ପୂଜିତ ହେବା ପୂର୍ବରୁ ସେହି ପ୍ରାଚୀନ ବନଦୁର୍ଗାଙ୍କୁ ସାଧାରଣତଃ ଅଣଆର୍ଯ୍ୟ ପରମ୍ପରାରେ ପ୍ରସ୍ତର ବା କାଷ୍ଠ ନିର୍ମିତ ସ୍ତମ୍ଭ ଆକାରରେ ପୂଜା କରାଯାଉଥିଲା। ଏହାଙ୍କୁ ପରବର୍ତ୍ତୀ ସମୟରେ 'ସ୍ତମ୍ଭେଶ୍ୱରୀ' ରୂପେ ଗ୍ରହଣ କରାଯାଇଥିଲା। ଏ ସମ୍ପର୍କରେ ଅଶୋକଙ୍କର ଏକ ଶିଳାଲେଖରୁ ଜଣାଯାଏ ଯେ ସେତେବେଳେ କଳିଙ୍ଗର ଆଟାବିକ ଶ୍ରେଣୀର ଆଦିମ ଅଧିବାସୀମାନେ ବୃକ୍ଷର ସ୍ତମ୍ଭକୁ ମାତୃଶକ୍ତି ରୂପେ ପୂଜା କରୁଥିଲେ। ଖାରବେଳଙ୍କ ସମୟରେ ଦେବୀ ଉପାସନା କ୍ରମଶଃ ଉନ୍ନତ ମୂର୍ତ୍ତିରେ ରୂପାନ୍ତରିତ ହୋଇଥିଲା। ଅନନ୍ତ ଗୁମ୍ଫାର ଦ୍ୱାରଦେଶରେ ଖୋଦିତ 'ଗଜଲକ୍ଷ୍ମୀ' ଚିତ୍ରରୁ ଏହାର ପ୍ରମାଣ ମିଳେ। କିନ୍ତୁ ତୃତୀୟ ଶତାବ୍ଦୀ ବେଳକୁ ପର୍ଣ୍ଣବତା, ପର୍ଣ୍ଣଶବରୀ, ବନ୍ଧୁ ଶବରୀ ରୂପରେ

ଅଣଆର୍ଯ୍ୟ ପରମ୍ପରାରେ ଦେବୀ ପୂଜା ହେଉଥିବା ବିଷୟରେ ଭଦ୍ରଖ ଶିଳାଲେଖ ଏବଂ ଖିଲ ହରିବଂଶର ବର୍ଣ୍ଣନାରୁ ଜଣାଯାଏ।

ଏହାପରେ ପ୍ରାୟ ଚତୁର୍ଥ ଶତାବ୍ଦୀ ବେଳକୁ ଅଣଆର୍ଯ୍ୟ ପରମ୍ପରା ସହିତ ସମୁଦ୍ରଗୁପ୍ତଙ୍କ ଦାକ୍ଷିଣାତ୍ୟ ବିଜୟର ପ୍ରଭାବରେ ଆର୍ଯ୍ୟଧର୍ମଧାରା ଅନୁଭୂତ ହୋଇଥିଲା। ଫଳରେ ଆର୍ଯ୍ୟ ବ୍ରାହ୍ମଣ୍ୟଧର୍ମରେ ଶୈବ ଓ ଶାକ୍ତ ଧର୍ମ ସହିତ ପ୍ରାଚୀନ ଉତ୍କଳର ଅଣଆର୍ଯ୍ୟ ବୃକ୍ଷ ଉପାସନାର ସମନ୍ୱୟ ଘଟିଲା। ଏବଂ ପ୍ରାଚୀନ ଉତ୍କଳରେ ବୃକ୍ଷର ସ୍ତମ୍ଭକୁ ବହୁଳ ଭାବରେ ଆର୍ଯ୍ୟମତରେ 'ସ୍ତମ୍ଭେଶ୍ୱରୀ' ରୂପେ ପୂଜା କରାଗଲା। ବିଶେଷତଃ କଳାହାଣ୍ଡିର ପ୍ରାଚୀନ ଅଧିବାସୀମାନେ ଏହିପରି ସ୍ତମ୍ଭେଶ୍ୱରୀ ପୂଜା କରୁଥିଲେ। ପଞ୍ଚମ ଶତାବ୍ଦୀରେ କଳାହାଣ୍ଡିର ତେରାଶିଙ୍ଗ ତାମ୍ରଫଳକରେ ମହାରାଜ ତୁଷ୍ଟିକର ଦେବ ନିଜକୁ ସ୍ତମ୍ଭେଶ୍ୱରୀଙ୍କ ଭକ୍ତ ରୂପେ ବର୍ଣ୍ଣନା କରିଥିଲେ। ବଉଦର ପ୍ରାଚୀନ ଭଞ୍ଜବଂଶୀୟ ରାଜାମାନେ ମଧ୍ୟ ସ୍ତମ୍ଭେଶ୍ୱରୀଙ୍କୁ ଇଷ୍ଟଦେବୀ ରୂପେ ଉପାସନା କରୁଥିଲେ। ଏପରିକି ବଲାଙ୍ଗୀର, ସମ୍ବଲପୁର, ଢେଙ୍କାନାଳ ଓ ଗଞ୍ଜାମ ଜିଲ୍ଲାର ବହୁ ଅଞ୍ଚଳରେ ଏହି ସ୍ତମ୍ଭେଶ୍ୱରୀ ଦେବୀଙ୍କର ପୂଜା ପ୍ରଚଳିତ ଥିବାର ଜଣାଯାଏ।

### ପ୍ରଥମ ମହିଷମର୍ଦ୍ଦିନୀ ଦୁର୍ଗା ବିରଜା

ଗୁପ୍ତ ଯୁଗରେ ଶିଳ୍ପ ଶାସ୍ତ୍ର, ପୁରାଣ ପ୍ରଭୃତି ପ୍ରଚଳିତ ହେବା ଦ୍ୱାରା ଦେବୀ ପୁରାଣ ବା ଶ୍ରୀଚଣ୍ଡୀ ପୁରାଣର ଅବଲମ୍ବନରେ ସର୍ବପ୍ରଥମେ ଯାଜପୁରରେ ଦ୍ୱିଭୁଜା ଦୁର୍ଗାରୂପେ ବିରଜାଙ୍କୁ ପ୍ରତିଷ୍ଠା କରାଯାଇଥିଲା। ପ୍ରାୟ ପଞ୍ଚମ / ଷଷ୍ଠ ଶତାବ୍ଦୀ ବେଳକୁ ଏହି ଦେବୀଙ୍କୁ ପ୍ରତିଷ୍ଠା କରାଯିବା ଅନୁମେୟ। ବିରଜାଙ୍କ ଧ୍ୟାନରେ ତାଙ୍କୁ ବାମହସ୍ତରେ ମହିଷର ଲାଙ୍ଗୁଳ ଧରିଥିବା ଓ ଦକ୍ଷିଣ ହସ୍ତରେ ମହିଷର ବକ୍ଷରେ ଶୂଳ ନିକ୍ଷେପ କରୁଥିବାର ବର୍ଣ୍ଣନା ରହିଛି। ଯଥା: "ଧୃତ କନକନିଭାଭାଂ ଶୂଳ ଲାଙ୍ଗୁଳ ହସ୍ତାଂ" – ଇତ୍ୟାଦି। ଦେବୀ ସିଂହବାହିନୀ ଓ ଦେବୀଙ୍କର ଦକ୍ଷିଣ ପଦ ମହିଷାସୁରର ମସ୍ତକ ଉପରେ ରହିଛି। ମହାଭାରତ, ବିଷ୍ଣୁ ପୁରାଣ, ବ୍ରହ୍ମପୁରାଣ, କୁବ୍‌ଜିକା ତନ୍ତ୍ର, ବୃହତ୍ ନୀଳତନ୍ତ୍ର, କପିଳ ସଂହିତା ପ୍ରଭୃତି ଶାସ୍ତ୍ରରେ ବିରଜାଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି। ଭୌମକର ରାଜବଂଶଠାରୁ ସୋମବଂଶୀ ରାଜତ୍ୱ ପର୍ଯ୍ୟନ୍ତ ବିରଜା କ୍ଷେତ୍ର ପ୍ରାଚୀନ ଓଡ଼ିଶାର ରାଜଧାନୀ ଥିଲା ଓ ଯଯାତି କେଶରୀ ଏଠାରେ ଦଶାଶ୍ୱମେଧ ଯଜ୍ଞ କରିଥିଲେ। ବାସ୍ତବରେ ପ୍ରାଚୀନ ଓଡ଼ିଶାରେ ରାଜତନ୍ତ୍ରର ସୁରକ୍ଷା ପାଇଁ ବିରଜାଙ୍କୁ ପ୍ରଥମେ ରାଷ୍ଟ୍ରଦେବୀ ରୂପେ ଗ୍ରହଣ କରାଯାଇଥିଲା।

### ବୌଦ୍ଧତନ୍ତ୍ରରେ ଦେବୀ ପୂଜା

ବିରଜାଙ୍କ ଉପାସନା ପୂର୍ବରୁ ପ୍ରାଚୀନ ଭୌମକରମାନେ ବୌଦ୍ଧଧର୍ମାବଲମ୍ବୀ ଥିଲେ ଓ ସେତେବେଳେ ଓଡ଼ିଶାରେ ବୌଦ୍ଧ ବଜ୍ରଯାନ ପ୍ରବର୍ତ୍ତିତ ହୋଇଥିଲା। ଏଣୁ ବୌଦ୍ଧ ତନ୍ତ୍ର ମତରେ ପ୍ରାୟ ସପ୍ତମ / ଅଷ୍ଟମ ଶତାବ୍ଦୀ ବେଳକୁ ଓଡ଼ିଶାରେ ବହୁ ବୌଦ୍ଧତାନ୍ତ୍ରିକ ଦେବୀଙ୍କୁ ଉପାସନା କରାଯାଉଥିଲା। କୁରୁକୁଲ୍ଲା, ଶବରୀ, ଯୋଗିନୀ, ନୈରାତ୍ମା, ସହଜ ସୁନ୍ଦରୀ ଇତ୍ୟାଦି ବହୁ ବୌଦ୍ଧ ତାନ୍ତ୍ରିକ ଦେବୀଙ୍କର ପୂଜା ସେ ସମୟରେ ପ୍ରଚଳିତ ଥିଲା। ରତ୍ନଗିରିର ତାରା, ମଞ୍ଜୁଶ୍ରୀ, ଜମ୍ଭାଲା, ହେରୁକା, ବସୁଧାରା, ଆର୍ଯ୍ୟା, ଅପରାଜିତା ପ୍ରଭୃତି ବୌଦ୍ଧ ଦେବୀ ମୂର୍ତ୍ତି ବୌଦ୍ଧତନ୍ତ୍ରରେ ଦେବୀ ଉପାସନାର ପ୍ରମାଣ ଦିଏ। ଲଳିତଗିରିରେ ମଧ୍ୟ ତାରା, ବଜ୍ରତାରା, ଅପରାଜିତା, ମଞ୍ଜୁଶ୍ରୀ ପ୍ରଭୃତି ଦେବୀମୂର୍ତ୍ତି ମିଳିଥିଲେ ଓ ତାହା କଲିକତା ସଂଗ୍ରହାଳୟକୁ ପ୍ରେରଣ କରାଯାଇଥିଲା। ଉଦୟଗିରି ଖନନରେ ବୌଦ୍ଧଦେବୀ ମରିଚୀ, ତାରା, ବୈଶ୍ରବଣା ପ୍ରଭୃତି ଦେବୀମୂର୍ତ୍ତି ଉଦ୍ଧାର କରାଯାଇଥିଲା।

### ଉଡ୍‌ଡୀୟାନ ପରମ୍ପରାରେ ଦେବୀ ଉପାସନା

ପୂର୍ବରୁ ସୂଚନା ଦିଆଯାଇଥିବା ପ୍ରକାରେ ଭୌମକର ରାଜବଂଶର ଶାସନ ସମୟରେ ଓଡ଼ିଶାରେ ବୌଦ୍ଧତନ୍ତ୍ର ମତରେ ବହୁ ଦେବୀମୂର୍ତ୍ତି ପ୍ରତିଷ୍ଠା ହେଲା ବେଳେ, ତତ୍କାଳୀନ ବ୍ରାହ୍ମଣ୍ୟତନ୍ତ୍ର ଅନୁଯାୟୀ ଉଡ୍‌ଡୀୟାନ ପରମ୍ପରାରେ ବିଭିନ୍ନ ସ୍ଥାନରେ ଦ୍ୱିଭୁଜା, ଚତୁର୍ଭୁଜା, ଅଷ୍ଟଭୁଜା ପ୍ରଭୃତି ଦୁର୍ଗାମୂର୍ତ୍ତିମାନଙ୍କୁ ପ୍ରତିଷ୍ଠା କରାଯାଇଥିଲା। ଏହି ପ୍ରସଙ୍ଗରେ ଭୁବନେଶ୍ୱରର ବହୁ ପ୍ରାଚୀନ ଦେବୀ ପୀଠମାନଙ୍କରେ ପ୍ରତିଷ୍ଠିତ ଦୁର୍ଗାମୂର୍ତ୍ତି ଓ ଉପାସନାର ପରମ୍ପରା ଉଲ୍ଲେଖଯୋଗ୍ୟ। ପର୍ଶୁରାମେଶ୍ୱର ମନ୍ଦିରରେ ଥିବା ବାରାହୀ ମୂର୍ତ୍ତି, ବୈତାଳ ମନ୍ଦିରରେ ଭୈରବୀ ରୂପୀ କପାଳିନୀ ଓ ସେଠାରେ ଥିବା ଚାମୁଣ୍ଡା ଭୌମିକର ରାଜବଂଶ ସମୟରେ ପ୍ରତିଷ୍ଠିତା ହୋଇଥିଲେ। ଉତ୍ତରେଶ୍ୱର ମନ୍ଦିର ଓ ଅନ୍ୟ କେତେ ମନ୍ଦିରରେ ଏହିପରି ଅନେକ ଶାକ୍ତ ଦେବୀଙ୍କୁ ପ୍ରତିଷ୍ଠା କରାଯାଇଥିଲା ଓ ଏଯାବତ୍ ଏହି ସମସ୍ତ ପୀଠମାନଙ୍କରେ ଶାସ୍ତ୍ରୀୟ ମତରେ ଦେବୀପୂଜା ପ୍ରଚଳିତ ରହିଛି। ସେହିପରି ରାଜା ଶିବକର(୨)ଙ୍କ ରାଣୀ ମୋହିନୀ ଦେବୀ 'ମୋହିନୀ' ମନ୍ଦିର ନିର୍ମାଣ କରିଥିଲେ ଓ ସେଠାରେ ଦଶଭୁଜା ଦେବୀ ମୂର୍ତ୍ତି ଉପାସିତା ହୋଇ ଆସୁଛନ୍ତି। 'ଦ୍ୱାରବାସିନୀ' ବିନ୍ଦୁ ସାଗର କୂଳରେ ଅବସ୍ଥିତା ଓ ସେଠାରେ ଶାରଦୀୟ ଦୁର୍ଗାପୂଜା ମଧ୍ୟ ନିଷ୍ଠାର ସହିତ ପାଳନ କରାଯାଏ। ଶୁଭକର ଦେବଙ୍କ ରାଣୀ 'ଗୌରୀ' ଦେବୀଙ୍କ ଦ୍ୱାରା ପ୍ରାୟ ୭୯୦ ଖ୍ରୀ:ରେ ଗୌରୀ ଦେବୀଙ୍କୁ ପ୍ରତିଷ୍ଠା କରାଯାଇଥିଲା। ଏହା ଏକ ସିଦ୍ଧପୀଠ ଓ ଏଠାରେ କେଦାରେଶ୍ୱର ମହାଦେବ ମଧ୍ୟ ଉପାସିତ ହେଉଛନ୍ତି। ଏତଦ୍‌ବ୍ୟତୀତ ଭୁବନେଶ୍ୱରରେ ଭୁବାସିନୀ, ଦକ୍ଷିଣଚଣ୍ଡୀ ପ୍ରଭୃତି ବହୁ ପ୍ରାଚୀନ ପୀଠରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥାଏ। ଲିଙ୍ଗରାଜଙ୍କ ଶକ୍ତିସ୍ୱରୂପା 'ଗୋପାଳିନୀ'ଙ୍କୁ ଶାରଦୀୟ ଦୁର୍ଗାପୂଜା ବେଳେ ମୂଳାଷ୍ଟମୀଠାରୁ ଶାସ୍ତ୍ରୀୟ ମତରେ ପୂଜା କରାଯାଏ। ଯଥାର୍ଥରେ ଗୋପାଳିନୀଙ୍କ ସ୍ତୁତିରେ କୁହାଯାଇଛି –

'ଗୋପାଳିନୀ ନମସ୍ତେସ୍ତୁ କୀର୍ତ୍ତିବାସ ବିମର୍ଦ୍ଦିନୀ
ପୁତ୍ରଂ ପୌତ୍ରଂ ଶ୍ରିୟଂ କୀର୍ତ୍ତିଂ ଦେହି ମେ ଭୁବନେଶ୍ୱରୀ

ଏତଦ୍‌ବ୍ୟତୀତ ପୁରୀର ମାର୍କଣ୍ଡେଶ୍ୱର ମନ୍ଦିରରେ ବାରାହୀ, ଇନ୍ଦ୍ରାଣୀ, ବୈଷ୍ଣବୀ ପ୍ରଭୃତି ସପ୍ତମାତୃକା ପ୍ରତିଷ୍ଠିତା ହୋଇଥିଲେ। ଯାଜପୁରର ଦଶାଶ୍ୱମେଧ ଘାଟଠାରେ ମଧ୍ୟ ସପ୍ତମାତୃକାଙ୍କୁ ପ୍ରତିଷ୍ଠା କରାଯାଇଥିଲା। ଏହି ସମୟରେ ହୀରାପୁରର ଚଉଷଠୀ ଯୋଗିନୀ ଓ ରାଣୀପୁର ଝରିଆଲଠାରେ ମଧ୍ୟ ଚଉଷଠୀ ଯୋଗିନୀ ପ୍ରତିଷ୍ଠା ହୋଇଥିଲେ।

### ଶ୍ରୀକ୍ଷେତ୍ରେଶ୍ୱରୀ ବିମଳା

ଅଷ୍ଟମ ଶତାବ୍ଦୀରେ ଉଡ୍‌ଡୀୟାନ ପରମ୍ପରାରେ ଶ୍ରୀ ଜଗନ୍ନାଥଙ୍କୁ ଭୈରବ ଓ ବିମଳାଙ୍କୁ କ୍ଷେତ୍ରେଶ୍ୱରୀ ଭୈରବୀ ରୂପେ ଗ୍ରହଣ କରାଯାଇଥିଲା। କାଳିକା ପୁରାଣ, ମତ୍ସ୍ୟପୁରାଣ, ଦେବୀଭାଗବତ, ତନ୍ତ୍ର ଚୂଡ଼ାମଣି ପ୍ରଭୃତି ବହୁ ଗ୍ରନ୍ଥରେ ଶ୍ରୀକ୍ଷେତ୍ରେଶ୍ୱରୀ ମା' ବିମଳାଙ୍କ ସମ୍ପର୍କରେ ବର୍ଣ୍ଣନା ରହିଛି। ଦକ୍ଷଯଜ୍ଞ ପରେ ଏଠାରେ ସତୀଙ୍କର ପାଦଦୁଇଟି ପଡ଼ିଥିବାରୁ ଏହାକୁ ପାଦପୀଠ କୁହାଯାଏ। ଏହିପୀଠରେ ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀଠାରୁ ଶୁକ୍ଳପକ୍ଷ ଅଷ୍ଟମୀ ଯାଏଁ ଷୋହଳଦିନ ଶାସ୍ତ୍ରୀୟ ବିଧିରେ ଦେବୀପୂଜା ଅନୁଷ୍ଠିତ ହୁଏ ଓ ଶୁଦ୍ଧ କୌଳାଚାର ପରମ୍ପରାରେ ସପ୍ତମୀଠାରୁ ନବମୀ ଯାଏଁ ଦେବୀଙ୍କ ନିକଟରେ ମତ୍ସ୍ୟପୂଜା ହୁଏ ଓ ମଧ୍ୟରାତ୍ରରେ ଶ୍ରୀ ଜଗନ୍ନାଥଙ୍କ ପହୁଡ଼ ପଡ଼ିଲାପରେ ଛାଗବଳି ଦିଆଯାଏ। ରାଜତନ୍ତ୍ର ସମୟରେ କ୍ଷେତ୍ରେଶ୍ୱରୀ ବିମଳାଙ୍କୁ ମଧ୍ୟ ରାଷ୍ଟ୍ରଦେବୀ ରୂପେ ଗ୍ରହଣ କରାଯାଇଥିଲା। ଯଥାର୍ଥରେ ଦେବୀଙ୍କ ଧ୍ୟାନରେ କୁହାଯାଇଛି –

'ଉଦ୍ୟତ୍ କୋଟି ସୁଧାଂ କରାଂଶୁ ଧବଳାଂ
ଶ୍ୱେତାବ୍ଜ ମଧ୍ୟସ୍ଥିତାଂ
ବିଦ୍ୟୁତ ଜ୍ୟୋତି ସଙ୍ଗା ସମୂହ ବିଳସତ୍
ନେତ୍ର ତ୍ରୟଂ ଭୂଷିତାଂ
ବିଭ୍ରାଣାଂ ସ୍ଫଟିକାକ୍ଷମାଳ ଭୁଜଗାଂ

ବ୍ୟାଖ୍ୟାଂ ସୁଧାଂ କୁଣ୍ଡିକାଂ
ଦେବୀଂ ବ୍ରହ୍ମ ଶିବେନ୍ଦ୍ର ବନ୍ଦ୍ୟ ବିମଳାଂ
ବାଗୀଶ୍ୱରୀଂ ଚିନ୍ତୟେ'

ଷୋହଳ ପୂଜା ବେଳେ ବିମଳାଙ୍କ ନିକଟରେ 'ଦୁର୍ଗାମାଧବ'ଙ୍କର ସମ୍ମିଳିତ ଉପାସନା ହୋଇଥାଏ।

### ଓଡ଼ିଶାରେ ଅନ୍ୟାନ୍ୟ ଦେବୀପୀଠରେ ଦୁର୍ଗାପୂଜା

ଝଙ୍କଡର 'ଶାରଳା' ଅଷ୍ଟମ ଶତାବ୍ଦୀଠାରୁ ଏକ ପ୍ରମୁଖ ଶାକ୍ତ ଦେବୀ ରୂପେ ଉପାସିତା ହୋଇ ଆସୁଛନ୍ତି। ଏକ ଅଷ୍ଟଭୁଜା ମହିଷ ମର୍ଦ୍ଦନୀ ଦୁର୍ଗା ରୂପେ ଶାରଳାଙ୍କର ଉପାସନା କରାଯାଏ। ଶାରଳକାଙ୍କୁ ମହାସରସ୍ୱତୀ ଓ ଦୁର୍ଗାଙ୍କ ସମ୍ମିଳିତ ସ୍ୱରୂପରେ ଉପାସନା କରାଯାଏ। ଏହି ଦେବୀ ମହିଷ ମର୍ଦ୍ଦିନୀ ଅଟନ୍ତି।

ବାଙ୍କୀର 'ଚର୍ଚ୍ଚିକା' ଭୌମକର ରାଜବଂଶ ସମୟରେ ଅଷ୍ଟଭୁଜା ଦୁର୍ଗାରୂପେ ପ୍ରତିଷ୍ଠିତା ହୋଇଛନ୍ତି। କାକଟପୁରର 'ମଙ୍ଗଳା' ନବମ ଶତାବ୍ଦୀର ଦେବୀ। ଦେବୀ ଚତୁର୍ଭୁଜା ଓ ଲଳିତାସନରେ ଉପବିଷ୍ଟା। 'ଭଟ୍ଟାରିକା' ବଡମ୍ବା ରାଜପରିବାରର ଇଷ୍ଟଦେବୀ ରୂପେ ପ୍ରତିଷ୍ଠିତା। ଏହି ଦେବୀଙ୍କୁ 'ତ୍ରିପୁର ସୁନ୍ଦରୀ' ମନ୍ତ୍ରରେ ପୂଜା କରାଯା,। ଗଞ୍ଜାମ ଜିଲ୍ଲାରେ ନାରାୟଣୀ, ତାରାତାରିଣୀ, ବ୍ୟାଘ୍ରଦେବୀ ଓ ଭୈରବୀଙ୍କର ପୀଠରେ ଦୁର୍ଗାପୂଜା ଅନୁଷ୍ଠିତ ହୋଇଥାଏ। ସେହିପରି ପୁରୀ ଜିଲ୍ଲାର ବାଣପୁରର 'ଭଗବତୀ' ରାମଚଣ୍ଡୀ, ବାଲିହରଚଣ୍ଡୀ ପ୍ରଭୃତି ପୀଠରେ ଦେବୀ ପୂଜା ଭକ୍ତି ଓ ନିଷ୍ଠାର ସହିତ ଅନୁଷ୍ଠିତ ହୁଏ। ଖୋର୍ଦ୍ଧା ଜିଲ୍ଲାର ଭୁଷୁଣ୍ଡପୁରର 'ଉଗ୍ରତାରା' ପୀଠରେ ବହୁ ଶ୍ରଦ୍ଧା ଓ ନିଷ୍ଠାର ସହ ଦେବୀ ପୂଜା ହୋଇ ଆସୁଛି। ଉଗ୍ରତାରାଙ୍କ ଶରଣାପନ୍ନ ହୋଇ ଭକ୍ତ ନରନାରୀମାନେ ବହୁ ବଡ଼ ବିପଦରୁ ଉଦ୍ଧାର ପାଇଥାନ୍ତି ଓ ସେମାନଙ୍କର ଅଭୀଷ୍ଟ ସିଦ୍ଧ ହୋଇଥାଏ।

ଘଟଗାଁରେ ତାରିଣୀ ରାଜା ଗୋବିନ୍ଦ ଭଞ୍ଜଙ୍କ ଦ୍ୱାରା ପ୍ରତିଷ୍ଠିତା। ଏଠାରେ ଦେବୀ ପୂଜା ଅତ୍ୟନ୍ତ ନିଷ୍ଠାର ସହ ଅନୁଷ୍ଠିତ ହୁଏ। ସକଳ ବିପଦରୁ ଦେବୀ ଭକ୍ତମାନଙ୍କୁ ଉଦ୍ଧାର କରିଥାନ୍ତି ବୋଲି ବିଶ୍ୱାସ ରହିଛି।

'ସମଲେଶ୍ୱରୀ' ଚୌହାନ୍ ରାଜବଂଶର ଶାସନ ସମୟରେ ପ୍ରତିଷ୍ଠିତା। ଏଠାରେ ଦେବୀଙ୍କୁ ବହୁ ନିଷ୍ଠା ଓ ଶାସ୍ତ୍ରୀୟ ପରମ୍ପରାରେ ପୂଜା କରାଯାଏ। ପାଟଣାଗଡରେ ପାଟଣେଶ୍ୱରୀ ଓ ସମଲେଶ୍ୱରୀ ତଥା କଳାହାଣ୍ଡିରେ ମାଣିକେଶ୍ୱରୀଙ୍କ ପୀଠରେ ଦେବୀପୂଜା ମହା ସମାରୋହରେ ଅନୁଷ୍ଠିତ ହୁଏ। ପ୍ରାଚୀନ ଓଡ଼ିଶାର ରାଜଧାନୀ କଟକଠାରେ ଗଡଚଣ୍ଡୀ ଓ ଶ୍ରୀଚଣ୍ଡୀଙ୍କର ଶାରଦୀୟ ଓ ବାସନ୍ତିକ ଦୁର୍ଗାପୂଜା ବହୁ କାଳରୁ ଅନୁଷ୍ଠିତ ହୋଇ ଆସୁଛି। କଟକଚଣ୍ଡୀ ଶ୍ରୀ ଭୁବନେଶ୍ୱରୀଙ୍କ ସ୍ୱରୂପରେ ପ୍ରତିଷ୍ଠିତା ଓ ଭୁବନେଶ୍ୱରୀଙ୍କ ମନ୍ତ୍ରରେ ଉପାସିତା ହୋଇଥାଆନ୍ତି। ଏହି ଦେବୀଙ୍କଧ୍ୟାନରେ କୁହାଯାଇଛି –

ଉଦ୍ୟତ୍ ଦିନ ଦ୍ୟୁତିମିନ୍ଦୁ କିରୀଟାଂ
ତୁଙ୍ଗକୁଚାଂ ନୟନ ତ୍ରୟ ଯୁକ୍ତାଂ
ସ୍ମେରମୁଖୀଂ ବରଦାଙ୍କୁଶ ପାଶାସ୍
ଅଭୀତିକରାଂ ପ୍ରଭଦୋ ଭୁବନେଶୀଂ

ଏତଦ୍ ବ୍ୟତୀତ ଶାକ୍ତଧର୍ମର 'ଦଶମହାବିଦ୍ୟା' ପରମ୍ପରାରେ ଓଡ଼ିଶାର ଶକ୍ତି ଉପାସକମାନେ ସ୍ୱଗୃହରେ କାଳୀ, ତାରା, ଷୋଡଶୀ, ଭୁବନେଶ୍ୱରୀ ପ୍ରଭୃତି ଦଶବିଧ ଶକ୍ତିଙ୍କ ମଧ୍ୟରୁ ନିଜନିଜର ଇଷ୍ଟଦେବୀ ରୂପେ ଗୋଟିଏ ଲେଖାଏଁ ଶକ୍ତିଙ୍କୁ ଶାସ୍ତ୍ରୀୟ ମତରେ ଉପାସନା କରିଥାଆନ୍ତି। ଶରତ ଓ ବସନ୍ତ ଋତୁରେ ନରନାରୀମାନେ ରୋଗ, ଶୋକ, ଭୟ ଓ ବାଧାବିଘ୍ନରୁ ରକ୍ଷା ପାଇବା ପାଇଁ ବହୁ ପ୍ରାଚୀନ କାଳରୁ ମହାଶକ୍ତି, ଜଗତ୍‌ଜନନୀ ଶ୍ରୀ ଦୁର୍ଗାଙ୍କର ଶରଣାପନ୍ନ ହୋଇ ଦୁର୍ଗାପୂଜା ପାଳନ କରି ଆସୁଛନ୍ତି।

'ସର୍ବ ମଙ୍ଗଳ ମଙ୍ଗଲ୍ୟେ ଶିବେ ସର୍ବାର୍ଥ ସାଧିକେ
ଶରଣ୍ୟେ ତ୍ୟମ୍ବକେ ଗୌରୀ ନାରାୟଣ ନମସ୍ତୁତେ'

ଆଧୁନିକ ଯୁଗରେ ପୀଠମାନଙ୍କରେ ପ୍ରଚଳିତ ଦେବୀପୂଜା ସହିତ, ଗ୍ରାମ ଓ ସହରମାନଙ୍କରେ ବହୁବିଧ ମୃଣ୍ମୟୀ ଦୁର୍ଗାମୂର୍ତ୍ତି ପ୍ରତିଷ୍ଠା କରାଯାଇ ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସାର୍ବଜନୀନ ଦୁର୍ଗାପୂଜା ଅନୁଷ୍ଠିତ ହୋଇ ଆସୁଛି। ଏହା ଦ୍ୱାରା ସମାଜର ସାମୂହିକ ମଙ୍ଗଳ ସହିତ ରାଷ୍ଟ୍ରରେ ଐକ୍ୟ ଓ ଶାନ୍ତି ସୁପ୍ରତିଷ୍ଠିତ ରହିପାରିବ ବୋଲି ଜନସାଧାରଣଙ୍କର ଦୃଢ଼ ବିଶ୍ୱାସ ରହିଛି।

*ଫ୍ଲାଟ ନଂ. ୪୦୫,*
*ସୁରେଖା ଭିଲ୍ଲା ଆପାର୍ଟମେଣ୍ଟ*
*ନିଗମାନନ୍ଦ ନଗର, ଲେନ୍ -୨*
*କେନାଲ ରୋଡ, ବମିଖାଲ,*
*ଭୁବନେଶ୍ୱର: ୭୫୧୦୧୦*
*ଦୂରଭାଷ: ୬୩୭୧୦୧୫୫୫୦*

# ସ୍ତମ୍ଭେଶ୍ୱରୀ, ଖମ୍ଭେଶ୍ୱରୀ, ମା' ସୁଭଦ୍ରିକା ଓ ଦୁର୍ଗା: ଏକ କ୍ରମବିକାଶଭିତ୍ତିକ ଆଲୋଚନା

**ସୁଶାନ୍ତ କୁମାର ସ୍ୱାଇଁ**

ଶ୍ରୀମନ୍ଦିରରେ ମାତା ବିମଳାଙ୍କ ବ୍ୟତୀତ ଅନେକ ଦେବୀ ଉପାସିତ ହେଉଛନ୍ତି। ଦେବୀ ବିମଳାଙ୍କ ପରେ ମା' ଐଶ୍ୱର୍ଯ୍ୟଦାୟିନୀ ମହାଲକ୍ଷ୍ମୀଙ୍କ ପରେ ଦେବୀ ମା' ସୁଭଦ୍ରାଙ୍କ ପ୍ରାଧାନ୍ୟ ପରିଦୃଷ୍ଟ ହୋଇଥାଏ। ଦେବୀ ସୁଭଦ୍ରାଙ୍କ ବିଷୟରେ ବିଚାରକୁ ନେଲେ ଜଣାଯାଏ ଦେବୀ ବିମଳା ଓ ମା' ସୁଭଦ୍ରିକା ଏକ ଓ ଅଭିନ୍ନ। ଏହା ଆଲୋଚ୍ୟର ବିଷୟ ଏବଂ ରତ୍ନସିଂହାସନସ୍ଥ ଦେବୀ ସୁଭଦ୍ରା ଆଦ୍ୟାଶକ୍ତି ପରମବୈଷ୍ଣବୀ ଭଗ୍ନୀତୁଲ୍ୟ ସ୍ଥାନ ଅଧିକାର ପୂର୍ବକ ହସ୍ତ ପଦହୀନ ମାଦଳ ସଦୃଶ କାହିଁକି ପୂଜିତା ତାହାର ମଧ୍ୟ ଯତିପାତ ଏହି ପ୍ରବନ୍ଧ ମାଧ୍ୟମରେ କରାଯାଇଛି।

ଆଧୁନିକ କଳାହାଣ୍ଡି ଜିଲ୍ଲା ଅର୍ଥାତ୍ ପ୍ରାଚୀନ କୋଶଳର ଉତ୍ତରାଞ୍ଚଳରେ ଖ୍ରୀଷ୍ଟୀୟ ୫ମ-୬ଷ୍ଠ ଶତାବ୍ଦୀରେ ସ୍ତମ୍ଭେଶ୍ୱରୀଙ୍କର ପୂଜା ପ୍ରଚଳିତ ଥିବା ତେରସିଙ୍ଗା ତାମ୍ରଶାସନରେ ଜଣାଯାଏ। ରାଜଜନନୀ ଶ୍ରୀ ଶୋଭିନା କୌସ୍ତୁଭେଶ୍ୱରୀଙ୍କ ମହାରାଜ ତୁଷ୍ଟିକାର ଉଭୟେ ସ୍ତମ୍ଭେଶ୍ୱରୀ ପାଦଭକ୍ତ ବୋଲି ଉକ୍ତ ତାମ୍ର ଶାସନରେ ପ୍ରକାଶ କରିଅଛନ୍ତି। ସ୍ତମ୍ଭେଶ୍ୱରୀ ଓଡ଼ିଶାର ପଶ୍ଚିମାଞ୍ଚଳରେ ପ୍ରଧାନ ଦେବତା ଖ୍ରୀଷ୍ଟିୟ ପଞ୍ଚମ ଶତାବ୍ଦୀଠାରୁ ତାଙ୍କର ପୂଜା ପ୍ରଚଳିତ ହୋଇ ଆସୁଥିବା ଅତି ଗୁରୁତ୍ୱପୂର୍ଣ୍ଣ। ସମ୍ଭବତଃ। ସ୍ତମ୍ଭେଶ୍ୱରୀ ହେଉଛନ୍ତି ଓଡ଼ିଶାର ସର୍ବପ୍ରାଚୀନ ଶାକ୍ତ ଦେବୀ। ଅଷ୍ଟମ ଶତାବ୍ଦୀଠାରୁ ୧୧ଶ ଶତାବ୍ଦୀ ପର୍ଯ୍ୟନ୍ତ ଶୁଳକି,ଭଞ୍ଜ ତୁଙ୍ଗ ଆଦି ନରପତିମାନେ ନିଜ ନିଜକୁ ସ୍ତମ୍ଭେଶ୍ୱରୀଙ୍କର ପାଦଭକ୍ତ ରୂପେ ତାମ୍ର ଶାସନମାନଙ୍କରେ ଘୋଷଣା କରିଛନ୍ତି। ସମ୍ପ୍ରତି ବଲାଙ୍ଗୀର ଜିଲ୍ଲା ସୋନପୁର ହେଉଛି ସ୍ତମ୍ଭେଶ୍ୱରୀଙ୍କ ପ୍ରଧାନ ପୀଠ (ଓ.ଜା.ଇ ଡ. ନବୀନ କୁମାର ସାହୁ)। ବୋଧହୁଏ ପ୍ରାଚୀନ ଯୁଗରେ କାଷ୍ଠ ଦାରୁର ଅନୁକରଣରେ ଏକ ହସ୍ତ ପଦଶୂନ୍ୟ ମାଦଳକୁ ଗୁହା ମଧ୍ୟରେ ଥୋଇ ପୂଜା କରୁଥିଲେ। (ଦା.ଦେ.ଡ. ବେଣୀମାଧବ ପାଢ଼ୀ) ଏହି ଅନୁମେୟ ସମ୍ପର୍କରେ ଗୁରୁଦାସ ସରକାର ଜଣେ ଜର୍ମାନ୍ ପଣ୍ଡିତଙ୍କ ମତକୁ ସମର୍ଥନ ପୂର୍ବକ ଉପସ୍ଥାପନ କରିଛନ୍ତି। ସେଗୁଡ଼ିକ ବୃକ୍ଷ ଗଣ୍ଡିର ଅଂଶମାତ୍ର। ତାହା ପ୍ରାୟତଃ ଭଲ କରି ପରିଷ୍କାର କିମ୍ବା କୁନ୍ଦ ହୋଇନାହିଁ। (ମ.କ.ଶ୍ରୀଯୁକ୍ତ ଗୁରୁଦାସ ସରକାର (ପୁରୀ) ପୃଷ୍ଠା -୯୯-୧୦୦)। ଶ୍ରୀଯୁକ୍ତ ଦାସ ଯେଉଁଗୁଡ଼ିକ ଅର୍ଥ ସୂଚାଇଛନ୍ତି ତାହା ସମ୍ପୂର୍ଣ୍ଣ ରୂପେ ଚତୁର୍ଦ୍ଧାମୂର୍ତ୍ତି ଯଥା ବଳଭଦ୍ର, ସୁଭଦ୍ରା, ଜଗନ୍ନାଥ ଓ ସୁଦର୍ଶନଙ୍କ ବିଷୟରେ ବୁଝାଉଛି।

ଡକ୍ଟର କାହ୍ନୁଚରଣ ମିଶ୍ରଙ୍କ ମତରେ ଓଡ଼ିଶାରେ ଶୈଳୋଦ୍ଭବ ବଂଶୀୟ ରାଜାମାନଙ୍କର ପତନ ପରେ ଯେତେବେଳେ ଭୌମକର ବଂଶ ମୁଣ୍ଡଟେକି ଉଠିଲା ସେତେବେଳେ ସ୍ତମ୍ଭେଶ୍ୱରୀ ସୁଭଦ୍ରା ଭାବରେ ଅଭିହିତ ପୂର୍ବକ ଓଡ଼ିଶାର ରାଷ୍ଟ୍ର ଦେବୀର ସ୍ୱୀକୃତି ପାଇଲେ। (Dr.K.C.Mishra - The cult of Jagannath, p-108.11) ସ୍ତମ୍ଭେଶ୍ୱରୀ ମଧ୍ୟ ଦାରୁ ଦେବତା ଭାବରେ ପ୍ରଥମେ ଶବରମାନଙ୍କ ଦ୍ୱାରା ପୂଜା ପାଉଥିଲେ ଓ ୪ର୍ଥ ଓ ୫ମ ଶତାବ୍ଦୀ ବେଳକୁ ଦକ୍ଷିଣ କୋଶଳ, ଉତ୍ତର କୋଶଳ କଳିଙ୍ଗ ମହାକାନ୍ତାର, କଙ୍ଗୋଦ ପ୍ରଭୃତି ଅଞ୍ଚଳରେ ଆର୍ଯ୍ୟମାନଙ୍କର ଦେବତା ଭାବରେ ସ୍ୱୀକୃତି ଲାଭ କରିଥିଲେ (ଓ.ସା.ଶ୍ରୀ.ଚ.ଡ. ବାସୁଦେବ ସାହୁ)

ଖ୍ରୀ: ଚତୁର୍ଥ ଶତାବ୍ଦୀ ପୂର୍ବରୁ ମଧ୍ୟ କଳାହାଣ୍ଡି ଜିଲ୍ଲାର ଏକ ନିଘଞ୍ଚ ଅରଣ୍ୟରେ 'ପ୍ରସ୍ତର ଦ୍ୱାରକ' ନାମରେ ଏକ ରାଜ୍ୟ ଥିଲା। ସେଠାରେ ଏକ ରାଜବଂଶ 'ସ୍ତମ୍ଭେଶ୍ୱରୀ'ଙ୍କୁ ଇଷ୍ଟଦେବୀ ରୂପେ ପୂଜାକରି ତାଙ୍କ ଆଦିବାସୀ ପ୍ରଜାମାନଙ୍କ ତୁଷ୍ଟି ସାଧନ ନିମନ୍ତେ ସେହି ଦେବୀଙ୍କ ସମ୍ମୁଖରେ ନରବଳି ଦେଉଥିଲେ। ସେମାନେ ବିଶ୍ୱାସ କରୁଥିଲେ ସେ ସେହି ଦେବୀଙ୍କ ପ୍ରସାଦରୁ ତାଙ୍କ ରାଜ୍ୟ ନିରାପଦରେ ରହିଛି। ତାହା ମଧ୍ୟ ସମ୍ଭବ ହୋଇଥିଲା ଯେହେତୁ ରାଜ୍ୟରେ ବାସ କରିଥିବା ଆଦିବାସୀ ପ୍ରଜାମାନେ ତାହାଙ୍କ ପ୍ରତି ସନ୍ତୁଷ୍ଟ ହୋଇଥିଲେ। (ଡ. ସତ୍ୟନାରାୟଣ ରାଜଗୁରୁ ଶ୍ରୀ ଓ ଶ୍ରୀ ପୃଷ୍ଠା -୧୩୪) ବ୍ରହ୍ମପୁର ସହରର ପ୍ରାୟ ଚାଳିଶି କିଲୋମିଟର ଉତ୍ତରକୁ ଆସିକାରେ ସ୍ତମ୍ଭେଶ୍ୱରୀ ବା ଖମ୍ଭେଶ୍ୱରୀ ପୀଠ ଅବସ୍ଥିତ। ଦେବୀ ସର୍ବପ୍ରଥମେ ପାର୍ବତ୍ୟାଞ୍ଚଳର କନ୍ଧ, କୁଇ, ଶବର ପ୍ରଭୃତି ଆଦିବାସୀ ସମାଜରେ ଏକାନ୍ତ ଭାବରେ ପୂଜା ପାଉଥିଲେ। ପରବର୍ତ୍ତୀ କାଳରେ ହିନ୍ଦୁ ଜାତିର ଲୋକମାନଙ୍କ ଦ୍ୱାରା ଗୃହୀତ ହୋଇ ଏହିଦେବୀ ପୂଜା ପାଇଲେ। ଡ. (ଚିତ୍ରସେନ ପଶାୟତ - ରାଜ୍ୟରେ ଦେବଦେବୀ ପୂଜା ଓ ପୂଜକ। ଏଷଣା: ପୃଷ୍ଠା - ୧୩୬) ଖ୍ରୀ ୯ମ ଶତାବ୍ଦୀରେ ଧୃତିପୁରର ଭଞ୍ଜବଂଶୀୟ ରାଜାମାନେ ସ୍ତମ୍ଭେଶ୍ୱରୀଙ୍କୁ ସର୍ବପ୍ରଥମେ ଇଷ୍ଟଦେବୀର ମାନ୍ୟତା ଦେବାରୁ ପରବର୍ତ୍ତୀ ସମୟରେ ସୋମବଂଶୀୟ ରାଜାମାନେ ଓ ନଳବଂଶୀୟ ରାଜାମାନେ ସ୍ତମ୍ଭେଶ୍ୱରୀଙ୍କୁ ଇଷ୍ଟଦେବୀ ସ୍ୱୀକୃତି ଦେବା ସଙ୍ଗେ ସଙ୍ଗେ ପୂଜା ଆରାଧନା ମଧ୍ୟ କଲେ। ସେଥିପାଇଁ ନଳବଂଶୀୟ ରାଜାମାନେ ସ୍ତମ୍ଭେଶ୍ୱରୀ ପାଟଣା ନାମ ଦେଇ ଆସିକାଠାରେ ଋଷିକୁଲ୍ୟା ନଦୀ ତଟରେ ସ୍ତମ୍ଭେଶ୍ୱରୀଙ୍କର ଏକ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ ପୂର୍ବକ ସେଥିରେ ପୂଜକ ରୂପେ 'ମୁନି' ଜାତିର (ଦେହୁରୀ) ନିଯୁକ୍ତି କଲେ। (ଡ. ସତ୍ୟ ରାଜଗୁରୁ - ଶ୍ରୀ ଓ ଶ୍ରୀ ପୃଷ୍ଠା-୧୩୫)

ଯଦି ଏକଥା ଉପରେ ଗୁରୁତ୍ୱ ଦିଆଯାଏ, ତେବେ କୁହାଯାଇପାରେ ଯେ, ସ୍ତମ୍ଭେଶ୍ୱରୀ ମୁନିଙ୍କ ଦ୍ୱାରା ଉପାସିତ। ଅତଏବ ଆଦିବାସୀ ଦେବୀ ନୁହଁନ୍ତି। ପୁଣି ଖମ୍ଭ ବା ସ୍ତମ୍ଭ+ଈଶ୍ୱରୀ=ସ୍ତମ୍ଭେଶ୍ୱରୀ। ଏହି ନାମକରଣ ସଂସ୍କୃତି-ମୂଳକ, ଆଦିବାସୀ ଭାଷାମୂଳକ ନୁହେଁ। ଆଦିବାସୀମାନେ ଦେବୀଙ୍କର ନାମ ସଂସ୍କୃତିରେ କାହିଁକି ନିଅନ୍ତେ? ସେମାନେ ନିଜ ଭାଷାରେ ସିନା ନାମକରଣ କରନ୍ତେ। ଖମ୍ଭେଶ୍ୱରୀ ଯଦି କେବଳ ଆଦିବାସୀ ଦେବତା, ତେବେ ଭୈରବ, ଦକ୍ଷିଣ କାଳିକା ଓ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କ ସହିତ ତାଙ୍କର ସହାବସ୍ଥାନ ସମ୍ଭବ କିପରି? ମାତ୍ର ଓଡ଼ିଶାର ଧାର୍ମିକ ପରମ୍ପରାରେ ଏପରି ଦେଖାଯାଇଛି। ପାରଳାଖେମୁଣ୍ଡିର ନୀଳିମା ମନ୍ଦିର ଗାତ୍ରରେ ଖମ୍ଭେଶ୍ୱରୀଙ୍କର ଏକ ପଟ୍ଟଚିତ୍ର ଅଛି। ପୁଣି ଗୋଟିଏ ପଟ୍ଟଚିତ୍ରରେଭୈରବୀ, ଦକ୍ଷିଣକାଳୀ ଓ ମହିଷାମର୍ଦ୍ଦିନୀ ଦୁର୍ଗାଙ୍କ ସହିତ ଖମ୍ଭେଶ୍ୱରୀଙ୍କୁ ତାନ୍ତ୍ରିକ ମୂର୍ତ୍ତି ଭୈରବଙ୍କର ଏକ ଭୈରବୀ ତଥା ଭୀତିପ୍ରଦା ମୂର୍ତ୍ତି ହୋଇଯାଇପାରେ। (ଡଃ. ଗୋପୀନାଥ ମହାପାତ୍ର ତତ୍ତ୍ୱ: ପୃଷ୍ଠା ୩୬,୩୭) ଜର୍ମାନ ଗବେଷିକା ଏସମାନଙ୍କ ମତରେ - "the figure of Khambeswari in Aska, resembles very much the figure of subhadra in puri." (See fig.21). We can thus suppose that in ancient times probably before Ramachandra of

Subhadra must have been even more simailar to the Aska Khambeswary as today." (ଡଃ.ମହାପାତ୍ର - ଶ୍ରୀଜଗନ୍ନାଥ ତତ୍ତ୍ୱ)

ସୁଭଦ୍ରାଙ୍କର ଆସ୍କାର ଖମ୍ବେଶ୍ୱରୀଙ୍କ ସହିତ କିଛି ସାଦୃଶ୍ୟ ନାହିଁ। ସୁଭଦ୍ରାଙ୍କର ମୁଖ କୋଣାକୃତି ଓ ନେତ୍ରରେ କୌଣସି ନରନେତ୍ରର ସାଦୃଶ୍ୟ ନାହିଁ। ମାତ୍ର ଆସ୍କାର ଖମ୍ବେଶ୍ୱରୀଙ୍କର ମୁଖ ସମ୍ପୂର୍ଣ୍ଣ ଗୋଲାକୃତି ଏବଂ ଆଖି ମାନବର ଆଖି ସଦୃଶ। ସୁଭଦ୍ରାଙ୍କର ଶରୀରରେ ଏକ ସୁନ୍ଦର ସଂଗଠନ ରହିଛି। ଏହି ସଂଗଠନ ଏବଂ ମୁଖ ସାଦୃଶ୍ୟ ଥିବା ଆଉ ଏକ ଦେବୀ। ହେଉଛନ୍ତି ବଡ଼ଦାଣ୍ଡର ଅର୍ଦ୍ଧାଶିନୀ ବା ମାଉସୀ ମା' ଦେବୀ ଭୁବନେଶ୍ୱରୀଙ୍କ ମନ୍ଦରେ ମା' ସୁଭଦ୍ରିକା ଓ ବିମଳାଙ୍କୁ ପୂଜା କରାଯାଉଥିଲେ ସୁଦ୍ଧା ସୁଭଦ୍ରା ଦାରୁମୂର୍ତ୍ତି ସ୍ଥଳେ ଦେବୀ ବିମଳା ପ୍ରସ୍ତର ମୂର୍ତ୍ତି ଏବଂ ଗଠନଶୈଳୀ ସଂପୂର୍ଣ୍ଣ ଭିନ୍ନ। ଏଠି ଏକ କଥା କହି ରଖେ, ମାଉସୀ ମା' ମଧ୍ୟ ଏକ ପ୍ରସ୍ତର ମୂର୍ତ୍ତି। ତଥାପି ଏଥିରେ ଝୁଣା ଓ କେନ୍ଦୁ ଅଠାରେ ଦେବୀ ସୁଭଦ୍ରାଙ୍କ ମୁଖମଣ୍ଡଳ କରାଯାଇ ସ୍ଥାପନ କରାଯାଇଥିବାରୁ ଦେବୀ ସୁଭଦ୍ରା ଓ ମାଉସୀମା' ଏକ ସଦୃଶ ମୂର୍ତ୍ତି ଭଳି ଲାଗନ୍ତି। କିନ୍ତୁ ଖମ୍ବେଶ୍ୱରୀଙ୍କର ଶରୀର କେବଳ ଏକ ସ୍ତମ୍ଭ। ଏଣୁ ଏଥିରୁ ସ୍ୱଷ୍ଟ ସୂଚିତ ହେଉଛି ସୁଭଦ୍ରା ହେଉଛନ୍ତି ଜଣେ ବୈଷ୍ଣବୀ ଶକ୍ତି। ମାତ୍ର ଏହି ସ୍ତମ୍ଭେଶ୍ୱରୀ ହେଉଛନ୍ତି କାଳୀଙ୍କ ଭଳି ଏକ ଶାକ୍ତ ଓ ତାନ୍ତ୍ରିକ ଦେବୀ। ସୁଭଦ୍ରା ଯଦି ସ୍ତମ୍ଭେଶ୍ୱରୀ ହୋଇଥାନ୍ତେ ତେବେ ସମ୍ପୂର୍ଣ୍ଣ ଅନ୍ୟ ପ୍ରକାରର ଏକ ସ୍ତମ୍ଭେଶ୍ୱରୀ ସ୍ତମ୍ଭ ସନ୍ନିହିତା ହୋଇ ସେହି ଶ୍ରୀମନ୍ଦିର ଅଭ୍ୟନ୍ତରରେ ଭୋଗବୁହା ପଥ ନିକଟରେ ଆଉ କାହିଁକି ସ୍ଥାପିତ ହୋଇଥାନ୍ତେ ? ସ୍ତମ୍ଭେଶ୍ୱରୀ ଶାକ୍ତ ତାନ୍ତ୍ରିକ ମତରେ ପୂଜିତ ହେଉଥିବାରୁ ତାଙ୍କୁ କଜ୍ଜଳ, ସିନ୍ଦୂର ଆଦି ଦିଆଯାଇ ପୂଜା କରାଯାଏ। ମାତ୍ର ସୁଭଦ୍ରାଙ୍କୁ ଏପରି ପୂଜା କରାଯାଏକି ? ତେଣୁ ସେ ସେଭଳି ତାନ୍ତ୍ରିକ ମୂର୍ତ୍ତି ନୁହଁନ୍ତି। ପୁଣି ଦେଖିବାର କଥା ଯେ, ସ୍ତମ୍ଭେଶ୍ୱରୀ କେଉଁଠି ଏକ କାଠର ସ୍ତମ୍ଭ ତ କେଉଁଠି ଏକ ପଥରର ସ୍ତମ୍ଭ। ଅନୁଗୁଳର ବାମୁରଠାରେ ପଥରର ଖୁଣ୍ଟି।

ସେ ଯାହା ହେଉ। ସ୍ତମ୍ଭେଶ୍ୱରୀ ପ୍ରଥମେ ପଶ୍ଚିମ ଓଡ଼ିଶାରେ ବିଶେଷ ଭାବରେ ପ୍ରତିଷ୍ଠିତ ଥିଲେ। ମୁଳକୀ ଓ ଭଞ୍ଜ ରାଜତ୍ୱ ସମୟରେ ଆସି ଏହି ଅଞ୍ଚଳରେ ବିଶେଷ ଆଦର ଲାଭ କରିଥିଲେ। ମାତ୍ର ସୁଭଦ୍ରା ଆଦ୍ୟାଶକ୍ତି ଜଗଜ୍ଜନନୀ ହୋଇଥାଇ ପାରନ୍ତି କିନ୍ତୁ ପଶ୍ଚିମ ଓଡ଼ିଶାର ପ୍ରତିଛବି ତାଙ୍କର ଶରୀର ଗଠନରେ ଦେଖା ନଯାଇ ପରମ ବୈଷ୍ଣବ ଲକ୍ଷ୍ମୀ ତୁଲ୍ୟ ପୂର୍ବ ଓଡ଼ିଶାର ଦେବୀ ରୂପେ ପରିଚିତ।

ଗୁପ୍ତ ଯୁଗରେ ବୈଷ୍ଣବ ଧର୍ମରେ ଯେତେବେଳେ ଶକ୍ତିବାଦର ଅଭ୍ୟୁଦୟ ଘଟିଲା ସେତେବେଳେ ଏହି ସ୍ତମ୍ଭେଶ୍ୱରୀ ଦାରୁଦେବୀ ପ୍ରସ୍ତର ନିର୍ମିତ ଏକାନଂସା ଶକ୍ତି ସ୍ୱରୂପିଣୀ ଭାବେ ଅଭିହିତ ହେଲେ। ପରେ ଯେତେବେଳେ ସାଂଖ୍ୟଦର୍ଶନର ପୁରୁଷ - ପ୍ରକୃତି ତତ୍ତ୍ୱକୁ ଭିତ୍ତିକରି ଅବତାର ସହିତ ଶକ୍ତିଙ୍କର ସମାବେଶ କରାଗଲା, ସେତେବେଳେ ଏକାନଂସାଙ୍କୁ କୃଷ୍ଣ ବଳଦେବଙ୍କର ଶକ୍ତି ରୂପେ ଗ୍ରହଣ କରାଯାଇଛି। ଜଗନ୍ନାଥଙ୍କୁ ଯେତେବେଳେ କୃଷ୍ଣ ଏବଂ ବଳଭଦ୍ରଙ୍କୁ ଯେତେବେଳେ ବଳଦେବ ବା ବଳରାମ ରୂପେ ଗ୍ରହଣ କରାଯାଇଛି ସୁଭଦ୍ରାଙ୍କୁ ସେତେବେଳେ ଏମାନଙ୍କର ଶକ୍ତି ରୂପେ ଗ୍ରହଣ କରାଯାଇଛି। ବୋଧହୁଏ ଏହି କାରଣରୁ ପୂର୍ବଭଗିନୀ ରୂପେ କଳ୍ପିତା ସୁଭଦ୍ରା ପରେ ସ୍ତ୍ରୀ ରୂପେ ପରିବର୍ତ୍ତିତା ହୋଇଛନ୍ତି। (ଓ.ସା.ଶ୍ରୀ.ଚେ.ଡବାସୁଦେବ ସାହୁ) ଭୁବନେଶ୍ୱର ବିନ୍ଦୁ ସାଗର କୂଳସ୍ଥ ଅନନ୍ତ ବାସୁଦେବ ମନ୍ଦିରର ଅନନ୍ତ ବଳଭଦ୍ର ରୂପେ ବାସୁଦେବ ଜଗନ୍ନାଥ ରୂପେ ଏବଂ ଏକନଂସା ସୁଭଦ୍ରା ରୂପେ ପୂଜିତା। (Dr. J.N.Banerjee Development of Hindu, Iconograply)। ଏତଦବ୍ୟତୀତ ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣ ମଧ୍ୟରେ ତଥା ମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ଅନନ୍ତେଶ୍ୱର ମନ୍ଦିର ଭିତରେ ତିନୋଟି ଅନନ୍ତ ଏକାନଂସା ବାସୁଦେବ ମୂର୍ତ୍ତି ଅଛନ୍ତି।

ବୌଦ୍ଧ ଧର୍ମରେ ତନ୍ତ୍ର ପ୍ରବେଶ କଲାପରେ ଶାକ୍ତ ଧର୍ମକୁ ମଧ୍ୟ ଆକ୍ରାନ୍ତ କରିଥିଲେ। ବୌଦ୍ଧ ତନ୍ତ୍ର ଗ୍ରନ୍ଥରେ ବଜ୍ରପ୍ରଭ ଓ ସୁଭଦ୍ରା ସଙ୍ଗରେ ସୁଭଦ୍ରା ସଂକିତ ହୋଂଇଛନ୍ତି। (ପୌରୁଷ ଜୁଲାଇ ୧୯୮୧) ବଜ୍ରପଉ ଓ ସୁଭଦ୍ରା ଶାକ୍ତ ଧର୍ମ ଶିବ, ଇବ, ଭୈରବାଦି ରୂପରେ ପରିଣତ ହୋଇଛନ୍ତି ବୋଲି ପ୍ରଫେସର ପ୍ରହ୍ଲାଦ ପ୍ରଧାନଙ୍କ ମତ। ପ୍ରହ୍ଲାଦ ପ୍ରଧାନ - ବୌଦ୍ଧ ପରମ୍ପରାରେ ସୁଭଦ୍ରା)। ସୁଭଦ୍ରା ଶିବଙ୍କର ଶକ୍ତି ପରେ ପରିକଳ୍ପିତା। ତନ୍ତ୍ର ଗ୍ରନ୍ଥମାନଙ୍କରେ ବିମଳାଙ୍କୁ ଭୈରବୀ ଓ ଜଗନ୍ନାଥଙ୍କୁ ଭୈରବ ଭାବରେ ଗ୍ରହଣ କରାଯାଇଛି। ଜଗନ୍ନାଥଙ୍କ ପ୍ରସାଦ ବିମଳାଙ୍କ ପାଖରେ ସମର୍ପିତ ହେଲାପରେ ମହାପ୍ରସାଦ ରୂପେ ପରିଗଣିତ ହୁଏ। ଏହି ବିମଳାଙ୍କ ସହିତ ସୁଭଦ୍ରାଙ୍କର କୌଣସି ସମ୍ପର୍କ ଅଛି କି ନାହିଁ ନିର୍ଣ୍ଣୟ କରିବାର କଥା। ପୂର୍ବାଲୋଚିତ ଅନୁସାରେ ବିମଳାଙ୍କ ଯେପରି ତନ୍ତ୍ର ବିଧାନରେ ପୂଜା କରାଯାଏ ସୁଭଦ୍ରାଙ୍କୁ ସେହିପରି ତନ୍ତ୍ର ବିଧାନରେ ପୂଜା କରାଯାଏ। ସୁଭଦ୍ରା ଓ ବିମଳା ଉଭୟଙ୍କୁ ଦୁର୍ଗାଭାବରେ ଗ୍ରହଣ କରାଯାଏ। ପୁଣି ବିମଳା ଜଗନ୍ନାଥଙ୍କର ମାୟା ଶକ୍ତି, ବଳଭଦ୍ରଙ୍କର କ୍ରିୟାଶକ୍ତି ଓ ସୁଭଦ୍ରାଙ୍କର ଇଚ୍ଛାଶକ୍ତି ରୂପେ ବର୍ଣ୍ଣିତ। ଓଁ ହ୍ଲୀଂ ମନ୍ତ୍ରରେ ପୂଜିତା ହୋଇଥାନ୍ତି। (ଝଙ୍କାର ଅକ୍ଟୋବର ୧୯୮୦) ସୁଭଦ୍ରା ମଧ୍ୟ ଏହି ମନ୍ତ୍ରରେ ପୂଜିତା ହୋଇଥାନ୍ତି। (ମାତୃଭୂମି, ପୂଜା ବିଶେଷାଙ୍କ, ୧୯୭୦)। କୌଣସି ସ୍ଥାନରେ ବିମଳା ସା ମହାଦେବୀ - ଜଗନ୍ନାଥ ସ୍ତୁ - ଭୈରବଃ, ଲେଖା ଥିବାବେଳେ କୌଣସି କୌଣସି କୌଣସି ସ୍ଥାନରେ ସୁଭଦ୍ରାସା ମହାଦେବୀ ଜଗନ୍ନାଥ ସ, ଭୈରବଃ ବୋଲି ଲେଖାଯାଇଛି। (ଉତ୍କଳ ପ୍ରସଙ୍ଗ ଜୁଲାଇ ୧୯୭୦ - ପୃ ୪୬) ବହୁ କ୍ଷେତ୍ରରେ ବିମଳା ଓ ସୁଭଦ୍ରା ଭୈରବୀ ବୋଲି କୁହାଯାଇଛି। ତେଣୁ ଅନେକ ତନ୍ତ୍ରଜ୍ଞ ସୁଭଦ୍ରା ଓ ବିମଳାଙ୍କ ମଧ୍ୟରେ ଅଭିନ୍ନତା ଲକ୍ଷ୍ୟ କରନ୍ତି। (ଡ. ବାସୁଦେବ ସାହୁ ଓ.ସା.ଶ୍ରୀ.ଚେ)

ପୂର୍ବାଲୋଚିତ ଅନୁସାରେ ଗୋଟିଏ ପଟ୍ଟଚିତ୍ରରେ ଭୈରବୀ, ଦକ୍ଷିଣକାଳୀ ଓ ମହିଷମର୍ଦ୍ଦିନୀ ଦୁର୍ଗାଙ୍କ ସହିତ ଖମ୍ବେଶ୍ୱରୀ ପରିଦୃଷ୍ଟ। ଏଥିରେ ସୂଚିତ ଯଦି ଭୈରବ ମହାଶିବଶକ୍ତି ବଳଭଦ୍ର ହୁଅନ୍ତି ତାହାହେଲେ ମା' ସୁଭଦ୍ରିକା ହିଁ ଦୁର୍ଗତିନାଶିନୀ ଦୁର୍ଗା ଓ ସ୍ୱୟଂ ଜଗନ୍ନାଥ ଦକ୍ଷିଣ କାଳିକା ଏବଂ ଖମ୍ବେଶ୍ୱରୀ ସୁଦର୍ଶନ ହେବେ। କାରଣ ସୁଦର୍ଶନ ମଧ୍ୟ ଏକ କାଠ ସ୍ତମ୍ଭ କହିଲେ ଅସଙ୍ଗତ ହେବନାହିଁ। ଯଦି ସୁଦର୍ଶନ ଶ୍ରୀଜଗନ୍ନାଥଙ୍କ ଆୟୁଧ, ତେବେ ଜଗନ୍ନାଥଙ୍କ ଦକ୍ଷିଣ ହସ୍ତରେ ସୁଦର୍ଶନ ଚିତ୍ର ଓ ବାମ ହସ୍ତରେ ଶଙ୍ଖର ଚିହ୍ନ ରହିଲା କିପରି ? ସେ ଯଦି ଦକ୍ଷିଣ ହସ୍ତରେ ସୁଦର୍ଶନ ଧାରଣ କଲେ, ତାହାହେଲେ ବାମ ପାର୍ଶ୍ୱରେ ସୁଦର୍ଶନ ରଖାଗଲା କାହିଁକି ? ଯଦି ସୁଦର୍ଶନ ଜଗନ୍ନାଥଙ୍କ ଆୟୁଧ ବା ଅସ୍ତ୍ର କିନ୍ତୁ ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ସୁଦର୍ଶନ ବିଜେ କରିବା କଥା କିନ୍ତୁ ବିଜେ କରନ୍ତି ମା' ସୁଭଦ୍ରାଙ୍କ ରଥରେ। ଏଥିରୁ ସ୍ୱଷ୍ଟ ସୂଚିତ ହୁଏ ସୁଦର୍ଶନଙ୍କ ସହିତ ସୁଭଦ୍ରାଙ୍କ ସମ୍ପର୍କ ଅଧିକ ଜଡ଼ିତ। ଦେବୀ ସୁଭଦ୍ରାଙ୍କ ଅନ୍ତର୍ନିହିତ ଶକ୍ତି ଏବଂ ଏହି ଶକ୍ତି ଅସୀମ ଏବଂ ସମସ୍ତଙ୍କ ଶରୀରରେ ଅଦୃଶ୍ୟ ଭାବେ ବିରାଜିତ। ଅନ୍ୟ ଅର୍ଥରେ ଶକ୍ତି ହିଁ ଆଦ୍ୟାଶକ୍ତି ମା' ଦୁର୍ଗା। ତେଣୁ ଏଥିରୁ ପ୍ରମାଣିତ ହେଉଛି ସ୍ତମ୍ଭେଶ୍ୱରୀ ବା ଖମ୍ବେଶ୍ୱରୀ ପଶ୍ଚିମ ଓଡ଼ିଶାରେ ରୂପ ତୁଲ୍ୟ ଉପାସିତ ହେଲାବେଳେ ଏଠାରେ ରୂପବିହୀନ ଏକ କାଷ୍ଠ ଦାରୁ ଖମ୍ବ ରୂପେ ପୂଜିତ। ଏହି କାଷ୍ଠ ରୂପରେ ନିର୍ମିତ ବ୍ରହ୍ମମୂର୍ତ୍ତି ପରବର୍ତ୍ତୀ ସମୟରେ ଶିଳାବ୍ରହ୍ମ ରୂପେ ଲିଙ୍ଗରାଜ ମନ୍ଦିର ପ୍ରାଙ୍ଗଣରେ ଅନନ୍ତ, ଏକାନଂସା ଓ ବାସୁଦେବ ରୂପେ ପୂଜାପାଇଲେ। କେବଳ ଲିଙ୍ଗରାଜ ମନ୍ଦିର ନୁହେଁ ବିନ୍ଦୁ ସାଗର ତଟ ଦେଶରେ ପୂଜିତ ଅନନ୍ତ, ଏକାନଂସା ଓ ବାସୁଦେବ ଅନନ୍ତ ବାସୁଦେବ ମନ୍ଦିରରେ ପୂଜା ପାଉଛନ୍ତି। ଏଠି ଶିଳା ବ୍ରହ୍ମ ମନୁଷ୍ୟ ଭଳି ନିର୍ମିତ ପୂର୍ବକ କୃଷ୍ଣ-ବାସୁଦେବ, ଏକାନଂସା - ସୁଭଦ୍ରା ଏବଂ ବଳରାମ ଅନନ୍ତ ରୂପେ ପୂଜା ପାଇଲେ। କିନ୍ତୁ ଶ୍ରୀକ୍ଷେତ୍ରରେ ସୁଦର୍ଶନ ଶକ୍ତିତୁଲ୍ୟ ଖମ୍ବରୂପରେ ଉପାସିତ ହେଲାବେଳେ ଏଠାରେ ଶ୍ରୀ ବାସୁଦେବ କୃଷ୍ଣଙ୍କ ହସ୍ତରେ ଶୋଭା ପାଇଲେ। ଏଥିରୁ ସ୍ୱଷ୍ଟ ବାରି ହୋଇପଡେ ସ୍ତମ୍ଭେଶ୍ୱରୀ ବା ଖମ୍ବେଶ୍ୱରୀ ଦେବୀ ସୁଭଦ୍ରା ଅପେକ୍ଷା ସୁଦର୍ଶନଙ୍କ ସହିତ ଅଧିକ ସଂଶ୍ଳିଷ୍ଟ।

*ଗୌରୀ ନଗର, ପ୍ଲଟ ନଂ. ୪୫୮୬*
*ପୁରୁଣା ଭୁବନେଶ୍ୱର*

# ମହାଶକ୍ତି ମା ଦୁର୍ଗାଦେବୀ

## ପ୍ରଶାନ୍ତି ମିଶ୍ର

ନମସ୍ତେ ଶରଣ୍ୟେ ଶିବେ ସାନୁକମ୍ପେ
ନମସ୍ତେ ଜଗଦ୍‌ବ୍ୟାପୀନେ ବିଶ୍ୱରୂପେ।
ନମସ୍ତେ ଜଗଦ୍ ବନ୍ଦ୍ୟାପାଦାରବିନ୍ଦେ
ନମସ୍ତେ ଜଗତ ତାରିଣୀ ତ୍ରାହି ଦୁର୍ଗେ ।।

ଭାରତୀୟ ସଂସ୍କୃତିରେ ତନ୍ତ୍ରର ପ୍ରଚଳନ ଅତି ପ୍ରାଚୀନ। ଭାରତ ବର୍ଷରେ ବୌଦ୍ଧ ଧର୍ମର ବିଲୟ ପରେ ଶକ୍ତି ଉପାସନା ଲୋକପ୍ରିୟତା ଅର୍ଜନ କରି ପ୍ରଚଳିତ ହୋଇ ଆସିଲା। ତନ୍ତ୍ର ଉପାସନାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ଶକ୍ତି ପ୍ରଦାୟିନୀ ଏବଂ ମୁକ୍ତି ପ୍ରଦାୟିନୀ ମା ଦୁର୍ଗାଦେବୀ। ତନ୍ତ୍ରଶାସ୍ତ୍ର ଆଗମ ଏବଂ ନିଗମ, ଦୁଇ ଭାଗରେ ବିଭକ୍ତ ବୋଲି ଶାସ୍ତ୍ରବଚନ ରହିଛି। ଶାସ୍ତ୍ର କହେ – ଯେଉଁଠାରେ ପୁରୁଷ ଦେବତା ବା ଶିବ ବକ୍ତା, ସେଠାରେ ତଦନ୍ତ ଆଗମ, ଏବଂ ଯେଉଁଠାରେ ସ୍ତ୍ରୀ ଦେବତା ବା ପାର୍ବତୀ ବକ୍ତା, ସେଠାରେ ତନ୍ତ୍ର ନିଗମ ଅଟେ।

ଭାରତୀୟ ଧର୍ମଜଗତରେ ଯେତେ ସାଧକ ମଣ୍ଡଳୀ ବିଭିନ୍ନ ଦେବା ଦେବୀମାନଙ୍କୁ ଉପାସନା କରୁଥିଲେ ସେମାନଙ୍କ ମଧ୍ୟରେ ତାନ୍ତ୍ରିକମାନେ ଅନ୍ୟତମ ଥିଲେ। ତନ୍ତ୍ରପୂଜକମାନଙ୍କ ଆରାଧ୍ୟ ଦେବୀ ହେଉଛନ୍ତି ମା ଦୁର୍ଗା। କେତେକ ଦାନବ ଅତ୍ୟାଚାରକୁ ମନୁଷ୍ୟ ଏବଂ ସ୍ୱର୍ଗବାସୀ ଦେବତାମାନେ ମଧ୍ୟ ସହ୍ୟ ନ କରିପାରିଥିବାରୁ ସେମାନଙ୍କ ସଂହାର କରିବା ପାଇଁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସ୍ୱର୍ଗର ସମସ୍ତ ଦେବାତାମନଙ୍କୁ ଏକତ୍ରିତ କରି ଆଦେଶ ଦେଇଥିଲେ। ସେମାନେ ପରାମର୍ଶ କଲେ ଯେ – ସାଙ୍ଗଠନିକ ଦେବଶକ୍ତିକୁ ଅଧିକ ତେଜୀୟାନ କଲେ ସେଥିରୁ ମାତା ଶକ୍ତିଦେବୀ ପ୍ରବଳ ଶକ୍ତିନେଇ ଆବିର୍ଭୂତା ହେବେ। ସେହି ଶକ୍ତିମୟୀ ମାତା ହିଁ ଦାନବମାନଙ୍କୁ ସଂହାର କରିବେ। ସେତେବେଳର ତନ୍ତ୍ରଶାସ୍ତ୍ରରେ ଲିଖିତ ହୋଇ ରହିଥିବା ଦାନବମାନଙ୍କ ମଧ୍ୟରେ ଥିଲେ – ମହିଷାସୁର, ଚଣ୍ଡମୁଣ୍ଡ, ଶୁମ୍ଭ ନିଶୁମ୍ଭ ଇତ୍ୟାଦି ଅନେକ। ଅସୁରଗଣଙ୍କ ଉପଦ୍ରବ ପ୍ରବଳ ବେଳେ ଦେବଗଣଙ୍କଠାରୁ ଶକ୍ତି ନେଇ



ଆବିର୍ଭୂତା ହେଲେ ମହାଶକ୍ତି ମା ଦୁର୍ଗାଦେବୀ। ସେ ଜଗଦ୍‌ଜନନୀ ଏବଂ ମୁକ୍ତି ପ୍ରଦାୟିନୀ। ଦେବତାମାନଙ୍କଠାରୁ ସେ ପ୍ରାପ୍ତ ହୋଇଥିଲେ ନାନାବିଧ ଆୟୁଧ। ସେହି ଆୟୁଧମାନଙ୍କ ସାହାଯ୍ୟରେ ଦାନବକୁଳ ଧ୍ୱଂସମୁଖର ହୋଇଥିଲେ।

ଶାସ୍ତ୍ର ବଚନ ରହିଛି – ଜଗତର ସମସ୍ତ ସୃଷ୍ଟି ଲୀଳା, ଅବତାରବାଦ, ଏବଂ ଭଗବତ୍ ତତ୍ତ୍ୱର ମୂଳରେ ସ୍ଥିତ ମା ଜଗଜ୍ଜନନୀଙ୍କ 'ଶକ୍ତି'। ଜଗଜ୍ଜନନୀଙ୍କଠାରୁ ସୃଷ୍ଟ ପ୍ରକୃତି ତ ପୁରୁଷ। ପ୍ରକୃତି ତ ପୁରୁଷଙ୍କଠାରୁ ସୃଷ୍ଟ ହେଲେ ମହତତ୍ତ୍ୱ ଏବଂ ଅହଂତତ୍ତ୍ୱ। ତହିଁରୁ ଜାତ ପଞ୍ଚତନ୍ମାତ୍ର; ଯଥା – ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ। ଆହୁରି ମଧ୍ୟ ପଞ୍ଚ ମହାଭୂତ, ଯଥା – କ୍ଷିତି, ଅପ୍, ଜେତ, ମରୁତ ଓ ବ୍ୟୋମ। ପଞ୍ଚ ଜ୍ଞାନେନ୍ଦ୍ରୀୟ ମଧ୍ୟ ଯଥା – କର୍ଣ୍ଣ, ଚକ୍ଷୁ, ତ୍ୱକ୍, ଜିହ୍ୱା ଓ ପ୍ରାଣ। ପରିଶେଷରେ ପଞ୍ଚ କମେନ୍ଦ୍ରୀୟ ମଧ୍ୟ: ଯତା ବାକ୍, ପାଣି, ପାଦ, ବାୟୁ ଓ ଉପସ୍ଥ।

ବିଶ୍ୱ ସୃଷ୍ଟିର ଏକ ଚତୁର୍ଥାଂଶରେ ସୃଷ୍ଟ ଜଗତ। ଆଉ ତିନିଚତୁର୍ଥାଂଶରେ ଅମୃତ ବା ଉଦ୍ଧାରକାରୀ ଶକ୍ତି। ସୃଷ୍ଟି ପୂର୍ବରୁ ଏହି ଉଦ୍ଧାରକାରୀ ଶକ୍ତି ନିଜକୁ ବହୁଭାବରେ ଗୟା ଦ୍ୱାରା ପ୍ରତିପନ୍ନ କରି ସୃଷ୍ଟିଲୀଳା ସମ୍ପନ୍ନ କରୁଛନ୍ତି। ସେହି ଶକ୍ତି ମୂଳରେ ସ୍ଥିତ ସଗୁଣ ବ୍ରହ୍ମ, ଯିଏ କି ଜଗତରେ ସୃଷ୍ଟି, ସ୍ଥିତି, ଲୟ, କାରିଣୀ ଶକ୍ତି ଏବଂ ମଧ୍ୟ ଆଦ୍ୟାଶକ୍ତିର ସ୍ରଷ୍ଟା। ସେ ସତ୍ତ୍ୱ, ରଜ, ତମୋ ତ୍ରିଗୁଣ ଜଗତର ସୃଜନ, ପାଳନ, ସଂହରଣ କ୍ରିୟାଦ୍ୱାରା ପରିଚାଳିତ। ସୃଷ୍ଟି ତତ୍ତ୍ୱରେ ସନ୍ନିହିତ ହୋଇଛି ଜଗଜ୍ଜନନୀଙ୍କ ସବୁ ମୌଳିକ ତତ୍ତ୍ୱ।

ମା ଦୁର୍ଗାଙ୍କୁ ବ୍ରହ୍ମରୂପିଣୀ ପରମା ଜ୍ଞାନରେ ତନ୍ତ୍ର ସାଧକମାନେ ଉପାସନା କରିଥାନ୍ତି। ତାଙ୍କ ମତରେ ଆଦ୍ୟାଶକ୍ତି ମା' ହେଉଛନ୍ତି ସଗୁଣ ବ୍ରହ୍ମ। ଦେବୀ ଦୁର୍ଗା ହିଁ ପରଂବ୍ରହ୍ମଙ୍କ ସାକ୍ଷାତ୍ ପ୍ରକୃତି। ଏହି ସାକ୍ଷାତ ପ୍ରକୃତିଠାରୁ ଉତ୍ପନ୍ନ ହୋଇଛନ୍ତି ସଚରାଚର ଜଗତ। ଅର୍ଥାତ୍ ଜଗତ ତାଙ୍କ ଅଧୀନରେ ବନ୍ଧା। ସେ ଅଟନ୍ତି ସମୁଦାୟର ଆଦିଭୂତା, ଜଗତର ସମସ୍ତ ପ୍ରାଣୀଙ୍କର ଜନ୍ମଦାତ୍ରୀ। କିନ୍ତୁ ତାଙ୍କୁ କେହି ଜାଣିପାରନ୍ତି ନାହିଁ।

ଶକ୍ତିମୟୀ ଦେବୀ ହିଁ ପରଂବ୍ରହ୍ମଙ୍କର ସୃଷ୍ଟି କରିବାର ବାସନା ଓ ଶକ୍ତି। ସେ ସତ୍ୟଜ୍ଞାନର ସ୍ୱରୂପା ବ୍ରହ୍ମାଙ୍କର ଇଚ୍ଛାକୁ ଅବଲମ୍ବନ କରି ଏହି ଚରାଚର ଜଗତର ସୃଜନ, ପାଳଦନ ଓ ସଂହାର କରିଥାନ୍ତି। ଶାସ୍ତ୍ରସ୍ଥିତ ଆଲେଖ୍ୟରୁ ଜାଣିବାକୁ ମିଳେ ଯେ ଦେବୀ ଦୁର୍ଗାମାତାଙ୍କୁ ସ୍ୱର୍ଗର ଦେବତାଗଣ ବିବିଧ ଆୟୁଧମାନ ପ୍ରଦାନ କରି ମହାଶକ୍ତିମୟୀ ସମର୍ଥ ଓ ବନ୍ଦନୀୟା କରି ଦେଇଥିଲେ। ସେହି ଅସ୍ତ୍ରସମୂହରୁ ବ୍ରହ୍ମା ଦେଇଥିଲେ କମଣ୍ଡଳୁ ଇନ୍ଦ୍ର ଦେଇଥିଲେ ବଜ୍ର, ଶିବ ଦେଇଥିଲେ ଶୂଳ, ଭଗବାନ ବିଷ୍ଣୁ ଦେଇଥିଲେ ଚକ୍ର, ଅଗ୍ନି ଦେଇଥିଲେ ଶକ୍ତି, ନାଗ ଦେଇଥିଲେ ମଣି, କୁବେର ଦେଇଥିଲେ ମଧୁପାତ୍ର ଧନ, ସମୁଦ୍ର ଦେଇଥିଲେ ପୁଷ୍ପକମଳ, ହିମାଳୟ ଦେଇଥିଲେ ସିଂହାସନ ଅଥବା ସିଂହବାହନ, ପ୍ରଜାପତି ଦେଇଥିଲେ ସ୍ଫଟିକ ହାର, ଧର୍ମରାଜ ଦେଇଥିଲେ କାଳଦଣ୍ଡ, କାଳ ଦେଇଥିଲେ ଡାଲ ଏବଂ ସୂର୍ଯ୍ୟ ଦେଇଥିଲେ ତେଜ।

ମାନବ ସମାଜ ଆଜି ସଂକୀର୍ଣ୍ଣତାରୁ ବିଶାଳତା ଆଡକୁ ଅଗ୍ରଗତି ହେବା ହିଁ ମାତୃ ଉପାସନାର ଏକ ସମୃଦ୍ଧ ଅଭିମତ।

ୟା ଦେବୀ ସର୍ବ ଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମସ୍ତସେ ସମସ୍ତସେ ନମସ୍ତସେ ନମୋନମଃ ।।

*ସି-୮୯ ଏଚ.ଆଇ.ଜି*
*ବରମୁଣ୍ଡା ହାଉସିଂବୋର୍ଡ କଲୋନୀ*
*ଭୁବନେଶ୍ୱର - ୭୫୧୦୦୩*

# କଲ୍ୟାଣମୟୀ ମା' ଭଟ୍ଟାରିକା

## ବିଜୟଲକ୍ଷ୍ମୀ ସାହୁ

ଏ ଧରାରେ ଦୁଷ୍ଟ ନିବାରଣ କରି ଧରା ଶାନ୍ତ ରଖିବାପାଇଁ ଦେବୀ, ଦେବତାମାନେ ପୃଥିବୀରେ ଅବତୀର୍ଣ୍ଣ କରନ୍ତି । କାଳିକା ପୁରାଣରେ ଓଡ୍ରାଖ୍ୟଂ ପ୍ରଥମ ପୀଠ ଭାବେ ଉଲ୍ଲେଖ କରାଯାଇଛି । ତଥା ଅନ୍ୟାନ୍ୟ ଶାକ୍ତ ଶାସ୍ତ୍ରରେ ଓଡ଼ିଶାକୁ କୌଳଭୂମି ଅର୍ଥାତ ଶକ୍ତି ସାଧକ ବୃନ୍ଦଙ୍କ ଦିବ୍ୟଭୂମି ଆଖ୍ୟାପ୍ରଦାନ କରାଯାଇଛି । ସମଗ୍ର ବିଶ୍ୱରେ ଓଡ଼ିଶା ଏକ ମାତ୍ର ଭୂଖଣ୍ଡ, ଯେଉଁଠାରେ ପ୍ରତ୍ୟେକ ଜନବସତି ସନ୍ନିକଟରେ ତନ୍ତ୍ରାରାଧ୍ୟା ଦେବୀ ଗ୍ରାମଦେବୀ ରୂପରେ ଉପାସିତା । ଓଡ଼ିଶାର ମଧ୍ୟସ୍ଥଳରେ ପୂଣ୍ୟତୋୟା ମହାନଦୀ ତଟରେ ଦେବୀ ବୃହଦମ୍ବା ମା' ଭଟ୍ଟାରୀକା ବିରାଜିତା । ପ୍ରାଚୀନ ରାଜ୍ୟର ନାମ ବଡମ୍ବା ହୋଇଅଛି, ବୃହଦମ୍ବାର ଅର୍ଥ ବଡମାଆ ଏବଂ ସେହି ବଡମାଆ ଶବ୍ଦରୁ ଦେବୀ ବିରାଜିତା ଏବଂ ଏହି ପୀଠର ପୂର୍ବରେ ମହାନଦୀ ବକ୍ଷରେ ସିଂହନାଥ ପୀଠ ଓ ପଶ୍ଚିମରେ ମହାନଦୀର ଦକ୍ଷିଣ ପାର୍ଶ୍ୱରେ କଣ୍ଟିଲୋ ନୀଳମାଧବ ପୀଠ ରହିଛି । ଭଟ୍ଟାରିକା ପୀଠ ରତ୍ନଗିରି ପର୍ବତ ଉପରେ ଅବସ୍ଥିତ ଏହି ପୁରାଣ ପ୍ରସିଦ୍ଧ ଶକ୍ତି ପୀଠ । ପ୍ରଭୁଙ୍କର ଷଷ୍ଠାବତାର ପରଶୁରାମ ଅବତାର ମହର୍ଷି ଯମଦଗ୍ନି ଓ ରେଣୁକା ମାତାଙ୍କର କନିଷ୍ଠ ପୁତ୍ର ରୂପେ ଜନ୍ମଲାଭ କରିଥିଲେ ସେ । ଏକଦା ମୁନିଙ୍କର ସିଦ୍ଧିପ୍ରଦ କାମଧେନୁଙ୍କୁ ଦୁଷ୍ଟମତି କାର୍ତ୍ତବୀର୍ଯ୍ୟ ହରଣ କରି ନେଇଥିଲା । ବ୍ୟଥିତ ପିତାଙ୍କର ବିବଶତାକୁ ଲକ୍ଷ୍ୟ କରି ପରଶୁରାମ ବୀର ବେଶ ଧାରଣ କରିଥିଲେ । ମୃଗ ଚମା'ୟର ଧାରଣ ପୂର୍ବକ ହସ୍ତରେ ପରଶୁ ଧାରଣ କରି ସେ ଉଭା ହୋଇଥିଲେ । ବିଷ୍ଣୁଙ୍କର ସୁଦର୍ଶନ, ଶିବଙ୍କ ତ୍ରୀଶୂଳ, ଇନ୍ଦ୍ରଙ୍କ ବଜ୍ର ଏହିତିନି ଶକ୍ତି ତେଜ ବହନ କରି ବିଶାଳ ବୃକ୍ଷ ସ୍କନ୍ଦରେ ସେ ଅକ୍ଷୟ ତୁଣୀର ଓ ବାହୁରେ ଦିବ୍ୟ ଧନୁ ଧାରଣ କରନ୍ତି । କାମଧେନୁଙ୍କୁ ଫେରାଇ ଆଣିବାକୁ ଯାଇ (ସହସ୍ରାର୍ଜୁନ) କ୍ରୀତ୍ତିବୀର୍ଯ୍ୟ ସହ ଯୁଦ୍ଧ କରି ତାକୁ ପରାସ୍ତ କରି ନିହତ କରିଥିଲେ ।



ମାତ୍ର ଏ ସମ୍ବାଦ ଶୁଣିବା ପରେ ଯମଦଗ୍ନି ଦୁଃଖରେ ଭାଙ୍ଗିପଡ଼ିଥିଲେ । ସେ କହିଲେ ଚକ୍ରବର୍ତ୍ତୀ ସମ୍ରାଟଙ୍କ ବଧ ସହ ଏହା ସମାନ । ତେଣୁ ତୁମେ ଯାଇ ତୀର୍ଥାଟନ କରି ଏ କଳଙ୍କକୁ ଧୋଇଦିଅ । ତୀର୍ଥାଟନ ପର୍ଯ୍ୟାୟରେ ପରଶୁରାମ ସୌନ୍ଦର୍ଯ୍ୟମୟୀ ରତ୍ନଗିରି ପର୍ବତ ପାଦ ଦେଶରେ ମହାନଦୀ କୂଳସ୍ଥ ମା' ଜଗଜ୍ଜନନୀ ଜଗଦମ୍ବାଙ୍କୁ ତପସ୍ୟା କରି ତପସିଦ୍ଧ ହେଲେ । ମାଙ୍କର ଦିବ୍ୟ ମୂର୍ତ୍ତିକୁ ନିଜର ତୀକ୍ଷ୍ଣ ଶର ମୁନରେ ପ୍ରସ୍ତର ଗାତ୍ରରେ ଅଙ୍କିତ କଲେ । ତାହାହିଁ ମା' ଭଟ୍ଟାରିକାଙ୍କର ପ୍ରଥମ ଖୋଦିତ ଚରଖା ମୂର୍ତ୍ତି ।

୧୩୦୫ ଖ୍ରୀଷ୍ଟାବ୍ଦରେ ଉତ୍କଳର ତତ୍‌କାଳୀନ ଗଜପତିଙ୍କ ପ୍ରେରିତ ହଟକେଶର ଓ ମଲକେଶରଙ୍କର ଏହି ପୀଠରେ ଆଧିପତ୍ୟ ବିସ୍ତାର ହେଲା । ମା'ଙ୍କ ମନ୍ଦିର ବିନ୍ୟାସ କରାଯାଇ ଯଥାବିଧି ପୂଜାର୍ଚ୍ଚନା କରାଗଲା । ପରବର୍ତ୍ତୀ ରାଜା ବଳଭଦ୍ର ଓ ପିଣ୍ଡିକା ମଙ୍ଗରାଜ ଯଥାକ୍ରମେ ଗର୍ଭଗୃହ ଓ ଜଗମୋହନ ଗଠନ କରିଥିଲେ । ଶ୍ରୀ ଚକ୍ର ଉପରେ ଦେବୀ ବିରାଜିତା । ଦେବୀଙ୍କ ଚତୁଃପାର୍ଶ୍ୱରେ ଅଷ୍ଟ ଶକ୍ତି ବିଦ୍ୟମାନ । ସେହି ଅଷ୍ଟ ଶକ୍ତିଙ୍କୁ ବିଭିନ୍ନ ସିଦ୍ଧ ସାଧକ ଭିନ୍ନ ଭିନ୍ନ ଭାବରେ ଗ୍ରହଣ କରିଛନ୍ତି । କୌଣସି ସାଧକ ଅଷ୍ଟ ଶକ୍ତିଙ୍କୁ ଉଗ୍ରା, ଉଗ୍ରତାରା, ପ୍ରଚଣ୍ଡା, ଚାମୁଣ୍ଡା, ଶକଟା, ବିକଟା ଦୁର୍ଗା ଓ ମହାଲକ୍ଷ୍ମୀ ଚିତ୍ରିତା କରିଥିବା ବେଳେ ଅନ୍ୟ ସାଧକ ବୃନ୍ଦ ପ୍ରଭା, ମାୟା, ଶ୍ରେୟା, ସୂକ୍ଷ୍ମା, ବିଶୁଦ୍ଧା, ସୁପ୍ରଭା, ଅଭୟା ଭାବରେ ବିବେଚନା କରିଛନ୍ତି । ଏହି ଅଷ୍ଟ ଶକ୍ତିଙ୍କୁ ଅଷ୍ଟମାତୃକା ଅର୍ଥାତ୍, ବ୍ରହ୍ମାଣୀ, ଇନ୍ଦ୍ରାଗୀ, କୌମାରୀ, ମାହେଶ୍ୱରୀ, ବୈଷ୍ଣବୀ, ବାରାହୀ, ଚାମୁଣ୍ଡା ଓ ମହାଲକ୍ଷ୍ମୀ । ସେହି ଅଷ୍ଟଶକ୍ତିଙ୍କ ମଧ୍ୟରେ ବୃହଦମ୍ବା, ମରାମାୟା, ତ୍ରୀପୁରା ସୁନ୍ଦରୀ ଭଟ୍ଟାରିକା ଲଳିତାସନରେ ବାମହସ୍ତରେ ନୀଳପଦ୍ମ ଓ ଦକ୍ଷିଣ ହସ୍ତରେ ବରଦମୁଦ୍ରା ଧାରଣ କରି ଉପବିଷ୍ଟା । ଭଗବାନ ପରଶୁରାମ ଦେବୀଙ୍କ ନିର୍ମାଣ ପ୍ରତିଷ୍ଠା କରି ଉତ୍ତର ଦିଗରେ ଥିବା ଶୂନ୍ୟକାର ଗୋଲେଇ ପ୍ରସ୍ତର ଉପରେ ତପସ୍ୟା କରି ସିଦ୍ଧି ଲାଭ କରିଥିଲେ । ସେହି ଶୀଳା 'ପରଶୁରାମ ଶୀଳା' ନାମରେ ଖ୍ୟାତ । ପରଶୁରାମ ପ୍ରଥମେ ଏହି ତନ୍ତ୍ର ପୀଠରେ ସିଦ୍ଧିଲାଭ କରିଥିଲେ ହେଁ, ପରବର୍ତ୍ତୀ କାଳରେ ଅଗଣିତ ସାଧକ ଏଠାରେ ଅଷ୍ଟସିଦ୍ଧି ଲାଭ କରିଛନ୍ତି । ପୀଠଟି ମହାନଦୀର ଉତ୍ତରତଟ ବା ଅପର ପାର୍ଶ୍ୱ କଣ୍ଟିଲୋ ନୀଳମାଧବ ମନ୍ଦିର ଓଡ଼ିଶାର ପ୍ରମୁଖ ତୀର୍ଥ ସ୍ଥାନ ଅଟେ । ସତେ ଯେପରି ନୀଳମାଧବ ଲହରୀ ଛଳରେ ମା'ଙ୍କ ପଦଧୌତ କରିବା ପାଇଁ ତରଙ୍ଗମାଳାକୁ ପଠାଇଛନ୍ତି । ନୈସର୍ଗିକ ଶୋଭାରାଜିରେ ପରିପୂର୍ଣ୍ଣ ରତ୍ନଗିରିର ଶୋଭା ଅତୀବ ରମଣୀୟ । ସନ୍ନିକଟ ପାନ୍ଥଶାଳାରୁ ଅହିରାଜ ପରି ପିଚୁ ରାସ୍ତାଟିଏ ସର୍ପିଳ ଗତିରେ ଯାଇ କଟକ ନରିସିଂହପୁର ମୁଖ୍ୟ ରାସ୍ତାରେ ପଦ୍ମନାଭପୁର ଛକକୁ ସ୍ପର୍ଶ କରିଛି । ଏଠାରୁ ମନ୍ଦିରର ଦୂରତା ମାତ୍ର ୬ କିମି । ମୂର୍ତ୍ତିତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ଭଟ୍ଟାରିକା ପୀଠସ୍ଥିତ ମୂର୍ତ୍ତି ସମୂହ ସପ୍ତମ ଅଷ୍ଟମ ଶତାବ୍ଦୀର । ସେହି ସମୟରେ ଭଟ୍ଟାରିକା ସମେତ, ଚର୍ଚ୍ଚିକା, ଦୁର୍ଗା, ନାରାୟଣୀ ଓ ସିଂହନାଥ ପୀଠ ସମୂହ ପ୍ରତିଷ୍ଠିତ ହୋଇଥିଲା । ସେତେବେଳେ ବାଙ୍କି, ବଡମ୍ବା ଓ ଖଣ୍ଡପଡା ଗଡ଼ଜାତ ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା । ଭୌମରାଣୀ ଦଣ୍ଡୀ ମହାଦେବୀଙ୍କ ଆଠଗଡ଼ ସନ୍ନିକଟ ପାଟଳିଙ୍ଗା ଗ୍ରାମରୁ ପ୍ରାପ୍ତ ତାମ୍ର ପତ୍ରରୁ ଜଣାପଡ଼େ ଯେ ଏହି ଅଞ୍ଚଳ ସନ୍ଥ ମଣ୍ଡଳ ଭାବରେ ପରିଚିତ ଥାଇ ଭୌମ ସାମ୍ରାଜ୍ୟଭୁକ୍ତ ଥିଲା । ଭୌମରାଜା ଶୁକାର ଦେବ ଏହି ଅଞ୍ଚଳରେ ନିର୍ମାଣ କରିଥିବା ସିଂହନାଥ ମନ୍ଦିର ଓ ବୈଦେଶ୍ୱର ମନ୍ଦିର ଦୁର୍ଗା ମନ୍ଦିର ଅକ୍ଷୁର୍ଣ୍ଣ ରହିଥିବା ସ୍ଥଳେ ବାଙ୍କିର ଚର୍ଚ୍ଚିକା ଓ ବଡମ୍ବାର ଭଟ୍ଟାରିକା ମନ୍ଦିରଭାଙ୍ଗି ଯାଇଥିବାରୁ ବାଙ୍କି ରାଜା ଓ ବଡମ୍ବା ରାଜାଙ୍କ ଦ୍ୱାରା ଭଟ୍ଟାରିକା ମନ୍ଦିର ପୁନଃ ନିର୍ମିତ

ହେଲା। ପରଶୁରାମ ଭଙ୍ଗ ସୂର୍ଯ୍ୟ ପୂଜା କରୁଥିବାରୁ ଦେବୀଙ୍କ ନାମ ଭଙ୍ଗାରିକା ରଖିଥିଲେ। କେହି ମତଦିଅନ୍ତି ପରଶୁରାମ ଭଙ୍ଗ ଅର୍ଥାତ୍ କ୍ଷତ୍ରୀୟ ବିଧ୍ୱଂସ କରି ଦେବୀ ସ୍ଥାପନ କରିଥିବାରୁ ଦେବୀଙ୍କ ନାମ ଭଙ୍ଗାରିକା। ଅନ୍ୟ ଦୃଷ୍ଟିରୁ ବିଚାର କଲେ ଭଙ୍ଗାରିକା ଅର୍ଥ ରକ୍ଷୟିତ୍ରୀ। ଦେବୀ ଜଗତକୁ ରକ୍ଷା କରୁଥିବାରୁ ତାଙ୍କ ନାମ ଭଙ୍ଗାରିକା ଦେବୀ। ବୃହଦୟା ନାମରୁ ବଡମ୍ବା ନାମର ସୃଷ୍ଟି ତଥା ଦେବୀ ହେଉଛନ୍ତି ବଡମ୍ବାର ଇଷ୍ଟଦେବୀ। ଭଙ୍ଗାରିକା ପୀଠ ଏକ ସାଧାରଣ ପୀଠ ନୁହେଁ। ଏଠାରେ ନବଧା ଶକ୍ତିର ଆରାଧନା କରାଯାଏ। ମା’ ହେଉଛନ୍ତି ସର୍ବ ଶକ୍ତିମୟୀ। ଭଙ୍ଗାରିକା ପୀଠରେ ମା’ ତ୍ରିପୁରା ସୁନ୍ଦରୀ ଦଶ ମହାବିଦ୍ୟା ଓ ନବଧା ଶକ୍ତି ରୂପେ ପ୍ରକୀର୍ତ୍ତିତା ହୋଇଛନ୍ତି। କୀମ୍ବଦନ୍ତୀ ଅନୁସାରେ ଶ୍ରୀକ୍ଷେତ୍ର ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସେବାରେ ତନ୍ତ୍ର ସେବିକା ଭାବେ ନିତେଇ ଧୋବଣୀ, ଗାଙ୍ଗୀ ଗଉଡୁଣୀ, ସୁଧା ଗଉଡୁଣୀ, ପରେ ସବରୁଣୀ, ଲୁହାକୁଟି ଲୁହୁରାଣୀ ସୁକୁଟି ଚମାରୁଣୀ ଓ ଜ୍ଞାନଦେଇ ମାଲୁଣୀ ଶ୍ରୀ ବିଗ୍ରହଙ୍କ ପ୍ରମୁଖ ସେବିକା ଭାବେ ଅବତୀର୍ଣ୍ଣ ହୋଇଥିଲେ। ମାଲୁଣୀର ଅନେକ ଶିଷ୍ୟ ପ୍ରଭୁଙ୍କ ସେବାରେ ନିଯୁକ୍ତ ହେଲେ। ତନ୍ମଧ୍ୟରୁ ଜଣେ ମାଳୀ ଗଜପତିଙ୍କ ଆଦେଶରେ ଆସି ଶଶାଙ୍କ (ବଡମ୍ବା) ନିକଟ ଗ୍ରାମରେ ବାସ କରି ଭଙ୍ଗାରିକାଙ୍କ ସେବାରେ ନିଯୁକ୍ତି ହେଲେ। ମାତ୍ର ଅଶୌଚ ସମୟରେ ପୂଜା କରିବା ଅନୁଚିତ। ଏଣୁ ଘୁମୁସର ଗଡରୁ ଦ୍ୱିତୀୟ ସେବକ ଭାବେ ଅନ୍ୟ ଏକ ମାଳୀ ପରିବାର ମଧ୍ୟ ଆସି ମା’ଙ୍କ ସେବାରେ ନିଯୁକ୍ତ ହେଲେ।

ମତ୍ସ୍ୟପୁରାଣ ଓ ସ୍କନ୍ଦପୁରାଣରେ ଦେବୀ ଭଙ୍ଗାରିକାଙ୍କ ନାମ ବିଦ୍ୟାମାନ। ତନ୍ତ୍ରରେ ମହାମାୟା ଭଙ୍ଗାରୀକା ଏକ ତନ୍ତ୍ରାଧାଦେବୀ ଭାବେ ବର୍ଣ୍ଣିତ। ଓଡ଼ିଶାର ନିଜସ୍ୱ ତନ୍ତ୍ରଶାସ୍ତ୍ର ହେଉଛି ଭଞ୍ଜିତା ତଦନ୍ତ୍ର। ଏହି ତନ୍ତ୍ରରେ ଓଡ଼ିଶାର ଆଠଗୋଟି ପ୍ରସିଦ୍ଧ ତନ୍ତ୍ର ପୀଠର ନାମ ଉଲ୍ଲିଖିତ। ତନ୍ମଧ୍ୟରୁ ଭଙ୍ଗାରିକା ଷଷ୍ଠ ତନ୍ତ୍ର ପୀଠ ରୂପେ ବର୍ଣ୍ଣିତ। ଏହି ପୀଠ ବ୍ରାହ୍ମଣ୍ୟ ତନ୍ତ୍ର ପୀଠ ହୋଇଥିଲେ ହେଁ ଏଠାରେ ବୌଦ୍ଧ ତନ୍ତ୍ର ଓ ଶାବର ତନ୍ତ୍ରର ପ୍ରଭାବ ପରିଲକ୍ଷିତ ହୋଇଥାଏ। ପ୍ରବାଦ ଅଛି ପୂର୍ବେ ଏକ ବାର ବର୍ଷର ବାଳକକୁ କୁମ୍ଭୀର ଆଣି ଷୋଳ ଗମ୍ଭିରାରେ ରଖେ ଏବଂ ପରେ ସେହି ବାଳକକୁ ମହାଷ୍ଟମୀ ଦିନ ବଳି ଦିଆଯାଏ। ଏହି ୧୬ ଗମ୍ଭିରା ରତ୍ନଗିରି ପର୍ବତର ପ୍ରାୟ ୩୦୦ ଫୁଟ କୃଷ୍ଣବର୍ଣ୍ଣର ବଡ଼ ବଡ଼ ପଥର ମୁହାଁମୁହିଁ ହୋଇ ରହିଛି। ଛୋଟ ବଡ଼ ଗଛ ଦ୍ୱାରା ପର୍ବତଟି ଆଚ୍ଛାଦିତ। ସେହି ପାହାଡ ଉପରେ ଷୋଳ ଗମ୍ଭୀରା ବା ଗୁପ୍ତବଳି ନାମକ ଗୋଟିଏ ସ୍ଥାନ ରହିଛି। ସେହି ସ୍ଥାନ ସଂକୀର୍ଣ୍ଣ ପଥର ମାତ୍ର ଚାଖଣ୍ଡେ ବାଟରେ ସେବକ ପ୍ରବେଶ କରି ପୂଜା କରନ୍ତି। କୁମ୍ଭୀର ଆଣିଥିବା ପିଲାକୁ ଦେବୀ ନିକଟରେ ବଳି ଦେଇ ତା’ର ମାଂସକୁ ୧୬ ଖଣ୍ଡ କରି ଭାଗ କରାଯାଏ। ଏହି ବଳିପୂଜାକୁ ଗୁପ୍ତ ପୂଜା କୁହାଯାଏ। କେବଳ ଦେବୀଙ୍କ କୃପାରୁ ପୂଜକଙ୍କୁ ହଜାର ହଜାର ଭକ୍ତ ଆସି ଦର୍ଶନ କରନ୍ତି। ପରେ ପୂଜକ ବା କାଳିସୀ ଆସି ମହିଷ ବଳି ହିନ୍ଦୋଳ ରାଜାଙ୍କ ତରଫରୁ ଆୟୋଜନ କରିଥାନ୍ତି। ଏହି ବଳି ପଡିସାରିବା ପରେ ଦେବୀଙ୍କ ପହୁଡ଼ ପଡ଼େ। ମହାଷ୍ଟମୀ ଦିନ ରାତିରେ କୁମ୍ଭିର ପୂଜା ପୂର୍ବକ ଉଦ୍ଦେଶ୍ୟରେ ଖେଚୁଡ଼ି ପ୍ରଦାନ କରାଯାଏ। ମହାନବମୀ ଦିନ ମାନସିକ ପଶୁବଳି ଆରମ୍ଭ ହୁଏ। ପ୍ରଥମେ ରାଜ୍ୟମାନଙ୍କ ମାନସିକ ପଶୁ (ଛାଗ) ବଳି ତାପରେ ସାଧାରଣ ଲୋକଙ୍କର ଛାଗ ବଳି ପଡ଼େ। ମହାନବମୀର ନିବିଷ୍ଟ ସମୟ ମଧ୍ୟରେ ବିଶେଷ ପୂଜା ସମାପନ ପରେ ଦେବୀଙ୍କ ପୂଜା ସମାପ୍ତ ହୁଏ।

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀବିଦ୍ୟାର ଜଣେ ବିଶିଷ୍ଟ ଆଚାର୍ଯ୍ୟ। ତାଙ୍କର ରଚିତ ସୌନ୍ଦର୍ଯ୍ୟ ଲହରୀର ରମଣୀୟ କବିତା ଓ ପ୍ରଗାଢ଼ ତାନ୍ତ୍ରିକତା ଶ୍ରୀ ବିଦ୍ୟା ଉପରେ ଆଧାରିତ। ସେ ଓଡ଼ିଶା ଆସିବା ପରେ ସେହି ସମୟରେ ଅଗଣିତ ସନ୍ଥ ଓ ମହାତ୍ମା ମହାନଦୀ ଅବବାହିକାରେ ସାଧନାରତ ରହି ମହାମାୟୀ ଭଙ୍ଗାରିକାଙ୍କ ତନ୍ତ୍ର ସାଧନା ଓ ଉପାସନା କରୁଥିଲେ। ତେଣୁ ମହାନଦୀ ଅବବାହିକାକୁ ସନ୍ଥ ମଣ୍ଡଳ କୁହାଯାଉଥିଲା ବୋଲି ଭୌମରାଣୀ ଦଣ୍ଡୀ ମହାଦେଈଙ୍କ ପାଟଲିଙ୍କା ତାମ୍ର ଶାସନରୁ ଜଣାପଡ଼ିଥାଏ। ପୁରାଣ ଯୁଗରୁ ମହାମାୟାଭଙ୍ଗାରିକାଙ୍କ ପୀଠ ପରଶୁରାମଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲେ ହେଁ ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ପୀଠତତ୍ତ୍ୱ ପ୍ରଚାରିତ ହୋଇଥିଲା। ଦେବୀଙ୍କର ନିତ୍ୟ ପୂଜା ତିନି ଧୂପ ପାଞ୍ଚ ଅବକାଶ ବିଧିରେ ସମ୍ପନ୍ନ ହୋଇଥାଏ। ଶରତ କାଳ ତନ୍ତ୍ର ଉପାସନାର ସମ୍ବେଦନଶୀଳ ମୁହୂର୍ତ୍ତ ହୋଇଥିବାରୁ ଆଶ୍ୱିନ କୃଷ୍ଣାଷ୍ଟମୀଠାରୁ ବିଜୟା ଦଶମୀ ପର୍ଯ୍ୟନ୍ତ ପୀଠରେ ମହାସମାରୋହରେ ଶାରଦୀୟ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଏହି ମହୋତ୍ସବରେ ଶାକ୍ତ ପଲ୍ଲବୋକ୍ତ ବିଧିରେ ପୂଜାର୍ଚ୍ଚନା ଚଣ୍ଡୀପାଠ, ହୋମ ଓ ତର୍ପଣ ପ୍ରଭୃତି ହେଲେ ହେଁ ଗୁପ୍ତରେ ତାଙ୍କ ଷୋଡଶ କଳାର ଉପାସନା ହୋଇଥାଏ। ତେଣୁ ମା’ ଦେବୀ ହେଉଛନ୍ତି ନିତ୍ୟ ଷୋଡଶିକା। ପ୍ରତିଦିନ ମା’ଙ୍କର ନିର୍ଦ୍ଦିଷ୍ଟ ରୀତିନୀତିରେ ପୂଜା ବିଧି ଅନୁଷ୍ଠିତ ହୁଏ। ମା’ଙ୍କର ମାଜଣା ଓ ମଙ୍ଗଳ ଆଳତି ହୁଏ। ଏହା ପରେ ମାଙ୍କୁ ଅଳଙ୍କାର ଲାଗି କରାଯାଏ। ସକାଳ ୭ଟାରେ ବଲ୍ଲଭ ଭୋଗ କରାଯାଏ। ପୂର୍ବାହ୍ନ ୧୦ଟାରେ ସକାଳ ଧୂପ ଅନୁଷ୍ଠିତ ହୁଏ। ଏଥିରେ ଖେଚୁଡ଼ି ମାଛଭଜା ଓ ଏଣ୍ଡୁରି ଭୋଗ କରାଯାଏ। ଦ୍ୱିପ୍ରହର ଧୂପରେ ଖେଚୁଡ଼ି, ତରକାରୀ, ଅନ୍ନ ଓ ଡାଲି କ୍ଷୀର ଓ କାକରାପିଠା ଲାଗି କରାଯାଏ। ଶଙ୍ଖୁଡ଼ି ଭୋଗ ପରେ ଦେବୀଙ୍କର ପହଡ଼ ପଡ଼େ। ପହଡ଼ ପରେ ମାଙ୍କର ସ୍ନାନ ମାର୍ଜନ ଆଦି କ୍ରିୟା କରାଯାଇ ଚନ୍ଦନ ବେଶ ଅନୁଷ୍ଠିତ ହୁଏ। ସୂର୍ଯ୍ୟାସ୍ତପରେ ନିଶଙ୍ଖୁଡ଼ି ଭୋଗ ଲାଗି ହୁଏ। ରାତ୍ରରେ ପଣା ଭୋଗ ପରେ ବଡ଼ସିଂହାର ବେଶ ହୋଇଥାଏ। ଏତଦ୍‌ବ୍ୟତୀତ ପ୍ରତ୍ୟେକ ପୂର୍ଣ୍ଣିମା ଓ ଅମାବାସ୍ୟାରେ ମା’ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା ବିଧି ରହିଛି। ମହାମାୟା ଭଙ୍ଗାରିକାଙ୍କ ନିତ୍ୟ ନୈମିତ୍ତିକ ପୂଜାର ବନ୍ଦୋବସ୍ତ ବଡମ୍ବା ରାଜବଂଶ ଦ୍ୱାରା ହୋଇଥିଲା। ତନ୍ମଧ୍ୟରୁ ଅନେକ ବ୍ୟବସ୍ଥା ସମ୍ପ୍ରତି ଲୋପ ପାଇଗଲାଣି। ମାଳୀ ମାନେ ଦେବୀଙ୍କ ଶ୍ରୀଅଙ୍ଗ ସେବକ ହେଲେ ହେଁ ବ୍ରାହ୍ମଣମାନଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜା ସମ୍ପନ୍ନ ହେଉଅଛି। ମାଳୀ କେଉଟ ସେବକମାନେ ଦେବୀଙ୍କ ପୂଜକ। ସେମାନେ ପ୍ରତ୍ୟହ ତିନିଧୂପ ପାଞ୍ଚ ଅବକାଶ ରୀତିରେ ଭଙ୍ଗାରିକାଙ୍କ ସେବା ପୂଜା ସମ୍ପନ୍ନ କରନ୍ତି। ଅଶ୍ୱିନ ଶୁକ୍ଳ ଅଷ୍ଟମୀ ବା ମହାଷ୍ଟମୀ ମହାମାୟା ଭଙ୍ଗାରିକାଙ୍କ ସ୍ୱନକ୍ଷତ୍ର ତିଥି ହୋଇଥିବାରୁ ସେହି ଦିନ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥାଏ ଏବଂ ଶାରଦୀୟ ଓ ବାସନ୍ତିକ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୁଏ। ଅଷ୍ଟମୀ ଦିନ ନିଶାର୍ଦ୍ଧରେ ସମସ୍ତଙ୍କର ଶ୍ରଦ୍ଧା ସ୍ୱରୂପା ମା’ ଭଙ୍ଗାରିକା ସ୍ୱୟଂ କାଳିସୀ ଦେହରେ ଆବିର୍ଭୂତା ହୋଇ ଭକ୍ତଜନମାନଙ୍କର କଲ୍ୟାଣ କରୁଛନ୍ତି। ଯେହେତୁ ମା’ ଦୟାମୟୀ, କ୍ଷମାମୟୀ ଓ ସିଦ୍ଧଦାତ୍ରୀ, ଭକ୍ତି ଭାବରେ ମା’ଙ୍କୁ ଆରାଧନା କଲେ ସଂସାରର ମଙ୍ଗଳ କାମନା ହେବ। ଲୋକକଥା କହେ ପୂର୍ବରୁ ଏଠାରେ ପୋଡ଼ବଳୀ ଦିଆଯିବାର ପ୍ରଥା ରହିଥିଲା। ସମ୍ପ୍ରତି ଏହା ପରିବର୍ତ୍ତେ ଏଠାରେ କେବଳ ମାଛ ଭୋଗ କରାଯାଉଛି। ଭାରତର ପ୍ରମୁଖ ଶକ୍ତିପୀଠ ମଧ୍ୟରେ ମା’ ଭଙ୍ଗାରିକା ପୀଠ ଅନ୍ୟତମ। ମା’ଙ୍କୁ ଭକ୍ତି ନିବେଦନରେ ସଂସାରରୁ ଦୁଃଖ ଲାଘବ ହୋଇ ପାରିବ।

(ମା’ ଚରଣେ ଶରଣ।)

ଯାଦେବୀ ସର୍ବଭୂତେଶୁ ଦୟା ରୂପେଣ ସଂସ୍ଥିତା<br>
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ<br>
ଯା ଦେବୀ ସର୍ବଭୂତେଷୁ ବିଷ୍ଣୁମାୟେତି ଶବ୍ଦିତା<br>
ନମସ୍ତସୈ ନମସ୍ତସୈ ନମସ୍ତସୈ ନମୋ ନମଃ ॥<br>
ଜଗଜନନୀ ମା’ ଜୟ ମା’

*ଷ୍ଟେଟ ବ୍ୟାଙ୍କ କଲୋନୀ, କେଶୁରା*<br>
*ଏଚଆଇଜି, ଭୁବନେଶ୍ୱର -୨*<br>
*ଦୂରଭାଷ: ୮୮୯୫୪୯୫୧୭୦*

# ଓଡ଼ିଆ ରହସ୍ୟ ସାହିତ୍ୟର ଭବିଷ୍ୟତ

ଡ. ଜୀବନ କୃଷ୍ଣ ମହାପାତ୍ର

ଏହି ନିବନ୍ଧର ଶୀର୍ଷକ ଏକ ପ୍ରବାଦାତ୍ମକ ଉଚ୍ଚାରଣ ଅଟେ। କାରଣ ଓଡ଼ିଆ ରହସ୍ୟ ସାହିତ୍ୟର ଅତୀତ, ବର୍ତ୍ତମାନର ସ୍ଥିତି ଓ ପ୍ରକ୍ଷେପିତ ଭବିଷ୍ୟତ – ଚିତ୍ର ଅତି ଅସ୍ୱଷ୍ଟ ଓ ଦିଶାହୀନ ପରି ଲାଗେ।

ହେବାକଥା ବି। ଏପରି ପ୍ରତୀୟମାନ ହେବାର ଦୁଇଟି କାରଣ ଅଛି।

ପ୍ରଥମ କାରଣ: ଭାରତୀୟ ସଂସ୍କୃତିରେ 'ରହସ୍ୟ'ଏକ ସମ୍ମାନାସ୍ପଦ, ଆଧ୍ୟାତ୍ମିକ ଶବ୍ଦ ଅଟେ। ଏଇ ଯେମିତି 'ଗୀତା- ରହସ୍ୟ','ଜନ୍ମ-ମୃତ୍ୟୁ ରହସ୍ୟ', ସବୁ ରହସ୍ୟର ରହସ୍ୟ, 'ରହସ୍ୟମୟ ଶ୍ରୀ ଜଗନ୍ନାଥ' ଇତ୍ୟାଦି 'ରହସ୍ୟ' ସହିତ ସଂଯୁକ୍ତ ଶବ୍ଦ ଗୂଢ଼ ଆଧ୍ୟାତ୍ମିକ ତତ୍ତ୍ୱ ଆଲୋଚନାବେଳେ ସାଧାରଣତଃ ବ୍ୟବହାର କରାଯାଏ।

'ରହସ୍ୟ'ଶବ୍ଦ ବିଷୟରେ ଏହିପରି ସାମାଜିକ ଅବଧାରଣାର ପ୍ରଚ୍ଛଦପଟରେ, ୧୯୪୯ ମସିହାରେ ସିନେମା ହଲ୍ ମାନଙ୍କରେ ମୁକ୍ତି ଲାଭ କଲା ରହସ୍ୟ ଫିଲ୍ମ 'ମହଲ୍'। ସେ ଫିଲ୍ମ ସେତେବେଳକାର ରକ୍ଷଣଶୀଳ ସମାଜର, ଆବାଳ-ବୃଦ୍ଧ-ବନିତା, ସମସ୍ତଙ୍କ ମନକୁ ଛୁଇଁ ଛୁଇଁ ଗଲା, କାରଣ ସେ ଫିଲ୍ମର ରୋମାଞ୍ଚଭରା କାହାଣୀ, ହୃଦୟସ୍ପର୍ଶୀ ସଂଗୀତ, କାହାଣୀ ଓ ଚିତ୍ରନାଟ୍ୟ ସହିତ ମେଳ ଖାଉଥିବା ରହସ୍ୟମୟ ପରିବେଶ ଓ ଦୃଶ୍ୟ ପଟଳ ତଥା ଅଭିନେତା ଓ ଅଭିନେତ୍ରୀଙ୍କର ନିଖୁଣ ଅଭିନୟ ସେ ଫିଲ୍ମକୁ କାଳଜୟୀ କରିଦେଲା। ଆମ ଭାଷାରେ ଆମ ସମାଜ ଓ ସଂସ୍କୃତି ସେ ଫିଲ୍ମକୁ ସାଦରେ ଗ୍ରହଣ କରିନେଲା। ତା'ପରେ ପରେ ଫିଲ୍ମ ଜଗତରେ ରହସ୍ୟ ଭିତ୍ତିକ ଫିଲ୍ମ, ଯଥା 'ବିଶ୍ ସାଲ୍ ବାଦ', 'ଗୁମ୍‌ନାମ୍', 'ଓ କୌନ୍ ଥୀ' ପରି ରହସ୍ୟ ଫିଲ୍ମମାନ ତିଆରି ଚାଲିଲା।

ରହସ୍ୟ ଫିଲ୍ମକୁ ସମାଜ ସାଦରେ ଗ୍ରହଣ କରୁଥିବାର ଦେଖି କିଛି ଲେଖକ ଅପରାଧ, ଅପରାଧୀ ଓ ରହସ୍ୟାନ୍ୱେଷୀ( ଡିଟେକ୍‌ଟିଭ୍) ପରି ତ୍ରିଧାରାକୁ ବ୍ୟବହାର କରି ରହସ୍ୟ ଉପନ୍ୟାସ ଲେଖିବା ଆରମ୍ଭ କଲେ। ସେପରି ଉପନ୍ୟାସ ସବୁ ପଢ଼ି ସମାଲୋଚକମାନେ ମତ ରଖିଲେ ଯେ, ରହସ୍ୟ ଉପନ୍ୟାସ ଲେଖିବା ଏକ ନିକୃଷ୍ଟ ସାହିତ୍ୟ ସାଧନା, କାରଣ ସେଥିରେ ମାନବୀୟ ମୂଲ୍ୟବୋଧ, ମାନବୀୟ ସମ୍ପର୍କ, ଜୀବନ ଦର୍ଶନ, ଜୀବନ ତତ୍ତ୍ୱ ପରି ସମାଜ ଉପଯୋଗୀ ବିଷୟମାନ ମୋଟେ ନଥାଏ। ଏପରି ଉପନ୍ୟାସ ଯୁବଗୋଷ୍ଠୀର ଚିନ୍ତାଧାରାକୁ ପଥଭ୍ରଷ୍ଟ କରିବ, ତାଙ୍କର ବ୍ୟକ୍ତିତ୍ୱକୁ ବିକୃତ କରିଦେବ, ସମାଜକୁ ନଷ୍ଟ କରିଦେବ, ଫଳରେ ସମାଜ ରହସ୍ୟ ଉପନ୍ୟାସକୁ ବର୍ଜନ କଲା, ଏବଂ ମୋ ପାଖରେ ଥିବା ତଥ୍ୟ ଅନୁସାରେ ଭାରତୀୟ ରହସ୍ୟ ସାହିତ୍ୟର ପ୍ରଥମ ଡିଟେକ୍ଟିଭ୍, ଜୟନ୍ତ ମାନିକ୍‌ଙ୍କର ଅସ୍ତିତ୍ୱ ଅକାଳରେ ବିଲୁପ୍ତ ହୋଇଗଲା।

ତେବେ ୧୯୭୦ ଦଶକରେ ବଙ୍ଗଳା ରହସ୍ୟ ଉପନ୍ୟାସ ଜଗତରେ ଦୁଇଟି ନୂଆ ଡିଟେକ୍ଟିଭ୍, ଫେଲୁଦା ଓ ବ୍ୟୋମକେଶ ବକ୍‌ସିଙ୍କର ଆବିର୍ଭାବ ହେଲା। ସେମାନଙ୍କୁ ଆରମ୍ଭରୁ ସଚେତନ ପାଠକମାନେ ପ୍ରତ୍ୟାଖ୍ୟାନ ନ କଲେ ବି ସାଦରେ ଗ୍ରହଣ ମଧ୍ୟ କରିନଥିଲେ। ତେବେ ଯେତେବେଳେ ପ୍ରଖ୍ୟାତ ଫିଲ୍ମ-ନିର୍ମାତା ଓ ନିର୍ଦ୍ଦେଶକ, ସତ୍ୟଜିତ ରାଏ, ଫେଲୁଦା ଥିବା ଦୁଇଟି ରହସ୍ୟ ଉପନ୍ୟାସକୁ ଫିଲ୍ମରେ ରୂପାନ୍ତରିତ କଲେ, ସେତେବେଳେ ଫେଲୁଦା ଜନପ୍ରିୟତା ଲାଭ କଲେ ଓ ସେଇ ତରଙ୍ଗର ପ୍ରଭାବରେ ବ୍ୟୋମକେଶ ବକ୍ସି ବି ଜନାଦୃତି ଲାଭ କଲେ। ତେବେ ସମୟର ଗତିରେ ସତ୍ୟଜିତ୍ ରାଏଙ୍କ ଦ୍ୱାରା ସୃଷ୍ଟ ତରଙ୍ଗ ପ୍ରଥମେ ଦୁର୍ବଳ ଓ ପରେ ଲୀନ ହୋଇଗଲା। ଏବଂ ଫେଲୁଦା ଓ ବ୍ୟାମକେଶ ବକ୍ସି ବି ରେକର୍ଡ଼ ରୁମ୍‌କୁ ଚାଲିଗଲେ।

ଦ୍ୱିତୀୟ କାରଣ: ଭାରତୀୟ ରହସ୍ୟ ସାହିତ୍ୟ ଜଗତର ଏହି ଦୂରାବସ୍ଥା ପାଇଁ ଦ୍ୱିତୀୟ କାରଣ ବୁଝିବାକୁ ହେଲେ ଆମକୁ ଓଡ଼ିଆର ରହସ୍ୟ ଉପନ୍ୟାସର ଲେଖକମାନଙ୍କର ଅଭିବ୍ୟକ୍ତି ଓ ପ୍ରୟାସର ଆଭିମୁଖ୍ୟକୁ ବିଶ୍ଲେଷଣ କରିବାକୁ ପଡ଼ିବ। ଏହି ନିର୍ଣ୍ଣାୟକ ବିଶ୍ଲେଷଣ କଲାବେଳେ, ଆମକୁ ଏକ ବାସ୍ତବତା ଭିତ୍ତିକ ଚରମ ସତ୍ୟକୁ ମଧ୍ୟ ଧ୍ୟାନରେ ରଖିବାକୁ ପଡ଼ିବ। ସତ୍ୟଟି ଏହିପରି:-

-ଯେମିତି ପ୍ରତି ଜନବସତିରେ ଥିବା ମନ୍ଦିର ଓ ସେଥିରେ ଅଧିଷ୍ଠିତ ଦେବ / ଦେବୀଙ୍କର ପ୍ରତିଷ୍ଠା ଓ ଶକ୍ତି ବିଷୟରେ ଜନମାନସରେ ଯେଉଁ ଚିତ୍ରକଳ୍ପ ସୃଷ୍ଟି ହୁଏ ତାହା ସେହି ମନ୍ଦିରରେ ଥିବା ପୂଜକମାନଙ୍କର ଏକନିଷ୍ଠତା ଓ ତତ୍ତ୍ୱ ଏବଂ ମନ୍ତ୍ରଜ୍ଞାନର ଗଭୀରତା ଉପରେ ନିର୍ଭର କରେ, ଯେମିତି ଛାତ୍ରମାନଙ୍କର ଜ୍ଞାନର ବିଭବ ଓ କର୍ମ କ୍ଷେତ୍ରରେ ନିପୁଣ ଦକ୍ଷତା ହିଁ ସେମାନଙ୍କର ଶିକ୍ଷକମାନଙ୍କର ଗୁଣବତ୍ତାର ପରିଚାୟକ ଅଟେ, ଠିକ୍ ସେମିତି ସଚେତନ ଓ ବିଶ୍ଲେଷଣକାରୀ ପାଠକମାନଙ୍କର ମତାମତ ଓ ଆଗ୍ରହ ହିଁ ଜଣେ ଲେଖକ ଓ ତା'ର ସୃଷ୍ଟିର ପରିଚୟ ଓ ପରିମାପକ ରୂପେ କାର୍ଯ୍ୟ କରେ। ତାହା ହିଁ ସ୍ଥିର କରେ ସେ ସୃଷ୍ଟିର ବୈଶିଷ୍ଟ୍ୟ, ସ୍ଥାୟିତ୍ୱ ଓ ସ୍ତର। -

ଏବେ ଏହି ମାନକ ବିନ୍ଦୁକୁ ବ୍ୟବହାର କରି ଓଡ଼ିଆ ରହସ୍ୟ ସାହିତ୍ୟର ଇତିହାସକୁ ସଂକ୍ଷେପରେ ଆଲୋଚନା କରିବା।

୧୯୬୧ ମସିହାରେ ମୁଁ ପଦାର୍ଥ ବିଜ୍ଞାନରେ ଅଧ୍ୟାପକ ହୋଇଗଲି। ସେ ଯାଏଁ ମୁଁ କୌଣସି ବି ଭାଷାରେ ଲିଖିତ ଖଣ୍ଡେ ବି ରହସ୍ୟ ଉପନ୍ୟାସ ପଢ଼ିନଥିଲି। ତେବେ ମୋ ଚାକିରି ଆରମ୍ଭରୁ ଗୋଟିଏ ଛୋଟିଆ କିନ୍ତୁ ନିର୍ଣ୍ଣାୟକ ଘଟଣା, ମତେ ରହସ୍ୟ ଉପନ୍ୟାସ ଆଡକୁ ଆକୃଷ୍ଟ କଲା। ଘଟଣାଟି ଏହିପରି:-

ପ୍ରସିଦ୍ଧ ଗଣିତ ଶାସ୍ତ୍ର ଓ ଦର୍ଶନ ଶାସ୍ତ୍ର ବିଶାରଦ ପ୍ରଫେସର ବର୍ଟାଣ୍ଡ୍ ରସେଲ୍‌ଙ୍କର ଏକ ସାକ୍ଷାତକାରର ମାର୍ମିକ ରିପୋର୍ଟ ପଢ଼ିବାର ସୁଯୋଗ ପାଇଲି। ସାକ୍ଷାତ କର୍ତ୍ତା ତାଙ୍କୁ ପଚାରିଲେ, "ସାର, ଦୁଇ ଦୁଇଟି ବିଷୟ ଉପରେ ଗବେଷଣାର କର୍ମମୟ ଜୀବନ ଭିତରେ ଆପଣଙ୍କୁ କିଛି ସମୟ ପାଇଁ ବିରତି ମିଳିଲେ, ଆପଣ ସେଇ ଅବସର ସମୟ କେମିତି କଟାନ୍ତି ?" ପ୍ରଫେସର୍ କହିଲେ, "ମୁଁ ସେହି ସମୟରେ ରହସ୍ୟ ଉପନ୍ୟାସ ପଢ଼େ।" ତାଙ୍କଠୁ ଏପରି ଅପ୍ରତ୍ୟାଶିତ ଉତ୍ତର ଶୁଣି ସାକ୍ଷାତ କର୍ତ୍ତା ଆଶ୍ଚର୍ଯ୍ୟ ହେଲେ। ସେ ପୁଣି ପଚାରିଲେ, ପ୍ରଫେସର କହିଲେ, "ଭଲ ରହସ୍ୟ ଉପନ୍ୟାସ ପଢ଼ିଲାବେଳେ, ଠିକ୍ ଶେଷ ଅଧ୍ୟାୟ ପୂର୍ବରୁ ମୁଁ ବହି ପଢ଼ା ବନ୍ଦ କରେ। ରହସ୍ୟର ସମାଧାନ ନିଜେ କରି ଅପରାଧୀକୁ ଚିହ୍ନଟ କରେ ଓ ମୋ ସମାଧାନକୁ ଲେଖକର ସମାଧାନ ସହିତ ମିଳାଏ, ତୁଳନା କରେ। ଏପରି କରିବା ଦ୍ୱାରା ମୋର,

- ଧୀ-ଶକ୍ତିର ଦକ୍ଷତା ଓ

- ସର୍ଜନା ଶକ୍ତିର ଶାଣିତତା

ବଢ଼େ ବୋଲି ମୁଁ ଅନୁଭବ କରିଛି।" ଏହା ହିଁ ରହସ୍ୟ ଉପନ୍ୟାସର ପ୍ରାଣ ଓ ପରିଚୟ।

ତେଣୁ ମୁଁ ବାଛି ବାଛି ଇଂରାଜୀ ସାହିତ୍ୟର ରହସ୍ୟ ଉପନ୍ୟାସ ପଢ଼ିଲି ଓ ସେଇ କ୍ରମରେ ଓଡ଼ିଆ ସାହିତ୍ୟରେ ସେତେବେଳକାର ଏକମାତ୍ର ରହସ୍ୟ ଔପନ୍ୟାସିକ ଭାବରେ ପରିଚିତ, କସ୍ତୁରୀ ଚରଣ ଦାସଙ୍କର ଉପନ୍ୟାସ ମଧ୍ୟ ପଢ଼ିଲି। ତେବେ ଇଂରାଜୀ ରହସ୍ୟ ଉପନ୍ୟାସ ସହିତ ତାଙ୍କର ରହସ୍ୟ ଉପନ୍ୟାସକୁ ତୁଳନା କରି ଦେଖିଲି ଯେ ଓଡ଼ିଆ ଭାଷାର ରହସ୍ୟ ଉପନ୍ୟାସ ଅତି ନିମ୍ନ ମାନର ଅଟେ। ତେଣୁ ମୋ ମନ ଦୁଃଖରେ ଛଟପଟ ହେଲା।

୧୯୭୦-୭୧ ମସିହାରେ ମୁଁ ଅଫିସିଆଲ୍ କାମରେ ୭ଦିନ ପାଇଁ କଲିକତା ଯାଇଥିଲି। ମୋର ସେଠାରେ ଅବସ୍ଥିତିର ତୃତୀୟ ଦିନ, କସ୍ତୁରୀ ବାବୁଙ୍କର ଜଣେ ବନ୍ଧୁଙ୍କ ସହିତ ଯାଇ ମୁଁ କସ୍ତୁରୀ ବାବୁଙ୍କ ଘରେ ସନ୍ଧ୍ୟା ୬ଟାରେ ପହଞ୍ଚିଗଲି। ପ୍ରାରମ୍ଭିକ କଥାବାର୍ତ୍ତା ପରେ ମୁଁ କହିଲି, "କସ୍ତୁରୀ ବାବୁ, ଗୋଟିଏ କଥା ପଚାରିବି ?" ଅତି ମେଳାପୀ କସ୍ତୁରୀ ବାବୁ କହିଲେ, "ପଚାରନ୍ତୁ ସାର।" ମୁଁ କହିଲି, "ମୋ ଖବର ଅନୁସାରେ, ଆପଣଙ୍କ ରହସ୍ୟ ଉପନ୍ୟାସର ମୁଖ୍ୟ ପାଠକ ଗୋଷ୍ଠୀ ହେଲେ, ନବମ ଓ ଦଶମ ଶ୍ରେଣୀର ତଥା ଆଇ.ଏ ଓ ଆଇ.ଏସ୍‌ସିର ଛାତ୍ର / ଛାତ୍ରୀ ମାନେ। କ'ଣ ମୋ ଖବର ଠିକ୍ ତ?" କସ୍ତୁରୀ ବାବୁ ହସି କରି କହିଲେ, "ସାର୍, ଆପଣଙ୍କ ଉକ୍ତି ସମ୍ପୂର୍ଣ୍ଣ ଠିକ୍।" ମୁଁ ପଚାରିଲି, "ଏମିତି କାହିଁକି ? ସେ କହିଲେ, "ସାର୍, ଉଚ୍ଚ ଶିକ୍ଷିତ ଯୁବ ପୀଢ଼ି ତଥା ଜ୍ଞାନଦୀପ୍ତ ବୟସ୍କ ବୟସ୍କ ଲୋକମାନେ ଏବେ ବି ରହସ୍ୟ ଉପନ୍ୟାସକୁ ସମାଜ ନଷ୍ଟକାରୀ, ଅତି ନୀଚମାନର ସାହିତ୍ୟ ସୃଷ୍ଟି ବୋଲି ମାନନ୍ତି। କିନ୍ତୁ ଅପରିପକ୍ୱ ଛାତ୍ରଛାତ୍ରୀମାନଙ୍କ ପାଇଁ ମୋ ବହି ଗୁଡ଼ିକରେ ଅଳ୍ପ ଅଳ୍ପ ରୋମାଞ୍ଚ ଓ ଆନନ୍ଦ ଉଦ୍ଦୀପକ ଘଟଣାମାନ ମୁଁ ଯୋଖିଥାଏ। ତେଣୁ ସେଇମାନେ ମୋର ମୁଖ୍ୟ ପାଠକ-ପାଠିକା, ସେଇମାନଙ୍କ ପାଇଁ ମୋର ଉପନ୍ୟାସ ଓଡ଼ିଶାର ସାରା ସବୁ ଜାଗାରେ ବିକ୍ରି ହେଉଛି ଓ ମୁଁ ମୋର ପରିଶ୍ରମର ମୂଲ୍ୟ ପାଇଯାଉଛି।"

ତାଙ୍କର ଏପରି ଆଭିମୁଖ୍ୟ ଶୁଣିଲା ପରେ ମୁଁ ଚୁପ୍ ରହିଲି, ଏବେ ୫୫ ବର୍ଷ ପରେ...

୨୦୨୫ ମସିହା ମାର୍ଚ୍ଚ ୧ ତାରିଖ ଠାରୁ ମାର୍ଚ୍ଚ ୧୫ ଯାଏ 'ସମ୍ବାଦ' ତରଫରୁ 'ସାହିତ୍ୟ ପକ୍ଷ' ସମାରୋହ 'ଆମ ଓଡ଼ିଶା' ପରିସରରେ ପାଳିତ ହେଉଥିଲା। ଏହା ଓଡ଼ିଆ ସାହିତ୍ୟର ଉନ୍ନତି, ପ୍ରଗତି ତଥା ଉତ୍କର୍ଷତାର ଅଭିବୃଦ୍ଧି ପାଇଁ ସମ୍ବାଦ ସଂସ୍ଥା ତରଫରୁ ଏକ ସମର୍ପିତ, ଏକନିଷ୍ଠ, ଦାୟିତ୍ୱ କାର୍ଯ୍ୟକ୍ରମ ଥିଲା। ପ୍ରତିଦିନର ସନ୍ଧ୍ୟାରେ ଓଡ଼ିଆ ସାହିତ୍ୟର ଗୋଟିଏ ଗୋଟିଏ ନିର୍ଦ୍ଦିଷ୍ଟ ବିଭାଗକୁ ଆଲୋଚ୍ୟ ବିଷୟବସ୍ତୁ ରୂପେ ରଖାଯାଇଥିଲା। ୩ ତାରିଖ ସନ୍ଧ୍ୟାର ଆଲୋଚ୍ୟ ବିଷୟବସ୍ତୁ ଥିଲା, "ଓଡ଼ିଆ ରହସ୍ୟ ସାହିତ୍ୟ ଆଉ ଫେରିବ ?" ଏବଂ ସେ ଦିନର ମଞ୍ଚ କସ୍ତୁରୀ ଚରଣ ମଞ୍ଚ ନାମରେ ଅଭିହିତ ଥିଲା।

ସଂଯୋଗକୁ ସେ ସନ୍ଧ୍ୟାର ଆଲୋଚନା ଓ ସାକ୍ଷାତକାର କାର୍ଯ୍ୟକ୍ରମବେଳେ ମୁଁ ଶ୍ରୋତାମାନଙ୍କ ମଧ୍ୟରେ ଉପସ୍ଥିତ ଥିଲି। ସାକ୍ଷାତ କର୍ତ୍ତା, ବୟସ୍କ ରହସ୍ୟ ଔପନ୍ୟାସିକଙ୍କୁ କହିଲେ, "ସାର୍, ଆପଣଙ୍କର ଏକ ଶତରୁ ଅଧିକ ରହସ୍ୟ ଉପନ୍ୟାସ ପ୍ରକାଶିତ ହୋଇ ସାରିଛି...।" ଲେଖକ ତୃପ୍ତିର ହସି ହସି କହିଲେ, " ହଁ, ତାହା ସତ।" ଏତିକି ଶୁଣି ଦେଇ ମୁଁ ଚମକି ପଡ଼ିଲି। କାରଣ ମୁଁ ଜାଣିବାରେ ଇଂରାଜୀ ସାହିତ୍ୟରେ ତ କୌଣସି ଲେଖକ ଏତେ ସଂଖ୍ୟାରେ ରହସ୍ୟ ଉପନ୍ୟାସ ଲେଖିନାହାନ୍ତି। ଆର୍ଥର୍ କନ୍‌ଏନ୍ ଡଏଲ୍‌ଙ୍କ ପରି କାଳଜୟୀ ଲେଖକ ତ ସେରଲକ୍ ହୋମ୍ସଙ୍କୁ ନେଇ ମାତ୍ର ୪ଟି ଉପନ୍ୟାସ ଲେଖିଲା ପରେ କହିଥିଲେ ଯେ ଏପରି ଗୁଣାତ୍ମକ ଉପନ୍ୟାସ ଆଉ ଲେଖିବା ସମ୍ଭବ ନୁହେଁ। ତେଣୁ ସେ ଉପନ୍ୟାସ ଲେଖାବନ୍ଦ କରି କେବଳ କ୍ଷୁଦ୍ର ରହସ୍ୟ ଗଳ୍ପ ଲେଖିଲେ। ତେଣୁ ମୁଁ ନିଶ୍ଚିତ ହେଲି ଯେ ମଞ୍ଚରେ ବସିଥିବା ବୟସ୍କ ଲେଖକ ନିଶ୍ଚୟ ଦିବ୍ୟ ଶକ୍ତିର ଅଧିକାରୀ...!!

ଏତିକିବେଳେ ସାକ୍ଷାତକର୍ତ୍ତା କହିଲେ, "ସାର୍, ଆପଣଙ୍କର ଏ ଦୀର୍ଘ ସଫଳ ଯାତ୍ରାର ଏକ ଉପଭୋଗ୍ୟ ଘଟଣା କହନ୍ତୁ।" ଲେଖକ କହିଲେ, "ଦିନେ ୪/୫ଟା ବେଳେ ମୁଁ ଗୋଟାଏ ବହି ଦୋକାନରେ ବସିଥିଲି। ଜଣେ ୧୪/୧୫ ବର୍ଷର ଝିଅ ଆସି, ମୋ ନାଁ ନେଇ, ଦୋକାନୀଙ୍କୁ ପଚାରିଲା, "ସେ ଲେଖକଙ୍କର ଆଉ କୌଣସି ନୂଆ ବହି ଏ ମାସରେ ଆସିଛି କି ?" ଦୋକାନୀ, "ନା", ବୋଲି କହିଲେ। ଝିଅଟି କହିଲା, "ତାଙ୍କୁ କହୁ ନାହାନ୍ତି କି ସେ ମାସକୁ ଦୁଇଖଣ୍ଡ ନୂତନ ଉପନ୍ୟାସ ଲେଖିବେ।" ଏବଂ ଚାଲିଗଲା। ତା'ର ସେ ଆଗ୍ରହ ଦେଖି ମୁଁ ମୋର ଲେଖକ ଜୀବନର ସବୁ ପୁରସ୍କାର ପାଇଗଲି।

ତାଙ୍କର ସ୍ୱଷ୍ଟୋକ୍ତି ଶୁଣି ମୁଁ ସ୍ତମ୍ଭୀଭୂତ ହୋଇଗଲି। ଭାବିଲି, "ଓଃ ତା'ହେଲେ ଗଲା ୫୫ ବର୍ଷ ହେଲା ଓଡ଼ିଆ ଭାଷାରେ ରହସ୍ୟ ଉପନ୍ୟାସ ଏଇ ଅପରିପକ୍ୱ ପାଠକ / ପାଠିକାମାନଙ୍କୁ ପାଥେୟ କରି ବଞ୍ଚି ରହିଛି ଅବହେଳିତ, ନିଶ୍ଚଳ, ନିସ୍ପନ୍ଦ ହୋଇ ନିଜର ମୃତ୍ୟୁକୁ ଅପେକ୍ଷା କରି...!! ଲେଖକମାନଙ୍କର ଆଭିମୁଖ୍ୟ ନବଦଳିଲେ ତ ଓଡ଼ିଆ ରହସ୍ୟ ସାହିତ୍ୟର ଭବିଷ୍ୟତ ଅନ୍ଧକାରମୟ...!!"

ତେବେ ଏମିତି ଭାଙ୍ଗି ପଡ଼ିଲେ ତ ହେବିନି। ଆମକୁ ଓଡ଼ିଆ ରହସ୍ୟ ସାହିତ୍ୟର ଉନ୍ନତି ଓ ପ୍ରଗତିକୁ ନିଶ୍ଚିତ କରିବା ପାଇଁ ଆମକୁ କିଛି ତ୍ୟାଗପୂତ, ନିର୍ଦ୍ଦିଷ୍ଟ ପନ୍ଥା (ଯାହା ସହଜରେ ପ୍ରୟୋଗ କରିହେବ) ଆପଣେଇ ନେବାକୁ ପଡ଼ିବ। ପନ୍ଥାଗୁଡ଼ିକ ହେଲା:-

- ପ୍ରଥମତଃ ରହସ୍ୟ ଉପନ୍ୟାସର ଲେଖକମାନେ ନିଜର ତଥାକଥିତ ଖ୍ୟାତି ( ?) ଓ ଉପନ୍ୟାସର କେତେ ଖଣ୍ଡ କପି ବିକ୍ରି ହେଲା, ତା'ଉପରୁ ନିଜର ଧ୍ୟାନ ହଟାଇବାକୁ ପଡ଼ିବ। କାରଣ ଉପନ୍ୟାସ ଉନ୍ନତମାନର ହେଲେ, ଏସବୁ ତ ଆପେ ଆପେ ଆସିବେ।

- ଶିକ୍ଷିତ ଯୁବ ପୀଢ଼ି ଓ ବୁଦ୍ଧିଦୀପ୍ତ ବୟସ୍କ ମାନଙ୍କୁ ନେଇ ଏକ ସଚେତନ ପାଠକ ଗୋଷ୍ଠୀ ସୃଷ୍ଟି କରିବା ଉପରେ ଲେଖକମାନେ ଧ୍ୟାନ ଦେଇ, ସେଇ ଅନୁସାରେ ଏକ ସମୁଚିତ, ନୂତନ ଧାରାର ବିଷୟବସ୍ତୁ ସ୍ଥିର କରିବେ, ନିଜନିଜର ନୂତନ ରହସ୍ୟ ଉପନ୍ୟାସ ପାଇଁ। ଏଥିପାଇଁ ନିଜର ଚିନ୍ତାଧାରାକୁ ପରିପୁଷ୍ଟ ଓ ପରିବ୍ୟାପ୍ତ କରିବା ଲାଗି ସେମାନେ ଯଥେଷ୍ଟ ସଂଖ୍ୟାରେ ଇଂରାଜୀ ରହସ୍ୟ ଉପନ୍ୟାସ ପଢ଼ିବା ଦରକାର।

- ସଚେତନ ପାଠକ ବହି ଦୋକାନକୁ ଗଲେ ପ୍ରଥମେ ତା'ର ଦୃଷ୍ଟି ପଡ଼େ ନୂତନ ବହିର ନାଁ ଉପରେ। ସେହି ରହସ୍ୟ ଉପନ୍ୟାସର ବିଷୟ ବସ୍ତୁକୁ ଚାହିଁ ଓ ନୂତନ ପାଠକ ଗୋଷ୍ଠୀକୁ ଧ୍ୟାନରେ ରଖି ବହିର ନାଁକୁ ଆକର୍ଷଣୀୟ କରିବାକୁ ପଡ଼ିବ।

ଗୋଟିଏ ଉଦାହରଣ ଦେଉଛି।

୧୯୬୪ ମସିହାରେ ଗୋଟିଏ ଇଂରାଜୀ ରହସ୍ୟ ଉପନ୍ୟାସର ନାଁ ଦ୍ୱାରା ମୁଁ ଏତେ ଆକର୍ଷିତ ହୋଇଥିଲି ଯେ ସେ ବହିଟି ସଙ୍ଗେ ସଙ୍ଗେ କିଣି ଆଣିଥିଲି। ବହିଟିର ନାଁ ଥିଲା," Dead Man Running"। ସେତେବେଳେ ଭାବିଥିଲି, "'ମୃତ ମଣିଷ ଦୌଡ଼ୁଛି', ଇଏ କି ଅବାସ୍ତବ ନାଁ।" ତେବେ ସେ ବହିର ନାଁ ପରି, ବହିଟିର ବିଷୟ ବସ୍ତୁ, କାହାଣୀରେ ମୋଡ଼ ଓ ପରିବେଷଣ ଶୈଳୀ ଅତ୍ୟନ୍ତ ଚମତ୍କାର ଓ ଅଚିନ୍ତନୀୟ ଥିଲା। ସେ ବହିଟିର ଲେଖକ ହେଉଛନ୍ତି, 'ଷ୍ଟିଭ୍ ହାମିଲ୍‌ଟନ୍', ଯାହାଙ୍କୁ ମୁଁ ଜାଣିନଥିଲି। ତେବେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଯେ ୬୦ବର୍ଷ ପରେ ବି, ଆଜି ସେ ବହିର ପାଠକୀୟ ଆଦୃତି ସେମିତି ଅତୁଟ ଅଛି ଏବଂ ଆଜିକା ଦିନରେ ସେ ବହି (୨୫୦ପୃଷ୍ଠା) ଆମାଜନ୍‌ରେ ୧୯୮୫ଟଙ୍କାରେ ଉପଲବ୍ଧ ଅଛି।

ବହିର ଏମିତି ଆକର୍ଷଣୀୟ ନାମ କରଣର ଆମ ଓଡ଼ିଆ ସାମାଜିକ ଉପନ୍ୟାସ ଜଗତରେ ବି ଉଦାହରଣ ଅଛି। ଏଇ ଯେମିତି; ଫକୀର ମୋହନଙ୍କର 'ଛ'ମାଣ ଆଠଗୁଣ୍ଠ, କାହ୍ନୁଚରଣଙ୍କର 'ହା'ଅନ୍ନ, ଫତୁରାନନ୍ଦଙ୍କର ନାକଟା ଚିତ୍ରକର, ଗୋବିନ୍ଦ ଦାସଙ୍କର 'ଅମାବାସ୍ୟାର ଚନ୍ଦ୍ର', ପ୍ରତିଭା ରାୟଙ୍କର 'ମଗ୍ନମାଟି'ଇତ୍ୟାଦି।

- ସେମିତି ସଚେତନ ପାଠକ ବହିଟିର ନାଁ

ଦେଖିସାରିଲା ପରେ, ବହିର ପଛ ମଲାଟରେ କ'ଣ ଲେଖା ହୋଇଛି, ଦେଖେ, ଆମର ରହସ୍ୟ ଉପନ୍ୟାସର ଲେଖକମାନେ ସେମାନଙ୍କର ଦ୍ୱାରା ଲିଖିତ ରହସ୍ୟ ଉପନ୍ୟାସ ପଛ ମଲାଟରେ ବହି ବିଷୟରେ ଏମିତି ଧାଡ଼ିଏ କି ଦୁଇ ଧାଡ଼ି ଲେଖିବା ଉଚିତ, ଯାହାକୁ ପଢ଼ି ସଚେତନ ପାଠକ ସେ ବହିଟିକୁ କିଣି ପଢିବାର ସମ୍ଭାବନା ବଢ଼ିଯିବ।

ଗୋଟିଏ ଉଦାହରଣ ଦେଉଛି।

-୧୯୬୫ ମୁଁ ଗୋଟିଏ ନୂଆଁ ଇଂରାଜୀ ରହସ୍ୟ ଉପନ୍ୟାସ କିଣିଥାଏ। ଉପନ୍ୟାସଟିର ନାଁ, 'The Greek Coffin Mystery'। ନାଁ ରେ ଥିବା 'Coffin' ଓ 'Mystery' ବୁଝି ହେଲା, କିନ୍ତୁ ସେଠି ବିଶେଷଣ 'Greek' ର ସ୍ଥିତି ଓ ରହସ୍ୟ ବୁଝି ହେଲାନି, ତେଣୁ ପଛପଟ ମଲାଟ ଦେଖିଲି। ସେଠାରେ ଦେଖିଲି ଯେ ପ୍ରବଚନ, 'Where there is a will, there is a way' (ଇଚ୍ଛା ଶକ୍ତି ଥିଲେ, ଉପାୟ ବି ଅଛି।) କୁ ସାମାନ୍ୟ ପରିବର୍ତ୍ତିତ କରି ଲେଖାଯାଇଛି, 'Where there is a will, there is way to murder' । ଏଠାରେ 'will' କୁ ସମ୍ପତ୍ତି ହସ୍ତାନ୍ତର ପାଇଁ ଆଇନ୍ ସିଦ୍ଧ 'ଉଇଲ୍' ଅର୍ଥରେ ବ୍ୟବହାର କରାଯାଇଛି। ଏଇ ସୂକ୍ଷ୍ମ ଅଭିବ୍ୟକ୍ତିରେ ଆକୃଷ୍ଟ ହୋଇ ୪୦୦ ପୃଷ୍ଠାରୁ ଊର୍ଦ୍ଧ୍ୱ ସେ ବହି ମୁଁ କିଣି ଆଣିଥିଲି ଓ ତାକୁ ପଢି ଚମତ୍କୃତ ହୋଇଥିଲି। ତା'ର ଲେଖକ ଅଟନ୍ତି 'Ellery Queen'। ମୁଁ ପରେ ଜାଣିଲି ଯେ ଏଲେରୀ କ୍ୱିନ୍‌ଙ୍କୁ ଆମେରିକୀୟ ରହସ୍ୟ ସାହିତ୍ୟ ଜଗତର ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ ବୋଲି କୁହାଯାଏ।

- ରହସ୍ୟ ଉପନ୍ୟାସ ଲେଖିଲାବେଳେ ପୋଷ୍ଟମର୍ଟମ ଓ ଫୋରେନ୍‌ସିକ୍ ପରୀକ୍ଷା କଥା ଆସିବ। ସେ ବିଷୟରେ ଲେଖକଙ୍କର ଲେଖାକୁ, ସଚେତନ ପାଠକ ଗୋଷ୍ଠୀ ପାଇଁ, ବିଶ୍ୱାସ ଯୋଗ୍ୟ କରିବା ଲାଗି ଲେଖକଙ୍କୁ ନିଜର ଅନୁଭୂତିର ପରିସର ବଢ଼ାଇବାକୁ ପଡ଼ିବ ନଚେତ କମ୍ ସେ କମ୍ ସେହି ସମ୍ବନ୍ଧରେ ସଠିକ୍ ତଥ୍ୟ ଥିବା ବହି ସଂଗ୍ରହ କରି ପଢ଼ିବାକୁ ପଡିବ। ଯେମିତି କି 'ପୋଷ୍ଟମର୍ଟମ୍' ପ୍ରକ୍ରିୟାର ଟିକି ନିଖି ତଥ୍ୟ ଜାଣିବା ପାଇଁ, ବୁଝିବା ପାଇଁ ମୁଁ ତ ପରାମର୍ଶ ଦେବି ଯେ ପାଟ୍ରିସିଆ କର୍ଣ୍ଣୱେଲ୍‌ଙ୍କର 'Postmortem' ରହସ୍ୟ ଉପନ୍ୟାସ ପ୍ରତ୍ୟେକ ଲେଖକ ପଢିବା ଉଚିତ। ଏଲେରୀ କ୍ୱିନ୍ ମିଷ୍ଟ୍ରୀ ଗିଲ୍ଡ଼ ତରଫରୁ ଏହି ଉପନ୍ୟାସ ପାଇଁ ସେ ବର୍ଷ ପାଟ୍ରିସିଆ କର୍ଣ୍ଣୱେଲ୍ ଶ୍ରେଷ୍ଠ ରହସ୍ୟ ଔପନାସିକର ପୁରସ୍କାର ଓ ସ୍ୱର୍ଣ୍ଣ ପଦକ ପାଇଥିଲେ।

- ରହସ୍ୟ ଉପନ୍ୟାସର ପ୍ରଥମ ଅଧ୍ୟାୟ ପ୍ରଥମ ଅନୁଚ୍ଛେଦରୁ ହିଁ ଘଟଣାର ପରିସ୍ଥିତି, ପରିବେଶ ଇତ୍ୟାଦିର ବର୍ଣ୍ଣନା ଶୈଳୀ ଏପରି ଜୀବନ୍ତ, ସ୍ପନ୍ଦନମୟ, ଆକର୍ଷଣୀୟ ଓ ରୋମାଞ୍ଚଭରା ହେବା ଦରକାର ଯେମିତି କି ପାଠକ ବହିଟିକୁ ପଢ଼ିବା ଆରମ୍ଭକଲା କ୍ଷଣି ବହି ସହିତ ସଂଯୁକ୍ତ ହୋଇଯିବ ଏବଂ ତାକୁ ଲାଗିବ ସତେ ଯେମିତି ସେ ଘଟଣା ସ୍ଥଳରେ ଉପସ୍ଥିତ ରହି ଉପନ୍ୟାସକୁ ଚଳଚ୍ଚିତ୍ରର ଦୃଶ୍ୟ ପରି ପ୍ରତ୍ୟକ୍ଷ କରି ଚାଲିଛି। ଇଏ ଏକ ଅଦ୍ଭୁତ ଓ ଚମତ୍କାର କଳା। ଏଇ କଳାରେ ଲେଖକଙ୍କୁ ଦକ୍ଷତା ଓ ନିପୁଣତା ଲାଭ କରିବାକୁ ପଡ଼ିବ। ଅନ୍ୟ ଭାଷାରେ ବହିଟିର ପଠନୀୟତା (Readability) ରେ ତୀକ୍ଷ୍ଣ ଅଭିବୃଦ୍ଧି ଆଣିବାକୁ ପଡ଼ିବ।

ଉଦାହରଣ ସ୍ୱରୂପ: ଆଲିଷ୍ଟର, ମାକ୍‌ଲିନ୍‌ଙ୍କର 'Ice Station Zebra' ବହିର ପ୍ରଥମ ଅନୁଚ୍ଛେଦରେ ଥିବା ବରଫ ଝଡ଼ର ବର୍ଣ୍ଣନା ପଢ଼ିଲାକ୍ଷଣି ପାଠକ ଦେହରେ ଆସି ସେ ବରଫ କଣିକା ମାଡ଼ ହେଲା ପରି ଲାଗି ତା' ଦେହ ଶିହରି ଉଠେ ଏବଂ ସେ ବରଫ ଝଡ଼ରେ ବହୁଥିବା ଶୀତଳ ପବନରେ ସୃଷ୍ଟି ହେଉଥିବା ସୁତୀକ୍ଷ୍ଣ ବଂଶୀର ସ୍ୱନ ପାଠକ ଶୁଣିବା ପରି ଅନୁଭବ କରି ତା'ର ମନ ଓ ହୃଦୟ ଫ୍ରିଜ୍ କରିଯାଏ। ତା' ମୁହଁରୁ ସ୍ୱତଃ ବାହାରି ପଡ଼େ, " ଆଃ..., କି ବର୍ଣ୍ଣନା ଇଏ...!!

ଏବେ ଆସିବା ରହସ୍ୟ ଉପନ୍ୟାସର ବିଷୟବସ୍ତୁକୁ। ସଚେତନ ପାଠକମାନଙ୍କ ପାଇଁ ଆକର୍ଷଣୀୟ ବିଷୟବସ୍ତୁ, କାହାଣୀରେ କୌତୁହଳ ଉଦ୍ଦୀପକ ନୂଆ ନୂଆ ମୋଡ, ଅନୁସନ୍ଧାନ ଓ ବିଶ୍ଳେଷଣର ସୂକ୍ଷ୍ମ ଏବଂ ଅପ୍ରତ୍ୟାଶିତ ଦିଗର ଉପସ୍ଥାପନା କରିବା ଲାଗି, ଲେଖକମାନଙ୍କୁ ଇଂରାଜୀ ସାହିତ୍ୟର ପ୍ରସିଦ୍ଧ, କମ୍ ସେ କମ୍ , ୧୦୦ଟି ରହସ୍ୟ ଉପନ୍ୟାସ ପଢ଼ି ବର୍ଟାଣ୍ଡ ରସେଲ୍‌ଙ୍କ ପରି ମାନସ ମନ୍ଥନ କରିବାକୁ ପଡ଼ିବ,ଓ ସେଥିରୁ ମିଳିଥିବା ନିର୍ଯ୍ୟାସକୁ ଆତ୍ମସ୍ଥ କରିବାକୁ ପଡ଼ିବ, ତା'ହେଲେ ଯାଇ ଲେଖକମାନେ ତାଙ୍କର ଉପନ୍ୟାସକୁ ପାଥେୟ କରି ଏକ ସଚେତନ ପାଠକ ଗୋଷ୍ଠୀ ସୃଷ୍ଟି କରି ପାରିବେ।

ଏଥିପାଇଁ ଇଂରାଜୀ ଭାଷାର କେତେକ ବିଖ୍ୟାତ କାଳ ଜୟୀ ରହସ୍ୟ ଔପନାସିକା/ଔପନାସିକାଙ୍କର ନାଁ ଏଥି ସହିତ ଦେଲି, ସେମାନେ ହେଲେ;

ଜି.କେ. ଚେଷ୍ଟରଟନ୍, ଆରର୍ଥର କନ୍‌ଏନ୍‌ଡ଼ଏଲ୍, ଆଗାଥା କ୍ରିଷ୍ଟି, ଆଲିଷ୍ଟର , ମାକ୍‌ଲିନ୍, ଏଲେରୀ କ୍ୱିନ୍, ଫ୍ରେଡ଼୍ରିକ୍ ଫ୍ରଏସିଥ୍, ଅର୍ଲ ଷ୍ଟାନ୍‌ଲେଗାର୍ଡ୍‌ନର, ଇଆନ୍ ଫ୍ଲେମିଙ୍ଗ୍, ରବର୍ଟ ଲୁଡ୍‌ଲୁମ୍, ମାଇକେଲ୍ କୋନାଲି, ଡ଼େଭିଡ୍ ବାଲ୍‌ଡ଼ାକି, ଜନ୍ ଗ୍ରିସମ୍, ପାଟ୍ରିସିଆ କର୍ଣ୍ଣୱେଲ୍, କେନ୍ ଫୋଲେଟ୍, ଜନ୍ ଲେକେଆର୍, ଡ଼ିନ୍ କୁଞ୍ଜ୍, ଷ୍ଟିଫେନ୍ କିଙ୍ଗ୍, ଡ଼ାନ୍ ବ୍ରାଉନ୍ ଇତ୍ୟାଦି।

ଏମାନଙ୍କର ସବୁ ବହି ଆମାଜନ୍‌ରେ ବିକ୍ରି ହେଉଛି।

ମନେରଖନ୍ତୁ, ଭଲ ଲେଖକ ହେବା ପାଇଁ ପ୍ରଥମେ ଭଲ ପାଠକଟିଏ ହେବା ଏକାନ୍ତ ଆବଶ୍ୟକ।-

- ମୋର ପ୍ରସ୍ତାବର ଶେଷ ପ୍ରସ୍ତ

ନିଜ ନିଜର ସ୍ଥିତିକୁ ଗୁରୁତ୍ୱ ନ ଦେଇ ପ୍ରତ୍ୟେକ ରହସ୍ୟ ଉପନ୍ୟାସର ଲେଖକ ନିଜଦ୍ୱାରା ସୃଷ୍ଟ ଡିଟେକ୍‌ଟିଭ୍‌ଙ୍କୁ ଏପରି ତୀକ୍ଷ୍ଣ ରହସ୍ୟ ବିଶ୍ଳେଷଣକାରୀ, ଅସାଧାରଣ, ଶାଣୀତ ବୁଦ୍ଧି ଯୁକ୍ତ ରହସ୍ୟ - ଉନ୍ମୋଚନକାରୀ ରୂପେ ଚିତ୍ରଣ କରିବା ଉଚିତ, ଯେପରିକି ସଚେତନ ପାଠକମାନେ ସେଇ ଡିଟେକ୍‌ଟିଭ୍‌ଙ୍କ ନାଁ ପଢ଼ି (ଲେଖକଙ୍କର ନାଁ ନ ପଢ଼ି)ବହିଟିକୁ ପଢ଼ିବାକୁ ଇଚ୍ଛା କରିବେ। ଅନ୍ୟ ଭାଷାରେ, ଡିଟେକ୍‌ଟିଭ୍ ଲେଖକଙ୍କଠାରୁ ବେଶି ଗୁରୁତ୍ୱପୂର୍ଣ୍ଣ ହୋଇଯିବା ଆବଶ୍ୟକ। ତା'ହେଲେ,ସେ ବହି କାଳଜୟୀ ହୋଇଯିବ। ଏଠି କେତୋଟି ଉଦାହରଣ ଦେଲି। (ବନ୍ଧନୀ ଭିତରେ ଲେଖକଙ୍କର ନାଁ ଅଛି।) ଫାଦର୍ ବ୍ରାଉନ୍ (ଜି.କେ.ଚେଷ୍ଟରଟନ୍),ସେର୍‌ଲକ୍ ହୋମ୍ସ (ଆର୍ଥର କନ୍‌ଏନ୍ ଡାଏଲ୍) ଅରକ୍ୟୁଲ, ପଏରଟ୍ (ଆଗାଥା କ୍ରିଷ୍ଟି), ପେରୀମାସନ୍ (ଅର୍ଲ ଷ୍ଟାନ୍‌ଲେ ଗାଡ଼୍‌ନର), ଜେମ୍‌ସ ବଣ୍ଡ (ଇଆନ୍ ଫ୍ଲେମିଙ୍ଗ୍) ଓ ଏଲେରୀ କ୍ୱିନ୍ (ଯୁଗ୍ମ ଲେଖକ ଡ଼ାନି ଏବଂ ଲି) ସେମାନଙ୍କର ସୃଷ୍ଟିକର୍ତ୍ତାଠାରୁ ବେଶୀ ବିଖ୍ୟାତ। ଏଲେରୀ କ୍ୱିନ୍ ତ ସମସ୍ତଙ୍କଠାରୁ ବିଚିତ୍ର। ସେ ରହସ୍ୟ ଉପନ୍ୟାସ ଉପରେ କୌଣସି ଠାରେ ବି ଡାନି ଏବଂ ଲିଙ୍କ ନାଁ ଲେଖାହୋଇନଥାଏ। ବହିର ସାମନା ମଲାଟରେ ଲେଖକଙ୍କ ନାଁ ଜାଗାରେ ଏଲେରୀ କ୍ୱିନ୍ ହିଁ ଲେଖାଯାଇଥାଏ।

ଉପରେ ପ୍ରସ୍ତାବିତ ୮ଟି ମାର୍ଗମାନଙ୍କୁ ବ୍ୟବହାର କରି ଯଦି ଓଡ଼ିଆ ରହସ୍ୟ ଉପନ୍ୟାସର ଲେଖକମାନେ ଏକ ନୂତନ ଭିନ୍ନ ସ୍ତରର ଉପନ୍ୟାସ ଲେଖି ଗୋଟିଏ ସଚେତନ ଓ ଉଚ୍ଚ ଶିକ୍ଷିତ ପାଠକ ଗୋଷ୍ଠୀ ସୃଷ୍ଟି କରିପାରିବେ,ତେବେ ଓଡ଼ିଆ ରହସ୍ୟ ସାହିତ୍ୟର ବୌଦ୍ଧିକ ସ୍ଥିତି ଯେ ଦୃଢ଼ ହେବ ଏବଂ ତା'ର ଉନ୍ନତି ଓ ପ୍ରଗତି ଯେ ନିଶ୍ଚୟ ହେବ ଏଥିରେ ସନ୍ଦେହ ନାହିଁ ଏବଂ ତାହା ନିଶ୍ଚୟ ଉତ୍କର୍ଷତାର ଶିଖର ସ୍ପର୍ଶ କରିବ।

*ପ୍ଲଟ ନଂ. ୨୧/୪, ଆଚାର୍ଯ୍ୟ ବିହାର*
*ଭୁବନେଶ୍ୱର - ୭୫୧୦୧୩*
*ମୋ: ୮୦୯୩୬୬୮୦୬୬*

# ଏସିଆ ମହାଦେଶରେ ଦୁର୍ଗାରାଧନା ଏକ ସାମାଜିକ ପରମ୍ପରା

ବିଭୂତିଭୂଷଣ ସେନାପତି

ଦେବୀ ମାହାତ୍ମ୍ୟରେ ଦେବୀଙ୍କର ତିନିଟି ରୂପ ବର୍ଣ୍ଣନା କରାଯଇଛି । ତାହା ମହାକାଳୀ, ମହାଲକ୍ଷ୍ମୀ ଓ ମହା ସରସ୍ୱତୀ । ଏମାନେ ସୃଷ୍ଟିର ଆଧାର ବା କେନ୍ଦ୍ରବିନ୍ଦୁ ଦେବୀ ଦେବତା ମାନଙ୍କୁ ରକ୍ଷା କରିବା ପାଇଁ ତିନିଟି ମୂର୍ତ୍ତି ଧାରଣ କରିଥିଲେ । ସେ ବିଷ୍ଣୁଙ୍କୁ ଯୋଗ ନିଦ୍ରାରୁ ଉଠାଇ ମଧୁକୈଟଭ ଦୈତ୍ୟ ଦୁହିଙ୍କୁ ବଧ କରିଥିଲେ । ସେତେବେଳେ ସେ ମହାକାଳୀ  ତାମସୀ ଆଦ୍ୟାଶକ୍ତି । ତାଙ୍କର ସଗୁଣ ଅବସ୍ଥାରେ ସେ  ସାତ୍ତ୍ୱକୀ ଶକ୍ତି ମହାସରସ୍ୱତୀ, ଶୁମ୍ଭ, ନିଶୁମ୍ଭ, ରକ୍ତବୀର୍ଯ୍ୟ ଓ ଚଣ୍ଡମୁଣ୍ଡାଦି ଦୈତ୍ୟନାଶିନୀ । ରାଜସୀ ଶକ୍ତି ମହିଷାସୁର ମର୍ଦ୍ଦିନୀ ମହାଲକ୍ଷ୍ମୀ, ସେ ଅଷ୍ଟଭୂଜା ଦୁର୍ଗା ଭଗବତୀ ।

କେବଳ ଭାରତ କାହିଁକି ଭାରତ ବାହାରେ ଏହି ଶକ୍ତିଉପାସନା ପ୍ରଚାର ଓ ପସାର ଲାଭ କରିଛି । ବିନ୍ଧ୍ୟ ଠାରୁ ଆରମ୍ଭ କରି ଜାଭା ଦ୍ୱୀପ ପର୍ଯ୍ୟନ୍ତ ଅଁଚଳକୁ ବିଷ୍ଣୁକ୍ରାନ୍ତା, ମିଶର ପାରସ୍ୟ ପ୍ରଭୃତି ଦେଶକୁ ଅଶ୍ୱକ୍ରାନ୍ତା, ନେପାଳ, ତିବ୍ୱତ ଓ ଚୀନ୍ ଦେଶକୁ ରଥକ୍ରାନ୍ତା କହନ୍ତି ।

ମଧ୍ୟ ଏସିଆରେ ମହିଷା ମର୍ଦ୍ଦିନୀ ପୂଜା ଅତି ପ୍ରାଚୀନ । ଏହି ପରିପ୍ରେକ୍ଷୀରେ ତାଜାକିସ୍ଥାନ ରିପବ୍ଲିକର ଉତ୍ତର ପଶ୍ଚିମରେ ଜେରାଭସନ ନଦୀ କୂଳରେ ଦେବୀ ଦୁର୍ଗା ବହୁ ପ୍ରାଚୀନ କାଳରୁ ପୂଜା ପାଇ ଆସୁଛନ୍ତି । ୧୯୪୬ ମସିହାରେ ଏକ ଧ୍ୱଂସାବଶେଷରୁ ଏହି ମୂର୍ତ୍ତିଙ୍କର କିଛି ଅଂଶ ଦେଖିବାକୁ ମିଳିଥିଲା । ଏହି ସହରର ନାମ ପେନଜିକେଂଟ । ଆରବର ଆକ୍ରମଣକାରୀ ଏହାକୁ ୭୨୨ ଖ୍ରି,ରେ ଜୟ କରିବାକୁ ଚେଷ୍ଟା କରିଥିଲେ । ଏହି ରାଜ୍ୟର ରାଜାଙ୍କ ନାମ ଦିବାସ୍ତିଚ୍ ।

୧୯୪୬ ମସିହାରେ  ପ୍ରତ୍ନତାତ୍ତ୍ୱିକ ମାନଙ୍କ ପ୍ରଚେଷ୍ଟାରେ ଏହାର ଧ୍ୱଂସାବଶେଷ ଆବିଷ୍କୃତ ହୋଇଥିଲା । ଦୁଇଟି ମନ୍ଦିର ଧ୍ୱଂସାବଶେଷ ମଧ୍ୟରୁ ଗୋଟିଏ ଚତୁର୍ଭୁଜା ରୂପ ନାରୀ ମୂର୍ତ୍ତି । କଟୀରେ ରତ୍ନ ଖଚିତ କଟୀବନ୍ଧ ଓ ଶରୀରରେ ନାନାବିଧ ଆବରଣ । ଅବଶ୍ୟ ଦେବୀଙ୍କମୁଖ ମଣ୍ଡଳ ବିଦ୍ରୂପ । ଦେବୀ ମହିଷ ଜାତୀୟ ପଶୁ ଉପରେ ଦଣ୍ଡାୟମାନ । ମହିଷର ପାଦ ଅଙ୍ଗୁଳି ଖୁବ୍ ତୀକ୍ଷ୍ଣ । ଦେବୀଙ୍କର ବର୍ଚ୍ଛା ଦ୍ୱାରା ଶରୀର ପ୍ରାୟଶଃ ବନ୍ଧ । ସିଂହର ଏକ ଅସ୍ପଷ୍ଟ ଚିତ୍ର ଡାହାଣ ଦିଗରେ ରହିଛି । ସିଂହର କେଶର ଏବଂ ମସ୍ତକସହିତ ପାଦର ଚିହ୍ନ ମଧ୍ୟ ରହିଛି । ଏଥିରେ ଶଙ୍କରଙ୍କ ଉପସ୍ଥିତି ଶିବଙ୍କର ଐତିହ୍ୟକୁ ପ୍ରମାଣିତ କରୁଛି ।  ମାତ୍ର ଏହା କଳା ରଙ୍ଗର ଲିଙ୍ଗ ସ୍ୱରୂପ ମାଳା ଦ୍ୱାରା ସୁଶୋଭିତ । ଭାରତ ଏକ ଉପମହାଦେଶ । ଆର୍ଯ୍ୟାବର୍ତ୍ତ୍ୟ ନିକ୍ଷେବିତ ଦେଶ ଭାବରେ ସମଗ୍ର ବିଶ୍ୱ ଦରବାରରେ ଭାରତ ବର୍ଷ ଚିର ବନ୍ଦନୀୟ । ପ୍ରାଚୀନ କାଳରେ ଦେବୀ ଦୁର୍ଗା ଏକକ ଭାବରେ ପୂଜିତା ହେଉଥିଲେ । ସେତେବେଳେ ତାଙ୍କ ପାଖରେ ଲକ୍ଷ୍ମୀ, ସରସ୍ୱତୀ,ଗଣେଷ କାର୍ତ୍ତିକ ନ ଥିଲେ । ବିଶ୍ୱବିଶ୍ରୁତ ଶାକ୍ତ ଗ୍ରନ୍ଥ ଶ୍ରୀଶ୍ରୀସପ୍ତଶତୀ ଚଣ୍ଡୀରେ ମହାଦେବୀ ଦୁର୍ଗା ମହାସୁର ଶୁମ୍ଭଙ୍କୁ କହିଥିଲେ । ଏକୈବାହଂ ଜଗତ୍ୟତ୍ର ଦ୍ୱିତୀୟା ବା ମମାପରା । (ଶ୍ରୀଚଣ୍ଡୀ ୧୦-୫) ଦେବୀ ଭାଗବତ ମହା ପୁରାଣରେ ପ୍ରଜାପତି ବ୍ରହ୍ମାଙ୍କୁ ସେ ନଜ ପରିଚୟ ଦେଇ କହନ୍ତି – "କିଂ ନାହଂ ପଶ୍ୟ ସଂସାରେ ମଦ୍ ବିଯୁକ୍ତଂ କିମସ୍ତିହି/ ସର୍ବମେବାହିତ୍ୟେବଂ ନିର୍ଣ୍ଣୟଂ ବିଦ୍ଧି ପଦ୍ମଜ ।" ସୁତରାଂ ଦେବୀ ଦୁର୍ଗା ନାନା ନାମରେ ଏବଂ ନାନା ରୂପରେ ବିଚରଣ କରନ୍ତି । ବିଶ୍ୱ ସଭ୍ୟତାର ପ୍ରଥମ ଉନ୍ମେଷ ଋଗବେଦର ଦଶମ ମଣ୍ଡଳ ଦେବୀ ସୂକ୍ତ ଏବଂ ଅଥର୍ବ ବେଦର ୩୦ତମ ସୂକ୍ତରେ ସେ ନିଜେ କହୁଛନ୍ତି- "ଅହଂ ରୁଦ୍ରେଭିଃ ବସୁଭିଃଶଦ୍‌ଚରାମି ଅହମାଦିତୈରୁତ ବିଶ୍ୱଦେବୈଃ ଇତ୍ୟାଦି" ଏହାର ଅର୍ଥ ଏକାଦଶ ରୁଦ୍ର ଏବଂ ଅଷ୍ଟ ବସୁଙ୍କ ରୂପରେ ବା ନାମରେ , ଦ୍ୱାଦଶ ଆଦିତ୍ୟ ଦଶ ବିଶ୍ୱଦେବୀଙ୍କ ନାମ ଏବଂ ରୂପରେ ନିତ୍ୟ ବିଚରଣ କରେ ।"

ପ୍ରାଚୀନ ଯୁଗ ତଥା ମଧ୍ୟ ଯୁଗରେ ଦେବୀ ଦୁର୍ଗା ପ୍ରାୟତଃ ସିଂହ ଉପରେ ଅଥବା ପାର୍ଶ୍ୱରେ ଦଣ୍ଡାୟମାନ ଥିବାର ଦେଖାଯାଏ । କେତେକ କ୍ଷେତ୍ରରେ ଶିଳ୍ପ ଭାସ୍କର୍ଯ୍ୟ ରେ ସେ ରୂପାୟିତ । ଶକ ଓ କୁଶାଣ ଯୁଗରେ ଦେବୀ ସିଂହ ବିହୀନା । ମାତ୍ର ସିଂହ ପାର୍ଶ୍ୱରେ ଦଣ୍ଡାୟମାନା ।କେତେକ କ୍ଷେତ୍ରରେ ସେ ଦ୍ୱିଭୂଜା ତ ଆଉ କେତେକ କ୍ଷେତ୍ରରେ ଦ୍ୱାତ୍ରିଂଶ ଭୂଜା ପର୍ଯ୍ୟନ୍ତ ବିସ୍ତୃତା । ସବୁଠାରୁ ପ୍ରାଚୀନ ମୂର୍ତ୍ତିରେ ସେ ଦ୍ୱିଭୂଜା ବା ଚତୁର୍ଭୁଜା । କେଉଁଠି ସିଂହାରୂଢା ଆଉ କେଉଁଠି ଅସୁରବିମର୍ଦ୍ଦିନୀ ଏହାକୁ ଲକ୍ଷ କରି ଖ୍ରୀ.ପୂ.ପ୍ରଥମ ଶତାବ୍ଦୀରେ ମହିଷା ମର୍ଦ୍ଦିନୀର ଉନ୍ମେଷ ଘଟିଥିଲା । ବର୍ହିଭାରତୀୟ ଦେବୀଙ୍କ ମଧ୍ୟରେ ସୁମେରୀୟ 'ନିନଲିନ',ଫ୍ରିଜୀୟ ଓ ଲିଡୀୟ 'କୁବେଲି', ଆଶିରୀୟ 'ଇସ୍ତାର', ଗ୍ରୀକ୍ 'ରିୟା'ଓ 'ୟାଥିନା'ବ୍ୟାବିଲନୀୟ 'ନନା', ଏବଂ ଏବଂ ଇରଇନୀଏବଂ ପାରସିକ 'ଅନାହିତ' ରୂପେ ପରିଚିତ। ନିଜର ଭକ୍ତ ମାନଙ୍କ ଦ୍ୱାରା ସେ ମାତୃ ଦେବୀ । ପ୍ରଥମ ଶତାବ୍ଦୀ ପୂର୍ବରୁ ଏହାର ସୃଷ୍ଟି ।

ଏମାନେ ସମସ୍ତେ ସିଂହ ବାହିନୀ । ପ୍ରବାଦ ଅଛି ୟାଥିନା ଦେବାସୁର ଯୁଦ୍ଧରେ ଅସୁର ନିଧନ କରିଥିଲେ । ଏହାର ସୁବିସ୍ତୃତ ବିବରଣୀ ଗ୍ରୀକ୍ କାହାଣୀରେ ଅଛି । ଏହାର ଏକ ଖୋଦିତ ଚିତ୍ର ପାର୍ଗାମନ୍ ବା ତୁର୍କୀ ଠାରେ (ଖ୍ରୀ.ପୂ. ୨ୟ  ଶତାବ୍ଦୀ) ରହିଛି । ୟାଥିନାର ସଂଗୀ ଭାବରେ ସିଂହ ମଧ୍ୟ ଏଠାରେ ଅଛି । ଖ୍ରୀ.ପୂ. ପ୍ରଥମ ବା ଖ୍ରୀ. ୨ୟ ଶତାବ୍ଦୀ ବେଳକୁ ପଶ୍ଚିମ ଏିଆରେ ଦୁର୍ଗା ମାତୃ ଦେବୀ ରୂପରେ ପରିଚିତା ଥିଲେ । ସେହି ସମୟରେ ଉଭୟ ଭୁଖଣ୍ଡରେ ବାଣିଜ୍ୟିକ କାରବାର ମଧ୍ୟ ଚାଲିଥିଲା । ୟାଥିନାଙ୍କ ହସ୍ତରେ ଶୋଭା ପାଉଥିବା ବର୍ଚ୍ଛା ଏସିଆରେ ଦେବୀ ଦୁର୍ଗାଙ୍କର ତ୍ରିଶୂଳ । ଏହା ହୁଏତ ସାମାନ୍ୟ ବିବର୍ତ୍ତନ । ବର୍ହିଭାରତୀୟ ମାତୃଦେବୀ । ନନାଙ୍କ ସହ ଅମ୍ବା ବିଶେଷ ଭାବରେ ପରିଚିତା । ଏହା କେବଳପାରସ୍ୟ ବା ପଶ୍ଚିମ ଏସିଆ ନୁହେଁ ମଧ୍ୟ ଏସିଆରେ ମଧ୍ୟ ଜନପ୍ରିୟ ଦେବୀ ରୂପରେ ସୁପରିଚିତା। ପ୍ରାଚୀନ ପେନଜିକେଂଟଷ୍ଟ ସହରରେ ଅକ୍ଷୁର୍ଣ୍ଣ ଥିଲା । ଏହି ସହରର କାଷ୍ଠ ଫଳକରୁ ନନା ଙ୍କର ମୂର୍ତ୍ତି ବାହାରିଛି। ସେ ସିଂହାରୂଢା ।

ପେନଜିକେଂଟରୁ ଆବିଷ୍କୃତ ଚିତ୍ରରେ ନନା ଅଶ୍ୱାରୂଢା । ସେହି ନଗରୀରେ ସେ ଅଧିଷ୍ଠାତ୍ରୀ ଦେବୀ ରୂପେ ପରିଚିତା । ଶିବ ଲିଙ୍ଗ ଚିତ୍ରରୁ ସ୍ପଷ୍ଟ ଜଣା ପଡେ ଦୁର୍ଗା ଦେବୀ ଶିବ ସହିତ ପୂଜା ପାଉଥିଲେ । ପେନଜିକେଂଟ ସହରରେ ଏହାର ଚିତ୍ର ଅବଲୋକନ କଲେ ଯେକୌଣସି ଗବେଷକ ମହାମାୟୀ ଦୁର୍ଗାଙ୍କ ସଂପର୍କରେ ସବିଶେଷ ତଥ୍ୟ ଜାଣି ପାରିବେ ।

ଭାରତୀୟ ମହିଷା ମର୍ଦ୍ଦିନୀ ପେନ୍‌ଜିକେଂଟ ସହ ପ୍ରାୟ ତୁଳନୀୟା । ଅସୁର ସହିତ ଏକ ଡ୍ରାଗନ ଆକୃତି

ମେଳ ଖାଉଛି । ଦେବୀ ପଶୁଙ୍କୁ ବିମର୍ଦ୍ଦନ କଲାବେଳେ ଏକ ଦାନବ ବା ଡ୍ରାଗନକୁ ସେ ବଦ୍ଧ କରୁଛନ୍ତି । ଶିଳ୍ପୀଙ୍କର ଯେଉଁ ଦୁଇଟି ରୂପ ତନ୍ମଧ୍ୟରେ ଗୋଟିଏ ମହିଷାର ବିନାଶ ଅନ୍ୟଟି ମହିଷାସୁର ବଧ । ମଧ୍ୟ ଏସିଆରେ ଏହାର ବହୁଳ ଦୃଷ୍ଟାନ୍ତ ଦେଖିବାକୁ ମିଳେ । ସୋଭିଏତ ମଧ୍ୟ ଏସିଆର ପେନ୍‌ଜିକେଂଟ ଅଂଚଳରେ ପ୍ରାୟ ୫ମ ଓ ୬ଷ୍ଠ ଶତକରୁ ଏହି ପୂଜା ପ୍ରଚଳିତ ହୋଇ ଆସୁଛି ।

ମଧ୍ୟ ଏସିଆର ଦକ୍ଷିଣରେ ଅକ୍‌ସାସ୍ ବା ଆମୁଦରିଆ । ତାହାର ଦକ୍ଷିଣକୁ ହିନ୍ଦୁକୁଶ ପର୍ବତ ଅବସ୍ଥିତ । ଏହାର ଉତ୍ତର ପଶ୍ଚିମରେ ପୂର୍ବେ ବାହ୍ଲିକ ଦେଶ ଥିଲା ।ଏଠାରେ ଶିବ ଧର୍ମର ପ୍ରଚାର ଓ ପ୍ରସାର ଘଟିଥିଲା । ବାଲଖ ସହରର ୪୦ କି.ମି. ଦୂରରେ ଉତ୍ତର ପଶ୍ଚିମରେଉଦେଲବାରଜିନ୍ । କୁଶାଣ ଯୁଗରେ ମନ୍ଦିର ଗାତ୍ରରେ ମହିଷା ମର୍ଦ୍ଦିନୀ ଚିତ୍ର ଦେଖିବାକୁ ମିଳେ ।

ସେହିପରି ବାହ୍ଲିକ ଓ ହିନ୍ଦୁକୁଶ ପର୍ବତର ଦକ୍ଷିଣ ପୂର୍ବରେ ପ୍ରାଚୀନ କାଳରେ ଶୈବ ଧର୍ମର ପ୍ରଚାର ପ୍ରସାର ହୋଇଥିଲା । ଗବେଷକ ମାନଙ୍କ ମତରେ ଆଫଗାନସ୍ଥାନ ଅଂଚଳରେ ଏକ ଅଂଚଳ ଅଛି ତାହାର ନାମ ଗର୍ଦ୍ଦେଜ । ୮ମ ବା ୯ମ ଶତାବ୍ଦୀରେ ଏଠାରୁ ମଧ୍ୟ ଏକ ମୂର୍ତ୍ତି ଆବିଷ୍କୃତ ହୋଇଅଛି । ସେଠାରେ ସ୍କରେତି ମାର୍ବଲ ନାମରେ ମହିଷାସୁରମର୍ଦ୍ଦିନୀଙ୍କର ଆଉ ଏକ ମୂର୍ତ୍ତି ଆବିଷ୍କୃତ ହୋଇଛି । ଆଫଗାନୀସ୍ଥାନ ଅଂଚଳରୁ ମହିଷାସୁର ମର୍ଦ୍ଦିନୀ ମୂର୍ତ୍ତିରୁ ୮ମ ଶତାବ୍ଦୀରେ ଏକ ମୂର୍ତ୍ତି ଆବିଷ୍କୃତ । ସେହି ସହରର ନାମ ଟାପାସର୍ଦ୍ଦାର । ମହିଷର ଅର୍ଦ୍ଧ ଶରୀର ସହିତ ଛିନ୍ନ ମସ୍ତକ ଓ ଅସୁରର ଦୁଇଟି ପାଦ ପରିଲକ୍ଷିତ ହୁଏ । ସେଠାରେ ଥିବା ବୌଦ୍ଧ ମନ୍ଦିର ପାଖରେ ଦେବୀଙ୍କ ମୂର୍ତ୍ତି ଦେଖା ଯାଉଥିବାରୁ ମହିଷାମର୍ଦ୍ଦିନୀ ବୌଦ୍ଧ ମାନଙ୍କର ଉପାସ୍ୟ ଦେବତା ।

ଆଫଗାନିସ୍ଥାନ ଓ ମଧ୍ୟ ଏସିଆ ଦେଇ ଦେବୀଙ୍କ ପ୍ରଚାର ପ୍ରସାର ମଧ୍ୟ ଏସିଆ ପର୍ଯ୍ୟନ୍ତ ପ୍ରସାରିତ ହୋଇଥିଲା । ଗବେଷକ ମାନଙ୍କ ମତାନୁସାରେ ପ୍ରାଚୀନ ପେନ୍‌ଜିକେଂଟ ଅଂଚଳରେ ଭାରତୀୟ ସଂସ୍କୃତି ବିକାଶ ଲାଭ କରିଥିଲା । ଦେବୀଙ୍କ ଶାଢ଼ୀ ଭାରତୀୟ ଅଥବା ମଧ୍ୟଏସିଆ ବାସୀଙ୍କର ବୋଲି ଅନୁମାନ କରିହୁଏ ।

କିନ୍ତୁ ଭାରତୀୟ ଶକ୍ତି ପରଂପରାରେ ଚାମୁଣ୍ଡା ଏକ ଅଭୂତପୂର୍ବ ପରିକଳ୍ପନା । ଏହା କେଉଁଠି କିପରି ଆସିଲା ତାହା ଅବଶ୍ୟ ଗବେଷଣା ଯୋଗ୍ୟ । ପୌରାଣିକ ପରଂପରାରେ ଶିବଙ୍କୁ ବୈଦିକ ଦୃଷ୍ଟି ଭଙ୍ଗୀରେ ରୁଦ୍ର କହନ୍ତି ସେ ଅବଶ୍ୟ ଭୟଙ୍କର ଦେବତା । କିନ୍ତୁ ପାର୍ବତୀ ନୁହଁନ୍ତି । ଭୈରବ ତାଙ୍କର କ୍ରୋଧାନ୍ୱିତ ରୂପ । ସୁତରାଂ ଶକ୍ତି ଭୈରବୀ ଭୟଙ୍କର ରୂପର ଅଧିକାରିଣୀ । ଭେରବୀ ଚାମୁଣ୍ଡାର ନାମାନ୍ତର ବୋଲି କେତେକ ମତ ଦିଅନ୍ତି । ବାମନ ପୁରାଣାନୁସାରେ ଶିବ ଅନ୍ଧକାସୁରକୁ ବଦ୍ଧ କରିଥିଲେ । ଅସୁରର ରକ୍ତ ଓ ସ୍ୱେଦ ଚର୍ଚ୍ଚିତ ହୋଇ ଚର୍ଚ୍ଚିକା ନାମ କରଣ ହେଲା । ରକ୍ତବୀର୍ଯ୍ୟ ଅସୁରର ରକ୍ତ ପାନ କରିବାରୁ ଦେବୀ ଅନାୟାସରେ ଅସୁରକୁ ବିନାଶ କରିଥିଲେ । ସେଥିପଇଁ ଦେବୀଙ୍କ ହସ୍ତରେ ଛିନ୍ନ ମସ୍ତିଷ୍କ କଟା ମୁଣ୍ଡ ଅଛି । ଏହି ପରଂପରା ମଧ୍ୟ ଏସିଆର କୌଣସି ସ୍ଥାନରେ ଦେଖା ନଗଲେ ମଧ୍ୟ ଭାରତରେ ପରିଦୃଷ୍ଟ ହୁଏ । ଭାରତୀୟ ପୁରାଣ ଶାସ୍ତ୍ରରେ କିଛିଟା ଭିନ୍ନ ଦେଖାଯାଏ । ଯାହାକି ପେନଜିକେଂଟ ସହରଠାରୁ ଭିନ୍ନ ।

ଭାରତୀୟ ପୁରାଣ ଶାସ୍ତ୍ରରେ ମାତୃଗଣ କହିଲେ ଆମେ ସାଧାରଣତଃ ବ୍ରାହ୍ମୀ, ମାହେଶ୍ୱରୀ, ଇନ୍ଦ୍ରାଣୀ, ବରାହୀ, ବୈଷ୍ଣବୀ, ନାରସିଂହୀ, କୌମାରୀ, ଚାମୁଣ୍ଡା, ପ୍ରେତସଂସ୍ଥା, ଶିବଦୂତୀ, ଲକ୍ଷ୍ମୀ ଓ ଈଶ୍ୱରୀ କୁବୁଝିଥାଉ । ଅଗ୍ନିପୁରାଣର ତିନିଗୋଟି ସ୍ଥାନରେ ଚାମୁଣ୍ଡାଙ୍କ ନବନାମ ଓ ତାଙ୍କ ରୂପ ମାମ ଦେଖିବାକୁ ମିଳେ । ତନ୍ମଧ୍ୟରେ ରୁଦ୍ର ଚର୍ଚ୍ଚିକା, ରୁଦ୍ର ଚାମୁଣ୍ଡା, ମହାଲକ୍ଷ୍ମୀ, ସିଦ୍ଧ ଚାମୁଣ୍ଡା, ସିଦ୍ଧ ଯୋଗେଶ୍ୱରୀ ରୂପ ବିଦ୍ୟା, କସ୍ ମା,ଦନ୍ତୁରା ଓ କୁବିଜିକା । ସଂଭବତଃ ଗୁପ୍ତ ରାଜବଂଶ ରାଜତ୍ୱ ସମୟରେ ଶକ୍ତିବାଦ ଉପରେ ଆଲୋଚନା କରାଯାଉଥିଲା ।

ଯାହା ମାର୍କଣ୍ଡେୟ ପୁରାଣରେଅଛି ।ପପ ପୁରାଣରେ ବର୍ଣ୍ଣନା କରାଯାଇଛି । କିନ୍ତୁ ପ୍ରାଗ୍ ଐତିହାସିକ ଯୁଗରୁ ମଙ୍ଗଳ ଓ ଅମଙ୍ଗ୍ଳ କାରିଣୀ ଦେବୀ ଭାବରେ ଦେବୀ ପୂଜା ପ୍ରଚଳିତ ଥିଲା । ମଥୁରାରୁ ପ୍ରାପ୍ତ ଏକ ନାରୀ ମୂର୍ତ୍ତି କୁଶାଣ କାଳର ବୋଲି କୁହାଯାଉଛି । ଗୁପଦ୍‌ତ ଯୁଗର ମାାତୃକା ଓ ଚାମୁଣ୍ଡା ମୂର୍ତ୍ତି ଉତ୍ତର ଭାରତର ବିଭିନ୍ନ ସ୍ଥାନ ଓ ସଂଗ୍ରହାଳୟରେ ରହିଛି ।ଏଥିରେ ଚାମୁଣ୍ଡାଙ୍କ ଚିତ୍ର ସୁସ୍ପଷ୍ଟ ।

ରୁଦ୍ର ଚର୍ଚ୍ଚିକା ଷଡଭୂଜାରେ ଦୁଇ ହସ୍ତରେ ହସ୍ତୀ ଚର୍ମ ଧାରଣ କରିଛନ୍ତି ।କିନ୍ତୁ ରୁଦ୍ର ଚାମୁଣ୍ଡା ଅଷ୍ଟଭୂଜା ।ସେ ନରମୁଣ୍ଡ ଓ ଡମ୍ବରୁ ଧାରଣ କରିଛନ୍ତି । ମହାଲକ୍ଷ୍ମୀ ଚତୁର୍ମୁଖୀ ଓ ଅଷ୍ଟଭୂଜା । ସିଦ୍ଧ ଚାମୁଣ୍ଡା ଦଶ ଭୂଜା । ଦକ୍ଷିଣ ହସ୍ତରେ ଆୟୁଧ, ଶୂଳ, ଖଡ୍ ଗ, ଖଟ୍ୱାଙ୍ଗ ଓ ଅସ୍ଥିଖଣ୍ଡ ଧାରଣ କରିଛନ୍ତି ।ବାମ ହସ୍ତରେ ଢାଲ, ଘଂଟା, ତ୍ରିଶୂଳ, ଗଦା ସହିତ ଦୁଇ ହସ୍ତରେ ହସ୍ତୀ ଚମଡା ଉତ୍ତୋଳିତ । ସିଦ୍ଧେଯାଗେଶ୍ୱରୀ ଓ ରୂପବିଦ୍ୟା ଉଭୟ ଦ୍ୱାଦଶ ଭୂଜା ।ସିଦ୍ଧ ଯୋଗେଶ୍ୱରୀ ଯୋଗମୁଦ୍ରାରେ ଥିବା ବେଳେ ରୂପବିଦ୍ୟା ଦଣ୍ଡାୟମାନ ଅବସ୍ଥାରେ ରହନ୍ତି । କସ୍ ମାଦେବୀ ଦ୍ୱିଭୂଜା ଓ ବୃଦ୍ଧା । କିନ୍ତୁ ହାତରେ କୌଣସି ଆୟୁଧ ଧାରଣ କରିନାହାଁନ୍ତି । ଦନ୍ତୁରା ଅତ୍ୟନ୍ତ ବୃଦ୍ଧା ଆଣ୍ଠୁ ଉପରେ ହସ୍ତ ଦେଇ ପାଦରେ ବସିଥିବା ଦେଖିବାକୁ ମିଳେ । ମାତୃକା ଶବ୍ଦଟି ସ୍କନ୍ଦଙ୍କ ସହ ଯୁକ୍ତ । ଏହି ଶବ୍ଦ ଦ୍ରାବିଡ଼ ଅଥବା ଯୁଦ୍ଧର ଦେବତାକୁ ବୁଝାଏ । ସୁତରାଂ ଆଦିମ ସମାଜ ମାତୃକୈନ୍ଦ୍ରିକ ପରିବାର ସହ ଅଙ୍ଗାଙ୍ଗୀ ଭାବେ ଜଡିତ ଏହାକୁ କୌଣସି ସମୟରେ ଅସ୍ୱୀକାର କରିହେବନାହିଁ । କା ପ୍ରତ୍ୟୟ ଯୁକ୍ତା ଦେବୀ ମାନେ ଭାରତରେ ବିଭିନ୍ନ ପ୍ରାନ୍ତରରେ ପୂଜା ପାଇ ଆସୁ ଅଛନ୍ତି । ତାହା ଅମ୍ବିକା,ଚଣ୍ଡିକା,ଚର୍ଚ୍ଚିକା,କାଳିକା ପ୍ରଭୃତି ନାମ ଧାରୀ ମାତୃଦେବୀ । ମାତୃକାଶବ୍ଦ ମା ତୃକାରୁ ନିଷ୍ପନ୍ନ । ଅକ୍ କା ଶବ୍ଦ ୟୁରୋପୀୟ ଭାଷାରେ ମାତୃକ । ଏହାର ଅର୍ଥ ଭଉଣୀ ପ୍ରକାରାନ୍ତରେ ଏହା ବୟସ୍କା ନାରୀକୁ ବୁଝାଏ । ତେଲଗୁ ଓ କନଡ ଭାଷାରେ ଏହାର ଅର୍ଥ ବଡଭଉଣୀ ।ତାମିଲରେ ଅକ୍‌କେଇ ଏହାର ଅର୍ଥ ମଧ୍ୟ ବଡ ଭଉଣୀ ।ସିବିଆନ ଗୋଷ୍ଠୀ ମଧ୍ୟରେ ଏହା ପରିଗଣିତା ।ସଂସ୍କୃତର ଅମ୍ବା ଶବ୍ଦ ପରି ମାତୃକା ଶବଦ ଭିନ୍ନଅର୍ଥରେ ବ୍ୟବହୃତା । ସର୍ବ ପ୍ରାଚୀନ ମାତୃକୈନ୍ଦ୍ରିକ ପରିବାରରୁ ଉଦ୍ଭବ ଶବ୍ଦ କାଳ କ୍ରମେ ଦେବୀଙ୍କର ବିଭିନ୍ନ ନାମକୁ ପ୍ରତିପାଦନ କରୁଛି । କାଳିକା ଶବ୍ଦଟି ପ୍ରାଚୀନ ଶବ୍ଦ ବୈଭବରୁ ଆନୀତ । ଐଶ୍ୱରିକ ସତ୍ତାଭାବେ ମନୁଷ୍ୟ ଏହାର ପୂଜକ । ସେଥିପାଇଁ ଆମ ସଂସ୍କୃତିରେ ମାତୃକା ପରି କାଳିକା ଶବ୍ଦ ଅଲୌକିକ ସତ୍ତାର ନିଦ୍ଦର୍ଶନ । ବ୍ରହ୍ମା,ବିଷ୍ଣୁ ଓ ମହେଶ୍ୱରଙ୍କ ପ୍ରତିଷ୍ଠା ପୂର୍ବରୁ ଭାରତର ବିଭିନ୍ନ ଅଂଚଳରେ ଦ୍ରାବିଡ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ହୋଇଥିଲା । ହରପ୍‌ପା ସଭ୍ୟତାହିଁ ମାତୃପୂଜାର ସ୍ମୃତି ବହନ କରେ ।ବିଭିନ୍ନ ସମୟରେ ଏହାର ପ୍ରତିଷ୍ଠା ଆଂଚଳିକ ସ୍ତରରେ ହୋଇଥିଲା ଆଉ କେତେବେଳେ ଉପସାଂସ୍କୃତିକ ଧାରା ଭାବେ ବ୍ରାହ୍ମଣ ଧର୍ମ ସହ ମିଶ ଗତି କରିଥିଲା । ମହାଭାରତ ସମୟରେ ବହୁ ଦେବୀ ହିନ୍ଦୁ ପୁରାଣରେ ତଥା ସାହିତ୍ୟ ପରମ୍ପରାରେ ମାତୃକା ରୂପେ ପୂଜିତା । ସରସ୍ୱତୀ ଏକ ନଦୀ କିନ୍ତୁ ସମୟକ୍ରମେ ସେ ବୀଣାଧାରୀ ବିଦ୍ୟାଦାତ୍ରୀ ।ଲକ୍ଷ୍ମୀ ବୃକ୍ଷ ଜଗତ ପାଇଁ ଅଲୌକିକ ସଂଜୀବନୀ କିନ୍ତୁ ପରେ ପରେ ସେ ଧନସୌଭାଗ୍ୟଶାଳିନୀ ମଙ୍ଗଳମୟୀ ଦେବୀ । ପାର୍ବତୀ ହିମାଳୟ ପର୍ବତ ସହ ସଂପୃକ୍ତ କିନ୍ତୁ ପର୍ବତର କନ୍ୟା ପାର୍ବତୀ ଶିବଙ୍କ ସହଧର୍ମିଣୀ । ଏମାନେ ସମସ୍ତେ ଆଦିମପ୍ରସ୍ତର ପୂଜାର ସଂକେତ ବହନ କରିଥିଲେ ମଧ୍ୟ କାଳକ୍ରମେ ଆମ ଦର୍ଶନ ଶାସ୍ତ୍ରରେ ଭିନ୍ନ ରୂପରେ ପ୍ରତୀୟମାନା । ସେମାନେ କିନ୍ତୁ ଭକ୍ତଙ୍କ ପାଇଁ ମାତୃଶକ୍ତିର ରୂପାନ୍ତର ମାତ୍ର । ପୁରାଣ ମତ ଅନୁସାରେ ଶିବ ଅନ୍ଧକାସୁର ସହିତ ଯୁଦ୍ଧ କରି ବିନାଶ କରିଥିଲେ । ତାର ଶରୀରରୁ ସ୍ୱେଦ ଓ ରକ୍ତ ଚର୍ଚ୍ଚିତ ହେଲା ।ତେଣୁ ଦେବୀଙ୍କ ନାମ ଚର୍ଚ୍ଚିକା ରହିଲା । ମାତୃ ମୂର୍ତ୍ତି ଚାମୁଣ୍ଡା ଶକ୍ତିପରମ୍ପରାର ବିଲକ୍ଷଣ ପରିକଳ୍ପନା । ଅଗ୍ନିପୁରାଣରେ ତାଙ୍କର ନବ ନାମ ।ରୁଦ୍ର ଚର୍ଚ୍ଚିକା ଠାରୁ ଆରମ୍ଭ କରି ରୁଦ୍ର ଚାମୁଣ୍ଡା,ମହାଲକ୍ଷ୍ମୀ,ସିଦ୍ଧ ଚାମୁଣ୍ଡା,ସିଦ୍ଧ

ଯୋଗେଶ୍ୱରୀରୂପ ବିଦ୍ୟା,କସ୍ ମା,ଦନ୍ତୁରା ଓ କୁବୁଜିକା। ସେମାନେ କିନ୍ତୁ ମାତୃକା । ମଥୁରା ନିକଟରୁ ପ୍ରାପ୍ତ ଓ ସ୍ଥାନୀୟ ସଂଗ୍ରହାଳୟରେ ସଂରକ୍ଷିତ କୁଶାଣ କାଳୀନ କୃତିରେ ସପ୍ତ ମାତୃକା ବିଦ୍ୟମାନ। । ଗୁପ୍ତ ଯୁଗର ଅନେକ ମାତୃକା ଉତ୍ତର ଭାରତରେ ବିଭିନ୍ନ ସ୍ଥାନରେ ସଂଗ୍ରହାଳୟରେ ଅଛି । ଓଡିଶାର ଭିଲ୍ଲିଗ୍ରାମ(କଟକ) ଓ ବାଣପୁର, ମଧ୍ୟପ୍ରଦେଶର ପୂଜାରିପାଲ୍ଲିର ସପ୍ତ ମାତୃକା, ଉତ୍ତର ପଦେଶର ଭାଗୁରା ଏବଂମଧ୍ୟପ୍ରଦେଶର ହିଙ୍ଗଲରାଜଗଡ ମାତୃକା ଆଜି ମାତୃଶକ୍ତିର ମହନୀୟତା ପ୍ରତିପାଦନ କରୁଛି ଓ ଦେବୀଙ୍କର ପ୍ରଶସ୍ତି ଗାନ କରୁଛି । ପୃଥିବୀର ବହୁ ପ୍ରାଚୀନ ଦେଶ ଏ ଯାବତ୍ ଏକ ଧାର୍ମିକ ପରମ୍ପରାରେ ଦେବୀ ପୂଜା ବା ମାତୃକା ପୂଜାକୁ ଆଦରି ନେଇ ସାମାଜିକ ବ୍ୟବସ୍ଥା ମଧ୍ୟରେ ରହସ୍ୟବାଦର ପୃଷ୍ଠାକୁ ଗୋଟି ଗୋଟି କରି ଓଲଟାଛନ୍ତି ସେମାନଙ୍କ ମଧ୍ୟରେ ଭାରତ ଏସିଆ ମହାଦେଶର ଅନ୍ୟତମ ଅଗ୍ରଣୀ ଦେଶ ଭାବେ ସୁପରିଚିତ । ତନ୍ମଧ୍ୟରେ ଓଡିଆ ଓ ବଙ୍ଗାଳୀ ଦୁଇଟି ପୂର୍ବ ଭାରତୀୟ ଜାତି ଆର୍ଯ୍ୟ ଭାରତର ଧାର୍ମିକ ଓ ସାମାଜିକ ପନ୍ଥାର ଅନୁଗାମୀ । ପାରମ୍ପରିକ ଭାବରେ ସାଂସ୍କୃତିକ ପର୍ବ ଦୁର୍ଗା ପୂଜା ଓ ଦଶହରା ମାତୃ ପ୍ରୀତି ଆଳରେ ପ୍ରାଚୀନତମ ମାତୃ କୈନ୍ଦ୍ରିକ ଦିଗର ଆଲୋକ ବର୍ତ୍ତିକା ହୋଇ ରହିଛି ।ଅନେକ ସମୟରେ ଆମେ ଆର୍ଯ୍ୟ ବୋଲି ଯେତକ ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି ସେହି ଭାବରେ କାର୍ଯ୍ୟସଂପନ୍ନ କରି ହେଉନାହିଁ ।ବହୁ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଆମେ ବାସ୍ତବ କଥାକୁ ଭୁଲି ଯାଉଛନ୍ତି ଏହା କିନ୍ତୁ ଉତ୍କଳୀୟ ପରଂପରାର ଆଙ୍ଗିକ ଓ ଆତ୍ମିକର ପରିଚୟ ନୁହେଁ । ଆସ,ପୁଣି ଥରେ ଆମେ ଆସୁରିକ ଭାବନାକୁ ବିନାଶ କରି ସଂସାରର ମହିଷାସୁରଙ୍କୁ ଦୁର୍ଗାଙ୍କ ଦ୍ୱାରା ବଦ୍ଧ କରାଇବା ଏବଂ ପବିତ୍ର ତିଥି ଦଶହରାରେ ଶାନ୍ତି,ପ୍ରୀତି ଓ ମୈତ୍ରୀର ଧ୍ୱଜା ଉଡ଼ାଇ ମା'ଙ୍କର ଶରଣାପନ୍ନ ହେବା, ଏବଂ ଆମ ମୁଖରେ ପୁଣି ଥରେ ସେହି ପଂକ୍ତିଟି ଉଚ୍ଚାରିତ ହେବ । ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା ।"

ଭାରତର ବିଭିନ୍ନ ସ୍ଥାନରେ ଚାମୁଣ୍ଡା ଭିନ୍ନ ପ୍ରକାର।

ଭାରତୀୟ ମାତୃମୂର୍ତ୍ତି ବାତ୍ସଲ୍ୟ ଓ କରୁଣାରେ ପରିପୂର୍ଣ୍ଣା କିନ୍ତୁ ଚାମୁଣ୍ଡା ଅତି ଭୟଙ୍କର । ଶିଳ୍ପୀରକଳା କୁଶଳ ହେଉ ଅଥବା ଅନ୍ୟ କେଉଁ କାରଣ ହେଉ ଏସିଆର ମହିଷାମର୍ଦ୍ଦିନୀ ଦୁର୍ଗା ଭାରତୀୟ ଶାସ୍ତ୍ର ପରଂପରାର ସାମାନ୍ୟ ବ୍ୟତିକ୍ରମ ଦେଖାଏ । ଭିନ୍ନ ଭିନ୍ନ ଦୃଷ୍ଟିରେ ଉପାସନା ପରଂପରାରେ ଦେବୀ ଦୁର୍ଗାଙ୍କୁ ଆରାଧନା କଲେ ମଧ୍ୟ ବିନ୍ଧ୍ୟ ପର୍ବତଠାରୁ ଆରମ୍ଭ କରି ଜାଭା ଦ୍ୱୀପ ପର୍ଯ୍ୟନ୍ତ ଅଥବା ସମଗ୍ର ଏସିଆ ମହାଦେଶରେ ସେ ବିଭିନ୍ନ ନାମରେ ନାମିତା ଏବଂ ତନ୍ତୋକ୍ତ ଶକ୍ତିବାଦର ଯଥେଷ୍ଟ ପ୍ରଭାବ ଦୁର୍ଗାଙ୍କ ଉପରେ ରହିଛି ଏହାକୁ ଅସ୍ୱୀକାର କରିହେବ ନାହିଁ । ବହୁ ପୁରାତନ ସତ୍ୟବାଦୀ ଓ ଝଙ୍କାରର ଛିନ୍ନ ପୃଷ୍ଠାରୁ ନିଜସ୍ୱ ଉପସ୍ଥାପନାରେ ଗବେଷଣା ଲବ୍ଧ )

ମାତୃକା ଶବ୍ଦଟି ସ୍କନ୍ଦଙ୍କ ସହ ଯୁକ୍ତ ।ଏହି ଶବ୍ଦ ଦ୍ରାବିଡ଼ ଅଥବା ଯୁଦ୍ଧର ଦେବତାକୁ ବୁଝାଏ । ସୁତରାଂ ଆଦିମ ସମାଜ ମାତୃକୈନ୍ଦ୍ରିକ ପରିବାର ସହ ଅଙ୍ଗାଙ୍ଗୀ ଭାବେ ଜଡିତ ଏହାକୁ କୌଣସି ସମୟରେ ଅସ୍ୱୀକାର କରିହେବନାହିଁ । କା ପ୍ରତ୍ୟୟ ଯୁକ୍ତା ଦେବୀ ମାନେ ଭାରତରେ ବିଭିନ୍ନ ପ୍ରାନ୍ତରରେ ପୂଜା ପାଇ ଆସୁ ଅଛନ୍ତି । ତାହା ଅମ୍ବିକା,ଚଣ୍ଡିକା,ଚର୍ଚ୍ଚିକା,କାଳିକା ପ୍ରଭୃତି ନାମ ଧାରୀ ମାତୃଦେବୀ । ମାତୃକାଶବ୍ଦ ମା ତୃକାରୁ ନିଷ୍ପନ୍ନ । ଅକ୍ କା ଶବ୍ଦ ୟୁରୋପୀୟ ଭାଷାରେ ମାତୃକା। ଏହାର ଅର୍ଥ ଭଉଣୀ ପ୍ରକାରାନ୍ତରେ ଏହା ବୟସ୍କା ନାରୀକୁ ବୁଝାଏ । ତେଲଗୁ ଓ କନଡ ଭାଷାରେ ଏହାର ଅର୍ଥ ବଡଭଉଣୀ ।ତାମିଲରେ ଅକ୍‌କେଇ ଏହାର ଅର୍ଥ ମଧ୍ୟ ବଡ ଭଉଣୀ ।ସିବିଆନ ଗୋଷ୍ଠୀ ମଧ୍ୟରେ ଏହା ପରିଗଣିତା ।ସଂସ୍କୃତର ଅମ୍ବା ଶବ୍ଦ ପରି ମାତୃକା ଶବଦ ଭିନ୍ନଅର୍ଥରେ ବ୍ୟବହୃତା । ସର୍ବ ପ୍ରାଚୀନ ମାତୃକୈନ୍ଦ୍ରିକ ପରିବାରରୁ ଉଦ୍ଭବ ଶବ୍ଦ କାଳ କ୍ରମେ ଦେବୀଙ୍କର ବିଭିନ୍ନ ନାମକୁ ପ୍ରତିପାଦନ କରୁଛି । କାଳିକା ଶବ୍ଦଟି ପ୍ରାଚୀନ ଶବ୍ଦ ବୈଭବରୁ ଆନୀତ। ଐଶ୍ୱରିକ ସତ୍ତାଭାବେ ମନୁଷ୍ୟ ଏହାର ପୂଜକ । ସେଥିପାଇଁ ଆମ ସଂସ୍କୃତିରେ ମାତୃକା ପରି କାଳିକା ଶବ୍ଦ ଅଲୌକିକ ସତ୍ତାର ନିଦ୍ଦର୍ଶନ । ବ୍ରହ୍ମା,ବିଷ୍ଣୁ ଓ ମହେଶ୍ୱରଙ୍କ ପ୍ରତିଷ୍ଠା ପୂର୍ବରୁ ଭାରତର ବିଭିନ୍ନ ଅଂଚଳରେ ଦ୍ରାବିଡ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ହୋଇଥିଲା । ହରପ୍ପା ସଭ୍ୟତାହିଁ ମାତୃପୂଜାର ସ୍ମୃତି ବହନ କରେ ।ବିଭିନ୍ନ ସମୟରେ ଏହାର ପ୍ରତିଷ୍ଠା ଆଂଚଳିକ ସ୍ତରରେ ହୋଇଥିଲା ଆଉ କେତେବେଳେ ଉପସାଂସ୍କୃତିକ ଧାରା ଭାବେ ବ୍ରାହ୍ମଣ ଧର୍ମ ସହ ମିଶ ଗତି କରିଥିଲା । ମହାଭାରତ ସମୟରେ ବହୁ ଦେବୀ ହିନ୍ଦୁ ପୁରାଣରେ ତଥା ସାହିତ୍ୟ ପରମ୍ପରାରେ ମାତୃକା ରୂପେ ପୂଜିତା । ସରସ୍ୱତୀ ଏକ ନଦୀ କିନ୍ତୁ ସମୟକ୍ରମେ ସେ ବୀଣାଧାରୀ ବିଦ୍ୟାଦାତ୍ରୀ ।ଲକ୍ଷ୍ମୀ ବୃକ୍ଷ ଜଗତ ପାଇଁ ଅଲୌକିକ ସଂଜୀବନୀ କିନ୍ତୁ ପରେ ପରେ ସେ ଧନସୌଭାଗ୍ୟଶାଳିନୀ ମଙ୍ଗଳମୟୀ ଦେବୀ । ପାର୍ବତୀ ହିମାଳୟ ପର୍ବତ ସହ ସଂପୃକ୍ତ କିନ୍ତୁ ପର୍ବତର କନ୍ୟା ପାର୍ବତୀ ଶିବଙ୍କ ସହଧର୍ମିଣୀ ।

ଏମାନେ ସମସ୍ତେ ଆଦିମପ୍ରସ୍ତର ପୂଜାର ସଂକେତ ବହନ କରିଥିଲେ ମଧ୍ୟ କାଳକ୍ରମେ ଆମ ଦର୍ଶନ ଶାସ୍ତ୍ରରେ ଭିନ୍ନ ରୂପରେ ପ୍ରତୀୟମାନ। । ସେମାନେ କିନ୍ତୁ ଭକ୍ତଙ୍କ ପାଇଁ ମାତୃଶକ୍ତିର ରୂପାନ୍ତର ମାତ୍ର । ପୁରାଣ ମତ ଅନୁସାରେ ଶିବ ଅନ୍ଧକାସୁର ସହିତ ଯୁଦ୍ଧ କରି ବିନାଶ କରିଥିଲେ । ତାର ଶରୀରରୁ ସ୍ୱେଦ ଓ ରକ୍ତ ଚର୍ଚ୍ଚିତ ହେଲା ।ତେଣୁ ଦେବୀଙ୍କ ନାମ ଚର୍ଚ୍ଚିକା ରହିଲା । ମାତୃ ମୂର୍ତ୍ତି ଚାମୁଣ୍ଡା ଶକ୍ତିପରମ୍ପରାର ବିଲକ୍ଷଣ ପରିକଳ୍ପନା । ଅଗ୍ନିପୁରାଣରେ ତାଙ୍କର ନବ ନାମ ।ରୁଦ୍ର ଚର୍ଚ୍ଚିକା ଠାରୁ ଆରମ୍ଭ କରି ରୁଦ୍ର ଚାମୁଣ୍ଡା,ମହାଲକ୍ଷ୍ମୀ,ସିଦ୍ଧ ଚାମୁଣ୍ଡା,ସିଦ୍ଧ ଯୋଗେଶ୍ୱରୀରୂପ ବିଦ୍ୟା,କସ୍ ମା,ଦନ୍ତୁରା ଓ କୁବୁଜିକା। ସେମାନେ କିନ୍ତୁ ମାତୃକା । ମଥୁରା ନିକଟରୁ ପ୍ରାପ୍ତ ଓ ସ୍ଥାନୀୟ ସଂଗ୍ରହାଳୟରେ ସଂରକ୍ଷିତ କୁଶାଣ କାଳୀନ କୃତିରେ ସପ୍ତ ମାତୃକା ବିଦ୍ୟମାନ। । ଗୁପ୍ତ ଯୁଗର ଅନେକ ମାତୃକା ଉତ୍ତର ଭାରତରେ ବିଭିନ୍ନ ସ୍ଥାନରେ ସଂଗ୍ରହାଳୟରେ ଅଛି । ଓଡିଶାର ଭିଲ୍ଲିଗ୍ରାମ(କଟକ) ଓ ବାଣପୁର, ମଧ୍ୟପ୍ରଦେଶର ପୂଜାରିପାଲ୍ଲିର ସପ୍ତ ମାତୃକା, ଉତ୍ତର ପଦେଶର ଭାଗୁରା ଏବଂମଧ୍ୟପ୍ରଦେଶର ହିଙ୍ଗଲରାଜଗଡ ମାତୃକା ଆଜି ମାତୃଶକ୍ତିର ମହନୀୟତା ପ୍ରତିପାଦନ କରୁଛି ଓ ଦେବୀଙ୍କର ପ୍ରଶସ୍ତି ଗାନ କରୁଛି ।

ପୃଥିବୀର ବହୁ ପ୍ରାଚୀନ ଦେଶ ଏ ଯାବତ୍ ଏକ ଧାର୍ମିକ ପରମ୍ପରାରେ ଦେବୀ ପୂଜା ବା ମାତୃକା ପୂଜାକୁ ଆଦରି ନେଇ ସାମାଜିକ ବ୍ୟବସ୍ଥା ମଧ୍ୟରେ ରହସ୍ୟବାଦର ପୃଷ୍ଠାକୁ ଗୋଟି ଗୋଟି କରି ଓଲଟାଛନ୍ତି ସେମାନଙ୍କ ମଧ୍ୟରେ ଭାରତ ଏସିଆ ମହାଦେଶର ଅନ୍ୟତମ ଅଗ୍ରଣୀ ଦେଶ ଭାବେ ସୁପରିଚିତ । ତନ୍ମଧ୍ୟରେ ଓଡିଆ ଓ ବଙ୍ଗାଳୀ ଦୁଇଟି ପୂର୍ବ ଭାରତୀୟ ଜାତି ଆର୍ଯ୍ୟ ଭାରତର ଧାର୍ମିକ ଓ ସାମାଜିକ ପନ୍ଥାର ଅନୁଗାମୀ । ପାରମ୍ପରିକ ଭାବରେ ସାଂସ୍କୃତିକ ପର୍ବ ଦୁର୍ଗା ପୂଜା ଓ ଦଶହରା ମାତୃ ପ୍ରୀତି ଆଳରେ ପ୍ରାଚୀନତମ ମାତୃ କୈନ୍ଦ୍ରିକ ଦିଗର ଆଲୋକ ବର୍ତ୍ତିକା ହୋଇ ରହିଛି ।ଅନେକ ସମୟରେ ଆମେ ଆର୍ଯ୍ୟ ବୋଲି ଯେତକ ଦମ୍ଭୋକ୍ତି ପ୍ରକାଶ କରୁଛନ୍ତି ସେହି ଭାବରେ କାର୍ଯ୍ୟସଂପନ୍ନ କରି ହେଉନାହିଁ ।ବହୁ ଅନ୍ଧ ବିଶ୍ୱାସର ବଶବର୍ତ୍ତୀ ହୋଇ ଆମେ ବାସ୍ତବ କଥାକୁ ଭୁଲି ଯାଉଛନ୍ତି ଏହା କିନ୍ତୁ ଉତ୍କଳୀୟ ପରଂପରାର ଆଙ୍ଗିକ ଓ ଆତ୍ମିକର ପରିଚୟ ନୁହେଁ । ଆସ,ପୁଣି ଥରେ ଆମେ ଆସୁରିକ ଭାବନାକୁ ବିନାଶ କରି ସଂସାରର ମହିଷାସୁରଙ୍କୁ ଦୁର୍ଗାଙ୍କ ଦ୍ୱାରା ବଦ୍ଧ କରାଇବା ଏବଂ ପବିତ୍ର ତିଥି ଦଶହରାରେ ଶାନ୍ତି,ପ୍ରୀତି ଓ ମୈତ୍ରୀର ଧ୍ୱଜା ଉଡ଼ାଇ ମା'ଙ୍କର ଶରଣାପନ୍ନ ହେବା, ଏବଂ ଆମ ମୁଖରେ ପୁଣି ଥରେ ସେହି ପଂକ୍ତିଟି ଉଚ୍ଚାରିତ ହେବ । ଯା ଦେବୀ ସର୍ବ ଭୂତେଷୁ ମାତୃ ରୂପେଣ ସଂସ୍ଥିତା ।"

*ସଭାପତି, ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦ, କୋହ୍ଲ,ତିହିଡ଼ି,ଭଦ୍ରକ, ପିନ୍-୭୫୬୧୩୦*

*ଦୂରଭାଷ: ୯୪୩୭୫୭୪୪୬୨*

# ଶ୍ରୀମନ୍ଦିରରେ ଶାକ୍ତ ଗୁଣ୍ଡିଚା

## ଅଧ୍ୟାପକ ପବିତ୍ର ମୋହନ ବାରିକ

ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରସିଦ୍ଧ ଦ୍ୱାଦଶ ଯାତ୍ରା ମଧ୍ୟରୁ ସର୍ବଜନ ବିଦିତ ବିଖ୍ୟାତ ରଥଯାତ୍ରାର ସ୍ଥାନ ଅଦ୍ୱିତୀୟ। ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ରଥଯାତ୍ରା ବିଭିନ୍ନ ନାମରେ ନାମିତ ହୋଇଥିବାବେଳେ ସର୍ବାଧିକ ଲୋକପ୍ରିୟ ନାମଟି ଗୁଣ୍ଡିଚା ଯାତ୍ରା ନାମରେ ଖ୍ୟାତ। ଆଷାଢ଼ ଶୁକ୍ଲ ଦ୍ୱିତୀୟା ତିଥି ଗୁଣ୍ଡିଚା ଯାତ୍ରା ପରେ ଆଶ୍ୱିନ ମାସରେ ହେଉଥିବା ଶ୍ରୀ ଜଗନ୍ନାଥ ସଂସ୍କୃତିର ଅନ୍ୟ ଏକ ଉତ୍ସବ 'ଶାକ୍ତ ଗୁଣ୍ଡିଚା' ନାମରେ ଖ୍ୟାତ। ଏହା ଶାରଦୀୟ ଦୁର୍ଗୋତ୍ସବର ଷୋଡ଼ଶ ଦିନ ବ୍ୟାପୀ ଉତ୍ସବର ଏକ ପ୍ରମୁଖ ଅଙ୍ଗ। ନବ ଦିନାତ୍ମକ ଯାତ୍ରାରେ ଲକ୍ଷ୍ମୀଦେବୀଙ୍କୁ ସାଙ୍ଗରେ ନନେଇ ଯାତ୍ରା କରିଥିଲେ ଶ୍ରୀଜଗନ୍ନାଥ ମହାପ୍ରଭୁ। ଗବେଷକଙ୍କ ମତରେ ଷୋଳ ପୂଜାର ନବମ ଦିନରୁ ମହାନବମୀ ପର୍ଯ୍ୟନ୍ତ ଦୁର୍ଗା ମା' ଲକ୍ଷ୍ମୀଙ୍କ ରୂପରେ ଓ ମାଧବ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ସ୍ୱରୂପରେ ରଥରେ ଯାଇ ପାଲିଙ୍କିରେ ଫେରିବାକୁ ଗୁପ୍ତ ବା ଶାକ୍ତ ବା ପ୍ରଚ୍ଛନ୍ନ ଗୁଣ୍ଡିଚା ନାମରେ ନାମକରଣ କରାଯାଇଅଛି। ଶ୍ରୀ ମନ୍ଦିରରେ ଶାରଦୀୟ ଦୁର୍ଗୋତ୍ସବ ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀଠାରୁ ଆଶ୍ୱିନ ଶୁକ୍ଲ ନବମୀ ବା ମହା ନବମୀ ପର୍ଯ୍ୟନ୍ତ ଷୋଡ଼ଶ ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ। ଏହି ଉତ୍ସବର ଗୁରୁତ୍ୱପୂର୍ଣ୍ଣ ବିଶେଷତ୍ୱ ହେଉଛି ଦେବୀ ସୁଭଦ୍ରାଙ୍କର ବିଜେ ପ୍ରତିମା ଶ୍ରୀ ଦୁର୍ଗା ଓ ଶ୍ରୀଜଗନ୍ନାଥଙ୍କର ପ୍ରତିରୂପ ଶ୍ରୀ ମାଧବ ବା ବାଳ ପୁରୁଷୋତ୍ତମଙ୍କୁ ଏକତ୍ରପୂଜା କରାଯାଇଥାଏ। ଏହା ଦୁର୍ଗାମାଧବ ଉପାସନା ନାମରେ ଖ୍ୟାତ। ଏହା ଉଲ୍ଲେଖଯୋଗ୍ୟ ଯେ ଭାଦ୍ରବ ଶୁକ୍ଲ ଅଷ୍ଟମୀ ହେଉଛି ପବିତ୍ର ରାଧାଷ୍ଟମୀ। ଏହା ଦୁର୍ଗାଦେବୀଙ୍କର ଶୟନ ତିଥି ନାମରେ କଥିତ। ଶ୍ରୀ ଦୁର୍ଗା ସେଦିନ ଶୟନ କରି ଅକାଳରେ ଅର୍ଥାତ୍ ଆଶ୍ୱିନ କୃଷ୍ଣ ଅଷ୍ଟମୀ ବା ମୂଳାଷ୍ଟମୀ ଦିନ ନିଦ୍ରାରୁ ଉଠନ୍ତି। ସେଥିପାଇଁ ଏହି ଦୁର୍ଗାପୂଜାର ନାମ ଅକାଳ ବୋଧନ ଦୁର୍ଗାପୂଜା। ମୂଳାଷ୍ଟମୀ ଦିନ ସହସ୍ର କୁମ୍ଭାଭିଷେକ ସହିତ ଆରମ୍ଭ ହୁଏ ଷୋଡ଼ଶ ଦିନ ବ୍ୟାପୀ ଶାରଦୀୟ ଦୁର୍ଗାପୂଜା। ଏହି ଦିନ ଶ୍ରୀମନ୍ଦିରର ପତି ମହାପାତ୍ର ସେବକ ଭଣ୍ଡାର ଘରୁ ମା' ଦୁର୍ଗାଙ୍କୁ ହାତରେ ନେଇ ମଝିବାଡ଼ ବା ଦେବୀ ସୁଭଦ୍ରାଙ୍କଠାରୁ ଆଜ୍ଞାମାଳ ଆଣିଥାନ୍ତି। ଏହାପରେ ପତି ମହାପାତ୍ର ତାଙ୍କୁ ମାଜଣା ମଣ୍ଡପ ଖଟ ଉପରେ ବିଜେ କରାନ୍ତି। ସେଠାରେ ତାଙ୍କୁ ଭଦ୍ରାସନରେ ବିଜେ କରାଯାଇ ପଞ୍ଚୋପଚାର ନୀତିରେ ସ୍ନାନ ଓ କୁମ୍ଭ ଜଳରେ ଅଭିଷେକ କରାଯାଏ। ଏହାପରେ ଖଟୁଲିରେ ଦୁର୍ଗାଦେବୀଙ୍କୁ ବିଜେ କରାଯାଇ ଶ୍ରୀଅଙ୍ଗ ପୋଛା, ନୂତନ ବସ୍ତ୍ର ଲାଗି, ବେଶ, ଭୋଗ ମଣୋହି ଶୀତଳ ଭୋଗ (ନିସଂଖୁଡି) ଓ ବନ୍ଦାପନା ଆଦି ସମ୍ପନ୍ନ କରାଯାଇ ଦୁର୍ଗାଦେବୀଙ୍କୁ ଭଣ୍ଡାରଘର ଦ୍ୱାରଦେଶରେ ବିଜେ କରାଯାଏ। ଏହା ପରେ ବାଳ ପୁରୁଷୋତ୍ତମ (ରତ୍ନ ସିଂହାସନରେ ବିଜେ ଶ୍ରୀଦେବୀଙ୍କର ଆଢୁଆଳରେ ରହୁଥିବା ଶ୍ରୀଜଗନ୍ନାଥଙ୍କର ପ୍ରତିରୂପ ମାଧବ) ମହାପ୍ରଭୁଙ୍କ ଆଜ୍ଞାମାଳ ପାଇ ବିଜେ ହୋଇ ଶ୍ରୀ ଦୁର୍ଗାଙ୍କ ସହ ଏକତ୍ର ଭଦ୍ରାସନରେ ଉପବେଶନ କଲେ ରୁନ୍ଧା କାର୍ଯ୍ୟ ଆରମ୍ଭ ହୁଏ। ଶ୍ରୀ ଦୁର୍ଗା ଓ ମାଧବଙ୍କୁ ଏକତ୍ର ରୁନ୍ଧା ହେବା ପରେ ଉଭୟଙ୍କୁ ନୂତନ ବସ୍ତ୍ର ଲାଗି ଓ ବେଶ କରାଯାଇ ରତ୍ନ ସିଂହାସନକୁ ବିଜେ କରାଯାଏ। ଉଭୟେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ସାମ୍ନା କରି ଉପବିଷ୍ଟ ହୁଅନ୍ତି। ପୂଜାପଣ୍ଡା ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଶ୍ରୀ ମାଧବଙ୍କୁ ଓ ଦେବୀ ସୁଭଦ୍ରାଙ୍କ ଆଜ୍ଞାମାଳ ଶ୍ରୀ ଦୁର୍ଗାଙ୍କୁ ପ୍ରଦାନ କରନ୍ତି। ଶ୍ରୀ ବିମଳା ଦେବୀଙ୍କ ସକାଳ ଧୂପ ନୀତି ବଢ଼ିଲା ପରେ ଏକତ୍ର ରୁନ୍ଧା ହୋଇଥିବା ଶ୍ରୀଦୁର୍ଗା ମାଧବ ଝୁଲଣ ମଣ୍ଡପଠାରେ ସଜ୍ଜିତ ପାଲିଙ୍କିରେ ବିଜେ କରି ବିମଳା ମନ୍ଦିରକୁ ଯାତ୍ରା କରନ୍ତି। ବିମଳା ଦେବୀଙ୍କ ଜଗମୋହନର ଖଟ ଉପରେ ବିଜେ କରନ୍ତି ଶ୍ରୀ ଦୁର୍ଗାମାଧବ। ସେଠାରେ ତାଙ୍କର ଚନ୍ଦନଲାଗି, କର୍ପୂର ଲାଗି, ବେଶ, ଓ ଭୋଗ ଇତ୍ୟାଦି କରାଯାଇଥାଏ। ଏହାପରେ ବିଧି ମତେ ଶ୍ରୀଦୁର୍ଗାମାଧବ ଭଣ୍ଡାର ଦ୍ୱାରଠାରେ ବିଜେ ହୁଅନ୍ତି। ଏପରି ଭାବେ ଷୋଡ଼ଶ ଦିନ ବ୍ୟାପୀ ଦୁର୍ଗା ଉତ୍ସବର ପ୍ରଥମ ଆଠଦିନ ଶ୍ରୀ ଦୁର୍ଗାମାଧବ ବିମଳା ଦେବୀଙ୍କ ମନ୍ଦିରରେ ଅବସ୍ଥାନ କରନ୍ତି। ଆଠଦିନ ଧରି ଏଠାରେ ଶ୍ରୀ ଦୁର୍ଗାମାଧବଙ୍କର ସମସ୍ତ ନୀତିକାନ୍ତି ବିଧି ଅନୁଯାୟୀ ସମ୍ପାଦିତ କରାଯାଇଥାଏ। ପ୍ରଥମ ଆଠଦିନର ଶେଷଦିନ ସନ୍ଧ୍ୟାଧୂପ ପରେ ଚନ୍ଦନଲାଗି, ବେଶ ଓ ଭୋଗ ପରେ ଆରମ୍ଭ ଦିନ ପ୍ରବେଶ ବେଳେ ଯେପରି ଭୋଗ ପରେ ବନ୍ଦାପନା ହୋଇଥାଏ ସେହିପରି ଶେଷଦିନ ବାହୁଡ଼ା ବିଜେ ପୂର୍ବରୁ ଶ୍ରୀ ଦୁର୍ଗାମାଧବଙ୍କର ବନ୍ଦାପନା କରାଯାଇଥାଏ। ଆଠଦିନ ଅବସ୍ଥା ପରେ ନବମ ଦିନ ସେମାନେ ବାହାର ବିଜେ କରନ୍ତି। ନବମ ଦିନ ସେମାନେ ଭଣ୍ଡାର ଦ୍ୱାରଠାରୁ ମହାଜନ ସେବକଙ୍କ ଦ୍ୱାରା ବିଜେ ହୋଇ ଶ୍ରୀମନ୍ଦିର ପରିସରର ମୁକ୍ତିମଣ୍ଡପ ନିକଟରେ ଥିବା ରଥାକୃତି ବିମାନରେ ବିଜେ କରନ୍ତି। ସେହି ବିମାନରେ ଶ୍ରୀ ମନ୍ଦିରକୁ ଏକ ବେଢ଼ା ବୁଲି ଆନନ୍ଦ ବଜାର, ବାଇଶିପାହାଚ ଓ ସିଂହଦ୍ୱାର ଦେଇ ଘଣ୍ଟା, ଛତ୍ର ଓ କାହାଳି ସହିତ ପଟୁଆରରେ ଦୋଳମଣ୍ଡପ ସାହିର ମା' ନାରାୟଣୀଙ୍କ ମନ୍ଦିରକୁ ବିଜେ କରନ୍ତି। ଶ୍ରୀ ଦୁର୍ଗାମାଧବ ବିମାନରୁ ଓହ୍ଲାଇବା ପରେ ଭିତରଛ ମହାପାତ୍ର ରୂପା ପିଙ୍ଗଣରେ ଜଳଲାଗି କରାଇଥାନ୍ତି। ଏହାପରେ ନାରାୟଣୀ ମନ୍ଦିରର ଖଟ ଶେଯ ଉପରେ ଶ୍ରୀ ଦୁର୍ଗାମାଧବ ବିଜେ କରନ୍ତି। ପାଣିପଡ଼ି ଶୀତଳ ଭୋଗ ବଢ଼ାଯାଇ ପୂଜାପଣ୍ଡା ପାଞ୍ଚୋପଚାର ବିଧିରେ ଭୋଗ ମଣୋହି କରିଥାନ୍ତି। ଭୋଗ ପରେ କେବଳ ପ୍ରଥମ ଦିନ ବନ୍ଦାପନା କରାଯାଏ। ଶ୍ରୀ ବିଗ୍ରହଙ୍କ ସନ୍ଧ୍ୟା ଧୂପ ସରିବା ପରେ ଶ୍ରୀ ଦୁର୍ଗାମାଧବଙ୍କୁ ଚନ୍ଦନ ଲାଗି, ବେଶ ଓ ଭୋଗ ଅର୍ପଣ କରାଯାଇଥାଏ। ଏହାପରେ ଶ୍ରୀ ଦୁର୍ଗାମାଧବ ପାଲିଙ୍କିରେ ବାହୁଡ଼ା ବିଜେ କରି ଶ୍ରୀମନ୍ଦିର ଭଣ୍ଡାର ଦ୍ୱାରଠାରେ ବିଜେ ହୁଅନ୍ତି। ଏହିପରି ନୀତି ମହାନବମୀ ପର୍ଯ୍ୟନ୍ତ ଆଠଦିନ ଧରି ଚାଲିଥାଏ। ଶ୍ରୀ ଜଗନ୍ନାଥ ସଂସ୍କୃତିରେ ଶ୍ରୀଦୁର୍ଗାମାଧବ ଉପାସନା ଏକ ଅନନ୍ୟ ପରମ୍ପରା ଯାହା ଯଥେଷ୍ଟ ମହତ୍ତ୍ୱ ରଖିଥାଏ। ଏହା ଜଗନ୍ନାଥ ରୂପୀ ମାଧବ ଓ ଶ୍ରୀ ଦୁର୍ଗାଙ୍କର ଅଭିନ୍ନ ଓ ଅଭେଦ୍ୟ ସମ୍ପର୍କ ସୂଚିତ କରେ। ତନ୍ତ୍ର ମତରେ ଶ୍ରୀଜଗନ୍ନାଥ ଭୈରବ ଓ ଶ୍ରୀ ବିମଳା ଭୈରବୀ। ଅନ୍ୟମତରେ ଶ୍ରୀ ଦୁର୍ଗା ଦୁର୍ଗତି ନାଶିନୀ ଓ ଶ୍ରୀ ମାଧବ ଶୁଭ ପ୍ରଦାୟକ। ତେଣୁ ଏହି ଦୁହିଁଙ୍କର ଏକତ୍ର ଉପାସନା ଜଗତର କଲ୍ୟାଣ ତଥା ମଙ୍ଗଳ ପାଇଁ ଉଦ୍ଦିଷ୍ଟ। ଶ୍ରୀମନ୍ଦିରରେ ଶ୍ରୀ ଦୁର୍ଗା ମାଧବ ଉପାସନା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ଓ ମହତ୍ତ୍ୱପୂର୍ଣ୍ଣ ଅଟେ। ଏକ ରଥାକୃତି ବିମାନରେ ଶ୍ରୀ ଦୁର୍ଗାମାଧବ ଦେବୀ ନାରାୟଣୀଙ୍କ ମନ୍ଦିରକୁ ଯାତ୍ରା କରୁଥିବାରୁ ଏହାକୁ ଯଥାର୍ଥରେ 'ଶାକ୍ତ ଗୁଣ୍ଡିଚା' କୁହାଯାଏ। ଶାରଦୀୟ ଦୁର୍ଗାପୂଜା ଅବସରରେ ଶକ୍ତି ଉପାସନାର ଅନନ୍ୟ ତଥା ଅନୁପମ ନିଦର୍ଶନ ଶ୍ରୀମନ୍ଦିରରେ ଅନୁଷ୍ଠିତ ହେଉଥିବା ଶକ୍ତ ଗୁଣ୍ଡିଚା ଯାତ୍ରା।

*ଇତିହାସ ବିଭାଗ, ସନାତନ ହରିଚନ୍ଦନ ମହାବିଦ୍ୟାଳୟ*
*ମଦନପୁର, ଖୋର୍ଦ୍ଧା: ୭୫୨୦୫୪*
*ଦୂରଭାଷ: ୮୮୯୫୧୦୪୭୫*

# "ରଥ ଉପରେ 'ଅଧରପଣା' ବ୍ୟବସ୍ଥା କାହିଁକି"

## ଶକୁନ୍ତଳା ବଳିଆରସିଂହ



ନୀଳାଚଳସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସମଗ୍ର ବିଶ୍ୱରେ ଏକ ଅନନ୍ୟ ସାଂସ୍କୃତିକ ପୀଠ। ବାରମାସରେ ତେର ପର୍ବ, ମନ୍ଦିର ରୀତିନୀତି, ଉପାସନାକାନ୍ତି, ଅବଢ଼ା ଇତ୍ୟାଦି ସମସ୍ତ ବ୍ୟବସ୍ଥା ପଶ୍ଚାତରେ ରହିଛି ଅସୁମାରୀ ସାଂସ୍କୃତିକ ଚେତନା।

ପ୍ରତିବର୍ଷ ଆଷାଢ଼ ମାସ ଶୁକ୍ଳ ଦ୍ୱିତୀୟା ତିଥିରେ ଅନୁଷ୍ଠିତ ହୁଏ ମହାପ୍ରଭୁଙ୍କ ଜଗତବିଖ୍ୟାତ ରଥଯାତ୍ରା। ତିନୋଟି ସୁସଜ୍ଜିତ ରଥରେ ଶ୍ରୀଜୀଉ ଆଦି ସପ୍ତବିଗ୍ରହ ନବଦିନ ଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବାହାରି ଯାଆନ୍ତି। ଫେରନ୍ତି ଦଶମୀ ତିଥିରେ। ଦଶମୀଦିନ ରଥ ତିନୋଟି ଫେରନ୍ତି ସିଂହଦ୍ୱାର ଅଭିମୁଖେ। ତିନୋଟି ଯାକ ରଥ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚିବା ପରେ ଗୋଟିଏ ଧାଡ଼ିରେ ରଖାଯାଏ ଆଉ ନୀତିନିୟମ ଅନୁସାରେ ବିବିଧ, ପୂଜା, ବେଶ ଇତ୍ୟାଦି କରାଯାଏ, ଯେପରି ଏକାଦଶୀ ଦିନ ସୁନାବେଶ। ପରଦିନ ଅର୍ଥାତ ଦ୍ୱାଦଶୀ ତିଥିରେ ସେହିପରି ଏକ ବିଶେଷ ପ୍ରଣାଳୀରେ ପ୍ରସ୍ତୁତ ପଣା ରଥ ଉପର ଦିଅଁମାନଙ୍କୁ ଭୋଗ ଲଗାଯାଏ। ଏହା ବିଖ୍ୟାତ 'ଅଧରପଣା' ନାମରେ ଜଣାଶୁଣା।

'ଅଧରପଣା' ନାମ କାହିଁକି ?

ଠାକୁରମାନଙ୍କ ଅଧର ପର୍ଯ୍ୟନ୍ତ ପାଉଥିବା ଏକ ସ୍ୱତନ୍ତ୍ର ଡୁମ୍ବା ଆକାରର ମାଟିପାତ୍ରରେ ଏହି ପଣା ଢ଼ଳା ହୋଇ ଭୋଗହୁଏ। ସେଥିପାଇଁ ସମ୍ମାନ ଦୃଷ୍ଟିରୁ କହନ୍ତି ଠାକୁରଙ୍କ ଅଧର ପଣା।

ପଣା ଭୋଗ କାହିଁକି ଦିଆଯାଏ ? ଗୁଣ୍ଡିଚା ଯାତକୁ ପ୍ରଭୁଙ୍କ ମାନବୀୟ ଲୀଳା ବୋଲି ଆମେ ଜାଣୁ। ଭାଇଭଉଣୀଙ୍କୁ ଧରି ପ୍ରଭୁ ଶ୍ରୀଜଗନ୍ନାଥ ପିତ୍ରାଳୟ ଗମନ କରନ୍ତି, ପୁଣି ନଅଦିନ ପରେ ଦଶମୀ ଦିନ ବାହୁଡ଼ି ଆସନ୍ତି। କୁଆଡ଼େ ଯିବା ଆସିବା କରିବା ବେଳେ ଆମକୁ ଶୋଷ ହୋଇଥାଏ। ଯାତ, ମେଳା ଇତ୍ୟାଦିରେ ଯିବା ବେଳେ ମଧ୍ୟ ପଚରା ଯାଏ, ଶୋଷ ଲାଗୁଛି କି ? ପାଣିପଣା ମୁନ୍ଦେ ପିଅ। ସରବତ କରିଦେବି କି ? ଇତ୍ୟାଦି। ଠିକ୍ ସେହିପରି ନବ ଦିବସ ଯାତ୍ରା ସମାପନାନ୍ତେ ଦିଅଁମାନଙ୍କ ରଥ ସିଂହଦୁଆର ସମ୍ମୁଖରେ ଧାଡ଼ିବାନ୍ଧି ରହିବା ପରେ ପଣାଯାଚିବା ବିଧି ଆମର ବହୁ ପୂର୍ବରୁ ଶ୍ରୀଜଗନ୍ନାଥ ମନ୍ଦିର ସ୍ୱତ୍ୱଲିପି ଗ୍ରନ୍ଥରେ ଉଲ୍ଲିଖିତ ଅଛି।

ସ୍ୱତ୍ୱଲିପି ତଥ୍ୟ ଅନୁସାରେ ପୂର୍ବରୁ ଦଶମୀ, ଏକାଦଶୀ ଓ ଦ୍ୱାଦଶୀ ତିନି ଦିନରେ ତିନୋଟି ଲେଖା ଅଧରପଣା ହାଣ୍ଡି ଦିଅଁଙ୍କ ନିକଟରେ ଭୋଗ ଲାଗୁଥିଲା। ମାତ୍ର ଯେଉଁ ଦିନଠାରୁ ଦଶମୀଦିନ ରଥମାନେ ଆସି ସିଂହଦୁଆରେ ଲାଗି ପାରିଲେ ଏକାଦଶୀ ଦିନ ଛଅହାଣ୍ଡି ଓ ଦ୍ୱାଦଶୀ ଦିନ ତିନିହାଣ୍ଡି ଅଧରପଣା ଭୋଗ ଲାଗି ହେଉଅଛି। ଏ ମଧ୍ୟରେ ଏକାଦଶୀ ତିଥିଟି ହରିଶୟନ ନୀତି ତଥା ସୁନାବେଶ, ସର୍ବସାଧାରଣ ଦର୍ଶନ ହେବା ବେଳକୁ ଅଧରପଣା ଲାଗି ହୋଇପାରୁନାହିଁ। ସେଥିପାଇଁ ଦ୍ୱାଦଶୀ ଗୋଟିଏ ଦିନରେ ଅଧରପଣା ଭୋଗ କରାଯାଉଅଛି।

ସର୍ବସାଧାରଣ ଜାଣନ୍ତି ଯେ ଅଧରପଣା ନଅଗୋଟି ହାଣ୍ଡିରେ ଭୋଗହୁଏ। ହେଲେ ବାସ୍ତବରେ ବାରଗୋଟି ଅଧରପଣା ହାଣ୍ଡି ପ୍ରସ୍ତୁତ ହୁଏ ଓ ଭୋଗ ହୁଏ। ବାରଟି ହାଣ୍ଡି ମଧ୍ୟରୁ ନଅଗୋଟି ଅଧରପଣା ହାଣ୍ଡି ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଶ୍ରୀ ସୁଭଦ୍ରାଙ୍କ ନିକଟରେ ଲାଗି ହୁଏ। ତାହାହେଲେ ଆଉ ତିନୋଟି ହାଣ୍ଡିଯାଏ କୁଆଡ଼େ ? ଏହି ତିନୋଟି ହାଣ୍ଡିର ପଣା ଶ୍ରୀଜଗନ୍ନାଥଙ୍କ 'ନନ୍ଦିଘୋଷ' ରଥରେ ବିରାଜମାନ ଚଳନ୍ତି ପ୍ରତିମା ମଦନ ମୋହନ, ଶ୍ରୀବଳଭଦ୍ରଙ୍କ 'ତାଳଧ୍ୱଜ' ରଥରେ ସ୍ଥିତ ବିଜୟ ପ୍ରତିମା ରାମ ଓ କୃଷ୍ଣଙ୍କ ନିକଟରେ ଭୋଗ ଲଗାଯାଏ।

ଅଧରପଣା ତିଆରି ନିମନ୍ତେ ଆବଶ୍ୟକ ସାମଗ୍ରୀ ଯୋଗାଇ ଦିଅନ୍ତି ପୁରୀର ରାଘୋଦାସ ବା ରାଘବଦାସ ମଠ, ଓଡ଼ିଆ ମଠ ଓ ଗଜପତି ମହାରାଜାଙ୍କ ରାଜପ୍ରାସାଦ। ଏଥିପାଇଁ ମଠ ଦୁଇଟିକୁ କିଛି ଜମି ମଧ୍ୟ ଦିଆଯାଇଛି।

ଅଧରପଣା ତିଆରି ନିମନ୍ତେ ଆବଶ୍ୟକ ସାମଗ୍ରୀ – କ୍ଷୀର, ସର, ଛେନା, ନବାତ, ପାଚିଲା ଦେଶୀ କଦଳୀ, ଗୋଲ ମରିଚ ଗୁଣ୍ଡ, ଜାଇଫଳ ଘୋରା, କର୍ପୂର ଓ ଜଳ ଇତ୍ୟାଦି ନଅପ୍ରକାର ଦ୍ରବ୍ୟ। ଜଳ ଆଣନ୍ତି ପାଣି ଆପଟ ନିଯୋଗର ପାଳିଆ ସେବକମାନେ। ସିଂହଦ୍ୱାର ନିକଟରେ ଥିବା ଛାଉଣି

ମଠ କୂପରୁ ଶୁଦ୍ଧପୁତ ଭାବରେ ବିଧିପୂର୍ବକ ଜଳ ଆଣି ପ୍ରତ୍ୟେକ ରଥରେ ଥିବା ପିତଳହାଣ୍ଡିରେ ବା ହଣ୍ଡାରେ ଭରି ଦିଅନ୍ତି । ଦ୍ୱାଦଶୀଦିନ ଦ୍ୱିପ୍ରହର ଧୂପ ଶେଷ ହେବା ମାତ୍ରେ ଅଧର ପଣା ନୀତି ଆୟୋଜନ ହୁଏ । ସାମଗ୍ରୀ ଯୋଗାଣ ଓ ପ୍ରସ୍ତୁତି କାର୍ଯ୍ୟ କରନ୍ତି ରାଘବଦାସ ମଠ, ଓଡ଼ିଆ ମଠ, ଭିତରଚ୍ଛ ମହାପାତ୍ର, ତଳିଛ ମହାପାତ୍ର, ପାଳିଆ ମହାସୁଆର, ପାଣିଆପାଟ, ପୁଷ୍ପାଳକ ଓ ପତ୍ରୀବଡୁ ଇତ୍ୟାଦି ।

ଶ୍ରୀମନ୍ଦିର କୁମ୍ଭକାର ମାଟିରେ ତିଆରି ତୁମ୍ବାକୃତି ଅଧର ହାଣ୍ଡି ଯୋଗାଇ ଦେଇଥାଆନ୍ତି । ଅଧରହାଣ୍ଡିକୁ ଦିଅଁମାନଙ୍କ ସମ୍ମୁଖରେ ରଖିବାବେଳେ ଖଣ୍ଡିଏ ଲେଖା ନାଲି ଜରିକନା ଘୋଡାଇ ଦିଆଯାଇଥାଏ ।

ଓଡ଼ିଆ ମଠ ତରଫରୁ ଆସେ ତିନି କିଲୋ ସର, ତିନି କିଲୋ ଛେନା, ତିନି ଶହଗ୍ରାମ ଗୋଲମରିଚ ଗୁଣ୍ଡ, ପନ୍ଦର ଭରି ବା ଶହେ ଅଶୀଗ୍ରାମ କର୍ପୂର, ନାଲିଧଡ଼ିଥିବା ପାଞ୍ଚ ହାତିଆ ଗାମୁଛା ନଅଗୋଟି, ରଥ ଚକା ମୋଟ କଦଳୀ ବୟାଳିଶ ଗୋଟି, ବୟାଳିଶଟି କଳା କୁଡୁଆ, ନବାତ ।

ରାଘବଦାସ ମଠ ଯୋଗାନ୍ତି କ୍ଷୀର, ନବାତ ବା ଛାଚି, ଛେନା, କଦଳୀ, ଗୋଲମରିଚଗୁଣ୍ଡି, କର୍ପୂର, ଜାଇଫଳ ଇତ୍ୟାଦି ।

ପଣା ତିଆରି ସମୟରେ ତିନି ରଥରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଶ୍ରୀ ସୁଭଦ୍ରାଙ୍କ ରଥରେ ଯଥାକ୍ରମେ ଚାଦରର ବାଡ ବେଢ଼ାଇ ଦିଅନ୍ତି ଭିତରଚ୍ଛ ମହାପାତ୍ର, ତଳିଛ ମହାପାତ୍ର ଓ ପାଳିଆ ପୁଷ୍ପାଳକ ।

ପାଳିଆ ମହାସୁଆର ପ୍ରଥମେ ଶ୍ରୀ ବଳଭଦ୍ରଙ୍କ ତାଳଧ୍ୱଜ ରଥରେ ଏବଂ ପରେ ପରେ ମା' ସୁଭଦ୍ରାଙ୍କ ଦେବଦଳନ ରଥରେ ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥରେ ଅଧରପଣା ପ୍ରସ୍ତୁତ କରନ୍ତି । ପତ୍ରୀବଡୁ ଆସି ତିନି ରଥରେ କ୍ରମାନ୍ୱୟରେ ମୁରୁଜରେ ପୂଜା ଠା' କରନ୍ତି । ପୂଜା 'ଠା' ଉପରେ ଥୁଆ ହୁଏ ଅଧରହାଣ୍ଡି । ଭଣ୍ଡାରରୁ ଆସିଥିବା ପିତଳହଣ୍ଡାରେ ପଣା ତିଆରି ହୋଇ ରହିଥାଏ । ସେହି ପଣା ଅଧରହାଣ୍ଡିରେ ଢ଼ଳାଯାଏ । ତା'ପରେ ପୂଜାପଣ୍ଡା ଆସି ଭୋଗ ଲଗାନ୍ତି । ଭୋଗ ସରିଯିବା ପରେ ପୂଜାପଣ୍ଡା ନିଜେ ଅଧରପଣା ହାଣ୍ଡିକୁ ଘଣ୍ଟିରେ ବାଡ଼େଇ ଭାଙ୍ଗି ଦିଅନ୍ତି ।

ଅଧରପଣା ହାଣ୍ଡିଭଙ୍ଗା ସମ୍ପର୍କରେ ଜନଶ୍ରୁତି ଅଛି ଯେ ରଥର ପାର୍ଶ୍ୱଦେବତା ଓ ଚଣ୍ଡୀଚାମଣ୍ଡାମାନଙ୍କ ତୃଷ୍ଣା ତୃପ୍ତି ନିମନ୍ତେ ଅଧରପଣା ହାଣ୍ଡି ଭଙ୍ଗା ଯାଇଥାଏ । ଆଉ କେତେକ କହନ୍ତି ପ୍ରଭୁ ଶ୍ରୀଜଗନ୍ନାଥ ସ୍ୱୟଂ ପତିତପାବନ । ରଥ ସହିତ ବହୁ ଅଶରୀର ପତିତ ରଥରେ ବାମନଙ୍କୁ ଦେଖି ତାଙ୍କ ପ୍ରସାଦ ସେବନ କରି ମୁକ୍ତି ପାଇବା ପାଇଁ ରଥ ଚାରିପାଖେ ଉପସ୍ଥିତ ଥାଆନ୍ତି । ସେଥିପାଇଁ ଅଧରପଣା ହାଣ୍ଡି ପୂଜା ପଣ୍ଡା ଭାଙ୍ଗି ଦିଅନ୍ତି । ଆଉ ମଧ୍ୟ ଶ୍ରୀ ଜଗନ୍ନାଥଙ୍କୁ ଯେହେତୁ ଶ୍ରୀକୃଷ୍ଣ ରୂପେ କଳ୍ପନା କରାଯାଏ; କୃଷ୍ଣଙ୍କର ଦଧିହାଣ୍ଡି ଭାଙ୍ଗିବା ସହ ଏହାର ନିବିଡ଼ ସମ୍ପର୍କ ରହିଛି ।

ରାଘବଦାସ ମଠ ଓ ଓଡ଼ିଆମଠ ମଧ୍ୟରେ କେଉଁ ମଠ ପ୍ରଥମେ ଶ୍ରୀ ବଳଭଦ୍ରଙ୍କ ରଥରେ ପଣାହାଣ୍ଡି ଭୋଗ କରିବେ ସେ ବିଷୟ ନେଇ ବିବାଦ ଉପୁଜିଥିଲା । ତାହା ଥିଲା ସୂର୍ଯ୍ୟମଣି ପାଟ ମହାଦେଈଙ୍କ ସମୟ ସନ ୧୨୯୮ ସାଲ ମିଥୁନ ୨୫ ଦିନ ଅର୍ଥାତ୍ ୧୮୯୧ ମସିହା ମେ ମାସର ଘଟଣା । ଶ୍ରୀମନ୍ଦିର ପରିଚାଳକ ଥିଲେ ନିତ୍ୟାନନ୍ଦ ଦାସ । ଉକ୍ତ ବିବାଦର ସମାଧାନ ନିମନ୍ତେ ଗୋଟିଏ ହୁକୁମ ନାମା ଏହାର ଦୁଇବର୍ଷ ପରେ ୧୩୦୧ ସାଲ ବା ତା ୭-୮-୧୯୮୩ରେ ଦୁଇ ମଠକୁ ପଠାଯାଇଥିଲା । ଏହି ହୁକୁମନାମା ଅନୁସାରେ ଓଡ଼ିଆ ମଠ ପ୍ରଥମେ ୧୩୦୧ ସାଲରେ ଓ ରାଘବଦାସ ମଠ ପ୍ରଥମେ ୧୩୦୨ ବଳଭଦ୍ରଙ୍କ ରଥରେ ଭୋଗ କରିବେ ।

ଅଧରପଣା ଉପାସନା ପଦ୍ଧତିକୁ ବିଶ୍ଳେଷଣ କଲେ ଏହାର ଅନ୍ତରାଳରେ ଗଭୀର ମାନବିକତା, ଲୋକଚଳଣୀ, ଧର୍ମବିଶ୍ୱାସ ଏବଂ ପରାକାଷ୍ଠା ନିହିତ ଅଛି ।

***ଏ/୧୭୩, ଶହୀଦ ନଗର, ଭୁବନେଶ୍ୱର***



# ରାଜ୍ୟ ଦେଶ ଓ ବିଶ୍ୱ ପ୍ରୀତିର ପ୍ରତୀକ ଗୋପବନ୍ଧୁ

## ବାଉରିବନ୍ଧୁ ଲେଙ୍କା



କିଏ ଜାଣିଥିଲା ଭାର୍ଗବୀ ନଦୀ କୂଳରେ ଥିବା ସେହି ଅଖ୍ୟାତ ସୁଆଣ୍ଡୋ ଗ୍ରାମରେ ମଣିଟିଏ ଉଦ୍‌ଭାସିତ ହୋଇ ସମଗ୍ର ଉତ୍କଳକୁ ଆଲୋକିତ କରିବା ସହିତ ଦେଶପ୍ରୀତି ଓ ବିଶ୍ୱପ୍ରୀତିର ଭାବଧାରା ପ୍ରତି ଜନମାନସରେ ଅଙ୍କୁରିତ କରିବ ବୋଲି। ସେ ମଣିଟି ଆଉ କେହି ନୁହନ୍ତି, ସେ ହେଉଛନ୍ତି ଉତ୍କଳମଣି ଗୋପବନ୍ଧୁ ଦାସ। ତଦାନୀନ୍ତନ ଦାରିଦ୍ର୍ୟଭରା ଉତ୍କଳର ଲୋକମାନଙ୍କର ଦୁଃଖରେ ବିଳପି ଉଠୁଥିଲା ତାଙ୍କର ଦରଦୀ ପ୍ରାଣ। ସେ ଥିଲେ ଏକ ବହୁମୁଖୀ ପ୍ରତିଭାର ଅଧିକାରୀ। ଏକାଧାରରେ ସେ ଥିଲେ ଜଣେ ସମାଜସେବୀ, ରାଜନୀତିଜ୍ଞ, ଶିକ୍ଷକ, ଆଇନଜୀବୀ, ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରେମୀ ଓ କବି।

ପିତାଙ୍କର ନାମ ଥିଲା ଦଇତାରୀ ଦାସ। ଦଇତାରୀଙ୍କର ତୃତୀୟ ପତ୍ନୀ ସ୍ୱର୍ଣ୍ଣମୟୀଙ୍କ ଗର୍ଭରୁ ସେ ଜନ୍ମଗ୍ରହଣ କରିଥିଲେ ୧୮୭୭ ମସିହା ଅକ୍ଟୋବର ମାସ ୯ ତାରିଖ ଦିନ ସୂର୍ଯ୍ୟୋଦୟ ସମୟରେ। ଜନ୍ମ ନେବାର କିଛିଦିନ ପରେ ହରାଇ ବସିଥିଲେ ଜନ୍ମଦାତ୍ରୀ ମାଆ ସ୍ୱର୍ଣ୍ଣମୟୀଙ୍କୁ। ମାଆ ଛେଉଣ୍ଡ ପିଲାଟିର ଯତ୍ନ ନେବା ପାଇଁ ଦଇତାରୀ ଚତୁର୍ଥ ବିବାହ କରିଥିଲେ। ହେଲେ ଆଦ୍ୟ ଯୌବନର ପ୍ରଥମ ପାହାଚରେ ଠିଆ ହୋଇ ନୂଆ ବୋହୂଟି କ'ଣ ପିଲାଟିର ଯତ୍ନ ଠିକ୍ ଭାବେ ନେଇ ପାରିବ? ତେଣୁ ଦଇତାରୀଙ୍କର ସାନ ଭଉଣୀ ଯେକି ବାଲ୍ୟ ବିଧବା ହୋଇ ତାଙ୍କ ଘରେ ରହୁଥିଲେ, ପିଲାଟିର ଯତ୍ନ ନେବାରେ ଟିକିଏ ବି ଅବହେଳା କରି ନଥିଲେ।

ସେଇ ମାଆ ଛେଉଣ୍ଡ ପିଲାଟି ଦିନେ ସବୁ ଓଡ଼ିଆଙ୍କର ବାପା ମାଆ ପରି ଦୁଃଖ ଦୈନ୍ୟର ସହାୟକ ହୋଇ ପାଖରେ ଠିଆ ହେବ ବୋଲି କିଏ ବା କଳ୍ପନା କରିଥିଲେ?

ବନ୍ୟା, ମରୁଡ଼ି, ଦୁର୍ଭିକ୍ଷ ଓ ମହାମାରୀ ସମୟରେ ସେ ନିଜ ଘର ଛାଡ଼ି ପୀଡ଼ିତ ଲୋକମାନଙ୍କର ପାଖରେ ଠିଆ ହୋଇଛନ୍ତି ଓ ସାହାଯ୍ୟର ହାତ ବଢ଼େଇଛନ୍ତି। କେତେବେଳେ ଖାଇଛନ୍ତି ତ କେତେବେଳେ ଓପାସରେ ରହିଛନ୍ତି, ହେଲେ ନିଜର କର୍ମପଥରୁ କେବେ ବିଚ୍ୟୁତ ହୋଇନାହାନ୍ତି। ରୋଗ ଶଯ୍ୟାରେ ପଡ଼ିଥିବା ନିଜର ପୁଅକୁ ଛାଡ଼ିଦେଇ ସେ ଦୟା, ଭାର୍ଗବୀ ନଦୀର ବନ୍ୟାରେ ପ୍ରପୀଡ଼ିତ ଲୋକଙ୍କୁ ଚୂଡ଼ା, ଚାଉଳ ଆଦି ବଣ୍ଟନ କରିବାକୁ ଚାଲିଯାଇଥିଲା ବେଳେ ତାଙ୍କର ଅନୁପସ୍ଥିତିରେ ପୁତ୍ର ଶେଷ ନିଶ୍ୱାସ ତ୍ୟାଗ କରିଛି।

ସ୍ୱାର୍ଥହୀନ ଏହି ମହାନ ପୁରୁଷଙ୍କର କେବଳ ଯେ ନିଜ ସମାଜ ପ୍ରତି ବା ନିଜ ଦେଶ ପ୍ରତି ପ୍ରେମ ଥିଲା ତା' ନୁହେଁ, ସେ ଥିଲେ ଜଣେ ବିଶ୍ୱ ପ୍ରେମିକ। ସେ ମଣିଷକୁ ଅନାବିଳ ଭାବେ ଭଲ ପାଆନ୍ତି। ସେଭଳି ମଣିଷ କେବେ ସଂକୀର୍ଣ୍ଣମନା ହୋଇ ପାରିବନାହିଁ। ଜନ୍ମଭୂମି ଓଡ଼ିଶାକୁ ସେ ପ୍ରାଣ ଭରି ଭଲ ପାଉଥିଲେ। ଦରିଦ୍ର ଓଡ଼ିଶାରେ ଜନ୍ମହୋଇ ସରଳ ଶୁଦ୍ଧ ଜୀବନ ଯାପନ କରୁଥିଲେ। ପିଲାଟି ଦିନରୁ ସେ ଖଦୀ ପିନ୍ଧିଛନ୍ତି ଓ ଅନେକ ସମୟରେ ଖାଲି ପାଦରେ ମଧ ଚାଲିଛନ୍ତି। ବଢ଼ି ମରୁଡ଼ି ସମୟରେ କେତେବେଳେ ଅଖିଆ ଅପିଆ ରହିଛନ୍ତି ତ କେତେବେଳେ ମୁଢ଼ି ଚୂଡ଼ା ଖାଇ କ୍ଷୁଧା ନିବାରଣ କରିଛନ୍ତି। ଗାଁ ମାନଙ୍କରେ ଭାଗବତ ଘରକୁ ନିଜର ରହିବା ସ୍ଥାନ ରୂପେ ସେ ବାଛି ନେଇଥିଲେ। ଭାଗବତ ଘର ମାଧମରେ ସେ ଲୋକମାନଙ୍କ ହୃଦୟରେ ଜାତୀୟତାର ମନ୍ତ୍ର ଉଦ୍ରେକ କରିଥିଲେ। ଭାଗବତ ଘରକୁ ସେ ଭାଇଚାରା ଏବଂ ସହଯୋଗର କେନ୍ଦ୍ର ରୂପେ ଗଢ଼ି ତୋଳିଥିଲେ। ଗାଁ'ର ଲୋକମାନଙ୍କୁ ସୂତାକଟା ଓ ଲୁଗା ବୁଣିବାକୁ ପ୍ରବର୍ତ୍ତେଇ ଥିଲେ। ଅସହଯୋଗ ଆନ୍ଦୋଳନ ସମୟରେ ସେ କହୁଥିଲେ...

ଅରଟ ଚଳାଅ ପ୍ରତି ଘରେ ଘରେ,
ଗ୍ରାମର କଳହ ତୁଟାଅ ଗ୍ରାମରେ ॥

ତାଙ୍କର ପ୍ରଥମ ରଚନା 'ଅବକାଶ ଚିନ୍ତା' ରେ ସେ ଏହି ମାନବ ପ୍ରୀତି ପ୍ରକଟ କରି ଲେଖିଛନ୍ତି...

ବ୍ରାହ୍ମଣ ଚଣ୍ଡାଳ ପ୍ରେମେ ଏକ ଭୋଳ
ଧର୍ମଭାବେ ହୋଇ ମତ୍ତ,
ବିପଦେ ସଂପଦେ ଗାଆନ୍ତି ଆନନ୍ଦେ
ସ୍ଥାନେ ସ୍ଥାନେ ଭାଗବତ ॥

ଓଡ଼ିଶାର ଉତ୍କଟ ଦାରିଦ୍ର୍ୟ ଓ ସମାଜର ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଲକ୍ଷ୍ୟ କରି ନିଜ ମନର ବେଦନା ପ୍ରକଟ କରିଛନ୍ତି ତାଙ୍କ ରଚିତ ବନ୍ଦୀର ଆତ୍ମକଥାରେ...

ଉତ୍କଳର କେତେ କନ୍ୟା ନାରଖାର,
ନ କରନ୍ତି ପେଟ ପୂରେଇ ଆହାର।
ଲଜ୍ଜା ଢାଙ୍କିବାକୁ ନପାନ୍ତି ବସନ,
ଫୁଟେନାହିଁ କେବେ ଅଙ୍ଗେ ଯଉବନ।
ଦେହେ ମାଂସ ନାହିଁ ଦୋହଲୁଛି କଣ୍ଢା,
ଅନାହାରେ ଆହା ନ ଉଠଇ ଅଣ୍ଟା।

ସେ ପୁଣି ଲେଖିଛନ୍ତି...

କୋଟି ପଲ୍ଲୀବାସୀ ଅଛନ୍ତି କୁଟୀରେ,
ପଡ଼ି ରହିଛନ୍ତ ଅଜ୍ଞାନ ଅନ୍ଧାରେ।
କି ଉନ୍ନତ ଚିନ୍ତା କରୁଛ ନଗରେ,
ଶିକ୍ଷିତ ସମାଜ ବସି କୋଠାଘରେ।

ଉତ୍କଳମଣିଙ୍କ ଦୃଷ୍ଟିରେ ଏହା ହେଉଛି ତାଙ୍କର ପ୍ରିୟ ଉତ୍କଳ ଭୂମି, ଯେଉଁଠାରେ ସେ ଜନ୍ମ ନେଇଛନ୍ତି, କର୍ମ କରିଛନ୍ତି ଓ ଯାହାର ସନ୍ତାନମାନଙ୍କୁ ସେ ପ୍ରାଣଭରି ଭଲ ପାଇଛନ୍ତି। ଏହା ତାଙ୍କ ପାଇଁ ଏକ ତୀର୍ଥଭୂମି। ଅବକାଶ ଚିନ୍ତା କବିତା ସଂକଳନରେ ଜନ୍ମଭୂମି ଉତ୍କଳକୁ ସେ ତୀର୍ଥଭୂମି ବୋଲି କହିଛନ୍ତି...

ଉତ୍କଳ ସରିତେ ପବିତ୍ର ଜୀବନ,

ଉତ୍କଳ କାନନେ ସ୍ୱର୍ଗୀୟ ସୁମନ।
ଉତ୍କଳ ଆକାଶେ ନବ ଯଶଃ ରବି,
ଉତ୍କଳ ପ୍ରକୃତି ଧରୁ ନବଛବି ॥

ସଂକୀର୍ଣ୍ଣ ପ୍ରାଦେଶିକତାରେ ସେ ବିଶ୍ୱାସ କରି ନାହାନ୍ତି। ମହାଭାରତୀୟ ଭାବଧାରାରେ ସେ ଉଦ୍‌ବୁଦ୍ଧ ହୋଇଛନ୍ତି। ସେ ଉତ୍କଳ ଭିତରେ ଭାରତ ଓ ଭାରତ ଭିତରେ ଉତ୍କଳକୁ ଅବଲୋକନ କରିଛନ୍ତି। ଏହି ଭାବକୁ ପ୍ରକଟ କରି ସେ ତାଙ୍କ ରଚିତ ବନ୍ଦୀର ଆତ୍ମକଥାରେ କହିଛନ୍ତି...

ଥିଲେ ଯହିଁ ତହିଁ ଭାରତ ବକ୍ଷରେ,
ମଣିବି ମୁଁ ଅଛି ଆପଣା କକ୍ଷରେ।
ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ,
ପ୍ରତି ସ୍ଥାନ ମୋର ପ୍ରିୟ ପୁରୀ ଧାମ।
ସକଳ ସଲିଳ ପଞ୍ଚତୀର୍ଥ ଜଳ,
ପ୍ରତି ଧର୍ମାଳୟ ମୋର ନୀଳାଚଳ।

ଅନେକ ସମୟରେ ତାଙ୍କ ମନରେ ବିଶ୍ୱପ୍ରୀତି ଉଦ୍ରେକ ହୋଇଛି। ସେ କହିଛନ୍ତି ଓଡଶା ଆମର ଜନ୍ମଭୂମି ହେଲେ ମଧ ଏହା ଆମ ଦେଶ ଭାରତ ଏବଂ ବିଶାଳ ବିଶ୍ୱଠାରୁ ଅଲଗା ନୁହେଁ। ଓଡିଆ ଓ ଭାରତୀୟମାନେ ସମଗ୍ର ବିଶ୍ୱର ଅଂଶ ବିଶେଷ। ଦେଶପ୍ରୀତି ଏବଂ ବିଶ୍ୱପ୍ରୀତିରେ କେବେ କିଛି ବିରୋଧାଭାସ ନାହିଁ। ବିଶ୍ୱପ୍ରେମ ନଥିବା ଲୋକଙ୍କ ହୃଦୟରେ ଜାତୀୟତା ବା ଦେଶପ୍ରୀତି ରହି ପାରେନା। ସେ କହୁଥିଲେ ଆମେ ଓଡିଶାର ପ୍ରାଣରେ ବିଶ୍ୱପ୍ରେମ ଅନୁଭବ କରିବା ଏବଂ ଓଡିଆର ହୃଦୟରେ ସମଗ୍ର ମାନବ ଜାତିର ହୃଦୟ ସ୍ପନ୍ଦନ ଶୁଣିପାରିବା। ତାଙ୍କର ଏଇ ବିଶ୍ୱାସ ପ୍ରତିଫଳିତ ହୋଇଛି ତାଙ୍କର ବନ୍ଦୀର ଆତ୍ମକଥା କବିତାରେ। ସେ ଲେଖିଛନ୍ତି...

ଯେତେ ଧର୍ମ ଯେତେ ବର୍ଣ୍ଣ ଜାତି କୁଳ
ଭାରତ ଜନନୀ ସମସ୍ତଙ୍କ ମୂଳ।
ପ୍ରେମ ଭାବେ ଯା'ର ଅନ୍ତର ପୂରିତ,
ସର୍ବ ପ୍ରାଣୀ ତା'ର ହୃଦୟେ ଅଙ୍କିତ।
ସର୍ବ ଅନୁଭୂତି ସର୍ବଭୂତେ ତା'ର,
ତା' ଦୃଷ୍ଟିରେ ବିଶ୍ୱ ଏକ ପରିବାର।

ତାଙ୍କର ଏହି ଅନନ୍ୟ ବିଶ୍ୱପ୍ରୀତି ଥିଲା ତାଙ୍କ ଚରିତ୍ରର ଉଲ୍ଲେଖନୀୟ ବିଭବ। ସକଳ ସୃଷ୍ଟିର ମୂଳରେ ପ୍ରେମ ରହିଛି ବୋଲି ସେ ଅନୁଭବ କରନ୍ତି। ପ୍ରେମାନୁଭୂତି ବିନା ମଣିଷ ତା' ଜୀବନର ଶ୍ରେଷ୍ଠଅର୍ଘ୍ୟ ପ୍ରଦାନ କରି ପାରେନାହିଁ। ତେଣୁ ତାଙ୍କର କବିତା ମଣିଷ ଜାତିର ବିଶ୍ୱପ୍ରୀତି ନିକଟରେ ମଥାନତ କରିଛି। ଭାରତ ମାତା, ଉତ୍କଳ ଜନନୀ ଓ ଏ ବିଶାଳ ବିଶ୍ୱକୁ ସେ ଅଭିନ୍ନ ଭାବେ କୋଳାଗ୍ରତ କରିଛନ୍ତି। ୧୯୧୯ ମସିହା ଏପ୍ରିଲ କୋଡିଏ ତାରିଖରେ କଟକଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ଭାଷଣ ଦେବା ସମୟରେ ସେ କହିଥିଲେ ଓଡିଆ ଜାତୀୟତା ସଂକୀର୍ଣ୍ଣ ପ୍ରାଦେଶିକତା ନୁହେଁ। ସମାନତା, ଭାତୃଭାବ ସ୍ୱାଧୀନତା ଓଡିଆ ଜାତୀୟତାର ମୂଳମନ୍ତ୍ର। ତା'ର ନଦୀର ନାମ ମହାନଦୀ, ତା'ର ଇଷ୍ଟ ଦେବତା ଜଗତର ନାଥ ଜଗନ୍ନାଥ, ତା'ର ଶ୍ମଶାନର ନାମ ସ୍ୱର୍ଗଦ୍ୱାର। ଏପରି ମହାଭାବରେ ଉଦ୍‌ବୁଦ୍ଧ ଜାତି, ଜାତୀୟ ମହାସ୍ରୋତଠାରୁ କେବେ ଅଲଗା ହୋଇପାରେନା ବରଂ ବିଶ୍ୱପ୍ରେମରେ ସଦା ଅବଗାହନ କରେ। ଉତ୍କଳ ଭିତରେ ସେ ଭାରତକୁ ନିରେଖିଛନ୍ତି। ତେଣୁ ସେ ଗାଇଛନ୍ତି ...

ଥିଲେ ଯହିଁ ତହିଁ ଭାରତ ବକ୍ଷରେ,
ମଣିବି ମୁଁ ଅଛି ଆପଣା କକ୍ଷରେ।
ମୋ ନେତ୍ରେ ଭାରତ ଶିଳା ଶାଳଗ୍ରାମ,
ପ୍ରତି ସ୍ଥାନ ମୋର ପ୍ରିୟ ପୁରୀ ଧାମ।
ଭାରତର ପ୍ରତି ବୃକ୍ଷ କଳ୍ପବଟ,
ପ୍ରଭୁ ଜଗନ୍ନାଥ ସର୍ବତ୍ର ପ୍ରକଟ।
ସାମ୍ୟ ସ୍ୱାଧୀନତା ପ୍ରେମ ସମୁଦାୟ,
ନୀଳାଚଳ ଶୁଦ୍ଧ ଭାରତ ହୃଦୟ ॥

ଉତ୍କଳମଣି କେବଳ ଓଡିଶାରେ ସୀମିତ ନଥିଲେ। ତାଙ୍କର କର୍ମ, ସାଧନା ଓ ଭାବନା ଓଡିଶା ସହିତ ଭାରତ ଓ ସମଗ୍ର ବିଶ୍ୱ ପ୍ରତି ଉଦ୍ଦିଷ୍ଟ ଥିଲା। ସମଗ୍ର ବିଶ୍ୱର ମାନବ ଜାତିକୁ ପ୍ରେମର ରଜ୍ଜୁରେ ବାନ୍ଧି ରଖିବାର କଳ୍ପନା କରିଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କର ମହାପ୍ରୟାଣ ଘଟିଥିଲା ୧୯୨୮ ମସିହା ଜୁନ୍ ୧୭ ତାରିଖରେ। ତାଙ୍କର କର୍ମ ଓ ସାଧନା ପାଇଁ ସେ ଚିର ଅମର ହୋଇ ରହିବେ।

*ଦି ପର୍ଲ ରେସିଡେନ୍ସି, ଦୁର୍ଗାମାଧବ ନଗର,*
*ଭୁବନେଶ୍ୱର,*
*ଦୂରଭାଷ: ୯୮୫୩୫୩୫୮୪୪*



# ଅତିବଡ଼ୀ ଜଗନ୍ନାଥ ଦାସ ଓ ଶ୍ରୀଜଗନ୍ନାଥ

ବଦ୍ରୀ ମହାନ୍ତି

ସନାତନ ଧର୍ମର ଜନ୍ମଦାତା ଆର୍ଯ୍ୟଭୂମି ଭାରତବର୍ଷର ଆଧ୍ୟାତ୍ମିକ ଚେତନା ଓ ସାମାଜିକ ବିଚାରବୋଧ କାଳେ କାଳେ ବିଶ୍ୱବାସୀଙ୍କୁ ଆକୃଷ୍ଟ କରି ଆସିଛି। ବିବିଧତା ମଧରେ ଏକତ୍ୱ, ଅନେକ ମଧ୍ୟରେ ଅନନ୍ୟତା ଆମର ବୈଶିଷ୍ଟ୍ୟ। ଇତିହାସର ଜୀର୍ଣ୍ଣ ପୃଷ୍ଠାରେ ବେଦ ପୁରାଣମାନଙ୍କ ଆତ୍ମାରେ ନିହିତ ରହିଛି ସତ୍ୟ, ସଂକଳ୍ପ, ତ୍ୟାଗ ଓ ସମର୍ପଣର ଅସୁମାରି ଗାଥା। ଦିବ୍ୟ ଭାବନାରେ ଅଭିମନ୍ତ୍ରିତ ଭକ୍ତ ଓ ଶ୍ରଦ୍ଧାଳୁ ଈଶ୍ୱରଙ୍କୁ ତାଙ୍କର ଅପରୂପ ବିଗ୍ରହ ଦର୍ଶନ କରି ନିଜ ଜୀବନକୁ ଧନ୍ୟ ମନେକରିଛନ୍ତି। ତାଙ୍କର ମହିମା ଗାନକରି ନିଜକୁ ତାଙ୍କ ପାଦତଳେ ସମପର୍ଣ କରିବାର ଅନୁଭୁତି ଅଭୁତ। ସେହି କ୍ରମରେ ବ୍ରହ୍ମାଣ୍ଡ ନାୟକ ଉତ୍କଳର ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥଙ୍କ ଅଭୟ ଆଶୀଷ ମଣିଷ ଜୀବନକୁ ସ୍ୱଚ୍ଛନ୍ଦ ସାବଲୀଳ କରିବା ସହିତ ପ୍ରାଣରେ ଭରିଦିଏ ଅପୂର୍ବ ପୁଲକ। ସେଇ ପୁଲକ ଶହ ଶହ ବର୍ଷ ବ୍ୟାପୀ ରୂପାନ୍ତରିତ ହୋଇଛି ରାଶି ରାଶି କାଳଜୟୀ କାବ୍ୟ କବିତା ଗଳ୍ପ ଉପନ୍ୟାସ ଓ ନାଟକ ମାଧମରେ। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ମାଟିର ମହାକବି ସାରଳା ଦାସଙ୍କ ଠାରୁ ଆରମ୍ଭ କରି ଅଦ୍ୟାବଧି ରଚିତ ହୋଇଛି ବିପୁଳ ଓଡିଆ ସାହିତ୍ୟ।

ଶ୍ରୀଜଗନ୍ନାଥ ସଂସ୍କୃତିର ସୁପ୍ରାଚୀନ ସୁଦୃଢ ଭିତ୍ତିଭୂମି ଉପରେ ପ୍ରତିଷ୍ଠା ଲାଭ କରିଥିଲା ଓଡିଶାର ବୈଷ୍ଣବ ଧର୍ମ ଏବଂ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ଏହାର ଧ୍ୱନି ଥିଲା ଅତି ସ୍ୱଷ୍ଟ। ଏହା ପଶ୍ଚାତରେ ଥିଲେ ଷୋଡଶ ଶତାବ୍ଦୀର ବରେଣ୍ୟ ପଂଚସଖା ବଳରାମ, ଜଗନ୍ନାଥ, ଯଶୋବନ୍ତ, ଅଚ୍ୟୁତ ଓ ଅନନ୍ତ। ଏହି କାଳ ଖଣ୍ଡରେ ଜନ୍ମିତ ଓଡିଆ ଭାଗବତର ଅଦ୍ୱିତୀୟ ସ୍ରଷ୍ଟା ଅତିବଡୀ ଜଗନ୍ନାଥ ଦାସ ଏକ ବିସ୍ମୟ। ପୁରୀ ଜିଲ୍ଲାର କପିଳେଶ୍ୱର ଗ୍ରାମର ଗୋଟିଏ ବ୍ରାହ୍ମଣ ପରିବାରରେ ପିତା ଭଗବାନ ଦାସଙ୍କ ଔରସରୁ ପଦ୍ମାବତୀଙ୍କ ଗର୍ଭରୁ ଜନ୍ମଲାଭ କରିଥିବା ଜଗନ୍ନାଥ ଦାସ ନଥିଲେ 'କବିଯଶ-ପ୍ରାର୍ଥୀ। ନିରୋଳା ଭକ୍ତି ଓ ଜ୍ଞାନ ବଳରେ ତାଙ୍କ ଲେଖନୀ ଥିଲା ଚଳଚଞ୍ଚଳ ଏବଂ ପ୍ରଭାବଶାଳୀ। ନହେଲେ ତାଙ୍କ ଓଡିଆ ଭାଗବତ ଓଡ଼ିଶାର ସୀମା ଅତିକ୍ରମ କରି ପଡୋଶୀ ରାଜ୍ୟରେ ଲୋକପ୍ରିୟ ହୋଇ ପାରିନଥାନ୍ତା। ସେ ସମୟରେ ବର୍ଷ ବର୍ଷ ବ୍ୟାପୀ ତାଙ୍କ ରଚିତ ଭାଗବତ ବଙ୍ଗଳା ଲିପିରେ ଲେଖା ହୋଇ ପ୍ରତିଦିନ ଗାୟନ କରାଯିବା ଏହାର ବଳିଷ୍ଠ ପ୍ରମାଣ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପରମ ଭକ୍ତ ନିଜର ସର୍ବଶ୍ରେଷ୍ଠ ସୃଜନ ଭାଗବତରେ ସବୁ କ୍ଷେତ୍ରରେ ନିଜର ଆରାଧ୍ୟ ଦେବତା ଜଗନ୍ନାଥଙ୍କ ନାମର ଜୟଗାନ କରିଛନ୍ତି। ଅଧିକାଂଶ ସ୍ଥଳରେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କ ଭିତରେ ଅଭେଦତ୍ତ୍ୱ ପ୍ରତିପାଦନ କରିବା ସହିତ ଅନେକ ସ୍ଥାନରେ ବ୍ୟବହାର କରିଛନ୍ତି ଗୋପୀନାଥ ଶବ୍ଦ। ମହାପ୍ରଭୁ ଜଗନ୍ନାଥଙ୍କୁ ଅବତାରୀ ପୁରୁଷ ରୂପେ ବର୍ଣ୍ଣନା କରିବାକୁ ଯାଇ ଷୋଳପଦୀ ଗ୍ରନ୍ଥରେ ନିତ୍ୟ ଗୋଲକ ପୁରୁଷୋତ୍ତମ କ୍ଷେତ୍ରର କବି ଶ୍ରେଷ୍ଠତ୍ୱ ଦର୍ଶାଇଛନ୍ତି। ଏହା ବ୍ୟତୀତ ଶୈବାଗମ ଭାଗବତ, ଶ୍ରୀଗୁଣ୍ଡିଚା ବିଜେ, ପରିଚୟ ବୋଧନୀ ଇତ୍ୟାଦି ଗ୍ରନ୍ଥରେ ମହାବାହୁଙ୍କ ମହିମା ଗାନ ଅତୁଳନୀୟ। ଶ୍ରୀଜଗନ୍ନାଥଙ୍କ ବ୍ରହ୍ମଜ୍ଞାନର ପରିଚୟ ମିଳେ ତୁଳାଭିଣା ଗ୍ରନ୍ଥରୁ। ବିଷ୍ଣୁ ରୂପେ ପରିକଳ୍ପନା କରି ତାଙ୍କ ଅଭୟ ପାଦ ପଦ୍ମରେ ସ୍ଥାନ ଦେବାକୁ କବି ନିବେଦନ କରି ଲେଖୁଛନ୍ତି -

ନମସ୍ତେ ପ୍ରଭୁ ଜଗନ୍ନାଥ। ଅନାଥ ଲୋକଙ୍କର ନାଥ ॥
ହୋଇଲୁ ଦଶ ଅବତାର। ନାଶିଲୁ ଅବନୀରୁ ଭାର ॥
ସେହି ପ୍ରକାରେ ମୋର ମନ। ତୋ ପାଦେ ରହୁ ଭଗବାନ ॥
କହଇ ଜଗନ୍ନାଥ ଦାସ। କମଳା ଚରଣକୁ ଆଶ ॥

ଅତିବଡୀ ଜଗନ୍ନାଥ ଦାସ ଥିଲେ ଶ୍ରୀ ଚୈତନ୍ୟଙ୍କ ସମସାମୟିକ। ଓଡ଼ିଶାରେ ପରିବର୍ତ୍ତିତ ବୈଷ୍ଣବ ଧର୍ମ ବିକଶିତ ହେବା ସହିତ କୃଷ୍ଣ- ଜଗନ୍ନାଥ ତତ୍ତ୍ୱ ସମଗ୍ର ଓଡ଼ିଶାର ପୁରପଲ୍ଲୀକୁ ବ୍ୟାପୀ ଯାଇଥିଲା। ପ୍ରକୃତରେ ବୈଷ୍ଣବ ଧର୍ମରୁ ମୁକ୍ତ କରି ସମନ୍ୱୟ ଧର୍ମର ବିକାଶ ନିମନ୍ତେ ଗଙ୍ଗବଂଶୀୟ ମହାରାଜା ଚୋଡ଼ ଗଙ୍ଗଦେବ ଯେଉଁ ପରିକଳ୍ପନା କରିଥିଲେ, ତାହା ପରବର୍ତ୍ତୀ ସମୟରେ ବ୍ରାହ୍ମଣ ସଂପ୍ରଦାୟର ପ୍ରଭାବରେ ନଷ୍ଟ ହେବାକୁ ବସିଥିଲା। ଏହି ସଂସ୍କାର ଷୋଡଶ ଶତାବ୍ଦୀରେ ହୋଇଥିବା ବିଶ୍ୱାସ କରାଯାଏ। ସାରଳା ଦାସଙ୍କ ଓଡ଼ିଆ ମହାଭାରତ ରଚନା, ଚୈତନ୍ୟଙ୍କ ଓଡ଼ିଶା ଆଗମନ, ଗଜପତି ରାଜାଙ୍କ ଆସ୍ଥା ସହିତ ପଞ୍ଚସଖା ଯୁଗର ବରେଣ୍ୟ ସ୍ରଷ୍ଟାଙ୍କ ରଚନା ବୈପ୍ଳବିକ ପରିବର୍ତ୍ତନ ଆଣିଥିଲା ଓଡ଼ିଶାର ଆଧ୍ୟାତ୍ମିକ ଜୀବନରେ। ସାଧାରଣ ଜନତାଙ୍କ ନିମନ୍ତେ ବୋଧଗମ୍ୟ ନଥିବା ସଂସ୍କୃତ ମହାକାବ୍ୟକୁ ଓଡ଼ିଆରେ ରଚନା କରି ଅତିବଡ଼ୀ ଅପୂର୍ବ ଲୋକପ୍ରିୟତା ହାସଲ କରିଥିଲେ। ସାରଳା ଦାସଙ୍କ ମହାଭାରତ ପରି ବଳରାମଙ୍କ ରାମାୟଣ ଓ ଜଗନ୍ନାଥ ଦାସଙ୍କ ଭାଗବତ ଘରେ ଘରେ ବହୁଳ ପଠିତ ଓ ପ୍ରଚାରିତ ହେଲା। ସବୁଠୁ ଅଧିକ ଲୋକପ୍ରିୟ ପ୍ରଭାବଶାଳୀ ଓ ମନଛୁଆଁ ହେଲା ଅତିବଡୀଙ୍କ ଓଡିଆ ଭାଗବତ। କାନ୍ତ ଲଳିତ ପଦାବଳିରେ ରଚିତ ଭାଗବତ ଓଡ଼ିଶାର ପ୍ରତି ଗ୍ରାମରେ ଭାଗବତ ଟୁଙ୍ଗୀ ମାନଙ୍କରେ ପ୍ରତି ସନ୍ଧ୍ୟାରେ ପାଠ ହେବା ସହିତ ବହୁଳ ଭାବରେ ପ୍ରଭାବିତ କଲା ଜନଜୀବନକୁ। ଗ୍ରାମାଞ୍ଚଳ ଜୀବନ ଯାତ୍ରାରେ ଅବିଚ୍ଛେଦ୍ୟ ଅଙ୍ଗ ରୂପେ ବିବେଚିତ ହେଲା ଭାଗବତ ଗାଦି ଓ ନାମ ସଂକୀର୍ତ୍ତନ। ସବୁରି କେନ୍ଦ୍ରରେ ରହିଲେ ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥ। ତାଙ୍କ ମହିମାଗାନରେ ସତତ ମୋହାଚ୍ଛନ୍ନ ଭକ୍ତକବି ଜଗନ୍ନାଥ ଦାସ ବର୍ଣ୍ଣନା କରିଛନ୍ତି -

ଛାଡ଼ି ସକଳ ତୀର୍ଥ କ୍ଷେତ୍ର। ନୀଳକନ୍ଦରେ ଜଗନ୍ନାଥ ॥
ମୂର୍ତ୍ତିରେ ଜଗତକୁ ମୋହି। ତେଣୁ ଆଶ୍ରା କରିଛି ମୁହିଁ ॥
ଏ ଅଙ୍ଗ ଥିବା ପରିଯନ୍ତେ। ଛାଡ଼ିବି ନାହିଁ କଦାଚିତେ ॥

ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସ୍ୱରୂପ ଥିଲା ନୃସିଂହ। ଏବେ ସୁଦ୍ଧା ନୃସିଂହଙ୍କର ଛୋଟ ମନ୍ଦିରଟିଏ ଶ୍ରୀମନ୍ଦିରରେ ମୁକ୍ତି ମଣ୍ଡପ ନିକଟରେ ଦେଖିବାକୁ ମିଳେ। ତା' ଛଡା ଲକ୍ଷ୍ମୀ ମନ୍ଦିରରେ ରହିଛି ଲକ୍ଷ୍ମୀ-ନୃସିଂହଙ୍କର କମନୀୟ ମୂର୍ତ୍ତି। ସେହି ନୃସିଂହଙ୍କୁ ସର୍ବପ୍ରଥମେ ସ୍ମରଣ କରି ଶ୍ରୀମନ୍ଦିର ଭିତରେ ଭାଗବତ ମହାପୁରାଣ ରଚନା ଆରମ୍ଭ କରିଥିଲେ ଜଗନ୍ନାଥ ଦାସ, 'ନମଇଁ ନୃସିଂହ ଚରଣ/ଅନାଦି ପରମ କାରଣ। ଯା ବିନୁ ଆଦି ମଧ୍ୟ ଅନ୍ତ/ବିଚାରେ ନ ଘଟେ ଜଗତ। ଇନ୍ଦ୍ରିୟ ଅର୍ଥ ଯେ ଜାଣଇ/ ସ୍ୱ ତେଜେ ନିତ୍ୟ ପ୍ରକାଶଇ। ଆନନ୍ଦ ମନେ ବେଦସାର/ବ୍ରହ୍ମାଣ୍ଡେ ଯେ କଲା ବିସ୍ତାର। ଯାର ସ୍ୱରୂପ ହୃଦେ ଚିନ୍ତି/ବେଦ ପୁରୁଷେ ନ ଜାଣନ୍ତି।'

ନୃସିଂହ ହିଁ ପରଂବ୍ରହ୍ମ, ଅନାଦି କାରଣଙ୍କ ବହିଃପ୍ରକାଶ। ତାଙ୍କୁ ବନ୍ଦନା କରି ଅତିବଡୀ ଜଗନ୍ନାଥ ନିଜ ରଚନା ସଂସ୍କୃତ ଭାଗବତଠାରୁ ସ୍ୱତନ୍ତ୍ର ବୋଲି ଦର୍ଶାଇଛନ୍ତି। ତତ୍କାଳୀନ ଅଭିଜ୍ଞ ସଂସ୍କୃତ ପଣ୍ଡିତମାନେ ମନେ କରୁଥିଲେ ମଧୁର ପଦ ଲାଳିତ୍ୟ ଓ ଗଭୀର ଚିନ୍ତନ ସମ୍ବଳିତ ସଂସ୍କୃତ ଭାଗବତକୁ ଅନ୍ୟ ଭାଷାରେ ପ୍ରକାଶ କରିବା ଅସମ୍ଭବ। ଏହା ବ୍ୟତୀତ ଏହାକୁ ଓଡ଼ିଆ ଭାଷାରେ ରଚନା କଲେ ଶ୍ରୀମଦ୍ ଭାଗବତ ଅପବିତ୍ର ହୋଇଯିବ ବୋଲି ଧାରଣା ସୃଷ୍ଟି କରିଥିଲେ ବିଦଗ୍ଧ ଶ୍ରୋତା ମଣ୍ଡଳରେ। ରକ୍ଷଣଶୀଳ ବ୍ରାହ୍ମଣ ସମାଜ ଓଡ଼ିଆ ଭାଷାରେ ଏହା ରଚନା କରିବାକୁ ଘୋର ବିରୋଧ କରୁଥିଲେ। ଏଥିପାଇଁ ଜଗନ୍ନାଥ ଦାସଙ୍କୁ କିଛି କମ ବିରୋଧର ସାମ୍ନା କରିବାକୁ ପଡ଼ିନାହିଁ। ଏହା ପଶ୍ଚାତରେ ଥିବା ସମସ୍ତ ସଙ୍ଘର୍ଷ ଓ କଷ୍ଟକୁ ମହାପ୍ରଭୁଙ୍କ ପାଦତଳେ ସମର୍ପି ଦେଇ ସାଧାରଣ ଓଡ଼ିଆଙ୍କ ହାତରେ ଉପହାର ଦେଇଥିଲେ ଶ୍ରୀମଦ୍ ଭାଗବତ।

ଅତିବଡୀ ଜଗନ୍ନାଥ ଓଡ଼ିଆ ଭାଗବତ ରଚନା କରିବାର ପ୍ରେରଣା ନିଜ ମାଆଙ୍କ ପାଖରୁ ପାଇଥିଲେ ବୋଲି କିମ୍ବଦନ୍ତୀରୁ ଜଣାଯାଏ। କବି ଆଦ୍ୟ ଯୌବନରେ ନିଜ ପିତାଙ୍କୁ ହରାଇବାପରେ ନିଜ ମାତା ପଦ୍ମାବତୀ ସାମାଜିକ ବିଧି ବ୍ୟବସ୍ଥାକୁ ପାଳନ କରିବାକୁ ଯାଇ କାର୍ତ୍ତିକ ମାସରେ ହବିଷ କରିବାକୁ ଶ୍ରୀମନ୍ଦିର ଯାଉଥିଲେ। ସେଠାରେ ପୁରାଣ ପଣ୍ଡାଙ୍କ ନିକଟରୁ ସଂସ୍କୃତ ଭାଗବତ ଶୁଣିବା ଅବକାଶରେ କୌଣସି ଏକ ପଙ୍କ୍ତି ବୁଝି ନପାରି ବ୍ୟାଖ୍ୟା କରିବାକୁ ପୁରାଣ ପଣ୍ଡାଙ୍କୁ ଅନୁରୋଧ କରିବାରୁ ସେ ଉତ୍‌କ୍ଷିପ୍ତ ହୋଇ ତାଙ୍କୁ ମୂର୍ଖ ମୂଢନାରୀ ବୋଲି ତିରସ୍କାର କରିଥିଲେ। ଏହା ଦ୍ୱାରା ଭୂତପୂର୍ବ ପୁରାଣ ପଣ୍ଡାଙ୍କ ପତ୍ନୀ ପଦ୍ମାବତୀ ଖୁବ୍ ଅପମାନିତ ବୋଧ କରିବା ସହିତ ଘୋର ମାନସିକ ଅବସାଦ ଭିତରେ ଘରକୁ ଫେରିଥିଲେ। ଘରକୁ ଫେରିବା ପରେ ନିଜର କ୍ଷୋଭ ପୁତ୍ର ଜଗନ୍ନାଥ ସମ୍ମୁଖରେ ପ୍ରକାଶ କରି କହିଲେ,'ବାବୁରେ, ଭାଗବତ ସାଧାରଣ ଲୋକ ବୁଝିବା ପରି ଭାଷାରେ ତୁ ଲେଖିପାରିବୁ ନାହିଁ? ଏହା ଯଦି କରି ଦିଅନ୍ତୁ ଆଉ ପୁରାଣ ପଣ୍ଡାଙ୍କ ମୁହଁକୁ ଚାହିଁ ବସିବୁ ନାହିଁ ଅର୍ଥ ଜାଣିବା ପାଇଁ।'

ମାଆଙ୍କ ସଦିଚ୍ଛା, ମହାପ୍ରଭୁଙ୍କ ଆଶୀର୍ବାଦ ଓ ନିଜର ପାଣ୍ଡିତ୍ୟକୁ ପୁଞ୍ଜିକରି ବ୍ୟାସକୃତ ଭାଗବତ ମହାପୁରାଣକୁ ଅନୁସରଣ କରି ଆରମ୍ଭ କଲେ ଓଡ଼ିଆରେ ଶ୍ରୀମଦ୍ ଭାଗବତ। ଓଡ଼ିଆ ମଠରୁ ସଂସ୍କୃତ ମହାଭାରତ ସଂଗ୍ରହକରି ତା'ର ପାଠ, ଭାବ ଓ ବ୍ୟାକରଣ ଆୟତ୍ତ କରିସାରିବା ପରେ ଶ୍ରୀମନ୍ଦିରର ବଟ ଗଣେଶଙ୍କ ପାଖରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରଣାମ କରି ଅତି ସୁଲଳିତ କଣ୍ଠରେ ପ୍ରଥମ ଅଧ୍ୟାୟ ପାଠକଲେ। ପ୍ରତ୍ୟହ ନିଜ ମାତା ପଦ୍ମାବତୀଙ୍କ ସହିତ ଅନ୍ୟ ଅନେକ ଭାଗବତ ପ୍ରେମୀ ଭକ୍ତବୃନ୍ଦ ଏକତ୍ରିତ ହୋଇ ଅତିବଡୀଙ୍କ କଣ୍ଠରୁ ଓଡ଼ିଆ ଭାଗବତ ଶୁଣିବା ଦ୍ୱାରା ମୁକ୍ତି ମଣ୍ଡପ ସଭାରେ ସଂସ୍କୃତ ଭାଗବତ ଶ୍ରୋତାଙ୍କ ସଂଖ୍ୟା ଧୀରେ ଧୀରେ କମିବାରେ ଲାଗିଲା। ଏପରି ସ୍ଥିତି ଉପୁଜିଲା ଯେ, ମୁକ୍ତିମଣ୍ଡପ ପଣ୍ଡିତଙ୍କ ପାଖରୁ ସବୁ ଭକ୍ତ ଓ ଶ୍ରୋତା ବଟ ଗଣେଶଙ୍କ ପାଖରେ ଜମା ହୋଇ ଅତିବଡୀଙ୍କ ଭାଗବତ ଶୁଣିବାକୁ ଲାଗିଲେ। ଏହାଦ୍ୱାରା ଉତକ୍ଷିପ୍ତ ମୁକ୍ତିମଣ୍ଡପ ପଣ୍ଡିତଗଣ ଗଜପତି ପ୍ରତାପରୁଦ୍ରଦେବଙ୍କ ନିକଟରେ ଅଭିଯୋଗ କଲେ, 'ସାମାନ୍ୟ ବାଳକଟିଏ ମହାପୁରାଣ ଭାଗବତ ସାଧାରଣ ଓଡ଼ିଆ ଭାଷାରେ ନବାକ୍ଷରୀ ଛନ୍ଦରେ ରଚନା କରି ଶ୍ରୀମନ୍ଦିର ଭିତରେ ପାଠ କରୁଛି। ଏହା ଦ୍ୱାରା ସେ ଶ୍ରୀ ଜଗନ୍ନାଥଙ୍କୁ ଅବମାନନା କରୁଛି।'

ପଣ୍ଡିତମଣ୍ଡଳୀଙ୍କ ପ୍ରରୋଚନାରେ ଗଜପତି ମହାରାଜା ବାଳକ ଜଗନ୍ନାଥଙ୍କୁ ରାଜଦରବାରକୁ ଡକାଇ ବିନା ଅନୁମତିରେ ପବିତ୍ର ସଂସ୍କୃତ ଭାଗବତଙ୍କୁ ଭାଷାନ୍ତର କରି ପାଠ କରୁଥିବାରୁ ମହା ପ୍ରଭୁଙ୍କୁ ଅବମାନନା ସହିତ ଅପରାଧ କରିଥିବା ବିବେଚିତ କରି ରାଜ ନଅର ମଧ୍ୟରେ ଥିବା ଠାକୁରଘର ପାଖରେ ବନ୍ଦୀକରି ରଖିଲେ। ମହାରାଣୀ ବନ୍ଦୀଶାଳାରେ ବାଳକର ସୁଲଳିତ କଣ୍ଠରେ ଭାଗବତ ଶୁଣିବା, ମା' ପଦ୍ମାବତୀଙ୍କ ଆକୁଳ ନିବେଦନ ଓ ମହାପ୍ରଭୁଙ୍କ ସ୍ୱପ୍ନାଦେଶ ବାଳକ ଜଗନ୍ନାଥଙ୍କୁ ମୁକ୍ତ କରିବାରେ ସହାୟକ ହେଲା ସତ, ମାତ୍ର ଶ୍ରୀମନ୍ଦିରରେ ଓଡ଼ିଆ ଭାଗବତ ପରିବେଷଣ କରିବାରୁ ବଞ୍ଚିତ ହେଲେ ମୁକ୍ତି ମଣ୍ଡପ ପଣ୍ଡିତଙ୍କ ପ୍ରାଧାନ୍ୟ ଯୋଗୁଁ। ମହାପ୍ରଭୁଙ୍କ ଇଚ୍ଛା ଥିଲା ଭିନ୍ନ। ଭାଗବତର ଅମୃତବାଣୀ ନିରକ୍ଷର ସର୍ବସାଧାରଣଙ୍କ ନିକଟରେ ପହଞ୍ଚାଇବା ଥିଲା ଉଦ୍ଦେଶ୍ୟ। ସର୍ବପ୍ରଥମେ ତେଲି ମହାସଭାରେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ଶୁଣାଇବା ପରେ ଧୀରେ ଧୀରେ ସବୁ ଅଂଚଳକୁ ପ୍ରସାରିତ ହୋଇଗଲା। ସବୁଠି ଏହା ଆଦର ଲାଭ କରିବା ସହିତ ପ୍ରତି ଗାଁରେ ଭାଗବତ ଟୁଙ୍ଗି କରି ପ୍ରତ୍ୟହ ସନ୍ଧ୍ୟାରେ ପାଠ କଲେ। ହ୍ରାସ ପାଇଲା ସଂସ୍କୃତ ପଣ୍ଡିତଙ୍କ ଗୁରୁତ୍ୱ। ତେଣୁ ସେମାନେ ଜଗନ୍ନାଥଙ୍କ ବିରୁଦ୍ଧରେ ଅପପ୍ରଚାର କଲେ। ଓଡ଼ିଆ ଭାଗବତ ଅଶୁଦ୍ଧ ଏବଂ ଏହା ପାଠ କରିବା ପାପ ବୋଲି ସମସ୍ତ ଭକ୍ତଙ୍କ ମନରେ ଭରିବାକୁ ଚେଷ୍ଟା କଲେ। ଭକ୍ତର ନିବେଦନ ଶୁଣିଲେ ମହାପ୍ରଭୁ। ମହାରାଜାଙ୍କୁ ସ୍ୱପ୍ନାଦେଶରେ ନିର୍ଦ୍ଦେଶ ଦେଲେ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ପ୍ରତ୍ୟହ ବଟ ଗଣେଶଙ୍କ ନିକଟରେ ପାଠ କରିବା ପାଇଁ। ସେହିଦିନଠାରୁ ଜଗନ୍ନାଥ ଦାସ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ଶ୍ରୀମନ୍ଦିର ବେଢାରେ ଆଧ୍ୟାତ୍ମିକ ଭାବ ପ୍ରଚାର ଓ ପ୍ରସାରରେ ଅତିବାହିତ କରିଥିଲେ।

ମହାପ୍ରଭୁଙ୍କୁ ସମ୍ପୂର୍ଣ୍ଣ ସମର୍ପିତ କବି ବଟ ଗଣେଶ ନିକଟରେ ସାକ୍ଷାତ ହୁଏ ଶ୍ରୀଚୈତନ୍ୟଙ୍କ ସହିତ। କବିଙ୍କ ଶବ୍ଦବିଭବ, ଛନ୍ଦ ଲାଳିତ୍ୟ, ରୂପକଳ୍ପ ଓ ଅସାଧାରଣ କାବ୍ୟ ଚାତୁରୀ ଶ୍ରୀ ଚୈତନ୍ୟଙ୍କୁ ବିସ୍ମିତ କରିଥିଲା। ଶ୍ରୀମଦ୍ ଭାଗବତର ପଦାବଳୀ, ଶ୍ରୀଜଗନ୍ନାଥଙ୍କ ପ୍ରତି ଥିବା ଭକ୍ତି ଓ ପ୍ରେମ ଦେଖି ଶ୍ରୀଚୈତନ୍ୟ ତାଙ୍କୁ ଅତିବଡୀ ଉପାଧିରେ ଭୂଷିତ କରିଥିଲେ। ନିଜର ଅସାମାନ୍ୟ ପାଣ୍ଡିତ୍ୟ, ପ୍ରଗାଢ଼ ଉଦ୍ୟମ,ଐକାନ୍ତିକ ନିଷ୍ଠା, ପ୍ରବଳ ଇଚ୍ଛା ଶକ୍ତି ଓ ଶ୍ରୀଜଗନ୍ନାଥଙ୍କ ପ୍ରତି ଅତୁଟ ବିଶ୍ୱାସ ଯୋଗୁଁ ନବାକ୍ଷରୀ ଶ୍ରୀମଦ୍‌ଭାଗବତ ଓଡ଼ିଆଙ୍କୁ ଉପହାର ଦେଇ ଓଡ଼ିଶା ଇତିହାସରେ ଅଧିକାର କଲେ ସ୍ୱତନ୍ତ୍ର ସ୍ଥାନ। ଫଳସ୍ୱରୂପ ଶହ ଶହ ବର୍ଷ ବ୍ୟାପୀ ଅତିବଡୀ ଜଗନ୍ନାଥ ଦାସଙ୍କ ଭାଗବତ ଉତ୍କଳର ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ ଏବଂ ପାରିବାରିକ ଜୀବନକୁ ବହୁଳ ପ୍ରଭାବିତ କରିବା ସହିତ ମହିମାନ୍ୱିତ କରିଆସିଛି ଓଡିଶାର ଜାତୀୟ ଜୀବନ ।

*ବି-୧୦/୧୫୪,କେନ୍ଦ୍ରୀୟ ବିହାର*
*ପୋ:ତମାଣ୍ଡୋ,ଭୁବନେଶ୍ୱର-୭୫୧୦୨୮*
*ଦୂରଭାଷ: ୯୩୪୬୩୧୭୩୨୮*

# ଦଶ ମହାବିଦ୍ୟା

## ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆ

ଶକ୍ତିସାଧନାର ପ୍ରାଚୀନତା ଓ କ୍ରମ ବିକାଶ ସଂପର୍କରେ ଶାସ୍ତ୍ର, ପୁରାଣ, ଉପପୁରାଣ, ଅସଂଖ୍ୟ ତନ୍ତ୍ର ଲୋକସାହିତ୍ୟ ଏବଂ ବିଭିନ୍ନ ଯୁଗର ପ୍ରତ୍ନତାତ୍ତ୍ୱିକ ବିଭବରୁ ଧାରାବାହିକ ଭାବେ ଉପାଦାନ ମିଳିଥାଏ। ଶକ୍ତି ସାଧନାର ପ୍ରଚୀନତା ସଂମ୍ପର୍କରେ ନୃତତ୍ତ୍ୱବିତ୍ ଓ ପ୍ରତ୍ନତତ୍ତ୍ୱବିତ୍‌ମାନେ ବିଶଦ ଆଲୋଚନା କରି ପ୍ରମାଣ କରିଛନ୍ତି ଯେ ଏହି ଚିନ୍ତାଧାରା ପ୍ରାକ୍ ଐତିହାସିକ ଯୁଗରୁ ଆରମ୍ଭ ହୋଇଛି। ସାର୍ ଜନ୍ ମାର୍ଶାଲ, ଇରନେଷ୍ଟ ମାକେ, ରାଖାଲ ଦାସ ବନ୍ଦୋପାଧାୟ, ଦୟାରାମ ସାହାଣୀ, ନନୀ ଗୋପାଲ ମଜୁମଦାର, ରାମପ୍ରସାଦ ଚନ୍ଦା, ପ୍ରଭୃତି ପ୍ରତ୍ନତତ୍ତ୍ୱବିତ୍‌ମାନେ ନିଃସନ୍ଦେହରେ ସ୍ୱୀକାର କରିଅଛନ୍ତି ଯେ ସିନ୍ଧୁ ଉପତ୍ୟକା ସଭ୍ୟତାରେ ଶିବଶକ୍ତି ଉପାସନାର ପ୍ରଚଳନ ଥିଲା। ଜନ୍ ମର୍ଶାଲଙ୍କ ମତ ଉଦ୍ଧାର କରି ଡି.ସି. ସରକାର କହିଛନ୍ତି, “The objects found at Mahenjodaro include many figurines of the mother Goddesses and point to the wide prevalence of her cult. Such figurines discovered from pre-historic as well as later sites in different parts of India are usually nude, but wear a peculiar head-dress, a wide girdle and quantity of jewellery. A prehistoric terracotta seal from Harappa contains a representation of the same goddess Who is shown upside down with her Legs wide apart and a plant issuing from her womb and with a pair of figurs (C.f the association of the Lion with the Indian mother goddess) towards the left standing facing each other. The fundamental idea of mother goddess cute was the belief in a female energy as the source of creatin.”

ଡଃ ଉପେନ୍ଦ୍ର ନାଥ ଦତ୍ତ Man-in-India ପତ୍ରିକାରେ ତାଙ୍କର ଗବେଷଣାପୂର୍ଣ୍ଣ Vedic Funeral Customs and Indus Valley culture ନିବନ୍ଧରେ ମର୍ଶାଲଙ୍କ ବ୍ୟକ୍ତବ୍ୟ ଉପରେ ମନ୍ତବ୍ୟ ଦେଇ କହିଛନ୍ତି– “It exhibits to our eyes, on the one hand, the worship of the mother Goddess and side by side with her a God who, we have seen, has good reasion to recognizeas the prototype of Historic Siva. ”

Thus it is clear that the worship of Siva and his Sakti, the mother goddess has already developed in the vedic Age and the Puranic sects or the same cult based their beliefs in Vedic literature on the other side, we find the phallic symbols on the same cults of Mahenjodaro.”

ଉପରୋକ୍ତ ବିଶ୍ଳେଷଣ ଶକ୍ତି ଉପାସନାର ପ୍ରାଚୀନତା ସଂପର୍କରେ ଆଲୋକପାତ କରେ। କାଳକ୍ରମେ ଶକ୍ତି ଉପାସନା ଓ ପୂଜା ଭାରତୀୟ ସମାଜରେ ବିଶଦ ଭାବରେ ଆହୃତ ହେଲା ଏବଂ ଶକ୍ତିଦେବୀ ମହିଷମର୍ଦ୍ଦିନୀ ଦୁର୍ଗା, ପାର୍ବତୀ, ବ୍ରାହ୍ମୀ, ନାରସିଂହୀ, ଚାମୁଣ୍ଡା ପ୍ରଭୃତି ସପ୍ତମାତୃକା, କାତ୍ୟାୟନୀ, କାଳୀ, ଯୋଗିନୀ, ମଙ୍ଗଳା, ଚଣ୍ଡୀ ଦଶମହାବିଦ୍ୟା ପ୍ରଭୃତି ବିଭିନ୍ନ ରୂପରେ ପୂଜିତ ହେଲେ।

ଦେବୀଙ୍କର କଳ୍ପିତ ବିଭିନ୍ନ ରୂପ ମଧ୍ୟରେ ଦଶମହାବିଦ୍ୟା ଅନ୍ୟତମ। ମହା ଭାଗବତ ପୁରାଣ ଅନୁସାରେ ଦେବୀଙ୍କର ବହୁ ମୂର୍ତ୍ତି ମଧ୍ୟରୁ ଦଶମହାବିଦ୍ୟା ହିଁ ପ୍ରକୃଷ୍ଟ।

‘ଏତାଃ ସର୍ବାଃ ପ୍ରକୃଷ୍ଟାସ୍ତୁ
ମୂତୟ ବହୁମୂର୍ତ୍ତିସୁ।’

ଚାମିଣ୍ଡା ତନ୍ତ୍ରରେ ବର୍ଣ୍ଣିତ ନାମାବଳୀ ସର୍ବତ୍ର ଗ୍ରହଣ କରାଯାଇଛି –

“କାଳୀ ତାରା ମହାବିଦ୍ୟା
ଷୋଡ଼ଷୀ ଭୁବନେଶ୍ୱରୀ।
ଭୈରବୀ ଛିନ୍ନମସ୍ତାଚ
ବିଦ୍ୟା ଧୂମାବତୀ ତଥା।
ବିଗଳା ସିଦ୍ଧ ବିଦ୍ୟାଚ
ମାତଙ୍ଗୀ କମଳାତ୍ମିକା।
ଏତା ଦଶମହାବିଦ୍ୟା
ସିଦ୍ଧବିଦ୍ୟା ପ୍ରକିର୍ତ୍ତୀତାଃ।”

ସତୀଙ୍କର ଏହି ଦଶବିଧ ରୂପ ଦଶମହାବିଦ୍ୟା ରୂପେ ପରିଚିତ। ଏହି ଦଶମହାବିଦ୍ୟା ପୃଥକ ଭାବରେ ଦଶଗୋଟି ରୂପ ହୋଇଥିଲେ ମଧ୍ୟ ମୂଳତଃ ଗୋଟିଏ। ଚାମୁଣ୍ଡା ତନ୍ତ୍ର ଅନୁସାରେ କାଳୀ ଏବଂ ତାରା ମହାବିଦ୍ୟା। ଷୋଡ଼ଷୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା ଏବଂ ଧୂମାବତୀ ବିଦ୍ୟା ଏବଂ ବଗଳା, ମାତଙ୍ଗୀ, କମଳା ସିଦ୍ଧ ବିଦ୍ୟା ନାମରେ ଖ୍ୟାତ। ଏହି ଦଶ ମହାଶକ୍ତି ହିଁ ଯଥାକ୍ରମେ ଦଶମହାବିଦ୍ୟା।

ଦଶମହାବିଦ୍ୟାର ପ୍ରଥମ ମହାବିଦ୍ୟା ହେଉଛନ୍ତି କାଳୀ। ତନ୍ତ୍ର ଶାସ୍ତ୍ରରେ କାଳୀଙ୍କୁ ସର୍ବଶ୍ରେଷ୍ଠ ରୂପେ ବର୍ଣ୍ଣନା କରାଯାଏ। ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ତାଙ୍କଠାରୁ ସୃଷ୍ଟି ଓ ତାଙ୍କ ଦେହରେ ଲୀନ ହୁଅନ୍ତି। ମାହାନିର୍ବାଣ ତନ୍ତ୍ରରେ ବର୍ଣ୍ଣିତ ଅଛି ଯେ, ମହା ଦେବୀ ନିର୍ଗୁଣା ହେଲେ ମଧ୍ୟ ଭକ୍ତମାନଙ୍କ ପାଇଁ ବସ୍ତୁଜଗତ ସହିତ ମିଳିତ ହୋଇ ସତ୍ତ୍ୱ, ରଜ, ତମ ଆଦି ତ୍ରିଗୁଣରେ ପ୍ରକାଶମାନ ହୁଅନ୍ତି। ଏହି ତ୍ରିଗୁଣ ହିଁ ମହାବିଦ୍ୟା ରୂପେ ପ୍ରକାଶମାନ। ମହାପ୍ରଳୟ ସମୟରେ ସମଗ୍ର ବ୍ରହ୍ମାଣ୍ଡ ‘କାଳ’ ଦ୍ୱାରା ହିଁ କବଳିତ ହୋଇଥାଏ। ସେ କାଳକୁ କବଳିତ କରିଥିବାରୁ ‘କାଳୀ’ ନାମରେ ପରିଚିତ।

**କାଳୀ –**

କାଳୀ ହେଉଛନ୍ତି ଆଦ୍ୟା ମହାବିଦ୍ୟା। ସମସ୍ତ ସୃଷ୍ଟି ଓ ଦେବତାବୃନ୍ଦ କାଳୀଙ୍କଠାରୁ ସମ୍ଭୂତ ଏବଂ ପ୍ରଳୟ କାଳରେ ତାଙ୍କ ଦେହରେ ବିଲୀନ ହୁଅନ୍ତ। କାଳୀ ତନ୍ତ୍ରରେ ଧ୍ୟାନ ଅନୁସାରେ ସେ କରାଳ ବଦନା,

ଷୋରା, ମୁକ୍ତକେଶୀ, ଚତୁର୍ଭୁଜା, ପୀନୋନ୍ନତ ପୟୋଧର, ମହାମେଘପ୍ରଭା, ଶ୍ୟାମା, ଘୋରରବା। ତାଙ୍କର ବାମପାର୍ଶ୍ୱସ୍ଥ ଉର୍ଦ୍ଧହସ୍ତରେ ସଦ୍ୟ ଛିନ୍ନମୁଣ୍ଡ, ନିମ୍ନ ହସ୍ତରେ ଖଡ୍‌ଗ ଏବଂ ଦକ୍ଷିଣ ପାର୍ଶ୍ୱସ୍ଥ ଅଭୟମୁଦ୍ରା ଉର୍ଦ୍ଧହସ୍ତରେ ଅଭୟମୁଦ୍ରା। ନିମ୍ନ ହସ୍ତରେ ବରଦମୁଦ୍ରା। ତାଙ୍କ ଗଳାରେ ପ୍ରତୀକ ମୁଣ୍ଡମାଳା, ସେଥିରୁ ରୁଧିର ଧାରା ବିଗଳିତ ହୋଇ ଦେବୀଙ୍କ ଶରୀର ରୁଧିର ସ୍ନାତା, ତାଙ୍କର ଓଷ୍ଠ ପ୍ରାନ୍ତରୁ କ୍ଷରିତ ରକ୍ତଧାରା ଦ୍ୱାରେ ତାଙ୍କର ମୁଖମଣ୍ଡଳ ରକ୍ତାକ୍ତ। ଘୋର ରବକାରୀ ଶୃଗାଳଗଣ ଦେବୀଙ୍କ ଚତୁର୍ଦ୍ଦିଗରେ ପରିବେଷ୍ଟିତ। ଦେବୀ ହାସ୍ୟମୁଖୀ, ଦିଗମ୍ବରୀ ଏବଂ ମୁକ୍ତକେଶୀ, ତାଙ୍କର ଶିରଭୂଷଣ ଅର୍ଦ୍ଧଚନ୍ଦ୍ର। ଶିବରୂପୀ ମହାଦେବୀଙ୍କ ବକ୍ଷ ଦେଶରେ ଦେବୀ ଦଣ୍ଡାୟମାନ। ମଦ୍ୟପାନ ଦ୍ୱାରେ ତାଙ୍କର ନୟନ ବିଘୂର୍ଣ୍ଣିତ। ମୁଖପଦ୍ମ ହାସ୍ୟବିକଶିତ। କାଳିକା ଦେବୀ ଅଟ୍ଟହାସ୍ୟ କାରିଣୀ। କାଳିକା ଜଗତର ମାତା। ଶୋକଦୁଃଖ ବିନାଶିନୀ।

ମୁଣ୍ଡକ ଉପନିଷଦରେ କାଳୀଙ୍କ କରାଳ ମୂର୍ତ୍ତିର ବିବରଣ ଉପଲବ୍ଧ ହୋଇଥାଏ-

'କାଳୀ କରାଳୀଚ
ସୁଲୋହିତା ଯା ଚ ସୁଧୂମ୍ରବର୍ଣ୍ଣା।'
'ସ୍ଫୁଲିଙ୍ଗନୀ ବିଶ୍ୱରୁଚୀ ଚ ଦେବୀ
ଲୋଲାୟମାନ ଇତି ସପ୍ତଜିହ୍ୱାଃ।'

(ମୁଣ୍ଡକ ଉପନିଷଦ, ଦ୍ୱିତୀୟ ଖଣ୍ଡ, ୪ର୍ଥ ମନ୍ତ୍ର)

ପୁରାଣ ଯୁଗରେ ବୈଦିକ ଯୁଗୀୟ କାଳୀତତ୍ତ୍ୱ ଚିନ୍ତନ ସାକାର ରୂପ ଧାରଣ କରିଥିଲା। କାଳ ଅର୍ଥାତ୍ ରୁଦ୍ରଙ୍କ ଉପରେ କାଳୀଙ୍କ ଦଣ୍ଡାୟମାନ ଉଗ୍ରମୂର୍ତ୍ତିର ଅଚିନ୍ତନୀୟ କଳ୍ପନା ମଧ୍ୟରେ ପୁରାଣ ଯୁଗରେ କାଳୀ ଉପାସନାର ପ୍ରସାର ଘଟିଥିଲା। କାଳୀଙ୍କ ମୂର୍ତ୍ତିରେ ସଂହାରର କରାଳ ବିଭିଷିକା ସୂଚୀତ କରାଯାଇ ସାକାର ପୂଜାର ଅୟମାରମ୍ଭ ଘଟିଲା। ଦେବୀଙ୍କ ମୂର୍ତ୍ତି ପ୍ରଳୟକାଳୀନ ମେଘମାଳା ସଦୃଶ କୃଷ୍ଣବର୍ଣ୍ଣା, ମୁକ୍ତକେଶପାଶ, ଲୋଳରସନା, ନୃମୁଣ୍ଡମାଳିନୀ, ତଥା ଅତ୍ୟନ୍ତ ଭୟଙ୍କର ସ୍ୱରୂପ ଗ୍ରହଣ କଲା। ଏହି ମୂର୍ତ୍ତିକୁ କେନ୍ଦ୍ରକରି ପୁରାଣ ସମୂହରେ ବିଭିନ୍ନ ଆଖ୍ୟାୟିକା ବର୍ଣ୍ଣନା କରାଗଲା। ମାର୍କଣ୍ଡେୟ ପୁରାଣରେ ମହାକାଳୀଙ୍କ ଉତ୍ପତ୍ତି ସମ୍ବନ୍ଧରେ କୁହାଗଲା ଯେ ପ୍ରଳୟ କାଳରେ ସମ୍ପୂର୍ଣ୍ଣ ସଂସାର ଜଳମଗ୍ନ ଥିଲା ସମୟରେ ଯୋଗନିଦ୍ରା ଭିଭୂତ ଭଗବାନ ବିଷ୍ଣୁଙ୍କ କର୍ଣ୍ଣମୂଳରୁ ମଧୁ ଓ କୈଟଭ ନାମକ ରାକ୍ଷସଦ୍ୱୟ ଉତ୍ପନ୍ନ ହୋଇ ବ୍ରହ୍ମାଙ୍କୁ ଆକ୍ରମଣ କରନ୍ତେ ବ୍ରହ୍ମା ଯୋଗନିଦ୍ରାଙ୍କୁ ସ୍ତୁତି କଲେ ତଥା ବ୍ରହ୍ମାଙ୍କ ସ୍ତୁତିରେ ପ୍ରସନ୍ନ ହୋଇ ମହାମାୟା ପ୍ରତ୍ୟକ୍ଷ ଆବିର୍ଭାବ ହୋଇଥିଲେ। କାଳୀ ଉପାସନାର ଉଦ୍ଧରଣରେ ଏହି ଉପାଖ୍ୟାନ ଶ୍ରୀ ଦୁର୍ଗାସପ୍ତସତୀ ପ୍ରଥମ ରଚିତ ରୂପେ ପ୍ରସିଦ୍ଧି ଲାଭ କଲା। ଏହି ପ୍ରଥମ ଚରିତର ଧ୍ୟାନରେ ଉଲ୍ଲେଖ ହେଲା।

"ଓଁ ଖଡ୍‌ଗଂ ଚକ୍ରେ ଗଦେଷୁଚାପ
ପରିପାନ ଶୂଳଂ ଭୁଶୁଣ୍ଡୀ ଶିରଃ
ଶଙ୍ଖସଂଦଧତୀ କରୈସ୍ତ୍ରିନୟନାଂ
ସର୍ବାଙ୍ଗଭୂଷାବୃତାମ୍।
ନିଳାଶ୍ମଦ୍ୟୁତି ମାସ୍ୟ-ପାଦ ଦଶକଂସେବେ
ମହାକାଳିକାଂ
ଯାମ ସ୍ତୌତ୍ ଶାୟିତେ
ହରୌକମଳେକୋ ହନ୍ତୁ ମଧୁ କୈଟଭମ୍।"

(ଶ୍ରୀ ଶ୍ରୀ ଚଣ୍ଡୀ, ପ୍ରଥମ ଚରଣ ଧ୍ୟାନ)

ଧ୍ୟାନରେ ମହାକାଳୀ ଦଶହସ୍ତରେ ଖଡ୍‌ଗ, ଚକ୍ର, ଗଦା, ତୀର, ଧନୁ, ପରିଘ, ଶଙ୍ଖ, ତ୍ରିଶୂଳ, ଭୂଶୁଣ୍ଡୀ ଓ ନରମୁଣ୍ଡ ଧାରଣ କରିଛନ୍ତି। ସେ ତ୍ରିନୟନା, ସର୍ବାଳଙ୍କାର ଭୂଷିତା, ନୀଳକାନ୍ତ ମଣିସମ ପ୍ରଭାଯୁକ୍ତ, ଦଶପାଦ ଓ ଦଶ ମୁଖ ବୋଲି ବର୍ଣ୍ଣନା କରାଗଲା। ଧ୍ୟାନାନୁ ଯାୟୀ ମୂର୍ତ୍ତିବନ୍ଦନ ପରଂପରାରେ କାଳୀଙ୍କର ଏତାଦୃଶ ମୂର୍ତ୍ତିପୂଜାର ବ୍ୟାପକ ପ୍ରସାର ଘଟିଥିଲା। ବୈକୃତିକ ରହସ୍ୟର ସିଦ୍ଧାନ୍ତାନୁସାରେ ମହାକାଳୀ ନିଷ୍ଣୁଙ୍କର ଯୋଗନିଦ୍ରା ରୂପୀ ତାମସୀ ବୋଲି ଅଭିହିତା ହେଲେ।

ଯୋଗନିଦ୍ରା ହରେସୁକ୍ତା ମହାକାଳୀ ତମରୁଣା
ମଧୁକୈଟଭ ନାଶାର୍ଥଂ ଯାଂ ତୁଷ୍ଟାବାମ୍ବୁ
କାସନଃ।

(ଶ୍ରୀ ଶ୍ରୀ ଚଣ୍ଡୀ, ବୈକୃତିକ ରହସ୍ୟ, ଦ୍ୱିତୀୟ ମନ୍ତ୍ର)

ଏହି ରହସ୍ୟରେ ରହସ୍ୟରେ ମଧ୍ୟ ଦେବୀ ମହାକାଳୀଙ୍କ ଦଶମୁଖ, ଦଶହସ୍ତ ଓ ଦଶପାଦ ବିଶୁଷ୍ଟ ଅଞ୍ଜନପ୍ରଭା ବା କଜ୍ଜଳସମକୃଷ୍ଣବର୍ଣ୍ଣା ବୋଲି ଉଲ୍ଲେଖ କରାଯାଇ କାଳୀଙ୍କ କଳାର ଅବତାରଣା କରାଗଲା।

ତ୍ୟକ୍ତ୍ୱା ଦାକ୍ଷଂ ଶରୀର ଞ୍ଚ ବଭୂବାଚକକନ୍ୟକା,
ନାମ୍ନାକଳୀତି ବିଖ୍ୟାତା ବିଶ୍ୱରୂପ ମହେଶ୍ୱରୀ।

(ସୌରପୁରାଣ, ୫୩/୧୫-୧୬)

ବିଭିନ୍ନ ପୁରାଣରେ ଉମା, ସତୀ ଓ ପାର୍ବତୀଙ୍କୁ କାଳୀ କୁହାଯାଇଛି। ଏଥିରି ଅନୁମିତ ହୁଏ ପୁରାଣ ଯୁଗରେ କାଳୀ ଉପାସନା ଭବ୍ୟରୂପ ଗ୍ରହଣ କରିଥିଲା।

ବୈଦିକ ମୁନି ଋଷିବୃନ୍ଦ ଧ୍ୟାନଯୋଗ ମାଧ୍ୟମରେ ମହାମାୟା ମହାକାଳୀଙ୍କର ଯୋଉଁ ରୂପ ପ୍ରତ୍ୟକ୍ଷ ଦର୍ଶନ କରିଥିଲେ ତାହାହିଁ ପୁରାଣ ଯୁଗରେ ସାର୍ବଜନୀନ ସାକାର ଉପାସନାର ସ୍ୱରୂପ ପ୍ରବେଶ କଲା। ସେହି ରୂପ ରହସ୍ୟ ହିଁ ମାର୍କଣ୍ଡେୟ ପୁରାଣୋକ୍ତ ଦୁର୍ଗା ସପ୍ତଶତୀରେ ଅଭିବ୍ୟକ୍ତ। ଏଥିରୁ ପ୍ରମାଣୀତ ହେଉଛି, ବୈଦିକ ଯୁଗୀୟ ପରମତତ୍ତ୍ୱ ସ୍ୱରୂପା ମହାକାଳୀ ପୁରାଣ ଯୁଗରେ ପ୍ରବୃତ୍ତି ଓ ନିବୃତ୍ତିର ଆଦାର ରୂପେ ପ୍ରତିଷ୍ଠା ଲାଭକଲା। ମହନୀୟତା ହେଉଛି, ପୁରାଣ ଯୁଗରେ ସୁଧୀଜନମାନସରେ ଦଶଭୁଜା ମହାକାଳୀ ଦଶମହାବିଦ୍ୟା ରୂପେ ପ୍ରସିଦ୍ଧି ଲାଭ କଲେ ଏବଂ ତନ୍ମଧ୍ୟରୁ କାଳୀ ଶ୍ରେଷ୍ଠା ଓ ଜ୍ୟଷ୍ଠା ବିଦ୍ୟାରୂପେ ସୁପ୍ରସିଦ୍ଧା ହେଲେ।

ଶବାରୂଢ଼ାଂ ମହାଭିମାଂ ଘୋରଦ୍ରଷ୍ଟାଂ
ବରପ୍ରଦାମ୍,
ହାସ୍ୟଯୁକ୍ତାଂ ତ୍ରିନେତ୍ରାଞ୍ଚ କପାଳ କର୍ତ୍ତୃକା
ଧରାମ୍।
ମୁକ୍ତକେଶୀଂ ଲୋଲଜିହ୍ୱାଂ ପିବନ୍ତୀ
ରୁଧିରଂ ମୁହୁଃ,
ଚତୁର୍ବାହୁଯୁଗ୍ମାଂ ଦେବୀଂ ବରାଭୟକରାଂ
ସ୍ମରେତ।

(ଦଶମହାବିଦ୍ୟା, କାଳୀଧ୍ୟାନ)

ମହାକାଳ ପୁରୁଷଙ୍କ ଶକ୍ତି ସ୍ୱରୂପିଣୀ ମହାକାଳୀ ଶବାରୂଢ଼ା ଅର୍ଥାତ୍ ଶକ୍ତିବିହୀନ ଶିବଙ୍କ ଉପରେ ଅଅସୀନା ରୂପେ ଖ୍ୟାତହେଲେ ତଥା ବିଶ୍ୱର ସୃଷ୍ଟକାରିଣୀ ରୂପେ ବିଶ୍ୱବନ୍ଦନୀୟା ହେଲେ। ମହାକାଳ ବା ଶିବଙ୍କ ସହିତ ତାଙ୍କର ଆତ୍ମିକ ସଂପର୍କ ପ୍ରତିଷ୍ଠା କରାଯାଇ ଶିବଙ୍କ ମହାକାଳ, ଅକ୍ଷୋଭ୍ୟ, ପଞ୍ଚବକ୍ର, ତ୍ର୍ୟମ୍ବକ, ଦକ୍ଷିଣାମୂର୍ତ୍ତି, ଶୂନ୍ୟପୁରୁଷ, ମହାରୁଦ୍ର, କବନ୍ଧ, ମତଙ୍ଗ ଓ ସଦାଶିବ ପ୍ରବୃତି ଦଶସ୍ୱରୂପରେ ଶକ୍ତ ସ୍ୱରୂପିଣୀ ମହାକାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଓ କମଳାତ୍ମିକାଙ୍କ ପୂଜାର ପ୍ରସାର ଘଟିଲା। ଏହି ଦଶଶକ୍ତି ବା ଦଶମହାବିଦ୍ୟାଙ୍କ ମଧ୍ୟରେ କାଳୀ ଅଦ୍ୟା, ଅର୍ଥାତ୍ ପ୍ରଥମ ବିଦ୍ୟା ରୂପେ ପ୍ରତିଷ୍ଠିତା ହେଲେ।

ତନ୍ତ୍ରଶାସ୍ତ୍ରରେ କାଳୀଙ୍କ ବିଭିନ୍ନ ରୂପର ବର୍ଣ୍ଣନା ରହିଛି। ଯଥା- ଦକ୍ଷିଣକାଳୀ, ଭଦ୍ରକାଳୀ, ଶ୍ୟାମାକାଳୀ, କମଳାକାଳୀ, ଧାନକାଳୀ ଏବଂ ସିଦ୍ଧିକାଳୀ ପ୍ରଭୃତି। ସାଧକମାନେ ନିଜନିଜର କଳ୍ପନାନୁଯାୟୀ ନାମ ଭେଦରେ କାଳୀଙ୍କର ଉପାସନା କରୁଥିଲେ ହେଁ ସ୍ୱରୂପତଃ କାଳୀ ଏକ। କାଳୀ ପୂର୍ଣ୍ଣ ବ୍ରହ୍ମମୟୀ ମାୟାବତୀ ହୋଇଥିବାରୁ ଆବରଣ ଶୂନ୍ୟ। ତେଣୁ ସେ ହେଉଛନ୍ତ ଦିଗମ୍ବରା। କାଳୀ ମାୟା ହୋଇଥିଲେ ମଧ୍ୟ ସମଗ୍ର ଜୀବଜଗତକୁ ମଧ୍ୟ ମାୟା ପାଶରେ ବନ୍ଧନ କରିଛନ୍ତି। ଦେବୀ ଅମୃତ ତତ୍ତ୍ୱ ପ୍ରସାଦ କରିଥାଆନ୍ତି ବୋଲି ତାଙ୍କ ଲଲାଟରେ ଅର୍ଦ୍ଧଚନ୍ଦ୍ର ଶୋଭା ପାଇଥାଏ। କାଳୀଙ୍କ ଗଳାରେ ଶୋଭିତ ମୁଣ୍ଡମାଳା, ମାତୃକା ବର୍ଣ୍ଣର ପ୍ରତୀକ। କାଳୀ ଶିବରୂଢ଼ା, ଶିବଙ୍କ ବକ୍ଷ ଉପରେ ଅବସ୍ଥିତା। ଦେବୀ ସଗୁଣ ଓ ସକ୍ରିୟ ଭୂମିକା ଗ୍ରହଣ କରିଥାନ୍ତି।

ଭଦ୍ରକର ପୀଠଦେବୀ ଭଦ୍ରକାଳୀଙ୍କୁ ଭଦ୍ରକାଳୀ ମନ୍ତ୍ରରେ ପୂଜା କରାଯାଏ। ବୃହଉତନ୍ତ୍ରସାରରେ

ଭଦ୍ରକାଳୀଙ୍କର ଧ୍ୟାନ ନମ୍ନ ପ୍ରକାରେ ଦିଆଯାଇଛି।

କ୍ଷତ୍‌କ୍ଷାମି କୋଟରାକ୍ଷିମସି ମଳିନମୁଖୀ ମୁକ୍ତକେଶୀ ରୁଦନ୍ତୀ,

ନାହିଁ ତୃପ୍ତାବଦନ୍ତୀ ଜଗଦକ୍ଷିଲମିଦଂ ଗ୍ରାସ ମେକକରୋମି;

ହସ୍ତା ଭ୍ୟାଂ ଧାରୟନ୍ତୀ ଜ୍ୱଲନଲଶିଖା ।ନ୍ନିଭଂ ପାଶଯୁଗ

ଦନ୍ତୟେର୍ଜମ୍ବୁଫଳାଭୈଃ ପରିହରତୁ ଭୟପାତୁ ମାଂ ଭଦ୍ରକାଳି।

ଭଦ୍ରକର ଭଦ୍ରକାଳୀ ଲଳିତାସନା ଏବଂ ଚତୁର୍ଭୁଜା। ଉପର ଦକ୍ଷିଣ ହସ୍ତରେ ଖଡଗ, ନିମ୍ନ ଦକ୍ଷିଣ ହସ୍ତରେ ଜପାମାଳା (ବରଦା), ଉପର ବାମ ହସ୍ତରେ ଢାଲ, ନିମ୍ନ ବାମହସ୍ତ ବାମଜଙ୍ଘ ଉପରେ ପତିତ। ତାଙ୍କର ବାମ କୋଳରେ ଗୋଟିଏ ଶିଶୁ। ପାଦତଳେ ବାହନ ସିଂହ। ଏହି ଦେବୀ ଭଦ୍ରକାଳୀ ରୂପେ ପୂଜିତା ହେଲେ ମଧ୍ୟ ଏହା ଯେ ଏକ ମାତୃକାଙ୍କର ରୂପ ଭେଦ, ଏଥିରେ ସନ୍ଦେହ ନାହିଁ।

**ତାରା:-**

ଦ୍ୱିତୀୟ ମହାବିଦ୍ୟା ତାରା ଶକ୍ତି ସଂଗମ ତନ୍ତ୍ରରେ କୁହାଯାଇଛି ଯେ କାଳୀ, ତାରା, ତ୍ରିପୁରା ସୁନ୍ଦରୀ ଏବଂ ଛିନ୍ନମସ୍ତା- ଏହି ଚାରିଜଣଙ୍କ ମଧ୍ୟରେ କିଛି ପ୍ରଭେଦ ନାହିଁ। ଜୀବଜଗତକୁ ତ୍ରାଣ କରୁଥିବାରୁ ସେ ହେଉଛନ୍ତି ତାରା। ସେ ନୀଳବର୍ଣ୍ଣା ଓ ନୟନା। ସେ ଭୟଙ୍କରୀ ହେଲେ ମଧ୍ୟ ବରଦା। ସୁଖ ଓ ମୋକ୍ଷ ପ୍ରଦାନ କାରିଣୀ ଦେବୀ ରୂପେ ପୂଜିତା। କାଳୀଙ୍କ ପରି ତାରା ମଧ୍ୟ ସର୍ବସିଦ୍ଧି ପ୍ରଦାୟିନୀ। ତାଙ୍କର ତିନୋଟି ରୂପ ଯଥା- ଏକଜଟା, ଉଗ୍ର ତାରା ଓ ନୀଳ ସରସ୍ୱତୀ ନାମରେ ପରିଲକ୍ଷିତ।

ନୀଳତନ୍ତ୍ର ଧ୍ୟାନ ଅନୁସାରେ ଦେବୀ ମୁଣ୍ଡମାଳା ବିଭୂଷିତା, ଭୟଙ୍କରୀ, ପ୍ରତ୍ୟାଲିଡପାଦା, ଖର୍ବାକୃତି, ଲମ୍ବୋଦରୀ, ଭୀମା, କଟିଦେଶ ବ୍ୟାଘ୍ରଚର୍ମାବୃତ, ନବଯୌବନ ସଂପନ୍ନା। ଚତୁର୍ଭୁଜା, ଲୋଳିଜିହ୍ୱା, ମହାଭୀମା ଓ ବରଦାୟିନୀ। ଦେବୀଙ୍କ ଦକ୍ଷିଣ ହସ୍ତ ଖଡ୍‌ଗ ଏବଂ କାତି, ବାମହସ୍ତ କପାଳ ଏବଂ ପଦ୍ମ ପୁଷ୍ପ ଦ୍ୱାରା ଶୋଭିତ। ସେ ଏକ ଜଟାଧାରିଣୀ। ମସ୍ତକ ଉପରେ ନାଗରୂପୀ ଅକ୍ଷୋଭ୍ୟ (ଶିବ) ବିରାଜମାନ। ଦେବୀଙ୍କର ତ୍ରିନୟନ ତରୁଣ ସୂର୍ଯ୍ୟମଣ୍ଡଳ ପରି ବର୍ତ୍ତୁଳା କାର। ଘୋରଦ୍ରଷ୍ଟା କରାଳିନୀ ଦେବୀ ଜ୍ୱଳନ୍ତ ଚିତା ମଧ୍ୟରେ ଦଣ୍ଡାୟମାନ। ତାରିଣୀ ତନ୍ତ୍ରରେ ଦେବୀ ଉନ୍ନତସ୍ତନୀ। ଉଗ୍ରା ଏବଂ ମହାନାଗ ଦ୍ୱାରା ବେଷ୍ଟିତା, ଶିବ ଉପରେ ଉପବିଷ୍ଟା, ଦୀର୍ଘକେଶୀ, ଚତୁର୍ଭୁଜା। ସେ ପାନପାତ୍ରରେ ରୁଧିରଧାରା ପାନ କରୁଛନ୍ତି। ନିତ୍ୟ ସର୍ବସିଦ୍ଧିପ୍ରଦା ଦେବୀ ଶିରି ନିରାସିନୀ। ପ୍ରଚୀନ ହିନ୍ଦୁଶାସ୍ତ୍ର ଅଗ୍ନିପୁରାଣରେ ତାରାଙ୍କୁ ଯୌଗିନୀ ରୂପରେ ବର୍ଣ୍ଣନା କରାଯାଇଥିବାର ଉଲ୍ଲେଖ ମିଳେ। ତା' ମଧ୍ୟରୁ ଜାଭାର ନଗରୀ ଅଭିଲେଖ (ଖ୍ରୀ:ଅ: ୭୭୮) ଓ ଅନ୍ୟ ସାହିତ୍ୟରେ ତାରା ଖୁବ୍ ପ୍ରସିଦ୍ଧି ଲାଭ କରିଥିଲେ। ତଥାପି ପ୍ରାୟ ୮ମ ଶତାବ୍ଦୀ ପର୍ଯ୍ୟନ୍ତ ଦକ୍ଷିଣ ଭାରତରେ ଦେବୀ ସଂପୂର୍ଣ୍ଣ ଭାବରେ ପରିଚିତା। ହେମଚନ୍ଦ୍ରଙ୍କ ଅଭିଧାନ ଚିନ୍ତାମଣିରେ 'ସୁତାରାକା' ବା ସୁତାରାଙ୍କୁ ନବତୀର୍ଥଙ୍କର ସୁବଧିନାଥଙ୍କର ଶାସନ ଦେବୀ ହିସାବରେ ବର୍ଣ୍ଣନା କରାଯାଇଛି। ଅନେକଙ୍କ ମତରେ ବୌଦ୍ଧତାରାଙ୍କ ପରେ ଜୈନଧର୍ମରେ ଏହି ତାରାଙ୍କର ସୃଷ୍ଟି। ଷଷ୍ଠ ଶତାବ୍ଦୀ ପୂର୍ବରୁ ତାରାଙ୍କର କୌଣସି ମୂର୍ତ୍ତି ମିଳିନାହିଁ। ମିଳିଥିବା ପ୍ରାଚୀନ ତାରାମୂର୍ତ୍ତି ବୌଦ୍ଧଧର୍ମର ଅନ୍ତର୍ଗତ। ପ୍ରଚୀନ ଯୁଗର ଶେଷବେଳକୁ ହିନ୍ଦୁ ତାରାମୂର୍ତ୍ତି ଆବିର୍ଭାବ ହେଲା। ହିରାନନ୍ଦ ଶାସ୍ତ୍ରୀ ତାଙ୍କର ପାଣ୍ଡିତ୍ୟପୂର୍ଣ୍ଣ ଗ୍ରନ୍ଥ 'ଡଙ୍କଫର କୁଲ ଛବକ୍ସବ'ଗ୍ରନ୍ଥରେ ଆଲୋକପାତ କରିଛନ୍ତି ଯେ ତାରା ଭାରତ ଏବଂ ତିବ୍ଦର ସୀମାନ୍ତ ବର୍ତ୍ତୀ ଅଞ୍ଚଳରେ ପରିକଳ୍ପିତ ହୋଇ ଭାରତର ଅନ୍ୟାନ୍ୟ ସ୍ଥାନକୁ ପରିବ୍ୟାପ୍ତ ହୋଇଛନ୍ତି।

ତାରା ହେଉଛନ୍ତି ଦେବଗୁରୁ ବୃହସ୍ପତିଙ୍କ ଆରାଧ୍ୟା ଦେବୀ। ଶତ୍ରୁନାଶ, ବାକ୍ ଶକ୍ତିର ପ୍ରାପ୍ତି ତଥା ଭୋଗ, ମୋକ୍ଷର ଉପଲବ୍ଧି ପାଇଁ ତାରା ଅଥବା ଉଗ୍ରତାରାଙ୍କ ସାଧନା କରାଯାଇଥାଏ। ତାରାଙ୍କୁ ଦଶମହାବିଦ୍ୟାମାନଙ୍କରେ ଅଦ୍‌ଭୂତ ପ୍ରଭାବଶାଳୀ ତଥା ସର୍ବକାର୍ଯ୍ୟର ଅଧିଷ୍ଠାତ୍ରୀ ଦେବୀ ଭାବରେ ପୂଜା କରାଯାଇଥାଏ। ପ୍ରକାଶଥାଉକି, ପ୍ରଥମେ ଚୀନ, ତିବ୍ଦତ, ଲଦାଖ ଆଦି ଅଞ୍ଚଳରେ ଅଦ୍ୟାବଧି ତାରାଙ୍କ ଉପାସନା ତନ୍ତ୍ର ପଦ୍ଧତିରେ ପ୍ରଚଳିତ ହୋଇଆସୁଛି। ବିହାରର ସହରସା ଜିଲ୍ଲାର ପ୍ରସିଦ୍ଧି ମହିଷୀ ଗ୍ରାମରେ ଉଗ୍ରତାରାଙ୍କ ସିଦ୍ଧପୀଠ ରହିଛି। କିହାଯାଏ ଯେ, ମହର୍ଷି ବଶିଷ୍ଠ ଏହିଠାରେ ତପସ୍ୟା କରି ସିଦ୍ଧିପ୍ରାପ୍ତ ହୋଇଥିଲେ।

**ଷୋଡ଼ଶୀ:-**

ମହାବିଦ୍ୟା ଷୋଡ଼ଶୀ ଶ୍ରୀବିଦ୍ୟା ତ୍ରିପୁରାସୁନ୍ଦରୀ ନାମରେ ମଧ୍ୟ ଖ୍ୟାତ। କୁବଜ୍ଜିକା ତନ୍ତ୍ର ଅନୁସାରେ ଦେବୀ ସର୍ବଦା 'ଶ୍ରୀ' ପ୍ରଦାନ କରନ୍ତି ବୋଲି ଦେବୀ ଶ୍ରୀବିଦ୍ୟା ଏବଂ ନିର୍ଗୁଣା ହୋଇଥିବାରୁ ସେ ଷୋଡ଼ଶୀ।

ଶ୍ରୀ ଦାତ୍ରୀ ଚ ସଦାବିଦ୍ୟା ଶ୍ରୀବିଦ୍ୟା ପରିକୀର୍ତ୍ତିତା,

ନିର୍ଗୁଣା ଚ ମହାଦେବୀ ଷୋଡ଼ଶୀ ପରିକୀର୍ତ୍ତିତା,

(କୁବ୍‌ଜ୍ଜିକା ତନ୍ତ୍ର, ପୃ-୫)

କାଳିକା ପୁରାଣରେ ଦେବୀଙ୍କର ତ୍ରିପୁରା ନାମ ବ୍ୟାଖ୍ୟା କରିବାକୁ ଯାଇ ଉଲ୍ଲେଖ ଅଛି ଯେ ଦେବୀଙ୍କର ମଣ୍ଡପ ତ୍ରିକୋଣ, ମନ୍ତ୍ର ତ୍ରି ଅକ୍ଷର ପୁଣି ରୂପ ତ୍ରିବିଧ। କୁଣ୍ଡଳିନୀ ଶକ୍ତି ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସୃଷ୍ଟି ପ୍ରକରଣରେ ତ୍ରିବିଧା ହୁଅନ୍ତି। ତେଣୁ ଦେବୀଙ୍କୁ ତ୍ରିପୁରା କୁହାଯାଏ।

ତ୍ରିକୋଣଂ ମଣ୍ଡଳଂ ଚାସ୍ୟା ଭୂପୁରୋଞ୍ଚ ତ୍ରିରେଖକଂ

ମନ୍ତ୍ରୋପି ତ୍ରକ୍ଷରଃ ପ୍ରୋକ୍ତସ୍ତଥା ରୂପତ୍ରୟଂ ପୁଣଃ।

ତ୍ରିବିଧା କୁଣ୍ଡଳୀ ଶକ୍ତି ସ୍ତ୍ରୀ ଦେବାନାଂ ଚ ସୃଷ୍ଟିୟେ

ସର୍ବତ୍ରୟଂ ଜସ୍ମତ୍ ତସ୍ମାତ୍ ତ୍ରିପୁରାମତା।

(କାଳିକା ପୁରାଣ)

ଦେବୀ ଷୋଡ଼ଶୀ ହେଉଛନ୍ତି ମହେଶ୍ୱରୀ ଶକ୍ତିଙ୍କ ସର୍ବଶ୍ରେଷ୍ଠ ମନୋହର ଶ୍ରୀ ବିଗ୍ରହ। ଦେବୀ ହେଉଛନ୍ତି ରକ୍ତବର୍ଣ୍ଣା, ତ୍ରିନୟନା ଓ ଚତୁର୍ଭୁଜା। କେହି କେହି ତାଙ୍କୁ ଲଳିତା ବୋଲି ମଧ୍ୟ କୁହନ୍ତି। ବ୍ରହ୍ମା, ବିଷ୍ଣୁ, ରୁଦ୍ର ଓ ଇନ୍ଦ୍ର ଏହି ଷୋଡ଼ଶୀଙ୍କର ପଲଙ୍କରେ ପାଦ ରୂପେ ରହିଛନ୍ତି। କୁବ୍‌ଜ୍ଜିକା ତନ୍ତ୍ର ଅନୁସାରେ- ଦେବୀ ସର୍ବଦା 'ଶ୍ରୀ' ପ୍ରଦାନ କରନ୍ତି ବୋଲି ଷୋଡ଼ଶୀ ରୂପେ ବର୍ଣ୍ଣିତା। ଏହାଙ୍କର ଚାରିଭୁଜା। ସେ ଶାନ୍ତିମୁଦ୍ରାରେ ଶୋଇଥିବା ସଦାଶିବଙ୍କ ଉପରେ କମଳ ଆସନରେ ଆସୀନ ଅଟନ୍ତି। ତାଙ୍କର ଚାରି ହାତରେ ପାଶା, ଅଙ୍କୁଶ ତଥା ବାଣ ସୁଶୋଭିତ। ଭକ୍ତଙ୍କୁ ବର ଦେବା ପାଇଁ ଦେବୀ ସର୍ବଦା ତତ୍ପର ଏବଂ ହୃଦୟ ଦୟାରେ ପରିପୂର୍ଣ୍ଣ। ଯିଏ ତାଙ୍କର ଆଶ୍ରୟ ନିଅନ୍ତି, ଭକ୍ତକୁ ସବୁ କିଛି ଦେଇଦିଅନ୍ତି। ଶିବ ହେଉଛନ୍ତି ହିରଣ୍ୟ ଗର୍ଭ ଏବଂ ଷୋଡ଼ଶୀ ହେଉଛନ୍ତି ଏହାଙ୍କର ଶକ୍ତି। ଦେବୀଙ୍କ ମଧ୍ୟରେ ଷୋଡ଼ଶ କଳା ପୂର୍ଣ୍ଣତଃ ବିକଶିତ ହୋଇ ରହିଛି। ତେଣୁ ଦେବୀ ଷୋଡ଼ଶୀ ରୂପେ ଖ୍ୟାତ।

ଦେବୀଙ୍କର ଏକାଧିକ ସ୍ତୋତ୍ର ରହିଛି। ସେଥିମଧ୍ୟରୁ ତନ୍ତ୍ରସାରରେ ବର୍ଣ୍ଣିତ ସ୍ତୋତ୍ରଟି ପ୍ରସିଦ୍ଧ। ଏହି ସ୍ତୋତ୍ର ଅନିସାରେ ଦେବୀଙ୍କର ନୟନ ଜଳରେ ପ୍ରସ୍ଫୁଟିତ ପଦ୍ମପରି ତାଙ୍କର ବିଗ୍ରହ ଉଦୀୟମାନ ସୂର୍ଯ୍ୟପରି ବର୍ଣ୍ଣ ବିଶଷ୍ଟ କମଳ ପରି ସୁନ୍ଦର ଏବଂ ସୁଧୀର ଧାରା ଆପ୍ଳୁତ। ଦେବୀ

**ତ୍ରିକୋଣ ବାସିନୀ ତ୍ରିପୁରା ଓ ତ୍ରିନେତ୍ରା। ଯେଉଁ ଭକ୍ତମାନେ ଦେବୀଙ୍କର ଅପାର କରୁଣା ଲାଭ କରିପାରନ୍ତି ସେମାନେ କନ୍ଦର୍ପ ସୌଭାଗ୍ୟପ୍ରାପ୍ତ ହୋଇ ତ୍ରିଭୁବନରେ ତରୁଣୀମାନଙ୍କର ମନମୁଗ୍ଧ କରିପାରନ୍ତି।**

**ଭୁବନେଶ୍ୱରୀ:-**

ଦଶ ମହାବିଦ୍ୟାର ଦେବୀ ଭୁବନେଶ୍ୱରୀଙ୍କୁ ବର, ଅଙ୍କୁଶ, ପାଶ ଓ ଅଭୟ ମୁଦ୍ରାରେ ପରିକଳ୍ପନା କରାଯାଇଛି। ଦଶମହାବିଦ୍ୟାରେ ଏହି ଦେବୀ ଆଦ୍ୟାଶକ୍ତି ରୂପେ ଦେବୀ ଭାଗବତରେ ପରିଚିତା ହୋଇଛନ୍ତି। କୁବ୍‌ଜିକା ତନ୍ତ୍ର ଅନୁସାରେ ଦେବୀ ଭୁବନ ପାଳନ କରନ୍ତି ବୋଲି ସୃଷ୍ଟି ସ୍ଥିତିକାରିଣୀ ଦେବୀଙ୍କୁ ଭୁବନେଶ୍ୱରୀ ଆଖ୍ୟା ଦିଆଯାଇଛି। ଦେବୀ ଭୁବନେଶ୍ୱରୀ ଉଦୀୟମାନ ସୂର୍ଯ୍ୟପରି ପ୍ରଭାମୟୀ, ଉନ୍ନତସ୍ତନୀ, ତ୍ରିନୟନା, ସ୍ମିତହାସ୍ୟମୁଖୀ। ଦେବୀଙ୍କ ନିମ୍ନ ବାମ ହସ୍ତରେ ବରମୁଦ୍ରା, ଉପର ବାମ ହସ୍ତରେ ପାଶା ଏବଂ ଦକ୍ଷିଣ ହସ୍ତରେ ଅଙ୍କୁଶ ଓ ଅଭୟମୁଦ୍ରା। ଦେବୀଙ୍କ ମୂର୍ତ୍ତି ସିନ୍ଦୁର ପରି ରକ୍ତବର୍ଣ୍ଣ, ଉଜ୍ଜ୍ୱଳ ଚନ୍ଦ୍ର ତାଙ୍କର ଶିରୋଭୂଷଣ। ତାଙ୍କର ଧ୍ୟାନ ହେଉଛି-

ଉଦ୍ୟତ୍ ଦିନକର ଦ୍ୟୁତିବିନ୍ଦୁ କିରିଟାଂ
ତୁଙ୍ଗକୁଚାଂ
ନୟନତ୍ରୟ ଯୁକ୍ତାମ୍।
ସ୍ମେରମୁଖୀଂ ବରାଙ୍କୁଶ ପାଶାଅଭୀତିକରାଂ
ପ୍ରଭାଜେ ଭୁବନେଶ୍ୱରୀମ୍।
(ଶାକ୍ତାନନ୍ଦ ତରଙ୍ଗିଣୀ)

ଭୁବନେଶ୍ୱରର ଦେବୀ ଭୁବନେଶ୍ୱରୀ ଏବଂ ତାଙ୍କର ମନ୍ଦିର (ଖାକରା) ଅଷ୍ଟମ ଶତାବ୍ଦୀରେ ନିର୍ମିତ ହୋଇଥିଲା। 'ହ୍ରୀଂ' ବୀଜ ମନ୍ତ୍ରରେ ଦେବୀ ଭୁବନେଶ୍ୱରୀଙ୍କୁ ପୂଜା କରାଯାଏ। ଦେବୀଙ୍କ ନିକଟରେ ହୋମ ପୂଜାର୍ଚ୍ଚନା ପ୍ରଭୃତି କଲେ ଅସାଧ୍ୟ କାର୍ଯ୍ୟ ସହଜରେ ସାଧ୍ୟ ହୋଇଥାଏ।

ଏହା ଗଭୀର ପ୍ରଣିଧାନ ବିଷୟ ଯେ, ବିମଳାଙ୍କ ସ୍ୱତନ୍ତ୍ର ପୂଜା ପଦ୍ଧତି ନାହିଁ। ଦେବୀଙ୍କୁ ଭୁବନେଶ୍ୱରୀ ପୂଜା ପଦ୍ଧତିରେ ପୂଜା କରାଯାଏ। ଆଶ୍ୱିନ ମାସରେ ବୀର ନରସିଂହପୁର ଶାସନରେ ରଥ ସାମନ୍ତ ବ୍ରହ୍ମଣମାନେ ବିମଳାଙ୍କୁ ଭୁବନେଶ୍ୱରୀ ପୂଜା ପଦ୍ଧତିରେ ଉପଚାର ଓ ନୈବେଦ୍ୟ ସମର୍ପଣ କରନ୍ତି। ଏପରିକି ବୁବନେଶ୍ୱରୀଙ୍କ ବୀଜମନ୍ତ୍ର 'ହ୍ରୀଂ'ରେ ମଧ୍ୟ ବିମଳାଙ୍କୁ ଧ୍ୟାନ କରାଯାଏ।

ରତ୍ନସିଂହାସନସ୍ଥ ଦେବୀ ସୁଭଦ୍ରାଙ୍କୁ ଭୁବନେଶ୍ୱରୀ ସ୍ୱରୂପରେ ଓ ବୀଜମନ୍ତ୍ରରେ ଉପାସନା କରାଯାଏ। ଏଣୁ ଏଥିରୁ ଅନୁମେୟ ଭୁବନେଶ୍ୱରୀ, ବିମଳା ଓ ସୁଭଦ୍ରା ଏକ ଓ ଅଭିନ୍ନ। ଉଡ୍ଡୀୟାନ ତନ୍ତ୍ରରେ ଏହି ତିନିଦେବୀ ବାସ୍ତବରେ ମୁଖ୍ୟ ଈଶ୍ୱରୀରୂପେ ସୂକ୍ଷ୍ମ ଭାବରେ ଗୃହିତା। ଏଣୁ ବିଷ୍ଣୁଙ୍କର ମାୟାଶକ୍ତି ରୂପେ ଯେଉଁ ଭୁବନେଶ୍ୱରୀଙ୍କ ବର୍ଣ୍ଣନା ରହିଛି, ବିଷ୍ଣୁରୂପୀ ଜଗନ୍ନାଥଙ୍କର ମାୟାଶକ୍ତି ରୂପେ ତାହାକୁ ବିମଳା ରୂପେ ତାହାକୁ ବିମଳା ରୂପେ ଉଡ୍ଡୀୟାନ ପୁରେଶ୍ୱରୀଙ୍କ ମହିମାରେ ମହିମାନ୍ୱିତ କରାଯାଇଛି।

**ଭୈରବୀ:-**

ଦେବୀ ଭୈରବୀ ହେଉଛନ୍ତି କାଳ ଭୈରବଙ୍କ ପତ୍ନୀ। ପରଶୁରାମ କଳ୍ପସୂତ୍ରରେ ଭୈରବୀ ଶବ୍ଦର ବ୍ୟାଖ୍ୟା କରାଯାଇ କୁହାଯାଇଛି ଯେ ଜଗତର ପାଳନ, ରମଣ ଅର୍ଥାତ୍ କେଳୀ, ସୃଷ୍ଟିକାଳରେ ପରମଜ୍ଞାନ ଉଦ୍‌ଗୀରଣ କରନ୍ତି ବୋଲି ସେ ଦେବୀ ଭୈରବୀ। ତନ୍ତ୍ର ଶାସ୍ତ୍ରମାନଙ୍କରେ ଦେବୀଙ୍କର ବିଭିନ୍ନ ରୂପ କଳ୍ପନା କରାଯାଇଛି- ଯଥା: ତ୍ରିପୁର ଭୈରବୀ, ଚୈତନ୍ୟ ଭୈରବୀ, ଭୁବନେଶ୍ୱର ଭୈରବୀ, ଷଟକୁଟ ଭୈରବୀ, ସମ୍ପଦା ଭୈରବୀ, ଅନ୍ନପୂର୍ଣ୍ଣା ଭୈରବୀ ଆଦି ରୂପ ଗୁଡ଼ିକ ପ୍ରଧାନ। କୁବ୍‌ଜିକା, ପ୍ରପଞ୍ଚସାର, ଜ୍ଞାନାର୍ଣ୍ଣବ ପଭୃତି ତନ୍ତ୍ରଶାସ୍ତ୍ରମାନଙ୍କରେ ଦେବୀ ଭୈରବୀଙ୍କର ବିଭିନ୍ନ ରୂପ ଧ୍ୟାନ ଗୁଡ଼ିକର ବର୍ଣ୍ଣନା ଦିଆଯାଇଛି। ଜ୍ଞାନାର୍ଣ୍ଣବ ତନ୍ତ୍ରରେ ଥିବା ଧ୍ୟାନରେ ଦେବୀ ଅନ୍ନପୂର୍ଣ୍ଣା ଭୈରବୀଙ୍କୁ ତପ୍ତକାଞ୍ଚନବର୍ଣ୍ଣା ନବୋଦିତି ଚନ୍ଦ୍ରକଳା ଦେବୀର ଶିରଭୂଷଣ ନବରତ୍ନ ପ୍ରଭାବରେ ଦେବୀଙ୍କର ମୁକୁଟ ଉଜ୍ଜ୍ୱଳ ବୋଲି ବର୍ଣ୍ଣନା କରାଯାଇଛି। ସେ ଦେବୀ କୁଙ୍କୁମ ପରି ରକ୍ତବର୍ଣ୍ଣା, ବିଚିତ୍ର ବସ୍ତ୍ର ପରିଧାନ, ତ୍ରିଲୋଚନା, ପୀନୋନ୍ନତି ପୟୋଧରୀ। ଦୁଗ୍ଧ ଧବଳ ପଞ୍ଚବକ୍ତ୍ର ତ୍ରିଲୋଚନା, ପ୍ରସନ୍ନବଦନ ନୀଳକଣ୍ଠ କପର୍ଦ୍ଦୀ ଉଜ୍ଜ୍ୱଳ ସର୍ପଭୂଷଣ କୁନ୍ଦକୁସୁମ ସନ୍ନିଭ ଶମ୍ଭୁଙ୍କୁ ।ର୍ବଦା ନୃତ୍ୟଶୀଳ ଦେଖି ପରାଦେବୀ ଆନନ୍ଦମୟୀ ଦୃଷ୍ଟା। ଦେବୀ ସାନନ୍ଦମୁଖୀ ଓ ଚଞ୍ଚଳଚକ୍ଷୁ, ନିତମ୍ବର ଉପରେ ମେଖଳା ଶୋଭା ପାଉଛି। ଦେବୀ ନିତ୍ୟ ଅନ୍ନଦାନରତା। ଭୂମି ଓ ଶ୍ରୀ ଦ୍ୱାରା ଅଳଂକୃତା। ଧ୍ୟାନଟି ହେଲା-

ତପ୍ତକାଞ୍ଚନ ବର୍ଣ୍ଣାଭ୍ୟାଂ ବାଳେନ୍ଦୁ
କୃତଶେଖରାମ୍
ନବରତ୍ନ ପ୍ରଭାଦୀପ୍ତ ମୁକୁଟା
କୁଙ୍କୁମାରଣାମ୍
ଚିତ୍ରବସ୍ତ୍ର ପରିଧାନାଂ ସଫରାକ୍ଷୀଂ
ତ୍ରିଲୋଚନାମ୍
ସୁବର୍ଣ୍ଣ କାଳସାକାର ପୀନୋନ୍ନତ
ପୟୋଧରମ୍
ଗୋକ୍ଷୀର ଧାମଧବଳଂ ପଞ୍ଚବକ୍ତ୍ରଂ
ତ୍ରିଲୋଚନମ୍
ପ୍ରସନ୍ନବଦନଂ ଶମ୍ଭୁଂ ନୀଳକଣ୍ଠ
ବିରାଜିତମ୍
କପର୍ଦ୍ଦିନଂ ସ୍ଫୁରତସର୍ପ ଭୂଷଣଂ
କୁନ୍ଦସନ୍ନିଭମ୍
ନୃତ୍ୟନ୍ତ ମନିଷଂ ହୃଷ୍ଟ ଦୃଷ୍ଟାନନ୍ଦମୟୀଂ
ପରାମ୍
ସାନନ୍ଦ ମୁଖଲୋଳାକ୍ଷୀଂ ମେଖଳାଢ୍ୟ
ନିତମ୍ବିନୀମ୍
ଅନ୍ନପାନରତାଂ ନିତ୍ୟାଂ
ଦ୍ୱମିଶ୍ରୀଭ୍ୟାମଳଂକୃତାମ୍।
(ବୃହତ୍ ତନ୍ତ୍ରସାର-୧୦ମ ପଟଳ)

**ଛିନ୍ନମସ୍ତା:-**

ନାରଦ ପଞ୍ଚରାତ୍ର ଅନୁସାରେ ଦିନେ ଦେବୀ ପାର୍ବତୀ ତାଙ୍କର ଡାକିନୀ ଓ ବର୍ଣ୍ଣିନୀ ଦୁଇ ସହଚରୀ ସହିତ ସ୍ନାନ କରିବାକୁ ଗଲେ। ସ୍ନାନପରେ ସଖୀ ଦୁଇଜଣ କ୍ଷୁଧାର୍ତ୍ତ ହୋଇ ଦେବୀଙ୍କୁ ଖାଦ୍ୟ ମାଗିଲେ। ଦେବୀ ଅପେକ୍ଷା କରିବାକୁ କହିଲେ। ମାତ୍ର ସେମାନଙ୍କର ବ୍ୟସ୍ତତା ଓ କ୍ଷୁଧାର ଜ୍ୱାଳା ସହି ନପାରି ବାମ ନଖ ଦ୍ୱାରା ନିଜର ମସ୍ତକ ଛେଦନ କରି ବାମହସ୍ତରେ ଧାରଣ କଲେ। ଦଣ୍ଡଦେଶରୁ ତିନୋଟି ରକ୍ତଧାରା ନିଃସୃତ ହୋଇ ଗୋଟିଏ ଧାରା ବାମ ଦିଗରେ ଡାକିନୀର ମୁହଁରେ, ଗୋଟିଏ ଧାରା ଡାହାଣ ଦିଗରେ ବର୍ଣ୍ଣିନୀର ମୁହଁରେ ଏବଂ ମଧ୍ୟ ଧାରଟି ନିଜ ମୁହଁରେ ପଡ଼ିଲା। ଦେବୀଙ୍କର ମସ୍ତକ ଛିନ୍ନ ହୋଇଥିବାରୁ ଛିନ୍ନମସ୍ତା ନାମରେ ପରିଚିତା ହେଲେ। ଦେବୀ ରକ୍ତବର୍ଣ୍ଣା, ତ୍ରିନୟନା, ତ୍ରିଦୀପ୍ତ, ଚନ୍ଦ୍ର, ସୂର୍ଯ୍ୟ ଓ ଅଗ୍ନିର ତେଜ ଧରି ସେ ହେଉଛନ୍ତି ତେଜୋମୟୀ। ମହାଦେବୀ ନିଜବାମ ହସ୍ତରେ ନିଜର ମସ୍ତକ ଧାରଣ କରିଛନ୍ତି। ତାଙ୍କର ମୁଖ ବିସ୍ତୃତ ଜିହ୍ୱା ଉଗ୍ର ଓ ଲେଲିହାନ। ନିଜ କଣ୍ଠନିଃସୃତ ରକ୍ତଧାରା ପାନ କରୁଛନ୍ତି। ମା'ଙ୍କ କେଶରାଶି ଆଲୁଳାୟିତ, ଦକ୍ଷିଣ ହସ୍ତରେ କର୍ତ୍ତ୍ରିକା। ମୁଣ୍ଡମାଳା ବିଭୂଷିତା ଦିଗମ୍ବରୀ, ଅତି ଭୟଙ୍କରୀ, ପ୍ରତ୍ୟାୟିତ ପଦରେ ବସ୍ଥିତା, ଗଳାରେ ନାଗଯଜ୍ଞୋପବିତ, ପୀନୋନ୍ନତ ପୟୋଧରା ଦେବୀ ସର୍ବଦା ଷୋଡଶବର୍ଷୀୟା ଅଷ୍ଟନାଗ ସମନ୍ୱିତା। ବିପରିତ ରତିନିରତ ରତିକାମ ଉପରେ ଅଧିଷ୍ଠିତା।

ଦଶମହାବିଦ୍ୟାର ଛିନ୍ନମସ୍ତା ହେଉଛନ୍ତି ଗୋଟିଏ ବିଦ୍ୟା। ଏପରି ବିଧାନ ରହିଛି ଯେ- ଅର୍ଦ୍ଧରାତ୍ରରେ ଅର୍ଥାତ୍ ଚତୁର୍ଥ ପ୍ରହରରେ ଛିନ୍ନ ମସ୍ତାଙ୍କୁ ଉପାସନା କଲେ ସାଧକର କାର୍ଯ୍ୟସିଦ୍ଧି ହୁଏ। ଶତ୍ରୁ ବିଜୟ, ସ୍ତମ୍ଭନ, ମାରଣ ଓ ରାଜ୍ୟପ୍ରାପ୍ତି ତଥା ମୋକ୍ଷ ପ୍ରାପ୍ତି ପାଇଁ ଛିନ୍ନମସ୍ତାଙ୍କ ଅମୋଘ ଫଳ ମିଳିଥାଏ। ଦେବୀ ଶ୍ୱେତ କମଳ ଉପରେ ଦଣ୍ଡାୟମାନ। ଚାରିଦିଗ ହେଉଛି ଦେବୀଙ୍କର ବସ୍ତ୍ର। ଯୋଗ ଶାସ୍ତ୍ରରେ ତିନୋଟି

ଗ୍ରନ୍ଥକୁ ଭେଦକଲେ ଯୋଗୀଙ୍କୁ ପୂର୍ଣ୍ଣସିଦ୍ଧି ମିଳିଥାଏ। ଏହାକୁ ବିଷ୍ଣୁଗ୍ରନ୍ଥ, ବ୍ରହ୍ମଗ୍ରନ୍ଥ ଓ ରୁଦ୍ରଗ୍ରନ୍ଥ କୁହାଯାଏ। ଏହା ଉପରେ ମହାଶକ୍ତି ଛିନ୍ନମସ୍ତା ଆରୂଢ଼ ହୋଇଛନ୍ତି। ଛିନ୍ନମସ୍ତାଙ୍କ ବଜ୍ର ବୈରୋଚନୀ ନାମ-ଶାକ୍ତ, ବୌଦ୍ଧ ତଥା ଜୈନଙ୍କ ମଧ୍ୟରେ ସମାନ ରୂପରେ ପ୍ରଚଳୀତ ଅଛି। ହିରଣ୍ୟ କଶ୍ୟପ, ବୈଲୋଚନ ଆଦି ଛିନ୍ନମସ୍ତାଙ୍କୁ ଆରାଧନା କରି ମହାଶକ୍ତିଶାଳୀ ହୋଇପାରିଥିଲେ।

ତନ୍ତ୍ର ଶାସ୍ତ୍ରରେ କୁହାଯାଇଛି ଯେ ପ୍ରଚଣ୍ଡ ଚଣ୍ଡିକାଙ୍କର ପ୍ରସାଦ ଲାଭକଲେ ମନୁଷ୍ୟ ଶିବ ହୋଇଯାଏ। ପୁତ୍ରହୀନ ପୁତ୍ରଲାଭ କରେ। ଧନହୀନ ଧନ ଲାଭକରେ ଏବଂ ଦେବୀଭକ୍ତ କବିତ୍ୱ ଓ ଉତ୍ତମ ପାଣ୍ଡିତ୍ୱ ଲାଭ କରେ।

**ଧୂମାବତୀ:-**

ଧୂମାବତୀ ଅତ୍ୟନ୍ତ ବୃଦ୍ଧା, ବିଧବା ବେଶ, ଧୂମବର୍ଣ୍ଣା ଏବଂ କଳହପ୍ରିୟା। ତାଙ୍କର ଦୁଇଟି ହସ୍ତ ସର୍ପ ଓ ବରଦ ମୁଦ୍ରାରେ ଶୋଭିତ। ଦେବୀ କ୍ରୁଦ୍ଧ ହୋଇ ଦକ୍ଷପ୍ରଜାପତିଙ୍କର ଯଜ୍ଞକୁଣ୍ଡରେ ସ୍ୱଦେହ ନିକ୍ଷେପ କଲେ। ଯଜ୍ଞକୁଣ୍ଡରୁ ଧୂମରାଶି ଉତ୍ପନ୍ନ ହେଲା। ସେହି ଧୂମରୁ ସର୍ବଶତ୍ରୁ ବିନାଶିନୀ ଧୂମାବତୀଙ୍କର ଉଦ୍ଭବ ହେଲା। ଫେଟ୍‌କାରିଣୀ ତନ୍ତ୍ର ଅନୁସାରେ ଧୂମାବତୀ ହେଉଛନ୍ତି କେତୁ ଗ୍ରହଙ୍କର ଆରାଧ୍ୟ ଦେବୀ।

ଫେଟ୍‌କାରିଣୀ ତନ୍ତ୍ରରେ ଧୂମାବତୀଙ୍କର ଧ୍ୟାନ ନିମ୍ନୋକ୍ତରୂପେ ବର୍ଣ୍ଣନା କରାଯାଇଛି-

ବିବର୍ଣ୍ଣା, ଚଞ୍ଚଳା, ରୁଷ୍ଟା(କୃଷ୍ଣା) ଦୀର୍ଘାଚ
ମଳିନାବରା,
ବିବର୍ଣ୍ଣ କୁନ୍ତଳାରୁକ୍ଷା ବିଧବା ବିରଳଦ୍ୱିଜ
କାକଧ୍ୱଜ ରଥାରୂଢ଼ା ବିଲମ୍ବିତ
ପୟୋଧରା।
ସୂର୍ପହସ୍ତାତରୁ କ୍ଷାକ୍ଷୀ ଧୂତହସ୍ତା ବରାନ୍ୱିତ

ଧୂମାବତୀ ବିବର୍ଣ୍ଣା, ଚଞ୍ଚଳା, ରୁଷ୍ଟା, ଦୀର୍ଘାଙ୍ଗୀ, ତାଙ୍କ ପରିଧାନ ମଳିନବସ୍ତ୍ର, ବିବର୍ଣ୍ଣ କୁନ୍ତଳରାଜି, ଦନ୍ତହୀନା। ସେ ରୁକ୍ଷବିଧବା, କାକଧ୍ୱଜ ରଥରେ ଆରୂଢ଼ା ଓ ବିଲମ୍ବିତ ପୟୋଧରା। ତାଙ୍କ ଚକ୍ଷୁ ରୁକ୍ଷ। କମ୍ପିତ ହସ୍ତେ ସର୍ପ ଓ ବରମୁଦ୍ରା। ସେ ବିଶାଳବଦନା, ଅତ୍ୟନ୍ତ କୁଟିଳା ଓ କୁଟିଳ ନୟନୀ ଦେବୀ ସର୍ବଦା କ୍ଷୁଧା ତୃଷାରେ କାତର। ଭୟଦା ଓ କଳହ ପ୍ରିୟା। ଏହି ପ୍ରକାର ଦେବୀଙ୍କୁ ଧ୍ୟାନକରି ପୂଜା କରିବାକୁ ହୁଏ।

**ବଗଳା:-**

ମହାବିଦ୍ୟା ବଗଳା ହେଉଛନ୍ତି ପୀତବର୍ଣ୍ଣା, ତ୍ରିନୟନା, କମଳ ଆସନରେ ଉପବିଷ୍ଟା। ଦେବୀଙ୍କ ଦକ୍ଷିଣ ହସ୍ତରେ ମୁଦ୍‌ଗର ଓ ପାଶ ଏବଂ ବାମ ହସ୍ତରେ ଜିହ୍ୱା (ଶତ୍ରୁର) ଓ ଚକ୍ର। ତାଙ୍କ ମନୋଜ୍ଞ ସ୍ତନ ଯୁଗଳ ବୃତ୍ତାକାର ଓ ସ୍ଥୂଳ। ଲଲାଟରେ ଅର୍ଦ୍ଧଚନ୍ଦ୍ର। ଦେବୀ ଗମ୍ଭୀରା, ତପ୍ତକାଞ୍ଚନ ଭଳି ତାଙ୍କ ବର୍ଣ୍ଣ। ଦେବୀଙ୍କୁ ସନ୍ତୁଷ୍ଟ କରିପାରିଲେ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଥାଏ।

**ବଗଳାଙ୍କ ଧ୍ୟାନ:-**

ମଧ୍ୟେ ସୁଧାବିଧି ମଣିମଣ୍ଡପ ରତ୍ନବେଦୀ
ସିଂହାସନାପରିଗତାଂ ପରିଂ ପୀତବର୍ଣ୍ଣାମ୍।
ପୀତାମ୍ବରାଂ କନକ ଭୂଷଣ ମାଲ୍ୟଶୋଭାଂ
ଦେବୀଂ ଭଜାମିଧୃତ ମୁଦ୍‌ଗର
ବୈରୀଜିହ୍ୱାମ୍।
(ଯାମଲୋକ ଧ୍ୟାନ ଦ୍ର:ପୁ:ତଃ ୯ ପୃଷ୍ଠା ୮୨୬)

ତନ୍ତ୍ରରେ ବଗଳାଙ୍କର ଷଡ଼ତ୍ରିଂଶ ଅକ୍ଷର ନିର୍ଦ୍ଦିଷ୍ଟ ରହିଛି। ଓଁ ହ୍ଲିଂ ବଗଳାମୁଖୀ ସର୍ବ ଦୃଷ୍ଟାନାଂ ବାଚଂ ମୁଖଂ ସ୍ତମ୍ଭୟଃ ଜିହ୍ୱା କୀଳୟ କୀଳୟ ବୁଦ୍ଧିଂ ନାଶୟ ହ୍ଲିଂ ଓଁ ସ୍ୱାହାଃ।

**ମାତଙ୍ଗୀ:-**

ଦେବୀ ମାତଙ୍ଗୀ ହେଉଛନ୍ତି ଶ୍ୟାମ ବର୍ଣ୍ଣା, ତ୍ରିନୟନା, ଲଲାଟରେ ଅର୍ଦ୍ଧଚନ୍ଦ୍ର। ଦେବୀ ହାସ୍ୟମୟୀ, ହସ୍ତରେ ଅଙ୍କୁଶ, ପାଶ ଧାରଣ କରିଥାଆନ୍ତି- ଦେବୀ ମତଙ୍ଗାସୁରକୁ ବଧ କରିଥିବାରୁ ମାତଙ୍ଗୀ ନାମରେ ପରିଚିତା। ଦେବୀ ଭକ୍ତକୁ ସମସ୍ତ ବିପଦରୁ ପରିତ୍ରାଣ କରିଥାଆନ୍ତି। ପୁରାକାଳରେ ନାନାବୃକ୍ଷ ଶୋଭିତ କଦମ୍ବ କାନନରେ ସମସ୍ତ ପ୍ରାଣୀମାନଙ୍କୁ ବଶୀଭୂତ କରିବା ପାଇଁ ମାତଙ୍ଗ ମୁନି ଏକଶତ ହଜାର ବର୍ଷ ତପସ୍ୟାରତ ଥିଲେ। ତାଙ୍କର ତପସ୍ୟା ଫଳରେ ଦେବୀ ମାତଙ୍ଗୀଙ୍କ ନେତ୍ରରୁ ତେଜ ଉତ୍ପନ୍ନ ହେଲା।

ସେହି ତେଜ ରାଶିରୁ ଶ୍ୟାମଳ ରୂପିଣୀ ରାଜା ମାତଙ୍ଗୀ ଉତ୍ପନ୍ନ ହେଲେ। ପୁରଶ୍ଚର୍ଯ୍ୟାର୍ଣ୍ଣବ ଗ୍ରନ୍ଥରେ ଛଅ ପ୍ରକାର ମାତଙ୍ଗୀଙ୍କର ବର୍ଣ୍ଣନା ମିଳେ। ଯଥା- ମାତଙ୍ଗୀ ବା ମାତଙ୍ଗିନୀ, ଉଚ୍ଛିଷ୍ଟା ମାତଙ୍ଗୀ, ରାଜମାତଙ୍ଗୀ, ସୁମୁଖୀ ମାତଙ୍ଗୀ, ବୈଶ୍ୟ ମାତଙ୍ଗୀ ଓ କର୍ଣ୍ଣ ମାତଙ୍ଗୀ। ସାଧକ ନିଜର କାର୍ଯ୍ୟ ସାଧନ ପାଇଁ ବିଭିନ୍ନ ମାତଙ୍ଗୀଙ୍କୁ ଆରାଧନା କରିଥାଏ।

ବାମକେଶରୀ ତନ୍ତ୍ରରେ ମାତଙ୍ଗୀଙ୍କର ଓଁ, ହ୍ରୀଂ, କ୍ଲିଂ, ହୁଂ ଲାତଙ୍ଗାୟୀ ଫଟ୍ ସ୍ୱାହାଃ ମନ୍ତ୍ରଟି ବର୍ଣ୍ଣିତ ହୋଇଛି। ଯ୍ୟାମଳରେ ମାତଙ୍ଗୀଙ୍କର ନିମ୍ନୋକ୍ତ ଧ୍ୟାନ ବର୍ଣ୍ଣିତ ହୋଇଛି-

ଶ୍ୟାମାଙ୍ଗୀ ଶଶିଶେଖରାଂ ତ୍ରିନୟନାଂ
ସିଂହାସନେ ସଂସ୍ଥା,
ରତ୍ନ ବିଚିତ୍ର ଭୂଷଣ ଯୁତାଂ ସଂକ୍ଷିଣ
ମଧ୍ୟସ୍ଥନାମ୍।
ଆପୀନସ୍ତନମଣ୍ଡଳାଂ ସ୍ମିତମୁଖୀ
ଧ୍ୟାୟେଦ୍ଧନ୍ତୀ ତୃମାଦ,
ଦୈବାହୁଭିରଙ୍କୁ ଶାସିଳତିଳେ ପାଶଂ
ତଥା ଖେଡ଼ (ଟ) କମ୍।
(ଦ୍ର:ପୁ:ତଃ ୯ପୃ.୮୨୩)

**କମଳା:-**

ଦଶମହାବିଦ୍ୟାର ଶେଷ ମହାବିଦ୍ୟା ହେଉଛନ୍ତି କମଳା ବା ଲକ୍ଷ୍ମୀ। କୁବ୍‌ଜିକା ତନ୍ତ୍ର ଅନୁସାରେ ଦେବୀ ବୈକୁଣ୍ଠବାସିନୀ ହେଲେ କମଳା ନାମରେ ନାମିତ ହୁଅନ୍ତି ଏବଂ ପାତାଳ ବାସିନୀ ହେଲେ ଲକ୍ଷ୍ମୀ ନାମରେ ନାମିତ ହୁଅନ୍ତି। ସ୍ୱତନ୍ତ୍ର ତନ୍ତ୍ରରେ କମଳାଙ୍କୁ ଶ୍ରୀଭୁବନା ଓ ମହାଲକ୍ଷ୍ମୀ ବୋଲି କୁହାଯାଇଛି। ମା' ଲକ୍ଷ୍ମୀ ପୂର୍ବେ ସମୁଦ୍ର ମନ୍ଥନରୁ ଉଦ୍‌ଭୂତା ହୋଇଥିଲେ। ସତ୍ୟ ଯୁଗରେ କୁଶଧ୍ୱଜଙ୍କର କନ୍ୟା ବେଦମତୀ ରୂପେ ଜନ୍ମଗ୍ରହଣ କରିଥିଲେ। ତ୍ରେତୟା ଯୁଗରେ ଜନକଙ୍କ କନ୍ୟା ସୀତା ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କର ପତ୍ନୀ ରୂପରେ ଏବଂ ଦ୍ୱାପର ଯୁଗରେ ରୁକ୍ମିଣୀ ନାମରେ ଶ୍ରୀକୃଷ୍ଣଙ୍କର ଅଷ୍ଟପାଟ ବଂଶୀ ଭିତରେ ରହିଲେ। ଏହି ତିନି ଯୁଗରେ ଆବିର୍ଭୂତା ହୋଇଥିବାରୁ ସେ ତ୍ରିଦାୟଣୀ ନାମରେ ଖ୍ୟାତ।

ଏଠାରେ ଉଲ୍ଲେଖ କାରାଯାଇ ପାରେ ଯେ, ଦେବୀ ଭାଗବତ ଓ ଅନ୍ୟାନ୍ୟ ପୁରାଣରେ ବର୍ଣ୍ଣିତ ମହାଲକ୍ଷ୍ମୀ ତନ୍ତ୍ରୋକ୍ତ ମହାଲକ୍ଷ୍ମୀଠାରୁ ଭିନ୍ନ। ତନ୍ତ୍ରୋକ୍ତ ଲକ୍ଷ୍ମୀଙ୍କର ମନ୍ତ୍ର ଧ୍ୟାନାଦି ମଧ୍ୟ ଭିନ୍ନ। ତନ୍ତ୍ରରେ କମଳା ବା ଲକ୍ଷ୍ମୀଙ୍କର ଏକାଧିକ ଧ୍ୟାନ ବର୍ଣ୍ଣିତ ହୋଇଅଛି। ତନ୍ମଧ୍ୟରୁ ଶାରଦା ତିଳକର ଧ୍ୟାନ ଅନୁସାରେ ଦରବୀଙ୍କ କାନ୍ତି କାଞ୍ଚନ ପରି, ହିମଗିରି ପରି ଚାରିଗୋଟି ହସ୍ତୀ ଶୁଣ୍ଢ ଦ୍ୱାରା ହିରଣ୍ମୟ ଅମୃତ ଘଟ ଟେକିଧରି ଦେବୀଙ୍କୁ ଅମୃତ ଧାରାରେ ସ୍ନାନ କରାଉଛନ୍ତି। ଦେବୀଙ୍କର ବାମଦିଗ ତଳହସ୍ତ ବରଦମୁଦ୍ରା, ଉପର ହସ୍ତରେ ପଦ୍ମ ଓ ଦକ୍ଷିଣ ପାଖ ଉପର ହସ୍ତରେ ପଦ୍ମ ଏବଂ ତଳହସ୍ତ ଅଭୟମୁଦ୍ରା। ଦେବୀଙ୍କ ପରିଧାନ କ୍ଷୈମବସ୍ତ୍ର। ସେ ପଦ୍ମ ଉପରେ ଅଧିଷ୍ଠିତା। ଧ୍ୟାନଟି ହେଲା-

"କାନ୍ତ୍ୟା କାଞ୍ଚନ ସନ୍ନିଭାଂ ହିମଗିରି
ପ୍ରକ୍ଷୈଶ୍ଚ ତୁର୍ଭିଗଜୈ
ଇସ୍ତୋତକ୍ଷିପ୍ତ ହିରଣ୍ମୟାମୃତଘଟୈ
ରାଶିଚ୍ୟମାନଂ ଶ୍ରୀୟାମ।
ବିଭ୍ରାଣାଂ ବରମବଜ ଯୁଗ୍ମମଭୟଂ ହସ୍ତୈଃ
କିରୀଟା ଜ୍ୱାଳାଂ।
କ୍ଷୌମାବଧିନିତମ୍ବଲସିତଂ
ବନ୍ଦେରବିନ୍ଦସ୍ଥିତାମ୍।"

ମା' ଲକ୍ଷ୍ମୀ ସବୁ ଲାବଣ୍ୟର ଆବାସ, ବିକ୍ରମ ସୌନ୍ଦର୍ଯ୍ୟର ଭବନ ଓ ସମସ୍ତ ତେଜର ଜନ୍ମଭୂମି। ସେ ସର୍ବପାପହାରିଣୀ ଓ ସର୍ବଦୁଃଖ ହାରିଣୀ ଅଟନ୍ତି। ସେ ସିଦ୍ଧିବୁଦ୍ଧି ଓ ଭକ୍ତି ମୁକ୍ତି ପ୍ରଦାନ କାରିଣୀ ଅଟନ୍ତି। ତାଙ୍କର ଆରାଧନା କଲେ ସମସ୍ତ ପାପ ଦୂରୀକରଣ ହେବ ଓ ଧନଧ୍ୟାନରେ ଘର ପୁରିଉଠିବ ଏବଂ ସମସ୍ତ ଶତ୍ରୁ ବିନାଶନ ହେବ।

ଦଶମହାବିଦ୍ୟାଙ୍କର ତାତ୍ତ୍ୱିକ ଆଲୋଚନା ପ୍ରସଂଗକ୍ରମେ ଶାକ୍ତତାନ୍ତ୍ରିକ ପୀଠର କିଞ୍ଚିତ୍ ଆଭାସ ପ୍ରୟୋଜନୀୟ। ଶାକ୍ତତାନ୍ତ୍ରିକ ସାହିତ୍ୟରେ ତନ୍ତ୍ରପୀଠ ଓ ଶକ୍ତିପୀଠର ବିଶଦ ବିବରଣୀ ମିଳେ। ଭାରତର ସାଂସ୍କୃତିକ ଇତିହାସ ପର୍ଯ୍ୟାୟ କ୍ରମେ ଭାରତୀୟ ଶାକ୍ତପୀଠ ସେମାନଙ୍କର ପୌରାଣିକ ବିବରଣୀ, ଉଚିତ୍ ଦେବଦେବୀ, ରାଜା ମହାରାଜାମାନଙ୍କର ପୃଷ୍ଠପୋଷକତାରେ ଶକ୍ତିତତ୍ତ୍ୱ ଓ ତନ୍ତ୍ରତତ୍ତ୍ୱର ଦେବଦେବୀଙ୍କର ମାହାତ୍ମ୍ୟର ବିଶ୍ଳେଷଣ ସାଧକ ଓ ଶାସ୍ତ୍ରକାରମାନଙ୍କର ଭାରତୀୟ ସଂସ୍କୃତିକୁ ଅବଦାନ ଇତ୍ୟାଦି ସମ୍ୟକ୍ ଆଭାସ ପ୍ରଦାନ କରେ।

ଦଶମହାବିଦ୍ୟାର ବିଭିନ୍ନ ଦେବଦେବୀ ଓଡ଼ିସା ପୁରୀ, କଟକ, ଭଦ୍ରକ, ଭବାନୀପାଟଣା ପ୍ରଭୃତି ପ୍ରମୁଖ ସ୍ଥାନମାନଙ୍କରେ ଅବସ୍ଥାନ କରିଥିବାର ଜଣାଯାଏ। ତନ୍ମଧ୍ୟରୁ ଯାଜପୁର ବିରଜା, ସପ୍ତମାତୃକା, କଳାହାଣ୍ଡି ଜିଲ୍ଲା ଅନ୍ତର୍ଗତ ବେଲଖଣ୍ଡିର ଦେବୀ ଓ ସପ୍ତମାତୃକା, ଭୁବନେଶ୍ୱରର ବୈତାଳ, ମୋହିନୀ, ହୀରାପୁର ଓ ରାଣୀପୁର ଟରିଆଲର ଚଉଷଠି ଯୋଗିନୀ ମନ୍ଦିର, ଚଉରାଶିର ବାରାହୀ ମନ୍ଦିର, ବାଙ୍କିର ଚର୍ଚ୍ଚିକା, ବାଣେଶ୍ୱରନାସୀର ପ୍ରଜ୍ଞାପାରମିତା, ବାଣପୁରର ଭଗବତୀ, ବଡ଼ମ୍ବାର ଭଟ୍ଟାରିକା, ପୁରୀର ବିମଳା, ଭଦ୍ରକର ଭଦ୍ରକାଳୀ, କାକଟପୁର ମଙ୍ଗଳା, ଶାରଳା ପୀଠର ଶାରଳା, ସମ୍ବଲପୁରର ସମ୍ବଲେଶ୍ୱରୀ, ତାଳଚେରର ହେଙ୍ଗୁଳାଇ, କଟକର ଚଣ୍ଡୀ, ଭୁଷଣ୍ଡପୁରର ଉଗ୍ରତାରା, ଖିଚିଙ୍ଗର କୀଚକେଶ୍ୱରୀ, ତାରାତାରିଣୀ, ନାରାୟଣୀ, ଚାନ୍ଦବାଲିର ଡ଼ାକେଶ୍ୱରୀ, ପ୍ରାଚୀ ଉପତ୍ୟକାର ଅସଂଖ୍ୟ ଦେବୀମୂର୍ତ୍ତି ଓ ଏତଦ୍‌ବ୍ୟତୀତ ଓଡ଼ିଶାର ସର୍ବତ୍ର ମିଳୁଥିବା ମହିଷମର୍ଦ୍ଦିନୀ, ଚାମୁଣ୍ଡା, ବାରାହୀ, ଇନ୍ଦ୍ରାଣୀ ଏବଂ ଷୋଳଟି ସ୍ଥାନରୁ ମିଳୁଥିବା ସପ୍ତମାତୃକା ମୂର୍ତ୍ତି ସ୍ପଷ୍ଟଭାବରେ ପ୍ରମାଣିତ କରେ ଯେ ଓଡ଼ିଶା ଏକ ଶ୍ରେଷ୍ଠ ତାନ୍ତ୍ରିକ କ୍ଷେତ୍ର ହିସାବରେ ସାରା ଭାରତରେ ପ୍ରସିଦ୍ଧି ଲାଭ କରିଥିଲା। ଏସବୁ ପ୍ରସିଦ୍ଧ ଦେବୀଙ୍କ ସହିତ ଦଶମହାବିଦ୍ୟାଙ୍କର ଉପାସନା ଓଡ଼ିଶାରେ ପ୍ରଚଳିତ ଥିଲା। ଏବେ ମଧ୍ୟ ପୁରୀର ବିମଳା, ଶ୍ୟାମାକାଳୀ, ମୂଳଝରଗଡ଼ ଉଗ୍ରତାରା ପୀଠରେ ଏବଂ ଅନ୍ୟ ସ୍ଥାନମାନଙ୍କରେ ପ୍ରସ୍ତୁତ ମୂର୍ତ୍ତି ବା ଚିତ୍ର ଥିବାର ଦେଖାଯାଏ। ଏତଦ୍‌ବ୍ୟତୀତ ବୌଦ୍ଧ ଓ ଜୈନ ଧର୍ମୋକ୍ତ ଦେବୀମୂର୍ତ୍ତି ରତ୍ନଗିରି, ଲଳିତଗିରି, ଉଦୟଗିରି, ଖଡିପଦା, ଅଯୋଧ୍ୟା, ପୋଡ଼ାସିଙ୍ଗିଗଡ଼, ବଉଦ, ଖିଚିଂ, ବାଣପୁର ପ୍ରଭୃତି ସ୍ଥାନରେ ପ୍ରତିଷ୍ଠିତ ଦେବୀ ରୂପେ ପୂଜା ପାଇଥିଲେ।

*ସଭାପତି, ଚାନ୍ଦବାଲି ସାଂସ୍କୃତିକ ପରିଷଦ,*
*ଚାନ୍ଦବାଲି, ଭଦ୍ରକ (ଓଡ଼ିଶା)*
*ପିନ୍-୭୫୬୧୩୩*
*ଦୂରଭାଷ: ୯୬୬୮୪୫୮୩୦୫*

**ସହାୟକ ଗ୍ରନ୍ଥସୂଚୀ :**

୧. ମିଶ୍ର, ଅନ୍ତର୍ଯ୍ୟାମୀ। ଭାରତୀୟ ଧର୍ମ ଓ ସଂସ୍କୃତି
୨. ଦାସ, ହରିଶ୍ଚନ୍ଦ୍ର। ଓଡ଼ିଶାର ଦେବଦେବୀ। ଦ୍ୱିତୀୟ ସଂସ୍କରଣ ୨୦୧୦। ପୃ. ୧୩୪-୫୫
୩. ପ୍ରଧାନ, ନିରଞ୍ଜନ। ଉତ୍କଳ ପ୍ରସଂଗ, ସେପ୍ଟେମ୍ବର- ଅକ୍ଟୋବର ୨୦୧୪। ପୃ. ୪୧-୪୪
୪. ବିଦ୍ୟାର୍ଣ୍ଣବ, ଶିବଚନ୍ଦ। ତନ୍ତ୍ରତତ୍ତ୍ୱ
୫. ଶାସ୍ତ୍ରୀ, ହିରାନନ୍ଦ। ଡକ୍ସସଶସଭ ବଭୟ ଉଙ୍କକ୍ଷସ୍ପ କ୍ସ୍ଲ ଞବକ୍ସବ
୬. ସିଂହ, ଏଲ.ପି। ଞବଭପ୍ତକ୍ସବସ୍ପ: ସସ୍ପସ୍ପ କ୍ସଚସ୍ପସ୍ପସମ ବଭୟ ସ୍ପମସରଭପ୍ତସଲସମ ଭବସ୍ପସସ୍ପ
୭. କୁବ୍ଜିକା ତନ୍ତ୍ର
୮. ଦାସ, ଉପେନ୍ଦ୍ର କୁମାର। ଭାରତୀୟ ଶକ୍ତି ସାଧନା
୯. କାଳିତନ୍ତ୍ରମ୍
୧୦. ବଗଳାତନ୍ତ୍ର
୧୧. ଶାରଦାତିଳକ ତନ୍ତ୍ର

ସଂପୂର୍ଣ୍ଣ ଉପନ୍ୟାସ

# ଅନ୍ତରଙ୍ଗ ଆକାଶ

**କ୍ଷୀରୋଦ ଦାସ**



**: ଏକ :**

ଧୀରେ ଧୀରେ ମଉଳି ଆସୁଥିବା ଫୁଲତୋଡ଼ାଟିକୁ ସୁନୟନା ଝରକାବାଟେ ବାହାରକୁ ଫୋପାଡ଼ି ଦେଉଥିବାର ଦୃଶ୍ୟଟି ଧରା ପଡ଼ିଗଲା ସତ୍ୟବ୍ରତଙ୍କ ନଜରରେ।

ଫୁଲତୋଡା ମଉଳିଗଲେ ନିଶ୍ଚୟ ବାହାରେ ଫିଙ୍ଗାଯିବ, ଏଥିରେ ଆଶ୍ଚର୍ଯ୍ୟ ହେବା କିମ୍ବା ଅସନ୍ତୁଷ୍ଟ ହେବାର ପ୍ରଶ୍ନ ଉଠୁ ନାହିଁ। ଏଥିରେ ମନକଷ୍ଟ କରିବାର କିଛି କାରଣ ବି ନାହିଁ। ଏହା ଏମିତି ଏକ ମୂଲ୍ୟବାନ ସମ୍ପଦ ନୁହେଁ ଯେ ତାହା ସାଇତା ହୋଇ ରହିବ ଦୀର୍ଘଦିନ ଯାଏ।

ସୁନୟନା ଫୁଲତୋଡ଼ାଟିକୁ ବାହାରକୁ ଫୋପାଡ଼ି ଦେବାଟା ଆଦୌ କଷ୍ଟ ଦେଇନଥିଲା ସତ୍ୟବ୍ରତଙ୍କୁ। ମାତ୍ର ସେଇଟିକୁ ଫୋପାଡ଼ିବା ସମୟରେ ତାଙ୍କ ମୁହଁର ମାନଚିତ୍ର ଯେପରି ବିକୃତ ଦେଖାଯାଉଥିଲା, ତାହା ଖୁବ୍ ଆଘାତ ଦେଲା ସତ୍ୟବ୍ରତଙ୍କୁ। ହାତରେ ଯେପରି ମେଞ୍ଚାଏ ଆବର୍ଜନା ଲାଗିଯାଇଛି ଏବଂ ତାହା ଯେପରି ତାଙ୍କ ସମଗ୍ର ଅବୟବକୁ କଳୁଷିତ ତଥା ଅପରିଷ୍କାର କରିପକାଉଛି, ସେହିପରି ଘୃଣାରେ କୁଞ୍ଚିତ ହୋଇଯାଉଥିଲା ତାଙ୍କ ମୁହଁ।

ହାତରେ ଫୁଲତୋଡ଼ାଟିଏ ଧରିଲେ କ'ଣ ଏପରି

କଦାକାର ଦେଖାଯାଏ ଜଣେ ମଣିଷର ମୁହଁ!

ସେଆଡୁ ସହସା ଦୃଷ୍ଟି ଫେରାଇ ଆଣିଲେ ସତ୍ୟବ୍ରତ। ନିଜକୁ ସାନ୍ତ୍ୱନା ଦେଲେ ଯେ ସେ ଆଦୌ ଦେଖିନାହାନ୍ତି ସେଇ ଦୃଶ୍ୟ। ଆଉ ଯଦିବା ଦେଖିଛନ୍ତି, ତେବେ ସେ ନିଜ ମନକୁ ବୁଝାଇ ଦେବେ ଯେ ସେଥିରେ ଦୁଃଖ କରିବାର କି ଅସନ୍ତୁଷ୍ଟ ହେବାର କିଛି ନାହିଁ।

ଏପରି ଛୋଟମୋଟ ଘଟଣାରେ ଯଦି ମନଦୁଃଖ କରାଯାଏ, ସେସବୁକୁ ଯଦି ମନରେ ଗଣ୍ଠି ପକାଇ ଧରାଯାଏ, ତେବେ ସାରା ଜୀବନ ବୁଡ଼ିଯିବ ଦୁଃଖର ସାଗରରେ।

ଅତଏବ, ସତ୍ୟବ୍ରତ ସେ ଦୃଶ୍ୟକୁ ଭୁଲି ପୋଷାକ ବଦଳାଇ ଗାଧୁଆଘରେ ପଶିଲେ।

ଯଦୁନାଥ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ଭାବରେ ଆମନ୍ତ୍ରିତ ହୋଇ ସେ ଯାଇଥିଲେ ରାଜଧାନୀଠାରୁ ପ୍ରାୟ ଶହେ କିଲୋମିଟର ଦୂରକୁ। ଯେହେତୁ ଖୁବ୍ ପୁରାତନ ସେଇ କଲେଜକୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଅତିଥି ଭାବରେ ଆସୁଥିଲେ, ନିଜର ଭାଷଣକୁ ଦମ୍‌ଦାର କରିବାକୁ ପ୍ରାୟ ଦୁଇଦିନ ଆଗରୁ ପ୍ରସ୍ତୁତି ଚଳାଇଥିଲେ ସେ।

ତାଙ୍କର ଘଣ୍ଟିକିଆ ଭାଷଣଟି ଖୁବ୍ ଉଚ୍ଚକୋଟୀର ଏବଂ ସାରଗର୍ଭକ ହେଲା ବୋଲି ନିମନ୍ତ୍ରିତ ଅତିଥିବୃନ୍ଦ ଏବଂ କଲେଜର କର୍ମକର୍ତ୍ତାମାନଙ୍କ ସମେତ ସମବେତ ଶ୍ରୋତାମଣ୍ଡଳୀ ତାଙ୍କୁ ବହୁତ ପ୍ରଶଂସା କରିଥିଲେ। ସଭା ଶେଷରେ ଉପଢ଼ୌକନ, ସାଲ୍ ଓ ଫୁଲତୋଡା ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ସଭାର ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ମହୋଦୟ।

ଗାଡ଼ି ଆସି ତାଙ୍କୁ ତାଙ୍କ ବାସଭବନରେ ଛାଡ଼ିବା ବେଳକୁ ରାତି ନ'ଟା ବାଜି ଯାଇଥିଲା।

: କାଇଁକି ଏଗୁଡା ବୋହି ବୋହି ଘର ଯାଏ ଆଣୁଛ? ଏଗୁଡା ବାସିଫୁଲ ନା ସୁନାମୁଣ୍ଡା? ହଉ ହେଲା! ମଞ୍ଚରେ ବସିଲ, ଶ୍ରୋତାଙ୍କ ଆଗରେ ଭାଷଣ ଦେଲ। ଫୁଲମାଳ, ଫୁଲତୋଡ଼ା, କରତାଳି, ବାହାବା ପାଇଲ। ବାସ୍, ସରିଲା କଥା। ସେଇଥିରେ ତମର ପେଟ ପୂରିଗଲା। ସେସବୁ ସେଇଠି ଫୋପାଡ଼ି ଦେଇ ଆସୁନା! ଆଉ ଯଦି ଫୋପାଡ଼ିବାକୁ ତମ ହାତ ନଗଲା, ତେବେ ସେଠାରେ ଥିବା ତୁମ ପାଠକ ପାଠିକାଙ୍କ ହାତରେ ସମର୍ପି ଦେବ! ପ୍ରିୟ କବିଙ୍କ କରକମଳରୁ ଅପୂର୍ବ ଫୁଲତୋଡ଼ା ପାଇ ସେମାନେ କୃତକୃତ୍ୟ ହୋଇଯିବେ। ସେମାନଙ୍କ ଜୀବନ ଧନ୍ୟ ହୋଇଯିବା ପରି ଲାଗିବ! ତାହା ନ କରି କଅଁଳା ଛୁଆ କାଖେଇଚି ପରି ଏ ଅପୂର୍ବ ଲାଜ ଗୁଡ଼ାକୁ ଘରଯାଏ ବୋହି ବୋହି ଆଣି ଘରକୁ ଯାହା ଅଳିଆ କରୁଛ....!

ସୁନୟନା ଗୁଣୁଗୁଣୁ ହୋଇ ନିଜ ମନର ଅସନ୍ତୋଷକୁ ଏହିପରି ଭାବରେ ବ୍ୟକ୍ତ କରୁଥିଲେ ଏବଂ ଖଟତଳେ ତଥାପି ପଡ଼ି ରହିଥିବା କେତୋଟି ରଜନୀଗନ୍ଧା ଓ ଗେଣ୍ଡୁଫୁଲକୁ ଝାଡୁରେ ଓଳାଇ ଆଣୁଥିଲେ।

ପତ୍ନୀଙ୍କ ଏପରି କଥା କାନରେ ବାଜିଲା ସତ୍ୟବ୍ରତଙ୍କର। କିଛି ବି ପ୍ରତିକ୍ରିୟା ପ୍ରକାଶ କଲେନି ସେ। ଏହା କ'ଣ ଦିନିକିଆ କଥା ହେଇଛି ସେ ସେ ବିରକ୍ତ ହେବେ ଅବା ଦୁଃଖ ପ୍ରକାଶ କରିବେ! ଏହା ତ ନିତିଦିନିଆ ରୁଟିନ୍ ତାଙ୍କ ଘରର। ଆରମ୍ଭରୁ, ସୁନୟନା ତାଙ୍କ ସ୍ତ୍ରୀ ହୋଇ ଆସିବା ପରଠାରୁ ରୋଜ ରୋଜ ଏପରି ଘଟଣା ଘଟେ।

ସତ୍ୟବ୍ରତଙ୍କ କଳ୍ପନାପ୍ରବଣ ମାନସିକତା, ପଢ଼ାପଢ଼ି, ଲେଖାଲେଖି, ସଭାସମିତି ଆଦୌ ପସନ୍ଦ କରିନାହାନ୍ତି ସୁନୟନା।

ଏ କ୍ଷେତ୍ରରେ ସ୍ୱାମୀଙ୍କୁ ସହଯୋଗ କରିବା ତ ଦୂରର କଥା, କେବେ ବି ଉତ୍ସାହିତ କରିନାହାନ୍ତି। ଉତ୍ସାହିତ କରିବା ତ ଦୂରର କଥା ବରଂ ପରୋକ୍ଷ ତଥା ପ୍ରତ୍ୟକ୍ଷ ଭାବରେ ଏସବୁକୁ ସେ ନାପସନ୍ଦ କରିବା ସଙ୍ଗେ ସଙ୍ଗେ ବିରୋଧ ବି କରି ଆସିଛନ୍ତି।

ପତ୍ନୀଙ୍କର ଏପରି ମନୋଭାବ ସତ୍ତ୍ୱେ ସତ୍ୟବ୍ରତ କେବେ ବି ଟଳିନାହାନ୍ତି ନିଜ ସାଧନା ପଥରୁ। ସେ ଭଲ ଭାବରେ ଜାଣନ୍ତି ଯେ ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଯାହା ସୃଷ୍ଟି ହୁଏ, ତାହା ହିଁ କାଳଜୟୀ।

ମହାଭାରତ ଯୁଦ୍ଧର ଘନଘଟା ଭିତରେ ଶ୍ରୀକୃଷ୍ଣ ଅର୍ଜୁନଙ୍କ ମୋହ ଭଙ୍ଗ ପାଇଁ ଯାହା ବର୍ଣ୍ଣନା କରିଥିଲେ, ତାହା ଆଜି ସଂସାରରେ ସର୍ବଶ୍ରେଷ୍ଠ ଗ୍ରନ୍ଥ।

ସୁନୟନାଙ୍କ ଏପରି ମନୋଭାବ ସଂପର୍କରେ ଚତୁର୍ଥୀରାତିରୁ ହିଁ ଜାଣି ପାରିଥିଲେ ସତ୍ୟବ୍ରତ।

ଯେତେବେଳେ ତାଙ୍କର ବିବାହ ପ୍ରସ୍ତାବ ପଡ଼ିଲା, ବାପା କହିଲେ - "ପ୍ରଥମେ ପୁଅ ଯାଇ ଦେଖି ଆସୁ। ତା'ମନ ଯଦି ପାଇଲା, ତା'ପରେ ଆମେ ଯିବୁ।"

ଭଦ୍ରଲୋକ, ଯିଏ କି ସୁନୟନା ଓ ତାଙ୍କ ଘର ସହିତ ଯୋଗସୂତ୍ର ସ୍ଥାପନ କରିଥିଲେ ଏ ବ୍ୟାପାରରେ, ଯିଏ ସୁନୟନାଙ୍କର ଦୂର ସଂପକୀୟ ମାମୁ ହେବେ, କହିଲେ - "ସଦାଭାଇ, ପ୍ରଥମେ ତୁମେ ଓ କେଇଜଣ ପୁରୁଖା ଲୋକ ଯାଇ ଝିଅକୁ ଏବଂ ତାଙ୍କ ଘରଦ୍ୱାର, ବାପାମା'ଙ୍କୁ ଦେଖି ଆସନ୍ତୁ। ଯଦି ତୁମମାନଙ୍କ ମନକୁ ପାଇଲା, ଶେଷକୁ ପୁଅକୁ ପଠାଇବା।"

: ଆଚ୍ଛା ହଉ, ତୁମ କଥା ଠିକ୍। ପ୍ରଥମେ ଆମେ ଯିବୁ। ଝିଅକୁ, ଘରକୁ, ଘର ଲୋକମାନଙ୍କୁ ଦେଖି ଆସିବୁ। ଧର, ଆମ ମନକୁ ସବୁ ପାଇଲା। ତମ କଥା ଅନୁଯାୟୀ ପୁଅ ଶେଷରେ ଯିବ। ଯଦି ପୁଅ ମନକୁ ନ ପାଇଲା! ତେବେ!

ମାମୁ ଚୁପ୍ ରହିଲେ। ବାପାଙ୍କ କହିବାନୁଯାୟୀ ସତ୍ୟବ୍ରତ ପ୍ରଥମେ ଗଲେ ଝିଅ ଦେଖିବା ପାଇଁ। ତାଙ୍କ ସାଙ୍ଗରେ ଗଲା ସମରେନ୍ଦ୍ର, ସତ୍ୟବ୍ରତଙ୍କଘନିଷ୍ଠ ବନ୍ଧୁ।

ସୁନୟନା ଶିକ୍ଷିତା। ସୁନ୍ଦରୀ। ତାଙ୍କୁ ଅପସନ୍ଦ କରିବାର କୌଣସି କାରଣ ନଥିଲା।

ଝିଅର ଦାଦା ସତ୍ୟବ୍ରତଙ୍କୁ ପଚାରିଲେ - "ଆପଣ ସେକ୍ରେଟାରୀଏଟ୍‌ରେ କେଉଁ ବିଭାଗରେ କାମ କରନ୍ତି?

: ସାଧାରଣ ପ୍ରଶାସନ ବିଭାଗରେ" - ଉତ୍ତର ଦେଲେ ସତ୍ୟବ୍ରତ।

: କେଉଁ ପୋଷ୍ଟରେ ଅଛନ୍ତି?

ସେକ୍ସନ ଅଫିସର! - କହି ଆସୁଥିଲା ସମରେନ୍ଦ୍ର। ସତ୍ୟବ୍ରତ ତାକୁ କୁହାଇ ନ ଦେଇ କହିଲେ - "ସାଧାରଣ ପ୍ରଶାସନ ବିଭାଗର ଏଷ୍ଟାବ୍ଲିସ୍‌ମେଣ୍ଟ ସେକ୍ସନରେ ମୁଁ କ୍ଲର୍କ ଅଛି। ମାତ୍ର ଦୁଇବର୍ଷ ସାତମାସ ହେଲା ମୋ ଚାକିରି। ଆଉ ଅଢ଼େଇ ବର୍ଷ ପରେ ସିନିୟର୍ କ୍ଲର୍କକୁ ପ୍ରମୋଶନ୍ ହୋଇପାରେ.....!

: ସଚିବାଳୟରେ କିରାଣୀ ଚାକିରିଠାରୁ ଆଉ ଚାକିରି ଅଛି! "- ଝିଅର ଦାଦା ହସି ହସି କହି ବୋଧହୁଏ ଦରମା ବିଷୟରେ ପଚାରିବାକୁ ଯାଉଥିବା ବେଳେ ସମରେନ୍ଦ୍ର ଉପରେ ପଡି କହିଲା - ଆଚ୍ଛା, ଆଉ ଗୋଟିଏ କଥା ଆପଣ ଜାଣି ନାହାନ୍ତି! ସତ୍ୟବ୍ରତ ବଢ଼ିଆ କବିତା ଲେଖେ। ଓଡ଼ିଶାର ସେ ଜଣେ ଚର୍ଚ୍ଚିତ ଯୁବକବି। କେତୋଟି ପୁରସ୍କାର ମଧ୍ୟ ପାଇ ସାରିଲାଣି। ଗତବର୍ଷ ପରା ମର୍ଯ୍ୟାଦାଜନକ "ବାଲ୍ମିକୀ" ପୁରସ୍କାର ଖୋଦ୍ ରାଜ୍ୟପାଳଙ୍କଠାରୁ ଗ୍ରହଣ କରିଛି ....!

ଦାଦା କିନ୍ତୁ ସମରେନ୍ଦ୍ରର କଥା ପ୍ରତି କର୍ଣ୍ଣପାତ ନ କରି ଅସଲ କଥାଟି ପଚାରିଦେଲେ "- ଏବେ ଆପଣଙ୍କର ସାଲାରୀ କେତେ?"

ସମସ୍ତଙ୍କର ଅଲକ୍ଷରେ ସମରେନ୍ଦ୍ର ଚିମୁଟି ହେଲା ସତ୍ୟବ୍ରତଙ୍କୁ। ଚିମୁଟା ଜରିଆରେ ସେ ତାଙ୍କୁ ସଚେତନ କରାଉଥିଲା ଯେ ଦରମାକୁ ଦୁଇ ତିନିଗୁଣ ବଢ଼ାଇ କହିବା ପାଇଁ।

: ଦୁଇହଜାର ପ୍ଲସ! -କହିଲେ ସତ୍ୟବ୍ରତ - ଜୁଲାଇ ମାସରେ ଦରମା ଆଉ କିଛି ବଢ଼ିବ। ଇନ୍‌କ୍ରିମେଣ୍ଟ ଅଛି। ଡି.ଏ ବି ବଢ଼ିବ।

: ଏ ମାସର 'ଝଙ୍କାର' ଦେଖିଛନ୍ତି? ସତ୍ୟବ୍ରତର କବିତା ପ୍ରକାଶିତ ହୋଇଛି।" -ସମରେନ୍ଦ୍ର ସତ୍ୟବ୍ରତଙ୍କ କବିସତ୍ତାକୁ ଜାହିର୍ କରିବାକୁ ଚାହୁଁଥିଲେ ତାଙ୍କ ଭାବୀ ଶଶୁର ଘରେ।

ଝଙ୍କାର! ସେଇଟା କ'ଣ? -ସୁନୟନାଙ୍କ ଦାଦା ଓ ଅନ୍ୟମାନେ ନିଜର ଅଜ୍ଞତା ପ୍ରକାଶ କଲେ ଏବଂ ମୁହଁରେ ସାମାନ୍ୟ ଦୁଃଖ ଫୁଟାଇଲେ ଭାବୀ ଜ୍ୱାଇଁଙ୍କ ବନ୍ଧୁଙ୍କ କଥା ବୁଝି ପାରୁନଥିବାରୁ।

ସତ୍ୟବ୍ରତ ଆଖିର ଇସାରାରେ ସମରେନ୍ଦ୍ରକୁ ବାରଣ କଲେ ଅସମୟରେ, ଅଥାନରେ ସାହିତ୍ୟ ଚର୍ଚ୍ଚା ନ କରିବା ପାଇଁ।

ଦୁଇବନ୍ଧୁ ଫେରୁଥିବା ସମୟରେ ଗମ୍ଭୀର

ଦେଖାଯାଉଥିଲା ସତ୍ୟବ୍ରତଙ୍କ ମୁହଁ। ସେ ପଚାରିଲେ ସମରେନ୍ଦ୍ରକୁ– "ଝିଅ ତୋ ମନକୁ ପାଇଲା ନା ନାହିଁ?

: ମୁଁ ବାହା ହେବି ନା ତୁ ବାହାହେବୁ? ବରଂ ତୁ କହ, ତୋ ମନକୁ ଝିଅ ପାଇଲା ନା ନାହିଁ!

: ହଁ! -ପଦେ କଥାରେ ଉତ୍ତର ଦେଲେ ସତ୍ୟବ୍ରତ।

: ତୁ କାହିଁକି ଟିକେ ଅନ୍ୟମନସ୍କ ଜଣାପଡୁଛୁ? – ପଚାରିଲା ସମରେନ୍ଦ୍ର ଏବଂ ଯୋଗ କଲା – "ତୁ ଯେଉଁ କଥା ଭାବୁଛୁ, ସେଇଟା ମାମୁଲି କଥା। ତୋ ସ୍ତ୍ରୀ ହୋଇ ଆସିବାରେ ଭାଉଜ ଅଟୋମେଟିକ୍ ସାହିତ୍ୟ ପାଲରେ ପଡ଼ିଯିବେ....।

ବାହାଘର ବେଳକୁ ସତ୍ୟବ୍ରତଙ୍କର ବୟସ ହୋଇଥିଲା ଅଠେଇଶ ବର୍ଷ। ତାଙ୍କୁ ଯେତେବେଳେ ବାଇଶ ବର୍ଷଚାଲିଥିଲା, ଲେଖାଲେଖି ଆରମ୍ଭ କରିଥିଲେ ସେ। ରାଜ୍ୟର ଅନେକ ପ୍ରତିଷ୍ଠିତ ଖବରକାଗଜ ଏବଂ ପତ୍ର ପତ୍ରିକାରେ ତାଙ୍କର କବିତାମାନ ପ୍ରକାଶ ପାଇ ଆସୁଥିଲା। ରାଜ୍ୟର ଜଣେ ସୁପରିଚିତ ଯୁବକବି ଭାବରେ ସେ ସେତେବେଳକୁ ପ୍ରତିଷ୍ଠା ହାସଲ କରି ସାରିଥିଲେ।

ରାଜ୍ୟ ସରକାରଙ୍କ ଅଧୀନରେ ସେ ସାଧାରଣ ପ୍ରଶାସନ ବିଭାଗରେ ଜଣେ ତୃତୀୟ ଶ୍ରେଣୀ କର୍ମଚାରୀ ଭାବରେ ଯୋଗ ଦେଇଥିଲେ ପ୍ରାୟ ଅଢ଼େଇବର୍ଷ ପୂର୍ବରୁ। କନ୍ୟାପକ୍ଷ ଜାଣିଥିଲେ ଯେ ଜ୍ୱାଇଁ ପିଲାଟି ଗୀତଫୀତ କଣ ଲେଖାଲେଖି କରୁଛି! ଯାହା କରୁଛି କରୁ, ସରକାରୀ ଚାକିରି ଖଣ୍ଡେ ତ କରିଛି ନା! ଆଜିକାଲି ସରକାରୀ ଚାକିରି ଅବା କେତେ ଜଣଙ୍କୁ ମିଳୁଛି? ହେଉ ପଛେ କିରାଣି ଚାକିରି!

ସରକାରୀ ଘର ମିଳିଛି ଖୋଜ୍ ରାଜଧାନୀରେ। ଗାଁରେ ଅଛି ବି ଦୁଇ ଅଢ଼େଇ ଏକର ଚାଷ ଜମି। ପିଲାଟା ଦେଖିବାକୁ ଶ୍ୟାମଳ ହେଲେ ବି ଡେଙ୍ଗା, ସୁଦର୍ଶନ। ନିଶାପାଣି ଅଭ୍ୟାସ ନାହିଁ ବୋଧେ!

ସତ୍ୟବ୍ରତଙ୍କର ବାପା ଓ ମାମୁଁଙ୍କର ବୋଧହୁଏ ଯୌତୁକ ନେବା ପାଇଁ ଆଗ୍ରହ ଥିଲା। ଏତେ କଷ୍ଟରେ ସେମାନେ ପୁଅକୁ ପାଠ ପଢ଼ାଇ ମଣିଷ କରିଛନ୍ତି। ତାର କ'ଣ କୌଣସି ମୂଲ୍ୟ ନାହିଁ। ପନ୍ଦର ଖଣ୍ଡ ମୌଜାର ଲୋକମାନେ ଅନାଇ ବସିଛନ୍ତି ସଦାନନ୍ଦ ପଟ୍ଟନାୟକର ପୁଅ ବାହାଘର ହେବ। ଭୋଜି ଖାଇବେ।

ବିନା ଯୌତୁକରେ ପୁଣି ପୁଅ ବାହାଘର! ଇୟେ କି ଅଭିଲା କଥା? ଲୋକମାନେ କହିବେ, ପୁଅଟାର କିଛି ଅବିଗୁଣ ଥିଲା ବୋଲି ସଦା ପଟ୍ଟନାୟକ ବିନା ଯୌତୁକରେ ତରବରରେ ବାହାଘର ସାରିଦେଲା!

ସତ୍ୟବ୍ରତ କିନ୍ତୁ ରୋକ୍‌ଠୋକ୍ ଶୁଣାଇଦେଲେ – ବାହାଘର ହେବ ତ ବିନା ଯୌତୁକରେ। ନ ହେଲେ ନାହିଁ।

ପୁଅର ଜିଦ୍ ଆଗରେ ହାର ମାନିଲେ ବାପା ଓ ମାମୁଁ।

ଧୂମଧାମରେ ନୁହେଁ ନିରାଡମ୍ବର ଭାବରେ ହେଲା ବାହାଘର।

ସୁନୟନା ଆସିଲେ ବୋହୂହୋଇ, ତାଙ୍କ ଘରକୁ।

**: ଦୁଇ :**

ଚତୁର୍ଥୀ ରାତିରେ ସତ୍ୟବ୍ରତ ସୁନୟନାଙ୍କ ହାତରେ ସ୍ନେହରେ ଗୁଞ୍ଜି ଦେଇଥିଲେ ଚକଚକିଆ ଜରିମଡ଼ା ଗୋଟେ ଛୋଟ ପ୍ୟାକେଟ୍। ଅତୀବ ଆଗ୍ରହରେ ଲାଜ ଲାଜ ହୋଇ ପ୍ୟାକେଟିକୁ ଖୋଲିଲେ ସୁନୟନା। ତା' ଭିତରୁ ବାହାରି ଆସିଲା ଖଣ୍ଡେ ପତଳା କବିତା ବହି।

ବହିର ଶୀର୍ଷକ ଥିଲା – "କେବଳ ସୁନୟନା ପାଇଁ।"

ବହିଟି ଛପା ଯାଇନଥିଲା। ସୁନ୍ଦର ହାତ ଅକ୍ଷରରେ ଲେଖାଯାଇ ସୁଦୃଶ୍ୟ ବନ୍ଧେଇ ହୋଇଥିଲା।

ବହି ପ୍ୟାକେଟକୁ ସୁନୟନାଙ୍କ ଆଡକୁ ବଢ଼ାଇଦେଇ ଅତି ସନ୍ତର୍ପଣରେ ସତ୍ୟବ୍ରତ ଚାହିଁଲେ ଓଢ଼ଣା ଟଣା ପତ୍ନୀଙ୍କ ଗୋରା ମୁହଁକୁ। ସେ ଆଶା କରିଥିଲେ ବହିଟିକୁ ଆନନ୍ଦର ଅତିଶଯ୍ୟରେ, ଅଧୀର ଆବେଗରେ ଦୁଇ ଆଞ୍ଜୁଳିରେ ସୁନୟନା ପ୍ରଥମେ ଟେକି ନେବେ ନିଜ ମୁହଁ ପାଖକୁ। ଅଭିନବ ପୁଲକର ସହ ଅବିଶ୍ୱାସ୍ୟ ନୟନରେ ତାକୁ ଘଡ଼ିଏ ଦେଖିବେ। ନିଜ ଆଖିକୁ ବିଶ୍ୱାସ କରିପାରିବେନି ଯେ ତାଙ୍କ ପତିଦେବଙ୍କର ସ୍ୱହସ୍ତ ଲିଖିତ କବିତା ବହିଟି ସେଇ ମୁହୂର୍ତ୍ତରେ ରହିଛି ତାଙ୍କ ଦୁଇ ପାପୁଲି ଭିତରେ! ପୁଣି ତାଙ୍କରି ନା'ରେ ପ୍ରକାଶ ପାଇଛି ବହିଟି! କି ଭାଗ୍ୟ ତାଙ୍କର!

ପରେ ପରେ ପ୍ରବଳ ଆବେଗରେ, ଉଲ୍ଲସିତ ହୃଦୟରେ ସେ ଆଙ୍କିଦେବେ ଚୁମ୍ବନ ପରେ ଚୁମ୍ବନ ବହିର ସର୍ବାଙ୍ଗରେ। ଏପରି ଏକ ମହାର୍ଘ ରାତିରେ, ଏପରି ଅନନ୍ୟ ଉପହାରଟିଏ ଦେଇ ତାଙ୍କ ଜୀବନ ଧନ୍ୟ କରିଦେଲ ବୋଲି ସଲ୍ଲଜ କଣ୍ଠରେ କହି ତାଙ୍କୁ ନିବିଡ ଆଲିଙ୍ଗନ କରି ଭିଡ଼ି ଧରିବେ ନିଜର ପୁଷ୍ଟିଳ ଛାତି ଉପରେ!

ହେଲେ କାଇଁ? ସେଭଳି କୌଣସି ଲକ୍ଷଣ ତ ପ୍ରତିଫଳିତ ହେଉନାଇଁ ସୁନୟନାଙ୍କ ମୁହଁ ଉପରେ! ବରଂ ତାଙ୍କ ମୁହଁ ସେତେବେଳେ ଦେଖାଯାଉଥିଲା ଫର୍ଦ୍ଦେ ସଫେଦ କାଗଜପରି ଫାଙ୍କା, ନିର୍ଲିପ୍ତ। ବହିଟିକୁ ଅନ୍ୟମନସ୍କତାର ସହ ଏପଟ ସେପଟ ଓଲଟାଇ ନିରାସକ୍ତ ଭାବରେ ପାଖରେ ଥିବା ଟେବୁଲ୍ ଉପରେ ରଖିଦେଇ ସୁନୟନା ହାଇଟିଏ ମାରିଲେ, ଖୁବ୍ ଜୋର୍‌ରେ ନିଦ ମାଡି ଆସୁଥିବାର ଉପକ୍ରମ କରି।

ସୁନୟନାଙ୍କର ସେପରି ବିତୃଷ୍ଣାମୟ ମନୋଭାବ ଗୋଟିଏ ନୁହେଁ, ଅସଂଖ୍ୟ ହାଇ ସଅଷ୍ଟି କରି ପକାଇଲା। ସତ୍ୟବ୍ରତଙ୍କ ମନ ଉପରେ। ଝାଉଁଳି ପଡିଲା ତାଙ୍କ ମନ। ଅପମାନର ମୁନିଆ କଣ୍ଟା ଗୁଡାଏ କିଏ ଯେପରି ଫୋଡି ପକାଇଲା ତାଙ୍କ ସର୍ବାଙ୍ଗରେ। ଅପ୍ରତିଭ ଜଣାପଡ଼ିଲେ ସେ। ସେପରି ଅବସ୍ଥାକୁ ଲୁଚାଇବାକୁ ସେ ଉଠି ଚାଲିଗଲେ ସେଇ କୋଠରୀ ପାଖରେ ଥିବା ଗାଧୁଆ ଘରକୁ।

ବାହାଘରର କିଚି ମାସ ପରେ ଏ ଘଟଣାକୁ ମନେ ପକାଇ ସୁନୟନା କଥା କଥାକେ ବାରମ୍ବାର ଟୀପ୍ପଣୀ ଦିଅନ୍ତି –

"ହୟୋ, ଚତୁର୍ଥୀ ରାତିରେ ସ୍ୱାମୀମାନେ ସେମାନଙ୍କ ନବବିବାହିତା ପତ୍ନୀଙ୍କ ପାଇଁ କେତେକେତେ ଦାମୀ ଉପହାର ମାନ ଆଣି ଆସିଥାଆନ୍ତି। କିଏ ସୁନା ଗହଣା ତ କିଏ ପାଟଶାଢ଼ୀ। ସୁନାଗହଣା କଥା ଛାଡ ହେ....ଇମିଟେସନ୍‌ର ଚେନ୍‌ଟିଏ, ନିକୁଛ୍ୟାରେ ନାକଫୁଲଟାଏ ଦେଇଥିଲେ ବି ଚଳି ଥାଆନ୍ତା। ପାଟଶାଢ଼ୀ ନ ହେଲେ ନାହିଁ, ପାଞ୍ଚ ସାତ ଶହ ଟଙ୍କିଆ କଟନ୍ ଅବା ଟାଙ୍ଗାଇଲ୍ ଶାଢ଼ୀ ବକଟେ ତ ଦେଇପାରିଥାଆନ୍ତ! ସଚ୍ଚିବାଳୟ କିରାଣୀ ପରା ତମେ! ଏତେ ବଡ଼ ଭିକାରୀ ନୁହଁ ଯେ ଏଇ ସାମାନ୍ୟ କାମଟେ କରିପାରିନଥାନ୍ତ ନବବିବାହିତ ପତ୍ନୀ ପାଇଁ! ହାତରେ ଧରାଇ ଦେଲ ଖଣ୍ଡେ ଅପୂର୍ବ ବହି। ଶସ୍ତା ସୁନ୍ଦର ମଜବୁତ୍! କ'ଣ ନା ମୁଁ କବି। କବି ନା କୋବି! କି କୋବି ବା! ବନ୍ଧାକୋବି ନା ଫୁଲକୋବି ନା ଓଲ କୋବି!

ସୁନୟନାଙ୍କର ଏଇ କେଇ ପଦ କଥାରେ ଅପମାନିତ ହେବାର, ଲାଞ୍ଛିତ ହେବାର ଯଥେଷ୍ଟ କାରଣ ଥିଲେ ମଧ୍ୟ, କ୍ରୋଧ ଓ ଲଜ୍ଜାରେ ସତ୍ୟବ୍ରତଙ୍କ ମୁହଁ ପାଟଳ ପଡ଼ିଯାଇଥିଲେ ମଧ୍ୟ, ସେସବୁକୁ ସେ ଅତି ଧୈର୍ଯ୍ୟର ସହ ନିଜ ଭିତରେ ଘୋଡ଼େଇ ରଖି ଜମା ବିବ୍ରତ କିମ୍ବା ଅପମାନିତ ନ ହୋଇ ଥିବାର ଆଚରଣ ଦେଖାଇ ଚୁପ୍‌ଚାପ୍ ବସି ରହିଥିଲେ।

ସତ୍ୟବ୍ରତ ଆଗରୁ ଯେତିକି ଜାଣିଥିଲେ ଏବଂ ଏବେ ଶତ ପତିଶତ ନିଶ୍ଚିତ ହୋଇଗଲେ ଯେ ତାଙ୍କ ଜୀବନର ପରିଧି ଭିତରକୁ ପତ୍ନୀ ରୂପରେ ଆସିଥିବା ଏ ଗୋରୀ ସୁନ୍ଦରୀ ଭଦ୍ର ମହିଳା ଜଣକ ସଂପୂର୍ଣ୍ଣ ବସ୍ତୁବାଦୀ। ସାହିତ୍ୟ, ସଂସ୍କୃତି, ଗଳ୍ପ, କବିତା, ଭାବପ୍ରବଣତା ଠାରୁ ସେ ଯୋଜନ ଯୋଜନ ଦୂରରେ। ଏସବୁ ପ୍ରତି ତାଙ୍କର ସାମାନ୍ୟତମ ଆଗ୍ରହ ସୁଦ୍ଧା ନାହିଁ।

ଘରେ ବହି ଖାତା, ମାଗାଜିନ୍ ଆଦି ଦେଖିଲେ ସେସବୁକୁ ଅଳିଆ ଆବର୍ଜନା ଭାବି ଆଦୌ ସହ୍ୟ କରିନପାରି ଅହରହ ଚିଡ଼ଚିଡ଼୍ ହେଉଥିବା, ଅଶାନ୍ତି ସୃଷ୍ଟି କରୁଥିବା ଏପରି ଜଣେ ମଣିଷ ସହିତ ସ୍ୱାମୀ-ସ୍ତ୍ରୀ ଭାବରେ କେମିତି ଗୋଟାଏ ପରମାୟୁ ସେ ବିତାଇବେ, ସେଇକଥା ଭାବି ବିଷର୍ଣ୍ଣ ହୋଇଯାଉଥିଲେ ସତ୍ୟବ୍ରତ।

ସୁନୟନାଙ୍କୁ ବୁଝାଇବାକୁ ଯାଇ ସେ କୁହନ୍ତି –

"ଟଙ୍କା, ସୁନା, ଗହଣା, ଧନ, ଦୌଲତ କ'ଣ ମଣିଷ ଜୀବନ ପାଇଁ ଏକମାତ୍ର ଅବଲମ୍ବନ ସୁନୟନା। ସ୍ନେହ, ପ୍ରେମ, ଆବେଗ, ସ୍ୱପ୍ନ ଆଦିର ମଣିଷ କ'ଣ କିଛି ମୂଲ୍ୟ ନାଇଁ ଜୀବନରେ ?

"କିଏ କହିଲା ନାଇଁ ବୋଲି ? ମୁ! ମୋ ମୁଣ୍ଡ ଖରାପ ନା କ'ଣ ? ଅଲବତ୍ ଅଛି। ହେଲେ ମୋର ଗୋଟିଏ ପ୍ରଶ୍ନର ଉତ୍ତର ଦିଅ ତ! ଇୟେ ସ୍ନେହ ଶ୍ରଦ୍ଧା, ଆବେଗ ଆସେ କେଉଁଠୁ ? ଆକାଶରୁ ଖସିପଡ଼େ ନା ଭୂଇଁ ଫୁଟାଇ ବାହାରି ଆସେ। – ସୁନୟନା କହିଲେ ଏବଂ ଯୋଗକଲେ –

"ଜଣେ ସିନା ଅନ୍ୟ ଜଣଙ୍କର ମନକୁ ବୁଝି ଖୁସି କଲେ ଅପର ଜଣକ ସେ ଖୁସିକୁ ଦ୍ୱିଗୁଣିତ କରି ଫେରାଇବ! ଆଉ ତମେ ତ ସ୍ୱାର୍ଥପରଙ୍କ ଭଳି ନିଜ ଦୁନିଆରେ ମାତିଲ ଅହରହ। ଅନ୍ୟର ମାନସିକତା ପ୍ରତି ଆଡ଼ ଆଖିରେ ବି ନଜର ଦେଲନି। ଆଉ ଜଣେ କ'ଣ ଚାହୁଁଛି ସେକଥା ବୁଝିବା ପାଇଁ ଜମା ଚେଷ୍ଟା କଲନି। ସେ କାହିଁକି ତମ ଆଡେ ନଜର ଦବ? ତମ ରୁଚିପ୍ରତି ସମ୍ମାନ ଜଣାଇବ?"

"ଥରେ କେବେ ଭାବିଛ କି ଯେଉଁ ସାହିତ୍ୟ ପାଇଁ ତମେ ଦିନରାତି ପାଗଳ, ତାହା ତୁମ ପରିବାର ପାଇଁ କି ସୁଖ ସମୃଦ୍ଧି ବୋହି ଆଣିଛି! ଭାବିଛ କେବେ ଏକଥା ?

ସତ୍ୟବ୍ରତ ଚୁପଚାପ୍ ବସି ଶୁଣୁଥିଲେ ସୁନୟନାଙ୍କ କଥା। କଥା ନୁହେଁ ତ ଶାଣିତ ଆକ୍ଷେପ। ସେ ଜାଣନ୍ତି, ତାଙ୍କର ପଦେ ମାତ୍ର ପ୍ରତିକ୍ରିୟା ସୁନୟନାଙ୍କୁ ଶହେ ପଦ ଉଦ୍‌ଗାରିବା ପାଇଁ ଉପାଦାନ ଯୋଗାଇବ। ଆଉ ସେଇ ଶହେ ପଦ କଥା ତାଙ୍କ ପାଟିରୁ ଜଳନ୍ତା ଡହଡହ କୋଇଲା ହୋଇ ବାହାରିବ।

ସେଥିପାଇଁ ସେ ନିରବତାକୁ ନିଜର ଅମୋଘ ଅସ୍ତ୍ର ବୋଲି ବିଚାରନ୍ତି।

ସୁନୟନା କିନ୍ତୁ ଛାଡ଼ିବା ଜନ୍ତୁ ନୁହନ୍ତି। ସତ୍ୟବ୍ରତଙ୍କ ନିରବତାକୁ ତାଙ୍କର ଅସହାୟତା ଆଉ ଅପାରଗତା ବୋଲି ଭାବି ଆହୁରି କହିବା ପାଇଁ ଉତ୍ସାହିତ ହୋଇପଡ଼ନ୍ତି।

: ଚୁପ୍ ହୋଇ ବସି ପଡ଼ିଲ ଯେ! ହଁ, ଚୁପ୍ ରହିବିନି ତ କ'ଣ କରିବ ? କହିବା ପାଇଁ କିଛି ଥିଲେ ବି କୁହନ୍ତ ନା!

ଚୁଟ୍ କିନା ବିଛାଟିଏ କାମୁଡ଼ି ଦିଏ ସତ୍ୟବ୍ରତଙ୍କ ନରମ କଳିଜାକୁ। ରକ୍ତ ଝରେ। ବିନ୍ଧା ଛିଟିକା କରେ। ସେ ମୁହଁ ଖୋଲନ୍ତି–

"କେଉଁ ଦିନ ତମକୁ ଅବା ପିଲାମାନଙ୍କୁ ଉପବାସରେ ରଖିଛି ? କୁହ ଜଣେ ସାଧାରଣ ବେତନଭୋଗୀ କର୍ମଚାରୀ ହୋଇ କେଉଁ ଦିନ ସଂସାର ଯୁଦ୍ଧରୁ ପାଦ ଫେରାଇ ଆଣିଛି କି ପଛକୁ ? ନିଦାଘ ଖରା, ଧାରା ଶ୍ରାବଣ ବର୍ଷା କି ମାଘ ମାସ ଶୀତରେ ତୁମକୁ ଓ ପିଲାମାନଙ୍କୁ କେବେ ବସାଇ ଦେଇଛି କି ଗଛ ମୂଳରେ! ହଁ, ମୁଁ ସାହିତ୍ୟକୁ ଭଲ ପାଏ। କବିତା ଲେଖିବା ମୋର ନିଶା। କିନ୍ତୁ ପ୍ରଥମେ ପାରିବାରିକ ସଂସାର ଓ ପରେ ସୃଜନ ସଂସାର – ଏଇ ନ୍ୟାୟରୁ କେବେ ବିଚ୍ୟୁତ ହୋଇଛି କି ? ତେବେ କୁହ ସୁନୟନା! କ'ଣ ପାଇଁ ତୁମ ମନରେ ଏତେ କ୍ରୋଧ, ଏତେ ଅଭିଯୋଗ ? ଏତେ ଅସନ୍ତୋଷ ? କ'ଣ ତୁମର ଅଭାବ ?

: କ୍ରୋଧ! ଅସନ୍ତୋଷ! ଅଭାବ! – ଚକିତ ହେବା ପରି କହିଲେ ସୁନୟନା – "ମୁଁ ପାଗଳ ନା କ'ଣ ! କେତେ ପ୍ରାଚୁର୍ଯ୍ୟ, କେତେ ଅୟସ ଆରାମରେ ତୁମେ ରଖିଛ ଆମକୁ। ପାଟି ଖୋଲିବା ମାତ୍ରେ ସରଗରୁ ଚାନ୍ଦ ତୋଳି ଆଣି ଗୁଞ୍ଜି ଦେଉଛ ହାତରେ। ଘିଅ ମହୁରେ ଆମ ସଂସାର ଖାଲି ଉବୁଟୁବୁ ହଉଛି ପରା! ତମେ ଏତେ ବଡ଼ କବି, ମୁଁ ଏତେ ବଡ଼ କବିଙ୍କ ଅର୍ଦ୍ଧାଙ୍ଗିନୀ ମୋର ବା ଅଭାବ କ'ଣ ? ମୁଁ ପୁଣି ଅସନ୍ତୁଷ୍ଟ ହେବି!

ସୁନୟନାଙ୍କର ଏ ତାଚ୍ଛଲ୍ୟ ଭରା କଥା ପ୍ରଥମେ ପ୍ରଥମେ କାଟି ପକାଉଥିଲା ସତ୍ୟବ୍ରତଙ୍କ କଳିଜାକୁ। ତାଜା ରକ୍ତ ଝରାଉଥିଲା କ୍ଷତବିକ୍ଷତ ହୃଦୟରୁ। ଜୀବନ ପ୍ରତି ଭରି ଦେଉଥିଲା ବିତୃଷ୍ଣା। ଆସ୍ଥା ହଟି ଯାଉଥିଲା ନିଜ ଉପରୁ। ସଂସାର ଉପରୁ। ସେ ଜାଣୁଥିଲେ ସୁନୟନା ନିଜକୁ ଅନ୍ୟମାନଙ୍କ ସହ ତୁଳନା କରି ଏପରି ମନଜଳା କଥାମାନ କହୁଛନ୍ତି।

ତାଙ୍କ ଅଫିସର ଅନ୍ୟାନ୍ୟ ସହକର୍ମୀ ଯେଉଁମାନେ ତାଙ୍କ ସମୟରେ ଚାକିରିରେ ଭର୍ତ୍ତି ହୋଇଥିଲେ, ଦାପ୍ତରିକ ପରୀକ୍ଷା ପତ୍ର ଦେଇ ଧରାଧରି କରି, ତେଲ ମରାମରି କରି, ନାନା ଉପାୟରେ ନିଜ ସହିତ ଅନ୍ୟମାନଙ୍କ ପକେଟ ଗରମ କରି କିଏ କୁଆଡେ କାହିଁ ଉପରକୁ ଉଠି ଗଲେଣି। ରାଜଧାନୀରେ ଘରଦ୍ୱାର କରି ଚାରି ଚକିଆ ଚଢ଼ି ବୁଲିଲେଣି। ଅଥଚ ସେ ଚାକିରି କରିବା ସମୟରେ ଯେମିତି ଥିଲେ, ଅନେକ ବର୍ଷ ପରେ ମଧ ସେଇଠି ଅଟକି ଯାଇଛନ୍ତି।

ତାଙ୍କ ବୈଷୟିକ ସଂସାର ରଥ ଇଞ୍ଚେ ବି ଗଡିନାହିଁ ଆଗକୁ।

କଲୋନୀରେ ଅନ୍ୟମାନଙ୍କର ହାଇଫାଇ ଚଳନୀ ଓ ଥାଟପାଟ ଦେଖି ଲଜ୍ଜାରେ ସାଙ୍କୁଡ଼ି ଯାଉଛନ୍ତି ସୁନୟନା। ତାଙ୍କ ପାଖରେ ପିନ୍ଧିବାକୁ ଅତି କମ୍‌ରେ ଅଢ଼େଇ ଡଜନ ଶାଢ଼ୀ ଥିଲେ ବି ଅନ୍ୟକୁ ଦେଖାଇବା ପାଇଁ ତିରିଶି ହଜାରିଆ ପାଟ ଶାଢ଼ୀ ନାହିଁ କି ପାଞ୍ଚଭରି ଓଜନର ସୁନାହାର ନାଇଁ। ଛୁଟି ଦିନମାନଙ୍କରେ ମାର୍କେଟ ବୁଲିଯିବା ପାଇଁ କାର୍ ନାଇଁ। ଖରାଦିନିଆ ଅପରାହ୍ନ କିମ୍ବା ସଞ୍ଜରେ ବାଲ୍‌କୋନୀରେ ବସି ଦୋଳିରେ ଝୁଲିବା ପାଇଁ ଦୋତାଲା କୋଠା ନାଇଁ।

ଏସବୁ ନାହିଁମାନେ ତାଙ୍କ ଜୀବନର କିଛି ମୂଲ୍ୟ ନାହିଁ। ଏସବୁ ନଥିବା ଜୀବନର କିଛି ମାନେ ହିଁ ନାହିଁ। ବିଲ୍‌କୁଲ୍ ନିଃସ୍ୱ, କାଙ୍ଗାଳ। ସବୁ ଯେମିତି ଫାଙ୍କା, ଅଦରକାରୀ।

ଅନେକ ଥର ସୁନୟନା ପ୍ରସ୍ତାବ ଦେଲେଣି – " ହୟୋ, ଆମେ କାଇଁକି ଏଠି, ଏଇ କଲୋନୀରେ ଦରିଦ୍ର ଭିକାରୀଙ୍କ ଭଳି ପଡ଼ି ରହିବା ? ଚାଲ, କଲୋନୀ ଛାଡି ପିଲାମାନଙ୍କୁ ଧରି ଅଗ୍ନାଅଗ୍ନି ବନସ୍ତକୁ ପଳେଇବା। ସେଠି ବାଘ ଭାଲୁ ସାପ ମୂଷାଙ୍କ ଗହଣରେ ରହିବା ବରଂ ଶ୍ରେୟସ୍କର। ସେଇ ପ୍ରାକୃତିକ ପରିବେଶ ଭିତରେ ବସି କବିତା ଲେଖିବା ବଡ ଆମୋଦଦାୟକ ହେବ ତମ ପାଇଁ। କିନ୍ତୁ ଏ କଲୋନୀ ଭିତରେ, ଚିହ୍ନା ପରିଚିତଙ୍କ ଗହଣରେ ଦରିଦ୍ର କାଙ୍ଗାଳଙ୍କ ପରି ପଡ଼ି ରହିବା ଭାରି କଷ୍ଟଦାୟକ.......।

ପିଲା ଦୁଇଟି ମଧ ମା'ଙ୍କର ସବୁ ଗୁଣକୁ ସାଙ୍ଗରେ ଧରି ଜନ୍ମ ନେଇଛନ୍ତି। ଉଣେଇଶ ବିଶ ବି ନୁହେଁ। ମା'ର ପୁରା କାର୍ବନ କପି। ବଡ ଝିଅ ସାଲୁ। ପ୍ଲସ୍ ଥ୍ରୀ ପଢୁଛି ରାଜଧାନୀ କଲେଜରେ। ସେ ଅବାଧ ନୁହେଁ, ତାର କିଛି ଅବିଗୁଣ ନାହିଁ। କିନ୍ତୁ କେଉଁଦିନ ଆସି ପାଞ୍ଚମିନଟ ବସି ନାହିଁ ତାଙ୍କ ପଢ଼ା ଟେବୁଲ୍ ପାଖରେ। ଅଫିସ୍‌ରୁ ଫେରି ବଜାର ହାଟ ସାରି, ଘରକୁ ଆସି ରାତିରାତି ଅନିଦ୍ରା ହୋଇ ବାପା କ'ଣ କରୁଛନ୍ତି, ସେଥିପ୍ରତି ତାର ନିଘା ନଥାଏ କି ଆଗ୍ରହ ନଥାଏ। କଲୋନୀର କେଇଜଣ ସମବୟସ୍କା ଝିଅମାନଙ୍କ ସହିତ ସବୁବେଳେ ଯାଇ ଛାତ ଉପରେ! ବିବାହ ଯୋଗ୍ୟା ଝିଅଟିଏ ହେଲାଣି ଆସି, କେଉଁ ଦିନ ଆଣି ପାଣି ଗ୍ଲାସଟିଏ ବଢ଼ାଇ ଦେଇନି ତୃଷିତ ବାପାଙ୍କ ହାତକୁ।

ସାନପୁଅ ରାଜା କଥା ନ କହିବା ଭଲ। ଅଠର ବର୍ଷର ଭେଣ୍ଡା ଯୁବକ। ଘରର ସାମାନ୍ୟ କାମଟିଏ ମଧ ହୁଏ ନାହିଁ ତା'ଦ୍ୱାରା। ଦ୍ୱାର ମୁହଁ ପାଖରେ ବଜାର। ଲୁଣ ହଳଦୀ ପାଇଁ ମଧ ସେ ଗୋଡ କାଢ଼େ ନାହିଁ ବାହାରକୁ। ସାଙ୍ଗମାନେ ହିଁ ତା' ଜୀବନର ପ୍ରମୁଖ ଅଂଗ। ସେମାନଙ୍କ ପାଇଁ ସେ ଅକାତରେ ଜୀବନ ଦେଇଦେବ ସିନା, ହେଲେ ନିଜ ଘରେ କିଏ ମରିଗଲେ ମଧ ତା'ର ପରବାୟ ନଥାଏ। ସତ୍ୟବ୍ରତଙ୍କ ବହି ଖାତା, ମାଗାଜିନ କାଳେ ଘରଦ୍ୱାର ଅପରିଷ୍କାର କରୁଛି ବୋଲି ସେ କୁହେ।

ହଁ, ମାତୃଗଣ ଦୁହିତା ଓ ପୁତ୍ର! ତାକୁ କାଳେ ତା' ସାଙ୍ଗମାନେ ଚିଡାନ୍ତି – "କିବେ ରାଜା, ପ୍ରେମିକମାନେ ପରା ପ୍ରେମରେ ବିଫଳ ହୋଇ ହତାଶରେ କବିତା ଲେଖନ୍ତି! ତୋ ବାପା ବୁଢ଼ାକାଳେ ସେଇ ପ୍ରେମ ଫ୍ରେମ ଧନ୍ଦାରେ ମାତିଛନ୍ତି ନା କ'ଣ!

ପିଲାଟା କାଳେ ଭାରି ଅପମାନିତ ବୋଧ କରେ। ବାହାରୁ ଏସବୁ କଥା ଶୁଣି ଆସି ଘରେ ଗୋଡ କଚାଡେ। ମା' ଆଗରେ ଫେରାଦ ହୁଏ।

ମାତୃଦେବୀ ତାକୁ ପ୍ରବୋଧନା ଦିଅନ୍ତି – "ସେ ସାରା ଜୀବନ କି ଧନ୍ଦାରେ ମାତିଛନ୍ତି, କି ଫାଇଦା ପାଉଚନ୍ତି, ସେକଥା ତାଙ୍କ ସ୍ତ୍ରୀ ହୋଇ ବି ମୁଁ ଏ ପର୍ଯ୍ୟନ୍ତ ଜାଣି ପାରିଲି ନାହିଁ। ତମେମାନେ ତ ଛୁଆ ! ହଉ, ତାଙ୍କର ଯାହା ଇଚ୍ଛା ସେ କରୁଥାଆନ୍ତୁ। ତମେମାନେ ସେଆଡେ ଜମା ନଜର ଦିଅନା.... !

ନିଜ ରକ୍ତର ସନ୍ତାନମାନଙ୍କୁ ସୁନୟନାଙ୍କର ଏପରି ପରାମର୍ଶ ଭାରି କଷ୍ଟଦିଏ ସତ୍ୟବ୍ରତଙ୍କୁ। ଆହତ ସ୍ୱରରେ ସେ କୁହନ୍ତି–

"ସୁନୟନା ! ପତ୍ନୀ ହୋଇ ମଧ୍ୟ ମୋର ମାନସିକତାକୁ, ରୁଚିକୁ, ପସନ୍ଦ ଅପସନ୍ଦକୁ ସାରା ଜୀବନ ନ ବୁଝିଲ ନାଇଁ, ହେଲେ ପିଲାମାନଙ୍କୁ କୁପରାମର୍ଶ ଦେଇ ବାଟବଣା କରନା। ଏ ସଂସାରରେ ମୁଁ ଏମିତି ଜଣେ ମା' ଦେଖିନି ଯିଏ ପିଲାମାନଙ୍କୁ ନିଜ ବାପାଙ୍କ ବିରୁଦ୍ଧରେ ଉଷ୍କାଇପାରେ। ସେମାନେ ବଡ଼ ହେଲେଣି। ଭଲମନ୍ଦ ଜାଣିବାରେ ସକ୍ଷମ ହେଲେଣି। ସାହିତ୍ୟ, ସଂସ୍କୃତି, ଅସ୍ମିତା ପ୍ରତି ସେମାନଙ୍କୁ ବିମୁଖ କରନାହିଁ ....।

ବେଳେବେଳେ ସତ୍ୟବ୍ରତ ନିଜ ପିଲାଦୁଇଟିଙ୍କୁ ତାଗିଦ୍ କରୁଥିଲେ ପାଠପଢ଼ା ବାଦ୍ ସମୟ ବାହାର କରି ଅନ୍ୟ କିଛି ଉପାଦେୟ ପୁସ୍ତକ ଯଥା ଧର୍ମ, ଦର୍ଶନ ଏବଂ ଉଚ୍ଚାଙ୍ଗ ସାହିତ୍ୟ ବିଷୟକ ପୁସ୍ତକ ପଢ଼ାପଢ଼ି କରିବା ପାଇଁ। ଘୁଷୁରୀକୁ ପାଚିଲା କଦଳୀ ଅସ୍ୱାଦକର ଲାଗିବା ପରି ପିଲାମାନେ ତାଙ୍କୁ ଧରାଛୁଆଁ ନ ଦେଇ ମା' ଆଗରେ ଆସି ବାପାଙ୍କ ଜୁଲମ ବିଷୟରେ ଫେରାଦ ହୁଅନ୍ତି।

ସୁନୟନା ପିଲାଙ୍କ ପଟିଆ ହୋଇ ତାଙ୍କୁ ଝିଙ୍ଗାସନ୍ତି –

"ଖବରଦାର୍, ମୋ ପିଲାମାନଙ୍କୁ ସେପରି କାଙ୍ଗାଳିଆ, ଲକ୍ଷ୍ମୀଛଡ଼ା କଥାଗୁଡ଼ା ଶିଖାଅନା। ତମେ ତମର ଯାହା ଇଚ୍ଛା କର। ତମେ ଯେମିତି ହେଇଛ, ମୋ ପିଲାମାନଙ୍କୁ ମୁଁ ସେମିତି ହେବାକୁ ଦେବିନି। ସେପରି ଫାଲତୁ ଧନ୍ଦାରେ ମାତିଲେ ମଣିଷ ପେଟ ପୋଷି ପାରିବନି। ବାର ଦୁଆର ଶୁଣ୍ଡିପିଣ୍ଡା ହେବ, ଠିକ୍ ତୁମ ପରି .....

ସତ୍ୟବ୍ରତ ଚୁପ୍ ରୁହନ୍ତି। ଦୀର୍ଘଶ୍ୱାସ ବାହାରି ଆସେ ତାଙ୍କ ଛାତି ଭିତରୁ। ସେ ଭଲ ଭାବରେ ଜାଣନ୍ତି, କେବଳ ତାଙ୍କର ସ୍ତ୍ରୀ ପିଲାମାନେ ନୁହନ୍ତି, ତାଙ୍କ ସାଙ୍ଗସାଥୀ, ସହକର୍ମୀ ଓ ଚିହ୍ନାପରିଚିତ ଲୋକମାନେ ମଧ୍ୟ ତାଙ୍କ କବିତା ଓ କବି ପଣିଆକୁ ଆଦୌ ଉଚ୍ଚ ଦୃଷ୍ଟିରେ ଦେଖନ୍ତି ନାହିଁ। କେହି କେହି ତାଙ୍କୁ ହତାଶ ଭାବାପନ୍ନ ବିଚରାଟିଏ ମନେ କରି ଦୟା ଦେଖାଇବା ପରି ବ୍ୟବହାର କରନ୍ତି। ବେଳେବେଳେ ତାଙ୍କ କବିତ୍ୱକୁ ନେଇ ଥଟ୍ଟା ପରିହାସ କରିବାକୁ ମଧ୍ୟ ପଛାନ୍ତି ନାହିଁ।

କାରଣ ତାଙ୍କ ପାଖରେ କେବଳ ଛୋଟ କାଟର ସରକାରୀ ଚାକିରି ବାଦ୍ ଆଉ ଅଧିକ କିଛି ନାହିଁ। ତାଙ୍କର ଜମି କି କୋଠାବାଡ଼ି ନାହିଁ। ତାଙ୍କର ଚାରିଚକିଆ ଗାଡି ଘୋଡା ନାହିଁ। ସେ ଚାକିରି କ୍ଷେତ୍ରରେ ସେମିତିଆ ଆଖିଦୃଶିଆ ପଦୋନ୍ନତି ପାଇନାହାନ୍ତି। ସେ ତାଙ୍କ ସହିତ ଚାକିରିରେ ଯୋଗ ଦେଇଥିବା ସହକର୍ମୀମାନଙ୍କ ଠାରୁ ପଦପଦବୀ ଅନୁସାରେ ଯଥେଷ୍ଟ ତଳେ ଅଛନ୍ତି। ସେ ସେମାନଙ୍କଠାରୁ ବହୁତ କମ ବେତନ ପାଆନ୍ତି। ସେ ନିଜ ସ୍ତ୍ରୀ ପିଲାଙ୍କ ସମସ୍ତ ଦାବୀକୁ ପୂରଣ କରିପାରନ୍ତି ନାହିଁ ଏବଂ ବୋଧହୁଏ ସେଥିପାଇଁ ନିଜ ସ୍ତ୍ରୀ ଓ ପିଲାମାନେ ତାଙ୍କ ସହିତ ସୁସମ୍ପର୍କ ରଖିନାହାନ୍ତି।

ଏସବୁ ସତ୍ତ୍ୱେ ସତ୍ୟବ୍ରତ ଭାବନ୍ତି – ଏତେ ବିଶାଳ ଏ ପୃଥିବୀରେ ନିଜର ବୋଲାଉଥିବା ଏଇ ମା–ଝିଅ–ପୁଅ ନାମକ ତିନୋଟି ପ୍ରାଣୀ ତିଷ୍ଠି ରହିଛନ୍ତି କାହା ପାଇଁ? ସେମାନଙ୍କ ପେଟକୁ ତିନ ଓଳି ତିନିମୁଠା ଦାନା ଯାଉଛି କାହା ପାଇଁ? ଖରା ବର୍ଷା ଶୀତରୁ ସୁରକ୍ଷା ଦେବା ପାଇଁ ସେମାନଙ୍କ ମୁଣ୍ଡ ଉପରେ ଛାତଟିଏ ଯୋଗାଇ ଦେଇଛି କିଏ ? ଦୁଇ ଦୁଇଟା ପିଲାଙ୍କୁ ଏ ମହରଗ ଯୁଗରେ ଭଲ ସ୍କୁଲ ଓ କଲେଜରେ ପାଠପଢ଼ାଉଛି କିଏ ?

ତାଙ୍କର କ'ଣ ଟିକେ ବି ଅବଦାନ ନାହିଁ ଏ ଘରପାଇଁ ! ସ୍ତ୍ରୀ ଓ ପିଲାମାନଙ୍କ ପାଇଁ ! ତାଙ୍କର କେଉଁଠି କିଛି ଭୁଲ ରହିଯାଇଛି କି ସଂସାର ଚଳାଇବାରେ ! ସ୍ତ୍ରୀ ପିଲା ପରିବାରଙ୍କୁ ବୁଝିବାରେ !

ସେମିତି ଦେଖିବାକୁ ଗଲେ ମନକଷ୍ଟ କରିବାର, ଅଭିମାନ କରିବାର ଅନେକ କାରଣ ଅଛି ତାଙ୍କ ପାଇଁ। ସେ ସଂସାର ଯାକର ସବୁ କାମ କରି ସାରି ଅବଶିଷ୍ଟ ସମୟରେ ଯଦି ସାହିତ୍ୟ କଲେ, କାହାର କଣ କ୍ଷତି କରି ପକାଇଲେ ? ଖଣ୍ଡା ନ ଧରି ସେ ଯଦି କଲମ ଧରିଲେ, ଚୁଗୁଲି ଚପଟ ନ କରି ସେ ଯଦି ଅନ୍ତର ଭିତରୁ ନିର୍ଗତ ଆବେଗକୁ କବିତାର ରୂପ ଦେଲେ, କାହାର କଣ କ୍ଷତି କରି ପକାଇଲେ ?

ଆଜିକାଲି ଏସବୁ କଥା ଆଉ ବେଶୀ କଷ୍ଟ ଦେଉନି ତାଙ୍କୁ। କଷ୍ଟ ସବୁ ଉତ୍ତପ୍ତ ଦୀର୍ଘଶ୍ୱାସ ହୋଇ ବାହାରି ଯାଉଛନ୍ତି ତାଙ୍କ ଭିତରୁ।

**: ତିନି :**

ସବୁ କଥା ବା ଘଟଣାକୁ ଧରି ବସିଲେ ଲାଭ ଅପେକ୍ଷା କ୍ଷତି ଯେ କାହିଁ କେତେ ଗୁଣ ଅଧିକ, ତାହା ସତ୍ୟବ୍ରତଙ୍କ ଠାରୁ ଅଧିକ ଆଉ କିଏ ଜାଣେ ?

ସେ ଯେ ନିଜ ଘରେ ବେଶୀ ଅବହେଳିତ ଆଉ ପ୍ରତାରିତ ଏକଥା ସେ କାହା ଆଗରେ ପ୍ରକାଶ କରିପାରନ୍ତି ନାହିଁ ସିନା, ହେଲେ ତାଙ୍କ ଅନ୍ତରାତ୍ମା କଣ ଜାଣିନି ଯେ ତାଙ୍କ ସାହିତ୍ୟ ସାଧନା, ତାଙ୍କ ବର୍ଷବର୍ଷର ତପସ୍ୟା ଘର ଲୋକଙ୍କ ପାଇଁ ସଂପୂର୍ଣ୍ଣ ମୂଲ୍ୟହୀନ ବୋଲି !

ସେ ଭୁଲିନାହାନ୍ତି ବାସର ରାତିର କାହାଣୀ। ଭୁଲି ପାରିବେ ନାହିଁ ସାରା ଜୀବନ। କେତେ ଆଗ୍ରହରେ, କେତେ ସରାଗରେ ନବବିବାହିତା ପତ୍ନୀଙ୍କ ପାଇଁ ସେ ଲେଖିଥିଲେ ଜୀବନର ପ୍ରଥମ ପ୍ରେମ କବିତା ! ସେ ସୁନୟନାଙ୍କୁ କେତେ ଭଲ ପାଆନ୍ତି, ଆଗକୁ କେତେ ଭଲ ପାଇବେ, ସେଇ ପରିପ୍ରେକ୍ଷୀରେ ଲେଖିଥିବା କବିତାଟିର ଶୀର୍ଷକ ଥିଲା, "କେବଳ ସୁନୟନା ପାଇଁ।"

ନୂଆବୋହୂ ବୋଲି ସେଦିନ ରାତିରେ ସିନା ସୁନୟନା ମୁହଁ ଖୋଲି କିଛି କହି ପାରି ନଥିଲେ, ହେଲେ ସତ୍ୟବ୍ରତଙ୍କ ସନ୍ଧାନୀ ଆଖିରୁ ବାଦ୍ ପଡ଼ିନଥିଲା ପତ୍ନୀଙ୍କ ମୁହଁର ଅସନ୍ତୋଷ। ସେଇ ମୁହଁଟି ଆଜିଯାଏ ଛାପି ହୋଇ ରହିଛି ତାଙ୍କ ଛାତି ଭିତରେ।

ସେଇ ରାତିଠାରୁ ସତ୍ୟବ୍ରତଙ୍କ ଧାରଣା ବଳବତ୍ତର ହୋଇଯାଇଥିଲା ଯେ ତାଙ୍କ ରୁଚି, ତାଙ୍କ ସାଧନାର ପ୍ରକୃତ ମୂଲ୍ୟ ଜୀବନରେ କେବେ ବି ମିଳିବ ନାଇଁ ତାଙ୍କୁ, ନିଜ ଘର ଭିତରେ। ସେହିଦିନଠାରୁ ନିଜ ଲେଖାଲେଖି ବିଷୟରେ ସେ ପତ୍ନୀଙ୍କୁ ବିଶେଷ କିଛି କୁହନ୍ତିନି କି ସୁନୟନା ମଧ୍ୟ କେବେ ନିଜ ଆଡୁ ଆଗ୍ରହ ପ୍ରକାଶ କରିନାହାନ୍ତି ସେ ବିଷୟରେ ଜାଣିବାକୁ।

ତାଙ୍କର ପ୍ରଥମ କବିତା ବହି ବାହାରିବା ଦିନର ଅଭିଜ୍ଞତା ମଧ୍ୟ ସେତିକି ନିରାଶାଜନକ। ଦୁଃଖଦାୟକ ବି।

ଯେଉଁଦିନ ରାଜ୍ୟର ଏକ ପ୍ରତିଷ୍ଠିତ ପ୍ରକାଶନ ସଂସ୍ଥା ମାଧ୍ୟମରେ ଆତ୍ମପ୍ରକାଶ କଲା ତାଙ୍କର ପ୍ରଥମ କବିତା ସଙ୍କଳନ, ସେଦିନର ସେଇ ଦୁର୍ଲଭ ଅଭିଜ୍ଞତା ଆଜି ବି ଶିହରିତ କରେ ତାଙ୍କ ଦେହ ମନକୁ।

ସେଦିନ ରାତିରେ କିଛି ଖାଇ ପାରିନଥିଲେ ସତ୍ୟବ୍ରତ। ନା... ନା... ରାଗରୁଷା କି ମାନ ଅଭିମାନ ଅବା ଦେହ ଅସୁଖ ପାଇଁ ନୁହେଁ। ବାସ୍ତବରେ ତାଙ୍କର କିଛି ଖାଇବା ପାଇଁ ଇଚ୍ଛା ହିଁ ହେଉନଥିଲା। ଇଚ୍ଛା ନହେବାର କାରଣ ଅନେକ ନୁହେଁ, ମାତ୍ର ଗୋଟିଏ। ପ୍ରକୃତରେ ତାଙ୍କ ଦେହ ମନ ଆତ୍ମା ପୂର୍ଣ୍ଣ ହୋଇଯାଇଥିଲା ଅନନ୍ୟ ଏକ ପ୍ରାପ୍ତିରେ।

ପତ୍ନୀ ସୁନୟନା, ଝିଅ ସାଲୁ ଓ ପୁଅ ରାଜା ଖାଇ ସାରିଥିଲେ। ତାଙ୍କ ପାଇଁ ରାତି ଖାଇବା ଡାଇନିଂ

ଟେବୁଲ ଉପରେ ଘୋଡାଇ ରଖି ପତ୍ନୀ ଶୋଇ ପଡ଼ିଥିଲେ। ଅଳ୍ପ ଅଳ୍ପ ଘୁଙ୍ଗୁଡ଼ି ବି ମାରୁଥିଲେ। ଅର୍ଥାତ୍ ଗଭୀର ନିଦରେ ସେ ଥିଲେ ଅଚେତନ। ଝିଅ ଓ ପୁଅ ନିଜ ନିଜ ମୋବାଇଲ ଓ ଲାପଟପ୍ ସହିତ ଲାଗି ଲାଗି ହାଲିଆ ହୋଇ ଶୋଇ ପଡ଼ିଲେଣି ଅନେକ ବେଳୁ।

ଶୋଇ ପାରୁନଥିଲେ କିନ୍ତୁ ସତ୍ୟବ୍ରତ।

ଅପରାହ୍ନ ତିନିଟା ବାଜି ପଇଁତାଳିଶ ମିନିଟରେ ତାଙ୍କ ପାଖକୁ ଆସିଥିବା ଫୋନ୍ କଲ୍‌ଟି ବାସ୍ତବିକ ଛଡ଼ାଇ ନେଇଥିଲା ତାଙ୍କ ଭୋକ ଶୋଷ ନିଦ। ନିଜ ପଢ଼ା ବଖରାରେ ବସି ସେ ଗଭୀର ଚିନ୍ତାରେ ମଗ୍ନ ଥିଲେ – ବୟାଳିଶ ବର୍ଷର ପରମାୟୁ ଭିତରେ ସେ ଅନେକବାର ଖାଇଲେଣି, ଅନେକ ସମୟ ଶୋଇଲେଣି। ଆଜି ରାତିଟି ନଖାଇ ନଶୋଇ ବିତାଇଦେଲେ କ୍ଷତି କ'ଣ ?

ଚିରାଚରିତ ଭାବରେ ସେ ଯଦି ଖାଇବେ, ଶୋଇବେ, ଏତେ ଚମତ୍କାର, ଏତେ ମନମତାଣିଆ ମଧୁର ସମ୍ବାଦଟି, ଯାହା ତାଙ୍କ କାନ, ମନ ଉପରେ ଅସରାଏ ଅମୃତ ହୋଇ ବର୍ଷି ଯାଇଥିଲା ଆଠଦଶ ଘଣ୍ଟା ପୂର୍ବେ, ତାଙ୍କ ଚିନ୍ତା ଚେତନାକୁ ଉଚ୍ଚାଟିତ କରି ଦେଇଥିଲା ତାଙ୍କୁ ଏକ ଅନନୁଭୂତ ଅନୁଭବରେ ଦ୍ରବୀଭୂତ କରି ପକାଇଥିଲା, ସେଇ ଅନନ୍ୟ ସମ୍ବାଦଟି ପ୍ରତି ଅପମାନ ହେବନାହିଁ ! ଅବିଚାର ହେବ ନାହିଁ ! !

ନା, ନା, ସେ ଏତେ ସ୍ୱାର୍ଥପର ହୋଇପାରିବେନି। ଦୁନିଆର ଅନ୍ୟ ସମସ୍ତ ସାଧାରଣ ସଂସାରୀ ମଣିଷମାନଙ୍କ ପରି ପେଟେ ଖାଇଦେଇ ମଶାରୀ ଭିତରେ ପଶି ବେଧଡକ ନିଦରେ ଶୋଇ ପାରିବେନି !

ସତ୍ୟବ୍ରତ ଉଠିଗଲେ ବାଲ୍‌କୋନୀକୁ। ବାଲ୍‌କୋନୀରୁ ଅଧା ଦେଖାଯାଉଥିଲା ଆକାଶ। ନବମୀ କି ଦଶମୀ ତିଥିର ଜହ୍ନ କୁନି କୁନି ତାରାମାନଙ୍କୁ ଛାଡ଼ିଦେଇ କେତେବେଳୁ ବାହୁଡି ଗଲାଣି ଘରକୁ, ବିଶ୍ରାମ ନେବା ପାଇଁ।

ସତ୍ୟବ୍ରତଙ୍କୁ ଟିକେ ଦୁଃଖ ଲାଗିଲା। କେଡ଼େ ସ୍ୱାର୍ଥପର ଏଇ ଜହ୍ନ ସତରେ ! ରାତିରେ, ନିଛାଟିଆ ନଈ ବାଲିରେ ଅବା ଛାତ ଉପରେ ଠିଆ ହୋଇ ଜହ୍ନକୁ ଦେଖି ଦେଖି କେତେକେତେ ବିନିଦ୍ର ରଜନୀ ସେ କଟାଇ ନାହାନ୍ତି ! କେତେକେତେ କବିତା ସେ ଲେଖିଛନ୍ତି, ଜହ୍ନକୁ ନେଇ। ତାକୁ କେତେ ରୂପରସ ରଙ୍ଗରେ ସଜାଇଛନ୍ତି କଳ୍ପନାର ସପ୍ତରଙ୍ଗ ଦେଇ ! କେତେ ଭଲ ପାଆନ୍ତି ସେ ଜହ୍ନକୁ।

ଅଥଚ ଦେଖ ! ଆଜି ରାତିରେ ଆନନ୍ଦରେ ସେ ଶୋଇ ପାରୁନଥିବା ବେଳେ ତାଙ୍କ ସୁଖର ସାଖୀ ହେବା ପାଇଁ ଘଡ଼ିଏ ଅଟକି ନ ଯାଇ ସ୍ୱାର୍ଥପର ଜହ୍ନ ବାହୁଡ଼ିଗଲାଣି ବିଶ୍ରାମ ନେବା ପାଇଁ ! ଏତେ ସ୍ୱାର୍ଥପରତା, ଏତେ ଉଦାସୀନତା କ'ଣ ଭଲ ! ଦେ ଛାଡ଼ ! ତାଙ୍କର ଆବେଗ ଓ ଉଚ୍ଚାଟନ ପ୍ରତି ଟିକିଏ ବି ଆଗ୍ରହୀ ନହୋଇ ନିଜ ପିଲାପରିବାର ଯେତେବେଳେ ନିଘୋଡ଼ ନିଦରେ ଶୋଇ ପଡ଼ିଲେଣି, ସେତେବେଳେ ଆକାଶର କାହିଁ କେତେ ଦୂରରେ ଥିବା ଜହ୍ନକୁ ଦୋଷ ଦେଇ କି ଲାଭ ?

ଆଜି ଜହ୍ନକୁ କ୍ଷମା କରି ଦିଆଯାଇପାରେ।

କେତେବର୍ଷ ବିତିଗଲା ସ୍ୱପ୍ନ ସାକାର ହେବା ପାଇଁ ! ଉଣେଇଶି ଶହ ଛୟାଅଶୀରୁ ଦୁଇ ହଜାର ଏକ। ମହାକାଳର ଅନନ୍ତ ଆଁ ଭିତରେ ହଜମ ହୋଇଗଲାଣି ଦୀର୍ଘ ପନ୍ଦର ବର୍ଷର ଅସଂଖ୍ୟ ସୁଖଦ-ଦୁଃଖଦ ମୁହୂର୍ତ୍ତ। ମଣିଷର ସୀମିତ ପରମାୟୁ ଭିତରେ ପନ୍ଦର ବର୍ଷର ଅବଧି କିଛି କମ ସମୟ ନୁହେଁ।

ସତ୍ୟବ୍ରତ ବସିଥିଲେ ବାଲ୍‌କୋନୀରେ ପଡ଼ିଥିବା ଏକ ବେତ ଚେୟାର ଉପରେ। ସୁଲୁସୁଲିଆ ଦକ୍ଷିଣା ପବନ ବହୁଥିଲା। ଶୁଭୁଥିଲା କି କୋଉଠୁ ଅଷ୍ଟମ ପ୍ରହରୀର ସଂକୀର୍ତ୍ତନ ! ଅବା ତ୍ରିନାଥ ମେଳାର ଭଜନ ! ସେ କାନ ଡେରିଲେ। ନା ତ ! ଦୂରରୁ କେଉଁଠୁ ନୁହେଁ, ଏକ ମଧୁର ସଙ୍ଗୀତ ପାଖରୁ କେଉଁଠୁ ଆସି ଅନୁରଣିତ ହୋଇଯାଉଛି ତାଙ୍କ କାନ ଭିତରେ ! ପାଖରୁ ବୋଇଲେ ଅତି ନିକଟରୁ। ବୋଧହୁଏ ତାଙ୍କ ଭିତରୁ।

ତାଙ୍କର ସେଇ ମୁହୂର୍ତ୍ତରେ ପ୍ରବଳ ଇଚ୍ଛା ହେଉଥିଲା ନିଜକୁ ନିବିଡ଼ ଭାବରେ ଭଲ ପାଇବା ପାଇଁ। ନିଜ ଦେହକୁ ଟିକେ ଆଉଁସି ଦେବା ପାଇଁ। ଆହା, କେତେକେତେ ବିନିଦ୍ର ରଜନୀ କଟାଇଛି ଏ ଦେହ ନିଜକୁ ଅକଥନୀୟ ଯାତନା ଦେଇ ଦେଇ ! କେବଳ କ'ଣ ଦେହ ! ମନ ବି। ଆତ୍ମା ବି।

ଦିନସାରା ଅକ୍ଳାନ୍ତ ପରିଶ୍ରମ ପରେ ଦେହ ଚାହୁଁଥିବ ଘଡ଼ିଏ ବିଶ୍ରାମ ନେଇଯିବା ପାଇଁ। ମନ ଚାହୁଁଥିବ ସାହିତ୍ୟ ବ୍ୟତିରେକେ ଅନ୍ୟ କିଛି ବୈଷୟିକ ଆନନ୍ଦମୟ ବିଷୟରେ ଭାବିବା ପାଇଁ। ଆତ୍ମା ଚାହୁଁଥିବ ଚିନ୍ତାଦକ ଶୂନ୍ୟ ହୋଇ ଘଡ଼ିଏ ନିରବରେ ଆତ୍ମସ୍ଥ ହୋଇଯିବା ପାଇଁ ! ହେଲେ ସମସ୍ତଙ୍କୁ ଆୟତ୍ତ କରି ସୃଜନ ମାର୍ଗରେ ନେଇଯିବା କ'ଣ ଏତେ ସହଜ, ପୁଣି ବର୍ଷ ବର୍ଷ ହୋଇ ଦୀର୍ଘ ପନ୍ଦର ଅଠର ବର୍ଷ ଧରି !

ତାଙ୍କ ସହିତ ଆଜି ପର୍ଯ୍ୟନ୍ତ ନିଃସର୍ତ୍ତ ସହଯୋଗ କରି ଆସିଥିବାରୁ ସତ୍ୟବ୍ରତ ପ୍ରଲମ୍ବିତ ଶ୍ରଦ୍ଧା ଓ ଅନନ୍ୟ ଆବେଗର ସହ ଆଉଁଷି ଦେଲେ ନିଜକୁ। କୃତଜ୍ଞତା ଜଣାଇଲେ କେତେ ନିଷ୍ଠା ଓ ଏକାଗ୍ରତାର ସହ ଏ ଦେହକୁ ଗଢ଼ିଥିବା ବିଧାତାଙ୍କୁ।

କୋଡ଼ିଏ ବର୍ଷର ଐକାନ୍ତିକ ତପସ୍ୟାର 'ତଥାସ୍ତୁ' ଆଜି ପହଞ୍ଚି ଯାଇଛି ତାଙ୍କ ପିପାଶିତ କାନ ପାଖରେ। ତାହା ବାସ୍ତବ ଅବତାର ଧରି ଆସି ପହଞ୍ଚିଯିବ ତାଙ୍କ ହାତ ଆଞ୍ଜୁଳାରେ, ଆସନ୍ତାକାଲି ଅପରାହ୍ନ ଚାରିଟା କିମ୍ବା ପାଞ୍ଚଟା କିମ୍ବା ...

ରାତି ପାହିଗଲା କି ! ଗଛପତ୍ର ଭିତରେ ଛପି ବସି କୋଇଲିଟିଏ ଅତି ମଧୁର ସ୍ୱରରେ ବୋଲୁଛି ତା' ଜୀବନର ସର୍ବଶ୍ରେଷ୍ଠ ସଙ୍ଗୀତ। କାଉମାନେ କା' କା' କରି ପ୍ରକମ୍ପିତ କଲେଣି ଚଉଦିଗ। କାଉ କୋଇଲିମାନେ ବି କ'ଣ ତାଙ୍କ ପରି ହଜେଇ ଦେଇଛନ୍ତି ନିଦ ! ସେମାନେ ବି କ'ଣ ଏହିଭଳି ଭାବରେ ସମ୍ମାନ ଜଣାଉଛନ୍ତି ତାଙ୍କ ଉତ୍ସାହଦୀପ୍ତ ଆବେଗ ଆଉ ଉଲ୍ଲସିତ ମନକୁ ! ସେମାନେ ବି କ'ଣ ତାଙ୍କ ପରି ସାରାରାତି ଉଜାଗର ରହି ସମର୍ଥନ ଜଣାଉଛନ୍ତି ତାଙ୍କ ଉଚ୍ଛ୍ୱାସମୟ ଆନନ୍ଦ ଆଉ ଅନ୍ତହୀନ ଉଦ୍‌ବେଗକୁ !

ସତ୍ୟବ୍ରତ ସେମାନଙ୍କୁ ନିଜ ଅନ୍ତର ଭିତରୁ ଆନ୍ତରିକ ଶୁଭେଚ୍ଛା ଓ ଆଶୀର୍ବାଦ ଜଣାଇଲେ ସୁଖୀ ଓ ଆୟୁଷ୍ମାନ ହେବାକୁ ଏବଂ ପଶିଲେ ନିଜ ପଢ଼ାଘରେ। ଖୋଲିଲେ ନିଜ ବହିଥାକର ଆଲମାରୀର କବାଟ। ସବା ତଳ ଥାକରୁ ଅନେକ ଯତ୍ନର ସହ ବାହାର କରି ଆଣିଲେ ଗୋଟେ ଫାଇଲ୍। ତା' ଭିତରୁ ବାହାର କଲେ ମଇଳା ପଡ଼ି ଆସିଥିବା ଗୋଟେ ଖବରକାଗଜ ! ଠିକ୍ ମଝି ପୃଷ୍ଠାରେ ହିଁ ଆସ୍ଥାନ ଜମେଇ ବସି ରହିଥିଲା ତାଙ୍କୁ ଅସାର ଏ ଜୀବନର ଅସଲ ସ୍ୱାଦ ଚଖାଇ ଥିବା, ତାଙ୍କ ଇହକାଳ ପରକାଳ, ତାଙ୍କ ଜନ୍ମଜନ୍ମାନ୍ତରକୁ ଧନ୍ୟ କରି ଦେଇଥିବା କବିତାଟି।

"ଜୀବନର ମୁଖବନ୍ଧ" – ତାଙ୍କର ପ୍ରଥମ ସୃଜନ ସନ୍ତାନ।

ଆଜିକୁ କୋଡ଼ିଏ ବର୍ଷ ତଳେ ଏକ ସଂଭ୍ରାନ୍ତ ଖବର କାଗଜର ରବିବାସରୀୟ ସାହିତ୍ୟ ପୃଷ୍ଠାରେ ପ୍ରକାଶିତ ହୋଇଥିବା ତାଙ୍କର ସେଇ ପ୍ରଥମ ସୃଜନ ସନ୍ତାନଟିକୁ ସେ ଦେଖୁଥିଲେ ବାରମ୍ବାର। ଯେତେ ଦେଖିଲେ ବି ପୁରୁନଥିଲା ମନ। ସନ୍ତୁଷ୍ଟ ହେଉନଥିଲା ଆଖି।

ଘର ଭିତରୁ ବାହାରି ଆସି ସତ୍ୟବ୍ରତ ଅନାଇଲେ ବାହାରକୁ। ସିନ୍ଦୁରା ଫାଟି ଆସୁଥିଲା। ଦୁଇ ହାତ ଯୋଡ଼ି ମୁଣ୍ଡରେ ଲଗାଇ ସେ ପ୍ରଣାମ କରୁଥିଲେ ବିଧାତାଙ୍କୁ। ସ୍ୱଗତୋକ୍ତି କରୁଥିଲେ; ତୁ ମୋତେ ସୃଷ୍ଟିକଲୁ କେତେ ନିଷ୍ଠା ଓ ଭଲପାଇବା ଦେଇ। ମୁଁ ସୃଷ୍ଟି କଲି ଏଇ କବିତାକୁ ମୋର ସବୁ ଝାଳ ରକ୍ତ ମେହେନତି ଲଗାଇ। ସ୍ନେହ, ଶ୍ରଦ୍ଧା, ଆବେଗ ଓ ଉଚ୍ଛ୍ୱାସର ମସଲା ଦେଇ।

ତୁ ସ୍ରଷ୍ଟା। ମୁଁ ବି ସ୍ରଷ୍ଟା।

ପରେ ପରେ ତାଙ୍କ ଲେଖନୀରୁ ଝରି ଆସିଛି

ଅନେକ ପ୍ରାଣୋଚ୍ଛଳ କବିତା ଯାହା ରାଜ୍ୟର ଅନେକ ସଂଭ୍ରାନ୍ତ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ତାଙ୍କ ପାଇଁ ବୋହି ଆଣିଛି ରାଶି ରାଶି ପ୍ରଶଂସା ଓ ସମ୍ମାନ।

କିନ୍ତୁ ବାସର ରାତିରେ ଯେଉଁ କବିତାଟିକୁ ସେ ସୁନୟନାଙ୍କୁ ଭେଟି ଦେଇଥିଲେ, ତା'ର ମୂଲ୍ୟ ବୁଝି ପାରିଲେନି ସେ। ସେ ବୋଧହୁଏ ଆଶା କରୁଥିଲେ ସିନେମାର ଚକମକିଆ ଦୃଶ୍ୟ! ଚଳଚ୍ଚିତ୍ରର ନାୟକ ବାସର ରାତିରେ ଲଜ୍ଜାବତୀ, ଅବଗୁଣ୍ଠନବତୀ ନାୟିକାର ଚମ୍ପା କଢ଼ିଆ ଆଙ୍ଗୁଠିରେ ପିନ୍ଧାଇ ଦେଉଥିବ ଦୁର୍ମୂଲ୍ୟ ହୀରକ ମୁଦ୍ରିକା। ଆନନ୍ଦରେ ଶିହରି ଉଠୁଥିବ ନାୟିକା। ଉଲ୍ଲସିତ ପ୍ରେମର ଆବେଗରେ ସେ କୁଣ୍ଢାଇ ପକାଉଥିବ କରିତକର୍ମା ନାୟକକୁ!

ସେମିତି ଚମତ୍କାର କିଛି ଘଟିନଥିଲା। ବାସ୍ତବ କ୍ଷେତ୍ରରେ ସେଭଳି ଘଟେନା।

ପୃଷ୍ଠା ଏ ସଫେଦ କାଗଜ ଉପରେ କାଳିର ଚାରିପଦ କବିତାକୁ ଦେଖି ହତୋତ୍ସାହିତ ହୋଇପଡ଼ିଥିଲେ ସୁନୟନା। ତାଙ୍କ ମୁହଁ ଝାଉଁଳି ପଡ଼ିଥିଲା। ହାଇ ପରେ ହାଇ ଜୁଆର ପରି ମାଡ଼ି ଆସୁଥିଲା। ସେଇ ହାଇ ଯେମିତି ସୂଚାଇ ଦେଉଥିଲା ଯେ ପୃଷ୍ଠାଏ କାଗଜ ଉପରେ ଲେଖାଯାଇଥିବା କେଇପଦ ଦୁର୍ବୋଧ, ନିର୍ଜୀବ ଅକ୍ଷରର କାଣିଚାଏ ବି ମୂଲ୍ୟନାହିଁ ବାସ୍ତବ ଜୀବନରେ!

ସେହିଦିନଠାରୁ ସତ୍ୟବ୍ରତ ଜାଣିଯାଇଥିଲେ ଯେ ତାଙ୍କ ସୃଜନ ରାସ୍ତାରେ ସେ ଜଣେ ଏକାକୀ ପଦାତିକ। ଆହୁରି ବି ସେ ଜାଣିଥିଲେ ଯେ ଏଇ କଣ୍ଟକିତ ରାସ୍ତାରେ ତାଙ୍କୁ ମିଳିବ ନାହିଁ ଅନ୍ତରଙ୍ଗ ସାଥୀ ଜଣେ। କେହି ହେବେ ନାହିଁ ତାଙ୍କର ଭାବନା, ଯାତନା ଆଉ କଳ୍ପନାର ଭାଗୀଦାର। ସେ ଏକାକୀ ହିଁ ଭୋଗିବେ ସୁଖ-ଦୁଃଖ। ଜୀବନ-ଯନ୍ତ୍ରଣା!

ଧେତ୍! ସେଦିନ ଅପରାହ୍ଣ ତିନିଟା ପଇଁଚାଳିଶ ମିନିଟ୍‌ରେ ଆସିଥିବା ଫୋନ୍ କଲ୍‌ଟି ବିଷୟରେ ପାଠକମାନଙ୍କୁ କହିବାକୁ ଯାଇ କୁଆଡ଼େ ସେ ମାଡ଼ିଗଲେଣି। ପାଠକମାନେ ଅଧୈର୍ଯ୍ୟ ହେବେଣି ନିଶ୍ଚେ। ସେମାନଙ୍କୁ ଏତେ ସମୟ ଧରି ଅନ୍ଧାରରେ ରଖିବା ଠିକ୍ କି? ସେଇମାନେ ହିଁ ଜଣେ ଲେଖକର ଶକ୍ତି ଓ ସାମର୍ଥ୍ୟ। ସେଇମାନଙ୍କ ଆସ୍ଥା ଓ ବିଶ୍ୱାସ, ଭରସା ଓ ଭଲପାଇବା ଉପରେ ଭରସା କରି ଲେଖକ ଆଗେଇ ଚାଲିଛି ସର୍ଜନଶୀଳତାର କଣ୍ଟକିତ ରାସ୍ତାରେ।

"ଆଜ୍ଞା ନମସ୍କାର! ମୁଁ ପ୍ରତାପ ରାଉତ କହୁଥିଲି, ମା' ଶରଳା ପବ୍ଲିକେସନ୍‌ରୁ। ଆପଣଙ୍କ କବିତା ସଙ୍କଳନ "ଜୀବନର ମୁଖବନ୍ଧ" ବାହାରିଗଲା। ଆପଣ ଏବେ କେଉଁଠି ଅଛନ୍ତି? ଅଫିସ୍‌ରେ ନା ଘରେ? ମୁଁ ଦଶଖଣ୍ଡ ବହିଧରି କାଲି ଅପରାହ୍ଣ ଚାରିଟାବେଳେ ପହଞ୍ଚିବି ଆପଣଙ୍କ ପାଖରେ।"

ସତ୍ୟବ୍ରତ ବସିଥିଲେ ଅଫିସ୍‌ରେ। ଗୋଟେ ଜରୁରୀ ଫାଇଲ ଭିତରେ ଘାଣ୍ଟି ହେଉଥିଲେ ସେ। କଥା କେଇପଦକୁ ସେ ଠିକ୍ ଭାବେ ଶୁଣି ପାରିଲେ ନାହିଁ କିମ୍ବା ତାଙ୍କ ପିପାସିତ କାନ ଆଉଥରେ ଶୁଣିବା ପାଇଁ ଚାହିଁଲା ସେଇ ଅମୃତବୋଳା କଥାକୁ ଶୁଣିବା ପାଇଁ, ସେ ବିମୂଢ଼ ସ୍ୱରରେ ପଚାରିଲେ - "କିଏ କହୁଥିଲେ ଆଜ୍ଞା? କ'ଣ କହୁଥିଲେ?"

ସେ ପାଖର ସ୍ୱର ପୁଣିଥରେ ଶୁଣାଇଲା ସେଇ ମହାର୍ଘ ମନ୍ତ୍ର, ଯାହା ସତ୍ୟବ୍ରତଙ୍କ ତାଳୁରୁ ତଳିପାଯାଏ ଖେଳାଇଦେଲା ଏକ ଅଦ୍ଭୁତ କମ୍ପନ। ସେ ଆକଳନ କରିପାରିଲେ ନାହିଁ ଯେ ତାଙ୍କ ପରି ସାଧାରଣ ମଣିଷଟି କେତେ ଯୋଗ୍ୟ, କେତେ ସକ୍ଷମ ଏପରି ଅମୃତମୟ ସମ୍ବାଦ ରୂପକ ସଂଗୀତ ଶୁଣିବା ପାଇଁ! ସେଇ ମୁହୂର୍ତ୍ତରେ ସବୁକିଛି ତାତ୍ପର୍ଯ୍ୟପୂର୍ଣ୍ଣ ଲାଗୁଥିଲା ତାଙ୍କୁ।

ପରମୁହୂର୍ତ୍ତରେ ଦୁଃଖର ଏକ କଳାବାଦଲ ଘୋଡ଼ାଇ ହୋଇଗଲା ତାଙ୍କ ଉତ୍‌ଫୁଲ୍ଲିତ ମନ ଉପରେ। ସେଇ ଅଭିନବ ପ୍ରାପ୍ତିକୁ ନିଜ ହାତ ଆଞ୍ଜୁଳାରେ ଅନୁଭବ କରିବା ପାଇଁ ତାଙ୍କୁ ତେବେ ଅପେକ୍ଷା କରିବାକୁ ପଡ଼ିବ ଆହୁରି ଚବିଶ ଘଣ୍ଟା! ତା' ଅର୍ଥ ଗୋଟାଏ ଯୁଗ! ହେ ଭଗବାନ! ସେ ସମ୍ଭାଳି ରଖି ପାରିବେ ତ ନିଜକୁ ଏତେ ଦୀର୍ଘ ସମୟ!

ନିଜକୁ ସମ୍ଭାଳି, ସାନ୍ତ୍ୱନା ଦେଇ ଥରଥର କଣ୍ଠରେ ସେ କହିଲେ - "ରାଉତ ବାବୁ, ମୋର ପ୍ରଥମ ସୃଜନ-ସନ୍ତାନକୁ ଆପଣ ଦୁନିଆର ଆଲୋକ ଦେଖାଇଲେ, ସେଥିପାଇଁ ଅନ୍ତରରୁ ଧନ୍ୟବାଦ। କିନ୍ତୁ ଆପଣ ଏତେ ସ୍ୱାର୍ଥପର ହୁଅନ୍ତୁ ନାଇଁ ଆଜ୍ଞା! ଏତେ କଷ୍ଟକରି ଆପଣ ଆସିବା ଦରକାର ନାହିଁ। ବରଂ ମୁଁ କାଲି ଯାଉଛି ଆପଣଙ୍କ ପାଖକୁ। ମୋର ପ୍ରଥମ ସୃଷ୍ଟିକୁ ଛାତିରେ ଜାକି ଫେରିବା ସମୟର ସେଇ ବିଭୋର, ଆତ୍ମବିସ୍ମୃତ, ମହାର୍ଘ ମୁହୂର୍ତ୍ତର ଚମତ୍କାର ଅଭିଜ୍ଞତା ଆଉ ଦିବ୍ୟ ଆନନ୍ଦକୁ ମୁଁ ଆପଣଙ୍କୁ ସମର୍ପି ଦେବାକୁ ଚାହେଁନା। ସେତକ ମୋରପ୍ରାପ୍ୟ। ସେଇ ଅଭିନବ ପ୍ରାପ୍ତିରୁ ଦୟାକରି ମୋତେ ବଞ୍ଚିତ କରନ୍ତୁ ନାହିଁ। ମୁଁ ଆସନ୍ତାକାଲି ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚି ଯିବି ଆପଣଙ୍କର ପବ୍ଲିକେସନ୍‌ସ ଅଫିସ୍‌ରେ।"

ପ୍ରତାପ ବାବୁ, ପ୍ରକାଶନ ସଂସ୍ଥାର ସତ୍ତ୍ୱାଧିକାରୀ, ଅମାୟିକ, ସୁଦର୍ଶନ ଗେଡ଼ା ଧରଣର ମଣିଷ। ସବୁବେଳେ ତାଙ୍କ ପାଟିରେଥାଏ ମୁଠାଏ ମନଜିଣା ହସ ଆଉ କଳେ ସୁବାସିତ ପାନ। ସେ ଅଫିସ୍‌ରେ ସତ୍ୟବ୍ରତଙ୍କୁ ଅପେକ୍ଷା କରି ବସି ରହିଥିଲେ। ତାଙ୍କୁ ଅଭିବାଦନ ଜଣାଇ ଦଶଖଣ୍ଡ ବହି ତାଙ୍କ ହାତକୁ ବଢ଼ାଇ ଦେଇ କହିଲେ - "ସାର୍, ଆପଣଙ୍କ ବହି। ଆଜି ଏଇ ଦଶ ଖଣ୍ଡ ନେଇ ଯାଇଥାଆନ୍ତୁ। ବହି ବନ୍ଧାଇ ସରିଲା ପରେ ଆଉ କେଇଖଣ୍ଡ ବହିନେଇ ମୁଁ ଦେଇ ଆସିବି ଆପଣଙ୍କ ଘରେ କିମ୍ବା ଅଫିସ୍‌ରେ।"

କଟକରୁ ଭୁବନେଶ୍ୱର ପଚିଶ ଛବିଶ କିଲୋମିଟର ରାସ୍ତା। ସେତିକି ବାଟ ନିଜ ସ୍କୁଟରରେ ଅତିକ୍ରମ କରିବାକୁ ଲାଗିଗଲା ପ୍ରାୟ ଦୁଇ ଘଣ୍ଟା। ସେ କିଛି ବାଟ ଯାଉଥାଆନ୍ତି, ଅଟକାଉ ଥାଆନ୍ତି ଗାଡ଼ି। ବ୍ୟାଗ ଭିତରୁ ବହି ବିଡ଼ାକୁ ବାହାର କରି ଅଧୀର ଆନନ୍ଦରେ, ନିର୍ନିମେଶ ଆଖିରେ ଦେଖୁଥାଆନ୍ତି, ଟିକେ ଆଉଁସି ଦେଉଥାଆନ୍ତି। ପୁଣି ଯାଉଥାଆନ୍ତି। କିଛି ବାଟ ଯିବା ପରେ ପୁଣି ରଖୁଥାଆନ୍ତି ଗାଡ଼ି। ପୁଣି ...

ମଝି ରାସ୍ତାରେ ବେଳକୁ ବେଳ ଅଣାୟତ୍ତ ହୋଇ ପଡୁଥିଲେ ସତ୍ୟବ୍ରତ। ତାଙ୍କ ଅଭ୍ୟନ୍ତର ଆଲୋକିତ ହୋଇଯାଉଥିଲା। ତାଙ୍କ ଭିତରେ ଠୁଳ ହୋଇଯାଉଥିଲା ବିପୁଳ ପରିମାଣର ଶ୍ରଦ୍ଧା ଓ ଶୁଭେଚ୍ଛା। ସେ ବେଳକୁ ବେଳ ଭାରି ହୋଇ ପଡୁଥିଲେ ଏବଂ ସେଇ ଦୁର୍ଲଭ ଅଭିଜ୍ଞତା ଆଉ ଭଲ ପାଇବାକୁ ବାଣ୍ଟିଦେବାକୁ ଚାହୁଁଥିଲେ ସାରା ସଂସାର ଭିତରେ।

ଗତକାଲିଠାରୁ ଏ ଖବର ସେ ଲୁଚାଇ ରଖିଥିଲେ ନିଜ ଭିତରେ। କହିଦେବାକୁ ତାଙ୍କ ପାଟି ଖଲଖଲ ହେଉଥିବାବେଳେ ସେ କାହାକୁ କହିନଥିଲେ ଏ ବିଷୟରେ। ନା ପତ୍ନୀ ସୁନୟନାଙ୍କୁ ନା ପୁଅ ଝିଅ ଦୁହିଁଙ୍କୁ।

ବାଣୀ ବିହାର ଛକରୁ ସିଧା ନ ଆସି ସେ ବାମହାତି ଗାଡ଼ି ବୁଲାଇଲେ ଶହୀଦ ନଗର ଆଡ଼େ। ଠିଆ ହେଲେ ଯାଇ ରୂପାଲି ଛକର ଏକ କମ ଜନବହୁଳ ସ୍ଥାନରେ। ମନେମନେ ଭାବିଲେ କ'ଣ ନେବେ ଘର ପାଇଁ? ପ୍ରଥମ ବହି ବାହାରିବାଜନିତ ଖୁସି କେମିତି ପାଳିବେ ନିଜ ପିଲା ପରିବାର ସହିତ!

ଘରଣୀଙ୍କର ଦହିବରା ଭାରି ପସନ୍ଦ। ତା' ସହିତ ରସମଲାଇ। ଝିଅର ପସନ୍ଦ ରାଗ୍ୱା ଦୋଷା। ପୁଅର ଡବଲ ଏଗ୍-ଚିକେନ୍ ରୋଲ।

ସତ୍ୟବ୍ରତ ନିଜ ଉପରେ ଟିକେ ବିରକ୍ତ ହେଲେ। ଧେତ୍! ଏହା ତ ନିତିଦିନିଆ କଥା! ପ୍ରାୟ ଅଧିକାଂଶ ଦିନ ଅଫିସ୍‌ରୁ ଫେରିବା ସମୟରେ ସେ ଏସବୁ ନେଇଥାଆନ୍ତି ଘରକୁ। ଆଜି ଦିନଟା କ'ଣ ସବୁଦିନ ପରି ସାଧାରଣ! ଆଜି ଦିନପରି ଏକ ଐତିହାସିକ ଦିନରେ ସେ ନିଜ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର କିଛି ଉପହାର ନନେବେ କାହିଁକି?

ସୁନୟନାଙ୍କ ପାଇଁ ପାଟଶାଢ଼ୀଟିଏ କିଣା ଯାଇପାରେ!

ଝିଅ ପାଇଁ ଟାଇଟନ୍‌ର ଘଣ୍ଟା!

ପୁଅ ପାଇଁ କିଲର୍ କମ୍ପାନୀର ଜିନ୍ସ ପ୍ୟାଣ୍ଟ!

ଏତିକି ଜିନିଷ କିଣିବା ପାଇଁ ଅତି କମ୍‌ରେ ଦରକାର ପଡ଼ିପାରେ ସାତ ହଜାର ଟଙ୍କା। ଆଜି ମାସର ଚବିଶ ତାରିଖ। ସତ୍ୟବ୍ରତ ପକେଟ୍‌ରୁ ପର୍ସ କାଢ଼ି ଗଣିଲେ। ଅଛି ମାତ୍ର ତିନି ହଜାର ଟଙ୍କାରୁ ସାମାନ୍ୟ ଅଧିକ। କ'ଣ ତେବେ କରାଯାଇପାରେ ?

ସେ ହତାଶ ହେଲେ ନାହିଁ। ଗାଡ଼ି ଗଡ଼ାଇଲେ ଚାରିନମ୍ବର ଆଡ଼େ। ପହଞ୍ଚିଲେ ଯାଇ ତାଙ୍କ ଅଫିସ୍‌ର ସାମନ୍ତରାୟ ବାବୁଙ୍କ ପାଖରେ। ସାମନ୍ତରାୟବାବୁ ଆର.ଡି ଓ ବିଭିନ୍ନ ପଲିସ୍ ଫଲିସ୍ କରନ୍ତି। ସବୁବେଳେ ତାଙ୍କ ପାଖରେ ବିଡ଼ାବିଡ଼ା ନୋଟ୍। ସବୁବେଳେ ତାଙ୍କର ନୋଟ୍ ସହିତ କାରବାର। ଦେଖିଲେ ଲାଗେ ଯେମିତି ଲୋକଟା କେବଳ ଟଙ୍କା ଗଣିବା ପାଇଁ ହିଁ ଜନ୍ମ ନେଇଛନ୍ତି ଏ ସଂସାରରେ !

: କେତେ ଦରକାର ? - ପଚାରିଲେ ସାମନ୍ତରାୟବାବୁ।

: ପାଞ୍ଚ ହଜାର ହେଲେ ଚଳିବ। - କହିଲେ ସତ୍ୟବ୍ରତ।

ଖଡ଼ଖଡ଼ିଆ ଶହେ ଟଙ୍କିଆ ନୋଟ୍ ବଣ୍ଡଲଟିଏ ତାଙ୍କ ହାତକୁ ବଢ଼ାଇଦେଲେ ସାମନ୍ତରାୟ ବାବୁ।

ବୋମ୍‌କେଇ ପାଟଶାଢ଼ୀ। ଟାଇଟନ୍ ଲେଡିସ୍ ୱାଚ୍। ଜିନ୍ସ ପ୍ୟାଣ୍ଟ। କେଜିଏ ଛେନାପୋଡ଼।

ଘରକୁ ଫେରୁଥିବା ସମୟରେ ସତ୍ୟବ୍ରତଙ୍କୁ ଲାଗୁଥିଲା। ସତେ ଯେପରି ନିଜର ପୁରୁଣା ଭେସ୍ପା ସ୍କୁଟର ନୁହେଁ, ପକ୍ଷୀରାଜ ଘୋଡ଼ାଚଢ଼ି ସେ ଫେରୁଛନ୍ତି ! ଆଉ ମାତ୍ର କେଇ ମିନିଟ୍ ବାଦ୍ ସେ ପହଞ୍ଚିଯିବେ ତାଙ୍କ ସରକାରୀ କ୍ୱାର୍ଟରରେ। ସେ ଏକା ପହଞ୍ଚିବେ ନାହିଁ, ତାଙ୍କ ସହିତ ଥିବ ଉପହାର ପ୍ୟାକେଟ୍, ବିଡ଼ାଏ ବହି ଏବଂ ସମୁଦ୍ରେ ଉଲ୍ଲାସ।

ତାଙ୍କ ଭିତରେ ଉଛୁଳୁ ମୁଛୁଳୁ ହେଉଥିବା ଏ ପୁଲକ ବାଣ୍ଟି ହୋଇଯିବ ତ ପତ୍ନୀ ଓ ପିଲାମାନଙ୍କ ଭିତରେ ! କେଜାଣି !

ଖୁସି ବାଣ୍ଟିଲେ ବଢ଼େ। ଦୁଃଖ ବାଣ୍ଟିଲେ କମେ।

କମ୍ପିତ ଆବେଗ ନେଇ ସତ୍ୟବ୍ରତ ଠିଆ ହୋଇଥିଲେ ନିଜ କ୍ୱାର୍ଟରର ଦ୍ୱାର ମୁହଁ ସେପାଖରେ। କଲିଂବେଲ ବଜାଇଲେ। କବାଟ ଖୋଲିଲା। ନିଜ ଘର ଭିତରକୁ ସେ ପଶିଲେ ଜଣେ ମହାନ ଆଗନ୍ତୁକ ଭଳି।

ମୁହୂର୍ତ୍ତକ ମଧ୍ୟରେ ଶୂନ୍ୟ ହୋଇଗଲା ସତ୍ୟବ୍ରତଙ୍କ ଗୋଟିଏ ହାତ। ଅନ୍ୟ ହାତରେ ଥିଲା ବହିର ପ୍ୟାକେଟ୍‌ଟି। ସେ ବସିପଡ଼ିଲେ ଡ୍ରଇଁ ରୁମ୍‌ର ସୋଫାରେ।

ଶାଢ଼ୀଟି ଖୋଲି ସୁନୟନା ଖୁସି ହୋଇଯାଇ କହିଲେ: ଭଲ ହୋଇଛି କଲର୍‌ଟି। ଯା' ସହିତ ବ୍ଲାଉଜ ପିସ୍ ଅଛି ଟି !

ଘଣ୍ଟାଟିକୁ ହାତରେ ପିନ୍ଧୁପିନ୍ଧୁ ଖୁସି ହୋଇ ଝିଅ କହିଲା: ଭେରୀ ନାଇସ୍ ବାବା। ଥାଙ୍କ୍ ୟୁ ସୋ ମଚ୍। ଗୋଲ୍ ଡେନ୍ ଡାୟଲ ନଥିଲା !

ସେ ପାଖ ଘରକୁ ଯାଇ ଜିନ୍ସ ପ୍ୟାଣ୍ଟ ସଂଗେ ସଂଗେ ପିନ୍ଧି ପକାଇ ପୁଅ ଆସି କହିଲା: ୱାଃ, ୱାଣ୍ଡରଫୁଲ୍। ଆଇ ଲଭ୍ ଷ୍ଟ୍ରେଚେବଲ୍ ଜିନ୍ସ ! ଅବଶ୍ୟ ଟିକେ ଡିପ୍ କଲର୍ ହୋଇଗଲା ...

ଅନାଥ ଛୁଆଟିଏ ପରି ବହି ପ୍ୟାକେଟ୍‌ଟି ଥୁଆ ହୋଇଥିଲା ଟି-ପୟ ଉପରେ। କାହାର ଦୃଷ୍ଟି ନଥିଲା ତା' ଉପରେ। ସୋଫାରେ କ୍ଳାନ୍ତ ହୋଇ ବସି ରହିଥିଲେ ପ୍ରିୟବ୍ରତ। ହାଁ କରି ଚାହିଁ ରହିଥିଲେ ସ୍ତ୍ରୀ ଓ ପିଲାମାନଙ୍କ ମୁହଁକୁ।

କ'ଣ ସେ ଭାବି ଭାବି ଆସୁଥିଲେ ବାଟ ସାରା। ତାଙ୍କର ପ୍ରଥମ ପ୍ରକାଶିତ କବିତା ବହିଟିକୁ ଦେଖି ପିଲାମାନେ ସେମାନଙ୍କ ପାଇଁ ଅଣାଯାଇଥିବା ଉପହାର ସବୁକୁ ଆଡ଼େଇ ଦେଇ ଆଗ ମାଡ଼ି ବସିବେ ବହି ପ୍ୟାକେଟ୍‌କୁ। ସେମାନଙ୍କ ଭିତରେ ପ୍ରତିଯୋଗିତା ଆରମ୍ଭ ହୋଇଯିବ ବହିକୁ ଆଗ ଦେଖିବା ପାଇଁ। ଗୋଟେ ଅତିନ୍ଦ୍ରୀୟ ଆଖଡ଼ା ସୃଷ୍ଟି ହୋଇଯିବ ତାଙ୍କ ଘର ଭିତରେ। ସେ ଆନନ୍ଦରେ ଆତ୍ମହରା ହୋଇଯିବେ ! ସାର୍ଥକ ହୋଇଯିବା ପରି ଲାଗିବ ତାଙ୍କ ଲେଖକୀୟ ଜୀବନ...

ତାଙ୍କ ଉଲ୍ଲାସର ଜୁଆରରେ ସହସା ଭଟ୍ଟା ପଡ଼ିଗଲା।

ସତ୍ୟବ୍ରତ ଅନାଇ ରହିଥିଲେ ବହିମାନଙ୍କ ଆଡ଼କୁ। ପ୍ୟାକେଟ୍‌କୁ ଖୋଲିଲେ ଏବଂ ଶ୍ରଦ୍ଧାର ସହ ଆଉଁଷି ଦେଲେ ବହିମାନଙ୍କୁ। ଭାରି କାନ୍ଦ କାନ୍ଦ ଦେଖାଯାଉଥିଲା ସେମାନଙ୍କ ମୁହଁ। ସେମାନେ ମଧ୍ୟ ଭାବୁଥିଲେ କି ଘରର ସବୁ ସଦସ୍ୟମାନେ ଆସି ତାଙ୍କୁ ଆଦରର ସହ କୋଳେଇ ନେଇ ଗେଲ କରନ୍ତୁ ବୋଲି !

ହେତ୍ ! କେଡେ ନିର୍ବୋଧ ସେ ଏବଂ ଏଇ ନିରୀହ ବହିଗୁଡ଼ାକ ସତେ ! ଯାହା ମିଳିବାର ନାହିଁ, ତାକୁ ଆଶା କରିବା ଏବଂ ଝୁରିହେବା ନିର୍ବୋଧାମି ନୁହେଁ ତ ଆଉ କ'ଣ ?

ପ୍ରବଳ ଶୋଷରେ ଶୁଖି ଯାଉଥିଲା ସତ୍ୟବ୍ରତଙ୍କ ତଣ୍ଟି। 'ପାଣି ଗ୍ଲାସେ ଦବଟି ପିଲାମାନେ' ବୋଲି ଡାକି ସେମାନଙ୍କ ଖୁସିରେ ବାଧା ଦେବାକୁ ଚାହିଁଲେ ନାହିଁ ସେ। ପୋଷାକପତ୍ର ନବଦଳାଇ ସେମିତି ଡ୍ରଇଁରୁମ୍‌ରେ ଅନେକ ସମୟ ନିରବରେ ବସି - ରହିଥିଲେ ସେ।

ବସି ବସି ଭାବୁଥିଲେ - କ'ଣ ପାଇଁ ତେବେ ଏ କୃଚ୍ଛ୍ର ସାଧନା ! କାହା ପାଇଁ ? ଯେଉଁଠି ନିଜ ପିଲା ପରିବାର ତାଙ୍କ ରୁଚି ଓ ସାଧନା ପ୍ରତି ଏତେ ଟିକିଏ ବି ଆଗ୍ରହୀ ନୁହନ୍ତି, ସେଠି ବାହାର ଲୋକଙ୍କଠାରୁ ଅଧିକ କ'ଣ ଆଶା କରାଯାଇପାରେ ?

ଗୋଟାଏ ଉତ୍ତପ୍ତ ଦୀର୍ଘଶ୍ୱାସ ତାଙ୍କ ଛାତି ଭିତରୁ ବାହାରି ଆସିଲା ତାଙ୍କର ସମଗ୍ର ସତ୍ତାକୁ ଦୋହଲାଇ। ସୋଫା ଉପରକୁ ସେ ଅଧିକ ଆଉଜି ପଡ଼ିଲେ।

**: ଚାରି :**

ସେଦିନ ରବିବାର।

ରବିବାର ଏବଂ ଛୁଟି ଦିନମାନଙ୍କରେ ସତ୍ୟବ୍ରତଙ୍କ ଘରେ ପ୍ରାୟତଃ ରୋଷେଇ ହୁଏନା। ହୋଟେଲ୍‌ରୁ ଖାଦ୍ୟ ବରାଦ କରାଯାଏ। ସୁନୟନାଙ୍କର ଖାସି ମାଂସ ଓ ଚିଙ୍ଗୁଡ଼ି ମାଛ ପସନ୍ଦ। ପୁଅ ମାଛର ପାଖ ମାଡ଼େନା। ତା'ର ଚିକେନ୍ ଓ ମଟନ୍ ପ୍ରିୟ ଖାଦ୍ୟ। ଝିଅଟା ତାଙ୍କର ସୁକୁମାରିଆ। ତା'ର ସବୁ ଚଳେ। ଅଳ୍ପ ଖାଏ। ଭଲ ଖାଏ। କେବଳ ଅଳ୍ପ ଖାଏନି, ଅଳ୍ପ କଥା କୁହେ ମଧ୍ୟ।

ଯେହେତୁ ମଟନ୍ ସମସ୍ତଙ୍କର ପ୍ରିୟ, ସତ୍ୟବ୍ରତ ସକାଳୁ ସକାଳୁ ଜଣେ କବି ବନ୍ଧୁଙ୍କୁ ସାଙ୍ଗରେ ଧରି ବାହାରିଗଲେ ବାରଙ୍ଗ। ସେଠାରେ ଭଲ ଖାସି ମାଂସ ମିଳେ। ପୁରା ଶୁଖିଲା ମାଂସ। ଓଜନରେ ଠକାମୀ ନାହିଁ। ଦାମ୍ ମଧ୍ୟ ରାଜଧାନୀ ଅପେକ୍ଷା କମ୍।

ଏକ କିଲୋ ମାଂସ ତାଙ୍କ ପରିବାର ପାଇଁ ଯଥେଷ୍ଟ। ଯେହେତୁ ରକ୍ତରେ କୋଲେଷ୍ଟ୍ରୋଲ ମାତ୍ରା ଅଧିକ ଅଛି, ସତ୍ୟବ୍ରତ ପ୍ରାୟ ମଟନ୍ ପାଖ ମାଡ଼ନ୍ତି ନାହିଁ। ସେ ମାଛପ୍ରିୟ। ସୁନୟନା ବିରକ୍ତ ହେଲେ ଅତି ବାଧ୍ୟବାଧକତାରେ ଦି'ଖଣ୍ଡ ମାଂସ ଖାଆନ୍ତି।

ଦ୍ୱିପ୍ରହର ଭୋଜନସାରି ସତ୍ୟବ୍ରତ ବସିଥିଲେ ନିଜ ପଢ଼ା ଟେବୁଲ୍ ପାଖରେ। ଓଲଟାଉଥିଲେ ସେଦିନ ଖବରକାଗଜମାନଙ୍କରେ ବାହାରିଥିବା ସାହିତ୍ୟ ଫର୍ଦ୍ଦ। ଦ୍ୱିପ୍ରହରରେ ସେ ଶୁଅନ୍ତି ନାହିଁ। ସୁନୟନା ଓ ଝିଅ ଥିଲେ ଶୋଇବା ଘରେ। ସୁନୟନା ଟି.ଭି.ରୁ ହିନ୍ଦୀ ଚଳଚ୍ଚିତ୍ର ଦେଖୁଥିଲେ। ସାଲୁ ବ୍ୟସ୍ତ ଥିଲା ମୋବାଇଲ୍‌ରେ। ରାଜା କୁଆଡ଼େ ବାହାରି ଯାଇଥିଲା ତା' ମୋଟର ସାଇକେଲ ଧରି। ତା' ପାଇଁ ସାଙ୍ଗଦୋସ୍ତମାନେ ଘରଲୋକଙ୍କଠାରୁ ବେଶି ଆପଣାର।

କଲିଂ ବେଲ୍ ବାଜିଲା। ଥରେ ... ଦି'ଥର...

ଅସନ୍ତୋଷ ମୁହଁ ନେଇ ଶୋଇବା ଘରୁ ଉଠି ଆସିଲେ ସୁନୟନା। ସତ୍ୟବ୍ରତଙ୍କ ଆଡ଼କୁ ଚାହିଁ ବିରକ୍ତିର ସହ କହିଲେ : କାନରେ ତୁଳାବିଣ୍ଡା ଦେଇ ବସିଛ ନା କ'ଣ ? ବାହାରେ କିଏ ଦୁଇ ଦୁଇଥର କଲିଂବେଲ୍ ବଜାଇ ସାରିଲାଣି, ତମ କାନକୁ ଖୁଜୁନାଇଁ କି ?

ବାସ୍ତବିକ ଶୁଣି ପାରିନଥିଲେ ସତ୍ୟବ୍ରତ।

ସୁନୟନା ଯାଇ ବାହାର କବାଟ ଖୋଲିଲେ। ସାମ୍ନାରେ ଅପରିଚିତ ଆଗନ୍ତୁକ। ସେ ତାଙ୍କୁ

ନମସ୍କାର କଲେ।

: ଭାଉଜ ନମସ୍କାର।– ପ୍ରତି ନମସ୍କାର ଫେରାଇଲେ ଆଗନ୍ତୁକ – "ମୁଁ ବ୍ରଜକିଶୋର। ସତ୍ୟବ୍ରତର ବନ୍ଧୁ। ଏଇଟା ସତ୍ୟବ୍ରତର ଘର ତ!

: ଆଜ୍ଞା ହଁ। – କହିଲେ ସୁନୟନା।

: ସତ୍ୟ ଘରେ ଅଛି ତ!

ସୁନୟନା କିଛି କହିବା ପୂର୍ବରୁ ଆଗନ୍ତୁକ ଓରଫ ବ୍ରଜକିଶୋର ଓଠରେ ପୁଳାଏ ହସ ଖେଳାଇ କହିଲେ – "ହଁ, କବି ଲୋକ ତ! କେତେ ଆଡ଼େ କେତେ କାମଥିବ ତାର! ଆଜି ରବିବାରିଆ ସାହିତ୍ୟୋତ୍ସବ ବୋଧହୁଏ ଚାଲିଥିବ କେଉଁଠି ...

ସୁନୟନା କହିଲେ: ନା, ନା, ସେ ଘରେ ଅଛନ୍ତି। ତାଙ୍କ ପଢ଼ା ଘରେ ବସି ଲେଖାଲେଖି କରୁଛନ୍ତି। ଆପଣ ବସନ୍ତୁ। ମୁଁ ଡାକି ଦେଉଛି।"

ଡ୍ରଇଁରୁମ୍‌ରେ ବସିଲେ ବ୍ରଜ କିଶୋର। ସାମ୍ନା ଟି.ପୟ ଉପରେ ପଡ଼ିଥିବା ପତ୍ରିକାଟିକୁ ଟାଣି ଆଣି ପୃଷ୍ଠା ଓଲଟାଇଲେ।

ନିର୍ଦ୍ଧୂମ ଖରାବେଳଟାରେ ତାଙ୍କ କ୍ୱାର୍ଟର ଡ୍ରଇଁରୁମ୍‌ରେ ଅଚାନକ ବ୍ରଜ କିଶୋରକୁ ଦେଖି ସୁଖୀ ହୋଇପାରିଲେ ନାହିଁ ସତ୍ୟବ୍ରତ। ତଥାପି ମନକଥା ମନରେ ରଖି, ମୁହଁରେ ହସ ଫୁଟାଇ ସ୍ୱାଗତ କଲେ ସେ ବନ୍ଧୁଙ୍କୁ।

ବ୍ରଜ କିଶୋର ତାଙ୍କର ସହପାଠୀ। ସେମାନେ ଗୋଟିଏ କଲେଜରେ ସାଙ୍ଗ ହୋଇ ପଢୁଥିଲେ ଚାରିବର୍ଷ। ଇଣ୍ଟରମେଡିଏଟ୍‌ଠାରୁ ଗ୍ରାଜୁଏସନ୍ ପର୍ଯ୍ୟନ୍ତ। ବ୍ରଜ କିଶୋର ବିଷୟରେ ଅଧିକ ନକହିବା ଭଲ। ସୁଦୁର ମଫସଲର ଏକ ଦରିଦ୍ର ପରିବାରରୁ ଆସି ସହରରେ ସେ ନିଜକୁ ଯେମିତି ଜାହିର୍ କଲା, ସେକଥା ଆଶ୍ଚର୍ଯ୍ୟ ଚକିତ କରିଥିଲା ସମସ୍ତଙ୍କୁ।

ଲୋକଟି ଦେଖିବାକୁ ସୁଦର୍ଶନ। ଗୋରା, ଡେଙ୍ଗା ଚୌଡ଼ା। ମଧ୍ୟମ ଧରଣର ସ୍ୱାସ୍ଥ୍ୟ ସାଙ୍ଗକୁ ଭସା ଭସା ଆଖି। ମୁଣ୍ଡରେ ଗୋଛାଏ କଳା ମୁଚୁମୁଚୁ ବାଳ। ତା' ଚାଲି ଆଉ କଥା କହିବାର ଠାଣୀରେ ଥାଏ ଏକ ଦୃପ୍ତ ଦାମ୍ଭିକତା। ପ୍ରଭାବ ପକାଇବା ପରି ବ୍ୟକ୍ତିତ୍ୱ। କଥାବାର୍ତ୍ତା କରିବା ସମୟରେ ସେ ଦେଖାଯାଏ ହସହସ। ଭାରି ପ୍ରଗଳ୍‌ଭ। ଏକଦମ୍ ଡେମ୍ କେୟାର। ତା' ଠାଣିମାଣି ଦେଖି କେହିକେହି ଅସହିଷ୍ଣୁ ବନ୍ଧୁ ଟୀପ୍‌ପଣୀ ଦିଅନ୍ତି–

"ଶଳାର ଷ୍ଟାଇଲ୍‌କୁ ଦେଖ ବେ! ଗାଁରେ ବୁଢ଼ାବାପ ତେଣେ ପରଘରେ ମଜୁରୀ ଖଟୁଛି, ପୁଅ ଏଣେ ହୀରୋଗିରି ଦେଖାଉଛି...!

କଲେଜ ବେଳଠାରୁ ସତ୍ୟବ୍ରତ ଲେଖାଲେଖି ଆରମ୍ଭ କରିଥିଲେ। କିଛି କିଛି କବିତା ତାଙ୍କର ରାଜ୍ୟର ପ୍ରମୁଖ ସମ୍ବାଦପତ୍ର ଏବଂ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା। କଲେଜର ଛାତ୍ରଛାତ୍ରୀମାନଙ୍କଠାରୁ ଆରମ୍ଭ କରି ଅଧ୍ୟାପକ ଅଧ୍ୟାପିକାଙ୍କ ପର୍ଯ୍ୟନ୍ତ ସମସ୍ତେ ଜାଣିଥିଲେ ସେ ଜଣେ କବି ବୋଲି।

ଥରେ ତ କଲେଜର ଅଧ୍ୟକ୍ଷ, କଲେଜର ବାର୍ଷିକ ଉତ୍ସବରେ ସଭାମଞ୍ଚ ଉପରଙ୍କୁ ତାଙ୍କୁ ଡାକି ଫୁଲତୋଡ଼ା ଓ ଗୋଟେ କଲମ ଉପହାର ଦେଇଥିଲେ ତାଙ୍କର ସର୍ଜନଶୀଳ ଜୀବନର ଉତ୍ତରୋତ୍ତର ଉନ୍ନତି କାମନା କରି।

ସେ ଘଟଣା ପରଠାରୁ ସାରା କଲେଜରେ ସମସ୍ତେ ତାଙ୍କୁ ସଂଭ୍ରମ ଦୃଷ୍ଟିରେ ଦେଖୁଥିଲେ।

ଦିନେ ତାଙ୍କ ହଷ୍ଟେଲ ରୁମ୍‌ରେ ଆସି ପହଞ୍ଚିଲା ଅନ୍ୟ ହଷ୍ଟେଲରେ ରହୁଥିବା ବ୍ରଜକିଶୋର। ସତ୍ୟବ୍ରତଙ୍କୁ ସେ ପଚାରିଲା : କିରେ, ତୁ କଲେଜରୁ ଆସି ସଞ୍ଜବେଳେ କ'ଣ କରୁଛୁ ରୁମ୍‌ରେ? କାଇଁ, ତତେ ତ ମୁଁ କେତେବେଳେ ବାହାରେ ଦେଖୁନି?

: ବାହାରେ ମୋର କି କାମ? ସଂଧ୍ୟାପରେ ମୁ: ବସି ପଢ଼ାପଢ଼ି କରେ ଏବଂ ସମୟ ବଳିଲେ ଲେଖାଲେଖି କରେ। – ଉତ୍ତର ଦେଲେ ସତ୍ୟବ୍ରତ।

: ତୋତେ ସେଇ ଲେଖାଲେଖି ପରି ବାଜେ ଧନ୍ଦାରୁ ମିଳୁଛି କ'ଣ? ଯଦି ପଢ଼ାପଢ଼ି ସହିତ କିଛି ରୋଜଗାର କରିବାର ଅଛି, ତେବେ ଚାଲ୍ ମୋ ସହିତ।' – କହିଲା ବ୍ରଜକିଶୋର ଏବଂ ଯୋଗକଲା – ଯିବୁ?

ବ୍ରଜ କିଶୋର କଥା ସତେ ଯେପରି ଛୁଞ୍ଚିଟିଏ ଫୋଡ଼ିଦେଲା ସତ୍ୟବ୍ରତଙ୍କ ଦେହରେ। ଲେଖାଲେଖି କ'ଣ କେବେ ବାଜେ ଧନ୍ଦା ହୋଇପାରେ! ଘୁଷୁରୀକୁ ପାଚିଲା କଦଳୀ ବିସ୍ୱାଦ ପରି ବ୍ରଜ କିଶୋରର ଏକଥା ତା'ର ଅଜ୍ଞତା ବ୍ୟତୀତ ଆଉ କିଛି ନୁହେଁ ଭାବି ସତ୍ୟମ୍ରତ ତା' କଥାରେ କୌଣସି ପ୍ରତିକ୍ରିୟା ପ୍ରକାଶ ନକରି କହିଲେ : କୁଆଡ଼େ ଯିବାକୁ ତୁ କହୁଛୁ, ଶୁଣେ!

: ତୋତେ କୁଆଡ଼େ ଅଗ୍ନାଅଗ୍ନି ଜଙ୍ଗଲ ଭିତରକୁ ଯିବାକୁ ମୁଁ କହୁନିରେ। ତୁ ଏମିତି ଛାନିଆ ହୋଇପଡୁଛୁ କାଇଁକି? ମୁଁ ସବୁଦିନ ସନ୍ଧ୍ୟା ସାତରୁ ରାତି ଏଗାରଟା ଯାଏ ଗୋଟେ କପଡ଼ା ଦୋକାନରେ ପାର୍ଟ ଟାଇମ୍ କାମ କରୁଛି। ଦୋକାନର ହିସାବ ପତ୍ର କାମ ସମ୍ଭାଳୁଛି ମୁଁ। ତୋ' ପାଇଁ ଗୋଟେ ମେଡିସିନ୍ ଦୋକାନରେ କାମ ବୁଝିଛି ମୁଁ। କହିବୁ ଯଦି ...

: ସନ୍ଧ୍ୟାବେଳେ ଯଦି ସେସବୁ କାମ କରି ରାତି ଏଗାରଟା ବେଳେ ଫେରିବି, ତେବେ ପଢ଼ାପଢ଼ି ଆଉ ଲେଖାଲେଖି କାମ କରିବି କେତେବେଳେ? – ପଚାରିଲେ ସତ୍ୟବ୍ରତ।

: ଦିନକୁ ଘଣ୍ଟାଏ ଦେଢ଼ ଘଣ୍ଟା ପଢ଼ାପଢ଼ି କରିଦେଲେ ପାସ୍ ହୋଇଯିବ। ସେ କବିତା ଫବିତା ଲେଖାଲେଖିରୁ ତୋତେ କ'ଣଟା ମିଳୁଚି କିରେ? ପେଟକୁ ଦାନା ମିଳୁଛି ନା ପିଠିକୁ କନା? ତୁ ସବୁଦିନ ହଳେ ମାତ୍ର ପୋଷାକ ପିନ୍ଧି ଯାଉଛୁ କଲେଜ। ଛିଣ୍ଡା ଚପଲରେ ସେଫ୍ଟିପିନ୍ ମାରି ପିନ୍ଧି ବୁଲୁଛୁ। ବାଳରେ ତ କେବେ ସାମ୍ପୋ ମାରିବାର ମୁଁ ଦେଖିନାଇଁ! ଗାଁରେ ତୋ' ଘର ଅବସ୍ଥା ବି ବେହାଲ। ତଥାପି ରୋଜଗାର କଥା ଚିନ୍ତା ନକରି ସେଇ ବାଜେ ଧନ୍ଦାରେ ମୁଣ୍ଡ ପୁରାଇଛୁ! କ'ଣ ତୁ ପାଉଛୁ ସେଥିରୁ, କହିଲୁ!

ସେଦିନ ସତ୍ୟବ୍ରତଙ୍କର ଇଚ୍ଛା ହେଉଥିଲା ବ୍ରଜକିଶୋର ଗାଲରେ ଠାଏ ଠାଏ କରି ଦି' ଚାରି ଚାପୁଡ଼ା ବସାଇ ଦେବା ପାଇଁ। ତାଙ୍କର ସେଇ ମୁହୂର୍ତ୍ତରେ ତା' ମୁହଁ ଉପରେ କହିଦେବା ପାଇଁ ପ୍ରବଳ ଇଚ୍ଛା ହେଉଥିଲା – "ଯାହା ତୋ ପାଇଁ ବାଜେ ଧନ୍ଦା, ତାହା ହେଉଛି ମୋ ଜୀବନର ତପସ୍ୟା। ଯାହା ତୋତେ ନଗଣ୍ୟ ଲାଗୁଛି, ତାହା ମୋତେ ବଞ୍ଚିବା ପାଇଁ ଅମ୍ଳଜାନ ଯୋଗାଉଛି। ବନ୍ଧୁ ହେ, ତୋ ଜୀବନକୁ ନେଇ ତୁ ସନ୍ତୁଷ୍ଟ। ମୋ ଜୀବନକୁ ନେଇ ମୁଁ। ମୋ ଜୀବନ ଧାରା ଉପରେ କାହାର ଅଯଥା ହସ୍ତକ୍ଷେପକୁ ମୁଁ ପସନ୍ଦ କରେନା। ତୋ ଉପଦେଶ ତୁ ପାଖରେ ରଖ। ମୋତେ ମୋ ରାସ୍ତାରେ ଚାଲିବାକୁ ଦେ'...।

ଏସବୁ କଥା କହିପାରିଲେନି ସତ୍ୟବ୍ରତ। ଜିଭ ଉପରେ କିପରି ସଂଯମ ରଖିବାକୁ ହୁଏ, ତାହା ସେ ଭଲ ଭାବରେ ଜାଣନ୍ତି। ବ୍ରଜକିଶୋରର ପ୍ରସ୍ତାବକୁ ଅନ୍ୟପ୍ରକାରେ ନାକଚ କରି ସେ କହିଲେ–

"ମୋ ଦେହି ସେସବୁ କାମ ହେବ ନାହିଁ ଭାଇ! ତୋର ଆଇଡିଆ ଅଛି। ଲୋକ ସମ୍ପର୍କ ଅଛି। ସ୍ମାର୍ଟନେସ୍ ଅଛି। ପାଠପଢ଼ା ସହିତ ଅନ୍ୟକାମରେ ବି ତୁ ପାରଙ୍ଗମ। ମୁଁ କିନ୍ତୁ ଭାଇ ଭାରି ସିମୀତ ମଣିଷ ଜାଣେ। ପଢ଼ାପଢ଼ି ଲେଖାଲେଖିରେ ମୁଁ ସମୟ ଦେଉଛି। ଆଗକୁ ଷ୍ଟାଫ୍ ସିଲେକ୍ସନ୍‌ର ପରୀକ୍ଷା ଅଛି। ସେଥିପାଇଁ ମୁଁ ପ୍ରସ୍ତୁତି ଚଳାଇଛି। ଯେମିତି ହେଉ ପଛେ ମୋର ସରକାରୀ ଚାକିରି ଖଣ୍ଡେ ଲୋଡ଼ା ...

: କିରାଣୀ ଚାକିରି କରିବୁ? ଫାଇଲ୍ ଚଷି ଚଷି ବୁଢ଼ା ହେଇଯିବୁ ପଛେ, କିଛି ଉନ୍ନତି କରିପାରିବୁନିରେ ବାପଧନ। ଆରେ ବାବୁ, ଦୁର୍ଲଭ ଏ ଜୀବନ ପାଇଁ କିଛି ବଡ଼ ସ୍ୱପ୍ନ ଦେଖ! ସବୁବେଳେ ମାଟି ଉପରେ ଠିଆ ହୋଇ ରହିବା ପାଇଁ କାହିଁକି ଚାହୁଁଛୁ? ଆକାଶ ଆଡ଼କୁ ନଜର ପକା। ଉଡ଼ିବାକୁ ଚେଷ୍ଟା କର ... କହିଲା ବ୍ରଜ କିଶୋର।

: ପାଦ ତଳର ମାଟି ଆଉ ମୁଣ୍ଡ ଉପରେ ଆକାଶ : ଉଭୟ ମୋର ଖୁବ୍ ପ୍ରିୟ। ଅନ୍ତରଙ୍ଗ। ହେଲେ ମାଟି ଉପରେ ଆଗ ମୋପାଦ ସ୍ଥିର ହେଉ! ତା'ପରେ ଆକାଶରେ ଉଡ଼ିବା ପାଇଁ ଚିନ୍ତା କରିବି! – କହିଲେ

ସତ୍ୟବ୍ରତ ।

: ଚିନ୍ତା କରୁ କରୁ ସରିଯିବ ପରମାୟୁ । ନିଃଶେଷ ହୋଇଯିବ ଜୀବନର ସବୁ ରସ । ଧୂଷର ପାଲଟିଯିବ ଜୀବନର ରଙ୍ଗ । ସେତେବେଳେ ସ୍ୱପ୍ନ ଦେଖିବାକୁ ନା ଥିବ ଆୟୁଷ ନା ଆଗ୍ରହ – ବ୍ରଜକିଶୋର କହିଲା ।

ଶଳା ଗଣ୍ଡମୂର୍ଖ ! ପାଠଶାଠ କିଛି ନାହିଁ । ଏଠି ଆସି ମତେ ତତ୍ତ୍ୱବାଣୀ ଶୁଣାଇଲା ! – ସତ୍ୟବ୍ରତ ସାମାନ୍ୟ ବିରକ୍ତ ହୋଇ କହିଲେ – "ଦେଖ୍ ଭାଇ ! ତୋତେ ମୁଁ ଯୁକ୍ତିରେ ପାରିବି ନାହିଁ । ମୋଠାରୁ ତୋର ବ୍ୟାବହାରିକ ଜ୍ଞାନ ଢ଼େର ଅଧିକ । କିନ୍ତୁ ଗୋଟିଏ କଥା ମୁଁ ସିଧାସଳଖ କହି ଦେଉଛି, ମୋତେ ତୋ' ରାସ୍ତାକୁ ଟାଣ୍‌ନା । ତୋ' ରାସ୍ତା ଓ ମୋ ରାସ୍ତା ସମ୍ପୂର୍ଣ୍ଣ ଅଲଗା । ମୋ ମୁଣ୍ଡ ଉପରେ ପରୀକ୍ଷା । ମୋ ପାଖରେ ଏତେ ସମୟ ନାହିଁ ତୋ ପାଇଁ ଖର୍ଚ୍ଚ କରିବାକୁ । ବେଟର ହେବ, ତୁ ଆଉ ମୋ ପାଖକୁ ବେଶି ଆସେନା । ଆସିଲା ମାନେ ମୋ' ସମୟ ନଷ୍ଟ । ତୋର ବି ନଷ୍ଟ...।

ସତ୍ୟବ୍ରତଙ୍କ ଏପରି ରୋକ୍‌ଠୋକ୍ କଥାବାର୍ତ୍ତା ବୋଧହୁଏ ଆଘାତ ଦେଲା ବ୍ରଜକିଶୋରକୁ । ତା' ମୁହଁ ଲାଲ୍ ପଡ଼ିଗଲା । ସେ ଇତସ୍ତତ ହେଲା । ଉଠି ଠିଆ ହେଲା ଏବଂ କହିଲା – "କାନ ଧରିଲି ଭାଇ ! ମୋର ବଡ଼ ଭୁଲ୍ ହୋଇଗଲା ତୋ ରୁମ୍‌କୁ ଆସି ତୋତେ ଏତେଗୁଡ଼ାଏ ପରାମର୍ଶ ଦେଇ ! ମୁଁ ଦୁଃଖିତ ଭାଇ । ଆଉ ଆସିବି ନାଇଁ ତୋ ପାଖକୁ । ଏପରିକି ତୋ ହଷ୍ଟେଲ ମାଟି ବି ମାଡ଼ିବି ନାହିଁ । ଯଦି ବଞ୍ଚିଥାଏ, ତୋ' ସହ ଦିନେ ଦେଖାହେବ କେବେ ନା କେବେ ... କେଉଁଠି ନା କେଉଁଠି ...

ବ୍ରଜକିଶୋର କହିଲା ଏବଂ ମୁଣ୍ଡ ଝୁଙ୍କାଇ ବାହାରିଗଲା ବାହାରକୁ ।

ଗୋଟାଏ ଗ୍ରହ ଗଲା ବୋଲି ଆଶ୍ୱସ୍ତି ହୋଇଥିଲେ ସତ୍ୟବ୍ରତ । ଶଃ, ସଂସାରରେ କିଛି ମଣିଷ ଥାଆନ୍ତି, ଯାହାର ହଜାରେ ବଦଗୁଣ ଥାଇ ବି ସିଏ ଅନ୍ୟକୁ ହିତୋପଦେଶ ଦେବାକୁ ହମହମ ହେଉଥିବ ସଦାବେଳେ । ହୟୋ ତୁମକୁ ଉପଦେଶ, ପରାମର୍ଶ ମାଗୁଛି କିଏ ? କ'ଣ ଯାଚି କଲ୍ୟାଣ ମାଗି ଓଳଗି ! ତମେ ତମର ହଜାରେ ଧନ୍ଦା କରି ଗଗନରେ ଉଡୁଥା, କିଏ ମନା କଲା ନା ତମ ବାଟ ଓଗାଳିଲା ! ତୁମେ ଯେମିତି ଅନ୍ୟମାନେ ସେମିତି ହେବ ବୋଲି କାଇଁକି ଭାବୁଛ ? ଆଁ ?

ଗ୍ରାଜୁଏସନ ପରେ ସତ୍ୟବ୍ରତଙ୍କୁ ଅନେକ ଭାବିବାକୁ ପଡ଼ିଲା ଉଚ୍ଚ ଶିକ୍ଷା ପାଇଁ ଆଗେଇବେ କି ନାଇଁ ! ମାତ୍ର ଘରର ଆର୍ଥିକ ପରିସ୍ଥିତି ତାଙ୍କୁ ଆଗକୁ ବଢ଼ିବା ପାଇଁ ସାହସ ଯୋଗାଇ ପାରିଲା ନାହିଁ । ଗୋଟିଏ ବର୍ଷ ସେ କଟକରେ ଘରଭଡ଼ା ନେଇ ଦି' ତିନିଟା ଟ୍ୟୁସନ୍ କରି ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଦିନ ରାତି ଏକାକାର କରି ସାରିବା ପରେ ଭାଗ୍ୟକୁ ପାଇଗଲେ ସରକାରୀ ଚାକିରି ଖଣ୍ଡେ । ରାଜ୍ୟ ସଚ୍ଚିବାଳୟରେ କିରାଣୀ ପଦବୀ ।

ବାସ୍, ହୋଇଗଲା ଅନ୍ନ ସଂସ୍ଥାନର ସ୍ଥାୟୀ ବନ୍ଦୋବସ୍ତଟିଏ ।

ତା'ପରେ ସୁନୟନାଙ୍କ ସହ ବାହାଘର । ଅଭାବ ଅନଟନର ଧୂଳିଘର । ପିଲାଛୁଆଙ୍କ ସଂସାର ।

ସଂସାର ଦାୟରେ ଚାପି ହୋଇଯାଉଥିବା ବେଳେ ଆଉ ମନେ ପଡୁନଥିଲା କଲେଜ ବେଳର ସାଙ୍ଗ ବ୍ରଜକିଶୋର କଥା । କାହା କାହାଠାରୁ ସତ୍ୟବ୍ରତ ଶୁଣିଥିଲେ ଯେ ବ୍ରଜକିଶୋର ବି.ଏ.ପରୀକ୍ଷା ନଦେଇ ବୁଲୁଥିଲା ଚାରିଆଡ଼େ । ପରୀକ୍ଷା ଚାଲିଥିବା ସମୟରେ ସେ ଜୟଶ୍ରୀ ସିନେମା ହଲ୍‌ରେ ବସି କାଳେ ମାଟିନ୍ ସୋ'ରେ ଚାଲୁଥିବା ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଯୌନ ଉଦ୍ଦୀପକ ତେଲଗୁ ସିନେମା ଦେଖୁଥିଲା ।

ତାକୁ ସେପରି ସମୟରେ ସେଭଳି ସ୍ଥାନରେ ଦେଖି କେହି ସାଙ୍ଗ ଯଦି ପରୀକ୍ଷା ବିଷୟରେ ପଚାରୁଥିଲା, ବିନ୍ଦାସ୍ ସ୍ୱରରେ ସେ କହୁଥିଲା – "ତମେମାନେ କେଡ଼େ ବୋକା କିରେ ? ଯେ ତମାମ୍ ଜିନ୍ଦେଗୀ ଏକ୍ ଇମ୍‌ତିହାନ୍ ହେ ... ସେଇ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ପାଇଁ ମୁଁ ଅହରହ ଚେଷ୍ଟିତ । ଆଉ ତମେମାନେ ମତେ ଏ ମାମୁଲି ବହି ଖାତା କଲମର ପରୀକ୍ଷା ଭିତରେ ବାନ୍ଧି ପକାଇବାକୁ ଚାହୁଁଛ ! ହୁସ୍ !

ପରୀକ୍ଷା ସରିବା ପରେ କିଏ କୁଆଡ଼େ ନିଜ ନିଜ ବାଟରେ, ନିଜ ନିଜ ବାଗରେ ଚାଲିଗଲେ । ପବନରେ ମିଳାଇ ଯିବା ପରି କୁଆଡ଼େ ଉଭାନ ହୋଇଯାଇଥିଲା ବ୍ରଜକିଶୋର ।

ସଂସାର ଏତେ ବିଶାଳ, ବୈଚିତ୍ର୍ୟମୟ, ଏତେ ଜଞ୍ଜାଳମୟ ଯେ କାହାର ବା ସମୟ ଅଛି, ମାନସିକତା ଅଛି ଆଉ କାହା କଥା ଭାବିବା ପାଇଁ ? କାହା ଭଲମନ୍ଦ କଥା ବୁଝିବା ପାଇଁ !

**: ପାଞ୍ଚ :**

ଆଜି ଅନେକ ଦିନ ପରେ ନା ନା ଅନେକ ବର୍ଷ ପରେ ବ୍ରଜ କିଶୋର ଆସିଛି ତାଙ୍କ ସରକାରୀ କ୍ୱାର୍ଟର୍ସକୁ ।

ନିଜ ଡ୍ରଇଁରୁମ୍‌ରେ ସାମ୍‌ନା ସାମ୍‌ନି ହୋଇ ବସିଥିଲେ ଦୁଇ ବନ୍ଧୁ – ବ୍ରଜକିଶୋର ଓ ସତ୍ୟବ୍ରତ । ସତ୍ୟବ୍ରତ ଭାବୁଥିଲେ ୟା' ଭିତରେ ବୋଧହୁଏ ବଦଳି ଯିବଣି ବ୍ରଜକିଶୋର । ରାତାରାତି ମାଲାମାଲ ହୋଇଯିବାର ନିଶାଟା ଓହ୍ଲାଇ ଯିବଣି ତା' ମନ ଭିତରୁ । ଅବଶ୍ୟ ସେ ବଡ଼ଲୋକ ହୋଇଯାଇଥିଲା ୟା' ଭିତରେ । ଏକଥା ସୂଚାଇ ଦେଉଥିଲା ତା' ରୂପଭେକ । ଜୀବନରେ ସେ କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଟକି ଯାଇନାହିଁ । ସମୟର ଚକ୍ର ସହ ତାଳଦେଇ ସେ ଘୂରିବୁଲୁଛି ସବୁଆଡ଼େ, ସବୁବେଳେ ।

ଖୁବ୍ ଗୋଟାଏ ଟ୍ୟାଲେଣ୍ଟେଡ୍ ମଣିଷ ସେ ନୁହେଁ । କିନ୍ତୁ ପ୍ରତିଟି କଥାରେ, ପ୍ରତିଟି କାମରେ ସେ ଅନ୍ୟମାନଙ୍କଠାରୁ କେଇ ପାହୁଣ୍ଡ ଆଗୁଆ । ସେ କ'ଣ କାମ କରେ । ତା'ର ରୋଜଗାରର ଉତ୍ସ କ'ଣ, ସେକଥା ଅନେକଙ୍କୁ ମାଲୁମ ନଥିଲା । କିନ୍ତୁ ଲୋକମାନେ କୁହାକୁହି ହେଉଥିଲେ, ରାଜଧାନୀର ସବୁଠାରୁ ସଂଭ୍ରାନ୍ତ ଅଞ୍ଚଳ ଭାବରେ ପରିଚିତ ନୂଆପଲ୍ଲୀରେ ତା'ର ଅଛି ଏକ ବିରାଟ ତିନିମହଲା କୋଠା । ଯାହାର ବର୍ତ୍ତମାନର ବଜାର ମୂଲ୍ୟ ଦଶକୋଟି ଟଙ୍କାରୁ ଅଧିକ । ଚନ୍ଦ୍ରଶେଖରପୁର ଅଞ୍ଚଳରେ ତା'ର କାଳେ ଅଛି ଚଉବନ ଶହ ସ୍କୋୟାର ଫିଟ୍‌ର ଦୁଇ ତିନିଟା ଜି.ଏ. ପ୍ଲଟ । ନନ୍ଦନକାନନ ପାଖରେ ଅଛି ଚାରି ପାଞ୍ଚ ଏକର ପରିମିତ ଜମି ଉପରେ ଗୋଟାଏ ଫାର୍ମ ହାଉସ ।

'ଲୋକନାଥ', 'ଗଜାନନ' ନାମକ ଦୁଇଟା ସୁପର ଡିଲକ୍ସ ବସ୍ ଚାଲିଛି ଭୁବନେଶ୍ୱରରୁ ସମ୍ବଲପୁର ଓ ରାଉରକେଲା । ଚାରିନମ୍ବର ମାଛ ମାର୍କେଟ ପାଖରେ ଅଛି ଗୋଟାଏ ହୋଲ୍‌ସେଲ ଫଳ ଦୋକାନ । ଶହୀଦ ନଗର ପଣ୍ଡା ନେତ୍ରାଳୟର ବାମ ପାଖକୁ ଲାଗି ରହିଛି 'ଶୁଭମ୍' ନାମକ ଏକ ଦୁଇ ମହଲା ବିଶିଷ୍ଟ ରେଡିମେଡ୍ ପୋଷାକ ଓ ଶାଢ଼ୀ ଦୋକାନ ।

ତା'ର ଆୟର ମୁଖ୍ୟ ଉତ୍ସ ହେଉଛି ଜମି କିଣାବିକା ବ୍ୟାପାର । ଲୋକମାନେ ସାଧାରଣ ଅର୍ଥରେ ଯାହାକୁ କହନ୍ତି ଜମି ଦଲାଲ୍ । ରାଜଧାନୀ ଓ ଏହାର ଆଖପାଖ ପ୍ରାୟ ତିରିଶ ଚାଳିଶ କିଲୋମିଟର ଅଞ୍ଚଳ ଭିତରେ ଜମି କିଣା ବିକାର ସେ କାଳେ ମୁଖ୍ୟ କାର୍ପେଟଦାର !

ଏତେ କମ୍ ଦିନ ଭିତରେ ଏତେ ବିଶାଳ ସମ୍ପତ୍ତିର ମାଲିକ କିପରି ହେଲା ବ୍ରଜକିଶୋର, ତା'ର ଟେର୍ କେହି ପାଉନଥିଲେ ।

: ଏତେ ବର୍ଷ ପରେ, ବାଟ ଭୁଲି ଏଣେ କୁଆଡ଼େ ଚାଲି ଆସିଲ ବନ୍ଧୁ ? ଆମେ ହଠାତ୍ କେମିତି ମନେ ପଡ଼ିଗଲୁ ? – ସତ୍ୟବ୍ରତ ଆରମ୍ଭ କଲେ କଥା ।

: ହଠାତ୍ ନୁହେଁ, ତୁ ସଦାବେଳେ ମନେପଡୁ, ସତ୍ୟ ! ଯାହାକୁ ମୁଁ ଥରେ ଭଲ ପାଏ, ତାକୁ ନେଇ ରଖେ ଛାତି ଭିତରେ । କୁଆଡ଼େ ଆସିଲି ବୋଲି ପ୍ରଶ୍ନ କଲୁ ହେ ବନ୍ଧୁ, ଏମିତି ବିନା କାମରେ, ବିନା କାରଣରେ ବନ୍ଧୁଘରେ ଯଦି ଟିକେ ମୁହଁ ମାରିଦେଇ ଯିବା ଭୁଲ, ତେବେ ଏଇ ସଂଗେ ସଂଗେ ମୁଁ ଉଠିଲି ଏଠୁ ... ଉଠିବାର ଉପକ୍ରମ କଲା ବ୍ରଜକିଶୋର ।

: ଆରେ ଭୁଲ ବୋଲି କେତେବେଳେ କହିଲି ମୁଁ? ବସ । ମୁଁ ଘରଣୀକୁ କହି ଚା' ଦି'କପ୍ ବରାଦ

କରିଦିଏ ! – କହିଲେ ସତ୍ୟବ୍ରତ ।

ମାତ୍ର ପାଞ୍ଚ ମିନିଟ ଭିତରେ ସୁନୟନା ଚା' ଦି' କପ୍ ଆଣି ରଖିଦେଇଗଲେ ଟିପଯ ଉପରେ ।

ଏତେ ବର୍ଷ ପରେ ଲୋକଟା କାଇଁକି ଆସିଛି ତାଙ୍କ ପାଖକୁ ? ତାଙ୍କ ପାଖରେ ତା'ର କି କାମ ? ଖରାବେଳଟାରେ ମଣିଷ ଘଡିଏ ବିଶ୍ରାମ ନେଇଥାଆନ୍ତା କି ଲେଖାପଢ଼ା କରିଥାଆନ୍ତା । ଲୋକଟା ଆସି ସବୁ କାର୍ଯ୍ୟକ୍ରମ ଖଇଚା କରିଦେଲା !

ବିନା ନିମନ୍ତ୍ରଣରେ ଲୋକମାନେ କାଇଁକି କାହା ଘରକୁ ଆସନ୍ତି କେଜାଣି !

: ପ୍ରମୋସନ ଫ୍ରମୋସନ କିଛି ହେଲାଣି ନା ନାଇଁ ? ବ୍ରଜକିଶୋର ପଚାରିଲା ।

: ହଁ, ଦୁଇଟା ହୋଇଛି ଯା ଭିତରେ ।

: ଦେଖୁଛି ତୋର ଲେଖାଲେଖି ତ ଜୋର୍‌ସୋର୍‌ରେ ଚାଲିଛି ! ଭଲ ଭଲ । ଜାରୀ ରହୁ । ଆଉ,ଜାଗାଫାଗା କେଉଁଠି ପକାଇଲୁଣି ! ନା ଏକା ଥରକେ ଫ୍ଲାଟ୍ କିଣିବାକୁ ଚିନ୍ତା କରିଛୁ ? ଝିଅ ବାହାଘର କଥା ଚିନ୍ତା କଲୁଣୁ ନା ନାଇଁ ?

ଏକା ଥରକେ ତିନୋଟି ପ୍ରଶ୍ନ ! ସତ୍ୟବ୍ରତ ଆଦୌ ଖୁସି ହୋଇପାରିଲେନି ବ୍ରଜକିଶୋରର ପ୍ରଶ୍ନରେ । ସେ ବୋଧହୁଏ ତାଙ୍କ ନିମ୍ନ ମଧ୍ୟବିତ୍ତ ଚଳଣୀକୁ ଉପହାସ କରିବାକୁ ଆସିଛି ଏଠିକି ! କଥାର ଦିଗ ଅନ୍ୟାଆଡ଼କୁ ମୋଡ଼ି ସତ୍ୟବ୍ରତ ପଚାରିଲେ: ଏବେ ଭୁବନେଶ୍ୱରରେ ରହଣୀ ନା ବାହାରେ କୋଉଠି ?

ବ୍ରଜକିଶୋର ଆକର୍ଣ୍ଣ ହସଟିଏ ହସିଲା ହସିହସି କହିଲା – "ଆମେ ଭାଇ ଯାଯାବର ମଣିଷ । ଆଜି ଏଠି ତ କାଲିକୁ ଆଉ କେଉଁଠି । କୌଣସି ଗୋଟିଏ ସ୍ଥାନରେ ଆବଦ୍ଧ ହୋଇ ରହିବା ଆମ ଜାତକରେ ନାହିଁ ।"

ଏ କଥାର କୌଣସି ଉତ୍ତର ଦେଲେ ନାହିଁ ସତ୍ୟବ୍ରତ । କିଛି କହିଲେ କଥା ଲମ୍ବିବ । ଏ ମହାଶୟ ଆହୁରି ଚାରିଘଣ୍ଟା ଏଠାରେ ବସି ବକ୍‌ବାସି କରିବାକୁ ସମୟ ଓ ସୁଯୋଗ ପାଇଯିବ । ତେଣୁ ସେ ଚୁପ୍ ରହିଲେ ଏବଂ ଭାବିଲେ ତାଙ୍କ ନିରବତା ଦେଖି ବ୍ରଜ କିଶୋର ତାଙ୍କର ନିରାଶକ୍ତ ମନୋଭାବ ଠଉରାଇ ପାରି ଯିବା ପାଇଁ ତତ୍ପର ହେବ !

କିନ୍ତୁ ସେପରି କିଛି ଘଟିଲା ନାହିଁ । ପ୍ରଥମ କପ୍ ଚା' ପିଇ ସାରିବା ପରେ ବ୍ରଜକିଶୋର ନିର୍ଲଜଙ୍କ ପରି ଘର ଭିତରକୁ ଅନାଇ ଅପେକ୍ଷାକୃତ ଉଚ୍ଚ ଗଳାରେ କହିଲା: ଚା'ଟା ଭାରି ସ୍ୱାଦିଷ୍ଟ ହୋଇଛି । ଆଉ କପେ ମିଳିବ କି ଭାଉଜ !"

କେତେ ନିଲଠା, ବେହ୍ୟା ମଣିଷଟା ଇୟେ ! ଲୋକଟା ଅନ୍ୟର ମନୋଭାବ ବୁଝି ପାରୁନାହିଁ କେମିତି ? ସେ ହୋଇଥିଲେ ଏପରି ପରିସ୍ଥିତିରେ କେତେବେଳୁ ଉଠି ଚାଲିଯାଇ ସାରନ୍ତେଣି ।

ଘର ଭିତରୁ ସୁନୟନା ଆଉ କପେ ଚା' ଆଣି ଆସିଲେ ଡ୍ରଇଁ ରୁମକୁ । ଟିପଯ ଉପରେ ରଖିଦେଇ ଚାଲିଯାଉଥିବା ସମୟରେ ବ୍ରଜକିଶୋର କହିଲା, "ବସନ୍ତୁ ଭାଉଜ ! ସତ୍ୟବ୍ରତ ସହ ଦି'ପଦ କଥା ହୋଇ ମୁଁ ଚାଲିଯିବି... ।

: ନାଇଁ ନାଇଁ, ଆପଣ ଦୁଇ ବନ୍ଧୁ ବସି କଥା ହୁଅନ୍ତୁ । ଭିତରେ କେତେଟା କାମ ବାକି ଅଛି । ମୁଁ ସାରିଦିଏ" – କହିଦେଇ ସୁନୟନା ଭିତରକୁ ଚାଲିଗଲେ ।

: ଆଉ ! ସବୁ ଠିକ୍‌ଠାକ୍ ଚାଲିଛି ତ ! ଲେଖାଲେଖିରେ ତ ତୁ ବହୁତ ଉଚ୍ଚକୁ ଉଠି ଗଲୁଣି । ତୋ' କବିତା ମୋ ଆଖିରେ ପଡ଼ିଛି ଅନେକବାର । ତୋ' କବିତା ଯେବେ ମୋ ନଜରରେ ପଡ଼େ, ପଢ଼େ ମୁଁ । – ବ୍ରଜ କିଶୋର କହିଲା ପକେଟରୁ ପାନ ଖଣ୍ଡେ ବାହାର କରି ପାଟିକୁ ନେଇସାରି ।

ହୁଁ ! ଲଙ୍କାରେ ହରି ଶବ୍ଦ ! କେବଳ ଟଙ୍କା ପଇସା, ଇଟା, ସିମେଣ୍ଟ, ବାଲି, ମାଟି ଆଦିକୁ ନେଇ ଜୀବନ ବଞ୍ଚୁଥିବା ଲୋକଟା କହୁଚି କବିତା ପଢ଼େ ବୋଲି । ତୋ ପରି ଗଣ୍ଡ ମୂର୍ଖ ଆଉ ପଥୁରିଆ ମଣିଷଟା କବିତାର କମନୀୟତା, ନମନୀୟତା ବିଷୟରେ କାହୁଁ ଜାଣିବ ?

ସତ୍ୟବ୍ରତ ଏକଥା ଭାବିଲେ ଏବଂ ବ୍ରଜକିଶୋରର କଥା ଶୁଣି ସେ ଖୁସି ହେବା ପରି ସ୍ମିତ ହସଟିଏ ହସିଲେ ।

: ଗୋଟିଏ କଥା – ବ୍ରଜ କିଶୋର କହିଲା – "ପଚାରୁଛି ବୋଲି ଖରାପ୍ ଭାବିବୁନି, କିରାଣୀ ଚାକିରିଟିଏ କରି ମାସକୁ ତିରିଶ ବତିଶ ହଜାର ଟଙ୍କା ଦରମା ପାଇ ରାଜଧାନୀ ପରି ମହଙ୍ଗା ସହରରେ କେମିତି ଚଳୁଛୁ କିରେ ପିଲା ଛୁଆ ସଂସାର ଧରି ! ତୋ କଥା ଭାବି ମୋ ମୁଣ୍ଡ ଘୂରିଯାଉଛି...

ଆହା ! କେଡ଼େ ଦରଦୀ ବନ୍ଧୁଟିଏ ମୋର ! ସୁଦାମାର କୃଷ୍ଣ ଯେମିତି ! ମୋ ଚଳଣୀ ବିଷୟ ଭାବି ଯା' ମୁଣ୍ଡ ଘୂରିଯାଉଛି । ଶଃ ... ମଣିଷ ଏ କଥାରେ ହସିବ ନା କାନ୍ଦିବ !

ମନେମନେ କ୍ଷୁବ୍ଧ ହେଉଥିଲେ ସତ୍ୟବ୍ରତ ।

: ଗୋଟିଏ ପ୍ରସ୍ତାବ ଦେବି । – କହିଲା ବ୍ରଜ କିଶୋର – " ଭାବି କି ଜବାବ ଦେବୁ । ତୋର ଯଦି ସମୟ ଥାଏ ଏବଂ ଆପତ୍ତି ନଥାଏ, ତେବେ କିଛି ସମୟ ମତେ ଦେ' । ମୋ ଜମି କିଣାବିକା କଥା ବୁଝାବୁଝି କର । ତୋର କୁଆଡ଼େ ଯିବା ଦରକାର ନାହିଁ । ଘରେ ବସି ବି କରିହେବ ଏଇ କାମ । ଖାଲି ଟିକେ ଲୋକସମ୍ପର୍କ ଦରକାର । ମୁଁ ତୋତେ ଦରମା ଫରାମା ଦେବିନି ମ ! ତୋ ମାଧ୍ୟମରେ ମାସକୁ ଯଦି ଗୋଟିଏ ଦୁଇଟି ପ୍ଲଟ୍, ବିକ୍ରି ହୋଇଗଲା – ତୋ' ଭାଗରେ ଦୁଇ ଅଢ଼େଇ ଲକ୍ଷ ଥୁଆ ...

ସେପାଖ ଘରେ ସୁନୟନା ବୋଧେ କାନଡେରି ଶୁଣୁଥିଲେ ବ୍ରଜ କିଶୋର କଥା ।

ସତ୍ୟବ୍ରତ କୌଣସି ପ୍ରତିକ୍ରିୟା ପ୍ରକାଶ ନକରି ଧୈର୍ଯ୍ୟଧରି ଶୁଣୁଥିଲେ ବନ୍ଧୁଙ୍କ ପରାମର୍ଶ ।

ଆଉ ଟିକେ ଉତ୍ସାହିତ ହୋଇ ବ୍ରଜକିଶୋର କହିଲା: ମୁଁ କ'ଣ ଜାଣେନି କେତେ ଟାଇଟ୍ ଭିତରେ ତୁ ପରିବାର ପ୍ରତିପୋଷଣ କରୁଛୁ ! ଦି'ଦିଟା ପିଲାଙ୍କୁ ପାଠ ପଢ଼ାଉଛୁ ! ମୁଣ୍ଡ ଉପରେ ପୁଣି ଝିଅ ବାହାଘର । ଚାକିରି ବି ଆସି ସରିବା ସରିବା ହେଲାଣି । ଏଭଳି ଘଡ଼ିସନ୍ଧି ସମୟରେ କେବଳ ଚାକିରି କିମ୍ବା କେବଳ କବିତା ଲେଖିଲେ ଚଳିବ ! ଯୁଗେଯୁଗେ କବିମାନେ ଦାରିଦ୍ର୍ୟପୀଡ଼ିତ ହୋଇ କି କି ଦଶା ଭୋଗିଛନ୍ତି, ସେ ବିଷୟରେ ମୋ ଅପେକ୍ଷା ତୁ ଅଧିକ ଜାଣୁ । ସବୁ ଜାଣି ବି ସେଇ ମାୟାଜାଲ ଭିତରେ ତୁ କେମିତି ଛନ୍ଦି ହୋଇ ରହିଚୁ, ତାହା ପଶୁ ନାଇଁ ମୋ ମଗଜରେ ।

ଭଦ୍ରଲୋକଙ୍କୁ ନିଜ ଘରେ ଅପମାନିତ କରିବାଟା ଠିକ୍ ହେବ ନାଇଁ ଭାବି ଚୁପ୍ ରହିଥିଲେ ସତ୍ୟବ୍ରତ । ହେଲେ ଲୋକଟା ଅଚାନକ ଧୂମକେତୁ ପରି ଆସି ପହଞ୍ଚି ଯାଇ ତାଙ୍କ ପାରିବାରିକ ଜୀବନ ଉପରେ ହସ୍ତକ୍ଷେପ କରି ନାନା ଟୀକ୍‌କା – ଟିପ୍ପଣୀ, ନାନା ଅଯାଚିତ ପରାମର୍ଶ ଦେଇ ଚାଲିଛି ଘଡ଼ିଏ ହେଲାଣି ! କ'ଣ ଯା'ର ମତଲବ ? ମୋ ଚଳଣୀ ତୋ' ମଗଜରେ ପଶିବା କ'ଣ ଦରକାର ? ତୋ'ର ମଗଜ ବୋଲି କିଛି ଅଛି କି ? ଯଦିବା ଅଛି, ସେଥିରେ ଅନୈତିକ ଭାବରେ କେବଳ ଧନରୋଜଗାର କରିବାର କୁଟିଳ ଚିନ୍ତା ବ୍ୟତୀତ ଆଉ କିଛି ଅଛି କି ?

ତୁ କି କି ଉପାୟରେ ଧନର ସାମ୍ରାଜ୍ୟ ବଢ଼ାଇ ଚାଲିଛୁ, ଭାବିଛୁ ମୁଁ କିଛି ଜାଣିନି ବୋଲି ! କେବଳ ମୁଁ ନୁହେଁ, ସାରା ସହର ଜାଣିଛି ତୋର କଳାକାରନାମା ସମ୍ପର୍କରେ । ଆରେ ବାବୁ, ମାହାଳିଆଟାରେ ମୁଁ କବି ହେଇନି । ମଣିଷର ନାଡ଼ି ନକ୍ଷତ୍ରକୁ ଅନୁଧ୍ୟାନ କରିବାର ଦକ୍ଷତା ମୋର ଅଛି । ତମକୁ କିଏ ପରାମର୍ଶ ମାଗୁଛି ନା ଧାର କରଜ ମାଗୁଛି ?

ମନେମନେ ଅସନ୍ତୁଷ୍ଟ ହୋଇ ସତ୍ୟବ୍ରତ କହିଲେ: ଭାଇରେ, ସେ ଜମିଜମା କାମରେ ମୋର ବିଲ୍‌କୁଲ୍ ଆଇଡିଆ ନାହିଁ । ସେ ବାବଦରେ ମୁଁ ଗୋବର ଗଣେଷ । ଛୋଟମୋଟ ଚାକିରି ଖଣ୍ଡେ କରିଛି । ତାହା କିରାଣି ଚାକିରି ହେଉ ଅବା ପିଅନ ଚାକିରି ! ସେଥିରେ ଅଭାବ ଥାଇପାରେ, କିନ୍ତୁ ଅବସୋସ ନାହିଁ । ଦାରିଦ୍ର୍ୟ ଥାଇପାରେ କିନ୍ତୁ ଦୁଃଖ ନାହିଁ ।

ଯେତିକି ଯାହା ମିଳୁଚି, ପେଟକୁ ଦିଓଳି ଦାନା, ପିଠିକୁ କନା ପାଇଁ ଅଭାବ ହେଉନାହିଁ। ସେତିକି କ'ଣ ଯଥେଷ୍ଟ ନୁହେଁ।

: ଯଥେଷ୍ଟ କାଇଁକି ନୁହେଁ? – ବିଦ୍ରୁପ କରିବା ପରି କହିଲା ବ୍ରଜକିଶୋର – କେବଳ ଦୁଇଓଳି କାଇଁକି, ତିନି ଓଳି, ଚାରିଓଳି ପାଇଁ ବି ଯଥେଷ୍ଟ। ହେଲେ ଭାଇ, ଦୁଇଓଳି କେବଳ ଖାଇ ଦଣ୍ଡେ ଜିଇ ରହିବା କ'ଣ ଏ ଜୀବନର ଲକ୍ଷ ?

ଏଥର ସତ୍ୟବ୍ରତ ମୁହଁଟେକି ଅନାଇଲେ ବ୍ରଜ କିଶୋରକୁ। ସାରାଜୀବନ କେବଳ ଟଙ୍କା ଓ ପ୍ରତିଷ୍ଠା ପଛରେ ଧାଇଁ ଧାଇଁ, ନିଜର ନିକୃଷ୍ଟ ବ୍ୟକ୍ତିଗତ ସ୍ୱାର୍ଥ ସାଧନ ପାଇଁ ସମୂହ ସ୍ୱାର୍ଥକୁ ବଳି ପକାଇ ଦେବାକୁ ପଛଘୁଞ୍ଚା ଦେଉନଥିବା ବ୍ରଜକିଶୋର ପରି ଜଣେ ସ୍ୱାର୍ଥପର ମଣିଷ ମୁହଁରୁ ଜୀବନ ସମ୍ପର୍କିତ କଥାଗୁଡ଼ା କେମିତି ଗୋଟାଏ ଅଖାଡୁଆ ଲାଗିଲା ତାଙ୍କୁ। ମନ ଭିତରର ଅସନ୍ତୋଷକୁ ଚାପିରଖି ସେ ପଚାରିଲେ – "ତେବେ ଜୀବନର ଲକ୍ଷ କ'ଣ, ବନ୍ଧୁ ?

ସାମ୍ନାରେ ସତେକି ଜଣେ ଜୋକର ବସିଛି, ତା'ର ଅସଂଲଗ୍ନ ସଂଳାପରେ ସେ ପ୍ରଚୁର ଆମୋଦିତ, ତା'ର ବିଚରାପଣରେ ସେ ଖୁବ୍ ମର୍ମାହତ, ମୁହଁରେ ସେହିପରି ଭାବଭଙ୍ଗୀ ପ୍ରକାଶ କରି ବ୍ରଜକିଶୋର କହିଲା –

"ବନ୍ଧୁ ହେ ! ସକାଳୁ ସଂଜଯାଏ ଅଫିସ୍ ଧାଇଁ ଧାଇଁ, ରାତିରାତି ଅନିଦ୍ରା ହୋଇ, ଗଦାଗଦା ବହିପଢ଼ି, କୁଡ଼କୁଡ଼ କବିତା ଲେଖି, ସେଇ ଅନର୍ଥକ ଚିନ୍ତାରେ ଘାରି ହୋଇ ହୋଇ, ନିଜ ଶରୀର ପାଇଁ ଅନେକ ରୋଗକୁ ଆମନ୍ତ୍ରଣ କରି ମହାର୍ଘ ଏ ଜୀବନକୁ ଏମିତି ଏମିତି ଶେଷ କରିଦେବାରେ କି ବିଜ୍ଞତା ଅଛି ? ଏତେ ବଡ଼ବଡ଼ ପୋଥିମାନ ପଢୁଛୁ, ମଣିଷ ମନକୁ ପଢ଼ି ସାରଗର୍ଭକ କବିତାମାନ ଲେଖୁଛୁ, ଏ ଜଟିଳ ସଂସାରକୁ ଚିହ୍ନିପାରିଲୁ ନାହିଁ ! ଶୁଣ୍, ଯେତେ ଦିନ ଯାଏ ତୋ ମୁଣିରେ ମଣିଥିବ, ଯେତେ ଦିନ ଯାଏ ତୁ ସଳଖ ଚାଲୁଥିବୁ, ସେଯାଏ ସବୁ ଠିକ୍‌ଠାକ୍ ଅଛି। ଯେଉଁ ଦିନ ଆଣ୍ଠେଇ ପଡ଼ିଲୁ, ସରିଗଲା କଥା। ସରିଗଲା ଜୀବନ। କେହି ତୋ' ଆଡ଼କୁ ସାହାଯ୍ୟ ଓ ସହଯୋଗର ଦରଦୀ ହାତଟିଏ ବଢ଼ାଇ ଦେବେନି। ବରଂ ମାଡ଼ି ମକଚି ଧାଇଁବେ ଆଗକୁ ଆଗକୁ।

ସେ ପାଖ ଘରୁ ସୁନୟନାଙ୍କର ଖଣ୍ଡିକାଶ ଶୁଭିଲା। ତାହା ସୂଚାଇ ଦେଲା ଯେ ସେ ବ୍ରଜକିଶୋରର ସବୁ କଥା ଶୁଣୁଛନ୍ତି।

ସତ୍ୟବ୍ରତ ଚାହିଁ ରହିଥିଲେ ବ୍ରଜକିଶୋରକୁ। ସେ କିଛି କରିବା ପୂର୍ବରୁ ବ୍ରଜକିଶୋର ପୁଣି ଆରମ୍ଭ କଲା – "ସବୁ କବି ଲେଖକମାନେ ଭାବନ୍ତି, ସେମାନେ ଖୁବ୍ ଗୋଟାଏ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ସାରା ସଂସାର ଚାହିଁ ରହିଛି ତାଙ୍କ ଲେଖାକୁ, ଚାତକ ପରି। ଯେମିତି ସେମାନେ ଗପ କବିତା ନଲେଖିଲେ ଦିନ ରାତି ହେବନାହିଁ। ପବନ ବହିବନି। ପୃଥିବୀ – ସମ୍ଭୁତ ପ୍ରାଣୀମାନଙ୍କର ନିଃଶ୍ୱାସ ପ୍ରଶ୍ୱାସ ବନ୍ଦ ହେଇଯିବ! ପୃଥିବୀ ଖସିପଡ଼ିବ ରସାତଳକୁ ! !"

"ଏଇ ଭିତ୍ତିହୀନ ଭାବନା ଓ କଳ୍ପନା ରାଜ୍ୟରେ ତୁ ଭାସି ବୁଲୁଛୁ। କବିତା ଲେଖୁଚୁ, ଲେଖ୍। କିଏ ମନା କଲା ? ବରଂ ସେଥିପାଇଁ ତୋତେ ନେଇ ମୁଁ ଗର୍ବ କରେ। ହେଲେ ନିଜ ଭବିଷ୍ୟତ ପ୍ରତି ଟିକେ ଦୃଷ୍ଟିପକା। ତୋର ପୁଅ ଝିଅ ହୋଇ ଦୁଇଜଣ। ସେମାନଙ୍କ ଭବିଷ୍ୟତ କଥା କେବେ ଚିନ୍ତା କରିଛୁ ? ତୁ ତ ବର୍ଷକୁ ତିନିଥର ପ୍ରୋଭିଡେଣ୍ଟ ଫଣ୍ଡରୁ ଟଙ୍କା ଉଠାଇ ଘର ଚଳାଇବା ଲୋକ। ଏକଥା କ'ଣ ମୁଁ ଜାଣିନାହିଁ। ଚାକିରି ଆସି ଶେଷ ହେବାକୁ ବସିଲାଣି। ଟଙ୍କା ଦଶଲକ୍ଷ ଅଛି କି ତୋ ପ୍ରୋଭିଡେଣ୍ଟ ଫଣ୍ଡ ଜମାରେ ?"

ସତ୍ୟବ୍ରତ ଅନୁଭବ କରୁଥିଲେ ଧୀରେ ଧୀରେ ସୀମା ଲଂଘନ କରିବାକୁ ବସିଲାଣି ବ୍ରଜକିଶୋର। ତାଙ୍କ ସାବଲୀଳ ପାରିବାରିକ ଜୀବନ ଭିତରକୁ ପ୍ରବେଶ କରୁଛି ଏକ ଅବାଂଛିତ ଅନୁପ୍ରବେଶକାରୀ ଭଳି।

ତାଙ୍କର ଧୈର୍ଯ୍ୟଚ୍ୟୁତି ଘଟିବାକୁ ଆରମ୍ଭ କରୁଥିଲା ବେଳକୁ ବେଳ। ଏକ ଉତ୍ତପ୍ତ ଢେଉ ଖେଳିଗଲା ତାଙ୍କ ଶରୀର ଉପରେ। ନିଜ ଭିତରର କ୍ରୋଧକୁ ଯେତେ ଚେଷ୍ଟା କଲେ ମଧ୍ୟ ସେ ଆଉ ନିଜ ଆୟତ୍ତରେ ରଖିପାରିଲେ ନାହିଁ। ପାଟି ଖୋଲିଲେ –

"ମୋ ପିଲା ପରିବାରର ଭବିଷ୍ୟତ କଥା ତୋତେ ଘାରୁଛି, ଖୁସି ଲାଗିଲା ଏକଥା ଶୁଣି। ସେମାନଙ୍କ ଖର୍ଚ୍ଚବାର୍ଚ୍ଚ ଉଠାଇବା ପାଇଁ ମୁଁ କେବେ ବି ତୋ ଦ୍ୱାରସ୍ତ ହେବି ନାଇଁ, ଏତିକି ଜବାବ ମୁଁ ଦେଉଛି ତୁମକୁ। ମୋ ଘରେ, ତୋ ପରି ମଣିଷର ଏ ଅଯାଚିତ ପରାମର୍ଶ ମୋର ଆଦୌ ଲୋଡ଼ା ନାହିଁ। ତୁ କେବେ ବି ମୋର ହିତାକାଂକ୍ଷୀ ବନ୍ଧୁ ନଥିଲୁ। କେବଳ ମୋର ନୁହେଁ, ଏ ଦୁନିଆରେ ତୁ କାହାର ବନ୍ଧୁ ହେବାକୁ ଯୋଗ୍ୟ ନୋହୁ। କେବଳ ଧନ ଆଉ ଧନ ରୋଜଗାର କିରବାକୁ ତୁ ଯୋଗ୍ୟ। ମୋ ପାଇଁ ଓ ମୋ ପିଲା ପରିବାର ପାଇଁ ତୋର ଏତେ ଦରଦ ଦେଖି ମୁଁ ସତରେ ଅଭିଭୂତ।"

"ହେ ମୋର ପ୍ରିୟ ଶୁଭଚିନ୍ତକ, ଜୀବନକୁ ମୁଁ ଯେତିକି ଜାଣିଛି, ଯେତେ ପାଖରୁ ଦେଖିଛି, ଅନୁଭବ କରିଛି, ଭୋଗିଛି, ସେତକ ଯଥେଷ୍ଟ ଏ ବ୍ୟାପାରରେ ମୋତେ ବିଜ୍ଞ କରାଇବା ପାଇଁ। ଜୀବନ ସମ୍ପର୍କରେ ମୋ ଦୃଷ୍ଟିଭଙ୍ଗୀ ଆଉ ତୋ ଦୃଷ୍ଟିଭଙ୍ଗୀ ଭିତରେ ଆକାଶ ପାତାଳ ପ୍ରଭେଦ। ତୋ ଚିନ୍ତାଧାରା ଆଉ ମୋ ଚିନ୍ତାଧାରା ଦୁଇଟି ସମାନ୍ତରାଳ ସରଳରେଖା। କହ, ମୁଁ କେବେ ତୋ' ଘରକୁ ଯାଇ, ତୋ ସ୍ତ୍ରୀ ପରିବାର ଆଗରେ ଏପରି ଶସ୍ତା ନୀତିବାଣି ଶୁଣାଇଛି କି ? ମୋ ଜୀବନର ପରିସର ଭିତରେ ତୋର ଏ ଅବାଂଛିତ ଅନୁପ୍ରବେଶକୁ ମୁଁ ଜମା ପସନ୍ଦ କରେନା।"

ମୁହଁ ଶୁଖିଗଲା ବ୍ରଜକିଶୋରର। ସହରର ଜଣେ ପ୍ରତିଷ୍ଠିତ ଧନୀ ଏବଂ ସଂଭ୍ରାନ୍ତ ବ୍ୟକ୍ତି ଭାବରେ ଗଣା ସେ। ତା' ଆଗରେ ପଛରେ ଶହ ଶହ ଅନୁଗାମୀ। ଆଗାମୀ ବିଧାନସଭା ନିର୍ବାଚନରେ ଗୋଟେ ବିଧାୟକ ଟିକେଟ ହାତେଇବାକୁ ସେ ଧନବଳ ଜନବଳ ସବୁ ଲଗାଇ ଦେଇଛି। ଏଥିପାଇଁ କାଳେ ତା' ମୁଣ୍ଡାରୁ କେଇ ଆଞ୍ଜୁଳା ଭୋଗ ସେ ପରସି ଦେଇଛି ଶାସକଦଳ ମୁଖିଆଙ୍କ ଉଦ୍ଦେଶ୍ୟରେ !

ତଥାପି ସେ ଶାନ୍ତ ଦିଶୁଥିଲା। ସତ୍ୟବ୍ରତ ତା'ର ଅନେକ ବର୍ଷର ବନ୍ଧୁ। ବନ୍ଧୁ ଯଦି କ୍ରୋଧବଶତଃ କିଛି କହିଦେଲା, ସେଥିରେ ଉତ୍‌କ୍ଷିପ୍ତ ହେବାର କୌଣସି କାରଣ ନାହିଁ।

ସାମାଜିକ ଜୀବନ ସହିତ ଜଡ଼ିତ ହୋଇ ରହିଲେ କେତେ ଲୋକ କେତେ କଥା କହିବେ। କେତେ ଆଲୋଚନା ସମାଲୋଚନା କରିବେ। ସବୁ କଥାରେ ଯଦି ମଣିଷ କ୍ରୋଧ ପ୍ରକାଶ କରିବ, ତେବେ ସମାଜରେ ଚଳିବ କେମିତି ?

ମଣିଷର ବଡ଼ ଶକ୍ତି ହେଉଛି ତା'ର ଧୈର୍ଯ୍ୟ। ଆଉ ବଡ଼ ଶତ୍ରୁ ହେଉଛି ତା'ର କ୍ରୋଧ। କ୍ରୋଧକୁ ଆୟତ୍ତ ନକଲେ କେହି କ'ଣ କେବେ ଆଗକୁ ବଢ଼ିଲାଣି ! ସେଇ ଧୈର୍ଯ୍ୟଶୀଳ ଗୁଣ ହିଁ ତାଙ୍କୁ ଆଜି ଲୋକମାନଙ୍କ ନିକଟତର କରିପାରିଛି। ରାଜନୀତି ମୈଦାନକୁ ଓହ୍ଲାଇବାକୁ ହେଲେ ସେଇ ଗୁଣଟିର ପ୍ରଥମ ଆବଶ୍ୟକତା ରହିଛି। ସବୁ ଦେଖ, ସବୁ ଶୁଣ, ଚୁପ୍‌ରହ।

ମୁହଁରେ ଈଷତ୍ ହସ ଖେଳାଇ ସେ କହିଲା: ମୁଁ ଜାଣେ ମୋ କଥା ଗୁଡା ତୋତେ ଗନ୍ଧେଇବ। ସେତିକି ଅନ୍ତରଙ୍ଗତା ନଥିଲେ ଏସବୁ କଥା କାହାକୁ କହି ହୁଏନା। ତୁତ ସବୁବେଳେ ବୁଡ଼ି ରହିଲୁ କବିତାର କଳ୍ପନାରେ। ସାମାଜିକତା, ଆନ୍ତରିକତା ଆଉ ଅନ୍ତରଙ୍ଗତା ଆଦି ବିଷୟରେ ଭାବିବାକୁ ତୋ' ପାଖରେ ସମୟ କାହିଁ ?

"ଏବେ ନ ହେଲେ ମଧ୍ୟ ଆଜିଠୁ ପାଞ୍ଚବର୍ଷ କି ଦଶବର୍ଷ ପରେ ମୋ କଥା ନିଶ୍ଚେ ତୁ ହୃଦୟଙ୍ଗମ କରିବୁ। ତୋ'ମୁଣ୍ଡରୁ ଅତିରଞ୍ଜିତ କଳ୍ପନା ଓ ଶସ୍ତା ପ୍ରଶଂସାର ଭୂତ ନ ଓହ୍ଲାଇବା ଯାଏ ତୁ ଏପରି କୁହୁଡ଼ି ପହଁରୁଥିବୁ। ତୋ ଆଖିରୁ ଫମ୍ପା ନୀତି ଆଦର୍ଶର ପରଳ ହଟିଗଲାପରେ ତୁ ବାସ୍ତବ ଦୁନିଆର ଅସଲ ରୂପ ଦେଖିପାରିବୁ।"

ବ୍ରଜକିଶୋର ଉଠୁଥିଲେ ଯିବା ପାଇଁ।

ସତ୍ୟବ୍ରତ ଖୁବ୍ ଥଣ୍ଡା ମିଜାଜର, ଚୁପ୍‌ଚାପ୍ ପ୍ରକୃତିର ମଣିଷ। ସହଜରେ ରାଗନ୍ତି ନାହିଁ କିମ୍ବା ଅଜେ ବାଜେ କଥା କାନକୁ ନିଅନ୍ତି ନାହିଁ। ହେଲେ ସେଦିନ ବ୍ରଜକିଶୋରର କଥା ତାଙ୍କ ସ୍ୱାଭିମାନ ଉପରେ ଆଘାତ ହାଣିଲା। ଲଜ୍ଜା ଓ ଅପମାନରେ ତାଙ୍କ ଦୁଇ ଆଖି ଲାଲ୍ ପଡ଼ତଗଲା। ସେ ଠିଆ ହୋଇ ପଡ଼ି କହିଲେ –

"ମୋ କଥା ଚିନ୍ତା ନ କରି ତୁ ତୋ' ନିଜ କଥା କର। ନିଜ ଭିତରକୁ ଦେଖ୍। ନିଜେ ଧନ ରୂପକ ଅନ୍ଧକାର ଭିତରେ ବୁଡ଼ି ରହି ଅନ୍ୟକୁ ଜ୍ଞାନର ଆଲୋକ ଦେଖାଇବାଠାରୁ ହାସ୍ୟାସ୍ପଦ କାମ ଆଉ କ'ଣ ଥାଇପାରେ ? ଯା....ଯା, ସେ ତତ୍ତ୍ୱ କଥାଗୁଡ଼ା ଆଉ କାହା ଆଗରେ ବଖାଣିବୁ ....।

ସ୍ମିତ ହସିଲେ ବ୍ରଜକିଶୋର। କହିଲେ : ବାସ୍ତବ କଥା ମୁଁ କହୁଚି। ସେସବୁ ଶୁଣିବାକୁ ତୋତେ କଷ୍ଟ ଲାଗୁଛି ବୋଲି ତୁ ଉତ୍ୟକ୍ତ ହୋଇପଡୁଛୁ। ଶୁଣ୍ ବନ୍ଧୁ, କଳ୍ପନାର ପକ୍ଷୀରାଜ ଘୋଡା ଉପରେ ବସି କଳ୍ପନା ରାଜ୍ୟରେ ଉଡିବା ଅପେକ୍ଷା ବାସ୍ତବତାର ଖାଲଖମା ରାସ୍ତା ଉପରେ ପାଦ ସଳଖି ଚାଲିବା ବୁଦ୍ଧିମାନର କାମ ବୋଲି ମୁଁ ବିଚାରେ .....।

କ୍ରୋଧ ଉତ୍ତେଜନାରେ ଥରି ଉଠିଲା ସତ୍ୟବ୍ରତଙ୍କ ସମଗ୍ର ଶରୀର। ଶଃ, ଗୋଟେ ମୂର୍ଖ ଅପଦଣ୍ଡ, ଅର୍ଥପିପାଶୁ ମଣିଷ ତାଙ୍କ ପରି ଜ୍ଞାନୀ ଗୁଣୀକୁ ଆସି ତତ୍ତ୍ୱଜ୍ଞାନ ଶୁଣାଉଛି। ସେ ଉଚ୍ଚ ସ୍ୱରରେ କହିଲେ – "ଏବେ ମୁଁ ସଂପୂର୍ଣ୍ଣ ସନ୍ଦେହମୁକ୍ତ ଯେ ମୋର ଯଶ ଓ ଖ୍ୟାତିକୁ ସହି ନ ପାରି, ଇର୍ଷାନ୍ୱିତ ହୋଇ ତୁ ଏପରି କଥାମାନ ଆସି କହୁଛୁ ମୋ ଘରେ। ମୋର ଆଉ ବୁଝିବାକୁ ବାକି ନାହିଁ ଯେ ଏକ ଅଭିସନ୍ଧି ରଖି ତୁ ଆସିଛୁ ଏଠିକି। ମୋ ସହିତ ତୋର ବନ୍ଧୁତା ଏକ ହୀନ କପଟତା ବ୍ୟତୀତ ଆଉ କିଛି ନୁହେଁ ....ଶଃ, ଲୋକମାନେ ଅନିମନ୍ତ୍ରିତ ଅତିଥି ହୋଇ ଅଯାଚିତ ଉପଦେଶ ଦେବାକୁ କେମିତି ଚାଲି ଆସନ୍ତି କେଜାଣି ! !

ମୁଣ୍ଡ ଝୁଙ୍କାରି ବ୍ରଜକିଶୋର ବାହାରିଗଲା ବାହାରକୁ।

ମୁଡ୍ ଅଫ୍ ହୋଇଯାଇଥିଲା ସତ୍ୟବ୍ରତଙ୍କର। ଅନେକ ସମୟ ପର୍ଯ୍ୟନ୍ତ ସେ ଚୁପ୍‌ଚାପ୍ ବସି ରହିଥିଲେ ନିଜ ଡ୍ରଇଁରୁମ୍‌ର ସୋଫା ଉପରେ।

**: ଛଅ :**

ଯା ଭିତରେ ବିତିଗଲାଣି ବହୁତ ଗୁଡାଏ ଦିନ। କୋଉ ଝଟକରେ ସମୟର ପାଣି ପାପୁଲି ସନ୍ଧିରୁ ଖସିପଡେ ସତେ ! ଏଇ ଦେଖିବ ଆଞ୍ଜୁଳି ପୂର୍ଣ୍ଣ ହୋଇ ରହିଛି, ଆଉ ଟିକକ ପରେ ଫାଙ୍କା, ଶୂନ୍ୟ।

ଜୀବନଟା ଆଉ କ'ଣ କି ? ଏଇ ଅଛି, ଏଇ ନାଇଁର ଏକ ଡୁ'ଡୁ'କା ଖେଳ। ସେଇ ଖେଳରେ ଜିତିବାକୁ ହେଲେ ଲମ୍ବା କା'ଟିଏ ଲୋଡ଼ା। ସେତକ ହାସଲ କରିପାରିଲେ ତମେ ଜିତିଲ, ନହେଲେ ହାରିବା ଥୟ।

"କିଛି ଭୁଲ କହିନଥିଲେ ସେଦିନ ତୁମ ସାଙ୍ଗ ବ୍ରଜକିଶୋର ବାବୁ। ଚାକିରି ଆସି ସରିବାକୁ ବସିଲାଣି। ଆଉ ମାସ କେଟାର କଥା ! ଚାହୁଁ ଚାହୁଁ ବିତିଗଲାଣି ଚଉତ୍ରିଶ ପଇଁତ୍ରିଶ ବର୍ଷ !"

ସେଦିନ ସକାଳେ ସ୍ୱାମୀ–ସ୍ତ୍ରୀ ଦୁହେଁ ବସି ଚା' ପିଉଥିବାବେଳେ କହିଲେ ସୁନୟନା। ତାଙ୍କ ମୁହଁଟା ସୁବଦିନ ପରି ଚିନ୍ତିତ ଓ ଅପ୍ରସନ୍ନ ଜଣା ପଡୁଥିଲା।

: ହଁ ପରା ! – ସୁନୟନାଙ୍କ କଥାକୁ ସମର୍ଥନ କଲେ ସତ୍ୟବ୍ରତ – "କାଲିପରି ଲାଗୁଛି ଚାକିରିରେ ଯୋଗ ଦେବାର। ଆମ ବାହାଘର। ସାଲୁ ଓ ରାଜା ଜନ୍ମ ହେବାର। ମୋର ପ୍ରଥମ କବିତା ପ୍ରକାଶିତ ହେବାର। ପ୍ରଥମ ବହି ବହାରିବାର। ପ୍ରଥମ ପୁରସ୍କାର ପାଇବାର ...

: ଖାଲି ସେଇ କବିତା ...ବହି...ପୁରସ୍କାର ! ଯା ବ୍ୟତୀତ ଆଉ କିଛି ଭାବନା ନାଇଁ ତୁମର ? ସେଇ ମାୟାରେ ବାୟା ହୋଇ ସାରିବାକୁ ବସିଲଣି ଗୋଟେ ପରମାୟୁ।" –ସୁନୟନା ଅସନ୍ତୁଷ୍ଟ ସ୍ୱରରେ କହିଲେ – "କ'ଣଟା ତୁମେ କରିଛ ଜୀବନରେ ? ଆଉ ମାସ କେଇଟା ଭିତରେ ଛାଡ଼ିବାକୁ ପଡ଼ିବ ଏଇ ସରକାରୀ ଦଦରା କ୍ୱାର୍ଟର। ନା ଜାଗା ଖଣ୍ଡେ କିଣି ପାରିଲ ନା ଘର ଖଣ୍ଡେ କରିପାରିଲ। ମୋ ଛୁଆମାନେ ମୁଣ୍ଡ ଗୁଞ୍ଜିବେ କେଉଁଠି ?

ସତ୍ୟବ୍ରତ ଜାଣନ୍ତି, ପତ୍ନୀଙ୍କ ସହ ଯଦି ସେ ଏକାନ୍ତରେ ମିନିଟିଏ ବସି କଥା ହୁଅନ୍ତି, ତେବେ କଥା ବୁଲିବୁଲି ଆସି ପହଞ୍ଚିଯିବ ତାଙ୍କ କବିତା ଲେଖା ଦେଇ ତାଙ୍କ ଅପାରଗତା ପାଖରେ। କବିତା ହିଁ ତାଙ୍କ ଜୀବନକୁ ବରବାଦ କରିଦେଲା। କେବଳ ତାଙ୍କର ନୁହେଁ, ସାରା ପରିବାରର ବୋଲି ଅଭିଯୋଗ ପରେ ଅଭିଯୋଗ ସୁନୟନା ଲଦି ପକାନ୍ତି ତାଙ୍କ ମୁଣ୍ଡ ଉପରେ।

ପୁଣି ଆରମ୍ଭ କଲେ ସୁନୟନା – "ନିଦାବିଷ୍ଣୁଙ୍କ ପରି ବସିଚ କ'ଣ ମ ! ମୋ କଥା ତମ କାନରେ ପଶୁଚି ନା ନାଇଁ ? ସାରା ଜୀବନ ତ ମନମାନି କରି କରି ଆସିଲ। ଶୁଣିଲ ନାଇଁ କାହା କଥା। ଶୁଣିଲ କେବଳ ବହିଖାତା କାଗଜ କଲମ କଥା....।

"ଝିଅ ବାହାଘର ବୟସ ଗଡ଼ିଗଲାଣି। ପୁଅର ଇଞ୍ଜିନିୟରିଂ ଶେଷ ବର୍ଷ। ଭବିଷ୍ୟତ କଥା ଚିନ୍ତା କରି ମତେ ଚାରିଦିଗ ଖାଲି ଅନ୍ଧକାରମୟ ଦେଖାଯାଉଛି। ତମେ କେମିତି ଧୈର୍ଯ୍ୟ ଧରି ବସି ପାରୁଛ କେଜାଣି !"

ତମର ସେଇ ବନ୍ଧୁ, ଭଲ କଥା କହିଲେ, ହେଲେ ତମକୁ ଗନ୍ଧେଇଲା। ଧଳଟି ତାଙ୍କୁ ଅପମାନିଆ କଥା କହି ଘରୁ ଏକରକମ ତଡ଼ି ଦେଲ। କାହାର ଭଲ ପରାମର୍ଶ ତମ ମୁଣ୍ଡରେ ପଶୁଚି। ହଁ, ପଶିବ ବା କେମିତି ? ମୁଣ୍ଡ ଭିତରର ଅଳି କନ୍ଦିରେ ବସା ବାନ୍ଧି ରହିଛି କବିତା ! ଆଉ ଖାଲି ସ୍ଥାନ ଥିଲେ ତ ! କ'ଣ ମିଳୁଚି ସେଇ ଛେନାଗୁଡ଼ କବିତା ଫବିତାରୁ କେଜାଣି ? ଛି !"

ଛି ! – ସତେ ଅବା ଏଇ ଶବ୍ଦଟି ଲେଣ୍ଡାଏ ଛେପ ହୋଇ ଆସି ପିଚି ହୋଇଗଲା ସତ୍ୟବ୍ରତଙ୍କ ମୁହଁ ଉପରେ। ଏଇ ଗୋଟିଏ ଶବ୍ଦ ହିଁ ଛାରଖାର କରି ପକାଉଥିଲା ତାଙ୍କର ସବୁ ଆଗ୍ରହ, ସବୁ ମାନସମ୍ମାନ ଓ ପ୍ରତିଷ୍ଠାକୁ। ଛିନ୍‌ଛତ୍ର କରି ପକାଉଥିଲା ତାଙ୍କ ପୁରୁଷାକାରକୁ।

ଆଉ ଶୁଣିବା ପାଇଁ ଧୈର୍ଯ୍ୟନଥିଲା ତାଙ୍କର ସୁନୟନାଙ୍କ ତେରେଛା କଥା। ତାହା କଥା ନୁହେଁ ତ ଯେପରି ଡହଡହ ଗରମ ଦୁଇ ଚାମଚ ତେଲ, ଯାହା ଅଜାଡ଼ି ହୋଇ ପଡୁଥିଲା ସତ୍ୟବ୍ରତଙ୍କ ଦୁଇ କାନ ଭିତରେ ! ସେ ଧୀରେ ଉଠିଲେ, ବସିବା ସ୍ଥାନରୁ। ଶୋଇବା ଘରକୁ ଯାଇ ପିନ୍ଧିଲେ ପ୍ୟାଣ୍ଟ ସାର୍ଟ। ଗ୍ୟାରେଜରୁ ସ୍କୁଟର ବାହାର ନ କରି ଚାଲି ଚାଲି ନିରବରେ ବାହାରିଗଲେ ବାହାରକୁ।

ସତ୍ୟବ୍ରତ ଉଦ୍ଦେଶ୍ୟହୀନ, କାର୍ଯ୍ୟହୀନ ଭାବରେ ବୁଲୁଥିଲେ ଇତସ୍ତତ। ସଂଜ ଗଡ଼ି ରାତି ଆସିଗଲାଣି। ତାଙ୍କୁ ଭାରି କ୍ଳାନ୍ତ ଲାଗୁଥିଲା। ଶୋଷ ବି ଲାଗୁଥିଲା। ବଜାରଠାରୁ ଅନେକ ଦୂର ସେ ଚାଲିଯାଇଥିଲେ। ନିଛାଟିଆ ରାସ୍ତାର ଏକ କଲଭର୍ଟ ଉପରେ ସେ ବସିଥିଲେ ଅନ୍ୟମନସ୍କତାର ସହ।

ଆକାଶରେ ସେଦିନ ବୋଧହୁଏ ଦଶମୀ ତିଥିର ଜହ୍ନ। ଆକାଶରେ ମେଘର ଚିହ୍ନ ବର୍ଣ୍ଣ ନଥିଲା। ତଥାପି କ'ଣ ପାଇଁ କେଜାଣି ଭାରି ମଳିନ ଆଉ କାନ୍ଦ କାନ୍ଦ ଦେଖାଯାଉଥିଲା ଜହ୍ନର ମୁହଁ। ମଣିଷ ପରି ଜହ୍ନର ବି କ'ଣ ଦୁଃଖ ଥାଏ ନା କ'ଣ ! ଯଦି ଥାଏ, କିପରି ସେଇ ଦୁଃଖର ସ୍ୱରୂପ ? କେମିତି ବା ସେ ଅତିକ୍ରମ କରେ ସେଇ ଦୁଃଖକୁ ? ଅତିକ୍ରମ କରୁନଥିଲେ ଟହ ଟହ ହସ ହସି ତା' ନରମ ଜ୍ୟୋସ୍ନାରେ ଗାଧୋଇ ହେଉନଥାନ୍ତା ପୃଥିବୀକୁ !

ସତ୍ୟବ୍ରତଙ୍କର ସେଇ ମୁହୂର୍ତ୍ତରେ ଭାରି ଇଚ୍ଛା ହେଉଥିଲା ଦୁଃଖିନୀ ଜହ୍ନକୁ ନେଇ ଗୋଟେ କବିତା ଲେଖିବାକୁ। ପରକ୍ଷଣରେ ସୁନୟନାଙ୍କର ସେଇ 'ଛି' ଶାବଳଟି ଆସି ଭୁଷି ହୋଇଯାଉଥିଲା ତାଙ୍କ ଛାତିରେ।

କିଛି ନାକରା କଥା କହୁନାହାନ୍ତି ତ ସୁନୟନା ! – କଲଭର୍ଟ ଉପରେ ବସି ମନେ ମନେ ତର୍ଜମା କରୁଥିଲେ ସତ୍ୟବ୍ରତ – "ଉଣେଇଶି ଶହ ନବେରୁ ଦୁଇହଜାର ଚବିଶ !

ଚଉତ୍ରିଶ ବର୍ଷର ଦୀର୍ଘତମ ରାସ୍ତା ।

ଏଇ ଚଉତ୍ରିଶ ବର୍ଷର ସମୟ ଖଣ୍ଡ, ଯାହା ଜଣେ ମଣିଷ ଜୀବନର ସବୁଠାରୁ ମୂଲ୍ୟବାନ ସମୟ, କେମିତି ସେ ଖର୍ଚ୍ଚ କରିଛନ୍ତି ?

ହଁ, ପିଲାଙ୍କୁ ଖାଦ୍ୟ, ବସ୍ତ୍ର, ହେଉ ପଛେ ସରକାରୀ ବାସଗୃହ ଯୋଗାଇ ଦେଇଛନ୍ତି । ଯାହା ଦୁନିଆର ସବୁ ସ୍ୱାମୀ ଓ ସବୁ ବାପାମାନେ ଯୋଗାଇ ଥାଆନ୍ତି । ସୁନୟନାଙ୍କର ମନ ପସନ୍ଦର ଗହଣାଟିଏ ଅବା ଦାମୀ ପାଟଶାଢ଼ୀ ଖଣ୍ଡେ ସେ ଏ ପର୍ଯ୍ୟନ୍ତ ଦେଇପାରିନାହାନ୍ତି ବୈବାହିକ ଜୀବନର ତିନି ଦଶନ୍ଧି ବିତିଯାଇଥିଲେ ମଧ୍ୟ । ଭଲରେ ମନ୍ଦରେ ପ୍ରତି ମାସରେ ଅନ୍ୟ ପାଖରେ ହାତ ନ ପାତିଲେ ତାଙ୍କ ସଂସାର ରଥ ଗଡେନି ।

ଇଯେ କି ପ୍ରକାର ଜୀବନ ?

କେବଳ ବହି, ଖାତା, କାଗଜ, କଲମ ଆଉ କବିତା !

ଜୀବନରେ ସେ ଆଉ କିଛି କରିପାରିଥାଆନ୍ତେ କି ? ବୋଧହୁଏ ନା । ସେ ସଙ୍କୁଚିତ ମଣିଷ ଜଣେ ! ଦୁର୍ବଳ ଓ କିଛି ମାତ୍ରାରେ ଭୀରୁ । ଭାବନା ଭିତରେ ବୁଡ଼ି ରହିବା ବୋଧହୁଏ ତାଙ୍କ ଜନ୍ମଗତ ଗୁଣ । କିଛି କରିନପାରିବାର ଜ୍ୱାଳାରୁ, ଅସହାୟତାରୁ ନ ପାରିଲା ପଣରୁ ରକ୍ଷା ପାଇବା ପାଇଁ ସେ ବୋଧହୁଏ ଆଦରି ନେଇଛନ୍ତି କାଗଜ କଲମକୁ !

ବେଳେବେଳେ ତାଙ୍କର ବି ମନେ ହୋଇଛି - ଏ କବିତା ଫବିତାରୁ ତାଙ୍କୁ ମିଳୁଛି କ'ଣ ? କି ପୂର୍ଣ୍ଣତା ତାଙ୍କୁ ଆଣି ଦେଉଛି ତାହା ? କେଉଁ ଅର୍ଥମୟତାରେ ଭରିଦେଇଛି ଜୀବନକୁ ?

ଚାରିଆଡୁ ପ୍ରବଳ ବିରୋଧ ସତ୍ତ୍ୱେ, ଅଭାବ ଅନଟନରେ ସେ ବୁଡ଼ି ରହିଥିବା ସତ୍ତ୍ୱେ, ନିର୍ଜନ ରାତିର ନିଛାଟିଆ ପ୍ରହରରେ କାହିଁକି ଧରି ବସନ୍ତି କାଗଜ କଲମ ? କିଏ ତାଙ୍କୁ ରାଣ ନିୟମ ପକାଇ କହିଛି କି କବିତା ଲେଖିବାକୁ । ସେ କବିତା ନ ଲେଖିଲେ ସଂସାର ଭାସିଯିବ କି ? ଏସବୁ ମୁହୂର୍ତ୍ତକର ଭାବପ୍ରବଣତା ନୁହେଁ ତ ଆଉ କ'ଣ ?

କେବଳ ଭାବପ୍ରବଣତାରେ ସଂସାର ଚାଲେ ନା ଜୀବନ ଆଗକୁ ଗତି କରେ ?

କେବେ ତାଙ୍କ ଧର୍ମପତ୍ନୀ ସୁନୟନା ହସହସ ମୁହଁରେ ଆସି ତାଙ୍କ ପାଖରେ ଠିଆ ହୋଇ କହିଛନ୍ତି କି- "ହଇଓ, ଏମିତି ଠାପୁଆଙ୍କ ପରି ସେଠି ଘଡ଼ିଏ ହେଲାଣି ବସିଛ କ'ଣ ପାଇଁ ମ ! ଅଫିସରୁ ତ ଫେରିଲ, ଯାଉନା ଧୂଆଧୋଇ ହୋଇ ଆସି, ଚା' ଜଳଖିଆ ଟିକେ ଖାଇଦେଇ ତମ ପଢ଼ା ଘରେ ବସି ପଢ଼ାପଢ଼ି ଅବା ଲେଖାଲେଖି କରିବ । ଏ ଘର ପରିବାର, ତେଲ ଲୁଣ ସଂସାର, ଶାଢ଼ୀ, ଚୁଡ଼ି, ରାତିରାତି କଥା ଭୁଲି ଯାଅ । ଏସବୁ ମୋ ଜିମାରେ ଛାଡ଼ି ତମେ ଯାଅ, କବାଟ ବନ୍ଦ କରି କବିତା ଲେଖ !

କହିଛନ୍ତି କି କେବେ ସୁନୟନା ଏଇ ଦୁଇପଦ କଥା ।

ତାଙ୍କ ପଚିଶ ବର୍ଷିଆ ଝିଅ କେବେ ଆସି ତାଙ୍କ ପାଖରେ ବସି କହିଛି କି - ବାବା ମ, ତମ ପାଇଁ ଆମେ ଗର୍ବିତ । ସମାଜରେ ତମର କେତେ ସମ୍ମାନ, କେତେ ଆଦର । ମୋ ବାହାଘର ଫାହାଘର କଥା ଭୁଲିଯାଅ । ସେସବୁ କଥା ପରେ ଚିନ୍ତା କରାଯିବ । ତମେ ଯାଅ ବାବା, ବସି କବିତା ଲେଖ । ଜଣେ କବିର କନ୍ୟା ହେବା ମୋ ପାଇଁ ବଡ଼ ଗୌରବର କଥା ।

ତାଙ୍କ କୋଡିଏ ବର୍ଷିଆ ଭେଣ୍ଡିଆ ପୁଅ ତାଙ୍କୁ କେବେ କହିଛି କି- "ମୋ ଫ୍ରେଣ୍ଡସ୍ ସର୍କଲ ଭିତରେ ତମେ ଭାରି ପପୁଲାର ବାବା । ସେମାନେ ଓ ସେମାନଙ୍କ ପ୍ୟାରେଣ୍ଟସ୍ ସବୁବେଳେ ତମ କଥା ଏକଜାମ୍ପଲ୍ ଦିଅନ୍ତି । ତମ ପାଇଁ ଗର୍ବରେ ମୋ ଛାତି ଫୁଲିଉଠିଛି । ମୋ ପାଠପଢ଼ା, ଚାକିରି ବାକିରି କଥା ବିଷୟରେ ତୁମର ମୁଣ୍ଡ ଖେଳାଇବା ଆଦୌ ଦରକାର ନାହିଁ । ମୁଁ କଣ ଆଉ ସାନପିଲା ହୋଇ ରହିଛି । ମୋ ମୁଣ୍ଡକୁ ପରା ହାତ ପାଇଗଲାଣି । ମୋ କଥା ମୁଁ ବୁଝିବିନି ! ତମେ ଏତେ କଥା ସବୁ ମୁଣ୍ଡରେ ନପୂରାଇ ଯାଅ ପୋଏମ୍ ଲେଖ...

ତାଙ୍କ ଦପ୍ତରର ଉଚ୍ଚ ଅଧିକାରୀ ପେଣ୍ଡିଂ ଥିବା ଫାଇଲ କାମ ସରି ନଥିଲେ ବି କେବେ ସହୃଦୟତାର ସହ କହିଛନ୍ତି କି - "ମିଷ୍ଟର ପଟ୍ଟନାୟକ । ଫାଇଲ୍ କାମ ସରିନାହିଁ ବୋଲି ବ୍ୟସ୍ତ ହେଉଛନ୍ତି କି ? ନଥିଂ ଟୁ ୱରି । ଆଜି ନ ହେଲେ କାଲି ହେବ । ଆପଣ କେବଳ ଏହି ଦପ୍ତରର ନୁହନ୍ତି, ସାରା ରାଜ୍ୟର ଗର୍ବ ଓ ଗୌରବ । ଏ ଦପ୍ତର ଭାଗ୍ୟବାନ, ଆପଣଙ୍କ ପରି ଜଣେ କବିଙ୍କୁ ତା' ଗହଣରେ ପାଇ । ଯାଆନ୍ତୁ, ଯେତେବେଳେ ସମୟ ହେଉଛି, ଘରେ ଅବା ଦପ୍ତରରେ ବସି ଲେଖାଲେଖି କରନ୍ତୁ ।"

ତାଙ୍କ ସହକର୍ମୀ ଭାଇମାନେ, ଯେଉଁମାନଙ୍କ ଗହଣରେ ସେ ଜୀବନର ସିଂହଭାଗ ବିତାଇ ସାରିଲେଣି, ଯେଉଁମାନେ ତାଙ୍କର କବିତା ବହିସବୁ ତାଙ୍କଠାରୁ ଉପହାର ସୂତ୍ରରେ ପାଇ ଖୁସିରେ ଗଦ୍‌ଗଦ୍ ହୋଇଛନ୍ତି ଅବା ଖୁସି ହେବାର ଛଳନା କରିଛନ୍ତି, ସେମାନଙ୍କ ଭିତରୁ କେହି କେବେ ଆସି ତାଙ୍କ ପିଠି ଥାପୁଡେଇ ଦେଇ କହିଛନ୍ତି କି - "ହଇଓ ସତ୍ୟବାବୁ, ଅଫିସ କାମ ସରିନାହିଁ ବୋଲି ଆପଣ ବ୍ୟସ୍ତ କାଇଁକି ହେଉଛନ୍ତି ? ଆମେ ଜାଣୁପରା କବି ଲେଖକମାନଙ୍କର ଧୈର୍ଯ୍ୟ କମ । ଆମେ ଆଉ ବନ୍ଧୁ ହିସାବରେ ଅଛୁ କାଇଁକି ? ଦରକାରବେଳେ ଯଦି କାମରେ ନ ଆସିଲୁ, ତେବେ ଆମେ କି ବନ୍ଧୁରେ ଗଣା ? ତମର ସବୁ ଅଧୁରା କାମ କରିଦେବୁ । ତମେ ଯାଅ, ବସି ଲେଖାଲେଖି କର । ଜମା ଟେନସନ୍ ନିଅନା ।

ତାଙ୍କର ମାସିକିଆ ବାକି ଗ୍ରୋସରୀ ଦୋକାନୀ କେବେ ତାଙ୍କ ଆଡକୁ ଚା' କପଟିଏ ବଢ଼ାଇ ଦେଇ କହିଛି କି - " ବସନ୍ତୁ ମ ସାର୍ ! ବସିକି ପେପର ପଢ଼ନ୍ତୁ ! ଆପଣଙ୍କର ଏ ମାସକୁ ମିଶାଇ ମୋଟ ବାକି ହେଲା ତେର ହଜାର ସାତ ଶହ ଛପନ ଟଙ୍କା । ଫି ବର୍ଷ ଦଶରାରେ ମୋର ଦୋକାନ ଖାତା ପୂଜା ହୁଏ । ବର୍ଷ ସାରାର ସବୁବାକି ଟଙ୍କା ଆଦାୟ ହୋଇ ନୂଆ ଖାତା ହୁଏ । ହେଲେ ସାର୍, ଆପଣ ଜମା ବ୍ୟସ୍ତ ହେବେନି । ଆପଣ ସାର କବି ଲୋକ । ଆପଣଙ୍କ ଉପରେ ମୋର ଖୁବ୍ ଭରସା । ଆପଣ କେତେକେତେ ଦୁଃଖୀ ରଙ୍କିଙ୍କ ଦୁଃଖରେ ଜୁଡୁବୁଡୁ ହୋଇ ତାଙ୍କ କଥା ଲେଖୁଛନ୍ତି କାଗଜରେ । ଏସବୁ ଟଙ୍କା ପଇସା ଜଞ୍ଜାଳ କଥା ମୁଁ ଆପଣଙ୍କ ମୁଣ୍ଡରେ ଭର୍ତ୍ତି କରିବି ! ମୁଁ କ'ଣ ପାଗଳ ହେଲି ! ମୋ ଟଙ୍କା କ'ଣ ବୁଡ଼ି ଯାଉଛି । ହଁ ଟଙ୍କା ବାର ଚଉଦ ହଜାର ବୁଡ଼ିଗଲେ ମୁଁ କ'ଣ କାଙ୍ଗାଳ ହେଇଯିବି ନା ଆପଣ କୋଟିପତି ହେଇଯିବେ ? ଆପଣ ସାର୍ ଗଲେ, ଘରେ ଖାଇପିଇ ଥଣ୍ଡା ମିଜାଜରେ ବସି ଲେଖାଲେଖି କରିବେ !

ବାପା ଯିବା ପରେ ଗାଁ ଘରେ ଏକୁଟିଆ ରହୁଥିବା ଚମ ଧୁଡୁଧୁଡୁ ବୋଉ କେବେ କହିଚି କି - "ବାୟାରେ, ଅନେକ ଦିନ ହେଲାଣି ପେଟ ଭିତରୁ କେମିତି ଗୋଟାଇ ନିଆଁ ହୁଳା ପରି ଉଠୁଛି । ପେଟରେ ହାତ ମାରିଲେ ଗୋଟା ଗୋଟା ଲାଗୁଚି । ଖାଇବା ଥାଳୀ ପାଖରେ ବସିଲା କ୍ଷଣି ଖାଲି ଅଇ ଉଠୁଛିଗଲା ଜନ୍ମାଷ୍ଟମୀଦିନ ବର୍ଷା ହୋଇ ଛାଡ଼ି ଯାଇଥିଲା । ବାରି ପଟକୁ ଓହ୍ଲାଇଥିବାବେଳେ ପାହାଚ ଉପରୁଗୋଡ ଖସିଗଲା ଯେ ଗଛ କାଟିଲା ପରି ପଡ଼ିଲି ବାରି ଖଳାରେ । ପିଚା ଓ ଅଣ୍ଟା ମାଡ ହେଇ ପରାଶ ହଉଚି ଯେ କାହିଁରେ କଣ । ଦି'ଟା ଯାକ ଆଖିରେ ପରଳ ମାଡ଼ି ଗଲାଣି ଯେ ଦି'ହାତ ବାଟକୁ ଦିଶୁ ନାହିଁ କିଛି । ଅନ୍ଧାର ହେଲେ ଝୁଣ୍ଟିକି ପଡୁଛି ବାରଯାଗା । ହେଲେ ମୋ ବାପ, ତୁ ମୋର ପାଇଁ ଜମା ବେଥାପି ହ'ନା । ରାଇଜ ଯାକର ଦାୟିତ୍ୱ ତୋ ମୁଣ୍ଡରେ । ସେଥିରେ ପୁଣି କଣ ଗୀତଫିତ ଲେଖୁଛୁ ପରା ! ଦେଶ ବିଦେଶରେ କେତେ ନାଁ କମେଇଲୁଣି । ଲେଖି ଧନ, ମନ ଧ୍ୟାନ ଦେଇ ଲେଖି । ଅନ୍ୟ କିଛି କଥା ମୁଣ୍ଡରେ ପୁରାନା.....

ଏସବୁ କଥା, ଏପରି ଆଶ୍ୱାସନା କେହି କେବେ ତାଙ୍କୁ କହିଛି ଦେଇଛି କି ? ନା । ଓଲଟି ସମସ୍ତଙ୍କ ମନ ଭିତରେ ତାଙ୍କବିରୁଦ୍ଧରେ ରାଶି ରାଶି ଅଭିଯୋଗ, ଅସନ୍ତୋଷ, ଇର୍ଷା ଓ ଅସୂୟା । ସମସ୍ତଙ୍କର ଦାବୀ

ଅଛି ତାଙ୍କ ଉପରେ। ସେମାନଙ୍କର ଦାବୀ, ଅଳୀ, ଅର୍ଦ୍ଦଳୀ, ଅଝଟ, ଆଦେଶ, ନିର୍ଦ୍ଦେଶ ସେ ମାନନ୍ତି। ନିଜକୁ ବିଭାଜିତ କରି, ତିଳତିଳ କରି ନିଃଶେଷ କରି ସମସ୍ତଙ୍କୁ ସନ୍ତୁଷ୍ଟ କରିବାକୁ ସେ ଚେଷ୍ଟା କରନ୍ତି।

ଏସବୁ ବାଦ୍ ଯେତିକି ସମୟ, ଯେତିକି ମାନସିକ ଆଉ ଶାରୀରିକ ଶକ୍ତି ଓ ସାମର୍ଥ୍ୟ ବଳିଲା, ତାକୁ ବିନିଯୋଗ କରନ୍ତି ନିଜ ଲେଖା ପଢ଼ାରେ।

ଏତେ ବିରୋଧ, ଏତେ ପ୍ରତିବନ୍ଧ, ଏତେ ଇର୍ଷା ଓ ଅସୂୟା ସତ୍ତ୍ୱେ ସେ କାଇଁକି ଲେଖନ୍ତି ? କେମିତି ଯୋଗାଡ଼ କରନ୍ତି ମାନସିକ ଶକ୍ତି ଓ ସାମର୍ଥ୍ୟ କଲମ ଧରିବା ପାଇଁ ?

ଏ ପ୍ରଶ୍ନଟି ଅଧିକାଂଶ ସମୟ ଆସି ପିଟି ହୁଏ ତାଙ୍କ ମନ ଉପରେ।

ଅଧିକାଂଶ ରାତ୍ରିର ନିର୍ଜନ ପ୍ରହରରେ ସତ୍ୟବ୍ରତ ଏକାକୀ ବସି ରହିଥାଆନ୍ତି ନିଜ କ୍ୱାର୍ଟରର ବାଲକୋନୀରେ, ସହସା ଭାବନାଟିଏ ପଶି ଆସେ ତାଙ୍କ ମନ ଭିତରକୁ –

ଏବେ, ଏଇ ନିସ୍ତବ୍ଧ ମୁହୂର୍ତ୍ତରେ ତାଙ୍କ ପରି ଅନେକ ସଂସାରୀ ମଣିଷ ନିଦରେ ଶୋଇ ଶୋଇ ଧନୀ ହେବାର ସୁଖୀ ହେବାର, ନିରୋଗ ରହିବାର, ଅଧିକ ଦିନ ପରମାୟୁ ବଞ୍ଚିବାର ନିଜ ପିଲାଛୁଆ ସଂସାର ସୁଖରେ ଥାଆନ୍ତୁ ବୋଲି ସ୍ୱପ୍ନ ଦେଖୁଥିବାବେଳେ ସେ କାହିଁକି ନିଜ ମନ ଓ ଶରୀରକୁ କଷ୍ଟ ଦେଇ ଚେଇଁ ରହିଛନ୍ତି ? ଚେଇଁ ଚେଇଁ ଅର୍ଥପୂର୍ଣ୍ଣ ଅବା ନିରର୍ଥକ ଭାବନାଗୁଡ଼ାଏ ମୁଣ୍ଡରେ ପୂରାଇ ଘାଣ୍ଟି ଚକଟି ହେଉଛନ୍ତି ? କାହିଁକି କ'ଣ ପାଇଁ ? କେଉଁ ସୁଖ ଅବା ନିର୍ବାଣ ଆଶାରେ ?

ଏଭଳି ପ୍ରଶ୍ନର ଉତ୍ତର ସେ ପାଇନାହାନ୍ତି ଏଯାଏ। ସେ ଭଲ ଭାବରେ ଜାଣନ୍ତି, ଅବଶିଷ୍ଟ ଜୀବନ ପାର୍ଯ୍ୟନ୍ତ ସେ ପାଇବେ ନାହିଁ ଏ ପ୍ରଶ୍ନର ଉତ୍ତର।

ହୁଏତ ସେ ନିଜ ମନକୁ ବୁଝାଇ ଦେଇଛନ୍ତି ଯେ ତାଙ୍କ ଜାଣତରେ ଅବା ଅଜାଣତରେ ଗୋଟିଏ ଅଦୃଶ୍ୟ ଶକ୍ତି ତାଙ୍କୁ ପରିଚାଳିତ କରୁଛି ଏବଂ ସେଥିରୁ ଅବ୍ୟକ୍ତ, ଅଦୃଶ୍ୟ ଏମିତି କିଛି ତାଙ୍କୁ ମିଳୁଛି, ଯେଉଁଥିପାଇଁ ଜୀବନର ଅନେକ ଦୁଃଖ ଓ ଯନ୍ତ୍ରଣା, କ୍ଲେଶ ଓ ଯାତନା, ଅଭାବବୋଧ ଓ ହାହାକାରକୁ ବରଦାସ୍ତ କରି, ଅନେକଙ୍କ ପାଇଁ ନିଜ ଝାଳ ରକ୍ତକୁ ଏକାକାର କରି କିଛି ନଗଣ୍ୟ ଅବା ମହାନ୍ କାମରେ ହାତ ଦେଇଛନ୍ତି, ତାକୁ ଭୋଗୁଛନ୍ତି, ଲେଖୁଛନ୍ତି। ତାହା କବିତା ହୋଇପାରେ ଅବା ହୋଇପାରେ ଅନ୍ୟ କିଛି। ତଥାପି ଲେଖୁଛନ୍ତି ଏବଂ ଲେଖୁଥିବେ ଅବଶିଷ୍ଟ ଆୟୁଷ ଯାଏ !

ସୁନୟନା ଯେତେ ମୁହଁ ଛିଞ୍ଚାଡ଼ନ୍ତୁ, ଝିଅ ଯେତେ ଉଦାସୀନ ରହୁ, ପୁଅ ଯେତେ ବେଖାତିର କରୁ, ସାଙ୍ଗସାଥୀ, ବନ୍ଧୁ ପରିଜନ, ସହକର୍ମୀମାନେ ଯେତେ ଅସହଯୋଗ ଏବଂ ଥଟ୍ଟା ପରିହାସ କରନ୍ତୁ, ଇର୍ଷା କରନ୍ତୁ, ତାଙ୍କୁ ଜୀବନ ରାସ୍ତାରେ ପଛରେ ପକାଇ ଯିଏ ଯେତେ ଆଗକୁ ମାଡ଼ିଯାଉ, ତାଙ୍କର ପରବାୟ ନାହିଁ।

ସେ କବିତା ଲେଖୁଛନ୍ତି, ଲେଖିବେ। ନ ଲେଖିଲେ ହୁଏ ତ ସେ ମରିଯିବେନି। ବଞ୍ଚିବେ। କିନ୍ତୁ ସେ ବଞ୍ଚିବାରେ ଜୀବନ ଥିବ, ନଥିବ କିନ୍ତୁ ମହକ !

ମହକ ନଥିବା ଜୀବନ କି ଜୀବନରେ ଗଣା !

ବାଙ୍କ ବୁଲାଣିରେ ଆସୁଥିବା ଗୋଟେ ମଟର ଗାଡ଼ିର ଉଜ୍ଜ୍ୱଳ ଆଲୁଅ ଆସି ସତ୍ୟବ୍ରତଙ୍କ ଆଖିରେ ପଡ଼ିବାରୁ ଭାବନା ରାଜ୍ୟରୁ ଫେରି ଆସିଲେ ସେ। ରାତି ବହୁତ ବଢ଼ିଗଲାଣି। ଦଶମୀ ତିଥିର ଜହ୍ନ ଦିଗ୍‌ବଳୟ କୋଳରୁ ଉଚ୍ଛନ୍ନ ହେଲାଣି ନିଜ ଘରକୁ ବାହୁଡ଼ିବାକୁ। ଆଉ ଟିକକ ପରେ ଅସ୍ତ ହେବକାକୁ ବସିଥିବା ଜହ୍ନକୁ ଚାହିଁଲେ ସେ। ଭାରି ଥମ୍‌ଥମ୍ କାନ୍ଦୁରା ଦିଶିଲା ତାଙ୍କୁ ଜହ୍ନର ମୁହଁ।

ସବୁ ବିଦାୟର ବେଳା ବୋଧହୁଏ ଦୁଃଖଦ। ଶୋକମୟ। କିଛି ସମୟ ଆଗରୁ ବେଶ ହସନ୍ତ ଦେଖାଯାଉଥିବା ଏବେର ଜହ୍ନର କାନ୍ଦୁରା ମୁହଁ ତାଙ୍କ ମନରେ ଭରି ଦେଉଥିଲା ରାଶି ରାଶି ଦୁଃଖ। କଲଭର୍ଟ ଉପରୁ ଉଠୁ ଉଠୁ ସତ୍ୟବ୍ରତ ନିଜ ମନକୁ ସାନ୍ତ୍ୱନା ଦେଲେ –

"ହସ ଓ କାନ୍ଦ ପରି ଆଗମନ ଆଉ ପ୍ରସ୍ଥାନ ଏ ସଂସାରର ନିୟମ। ଏଥିରେ ଏତେ ବିବ୍ରତ, ଏତେ ହତୋତ୍ସାହ, ଏତେ ବିଚଳିତ ହେବାର କଣ ଅଛି ? କ'ଣ ମାନେ ତାକୁ ଝୁରି ହୋଇ ଲୁହ ଝରାଇବା ?

ଜୀବନକୁ ଛାଡ଼ି ଦିଆଯାଉ ନା ତା' ବାଟରେ। ତାକୁ ଗୋଟିଏ ସ୍ଥାନରେ ଧରି ରଖିବା ଅବା ତାର ଗତିରୋଧ କରିବାର ଅପଚେଷ୍ଟା କରିବା ମୂର୍ଖାମୀ ନୁହେଁ କି !

**: ସାତ :**

ବୁଧବାର। ଅତିକ୍ରାନ୍ତ ସଂଧ୍ୟା। ଓ.ଟିଭିରୁ ଓଡ଼ିଆ ଖବର ଦେଖୁଥିଲେ ବସି ସୁନୟନା।ଅଫିସରୁ ଫେରି, ନିତ୍ୟକର୍ମ ସାରି ସତ୍ୟବ୍ରତ ଥିଲେ ତାଙ୍କ ପଢ଼ାଘରେ।

କଲିଂବେଲ୍ ବାଜିଲା। ଅସମୟରେ କିଏ ? ପାଖ କ୍ୱାର୍ଟରର ନନ୍ଦବାବୁଙ୍କ ମିସେସ୍ ତାଙ୍କ ଘରକୁ ଏଇ ସମୟରେ ଆସନ୍ତି ବେଳେବେଳେ। କଲୋନୀ ଭିତରେ ସୁନୟନା ଓ ସେ ସାଂଧ ଭ୍ରମଣ କରନ୍ତି ଅଧିକାଂଶ ବେଳେ।

କବାଟ ଖୋଲିଲେ ସୁନୟନା। ଦ୍ୱାରବନ୍ଧ ସେ ପାଖରେ ହସହସ ମୁହଁରେ ଠିଆ ହୋଇଥିଲା ବ୍ରଜକିଶୋର। ତାଙ୍କୁ ଘର ଭିତରକୁ ପାଛୋଟି ନେଲେ ସୁନୟନା, ଯଥାମାନ୍ୟ ଜଣାଇ ସାରିବା ପରେ।

: ସତ୍ୟ ଫେରିନାହିଁ କି ଅଫିସରୁ ? – ପଚାରିଲା ବ୍ରଜକିଶୋର।

: ସେପାଖ ଘରେ ଅଛନ୍ତି। ଆପଣ ବସନ୍ତୁ, ମୁଁ ଡାକି ଦେଉଛି। – କହି ସୁନୟନା ଭିତରକୁ ଗଲେ।

ସେପାଖ ଘରକୁ ଯାଇ ସୁନୟନା ଚାପଚା କଣ୍ଠରେ ଆକଟ କରି ସତ୍ୟବ୍ରତଙ୍କୁ କହିଲେ; ତମ ବନ୍ଧୁ ଆସିଛନ୍ତି, ଯାଅ ସେ ଘରକୁ। ଗତଥର ଭଳି ଟିଙ୍ଗିଶୁଳିଆ କଥାବାର୍ତ୍ତା କରିବନି ତାଙ୍କ ସହିତ। ଭଦ୍ରଲୋକ କିଛି କାମରେ ବୋଧହୁଏ ଆସିଛନ୍ତି ....

: ଯେ ଲୋକଟା ଶଳା ଏତେ ଥର କାହିଁକି ଆସୁଛି ମୋ ଘରକୁ ! ଏପରି ଲୋକଙ୍କ ସହ ସମ୍ପର୍କ ରଖିଲେ ଦିନେ ନା ଦିନେ ବିପଦରେ ପଡ଼ି ହିଁ ପଡ଼ିବ। ଏଠିକି ଆସି ମୋତେ ତାନା ମାରିବା ବ୍ୟତୀତ ତା'ର ଆଉ କାମ କ'ଣ ? ଅନୁଚ୍ଚ ସ୍ୱରରେ କହିଲେ ସତ୍ୟବ୍ରତ।

: ତମେ ଏକୁଟିଆ କାମିକା ଲୋକ, ଆଉମାନେ ସମସ୍ତେ ନିଷ୍କର୍ମା। କେତେ ବଡ଼ ଲୋକ ସିଏ। ବ୍ୟସ୍ତତା ଭିତରେ କଣ ପାଇଁ ଆମ ଘରକୁ ଆସିଛନ୍ତି, ସେ କଥା ନ ପଚାରି ତମେ ଯାଉ ସ୍ୟାଉ କହୁଛ !"

ବଡ଼ ଲୋକ ! ପତ୍ନୀଙ୍କ କଥା ଶୁଣି ମନେମନେ ଆମୋଦିତ ହେଲେ ସତ୍ୟବ୍ରତ। ସୁନୟନାଙ୍କୁ ଦୋଷ ଦେଇ ଲାଭ କ'ଣ ? ଆମ ସାଧାରଣ ଲୋକମାନଙ୍କର ଗୋଟେ ଧାରଣା ବଳବତ୍ତର ଯେ, ଯାହା ପାଖରେ ଯେତେ ଅଧିକ ଧନସମ୍ପତ୍ତି, ସେ ବଡ଼ଲୋକ। ତେଣିକି ସେ ସେହି ଧନକୁ ଚୋରି କରି କିମ୍ବା ଅନ୍ୟର ତଣ୍ଟିକାଟି ଉପାର୍ଜନ କରିଥାଉ, ସେଥିକୁ ନଥାଏ କାହାର ନଜର। ତା' ପାଖରେ ଧନ ସମ୍ପତ୍ତି ଅଛି ମାନେ ସବୁ ଅଛି। ମାନସମ୍ମାନ ପ୍ରତିପତ୍ତି ସବୁ ଅଛି। ସେ ସମାଜରେ ମାନ୍ୟଗଣ୍ୟ ବ୍ୟକ୍ତି। ତା' ଆଗରେ ପଛରେ ପିମ୍ପୁଡ଼ି ପରି ଲୋକ ହାଉଜାଉ !

ହଁ ମ ! କେତେବଡ଼ ଲୋକ ସିଏ। ମୁଁ ତାକୁ ପୁଣି ଅସମ୍ମାନ କରିବି। ମୋ ମୁଣ୍ଡ ଖରାପ ନା କ'ଣ !ସତ୍ୟବ୍ରତ କହିଲେ ଏବଂ ଡ୍ରଇଂରୁମ୍‌କୁ ଆସିଲେ।

: କ'ଣ ବନ୍ଧୁ ! ଗତଥର ତ ମୋତେ ଏକ ରକମ ଗେଟ୍ ଆଉଟ୍ କରିଦେଇଥିଲୁ। ଏଥର ସେପରି କରିବୁନି ତ ! ଚିରାଚରିତ ହସ ହସି କହିଲା ବ୍ରଜକିଶୋର।

ଆଗ ଅପେକ୍ଷା ବ୍ରଜକିଶୋର ଅଧିକ ମୋଟା, ଆହୁରି ଗୋରା ହୋଇଯାଇଛି। ଗୋଲାପୀ ସେଓ ପରି ଦେଖାଯାଉଛି ତା' ମୁହଁ। ଜୁଳୁଜୁଳୁ ଦୁଇଟି ଗଭୀର ଆଖି। ଆଲୁଅରେ ଚକ୍‌ଚକ୍ ଦେଖାଯାଉଛି ତା ଚନ୍ଦାମୁଣ୍ଡ। ଆଖିରେ ଗୋଲଡେନ୍ ଫ୍ରେମର ମୋଟା ଦାମୀ ଚଷମା। ଦୁଇହାତ ଆଙ୍ଗୁଠିରେ ଗଣ୍ଡାଏ ଛ'ଟା

ସୁନାମୁଦି। ଡାହାଣ ହାତ ବଳାରେ ସୁନାର ମୋଟା ବ୍ରେସଲେଟ୍। ବେକରେ କାଣି ଆଙ୍ଗୁଠି ମୋଟର ସୁନାଚେନ୍। ତା' ଦାମୀ ଧଳା ରଙ୍ଗର ଅଡ଼ିକାର ପାର୍କ ହୋଇଥିଲା ତାଙ୍କ କ୍ୱାର୍ଟର ଗେଟ୍ ସାମନାରେ।

: ଗତ ଥର ପରି ଆଜି ବି ତୁ' ମତେ ଶସ୍ତା ଜୀବନ ଦର୍ଶନ ପଢ଼ାଇବୁନି ତ ! – ଏଇ କଥା ପଦକ କହିଲେ ନାଇଁ ସତ୍ୟବ୍ରତ। କହିଲେ: କୁହ ବନ୍ଧୁ, କୁଆଡ଼େ ଆସିଲ ଏତେ ଦିନ ପରେ ? ଏତେବଡ଼ ଲୋକଙ୍କର କି କାମ ପଡ଼ିଲା ଆମପରି ଦୀନହୀନ ଅକିଞ୍ଚନ ମଣିଷ ପାଖରେ ?

ବ୍ରଜ କିଶୋର ହସିଲା ଅମାୟିକ ହସ। ହସି ହସି କହିଲା – "ଆରେ ଆରେ, ଆମ ସମ୍ବୋଧନ ଯା' ଭିତରେ 'ତୁ'ରୁ 'ତୁମେ'କୁ ଉନ୍ନୀତ ହୋଇଗଲାଣି। ଭଲ ଭଲ ! ବନ୍ଧୁ, ତୁମେ ଅକିଞ୍ଚନ ଦୀନହୀନ ହେବ କାହିଁକି ? ତୁମ ଶତ୍ରୁ ତ ଏକଥା କହିବାକୁ ସାହସ କରିବେ ନାହିଁ। ତୁମେ ଜଣେ ମାନ୍ୟଗଣ୍ୟ କବି। କେବଳ ଏଇ ସହରରେ ନୁହେଁ, ସାରା ରାଜ୍ୟରେ ତୁମ ନାଁ ଡାକ। ତୁମ ପାଇଁ ମୁଁ ସବୁବେଳେ ଗର୍ବ ଅନୁଭବ କରେ ଯେ ଏତେ ମହାନ୍ ସ୍ରଷ୍ଟା ଜଣକ ହେଉଛନ୍ତି ମୋର ବନ୍ଧୁ। ସେଇ ବନ୍ଧୁଙ୍କୁ ଏମିତି ଟିକେ ଦେଖା କରିବାକୁ ଚାଲି ଆସିବାଟା କ'ଣ ଅପ୍ରାଧ ହୋଇଗଲା ମୋ ପକ୍ଷରେ !

ସେ ପାଖ ଘରୁ ସୁନୟନା ଖଣ୍ଡିକାଶ ମାରି ସତ୍ୟବ୍ରତଙ୍କୁ ସତର୍କ କରାଇଦେଲେ ଯେ ସେ ଯେପରି ଓଲଟ ପାଲଟ କଥାବାର୍ତ୍ତା ନକରନ୍ତି ଅଭ୍ୟାଗତଙ୍କର ସହ !

ସତ୍ୟବ୍ରତଙ୍କୁ ଲାଗୁଥିଲା ଯେ ବ୍ରଜକିଶୋରର ଏପରି ଚଞ୍ଚକତାପୂର୍ଣ୍ଣ କଥାରେ ଆନ୍ତରିକତାର ସାମାନ୍ୟତମ ବାସ୍ନା ନାହିଁ। ବରଂ ସେଥିରୁ ଆସୁଛି ପରିହାସର ଦୁର୍ଗନ୍ଧ। ତାଙ୍କ ଅନ୍ତରାତ୍ମା ଆଦୌ ପ୍ରସ୍ତୁତ ନଥିଲା ବ୍ରଜକିଶୋର ପରି ଜଣେ ସ୍ୱାର୍ଥପର, ସୁବିଧାବାଦୀ ଲୋକ ସହିତ ଅଧିକ ସମୟ କଥାବାର୍ତ୍ତା କରିବା ପାଇଁ। ଅସନ୍ତୋଷର ଛବି ଉଙ୍କି ମାରୁଥିଲା ତାଙ୍କ ମୁହଁରେ। ସେ ନିଜକୁ ଯଥାସମ୍ଭବ ସଂଯମରେ ରଖି କହିଲେ – "ତୁମେ ଆସିଲ ଅପ୍ରାଧ ହେବ କାହିଁକି। ଚା' ଜଳଖିଆ ଖାଅ, ମୋ ପାଖରେ କି କାମ ଥିଲା କୁହ...

: ଫେର୍ ସେଇ କଥା ! କାମ ଥିଲେ ଜଣେ ଆସିବ, ନହେଲେ ନାଇଁ ! ଏତେ ସ୍ୱାର୍ଥପର, ଏତେ ସଙ୍କୁଚିତ ଦୁନିଆରେ ମୁଁ ବାସ କରେ ନାହିଁ ବନ୍ଧୁ ! ମୋ ଦୁନିଆ ବଡ଼ ବିସ୍ତୃତ ଓ ବ୍ୟାପକ।" – ଚା' କପ୍‌କୁ ଓଠ ପାଖକୁ ନେଉ ନେଉ କହିଲା ବ୍ରଜକିଶୋର।

: ତଥାପି କିଛି ଗୋଟାଏ କାମ ଥିବ ବୋଲି ତ ତମପରି ବ୍ୟସ୍ତ, ବିଶିଷ୍ଟ ବ୍ୟକ୍ତି ଆସିଲେ ଆମ ଘରକୁ, ସଂଜବେଳଟାରେ ! – ପଚାରିଲେ ସତ୍ୟବ୍ରତ।

: ସବୁଥର ପରି ଏଥର ବି କୌଣସି କାମରେ ଆସିନାହିଁ ମୁଁ। ହଁ, ଏଥର ଗୋଟେ ସମ୍ବାଦ ଆଣି ଆସିଛି ମୁଁ। ସମ୍ବାଦଟା ତୁମକୁ ଏକା ଦେବି ନାହିଁ। ଭାଉଜଙ୍କୁ ବି ଡାକ। ଦୁଇଜଣଙ୍କ ଉପସ୍ଥିତିରେ କହିବି ସେଇ ସମ୍ବାଦଟି ବିଷୟରେ ...

ସୁନୟନା ଆସି ବସିଲେ ପାଖ ସୋଫାରେ।

ସଫାରୀର ଉପର ପକେଟରୁ ଧଳା ଖାମ୍‌ଟିଏ ବାହାର କଲା ବ୍ରଜକିଶୋର ଏବଂ ହସହସ ମୁହଁରେ ବଢ଼ାଇଦେଲା ସତ୍ୟବ୍ରତ ଆଡକୁ।

ଆଶ୍ଚର୍ଯ୍ୟ ମୁଦ୍ରାରେ ଖାମ୍‌ଟିକୁ ଖୋଲି ତା' ଭିତରର ଚିଠିଟି ପଢ଼ି ସାରିବା ବେଳକୁ ସତ୍ୟବ୍ରତଙ୍କ ମୁହଁର ଭାବଭଙ୍ଗୀ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଲାଲ୍ ପଡ଼ି ଯାଇଥିଲା ତାଙ୍କର ସର୍ବାଙ୍ଗ। ଖାମ୍‌ଟିକୁ ବ୍ରଜକିଶୋର ଆଡ଼କୁ ଏକରକମ ଫୋପାଡ଼ି ଦେଇ ସେ ଉଠି ଚାଲିଗଲେ ଡ୍ରଇଁରୁମ୍‌ରୁ।

କାବା ହୋଇଗଲେ ସୁନୟନା।

ସତ୍ୟବ୍ରତଙ୍କର ଏପରି ଆଚରଣରେ ଯେ କେହି ଲଜ୍ଜିତ ଆଉ ଅପମାନିତ ହେବା କଥା। କ୍ରୋଧିତ ହୋଇଯିବା କଥା। ଅଥଚ ବ୍ରଜକିଶୋର କିନ୍ତୁ ହସୁଥିଲା ଚିରାଚରିତ ହସ। ହସିହସି ସେ ସୁନୟନାଙ୍କୁ କହିଲା –

"ଭାଉଜ, ସତ୍ୟ ଆମର ଆସି ବୁଢ଼ାଟିଏ ହେବାକୁ ବସିଲାଣି, ତା'ର ସେଇ ଚିଙ୍ଗିଶୁଳିଆ ଖୋଇଟା ଗଲାନି। ଯାହା ଥିଲା ତିରିଶ ବତିଶ ବର୍ଷ ତଳେ, ଆଜି ବି ସେମିତି। ସବୁବେଳେ ନାକ ଉପରେ ରାଗ। ସମୟ ସମସ୍ତଙ୍କୁ ପରିବର୍ତ୍ତନ କରିଦେଲା, ହେଲେ ଆମ କବି ବାବୁଙ୍କୁ ପାରିଲାନି...

ମୁହଁ ଶୁଖିଗଲା ସୁନୟନାଙ୍କର। ଧୀର ସ୍ୱରରେ ସେ ପଚାରିଲେ – "କ'ଣ ଅଛି ସେଇ ଚିଠି ଭିତରେ ଆଜ୍ଞା ?

ବ୍ରଜକିଶୋର ସିଧା ହୋଇ ବସିଲା ସୋଫା ଉପରେ ଏବଂ ଟିକେ ଗଳା ସଫା କରି କହିଲା – "କଥା କ'ଣ କି ଭାଉଜ, ମୋର "ପ୍ରତିଭା" ନାମକ ଏକ ସାହିତ୍ୟ ସଂସ୍କୃତି ଅନୁଷ୍ଠାନ ଅଛି। ଯାହାକି ମୋ ପତ୍ନୀଙ୍କ ନାମରେ ଗଢ଼ାଯାଇଛି। ମାତ୍ର ଏକବର୍ଷ ହେବ ପ୍ରତିଷ୍ଠା କରାଯାଇଥିବା ଏଇ ଅନୁଷ୍ଠାନ ଓଡ଼ିଆ ସାହିତ୍ୟର ବିକାଶ, ପ୍ରଚାର ଓ ପ୍ରସାର ପାଇଁ ଅନେକ ଯୋଜନାମାନ ହାତକୁ ନେଇ ବର୍ଷସାରା ରାଜ୍ୟର ବିଭିନ୍ନ ସହରରେ ଅନେକ ବୁଦ୍ଧିଜୀବୀ, ସାହିତ୍ୟିକମାନଙ୍କୁ ନେଇ ସଭା ସମିତିମାନ କରି ଆସୁଛି। ଆସନ୍ତା ରଜ ସଂକ୍ରାନ୍ତିକୁ ବର୍ଷେ ପୂରିବ ଅନୁଷ୍ଠାନକୁ। ଅନୁଷ୍ଠାନର ପ୍ରଥମ ସ୍ୱ-ନକ୍ଷତ୍ର ଦିବସରେ ଜଣେ ପ୍ରତିଷ୍ଠିତ ସାହିତ୍ୟିକଙ୍କୁ ପ୍ରଥମ 'ପ୍ରତିଭା' ସମ୍ମାନରେ ଭୂଷିତ କରାଯିବ। ପ୍ରତିଦାନ ସ୍ୱରୂପ ପାଞ୍ଚଲକ୍ଷ ଟଙ୍କାର ଧନରାଶି ସହିତ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ଏକ ରୌପ୍ୟମୂର୍ତ୍ତି, ଉତ୍ତରୀୟ ଏବଂ ମାନପତ୍ର ପ୍ରଦାନ କରାଯିବ ...

"ଏ ବର୍ଷ ଆମ କମିଟିର ସର୍ବସମ୍ମତି କ୍ରମେ ପ୍ରଥମ ପ୍ରତିଭା ସମ୍ମାନ ସତ୍ୟବ୍ରତକୁ ଦିଆଯିବାର ନିଷ୍ପତ୍ତି ନିଆଯାଇଛି। ସମସ୍ତେ ଏକ ସ୍ୱରରେ ସ୍ୱୀକାର କରିଛନ୍ତି ଯେ, ସତ୍ୟବ୍ରତ ପଟ୍ଟନାୟକ ହିଁ ଯୋଗ୍ୟତମ ବ୍ୟକ୍ତି ଯାହାଙ୍କ ମୁଣ୍ଡରେ ପ୍ରଥମ 'ପ୍ରତିଭା' ମୁକୁଟ ଶୋଭା ପାଇବ।"

"ଏ ସମ୍ବାଦ ପୁରସ୍କାର ପ୍ରାପକଙ୍କୁ ଚିଠି କିମ୍ବା ଟେଲିଫୋନ୍ ମାଧ୍ୟମରେ ଜଣାଇବାର ପ୍ରାବଧାନ ଥିବା ସତ୍ତ୍ୱେ ମୋର ଘନିଷ୍ଠ ବନ୍ଧୁଙ୍କୁ ଏ ଖବର ଦେବା ପାଇଁ ମୁଁ ନିଜେ ଗୋଟାଏ ଆବେଗରେ ଆଗଭର ହୋଇ ଚାଲି ଆସିଥିଲି। ହେଲେ ସତ୍ୟର ମତିଗତି ତ ଆପଣ ନିଜ ଆଖିରେ ଦେଖିଲେ। ତା'ଠାରୁ ସମ୍ମତି ପାଇବା ପରେ ହିଁ ଖବରଟି ପ୍ରେସ୍ ରିଲିଜ୍ ହେବ। ଯା'ର ହାବଭାବ ଦେଖି ମୁଁ ଏବେ କ'ଣ କରିବି ଚିନ୍ତା କରିପାରୁନାହିଁ...।"

ସୁନୟନାଙ୍କ ବାକ୍ ଶକ୍ତି ଲୋପ ପାଇ ଯାଇଥିଲା। ଚିଠିଟି ପଢ଼ି ସେ ନିଜ ଆଖିକୁ ବିଶ୍ୱାସ କରିପାରୁନଥିଲେ ଯେ ପାଞ୍ଚଲକ୍ଷ ଟଙ୍କା ଗୋଟେ ବେସରକାରୀ ଅନୁଷ୍ଠାନର ସାହିତ୍ୟ ପୁରସ୍କାର ହୋଇପାରେ ବୋଲି ! ସେ ଅଭିଭୂତ ହୋଇପଡ଼ିଲେ। ଅତ୍ୟନ୍ତ ବିନୀତ ତଥା ଦୁଃଖିତ ସ୍ୱରରେ କହିଲେ –

"ଆଜ୍ଞା, ଆପଣ ତ ମୋ ଆଗରୁ ତାଙ୍କୁ ଜାଣିଛନ୍ତି, ସେ କେଉଁ ପ୍ରକାର ମଣିଷ। ଭାରି ଏକବାଗିଆ। ଯାହା ବୁଝିଥିବେ ସେୟା। ତାଙ୍କର ଏପରି ଆଚରଣ ପାଇଁ ମୁଁ ଦୁଃଖ ପ୍ରକାଶ କରୁଛି। ଆପଣ ଚିଠିଟିକୁ ମତେ ଦେଇ ନିଶ୍ଚିନ୍ତ ମନରେ ଯାଆନ୍ତୁ। କାର୍ଯ୍ୟକ୍ରମର ଆୟୋଜନ କରନ୍ତୁ। ମୁଁ ତାଙ୍କୁ ବୁଝାଇ ଦେବି। ମୁଁ ଆପଣଙ୍କୁ ଭରସା ଦେଉଛି ସେ ନିଶ୍ଚୟ ନିର୍ଦ୍ଧାରିତ ଦିନ, ନିର୍ଦ୍ଧାରିତ ସଭାରେ ଉପସ୍ଥିତ ରହି ସମ୍ମାନ ଗ୍ରହଣ କରିବେ...।

ମୁହଁରେ ପୁଳାଏ ନିର୍ମଳ ହସ ଖେଳାଇ ବ୍ରଜକିଶୋର କହିଲା – "କେବଳ ସତ୍ୟବ୍ରତ ଉପସ୍ଥିତ ରହିଲେ ହେବନି ଭାଉଜ, ଆପଣ ଓ ପିଲାମାନେ ଉପସ୍ଥିତ ରହିବେ ବୋଲି ଜବାବ ପାଇଲେ ମୁଁ ଏଠାରୁ ଉଠିବି, ନହେଲେ ନାଇଁ ...

ବ୍ରଜକିଶୋର ଆତ୍ମୀୟତାରେ ବିଗଳିତ ହୋଇଗଲେ ସୁନୟନା। ସେ ବି ସେହିପରି ବିମଳ ହସଟିଏ ହସି କହିଲେ – "ଆପଣ ଯାହା ଚାହୁଁଛନ୍ତି, ତାହା ନିଶ୍ଚୟ ହେବ।

ଥୋଡ଼େ ଆତ୍ମ ସନ୍ତୋଷକୁ ସାଙ୍ଗରେ ଧରି ହସହସ ମୁହଁରେ ଉଠିଲା ବ୍ରଜ କିଶୋର। ତାଙ୍କ ଉଦ୍ଦେଶ୍ୟରେ ହାତ ଯୋଡ଼ିଲେ ସୁନୟନା।

**: ଆଠ :**

"କେଉଁ ଭଦ୍ରଲୋକଙ୍କ ସହ ଏପରି କଥାବାର୍ତ୍ତା କରାଯାଏ ! ବୁଢ଼ାଟିଏ ହେଲଣି ଆସି, କାହା ସହ କିପରି ବ୍ୟବହାର କରାଯାଏ, ଆଜିଯାଏ ଜାଣି ପାରିଲନି । କି କବି ହେଇଛ ?

ଢ଼େରି ରାତିଯାଏ କୁଆଡେ ବୁଲାବୁଲି କରି ଘରକୁ ଫେରିବା ପରେ ସତ୍ୟବ୍ରତଙ୍କୁ ପଚାରିଲେ ସୁନୟନା, ଖୁବ୍ ଶାଣିତ ସ୍ୱରରେ ।

ନିରବ ଥିଲେ ସତ୍ୟବ୍ରତ । ଚିନ୍ତିତ ବି ।

: ଏଡେ ଏଡେ ମୋଟା ବହିଟି ମାନ ପଢୁଛ । ବାରଆଡେ ବୁଲିବୁଲି ସଭାସମିତି ମାନଙ୍କରେ ସାରଗର୍ଭକ ଭାଷଣ ଦେଉଛ !ଏତେ ଦରଦୀ, ଜ୍ଞଗର୍ଭକ କବିତାମାନ ଲେଖି ପୃଥିବୀକୁ ଚମକୃତ କରୁଛ । ହେଲେ ଘରକୁ ଆସିଥିବା ଭଦ୍ରଲୋକଙ୍କର କିପରି କଥାବାର୍ତ୍ତା କରାଯାଏ, ଆଜିଯାଏ ଶିଖି ପାରିଲନି ! ଧନ୍ୟ କହିବ ତୁମକୁ ! ତୁମ କବି ପଣିଆକୁ !"

'ଭଦ୍ରଲୋକ କିଏ ?' -ଅନେକ ସମୟଯାଏ ଚୁପ୍‌ଚାପ୍ ବସି ସୁନୟନାଙ୍କ ବାକ୍ୟବାଣକୁ ହଜମ କରୁଥିବା ସତ୍ୟବ୍ରତ ମୁହଁଖୋଲିଲେ – "ବ୍ରଜକିଶୋର ପରି ଜଣେ ଟାଉଟରକୁ ତମେ ଭଦ୍ରଲୋକ ବୋଲି କହୁଛ ! ତାକୁ ଯଦି ଭଦ୍ରଲୋକ ବୋଲି କୁହାଯିବ, ତେବେ ଅଭଦ୍ରମାନେ ଯିବେ କୁଆଡେ ? ଲୋକଟା କେବଳ ଅଭଦ୍ର ନୁହେଁ, ଅର୍ଥଲୋଭୀ ପାଷାଣ୍ଡଟା । ଅନ୍ୟର ତଣ୍ଟି ଚିପି ନିଜର ତହବିଲ ମୋଟା କରୁଥିବା ଅମଣିଷଟାଏ ସେ । ସେସବୁ ଖବର ମୋ ପାଖରେ ଅଛି । ଦୂର ପର୍ବତ ସୁନ୍ଦର ଦେଖାଯିବା ପରି ତୁମକୁ ସେ ଭଦ୍ର ଓ ଅମାୟିକ ଲାଗୁଛି । ତମେ ତା'ର ଅସଲ ଚେହେରା ଦେଖିନା ! ମଣିଷକୁ ଚିହ୍ନ ସୁନୟନା ।"

"ଥାଉ ଥାଉ, ମୋତେ ଆଉ ମଣିଷ ଚିହ୍ନାଅନା । ବାହାଘରର ବତିଶ ବର୍ଷ ଭିତରେ ମୁଁ ବେଶ ଭଲ ଭାବରେ ଜାଣିଛି କିଏ କେଉଁ ପ୍ରକାରର ମଣିଷ । ଆଇନାରେ ଟିକେ ନିଜ ମୁହଁକୁ ଦେଖ । ଏତେ ଅହଙ୍କାର ଜମା ଭଲ ନୁହେଁ । କଣ ଦି'ଧାଡ଼ି ଇଆଡୁ ସିଆଡୁ ଗାରେଇ ପକାଉଛ ବୋଲି ମଣିଷମାନେ ତୁମକୁ ମଣିଷ ପରି ଦେଖାଯାଉନାହାନ୍ତି ....

ସୁନୟନା ବାସ୍ତବିକ ରାଗିଯାଇଥିଲେ । ଅତ୍ୟଧିକ ରାଗିଗଲେ ତାଙ୍କ ମୁହଁର ରଙ୍ଗ ବଦଳିଯାଏ । ସହଜେ ତ ଉଚ୍ଚ ରକ୍ତଚାପଧାରୀ ମଣିଷ ସିଏ । ଏଇ କିଛିମାସ ହେବ ଆର୍ଥରାଇଟିସ୍ ଓ ମଧୁମେହ ବି ବାହାରିଛି ତାଙ୍କର ।

ସତ୍ୟବ୍ରତ ତାଙ୍କୁ ଅନେକବାର ବୁଝାଇଲେଣି ସାମାନ୍ୟ ସାମାନ୍ୟ କଥାରେ ଆଦୌ ଉତ୍କ୍ଷିପ୍ତ ନ ହେବା ପାଇଁ । ତରବରରେ କୌଣସି କାମ ନ କରିବା ପାଇଁ । କିନ୍ତୁ ତାଙ୍କ କଥାକୁ ଏକାନରେ ପୂରାଇ ସେ କାନରେ ବାହାର କରିଦେଉଛନ୍ତି ସୁନୟନା । ସେ ଯାହା ବୁଝିଥିବେ ସେୟା । ସେ ଯଦି କହିବେ କାଉ ଧଳା, ଆଉ ଯଦି କେହି କହେ ନା ...ନା କାଉ କଳା , ତେବେ ସରିଲା କଥା । କାଉକୁ ଯେନତେନ ପ୍ରକାରେ ସେ ଧଳା କରିବାକୁ ଚେଷ୍ଟା କରିବେ ଏବଂ ଅନ୍ୟମାନଙ୍କୁ ଏକରକମ ବାଧ କରିବେ ତାଙ୍କ ସହ ଏକମତ ହେବାପାଇଁ ।

ସେଥିପାଇଁ ସତ୍ୟବ୍ରତ ତାଙ୍କ କଥାକୁ ଶୁଣି ଅଣଶୁଣା କରନ୍ତି ଏବଂ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ । ତାଙ୍କର ସେଇ ଗୁଣକୁ ଯଦି ସୁନୟନା ଗର୍ବ ଅହଙ୍କାରର ଆଖ୍ୟା ଦିଅନ୍ତି, ତେବେ ସେ ନାଚାର ।

ଦୁନିଆର ଅନେକ ମଣିଷ ଅହଙ୍କାର ଓ ସ୍ୱାଭିମାନ ଭିତରେ ଫରକ କଣ ଜାଣନ୍ତି ନାହିଁ । ସେମାନଙ୍କ ଭିତରୁ ସୁନୟନା ଅନ୍ୟତମ ।

: ବ୍ରଜ କିଶୋର ବାବୁଙ୍କ କେଉଁ ଗୁଣକୁ ତମେ ସରି ହେବ ? – ଆକ୍ରମଣାତ୍ମକ ସ୍ୱରରେ ସୁନୟନା କହିଲେ – "ତାଙ୍କର କେଉଁ ପାସାଙ୍ଗରେ ପଡ଼ିବ ! ଧନରେ ନା ଗୁଣରେ ? କେତେ ବଡ଼ ଧନୀ ଲୋକ ସିଏ ! ସାରା ସହରରେ ତାଙ୍କ ନାଁ ଡାକ । କେତେକେତେ ବଡ଼ ବଡ଼ଅନୁଷ୍ଠାନ ମାଲିକ । ଏତେ ଟିକିଏ ଗବ ଅହଙ୍କାର ଅଛି ତାଙ୍କ ଭିତରେ? ତାଙ୍କ ପରି ଭଦ୍ରଲୋକ ବନ୍ଧୁତ୍ୱ ଖାତିର୍‌ରେ ଆମରି ଉପାକର କରିବାକୁ ନିଜେ ଆସି ଆମ ଘରେ ପହଞ୍ଚିଗଲେ । ଚାହିଁଥିଲେ ତ ସେ ତାଙ୍କ ଷ୍ଟାଫଙ୍କ ଭିତରୁ କାହାକୁ ପଠାଇ ପାରିଥାନ୍ତେ । ତାଙ୍କ ବଡ଼ପଣ ଯୋଗୁ ସେ ନିଜେ ଆସିଲେ । ଚାହିଁଥିଲେ ସେ 'ପ୍ରତିଭା' ସମ୍ମାନ ଆଉ କାହାକୁ ଦେଇପାରିଥାନ୍ତେ । ରାଜ୍ୟରେ କ'ଣ କବି ଲେଖକଙ୍କର ଅଭାବ ଅଛି !"

"କେଉଁ ବିବେକରେ ତୁମେ ଚିଠିଟାକୁ ତାଙ୍କ ମୁହଁ ପରକୁ ଛାଟି ଦେଇ ଉଠି ପଳାଇଲ ? ଟିକେ ବି ସାଧାରଣ ଜ୍ଞାନ ମାଲୁମ ନାଇଁ ତୁମକୁ । ମୋର ତ ମୁହଁ ଲଜ୍ଜା ଅପମାନରେ ଜଳିଗଲା ପରି ଲାଗିଲା । ହେ ଭଗବାନ ! ଭଦ୍ରଲୋକ କ'ଣ ଭାବିଥିବେ କେଜାଣି !

କିଛି ସମୟ ନିରବ ରହିଲେ ସୁନୟନା । ବୋଧହୁଏ ନିଜ ଭିତରର କ୍ରୋଧ ଓ ଅସନ୍ତୋଷକୁ ସେ ଦମନ କରୁଥିଲେ ମନେମନେ ! ପୁଣି ଆରମ୍ଭ କଲେ –

"ହଉ, ଯାହା ହେବାର ହେଲାଣି । ଗଲା କଥା ଭାବି ଆଉ ଲାଭ କ'ଣ ? ତୁମେ ପୁରସ୍କାର ଗ୍ରହଣ କରିବ ବୋଲି ମୁଁ ତାଙ୍କୁ ଜବାବ ଦେଇଛି । ଏଇ ଚିଠିରେ ଦସ୍ତଖତ କରି କାଲି ନିଜେ ନେଇ ତାଙ୍କୁ ତାଙ୍କ ଅଫିସରେ ଦେଇ ଆସ କିମ୍ବା କାହା ହାତରେ ପଠାଇ ଦିଅ । ସେମାନେ ତାଙ୍କର ଉତ୍ସବର ଆୟୋଜନ କରିବେ....।

ସୁନୟନାଙ୍କର କଥା ଶୁଣି ଲାଲ ପଡିଗଲା ସତ୍ୟବ୍ରତଙ୍କ ମୁହଁ । ତାଙ୍କ ନିଜ ଧର୍ମପତ୍ନୀ ତାଙ୍କୁ ଚିହ୍ନି ପାରିଲେ ନାହିଁ ତିନି ଦଶନ୍ଧି ଧରି । ଅଥଚ ମାତ୍ର ଦୁଇ ତିନି ଥର ତାଙ୍କ ଘରକୁ ଆସିଥିବା ବ୍ରଜକିଶୋରକୁ ଚିହ୍ନି ପକାଇ କହୁଛନ୍ତି ଭଦ୍ରଲୋକ ବୋଲି । ତାଙ୍କ ତରଫରୁ ଜବାବ୍ ଦେଇ ଦେଇଛନ୍ତି ପୁରସ୍କାର ଗ୍ରହଣ କରିବେ ବୋଲି । ପୁଣି କହୁଛନ୍ତି ଚିଠିରେ ଦସ୍ତଖତ କରି ସେ ନିଜେ ବ୍ରଜକିଶୋରକୁ ଦେଇ ଆସିବା ପାଇଁ !!

: ଅସମ୍ଭବ । – ଦୃଢ଼ ସ୍ୱରରେ କହିଲେ ସତ୍ୟବ୍ରତ ।

: ଅସମ୍ଭବ ! କାଇଁକି ଅସମ୍ଭବ ? – ତାଙ୍କ ମୁହଁକୁ ସିଧା ଚାହିଁ ପଚାରିଲେ ସୁନୟନା – "ଏତେ ବଡ଼ ସମ୍ମାନ । ପୁଣି ପାଞ୍ଚଲକ୍ଷ ଟଙ୍କା ! ଏହାକୁ ଠୋକର ମାରିବା ପରି ଧନୀ ତୁମେ ନୁହଁ, ଏକଥା ତୁମେ ଭଲ ଭାବରେ ଜାଣିଛ । ମୁଁ ବି ଜାଣିଛି । ଏତେ ବଡ଼ ଗୋଟେ ଅନୁଷ୍ଠାନ ତୁମ କବି ପ୍ରତିଭାରେ ମୁଗ୍ଧ ହୋଇ ଏତେ ବଡ଼ ପୁରସ୍କାର ଦେଉଛନ୍ତି, ତମେ କୋଉ ବିବେକରେ ମନା କରୁଛ ? ତୁମ ମୁଣ୍ଡ ଠିକ୍ ଅଛି ତ ! ଆଚ୍ଛା ଗୋଟିଏ କଥା ତମକୁ ମୁଁ ପଚାରୁଛି, – ପାଞ୍ଚ ଲକ୍ଷ ଟଙ୍କା କେବେ ଏକକାଳୀନ ଦେଖିଛ ତୁମେ ! ହାତରେ ଧରିଛ କେବେ !

: ଦେଖିଛି । ଧରିଛି । ହେଲେ ଅଧର୍ମ ବିତ୍ତ ଫଟା ପାହୁଲାଟିଏ ବି ଏ ହାତଛୁଇଁ ନାହିଁ ଆଜିଯାଏ । କେବେ ବି ଛୁଇଁବ ନାହିଁ । – ଦୃଢ଼ ସ୍ୱରରେ କହିଲେ ସତ୍ୟବ୍ରତ ।

: ଅଧର୍ମ ବିତ୍ତ ! – ତାଚ୍ଛଲ୍ୟ କଲେ ସୁନୟନା– "ପୁରସ୍କାର ଗୁଡା ତା'ହେଲେ ସବୁ ଅଧର୍ମ ବିତ୍ତରେ ଦିଆଯାଉଛି । ସମସ୍ତେ ଅଧର୍ମ କରୁଛନ୍ତି, ତମେ ଏକା ଧର୍ମରାଜ ଯୁଧିଷ୍ଠିର ।

ସୁନୟନା ଉଠି ଚାଲିଗଲେ ରୋଷେଇ ଘରକୁ ।

ଆଶ୍ୱସ୍ତ ହେଲେ ସତ୍ୟବ୍ରତ । ଯା ହେଉ, ଆଲୋଚନାଟା ଏଇଠି ଅଟକିଗଲା । ଆଗକୁ ବଢ଼ିଥିଲେ ଆହୁରି ଅଶାନ୍ତି ସୃଷ୍ଟି ହୋଇଥାଆନ୍ତା । ମଣିଷ ରକ୍ଷା ପାଇଗଲା ହୋ .....।

ତାଙ୍କ ଭାବନାକୁ ମିଛ ପ୍ରମାଣିତ କରି ସୁନୟନା ରୋଷେଇ ଘରୁ ପାଣି ଗ୍ଲାସେ ପିଇ ଦେଇ ପୁଣି ଫେରି ଆସି ଆରମ୍ଭ କଲେ: ଏତେ ବଡ଼ ସଂସ୍ଥା, ଏତେ ବଡ଼ ଅନୁଷ୍ଠାନ । ଏତେ ବଡ଼ ଅର୍ଥରାଶି । ତାକୁ ତମେ ହାତଛଡ଼ା କରିବାକୁ ବସିଛ । କେବଳ ନିର୍ବୋଧମାନେ ଏପରି କାମ କରିଥାନ୍ତି !"

ସତ୍ୟବ୍ରତ ଜାଣିଥିଲେ, ସୁନୟନାଙ୍କ ନଜର ପୁରସ୍କାର କିମ୍ବା ସମ୍ମାନରେ ନୁହେଁ, କେବଳ ପାଞ୍ଚଲକ୍ଷ ଟଙ୍କା ଉପରେ ହିଁ । ସାରା ଜୀବନ ତ ତାଙ୍କର ସାହିତ୍ୟ

ସାଧନାକୁ ଆଡ ଆଖିରେ ଚାହିଁଲେ ନାହିଁ। ଖାତା, ବହି, କାଗଜ, କଲମ, ଫୁଲତୋଡାକୁ ଆବର୍ଜନା ଭାବି ନାକ ଟେକିଲ। ଏବେ ଟଙ୍କା କଥା ଶୁଣି ପାଟିରୁ ଲାଳ ଗଡୁଛି ବୋଧେ....।

ଅରଣା ମଇଁଷିକୁ ବୁଝାଇହେବ, କିନ୍ତୁ ଜଣେ ଅବୁଝା ଏକଜିଦିଆ ସ୍ତ୍ରୀ ଲୋକକୁ ବୁଝାଇ ହେବନି !

ସତ୍ୟବ୍ରତ ଭାବିଲେ ଏଠୁ ଉଠି ଚାଲିଗଲେ ଚାରିଆଡୁ ମଙ୍ଗଳ। ପୁଣି ଭାବିଲେ ସବୁବେଳେ ସବୁ କଥା ଓ ପରିସ୍ଥିତିକୁ ଏଡ଼ାଇ ଯିବା କିମ୍ବା ଉପେକ୍ଷା କରି ପଳାୟନ କରିବା କ'ଣ ସମସ୍ୟାର ସମାଧାନ ! ସେ କହିଲେ –

"ବ୍ରଜକିଶୋର ପରି ଜଣେ ମୁନାଫାଖୋର ମଣିଷ ଦ୍ୱାରା ପ୍ରତିଷ୍ଠିତ ସେଇ ଅନୁଷ୍ଠାନ ପଦତ୍ତ ପୁରସ୍କାରକୁ କୌଣସି ପରିସ୍ଥିତିରେ ମୁଁ ଗ୍ରହଣ କରିପାରିବିନାହିଁ। ନାନା ବେଆଇନ୍ ଧନ୍ଦାକରି କଳାଟଙ୍କାକୁ ଧଳା କରିବା ପାଇଁ ନୀଳବର୍ଣ୍ଣ ଶୃଗାଳ ହୋଇ ବାହାରିଛି ସାହିତ୍ୟ ସଂସ୍କୃତିକୁ ଉଦ୍ଧାର କରିବା ପାଇଁ। ଅନୁଷ୍ଠାନର ନାମ ପୁଣି ଦେଇଛି 'ପ୍ରତିଭା' ! ପ୍ରିତିଭାର ଅର୍ଥ କଣ ସେ ଜାଣିଛି ନା ଆଗ ! ମୋ ପାଖରେ ଖବର ଅଛି କି କି ହୀନ ଆଉ ଘୃଣ୍ୟ କାର୍ଯ୍ୟକରି ସେ ପାପର ସିଂହାସନ ଉପରେ ବସି ବାଦ୍‌ଶାହ ବୋଲାଉଛି। ଆଉ ତୁମେ ସୁନୟନା ମନେରଖ, ଦିନେ ତା'ର ଏ ସାମ୍ରାଜ୍ୟର ପତନ ହେବ ହିଁ ହେବ। ସେତିକି ବେଳେ ସାରା ସହର ଦେଖିବ ତା'ର ସାଁବାଲୁଆ ରୂପ।

ସରିନଥିଲା ସତ୍ୟବ୍ରତଙ୍କ କଥା – "ମୁଁ ଭଲ ଭାବରେ ଜାଣେ, ଏଇଟା ବ୍ରଜକିଶୋରର ଗୋଟେ ଚକ୍ରାନ୍ତ ମୋ ବିରୁଦ୍ଧରେ। ତା'ର "ପ୍ରତିଭା" ଅନୁଷ୍ଠାନ ପରି ଏ ପୁରସ୍କାର ମଧ୍ୟ ଏକ ମସ୍ତବଡ଼ ଚାଲ୍। ମୋ ସାମ୍ନାରେ ନିଜକୁ ବଡ଼ ଓ ତା' ସାମ୍‌ନାରେ ମୋତେ ନିଛ ଦେଖାଇବାର ଯେ ହେଉଛି ତାର ଏକ ସୈତାନିଆ ବୁଦ୍ଧି। ତା'ର ସେଇ ଚକ୍ରାନ୍ତର ଚକ୍ରବ୍ୟୁହ ଭିତରେ ଫସିବାକୁ ମୁଁ ଚାହେଁନା। କହି ଦେଉଛି, ମୁଁ ବଞ୍ଚି ଥାଉ ଥାଉ ପୁରସ୍କାର ନାମରେ ଏ ତିରସ୍କାରକୁ ମୁଁ କଦାପି ଗ୍ରହଣ କରିପାରିବି ନାହିଁ। ତାକୁ ଗ୍ରହଣ କରିବା ଯାହା, ଦୀର୍ଘ ପଇଁତ୍ରିଶ ବର୍ଷର ମୋର ସାରସ୍ୱତ ସାଧନା ଉପରେ କିରୋସିନି ଢ଼ାଳି ନିଆଁ ଲଗାଇ ଦେବା ତାହା ....।

କ୍ରୋଧରେ ଫାଟି ପଡ଼ିଲେ ସୁନୟନା। ଉଚ୍ଚ ସ୍ୱରରେ କହିଲେ – " ସିଏ ସଳା ଟଙ୍କାକୁ ଧଳା କରନ୍ତୁ ଅବା ଧଳାକୁ କଳା କରନ୍ତୁ, ସେଥିରେ ତୁମର ଯାଏ ଆସେ କେତେ ? ତୁମେ ଚକୁଳି ଖାଇବା ଲୋକ, ବିନ୍ଧ କାଇଁକି ଗଣୁଛ ? ତାଙ୍କର ସବୁ ଗୁଣ ଖରାପ ଆଉ ଦୁନିଆ ଯାକର ଭଲଗୁଣ ଆସି ତମରି ପାଖରେ ଠୁଳ ହେଇଚି, ନାଇଁ ! !

: ମୁଁ ସେକଥା କହିଲି କେତେବେଳେ ? ବୁଝିଲ ସୁନୟନା, ପ୍ରତିଟି କଥାରେ ମୋତେ ନୀଚ କରି ଦେଖାଇବାଟା ତୁମର ଆଦତ୍ତ ହୋଇଗଲାଣି।

: ମୁଁ ସେକଥା କହିଲି କେତେବେଳେ ? ତୁମରି ସାଙ୍ଗରେ ପାଠପଢୁଥିଲେ ସେ। କାଳେ ଅଧୁରା ପାଠ ଛାଡ଼ି ଦେଇଥିଲେ। ତମେ ବି.ଏ, ଏମ୍.ଏ ପଢ଼ି କ'ଣଟା ତାଡ଼ି ଓଲଟାଇ ପକାଇଛ ? ଏବେ ତାଙ୍କୁ ଦେଖ, ସେ କେଉଁଠି ଓ ତମେ କେଉଁଠି। ତୁମେ ମୁଣ୍ଡ ଟେକି ଆକାଶ ଆଡକୁ ଅନାଇଲେ ମଧ୍ୟ ତାଙ୍କୁ ଦେଖିପାରିବ ନାହିଁ।

"ଧନ ମାନ ସମ୍ମାନ .... ସବୁଥିରେ ପରିପୂର୍ଣ୍ଣ ମଣିଷ ଜଣେ ସେ। ତୁମେ ସାରା ଜୀବନ ଅଫିସ ଧପାଳି ଧପାଳି, ରାତିରାତି ଅନିଦ୍ରା ରହି, କବିତା ଗାରେଇ ଗାରେଇ କଣ କରିଛ କୁହ !ମାନ୍ଧତା ଅମଳର ଭେସ୍ପା ସ୍କୁଟରଠାରୁ ଉର୍ଦ୍ଧ୍ୱକୁ ଉଠିପାରିଲଣି କି ? ମାଟି ଅରାଏ ପକାଇ ପାରିଛ କି ରାଜଧାନୀରେ ! ଦଦରା ଦିବଖୁରିଆ ସରକାରୀ ଘରେ ମୁଣ୍ଡ ଗୁଞ୍ଜି ଗୁଞ୍ଜି ସରିବାକୁ ବସିଲାଣି ବାସ୍। ତାଙ୍କ ପରି ମଣିଷ ପାଖରେ ତୁମର ସ୍ଥିତି କ'ଣ, ନିଜେ କଳନା କର....।

ଏଥର ସତ୍ୟବ୍ରତ ସିଧା ଚାହିଁଲେ ସୁନୟନାଙ୍କୁ। ତାଙ୍କୁ ଓ ତାଙ୍କ ସାହିତ୍ୟ ସାଧନାକୁ ଆଜନ୍ମ ହେୟଜ୍ଞାନ କରି ଆସୁଥିବା ପତ୍ନୀଙ୍କୁ କହିଲେ – "ମୋର ସ୍ଥିତି କ'ଣ ତାହା ମୁଁ ନିଜେ ଜାଣିଛି। ମୋ ଅନ୍ତରାତ୍ମା ଜାଣିଛି। ମୋର ଦୀର୍ଘବର୍ଷର ସାଧନା ଓ ସିଦ୍ଧି ହିଁ ମୋର ସ୍ଥିତି। ସାହିତ୍ୟ ପ୍ରତି ମୋର ଅଙ୍ଗୀକାରବଦ୍ଧତା, ନିଷ୍ଠା ହେଉଛି ମୋର ସ୍ଥିତି। ମୋର ସତ୍ୟନିଷ୍ଠ ଜୀବନ ଆଉ ଜୀବନଧର୍ମୀ କବିତା ହେଉଛି ମୋର ସ୍ଥିତି। ବ୍ରଜକିଶୋର ପରି ଜଣେ ଅସାଧୁ ବେପାରୀ ଆଉ ଜମି ମାଫିଆ ଦ୍ୱାରା ଦିଆଯାଉଥିବା ସେଇ ପାପାର୍ଜିତ ବିଷଫଳକୁ ପୁରସ୍କାର ଭାବରେ ଗ୍ରହଣ କରି ମୋର ବିବେକ ଓ ଆତ୍ମା ପୁରୁଷକୁ ମୁଁ କଳୁଷିତ ହେବାକୁ ଦେବି ନାହିଁ। ତମାମ୍ ଜୀବନକାଳ ପୂଜା କରି ତାଙ୍କ ଆଶିଷକୁ ଜୀବନର ଏକମାତ୍ର ପାଥେୟ କରି ଆସିଥିବା ମା' ସରସ୍ୱତୀଙ୍କ ଆଶୀର୍ବାଦକୁ ମିଥ୍ୟା ଓ ପାପାଚାରର କଣ୍ଟାମାଳ ଅର୍ପଣ କରି କଣ୍ଟକିତ ହେବାକୁ ଦେବି ନାହିଁ ....।"

ଛାଡିବାର ଜନ୍ତୁ ନୁହନ୍ତି ସୁନୟନା। ସାରା ଜୀବନର ଅବଶୋଷ ଆଉ ଅସନ୍ତୋଷକୁ ଏକା ଦିନକେ ସତ୍ୟବ୍ରତଙ୍କ ଉପରେ ଅଜାଡ଼ି ପକାଇବାକୁ ସତେ ଅବା ସେ ବଦ୍ଧ ପରିକର ଥିଲେ !–

"ଏ ସଂସାରରେ ତୁମେ ଏକା ସାଧୁ ଓ ସଚ୍ଚୋଟ, ଆଉ ସମସ୍ତେ ଭଣ୍ଡ ଓ ପ୍ରତାରକ। ଏଇଆ ତ ! ବୁଝିଲ, ଗର୍ବ ଅହଙ୍କାର ଛାଡ। ମିଛ ପ୍ରଶଂସାରେ ଆକାଶରେ ଉଡନି। ସାରା ଜୀବନ ତ ଭିକାରୀଙ୍କ ଭଳି ଚଳିଚଳି ଆସିଲ ! ଆମ ମା' ପିଲାଙ୍କୁ କନ୍ଦେଇ କନ୍ଦେଇ ମାରିଲ ! ସେଇଥିରେ ତମ ମନବୋଧ ହେଲାନି ଯେ ମା' ଲକ୍ଷ୍ମୀ ପ୍ରସନ୍ନ ହୋଇ ଆସି କବାଟ ଠକ ଠକ କରିବାବେଳକୁ ତମର ବହାରୁଚି ନଖରାମୀ। ତମକୁ ଧର୍ମ ଛାଡ଼ିଗଲାଣି ନା କ'ଣ ? ମୁଁ କହୁଛି, ଏ ପୁରସ୍କାର ତୁମେ ନିଶ୍ଚୟ ଗ୍ରହଣ କରିବ ବାସ୍ ! ଏହା ହେଉଛି ମୋର ଶେଷ କଥା।

: ତମେ ଗୋଟାଏ କାମ କର ସୁନୟନା – ଭଙ୍ଗା ସ୍ୱରରେ କହିଲେ ସତ୍ୟବ୍ରତ – "ତମେ ମା' ଓ ପିଲାମାନେ ମିଶି ମତେ ଟୋପାଏ ବିଷ ଦେଇଦିଅ। ମୁଁ ମରିଯିବା ପରେ ତମେ ଯାଇ ମଞ୍ଚଉପରୁ ତମ ଦୃଷ୍ଟିରେ ମହାନ ଭଦ୍ରଲୋକ ବ୍ରଜକିଶୋର ହାତରୁ ମରଣୋତ୍ତର ପୁରସ୍କାର ନେଇ ଆସିବ। ହେଲା। ଏବେ ଖୁସି ତ !"

: ତମେ ଗୋଟାଏ କାମ କର – ପ୍ରସ୍ତାବ ସହିତ ପ୍ରସ୍ତାବ ଯୋଖିଲେ ସୁନୟନା – "ବରଂ ଆମ ମା' ପିଲାମାନଙ୍କୁ ଟୋପେ ଟେପେ ବିଷ ଦେଇଦିଅ। ତେଣିକି ତମ ଇଚ୍ଛା ଯାହା କରିବା କଥା କର ! ଯେତେ କବିତା ଲେଖି ପୃଥିବୀକୁ ଟେକି ଧରିବା କଥା ଧର। ସେତେବେଳେ ଆମେ କେହି ନଥିବୁ ଦେଖିବାକୁ କି କରିବାକୁ। ପୁରା ବେଧଡ଼କ ଭାବରେ ବସି କରୁଥାଅ ସା...ଧ...ନା....।

ଭୋ ଭୋ କାନ୍ଦି ଉଠି ସୁନୟନା ଉଠି ଚାଲିଗଲେ ସେ ଘରୁ।

ଖାଁ ଖାଁ ନିରବତା ଛାଇ ଯାଇଥିଲା ସେଇ ଘରେ। ସଂପୂର୍ଣ୍ଣ ଫାଙ୍କା ମସ୍ତିଷ୍କରେ ସତ୍ୟବ୍ରତ ବସି ରହିଥିଲେ ତାଙ୍କ ଛୋଟିଆ ଡ୍ରଇଁ ରୁମର ସୋଫା ଉପରେ। ରାତି ଗଭୀର ହୋଇଯାଇଥିଲା ସେତେବେଳକୁ। ଝରକା ବାଟେ ଦେଖାଯାଉଥିଲା ଫାଳେ ନିରିମାଖୀ ଆକାଶ। ଭାରି କରୁଣ ଦେଖାଯାଉଥିଲା ତା' ମୁହଁ। ଜହ୍ନ ନଥିବା ଆକାଶରେ ମେଞ୍ଚା ମେଞ୍ଚା ତାରାମାନେ ଖଡେଇ ହୋଇ କହୁଥିଲେ –

"କି ଫମ୍ପା ନୀତି ଆଦର୍ଶ ପଛରେ ଧାଇଁଛୁରେ ବାବୁ.... ଧାଇଁ ଧାଇଁ ତ ସାରିଦେଲୁ ଗୋଟେ ଅମୂଲ୍ୟ ପରମାୟୁ! କ'ଣ ମିଳିଲା ତୋତେ ସେଥିରୁ ମା' ଗଙ୍ଗେଇ ଜାଣନ୍ତି। ହେଲେ ତୋ' ପିଲା ପରିବାରକୁ କ'ଣ ମିଳିଲା। କ'ଣ ପାଇଁ ସେମାନେ ବିଷ ଟୋପେ ଟୋପେ ମାଗୁଛନ୍ତି ତୋତେ ?

ଗୋଟାଏ ଅନାସକ୍ତ ଭାବ ବିଛେଇ ହୋଇପଡୁଥିଲା ସତ୍ୟବ୍ରତଙ୍କ ଦେହ ଓ ମନ ଉପରେ। ଏକ ପରିହାସମୟ ଦୁର୍ଦ୍ଦାନ୍ତ, ଅପରାଜେୟ ଶକ୍ତି ସତେ ଅବା ଖଣ୍ଡଆଭୂତ ପରି ଚଉଦିଗକୁ ଆଚ୍ଛାଦିତ କରି ପ୍ରଚଣ୍ଡ ବେଗରେ ମାଡ଼ି ଆସୁଥଲା ତାଙ୍କ ଆଡ଼କୁ ତାଙ୍କ ସତ୍ତାକୁ ସମ୍ପୂର୍ଣ୍ଣ ଧୂଳିସାତ କରିଦେବା ପାଇଁ।

ବର୍ଷ ବର୍ଷ ଧରି ପ୍ରଚଣ୍ଡ ତପସ୍ୟା ବଳରେ ହାସଲ କରିଥିବା ତାଙ୍କ ସାଧନା, ସିଦ୍ଧି ଆଉ ଆତ୍ମ ସମ୍ମାନର କମନୀୟ ଇମାରତଟି ସତେ ଅବା ତାସ୍‌ଘର ଭଳି ଭୁଷୁଡ଼ି ପଡୁଥିଲା ସେଇ ମୁହୂର୍ତ୍ତରେ।

ସାରା ରାତି ସତ୍ୟବ୍ରତ ବସି ରହିଥିଲେ ବାଲ୍‌କୋନୀରେ। ଆଖିରେ ନିଦ ନଥିଲା। ନଥିଲା ବି ପେଟରେ ଭୋକ। ଦୂରରୁ ବହୁ ଦୂରରୁ ଅସ୍ପଷ୍ଟ ସ୍ୱରରେ ଭାସି ଆସୁଥିଲା ଏକ କରୁଣ ମୂର୍ଚ୍ଛନା, ଯାହା ରହି ରହି ଶୁଭିଯାଉଥିଲା ତାଙ୍କ କାନକୁ।

କେଉଁଠୁ ଭାସି ଆସୁଛି ଏତେ କରୁଣ ରାଗିଣୀ। ସେ କାନ ଡେରିଲେ। ନା...ନା, ବାହାରୁ କେଉଁଠୁ ନୁହେଁ, ଆସୁଥିଲା ତହା ତାଙ୍କ ଛାତି ଭିତରୁ।

ସତ୍ୟବ୍ରତ ଅନୁଭବ କଲେ ଯେ ତାଙ୍କ ଦୁଇ ଆଖି ଓଦା ହୋଇଯାଇଛି ଏବଂ ସେଇ ଓଦା ଓଦା ଭାବ ଆଚ୍ଛାଦିତ କରି ପକାଉଛି ତାଙ୍କ ସମଗ୍ର ସତ୍ତାକୁ।

**: ନଅ :**

ପରଦିନ ସକାଳେ ଘର ଝାଡୁ କରୁଥିବା ସମୟରେ ସୁନୟନା ଦେଖିଲେ ଟେବୁଲ ଉପରେ ରଖାଯାଇଥିବା 'ପ୍ରତିଭା' ଅନୁଷ୍ଠାନର ପୁରସ୍କାର ସ୍ୱୀକୃତି ପତ୍ରରେ ସତ୍ୟବ୍ରତଙ୍କ ଦସ୍ତଖତ।

ଆନନ୍ଦରେ ତାଙ୍କ ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା। ଯା'ହେଉ, କାଲିର ଧମକାଣ କାମ ଦେଇଛି। ସିଧା ଆଙ୍ଗୁଠିରେ କ'ଣ ଘିଅ ବାହାରିଲାଣି।

ଦିନ ଦଶଟା ବେଳକୁ ସେ ପୁଅ ରାଜାକୁ ଡ଼ାକି ତା' ହାତରେ ଖାମ୍‌ଟିକୁ ପଠାଇଲେ ବ୍ରଜକିଶୋରଙ୍କ ପାଖକୁ।

ସେଦିନ ଘର ଭିତରେ ଖେଳି ବୁଲୁଥିଲା ଆନନ୍ଦର ଦକ୍ଷିଣା ପବନ।

ଅସମ୍ଭବ ଭାବରେ କିନ୍ତୁ ନିରବ ଥିଲେ ସତ୍ୟବ୍ରତ। ତାଙ୍କର ଆଦୌ ଇଚ୍ଛା ହେଉନଥିଲା। କାହା ସହିତ କଥାବାର୍ତ୍ତା ହେବା ପାଇଁ। ଇଚ୍ଛା ହେଉନଥିଲା ଆଉ ମାତ୍ର ଅଢ଼େଇ ମାସ ଆୟୁଷ ଥିବା ଚାକିରିର ଦପ୍ତରକୁ ଯିବା ପାଇଁ। ଇଚ୍ଛା ହେଉନଥିଲା ଖିଆପିଆ କରିବା ପାଇଁ। ଇଚ୍ଛା ହେଉନଥିଲା ପଢ଼ିବା ଘରକୁ ପଶିବା ପାଇଁ। ସେ ନିରବରେ ବସି ରହିଥିଲେ ନିଜ ଶୋଇବା ଘର ଖଟ ଉପରେ।

ମସ୍ତବଡ଼ ଏକ ଆଳସ୍ୟ ସତେ ଯେପରି ତାଙ୍କୁ କାବୁ କରିପକାଇଥିଲା।

ଏ ଘଟଣାର ତିନିଦିନ ପରେ ଜଣେ ଲୋକ ଆସି ପ୍ରତିଭା ଉତ୍ସବରେ ଯୋଗ ଦେବା ପାଇଁ ନିମନ୍ତ୍ରଣ ପତ୍ରଟିଏ ଦେଇଗଲେ। ଏଥର ଆସିନଥିଲା ବ୍ରଜକିଶୋର। ଭଦ୍ରବ୍ୟକ୍ତିଙ୍କୁ ସୁନୟନା ଆଦର ଯତ୍ନ କରି ଚା' ପାଣିରେ ଆପ୍ୟାୟିତ କଲେ।

: ସାର୍ କହିଛନ୍ତି, ଉତ୍ସବରେ ଆପଣମାନେ ସପରିବାର ଯୋଗଦେବେ। ସଭା ଆରମ୍ଭ ହେବ ରାଇଟ୍ ସାଢ଼େ ପାଞ୍ଚଟା ବେଳକୁ। ଆପଣମାନେ ପାଞ୍ଚଟା ବେଳକୁ ପହଞ୍ଚିଗଲେ ଭଲ ହେବ। ଆପଣମାନଙ୍କୁ ନେବାପାଇଁ ଗାଡ଼ି ଆସି ପହଞ୍ଚିଯିବ ଠିକ୍ ଚାରିଟା ବେଳକୁ। - କହିଲେ ପତ୍ରବାହକ।

: ନା, ନା ତୁମ ସାରଙ୍କୁ କହିଦେବ, ଏତେ ବଦାନ୍ୟତା ଭଲ ନୁହେଁ। ଅତି ଭକ୍ତି ଚୋରର ଲକ୍ଷଣ। ତାଙ୍କର ଗାଡି ପଠାଇବା ଦରକାର ନାହିଁ। ଆମେ ଆମର କେମିତି ଯିବୁ, ସେ ଚିନ୍ତା ତାଙ୍କର କରିବାର ଆବଶ୍ୟକତା ନାହିଁ। ଗମ୍ଭୀର କଣ୍ଠରେ କହିଲେ ସତ୍ୟବ୍ରତ।

: ତୁମେ ରୁହ ! -ସୁନୟନା କହିଲେ - "ସେ ତ ଅତିଥିଙ୍କୁ ନେବାକୁ ଗାଡ଼ି ପଠାଇବାର ବ୍ୟବସ୍ଥା କରୁଛନ୍ତି, ତମେ କେଉଁ ବିବେକରେ ମନା କରୁଛ ? ତୁମର କେଇଟା କାର୍, କେଇ ଜଣ ଡ୍ରାଇଭର ଅଛନ୍ତି କି ?

ତା'ପରେ ଭଦ୍ରବ୍ୟକ୍ତିଙ୍କ ଆଡକୁ ଅନାଇ କହିଲେ - "ବୁଝିଲେ ଆଜ୍ଞା, ଆପଣ ଠିକ୍ ଚାରିଟା ବେଳକୁ ଗାଡ଼ି ପଠାଇଦେବେ। ଆମେ ସମସ୍ତେ ସେଇଥିରେ ଯିବୁ।"

ପତ୍ରବାହକ ଭଦ୍ରବ୍ୟକ୍ତି ମୁହଁରେ ସ୍ମିତହସ ଖେଳାଇ ଚାଲିଗଲେ।

ସୁନୟନାଙ୍କୁ କିଛି ନ କହି, ତାଙ୍କ ମୁହଁକୁ ଟିକେ ଅନାଇ ଦେଇ ସତ୍ୟବ୍ରତ ଶୋଇବା ଘରେ ପଶିଲେ। ତାଙ୍କ ମନୋଭାବ ପ୍ରତି ଦୃଷ୍ଟି ନ ଦେଇ ସୁନୟନା ଗଲେ ରୋଷେଇ ଘର ଭିତରକୁ।

ରବିବାର। ରଜ ସଂକ୍ରାନ୍ତି।

ରାଜଧାନୀର ଜୟଦେବ ଭବନରେ ଅନୁଷ୍ଠିତ ହେଉଥିବା "ପ୍ରତିଭା" ଉତ୍ସବର ପ୍ରଥମ ଧାଡ଼ିରେ ବସିଥିଲେ ଓଡ଼ିଶାର ଖ୍ୟାତନାମା କବି ସତ୍ୟବ୍ରତ ପଟ୍ଟନାୟକ। ପାଖକୁ ତାଙ୍କ ଧର୍ମପତ୍ନୀ ସୁନୟନା ଏବଂ ପୁଅ ଓ ଝିଅ। ଭରପୁର ସଭା।

ମୁଖ୍ୟ ଅତିଥିଙ୍କ ଅଭିଭାଷଣ ପରେ ଆରମ୍ଭ ହେଲା ପୁରସ୍କାର ବିତରଣ କାର୍ଯ୍ୟକ୍ରମ।

ଦର୍ଶକମାନଙ୍କ ଉଚ୍ଛ୍ୱସିତ ତାଳିମାଡ଼ ଭିତରେ ପେଣ୍ଡାଲ ଉପରକୁ ଉଠୁଥିବା ସମୟରେ ସତ୍ୟବ୍ରତଙ୍କ ମୁହଁ ଦେଖାଯାଉଥିଲା ପାଣ୍ଡୁର, ରକ୍ତଶୂନ୍ୟ। ସତେ ଅବା ସେ ସ୍ୱତଃ ପ୍ରବୃତ୍ତ ହୋଇ ଯାଉନଥିଲେ, ଗୋଟେ ଅଦୃଶ୍ୟ ଶକ୍ତି ତାଙ୍କୁ ଠେଲି ଠେଲି ନେଉଥିଲା ସେଆଡେ।

ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀଙ୍କ ହାତରୁ ମାନପତ୍ର, ଉପଢ୍ୌକନ, ସାଲ, ଫୁଲତୋଡ଼ା ଏବଂ ପାଞ୍ଚଲକ୍ଷ ଟଙ୍କାର ଚେକ୍ ଥିବା ଖାମ୍‌ଟିକୁ ଧରି ନତମସ୍ତକ ହୋଇ ପେଣ୍ଡାଲ ତଳକୁ ଫେରି ଆସୁଥିବା ବେଳେ ଅତିଥିମାନଙ୍କ ଗହଣରେ ପେଣ୍ଡାଲ ଉପରେ ବସିଥିବା "ପ୍ରତିଭା" ଅନୁଷ୍ଠାନର ସତ୍ତ୍ୱାଧିକାରୀ ବ୍ରଜକିଶୋର ଉଠି ଆସି ହସିହସି ସତ୍ୟବ୍ରତଙ୍କୁ କୋଳାଗତ କରି ଅଭିନନ୍ଦନ ଜଣାଇଲା।

ବ୍ରଜ କିଶୋରର ସେଇ ହସ, କ'ଣ ପାଇଁ କେଜାଣି ସେଇ ମୁହୂର୍ତ୍ତରେ ଭାରି କଦାକାର ଆଉ କୁଟିଳ ମନେ ହେଲା ସତ୍ୟବ୍ରତଙ୍କୁ। କେମିତି ଗୋଟାଏ ଅଭିସନ୍ଧିର ଛାପ ସ୍ପଷ୍ଟ ଦିଶିଯାଉଥିଲା। ତାଙ୍କୁ ତାର ସେଇ ହସ ଭିତରୁ। ବ୍ରଜକିଶୋର ସେଇ ଚତୁର ହସ ଭିତରୁ ସତ୍ରବ୍ରତ ପଢ଼ି ପାରୁଥିଲେ ଯେମିତି ଆଖିରେ ଆଖିରେ ସେ କହୁଥିଲା -

"ବନ୍ଧୁ ହେ! ଦି' ଧାଡ଼ି କବିତା ଗାରେଇ ଦେଇ ତୁମେ ଭାବୁଥିଲ ବାସୁକୀ ନାଗ ପରି ଏ ବିଶ୍ୱବ୍ରହ୍ମାଣ୍ଡକୁ ଟେକି ଧରିଛ ବୋଲି। ନିଜକୁ ଏତେ ମହାନ ବୋଲି ଭାବିବ ନାଇଁ କେବେ !ତମ ଦୃଷ୍ଟିରେ ତମେ ମହାନ, ମୋ ଦୃଷ୍ଟିରେ ମୁଁ। ରାସ୍ତା କଡରେ ନିଦାଘ ଖରାରେ ବସି ଜୋତା ସିଲେଇ କରୁଥିବା ମୋଚି ବୁଢ଼ାଟି ବି....।"

"ସାରା ଜୀବନ କେତେ ଅପମାନ ତମେ ଦେଇ ନାହଁ ମତେ। ନିଜ ଘରେ ଧକ୍‌କା ଦେଇ ବାହାର କରି ଦେବା ପରି ପରିସ୍ଥିତି ସୃଷ୍ଟି କରିଥିଲ। ସେଇ ଅପମାନର ପ୍ରତିଶୋଧ ଏଇ ପୁରସ୍କାର।"

"ତମର ସବୁ ଅହଙ୍କାର ସବୁ ଦମ୍ଭ, ସବୁ ସ୍ୱାଭିମାନ, ସବୁ ସର୍ଜନଶୀଳତା ଆଜି ବନ୍ଧା ପଡ଼ିଗଲା ମୋର ପାଞ୍ଚଲକ୍ଷ ଟଙ୍କିଆ ପୁରସ୍କାର ପାଖରେ। ତୁମକୁ ଓ ତୁମ କବିତାକୁ ପୁରସ୍କୃତ କଲା ମୋ ଅନୁଷ୍ଠାନ। ତେଣୁ ମୋ ଅନଷ୍ଠାନ ତୁମଠାରୁ ବଡ଼। ସେଇ ଅନୁଷ୍ଠାନର ମୁଖ୍ୟ ହିସାବରେ ମୁଁ ତୁମଠାରୁ ମହାନ। ସତ ନା ମିଛ ? ?"

ଏଇ କଥା କହୁଥିଲା କି ବ୍ରଜକିଶୋରର କୁଟିଳ ହସ !

ମୁଣ୍ଡ ଟୁଙ୍ଗାରି ସତ୍ୟବ୍ରତ ଫେରି ଆସୁଥିଲେ ପେଣ୍ଡାଲ ତଳକୁ।

ରାତି ଦଶଟା। ସତ୍ରବ୍ରତ ଥିଲେ ତାଙ୍କ ଶୋଇବା ଘରେ।

ସେଦିନର ଫୁଲତୋଡ଼ାଟା ଭାରି ସୁନ୍ଦର ଲାଗୁଥିଲା ସୁନୟନାଙ୍କୁ। ମାନପତ୍ର ଓ ଫୁଲତୋଡ଼ାକୁ ସେ ସଜାଇ ରଖୁଥିଲେ ଡ୍ରଇଁରୁମ୍ ର୍ୟାକ୍‌ରେ।

ସତ୍ୟବ୍ରତ ପକେଟ୍‌ରେ ରଖିଥିବା ଖାମ୍‌ଟିକୁ ବାହାର କରି ନାଲି କଲମରେ ଖାମ୍ ଉପରେ ଲେଖିଲେ "କେବଳ ସୁନୟନା ପାଇଁ।" ଖାମ୍‌ଟିକୁ ଟେବୁଲ୍ ଉପରେ ରଖିଦେଇ ତା' ଉପରେ ଗୋଟେ ପେପର ୱେଟ୍ ଥୋଇଲେ ଏବଂ ଚୁପ୍‌ଚାପ୍ ଗଡି ପଡ଼ିଲେ ବିଛଣାରେ।

ଡେରି ହୋଇଯାଇଥିବାରୁ ରୋଷେଇ ଘରେ ବ୍ୟସ୍ତ ଥିଲେ ସୁନୟନା। ଝିଅ ସାଲୁ ଆସି କହିଲା - "ମା, କେଉଁଦିନ ରାତି ଗୋଟାଏ ପୂର୍ବରୁ ବାବାଙ୍କୁ ମୁଁ ଶୋଇବାର ଦେଖିନାଇଁ। ଆଜି କ'ଣ ଏତେ ଶୀଘ୍ର ଶୋଇପଡ଼ିଲେଣି।

ପୁଅ ରାଜା ହସି ହସି କହିଲା -" ତୁ କେଡେ ଓଲୀଟା କି! ବାବା ଆଜି ବଡ଼ ପୁରସ୍କାରଟିଏ ପାିଛନ୍ତି ତ! ସେଇ ଖୁସିରେ ଜଲ୍‌ଦି ଶୋଇ ପଡ଼ିଛନ୍ତି ପରା।

ପିଲାମାନଙ୍କ କଥା ଶୁଣି ଓ ସ୍ୱାମୀଙ୍କ ନିରବତା ଆଉ ଗୁମ୍‌ସୁମ୍ ମୁହଁକୁ ଦେଖି ଖୁସି ହେବେ ଅବା ଦୁଃଖ କରିବେ, କିଛି ଭାବି ପାରୁନଥିବାବେଳେ ଖଟ ଉପରେ ଚେଇଁ ଚେଇଁ ଶୋଇ ରହିଥିବା ସତ୍ୟବ୍ରତ ସ୍ୱଗତୋକ୍ତି କରୁଥିଲେ -

"ନାଇଁରେ ପିଲାଏ, ରାତି ଗୋଟାଏ ପର୍ଯ୍ୟନ୍ତ ଆଉ ଚେଇଁବାକୁ ପଡିବ ନାଇଁ ତୁମ ବାବାଙ୍କୁ। ଏଥର ସେ ଖୁବ୍ ସଅଳ ଶୋଇ ପଡ଼ିବେ। ଡ଼େରି ରାତିଯାଏ ଚେଇଁ ରହି, ରାତି ଅନିଦ୍ରା ହୋଇ ସେ ଆଉ ଅଧିକଟା କ'ଣ କରିବେ ଯେ!

ନାହିଁ ନଥିବା ଏକ କ୍ଳାନ୍ତିର ନିଦ ଧୀରେ ଧୀରେ ଓଜନିଆ କରିପକାଉଥିଲା ସତ୍ୟବ୍ରତଙ୍କର ଦୁଇ ଆଖି ପତାକୁ।

x x x x x

**: ଦଶ :**

ଶୋଇବା ଘରର କବାଟ ଧୀରେ ଖୋଲିଲା ଶୁକଦେବ।

କେଉଁଦିନ ତ ଏତେ ଡ଼େରିଯାଏ ଶୁଅନ୍ତି ନାଇଁ ବାବୁ। ଯେତେ ବିଳମ୍ବିତ ରାତିରେ ଶୋଇଥିଲେ ମଧ୍ୟ ସକାଳ ଛ'ଟା ପୂର୍ବରୁ ତାଙ୍କ ନିଦ ଭାଙ୍ଗିଯାଏ। ପ୍ରଥମେ ଦୁଇ ଗ୍ଲାସ୍ ଉଷୁମ ପାଣି ପରେ ପରେ କପେ ଚା'। ତା'ପରେ ଟୟଲେଟ୍। ସାତଟା ବେଳକୁ ଗାଧୁଆ ପାଧୁଆ, ତା'ପରେ ମେଡିସିନ୍। ଖାଲିପେଟରେ ବି.ପି ପାଇଁ। ସୁଗାର ପାଇଁ। ତା'ପରେ ଜଳଖିଆ। ପରେ ପରେ ଦୁଇ ଆଖିରେ ଦୁଇବୁନ୍ଦା ଆଇଡ୍ରପ୍।

ଶୁକଦେବ କାନ୍ଥ ଘଣ୍ଟାକୁ ଚାହିଁଲା। ସକାଳ ନଅଟା ବାଜିବ। ଅଥଚ ଭାଙ୍ଗି ନାହିଁ ବାବୁଙ୍କ ନିଦ! ହଉ, ଶୋଇ ଥାଆନ୍ତୁ ଆଉ ଘଡ଼ିଏ। ଡାକ୍ତରବାବୁ ବୋଧହୁଏ ଭଲ ନିଦ ହେବା ପାଇଁ କିଛି ଔଷଧ ଲେଖିଛନ୍ତି!

ସେ ଫେରିଆସୁଥିଲା। ଅଟକିଗଲା। ବାବୁଙ୍କର ଏପରି ଶୋଇବାଟା ତାକୁ ଭଲ ଲାଗିଲା ନାହିଁ। ମନରେ ନାନା ଦୁଶ୍ଚିନ୍ତାଃ! ଖେଳିଗଲା। ସେ ସତ୍ୟବ୍ରତଙ୍କ ଦେହରେ ଆସ୍ତେ ହାତମାରି ଡାକିଲା-

"ଉଠନ୍ତୁ ବାବୁ! ବହୁତ ବେଳ ହୋଇଗଲାଣି। ଆପଣଙ୍କର ଔଷଧ ଖାଇବା ବେଳ ଗଡ଼ିଗଲାଣି। ଉଠି ପଡ଼ନ୍ତୁ।

ଆଖିପତା ଧୀରେ ଖୋଲିଲେ ସତ୍ୟବ୍ରତ। ଚାରିଆଡକୁ ଟିକେ ଦୃଷ୍ଟି ପହଁରାଇ ପୁଣି ଆଖି ବୁଜିଲେ।

: ଦେହ ଭଲ ଲାଗୁନାଇଁ କି! -ତାଙ୍କ ଗୋଡହାତ ଧୀରେ ଚାପି ଦେଉ ଦେଉ ପଚାରିଲା ଶୁକଦେବ।

: ଆଜି କେଉଁବାର ଶୁକଦେବ? - ସେହିପରି ଆଖି ବନ୍ଦ କରି ପଚାରିଲେ ସତ୍ୟବ୍ରତ।

: ସୋମବାର । - ଉତ୍ତର ଦେଲା ଶୁକଦେବ।

: ଆରେ ହଁ ତ। ମୁଁ ଭୁଲିଯାଇଛି। କାଲିଥିଲା ରବିବାର। ରଜ ସଂକ୍ରାନ୍ତି। ଆମେ ସମସ୍ତେ ଯାଇଥିଲୁ ଜୟଦେବ ଭବନ, ପୁରସ୍କାର ଗ୍ରହଣ କରିବା ପାଇଁ। ସୁନୟନା, ସାଲୁ, ରାଜା .... ସମସ୍ତେ। କୁଆଡେ ଗଲେ କି ସେମାନେ? ସେମାନଙ୍କର ବି କ'ଣ ନିଦ ଭାଙ୍ଗି ନାଇଁ ଏ ଯାଏ। ଯା, ଯା, ଡ଼ାକିଦେ ସେମାନଙ୍କୁ। ଦିନ ଆସି ଦି'ଘଡ଼ି ହେଲାଣି ....।

ସତ୍ୟବ୍ରତ ନିର୍ଦ୍ଦେଶ ଦେଲେ ଶୁକଦେବଙ୍କୁ ଏବଂ ତା'ଠାରୁ କୌଣସି ପ୍ରତିକ୍ରିୟା ନ ପାଇଁ ବିରକ୍ତ ହୋଇ କହିଲେ - "ଯାଉନୁ! ଏଠି ଖୁଣ୍ଟାଟା ପରି ବସିଚୁ କ'ଣ ପାଇଁ?

ଉଁ କି ଚୁଁ କିଛି କହିଲାନି ଶୁକଦେବ। ଏଇଟା କ'ଣ ଦିନେ ଅଧକର କଥା ହେଇଚି। ଦୀର୍ଘ ବାରବର୍ଷ ହେଲାଣି ସେଇ ଏକା କଥା କହୁଛନ୍ତି ସେ। ଡାକ୍ ସୁନୟନାଙ୍କୁ.... ଡାକ୍ ଝିଅ ସାଲୁକୁ...ପୁଅ ରାଜାକୁ....।

ସେମାନେ ପାଖରେ ଥିଲେ ସିନା ସେ ଯାଇ ସେମାନଙ୍କୁ ଡାକି ଆଣିବ!

ନିଜ ନିଜ ବାଟରେ ସେମାନେ ଚାଲିଗଲେଣି ଅନେକ ଦିନ ହେବ।

: ଆରେ ଶୁକଦେବ! - ବିଛଣାରୁ ସହସା ଉଠି ପଡ଼ିଲେ ସତ୍ୟବ୍ରତ - "ଦେଖିଲୁ ଦେଖିଲୁ ଡ୍ରଇଁ ରୁମ୍‌ର ର୍‍ୟାକ୍ ଉପରେ କାଲି ରାତିରେ ସୁନୟନା ଯେଉଁ ଫୁଲତୋଡ଼ାଟି ସଜେଇ ରଖିଥିଲେ, ସେଇଟା ଭଲ ଅଛି ନାଁ ଶୁଖି ଗଲାଣି।

ଚା' ଥଣ୍ଡା ହୋଇଯାଇଥିବାରୁ ରୋଷେଇ ଘରେ ଆଉ ଥରେ ଗରମ କରୁଥିବା ଶୁକଦେବ ଏକଥା ଶୁଣିଲା, ଚୁପ୍ ରହିଲା।

: ଆରେ ହେ ଶୁକଦେବ! ଦେଖିଲୁ, ଟେବୁଲ ଉପରେ ମାଟିଆ ରଙ୍ଗର ଖାମ୍‌ଟା ଥୁଆ ହୋଇଛି ନା ନାଇଁ। ତା' ଭିତରେ ପାଞ୍ଚଲକ୍ଷ ଟଙ୍କାର ଚେକ୍‌ଟା ଅଛିରେ! ସୁନୟନାଙ୍କୁ କହ, ଆଜି ସୋମବାର। ବ୍ୟାଙ୍କ୍ ଖୋଲା ଅଛି। ସେଇଟିକୁ ନେଇ ଜମା କରିଦେବେ। ଘଣ୍ଟାଏ ଭିତରେ ଚେକ୍ ଏନ୍‌କ୍ୟାଶ୍ ହୋଇଯିବ।

ଚା' ଗରମ କରି କପ୍‌ରେ ଧରି ଶୁକଦେବ ଆସି ତାଙ୍କ ହାତକୁ ବଢ଼ାଇ ଦେଇ କହିଲା - ଚା' ଟା ଶୀଘ୍ର ପିଇ ଦିଅନ୍ତୁ, ନହେଲେ ପୁଣି ଥଣ୍ଡା ହେଇଯିବ। ନିତ୍ୟକର୍ମ ସାରି ଆସିବା ପରେ ମେଡ଼ିସିନ୍ ଖାଇବେ। ବହୁତ ଡ଼େରି ହୋଇଗଲାଣି।

: ସାଲୁ କୁଆଡେ ଗଲା କି? ତା'ର ଆଜି କଲେଜ ଯିବାର ନାହିଁ କି?

ଶୁକଦେବ ନିରବରେ ଠିଆହୋଇ ରହିଥିଲା।

: ରାଜା? -ପଚାରିଲେ ସତ୍ୟବ୍ରତ - " କୁଆଡେ ବୋଧେ ପଳାଇଲାଣି ସକାଳୁ। ପିଲାଟା ଆଉ ବୋଲ ମାନିବା ଅବସ୍ଥାରେ ନାହିଁ। ଆଜିକାଲିକା ପିଲାଙ୍କୁ ଆଉ କିଛି କହିହେବ ନାହିଁ .....

: ଚା'ପୁଣି ଥଣ୍ଡା ହୋଇଗଲାଣି। ଦି' ଦି' ଥର ଗରମ କରିସାରିଲିଣି ମୁଁ। - ଶୁକଦେବ ମନେ ପକାଇଦେଲା।

: ଆଜି କେତେ ତାରିଖ, ଶୁକଦେବ? - ପଚାରିଲେ ସତ୍ୟବ୍ରତ।

: କୋଡିଏ ତାରିଖ, ସୋମବାର। ଜୁଲାଇ ମାସ। ଦୁଇହଜାର ଚବିଶ ମସିହା। - ସତ୍ୟବ୍ରତଙ୍କ ପ୍ରଶ୍ନର ଆଗୁଆ ଉତ୍ତର ଦେଇସାରି ଶୁକଦେବ ଈଷତ୍ ଅସନ୍ତୁଷ୍ଟ ସ୍ୱରରେ କହିଲା - "କେତେ କଥା ପଚାରୁଛନ୍ତି ଆପଣ। ଚା' ପିଇଦେଇ ଟୟଲେଟ୍ ଯାଆନ୍ତୁ। ଔଷଧ ଖାଇବା ସମୟ ପାର୍ ହୋଇଗଲାଣି।.....।"

: କେତେ ମସିହା କହିଲୁ? - ଆକାଶରୁ ଖସି ପଡ଼ିବା ପରି ଚକିତ ସ୍ୱରରେ ପଚାରିଲେ ସତ୍ରବ୍ରତ।

: ଦୁଇ ହଜାର ଚବିଶ ମସିହା। ଆଉ ପାଞ୍ଚ ମାସ ପରେ ଆରମ୍ଭ ହେବ ଦୁଇହଜାର ପଚିଶ..... ଧଡପଡ ହୋଇ ଉଠି ପଡ଼ିଲେ ସତ୍ୟବ୍ରତ - "କ'ଣ କହିଲୁ! ଦୁଇହଜାର ଚବିଶ ମସିହା! ତୋ ମୁଣ୍ଡ ଖରାପ କିରେ! ନା,ମୋ ସହିତ ଥଟ୍ଟା କରୁଛୁ?

କିଛି କହିବା ପାଇଁ ଆଗ୍ରହ ନଥିଲା ଶୁକଦେବର। ସେ ନିରବ ରହି କେବଳ ଚାହିଁ ରହିଥିଲା ସତ୍ୟବ୍ରତଙ୍କୁ।

: ଆରେ ବୁଦ୍ଧୁ, ଗତ କାଲି ଥିଲା ରବିବାର। ରଜ ସଂକ୍ରାନ୍ତି। ଦୁଇହଜାର ଦଶ ମସିହା ଜୁନ୍ ମାସ ପନ୍ଦର ତାରିଖ। 'ପ୍ରତିଭା' ଅନୁଷ୍ଠାନର ବାର୍ଷିକ ଉତ୍ସବ। ଆମେ ସମସ୍ତେ ଯାଇଥିଲୁ ଉତ୍ସବକୁ। ମୁଁ, ସୁନୟନା, ସାଲୁ ଓ ରାଜା। ଅନୁଷ୍ଠାନ କାର୍ ପଠେଇଥିଲା। ପାଇଥିଲି ପାଞ୍ଚଲକ୍ଷ ଟଙ୍କିଆ ପ୍ରଥମ ପ୍ରତିଭା ପୁରସ୍କାର! ମୋ ସ୍ପଷ୍ଟଭାବେ ମନେ ଅଛି। ତୁ ବୁଡ଼୍‌ବକ୍ କହୁଛୁ ଆଜି ହେଉଛି ଦୁଇହଜାର ଚବିଶ ମସିହା ଜୁଲାଇ ମାସ କୋଡ଼ିଏ ତାରିଖ! ତୋ ମତିଗତି ଠିକ୍ ଅଛି ତ!

: ମୋ ମତିଗତି ଠିକ୍ ଥିଲା। ଆପଣଙ୍କ ପାଖକୁ

ଆସି ସବୁ ଗୋଳମାଳ ହୋଇଗଲାଣି।- ଏକଥା କହିପାରିଲାନି ଶୁକଦେବ। କହିଲା - "ଯାଆନ୍ତୁ, କାମ ସାରି ଫେରିଲେ ମୁଁ ଔଷଧ ଦେବି।"

: ଆରେ ଶୁକଦେବ! ଡାକିଲେ ସତ୍ୟବ୍ରତ - "ସତ କହିଲୁ, ଏଇଟା କୋଉ ମସିହା ଚାଲିଛି।

: କହିଲି ପରା ଦୁଇହଜାର ଚବିଶ ମସିହା ...

: ସତ କହୁଛୁ ତ! ମୋ ଦେହ ଛୁଇଁଲୁ....

ବିଗଳିତ ହୋଇପଡ଼ିଲା ଶୁକଦେବ। ବାବୁଙ୍କ ଅବସ୍ଥା ଦେଖି ଛଳଛଳ ହୋଇଗଲା ତା' ଆଖି। କହିଲା -"ଆପଣଙ୍କ ଦେହ ଛୁଇଁବି!! ଅସମ୍ଭବ। ଆପଣଙ୍କୁ ମିଛ କହିବି! ଅସମ୍ଭବ।

ସତ୍ୟବ୍ରତ ମନେମନେ ଭାବୁଥିଲେ - ଦୁଇ ହଜାର ଦଶ ମସିହା ଜୁନ୍‌ମାସ ପନ୍ଦର ତାରିଖ, ରବିବାର ଦିନ ସେ ରାଜ୍ୟ ସୂଚନା ଭବନରୁ "ପ୍ରତିଭା" ସମ୍ମାନ ଗ୍ରହଣ କରି ଘରକୁ ଫେରି ଶୋଇପଡ଼ିଥିଲେ। ଅଥଚ ନିଦରୁ ଉଠୁଛନ୍ତି ଦୁଇହଜାର ଚବିଶ ମସିହା ଜୁଲାଇ ମାସ କୋଡ଼ିଏ ତାରି ସୋମବାର! ଅର୍ଥାତ୍ ଚଉଦ ବର୍ଷ ମାସକ ପରେ!!

ସତରେ କ'ଣ ସେ ଶୋଇପଡ଼ିଥିଲେ ଏତଗୁଡ଼ାଏ ବର୍ଷ, ଏତେ ଗୁଡ଼ାଏ ମାସ ଏତେ ଗୁଡ଼ାଏ ଦିନର କୁମ୍ଭକର୍ଣ୍ଣ ନିଦ!!

ଏତେ ନିଦ କୁଆଡୁ ଡକାଡକି ହୋଇ ଆସି ପହଞ୍ଚିଗଲେ ତାଙ୍କ ଆଖିପତା ଉପରେ।

ଜୀବନ ଖାତାରୁ କୋଉ ଛଟକରେ ଚୋରୀ ହୋଇଗଲା ଏତେଗୁଡ଼ାଏ ମାହାର୍ଘ ମୁହୂର୍ତ୍ତ!!

ଆଗରୁ ଜମା ନିଦ ହେଉନଥିଲା। ପଢ଼ା ଲେଖା ସାରି ବିଛଣାରୁ ଯିବା ପରେ ଅନେକ ସମୟ ବିଛଣାରେ ଛଟପଟ ହେଉଥିଲେ ସେ।

ଜୀବନର ପୃଷ୍ଠଭୂମିରୁ ସମୟର ତାଡ଼ନାରେ ଅନେକ ଜିନିଷ ଗାୟବ ହୋଇଯିବା ପରି ନିଦ ବି କୁଆଡେ ଉଭାନ ହୋଇଯାଇଥିଲା ଅନେକ ଦିନ ଧରି। କେବଳ କଣ ନିଦ! ଜୀବନରୁ ସରସତା....ଆଖିରୁ ଉଜ୍ଜ୍ୱଳତା....ମନ ଭିତରୁ କର୍ମ ପ୍ରବଣତା....ସବୁ ଧିରେ ଧିରେ ଅପସରି ଯାଉଥିଲେ ତାଙ୍କ ଭିତରୁ।

ତାଙ୍କ ଶୋଇବା ଘର ଝରକା ଫାଙ୍କରୁ ସେ ଦେଖନ୍ତି ଜହ୍ନକୁ। ଖୁସି ହୁଅନ୍ତି। ଜହ୍ନକୁ ଦେଖି କିଏ ଖୁସି ନହୁଏ ଯେ। ଜହ୍ନ ଥିବାବେଳେ ଭାରି ଅନ୍ତରଙ୍ଗ, ଭାରି ଆପଣାର ଲାଗେ ଆକାଶ। ଅଥଚ ଦେଖ! ଆକାଶର ମୋହକୁ ତ୍ୟାଗ କରି, କାହା ସୁଖଦୁଃଖକୁ ପରବାୟ ନ କରି ଅଭିମାନୀ ଜହ୍ନ କେତେବେଳେ ବାହୁଡ଼ି ଗଲାଣି ନିଜ ଘରକୁ।

ଥିବେ ଥିବେ, ସେ ବି ଦିନେ ଏମିତି ବାହୁଡ଼ି ଯିବେ କାହାକୁ କିଛି ନ ଜଣାଇ। ସମସ୍ତଙ୍କ ଅଗୋଚରରେ। ପବନ ବହିଗଲା ବେଳେ ବି ଶବ୍ଦ ହୁଏ, ଅଥଚ ଜୀବନ ଚାଲିଯିବ ଚୁପଚାପ୍, ନିରବରେ। ପିଲା ପରିବାର....ଆତ୍ମୀୟ ସ୍ୱଜନ....ଏଇ ଘର....ଘର ଭିତରେ ସାଇତା ହୋଇ ରହିଥିବା ତାଙ୍କ ଜୀବନ ବ୍ୟାପି ସାଧନାର ଫଳଶ୍ରୁତି ଏସବୁ ବହି....ସବୁ ଦିନେ କୁଆଡେ ହଜିଯିବେ! ମିଳାଇଯିବେ ମହାଶୂନ୍ୟରେ!

ଆହା! ବର୍ଷ ବର୍ଷ ହୋଇ ଦୀର୍ଘ ଚଉଦବର୍ଷ ସେ ସତରେ ଶୋଇ ପଡ଼ିଥିଲେ ନିଘୋଡ଼ ନିଦରେ!

ତା'ରି ଭିତରେ ସେ ଅବସର ନେଇ ସାରିଥିଲେ ସରକାରୀ ଚାକିରିରୁ।

ଅବସରକାଳୀନ ପ୍ରାପ୍ୟରେ ହୋଇଥିଲା ଝିଅ ବାହାଘର। ସରିଥିଲା ପୁଅର ପାଠପଢ଼ା।

ମାଟି ଉପରେ ତିଆରି ହୋଇଥିଲା ଛୋଟିଆ ଘର ବକଟେ।

ଆଉ ସୁନୟନା ! ହାୟ ସୁନୟନା!

ପ୍ରାୟ ଆଠବର୍ଷ ତଳୁ ଏ ସଂସାରର ମୋହମାୟା ତ୍ୟାଗ କରି ସେ ଚାଲିଗଲେଣି ଆରପୁରକୁ।

ସେମିତି କିଛି ଗୁରୁତର ବେମାରୀ ନଥିଲା ସୁନୟନାଙ୍କ ଦେହରେ। ଉଚ୍ଚ ରକ୍ତଚାପ, ମଧୁମେହ ଅବା କାହା ଦେହରେ ନାହିଁ? କିନ୍ତୁ ସବୁବେଳେ ସେ ବୁଡ଼ି ରହୁଥିଲେ ବିଷର୍ଣ୍ଣତା ଭିତରେ। ପାଣ୍ଡୁର ଓ ବିବର୍ଣ୍ଣ ଦେଖାଯାଉଥିଲା ତାଙ୍କ ମୁହଁ। ଅନେକ ଦିନରୁ ହସକୁ କୁଆଡେ ହଜାଇ ଦେଇଥିଲେ ସେ। ଟିକଏ କଥାରେ ଚିଡ଼୍‌ଚିଡ଼୍ ହଉଥିଲେ। ସାରା ଜୀବନଟା ତାଙ୍କ ବିତିଗଲା ଅଭିଯୋଗ ଭିତରେ। କେମିତି ନିଜସ୍ୱ ଘରଖଣ୍ଡେ ତିଆରି ହେବ...କେମିତି ହେବ ଝିଅ ବାହାଘର.... କେମିତି ମଣିଷ ହେବ ପୁଅ....

କେବଳ ଭାଳି ହୋଇ ହୋଇ ସ୍ୱପ୍ନ ଦେଖି ଦେଖି ଗୋଟେ ପରମାୟୁ ଶେଷ କରିଦେଲେ ସୁନୟନା। ନା...ନା, ତାହା ସ୍ୱପ୍ନ କାହିଁକି ହେବ? ଅନ୍ୟମାନଙ୍କ ପାଇଁ ତ ତାହା ବାସ୍ତବ! ଅନ୍ୟମାନେ ପାରୁଛନ୍ତି, ସେ କାହିଁକି ପାରିବେନି? ସୁନୟନାଙ୍କର ଏ ଦାବୀ ଅବାସ୍ତବ ହେବ କାହିଁକି? ଜଣେ ଗୃହିଣୀ ହିସାବରେ ସେ ଘର ଖଣ୍ଡେ ଚାହିଁବେ। ଜଣେ ମା' ହିସାବରେ ପିଲାମାନଙ୍କର ସୁରକ୍ଷିତ ଭବିଷ୍ୟତ ଆଶା କରିବେ। ଜଣେ ସ୍ତ୍ରୀ ହିସାବରେ ସ୍ୱାମୀଙ୍କଠାରୁ ଶାଢ଼ୀ ଗହଣା ଦାବୀ କରିବେ। ଏଥିରେ ଅସଂଗତି ଆସିଲା କୁଆଡୁ?

ସବୁ ହେଲା। ଅଥଚ ହେବାବେଳକୁ ସେ ନଥିଲେ।

ସିଏ କ'ଣ, କେହିବି ନଥିଲେ ପାଖରେ।

ସୁନୟନା ତାଙ୍କ ବାଟରେ। ଝିଅ ଓ ପୁଅ ନିଜ ନିଜ ବାଟରେ।

ଘରେ କେବଳ ସେ ନିଜେ ଓ ଶୁକଦେବ।

**: ଏଗାର :**

ରାତି କେତେ ହେବ କେଜାଣି!

କିଛି ଗୋଟାଏ ଆନ୍ଦୋଳିତ କରୁଥିଲା ସତ୍ୟବ୍ରତଙ୍କୁ। ଆଠଦଶ ଥର ଆସି ଡ଼ାକି ଗଲାଣି ଶୁକଦେବ। ଆକଟ ବି କଲାଣି।

ତଥାପି ସତ୍ୟବ୍ରତ ଉଠୁନଥିଲେ ବାଲକୋନୀରୁ।

ଚାଲିଗଲ! ନାଇଁ!! - ସୁନୟନାଙ୍କ ଉଦ୍ଦେଶ୍ୟରେ ଅଭିମାନ ଭରା ସ୍ୱରରେ ସ୍ୱଗତୋକ୍ତି କରୁଥିଲେ ସତ୍ୟବ୍ରତ। - "କେତେ ଆଶା, କେତେ ଅବସୋସ, କେତେ ସ୍ୱପ୍ନକୁ ସାଙ୍ଗରେ ଧରି ନିଜ ବାଟରେ ଚାଲିଗଲ!!"

"ମୋ ପ୍ରତି ମୋ ସାହିତ୍ୟ ପ୍ରତି ତୁମର ଯାବତ୍ୟ ଅସନ୍ତୋଷ ଅସହିଷ୍ଣୁତା ଆଉ ଅଭିଯୋଗ ସତ୍ତ୍ୱେ ଲାଗୁଥିଲା ସଂସାରରେ କେହି ଜଣେ ପରମ ଆତ୍ମୀୟ ଅଛି, ଯାହାର ତିକ୍ତ ମଧୁର ଆକଟ ଭିତରେ ଜୀବନ ଚାଲିଥିଲା ତା' ବାଟରେ।

ହେଲେ ତୁମେ ଯିବାପରେ ସବୁ ସ୍ଥିର, ଅଞ୍ଚଳ।

ଦଲକାଏ ଶୀତୁଆ ପବନ ଆସି ପିଟି ହୋଇଗଲା ତାଙ୍କ ଦେହରେ। ରୂମ୍ ମୂଳ ଟାଙ୍କୁରୀ ଉଠିଲା। ଘର ଭିତରୁ ଚାଦରଟିଏ ଆଣି ଶୁକଦେବ ତାଙ୍କୁ ଘୋଡ଼ାଇ ଦେଉଥିବା ବେଳେ ଆକଟ କରି କହିଲା :

"ରାତି ଆସି କେତେ ହେଲାଣି, ସେକଥା ମାଲୁମ ଅଛି ଟି! ରାତି ଖାଇବା କେତେବେଳେ ଖାଇବେ? ଔଷଧ କେତେବେଳେ ଖାଇବେ? ଶୋଇବେ କେତେବେଳେ? ଯେତେ କହିଲେ ବି ଆପଣ ମାନୁନାହାନ୍ତି ମୋ କଥା? ଏତେ ଅମାନିଆ ହେବା କ'ଣ ଭଲ?

ସତ୍ୟବ୍ରତ ମୁହଁ ଟେକି ଚାହିଁଲେ ପାଖରେ ଠିଆ ହୋଇ ତାଙ୍କୁ ନାନା ପରାମର୍ଶ ଦେବା ଆଳରେ ମଧୁର ଆକଟ କରୁଥିବା ମଣିଷଟିକୁ। ଗୋଟାଏ ଆବେଗରେ ଛଳଛଳ ହୋଇଗଲେ ସେ। କ'ଣ ସମ୍ପର୍କ ଏ ଲୋକଟି ସହିତ ତାଙ୍କର। ଯେ କେହି ତାଙ୍କର ଆତ୍ମୀୟସ୍ୱଜନ ଅବା ରକ୍ତ ସମ୍ପର୍କୀୟ କି! ଅବା କେଉଁ ଦୂର ଦୂରାନ୍ତର ବନ୍ଧୁବାନ୍ଧବ!

ନା, ଯେ ତାଙ୍କର କେହି ନୁହଁ। ନା ବନ୍ଧୁ, ନା ଆତ୍ମୀୟ। ଅଥଚ ଲାଗୁଛି ଏଇ ଲୋକଟି ତାଙ୍କର ସବୁ କିଛି। ଆତ୍ମୀୟ ସ୍ୱଜନ, ରକ୍ତ ସମ୍ପର୍କୀୟ, ବନ୍ଧୁବାନ୍ଧବଠାରୁ ଊର୍ଦ୍ଧ୍ୱରେ ତା'ର ପରିଚୟ, ତା'ର ସ୍ଥିତି। ସେ ପାଖରେ ଅଛି ତ ସବୁ କିଛି ଅଛି।

ଆହା କେଡେ ସହସା ବତିଶ ତେତିଶ ବର୍ଷୀୟ ଯୁବକଟି ପୌଢ଼ରେ ପରିଣତ ହୋଇଗଲା। କାଲିପରି ଲାଗୁଛି।

ଏଇ ଯୁବକଟି କାହୁଁ ଆସିବା ପରି ବସିଥିଲା ପ୍ଲାଟଫର୍ମର ଶେଷ ରେଳ ଲାଇନ୍ କଡରେ ଥିବା

ଗୋଟେ କଲଭର୍ଟ ଉପରେ। ରାତି ବେଶି ହୋଇନଥିଲା। ପ୍ଲାଟଫର୍ମର ଅଳ୍ପ ଅଳ୍ପ ଆଲୁଅ ଛିଟିକି ଆସି ପଡୁଥିଲା ତା' ଉପରେ। ଆକାଶରୁ ଝରୁଥିଲା ଅଳ୍ପ ଅଳ୍ପ ବର୍ଷା। ରହିରହି ବିଜୁଳି ବି ମାରୁଥିଲା। ସେଇ ପାଖ ଦେଇ ଯାଇଥିବା ସରୁ ପାଦଚଲା ପିଚୁ ରାସ୍ତାଟିରେ ସନ୍ଧ୍ୟା ପରେ ବେଶି ଲୋକଙ୍କ ଯାତାୟତ ନଥାଏ। ସହଜେ ତ ବର୍ଷା ପାଗକୁ ଶୀତୁଆ ରାତି! ରାସ୍ତାଟି ଥିଲା ନିର୍ଜନ।

ସତ୍ୟବ୍ରତ ଦେଖିଲେ ତାକୁ। ତାଙ୍କ ସ୍କୁଟରର ପଛ ଚକା ଲିକ୍ ହୋଇଯାଇଥିବାରୁ ଅନେକ କଷ୍ଟରେ ସେଇଟିକୁ ଠେଲିଠେଲି ସେ ନେଉଥିଲେ ଷ୍ଟେସନ୍ ପଛ ପାଖରେ ଥିବା ଗ୍ୟାରେଜକୁ। ସ୍କୁଟରଟିକୁ ଠେଲି ଠେଲି ନେଉଥିବାରୁ ତାଙ୍କ ଗୋଡ଼ହାତ ଘୋଳି ହୋଇପଡୁଥିଲା। ଅଣ୍ଟା କଟ୍‌କଟ୍ ଡ଼ାକୁଥିଲା। ଝାଳ ଓ ବର୍ଷା ପାଣିରେ ଗୋଟାପଣ ଓଦା ହୋଇଯାଇଥିଲେ ସେ।

ଲୋକଟି ଏମିତି ଓଦା ହୋଇ ଏକୁଟିଆ ଏ ଟ୍ରେନ୍ ଲାଇନ୍ କଡ଼ରେ ନିଛାଟିଆ ସ୍ଥାନରେ ବସିଛି କାଇଁକି? ତା'ର କିଛି ଭୟଙ୍କର ମତଲବ୍ ଥାଇପାରେ କି?

ସତ୍ୟବ୍ରତଙ୍କ ମନରେ ସନ୍ଦେହ ହେଲା। ପରମୁହୂର୍ତ୍ତରେ ଭୟ ମଧ୍ୟ ଲାଗିଲା। ଲୋକଟା ଚୋର କି ତସ୍କର ହୋଇଥାଇ ପାରେ। ତା' ପାଖରେ ଛୁରୀ କି ବନ୍ଧୁକ ଥାଇପାରେ। ସେସବୁ ଦେଖାଇ ସେ ତାଙ୍କୁ ଭୟଭୀତ କରାଇପାରେ। ତାଙ୍କଠାରୁ ସ୍କୁଟର, ତାଙ୍କ ହାତଘଣ୍ଟା, ବେକରେ ପଡ଼ିଥିବା ସରୁ ସୁନାଚେନ୍ ଏବଂ ପର୍ସରେ ଥିବା ହଜାରେ କି ବାରଶହ ଟଙ୍କାକୁ ଛଡ଼େଇ ନେଇପାରେ। ସେ ଯଦି ସାମାନ୍ୟ ବିରୋଧ କରନ୍ତି, ତେବେ ତାଙ୍କୁ ବିନା ଦ୍ୱିଧାରେ ଛୁରୀ ଭୂଷି ଦେଇପାରେ। କିମ୍ବା ତାଙ୍କ ଛାତିରେ ବନ୍ଧୁକ ରଖି ଗୁଳି ଫୁଟାଇ ଦେଇପାରେ!

ଭୟରେ ଶିହିରି ଉଠିଲେ ସତ୍ୟବ୍ରତ।

ବରଂ ସେ ତାର ବସିଥାଉ। ମୋର ମୁଁ ବାଟେବାଟେ ଚାଲିଗଲେ ଭଲ। - ଭାବିଲେ ସତ୍ୟବ୍ରତ ଏବଂ କଡପଟିଆ ହୋଇ ସନ୍ତର୍ପଣରେ ଚାଲି ଯାଉଥିବାବେଳେ ଗୋଟିଏ ଶବ୍ଦ ବାଜିଲା ତାଙ୍କ କାନରେ। ଲୋକଟା କାନ୍ଦୁଛି କି! ସେ କାନ ଡ଼େରିଲେ। ହଁ ତ! ସୁଁ ସୁଁ ହେବା ପରି ଶବ୍ଦଟିଏ ଆସି କ୍ଷୀଣ ଭାବରେ ବାଜୁଛି ତାଙ୍କ କାନରେ। ଏତେ ବଡ଼ ମଣିଷଟା କାଇଁକି କାନ୍ଦୁଛି? କେଉଁ ଦୁଃଖରେ କାନ୍ଦିପାରେ ଜଣେ ପ୍ରାପ୍ତ ବୟସ୍କ ମଣିଷ?

ଆଗକୁ ବଢୁଥିବା ତାଙ୍କ ପାଦ ଅଟକିଗଲା। ଯାହା ସେ ଶୁଣୁଛନ୍ତି ତାହା ସତ୍ୟ ନା ତାଙ୍କ ମନର ଭ୍ରମ। ଲୋକଟିର କାନ୍ଦଣା ତାଙ୍କ କାନରେ ବାଜିଲା ନା ବର୍ଷାର ସଁ ସଁ ଶବ୍ଦ। ଏକ ଦୋଦୁଲ୍ୟମାନ ସ୍ଥିତିରେ ପଡ଼ିଯାଇଥିଲେ ସେ। ଲୋକଟା କ'ଣ ଆତ୍ମହତ୍ୟା କରିବା ମତଲବରେ ଅଛି କି? ଯଦି ତାହା ସତ୍ୟ ହୋଇଥାଏ, ଯଦି ସେ ତାକୁ ଏଇ ମୁହୂର୍ତ୍ତରେ ଛାଡ଼ି ଚାଲିଯାଆନ୍ତି, ଯଦି ସେ ସତକୁ ସତ ସେପରି କାମଟିଏ କରିଦିଏ ଏବଂ ଯଦି କାଲି ଖବରକାଗଜରେ ଏ ଲୋକଟିର ଖଣ୍ଡବିଖଣ୍ଡିତ ଶବ ଓ ଖବର ବାହାରେ, ତେବେ ସେ ନିଜକୁ କ୍ଷମା କରିପାରିବେ ତ! ତାଙ୍କ ଆତ୍ମା ପୁରୁଷଟି ତାଙ୍କୁ ଧିକ୍‌କାର କରିବନିତ!

ଆଉ ଅଧିକ କିଛି ନ ଭାବି, କୌଣସି ପରିସ୍ଥିତି ପ୍ରତି ଧ୍ୟାନ ନଦେଇ ସତ୍ୟବ୍ରତ ଅଖଞ୍ଜା ସ୍କୁଟରରେ ଷ୍ଟାଣ୍ଡ ମାରିଲେ ଏବଂ ସନ୍ତର୍ପଣରେ ଲୋକଟିର ଅଳ୍ପ ପାଖକୁ ଯାଇ ମନରେ ସାହସ ବାନ୍ଧି ପଚାରିଲେ – "କିଏ ତମେ ବାବୁ, ବର୍ଷାରେ ବସିଛ ଏଠି? କ'ଣ ତମ ମତଲବ?

: ମୁଁ ଶୁକଦେବ ଆଜ୍ଞା। – ଅଳ୍ପ ମୁହଁ ଟେକି ଲୋକଟି ଜବାବ ଦେଲା।

: କେଉଁ ଶୁକଦେବ? ତୁମ ଘର କେଉଁଠି? ଏଠି ଏପରି କାଇଁକି ବସିଛ? ବର୍ଷା ହେଉଛି ପରା!

କୋହ ସମ୍ଭାଳି ନ ପାରି ଲୋକଟି ଉଚ୍ଚ ସ୍ୱରରେ କାନ୍ଦି ଉଠିଲା।

ଜଣେ ଅଜଣା ମଣିଷ ଆଉ ଜଣେ ଅଜଣା ମଣିଷ ସାମ୍ନାରେ ପ୍ରଥମ ଦେଖାରେ ଏମିତି ଭୋ ଭୋ ହୋଇ କାନ୍ଦି ପକାଇବାର ଦୃଶ୍ୟ ବିଗଳିତ କରି ପକାଇଲା ସତ୍ୟବ୍ରତଙ୍କୁ।

କେଉଁ ପରିସ୍ଥିତିରେ ସେ ଘର ଛାଡ଼ି ଆସିଛି, କେଉଁ ପରିସ୍ଥିତିରେ ସେ ଦୁଇଦିନ ଧରି ଖାଡ଼ା ଉପବାସରେ ରହିଛି, କେଉଁ ପରିସ୍ଥିତିରେ ସେ ରେଳ ଧାରଣାରେ ଜୀବନ ହାରି ଦେବାକୁ ବସିଛି, ସେକଥା କାନ୍ଦ କାନ୍ଦ ହୋଇ ଏକ ନିଃଶ୍ୱାସରେ ସତ୍ୟବ୍ରତଙ୍କ ଆଗରେ କହି ପକାଇଲା ଶୁକଦେବ ନାମଧାରୀ ଲୋକଟି।

ତା' କଥାରେ ଥିଲା ଏକ କାରୁଣ୍ୟ, ଏକ ସତ୍ୟନିଷ୍ଠତା, ଯାହା ଦ୍ରବୀଭୂତ କରି ପକାଇଲା ସତ୍ୟବ୍ରତଙ୍କୁ।

: ଯିବ ମୋ ସାଙ୍ଗରେ! – ସିଧାସଳଖ ପଚାରିଲେ ସେ।

ତାଙ୍କର ଏକ ପଦକ କଥା ମନ୍ତ୍ରଧ୍ୱନୀ ପରି ଶୁଭିଲା ଶୁକଦେବକୁ। ସେ ଏକରକମ ଧାଇଁ ଆସିଲା ସତ୍ୟବ୍ରତଙ୍କ ପାଖକୁ ଏବଂ ଜାବୁଡ଼ି ଧରିଲା ତାଙ୍କ ଦୁଇ ପାଦକୁ। ତାଙ୍କ ହାତରୁ ପଙ୍କଚର୍ ହୋଇଯାଇଥିବା ସ୍କୁଟରଟିକୁ ନିଜ ହାତକୁ ନେଲା ଏବଂ ଆଗକୁ ଗଡାଇବାକୁ ଆରମ୍ଭ କରିଦେଇଥିଲା। ସତ୍ୟବ୍ରତ ତାକୁ ଅନୁସରଣ କଲେ।

ସେହିଦିନଠାରୁ ଶୁକଦେବ ରହିଛି ତାଙ୍କଘରେ। ଚାକର ଭାବରେ ନୁହେଁ ବରଂ ଘରର ଜଣେ ସଦସ୍ୟ ଭାବରେ।

ପ୍ରଥମେ ପ୍ରଥମେ ସୁନୟନା ଅସନ୍ତୁଷ୍ଟ ହେଉଥିଲେ। ଏତିକି ବକଟେ ଘର। ଅଭାବୀ ସଂସାର। ସେଇଥିରେ ଆଉ ଜଣେ ମଣିଷକୁ ଆଣି ଘରେ ପୂରାଇଛ କାହିଁକି ବୋଲି ସେ ବିରକ୍ତ ହେଉଥିଲେ ସତ୍ୟବ୍ରତଙ୍କ ଉପରେ।

କିନ୍ତୁ ମାତ୍ର ଦିନ କେଇଟା ଭିତରେ ସୁନୟନାଙ୍କର ସେପରି ମାନସିକତା କୁଆଡ଼େ ଉଭନେ ହୋଇଗଲା। ଶୁକଦେବର ଭଦ୍ର, ଅମାୟିକ ବ୍ୟବହାର ଏବଂ କାର୍ଯ୍ୟ ଘରେ ସମସ୍ତଙ୍କ ମନକୁ ମୋହି ନେଇଗଲା।

ବଜାର ସଉଦାଠାରୁ ଆରମ୍ଭ କରି ଘରର ଯାବତ୍ୟ କାମ କାର୍ଯ୍ୟ, ସୁନୟନାଙ୍କ ଦେହ ପା'...ପିଲା ଦୁଇଟିଙ୍କର ଭଲମନ୍ଦ ଏପରିକି ରୋଷେଇବାସ ପର୍ଯ୍ୟନ୍ତ ପ୍ରତିଟି କାର୍ଯ୍ୟରେ ଶୁକଦେବ ଛାଡ଼ିଯାଉଥିଲା ତା'ର ନିର୍ଭୁଲ ହସ୍ତାକ୍ଷର।

ଏକ ଅପରିହାର୍ଯ୍ୟ ଆବଶ୍ୟକତା ସେ ହୋଇପଡ଼ିଲା ଘରେ ସମସ୍ତଙ୍କ ପାଇଁ, ଖୁବ୍ ଅଳ୍ପ ଦିନ ଭିତରେ।

ଆଜି ସୁନୟନା ନାହାନ୍ତି। ବାରବର୍ଷ ପୂର୍ବେ, ସତ୍ୟବ୍ରତ ଚାକିରିରୁ ଅବସର ନେବାର ମାତ୍ର ଦେଢ଼ ଦୁଇବର୍ଷ ପରେ ଚାଲିଗଲେ ଆରପୁରକୁ। ଯିବା ପୂର୍ବରୁ ଅନେକ ଦିନ ଧରି ବିଛଣା ଲଗା ହୋଇ ପଡ଼ି ରହିଲେ। ବାର ହୀନସ୍ତା ଭୋଗିଲେ। ସେ ଦୁର୍ଦ୍ଦିନ ସମୟରେ ଏଇ ଶୁକଦେବ ହିଁ ହୋଇଥିଲା ତାଙ୍କର ସାହା ଭରସା। ସୁନୟନାଙ୍କର ଯେଉଁ ସେବା ସେ କରିଛି, ନିଜର ପୁଅଝିଅ ଏପରିକି ସତ୍ୟବ୍ରତ ନିଜେ ବି ତା'ର କାଣିଚାଏ କରିପାରିନାହାନ୍ତି।

: ବାବୁ! କଣ ଭାବୁଛନ୍ତି ବସି ସେତିକିବେଳଠାରୁ? ଉଠିଲେ ଆପଣ। ଡାକି ଡାକି ମୋ ପାଟି ବଥା ହୋଇଗଲାଣି। – କହିଲା ଶୁକଦେବ।

ଏକ ଲୟରେ ଶୁକଦେବକୁ ଚାହିଁଥିଲେ ସତ୍ୟବ୍ରତ। ଭଗ୍ନ ସ୍ୱରରେ କହିଲେ – " ଏ ସହରଟା ଭାରି ନିଛାଟିଆ ଲାଗୁଚି ରେ ଶୁକଦେବ। ସବୁ ଯେମିତି ବରଫ ପାଲଟି ଯାଇଛି। ସତେ ଅବା କାହାର ହୃଦୟହୀନ ଅଭିଶାପରେ ପାଷାଣ ପାଲଟି ଯାଇଛନ୍ତି ପୃଥିବୀ-ସମ୍ଭୁତ ସବୁ ପ୍ରାଣୀ। ଏତେ ଖାଁ ଖାଁ ପରିବେଶ ଭିତରେ ବଞ୍ଚିବାକୁ ଜମା ମନ ବଳୁନାଇଁରେ....ବଡ଼ ନିଃସଙ୍ଗ ଆଉ ଅସହାୟ ଲାଗୁଛି। ପରାଜିତ ହୋଇଯିବା ପରି ଲାଗୁଛି ନିଜ ପାଖରୁ। ଏ ସହର ଛାଡି ଆମେ ଅନ୍ୟଆଡେ ଚାଲିଯିବା କି?

ଏସବୁ କଥା ଏଇ ପ୍ରଥମ କଥା ନୁହେଁ, ହଜାର ବାର ଶୁଣି ସାରିଲାଣି ଶୁକଦେବ। ସବୁଦିନ ସେଇ ଏକଥା ଶୁଣି ଶୁଣି କାହାକୁ ବା ବିରକ୍ତ ନ ଲାଗିବ।

ଶୁକଦେବ କିନ୍ତୁ ବିରକ୍ତ ହେଲାନି। କହିଲା –

"ଏତେ ସବୁ କଥା ମୁଣ୍ଡରେ ପୂରାଇ ଭାବିବା ପାଇଁ କିଏ କହିଛି ଆପଣଙ୍କୁ ? କାଇଁକି ବାରଆଡୁ ତେର କଥା ପୂରାଇ ମୁଣ୍ଡକୁ ଆହୁରି ଗୋଳମାଳ କରୁଛନ୍ତି ? ଚାଲନ୍ତୁ ଆଜ୍ଞା, ଘର ଭିତରକୁ। କ'ଣ ଦି'ଟା ପାଟିରେ ପକାଇ ଔଷଧ ଖାଇବେ। ଟାଇମ୍‌ରେ ଔଷଧ ଖାଇବା ପାଇଁ ଡାକ୍ତରବାବୁ ପରା ତାଗିଦ୍ କରିଛନ୍ତି।

"ମାର୍ ଗୁଲି ତୋ' ଡାକ୍ତରକୁ। ତା ଔଷଧକୁ।" -ବିରକ୍ତ ହୋଇଗଲେ ସତ୍ୟବ୍ରତ- "ତୋ'ର ଆଉ କିଛି କାମ ନାହିଁ କିରେ। ସବୁବେଳେ ମୋ'ପଛରେ ଲାଗିଛୁ। ଶୁଣ୍, ଅତି ଭକ୍ତିଗୁଡା ମୋତେ ଦେଖାନା। ତୁ ଯା, ଖାଇପିଇ ଶୋଇପଡ଼। ମୁଁ ବସିଛି ଏଇଠି । ବସିବି।"

ବାର୍ଦ୍ଧକ୍ୟ ଆସିବା ସହିତ ଜିଦ୍‌ଦିକୁ ବି ସାଙ୍ଗରେ ଆଣି ଆସେ, ଏକଥା ଭଲ ଭାବରେ ଜାଣିଥିଲା ଶୁକଦେବ। ସେ ଫେରିଯାଉଥିବାବେଳେ ପଛରୁ ଡାକିଲେ ସତ୍ୟବ୍ରତ- "ଆରେ ଶୁକଦେବ ! ଏଇଟା କେଉଁ ମାସ ଚାଲିଛି କିରେ ? ମହାବିଷୁବ ସଂକ୍ରାନ୍ତି ଗଲାଣି ନା !

: ଏଇଟା ପୌଷ ମାସ। ଦୁଇହଜାର ଚବିଶ ମସିହା ଡିସେମ୍ବର ମାସ ଅଠର ତାରିଖ। ଆଉ କିଛି ପଚାରିବାକୁ ଅଛି ନା ଏତିକି ? । -କହିଲା ଶୁକଦେବ।

: ଗୋଟିଏ କଥା ତୋତେ ପଚରିବାର ଅଛି, ଶୁକଦେବ।

: ଆଉ କିଛି ପଚାରନ୍ତୁ ନାଇଁ। ଘର ଭିତରକୁ ଯିବେ ନା ଖାଇବା ନେଇ ଆସିବି ଏଇଠିକୁ। ଏତେ ରାତିରେ ଖାଇଲେ ହଜମ କରିହେବ ତ ! ଆପଣ ଆଜିକାଲି ଜମା ଶୁଣୁନାହାନ୍ତି ମୋ କଥା। ଏଠି ଏଇ ବାଲ୍‌କୋନୀରେ ବସି କାଇଁକି ଆବୁରୁ ଜାବୁରୁ କଥା ମୁଣ୍ଡରେ ପୂରାଇ ଭାଳି ହେଉଛନ୍ତି ? କ'ଣ ମିଳୁଚି ସେଥିରୁ ଆପଣଙ୍କୁ ? ଚାଲନ୍ତୁ ଘର ଭିତରକୁ। ଅଳ୍ପ ଟିକିଏ କ'ଣ ଖାଇଦେଇ ଔଷଧ ଖାଇ ଶୋଇପଡ଼ିବେ। ଯଦି ନିଦ ନ ଲାଗୁଛି, ପଢ଼ାପଢ଼ି ଲେଖାଲେଖି କରିବେ। ଆପଣ ଅନେକ ଦିନ ହେବ କିଛି ପଢ଼ାଲେଖା କରିନାହାନ୍ତି, ଏକଥା ମାଲୁମ ଅଛି ଟି !

: ଶୁକଦେବ ! – ପୁଣି ଡାକିଲେ ସତ୍ୟବ୍ରତ।

କିଛି ଜବାବ ନ ଦେଇ ଶୁକଦେବ ଚାହିଁଲା ତାଙ୍କ ମୁହଁକୁ।

: ପାଣି ଗ୍ଲା'ସେ ଦେ ତ ! ଭାରି ଶୋଷ ଲାଗୁଛି। ଆରେ ଏଇଟା କେଉଁ ମାସ କିରେ ? ଭାରି ତ ଗରମ ପଡ଼ିଛି। ଦେଖୁନୁ କେମିତି ଗମଗମ ଝାଳ ବାହାରି ଯାଉଛି ଦେହରୁ !

ରୋଷେଇ ଘରୁ ପାଣି ଗ୍ଲାସ ଆଣି ଶୁକଦେବ ବଢ଼ାଇ ଦେଲା ସତ୍ୟବ୍ରତଙ୍କ ଆଡକୁ।

**: ବାର :**

ରାତି ଅନେକ ବଢ଼ିଯାଇଥିଲା। ଏଇ କିଛି ସମୟ ଆଗରୁ ନିଦରେ ଟଳମଳ ହେଉଥିବା ଶୁକଦେବର ଆଖିରୁ ନିଦ କୁଆଡ଼େ ଉଭାନ ହୋଇଯାଇଥିଲା। ଏଇଟା ତା' ପାଇଁ ନୂଆ ନୁହେଁ। ଥରେ ଥରେ ତ ରାତି ପାହିଯାଏ। ସାରାରାତି ବାବୁଏମିତି କହୁଥିବେ ଅସଲଗ୍ନ କଥା। ଗୋଟିଏ କଥାକୁ ବାରମ୍ବାର ପଚାରୁଥିବେ। ଭୁଲି ଯାଉଥିବେ ଦିନ ମାସ ବର୍ଷ। ସମୟ ଅସମୟ।

ନିଜ ବୁଦ୍ଧି ଓ ବିବେକ ମୁତାବକ ଶୁକଦେବ ଯେତିକି ପାରେ ଉତ୍ତର ଦିଏ। ନହେଲେ ହୁଁ ହୁଁ ମାରେ। ଅତି ଅଧିକ ହେଲେ ଆକଟ କରିବା ସ୍ୱରରେ କୁହେ- "ଯାଆନ୍ତୁ ଶୋଇବେ। ଏମିତି ଭାଳିଭାଳି ରାତି ଅନିଦ୍ରା ହେଲେ ଦେହ ଭଲ ରହିବ ନା ବିଗିଡ଼ିବ ?

: ଏଇ ଛୋଟିଆ ବକଟେ ଘର ତିଆରି କରିବାର ଦଶବାରବର୍ଷ ହୋଇଗଲା ଶୁକଦେବ।– ଅତୀତ ଆଡକୁ ଦୃଷ୍ଟି ପହଁରାଇ ସତ୍ୟବ୍ରତ କହିଲେ – "ହେଲେ ଯେଉଁମାନଙ୍କ ପାଇଁ ଲୁହଲହୁ ଦେଇ ତିଆରି କରିଥିଲି ଏଇ ଘର, ସେମାନେ ଏବେ କେହି ନାହାନ୍ତି ପାଖରେ। ଜେଝା ବାଟରେ ଯିଏ ବାଟ କାଟିଲେଣି ଅନେକ ଆଗରୁ....

: ବାବୁ, ଲାଇଟ୍ ବନ୍ଦ କଲି ବାଲ୍‌କୋନୀର। ଶୀତୁଆ ପବନ ଦେହରେ କଣ୍ଟା ଭଳି ଫୋଡ଼ି ହୋଇଯାଉଛି। ବର୍ଷା ଟୋପାଏ ଟୋପାଏ ପଡିଲାଣି। ଚାଲନ୍ତୁ ଘର ଭିତରକୁ। ଆଉ ଏତେ ରାତିରେ ଖାଇଲେ ବଦହଜମି ହେବ। ଦଉଚି ଉଷୁମ କ୍ଷୀର ଗ୍ଲାସେ। ପିଇଦେଇ ଯାଆନ୍ତୁ ଶୋଇପଡ଼ିବେ। କାଲି ସକାଳେ ଡାକ୍ତରଙ୍କ ପାଖକୁ ଯିବାର ଅଛି ବୋଲି ମନେ ଅଛି ନା ନାଇଁ ?

ଶୁକଦେବ କହିଲା।

: ତୁ ଯା ! ମୁଁ ଆଉ ଟିକେ ପରେ ଯାଉଛି।

ଅନନ୍ୟୋପାୟ ହୋଇ ଶୁକଦେବ ଚାଲିଗଲା ତା' ବଖରାକୁ।

କିଛି ସମୟ ପରେ ସତ୍ୟବ୍ରତ ଉଠିଲେ। ଧୀରେ ଧୀରେ ଆଗେଇଲେ ନିଜ ପଢ଼ା ଘର ଭିତରକୁ। ବସିଲେ ଯାଇ ନିଜ ଚେୟାରରେ। ଦୃଷ୍ଟି ପହଁରାଇ ଆଣିଲେ ଘରର ଚାରିଆଡ଼େ। ବହି...ଚାରିଆଡ଼େ କେବଳ ବହି। ବହିର ଏ ସାମ୍ରାଜ୍ୟ ଭିତରେ ସେ ଏକା। ବିଲ୍‌କୁଲ୍ ଏକା। ଓଦା ଓଦା ଲାଗିଲା ତାଙ୍କ ମନ। ସେ ନିରେଖି ଚାହିଁଲେ ବହିମାନଙ୍କୁ। ସେମାନଙ୍କ ମୁହଁ ବି କାନ୍ଦୁରା କାନ୍ଦୁରା ଦେଖାଗଲା ତାଙ୍କୁ।

ନିଜର ସ୍ନେହ ପ୍ରବଣ ପାପୁଲିରେ ସତ୍ୟବ୍ରତ ଆଉଁସି ପକାଇଲେ ସେମାନଙ୍କୁ।

ଆହା ! ଏମାନେ ବି ଦିନେ ଚେଉଣ୍ଡ ହୋଇଯିବେ ! କେତେ ଆଦର ଯତ୍ନରେ, ହେପାଜତରେ ସେ ସାଇତିଛନ୍ତି ସେମାନଙ୍କୁ। ଏମିତି ଅନେକ ରାତି ବିତିଯାଇଛି ସେ କିଛି ପଢ଼ାପଢ଼ି ଲେଖାଲେଖି ନ କରି ଘଣ୍ଟା ଘଣ୍ଟା ଧରି କେବଳ ଚାହିଁ ରହିଛନ୍ତି ନିଜର ପ୍ରାଣ ପ୍ରତିମା ଏଇ ବହିମାନଙ୍କୁ। ସେମାନଙ୍କ ସହ ଘଣ୍ଟା ଘଣ୍ଟା ରାତିରାତି ଧରି ସେ କରିଛନ୍ତି ନିରବ ଆଳାପ। ସେମାନଙ୍କ ସହ ଦୁଃଖ ସୁଖ ହୋଇଛନ୍ତି। ଜୀବନର ଅନେକ ଦୀର୍ଘଶ୍ୱାସ ଆଉ ଅବସୋସର କାହାଣୀ ସେ ବଖାଣିଛନ୍ତି ସେମାନଙ୍କ ଆଗରେ, ନିରବରେ। ବହିମାନେ ତାଙ୍କୁ ଶୁଣିଛନ୍ତି। ଦୀର୍ଘଶ୍ୱାସ ଛାଡ଼ିଛନ୍ତି। ତାଙ୍କ ଦୁଃଖରେ ସମଦୁଃଖୀ ହୋଇଛନ୍ତି।

ଯାହା ପ୍ରିୟଜନମାନେ କରିନାହାନ୍ତି, ତାଙ୍କ ବହିମାନେ ତାହା କରି ତାଙ୍କୁ ବଞ୍ଚିବାର ଖୋରାକ୍ ଯୋଗାଇ ଦେଇଛନ୍ତି। ତାଙ୍କ ଜୀବନର ଡହଡହ ଉତ୍ତପ୍ତ ମରୁଭୂମି ଉପରେ ଅଜାଡ଼ି ଦେଇଛନ୍ତି ଅସରା ଅସରା ବର୍ଷା।

ଝିଅ ସାଲୁ ଯେବେ ବାହାହୋଇ ତା' ସ୍ୱାମୀ ସହିତ ମୁମ୍ବାଇ ବାହାରିଲା, ଗୋଟେ ପ୍ୟାକେଟ୍ ତା' ହାତକୁ ବଢ଼ାଇଦେଇଥିଲେ ସତ୍ୟବ୍ରତ।

ଖୁସି ହୋଇଯାଇଥିଲା ସାଲୁ। କାଳେ କିଛି ମୂଲ୍ୟବାନ ପଦାର୍ଥ ବାବା ତାକୁ ଭେଟି ଦେଉଛନ୍ତି ବୋଲି ଆଗ୍ରହରେ ସେ ପଚାରିଦେଲା-"ଏସବୁ କ'ଣ ବାବା ?

: ମୋର ସବୁତକ ବହି। ମୁଁ ଚାହୁଁଛି ମୋର ସବୁ ବହିରୁ ଖଣ୍ଡେ ଖଣ୍ଡେ ରହିଥାଉ ତୋ'ପାଖରେ। – ଆଗ୍ରହରେ କହିଥିଲେ ସତ୍ୟବ୍ରତ।

ଆମ୍ବିଳା ହୋଇଯାଇଥିଲା ସାଲୁର ମୁହଁ।

ସେ କହିଥିଲା – "ମୁଁ ଏବେ ନୂଆ ନୂଆ ତାଙ୍କ ଘରକୁ ଯାଉଛି। ଏସବୁ ରଖିବାକୁ ସେଠାରେ ଜାଗା ଥିବ କି ନାହିଁ ଜାଣିନି। ତମେ ଏସବୁ ପାଖରେ ରଖିଥାଅ ବାବା। ଆରଥରକୁ ମୁଁ ଆସିଲେ ସବୁଗୁଡ଼ା ଏକାଥରକେ ନେଇଯିବି। ଖାଲି ନେବି ନାହିଁ, ସେଠି ବସି ଆମୂଳଚୂଳ ପଢ଼ିବି ମଧ୍ୟ...।

ବିକଳ ଦେଖାଗଲା ସତ୍ୟବ୍ରତଙ୍କ ଦାନ୍ତହୀନ ମୁହଁ। ଗୋଟେ ଡହଡହ ଗରମ ଦୀର୍ଘଶ୍ୱାସ ତାଙ୍କ ଛାତିକୁ ଦୋହଲାଇ ବାହାରିଗଲା।

ପୁଅ ରାଜା ଇଞ୍ଜିନିୟର ପାଠସାରି ବାଙ୍ଗଲୋର୍‌ରେ ଏକ ବହୁରାଷ୍ଟ୍ରୀୟ ସଫ୍ଟୱେୟାର କମ୍ପାନୀରେ ଯୋଗ ଦେଲା। ସେଠି ଗୋଟେ ତାମିଲ ଝିଅ ପ୍ରେମରେ ପଡ଼ି ବାହା ହୋଇପଡ଼ିଲା ସେଇ ଆଡ଼େ। ତାଙ୍କ କମ୍ପାନୀ ତାକୁ ଦୁଇବର୍ଷ ପାଇଁ ବିଦେଶ ପଠାଇବାକୁ ସ୍ଥିର କରିବାରୁ ପୁଅ ବୋହୂ ଦୁହେଁ ଆସିଥିଲେ ଘରକୁ, ତାଙ୍କୁ ଦେଖାକରି ଯିବା ପାଇଁ।

ପୁଅର ବାହାଘରରେ ସତ୍ୟବ୍ରତ ରାଗ କିମ୍ବା ଅଭିମାନ କରିନଥିଲେ। ସୁନୟନା ବଞ୍ଚିଥିଲେ ଏ

ଘଟଣାକୁ କ'ଣ କିପରି ଗ୍ରହଣ କରିଥାଆନ୍ତେ, ସେକଥା ତାଙ୍କୁ ଅଜଣା। ସେ କିନ୍ତୁ ନିଜ ମନକୁ ବୁଝାଇ ଦେଇଥିଲେ ଯେ ଯାହା ହୋଇଛି ଠିକ୍ ହୋଇଛି। ଜୀବନ ସେମାନଙ୍କର। ନିଜ ଜୀବନ ପାଇଁ ନିଷ୍ପତ୍ତି ନେବାର ପୂର୍ଣ୍ଣ ଅଧିକାର ଅଛି ସେମାନଙ୍କର। ଏଥିରେ ସେ କାହିଁକି ହସ୍ତକ୍ଷେପ କରିବେ କିମ୍ବା ମନକଷ୍ଟ କରିବେ? ପୁଅ ବୋହୂ ଫେରିବା ଦିନ ସତ୍ୟବ୍ରତ ପୁଡ଼ିଆଟିଏ ବଢ଼ାଇଲେ ରାଜା ହାତକୁ।

: ଏଥିରେ କ'ଣ ଅଛି ବାବା? – ପଚାରିଲା ରାଜା।

: ବହି। ମୋ ବହି। ଏଇତକ ହେଉଛି ମୋ ସାମଗ୍ରିକ ଜୀବନର ଫଳଶ୍ରୁତି। ମୁଁ ସର୍ବାନ୍ତକରଣରେ ଚାହେଁ, ମୋ ଅନ୍ତେ ମୋ ବହିସବୁ ସୁରକ୍ଷିତ ହୋଇ ରହିଥାଉ ମୋ ସନ୍ତାନମାନଙ୍କ – ପାଖରେ। ଏସବୁ ତୁ ନେଇଯା ସାଙ୍ଗରେ । – ସତ୍ୟବ୍ରତ ଅଳି କରିବା ପରି କହିଲେ।

ରାଜା ଆଗପଛ ହେଲା। ଚାହିଁଲା ନବବିବାହିତା ଅଣଓଡ଼ିଆ ପତ୍ନୀକୁ। ମେଞ୍ଚେ ଅସନ୍ତୋଷ ବୋଲି ହୋଇ ରହିଥିଲା ବୋହୂର ମୁହଁରେ। ସେକଥା ବୁଝି ପାରି ରାଜା ଗୁଁ ଘୁଁ ହୋଇ କହିଲା – "ବାବା, ଫ୍ଲାଇଟ୍‌ରେ ସେସବୁ ନେବା ମହା ଝାମେଲା। ନାନା ଚେକିଂର ସମ୍ମୁଖୀନ ହେବାକୁ ପଡ଼ିବ। ଲଗେଜର ଓଜନ ମଧ୍ୟ ବଢ଼ିଯିବ। ସେଥିପାଇଁ ଡବଲ୍ ଚାର୍ଯ ଦେବାକୁ ପଡ଼ିବ। ବରଂ ଏସବୁ ଘରେ ତୁମ ପାଖରେ ଥାଉ ବାବା! ମୁଁ ଇଣ୍ଡିଆ ଫେରିଲା ପରେ ସବୁତକ ବହିନେଇ ରଖିବି ପାଖରେ!

ଉଦ୍ୟତ ହୋଇ ରହିଥିବା ହାତଟି ଫେରି ଆସିଲା ନିଜ ପାଖକୁ ଚରମ ବିଫଳତାର ସମ୍ମୁଖୀନ ହୋଇ।

ସେଇ ବହି ଦୁଇ ପ୍ୟାକେଟ୍ ସେମିତି ସାଇତା ହୋଇ ରହିଛି ଆଜିଯାଏ। ବହିମାନେ ସତେ ଯେପରି ସ୍ନେହ ଶ୍ରଦ୍ଧା ଟୁପ୍‌ଟାଏ ପାଇବା ପାଇଁ ଅଶେଷ ଧୈର୍ଯ୍ୟର ସହ ଅପେକ୍ଷା କରି ରହିଛନ୍ତି ବର୍ଷ ବର୍ଷ ଧରି!

ବାତ୍ସଲ୍ୟ ସ୍ନେହରେ ସତ୍ୟବ୍ରତ ଆଉଁଷି ପକାନ୍ତି ବହିମାନଙ୍କୁ। ଆହା, ତାଙ୍କୁ ଜୀବନ ବଞ୍ଚିବାର ରାହା ଦେଖାଇଥିବା, ଜୀବନ ସହ ଅନ୍ତରଙ୍ଗ କରାଇଥିବା ଏଇ ନିରୀହ ବହିମାନଙ୍କର ଅବସ୍ଥା କ'ଣ ହେବ ତାଙ୍କ ଅନ୍ତେ! କିଏ କରିବ ସେମାନଙ୍କ ଦେଖାରଖା। କିଏ ଝାଡ଼ିଦେବ ସେମାନଙ୍କ ଦେହରୁ ଧୂଳି!

ତାଙ୍କ ସହ ସେମାନେ ବି କ'ଣ ଦିନେ ଲୀନ ହୋଇଯିବେ ମାଟିରେ!

ସତ୍ୟବ୍ରତଙ୍କ ଛାତି ମନ୍ଥି ହୋଇଯାଏ ଦୁଃଖ, ଭୟ ଓ ଆତୁରତାରେ। ଛାତି ଧଡଧଡ କରେ। ଶୁଖିଯାଏ ତଣ୍ଟି। ଅଜାଣତରେ ତାଙ୍କ ଆଖିରୁ ଝରିଆସେ ଦି' ବୁନ୍ଦା ଲୁହ। ଅଣନିଃଶ୍ୱାସୀ ହୋଇ ସେ ଡାକ ପକାନ୍ତି ଶୁକଦେବକୁ।

ସେପାଖ ଘରେ ଥିବା ଶୁକଦେବ ଧଡ଼ପଡ଼ ହୋଇ ଧାଇଁ ଆସେ।

: ଶୁଣ୍ ଶୁକଦେବ! କାନପାତି ଶୁଣ୍। କିଛି ମଣିଷ, କେଉଁଠି ଏକାଠି ହୋଇ ମିଳିତ ସ୍ୱରରେ କାନ୍ଦୁଛନ୍ତି ଯେମିତି। ଶୁଣି ପାରୁଛୁ!!

: ହଁ ଶୁଣି ପାରୁଛି। ଦେଖି ପାରୁଛି ବି। ହେଲେ କିଛି ମଣିଷ ନୁହନ୍ତି, ଜଣେ ମଣିଷ କାନ୍ଦୁଛି। କେବଳ ଆଜି ନୁହେଁ, ଅନେକ ଦିନ ଧରି କାନ୍ଦୁଛି। ଆଉ ସେ ମଣିଷ ଜଣକ ହେଉଛନ୍ତି – ଆପଣ। ସାରା ଜୀବନଟା କ'ଣ ଏମିତି କାନ୍ଦି କାନ୍ଦି କଟାଇଦେବେ!! ବିଗଳିତ ସ୍ୱରରେ ଶୁକଦେବ କହିଲା।

: ପାଣି ଗ୍ଲାସେ ଦେ ମୋତେ। ଭାରି ଶୋଷ। – ଅନେକ କ୍ଲାନ୍ତିର ସହ କହିଲେ ସତ୍ୟବ୍ରତ। ଗ୍ଲାସେ ନୁହେଁ ମାତ୍ର ଢୋକେ ପାଣି ପିଇସାରି ସେ ପୁଣି ଡାକିଲେ – ଆରେ ଶୁକଦେବ।

: ଆଜ୍ଞା!

: ଆଚ୍ଛା, ଦିନେ ମୁଁ ନଥିବି। ଅନେକ କଷ୍ଟରେ ତିଆରିଥିବା ଏ ଘରଟି ଥିବ ତ!

: ନା।

: ଘର ଭିତରେ ଥିବା ଏ ଖଟ ... ଆଲମିରା ... ଟି.ଭି... ଫ୍ରିଜ... ପୋଷାକ ପତ୍ର ... ଏଗୁଡିକ?

: ଏଗୁଡ଼ିକ ବି ଦିନେ ଶେଷ ହୋଇଯିବେ। ଆଗପଛ ହୋଇ ସମସ୍ତେ ଦିନେ ନା ଦିନେ ଯିବେ। – ଦାର୍ଶନିକ ପରି ଶୁକଦେବ କହିଲା।

: ଆଉ ମୋର ଏହି ସବୁ ବହି! ଏମାନେ କ'ଣ...

ଅଧିକ ପରାମର୍ଶ ଅବା ସାନ୍ତ୍ୱନା ଦେଲା ନାହିଁ ଶୁକଦେବ। ପାଣିର ପ୍ରଚଣ୍ଡ ସ୍ରୋତରେ ଧସ୍‌କି ପଡୁଥିବା ନଈର ବନ୍ଧକୁ ଅବା ମୁଠା ମୁଠା ବାଲି କି ସାହାରା ଦେବ?

ବିଗଳିତ ହୋଇପଡ଼ିଲା ଶୁକଦେବ। ଚାହିଁଲା ସାମ୍ନାରେ ବସିଥିବା ମଣିଷ ଜଣକୁ। ରାଜ୍ୟର ଜଣେ ସମ୍ମାନାସ୍ପଦ ପ୍ରତିଷ୍ଠିତ କବି ଇଏ। ଦୀର୍ଘଦିନ ଧରି ନିଜ ଆଖିରେ ସେ ଦେଖି ଆସିଛି ତାଙ୍କର ଜୀବନଚର୍ଯ୍ୟା। ଅଫିସ... ଘର ସଂସାର ... ସ୍ତ୍ରୀ ପିଲାମାନଙ୍କ ଦାୟିତ୍ୱ ... ନିଜର ଲେଖାପଢ଼ା ... ସଭା ସମିତି ... କେଡ଼ ସୁନ୍ଦର ଆଉ ବ୍ୟବସ୍ଥିତ ଢଙ୍ଗରେ ସମ୍ପାଦନ କରି ଆସିଛନ୍ତି ସେ! ରାତି ରାତି ଅନିଦ୍ରା ହୋଇ କେତେକେତେ ବହି ଲେଖି କେତେବେଳେ ମାନ ସମ୍ମାନ ପ୍ରତିଷ୍ଠା ପାଇଛନ୍ତି। କେତେ ଲୋକଙ୍କର ଆଦର୍ଶ ଭାବରେ ଉଭା ହୋଇଛନ୍ତି! ଅଥଚ ଏପରି ଲୋକ ଭାଗ୍ୟରେ ...

ସମୟ କେଡ଼ ବେଦରଦୀ ସତରେ!

ସେ ସତ୍ୟବ୍ରତଙ୍କ ହାତ ଧରି ଧୀରେ ନେଇ ଗଲା ବିଛଣା ଆଡ଼କୁ।

## : ତେର :

ପୂର୍ବାହ୍ନ ସାଢ଼େ ଦଶଟା ସୁଦ୍ଧା ସେମାନେ ପହଞ୍ଚି ଯାଇଥିଲେ ଡାକ୍ତର ମହାପାତ୍ରଙ୍କ କ୍ଲିନିକ୍‌ରେ। ଡାକ୍ତର ଶିଶିରକାନ୍ତ ମହାପାତ୍ର ଡାକ୍ତର ହିସାବରେ ଯେତିକି ଭଲ, ମଣିଷ ହିସାବରେ ଆହୁରି ଅଧିକ। ସତ୍ୟବ୍ରତଙ୍କର ଅନେକ ଦିନରୁ ତାଙ୍କ ସହ ପରିଚୟ।

ଟେଷ୍ଟ ରିପୋର୍ଟ ଗୁଡ଼ିକ ଉପରେ ଆଖି ବୁଲାଉଥିବାବେଳେ ଚିନ୍ତାର ରେଖାଗୁଡ଼ାଏ ଉଙ୍କି ମାରୁଥିଲା ଡାକ୍ତରଙ୍କ ମୁହଁରେ। ରିପୋର୍ଟ ଉପରୁ ମୁହଁ ଉଠାଇ ସେ ପଚାରିଲେ –

"ଆପଣ, ମୁଁ ଲେଖିଥିବା ସବୁ ଔଷଧ ସବୁଦିନ ଠିକ୍ ସମୟରେ ଖାଉଛନ୍ତି ତ!

ସତ୍ୟବ୍ରତ କିଛି କହିବା ପୂର୍ବରୁ ଆଗକୁ ବାହାରି ପଡ଼ି ଶୁକଦେବ କହିଲା – "ମେଡିସିନ ଖାଇବା ବନ୍ଦ ହେବା ତ ଦୂରର କଥା, କେଉଁଦିନ ଅଧାଘଣ୍ଟା ଏପଟ ସେପଟ ବି ହୁଏନା। ଆପଣଙ୍କ ପ୍ରେସ୍‌କ୍ରିପ୍‌ସନ ଅନୁଯାୟୀ ମୁଁ ସବୁଦିନ ତାଙ୍କୁ ଠିକ୍ ସମୟରେ ମେଡିସିନ୍ ଦିଏ ଆଜ୍ଞା!

ଆଶ୍ଚର୍ଯ୍ୟ ହୋଇଥିଲେ ଡାକ୍ତର ମହାପାତ୍ର। ସାମାନ୍ୟ ବିଚଳିତ ସ୍ୱରରେ କହିଲେ : ଏତେ ଔଷଧ ନିୟମିତ ଖାଇବା ସତ୍ତ୍ୱେ ଆପଣଙ୍କ ବି.ପି., ବ୍ଲଡ ସୁଗାର, କୋଲେଷ୍ଟୋରାଲର ଅନୁପାତ ନକମି ବଢ଼ି ବଢ଼ି ଚାଲିଛି। ହାଇ ଷ୍ଟ୍ରେଞ୍ଜ! ମୁଁ ବୁଝି ପାରୁନି କାହିଁକି ଏପରି ହେଉଛି! ଆଚ୍ଛା, ଆପଣଙ୍କର ଖାଇବା ଶୋଇବା ସବୁ ଠିକ୍‌ଠାକ୍ ଚାଲିଛି ତ!"

"ଅସଲ ଅସୁବିଧାଟା ଆଜ୍ଞା ସେଇଠି। – ଶୁକଦେବ ଡାକ୍ତରଙ୍କ ପାଖକୁ ଆହୁରି ଟିକିଏ ଲାଗି ଆସି କହିଲା – "ଛୋଟ ପିଲା ଯେମିତି ନଖାଇବାକୁ ଜିଦ୍ କରେ, ଠିକ୍ ସେମିତି। ଖାଆନ୍ତୁ ଖାଆନ୍ତୁ ବୋଲି ତାଙ୍କ ପଛରେ ଲାଗି ଲାଗି ମୁଁ ଦିକ୍‌ଦାର ହୋଇଯିବି ପଛେ ଖାଇବାର ନାଁ' ଧରିବେନି। ଆଉ ଯଦି ଖାଇବେ ଚାମଚେ ଭାତ କିମ୍ବା ପଟେ ରୁଟି। ବାସ୍! ଶୋଇବା କଥା କୁହନ୍ତୁନି ଆଜ୍ଞା! ଏବେତ ଆଉ ପ୍ରାୟ ଲେଖାପଢ଼ା କରୁନାହାନ୍ତି। ହେଲେ ରାତି ଅଧଯାଏ ସେମିତି ଅନ୍ଧାରଟାରେ ବସିଥିବେ ବାଲ୍‌କୋନୀରେ ଏକା ଏକା। ଏବେ, ଏଇ କିଛି ଦିନ ହେବ...

ସତ୍ୟବ୍ରତ ରୋଷ ନେତ୍ରରେ ଚାହିଁଲେ ଶୁକଦେବକୁ। ଆଖିରେ ଆଖିରେ ସେ ତାକୁ ଶାସନ କଲେ ଡାକ୍ତରଙ୍କ ଆଗରେ ବେଶିଗୁଡ଼ାଏ ବକ୍‌ବକ୍ ନହେବାକୁ।

: କୁହ କୁହ, ଏଇ କିଛି ଦିନ ହେବ କ'ଣ ହେଉଛି? – ଡାକ୍ତର ମହାପାତ୍ର ଅନୁସନ୍ଧିତ୍ସୁ ସ୍ୱରରେ ପଚାରିଲେ ଶୁକଦେବକୁ।

କିଛି କ୍ଷଣ ନିରବ ରହି ଶୁକଦେବ କହିଲା:

ଉଦାଶ ରହୁଛନ୍ତି ସବୁବେଳେ। ବାଉଳି ଚାଉଳି ହେବା ପରି କଥାବାର୍ତ୍ତା କରୁଛନ୍ତି। କିପରି ଗୋଟାଏ ଅଜବ ଭୟ ଗ୍ରାସ କରିପକାଇଛି ତାଙ୍କୁ...

: ଭୟ ! କି ପ୍ରକାର ଭୟ ? – ଡାକ୍ତର ମହାପାତ୍ର ସତ୍ୟବ୍ରତଙ୍କ ଆଡକୁ ଅନାଇ ଜାଣିବାକୁ ଚାହିଁଲେ ତାଙ୍କ ଭୟର ଉତ୍ସ ବିଷୟରେ।

ସତ୍ୟବ୍ରତ ନିରବ।

ଡାକ୍ତର ମହାପାତ୍ର କହିଲେ : ମାନୁଛି ଆଜ୍ଞା, ଆପଣ ଲେଖକ ଭାବୁକ ଲୋକ। ବାରଆଡୁ ଚିନ୍ତା କରି ଲେଖାପଢ଼ା ସାରି ଶୋଇବା ବେଳକୁ ରାତି ବଳେଇ ଯାଉଥିବ। ହେଲେ ବୟସକୁ ସମ୍ମାନ ଦେବାକୁ ପଡ଼ିବ ନା ନାଇଁ ! ଅଧିକ ଚିନ୍ତା ଓ ରାତି ଅନିଦ୍ରା ଯାବତୀୟ ରୋଗକୁ ଆମନ୍ତ୍ରଣ କରେ। ଆପଣ ସେଆଡୁ ନଜର ହଟେଇ ଏବେ ଟିକେ ନିଜ ପ୍ରତି ଅଧିକ ଯତ୍ନଶୀଳ ହୁଅନ୍ତୁ। ଠିକ୍ ସମୟରେ ଖାଦ୍ୟ ଓ ଔଷଧ ଖାଆନ୍ତୁ। ଏଇ ବୟସରେ ଦିନରେ ଦୁଇ ଅଢ଼େଇ ଘଣ୍ଟା ଓ ରାତିରେ ଅତିକମ୍‌ରେ ସାତ ଆଠଘଣ୍ଟାର ନିଦ୍ରା ନିହାତି ଆବଶ୍ୟକ। ଏସବୁ ଔଷଧ ସହିତ ମୁଁ ଆଉ ଦୁଇଟି ଟାବ୍‌ଲେଟ୍ ଲେଖି ଦେଉଛି। ନିୟମିତ ଖାଆନ୍ତୁ। ମାସକ ପରେ ଆସନ୍ତୁ। ଦେଖିବା କ'ଣ ହେଉଛି !"

ଡାକ୍ତର ମହାପାତ୍ର ଏତକ କହିସାରି ମନେପଡ଼ିଯିବା ପରି ପଚାରିଲେ – "ହଁ, କ'ଣ ସେ କହୁଥିଲା ଭୟ କଥା ! କେଉଁ ପ୍ରକାର ଭୟ ଆପଣ ଅନୁଭବ କରୁଛନ୍ତି ?

"ସେସବୁ କିଛି ନୁହେଁ। ଆପଣ ଶୁକଦେବ କଥାକୁ କାନ ଦିଅନ୍ତୁନି ... ସେ ...

ସତ୍ୟବ୍ରତଙ୍କ କଥା ମଝିରୁ ଡାକ୍ତର ମହାପାତ୍ର କହିଲେ: ଆପଣ ନକହିଲେ ମଧ ମୁଁ ଆପଣଙ୍କର ଅନ୍ତର୍ବେଦନାକୁ ଅନୁମାନ କରିପାରୁଛି। ବୁଝିଲେ ଆଜ୍ଞା ! ସେସବୁ ବୃଦ୍ଧାବସ୍ଥାର ଲକ୍ଷଣ। ନିଜ ଉପରୁ ଆସ୍ଥା ଥରେ ତୁଟିଗଲା ପରେ ଦୁନିଆ ଯାକର ଭୟ ଓ ଆଶଙ୍କା ଗ୍ରାସ କରି ପକାଏ ମଣିଷକୁ। ନିଜକୁ ଭାରି ନିଃସଙ୍ଗ ଅନୁଭବ କରେ ମଣିଷ। ସେଥିପାଇଁ କୌଣସି ଔଷଧର ଆବଶ୍ୟକତା ନାହିଁ। ଆପଣ ନିଜ ମନକୁ ଟିକେ ଦୃଢ଼ କରନ୍ତୁ। ଏଇ ବୟସରେ ଆପଣଙ୍କ ପାଇଁ ସବୁଠାରୁ ଭଲ ଓ ପ୍ରଭାବଶାଳୀ ମେଡିସିନ୍ ହେଉଛି – ଠିକ୍ ସମୟରେ ଖାଇବା ଏବଂ ଔଷଧ ସେବନ କରିବା। ଭଲ ନିଦରେ ଶୋଇବା ! ବାସ୍ !"

ଘରକୁ ଫେରୁଥିବା ସମୟରେ ସତ୍ୟବ୍ରତ ବିରକ୍ତ ହେଉଥିଲେ ଶୁକଦେବ ଉପରେ।

"କ'ଣ ଦରକାର ଥିଲା ଉପରେ ପଡ଼ି ଡାକ୍ତରଙ୍କ ଆଗରେ ଏତେ ଗୁଡାଏ ବାଜେ କଥା ଗପିବା ? ମୁଁ ଦେଖୁଚି, ଯା ଭିତରେ ତୁ ଖୁବ୍ ଗୋଟାଏ କୁହାଳିଆ ହୋଇ ଗଲୁଣୁ...

: ବାଜେ କଥା ମୁଁ କେଉଁଠି କହିଲି ? ଡାକ୍ତର ଯାହା ଯାହା ପଚାରିଲେ, ସେକଥାର ଉତ୍ତର ଦେଲି ! ଆପଣଙ୍କୁ କିନ୍ତୁ ଏଥର ଡାକ୍ତରଙ୍କର ପରାମର୍ଶ ମାନି ଚଳିବାକୁ ପଡ଼ିବ। ଏତେ ଫୁଲା ଫାଙ୍କିଆ ହେଲେ ଆଉ ଚଳିବନି।

କହିଲା ଶୁକଦେବ।

: ଲେଖାପଢ଼ା ଛାଡ଼ିଦେବି ! – ସତ୍ୟବ୍ରତ ରାଗିଯାଇ କହିଲେ।

: ମୁଁ ସେକଥା କହିଲି କେତେବେଳେ ? ଡାକ୍ତରଙ୍କର କହିବା କଥା ହେଉଛି ...

: ଛେନାଗୁଡ଼ କଥା ଡାକ୍ତର କହୁଛନ୍ତି ! ସଂଜ ବେଳଠାରୁ ଘୋଡ଼ି ଘାଡ଼ି ହୋଇ ଶୋଇ ପଡ଼ିବି ?

: ଓହୋ, କଥାଟା ଆପଣ ଜମା ବୁଝୁନାହାନ୍ତି ! ମୁଁ କହୁଛି କି...

: ଦିନରେ ଚାରିଥର ଭାତ ତରକାରୀ ଗିଳିବି ?

: କି ଅବୁଝା ଲୋକ ଆପଣ ...

ସେମାନେ ପହଞ୍ଚି ଯାଇଥିଲେ ଘରେ। ଦ୍ୱିପ୍ରହର ଖାଇବା ବେଳ ଗଡ଼ିଯାଇଥିଲା। କ'ଣ ଗଣ୍ଡାଏ ଖାଇଦେଇ ସତ୍ୟବ୍ରତ ଶୋଇବା ଘରକୁ ନଯାଇ ଚାଲିଗଲେ ତାଙ୍କର ପ୍ରିୟ ସ୍ଥାନ ବାଲ୍‌କୋନୀକୁ।

ସେତିକି ବେଳଠାରୁ ବସିଛନ୍ତି ଯେ ବସିଛନ୍ତି, ରାତି ଆସି ପହଡ଼େ ହେଲାଣି !

ବୟାଅଶୀ ବର୍ଷ ! ବେତ ସୋଫାକୁ ଆଉଜି ପଡ଼ି ଦୀର୍ଘଶ୍ୱାସ ଛାଡ଼ିଲେ ସତ୍ୟବ୍ରତ। ଏତେ ବଡ଼ ପରମାୟୁ ସେ ବିତେଇ ଆସିଲେଣି ଏଇ ସଂସାର ଭିତରେ। ଜୀବନରେ ଏମିତି ସେ କେଉଁ ପ୍ରଣିଧାନଯୋଗ୍ୟ କାମଟେ କରିଛନ୍ତି ଯେ, ଯାହାକୁ ମନେ ପକାଇ ଏ ଅତିକ୍ରାନ୍ତ ବୟସରେ ସେ ଗର୍ବ କରିବେ ! ଏ ଅମୂଲ୍ୟ ଜୀବନଟା ବୃଥା ଯାଇନାହିଁ ବୋଲି ନିଜକୁ ସାନ୍ତ୍ୱନାଟିଏ ଦେବେ !

ସ୍ମୃତିର ଫରୁଆକୁ ଯେତେ ଓଲଟ ପାଲଟ କଲେ ବି ସେମିତି କିଛି ମିଳୁନାହିଁ। କେବଳ ମନ ଭିତରକୁ ପଶି ଆସୁଛି ବାଲ୍ୟକାଳଠାରୁ କୈଶୋର ଦେଇ ଯୌବନ ... ପାଠପଢ଼ା ... ଚାକିରି ... ସୁନନୟନାଙ୍କ ସହ ବାହାଘର ... ଦୁଇ ପିଲାଙ୍କୁ ମଣିଷ କରିବା ... ଲହୁଲୁହ ଦେଇ ଘର ବକଟେ ତିଆରି କରିବା ... କବିତା ଲେଖି କୋଡ଼ିଏ ବାଇଶ ଖଣ୍ଡ ବହିର ସ୍ରଷ୍ଟା ହେବା ... ବାସ୍।

ବାସ୍... ଏତିକି ! ଏତିକିରେ କଣ ସରିଯାଏ ଏତେବଡ଼ ପରମାୟୁ।

ଶୁକଦେବ ଆସି ଚୁପ୍‌ଚାପ୍ ଠିଆ ହେଲା ପାଖରେ। କହିଲା: ରୋଜ ରୋଜ ଗୋଟିଏ କଥା କହି କହି ମୋ ପାଟି ଘୋଳି ହୋଇଗଲାଣି ବାବୁ। ଆପଣ ଦିନକୁ ଦିନ ଏକଜିଦିଆ ପାଲଟି ଯାଉଛନ୍ତି। ଏତେ ଜିଦି ଭଲ ନୁହେଁଆଜ୍ଞା ! ଆଜି କ'ଣ କହିଲେ ଡାକ୍ତର ବାବୁ ? ମୋ କଥା ନମାନିଲେ ନାଇଁ, ଡାକ୍ତରଙ୍କ କଥା ହେଲେ ମାନନ୍ତୁ !

ଶୁକଦେବ ମୁହଁକୁ କେବଳ ଚାହିଁଲେ ସତ୍ୟବ୍ରତ। କହିଲେ ନାହିଁ କିଛି।

ରୋଷେଇ ଘର ଭିତରକୁ ଯାଇ ରୁଟି, ସନ୍ତୁଳା ଓ କ୍ଷୀର ଗ୍ଲାସେ ଆଣି ଡାଇନିଂ ଟେବୁଲ୍ ଉପରେ ରଖିଦେଇ ଶୁକଦେବ କହିଲା : ଆଉ ଡେରି କରନ୍ତୁନି। ରାତି ଗଡ଼ିଲାଣି। ଖାଇ ଦେଇ ଔଷଧ ଖାଇ ଶୋଇ ପଡ଼ନ୍ତୁ।"

ବାଲ୍‌କୋନୀରୁ କେତେବେଳେ ଉଠିଯାଇ ସତ୍ୟବ୍ରତ ଠିଆ ହୋଇଥିଲେ ନିଜ ପଢ଼ାଘରେ। ଏକ ଲୟରେ ଚାହିଁ ରହିଥିଲେ ର୍‍ୟାକ୍ ଓ ଆଲମିରାରେ ଭର୍ତ୍ତି ହୋଇ ରହିଥିବା ବହିମାନଙ୍କୁ। ଧୀରେ ଧୀରେ ଅତି ସ୍ନେହ ଓ ଶ୍ରଦ୍ଧାର ସହ ସେମାନଙ୍କ ଉପରେ ବୁଲାଇ ଆଣୁଥିଲେ ନିଜର ସ୍ନେହାର୍ଦ୍ର ପାପୁଲି। ଯେମିତି ନିଜ ଜନ୍ମିତ ଶିଶୁମାନଙ୍କୁ ଶେଷଥର ପାଇଁ ଆଉଁଷି ଦେଉଛି ସବୁଦିନ ପାଇଁ କେଉଁଅନନ୍ତ ପଥର ପଥିକ ହୋଇଯାଉଥିବା ଜଣେ ସ୍ନେହରଙ୍କୁଣୀ ମା !

ଛଳଛଳ ହୋଇଗଲା ଶୁକଦେବର ଆଖି। ସେ ସତ୍ୟବ୍ରତଙ୍କ ପାଖକୁ ଯାଇ ତାଙ୍କୁ ଏକରକମ କୋଳେଇ ନେଇ କହିଲା – "ଚାଲିଲେ ସେ ଘରକୁ। ଖାଇକି ଶୋଇବେ !

: ତୁ ଯା ଶୁକଦେବ। ମୋତେ ବେଶି ବାଧ କରନା। ମୁଁ ଆଉ ଟିକେ ପରେ ଯିବି। ଖାଇବି। ଶୋଇବି। ତୁ ଯାଇ ଖାଇଦେ। ଶୋଇପଡ଼।

ସତ୍ୟବ୍ରତଙ୍କ କଥାରେ କି ଗାମ୍ଭୀର୍ଯ୍ୟ ଥିଲା କେଜାଣି, ଆଉ ଅଧିକ କିଛି କହିପାରିଲା ନାହିଁ ଶୁକଦେବ। ଧୀରେ ଧୀରେ ଚାଲିଗଲା ନିଜ ବଖରାକୁ।

ରାତି ପାହିବାକୁ ଅଳ୍ପ ସମୟ ଥିଲା ବୋଧହୁଏ। ଶୁକଦେବର ପତଳା ନିଦଟା ସହସା ଭାଙ୍ଗିଗଲା। ସେ ହୁଡସ୍ ଉଠି ବସିଲା ନିଜ ବିଛଣାରେ। ଦୁଃସ୍ୱପ୍ନଟାଏ ଦେଖିଲା କି ! ତାକୁ ଭାରି ଡର ଡର ଲାଗୁଥିଲା। ସେ କାନ ଡେରିଲା– ଏଇଟା କି ଶବ୍ଦ ? ସେ କାନେଇକି ଶୁଣିଲା ସେଇ ଶବ୍ଦକୁ।

ହଁ ତ ! ବାବୁଙ୍କ ଶୋଇବା ଘର ଭିତରୁ ଆସୁଛି ସେଇ ଶବ୍ଦ ! ଗଁ ଗଁ ହେବା ପରି ଶବ୍ଦ। ଗଳା ଫଟାଇ ବାନ୍ତି କରିବାର ଶବ୍ଦ !

ଧଡ଼ପଡ଼ ହୋଇ ସେ ଧାଇଁଗଲା ସେଇ ଆଡ଼କୁ।

ଚଟାଣରେ ପାଁ ଗାଳି ବସିଥିଲେ ସତ୍ୟବ୍ରତ। ଘର ଭିତରେ ବାନ୍ତି କରି ପକାଇଥିଲେ। ଝାଳରେ ଗୋଟାପଣ ତିନ୍ତି ଯାଇଥିଲା ତାଙ୍କ ଶରୀର। ଧଇଁ ସଇଁ ହେଉଥିଲେ ସେ। ତାଙ୍କର ରୂପଦେଇ ଦେଖି

ଛାନିଆ ହୋଇଗଲା ଶୁକଦେବ। ତାକୁ କିଛି ବୁଦ୍ଧିବାଟ ଦେଖାଗଲା ନାଇଁ ତତ୍‌କ୍ଷଣାତ୍। ସେ ବିକଳରେ ଆଉଁସି ପକାଇଲା ସତ୍ୟବ୍ରତଙ୍କୁ।

ଧୀରେ ଧୀରେ ତା' ଆଡ଼କୁ ଢଳି ପଡୁଥିଲେ ସତ୍ୟବ୍ରତ। ତାଙ୍କର ବାକ୍‌ଶକ୍ତି ଲୋପ ପାଇ ଆସୁଥିଲା। ବିକଳରେ ସେ କେବଳ ଚାହିଁ ରହିଥିଲେ ଶୁକଦେବର ମୁହଁକୁ।

ହଠାତ୍ ଶୁକଦେବର ମୁଣ୍ଡକୁ ଗୋଟିଏ ବୁଦ୍ଧି ଜୁଟିଗଲା। ସେ ଉଠିଯାଇ ଡାକ୍ତର ମହାପାତ୍ରଙ୍କ ପ୍ରେସ୍‌କ୍ରିପସନ୍‌ରୁ ତାଙ୍କ ଟେଲିଫୋନ୍ ନମ୍ବର ପାଇ ଫୋନ୍ ଲଗାଇଲା ତାଙ୍କୁ।

ଡାକ୍ତର ମହାପାତ୍ର ଶୋଇ ପଡ଼ିଥିଲେ ବୋଧହୁଏ। ଲାଗ୍ ଲାଗ୍ ଚାରି ପାଞ୍ଚଥର ଫୋନ୍ କରିବା ପରେ ଡାକ୍ତର ଫୋନ୍ ଉଠାଇଲେ ଏବଂ ପରାମର୍ଶ ଦେଲେ – "ଯେତେ ଶୀଘ୍ର ସମ୍ଭବ, ତାଙ୍କୁ କ୍ଲିନିକ୍‌କୁ ନେଇ ଆସ !

ଗୋଡ଼ହାତ ଥରୁଥିଲା ଶୁକଦେବର। ଥରଥର ହାତରେ ସେ ପରିଚିତ ଅଟୋ ବାଲା ରାଜୁକୁ ଫୋନ୍ ଲଗାଇଲା। ମାତ୍ର ପନ୍ଦର ମିନିଟ୍ ଭିତରେ ସେ ଅଟୋ ଆଣି ପହଞ୍ଚିଗଲା। ଦୁହେଁ ସତ୍ୟବ୍ରତଙ୍କୁ ଏକରକମ ଟେକିନେଇ ବସାଇଲେ ଅଟୋରେ। ସେତେବେଳକୁ ସତ୍ୟବ୍ରତଙ୍କ ଅବସ୍ଥା ସମ୍ପୂର୍ଣ୍ଣ ବେହାଲ। ଆଉ ବସି ରହିବା କିମ୍ବା ମୁଣ୍ଡ ଉଠାଇବା ଅବସ୍ଥାରେ ନଥିଲେ ସେ। ଅଟୋ ଭିତରେ ଶୁକଦେବର କୋଳକୁ ପୁରା ଢଳି ପଡ଼ିଥିଲେ ସେ।

ଅଧାଘଣ୍ଟା ଭିତରେ ସେମାନେ ପହଞ୍ଚି ଯାଇଥିଲେ ଡାକ୍ତର ମହାପାତ୍ରଙ୍କ କ୍ଲିନିକ୍‌ରେ।

ରାତି ସେତେବେଳକୁ ପାହି ପାହି ଆସୁଥିଲା।

**: ଚଉଦ :**

କ୍ଲିନିକ୍‌ର ଉପର ମହଲାରେ ପରିବାର ସହ ରୁହନ୍ତି ଡାକ୍ତର ମହାପାତ୍ର। ରାତ୍ରି ପୋଷାକ ସୁଦ୍ଧା ନବଦଳାଇ ତତ୍‌କ୍ଷଣାତ ସେ ଆସି ପହଞ୍ଚିଗଲେ ତଳମହଲା କ୍ଲିନିକ୍‌ରେ।

ଦୁଇ ଜଣ ଆଟେଣ୍ଡାଣ୍ଟ ଏବଂ ଦି'ଜଣ ନର୍ସଙ୍କ ସହାୟତାରେ ସତ୍ୟବ୍ରତଙ୍କୁ ଶୁଆଇ ଦିଆଗଲା ବେଡ୍‌ରେ। ତାଙ୍କର ବ୍ଲଡ ପ୍ରେସର, ଟେମ୍ପରେଚର, ଅକ୍ସିଜେନ ପରିମାଣ ଏବଂ ହାର୍ଟବିଟ୍ ମାପୁଥିବା ସମୟରେ ଚିନ୍ତାର ରେଖାଗୁଡ଼ିଏ ସ୍ପଷ୍ଟ ବାରି ହୋଇ ପଡୁଥିଲା ଡାକ୍ତରଙ୍କ କପାଳରେ।

ତାଙ୍କ ପରାମର୍ଶକ୍ରମେ ନର୍ସ ଗୋଟାଏ ଇଂଜେକସନ୍ ଫୋଡ଼ିଲା ସତ୍ୟବ୍ରତଙ୍କ ବାହୁରେ। ଅସ୍ତବ୍ୟସ୍ତ ଏବଂ ଧଇଁସଇଁ ହେଉଥିବା ସତ୍ୟବ୍ରତ ଧୀରେ ଧୀରେ ସ୍ଥିର ହୋଇ ଶୋଇ ପଡ଼ିଲେ ସେଇ ବେଡ୍‌ରେ, ମାତ୍ର ଦୁଇ ତିନି ମିନିଟ୍ ଭିତରେ।

: ସାର୍‌ଙ୍କ ଏଠି କିଏ ସବୁ ଅଛନ୍ତି ? – ଶୁକଦେବକୁ ଚାହିଁ ପଚାରିଲେ ଡାକ୍ତର।

: ଏଠି କେହି ନଥିଲେ ମଧ ଝିଅ – ଜ୍ୱାଇଁ, ପୁଅ – ବୋହୂ, ନାତି ନାତୁଣୀ ସମସ୍ତେ ଅଛନ୍ତି, ବାହାରେ। ଏଠାରେ ମୁଁ ଏକା ରହୁଛି ସାର୍‌ଙ୍କ ସହିତ।

: ତାଙ୍କୁ ଆଡ୍‌ମିଟ୍ କରିବାକୁ ପଡ଼ିବ। ଖୁବ୍‌ଶୀଘ୍ର। ପିଲାମାନଙ୍କ ପାଖକୁ ଖବର ପଠାଅ। – କହିଲେ ଡାକ୍ତର ମହାପାତ୍ର।

ଚିନ୍ତାରେ ପଡ଼ିଗଲା ଶୁକଦେବ। ଭାବିଲା, କାହାକୁ ପ୍ରଥମେ ଫୋନ୍ କରି ଜଣାଇବ ଏ ସମ୍ବାଦ। କ୍ଲିନିକ୍‌କୁ ଆସିଲାବେଳେ ସାର୍‌ଙ୍କ ପଢ଼ା ଟେବୁଲ୍ ଡ୍ରୟାର ଭିତରେ ଥିବା ମାତ୍ର ଦଶହଜାର ଟଙ୍କା ଧରି ତରବରରେ ସେ ଚାଲି ଆସିଥିଲା। କେବଳ ତା' ମୁଣ୍ଡରେ ଏକମାତ୍ର ଚିନ୍ତାଥିଲା ଯେ କେମିତି ସାର୍‌ଙ୍କୁ ନେଇ ଶୀଘ୍ର ହସ୍‌ପିଟାଲରେ ପହଞ୍ଚାଇଦେବ !

ଦଶ ହଜାର ଟଙ୍କାରେ କିପରି ହେବ ଚିକିତ୍ସା ?

କିପରି ସେ ଏପରି ମହାସଙ୍କଟର ମୁକାବିଲା କରିବ ଏକା ଏକା ?

ଶୁକଦେବକୁ ଭାରି ନର୍ଭସ ଲାଗୁଥିଲା।

ସେ କାକୁସ୍ଥ ହୋଇ ବସି ରହିଥିଲା ଗୋଟିଏ ସ୍ଥାନରେ।

ଦି'ଜଣ ନର୍ସ ଆଉ ଦି'ଜଣ ଅଳ୍ପ ବୟସ୍କ ଡାକ୍ତର ଏବଂ ନିଜେ ଡାକ୍ତର ମହାପାତ୍ର ଘେରି ରହିଥିଲେ ସତ୍ୟବ୍ରତଙ୍କୁ। ଜଣେ ନର୍ସ ତାଙ୍କ ଦେହରୁ ରକ୍ତ ନେଉଥିଲା ପରୀକ୍ଷା କରିବା ପାଇଁ। ଅକ୍ସିଜେନ ମାକ୍ସ ସେତେବେଳକୁ ଲାଗି ସାରିଥିଲା ତାଙ୍କ ମୁହଁରେ।

ଅନେକ ସାହସ ସଂଚୟ କରି ଶୁକଦେବ ଡରିଡରି ଯାଇ ଡାକ୍ତର ମହାପାତ୍ରଙ୍କୁ ପଚାରିଲା: ସାର୍, ବାବୁଙ୍କର କ'ଣ ହୋଇଛି ? କିଛି ଅସୁବିଧା ନାହିଁ ତ !

ଡାକ୍ତର ମହାପାତ୍ର ମୁହଁ ଉଠାଇ କହିଲେ: ବ୍ୟସ୍ତ ହେବାର କିଛି ନାହିଁ। ତୁମେ ଠିକ୍ ସମୟରେ ତାଙ୍କୁ ଆଣି ଏଠାରେ ପହଞ୍ଚାଇ ଦେଇଛ। ଟ୍ରିଟ୍‌ମେଣ୍ଟ ଆରମ୍ଭ ହୋଇଗଲାଣି। ଧୈର୍ଯ୍ୟଧର ...

ଯା ଭିତରେ ଶୁକଦେବ ଚାରି ଆଡ଼କୁ ଫୋନ୍ ଲଗାଇ ସାରିଥିଲା। ଝିଅ – ଜ୍ୱାଇଁ ମୁମ୍ବାଇରୁ, ପୁଅ – ବୋହୂ ବାଙ୍ଗାଲୋର୍‌ରୁ ଆସିବା ପାଇଁ ତତ୍ପର ହେଉଥିଲେ। ମାତ୍ର ଦୁଇ ଘଣ୍ଟା ଭିତରେ କ୍ଲିନିକରେ ଆସି ପହଞ୍ଚି ଯାଇଥିଲେ ସତ୍ୟବ୍ରତଙ୍କର କିଛି ଅନୁରାଗୀ ପାଠକ ଓ ଶୁଭେଚ୍ଛୁ।

ଯୁଦ୍ଧକାଳୀନ ଭିତ୍ତିରେ ସବୁ ପରୀକ୍ଷା ନିରୀକ୍ଷା କରାଗଲା। ଦେଢ଼ଘଣ୍ଟା ଭିତରେ ଆସିଗଲା ସବୁ ରିପୋର୍ଟ। ଡାକ୍ତର ମହାପାତ୍ର ଓ ତାଙ୍କର ଦୁଇ ତିନିଜଣ ସହଯୋଗୀ ଟେଷ୍ଟ ରିପୋର୍ଟ ଦେଖି ତାଜୁବ ହୋଇଗଲେ। ସବୁ ରିପୋର୍ଟ ପ୍ରାୟ ସ୍ୱାଭାବିକ ଥିଲା। ହାର୍ଟ – କିଡ୍‌ନୀ, ଲିଭର, ଷ୍ଟୋମାକ୍ ... ସବୁ ପରଫେକ୍ଟ।

ସାମାନ୍ୟ ଅଧିକ ଥିଲା ବ୍ଲଡ ପ୍ରେସର।

: ତେବେ ଅସୁବିଧାଟା କେଉଁଠି ? – ଡାକ୍ତର ମହାପାତ୍ରଙ୍କର ଜଣେ ସହଯୋଗୀ ପ୍ରଶ୍ନ କଲେ।

କିଛି ଉତ୍ତର ଦେଇ ପାରିଲେ ନାହିଁ ଡାକ୍ତର। ଚିନ୍ତିତ ଖୋଯାଉଥିଲେ ସେ।

ଏପଟେ ସତ୍ୟବ୍ରତଙ୍କ ଦେହର ଅବସ୍ଥା ବେଳକୁ ବେଳ ଗମ୍ଭୀର ହୋଇଯାଉଥିଲା। ଦେହର ତାପମାତ୍ରା ବଢୁଥିଲା ଅସ୍ୱାଭାବିକ ଭାବରେ। ଇଂଜେକ୍‌ସନ୍‌ର ପ୍ରଭାବରୁ ଧୀରେ ଧୀରେ ମୁକ୍ତ ହୋଇ ସେ ମୁହୂର୍ତ୍ତକୁ ମୁହୂର୍ତ୍ତ ସଂଜ୍ଞାହୀନ ହୋଇପଡୁଥିଲେ।

ଅବସ୍ଥା ଅସମ୍ଭାଳ ହେବାରୁ ଦିନ ସାଢ଼େ ବାରଟା ବେଳକୁ ସତ୍ୟବ୍ରତଙ୍କୁ ଭର୍ତ୍ତି କରିଦିଆଗଲା ଆଇ.ସି.ୟୁ ଭିତରେ।

ତା'ପର ଦିନ ରାଜ୍ୟର ସବୁଖବର କାଗଜରେ ପ୍ରକାଶିତ ହୋଇଥିଲା ସତ୍ୟବ୍ରତଙ୍କ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ଖବର। ତାଙ୍କର ଅନେକ ପାଠକ ଓ ଶୁଭେଚ୍ଛୁ ଆସିଲେ କ୍ଲିନିକ୍‌କୁ। ତାଙ୍କୁ ଦେଖା କରିବା ପାଇଁ। ହେଲେ ସତ୍ୟବ୍ରତ ଅଚେତ ଅବସ୍ଥାରେ ଶୋଇଥିଲେ ଆଇ.ସି.ୟୁରେ।

ଏତେ ଲୋକ ଗହଳି ଭିତରେ କିନ୍ତୁ ଭାରି ଏକା ଏକା ଲାଗୁଥିଲା ଶୁକଦେବ। ରୁମ୍ ବାହାରେ ପଡ଼ିଥିବା ଗୋଟେ ଚେୟାରରେ ବସି ରହିଥିଲା ସେ। ତା' ଆଖିରୁ ନିଦ ଓ ପେଟରୁ ଭୋକ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଥିଲା।

ବାବୁଙ୍କୁ ଦେଖା କରିବାକୁ ଆସୁଥିବା ଅନେକ ଲୋକଙ୍କୁ ସେ ଜାଣିନଥିଲା କି ଚିହ୍ନିନଥିଲା। କାହାକୁ ସେ କ'ଣ ଉତ୍ତର ଦେବ, ସେକଥା ତାକୁ ମାଲୁମ୍ ନଥିଲା। ତା'ର ଥିଲା କେବଳ ଗୋଟିଏ ଚିନ୍ତା ବାବୁ କେମିତି ଭଲ ହୋଇ ଶୀଘ୍ର ଘରକୁ ଫେରିବେ !

ଦିନ ଠିକ୍ ଦୁଇଟା ବେଳକୁ ଆସି ପହଞ୍ଚିଗଲେ ଝିଅ ସାଲୁ ଓ ଜ୍ୱାଇଁ। ଆଇ.ସି.ଇୟୁରେ ଶୋଇଥିବା ବାବୁଙ୍କୁ ଦେଖି ଭୋ ଭୋ କାନ୍ଦିଲା ଝିଅ।

ସେହିଦିନ ଚାରିଟା ବେଳକୁ ଆସି ପହଞ୍ଚିଲା ପୁଅ ରାଜା। ତା' ସ୍ତ୍ରୀ ଆସିନଥିଲା ସାଙ୍ଗରେ। ଭଉଣୀକୁ ସାନ୍ତ୍ୱନା ଦେଲା ଏବଂ ସଂଗେ ସଂଗେ ଗଲା ଡାକ୍ତର ମହାପାତ୍ରଙ୍କ ଚେମ୍ବର ଭିତରକୁ। ନିଜର ପରିଚୟ ଦେଇ ସାରି ପଚାରିଲା – "ବାବାଙ୍କର କ'ଣ ହୋଇଛି ସାର୍ ?

: କିଛି ହୋଇ ନାହିଁ। ଡାକ୍ତର କହିଲେ।

ଡାକ୍ତରଙ୍କ କଥାରୁ କିଛି ବୁଝି ନପାରି ରାଜା ପଚାରିଲା – ତେବେ ତାଙ୍କୁ ଆଇ.ସି.ୟୁରେ କାହିଁକି

ରଖାଯାଇଛି ସାର୍! ସେନ୍ସ ଆସୁନାହିଁ କାହିଁକି? ଏନିଥିଂ ସିରିୟସ୍ ସାର୍!!

: ବାବାଙ୍କର ସବୁ ରିପୋର୍ଟ ନର୍ମାଲ। ଶରୀରର କୌଣସି ଅଂଗରେ ବିସଂଗତିର ଲକ୍ଷଣ ନାହିଁ। ଡିପ୍ରେସନ୍। ଓନ୍ଲି ଡିପ୍ରେସନ। ଅନେକ ଦିନ ଧରି ସେ ଭୋଗୁଛନ୍ତି ଏଇ ରୋଗକୁ।

ଡାକ୍ତର ମହାପାତ୍ର ବୁଝାଇଦେଲେ ପୁଅକୁ।

: ମାନେ? – ଅବୁଝା ସ୍ୱରରେ ପଚାରିଲା ରାଜା।

: ତାଙ୍କୁ ଲାଗୁଛି ସବୁ କିଛି ଦିନେ ଧ୍ୱଂସ ହୋଇଯିବ। ସବୁ କିଛି ମିଳାଇଯିବ ପବନରେ। ଏ ଦୁନିଆରେ ସମସ୍ତେ ଦୟନୀୟ ଭାବେ ନିଃସଙ୍ଗ। ତାଙ୍କର ଏଇ ପ୍ରକାର ଭୟ ଓ ଉତ୍କଣ୍ଠା ତାଙ୍କୁ ଆଣି ଆଜି ଏପରି ସ୍ତରରେ ପହଞ୍ଚାଇ ଦେଇଛି।

ଡାକ୍ତର ମହାପାତ୍ରଙ୍କର ଦୁଇ ହାତକୁ ଆବେଗର ସହ ମୁଠାଇ ଧରି ରାଜା କହିଲା – "ସାର୍, ଯେତେ ଟଙ୍କା ଖର୍ଚ୍ଚ ହେଉ ପଛେ ପ୍ଲିଜ୍ ସେଭ୍ ହିଜ୍ ଲାଇଫ୍ ... ପ୍ଲିଜ୍ ସାର୍...

ରାଜାର ପିଠି ଥାପୁଡାଇ ଡାକ୍ତର ମହାପାତ୍ର ଚାଲିଗଲେ ଅନ୍ୟ କାମରେ।

ଚିକିତ୍ସା ଚାଲିଥିଲା। କୌଣସି ଅବହେଳା କରୁନଥିଲେ ଡାକ୍ତର ମହାପାତ୍ର ଓ ଅନ୍ୟମାନେ। ଆଇ.ସି.ୟୁ ଭିତରକୁ କିନ୍ତୁ ମୁକୁଳି ପାରୁନଥିଲେ ସତ୍ୟବ୍ରତ। ଫେରୁନଥିଲା ତାଙ୍କ ଚେତା। କୌଣସି ଉନ୍ନତି ପରିଲକ୍ଷିତ ହେଉନଥିଲା ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ। ପୃଥିବୀର ଯାବତୀୟ କୋଳାହଳଠାରୁ ମୁହଁ ଫେରାଇନେଇ ସତ୍ୟବ୍ରତ ନିଶ୍ଚଳ ହୋଇ ଶୋଇ ରହିଥିଲେ ଆଇ.ସି.ୟୁ ଭିତରେ।

ଯା' ଭିତରେ ଦୁଇ ସପ୍ତାହରୁ ଅଧିକ ସମୟ ବିତି ଯାଇଥିଲା।

ବନ୍ଧୁ ଓ ଶୁଭେଚ୍ଛୁମାନଙ୍କର ଆଗମନ ଧୀରେ ଧୀରେ କମି ଯାଉଥିଲା।

ଝିଅ – ଜ୍ୱାଇଁ ଫେରିଗଲେଣି ସେମାନଙ୍କ ସହରକୁ। ଉଭୟଙ୍କର କମ୍ପାନୀ ଚାକିରି। ଅଧିକ ଦିନ ଛୁଟି ମିଳିବା କଷ୍ଟକର। ସେମାନଙ୍କର ପାଞ୍ଚ ଛ ବର୍ଷର ଛୋଟ ଝିଅଟିଏ। ନୂଆ ନୂଆ ସ୍କୁଲରେ ଆଡ୍ମିସନ୍ କରିଛି। ଫେରିବା ସମୟରେ ସାଲୁ ବାବାଙ୍କ ବେଡ୍ ପାଖକୁ ଯାଇ କଇଁ କଇଁ ହୋଇ କାନ୍ଦିଲା। ଶୁକଦେବର ଦୁଇ ହାତକୁ ଜାବୁଡ଼ି ଧରି କାନ୍ଦି କାନ୍ଦି କହିଲା – "ଅଙ୍କଲ୍, ଏପରି ଦୁଃସମୟରେ ତୁମେ ହିଁ ଏକମାତ୍ର ଭରସା। ଆରମ୍ଭରୁ ତୁମେ ବାବାଙ୍କୁ ସମ୍ଭାଳି ଆସିଛ। ବାବା ତୁମକୁ ଲାଗିଲେ। ତାଙ୍କ ଚିକିତ୍ସାରେ ଯେମିତି ଅବହେଳା ନହୁଏ। ଟଙ୍କା ପଇସା କଥା ତୁମେ ଚିନ୍ତା କରନା। ଏଠୁ ଯାଇ ମୁଁ ତୁମ ଆକାଉଣ୍ଟରେ ଟଙ୍କା ପଠାଇବି...

ଶୁକଦେବ ଶୁଣିଲା। ତା' ପାଖରେ କହିବା ପାଇଁ କିଛି ନଥିଲା।

ଗତକାଲି ପୁଅ ରାଜା ବି ପଳେଇଲା। ତା' ସ୍ତ୍ରୀର ଡେଲିଭରୀ ସମୟ ପାଖେଇ ଆସିଲାଣି। ଝିଅଟି ଅଣଓଡ଼ିଆ। ମେଡିକାଲର ଗହଳି ଚହଳିକୁ ତା'ର ଭାରି ନାପସନ୍ଦ। ମଲ୍ଟି ନେସ୍ନାଲ କମ୍ପାନୀ ହୋଇଥିବାରୁ କମ୍ପାନୀ ସେମାନଙ୍କୁ ଅଧିକ ଛୁଟି ଦେବାକୁ ନାରାଜ। ତଥାପି ଦଶବାରଦିନ ଆସି ରହିଲାଣି ଏଠାରେ। ବାଙ୍ଗାଲୋରରେ ପତ୍ନୀ ଏକୁଟିଆ। ଏଇ ଦଶବାରଦିନ ଭିତରେ ଟେଲିଫୋନ୍ ମାଧ୍ୟମରେ ସ୍ୱାମୀ – ସ୍ତ୍ରୀଙ୍କ ଭିତରେ ଅନେକଥର କଥା କଟାକଟି, ଯୁକ୍ତିତର୍କ ଶୁକଦେବ କାନରେ ପଡ଼ିଛି।

ନିଜର ଦାମ୍ପତ୍ୟ ଜୀବନକୁ ଅଧିକ ଜଟିଳ ନକରି ରାଜା ଫେରିଗଲା ତା ଚାକିରିକୁ। ଯିବା ପୂର୍ବରୁ ବାବାଙ୍କ ପାଦ ପାଖରେ ଠିଆ ହୋଇ ଦି'ଠୋପା ଲୁହ ଗଡ଼ାଇଲା ଏବଂ ଶୁକଦେବକୁ କୁଣ୍ଢାଇ ଧରି ଛଳ ଛଳ କଣ୍ଠରେ କହିଲା – "ଅଙ୍କଲ୍, ସବୁ ଦାୟିତ୍ୱ ତୁମ ଉପରେ। ସାରା ଜୀବନ ତୁମେ ବାବାଙ୍କୁ ସମ୍ଭାଳି ଆସିଛ। ତାଙ୍କ ପ୍ରତି ତୁମ ସ୍ନେହ ଶ୍ରଦ୍ଧା, ଭକ୍ତିର ପଟାନ୍ତର ନାହିଁ। ଏବେ ତୁମ ଉପରେ ନିର୍ଭର କରୁଛି ତାଙ୍କ ଜୀବନ। ଟଙ୍କା ପଇସା କଥା ଚିନ୍ତା କର ନାହିଁ। ତୁମ ଆକାଉଣ୍ଟ ନମ୍ବର ମୁଁ ନେଲି। ସେଠାରେ ପହଞ୍ଚିବା ପରେ ଯେତେ ଟଙ୍କା ଦରକାର, ମୁଁ ପଠାଇବି। ବାବାଙ୍କ ବିଷୟରେ ମୋତେ ରେଗୁଲାର ଖବର ଦେଉଥିବ...!

ଶୁକଦେବ ଶୁଣିଲା। ଚୁପ୍ ରହିଲା। ସେହିଦିନ ଚାରିଟା ବେଳେ ରାଜା ବାଙ୍ଗାଲୋର୍କୁ ଫ୍ଲାଇଟ ଧରିଲା।

ଦିନ ପରେ ଦିନ ଗଡ଼ି ଯାଉଥିଲା। ଡାକ୍ତର ମହାପାତ୍ର ଏବଂ ତାଙ୍କର ସହଯୋଗୀମାନେ ନିଜ ନିଜ ଭିତରେ ଆଲୋଚନା କରି ନାନା ଔଷଧ ଏବଂ ଇଂଜେକ୍ସନ ଆଦି ପ୍ରୟୋଗ କରୁଥିଲେ ସତ୍ୟବ୍ରତଙ୍କ ନିଶ୍ଚଳ ଶରୀର ଉପରେ।

ଅଥଚ ଚିକିତ୍ସା ବିଜ୍ଞାନର ସମସ୍ତ କୌଶଳ ଓ କାରସାଦୀକୁ ହେୟଜ୍ଞାନ କରି ସତ୍ୟବ୍ରତ ନିରବରେ ପଡ଼ି ରହିଥିଲେ ଆଇ.ସି.ୟୁର ବିଛଣା ଉପରେ।

ସେଦିନ ମଧ୍ୟାହ୍ନ ସାଢ଼େ ବାରଟା ବେଳେ ନର୍ସ ଆସି ଗୋଟେ ବିଲ୍ ଧରାଇ ଦେଲା ଶୁକଦେବ ହାତରେ ଏବଂ କହିଲା: ଆପଣଙ୍କ ପେସେଣ୍ଟର ଛଅ ଲକ୍ଷ ଟଙ୍କା ବିଲ୍ ହୋଇ ଗଲାଣି। ପେମେଣ୍ଟ ହୋଇଛି ମାତ୍ର ଦୁଇ ଲକ୍ଷ ଟଙ୍କା। ଆଜି କାଲି ଭିତରେ ଦୁଇ ଲକ୍ଷ ଟଙ୍କା ଡିପୋଜିଟ୍ କରି ଦିଅନ୍ତୁ। ଆଗକୁ ଆହୁରି ବିଲ୍ ବଢ଼ିବ ...

କହିବା ବାହୁଲ୍ୟ, ଶୁକଦେବ କ୍ଲିନିକ୍ ପାଖରେ ଥିବା ଏ.ଟି.ଏମ୍କୁ ଯାଇ ଦିନକୁ ଚାରିଥର ନିଜ ଆକାଉଣ୍ଟ ଯାଞ୍ଚ କରୁଥିଲା। ପନ୍ଦର ଦିନ ଭିତରେ ଝିଅ ପଠାଇଥିଲା ଲକ୍ଷେ ଟଙ୍କା। ପୁଅ ବି ସେତିକି। ସେସବୁ ନେଇ ସେ କାଉଣ୍ଟରରେ ଦୁଇ ଦିନ ପୂର୍ବେ ଜମା କରିଦେଇଥିଲା। ଆଉ କିଛି ଆସିନି କାହା ପାଖରୁ। ଆଜି ନର୍ସ ପୁଣି ଆସି ଧରାଇଲାଣି ବିଲ୍!

ମୁଣ୍ଡ କିଛି କାମ କରୁନଥିଲା ଶୁକଦେବର।

ସେଦିନ ଅପରାହ୍ନ ପାଞ୍ଚଟାବେଳକୁ ଡାକ୍ତର ମହାପାତ୍ର ଆସିଲେ। ଆଇ.ସି.ୟୁ ଭିତରକୁ ପଶି କ'ଣ ସବୁ ପରୀକ୍ଷା କଲେ ସତ୍ୟବ୍ରତଙ୍କର ଏବଂ ମୁଣ୍ଡ ହଲାଇ ହଲାଇ ବାହାରି ଆସିଲେ। ବାହାରେ ବସିଥିବା ଶୁକଦେବକୁ ତାଙ୍କ ଚେମ୍ବର ଭିତରକୁ ଆସିବା ପାଇଁ ଇସାରା ଦେଲେ ସେ।

: ସାର୍ଙ୍କ ପିଲାମାନଙ୍କୁ ଆସିବାକୁ ଖବର ଦିଅ। ସେମାନେ ଆସି ପେସେଣ୍ଟକୁ ଡିସ୍ଚାର୍ଜ କରି ଘରକୁ ନେଇ ଯାଆନ୍ତୁ। ଏଠାରେ ଏମିତି ପକାଇ ରଖିବାର କୌଣସି ଆବଶ୍ୟକତା ଆଉ ନାହିଁ। ଅଯଥାରେ ପଇସା ଖର୍ଚ୍ଚ କରିବା ସପକ୍ଷରେ ମୁଁ ନୁହେଁ।"

କହିଲେ ଡାକ୍ତର ମହାପାତ୍ର।

ଶୁକଦେବ ଶୁଣିଲା। ବୁଝି ପାରିଲା ନାହିଁ ଡାକ୍ତରଙ୍କ କଥାରୁ କିଛି। ସେ ଖୁସି ହେବ କି ଦୁଃଖ କରିବ କିଛି ଠଉରାଇ ନପାରି ଅବୁଝା ସ୍ୱରରେ ପଚାରିଲା – "ବାବୁ ତେବେ ଭଲ ହୋଇଗଲେଣି ସାର୍! ତାଙ୍କ ଚେତା ଫେରିଲାଣି! ସେ ଗୋଡ଼ହାତ ହଲାଇଲେଣି! କଥାବାର୍ତ୍ତା କଲେଣି!!

ଡାକ୍ତର ମହାପାତ୍ର ବିଗଳିତ ଦୃଷ୍ଟିରେ ଚାହିଁଲେ ଦୀର୍ଘ ମାସେରୁ ଊର୍ଦ୍ଧ୍ୱ ହେବ ଭୋକଶୋଷ ଭୁଲି ମାଲିକଙ୍କୁ ଅହୋରାତ୍ର ଜଗି ବସିଥିବା ନିରୀହ ମଣିଷଟିକୁ। ତାଙ୍କ ମନ ଆର୍ଦ୍ର ହୋଇଗଲା। ସତକଥାଟି କହିଦେଇ ଲୋକଟିର ମନକୁ ଆହୁରି ଭାରାକ୍ରାନ୍ତ କରିବାକୁ ସେ ଚାହୁଁନଥିଲେ ମଧ୍ୟ ପରିସ୍ଥିତିର ଦାୟରେ ନିଜକୁ ପ୍ରସ୍ତୁତ କରି କଠୋର ସତ୍ୟ କଥାଟି କହିବାକୁ ସେ ବାଧ୍ୟ ହେଲେ –

"କୋମା ଅବସ୍ଥାରୁ ସାଧାରଣ ଅବସ୍ଥାକୁ ତାଙ୍କର ଫେରିବାର ସମ୍ଭାବନା ଆଉ ପ୍ରାୟ ନାହିଁ କହିଲେ ଚଳେ। ଏଠାରେ ମାସେ ହେବ ଯେଉଁ ଟ୍ରିଟ୍ମେଣ୍ଟ ଚାଲିଛି, ଏହାଠାରୁ ଭଲ ଟ୍ରିଟ୍ମେଣ୍ଟ ଆଉ ନାହିଁ। ତଥାପି ତାଙ୍କ ଅବସ୍ଥାରେ କୌଣସି ଉନ୍ନତି ଦେଖାଯାଉ ନାହିଁ। ଅତଏବେ ଏଠାରେ ରଖି ଅଯଥା ଖର୍ଚ୍ଚାନ୍ତ ହେବା ଅପେକ୍ଷା ତାଙ୍କୁ ଘରକୁ ନେଇଯିବା ଭଲ। ବରଂ ଯାହା କିଛି ଘଟିବ, ଆତ୍ମୀୟ ସ୍ୱଜନଙ୍କ ଗହଣରେ ହେଲେ ଭଲ। ତୁମେ ତାଙ୍କ ପୁଅ ଝିଅଙ୍କ ପାଖକୁ ଖବର ଦିଅ। କାଲି ଆଡକୁ ତାଙ୍କୁ ଆଇ.ସି.ୟୁ

ଭିତରକୁ ବାହାର କରି ସାଧାରଣ କେବିନ୍‌ରେ ଦିନେ ଦି'ଦିନ ରଖି ଡିସ୍‌ଚାର୍ଜ କରିଦେବା ...

ଗୋଟାଏ ଶିହ୍ରଣ ଦୋହଲାଇ ଦେଲା ଶୁକଦେବକୁ। ହାବୁକା ହାବୁକା ଗରମ ଢେଉ ଉଠି ଆସିଲା ତା' ପେଟ ଭିତରକୁ। ମୁହଁ ଟେକି ସେ ବଲବଲହୋଇ ଡାକ୍ତରଙ୍କୁ ଚାହିଁଥିବାବେଳେ ଡାକ୍ତର ମହାପାତ୍ର ସାନ୍ତ୍ୱନା ଦେବା ସ୍ୱରରେ କହିଲେ –

"ବଡ଼ ବେଦନାଦାୟକ ପରିସ୍ଥିତି ଇୟେ। ଏଭଳି ସମୟରେ ରୋଗୀ, ରୋଗୀର ସମ୍ପର୍କୀୟ, ଡାକ୍ତର ସମସ୍ତେ ଅସହାୟ। ତଥାପି ନିଜକୁ ଦୃଢ଼ କରିବାକୁ ହେବ ଏପରି ପରିସ୍ଥିତିରେ। ତେଣିକି ତାଙ୍କ ଭାଗ୍ୟ !"

## : ପନ୍ଦର :

ତହିଁ ଆରଦିନ ଅପରାହ୍ନ ତିନିଟା ବେଳକୁ ସତ୍ୟବ୍ରତଙ୍କୁ ଆଇ.ସି.ୟୁରୁ ଅଣାଯାଇ ସାଧାରଣ କେବିନ୍‌କୁ ସ୍ଥାନାନ୍ତରିତ କରାଗଲା। ନାକରେ ଲାଗିଥାଏ ଅକ୍ସିଜେନ୍ ମାସ୍କ। ଡାହାଣ ହାତ ଭେନ୍‌ରେ ଚାଲିଥାଏ ସାଲାଇନ୍। ନିଃଶ୍ୱାସ ପ୍ରଶ୍ୱାସ ଠିକ୍ ଭାବରେ ଚାଲୁଥାଏ।

ଯଦି ସେସବୁ ଉପକରଣ ତାଙ୍କ ଦେହରୁ କାଢ଼ି ନିଆଯିବ, ଦେଖିଲେ ଲାଗିବ, ଜଣେ ଲୋକ କଠିନ ପରିଶ୍ରମ କରି ଖୁବ୍ କ୍ଲାନ୍ତ ହୋଇ ନିଘୋଡ଼ ନିଦରେ ଘଡ଼ିଏ ଶୋଇ ଯାଇଛି ! କିଛି ସମୟ ପରେ ନିଦ ଭାଙ୍ଗିଲେ ନିଜ କାମରେ ବାହାରିଯିବ।

ଅଥଚ ଭାଙ୍ଗୁନଥିଲା ସତ୍ୟବ୍ରତଙ୍କ ନିଦ।

କିଂକର୍ତ୍ତବ୍ୟବିମୂଢ଼ ହୋଇ ଶୁକଦେବ ବସି ରହିଥିଲା କେବିନ୍ ଭିତରେ ପଡ଼ିଥିବା ଏକ ଚେୟାରରେ। ତା' ଆଖି ଆଗରେ ଚଳଚ୍ଚିତ୍ରର ଘଟଣା ପରି ନାଚି ଯାଉଥିଲା ଦୀର୍ଘବର୍ଷତଳର ସବୁ ଘଟଣା, ସବୁ ଦୃଶ୍ୟ।

ନା ଘରଲୋକ ନା ବାହାର ଲୋକ, କେହି ବୁଝିଲେନି, ବୁଝିବାକୁ ଚେଷ୍ଟା ବି କଲେନି ଏଇ ମଣିଷଟିକୁ। ସାରା ଜୀବନ ସାଧନା କରି କରି ସଂଘର୍ଷ କରି କରି ଘର ପରିବାର ପାଇଁ ନିଜ ଆୟୁଷକୁ ଟୋପାଟୋପା କରି ନିଃଶେଷ କରିଦେଇଥିବା ଏଇ ମଣିଷଟି ପାଇଲା କ'ଣ ?

ଗୋଟାଏ କର୍ମମୟ ଆଦର୍ଶପୂର୍ଣ୍ଣ ଜୀବନର ପରିସମାପ୍ତି କ'ଣ ହୋଇଯାଏ ଏହିପରି ଦୟନୀୟ ଭାବରେ !!

ଗଭୀର ଚିନ୍ତାରେ ବୁଡ଼ି ଯାଇଥିଲା ଶୁକଦେବ। ଏବେ ସେ କ'ଣ କରିବ ? କାହାକୁ ପ୍ରଥମେ ଫୋନ୍ କରି ଜଣାଇବ ଡାକ୍ତରବାବୁ କହିଥିବା କଥା ? ପୁଅ ରାଜାକୁ ଜଣାଇବ। ସେ ତରତର ହୋଇ ଧାଇଁ ଆସିବ ବାଙ୍ଗାଲେର୍‌ରୁ। ବାପାଙ୍କ ଅବସ୍ଥା ଦେଖି ଦୁଃଖରେ ଭାଙ୍ଗି ପଡ଼ିବ। ଏତେଗୁଡ଼ାଏ ଟଙ୍କାର ମେଡିକାଲ ବିଲ୍ ଦେଖି ମନ କଷ୍ଟ ବି କରିପାରେ। ରହିବ ଦୁଇଚାରିଦିନ। କମ୍ପାନୀ କାର୍ଯ୍ୟର ଆଳ ଦେଖାଇ ଅସଲରେ ପତ୍ନୀର ଭୟ ଯୋଗୁ ତାକୁ ନାନା ଆଶ୍ୱସନା ଦେଇ, ତା' ମୁଣ୍ଡ ଉପରେ ସବୁ ଦାୟିତ୍ୱ ଲଦିଦେଇ ପୁଣି ଫେରିଯିବ ତା କାର୍ଯ୍ୟସ୍ଥଳୀକୁ !

ଝିଅ ସାଲୁକୁ ଫୋନ୍ କରିବ ! ସେ କାନ୍ଦବୋବାଳି ଛାଡ଼ି ତା' ସ୍ୱାମୀ ଓ ସାନ ଝିଅକୁ ଧରି ଆସି ପହଞ୍ଚିଯିବ। ବାବାଙ୍କୁ ଘରକୁ ନେଇଯିବା। କାଇଁକି ଅଯଥାରେ ଏଠାରେ ପକାଇ ରଖିବା ବୋଲି କହି ବିଲ୍ ଦେଖି ଚମକି ପଡ଼ିବ। ଅନାଇବ ଭାଇ ମୁହଁକୁ। ଭାଇ ବି ଅନାଇବ ଭଉଣୀ ମୁହଁକୁ। ପୁଣି ଯଦି ଏତେ ଗୁଡ଼ାଏ ଟଙ୍କା ସେ ଦେବ, ଉତ୍ତର ରଖିବ ତା' ସ୍ତ୍ରୀ ପାଖରେ। ଝିଅ ଯଦି ଦେବ, ଅନୁମତି ନେବାକୁ ପଡ଼ିବ ନିଜ ସ୍ୱାମୀର।

ପୁଅ ଝିଅ ଦୁହେଁ ଫେରିଯିବେ ନିଜ ନିଜ ସହରକୁ କେଇଟା ଦିନ ପରେ।

ତା'ପରେ ? କେମିତି ସେ ଘରେ ଏକା ଏକା ସମ୍ଭାଳିବ ଗୋଟିଏ ଜୀଅନ୍ତା ଶବକୁ ?

ଜୀଅନ୍ତା ଶବ ! – ଶୁକଦେବର ଛାତି ଫାଟିଯିବା ପରି ଲାଗିଲା ଏ ଭୟଙ୍କର ଶବ୍ଦଟି ଉଚ୍ଚାରଣ କରିବା ମାତ୍ରେ। ସେ ଜିଭ କାମୁଡ଼ି ପକାଇଲା। ନିଜକୁ ଧିକ୍‌କାର କଲା। ଦୁଇ ହାତରେ ନିଜର ଦୁଇକାନ ମୋଡ଼ି ଠାଏ ଠାଏ ଚାପୁଡ଼ା ବସାଇଲା ନିଜ ଦୁଇ ଗାଲରେ।

ନର୍ସ ଜଣେ ଆସି ଶେଷ ହୋଇ ଆସୁଥିବା ସାଲାଇନ୍‌ଟା କାଢ଼ି ଆଉ ଗୋଟେ ସାଲାଇନ ଲଗାଇଲା ସତ୍ୟବ୍ରତଙ୍କ ଦେହରେ ଏବଂ ପକେଟ୍‌ରୁ କାଗଜ ଖଣ୍ଡେ କାଢ଼ି ଟେବୁଲ୍ ଉପରେ ରଖିଦେଇ କହିଲା – "ଆପଣଙ୍କ ପେସେଣ୍ଟର ବକେୟା ଟଙ୍କା ରହିଲାଣି ଆହୁରି ତିନି ଲକ୍ଷ ଚଉଦ ହଜାର। ଶୀଘ୍ର ପେମେଣ୍ଟ କରି ଦିଅନ୍ତୁ। ପେସେଣ୍ଟଙ୍କର କିଏ ରିଲେଟିଭ ଆସିବାର ଅଛନ୍ତି କି ? ସେମାନଙ୍କୁ ଶୀଘ୍ର ଡାକନ୍ତୁ। ସାର୍ କହିଛନ୍ତି କାଲି ସନ୍ଧ୍ୟା କିମ୍ବା ପହରଦିନ ସକାଳ ଦଶଟା ସୁଦ୍ଧା ଡିସଚାର୍ଯ କରିଦେବା ପାଇଁ ...।

ଶୁକଦେବ ଶୁଣିଲା। କିଛି କହିଲା ନାହିଁ।

ବାବୁଙ୍କ ପୁଅ କି ଝିଅଙ୍କ ପାଖରୁ କିଛି ଖବର କିମ୍ବା ଟଙ୍କାପଇସା ଆସିନଥିଲା ସେ ପର୍ଯ୍ୟନ୍ତ। ତା' ମୁଣ୍ଡ ପୁରା ଫାଙ୍କା ହୋଇଯାଇଥିଲା। ସେ ବାରମ୍ବାର ଫୋନ୍ ଲଗାଉଥିଲା। ମୁମ୍ବାଇ ଓ ବାଙ୍ଗାଲେର୍। କେବଳ ଫମ୍ପା ଆଶ୍ୱସନା ବ୍ୟତୀତ ଆଉ କିଛି ମିଳୁନଥିଲା ସେଆଡୁ।

କ'ଣ କରିବ ସେ ? ଏକା ଏକା ବାବୁଙ୍କୁ ଘରକୁ ନେଇଯିବ କି ? ସେ ବସିବା ସ୍ଥାନରୁ ଉଠି ଠିଆ ହୋଇପଡ଼ିଥିଲା। ପର ମୁହୂର୍ତ୍ତରେ ପୁଣି ହତାଶ ହୋଇ ବସିପଡ଼ିଲା। ଏତେଗୁଡ଼ାଏ ଟଙ୍କା ସେ ଆଣିବ କୁଆଡୁ ? କିଏ ଦେବ ତାକୁ ?

ଶୂନ୍ୟ ଦୃଷ୍ଟିରେ ଶୁକଦେବ ଚାହିଁଲା ଝରକା ଦେଇ ବାହାରକୁ। ଯେମିତି ଏ ଦୁନିଆ ଓ ତା' ଭିତରେ ହାଉଯାଉ ହେଉଥିବା ମଣିଷମାନଙ୍କୁ ସେ ପ୍ରଥମଥର ପାଇଁ ଦେଖୁଛି। ଯେମିତି ଶୂନ୍ୟତା ଆଉ ରିକ୍ତତାର ବଳୟକୁ ଭେଦ କରି ଭରସା ଓ ଆଶ୍ୱାସନାର ନିର୍ଭରଯୋଗ୍ୟ ହାତମାନେ ତା' ଆଡକୁ ଲମ୍ବି ଆସନ୍ତି ତାକୁ ପ୍ରବୋଧନା ଦେବେ – ଜମା ବ୍ୟସ୍ତ ହୁଅନା ! ଆମେ ଅଛୁ ତୁମ ପାଖେ ପାଖେ ...

ମନ ଚାହୁଁଥିବା ଏପରି କୋମଳ ଆଶ୍ୱସନାର କଥା ପଦେ କେବେ ମିଳେ ନାଇଁ ଶୁଣିବା ପାଇଁ। ସାହାଯ୍ୟ ଓ ସହଯୋଗର ହାତ ଅଭୟ ମୁଦ୍ରାରେ ଆସି ପହଞ୍ଚିପାରେ ନାହିଁ ଭୁଷୁଡ଼ି ପଡୁଥିବା ମୁଣ୍ଡ ପାଖରେ। ପରିସ୍ଥିତିର ମାଡରେ ମଣିଷ ସାବାଡ ହୁଏ ସବୁବେଳେ, ସବୁଠାରେ।

କେତେବେଳେ ଦ୍ୱିପ୍ରହର ଯାଇ ସଞ୍ଜ ହେଲାଣି ଆସି ସେକଥା ମାଲୁମ ପଡ଼ିନଥିଲା ଶୁକଦେବକୁ। ଦିନ ଗୋଟାଏ ବେଳେ ଡାକ୍ତର ମହାପାତ୍ରଙ୍କ କେବିନ୍ ଭିତରୁ ଫେରି ସେ ବସିଥିଲା ସତ୍ୟବ୍ରତଙ୍କ କେବିନ୍ ବାହାରେ, ଜଣେ ସର୍ବହରା ଛେଉଣ୍ଡଙ୍କ ପରି। ନାରଖାର ଦେଖାଯାଉଥିଲା ତା'ର ବିପର୍ଯ୍ୟସ୍ତ ମୁଖମଣ୍ଡଳ। ରହି ରହି ଗୋଟାଏ ଗୋଟାଏ ଦୀର୍ଘଶ୍ୱାସ ବାହାରି ଆସୁଥିଲା ତା' ଛାତି ଭିତରୁ।

ଆଉ ଜଣେ ଅଳ୍ପବୟସୀ ନର୍ସ ଆସିଲା କେବିନ୍‌କୁ। ନର୍ସ ପଛେ ପଛେ ଶୁକଦେବ ମଧ୍ୟ ପଶିଲା କେବିନ୍ ଭିତରକୁ। ନର୍ସ ଗୋଟାଏ ଇଂଜେକ୍‌ସନ ଫୋଡ଼ିଲା ସତ୍ୟବ୍ରତଙ୍କ ହାତରେ। ସନ୍ତର୍ପଣରେ ଶୁକଦେବ ଚାହିଁଲା ସତ୍ୟବ୍ରତଙ୍କ ମୁହଁକୁ। କାଳେ ଛୁଞ୍ଚି ଫୁଟାଇଲା ବେଳେ କଷ୍ଟରେ ତାଙ୍କ ମୁହଁ ବିକୃତ ହୋଇଯିବ କି !

ସେ ହତାଶ ହେଲା। ବିଷାଦର ଗାଢ଼ କଳାବାଦଲଟିଏ ଢାଙ୍କି ପକାଇଲା ଶୁକଦେବ ମୁହଁକୁ।

ସେ ଆହୁରି ହତାଶ ହେଲା। କାନ୍ଦ କାନ୍ଦ ହେଲା।

ଆହୁରି ଦୟନୀୟ ଓ ବିକଳ ଦେଖାଗଲା ତା' ମୁହଁ।

ତା' ସ୍ଥିତି ପ୍ରତି ଆଦୌ ନଜର ନଦେଇ ନର୍ସ ଜଣକ ତା' କାମ କରୁଥିବାବେଳେ ପଚାରିଲା – "ଏ ବାବୁ ତୁମର କ'ଣ ହେବେ ?"

: ମାଲିକ। – ଶୁକଦେବ କହିଲା।

ନର୍ସଟିଏ ବୁଲିପଡ଼ି ଶୁକଦେବର ମୁହଁକୁ ଟିକେ ଚାହିଁ ପଚାରିଲା – "ୟା'ଙ୍କ ପିଲାମାନେ ?

: ପୁଅ, ଝିଅ, ଜ୍ୱାଇଁ ... ସମସ୍ତେ ଆସିଥିଲେ। ଆଜି କିମ୍ବା କାଲି ଭିତରେ ପୁଣି ଆସିବେ।

: ହୁଁ! – ଉଚ୍ଚାରଣ କରି ନର୍ସ କହିଲା: କାଇଁକି ଆଉ ୟାଙ୍କୁ ଏଠାରେ ଅଯଥାରେ ପକାଇ ରଖିଛନ୍ତି ? ତୁମେ ସବୁ ଟଙ୍କା ଡିପୋଜିଟ୍ ନକଲା ପର୍ଯ୍ୟନ୍ତ ପେସେଣ୍ଟଙ୍କୁ ଡିସ୍‌ଚର୍ଜ କରିବେନି। ୟା'ଙ୍କୁ ଆଉ କିଛି ଔଷଧ ଦେବାକୁ ମନା କରିଛନ୍ତି ଡାକ୍ତର। ଯେତେ ଶୀଘ୍ର ପାରୁଛ ପେସେଣ୍ଟଙ୍କୁ ନେଇଯାଅ ଏଠାରୁ। ନନେଲେ କାଙ୍ଗାଳ ହୋଇଯିବ ପଛେ କିଛି ସୁଫଳ ମିଳବ ନାଇଁ ...

ଶୁକଦେବ ତା' କଥା ଶୁଣିପାରିଲା କି ନାହିଁ ସନ୍ଦେହ କରି ନର୍ସଜଣକ ସାମାନ୍ୟ ଚଢ଼ା ସ୍ୱରରେ କହିଲା – "ହୋ ମଉସା ! ଶୁଭୁଛି ଟି ମୋ କଥା ! ୟା'ଙ୍କ ପିଲାମାନଙ୍କ ପାଖକୁ ତୁରନ୍ତ ଖବର ପଠାଅ। ସେମାନେ ତୁରନ୍ତ ଆସି ବିଲ୍ ପେମେଣ୍ଟ କରି ୟା'ଙ୍କୁ ନେଇଯାଆନ୍ତୁ ଘରକୁ...।

ଆଜ୍ଞା ... ଆଜ୍ଞା ... ଶୁକଦେବ କହି ଉଠିଲା।

ସଂଜ ଗଡ଼ି ଯାଉଥିଲା। ଶୁକଦେବ ଘର ଭିତରୁ ବାହାରି ଆସି ପୁଣି ବସିଥିଲା ବାହାର ବାରଣ୍ଡାରେ। ଜରୁରୀ ଗତିଶୀଳତା ନେଇ ଯା' ଆସ କରୁଥିବା ମଣିଷମାନଙ୍କୁ ସେ କେବଳ ଚାହିଁ ରହିଥିଲା ବଲବଲ ହୋଇ।

**: ଷୋହଳ :**

ଆଜ୍ଞା, ସତ୍ୟବ୍ରତର କେବିନ୍ ଏଇଟା ତ !

ଜଣେ ବୃଦ୍ଧ ଭଦ୍ରବ୍ୟକ୍ତି ଆସି ଶୁକଦେବ ପାଖରେ ଠିଆ ହୋଇ ପଚାରିଲେ।

ସେଆଡକୁ ଆଦୌ ନଜର ନ ଦେଇ ଶୁକଦେବ କେବଳ ମୁଣ୍ଡ ଟୁଙ୍ଗାରିଲା। ସେ ଆଉ ଜମା ଆଗ୍ରହୀ ନଥିଲା ଏସବୁ ବ୍ୟାପାରରେ। କେତେବେଳେ କିଏ ଆସୁଛନ୍ତି, କ'ଣ ପଚାରୁଛନ୍ତି ସେସବୁ ଅଲଣା ପ୍ରଶ୍ନର ଉତ୍ତର ଦେବାକୁ ତାର ଆଉ ଇଚ୍ଛା ନଥିଲା।

ଶଃ...ସମସ୍ତେ ଆସୁଛନ୍ତି ଲୋକ ଦେଖାଣିଆ ସମବେଦନା ଜଣାଇବାକୁ। କାହାର ଟିକେ ଆନ୍ତରିକତା ଥିବା ପରି ଲାଗୁନଥବଲା ଶୁକଦେବଙ୍କୁ। ସେଇ ଗୋଟିଏ କଥା କହି କହି ତା'ପାଟି ବଥା ହୋଇଗଲାଣି। ଲୋକମାନଙ୍କର ଫମ୍ପା ଆଶ୍ୱସନା ଶୁଣିଶୁଣି ତା' କାନ ବଧିରା ହୋଇଗଲାଣି।

ଅବଶ୍ୟ ପ୍ରଥମେ ପ୍ରଥମେ ଅନେକ ଲୋକ ଆସୁଥିଲେ। ଏବେକୁ ଧୀରେ ଧୀରେ ଅନେକ କମିଗଲାଣି।

: ମୁଁ ଟିକେ ତାକୁ ଦେଖା କରିଥାଆନ୍ତି। – ଧଳା ସଫାରୀ ପରିହିତ, ଗୋରା ତକତକ ଭଦ୍ରବ୍ୟକ୍ତି ଜଣକ କହିଲେ ବଡ଼ ଅମାୟିକ ସ୍ୱରରେ।

ଇଏ ବାବୁ ଜଣକ ବୋଧେ ଆମ ବାବୁଙ୍କର ସାଙ୍ଗ ଦୋସ୍ତି ହେବେ। ନ ହେଲେ ବାବୁଙ୍କୁ ତୁ ତା' କରି କଥାବାର୍ତ୍ତା କରୁଥାନ୍ତେ ! ଶୁକଦେବ ପ୍ରଭାବିତ ହେଲା ତାଙ୍କ କଥାରେ। 'ଆସନ୍ତୁ' କହି ଭଦ୍ରବ୍ୟକ୍ତିଙ୍କୁ ବାଟ କଢ଼ାଇ ନେଲା କେବିନ୍ ଭିତରକୁ।

ଗଭୀର ନିଦରେ ଶୋଇଥିବା ସତ୍ୟବ୍ରତଙ୍କୁ ଦେଖି ଲୁହ ସମ୍ବରଣ କରିପାରିଲେ ନାହିଁ। ଆଗନ୍ତୁକ ଭଦ୍ରବ୍ୟକ୍ତି। ଦୁଇ ଟୋପା ଲୁହ ଖସି ପଡ଼ିଲା ତାଙ୍କ ଆଖିରୁ। ସେ ଏକ ଲୟରେ ଚାହିଁ ରହିଥିଲେ ସତ୍ୟବ୍ରତଙ୍କୁ, ତାଙ୍କ ବେଡ୍ ପାଖରେ ଠିଆହୋଇ।

ଏ ଦୃଶ୍ୟ ଆନ୍ଦୋଳିତ କଲା ଶୁକଦେବଙ୍କୁ। କିଏ ଏହି ବ୍ୟକ୍ତି ଜଣକ ? ବାବୁ ଘରେ ଥିବାବେଳେ ସବୁ ଦିନ କେତେକେତେ ଲୋକ ଆସି ଥାଆନ୍ତି ତାଙ୍କୁ ସାକ୍ଷାତ କରିବାକୁ। କେତେକେତେ ଲୋକ ବହି ଓ ପତ୍ର ପତ୍ରିକା ଧରି ଆସି ପହଞ୍ଚିଥାଆନ୍ତି ତାଙ୍କ ପାଖରେ। କାଇଁ ୟା'ଙ୍କୁ ତ କେବେ ଦେଖିବା ପରି ତା'ର ମନେ ପଡୁନାଇଁ। ଏଠାରେ ମାସେରୁ ଊର୍ଦ୍ଧ୍ୱକାଳ ରହିବା ଭିତରେ ଏ ମହାଶୟ ତ କେବେ ଥରୁଟିଏ ବି ଆସିନାହାନ୍ତି।

ବୃଦ୍ଧ ଭଦ୍ରବ୍ୟକ୍ତି ଜଣକ ଶୋଇଥିବା ସତ୍ୟବ୍ରତଙ୍କୁ ଚାହିଁ ସେମିତି ଠିଆ ହୋଇ ରହିଥାଆନ୍ତି। ତାଙ୍କ ଆଖିର ଲୁହ ବୋଲ ମାନୁନଥାଏ।

ଆଉ ଅଧିକ ସମୟ ଚୁପ୍ ରହି ନପାରି ଶୁକଦେବ ତାଙ୍କୁ ଚେୟାରରେ ବସିବାକୁ ଅନୁରୋଧ କରି କହିଲା – "କିଛି ମନେ କରିବେ ନାଇଁ ଆଜ୍ଞା, ମୁଁ ଆପଣଙ୍କୁ ଚିହ୍ନି ପାରୁନାଇଁ। ଆପଣ କ'ଣ ବାବୁଙ୍କର ବନ୍ଧୁ ନା କେହି ସମ୍ପର୍କୀୟ ! ଦୟାକରି ପରିଚୟ ଦେବେ !

ଭଦ୍ରବ୍ୟକ୍ତି ପ୍ୟାଣ୍ଟ ପକେଟରୁ ରୁମାଲ ବାହାର କରି ମୁହଁ ପୋଛିଲେ। ନିଜକୁ ପ୍ରକୃତିସ୍ଥ ତଥା ବ୍ୟବସ୍ଥିତ କରିବା ପାଇଁ ନେଲେ କିଛି ସମୟ। କହିଲେ : ପିତୃମାତୃ ଦତ୍ତ ନାମଟି ବ୍ୟତୀତ ମୋର ଆଉ ଅଧିକ ପରିଚୟ କିଛି ନାହିଁ। ମୋ ନାମଟି କହିଲେ ତୁମେ କିମ୍ବା ଅନ୍ୟ କେହି ମୋତେ ଚିହ୍ନି ପାରିବେ ନାହିଁ। ଚିହ୍ନିବା ଲୋକ ଚୁପ୍ ଶୋଇଛି ବେଡ୍ ଉପରେ। ମୁଁ ହେଉଛି ସତ୍ୟବ୍ରତର ଜଣେ ବନ୍ଧୁ। ନା, ନା ଭୁଲ କହିଲି। ସେ ହେଉଛି ମୋର ବନ୍ଧୁ। ମୁଁ ତା'ର ବନ୍ଧୁ କି ନୁହେଁ, କେବଳ ସେ ହିଁ କହି ପାରିବ। ନା, ମୁଁ କେବଳ ବନ୍ଧୁ ନୁହେଁ, ତା'ର ପ୍ରତିଟି କବିତାର ଜଣେ ପାଠକ। ଏକଥା ସେ ଜାଣିଛି କି ନା, ମୁଁ ଜାଣେନା !

ଶୁକଦେବ ହାଁ କରି ଚାହିଁ ରହିଥିଲା ଭଦ୍ରବ୍ୟକ୍ତିଙ୍କ ମୁହଁକୁ।

ଏତକ କହି ଭଦ୍ରବ୍ୟକ୍ତି ପଚାରିଲେ: ତୁମକୁ ବି ମୁଁ ଚିହ୍ନି ପାରିଲି ନାହିଁ। ତମେ କ'ଣ ସତ୍ୟବ୍ରତର କେହି ସମ୍ପର୍କୀୟ ବନ୍ଧୁବାନ୍ଧବ !

ଶୁକଦେବ ଚୁମ୍ବକରେ ନିଜର ପରିଚୟ ଦେଲା।

ଭଦ୍ରବ୍ୟକ୍ତି ଆନନ୍ଦରେ କୋଳାଗ୍ରତ କଲେ ଶୁକଦେବଙ୍କୁ। କହିଲେ : ତୁମେ ଭାଗ୍ୟବାନ, ଶୁକଦେବ। ସତ୍ୟବ୍ରତ ପରି ଜଣେ ସତ୍ ମଣିଷ ସାନ୍ନିଧ୍ୟରେ ଆସିଛ। ତା'ପାଖେ ପାଖେ ରହିଛ। ତା'ର ଭଲମନ୍ଦ ବୁଝିଛ। ତାକୁ ବୁଝିଛ। ସେ କିନ୍ତୁ ଶେଷ ପର୍ଯ୍ୟନ୍ତ ବୁଝିଲା ନାହିଁ ମୋତେ....

କିଛି ସମୟ ନିରବ ରହି ଭଦ୍ରବ୍ୟକ୍ତି କହିଲେ – "ସତ୍ୟବ୍ରତ ଆମ ରାଜ୍ୟର ଶ୍ରେଷ୍ଠ କବିମାନଙ୍କ ଭିତରୁ ଅନ୍ୟତମ। ଅନେକ ଜୀବନ ଧର୍ମୀ, କାଳଜୟୀ କବିତା ଲେଖି ସେ ଆମ କାବ୍ୟ ଜଗତକୁ ମହିମା ମଣ୍ଡିତ କରିଛି। ତା' କବିତାରେ ଥିବା ମାନବିକ ସମ୍ବେଦନା ମୋତେ ଗଭୀର ଭାବରେ ପ୍ରଭାବିତ କରିଛି !

ମୁହଁରେ ଦୁଃଖର କଳା ଚାଦରଟେ ଢାଙ୍କି ଶୁକଦେବ ବସିଥିଲା ବେଡ୍ ପାଖରେ ପଡ଼ିଥିବା ଗୋଟେ ଷ୍ଟୁଲ୍‌ରେ। ପାଖ ଚେୟାରରେ ବସିଥିଲେ ଭଦ୍ରବ୍ୟକ୍ତ। ତାଙ୍କର କଥାସବୁ ସେ ଶୁଣୁଥିଲା କି ନାଇଁ ଜଣାପଡୁନଥିଲା।

"ସତ୍ୟବ୍ରତର ପ୍ରଥମ କବିତା ସଂକଳନ 'ଜୀବନର ମୁଖବନ୍ଧ' ଠାରୁ ଆରମ୍ଭ କରି ସଦ୍ୟତମ ସଂକଳନ "ଜୀବନ-ଜିଜ୍ଞାସା" ପର୍ଯ୍ୟନ୍ତ ପ୍ରତିଟି ପୁସ୍ତକ ଅଛି ମୋ ବହି ଥାକର ପ୍ରଥମ ଥାକରେ। ସେସବୁକୁ ମୁଁ କେବଳ ବହି ଥାକରେ ରଖିନି, ସାଇତିଛି ଏଇ ଛାତି ଭିତରେ।"

ତଳକୁ ମୁହଁ ପୋତି ବସିଥିଲା ଶୁକଦେବ। ରାତି ବଢୁଥିଲା।

ଭଦ୍ରବ୍ୟକ୍ତି କହି ଚାଲିଥିଲେ – "ଜୀବନର ଅନେକ ହାହୁତାଶନମୟ ପରିସ୍ଥିତିରେ ସତ୍ୟବ୍ରତର କବିତାଟିଏ ପଢ଼ିଦେଲେ ନିଜ ଭିତରକୁ ପଶିଆସେ ଦଲକାଏ ଆତ୍ମବିଶ୍ୱାସ। ଭାଙ୍ଗି ପଡୁଥିବା ଜୀବନ ପ୍ରତି ଜାଗରିତ ହୋଇଯାଏ ଅପରିସୀମ ଶ୍ରଦ୍ଧା ଓ ଭଲପାଇବା। ଲାଗେ କଣ୍ଟକିତ ଏ ଜୀବନ ପାଇଁ କୋଉଠି ନା କୋଉଠି ଗୋଲାପ ଫୁଲଟିଏ ଅପେକ୍ଷା କରି ରହିଛି। ଭାଙ୍ଗି ପଡୁଥିବା ମନ ପାଇଁ ଆଞ୍ଜୁଳାଏ ଆଶ୍ୱସନା ଧରି କେହି ନା କେହି ଅପେକ୍ଷା କରିଛି।"

ଏସବୁ କଥା ଶୁକଦେବ ଶୁଣୁଥିଲା କି ନାଇଁ, ବୁଝୁଥିଲା କି ନାଇଁ, ତାହା ଜାଣିବା ମୁସ୍କିଲ୍। ତା' ମନ କିନ୍ତୁ ସେଠାରେ ନଥିଲା। ସେ ୟା' ଭିତରେ ବାବୁଙ୍କ ପୁଅ ଓ ଝିଅ ପାଖକୁ ଦି' ଦି' ଥର ଫୋନ୍ କରି ସାରିଥିଲା। ସେମାନେ ଖୁବ୍ ଶୀଘ୍ର ଆସି ପହଞ୍ଚିବେ ବୋଲି ଆଶ୍ୱାସନା ଦେଇଛନ୍ତି !

ବୁଝିଲ ଶୁକଦେବ ! – ଭଦ୍ରବ୍ୟକ୍ତି ପୁଣି ଆରମ୍ଭ କଲେ – "ତୁମେ ସତ୍ୟବ୍ରତର କିଛି ବହି ପଢ଼ିଥିବ କି ନା ଜାଣେନା ! ତା'ର "ଛାଇ" ନାମକ ଉପନ୍ୟାସ ଗୋଟାଏ ଅଛି। ମୁଁ ସେଇ ଉପନ୍ୟାସଟିକୁ ସତେଇଶି ଥର ପଢ଼ିଛି। ଯେତେ ଥର ପଢ଼ିଛି ଆନନ୍ଦରେ ଆତ୍ମହରା ହୋଇଛି। ଦୁଃଖରେ ବିଗଳିତ ହୋଇଛି। ମୁଁ ହସିଛି। କାନ୍ଦିଛି।"

"ମୋର ତେୟାଅଶୀ ବର୍ଷର ଜୀବନକାଳ ମଧ୍ୟରେ ମୁଁ ବେଶି କିଛି ପଢ଼ାପଢ଼ି କରିବାକୁ ସୁଯୋଗ

ଓ ସମୟ ପାଏ ନାହିଁ। ଅନେକ କାର୍ଯ୍ୟଭାର ମୋ ମୁଣ୍ଡ ଉପରେ। ହେଲେ "ଛାଇ" ଉପନ୍ୟାସର ପ୍ରତିଟି ଚରିତ୍ରକୁ ଭେଟିଛି ଅତ୍ୟନ୍ତ ଅନ୍ତରଙ୍ଗ ଭାବରେ। ଉପନ୍ୟାସର ପ୍ରତିଟି ବାକ୍ୟ, ପ୍ରତିଟି ପୃଷ୍ଠା, ପ୍ରତିଟି ଅଧ୍ୟାୟ ମୋତେ ମନ୍ତ୍ରମୁଗ୍ଧ କରିଛି। ମୋତେ ଜୀବନର ଏକ ନୂଆ ରାହା ଦେଖାଇଛି। ଆହା! କି ଦମ୍‌ଦାର ପ୍ଲଟ୍! କି ଅପୂର୍ବ ଭାଷା ବିନ୍ୟାସ! କି ଅନୁପମ ଶବ୍ଦ ସମ୍ଭାର! ମୋ ପାଖରେ ଶବ୍ଦର ଅଭାବ ତାକୁ ବର୍ଣ୍ଣନା କରିବା ପାଇଁ। ମୋ ଛାତି ଭିତରେ ଆଜି ପର୍ଯ୍ୟନ୍ତ ସାଇତା ହୋଇ ରହିଛି ସେଇ ଅନନ୍ୟ ଉପନ୍ୟାସର କଥାବସ୍ତୁ। ରହିବ ମଧ୍ୟ ମୁଁ ବଞ୍ଚିଥିବାଯାଏ....

ହଠାତ୍ ଚମକି ପଡ଼ିଲା ଶୁକଦେବ। ନିଜ ଆଖିକୁ ପ୍ରଥମେ ସେ ବିଶ୍ୱାସ କରିପାରିଲା ନାହିଁ। ପୁଣି ଥରେ ସେ ନିରେଖି ଚାହିଁଲା ସତ୍ୟବ୍ରତଙ୍କ ମୁହଁକୁ। ଯାହା ସେ ଦେଖିଲା ତାହା ସ୍ୱପ୍ନ ନା ବାସ୍ତବ! ତାହା ତା'ର ଦୃଷ୍ଟିର ଭ୍ରମ ଥିଲା କି? ସେ ଚେଇଁଥିଲା ନା ଶୋଇ ପଡ଼ିଥିଲା ଯା' ଭିତରେ!

ଭଦ୍ରବ୍ୟକ୍ତି ଜଣକ କ'ଣ ସବୁ ଗପି ଯାଉଥିଲେ ସେଥିପ୍ରତି କାନ ନ ଦେଇ ସେ ଉଠି ପଡ଼ି ଧାଇଁଲା ଡାକ୍ତରବାବୁଙ୍କ ଚେମ୍ବରକୁ। ସେ ଧଇଁ ସଇଁ ହୋଇଯାଉଥିଲା। ତା' ନିଃଶ୍ୱାସ ଘରେ ପଶୁ ନଥିଲା। ତା' ପାଟିରୁ କଥା ବାହାରୁ ନଥିଲା। ଖନି ମାରି ଯାଉଥିବା ସ୍ୱରରେ ସେ କହିଲା – ସାର୍...ସାର୍....

ଡାକ୍ତର ମହାପାତ୍ର ନିଜ ଚେମ୍ବରରେ ବସି କଥା ହେଉଥିଲେ ଦୁଇଜଣ ସହଯୋଗୀ ଡାକ୍ତରଙ୍କ ସହିତ। ଶୁକଦେବର ବ୍ୟସ୍ତ ବିବ୍ରତ ଚେହେରା ଏବଂ କଥା ଶୁଣି ପଚାରିଲେ – "କ'ଣ ହେଲା ଶୁକଦେବ?

: ସାର୍ ....ବାବୁ ଆଖି ଖୋଲିଲେ...ପୁଣି ବନ୍ଦ କରିଦେଲେ...

: ହ୍ୱାଟ୍!

: ହଁ ସାର୍, ମୁଁ ନିଜ ଆଖିରେ ଦେଖିଲି, ବାବୁ ଆଖି ଖୋଲିଲେ...ପୁଣି ବନ୍ଦ କରିଦେଲେ...

ଡାକ୍ତର ମହାପାତ୍ର ଉଠି ପଡ଼ିଲେ ଏବଂ ଦ୍ରୁତ ଗତିରେ ଚାଲିଲେ ସତ୍ୟବ୍ରତଙ୍କ କେବିନ୍ ଆଡ଼କୁ। ତାଙ୍କ ସହିତ ଦୁଇ ସହଯୋଗୀ ଡାକ୍ତର ମଧ୍ୟ ଯାଉଥିଲେ। ଡାକ୍ତରଙ୍କ ସେପରି ଅବସ୍ଥାରେ ଦେଖି ନର୍ସ ଦି'ଜଣ ବି ଧାଇଁଲେ ତାଙ୍କ ପଛେ ପଛେ।

ଷ୍ଟେଥୋ ପକାଇ ଡାକ୍ତରବାବୁ ସତ୍ୟବ୍ରତଙ୍କ ଛାତି ପରୀକ୍ଷା କଲେ। ପଲ୍‌ସ ରେଟ୍ ମାପିଲେ। ଆଖିପତା ଟେକି ଦେଖିଲେ। କ'ଣ ଜାଣିଲେ କେଜାଣି ଗୋଟାଏ ବିଭୋରପଣ ମାଖି ହୋଇଯାଉଥିଲା ତାଙ୍କ ମୁହଁରେ। ଗଦ୍‌ଗଦ୍ କଣ୍ଠରେ ସେ କହିଲେ – ମିରାକଲ୍।

: ସାର୍! କ'ଣ କହିଲେ ? –ଡାକ୍ତରଙ୍କ କଥାରୁ କିଛି ବୁଝି ନପାରି ଶୁକଦେବ ପଚାରିଲା।

: ସେ ଫେରି ଆସୁଛନ୍ତି। –ଅତ୍ୟନ୍ତ ଆଶ୍ୱସ୍ତ ସ୍ୱରରେ ଡାକ୍ତର ମହାପାତ୍ର ଘୋଷଣା କଲେ – "ଫେରି ଆସୁଛନ୍ତି କୋମା ଅବସ୍ଥାରୁ। ବାରଘଣ୍ଟା ଭିତରେ ସମ୍ପୂର୍ଣ୍ଣ ଫେରି ଆସିବେ ବୋଲି ମୋର ବିଶ୍ୱାସ। ଆଇ ଆମ୍ ସିଓର୍, କାଲି ସକାଳ ଦଶଟା ଏଗାରଟା ବେଳକୁ ସବୁ ସ୍ୱାଭାବିକ ହୋଇଯାଇଥିବ। ମୁଁ କିନ୍ତୁ ବୁଝିପାରୁନି ଏହା କେମିତି ସମ୍ଭବ ହେଲା। ଷ୍ଟ୍ରେଞ୍ଜ...ଭେରୀ ଷ୍ଟ୍ରେଞ୍ଜ...

ସହଯୋଗୀ ଡାକ୍ତର ଦୁଇଜଣ ମଧ୍ୟ ତାଜୁବ ହୋଇଯାଇଥିଲେ ଏ ଘଟଣା ଦେଖି।

ଘଣ୍ଟାଏ ପୂର୍ବରୁ ସେଠାରେ ବସି ବକର ବକର ହେଉଥିବା ଭଦ୍ରବ୍ୟକ୍ତି ଜଣକ କେତେବେଳେ କୁଆଡ଼େ ପଳାଇ ଗଲେଣି ସେକଥା ପ୍ରତି ନିଘା ନଥିଲା ଶୁକଦେବର। ବାହାରେ ଦିନ ହୋଇଥିଲା କି ରାତି ସେକଥା ଜଣାନଥିଲା ଶୁକଦେବକୁ। ଡାକ୍ତରବାବୁ କଥା କହୁଥିଲେ କି ମନମୁଗ୍ଧକର ଏକ ଗୀତ ବୋଲୁଥିଲେ ସେକଥା ଜଣା ନଥିଲା ଶୁକଦେବକୁ। ସେ ନିଃଶ୍ୱାସ ପ୍ରଶ୍ୱାସ ନେବା ଆଣିବା କରୁଥିଲା କି ନାହିଁ ସେକଥା ଜଣାନଥିଲା ତାକୁ।

ସେ ନିବିଷ୍ଟ ମନରେ ବସିଥିଲା ସତ୍ୟବ୍ରତଙ୍କ ପାଦ ପାଖରେ ଏବଂ ଦେଖୁଥିଲା ଧୀରେ ଧୀରେ ହଲ୍‌ଚଲ୍ ହେଉଥିବା ବାବୁଙ୍କର ଆଖି, ନାକପୁଡ଼ା, ଓଠ, ହାତ ଓ ପାଦର ଆଙ୍ଗୁଠିକୁ।

ଡାକ୍ତର ମହାପାତ୍ର, ଦୁଇ ସହଯୋଗୀ ଡାକ୍ତର ଏବଂ ଦି'ଜଣ ନର୍ସ ଅତୀବ ଉତ୍କଣ୍ଠାର ସହ ଜଗି ରହିଥିଲେ ସତ୍ୟବ୍ରତଙ୍କ ବେଡ୍ ପାଖରେ।

ରାତି ସାଢ଼େ ଗୋଟାଏ ବେଳକୁ ଧୀରେ କଡ଼ ମୋଡ଼ିଲେ ସତ୍ୟବ୍ରତ। ଅଳ୍ପ ଆଖି ଖୋଲି ଚାରିଆଡ଼କୁ ଡୋଳା ବୁଲାଇ କ୍ଷୀଣ ସ୍ୱରରେ ଡାକିଲେ – ଶୁକ...

ଶୁକଦେବର ଆଖିରୁ ସେତେବେଳେ ଫିଟି ପଡ଼ିଥିଲା ଶ୍ରାବଣର ବର୍ଷା। ଉଲ୍ଲାସର ଅତିଶଯ୍ୟରେ ସେ ଭୋ ଭୋ କାନ୍ଦି ଉଠି କୁଣ୍ଢାଇ ପକାଇଲା ଯାଇ ସତ୍ୟବ୍ରତଙ୍କୁ।

ଡାକ୍ତର ମହାପାତ୍ର, ତାଙ୍କର ଦୁଇତିନିଜଣ ସହଯୋଗୀ ଏବଂ ତିନି ଚାରିଜଣ ନର୍ସ ଉପଭୋଗ କରୁଥିଲେ ସେଇ ଅତିନ୍ଦ୍ରିୟ ଦୃଶ୍ୟକୁ।

ଡାକ୍ତରବାବୁ ତାଙ୍କର ଜଣେ ସହଯୋଗୀ ଡାକ୍ତର ଓ ଦୁଇ ନର୍ସଙ୍କୁ କିଛି ପରାମର୍ଶ ଦେଇ ଯିବାକୁ ବାହାରିଲେ ଘରକୁ। ଯିବା ପୂର୍ବରୁ ଶୁକଦେବର ପିଠିରେ ହାତ ଥାପୁଡ଼ାଇ କହିଲେ : ତୁମର ନିଷ୍ଠା ଓ ଆମର ପ୍ରଚେଷ୍ଟା ଯୋଗୁ ତୁମ ବାବୁ ସୁସ୍ଥ ହେଉଛନ୍ତି।

'ଆଉ ବ୍ୟସ୍ତ ହେବାର କିଛି ନାହିଁ। କାଲି ସକାଳକୁ ହିଁ ମୁଁ ଆସିବି। ସେତେବେଳକୁ ସବୁ ଠିକ୍ ହୋଇଯାଇଥିବ।'

ଶୁକଦେବ ପାଖରେ ଦି'ଟୋପା ଆନନ୍ଦାଶ୍ରୁ ବ୍ୟତୀତ ଆଉ କିଛି ନଥିଲା ଡାକ୍ତରବାବୁଙ୍କ ପାଦରେ ନୈବେଦ୍ୟ ବାଢ଼ିବା ପାଇଁ।

ଅବଶିଷ୍ଟ ରାତିରେ ଜଣେ ଡାକ୍ତର ଓ ଜଣେ ନର୍ସ ଜଗି ରହିଥିଲେ ସତ୍ୟବ୍ରତଙ୍କୁ।

ମୁହଁରେ ଆନନ୍ଦ ଓ ଆଶଙ୍କାର ଦ୍ୱୈତ ଛବିଟିଏ ଓହଳାଇ ଶୁକଦେବ ବସିଥିଲା ସତ୍ୟବ୍ରତଙ୍କ ପାଖରେ। ଶୋଇ ପଡ଼ିଥିଲେ ସତ୍ୟବ୍ରତ। ତା ଶୁଖିଲା ମୁହଁକୁ ଦେଖି ଅଳ୍ପ ହସି ଗୋରୀ ନର୍ସ ଜଣକ କହିଲା: ତମ ବାବୁଙ୍କ ଦେହ ଧୀରେ ଧୀରେ ଭଲ ହେଉଛି। ଡାକ୍ତରବାବୁ କହିଲେ ବ୍ୟସ୍ତ ହେବାର କିଛି ନାହିଁ ବୋଲି। ଉଷୁନା ଧାନ ଗଜା ହେଲା ବୋଲି ଜାଣ। ମତେ ଲାଗୁଛି ସାର୍ କାଲି କିମ୍ବା ଅତିବେଶିରେ ପହରଦିନ ତମ ବାବୁଙ୍କୁ ଡିସ୍‌ଚାର୍ଯ କରିଦେବେ।

: ଅସଲ କଥାଟି ତ ସେଇଠି ଦିଦି। ସବୁ ଟଙ୍କା ପେମେଣ୍ଟ ନକଲା ପର୍ଯ୍ୟନ୍ତ ଡିସ୍‌ଚାର୍ଯ ହୋଇପାରିବନି ବୋଲି କାଲି ଆର ଦିଦି ଜଣକ କହୁଥିଲେ। ଆଜି ସକାଳେ ଜଣେ ଦିଦି ଆସି କହିଲେ ଆମର ଆହୁରି ଚାରିଲକ୍ଷ ପନ୍ଦର ହଜାର ଟଙ୍କା ପାଖାପାଖି ଦେବାର ଅଛି। ବାବୁଙ୍କ ପୁଅଝିଅ ଆସି ନାହାନ୍ତି ଏ ଯାଏ। ମୁଁ ଏକଲା ମଣିଷ କ'ଣ କରିବି, କିଛି ବୁଦ୍ଧିବାଟ ଦେଖାଯାଉନାହିଁ.... ଚିନ୍ତାଗ୍ରସ୍ତ କଣ୍ଠରେ କହିଲା ଶୁକଦେବ।

ଦିଦି ଜଣକ ଆଶ୍ଚର୍ଯ୍ୟ ହୋଇ କହିଲେ : ସଂଧ୍ୟାବେଳେ ଯେଉଁ ଡେଙ୍ଗା ହେଇ ଗୋରା ହେଇ ବୁଢ଼ାବାବୁ ଜଣକ ଆସି ଗପୁଥିଲେ ତମ ବାବୁଙ୍କ ପାଖରେ ବସି, ସେ ପରା ଯିବାବେଳେ ସବୁ ଟଙ୍କା ପେମେଣ୍ଟ କରି ଦେଇଯାଇଛନ୍ତି। ତମକୁ ଏକଥା ସେ କହିନାହାନ୍ତି କି? ତମେ ସତରେ କିଛି ଜାଣିନା?

ତାଜୁବ ହୋଇଗଲା ଶୁକଦେବ! ସଂଧ୍ୟାବେଳେ ଆସି ଦି'ଘଣ୍ଟା କାଳ କାହିଁ କାହୁଁ କଥାମାନ ଗପୁଥିବା ସେଇ ବାବୁଜଣକ ଦେଇଛନ୍ତି ଏତେ ଗୁଡ଼ାଏ ଟଙ୍କା! କିଏ ସେ? କ'ଣ ତାଙ୍କ ନା? କ'ଣ ସମ୍ପର୍କ ତାଙ୍କର ବାବୁଙ୍କ ସହ? କାହିଁକି ସେ ଏତେଗୁଡ଼ାଏ ଟଙ୍କା ଦେଲେ? ବାବୁ ଯଦି ପଚାରନ୍ତି, କିଏ କାହିଁକି ତାଙ୍କ ପାଇଁ ଏତେ ଟଙ୍କା କ୍ଲିନିକ୍‌ରେ ପଇଠ କଲା, କ'ଣ ଉତ୍ତର ଦେବ ସେ?

ଶୁକଦେବର ମୁଣ୍ଡ କାମ କରୁନଥିଲା।

ତା' ଛୋଟିଆ ମସ୍ତିଷ୍କ ଏତେ ସବୁ ଗହନ ବ୍ୟାପାରକୁ ସମ୍ଭାଳି ପାରୁନଥିଲା।

ସେ ଚାହିଁଲା ବାବୁଙ୍କୁ। ବାବୁ ଧୀରେ କଡ଼ ଲେଉଟାଉ ଥିଲେ।

ସେ ଚାହିଁଲା ଝରକା ବାଟ ଦେଇ ବାହାରକୁ। ବାହାର ଫର୍ଚ୍ଚା ହୋଇ ଆସୁଥିଲା।

**: ସତର :**

ତା'ପରଦିନ ସକାଳକୁ ବଦଳିଯାଇଥିଲା ସଂସାରର ରୂପରେଖ। ମେଞ୍ଚାଏ ସୁନେଲି କିରଣ ଆସି କେବିନ୍ ଭିତରେ ବିଛେଇ ହୋଇ ପଡ଼ିଥିଲା। ତା' ସହିତ ଖୋଲା ଝରକା ଦେଇ ସୁଲୁସୁଲିଆ ସୁଗନ୍ଧିତ ପବନ

କିଛି ପଶି ଆସୁଥିଲା ଭିତରକୁ।

ବେଡ୍‌ରେ ଅଧାଶୁଆ ଅଧାବସା ହୋଇ ଝରକା ଦେଇ ବାହାରକୁ ଚାହିଁଥିଲେ ସତ୍ୟବ୍ରତ। ନୂଆ ନୂଆ କିନ୍ତୁ ଭାରି ଅନ୍ତରଂଗ ଲାଗୁଥିଲା ବାହାର ଦୁନିଆ। ଝରକା ସେପାଖର କୃଷ୍ଣଚୂଡ଼ା ଗଛଟି ପିନ୍ଧି ପକାଇଥିଲା ଲାଲ୍ ଓ ହଳଦୀ ରଙ୍ଗମିଶା ଶାଢ଼ିଟିଏ। ବଡ ଅପୂର୍ବ ଦେଖାଯାଉଥିଲା ତା'ର ରୂପକାନ୍ତି।

ଆଃ...କେଡ଼େ ସୁନ୍ଦର ଏଇ ଆକାଶ ...ଏଇ ପୃଥିବୀ....ଏଇ ଜୀବନ।

ରାମଭକ୍ତ ହନୁମାନ ପରି ଶୁକଦେବ ବସିଥିଲା ସତ୍ୟବ୍ରତଙ୍କ ପାଦ ପାଖରେ। ଧୀରେ ଧୀରେ ଆଉଁସି ଦେଉଥିଲା ତାଙ୍କ ଦୁଇ ଗୋଡ଼କୁ।

ପୂର୍ବାହ୍ନ ସାଢ଼େ ଦଶଟା ବେଳକୁ କେବିନ୍ ଭିତରକୁ ଆସିଲେ ଡାକ୍ତର ମାହାପାତ୍ର, ଦୁଇଜଣ ନର୍ସଙ୍କୁ ସାଙ୍ଗରେ ଧରି। ଡିସ୍‌ଚାର୍ଯ ରିପୋର୍ଟରେ ଆବଶ୍ୟକୀୟ ଔଷଧ ଲେଖୁଥିବାବେଳେ ସତ୍ୟବ୍ରତଙ୍କ ଆଡ଼କୁ ସହାସ୍ୟ ବଦନରେ ଚାହିଁ ପଚାରିଲେ - "ଏବେ କେମିତି ଲାଗୁଛି, ଆଜ୍ଞା ?

: ଖୁବ୍ ଦୁର୍ବଳ ଲାଗୁଛି। କିନ୍ତୁ ଭାରି ହାଲକା ଲାଗୁଛି ମୋତେ। ଚାରିଆଡ଼ ଯେମିତି ଉଜ୍ଜ୍ୱଳ ଆଲୋକମୟ। ସତେ ଯେମିତି ଉଜ୍ଜ୍ୱଳ ଆଲୁଅରେ ପୃଥିବୀର ଅଭିଷେକ ହେଉଛି ! -କହିଲେ ସତ୍ୟବ୍ରତ।

ଅମାୟିକ ହସ ହସିଲେ ଡାକ୍ତର ମହାପାତ୍ର। କହିଲେ: ପାଖାପାଖି ମାସେ କାଳ ଆପଣ କୋମାରେ ଥିଲେ। ସେ ସମୟର କିଛି କଥା ଆପଣଙ୍କର ସ୍ମରଣକୁ ଆସୁଛି ?

ହଠାତ୍ ଗମ୍ଭୀର ହୋଇଗଲେ ସତ୍ୟବ୍ରତ। ଚିନ୍ତାର ରେଖାଗୁଡିଏ ଫୁଟି ଦିଶିଲା ତାଙ୍କ କପାଳରେ। କେଇ କ୍ଷଣ ନିରବ ରହି ସେ କହିଲେ : ନାଇଁ ଆଜ୍ଞା, ସେପରି ସ୍ପଷ୍ଟ ଭାବରେ କିଛି ମନେ ପଡୁ ନାଇଁ। ମୋର ଯାହା ଅତି କ୍ଷୀଣ ଭାବରେ ମନେ ପଡୁଛି ମୁଁ ଯେପରି ଧୀରେ ଧୀରେ ଖସି ପଡୁଥିଲି କିଟ୍‌କିଟ୍ ଅନ୍ଧାରର ଗହ୍ୱର ଭିତରକୁ। ଚାରିଆଡ଼େ କେବଳ ଅନ୍ଧାର ଆଉ ଅନ୍ଧାର। ଗୋଟେ ଛାତିଥରା ଭୟାନକ ପରିବେଶ ଭିତରେ ଗୋଟାଏ ଅଦୃଶ୍ୟ ଅପରାଜେୟ ଶକ୍ତିମୋତେ ଟାଣି ନେଉଥିଲା ଅନନ୍ତ ପଥରେ। ହଠାତ୍....

ହଠାତ୍ କ'ଣ ହେଲା ? - ଡାକ୍ତର ମହାପାତ୍ର ବ୍ୟଗ୍ରତାର ସହ ପଚାରିଲେ।

ସ୍ମୃତିର ଅତଳ ଗହ୍ୱର ଭିତରକୁ ଝାଙ୍କି ଦେଖିବା ପରି ପୁଣି କିଛି ସମୟ ନିରବି ଗଲେ ସତ୍ୟବ୍ରତ। କୁଞ୍ଚିତ ହୋଇଯାଇଥିବା ତାଙ୍କ କପାଳ ସହସା ସହଜ ହୋଇଗଲା। ଏକ ଅପୂର୍ବ ଆଭା ପ୍ରକଟିତ ହୋଇ ଉଠିଲା ତାଙ୍କ ମୁହଁ ଉପରେ। ସମାହିତ ସ୍ୱରରେ ସେ କହିଲେ :

"ହଠାତ୍ ସେଇ ଭୟଙ୍କର ଅନ୍ଧାର ଭିତରୁ, ଲକ୍ଷ ଲକ୍ଷ ଯୋଜନ ଦୂରରୁ ସୂକ୍ଷ୍ମାତି ସୂକ୍ଷ୍ମ ଅଣୁ ପରି ଆଲୋକର ବିନ୍ଦୁଟିଏ ଦୃଶ୍ୟମାନ ହେଲା ମୋ ଆଗରେ। ସେଇ ଆଲୋକ ବିନ୍ଦୁ ଧୀରେ ଧୀରେ କାୟା ବିସ୍ତାର କରି ଗ୍ରାସ କରି ପକାଉଥିଲା ସମଗ୍ର ଅନ୍ଧକାରକୁ। ସେଇ ବିନ୍ଦୁ ଧାରଣ କରୁଥିଲା ଏକ ଆକାର ! ସେଇ ଆକାର ଭିତରୁ ନିର୍ଗତ ହେଉଥିଲା ଏକ ମନମୋହନ ମଧୁରଧ୍ୱନୀ। ମୋତେ ଲାଗୁଥିଲା ମୃତ୍ୟୁର ଉପତ୍ୟକାରେ କେହି ଜଣେ ଆସି ମୋ କାନ ପାଖରେ ଗାଉଛି ଜୀବନର ସଙ୍ଗୀତ। ସେଇ ସଙ୍ଗୀତ ରୂପାନ୍ତରିତ ହୋଇଯାଉଛି ମହାମନ୍ତ୍ରରେ। ମୋ କାନ ଭିତର ଦେଇ ଛାତି ଭିତରେ ପଶିଯାଉଛି ସେଇ ମନ୍ତ୍ର-

"କିଛି ସରିଯାଏ ନାହିଁ। କିଛି ହଜିଯାଏ ନାହିଁ। କିଛି ଧ୍ୱଂସ ପାଇଯାଏ ନାହିଁ। ମଞ୍ଜି ଭିତରର ସୂକ୍ଷ୍ମ ଭ୍ରୂଣ ପରି ତାହା କାଳକାଳକୁ ସାଇତା ହୋଇ ରହିଥାଏ କାହାର ନା କାହାର ହୃଦୟର ନିଭୃତ କନ୍ଦରେ। ତାହା ଧୀରେ ଧୀରେ ଅଙ୍କୁରି ହୁଏ... ପଲ୍ଲବିତ ହୁଏ...ଚହଟିଯାଏ କାଳକାଳକୁ.....!"

ଚକିତ ଦୃଷ୍ଟିରେ ସତ୍ୟବ୍ରତଙ୍କ ମୁହଁକୁ ଚାହିଁ ଡାକ୍ତର ମହାପାତ୍ର ମୁରୁକି ହସି କହିଲେ- ଆପଣମାନଙ୍କ ପରି କବି ଭାବୁକ ମଣିଷମାନଙ୍କ ତତ୍ତ୍ୱପୂର୍ଣ୍ଣ କଥାକୁ ବୁଝିବା ଆମ ପରି ସାଧାରଣ ମଣିଷମାନଙ୍କ ପକ୍ଷରେ ଜମା ସମ୍ଭବ ନୁହେଁ ଆଜ୍ଞା ! ଆପଣ କିନ୍ତୁ ଅଫେରା ରାଜ୍ୟରୁ ଫେରିଛନ୍ତି। ଯହା ପାଖରେ ଚକିତ୍ସା ବିଜ୍ଞାନ ସ୍ତବ୍ଧ, ତଟସ୍ଥ। କେଉଁ ଅଜଣା ଶକ୍ତି ଆପଣଙ୍କୁ ଫେରାଇ ଆଣିବାରେ ସହାୟକ ହେଲା ତାହା ଚିରଦିନ ଅବୋଧ ହୋଇ ରହିବ ମୋ ପକ୍ଷରେ। ଓ.କେ। ଆପଣ ଏବେ ସମ୍ପୂର୍ଣ୍ଣ ସୁସ୍ଥ। ସବୁ ଠିକ୍‌ଠାକ୍। କେବଳ ସାମାନ୍ୟ ଶାରିରୀକ ଦୁର୍ବଳତା ରହିଛି, ଯାହା ଖୁବ୍ କମ୍ ଦିନ ଭିତରେ ଠିକ୍ ହୋଇଯିବ। ଶାନ୍ତ ମନରେ ଘରକୁ ଯାଆନ୍ତୁ ଏବଂ ଏବେଠାରୁ ନିଜ ମନ ଓ ଶରୀର ପ୍ରତି ଟିକେ ଯତ୍ନଶୀଳ ହୁଅନ୍ତୁ....।

ଏଥର ଅଟୋ ନୁହେଁ, ଗୋଟାଏ ଲମ୍ବା ଧଳା କାର୍ ଆସି ଅପେକ୍ଷା କରିଥିଲା କ୍ଲିନିକ୍ ଗେଟ୍ ପାଖରେ। ଶୁକଦେବ ଡ଼ାକିଥିବା ଅଟୋ ପାଖକୁ ଜିନିଷପତ୍ର ବୋଝେଇ ଦୁଇ ତିନିଟା ବ୍ୟାଗ୍ ବୋହି ନେଇ ଯାଉଥିବା ସମୟରେ କାର୍‌ର ଡ୍ରାଇଭର ଆସି ଅଟକାଇଲା ତାକୁ ଏବଂ ତା'ହାତରୁ ଜିନଷ ବୋଝେଇ ବ୍ୟାଗ୍ ସବୁ ନେଇ ରଖିଲା କାର୍ ଭିତରେ।

ଶୁକଦେବ ଆଶ୍ଚର୍ଯ୍ୟ ହେଲା। କାର୍ ଡ୍ରାଇଭର କହିଲା - "ସାର୍ ପଠେଇଛନ୍ତି ଗାଡ଼ି। କହିଛନ୍ତି ସତ୍ୟବ୍ରତ ସାରଙ୍କୁ ନେଇ ଘରେ ଛାଡ଼ିଦେବା ପାଇଁ।

: କେଉଁ ସାର୍ ? - ପଚାରିଲା ଶୁକଦେବ।

: ସତ୍ୟବ୍ରତ ସାର୍‌ଙ୍କ ବନ୍ଧୁ। - ଉତ୍ତର ଦେଲା ଡ୍ରାଇଭର।

କେଉଁ ବନ୍ଧୁ ? କ'ଣ ତାଙ୍କ ନାଁ ? - ଏତକ ପ୍ରଶ୍ନ ପଚାରିଲା ନାହିଁ ଶୁକଦେବ। ସେ କେବିନ୍ ଭିତରକୁ ଯାଇ ବାବୁଙ୍କୁ ଧରି ଧରି ଗାଡ଼ି ପାଖକୁ ନେଇ ଆସୁଥିବାବେଳେ ସତ୍ୟବ୍ରତଙ୍କୁ ଭାରି ଚିହ୍ନା ଚିହ୍ନା ଲାଗୁଥିଲା ସେଇ ଲମ୍ବା ଧଳା ଅଡ଼ି କାର୍‌ଟି। ସେ ବାରମ୍ବାର ଫେରି ଚାହୁଁଥିଲେ ପଛକୁ, ବାମକୁ ଡାହାଣକୁ।

ଯେମିତି କେଉଁ ଜଣେ ପ୍ରୟତମ ମଣିଷକୁ ସେ ସେଇଠି କୋଉଠି ଛାଡ଼ି ଆସିଛନ୍ତି !

ଅଥଚ ସେ କାହାକୁ ପାଉନଥିଲେ। କିନ୍ତୁ ଅନୁଭବ କରୁଥିଲେ ଏକ ଅନ୍ତରଙ୍ଗ ସତ୍ତାକୁ, ଯିଏ ଏବେ ତାଙ୍କ ପାଖରେ ନ ଥାଇ ବି ତାଙ୍କ ସହିତ ଅଦୃଶ୍ୟ ଭାବରେ ରହି ଆସିଛି ଦୀର୍ଘକାଳ ଧରି। ତାଙ୍କୁ ଏବେ ପାଖରେ ନ ପାଇବାର ପୀଡ଼ା ସତ୍ୟବ୍ରତଙ୍କୁ ବିଷାଦିତ କରୁନଥିଲା, ବରଂ ତାଙ୍କ ହୃଦୟ ଭିତରେ ଭରି ଦେଉଥିଲା ଅନେକ ପ୍ରାପ୍ତିର ନବ ଉଲ୍ଲାସ।

କାର୍‌ର ସିଟ୍‌ରେ ଆଉଜି ବସୁ ବସୁ ସତ୍ୟବ୍ରତ ସ୍ୱଗତୋକ୍ତି କଲେ -

"ଯାହାକୁ ମୁଁ ଏଠି, ଏତେ ବ୍ୟଗ୍ର ଅଧୀର ହୋଇ ଖୋଜୁଛି, ସେ ସିନା ଶଶରୀରେ ଏବେ ନାହିଁ ମୋ ପାଖରେ, ମୁଁ ତ ଚିରକାଳ ସାଇତା ହୋଇ ରହିଛି ତା' ଛାତି ଭିତରେ ନା!!

*ଏଜି ଅଫିସ୍, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୧୬୩୦୦୨*

ପ୍ରଥମ ପ୍ରସ୍ଥ

# ହେମ ହରିଣୀ

## କୃପାସାଗର ସାହୁ

ଦଣ୍ଡକାରଣ୍ୟର ଛାୟାଘନ ବନଭିତରୁ ସ୍ୱର୍ଣ୍ଣବର୍ଣ୍ଣର ମୃଗଟିଏ ଶ୍ରୀରାମଙ୍କ ପର୍ଣ୍ଣକୁଟୀର ସମ୍ମୁଖରେ ଛଲାଙ୍ଗ ଦେଇ ଚାଲିଗଲା। ସକାଳର ଛାପିଛାପିକିଆ ସୂର୍ଯ୍ୟ କିରଣରେ ଝଲସୁ ଥିଲା ତା'ର ମଣି-ଖଚିତ କାନ୍ତି।

ଶ୍ରୀରାମ ଓ ସୀତା କୁଟୀର ବାହାରେ ସ୍ନିଗ୍ଧ ଛାୟା ତରୁ ତଳେ ବସି ଫଳାହାର କରୁଥିଲେ। ଲକ୍ଷ୍ମଣ ଧନୁଶର ଧରି ଜଗିଥିଲେ ସନ୍ତ୍ରୀ ପରି।

ସୀତା ହରିଣଟିକୁ ଦେଖି ଚିଲାଇଲେ - ଦେଖ ଦେଖ ହେମ ହରିଣୀ! ଦିଶୁଛି କେଡେ ସୁନ୍ଦର! ଶୁଣ, ମୋ ପାଇଁ ତାକୁ ଘେନି ଆଣ।

ସେତେବେଳକୁ ହରିଣଟି ଦୃଷ୍ଟି ପଥର ଅନ୍ତରାଳକୁ ଚାଲି ଯାଇଥିଲା। ହରିଣ ହରିଦ୍ରା ବର୍ଣ୍ଣର ହୋଇପାରେ। କିନ୍ତୁ ସ୍ୱର୍ଣ୍ଣ ପରି ଚିକ୍ ଚିକ୍ କରିବ! ଏଥିରେ ଶ୍ରୀରାମ ସନ୍ଦୀହାନ ଥିଲେ। ପଚାରିଲେ- ସୁନାର ହରିଣ କେବେ ଦେଖିଛ? ବଣ ଜଙ୍ଗଲରେ ଆମେ ଏତେ ଘୁରିଲେଣି। ସେଇଟା କୌଣସି ମାୟାବୀ ଦୈତ୍ୟ ହୋଇପାରେ। ସେଇଟା ପୁଣି ହରିଣ କି ହରିଣୀ ତମେ ଜାଣିଲ କେମିତି?

- ହରିଣୀ ହରିଣୀ! ମୁଁ ନିଶ୍ଚିତ। ତା'ର ତନୁପାତଳ ଶରୀର। ଛୋଟ ଛୋଟ ଶିଙ୍ଗ। କି ଲୀଳାୟିତ ଭଙ୍ଗୀରେ ଡେଇଁ ଡେଇଁ ଗଲା ଦେଖିଲନା।

ହରିଣଟି ଆଉଥରେ ଛଲାଙ୍ଗ ମାରି ଆଖି ସାମନାରେ ଦୌଡିଗଲା। ସୀତା ଧୈର୍ଯ୍ୟହରା ହୋଇ କହିଲେ- ତମେ ତାକୁ ଯାଇ ଧର। ଏମିତିଆ ହରିଣ ଜଙ୍ଗଲରେ କୋଟିକରେ ଗୋଟିଏ ଥାଆନ୍ତି।

- ହରିଣକୁ ନେଇ କରିବ କ'ଣ?

- ପୋଷିବି।

- ଜାଣିନ ହରିଣ କେତେ କ୍ଷିପ୍ରଗତିରେ ଧାଏଁ? ତାକୁ କିଏ ଧରିପାରିବ?

- ନ ହେଲେ ତୀର ମାର।

- ସେମିତି ହେଲେ ସେଇଟା ତ ମରିଯିବ! ପାଳିବ କେମିତି?

- ନାଇଁ। ତମେ ତା'ର ଗୋଡକୁ ଲକ୍ଷ୍ୟ କରି ମାର। ମୁଁ ବିଶଲ୍ୟକରଣୀ ଦେଇ ତା'ର କ୍ଷତକୁ ଭଲ କରିଦେବି।

- ହରିଣ ବଣର ଜୀବ। ସେ କ'ଣ ତମ ପାଖେ ବନ୍ଦୀ ହୋଇ ରହିବ?

- ମୁନିଋଷି ଆଶ୍ରମରେ ଆମେ ଦେଖିଲେନି କେତେ ହରିଣ ପୋଷାମାନି ଅଛନ୍ତି। ମୋର ଏଠି ଏତେ ବଳକା ସମୟ। ମୁଁ ତାକୁ ଘାସ ପତ୍ର, ନୀବାର ଦେଇ ପୋଷିବି।

ଯୁକ୍ତିରେ କିଏ ସୀତାଙ୍କୁ ହରାଇବ! ଚିନ୍ତା କଲେ ଶ୍ରୀରାମ। ଭାବିଲେ, ନାରୀ ବିଧାତାଙ୍କ ଏକ ଅଦ୍ଭୁତ ସର୍ଜନା। ସେମାନେ ଦେଖା ସୁନ୍ଦର ବସ୍ତୁପ୍ରତି ବଡ ସହଜରେ ଆକୃଷ୍ଟ ହୁଅନ୍ତି। ସୀତା ବଣକୁ ଆସିଲେ ବି ସାଂସାରିକ ବସ୍ତୁରୁ ତାଙ୍କର ମୋହ ତୁଟିନି।

ସୀତା ସିନା ସବୁ ମୂଲ୍ୟବାନ ଆଭରଣ ଛାଡି ଆସିଥିଲେ ଅଯୋଧାରେ, କିନ୍ତୁ ଏଠି କ'ଣ ବନଫୁଲର ମାଳା ଏବଂ କୁରେଇଫୁଲର ଗଜରାରେ ଶୃଙ୍ଗାର କରିବେନି!

ନିଜେ ସନ୍ଦୀହାନ ଥିଲେ ବି ପ୍ରାଣପ୍ରିୟା ପତ୍ନୀଙ୍କ ମନ ରକ୍ଷା ପାଇଁ ମୃଗ ଧରିବା ପାଇଁ ଶ୍ରୀରାମ ଗଲେ।

ଆଶ୍ଚର୍ଯ୍ୟ! ମାୟାମୃଗଟାକୁ ପ୍ରତ୍ୟକ୍ଷ ମୃଗ ଭାବି ନିଜେ ଅନ୍ତର୍ଯ୍ୟାମୀ ହୋଇ ସେ ଗୋଡାଇଲେ! ଆକାଶରେ ଦେବଗଣ ବିସ୍ମିତ ହେଲେ। ଏ ପ୍ରଭୁଙ୍କର ମତିଭ୍ରମ ହେଲା ନା କ'ଣ? ନା ଏହା ଅତ୍ୟଧିକ ପତ୍ନୀ ପ୍ରେମର ପରିଣତି!

କେତେବେଳେ ମୃଗଟି ଦୃଷ୍ଟିଗୋଚର ହେଉଥିଲା, ଆଉ କେତେବେଳେ ଅଦୃଶ୍ୟ। ତା' ପଛରେ ଗୋଡାଇ ଗୋଡାଇ କ୍ଲାନ୍ତଶ୍ରାନ୍ତ ହୋଇ ଶ୍ରୀରାମ କେଉଁ ତରୁତଳେ ବସିଗଲେ ସେ ପୁଣି ସାମନାରେ ଛଲାଙ୍ଗ ମାରି ଦୃଷ୍ଟିପଥକୁ ଆସୁଥିଲା।

ଏହି ଲୁଚକାଳି ଖେଳକୁ ବନ୍ଦ କରିବା ପାଇଁ ଶ୍ରୀରାମ ଶବ୍ଦଭେଦୀ ବାଣ ଛାଡିଲେ ଏବଂ ମୃଗଟି ଭୂପତିତ ହେଲା। ସେତେବେଳେ ସେ ତା'ର ଅସଲ ସ୍ୱରୂପ ଧାରଣ କରିଥିଲା ଏବଂ ଉଚ୍ଚସ୍ୱରରେ ଡାକିଲା- ତ୍ରାହି ଲକ୍ଷ୍ମଣ, ତ୍ରାହି ଜାନକୀ!

ସେ ସ୍ୱର ଥିଲା ଅବିକଳ ଶ୍ରୀରାମଙ୍କ କଣ୍ଠ ସ୍ୱର ପରି।

ଏ ସ୍ୱର ସୀତାଙ୍କ କର୍ଣ୍ଣରେ ପଡିବା ମାତ୍ରେ ସେ ଥରି ଉଠି ଲକ୍ଷ୍ମଣଙ୍କୁ କହିଲେ- ଏ ତ ପ୍ରଭୁଙ୍କ କଣ୍ଠ ସ୍ୱର! ବୋଧହୁଏ ସେ ଘୋର ବିପଦରେ ପଡିଛନ୍ତି। ଯାଅ ଶୀଘ୍ର, ତାଙ୍କ ସହାୟତା କର।

ପ୍ରଭୁ ପୁଣି ବିପଦରେ! ଏ ଅସମ୍ଭବ। ଲକ୍ଷ୍ମଣ ଭ୍ରାତାଙ୍କର ଅସୀମ ଶକ୍ତି ସଂପର୍କରେ ଅବହିତ ଥିଲେ। ତାଙ୍କ ନିକଟରେ ଥିଲା ବ୍ୟାବହାରିକ ଜ୍ଞାନ। ଭାବପ୍ରବଣତାରେ ସେ ଭାସିଯିବାର ବ୍ୟକ୍ତି ନ ଥିଲେ। ସେଥିପାଇଁ ସେ ଅବିଚଳିତ ହୋଇ କୁଟୀର ସମ୍ମୁଖରେ ଠିଆ ହେଲେ।

ଅପରପକ୍ଷରେ ଶ୍ରୀରାମଙ୍କୁ ମାତ୍ରାଧିକ ଭଲପାଉଥିବାରୁ ତାଙ୍କର ବୌଦ୍ଧିକତା ଉପରେ ଭାବପ୍ରବଣତା ଭାରୀ ପଡିଥିଲା। ତେଣୁ ସେ ଅଧୈର୍ଯ୍ୟ ହୋଇ ପ୍ରଶ୍ନ କଲେ କାହିଁକି ଯାଉନ ଯେ?

- ଆର୍ଯ୍ୟପୁତ୍ରୀ। ପ୍ରଭୁ ଶ୍ରୀରାମଙ୍କୁ ବିପଦରେ ପକାଇବାକୁ ଏ ଜଗତରେ କେହି ନାହାନ୍ତି। ଏହା ସେ ରୋକଠୋକ ଶୁଣାଇଲେ। ମାୟାକୁରଙ୍ଗୀ ନିଶ୍ଚିତ କୌଣସି ମାୟାବୀ ରାକ୍ଷସୀ।

ଏବେ ସୀତାଙ୍କ ମୁହଁରୁ ଶୁଣିବାକୁ ମିଳେ ଅସଂସ୍କୃତ ଜହର-ଭରା ବାଣୀ।

- ତୁମେ ସାବତ ଜନନୀର ପୁତ୍ର ବୋଲି ଭାଇଙ୍କୁ ସହାୟତା ପାଇଁ ଯାଉନ?

- ଏହାପରେ ଆହୁରି ଆହୁରି ଅଶ୍ରାବ୍ୟ କଟୁକଥା କହିଚାଲିଲେ।

ଦେବର ଭ୍ରାତୃଜାୟାଙ୍କ ମଧ୍ୟରେ ସଂପର୍କଟା କେତେ ମଧୁର! ସେମାନଙ୍କ ବାର୍ତ୍ତାଳପରେ ଚଟୁଳତା ଥାଇପାରେ, ରସାଳତା ଥାଇପାରେ, କିନ୍ତୁ ତାହା ଥାଏ ଶାଳୀନତାର ବଳୟ ଭିତରେ।

ସୀତା ଶାଳୀନତା ଲଂଘି 'ତୁ ତା' ସ୍ତରକୁ ଖସି ଆସିଥିଲେ ଜଣେ ଇତର ନାରୀ ପରି।

- ତୁ କ'ଣ ଭାବିଛୁ, ଶ୍ରୀରାମଙ୍କ ଅନ୍ତେ ମୋତେ ଭୋଗ କରିବୁ?

- ନା ତୋର ରାଜା ହୋଇଥିବା ଭାଇ ଭରତକୁ ସମର୍ପି ଦେଇ ବାହାବା ନେବୁ?

ଲକ୍ଷ୍ମଣଙ୍କ କଣ୍ଠ ସ୍ୱର ବିକଳ ହୋଇଉଠିଲା।

ସୀତାଙ୍କ କଠୋର ବାଣୀ ତୀର ଭଳି ଲକ୍ଷ୍ମଣଙ୍କୁ

ବିଦ୍ଧ କରିଥିଲା, ସେ ପ୍ରତିବାଦ କଲେ– ଯେ କି ଅନୀତିର କଥା କହୁଛନ୍ତି ଆର୍ଯ୍ୟପୁତ୍ରୀ ? ଶ୍ରୀରାମ କେବଳ ମୋର ଭ୍ରାତା ନୁହନ୍ତି, ପିତା ମଧ୍ୟ । ଆଉ ତୁମେ ମୋର ମାତା ସଦୃଶ । ତୁମେ ଯଦି ନିଜ ଜିଦରେ ଅଟଳ ଅଛ, ମୁଁ ଯାଉଛି । ଯଦି କିଛି ଅନିଷ୍ଟ ହୁଏ ମୋର ଦୋଷ ନାହିଁ ।

ସେ ଦଶଦିଗପାଳଙ୍କୁ ଏବଂ ବନଗିରିକୁ ଘୋଷଣା କଲେ– ତୁମେ ହିଁ ମୋର ବକ୍ତବ୍ୟର ସାକ୍ଷୀ ରହିଲ । ବନଦେବୀଙ୍କୁ ବିନତି କଲେ– ମାତେ ! ସୀତାମାତାଙ୍କୁ ରକ୍ଷା କରିବ ।

ଏବେ କୁଟୀର ଛାଡି ନ ଯାଇ ତାଙ୍କର ଗତ୍ୟନ୍ତର ନ ଥିଲା । କୁଟୀର ଛାଡିବା ପୂର୍ବରୁ ଲକ୍ଷ୍ମଣ କୁଟୀର ସାମନାରେ ତୀରରେ ତିନୋଟି ରେଖା ଆଙ୍କି ଥିଲେ ଏବଂ ସୀତାଙ୍କୁ ସତର୍କ କରିଥିଲେ– ଏ ରେଖା ଅତିକ୍ରମ କରିବେନି ଆର୍ଯ୍ୟପୁତ୍ରୀ ।

ଜଣେ ପତିବ୍ରତା ନାରୀର କେତେ ରୂପ ! କେତେ ଅବତାର ! ନିଜର ପତିଙ୍କ ସୁରକ୍ଷା ନିମନ୍ତେ ସେ ହୋଇପାରନ୍ତି କେତେ ହିଂସ୍ର ! ଲକ୍ଷ୍ମଣ ନ ଯାଇଥିଲେ ବୋଧେ ସେ କୃପାଣ ଧରି ନିଜେ ଧାଇଁ ଯାଇଥାନ୍ତେ ।

ଲକ୍ଷ୍ମଣ ତ୍ବରିତେ ଧାବମାନ କଲାବେଳେ ଗୁଣୁଗୁଣେଉ ଥିଲେ– "ହାଏ ଉର୍ମିଳା ! କି କି କଥା ଆଜି କାନରେ ଶୁଣିବାକୁ ମିଳିଲା । ତୁମେ ପାଖରେ ଥିଲେ ଏହା ଶୁଣି କ'ଣ ଦେହ ଧରି ରହିପାରିଥାନ୍ତ ?"

ସେ ଜୀବଟା ହେମହରିଣୀ ନଥିଲା । ହେମ ହରିଣୀର ଭ୍ରାନ୍ତି ସୃଷ୍ଟି କରୁଥିବା ମାୟାରୂପ ଧାରୀ ଦୈତ୍ୟ– ମାରୀଚ । ଶ୍ରୀରାମଙ୍କ ଶରାଘାତରେ ଭୂଲୁଣ୍ଠିତ ହୋଇ ସେ ନିଜ ରୂପ ଧାରଣ କଲା । ଭୀମକାୟ ରୂପ ! ମଥାରେ କିରୀଟ । କାନରେ କୁଣ୍ଡଳ । ବାହୁରେ ଅଙ୍ଗଦ ।

ତାକୁ ପଚାରିଲେ– କିଏ ତୁ ?

– ମୁଁ ମାରୀଚ ପ୍ରଭୁ ! ଆପଣଙ୍କର ମନେଥିବ ମୋର ମାତା ତାଡକାଙ୍କୁ ବଧ କରିଥିବାରୁ ମୁଁ ମୋର ଭ୍ରାତା ସୁବାହୁ ସହ ମିଶି ଆପଣଙ୍କ ସହ ଯୁଦ୍ଧ କରିଥିଲି । ସୁବାହୁର ମୃତ୍ୟୁ ହେଲା । ମୁଁ ମୂର୍ଚ୍ଛିତ ହୋଇ ପଡିଥିଲି ସମୁଦ୍ର କୂଳରେ । ମୋତେ ରାବଣ ଏଠାକୁ ମାୟାମୃଗ ରୂପଧାରଣ କରିବାକୁ ପ୍ରବର୍ତ୍ତାଇଲା । ମୁଁ ଅନିଚ୍ଛା ପ୍ରକାଶ କରିବାରୁ ସେ ମୋତେ ହତ୍ୟା କରିବାକୁ ଧମକାଇଲା । ମୁଁ ଭାବିଲି– ରାବଣ ହସ୍ତରେ ମୃତ୍ୟୁ ବରଣ କରିବା ଅପେକ୍ଷା ପ୍ରଭୁ ଶ୍ରୀରାମଙ୍କ ହସ୍ତରେ ମୃତ୍ୟୁବରଣ କଲେ ବୈକୁଣ୍ଠକୁ ଯିବି । ଏହା କହି ସେ ଶେଷ ନିଃଶ୍ୱାସ ତ୍ୟାଗ କଲା ।

ମୃଗ ପରିବର୍ତ୍ତେ ମାରୀଚକୁ ଦେଖି ଶ୍ରୀରାମ ଆଶଙ୍କା କଲେ ବୋଧେ କିଛି ବଡ ପ୍ରମାଦ ଘଟିବାର ଏହା ପୂର୍ବାଭାସ ।

ଲକ୍ଷ୍ମଣ ତାଙ୍କୁ ଖୋଜି ଖୋଜି ଆସିବା ପରେ ସେ ଆଶଙ୍କା ଦୃଢୀଭୂତ ହୋଇଥିଲା । ଦୁହେଁ ବିକଳ ହୋଇ କୁଟୀରକୁ ପ୍ରତ୍ୟାବର୍ତ୍ତନ କଲା ବେଳେ ସୀତା ନ ଥିଲେ ।

ଦୂରରୁ ଅଶୁଭ ଶକୁନସ୍ୱରୂପ ଫେରଣ୍ଡାର ରଡି ଶୁଭୁଥିଲା ।

ଏହାପରେ ... ଏହାପରେ ସାଧୁଜନେ ! ଶ୍ରୀରାମଙ୍କ ଜୀବନରେ ଆସିଥିଲା ଅନ୍ତହୀନ କାରୁଣ୍ୟ ।

DM Associates
Chartered Accountants
307, Block - A, 3rd Floor, Nirmala Plaza
Forest Park, Bhubaneswar
Ph.: +91 674 259511-13
Telefax : +91 674 2595912

We undertake
Auditing, Taxation, Consultancy outsourcing



# ଦିବାକର ସାର୍

## ଶାନ୍ତନୁ ବେଜ୍

ଗୁରୁ ବ୍ରହ୍ମା ଗୁରୁ ବିଷ୍ଣୁ ଗୁରୁ ଦେବ ମହେଶ୍ୱର । ଗୁରୁ ସାକ୍ଷାତ୍ ପରଂବ୍ରହ୍ମ ତସ୍ମୈ ଶ୍ରୀଗୁରବେ ନମଃ ।। ପିଲାଦିନେ ଗୁରୁଜନମାନଙ୍କ ମୁହଁରୁ ବରାବର ଏହି ଶ୍ଳୋକଟି ଶୁଣିବାକୁ ମିଳୁଥିଲା । ଏଣୁ ଗୁରୁମାନଙ୍କ ପ୍ରତି ହୃଦୟରେ ସ୍ଥାନ ଥିଲା ସ୍ୱତନ୍ତ୍ର ସ୍ଥାନ । ଗୁରୁଙ୍କ ମାଡକୁ ଭୟ ଯେତିକି, ହୃଦୟରେ ଭକ୍ତି ବି ସେତିକି। ଆଉ ସେଇ ଭାବଟି ମଜ୍ଜା ଭିତରେ ରହିଯାଇଛି । ପ୍ରାଥମିକ ଠାରୁ ସ୍ନାତକତ୍ତୋର ଭିତରେ କେତେ ଶିକ୍ଷକ, ଅଧ୍ୟାପକ ଆସିଛନ୍ତି ଜୀବନରେ । ସମସ୍ତଙ୍କ ପ୍ରତି ମନରେ ସେଇ ଭାବ - ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ। ମୋତେ ଏବେ ବାଷଠି ପୂରି ତେଷଠି ଚାଲିଲାଣି । ମୋ ଶିକ୍ଷାଗୁରୁମାନଙ୍କ ଭିତରୁ ଅଧିକାଂଶ ଦୁନିଆରୁ ଗଲେଣି । ଯେଉଁ କେଇଜଣ ଜୀବିତ ଅଛନ୍ତି ସେମାନଙ୍କ ସହ ଦେଖା ହେଲେ ମନକୁ ଅତୀତର ସେହି ଭୟ, ସଂଭ୍ରମ ଫେରିଆସେ ।

ଗଣିତରେ ସ୍ନାତକୋତ୍ତର ମୁଁ । ବିଶ୍ୱବିଦ୍ୟାଳୟର ଡିଗ୍ରୀ ବହନ କରୁଛି କିନ୍ତୁ ବିଦ୍ୟା ଆଉ ମଥାରେ ନାହିଁ । ସମୟସୁଅରେ ଭାସିଗଲାଣି । ଜୀବନ ଜୀବିକାରେ ସେହି ବିଦ୍ୟାର କୌଣସି ଉପଯୋଗ ନଥିଲା । ଏଣୁ ରହନ୍ତା ବା କେମିତି ? ବିଦ୍ୟାଟା ବ୍ୟର୍ଥ ଗଲା ଭାବି ଦୁଃଖ କରେ ମୁଁ । ଯା'ପାଇଁ ଜୀବନର ମହାର୍ଘ ସମୟ ଦେଲି ତାକୁ ନିଜର କରିପାରିଲିନି । ପୁଣି ଭାବେ, ସତରେ କ'ଣ ମୋର ଗଣିତ ଶିକ୍ଷା ନିରର୍ଥକ ହୋଇଛି ? ଗଣିତ ଠାରୁ କଣ ମୁଁ କିଛି ପାଇନି ? ବିଦ୍ୟା ମାନେ ଜ୍ଞାନ, ଦକ୍ଷତା । ଗଣିତ କ'ଣ ମୋତେ କିଛି ଜ୍ଞାନ ଅବା ଦକ୍ଷତା ଦେଇନି ? ଗଣିତ ବିଜ୍ଞାନର ଜନନୀ । ଚିକିତ୍ସା ବିଜ୍ଞାନ ଠାରୁ ମହାକାଶ ବିଜ୍ଞାନ ପର୍ଯ୍ୟନ୍ତ ସବୁଠି ଗଣିତର ଉପଯୋଗ। ଗଣିତର ଉପଯୋଗ ମୋ ଜୀବନରେ ଆଦୌ ନାହିଁ, ଏମିତି କ'ଣ ହୋଇପାରେ ?

ଭାବେ, ଗଣିତ ମୋତେ କିଛି ଦେଉ କି ନଦେଉ, ବିଜ୍ଞାନୀ ମନଟିଏ ତ ଦେଇଛି ! ଆଉ ସେହି ବିଜ୍ଞାନୀ ମନ ଦ୍ୱାରା ପ୍ରଭାବିତ ମୋ ବିଚାରଧାରା । ଏଥିପାଇଁ ତାହା ସଦା ଗଣିତର ସୋପାନ ପରେ ସୋପାନ ପରି ସୁସଂଯତ । ଉଦ୍ଭଟ ଚିନ୍ତା ବା ଭାବନାର ସ୍ଥାନ ନାହିଁ ମୋ ବିଚାରଧାରା ଭିତରେ । ଯାହା ମୋ ଲେଖନୀକୁ ସାବଲୀଳତା ଦେଇଛି । ଗଣିତ ସହ ସଂସ୍କୃତ ଓ ସାହିତ୍ୟର ସମ୍ପର୍କ ନିବିଡ । ଗଣିତ ପ୍ରଫେସର ବାମାଚରଣ ମିତ୍ର ତାହା ପ୍ରମାଣିତ କରିଛନ୍ତି।

ଗଣିତ ପ୍ରତି ଆକର୍ଷଣ ଥିଲା ପିଲାଦିନୁ । ଚତୁର୍ଥଶ୍ରେଣୀରେ ସରଳ ସାଙ୍କେତିକ ଧାରା, ଐକିକ ଧାରା, ଶିଖିବା ଠାରୁ । ଏଥିପାଇଁ ଗଣିତ ଅପସନାଲ୍ ନେଇଥିଲି ହାଇସ୍କୁଲରେ । ସ୍ନାତକରେ ଗଣିତ ସମ୍ମାନ ନେଲି । ଆଉ ତା'ପରେ ଗଣିତରେ ସ୍ନାତକୋତ୍ତର । କିନ୍ତୁ ଗଣିତ ପ୍ରତି ରହିଥିବା ଆକର୍ଷଣ ହ୍ରାସ ପାଇଲା ସ୍ନାତକ ବେଳକୁ । ସ୍ନାତକ ଗଣିତର ଅଧିକ ଭାଗ ଥିଲା ବିଶ୍ଳେଷଣାତ୍ମକ ଗଣିତ । ତତ୍ତ୍ୱ, ସିଦ୍ଧାନ୍ତ, ପ୍ରମାଣ ଓ ଉପପାଦ୍ୟ ସମ୍ବଳିତ । ସେବୁକୁ କଷିବା ପରିବର୍ତ୍ତେ ଘୋଷିବାକୁ ପଡୁଥିଲା । ଅଭ୍ୟାସ ବିନା ତାକୁ ଆୟତ୍ତ କରିବା ସମ୍ଭବ ନଥିଲା । ଏଣୁ ନିରସ ଲାଗୁଥିଲା ।

ସ୍ନାତକ ଗଣିତ ନିରସ ଲାଗୁଥିବା ବେଳେ ତାକୁ ଆଉରି ନିରସ କରି ପକାଉଥିଲେ କିଛି ଅଧ୍ୟାପକ ଓ ଅଧ୍ୟାପିକା । ସେମାନେ କ୍ଲାସରେ ପାଠ୍ୟବସ୍ତୁକୁ ବ୍ଲାକ୍‌ବୋର୍ଡରେ ଥୋଇ ଦେଉଥିଲେ, ପରୀକ୍ଷାଖାତାରେ ଥୋଇଲା ପରି । ତାକୁ ନୋଟ୍‌ଖାତାରେ ଟିପିବାରେ କ୍ଲାସ୍ ବିତୁଥିଲା । ପାଠକୁ ନବୁଝି ଟିପିବା ବେଳକୁ ମନରେ ବିରକ୍ତିଭାବ ଆସୁଥିଲା । ତଥାପି ଉପାୟ ନଥିଲା।

ଏହି ଦିନଗୁଡିକରେ ଯେଉଁ ଦୁଇଜଣ ସାର୍ ବ୍ୟତିକ୍ରମ ଥିଲେ, ସେମାନେ ହେଲେ ଦିବାକର ସାର୍ ଓ ପଟ୍ଟନାୟକ ସାର୍ । ସେମାନେ ଗଣିତକୁ ବୁଝାଇବା ଉପରେ ଗୁରୁତ୍ୱ ଦେଉଥିଲେ । ଏଣୁ ସେମାନଙ୍କ ପ୍ରତି ସ୍ୱତଃ ଶ୍ରଦ୍ଧାଭାବ ରହୁଥିଲା ମନରେ । ମେସରୁ କଲେଜକୁ ଯିବା ବାଟରେ ପଡୁଥିଲା ଦିବାକର ସାରଙ୍କ ଘର । ଏଣୁ ଯିବାଆସିବା ବେଳେ କେବେ କେମିତି ତାଙ୍କ ସହ ଦେଖା ହେଉଥିଲା । ସଂଭ୍ରମରେ ରାସ୍ତା ପାରି ହେଉଥିଲି । ସାର ଟ୍ୟୁସନ ପଢାଉଥିଲେ । କିଛି ସ୍ୱଚ୍ଛଳ ବର୍ଗର ଛାତ୍ର ତାଙ୍କ ପାଖରେ ଟ୍ୟୁସନ୍ ପଢୁଥିଲେ । ମୋର ସେ କ୍ଷମତା ନଥିଲା । ମୁଁ କଲେଜ୍ ଲାଇବ୍ରେରୀରୁ ବହି ଆଣି, ସାଙ୍ଗସାଥୀଙ୍କ ଠାରୁ ନୋଟ୍‌ସ ଆଣି, ପଢୁଥିଲି । ଯେତିକି ସମ୍ଭବ ବୁଝୁଥିଲି। ପରୀକ୍ଷା ପୂର୍ବରୁ ଅବୁଝା ବିଷୟଗୁଡିକୁ ସାଙ୍ଗସାଥୀଙ୍କ ଠାରୁ ବୁଝିନେବି ବୋଲି ଭାବୁଥିଲି ।

ଫାଇନାଲ ପରୀକ୍ଷା ଆସିଲା । ଅନର୍ସର ଫାଷ୍ଟପେପର ଖରାପ ହେଲା । କେବଳ ମୋର ନୁହେଁ, ଅଧିକାଂଶ ସହପାଠୀଙ୍କର । କ'ଣ କରିବି ଚିନ୍ତା ହେଲା । ଦ୍ୱିତୀୟ ପେପର ଥିଲା ଦିବାକର ସାରଙ୍କର, କୋଅର୍ଡିନେଟ୍ ଜ୍ୟାମେଟ୍ରି । ପରୀକ୍ଷା ପୂର୍ବଦିନ ଜଣେ ସହପାଠୀ ବନ୍ଧୁଙ୍କ ସହ କଲେଜ ଯାଉଥିଲି । ଦେଖାହେଲେ ଦିବାକର ସାର୍ । ସନ୍ଧ୍ୟାରେ ଘରକୁ ଆସିବା ପାଇଁ କହିଲେ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ଗଲି ସାରଙ୍କ ଘରକୁ । ପରୀକ୍ଷା ପାଇଁ କିଛି ପ୍ରଶ୍ନ ବାଛିଦେଲେ ସାର୍ । ଫାଷ୍ଟ୍‌ପେପର ଦିନ ପରୀକ୍ଷାହଲରେ ଆମର ଦୁରବସ୍ଥାକୁ ପ୍ରତ୍ୟକ୍ଷ ହୋଇଥିଲେ ସେ । ଏଥିପାଇଁ ତାଙ୍କ ମନରେ ଆମ ପ୍ରତି ବୋଧହୁଏ କିଛି ସମବେଦନା ଜାତ ହୋଇଥିଲା ।

ସାରଙ୍କ ନିର୍ବାଚିତ ପ୍ରଶ୍ନଗୁଡିକୁ ପ୍ରସ୍ତୁତ କରି ପରୀକ୍ଷାକୁ ଗଲି । ପରୀକ୍ଷାହଲରେ ଯେତେବେଳେ ପ୍ରଶ୍ନପତ୍ର ଦେଖିଲି ମୋର ବିସ୍ମୟର ସୀମା ରହିଲାନି। ଅଧିକାଂଶ ପ୍ରଶ୍ନ ଥିଲା ସାରଙ୍କର ନିର୍ବାଚିତ ପ୍ରଶ୍ନରୁ । ସେକେଣ୍ଡ୍ ପେପର ଭଲ ହେଲା । ପ୍ରଥମ ପେପରର ଖରାପକୁ ଭରଣା କରିଦେବ ବୋଲି ପ୍ରତ୍ୟୟ ହେଲା। ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ବିଶ୍ୱାସଟି ଦୃଢ଼ ହେଲା ମନରେ।

ଗଣିତରେ ସ୍ନାତକୋତ୍ତର ପଢିବାକୁ ବାଣୀବିହାରରେ ଭର୍ତ୍ତି ହେଲି । କ୍ୟାରିଅର ଭାଙ୍ଗି ଯାଇଥିଲା । ଗଣିତକୁ ପଛ କରି କମ୍ପିଟେଟିଭ ପାଇଁ ପଢିଲି । ପଢା ସରିବା ପୂର୍ବରୁ ଚାକିରି ଖଣ୍ଡେ ମିଳିଯିବା ନିତାନ୍ତ ଆବଶ୍ୟକ ଥିଲା । ଅନ୍ୟଥା, ପଢାଶେଷ ପରେ ବେକାର ହେବି । ମୋ ପରି ଅଧିକାଂଶ ମଧ୍ୟବିତ୍ତ ପିଲାଙ୍କର ସେତେବେଳେ ଲକ୍ଷ୍ୟ ରହୁଥିଲା ଚାକିରି । ଏଣୁ ମନ ଦେଇ ଗଣିତ ଅଧ୍ୟୟନ କରି ପାରିଲିନି । ସ୍ନାତକୋତ୍ତର ପାଶ କଲି ଦ୍ୱିତୀୟ ଶ୍ରେଣୀରେ । କିନ୍ତୁ ଚାକିରି ପାଇଗଲି । ରେଳବାଇ ବିଭାଗରେ ଷ୍ଟେସନ୍ ମାଷ୍ଟର୍ ।

କେନ୍ଦୁଝର ଓ ସିଂହଭୂମର ସୀମାନ୍ତରେ ପୋଷ୍ଟିଂ ହେଲା । ଟ୍ରେନ୍ ଅପେକ୍ଷା ବସରେ ସେଠାକୁ ଯାଆସ ସୁବିଧା ହୁଏ । ଏଣୁ ବସରେ ଯାଆସ କରେ ମୁଁ ।

ଯାଆସ ବେଳେ ବସରେ ଦେଖା ହୁଅନ୍ତି ଦିବାକର ସାର୍ । ସୌଜନ୍ୟ ବାର୍ତ୍ତାଳାପ ହୁଏ । ସେତେବେଳେ କେନ୍ଦୁଝରେ କଲେଜରେ ଅଧ୍ୟାପନା କରୁଥାନ୍ତି ସେ ।

ପ୍ରାୟ ପନ୍ଦରବର୍ଷର ଚାକିରି ପରେ ମୁଁ ବଦଳି ହୋଇ ଆସିଲି ରାଇରଙ୍ଗପୁର ଷ୍ଟେସନ୍‌କୁ । ସେତେବେଳକୁ ଦିବାକର ସାର ଅବସର ଗ୍ରହଣ କରି ସାରିଥାନ୍ତି । ଏକଦା ଦେଖାହେଲେ ବାରିପଦାରେ । ଏକ ସାହିତ୍ୟସଭାରେ । ଜାଣିଲି, ଅବସର ପରେ ସେ ସାହିତ୍ୟରେ ରଚି ରଖିଛନ୍ତି । ତୁଳସି ରାମାୟଣ ତାଙ୍କର କଣ୍ଠସ୍ଥ । ଖୁସି ହେଲି । କିଛିଦିନ ପରେ ମୋର ପୁସ୍ତକଟିଏ ଉନ୍ମୋଚିତ ହେଲା । ବହିର କପି ଦେବାକୁ ସାରଙ୍କ ଘରକୁ ଗଲି । ସାର ଘରେ ଥିଲେ । କହିଲେ, ମୁଁ କାଲି ତୁମ ବହି ବିଷୟରେ ଶୁଣିଲି । ବହିଟି ଭଲ ହୋଇଛି ବୋଲି ନରସିଂହ କହୁଥିଲେ ।...

ସାର ମୋତେ ପାଠ ପଚାରିଦେବେ ଆଉ ମୁଁ କହି ପାରିବିନି, ଏମିତି ଭୟ ଆଉ ନଥିଲା । ମୋ ବହି ବିଷୟରେ ମୁଁ ସାର୍‌ଙ୍କୁ ସବୁ ପ୍ରଶ୍ନର ଉତ୍ତର ଦେଇ ପାରିବି ପରି ଦମ୍ଭ ଥିଲା ଅନ୍ତରରେ । ସାରଙ୍କ ସହ ଆନ୍ତରିକ ଆଳାପ ପରେ ଫେରିଲି ।

ଚାରିବର୍ଷ ପରେ ମୋର ଦ୍ୱିତୀୟ ବହି ପ୍ରକାଶିତ ହେଲା । ବହି ଧରି ଗଲି ସାରଙ୍କ ପାଖକୁ । ବହି ଦେଖି ଖୁବ୍ ଖୁସି ହେଲେ ସାର୍ । ବେଶ ଆନ୍ତରିକତାରେ କଥାବାର୍ତ୍ତା କଲେ । ଶାରୀରିକ ଦୁର୍ବଳତା ହେତୁ ସେ ଆଉ ଭଲ ଚାଲବୁଲ କରୁନାହାନ୍ତି ବୋଲି କହିଲେ । ଗଳ୍ପ ଲେଖିବା ପାଇଁ ପ୍ରୟାସ କରିଥିଲେ କହି ନଥିରେ ଗୁନ୍ଥା ଏକ ଅଧାଲେଖା ଗପକୁ କାଢି ଦେଖାଇଲେ । ମାଡାମ୍ କିଛି ମିଷ୍ଟାନ୍ନ ଖାଇବାକୁ ଦେଲେ । ଆନନ୍ଦ ମନରେ ଫେରିଲି ସାରଙ୍କ ଘରୁ ।

କେଇଦିନ ପରେ ଏକ ଅଜଣା ନମ୍ବରରୁ କଲ୍ ପାଇ ଫୋନ୍ ଧରିବା ବେଳକୁ ଦିବାକର ସାର୍ । ତୁମ ବହି ବହୁତ ବଢିଆ ହୋଇଛି । ତୁମେ ଆଗେଇ ଚାଲ ।... କହି ବହିର ଉଚ୍ଛ୍ୱସିତ ପ୍ରଶଂସା କଲେ ସାର୍ । ଅନ୍ତର ମୋର ଅବ୍ୟକ୍ତ ଆନନ୍ଦରେ ଭରିଗଲା । ସତେ ଅବା ରାଜାଙ୍କ ପାଟହାତୀ ଆସି ମୋ ମୁଣ୍ଡରେ ସୁନାକଳସୀ ଢାଳିଦେଲା ! ଗୁରୁଙ୍କର ଆଶିଷ ପାଇଲି । ଆଉ କ'ଣ ଲୋଡା ? ଗୁରୁଙ୍କ ଆଶୀର୍ବାଦ ତ ସବୁ ।

ଦୁଇଟି ବହିର ସଫଳତା ଉତ୍ସାହିତ କଲା ତୃତୀୟ ବହି ରଚନା ପାଇଁ । ମୟୂରଭଞ୍ଜର ଐତିହାସିକ କାହାଣୀ ଉପରେ ପୁସ୍ତକଟିଏ ରଚନା କରିବା ପାଇଁ ମନସ୍ଥ କଲି । କାର୍ଯ୍ୟଟି ମୋତେ ସହଜ ନଥିଲା । ମୟୂରଭଞ୍ଜ ଇତିହାସରେ ଅନେକ ଶୂନ୍ୟସ୍ଥାନ ରହିଛି । ପୁଣି, ରାଜଚରିତ୍ରମାନଙ୍କ ଉପରେ କଲମଚାଳନା କରିବା ସହଜ ନୁହେଁ । ତଥାପି ଏ ଗହନ କାର୍ଯ୍ୟ ପାଇଁ ଅଣ୍ଟା ଭିଡିଲି । ମୁଁ ସବୁଦିନେ ଏମିତି । ଜଟିଳ ଅଭେଦ୍ୟ ଗଣିତକୁ ସମାହିତ କରିବାରେ ମୋର ଆନନ୍ଦ । ପୁଣି, ଆଗ୍ରହ ଥିଲେ ଉପାୟ ମିଳେ । ଭାଗ୍ୟକୁ କିଛି ଦୁଷ୍ପ୍ରାପ୍ୟ ପୁସ୍ତକର ଡିଜିଟାଲ କପି ମୋତେ ମିଳିଗଲା । ଜଣେ ଅଗ୍ରଜସମ ମୋତେ ଯାଚି ଏକ ଦୁଷ୍ପ୍ରାପ୍ୟ ପୁସ୍ତକ ଦେଲେ । ଐତିହାସିକ ଘଟନାବଳୀର ସମ୍ଭାବ୍ୟ ସତ୍ୟକୁ ଗାଣିତିକ ବୁଦ୍ଧିରେ ଉଦ୍‌ଘାଟନ କରିବାକୁ ଲାଗିଲି । ଛଅଜଣ ନୃପତିଙ୍କ ଶାସନକାଳର ଛଅଟି କାହାଣୀକୁ ଲେଖୁ ଲେଖୁ ଛଅବର୍ଷ ବିତିଗଲା । ତା ଭିତରେ ବୃତ୍ତିରୁ ଅବସର, ମାତୃବିୟୋଗ, ଭ୍ରାତୃବିୟୋଗ, ଆତ୍ମୀୟମାନଙ୍କ ବିୟୋଗ ପରି ସାମାଜିକ ଘଟନା ଆଉ ଦୁର୍ଘଟନା ।

ମୋ ପ୍ରଥମ ଗଳ୍ପ ପ୍ରକାଶ ହେବାକୁ ଅଠେଇଶବର୍ଷ ପୂରି ସାରିଥିଲା । ଦୁଇଟି ଗଳ୍ପ ସଙ୍କଳନ ପ୍ରକାଶିତ ହୋଇଥିଲେ ବି ବଛା ଗଳ୍ପର ସଙ୍କଳନଟିଏ କରିବାର ଇଚ୍ଛା ଉଙ୍କି ମାରୁଥିଲା ମନରେ । ଦୁଇଟି ବହି ଏକ ସଙ୍ଗେ ଉନ୍ମୋଚିତ ହେଲେ ଭଲ ଭାବି ଗଳ୍ପ ସଂକଳନ କାମରେ ବି ଲାଗିଲି । ଯଥା ସମୟରେ ପୁସ୍ତକ ଦୁଇଟି ଛପା ହୋଇଗଲା । ଲୋକାର୍ପିତ ବି ହୋଇଗଲା । ମନେ ପଡିଲେ ଦିବାକର ସାର୍ । ସାରଙ୍କୁ ବହିର ପହିଲା କପି ଦେବି । ତାଙ୍କ ଠାରୁ ଆଶୀର୍ବାଦ ପାଇବି ! ଦି'ଦିନ ପରେ ବାହାରିଲି ସାରଙ୍କ ପାଖକୁ । କିନ୍ତୁ ମନରେ ଶଙ୍କା ଆଶଙ୍କା । ସାରଙ୍କ ସହ ଶେଷଦେଖାକୁ ଛଅବର୍ଷ ହେଲାଣି । ବିଗତ ଛଅବର୍ଷ ଭିତରେ ସାରଙ୍କର କୌଣସି ଖବର ରଖିନି । କେମିତି ଥିବେ ସାର୍ ? ଛଅବର୍ଷ ତଳେ ଚଲାବୁଲା କରି ପାରୁନଥିଲେ । ଭାବିଲି, ସାଙ୍ଗମାନଙ୍କ ଠାରୁ ସାରଙ୍କ ବିଷୟରେ ଖବର ନେବି । କିନ୍ତୁ ତାହା ଉଚିତ ମନେ ହେଲାନି । ମନର ଶଙ୍କା ଆଶଙ୍କାକୁ ପୋଛି ଚାଲିଲି ସାରଙ୍କ ଘରକୁ ।

ସାରଙ୍କ ଘରେ ପହଞ୍ଚିଲି । ଘର ଗ୍ରିଲ୍‌ଗେଟ୍‌ରେ ଲେଖା ଥିଲା – ଦିବାକର ଦାଶ, ଶ୍ରୀରାମ ଭବନ । କିନ୍ତୁ ତା ଉପରେ ଧୂଳିର ପରସ୍ତ । ବାରଣ୍ଡାରେ ରଖା ହୋଇଥିବା ଜିନିଷପତ୍ରଗୁଡିକ ଉପରେ ବି ଧୂଳିର ବହଳ ପରସ୍ତ, ବୁଢିଆଣି ଜାଲ । ବହୁଦିନରୁ ଘରେ କେହି ରହୁନାହାନ୍ତି ପରି ମନେହେଲା । ତଥାପି ଗେଟ୍ ଖୋଲି ଭିତରକୁ ପଶିଲି । ସାରଙ୍କ ରୁମଟି ଭିତରୁ ବନ୍ଦ ଥିଲା । ସାର୍ ! ସାର୍ ! ଡାକ ଛାଡି କବାଟ ବାଡେଇଲି । କେହି ଶୁଣିଲେନି । ବାହାରକୁ ଆସିଲି । ପାଖ ପଡୋଶୀଙ୍କୁ ପଚାରିଲି । ଶୁଣିଲି, ସାର୍ ଉପର ମହାଲାରେ ରହୁଛନ୍ତି । ତଳ ମହଲା ବାରଣ୍ଡାରେ ଥିବା ସିଡି ଦେଇ ଉପର ମହଲାକୁ ଗଲି । ଘରର ନିର୍ମାଣ କାମ ଚାଲିଥିଲା ପରି ମନେହେଲା । ଛାତ ତଳକୁ ଅଧାକାନ୍ଥ ରଙ୍ଗ ହୋଇନଥିଲା । ଖବରକାଗଜ, ପୁରୁଣା ମ୍ୟାଗାଜିନ୍, କିଛି ଘରକରଣା ବସ୍ତୁ ବିକ୍ଷିପ୍ତାବସ୍ଥାରେ ରହିଥିଲା ବାରଣ୍ଡା ଉପରେ । ଦୁଆର ଆଗରେ ଦୁଇଟି ଚେଆର ପଡିଥିଲା । ଦୁଆର ଖୋଲା ଥିଲା । କେହି ଦିଶୁନଥିଲେ ଘରେ ।

ସାର୍ ! ସାର୍ ! ଡାକି କବାଟରେ ନକ୍ କଲି । ଉପରୁ ଆୱାଜ୍ ମିଳିଲା । ମୁଁ ଦୁଆରେ ଅପେକ୍ଷା କଲି । କିଛିକ୍ଷଣ ପରେ ଛାତ ଉପରୁ ଶିଡିରେ ଓହ୍ଲାଇଲେ ଦିବାକର ସାର୍ । ବୟସର କଷାଘାତରେ ଝଡି ଯାଇଥିଲେ ସେ । କିନ୍ତୁ ନଇଁ ନଥିଲେ । ଆଗ ପରି ଲମ୍ବା, ନହକା ମଣିଷ । ଧୋତିକୁ ଲୁଙ୍ଗି କରି ପିନ୍ଧିଥିଲେ । ଉପରାର୍ଦ୍ଧ ଖୋଲା । କାନ୍ଧରୁ ଝୁଲୁଥିଲା ଉପବୀତ । ଦର୍ଶନ ମାତ୍ରେ ମନେହେଲା, ମୁଁ ସାରଙ୍କୁ ଦେଖୁନି । ଦେଖୁଛି କେହି ବର୍ଷିଆନ୍ ସାଧୁ ଅବା ତପସ୍ୱୀଙ୍କୁ ! ତପସ୍ୟାନ୍ତେ ଅବତରଣ କରୁଛନ୍ତି ପର୍ବତ ଶିଖରରୁ । ଅବା, ସ୍ୱୟଂ ଶିବଶମ୍ଭୁ ଅବତରଣ କରୁଛନ୍ତି କୈଳାଶରୁ ! ମନ ମୋର ପୂରିଗଲା ସାରଙ୍କୁ ଦେଖି । ପଦସ୍ପର୍ଶ କରି ପ୍ରଣାମ କରି କହିଲି – ସାର୍ ! ମୁଁ ...। ଦି'ଦିନ ତଳେ ମୋର ଦୁଇଟି ବହି ଉନ୍ମୋଚିତ ହୋଇଛି । ବହି ନେଇ ଆସିଛି ।

– ଏଇ କେଇଦିନ ତଳେ ତୁମକଥା ମନେ ପଡୁଥିଲା । ଅମାୟିକ ସରଳତାରେ କହିଲେ ସାର୍ ହାତରୁ ବହି ନେଉ ନେଉ ।

– ସାର୍ ! ମୁଁ ବି ଆପଣଙ୍କୁ ମନେ ପକାଉଥିଲି । ସେଥିପାଇଁ ମନେ ପଡୁଥିବି । ହସି କହିଲି ମୁଁ ।

ବାରଣ୍ଡାରେ ପଡିଥିବା ଚେଆରରେ ବସିବାକୁ କହିଲେ ସାର୍ । ବସିଲି । ପାଖ ଚେଆରରେ ସେ ବସି ବହିକୁ ଦେଖିଲେ । ପିଲାମାନଙ୍କ ବିଷୟରେ ପଚାରିଲେ । ରାଜ୍ୟର ଏକ ଅଗ୍ରଣୀ ଗଣିତ ଅନୁଷ୍ଠାନ ଦ୍ୱାରା ତାଙ୍କୁ ପ୍ରଦତ୍ତ ମାନପତ୍ରକୁ ଦେଖାଇଲେ । ଆଗର ସ୍ମରଣଶକ୍ତି ଆଉ ନାହିଁ, କଣ୍ଠସ୍ଥ ଥିବା ତୁଳସି ରାମାୟଣର ପଦସବୁ ବିସ୍ମୃତ ହେଲେଣି ବୋଲି କହିଲେ । ଗୁରୁଶିଷ୍ୟ ଆମେ ବସି ଗପସପ ହେଲୁ । ଗପୁ ଗପୁ ସାର୍ ଉଠି ଯାଇ ପାଣି, ମିଠା, ବିସ୍କୁଟ୍ ଆଦି ଆଣି ଦେଲେ । ମାଡାମ୍ ବୋଧହୁଏ ଘରେ ନଥିଲେ । ମାଡାମଙ୍କ ବିଷୟରେ ପଚାରିବାକୁ ସାହସ ହେଲାନି । କାମ ଥିଲା । ପରେ ପୁଣି କେବେ ଆସିବି କହି ବିଦାୟ ନେଇ ଫେରିଲି ।

ଫେରିବା ବାଟରେ ଭାବୁଥିଲି କି ମହାନ୍ ବ୍ୟକ୍ତିତ୍ୱ ସାରଙ୍କର ! ଛାତ୍ରବତ୍ସଳ ଅଧ୍ୟାପକ, ଗଣିତର ଜଣେ ମେଧାବୀ ଛାତ୍ର, ଅଧ୍ୟାପକ, କଲେଜ ଅଧକ୍ଷ, ଭାବେ ଓଡିଶାରେ ଖ୍ୟାତି ତାଙ୍କର । ତଥାପି କେତେ ସରଳ ! କେମିତି ସେ ହୋଇପାରିଛନ୍ତି ଏତେ ସରଳ ? ? ବହୁ ଚିନ୍ତା ଅନୁଚିନ୍ତା ପରେ ଭାବୁଥିଲି, ଏହି ସରଳତାର ଶ୍ରେୟ ବୋଧହୁଏ ଗଣିତର ! ଗଣିତ ମଣିଷକୁ କେବଳ ବିଜ୍ଞାନୀ ମନ ଦେଇନଥାଏ, ସାର ଅସାରର ଜ୍ଞାନ ଦେଇଥାଏ । ଏହି ସାରବସ୍ତୁର ଜ୍ଞାନ ମଣିଷକୁ କରିଥାଏ ସରଳ, ତରଳ, ଅନନ୍ୟ । ବୋଧହୁଏ, ଗଣିତର ସାଧନା ଭିତରେ ସଚ୍ଚା ତପସ୍ୱୀଟିଏ ପାଲଟି ଯାଇଛନ୍ତି ଦିବାକର ସାର୍ ।

# ଅଳିଆଗଦା

**ଇନ୍ଦିରା ଦାଶ**

ରଜନୀ ବାସି ଆଡତି ସାରିଲେ ବାବୁଘରମାନଙ୍କୁ କାମ କରିବାକୁ ଯିବ। କାଲି ରାତିରୁ ତା' ବର ଘନ ଗାଁରୁ ତା' ଶାଶୁକୁ ନେଇ ଆସିଛି। ରଜନୀ ତା'ବରକୁ କାନେକାନେ କହିଥିଲା, "ବୋଉଙ୍କୁ ଜମା ଭୁବନେଶ୍ୱର ଆଣିବ ନାହିଁ। ଏଠି ଚଳିବାକୁ ତାଙ୍କୁ ବହୁତ ଅସୁବିଧା ହେବ।"

ଘନ ଗାଁକୁ ଯାଇଥିଲା ବୋଉକୁ ଜର ହୋଇଛି ବୋଲି ଦେଖିବାକୁ। ବୋଉ ଗାଁରେ ଗୋଟେ ମାମୁଁ ଘରେ ରହୁଥିଲା। ଗାଁରେ ତାକୁ ପନ୍ଦର ଦିନ ସରିକି ଜର ହେଲାଣି। ଘନ ବୋଉକୁ ଚାରିକୋଡ଼ି ଚାରି ହେଲାଣି। ବିଭା ହେଲା ବେଳକୁ ତାକୁ ଚଉଦ ପୂରି ପନ୍ଦର ଚାଲୁଥିଲା। ସେ ମନେ ପକେଇଲେ ତା'ର ଶାଶୁଘର କଥା କି ବର କଥା ମନେ ପଡେନି। ଘନ ଉପରେ ତା'ର ଗୋଟିଏ ଝିଅ ହୋଇଥିଲା। ସେ ଜମା ମାସଟେ ବଞ୍ଚିଥିଲା, ଯମ ତାକୁ ନେଇଗଲା। ତାକୁ ସେତେବେଳେ ଯେତିକି କଷ୍ଟ ହୋଇନଥିଲା, ତା'ଠାରୁ ବେଶୀ କାଟିଥିଲା ଶାଶୁର ଚବିଶ ଘଣ୍ଟା ତା'ଉପରେ ଗାଳିବର୍ଷଣ। ଯାଉଣୁ ଆସୁଣୁ ଶାଶୁ ତାକୁ ବାର କଥା କହି ବକୁଥାଏ। ଏମିତି ଛଅମାସ ବାପଘରକୁ ଚାଲିଗଲା। ଘନ ବାପ ଯାଇଥିଲା କଲିକତା ଝୋଟ କଳରେ କାମ କରିବାକୁ। ଏଥର ସେ ତା' ବର ସାଙ୍ଗେ ଯିବାକୁ ଜିଦ୍ କଲା – "ମୁଁ ଆଉ ତମ ବୋଉଙ୍କ ପାଖେ ରହିପାରିବିନି। ଦିନରାତି ବକୁଛି–ଶେଷକୁ ମୋ ନାଁ ଦେଇଛି ଆଣ୍ଠୁକୁଡ଼ି "ନିଜ ପିଲାକୁ ଖାଇଲୁ। ମୋ ଘରୁ ବାହାରିଯା"। ମୋ ପୁଅ ପାଇଁ ମୁଁ ଆଉ ମାଇପ ଆଣିବି। "ଏତିକି କହିଲା ବେଳକୁ ସେ କଇଁ କଇଁ ହୋଇ କାନ୍ଦୁଥାଏ। ଏଥର ତା'ବର ତାକୁ ବହୁତ ବୁଝାଇଲା, "ତତେ ମୋ ରାଣ, ତୁ ମୋ ରାଣୀଟା ପରା ବୋଉ କଥା ଧରନା, ବୋଉ ପାଟିଟା ଭାରି ଖର, କିନ୍ତୁ ମନଟା ଭାରି କଅଁଳ।" ମତେ କହୁଥିଲା "ରଜନୀକୁ ନେଇ ଥରେ ଅଧେ କଲିକତା ବୁଲେଇ ଆଣେ।"। ବାପ ଘରୁ ତ କେହି ଆସୁନାହାନ୍ତି – ମାଆ ନ ଥିଲା ଝିଅର କେହି ନଥାଏ। ରଜନୀ ଗେରସ୍ତକୁ ଆଉ କ'ଣ କହିଥାଆନ୍ତା। ଏଥର ତା'ବର ମାସେ ରହିଲା। ଏଥର କଲିକତା ଗଲାବେଳକୁ ରଜନୀକୁ ନେଇ ତା' ବାପ ଘରେ ଛାଡ଼ି ଦେଇଗଲା। ଗଲାବେଳେ କହିଲା, "ମୁଁ ଆଉ ମାସେ ଦୁଇମାସ ପରେ ଆସିବି। ଏଇଠି କିଛି ବ୍ୟବସାୟ କରିବି। ମୋ ବୋଉ ତୁମ ଝିଅର ଜମା ପଡୁନି।" ଘନ ରଜନୀ ବାପାକୁ କହିଲା, "ରଜନୀର ମାସ ଗଡ଼ି ଯାଇଛି। ଗତ ଥର ତ ପିଲାଟା ଖରାପ ହୋଇଗଲା। ମୁଁ ଭାବିଲି ତୁମ ପାଖେ ରହିଲେ ସେ ଭଲରେ ରହିବ। ଆପଣ ଦି' ତିନି ମାସ ରଜନୀକୁ ରଖିଥାଆନ୍ତୁ। ମୁଁ ଆସିଲେ ତାକୁ ନେଇଯିବି।" ଶ୍ୱଶୁର ରାଜି ହୋଇ ଗଲେ ତାଙ୍କର ଦୁଇ ପୁଅ, ଗୋଟିଏ ବୋଲି ଝିଅ ରଜନୀ। ସେ ବହୁତ ଭଲ ପାଆନ୍ତି ରଜନୀକୁ। ଦି'ମାସ ରଖିଲେ କ'ଣ ତାଙ୍କ ଘରୁ ଭାତ ସରିଯିବ ? ସେ ଜୋଇଁ କଥାରେ ରାଜି ହୋଇଗଲା। ରଜନୀ ରହିଲା ତା' ବାପ ଘରେ, ଘନ ଚାଲିଗଲା କଲିକତା। ସେ ଯେଉଁ ବାବୁ ଘରେ କାମ କରୁଥିଲା ତାଙ୍କର ଦିହ ଦୁଃଖ ହେଲା – ଗାଡ଼ି ସବୁବେଳେ ମାଆଙ୍କର ଦରକାର, ତେଣୁ ଘରକୁ ଆସିବାକୁ ଛୁଟି ମିଳିଲା ନାହିଁ। ସେସବୁ କଥା ଚିଠି ଲେଖି ଶ୍ୱଶୁରଙ୍କୁ ଜଣେଇ ଦେଲା।

ଠିକ୍ ସମୟରେ ରଜନୀର ପିଲାଟିଏ ଜନମ ହେଲା। ଅଜାର ଆନନ୍ଦ ଦେଖେ କିଏ ? ଯଦିଓ ତାଙ୍କ ପୁଅମାନଙ୍କର ପୁଅଝିଅ ହୋଇ ଗୋଠେ, ତଥାପି ରଜନୀର ପୁଅ ବୁଢ଼ା ପାଖେ ସବୁଠାରୁ ଅଲଗା – ଅମୂଲ୍ୟ ରତନ। ଗତ ଥର ରଜନୀର ଝିଅଟିଏ ହୋଇଥିଲା, ମାତ୍ର ମାସଟେ ବଞ୍ଚିଥିଲା। କାଳେ ବୋହୂମାନେ ରଜନୀ ପୁଅକୁ ଭଲରେ ଦେଖିବେ ନାହିଁ ଭାବି, ବୁଢ଼ା ତା' ଭଉଣୀ କମକୁ ଡକେଇ ପଠେଇଲା। ଭାଇ ଡକରାରେ କମ ତା'ର ଦୁଇଟା ପିଲାଙ୍କୁ ନେଇ ଭାଇ ଘରକୁ ଚାଲିଆସିଲା। ରଜନୀ ପୁଅର ସବୁକାମ ସେ କରିଦେଲା – ସେକାସେକି, ପୁଅକୁ ହଳଦୀ ମାଳପା ଲଗାଇବା, ତା'ର ଗାଧୁଆ ପାଧୁଆ ସବୁ ଯତ୍ନରେ କରୁଥାଏ। ନାତିକୁ ଚାରିମାସ ହେବା ପରେ ରଜନୀ ବାପା ତା' ଶାଶୁପାଖକୁ ଖବର ପଠାଇଲେ ଆସି ନାତିକୁ ନେଇ ଯିବା ପାଇଁ। ରଜନୀ ଶାଶୁଙ୍କର ବେଶୀ ଇଚ୍ଛା ନଥାଏ ତାକୁ ଏତେ ଝଅଟ ଆଣିବା ପାଇଁ। ପିଲାଟିଏର କେତେ କାମ! ସେଥିରେ ଘରକାମ ସହିତ ପିଲାର ସବୁ କରିବାକୁ ରଜନୀ କାଳେ ନ ପାରିବ ବୋଲି ଶାଶୁ ବୁଢ଼ୀର ଡର ଥାଏ। କିନ୍ତୁ କ'ଣ କରିବ ? ବୋହୂ ତ ବାପଘରେ ବର୍ଷକରୁ ବେଶୀ ହେଲାଣି। ଶାଶୁ କିନ୍ତୁ କରନ୍ତେ କ'ଣ ? ବୋହୂକୁ ନ ଆଣିଲେ ଲୋକେ ବାରକଥା କହିବେ। ତେଣୁ ରଜନୀ ଶାଶୁ କିନ୍ତୁ ପୁଅକୁ ଡାକି ବୋହୂକୁ ଆଣିବାକୁ ପଠାଇଲେ। ଘନ ଶଗଡ଼ ନେଇ ସ୍ତ୍ରୀ ଓ ପୁଅକୁ ଆଣିବାକୁ ଗଲା। ଶାଶୁ ନାତି ଏକୋଇଶିଆକୁ ବୋହୂ ବାପଘରକୁ ଯାଇଥିଲେ। ସେଇ ଦିନଠାରୁ ତାଙ୍କର ନାତି ପ୍ରତି ଗୋଟିଏ ମୋହ ହୋଇ ଯାଇଥିଲା। ସେ ଭାବିଲେ ନାତି ଆସି ଘରେ ରହିଲେ ତାଙ୍କୁ ଭଲ ଲାଗିବ।

ରଜନୀ ଶାଶୁଘରକୁ ଆସିଲା ବେଳେ ତା' ବାପା ତା' ସାଙ୍ଗରେ ଆରିସା, ଉଖୁଡ଼ା, ବିରି, ଚାଉଳ, ନଡ଼ିଆ ଦି'ପୁଞ୍ଜା ଦେଇ ଝିଅକୁ ବିଦା କଲେ। ଝିଅ ହାତରେ ଲୁଚେଇ କରି ଶହେ ଟଙ୍କା ଦେଇଥିଲେ। ଦେଲାବେଳେ ଲୁହ ବୋହୂଥାଏ ତାଙ୍କ ଆଖିରୁ, ସେ ରଜନୀ ହାତକୁ ଧରି ପକେଇ କହିଲେ, "କିଛି ଦରକାର ହେଲେ କିଣିବୁ"।

ରଜନୀ ଶଗଡ଼ରେ ବସିଲା, କିନ୍ତୁ ବାପାକୁ ଛାଡ଼ି ଯିବାକୁ ତାକୁ ଭାରି ଦୁଃଖ ଲାଗୁଥାଏ। ମାଆ ନ ଥିଲେ କ'ଣ ହେଲା ? ଏଇ ବାପା ତାର ମାଆ, ବାପା ସବୁ। ସେ କାନ୍ଦୁଥାଏ ଗାଁ ମୁଣ୍ଡ ପାରି ହେଲା ଯାଏଁ। ବାପା ଶଗଡ଼ ପଛରେ ଚାଲିଥାଏ। ସେ ବି ଗାମୁଛାରେ ଆଖି ପୋଛୁଥାଏ। ଏଥର ରଜନୀ ନିଜ ଆଖି ପୋଛି କହିଲା, "ବାପା, ତୁମେ ଘରକୁ ଚାଲିଯାଅ, ଏଣିକି ମୋ ଭାଗ୍ୟ ନେଇ ମୁଁ ରହିବି – ତୁମେ ଜମା ବ୍ୟସ୍ତ ହେବନି"।

ସେଦିନ ଖାଇପିଇ ସେମାନେ ଗାଁରୁ ବାହାରିଥିଲେ। ରଜନୀ ଶାଶୁଘର ମାତ୍ର ତିନି ମାଇଲ ବାଟ। ସୂରୁଜ ବୁଡ଼ି ନ ଥାଆନ୍ତି ରଜନୀ ଆସି ପହଞ୍ଚିଗଲା ଶାଶୁଘର ଗାଁ ଗୋବିନ୍ଦପୁରରେ। ବାଟ ସାରା ଦେଖିଛି ଗାଈ ଗୋଠ ଫେରିବା। ବାଛୁରୀ ଗୁଡ଼ା ମା'ପାଖୁ ଦୌଡ଼ି ଯାଉଥାଆନ୍ତି କ୍ଷୀର ଦି'କୋଳା ଖାଇବାକୁ। କିନ୍ତୁ ଗାଈଆଳ ପିଲାଟା ସେମାନଙ୍କୁ ବେତ ଖଣ୍ଡରେ ସେମାନଙ୍କୁ ପାହାରେ ପାହାରେ ଦେଇ ମାଆ

ପାଖରୁ ସେମାନଙ୍କୁ ତଡ଼ି ଦେଉଥାଏ। ରଜନୀ ରାସ୍ତାରେ ପୁଅକୁ ଧରି କ୍ଷୀର ଦେଲା। ରଜନୀ ପୁଅ ମୁହଁକୁ ଚାହିଁ ଭାବୁଥାଏ, "ଏଇଟା ପୂରା ତା' ଅଜା ପରି ହୋଇଛି। ରଜନୀର ବୋଉ କଥା ଜମା ମନେ ନାହିଁ। ତାକୁ ତିନି ବର୍ଷ ହୋଇଥିଲା ତା ବୋଉ ମଲା ବେଳକୁ। ରଜନୀ ବୋଉର ଦୁଇଟି ପୁଅ ପରେ ରଜନୀର ଜନ୍ମ। ସେତେବେଳେ କିଏ କ'ଣ ଝିଅ ଚାହୁଁଥିଲା, କିନ୍ତୁ ରଜନୀର ବାପା ବୋଉ ଝିଅଟିଏ ହେବା ପାଇଁ ତାଙ୍କ ଗାଁ ପାଖର ହିଙ୍ଗୁଳାଇ ଠାକୁରାଣୀଙ୍କ ପାଖେ ଖିରି ଖେଚେଡ଼ି ଆଉ ଜାଉ କରି ଭୋଗ ଲଗେଇଥିଲେ ଓ ଏଗାର ଜଣ ବ୍ରାହ୍ମଣଙ୍କୁ ଖାଇବାକୁ ଦେଇଥିଲେ। କିନ୍ତୁ ତାକୁ ତିନି ବର୍ଷ ହେଲାବେଳକୁ ତା' ବୋଉକୁ କି ଜର ହେଲା ଯେ ସେ ଜର ଛାଡ଼ିବାର ନାଁ ନେଲା ନାହିଁ। ଆଉ ସେଇ ଜରରେ ବୋଉ ପ୍ରାଣ ଗଲା। ବଡ଼ ଭାଇ ଦୁଇଟା ନଅ ବର୍ଷର ଓ ଛଅବର୍ଷର, ଆଉ ରଜନୀକୁ ତିନି ବର୍ଷ। ବାପା ଆଉ ବାହା ହେଲା ନାହିଁ। ପିଲାଙ୍କର ସବୁ ଦାୟିତ୍ୱ ନେଲା। ପିଲାଙ୍କୁ ସକାଳୁ ଉଠାଇ ଜଳଖିଆ ଖୁଆଇ ଇସ୍କୁଲ ପଠାଏ। ଘରେ ରନ୍ଧାବଢ଼ା କରେ। ଘରର ସବୁ ବାସି ପାଇଟି କରେ, ପିଲାଙ୍କୁ କିଛି କରିବାକୁ ଦିଏ ନାହିଁ। ସେଥିରେ ସେ ବେଳ କରି ବିଲକୁ ଯାଏ, ଯେତିକି ପାରେ ସେତିକି ନିଜେ ଚାଷ କରେ, ଆଉ ବିଲକୁ ଭାଗରେ ଲଗେଇ ଦିଏ।

ଏମିତି ବହୁତ ଦୁଃଖରେ ସେ ତା' ତିନି ପିଲାଙ୍କୁ ମଣିଷ କରିଥିଲା। ଏହି ତିନି ପିଲାଙ୍କୁ ସେ ବହୁତ ଭଲ ପାଏ, କିନ୍ତୁ ସାନଝିଅ ରଜନୀ ପାଖେ ଥାଏ ତା ପ୍ରାଣ। ତାକୁ ଲାଗେ ରଜନୀ- ଦେହରେ ତା ମାଇପର ଆତ୍ମା ରହିଛି। ସେ ଭଲମନ୍ଦ ସବୁଥିରେ ପୁଅଗୁଡ଼ା ବଡ଼ ହୋଇ ବିଲବାଡ଼ି ଗଲେଣି। ଏ ସନ ବାପ ଭଲ ବଳଦ କିଣିଲା। ବଡ଼ ପୁଅ କଲିକତା ଚଟ କଳରେ କାମ କରି ଢ଼େର୍ ପଇସା କମେଇଲା, ତା ମାଇପ ରାଣୀ ଗାଁରେ ରହେ, କେବେ କେମିତି ବର ପାଖୁ ମାସେ ଦୁଇମାସ ଯାଏ। ପୁଅମାନଙ୍କୁ ବାହାଚୁଡ଼ା କଲା। ବୋହୂମାନେ ଘରକୁ ଆସିଲାରୁ ବୁଢ଼ା ପ୍ରଧାନ ହାତରୁ ହାଣ୍ଡିଚୁଲି ଗଲା। ବୋହୂମାନେ ରାନ୍ଧି ଶ୍ୱଶୁରକୁ ତତଲା ଭାତ ତିଅଣ ସାଙ୍ଗେ ଦିଅନ୍ତି। ଯଦି କେଉଁଦିନ କିଛି ପରିବାପତ୍ର ନଥାଏ ତେବେ ଶୁଖୁଆ ବେସର ହୁଏ। ଏବେ ବୁଢ଼ା ମୁଣ୍ଡରୁ ଚିନ୍ତା ଗଲାଣି। ସେ ଭଲରେ ଦିନ କଟାଉଛି।

ରଜନୀ ଏଥର ବାପଘରକୁ ଆସି ପ୍ରାୟେ ବର୍ଷେ ଗୋଟେ ରହିଗଲାଣି। ଜୋଇଁ କଲିକତାରେ ଚଟ କଳରେ କାମ କରନ୍ତି। କିଛି ଅସୁବିଧା ହେବାରୁ ଆସି ପାରିନାହାନ୍ତି। ଶ୍ୱଶୁର ପାଖକୁ ଚିଠି ଲେଖି ଜଣେଇ ଥିଲେ ରଜନୀକୁ ତାଙ୍କ ଗାଁରେ ଛାଡ଼ିଦେଇ ଆସିବାକୁ। ଶ୍ୱଶୁର ବୁଢ଼ା ଆଉ କ'ଣ କରିଥାଆନ୍ତା? ଝିଅ ବେଶୀ ଦିନ ବାପ ଘରେ ରହିଲେ ଗନ୍ଧେଇ ଯିବ, ଆଉ ଭାଉଜମାନେ ଗଁ ଗଁ ହେବେ। ସିଆଡ଼େ ଶାଶୁ ଯଦି ପୁଅ ପାଇଁ ଆଉ ଗୋଟେ ମାଇପ ଆଣି ପାରେ । ତେଣୁ ପ୍ରଧାନେ ଝିଅକୁ ନେଇ ଶାଶୁଘରେ ଛାଡ଼ିଦେଇ ଆସିଲେ।

ଶାଶୁଘରେ ଆଉ କିଏ ଅଛି? ଶାଶୁର ଏଇ ଗୋଟିଏ ପିଲା ହୋଇଥିଲା। ଶ୍ୱଶୁର ସାପ କାମୁଡ଼ାରେ ଚାଲିଗଲା। ପାଞ୍ଚ ଭାଇ ତା'ର ଧନୁକୁ ଧରା, ସେମାନେ ଯାଇ ଭଉଣୀକୁ ନେଇ ଆସିଲେ। ତାକୁ ତାଙ୍କ ଘରକୁ ଲଗେଇ ଘର ଖଣ୍ଡିଏ କରିଦେଲେ। ପୁଅ ଘନ ସେଇଠି ରହିଲା। ସେଇଠି ମାମୁଁ ମାଇଁଙ୍କ ପାଖେ ବଢ଼ିଲା, ଘନ ଜାଣିଲା ନାହିଁ ତା'ର ଆଉ ଗୋଟିଏ ଗାଁ ଅଛି। ଯାହା ହେଉ ମା' ପିଲା ଅଜା ଗାଁରେ ରହିଲେ। ଅଜା ଆଇ ଥିବା ଘନ ବଡ଼ ଗେହ୍ଲା ହୋଇଥିଲା। ଅଜା ଦି' ମାଣ ଜମି ଓ ଘର ବଖରେ ଝିଅ ନାଁରେ କରି ଦେଇଥିଲା। ଅଜା ଭାବିଥିଲେ ଭାଇମାନେ ନ ପଚାରିଲେ ମା'ପୁଅ ସେଇଥିରେ ଚଳିଯିବେ।

ରଜନୀ ଶାଶୁଘର ବୋଲି ଜାଣିଲା ତା' ମାମୁଁ ଶ୍ୱଶୁର ଘରକୁ। ଘନ ମାମୁଁ ଘରେ ରହି ମାଇନର ପାଶ୍ କଲା। ମାଇନର ପାଶ୍ କରିବା ପରେ ବଡ଼ ମାମୁଁ ତାକୁ ନେଇ କଲିକତା ଚାଲିଗଲା, ନିଜ ପାଖେ ରଖି ଗୋଟାଏ ଗ୍ୟାରେଜରେ ତା' ପାଇଁ କାମ ବୁଝି ଦେଲା। ଘନ ସେଇଠି ଗାଡ଼ି ଧୋଉ ଧୋଉ ଗାଡ଼ି ଚଳେଇବା ବି ଶିଖିଗଲା। ମାମୁଁ ଯେଉଁ ବାବୁଙ୍କ ଘରେ ଡ୍ରାଇଭିଂ କରୁଥିଲେ ସେଇ ବାବୁଙ୍କ ଘରେ ତାକୁ ରଖେଇ ଦେଲା। ମାମୁଁ କଲିକତା ଆସିଲା ବେଳେ ଚଟକଳରେ କାମ କରୁଥିଲା। ମାତ୍ର ଭଲକି ଡ୍ରାଇଭିଂ ଶିଖି ଯିବା ପରେ ଜଣେ ବାବୁଙ୍କ ଘରେ ଗାଡ଼ି ଚଳେଇଲା। ସେ ତାକୁ ରହିବା ପାଇଁ ଘର ଦେଇଥିଲେ। ମାମୁଁ ଭଣଜା ସେଇଠି ରହିଲେ। ମାମୁଁ ବାବୁଙ୍କୁ ନେଇ ସକାଳ ସାତଟାରୁ ଯାଏ ଯେ ଫେରିଲା ବେଳକୁ ସନ୍ଧ୍ୟା ସାତ କି ଆଠ। ଘନ ରାନ୍ଧି ବାଢ଼ି ରଖିଥାଏ ମାମୁଁ ପାଇଁ। ମାମୁଁ ଫେରିଲେ ଦୁହେଁ ଗୋଟିଏ ଥାଳିରେ ଖାଇ ଗୋଟିଏ ବିଛଣା ପାରି ଶୁଅନ୍ତି।

ସମୟ କାହାକୁ ଚାହିଁଛି? ଦିନ କୁଆଡ଼େ ଚାଲିଗଲା। ମାମୁଁମାନେ ଘନ ବାହାଘର କଥା ଭାବିଲେ। ସାନ ମାଇଁ ବାପଘର ଗାଁର ରଜନୀ। ରଜନୀ ଦେଖିବାକୁ ସୁନ୍ଦର, ବାପର ଗେହ୍ଲା ଝିଅ, ଭଲ ଯୌତୁକ ମିଳିବ। ସାନ ମାଇଁ ଏଇ ପ୍ରସ୍ତାବ ଆଣିଲା। ରଜନୀର ବାପ ଜୋଇଁଙ୍କୁ ଦେଖି ପସନ୍ଦ କଲେ। ଘନ ମାଇଁ ଓ ମା ଆସି ଥିଲେ ବୋହୂକୁ ଦେଖିବାକୁ। କଥା ପକ୍କା ହୋଇଗଲା। ରଜନୀ ବାପ ଦେଖିଲା ଜୋଇଁ ଭଲ ପାଞ୍ଚ ହାତିଆ ଯୁବକ, ସବୁ କାମ କରି ପାରିବ। ପୁଣି ଭାବିଲା ଝିଅ ଦେହକୁ ନଣନ୍ଦ ଦିଅରଙ୍କ ଝମେଲା ନାହିଁ। ଗୋଟାଏ ଶାଶୁ, ସେ କି ଦୁଃଖ ଦେବ? ତାକୁ ଖୁଆଇ ପିଆଇ ଟିକିଏ ଭଲରେ ରଖିଲା କାମ ପଂତେ। ରଜନୀ ବାପା ଭାବିଲା ଏଇଠି କଲେ ସବୁଠାରୁ ଭଲ। ଝିଅକୁ ଜମି ଦି'ମାଣେ ଦେଇଦେଲେ ଆଉ କିଏ କିଛି କହିବାକୁ ନଥିବେ। ମାସ ଦୁଇଟାରେ ରଜନୀ ବର, ଘର ସବୁ ଠିକ୍ ହୋଇଗଲା। ରଜନୀର ବାହାଘର ପରେ ଘନ ଦୁଇ ମାସ ଗାଁରେ ରହିଲା। ବାବୁ ଘର ଚିଠି ଲେଖି ତାକୁ ଡକେଇ ପଠେଇଲେ। ସେ ଗାଁରେ ଦୁଇ ମାସ ରହି ପୁଣି କଲିକତା ଚାଲିଗଲା।

ଭାଇମାନେ ଭଉଣୀ ମୁଣ୍ଡରେ ଜମି ଓ ଘର କରିଦେଇ ନିଶ୍ଚିନ୍ତ ହେଲେ, ଜମିରୁ ଯାହା ଧାନ, ମୁଗ, ବିରି, ଅମଳ ହୁଏ ସେମାନେ ସେଥିରୁ କିଛି ଭଉଣୀକୁ ଦିଅନ୍ତି। ବଡ଼ ମଝିଆ ଭାଇ ଦିନେ ଭଉଣୀକୁ କହିଲେ, "ଅପା ଦେଖ, ଆମ ସାଙ୍ଗେ କିଛି କଥା ନଥିଲା କିନ୍ତୁ ଏଇଲେ ବୋହୂପୁଅଙ୍କ ଘର। ତୋ ବୋହୂ ଓ ଆମ ବୋହୂମାନଙ୍କ ଭିତରେ କଳିକଜିଆ ଲାଗିବା ପୂର୍ବରୁ ତୁ ତୋର ଅଲଗା ହୋଇଗଲେ ଭଲ। ଆମ ସାଙ୍ଗରେ ତୁ ଥିଲା ଭଳି। ତୁ ମନ ଦୁଃଖ କରନା, ଆମେ ଭାଇଯାକ ସବୁବେଳେ ତୋ ପାଇଁ ଅଛୁ। ତୋର କିଛି ଅସୁବିଧା ହେଲେ ଆମେ ତୋ ପାଖରେ ଠିଆ ହେବୁ।" ସେଦିନ ରଜନୀ ଶାଶୁର ମନଟା ଖାଲି ଖାଲି ରହିଲା। ସେ ଉଦାସ ମନରେ ଦିନଟି କାଟିଲା। ରାତିକୁ କିଛି ନ ଖାଇ ଶୋଇଲା।

ଇୟାଡେ ରଜନୀ ତା ମାମୁଁ ଶ୍ୱଶୁରଙ୍କ ବୋହୂମାନଙ୍କ ସାଙ୍ଗେ ମିଳିମିଶି ବହୁତ ଆନନ୍ଦରେ ଥାଏ। ସାନମାଇଁ ଶାଶୁର ବଡ଼ପୁଅ ରଜନୀର ବଡ଼ବାପା ପୁଅକୁ ବାହା ହୋଇଛି। ଆଉ ଯାଆମାନେ ଯିଏ ଯେମିତି, କିନ୍ତୁ ଏଇ ଯାଆ ସଙ୍ଗେ ରଜନୀର ବଡ଼ ଭଲ ସମ୍ପର୍କ। ରଜନୀ ତାଙ୍କୁ ଅପା ଡାକେ। ଦୁହିଁଙ୍କର କ୍ଷୀର ନୀର ସମ୍ପର୍କ। ଖରାବେଳେ ପୁଅକୁ ଶାଶୁ ପାଖେ ଶୁଆଇ ଦେଇ ଏମାନେ ଦି' ଭଉଣୀ ଲୁଡ଼ ଖେଳନ୍ତି କିମ୍ବା ବାଡ଼ିରେ ବୁଲି କଞ୍ଚା ଆମ୍ବ କିମ୍ବା ଚାଉଳିଆ ଖାଆନ୍ତି। ରଜନୀ ଶାଶୁର ଦୁଇ ବଖରା ପଥର ଘର ଓ ଚାରିମାଣ ଜମି ଦେଇଛନ୍ତି। ରଜନୀ ଶାଶୁ, ରଜନୀର ଗୋଟେ ପୁଅ ଓ ରଜନୀ ସେଇ ଘରେ ରହିଲେ।

ବଡ଼ମାମୁଁ ଘନକୁ ଯେଉଁ ମାଲିକ ଘରେ ରଖେଇ ଦେଇଥିଲା ତାଙ୍କ ପିଲାଙ୍କୁ ସ୍କୁଲ ନେବା ଆଣିବା କରିବା ପାଇଁ। ସେ ଏଯାଏଁ ସେଇଠି ରହିଛି। ମାମୁଁର ବୟସ ହୋଇଯିବାରୁ ସେ ଚଟକଳ କାମକୁ ପାରିଲା ନାହିଁ। ତେଣୁ ସେ ଗାଁକୁ ଫେରି ଆସିଲା ଘନକୁ ସେଇ ବାବୁ ଘରେ ଛାଡ଼ି। ଏବେ ଘନ ଭଲ କରି ଗାଡ଼ି ଚଳାଇ ପାରେ। ଏବେ କଲିକତାର ଗଳିକନ୍ଦି ସବୁ ତାକୁ ଜଣା। ସବୁଦିନେ ଡ୍ୟୁଟିରୁ ଫେରି ଘରେ ଚୁଲି

ଲଗାଇ ଭାତ ରାନ୍ଧିବାକୁ ତାର ମନହୁଏନି। ସେ ଦେଖେ ତା' ସାଙ୍ଗମାନେ ସେମାନଙ୍କ ସ୍ତ୍ରୀମାନଙ୍କ ସଙ୍ଗେ ରହନ୍ତି, ସ୍ତ୍ରୀ ରାନ୍ଧି ରଖିଥିବ, ସେମାନେ ଗଲେ ଖାଇବେ। ଘନ ସେମାନଙ୍କୁ ଦେଖି ତା' ନିଜ ପ୍ରତି ଦୟା ହୁଏ। ଭାବେ ଏଥର ଗାଁକୁ ଗଲେ ରଜନୀକୁ ସାଙ୍ଗରେ ନେଇ ଆସିବି।

ପୂଜାରେ ମାଲିକ ଛୁଟି ଦିଏନି। ପୂଜା ପରେ ଘନ କୋଡିଏ ଦିନ ଛୁଟି ନେଇ ଗାଁକୁ ଗଲା। ଗଲା ବେଳେ ତା' ସାଙ୍ଗ ମାନିକ୍‌କୁ ମାଲିକ ଘରେ ତା'ବଦଳରେ କାମ କରିବ ରଖି ଦେଇ ଆସିଥିଲା। ଘରେ ପହଞ୍ଚି ଦେଖିଲା ରଜନୀ ଶୁଖି କଣ୍ଟା ହୋଇଯାଇଛି। ବୋଉକୁ ପଚାରିଲାରୁ ବୋଉ ବଡ଼ପାଟି କରି କହିଲା, "ତିନି ବକତ ଖାଉଛି, ତା' ପରେ ବାଡିରେ ଚାଉଳିଆ କଷିଟିଏ ରଖେଇ ଦେଉନି। ତା' ହାତରେ ତ ହାଣ୍ଡିଚୁଲି ସବୁ, ମୁଁ କେମିତି ଜାଣିବି ସେ କାହିଁକି ଶୁଖି ଯାଉଛି। ନେ ତାକୁ ତା ବାପା ଘରେ ଛାଡ଼ି ଦେଇ ଆସେ।"

ଘନ ବୋଉକୁ ଆଉ କିଛି କହିଲା ନାହିଁ। ରାତିରେ ଖିଆ ପିଆ ସରିଲା ପରେ ଶୋଇବା ବେଳେ ରଜନୀ ତାକୁ ଅସଲ କଥାଟି କହିଲା – ତାର ଆଉ ଥରେ ପିଲା ହେବ। "ପାଞ୍ଚ ପୂରି ଛଅ ଚାଲିଲାଣି – ସବୁବେଳେ ଅସକତିଆ ଲାଗୁଛି– କିଛି କାମ କରିବାକୁ ମନ ହେଉନି କି ବଳ ପାଉନି।"

ଘନ ତାକୁ ପଚାରିଲା, "ବାପ ଘରକୁ ଯିବୁ ?"

"ନାଇଁ, ସବୁବେଳେ ଘରକୁ ଗଲେ ଭାଇଭାଉଜ ସୁଖ ପାଇବେ ନାହିଁ। ସାନ ଭାଉଜଟା ସମସ୍ତଙ୍କୁ ଶିଖାଇବ– ବାପର ଗେହ୍ଲାଝିଅ ହୋଇ ବର୍ଷକୁ ଆଠମାସ ବାପ ଘରେ ରହି ବାପ ଘରର ଅନ୍ନ ଧ୍ୱଂସ କରିବ।" "ମତେ ଭଲ ଲାଗୁନି ଏସବୁ ଶୁଣିବା ପାଇଁ। ତୁମେ ଯଦି ମତେ କଲିକତା ନେବ ତା'ହେଲେ ଯିବି। କିନ୍ତୁ ବାପ ଘରକୁ ଯିବି ନାହିଁ।"

ଘନ ବହୁତ ଭାବିଲା, ସତରେ ସେ ଗତଥର ବର୍ଷକରୁ ବେଶୀ ରହିଥିଲା। କେଉଁ ଭାଉଜକୁ ନଣନ୍ଦ ଏତେ ଦିନ ରହିଲେ ଭଲ ଲାଗିବ ? କିନ୍ତୁ କଲିକତା ନେଇ ତାକୁ କେଉଁଠି ରଖିବ ? ପୁଣି ପିଲା ଜନମ କଥା ତ ମତେ ଜଣାନାହିଁ। ଏଥର ତାର ପୋଖତି ସରୁ ଦେଖିବା କ'ଣ କରିବି ? ଏବେ ମୁଁ ଏଠି କିଛି ଦିନ ରହି ଯାଇ ରଜନୀକୁ କାମ ଧନ୍ଦାରେ ଟିକଏ ସାହାଯ୍ୟ କରିଦେଲେ ରଜନୀକୁ ଟିକିଏ ହାଲୁକା ହଟିବ। ସେଠି ତ ମାନିକ୍ ବାବୁ ଘରେ ଦେଇ ଆସିଛି ତେଣୁ ସେମାନଙ୍କର କିଛି ଅସୁବିଧା ହେଉ ନଥିବ। ଏଠି ବି କିଛି କାମ କରି ପଇସା ଅର୍ଜନ କରିବାକୁ ହେବ, ନ ହେଲେ ତେଲ ଲୁଣ କିଣା ହେବ କେମିତି ?

ବୋଉ ଦିନେ ପାଟି ଖୋଲି ଘନକୁ ପଚାରିଲା, "ହଇରେ ପୁଅ, ତୁ ଆସି ମାସେ ଉପରେ ହେଲାଣି। ସେ ବାବୁ ଘରେ ତୁ କାମ କରିବୁ କି ନାହିଁ ? ଏତେ ଲମ୍ୱା ଛୁଟି ନେଲେ ବାବୁ ଘରେ ତତେ ରଖିବେଟି ?"

ଘନ ହସି ହସି କହିଲା, "ବୋଉ ମୁଁ ରହିଲେ ତତେ ଭଲ ଲାଗୁନି କିଲୋ ? ତେବେ ମୁଁ କାଲିକୁ ଚାଲି ଯିବି।"

"ଆରେ ଘନ ମୁଁ ତତେ ଏମିତି ପଚାରୁଥିଲି, କାରଣ ଏଡେ ଲମ୍ୱା ଛୁଟି କ'ଣ କିଏ ସହରରେ ଦିଏ ? ତୁ ଏଠି ରହିଲେ ମତେ ଭଲ ଲାଗିବ ଲାଗିବନି କିଆଁ ? ତୁ ମୋର ଗୋଟିଏ ବୋଲି ପୁଅ – ମୋ ଗଣ୍ଠିଧନ, ମୋ ଜୀବ ରତନ।"

ଘନ ହସି ହସି ଉତ୍ତର ଦେଲା, "ତୁ ଯାହା କହୁଛୁ ଏକାବାରେ ସତ। ଏତେ ଦିନ କେଉଁ ମାଲିକ ଛୁଟି ଦିଏ ? କିନ୍ତୁ ମୁଁ ତାଙ୍କ ଘରେ ମୋର ଗୋଟିଏ ସାଙ୍ଗକୁ ରଖେଇ ଆସିଛି। ସେ ବାବୁ ଘରେ କିଛି ଅସୁବିଧା କରିବ ନାହିଁ। ମୁଁ ଆଉ କିଛି ଦିନ ରହି ଚାଲିଯିବି। ଏବେ ପିଲାଟା ଛୋଟ ଅଛି। ରଜନୀ ପିଲା କାମ କରି ଘରକାମ କରିବାକୁ ପାରୁ ନାହିଁ।"

"କ'ଣ କହୁଛୁରେ ଘନ ? ରଜନୀ ଏତେ କାମକୁ ପାରୁନାହିଁ। କେତେ କାମ ? ଭୁଆସୁଣୀଟେ କି କାମ ? ପିଲାଙ୍କୁ ତ ମୁଁ ରଖୁଛି, ମୁଠେ ରାନ୍ଧି ଦେବ। ଏତିକି ଯଦି ପାରୁନି କେଉଁ ରଜା ଘରେ ରହୁ।"

"ଆଲୋ ବୋଉ, ତୁ ଏମତି ରାଗି ଯାଉଛୁ କାହିଁକି ? ସେ ମତେ କିଛି କହିନି। ମୁଁ ଖାଲି ତା ଝଡ଼ିଯାଇଥିବା ଦେଖି କହୁଛି। ଏଠି କିଛି କାମ ମିଳିଗଲେ ଆମେ ସମସ୍ତେ ଏକାଠି ରହନ୍ତେ। ତତେ ବି ବୟସ ହେଲାଣି। ତତେ ଗାଁରେ ଏକା ଛାଡ଼ି ଦେଇ ଯିବାକୁ ମୋର ମନ ହେଉନି। ନ ହେଲେ ତ କଲିକତା ବାବୁ ଘର କହୁଥିଲେ ସ୍ତ୍ରୀ ପିଲାଙ୍କୁ ନେଇ ଆସ। ଏଇଠି ରହିବ। ଆମେ ତୁମକୁ ଘର ଦେବୁ।"

ଘନ ବୋଉ ଘନ ମୁହଁକୁ ଚାହିଁଲା। ଭାବିଲା ଯୁଆନ ଟୋକାଟା, ମାଇପକୁ ଛାଡ଼ି ବିଦେଶରେ ରହିବାକୁ ଭଲ ଲାଗୁ ନ ଥିବ। କ'ଣ କହିବ ପୁଅକୁ ? ସେ ଯାହା ଠିକ୍ ଭାବୁଛି ତାହା କରୁ।

ଧାନକଟା ବେଳେ ଘନକୁ ପ୍ରାୟେ ସବୁଦିନ କାମ ମିଳିଯାଉଥିଲା। ଦିନସାରା କାମ କରି ସନ୍ଧ୍ୟାକୁ ଘରକୁ ଆସିଯାଏ। ଆଜିକାଲି ମଜୁରୀ ବହୁତ ବଢ଼ିଗଲାଣି। ଦିନକୁ ଦୁଇ ଶହରୁ ଅଢ଼େଇ ଶହ ଯାଏଁ। ଘରେ ଯେଉଁ ଚାରିମାଣ ଜମି ଅଛି ବୋଉ ତାକୁ ଭାଗରେ ଲଗେଇ ଦେଇଛି। ଧାନ ରୁଆ ଆଗରୁ ଆସିଥିଲେ ସେ ତା ଜମି ନିଜେ ଚାଷ କରିଥାଆନ୍ତା। ହଉ, ଏ ସନ ଯାହା ହେବାର ହେଲା, ଅଗଲା ସନକୁ ସେ ନିଜେ ଚାଷ କରିବ।"

ରଜନୀ ଖୁସି ବର ଘରେ ଅଛି। ଅଧା କାମ ସେ କରି ଦେଉଛି। ପୁଅ ବାବୁଲାକୁ ଦୁଇ ପୂରିବ। ଏଥର ପେଟରେ କ'ଣ ଅଛି କିଏ ଜାଣେ ? ପୁଅ ହେଲେ ଶାଶୁ ବୁଢ଼ୀ ଖୁସି ହେବ। କିନ୍ତୁ ଝିଅଟେ ହେଲେ ବି ଭଲ, ସମସ୍ତେ କହନ୍ତି ଝିଅମାନେ ମାଆବାପାଙ୍କ ଦୁଃଖ ବୁଝନ୍ତି।

ଚାହୁଁ ଚାହୁଁ କେଡେ ଧଅଡ୍ ପାଞ୍ଚ ମାସ କଟିଗଲା। ଦିନେ ରାତି ତିନିଟା ବେଳକୁ ରଜନୀର ଶୂଳ ଆରମ୍ଭ ହୋଇଗଲା। ରଜନୀ ଘନକୁ ଡାକିଲା– "ମୋ ଅଣ୍ଟା ଭାରି କାଟୁଛି।" ଘନକୁ କହିବାରୁ ଘନ ରଜନୀର ଅଣ୍ଟା ଚିପିଲା, କିନ୍ତୁ କଷ୍ଟ ବଢ଼ିବାରେ ଲାଗିଥାଏ। ଟିକିଏ ପରେ ଘନ ଯାଇ ବୋଉକୁ ଡାକିଲା, "ଆଲୋ ବୋଉ, ରଜନୀ ବହୁତ କଷ୍ଟ ପାଉଛି ମୁଁ କ'ଣ କରିବି ବୁଝି ପାରୁନି ? ତୁ ଆସି ଟିକେ ଦେଖେ।"

ଶାଶୁ ଦୌଡି ଯାଇ ଗରମ ପାଣି କଲା, ବୋହୂର ଗୋଡ ହାତ ଆଉଁସି ଦେଲା। ଆମ ସମୟରେ କିଛି ସୁବିଧା ନଥିଲା। ଯେବେ ଏବେ ଅନେକ ସୁବିଧା ହେଲାଣି ଆମେ ବୃଥାରେ ଏତେ କଷ୍ଟ କାହିଁକି ସହିବା ? ଯାଆ ବଡ଼ମାଇଁକୁ ଡାକ, ବଡ଼ମାମୁଁକୁ ଡାକେ। ଶଗଡ଼ ବଳଦ ସଜ କର– ଆମେ ରଜନୀକୁ ଡାକ୍ତରଖାନା ନେଇ ଯିବା।"

ଘନ କହିଲା, "ସେ ତ ଆଗରୁ ଦୁଇଟା ଜନମ କରିଛି, ତୁ କାହିଁକି ଏତେ ଛାନିଆ ହେଉଛୁ ?"

ଯେବେ ଏବେ ଏତେ ସୁବିଧା ହୋଇଗଲାଣି ଆମେ କାହିଁକି ତୁଚ୍ଛଟାରେ ଏତେ ଦୁଃଖ ସହିବାକୁ ରଜନୀକୁ ଦେବା ? ଡାକ୍ତରଖାନା ନେଇଗଲେ ସେମାନେ କିଛି ଇଞ୍ଜେକ୍‌ସନ୍ ଦେଇ ଦେଉଛନ୍ତି, ଘଣ୍ଟାକ ଭିତରେ ପିଲା ବାହାରି ଆସୁଛି।"

ଘନ ଯାଇ ରବି ପ୍ରଧାନ କବାଟ ବାଡେଇଲା। ପ୍ରଧାନେ କବାଟ ଖୋଲି ଘନ ମୁହଁକୁ ଚାହିଁ ପଚାରିଲେ, "କ'ଣ ହେଲା ଘନ ? ରାତି ପହରେ ଅଛି, କାହିଁକି ଆସିଛୁ ଏତେ ବେଳେ ?" "ମୋ ସ୍ତ୍ରୀ ବହୁତ କଷ୍ଟ ପାଇଲାଣି – ପିଲା ଜନ୍ମ କରିପାରୁନି। ମାଇଁ କହୁଛି ଡାକ୍ତରଖାନା ନେଇ ଯିବାକୁ। ତୁମ ଅଟୋ ଯଦି ଠିକ୍ ଅଛି ଆମକୁ ଟିକିଏ ଖୋର୍ଦ୍ଧା ଡାକ୍ତରଖାନା ନେଇଯିବ।

ରବି ପ୍ରଧାନେ ଟିକିଏ ଚୁପ୍ ରହିଲେ, ତା'ପରେ କହିଲେ, "ତୁ ଯାଇ ପ୍ରଥମେ ତୋ ମାଇପକୁ ଧରି ଦାଣ୍ଡ ପିଣ୍ଡାରେ ବସିଥା, ମୁଁ ଖାଲି ଦାନ୍ତଟା ଘସି ଦେଇ ଯାଉଛି।"

ରବି ପ୍ରଧାନେ ଦାନ୍ତ ଘସି, ପୋଖରୀ ପାଣି ଯାଇ ଆସିଲା ବେଳକୁ ତାଙ୍କ ସ୍ତ୍ରୀ ତାଙ୍କ ପାଇଁ ବେଲେ ନାଲି ଚା' କରି ରଖିଥିଲେ। ପ୍ରଧାନେ ସେଥିରେ ତାଟିଏ ମୁଢ଼ି ପକେଇ ପିଇ ଦେଲେ। ତାଙ୍କ ସ୍ତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, "ହମ, ଏଥର ମୁଁ ଯାଉଛି ଘନ ଘରକୁ। ସେ ତା ମାଇପକୁ ନେଇ ଦାଣ୍ଡ ପିଣ୍ଡାରେ

ମୋତେ ଅପେକ୍ଷା କରି ବସିଥିବ।"

ରବି ପ୍ରଧାନଙ୍କ ସ୍ତ୍ରୀ ଜାଣନ୍ତି ଗାଁରେ କାହାର ରାତି ବିକାଳି ଦରକାର ପଡ଼ିଲେ ସେମାନେ ରବି ପ୍ରଧାନକୁ ଖୋଜନ୍ତି। ସେ ଜାଣନ୍ତି ଦୁରୁଣୀ ଅପାର ବୋହୂର ଟାଇମ୍ ହୋଇଯାଇଥିଲା। ସେଥିପାଇଁ ଦୁର୍ଗା ଅପା ପୁଅ ଯାଙ୍କୁ ଡାକିବାକୁ ଆସିଥିବ।

ଘନ ଥରକୁ ଥର ଗାଁ ରାସ୍ତାକୁ ଚାହିଁଥାଏ, କେତେବେଳେ ଅଟୋ ନେଇ ରବି ଦାଦା ଆସିବ। ଅଳ୍ପ ସମୟ ଭିତରେ ରବି ପ୍ରଧାନେ ତାଙ୍କ ଅଟୋ ନେଇ ପହଞ୍ଚିଗଲେ। ଘନ ତା ସ୍ତ୍ରୀକୁ ଧରି ଧରି ଆଣି ଅଟୋରେ ବସାଇ ଦେଲା। ତା' ବୋଉ ଗୋଟିଏ ଜରି ମୁଣାରେ ରଜନୀ ପାଇଁ ଦି ଖଣ୍ଡ ଲୁଗା ଓ ଗୋଟିଏ ପାଣି ବୋତଲ ଧରି ବୋହୂ ପାଖେ ପଛ ସିଟ୍‌ରେ ବସି ପଡ଼ିଲା। ଅଟୋ ଚାଲିବାକୁ ଆରମ୍ଭ କଲା ବେଳକୁ ଘନ ଦି' ହାତକୁ ମୁଣ୍ଡରେ ଲଗେଇ ଗାଁ ଠାକୁରାଣୀଙ୍କୁ ନେହୁରା ହେଲା, "ମାଆଲୋ, ରଜନୀକୁ ଭଲରେ ଭଲରେ ଏଥିରୁ ଉଦ୍ଧାର କରିଦେ। ମୁଁ ତତେ ପାଞ୍ଚଟା ନଡ଼ିଆ ଦେବି।"

ଶାଶୁ ରଜନୀ ଅଣ୍ଟାକୁ ଜୋରରେ ଧରି ବସିଥାଏ -ଇୟାଡ଼େ ଅଟୋ ଚାଲିଥାଏ ଖୋର୍ଦ୍ଧା ଡାକ୍ତରଖାନା ଆଡକୁ। କଷ୍ଟ ପାଇ ପାଇ ରଜନୀ ଆଖି ଖୋଲି ପାରୁ ନଥାଏ। ଅଧଘଣ୍ଟେ ପରେ ଅଟୋ ଆସି ପହଞ୍ଚିଲା ଡାକ୍ତରଖାନାରେ। ଘନ ଦୌଡ଼ିଯାଇ ସେଠା ଅଫିସରୁ ଗୋଟାଏ ଟିକେଟ୍ କରି ଆଣି ରଜନୀକୁ ଧରି ଧରି ଲେବର ରୁମ୍ ଆଡକୁ ଗଲା। ସମୟ ସାଢ଼େ ଛଅ ମାତ୍ର। ଲେବର ରୁମର ନର୍ସ ସୁଇପରମାନେ ବାରଣ୍ଡା ବେଞ୍ଚରେ ବସି ଢୁଳେଇ ଥିଲେ। ଘନ ଜଣେ ଦିଦିଙ୍କ ପାଖକୁ ଯାଇ କହିଲା, "ହେ ଦିଦି ମୋ ସ୍ତ୍ରୀ ତିନି ଘଣ୍ଟା ହେଲା କଷ୍ଟ ପାଉଛି ....ଦୟା କରି ତୁମେ ଟିକିଏ ତାକୁ ଦେଖ।"

ନର୍ସ ନମିତା ତାକୁ ଦେଖି ଦେଖି କହିଲା, "ହଉ ସ୍ତ୍ରୀକୁ ନେଇ ଲେବର ରୁମ୍ ଖଟ ଉପରେ ଶୁଆଅ। ମୁଁ ମ୍ୟାଡାମ୍‌ଙ୍କୁ ଫୋନ୍ କରୁଛି। ନମିତା ଡାକ୍ତରଖାନା ମ୍ୟାଡାମ୍‌ଙ୍କୁ ଫୋନ କରି କହିଲା, "ମ୍ୟାଡାମ୍ ଗୋଟିଏ ଡେଲିଭରୀ ପେସେଣ୍ଟ, ମତେ ଲାଗୁଛି ତା'ର କିଛି ଅସୁବିଧା ଅଛି ବୋଲି।"

ଆରପଟୁ ମ୍ୟାଡାମ୍ କହିଲେ, "ତୁମେ ସବୁ ଠିକ୍ ରଖିଥାଅ। ମୁଁ ଯାଇ ଦଶ ମିନିଟ୍‌ରେ ପହଞ୍ଚୁଛି।

ଡାକ୍ତରାଣୀ ମ୍ୟାଡାମ୍ କ୍ୱାଟର ହସ୍‌ପିଟାଲ ପାଖରେ। ସେ ନିଜେ ଗାଡ଼ି ଚଲେଇ ଚାଲି ଆସିଲେ ଓ ଲେବର ରୁମ୍‌ରେ ପଶି ଯାଇ ରଜନୀ ଓ ତା ଗର୍ଭସ୍ଥ ପିଲାର ସବୁ ପରୀକ୍ଷା କଲେ। ନମିତା ଦିଦିଙ୍କୁ କହିଲେ, "ପିଲା ଅବସ୍ଥା ଖରାପଆଡକୁ ଯାଉଛି। ଖୁବ୍ ଶୀଘ୍ର ସିଜିରିଆନ୍ କରିବାକୁ ପଡ଼ିବ।"

ଘନ ଓ ଘନ ବୋଉ ଲେବର ରୁମ୍ ଆଗରେ ପଡ଼ିଥିବା ବେଞ୍ଚରେ ବସି ଖାଲି ଗାଁ ଠାକୁରାଣୀଙ୍କୁ ଡାକୁଥାଆନ୍ତି।

ଘଣ୍ଟେ ପରେ ଡାକ୍ତରାଣୀ ମ୍ୟାଡାମ୍ ସେ ରୁମ୍‌ରୁ ବାହାରି ଆସିଲେ। ସେ ବଡ଼ କ୍ଲାନ୍ତ ଦିଶୁଥାଆନ୍ତି। ଘନ ମୁହଁକୁ ଚାହିଁ କହିଥିଲେ, "ମା' ପିଲା ଭଲ ଅଛନ୍ତି। ଆଉ ଡେରୀ କରିଥିଲେ ପିଲା କଥା ଛାଡ଼, ମାଆକୁ ବଞ୍ଚେଇବା କଷ୍ଟ ହୋଇଥାଆନ୍ତା। ସେ ସେତିକି କହି ସେ ତାଙ୍କ ଗାଡ଼ି ପାଖୁ ଚାଲିଗଲେ।

ନର୍ସ ନମିତା ଆସି କହିଲା, "ମାଆ ଝିଅ ଏଇନେ ଭଲ ଅଛନ୍ତି।"

ଘନ ବୋଉ ଯେମିତି ଶୁଣିଲା ଝିଅ ହୋଇଛି ତାଙ୍କ ମୁହଁଟି ଶୁଖିଗଲା। ସେ ଗମ୍ଭୀର ହୋଇ କହିଲେ, "ଏତେ କଷ୍ଟ ପାଇ ଝିଅଟାଏ ହେଲା! ମୋ ପୁଅ ମୁଣ୍ଡକୁ ଆଉ ଗୋଟାଏ ବୋଝ।" ଘନ କହିଲା, "ବୋଉ ଏମିତି କାହିଁ କହୁଛୁ? ପୁଅଟିଏ ଥିଲା, ଏବେ ଝିଅଟିଏ ହେଲା। ଭଲ ହେଲା। ବିଚାରୀ ରଜନୀ କେତେ କଷ୍ଟ ପାଇଲା?"

ଘନ ବୋଉ ଘନ ମୁହଁକୁ ଚାହିଁ କହିଲା, "ଆରେ ଘନ ବାପ ମାଆଙ୍କ ପାଖେ ପୁଅ ଝିଅ ସବୁ ସମାନ। କିନ୍ତୁ ଝିଅଙ୍କ ଦାୟିତ୍ୱ ବହୁତ ବେଶୀ। ଖୁଆଇ ପିଆଇ ବଡ଼ କରିବ, ପୁଣି ତାକୁ ଜଗି ଜଗି ରହିବ ବାହା କଲା ଯାଏଁ। ଶେଷକୁ ତାକୁ ପର ହାତକୁ ଟେକି ଦେବ। ପୁଣି ସେ ସେଠି କେମିତି ରହିଲା ସେ ଚିନ୍ତା ମନକୁ ସବୁବେଳେ ଘାରୁଥିବ। ସେଥିପାଇଁ ତ ଝିଅ ହେଲେ ମାଆ ବାପ ମନ ଦୁଃଖ କରନ୍ତି। ସେଥିରେ ଆଜିକାଲି ଯୁଗରେ କି ସୁରକ୍ଷା ଅଛି ଝିଅମାନଙ୍କର? ଯାବତୀୟ ହୀନ ଘଟଣା ଘଟୁଛି ଝିଅମାନଙ୍କ ସାଙ୍ଗେ! ଦେଖୁଛୁ ତ କେତେ ଅଭିଆଡ଼ି ଝିଅମାନଙ୍କୁ ଗୁଣ୍ଡାମାନେ ଟେକି ନେଇ ଯେଛାତା କରି ମାରି ଫିଙ୍ଗି ଦେଉଛନ୍ତି।"

ଘନ ଗମ୍ଭୀର ହୋଇ କହିଲା, "ବୋଉ ତୁ ଖରାପ କଥାଗୁଡ଼ାକ କାହିଁକି ମନକୁ ଆଣୁଛୁ? ପିଲାଟିକୁ ମତେ ଭଗବାନ ଦେଇଛନ୍ତି। ମୁଁ ତାକୁ ପାଠ ପଢ଼େଇବି, ମାଷ୍ଟରାଣୀ କି ଡାକ୍ତରାଣୀ କରିବି - ମୋ ଝିଅକୁ କେହି ଛୁଇଁ ପାରିବେନି।"

ଅପରେସନ୍ ହୋଇ ପିଲା ଜନ୍ମ ହୋଇଥିବାରୁ ରଜନୀ ଆଠଦିନ ଡାକ୍ତରଖାନାରେ ରହିଲା। ଘନ ବୋଉ ନାତିକୁ ନେଇ ଗାଁରେ ଥାଏ। ଘନ ଡାକ୍ତରଖାନା ବାରଣ୍ଡାରେ ଚାଦର ଖଣ୍ଡେ ପକେଇ ପଡ଼ିଥାଏ। ଘରକୁ ଯିବା କଥା ଭୁଲି ଯାଇ ସେଇଠି କେଉଁ ହୋଟେଲରୁ ଗଣ୍ଡେ ଭାତ ଖାଇ ଦେଇ ସେଇଠି ପଡ଼ିଥାଏ। ସାତ ଦିନରେ ରଜନୀ ପେଟରୁ ସିଲେଇ ଖୋଲା ହେଲା। ଆଠଦିନ ଘନ ଅଟୋ ଭଡ଼ାରେ ଆଣି ରଜନୀକୁ ନେଇ ଗାଁକୁ ଗଲା। ମାମୁଁ ଶ୍ୱଶୁରର ବଡ଼ବୋହୂ ଲେଖାରେ ଭଉଣୀ ହେବ। ରଜନୀ ଓ ତା'ର ସମ୍ପର୍କ ବଡ଼ ଭଲ। ସେ ରଜନୀ ଲାଗି ତବତ ଭାତ ଓ ସିଝା ତରକାରୀ ରାନ୍ଧି ଆଣେ। ମୁଠେ ରସୁଣ ଓ ହେଙ୍ଗୁ ଭାଜି ତାକୁ ଖାଇବାକୁ ଦିଏ। ସେକା ବୁଜା ସବୁ କରି ଦିଏ। ଏଣେ ଡାକ୍ତରାଣୀ ମ୍ୟାଡମ୍ ବଡ଼ କଡ଼ା ଔଷଧ ଦେଇଥିଲେ। ସେସବୁ ଔଷଧ ଖାଇ ଦିନ ପନ୍ଦରଟାରେ ରଜନୀ ଏକାବେଳେ ଟେଙ୍ଗା। ସେ ଏଥର ହାଣ୍ଡିଶାଳକୁ ଟିକିଏ ଟିକିଏ ଯାଏ, ଭାତ ତୁଅଣ ରାନ୍ଧି ଦେଇ ଆସେ। ପୁଅକୁ ଗେହ୍ଲା କରେ, କିନ୍ତୁ ଘନ ରଜନୀକୁ ପୁଅକୁ ଧରାଧରି କରିବାକୁ ଦିଏ ନାହିଁ। କାଳେ ପୁଅ ମା' ପେଟକୁ ଗୋଇଠାଟେ ପକେଇବ। ଏଇ ଡର ଘନର ସବୁବେଳେ ଥାଏ। ପେଟ ସିଲେଇ ଖୋଲି ଯିବ ବୋଲି ଘନର ବଡ ଡର।

ଶାଶୁ ମନା କଲା ଝିଅର ଏକୋଇଶା କରିବା ପାଇଁ। ମୁହଁ ଫୁଲେଇ କହିଲା "ଝିଅମାନଙ୍କ ଏକୋଇଶା ଆମଘରେ ନାହିଁ। ଘନ ବୋଉକଥା ଉପରେ ଆଉ କିଛି କହିଲା ନାହିଁ। ରଜନୀ ମନ ଦୁଃଖ କଲାରୁ ଘନ ବୁଝେଇ କହିଲା ତୁ ମନ ଦୁଃଖ କରନା, ଏକୋଶିଆ ନ ହେଲା ନାହିଁ, ବର୍ଷ ପୂରାଣିକୁ ମୁଁ ଭଲରେ ଭୋଜିଭାତ କରିଦେବି। ତୋ ବାପ ଘରର ସମସ୍ତଙ୍କୁ ଡାକିବି ଓ ଲୁଗାପଟା ବି ସେମାନଙ୍କ ପାଇଁ କରିବି।

ରଜନୀ ଦିନେ ଦୁଇଦିନ ମନ ଖରାପ କଲା, ପୁଣି ସବୁ ବୁଝି ଯାଇ ଭଲରେ ବର ପୁଅ, ଝିଅଙ୍କ ସହିତ ରହିଲା। କିନ୍ତୁ ରଜନୀର ଗୋଟିଏ ଜିଦ୍, "ମୁଁ ଆଉ ତୁମ ଗାଁରେ ରହିବିନି। ତୁମେ ଯେଉଁଠି ରହିବ ମୁଁ ସେଇଠି ରହିବି।"

ଘନ ବହୁତ ଭାବିଲା, ରଜନୀକୁ ନେଇ କେଉଁଠି ରଖିବ?" ସେ ବି ତ ଆଉ ବାପ ଘରକୁ ଯିବାକୁ ରାଜି ନୁହେଁ, ତେବେ ତାକୁ ଓ ପିଲାଙ୍କୁ ନେଇ କୁଆଡ଼େ ଯିବ? କଲିକତା ଗଲେ ଦୁଇଟା ପିଲାଙ୍କୁ ନେଇ ଟାଇମ୍‌ରେ କଳରୁ ପାଣି ଆଣି, କୋଇଲା ଚୂଲିରେ ଭାତ ଡାଲି ରାନ୍ଧି, ପିଲାଙ୍କୁ ଦେଖି ଚଳି ପାରିବ ନାହିଁ। ଏଠି ଗାଁ କଥା, ସେ କୋଉ ଦିନ ମୂଲ ଲାଗିଲା, ଯେଉଁ ଦିନ ମନ ନ ହେଲା କାମକୁ ନ ଗଲା। ଘରେ ତ ଭାତ ମୁଠେ ଅଛି, ବଡ଼ି ଦି'ଟା ପୋଡ଼ି କିମ୍ବା ଶାଗ ଟିକେ ଖରଡ଼ି ଦେଇ ପଖାଳ ଗଣ୍ଡେ ଖାଇ ଦେଇ ଚଳି ଯାଉଛି। କିନ୍ତୁ ବିଦେଶରେ ତ ଲୁଣଲଙ୍କା ଠାରୁ ଚାଉଳ ଡାଲି ସବୁ କିଣା। କେତେ ଟଙ୍କା ପାଇଲେ ସେମାନେ ଚାରି ପ୍ରାଣୀ ସେଠି ଚଳିବେ?

ଏମିତି ମନ ମାରି ବସିଥିବା ଦେଖି ତା'ର ସାନମାମୁଁ ତାକୁ ଡାକି କହିଲା, " ହଇରେ ଘନ ତୋର କ'ଣ ହୋଇଛି। ଏମିତି ହାଣ୍ଡି ପରି ମୁହଁଟେ କରି ସବୁବେଳେ ବସିଛୁ? କ'ଣ ଝିଅ ହେଲା ବୋଲି ଦେଇ ତୋତେ କ'ଣ କହିଲା କିରେ?"

"ନାଇଁ ସାନ ମାମୁଁ ସେ କଥା ନୁହେଁ। ମୁଁ ଏତେ ଦିନ ହେଲା କଲିକତା ଛାଡ଼ି ଆସିଲିଣି। ଏବେ ଯାଇ ଚାକିରି ଖୋଜି ଚାକିରି ପାଇବା ଏଡ଼େ ସହଜ ନୁହେଁ। ତା' ପରେ ରଜନୀ ଆଉ ବୋଉ ପାଖେ ରହିବାକୁ ଜମା ରାଜି ନୁହେଁ। ବୋଉ ବି ଯାଉଣୁ ଆସୁଣୁ ତା ଭୁଲ ଦେଖୁଥିବ, କାହାକୁ ବି ଏକଥା ଭଲ ଲାଗିବ ?"

ସାନମାମୁଁ ଧନୀ ବଡ଼ ବୁଝିଲା ପିଲା। ବୟସରେ ଘନ ଠାରୁ ଅଳ୍ପ ବଡ଼। ଘନ ଓ ସେ ପିଲାଦିନେ ଏକାଠି ବହୁତ 'ଡୁ, ଡୁ' ଆଉ ଗୁଲି ଦଣ୍ଡୀ ଖେଳିଛନ୍ତି। ଏକାଠି ଆଇ ପାଖେ ବସି ଚକୁଳି ଗୁଡ଼ ଖାଇଛନ୍ତି। ଆଇ ଘନକୁ ବହୁତ ଭଲ ପାଏ। ଏବେ ତ ତା ଝିଅର ସେ ଗୋଟିଏ ବୋଲି ପୁଅ, ପୁଣି ବାପ ଛେଉଣ୍ଡ ପିଲାଟା। ଆଇ ତା'ର ସବୁ ଅଳି ସହେ। ଧନୀକୁ ବୁଝେଇ କରି କହେ, ଘନ ତୋ ଭଣଜା, ତା'ର ବାପ ଭାଇ କେହି ନାହାନ୍ତି, ତୁ ତାକୁ ଭାଇ ପରି ଦେଖୁଥିବୁ। ଧନୀ ତେଣୁ ପିଲାଦିନରୁ ଭାବେ ସେ ଘନର ବଡ଼ଭାଇ- ତାକୁ ସେ ସବୁଥିରେ ସାହାଯ୍ୟ କରିବାକୁ ବାହାରି ପଡ଼େ।

"ତୁ ଏତେ ବ୍ୟସ୍ତ ହୁଅନା ଘନ। ଆମେ ଏଇ ପାଖରେ ଭୁବନେଶ୍ୱରରେ ଗୋଟିଏ ଖୋଜିବା ତୁ ଯେମିତି ଯାଆ ଆସ କରି ସେଇଠି କାମ କରି ପାରିବୁ, "ଧନୀ କହିଲା ଘନକୁ। ହଁରେ ଧନୀ ମାମୁଁ, ତୁ ଠିକ୍ କଥା କହୁଛୁ, ମୁଁ ଏଇଠି ଚାକିରି ଖଣ୍ଡେ ହେଲେ ପଇସା ଗଣ୍ଡେ ଆଣି ପାରନ୍ତି।"

ଧନୀ କହିଲା, "ତୁ ଟିକିଏ ସମ୍ଭାଳି ଯାଆ, ମୁଁ ଚାରି ଲୋକଙ୍କୁ କୁହା ବୋଲା କରେ। ଆଜିକାଲି ଡ୍ରାଇଭରଙ୍କର ବହୁତ ଡିମାଣ୍ଡ। ତତେ ଚାକିରି ଖଣ୍ଡେ ନିଶ୍ଚେ ମିଳିଯିବ।"

ଘନ ବଡ଼ ଖୁସି ହୋଇ ମାମୁଁକୁ କୁଣ୍ଢେଇ ପକେଇ କହିଲା, ଆରେ ଧନୀ ମାମୁଁ ତୁ ସତରେ ମୋ ଦୁଃଖ ବୁଝୁ। କହିଲ ସାନମାମୁଁ ଆମେ ପିଲାଦିନେ କେତେ ଏକାଠି ଖେଳିଛେ .....।

"ସେକଥା କ'ଣ କେବେ ମନରୁ ପାଶୋରୀ ହୁଏ ? ଆଇ କେମିତି ଆମ ଦୁହିଁଙ୍କୁ ଗୋଟିଏ ଥାଳିରେ ଭାତ ଖୁଆଉଥିଲା, ହେଲେ ତୁ ତା ନିଜ ପୁଅ ତେଣୁ ତତେ ଟିକିଏ ବେଶୀ ଶୁଖୁଆ ଭଜା ଦେଉଥିଲା...।"

"ଏ ଘନ, ମୋ ବୋଉ ନାଁରେ ଏମିତି ମିଛ କଥା କହନା। ସେ ମୋ ଠାରୁ ତତେ ବେଶୀ ଭଲ ପାଉଥିଲା। ମୁଁ କିଛି କହିଲେ ସେ କହେ, ସେଇଟା ବାପ ଛେଉଣ୍ଡ। ତୁ ତା ବୟସର ହେଲେ ବି ତୁ ତା ମାମୁଁ। ସବୁ ସୁବିଧା ଅସୁବିଧାରେ ତା' ପାଖେ ପାଖେ ଥିବୁ.... ?"

"ହଁ ରେ ସାନମାମୁଁ, ମୁଁ ତତେ ଏମିତି ଚିଡ଼ାଉ ଥିଲି, ସତରେ ସେ ଆଇ ବଡ଼ ଭଲ ମଣିଷ ଥିଲା। ତୋ ମୋ ଭିତରେ କେବେ ପାତର ଅନ୍ତର କରେ ନାହିଁ। ତା' ଛଡ଼ା ସେ ଅପାକୁ ବଡ଼ ଶରଧା କରୁଥିଲା।

ହଁ ରେ ସାନମାମୁଁ ତା' ମୁଁ ଜାଣେ। ଏମିତି ତତେ ଚିଡ଼ାଉଥିଲି। ଛାଡ଼ ସେ କଥା ସାନମାମୁଁ। ତା' ଏକରକମ ଭଲ ହୋଇଛି, ନ ହେଲେ କେତେ କଳିକଜିଆ ହେଉଥାଆନ୍ତା। ମୋ ବୋଉ ଏବେ ତା' ନିଜ ଘରେ ରହୁଛି, ନିଜ ଭାତ ନିଜେ ରାନ୍ଧୁଛି। ନିଜେ ଖାଉଛି।

"ହଁ ତୁ ଯାହା କହିଲୁ ସତ। ଆଜିକାଲି ଯୁଗ ଯାହା ହେଲାଣି ବୋହୂମାନେ ଆସୁ ଆସୁ କହୁଛନ୍ତି ଅଲଗା ହାଣ୍ଡି ଚୂଲି- ଅଲଗା ରାନ୍ଧି ଖାଇବେ। କେହି ଶାଶୁ ଶଶୁରଙ୍କୁ ମୁଠେ ରାନ୍ଧି ଖାଇବାକୁ ଦେବାକୁ ରାଜି ନୁହନ୍ତି।

"ହଁ ରେ ମାମୁଁ ସତ କଥା। ମୋ ମାଇପ ବି କ'ଣ ମୋ ବୋଉକୁ ଏତେ ଭଲ ପାଏ। ସବୁଦିନ ତା ନାଁରେ ହଜାରେ କଥା କହେ ମୋ ଆଗରେ। ତୁ ମୋର ଏତେ ଆପଣାର ବୋଲି ତତେ ଏକଥା କହି ଦେଲି।"

ଆରେ ଛାଡ଼ ସେ ଶାଶୁବୋହୂ କଳି କଥା। ଏଇଟା ସବୁଦିନେ ଥିଲା ଓ ସବୁଦିନେ ଥିବ। ତୁ ଏକଥା ନେଇ ମନ ଦୁଃଖ କରନା। ତୁ ପାଖରେ ରହିଲେ ରଜନୀ ମନ ଖୁସି ରହିବ। ଆଉ ବୋଉ ତୋ ଡରରେ ତାକୁ ବେଶୀ କିଛି କହିବ ନାହିଁ। ତୁ ପାଖରେ ରହିଲେ ସାପ ମରିବନି କି ବାଡ଼ି ଭାଙ୍ଗିବନି।

'ହଉ ଚାଲ, ଏଥର ଘରକୁ ଯିବା।"

ଧନୀ ଓ ଘନ ଉଭୟ ଉଭୟଙ୍କ ଠାରୁ ମେଲାଣି ନେଇ ଯେଝା ଘରକୁ ଗଲେ। ତା' ପର ଦିନଠାରୁ ଧନୀ ଲାଗି ପଡ଼ିଲା ଘନ ପାଇଁ ଚାକିରି ଖୋଜିବାକୁ। ତାଙ୍କ ଗାଁର ଦୁଇଟା ପିଲା ଯାଇ ଭୁବନେଶ୍ୱରରେ ଲୋନ୍‌ରେ ଗାଡ଼ି ଚଲାନ୍ତି। ମାସକୁ ୧୨/୧୪ ହଜାର ପାଆନ୍ତି। ମୋ ଶଳା ଗୋଟେ ବାବୁ ଘରେ ଅଛି, ଗାଡ଼ିଚଲାଏ ଓ ବଜାର ହାଟ ଟିକିଏ କରିଦିଏ। ସେ ତାକୁ ରହିବା ପାଇଁ ଘର ଓ ଖାଇବାକୁ ଦିଅନ୍ତି। ଧନୀ ତା ଶଳାକୁ ବି କହିଛି।

ମୁଁ ତାକୁ କହିବି ତୋ ପାଇଁ ଗୋଟେ ଭଲ ଖୋଜି ଦେବ। ମୁଁ ତାକୁ କହିଲି ମୋ ଭଣଜା ଭାରି ଭଲ ପିଲା। କଲିକତାରେ ଗାଡ଼ି ଚଳେଇ ଥିଲା। ଘରେ ଅସୁବିଧା ହେବାରୁ ଗାଁକୁ ଚାଲି ଆସିଛି।"

ଛଅ ସାତ ମାସ ପରେ ତା ଶଳା ତାକୁ କହିଲା, "ଧନୀ ଭାଇ, ତୁମ ଭଣଜା ପାଇଁ ମୁଁ ଗୋଟାଏ ଭଲ ଘର ଖୋଜି ଦେଇଛି, ଆମ ବାବୁଙ୍କ ଭଉଣୀ ଘର। ତାଙ୍କ ପୂର୍ବ ଡ୍ରାଇଭର ପିଆ ପିଇ କରିବାରୁ ସେ ତାକୁ ଛାଡ଼ିଦେଲେ, ତୁମ ଭଣଜାକୁ କହ ଆଗେ ଆସି କାମ କରିବ। ପସନ୍ଦ ହେଲେ ରହିବ ନ ହେଲେ ଚାଲିଯିବ।"

ଘନ ତା' ପରଦିନ ସାନମାମୁଁକୁ ସାଙ୍ଗରେ ନେଇ ଭୁବନେଶ୍ୱର ଗଲା। ସେଠୁ ସେମାନେ ଧନୀ ଶଳା ସହିତ ନୂଆବାବୁଙ୍କ ଘରକୁ ଗଲା।

ସବୁ କଥାବାର୍ତ୍ତା ମାଆଙ୍କ ସହିତ। ମାଆ କହିଲେ, "ମୋ ଘରେ ରହିଲେ ମଦ କି ପୁଡ଼ିଆ ଖାଇବ ନାହିଁ। ଆମ ଘରେ ଖାଇବ ଓ ଆମ ଆଉଟ୍ ହାଉସରେ ରହିବ। ହଁ ବଜାର କରିବ ଓ ଠାକୁରଙ୍କୁ ପୋଛି ଫୁଲ ଦେବ। ମାସକୁ ତିନିଦିନ ଛୁଟି - ତୁମର ଯଦି କିଛି କହିବାର ଅଛି କହ।

"ହଁ ମ୍ୟାଡାମ୍ ମୁଁ ଆପଣଙ୍କର ସବୁ କଥାରେ ରାଜି। ମୁଁ କଲିକତାରେ ଡ୍ରାଇଭିଂ କରୁଥିଲି, ଘରେ ଅସୁବିଧା ହେବାରୁ ମୁଁ ଗାଁକୁ ଚାଲି ଆସିଛି। ମୁଁ ଗରିବ ଲୋକ, ଘରେ ମାଆ ସ୍ତ୍ରୀ ଓ ଦୁଇଟି ପିଲା। ଆପଣ ଦେଖି ଚାହିଁ ଦରମା ଦେବେ।"

"ତୁମେ କେତେ ଆଶା କରୁଛ ?"

"ମ୍ୟାଡାମ୍ କଲିକତାରେ ସେମାନେ ମୋତେ ପନ୍ଦର ହଜାରେ ଦେଉଥିଲେ। ଥରେ ଖାଇବାକୁ ଦେଉଥିଲେ।"

"ଠିକ୍ ଅଛି, ଆଗେ ଚାରି ପାଞ୍ଚ ଦିନ କାମ କର। ତା' ପରେ ଦେଖି ଚାହିଁ ମୁଁ କେତେ ଦେବି ଠିକ କରି କହିବି।"

"ନମସ୍କାର। ହଉ ମ୍ୟାଡାମ୍ ଏବେ ମୁଁ ଯାଉଛି। କାଲିଠାରୁ ଆସିବି।"

କିନ୍ତୁ ମ୍ୟାଡାମ୍ କହିଲେ, ଆଜି ଆସିଛ ଯେବେ, ଆଜିଠାରୁ କାମ ଆରମ୍ଭ କରିଦିଅ। ଚାବି ଦେଉଛି, ନିଅ ଗାଡିଟା ଆଗେ ଧୋଇ ଦିଅ। ତା' ପରେ ମୋର ଟିକିଏ ହସପିଟାଲ ଓ ବଜାର ଯିବାକୁ ଅଛି। ଏସବୁ କାମ ସାରି ତୁମେ ଗାଁକୁ ଯାଇପାର। ହଁ, ତୁମ ଗାଁ କେଉଁଠି ?"

ମୋ ଘର ଖୋର୍ଦ୍ଧା ପାଖେ ବାଘମରା। ଏଠାରୁ ଅଧଘଣ୍ଟେ ବାଟ ରାସ୍ତା। ମୁଁ ସବୁଦିନ ଯା' ଆସ କରିବି।"

ଏବେ ବଗିଚାର ଲମ୍ବା ପାଇପ୍ ନେଇ ଗାଡିଟା ଧୋଇ ଦିଅ। ଘନ ପାଇପ୍ ନେଇ, ଟିକିଏ ସାମ୍ପୁ ମ୍ୟାଡାମଙ୍କୁ ମାଗି ଗାଡ଼ିକୁ ଭଲ କରି ଧୋଇ ଦେଲା। ଗାଡ଼ି ଏକାକାରେ ଚିକ୍‌ଚାକ, ମ୍ୟାଡାମ୍ ଗାଡି ଦେଖି ବହୁତ ଖୁସି।

ମ୍ୟାଡାମ୍ ଏଠି ଗୋଟିଏ କଲେଜରେ ପଢ଼ାନ୍ତି। ବାବୁ ସେକ୍ରେଟାରିଏଟ୍‌ରେ ଜଣେ ଅଫିସର। ତାଙ୍କ ପାଇଁ ଅଲଗା ଗାଡି ଆସେ। ସେ ଗାଡିରେ ସେ ଅଫିସ ଓ ଅନ୍ୟ ଯୁଆଡେ ଯିବାକୁ ଥାଏ ଯାଆନ୍ତି।

ଘନ ଭୁବନେଶ୍ୱର ବା କଟକର ବାଟ ଭଲ କରି ଜାଣେ ନାହିଁ। ତେଣୁ ମ୍ୟାଡାମ୍‌ଙ୍କୁ ଘନକୁ ବାଟ ବତେଇ ଦେବାକୁ ହୁଏ। ସେ ପ୍ରଥମେ ଏକ ନମ୍ବର ମାର୍କେଟ ଗଲେ। ନିଜର କିଛି ଲୁଗାପଟା, ସାୟା ଇତ୍ୟାଦି

କିଣିଲେ, ତା'ପରେ ସେ ଡାକ୍ତରଖାନା ଗଲେ। ସବୁ ଆଡକୁ ଘନ ନଜର ପକେଇ ଚାଲୁଥାଏ। କଲିକତାରେ ଭୁବନେଶ୍ୱର ଅପେକ୍ଷା ଯଥେଷ୍ଟ ବେଶୀ ଟ୍ରାଫିକ୍ ଜାମ୍, କିନ୍ତୁ ଲୋକେ ଟ୍ରାଫିକ୍ ରୁଲ ମାନି ଗାଡ଼ି ଚଲାନ୍ତି। ଏଠି ସେମିତି ଭିଡ଼ ନ ଥିଲେ ବି ସାଇକେଲ୍ ଚଲାଳି ଓ ସ୍କୁଟର ଚଲାଳି ଏ ପାଖେ ସେପାଖେ ଗଳି ଚାଲି ଯିବାକୁ ନିଜର ବଡ଼ ବାହାଦୂରୀ ଭାବନ୍ତି। ଘନ ସେମାନଙ୍କୁ ଜଗି ରଖି ଚଳାଇଲା। ମ୍ୟାଡାମ୍‌ଙ୍କ ସବୁ କାମ ସରିଗଲା ପରେ ତାଙ୍କୁ ଘରେ ଛାଡ଼ିଲା। ଆଜି ଦିନଟା ପୂରା କାମ କରିଦିଅ। ମୋର ତୁମକୁ ରଖିବାରେ କିଛି ଆପତ୍ତି ନାହିଁ। ଏଣିକି ତୁମର ଇଚ୍ଛା।"

"ମୁଁ ପୂର୍ବ ଡ୍ରାଇଭରକୁ ନଅ ହଜାର, ତୁମେ କେତେ ନେବ?"

ମୁଁ ମୋ ଘରୁ ଯିବା ଆସିବା କରିବି। ସେଥିରେ ତ ଟଙ୍କା ଖର୍ଚ୍ଚ ହେବ। ମୁଁ ସିନା ଏଠି ଥରେ ଖାଇଦେବି, ପୁଣି ଆଉ ଦୁଇଥର ଖାଇବା ଅଛି। ଆଉ ଚା ପାନ ଖର୍ଚ୍ଚ ଅଛି। ସବୁ କଥା ଭାବି ମୁଁ କହୁଛି। ବାର ହଜାରରୁ କମ୍ ହେଲେ ମତେ ଭେଟେଇବନି।"

ହଉ ତୁମେ କାଲିଠାରୁ ଆସ, ମୁଁ ସାର୍‌ଙ୍କ ସହିତ କଥା ହୋଇ ତୁମକୁ କହିବି।

ଘନ ଦିନ ଚାରିଟା ସୁଦ୍ଧା ତାଙ୍କ ଘରୁ ଚାଲିଗଲା। ସାନମାମୁଁ ଏଇଠି ମାର୍କେଟ ବିଲଡିଂ ପାଖେ ଗୋଟିଏ ଚା, ପାନ, ବିସ୍କୁଟ, ଗୁଟକା ଦୋକାନ କରିଛି। ଦୋକାନ ଗାଁରେ କରିବାକୁ ଭାଇମାନେ କହୁଥିଲେ, ସେ କିଛି ଦିନ ପରେ ଦେଖିଲା ଗାଁରେ ବେଶୀ କିଛି କଟତି ହେଉନି। ଗାଁ ମୁଣ୍ଡରେ ଗୋଟିଏ ବଡ଼ ଚା'ଦୋକାନ ଅଛି। ତା' ଗ୍ରାହକମାନେ ସବୁଦିନ ଚା' ବିସ୍କୁଟ ଖାଇଲେ ଉଧାରରେ – କିନ୍ତୁ ପଇଲାରେ ବାକି ଶୁଝିଲାବେଳକୁ ସମସ୍ତେ ଟିକିଏ ହିଁ ହିଁ ନାଇଁ ନାଇଁ। ଘନକୁ ଇୟେ ପୋସେଇଲା ନାହିଁ। ଏବେ ଭୁବନେଶ୍ୱରର ଦୋକାନ ପାଇଁ ସେ ଚାରି ପାଞ୍ଚ ଦିନ ପାଇଁ ଜିନିଷ କିଣେ। ଏଇଠି ତା'ର ବହୁତ ସାଙ୍ଗ ସୁଖ। ପଇସା ନଥିଲେ ସାଙ୍ଗମାନେ ତାକୁ ଉଧାର ଦିଅନ୍ତି। ଏଠି ତାକୁ ଦୋକାନ ଚଳେଇବାରେ ବେଶୀ କଷ୍ଟ ହେଲାନି। ସାନମାମୁଁ ସାଙ୍ଗେ ଯାଇ ବସ୍ତିରେ ସେ ଖଣ୍ଡେ ଘର ଦେଖିଲା।

ଘନକୁ ସାନମାମୁଁ ପଚାରିଲା, "କ'ଣ ଘନ ତୋର ପସନ୍ଦ ହେଲା?"

"ହଁ ମାମୁଁ, ନାହିଁ ମାମୁଁଠାରୁ କଣା ମାମୁଁ ଭଲ। ଏଇଲେ ଭଲମନ୍ଦ ବାଛିବାକୁ ବେଳ ଅଛି?"

"ଠିକ୍ କଥାଟିଏ କହିଲୁରେ ଘନ।" ସାନମାମୁଁ ଘନକୁ ନେଇ ଗୋଟିଏ ଛୋଟ ହୋଟେଲକୁ ଗଲା, "କହିଲା ଚାଲ ଖାଇଦେବା। ମୁଁ ଅଧିକାଂଶ ଦିନ ପାଞ୍ଚ ଟଙ୍କିଆ ମିଲ୍ ଖାଇଦିଏ। କିନ୍ତୁ ଆଜି ତୁ ଅଛୁ, ଭଲ କରି ଖାଇବା।"

ନାଇଁ, ମାମୁଁ ମୋର ସେଇ ପାଞ୍ଚ ଟଙ୍କିଆ ମିଲ୍ ଚଳିବ। ଚାଲ ସେଇଠି ଖାଇଦେବା। କିନ୍ତୁ ସାନମାମୁଁର ଘନ କଥାରେ ମନ ମାନିଲା ନାହିଁ। ସେ ଭାବିଲା ବୋଉ ତାକୁ ସବୁବେଳେ କହୁଥିଲା "ଧନୀରେ ଘନ ତୋର ସାନଭାଇ ପରି। ତାକୁ ତା'ର ସୁବିଧା ଅସୁବିଧାରେ ଦେଖୁଥିବୁ।"

ଧନୀ ଭାବିଲା, "ଘନ ତ କେତେବେଳୁ ଘରୁ ବାହାରି ଥିବ। ଚୁଡ଼ା କି ପଖାଳ ଗଣ୍ଡେ ଖାଇ ଆସିଥିବ। ଘରକୁ ଯାଇ କ'ଣ ଖାଇବ କିଏ ଜାଣେ? ତା' ଦେଇଟା ବଡ଼ ଅଳସେଇଟା। ତା' ସ୍ତ୍ରୀ ତାକୁ ଦି'ଦିଟା ପିଲାଙ୍କ କଥା ବୁଝି କ'ଣ ରାନ୍ଧିବାଢ଼ି ରଖିଥିବ? ଚାଲ ଘନ, ଆଜି ଅସଲି ଢାବାରୁ ଚିକେନ, ତଡ଼କା, ରୁଟି....।

ଘନ ହସି ହସି କହିଲା, "ନାଇଁ ସାନମାମୁଁ ନାଇଁ, ମିଛଟାରେ କାହିଁକି ଗୁଡ଼େ ଟଙ୍କା ଖର୍ଚ୍ଚ କରିବ। ପେଟ ପୂରିଲେ ଗଲା। ପାଟି ସିନା ସୁଆଦ ଅସୁଆଦ ବୁଝେ। ପେଟ କ'ଣ ସେସବୁ ବୁଝୁଛି ସୁଆଦ ଅସୁଆଦ କଥା! ତୁମର କାମ ସରିଲେ ଗାଁକୁ ଯିବା ଏକାଠି।

ଧନୀ ପାଞ୍ଚ ଟଙ୍କିଆ ମିଲ୍ ଖାଇବାକୁ ରାଜି ନ ଥିଲା। ଘନ ବାଧ୍ୟ କଲାରୁ ତାକୁ ଖାଇଲେ। ପାଞ୍ଚଟା ବେଳକୁ ଧନୀ ଦୋକାନରେ ତାଲା ପକେଇ ଭଣଜାକୁ ତା ବାଇକ୍‌ରେ ପଛରେ ବସାଇ ଗାଁକୁ ଫେରି ଆସିଲେ।

ଘରେ ଗୋଡ ଦେଉ ଦେଉ ପଚାରିଲା, "ଏତେ ଶୀଘ୍ର ଚାଲି ଆସିଲ, କ'ଣ କିଛି ଚାକିରି ବାକିରି ମିଳିଲା?"

"ହଁ, ଜଣେ ବାବୁଘରେ ଡ୍ରାଇଭର ଚାକିରି ମିଳିଲା। ସକାଳ ଆଠଟାରୁ ସନ୍ଧ୍ୟା ଆଠଟା ଯାଏଁ। ପୁଣି ଯଦି କେବେ ଦରକାର ପଡେ ତେବେ ସେଇ ରାତିକ ରହିବାକୁ ହେବ।

"କେତେ ଟଙ୍କା ଦେବେ?"

ଆଠହଜାରେ ଖିଆପିଆ ମୋ ଖର୍ଚ୍ଚରେ।

ରଜନୀ ଟିକିଏ ଗୁମ୍ ମାରି କହିଲା, "ତୁମେ ରାଜି ହୋଇଗଲ? ଏତେ କମ୍ ଟଙ୍କାରେ?" ଆଉ କ'ଣ କରିବି? ଘରେ ପାଖେ ରହିବି, ମାଆ ମାଇପ ପିଲାଙ୍କୁ ଦେଖିବି। ଆଉ ବେଶୀ ଟଙ୍କା ମାଗିଲେ କିଏ ଚାକିରି ଦେବେ ନାହିଁ?" ଉତ୍ତର ଦେଲା ଘନ।

ଘନ ବୋଉ ଅଗଣାରେ ବସିଥିଲା। ଘନ କଥା ଶୁଣି ପିଣ୍ଡା ଉପରକୁ ଚାଲି ଆସିଲା, କହିଲା, "ଯାହା ଟଙ୍କା ଦେଉଛନ୍ତି ଦିଅନ୍ତୁ। କିନ୍ତୁ ପାଖରେ ଥିଲେ କେତେ ଦମ୍ଭ ମୋର।"

"ହଁ ଲୋ ବୋଉ ସେଇ କଥା।! ତୁ ବୁଢ଼ୀ ହେଲୁଣି। ରଜନୀ ଦୁଇଦୁଇଟା ପିଲାଙ୍କ ଜଞ୍ଜାଳ କରି ଘର ଚଳେଇବାକୁ ତାକୁ କଷ୍ଟ ହେଉଛି। ମୁଁ ପାଖରେ ଥିଲେ ବେଳେ ଅଧେ ସାହାଯ୍ୟ କରିପାରିବି।" ବୋହୂଘରୁ ତ କିଛି ସାହାଯ୍ୟ ନାହିଁ। ବାପ ଭାଇ ଭାବିଲେ ଝିଅ ବାହା କରି ଦେଲେ "ଦେଲା ନାରୀ ହେଲା ପାରି; ରଜନୀ ଶାଶୁ ରଜନୀକୁ ଶୁଣେଇ ଶୁଣେଇ କହିଲା।

ଘନ ଟିକିଏ ଚୁପ୍ ରହି ପୁଣି କହିଲା, "ନାଇଁ ବୋଉ ସେମିତି କହନା। ଆର ସନ ପ୍ରାୟେ ବର୍ଷକ ଯାକ ସେ ତା ବାପ ଘରେ ଥିଲା। ଆଉ କେତେ ଦିନ ରଖନ୍ତେ? ପୁଣି ମୋର ତ ଗୋଟାଏ ମାନ ମହତ ଅଛି, ସମସ୍ତେ କହିବେ, "ଯଦି ମାଇପକୁ ଚଳେଇ ପାରୁନି, ତେବେ ଭିବା ହେଉଥିଲା କିଆଁ? ତୁ ଆଉ ରଜନୀକୁ ବାପଘର ଯିବା କଥା କହିବୁ ନାହିଁ।"

କିଆଁ କହିବି ନାହିଁ। ମୋ ବାପ ଭାଇ ମତେ ନେଇ ଆସିଲେ ତୋ ବାପ ମରିବା ପରେ ପରେ। ଗତ ୨୫/୨୬ ବର୍ଷ ହେଲା ମୁଁ ଏଇଠି ଅଛି। ବାପ ଭାଇମାନେ, ମୋ ମୁଣ୍ଡରେ ଦି' ମାଣେ ଜମି ଓ ଘର ଡିହ କରି ଦେଇଛନ୍ତି। ଆଜି ନ ହେଲେ କାଲି ଆମେ ସେଇଠି ଘର କରି ରହିପାରିବା।

ରଜନୀ ପୁଅକୁ କ୍ଷୀର ଦେଉଥିଲା। ସେ ପୁଅକୁ ଶୁଆଇ ଦେଇ ଆସି କହିଲା, "ବୋଉ ଅସଲ କଥାଟି କହୁନ କାହିଁକି? ବାପା ଚାଲିଯିବା ପରେ ତୁମ ତାଙ୍କ ମାଆ ଭଉଣୀ ଓ ଯାଆମାନଙ୍କ ସଙ୍ଗେ ଚଳିପାରିଲ ନାହିଁ। ଅଜା ବାଧ୍ୟ ହୋଇ ତୁମକୁ ନେଇ ଆସିଲେ। ଯାହା ତ କଲ କଲ ଏବେ ଯାଇ ବାପାଙ୍କ ଭାଗ ମାଗୁନ? ସେଇଟା ତାଙ୍କ ପୁଅର ଖାସ ଅଧିକାର। ମୁଁ ଶୁଣିଛି ତାଙ୍କ ଘରେ କୁଆଡେ ଭଲ ଜମି-ବାଡ଼ି ଅଛି। ଏବେ ତୁମ ପୁଅଯାଇ କିଆଁ ଯା-ତା ଘରେ ମୂଲ ଲାଗନ୍ତା। ନିଜ ବାପର ଜମି ଚାଷ କରି ଖାଉଥାଆନ୍ତେ।"

"ତୋ ସାହସ ତ ବହୁତ ହୋଇଗଲାଣି ଲୋ କ'ଣ ବୋଲି ଭାବୁଛୁ ମତେ? ଏ ଘର ମୋର ସାବଧାନ, ମୋ କଥା ଉପରେ କଥା କହିଲେ ମୋ ଘରୁ ବାହାରି ଯାଆ।"

ଏଥର ରଜନୀର ଶାଶୁକୁ ଆଉ କିଛି କହିବାର ମୁହଁ ନାହିଁ। ସତରେ ଘର ତ ତାଙ୍କ ନାଁରେ। ସେ ତାକୁ ଘରୁ ତଡ଼ି ଦେଲେ ସେ ଯିବ କୁଆଡେ? ସେ ଦିନଟି ଚୁପଚାପ୍ ହୋଇ କଟାଇଲା। ରାତି ହେଲାରୁ ରାନ୍ଧି ବର, ଶାଶୁଙ୍କୁ ଖାଇବାକୁ ଦେଇ, ନିଜେ ଚୁପଚାପ୍ ହୋଇ ଶୋଇବାକୁ ଗଲା। ଘନ ଜାଣି ପାରିଲା ରଜନୀ ଖାଇନାହିଁ ବୋଲି। ସେ ପଚାରିଲା, "କିଲୋ ରଜନୀ, ଖାଇଲୁ ନାହିଁ କାହିଁକି?"

ଏଥର ରଜନୀ କହିଲା, "ତୁମେ ଯଦି ମତେ ନେଇ ଅଲଗା କେଉଁଠି ନ ରଖିଛ ମୁଁ ଜୀବନ ହାରି ଦେବି। ବୋଉ ମତେ ଘରୁ ତଡ଼ି ଦେବାକୁ ଧମକ ଦେଉଛନ୍ତି। ମୁଁ ଆଉ ତାଙ୍କ ପାଖେ ରହିପାରିବି ନାହିଁ।"

ଘନ କହିଲା, "ମୋ ସୁନାଟା ପରା, ଏମିତି

ଅବୁଝା ହୁଅ ନାହିଁ। ଯାଇ ଭାତ ଖାଇଦେ ଆସେ। ମୁଁ ଯଦି ଏଇଲେ ତତେ ନେଇ ଅଲଗା ରହେ ତେବେ ସମସ୍ତେ କହିବେ କ'ଣ? ବୋଉ ବୁଢ଼ୀ ହେଲାଣି କ'ଣ କହୁଛି ତା'ର ଠିକଣା ନାହିଁ। କହିବେ, "ଘନଟା ମାଇପିବୋଲିଆ। ସେଇଟା ବଡ଼ ନା ବୋଉ ମତେ ସବୁଦିନେ ଘରୁ କାଢ଼ିଦେବା ବଡ଼? ମୁଁ ବୁଢ଼ୀର ଏତେ ଗଞ୍ଜଣା ଆଉ ସହିପାରିବି ନାହିଁ।

ଘନ କହିଲା, "ମୋ ସୁନାଟା ପରା, ଚାଲ ଭାତେ ଗଣ୍ଡେ ଖାଇଦେଇ ଆସେ।"

ତଥାପି ରଜନୀ ଉଠୁ ନଥାଏ। ଶେଷକୁ ଘନ ତା' ହାତ ଧରି ହାଣ୍ଡିଶାଳକୁ ନେଲା। ବହୁତ ବୁଝେଇ ରାଣ ନିୟମ ପକାଇ ଭାତ ଦି'ଗୁଣ୍ଡା ଖୁଆଇ ଦେଲା। ତାକୁ ସାକୁଲେଇ ଅନେକ କଥା କହିଲା, ଏଥର ରଜନୀ ରାଗ ଟିକିଏ କମିଲା।

ଚାରି ପାଞ୍ଚ ଦିନ ଭଲରେ ଗଲା। ଘନ ବୋଉ ତ ପ୍ରକୃତି ସୁବବେଳେ ବୋହୂକୁ କିଛି କହିବା। ସେ କେତେ ଦିନ ପାଟିରେ କୋଳପ ପକେଇ ରଖିବ? ଦିନେ ଶୁଖୁଆବାଲୀ ଆସିଥିଲା। ରଜନୀ ଚାଉଳ ଦି'ମାଣେ ଦେଇ ଇଲିସି ଶୁଖାଟେ ରଖିଥିଲା। କେତେବେଳେ ଶାଶୁ ପୋଖରୀ ପାଣି ଯାଇଥିଲା। ଆସି ଦେଖେ ତ ହାଣ୍ଡିଶାଳେ ଇଲିସି ଶୁଖୁଆଟେ ଥୁଆ ହୋଇଛି। ବୁଢ଼ୀର ରାଗ ପଞ୍ଚମରେ। ସେ ରାଗ ତମତମ ହୋଇ ପଚାରିଲା, "ଏ ଶୁଖୁଆ କିଏ ଆଣିଲା।"

"ମୁଁ କିଣିଛି, "ରଜନୀ ଉତ୍ତର ଦେଲା।"

"ତୁ କେଉଁଠୁ ଟଙ୍କା ଆଣିଲୁ ଶୁଖୁଆ କିଣିବାକୁ?।"

"ମୁଁ ଚାଉଳ ଦେଇ ଶୁଖୁଆ କିଣିଛି। ପାଟିରେ ଆଇଁଶ ଟିକିଏ ନ ଲାଗି ପାଟି ବଡ଼ ଅସୁଆଦିଆ ଲାଗୁଥିଲା।"

"ତୁ ଏମିତି ମାଛ ଶୁଖୁଆ ଖାଉଥିଲୁ ବାପ ଘରେ? ଏବେ ପରା ଚାରିଦିନ ତଳେ ଘନ ଆଣିଥିଲା ଅଧକିଲେ କୋକୋଲି ମାଛ! ଏମିତି ଖାଇଲେ ତ ନଈ ବାଲି ସରିବ। ଯାଆ-ଯା' ତୋ ବାପ ଘରକୁ ଯାଆ, ସେଇଠି ତଅପୋଇ ହୋଇ ସବୁଦିନ ମାଛଶୁଖୁଆ ଖାଉଥିବୁ....?

"ବୋଉ, ମୁଁ କହି ଦେଉଛି, ଏମିତି ମୋ ବାପଘର ଖୁଟିଣୀ ଦେଲେ ମୁଁ ଦଉଡ଼ି ଲଗେଇ ଦେବି। ମାଆ ପୁଅ ଦିହେଁ ବନ୍ଧା ହୋଇ ଜେଲ୍ ଯାଇ ଚକି ପେଷୁଥିବ। ମୁହଁ ସମ୍ଭାଳି କଥା କହ।"

"ଆଜି ଘନ ଆସୁ, ଏ କଥାର ଗୋଟେ ଫଇସଲା ହେବ। ତୁ ମତେ ତୋ ମନ ଯାହା ତାହା କହୁଥିବୁ? ଆଉ ମୁଁ ମୁଣ୍ଡପୋତି ସହି ଯାଉଥିବି। ତୋ ବୋପାକୁ ଡକେଇ ପକେଇ ସବୁ ଗୁଣ ବଖାଣିବି। ପଚାରିବି, ଝିଅକୁ ଏଇ ଶିକ୍ଷା ଦେଇଛ?"

ସେଦିନ ସନ୍ଧ୍ୟାରେ ଘନ ଘରକୁ ଫେରିବା ଯାଏଁ ଚୂଲି ଲାଗି ନଥାଏ। ରଜନୀ ଚୁଡ଼ା ଗଣ୍ଡେ ଧୋଇ ସେଥିରେ ଚିନି ଟିକିଏ ପକାଇ ପିଲା ଦୁହିଁଙ୍କୁ ଖୁଆଇ ଦେଇଛି। ଶାଶୁ ବୋହୂ ଦୁହେଁ ଉପାସ।

ଘନ ଘରେ ପାଦ ଦେଉ ଦେଉ ଶୁଙ୍ଘି ପାରିଲା ଆଜି ତା ଘରେ ନିଶ୍ଚେ ଲଙ୍କା ପୋଡ଼ି ହୋଇଛି। ମନେମନେ ମାଇପ ଉପରେ ଆଉ ବୋଉ ଉପରେ ବଡ଼ ବିରକ୍ତ ହେଲା। ଏସବୁ ସମାଧାନ ପାଇଁ ଏବେ ଉପାୟ କ'ଣ?

ବୋଉକୁ ପଚାରିଲାରୁ ବୋଉ କହିଲା, "କି ମାଇପ ଆଣିଛୁ ଯେ ତା'ର ଟଙ୍କା ପଇସାକୁ ଟିକିଏ ବି ନିଘା ନାହିଁ। ଖାଲି ଭଲ ଖାଇବ....?"

ରଜନୀକୁ ପଚାରିଲାରୁ ତା'ର ସେଇ ଉତ୍ତର, " ଏ ଘରେ ଯଦି ମୋର କିଛି କରିବାର ଅଧିକାର ନାହିଁ ତେବେ ମୁଁ ଏଇଠି ରହିବି ନାହିଁ। ତୁମେ ଯଦି ମତେ ଆଉ କେଉଁଠି ରଖିଛ ରଖ, ନ ହେଲେ ମୁଁ ଜୀବନ ହାରି ଦେବି। ମତେ ବିଭା ହୋଇ ଆଣିଥିଲ କ'ଣ ଏଇଥି ପାଇଁ?"

ଘନ ଆଜି ଆଉ ବୋଉ ରଜନୀକୁ ବୁଝାଇଲା ନାହିଁ। ନିଜେ ଯାଇ ଚୂଲି ଲଗେଇ ରାନ୍ଧିଲା। ଶୁଖୁଆ ଭାଜିଲା, ପିଲାଙ୍କୁ ଖୁଆଇଲା ଓ ନିଜେ ଖାଇଲା। ହାଣ୍ଡିଶାଳରେ ଶିକୁଳୀ ଦେଇ ବୋଉ ରଜନୀଙ୍କୁ ଶୁଣେଇ ଶୁଣେଇ କହିଲା," ହାଣ୍ଡିଶାଳରେ ଭାତ, ଡାଲି ଶୁଖୁଆ ଭଜା ଅଛି। ଯାହାର ଖାଇବାରେ ମନ ସେ ଯାଇ ଖାଇ ଦେଇ ଆସ।"

ରଜନୀ ଖାଲି ପେଟରେ ଶୁଖୁଆ ଭଜା ବାସ୍ନା ଶୁଙ୍ଘି ଶୁଙ୍ଘି ତା' ପେଟ ଖାଲି ଚକଟି ହୋଇ ଯାଉଥାଏ। କିନ୍ତୁ କେମିତି ଯିବ, ଶାଶୁ ବୁଢ଼ୀ ତ ରାଗିଛି, ନିଶ୍ଚୟ ହାଣ୍ଡିଶାଳକୁ ଜଗି ବସିଥିବ।

ଇୟାଡେ ବୁଢ଼ୀ ଭାବୁଥାଏ, "ଯେତେହେଲେ ଏ ଘର ମୋର, ଚାଉଳ ମୋର, ତେଣୁ ଶୁଖୁଆ ମୋର। ଚୋରକୁ ମାନ କରି ଖପରାରେ ଖାଇବା କଥା। ମୁଁ କାହିଁକି ଉପସାରେ ବସିଥିବି? ସେ ଧୀରେଧୀରେ ଯାଇ ଭାତ, ଡାଲି, ଶୁଖୁଆ ଭଜା ବାଢ଼ି ଖାଇଲା। ଥାଳି ଗିନା ଆଣି କୂଅ ପାଖେ ଥୋଇବା ବେଳେ ହାତରୁ ଥାଳିଟା ପଡ଼ିଗଲାରୁ ଝଣ କରି ଶବ୍ଦ ହେଲା। ରଜନୀ ତ ଚେଇଁ ଶୋଇଥିଲା। ସେ ଦୌଡି ଆସିଲା ଅଗଣାର କୂଅ ପାଖକୁ। ଦେଖିଲା ବେଳକୁ ଶାଶୁ। ରଜନୀ ଆଉ କିଛି ନ ପଚାରି ହାଣ୍ଡିଶାଳକୁ ଯାଇ ପେଟ ପୂରେଇ ଭାତ, ଡାଲି, ଶୁଖୁଆ ଭଜା ଖାଇଲା। ଅଇଁଠା ଗୋଟାଇ ଗୋଟେ କୋଣକୁ ରଖି ଦେଇ ନିଜେ ଯାଇ ପିଲାଙ୍କ ପାଖେ ଶୋଇ ପଡ଼ିଲା।

ସକାଳ ପାହିଲାରୁ ରଜନୀ ଉଠି ବର ପାଇଁ ପଖାଳ, ଆଳୁଭଜା କରି ତାକୁ ଖାଇବାକୁ ଦେଲା, ଘନ ବୁଝି ପାରିଲା ମାଇପର ରୁଷା ଥଣ୍ଡା ହୋଇଯାଇଛି। ବୋଉ ବି କହିଲା, "ଘନରେ ଶୀତ ଦିନ, ଡେରି କରିବୁ ନାହିଁ, ଝଅଟ ପଳେଇ ଆସିବୁ।"

ଘନ ମନଟା ସେଦିନ ବଡ ଭାରାକ୍ରାନ୍ତ ଥାଏ। ମାଆ, ମାଇପଙ୍କ କଳି କାହା ଆଗେ କହିବ? ଲୋକେ ଶୁଣିଲେ କ'ଣ କହିବେ? ଏମିତି ଚିନ୍ତାରେ ପଡ଼ି ସେ ବାବୁ ଘର ଗାଡ଼ି ଚଲାଇ ସାରି ସେଇଠି ବସିଥାଏ। କୁଆଡେ ଥିଲା ସାନ ମାମୁଁ ପଛପଟୁ ଆସି ତା' ପିଠିରେ ଚାପୁଡାଏ ପକାଇ ପଚାରିଲା, "ଆରେ କ'ଣ ହୋଇଛି କିରେ ଘନ ତୋର? ମନ କିଆଁ ଉଣା କରିଛୁ? ପୁଣି ଶାଶୂବୋହୂ ଲାଗି ଗଲେ କିରେ?"

ଘନ ଦୀର୍ଘଶ୍ୱାସ ଛାଡ଼ି କହିଲା, "ଆଚ୍ଛା ଭଲ ହେବ ବୋଲି ଗାଁକୁ ଆସିଲି, କିନ୍ତୁ ଫଳ ହେଲା ବିପରୀତ। ସବୁଦିନେ ଶାଶୂବୋହୂଙ୍କର କଳି - ମୁଁ କଅଣ କରିବି ବୁଝି ପାରୁନି। ସବୁଦିନ ଏ କଳି ଦେଖି ଦେଖି ମୁଁ ଦିକ୍‌ଦାର ହୋଇଗଲିଣି।"

ସାନ ମାମୁଁ ଟିକିଏ ହସି କହିଲା, ଗୋଟାଏ ଉପାୟ ଅଛି। ଶାଶୂବୋହୂଙ୍କୁ ଅଲଗା ଅଲଗା କରିଦେ। ସାପ ମାରିବନି କି ବାଡ଼ି ଭାଙ୍ଗିବନି।"

'କେମିତି ସମ୍ଭବ ମାମୁଁ'?

'ତୁ ତୋ ମାଇପକୁ ନେଇ ଏଇଠି ଭୁବନେଶ୍ୱରରେ ରହ, ଦେଇ ଘରେ ଗାଁରେ ଥାଉ।'

'ଏମିତି କଲେ ଲୋକେ କ'ଣ କହିବେ?' ଚିନ୍ତିତ ହୋଇ ଘନ କହିଲା।

'ଆରେ ଲୋକଙ୍କ କଥାରୁ ତତେ କ'ଣ ମିଳିବ? ତୋ ଘରେ ଶାନ୍ତି କଥା ଆଗେ ଭାବେ। ତା' ଛଡ଼ା ଦେଇ ଏମିତି ବୁଢ଼ି ହୋଇ ଯାଇନି ଏକା ଦିଟା ଫୁଟାଇ ଖାଇ ପାରିବନି। ସେ ଯଦି ଏଥିରେ ରାଜି ହୁଏ ତାହାଲେ ସେ ମୋ ଘରେ ଖାଇବ ସବୁଦିନେ।'

'ଆଉ ମୋ ପୁଅଟାର ଗାଲରେ ହାତ ଦେଇ ଘନ ମାମୁଁ ମୁହଁକୁ ଚାହିଁ କହିଲା।

'ତୋ ମନ ଯାହା, କେଉଁ ଏମ୍.ଏ. ପରୀକ୍ଷା ଦେଉଛି ଯେ ତା' ପାଇଁ ଏତେ ଚିନ୍ତା? ସେ ଗାଁରେ ଦେଇ ପାଖେ ରହିବ। ତୁ ଏଇଠି ରହ, ମୁଁ ତୋ ପାଇଁ ଘର ଖୋଜି ଦେବି। ତୁ ଆଗେ ଯାଇ ତୋ ବୋଉ ଓ ମାଇପକୁ ଏକଥା ବୁଝାଇ କହ।'

ସେଦିନ ଘନ ଘରକୁ ଫେରି ଦେଖିଲା ବୋଉ ତା' ଝିଅକୁ ଧରି ଖେଳଉଛି। ପୁଅ ମାମୁଁମାନଙ୍କ ପିଲାଙ୍କ ସାଙ୍ଗେ ରୁମାଲ ଚୋରୀ ଖେଳୁଛି ଦାଣ୍ଡରେ। ଘରର ବାତାବରଣ ଭଲ ଥିଲା ଦେଖି ସେ ଟିକିଏ ନିଶ୍ଚିନ୍ତ ହେଲା। ଭାବିଲା ଏଇଲେ କାହାକୁ କିଛି କହିବି ନାହିଁ। ରାତିରେ ଖାଇଲା ବେଳେ ବୋଉକୁ କହିବି, ରାତିରେ ଶୋଇଲା ବେଳେ ରଜନୀକୁ କହିବି।

ଆଜି ଗୁରୁବାର, ଆଇଁଶ ହେବନି ବୋଲି ଆଳୁ,

ବାଇଗଣ, ଛୁଇଁ ପକେଇ ଶୋରିଷ ବଟା ଦେଇ ତରକାରୀ କରିଛି ରଜନୀ। ଘନ ବୋଉ ଗୁରୁବାର ରାତିରେ ଭାତ ଖାଏନି, ତା' ପାଇଁ ରଜନୀ ଚୁଡ଼ା ଭାଜି ଦେଇଛି ଅଦା, କଞ୍ଚାଲଙ୍କା ଆଉ ଭୃସୁଙ୍ଗା ପତ୍ର ଦେଇ ପୁଣି ରାତି ପାହିଲେ ସେୟା ବୁଢ଼ୀକୁ ଦେଇ ଚଳେଇ ଦେବ ଭାବିଲା ରଜନୀ।

ଘନ ଘରକୁ ଆସିଲା ପରେ ଗୋଡ଼ହାତ ଧୋଇ ଭାତ ତିଅଣ ଖାଇ ବସିଲା ବେଳକୁ ପିଲାଙ୍କୁ ବି ତା ଥାଳି ପାଖେ ବସେଇ ଖୁଆଇ ଦେଲା। ଝିଅ ଲିଲିକୁ ତରକାରୀ ରାଗ ହେଲା। ସ୍ତ୍ରୀ ଉପରେ ରାଗି ଘନ କହିଲା, "ତୁଣଟା ଏତେ ରାଗ କରିଛୁ କାହିଁକି? ପିଲାଟା ଖାଇ ପାରୁନି। ଚିନି ଟିକିଏ ଦେ, ମୁଁ ଚିନି ଲଗେଇ ତାକୁ ଭାତ ଦି' ଗୁଣ୍ଡା ଖୁଆଇ ଦିଏ।"

"ଲିଲି ତ ଟିକିଏ ରାଗ ତରକାରୀ ଖାଇପାରେ। ଆଜି କାହିଁକି ଏମିତି ହେଉଛି କେଜାଣି। ବାପକୁ ଦେଖି ଫୁଲେଇ ହେଉଛି," ରଜନୀ କହିଲା।

"ତୁ ବି ତୋ ବାପକୁ ଦେଖିଲେ ଫୁଲେଇ ହେଉନୁ କି? ଝିଅମାନେ ବାପକୁ ଦେଖିଲେ ଟିକିଏ ଗେହ୍ଲା ହେବାକୁ ମନ କରନ୍ତି। ମୋ ଝିଅଟା ଭାରି ସୁନ୍ଦର, ରାଜକୁମାର ପରି ବରଟେ ବାହା କରିବି ତାକୁ।"

ମୁହଁ ମୋଡ଼ି ଦେଇ ରଜନୀ ଗଲା ନିଜ ପାଇଁ ଭାତ ତୁଅଣ ଆଣିବାକୁ। ସେ ଘନ ଥାଳିରେ ଖାଇ ଦେବ। ଅଯଥାରେ ଏତେ ଥାଳି ଗିନା କିଆଁ ଅଇଁଠା କରିବ? ପିଲାଙ୍କୁ ନେଇ ଘନ ଶୋଇବାକୁ ଗଲା। ରଜନୀ ନିଜେ ଖାଇ ବାସନକୁସନ ଧୋଇ ଚୂଲି ଲିପି ଶୋଇବାକୁ ଗଲା। ଶୀତ ଦିନ, ରଜନୀର ମନ ନଥାଏ ବାସନ ଧୋଇବାକୁ। ବାସନ ନ ଧୋଇଲେ ଶାଶୂ ତାକୁ ଗୋଟା ଚୋବାଇ ଦେବ, କହିବ, ଗୁରୁବାରରେ କିଏ ଅଇଁଠା ବାସନ ରଖେ?

ସେ ଦିନ ରାତିରେ ପିଲାମାନେ ଶୋଇ ପଡ଼ିବା ପରେ ଘନ ତା' ପ୍ରଶସ୍ତ ଛାତିରେ ରଜନୀକୁ ଜାକି ଧରି କହିଲା, "ରଜନୀ ଲୋ, ତୁ ତ ବୋଉ ସାଙ୍ଗେ ରହିବାକୁ ଚାହୁଁନଥିଲୁ। ମୁଁ ଭାବିଛି ମୁଁ ତତେ ନେଇ ଭୁବନେଶ୍ୱରରେ ରହିବି। ବୋଉକୁ ଏଠି ଏକା ଲାଗିବ। ତେଣୁ ବାବୁଲାକୁ ଏଠି ତା ପାଖେ ଛାଡ଼ି ଦେବା, ତୁ, ମୁଁ ଓ ଲିଲି ଭୁବନେଶ୍ୱରରେ ରହିବା। କ'ଣ ତୋ ମନ ଖୁସି ଏଥିରେ?"

"ନାଇଁ, ଲୋକେ କ'ଣ କହିବେ?" ବୁଢ଼ୀଟାକୁ ଗାଁରେ ଛାଡ଼ି ଦେଇ ଘନ ମାଇପକୁ ନେଇ ପଳାଇଲା। ରଜନୀ ଟିକିଏ ରହିଯାଇ କହିଲା–

"ଆଲୋ ମୋ ବୋଉ ଏତେ ବୁଢ଼ୀ ହୋଇନି। ତା' ବୟସର ସ୍ତ୍ରୀ ଲୋକମାନେ କଲିକତାରେ ସଜାବାଜ ହୋଇ କାର୍ ନେଇ କ୍ଲବ ଯାଆନ୍ତି। ଆଉ ଏକା କ'ଣ? ବାବୁଲା ତା' ପାଖେ ରହିବ।

"ନାହିଁ, ମୋ ମନ ମାନୁନି? ଏଠି ସେମାନେ ଖାଇବେ କେମିତି?" ବୋଉ ରାନ୍ଧିବ, ଯଦି ରାନ୍ଧି ନପାରିବ ତେବେ ସେମାନେ ସାନ ମାମୁଁ ଘରେ ଖାଇବେ, ଏକଥା ମୋତେ ସାନ ମାମୁଁ କହିଛି।"

ଶେଷରେ ସେୟା ହେଲା।

ସାନମାମୁଁ ଭଣଜା ଘନ ପାଇଁ ଶାନ୍ତି ବସ୍ତିରେ ଘର ଖଣ୍ଡିଏ ବୁଝି ଦେଇଛି। ଗୋଟିଏ ବଖରା ଆଜବେଷ୍ଟସ ଘର ଆଗକୁ ଅଣଓସାରିଆ ପିଣ୍ଡା ଖଣ୍ଡେ, ଯେଉଁଥିରେ ଷ୍ଟୋଭରେ ରାନ୍ଧି ହେବ। ଘର ଭଡା ଅଢ଼େଇ ହଜାର ଟଙ୍କା। ବାହାରେ ପାଇଖାନା ଓ କଳ। ଆଠଜଣଙ୍କ ପାଇଁ ଗୋଟାଏ କଳ ଓ ଗୋଟିଏ ପାଇଖାନା।

ଘନ କହିଲା, "ସାନ ମାମୁଁ ଅଢ଼େଇ ହଜାର ଟଙ୍କା ଟିକିଏ ବେଶୀ ହୋଇ ଯାଉଛି। ଆମେ ତିନି ପ୍ରାଣୀ ଏଇଠି ଚଳିବୁ ଓ ବୋଉ ଓ ବାବୁଲା ପାଇଁ କିଛି ଟଙ୍କା ଦେବାକୁ ହେବ।"

"ହଁ ସବୁ ହେବ। ତୁ ଏଇଠି ଚାଉଳ କିଣିବୁ ନାହିଁ, ଗାଁରେ ଯେଉଁ ଚାଉଳ ରାସନ ମିଳୁଛି ବୋଉକୁ କହିବି ତାକୁ ବିକି ତତେ ସେଇ ଟଙ୍କା ଦେଇଦେବ। ମାଆ, ମାଇପଙ୍କ କଳିରୁ ରକ୍ଷା ପାଇବାକୁ ହେଲେ କିଛି ତ କଷ୍ଟ କରିବାକୁ ହେବ।"

ଘନ କାନ କୁଣ୍ଡେଇ ମୁଣ୍ଡ ଟୁଙ୍ଗାରିଲା।

ଏଇ ବଖୁରିକା ଘରେ ରଜନୀ ତା'ର ସଂସାର ମେଲି ଦେଲା। ସକାଳୁ ଉଠି ଆଗେ ଗାଧେଇ ପଡେ, ଦି ବାଲ୍‌ଟି ପାଣି ରଖି ଦିଏ ରାନ୍ଧିବା ପାଇଁ। ଗୋଟିଏ ଡେକ୍‌ଚି ଓ ଗୋଟିଏ କରେଇ ଛଡ଼ା ଆଉ ବେଶୀ କିଛି ବାସନ କରେ ନାହିଁ। ଘନ ଓ ଝିଅ ଗୋଟିଏ ଥାଳିରେ ଖାଇଦିଅନ୍ତି। ସେଇ ଥାଳିରେ ରଜନୀ ଖାଇ ଦିଏ। ସକାଳେ ସମସ୍ତେ ଚୁଡ଼ା ଖାଇ ଦିଅନ୍ତି। ଗୋଟେ ବେଳକୁ ଘନ ତା' ଡ୍ୟୁଟିରୁ ଫେରିଲେ ଖିଆପିଆ ହୁଏ। ସେଇ ସକାଳ ଭାତରୁ କିଛି ରଖି ଦେଇଥାଏ, ରାତିକୁ ଡାଲି ଟିକିଏ କରି ଖାଇ ଦିଅନ୍ତି।

ଏମିତିରେ ଚାରିମାସ ଚାଲିଗଲାଣି। ସବୁ ମାସରେ ସାନମାମୁଁ ସାଙ୍ଗରେ ଘନ ଗାଁକୁ ଯାଇ ମାଆ, ବାବୁଲାକୁ ଦେଖି ଆସେ। ବାବୁଲା ବେଳେବେଳେ ସାନ ମାମୁଁ ସଙ୍ଗେ ଆସି ବାପା, ବୋଉ ଓ ଲିଲି ସହିତ ଦୁଇ ତିନି ଦିନ ରହି ଗାଁକୁ ଫେରିଯାଏ। ଗାଁରେ ଗୁରୁବାର ବସା।

ଘନ ବୋଉ ଘନକୁ କହିଲା, ଆରେ ଘନ, ମୁଁ ଏତେ ଲିପାପୋଛାକୁ ପାରିବି ନାହିଁ। ତୁ ରଜନୀକୁ ସାତ ଆଠ ଦିନ ଲାଗି ଗାଁକୁ ନେଇ ଆସେ। ମାଣବସା ସରିଲେ ସେ ଚାଲିଯିବ।

ଘନ ବି ମନା କରି ପାରିଲା ନାହିଁ। ଅଟୋ କରି ଘନ ରଜନୀକୁ ନେଇ ଗାଁରେ ଛାଡ଼ି ଆସିଲା। ଘନ ବୋଉ ବଡ଼ ଖୁସି ହେଲା ବୋହୂ ଓ ନାତୁଣୀକୁ ଦେଖି। ରଜନୀ ଘରର ସବୁ କାମ କରିଦେଲା। ଲିପା ପୋଛାଠାରୁ ଚିତା ଦେବା ସବୁ କଲା, ପୁଣି ଗୁରୁବାରଦିନ ମଣ୍ଡା, ଚିତଉ କରି ଲକ୍ଷ୍ମୀ ଠାକୁରାଣୀଙ୍କର ପୂଜା କଲା। ଗୁରୁବାର ରାତି ନପାହୁଣୁ ରଜନୀ ଗାଧୋଇ ପାଧୋଇ ନୀତି ନିୟମ ଅନୁସାରେ ସବୁ କଲା। ଶାଶୂ ବିଧବା ଭତ୍ତାରୁ କିଛି ଟଙ୍କା ରଖିଥିଲା, ସେଥିରେ ସେ ରଜନୀ ପାଇଁ ଭଲ ଛିଟ ଶାଢ଼ୀ ଖଣ୍ଡେ କିଣି ରଖିଥିଲା। ଗୁରୁବାର ଦିନ ସେ ସେଇଟା ବୋହୂକୁ ଦେଲା – ରଜନୀ ଶାଶୁର ପରିବର୍ତ୍ତନ ଦେଖି ବହୁତ ଖୁସି ହେଲା।

ଘନ ସବୁଦିନ ସାନ ମାମୁଁ ସହିତ ଭୁବନେଶ୍ୱର ଆସେ, ରାତିକୁ ସେଇ ମାମୁଁ ସହିତ ଫେରି ଆସେ। ଦିନ ସାରା ଗାଡ଼ି ଚଲେଇବା ଓ ମ୍ୟାଡାମଙ୍କର ସବୁ ବଜାର ହାଟ କରିବାରେ ସେ ଥକି ଯାଏ। ପୁଣି କାମ ନ ଥିଲେ ଖାଲିରେ ଗାଡିଟାରେ ବସି ବସି ତାକୁ ବଡ ବିରକ୍ତ ଲାଗେ। ରଜନୀ ଓ ଲିଲି ଥିଲେ ତା'ର ସେଇ ଛୋଟ ଘର ଖଣ୍ଡକ ସ୍ୱର୍ଗ -ଦିନ ଭଲରେ କଟିଯାଏ। ତେଣୁ ସେ ରଜନୀକୁ କହିଲା – "ରବିବାର ଦିନ ଭୁବନେଶ୍ୱର ଚାଲିଯିବା। ସବୁ ଦିନ ଯିବା ଆସିବା କରିବାରେ ମତେ ବହୁତ କଷ୍ଟ ହେଉଛି।" ଘନ ବୋଉକୁ ଶନିବାର ସକାଳେ କହିଲା, "ମୁଁ କାଲିକୁ ରଜନୀ ଓ ଲିଲିଙ୍କୁ ନେଇ ଭୁବନେଶ୍ୱର ଚାଲିଯିବି। ସବୁଦିନ ଯିବା ଆସିବା କଲା ବେଳକୁ ମତେ ଭାରି କଷ୍ଟ ହେଉଛି। ପୁଣି ଖିଆପିଆରେ ବଡ଼ ଅସୁବିଧା ହେଉଛି।"

ତା' ବୋଉ ଉତ୍ତର ଦେଲା, "ମୋ ଭାଇଟା ସବୁ ଦିନ ଯା'ଆସ କରିବାକୁ ବଡ଼ କଷ୍ଟ ହେଉଛି କହୁ ନାହିଁ ତ?"

ଆଲୋ ବୋଉ, "ତୁ ବୁଝିବାକୁ ଚେଷ୍ଟା କର। ସାନମାମୁଁ ତ ଭୁବନେଶ୍ୱରରେ ତା' ଦୋକାନରେ ବସି ପାନ, ସିଗାରେଟ୍, ଗୁଟକା ଓ ଚକଲେଟ୍ ବିକିଲା। ତାକୁ ମୋ ପରି ଧାଁ ଧପଡ଼ କାମ ପଡୁନି। ରଜନୀ ଥିଲେ ମୋ ଖିଆପିଆରେ କିଛି ଅସୁବିଧା ହେଉନି। ପୁଣି ଲିଲିଟାବି ଅଙ୍ଗନବାଡି ଯାଉଛି।"

ବୋଉ ଆଉ ଘନକୁ କିଛି କହିଲାନାହିଁ। ବାବୁଲା କାନ୍ଦୁଥିଲା ବୋଉ ସାଙ୍ଗରେ ଯିବା ପାଇଁ। ହେଲେ ଘନ ଭାବିଲା, "ଏଇଲେ ପିଲାଟାକୁ ନେଇ କ'ଣ କରିବି? ଯାହା ହେଉ ତ ସେ ଏଠି ସ୍କୁଲ ଯାଉଛି। ସନ୍ଧ୍ୟାରେ ଟ୍ୟୁସନ ଯାଉଛି।" ଘନ ତାକୁ ବୁଝାବୁଝି କରି ରଜନୀ ଓ ଲିଲିଙ୍କୁ ନେଇ ଭୁବନେଶ୍ୱରରେ ତା'ର ସେଇ ଏକ ବଖୁରିଆ ଘରକୁ ଚାଲି ଆସିଲା। ସେମାନେ ପୁଣି ଯେମିତି ଚଳୁଥିଲେ ସେମିତି ରହିଲେ। କେବେକେବେ ରବିବାରରେ ସେ ରଜନୀ ଓ ଲିଲିଙ୍କୁ ନେଇ ସିନେମା ଯାଏ, ସେଇଠି ଠେଲାଗାଡ଼ିରୁ ଗୁପଚୁପ ଓ ଚାଟ୍ ଖାଇ ଘରକୁ ଫେରନ୍ତି।

ଏମିତି ଚାଲିଲା ଘନ ଓ ରଜନୀଙ୍କ ଜୀବନ। ଏହା ଭିତରେ ସାତ, ଆଠ ବର୍ଷ କଟି ଗଲାଣି। ଲିଲି ସେଇ ବସ୍ତି ପାଖରେ ଗୋଟାଏ ସ୍କୁଲକୁ ଯାଏ। ବାବୁଲା ଗାଁ ସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢ଼ିଲାଣି। ରଜନୀ

ସହରରେ ରହି ବଡ଼ ଚାଲାକ୍ ହୋଇଗଲାଣି । ବସ୍ତି ମାଇପିମାନଙ୍କ ସାଙ୍ଗେ ମିଶି ଦୁଇଟା "ଲକ୍ଷ୍ମୀ ଫଣ୍ଡ'ରେ ମେମ୍ବର ହୋଇଛି । ମାସକୁ ମାସ ୫୦୦ ଲେଖେ ହଜାରେ ଟଙ୍କା ବାନ୍ଧୁଛି । ସବୁ ମେମ୍ବରମାନେ ସୁବିଧା ଅସୁବିଧାରେ ସେଇ ଫଣ୍ଡରୁ ଉଧାର ନିଅନ୍ତି । ରଜନୀ ଭାବିଛି ଫଣ୍ଡରୁ ଟଙ୍କା ଉଠାଇ ଗାଁ ଘରକୁ ଟାଣ କରିଦେବ । ଚାଳ କାଢ଼ି ଆଜବେଷ୍ଟସ୍ ପକେଇ ଦେବ, ଆଉ ନିଆଁକୁ କି ବର୍ଷାକୁ ଡର ନଥିବ ।

ଏ ସନ ଦିଆଳୀକୁ ରଜନୀ ଗାଁକୁ ଯାଇଥିଲା । ମିସ୍ତ୍ରୀ ଡାକି ହିସାବ କରିଛି । କେତେ ଟଙ୍କା ଲାଗିବ । ମହାଖୁସିରେ ଏକଥା ଘନକୁ କହିଲାରୁ ଘନ ମାଇପର ବୁଦ୍ଧି ଦେଖି ତାଟକା ହୋଇଗଲା । ଘନ କାଲି ଆଇନାରେ ମୁହଁ ଦେଖିଲା ବେଳେ ଦେଖିଲା ତା' ମୁଣ୍ଡରେ କେତୁଟା ପାଚିଲା ବାଳ । ଭାବିଲା ବାଳ ପାଚି ଗଲାଣି, ଦେଖୁ ଦେଖୁ ଏଇଠି ଆଉ କେତେବର୍ଷ ରହିବି ? ପିଲା, ମାଇପଙ୍କୁ ଠିକ୍‌ରେ ରଖିବା ତା'ର ପ୍ରଥମ କାମ । ବୋଉ ବି ବେଶ୍ ବୁଢ଼ି ହେଲାଣି । ବୋଉର ସେ ଦୁଃଖର ପସରା । ସେ କ'ଣ ବୋଉ ଏକା ଗାଁରେ ମରିବାକୁ ଦେବ ? ଏଠି ରଜନୀ ଦୁଇଟା ବାବୁ ଘରେ କାମ କରେ - ଘର ଓଳାଏ, ବାସନ ମାଜେ, ଲୁଗା କାଚେ । ତିନି ତିନି ହଜାର କରି ତା'ର ଛଅ ହଜାର ହୋଇଯାଏ । ସେଇ ସମୟରେ ଝିଅ ସ୍କୁଲ ଯାଇଥାଏ । ଫେରିଲେ ଯଦି ରଜନୀ ଆସି ନଥାଏ ପଡ଼ିଶା ଘର ମାଉସୀ ଘରେ ବୋଉ ଆସିବା ଯାଏଁ ରହିଯାଏ । ରଜନୀ ବାବୁ ଘରମାନଙ୍କରେ ଚା' ଜଳଖିଆ ଖାଇ ଆସିଥାଏ । ଲିଲି ସ୍କୁଲରେ ଭାତ ଖାଇ ଆସିଥାଏ । ଦିନ ତିନିଟା ବେଳକୁ ରଜନୀ ଚୂଲି ଲଗାଏ, ଭାତ ତିଅଣ ରାନ୍ଧେ । ସେଇ ଭାତରୁ କିଛି ରଖି ଦେଇଥାଏ ରାତି ପାଇଁ । ଘନ ଡ୍ୟୁଟିରୁ ଫେରିଲା ବେଳେ ଚିକେନ୍ ତରକାରୀ କିଣି ଆଣିଥାଏ ।

ଏଇ ଗତକାଲି ସାନମାମୁଁ ଘନକୁ କହିଲା, "ଘନରେ, ଦେଈ କୂଅ ପାଖରେ ପଡ଼ିଯାଇ କ'ଣ ହୋଇଛି କେଜାଣି ଶେଜରୁ ଉଠି ପାରୁନି । ତୁ ତାକୁ ଏଇଠିକୁ ନେଇ ଆସେ । ସେ ଚାଲି ନ ପାରିଲେ ସେଠି ତା'ର ଗୁହ ମୂତ କିଏ କରିବ ?"

ଏକଥା ଶୁଣି ଘନ ମନ ବଡ ଦୁଃଖ ହେଲା । ଘରକୁ ଯାଇ ରଜନୀକୁ କହିଲା, "ବୋଉ ପଡ଼ିଯାଇ ତା' ଅଣ୍ଟା ଭାଙ୍ଗି ଯାଇଛି ବୋଧେ । ସେ ଉଠି ପାରୁନି । ସାନ ମାମୁଁ କହିଲା, "ଘନରେ ତୁ ଗାଁକୁ ଯାଇ ତାକୁ ଏଠିକୁ ନେଇ ଆସେ, ଏଇଠି ଡାକ୍ତର ଦେଖା ।"

ରଜନୀ ଚୁପ୍ ହୋଇ ଶୁଣିଲା ସବୁ କଥା, ଘନ ଗାଁକୁ ଯିବାକୁ ବାହାରିଲାରୁ ରଜନୀ କହିଲା, "ଯାଉଚ ଯାଅ, ବୋଉଙ୍କୁ ଦେଖି ଆସ, ସେଇଠି କେଉଁ କବିରାଜ ଦେଖାଇଦେବ । ସେ ଗାଁରେ ଥାଆନ୍ତୁ, ଆମେ ଟଙ୍କା ପଇସା ଦେବା, କିନ୍ତୁ ସେ 'ଅଳିଆଗଦା' ଆଣି ମୁଁ ଏଠି ଚଳେଇ ପାରିବି ନାହିଁ ।"

ଘନ ରଜନୀ କଥା ଶୁଣି ରାଗି ଯାଇ ରଜନୀ ପିଠିରେ ବିଧେ ପକାଇଲା ଓ ରାଗରେ କହିଲା, "ତୋର ଏତେ ସାହସ, ମୋ ବୋଉକୁ 'ଅଳିଆଗଦା କହିବୁ ?" ତୁ ଏ ଘରେ ରହିଲେ ରହ, ନ ରହିଲେ ନାହିଁ । ମୁଁ ମୋ ବୋଉକୁ ଏଇଠିକୁ ଆଜି ନଆଣି ଏଠିକୁ ଫେରିବିନି ।" ଘନ ଚାଲିଗଲା ଗାଁକୁ ।

ରଜନୀ ମୁଣ୍ଡରେ ହାତ ଦେଇ ବୁହେ ବାଡେଇ କଚାଡି ଦେଲା । କ'ଣ କରିବି, ଏଇଲେ ତ ବୁଢ଼ୀକୁ ନ ଆଣି ବାଟ ନାହିଁ । ଯାହାହେଲେ ତ ଭାତ ତିଅଣ ରାନ୍ଧି ରଖିବାକୁ ହେବ । ସେ ଷ୍ଟୋଭ ଲଗାଇ ଚା' କରି ପିଇଲା ଓ ଲିଲିକି ଗୋଟେ ବେଲାରେ ଚା'ରେ ମୁଢ଼ି ପକେଇ ଖାଇବାକୁ ଦେଲା । ରାତି ଆଠଟା ବେଳକୁ ଘନ ବୋଉକୁ ନେଇ ଫେରିଲା । ଏତେ ରାତିରେ ବୋଉକୁ ନେଇ କେଉଁ ଡାକ୍ତରଖାନା ଯିବ ? ରାତି ପାହିଲେ ଯେଉଁ କଥା । ଘନ ଭାତକୁ ଡାଲି ପାଣିରେ ଗୋଳେଇ ତାଟିଏ ଭାତ ଖୁଆଇ ଦେଲା ବୋଉକୁ । ରସୁଣ, ସୋରିଷ ତେଲ ଫୁଟାଇ ବୋଉର ଗୋଡ଼, ହାତ ଅଣ୍ଟାରେ ମାଲିସ୍ କରିଦେଲା । ବୋଉକୁ ଟିକିଏ ଉସୁଆସ ଲାଗିଲାରୁ ସେ ଶୋଇ ପଡ଼ିଲା । ଘନ, ରଜନୀ ଓ ଲିଲି ଏକାଠି ବସି ଖାଇଲେ । ଡରରେ ରଜନୀ ଏବେ ଶାଶୁ ବିଷୟରେ ଗଜର ଗଜର ହେଲା ନାହିଁ ।

ଘରେ ରୋଗୀ ମଣିଷ, କେମିତି ସେ ବାବୁଘରମାନଙ୍କୁ କାମ କରିବାକୁ ଯିବ ? ତାଙ୍କ ବସ୍ତିର ବାସନ୍ତି ଦିଦିକୁ କହିଲା, "ଦିଦି, ମୋ ବାବୁଘରମାନଙ୍କୁ କହିଦେବ, ମୁଁ ଏଇନେ ଚାରିପାଞ୍ଚଦିନ କାମ କରିବାକୁ ଯାଇ ପାରିବି ନାହିଁ । ମୋ ଶାଶୁ ଗାଁରେ ପଡ଼ିଯାଇ ଅଣ୍ଟା ଭାଙ୍ଗି ଯାଇଛି । ବାସନ୍ତି ଦିଦି ସେ ବାବୁମାନଙ୍କ ଘର ପାଖରେ କାମ କରେ । ତେଣୁ ସେ ରଜନୀ କଥାରେ ହଁ ଭରିଲା ।

ଦିନ ଆଠଟା ବେଳକୁ ଘନ ବୋଉକୁ ଟେକିକି ନେଇ ବାହାରେ ଝାଡ଼ା କରାଇ ଆଣିଲା, ରଜନୀ ପାଣି ଦେଇ ସବୁ ଧୂଆଧୋଇ କଲା । ଚା' ପାଉଁରୁଟି ଖୁଆଇ ଘନ ବୋଉକୁ ନେଇ 'ଛଅ ନମ୍ବର' ଡାକ୍ତରଖାନା ଗଲା ଅଟୋ କରି । ରଜନୀ ବି ଶାଶୁ ସାଙ୍ଗେ ଯାଇଥାଏ । ଘନ ଯାଇ ଟିକଟ କରି ଆଣିଲା, ବହୁତ ଅପେକ୍ଷା କଲା ପରେ ବୁଢ଼ୀର ପାଳି ପଡ଼ିଲା । ଡାକ୍ତର ଦେଖି କହିଲେ, "ପ୍ରଥମେ ଫଟୋ ଉଠାଇ ଆଣ, ତା'ପରେ ମୁଁ ଦେଖିବି ।" ତା'ପରେ ଏକ ଚକଲଗା ଚଉକିରେ ବସେଇ ତାକୁ ଫଟୋ ଉଠା ରୁମ୍ ତକ ନେଲେ । ବୁଢ଼ୀର ଗୋଡ ତଳେ ଲାଗୁ ନଥାଏ । ପୁଅ, ବୋହୂ ଓ ଡାକ୍ତରଖାନାର ଜଣେ ଲୋକ ତାକୁ ଫଟୋ ଉଠା ରୁମ୍‌କୁ ନେଇ ସେଠି ଫଟୋ ଉଠା ଖଟ ଉପରେ ଶୁଆଇ ଦେଲେ । ବୁଢ଼ୀ "ମାଲୋ, ବୋଉଲୋ ହେଉଥାଏ । କିନ୍ତୁ ଯାହା ହେଉ ଫଟୋ ଉଠା ହୋଇଗଲା ଓ ସେମାନଙ୍କୁ କୁହାଗଲା "ଆଉ ଘଣ୍ଟେ ପରେ ଆସି ଫଟୋ ନେଇ ଯାଇ ଡାକ୍ତରଙ୍କୁ ଦେଖାଇବ ।"

ସେଇ ଚକଲଗା ଚଉକିରେ ସେ ଘଣ୍ଟେ ବସିଲା । ଘନ ପାଖ ଦୋକାନକୁ ଯାଇ ବିସ୍କୁଟ ପ୍ୟାକେଟ ଦୁଇଟା ଆଉ ଚା' କିଣି ଆଣିଲା । ଆଗେ ବୋଉକୁ ଚା' ବିସ୍କୁଟ ଖୁଆଇ ସାରି ସେ ଓ ରଜନୀ ଚା' ଟିକିଏ ଆଉ ଦୁଇ ଦୁଇ ଖଣ୍ଡ ବିସ୍କୁଟ ଖାଇ ଡାକ୍ତରଖାନା କାଠ ବେଞ୍ଚରେ ବସିଲେ । ଘଣ୍ଟାକ ପରେ ସେଇ ଫଟୋ ଉଠା ରୁମ୍‌କୁ ଯାଇ ଫଟୋ ଆଣି ଦେଖାଇଲା ବେଳକୁ ପାଞ୍ଚଟା ଉପରେ ହେଲାଣି । ଯାହା ହେଉ ଶେଷରେ ଡାକ୍ତର ଦେଖି କହିଲେ ଅଣ୍ଟାରେ ମାଡ ଲାଗିଛି କିନ୍ତୁ କିଛି ହାଡ ଭାଙ୍ଗି ନାହିଁ । ଡାହାଣ ଗୋଡର ବଳା ଗଣ୍ଠି ଉପରକୁ ହାଡ ଭାଙ୍ଗିଛି । କିଛି ଅପରେସନ୍ ଦରକାର ନାହିଁ, ଖାଲି ପ୍ଲାଷ୍ଟର କରି ଛଅ ସପ୍ତାହ ରଖିଦେଲେ ଠିକ୍ ହୋଇଯିବ ।" ଘନ ଭାବିଲା, "ଏକାଥରେ ସବୁ କାମ ସାରି ଦେଇ ଯିବ, ଥରକୁ ଥର ଡାକ୍ତରଖାନା ଆସିବା କେଉଁ ସହଜ କଥା ?" ସେଇଠୁ ଗୋଟେ ଦୋକାନରୁ ଘନ ଭାତ ଚିକେନ୍ କିଣି ଆଣିଲା, ଘନ ଘନ ବୋଉ ଆଉ ରଜନୀ ଖାଇଦେଲେ । ଏଣେ ରଜନୀ ମନଟା ଛଟପଟ ଲାଗୁଥାଏ ।

ଘନ ଭାବିଲା ଥରେ ଘରୁ ଆସିଛି, ସବୁ କାମ ସାରି ଯିବି, ପୁଣି କାଲିକି ଆସିବାର ଜଞ୍ଜାଳ ନ ଥିବ । ସେଇଠୁ ଭାତ ତରକାରି କିଣି ଘନ ଓ ରଜନୀ ଆଉ ଘନ ବୋଉ ସମସ୍ତେ ଖାଇଲେ । ଏଣେ ରଜନୀ ଛଟପଟ ହେଉଥାଏ । ଘରେ ବଢ଼ିଲା ଝିଅକୁ ଏକା ଛାଡ଼ି ଦେଇ ତା' ମନଟା ଗୋଳେଇ ଘାଣ୍ଟି ହେଲାଣି । ଆଜିକାଲି ଯୁଗ ଯାହା ହେଲାଣି ଏଠି ପାଞ୍ଚ ବର୍ଷର ଝିଅ କି ପଞ୍ଚାବନ ବର୍ଷର ସ୍ତ୍ରୀ ଲୋକ କେହି ସୁରକ୍ଷିତ ନୁହନ୍ତି । ସେ ଘନକୁ ଚାହିଁ ପଚାରିଲା, "ଆଉ କେତେ ଡେରି ଲାଗିବ । ସିଆଡେ ସକାଳ ପହରୁ ଲିଲିଟା ଘରେ ଏକା ଅଛି, କ'ଣ ଖାଇଥିବ କେଜାଣି ।"

ଡାକ୍ତର କ'ଣ ଚାରିଟା ନ ବାଜିଲେ ଆସିବେ ? ଆମେ ଘରକୁ ଫେରୁ ଫେରୁ ସଂଧ୍ୟା ହୋଇଯିବ ।"

ରଜନୀ ମୁହଁ ଶୁଖାଇ ଦେଲା, " ତୁମେ ବୋଉଙ୍କ ପାଖେ ବସିଥାଅ, ମୁଁ ଘରକୁ ଯାଉଛି । ତୁମେ ସାନମାମୁଁଙ୍କୁ ଡାକି ଆଣ ।"

"ମୁ ସାନମାମୁଁଙ୍କୁ ଡାକି ଗଲେ କିଏ ବୋଉ ପାଖରେ ବସିବ ?" ଘନ କହିଲା ।

"ମୁଁ ବସିଛି, ତୁମେ ଯାଅ । ଝଅଟ ଫେରିଆସିବ ।" ରଜନୀ କହିଲା ।

ଘନ ଅଟୋଟାଏ କରି ଏକ ନମ୍ବର ଗଲା ସାନମାମୁଁ ଦୋକାନକୁ ସାନମାମୁଁକୁ କହିଲା । ତା' ସାଥିରେ ଡାକ୍ତରଖାନା ଯିବାକୁ, "ରଜନୀ ଘରକୁ ଗଲେ ଭାତ ମୁଠେ ରାନ୍ଧିବ ।"

ସାନମାମୁଁ ପଚାରିଲା," ଡାକ୍ତର ଦେଖାଇଲୁ ? ଡାକ୍ତର କ'ଣ କହିଲେ ?"

"ଅଣ୍ଟାରେ ଜୋର ମାଡ ବାଜିଛି, କିନ୍ତୁ ଅଣ୍ଟା ହାଡ ଭାଙ୍ଗିନି। ଡାହାଣ ଗୋଡର ବଳାଗଣ୍ଠି ପାଖ ହାଡ ଭାଙ୍ଗି ଯାଇଛି। ଗୋଡଟା ପ୍ଲାଷ୍ଟର କରିବାକୁ ହେବ।"

ସାନମାମୁଁ ଦୋକାନ ବନ୍ଦ କରି ତା' ମଟର ସାଇକେଲ ଷ୍ଟାର୍ଟ କଲା, ଭଣଜାକୁ ପଛରେ ବସାଇ ଗାଡି ଛଅ ନମ୍ବର ଡାକ୍ତରଖାନା ଆଡକୁ ଚାଲିଲା।

ରାସ୍ତାରେ ପଚାରିଲା, "କ'ଣ ଖାଇଥିଲୁ କିରେ ଘନ ?"

"ଭାତ ଚିକେନ", ଉତ୍ତର ଦେଲା ଘନ।

"ଆରେ ଚା ଟିକିଏ ଟିକିଏ ପି ଦେବା, କହି ସାନମାମୁଁ ଗାଡି ରଖିଲା ଗୋଟାଏ ଚା' ଦୋକାନ ପାଖରେ । ମାମୁଁ ଭଣଜା କାଗଜ ଗିଲାସରେ ଚା' ଦିଇଟା ପିଇଲେ। ସାନମାମୁଁ ପକେଟରୁ ଗୋଟିଏ ପୁଡ଼ିଆରୁ ନିଜେ ଅଧେ ପାଟିରେ ପକାଇଲା ଓ ଘନ ପାଟିରେ ଅଧେ ଦେଲା।

ଗାଡ଼ି ଚାଲିଲା ଓ ସେମାନେ ଆସି ପହଞ୍ଚିଗଲେ ଡାକ୍ତରଖାନାରେ, ରଜନୀ ସାନମାମୁଁଙ୍କୁ ଦେଖି ଓଢ଼ଣା ଟିକିଏ ମୁଣ୍ଡ ଉପରକୁ ଟାଣି ଦେଲା, "କହିଲା ଏବେ କମ୍ପାଉଣ୍ଡର ବାବୁ ଆସି ତୁମକୁ ଖୋଜୁଥିଲେ। ଯାଅ, ତାଙ୍କୁ ପଚାର କାହିଁକି ଖୋଜୁଥିଲେ।"

ଆଉ ପଚାରିବ କ'ଣ ? ପ୍ଲାଷ୍ଟର କରିବା ପାଇଁ କହୁଥିବେ ? ସାନମାମୁଁ ଏଇଲେ ପ୍ଲାଷ୍ଟର ରୁମ୍‌କୁ ନେଇ ଯିବା। ସେଇଠି ସେମାନେ ପ୍ଲାଷ୍ଟର କରିଦେବେ।

ଚକାଲଗା ଚୌକିବାଲାକୁ ଘନ ଡାକିବାକୁ ଗଲା। ଚୌକିବାଲା ଆସିଗଲା। ଏବେ ବୁଢ଼ୀକୁ ପୁଅ ଓ ସାନମାମୁଁ ମିଶି ତାକୁ ଟେକି ଚୌକିରେ ବସାଇଲେ। ଏବେ ଚୌକିବାଲା ଚୌକି ଗଡେଇ ଗଡେଇ ନେଇ ଡ୍ରେସିଂ ରୁମ୍‌କୁ। ସେଠି ସାନମାମୁଁ ବୁଢ଼ୀ ପାଖେ ରହିଲା ଏବଂ ଘନ ଭିତରକୁ ଯାଇ ପଚାରିଲା, "ବୋଉକୁ ଆଣିବି ଏବେ, ତା'ର ଗୋଡ ପ୍ଲାଷ୍ଟର ହେବ।"

"ହଁ ଟିକିଏ ପରେ, ଏବେ ମୁଁ ଜଣଙ୍କର ହାତ ପ୍ଲାଷ୍ଟର କରୁଛି। ଏଇଟା ସରିଗଲେ କରିଦେବି। ଆପଣ ବାହାରେ ଅପେକ୍ଷା କରିଥାଆନ୍ତୁ।"

ଇୟାଡେ ରଜନୀକୁ ବଡ଼ ଅସ୍ଥିର ଲାଗିଲାଣି। ଘନ ସେ ଘର ଭିତରୁ ବାହାରିଲାରୁ ରଜନୀ ଘନକୁ କହିଲା, "ମତେ ଖୁବ୍ ଜୋରରେ ପୋଖରୀ ପାଣି ଲାଗିଲାଣି, ଖଣ୍ଡେ ରେକ୍ସା କି ଅଟୋ ଡାକି ଦିଅ ମୁଁ ଘରକୁ ପଳାଏ। ଘନ ସଙ୍ଗେ ସଙ୍ଗେ ଯାଇ ଗୋଟାଏ ରିକ୍ସା ଡାକି ଆଣିଲା ଓ ରଜନୀ ହାତକୁ ତିନି ଟଙ୍କା ବଢ଼େଇ ଦେଲା ରିକ୍ସା ଭଡ଼ା ଦେବାକୁ।

"ରଜନୀ ଘରକୁ ଫେରି ଦେଖେ ତ ଲିଲି ଘରେ ନାହିଁ। ପଡିଶା ଘରେ ଯାଇ ପଚାରିଲା, "ଲିଲି ତୁମ ଘରକୁ ଆସିଥିଲା ?"

ପଡିଶା ଘର ମାଉସୀ ହସି ଦେଇ କହିଲେ, "ସେ ଘରେ ଏକୁଟିଆରେ ବସିଥିଲା। ଘରେ ତ ଖାଇବାକୁ କିଛି ରଖି ନଥିଲ। ମୁଁ ତାକୁ ଆମ ଘରକୁ ନେଇ ଭାତ ଡାଲମା ଖାଇବାକୁ ଦେଲି। ମୋ ପୁଅ ରାଜା ସାଙ୍ଗେ ଖେଳୁଥିଲା। ଏବେ ସେମାନେ ସାହି ପିଲାଙ୍କ ସଙ୍ଗେ ଖେଳୁଥିବେ। ଏବେ ଆସି ଯିବେ ଯେ.....।

ସତକୁ ସତ ପନ୍ଦର ମିନିଟ୍ ଭିତରେ ଫେରି ଆସିଲା ଲିଲି, ହାତରେ ତା'ର କୁର୍‌କୁରି ପ୍ୟାକେଟଟାଏ। ରଜନୀ ପଚାରିଲା,"ଏ କୁର୍‌କୁରି ତତେ କିଏ ଦେଲା ?"

ରାଜା ଭାଇର ଚିହ୍ନା ଦୋକାନ। କହିଲା, "ଏବେ ପଇସା ପାଇଁ ବ୍ୟସ୍ତ ହୁଅନା। ମୁଁ କେବେ ତୁମ ଘରକୁ ଗଲେ ତୁ ପଇସା ଦେଇଦେବୁ।"

ରଜନୀର ମନଟି ଶ୍ରାବଣ ମାସର କାଦୁଅ ରାସ୍ତା ପରି ଦଳିଚକଟି ହୋଇଗଲା। ଝିଅଟା ବଢୁଛି ଲିଲିକୁ ଦଶ ପୂରି ଏଗାର ଚାଲୁଛି ଯିଏ ଦେଖିଲେ କହିବ ବାରବର୍ଷର ଝିଅଟେ ବୋଲି। ରଜନୀ ତା ମୁହଁକୁ ବଡ ବଡ ଆଖିକରି ଚାହିଁ ପଚାରିଲା, " ତୁ ସେ ଲୋକଠାରୁ କାହିଁକି କୁର୍‌କୁରି ଆଣିଲୁ। ଏଠି ବଜାତ୍ ଲୋକମାନେ ଏମିତି ଫୁସଲେଇ ଖରାପ କାମ କରନ୍ତି।

"ନାଇଁ ବୋଉ ଖରାପ ପିଲା ନୁହେଁ, ତୁ ଜାଣିଛୁ ସେ ରାଜା ଭାଇର ସାଙ୍ଗ।" ଦେଖ ତତେ କହି ଦେଉଛି ଆଉ ଦିନେ ସେ ରାଜା ଭାଇ କି ମନ୍ତ୍ରୀ ଭାଇ ସଙ୍ଗେ କୁଆଡେ ଯାଇଛୁ, ତୋ ଦେହରୁ ଚମଡା ଉତାରି ଦେବି। ବୁଝିଲୁ ?"

'ହଁ' କହି ଲିଲି ଚୁପ୍ ହୋଇଗଲା।

ରଜନୀ ଚୂଲି ଲଗେଇ ଭାତ, ଡାଲି ରାନ୍ଧିଲା। ବଡ଼ି, ଭେଣ୍ଡି ଆମ୍ବୁଲ ଦେଇ ଖଟା କଲା। ଆଉ ଆଳୁ ଚଟଣୀ ବି କଲା।

ସଂଧ୍ୟା ସାତଟା ବେଳକୁ ଘନ, ସାନମାମୁଁ ଓ ବୋଉକୁ ନେଇ ଘରକୁ ଫେରିଲେ। ବୋଉର ଡାହାଣ ଗୋଡଟା କାଠପଟା ଦିଆ ହୋଇ ପ୍ଲାଷ୍ଟର ହୋଇଛି। ବୁଢ଼ୀ ପାଦ ପକେଇ ପାରୁନି। ଅଣ୍ଟା ତ ଯାହା ଦରଜ, ତା' ଉପରେ ପ୍ଲାଷ୍ଟର ଓ କାଠପଟା ଲାଗି ତାକୁ ଲାଗିଛି ତା ଗୋଡଟା ମହଣେ ଓଜନ। ଭାଇ, ପୁଅ ମିଶି ତାକୁ ଟେକିଟେକି ଆଣି ଶୁଆଇ ଦେଲେ। ସାନମାମୁଁ ଘନକୁ କହିଲା, "ଦେଇ ତ ଏଇଲେ ନିଜେ କିଛି କରି ପାରିବ ନାହିଁ। ଦେଇ ପାଖେ ସବୁବେଳେ କିଏ ରହୁଥିବ।"

ଘନ ଉତ୍ତର ଦେଲା, " ମୁଁ ତ ମୋ ଡ୍ୟୁଟି କରିବାକୁ ଯିବି। ଦୁଇଦିନ ହେଲା ଯାଇନି। ମ୍ୟାଡାମ୍ ଭାରି ବିରକ୍ତ ହେବେ। ରଜନୀ ବି ତ ଦୁଇଟା ଘରେ କାମ କରେ। ସେ ଆଉ ଦିନେ ଦୁଇଦିନ ରହିଯାଇପାରେ। କିନ୍ତୁ କେତେ ଦିନ ରହିବ ? ତେବେ ଲିଲି ସ୍କୁଲ ନ ଯାଇ ସବୁବେଳେ ଘରେ ଥିବ"

ଲିଲି ତ ଛୋଟ ପିଲାଟାଏ, ସେ କ'ଣ ଦେଇକୁ ଟେକି ଝାଡା ପରିସ୍ରା କରେଇ ପାରିବ ?

ମୁଁ ଆଜି ଗୋଟାଏ 'ବେଡ୍‌ପ୍ୟାନ' କିଣି ଆଣି ଦେଉଛି। ଦେଇ ସେଥିରେ ଝାଡା ପରିସ୍ରା କଲେ ଲିଲି ତାକୁ ପାଇଖାନରେ ପକେଇ ଦେଇ ଆସିବ।"

ସେୟା ହିଁ ହେଲା, ଦୁଇଦିନ ପରେ ରଜନୀ ତା' କାମକୁ ଗଲା। ଘନ କେତେ ଦିନ ବି ଛୁଟିରେ ରହିବ ? ସେ ବି ମ୍ୟାଡାମ୍‌ଙ୍କ ଗାଡି ଚଲେଇବାକୁ ଗଲା।

ଲିଲି, ରଜନୀ, ଘନ ଓ ଘନ ବୋଉର ଜୀବନ ଏକ ପ୍ରକାର ଚାଲିବାକୁ ଲାଗିଲା। ପୁଅ ନଥିଲା ଦେଖି ବୁଢ଼ୀ ରଜନୀକୁ ଦେଖାଇ ଶିଖାଇ କହେ, "ରୋଗିଣା ଦେହ ପାଟି ଅସୁଆଦିଆ ହୋଇଗଲାଣି। ଅରୁଚି ଧରିଲାଣି, ଭଲମନ୍ଦ ଖାଇବାକୁ ମନ ହେଉଛି। ଛାଡ ପିଠା, ମିଠା କଥା ଏ ଧରିବା ଭଲ- ଆଇଁଶ କାତିଟେ ବି ଶୁଙ୍ଘିବାକୁ ମିଳୁନି।

ରଜନୀ ଥରେ ଦି'ଥର ଚୁପ୍ ରହିଲା। ତା'ପରେ ଥରେ ବୁଢ଼ୀକୁ ପଟେ ଦେଲା। ଏତେ ଭଲ ମନ୍ଦଖାଇ ମନ ହେଉଛି, ଗାଁକୁ ଯାଇ ଭାଇ ଭାଉଜ ପାଖେ ରହ। ଦେଖିବ ତୁମ ଭଣଜା ବୋହୂମାନେ ନିତି କେମିତି ଆରିସା, କାକରା, ମାଛ ଝୋଳ କରି ଖାଇବାକୁ ଦେବେ ? ଅଳିଆଗଦା ପରି ପଡ଼ିରହିଛୁ। ତୁମକୁ ଟେକି ଟେକି ଆମ ମାଆ ଝିଅଙ୍କ ପିଠିରେ କୁବୁଜା ବାହାରି ଗଲାଣି।"

ବୁଢ଼ୀ ରଜନୀକୁ କିଛି ଉତ୍ତର ଦେଲା ନାହିଁ। ଚୁପଚାପ୍ ରହିଲା ଘନ ଆସିବା ଯାଏଁ, ଘନ ଆସିଲାରୁ ରଜନୀ ଭାତ ବାଢ଼ିଲା ସମସ୍ତଙ୍କ ପାଇଁ। ବୁଢ଼ୀ ତା ଥାଳି ଘୁଞ୍ଚେଇ ଦେଇ କହିଲା, "ମତେ ଭୋକ ନାହିଁ। ମୁଁ ଖାଇବି ନାହିଁ।"

ଘନ ପଚାରିଲା, "ବୋଉ କ'ଣ ହେଲା, ଖାଇବୁ ନାହିଁ କାହିଁକି ?"

ଘନ ବୋଉ କିଛି ଉତ୍ତର ଦେଲା ନାହିଁ। ରଜନୀ କଥା ହେଲା ଆମ ଘରେ ମାଛ, ମାଉଁସ ହୋଇନି ବୋଲି ତାଙ୍କ ପାଟିକୁ ଭାତ ରୁଚୁନି। ତୁମେ ଯଦି ମାଛ କି ଚିକେନ ଆଣି ଦେବ ତାଙ୍କୁ ଠିକ୍ ଭୋକ ହେବ। ମୁଁ କ'ଣ ଚିହ୍ନିନି ତାଙ୍କୁ।"

ଘନ ରଜନୀକୁ କିଛି ଉତ୍ତର ଦେଲା ନାହିଁ। ଖାଇ ସାରି ପ୍ୟାଣ୍ଟ ସାର୍ଟ ପିନ୍ଧି ପାଖ ହୋଟେଲକୁ ଯାଇ ଚିକେନ୍ ଗୋଟେ ପ୍ଲେଟ ଆଣିଲା। ବୁଢ଼ୀ ପ୍ରଥମେ ମନା କରୁଥିଲା। ପୁଣି ସୁକୁସୁକୁ ହୋଇ କାନ୍ଦି ପୁଅକୁ କହିଲା, "ତୁ ବୋଉ ରକତର ବୋଲି ମୋ ମନ ବୁଝିଲୁ। ଏ ପର ଝିଅଙ୍କୁ ଯେତେ କଲେ ବି ସେମାନେ କ'ଣ ନିଜର ହେବେ ? କଥାରେ ଅଛି ପରା,

"କ୍ଷୀରରେ ଧୋଇଲେ, ଖଣ୍ଡରେ ମୋହିଲେ,
ନିମ୍ବ କି ମଧୁର ହୋଇବ।
ଯେତେ ପରକାରେ ବୁଝାଣ କହିଲେ,
ପର କି ଆପଣା ହୋଇବ।"

ଘନ ବୋଉ ମୁଣ୍ଡକୁ ଆଉଁଶି ଦେଇ କହିଲା, "ହଉ ବୋଉ ସେତିକି ଥାଉ, ତୁ ଖାଇଲୁ ଏଥର।

ରଜନୀକୁ କହିବି କାଲିଠାରୁ ମାଛ କି ଶୁଖୁଆ କରି ତତେ ଦେବ। ତୁ ବ୍ୟସ୍ତ ହୁଅନା।"

ବୁଢ଼ୀ ସବୁ ଚାଟିଚୁଟି ଖାଇଦେଲା। ଲିଲି ଗୋଟେ ରସ ବେଲାରେ ପାଣି ଦେଲା, ବୁଢ଼ୀ ସେଇଥିରେ ହାତ ଧୋଇ ସେଇ ଶେଯରେ ଶୋଇ ପଡିଲା।

ଏମିତି ଖଟଖାଟ ଭିତରେ ରଜନୀ ଓ ତା' ଶାଶୁ ଦିନ କାଟୁଥାଆନ୍ତି। ଦିନେ ଦିନେ ବୁଢ଼ୀର ଲୁଗାରେ ଝାଡା ହୋଇଯାଏ, ରଜନୀ ତାକୁ ବୁହେ ଶୋଧେ, କହେ, "ଏ ଅଳିଆଗଦା ଗାଁରେ ପଡିଥାଆନ୍ତା ତା ଭଣଜା ବୋହୂମାନେ କେମିତି ତା ଗୁହମୂତ କରିଥାଆନ୍ତେ ଦେଖି ଥାଆନ୍ତି। କେମିତି ନିତି ମାଛ ଚିକନ ଖୁଆଉଥାଆନ୍ତେ ?"

ଏବେ ରଜନୀ ତା' ପରି ସେ। ଯେଉଁ ମାଆମାନଙ୍କ ଘରେ କାମ କରେ ତାଙ୍କର ପୁରୁଣା ଶାଢ଼ୀ ତାକୁ ଦିଅନ୍ତି। ସେସବୁ ନାଁକୁ ପୁରୁଣା, କିନ୍ତୁ ସବୁ ନୂଆ ପରି ଥାଏ। ସକାଳ ଜଳଖିଆ ତା'ର ସେମାନଙ୍କ ଘରେ ଚଳିଯାଏ। ଯଦି କାମ ବେଶୀ ହୋଇଯାଏ ସେମାନେ ଯାହା ଖାଇବାକୁ ଦିଅନ୍ତି ସେ ଲିଲି ପାଇଁ ତାକୁ ଜରିରେ ପୂରେଇ ନେଇ ଆସେ।

ଛଅ ସପ୍ତାହ ପରେ ବୁଢ଼ୀର ଗୋଡ ଖୋଲା ହେଲା, କିନ୍ତୁ ହାଡ ଭଲ କରି ଯୋଡି ହେଲା ନାହିଁ। ବୁଢ଼ୀ ବାଡି ଖଣ୍ଡେ ଧରି ପାଇଖାନାକୁ ଯାଏ, ଲିଲି ବୁଢ଼ୀ ଉପରେ ଦି'ମଗ ପାଣି ପକେଇ ଦେଇ ସେଇ ଓଦା ଲୁଗାରେ ଘରକୁ ନେଇ ଆସେ, ତା'ପରେ ତା' ଦେହରେ ଲୁଗା ଖଣ୍ଡେ ଗୁଡେଇ ଦିଏ। ଏଇ ଆଠ ଦିନ ତଳେ ଘନ ବୁଢ଼ୀ ପାଇଁ ଦୁଇଟା ନାଇଟି କିଣି ଆଣିଛି। ଝିଅକୁ କହିଛି, "ମାଆକୁ ଏଇ ଜାମା ପିନ୍ଧେଇ ଦେବୁ, ତତେ ଆଉ ତାକୁ ଲୁଗା ପିନ୍ଧେଇବାକୁ ହଇରାଣ ହେବାକୁ ପଡ଼ିବ ନାହିଁ।

ଲିଲି ମୁଣ୍ଡ ଟୁଙ୍ଗାରି ହସି ଦିଏ। ଘନ ଦେଖେ ତା' ଝିଅର ହସରେ ଯୌବନ ଉଙ୍କି ମାରୁଛି। ଲିଲିକୁ ତ ସେ ଆଉ ପଢ଼େଇ ପାରିଲା ନାହିଁ, ଯେତିକି ଅଙ୍ଗନବାଡି ଓ ପାଖ ପ୍ରାଇମେରୀ ସ୍କୁଲକୁ ଯାଇଥିଲା ସେତିକି। ତା'ପରେ ଘରେ ସବୁବେଳେ ଅସୁବିଧା, ବିଶେଷ କରି ବୋଉ ଦେହ ଖରାପ ହେଲା ଦିନରୁ ସେ ଆଉ ସ୍କୁଲ ଯାଇ ପାରିଲାନି। ସେ ଅଛି ବୋଲି ଭାତ ଗଣ୍ଡେ ଫୁଟେଇ ଦେଉଛି।" ଦୀର୍ଘ ନିଶ୍ୱାସ ଛାଡ଼ି ଘନ ମ୍ୟାଡାମ୍‌ଙ୍କ ଘରକୁ ଗଲା ଗାଡି ଚଲେଇବା ପାଇଁ।

ଏହା ଭିତରେ ସତରେ ଲିଲି ବଡ଼ ଝିଅଟେ ହୋଇଗଲାଣି। ବାବୁଲା ଗାଁରୁ ଆସିଲେ ତାକୁ ଆକଟ କରି କହେ, "ତୁ କାହିଁକି ଏ ବସ୍ତି ଟୋକା ଗୁଡାକ ସଙ୍ଗେ ଏତେ ମିଶୁଛୁ ? ମତେ ଏମାନେ ଜମା ଭଲ ଲାଗୁ ନାହାନ୍ତି। ତତେ ସେମାନେ କାହିଁକି ଏତେ ମିକ୍‌ଚର, ବିସ୍କୁଟ୍ , ଚକ୍‌ଲେଟ୍ ଦେଉଛନ୍ତି ? ଏ ଗୁଡା ଜମା ଭଲ ପିଲା ନୁହନ୍ତି ?

"ହଉ ଭାଇ, ଏଣିକି ମୁଁ ଏମାନଙ୍କ ସଙ୍ଗେ ଏତେ ମିଶିବି ନାହିଁ। ତୁମେ ଏଠି ରହିଲେ କେତେ ଭଲ ହୁଅନ୍ତା ? ମୁଁ କାହିଁକି ରାଜା ଭାଇ ପାଖୁ ଯାଆନ୍ତି ?"

"ଆଲୋ ଆଗେ ମୁଁ ମାଟ୍ରିକ ଖଣ୍ଡେ ପାଶ୍ କରି ଦିଏ। ତା'ପରେ ଡ୍ରାଇଭିଂ ଶିଖି ଏଇଠି ଗାଡି ଚଳେଇବି। ଆମେ ଆଉ ଗୋଟେ ଭଲ ଘର ଭଡ଼ା ନେବା। ଭଲରେ ରହିବା।"

'ହଉ', କହି ଲିଲି ହସି ଦିଏ। ସେଦିନ ସଂଧ୍ୟାରେ ସାନମାମୁଁ ସଙ୍ଗେ ବାବୁଲା ଗାଁକୁ ଚାଲିଯାଏ। ରଜନୀ ଘନ ନଥିଲା ବେଳେ ଶାଶୁକୁ କେବେ 'ବୋଉ' ବୋଲି ଡାକେନି, ସବୁବେଳେ ଡାକେ ଅଳିଆଗଦା। ଶାଶୁ ବି ଏ ଡାକ ଶୁଣି ଶୁଣି ଅଭ୍ୟସ୍ତ ହୋଇ ଗଲାଣି। ଏବେ ବୁଢ଼ୀ ବାଡି ଖଣ୍ଡକ ଧରି ଦି' ଚାରି ପାହୁଣ୍ଡ ଚାଲି ପାରିଲାଣି। ସେ ଦେଖେ ପୁଅ ବୋହୂ ଚାଲି ଯିବା ପରେ "ବୁଢ଼ୀକୁ ଲିଲି କହେ ପାଖ ମାଉସୀ ଘରକୁ ଯାଉଛି କହି ଚାଲିଯାଏ। ଦିନେ ଦିନେ ସେଠାକୁ ତିନି ଚାରିଟା ଟୋକା ଆସନ୍ତି, ତାସ ଖେଳନ୍ତି, ଲୁଡୁ ଖେଳନ୍ତି। ତା'ପରେ ସେମାନେ କେତେବେଳେ ଯାଆନ୍ତି ବୁଢ଼ୀ ଜାଣିପାରେନି।

ଦିନେ ଦିନେ ପାଖ ମାଉସୀ ଘରକୁ ଯାଉଛି ବୋଲି କହି କାହିଁ କେତେବେଳେ କଲାଣି। ବୁଢ଼ୀ ମନକୁ ସେଦିନ ପାପ ଛୁଇଁଲା। ସେ ବାଡ଼ି ଧରି ଧୀରେ ଧୀରେ ପଡ଼ିଶା ଘରକୁ ଗଲା। ଦେଖିଲା ତା' ଘରେ କି କାଣ୍ଡ ଚାଲିଛି ? ଲିଲି ଆଉ ଗୋଟେ ଲିଲିଠାରୁ ବଡ଼ ଝିଅଟେ ତଳେ ଶୋଇଯାଇଥାଆନ୍ତି,ଝିଅ ଦୁଇଟାଙ୍କ ଦେହରେ ଲୁଗାପଟା ଠିକଣାରେ ନଥାଏ। ଟୋକା ଦି'ଟା ସେମାନଙ୍କ ଉପରେ ମୁହଁ ମାଡି ପଡିଛନ୍ତି। ବୁଢ଼ୀ ଆଖି ତରାଟି ହୋଇଗଲା – ନିଜ ବାଡ଼ି ଖଣ୍ଡ ଧରି ସମସ୍ତଙ୍କୁ ପିଟି ପକାଇଲା। ବଡ଼ ପାଟି କରି ବସ୍ତିବାଲାଙ୍କୁ ଡାକ ପକେଇଲା – "ଆସ ଦେଖିବ, ଏଇଟା ମାଉସୀ ଘର ନା ଆଉ କ'ଣ ?" ଆସ ଆସ .... ଶୀଘ୍ର ଆସ।" ସେମାନଙ୍କୁ ଦୁଇ ଚାରି ପାହାର ପିଟିଲା ପରେ ତା' ହାତରୁ ବାଡିଟା ଖସି ପଡ଼ିଲା। ସେ ଦୁଲ୍ କରି ତଳେ ପଡିଯାଇ ତା ମୁଣ୍ଡଟା ଫାଟି ଯାଇ ରକତ ବୋହିବାକୁ ଲାଗିଲା, ବୁଢ଼ୀ ପ୍ରାୟ ଅଚେତ। ଏହା ଭିତରେ ସେ ଟୋକାମାନେ ଛୁ ମାରିଲେଣି। ଏହି ସମୟରେ ବସ୍ତିର ପ୍ରାୟେ ପୁରୁଷମାନେ ମୂଲ ଲାଗିବାକୁ ଯାଆନ୍ତି। ନ ହେଲେ ଆଉ କିଛି ଡ୍ରାଇଭିଂ କରିବାକୁ ଯାଆନ୍ତି। ଏହି ସମୟରେ ବସ୍ତିରେ ଖାଲି ବୁଢ଼ାବୁଢ଼ୀ ନ ହେଲେ ଛୋଟ ପିଲାମାନେ। ଯାହାର କିଛି ଅସୁବିଧା ଥାଏ ସେ ଘରେ ଥାଏ। ବୁଢ଼ୀ ଅଚେତ ହେବା ପୂର୍ବରୁ ବଡ ପାଟି କରି ବସ୍ତି ଲୋକଙ୍କୁ ଡାକିବାକୁ ଚେଷ୍ଟା କରିଥିଲା।

ବୁଢ଼ୀର ଚିତ୍କାର ଶୁଣି କେତେ ଲୋକ ଆସି ସେଠି ରୁଣ୍ଡ ହୋଇଗଲେ। ସୁନିତା ଆଜି କାମକୁ ଯାଇ ନଥିଲା, ତା' ସାନ ପୁଅକୁ ଜର ବୋଲି। ସେ ତା ଘରୁ ଚିରାକନା ଖଣ୍ଡେ ଆଣି ବୁଢ଼ୀର ମୁଣ୍ଡ ପୋଛି ଦେଲା, ଖଣ୍ଡେ କନା ପୋଡି ଫାଟିବା ଜାଗାରେ ଲଗେଇ ଦେଲା, ରକ୍ତ ବୋହିବା ଟିକିଏ ବନ୍ଦ ହୋଇଗଲା। ବୁଢ଼ୀକୁ ପାଣି ମୁନ୍ଦେ ପିଆଇ ସୁନୀତା ସଷ୍ଟାଙ୍ଗ କରାଇଲା। ଭଗବାନଙ୍କ ଦୟାରୁ ବୁଢ଼ୀ ଚେତା ପାଇଲା।

ସେତେବେଳକୁ ସେଠାରେ କେତେ ଲୋକା ରୁଣ୍ଡ ହୋଇ ଯାଇଥିଲେ। ଜଣେ କିଏ ଯାଇ ଘନ ଓ ରଜନୀକୁ ଖବର ଦେଲେ – ଜଣେ ଗଲା ଘନକୁ ଡାକିବାକୁ, ଆଉ ଜଣେ ଗଲା ରଜନୀକୁ ଖବର ଦେବାକୁ, "ଯାଆ ଶୀଘ୍ର ଘରକୁ ଯା'– ସିଆଡେ ଶାଶୁ ମୁଣ୍ଡ ଫାଟି ଅଚେତ ହୋଇପଡ଼ିଛି।"

ଅଳ୍ପ ସମୟ ଭିତରେ ରଜନୀ ଓ ଘନ ଆସି ଘରେ ପହଞ୍ଚି ଗଲେ। ଲିଲି ଘରର ଗୋଟେ କୋଣରେ ବସି କାନ୍ଦୁଥାଏ।

ସାନମାମୁଁ ବି ଆସି ପହଞ୍ଚିଗଲା। ସେ ଘନକୁ ନେଇ ପୁଲିସ ଥାନା ଗଲା। ରିପୋର୍ଟ ଲେଖାଇବାକୁ। ଥାନାବାବୁ ବଡ ବଡ ଆଖି କରି କହିଲେ, "ପୀଡ଼ିତା କାହିଁ ? ତାକୁ ପ୍ରଥମେ ଡାକ୍ତର ପାଖୁ ପଠେଇବାକୁ ହେବ। ଏବେ ଡାକ୍ତର ମାଇନା ନିହାତି ଦରକାର।"

ଘନ ଓ ସାନମାମୁଁ ଘରକୁ ଫେରି ଆସିଲେ। ରଜନୀ କହିଲା, "ମୋ ଝିଅ ଡାକ୍ତର ମାଇନା ପାଇଁ ଯିବନି। ଡାକ୍ତର ପାଖୁ ଝିଅକୁ ନେଲେ କଥା ପ୍ରକଟ ହେବ। ନାଇତ ଯାହା ହେବ ଦେଖାଯିବ।"

ଘନ ଓ ସାନମାମୁଁ ଚୁପ୍‌ଚାପ୍ ବସିଲେ।

ଲିଲିକୁ କ'ଣ କହି ବୁଝାଇବ ରଜନୀ ବୁଝି ପାରୁନଥାଏ। ରଜନୀ ଭାବିଲା କେତେ କରି ଲିଲିକୁ କହିଥିଲି ଘର ଛାଡ଼ି କୁଆଡେ ଯିବୁନି। ଏଠାର ଭାଇଗୁଡା ତୋ ନିଜ ଭାଇ ନୁହଁନ୍ତି। ଖାଲି ଯେମିତି ମଣିଷ ଖିଆ ବାଘ। ମଣିଷ ମାଉଁସ ପାଇଁ ହାଇଁପାଇଁ ହୁଅନ୍ତି। ସେମାନେ ସେୟା। ଏବେ ମୋ ଝିଅର ଅବସ୍ଥା କ'ଣ ହେଲା ? ମୁଁ ଯଦି ଜିଦ୍ କରି ଭୁବନେଶ୍ୱର ଆସି ନଥାଆନ୍ତି .....। ଆଉ ଯାହାକୁ 'ଅଳିଆଗଦା' କହୁଥିଲି ସେ ମୋ ଝିଅର ଜୀବନ ରଖିଲା ....।"

ଝିଅକୁ ଧରି ରଜନୀ କାନ୍ଦୁଥାଏ, କାନ୍ଦି କାନ୍ଦି ଶାଶୁକୁ ଚାହିଁ କହିଲା, "ବୋଉ ମତେ ରକ୍ଷା କର। ମୁଁ ତମକୁ 'ଅଳିଆଗଦା' କହି ମହାପାପ କରିଛି। ତୁମେ ଥିଲ ବୋଲି ଆଜି ମୋ ଝିଅ ବଂଚିଲା....।"

*କେୟାର ଅଫ ଶ୍ରୀ ଅରୁଣ କୁମାର ଦାସ*
*୫୨, ଖାରବେଳ ନଗର, ଭୁବଣେନେଶ୍ୱର*
*ଦୂରଭାଷ: ୯୯୩୭୩୦୬୨୧୩*

# ତୃଷା

## ବିଷ୍ଣୁ ଚରଣ ଚୌଧୁରୀ

ଗୋଟିଏ ସପ୍ତାହର ଭ୍ରମଣ ପରେ ଘରକୁ ଫେରି ଆସିଥିବା ସ୍ୱାମୀଙ୍କ ପରିବର୍ତ୍ତିତ ଗତିବିଧି ତଥା ଚାଲିଚଳନ ଲକ୍ଷ୍ୟ କରି ଚିନ୍ତିତ ହୋଇ ପଡୁଥିଲେ ସୁଜାତା। ଚଳଚଞ୍ଚଳ ମଣିଷଟି କେଜାଣି କାହିଁକି ନିରବି ଯାଇଛନ୍ତି। ସକାଳ ନ ହେଉଣୁ ନିତ୍ୟକର୍ମ ସାରି ମର୍ଣ୍ଣିଂଓ୍ୱାର୍କରେ ଯାଇ ମାର୍କେଟିଂ କରି ଫେରି ଆସନ୍ତି ଘରକୁ। ଘରେ ପହଞ୍ଚି ପୁଣି ଲାଗି ଯାଆନ୍ତି ବଗିଚା କାମରେ। ଫୁଲ ତୋଳିବା, ଫୁଲଗଛରେ ପାଣି ଦେବା, ଘର ସାମ୍ନା ଓଳାଓଳି କରି ପରିଷ୍କାର ପରିଚ୍ଛନ୍ନ କରିବା, ପାଖ ଗୋପାଳ ଘରୁ ଗାଈ ଦୁହାଁ ସମୟରେ ଠିଆ ହୋଇ ଖାଣ୍ଟି କ୍ଷୀର ଆଣିବା ଥିଲା ସକାଳର କାମ। ପରେ ପରେ ଗାଧୋଇ ଠାକୁର ପୂଜା ସାରି ଦଶଟା ସୁଦ୍ଧା ଜଳଖିଆ ଖାଇ ଖବରକାଗଜ, ମ୍ୟାଗାଜିନ୍ ପଢ଼ିବା ଭିତରେ ସୁଜାତା, ସୁଜାତା ଡାକ ଛାଡ଼ି କେତେ କ'ଣ ବରାଦ କରିଥାନ୍ତି। କେତେବେଳେ ଟିକେ ଚା' ଆଣ, ପାଣିଦିଅ ଏବଂ ଲଞ୍ଚ୍ ପାଇଁ କ'ଣ ଖାଇବା କରୁଛ ବୋଲି ବୁଝିଥାନ୍ତି। କେତେବେଳେ ଖବରକାଗଜର ରୋଚକ ଖବର ପଢ଼ି ଶୁଣାଇ ଥାନ୍ତି ତ କେତେବେଳେ ସାଂପ୍ରତିକ ରାଜନୀତି ସଂପର୍କରେ ଟିପ୍ପଣୀ ଦେଉଥାନ୍ତି। ହେଲେ ଏବେ ତୁନି ପଡ଼ି ଯାଇଛନ୍ତି କେଉଁ ଅଦୃଶ୍ୟ କିମିଆଁର ପ୍ରଭାବରେ ଯେମିତି।

ଗୋଟିଏ ସପ୍ତାହ ବାହାରେ ବୁଲାବୁଲି କରି ଫେରିଥିବା ଯୋଗୁଁ ଖାଇବା, ପିଇବାରେ ଅନିୟମିତତା ତଥା ଗାଡି ଘୋଡାରେ ଯାତାୟାତ ପାଇଁ ଶାରୀରିକ ତଥା ମାନସିକ ପୀଡ଼ା ହିଁ ଏହାର କାରଣ ବୋଲି ଭାବୁଥିଲେ ସୁଜାତା। ହେଲେ ଅନେକ ଦିନ ଧରି ନିଜର ନିତ୍ୟକର୍ମ ଏବଂ ଅନ୍ୟାନ୍ୟ କାର୍ଯ୍ୟରେ ରୁଟିନ୍ ଛଡ଼ା ହେବା ଆଗରୁ କେବେ ଲକ୍ଷ୍ୟ କରି ନାହାନ୍ତି। ସକାଳ, ସଂଧ୍ୟାରେ ଚାଲିବାକୁ ଯିବାର ନାଁ ଧରୁନାହାନ୍ତି। ଯେଉଁଠି ବସୁଛନ୍ତି ଘଣ୍ଟା ଘଣ୍ଟା ଧରି ବସି ରହୁଛନ୍ତି। ବସି ବସି କ'ଣ ଭାବି ହେଉଛନ୍ତି। ଯେତେ ଡାକିଲେ ମଧ ଶୁଣିବାର ନାହିଁ। କାହିଁ କେତେ ଡାକରେ 'ଉଁ' ଶବ୍ଦଟିଏ ପାଟିରୁ ବାହାରିବା ଛଡ଼ା ଅନ୍ୟ କିଛି ଉତ୍ତର ନାହିଁ। ପଞ୍ଚ ଚାଳିଶ ବର୍ଷର ବୈବାହିକ ଜୀବନ ଭିତରେ ସ୍ୱାମୀଙ୍କର ଏମିତି ଭାବଭଙ୍ଗୀ କେବେ ଦେଖି ନଥିଲେ। ଏଇ ସମୟ ମଧରେ କାହିଁ କେତେ ବାଧା ବିଘ୍ନ, ଝଡ଼ ଝଞ୍ଜା, ଉତ୍‌ଥାନ ପତନର ସମ୍ମୁଖୀନ ହେବାକୁ ପଡ଼ିଛି। ରାଗ ରୋଷ, ମାନ ଅଭିମାନ ଅଙ୍ଗୀକାର କରିବାକୁ ପଡ଼ିଛି। ଜୀବନ ରାସ୍ତାର କାହିଁ କେତେ ଖାଲଖମା, ପଥୁରିଆ ବାଟରେ ଉଠପଡ଼ ଭିତରେ ଚାଲିବାକୁ ପଡ଼ିଛି। ଚାଲୁ ଚାଲୁ କେହି ଝୁଣ୍ଟି ପଡ଼ିଲେ ଜଣେ ଅନ୍ୟର ହାତ ଧରି ଉଠାଇ ଆଣି ଭରସା ଦେଇଛି। ଜୀବନର ସବୁ ଦୁଃଖ ସୁଖ, ଭଲମନ୍ଦ ଆପଣେଇ ଦେବାକୁ ପଡ଼ିଛି ପରସ୍ପର ହାତ ଧରାଧରି ହୋଇ।

ଆଜି କାହିଁକି ତାଙ୍କ ହାତ ଛଡ଼ା ହେଲା ଭଳି ମନେ ହେଉଛନ୍ତି ସ୍ୱାମୀ। ନିଜ ମନ କଥା ତାଙ୍କ ନିକଟରେ ପ୍ରକାଶ କରିବାକୁ ଦ୍ୱିଧା ବୋଧ କରୁଛନ୍ତି ଯେମିତି। ଏକ ମଧୁର ବିଷର୍ଣ୍ଣତା ଯେମିତି ତାଙ୍କ ମୁହଁ ଉପରେ ପରିସ୍ଫୁଟ ହୋଇ ପୁଣି ଉଭେଇ ଯାଉଛି କେଉଁଆଡେ। ନିଃସଙ୍ଗତା ଏବଂ କିଛି ଅଜଣା ଯନ୍ତ୍ରଣା ବସାବାନ୍ଧି ରହିଛି ତାଙ୍କ ମନ ତଳେ। ଚାହିଁଲେ ବି ସେଇ ବସା ଭାଙ୍ଗିବା ଦୁରୁହ ଥିଲା ତାଙ୍କ ପକ୍ଷରେ। କିଛି କାମ ନଥିବା ବେଳେ ସ୍ୱାମୀଙ୍କ ପାଖରେ ବସି ପଚାରି ବୁଝିଛନ୍ତି ତାଙ୍କ ଉଦାସୀନତା ସମ୍ପର୍କରେ। ଦେହ ପା' ଠିକ୍‌ଠାକ୍ ଅଛି କି ନାହିଁ ଜାଣିବାକୁ ଚାହିଁଛନ୍ତି। କିଛି ନକାରାତ୍ମକ ଚିନ୍ତା ମନରୁ ବାହାର କରିଦେବାକୁ ବୁଝାଇଛନ୍ତି। ହେଲେ ତାଙ୍କର ସବୁତକ ଉଦ୍ୟମ ବିଫଳ ହୋଇଛି ସ୍ୱାମୀଙ୍କ ଚଳଚଞ୍ଚଳ ତଥା ପୂର୍ବାବସ୍ଥାକୁ ଫେରାଇ ଆଣିବାରେ।

ସ୍ୱାମୀଙ୍କର ଏଇ ପରିବର୍ତ୍ତିତ ଢଙ୍ଗଢାଙ୍ଗ ଦେଖି ଶଙ୍କିତ ହୁଅନ୍ତି ସୁଜାତା। କେତେକ'ଣ ଦୁଃଶ୍ଚିନ୍ତା ପଶି ଆସେ ମନ ଭିତରକୁ। ନିଜ ଉପରେ ବି ଦୋଷ ଲଦି ଦିଅନ୍ତି କେବେ କେବେ। ସ୍ୱାମୀଙ୍କ ସହ ସାଥି ହୋଇ ବୁଲିବାକୁ ଯାଇଥିଲେ ହୁଏତ ଏମିତି ଅବସ୍ଥା ଦେଖିବାକୁ ପଡ଼ି ନଥାନ୍ତା। ସାଥି ହୋଇ ଯିବା ପାଇଁ ସ୍ୱାମୀ ତାଙ୍କୁ ବହୁବାର କହିଥିଲେ ମଧ ରାଜି ହୋଇନଥିଲେ ସେ। ଦୁରାରୋଗ୍ୟ ଆଜ୍‌ମା ହିଁ ତାଙ୍କ ଚିର ସହଚର ଯୋଗୁଁ ଘରଛାଡ଼ି ବାହାରକୁ ଯିବାକୁ ମନ ବଳାନ୍ତିନି। ଯେଉଁଥି ପାଇଁ ଏକଲା କୌଣସି ଦର୍ଶନୀୟ ସ୍ଥାନ ବୁଲିଯିବାକୁ ଚାହିଁଲେ ବି ଯାଇ ପାରନ୍ତିନି ସ୍ୱାମୀ। ଅନ୍ୟମାନଙ୍କ ସହ ସାଥି ହୋଇଯିବାକୁ ପରାମର୍ଶ ଦେଲେ ବି ରାଜି ହୁଅନ୍ତିନି। ହେଲେ ଏଥର ଏକ ଟ୍ରାଭେଲ ଏଜେନ୍ସି ଜରିଆରେ ଏକାକୀ ବୁଲିଯିବାକୁ ରାଜି ହୋଇଥିଲେ। ଯେଉଁଥିପାଇଁ ଏଭଳି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଲା।

ସ୍ୱାମୀ ପାଖରେ ଥାଇବି ତାଙ୍କର ଏମିତି ଅସ୍ୱାଭାବିକ ନିରବତା ପାଇଁ ସେ ନିଜକୁ ଖୁବ୍ ନିଃସଙ୍ଗ ମନେ କରୁଛନ୍ତି। ଅବଶ୍ୟ ସ୍ୱାମୀଙ୍କର ଅନ୍ୟମନସ୍କ ହେବାର ନଜିର ରହିଛି ବହୁ ଆଗରୁ। ବଗିଚାରେ ବସିଥିବା ସମୟରେ କେଉଁ ଆଡ଼େ ହଜି ଯାଇଥାନ୍ତି ଯେ ଚା' ଦେବା ବେଳେ ଦଶ ଡାକରେ ହଁ'ଟିଏ ମାରି ଚା' କପ ଧରିଥାନ୍ତି ତାଙ୍କ ହାତରୁ। ଠିକ୍ ସେମିତି ଛାତ ଉପରେ ରାତିରେ ଆକାଶକୁ ଚାହିଁ ରହିଥାନ୍ତି ଯେ ରହିଥାନ୍ତି। ଘଣ୍ଟା ଘଣ୍ଟା ବିତିଗଲେ ମଧ ଘରକୁ ଫେରିବାର ନାଁ ଧରନ୍ତିନି। ତଳେ ଡାକି ଡାକି ପାଟି ପଡ଼ିଗଲେ ବି ଶୁଣି ପାରନ୍ତିନି। ଖାଇବା ସମୟ ହେଲେ ବାଧ୍ୟ ହୋଇ ଛାତ ଉପରକୁ ଯିବାକୁ ପଡ଼ିଥାଏ ଆଣ୍ଠୁ ଯନ୍ତ୍ରଣା ସତ୍ତ୍ୱେ। ସ୍ୱାମୀଙ୍କର ଏଇ ଅନ୍ୟମନସ୍କତା ଦୂରେଇ ଯାଏ କିଛି ମୁହୂର୍ତ୍ତରେ। ପୁଣି ଫେରି ଆସନ୍ତି ସ୍ୱାଭାବିକ ଅବସ୍ଥାକୁ। ହେଲେ ଏମିତି ଅସ୍ୱାଭାବିକ ନିରବତା, ଉଦାସୀନତା ତଥା ବିଷର୍ଣ୍ଣତାରେ ବୁଡ଼ି ରହିବା କେବେ ଲକ୍ଷ୍ୟ କରିନାହାନ୍ତି।

ମନ ଭିତରକୁ ଅନେକ କିଛି ଭାବନା ପଶି ଆସୁଥିଲା। ତେବେ ଭ୍ରମଣରେ ଯିବା ଭିତରେ କେଉଁ ମାୟାବିନୀର ମାୟା ଜାଲରେ ଛନ୍ଦି ହୋଇ ଯାଇନାହାଁନ୍ତି ତ? ପ୍ରେମ, ପ୍ରୀତିର ବନ୍ଧନରେ ପୁରୁଷମାନେ ବାନ୍ଧି ହୋଇଯିବାତ ଖୁବ୍ ସହଜ। ସ୍ୱାମୀ ରୂପକ ଏଇ ମଣିଷଟିକୁ ସେଥିରୁ ବାଦ୍ ଦେଇ ହେବତ। ତାଙ୍କ ଜୀବନରେ ଘଟି ଯାଇଥିବା ଅନେକ କିଛି ଅକୁହା କଥା କହିଛନ୍ତି ତାଙ୍କ ଆଗରେ। କିଛି ଲୁଚାଛାପା ବେସରମ ମୁହୂର୍ତ୍ତର ମୁଦା ପେଡ଼ି ଖୋଲିବାରେ କୁଣ୍ଠାବୋଧ କରିନାହାନ୍ତି। ତେବେ ଆଜି ସେମିତି କିଛି ଦୁର୍ବଳ ମୁହୂର୍ତ୍ତକୁ ତାଙ୍କ ଆଗରେ ଖୋଲି

କହିବାରେ ସଂକୋଚ କାହିଁକି ? ଏକ ଅଭିମାନ ଭରା କଣ୍ଠରେ ସ୍ୱାମୀଙ୍କୁ ପଚାରିଥିଲେ: - "ଦୀର୍ଘ ପଞ୍ଚଚାଳିଶ ବର୍ଷର ଜୀବନ ଯାତ୍ରାରେ ତୁମ ପ୍ରତି ମୋ କର୍ତ୍ତବ୍ୟରେ କ'ଣ କିଛି ଉଣା ରହିଗଲା ?"

ହଠାତ୍ ଏମିତି ଏକ ପ୍ରଶ୍ନରେ ପ୍ରକୃତିସ୍ଥ ହୋଇ ପତ୍ନୀଙ୍କୁ ଚାହିଁ ରହିଲେ ଅବିନାଶ ହେଲେ କିଛି ଉତ୍ତର ନଥିଲା ମୁହଁରେ।

"କାହିଁକି କ'ଣ ପାଇଁ ଆଜି ତୁମର ଏ ନିରବତା, ମନରେ ମହଣ ମହଣ ବିଷର୍ଣ୍ଣତା, କିଛି ଅଘଟଣ ଲୁଚାଇବାକୁ ଚାହୁଁଛ ମୋ ନିକଟରେ। କହିବାକୁ ଚାହିଁଲେ ବି କହି ପାରୁନ। ନାଁ ଚାପି ରଖି ପାରୁଛ ପେଟ ଭିତରେ ନାଁ ପ୍ରକାଶ କରି ପାରୁଛ ମୋ ଆଗରେ। ପତ୍ନୀ ଆଗରେ ପ୍ରକାଶ କରିବାରେ ଏତେ ଦ୍ୱିଧା କାହିଁକି ? ଅସହଜ କଥାଟା ବାହାରି ଆସିଲେ ପେଟରୁ ସହଜ ହୋଇଯିବ ମନ। ସୁନ୍ଦର ଦିଶିବ ସଚରାଚର। ଆପଣେଇ ନେବ ଏଇ ପରିବେଶ। ଏମିତି ଚୁପ୍ ରହିବା ଅର୍ଥ ମୋର କ'ଣ କିଛି ତ୍ରୁଟି ରହିଗଲା ନିଜ କର୍ତ୍ତବ୍ୟରେ .... ତୁମକୁ ବୁଝିବାରେ ....। ଅଭିମାନ ଭରା କଣ୍ଠରେ ମନର କ୍ଷୋଭ ପ୍ରକାଶ କରି ଚାଲି ଯାଇଥିଲେ ପତ୍ନୀ।

ସୁଜାତାଙ୍କର ମାନସିକ ଅବସ୍ଥା ପରିସ୍ଫୁଟ ହୋଇଥିଲା ମୁହଁରେ। ବିଚଳିତ ହୋଇ ପଡ଼ିଥିଲେ ଅବିନାଶ। ତାଙ୍କ ଭଳି ଜଣେ ସରଳ, ନିଷ୍କପଟ ମଣିଷ ଆଗରେ ନିଜ ମନର ଭାବ ଲୁକ୍କାୟିତ ରଖିବା ଯୋଗୁଁ ନିଜକୁ ଅପରାଧୀ ଭଳି ମନେ କରୁଥିଲେ। ବିବାହ ପରଠୁ ଜୀବନର ସବୁ ଝଡ଼ଝଞ୍ଜା, ଅଭାବ ଅସୁବିଧା ଏବଂ ବିପଦ ଆପଦ ସାମ୍ନା କରିଛନ୍ତି ଛାଇ ଭଳି ତାଙ୍କ ପାଖେ ପାଖେ ରହି। ଆଖି ବୁଜି ବିଶ୍ୱାସ ଏବଂ ଭରସା ରଖିଛନ୍ତି ତାଙ୍କ ଉପରେ। ଶାଶୁ, ଶ୍ୱଶୁରଙ୍କ ସେବା ଯତ୍ନରେ ଉଣା କରି ନାହାନ୍ତି। ପିଲାମାନଙ୍କର ଅଳି ଅର୍ଦ୍ଦଳି ସହି ମଣିଷ କରିଛନ୍ତି।

ସୁଜାତାଙ୍କ ଭଳି ଜଣେ ରୂପବତୀ, ଗୁଣବତୀ ପତ୍ନୀ ପାଖରେ ଥାଇ ବି ସେଇ ଝିଅଟିର ଭାବନା କାହିଁକି ତାଙ୍କୁ ମନ ଭିତରକୁ ପଶି ଆସୁଛି ?

କାହିଁକି କଳ କଳ ଛଳ ଛଳ ନାଦରେ ପାହାଡ଼ୀ ଝରଣା ଭଳି ବହି ଯାଉଛି ତାଙ୍କ ହୃଦୟ କନ୍ଦରରେ ? ଆଉ ସେଇ ଝରଣା ଜଳରେ ପ୍ରତିବିମ୍ବିତ ହେଉଛି ଝିଅଟିର ମୁଲାୟମ ପ୍ରତିଛବି। ଏ ବୟସରେ ବି ତାଙ୍କ ଭିତରେ କେଉଁଠି ଲୁଚି ରହିଥିଲା ଏତେ ଆବେଗ, ଏତେ ଉନ୍ମାଦନା ଯାହା ଏଯାବତ୍ କେବେ ଅନୁଭୂତ ହୋଇନି ପତ୍ନୀ ପାଖରେ ଥାଇବି। ସେଇ ଝିଅଟି ପାଇଁ ସୃଷ୍ଟି ହେଉଛି ଦେହରେ କମ୍ପନ ଆଉ ହୃଦୟରେ ନାହିଁ ନ ଥିବା ବ୍ୟାକୁଳତା। କହିଦେବାକୁ ଇଚ୍ଛା ହେଉଥିଲା ସେଇ ଝିଅଟି ସହିତ ବିତି ଯାଇଥିବା ବିହ୍ୱଳିତ ମୁହୂର୍ତ୍ତଗୁଡ଼ିକୁ ସରଳମନା ପତ୍ନୀଙ୍କ ଆଗରେ ଯିଏ ସାରା ଜୀବନ ତାଙ୍କ ଉପରେ ବିଶ୍ୱାସ ଆଉ ଭରସା ରଖି ବାଟ ଚାଲିଛି। ହେଲେ ପୁଣି ସଂକୁଚିତ ହୋଇ ଯାଆନ୍ତି ପର ମୁହୂର୍ତ୍ତରେ।

ପତ୍ନୀଙ୍କ ପ୍ରତି କ'ଣ ମନରେ ଭୟ ରହିଛି ତାଙ୍କର ? ରହିବନି ବା କେମିତି, ତାଙ୍କ ଭଳି ଜଣେ ଖାମଖିଆଲି ମଣିଷର ସଂସାରକୁ ସଜାଡ଼ିବାରେ ପତ୍ନୀଙ୍କର ଯଥେଷ୍ଟ ଅବଦାନ ରହିଛି। ସେ ଭିତରେ ଯେତିକି ଶାନ୍ତ, ସରଳ ବାହାରେ ସେତିକି କଠୋର ମନେ ହୁଅନ୍ତି। ପରିବାରର ଶୃଙ୍ଖଳା, ସଂସ୍କାର, ସମୟାନୁବର୍ତ୍ତିତା ଏବଂ କର୍ତ୍ତବ୍ୟ ପରାୟଣତା ବଜାଏ ରଖିବା ପାଇଁ ତାଗିଦ କରିଥାନ୍ତି ପିଲାମାନଙ୍କୁ ଏବଂ ତାଙ୍କୁ ବି।

ବିବାହ ପରଠୁ ଆଜି ପର୍ଯ୍ୟନ୍ତ ତାଙ୍କ ଜୀବନ ଶୈଳୀରେ କିଛି ଭିନ୍ନତା ଦେଖିଲେ ଚିଡ଼ି ଉଠନ୍ତି। ରୋକ୍‌ଠୋକ୍ ଶୁଣାଇ ଦିଅନ୍ତି ମୁହେଁ ମୁହେଁ। କେବେ କେବେ ମୋବାଇଲ ଦେଖି ସମୟ ଅତିବାହିତ କରୁଥିଲେ ଚିଡ଼ି ଉଠି ହାତରୁ ଭିଡ଼ି ଆଣନ୍ତି ମୋବାଇଲ। ଦି'ପଦ ଶୁଣାଇ ଦିଅନ୍ତି ରାଗ ଗରଗର ହୋଇ। ବସି ବସି କ'ଣ କରିବି କହିଲେ ହାତରେ କାଗଜ କଲମ ଧରେଇ ଦେଇ କିଛି ଲେଖା ଲେଖି କରିବାକୁ କହିଥାନ୍ତି। କାହା ସହ ବେକାର କଥା ହେବା, ନେଟରେ ବାଜେ କଥା, ବାଜେ ଫଟୋ ଦେଖି ସମୟ ଅପବ୍ୟୟ କଲେ ମୋବାଇଲ ଦେବେ ନାହିଁ ବୋଲି କହିଥାନ୍ତି। କଥାଟା ଏଡେଇ ଦେବା ପାଇଁ ରସିକ ପଣିଆ ଦେଖାଇ ସେ କହିଥାନ୍ତି - "ଆରେ ତୁମ ଭଳି ସୁନ୍ଦରୀ ପତ୍ନୀକୁ ପାଇ ସ୍ୱପ୍ନମୟ ହୋଇ ଯାଇଥିଲା ମୋ ଜୀବନ। ସ୍ୱପ୍ନର ଦୁନିଆଁରେ ଭାସି ଭାସି ଲେଖୁଥିଲି ପ୍ରେମ, ପ୍ରୀତିରେ ଭରା ଛନ୍ଦମୟ କବିତା ଆଉ ଗଳ୍ପ। ତୁମେ ମୋ ଜୀବନ ପରିଧିକୁ ଆସିନଥିଲେ ସମ୍ଭବ ହୋଇନଥାନ୍ତା ବାଙ୍ମୟତା। ଅଧୁରା ରହି ଯାଇଥାନ୍ତା ସାରସ୍ୱତ ସାଧନା।"

"ମିଛି କହି ମୋତେ ଭୁଲେଇ ଦେବାକୁ ଚାହୁଁଛ ନା। ମୁଁ ନୁହେଁ ବରଂ କେଉଁ ପ୍ରେମିକା ପାଇଁ ଲେଖିଥିବ। ଏ ବୟସରେ ମୋତେ ମିଛ କହିବା ଆବଶ୍ୟକ ପଡୁନି। ଯେଉଁ ବୟସରେ ତୁମର ଆବଶ୍ୟକତା ଥିଲା ମୋ ପାଇଁ ଏବଂ ଏଇ ଘର ପାଇଁ ସେତେବେଳେ ତୁମେ ସମୟ ବିତାଉଥିଲ ବାହାରେ। ଘରେ ପିଲାମାନଙ୍କ ପାଠପଢ଼ା, ତାଙ୍କର ଯତ୍ନ ନେବା ମୋତେ ସମ୍ଭାଳିବାକୁ ପଡ଼ିଥିଲା। ଏବେତ ସେମାନେ ନିଜ ଦାୟିତ୍ୱ ନିଜେ ସମ୍ଭାଳୁଛନ୍ତି। ଆଉ ମୋର ବୟସ ବଢ଼ିଗଲାଣି। ତୁମର ପିଲାମାନଙ୍କ କଥା ବୁଝିବା ପରେ ଏବେ ନାତି, ନାତୁଣୀମାନଙ୍କ ପଛରେ ଦଉଡ଼ି ଦଉଡ଼ି ଗୋଡ଼ ହାତ ବିନ୍ଧା ହେଉଛି। କେବେ ଏଇ ସବୁ କାମରେ ମୋତେ ସାହାଯ୍ୟ କରିଛ ? ମୋର ଖୁସି, ଇଚ୍ଛା ଅନିଚ୍ଛା ସମ୍ପର୍କରେ ପଚାରି ବୁଝିଛ ? କୁଆଡ଼େ ପଞ୍ଚଚାଳିଶ ବର୍ଷ ଗଡ଼ିଗଲା ଭରା ନଈର ପାଣି ଭଳି। ଏବେ ଶୁଖିଲା ପଡ଼ିଛି ଏ ଦେହର ନଈଟା।

ଏମିତି ସବୁ ବାଜେ ଚିନ୍ତା ତୁମ ମନ ଭିତରକୁ କାହିଁକି ଆସୁଛି। ସତରେ ତୁମେ ହିଁ ତ ମୋତେ ଲେଖିବାକୁ ପ୍ରେରଣା ଦେଇଛ। ମୋ ପରିବାର ତଥା ପିଲାମାନଙ୍କ ଦାୟିତ୍ୱ ତୁଲାଇଛ। ଆମର ସବୁ କିଛି ଉନ୍ନତି ତୁମ ପାଇଁ ସମ୍ଭବ ହୋଇଛି।

ହେଲେ ମୁଁ ପାଇଛି କ'ଣ ? ମୋ ଜୀବନର ସବୁ କିଛି ପରିବାର ତଥା ତୁମ ସେବାରେ କଟିଛି। ତୁମ ଭଲ ପାଇଁ ମୋ ମିଛ ରାଗ ହିଁ ଦେଖିଛ। ସାଙ୍ଗ ସୁଖ ପାଇଁ ତମେ ଯେତେବେଳେ ବାହାରେ ସମୟ ବରବାଦ କରିବାକୁ ଯାଇଛ ସେତେବେଳେ ତୁମ ଉପରେ ମିଛ କ୍ରୋଧ ପ୍ରକାଶ କରି ଲେଖିବାକୁ ବାଧ୍ୟ କରିଛି। ଠିକ୍ ସେମିତି ନାଲି ଆଖି ଦେଖାଇଛି ପିଲାମାନଙ୍କୁ ମଣିଷ କରିବା ପାଇଁ।

ସତରେ ବେଳେବେଳେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ ପତ୍ନୀ ରୂପକ ଏଇ ମଣିଷଟିର ଦୁଇଟି ଭିନ୍ନ ରୂପ ଦେଖି। ଆଜି ବି ଏ ବୟସରେ ନିଜ ଦେହର ପୀଡ଼ା ଦେହରେ ମାରି ସ୍ୱାମୀଙ୍କୁ ଖୁସିରେ ଦେଖିବା ପାଇଁ କେତେ ବ୍ୟାକୁଳ। କେତେ କ'ଣ ଚିନ୍ତା ତାଙ୍କ ମୁହଁରେ ଟିକେ ହସ ଦେଖିବା ପାଇଁ। ଅଥଚ କେଉଁ ଅଜଣା, ଅଶୁଣା ରୂପବତୀର ମାୟାଜାଲରେ ଛନ୍ଦି ହେବାକୁ ଯାଉଛନ୍ତି ସେ ସଂଯମତାର ଚଉହଦୀ ଡେଇଁ। ଆଣ୍ଡାମାନ ନିକୋବର ଦ୍ୱୀପ ପୁଞ୍ଜ ଭ୍ରମଣ କାଳରେ ମନରେ ସୃଷ୍ଟି ହେଉଥାଏ ନାହିଁ ନଥିବା ରୋମାଞ୍ଚ। ସେଦିନ ବଡ଼ିଭୋରରୁ ଆମର ଯାତ୍ରା ଆରମ୍ଭ ହୋଇଥିଲା। (ହାବଲକ୍ ଆଇଲାଣ୍ଡ) ବର୍ତ୍ତମାନର ସ୍ୱରାଜ ଦ୍ୱୀପ ଅଭିମୁଖେ।

ସମୁଦ୍ରରେ ଜାହାଜ ଯାତ୍ରା ଥିଲା ମୋର ପ୍ରଥମ ଅଭିଜ୍ଞତା। ସମୁଦ୍ରକୁ ଆଖି ପୂରେଇ ଦେଖିବା ପାଇଁ ଜାହାଜର ଝର୍କା ପାଖ ସିଟ୍‌ରେ ବସିଥିଲି। ପାଖ ସିଟ୍‌ଟି ଖାଲି ଥିଲା। ସମୁଦ୍ରର ଉତ୍ତାଳ ତରଙ୍ଗ ଡେଇଁ ଜାହାଜ ଆଗକୁ ଆଗକୁ ଚାଲୁଥିଲା ନୀଳ ଜଳରାଶିରେ ହଲି ଦୋହଲି। ଉଦୀୟମାନ ସୂର୍ଯ୍ୟଙ୍କର ସୁନେଲୀ କିରଣ ବିଛେଇ ହୋଇ ପଡ଼ିଥିଲା ନୀଳ ଜଳରାଶିରେ। ଚଳନ୍ତା ଜାହାଜର ଦୁଇ ପାର୍ଶ୍ୱରେ ଦୃଶ୍ୟମାନ ହେଉଥାଏ ଅନ୍ୟ କେତୋଟି ଦ୍ୱୀପ। ଏଇ ଦ୍ୱୀପଗୁଡିକ ପ୍ରତୀୟମାନ ହେଉଥିଲା ସମୁଦ୍ର ମଝିରେ ମୁଣ୍ଡ ଟେକି ଠିଆ ହୋଇଥିବା ଢେଉ ଢେଉକା ପାହାଡ଼, ପର୍ବତ ଭଳି। ଦିଗ୍‌ବଳୟ ଛୁଉଁଥିବା ଅଥଳତଳ ସମୁଦ୍ରର ଭୀଷଣତା ମନରେ ଭୟ ଉଦ୍ରେକ କରିବା ପରିବର୍ତ୍ତେ

ବିଭୋରତା ତଥା ରୋମାଞ୍ଚ ସୃଷ୍ଟି କରୁଥିଲା ମନରେ। ଆଖି ପୂରେଇ ସମୁଦ୍ରର ମହାନତା ତଥା ବ୍ୟାପକତାରେ ଉଲ୍ଲସିତ ହେଉଥିବା ବେଳେ ପ୍ରତିବନ୍ଧକ ସୃଷ୍ଟି କରୁଥିଲା ମୁହଁ ଉପରେ ଉଡୁଥିବା କିଛି କେଶରାଶି। ଅନ୍ୟମନସ୍କ ଭାବେ ହାତରେ ଆଡ଼େଇ ଦେଉଥିଲେ ସେଗୁଡ଼ିକୁ ଅବିନାଶ। ବାରମ୍ବାର ସେଇ ଏକ ପ୍ରକାର ପ୍ରତିବନ୍ଧକ ସୃଷ୍ଟି ହେବା କାରଣରୁ ପ୍ରକୃତିସ୍ଥ ହୋଇ ଆଖି ଫେରାଇ ଆଣିଥିଲେ ନିଜ ଆଡ଼କୁ।

ରୋମାଞ୍ଚିତ ତଥା ପୁଲକିତ ହୋଇଥିଲେ ଅବିନାଶ ନିଜକୁ ଯେଉଁଭଳି ଭାବେ ଆବିଷ୍କାର କରିଥିଲେ। ତାଙ୍କ ଅଲକ୍ଷ୍ୟରେ ନିଜ ସିଟ୍ ପାଖକୁ ଲାଗି ବସିଥିଲେ ଜଣେ ଅପରୂପା ତରୁଣୀ। ମନେ ହେଉଥିଲେ ନବ ବିବାହିତ ଭଳି। ହେଲେ ପାଖରେ ସ୍ୱାମୀ ନଥିଲେ କି ଅନ୍ୟ କେହି ନଥିଲେ। ଜାହାଜର ଏଇ ପାର୍ଶ୍ୱ ଦୁଇ ଜଣିଆ ସିଟ୍ ଲମ୍ବିଥିଲା ଆଗରୁ ପଛ ଯାଏଁ। ଲାଗୁଥିଲା ମହିଳାଙ୍କ ସହଯାତ୍ରୀ କେହି ନଥିଲେ। ମେଘୁଆ ଗହଳ କେଶରାଶି ତାଙ୍କର ବେପରୁଆ ଉଡୁଥିଲା ଏଣେ ତେଣେ। କେତେବେଳେ ତାଙ୍କ ନିଜ ମୁହଁ ଉପରେ ତ କେତେବେଳେ ପିଟି ହେଉଥିଲା ଅବିନାଶଙ୍କ ମୁହଁ ଉପରେ। ମୁହଁ ଉପରେ ପହଁରି ଯାଉଥିବା ସାମ୍ପୁକରା କେଶରାଶିର ବାସ୍ନାରେ ପୁଲକିତ ହେଉଥିଲେ ସେ। ଚୁପଚାପ୍ ବସି ମନ ଭରି ଆଘ୍ରାଣ କରିବାକୁ ଲାଗିଲେ ସାମ୍ପୁକରା କେଶର ବାସ୍ନା ସାଙ୍ଗକୁ ଦେହରୁ ନିର୍ଗତ ମଧୁର ବାସ୍ନା।

ଅତୀତ ମନସ୍କ ହେବାକୁ ଲାଗିଲେ ଏଇ ବାସ୍ନାରେ। ସତେ ଯେମିତି ପୂର୍ବ ପରିଚିତା ଏଇ ରୂପସୀ ତରୁଣୀ। ପରିଚୟ ଜାଣିବା ପାଇଁ ପ୍ରବଳ ଇଚ୍ଛା ହେଉଥିଲା। ହେଲେ କିଛି ପଚାରିବେ ଭାବି ପଚାରି ପାରୁନଥିଲେ। ପାଖାପାଖି ସିଟ୍‌ରେ ବସିଥିବା ଯୋଗୁଁ ତରୁଣୀଟିର ମୁଲାୟମ ଅଙ୍ଗ ସ୍ପର୍ଶ କରିବାର ଇଚ୍ଛା ବି ଫଳବତୀ ହେଉଥିଲା ଜାହାଜ ଉଠ୍‌ପଡ୍ ହେବା ଭିତରେ। ବୟସର ପ୍ରାଚୀର ଭାଙ୍ଗି ମନତଳେ ଚାପି ହୋଇଥିବା କାମନା, ବାସନା ମୁକୁଳିବାର ଉଦ୍ୟମ କରୁଥିଲେ। ଲୋଭନୀୟ ଅଙ୍ଗର ସାମାନ୍ୟ ସ୍ପର୍ଶ ଦେହରେ ମନରେ ପୁଲକ ସୃଷ୍ଟି କରୁଥିଲା। ଶରତ ଆକାଶର ସ୍ପର୍ଶ ଥିଲା ତା ଦେହରେ। ମାର୍ଗଶୀର ନଦୀର ଜଳ ପରି ଚହଲି ଯାଉଥିଲା ପବନରେ। ପଦ୍ମ ପତ୍ରର କୋମଳତା ଅନୁଭୂତ ହେଉଥିଲା ଦେହକୁ ଦେହଲାଗି ଯିବାରେ। ମଲ୍ଲୀ ଫୁଲର ବାସ୍ନା ଝରି ପଡୁଥିଲା ପାଖକୁ ଆଉଜି ପଡ଼ିଲେ।

ଜାହାଜ ଆଗକୁ ଯିବା ଭିତରେ ଉଠ ପଡ ହେବା ବଢ଼ି ଚାଲିଥିଲା। ପୂର୍ଣ୍ଣମୀ ତିଥି ଯୋଗୁ ବୋଧେ ସମୁଦ୍ର ଅଶାନ୍ତ ମନେ ହେଉଥିଲା। ସମୁଦ୍ରର ଉତ୍ତାଳ ତରଙ୍ଗ ଡେଇଁ ଯିବା ଭିତରେ ଜାହାଜର ଦୋଦୁଲ୍ୟମାନ ସ୍ଥିତି ପାଇଁ ଅନେକ ଯାତ୍ରୀଙ୍କର ବାନ୍ତି ହୋଇଥିଲା। ବାନ୍ତି ହୋଇଥିଲା ପାଖ ସିଟ୍‌ରେ ବସିଥିବା ତରୁଣୀର। ବାନ୍ତି ବଢ଼ିବାରୁ ଅବିନାଶ ଏଣେ ତେଣେ ଚାହିଁଥିଲେ ତରୁଣୀଙ୍କର କେହି ସମ୍ପର୍କୀୟ କେଉଁଠି ବସିଥିବେ ଭାବି। ହେଲେ କେହି ତାଙ୍କ ପାଖକୁ ନ ଆସିବା ଦେଖି ନିଜେ ସିଟ୍‌ରୁ ଉଠି ମହିଳାଙ୍କ ପିଠି ଏବଂ ମୁଣ୍ଡ ଥାପୁଡେଇବାରେ ଲାଗିଲେ। କିଟ୍‌ବକ୍ସରୁ ସାନିଟାରୀ କାଗଜ କାଢ଼ି ତାଙ୍କ ମୁହଁ ପାଖରେ ଦେଖାଇଥିଲେ। ବାନ୍ତି ବନ୍ଦ ହୋଇଥିଲା କିଛି ସମୟ ପରେ। ବାନ୍ତି କିଛିଟା ପିନ୍ଧା ଲୁଗାରେ ପଡ଼ିଥିବା ଯୋଗୁଁ ତାଙ୍କ ହାତ ଧରି ୱାସ୍‌ରୁମ୍‌କୁ ନେଇଥିଲେ ଅବିନାଶ। ମୁହଁ, ହାତ ଧୋଇ, ଲୁଗାରୁ ବାନ୍ତି ଛଡ଼େଇ ୱାସ୍‌ରୁମ୍‌ରୁ ବାହାରିବା ଯାଏ ସେଠାରେ ଅପେକ୍ଷା କରିଥିଲେ ସେ। ପରେ ତାଙ୍କ ହାତ ଧରି ନିଜ ସିଟ୍‌କୁ ନେଇ ଆସିଥିଲେ।

ସିଟ୍‌ରେ ବସିବା ପୂର୍ବରୁ "ବହୁତ ବହୁତ ଧନ୍ୟବାଦ ଅବିନାଶ ସାର୍" କହି ବସି ପଡ଼ିଥିଲେ ତରୁଣୀ। ଏତେ ସମୟ ଧରି ଚୁପ୍‌ଚାପ୍ ବସିଥିବା ତରୁଣୀଙ୍କ ପାଟିରୁ ନିଜ ନାଁ ଶୁଣି ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁ ରହିଲେ ଅବିନାଶ। ଭାବୁଥିଲେ ତରୁଣୀଟି ପୂର୍ବ ପରିଚିତା ନିଶ୍ଚିତ। ତେବେ ଠିକ୍ ଭାବେ ସ୍ମରଣ ନହେବାରୁ ଅପ୍ରସ୍ତୁତ ମନେ କରୁଥିଲେ ନିଜକୁ। କିଛି ସମୟ ବିତିଥିଲା ନିରବରେ। ତେବେ ପୂର୍ବ ପରିଚିତା ରୂପସୀ ତରୁଣୀଙ୍କୁ କିଭଳି ସମ୍ବୋଧନ କରିବେ ଏବଂ ତାଙ୍କ ପ୍ରତି ନିଜର ବ୍ୟବହାରରେ କିଛି ତ୍ରୁଟି କରିନାହାନ୍ତି ବୋଲି ଚିନ୍ତାରେ ପଡ଼ି ଯାଇଥିବାବେଳେ ମୁହଁରେ ସ୍ମିତ ହସ ଖେଳେଇ ପାଟି ଖୋଲିଥିଲେ ତରୁଣୀ।

ଆପଣ ଆଶ୍ଚର୍ଯ୍ୟ ହେଉଥିବେ ମୁଁ ଆପଣଙ୍କ ନାଁ ଜାଣିଲି କେମିତି। ଆପଣଙ୍କର ମନେ ଅଛି ସେଦିନର ବର୍ଷଣ ମୁଖର ସନ୍ଧ୍ୟାରେ ବିଜୁଳି ଘଡ଼ଘଡ଼ିର ଚମକରେ ଆମେ ଭୟରେ ପରସ୍ପରକୁ ଜାବୁଡ଼ି ଧରିବାର ଅନନ୍ୟ ଅନୁଭୂତି। ମନେ ଅଛି ରାତି ଅନ୍ଧାରରେ ବର୍ଷାରେ ଭିଜି ଗୋଟିଏ ଛତା ତଳେ ପରସ୍ପର ଧରାଧରି ହୋଇ ପାଣି ଭର୍ତ୍ତି ରାସ୍ତାରେ ବାଟ ଚାଲିବାର ଅଭୁଲା ସ୍ମୃତି।

ସୁଚିତ୍ରା ....।

ହଁ ସାର୍, ମୁଁ ସେଇ ସୁଚିତ୍ରା। ଆପଣଙ୍କର ମୋ ନାଁ ମନେ ଅଛି... ମନେ ଅଛି ସେଇ ବର୍ଷଣ ମୁଖର ସନ୍ଧ୍ୟାରେ ରୋମାଞ୍ଚିତ କେତୋଟି ମୁହୂର୍ତ୍ତ ... ?

ଲାଜେଇ ଯାଇଥିଲେ ଅବିନାଶ। ବୟସରେ କାହିଁ କେତେ ସାନ ଏଇ ତରୁଣୀ ସାମ୍ନାରେ ସେଦିନ ନିଜ ଅନ୍ତଃ ଚେହେରାର ମଣିଷଟି ଧରାପଡ଼ି ଯାଇନାହିଁ ତ ? ସଂକୁଚିତ ହୋଇ ଯାଇଥିଲେ ତରୁଣୀ ଆଗରେ। ତେବେ ପରିସ୍ଥିତି ସ୍ୱାଭାବିକ କରିବା ପାଇଁ କହିଥିଲେ -

ତୁମ ଚେହେରାରେ ଅନେକ କିଛି ପରିବର୍ତ୍ତନ ହୋଇଛି। ତା'ଛଡ଼ା ଅନେକ ଦିନ ହେବ ଦେଖା ହୋଇନଥିବା ଯୋଗୁଁ ଚିହ୍ନି ପାରିନଥିଲି।

ହଁ ସାର୍, ଏ ଭିତରେ ମୋର ବିବାହ ହୋଇଯାଇଛି। ବିବାହ ପରେ ଏବେ ମୁଁ ବାଲେଶ୍ୱରରେ ରହୁଛି। ଆମେ ଯେଉଁ ଟ୍ରାଭେଲ ଏଜେନ୍ସି ଜରିଆରେ ଟୁର୍‌ରେ ଆସିଛେ ତା' ମାଲିକ ଘର ବାଲେଶ୍ୱରରେ। ବାଲେଶ୍ୱରରୁ ପ୍ରାୟ ଲୋକ ଆସିଛନ୍ତି ଟୁର୍‌ରେ। ଭୁବନେଶ୍ୱରରୁ ଆପଣ ଯେଉଁ ଟ୍ରେନ ଚେନ୍ନାଇ - ହାୱଡ଼ା ମେଲ୍‌ରେ ଆସିଲେ ଆମେ ସେଇ ଟ୍ରେନ୍‌ରେ ବାଲେଶ୍ୱରରୁ ଉଠିଥିଲୁ। ତେବେ ଟୁର୍‌ରେ ଆସିଥିବା ଏତେ ଲୋକଙ୍କ ମଧ୍ୟରେ ଆପଣଙ୍କୁ ଦେଖି ପାରିନଥିଲି। ଭଲ ହେଲା ଏତେ ଦିନ ପରେ ଆପଣଙ୍କ ସହିତ ଦେଖା ହେବା ଯୋଗୁଁ।

"ତୁମ ସହ ଆଉ କେଉଁମାନେ ଆସିଛନ୍ତି। ତା' ଛଡ଼ା ତୁମ ସ୍ୱାମୀଙ୍କୁ ଦେଖି ପାରୁନି ଯେ...।" "ନାଁ ମୁଁ ଏକଲା ହିଁ ଆସିଛି। ମୁଁ ବାଲେଶ୍ୱରରେ ଏକ ଘରୋଇ ସ୍କୁଲରେ ଶିକ୍ଷକ ଅଛି। ସ୍ୱାମୀ ବାଙ୍ଗାଲୋରରେ ଏକ ମଲ୍ଟି ନ୍ୟାସନାଲ କମ୍ପାନୀରେ ଇଂଜିନିୟର ଅଛନ୍ତି। ତାଙ୍କର ଛୁଟି ମିଳିଲାନି ମୋ ସହ ବୁଲି ଆସିବା ପାଇଁ। ତା' ଛଡ଼ା ବିବାହ ପରେ ନିଃସଙ୍ଗ ଜୀବନ ବଞ୍ଚିବା ଯନ୍ତ୍ରଣାଦାୟକ ମନେ ହେଉଥିବାରୁ କେବେ କେବେ ଏକଲା ଏଇ ଟ୍ରାଭେଲ ଏଜେନ୍ସି ଜରିଆରେ ରୁଚିକର ସ୍ଥଳକୁ ବୁଲି ଆସିଥାଏ।"

ସୁଚିତ୍ରା ତା' ଜୀବନର ଲୁକ୍କାୟିତ ସତ୍ୟ ପ୍ରକାଶ କରିବାରେ କୁଣ୍ଠାବୋଧ କରିନଥିଲା। ତେବେ ଏଇ କେତେଟା ମୁହୂର୍ତ୍ତର ସାକ୍ଷାତ ଏବଂ ଆଉ ଦିନେ, ଦୁଇଦିନ ଗୋଟିଏ ସ୍ଥାନରେ ରହିବା ପରେ ପରସ୍ପରଠାରୁ ପୁଣି ସବୁଦିନ ପାଇଁ ଦୂରେଇ ଯିବାର ନିଶ୍ଚିତତା ଜାଣିବା ପରେ ତା' ମନର ଗୋପନ ପେଡ଼ି ତାଙ୍କ ଆଗରେ ଖୋଲିବାରେ ଏକ ଅପୂର୍ବ ଭାବୋଚ୍ଛ୍ୱାସ ଖେଳି ଯାଇଥିଲା ହୃଦୟରେ। ପାଖାପାଖି ବସି ରହିଥିବା ଯୋଗୁଁ ଦେହର ସାମାନ୍ୟ ସ୍ପର୍ଶ ଏବଂ ମୁହଁ ଉପରେ ଦୋଳାୟମାନ ଅଲୁଳାୟିତ କେଶର ମଧୁର ବାସ୍ନା ସମର୍ପଣର ଭାବ ଉଜ୍ଜୀବିତ କରୁଥିଲା ମାନସିକତାରେ। ତିନି ଘଣ୍ଟାର ସମୁଦ୍ର ଯାତ୍ରା ପରେ ଜାହାଜ ଲାଗିଥିଲା ହାଭଲକ୍ ଆଇଲାଣ୍ଡ କୂଳରେ। ସମୁଦ୍ରରୁ ଖୁବ୍ ଛୋଟ ଜଣା ପଡୁଥିଲେ ମଧ୍ୟ ଏଇ ଦ୍ୱୀପଟି ଥିଲା ବେଶ୍ କିଛି ବଡ଼। ଏଠାରେ ସମୁଦ୍ର କୂଳଗୁଡ଼ିକ ବେଶ୍ ଉପଭୋଗ୍ୟ। ଆହୁରି ଉପଭୋଗ୍ୟ ହୋଇଥିଲା ସମୁଦ୍ର କୂଳ ବୁଲିବା ଭିତରେ ସୁଚିତ୍ରା ତାଙ୍କର ପାଖ ଛାଡ଼ି ନଥିବା ଯୋଗୁଁ।

ସମାରୋହ

କାଳାପଥର ବିଚ୍‌କୁ ଲାଗିଥିବା ଘଞ୍ଚ ଜଙ୍ଗଲ ମଧ୍ୟକୁ ହାତ ଧରି ନେଇ ଯାଇଥିଲା ସୁଚିତ୍ରା ନିରୋଳାରେ କିଛି ମଧୁର ଆଳାପ କରିବା ଲକ୍ଷ୍ୟରେ। ହେଲେ ଏଇ ଜଙ୍ଗଲ ଏତେ ଘଞ୍ଚ ଥିଲା ଯେ, ଫେରି ଆସିଥିଲେ ଭିତରକୁ ନ ଯାଇ। ରାଧାନଗର ବିଚ୍‌ର ଦୃଶ୍ୟ ବେଶ୍ ମନଛୁଆଁ। ଏଠାରେ ସମୁଦ୍ର ଅଗଭୀର ଏବଂ ବିଚ୍ ଲମ୍ବିଛି ଅନେକ ଦୂର ପର୍ଯ୍ୟନ୍ତ। ସମୁଦ୍ର କୂଳେ କୂଳେ ଲମ୍ବିଛି ଜଙ୍ଗଲ। ଏଇ ବିଚ୍‌ରେ ଅନେକ ଦୋକାନ ବଜାର ସାଙ୍ଗକୁ ପର୍ଯ୍ୟଟକମାନଙ୍କର ଭିଡ଼ ସଦାବେଳେ। ସମୁଦ୍ରରେ ଜଳକ୍ରୀଡ଼ାର ମଜା ନେଉଥାନ୍ତି ଅନେକ ପର୍ଯ୍ୟଟକ। ଏଠାରେ ସନ୍ଧ୍ୟା ଯାଏଁ ରହଣି ପାଇଁ ସ୍ଥିର ହୋଇଥିଲା ଯେହେତୁ ହାଭଲକ୍ ଆଇଲାଣ୍ଡର ଡକ୍‌ରେ ସନ୍ଧ୍ୟାପରେ ଜାହଜ ଲାଗିବାର ସମୟ ଥିଲା। ହୋଟେଲ୍‌ରେ ଲଞ୍ଚ କରି ମନ ଇଚ୍ଛା ବୁଲାବୁଲି କରିବା ପାଇଁ ଯଥେଷ୍ଟ ସମୟ ଥିଲା ହାତରେ। ଲଞ୍ଚ ପରେ ସହଯାତ୍ରୀମାନେ ବଜାର ବୁଲାବୁଲି କରି ମନପସନ୍ଦର ସାମଗ୍ରୀ ଖର୍ଦ୍ଦି କରୁଥିବା ବେଳେ ସୁଚିତ୍ରା ତାଙ୍କ ପାଖକୁ ଆସି ଧିର ସ୍ୱରରେ କହିଥିଲା : –

"ଚାଲନ୍ତୁ ଆଉଥରେ ସମୁଦ୍ର କୂଳ ବୁଲି ଆସିବା।"

ତା' ମିଠା କଥାରେ ଆକର୍ଷିତ ହୋଇ ଅନ୍ୟମାନଙ୍କ ଅଲକ୍ଷ୍ୟରେ ଅବିନାଶ ଚାଲିଥିଲେ ତା' ପଛେ ପଛେ। ବେଳାଭୂମିର ବିସ୍ତୀର୍ଣ୍ଣ ପ୍ରାନ୍ତରରେ ଅନେକ ଦୂର ଚାଲି ଆସିଥିଲୁ। ଜନଶୂନ୍ୟ ବେଳାଭୂମି। ଦୂର ଦିଗବଳୟରେ ସୂର୍ଯ୍ୟ ଲୁଚି ଯିବେ ସମୁଦ୍ର କୋଳରେ କିଛି ମୁହୂର୍ତ୍ତ ମଧ୍ୟରେ। ଗୋଟିଏ ପାର୍ଶ୍ୱରେ ଘଞ୍ଚ ଜଙ୍ଗଲର ସାଇଁ ସାଇଁ ଶବ୍ଦ। ଅପର ପାର୍ଶ୍ୱରେ ସମୁଦ୍ର ଲହଡିର ଦୁର୍ବାର ଶବ୍ଦ। ନିବିଡ଼ତାର ସ୍ଫୁଲିଙ୍ଗ ସଂକ୍ରମିତ ହେଉଥିଲା ଦୁଇଟି ପ୍ରାଣରେ। ହଠାତ୍ ପଛକୁ ଫେରି ତାଙ୍କୁ ଚାହିଁଥିଲା ରୂପସୀ ତରୁଣୀ। ପରସ୍ପରକୁ ଚାହିଁ ରହିଥିଲେ ନିର୍ଲିପ୍ତ, ନିର୍ବିକାର ଭାବରେ।

ଅବିନାଶଙ୍କର ହାତରେ ହାତ ଛନ୍ଦି ସୁଚିତ୍ରା ବସି ପଡ଼ିଥିଲା ନିର୍ଜନ ବେଳାଭୂମିର ବାଲୁକାଶଯ୍ୟାରେ। ସୁଚିତ୍ରାର ହାତ ଟାଣି ଆଣିଥିଲା ନିଜ ପାଖକୁ ଅବିନାଶଙ୍କୁ। ଅଗତ୍ୟା ସୁଚିତ୍ରା ପାଖକୁ ଲାଗି ବସି ପଡ଼ିଥିଲେ ଅବିନାଶ। ସୁଚିତ୍ରାର ଟଣା ଟଣା ଆଖିରେ କାମନାର ମାୟାଞ୍ଜନ। କଅଁଳ ହାତରେ ପଦ୍ମ ପତ୍ରର କୋମଳତା। ଅଙ୍ଗରାଗରେ ମଲ୍ଲୀଫୁଲର ବାସ୍ନା। କଳା ମେଘର ମୁକୁଳା କେଶରୁ ଝରୁଥିଲା ମଧୁର ବାସ୍ନା। ବସନ ତଳୁ ଉଦ୍ଧତ ବକ୍ଷୋଜର ଆମନ୍ତ୍ରଣ। ସର୍ବୋପରି ଆକର୍ଷଣୀୟ ମୁଖଶ୍ରୀ ଭିତରେ ହଜି ଯାଇଥିଲେ ଅବିନାଶ। ଦେହରେ ମନରେ ଖେଳି ଯାଉଥିଲା ଶିହରଣ ... ଉନ୍ମାଦନା ...। ସୁଚିତ୍ରାର ଦେହ ମନେ ହେଉଥିଲା ଯେମିତି ଏକ ଉଚ୍ଛୁଳା ନଈ। ନଈ ପହଁରିବାକୁ ଇଚ୍ଛା ହେଉଥିଲା। ହେଲେ ବାଧକ ସାଜୁଥିଲା ବୟସର ତାରତମ୍ୟ। ତେବେ ପ୍ରେମର ନଈ ଯୁଗେ ଯୁଗେ ମାନି ନାହିଁ ବୟସର ବନ୍ଧ ବାଡ଼। ପ୍ରେମ, ପ୍ରୀତିର ନିଶା ବଢ଼ି ଚାଲିଥିଲା ଦେହରେ ମନରେ। ସୁଚିତ୍ରା ମନରେ ବି ସମର୍ପଣର ଭାବ ଉଜ୍ଜିବୀତ ହେଉଥିଲା ପରସ୍ପରର ନିବିଡ଼ ସ୍ପର୍ଶରେ। ଦୁଇଟି ମନରେ ଦୁଇଟିପ୍ରାଣରେ ସଂଚରି ଯାଉଥିଲା ବେପଥୁ। ଦୁହେଁ ନିରବ ରହି ପରସ୍ପରର ଉଷ୍ମତା ପରଖୁଥିଲେ। ନିରବତା ଭାଙ୍ଗି ସୁଚିତ୍ରା ମୁହଁ ଖୋଲିଥିଲା: –

ଏଇ ଜନଶୂନ୍ୟ ବେଳାଭୂମି, ସମୁଦ୍ରର ଉତ୍ତାଳ ତରଙ୍ଗ ଏବଂ ଛାଇ ଅନ୍ଧାରରେ ଜଣେ ଉଦ୍‌ବିଗ୍ନା ତରୁଣୀର କୋମଳ ସ୍ପର୍ଶ ଆପଣଙ୍କୁ ଆନମନା କରୁନି ... ସତ କୁହନ୍ତୁ ସାର୍ ଆପଣଙ୍କ ମନରେ ଦୁର୍ବଳତା ନାହିଁ ମୋ ପ୍ରତି। ତେବେ ଆପଣଙ୍କର ଏଇ ନିରବତା ଖୁବ୍ ଆଘାତ ଦେଉଛି। ଆଜି ଆମେ ଏକ ଓ ଅଭିନ୍ନ ଘୋଷଣା କରିବା। କେହିବି ଅଲଗା କରି ପାରିବେନି ଆମକୁ। ଆଜିର ଏ ମିଳନ ଅନନ୍ୟ। ଖୋଲା ଆକାଶ ତଳେ ଆମେ ପାଳିବା ଆମର ମହୋତ୍ସବ।

ତଥାପି ନିରବ ଥିଲେ ଅବିନାଶ। ଏକ ଅଣସ୍ୱୀକୃତ କାର୍ଯ୍ୟ ସଂଗଠିତ ହେବାକୁ ଯାଉଥିଲା। ଭୁଲ୍ ଠିକ୍‌ର ବିଚାର ତାଙ୍କ ଚେତନାରେ ପ୍ରବିଷ୍ଟ କରୁନଥିଲା। ଶରୀରରେ ପ୍ରକମ୍ପନ। ମୁହଁରେ ଥିଲା ତୃପ୍ତି ମିଶା ବିଷର୍ଣ୍ଣତା।

ମୁଁ ବୁଝି ପାରୁଛି ଆପଣଙ୍କ ମନର ଭାବ। ତେବେ ସମୁଦ୍ରର ଏଇ ପବିତ୍ର ଜଳରେ ଅତୀତ ସଂସ୍କାର କରି ଆମେ ପୁନଃ ସଂଯୋଗର ସୂତ୍ରପାତ କଲେ ମନରେ ଥିବା ଗ୍ଲାନି ଆଉ ନୈରାଶ୍ୟବୋଧ ଧୋଇ ହୋଇଯିବ।

ଏହା କ'ଣ ସମ୍ଭବ? ମୁହଁ ଖୋଲିଥିଲେ ଅବିନାଶ।

କାହିଁକି ନୁହେଁ ସାର୍ ... ପ୍ରତିବନ୍ଧକ କେଉଁଠି... ?

ସାମାଜିକ ପ୍ରାଣୀ ହିସାବରେ ଏକ ନିର୍ଦ୍ଦିଷ୍ଟ ସୀମାରେଖା ଡେଇଁ ଯିବାକୁ ମୁଁ ଉଚିତ ମଣୁନି।

ଉଚିତ, ଅନୁଚିତ, ସୀମାରେଖା ଏସବୁ ଆମ ମନର ଭାବନା କେବଳ। ପରିସ୍ଥିତି, ପର୍ଯ୍ୟାବରଣ ଏବଂ ଆବଶ୍ୟକତାକୁ ଚାହିଁ ଏ ସବୁ ବଦଳି ଯାଏ ସମାଜରେ। ମତ୍ସ୍ୟଗନ୍ଧାକୁ ପାଇବା ପାଇଁ ଋଷି ପରାଶର ଡେଇଁଥିଲେ ସୀମାରେଖା। ଆବଶ୍ୟକତା ପାଇଁ ମାତା ସତ୍ୟବତୀଙ୍କ କଥାରେ ସୀମାରେଖା ଡେଇଁଥିଲେ ବ୍ୟାସଦେବ। ପତ୍ନୀ ଥାଇ ବି ବହୁ ପତ୍ନୀଗ୍ରହଣ କରିବା ଏବଂ ଗୋଟିଏ ପତ୍ନୀ ବହୁ ପତି ଗ୍ରହଣ କରିବାର ନଜିର ରହିଛି ଆମ ସମାଜରେ। ଆଜିର ନ୍ୟାୟପାଳିକା ବି ପରସ୍ପର ସହମତିକୁ ସ୍ୱୀକାର କରୁଛି। ମୁଁ କ'ଣ ଭୁଲ୍ କହିଲି ସାର୍... ?

ମୁଁ ବୁଝି ପାରୁଛି ତୁମ ମନର ଉଦ୍‌ବିଗ୍ନତା। ସମୁଦ୍ରରେ ମିଶିବାକୁ ଚାହୁଁଥିବା ପୂର୍ଣ୍ଣଗର୍ଭା ନଦୀ ଭଳି କାମନା, ବାସନା ପରିପୂର୍ଣ୍ଣା ଯୌବନୋଚ୍ଛଳ ଯୁବତୀ ଚାହେଁ ଜଣେ ପୁରୁଷର ସାନ୍ନିଧ୍ୟ, ତାର ଦୁଇପଦ କୋମଳ ଉଚ୍ଚାରଣ, ପ୍ରେମଭରା ସମ୍ଭାଷଣ ଆଉ ଆତ୍ମସନ୍ତୋଷ ଲାଭ କରୁଥିବା ନିରବ ପ୍ରେମଗାନ। ଏଇ ଅଭାବବୋଧ ଆଉ ନିଃସଙ୍ଗତା ହିଁ ବଦଳି ଯାଇପାରେ କୌଣସି ମୁହୂର୍ତ୍ତରେ। ସେତେବେଳେ ହୁଏତ ଖୁବ୍ ଦୁଃଖ ପାଇବ ମନରେ ଆଜିର ନିଷ୍ପତ୍ତି ଫଳବତୀ ହେଲେ।

ମୁଁ କିନ୍ତୁ ଚାହେଁ ଆପଣଙ୍କ ଭଳି ଜଣେ ସାରସ୍ୱତ ସାଧକଙ୍କୁ। ଆପଣଙ୍କ ନିଜସ୍ୱ ପରିଚୟ, ସାରସ୍ୱତ କୃତୀ ମୋ ନିକଟରେ ଗୋପନ ରଖିଥିଲେ ମଧ୍ୟ ସାହିତ୍ୟର ଛାତ୍ରୀ ହିସାବରେ ମୁଁ ଆପଣଙ୍କୁ ପୂର୍ବରୁ ଜାଣିଥିଲି। ହେଲେ ସାକ୍ଷାତ ହେବାର ସୁଯୋଗ ନଥିଲା। ସେଇ ବର୍ଷା ଭିଜା ସନ୍ଧ୍ୟାରେ ପ୍ରଥମ ଦେଖାରେ ହିଁ ମୁଁ ଜାଣି ନ ଜାଣିବାର ଅଭିନୟ କରି ଆପଣଙ୍କ ସାନିଧ ଲାଭ କରିଥିଲି। ଆଉ ସେଦିନ ସନ୍ଧ୍ୟାରେ ମୋତେ ନେଇ ଆପଣଙ୍କର ଗୋଟିଏ ଗଳ୍ପ ଆପଣଙ୍କ ଗଳ୍ପ ସଂକଳନରୁ ପଢ଼ି ବିମୁଗ୍ଧ ତଥା ବିମୋହିତ ହୋଇଥିଲି। ସତରେ ଆଜି ମୁଁ ଜରଣ ହୋଇ ଆପଣଙ୍କୁ ଆମନ୍ତ୍ରଣ କରୁଛି। ଆମନ୍ତ୍ରଣ ଗ୍ରହଣ କରି ଆସିବାକୁ ହେବ ଋଷ୍ୟଶୃଙ୍ଗ ହୋଇ ମୋ ଅପାଳକ ରାଜ୍ୟକୁ। ଆପଣଙ୍କ ପାଦ ସ୍ପର୍ଶରେ ଅପାଳକ ରାଜ୍ୟରେ ବର୍ଷା ଆସିବ। ପୃଥିବୀ ହେବ ଋତୁମତୀ। ଶସ୍ୟ ଶ୍ୟାମଳା ହେବ ଧରାବକ୍ଷ। ମୋ ଜୀବନରେ ଯେଉଁ ପୂର୍ଣ୍ଣତା ଆସିବ ତାକୁ ଅନୁମୋଦନ ଦେବା ପାଇଁ ଆଜିର ଏଇ ଅଭିସାର।

ନାଁ ଏମିତି ଏକ ତରବରିଆ ନିଷ୍ପତ୍ତି ଦୁଃଖ ଭରିଦେବ ପର ମୁହୂର୍ତ୍ତରେ। ଭଲ ପାଇବାର ମାନେ କ'ଣ ଖାଲି ପାଇବାରେ? ଯଦି ନୁହେଁ ତେବେ ପାଇବାକୁ ଏତେ ବ୍ୟଗ୍ର କାହିଁକି? ତା'ଛଡ଼ା ଜୀବନରେ କିଛି ଅଭାବବୋଧ ହିଁ ରହିବ। ଜୀବନ ଜିଇଥିବା ଯାଏଁ ଆମେ କିଛି ନା କିଛି ଖୋଜି ଥାଉଁ। ଆଉ ଖୋଜି ପାଇବା ଭିତରେ ଅପ୍ରାପ୍ତିର ଦୀର୍ଘଶ୍ୱାସ। ଜୀବନ ଭିତରେ ଜଞ୍ଜାଳର ପାଦ ଶବ୍ଦ। ଏଇଟା ହିଁ ଜୀବନ। ଏଥିରୁ କେହି ବାଦ୍ ପଡ଼ିନାହାନ୍ତି। ତା ଛଡ଼ା ଲୌକିକତାର ଶୃଙ୍ଖଳରେ ଆମେ ବନ୍ଧା ପଡ଼ିଛେ। ମୁନି ଋଷି ତଥା ଦେବତାମାନଙ୍କର ପ୍ରେମ ଅପ୍ରାକୃତ ଆଉ ସେମାନଙ୍କ ଅବ୍ୟକ୍ତ ଲୀଳା ହିଁ ବ୍ୟକ୍ତ ହୋଇଥାଏ ଧରାବକ୍ଷରେ। ନ୍ୟାୟପାଳିକାର ଆଇନ କାନୁନ୍ ମଧ୍ୟ ବଦଳି ଥାଏ ସମୟ ତଥା ସାମାଜିକ ବ୍ୟବସ୍ଥାକୁ ଆଖି ଆଗରେ ରଖି। ଆମେ ପରସ୍ପରକୁ ଭଲ ପାଉଛେ ମିଛ ନୁହେଁ। ବୟସର ତାରତମ୍ୟ ସତ୍ତ୍ୱେ ପ୍ରତି ମଣିଷର

ହୃଦୟତଳେ ଯେଣୁ ଭଲ ପାଇବାର ଫଲ୍‌ଗୁ ପ୍ରବାହିତ।

ଏଇ ଭଲ ପାଇବାରେ କିନ୍ତୁ ସଂଯମତା ରହିବା ଜରୁରୀ ତେଣୁ ନିଜ ପରିବାର ପାଇଁ ରହିଛି ଆମର ପ୍ରତିବଦ୍ଧତା। ଏଥିରୁ ଗୋଡ଼ ଖସିଲେ ସାରା ଜୀବନ ପଶ୍ଚାତାପରେ ଜଳିବାକୁ ପଡ଼ିବ। ଏଣୁ ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ହେବ ସମୟକୁ। ମନର ଇଚ୍ଛା ଏବଂ କାମନାକୁ ଥାପୁଡ଼େଇ ଦେବାକୁ ପଡ଼ିବ ହୃଦୟ ତଳର ଚେତନାକୁ ମାନି ନେଇ। ସମୁଦ୍ରର ଛାତି ଫୁଲି ଉଠେ ପୂର୍ଣ୍ଣମୀର ଜହ୍ନକୁ ଦେଖି। ଜହ୍ନକୁ ଛୁଇଁବା ପାଇଁ କୂଳ ଲଙ୍ଘି ମାଡ଼ିଯିବାକୁ ଚାହେଁ ଉତ୍ତାଳ ତରଙ୍ଗ ଆଗକୁ ଆଗକୁ। ହେଲେ ସୀମା ସରହଦ ଡେଇଁବା ସମ୍ଭବ ହୁଏନି। ସମୟକ୍ରମେ ଶାନ୍ତ ପଡ଼ିଯାଏ ସମୁଦ୍ର। ସମୁଦ୍ରରେ ମିଶିବାକୁ ଚାହୁଁଥିବା ଜୁଆରିଆ ନଈରେ ବି ଭଟ୍ଟା ପଡ଼େ।

ସୁଚିତ୍ରା ମନ ତଳେ ବହୁଥିବା ପ୍ରେମର ଜୁଆରିଆ ନଈରେ ଭଟ୍ଟା ପଡ଼ିଥିଲା। ଶାନ୍ତ, ଶୀତଳ ହେବାକୁ ଲାଗିଥିଲା ଦୁଇଟି ଉତ୍ତେଜିତ, ରୋମାଞ୍ଚିତ ଶରୀର। ସି ବିଚ୍ ଛାଡ଼ିବାର ସମୟ ହୋଇଥିବାରୁ ବସ୍‌ର ହର୍ଣ୍ଣ ବାଜୁଥିଲା କିଛି ଦୂରରେ। ଉଭୟେ ପ୍ରକୃତିସ୍ଥ ହୋଇ ଫେରି ଆସିଥିଲେ ବସ୍ ନିକଟକୁ। ଏମିତି କିଛି ରେମାଞ୍ଚ ଭରା ମୁହୂର୍ତ୍ତକୁ ପାଥେୟ କରି ଫେରିବାକୁ ପଡ଼ିଥିଲା ଆଣ୍ଡାମାନ ଦ୍ୱୀପପୁଞ୍ଜରୁ।

ମନରେ ପାଇ ନପାଇବାର ଅବସାଦ ଇଚ୍ଛା ଅନିଚ୍ଛା, ଉଚିତ ଅନୁଚିତ ଏବଂ ଭୁଲ ଠିକ୍‌ର ଦ୍ୱନ୍ଦ୍ୱରୁ ମୁକୁଳି ପାରୁନଥିଲା ଅବିନାଶ। ପତ୍ନୀଙ୍କୁ ଏ ସମ୍ପର୍କରେ ଖୋଲି କହିବେ କି ନାହିଁ ତା'ର ନିଷ୍ପତ୍ତି ନେଇ ପାରୁନଥିଲେ। ଏକ ଅପରାଧବୋଧର ବୋଝ ଯେମିତି ଲଦି ହୋଇଥିଲା ମୁଣ୍ଡ ଉପରେ। ପତ୍ନୀଙ୍କୁ ଜଣାଇଲେ ଖରାପ ଭାବି କେତେ କ'ଣ କହିଯିବେ। ଆହୁରି କ'ଣ କ'ଣ ହୋଇଥାଇ ପାରେ ବୋଲି ସନ୍ଦେହ ବଢ଼ିପାରେ। ଏ ବୟସରେ ଏମିତି ପ୍ରେମ ଉଛୁଳି ପଡୁଛି ବୋଲି ଝିଙ୍ଗାସିବା ନ କହିଲେ ଯେବେ କିଛି ଖୋରାକ ମିଳିଯିବ ତେବେ ପରିସ୍ଥିତି ଆହୁରି ବିଗିଡ଼ି ଯିବାର ଭୟ ଥିଲା ମନରେ। ବସି ବସି ଏମିତି କିଛି ଭାବିବା ଭିତରେ ମୋବାଇଲ ରିଂ ହୋଇଥିଲା। ସୁଚିତ୍ରା ଫୋନ୍ କରି ପଚାରୁଥିଲା – "ଆଉ କିଛି ଗଳ୍ପ ଲେଖିଲେଣି ଆଣ୍ଡାମାନ ଆଉ ଆମ ସମ୍ପର୍କରେ।"

ସମ୍ମୁଖରେ ଛିଡ଼ା ହୋଇ ଜଣେ ଝିଅର ସ୍ୱର ଶୁଣି ପାରୁଥିଲେ ସୁଜାତା। ଏକ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଥିଲା ଅବିନାଶଙ୍କୁ। ଅନେକ କିଛି କହିବାର ଇଚ୍ଛାକୁ ମନ ଭିତରେ ଚାପି ରଖି ନାଁ' କହି ଫୋନ୍ ବନ୍ଦ କରିଥିଲେ। ସୁଜାତା କହିଥିଲେ :- "କହିଲନି ତୁମ ବିରହ ବେଦନାରେ ହିଁ ସମୟ ଅତିକ୍ରାନ୍ତ ହେଉଛି। ଲେଖିବା ସମ୍ଭବ ହେବ କେମିତି ?"

ପତ୍ନୀଙ୍କ ମୁହଁକୁ ଚାହିଁ ରହିଥିଲେ ଅବିନାଶ। ପତ୍ନୀଙ୍କ ମନରେ ଥିବା ବିଶ୍ୱାସ ଆଉ ଭରସା ଅତୁଟ ରଖିବା ପାଇଁ ସେଇ ଝିଅଟି ସହିତ ବିତିଥିବା ଦୁର୍ବଳ ମୁହୂର୍ତ୍ତର ଗୋପନୀୟ ପେଡ଼ି ଖୋଲି ଦେଇଥିଲେ। ଭାବୁଥିଲେ ନିଜର ଏଇ ଅପରାଧ ପାଇଁ ପତ୍ନୀଙ୍କଠାରୁ ଅନେକ କିଛି ଶୁଣିବାକୁ ପଡ଼ିବ। ହେଲେ ସେମିତି କିଛି ନହୋଇ ଅଭିମାନର ଅଶ୍ରୁ ଗଡ଼ି ପଡ଼ିଥିଲା ପତ୍ନୀଙ୍କ ଦୁଇ ଆଖିରୁ। କୋହଭରା କଣ୍ଠରେ ସେ କହିଥିଲେ – "ଆମର ସ୍ୱଭାବ ହେଉଛି ଆମେ ସବୁବେଳେ ବାହାର ସୁଖ ଆଶା କରୁ। କୌଣସି ବ୍ୟକ୍ତି, ବସ୍ତୁ କିମ୍ବା ପରିସ୍ଥିତି ଉପରେ ଆମର ନଜର ଥାଏ। ଆଖିକୁ ଯିଏ ସୁଖକର ଲାଗେ ତା' ଉପରେ ଭରସା କରି ତାକୁ ଧରି ରଖିବାକୁ ଚାହୁଁ। ପ୍ରକୃତ ସୁଖ ସେମାନେ ଦିଅନ୍ତି କି ନାହିଁ ଅବୁଝା ମନ ବୁଝି ପାରେନା। ତେବେ ଏ ସୃଷ୍ଟିରେ ସବୁ କିଛି ବଦଳି ଯାଆନ୍ତି ପ୍ରତି ମୁହୂର୍ତ୍ତରେ। ଅବୁଝା ମନ ଏହାକୁ ସ୍ୱୀକାର କରି ନପାରି କାହିଁକି ବଦଳି ଗଲା ଭାବି କେବଳ ଦୁଃଖ ପାଇଥାଏ। ଏହାହିଁ ପ୍ରକୃତ ସତ୍ୟ। ଏଣୁ କାହା ପ୍ରତି ଆସକ୍ତ ନ ହୋଇ ଏକ ନିରଳସ ଜୀବନ ଜିଇବାରେ ହିଁ ମିଳିଥାଏ ପ୍ରକୃତ ସୁଖ।

ପତ୍ନୀଙ୍କ ଦୁଃଖରେ ମ୍ରିୟମାଣ ଅବିନାଶ ସ୍ଥାଣୁତାରୁ ମୁକୁଳି ପତ୍ନୀଙ୍କୁ କୋଳେଇ ନେଇ ଲୁହ ପୋଛି ଦେଇଥିଲେ ଦୁଇ ଆଖିରୁ ଆଉ ନିଜର ଦୋଷାଦୋଷ କ୍ଷମା କରିଦେବାକୁ ଅନୁରୋଧ କରିଥିଲେ।

*ଶାନ୍ତି ନିବାସ, ପ୍ଲଟ ନଂ. ୧୨୫୨/୧୪୫୯*
*ନ୍ୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର*
*ଦୂରଭାଷ: ୯୦୪୦୨୦୫୦୪୯*



# ଦୁଃଖରେ ଅଛନ୍ତି ବଶିଷ୍ଠ ମିଶ୍ର

**ରଞ୍ଜନ ସାହୁ**

ପୁଅ କୋଡ଼ିଏ ବର୍ଷ ହେବା ଯାଏଁ ବାପାର ଚିନ୍ତା ନଥାଏ ତା'ର ସଫଳତା ସକାଶେ। କୋଡ଼ିଏ ଟପିବା ପରେ ସବୁ ବାପା ମା'ଙ୍କ ପରି ବଶିଷ୍ଠ ମିଶ୍ରଙ୍କର ବ୍ୟଗ୍ରତା ଜାଗିଲା; "ପୁଅ ଏମିତି ଚାକିରିଟିଏ କରୁ ଯେମିତି ତା' ପାଇଁ ମୋ ମନରେ ଗର୍ବ ଜନ୍ମିବ। ତା' ପରିଚୟରେ ମୁଁ ବାଟ ଚାଲିବି। ଅନାୟସରେ ପ୍ରକାଶ କରିପାରିବି, ମୋ ପୁଅ ଡାକ୍ତର। ମୁଁ ଡାକ୍ତର ଅମିୟପ୍ରକାଶର ବାପ।" ଖାଲି ଚାକିରି ନୁହଁ, ଅନ୍ୟ ଯେଉଁ କ୍ଷେତ୍ରରେ ହେଉପଛେ ପ୍ରସିଦ୍ଧି ପାଉ! ପାଞ୍ଚ ଲୋକଙ୍କ ଭିତରେ ଅନନ୍ୟ, ଅଦ୍ୱିତୀୟ, ସମ୍ମାନସ୍ପଦ ହେଉ। ଲୋକେ ଖାତିର କରନ୍ତୁ! ସମାଜ ଆଦରରେ ତାକୁ ଗ୍ରହଣ କରୁ! ଯେତେଦିନ ସେ ମୋ ନାଁରେ ବାଟଚାଲିଲା ସେତକ ଏଇଠି ସମାପ୍ତ ହେଉ! ଏବେ ତା' ନାଁରେ ମୁଁ ଚାଲେ! ଲୋକେ କହନ୍ତୁ ମୁଁ ପୋଲିସ ଆଇ . ଜି. କିମ୍ବା ଚିପ୍ ଇଂଜିନିୟର ଅବା ସିନେମା ହୀରୋ ଅଥବା ଡିଷ୍ଟ୍ରିକ୍ଟ ଜଜ୍ ଅମିୟ ପ୍ରକାଶର ବାପ।

ପୁଅର ଖ୍ୟାତି ଏତେ ଆନନ୍ଦ ଦିଏ- ଅନୁଭବ କଲା ପରେ ବଶିଷ୍ଠ ମିଶ୍ର ଭାବ ବିହ୍ୱଳ ହେଇଗଲେ। ତେତିଶ ବର୍ଷ ଚାରି ମାସର ଚାକିରି ସରିବା ପରେ ସେ ଦିନେ ଖରାବେଳେ ବସି ଚିନ୍ତା କରୁଥାଆନ୍ତି- ଭାବନା ଓ ବାସ୍ତବତା ଭିତରେ ଆକାଶ ପାତାଳ ତଫାତ। ଅବସର ସମୟ କେମିତି କଟିବ ସେ ଚିନ୍ତା। ଘର ଖଣ୍ଡେ ହେଇନାହିଁ, ତା' ପାଇଁ ଚିନ୍ତା। ସାନ ଝିଅ ବାହା ହେଇନାହିଁ, ଗୋଟିଏ ଅସରନ୍ତି ଚିନ୍ତା। ସବୁ ଚିନ୍ତା ଭିତରେ ପୁଅର ଅସଫଳତାକୁ ନେଇ ଚିନ୍ତା। ଚାକିରି ସରିଗଲା ହେଲେ ପୁଅଟା କାର୍ଯ୍ୟକ୍ଷମ ହେଲାନାହିଁ। ସେ ତେଣୁ କହିଲେ, ବାବାରେ ମୋ ରୋଜଗାର କମିଗଲା। ଏଥର ତୁ କ'ଣ ଗୋଟେ କର। ଚାକିରି ପଛରେ ଆଉ ଗୋଡାନା। ଟିଉସନ କରି କେତେଦିନ ଚଳିବୁ। ବାହାସାହା ହେବୁ। ସଂସାର କରିବୁ। ପାଞ୍ଚ ଲୋକଙ୍କ ପାଖରେ ଛିଡାହେବୁ। ବୋହୂଟେ ଯୋଉଠୁ ଆଣିବା କ'ଣ କହିବା, ଘର ଘର ବୁଲି ଟିଉସନ କରୁଛି ପୁଅ। ମୋତେ ବଡ଼ ଲାଜ ଲାଗିଲାଣି। ଅଫିସରେ ସାଙ୍ଗମାନେ ପଚାରିଲେ ମୁହଁ ଶୁଖିଯାଉଥିଲା ମୋର। ଏବେ ବନ୍ଧୁବାନ୍ଧବ, ସାହିଭାଇ ପାଖରେ ଛିଡ଼ାହେଇ ହେଉନାହିଁ। ସହକର୍ମୀମାନେ ସେମାନଙ୍କ ପୁଅ ଝିଅର ପରାକାଷ୍ଠାକୁ ନେଇ ଗର୍ବ କରୁଛନ୍ତି। ଆତ୍ମସନ୍ତୋଷରେ ହସୁଛନ୍ତି। ପୁଅର ଯୋଗ୍ୟତାକୁ ବାରମ୍ବାର ବଖାଣୁଛନ୍ତି। କାହା ପୁଅ ବ୍ୟାଙ୍କ ଅଫିସରତ, କାହାର ଓଏସ୍ ଅଫିସର। ଆମ ପିଅନ ପୁଅ ଆଇ.ଆଇ.ଟି ସାରି ଏବେ ପ୍ରଫେସର। ଆକାଉଟାଣ୍ଟ୍ ମଥୁରି ଭଞ୍ଜ ଝିଅ ବୈଜ୍ଞାନିକ। ଇସ୍ରୋରେ ଚନ୍ଦ୍ରାୟନ ପଠେଇବାରେ ତ'ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ବିଷୟକୁ ସେ ସବୁଦିନେ କହେ। ପ୍ରସଙ୍ଗ ଥାଉକି ନଥାଉ ପାଞ୍ଚଲୋକ ବସିଲେ ସେ ଝିଅକଥା ଉଠାଏ। ଟାଣି ଓଟାରି ତା' ଝିଅର ପ୍ରଶସ୍ତି ଗାଏ। ପ୍ରକୃତରେ ବାପମାନେ ପିଲାଙ୍କ କିର୍ତ୍ତୀରେ ସତେ କେତେ ତୃପ୍ତ!! କଥାକଥାକେ ଝିଅର ଉନ୍ନତି ଗାଇବା ମଥୁରିଙ୍କର ସେମିତି ଅଭ୍ୟାସରେ ପଡ଼ିଗଲାଣି। ଦେଖାଯାଉଛି- ଆଜିକାଲି ପୁଅ ବଶିଷ୍ଠଙ୍କ ପାଖରେ ବେଶି ଛିଡାହୁଏ ନାହିଁ। ଉପରୋକ୍ତ ରେକର୍ଡ ଧର୍ମୀ କଥା ଗୁଡ଼ା ତାକୁ ବଡ଼ କଷ୍ଟ ଦିଏ। ତେଣୁ ମୁହଁକୁ ମୁହଁ ପଡ଼ିଗଲେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଅନ୍ୟତ୍ର ଚାଲିଯାଏ।

ବଶିଷ୍ଠ ଚଉକି ଛାଡି ସୋପଟିଏ ପାରି ଗଡିପଡିଲେ। ନିଦ ହେଉନଥାଏ। ମଥୁରିକୁ ଥରେ ଅପମାନିତ କରିଥିବା କଥା ମନେପଡିଲା।

ଦୁଇ ତିନି ବର୍ଷ ତଳେ ଜଣଙ୍କର ପାରିବାରିକ ଗଣ୍ଡଗୋଳ କଥା ପଡିଥିଲା ଅଫିସ-ସେକ୍ସନରେ। ପାଞ୍ଚ ସାତଜଣ ବସି ଚାହା ପିଉଥାଆନ୍ତି ଏବଂ ନିଧି ମଲିକର ସ୍ତ୍ରୀକୁ ଫେରେଇ ଆଣିବାର ସକରାତ୍ମକ ଚିନ୍ତା କରୁଥାଆନ୍ତି। ରାଗିକରି ସେ ଦି ବର୍ଷ ହେଲା ବାପ ଘର ପଳେଇଛି। ଛୁଆଟାକୁ ଛାଡୁନେଇକି ସ୍ୱାମୀ ପାଖକୁ ଆସୁନେଇ। ଡିଭୋର୍ସ ଦଉନିକି ନିଧିକୁ ସ୍ୱାମୀ ରୂପେ ସ୍ୱୀକାର କରୁନେଇ। ଗୁରୁଜନତୁଲ୍ୟ ବଡ଼ବାବୁ କହିଲେ ଚାଲ ସମସ୍ତେ ତା'ଘରକୁ ଯିବା। ଫେରେଇ ଆଣିବାକୁ ଆଉଥରେ ଚେଷ୍ଟା କରିବା। ଏଲ.ଡି. କ୍ଲର୍କବାବୁ କହିଲେ, କି ଯୁଗହେଲା- କେହି ସ୍ତ୍ରୀ ଲୋକ ଘରସଂସାର କରିବାକୁ ଇଚ୍ଛୁକ ନୁହଁନ୍ତି। ଗୋରୀ ମହିଳା ସହକର୍ମୀ ଜଣକ ଜାଣି ମଧ୍ୟ ଆଉଥରେ ପଚାରିଲେ, ଭାଉଜଙ୍କର କ'ଣ ଅସୁବିଧା ହେଲା? ଚାରି ବର୍ଷର ସଂପର୍କ ଭାଙ୍ଗି ବାପମାଆ ପାଖରେ ଯାଇ ରହୁଛନ୍ତି? ଆଚ୍ଛା ସେ ଚଳୁଛନ୍ତି କେମିତି? ବାପା ପଇସା ଦେଉଛନ୍ତି ନା ସେ କ'ଣ କରୁଛନ୍ତି? ନିଧି ଅନିଚ୍ଛାରେ ଧୀରେ କହିଲେ, ଗୋଟେ ପ୍ରାଇଭେଟ ସ୍କୁଲରେ ପଢ଼େଇବାକୁ ଯାଉଛି। ମହିଳା ଜଣଙ୍କ ସଙ୍ଗେ ସଙ୍ଗେ କଥା ଯୋଡ଼ିଲେ, କେତେଟା ଟଙ୍କା ସେଠି ପାଉଥିବ ସେ, ଚଳୁଛି? ଏଠି ଭଲ ବର, ଭଲ ଦରମା, ଭଲ ଘର ଛାଡି ସେ କି ସୁଖ ପାଉଛି ବାପ ଘରେ? ବାପମାଆ ଗଲେ ବୁଝିବ ଯେ। କୋଉ ଭାଇ ଭାଉଜ ସବୁଦିନେ ସମ୍ଭାଳିବେ, ଦେଖିବା। ସମସ୍ୱରରେ ସମସ୍ତେ ହଁ ମାରିଲେ । କ୍ଷଣେ ନୀରବ ହେଇଗଲା ସେକ୍ସନ। ହଠାତ ମଥୁରି ଭଞ୍ଜ କହିଲେ, ଆଜିକାଲି ଏସବୁ ସାଧାରଣ ହେଇଗଲାଣି। ଝିଅ କହୁଥିଲା, ତାଙ୍କର ସେଠି କେହି ରୋଜଗାରକ୍ଷମ ଦମ୍ପତି ମିଶିକରି ରହୁନାହାନ୍ତି। ଚନ୍ଦ୍ରାୟନ ଯେବେ ପଠାଗଲା ତା'ର ଦୁଇଦିନ ପରେ ଫୋନ କରି କହିଲା, ସେଠି କୋର୍ଟରେ ତିନି ହଜାର ଡିଭୋର୍ସ କେଶ୍ ପେଣ୍ଡିଙ୍ଗ ଅଛି। ତାଙ୍କର ଜଣେ ବୈଜ୍ଞାନିକ ଏଗାର ବର୍ଷ ହେବ ଅଲଗା ରହୁଛନ୍ତି। ଆମ ଦେଶବି ପାଶ୍ଚାତ୍ୟ ସଭ୍ୟତାକୁ କ୍ରମେ କ୍ରମେ ଆଦରେଇନେଲାଣି। ମୁଁ କିନ୍ତୁ ପିଲାଙ୍କୁ ସଂସ୍କାର ଶିଖେଇଛି। ଯେତେ ଜ୍ଞାନି ହୁଅନ୍ତୁ......।

ମଥୁରିବାବୁ ଝିଅର ସଫଳତାକୁ ଏମିତି ଅପ୍ରାସଙ୍ଗିକଭାବେ ଉତ୍‌ଥାପନ କରୁଥାଆନ୍ତି ଯେ ମୂଳ ଆଲୋଚ୍ୟ ବିଷୟ ହଜିଯାଉଥାଏ। କେତେଜଣ ଚିଡ଼ି ଉଠିଲେ। ତେଣୁ ମୁଁ ତାଙ୍କ ଭାଷଣଧର୍ମୀ କଥାକୁ ଭ୍ରୁକ୍ଷେପ ନକରି କହିଲି, ଥାଉ ସେକଥା ମଥୁରି ସାର୍। ଏବେର ଆଲୋଚନା ଅଲଗା। ଆଚ୍ଛା, ଆମ୍ଭେମାନେ କ'ଣ ଆଉଥରେ ଚେଷ୍ଟା କରିବା? ମିସେସ ମଲିକଙ୍କ ବାପ ଘରକୁ ଯାଇ ମିଳାମିଶା କରେଇବା? ବଡ଼ବାବୁ ହଁ ଭରିଲେ। ଅନ୍ୟମାନେବି ସମ୍ମତି ପ୍ରଦାନ କଲେ। ମଥୁରିର ମୁହଁ ପିତା ପିତା ହେଇଗଲା। ସେ ସେକ୍ସନ ଛାଡି ପଳେଇଗଲା।

ଅଫିସ କଥା ଆଉ ନାହିଁ ଦେଢବର୍ଷ ହେଲା। ରିଟାୟାର୍ମେଣ୍ଟ ପରେ ଘରେ ବସି ବସି ସମୟ କଟୁଛି।

ସେଠି ଗର୍ବ କରିବା ପାଇଁ ତାଙ୍କ ପାଖରେ ପିଲାମାଙ୍କର ଉଚ୍ଚ ପଦପଦବୀ ନଥିଲା। ଅବସର ପରେ ସେ ବେଳର କଥାନାହିଁ। ଏବେ ଖାଲି ବନ୍ଧୁ ପରିଜନ, ପଡୋଶୀଙ୍କ ପାଖରେ ନ୍ୟୂନ ହେବାକୁ ପଡୁଛି। କେହିକେହି ଭାଇ ବନ୍ଧୁ ପିଲାଙ୍କ ଚଳନି ପଚାରିଦେଲେ; ସେ କିଛି କହିପାରୁନାହାନ୍ତି। ଚୋର ମନ ଚୋର ଗଣ୍ଡିରେ। ସାରା ଜୀବନ ସତ୍ୟତା, ସାଧୁତା, ଅମାୟିକତାକୁ ନେଇ ସେ ଚଳିଛନ୍ତି। ପିଲାଙ୍କୁ ଗୁଣ୍ଡା, ବଦମାସ, ଅସାମାଜିକ କରିନାହାନ୍ତି। ଶିକ୍ଷା ଦେଇଛନ୍ତି। ସଂସ୍କାର ଦେଇଛନ୍ତି। ହେଲେ ଭାଗ୍ୟ ଦୋଷରୁ କେହି ଉଚ୍ଚାସନକୁ ଚଢ଼ିପାରିନାହାନ୍ତି। କ'ଣ କରିବେ ? ଭାଗ୍ୟକୁ ନିନ୍ଦିବା ଛଡା ଉପାୟ ନାହିଁ।

କଥାରେ ଅଛି- ଯେଉଁଠି ମଣିଷ ହାର୍ ମାନେ ସେଠି ଭାଗ୍ୟକୁ ଦୋଷ ଦିଏ। ଯୋଉଠି ଅସହାୟ ହୋଇଯାଏ ସେଠି ପରିସ୍ଥିତିକୁ ଆକ୍ଷେପ କରେ। ଯୋଉ ପ୍ରତିଦ୍ୱନ୍ଦିତାରେ ଅସଫଳହୁଏ ସେଠି ବ୍ୟବସ୍ଥାକୁ ବା ପ୍ରତିଯୋଗୀତାର ପ୍ରଣାଳୀକୁ ସମାଲୋଚନା କରେ। ବଶିଷ୍ଠ ମିଶ୍ର ସେମିତି ଭାଗ୍ୟକୁ ନିନ୍ଦୁଥିଲେ। ଭଗବାନ ନାହାନ୍ତି ବୋଲି ବେଳାବେଳରେ ଗୁମୁରି ଗୁମୁରି କହୁଥିଲେ।

ସେ ଥର ନୂଆବର୍ଷରେ ସ୍କୁଲ ସାଥିମାନେ ଏକାଠି ହେବାର ଯୋଜନାଟିଏ କଲେ। ଖୋଜିଖାଜି ଅଠେଇଶ ଜଣ ପୁରାତନ ସାଙ୍ଗମାନଙ୍କୁ ଜଣେଇ ଭୋଜିଟିଏ ଆୟୋଜନ କଲେ ଧଉଳି ପାଖରେ। ଭୋଜିଭାତ ହେଲା। ଚାଳିଶ ପଇଁଚାଳିଶ ବର୍ଷପରେ ଏକାଠି ହୋଇଥିବାରୁ ସମସ୍ତେ ଆନନ୍ଦାପ୍ଳୁତ ହୋଇଯାଉଥାଆନ୍ତି। ପ୍ରାଥମିକ ଭାବେ ପନିର ପକୋଡା, ଚିକେନ ପକୋଡ଼ା ପରିବେଶିତ ହେଲା। ଯିଏ ସାଦା ଖାଇବା ବାଲା ପନିର ଖାଇଲେ, ଯିଏ ଆଇଁଶବଲା ସେ ଚିକେନ ପକୋଡା ଧରିଲେ। ଆହାର ଭିତରେ ମଜାମଜ୍ଲିଶ୍ ଚାଲିଥାଏ। ପୁରୁଣା ଦିନକୁ ମନେ ପକେଇ କିଏ କ'ଣ ଗାଇଯାଉଥାଏ। ସ୍କୁଲ ସାରଙ୍କ କଥା ଠାରୁ ପ୍ରେମପ୍ରଣୟ ପର୍ଯ୍ୟନ୍ତ ଅନେକ କଥା ଉଠୁଥାଏ। ଆଲୋଚନା ଭିତରେ ଅନ୍ତର୍ନିହିତ ଥାଏ ନିଜର ପାରଦର୍ଶିତା, ଅନ୍ୟର ଅପାରଗତା, ଅଧାବୁଢୀ ସହପାଠିନୀମାନଙ୍କର ଚେହେରା ଇତ୍ୟାଦି। କଥା ମଝିରେ ଜଣେ ଅନ୍ୟ ଜଣଙ୍କୁ ପଚାରିଲା, ଆଚ୍ଛା ଭାଇ ତମ ପିଲାଜିଲା କେତେଟା ? ସେମାନେ କ'ଣ କରୁଛନ୍ତି ?

– ବଡ଼ପୁଅ ଆଇ.ଏ.ଏସ୍ ଅଫିସର। ମୋର ଚାରିଟି ଛୁଆ। ତିନି ପୁଅ ଗୋଟିଏ ଝିଅ। କୋଇଁ ଚିପ ଇଞ୍ଜିନିୟର। ସେତକ କହି ସେ ନୀରବି ଆସିଲା ବେଳକୁ ଭୀମ ମୁଦୁଲି ଅଶୋକ ପୁହାଣକୁ ହାତରେ ହଲେଇ ଦେଇ ପଚାରିଲା, ତମ ଝିଅ ପରା ଆଡିସନାଲ ଜଜ୍ ଅଛି ? ସେ ଓଜେସ୍ ପାଇଲା ପରେ ଆରତୀ ଦେଖାହେଇଥିଲା। ସେ କହୁଥିଲା।

ଅଶୋକ ପୁହାଣ ପରମ ତୃପ୍ତିରେ ହସିଦେଇ କହିଲା, ଆରତୀ ସ୍ୱାମୀ ମୋ ଅଫିସରେ କାମ କରେ। ସେ ଆମ ଘର କଥା ଜାଣିଥିଲା।

– ସେଇ ଗୋଟେ ଝିଅନା ଆଉ ଅଛନ୍ତି ? ଅନ୍ୟ ଜଣେ ସାଙ୍ଗ ପ୍ରଶ୍ନ କଲା।

– ଆଉ ଦି'ଟା ଝିଅ। ମୋର ପୁଅ ନାହିଁ। ମଝିଆ ବାହା ହେଇଯାଇଛି। ସାନ ଝିଅ ସ୍କୁଲ ମାଷ୍ଟ୍ରିଆଣି। ସାହିତ୍ୟ ପଢ଼ାଏ। ଆରତୀ କଥା ଜାଣିନଥିବ। ଅକାଳରେ ସେ ମରିଗଲା। ତା'ର ଦି' ପୁଅ। ବଡ଼ଟା ସିନେମାରେ ହୀରୋ ହେଉଛି। ଚାରି ପାଞ୍ଚଟା ଫିଲ୍ମ କଲାଣି।

ପୁହାଣର କଥା ସରୁନସରୁଣୁ କୃପାସିନ୍ଧୁ ତତ୍ପରହେଇ ପଚାରି ପକେଇଲା। ଯେମିତି ସବୁ ସିନେମା ନାୟକଙ୍କୁ ସେ ଚିହ୍ନେ।– କିଏ କିଏ କହିଲ ? ତା' ନାଁ କ'ଣ ?

– ଜୟଦ୍ରଥ ସାମନ୍ତ। ତା' ଫିଲ୍ମ ଦେଖିଛ ?

– ନା। ଆଜିକାଲି ଓଡ଼ିଆ ସିନେମା କିଏ ଦେଖୁଛି। ଫୋନ୍ ରେ ତ ସମୟ ପଳଉଛି। ମୁହଁ ଶୁଖେଇ କୃପାସିନ୍ଧୁ ଜଣେଇଲା।

ପିଲାଙ୍କ ସଫଳତା ଉପରେ ଆଲୋଚନା ଗରମାଗରମ ହେଉଥିଲା। ପ୍ରତ୍ୟେକ ପିଲାଛୁଆଙ୍କର ପାରଙ୍ଗମତା ଉପରେ ପ୍ରଫୁଲ୍ଲିତ ହେଇ ଉଠୁଥାଆନ୍ତି। ବଶିଷ୍ଠ ମିଶ୍ରର ମୁହଁଟା କଳା ପଡି ଆସୁଥାଏ। ଆଖିରୁ ଆଭା ଦୂରେଇଯାଉଥାଏ। ସେ ନୀରବରେ ଉଠିଗଲା ଅଦୂରକୁ। ଆଠଦଶ ପାଦ ଯାଇଛି କି ନାହିଁ 'ଶଇଳ' ଡାକିଲା, କୁଆଡେ ଯାଉଛୁ ବଟୁ ? ବସୁନୁ। ବଶିଷ୍ଟକୁ 'ବଟୁ' ଡାକେ ଶଇଳ। ଛୁଆବେଳରୁ ଏ ଅଭ୍ୟାସ ତା'ର।

ଦାନ୍ତ ଅଧାଧି ପଡ଼ିଯାଇଥିଲା ଶଇଳର। ଗୋରା ରଙ୍ଗ ତା'ର ଆହୁରି ଫୁଟି ଉଠୁଥିଲା। ମୁଣ୍ଡର ଶ୍ୱେତ କେଶ କେରାଏ ଉଡିଉଡି ନିଜର ଉପସ୍ଥିତି ଜାହିର କରୁଥିଲା। ତା' ନାତୁଣୀ ସହିତ ଆସିଥିଲା ଗେଟ୍ ଟୁଗେଦରରେ ଯୋଗ ଦେବାକୁ। କାରଣ ସ୍ୱାମୀ ମାରା ପଡିଯାଇଥିଲେ ବର୍ଷେ ହେବ। ସମସ୍ତଙ୍କ କଥା ଭାଙ୍ଗି ପାରେ ବଶିଷ୍ଠ, ହେଲେ ଶଇଳକୁ ଏଡି ପାରେନି। ଛୁଆବେଳରୁ ଦୁର୍ବଳତା ଅଟକି ଯାଇଥିଲା ତା' ପାଖରେ। ସେ କଥା ସେ ଜାଣେକି ନଜାଣେ ବଶିଷ୍ଠ କହିପାରିବନି। କିନ୍ତୁ ସ୍କୁଲରେ ତାକୁ ଦେଖିଲେ ପ୍ରବଳ ପ୍ରୟାସ ଜାରି ରଖିଥାଏ ତା' ସହ ଘନିଷ୍ଠତା ବଢ଼େଇବା ସକାଶେ। ସେ ସମୟ ସେମିତି ଥିଲା। ଝିଅ ପୁଅ କଥାହେବା ବଡ଼ ବିଷମ ସମସ୍ୟା। ଧରା ପଡିଗଲେ ସ୍କୁଲରୁ ଝିଅର ନାଁ କାଟିଦିଆଯାଉଥିଲା। ଦୂରରୁ ନୟନପ୍ରୀତିରେ କେବଳ କାମ ଚଳେଇବାକୁ ପଡୁଥିଲା। କେତେବେଳେ କେମିତି ବହି ଦେବା ବାହାନାରେ ଅଙ୍ଗୁଳୀ ସ୍ପର୍ଶ କରାଇ ଆମୋଦିତ ହେବାକୁ ପଡୁଥିଲା। ବଟୁ ଫେରିଆସି ବସିପଡିଲା। ଶଇଳର ସମ୍ବୋଧନକୁ ଏଡିବା ତା'ପାଇଁ ଅସମ୍ଭବ। ଆଖିରେ ଆଖି ମିଶାଇ ପଚାରିଲା, କ'ଣ କହ। ଶଇଳ ସଲ୍ଲଜ କଣ୍ଠରେ କହିଲା, ଅନେକ ଦିନ ତୋର ସେ ଚଟି ଉପନ୍ୟାସଟା ରଖିଥିଲି। ଔପନ୍ୟାସିକ ଭାଗିରଥି ଦାସଙ୍କ ଲେଖା। ଅତ୍ୟନ୍ତ କରୁଣ କାହାଣୀ। ବୋଧେ ସେ କଲିକତି ଉପନ୍ୟାସଟା 'ବିଧିର ବିଧାନ'।

– ହଁ। ଭାଉଜ ବାହାହୋଇଆସିଲା ବେଳେ ଟ୍ରଙ୍କରେ ଆଣିଥିଲେ। ବଟୁ କହିଲା। ଭୀମ ମୁଦୁଲି ପରିହାସ କଲା, ଏମିତି କଥା। କାହିଁ ଆମକୁତ କେବେ ଉପନ୍ୟାସ ଦେଇନାହୁଁ? ଶଇଳକୁ କେବେ ଦେଲୁ ?

ସମସ୍ତେ ହସି ଉଠିଲେ ଖିଲ ଖିଲ ହୋଇ। କୃପାସିନ୍ଧୁ ବଡ଼ପାଟିରେ ପଚାରିଲା, ଖାଲି ବହି ନା ତା'ଭିତରେ ଆଉ କିଛି ଥିଲା? ଉଦ୍ଦେଶ୍ୟ ଥିଲା ଜାଣିବାକୁ କାଳେ ଚିଠିପିଠି ଥାଇ ପାରେ। କିନ୍ତୁ ଶଇଳ ନିର୍ମୋହ ସ୍ୱରରେ କହିଲା, ଖାଲି ଗେଣ୍ଡୁ ଫୁଲଟିଏ ଥିଲା। ସେ ପୁଣି ଶୁଖିଲା।

ବଟୁ ସ୍ମିତ ହସି ପ୍ରଶ୍ନ କଲା, ସତେଜ ଥିଲେ କ'ଣ ପ୍ରତ୍ୟୁତ୍ତର ଦେଇଥାଆନ୍ତୁ ?

– ଯାଃ। ମୋଟା ବୁଦ୍ଧିଆ, ଗବଗାଣ୍ଡୁ। ଛାଡ଼ ସେସବୁ। ଏବେ କହ ତୋର କେତୋଟି ପିଲା ? ସମସ୍ତେ ନିଜ ନିଜ ସନ୍ତାନମାନଙ୍କର ପ୍ରସିଦ୍ଧି ବଖାଣିଲେ। ତୁ କହ ତୋ ଛୁଆମାନେ କ'ଣ କରୁଛନ୍ତି ?

ବଶିଷ୍ଠର ମନ ପୁଲକହୀନ ହେଇଗଲା। ମୁହଁର ଢ଼ଚାରେ ବ୍ୟଥା ଜନ୍ମନେଲା। ଆଖି କୋଣରେ ନୈରାଶ୍ୟ ଆତ୍ମପ୍ରକାଶ କଲା। ସେ ଉତ୍ସାହହୀନ ଭାବେ କହିଲା, ମୋର ପିଲାମାନଙ୍କୁ ନେଇ ଗର୍ବ କରିବା ପାଇଁ କିଛିନାହିଁ, ଶଇଳ। ସେମାନଙ୍କର ଏମିତି କିଛି ଗରିମା ନାହିଁ ଯାହାକୁ ନେଇ ଆତ୍ମସନ୍ତୋଷ ପ୍ରକାଶ କରିବି। ତିନୋଟି ଛୁଆ ମୋର। ଦୁଇ ଝିଅ, ଗୋଟିଏ ପୁଅ। ବଡ଼ ଝିଅକୁ ବାହା କରିଥିଲି। ସେ ଶାଶୂ ଘରେ ଚଳି ପାରୁନେଇ। ନିଇତି ପଳେଇ ଆସିବାକୁ ଗୋଡ଼ ଟେକି ବସିଛି। ମୁଁ ଖାଲି ଲୋକ ଲଜ୍ଜାକୁ ତାକୁ ବାରଣ କରୁଛି। ତା' ପରେ ପୁଅଟିଏ। ପିଲାଟା ମାତ୍ରାଧିକ ନିରୀହ। ଟିଉସନ କରୁଛି ପିଲାମାନଙ୍କୁ। ସ୍ଥିର ରୋଜଗାରଟେ ନାହିଁ। ଏଣୁ ବାହା ଦେଇ ପାରୁନାହିଁ ତାକୁ।

ବଶିଷ୍ଠ ମିଶ୍ରର ଅସହାୟତା ଶୁଣି ଭୀମ ମୁଦୁଲି ସହୃଦୟୀ ଭଳି କହିଲା, ସତରେ ପିଲାମାନେ ଅଯୋଗ୍ୟ ହେଲେ ବାପର କଥା ସରିଲା। ଅଯୋଗ୍ୟ

ପୁଅର ବୋଝ ଅବିବାହିତା ଝିଅର ବୋଝ ଠାରୁ ଅଧିକ ଯନ୍ତ୍ରଣାପୂର୍ଣ୍ଣ। ବଟୁ ଭାଇ ପିଲାଟାକୁ ଏତେ ହୁଣ୍ଡା କେମିତି କଲ ? ଏତେଟିଏ ହେଲାଣି ନିଜ ଗୋଡ଼ରେ ଛିଡ଼ା ହେଇପାରୁନେଇ ! !

ଶଇଳ ଅନୁଭବ କଲା ଭୀମ କଥାଗୁଡ଼ା ବଟୁ ଦେହରେ ଛୁଞ୍ଚି ଭଳି ଗଳି ଯାଉଛି। ସେ ବେଦନାକ୍ତ ହୋଇ ଯାଉଛି। ତେଣୁ ଭୀମକୁ ଆଖିରେ ବାରଣ କରି ସମ ଦୁଃଖରେ କହିଲା, ମନ ଦୁଃଖ କରନା। ସମୟ ଆସିଲେ ସବୁ ଠିକ ହେଇଯିବ। ଅଣ୍ଡିରି ପୁଅ ଘରେ ବସି କ'ଣ ଖାଇବ? ନିଶ୍ଚୟ ତା'ର ଭଲ ବେଳ ଫିଟିବ। ସମସ୍ତଙ୍କୁ ଟପିଯିବ ସେ।

ବଶିଷ୍ଠ ନିଜକୁ ସମ୍ଭାଳି କହିଲା, ପିଲା ତିନିଟା ସିନା ବଡ଼ ମଣିଷ ହେଇନାହାନ୍ତି, ମାତ୍ର ସଂସ୍କାରୀ ହେଇଛନ୍ତି। ସାନ ଝିଅଟା ପୋଷ୍ଟ ଗ୍ରାଜୁଏସନ କରୁଛି। ପାଠ ସରିଲେ ସରପଞ୍ଚ ପାଇଁ ଛିଡ଼ା ହେବ ବୋଲି କହୁଛି। ଭାରି ପରୋପକାରୀ। ବିପଦବେଳେ ଲୋକଙ୍କ ପାଖରେ ସେ ଆଗେ ଛିଡ଼ାହେଇ ପଡୁଛି। ତେଣୁ ତାକୁ ଆମ ଅଂଚଳରେ ସମସ୍ତେ ଭଲ ପାଆନ୍ତି। ତିନିଟା ଯାକ ପିଲା ମୋର ବହୁତ ଅନାବିଳ ପ୍ରକୃତିର। ସେମାନଙ୍କୁ ମୁଁ ଶିକ୍ଷା, ଶୃଙ୍ଖଳା, ମାନବିକତା ଶିଖେଇଛି। ନଥାଇପାରେ ସେମାନଙ୍କର ସମାଜରେ ପ୍ରତିଷ୍ଠା, ଚାକିରି କି ମହାନ ବ୍ୟକ୍ତିତ୍ୱ, ହେଲେ ଅଛି ଉଦାରତା, ସହାନୁଭୂତି ଓ ମହାନୁଭୂତି। ମୋ ପାଖରେ ସେମାନଙ୍କର ଏହି ଗୁଣଗୁଡ଼ିକୁ ନେଇ ଗର୍ବ କରିବାର ଉପାଦାନ ଅନେକ କିଛି ଅଛି। କିନ୍ତୁ ଦୁଃଖର କଥା ସମାଜ ଏସବୁକୁ ଆଡ଼ଆଖିରେ ଚାହେଁନି। ସମାଜ ଖୋଜେ ଅର୍ଥ, ଉପାର୍ଜନର ଦକ୍ଷତା, ଉଚ୍ଚପଦସ୍ଥ ଚାକିରି ଏବଂ ଚକ୍ଷୁର୍ଗୋଚର ପ୍ରତିଷ୍ଠା।

ସେସବୁ ମୋ ପିଲାଙ୍କ ପାଖରେ ନାହିଁ। ତେଣୁ ମୁଁ ବିବଶ ହୋଇଯାଉଛି ବେଳେ ବେଳେ। ମନ ଭଲ ରହୁନେଇ ଜମା।

ବଶିଷ୍ଠର ଭାବପ୍ରବଣ ମିଶ୍ରିତ ଗାମ୍ଭୀର୍ଯ୍ୟଭରା ଉକ୍ତିକୁ ସମସ୍ତେ ନୀରବରେ ଶୁଣୁଥିଲେ। ମଝିରେ କେହି ବାଧା ଦେଇନଥିଲେ। କ୍ଷଣକ ପରେ ଅନ୍ୟମାନେବି ଅନୁଭବ କଲେ, ପଦପଦବୀ ଅଳିକ। ପ୍ରାଚୁର୍ଯ୍ୟ ନିମିତ୍ତ ମାତ୍ର। ପ୍ରକୃତ ଶାନ୍ତି ଅଛି ମହନୀୟତାରେ, ଆଦର୍ଶପରାୟଣତାରେ। ଅଶୋକ ପୁହାଣ ନିମିଷେପରେ ଉପସଂହାରରେ କହିଲା, ପୁଅର ପ୍ରତିଷ୍ଠାକୁ ନେଇ ଗର୍ବ କରିବାରେ କ'ଣ ମିଳିବ ଭାଇ? ସେ ଅଫିସର ହେଇଥାଉକି ଡାକ୍ତର ହେଇଥାଉ- ବାପମାଆଙ୍କୁ ପରିଣତି ବୟସରେ ନପଚାରିଲେ ସବୁ ଗର୍ବ ଅହଂକାର ପାଣିରେ ଲୁଣ ଭଳିଆ ମିଳେଇଯିବ। କିନ୍ତୁ ପୁଅ ଅଯୋଗା ହେଇଥିଲେ ବି ବାପମାଆଙ୍କୁ ଓ ଆତ୍ମୀୟସ୍ୱଜନଙ୍କୁ ଯିଏ ଦେଖିଲା ତା'ଠାରୁ ବଳି ଆଦର୍ଶ ପିଲା ସଂସାରରେ ଦୁର୍ଲଭ । ସେଭଳି ପିଲାଙ୍କ ପାଇଁ ଖାଲି ଗର୍ବ କ'ଣ ପୃଥିବୀ ଯାକର ପ୍ରଶଂସାବି କମ୍ ପଡିବ! ! କ'ଣ ମୁଁ ଠିକ କହୁଛି ନା ଶଇଳ?

*ଏଲ୍.ପି-୮୬,*
*ଲକ୍ଷ୍ମୀସାଗର ବିଡିଏ କଲୋନୀ, ଭୁବନେଶ୍ୱର*
*ଦୂରଭାଷ: ୯୮୬୧୦୬୦୮୦୩*




**ପ୍ରକାଶ ପାଇଲା !**

ଲେଖକ **ଇନ୍ଦ୍ରମଣି ଜେନା** ଙ୍କ

**ଶ୍ରୀ ଖାରବେଳ**

ପ୍ରକାଶକ - ସତ୍ୟନାରାୟଣ ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୨
ମୂଲ୍ୟ - ୩୪୫ ଟଙ୍କା ମାତ୍ର

# ଅକୁହା କଥା

## ଡକ୍ଟର ସୁବାସିନୀ ଲେଙ୍କା

ଝିପିଝିପି ବର୍ଷା ସାଂଗକୁ ଘଡ଼ଘଡ଼ିର ଶବ୍ଦ । ଖୁବ୍ ଭୟଙ୍କର ପରିସ୍ଥିତି । ଘରୁ ବାହାରିବାକୁ ସାହସ ହେଉନି । ପ୍ରବଳ ଗରମ ଓ ଗୁଳୁଗୁଳି ପରେ ବର୍ଷା । ଦିନସାରା ମେଘପାଗ । ସାଗରିକା ପଢ଼ାଘରେ ବସି ଲେଖି ଚାଲିଛି ଗଳ୍ପ ଓ କବିତା । ଏହ ଦୁଇଟି ବିଷୟ ସାହିତ୍ୟର ପ୍ରମୁଖ ବିଷୟ । କବିତାରେ ରହିଛି ପ୍ରେମ, ସ୍ନେହ, ଭଲପାଇବା ଓ ଶ୍ରଦ୍ଧା । ଜୀବନର ପ୍ରତି ଖଣ୍ଡଟି ହେଉଛି ଗୋଟିଏ ଗୋଟିଏ ଗଳ୍ପ । ଗଳ୍ପଟି ଲମ୍ବିଥାଏ ଗଙ୍ଗାଠୁ ଗୋଦାବରୀ ଯାଏ । କେତେ ଚରିତ୍ର ସ୍ଥାନ ପାଆନ୍ତି ଗଳ୍ପରେ । ଦୁଃଖ ସୁଖର କାହାଣୀ ଥାଏ ଗଳ୍ପରେ । ସକାଳ ଓଳି ଲେଖିଥିଲା ସାଗରିକା ବର୍ଷା ଉପରେ କବିତା । ସନ୍ଧ୍ୟାରେ ସବୁଦିନ ଭଳି ବସିପଡ଼ିଛି ତା' ପଢ଼ା ଘରେ । ଗପଟିଏ ଆରମ୍ଭ କରିଛି । ବାହାରର ବର୍ଷା ଯୋଗେଇ ଦେଉଛି କାହାଣୀର ପ୍ରତି ଖଣ୍ଡକୁ । ସାଗରିକା ଲେଖି ଚାଲୁଛି ଧାଡ଼ି ଧାଡ଼ି ଗଳ୍ପ । କେଉଁଠି ସମାପ୍ତ କରିବ ସେ ଗଳ୍ପକୁ । ମନ କହୁନି ସମାପ୍ତ କରିବାକୁ । ମଝିରେ ମଝିରେ କାଚ ଝରକା ଖୋଲିଦେଇ ଚାହିଁଦେଉଛି ରାସ୍ତାକୁ । ଛତା ଘୋଡ଼ି ରାସ୍ତାରେ ଯାଉଛନ୍ତି ଅନେକ ଲୋକ । କିଏ ପରିବା ବ୍ୟାଗଧରି ବଜାରକୁ ଯାଉଛି, କିଏ ପୁଣି ଷ୍ଟେସନରେ ଚା' ବିକ୍ରି କରିବା ପାଇଁ ବଡ଼ କ୍ୟାଟିଲଟିଏ ଧରି ଯାଉଛି ରାସ୍ତାରେ । ବିଭିନ୍ନ ଲୋକ ବିଭିନ୍ନ ଚିନ୍ତାଧାରା ନେଇ ଚାଲିଛନ୍ତି ଏହି ଗଳି ରାସ୍ତାରୁ ପ୍ରଧାନ ରାସ୍ତା ଦିଗରେ । ରେଲୱେ ଷ୍ଟେସନ ଲାଗିଛି ଗଳିକୁ । ଚା' ବିକ୍ରିଟା ଏହି ପାଗରେ ଭଲ ଚାଲିବ । ଦୁଇ ପଇସା ଲାଭ ହେବାର ଆଶାଅଛି ଲୋକଟିର । ପରିବା ଆଣିବା ଲୋକର ନିଶ୍ଚୟ ମନରେ ଥିବ ଆଜି ବର୍ଷାଯୋଗୁଁ ଶସ୍ତାରେ ପରିବା ମିଳିଯିବ ।

କାଚ ଝରକା ବନ୍ଦ କରିଦେଇ ସାଗରିକା ପୁଣି ବସିପଡ଼ିଲା ଚେୟାର ଉପରେ । ଛାତ୍ରର ଫୋନ୍ । କଥା ଭିତରେ ଥିଲା ମାଡାମ୍, ଆମେ ଆପଣଙ୍କୁ ସମ୍ମାନ ଦେଉ, ଖୁବ୍ ଭଲ ପାଉ । ଆପଣ ପରୋପକାରୀ, ସ୍ନେହୀ, ଶ୍ରଦ୍ଧାଳୁ । ସାଗରିକା ଉତ୍‌ଫୁଲ୍ଲିତ ହୋଇଗଲା ଏହି କଥା ପଦକରେ । ତା'କୁ ତା' ଛାତ୍ରଛାତ୍ରୀମାନେ ଭଲ ପାଆନ୍ତି । ଆଉ କ'ଣ ଦରକାର । ଏତିକିରେ ସେ ଯଥେଷ୍ଟ ପାଇଗଲା ।

ସମସ୍ତେ ଭଲ ପାଆନ୍ତି ସାଗରିକାକୁ । ସେ ମଧ୍ୟ ଭଲପାଏ ସମସ୍ତଙ୍କୁ । ବିଭିନ୍ନ ଅନୁଷ୍ଠାନ ସହ ସେ ଜଡ଼ିତ । କିଏ ଡାକେ ମା', କିଏ ଡାକେ 'ମାଉସୀ', କିଏ ପୁଣି ଡାକେ 'ଅପା', କିଏ ଡାକେ ଭାଉଜ, କିଏ ଡାକେ 'ମାଡାମ୍' ବିଭିନ୍ନ ସମ୍ବୋଧନରେ ସେ ଭୂଷିତା, ଏଇଥିରେ ତା' ପେଟ ପୂରିଯାଏ । ଆଶୀର୍ବାଦ ଝରିପଡ଼େ ତା' ଓଠରୁ । ସମସ୍ତେ ଖୁସିହୋଇ ଯାଆନ୍ତି ।

ସାଗରିକାର ଆଜି ମନେ ପଡ଼ିଯାଉଛି ଅନେକ କଥା । ବର୍ତ୍ତମାନକୁ ଲୁଚେଇ ଦେଇ ଅତୀତକୁ ଆଗକୁ ନେଇଆସି ଅନେକ କଥା ଭାବିଗଲା ସେ । ଗାଁ ଠାକୁରାଣୀ ବରଗଛ ପାଖରେ ବସିଥିବା କଥାଠାରୁ ପରୀକ୍ଷା ଦେବାକୁ ଯିବାଯାଏ । ସଂକ୍ଷିପ୍ତ ରାସ୍ତାଟିଏ, ହେଲେ ସ୍ମୃତି ତା'ର ବେଶ୍ ଲମ୍ବା । ଭୁଲିଯିବାକୁ ସେ ଅତୀତକୁ ଚାହିଁଲେ ମଧ୍ୟ ଭୁଲି ପାରୁନି । ପଦଟିଏ କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଛି । ମନେନାହିଁ ସାଗରିକା ସେ ଦିନର କଥା । ଏହି କଥା ପଦକ ଅନେକ ଥର ଶୁଣିଛି ଦେବମୟ ଠାରୁ । ନିରବ ରହିଯାଏ ସେ । ଅତୀତକୁ ଖୋଜିହେଲେ ସେ କ'ଣ ପାଇବ । ସେସବୁ ଚାଲିଯାଇଛି ବହୁ ଦୂରକୁ । ହାତ ପାଇବନି । ଅଣ୍ଡାଳିବାକୁ ଚେଷ୍ଟକରି ବିଫଳ ହେବ । ପାଇଯାଏ ଯଦି, ତା' ମୂଲ୍ୟ ମିଳିବନି ।

ଝରକା ବାଟଦେଇ ପଶିଆସୁଛି ଅନେକ କଥା । ଗୋଟେଇ ପକଉଛି ସାଗରିକା କଥା ଗୁଡ଼ିକୁ । ଲେଖି ପକେଇବ ଏହି କଥାଗୁଡ଼ିକ । ସଜେଇ ଦେବ ଲେଖାଗୁଡ଼ିକୁ କାଗଜ ଉପରେ । ବେଳେବେଳେ ଭାବୁଛି ଏହାକୁ ପଠେଇ ଦେବ ଦେବମୟ ପାଖକୁ ।

ଦେବମୟ ଛାଡ଼ି ସାରିଲାଣି ତା' ପାର୍ଥିବ ଶରୀର । ତଥାପି ସାଗରିକା ହୃଦୟରେ ସେ ଜୀବିତ । ଟିକିଏ ଆଖି ପୂରେଇ ତା'କୁ ଦେଖି ପାରିଲାନି । ସବୁ ସେହି ଜଗନ୍ନାଙ୍କ ଇଛା । ବୋଧହୁଏ  ସେ ସହି ପାରିନଥାନ୍ତା ପ୍ରିୟ ସାଥୀର ଦେହାନ୍ତକୁ । ସବୁକୁ ନିର୍ଦ୍ଧିଷ୍ଟ କରିଛନ୍ତି ସେହି ପରମେଶ୍ୱର । ତା' ଉପରେ ଆଖି ପଡ଼ିଗଲେ ମନେ ପଡ଼ି ଯାଇଥାନ୍ତା ଅନେକ କଥା ।

ସେଦିନ ଫୋନ୍ ରିଙ୍ଗ୍ ଆସିଥିଲା ଦେବମୟ ଠାରୁ । ତୁ କେମିତି ଅଛୁ ସାଗରିକା । ଅସ୍ପଷ୍ଟ ସ୍ୱରରେ ଭାସି ଆସିଥିଲା ସାଗରିକାର ମୋବାଇଲକୁ । ଯେମିତି ଥିଲି ସେମିତି ଅଛି । ସାଗରିକା, ତୋ ସ୍ୱର ଖୁବ୍ ଦୁର୍ବଳ ଲାଗୁଛି । ତୋର କିଛି ଅସୁବିଧା ହୋଇଛି କି ? ଛୋଟିଆ ଶବ୍ଦରେ ଉତ୍ତର ଦେଇଥିଲା ସାଗରିକା । ଦେବମୟର କଥାରେ ସେ ପାଇଯାଇଥିଲା ଦମ୍ଭ, ସାହସ । ମୁଁ ତୋ' ପାଖେ ପାଖେ ଅଛି ସାଗରିକା । ତୋତେ ମୁଁ ସାହସ ଦେବି । ଭଲମନ୍ଦରେ ସାହାଯ୍ୟର ହାତ ବଢ଼େଇ ଦେବି । ଦେବମୟର ଏହି ବାକ୍ୟ କେତୋଟି ଲେଖି ହୋଇଗଲା ସାଗରିକାର ଛାତି ଭିତରେ । ସେ ଲେଖାରେ ନଥିଲା ପୂର୍ଣ୍ଣଚ୍ଛେଦ ।

ଅନେକ କଥା ଦେବମୟର ମନେ ପଡ଼ିଯାଉଥିଲା । ସାଗରିକା, ତୁ ମୋ ପାଖରେ ନାହୁଁ, କିନ୍ତୁ ସ୍ୱପ୍ନରେ ତୁ ବାରବାର ମୋ ପାଖକୁ ଚାଲିଆସୁଛୁ । ସାଗରିକା ହସିପକାଏ ଏହି କଥା ପଦକରେ । ଯେଉଁଭଳି ହେଲେବି ତୁ ତ ମୋତେ ପାଇ ଯାଉଛୁ ଦେବମୟ । ଦୁଃଖ ରହିଲା କେଉଁଠି ?

ମୁଁ ମୁହଁଖୋଲି ମନ କଥାକୁ କହି ପାରିଲିନି, ତାହା ହିଁ ମୋର ଦୁଃଖ ସାଗରିକା ।

ଯାହା ହେବାକୁ ଥାଏ ତାହାହିଁ ହୁଏ । ଆମେ ଚାହିଁଲେ ମଧ୍ୟ କିଛି କରିବାନି ଦେବମୟ ।

ଦେବମୟ ନିରବି ଯାଇଥିଲା । ସାଗରିକା କେତେ ମୂଲ୍ୟବାନ କଥା କହିଲା । ମନ ତା'ର ଦୃଢ଼ ହୋଇଗଲା । ଯେତିକି ପାଉଛି ସେତିକ ମିଳୁ । ଅଧିକ ସେ ଆଶା କରିବନି । ଈଶ୍ୱର ସମସ୍ତଙ୍କୁ ସବୁଦେଇ ନାହାନ୍ତି । ସବୁ ପାଇଗଲେ ମଣିଷ ଧରାକୁ ସରା ମଣିବ । ସବୁ ଋତୁରେ ସବୁ ଫୁଲ ଫୁଟୁନି । ଗ୍ରୀଷ୍ମ ଋତୁରେ ଶେଫାଳି ଅଦୃଶ୍ୟ ଥାଏ । ତା' ଜୀବନକୁ ଈଶ୍ୱର ଏମିତି ଗଢ଼ିଛନ୍ତି । ଶରତ ଋତୁରେ ସେ ଦୃଶ୍ୟମାନ ହୁଏ ଧରାପୃଷ୍ଠରେ । ସାଗରିକାକୁ ସବୁଦିନ ପାଖରେ ପାଇବା ପାଇଁ ଦେବମୟ ଇଛା କରିଥିଲେ ମଧ୍ୟ ଈଶ୍ୱର ଏହି ଇଛା ପୂରଣ କରି ନଥିଲେ । ଯେତିକି ମିଳିଥିଲା ସେତକରେ ସନ୍ତୁଷ୍ଟ ହେବାକଥା । ଗ୍ରୀଷ୍ମ ଋତୁରେ ଶେଫାଳିକୁ ଖୋଜିବା ଭଳି ହୋଇଯାଇ ଥାଆନ୍ତା ଜୀବନ ।

ଏହି ଓଜନିଆ କଥା ପଦକ ଶୁଣିଲା ପରେ ଦେବମୟ ନିରବ ହୋଇ ଯାଇଥିଲା ।

ସାଗରିକା ବିବାହ କରିଥିଲା ଜଣେ ଅର୍ଦ୍ଧ ଶିକ୍ଷିତ ପୁରୁଷକୁ । ସେହି ପୁରୁଷର ସ୍ୱାଭାବ ଓ ଚରିତ୍ର ଥିଲା ଭିନ୍ନ । ଅନେକ ଥର ସାଗରିକା ଭାବିହୁଏ ଗୋଟିଏ କଥା । ଦେବମୟ ମୁହଁ ଖୋଲି କହି ନପାରିଲେ ମଧ ସେ ପଚାରିଥାନ୍ତା । ସବୁତ ଈଶ୍ୱରଙ୍କ ଇଛା । ସବୁକଥା ରହି ଯାଇଥିଲା ହୃଦୟ ଭିତରେ । ବାହାରକୁ ବାହାରି ନଥିଲା । ବର୍ତ୍ତମାନ ଝୁରି ହେଉଛନ୍ତି ଦୁଇଜଣ । ପରସ୍ପର ଭିତରେ ଆଳାପ କରିବା ସମୟରେ ଏକାପ୍ରକାର ଆଲୋଚନା ହୁଏ । ସେହି କଥାର ମର୍ମଥାଏ – ଆମେ ପ୍ରକାଶ କଲେନି କାହିଁକି । ସାଗରିକା ଖୁବ୍ ବୁଦ୍ଧିମତୀ । ସେ କହିପକାଏ – ଚାଲିଯାଇଥିବା କଥାକୁ ଦୋହରେଇବା ନାହିଁ । ଏଥିରେ ମିଳିବ ଦୁଃଖ । ଯେତିକି ପାଉଛେ ସେତକ ଯଥେଷ୍ଟ ।

ମନେପଡୁଛି, ଦିନେ ସାଗରିକାର କାର୍‌ରେ ବାହାରିଲେ ଦୁଇଜଣ । ମହାନଦୀର କୂଳେ କୂଳେ କାର୍ ଚାଲିଥାଏ । ଅସୁମାରୀ କଥାର ଖିଅ । ସ୍ୱର୍ଗର ସୁଖ ଅନୁଭବ କରୁଥାଏ ସାଗରିକା । ଆଜି ଏକାନ୍ତରେ ସେ ପାଇଛି ଦେବାମୟକୁ । ହୃଦୟରେ ସାଇତା କଥାକୁ ଅଜାଡ଼ି ଦେବ ଦେବମୟ ପାଖରେ । ନଦୀକୂଳରେ ଗୋଟିଏ ନିରୋଳା ସ୍ଥାନରେ ଦୁଇଜଣ କାରରୁ ଓହ୍ଲେଇ ବସିପଡ଼ିଲେ । ନଦୀ ଜଳରେ ଦିଶୁଥାଏ ଜହ୍ନର ପ୍ରତିଛବି ।

ଦେବମୟ, ତୁ ମୋ ପ୍ରତିଛବିକୁ ତୋ ହୃଦୟରେ ଦେଖିଛୁକି ? କି ପ୍ରଶ୍ନ ପଚାରୁଛୁ ସାଗରିକା । ତୁ ମୋ ମନ ଆକାଶରେ ଉଇଁଲା ପୁନେଇଁ ଜହ୍ନ । ସବୁବେଳେ ମୁଁ ତୋତେ ଦେଖିଥାଏ । ବାଦଲ ଘୋଡ଼େଇ ପକାଏନି ସେ ଜହ୍ନକୁ । ସେ ସର୍ବଦା ଉଜ୍ୱଳ ଓ ଝଟକୁ ଥିବା ଜହ୍ନ । ଏତକ ଶୁଣିଲା ପରେ ସାଗରିକା କୁରୁଳି ଉଠି କୁଣ୍ଢେଇ ପକେଇଲା ଦେବମୟକୁ । ସେହି ରାସ୍ତାରେ କୌଣସି ପଥିକ ଯାଉଥିବେ ସେଥିପ୍ରତି ସେମାନଙ୍କର ନଥିଲା ନଜର । ପ୍ରେମରେ ଏକ ପ୍ରକାର ବିଭୋର ହୋଇ ଯାଇଥିଲେ ଦୁଇଜଣ ।

ମହାନଦୀ ଜଳ ଭିତରେ ଝଟକୁ ଥିଲା ଜହ୍ନ । ସେ ଦେଖି ପାରୁଥିଲା ପ୍ରେମିକ ପ୍ରେମିକାଙ୍କ ଭବିଷ୍ୟତ । କେହି କାହାର ହୋଇ ପାରିବେନି, କିନ୍ତୁ ଉଭୟ ପରସ୍ପର ଏକ ବନ୍ଧନରେ ବାନ୍ଧି ହୋଇ ଯାଇଛନ୍ତି, ଠିକ୍ ଫୁଲ ଓ ପ୍ରଜାପତିର ବନ୍ଧନ ଭଳି ।

ଭାବ ବିଭୋଳ ହୋଇ ଯାଇଥିଲେ ଦୁଇଜଣ । ସେ ସ୍ଥାନ ଛାଡ଼ି ଆସିବାକୁ ଇଛା ହେଉନଥିଲେ ମଧ ଉଠିବାକୁ ବାଧ ହେଲେ । କାରଣ, ସନ୍ଧ୍ୟା ଟପି ଯାଇଥିଲା । ରିଙ୍ଗ୍ ରୋଡ଼୍‌ରେ ଆଉ ଘେରାଏ ବୁଲି ଆସିଲେ । ତା'ପରେ ଘର ମୁହାଁ ହେଲା ଗାଡ଼ି ।

ଏ'କଥା ତୁମର ମନେଅଛି ଦେବମୟ । ସବୁକଥା ମନେଅଛି ସାଗରିକା । ତୁମ ଘରେ ଆଉ ଦୁଇ ତିନିଦିନ ରହି ଚାଲିଆସିଲି ଟ୍ରେନ୍‌ରେ । ତୁ ଟ୍ରେନ୍‌ରେ ଛାଡ଼ିବାକୁ ଆସିଥିଲୁ । ପ୍ଲାଟଫର୍ମରେ ହାତ ହଲେଇଥାଏ ବାଏ କଲୁ । ଦୁଇଜଣଙ୍କ ଚକ୍ଷୁରେ ଲୋତକ ଧାର ସ୍ପଷ୍ଟ ହେଉଥିଲା । କେହି କାହା ପାଖରୁ ବିଛିନ୍ନ ହେବାକୁ ଚାହୁଁନଥିଲେ । ଏହାତ ପବିତ୍ର ପ୍ରେମର ନିଦର୍ଶନ ।

ସାଗରିକା, ବହୁତ ଥର ସ୍ୱପ୍ନରେ ତୋତେ ଦେଖେ । ମୋ ମନ ରାଜ୍ୟରେ ସର୍ବଦା ତୁ ଘୁରୁଥାଉ । ନିଦ ଭାଙ୍ଗିଗଲେ ତୁ ମୋ ପାଖରେ ନଥାଉ । ସକାଳକୁ ଅପେକ୍ଷା କରିଥାଏ । ସଜବାଜ ହୋଇ ସକାଳର ସୂଚନା ଦିଏ ସୂର୍ଯ୍ୟେ । ମୁଁ ତୋତେ ଫୋନରେ କିଛି କଥା କହିବାକୁ ଚାହେଁ । ସବୁକଥା କହିପାରେନି । ସ୍ୱପ୍ନ ଆଙ୍କି ଦେଇଥାଏ କିଛି ଛବି । ସବୁକୁ ମୁଁ ବର୍ଣ୍ଣନା କରି ପାରେନି କି କହି ପରେନି । ତଣ୍ଟିର ଅଧାରେ ରହିଯାଏ ଅନେକ କଥା । ତୁ ନିରବ ଥାଉ ସାଗରିକା । ତୋତେ ମୋ କଥା ଭଲ ଲାଗୁଛି କି ନାହିଁ ଜାଣିପାରେନି । ତୋ ସ୍ୱାମୀଙ୍କ କଥାର ଆଓ୍ୱାଜରେ ତୁ ଫୋନ୍ ଅପ୍ କରି ଦେଉ । ମନରେ ଭାରି କଷ୍ଟ ହୁଏ । ମୁଁ ସାଗରିକାର କିଏ ? ତା' ସ୍ୱାମୀର ସେ ସର୍ବସ୍ୱ । ଭାଙ୍ଗି ପଡ଼େ ମୁଁ । ଦୁଃଖର ଚଉହଦୀ ଭିତରେ ବନ୍ଦୀ ହୋଇଯାଏ ।

କିଛି ଉତ୍ତର ଦେଇନପାରି ସାଗରିକା ଅଧୀର ହୋଇ ପଡ଼େ । ପଦେ କଥା ହେବାପାଇଁ ବାହାରକୁ ଚାଲି ଆସିଥିବ ଦେବମୟ । ସବୁକଥା କହି ପାରିଲାନି । ମନରେ ସାଇତା ହୋଇ ରହିଗଲା କିଛି କଥା । ବ୍ୟସ୍ତ ହୋଇପଡ଼େ ସାଗରିକା । ସବୁକାମ ଭିତରେ ମନ ଭିତରେ ଏପଟ ସେପଟ ହେଉଥାଏ ଦେବମୟ । ମୁହଁ ତା'ର ଶୁଖି ଯାଇଥିବ । ଶୁଖିଲା ମୁହଁରେ ଷ୍ଟିଅରିଂ ଧରି ଧୀରେ ଧୀରେ ଗାଡ଼ି ଚଳାଇ ଚାଲି ଆସିଥିବ ଘର ପାଖରେ ଥିବା ବଗିଚାରୁ । ପ୍ରଜାପତିମାନେ ନିଜ ବନ୍ଧୁକୁ ବାଛି ନପାରି ଏ ଫୁଲରୁ ସେ ଫୁଲ ପାଖକୁ ଦଉଡ଼ି ଯାଉଥିବେ । ସେମାନେ ଦେଖିପାରୁ ନଥିବେ ଦେବମୟର ବିଷାଦଭରା ମୁଖକୁ । ନିଜ କାମରେ ସେମାନେ ବ୍ୟସ୍ତ ଥିବେ ।

ଦେବମୟ ଅଙ୍କବାଟକୁ ଆଜି ନେଇଥିବ ଲମ୍ବା ସମୟ । ଅସୁମାରୀ କଥାର ଲହରୀ କୂଳ ଲଙ୍ଘୁଥିବ । ସେ ସେହି ଲହରୀର ବାଲୁକା ଶଯ୍ୟାରେ ଖୋଜୁଥିବ ସାଗରିକାର ପାଦ ଚିହ୍ନକୁ । ମନେ ମନେ ଗୁଣୁଗୁଣେଇ ହେଉଥିବ ସାଗରିକାର ଅସ୍ପଷ୍ଟ ବାକ୍ୟ – ମୁଁ ତୋ ପାଖରେ ସବୁବେଳେ ରହିଛି । ଶରୀରରେ ନ ହେଲେ ମଧ ମନ ରାଜ୍ୟରେ ତୋ ପାଖରେ ମୁଁ ଯିବା ଆସିବା କରୁଛି ।

ଅନ୍ୟ ଗୋଟିଏ ଦିନର କଥା ସାଗରିକା । ମୁଁ ପହଞ୍ଚିଥିଲି ତୋ ଘରେ । ୪/୫ଦିନ ରହିବାର ଯୋଜନା ଥାଏ ମୋର । ପହଞ୍ଚିବାର ଦ୍ୱିତୀୟ ଦିନ ଏକ ନିରୋଳା ମୁହୂର୍ତ୍ତରେ ତୋ ସହ କଥା ହେବାର ମଉକା ମିଳିଲା । ପିଲାମାନେ ତୋର ଏପଟ ସେପଟ ହେଉଥିଲେ । କଅଁଳିଆ ମନରେ ତାଙ୍କର ଆମ କଥା ପଶୁନଥିଲା । ମୁଁ ତୋତେ ପଚାରିଥିଲି ଅନେକ କଥା । ସାଗରିକା ତୁ କାହିଁକି ଏମିତି କଲୁ । ସବୁ ପ୍ରଶ୍ନ ପରେ ତୁ ଅସ୍ପଷ୍ଟ ସ୍ୱରରେ କହିଥିଲୁ ମୋତେ ସବୁ କହିଲୁନି କାହିଁକି ? ତୁ ତୋ ବାହାଘର ପ୍ରସ୍ତାବ କଥା କହିପାରିଥାନ୍ତୁ । କେମିତି କହିଥାନ୍ତି ଦେବମୟ । ତୁ ଥିଲୁ ମୋ ଠାରୁ ବହୁତ ଦୂରରେ । ମୋର ଥିଲା କଅଁଳିଆ ମନ । ମୁଁ ବୁଝି ପାରିନଥିଲି ତୋ ମନରେ ସାଇତା ଥିବା କଥା ।

ବୁଝି ଯାଇଥିଲା ଦେବମୟ ସାଗରିକାର ମନ୍ତବ୍ୟକୁ । ଦୁଇଜଣ ଥିଲେ ନିରବ । କଥାସବୁ ଦୋହରେଇ ହେଉଥିଲା ମନ ଭିତରେ ।

ସାଗରିକା ମନକୁ ଦିନେ ଦେବମୟ ଓଜନିଆ କରି ଦେଇଥିଲା । ସେଦିନକୁ ଦୋହରେଇ ହେଉଥିଲା ସାଗରିକା । ଦୁଇଜଣ କଲେଜରେ ପଢ଼ିବାର ଦିନ । ଦେବମୟର ଇଛାକୁ କାଟି ପାରିନଥିଲା ସାଗରିକା ।

ସାଗରିକା, ତୋତେ ସାଙ୍ଗରେ ନେଇ ପୁରୀ ଯିବାକୁ ମୋର ଇଛା । ଜଗନ୍ନାଥଙ୍କୁ ରଥାରୂଢ଼ ଅବସ୍ଥାରେ ତୋ ସାଙ୍ଗରେ ମୁଁ ଦର୍ଶନ କରିବି । ସାଗରିକା ମନରେ ଡର ଭିଡ଼ ଜମେଇଥାଏ । କେମିତି ସେ ପୁରୀଯିବ ଦେବମୟ ସାଙ୍ଗରେ । ବହୁତ ଲୋକଙ୍କର ଭିଡ଼ଥିବ ସେଠାରେ । ଚିହ୍ନା ଲୋକଙ୍କ ହାବୁଡ଼ରେ ପଡ଼ିଗଲେ ସାଗରିକା ଡରିଯିବ । ତଥାପି ଜଗାକୁ ଦର୍ଶନ କରିବାର ପ୍ରବଳ ଇଛାକୁ ସମ୍ୱରଣ କରିହେଉନି । ଜଗାର ଗୋଲଗୋଲ ଚକ୍ଷୁ ସହିତ ଚକ୍ଷୁ ମିଶେଇବାକୁ ମନ ଉହଳ ବିକଳ ହେଉଛି । ଶେଷ ସିଦ୍ଧାନ୍ତରେ ପହଞ୍ଚିବାକୁ କିଛି ସମୟ ନେବ ସାଗରିକା ।

ଅନେକ ଭାବିଚିନ୍ତି ସାଗରିକା ପୁରୀ ଯିବାପାଇଁ ରାଜି ହୋଇଥିଲା । ସେଦିନ ଦେବମୟର ଆନନ୍ଦର ସୀମା କହିଲେ ନସରେ । କିଛିଦିନ ହେଲା ସେ ଭାବନା ଭିତରେ ଦେଖୁଥିଲା ସାଗରିକାକୁ । ଏବେ ସେ ସାଙ୍ଗରେ ତା'କୁ ନେଇ ଯିବ ଜଗନ୍ନାଥଙ୍କ ପାଖକୁ । ମନଭରି ଦେଖିବ ତା' ପିଲାଦିନର ସାଙ୍ଗକୁ ଏବଂ ଜଗନ୍ନାଥଙ୍କୁ ଗୁହାରି ଜଣେଇବ । କୁରୁଳି ଉଠୁଥାଏ ତା' ମନ । ସାଗରିକା ଭୟ ଭିତରେ ଥିଲେ ମଧ ଦେବମୟକୁ ପାଖରେ ପାଇ ଖୁସିରେ ଫାଟି ପଡୁଥାଏ ।

ଟ୍ରେନରେ ଦୁଇଜଣ ପାଖାପାଖି ବସି ଯାତ୍ରାକଲେ

ପୁରୀକୁ । ପୁରୀରେ ପହଞ୍ଚି ଗଲାପରେ ଦୁଇଜଣଙ୍କ ମନରାଜ୍ୟକୁ ଆବୋରି ବସିଲେ ଜଗନ୍ନାଥ । ମନ କେଉଁଠି ଲାଗିଲାନି । ବଡ଼ଦାଣ୍ଡରେ ପ୍ରବଳ ଭିଡ଼ । ରଥ ଦଉଡ଼ି ଟାଣିବା ପାଇଁ ଭକ୍ତମାନେ ବ୍ୟାକୁଳ । ସାଗରିକା ଓ ଦେବମୟ ଧାଇଁଲେ ବଡ଼ଦାଣ୍ଡ ଆଡ଼େ । ତିନିଦିଅଁ ରଥାରୂଢ଼ । ଭିଡ଼ ଭିତରେ ଦେବମୟ ଧରିଥାଏ ସାଗରିକା ହାତକୁ । କାଳେ ସାଗରିକା ହଜିଯିବ ସେ ଡରୁଥାଏ ତା'ର । ଜଗନ୍ନାଥଙ୍କ ଶ୍ରୀମୁଖ ଉପରେ ଦୁଇଜଣଙ୍କ ନଜର ପଡ଼ିଗଲେ ସେମାନେ ଆନନ୍ଦିତ ହୋଇ ଯାଉଥାନ୍ତି । ବନ୍ଧୁ ବନ୍ଧୁ ମଧ୍ୟରେ ଆକର୍ଷଣ ସୃଷ୍ଟି ହେଉଥିବା ଠାରୁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆକର୍ଷଣରେ ସେମାନେ ବିଭୋର ହୋଇ ଯାଉଥାନ୍ତି । କାଳିଆ ସାଆନ୍ତଙ୍କୁ ଜାବୁଡ଼ି ଧରିବାକୁ ପ୍ରବଳ ଇଛା । ରଥ ଉପରକୁ ଉଠିବାକୁ ମନା । କଳ୍ପନା ଭିତରେ ସେମାନେ ଖୁବ୍ ନିକଟ ହୋଇ ଯାଉଥାନ୍ତି ଜଗନ୍ନାଥଙ୍କର । ମନଭରି ଦୁଇଜଣ ଦେଖିଲେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ । ଟିକିଏ ଗହଳି ହୋଇଗଲେ ଦେବମୟ ଟାଣି ଆଣୁଥାନ୍ତି ସାଗରିକାକୁ । ଦେବମୟଙ୍କର ଏହି ଭାବାବେଗ ଭିତରେ ହଜି ଯାଉଥାଏ ସାଗରିକା । କିଛି ସମୟ ରଥରେ ୩ ଦିଅଁଙ୍କୁ ଦର୍ଶନ କଲାପରେ ମନ ପୂରିଗଲା । ଦୁଇଜଣ ଅଟୋରେ ବସି ଚାଲି ଆସିଲେ ସମୁଦ୍ର କୂଳକୁ । ଲେକାରଣ୍ୟ ସମୁଦ୍ର କୂଳରେ ଥିଲେ ଖୁବ୍ କମ୍ ଲୋକ । ବଡ଼ଦାଣ୍ଡରେ ପ୍ରବଳ ଭିଡ଼ ।

ଅଟୋରୁ ଓହ୍ଲାଇ ପଡ଼ିଲେ ଦୁଇଜଣ । ପ୍ରଥମେ ଓହ୍ଲାଇଥିଲା ଦେବମୟ । ସାଗରିକାର ହାତଧରି ଓହ୍ଲେଇ ଦେଇଥିଲା । ଦୁଇଜଣ ସମୁଦ୍ର କୂଳେ କୂଳେ ଚାଲିଲେ କିଛିବାଟ । ଥଣ୍ଡାଥଣ୍ଡା ପବନ ଦେହରେ ସୃଷ୍ଟି କରୁଥାଏ ଶିହରଣ । ସାଗରିକା କିଛି ସମୟ ଦେବମୟ ସହିତ ରହିବା ଦ୍ୱାରା ଖୁବ୍ ଫ୍ରି ହୋଇ ଯାଇଥିଲା । ଦୁଇଜଣ ହାତ ଧରାଧରି ହୋଇ ସମୁଦ୍ର କୂଳେ କୂଳେ ଚାଲିଲେ କିଛି ବାଟ । ଷ୍ଟ୍ରିଟ୍ ଲାଇଟ୍ ନିଷ୍ପ୍ରଭ ଲାଗୁଥାଏ । ସାଗରିକା ଦେବମୟ ସହିତ ମିଶିଗଲା ଭଳି ଅନୁଭବ କରୁଥାଏ । ସମୁଦ୍ର ସତେଯେମିତି ଦିଗ୍‌ବଳୟକୁ ଛୁଇଁଥାଏ । ତାରାମାନେ ଆକାଶକୁ ଛାଡ଼ି ଖୁବ୍ ପାଖ ହୋଇ ଯାଇଥାନ୍ତି ସମୁଦ୍ରର । ସାଗରିକା ମୁହଁରେ ଅସଜଡ଼ା କେଶର ଆଲୋଡ଼ନ ତାକୁ ଆନମନା କରୁଥାଏ । ବାରମ୍ବାର ଭ୍ୟାନିଟ୍ ବ୍ୟାଗଟି ଖସିଯିବା ଭଳି ଅନୁଭବ ହେଉଥାଏ ସାଗରିକାର । ଦେବମୟ ତାକୁ ସାଗରିକାର କାନ୍ଧ ଉପରକୁ ଟେକି ଦେଉଥାଏ । ସବୁକାର୍ଯ୍ୟ ଚାଲିଥାଏ ନିରବତାସହ ।

ଦେବମୟ ମୁହଁ ଖୋଲିଲା । ସାଗରିକା, ଆମେ ଏମିତି କେତେଦିନ ପରେ ପରସ୍ପରକୁ ପାଇବା । ସାଗରିକା ଚୁପ୍ ରହିଲା । ଦେବମୟ ଏହାର ବ୍ୟବସ୍ଥା କରିବା କଥା । ନିରବରେ ରହିଲେ କିଛିର ଗୋଟିଏ ଶେଷ ଖିଅରେ ପହଞ୍ଚି ହେବନି । ସାଗରିକା ଭାବୁଥିଲା ଗୋଟିଏ ନିଷ୍ପତ୍ତି ନେବେ ଦୁଇଜଣ । କିନ୍ତୁ ଟିକିଏ ଉଖାଡ଼ି ଦେଲା କଥାକୁ ଦେବମୟ । ତା'ପରେ ଦୁଇଜଣ ଚୁପ୍‌ଚାପ୍ । ବସିପଡ଼ିଲେ ସମୁଦ୍ର କୂଳରେ ଥିବା ଲମ୍ବା ସିମେଣ୍ଟ ବେଞ୍ଚ ଉପରେ ।

ସାଗରିକା କହ କିଛି । ନିରବ କାହିଁକି ? କ'ଣ କହିବ ସେ । ଈଶ୍ୱରଙ୍କ ସୃଷ୍ଟିରେ ଝିଅଟିଏ ସବୁବେଳେ ନରମ । ପୁରୁଷ ହୋଇଥାଏ କଠିନ । ବନ୍ଧୁତ୍ୱ ଭିତରେ କଟୁଥିବା ଜୀବନ ଚିର ସବୁଜ ହୋଇ ରହିପାରିବତ ? ସାଗରିକା ମୁହଁ ନ ଖୋଲିଲେ ମଧ୍ୟ ଅନେକ ସୁନେଲି ସ୍ୱପ୍ନ ସେ ଦେଖୁଥାଏ ମନେମନେ । ଦୁନିଆ କେଉଁଦିନ ଦେଖିବ ଏହି ନବ ଦମ୍ପତିଙ୍କୁ । ନ ଥିବ ଡର କି ଭୟ । ସମୁଦ୍ର କୂଳରେ ଥିବା ହୋଟେଲରେ ମଧୁ ଜାମିନୀ ସେମାନେ କଟେଇବେ ।

ରାତିରେ ପୁରୀରେ ରହିବା ବିଧେୟ ନୁହଁ । ତେଣୁ ଦୁଇଜଣ ଫେରି ଆସିଥିଲେ । ଅଳ୍ପ ସମୟର ମିଳାମିଶା ଭିତରେ ସାଗରିକା ତା' ମନ ଦର୍ପଣରେ ଦେଖି ଚାଲିଥିଲା ଦେବମୟକୁ । ଦେବମୟ ମଧ୍ୟ ପାଇ ଯାଉଥିଲା ସାଗରିକାକୁ । ଅଳ୍ପ ସମୟ ଦେଖା ଚାହାଁଥିଲା ଅବ୍ୟାହତ । କେହି ନିଜ ମନକଥାକୁ ସମ୍ପୂର୍ଣ୍ଣ ଅଜାଡ଼ି ଦେଉ ନଥିଲେ ଅନ୍ୟ ପାଖରେ । ସବୁ ଜିନିଷର ଗୋଟିଏ ଶେଷ ଆସିବ, ଏହାଥାଏ ସେମାନଙ୍କ ମନ ଭିତରେ ।

ସାଗରିକାର ବାହାଘର ପ୍ରସ୍ତାବ ଆସୁଥାଏ ଅନେକ ଆଡୁ । ଈଶ୍ୱରଙ୍କ କୃପାରୁ ସବୁ ବାଟମାରଣା ହେଉଥାଏ । ସାଗରିକା ତା' ପିତା ମାତାଙ୍କର ପ୍ରଥମ ସନ୍ତାନ । କୌଣସି କାରଣରୁ ତା' ପାଇଁ ପଡୁଥିବା ପ୍ରସ୍ତାବରେ ବିଘ୍ନଘଟିଲେ ଅନ୍ୟ ଭଉଣୀଙ୍କ ବାହାଘର ହେବାରେ ଅସୁବିଧା ଉପୁଜି ପାରେ । ସେହି ଭୟରେ ସାଗରିକା ବେଶି ଆଗେଇ ପାରୁନଥାଏ । ସମୟ ଆସିଲେ କହିବ ବୋଲି ମନେ ମନେ ଭାବୁଥାଏ ।

ଏହାଭିତରେ ସାଗରିକାର ପ୍ରସ୍ତବ ଆସିଲା । ପ୍ରସ୍ତାବଟି ଥିଲା ଗୋଟିଏ ଭଲ ପରିବାରର । ତେଣୁ ତା ବାପା ଯାଇ ଦେଖିଆସିଲେ ଘରଦ୍ୱାର, ସେ ପରିବାରର ସଦସ୍ୟମାନଙ୍କୁ । ପ୍ରସ୍ତାବଟି ଗ୍ରହଣ କରିଥିଲେ ପଥମ ଦେଖାରେ । ସବୁକଥା କହିଥିଲେ ସାଗରିକାକୁ । ଗାଉଁଲୀ ଝିଅଟିଏ ସେ ବାପା ମନରେ କଷ୍ଟ ଦେବାକୁ ସେ ଚାହୁଁ ନ ଥିଲା । ଅନ୍ୟଦିଗରେ ଦେବମୟକୁ ସମସ୍ତ କଥା ପ୍ରକାଶ କରିଥିଲା । ଦେବମୟ ଚାହିଁଥିଲେ ସେ ପ୍ରସ୍ତାବକୁ ଭାଙ୍ଗିଦେଇ ନିଜ ପ୍ରସ୍ତାବ ଦେଇ ପାରିଥାନ୍ତା । ସେ ଥିଲା ପ୍ରଚଣ୍ଡ ସ୍ୱାଭିମାନୀ । ତେଣୁ ଅଭିମାନରେ ସାଗରିକାକୁ କିଛି କହି ପାରିଲାନି । ଦୁଇଜଣଙ୍କ କଥା ମନଭିତରେ ଗୁମୁରି ହେଲା । ନିରବତାକୁ ସାଥୀକରି ସେମାନେ ଚୁପ୍ ରହିଗଲେ ।

ବାହାଘର ଦିନ ଆଗେଇ ଆସିଲା । ବାପା ପଠେଇଥିବା କେତେ ଖଣ୍ଡ ନିମନ୍ତ୍ରଣ କାର୍ଡ଼ ସାଗରିକାର ହସ୍ତଗତ ହେଲା । କାହାକୁ ସେ କାର୍ଡ଼ଦେବ । ସର୍ବପ୍ରଥମେ କାର୍ଡ଼ଟି ଯାଇଥାନ୍ତା ଦେବମୟ ପାଖକୁ । ତା' ଠିକଣା କାର୍ଡର ଲଫାପା ଉପରେ ଲେଖିବା ବେଳକୁ ହାତ ତାର ଥରି ଉଠିଲା । ଠପ୍ ଠପ୍ ହୋଇ ଟୋପାଟୋପା ଲୁହରେ ଠିକଣାଟିର ଅଧା ଓଦା ହୋଇଗଲା । ଦୀର୍ଘ ଚିଠିଟିଏ ଲେଖି ଲଫାପାରେ ଭର୍ତ୍ତି କରିଦେବ ଭାବିଲା । କେଉଁଠୁ ଆରମ୍ଭକରି କେଉଁଠି ଶେଷ କରିବ ବୋଲି ଭାବିଲା ଅନେକ ଥର । ଈଶ୍ୱରଙ୍କୁ ପଚାରିଲା – ତୁମେ ଏମିତି କାହିଁକି କଲ ପ୍ରଭୁ । ପିଲାଦିନରୁ ଯାହାସହିତ କିଛି ସମୟ ବିତେଇଥିଲି ତା'କୁ ମୋ ପାଖରୁ ଛଡ଼େଇ ନେଲା କେତେ କଷ୍ଟପାଇଁ ଦେବମୟ । ତା' ମନରେ ସାହସ ଭରିଦିଅ ପ୍ରଭୁ ।

ଲଫାପାଟି ବନ୍ଦ କରିଦେଲା । ଧାଡ଼ିଟିଏ ଲେଖି ପାରିଲାନି । ଚିଠିଟି ଡାକଘରେ ବକ୍ସରେ ପକେଇବା ପର୍ଯ୍ୟନ୍ତ ଅନୁତାପରେ ସିଝି ଯାଉଥିଲା ।

କାର୍ଡଟି ପହଞ୍ଚିଗଲା ଦେବମୟ ପାଖରେ । ଲଫାପା ଖୋଲିବା ପୂର୍ବରୁ ଲଫାପାରେ ସାଗରିକାର ହାତ ଅନ୍ୟଜଣଙ୍କ ହାତରେ ବନ୍ଧା ହୋଇଥିବାର ଦେଖିଲାପରେ ତା' ହାତରୁ ଲଫାପାଟି ଖସିପଡ଼ିଲା । ଏ' କ'ଣ କଲୁ ସାଗରିକା ବୋଲି ତା' ପାଟିରୁ ବାହାରି ପଡ଼ିଲା । ମୁହଁ ଖୋଲି ପାରିଲିନି ବୋଲି ମୋତେ କଠୋର ଶାସ୍ତି ଦେଲୁ ।

*'ସ୍ୱାତୀ ଭବନ',*
***ଷ୍ଟେସନ ବଜାର, କଟକ - ୩***



# ପାହାନ୍ତି ଆକାଶ

## ରୁମ୍‌ଝୁମ୍ ନାୟକ

ରାତି ପାହି ସକାଳ ହେଲାଣି। କେବେଠୁ ଭୋର୍ ଦେଖିନି। ଛପି ଛପିକା ଅନ୍ଧାରି ଶେଯରୁ ଆଖି ମଳି ଉଠି ଆସୁଥିବା ଅଳସ ସକାଳକୁ ଚାହିଁ ଭାରି ଉଦାସ ଲାଗୁଥିଲା ପଲ୍ଲବୀକୁ। ଟିକେ ପରେ ପୂରା ଫର୍ଚ୍ଚା ହୋଇଯିବ। କୁଆଁ ତାରା ବି ଲୁଚିଯିବ ଧଳା ବାଦଲ ସେପାଖେ। ମେଘମୁକ୍ତ ଆକାଶରେ ସୁନେଲିମୁକୁଟ ପିନ୍ଧି ସୂର୍ଯ୍ୟ ବି ଉଇଁବେ ସବୁଦିନ ପରି। ସୂର୍ଯ୍ୟସ୍ନାନ କରିବେ ପୃଥିବୀର ପାହାଡ଼-ନଈ-ପଶୁ-ପକ୍ଷୀ-ମଣିଷ ସମସ୍ତେ। ଚଳଚଞ୍ଚଳ ହୋଇଯିବ ଜୀବନ ସୂର୍ଯ୍ୟର ସ୍ପର୍ଶ ମାତ୍ରକେ। ଝରକା ପାଖକୁ ଲାଗି ଆସିଲା ପଲ୍ଲବୀ। ହାତ ବଢ଼େଇ ମୁକୁଳା କରିଦେଲା କାଚ ଝରକା ସବୁ। କଅଁଳ ପବନ ଖେଳିଗଲା ଘରସାରା। ଉଡ଼ିଗଲା ତା କେଶଗୁଚ୍ଛ ଏଣେ ତେଣେ। ହାତ ବୁଲେଇ ଆଣିଲା ମୁହଁ ଉପରେ। ଆଖିରେ ଏବେ ବି ଲାଗି ରହିଛି ଗତ ରାତିର ଉଚ୍ଛ୍ୱାସର ଦାଗ ବିନ୍ଦୁ ବିନ୍ଦୁ କାକର ପରି। ସେ ସାରାରାତି କାନ୍ଦିଛି।

କ'ଣ ହଜିଯାଇଛି ତାର ? କାହାକୁ ହରେଇବାର ଦୁଃଖରେ ଭାଙ୍ଗିଯାଇଛି ତାର ମନ ! ଝରକା ବାଟ ଦେଇ ବିଛଣା ଉପରେ ପଡ଼ିଛି ଛାଇଛାଇକା ଖରା। ଧିରେ ଧିରେ ହଲୁଛି ତା ଜୀବନର ଅମୂଲ୍ୟ ମୁହୂର୍ତ୍ତମାନଙ୍କ ପରି। ବାହାରକୁ ଚାହିଁଲା। ଆଉ ଟିକକ ପରେ ଘୁଞ୍ଚିଯିବେ ସୂର୍ଯ୍ୟ ପୃଥିବୀର ଅକ୍ଷାଂଶ ଦ୍ରାଘିମା ଉପର ଦେଇ ଦିଗବଳୟ ସେପଟକୁ। ସେ କିନ୍ତୁ ସେମିତି ଅପକ୍ଷା କରିଥିବ। ଚାହିଁ ରହିଥିବ ସାମନାରେ ଲମ୍ବିଯାଇଥିବା ନାଲି ରାସ୍ତା ଉପରକୁ। କାନ ଡେରିଥିବ ଲୁହାଗେଟର କଟ୍‌କଟ୍ ଶବ୍ଦକୁ। ତାର ବିଶ୍ୱାସ, ପ୍ରଣବ ନିଶ୍ଚେ ଫେରିଆସିବେ। ବର୍ଷ ବର୍ଷ ଆତ୍ମିୟତା ଉପରେ ତାର ଅସଂଖ୍ୟ ପ୍ରତ୍ୟୟର କ'ଣ ଏ ବିରୋଧାଭାସ ! ବିଶ୍ୱାସ, ସ୍ନେହ, ସୋହାଗରେ ଗୁନ୍ଥା ଦାମ୍ପତ୍ୟର ହାର। ମୁହୂର୍ତ୍ତକର ଆରୋପ ଓ ଅବିଶ୍ୱାସର ବିନିମୟରେ ସଂସାର ପଟୁକା ଛିଡ଼ିଯାଏ ସିନା ଯୋଡ଼ିବା ପୁଣି କଷ୍ଟକର ହେଇପଡ଼େ। ସତରେ କ'ଣ ହୁଗୁଳା ହୋଇଯାଇଛି ତା ସହ ପ୍ରଣବଙ୍କ ମନର ବନ୍ଧନ ! ସେମାନେ ତ ପରସ୍ପର ଭଲପାଇ ବାହା ହୋଇଥିଲେ। ଛଳ ଛଳ ଆତ୍ମା ତଳେ କେତେ କେତେ ବିଭୋରତାର ପଦ୍ମ ଫୁଟିଥିଲା ତାଙ୍କ ପାଇଁ। କି ଉଦ୍ଦାମ ଭଲପାଇବା ତାଙ୍କର ! କେଉଁଠି ଅଟକି ଗଲା ଅହର୍ନିଶି ପ୍ଲାବନର ସ୍ରୋତ। ଉଜ୍ଜ୍ୱଳ ଶ୍ୟାମଳ ବ୍ୟକ୍ତିତ୍ୱ ଭିତରେ ଆତ୍ମବିଶ୍ୱାସର ଭୁବନମୋହନ ହସ ତାଙ୍କର ଶତ୍ରୁକୁ ବି ଆପଣାର କରିନିଏ। ସଂଯତ ବେଶ ବିନ୍ୟାସ ସାଙ୍ଗରେ ମଧୁର ବ୍ୟବହାର ଆଭିଜାତ୍ୟର ଏକ ଅପୂର୍ବ ସମାବେଶ ପ୍ରତ୍ୟେକ ଠାଣିରେ। ଏବେ ଧିରେ ଧିରେ ସବୁଥିରେ ବ୍ୟତିକ୍ରମ। କୌଣସି ନା କୌଣସି ଆଳରେ ଯେମିତି ସେ ପଲ୍ଲବୀର ଦୁର୍ବଳତାକୁ ହିଁ ଦେଖୁଥିଲେ। ଏଇ ଅସମୟ ପରିବର୍ତ୍ତନର ପ୍ରବାହରେ କେମିତି ବତୁରି ଯାଉଥିଲା ସେ। କରୁଣତାରେ, ଅସହାୟବୋଧରେ ସଂକୁଚିତ ହୋଇ ଉଠୁଥିଲା। ମେଘ ଘୋଟିଆସିଲା ଆଖିରେ, ଛାତିରେ। ଉଦ୍‌ଗତ ଲୁହକୁ ଢ଼ୋକି ଉଠି ଠିଆହେଲା ପଲ୍ଲବୀ। ଜହ୍ନପରି ନିଃସଙ୍ଗ ସେ। ସମସ୍ତଙ୍କର ଆପଣାର ହେଲେ ବି କେହି ତାର ନିଜର ନୁହଁନ୍ତି। ବର୍ଷ ବର୍ଷ ଧରି ଚବିଶ ବର୍ଷ କଟେଇଛି ସେ ତାଙ୍କ ସାଙ୍ଗେ। ଦୁନିଆକୁ ଚାହିଁଛି ତାଙ୍କ ଆଖିରେ, ନିଜର ରୁଚିକୁ ଗଢ଼ିଛି ତାଙ୍କ ଅଭିରୁଚି ଅନୁସାରେ। ତଥାପି ବାନ୍ଧିପାରିନି ତାଙ୍କ ହୃଦୟକୁ। ଏମିତି ଏକୁଟିଆ କରି ଅଧାରାସ୍ତାରେ ଠିଆ କରେଇ ଚାଲିଗଲେ ପ୍ରଣବ। ମୁହୂର୍ତ୍ତକର ସୁଖଲାଭ ପରେ ଉଡ଼େଇ ଦେଲେ ଚବିଶ ବର୍ଷର ସଂସାରକୁ ଲକ୍ଷ୍ୟହୀନ ଭାବରେ ନୀଳ ଆକାଶରେ। ଖରାଟାଣ ହେବାକୁ ଲାଗିଲାଣି। ଝରକା ସେ ପାଖର କାମିନୀ ଗଛର ପତ୍ରସବୁ ଝାଉଁଳି ପଡ଼ିଲାଣି। ପୂର୍ଣ୍ଣ ପ୍ରାଣରେ ଗୋଟିଏ ମାତ୍ର ପରିପୂର୍ଣ୍ଣ ଜୀବନ ଭୋଗିବାକୁ ଯାଇ ହଜେଇ ଦେଇଛି ସେ ମଧୁର ସକାଳ, ସନ୍ଧ୍ୟା ଆଉ ରାତିର ଅନୁକମ୍ପା। ସମସ୍ତ ତ୍ୟାଗର ପରିବର୍ତ୍ତିତ ବ୍ୟତକ୍ରମ ତାର ପ୍ରଣବ। ସପ୍ତାହରେ ଆଉ ଗୋଟିଏ ଦିନ ତାର। ବାକି ସବୁ ଦିନର ଖବର ସେ ରଖେନି ବା ରଖିବାକୁ ଚାହିଁନି। ତଥାପି ସେ ସନ୍ତୁଷ୍ଟ ଥିଲା ଦ୍ୱତୀୟାଜହ୍ନ ପରି ସଂକ୍ଷିପ୍ତ ଅଥଚ ବିହ୍ୱଳତାର ମଧୁ ଦାମ୍ପତ୍ୟ ଜୀବନକୁ ନେଇ। ବିଶ୍ୱାସର ମହ ମହ ବାସ୍ନାରେ ବାନ୍ଧିରଖିଥିଲା ସେ ପ୍ରଣବଙ୍କୁ, ପୁଅ ନିଶାନ୍ତ, ଝିଅ ପ୍ରତୀକ୍ଷା ସମସ୍ତଙ୍କୁ। ପିଲାମାନେ ହଷ୍ଟେଲ୍‌ରେ ରହି ପଢୁଛନ୍ତି। ସମସ୍ତେ ମେଧାବୀ। ପ୍ରଣବ ଉଚ୍ଚପଦସ୍ଥ ଅଫିସର। ସବୁ ପରିପୂର୍ଣ୍ଣତା ଭିତରେ କୋଉଠି ଲୁଚି ରହିଥିଲା ସେଦିନର ସେ ପାଉଁଶ ତଳର ନିଆଁ। ଭାବିବାକୁ ଡର ଲାଗୁଥିଲା ତାକୁ। କିଛିଦିନ ଧରି ବିନା କାରଣରେ ଅଶାନ୍ତି ଲଗେଇ ରଖିଥିଲେ ପ୍ରଣବ। ହେଲେ ସେଦିନ ଭାଙ୍ଗିଯାଇଥିଲା ତା ଧୈର୍ଯ୍ୟର ବାଲିବନ୍ଧ ବନ୍ୟା ଆସିବାର ବହୁ ପୂର୍ବରୁ। ଫୋନ୍ ରିଂ ସାଙ୍ଗକୁ କଲିଂବେଲ୍, ଦୁଇଟାଯାକ ଏକାସଙ୍ଗେ ବାଜିଉଠିଲେ। କୋଉଟା ତାକୁ ଅଧିକ ଜରୁରୀ ଭାବିବା ପୂର୍ବରୁ ଟେଲିଫୋନ୍‌ଟା ବନ୍ଦ ହୋଇଯାଇଥିଲା। ମାତ୍ର କଲିଂବେଲ୍ ବାଜି ଚାଲିଥିଲା ଅହରହ। ସେଦିନ ବି ଏମିତି ଅଧୁଆ ସକାଳ ଥିଲା। ସେ ନିଜେ ବି ଗାଧେଇ ନଥିଲା, ତା କାମକରା ବାଇ ବି ଆସି ନଥିଲା। ବାଇ ଆସିଥିବ ଭାବି ବାଲକୋନି ବାଟେ ତଳକୁ ଚାହିଁଲା ପଲ୍ଲବୀ। ଗେଟ୍‌ଟା ଅଧା ଖୋଲାଥିଲା ଅଥଚ କେହି ଦେଖାଯାଉ ନଥିଲେ। ଡ୍ରଇଁରୁମ୍‌ର କାଚ କବାଟ ସେପଟେ ଜଣେ ସ୍ତ୍ରୀ ଲୋକର ଛାଇ ଦେଖାଯାଉଥିଲା।

ଏତେ ସକାଳୁ କିଏ ହୋଇପାରେ ! ତା'ର ତ କେହି ବାନ୍ଧବୀ ନାହାନ୍ତି ଏଠି। କବାଟ ଟା ଖୋଲି ଦେଇ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁ ରହିଲା ତାଙ୍କୁ। ଉଗ୍ର ଆଧୁନିକତାର ଝଲମଲ ଚେହେରା। ବାଳର ରଙ୍ଗସହ ଦେହ ରଙ୍ଗ ପାଖାପାଖି। ଦେହର ଗଢ଼ଣ ତଥା ପରିପାଟୀ ସହ ସ୍ୱଭାବ ମଧ ଉଗ୍ର ପରି ଜଣାପଡୁଥିଲା। ଅଚିହ୍ନା ବାସ୍ନା ସହ ଓଠର ତାଚ୍ଛଲ୍ୟ ହସ ଦେଖି ସେଦିନ ସତରେ ସେ ଡରିଯାଇଥିଲା। ଧିରେ ପଚାରିଥିଲା, କାହାକୁ ଖୋଜୁଛନ୍ତି ? "ଏଇଟା ପ୍ରଣବଙ୍କ ଘର, ଆପଣ ତାଙ୍କର କ'ଣ ହୁଅନ୍ତି ? ଆଜି ସେ ଅଛନ୍ତି କି ନାହିଁ ? ଏମିତି ଅନେକ ପ୍ରଶ୍ନ ଫୋପାଡ଼ି ଚାଲିଥିଲେ ଭ୍ରଦ ମହିଳା ଜଣକ। ଯାହାହେଉ ପ୍ରଣବଙ୍କ କେହି ପରିଚିତ ହେଇଥିବେ ଭାବି ନମସ୍କାରଟିଏ ଜଣେଇ ଭିତରକୁ ଆସିବାକୁ ସମ୍ଭ୍ରମ ନିମନ୍ତ୍ରଣ ଜଣେଇଥିଲା ପଲ୍ଲବୀ। ହାଇହିଲ୍ ଚପଲକୁ ଠକ୍‌ଠକ୍ କରି ଭିତରକୁ ପଶି ଆସିଲେ ଭଦ୍ରମହିଳା ଜଣକ ଖରାଦିନର ଝୁଲିଝଡ଼ ପରି। ଚାରିଆଡ଼କୁ ଇତଃସ୍ତତଃ ଦୃଷ୍ଟି ଫିଙ୍ଗି ଦୁମ୍‌କି ବସି ପଡ଼ିଲେ ସୋଫା ଉପରେ ଏକ

ଅପ୍ରତ୍ୟାଶିତ ପ୍ରଶ୍ନ ଅଜାଡ଼ି ଦେଇ। "ଏଇଟା ପ୍ରଣବଙ୍କ ନିଜ ଘରତ। ଘରେ ଆଉ କିଏ କିଏ ଅଛନ୍ତି ?" କାଠ କଣ୍ଢେଇ ପରି ଦୋହଲି ଉଠିଥିଲା ପଲ୍ଲବୀ, ଭଦ୍ର ମହିଳାଙ୍କୁ ଜବାବ୍ ଦେଇଥିଲା, "ମୁଁ ମିସେସ୍ ପ୍ରଣବ, ଆମର ଦୁଇଟି ପିଲା, ବାହାରେ ହଷ୍ଟେଲ୍‌ରେ ରହି ପଢୁଛନ୍ତି।" କହିଦେଇ ଶଙ୍କିତ ଦୃଷ୍ଟିରେ ଚାହିଁଥିଲା ପଲ୍ଲବୀ। କାଳେ କହି ବସିବେ ସେ ବି ପ୍ରଣବଙ୍କ ନିକଟ ସମ୍ପର୍କୀୟା ନହେଲେ ପୂର୍ବରୁ ପ୍ରଣବ ମତେ ବାହାହୋଇଥିଲେ ଅନ୍ୟ କିଛି। ଆଜିକାଲି ଏମିତି ଅବାସ୍ତବ ଘଟଣା ବିଚିତ୍ର ନୁହେଁ। ସମ୍ଭାବନାକୁ ବିଚାର କରିବା ପୂର୍ବରୁ ସମ୍ଭବ ହୋଇ ସାରିଥାଏ ସବୁକିଛି। ତଥାପି ପ୍ରଣବଙ୍କୁ ଅବିଶ୍ୱାସ କରାଯାଇପାରେନା। ହେଲେ ତାଙ୍କ ସହିତ ଏ ଅଦ୍ଭୁଦ ଅତ୍ୟାଧୁନିକ ସ୍ତ୍ରୀଲୋକଟିର କି ସମ୍ପର୍କ ହୋଇପାରେ ! ତା ମନର ଭାବାନ୍ତରକୁ ଲକ୍ଷ୍ୟ କରୁଥିଲେ ବୋଧେ ଭଦ୍ର ମହିଳା। ତା ଅନ୍ୟମନସ୍କତାର ସୁଯୋଗକୁ ସଦ୍‌ବ୍ୟବହାର କରି ପ୍ରଶ୍ନ କରିଥିଲେ ସେ। "ପ୍ରଣବ ବର୍ତ୍ତମାନ କୋଉଠି, ମାନେ ଆଜି କୋଉଠି ?" "ସେ ନାହାନ୍ତି, ତିନି ଦିନ ହେବ ଟୁର୍‌ରେ ଯାଇଛନ୍ତି" ବୋଲି ସଂକ୍ଷିପ୍ତ ଉତ୍ତର ଦେଇଥିଲା ପଲ୍ଲବୀ। ତାପରେ ଭଦ୍ରମହିଳଙ୍କ ବିସ୍ଫୋରକ ବାକ୍ୟବାଣ, "ତାଙ୍କ ଝିଅକୁ ମୁଁ ଚିହ୍ନେ, ସେ ମୋ ଝିଅଠୁ ଦୁଇବର୍ଷ ଜୁନିଅର୍ ଏବଂ ସେମାନେ ରୁମ୍‌ମେଟ୍ ମଧ୍ୟ।" ଓଃ, ଆଶ୍ୱସ୍ତ ହୋଇଥିଲା ପଲ୍ଲବୀ। ତା ଝିଅର ସାଙ୍ଗର ମାଆ ଯେତେବେଳେ ଏତେ ସକାଳୁ ଆସିଛନ୍ତି ଅନ୍ତତଃପକ୍ଷେ ଚା'ତ ଦେବ, ସେଥିପାଇଁ କିଛି ନ କହି କିଚେନ୍‌କୁ ଚାଲିଯାଇଥିଲା ସେ। ଦୁଇ କପ୍ ଚା ଧରି ଫେରିଆସିଲା। ଟି ପୟ ଉପରେ ଟ୍ରେଟି ରଖି ଅପେକ୍ଷାକୃତ ନିଶ୍ଚିନ୍ତରେ ସୋଫାର ଗୋଟିଏ କୋଣରେ ବସିପଡ଼ିଲା। ଭଦ୍ରମହିଳା ନିଶବ୍ଦରେ ଚା କପ୍‌ଟି ଉଠେଇ ନେଇଥିଲେ ଏବଂ ସେ ବି ଚା କପ୍‌ରୁ ଉଠୁଥିବା ଧୂଆଁ ଭିତରେ ପ୍ରଣବଙ୍କ ଚିର କଲ୍ଲୋଳିତ ମୁହଁ ମନେ ପକେଇ ଭାବୁଥିଲା। ହେ, କେତେ କ'ଣ ସେ ଭାବି ସାରିଲାଣି। ସ୍ତ୍ରୀ ମାନେ ହିଁ ସନ୍ଦେହୀ, ସେ ଯେତେ ଶିକ୍ଷିତା ହେଇଥାଉନା କାହିଁକି। ମୁହଁ ତଳକୁ କରି ବସିଥିଲେ ଭଦ୍ରମହିଳା। କଥାଟା କେମିତି ଆରମ୍ଭ କରିବେ। ହଠାତ୍ ମୌନତା ଭଙ୍ଗ କରି କହିଥିଲେ, "ମୁଁ ଏଠି ଆପଣଙ୍କ ଘରକୁ ଅତିଥି ହେବାପାଇଁ କିମ୍ବା ମୋଝିଅ ସହିତ ଆପଣଙ୍କ ଝିଅର ବନ୍ଧୁତ୍ୱର ସୂତ୍ର ନେଇ ଆସିନି ବରଂ ଆସିଛି ଆପଣଙ୍କ ଜୀବନ ନାଟକର ଏକ ବିକଳାଙ୍ଗ ଚରିତ୍ରର ମୁହଁରୁ ମୁଖା ଉଠେଇ ଆପଣଙ୍କୁ ପରିଚୟ କରେଇ ଦେବାକୁ। ଏମିତି ଏକ ଦୃଶ୍ୟର ପରିକଳ୍ପନା ହୁଏତ କୌଣସି ନିର୍ଦ୍ଦେଶକ କରି ପାରିନଥିବେ ଯାହା ବର୍ତ୍ତମାନ ଘଟିବାକୁ ଯାଉଛି।" ତାହେଲେ ସେ କାହା ବିଷୟରେ କହିବାକୁ ଚାହୁଁଛନ୍ତି। ତା ଝିଅ 'ପ୍ରତୀକ୍ଷା' କ'ଣ କିଛି ଅଘଟଣ କରିବସିଛି ? ଠିଆ ହୋଇପଡ଼ିଲା ସେ ବିଚଳିତ ଭାବରେ। କଣ୍ଠରୁଦ୍ଧ ଅନୁନୟ ତାର। "କୁହନ୍ତୁ" ଧୂସର ମେଘର ଆଢୁଆଳରେ ଲୁଚି ରହିଛି ଅନ୍ଧକାରର କେଉଁ ଦିଗ ତା ଜୀବନର, ଜାଣିବାକୁ ବ୍ୟଗ୍ର ହୋଇପଡ଼ିଲା ପଲ୍ଲବୀ।

ଭଦ୍ର ମହିଳାଙ୍କ କଣ୍ଠର ବଜ୍ରଘାତ, ତା ମନର ମନ୍ଦିରକୁ ଭାଙ୍ଗିବାକୁ ଯଥେଷ୍ଟ ଥିଲା। ତଥାପି ତା ଦାମ୍ପତ୍ୟର ମୂଳଦୂଆ ବିଶ୍ୱାସର ନିର୍ମୋହ ବାଲି ଉପରେ ପ୍ରଣବଙ୍କ ସାରାଜୀବନ ପାଇଁ ପ୍ରତିଶ୍ରୁତିର ପରସ୍ତ ପରସ୍ତ ଅଶ୍ଳେଷର ଆସ୍ତରଣ କ'ଣ ଏତେ ସହଜରେ ଭୁଷୁଡ଼ି ଯାଇଥାନ୍ତା। ହେଲେ ଭଦ୍ରମହିଳାଙ୍କ ଦ୍ରୁତ ଅଥଚ ଅବିଶ୍ୱନୀୟ ଭାଷା ତା କାନ ପାଖରେ ପିଟି ହେଉଛି ପ୍ରଚଣ୍ଡ ଦ୍ୱିପ୍ରହରର ଅଶାନ୍ତ ଲହଡ଼ୀମାନଙ୍କ ପରି। ତା ପାଦ ତଳେ ଯେମିତି ଚୋରାବାଲି। ଧସି ଯାଉଛି ସେ ଓ ତାର ଭବିଷ୍ୟତ। ଭଦ୍ରମହିଳା ବାହାରିଗଲେ ଧୂଳିଝଡ଼ ପରି ଯେମିତି ଆସିଥିଲେ ସେମିତି, ହେଲେ ଅଜାଡ଼ି ଦେଇଗଲେ କୁଢ଼ କୁଢ଼ ଶୂନ୍ୟତା। "ଆପଣ ଭାବି ଦେଖିବେ, ମୋର କିଛି ଆପତ୍ତି କରିବାର ନାହିଁ। ମୋ ଝିଅ ମନରେ ପ୍ରଣବ ଯେଉଁ ଭଲପାଇବାର ବୀଜ ବୁଣିଛନ୍ତି ତାକୁ ଆପଣଙ୍କ ଘରେ ହିଁ ବଢ଼େଇବେ। ପ୍ରଣବଙ୍କ ଦ୍ୱିତୀୟ ସ୍ତ୍ରୀ ହୋଇ ରହିବାକୁ ଯଦି ମୋ ଝିଅର ଆପତ୍ତି ନାହିଁ ତେବେ ମୋର ବି କିଛି ବ୍ୟକ୍ତିଗତ ମତ ନାହିଁ ସେ ବିଷୟରେ। ସେମାନଙ୍କ ଖୁସିରେ ଆମେ ସାମିଲ ହେବା ଉଚିତ୍ ହେବ।" ଓଃ ଛାତି ଭିତରୁ ହୃଦୟଟା ଖଣ୍ଡ ଖଣ୍ଡ ହୋଇ ଖସିପଡ଼ିଲା। ନାହିଁ ନାହିଁ ଏ କେମିତି ସମ୍ଭବ ! ପ୍ରଣବଙ୍କ ପରି ଜଣେ ପଚାଶ ବର୍ଷର ବୟସ୍କ ଚରିତ୍ରକୁ ଏମିତି କ'ଣ କେହି କାଳିମାମୟ କରିଦେଇପାରେ ! ଏଇଟା ନିଶ୍ଚେ କାହାର କୁ-ଚକ୍ରାନ୍ତ। ଏଥିରେ ଥିବା ସତ୍ୟତାର ପରିମାଣ ମାପିବାକୁ ଯେଉଁ ମାନସିକ ବଳ ଦରକାର ତା ବି ନାହିଁ ପଲ୍ଲବୀର। ପ୍ରଣବଙ୍କ ବ୍ୟତିରେକ ଦୁନିଆକୁ ସେ ସ୍ୱପ୍ନରେ ବି ଦେଖିନି। କାହାକୁ ପଚାରିବ ସେ। ପ୍ରଣବଙ୍କ ସହ ଚବିଶ ବର୍ଷ ଏଇ ଘରେ ଗୋଟିଏ ବିଛଣାରେ ଗୋଟିଏ ଲଗ୍ନରେ କାଟିସାରିଲା ପରେ ସେ ପୁଣିଥରେ ଭଲପାଇ ବସିବେ ଗୋଟିଏ କୁଆଁରୀ ଝିଅକୁ ! ଯିଏ ତାଙ୍କ ନିଜ ଝିଅ ଜନ୍ମହେବାର ମାତ୍ର ଦୁଇବର୍ଷ ଆଗରୁ ଦୁନିଆକୁ ଆସିଛି !

ନୀରବ ସୌନ୍ଦର୍ଯ୍ୟମୟ ସନ୍ଧ୍ୟା ଆକାଶ ଉପରେ ଝଡ଼ର ବିକ୍ଷୁବ୍‌ଧ ଉତ୍ତାଳ ପୌରୁଷ କ'ଣ ଯୁଗ ଯୁଗର ! ମନ ଭିତରୁ ଆଖିକୁ ମାଡ଼ି ଆସିଥିଲା ବର୍ଷା। ଭଦ୍ରମହିଳା କେତେବେଳୁ ଚାଲିଗଲେଣି। ଟିକକ ପୂର୍ବରୁ ପ୍ରଳୟ ଉପରେ ସୂର୍ଯ୍ୟକିରଣ ପଡ଼ି କିଛିଟା ସ୍ୱାଭାବିକ ହୋଇଆସିଲା ପରେ ସେ ଗାଧୋଇ ବାହାରିଲା। ଗାଧୁଆ ଘରେ ମନ ଭରି କାନ୍ଦିଲା, ପୂଜାକଲା। ସଂଧ୍ୟା ଆସିବା ପୂର୍ବରୁ ଫେରି ଆସିଲେ ପ୍ରଣବ। ତା ପରେ ବିନା କାରଣରେ ପାଟି। ସ୍ୱଭାବ ବିରୁଦ୍ଧରେ ସେଦିନ ପଲ୍ଲବୀ ବି ଫାଟି ପଡ଼ିଥିଲା। ଉତ୍ତପ୍ତ ଲାଭା ଖଣ୍ଡ ପରି ବିକ୍ଷିପ୍ତ ହୋଇଯାଇଥିଲେ ପ୍ରଣବ।

ଯେମିତି ଆସିଥିଲେ ସେମିତି ଫେରିଯାଇଥିଲେ ସେ। ସାଙ୍ଗରେ ତାଙ୍କର ସବୁ ପୋଷାକପତ୍ର ଆଉ ଜରୁରୀ କାଗଜପତ୍ର ନେଇଯାଇଥିଲେ ଏବଂ ଗଲାବେଳେ କହିଥିବା ସେଇ ଶେଷ ପଦର କଣ୍ଟକ ଆଘାତରେ ଲହୁ ଲୁହାଣ ହୋଇଯାଇଥିଲା ତାର ଚବିଶି ବର୍ଷର ସଂସାର। "ତୁମ ସହ ମୁଁ ରହିବାକୁ ଚାହେଁନା ପଲ୍ଲବୀ। ଏ ଘର, ବ୍ୟାଙ୍କ୍ ବାଲାନ୍‌ସ, ଆଉ ପିଲା ଦୁଇଜଣ ବି ତୁମର। ମୁଁ ଆଉ ଫେରିବିନି ଘରକୁ।" କାଲିରାତିରୁ ଆଜି ସକାଳ ଯାଏ କେମିତି କାଟିଛି ପଲ୍ଲବୀ ଏଇ ଘରେ ! ଚବିଶ୍ ବର୍ଷର ସ୍ମୃତିର ଗଦାକୁ ସଜାଡ଼ି ସଜାଡ଼ି ଥକିପଡ଼ିଛି ସେ। କୋଉଠି ତ ଧୂଳି ମଳି ନାହିଁ। ହେଲେ ଆଜି ଅସ୍ତବ୍ୟସ୍ତ ତାର ପ୍ରତିଦିନର ଜୀବନଚର୍ଯ୍ୟା। ସକାଳୁ ଉଠି ନିତ୍ୟକର୍ମ ସାରି ଠାକୁର ପୂଜା କରି ବସେ ସେ। ତର ତର ହୋଇ ବାହାରିଲା ପଲ୍ଲବୀ। ବାଇ ଆସି ଘରକାମ ସାରି ଯିବାକୁ ବସିଲାଣି। ସେ ବି ଉଠିବ, ଗାଧେଇବ, ପୂଜା କରିବ। ଭାଗ୍ୟର ଖେଳ ସହ ସେ ସବୁଦିନେ ପରିଚିତ। ସବୁ କାମ ସାରି ଠାକୁର ଘରେ ବସିଲା ପଲ୍ଲବୀ। ମଝିରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ବଳଭଦ୍ର ଆଉ ସୁଭଦ୍ରା ତ୍ରିମୂର୍ତ୍ତିଙ୍କ ଆସ୍ଥାନ। ବାଁପଟେ ଗଣେଷ ଦକ୍ଷିଣରେ ଶ୍ରୀ ହନୁମାନ। ତେତ୍ରିଶ କୋଟି ଦେବତାଙ୍କୁ ଧରି ରହିଛି ସେ ଏଇ ଘରେ। ହେଲେ ତା ଜୀବନ ଦେବତା ଆଜି ଅନ୍ୟ କାହାଘରେ। ବର୍ଷ ବର୍ଷ ଧରି ସ୍ମୃତିର ଫୁଲରେ ପୂଜିଛି ସେ ଘରର ସବୁ ଦେବାଦେବୀଙ୍କୁ। ପ୍ରଣବଙ୍କୁ ବାହାହୋଇ ଆସିବାର ପ୍ରଥମ ଦିନକୁ ଏବେ ବି ଝୁଣ୍ଟିପଡ଼େ ସେ ବେଳ ଅବେଳରେ।

ଲୁହ ଟଳମଳ ଆଖିରେ, ଛାତିରେ ଛାତିଏ କୋହ। ବାପା, ମା, ଭାଇ, ଭଉଣୀଙ୍କ ବିଚ୍ଛେଦ ଜନିତ ଯନ୍ତ୍ରଣା କାତର ମୁହଁକୁ ଓଢ଼ଣା ତଳେ ଲୁଚେଇ ଥର ଥର ପାଦରେ ଓହ୍ଲେଇଥିଲା ସେ ଏଇ ଘରର ଫାଟକ ପାଖରେ। ଆଦରରେ ପାଛୋଟି ନେଇଥିଲେ ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର। ଏଘରର ପ୍ରତ୍ୟେକଙ୍କ ଅଭ୍ୟର୍ଥନାରେ ଅଭିଭୂତ ହୋଇଯାଇଥିଲା ସେ। ମାଆ ତାକୁ ପ୍ରଥମେ ଏଇ ଘରେ ଆଣି ଆଶୀର୍ବାଦ ଦେଇଥିଲେ। ଶ୍ରୀ ଜଗନ୍ନାଥଙ୍କ ଚରଣରେ ମଥା ରଖି ସେ ପ୍ରତିଜ୍ଞା କରିଥିଲା। ଏ ଘର ପାଇଁ ତା ଜୀବନ ଏ

ଜନ୍ମ ପାଇଁ ବନ୍ଧା। ସେଦିନୁ ଜଗିବସିଛି ଏ ଘରର ମର୍ଯ୍ୟାଦାକୁ। ଆଜି ପତି ପରିତ୍ୟକ୍ତା ହେଇ ମଧ୍ୟ ଏ ଘରକୁ ଛାଡ଼ି ଯାଇ ପାରିବନି। ପ୍ରଗାଢ଼ ବିଶ୍ୱାସରେ ଚାହିଁଥିଲା ସେ ସବୁ ଦେବତାମାନଙ୍କୁ। ପୂଜାସାରି ଗଡ଼ିପଡ଼ିଥିଲା ତାର ଆଉ ପ୍ରଣବଙ୍କ ବିଛଣାରେ ଗୋଟାଏ କଡ଼କୁ। ଦୁଃଖର ତରଙ୍ଗ ଆଘାତରେ ଫାଟିପଡୁଛି ତା ଆଖି। ପରସ୍ତ ପରସ୍ତ ସମୟର ବିଚ୍ଛୁରଣ ଭିତରେ ନିଜ ବୈବାହିକ ଜୀବନକୁ ସଙ୍ଖୋଳୁ ଥିଲା ସେ।

ସେ ଦିନ ବିବାହର ସମସ୍ତ ଔପଚାରିକତା ପରେ ପାଦ ଚିପି ଚିପି ଆସିଥିଲା ରାତି ତାଙ୍କ ଘର ଭିତରକୁ। ସମସ୍ତେ ବ୍ୟସ୍ତ ତା ପାଇଁ। ନଣନ୍ଦମାନେ ସଜେଇ ବସିଥିଲେ ତାକୁ। ଜହ୍ନ ଆଲୁଅ ପରି ଧଳା ବିଛଣା ଉପରେ ଫୁଲର ରଙ୍ଗ ବେରଙ୍ଗ ବର୍ଣ୍ଣାଳୀ। ମଲ୍ଲିଫୁଲର ମହ ମହ ବାସ୍ନା ଭିତରେ ତା ସଯତ୍ନ ସାଇତା କୁମାରୀତ୍ୱ ହଜେଇ ଦେବାର ଏକ ଉନ୍ମତ୍ତ କଳ୍ପନା ଭିତରେ ସେ ଅବଶ ହୋଇପଡୁଥାଏ। ଧିରେ ଧିରେ କବାଟ ଖୋଲି ଆସିଥିଲେ ପ୍ରଣବ। ସିଲକ୍ କୁର୍ତ୍ତା, ପାଇଜାମା, ବେକରେ ସୁନାଚେନ୍, ସୁନା ରଙ୍ଗର ଫ୍ରେମ୍ ଦିଆ ଚଷମା ଭିତରେ ଲୁଚିଥିବା ତାଙ୍କ ବଳିଷ୍ଠ ବ୍ୟକ୍ତିତ୍ୱକୁ ସେ ନୂଆ କରି ଦେଖୁଥାଏ। କେମିତି ଏକ ଚିହ୍ନା ବାସ୍ନା ମନରୁ ଦେହକୁ ଦେହରୁ ରକ୍ତକୁ ଚହଟି ଯାଇଥିଲା। ଥର ଥର ହେଇ ଥରୁଥିଲା ତା ଦେହ ଅଜଣା କମ୍ପନରେ। ତା ଉଣେଇଶ୍ ବର୍ଷର ବସନ୍ତରେ ଅଛୁଆଁ ପଳାଶର ଅସରନ୍ତି ସମ୍ଭାର। ଗଭୀର ଅଶ୍ଲେଷରେ ତା ଦେହର ପ୍ରତିଟି ପାଖୁଡ଼ାକୁ ଉନ୍ମୁକ୍ତ କରିଥିଲେ ପ୍ରଣବ। ତା ଗହଳ କେଶର ଅରଣ୍ୟରେ ନିଜକୁ ହଜେଇଦେଇଥିଲେ ସେ ସେଇ ପ୍ରଥମ ରାତିରେ। ଛାତି ଭିତରଟା ଏବେ ବି ଥରୁଛି ସେଇ ପ୍ରଥମ ରାତିର ଭୀତ ପରି। ସବୁକୁ ଭୁଲି ଚାଲିଗଲେ ପ୍ରଣବ ତାକୁ ଏମିତି ଏକୁଟିଆ କରି। ଏବେ ବି ମନେ ପଡ଼େ ଝିଅ ଜନ୍ମ ହେବାର ଦିନ। ତା ଦେହରେ ପ୍ରତିଟି ଯନ୍ତ୍ରଣା ଦଗ୍ଧ ଚିତ୍କାରକୁ ନିଜର ଛାତିରେ ଅନୁଭବ କରୁଥିଲେ ପ୍ରଣବ। ଦୌଡ଼ି ଯାଇଥିଲେ ସେ ଅପରେସନ୍ ଥିଏଟରର ଦ୍ୱାର ପର୍ଯ୍ୟନ୍ତ। ଲୁହରେ ଭରି ଯାଇଥିଲା ତାଙ୍କ ଦୁଇ ଆଖି। ଡଃ ପଟ୍ଟନାୟକଙ୍କ ହାତଧରି ଅନୁନୟ କରିଥିଲେ, "ପଲ୍ଲବୀକୁ ବଞ୍ଚେଇ ଦଅନ୍ତୁ, ମୋର ପିଲା ଦରକାର ନାହିଁ"। ତାଙ୍କ ଭଲ ପାଇବାର ପ୍ରଗାଢ଼ତାରେ ପଲ୍ଲବୀର ବାପା, ମା', ଶାଶୁ ଶ୍ୱଶୁର ସମସ୍ତେ ଅଭିଭୂତ ହୋଇଯାଇଥିଲେ। ଶାଶୁ ଆଦରରେ କୋଳେଇ ନେଇଥିଲେ। "ମାଆ ହେବା ଏତେ ସହଜ ନୁହେଁରେ ବାପା, କେତେ କଷ୍ଟ କରୁଛି ପଲ୍ଲବୀ ତୋ ପିଲାକୁ ଜନ୍ମଦେବାକୁ, ଦେଖୁଛୁ ବାପ! ମାଆ ପରି ସ୍ତ୍ରୀ ପାଖରେ ବି ଋଣୀ ରହିବା ଉଚିତ୍ ସବୁ ସ୍ୱାମୀମାନେ"। ଝିଅର କୁଆଁ କୁଆଁ ଡାକରେ ଭୁଲିଯାଇଥିଲେ ସେ ସବୁ କଷ୍ଟ।

ସେଇ ପ୍ରଣବ ଆଜି ଆହୁଲା ବିହୀନ ଡଙ୍ଗାରେ ବସେଇ ଦେଇଛନ୍ତି ତାକୁ। ଆଖି ପାଉ ନଥିବା ସମୁଦ୍ରରେ ଭାସିବ ସେ କେତେଦିନ ଯାଏ? ଓଠରେ ଲୁଣି ପାଣିର ସ୍ୱାଦ। ସମୁଦ୍ରର ନୁହେଁ, ତା ନିଜ ଲୁହର। ଆଲଣାରେ ପ୍ରଣବଙ୍କ ରାତିପିନ୍ଧା କୁର୍ତ୍ତା ପାଇଜାମା ଏବେବି ଝୁଲୁଛି, ଆଶାର ଆଲୋକ ପରି। ଫେରିବେ ସେ। କ୍ଷଣିକ ଉତ୍ତେଜନାକୁ ପ୍ରୟୋଜନ ଭାବି ଆବୋରି ବସିଛନ୍ତି। ପ୍ରୟୋଜକ ଯେତେବେଳେ ଜୀବନ ଉପରେ ବୋଝ ହୋଇଯିବ, ପୁଣି ଫେରି ଆସିବେ ସେ ପୂର୍ବ ନିର୍ଦ୍ଧାରିତ ସୀମା ଭିତରକୁ। ସ୍ତ୍ରୀ, ସନ୍ତାନର ମୋହରେ ଦୁଃଖୀ ହେଇଯିବେ ସେ। ସମୟର ପର ଲାଗି ଗଲାପରି ପିଲାମାନେ ଏଇ ଘରର ଏକଣରୁ ସେକଣ ଦୌଡ଼ି ଦୌଡ଼ି କେତେ ଶୀଘ୍ର ବଡ଼ ହେଇଗଲେ। ଉଡ଼ିଗଲେ ସମସ୍ତେ କୋଇଲି ପରି। ଜଗିବସିଛି ସେ ଏକା ତା ହାତ ତିଆରି ବସାକୁ। ଦୀର୍ଘ ନିଃଶ୍ୱାସଟିଏ ବାହାରିଲା ଛାତି ଥରେଇ। ହେଲେ ଏବେବି ମିଳେଇ ଯାଇନି ବିଶ୍ୱାସ, ଯାହାର ଆଧାର ଉପରେ ଏତେବଡ଼ ସୃଷ୍ଟି ଆଧାରିତ। ସନ୍ଧ୍ୟା ହୋଇ ଆସିଲାଣି। ନିର୍ଜନ ଖରାବେଳର ମୌନତାକୁ ଖଣ୍ଡ ଖଣ୍ଡ କରି ଟେଲିଫୋନ୍‌ଟା ବାଜି ଉଠିଲା। ପଲ୍ଲବୀ ସ୍ୱପ୍ନରୁ ଜାଗ୍ରତକୁ ଆସିଲା। ରିସିଭର ଉଠେଇ ହ୍ୟାଲୋ କରିବା ପୂର୍ବରୁ ସେପଟେ ପ୍ରଣବଙ୍କ ଆତୁର ଡାକ, ପଲ୍ଲବୀ, ପଲ୍ଲବୀ।

ଥରୁଥିଲା ସେ ଅଭିମାନର ଉତ୍ତେଜନାରେ। କଇଁ କଇଁ ହେଇ କାନ୍ଦୁଥିଲା, ଦିଗ୍‌ବଳୟର ଏପଟେ। ସେପଟେ ନିଶ୍ଚୁପ ଆକାଶ। ତାଙ୍କ ଆଖିରେ ଲୁହ ଥିଲା କି ନାହିଁ କେଜାଣି, ହେଲେ ବତୁରି ଯାଇଥିଲା ସମୟ। କେତେବେଳେ ଫୋନ୍ ରଖିଦେଇଛି ସେ। ପ୍ରଣବଙ୍କ ଉଦାସ କଣ୍ଠ ଯେମିତି ଅନୁତାପରେ ଥରୁଥିଲା। ଓଃ ସେ କ'ଣ ଏତେ ସଂକୀର୍ଣ୍ଣମନା ସ୍ତ୍ରୀଟିଏ! ଅଜଣା ଅଶୁଣା ସ୍ତ୍ରୀଲୋକଟିର ଅବାନ୍ତର କଥା ଉପରେ ଗୁରୁତ୍ୱ ଦେଇ ନିଜର ଚବିଶ ବର୍ଷର ସଜଡ଼ା ଦାମ୍ପତ୍ୟକୁ ଉଜାଡ଼ି ଦେବାକୁ ବସିଛି। ଏମିତି ଏକ ଗୋପନ ଲଜ୍ୟାର ଆକ୍ରମଣରେ ତା ଦେହର ସମସ୍ତ ଶକ୍ତି ନିଃଶେଷ ହେବାକୁ ବସିଲା। ସ୍ତ୍ରୀମାନେ ଏମିତି ବି ଦୁର୍ବଳମନା। ପ୍ରଣବଙ୍କ ବିଷୟରେ ପରୋକ୍ଷରେ ଶୁଣୁଥିବା କୁତ୍ସାରଟନାକୁ ସେ ବିଶ୍ୱାସ କରୁନଥିଲା। ହେଲେ ତାଘରେ, ତା ସମ୍ନାରେ ଭଦ୍ରମହିଳାଙ୍କ ଦୃଢ଼ ଯୁକ୍ତିକୁ ଆଡ଼େଇ ପାରିନଥିଲା, ସବୁ ସଂଯମତା ସତ୍ତ୍ୱେ। ଚାଲିଯାଇଛନ୍ତି ପ୍ରଣବ, ଦଶଦିଗପାଳଙ୍କୁ ସାକ୍ଷୀ ରଖି ଦେଇଥିବା ପ୍ରତିଶ୍ରୁତି ଓ ପ୍ରତିଜ୍ଞାର ତିନିଗାର ଟପି। ସତ୍ୟତା ନଥିଲେ ଶ୍ରୁତି ନଥାଏ। ହେଲେ ଏ କ୍ଷେତ୍ରରେ ସତ୍ୟତାର ପରିମାଣ ସେ ମାପି ପାରିବନି କିମ୍ବା ମାପିବାକୁ ଉଦ୍ୟମ କରିବନାହିଁ ନିଜର ତଥା ପରିବାରର ନାଁକୁ ପଦାରେ ପକେଇବା ପାଇଁ। ତେଣୁ ଅପେକ୍ଷା ହିଁ ଶେଷ ଉପାୟ।

ଝର୍କା ସେପଟେ ଦିଗ୍‌ବଳୟ ଟପି ଦିନ କ୍ରମଶଃ ସରିଆସିଲାଣି। ଟିକକ ପୂର୍ବର ପ୍ରଖରତା ଉପରେ ଉଦାସୀ ସନ୍ଧ୍ୟାର କୋମଳ ସ୍ପର୍ଶ। ଝରକା ଭିତର ଦେଇ ତା ମନ ପର୍ଯ୍ୟନ୍ତ ଉଦାସୀନତା ମାଡ଼ି ଆସୁଛି। ବଡ଼ ବିଚିତ୍ର ଏ ଜୀବନର ଧାରା। ଏ ଜୀବନକୁ ଯେତେ ଅନୁଭବ କଲେ ବି ସେ ସରେ ନାହିଁ। ଅନେକ ସ୍ମୃତି ଅଜଣା ତଥା ଅଚିହ୍ନା ରହିଯାଏ ଜୀବନ କାଳ ଭିତରେ। କୈଶୋର, ଯୌବନ ଓ ବାର୍ଦ୍ଧକ୍ୟର ପ୍ରବାହ ଭିତରେ ଧାଇଁ ଧାଇଁ କେମିତି ଦିଗ ପରିବର୍ତ୍ତନ କରିଦିଏ ଏଇ ଜୀବନ ବେଳ ଅବେଳରେ। ସ୍ପନ୍ଦନର ଆବେଗତା ବୋହିଯାଏ ପ୍ରତିକୂଳ ସ୍ରୋତରେ, ମିଶିଯାଏ ସମୁଦ୍ରରେ। ବେଳେବେଳେ ମଧ୍ୟ ଫେରିଆସେ ପୁଣି ସେଇ ବେଳାଭୂମିକୁ ଏଇ ଜୀବନ।

ଅବଚେତନ ମନରେ ନିଜକୁ ସେ କେବେ ପ୍ରଣବଙ୍କଠୁ ଅଲଗା କରିନି। ଶୋଇଥିବା ସମୟରେ ଛୋଟ ପିଲାଙ୍କ ପରି ଆଦର କରେ ତାଙ୍କୁ। ଅସଜଡ଼ା ବାଳକୁ ସଜାଡୁ ସଜାଡୁ ଅନ୍ୟମନସ୍କ ହୋଇପଡ଼େ ସେ ସେଇ ଲୋକଟି ପାଇଁ। କେତେ ସୋହାଗରେ ଛାତି ଉପରୁକୁ ଭିଡ଼ି ନିଅନ୍ତି ସେ। ପିଲାମାନେ ତାର ବଡ଼ ହେଇ ଗଲେଣି, ତଥାପି ଅନୂଢ଼ା କିଶୋରୀଟି ପରି ଉଡ଼ିବୁଲୁଥିଲା ସେ ପ୍ରଣବଙ୍କ ମନ ଭିତରେ। ହଠାତ୍ ତାଙ୍କ ପ୍ରକୃତିର ବିରୁଦ୍ଧାଚରଣ ପରି ସେ ଗମ୍ଭୀର ହୋଇଉଠିଲେ। ସବୁବେଳେ ଅନ୍ୟମନସ୍କ ତଥା ବିନା କାରଣରେ ପାଟି କରିବାକୁ ଆରମ୍ଭ କଲେ। ଯଥେଷ୍ଟ ସତର୍କତା ସତ୍ତ୍ୱେ କେମିତି ଏକ କରୁଣ ଉଦାସୀନତା ଫୁଟିଉଠୁଥିଲା ତାଙ୍କ ମୁହଁରେ। ପଲ୍ଲବୀ ଜାଣେ ଯେ, କୌଣସି ଲୋକ ତାର ଦୁର୍ବଳତାକୁ ଢ଼ାଙ୍କିବାକୁ ଏକ ମିଥ୍ୟା ଆବରଣ ଖୋଜେ। ଆଉ ପ୍ରଣବଙ୍କ ଅବିଚଳିତ ଭାବ ହିଁ ତାଙ୍କ ଦୁର୍ବଳତା, ସେ ବୁଝି ପାରୁଥିଲା। ହେଲେ କ'ଣ ସେ ଦୁର୍ବଳତା?

କିଛିଦିନ ପୂର୍ବର ବାତାବରଣ ଆଉ ଆଜିର ପରିବେଶ କେତେ ଭିନ୍ନ ସତେ। ଶାଶୁ ଶ୍ୱଶୁର ଥିଲା ପର୍ଯ୍ୟନ୍ତ ସେ ନୂଆବୋହୂ ହେଇ ରହିଥିଲା। ପିଲା ଦୁଇଜଣଙ୍କ ପାଠପଢ଼ା ବ୍ୟତୀତ କୌଣସି ଦାୟିତ୍ୱ ତାକୁ ଦେଇ ନଥିଲେ ସେମାନେ। ସେଥିପାଇଁ ପ୍ରଚୁର ସମୟ ପାଇଛି ପ୍ରଣବଙ୍କ ନିକଟରୁ ନିକଟତର ହେବାକୁ। ପ୍ରତି ଛୁଟିରେ ବୁଲିଛନ୍ତି ସେମାନେ। ଭାରତର ସମସ୍ତ ଦର୍ଶନୀୟ ସ୍ଥାନ ସହିତ ଚତୁର୍ଦ୍ଧାମ ଦର୍ଶନ କରି ବୟସର ମଧ୍ୟାହ୍ନକୁ ମଧ୍ୟ ଉପଭୋଗ କରିଛନ୍ତି ଏକ ସଙ୍ଗେ। ଅତି ନିକଟରୁ ଦେଖିଛି ସେ ତାଙ୍କ ମନକୁ। ତାଙ୍କ

ମନର ସମସ୍ତ ଉତ୍‌ଥାନ ପତନ ଓ ଭାବାନ୍ତରକୁ ଅନୁଭବ କରିଛି ନିଜ ମନରେ। ସରଳ ନିଷ୍କପଟ ହୃଦୟ ବ୍ୟତୀତ ଏକ ଦରଦୀ ଆତ୍ମାର ଅଧିକାରୀ ଥିଲେ ପ୍ରଣବ। ସ୍ମୃତିର ତରଙ୍ଗ ଆଘାତରେ କ୍ଷତାକ୍ତ ହୋଇ ଉଠୁଥିଲା ସେ। କୋଉଠି ବି ସେ ଖୋଜି ପାଉ ନଥିଲା ତାକୁ ଅସୁଖୀ କରିଥିବାର ଦୁର୍ବଳ ମୁହୂର୍ତ୍ତଟିଏ। କେବେ କେମିତି ପିଲାମାନଙ୍କ ଉପରେ ରାଗୁଥିଲେ ପାଠପଢ଼ା ଉପରେ ନହେଲେ ବେଳେବେଳେ ସେମାନଙ୍କ ଅକାରଣ ଖର୍ଚ୍ଚ ପାଇଁ। ସବୁ ସତ୍ତ୍ୱେ ତା ଜୀବନ ଏକ କଣ୍ଟକ ବିହୀନ ଫୁଲ ବଗିଚା ଥିଲା। ତା ଘର ସ୍ୱର୍ଗଠାରୁ କୋଉ ଗୁଣରେ କମ୍ ନଥିଲା। ବାପା ମାଆଙ୍କର ଦ୍ୱିତୀୟ ସନ୍ତାନ ଥିଲେ ପ୍ରଣବ। ଉଚ୍ଚଶିକ୍ଷା ସହ ସାମାଜିକ ପ୍ରତିଷ୍ଠା ଏବଂ ସର୍ବୋପରି ଏକ ଆଦର୍ଶ ପରିବାର କର୍ତ୍ତା ଥିଲେ ସେ। ବାପାମାଆଙ୍କ ଅତ୍ୟଧିକ ସ୍ନେହ ଏବଂ ପଲ୍ଲବୀର ସମ୍ପୂର୍ଣ୍ଣ ସମର୍ପଣ ସ୍ୱଭାବ ପାଖରେ ସେ ବାନ୍ଧିହୋଇ ଯାଇଥିଲେ। ବାପାମାଆଙ୍କ ମୃତ୍ୟୁପରେ ଶୃଙ୍ଖଳ ହୁଏତ ଟିକେ ଢ଼ିଲା ହୋଇଯାଇଥିଲା। ସେଥିପାଇଁ କ'ଣ ସେ ଉଚ୍ଛୃଙ୍ଖଳ ହେଇଯାଇଥିଲେ, ନାଁ! ସମସ୍ତେ କୁହନ୍ତି ସୁଖ କ୍ଷଣସ୍ଥାୟୀ, ତା ଜୀବନର ସୁଖର ମୁହାଣରେ କେତେବେଳେ ଦୁଃଖର ଜାହାଜଟିଏ ଲଙ୍ଗର ପକେଇଛି ସେ ଜାଣିପାରିନି। ବିଶ୍ୱାସର ବାଲିଶଯ୍ୟା ସେପଟକୁ ସେ ଚାହିଁବାର ଚେଷ୍ଟା କରିନି। ପ୍ରଣବଙ୍କ ବିରାଟ ବ୍ୟକ୍ତିତ୍ୱ ପଛରେ ଏମିତି ଏକ ଘୃଣିତ କାହାଣୀର ଦୃଶ୍ୟ କେମିତି ସେ ଦେଖିପାରିଥାଆନ୍ତା!

ଉଠି ଆସିଲା ପଲ୍ଲବୀ। ଝରକାକୁ ଲାଗି ଠିଆ ହେଲା। ପ୍ରଣବବିହୀନ ଜୀବନ ତାର ଏକ ଶୂନ୍ୟ ଆକାଶ ପରି। ତା ଜୀବନରେ ଜହ୍ନଥିଲା, ତାରାମାନେ ଫୁଟୁଥିଲେ ବିହ୍ୱଳିତ ବ୍ୟାକୁଳତାରେ। ସାମାଜିକ ବନ୍ଧନର ଅନୁବନ୍ଧିତ କାରାଗାର ଭିତରେ ସେ ଦୁହେଁ ମୁକ୍ତବିହଙ୍ଗ ଥିଲେ। ମନଇଚ୍ଛା ଉଡୁଥିଲେ ମଧ ଠିକ୍ ସମୟରେ ନୀଡ଼ଫେରା ହେଉଥିଲେ। ହେଲେ ଆଜି ପ୍ରଣବ ତା ବନ୍ଧନର ଊର୍ଦ୍ଧ୍ୱରେ। ତା ଅନୁରାଗଠୁ ବହୁ ଦୂରରେ। ପବିତ୍ର ହୋମାଗ୍ନିକୁ ସାକ୍ଷୀରଖି ପତି ପତ୍ନୀର ବନ୍ଧନ କୋଟିଏ ଜନ୍ମ ପାଇଁ ହେଉ କି ନ ହେଉ ସ୍ୱାମୀର ଅଧିକାର ତ ସ୍ତ୍ରୀ ଉପରେ ଏ ଜନ୍ମର। ଯଦି ସେ ଅଧିକାର କେବଳ ପୁରୁଷତ୍ୱ ବୋଲି ସେ ମନେ କରୁଥାଆନ୍ତି ଏବଂ ଯାହା ସେ କରିପାରିଲେ ଯଦି ପଲ୍ଲବୀ କରିଥାଆନ୍ତା ସେ କ'ଣ କ୍ଷମା କରିଥାଆନ୍ତେ! ହୁଏତ କରିନଥାଆନ୍ତେ। ପ୍ରଣବଙ୍କ ସ୍ୱଭାଗ ସହ ପରିଚିତ ସେ। ପ୍ରଣବଙ୍କ ଘରଛାଡ଼ି ଚାଲିଯିବା ଘଟଣା, ତାଙ୍କ ନାଁରେ ଉଠିଥିବା ଗୁଜବର ସତ୍ୟତା ପ୍ରତିପାଦନ କରୁଥିଲା। ଭଦ୍ରମହିଳାଙ୍କ ପ୍ରସ୍ତାବକୁ ବି ଭୁଲି ପାରୁନି ସେ। ନିର୍ଜନ ରାତିରେ ଅଘଟଣର ଆଶଙ୍କା କରି ବୁଲା କୁକୁରର ଚିତ୍କାର ପରି ତା କାନ ପାଖରେ ବାଜୁଥିଲା ଭଦ୍ର ମହିଳାଙ୍କ ଚେତାବନୀ। "ମୋ ଝିଅ ସହ ପ୍ରଣବ କାଟିଥିବା ରାତ୍ରିକୁ ତୁମେ ସ୍ୱୀକୃତି ଦେବ, ନଚେତ୍ ତାଙ୍କ ଭଦ୍ର ଅଭିଜାତ୍ୟ ପରିଚୟ ତଳେ ଥିବା ଘୃଣ୍ୟମୁଖା ମୁଁ ସମସ୍ତଙ୍କ ସାମନାରେ ଖୋଲିଦେବି"। ଓଃ କି ଭୟଙ୍କର ଯନ୍ତ୍ରଣା! ଛପି ଛପିକା ବାଦଲ ଫାଙ୍କରୁ ଅଧା ଗଢ଼ା ଜହ୍ନଟା ଆତ୍ମ ପ୍ରକାଶ କରୁଥିଲା। ଅନେଇଥିଲା ସେ କାତର ଆଖିରେ ଜହ୍ନ ଆରପଟର ଆକାଶକୁ। ଖାଲି ଅନ୍ଧାର ଆଉ ଅନ୍ଧାର।

ଏମିତି ଜୀବନ ଅପରିଣାମଦର୍ଶିତାର ପରିଣାମ ବ୍ୟତୀତ ଆଉ କ'ଣ ହୋଇପାରେ! ଦିନ ଦିନ ଧରି ପରିବାରଠୁ ଦୂରେଇ ରହିବା ଜନିତ ଅବସାଦକୁ କିଛି ସମୟ ପାଇଁ ଭୁଲିଯିବାର ଆଶାରେ ହୁଏତ କ'ଣ ଭୁଲ୍ କରିଦେଇଥିବେ। ତା ମାନେ ନୁହେଁ ଯେ ଚବିଶି ବର୍ଷର ସଂସାର ଉପରେ ଗୋଟିଏ ବାଇଶି ବର୍ଷର ଝିଅ ସହ ନୂଆ ସଂସାର ଗଢ଼ିବାର ବୋଝ ଲଦି ଦେବେ। ଝିଅ କ'ଣ ଭାବିବ? ପୁଅ କ'ଣ କ୍ଷମା କରିଦେବ ତା ମାଆ ସହ ବିଶ୍ୱାସଘାତକତାକୁ। ଏ ବୟସ ସେମାନଙ୍କ ପାଇଁ, ଏ ଭୁଲ କ୍ଷମଣୀୟ ଅପ୍ରାପ୍ତ ବୟସ୍କଙ୍କ ପାଇଁ। ତଥାପି ତା'ର ହୃଦୟ ମାନିବାକୁ ରାଜି ନଥିଲା ପ୍ରଣବଙ୍କ ଏ ଅସଂଯତ ଆଚରଣକୁ। ନା, ତାର ମଧ ଭୁଲ ଅଛି। ସେ ବିଚାରପୂର୍ବକ ସତ୍ୟାସତ୍ୟ ଆଲୋଚନା କରିପାରିଥାନ୍ତା ପ୍ରଣବଙ୍କ ସହ, ନଚେତ୍ କେଉଁ ପରିସ୍ଥିତିରେ ସେ ଏ ବିପଦକୁ ଡାକିଛନ୍ତି, ତା'ବି ବୁଝିପାରିଥାନ୍ତା। ମନ ଭିତରର ଗ୍ଲାନିରେ ଛଟପଟ ହେଲା ପଲ୍ଲବୀ। ପାଖ ମନ୍ଦିରରୁ ଭଜନ ଶୁଭୁଛି। ଜୀବନର ଦୁର୍ବିସହ ଗ୍ଲାନି, ବେଦନା ସବୁକିଛି ଝରି ପଡୁଛି ଭକ୍ତର କଣ୍ଠରୁ। ତା ଦୁଃଖର ଗଭୀରତା ଉପରେ ସହାନୁଭୂତିର ପ୍ରଲେପ ପରି ତା ଆଖିରୁ ଝରିପଡ଼ିଲା ଲୁହ। ତା ମନରେ ବିଶ୍ୱାସ ପୁଣି ତାକୁ ଦୃଢ଼ ହେବାକୁ ପ୍ରବର୍ତ୍ତଉଛି। ସେ ସ୍ତ୍ରୀ, ସେ ମାଆ, ସେ ଆତ୍ମୀୟମାନଙ୍କ ଠାରୁ ଆତ୍ମୀୟ ତାଙ୍କର। ସେ ଯଦି କ୍ଷମା ନକରିବ ଆଉ କିଏ କରିବ ଏ ସଂସାରରେ ତାଙ୍କୁ! ଅଦ୍ଭୁତ ଏ ମହତ୍ୱବୋଧ ଖେଳିଗଲା ମନ ଭିତରେ। ଖାଁ ଖାଁ ମନ ଉପରେ ଅବିଶ୍ୱାସର ମୁଠା ମୁଠା ବାଲି ପକେଇ ପରିସ୍ଥିତକୁ ଦୁଷିତ କରିଦେଇଛି ସେ ନିଜେ। ବେଦନାବିଦଗ୍ଧ ମନକୁ ଦୁଶ୍ଚିନ୍ତାରୁ ମୁକ୍ତ କରିବା ପାଇଁ ମନ୍ଦିର ଚାଲିଗଲା ପଲ୍ଲବୀ।

ପରଦିନ ସକାଳ ତାର ଚିର ବାଞ୍ଛିତ ସକାଳ। ପହଞ୍ଚିଥିଲେ ପ୍ରଣବ। ବ୍ୟର୍ଥତା ଆଉ ବିଫଳତାର ଭଙ୍ଗା ମୂର୍ତ୍ତିଟିଏ ପରି କ୍ଳାନ୍ତ ଦେହ ନେଇ ବସିରହିଥିଲେ ସୋଫା ଉପରେ। ଅପମାନ ଜର୍ଜରିତ ମୁହଁ ଉପରେ ଯନ୍ତ୍ରଣାର କୁଞ୍ଚିତ ରେଖା ସ୍ପଷ୍ଟ ଦେଖାଯାଉଥିଲା। ଯିବା ଦିନର ଉତ୍ତେଜନା ବଦଳରେ ଶିଥିଳତା ଭରିରହିଥିଲା ତାଙ୍କ ସମଗ୍ର ସତ୍ତାରେ। ଚା କପ୍‌ଟିଏ ଧରି ଛିଡ଼ା ହେଲା ପଲ୍ଲବୀ। ନିରାଶ କରୁଣ ଆଖି ଟେକି ଚାହିଁଲେ, ଚା କପ୍ ନେଇଯାଇଥିଲେ ଏବଂ ଅନେକ ଦିନର ତୃଷାର୍ତ୍ତ ପରି ଦୁଇ ତିନିଥରରେ ଶେଷ କରି ଦେଲେ ଚା। କପ୍ ଉଠେଇ ଚାଲିଗଲା ପଲ୍ଲବୀ। ସବୁଦିନ ପରି ବାଥରୁମ୍‌ରେ ଟାୱେଲ ରଖି ଡାକିଥିଲା ସେ। ଗାଧେଇ ଆସ। ଆଜି ପିଲାମାନେ ଆସିବେ। କାଲିଠୁ ଦଶହରା ଛୁଟି ହେଇସାରିଛି। ବିସ୍ମୟ ବିମୂଢ଼ତାର ମୁହୂର୍ତ୍ତ ଭିତରୁ ହଠାତ୍ ଉଠିପାରୁ ନଥିଲେ ପ୍ରଣବ। ବହୁତ ସମୟ ଯାଏ ବସି ରହିଥିଲେ ସେ ସେଇ ଗୋଟଏ ଜାଗାରେ। ଧିରେ ଧିରେ ସମୟ ଗଡ଼ି ଚାଲିଲା ମୁଠା ଭିତରୁ ଶୁଖିଲା ବାଲି ପରି। ଉଦାସୀ ସଂଧ୍ୟାକୁ ସମବେଦନା ଜଣେଇ ପୂର୍ବଦିନର ଅଧା ଜହ୍ନଟା ବାଦଲ ମଝିରୁ ପୁରା ଉତୁରି ଆସିଲାଣି। ଶୋଇଛନ୍ତି ପ୍ରଣବ ଦିନସାରା ଅନ୍ଧାରି ଶେଯରେ ନିଜକୁ ଲୁଚେଇ। ଆଷାଢ଼ କେବେଠାରୁ ଚାଲିଗଲାଣି। ତଥାପି ବତୁରି ଆସୁଛି ଆକାଶ। ତାଙ୍କ ନୀରବତା, ଗତ ଦିନର କାହାଣୀର ସତ୍ୟତାକୁ ଧରି ରଖିଛି ନିଜ ଭିତରେ। ସେଇ ଅନ୍ଧାରକୁ ସାହାରା କରି ଠିଆହେଲା ପଲ୍ଲବୀ, ଖଟକୁ ଆଉଜି। କ'ଣ କହିବ ସେ ତା'ର ପଚାଶ ବର୍ଷର ସ୍ୱାମୀଙ୍କୁ! ପାଦଶବ୍ଦ ଶୁଣି ଧିରେ କଡ଼ ଲେଉଟେଇଲେ ପ୍ରଣବ। ଛଳ ଛଳ ଆଖି ତାଙ୍କର ବର୍ଷିବା ପୂର୍ବରୁ ଭାଙ୍ଗି ପଡ଼ିଥିଲା ପଲ୍ଲବୀ ରୁଦ୍ଧ କଣ୍ଠରେ। "ସତ କୁହ ମତେ, ଚବିଶ୍ ବର୍ଷର ଦାମ୍ପତ୍ୟର ନିଷ୍ପାପର ସମର୍ପଣ ଭିତରେ ମୋର କେଉଠି ଭୁଲ୍ ରହିଗଲା ପ୍ରଣବ? ଚପଳ ପାର୍ବତ୍ୟ ଝରଣା ପରି ମୋ ଉତ୍‌ଫୁଲିତ ଜୀବନର ଧାରା କେବଳ ତୁମ ପାଇଁ ଝରିଛି ସିନା ବୋହି ଯାଇନି ତୁମ ଆବିଷ୍ଟ ଅନୁରାଗର କୂଳଠୁ ଦୂରକୁ। ତୁମ ଇଚ୍ଛା ଓ ଅନିଚ୍ଛାର କଷଟି ପଥରରେ ମୋ ଭାବମୟ ସୃଷ୍ଟିକୁ ତୁମେ ହଜାର ପ୍ରକାର ପରଖିଛ। କେବଳ ତୁମ ଭଲପାଇବାର ନିମଗ୍ନତା ଭିତରେ ଜୀବନର ବହୁମୂଲ୍ୟ ପରିଚିତିକୁ ହଜେଇ ସାରିଥିଲେ ମଧ ଏତେ ମାତ୍ରାରେ ବ୍ୟାକୁଳ ହୋଇନଥିଲି ମୁଁ। ମୋର ସବୁ ସ୍ୱଭାବର ବିପରୀତ ତୁମ ସ୍ୱଭାବ ସହ ନିଜକୁ ମିଶେଇ ହଜିଯାଇଥିଲି ମୁଁ କେଉଁ ପ୍ରାପ୍ତିର ଆଶାରେ। ତୁମଛଡ଼ା ମୋ ସ୍ଥିତି ମୁଁ କଳ୍ପନା କରି ପାରୁନଥିଲି ବୋଲି ତୁମେ ମତେ ଆଡ଼େଇଦେଲ କେଉଁ ଦୁର୍ଲ୍ଲଭ ଆଶାରେ ପ୍ରଣବ? ଥରେ ମାତ୍ର ବିଶ୍ୱାସ କରିଥାଆନ୍ତ, ମୋ ଉପରେ ଭରସା ରଖି ତୁମ ଜୀବନର ଏହି କଳଙ୍କମୟ ଅଧ୍ୟାୟର ଆରମ୍ଭ ବିଷୟରେ ମତେ ସମ୍ୟକ ସୂଚନା ଦେଇଥାଆନ୍ତ, ହୁଏତ ଏମିତି ଦୁର୍ବିସହ ଜୀବନ ଦେଖିବା ପୂର୍ବରୁ ମୁଁ ତାର ପ୍ରତିକାର ଚିନ୍ତା କରିଥାଆନ୍ତି।

ତୁମେ ମୋ ଦେହ ଉପରେ ଅଧିକାର ଦେଖେଇଛ, ତୁମ ମନ ମୁତାବକ ମୋ ମନର କୌଣସି ପୃଷ୍ଠାରୁ କୌଣସି ଧାଡ଼ିରୁ କ'ଣ କେବେ ପଢ଼ିନ, ତୁମ ପଲ୍ଲବୀ ଖାଲି ଜହ୍ନ ଆକାଶର ସ୍ୱଚ୍ଛତାକୁ ନିଜର କରିନି ଅମାବାସ୍ୟାର ଅନ୍ଧାରକୁ ବି ସାମନା କରିବା ସାମର୍ଥ୍ୟ ରଖିଛି ।

ତୁମେ ନିଜେ ଭାବି ଦେଖିଲ, ତୁମ ଝିଅ ତୁମକୁ କ'ଣ ଭାବିଥାଆନ୍ତା ! ତୁମ ପୁଅ କ'ଣ ତୁମକୁ କ୍ଷମା କରିଥାଆନ୍ତା ! ସେମାନଙ୍କ ଜୀବନର ଆରମ୍ଭ ଯଦି ଏମିତି ହୁଏ ତେବେ ଭବିଷ୍ୟତକୁ କେମିତି ସ୍ୱାଗତ କରିବେ ସେମାନେ । ଏଇ ନୂଆ ସମ୍ପର୍କ ଯଦି ତୁମର କ୍ଷଣିକ ଭୁଲ୍ ହୋଇଥାଏ, ତେବେ ତାକୁ ଭୁଲିଯାଅ ପ୍ରଣବ । ଅନ୍ତତଃ ପକ୍ଷେ ତୁମ କଷ୍ଟଲବ୍ଧ ପ୍ରତିଷ୍ଠାକୁ ଭୁଲିଯାଅନି । ପିଲାମାନଙ୍କ ତୁମ ପ୍ରତି ଅଜସ୍ର ସମ୍ମାନର ମହତ୍ତ୍ୱ ବୁଝି, ତୁମଠାରେ ବିଶ୍ୱାସ ରଖି, ତୁମ ପାଖେ ସମର୍ପିତ ମୋ ଅମୂଲ୍ୟ ବୟସର ମୂଲ୍ୟ ମୁଁ ତୁମକୁ ମାଗୁନି । ମାତ୍ର ତୁମେ କୁହ ପ୍ରଣବ, କାମ, କ୍ରୋଧ, ମୋହ କ'ଣ ଏଇ ପବିତ୍ର ପ୍ରେମଠୁ ମହାନ୍, ତ୍ୟାଗ ଠୁ ଆହୁରି ଉଜ୍ଜ୍ୱଳ ! ଆଖିରେ ଅନ୍ଧପୁଟୁଳି ବାନ୍ଧି ସ୍ୱପ୍ନ ଦେଖିହୁଏ ସିନା ଆଖି ଖୋଲିଗଲେ ଅପମାନ ଆଉ ଅସମ୍ମାନର ସମ୍ମୁଖୀନ ହେବାକୁ ପଡ଼େ । ଭଲପାଇବା ଏତେ ସହଜରେ ମିଳେନି ପ୍ରଣବ । ତୁମର ବୟସଠୁ ତୁମେ ଆହୁରି କମ୍ ଲାଗ । ତୁମ ନିଷ୍ପାପ ଚେହେରା, ତୁମ ଉଚ୍ଚ ପଦବୀ, ତୁମ ଷ୍ଟାଟସ୍‌ର ମୋହରେ ପାଗଳ ସେଇ ବାଇଶି ବର୍ଷର ଝିଅଟା ତୁମ ଦୁଃଖ ସୁଖକୁ ନିଜର କରି ଶେଷ ପର୍ଯ୍ୟନ୍ତ ତୁମ ସହ ଚାଲିପାରିବ ବୋଲି ତୁମେ ଭାବୁଛ ?" ଲୁହରେ ଧୋଇ ଦେଇଥିଲା ତା ପ୍ରଶ୍ନ ପଲ୍ଲବୀ । ଦୋହଲି ଉଠୁଥିଲା ପ୍ରଣବଙ୍କ ଆତ୍ମା ତାର କୋମଳ ଧକ୍‌କାରରେ । "ତୁମ ଝିଅକୁ କୋଡ଼ିଏ ବର୍ଷ ହେଲାଣି, ସେ ଏବେବି ତୁମ କାନ୍ଧରେ ଝୁଲିପଡୁଛି, ଛାତିରେ ମୁହଁ ଗୁଞ୍ଜି ଗେହ୍ଲାହେଉଛି । ତୁମ ପାଚିଲା ବାଳ ଦେଖିଲେ କାନ୍ଦି ପକାଉଛି । "ନା ପାପା ତୁମେ ବୁଢ଼ା ହେବନି" ବୋଲି ପାଟି କରୁଛି । ସେତେବେଳେ କି ଅପୂର୍ବ ପିତୃତ୍ୱ ବୋଧରେ ତୁମେ ଛଳଛଳ ହେଇ ଉଠ ମନେ ପଡୁନି ? ତୁମେ କୁହ ପ୍ରଣବ, ତାଠୁ ମାତ୍ର ଦୁଇବର୍ଷ ବଡ଼ ଝିଅଟିକୁ ତୁମେ ସ୍ନେହ ବଦଳରେ ପ୍ରେମ କେମିତି କରି ବସିଲ ? ମୋର ତୁମ ଉପରେ ଏବେବି କୌଣସି ଅସୂୟାଭାବ ନାହିଁ । ମଣିଷ ମାତ୍ରେହିଁ ଭୁଲ୍‌ର ଶିକାର ହେବାରେ କୌଣସି ଅସ୍ୱାଭାବିକତା ନଥାଏ । ଦୁର୍ବଳ ସମୟ ଦେଖି ଦୁର୍ଭାଗ୍ୟ ପଶିଆସେ ଜୀବନ ଭିତରକୁ । ତୁମେ ବୟସ୍କ, ବିବେକୀ । ଏବେବି ସମୟ ତୁମ ହାତମୁଠା ଭିତରେ ଅଛି । ତୁମେ ଯାହା ଚାହିଁବ, ତାହା ଆମମାନଙ୍କର ଭାଗ୍ୟ ବୋଲି ଭାବିବ । ମୋ ଆଖିର ଲୁହକୁ ମୋ ମନର ଦୁର୍ବଳତା ବୋଲି ଭାବିବନି । ତୁମ ପାଇଁ, ମୋ ନିଜ ପାଇଁ ଅପରିହାର୍ଯ୍ୟ ମନେ କରି ତୁମକୁ କେବଳ ଅନୁରୋଧ କରିପାରିବି ସିନା ବାଧ୍ୟ କରିବିନି ।" କାନ୍ଦୁଥିଲା ଆକାଶ ପ୍ରଚଣ୍ଡ ଶବ୍ଦକରି । କାନ୍ଦୁଥିଲେ ପ୍ରଣବ ପଲ୍ଲବୀକୁ ଛାତିରେ ଜାକିଧରି ଅନେକ ସମୟ ଯାଏ ।

ଆକାଶ ଉପରେ ରାତି ଓହ୍ଲେଇ ଆସିଲାଣି । ଅନ୍ଧାର ହେଲେ ବି ଆକାଶଟା ସଫାହୋଇ ଆସିଲାଣି । ଓଦା ବାଦଲ୍ ସହ ଯୁଦ୍ଧ କରି ଦ୍ୱାଦଶୀ ଜହ୍ନ ଉଇଁ ଆସୁଛି । ପଲ୍ଲବୀ ଉଠି ଠିଆହେଲା । ଅନ୍ଧାରରେ ଅଣ୍ଡାଳି ଅଣ୍ଡଳି ସୁଇଚ୍ ଅନ୍ କଲା । ବିଜୁଳିବତୀର ପ୍ରଜ୍ଜ୍ୱଳତାରେ ଭରିଗଲା ଘର ଭିତରଟା । କବାଟ ପାଖରେ ଠିଆ ହୋଇଛି ତା ଝିଅ । ଶାଢ଼ୀ ପିନ୍ଧି ଗ୍ରୀକ୍ ଉପକଥାର ଦେବୀ ପରି । ଦୌଡ଼ିଆସି କୁଣ୍ଢେଇ ପକେଇଲା ମାମାଙ୍କୁ, ଦୁଃଖି ମାଆର ହୃଦୟରେ ବିଶ୍ୱାସର ମହ୍ଲାର ସୃଷ୍ଟି କରି । ନିର୍ବାସିତ ଦେବତା ପରି ଖଟର ଗୋଟିଏ କଡ଼କୁ ଶୋଇଥିଲେ ପ୍ରଣବ । ଭାବୁଥିଲେ ସମୁଦ୍ରକୁ ଦେହ ଲଗେଇ ଠିଆ ହୋଇଥିବା ଝଲମଲ ପାନ୍ଥଶାଳା କେବଳ ପର୍ଯ୍ୟଟକଙ୍କୁ ଆହ୍ୱାନ କରେ, ହେଲେ ମନ୍ଦିରର ନୀରବତା ଆହ୍ୱାନ କରେ ପ୍ରତ୍ୟେକ ପବିତ୍ର ମନକୁ । ଜୀବନର ନିକ୍ଷେଷିତ ଅଧ୍ୟାୟରେ ଆଜି ଅଦ୍ଭୁତ ଅନୁଭୂତିର ନରମ ସ୍ପର୍ଶ । ପାଖରେ ଡାକୁଛି ଝିଅ, "ପାପା ମୋର ଆଜି ବାର୍ଥଡ଼େ, ତମେ ମନେ ରଖିନ ?" ଉଠିପଡ଼ିଲେ ପ୍ରଣବ ଅନୁଶୋଚନାର ପ୍ରଗାଢ଼ ଯନ୍ତ୍ରଣା ଭିତରୁ ସତ୍ୟର ଆନନ୍ଦ ଭିତରକୁ । ମା'କୁ କୁଣ୍ଢେଇଧରି ଠିଆ ହୋଇଛି ଝିଅ ତାଙ୍କର । ହସୁଛି ପଲ୍ଲବୀ ଏତେ ଅଭିମାନ ଏତେ ବିକ୍ଷିପ୍ତତା ଭିତରେ ବି- ପ୍ରଶାନ୍ତ କୋମଳ ଆତ୍ମୀୟ ମନେ ହେଉଛି ଆକାଶଟା । ବିଛେଇ ହୋଇପଡ଼ିଛି ଜହ୍ନ । ଝିଅ କହୁଛି, "ପାପା, ଆଇ ଲଭ୍ ୟୁ, ଉଇ ନିଡ୍ ଇଉ ଓନ୍‌ଲି ।" ବାହାରୁ ପୁଅର ପାଟି ଶୁଭୁଛି । ଏତେ ସୁନ୍ଦର ଦୁନିଆ ତାଙ୍କର । ଅପର୍ଯ୍ୟାପ୍ତ ଭଲ ପାଇବାର ଐଶର୍ଯ୍ୟ ଭିତରେ କେମିତି ସେ ନିଃସ୍ୱ ହୋଇଯାଇଥିଲେ କେଇ ମୁହୂର୍ତ୍ତକର ଭୁଲ ପାଇଁ !

*ମଣି ନିଳୟ, ତଳତେଲଙ୍ଗା ବଜାର*
*କଟକ-୭୫୩୦୦୯*



# ଆବେଗ ଅନ୍ତଃକରଣରେ

କମଳା ମହାପାତ୍ର

ଶ୍ରୀକାନ୍ତ ବାବୁ ଆଜି ପ୍ରାତଃ ଭ୍ରମଣ କରିବା ସମୟରେ କାହିଁକି କେଜାଣି ଭାରି ବିବ୍ରତ ଦେଖାଯାଉଥିଲେ। ବହୁତ ଚିନ୍ତାରେ ପୂରା ବୁଡ଼ି ରହିଥିଲେ। ପ୍ରାତଃ ଭ୍ରମଣରୁ ଫେରିବା ପରେ ଠାକୁରଙ୍କ ପାଇଁ ନିଜେ ଚାଙ୍ଗୁଡ଼ିଏ ଫୁଲ ତୋଳି ତାକୁ ଫୁଲ ଚାଙ୍ଗୁଡ଼ିରେ ସଜାଇ ରଖି ଦେଇ ସତେଜ ରଖିବା ନିମନ୍ତେ ପାଣି ଟିକେ ଛିଞ୍ଚି ଦେଇ ଏକଲୟରେ ନିବିଷ୍ଟ ଚିତ୍ତରେ ସେ ଫୁଲ ଗୁଡ଼ିକର କଳାତ୍ମକ ସୁଷମା, ମନମତାଣିଆ ବାସ୍ନା, ହୃଦୟସ୍ପର୍ଶୀ ରଙ୍ଗର ବର୍ଣ୍ଣାଳୀ, ଅବର୍ଣ୍ଣନୀୟ ସତେଜତା ଦେଖି ସେ ଭାବ ବିହ୍ୱଳ ହୋଇ ପଡ଼ିଛନ୍ତି। ଏପରି ଭାବ ସମୁଦ୍ରରେ ସେ ଉବେଇ ଟୁବେଇ ହେଉଛନ୍ତି ଯେ କିଛି ସମୟ ପାଇଁ ନିଜର ବାସ୍ତବ ସମସ୍ୟାଗୁଡ଼ିକୁ ସମ୍ପୂର୍ଣ୍ଣ ଭୁଲି ଯାଇଛନ୍ତି।

ଏହି ବୁଦ୍ଧଦେବଙ୍କ କଥା ଦେଖାଯାଉ। ସେ ତ ରାଜପୁତ୍ର ଥିଲେ ତେବେ ତାଙ୍କର କ'ଣ ଅଭାବ ଥିଲା ଯେ ସେ ରାଜ୍ୟ ପରିବାର ଅୟେସ ଆରାମ ସବୁ କିଛି ଛାଡ଼ି ଗୃହ ପରିତ୍ୟାଗ କରି ଜ୍ଞାନ, ପ୍ରଜ୍ଞା ଓ ବୌଦ୍ଧିକତାର ସନ୍ଧାନରେ ବାହାରି ପଡ଼ି କଠୋର ତପସ୍ୟା ଆରମ୍ଭ କରିଥିଲେ।

ସ୍ୱୟଂ ଭଗବାନ ଯଦି ମଣିଷ ଅବତାର ନେଇ ଏହି ମୃତ୍ୟୁ ଲୋକରେ ଜନ୍ମ ନିଅନ୍ତି ତେବେ ମଣିଷକୁ ଏହି ସଂସାରରେ ଯାହା ଯାହା ସବୁ ସହିବାକୁ ପଡ଼େ ଈଶ୍ୱରଙ୍କୁ ମଧ୍ୟ ମାନବ ରୂପରେ ସେହିସବୁକୁ ସହିବାକୁ ପଡ଼ିବ। ଶ୍ରୀକାନ୍ତ ବାବୁ ମନେ ପକାଇଲେ ବିଧିର ବିଧାନକୁ ମଧ୍ୟ ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ର ଏଡ଼ାଇ ଦେଇ ପାରିଲେ ନାହିଁ। ଯଦି ସେ ଏଡ଼ାଇ ପାରିଥାନ୍ତେ ତେବେ ଯେଉଁ ଦିନ ତାଙ୍କର ରାଜ୍ୟାଭିଷେକ ହୋଇଥାନ୍ତା ସେହି ଦିନ ସେ ଚଉଦ ବର୍ଷ ପାଇଁ ବଣକୁ ଯାଇ ନଥାନ୍ତେ। ସେତ ସ୍ୱୟଂ ବିଷ୍ଣୁଙ୍କ ଅବତାର ସେ ଚାହିଁ ଥିଲେ କ'ଣ ବନବାସକୁ ଏଡ଼ାଇ ପାରିନଥାନ୍ତେ ? ନିଜେ ନିଜକୁ ପ୍ରଶ୍ନ କରି ଉତ୍ତର ଖୋଜିବା ସମୟରେ, ନିଜେ ନିଜକୁ ଉତ୍ତର ଦେଲେ କି କଥା ? ବନବାସ ଯିବାଟା ଏଡ଼ାଇବେ କିପରି ? ବିଳମ୍ବ ହେବାରୁ ଲକ୍ଷ୍ମଣ ରାମଚନ୍ଦ୍ରଙ୍କୁ ଖୋଜିବାକୁ ଯିବେ କିପରି ? ରାବଣ ଆସି ସୀତାଙ୍କୁ ଏକାକୀ କୁଟିରରେ ଦେଖି ଭିକ୍ଷାସୀ ବେଶରେ ହରଣ କରିବ କିପରି। ଏସବୁ ଘଟଣା ଗୋଟିଏ ଆରଟି ସହ ଯୋଡ଼ି ହୋଇ ରହିଛି। ଏହା ବ୍ୟତୀତ ଭଗବାନ ବିଷ୍ଣୁ ମାନବ ଅବତାର ନେଇ ରାମଚନ୍ଦ୍ର ରୂପେ ଜନ୍ମ ଗ୍ରହଣ କରିଛନ୍ତି ରାବଣକୁ ବଧ କରିବା ପାଇଁ। ତେଣୁ ତାଙ୍କର ଚଉଦ ବର୍ଷ ବନବାସ ଯିବାଟା ଥୟ। ବନବାସରେ ଗଲେ ହିଁ ସୂର୍ପଣଖାର ରାମଚନ୍ଦ୍ରଙ୍କ ରୂପରେ ଆକୃଷ୍ଟ ହେବା, ଲକ୍ଷ୍ମଣ ଦ୍ୱାରା ତା'ର ନାସା କର୍ଣ୍ଣ ଛେଦନ କରାଇବା, ସୂର୍ପଣଖାର ରାବଣ ପାଖରେ ଅଭିଯୋଗ କରିବା, ରାବଣ ରାଗି ଯାଇ ମାରିଚକୁ ମାୟା ମୃଗ କରି ପଠାଇ ରାମ ଲକ୍ଷ୍ମଣଙ୍କ ଅନୁପସ୍ଥିତିରେ ସୀତା ହରଣ କରିବା ଇତ୍ୟାଦି ସବୁ ବିଧି ନିର୍ଦ୍ଦିଷ୍ଟ।

ଫୁଲ ଚାଙ୍ଗୁଡ଼ିରେ ବିଭିନ୍ନ ରଙ୍ଗ ବିଭିନ୍ନ ରୂପ ବିଭିନ୍ନ ବାସ୍ନାର ଫୁଲ ସବୁ ଏତେ ସତେଜ ଅବସ୍ଥାରେ ଦେଖି ଶ୍ରୀକାନ୍ତ ବାବୁ ଅସୀମ ଆନନ୍ଦ ଲାଭ କରୁଥିଲେ ମାତ୍ର ସେହି ଫୁଲଗୁଡ଼ିକଙ୍କ ମୁହଁରେ ଖିଲ ଖିଲ ହସ, ସାମାନ୍ୟ ଲାଜ ଦେଖି ଭାବିଲେ ଏତେଗୁଡ଼ିଏ ପ୍ରଜାତିର ଫୁଲ ଯଦି ଏକାଠି ଚାଙ୍ଗୁଡ଼ିରେ ରହି ଖୁସିରେ ଖିଲ ଖିଲ ହସି ପାରିଲେ ଲାଜୁକୀ ଓଠରେ ଅନେଇ ପାରିଲେ, ତେବେ ଆମର ଏହି ମାନବ ଜାତିର ସମସ୍ୟା କ'ଣ ? ସେମାନେ କାହିଁକି ଏକାଠି ଶାନ୍ତିରେ ରହି ପାରିବେ ନାହିଁ। ସେମାନେ ନିଜକୁ ଏତେ ଜ୍ଞାନୀ ପ୍ରାଜ୍ଞ ମନେ କରୁଛନ୍ତି, ମନେ ମନେ ପାହାଡ଼ ଉଚ୍ଚାର ଅହଂକାର ଯେ ଆମେ ବିଜ୍ଞାନରେ ଅଗ୍ରଗତି କରି ଚନ୍ଦ୍ରପୃଷ୍ଠରେ ପାଦ ଦେଇଛୁ ଖୁବ୍ ଶୀଘ ସେଠି ବସବାସ କରିବୁ। ଆଣବିକ ଅସ୍ତ୍ର ତିଆରି କରି ମହଜୁଦ୍ ରଖିଛୁ। ଏତେ ଅହଂକାର ପୋଷଣ କରୁଥିବା ମଣିଷ ନିଜ ଜୀବନର ବୀଜ ମନ୍ତ୍ରକୁ କିପରି ଭୁଲି ଯାଉଛି କିଛି ଜଣା ପଡୁନାହିଁ। ତେବେ ମଣିଷ ଜୀବନର କ'ଣ ସେହି ବୀଜ ମନ୍ତ୍ର ଯାହାକୁ ସେ ସବୁବେଳେ ଭୁଲି ଯାଇ ଅଳିକ ପାର୍ଥିବ ସମ୍ବଳ, ସାମାଜିକ ପ୍ରତିଷ୍ଠା, ବ୍ୟକ୍ତିଗତ ସୁନାମ, କ୍ଷମତାର ଅଳିନ୍ଦରେ ନିଜର ପ୍ରଚଣ୍ଡ ପତିଆରା ଭଳି ମାୟା ମରୀଚିକା ପଥରେ ଧାବମାନ ହେଉଛି। ସତରେ ବଡ଼ ବିଚିତ୍ର ଏହି ମାନବ ଜନ୍ମ।

ଶ୍ରୀକାନ୍ତ ବାବୁ ଆଜି ପ୍ରଚଣ୍ଡ ଭାବେ ଚିନ୍ତାଗ୍ରସ୍ତ ସେ ପୁଣି ଏଣୁ ତେଣୁ ଅନାବ ସନାବ ଚିନ୍ତା ନୁହେଁ, ବୌଦ୍ଧିକ ଚିନ୍ତା ଦାର୍ଶନିକ ଚିନ୍ତା। ମାନବ ସୃଷ୍ଟିର ଜୀବନ ଦର୍ଶନ ରୂପକ ଚକ୍ରବ୍ୟୁହରେ ଆଜି ଶ୍ରୀକାନ୍ତ ବାବୁଙ୍କ ଭଳି ଅଭିମନ୍ୟୁ ପଶି ଯାଇ ବାଟବଣା ହେବାଟା ସାର ହେଲା।ହଁ ସେ ମଧ୍ୟ ଏଥିରେ ଏକମତ ଯେ ସମାଜରେ ବଞ୍ଚିବା ପାଇଁ କେତେକ ସ୍ଥିତିବାଦ ସମସ୍ୟା ରହିଛି ଯେପରିକି ଖାଦ୍ୟ ବସ୍ତ୍ର ବାସଗୃହ, ଏକ ସୁସ୍ଥ ସମାଜ, ଆଧ୍ୟାତ୍ମିକ ପରିବେଶ, ନୈତିକ ଚିନ୍ତନ, ମାନସିକ ଶାନ୍ତି, ଉତ୍ତମ ପରିବେଶ, ବନ୍ଧୁ ପରିଜନଙ୍କ ସହ ସମ୍ପର୍କ ଏବଂ ଆହୁରି କେତେ କ'ଣ। ମାତ୍ର ଆମର ଯେତିକି ଆବଶ୍ୟକତା ଅଛି ସେତକ ପୂରଣ ହୋଇଗଲା ପରେ ଆମେ ଆହୁରି ଉପାର୍ଜନ କରିବାକୁ କାହିଁକି ଇଚ୍ଛା କରୁ। ଆମେ ସେତେବେଳେ ଭୁଲିଯାଉ ଅର୍ଥ ଉପାର୍ଜନ ନିମିତ୍ତ କେଉଁଟି ଠିକ୍ ଉପାୟ। ସେତେବେଳେ ଆମର କେବଳ ଲକ୍ଷ୍ୟ ଥାଏ ସଫଳତା ଉପରେ। ଉପାୟ ସତ୍ ହେଉ ବା ଅସତ୍ ହେଉ ପଚାରେ କିଏ ? କେବଳ ସଫଳତାକୁ ହିଁ ଲୋକେ ଦେଖିବେ। ମୋ ବନ୍ଧୁ ପ୍ରିୟଜନଙ୍କ ପାଖରୁ ମୋତେ ଅଭିନନ୍ଦନର ସୁଅ ଛୁଟିବ। କିଏ କହିବ ମୁଁ ତୁମ ଦକ୍ଷତା ଜାଣିଥିଲି ତୁମେ ପୁରସ୍କୃତ ହେବା ପାଇଁ ଉପଯୁକ୍ତ ବ୍ୟକ୍ତି, ମାତ୍ର ଟିକିଏ ବିଳମ୍ବ ହୋଇଗଲା । ପୁଣି ସେହି ଶୁଭେଚ୍ଛୁ କହିବେ ଛାଡ଼ ହୋ। ଶୀଘ୍ର ହେଉ କି ବିଳମ୍ବ ହେଉ ପୁରସ୍କାର ତ ମିଳିଲା ଆଉ ସେ ତୁଚ୍ଛା ବିଳାପ, ମିଶ୍ରିତ ଆଲୋଚନା ପର୍ଯ୍ୟାଲୋଚନାରୁ କ'ଣ ମିଳିବ ? ଏହି ଶୁଭେଚ୍ଛୁ ମାନଙ୍କ ଅଭିନନ୍ଦନର ସୁନାମୀ ସହ ସମତାଳରେ ସମାଲୋଚନାର ଭୂମିକମ୍ପ ଆରମ୍ଭ ହୋଇଯିବ। ସେମାନେ ଯେ ତୁମର ଶତ୍ରୁ ତା ନୁହେଁ। ସେମାନେ ହେଉଛନ୍ତି ଅଭ୍ୟାସଗତ ନିନ୍ଦୁକ ଗୋଷ୍ଠୀ। ତାଙ୍କର କାମ ହେଲା କିଏ କେଉଁଠି ସମ୍ବର୍ଦ୍ଧିତ ହେଲା ପୁରସ୍କୃତ ହେଲା ପ୍ରଶଂସିତ ହେଲା ଶୁଣିବା ପରେ ଏମାନଙ୍କ ଦେହରେ ଜ୍ୱଳନ କମ୍ପନ ସୃଷ୍ଟି ହେବ। ଏମାନେ କେବେହେଲେ ଜାଣିବାକୁ ଚେଷ୍ଟା କରିବେ ନାହିଁ ଯେ ଲୋକଟିର ପ୍ରକୃତରେ ପ୍ରତିଭା ଅଛି ନା ସେ ନିଜର ପ୍ରଭାବର ଉପଯୋଗ କରି

ପୁରସ୍କାରକୁ ହାତେଇ ନେବାରେ ସଫଳ ହୋଇଛି। ସେମାନେ ଭାବନ୍ତି ଯେ ତଦନ୍ତ କରି ପୁରସ୍କୃତ ହୋଇଥିବା ବ୍ୟକ୍ତିଟିର ପ୍ରତିଭା ବା ଦକ୍ଷତା ଆକଳନ କରିବା ଆମର କାମ ନୁହେଁ। ଆମର କାମ ହେଲା ସମାଲୋଚନା କରି ବିଷୟଟିକୁ ଚର୍ଚ୍ଚାର ପରିସରକୁ ଆଣିବା । ପରେ ଅନେକ ତଦନ୍ତ କରିବା ପାଇଁ ସଂସ୍ଥା ଅଛନ୍ତି । ସେମାନେ ସରକାରୀ ଓ ବେସରକାରୀ ସ୍ତରରେ କାମ କରୁଛନ୍ତି । ସେମାନେ ଏହି ବିଷୟର ଗୁରୁତ୍ୱ ଉପଲବ୍ଧି କରି ତଦନ୍ତ ଜାରି ରଖି ସତ୍ୟର ଉନ୍ମୋଚନ କରିବେ। ଆମେ କେବଳ ହୁଇସ୍‌ଲ ବ୍ଲୋୟରର କାମ କରିବୁ।

ମୁଁ ସତରେ ବୁଝି ପାରେ ନାହିଁ, ମଣିଷ ମଧ୍ୟରେ ଏତେ ଐଶ୍ୱରୀୟ ଗୁଣ ଥିବା ସତ୍ତ୍ୱେ ଈର୍ଷା ଦ୍ୱେଷ ଭଳି ଆସୁରିକ ଗୁଣମାନେ ରହିଲେ କିପରି ? ଶ୍ରୀକାନ୍ତ ବାବୁ ନିଜକୁ ଉପରୋକ୍ତ ପ୍ରଶ୍ନଟି ପଚାରି ସାରିବା ପରେ କହିଲେ ଆରେ ରହିବ ନାହିଁ କେମିତି ମ ? ମୁଁ ବି ବୋକାଙ୍କ ଭଳି ପ୍ରଶ୍ନ କରୁଛି। ଅନ୍ଧାର ନଥିଲେ ଆଲୋକର ମର୍ଯ୍ୟାଦା ଆମେ ଜାଣିବା ସମ୍ଭବ ହୁଅନ୍ତା ନାହିଁ। ମନ୍ଦ ନଥିଲେ ଭଲର ଗୁରୁତ୍ୱ ଆମେ ଉପଲବ୍ଧି କରି ପାରନ୍ତେ ନାହିଁ। ଖଟା ନଥିଲେ ମିଠାର ମହତ୍ୱ ଆମେ ଜାଣି ପାରନ୍ତେ ନାହିଁ। ସୁତରାଂ ଆସୁରୀକ ପ୍ରବୃତ୍ତି ଥିବାରୁ ଐଶ୍ୱରୀୟ ଗୁଣଗୁଡ଼ିକର ମହତ୍ୱ ସାମନାକୁ ଆସୁଛି।

ଏବେ ଦେଖୁନା ମଦନ କକା ସେଦିନ ଇହଧାମ ଛାଡ଼ି ପରଲୋକ ଗମନ କଲେ। ସେଦିନ ଅମାବାସ୍ୟା ତିଥି ପଡ଼ିଥିଲା। ହରି କକା କହିଲେ ଆମ ଭାଗବତ କହେ "ପ୍ରାଣୀର ଭଲ ମନ୍ଦ ବାଣୀ ମରଣ କାଳେ ତାହା ଜାଣି।" ଦେଖୁନା ଆମ ମଦନା ନନା କେତେ ଲୋକଙ୍କୁ ଯେ ସାହାଯ୍ୟ କରିଛି ତାହାର ହିସାବ ନାହିଁ। ମୋ ଜାଣିବାରେ ଅନେକ ଲୋକ ଆସି ନନାର ଗୋଡ଼ ଦୁଇଟାକୁ ମାଡ଼ିବସି କହନ୍ତି ବାବୁ ତୁମରି ପାଇଁ ମୋ ପୁଅ ଦିଅକ୍ଷର ପାଠ ପଢ଼ି ପାରିଲା। କିଏ କହେ ବାବୁ ତୁମରି ପାଇଁ ମୋ ବେମାର ପତ୍ନୀ ଆଜି ଭଲ ଚିକିତ୍ସା ପାଇ ଆରୋଗ୍ୟ ହୋଇ ଘରକୁ ଫେରିଲା। ଏତେ ସବୁ ପ୍ରଶଂସା ପରୋପକାର କରିବା ସତ୍ତ୍ୱେ ଦରଦୀ ମଣିଷ ମଦନ ନନା ଗୋଟେ ଅମାବାସ୍ୟାରେ ପରଲୋକ ଗମନ କଲା। ଶାସ୍ତ୍ର ମତରେ ଆମାବାସ୍ୟାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି ନର୍କ ଗାମୀ ହୋଇଥାଏ। ଏଥିରେ କିଛି ଦ୍ୱିମତ ହେବାର ନାହିଁ। ମଦନ ନନାର ଆତ୍ମା ସ୍ୱର୍ଗ ଲୋକ ଗଲା ବା ନର୍କଲୋକ ଗଲା ସେଇଟା ବଡ଼ ପ୍ରଶ୍ନ ନୁହେଁ ଏଠି ପ୍ରଶ୍ନ ହେଉଛି ମଦନ ନନା ଏହି ଜନ୍ମରେ ଯାହା ଭୋଗ କରୁଛି ସେଇଟା ପ୍ରାରବ୍ଧ କର୍ମ ଫଳ । ଅର୍ଥାତ୍ ତା'ର ପୂର୍ବ ଜନ୍ମର କର୍ମଫଳ ସେ ଭୋଗ କରୁଛି, ତାକୁ କିଏ ଏଡ଼ାଇ ଦେଇ ପାରିବ ? ମାତ୍ର ଏହି ଜନ୍ମରେ ସେ ଯେଉଁ ଭଲ କାମ ସବୁ କରିଛି ତା'ର ସୁଫଳ ସେ ଆସନ୍ତା ଜନ୍ମରେ ପାଇବ। ହୁଏତ ଏମିତି ବି ହୋଇପାରେ ତା'ର ଆତ୍ମା ଆଉ ପୁନର୍ଜନ୍ମ ଲାଭ ନକରି ମୋକ୍ଷ ହୋଇ ଯାଇପାରେ। ଆମେ ଏହି ସମୟରେ ସେ ସମ୍ବନ୍ଧରେ ଟିପ୍ପଣୀ ଦେବାଟା ସମୀଚୀନ ହେବ ନାହିଁ। ଏହିସବୁ ଜିନିଷ କେବଳ ବିଶ୍ୱାସ ଉପରେ ପର୍ଯ୍ୟବେସିତ, ମାତ୍ର କର୍ମଫଳ ଯେ ଅଛି ଏହି ବିଷୟରେ କୌଣସି ସନ୍ଦେହ ନାହିଁ ବା ବିତର୍କର ଆବଶ୍ୟକତା ନାହିଁ।

ଶ୍ରୀକାନ୍ତ ବାବୁ ସବୁ ତର୍ଜମା କଲା ପରେ, ମାନବ ଜୀବନର ଦର୍ଶନ ଉପରେ ଏତେ ସାରଗର୍ଭକ ତାତ୍ତ୍ୱିକ ଆଲୋଚନା କଲାପରେ ପତ୍ନୀ ଶ୍ରୀଲତା ଦେବୀ କହିଲେ ହେଇଟି ଶୁଣୁଛ, ଆମ ଆପାର୍ଟମେଣ୍ଟରେ ରହୁଥିବା ଦୁଇ ବରିଷ୍ଠ ନାଗରିକ ଦମ୍ପତ୍ତି ସୁକାନ୍ତ ମଉସା ଓ ସରିତା ମାଉସୀ ଆଉ ନାହାନ୍ତି । ଦୁଇଜଣଙ୍କ ମୃତ ଦେହ ବାଥ୍ ରୁମ୍‌ରୁ ଉଦ୍ଧାର ହୋଇଛି। ଦିନ ନଅଟା ପର୍ଯ୍ୟନ୍ତ ତାଙ୍କ ଦୁଆର ଖୋଲା ହୋଇ ନଥିଲା କାମବାଲୀ କଲିଂବେଲ ମାରି ମାରି ଥକି ଯିବା ପରେ ସିକ୍ୟୁରିଟିକୁ ଡାକିଲା ସେ ମଧ୍ୟ ବହୁତ ଚେଷ୍ଟା କଲା। ଦୁଆର ନଖୋଲିବାରୁ ଦୁଆର ତାଡ଼ି ଘରେ ଦେଖିଲେ ଦୁହେଁ ଯାକ ମୃତ ଅବସ୍ଥାରେ ବାଥ୍ ରୁମ୍‌ରେ ପଡ଼ିଛନ୍ତି। ସରିତା ମାଉସୀଙ୍କ ମୁଣ୍ଡ ପଛପଟେ ଜୋର ଆଘାତ ଲାଗିଛି ମାତ୍ର ମଉସାଙ୍କର କେଉଁଠି ଆଘାତ ଲାଗି ନାହିଁ ବୋଲି ସମସ୍ତେ କଥା ହେଉଛନ୍ତି । ତୁମ ଜଳଖିଆ ଟେବୁଲ ଉପରେ ଥୋଇ ଦେଇଛି ଖାଇନେବ, ମୁଁ ଟିକିଏ ଯାଉଛି ଦେଖି ଆସେ ମନଟା ଭଲ ଲାଗୁ ନାହିଁ। ଦୁଇଦିନ ତଳେ ସରିତା ମାଉସୀଙ୍କ ସହ ପାର୍କରେ ବେଞ୍ଚରେ ବସି କେତେ ସବୁ କଥା ହୋଇଥିଲି। ତାଙ୍କର ଗୋଟିଏ ବୋଲି ପୁଅ ସେ ଆମେରିକାରେ ତା ପରିବାର ନେଇ ଥାଏ। ଝିଅ ବାଙ୍ଗାଲୋରରେ ଥାଏ। ଆଉ ଏଠି ବୁଢ଼ା ବୁଢ଼ୀ ଦୁଇଜଣ ଏକା ଥାଆନ୍ତି। ସୁକାନ୍ତ ମଉସା ମଧ୍ୟ ଭାରି ସ୍ନେହୀ ଲୋକ। କଥା କହିଲା ବେଳେ ବହୁତ ମଜା ମଜା କଥା କହନ୍ତି। ଥରେ କହିଲେ ବୁଝିଲ ମା ଶ୍ରୀଲତା ତୁମେ ଜାଣ ପ୍ରତ୍ୟେକ ବାପା ମା ପୁଅଟିଏ ଜନ୍ମ ହେବା କାହିଁ ଚାହାନ୍ତି ? ମୁଁ କିଛି କ୍ଷଣ ନୀରବ ରହି ମଉସାଙ୍କ ମୁହଁକୁ ଅନେଇଲି। ଦେଖିଲି ତାଙ୍କ ମୁହଁରେ ପ୍ରଚଣ୍ଡ ଆବେଗ, ଅସୀମ ଅଭିମାନ ଏବଂ ଆଖି ଦୁଇଟି ଲୋତକରେ ଭରି ଟୁଳ ଟୁଳ ଦେଖା ଯାଉଛି। ମୁଁ କହିଲି ହଁ ମଉସା ! ସବୁ ବାପା ମା ପୁଅଟିଏ ଚାହାନ୍ତି। ପୁଅଟିଏ ତାଙ୍କୁ ସାମାଜିକ ଆର୍ଥିକ ସୁରକ୍ଷା ଦେବା ସଙ୍ଗେ ସଙ୍ଗେ ବଂଶ ରକ୍ଷାରେ ସାହାଯ୍ୟ କରିବ। ପରିଣତ ବୟସରେ ଆଶାବାଡ଼ିଟିଏ ହୋଇ ପାଖରେ ଠିଆ ହୋଇ ପାରିବ। ହଁ ରେ ମା' ସବୁ ତ କହିଲ ଆଜିକାଲି ସେ ସବୁ କଥା କେତେ କାର୍ଯ୍ୟରେ ପ୍ରତିଫଳିତ ହେଉଛି। ଆମ ଶାସ୍ତ୍ର କହେ ପୁତ୍ ନାମକ ନର୍କରୁ ଉଦ୍ଧାର ପାଇବା ପାଇଁ ପିତା ମାତା ପୁଅଟିଏ ଜନ୍ମ ହେଉ ବୋଲି ଇଚ୍ଛା ପ୍ରକାଶ କରି ହୋମ ଯଜ୍ଞ ପୂଜା ଅର୍ଚ୍ଚନା କରନ୍ତି। ମାତ୍ର ଆଜିକାଲି ପୁଅମାନେ ଜୀବନ ଥାଉ ଥାଉ ଅସହାୟତା ରୂପକ ନର୍କକୁ ବାପା ମା'ଙ୍କୁ ଠେଲି ଦେଇ ଅର୍ଥ ଉପାର୍ଜନର ମାୟା ଜାଲରେ ଛନ୍ଦି ହୋଇ ବିଦେଶ ଯିବାକୁ ଅଧିକ ପସନ୍ଦ କରୁଛନ୍ତି। ମୋତେ ଲାଗେ ପୁଅମାନେ ବାପା ମା'ଙ୍କୁ ନର୍କରୁ ମୃତ୍ୟୁ ପରେ ଉଦ୍ଧାର କରିବେ କ'ଣ ଜୀବନ ଥାଉ ଥାଉ ନର୍କକୁ ଠେଲି ଦେଉଛନ୍ତି।

ସୁକାନ୍ତ ମଉସା ତାଙ୍କ ପୁଅର ଉଦାସୀନତା ଓ ତାଙ୍କ ପ୍ରତି ଅବହେଳା ସକାଶେ ପୁଅ ବୋହୂଙ୍କ ଉପରେ ଢେର ଅସନ୍ତୁଷ୍ଟ ଥିଲେ, ମାତ୍ର ମାଉସୀ ସବୁବେଳେ ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିଲେ। ତାଙ୍କୁ ଖୁସି କରିବା ପାଇଁ ମଝିରେ ମଝିରେ ଫୋନ୍ ଲଗାଇ ପୁଅ ବୋହୂ ଓ ନାତି ସହ କଥା କରାଇ ଦେଉଥିଲେ। ଟିକେ ପିଲା ମାନଙ୍କ ସହ କଥା ହୋଇ ସାରିବା ପରେ ମଉସା ସ୍ୱାଭାବିକ ହୋଇ ଯାଉଥିଲେ।

ଶ୍ରୀକାନ୍ତ ବାବୁ ପୁଣି ଦାର୍ଶନିକ ମୁଦ୍ରାରେ ଗଭୀର ଚିନ୍ତା ମଗ୍ନ । ଶ୍ରୀଲେଖା ଦେବୀ ଆଉ ଯିବେ କ'ଣ, ସେ ନିଜ ସ୍ୱାମୀଙ୍କ ପାଖକୁ ଆସି ତାଙ୍କୁ ହଲାଇ ଦେଇ କହିଲେ ମୁଁ କୁଆଡ଼େ ଯିବି ନାହିଁ। ତୁମେ ଆଗ କହିଲ ତୁମର କଅଣ ହେଇଛି, ମୁଁ କେତେଦିନ ହେଲାଣି ଦେଖୁଛି ତୁମେ ବହୁତ ଗୁମ୍‌ସୁମ୍ ରହୁଛ କାହାକୁ କିଛି ବି କହୁନା। ଏକଲା ରହିବାକୁ ପସନ୍ଦ କରୁଛ, ଆଗରୁ ତ ମୋ ସହ ସବୁ କିଛି ସେଆର କରୁଥିଲ। ଏବେ କ'ଣ ମୋତେ ପାଖରେ ବି ପୁରାଇ ଦେଉନା ଖାଲି ମୋତେ ଦେଖିଲେ ଚିଡ଼୍ ଚିଡ଼୍ ହେଉଛ। ସେଆର କରିବା ତ ଦୂରର କଥା। କ'ଣ ଯେ ମୁଁ କରିବି। କାହିଁକି ମୋତେ ଏପରି ହଇରାଣ କରୁଛ କହିଲ ?

ସବୁ ଶୁଣି ଶ୍ରୀକାନ୍ତ ବାବୁ କହିଲେ କ'ଣ କହିଲ ? ନାଇଁ ନାଇଁ କଅଣ କହିଲ ? ମୁଁ ତୁମକୁ ହଇରାଣ କରୁଛି ନାଇଁ ? ଶୁଣ ଶ୍ରୀଲତା ତୁମେ ଓଲଟା କଥା କହୁଛ ମୁଁ ତୁମକୁ ହଇରାଣ କରୁ ନାହିଁ ବରଂ ତୁମେ ମୋତେ ହଇରାଣ କରୁଛ, ମୋତେ ମାୟା ଜାଲରେ ଛନ୍ଦି।

ହେଇଟି ଲୋ ମା। ଏମିତି କ'ଣ କହିଲେଣି ମୁଁ ପୁଣି ତାଙ୍କୁ ହଇରାଣ କରୁଛି ମାୟା ଜାଲରେ ଛନ୍ଦି ? ହେ ପ୍ରଭୁ ! ମୋତେ ଯେତେ ଶୀଘ୍ର ପାରୁଛ ଯାଙ୍କ ପାଖରୁ ନେଇ ଯାଅ। ମୋର ବହୁତ ହେଇଗଲା। ଜୀବନ ସାରା ସଂଘର୍ଷ କରି ଏହି ପରିବାରକୁ କିପରି ଏଠିକି ଆଣିଛି ମୋ ମନ ଜାଣେ। ତୁମେ ତ ଦିନେ

କେବେ କୌଣସି ପାରିବାରିକ ସମସ୍ୟାର ଧାର ଧାରି ନାହଁ। ଅନ୍ୟ ପୁରୁଷମାନେ ଘରର ଯାବତୀୟ କଥା ବୁଝନ୍ତି ମାତ୍ର ତୁମେ ? ତୁମ ବହି ଭଲ ଚାକିରି ଭଲ ଖବର କାଗଜ ଭଲ ତ ତୁମେ ଭଲ। ଘରେ କିଏ କ'ଣ କଲା, କାହାର ବହି କିଣା ହେବ, ସ୍କୁଲ କଲେଜରେ ଆଡ଼ମିସନ ହେବ, କେଉଁ ବନ୍ଧୁ ଘରକୁ ବେଭାର ଯିବ କେଉଁ ପର୍ବରେ କିପରି ଆୟୋଜନ ହେବ, କେଉଁ ମାନଙ୍କୁ ନିମନ୍ତ୍ରଣ କରା ହେବ ଇତ୍ୟାଦି ଯାବତୀୟ ଦାୟିତ୍ୱ ମୁଁ ବହନ କରି ଆସିଛି ଏବେ ଭାବି ଥିଲି ପିଲାମାନେ ବଡ଼ ହୋଇ ତାଙ୍କର ଘର ସଂସାର କଲେ ମୋର ଦାୟିତ୍ୱ ହାଲକା ହେବ, ମୋର ଟିକିଏ କାର୍ଯ୍ୟ ଭାର କମିଯିବ, ଟିକିଏ ଶାନ୍ତିରେ ଜୀବନ ଜିଇଁବି ମାତ୍ର ନାହିଁ, ତୁମେ ସେତକ ମୋତେ କରାଇ ଦେବ ନାହିଁ। କେଉଁ ଜନ୍ମର ପ୍ରତିଶୋଧ ତୁମେ ନେଉଛ ମୁଁ କିଛି ବୁଝି ପାରୁ ନାହିଁ। ଆରେ ମୁହଁ ଖୋଲି ମୋତେ ସଫା ସଫା କୁହ ତୁମର କ'ଣ ଅସୁବିଧା ହୋଇଛି। ଦୁହେଁ ମିଶିକରି ହେଲେ ତା'ର ସମାଧାନ କରିବା। ଏମିତି ଏକୁଟିଆ ଉଦାସ ମନରେ ଚିନ୍ତାଗ୍ରସ୍ତ ହୋଇ ବସି ରହୁଛ, ତୁମ ନିଜର ତ ଯାହା କ୍ଷତି କରୁଛ ମୋତେ ବଡ଼ ଧର୍ମ ସଙ୍କଟରେ ପକାଉଛ।

ଶ୍ରୀକାନ୍ତ ବାବୁ କହିଲେ ତୁମେ ମୋ ପାଇଁ କାହିଁକି ବ୍ୟସ୍ତ ହେଉଛ ମୁଁ ତୁମର କିଏକି ? ନା ମୁଁ ତୁମର କେହି ନା ତୁମେ ମୋର କେହି, ଯେ ସବୁ ମିଛ ମାୟା ସଂସାର, କେବଳ ଏଠି ଦହଗଞ୍ଜ ହେବାଟି ସାର। ଛାଡ଼ ଯାହା ହେଲେ ମଧ୍ୟ ଏହି ଜନ୍ମରେ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକା ଜୀବନ ନାଟକରେ ଦୁନିଆ ରଙ୍ଗ ମଞ୍ଚରେ ନିଭେଇବାକୁ ନିର୍ଦ୍ଦେଶକ ଭଗବାନ ଯେତେ ଦିନ ପର୍ଯ୍ୟନ୍ତ ଦେଇଛନ୍ତି ତାକୁ ନିଭେଇବାକୁ ପଡ଼ିବ। ମୁଁ ତ କେବେ ଅଧାରୁ ଛାଡ଼ି ଯାଇ ପାରିବି ନାହିଁ। ତେଣିକି ଯାହା ହେବ ଦେଖା ଯିବ। ମୁଁ ଭୀରୁ କାପୁରୁଷଙ୍କ ଭଳି ଅଧାରୁ କାମ ଛାଡ଼ି ଦାୟିତ୍ୱ ଭୁଲି ଯାଇ ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କରିବି ନାହିଁ। କୌଣସି ନା କୌଣସି ନିର୍ଦ୍ଦିଷ୍ଟ କର୍ମ କରି ସାରି ହିଁ ଆମକୁ ଫେରି ଯିବାକୁ ହେବ। କର୍ମ ସିନା କେବଳ କରିବା, ମାତ୍ର ଫଳକୁ ଆଶା କରିବା ଉଚିତ ନୁହେଁ । ସେଥିପାଇଁ ତ ଭଗବାନ ଶ୍ରୀକୃଷ୍ଣ ଭଗବତ ଗୀତାରେ ଅର୍ଜୁନଙ୍କୁ ବୁଝାଇ କହିଥିଲେ 'କର୍ମଣ୍ୟେ ବାଧି କାରସ୍ତୁ ମା ଫଳେସୁ କଦାଚନଃ।' କର୍ମ ଅନୁସାରେ ଫଳ ଅବଶ୍ୟ ମିଳିବ।

ଶ୍ରୀଲତା ଦେବୀଙ୍କ ମୁଣ୍ଡ ପୂରା ଖରାପ ହୋଇଗଲାଣି। ସେ କ'ଣ ପଚାରୁଛନ୍ତି ଶ୍ରୀକାନ୍ତ ବାବୁ ତାଙ୍କ ପ୍ରଶ୍ନର ପ୍ରତ୍ୟକ୍ଷ ଉତ୍ତର ନଦେଇ ପରୋକ୍ଷରେ ଏପଟ ସେପଟ କଥାବାର୍ତ୍ତା କରୁଛନ୍ତି। କେବଳ ସବୁ ଜିନିଷ ଆଧାତ୍ମିକ ଓ ଦାର୍ଶନିକ ଦୃଷ୍ଟିକୋଣରୁ ଆଲୋଚନା କରୁଛନ୍ତି। ମୋତେ ବହୁତ ଡର ଲାଗୁଛି। ଯେ ପାଗଳ ହୋଇ ଗଲେ ନା କ'ଣ ? ଆଜି ଯେମିତି ହେଲେ ମୋତେ ସରୋଜ ସହିତ କଥା ହେବାକୁ ପଡ଼ିବ। ସେ କାଲି ଫୋନ କରିଥିଲା ମୋତେ, ବାପା କେମିତି ଅଛନ୍ତି ବୋଲି ପଚାରିଲା ମଧ୍ୟ। ପିଲାଟା ବାହାରେ ରହୁଛି, କାହିଁକି ତାକୁ ବ୍ୟସ୍ତ କରିବି ସେ ଅଯଥା ଚିନ୍ତାଗ୍ରସ୍ତ ହେବ ବୋଲି, ମୁଁ ତାକୁ କିଛି କହି ନଥିଲି କିନ୍ତୁ ଏବେ ମୁଁ ଦେଖୁଛି ପରିସ୍ଥିତି ଆସ୍ତେ ଆସ୍ତେ ମୋ କଣ୍ଟ୍ରୋଲ ବାହାରକୁ ଗଲାଣି। ମିସେସ୍ ଦାସ କହୁଥିଲେ ତାଙ୍କୁ ଯେକୌଣସି ସାଇକିଆଟ୍ରିଷ୍ଟଙ୍କୁ ଦେଖାଇବାକୁ ହେବ। ମୋର ଏତେ କଥା କିଏ କରିବ ପୁଅକୁ କହିବି ସେ ଆସି ତା ବାପାଙ୍କୁ ଡାକ୍ତର ଦେଖାଇ ଚିକିତ୍ସା କରାଉ।

ସନ୍ଧ୍ୟା ବେଳକୁ ସରୋଜ ଫୋନ କରି ହେଲୋ କହିବା ପରେ ମା ଶ୍ରୀଲେଖା ଦେବୀ ଏକ ଉଦାସ ସ୍ୱରରେ କହିଲେ ହଁ କହରେ ବାପ। କେମିତି ଅଛୁ ? ଏହି ଦୁଇପଦ କଥାରୁ ସରୋଜ ଜାଣି ନେଲା ମା'ର କିଛି ଗୋଟାଏ ଅସୁବିଧା ହୋଇଛି। ସେ ସେପଟୁ ବ୍ୟସ୍ତ ବିବ୍ରତ ସ୍ୱରରେ କହିଲା ମା ! କ'ଣ ହେଇଛି ସବୁ ଠିକ୍ ଅଛିତ ? ଆର୍ ୟୁ ଓକେ ? ହଁ ହଁ ସବୁ ଠିକ୍, ପୁଣି ଠିକ୍ ନାହିଁ। ମୋର କାହିଁ କ'ଣ ହେବ ? ମୁଁ ତ ସବୁବେଳେ ଚାହୁଁଛି ମୋର କିଛି ହୋଇଯାନ୍ତା, ମୁଁ ଏତେ ସବୁ ଜଞ୍ଜାଳ ଖାସ୍ କରି ତୋ ବାପାଙ୍କ ପାଖରୁ ମୁକ୍ତି ପାଇ ଚାଲି ଯାଆନ୍ତି ହେଲେ। ସେ ନିଆଁ ଲଗା ଜୀବନଟା କ'ଣ ଯାଉଛି ? ଖାଲି ଦହଗଞ୍ଜ କରି ମାରୁଛି।

ସରୋଜ ସମ୍ପୂର୍ଣ୍ଣ ବିବ୍ରତ ସ୍ୱରରେ କହିଲା ମା ! ମା ! ସତ କହ ସିଧା କଥାରେ ମୋତେ କହ ବୁଲେଇ ବଙ୍କେଇ ମୋତେ କହନା। କଥାଟା କ'ଣ ମୋତେ ବିସ୍ତାର ଭାବରେ କହ। ତୋ ଠାରୁ ଏଭଳି ନୈରାଶ୍ୟ ଭରା ସ୍ୱରରେ ମୁଁ କେବେ କଥା ଶୁଣି ନଥିଲି ମା। ଆମେ ଭାଇ ଭଉଣୀ ଦୁଇଜଣ କେବଳ ତୋର ଗଭୀର ଆତ୍ମ ବିଶ୍ୱାସ, ସତ୍ ସାହସ, ମାନବ ପ୍ରେମ ଓ ଭଗବତ ବିଶ୍ୱାସ ସହ ସକାରାତ୍ମକ ଚିନ୍ତା ଧାରା ଦେଖି ଦେଖି ସେଥିରେ ଅନୁପ୍ରାଣିତ ହୋଇ ଆଜି ସମାଜରେ ଛିଡ଼ା ହୋଇଛୁ। ତୋ ମୁହଁରୁ ଏଭଳି ନୈରାଶ୍ୟ ଭରା ହତୋତ୍ସାହ ଭରା ସ୍ୱରରେ ମୁଁ କିଛି ଶୁଣିବା ଆଗରୁ ତୁ ମୋତେ କହ କ'ଣ ହେଇଛି। ବାପାଙ୍କୁ କିଏ କ'ଣ କହିଛି ନା ସେ କାହାକୁ କ'ଣ କହିଛନ୍ତି ? ତୋର ବାପାଙ୍କର ଝଗଡ଼ା ହୋଇଛି ? ମୋତେ ସତ ସତ କଥା କହ। ନହେଲେ ମୁଁ କାଲି ଫ୍ଲାଇଟ୍ ଟିକେଟ କରୁଛି ଭୁବନେଶ୍ୱର ଯିବା ପାଇଁ।

ପୁଅ ସରୋଜର ସମ୍ପୂର୍ଣ୍ଣ ଅସହାୟତା ଦେଖି ମା'ର ହୃଦୟ ତରଳି ଗଲା। ସ୍ୱାମୀଙ୍କ ଉପରେ ଥିବା ଅଭିମାନ ଓ ଅଭିଯୋଗର ପାହାଡ଼ ସମ୍ପୂର୍ଣ୍ଣ ଭାବେ ଭୁଷୁଡ଼ି ପଡ଼ିଲା। ମାତୃ ସ୍ନେହର ମନ୍ଦାକିନୀ ଧାରା ପ୍ରବାହିତ ହେଲା। ମା' ସମ୍ପୂର୍ଣ୍ଣ ଭାବେ ସ୍ୱାଭାବିକ ସ୍ୱରରେ କହିଲେ ନାଇଁରେ ପୁଅ କିଛି ହୋଇ ନାହିଁ। ଏଇ ତୋର ବାପା ଖିଆପିଆ ନିତ୍ୟକର୍ମର ସମୟ ଠିକ୍ ରଖୁନାହାନ୍ତି, ଖାଲି ଚେୟାର ଉପରେ ବସି କ'ଣ ଭାବୁଛନ୍ତି ଯେମିତି ବ୍ୟାଙ୍କ ଋଣ ସୁଝା ହୋଇନାହିଁ। ଘର ନିଲାମ ହେବ। ଯେମିତି କୋର୍ଟ କ'ଣ ତାଙ୍କ ବିରୋଧରେ ରାୟ ଦେଇଛି ସେ ଗିରଫ ହେବେ। ଜଣେ ଲୋକ କୌଣସି ଗମ୍ଭୀର ସମସ୍ୟାର ସମ୍ମୁଖିନ ହୋଇ ଯେଉଭଳି ଚିନ୍ତାଗ୍ରସ୍ତ ହୋଇ ନିଜ ମୌଳିକ ଆବଶ୍ୟକତା ଯଥା ଖାଦ୍ୟ ପାନୀୟ ଭୁଲି ଯାଏ, ତୋ ବାପା ଏହି ଗୋଟେ ସପ୍ତାହ ହେବ ସେମିତି ବ୍ୟବହାର ଦେଖାଉଛନ୍ତି। ତୁ ଜାଣି ପାରୁଥିବୁ ମୋର ମାନସିକ ଅବସ୍ଥା କ'ଣ ହେଉଥିବ। ମୁଁ ଯଦି ତାଙ୍କୁ ବୁଝାଇବାକୁ ଚେଷ୍ଟା କରୁଛି ମୋତେ ନିର୍ଦ୍ଧୁମ ଗାଳି କରୁଛନ୍ତି, କହୁଛନ୍ତି ଦାର୍ଶନିକ ଟମାସ୍ ହବ୍ସ୍ ମଣିଷକୁ ଯେଉଁ ସ୍ୱାର୍ଥପର ଆଖ୍ୟା ଦେଇଥିଲେ ସେ ପ୍ରକୃତରେ ନାରୀ ମାନଙ୍କୁ ହିଁ ଆଖି ଆଗରେ ରଖି ଏ ସଂଜ୍ଞା ନିରୂପଣ କରିଥିଲେ।

ସରୋଜ ଏକଥା ଶୁଣି ସେପଟୁ ଠୋ ଠୋ ହୋଇ ହସିଲା। ମା' ସରୋଜର ହସ ଶୁଣି ଟିକେ ଉତ୍ତେଜିତ ହେଲା ଭଳି କହିଲେ ବାଃ ବାଃରେ ପୁଅ ତୁ ହସୁଛୁ ? ସରୋଜ କହିଲା ଆଲୋ ମା। ମୁଁ ଏକା ନୁହେଁ ଶର୍ମିଳା ମଧ୍ୟ ଏଠି ହସୁଛି । ଯା ଠାରୁ ବଳି ଆଉ ଅଧିକ ହସ କଥା କିଛି ଥାଇ ନପାରେ। ମା ! ତୁ ଜଣେ ସାଧାରଣ ବର୍ଗର ମହିଳା ନୁହେଁ। ତୁ ଜଣେ ମହୀୟସୀ ମହିଳା। ମା' ହିସାବରେ ସ୍ତ୍ରୀ ହିସାବରେ ଗୃହିଣୀ ହିସାବରେ ତୁ ଅନନ୍ୟା ମା। ଏକଥା ତୁ ମନେରଖି କସ୍ତୁରୀ ମୃଗ ନିଜ ନାଭିରୁ ବାହାରୁ ଥିବା ସୁଗନ୍ଧକୁ ଜାଣି ନପାରି ଯାଡ଼େ ସାଡ଼େ ଚାରି ଆଡ଼େ ଖୋଜିବା ପରି ତୁ ତୋର ପ୍ରତିଭା ନିଜେ ଜାଣିପାରୁ ନାହୁଁ।

ବାପା କହିଦେଲେ ନାରୀମାନେ ସ୍ୱାର୍ଥପର, ଆଉ ତୁ ତାକୁ ମାନି ନେଲୁ ? ବାପା ବହୁତ ବିଜ୍ଞ, ପ୍ରାଜ୍ଞ, ତାଙ୍କ ଜ୍ଞାନ ଗାରିମାକୁ ମୁଁ ଆହ୍ୱାନ କରୁନାହିଁ ବା ପ୍ରଶ୍ନ କରୁନାହିଁ। ମାତ୍ର ମୁଁ ପିଲାବେଳେ ଦେଖିଛି ସେ ଖାସ୍ ତୋତେ ଚିଡ଼େଇବା ପାଇଁ, ତୋତେ ଟିକେ ଆମ୍ଭମାନଙ୍କ ଆଗରେ ଅପଦସ୍ତ କରି ଆନନ୍ଦ ଅନୁଭବ କରିବା ପାଇଁ ସତ୍ୟର ଅପଳାପ କରିଥାନ୍ତି। ତୁ କ'ଣ ଜାଣିନୁ ?

ଆରେ ବାପା କ'ଣ ତୋତେ ଫୋନରେ କହିବି ? ତୋ ବାପା ପ୍ରାୟ ଏକ ପ୍ରକାର ଠିକ୍ ଠାକ୍ ଥିଲେ। ଚିଡ଼ା ଲୋକ, ମୁଁ ତାଙ୍କ ସହ ବେଶୀ କିଛି ଲାଗେ ନାହିଁ । ମୋର ଯେତେବେଳେ ଯାହା

ଦରକାର ହୁଏ ମୁଁ ନିଜେ ଯାଇ ନେଇଆସେ। ବେଳେବେଳେ କାମବାଲୀ ବା ଡ୍ରାଇଭର ହାତରେ ମଗାଇ ଦିଏ। ସେ ମୋତେ ପୂର୍ଣ୍ଣ ସ୍ୱାଧୀନତା ଦେଇଥାନ୍ତି କେବେବେଳେ ପଚାରନ୍ତି ନାହିଁ କି ଏତେ ପଇସା କାହିଁକି ଖର୍ଚ୍ଚ କଲୁ ଏଇଟା କାହିଁ କିଣିଲୁ ସେଇଟା କାହିଁ ଆଣିଲୁ। ସେ ସବୁରେ କୌଣସି ଅସୁବିଧା ନାହିଁ। ସନ୍ଧ୍ୟାବେଳେ ଚା' ପିଇଲା ବେଳେ ବାଲ୍‌କୋନୀରେ ବସି ମୋ ସହ ଅନେକ କଥା ଆଲୋଚନା କରନ୍ତି। ଏପରି କି ତୁମ ମାନଙ୍କ ପିଲାବେଳର କଥା, ସାଂସାରିକ ଜଞ୍ଜାଳ, ଅଭାବ ଅନାଟନ, ଅଳି ଅର୍ଦ୍ଦୋଳି ବନ୍ଧୁ ବାନ୍ଧବ ଇତ୍ୟାଦି ଇତ୍ୟାଦି।

ଏବେ କ'ଣ ହେଲା ଆମ କଲୋନୀରେ ସୁକାନ୍ତ ମଉସା ଓ ସରିତା ମାଉସୀଙ୍କର ତାଙ୍କ ବାଥ୍‌ରୁମ୍‌ରେ ପଡ଼ି ମୃତ୍ୟୁ ହୋଇ ଗଲା। ତା ପୂର୍ବରୁ ଆମ ଗାଁର ମଦନ କାକାଙ୍କର ମଧ୍ୟ ମୃତ୍ୟୁ ହୋଇ ଯାଇଥିଲା ଅମାବାସ୍ୟା ତିଥିରେ। ମୋର ଯାହା ମନେ ହେଲା ଏହି ଦୁଇଟି ମୃତ୍ୟୁ ଖବର ଅଳ୍ପ ଦିନ ବ୍ୟବଧାନରେ ପାଇବା ପରେ ସେ ଟିକିଏ ଭାଙ୍ଗି ପଡ଼ିଛନ୍ତି। ଏବେ ମୋତେ ଲାଗୁଛି ଯେପରି ସଂସାର ପ୍ରତି ତାଙ୍କର ଗୋଟେ ବୈରାଗ୍ୟ ଭାବ ଆସି ଯାଇଛି। କ'ଣ କରିବି ମୁଁ କିଛି ବିଝି ପାରୁ ନାହିଁ। ବିଭିନ୍ନ ଲୋକ ବିଭିନ୍ନ କଥା କହୁଛନ୍ତି। କିଏ କହୁଛି ସାଇକିଆଟ୍ରିଷ୍ଟଙ୍କୁ ଦେଖାନ୍ତୁ କାଉନ୍‌ସେଲିଂ ଦରକାର। କିଏ କହୁଛନ୍ତି ତାଙ୍କୁ ସାଧୁ ମାନଙ୍କର ବା ସଦ୍‌ଗୁରୁଙ୍କ ଆଧ୍ୟାତ୍ମିକ ସମାବେଶକୁ ନେଇ ଯାଆନ୍ତୁ। ପ୍ରବଚନ ଶ୍ରବଣ କରି ସେ ଠିକ୍ ହୋଇଯିବେ। କ'ଣ କରିବି ମୁଁ କିଛି ଜାଣି ପାରୁ ନାହିଁ।

ସରୋଜ କହିଲା ମା' ବ୍ୟସ୍ତ ହୁଅ ନାହିଁ ଆସନ୍ତା ଉଇକ୍ ଏଣ୍ଡ ଅଥବା ଶୁକ୍ରବାର ସନ୍ଧ୍ୟାରେ ମୁଁ ଘରେ ପହଞ୍ଚିବି। ମୁଁ ଗଲା ପରେ ଆମେ ବିଚାର ବିମର୍ଷ କରି ଯାହା କରିବା କଥା କରିବା। ସରୋଜ ଶୁକ୍ରବାର ରାତି ନଅଟାରେ ଘରେ ପହଞ୍ଚି ଦେଖିଲା ବାପା ତାଙ୍କ ଷ୍ଟଡ଼ି ଟେବୁଲରେ ବସି ଜର୍ମାନ ଦାର୍ଶନିକ ଏଡମଣ୍ଡ ହୁସରେଲଙ୍କ୍ ଫେନୋମେନୋଲଜି ଥିଓରୀ ପଢୁଛନ୍ତି। ହାଇଡେଗର, ନିତସେ, ସାର୍ତ୍ରଙ୍କ ବହି ତାଙ୍କ ଟେବୁଲ ଉପରେ ରଖା ହୋଇଛି। ଅନ୍ୟ ଲେଖକଙ୍କର ବହି ମଧ୍ୟ ଟେବୁଲ ଉପରେ ରଖା ହୋଇଛି। ସରୋଜ ଆସି ଆଗ ବାପାଙ୍କୁ ପାଦ ସ୍ପର୍ଶ କରି ପ୍ରଣାମ କଲାବେଳେ ସରୋଜକୁ ଉଠାଇ ଆଣି କୁଣ୍ଢାଇ ପକାଇ ତା କପାଳରେ ଚୁମ୍ବନ ଦେଲେ। ମୁଣ୍ଡକୁ ଆଉଁଷି ପକାଇ କହିଲେ ତୁ କେମିତି ଏ ଅସମୟରେ ? କିଛି ଖବର ନଦେଇ ଆସିଗଲୁ। ସରୋଜ ସ୍ମିତ ହାସ୍ୟ ରେଖାଟିଏ ମୁଖମଣ୍ଡଳରେ ଖେଳାଇ ଦେଇ କହିଲା, ମୋର ଇଚ୍ଛା ହେଲା ତୁମ୍ଭମାନଙ୍କୁ ଦେଖିବା ପାଇଁ ସେଥି ସକାଶେ ସରପ୍ରାଇଜ ଦେବାକୁ ଖବର ନଦେଇ ଚାଲି ଆସିଲି।

ଯାହା ହେଉ ତୁମ ଦୁଇ ଜଣଙ୍କୁ ମୁଁ କୁଶଳରେ ଥିବାର ଦେଖି ବହୁତ ଖୁସି ହେଲି। ବାପା ମୋର ଏବେ ଅଫିସରେ ଏତେ କାମ ପଡୁଛି ଯେ ମୁଁ ଘରକୁ ଫେରୁ ଫେରୁ ରାତି ନଅଟାରୁ ଉର୍ଦ୍ଧ୍ୱ ହୋଇ ଯାଉଛି। ମୋର ଏତେ ସମୟ ଅଫିସରେ କଟାଇବା ଦେଖି ତୁମ ବୋହୂ ମୋ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରୁଛି। ମୁଁ ତାକୁ ବେଳେବେଳେ ଦାର୍ଶନିକ ଜାହଁ ପଲ ସାର୍ତ୍ରଙ୍କ ସ୍ଥିତିବାଦ ଦର୍ଶନ କଥା ବୁଝାଏ। ତାକୁ ମୁଁ ବୁଝାଇ ଦିଏ ଦେଖ ! ଏ ସଂସାରରେ ଆମ ସ୍ଥିତିକୁ ଆଗ ସୁରକ୍ଷିତ ରଖିବାକୁ ହେବ। ତା ପରେ ଯାଇ ଆସିବ ଆମେ ସମାଜକୁ କେତେ ଉପଯୋଗୀ ହେଉଛୁ। ସମାଜ ଗଠନରେ ଆମ ଅବଦାନ କେତେ ? ସମ୍ପୂର୍ଣ୍ଣ ସ୍ୱାଧୀନତା ସହ ସକାରାତ୍ମକ ମନୋଭାବ ରଖି ଆମକୁ କର୍ମ ପଥରେ ଆଗେଇ ଯିବାକୁ ହେବ। ସ୍ୱାଧୀନତା ସହ ନିଜ କର୍ମ ପଥରେ ଅଗ୍ରସର ହେଲେ ନିଜ ଚେତନା ସ୍ତରରେ ମଧ୍ୟ ଉତ୍ତରଣ ହେବ। ଏହିଭଳି ମୁଁ ତାକୁ ବହୁତ ସମୟରେ ବୁଝାଇବା ପରେ ସେ ଗ୍ରହଣ କରି ନେଇଛି ଯେ କର୍ମକୁ ହିଁ ମଣିଷ ପ୍ରାଧାନ୍ୟ ଦେବା ଉଚିତ।

ଶ୍ରୀକାନ୍ତ ବାବୁ ଆବେଗ ସହ ତଲ୍ଲିନ ହୋଇ ସରୋଜକୁ ଶୁଣୁ ଥାନ୍ତି ଏବଂ କହିଲେ ଆରେ ବାଃ ତୁ ତ ସାର୍ତ୍ରଙ୍କ ଦର୍ଶନକୁ ଭଲ ଭାବେ ବୁଝି ପାରିଛୁ । ମୋତେ ବି ତୁ ଅନେକ ଜିନିଷ ସ୍ମରଣ କରାଇ ଦେଲୁ। ସରୋଜ କହିଲା ହଁ ବାପା ! ଆପଣ ମୋ ଷୋଡ଼ଶ ତମ ଜନ୍ମ ଦିବସରେ ସାର୍ତ୍ରଙ୍କ "ବିଇଙ୍ଗ ଆଣ୍ଡ ନଥିଙ୍ଗ ନେସ'' ପୁସ୍ତକଟି ମୋତେ ଉପହାର ଦେଇଥିଲେ। ମୁଁ ମୋ ଅବସର ସମୟରେ ସେ ବହିଟିକୁ ପଢ଼େ। ମୁଁ ଭାବେ ଏତେ ଚମତ୍କାର ଭାବେ ଜୀବନ ଦର୍ଶନକୁ ସେ ବହିରେ ବିଶ୍ଳେଷଣ କରିଛନ୍ତି ଯେ ସାଧାରଣ ଚେତନା ଓ ମୂଲ୍ୟବୋଧ ଥିବା ବ୍ୟକ୍ତି ବିଶେଷ ପ୍ରଭୂତ ଭାବେ ପ୍ରଭାବିତ ହେବ।

ହଁ ତୁ ଠିକ୍ ବୁଝିଛୁ ! ମଣିଷ ଜୀବନରେ ସବୁକିଛି ପୂର୍ବ ନିର୍ଦ୍ଧାରିତ ବିଧି ନିର୍ଦ୍ଦିଷ୍ଟ। ସବୁ ପ୍ରକାର ଅବସ୍ଥା ସହ ଖାପ ଖୁଆଇ ଚଳିବା ସକାରାତ୍ମକ ମନୋଭାବ ପୋଷଣ କରିବା, ନିଜ ସଂକୀର୍ଣ୍ଣ ମନୋଭାବରୁ ଉର୍ଦ୍ଧ୍ୱକୁ ଯାଇ ନିଜ ଚେତନା ସ୍ତରରେ ଉତ୍ତରଣ ଘଟାଇ ଉଦାରତା ଓ ସହନଶୀଳତା ପ୍ରଦର୍ଶନ କରିବା ହିଁ ପ୍ରକୃତ ମଣିଷ ପଣିଆ।

ଆରେ ତୁମେ କୁଆଡ଼େ ଗଲ ଶ୍ରୀଲତା ! ଖାଇବାକୁ ବାଢ଼ ସରୋଜକୁ ଭୋକ ଲାଗିବଣି। ମୋତେ ମଧ୍ୟ ପ୍ରବଳ ଭୋକ ହେଲାଣି। ଆସ ଆଜି ବହୁଦିନ ପରେ ଏକାଠି ବସି ଖାଇବା। ସବୁ ଝଡ଼ ଝଞ୍ଜା ଦୁଃଖ ଦୈନ୍ୟ ବିଷାଦ ନୈରାଶ୍ୟର ଆଡୁଆଳରେ ଯେ ଅସୀମ ଆନନ୍ଦ ଅପ୍ରମିତ ପରିପୂର୍ଣ୍ଣତା ଓ ଏକ ରଙ୍ଗୀନ ଉପଭୋଗ୍ୟ ଜୀବନ ଲୁଚି ରହିଛି, ସକାରାତ୍ମକ ମନୋଭାବ ନେଇ ଆମକୁ ଧୈର୍ଯ୍ୟର ସହ ଆବିଷ୍କାର କରିବାକୁ ହେବ। ଶ୍ରୀଲତା ଦେବୀ ଆନନ୍ଦରେ ଗଦ୍ ଗଦ୍ ହୋଇ ସ୍ୱାମୀଙ୍କୁ ଚାହିଁ ରହିଛନ୍ତି । ଅଜାଣତରେ ଦୁଇ ବୁନ୍ଦା ଅଶ୍ରୁ ଚିବୁକକୁ ନିଗିଡ଼ି ଆସିଛି।

***କପିଳ ପ୍ରସାଦ, ଭୁବନେଶ୍ୱର***
***ଦୂରଭାଷ: ୭୩୮୧୦୭୩୧୩୬***



# କୁନି ମାତାଜୀ

## ସୁଜାତା ମହାପାତ୍ର

ଦୁଇ ତିନିମାସ ଅନ୍ତରରେ କୁନି ମାତାଜୀ ନିଶ୍ଚୟ ଆମ ଘରକୁ ଆସନ୍ତି ଆଉ ପନ୍ଦରଦିନ ଖଣ୍ଡେ ନିଶ୍ଚୟ ରହନ୍ତି । କୁନି ମାତାଜୀ ଘରେ ପହଞ୍ଚିଗଲେ ବୋଉ ବେକରେ ଲୁଗା ଗୁଡ଼େଇ ହୋଇ ତାଙ୍କୁ ସାଷ୍ଟାଙ୍ଗ ପ୍ରଣାମ କରେ, ଆଉ ସିଏ କାନ୍ଧରେ ଝୁଲାଇଥିବା ବିରାଟ ଥଳିଟିକୁ ନେଇ ଠାକୁରଘର ପାଖରେ ରଖେ, ଛତାଟିକୁ ନେଇ କାନ୍ଥରେ ଡେରେ । ଆଉ ଢାଳରେ ଢାଳେପାଣି ନେଇ ତାଙ୍କର ପାଦ ଧୋଇଦେଇ ଲୁଗାକାନିରେ ପୋଛି ପକାଏ । କୁନିମାତାଜୀ ଆଶୀର୍ବାଦ ମୁଦ୍ରାରେ ଆୟୁଷ୍ମତୀ ହୋଇଥା କହି ମୁଣ୍ଡରେ ହାତ ବୁଲେଇଦେଇ ଘରଭିତରକୁ ବିଜେ କରନ୍ତି । ଆଉ ଆମ ସମସ୍ତଙ୍କ ନାଁଧରି ଡାକ ପକାନ୍ତି ଆରେ ! ପିଲାମାନେ ସବୁ କୁଆଡ଼େ ଗଲରେ । ଆମ ସମସ୍ତେ ଜଣ ଜଣ ହୋଇ ଯାଇ ମାତାଜୀଙ୍କର ପାଦଛୁଇଁ ଆଶୀର୍ବାଦ ନେଉ । ସେମିତି ନକଲେ ପରେ ବୋଉ ଆମର ନିଶ୍ଚୟ ଗାଳିକରିବ ବୋଲି ମନରେ ଭୟଟିଏ ସବୁବେଳେ ଥାଏ ।

ଘରକୁ କୁନିମାତା ଆସିଲେ ବୋଉର କାମ ଆହୁରି ବଢ଼ିଯାଏ । ଆମ ଛଅଟା ଛୁଆଙ୍କ ଜଞ୍ଜାଳ ସାଙ୍ଗକୁ ଇଏ ଆଉ ଗୋଟିଏ ଅଧିକ ଜଞ୍ଜାଳର ଭାର ତା ଉପରେ ପଡ଼େ । ତଥାପି ବୋଉ କେବେ ବିରକ୍ତ ହୁଏନାହିଁ । ଓଲଟି କହେ ଆରେ ! ଅଶେଷ ପୁଣ୍ୟଫଳ ଥିଲେ ଘରକୁ ସାଧୁ ସନ୍ୟାସୀ ଆସନ୍ତି । ନହେଲେ ଦେଖୁନ, ତୁମ ଗାଁରେ ଏତେ ଘର ଥାଉ ଥାଉ କୁନିମାତା କ'ଣ ଆଉ କୋଉଠିକି ଯାଆନ୍ତି ? ଆମର ସୌଭାଗ୍ୟ ଯେ ସିଏ ମାସେ ପନ୍ଦର ଦିନ ଆସି ଆମ ସହିତ ରହୁଛନ୍ତି । ତା ଛଡ଼ା ଗୁରୁଭାଇଙ୍କ ଘରକୁ ଯିବେନି ତ ଆଉ କୁଆଡ଼େ ଯିବେ ? ଆମେ ବୋଉ କଥାରୁ ଏତିକୁ ବୁଝି ଯେ କୁନିମାତା ଆମର ଗୁରୁଭଉଣୀ । ତାଙ୍କର ଗୁରୁଯିଏ, ମୋ ଜେଜେ ଜେଜେମା'ଙ୍କ ଗୁରୁ ମଧ୍ୟ ସିଏ ଥିଲେ ବୋଲି ଆମେ ବୋଉ ପାଖରୁ ଶୁଣିଥାଉ । ଗୁରୁ କ'ଣ ସେକଥା ଆମ ମୁଣ୍ଡରେ ପଶିବା ପରି ବୟସ ଆମର ହୋଇନଥିଲା । କିନ୍ତୁ ବୋଉର କଥା ଆମ ପାଇଁ ବେଦର ଗାର ଥିଲା । କିଏ ଏତେ କଥାରେ ପଶିବ ସେଇ ନ୍ୟାୟରେ ଆମେ ତାଙ୍କ ବିଷୟରେ ଏତେ ମୁଣ୍ଡ ଖେଳାଉନା ।

କୁନିମାତାଙ୍କର ଭଲନାମ ଥିଲା କୁମୁଦିନୀ ମାତା । ମାତ୍ର ଏତେବଡ଼ ନାଁଟା କିଏ ମନେ ରଖିବ ତେଣୁ ଆମେ ତାଙ୍କୁ କୁମୁଦିନି ବଦଳରେ କୁନିମାତା ବୋଲି ଡାକୁ । କୁନିମାତା ଦେଖିବାକୁ ଗୋଟେ ଅଦ୍ଭୁତ ପ୍ରକାରର । ଉଚ୍ଚତା ଅତିବେଶରରେ ସାଢ଼େ ଚାରିଫୁଟ ଖଣ୍ଡେ ହେବ । ଦେହର ରଙ୍ଗ ତ୍ରୀପଣ୍ଡ କଳା, ମୁହଁର ଗଢ଼ଣ ଅତି ମନ୍ଦ ନୁହେଁ କି ଭଲ ନୁହେଁ । ବୟସ୍କ ସ୍ତ୍ରୀଲୋକମାନଙ୍କ ପରି ତାଙ୍କର ଚେହେରା । ମତ୍ର ବୟସ ଅତି ବେଶୀରେ ଚାଳିଶି ପଇଁଚାଳିଶି ଖଣ୍ଡେ ହେବ ବୋଲି ମୋର ଧାରଣା । ମୁଣ୍ଡର ବାଳ ଖୁବ୍ ଲମ୍ବା ତାଙ୍କ ଉଚ୍ଚତା ଠାରୁ ମଧ୍ୟ ବେଶୀ । ସେଥିପାଇଁ ମୁଣ୍ଡରେ ଗୋଟାଏ ବଡ଼ ଖୋସା କରିଥାନ୍ତି ସିଏ । କପାଳରେ ତୀଳକର ରାମାନନ୍ଦୀ ଚିତା । ସେ ଚିତା ନାକର ମଝି ପର୍ଯ୍ୟନ୍ତ ଲମ୍ବିଥାଏ । ସଦାବେଳେ ପାନ ଖାଉଥିବାରୁ ଓଠ ଦୁଇଟି କସରା ରଙ୍ଗର । ବେକରେ ପକାଇଥାଆନ୍ତି ତୁଳସୀର ମାଳ ସାଙ୍ଗକୁ ଛୋଟ ରୁଦ୍ରାକ୍ଷର ମାଳ । ହାତର କଚଟିରେ ମଧ୍ୟ ଦୁଇଟି ରୁଦ୍ରାକ୍ଷର ବଳା ଚୂଡ଼ିପରି ପିନ୍ଧିଥାନ୍ତି । ଦେହରେ ଗେରୁଆ ରଙ୍ଗର ଶାଢ଼ୀ ସାଙ୍ଗକୁ ଗେରୁଆ ସାୟା ଓ ଗେରୁଆ ରଙ୍ଗର ବ୍ଲାଉଜ୍ ପିନ୍ଧିଥାନ୍ତି । କମ୍ ଉଚ୍ଚତା ଯୋଗୁ ଦିଶନ୍ତି ବାମନଙ୍କ ପରି । ହାତ ଗୋଡ଼ ଚାରୋଟି ଛୋଟ ଆଉ ଟିକେ ବଙ୍କା । କାନ୍ଧରେ ଓହଳା ହୋଇଥାଏ ଗୋଟାଏ ବଡ଼ଥଳି ସାଙ୍ଗକୁ ବେତ ବେଷ୍ଟର ଛତାଟିଏ । ଏତେ ଏତେ ବାଟ ଚାଲି ଚାଲି ସିଏ ଯାଆନ୍ତି, ମାତ୍ର ପାଦରେ ଚପଲ ପିନ୍ଧନ୍ତି ନାହିଁ ଖାଲି ପାଦରେ ସବୁବେଳେ ସିଏ ଥାଆନ୍ତି । ମୁହଁଟି ସବୁବେଳେ ହସ ହସ ସେଇ ହସଟି ହିଁ ତାଙ୍କ ଚେହେରାର ସବୁଠାରୁ ଆକର୍ଷଣୀୟ ଜିନିଷ ।

କାନ୍ଧରେ ପକାଇଥିବା ଥଳିଟି ଗୋଟେ ଭୋଜବିଦ୍ୟାର ବାକ୍ସପରି । ତାରି ଭିତରେ ଦୁନିଆ ଯାକର ଜିନିଷ । ଶାଢ଼ୀ ବ୍ଲାଉଜ୍ ଦୁଇଖଣ୍ଡ ଠାରୁ ମାଳି, ଅଇନା, ପାନିଆ, ତାଙ୍କ ଗୁରୁଙ୍କ ଫଟୋ କିଛି ଛୋଟ ଛୋଟ ଚଟି ବହି ସହିତ ନିତ୍ୟ ବ୍ୟବହାର୍ଯ୍ୟର ପ୍ରତ୍ୟେକ ଜିନିଷ ସେଇ ଥଳିଟି ଭିତରେ ଥାଏ । ସେ ଥଳିଟି ମଧ୍ୟ ଗେରୁଆ ରଙ୍ଗର । ଇତିହାସ ବହିରେ ଦେଖିଥିବା ଚିନ୍ ପରିବ୍ରାଜକ ହୁଏନ୍‌ସାଂଙ୍କ ଚିତ୍ର ପରି ସିଏ ଦିଶନ୍ତି । ଗେରୁଆରଙ୍ଗ ଯେ ସଂହତିର ପ୍ରତୀକ ଠିକ୍ ସେଇଭଳି ବ୍ୟବହାର ମଧ୍ୟ ତାଙ୍କର । ଆମ ଘରକୁ ଆସିଲେ ଠିକ୍ ନିଜଘର ପରି ସିଏ ତାଙ୍କ ନିଜକର୍ମରେ ଲାଗିଯାଆନ୍ତି । ପୋଖରୀ ତୁଠକୁ ଯାଇ ଲୁଗାପଟା ଧୂଆଧୋଇ କରି ଗାଧୋଇ ଆସନ୍ତି ସିଏ । ଗାଧୋଇ ସାରିବା ପରେ ମୁଣ୍ଡଟିକୁ ଚିକ୍କଣ କରି କୁଣ୍ଡେଇ ଚିତା ଲଗାନ୍ତି । ତାପରେ ହାତଗୋଡ଼ ଧୋଇ ଖାଇବା ପାଇଁ ବସନ୍ତି । ମାତା ଖାଇଲା ବୋଲେ ବୋଉର ଶକ୍ତ ଆଦେଶ କେହି ପାଟିତୁଣ୍ଡ କରିବ ନାହିଁ, ମାତା ଖାଇ ବସିଛନ୍ତି । ଯାହା ଖାଇବାକୁ ଦେଲେ ସିଏ ଖୁସି ଖୁସି ମନରେ ଖାଆନ୍ତି । ପଖାଳ ହେଉ କି ଗରମ ହେଉ କିଛିର ବାଛବିଚାର ନଥାଏ ତାଙ୍କର । ଖାଇ ସାରିବାପରେ ମାତା ଠାକୁର ଘରକୁ ଲାଗିଥିବା ଛୋଟ ଘରଟିରେ ଖଟିଆ ଖଣ୍ଡେ ପକେଇ ନିଘୋଡ଼ ନିଦରେ ଶୋଇପଡ଼ନ୍ତି । ତାଙ୍କର ମୃଦୁ ଘୁଙ୍ଗୁଡ଼ି ଶବ୍ଦ ଖରାବେଳ ସାରା ଘରଟା ଭିତରେ ଗୁଞ୍ଜରୁଥାଏ ।

ଠିକ୍ ଚାରିଟା ବେଳକୁ ସିଏ ଉଠିପଡ଼ନ୍ତି । ତାଙ୍କ ବଟୁଆରୁ ପାନ ଭାଙ୍ଗି ଖାଆନ୍ତି । ବୋଉ ହାତକୁ ମଧ୍ୟ ପାନଖଣ୍ଡେ ବଢ଼େଇ ଦିଅନ୍ତି । ଏଥର ତାଙ୍କର ଚା' ପିଇବାର ବେଳ । ଗୋଟେ କଂସାଗ୍ଲାସ୍‌ରେ ଗ୍ଲାସେ ଚା' ଆଉ ତା ସହିତ ମୁଢ଼ି କି ଉଖୁଡ଼ା ଗିନାଏ ଖାଇ ସୁଡୁସୁଡୁ ଶବ୍ଦ କରି ଚା' ପିଅନ୍ତି । ଏଥର ସିଏ ଗାଁ ଆଡ଼କୁ ଟିକିଏ ବୁଲି ବାହାରନ୍ତି । ଆମର ଛୋଟିଆ ଗାଁଟିଏ । ଗାଁ ଭିତରେ ଆଠଦଶଘର ସମସ୍ତଙ୍କର ପୂର୍ବପୁରୁଷ କୁଆଡ଼େ ଜଣେ ଥିଲେ । ପିଢ଼ି ପର ପିଢ଼ି ଜଣଙ୍କର ପରିବାର ବଢ଼ି ବଢ଼ି ଏବେ ଛୋଟ ଗାଁଟିରେ ପରିଣତ ହୋଇଛି । ତେଣୁ ମାତା ସମସ୍ତଙ୍କ ଘରେ ଯାଇ ବୁଲି ଆସନ୍ତି । ମାତା ଆସିଛନ୍ତି ବୋଲି ସମସ୍ତେ ଖୁସି ହୁଅନ୍ତି । ମୁଣ୍ଡିଆମାରି ତାଙ୍କର ଆଶୀର୍ବାଦ ନିଅନ୍ତି । ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ କୁନିମାତାଜୀ ଗାଁର ସମସ୍ତଙ୍କ ନାଁ ଜାଣନ୍ତି ମନେରଖିଥାନ୍ତି ମଧ୍ୟ । କାହାର କେତେଟା ପୁଅ କେତେଟା ଝିଅ କେତେ ନାତିନାତୁଣୀ ସବୁ ତାଙ୍କ ଜିଭ ଆଗରେ । ସମସ୍ତଙ୍କୁ ସିଏ ଖୋଜି ଲୋଡ଼ି

ପକାନ୍ତି। ସେଥିପାଇଁ ତାଙ୍କୁ ସମସ୍ତେ ଭଲପାଆନ୍ତି। କିନ୍ତୁ ମାତା ଆମଘର ଛଡ଼ା କୋଉଠି ପାନଖଣ୍ଡେ ମଧ ଖାଆନ୍ତି ନାହିଁ। ସନ୍ଧ୍ୟା ନହେଉଣୁ ଘରକୁ ଫେରିଆସି ପୁଣି ଗାଧୋଇ ପଡ଼ନ୍ତି। ଲୁଗାପଟା ଶୁଖେଇଦେଇ ଠାକୁରଙ୍କ ପାଖରେ ସନ୍ଧ୍ୟା ଦେବା ସହିତ ଭଜନ କୀର୍ତ୍ତନ କରନ୍ତି। ତାଙ୍କ ଗୁରୁଙ୍କର ଲିଖିତ ଖୁବ୍ ସୁନ୍ଦର ସୁନ୍ଦର ଭଜନ, ଜଣାଣ ଗାଆନ୍ତି କୁନିମାତା। ଆମେ ସବୁ ଭାଇଭଉଣୀ ଆଉ ସନ୍ଧ୍ୟାରେ ପାଠପଢ଼ିବୁ କ'ଣ ଯାଇ ଠାକୁରଘର ଦୁଆର ମୁହଁରେ ବସି ମାତାଙ୍କ ଭଜନ ଶୁଣୁ। ବେଳେବେଳେ ତାଙ୍କ ସହିତ ଆମେ ମଧ ଭଜନ ଗାଉ। ବୋଉ ଗାଁର କିଛି ବୁଢ଼ା ବୁଢ଼ୀ ସମସ୍ତେ ବସି ଆମ ସହିତ ତାଙ୍କ ଭଜନ ଶୁଣନ୍ତି। ଭାରି ସୁଲଳିତ କଣ୍ଠ ତାଙ୍କର। କେତେବେଳେ ସନ୍ଧ୍ୟା ଗଡ଼ି ରାତି ସାତଟା ଆଠଟା ହୋଇଯାଏ ଜଣାପଡ଼େନି।

ବୋଉ ସେତେବେଳକୁ ରୋଷେଇବାସ କରି ସାରିଥାଏ। କୁନିମାତା ରାତିରେ ମଧ ଭାତ ଖାଆନ୍ତି। ଯାହା ରୋଷେଇ ହୋଇଥାଏ ତୃପ୍ତିର ସହ ଖାଆନ୍ତି। ମୋ ବୋଉର ହାତରନ୍ଧା ଖାଇ, ବୋଉକୁ ପ୍ରଶଂସାରେ ପୋତି ପକାନ୍ତି। ପ୍ରଥମେ ମାତା ଖାଇସାରିବା ପରେ ଯାଇ ଆମେ ସବୁ ଖାଉ। ଆଉ ସବା ଶେଷରେ ବୋଉ ଖାଏ। ବୋଉ ଖାଇପିଇ ରୋଷେଇଘର କାମ ସାରି ଆସିଲା ବେଳକୁ ମାତାଙ୍କର ମୃଦୁ ଘୁଙ୍ଗୁଡ଼ି ଶବ୍ଦ ଶୁଭୁଥାଏ।

ଭୋର୍ ଚାରିଟା ବେଳକୁ ମାତା ନିଦରୁ ଉଠିପଡ଼ନ୍ତି। ଠାକୁରଙ୍କ ପାଇଁ ପ୍ରଥମେ ଫୁଲ ତୋଳନ୍ତି। ଆମ ବାଡ଼ିରେ ସେତେବେଳକୁ ନାନାଜାତିର ଫୁଲ। ପ୍ରାୟ ଗୋଟାଏ ବେତାରେ ବେତାଏ ଫୁଲ ତୋଳି ନିଜ ନିତ୍ୟକର୍ମ ସାରି ପୋଖରୀକୁ ଗାଧୋଇବାକୁ ଯାଆନ୍ତି। ପୋଖରୀରେ ଚିତିପହଁରା ମୁଦ୍ରାରେ ତାଙ୍କର ଗାଧୁଆ ଆରମ୍ଭ ହୁଏ। ତାଙ୍କର ସେ ମୁଦ୍ରା ଦେଖି ଆମେ ଆଶ୍ଚର୍ଯ୍ୟ ହୋଇଯାଉ। ଚିତ୍‌ହୋଇ ପାଣି ଉପରେ ଘଣ୍ଟା ଘଣ୍ଟା ଧରି ଭାସିବା କୌଣସି ଯୋଗାସନ ଠାରୁ ମଧ କମ୍ ନୁହେଁ। ଆମେ ସବୁ ନିଦରୁ ଉଠିଲା ବେଳକୁ ମାତା ଆମ ପୋଖରୀରେ ଭାସମାନ ଅବସ୍ଥାରେ ଥାଆନ୍ତି। ସୂର୍ଯ୍ୟ ସେତେବେଳକୁ ଉଇଁଆସି ପୋଖରୀ ହୁଡ଼ାରେ ସବୁଜ କଦଳୀ ପତ୍ର ଉପରେ ନାରଙ୍ଗୀ ରଙ୍ଗ ବିଛାଇ ଦେଇଥାନ୍ତି। ପୋଖରୀ ପାଣରେ ସୂର୍ଯ୍ୟକୀରଣ ପଡ଼ିଲାପରେ ହିଁ ମାତା ପୋଖରୀ ଯାଇ ସ୍ନାନ କରନ୍ତି। ମୁହଁରେ ଅନେକ ସ୍ତୋତ୍ର ମନ୍ତ୍ର ସହିତ ତାପରେ ଘରମୁହାଁ ହୁଅନ୍ତି ସିଏ। ସକାଳର ପବିତ୍ର ପ୍ରହରରେ ଗେରୁଆବସ୍ତ୍ର ଧାରିଣୀ ମାତାଙ୍କୁ ଦେଖିଲେ ସ୍ୱତଃ ଭକ୍ତିଭାବ ଉଦ୍ରେକ ହୁଏ। ସେତେବେଳେ ମାତା ଦିଶୁଥାନ୍ତି ଖୁବ୍ ପବିତ୍ର, ତପଶ୍ଚାରିଣୀଟିଏ ପରି ତୁଳସୀ ପୂଜା ସହିତ କଣ୍ଠରେ ତାଙ୍କର ଥାଏ ଅନେକ ଭଜନ ଆଉ ଜଣାଣ। ସେଇ ଫୁଲ ପାଛିଆରୁ ବାଛି ବାଛି ସୁନ୍ଦର ସୁନ୍ଦର ଫୁଲମାଳ ଗୁନ୍ଥନ୍ତି ମାତା। ତାପରେ ଆରମ୍ଭ ହୁଏ ତାଙ୍କର ଠାକୁର ପୂଜା। ଏତେ ନିବିଷ୍ଟ ଭାବରେ ସିଏ ପୂଜା କରନ୍ତି ଯେ ଲାଗେ ସତେ ଯେମିତି ସିଏ ଏ ଜଗତରେ ନାହାନ୍ତି ଅନ୍ୟ କେଉଁ ଜଗତ ସହିତ ନିବିଷ୍ଟ ଚିତ୍ତରେ ଏକାକାର ହୋଇଯାଇଛନ୍ତି। ସେସବୁ ଦିନ ଗୁଡ଼ିକରେ ଆମ ଘରର ପରିବେଶ ପୁରାପୁରୀ ବଦଳିଯାଏ। ବିଶୃଙ୍ଖଳିତ ଆମେ ପିଲାସବୁ ସେତେବେଳେ ଖୁବ୍ ଶୃଙ୍ଖଳିତ ହୋଇଯାଉ ବୋଉର ଡରରେ। ବୋଉ ଆମ ସମସ୍ତଙ୍କୁ ତାଗିଦ୍ କରିଦିଏ ମାତା ବିରକ୍ତ ହେବେ, ତୁମେମାନେ ସୁନାପିଲା ପରି ମୁଁ ଯାହା କହିବି ସେୟା ମାନିବ। ବୋଉ କଥାକୁ ସେତେବେଳେ ଆମେ ଶିରୋଧାର୍ଯ୍ୟ କରିଥାଉ।

ବାପାଙ୍କର କଟକରେ ଚାକିରୀ, ସପ୍ତାହରେ ଶନିବାର ଦିନ ବାପା ଘରକୁ ଆସନ୍ତି ରବିବାରଟା ରହି ପୁଣି ସୋମବାର ସକାଳୁ କଟକ ଚାଲିଯାଆନ୍ତି। ବୋଉ ଉପରେ ଘରଟା ଯାକର ଦାୟିତ୍ୱ। ସେଥିରେ ମୋ ବୋଉ ସବୁ ଜିନିଷକୁ ସୁଚାରୁରୂପେ ତୁଲାଇଥାଏ। ସିଏ ଆମର ପାଠପଢ଼ା ହେଉ କି ବନ୍ଧୁବାନ୍ଧବ ଚର୍ଚ୍ଚା ହେଉ, କି ସାଧୁ ସନ୍ୟାସୀଙ୍କ ଖବର ହେଉ ବୋଉ ସବୁ ତୁଲାଏ। ବାପା ଆସିଲେ ମାତା ବାପାଙ୍କୁ ଦେଖି ଖୁବ୍ ଖୁସି ହୁଅନ୍ତି ଆଶୀର୍ବାଦ କରନ୍ତି। ବାପା ମଧ ମାତାଙ୍କ ପାଇଁ ଗୁଡ଼ାଖୁ, ପାନରେ ଖାଇବେ ବୋଲି ସୁବାସିତ ଗୁଣ୍ଡି ସାଲେପୁର ରସଗୋଲା, ତିଳକ, ନିର୍ମାଲ୍ୟ ଇତ୍ୟାଦି କଟକରୁ ନେଇକରି ଆସିଥାନ୍ତି। ଶୀତଦିନ ହୋଇଥିଲେ ନୂଆ ଚାଦର, ତୁଳସୀମାଳି ଏମିତି କେତେ କଣ। ମାତା ବହୁତ ଖୁସି ହୁଅନ୍ତି। ବାପାଙ୍କୁ କେବେ ନାଁ ଧରି ଡାକନ୍ତି ନାହିଁ। ବାପା ଘରେ ଥିବା ପର୍ଯ୍ୟନ୍ତ ଖାଲି ପୁଅରେ ପୁଅରେ ହେଉଥିବେ। ମାତାଙ୍କ ସହିତ ଆମ ପରିବାରର କେମିତି ଏକ ଅଦେଖା ବନ୍ଧନରେ ବାନ୍ଧି ହୋଇଥାଏ। କେବେ କେବେ ମାତା ଛଅ ଛଅ ମାସ ଧରି ଆସନ୍ତି ନାହିଁ। ବୋଉ କହେ ଆଉ କୋଉ ଗାଁକୁ ଯାଇଥିବେ ? ଆମପରି ଗୁରୁଭାଇଙ୍କ ଘରକୁ। ତେଣୁ କୁନି ମାତାଙ୍କର କିଛି ସ୍ଥାୟୀ ଠିକଣା ନଥାଏ। କେବଳ ବର୍ଷାଦିନ ଚାରିମାସ ସିଏ କୁଆଡ଼େ ଯାଆନ୍ତି ନାହିଁ ତାଙ୍କ ଗୁରୁଙ୍କ ମଠରେ ରୁହନ୍ତି। ଯାହା ପୁରୀ ପାଖରୁ ଅଶୀ କିଲୋମିଟର ଦୂରରେ ଅବସ୍ଥିତ।

ଆମେ ପିଲାଟିବେଳୁ ଦେଖି ଆସୁଥିବା କୁନିମାତା ଆସ୍ତେ ଆସ୍ତେ ବୟସ୍କ ହେଉଥିଲେ। ଶେଷଥର ତାଙ୍କ ସହିତ ଦେଖା ହୋଇଥିଲା, ମୁଁ ସେତେବେଳେ କଲେଜରେ ଆଡ୍‌ମିସନ୍ ନେଇ ସାରିଥିଲି। ଆମେ ସମସ୍ତେ ଗାଁରୁ କଟକ ସିଫ୍ଟ ହୋଇଯିବୁ ବୋଲି ବାପା କହୁଥାନ୍ତି। ମୋ ପାଇଁ ବାପା ବ୍ୟସ୍ତ। ଝିଅପିଲାଟା କୋଉଠି ହଷ୍ଟେଲରେ କାହିଁକି ରହିବ ସେଥିପାଇଁ ଆମେ ସମସ୍ତେ ଗାଁରୁ କଟକ ଚାଲିଯିବୁ। କଟକରେ ବାପାଙ୍କୁ ବଡ଼ ଅଫିସ କ୍ୱାର୍ଟର ମିଳିଥାଏ। ଆମେ ମଧ ସମସ୍ତେ କଟକ ଯାଇ କିଛିଦିନ ବାପାଙ୍କ ପାଖରେ ରହିକରି ଆସୁ। କେବଳ ଜେଜେମା ପାଇଁ ବୋଉ ଗାଁରେ ରହୁଥାଏ। ଜେଜେମା ନିଜ ଘର ଛାଡ଼ି କୁଆଡ଼େ ଯିବାକୁ ରାଜି ହୁଅନ୍ତି ନାହିଁ। ଯେହେତୁ ବାପା ଜେଜେମାଙ୍କର ଗୋଟିଏ ସନ୍ତାନ ସେଥିପାଇଁ ନିଜ ମା' ମନରେ ବାପା କଷ୍ଟ ଦିଅନ୍ତି ନାହିଁ। ଅବଶ୍ୟ ମୋର ମାଟ୍ରିକ୍ ପରୀକ୍ଷା ଆଉ ମାସଟିଏ ଥିଲା ଜେଜେମାଙ୍କର ଦେହାନ୍ତ ହେଲା। ମୁଣ୍ଡ ଉପରେ ମୋର ପରୀକ୍ଷା ସେଥିରେ ଜେଜେମାର ଦେହାନ୍ତ ପରେ ପରେ କେମିତି ଏକ ବିଷାଦ ଭରା ପରିବେଶ। ଅବଶ୍ୟ ସେଇ ପରିସ୍ଥିତିରେ ମଧ ମୋର ପରୀକ୍ଷା ଭଲ ହେଲା ଓ ମୁଁ ଭଲ ରେଜଲ୍ଟ ମଧ କଲି। ତାପରେ ଆମେ ସମସ୍ତେ କଟକ ଚାଲିଯିବାର ପ୍ରସ୍ତୁତି ଭିତରେ ଦିନେ କୁନିମାତା ଆସି ଘରେ ପହଞ୍ଚିଲେ।

ସେଥର ମାତା କିନ୍ତୁ ଖୁବ୍ ରୋଗୀଣା ଦିଶୁଥିଲେ। ତାଙ୍କ ମୁହଁର ସେ ଔଜଲ୍ୟ ପୁରାପୁରି ନଥିଲା କହିଲେ ଚଳେ। କହିବାକୁ ଗଲେ ଜେଜେମାଙ୍କର ଦେହାନ୍ତ ଖବର ଶୁଣି ସିଏ ସେଥରକ ଆସିଥିଲେ। ଆମେ ସମସ୍ତେ କଟକ ଚାଲିଯିବା ଖବର ଶୁଣି ଖୁବ୍ ଦୁଃଖି ହୋଇଗଲେ ସିଏ। ଆରେ ! ଏ ଘରର ଆଉ କ'ଣ ଅବସ୍ଥା ରହିବ ତମେ ମାନେ କଟକ ଚାଲିଗଲେ। ଏ ଘରବାଡ଼ି ବଗିଚାର ଦାୟିତ୍ୱ କିଏ ନେବ କାହା ଉପରେ ଛାଡ଼ିକରି ଯିବ ? ଏସବୁ ଉଜୁଡ଼ି ଯିବରେ ପୁଅ। ମାତାଙ୍କ କଥା ଶୁଣି ବାପା ହସିଥିଲେ କହିଲେ ମାତା ତୁମେ ତ ଜାଣିଛ ଖାଲି ବୋଉ ମନର ଦୁଃଖ ଦେବିନାହିଁ ବୋଲି ମୁଁ ପିଲାମାନଙ୍କୁ ଗାଁରେ ଛାଡ଼ିଥିଲି। ଏବେ ତ ଆଉ ବୋଉ ନାହିଁ ମୁଁ କଟକରେ ରହିଲେ ମଧ ମୋ ପିଲାମାନଙ୍କ ଦାୟିତ୍ୱ ମୋ ବୋଉ ଉପରେ ଥିଲା। ମାତ୍ର ଘରତ ଏବେ ମୂରବି ଶୂନ୍ୟ ହୋଇଗଲା। ଆଉ କାହା ଭରଷାରେ ମୋ ପିଲାଙ୍କୁ ମୁଁ ଏଠି ଛାଡ଼ିକରି ଯିବ କୁହ। ପିଲାମାନେ ଆସ୍ତେ ଆସ୍ତେ ବଡ଼ ହେଉଛନ୍ତି। ସେମାନଙ୍କର ଉଚ୍ଚଶିକ୍ଷା ପାଇଁ ମଧ ମୁଁ ଚିନ୍ତିତ। ତେଣୁ ସମସ୍ତେ ଆମେ କଟକ ଚାଲିଯିବୁ ବୋଲି ମନସ୍ଥ କରିଛୁ।

କୁନିମାତା କିଛି କହିଲେ ନାହିଁ ସିନା ମନେ ମନେ ଖୁବ୍ ଦୁଃଖୀ ହୋଇଗଲେ। ବୋଉ କହିଲା ମାତା ଆପଣ ଏଠିକୁ ଯେମିତି ଆସୁଥିଲେ ସେମିତି କଟକ ଯିବେ ଆପଣଙ୍କୁ ନିଶ୍ଚୟ ଭଲ ଲାଗିବ। କେତେ ବାଟ ଅବା, ହେଇ ହେଇ ବସ୍‌ଭଡ଼ା ଅଢ଼େଇଟଙ୍କା (ସତୁରୀ ଶତକରେ ଆମ ଗାଁ ଠାରୁ କଟକ ଯିବାପାଇଁ

ଅଢ଼େଇଟଙ୍କା ବସ୍‌ଭଡ଼ା ଥିଲା) । ସେଥରକ କୁନିମାତା ଆଠଦିନ ରହି ଆଶ୍ରମ ଚାଲିଗଲେ, ଆମେସବୁ କଟକ ଚାଲିଆସିଲୁ । ଆଉ କୁନିମାତାଙ୍କ ସହିତ ଦେଖା ହୋଇନାହିଁ । ତାଙ୍କର ସ୍ମୃତି ଆସ୍ତେ ଆସ୍ତେ ମନରୁ ଫିକା ହୋଇଯିବାକୁ ଲାଗିଥିଲା । ପାଠପଢ଼ାର ଚାପ ସହରର ଜୀବନ ଶୈଳୀ ଭିତରେ ଆଉ କୁନିମାତାଙ୍କ କଥା କେବେ ମନେ ପଡ଼ିନାହିଁ । ପାଠପଢ଼ା ସରିଲା ପରେ ମୋର ବିବାହ ପ୍ରସ୍ତାବ ସବୁ ବହୁଯାଗାରୁ ଆସୁଥିଲା । ମୋର କିନ୍ତୁ ଏକା ଜିଦ୍‌ଥିଲା ମୁଁ ବାହା ହେବିନାହିଁ ଚାକିରି କରିବି । ଯେତେବେଳେ ବୋଉ ମତେ ବିବାହ ପାଇଁ ବହୁତ ବାଧ୍ୟକଲା ସେତେବେଳେ ମୋର କୁନିମାତାଙ୍କ କଥା ମନେପଡ଼ିଲା । ମୁଁ ବୋଉକୁ ପଚାରିଦେଲି କୁନିମାତା ତ ବାହା ହୋଇନାହାଁନ୍ତି ? ବୋଉ କହିଲା ମାତା ପରା ସନ୍ୟାସିନୀ ହୋଇଯାଇଛନ୍ତି । ସନ୍ୟାସିନୀ ମାନଙ୍କୁ ବାହାହେବା ମନା । ସେମାନେ ପରା ଦୀକ୍ଷା ନେଇ ସଂସାର ତ୍ୟାଗ କରିଛନ୍ତି, ଆଉ ପୁଣି ସଂସାରରେ ପଶିବେ କାହିଁକି ? ମୁଁ ସବୁ ଜାଣିଲାପରି ବୋହୂକଥା ଶୁଣି ଚୁପ୍ ହେଇଗଲି । ଏମିତି କୌତୁହଳବଶତଃ କୁନିମାତାଙ୍କ କଥା ବୋଉକୁ ସିନା ପଚାରିଦେଲି, ମାତ୍ର ମୋ ମନରେ ସେତେବେଳକୁ କୁନିମାତାଙ୍କୁ ନେଇ ଆହୁରି ଅନେକ ପ୍ରଶ୍ନ । ତାଙ୍କ ବାପା, ମା କେମିତି ତାଙ୍କୁ ଘରୁ ଛାଡ଼ିଦେଲେ ? ସିଏତ ପୁଣି କାହାର ଝିଅ ହୋଇଥିବେ ? କାହିଁକି ତାଙ୍କୁ ସିଏ ବାହା ନ ଦେଲେ ? ସିଏ ସନ୍ୟାସିନୀ ହୋଇଯିବା ପରେ ତାଙ୍କ କଥା ମନେ ପକେଇ ତାଙ୍କ ବାପ ମା’ କେତେ ମନ ଦୁଃଖ କରି ନଥିବେ ଇତ୍ୟାଦି ଇତ୍ୟାଦି । କୁନିମାତାଙ୍କ କଥା ମନେପଡ଼ି ମନରେ ଖୁବ୍ ଭାବାନ୍ତର ହୁଏ ।

ସନ୍ୟାସିନୀର ଜୀବନ ବଞ୍ଚିବା ଗୋଟେ ସାଧାନ କହିଲେ ଚଳେ । ପନ୍ଦର କୋଡ଼ିଏ ବର୍ଷର ସୁକୁମାରୀ ଝିଅଟିଏ ଯେତେବେଳେ ସବୁଆଡୁ ନିରାଶ ହୁଏ ସେତେବେଳେ ସେ ଈଶ୍ୱରଙ୍କୁ ଆଶ୍ରାକରେ । ଗୁରୁଟିଏ କରି ତାଙ୍କର ଶରଣାପନ୍ନ ହୁଏ । ଏକାକୀ ସ୍ତ୍ରୀଲୋକଟିଏ ଏ ଦୁନିଆରେ ନିଜକୁ ସୁରକ୍ଷିତ ରଖିବା ପାଇଁ ତାକୁ ଗୋଟେ ସୁରକ୍ଷାର କବଚ ପିନ୍ଧିବାକୁ ହୁଏ । ସେ ସୁରକ୍ଷାର କବଚ ସନ୍ୟାସିନୀର ଜୀବନଟିଏ ହେଉ ପଛେ । ସେଥିକୁ ତାର ପରବାୟ ନଥାଏ । ଷାଠିଏ ଦଶକର ସମୟ ଆଜିପରି ଏତେ କଳୁଷିତ ନଥିଲା । ସମାଜରେ ସାଧୁସନ୍ୟାସୀ ମାନଙ୍କପାଇଁ ପ୍ରତ୍ୟେକଙ୍କ ମନରେ ଏକ ପବିତ୍ର ଧାରଣା ରହିଥିଲା । ସମାଜରେ ସେମାନଙ୍କର ଏକ ଉଚ୍ଚସ୍ଥାନ ମଧ୍ୟ ରହିଥିଲା । ସେମାନଙ୍କ ପ୍ରତି ବିନୟ, ଭକ୍ତି ତଥା ସମର୍ପଣର ଭାବନା ସମସ୍ତଙ୍କ ମନରେ ରହିଥିଲା । ସେମିତି ଥିଲେ ଜଣେ କୁନି ମାତାଜୀ । ସାଧାରଣତଃ ଝିଅମାନଙ୍କ ଜୀବନରେ ଯାହାସବୁ ଘଟେ ସେସବୁ ତାଙ୍କ ଜୀବନରେ ଘଟିନଥିଲା ବା ଘଟିବାର ସମ୍ଭାବନା ମଧ୍ୟ ନଥିଲା । ପରିବାର ଉପରେ ବୋଝ ହେବା ଅପେକ୍ଷା ସିଏ ବାଛି ନେଇଥିଲେ ଏହିପରି ଗୋଟେ ଆଧ୍ୟାତ୍ମିକ ଜୀବନ ଶୈଳୀ ।

ସଂସାରରେ ମୋହ ମାୟା ତ୍ୟାଗକରି ଶରୀର ଓ ମନକୁ ଆୟତରେ ରଖି ଯୋଗୀର ଜୀବନ ଜିଇଁବା ସତରେ କେତେ କଠିନ । (ତାହା ପୁଣି ଜଣେ ସ୍ତ୍ରୀଲୋକ ପକ୍ଷରେ) । ଆପେ ଆପେ କୁନି ମାତାଜୀଙ୍କ ସ୍ମୃତି ପାଖରେ ମୋ ମୁଣ୍ଡ ନଇଁ ଯାଉଥିଲା । କୁନିମାତା ଏବେ ଅଛନ୍ତି କି ନାହାନ୍ତି ସେକଥାର ଖବର ମୁଁ ଆଉ ରଖିପାରି ନାହିଁ ମାତ୍ର ତାଙ୍କ ସ୍ମୃତି ଏବେ ବି ମୋ ଭିତରେ ଜୀବନ୍ତ ହୋଇ ରହିଛି ।

*‘ଅମୃତାୟନ’, ମଧୁସୂଦନ ନଗର,*
*ତୁଳସୀପୁର, କଟକ-୮*
*ଦୂରଭାଷ: ୯୯୩୭୯୯୩୯୯୭*



# ଖାନ୍‌ଦାନି ଚିହ୍ନ

## ଦେବହୂତି କର

ଅନେକ ହଁ ନାହିଁର ଦ୍ୱନ୍ଦ୍ୱ ଭିତରେ ଶେଷରେ ଘର ପ୍ରତିଷ୍ଠାର ଶୁଭଯୋଗ ଶ୍ରୀପଞ୍ଚମୀକୁ ସ୍ଥିର ହେଲା। ସତରେ, ନୂଆଘରଟିଏ ତିଆରି କରିବା କଥା ଭାବିଲା ବେଳକୁ ପର୍ବତ ପ୍ରମାଣେ ଚିନ୍ତା ମାଡ଼ି ବସୁଥିଲା। ମନ ଦବି ଯାଉଥିଲା। ହେଲେ, ରଜତ୍ ଅଣ୍ଟା ଭିଡ଼ିଲେ, ଆଉ ବର୍ଷକ ଭିତରେ ହିଁ ଘରଟି ଠିଆ କରାଇଦେଲେ।

ଗାଁରୁ ମା'ଙ୍କୁ ଫୋନ୍ କରି ଡକେଇଥିଲା ଶୁଭ୍ରା। ରଜତ୍ କହିଲେ - 'ଚାଲ, ପାଖରେ ତ, ନୂଆଘର ଟିକେ ଦେଖି ଆସିବ।' ଶୁଭ୍ରା ମା'ଙ୍କ ସହିତ ବାହାରିପଡ଼ିଲା। ପାଖରେ ହେଲେ ବି ଘରକାମ ଛାଡ଼ି କୋଉ ବାରମ୍ବାର ଆସିହଉଛି। ତା ବାଦ୍‌ରେ ରଜତ୍‌ଙ୍କ ପସନ୍ଦ ଉପରେ ତା'ର ଭରସା ଅଛି। ତାଠୁ ତ ଘର ବିଷୟରେ ଅଧିକ ଜ୍ଞାନ ତାଙ୍କର। ବୁଲିବୁଲି ନିଖିରେଇ ନିଖିରେଇ ଦେଖିଲା ବେଳେ ରଜତ୍ ତାଗିଦ୍ କଲାପରି ମଜାରେ କହୁଥିଲେ - 'ଦେଖ ଦେଖ, କୋଉଠି କ'ଣ ସୁବିଧା ଅସୁବିଧା ଭଲକରି ଦେଖ। ଏବେ ଚାହିଁଲେ ଯାହା ଟିକେ ବଦଳାବଦଳି କରିହେବ। ପଛରେ ମୋତେ ଆଉ କହିବନି।'

ଶୁଭ୍ରା ହସିହସି ଆଖି ନଚେଇ କହିଲା - 'ଘରେ ରହିଲେ ସିନା କୋଉଠି ସଜଅସଜ ଜାଣିହେବ। ଏବେ ତ ଭଲ ଲାଗୁଛି।' ନିଜଘର ବୋଲି ଭାବିଲା ବେଳକୁ ସତରେ ଖୁସି ଲାଗୁଥିଲା ତାକୁ। ମା ବି ତାଙ୍କର ସନ୍ତୋଷ ବ୍ୟକ୍ତ କରୁଥିଲେ।

ଏତେଦିନ ତାଙ୍କର ତିନି ବଖୁରିଆ ଭଡ଼ାଘରେ କଟିଥିଲା। ଇଚ୍ଛା ଥିଲେ ବି ଫର୍ନିଚର୍ ପାଇଁ ଜାଗା ନଥିଲା। ଏବେ ସୋଫା ସେଟ୍, ଡାଇନିଂ ଟେବୁଲ୍‌ଠୁ ଆରମ୍ଭ କରି ଯାବତୀୟ ଜିନିଷରେ ନୂଆଘର ସଜେଇବାକୁ ହେବ। ଏ ବିଷୟରେ ଦୁହିଁଙ୍କ ଭିତରେ ବେଶ୍ କିଛି ଦିନ ଧରି ବିସ୍ତର ଆଲୋଚନା ଚାଲିଥିଲା। ତେବେ ଶେଷରେ ଗୋଟିଏ ବିନ୍ଦୁରେ ଏକମତ ହୋଇ କାର୍ଯ୍ୟ କରିବାକୁ ହେଲା। ଏବେ ଆପାତତଃ ସବୁ କାମ ଠିକ୍‌ଠାକ୍ ହୋଇଯାଇଛି।

ଗୋଟିଏ ସରଳ ରେଖାରେ ପାଞ୍ଚଜଣଙ୍କ ଘର। ଜଣକର ପ୍ଲଟ୍, ପ୍ଲଟ୍ ନୁହଁ ତ ଏକରେ ଜମିକୁ ପାଞ୍ଚଜଣ ନେଇଛନ୍ତି। ତାଙ୍କ ଘରକୁ ଲାଗି ବାଁ ପଟରେ ରାଉତ୍ ବାବୁଙ୍କ ଘର। ରାଉତ୍ ବାବୁ ଦେଖିଦେଇ ଆଗ୍ରହ କଲେ - 'ଆସନ୍ତୁ ଆଜ୍ଞା, ଚା ପିଇବା। ପଡ଼ିଶା ହେଲେ ପରା, ଏଣିକି ତ ସକାଳ ପାହିଲେ ମୁହଁ ଦେଖାଦେଖି, ଏକାଠି ବସାଉଠା ହେବା।'

ଚା ପିଆ ସମୟ। ଚା ପାଇଁ ସତରେ ମନ ଟକଟକଉଥିଲା। ମନା କରି ହେଲାନି। ସମସ୍ତେ ତାଙ୍କ ପଛେପଛେ ଭିତରକୁ ପଶିଲେ।

ବେଶ୍ ରୁଚିପୂର୍ଣ୍ଣ ଘର। ବାହାରୁବାହାରୁ ଦେଖିଥିଲା ସିନା, ଭିତରକୁ କେବେ ଆସିନଥିଲା ଶୁଭ୍ରା। ରାଉତବାବୁ ତାଙ୍କ ସ୍ତ୍ରୀଙ୍କୁ ଡାକ ପକାଇଲେ। ସେ ସମ୍ଭବତଃ ଛାତ ଉପରେ ଥିଲେ। ରାଉତବାବୁ ବଡ଼ ଗହଗହରେ ଘରର କୋଠରିସବୁ ଦେଖାଇବାରେ ଲାଗିଲେ। ଡ୍ରଇଂରୁମ୍ ପରେ ଆଉ ଏକ ଲମ୍ବାଳିଆ ରୁମ୍। ସମ୍ଭବତଃ ଘରୁଆ ସ୍ତ୍ରୀଲୋକମାନେ ଆସିଲେ ସେଇଠି ବସୁଥିବେ। ବିରାଟ ହଲ୍। ଦୁଇଟି ବଡ଼ବଡ଼ ବେଡ୍‌ରୁମ୍ ସାଙ୍ଗକୁ ଗୋଟିଏ ଷ୍ଟଡ଼ିରୁମ୍। ଆଧୁନିକ ପରିପାଟୀରେ ସାଜସଜ୍ଜା। ତେବେ ହଲ୍‌ର ଗୋଟିଏ କୋଣକୁ ପୁରୁଣା ଛୋଟମୁହଁବାଲା ପିତଳ ହଣ୍ଡାଟିଏ ଓ ତା ଉପରକୁ ଗରା ପରି କଳସଟିଏ ସଜା ହୋଇଥିବା ଦେଖି ଆଚମ୍ବିତ ହେଲା ସେ।

ରାଉତବାବୁ ଘରସବୁ ବୁଲାଇ ସାରି ସେଇ ଡ୍ରଇଂରୁମ୍ ପାଖ ରୁମ୍‌ରେ ବସାଇଲେ। ତାଙ୍କ ସ୍ତ୍ରୀ ଚା ନେଇଆସିଲେ। ସେଇ ରୁମ୍‌ରେ ଚାରିଆଡ଼କୁ ଆଖି ବୁଲେଇ ଦେଖିଲା, ହଲ୍ ଭଳି ସେଠି ବି ଗୋଟିଏ କୋଣକୁ ପଡ଼ିଛି ସୁନ୍ଦର ଗୋଲ୍ ଟେବୁଲ୍‌ଟିଏ। ତା ଉପରେ ବିରାଟ କଂସାଥାଳିଟିଏ ଆଉ ତା ଉପରକୁ ରହିଛି ଅତି ସୁନ୍ଦର କାରୁକାର୍ଯ୍ୟ ଭରା ଝରିଗଡୁଟିଏ। ଗଢ଼ଣ ଦେଖିଲେ ହିଁ ଲାଗୁଛି କୋଉ ପୁରୁଣା ଜମାନାର ବୋଲି। ଚା ପିଉପିଉ ସେଇ ଆଡ଼କୁ ହାତ ଦେଖାଇ ଶୁଭ୍ରା କହିଲା - 'ଏ ପୁରୁଣା ବାସନକୁସନ ଗୁଡ଼ାଏ ଅଯଥାରେ ଘରେ ରଖିଛନ୍ତି କାହିଁକି ? ଏବେ ତ ଆଉ ଏସବୁର ପ୍ରଚଳନ ନାଇଁ।'

ରାଉତବାବୁ ଟିକେ ହସିଦେଇ କହି ଉଠିଲେ - 'ଏସବୁ ତ ଆମର ଖାନ୍‌ଦାନି ଚିହ୍ନ। ଯାକୁ ମୁଁ ବିକିବା କଥା କେବେ ବି ଭାବିନି।'

ତାଙ୍କ ଉତ୍ତରରେ ଶୁଭ୍ରା ଟିକେ ଅପଦସ୍ତ ହେଇଗଲା। ତେବେ ସାଙ୍ଗେସାଙ୍ଗେ କଥା ଚଳେଇନେଲା - 'ଅବଶ୍ୟ ଏହା ଆପଣଙ୍କ ଘରକୁ ଟିକେ ଭିନ୍ନ ଲୁକ୍ ଦଉଛି। ଏଗୁଡ଼ାକ ଦେଖିଲେ କୋଉ ମିଉଜିଅମ୍‌ରେ ବସିଲା ପରି ଲାଗୁଛି।' ସେତେବେଳ ଯାଏଁ ସେଆଡ଼େ ତା ମାଙ୍କର ନଜର ଯାଇନଥିଲା ବୋଧହୁଏ। ଦେଖିଲା କ୍ଷଣି ତାଙ୍କ ଚାହାଣିରେ ଯେ ଚମକ ଖେଳିଗଲା, ତା' ତ ଶୁଭ୍ରା ଆଖିରୁ ବାଦ୍‌ଗଲାନି। ଉତ୍ସାହିତ ହୋଇ ତାଙ୍କ ଆଡ଼କୁ ଅନାଇ କହିଉଠିଲା - 'ଅବଶ୍ୟ ଥାଳିଟି ୟୁନିକ୍ ହୋଇଛି। ଦେଖ, ଥାଳିରେ ପୁଣି ଠାକୁର ପାଦ ପରି ତିନିଟି ଛୋଟଛୋଟ ପାଦ ଲାଗିଛି। ଏମିତି ଗଢ଼ଣର ଥାଳି ତ ମୁଁ କେବେ ଦେଖି ନଥିଲି। କାରିଗରର କି ଅପୂର୍ବ ଦିମାକ୍। ମାନିବାକୁ ହେବ।'

ରଜତ୍ କଥା ବଢ଼ାଇଲେ - 'ଜାଣିଛ ଶୁଭ୍ରା, ରାଉତବାବୁଙ୍କ ନିଜ ଗାଁ ତୁମ ମାମୁଘର ଗାଁ ପାଖରେ।' ପୁଣି ରାଉତବାବୁଙ୍କ ଆଡ଼େ ଚାହିଁ କହିଲେ - 'ଆପଣଙ୍କ ଜେଜେବାପାଙ୍କ ନାଁ କହିଲେ ମା ଜାଣିବେ ବୋଧହୁଏ।' ରାଉତବାବୁ ଖୁସି ହେଲା ପରି କହିଲେ - 'ହଁ, ତାଙ୍କ ନାଁ ଭିକାରି ଚରଣ ରାଉତ। ଜମିଦାର ଘରେ ଥିଲେ ଯେ...।' ଶୁଭ୍ରା ଲକ୍ଷ୍ୟ କଲା, ମା କିନ୍ତୁ ଟିକେ ବି ଆଗ୍ରହ ପ୍ରକାଶ ନକରି କେବଳ ମୁଣ୍ଡ ହଲାଇଲେ।

ବାହାରେ କଲିଂ ବେଲ୍ ବାଜିବାରୁ ରାଉତବାବୁ ଉଠିଗଲେ। ରଜତ୍ ମଧ୍ୟ ତାଙ୍କ ମୋବାଇଲ୍ ରିଙ୍ଗ୍ ହେବାରୁ କଥା ହେବା ପାଇଁ ବାହାରକୁ ଗଲେ। ପରେପରେ ରାଉତବାବୁଙ୍କ ସ୍ତ୍ରୀ କାନ୍ଥଘଣ୍ଟାକୁ ଚାହିଁ ଆପଣମାନେ ବସନ୍ତୁ, ମୁଁ ଟିକେ ସଂଜ ଦେଇଆସୁଛି କହି ଉଠିଗଲେ। ଏବେ ସେଇ କୋଠରିରେ ରହିଲେ ଶୁଭ୍ରା ଓ ତା ମା।

ମା ସୋଫା ଉପରୁ ଉଠିଯାଇ ସେଇ ତିନିପାଦବିଶିଷ୍ଟ ଅପୂର୍ବ ଥାଳିଟିକୁ ଉହୁଙ୍କି କରି ନିଠେଇ ଦେଖିଲେ ଆଉ ସ୍ୱସ୍ଥାନକୁ ଫେରିଆସି ଶୁଭ୍ରାକୁ ଚୁପ୍ କରି କହିଲେ - 'ଯା ସେ ଥାଳିରେ କ'ଣ ଲେଖା

ହୋଇଛି ଦେଖିବୁ, ତା'ପରେ ଅନ୍ୟ କଥା ଘରେ କହିବି।' ଶୁଭ୍ରା ସେ ନିକଟକୁ ଯାଇ ଆଖିରେଆଖିରେ ପଢ଼ି ନେଲା - 'ଗୌରୀ ପ୍ରସାଦ ମିଶ୍ର।' କିଛି ବୁଝି ନପାରି ସେ କେବଳ ମା'ଙ୍କ ମୁହଁକୁ ଚାହିଁଲା। ମା କ'ଣ କହିଥାନ୍ତେ, ଏଇ ସମୟରେ ରଜତ୍ ପରଦା ଟେକି ଭିତରେ ପଶିଲେ ଓ ଯିବାକୁ ଇସାରା କଲେ। ରାଉତବାବୁଙ୍କ ସ୍ତ୍ରୀ ସଂଜଦେଇ ସେ ଯାଏଁ ଫେରିନଥିଲେ। ଏଣୁ ରାଉତବାବୁଙ୍କଠୁ ବିଦାୟ ନେଇ ସେମାନେ ବାହାରିଲେ।

ଘରେ ମା ଉଦାସ କଣ୍ଠରେ କହିଲେ - 'ଗୌରୀ ପ୍ରସାଦ ମିଶ୍ର କିଏ ଜାଣିଛୁ ? ସେ ମୋ ଜେଜେବାପା। ଆଉ ସେ ତିନିପାଦିଆ ଥାଳିଟି ତାଙ୍କରି ଖାଇବା ଥାଳି।'

ଶୁଭ୍ରା ଆଶ୍ଚର୍ଯ୍ୟ ହୋଇ ଭ୍ରୁଲତା ଟେକି ପଚାରିଲା - 'ତାହେଲେ ସେଇଟା କେମିତି ରାଉତ ଘରକୁ ଗଲା ?'

ମା ଗୁରୁତର କଥାଟିଏ କହିଲା ଭଳି ସଜାଡ଼ି ହୋଇ ବସିଯାଇ କହିଲେ - 'ସେଇ କଥା ତ କହୁଛି ଶୁଣ। ଥରେ ମୁଁ ଦଶହରାକୁ ଗାଁକୁ ଯାଇଥିଲି। ଗାଁକୁ ଗଲେ ତ ଜ୍ଞାତିକୁଟୁମ୍ବ ସମସ୍ତଙ୍କ ଘରକୁ ବୁଲିଯିବାକୁ ହୁଏ। ଆମେ ଝିଅଝିଆଣି ଲୋକ। ନଗଲେ ଖରାପ ଭାବିବେ। ପଦେ ଶୁଣେଇ ଦେବେ। କିଛି ନ ହେଲେ ବି କାକା ଆଉ ବଡ଼ବାପାଙ୍କ ଘରକୁ ଯିବା ତ ଥୟ। ସେଦିନ ଉପରବେଳା ମୁଁ ବଡ଼ବାପାଙ୍କ ଘରକୁ ବୁଲି ଯାଇଥାଏ। ବାହାରେ ମଦନ କଂସାରି ବସିଥାଏ। ନୂଆ କଂସାବାସନ କେତୋଟି ଆଣି ଦେଖାଉଥାଏ ଯେ ବଡ଼ମା ବଛାବଛି କରୁଥାନ୍ତି। ମୁଁ ସେ ପାଖରେ ଟିକେ ଠିଆହେଲି। ଦେଖିଲି ଗୋଟେ କଡ଼କୁ ଏ ଥାଳି ଆଉ ଝରିଗଡୁ ଥୁଆ ହୋଇଥାଏ। ମୁଁ ବୁଝିଗଲି, ବଡ଼ମା ତାକୁ ବଦଳ କରୁଛନ୍ତି ବୋଲି। କ୍ଷଣଟିଏ ପାଇଁ ମୋ ଭିତର କ'ଣ ହୋଇଗଲା। ହେଲେ କାହିଁକି କେଜାଣି, କିଛି ବି କହିପାରିଲିନି। ଭିତରକୁ ଗଲି। ବଡ଼ବାପାଙ୍କୁ ମୁଣ୍ଡିଆ ମାରି ସାଧାରଣ ଭାବରେ କଥାବାର୍ତ୍ତା କରି, ଅଳ୍ପସମୟ ରହି ଫେରିଆସିଲି। ସେ ଦିନଟା ଆଦୌ ଭଲ ଲାଗିଲାନି। ଅନଧିକାର ଚର୍ଚ୍ଚା ଭାବି ହଠାତ୍ କିଛି କହି ପାରିଲିନି ସିନା, ରାତିସାରା ପସ୍ତେଇହେଲି। ମଦନ କଂସାରି ପାଖରୁ ସେଇ ଥାଳି ଆଉ ଝରିଗଡୁଟା ମୁଁ କିଣି ରଖି ନେଇଥିଲେ ଭଲ ହୋଇଥାନ୍ତା ପରା। ଦେଖ, ଆମ ଜେଜେବାପାଙ୍କ ଖାଇବା ଥାଳି, ଆଞ୍ଚେଇବା ଗଡୁ ଏବେ ରାଉତଘରର ଖାନ୍‌ଦାନି ଚିହ୍ନ ହୋଇ ତାଙ୍କ ଡ୍ରଇଂରୁମ୍‌ରେ ଶୋଭାପାଉଛି। ମତେ ତ ଲାଗୁଛି ତାଙ୍କ ଘରେ ଯେତକ ପୁରୁଣାବାସନ ଅଛି, ସବୁ ସେଇ ମଦନ କଂସାରିଠୁ କିଣିଥିବେ।

କ'ଣ କହୁଥିଲା, ତା ଜେଜେବାପା ଭିକ ରାଉତଟି ? ମୋ ପିଲାବେଳେ ଦେଖିଛି ମ ତାକୁ। ଚନ୍ଦାମୁଣ୍ଡ, କଳା ହେଇ ଗେମଣା ଲୋକଟା। ଲମ୍‌ତା ଥିଲା ଜମିଦାର ଘରେ। ଲମ୍‌ତାମାନେ ବୋଲକରା। ଜମିଦାର ଘର ବଡ଼ପୁଅ ପଛେପଛେ ବୁଲୁଥାଏ। ହଜୁରହଜୁର୍ ହଉଥାଏ। ଆଉ ସେତେବେଳେ ତ ଜମିଦାର ଘରର ଉଚ୍ଛନ୍ନ ଅବସ୍ଥା। କର୍ପୂର ତ ଉଡ଼ିଯାଇଛି, କନାଖଣ୍ଡକୁ ବିକଳିଆରେ ଜାବୁଡ଼ି ଧରିବା କଥା। ସେଇଥିରେ ଏ ଯୋଉ କେତେଟା ନିକିମା ତାଙ୍କ ଉଆସରେ ମାଟି କାମୁଡ଼ି ପଡ଼ିଥିଲେ, ତାଙ୍କ ମାସକ ପଡ଼ି କେତେ ଜାଣିଛୁ ? ଜଡ଼ାତେଲ ଗିନେ, ଗନ୍ଧରି ଡାଲି ଅଡ଼େ ଆଉ ତାକୁ ଚାହିଁ ଚାଉଳ ଏବଂ ଅଳ୍ପ କିଛି ଟଙ୍କା। ବର୍ଷକୁ ଯାହିତାହି ଲୁଗାଖଣ୍ଡେ ନୂଆଖାଇକୁ। ସେଇଥିରେ ଭିକବୁଢ଼ାର ଦିହକ ଗଲା। ତା'ପୁଅ ରାଜନୀତିଆଙ୍କ ଗୋଡ଼ାଣିଆଁ ହେଇ କିଛି କମେଇଲା। ତା ପିଲାଙ୍କୁ ଦି ଅକ୍ଷର ପଢ଼େଇପାରିଲା। ଏ ନାତି ଏବେ ଠିକାଦାର ହେଇ ପଇସା ଚିହ୍ନିଛି, ଆଉ କହୁଛି କ'ଣ ନା ଖାନ୍‌ଦାନି ଚିହ୍ନ।

ହୁଁ, ସେ କୋଉ ବ୍ରାହ୍ମଣ ପୁରୋହିତ ହେଇଥାନ୍ତା କି ଆମ ଜେଜେବାପାଙ୍କ ଶୁଦ୍ଧିଘର ବେଳେ 'କରଟା ଦାନ'ରେ ଦେଇଥାନ୍ତେ କି ଗୃହମୃତ କରିଥିଲେ ସେତେବେଳର ଚଳଣିକୁ ନେଇ ବୁଢ଼ାଙ୍କ ଚିହ୍ନଟିଏ ରଖିଥା ବୋଲି ଦେଇଥାନ୍ତେ। ସେସବୁ କଥା ତ ନାଇଁ। ଆଉ କ'ଣ ସେ ଥାଳି, ଗଡୁରେ ପର ଲାଗିଥିଲା ଯେ ଉଡ଼ିଉଡ଼ି ଯାଇ ତାଙ୍କ ଘର ଛାତ ଉପରେ ବସିଲା ନା ମିଶ୍ର ବଉଁଶ ଭୋକରେ ମରୁଥିଲେ ଯେ ରାତି ଅଧିଆ ଖାଇବା ଥାଳିକୁ ନେଇ ତାଙ୍କ ଘରେ ବନ୍ଧା ପକେଇଥିଲେ। ତୁ କହୁନୁ ?

ହଁ, ତଳ ଉପର ଲାଗିଛି। ମୁଁ କାହାକୁ ହୀନ କରି କହୁନି କି କାହାରି ଦୁଃଖଦାରିଦ୍ର୍ୟକୁ ନେଇ ସମାଲୋଚନା କରୁନି। କିନ୍ତୁ ଲୋକଟା ଏତେ ଜୋର୍ ଦେଇ ଯୋଉ 'ଖାନ୍‌ଦାନି ଚିହ୍ନ' ବୋଲି କହିଲା, ସେଇଟା ହିଁ ଆଶ୍ଚର୍ଯ୍ୟ ଲାଗୁଛି। ମୋ ଜେଜେବାପାଙ୍କ ନାଁ ନିଜ ଆଖିରେ ଦେଖି ନଥିଲେ, ତୁ ବି ତ ତା କଥାକୁ ସତ ମଣିଥାନ୍ତୁ।'

ମା ଆଘାତ ପାଇଥିଲେ। ଅନେକ ବେଳଯାଏ ଘାରି ହଉଥିଲେ ସେଇସେଇ କଥାରେ। ଥରେ ପାଖରୁ ଖସିଗଲେ, ସେ ଜିନିଷ ଆଉ ଥରେ ପୂର୍ବସ୍ଥାନକୁ ଫେରିବା ଅସମ୍ଭବ ବ୍ୟାପାର, ଏହା ତ ସେ ଠିକ୍ ଅନୁଭବ କରୁଥିଲେ। କାଲି ଯାହା ସାଧାରଣ ଲାଗିଥିଲା, ଘଟଣାଚକ୍ରରେ ଆଜି ତାହା ହୁଏତ ତାଙ୍କୁ ବଡ଼ କଥାଟିଏ ପରି ଲାଗିଲା।

ସେଇ ସମାନ ପ୍ରସଙ୍ଗରେ ଶୁଭ୍ରାର ମନୋଭାବ କିନ୍ତୁ ଅଲଗା ପ୍ରକାରର ହୋଇଗଲା। ରାଉତବାବୁଙ୍କ ଘରର ସେଇ ଓଜନିଆଁ ପୁରୁଣା ବାସନକୁସନ ଆଗରେ ତା ନୂଆଘରର ସମସ୍ତ ସାଜସଜ୍ଜା ଫିକା ଲାଗିଲା। ରାଉତବାବୁଙ୍କ ସେଇ ସ୍ପର୍ଦ୍ଧିତ ଗମ୍ଭୀର ସ୍ୱର - 'ଏହା ତ ଆମର ଖାନ୍‌ଦାନି ଚିହ୍ନ' ତା କାନରେ ବାରମ୍ବାର ପ୍ରତିଧ୍ୱନିତ ହେବାରେ ଲାଗିଲା। ମନ ମରିଗଲା।

ସତରେ, ତାଙ୍କର ନୂଆଘରଟିଏ ତୋଳା ହେଲା। ଆଧୁନିକ ଉପକରଣରେ ସଜା ହେଲା। ହେଲେ ଖାନ୍‌ଦାନି ଜିନିଷ କାଇଁ ? ସତେକି ଶରୀର ତ ଅଛି, ଆତ୍ମା ନାଇଁ।

ଖାନ୍‌ଦାନି ଜିନିଷ ସେ ପାଇବ ବା କୋଉଠୁ ? ମା ଛେଉଣ୍ଡ ଛୋଟଛୋଟ ଭାଇଭଉଣୀ ଦିଟା। ବାପା କେତେ କଷ୍ଟରେ ରୋଷେଇ କରି ପିଲାଙ୍କୁ ପାଳିଲେ। ମା ବି ସେ, ବାପା ବି ସେ। ନାନୀ ଆଖିଦୃଶିଆ ହେଲାରୁ ମାମୁମାଇଁ ନେଇ ପାଖରେ ରଖିଲେ। ଭଲ ବରଘର ଦେଖି ବାହା କରିଦେଲେ। ଏଣେ ଏ ବାପପୁଅଙ୍କର ତ ଠେଙ୍ଗୁଆ ବସା। ଯୋଉଘରେ ଘରଣୀ ହିଁ ନାଇଁ, ସେଇଠି ଖାନ୍‌ଦାନି ଜିନିଷର ପ୍ରଶ୍ନ କାହିଁ ? ହଁ, ରଜତ୍ ଉଦଯୋଗୀ ପିଲା। ପରିଶ୍ରମ କରି ଜିଦ୍‌ରେ ପାଠପଢ଼ି ଚାକିରି କଲେ। ଶୁଭ୍ରା ଆସିଲା ପରେ ତାଙ୍କ ଘର ଟିକେ ଘର ପରି ଲାଗିଲା। ସେଦିନ ଅନେକ ରାତିଯାଏ ଏଇକଥା ହିଁ ଭାବି ହୋଇଥିଲା ଶୁଭ୍ରା।

x x x x x x x x x x x x

ଗେଟ୍ ପାଖରେ ଅଟୋ ଲାଗିଲା। ଶ୍ରୀପଞ୍ଚମୀ ଦିନ ସକାଳୁସକାଳୁ ପହଞ୍ଚିଗଲେ ମାମୁଶ୍ୱଶୁର। ଅଟୋବାଲା ସାହାଯ୍ୟରେ ଗୋଟିଏ କିଛି ଭାରୀ ଜିନିଷ ଚାଉଳବସ୍ତା ପରି ଟେକିଟେକି ଭିତରକୁ ଆଣିଲେ। ଜରିବସ୍ତା ଭିତରେ କ'ଣ ଏମିତି ଓଜନିଆଁ ଜିନିଷ ଅଛି ଜାଣିବାକୁ କୌତୂହଳରେ ଚାହିଁ ରହିଲା ଶୁଭ୍ରା।

ଆସ୍ତେଆସ୍ତେ ବନ୍ଧାରଶି ଫିଟାଇବାରେ ଲାଗିଲେ ମାମୁ। ଶୁଭ୍ରାର ଜିଜ୍ଞାସା ବଢ଼ୁଥିଲା। କୁଶଳୀ ଯାଦୁକରର କୁହୁକ ମୁଣିକୁ ଆଗ୍ରହରେ ଛୋଟପିଲା ଅନାଇ ରହିଲା ପରି ଆଖିରେ ଆଖିଏ ପ୍ରଶ୍ନ ନେଇ ଶୁଭ୍ରା ଅଟକି ଯାଇଥିଲା ସେଇ ପାଖରେ।

ଆଃ, କି ସୁନ୍ଦର କାରୁକାର୍ଯ୍ୟଭରା ଗରାଟିଏ। କଳସ ପରି ଗଢ଼ଣ। କୁହାଯାଇପାରେ କଳସର ପରିବର୍ଦ୍ଧିତ ରୂପ। ସତରେ ଚମତ୍କାର। 'ଇସ୍ କେତେ ସୁନ୍ଦର' - ସ୍ୱତଃ ଶୁଭ୍ରାପାଟିରୁ ବାହାରିଗଲା ଏଇ ପଦକ।

ମାମୁ ମୁହଁରେ ତାଙ୍କର ଚିରାଚରିତ ହସ ଖେଳାଇ କହିଲେ - 'ହଁ, ତମ ଶାଶୂର ବାହାଘର ବେଳେ ଏଇଟା ଆମଘରୁ ଯୌତୁକରେ ଆସିଥିଲା। ଅଳ୍ପ

ବୟସରେ ନାନୀ ଚାଲିଗଲା ପରେ ତ ତମ ଶ୍ୱଶୁର ଏକ ପ୍ରକାର ପାଗଳ ପରି ହୋଇଯାଇଥିଲେ। ମା ଛେଉଣ୍ଡ ପିଲା ଦିଟାଙ୍କୁ ସମ୍ଭାଳିବାର ବାହାନାରେ ଆସି ଯାହା ହାତରେ ଯାହା ପଡ଼ିଲା, କିଏ କୁଆଡ଼େ ଉଠେଇ ନେଇଗଲେ। ଅସୀମା ଭାଣିଜିଙ୍କୁ ଆମଘରକୁ ନେଲାବେଳେ ମୁଁ ନେଇଯାଇଥିଲି ବୋଲି ରହିଗଲା ଏଇ ଗୋଟିକ।

ରହିଁଥିଲେ, ଅସୀମା ଭାଣିଜିଙ୍କୁ ଯୌତୁକରେ ଦେଇଦେଇ ପାରିଥାନ୍ତି। ମନ କହିଲା ନାଇଁ, ଏଇଟା ଦାଶଘରୁ ଯୌତୁକରେ ଆସିଛି ମହାପାତ୍ର ଘରକୁ। ଏବେ ସେଇ ମହାପାତ୍ର ଘରେ ରଜତ ଭଣଜା ପାଖରେ ହିଁ ରହିବା ଉଚିତ ହେବ। ଟଙ୍କା ପକାଇଲେ ହୁଏତ ନୂଆ ଜିନିଷ ମିଳିବ, ହେଲେ ଏ ପ୍ରକାର ଜିନିଷ କାହୁଁ ପାଇବ ? ଇୟେ ପୁଣି ମୋ ଜେଜେମାଙ୍କ ଯୌତୁକ ଗରା, ମାନେ କାହିଁ କୋଉ କାଳର ଜିନିଷ। ମୁଁ ଦତ୍ତାପହାରୀ ହେବିନି। ହାତଟେକି ଦେଲା ଜିନିଷକୁ ଲୋଭ କରିବି ନାଇଁ କେବେହେଲେ। ନଚେତ୍ ଏ ଜିନିଷଟି ମୋ ଘରେ ଅଛି ବୋଲି ତମେ ଜାଣି ବି ନଥାନ୍ତ। ନିଅ, ଏବେ ଯାକୁ ସମ୍ଭାଳି କି ରଖ। ଏଇଟା ତମ ଶାଶୂର ଶେଷ ସନ୍ତକ ଆଉ ଆମ ଉଭୟ ବଂଶର ଖାନ୍‌ଦାନି ଚିହ୍ନ।

ଶୁଭ୍ରା ମୁଣ୍ଡରେ ଆଉ କିଛି ପଶିଲା ନାଇଁ। କେବଳ ମାମୁଙ୍କ ଶେଷ କଥା ପଦକ, ଖାନ୍‌ଦାନି ଚିହ୍ନ - ଖାନ୍‌ଦାନି ଚିହ୍ନ ବାରମ୍ବାର ତା ଭିତରେ ଅନୁରଣିତ ହେଲା। କୃତଜ୍ଞତାରେ ତା ମଥା ନଇଁ ଗଲା, ସତେକି ମାମୁ ସାଧାରଣ ପିତ୍ତଳଗରାଟିଏ ନୁହଁ, ଶୁଦ୍ଧ ସୁବର୍ଣ୍ଣରେ ନିର୍ମିତ ଅପୂର୍ବ କଳସଟିଏ ଆଣି ଦେଇଛନ୍ତି।

ରଜତ୍ କହିଲେ, 'ସତରେ ଆମ ମାମୁ କେତେ ସରଳମନା। ଛନ୍ଦକପଟ କିଛି ନାଇଁ।'

ଏତେବେଳ ଯାଏ ଶୁଭ୍ରା ଏକ ପ୍ରକାର ସମ୍ମୋହିତ ଅବସ୍ଥାରେ ରହିଥିଲା। କ୍ଷଣକ ପାଇଁ ଭୁଲି ଯାଇଥିଲା, ମାମୁଶ୍ୱଶୁର ତାଙ୍କ ଘରକୁ ଡାକରା ପାଇ ଆସିଛନ୍ତି। ସେ ପ୍ରଫୁଲ୍ଲିତ ଚିତ୍ତରେ ରୋଷେଇ ଘରକୁ ଗଲା ଏବଂ ଚଞ୍ଚଳ ଚା ପାଣି ନେଇଆସିଲା।

ଏବେ ତା ମନ ଖାଲି ଉଡ଼ି ବୁଲୁଥିଲା। ଗେଟ୍ ପାଖ ଅଗଣାରେ ବଡ଼କରି ଚିତା ପକାଇ ପଞ୍ଚବର୍ଣ୍ଣୀ ମୁରୁଜ ରଙ୍ଗରେ ସଜଉସଜଉ ମନକୁମନ କହୁଥିଲା, ଏବେ ଏଇଠି ଏ ଗରାଟି ପୂର୍ଣ୍ଣକୁମ୍ଭ ଭାବରେ ଶୋଭାପାଇବ। ଅତିଥିମାନେ ଦେଖିବେ, ଆମର ଖାନ୍‌ଦାନି ଚିହ୍ନ। ହେଲେ ରାଉତଘର ଭଳିଆ ଯା ତା ଜିନିଷରେ ଖାନ୍‌ଦାନିପଣ ଦେଖେଇବା ପରି ନୁହଁ, ଏଇଟା ଖାସ୍ ଆମ ନିଜ ଘରର ଖାନ୍‌ଦାନି ଜିନିଷ। ଅସଲ୍ ଖାନ୍‌ଦାନି ଚିହ୍ନ।

ପୂର୍ଣ୍ଣକୁମ୍ଭଟି ସଜାଇ ମୁଗ୍ଧ ଦୃଷ୍ଟିରେ ଗଭୀର ଭାବରେ ଚାହିଁ ରହିଲା ଶୁଭ୍ରା, ସତେକି ତାଙ୍କ ଅତୀତ ଗୌରବର ଅମର ଗାଥା ସେଠି ଖୋଦିତ ହୋଇରହିଛି ଅଦୃଶ୍ୟ ଅକ୍ଷରରେ। ଅଦ୍‌ଭୁତ ଆନନ୍ଦରେ ପୁଲକିତ ଶୁଭ୍ରାର ଅନ୍ତର ବି କ୍ରମେ ପୂରି ଉଠୁଥିଲା ଠିକ୍ ସେଇ ପୂର୍ଣ୍ଣକୁମ୍ଭପରି।

*ଭବାନୀପାଟଣା, ଜି.କଳାହାଣ୍ଡି-୭୬୬୦୦୧*
*ଦୂରଭାଷ: ୮୮୯୫୪୭୮୩୩୪*




ଗୀତିକବି ଚୈତନ୍ୟ ପ୍ରସାଦ ବେହେରାଙ୍କ ରଚିତ
ବିଦଗ୍ଧ ପ୍ରାଣର ରାଗାନୁରାଗ ଓ ରସ ସୁରସରେ
ପରିପୂର୍ଣ୍ଣ ଗୀତିକବିତା ସଂକଳନ
" ଅତୀତର ଅନ୍ତାକ୍ଷରୀ"
ଯାହାକି ଓଡିଶାର
ମହାମହିମ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ ।
ଏଥିରେ ଏକଶହ ବତିଶି ଗୋଟି ଗୀତିକବିତା
ସ୍ଥାନିତ ହୋଇଅଛି ।

*ଆଶା ପାଠକ ମାନଙ୍କ ହୃଦୟକୁ*
*ନିଶ୍ଚୟ ଛୁଇଁବ ।*

ପ୍ରାପ୍ତିସ୍ଥାନ-ଖୋର୍ଦ୍ଧା
୭୫୨୦୫୫
ମୂଲ୍ୟ :ଟ.୩୦୦/-
ମୋ :୯୪୩୭୩୬୩୭୪୧

# ନିୟତି

## ସଂଯୁକ୍ତା ମହାନ୍ତି

ଚିନ୍ମୟୀ ତଳମହଲାକୁ ଯାଇ ଡ୍ରଇଁରୁମ୍‌ରେ ବସିଥିଲା। ତା'ର ବଡ଼ ଭାଇ ରାଜେନ୍ଦ୍ର ଘର ଭିତରୁ ବାହାରି ଆସି ସେଠି ବସିଲେ। ଘର ଭିତରଟା ଶୂନ୍‌ଶାନ ଥିଲା। ଭାଉଜ ବି ରୋଷେଇ ଘରେ କିଛି କରୁଥିଲେ। ଚାରିପଟେ ନୀରବତା ଛଡ଼ା କିଛି ନଥିଲା। ଭାଇ କହିଲେ –

– ଅନୀତା ନା ଭାଉଜକୁ କିଚେନ୍ ରୁମ୍‌ରେ ପେଲି ଦେଇଛି। ତାକୁ ବଡ଼ ଅଜବ ଲାଗିଲା କଥାଟା। କେହି ଏଠି ଅଶିକ୍ଷିତ ନାହାନ୍ତି। ଅନୀତା ପୁଣି ତୃତୀୟ ଭାଇର ସ୍ତ୍ରୀ ଯାହାର ବୟସ ଝିଅପରି ହେବ। ସେ ମନେ ମନେ କଥାଟାକୁ ଗ୍ରହଣ କରିନଥିଲା। ସେ ଦୁଇଜଣଙ୍କ ଭିତରେ ଯେ ଗୋଟାଏ ଚାପା ଅସହିଷ୍ଣୁତା ରହିଛି ତା' ସେ ବୁଝୁଥିଲା। ଯା' ପଛରେ ହୁଏତ ଥିବ ମଣିଷ ମନର କିଛି ଅହଂକାର ବା ସଂକୀର୍ଣ୍ଣତା। ସେ ଦୁଇଜଣ ଏଇ ତଳ ମହଲାରେ ରୁହନ୍ତି ସାମ୍ନାସାମ୍ନି ଘରେ। ଗୋଟାଏ କିଚେନ୍ ରୁମ୍।

ବଡ଼ ଭାଇର ଏ ପ୍ରକାର କଥାରେ ସେ ମନେ ପକେଇଲା ତା'ର ପଞ୍ଚଷଠି ବର୍ଷ ବୟସ ଭିତରେ ଏମିତି କେଉଁଠି ଶୁଣିନି ନିଜ ଘରେ। ଏକାନ୍ନବର୍ତ୍ତୀ ପରିବାରରେ ବୋଉ, ଖୁଡ଼ୀ, ବଡ଼ବୋଉଙ୍କୁ ଦେଖିଛି। ତିନି ଜଣ ଯାକ ଘରର କାମ କରିଚାଲନ୍ତି ସାରା ଦିନ। ବଡ଼ି ଭୋର୍‌ରୁ ଉଠି ଗାଧୋଇ ହଳିଆଙ୍କୁ ଖାଇବାକୁ ଦେଲେ ସେମାନେ ଯିବେ ହଳଲଙ୍ଗଳ ନେଇ ବିଲକୁ। ତା'ପରେ ଛୁଆ ଯିବେ ସ୍କୁଲକୁ। ଦିନ ୨ଟାରେ ସ୍କୁଲର ଖାଇବା ଛୁଟିରେ ଆସି ଖାଇବେ। ପୁଣି ସନ୍ଧ୍ୟାରେ ପଖାଳ। ରାତିରେ ରୁଟି। ଏମିତି ହୋଇ ତାଙ୍କୁ ଫୁରୁସତ ନଥାଏ। ରାତି ଦଶଯାଏ ଲୋଟଣି ପାରା ହୋଇ ଲୋଟୁଥିବେ। କାହିଁତ ଏମିତି କଥା ଶୁଣିନି। ତା' ବୋଉ କହୁଥିଲା ସେ ଗୋଟାଏ ଝିଅ ଥିଲେ ବାପା, ମା'ଙ୍କର। କେତେ ଗେହ୍ଲାରେ ବଢ଼ିଥିଲା। ତାଙ୍କରି ଘରକୁ ଆସି କାମ କରି କରି ଦରମରା ହେଲାଣି। ସେହି ଗୋଟାଏ ସୁଖ୍ୟାତିସମ୍ପନ୍ନ ପରିବାରରେ ସେ ପିଲାଦିନୁ ବଢ଼ି ଆସିଛି। ଏ ପ୍ରକାର ଗୋଟାଏ ହୀନ ପରିବେଶର ବର୍ଣ୍ଣନା ଖୋଦ୍ ନିଜ ଭାଇ ମୁହଁରେ ଶୁଣି ତାକୁ ଅସୂୟା ଲାଗିଲା। ଭାଇଟା ଯେ ସତ କହୁଛି, ତା' ବି କେଉଁ ବିଶ୍ୱାସଯୋଗ୍ୟ ? ବୁଢ଼ା ହେଲାଣି। ଆକ୍‌ସିଡେଣ୍ଟରେ ଗୋଟାଏ ଗୋଡ ଅଚଳ ପ୍ରାୟ। ବହୁ ସମୟରେ ସ୍ୱାମୀ ସ୍ତ୍ରୀ ଦୁଇଜଣ ବସିଥା'ନ୍ତି ଗୋଟାଏ ଘରେ। ସ୍ତ୍ରୀର କଥାରେ ପରିଚାଳିତ ହୋଇ ପୁରୁଷଟି ଯଦି ଚାଲେ, ତା'ର ନିଜତ୍ୱ ଆଉ କ'ଣ ଥାଏ ? ମନଟା ବି ସେମିତି ହୋଇଯାଏ ସଂକୀର୍ଣ୍ଣ। ସ୍ତ୍ରୀ ଭିତରେ ତ ପୂରି ରହିଛି ଅସୂୟା ଭାବ ଅନ୍ୟ ପ୍ରତି। ସେ କ'ଣ ଯାକୁ ଭଲ ଶିକ୍ଷା ଦେଉଥିବ ?

ସେ ଏବେ ନୀରବ ରହିଲା। ତୃତୀୟଟା ଯେ ଏମିତି ଗୋଟାଏ କେଉଁ ସୁଶୀଳ ସ୍ତ୍ରୀ ଲୋକ ତା' ବି ତା' ସନ୍ଦେହ ଘେରରେ। ସେବା କେଉଁ ଯାଇ ଦେଖିଛି ସେ ଦୁଇଜଣଙ୍କୁ ଯେ ହଁ ... ହଁ... ଏମିତି କଲାକହି ତା' ସଂଗରେ ତାଳମିଳେଇବ ସହାନୁଭୂତି ଦେଖେଇବ। କ୍ଷୁବ୍ଧିତ ହୋଇ ଅନୀତାକୁ ପଚାରିବ। କ'ଣ ସେ ଆଶା କରୁଥିଲା ଯେ ତାକୁ ଏକଥା ସେ କହୁଛି। ଲୋକଟା କଥା ଭାବିଲେ ତାକୁ ଆଶ୍ଚର୍ଯ୍ୟ ଲାଗେ। ଏକଦା ତା' କଲେଜ ୟୁନିୟନର ସେକ୍ରେଟାରୀ ଥିଲା। ଗୋଟାଏ ପୁରୁଷର ଜୟ, ରୋଜଗାରର ସାମର୍ଥ ଏସବୁ ରହିଲେ ସିନା କିଏ ସମ୍ମାନ ଦେବ। ନହେଲେ ଏମିତି ସ୍ତ୍ରୀ ପାଖରେ ବସି ଯା ତା' ବିରୁଦ୍ଧରେ ଶୁଣି ଶୁଣି ମୁଣ୍ଡକୁ ପୋଚରା କରିବା ଛଡା ଉପାୟ ନାହିଁ। ଯଦି ରୋଜଗାର ନାହିଁ ତା' ହେଲେ ଏତେ ଅହଂକାର, ବଡ଼ ବଡ଼ କଥା କ'ଣ ପାଇଁ ? ନିଜକୁ ଲୁଚେଇବା ପାଇଁ ? ମଣିଷ ମହାଚାଲାକ। ଅନ୍ୟର ଦୁର୍ବଳତାକୁ ଖୁବ୍ ଶୀଘ୍ର ଧରିପାରେ। ତୁ ଗାଁରୁ ବା ଆସୁଥିଲୁ କାହିଁକି ? ଏ ଘର ବି ତୋ' ବିନା ଦସ୍ତଖତରେ କିଏ ନେଇଯାଉଥିଲା। ସେଠି ଖୋଲାମେଲା ବିରାଟ ଜାଗାରେ ରାଜା ହୋଇ ଚଳିଥା'ନ୍ତୁ। ବୋଉ ଯିବଯିବ ଦେଖି ଅଧିକାର ସାବ୍ୟସ୍ତ କରିବାକୁ ତୋର ଏ ଆଗମନ। ଏବେ କହୁଛି ଏ ଧକ୍କା ମାରିଲା। ସେ ପେଲିଦେଲା। ଗାଁର ସବୁ ଜମିର ଧାନ ସବୁ ତ ବିକି ପଇସା ନେଉ। ଗାଁ ଘରର ଚାଳ ଛପର କରିବୁନି ? ଇଲେକ୍‌ଟ୍ରିକ୍‌ର ପାଉଣା ଦେବୁନି ? ଜମିର ଖଜଣା ଦେବୁନି ? ଏଇଠି ବସି ଏଇସବୁ ଅପସଂସ୍କୃତିର ପରିବେଶ ତିଆରି କରୁଛୁ ? ସ୍ତ୍ରୀ ଲୋକଙ୍କ କଥାରେ ମୁଣ୍ଡ ପୂରଉଛୁ ?

ଚିନ୍ମୟୀର କେଉଁଠୁ ବେଳ ଅଛି ଏଇ ସବୁ ତଳସ୍ତରର କଥା ଶୁଣିବ ! ତା' ଭିତରେ ଗୋଟାଏ ଅସୂୟା ଜାଗି ଉଠିଲା।

– କେଉଁଠି ମୋ ବୋହୂ ଆସିଲେ ଚଳିବ ?

କି ସଣ୍ଟଣାହୀନ ଛୋଟଲୋକ ଘରୁ ଆସିଛି। ମୁଁ କେଉଁଠି ଦେଖିନି।

ତୁତ ଦେଢ଼ଶୁର। ତୁ ଭାଇବୋହୂ ନାମରେ ଏମିତି କାହିଁକି କହୁଛୁ। ତୋ' ବାପା ତ ତାକୁ ବୋହୂ କରି ଆଣିଛନ୍ତି। ତୁ ତା' ଘର ନାଁ କାହିଁକି ନେଉଛୁ। ଅସମ୍ମାନିତ କରୁଛୁ ? ଝିଅ ବୟସର ତୋ'ର ସେ ହେବ। ତୁ ଯଦି ଏମିତି ସଣ୍ଟଣା ଘରେ ବଢ଼ିଛୁ, ତୋ'ର କେଉଁ କଲ୍‌ଚର୍‌ଟା ଅଛି ?

ଲୋକଟା ଏବେ ଚିନ୍ତାଗ୍ରସ୍ତ ଦିଶୁଥିଲା। କେତେଥର କହିଛି ପାଞ୍ଚ ଏଇଟା ଡିସିମିଲ ଜମି, କିଚେନ୍ ରୁମ୍‌ଟାଏ କେଉଁଠି ବାହାରିବନି ? ଘରଟା ଭାଗକରି ଦିଅ। ପୂରା ମନେ ମନେ ନକ୍‌ସା ଆଙ୍କିଛି ତା'ର କେଉଁ ପ୍ଲଟଟା ପଡ଼ିବ।

ଏଇ ସବୁ ଗୋବରା ଗଣେଶ ଲୋକ ସମାଜ ପାଇଁ କେତେ ଭୟାନକ। କାମ କରିବେନି। ହାଟରେ ବାଟରେ ବୁଲିବେ। ଗାଁ ଗଣ୍ଡାର ଛୋଟ ମୋଟ ଘଟଣାରେ ମୁଣ୍ଡ ପୂରେଇ କହିବେ ଆମେ ବିରାଟ ବ୍ୟକ୍ତି। ବିଜେପି, କଂଗ୍ରେସ ହୋଇ ମାତିବେ। ବାପା ଉପରେ ବୋଝ ହୋଇ ସେମାନଙ୍କ ଅକାଳ ହୃଦଘାତର କାରଣ ହୁଅନ୍ତି। ସାରାଟା ପରିବାର ସେମାନଙ୍କ ପାପର, ଅପକର୍ମର, ଦାୟିତ୍ୱହୀନତାର ପ୍ରାୟଶ୍ଚିତ କରୁଥାଏ। ସେ ଗୋଟାଏ ପିଢ଼ି ପାଇଁ କାଳ ହୁଏନି, ବାପା, ତା' ପିଢ଼ି, ତା'ଛୁଆ, ତା' ଛୁଆର ପିଢ଼ିଯାଏ। ମନରେ ଚିନ୍ତାର ଉଦୟ ହୁଏନି। ନିଜକୁ ବଡ଼ ବଡ଼ କଥା ତଳେ ଢାଙ୍କି ରଖିଥା'ନ୍ତି। ଖେପି ଯା'ନ୍ତି କହିଲେ। ନକାରାତ୍ମକ କଥାର ପାହାଡ଼ ଠିଆ କରାଇ ନିଜକୁ କଠିନ କରି ରଖିଥା'ନ୍ତି। ଅଜବ ଯେତେ ଏଗୁଡାକ ପରିବାର ଦ୍ରୋହୀ ଲୋକଗୁଡାକ। ଅଜବ ବି ବାପା, ମା'। ଏମାନଙ୍କୁ ସହ୍ୟ କରନ୍ତି କେମିତି ? ଠେଲିକି ବିଦା କରିଦେବା କଥା। ଯା' ତୋ' ପରିବାର ତୁ ଚଳା। ଉପରୁ ଆରାମରେ ଚଳି ଅଭ୍ୟାସ ହୋଇଗଲାଣି।

ସେ ଚୁପ୍ ବସିଥିଲା। ଘରର ଚାରିଆଡ଼କୁ ଅନେଇଲା। ଲାଗିଲା ଇଏ ନିୟତିର ଚରମ ଉପହାସ ତା' ପାଇଁ। ଅବିବାହିତାର ଜୀବନ, ସେ ଚାହୁଁଥିଲା ବାହାରେ ଘର ନେଇ ଏକା ରହିବ, ଅଥଚ ହେଲାନି। ଏଘରକୁ ସେ ତିଆରି କଲା ପରିବାରର ମର୍ଯ୍ୟାଦା ଛୋଟଛୋଟ ଭାଇମାନଙ୍କ ପଢ଼ାପଢ଼ି କଟକରେ ରହି

କରିବାକୁ, ଅଥଚ ଯିଏ କିଛି କରିନି, ଗାଁରୁ ଆସି ବସିଛି ତା'ର ଭାଗକାଳେ ଚାଲିଯିବ ବୋଲି ଆଉ ଚିନ୍ତା କରିଛି ଏ ଘରକୁ ଭାଗ ବାଣ୍ଟିବାକୁ। କି ଘୃଣ୍ୟ ସେହି ଚିନ୍ତାଧାରା। ସେ ଚାହୁଁଥିଲା ଏଇ ଘରେ ମର୍ଯ୍ୟାଦା ନେଇ ସ୍ୱଚ୍ଛନ୍ଦ, ପରିଷ୍କାର ପରିଚ୍ଛନ୍ନ ଗୋଟାଏ ସୁସଜ୍ଜିତ ଗୃହରେ ରହିବ ତିନି ଭାଇ ଯେଉଁମାନେ ଯଥାକ୍ରମେ ଦଶ, ଚଉଦ, ଅଠର ବର୍ଷ ସାନ, ସେମାନେ ରହିବେ। ଅଥଚ ଯିଏ କିଛି କରିନି ସେ ଆସି ରାଜାପରି ବସିଛି ଦୁଇଟା ଘର ଅକ୍ତିଆର କରି। ମନରେ କୃତଜ୍ଞତା ନାହିଁ, ବରଂ ରହିଛି ହାମବଡା ନୀତି। କହୁଛି "ମୁଁ କ'ଣ କେଉଁଠୁ ଉଡି ଆସିଛି କି ?" ନିଜ ଭିତରର ହୀନମନ୍ୟତାର ଶିକାର ହୋଇଛି ସେ। ନହେଲେ ସ୍ତ୍ରୀ ଲୋକଙ୍କ କଳି କଳାପରି ଏ ଭାଷା ଗୋଟାଏ ପୁରୁଷ ମୁହଁରେ ଶୋଭାପାଏ କି ? ବ୍ୟକ୍ତିତ୍ୱ ନଥିବା ବ୍ୟକ୍ତିର ଏ ଛୋଟକାଟ ଭାଷା ଯେତେ। ଏସବୁ ତାଙ୍କୁ ମାନସିକ ବିତୃଷ୍ଣା ଦେଉଛି ଆଉ କେଡ଼େ ମୁହଁ, ରୋଷେଇ ଘର ପାଇଁ ଲଢ଼େଇ କରୁଛନ୍ତି।

ବାପା କ'ଣ ଜାଣିଥିଲେ ଏଇ ଅଯୋଗ୍ୟ ସନ୍ତାନଙ୍କ ପାଇଁ ପାଞ୍ଚଗୁଣ୍ଠ ଜମି କିଣିଥା'ନ୍ତେ, ପାଞ୍ଚଟା ରୋଷେଇ ଘର ହୋଇପାରିବା ପରି, ପାଞ୍ଚ ଫ୍ରିଜ୍, ପାଞ୍ଚଟା ୱାଶିଂ ମେସିନ୍, ପାଞ୍ଚଟା ଗ୍ୟାରେଜ ପାଇଁ ଜାଗା ସବୁ କରିକି ଯାଇଥା'ନ୍ତେ। କେଡେ ନିର୍ଲଜ ହେଲେ କିଛି କରିନଥିବା ଘରର ବଡ଼ପୁଅ ଏମିତି କରିପାରେ। ଗୋଟାଏ କ୍ରୋଧ ତା'ର ଭିତରେ ଭିତରେ ଆସିଲା। ନିଜକୁ ନିନ୍ଦା କରୁଥିଲା ସାରାଜୀବନର ରୋଜଗାର ଏ ଘର କରିବାରେ ମାଡିଥିବାରୁ। ଏମାନେ ଏଠି ରହି ଅନ୍ୟ ବିରୁଦ୍ଧରେ କୁଚିନ୍ତା କରୁଛନ୍ତି, ତା'ର ପ୍ରଭାବ ଏଇ ଘରର ବାୟୁମଣ୍ଡଳରେ ପଡୁଛି। ନକାରାତ୍ମକ ପ୍ରଭାବ ରହୁଛି। ସମସ୍ତେ ଅଶାନ୍ତି ଭୋଗୁଛନ୍ତି।

ଭାଉଜ ରୋଷେଇ ଘରୁ ବାହାରି ଆସିଲେ – ମୁଟୁମୁଟୁ ହୋଇ ଖାଲି ଚାହିଁଲେ। ଯେମିତି କାହା ଉପରେ ତାଙ୍କର ରାଗ, ଦ୍ୱେଷ। ଭାଇଙ୍କୁ ଡାକିଲେ।

– ଟିକେ ଭିତରକୁ ଆସିବ କି ?

ଭାଇ ଉଠି ଚାଲିଗଲେ।

ସମୟ ଗଡୁଥାଏ। କରୋନାର ତାଣ୍ଡବଲୀଳାକୁ ଭୟଭୀତ ହୋଇ ସଂସାର ଦେଖୁଥାଏ। ଜୀବନ ଯେଉଁଠି ଏତେ ଅସ୍ଥିର, ଭରସାହୀନ ସେଠି ଦୁଇଜଣଙ୍କର ଚିନ୍ତାରେ ପୁଅ ବାହାଘର ପାଇଁ ବୋହୂ ଖୋଜାର ଚାପ ଅହରହ ତାଙ୍କୁ ଘେରି ରହିଥାଏ।

କିଛି ଦିନ ପରେ ଅନୀତା ତାକୁ ଭୟ, ଅସ୍ଥିର ଗୋଟାଏ ଚେହେରାର ଛାପ ନେଇ ମୁହଁ ତାକୁ କରି କହିଲା – ଅପା ! ସେ ଦକ୍ଷିଣପଟକୁ ଯେଉଁ ଚେନ୍ନାଏ ଜାଗା ଅଛି, ତାଙ୍କ ପାଇଁ ଗୋଟାଏ କିଚେନ୍‌ରୁମ୍ କରିଦିଅ। ଏକାଠି ରୋଷେଇ କଲାବେଳେ ଦେହରେ ବାଜୁଛି। ସେ କହୁଛନ୍ତି ପେଲିଦେଲା। ଏ ଅପବାଦ ମୁଁ ସହି ପାରୁନି। ତାଙ୍କର ବୋହୂ ଆସିବ। ଆହୁରି ଝାମେଲା ହେବ।

କେଡ଼ ବେଲ୍ଲଜ ଏ ସ୍ତ୍ରୀ ଲୋକ। ଅନ୍ୟକୁ କହୁଛି କାମ କରିବାକୁ ତା' ଦେହରେ ତ ନିଆଁ ଲାଗିଲା ଯେମିତି।

– ମୁଁ କ'ଣ ଏଠି ଠିକା ନେଇଛି। କାହା ବୋହୂ ଆସିବ ବୋଲି କିଚେନ୍ ରୁମ୍ ତିଆରି କରିବି। ସାରା ଜୀବନ ଖାଲି ତୁମମାନଙ୍କ ପାଇଁ ଘର ହିଁ କରୁଥିବି। କି ବେସରମ ତୁମେ ସବୁ। ମୁଁ ଏଠି ଠିକା ନେଇଛି ପଇସା ଖର୍ଚ୍ଚ କରିବାକୁ !

ତା' ବର ବି ସେହି ଏକା ନାବର। ସିଏ ପାଠ ପଢ଼ି ଚାକିରି କରିନି। ରାଜନୀତି ନାମରେ ଲଫଙ୍ଗାମି ଖାଲି। ଆଉ ଇଏ ପାଠ ପଢ଼ିନି। ଛୋଟକାଟ ବେପାର କରି ଯେଉଁ ପଇସା କମାଏ, ସେ କେବଳ ପେଟ ପୋଷିବା ପରି। କିନ୍ତୁ ଏମାନଙ୍କ ନିଜର ଆତ୍ମସମ୍ମାନ ଜିନିଷଟା ବି ନାହିଁ। ମୁହଁ ଖୋଲି ଅନ୍ୟଠୁ ଭିକ୍ଷା ମାଗନ୍ତି। ଯେଉଁ ମଣିଷର ଆତ୍ମମର୍ଯ୍ୟାଦା ନାହିଁ, ସେ କେଉଁ ମଣିଷର ଗଢ଼ା ?

ଦୁଇଟା ଯାକ କିଏ କାହାକୁ କମ୍ ନାହିଁ। ଅବସର ନେଇ ଏଠି ରହିବାର ନଥିଲା। ଖାଲି ଏକୁଟିଆ ବୋଲି ସାଙ୍ଗମାନେ କହିଲେ କେତେବେଳେ କେଉଁ କଥା ଘରେ ରୁହ। ଯାହା ହେଲେ ତ ଭାଇ ନହେଲେ ସେ ତ ଭୁବନେଶ୍ୱରରେ ଭଡା ନେଇ ରହିଥା'ନ୍ତା। ଗୋଟାଏ ପରିଚ୍ଛନ୍ନ ଜୀବନ ବିତେଇଥା'ନ୍ତା। ଏଠି ଆସି ଅଯଥା ଗଂଜା ଚିନ୍ତାରେ ସମୟ ଗଲା।

ଅବଶ୍ୟ ଫେରିଆସି ବାହାରୁ ସେ ବଡ଼ଭାଇ ଘରେ ଖାଉଥିଲା। ଭାଉଜକୁ କଠିନ ବେମାରୀ ଧରିଛି। କିଡ୍‌ନୀ ରୋଗୀ। ସମୟାନୁସାରେ କରିପାରିବେନି। ଏବେ ଦାୟିତ୍ୱ ପଡିଛି ଅନୀତା ଉପରେ। ତାଙ୍କ ପୁଅ ରହୁଥିଲା ଓଡ଼ିଶା ବାହାରେ। ନିଜର ଯୋଗ୍ୟତାରେ ଗୋଟାଏ ଚାକିରି ପାଇଲାନି। ମା'ର ଏ ଅବସ୍ଥା। ସେ ହିଁ ସବା ସାନଭାଇକୁ ବୁଝେଇ କହିଥିଲା ତାକୁ ଚାକିରିଟେ କରେଇ ଦେବ। ନ ହେଲେ ବାହା ହୋଇ ପାରିବନି। ବଡ଼ଭାଇ କଥାକୁ ସେ କେଉଁ ଶୁଣିଥା'ନ୍ତା ? ଯାହା ହେଉ ଗୋଟାଏ ମାଇକ୍ରୋଫାଇନାନ୍ସ କମ୍ପାନୀରେ କୋଡ଼ିଏ ହଜାର ଟଙ୍କା ଦରମାରେ ଚାକିରି ତୁଟେଇ ଦେଇଛି। ବୋହୂ ଖୋଜା ଚାଲିଛି। ଆଜିକାଲିକା ପିଲା। କେମିତି ହୋଇଥିବ। ସେଥିପାଇଁ ମର୍ଯ୍ୟାଦାର ସହ ଚଳିପାରିବ ଯେମିତି ଶଶୁରର ଚିନ୍ତା ପଡ଼ିଛି। କାଳେ ରୋଷେଇ ଘରର ଏ ଅବସ୍ଥାରେ ହାତହାତି ହେବେ କି ? ତା' ସ୍ତ୍ରୀକୁ ପେଲିଦେଲା। ତା' ବୋହୂର ଯେ କ'ଣ ହେବ ...। ସେଥିପାଇଁ ଏତେ ଅପଶବ୍ଦ ପ୍ରୟୋଗ ତା'ର ଜାରି ରଖିଛି।

ତା'ଠୁ ଏ ପ୍ରକାର ଉତ୍ତର ପାଇବା ପରେ ଅନୀତା ମଝିଆଁ ପାଖକୁ ଗଲା। ସେ ଦୁଇ ତିନିଟା ପ୍ରସ୍ତାବ ଦେଲା। ଗୋଟାଏ ସିଡିଘରେ, ନ ହେଲେ ଗ୍ୟାରେଜ୍‌ରେ, ନହେଲେ ବାହାରେ କଳପାଖରେ ଥିବା ପାଇଖାନାଟା ଭାଙ୍ଗି ସେଠି କରୁ। ବିଲୁଆ ବିଚାରରେ ଏମିତି ଘୂରିବୁଲିଲା କେତେ ମାସ। ମର୍ଯ୍ୟାଦାରେ ଚଳିବାକୁ ଯଦି ଖୋଜୁଛ ତା' ହେଲେ ଆଗ ଠନଠନିଆ ଗୋପାଳ ଦରକାର ନା। ଖାଲି କଳ୍ପନାରେ ଉଡ଼ିଲେ ହେବ କି ? ଯା' ଛୁଆଙ୍କୁ ଟ୍ୟୁସନ କରୁଛୁ, କିଛି ପାଉଛୁ କରିଦେ। ନା ... ଏଇ ତ ପଇସାବାଲା ହୋଇଛି, ଆଗକୁ ପଛକୁ କେହି ନାହିଁ, ଯା'ର କିଏଖାଏ କି ? ଏଇ କରିବନି। ଏମାନଙ୍କ ସଂକୀର୍ଣ୍ଣ ଚିନ୍ତା ଯେ କେତେ ହୀନ, ତା' ବୁଝି ପାରିଲେ ବି ଉପାୟ ନାହିଁ ଏଠୁ ଚାଲିଯିବାର।

ଝିଅ ଖୋଜାଖୋଜିରେ ଏବେ ବର୍ଷେ ଗଲାଣି। କରୋନାର ପ୍ରକୋପ ଭିତରେ ବାହାରକୁ ଯିବା ବି କଷ୍ଟ। କେମିତି ହେଉ କାହୁଁ ଗୋଟାଏ ପ୍ରସ୍ତାବ ଆସିଲା, ସେଇଠି ଠିକ୍ ହୋଇଗଲା ବାହାଘର।

ଏବେ ବାପା, ମା', ପୁଅ ମିଶି ଆହୁରି ସ୍ମାର୍ଟ ହୋଇଗଲେ। ଚାଲିଲା ବେଡ୍ ରୁମ୍ ସଜେଇବାର ପାଳା। ତା'ର ଆଲମିରାଟାଏ ସେ ଘରେ ରହିଥିଲା, ତାକୁ ନପଚାରି ଆଣି ଡାଇନିଂ ଜାଗାରେ ରଖିଦେଲେ। ଏମିତି ବି ସେହି ଭଦ୍ରତା ଟିକକ ନଥିଲା ଆସି ପଚାରିବାକୁ କେଉଁଠି ରହିବ। ବେଖାତିର। ତା'ର କ'ଣ ଏକା ଘର। ଆମର ବି ଭାଗ ଅଛି। ସେ କାହିଁକି ଏଠି ଥୋଇବ। ଆମେ ଫୋପାଡ଼ି ଦେବୁ। ଯେ ଯାହା କରୁଛି କରୁ। ଏଇ ପ୍ରକାର ଚିନ୍ତାଧାରା ସେମାନଙ୍କର। ପୁଅଟା ବି ମୁଣ୍ଡାଳିଆ ପ୍ରକୃତି। ବୁଦ୍ଧି କମ୍। ବାପା, ମା' ସାଂଗରେ ତାଳଦେଇ ଚାଲେ। ପୂରା ମିଶି ଯାଇଥାଏ। ସବୁବେଳେ ଚୁପ୍‌ଚାପ ଥାଏ।

ଏବେ ପାଦେ ପାଦେ ବାଜି ଉଠିଲା ବିବାହର ପୂର୍ବ ରାଗ। ଚୁପ୍‌ଚାପ୍ ବାପା, ମା', ପୁଅ ମିଶି କ'ଣ ସବୁ ମସୁଧା କରିବାରେ ଲାଗିଲେ। ଅନ୍ୟମାନଙ୍କଠୁ ନିଜକୁ ଦୂରେଇ ରଖନ୍ତି। ଗୋଟାଏ କଥା ବି କେହି ଜାଣି ପାରନ୍ତିନି। ସେସବୁ ସେମାନଙ୍କ ଗୁମ୍ ମାରି ଯିବା ଆସିବା, ଟିକିଏ ଟିକିଏ କଥାରେ ଚିହିଁକି ଉଠିବା, କେହି ଗଲାବେଳେ ମୁଟୁମୁଟୁ କରି ଚାହିଁବା, ଏସବୁ ଛକାପଂଝାରେ ଚାଲିଲା।

ଅନୀତା ହାବଭାବରେ ଫୁଟି ଉଠେ କେମିତି ଚଳିବ ସେ ବୋହୂ ସାଂଗରେ। ଏମାନଙ୍କ ସାଂଗରେ ପଡ଼ି ଯଦି ଝଗଡ଼ା ଝାଟି କରେ, ସବୁବେଳେ ତ ତଳମହଲାରେ ମୁହାଁମୁହିଁ ହେବାକୁ ପଡ଼ିବ। କିଏ ବଡ଼ ସାଂଗରେ ନିତି ଦୁଶବ୍ଦ କଷାକଷି ହେବ। ଅଯଥା ମାନସିକ ଅଶାନ୍ତି। ଛୋଟଛୋଟ ପିଲାଙ୍କୁ ପଢ଼ାଉଛି। ମନ ସତେଜ ନରହିଲେ ତାଙ୍କ ଉପରେ ବି ପଡ଼ିବ ପ୍ରଭାବ ଯା'ର।

ଦୁଇ ବର୍ଷ ହେଲା ଚିନ୍ମୟୀ ତ ସହଜେ ଅନୀତାର ପାଖରେ ଖାଉଛି। ସେ ସକାଳୁ ଉଠି ଖାଇବାକୁ ତିଆରି କରେ ତା'ର ନ'ଟା ବେଳେ ଖାଇବା ପାଇଁ। ସାତଟା ପନ୍ଦରରେ ସ୍କୁଲ ଯାଏ। ବାରଟା ପନ୍ଦର ବେଳକୁ ଆସେ। ପୁନଶ୍ଚ ପ୍ରସ୍ତୁତି ମଧ୍ୟାହ୍ନ ଭୋଜନ ପାଇଁ। କାମ ସାରି ତିନିଟା ବେଳେ ବିଶ୍ରାମ ନିଏ। ଚାରିଟାରେ ଉଠି ରାତି ସାଢ଼େ ଆଠଯାଏ ଟ୍ୟୁସନ କରେ। ପୁଣି

ଆରମ୍ଭ କରେ ରୋଷେଇ । ରାତି ଏଗାରଟା ଯାଏ ଖଟୁଥାଏ ସମୟକୁ ଠିକ୍‌ଠିକ୍ ରଖି । ବଡ଼ ଭାଉଜଙ୍କର ଦେହ ଖରାପ ବୋଲି କେଉଁ ଫଁ କମିଛି ? ମନର ଗଠନ ଯାହାରଯେମିତି । ଉପରକୁ ଶାନ୍ତ, ନରମା, ଦେଖାଯାଉଥିବା ଲୋକଟି ଯେ ମନର ସ୍ତରରେ ଭୟଙ୍କର ନହୋଇଥିବ, ତା' ନୁହେଁ । ମଣିଷ ଉପର ଦେଖେ । ସତରେ ଉପରକୁ ଦୁଷ୍ଟ ଲାଗୁଥିବା ସବୁ ମଣିଷ କ'ଣ ଦୁଷ୍ଟ ? ନା ଉପରକୁ ଉପରକୁ ଶାନ୍ତ ଲାଗୁଥିବା ସେଇ ମଣିଷ କେଉଁ ଶାନ୍ତ ? ଅଜବ ଯେତେ ସୃଷ୍ଟି । ଅଜବ ସବୁ ମନର ଗତି । ପୃଥିବୀର ସବୁଠୁ ବୁଦ୍ଧିମାନ ପ୍ରାଣୀ । ଅଥଚ ଇତିହାସ ଦେଖିଲେ ସବୁବେଳେ ଦୁଷ୍ଟ ବୁଦ୍ଧି, ଯୁଦ୍ଧ, ବିଦ୍ୱେଷ ଭାଷା, ଜାତି, ଧର୍ମକୁ ନେଇ ଅହରହ ଲାଗିଛି । ପାଞ୍ଚ ହଜାର ବର୍ଷ ଆଗରୁ କେତେ ବେଦ, ବେଦାନ୍ତ, ରାମାୟଣ, ଭାଗବତ, ଗୀତା ସୃଷ୍ଟି ହୋଇଛି । ମଣିଷକୁ ବୁଝେଇବୁଝେଇ ମୁନିଋଷିଠୁ ମହାମନିଷୀମାନେ ଥକି ଗଲେଣି, ହେଲେ ମଣିଷ ଚରିତ୍ରର ଉନ୍ନତି କାହିଁ ? ସେ ବୁଦ୍ଧିମାନ, ସବୁ ପଢ଼େ, ସବୁ ଶୁଣେ, କିନ୍ତୁ ନିଜ ଉପରେ ନିଜର ନିୟନ୍ତ୍ରଣ ନଥାଏ ତା'ର ।

ବାହାଘରର ତତ୍ପରତା ଏବେ ବେଶ୍ ଅନୁଭୂତ । କରୋନାର ପ୍ରକୋପରେ ତ ସରକାର ତରଫରୁ ବହୁକଥା ନିଷିଦ୍ଧ । ତେବେ ମା'ର ଅବସ୍ଥା ଯାହା କ'ଣ କହିହେବ ? ଦୀର୍ଘ ଚାରିବର୍ଷ ହୋଇଗଲାଣି ସେ ପୀଡିତ । ବୋହୂଟିଏ ଦେଖି ପାରିଲେ ଶାନ୍ତିରେ ଛାଡ଼ିପାରିବେ ଏ ପୃଥିବୀ ।

ବାହାଘର ଆସେ । ପଇସାର ଘୋର ଅଭାବବୋଧ ଭିତରେ ଆଉ ସାନାଇ ବାଜେନି । ଗେଟ୍ ସଜା ହୁଏନି । ଦିନବେଳେ ହୁଏ ବାହାଘର । କରୋନା କାଳ । ବାଜା ବଜେଇ ବର ଯାଏନି । ଯଦିଓ ରାତି ସମୟରେ ରିସେପସନ କରିହେବ । ବୋହୂ ଆସେ । ଆଜିକାଲି ତ ପାଠୁଆ ବୋହୂ । କମ୍ପ୍ୟୁଟରରେ ଏମ.ସି.ଏ ପରିବାରର ଆର୍ଥିକ ଅବସ୍ଥା ଖରାପ । ବାପ ବୁଝେନା ମା', ଦୁଇ ଝିଅଙ୍କ କଥା । ସେ ମାମୁ ଘରେ ବଢ଼ିଛି । ଏମିତି ବି ମାମୁର ଟାଇଟଲ ବହନ କରେ । ମା' ଅନ୍ୟଝିଅ କଟକରେ ଭଡା ନେଇ ରୁହନ୍ତି । ସୁଖେଦୁଃଖେ ଜୀବନ ଚାଲିଛି ତାଙ୍କର । ବାପ ଗାଁରେ ଭାଗାବଣ୍ଡା ପରି ବୁଲେ । ବାହାଘରକୁ ବି ଆସେନି । ଏମିତି ଗୋଟାଏ ପରିବାରରୁ ଆସେ ବୋହୂ । ଚାକିରି କରିଛି ସରକାରଙ୍କର କଣ୍ଟ୍ରାକଟୁଆଲ ସ୍କିମ୍‌ରେ । ଆଶା ରହିଛି ଛ'ବର୍ଷ ପରେ ପୂରା ଦରମା ମିଳିପାରିବ । ମନ୍ଦ ନୁହେଁ । ଯା' ପୁଅର କେଉଁ ଭଲ ଚାକିରିବାକିରି ଅଛି ଯେ ସେ ଅଧିକାଟା ଆଶା କରିବ । ଯାହା ଜୁଟୁଛି ଗ୍ରହଣ କରିବା କଥା ।

ବୋହୂ ଆସେ । ଏବେ କ'ଣ ଚାଲିବ ପ୍ରେକ୍ଷାପଟ କିଏ ଜାଣେ ? ସମସ୍ତେ ଏବେ ସତର୍କ । ଆରମ୍ଭ ହେବ ଛକାପଞ୍ଝା, ଝଗଡ଼ାଝାଟି, ରୋଗୀ ହେଲେ ବି ଭାଉଜଙ୍କର ସେହି ଆଣ୍ଠୁଆ ଜିଦ୍‌ଖୋର ପରି ମନର କ'ଣ ବିଲୋପ ହୋଇପାରିବ ? ଦୁଇଜଣ ଯାକ ବୋହୂକୁ ଶିଖେଇବେ ନିଶ୍ଚୟ ଅନ୍ୟମାନଙ୍କ ବିରୁଦ୍ଧରେ । ସେକଥା କେହି ନଶୁଣି ପାରିଲେ ବି ତ ଅନୁମେୟ ।

ଆସ୍ତେ ଆସ୍ତେ ଅନ୍ୟମାନଙ୍କ ନଜର ଯାଏ ସେହି ଚାରିଜଣଙ୍କ କାର୍ଯ୍ୟକଳାପ ପ୍ରତି । ଚୁପ୍‌ଚାପ୍ ଚାଲେ ସବୁ । ଚିନ୍ମୟୀ ତ ସହଜେ ଯାଏନି ତଳମହଲାକୁ । ତାଙ୍କ ବୋହୂ ଯଦି କୌଣସି କାମରେ ଉପର ମହଲାକୁ ଆସେ ସେ ଖାଲି ତା' ଅଫିସ୍‌ର କାମ ବିଷୟରେ ପଚାରେ । ସେଠି ତା'ର ସାଂଗ ଆଗେ ଚାକିରି କରୁଥିଲା, ତା' ବିଷୟରେ ପଢ଼େ । ତା' ଶାଶୂଶଶୁରଙ୍କ କଥା ଆଦୌ ଆଲୋଚନା କରେନି ।

ବୋହୂର କଥା ବେଶ୍ ସ୍ପଷ୍ଟ ଲାଗେ ତାକୁ । ତା' ବାପା ବିଷୟରେ ସେ କୌଣସି କଥା ଲୁଚାଏନି । ମନେହୁଏ ବତିଶ ବର୍ଷ ବୟସ ଭିତରେ ସେ ଅନେକ ଲଢ଼େଇ ଲଢ଼ିକି ଆସିଛି । ସାଧାରଣ ଝିଅଙ୍କଠାରୁ ପରିପକ୍ୱ ମନେହୁଏ । କିଛି ଚଞ୍ଚଳତା ନାହିଁ, ଯୌବନର ଉଦ୍ଦୀପନାରେ ଭାସିଯିବାର ନାହିଁ, ଅଛି ମୁଣ୍ଡ ଉପରେ ବିରାଟ ଦାୟିତ୍ୱ । ସେ ଶାଶୁଘରର, ବାପଘରର, ଅଫିସର ବି ।

କ୍ରମଶଃ ସେ ବୁଝିନିଏ ଶାଶୂଶଶୁରଙ୍କର କଥାବାର୍ତ୍ତାର ଦିଗ । ତା' ଉପରେ ଅଯାଚିତ ଚାପ ପକାଇବାର ଉଦ୍ଦେଶ୍ୟ । ସେ ଶୁଣେ ସମସ୍ତଙ୍କ ବିରୁଦ୍ଧରେ ଦୁଇଜଣଙ୍କର ତା' ଆଗରେ ବଖାଣୁଥିବାର ଘଟଣାକ୍ରମ । ଯାହା ସେ କାହୁଁ ଜାଣିବ ! ତା'ର ସ୍ୱପ୍ନ ନଥାଏ, ଥାଏ ଆସୁ ଆସୁ ରୋଗୀଣା ଶଶୁର ସେବା । ମାନସିକତାରେ ଫୁଲର ସୁରଭି ନଥାଏ, ଥାଏ ହିଂସା, ଦ୍ୱେଷ, ପରଶ୍ରୀକାତରତାର ଭୁରିଭୁରି ଦୁର୍ଗନ୍ଧ । କେମିତି ଗୋଟାଏ ପରିବାରରେ ସେ ପଡ଼ିଲା । ତା' ମା' ବ୍ୟସ୍ତ ହୋଇପଡ଼ନ୍ତି । କୁହନ୍ତି ଝିଅକୁ ବାହା ପଛେ ନକରି ଥା'ନ୍ତୁ, ଏମିତି ଲୋକ ହାବୁଡେ ପଡ଼ିଲା ମୋ ଝିଅ ।

ବୋହୂର ଥାଏ ବେଶ୍ ସମ୍ଭ୍ରବତା । ଦେଖେ ଖୁଡୀଶାଶୂ ରୋଷେଇ କରୁଛନ୍ତି ତ ବିନମ୍ର ସହକାରେ କଥାହୁଏ । ଭିତରକୁ ଯାଏ । ଆରାମ୍‌ରେ ରୋଷେଇ କରେ । ପରସ୍ପର ଆଲୋଚନା କରି ଯାହାର ଯେମିତି ସମୟ ସେହି ଅନୁସାରେ ରୋଷେଇ କରନ୍ତି । ଏଠି ଥାଏ ସହାବସ୍ଥାନର ଆପୋଷ ବୁଝାମଣା । ଲାଗେ ଉଚିତ, ଅନୁଚିତର ଗୋଟାଏ ସମଝଦାର ଝିଅ । ସମସ୍ତେ ତା'ର ବ୍ୟବହାର ଦେଖି ଧରିନିଅନ୍ତି ଆଉ କୌଣସି ଅଘଟଣର ଆଶଙ୍କା ନାହିଁ । ଶାଶୂର ଗୁରୁତ୍ୱ କମିଆସେ । ଏମସିଏ ପଢ଼ି ଆସିଥିବା ଆଜିକାଲିକା ପିଲା, ସେ କେଉଁ ଚାଳିଶ ବର୍ଷ ତଳେ ବାହା ହୋଇ ଆସିଥିବା ଏ ପ୍ରକାର ଶାଶୁର ମାନସିକ ସଂକୀର୍ଣ୍ଣତାକୁ ଗ୍ରହଣ କରୁଛି । ସେମାନେ ଆଦୌ ଏସବୁ ପରିବେଶରେ ବଢ଼ି ନାହାନ୍ତି ବି । ସବୁ କେମିତି ଘୂରିଯାଏ କାଳଚକ୍ରରେ । ଓଲଟପାଲଟ କରୁଥାଏ ନିୟତି । ସବୁ ଦ୍ୱନ୍ଦ୍ୱ, ସବୁ ଦୁଃସ୍ୱପ୍ନ, ମଣିଷର ବଢ଼େଇ ପଣ ନିମିଷକେ ହଜିଯାଏ । ସେଠିତା'ର ଯୋଜନା, ଯୁକ୍ତି,ଭାବନା, ଦୁର୍ଭାବନା କିଛି ବି ଖଟେନି । ଏବେ ଲାଗେ ଯେମିତି ଗୋଟାଏ ଉଠି ଆସୁଥିବା ଝଡ ଅନ୍ୟ ମୁହାଁ । ସବୁ କିଛି ସମାହିତ ।

ତେବେ ଶାଶୂର ଦାପଟ କମେନି । ଅବାଂଛିତ ଯେତେକ ବିଷୟ ବାସନା ଏବେ ପୀଡନ ପରେ ବି କମେନି । ଆଶ୍ଚର୍ଯ୍ୟ ମଣିଷର ମନ, ତା'ର ଲୋଭ । ଆଜି କୁହେ ଘରକୁ ୱାସିଂମେସିନ ଆଣେ ତ କାଲି କୁହେ ତୋ'ର ଚାକିରି କେବେ ପରମାନେଣ୍ଟ ହେବ ? ତାଙ୍କର ଏ ପ୍ରକାର ମନର ଚାହିଦା ଯେ ସେ ପୂରଣ କରିବାକୁ ଅସମର୍ଥ, ତା' ସେ ବୁଝନ୍ତିନି । ସେମାନଙ୍କ ଏଇ ଛୋଟଛୋଟ ଚାହିଁବାର ବିଷାକ୍ତ ବାଷ୍ପରେ ଯେତେବେଳେ ସେ ଅତିଷ୍ଠ, ଯା' ଭିତରେ ବିତେ ବର୍ଷେ ଓ ପାଞ୍ଚମାସ ।

ଅଚାନକ ଆସେ କଳା ଅନ୍ଧାର । ଶଶୁର ଜୀବନର ସୂର୍ଯ୍ୟ କି ଚନ୍ଦ୍ର ଯାହା ହୁଅନ୍ତୁ ଶାଶୂଟି, ତାଙ୍କର ଜୀବନ ଅସ୍ତମିତ ହୁଏ । ସମୟ କାଢ଼ିନିଏ ସେହି ମଣିଷକୁ । ଏବେ ଘରେ ବାପ, ପୁଅ ଦୁଇ ପ୍ରାଣୀ ବସିଥା'ନ୍ତି ମୁହ୍ୟମାନ ହୋଇ । ମେରୁଦଣ୍ଡଟା ଯେ ଗଲା । ଆଉ ସେମାନଙ୍କ କର୍ତ୍ତୃତ୍ୱ ନଥାଏ । ସବୁ ଚାଲିଆସେ ବୋହୂ ହାତକୁ । ସେଇଆତ ଦୁନିଆର ନିୟମ । ପାରିବା ପଣ ଯାହା ଭିତରେ ରହିଛି, ସେ ହିଁ ଯୋଗ୍ୟ । ସବୁଥିରେ ସାମର୍ଥ୍ୟ ଥିବା ଦରକାର । ସେ ହିଁ ଏବେ ସବୁ ଚିନ୍ତାକରି ନିଷ୍ପତ୍ତି ନିଏ । ପରିବାରର ଦାୟିତ୍ୱ ସବୁ ତା' ଉପରେ ସ୍ୱତସ୍ଫୂର୍ତ୍ତ ଅଜାଡ଼ି ହୋଇପଡ଼େ । ନପାରିଲେ ଖୁଡୀଶାଶୁମାନଙ୍କୁ ପଚାରେ, ବୁଝେ, ବାଟ ଦେଖେଇବାକୁ କୁହେ । ବନ୍ଧୁବାନ୍ଧବ ଘରକୁ ଯାଏ । ସେଠି ଜଣେ ହୋଇ କାମରେ ମିଶିଯାଏ । ଶଶୁରର ଥନ୍ତଲା ପେଟକୁ କମିବ କେମିତି ଅଳ୍ପ ଖାଇବାକୁ କୁହେ । ମୋଟା ରୋଗରେ ପୀଡିତ ସାରାଟା ପରିବାର । ସ୍ୱାମୀକୁ ବି ମନା କରେ ବେଶୀ ଖାଇବାକୁ । ଘରର ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦିଏ । ଏବେ ପରିବାରର ଅନ୍ୟ ସଦସ୍ୟମାନେ ବାପ ପୁଅକୁ ନପଚାରି ସବୁ କଥା ବୋହୂକୁ ପଚାରନ୍ତି । ବୋହୂ ହୋଇଯାଏ ଘରର ମଝିଖୁଣ୍ଟ । ବାପ, ପୁଅ ଦୁଇଟା ଗୌଣ ଏବେ । ସେମାନେ ବି ବୁଝି ନିଅନ୍ତି ତାଙ୍କ କଥା ଆଉ ଖଟିବନି ଏଠି ।

ସମୟକ୍ରମେ ଚାଲିଯାଏ ସେହି ଦୁଶ୍ଚିନ୍ତା, ରୋଷେଇଶାଳ ପାଇଁ ଡରୁଥିବା ଅସ୍ତବ୍ୟସ୍ତ ମନ । ସବୁ ଆଶଙ୍କା, ସବୁ ବ୍ୟତିବ୍ୟସ୍ତତା, ସବୁ ଯୋଜନା ପରାହତ ହେଉଥାଏ ନିୟତି ଆଗରେ ... ।

*ରାଜାବଗିଚା, କଟକ - ୭୫୩୦୦୯*
*ଦୂରଭାଷ: ୯୪୩୭୬୭୨୫୮୫*



# ଶ୍ରବଣଙ୍କ ବୋଝ

କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ

"ଆଜିକାଲି ପିଲାମାନେ ବାପାମା'ଙ୍କୁ ବୋଝ ବୋଲି ଭାବିଲେଣି । ଧନ୍ୟ ସେ ଶ୍ରବଣ କୁମାର । ବାପାମା'ଙ୍କୁ ଭାରରେ ବୋହି ସାରା ଭାରତ ବୁଲାଇଲେ ।"

ବାପା କିଛି ଦୁଃଖକୁ ମୋ' ଆଗରେ ବ୍ୟକ୍ତ କରୁଥିଲେ । ମୋତେ ଲାଗିଲା ସେ ମୋତେ କହୁଛନ୍ତି "ଆଜିକାଲିର ପିଲାଙ୍କ ପରି ନ ହେବାକୁ ।"

ମୋ' ମନକଥା ଜାଣିପାରି ସେ ମୋତେ କହିଲେ – "ତୁ ତ ଗୋଟାଏ ଭଲ ପୁଅ । ଅନେକ ପୂଣ୍ୟ ବଳରେ ତୋ' ପରି ପୁଅଟିଏ ଆମେ ପାଇଛୁ ।"

ବାପାଙ୍କ କଥାରେ ମୁଁ ଗମ୍ଭୀର ହୋଇ ପଡ଼ିଲି । ବୋଉ କେବେ ଠାରୁ ସଂସାର ଛାଡ଼ିଛି, ମୋ' ବିବଶତା ଲାଗି ବାପା ଗାଁ'ରେ ଏକା ରହୁଛନ୍ତି । ନା ସେ ଗାଁ ଛାଡ଼ିବେ, ନା ମୁଁ ଆସି ଗାଁ'ରେ ରହିପାରିବି । ଆଜିକାଲି ଏପରି ବିବଶତା ଅନେକ ପିଲାଙ୍କର ।

– "ତୋ' ଲାଗି ମୁଁ ବୋଝ ହେବିନିରେ ଧନ" ବାପା ତାଙ୍କ କଥାର ଉପସଂହାର କହିଲା ପରେ ମୁଁ ମୋ' ପାଟି ଖୋଲିଲି । "ତୁମକୁ ମୁଁ କେବେ ବୋଝ ବୋଲି ଭାବିନି, ତେଣୁ ତୁମେ ବୋଝ ହେବ କିପରି ?" ମୋ' କଥାରେ ବାପା ହସିଥିଲେ ଏକ ମ୍ଳାନ ହସ ।

ସକାଳୁ ସକାଳୁ ବାପା ପୁଅ ଦି'ଜଣ ବାହାରିଥିଲୁ ଆମ ଧାନ କିଆରି ଦେଖିବାକୁ । ଗାଁ'ର ଅନେକ ଲୋକ ଉଠି ସାରିଥିଲେ । କିଛି ଲୋକ ବୁଲି ବୁଲି ଫୁଲ ତୋଳୁଥିଲେ । ଗାଁ ବି ହୋଇଗଲାଣି ସହର । ଆଗରୁ ପ୍ରତି ଘର ଆଗରେ ଚଉରା ଥିଲା ଏବଂ ଘରର ବୋହୂମାନେ ସଞ୍ଜ ହେଲେ ଚଉରା ଆଗରେ ସଞ୍ଜ ଦେଉଥିଲେ । ଗାଁ'ର ବାସୁଦେବ ମନ୍ଦିରରେ ଝିଅବୋହୂମାନେ ଦୀପ ଜାଳୁଥିଲେ । ଆଜିକାଲି ପ୍ରାୟ ସମସ୍ତଙ୍କ ଘରେ ଗୋଟେ ଗୋଟେ ଠାକୁର ଘର ଯେଉଁଠି ବିଜେ କରୁଛନ୍ତି ଲୋକମାନଙ୍କର ପ୍ରିୟ ଦେବାଦେବୀ । ସେଥିଲାଗି ଫୁଲର ଚାହିଦା ମଧ୍ୟ ବଢ଼ିଯାଇଛି ।

ଆମେ ଆମ ଧାନ କିଆରି ପାଖରେ ପହଞ୍ଚିଲା ବେଳକୁ ସୂରୁଜ ଦେବତା ମା' କୋଳ ଛାଡ଼ି ଉପରକୁ ଉଠିବା ଆରମ୍ଭ କରିଥିଲେ । ଧାନ ପାଚି ଆସୁଥିଲା, ତେଣୁ ସବୁଜିମାର ସ୍ଥାନ ନେଉଥିଲା ସୁନେଲି ଧାନକେଣ୍ଡାଙ୍କ ବର୍ଣ୍ଣବିଭା ।

– ଏଣିକି ଚାଷବାସର ଦାୟିତ୍ୱ ତୁମେମାନେ ନିଅ । ମୁଁ ବି ପାଚି ଗଲିଣି, କେତେବେଳେ... । ବାପାଙ୍କୁ ମୁଁ ସେଇଠି ଅଟକେଇ ଦେଲି । "ଥାଉ, ଆଉ ବେଶି କଥା କୁହନି ।" ମୋ' କଥାରେ ବାପା ନୀରବ ରହିଲେ ।

ଗୋଟେ ସହରୀ ମଣିଷ ଲାଗି ପୌଷମାସର ଧାନକ୍ଷେତ ବେଶ୍ ସୁନ୍ଦର ଦିଶୁଥିଲା ।

– ଅନ୍ତତଃ କେଉଁଠି ଆମର ଧାନବିଲ ଅଛି, ସବୁ ଜାଣ । ବାପା ମୋତେ ପରାମର୍ଶ ଦେଉଥିଲେ ।

ଆମ ଗାଁ' ଗହିର ବିଲାମାନଙ୍କ ମଧ୍ୟରେ ଏବେ ପିଚୁ ରାସ୍ତା, ଗୋଟେ ଗାଁ'ରୁ ଅନ୍ୟ ଗାଁ'କୁ ଯିବାକୁ ଆଉ ଅସୁବିଧା ନାହିଁ । ମୁଁ ଅନେଇ ଦେଲି ଆମ ଗାଁ'ର ବିସ୍ତୀର୍ଣ୍ଣ ଧାନବିଲଙ୍କ ଆଡ଼େ । "ଭାଗ୍ୟ ଭଲ, ଆମ ଗାଁ' କଟକ କି ଭୁବନେଶ୍ୱର ପାଖରେ ନୁହଁ, ନହେଲେ ଏଠି ବି ଛିଡ଼ା ହୁଅନ୍ତାଣି କଂକ୍ରିଟ୍ ଜଙ୍ଗଲ ।" ମନେମନେ ଭାବିଲି ମୁଁ ।

ଆମେ ଧାନବିଲରୁ ଆମ ଗାଁ'କୁ ଫେରୁଥିଲୁ ଗହିର ମଝିରେ ଥିବା ରାସ୍ତା ଦେଇ । ବାଟରେ ଗାଁ'ର ଅନେକ ସମ୍ପର୍କୀୟ ଲୋକ ଦେଖା ହେଉଥିଲେ । ପ୍ରାୟ ସମସ୍ତେ ସେଇ ଗୋଟିଏ କଥା କହୁଥିଲେ – "ସକାଳୁ ସକାଳୁ ବାପା ପୁଅ କୁଆଡ଼େ ଯାଇଥିଲ ?" ମୋତେ ପ୍ରଶ୍ନଟିଏ ରହୁଥିଲା – କିରେ ସୁଦାମ, ଗାଁ'କୁ କେବେ ଆସିଲୁ ?" ଜଣ ଜଣଙ୍କ ଖୋଲା ଅଭିବ୍ୟକ୍ତି – "ବାପା ଆଉ କାମକୁ ପାରୁନାହାନ୍ତି, ତାଙ୍କୁ ତୁମ ପାଖକୁ ନେଇଯାଅ" ମୋ' ହୃଦୟରେ କଣ୍ଟା ଫୋଡ଼ୁଥିଲା । ମୁଁ ନୀରବରେ ଚାହୁଁଥିଲି ବାପାଙ୍କ ଆଡ଼େ । ବାପା ଦେଉଥିଲେ ତାଙ୍କ ଚିରାଚରିତ ହସ, "ତାଙ୍କ କଥା ଶୁଣୁନା" । ମୁଁ ଠିକ୍ ଅଛି ।"

ବାପା ଓ ମୁଁ ଗାଁ' ମୁଣ୍ଡରେ ପହଞ୍ଚି ଯାଇଥିଲୁ । ଗାଁ'ମୁଣ୍ଡ ବରଗଛ ଠାରୁ କିଛି ଦୂରରେ ଗୋବରୀ ବୁଢ଼ୀ ଘର । ଏକ ଶ୍ରୀହୀନ ବଗିଚାର ମଧ୍ୟଭାଗରେ ଦି' ବଖରା ଛୋଟ ଛୋଟ ପକ୍କା ଘର । ତାକୁ ଲାଗିକରି ରହିଛି ଦି' ବଖରା ନୁଆଣିଆ ଚାଳଘର । କିଛି ବର୍ଷ ଛପର ନ ହୋଇଥିବାରୁ ଚାଳରେ ଠାଏ ଠାଏ କଣା । କଖାରୁ ଲଟାର ପତ୍ର ଚେଷ୍ଟା କରୁଛନ୍ତି ଲୁଚେଇବାକୁ ଘରର ଦୈନ୍ୟତା ।

ମୋ' ପିଲାବେଳେ ଗୋବରୀ ବୁଢ଼ୀ ବଗିଚା ଥିଲା ଆମ ପାଇଁ ଏକ ମହାନ ଆକର୍ଷଣ । ଏଇପଟ ଦେଇ ସ୍କୁଲକୁ ଗଲାବେଳେ ଆମ ଲୋଭିଲା ଆଖି ପହଁରି ବୁଲୁଥିଲେ ସେ ବଗିଚାରେ ଥିବା ପିଜୁଳି, ଜାମୁ, ଆମ୍ବ ଓ ବରକୋଳି ଗଛ ଆଡ଼େ । ବର୍ଷକ ବାରମାସ ପିଜୁଳି ଦେଉଥିବା ଗଛ ଥିଲା ଆମ ଆକର୍ଷଣର କେନ୍ଦ୍ରରେ ।

ଗୋବରୀ ବଡ଼ବୋଉର ତୀକ୍ଷ୍ଣ ନଜର ରହୁଥିଲା ତା' ଘର ବାଟ ପଟ ଦେଇ ଯାଉଥିବା ଲୋକଙ୍କ ଉପରେ, ବିଶେଷକରି ଆମେ ସ୍କୁଲରୁ ଫେରିବା ସମୟରେ । ସେ ଜାଣିଥିଲା, ଆମ ଭିତରୁ କେହି ନା କେହି ସାହସ କରି ପଶିବେ ତା' ବାଡ଼ିରେ । ସେ ହାତରେ ବାଡ଼ିଟିଏ ଧରି ସଦା ସଜାଗ ରହୁଥିଲା ।

ତାକୁ ଠକିବାକୁ ବାଟ ବାହାର କରୁଥିଲେ ପିଲାମାନେ । ଦଳେ ପିଲା ତାକୁ କିଛି ନା କିଛି ବାହାନାରେ ବ୍ୟସ୍ତ ରଖୁଥିଲା ବେଳେ ଅନ୍ୟ ଦଳେ ପଶୁଥିଲେ ତା' ବଗିଚାରେ, ମାତ୍ର ବେଶି ସଫଳତା ପାଉନଥିଲେ । ଅଳ୍ପ ସମୟରେ ଗୋବରୀ ବଡ଼ବୋଉ ବୁଝି ଯାଉଥିଲା ପିଲାଙ୍କ ଚାଲ, ହାତରେ ବାଡ଼ି ଧରି ସେ ବୁଲି ଯାଉଥିଲା ତା' ଘରର ଚାରି ପାଖରେ ।

ସେତେବେଳେ ବଡ଼ବାପା କଲିକତାରେ କାମ କରୁଥିଲେ । ଗୋବରୀ ବଡ଼ବୋଉର ପିଲାମାନେ ଛୋଟ ଥିଲେ ଏବଂ ତା' ଶାଶୁ ଶଶୁର ତା' ପାଖରେ ଥିଲେ ।

ଗୋବରୀ ବୁଢ଼ୀ କିପରି ଅଛି ? ଗାଁ' ବରଗଛ ପାଖରେ ମୁଁ ପଚାରିଲି ବାପାଙ୍କୁ ।

– ତା' କଥା ପଚାରନା । ସେ ତା' କର୍ମର ଫଳ ଭୋଗ କରୁଛି । ବାପା ଆଉ କିଛି କହିଲେନି । ଆମେ ନୀରବରେ ଆମ ଘର ଆଡ଼େ ଚାଲିଲୁ ।

ବାପାଙ୍କ କଥା ଶୁଣି ଗୋବରୀ ବଡ଼ବୋଉ ସମ୍ପର୍କରେ ଜାଣିବାକୁ ମୋର ଆଗ୍ରହ ସୃଷ୍ଟି ହେଲା । ଗାଁ'ର ଜଣେ ଦି'ଜଣ ସାଙ୍ଗଙ୍କ ଠାରୁ ଯାହା ଶୁଣିଲି, ମନଟା ଭାରି ଦୁଃଖ ହେଲା ।

ମା' ବାପା ଗୋଟେ ସମୟରେ ହୁଏତ ପିଲାଙ୍କ ଲାଗି ଠିକ୍ ବ୍ୟବହାର ଦେଖାଇ ନ ପାରିଥାନ୍ତି, ମାତ୍ର ତାଙ୍କ ବାର୍ଦ୍ଧକ୍ୟ ସମୟରେ ତାଙ୍କ ଦାୟିତ୍ୱ ନେବା ପିଲାଙ୍କ କର୍ତ୍ତବ୍ୟ ନୁହଁ କି? ଗୋବରୀ ବଡ଼ବୋଉ କଥା ଶୁଣି ମୋ' ମନରେ ଏ ପ୍ରଶ୍ନ ଉଠିଲା।

ଏବେ ବଡ଼ବୋଉ ଗ୍ରାମବାସୀଙ୍କ ଦୟାରେ ବଞ୍ଚିଛି, କିଛି ଖାଇବାକୁ ମିଳିଲେ ଖାଉଛି, ନହେଲେ ଉପାସ ରହୁଛି।

ପ୍ରତାପୀ ଗୋବରୀ ବଡ଼ବୋଉ କ'ଣ ଜାଣିଥିଲା – ସମୟ ମଣିଷର ସବୁ ଦମ୍ଭ, ଗର୍ବ ଓ ଅହଙ୍କାରକୁ ତା' ଚକିରେ ପେଶି ଧୂଳି କରିଦିଏ।

ଗୋଟାଏ ସମୟରେ ତାକୁ ସମସ୍ତେ ଡରୁଥିଲେ, ଗାଁ ଲୋକ, ତା' ଶାଶୁ ଶଶୁର, ତା' ପିଲା, ବଡ଼ବାପା ଓ ଆମେ। ନିହାତି କଳିହୁଡ଼ି ବଡ଼ବୋଉକୁ ଗାଁରେ କେହି ବି ଭଲ ପାଉନଥିଲେ। "ଆର ଜନ୍ମରେ ରାକ୍ଷାସୀ ଥିଲା" କହୁଥିଲେ ଲୋକ।

ତା' ପିଲାମାନେ ତାକୁ ଭୀଷଣ ଡରୁଥିଲେ। କଥା କଥାକେ ସେ ପିଲାମାନଙ୍କ ନୋଳା ଫଟେଇ ଦେଉଥିଲା। ତା' ଡରରେ ପିଲାମାନେ ଭଲ ପାଠ ପଢୁଥିଲେ। ତା' ଦୁଇ ପୁଅ ଓ ଗୋଟିଏ ଝିଅ ଆମ ସ୍କୁଲରେ ତାଙ୍କ ଶ୍ରେଣୀରେ ପ୍ରଥମ ହେଉଥିଲେ। ଗର୍ବରେ ଗୋବରୀ ବଡ଼ବୋଉ କହି ବୁଲୁଥିଲା – ତା' ମାଡ଼ ହିଁ କାମ ଦେଉଛି। ନହେଲେ ସେମାନେ ବି ଗାଁ ପିଲାଙ୍କ ପରି ଗଧ ହୋଇଥାନ୍ତେ।

ନିଜ କର୍ମ ଓ ପିଲାଙ୍କୁ ନେଇ ସେ ବହୁତ ଗର୍ବ କରୁଥିଲା। ତା' ପରିବାର ଉପରେ ଥିଲା ତା'ର ଅଖଣ୍ଡ ଆଧିପତ୍ୟ।

ପିଲାମାନେ ବଡ଼ ହୋଇ କଲେଜରେ ପାଠ ପଢ଼ିଲେ। ଶାଶୁ ଶଶୁର ଇହଧାମ ତ୍ୟାଗ କଲେ। ବିପିନ ବଡ଼ବାପା ଅନେକ ଦିନ ଶଯ୍ୟାଶାୟୀ ହୋଇ ଦେହତ୍ୟାଗ କଲେ।

ବଡ଼ବୋଉ କିନ୍ତୁ ହାରିବାର ଲୋକ ନଥିଲା। ଲୋକ ଲଗେଇ ସେ ଚାଷବାସ ଦେଖିଲା ଓ ପିଲାଙ୍କ ପଢ଼ାପଢ଼ି ଲାଗି ଯାହା ଆବଶ୍ୟକ କଲା।

ଝିଅର ବାହାଘର ମଧ୍ୟ ଧୁମଧାମ୍‌ରେ ଏକ ଧନୀ ପରିବାରରେ କଲା।

ସମୟ ସହିତ ତା'ର କିଛି ପରିବର୍ତ୍ତନ ହେଲାନି। ଘରକୁ ପିଲାମାନେ ଆସିଲେ ସେମାନଙ୍କୁ କିଛି ସ୍ୱାଧୀନତା ଦେଉନଥିଲା ବଡ଼ବୋଉ। "ଏ ଘରେ କେବଳ ମୋ' କଥାରେ ସବୁ ହେବ।" ପିଲାମାନେ ଏଇ କଥା ବାରମ୍ବାର ଶୁଣିଲେ।

ଚାକିରି ପାଇଲା ପରେ ପୁଅମାନେ ଆଉ ଗାଁକୁ ଆସିଲେନି। ବିଭାଘର ପରେ ଝିଅ ମଧ୍ୟ ବାପଘର ସହିତ ସମ୍ପର୍କ ତୁଟେଇ ଦେଲା।

ଗୋବରୀ ବଡ଼ବୋଉ ଆହତ ସିଂହୁଣୀ ପରି ଗର୍ଜନ କଲା। ଗାଁ ଲୋକମାନେ ତା' ଉପରେ ହସିବା ଆରମ୍ଭ କଲେ। କଥାରେ କଥାରେ ଗୋବରୀ ବଡ଼ବୋଉ ଲୋକଙ୍କ ସହିତ ଝଗଡ଼ା କଲା। ପରିସ୍ଥିତି ହେଲା ଏହିପରି – ଏ ସଂସାରରେ ତା'ର ସବୁ ଥାଇ ସେ ଏକାକିନୀ ହୋଇଗଲା।

ଗୋଟାଏ ସମୟରେ ତା'ର କିଛି ପରିବର୍ତ୍ତନ ଆସିଲା, ମାତ୍ର ବହୁତ ବିଳମ୍ବରେ, ଦି'ପୁଅ ଦୂର ସହରରେ ନିଜର ସଂସାର ବସାଇଲେ ଏବଂ ଗାଁ ଆଡ଼େ ଅନେଇଲେ ନାହିଁ। "ମୁଁ ଯାହା କରିଛି, ସେମାନଙ୍କ ଭଲ ପାଇଁ" ଏ କଥା ଶୁଣିବାକୁ କେହି ତା' ପାଖରେ ନଥିଲେ।

ବାର୍ଦ୍ଧକ୍ୟ ଆଣିଲ ବିବଶତା। ଗୋବରୀ ବଡ଼ବୋଉ ପିଲାମାନଙ୍କ ପାଖକୁ ଖବର ଦେଲା – "ଆସ, ତମ ଭାଗରେ ଯାହା ଜମିବାଡ଼ି ପଡ଼ିବ ବାଣ୍ଟିକରି ନେଇଯାଅ, ଖୁସିରେ ରୁହ।" ମାତ୍ର ସ୍ୱାର୍ଥପର ପିଲାମାନେ ତାଙ୍କ ମା'କୁ ବିଶ୍ୱାସ କଲେନି କିମ୍ବା ଗାଁକୁ ଆସିଲେନି।

ବୋଝ ଉପରେ ନଳିତା ବିଡ଼ା ପରି ଗୋବରୀ ବଡ଼ବୋଉ ଉପରେ ଆସିଲେ ଦୁଃଖ ପରେ ଦୁଃଖ। ପକ୍ଷଘାତ ରୋଗରେ ଆକ୍ରାନ୍ତ ହୋଇ ତା'ର ବାମପଟ ଗୋଡ଼ ଅଚଳ ହୋଇଗଲା। ସେ ଗୋଟେ ପ୍ରକାର ଘୋଷାରି ହୋଇ ଚାଲିଲା। ଗାଁ ଲୋକଙ୍କୁ ଆକୁଳ ହୋଇ ବିନତି କଲା, କେହି ଆସିଲେନି। ଯିଏ ଆସିଲେ କିଛି ସର୍ତ୍ତନେଇ ଆସିଲେ, ସେମାନଙ୍କ ଦୃଷ୍ଟିରେ ଥିଲା ଏକ ଅସହାୟା ବୃଦ୍ଧାର ଜମିବାଡ଼ି।

ଗାଁ ଲୋକ ତା' ପିଲାମାନଙ୍କ ପାଖକୁ ଖବର ଦେଲେ। ବୁଢ଼ୀଟିକୁ ବୋଝ ଭାବି ପିଲାମାନେ ତା' ଆଡ଼େ ଅନେଇଲେ ନାହିଁ।

ଅଚଳ ହୋଇ ଆସୁଥିବା ଗୋବରୀ ବଡ଼ବୋଉକୁ ସାହାଯ୍ୟ କଲେ ତା' ବୟସର କିଛି ବୃଦ୍ଧ ବୃଦ୍ଧା। ଅନ୍ତତଃ ଦିନକୁ ଦି'ଥର ତା' ପରେ ପହଞ୍ଚିଲା କିଛି ଖାଦ୍ୟ।

ଆଜି ଗୋବରୀ ବଡ଼ବୋଉ ବଞ୍ଚି ରହିଛି ଗାଁ ଲୋକଙ୍କ ଲାଗି। ତା' କଥା ଶୁଣି ମନ ଦୁଃଖରେ ଭରିଗଲା।

– ଏ ଯୁଗରେ ବି କିଛି ଶ୍ରବଣ କୁମାର ଅଛନ୍ତି ବାପାମା'ଙ୍କ ଭାର ବୋହିବାକୁ। ଗୋବରୀ ବଡ଼ବୋଉର କରୁଣ କାହାଣୀ ହୃଦୟକୁ ଭାରି କରୁଥିଲା ବେଳେ ବାପାଙ୍କ ଏକଥା ମୋତେ ଟିକେ ଆଶ୍ୱସନା ଦେଇଥିଲା।

– ଝୁନୁ କଥା ମନେଅଛି? କାହ୍ନୁଆ ଦାଦି ଝିଅ। ମୁଁ ଝୁନୁ ଅପାକୁ ମନେ ପକେଇବାକୁ ଚେଷ୍ଟାକଲି। ସେ ମୋ' ଠାରୁ ଦୁଇ କ୍ଲାସ୍ ଉପରେ ପଢୁଥିଲା, ବଡ଼ ଲାଜକୁଳୀ ଓ ଡରକୁଳୀ। ଅନ୍ଧାରକୁ ତା'ର ଭାରି ଡର। ସାର୍‌ଙ୍କ ଆଗରେ ଭୟରେ ତା'ର ପାଟ ଖୋଲେନି। ପାଠ ଜାଣିକରି ମଧ୍ୟ ସେ ସାର୍‌ମାନଙ୍କୁ ଉତ୍ତର ଦେଇପାରେନି, ତା' ଦେହ ହାତ ଥରେ। ସାର୍‌ଙ୍କ ଠାରୁ ଗାଳି ଶୁଣେ।

– ଝୁନୁ ଏବେ ତା' ବୁଢ଼ୀମା'କୁ ତା' ପାଖରେ ରଖି ତା'ର ସେବା ଶୁଶ୍ରୂଷା କରୁଛି। ବାପାଙ୍କ କଥା ମୋତେ ଆଶ୍ଚର୍ଯ୍ୟ କଲା ନିଶ୍ଚିତ।

– ତା' ଶାଶୁ ଘରେ ସେ ତା' ମା'କୁ ରଖିଛି?

– ହଁ, ପ୍ରଥମେ ପ୍ରଥମେ ତା' ଶାଶୁଘର ଲୋକ କଥାକୁ ଠିକ୍ ଭାବରେ ଗ୍ରହଣ କରୁନଥିଲେ। ଝୁନୁ ସିଧା କହିଦେଲା – ତା' ମା'ର ଆଉ କେହି ନାହାନ୍ତି। ସେ ମା'କୁ ପାଖରେ ରଖି ତା' କଥା ବୁଝିବ କିମ୍ବା ମା' ପାଖକୁ ଯାଇ ତା'ର ଦାୟିତ୍ୱ ନେବ। ଶାଶୁଘର ଲୋକ ଝୁନୁର ପ୍ରଥମ ପ୍ରସ୍ତାବଟିକୁ ଗ୍ରହଣ କଲେ।

ଝୁନୁ ପରି ଝିଅକୁ ଧନ୍ୟ କହିବ।

ବାପାଙ୍କ କଥା ମୋ' ଆଗରେ ନିଶ୍ଚିତ ପ୍ରଶ୍ନଟିଏ ରଖିଥିଲା। ଆମରି ଗାଁରେ ମୁଁ ଦୁଇଟି ଚିତ୍ର ଦେଖିଥିଲି। କାରଣ ଯାହା ବି ହେଉ, ଗୋଟେ ପଟେ ପୁଅ ଝିଅମାନେ ବୃଦ୍ଧାମା'କୁ ଛାଡ଼ି ଦେଇଛନ୍ତି ତା' ଭାଗ୍ୟର ସାହାରାରେ, ଅନ୍ୟପଟେ – ଝିଅଟିଏ ମା'ର ଭାରକୁ ବୋହି ଚାଲିଛି ଖୁସିରେ।

ସକାଳେ ବାପା କହିଥିବା କଥାକୁ ମୁଁ ସଞ୍ଜରେ ବୁଝି ଯାଇଥିଲି ଏବଂ ବାସୁଦେବଙ୍କୁ ପ୍ରାର୍ଥନା କରିଥିଲି – ମୋତେ ଶ୍ରବଣ କୁମାରଟିଏ କରି ରଖିବାକୁ।

*ପ୍ରାକ୍ତନ ମହାକାଶ ବିଜ୍ଞାନୀ*
***୩୦୧, ହେମନ୍ତ ଦୁର୍ଗା ଆପାର୍ଟମେଣ୍ଟ,***
***ବିଜ୍ଞାନ ନଗର, ମାର୍ଥାହାଲି ପୋଷ୍ଟ,***
***ବେଙ୍ଗାଲୁରୁ-୫୬୦୦୩୭***
***ଦୂରଭାଷ: ୯୯୮୦୩୦୦୭୫୧***

# ରୂପାନ୍ତର

## ପ୍ର. ଗିରିଜା ଶଙ୍କର ଶର୍ମା

ଅନେକ ଦିନ ପରେ ଆଜି ତନ୍ମୟ ଆସିବ ବୋଲି ଖବର ଦେଇଛି। ସେ ଫ୍ଲୋରିଡ଼ାରେ ରହିବାର ପ୍ରାୟ କୋଡ଼ିଏ ବର୍ଷ ହେଲାଣି। ଆମେରିକାର ନାଗରିକତ୍ୱ ମଧ୍ୟ ଇତି ମଧ୍ୟରେ ନେଇ ସାରିଛି। ତା'ର ଦୁଇଟି ଝିଅ ପ୍ରାୟ ତେର ଚଉଦ ବର୍ଷ ବୟସର। ସେମାନେ ସେଇଠି ଜନ୍ମ ହୋଇଛନ୍ତି। ଏବେ ସେମାନେ ସାତ, ଆଠ ଷ୍ଟାଣ୍ଡାର୍ଡରେ ପାଠ ପଢୁଥିବେ। ଭାରତ ଆସିବାକୁ ସେମାନେ ମଙ୍ଗନ୍ତି ନାହିଁ। ସେମାନଙ୍କ ଅନିଚ୍ଛା ଦେଖି ତନ୍ମୟ ପ୍ରାୟ ସବୁବେଳେ ଏକା ଆସେ। ଆଜି ତା'ର ଫ୍ଲାଇଟ ସାଢ଼େ ଏଗାରଟାରେ ଦିଲ୍ଲୀ ପହଞ୍ଚିବ। ତା'ପରେ ସେ ସିଧା ତମନ୍ନା ପାଖକୁ ଆସିବ। ତମନ୍ନା ତା' ମାଉସୀ ଝିଅ ଭଉଣୀ। ତା' ପାଖରେ ପାଞ୍ଚ ଛ ଘଣ୍ଟା ରହି ସେ ଭୁବନେଶ୍ୱର ଯିବ।

ତମନ୍ନା ଦିଲ୍ଲୀରେ ରହେ। ସେ ଓ ତା' ସ୍ୱାମୀ ଦୁହେଁ ଦିଲ୍ଲୀର ଗୋଟିଏ ବହୁ ଦେଶୀୟ କମ୍ପାନୀରେ ଭଲ ପୋଜିସନରେ ଅଛନ୍ତି। ତାଙ୍କର ଦୁଇ ପୁଅ ଦିଲ୍ଲୀର ଭଲ ଭଲ ସ୍କୁଲରେ ପାଠପଢ଼ନ୍ତି। ତନ୍ମୟ ଆଜି ଆସିବା ଜାଣି ତମନ୍ନା ଛୁଟି ନେଇ ଘରେ ଥିଲା। ତନ୍ମୟକୁ ଯାହା ଯାହା ଭଲଲାଗେ ସେଗୁଡ଼ିକ ନିଜ ସାଧ୍ୟମତେ ଘରେ ତିଆରି କରିଥିଲା ଓ କିଛି ହୋଟେଲରୁ ମଗାଇବା ପାଇଁ ଚିନ୍ତା କରିଥିଲା।

ସାଢ଼େ ବାରଟାରେ କଲିଂବେଲ୍ ବାଜିବା ଜାଣି ତମନ୍ନା ଦୁଆର ପାଖକୁ ଦଉଡ଼ି ଗଲା। ସେତେବେଳେ ତନ୍ମୟ ଆସିଥାଏ। ତାକୁ ଘରକୁ ପାଛୋଟି ନେଇ ଡ୍ରଇଁରୁମରେ ବସାଇ ସେ କିଛି ସ୍ନାକ୍ସ ଓ କଫି ଧରି ଆସି ବସିଲା।

ଦୁଇଜଣଙ୍କ ମଧ୍ୟରେ ପ୍ରାରମ୍ଭିକ କିଛି କଥାବାର୍ତ୍ତା ହେବା ପରେ ଚାଲିଲା ତାଙ୍କ ପିଲାବେଳର କଥାବାର୍ତ୍ତା। ତନ୍ମୟ ଓ ତା' ଭାଇ ସାନ ଥିବାବେଳେ ଖରାଛୁଟିରେ ମାମୁଁ ଘର ଗାଁକୁ ନିଶ୍ଚିତ ଯାଉଥିଲେ। ଠିକ୍ ସେଇ ସମୟରେ ତମନ୍ନା ଓ ତା'ର ସାନଭାଇ ମଧ୍ୟ ମାମୁଁ ଘର ଗାଁକୁ ଯାଉଥିଲେ। ବଡ଼ ମାମୁଁ ଅନ୍ୟତ୍ର ଚାକିରୀରେ ଥାଆନ୍ତି। ଖରାଛୁଟିରେ ସେ ମଧ୍ୟ ତାଙ୍କ ପରିବାର ଧରି ନିଜ ଗାଁକୁ ଆସନ୍ତି। ତାଙ୍କ ପୁଅ ଜିତୁ ମଧ୍ୟ ଏମାନଙ୍କ ପାଖାପାଖି ବୟସର। ସେ ମଧ୍ୟ ଆସେ। ତେଣୁ ଖରାଛୁଟିରେ ପ୍ରାୟ ଏ ପାଞ୍ଚ ପିଲା ଏକତ୍ରିତ ହୁଅନ୍ତି ମାମୁଁ ଘର ଗାଁରେ। ମାମୁଁ ଘର ଜିଲ୍ଲା ସଦର ମହକୁମାଠାରୁ ପ୍ରାୟ ସାତ ଆଠ କିଲୋମିଟର। ଗାଉଁଲି ଗାଁ ହେଲେ ମଧ୍ୟ ଗାଁକୁ ବସ୍ ଆସେ ସକାଳେ ସନ୍ଧ୍ୟାରେ। ଗାଁରେ ଇଲେକ୍ଟ୍ରିସିଟି ଅଛି। ରାସ୍ତାଘାଟ ମଧ୍ୟ ଭଲ ଅଛି। ଛୋଟ ବଡ଼ ଦୋକାନ ମଧ୍ୟ ଅଛି। ଚା, ଜଳଖିଆ ଖାଇବା ହୋଟେଲ ମଧ୍ୟ ଅଛି। ମୋଟାମୋଟି ଭାବରେ କହିବାକୁ ଗଲେ ଗାଁରେ ସହରର ପ୍ରାଥମିକ ସବୁ ସୁବିଧା ଉପଲବ୍ଧ। ଭଲ ରାସ୍ତା ଥିବାରୁ ଗାଁରୁ ପ୍ରତ୍ୟହ ଅନେକ ଲୋକ ନିଜନିଜ ମୋଟର ସାଇକେଲ ବା ଗାଡ଼ିରେ ସହରକୁ ଯିବା ଆସିବା କରନ୍ତି। ମାମୁଁ ଘର ଗାଁ ଛୋଟିଆ ହେଲେ ମଧ୍ୟ ସହରର ଅଂଶ ପରି ଜଣାପଡ଼େ।

ମାମୁଁ ଘର ବହୁତ ବଡ଼। ବିଭିନ୍ନ ଫଳଗଛ ଯେପରିକି ଆମ୍ବ, ପିଜୁଳି, ଜାମୁଁକୋଳି, କଦଳୀ ଆଦି ଗଛ ଲାଗିଥାଏ। ବହୁତ ଫଳ ମଧ୍ୟ ହୁଏ। ଖରାଦିନେ ବିଭିନ୍ନ ପ୍ରକାରର ଆମ୍ବ ପାଚେ। ପଣସ ମଧ୍ୟ ପାଚେ। ଆମେ ସମସ୍ତେ ଅତି ଆନନ୍ଦରେ ପାଚିଲା ଫଳ ଖାଉ। ମାମୁଁ ଘରକୁ ଆସିବାର ଏହା ଏକ ପ୍ରମୁଖ ଆକର୍ଷଣ ମଧ୍ୟ।

ଆମେ ସମସ୍ତେ ମିଶି ଗଲେ ଖରାଛୁଟିରେ ପ୍ରତ୍ୟେକ ଦିନ ଆମ ପାଇଁ ଆନନ୍ଦର ଦିନ ହୋଇଥାଏ। ତନ୍ମୟ ଓ ତମନ୍ନା ମାମୁଁ ଘରେ କାଟିଥିବା ଦିନଗୁଡ଼ିକ ଉପରେ ଓ ତାଙ୍କ ସାନବେଳର ଟିକିଟିକି ଘଟଣାଗୁଡ଼ିକର ସ୍ମୃତିଚାରଣ କରୁଥାନ୍ତି। ଅତୀତର ସ୍ମୃତି ଏବେ ମଧ୍ୟ ମନରେ ପୁରୁଣା ଉତ୍ସାହକୁ ବହୁଗୁଣିତ କଲାପରି ମନେ ହେଉଥାଏ।

ତନ୍ମୟ ମନେ ପକେଇଲା ତା'ର ଗୋଟିଏ ପୁରୁଣା ସ୍ମୃତିକୁ। ସେଦିନ ବହୁତ ଖରା ହୋଇଥାଏ। ଦିନ ଅଢ଼େଇଟା ପ୍ରାୟ। ବଡ଼ ମାମୁଁ ସାନ ମାମୁଁ ଅଜାଆଇ ମଉସା ମାଉସୀ ସମସ୍ତେ ଖାଇସାରି ନିଜ ନିଜ ବିଛଣା ଉପରେ ବିଶ୍ରାମ କରୁଥାନ୍ତି। ସାନପିଲାମାନେ ଲୁଚକାଳି ଖେଳ ଖେଳୁଥିଲେ। ବେଶୀପାଟିତୁଣ୍ଡ ହେଲେ ବଡ଼ମାନେ ପିଲାମାନଙ୍କୁ ଶୋଇବା ପାଇଁ କହୁଥିଲେ ମଧ୍ୟ ସମସ୍ତେ ଖେଳରେ ମସ୍‌ଗୁଲ ଥିଲେ। ବଡ଼ମାମୁଁଙ୍କ ପୁଅ ବୁଲୁ ଲୁଚିବା ପାଇଁ କାଠଗଦା ଭିତରକୁ ପଶିଯିବାରୁ ଗୋଟିଏ କାଠ ବୁଲୁ ଉପରେ ପଡ଼ିଯିବାରୁ ସେ ବହୁତ କାନ୍ଦିଲା। ବଡ଼ମାମୁଁ ଆସି ତାକୁ ମାଡ଼ ମଧ୍ୟ ଦେଲେ। ସେହିପରି ତମନ୍ନା ମଧ୍ୟ କଞ୍ଚା ସପୁରୀ ତୋଳି ଆଇଠାରୁ ଗାଳି ଖାଇଥିଲା। ଏପରି ଗୋଟିକ ପରେ ଗୋଟିଏ ସ୍ମୃତି ରୋମନ୍ଥନ କରି ସେମାନେ ବହୁତ ଆନନ୍ଦିତ ହେଉଥିଲେ।

ଅଢ଼େଇଟା ବେଳେ ମଧ୍ୟାହ୍ନଭୋଜନ ସାରି ଭାଇ ଭଉଣୀ ଫେର ବସିଗଲେ। ଅନେକ ପୁରୁଣା ସ୍ମୃତି ପୁନରୁଜ୍ଜୀବିତ ହେଲେ। ହଠାତ୍ ତନ୍ମୟ ଭାବପ୍ରବଣ ହୋଇ କହିଲା ଦିଦି, (ତମନ୍ନା ତନ୍ମୟଠାରୁ ପ୍ରାୟ ବର୍ଷେ ବଡ଼) ମୁଁ ଗତବର୍ଷ ଭୁବନେଶ୍ୱର ଆସିଥିଲି। ମୋର ମାମୁଁ ଘର ଗାଁକୁ ବୁଲିଯିବାର ଇଚ୍ଛା ହେଲା। ମୁଁ ଜଳଖିଆ ଖାଇସାରିବା ପରେ, ଗାଁକୁ ଯିବା ପାଇଁ ସାନବେଳର ସାଙ୍ଗ ମନୁଆର ମୋଟର ସାଇକଲରେ ବାହାରିଗଲି। ଗାଁର ରୂପରେଖ ଇତି ମଧ୍ୟରେ ବହୁତ ବଦଳି ଗଲାଣି। ଆଗ ଘରଗୁଡ଼ିକ ଟିକେ ଛାଡ଼ି ଛାଡ଼ି ଥିଲା। ଅନେକ ଘର ସାନ ସାନ ଥିଲା। ଏବେ କିନ୍ତୁ ପ୍ରାୟ ସବୁ ଘର ଦୁଇ କିମ୍ବା ତିନି ମହଲା ହୋଇଯାଇଛି। ଅନେକ ଲୋକଙ୍କ ପାଖରେ ଚାରିଚକିଆ ଗାଡ଼ି ଅଛି। ମୁଁ ପ୍ରଥମେ ମାମୁଁ ଘରକୁ ଚିହ୍ନି ପାରିଲି ନାହିଁ। ଜଣକୁ ଡାକି ପଚାରିଲି ପ୍ରସନ୍ନ ପାଢ଼ୀଙ୍କ ଘର କେଉଁଟା। ସେ ଦେଖାଇଦେବାରୁ କବାଟରେ ନକ୍ କଲି। ଜଣେ ବୟସ୍କ ବ୍ୟକ୍ତି ଘରୁ ବାହାରି ପଚାରିଲେ, 'କାହାକୁ ଖୋଜୁଛନ୍ତି'? ମୁଁ ତାକୁ ସବୁ କଥା ବୁଝେଇ କହିଲି। ମୋ ମାମୁଁ ପ୍ରଶନ୍ନ ପାଢ଼ୀ ଏଘର ବିକ୍ରି କରିବା ଆଗରୁ ଆମେ ପାଞ୍ଚ ଭାଇଭଉଣୀ ଏଠିକି ସବୁ ଖରା ଛୁଟିରେ ଆସୁ। ଏ ଘର ସହିତ ଆମର ବହୁ ସ୍ମୃତି ରହିଥିବାରୁ ମୁଁ ଦେଖିବା ପାଇଁ ଆସିଛି। ତା' ପରେ ପଚାରିଲି, ଆଜ୍ଞା ବାରିଆଡ଼େ ବହୁତ ଆମ୍ବ ପିଜୁଳି ପଣସ ଆଦି ଗଛ ଥିଲା। ତାହା ଏବେ କିପରି ଅଛି। ବୟସ୍କ ଜଣକ ମୋତେ ବାରି ଆଡ଼କୁ ଡାକିନେଲେ। ସେଠାରେ ଯାଇ ଦେଖିଲି ଗଛ ଗୋଟିଏ ବି ନାହିଁ। ସେ ଜାଗାରେ

ଦୁଇ ମହଲା ଦୁଇଟି ଘର ଓ ତିନି ମହଲା ଘରଟିଏ ଅଛି। ବୟସ୍କ ଜଣକ କହିଲେ ପାଢ଼ୀ ବାବୁଙ୍କଠାରୁ ଆମେ ଏ ଘର କିଣିବାର ପ୍ରାୟ ଚାରିବର୍ଷ ହୋଇ ଗଲାଣି। ଆମେ ଚାରିଭାଇ ମିଶି ଏ ଘରକୁ କିଣିଲୁ ଓ ପରେ ସମସ୍ତେ ନିଜ ନିଜ ଘର କରି ରହିଛୁ। ସେଇଥି ପାଇଁ ଏଠି ଥିବା ଆମ୍ବ, ପଣସ, ଜାମୁକୋଳି ଆଦି ଗଛ କାଟିବାକୁ ପଡ଼ିଲା। ଏତିକି ଶୁଣି ସାରିବା ପରେ ସେଠାରେ ଆଉ ଅଧିକ ସମୟ ରହିବାକୁ ମୋର ଇଚ୍ଛା ହେଲା ନାହିଁ। ସହର ଧିରେ ଧିରେ ବଢ଼ିବାକୁ ଲାଗୁଛି ଓ ଗ୍ରାମ ଏବଂ ପରିବେଶକୁ ବେଶ୍ ସଂକୁଚିତ କରୁଛି। ମୁଁ ଯଥାସମ୍ଭବ ବୟସ୍କ ବ୍ୟକ୍ତିଙ୍କଠାରୁ ବିଦାୟ ନେଇ ଭୁବନେଶ୍ୱର ଆଡକୁ ଆସିଲି।

ବୁଝିଲୁ ଦିଦି । ଏବେ ମାମୁଁ ଘର ଗାଁ ଆଉ ଗାଁ ହୋଇ ରହିନାହିଁ। ଗୋଟିଏ ଛୋଟକାଟିଆ ସହରରେ ପରଣିତ ହୋଇଛି। ସେଠାରେ ହାଇସ୍କୁଲ, କଲେଜ ହୋଇ ସାରିଲାଣି। ସହରମାନଙ୍କ ପରି ସ୍କୋୟାର ଫୁଟରେ ଘରବାଡ଼ି ଜମି ବିକ୍ରି ହେଉଛି। ମାମୁଁ ଘର ଗାଁ ଆଉ ନାହିଁ କି ଆମ ମାମୁଁଘର ମଧ୍ୟ ନାହିଁ। ସେଠାରେ ଏବେ ତିନି ମହଲା କୋଠା ଅଛି।

ଦିଦି କହିଲା ମୁଁ କେବେ ସମୟ ପାଇଲି ନାହିଁ ମାମୁଁ ଘରକୁ ଯିବା ପାଇଁ। ଚାକିରୀ ବାକିରୀରେ ଛନ୍ଦି ହୋଇ ମହାନଗରୀ ଦିଲ୍ଲୀରେ ରହୁଛି। ଏବେ ଚାହିଁଲେ ମଧ୍ୟ ମାମୁଁ ଘରକୁ ଯାଇ ହେବନାହିଁ।

ମୋର (ତନ୍ମୟର) ଫ୍ଲାଇଟ ଟାଇମ୍ ପାଖେଇ ଆସିଲା। ଗୋଟିଏ କ୍ୟାବ୍ ବୁକ୍ କରି ବିମାନ ବନ୍ଦର ଯିବା ପାଇଁ ବାହାରି ପଡ଼ିଲା । ମାମୁଁ ଘର ଗାଁ ଆଉ ନ ରହିବାର ଦୁଃଖକୁ ସାଥିରେ ନେଇ।

*ଧନକଉଡା, ସମ୍ବଲପୁର: ୭୬୮୦୦୬*
*ଦୂରଭାଷ: ୮୯୧୭୪୯୪୦୯୫*





# ମମତାର ଆକାଶ

## ବିଜୟିନୀ ତ୍ରିପାଠୀ

ନିଷ୍ପ୍ରଭ ଆଖି ଦୁଇଟି ଚାହିଁ ରହିଥିଲା, ଓଠ ଥର ଥର ହୋଇ କମ୍ପୁଥିଲା କିନ୍ତୁ ଶବ୍ଦ ହଜିଯାଇଥିଲା। ରୁମ୍‌ରେ ଥିବା ଲ୍ୟାମ୍ପର ଧିମା ଆଲୋକରେ ଅସୁସ୍ଥ ସ୍ୱାମୀଙ୍କୁ ଚାହିଁଲେ ବସୁନ୍ଧରା। ଶୁଭକାନ୍ତଙ୍କର ନିସ୍ତେଜ ଶୂନ୍ୟ ଦୃଷ୍ଟି ପିତ୍ନୀଙ୍କ ଅସହାୟ ଚେହେରା ଉପରେ ନିବଧ ଥିଲା। ରୁମ୍‌ରେ କେବଳ ନୀରବତାର ରାଜତ୍ୱ, କିନ୍ତୁ ସଙ୍କେତର କହିଥିବା ଶବ୍ଦ ସବୁ ନିର୍ଜୀବ କାନ୍ଥରେ ବାରମ୍ବାର ପିଟିହୋଇ ବସୁନ୍ଧରାଙ୍କ ଦେହମନକୁ ଲହୁଲୁହାଣ କରୁଥିଲେ। ସେ ରୁମ୍‌ରୁ ବାହାରିଯିବାର ଗୁଡାଏ ସମୟ ହୋଇଗଲାଣି। ସେତିକି ବେଳୁ ଶୁଭକାନ୍ତଙ୍କର ଦୁର୍ବଳ ହାତକୁ ଧରି ସ୍ଥାଣୁ ପରି ବେଡ୍ ଉପରେ ବସି ରହିଛନ୍ତି।

ସେ ତ କିଛି ଅପ୍ରାସଙ୍ଗିକ କଥା କହିନଥିଲେ। କେବଳ ଏତିକି ଅନୁରୋଧ କରିଥିଲେ - ଏବେ ଆମେରିକା ନ ଯାଇ ଗୋଟେ ମାସ ପରେ ଯିବା ପାଇଁ। ସେ କେବେ ବି ଏଭଳି ଅନୁରୋଧ କରିନଥାନ୍ତେ, ଯଦି ଶୁଭକାନ୍ତଙ୍କୁ ହଠାତ୍ ହୃଦ୍‌ଘାତ ହୋଇନଥାନ୍ତା। ଏପର୍ଯ୍ୟନ୍ତ ସଙ୍କେତର ରୁକ୍ଷସ୍ୱରର ପ୍ରତିଧ୍ୱନି ତାଙ୍କୁ ମର୍ମାହତ କରୁଥିଲା।

"ମମି, ତୁମେ କ୍ୟାରିଅର ବିଷୟରେ କ'ଣ ଜାଣିଛ। ସବୁ ମା' ବାପା ନିଜ ପିଲାଙ୍କ ଭବିଷ୍ୟତକୁ ନେଇ ସ୍ୱପ୍ନ ଦେଖନ୍ତି। ମୁଁ ମାନୁଛି ସେହି ସ୍ୱପ୍ନକୁ ସାକାର କରିବା ପାଇଁ ପରିଶ୍ରମ ବି ବହୁତ କରନ୍ତି। କିନ୍ତୁ ଏଇଟା ତ ପ୍ରତ୍ୟେକ ପିତାମାତାଙ୍କର କର୍ତ୍ତବ୍ୟ।"

ବସୁନ୍ଧରାଙ୍କର ସମ୍ପୂର୍ଣ୍ଣ ଶରୀର ଥରୁଥିଲା। ସେ କବାଟର ହାଣ୍ଡେଲ୍‌କୁ ଜୋର୍‌ରେ ଧରିନେଲେ, ନହେଲେ ହୁଏତ ପଡ଼ିଯାଇଥାନ୍ତେ। ସଙ୍କେତର ଚିତ୍କାର କିନ୍ତୁ ସରି ନଥିଲା। ସେ କହି ଚାଲିଥିଲା - ଆମକଥା ଥରେ ଭାବି ଦେଖ - ଯେତେବେଳେ ଆମକୁ ସବୁଠାରୁ ବେଶି ନିଜଘର ଓ ଆପଣାର ଲୋକଙ୍କ ସଂସ୍ପର୍ଶ, ସ୍ନେହ, ଶ୍ରଦ୍ଧାର ଆବଶ୍ୟକତା ଥାଏ ସେତେବେଳେ ଆମେ କେଉଁ ଦୂର ସହରରେ ସମସ୍ତ ସୁଖ, ସୁବିଧାରୁ ବଞ୍ଚିତ ରହି ନିଜର ଭବିଷ୍ୟତ ସୁଧାରିବା ପାଇଁ ସବୁକିଛି ମାନିନେଉ। ଆଉ ଆଜି ଯଦି ସେଇ ପରିଶ୍ରମର ଫଳସ୍ୱରୂପ ମୁଁ ମୋ ଲକ୍ଷ୍ୟସ୍ଥଳରେ ପହଞ୍ଚିପାରିଛି, ତୁମେ ମୋତେ ବାଧା ଦେବା ପାଇଁ ଚାହୁଁଛ। ଘର ପରିବାର ଆଉ ରୋଷେଇ ହିଁ ଯାହାର ଜୀବନ, ସିଏ କ'ଣ ବୁଝିବ ନିଜର କ୍ୟାରିୟରର ସଫଳତା ଯାହାକି ଆକାଶକୁ ଛୁଇଁବାଠାରୁ କିଛି କମ୍ ନୁହେଁ। ତା'ପାଇଁ ଯେତିକି ପରିଶ୍ରମ ଦରକାର ସେତିକି ତ୍ୟାଗର ବି ଆବଶ୍ୟକତା ରହିଛି।

ବସୁନ୍ଧରାଙ୍କର କଣ୍ଠ ଶୁଖିଯାଉଥିଲା, ଆଖି ମଧ୍ୟ ଶୁଖିଲା ଥିଲା କାରଣ ଛାତି ଭିତରେ କୋହରେ ଆଖି ତାଙ୍କର ଭିଜିଯାଉ ସେ କଥା ତାଙ୍କୁ ମଞ୍ଜୁର ନଥିଲା। ସେ ନିଜକୁ ଯଥା ସମ୍ଭବ ସଂଯତ ରଖିବାକୁ ଚେଷ୍ଟା କରୁଥିଲେ।

ସଙ୍କେତ ତା'ର ରକ୍ଷ ବ୍ୟବହାରରେ ବସୁନ୍ଧରାଙ୍କ ଅନ୍ତରାତ୍ମାକୁ କ୍ଷତବିକ୍ଷତ କରି ରୁମ୍‌ରୁ ବାହାରି ଯାଇଥିଲା। ଏଇ ଭିତରେ ଶୁଭକାନ୍ତ ଧିରେ ଧିରେ ତକିଆ ସାହାଯ୍ୟରେ ବସିବାକୁ ଚେଷ୍ଟା କରୁଥିଲେ। ବସୁନ୍ଧରାଙ୍କ ହାତକୁ ଧରି କ୍ଷିଣସ୍ୱରରେ କହିଲେ - ଭାଙ୍ଗିପଡନି ବସୁ, ତୁମେ ଅସିମୀତ ସାହସ ଓ ଧୈର୍ଯ୍ୟ ଥିବା ଏକ ସ୍ୱୟଂ ସମ୍ପୂର୍ଣ୍ଣା ନାରୀ। ତୁମେ ଅସାଧାରଣ। ଦିନ ଥିଲା ତୁମେ ୟୁନିଭରସିଟିର ଟପର୍, ଉଚ୍ଚ ପଦର ଅଧିକାରୀ ପଦକୁ ଆଡ଼େଇ ଦେଇଥିଲ। ତୁମକୁ ଗୋଟେ ମୁହୂର୍ତ୍ତବି ଲାଗିନଥିଲା ସବୁକିଛିକୁ ତିଳାଞ୍ଜଳୀ ଦେବାପାଇଁ। ତୁମ ଅପେକ୍ଷା ଅଧିକ ମଜବୁତ୍ ଆଉ କିଏ ହୋଇପାରେ ?

ୟୁନିଭରସିଟି ଟପର୍ ? ?

ସେଇ କୁହୁଡି ଘେରା ଗଳିରାସ୍ତାରେ ଆଗେଇବା ପାଇଁ ଚାହୁଁନଥିଲେ ବସୁନ୍ଧରା। ସେଇ ଗଳିରାସ୍ତାର କବାଟ ଅନେକ ବର୍ଷ ପୂର୍ବରୁ ସେ ବନ୍ଦ କରିଦେଇଥିଲେ। କିନ୍ତୁ ଶୁଭକାନ୍ତ ଆଜି ସେ କବାଟ ପୁଣି ଖୋଲି ଦେଇଥିଲେ।

ଛୋଟବେଳୁ କଣ୍ଢେଇ ଖେଳନାରେ ନ ଖେଳି କାଗଜ କଲମ ସହିତ ଖେଳିବାରେ ତାଙ୍କର ବେଶି ଆଗ୍ରହ ଥିଲା। ପ୍ରଥମେ ବଙ୍କାଟଙ୍କା ଗାର ସବୁ ଟାଣିବାପରେ ଛୋଟ ଛୋଟ ଚିତ୍ର ଆଙ୍କିବା ପରେ ସେ ଏବିସିଡି ଲେଖିବା ଶିଖିଥିଲେ। ତା'ପରେ ପାଠ ସହିତ ଛୋଟ ଛୋଟ କବିତା, କ୍ଷୁଦ୍ରଗଳ୍ପ ଲେଖୁଲେଖୁ ସେ ବଡ ହୋଇଥିଲେ। ଜୀବନର ତିକ୍ତ ମଧୁର ଅନୁଭୂତି ସହିତ କଳ୍ପନାର ରଙ୍ଗ ଦେଇ ସେ ଅନେକ ଗଳ୍ପ, କବିତା ରଚନା କରିଥିଲେ। ତାଙ୍କର କଳ୍ପନାର ପରିସୀମା ଅସୀମ ଆକାଶ ସଦୃଶ ପ୍ରଶସ୍ତ ଥିଲା। ଆଉ ସେଇ କଳ୍ପନାର ଆକାଶ କେବଳ ନନାବୋଉଙ୍କର ଉତ୍ସାହ ଓ ପ୍ରେରଣାରେ ସମ୍ଭବପର ହୋଇପାରିଥିଲା। ସେମାନଙ୍କର ପ୍ରେରଣାରେ ଅନୁପ୍ରାଣିତ ହୋଇ ଦିନେ ବସୁନ୍ଧରା ୟୁନିଭରସିଟିରେ ଓଡ଼ିଆରେ ଟପର୍ ହେଲେ। ସେତେବେଳେ ତାଙ୍କର କଳ୍ପନାର ଆକାଶ ଆହୁରି ବିସ୍ତାରିତ ହୋଇଗଲା। ସେଇ ସମୟରେ ଶୁଭକାନ୍ତଙ୍କ ସହିତ ବନ୍ଧୁତା, ତା'ପରେ ଘନିଷ୍ଠତା ତାଙ୍କ ଜୀବନର ମନୋରମ ଆକାଶମଣ୍ଡଳରେ ଚିକିମିକି ତାରା ଫୁଲରେ ଭରି ଦେଇଥିଲା। ତା'ପରେ ସେମାନଙ୍କର ବାହାଘର, ୟୁନିଭରସିଟିରେ ପ୍ରଫେସର ପଦରେ ପିଯୁକ୍ତି ପାଇବା ପରେ ସମୟର ଗତି ଆକାଶରେ ଭସା ବାଦଲ ପରି ଦିନ ପରେ ଦିନ ଅତିକ୍ରମ କରି ଚାଲିଥିଲା। ସେଇ ସ୍ୱପ୍ନଭରା ରାତିଦିନ ଅସରନ୍ତି ତ ନଥିଲା। ତଥାପି ଶୁଭକାନ୍ତଙ୍କୁ ଜୀବନସାଥୀ ରୂପରେ ପାଇ ବସୁନ୍ଧରାଙ୍କର ମନେ ହେଲା ତାଙ୍କର କଳ୍ପନାର ଆକାଶକୁ ଆହୁରି ରଙ୍ଗିନ୍ କରିବା ପାଇଁ ଭଗବାନ ତାଙ୍କୁ ଉପଯୁକ୍ତ ସାଥୀଟିଏ ଦେଇଛନ୍ତି ଯାହାର ହାତଧରି ସେ ନିଶ୍ଚିନ୍ତରେ ଖୋଲା ଆକାଶର ସ୍ୱପ୍ନ ଦେଖିପାରିବେ। ପ୍ରକୃତରେ ଶୁଭକାନ୍ତ ଓ ବସୁନ୍ଧରା ଉଭୟ ପରସ୍ପରର ପରିପୂରକ ଥିଲେ, ସମ୍ପୂର୍ଣ୍ଣ ଥିଲେ। ଯେତେବେଳେ ସ୍ୱପ୍ନ ରାଜ୍ୟରୁ ବାହାର ଦୁନିଆକୁ ବାହାରିଲେ, ସେତେବେଳକୁ ସେମାନଙ୍କର ଯୁଗ୍ମ ଜୀବନ ପଞ୍ଚମ ବର୍ଷରେ ପ୍ରବେଶ କଲାଣି। ସେଦିନ ବସୁନ୍ଧରା ଚମକି ପଡିଲେ, ଯେଉଁଦିନ ଶାଶୁମା ପରିବାର ବୃଦ୍ଧିକୁ ନେଇ ଟିପ୍ପଣୀ କଲେ। ସତରେ ଏଇ ଭିତରେ ପାଞ୍ଚବର୍ଷ ବିତି ଗଲାଣି।

ଅଥଚ ମନେହେଉଛି ଯେମିତି ସେଦିନ ଶୁଭକାନ୍ତଙ୍କ ସହିତ ପରିଚୟ, ଘନିଷ୍ଠତା ତା'ପରେ ବାହାଘର। ଏପର୍ଯ୍ୟନ୍ତ ସେ ବା ଶୁଭକାନ୍ତ ଅନୁଭବ

କରିନାହାନ୍ତି ଯେ ସେମାନଙ୍କ ଛୋଟ ସଂସାର ପ୍ରକୃତରେ ସମ୍ପୂର୍ଣ୍ଣ ହେବା ପାଇଁ ଛୋଟ ଶୁଭକାନ୍ତ ବା କୁନି ବସୁନ୍ଧରାର ଆବଶ୍ୟକତା ରହିଛି, ଯାହାକି ଏଡାଇ ହେବନି। ମାନସିକ ସ୍ତରରେ ନିଜକୁ ପ୍ରସ୍ତୁତ କରିବା ପରେ ସେମାନଙ୍କର ସଂସାରକୁ ସୁଖର ସମ୍ଭାର ନେଇ ଜଣେ ନୁହେଁ ଦୁଇଜଣ ଆସିଥିଲେ। ସଙ୍କେତ ଓ ସଞ୍ଜିତା। ଜାଆଁଳା ଭାଇଭଉଣୀ। ବସୁନ୍ଧରା ଓ ଶୁଭକାନ୍ତଙ୍କର ଖୁସିର ସୀମା ନଥିଲା। ପରିବାରର ସମ୍ପୂର୍ଣ୍ଣତା ପାଇଁ ସେମାନେ ଠାକୁରଙ୍କ ପାଖରେ କୃତଜ୍ଞ ଥିଲେ। ଭାବିଥିଲେ ଚାକିରୀ ସହିତ ଛୁଆଙ୍କୁ ସମ୍ଭାଳିବାରେ ସେମିତି କିଛି ଅସୁବିଧା ହେବନି, କିନ୍ତୁ ବାସ୍ତବରେ ସେକଥା ସହଜ ନଥିଲା। ଏଇଠି ମମତାର ସାଗର ସମ୍ମୁଖରେ କଳ୍ପନା ଓ ସ୍ୱପ୍ନର ଆକାଶ ଛୋଟ ପଡିଗଲା। ସେଦିନ ଯେତେବେଳେ ବସୁନ୍ଧରା ନିଜର ନିର୍ଣ୍ଣୟ ଶୁଣାଇଲେ, ଶୁଭକାନ୍ତ ସ୍ତବ୍ଧ ହୋଇଯାଇଥିଲେ। ତାଙ୍କର ମନ- ମସ୍ତିଷ୍କ ଏ କଥା ସ୍ୱୀକାର କରିବା ସ୍ଥିତିରେ ନଥିଲା। ବସୁନ୍ଧରାଙ୍କୁ ବୁଝାଇବାକୁ ଅନେକ ଚେଷ୍ଟା କଲେ – "ଆମେ ଜଣେ ନରଖି ଦୁଇଜଣ ଆୟା ରଖିବା ବସୁନ୍ଧରା, ତା'ପରେ ୟୁନିଭରସିଟିରୁ ଫେରି ଆମେ ଉଭୟ ସେମାନଙ୍କର ଯତ୍ନ ନେବା, ମୁଁ ତ ସଦାସର୍ବଦା ତୁମ ସାଙ୍ଗରେ ଅଛି। ତୁମ ପାଇଁ ତ ତୁମ କ୍ୟାରିଅର ହିଁ ସ୍ୱପ୍ନ ଥିଲା। ସେଇ ସ୍ୱପ୍ନକୁ ନେଇ ତୁମର କଳ୍ପନାର ଆକାଶ ସୀମା ଅସୀମିତ ହୋଇଥିଲା। ତା'ପରେ କିଛି ଦିନ ପରେ ତୁମର ପ୍ରମୋସନ୍ ହେବାର ଅଛି। ହଠାତ୍ ଏ ନିଷ୍ପତ୍ତି କାହିଁକି। ହସିଲେ ବସୁନ୍ଧରା। କହିଲେ – ଏବେ ବି ମୋ ପାଇଁ କଳ୍ପନାର ଆକାଶର ପରିଭାଷା କିଛି ବଦଳିଯାଇନି, କେବଳ ପ୍ରାଥମିକତାର ପରିବର୍ତ୍ତନ ହୋଇଛି। ଏବେ ମୋ ପାଇଁ ଗୁରୁତ୍ୱପୂର୍ଣ୍ଣ ହେଉଛି ମୋ ପିଲାଙ୍କର ଯତ୍ନ ଆଉ ସେମାନଙ୍କ ପ୍ରତି ମୋ ସାନ୍ନିଧ। ଚାକିରୀ ତ ପରେ ବି ମିଳିଯିବ, ହେଲେ ଆଜି ମୋ ଛୁଆ ତ ଅବହେଳିତ ହେବେନି।

ବସୁନ୍ଧରାଙ୍କର ଛୁଆଙ୍କ ପ୍ରତି ବାତ୍ସଲ୍ୟ ପ୍ରେମ ଓ ଦୃଢ଼ୋକ୍ତିରେ ଶୁଭକାନ୍ତ ବାଧ ହୋଇ ନିରବ ହୋଇଯାଇଥିଲେ। ବିବାହର ପାଞ୍ଚବର୍ଷ ପରେ ବସୁନ୍ଧରାଙ୍କର ଜୀବନ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ସ୍ୱପ୍ନ ଆକାଶ କଳ୍ପନା ସବୁକିଛି ଏପଟ ସେପଟ ହୋଇଯାଇଥିଲା। ତ୍ୟାଗପତ୍ର ଦେବା ସମୟରେ ବସୁନ୍ଧରାଙ୍କର ନା ହାତ କମ୍ପିଥିଲା ନା ଚେହେରାରେ କ୍ଷୋଭ ବା ଗ୍ଲାନିର କୌଣସି ଚିହ୍ନ ଥିଲା। ବରଂ ପୁଅ ଝିଅଙ୍କୁ କୋଳରେ ଧରି ସେ ଭାବୁଥିଲେ – ଏମାନଙ୍କ ବିନା ମୋ ଦୁନିଆଁ ଏତେ ସୁନ୍ଦର ହୋଇପାରିନଥାନ୍ତା।

ସ୍ୱପ୍ନ ନଥିଲା କି ଆକାଶ ନଥିଲା। ବସୁନ୍ଧରା ପୂର୍ଣ୍ଣତଃ ମମତାମୟୀ ମା' ହୋଇଯାଇଥିଲେ। କେବେ ଯେ ଦିନେ ସେ ୟୁନିଭରସିଟିର ଟପର୍ ଥିଲେ ତା'ର ଚିହ୍ନବର୍ଣ୍ଣ ବି ତାଙ୍କ ପାଖରେ ନଥିଲା। ସମୟ କାହାକୁ ଅପେକ୍ଷା କରେନା। ଦୁଇ ଛୁଆଙ୍କର ଆଦର ଯତ୍ନ, ସେମାନଙ୍କର ଶିକ୍ଷା ଓ ଭବିଷ୍ୟତ ଗଢ଼ିବାରେ ସେ ଏତେ ବ୍ୟସ୍ତ ରହିଲେ ଯେ, ନିଜକୁ ବି ଭୁଲିଗଲେ। ପୁଣିଥରେ ଚାକିରୀ କରିବା ତ ଦୂରର କଥା ପିଲା ବି ଜାଣିପାରିଲେନି ସେମାନଙ୍କ ମା' କେବେ ଜଣେ ସୁନାମଧନ୍ୟ ଶିକ୍ଷାବିତ୍ ଥିଲେ। ସେ ନିଜ ପିଲାଙ୍କ ପାଖରେ କେବଳ ଜଣେ ସ୍ନେହମୟୀ ମା' ଥିଲେ। ଅତୀତକୁ ସେ ଅନେକ ପଛରେ ଛାଡ଼ି ଆସିଥିଲେ। ଯେଉଁଦିନ ପୁଅଝିଅ ଦୁଇଜଣ ଆଇଆଇଟିରେ ସିଟ୍ ପାଇଲେ, ବସୁନ୍ଧରାଙ୍କର ଖୁସିର ଠିକଣା ନଥିଲା। ଏଥର ତାଙ୍କ ପିଲାମାନେ ଖୋଲା ଆକାଶରେ ଉଡ଼ିବା ଶିଖିବେ। ତୃପ୍ତିରେ ତାଙ୍କ ମନ ଭରିଯାଇଥିଲା। ଏଇଆ ଭାବି ଯେ ତାଙ୍କର ପରିଶ୍ରମ, ତାଙ୍କର ତ୍ୟାଗର ଉପଯୁକ୍ତ ପୁରସ୍କାର ସେ ପାଇଛନ୍ତି। କେମିତି ଚାରିବର୍ଷ ବିତିଗଲା ଜଣାପଡିଲାନି। ବିଟେକ୍ ପରେ ଉଭୟଙ୍କୁ ବିଦେଶରେ ଉଚ୍ଚଶିକ୍ଷା ପାଇଁ ସ୍କଲାରସିପ୍ ବି ମିଳିଗଲା। ଏବେ ଉଡ଼ିବା ପାଳି ଛୁଆଙ୍କର। ବସୁନ୍ଧରା ଏବେ ନିଶ୍ଚିନ୍ତ। ଆଜି ସେ ଅନୁଭବ କରୁଛନ୍ତି ଦିନେ ସେ ମା' ହେବାର ଯେଉଁ ଗୌରବ ହାସଲ କରିଥିଲେ, ତା'ର ଅବମାନନା ସେ କେବେ କରିନାହାନ୍ତି। ସେଥିପାଇଁ ଆଜି ତାଙ୍କର ପିଲାମାନେ ଯୋଗ୍ୟତାର ଶିଖରରେ ପହଞ୍ଚି ପାରିଛନ୍ତି। ନିଜ ପିଲାଙ୍କ ସଫଳତାକୁ ନେଇ ସେ ଗର୍ବ ଅନୁଭବ କରନ୍ତି। ପିଲାଙ୍କ ସଫଳତା ପ୍ରକୃତରେ ତାଙ୍କରି ହିଁ ସଫଳତା।

କିନ୍ତୁ ସମୟ ସବୁଦିନ ସମାନ ଯାଏନା। ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ ଦୁନିଆଁର ନିୟମ। ସବୁଦିନ ଆକାଶ ନିର୍ମଳ ରହେନା। କେବେ କେବେ କଳା ବାଦଲ ଆକାଶମଣ୍ଡଳକୁ ଅନ୍ଧକାରରେ ଭରିଦିଏ।

ବସୁନ୍ଧରାଙ୍କର ସେଦିନ ମନେହେଲା ସେ ମଝି ନଦୀରେ ବିନା ନାଉରିଆ, ବିନା ଆହୁଲାରେ ଅସହାୟ ଅବସ୍ଥାରେ ଗୋଟେ ନୌକାରେ ବସି ଶୂନ୍ୟ ଦୃଷ୍ଟିରେ ବାରମ୍ବାର ଦୁଇକୂଳକୁ ଚାହୁଁଛନ୍ତି। ଗୋଟେ ପଟେ ଶୁଭକାନ୍ତଙ୍କର ହୃଦଘାତରେ ମେଡିକାଲରେ ଭର୍ତ୍ତି ହେବା, ଆଉ ଗୋଟେ ପଟେ ଦୁଇ ଛୁଆଙ୍କର ପରଦିନ ଉଚ୍ଚଶିକ୍ଷା ପାଇଁ ବିଦେଶ ଯିବା। ସେ ବୁଝିପାରୁନଥିଲେ ସ୍ୱାମୀଙ୍କ ପାଇଁ ଦୁଃଖିତ ହେବେ ନା ଛୁଆଙ୍କ ପାଇଁ ଖୁସି ହେବେ। ବସୁନ୍ଧରା ଧିରେ ଧିରେ ମାନସିକ ସ୍ତରରେ ଦୁର୍ବଳ ହୋଇ ପଡୁଥିଲେ। ଶୁଭକାନ୍ତଙ୍କର ସର୍ଜରି ପରେ ତାଙ୍କର ସେବା ଶୁଶ୍ରୁଷା ଆବଶ୍ୟକ। ମେଡିସିନ୍, ମେଡିକାଲ୍, ଘର ବାହାର ସବୁ ଏକା ଏକା ସମ୍ଭାଳିବେ କେମିତି। ଉପରକୁ ଯେତେ ଦାମ୍ଭିକା ମନେ ହେଉଥିଲେ ବି ଭିତରେ ଭିତରେ ସେ ଅସହାୟ ହୋଇପଡ଼ିଥିଲେ, ସେଇଥିପାଇଁ ସଙ୍କେତକୁ ଗୋଟେ ମାସ ପରେ ଯିବା ପାଇଁ କହିଥିଲେ। ବୁଝାଇବାକୁ ଚେଷ୍ଟା କରିଥିଲେ- ଡିଗ୍ରୀ ଅଛି, ପ୍ରତିଭା ଅଛି, ଏବେ ନଯାଇ ପର ସେମିଷ୍ଟାରରେ ଗଲେ ସେମିତି କିଛି କ୍ଷତି ହୋଇଯିବନି। କିନ୍ତୁ ଏଠାରେ ମୁଁ ଏକା ସମ୍ଭାଳି ପାରିବିନି, ମୋର ତୁମ ଦୁଇଜଣଙ୍କ ଉପସ୍ଥିତି ଆବଶ୍ୟକ।

ଏତିକି ଶୁଣିବା ପରେ ସଙ୍କେତର ଅପ୍ରତ୍ୟାଶିତ ପ୍ରତିକ୍ରିୟାରେ ବସୁନ୍ଧରା ହତବାକ୍ ହୋଇଗଲେ। ଏ କ'ଣ କହୁଛି ସଙ୍କେତ ? ନିଜର ଅସୁରକ୍ଷା ଭାବନା ତାଙ୍କୁ ବାଧ କରିଥିଲା ପିଲାଙ୍କ ଉପରେ ଚାପ ପକାଇବା ପାଇଁ। ତାଙ୍କର କ'ଣ ନିଜ ପିଲାଙ୍କ ଉପରେ ସେତିକି ଅଧିକାର ନାହିଁ। ସଙ୍କେତ କେମିତି କହିପାରିଲା – ଯିଏ କେବଳ ରନ୍ଧାବଢ଼ା, ରୋଷେଇ ଘର ପରିବାରକୁ ନେଇ ଜୀବନ କାଟିଦେଇଛି, ପାଠ କ୍ୟାରିଅର, ଉଚ୍ଚାକାଂକ୍ଷାର ମହତ୍ତ୍ୱ ସେ ବୁଝିବ କେମିତି। ସଙ୍କେତର ବାକ୍ୟବାଣ ବାରମ୍ବାର ତାଙ୍କ କାନରେ ପ୍ରତିଧ୍ୱନିତ ହେଉଥିଲା। ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲା ଏପରି ତିରସ୍କାର ଶୁଣିବା ପରେ ସେ କେମିତି ସ୍ୱାଭାବିକ ରହିଛନ୍ତି। ଆଖିରେ ତାଙ୍କର ଟୋପାଏ ଲୁହ ନଥିଲା। ସେ କେବଳ ଶୁଭକାନ୍ତଙ୍କ ଦୁର୍ବଳ ହାତଟାକୁ ଜାବୁଡ଼ି ଧରିଥିଲେ।

ଶୁଭକାନ୍ତ ବସିବା ପାଇଁ ଚେଷ୍ଟା କରୁ କରୁ କହିଲେ – ସଙ୍କେତ କିଛି ଭୁଲ କହିନି ତ। ନିଜକୁ ଯେତିକି ଦୁର୍ବଳ ଭାବୁଛ, ପ୍ରକୃତରେ ତୁମେ ସେତିକି ଦୁର୍ବଳ ନୁହେଁ। ସେତେବେଳେ ବି ତୁମେ ମଜଭୁତ ଥିଲ, ଆଜିବି ଅଛ। ନିଜର ମହତ୍ତ୍ୱାକାଂକ୍ଷା ପାଇଁ ସ୍ୱଇଚ୍ଛାରେ କଳ୍ପନାର ଆକାଶରୁ ବାସ୍ତବର ଧରାତଳକୁ ଓହ୍ଲାଇବା କିଛି ସହଜ ନିଷ୍ପତ୍ତି ନଥିଲା ସେ ସମୟରେ ବି ତୁମ ମନ ଓ ଶରୀର ଝାଉଁଳି ପଡିନଥିଲା। ଦୁଇ ସନ୍ତାନଙ୍କ ଭିତରେ ତୁମକୁ ଦୁନିଆଁର ସବୁ ଖୁସି ଓ ଆତ୍ମବିଶ୍ୱାସ ମିଳିଯାଇଥିଲା। ସେଇ ଅଫୁରନ୍ତ ଖୁସି ତୁମକୁ ଆହୁରି ସୌନ୍ଦର୍ଯ୍ୟମୟୀ କରି ତୋଳିଥିଲା। ଦୁନିଆଁର ସବୁଠାରୁ ସୁନ୍ଦର ଓ ଶକ୍ତିସମ୍ପନ୍ନା ମା'। ଛୁଆଙ୍କୁ ତାଙ୍କ ରାସ୍ତାରେ ଯିବାକୁ ଦିଅ, ଆମେ ଦୁଇଜଣ ପରସ୍ପରର ସାମର୍ଥ୍ୟ ହୋଇ ବଞ୍ଚିବା।

ଶୁଭକାନ୍ତ ଶୋଇଯିବା ପରେ ବସୁନ୍ଧରା ବାଲ୍‌କୋନୀରେ ବସି ଆକାଶକୁ ଚାହିଁ ରହିଥିଲେ। ନିର୍ମଳ ଆକାଶ, ବାଦଲର ଚିହ୍ନ ବର୍ଣ୍ଣ ନାହିଁ। ଅଗଣାରେ ମୁରୁଜ ପକେଇବା ପରି ଆକାଶମଣ୍ଡଳରେ ତାରାଗଣ ବିଛାଡି ହୋଇ ପଡିଛନ୍ତି। ଗୋଟିଏ ମା' ପରି ଆକାଶ ଅସଂଖ୍ୟ ତାରାଙ୍କୁ ହୃଦୟରେ ଧରି ରଖିଛି। କେବେ ସେମାନଙ୍କଠାରୁ କିଛି ଆଶା ରଖିନି।

ସେ କ'ଣ ଏତେ ସ୍ୱାର୍ଥପର ଥିଲେ ଯେ ଛୁଆଙ୍କ ଉପରେ ଅଧିକାର ସାବ୍ୟସ୍ତ କରୁଥିଲେ ? ନା ଦୀର୍ଘଦିନର ତ୍ୟାଗ ଓ ମମତାର ହିସାବ ନିକାସ କରି ତା'ର ପ୍ରତିଦାନ ଚାହୁଁଥିଲେ ? ବସୁନ୍ଧରା ଦୀର୍ଘନିଃଶ୍ୱାସ ପକାଇଲେ।

ମାତା ପିତାଙ୍କର ସ୍ନେହ, ପ୍ରେମ, ତ୍ୟାଗ, ବାତ୍ସଲ୍ୟ ବଦଳରେ ସନ୍ତାନଙ୍କଠାରୁ କୌଣସି ଆଶା ରଖିବା ଉଚିତ୍ ନୁହେଁ। ଯାହା ସବୁ ଆଜି ପର୍ଯ୍ୟନ୍ତ ସେ ଓ ଶୁଭକାନ୍ତ କରି ଆସିଛନ୍ତି, ସେଇଟା ତ ତାଙ୍କର କର୍ତ୍ତବ୍ୟ। ନିଜର ଅବୁଝା ମନକୁ ସେ ବାରମ୍ବାର ବୁଝାଇବାକୁ ଅପଚେଷ୍ଟା କରୁଥିଲେ।

ସଙ୍କେତ ଓ ସଂଚିତା ବିଦେଶ ଚାଲି ଯାଇଥିଲେ। ଶୁଭକାନ୍ତଙ୍କର ସେବା ଯତ୍ନରେ ବସୁନ୍ଧରା ନିଜକୁ ବ୍ୟସ୍ତ ରଖିଥିଲେ। ଶୁଭକାନ୍ତ ଧୀରେ ଧୀରେ ସୁସ୍ଥ ହୋଇ ଉଠୁଥିଲେ। ଡାକ୍ତରଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ଦିନ ସକାଳେ ସେ ଶୁଭକାନ୍ତଙ୍କୁ ନେଇ ନିକଟରେ ଥିବା ପାର୍କକୁ ଯାଆନ୍ତି। ଖୋଲା ଆକାଶ, ଶୀତଳ ପବନ ସହିତ ସକାଳର ସୂର୍ଯ୍ୟକିରଣ ଦେହ ମନରେ ନୂତନ ସ୍ପୃହା ଓ ସତେଜତା ଭରିଦିଏ।

ସକାଳୁ ସକାଳୁ ପୁଅ ଝିଅ ଫୋନ୍ କରି ବାପା ମା'ଙ୍କର ଭଲମନ୍ଦ ବୁଝିନିଅନ୍ତି। ଶୁଭକାନ୍ତ ବି ପ୍ରାୟ ସୁସ୍ଥ ହୋଇଗଲେଣି। ତଥାପି ଅନେକ ସମୟରେ ବସୁନ୍ଧରାଙ୍କ ମନରେ ପ୍ରଶ୍ନ ଉଠେ – ଜୀବନକାଳ ମଧ୍ୟରେ ପିଲାମାନେ କ'ଣ କେବେ ବି ତାଙ୍କର ସ୍ନେହ ମମତା ଓ ତ୍ୟାଗର ମହତ୍ତ୍ୱ ହୃଦୟଙ୍ଗମ କରିପାରିବେ ? କିନ୍ତୁ କେମିତି କରିବେ ? ସେ କ'ଣ କେବେ ସେମାନଙ୍କୁ ନିଜର କଳ୍ପନାର ଆକାଶ ସହିତ ପରିଚୟ କରାଇଛନ୍ତି, ନିଜ ତ୍ୟାଗର କାହାଣୀ ବଖାଣିଛନ୍ତି ? କାହିଁକି ବା ବଖାଣିଥାନ୍ତେ। ସେ ତ ନିଜର କର୍ତ୍ତବ୍ୟ କରିଛନ୍ତି। ତା' ହେଲେ ସେମାନଙ୍କର ବା ଦୋଷ କେଉଁଠି। ତା'ଛଡ଼ା ସେ କେବଳ କ'ଣ ତ୍ୟାଗ କରିଛନ୍ତି ? ତା ପରିବର୍ତ୍ତେ ସେ ଯେଉଁ ସ୍ୱର୍ଗୀୟ ଆନନ୍ଦ ପାଇଛନ୍ତି ସେ ତ ଅବର୍ଣ୍ଣନୀୟ। ମାତୃତ୍ୱର ମହନୀୟତାର ଅପୂର୍ବ ଅନୁଭୂତି ଅତୁଳନୀୟ। ତାଙ୍କର ବାତ୍ସଲ୍ୟ ମମତାର ପରିସୀମା ସାଗରଠାରୁ ବି ଗଭୀର, ଆକାଶଠାରୁ ବିଶାଳ। ପରିତୃପ୍ତିର ଆଖି ବନ୍ଦ କଲେ ବସୁନ୍ଧରା।

*ନର୍ଦନହାଇଟ୍*
*ଦୂରଭାଷ: ୯୦୪୦୮୫୨୬୪୪*





# ପୁରସ୍କାର

## ଲେଖିକା: ପୁଷ୍ପା ଭାଟିଆ
## ଅନୁବାଦିକା: ସୁବାସିନୀ ରଥ

ପାର୍କର ଗୋଟେ କୋଣରେ ବସିଥିବା ବୃଦ୍ଧ ବ୍ୟକ୍ତିଙ୍କୁ ଦେଖିଲେ ମୋ ମନରେ ଗୋଟେ ପ୍ରକାର ଇର୍ଷା ଜାତ ହୁଏ। ସୁସ୍ଥ, ଉଜ୍ଜ୍ୱଳ ଚେହେରା, ସଳଖ ଶରୀର, ଦୀପ୍ତିମାନ ଆକର୍ଷଣୀୟ ବ୍ୟକ୍ତିତ୍ୱର ମଣିଷ ଜଣେ। ଲମ୍ବା, ଚଉଡା ଗୋଟେ କିଲୋମିଟର ବ୍ୟାପୀ ପାର୍କକୁ ସେ ସବୁଦିନ ବୁଲି ଆସନ୍ତି। କିଛି ସମୟ ବିଶ୍ରାମ ନିଅନ୍ତି ତାପରେ କ୍ଷିପ୍ର ବେଗରେ ଘରକୁ ଚାଲିଯାଆନ୍ତି। ବୋଧେ ସତୁରୀ, ବାସ୍ତରୀ ବର୍ଷ ହେବ। କିନ୍ତୁ ସବୁବେଳେ ପ୍ରକାଶ ପୁଞ୍ଜ ପରି ଚମକୁଥାଆନ୍ତି। ଆଉ ମୁଁ, ଛତିଶ ବର୍ଷରେ ନିରାଶ, ବୀତରାଗି ପରି ଜୀବନ ବଞ୍ଚୁଥିଲି।

ଦିନେ ମୁଁ ସ୍ଥିର କଲି ତାଙ୍କର ଏହି ଔଜଲ୍ୟମାନ ଚେହେରାର ରହସ୍ୟ ଜାଣିବାକୁ ଯିବି। ଧୀରେ ଧୀରେ ଚାଲି ମୁଁ ତାଙ୍କ ପାଖରେ ପହଞ୍ଚିଲି। ଦି ହାତ ଯୋଡ଼ି ନମସ୍କାର କଲି; ସାମାନ୍ୟ ସଙ୍କୋଚ ହେଇ ପଚାରିଲି, "ଅଙ୍କଲ, ମୁଁ ଆପଣଙ୍କ ସଙ୍ଗେ କଥା ହେଇପାରେ କି?"

ସେ ଟିକେ ଘୁଞ୍ଚିଯାଇ "ହଁ ହଁ କହି ବେଞ୍ଚ ଆଡ଼େ ହାତ ଦେଖେଇ କହିଲେ "ବସ ଝିଅ।"

କିଛି ସମୟ ପର୍ଯ୍ୟନ୍ତ ମୁଁ ଚୁପଚାପ୍ ବସିଲି। ବୁଝି ପାରୁନଥିଲି କୋଉଠୁ କଥା ଆରମ୍ଭ କରିବି। ମତେ ଦ୍ୱନ୍ଦ୍ୱରେ ଦେଖି କହିଲେ "କହ ମା କ'ଣ ତୋର ସମସ୍ୟା"?

"ଅଙ୍କଲ ଯଦି ଖରାପ ନ ଭାବିବେ ତେବେ କୁହନ୍ତୁ ତ ଆପଣ ସବୁବେଳେ ଏତେଖୁସି, ଖୁସି କେମିତି ଥାଆନ୍ତି"?

"ଖୁସି ତ ଡିଡିଲି ପରି, ଧରିବାକୁ ଗଲେ ଦୌଡି ପଳେଇବ। ଶାନ୍ତ ହୋଇ ଅନୁଭବ କରିବାକୁ ଭାବିଲେ ସେ ତୋ କାନ୍ଧରେ ଆସି ବସିବ।" କହି ସେ ହସିବାକୁ ଲାଗିଲେ। ମୁଁ ସେମାନଙ୍କ ସହ ମିଳାମିଶା କରେ ଯୋଉମାନଙ୍କ ସହ ଉଠାବସା କଲେ ମୋ ଖୁସି ଦୁଇଗୁଣ ଆଉ ଦୁଃଖ ଅଧା ହେଇଯାଏ।"

"କିନ୍ତୁ ଯୋଉ ସମ୍ପର୍କ ଆମକୁ ବଂଶଗତ ରୂପେ ମିଳିଛି ସେମାନଙ୍କଠୁ କେମିତି ଦୂରକୁ ଯାଇହେବ? ମୁଁ ବଡ ଦୁଃଖି ହେଇ ପଚାରିଲି। ମୋ ପତି ମୋର ସବୁ କାମରୁ ତ୍ରୁଟି ବାହାର କରନ୍ତି। ପୁଅ ମୋ କଥା କିଛି ଶୁଣେ ନାହିଁ। ଶାଶୁ, ଶ୍ୱଶୁର ଦିନ ରାତି ଗାଳି ଦିଅନ୍ତି। ଏ ସମସ୍ତଙ୍କୁ କେମିତି କ୍ଷମା କରିଦେବି"?

"ଚେଷ୍ଟାତ କରାଯାଇ ପାରିବ ଯେ, ଆମ ମନ କୌଣସି ପରିସ୍ଥିତିରେ ଯେମିତି ବିଚଳିତ ନହେଉ।"

"ଏଇଟା କେମିତି ସମ୍ଭବ? କେହି ଆମକୁ ସବୁବେଳେ ଗାଳିଦେବ। ଭଲ ମନ୍ଦ କହିବ ଆଉ ଆମେ ତାକୁ କ୍ଷମା କରିଦବୁ? ଏତେ ଉଚ୍ଚତର ବିଚାର କେବଳ ସାଧୁ, ମହାତ୍ମାମାନେ କରିପାରିବେ। କୌଣସି ସାଧାରଣ ସ୍ତ୍ରୀ ବା ପୁରୁଷ ଦ୍ୱାରା ଏହା ସମ୍ଭବ ନୁହେଁ।"

"ନିଜ ମନକୁ ଉତ୍ତମ ବିଚାର ଦ୍ୱାରା ସଜେଇ ଦେଖ। ସେଠି କୌଣସି ପ୍ରକାର ଆବିଳତା ଯେମିତି ନରୁହେ। ଯଦି ତୁମକୁ ସହିଷ୍ଣୁତା ବଂଶଗତ ଭାବେ ମିଳିନି, ତେବେ ସହିଷ୍ଣୁ ହେବା ପାଇଁ ଚେଷ୍ଟା କର।"

ସୂର୍ଯ୍ୟ ଧୀରେ ଧୀରେ ଉପରକୁ ଉଠୁଥିଲେ। ପାର୍କରେ ବୁଲୁଥିବା ଓ ଏକ୍ସରସାଇଜ କରୁଥିବା ଲୋକମାନେ ଧୀରେ ଧୀରେ ଘରକୁ ଫେରୁଥିଲେ। ମୁଁ ବି ତାଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କଲି ଓ ଘରକୁ ଚାଲି ଆସିଲି।

"କ'ଣ ବୁଲା ହେଇଗଲା ହିରୋଇନ୍‌ଙ୍କର"। ଘରେ ପଶୁ ପଶୁ ଶାଶୁଙ୍କର ସ୍ୱରରେ ମୋ ମୁହଁ ଆମ୍ବିଳା ହେଇଗଲା। ମିରର୍ ଆଗରେ ଯାଇ ଠିଆ ହେଲି। ମୋର ସାଧାରଣ ବେଶଭୂଷା ଦେଖି ଭାବିଲି ହିରୋଇନ୍‌ମାନେ କ'ଣ ଏଇ ବେଶ ପୋଷାକରେ ଥାଆନ୍ତି? ନା ମୁଣ୍ଡରେ ଟିକିଲି ନା ସିନ୍ଥିରେ ସିନ୍ଦୂର।

ବାହାଘର ପୂର୍ବରୁ ମୁଁ କେତେ ସଜ ହଉଥିଲି! ସବୁ ଦିନ ନୂଆ ନୂଆ ଫେଶନ୍‌ର ଡ୍ରେସ ପିନ୍ଧି ମ୍ୟାଚ କରି ଲିକ୍ୱିଡ୍ ବିନ୍ଦି ଲଗଉଥିଲି। ରାଜେଶ କୁହନ୍ତି ଶୁଚି ତୁତ ବଢ଼ିଆ ପେଣ୍ଟର୍। ଖାଲି କ୍ୟାନ୍‌ଭାସ୍ ନୁହେଁ ନିଜକୁ ବି ରଙ୍ଗରେ ସଜେଇବାର ଗୁଣ ଅଛି ତୋ ପାଖରେ।"

ଏବେତ ସମୟ ହିଁ ମିଳୁନି। ବୋଧେ ଏସବୁ କରିବା ପାଇଁ ଆଉ ତା'ର ଇଚ୍ଛା ବି ନାହିଁ। ଧୀରେ ଧୀରେ ଇଚ୍ଛା ସବୁ ମରିଗଲେଣି। ମନେ ମନେ ଡିସାଇଡ କଲି "କାଲିଠୁ ଆଉ ମର୍ଣ୍ଣିଂୱାକ୍‌ରେ ଯିବିନି। ବ୍ଲଡ୍ ପ୍ରେସର ବଢୁଚି ତ ବଢୁ। ସୁଗର ଲାଇନ୍ ବର୍ଡର କ୍ରସ କରୁଚି ତ କରୁ।"

ବାହାହୋଇ ପ୍ରଥମେ ଯେତେବେଳେ ରାଜେଶ ଘରକୁ ଆସିଲି ମା ପ୍ରଥମ ଦିନରୁ ହିଁ ଭଲ ବୋହୂର ଗୁଣର ଲିଷ୍ଟ ମୋତେ ଧରେଇ ଦେଇ କାମରୁ ଛୁଟୀ ନେଇଗଲେ। ବାହା ହେବାର ଦଶବର୍ଷ ବିତି ଗଲାଣି ଆଜି ବି ମୁଁ ଚକ୍ରି ପରି ଦିନଯାକ ବୁଲି ବୁଲି କାମ କରୁଚି।

ଲୁଗା ବଦଳେଇ ମୁଁ ସିଧା କିଚେନ୍‌ରେ ପଶିଲି। ସିଙ୍କରେ ପଡ଼ିଥିବା ଅଇଁଠା ବାସନ ସବୁ ମୋ ଆଡ଼େ ଚାହିଁଥିଲେ ଲଣ୍ଡ୍ରି ବାସ୍କେଟରେ ମଇଳା ଲୁଗା ଭର୍ତ୍ତି ହୋଇଥିଲା। କାହାକୁ ବାଇଗଣ ଭର୍ତ୍ତା, କାହାର ଭେଣ୍ଡି, ବାପା ଓ ମାଙ୍କ ପାଇଁ ଲାଉ ନହେଲେ ପାଣି କଖାରୁ। ସୋନୁର ଲଞ୍ଚ ବକ୍ସ ପାଇଁ ସ୍ୟାଣ୍ଡୱିଚ୍। ଯେତେ ଲୋକ ସେତେ ପ୍ରକାର ଫରମାଇସ୍। ଏସବୁ ଠିକ୍ ସମୟରେ ଯଦି ନ ହେଇ ପାରିଲା ତେବେ ଖରାପ ବୋହୂ ହିସାବରେ ଲିଷ୍ଟରେ ମୋ ନା ସବୁଠୁ ଉପରେ।

ବିରକ୍ତ ଲାଗିଲା "କାମବାଲୀ ବି ଆଜି ହିଁ ଛୁଟୀରେ ଯାଇଚି।" ସେ ପୁଣି କାହାକୁ କିଛି ନକହି। ହଜାର ଥର କହିଛି ଫୋନ୍ ନ କଲେ ନାହିଁ ଅନ୍ତତଃ ଗୋଟେ ମେସେଜ କରିଦବୁ। କିନ୍ତୁ ନା ସେକଥା ତା ଦ୍ୱାରା ହେବନି। ଏପଟେ ମା ସବୁ ଜିନିଷରୁ ଖୁଣ କାଢ଼ିବାର କୌଣସି ମୌକା ହାତରୁ ଯିବାକୁ ଦିଅନ୍ତିନି। କିନ୍ତୁ କୌଣସି କାମରେ ସାହାଯ୍ୟ କରିବାକୁ ଆସିବେନି। ତାହାଲେ ଏମିତିଆ ଲୋକ ପ୍ରତି କିଏ କେମିତି ଉଦାର ମନୋଭାବ ପୋଷଣ କରିବ?

"ସବୁ ସାର୍ଟର ବୋତାମ ଛିଣ୍ଡି ଯାଇଛି। କ'ଣ କରୁଚୁ ଦିନ ଯାକ ଘରେ ବସି ବସି। କୌଣସି କାମ ଠିକ୍‌ରେ କରିପାରୁନୁ।" ରାଜେଶ ପାଟି କରୁଥିଲା। ସବୁଦିନ ଅଫିସ ବାହାରିଲା ବେଳକୁ ରାଜେଶ କିଛି ନା କିଛି ଏମିତି କହିଦିଏ ଯେ, ମନଟା ଯାଇ ଜ୍ୱାଳାମୁଖୀ ମୁହାଁଣରେ ପହଞ୍ଚି ଯାଏ। କେତେବେଳେ ତରକାରୀରେ ଲୁଣ କମ୍ ହେଇଚି, କେତେବେଳେ ରାଗ ବେଶୀ ହେଇଚି କେତେବେଳେ ଘରର ସାଜସଜ୍ଜା ବା ସଫା ଉପରେ ଯଦି କିଛିନଥାଏ ଓ ସୋନୁର ଭଲ ରୂପେ ଲାଳନ ପାଳନ ହେଉନି - ବୋଲି ଗାଳି ମନ୍ଦ। ଆରେ ବାବା ମୋର ସାମର୍ଥ୍ୟ ଅନୁସାରେ ଯେତେ ଯାଏ ହେଇପାରିବ ମୁଁ କରୁଚି କିନ୍ତୁ କିଏ ଯଦି ଟିକେ ଦିପଦ ପ୍ରଶଂସା କରୁଥାଆନ୍ତା! ଠିକ୍ ଅଛି ମୁଁ ସର୍ବଗୁଣ ସମ୍ପନ୍ନା ନୁହେଁ, ମୁଁ କ'ଣ କେହି ବି ହେଇ ପାରିବେନି, କିନ୍ତୁ କିଛି ତ ଭଲଗୁଣ ମୋ ପାଖରେ ବି ଅଛି। ଚାରିବର୍ଷର କୋର୍ଟସିପ୍‌ରେ କେତେ ପ୍ରଶଂସା କରୁଥିଲ "ସିମ୍ପଲିସିଟି ନୁହେଁ ଗୋଟେ ଗ୍ଲେମରସ୍ ଲୁକରେ ତୁ ଭଲ ଦେଖାଯାଉ। ଲାଗେ ସତେ ଯେମିତି ଚାନ୍ଦଟାଏ ଧରାତଳକୁ ଓହ୍ଲାଇ ଆସିଛି...।"

"ବୁଝି ପାରୁନି ବାହାଘର ପୂର୍ବରୁ ଏତେ ଭଲ

ପାଉଥିବା ମଣିଷଟାଏ କେମିତି ଗୋଟାଏ ଝଟ୍‌କାରେ ହାତ ଛଡେଇ ମୁହଁ ବୁଲେଇ ଦେଲା ? ମୁଁ ତ ପ୍ରେମର ଲହରୀରେ ଭାସି ଭାସି ତୁମ ସହ ଜୀବନ କଟେଇ ଦେବି ବୋଲି ଭାବିଥିଲି । ଦୁଇ ହାତ ପ୍ରସାରୀ ଖୋଲା ଆକାଶ ତଳେ ପ୍ରେମ ନଦୀରେ ସନ୍ତରଣ କରିବାକୁ ଚାହୁଁଥିଲି । କିନ୍ତୁ ତୁମର ରୁକ୍ଷତା ଓ ଚିଡିଚିଡା ଗୁଣ ଦେଖି ଲାଗୁଚି ତୁମେ ଯେମିତି ମୋ ସହ ପ୍ରେମର ନାଟକ କରୁଥିଲ । ମୁଁ ହିଁ ବୋକା ଥିଲି ଯେ କି ତୁମ ଉପରେ ଭରସା କରିଥିଲି । ମତେ ଟିକେ ମୁଣ୍ଡ ବୁଲେଇବା ପରି ଲାଗିଲା ମୁଁ ଧମ୍ କରି ଚେୟାରରେ ବସି ପଡିଲି । ଏବେ ବି ମନ ଭିତର ବିରକ୍ତିରେ ଭରି ଯାଇଥିଲା । ଏଇସବୁ ଭାବି ଭାବି ମୁଁ ଭାବନା ରାଜ୍ୟରେ ବୁଡ଼ି ଯାଇଥିଲି ।

ସୋନୁ ଆସି ବେଖାତିର ଭାବେ ତା' ସ୍କୁଲ ବ୍ୟାଗକୁ ଧଡାମ୍ କରି ଫୋପାଡିବାରୁ ମୋର ସାମାନ୍ୟ ଚୈତନ୍ୟ ଆସିଲା । ସ୍କୁଲ ୟୁନିଫର୍ମର ସାର୍ଟର ସବୁ ବୋତାମ ଖୋଲା, ଜୋତାର ଲେସ୍ ଖୋଲା । "ଏ କ'ଣ ହାଲତ କରିଚୁ ।" ସ୍କୁଲକୁ ପଢ଼ିବାକୁ ଯାଉଚୁ ନା କୁସ୍ତି କରିବାକୁ..." ମୁଁ ଗାଳି ଦେଲି କିନ୍ତୁ ସୋନୁ ଚୁପ୍‌ଚାପ୍ ବସିଥିଲା ।

"ଉଠ୍ ଆଉ ନିଜ ସ୍କୁଲ ବ୍ୟାଗ ଓ ୱାଟର ବଟଲ୍ ସବୁ ନିଜ ଜାଗାରେ ରଖ ।"

"ରଖି ଦେବି ମମି, କିନ୍ତୁ ତୁମେ ସବୁବେଳେ ଏମିତି ଚିଡୁଚ କାହିଁକି ? ସୋନୁ ଓଲଟି କି ଜବାବ ଦେଲାରୁ ମୁଁ ରାଗିଗଲି । ମୁଁ ଏତେ ବ୍ୟବସ୍ଥିତ କିନ୍ତୁ ସୋନୁ ଏତେ ଅବ୍ୟବସ୍ଥିତ ! ଦିନ ରାତି ଅନୁଶାସନର ପାଠ ପଢ଼ାଇଲା ପରେ ବି ସାମାନ୍ୟତମ ବଦଳିନି । ଓଲଟା ମତେ ଶୁଣଉଚି ଯେ ମୁଁ ଚିଡୁଚି ବୋଲି ? କିନ୍ତୁ ମୁଁ ବି କ'ଣ କରିବି ? ଦିନ ଯାକ ମାଙ୍କ ଉଲୁଗୁଣା, ଗାଳି, ସନ୍ଧ୍ୟାରେ ରାଜେଶର ରୁକ୍ଷ କଥା ମତେ ହିଁ ତ ଶୁଣିବାକୁ ପଡ଼େ ।

ପରଦିନ ସକାଳେ ସେଇ ପ୍ରୌଢ଼ଙ୍କୁ କୋଣ ବେଞ୍ଚରେ ବସିଥିବା ଦେଖି ତାଙ୍କ ପାଖକୁ ଆଗେଇ ଚାଲିଲି । ଭଦ୍ରବ୍ୟକ୍ତି ମୋ ମୁଣ୍ଡରେ ହାତ ରଖି ପଚାରିଲେ "କ'ଣ କିଛି କାମ ହେଲା ?" ଏଇଟା ଶୁଣି ମୋ ଆଖି ଜକେଇ ଆସିଲା ।

"ନାଇଁ ଅଙ୍କଲ ଯାହା ଯେମିତି ଥିଲା ସେମିତି ଅଛି ।"

"ବାସ୍ତବରେ ତୋର ସୋସିଆଲ ଫିଟ୍‌ନେସ୍ ଦରକାର ।"

"ବୁଝି ପାରିଲିନି ଅଙ୍କଲ୍ ।"

"ତେବେ କ୍ଷମା କରିବା ଓ କ୍ଷମା ମାଗିବା କଳାରେ ନିପୁଣ ହେବାକୁ ପଡ଼ିବ ।"

ମତେ କାନ୍ଦ ଲାଗିଲା " ତାହାଲେ ମୁଁ କ'ଣ କରିବି ?" ଗୋଟେ କଥା ମନେ ରଖିବୁ, ତୁ ସବୁ ଲୋକଙ୍କୁ ଖୁସି କରି ପାରିବୁନି । ନା କି ସବୁ ଲୋକ ତତେ ସବୁ ଜିନିଷ ଦେଇ ପାରିବେ ଯାହା ତୋର ଦରକାର । "ତୋତେ ଅଭିନୟ କରିବାକୁ ପଡ଼ିବ ।"

"ସ୍କୁଲରେ ତ କରୁଥିଲି ।"

"ସ୍କୁଲରେ କେମିତିଆ ଅଭିନୟ କରୁଥିଲୁ ଟିକେ କରିକି ଦେଖା ।" ଆଖି ବନ୍ଦ କରି ମୁଁ ଡାଇଲଗ୍ ମନେ ପକେଇବାକୁ ଚେଷ୍ଟା କଲି । ବହୁତ ସମୟ ଭାବିବା ପରେ ପୂରା ଗାଉଁଲୀ ରାଜସ୍ଥାନୀ ଭାଷାରେ "ଥାରୁ ଏକ ମୁସ୍କରାହଟ ସୁ ଠିକ୍ ଯାଏ ତବିୟତ ସ୍ମାରୀ । ପ୍ରେମ କରୋ ହୋ ୟା ଇଲାଜ, ପେଟ୍ ତୋ ଭର ହୋଓଁ । ତୁ ଜିନ୍ଦଗୀ ମେ ଖୁସିୟା ଭର୍ ଦେ... । ଏଇ ଅଭିନୟରେ ନାଟ୍ୟ ପ୍ରେମୀମାନେ ମୋ ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କୁ ପଚାରିଥିଲେ "ରାଜସ୍ଥାନୀ ଝିଅନା ।"

"ନାଇଁ ଆଜ୍ଞା ପୂରା ବ୍ରାହ୍ମଣ" ଜୟା ଦିଦି ହସି ହସି କହିଥିଲେ । ମତେ ବ୍ୟକ୍ତିଗତ ପୁରସ୍କାର ସ୍ୱରୂପ ରାଜସ୍ଥାନୀ ଲହରିୟା ଶାଢ଼ୀ ମିଳିଥିଲା ଯାହାକୁ ମୁଁ ବହୁ ବର୍ଷ ଯାଏ ସାଇତି ରଖିଥିଲି ନିଜର ଅଭିନୟ ପ୍ରତିଭାର ଗୌରବରେ । ମୁଁ ଖୁସି ହେଇ ଅଙ୍କଲଙ୍କୁ ଏସବୁ କହିଲି ।

ଅଙ୍କଲ ପଚାରିଲେ "ଏମିତି କୌଣସି ସ୍ତ୍ରୀ ଲୋକଙ୍କୁ ଜାଣିଚୁ ଯାହାକୁ ଦୁଃଖି ହେବାକୁ ସମୟ ହିଁ ନାହିଁ ? ମୁଁ ଟିକେ ଭାବି କହିଲି ମୋ ସାଙ୍ଗ ଶାଳିନୀ ମମତାରେ ଭରପୂର ସହିଷ୍ଣୁ ସବୁବେଳେ ଖୁସି ଖୁସି ।"

"ଭାବେ ତୋ ଘର ଗୋଟେ ନାଟ୍ୟ ମଞ୍ଚ । ଆଉ ତୁ ଏଇ ସାଙ୍ଗର ସଶକ୍ତ ଅଭିନୟ କରିବୁ ।"

'କେତେଦିନ ?' ମୁଁ ଆଶ୍ଚର୍ଯ୍ୟ ହେଇ ପଚାରିଲି ।

"ଖାଲି ଆଜି"

ମୁଁ ପ୍ରଥମ ଦିନ ଶାଳିନୀର ବହୁତ ଭଲ ଅଭିନୟ କଲି । ଘରେ ପହଞ୍ଚୁ ପହଞ୍ଚୁ ମା ମୋ ଉପରେ ବର୍ଷିବା ଆରମ୍ଭ କରି ଦେଲେ । "ଏ କି ପ୍ରକାର କଥା ବୋହୂ ଏତେ ଦାୟିତ୍ୱହୀନତା ? ଦୁଇ ଦିନ ହେବ ମହଲାରେ ଚୋରି ହେଉଚି, ପହରଦିନ ରାତିରେ ମିସେସ ଗୁପ୍ତାଙ୍କର ଚାକରର ସାଇକେଲ ଚୋରି ହେଇଗଲା । ଆଉ ଏଠି .... ଗ୍ୟାରେଜ ଖୋଲା, ମେନ୍ ଗେଟ୍‌ରେ ତାଲା ନାହିଁ । କିଏ ଆସି ଯଦି ଗାଡ଼ି ଚୋରି କରିନେଇ ଥାଆନ୍ତା ତ ! ଏ ପର୍ଯ୍ୟନ୍ତ ତ ଗାଡିର ସବୁ ଇନଷ୍ଟଲମେଣ୍ଟ ବି ଦିଆ ହେଇନି ।"

ବିଗତ ଦଶବର୍ଷ ହେବ ଏ ଘରେ ରହି ମୁଁ ଏତେକ ତ ଜାଣି ସାରିଥିଲି ଯେ ଏ ପରିବାରରେ ଭୁଲ୍ କେହି ବି କରୁ । ମା ମୋତେ ହିଁ ଗାଳିଦେବେ । ଆଉ ଏଥର ତ ଭୁଲ୍‌ଟା ତାଙ୍କ ଗେହ୍ଲା ପୁଅ ରାଜେଶର ଥିଲା । କିନ୍ତୁ ତାଙ୍କ ଦୃଷ୍ଟିରେ ତାଙ୍କ ପୁଅ କେବେ ଭୁଲ କାମ କରେନି । ମୁଁ ଅପରାଧୀ ପରି କାଠଗଡ଼ାରେ ଠିଆ ହୋଇ "ସରି" କହିବାକୁ ବେଶୀ ଠିକ୍ ବୋଲି ଭାବିଲି । ଅଙ୍କଲ ତ ସହିଷ୍ଣୁ ହେବାକୁ କହିଥିଲେ ।

ମୁଁ ଇଚ୍ଛା ନଥାଇ ବି ମାଙ୍କୁ ସରି କହିଦେଲି । ତଥାପି ବହୁତ ଚେଷ୍ଟା କରି ମଧ ମନ ଜିଦିଆ ଘୋଡା ପରି ପଛ ଗୋଡରେ ଠିଆ ହେଇଥିଲା । ଗାଡି ରାଜେଶ ଚଲାଏ । ଗ୍ୟାରେଜ୍ ବି ରାଜେଶ ବନ୍ଦ କରେ । କିନ୍ତୁ ସେତ ଖଟ ଉପରେ ରେଜେଇ ଘୋଡେଇ ହେଇ ଶୋଇଚି ଆଉ ମା ମତେ ଗାଳି ଦଉଚନ୍ତି । ଯେମିତି ଗ୍ରାରେଜ୍ ବନ୍ଦ କରିବା ଡ୍ୟୁଟି ବି ମୋର !

ସେତେବେଳେ ଅଙ୍କଲଙ୍କ କଥା ମନେ ପଡ଼ିଗଲା । ମତେ ଶାଳିନୀ ପରି ଅଭିନୟ କରିବାକୁହେବ ।

"ମୁଁ ବି କାହିଁକି ଦୁଃଖି ହେବି ?" ଯେ ପର୍ଯ୍ୟନ୍ତ ରାଜେଶଙ୍କୁ ଦିପଦ ଭଲ କରି ନ ଶୁଣେଇଚି । ସେ ତାଙ୍କ ଭୁଲ୍ କେମିତି ବୁଝି ପାରିବେ ?" ମୁଁ ମାଙ୍କର ଗାଳିଗୁଡାକ ଏକ୍‌ଜାକ୍ଟ୍ ସେଇ ଭାଷାରେ କପି କରି ରାଜେଶଙ୍କୁ ଟ୍ରାନ୍ସଫର କରିଦେଲି ।

ରାତିରେ ଗାଡ଼ି ଗ୍ୟାରେଜରେ ରଖି ତୁମେ ତାଲା ଦେଇ ନଥିଲ ? ତା' ଉପରେ ରାତି ଯାକ ଲାଇଟ୍‌ଟା ଜଳୁଥିଲା । ଲକ୍ଷ ଲକ୍ଷ ଟଙ୍କାର ଗାଡ଼ି ଆଖି ପିଛୁଳାକେ ଗାୟବ ହେଇ ଯାଇଥିଲେ ଜାଣି ପାରନ୍ତ ।"

ରାଜେଶ ଭୁଲ କରିଥିଲା, ସେଥିପାଇଁ ବିନା ପ୍ରତିବାଦରେ କିଛି ସମୟ ଶୁଣିଗଲା କିନ୍ତୁ ପୁରୁଷ ଦର୍ପ ଏଗୁଡା କେମିତି ବା ସ୍ୱୀକାର କରନ୍ତା । ସାଙ୍ଗେ ସାଙ୍ଗେ ରାଗିଗଲା । "ତୋତେ ତ ଖାଲି ମୋରି ଦୋଷ ଦେଖାଯାଏ ... କୋଉଠି କିଛି ଭୁଲ୍ ହେଲା କି ନାହିଁ ମୋ ଉପରେ ଆରମ୍ଭ ହେଇଗଲା । ସାଇକେଲ୍ ଚୋରି କରିବା ଟା ସହଜ କାମ, ଗାଡିଟାଏ କିଏ କେମିତି ଉଠେଇ ନେଇଯିବ ? ମୋ ମୁଣ୍ଡଟାକୁ ଖରାପ କରନି । ଯା ନିଜ କାମ କରିବୁ ।"

ମୁଁ ବି ମୋ ସ୍ୱରଟାକୁ ଆଉ ଗୋଟେ ଡିଗ୍ରୀ ଉପରକୁ ଉଠେଇ କହିଲି "ମୁଁ ତ ପ୍ରଥମ ଥର ପାଇଁ କହିଲି । ତୁମେମାନେ ତ ସବୁବେଳେ ଦିନ ଯାକ ମୋ କାମର ଖୁଣ ବାହାର କରୁଥାଅ ।"

ଟିକେ ଝାଡ଼ିଦେଇ ମୋ ମନ ଖୁସି ହେଇଗଲା । ହସି ହସି ମୁଁ ମୋ ରୁମ୍‌କୁ ଆସିଗଲି । ମୋ ପଛେ ପଛେ ରାଜେଶ ବି ରୁମ୍‌କୁ ଚାଲି ଆସିଲେ କିଛି କିଛି ଚିନ୍ତିତ ଓ ଭାବୁକ ହେଇ । ମୋ ହାତ ଧରି କହିଲେ 'କ'ଣ ହେଇଚି କାଇଁ ଥକା ଥକା ଦେଖାଯାଉଚୁ ।'

ମୁଁ ବଡ଼ ଷ୍ଟାଇଲ ମାରି କହିଲି "ନାଇ ନାଇ ସବୁ ଠିକ୍ ଅଛି ।"

"ସନ୍ଧ୍ୟା ଦିନଯାକ ତୁ କାମ କରୁଚୁ ଟିକେ ରେଷ୍ଟ ନେଇଯା । ଦେଖିଲୁ ତୋ ମୁହଁ କେମିତି ଶୁଖିଲା ଦିଶୁଚି । ହାତ ଯାକ ରିଙ୍କଲ ହେଇଗଲାଣି ।"

ମୁଁ ମନେ ମନେ ଭାବିଲି । କ'ଣ ହେଇଚି ରାଜେଶର ? ହଠାତ୍ ଏତେ ପ୍ରେମ କେମିତି ଉଛୁଳି ପଡ଼ିଲା ? କିଛି ସମୟ ପୂର୍ବରୁ ଯୋଉ ଗାଳି ଦେଇଥିଲି ତା'ର ପ୍ରଭାବ ନୁହେଁ ତ ।

ମୁଁ ତୋ ପାଇଁ ବ୍ୟୁଟି ପାର୍ଲରରେ ଆପଏଣ୍ଟମେଣ୍ଟ ନେଇ ଯାଉଚି । ପ୍ୟାଡିକିଓର, ମ୍ୟାନିକିଓର, ଫେସିଆଲ ସବୁ କରିଦବୁ ।

ଯା ପରେ ଆଉ କିଛି ଶୁଣିବାକୁ ମନ ହେଲାନି । ଘଣ୍ଟା କଣ୍ଟା ନିଜ ଗତିରେ ଆଗେଇ ଚାଲିଥିଲା । ମୋର ବହୁତ କାମ ବାକି ପଡ଼ିଥିଲା । ଜଳଖିଆ, ଲଞ୍ଚ ସବୁ ପ୍ରସ୍ତୁତ କରିବାର ଥିଲା । ଏମାନଙ୍କୁ ତ ସବୁ ରେଡିମେଡ୍ ମିଳିଯାଉଚି । କରିବାକୁ ତ ମତେ ପଡୁଚି ।

ରୋଷେଇ ଘରେ ପଶି ଦେଖିଲି ଶାଶୁମା ଆଗରୁ

ସେଠି ମହଜୁଦ ଅଛନ୍ତି । ବୋହୂ ମୁଁ ତରକାରୀ ବସେଇ ଦେଇଚି । ଅଟା ଚକଟି ଦେଇଚି ତୁ ପରଟା କରିଦେ ।"

"ହଉ ମୁଁ କରି ଦେଉଚି ।"

"ଆଜି ତ ତୁ ସୋନୁକୁ ବି ପଢ଼େଇବୁ । ତା'ର ହାଫ ଇୟରଲି ଏକ୍ସାମ୍ ପାଖେଇ ଆସିଲାଣି । ମୁଁ ଅନୁଭବ କଲି ତାଙ୍କ ସ୍ୱରରେ ଆଗଭଳି ଆଉ ଗର୍ଜନ ନାହିଁ ।

ମନଟା ପୁଣି ଆଶଙ୍କିତ ହେଇଗଲା । ଏଇଟା ପୁଣି ଗୋଟେ ଦି ରଙ୍ଗି ନୀତି ନୁହେଁ ତ !"

ମୁଁ ତ ରାଗିଗଲେ ଖାଇବା ପିଇବା ଛାଡ଼ିଦିଏ ମତେ ଭୋକ ହିଁ ଲାଗେନି, କିନ୍ତୁ ଏମାନେ ତ ସେ କାଟାଗୋରୀରେ ଆସନ୍ତିନି ଯେତେ କଳି, ଝଗଡା ହେଉ ଏମାନଙ୍କୁ ଭୋକ ସବୁବେଳେ ପ୍ରବଳ ଲାଗେ ।"

କାମ ସବୁ ସବୁଦିନ ପରି ସୁଚାରୁ ରୂପେ ଚାଲୁଥିଲା । ମା'ଙ୍କର ବାକ୍ ପ୍ରହାର ଧୀରେ ଧୀରେ କମ୍ ହେଉଥିଲା । କେତେବେଳେ କେମିତି ଅଯଥା ଗାଳି ଦେବାର ଚେଷ୍ଟା କରୁଥିଲେ ପାପା ତାଙ୍କୁ ରୋକି ଦଉଥିଲେ । ସବୁ ମିଶେଇ ଘରେ ଟେନ୍‌ଶନ୍‌ର ବାଦଲ ଧୀରେ ଧୀରେ ଅପସାରିତ ହେଉଥିଲା । ମୋ ମନ ବି ଶାନ୍ତ ଥିଲା । ଗୋଟେ ଦିନ ତ ଦୁର୍ଦ୍ଦଶା ଆସିଗଲା । ସ୍କୁଲରୁ ଫେରି ସୋନୁ ବହୁତ ଦୁଃଖି ଥିଲା ।" ମାମା ସରି ଆଜି ମୋର ମ୍ୟାଥରେ ଦଶ ନମ୍ବର କଟିଗଲା ।"

ମୁଣ୍ଡଟା ପୁଣି ଖରାପ ହେଇଗଲା । ସ୍କୁଲରୁ ଆରମ୍ଭ କରି କଲେଜ୍ ପର୍ଯ୍ୟନ୍ତ ଟପର ହେଉଥିବା ସନ୍ଧ୍ୟା ସାଲୁଜାର ପୁଅର ୧୦ ନମ୍ବର ମ୍ୟାଥରେ କେମିତି କଟିଗଲା ? ପୁଣି ମନେ ପଡ଼ିଗଲା ଯଦି ଖୁସିରେ ରହିବାକୁ ଚାହିଁବ କାହାରିଠାରୁବେଶୀ କିଛି ପ୍ରତ୍ୟାଶା କରିବ ନାହିଁ । ମୁଁ ସାଙ୍ଗେ ସାଙ୍ଗେ ନିଜକୁ କାବୁ କରି ଓ ସୋନୁକୁ ବୁଝେଇଲି ।" ନେଭର୍ ମାଇଣ୍ଡ ସୋନୁ ଏଥର ତୁ ଭଲ କରି ପ୍ରିପେୟାର ବି ହେଇ ନଥିଲୁ । ଆକ୍‌ଚୁଆଲି ମତେ ବି ଏତେ ଟାଇମ୍ ମିଳିଲାନି । ଆଉ ଟିକେ ପରିଶ୍ରମ କଲେ ନେକ୍ସଟ୍ ଟାଇମ୍ ୧୦୦ପ୍ରତିଶତ ଆଣିବୁ ।" ପାପା ପେପର୍ ପଢୁପଢୁ କହିଲେ-

"ବୋହୂ ତୁ ଅଲଗା ସବ୍‌ଜେକ୍ଟ୍ ଗୁଡା ପଢ଼େଇଦେ ସୋନୁର ସାଇନ୍ସ ଓ ମ୍ୟାଥ ପଢ଼େଇବାଟା ରାଜେଶ ଉପରେ ଛାଡ଼ିଦେ ।" ପାପା ବୋଧେ ଆମ ମା ପୁଅଙ୍କ କଥା ଶୁଣି ଦେଇଥିଲେ । "ପାପା ଟିକେ ସିଲି ମିସ୍‌ଟେକ୍ କରି ଦେଇଛି ସୋନୁ । ମୁଁ ଦେଖିଦେବି ।"

ରାଜେଶର ଟେମ୍ପରାମେଣ୍ଟକୁ ମନେ ପକେଇ ମୁଁ ଏକଥା କହିଲି । ସେ ପଢ଼େଇଲା ବେଳେ ସୋନୁର ଏମିତି କାନ ମୋଡ଼ି ଦେବେ ଯେ ସୋନୁ ଯାହା ବୁଝିଥିବ ସେଗୁଡା ବି ଭୁଲି ଯିବ ।

"କିଛି କାମ ଅନ୍ୟମାନଙ୍କ ଉପରେ ବି ଛାଡ଼ି ଦେବା ଉଚିତ । ଗୋଟେ ଲୋକ କେତେ କାମ କରିବ ?" "ଆଜିକାଲି ପଢ଼େଇବାର ଷ୍ଟାଇଲ୍ ବି ବଦଳି ଗଲାଣି ।" ମୁଁ ନିଜ କଥା କହି ତାଙ୍କୁ ଆଶ୍ୱସ୍ତ କରିବାକୁ ଚେଷ୍ଟା କଲି । କିନ୍ତୁ ପାପା ନିଜ କଥାରେ ଅଡି ବସିଲେ । "ପଢ଼ି କି ପଢ଼େଇଦବ । ସେ ବି ତ ଆଇ. ଆଇ.ଏମ୍.ଟପର ଥିଲା ।

ମୁଁ ଚୁପ୍ ହେଇଗଲି । ଅଫିସ୍‌ରୁ ଫେରି ରାଜେଶ ତା ମୋବାଇଲ ଓ ଲ୍ୟାପ୍‌ଟପ୍‌ରେ ବ୍ୟସ୍ତ ଥାଏ । କିଛି କହିଲେ ଯୁକ୍ତି ଆରମ୍ଭ କରେ । ଏବେ ପାପା କହିଲେ ଦେଖିବା କ'ଣ କରିବେ ।"

ଦିନେ ତ ମୁଁ ଆଶ୍ଚର୍ଯ୍ୟ ହେଇଗଲି । ମୁଁ ମର୍ଣ୍ଣିଂଓ୍ୱାକ୍‌ରୁ ଫେରିଲା ବେଳକୁ ମା' ମୋ ପାଇଁ ଲେମ୍ବୁପାଣି ଗ୍ଲାସରେ ଧରି ଠିଆ ହେଇଥିଲେ । ଅଚାନକ ମୋତେ ମୋ ମାଙ୍କ ଚେହେରା ମନେ ପଡ଼ି କାନ୍ଦ ମାଡ଼ିଲା । ଆଖିରୁ ଲୁହ ଥରେ ବାହାରି ଆସିଲା ପରେ ଆଉ ବନ୍ଦ ହେଉ ନଥିଲା । ସମସ୍ତେ ଡରିଗଲେ ।

ରାଜେଶ ମୋ ପାଖକୁ ଆସି ବସି ପଡ଼ି କହିଲେ "ମାଙ୍କ ପାଖକୁ ଯିବାକୁ ମନ ହଉଚି ଯଦି ଯା କିଛି ଦିନ ରହି ବୁଲି ଆସିବୁ ।" ମା ଗେଲ କରୁଥିଲେ । ପାପା ପାଖରେ ଠିଆ ହେଇ ମତେ ଚାହିଁଥିଲେ ।

"ନାହିଁ ମୋର କୁଆଡ଼େ ଯିବାର ନାହିଁ । ଏବେ ତ ଜମାରୁ ନୁହେଁ । ସୋନୁର ପରୀକ୍ଷା ପରେ ଦେଖିବି ।"

"ଓଃ, ତୁତ ଆମ ସମସ୍ତଙ୍କୁ ଡରେଇଦେଲୁ ବୋହୂ । ରାଜେଶ ବୋହୂକୁ ଗୋଟେ ଆଇଫୋନ୍ ଆଣିଦେ । ଅନ୍ତତଃ ନିଜ ମା ସାଙ୍ଗେ ଫେଶ୍ ଟାଇମ୍‌ରେ କଥା ହେଇ ପାରିବ ପାପା ରାଜେଶଙ୍କୁ କହିଲା ମାତ୍ରେ ଶାଶୁବି ତତ୍‌କ୍ଷଣାତ୍ ବାହାରି ପଡ଼ି କହିଲେ "ମୋ ପାଇଁ ବି ଗୋଟେ ।"

"ରାଜେଶ ମନା କରି କହିଲା ତୁମେ କ'ଣ କରିବ ?" "ବୋହୂ ଠୁଁ ଶୁଣିଚି ଆଇଫୋନ୍‌ରେ ଫେସ୍‌ବୁକ୍ ଇନଷ୍ଟାଗ୍ରାମ ସବୁ ଥାଏ । ତୁ ମତେ ଫେସ୍‌ବୁକ୍‌ରେ ଫ୍ରେଣ୍ଡ କରିଦେବୁ ।"

ପାପା ଚିଡ଼େଇ କହିଲେ "ପ୍ରଥମେ ବାସ୍ତବିକ ଜୀବନରେ ଆଗ ବୋହୂକୁ ଫ୍ରେଣ୍ଡ କରିନିଅ ।" ମା କିଛି ଉଦାସ ହେଇଗଲେ । ବାତାବରଣ ଟିକେ ଭାରାକ୍ରାନ୍ତ ହେଇଗଲା । ସେ ରାଜେଶର ମା ହେଇଥବଲେ ବି ମୁଁ ବି ତାଙ୍କୁ ମାର ସମ୍ମାନ ଦେଉଥିଲି । ଯଦିଓ ସେ ମତେ ଦ୍ୱିତୀୟ ଶ୍ରେଣୀରେ ରଖିଥିଲେ । କଥା ବଦଳେଇ ମୁଁ ତାଙ୍କୁ କହିଲି "ମା ଏଥିପାଇଁ ଆଗ ତୁମକୁ ଫେସ୍ ବୁକ୍‌ରେ ଗୋଟେ ଆକାଉଣ୍ଟ ଖୋଲିବାକୁ ପଡ଼ିବ । ତା' ପରେ ମୋତେ ଫ୍ରେଣ୍ଡ ରିକୁଏଷ୍ଟ ପଠେଇବ ।

ସେ ଦୁଃଖୀ ହୋଇ କହିଲେ "ତାହାଲେ ବଡ ମୁସ୍କିଲ୍ ।" "ନାହିଁ ମା କିଛି ମୁସ୍କିଲ୍ ନୁହେଁ । ମୁଁ କରିଦେବି । ଶିଖେଇ ବି ଦେବି । ଇନଷ୍ଟାଗ୍ରାମରେ ବି ଆସିବ କି ? ସେ ଲାଜୁଆ ହେଇ ହଁ କଲେ ।

ଘରର ବାତାବରଣ ବହୁତ କିଛି ବଦଳି ଯାଇଥିଲା । କିଛି ସହଜ ଓ ଖୁସିର ବାତାବରଣ । ଏବେ ମା ଫୋନ୍‌ରେ ନିଜ ସାଙ୍ଗମାନଙ୍କ ସାଙ୍ଗେ କଥାବାର୍ତ୍ତା ବେଳେ ମୋର ନିନ୍ଦା କରିବା ବଦଳରେ ପ୍ରଶଂସା କରୁଥିଲେ । ଧୀରେ ଧୀରେ ତାଙ୍କ ମୋବାଇଲ୍‌ରେ ମୁଁ ବିଭିନ୍ନ ପ୍ରକାର ଆପ୍ ଡାଉନ୍‌ଲୋଡ କରିଦେଲି । ସେ ଶିଖିବାକୁ ଲାଗିଲେ । ମୁଁ ଶିଖେଇଲି, ମା ଶିଖିବାକୁ ଲାଗିଲେ । ୟୁ ଟ୍ୟୁବରେ ନୂଆ ନୂଆ ରେସିପି ଦେଖି ଆମେ ଶାଶୁ, ବୋହୂ ଦିଜଣ ରାନ୍ଧିଲୁ ।

ଗୋଟେ ମାସ ବିତିଗଲା । ପାର୍କରେ ଅଙ୍କଲଙ୍କ ସାଙ୍ଗେ ସବୁଦିନ ଦେଖାହୁଏ । ସେ ମୋ ଆଡ଼େ ଚାହିଁ ହସି ଦେଇ ଆଗେଇ ଯାଆନ୍ତି । ଶେଷରେ ଦିନେ ମୁଁ ପଚାରି ଦେଲି, "ଅଙ୍କଲ୍ ମୋତେ କେତେଦିନ ଯାଏ ଶାଳିନୀର ଅଭିନୟ କରିବାକୁ ପଡ଼ିବ ?" "ଯେତେଦିନ ପର୍ଯ୍ୟନ୍ତ ତୁ ପୂରାପୂରି ଶାଳିନୀ ନ ହେଇ ଯାଇଚୁ ।"

"ସବୁଦିନ ନିଜ ଅଭିନୟକୁ ଆଉ ଟିକେ ମାର୍ଜିତ କରି ପ୍ରଖର ଅଭିନେତ୍ରୀ ହେଇଯା ।"

ଦିନ ବିତିବାକୁ ଲାଗିଲା । ସନ୍ଧ୍ୟାହୁଏ । ରାତି ଆସେ ପୁଣି ସକାଳ ହୁଏ । ଦିନ, ସପ୍ତାହ, ମାସ ହୋଇ ଗୋଟେ ବର୍ଷ ବିତିଗଲା । କେତେବେଳେ ହସିଲି ଓ କେତେବେଳେ କାନ୍ଦୁଥିଲି । କିଛି କଥା ସ୍ମୃତି ହେଇ ରହିଯାଉଥିଲା । କିଛି କଥାକୁ ଜବରଦସ୍ତି ମନ ଭିତରୁ ବାହାର କରି ଦଉଥିଲି । ପ୍ରେମର ମଧୁର ଅନୁଭବକୁ ମନରେ ସାଇତି ରଖିଲି । ଖରାପ ଅନୁଭୂତି ସବୁ ମନରୁ ପୋଛି ଦେବାକୁ ଚେଷ୍ଟା କଲି । ଏମିତି ଏମିତି ଗୋଟେ ବର୍ଷ ବିତିଗଲା । ନୂଆ ବର୍ଷ ଆସିଗଲା ।

ଦିନେ ଅଙ୍କଲ୍‌ଙ୍କ ସହ ପାର୍କରେ ଦେଖା ହେଇଗଲା । ଅଙ୍କଲ୍ ନିଜ ଆଡୁ ପଚାରିଲେ "ଆଉ ଏବେ ତୋ ଘରର ପରିବେଶ କେମିତି ଅଛି ?"

ମୁଁ ହସି ଦେଇ କହିଲି "ସବୁ ଆଡ଼େ ସୁଖ ଶାନ୍ତି । ଶାଶୁ, ଶ୍ୱଶୁର ଏବେ ମୋତେ ସ୍ନେହ କରୁଚନ୍ତି । ସ୍ୱାମୀଙ୍କ ପ୍ରେମ ଦ୍ୱିଗୁଣିତ ହେଇ ଯାଇଚି । ପୁଅ ବି କଥା ମାନୁଚି । ମୁଁ ବୁଝିଗଲିଣି ବେଶୀ ଭାବନା, ଚିନ୍ତନରେ କିଛି ମିଳେନି । ପାଞ୍ଚ ଆଙ୍ଗୁଠି ଯେତେବେଳେ ଏକା ପ୍ରକାର ନୁହଁନ୍ତି, ସବୁ ମଣିଷଙ୍କ ବିଚାରାଧାରା ଗୋଟେପ୍ରକାର କେମିତି ହେଇପାରିବ ?

ମୁଁ ଅଙ୍କଲ୍‌ଙ୍କୁ ଛୋଟ କାର୍ଡଟିଏ ଧରେଇ ଦେଲି । ଯୋଉଥିଲେ ଲେଖା ଥିଲା

"ଖୁସି ଯଦି ଚାହୁଁ ଦେଖ ତୁ । ଖୁସି ଖୋଜ ନାହିଁ ଦୂରେ ଅଛି ତୁମ ପାଖରେ ।"

ବାଃ ବାଃ କହି ଅଙ୍କଲ୍ ମୋ ପିଠି ଥାପୁଡେଇଲେ । ପରଦିନ ମୋତେ ଗୋଟେ ପ୍ୟାକେଟ୍ ଦେଇ କହିଲେ "ଏଇଟା ନେ ତୋର ପୁରସ୍କାର ।"

ମୁଁ ପ୍ୟାକେଟ୍ ଖୋଲିଲି, ଗୋଟେ ସୁନ୍ଦର ହଳଦିଆ କୋଟା ଡୋରିଆ ଶାଢ଼ୀ ଥିଲା । ମୁଁ ଗଦଗଦ୍ ହୋଇ ଅଙ୍କଲ୍‌ଙ୍କ ପାଦ ଛୁଇଁ ପ୍ରଣାମ କଲି । ଏମିତିରେ ସବୁ ଅବସ୍ଥାରେ ଖୁସି ରହି ମୋ ବ୍ୟକ୍ତିତ୍ୱକୁ ସମୃଦ୍ଧ କରିବାର ପୁରସ୍କାର ତ ମତେ ଆଗରୁ ମିଳି ସାରିଥିଲା ।

# ସହରୀବାବୁ

## ଜୟଶ୍ରୀ ପଟ୍ଟନାୟକ

ଚାଷୀ ଘରର ପୁଅ ଶିବା ଆଇ.ଏ.ଏସ ପାଇଛି । ମନ କୁଣ୍ଢେମୋଟ ହେଇ ଯାଉଥିଲା ସାନ ଭାଇ ଦେବା ଆଉ ବାପାର । ଗାଁଟା ଯାକର ଲୋକେ କହିଲେ ମଣିର ଗୋଟିଏ ଯୋଗ୍ୟ ପୁଅ ହାକିମ ହୋଇ ଏଇ ଗାଁରୁ ବାହାରିବ ବୋଲି କେହି ବିଶ୍ୱାସ କରି ନ ଥିଲେ ହୋ । ହଉ ଭଲ ହେଲା ଗାଁ ଲୋକଙ୍କର ସେବା କରିବ ହାନିଲାଭ ବୁଝିବ ଯାହାର ଯେତେବେଳେ ଦରକାର ହେବ ତା' ପାଇଁ ଛିଡାହେବ । ପରଦିନ ଅନେକ ସାମ୍ବାଦିକ ଭାଇମାନେ ଗାଁ ମୁହାଁ ହୋଇ ଶିବାକୁ ଖୁବ୍ ପ୍ରଶଂସା କରି ପକାଉଥିଲେ । ଯେତେବେଳେ ପ୍ରଶ୍ନ କରିଥିଲେ ଆପଣଙ୍କର ଏ ସଫଳତାର ଶ୍ରେୟ କାହାକୁ ଦେବେ ସେତେବେଳେ ଶିବା କହିଲା ବାପା ମୋର ଚାଷ କରି ଝାଳ ବୁହା ପଇସାରେ ପାଠ ପଢାଇଛନ୍ତି । ତାଙ୍କ ପାଇଁ ମୁଁ ଆଜି ଏଇଠି ପହଞ୍ଚି ପାରିଛି । ତେଣୁ ସେ ଶ୍ରେୟ ମୁଁ ତାଙ୍କୁ ନିଶ୍ଚୟ ଦେବି । ଟ୍ରେନିଂ ପରେ ଯୋଉଦିନ ଜଏନ କରିବାକୁ ଗଲା ଶିବା ମା', ବାପା, ସାନଭାଇ ଆଉ ଗ୍ରାମବାସୀ ଛାଡିବାକୁ ଯାଇଥିଲେ ଶିବାକୁ ରୋଡ଼ କାନ୍ଥ ଯାଏଁ । କିଏ ସୁଟ୍‌କେଶ ତ କିଏ ବ୍ୟାଗ ଧରି ତାକୁ ବାଟେଇଦେଲେ । ଆମ ପରମ୍ପରା ତ କହେ ପୁଅର ଚାକିରି ହୋଇଗଲା ମାନେ ଝିଅ ଦେଖି ବାହାଘର କରିଦେବା ।ଶିବା ଯେହେତୁ ନିଜେ ଆଇ.ଏ.ଏସ ଅନ୍ୟ ଗୋଟିଏ ଆଇ.ଏ.ଏସ ପାଇଥିବା ଝିଅକୁ ଖୁବ ଧୂମ୍‌ଧାମ୍‌ରେ ପଞ୍ଚ ତାରକା ହୋଟେଲରେ ଭୋଜି ଦେଇ ବାହା ହେଲା । କିଛି ବର୍ଷ ଗାଁ ସହିତ ସମ୍ପର୍କ ରହିଲା । ଯେତେବେଳେ ଆଉ ଗୋଟିଏ ସ୍ଥାନକୁ ବଦଳି ହୋଇଗଲା ଗାଁ ସହିତ ସମ୍ପର୍କ ରଖିବା ସମ୍ଭବ ହେଲାନାହିଁ । ବିଲବାଡ଼ି କାମରେ କି ଘରର କିଛି ଜରୁରୀ କାମ ପଡିଲେ ପଇସା ପଠାଇ ଦିଏ ହେଲେ ଯାଇପାରେନି ଗାଁକୁ । ସହରୀ ବାବୁ ବଡ଼ ଚାକିରି କରିଛି ।ଗାଁ ଲୋକ ଯଦି ତା' ଅଲିଶାନ ବଙ୍ଗଳାକୁ ଆସିକି ରହିବେ ସିକ୍ୟୁରିଟି ଠାରୁ ଆରମ୍ଭ କରି ଘରେ କାମ କରୁଥିବା ସ୍ତ୍ରୀମାନେ ତାକୁ ତଳ ନଜରରେ ଦେଖିବେ । ତେଣୁ ବାପା ମାଆ ଭାଇ ଭଉଣୀ ଯେ କେହି ତା' ପାଖକୁ ଆସିବାକୁ ବାହାରିଲେ ସେ କହିଦିଏ ମୋର ଟୁର୍ ଅଛି କୋରାପୁଟ ଯିବାକୁ ଆଉ ମୁଁ ନଥିଲା ବେଳେ ତୁମକୁ କିଏ ଏଠି ଚିହ୍ନିବ ଯେ ଆସିବ । ଏମିତି ଏମିତି କଟିଗଲା ୭,୮ ବର୍ଷ । ଦିନେ ମାଆର ଦେହ ବହୁତ ଖରାପ ହେଲା । ମା'କୁ ମେଡିକାଲରେ ଆଡ଼ମିସନ କରିବାକୁ ପଡିଲା । ବାପା ଯାଇଥିଲେ ପୁଅକୁ ଦେଖା କରି ତା' ଠାରୁ କିଛି ଟଙ୍କା ଆଣିବାକୁ । ଗଲାବେଳେ ସାଙ୍ଗରେ ନେଇ ଯାଇଥିଲେ ମୁଢ଼ି, ହୁଡୁମ୍, ଆରିସା ପିଠା ଆଉ ମିଠା । ପୁଣି ପୁଅଟେ ପାଇଁ କିଛି ମିକ୍ସର ବିସ୍କୁଟ । ସେତିକି କିଣିବାକୁ ଧାନ ଗଣ୍ଡେ ବିକିବାକୁ ପଡିଲା । ପୁଅର ବଙ୍ଗଳା ଦେଖି ବିଶ୍ୱାସ କରି ପାରିଲେନି ମଣିକାନ୍ତ, ଏତେବଡ ବଙ୍ଗଳାରେ ପୁଅ ରହୁଛି ଯୋଉଠି ଚାକର ବାକର, ଉଦ୍ୟାନ ମାଳି ଆଗରେ ସିକ୍ୟୁରିଟି ବି ଅଛି ।କାହିଁ ପୁଅ ଦିନେ ତ କହିଁନି ଗାଁ ଛାଡ଼ି ଆସ ବାପା ଥରେ ବୁଲିକି ଯିବ । ବୋଉକୁ ସାଙ୍ଗରେ ଆଣିଥିବ କିଛି ଦିନ ବୋହୂ ପରଷା ଖାଇକି ଯିବ । ମଣିକାନ୍ତ ମନ ଅଭିମାନରେ ଫାଟିଗଲା । ହୃଦୟ ଭିତରୁ କୋହ ଉଠୁଥିଲା । ସେ ଦେଖୁଥିଲେ ତାଙ୍କର ଶିରାଳ ହାତ ଆଉ ଲୋଚା କୋଚା ଚମର ଶରୀରକୁ । ପିନ୍ଧିଥିବା ଧୋତି ଯୋଡ ଦେଖିଲେ ପୁଅ ବି ଚିହ୍ନିବ ନାହିଁ ବାପା ବୋଲି । ଫାଟକରେ ଲେଖା ହୋଇଛି କୁକୁର ପ୍ରତି ସାବଧାନ । ଗାଁରେ କୁକୁରମାନେ ଯା' ଦୁଆର ତା' ଦୁଆର କେଡେ ସ୍ୱାଧୀନତାରେ ବୁଲୁଥିଲା ବେଳେ ସହରୀ ବାବୁଙ୍କ ଫାଟକରେ କୁକୁର ବନ୍ଧା ହୋଇଛି । ଏପଟେ ଲେଖା ହୋଇଛି ବିନା ଅନୁମତିରେ ଭିତରକୁ ପ୍ରବେଶ ନିଷେଧ । ବାପା ପୁଅକୁ ଦେଖା କରିବାକୁ ଆସିଲେ ଗୋଟାଏ କ'ଣ ଅନୁମତି ଦରକାର ? ଆଉ ତାହେଲେ, ଫୋନରେ କଥା ହୋଇ ବୋଉ ଦେହ ଭଲ ନାହିଁ ଦେଖିବାକୁ ଆସିବୁ । କିଛି ପଇସା ଦରକାର, ସାଙ୍ଗରେ ଆଣିଥିବୁ ବୋଲି ଜଣେଇ ଦେବାଟା ବରଂ ଭଲ ବୋଲି ଭାବିଲେ ମଣିକାନ୍ତ । ବୋତଲରୁ ଟିକେ ପାଣି ପିଇଲେ, ଗାମୁଛାରେ ଝାଳ ପୋଛିଲେ । ଦରୱାନକୁ ଦେଖି ସାଙ୍ଗରେ ନେଇଥିବା ମୁଢ଼ି ପିଠା ସବୁ ଦେଇ କାଗଜ ଖଣ୍ଡେ ମାଗି ଲେଖିଦେଲେ ଗାଁରୁ କିଏ ଜଣେ ବନ୍ଧୁ ଆସିଛନ୍ତି ହାକିମ ବାବୁଙ୍କୁ ଦେଖା କରିବାକୁ ବୋଲି କହିଦେବ କହି ମଣିକାନ୍ତ ଆଶା ବାନ୍ଧି ବସିଥିଲେ । ଭିତରକୁ ଯାଇ ଦରୱାନ ଆସିକି କହିଲା ସାର୍ ଆଉ ମାଡାମ ଗୋଟେ କାମରେ ଟୁର୍‌ରେ ଯାଉଛନ୍ତି । ଆଜି ଦେଖା ହୋଇ ପାରିବନି ଆଉ ଦିନେ ଆସି ଦେଖା କରିବେ । ଟିକେ ହସିଲେ ମଣିକାନ୍ତ । ଚାଷ କରି ଝାଳ ବୁହାଇ ପାଠ ପଢ଼େଇଥିବା ଅନେକ ବାପା ଏ ସହରୀ ବାବୁଙ୍କ ହାଲ୍‌ଚାଲ ଜାଣିଥିବେ । ମୁଁ ବା କିପରି ବାଦ ପଡିଯିବି । ଫେରି ଆସିଲା ବେଳକୁ ଦରୱାନ ପଛରୁ ମଉସା ମଉସା ଟିକେ ଶୁଣିବେ କି ଡାକ ଛାଡିବାରୁ ପଛକୁ ଚାହିଁଲେ ମଣିକାନ୍ତ । ଦରୱାନ ପଚାରିଲା ଆପଣଙ୍କ ପରିଚୟ । ଟିକେ ହସିଦେଇ କହିଲେ ମଣିକାନ୍ତ, କହିଦେବ ତୁମ ବାବୁ ଆଉ ମା'କୁ ତାଙ୍କ ଗାଁରୁ ତାଙ୍କ ସାଙ୍ଗର ବାପା ଆସିଥିଲେ । ବାବୁ ବ୍ୟସ୍ତ ଅଛନ୍ତି ଯଦି ତାଙ୍କୁ ଅନ୍ୟ ଦିନ ଆସି ଦେଖା କରିବି କହି ଫେରି ଆସିଲେ । ତାଙ୍କ ଅଜାଣତରେ ଲୁହ ଆଖିକୁ ଓଦା କରି ପକାଉଥିଲେ କାଳେ କିଏ ଦେଖିଦେବେ ବୋଲି ମୁହଁ ଲୁଚାଇ ସେଠାରୁ ଫେରି ଆସିଲେ ।

*ଗଙ୍ଗନଗର, ଭୁବନେଶ୍ୱର*
*ଦୂରଭାଷ: ୭୯୭୮୧୧୦୪୭୪*

# ମୋହିନୀ କନ୍ୟା

## ପଦ୍ମନାଭ ସାହୁ

-ସକାଳୁ ସକାଳୁ ତୋ ବାପା କୁଆଡ଼େ ଗଲା କିରେ ! ଆସିଲେ କହିବୁ ମୋ ସାଙ୍ଗରେ କଥାହେବ।

-ତାଙ୍କ ପାଖରେ କ'ଣ କାମ ଅଛି ?

-ତୋତେ ସେଥିରୁ କ'ଣ ମିଳିବ, ଯାହା କହିଲି ସେଇୟା କରିବୁ, ନ ହେଲେ..

-ହେଉ ହେଲା, ଯୋ ହୁକୁମ୍ ମେରେ ବୁଢ଼ୀମା'ଲୋ ଆକ୍କା..

କାନ୍ଥ ଘଣ୍ଟାରେ ଆଠ ବାଜି ସାରିଥିଲା। ପାଖସ୍କୁଲ୍ ଅଷ୍ଟମରେ ବଢ଼ୁଥିବା ନାତି ଏତକ ଜବାବ ଦେଇ, ସାଇକଲ୍ ଧରି ତରତର ହୋଇ ଘରୁ ବାହାରିଗଲା। ବୋଧହୁଏ ତା' ମମ୍ମିର ବରାଦି ସଉଦା କିଣି ଆଣିବାକୁ ନିକଟସ୍ଥ କେରାନା ଦୋକାନ ଆଡ଼େ ଗଲା। ନାତି ଟୋକାର ଗମାତିଆ ଉତ୍ତର ଶୁଣି 'ଗୌରୀ' ମନକୁମନ ଆମୋଦିତ ହେଲେ।

ଗୌରୀଙ୍କ ଗାର୍ହସ୍ଥ୍ୟର ଆକାର ବଡ଼। ଘରେ ଦୁଇପୁଅ, ଦୁଇବୋହୂ, ପୁଅରପୁଅ ନାତି, ଉତ୍ତର ଅଣତ୍ରିଶବର୍ଷ ବୟସ୍କ ଅଭିଆଡ଼ି ଝିଅ, ସଂସାରୀ ହେବାକୁ ବିମୁଖ ଯୁବାପୁତ୍ର ଏବଂ ସେ ନିଜେ, ଆଠପ୍ରାଣୀ କୁଟୁମ୍ବ। ଘରର ପ୍ରବେଶ ଦ୍ୱାର ବାମପାର୍ଶ୍ୱକୁ ସମ୍ପ୍ରସାରିତ ବାରଣ୍ଡାରେ ପଡ଼ିଥିବା ବେଞ୍ଚରେ ବସି ପୁଅକୁ ସେ ଅପେକ୍ଷା କଲେ। ତାଙ୍କ ବାସଗୃହର ସାମାନ୍ୟ ଦୂର ସଡ଼କକଡ ଗଛ ଛାଇରେ ବଡ଼ପୁଅର ବଲେରୋ ଗାଡ଼ି ଠିଆ ହୋଇଛି, ତେବେ କୁଆଡ଼େ ସେ ଗଲା! ମନେମନେ ଚିନ୍ତା କରୁଥିଲେ। ନାତି ଲେଉଟି ଆସଲା। ପୁନଃ ତାକୁ ଜିଜ୍ଞାସା କଲେ, ବାପାକୁ କେଉଁଠି ଦେଖିଲୁ କି ? ସାଇକଲ୍ ଷ୍ଟାଣ୍ଡମାରି ନାସ୍ତି ସୂଚକ ମୁଣ୍ଡନାଡ଼ି ସେ ଘରେ ପଶିଲା।

ଏବର୍ଷ ଏପ୍ରିଲ୍‌ମାସ ଛୁଉଁଛୁଉଁ ଖରାର ତେଜ ବଢ଼ିଗଲାଣି। ପ୍ରାତଃର ସ୍ନାନ ଶୌଚାଦି ନିତ୍ୟକର୍ମ ସାରି ସେ ଜଗିବସିଲେ ବଡ଼ପୁଅ ସହାୟତାରେ କାମଟା ଯେମିତି ହେଉ ଆଜି କରାଇବେ। ସେ ଆଜ୍ଞାବହ ପିଲା। ଜନ୍ମଦାତ୍ରୀର କଥା ତଳେ ପକାଏନି। ତା'ବିନା ଏ କାମ ସମ୍ଭବ ନୁହେଁ। ତାଙ୍କର ଅନ୍ୟ ଦୁଇପୁଅ ବି ଅବଶ୍ୟ ମାଆ କଥା ଶୁଣନ୍ତି, ହେଲେ ଧାନବେଙ୍ଗଳାରେ ଛେଳିମାନଙ୍କୁ ଯୋଚାଯାଏନି। ବଡ଼ର ପ୍ରତ୍ୟାଗମନକୁ ସେ ଜଗିରହିଲେ।

ପୁଅର ଫେରିବା ବେଳ ଉଛୁର ହେଉଥିଲା। ସରକାରୀ ଜମିକୁ ମାଫିଆ କବ୍‌ଜା କଲାପରି, ଖାଲିଖାଲିରେ ବସି ରହିବା ହେତୁ ମନ ଅଗଣାକୁ ତାଙ୍କର ବିଗତ ଦିନଗୁଡ଼ିକର ସ୍ମୃତି ଏବଂ ଅପସ୍ମୃତି ଆବୋରି ବସିଲା।

ପତି ସରକାରଙ୍କ ବିଦ୍ୟୁତ ବିଭାଗରେ ଚାକିରୀ କରୁଥିଲେ। ସେତେବେଳେ ଜମିବାଡ଼ିର ଦାମ୍ ଆଜିକା ଭଳି ଆକାଶ ଛୁଆଁ ନଥିଲା। ପରିବାର ଓ ପିଲାଛୁଆଙ୍କ ଲାଗି ସହରକୁ ଲାଗିଥିବା ଇଲାକାରେ ରାସ୍ତା କଡ଼କୁ ଛଅ ଡ଼େସିମିଲ୍ ପଡ଼ିଆ ଜମି କିଣିଥିଲେ। ତହିଁରେ ରୋଷେଇ ଶାଳ, ପାଇଖାନା, ଗାଧୁଆଘର ଏବଂ ସମ୍ମୁଖକୁ ବାରେଣ୍ଡା ଥାଇ ତିନି ବଖରା ଛାତଘର ବି ତୋଳିଥିଲେ। ହେଲେ ଭାଗ୍ୟର ବିଡ଼ମ୍ବନା, ସେଇଘରେ ବେଶୀଦିନ ସେ ରହି ପାରିନଥିଲେ। ସାଙ୍ଗମେଳରେ ପଡ଼ି ନିଶା କବଳିତ ହୋଇ ମାତ୍ର କେଇଟା ବର୍ଷର ଅନ୍ତରରେ ବାଟକାଟି ଚାଲିଗଲେ। ଏଡ଼େବଡ଼ ସଂସାରର ସମ୍ପୂର୍ଣ୍ଣ ବୋଝ ପଡ଼ିଥିଲା ଅଭାଗିନୀ ତାଙ୍କ ଉପରେ।

ସନ୍ତାନ ସନ୍ତତି ଭିତରୁ ବଡ଼ପୁଅ ପଢୁଥିଲା ନବମ ଶ୍ରେଣୀରେ। ତା ତଳକୁ ଝିଅ। ବାପା ବଂଚିଥିବା ସମୟରେ ଝିଅଟି ଯେନତେନ ପ୍ରକାରେ ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ପାଠ ଶେଷକଲା। ପରେ ଆଉ ସ୍କୁଲପିଣ୍ଡା ମାଡ଼ିଲା ନାହିଁ। ମାଆରେ ଧନରେ ଯେତେ ବୁଝାସୁଝା କଲେ ସୁଦ୍ଧା, ଏପରିକି ମାଡ଼ଗାଳି ଦେଲେ ବି ସ୍କୁଲ୍ ଗଲାନାହିଁ। ପାଠପଢ଼ା ସେଇଠି ତାର ଠପହୋଇ ଯାଇଥିଲା। ଅନ୍ୟ ଦୁଇପୁଅ ସାନ ସାନ। ବିଦ୍ୟାଳୟରେ ନାଆଁଲେଖା ବଅସ ହୋଇ ନଥିଲା। ସରକାରୀ ଚାକରୀ କାଳରେ ସ୍ୱାମୀର ଦେହାନ୍ତ ହେଲେ ସ୍ତ୍ରୀକୁ ଅନୁକମ୍ପା ମୂଳକ ଚାକରୀରେ ରଖିବା ପାଇଁ ତାଙ୍କ ସହକର୍ମୀମାନେ ଉଦ୍ୟମ କରୁଥିଲେ। ହେଲେ ତାହା ଥିଲା କିନ୍ତୁ ଆକାଶର ଚାନ୍ଦ। କେତେମାସ କିମ୍ବା କେତେ ବର୍ଷ ଉପରାନ୍ତେ ହାତକୁ ଆସିବ ବା ମୋଟେ ମିଳିବ ନାହିଁ, ବିଭାଗୀୟ ଦପ୍ତରର କେହି ସଠିକ ଉତ୍ତର ଦେଇ ପାରିନଥିଲେ। ଶିକ୍ଷାଗତ ଯୋଗ୍ୟତାର କାଗଜପତ୍ର ଏବଂ ବୟସର ପ୍ରମାଣ ଦସ୍ତାବିଜ୍, କିଛି ତାଙ୍କଠି ନଥିଲା। ଚାକିରୀ ପାଇବା ଆଶା ଶେଷକୁ ସେ ପରିତ୍ୟାଗ କଲେ। ପୁଅଝିଅକୁ ଖୁଆଇ ପିଆଇ କେମିତି ମଣିଷ କରିବେ ସେଇ ଚିନ୍ତାରେ ଲାଗିଲେ।

ପତି ଅବର୍ତ୍ତମାନରେ ସ୍ତ୍ରୀକୁ ମିଳୁଥିବା ସ୍ୱାମୀଙ୍କ ଅଧା ପେନ୍‌ସନ୍ ଟଙ୍କାରେ ଛୁଆମାନଙ୍କ ଖାଦ୍ୟବସ୍ତ୍ର ଠାରୁ ଆରମ୍ଭ କରି ଦିହପା' ଭଲମନ୍ଦ ଆଦି ସମ୍ଭାଳିବାରେ ନାକେଦମ୍ ହୋଇ ପଡ଼ୁଥିଲେ। ସମୟ ସମୟରେ ପରିସ୍ଥିତ ଏଭଳି ହେଉଥିଲା ଯେ, ହାଟ ବଜାରରୁ ପରିବା ଗଣ୍ଡେ କିମ୍ବା ଦୋକାନରୁ ପାଞ୍ଚଶ'ଗ୍ରାମ୍ କିଲେ ଡ଼ାଲି କିଣି ଆଣିବାକୁ ପାଖରେ ଦଶକୋଡ଼ିଏ ଟଙ୍କା ସୁଦ୍ଧା ରହୁନଥିଲା। ପିଲାମାନଙ୍କୁ ସୁଧୁ ଲୁଣଲଙ୍କା ଓ ଦେଶୀ ପିଆଜରୁ ଫଡ଼େ ଦି'ଫଡ଼ା ଦେଇ ସ୍ୱଚ୍ଛଭାତ ଏବଂ ବେଲାଭର୍ତ୍ତି ତୁରାଣି ପରଷିବାକୁ ସେ ବିବଶ ହେଉଥିଲେ। ଆତ୍ମା ବାହୁନି ଉଠୁଥିଲା। ପିଣ୍ଡାପଣତରେ ଆଖିଲୁହ ପୋଛି ମନେମନେ ଠାକୁରଙ୍କ ନିକଟରେ ଫେରାଦ ହେଉଥିଲେ ପ୍ରଭୁ ହେ, ଅଭାଗିନୀ ମାଆକୁ କେତେ ଆଉ ହୀନିମାନ କରିବ !

ବଡ଼ପୁଅ ବୁଝିବା ସୁଝିବାର ହୋଇ ଯାଇଥିଲା। ଜନନୀର ଅନ୍ତଃବେଦନା ଅନୁଭବ କରିପାରିଲା। ସାହାଯ୍ୟ କରିବ ବୋଲି ସ୍କୁଲ୍‌ଯିବା ବନ୍ଦ କରିଦେଲା। ମାଆର ବାରଣ ଓ ବିରୋଧ ସତ୍ତ୍ୱେ ବହିବସ୍ତାନି ଥୋଇ ବାହାରିଲା କାମଧନ୍ଦା ଅନ୍ୱେଷଣରେ। ସହରସାରା ଚାରିଆଡ଼େ ବୁଲାବୁଲି କରି କାମଦାମ ଖୋଜିଲା। ତେର ଚଉଦ ବର୍ଷର ବାଳକକୁ, କିଏ ବା ସହଜେ ଚାକିରୀ ଦିଅନ୍ତା ! ମଜୁରୀ କାମଟିଏ ବି ତା ପାଇଁ ମହରଗ ହେଉଥିଲା। ପରିଶ୍ରମର ଫଳ ବୃଥା ଯାଏନି। ପିଲାଟିର ପାରିବାରିକ ଅଭାବ ଅନାଟନ ବିଷୟରେ ଅବଗତ ହୋଇ ମିନିବସ୍ ଡ୍ରାଇଭର୍ ଜଣେ ଦେବଦୂତ ସାଜି ମାଲିକଙ୍କୁ କୁହାବୋଲା କରି ଦୈନିକ ଷାଠିଏ ଟଙ୍କା ମଜୁରୀରେ ତା ସକାଶେ ଗାଡ଼ି ହେଲ୍‌ପର୍ କାମଟେ ଯେଗାଡ଼ କରି ଦେଇଥିଲେ। ସହରରୁ ନିକଟସ୍ଥ ସବ୍‌ଡିଭିଜନାଲ୍ ହେଡ୍ କ୍ୱାଟରକୁ ଦିନରେ ଦି'ବେଳା ବସ୍ ଯିବା ଆସିବା କରୁଥିଲା।

ଗାଡ଼ି ଡ଼ିକିରେ ଯାତ୍ରୀମାନଙ୍କ ଲାଗେଜ୍ ଇତ୍ୟାଦି ରଖିବା, ବାହାର କରିଦେବା, ଦରକାର ହେଲେ ରାସ୍ତାରେ ଚକ ବଦଳାଇବା, ସାମ୍ନାକାଚ ପୋଛିପାଛି

ସମାରୋହ

ପରିଷ୍କାର ରଖିବା ଏବଂ ଷ୍ଟାଣ୍ଡ୍ ଛାଡ଼ିବା ପୂର୍ବରୁ ବସ୍ ସିଟ୍‌ତଳ ସଫା କରିବା ପ୍ରଭୃତି କାମ ଧୀରେ ଧୀରେ ଜାଣିଗଲା । ଉଭୟ କଣ୍ଡକ୍ଟର୍ ଓ ଡ୍ରାଇଭର୍ ତା କାମରେ ଖୁସିହେଲେ । ମାଲିକଙ୍କ ପଇସାରୁ କର୍ମଚାରୀଙ୍କ ଖିଆପିଆ ଖର୍ଚ୍ଚ ମିଳୁଥିଲା । କାମ ଶେଷରେ କଣ୍ଟର୍ ଦିନକର ଦରମା ଷାଠିଏ ଟଙ୍କା ତାକୁ ବଢ଼ାଇ ଦେଉଥିଲେ । କାମରେ ଯୋଗ ଦେବାର ଦଶପନ୍ଦର ଦିନ ଗତହେଲା ପରେ ଦରମା ଗଣ୍ଡାକ ଦେଲାପରେ ବି ଅଧିକା ଦଶ ପଚାଶ ତା ହାତରେ ଗୁଞ୍ଜି ଦେଉଥିଲେ । କହୁଥିଲେ, ବାଜେଖର୍ଚ୍ଚ ନକରି ଜମା ରଖିବୁ, କାମରେ ଆସିବ । ଖେଳକୁଦ ବୟସର୍ ସନ୍ତାନଟିର ମେହେନତି ଟଙ୍କା ଗ୍ରହଣ କରିବାକୁ ଦ୍ୱିଧାରେ ତାଙ୍କ ମାତୃପ୍ରାଣ ବିଳପୀ ଉଠୁଥିଲା । ଦୁଃଖ ଏବଂ ଯାତନାରେ ସେ ପଥର ପାଲଟି ଯାଉଥିଲେ । -ହାୟରେ ଦଇବ ଏଭଳି ଦିନ ବି ଦେଖିବାର ଥିଲା କହି, ନିଜ ଭାଗ୍ୟ ଉପରେ ଦୋଷ ଲଦୁଥିଲେ । ତେବେ ଏକଥା ସତ, ପରିବାର ପ୍ରତିପୋଷଣରେ ତାହା ସଞ୍ଜୀବନୀ ଭଳି କାମ ଦେଉଥିଲା । ବିଭୁଙ୍କ ଆଶୀର୍ବାଦ ପାଲଟି ଯାଉଥିଲା ।

ସମୟର ଚକ ଗଡୁଥିଲା ଅନବରତ । ସହରର ଲୋକସଂଖ୍ୟା ବଢ଼ିଚାଲିଲା । ବଜାରର ପରିସୀମା ବୃଦ୍ଧିପାଇଲା । ଗାଆଁ ଗହଳିର ଲୋକବାକ ସୁଖସ୍ୱାଚ୍ଛନ୍ଦ ଲାଳସାରେ ଦିନୁଦିନ ସହରମୁହାଁ ହେଲେ । କେଇଟାବର୍ଷ ଭିତରେ ତାଙ୍କ ଘରଡ଼ିହର ସାମ୍ନାଦେଇ ଲମ୍ବିଥିବା କଚାରାସ୍ତା ଚଉଡ଼ା କଂକ୍ରିଟ୍ ସଡ଼କରେ ପରିଣତ ହେଲା । ଘରପାଖ ବାମ, ଡ଼ାହାଣ, ଆଗପଛରେ ଯେତେକ ପଡ଼ିଆଜମି ଥିଲା, ଲୋକେ ତାହା କିଣି ତା ଉପରେ ଘରଦ୍ୱାର ତୋଳି ବସବାସ କଲେ । ନୂତନ ଜନବସତି ଗଢ଼ିଉଠିଥିଲା । 'ସାହି'ର ପରିଚିତି ଲାଭକଲା । ପୌରପାଳିକାର ଅଂଶସ୍ୱରୂପ ୱାର୍ଡ଼ ଭାବେ ବି ପରିଗଣିତ ହେଲା । ଉଠିଆ ପିଠିଆ ତାଙ୍କ ସାନ ଦୁଇପୁଅ ମଧ୍ୟ ସ୍କୁଲ୍ ଯିବା ଆରମ୍ଭ କଲେ ।

ବଡ଼ପୁଅ ବୁଦ୍ଧିମାନ ଓ ପରିଶ୍ରମୀ । ହେଲ୍‌ପର୍ କାମରେ ରହି ମିନିବସ୍ ଡ୍ରାଇଭର୍‌ଙ୍କୁ ଗୁରୁମଣି ଗାଡ଼ି ଚଳାଇବା ବିଦ୍ୟା ହାସଲ କଲା । ପରିବହନ ବିଭାଗରୁ ଚାରିଚକିଆ ଯାନବାହାନ ଚାଳକର ଲାଇସେନସ୍ ପ୍ରାପ୍ତ ମଧ୍ୟ ହେଲା । ବସ୍‌କାମରୁ ଅବ୍ୟାହତି ନେଇ ଏଥର ବେଶୀ ଦରମାରେ ସହରର ଧନୀମାନି ଏବଂ ପ୍ରତିଷ୍ଠିତ ବ୍ୟକ୍ତି ବିଶେଷଙ୍କ କାର୍ ଚଳାଇଲା । ଦୁଇ ଅଢ଼େଇବର୍ଷ ଡ୍ରାଇଭର୍ ଚାକିରୀ କଲାପରେ ମାଆକୁ କହିଥିଲା, ଚାରିଚକିଆ ଗାଡ଼ି କିଣିବ । – ଟଙ୍କାପଇସା ଜମା ରଖିଛୁ ପଚାରିବାରୁ ଉତ୍ତର ଦେଲା, ତୁ' ବୋଧହୁଏ ଜାଣିନୁ ଆଜିକାଲି ଗାଡ଼ି କାଣିବାକୁ ବ୍ୟାଙ୍କ୍ ଓ ଅର୍ଥ ଲଗାଣକାରୀ କମ୍ପାନୀମାନେ ଋଣ ଦେଉଛନ୍ତି । ତୁ ହଁ କଲେ, ସେଥିକୁ ମୁଁ ବନ୍ଦୋବସ୍ତ କରିବି । ଭଡ଼ାଦେବା ଉଦ୍ଦେଶ୍ୟରେ ଚାରିଚକିଆ ବଡ଼ଗାଡ଼ି ଗୋଟେ ସେ କିଣିଲା । ତାଙ୍କର ସମ୍ପୂର୍ଣ୍ଣ ବିଶ୍ୱାସ ଥିଲା, ଗାଡ଼ି ରୋଜଗାରରୁ ଲୋନ୍‌ଟଙ୍କା ନିଶ୍ଚିତ ସୁଝିଦେବ । ନିର୍ଦ୍ଦିଷ୍ଟ ସମୟ ଭିତରେ ଗାଡ଼ିଲୋନ୍ ପୂରାପୂରି ସେ ପଇଠ କଲା । ବୟସ ତାକୁ ସତେଇଶରେ ପହଞ୍ଚିଥିଲା । ସୁଶୀଳ କନ୍ୟା ବାଛି ତାକୁ ବିଭା କରାଇ ଦେଲେ । ଏଥର ସଂସାରିକ ଅଭାବ ଅନାଟନରୁ ସାମାନ୍ୟ ମୁକୁଳି ଶାନ୍ତିରେ ଟିକିଏ ସେ ନିଶ୍ୱାସ ମାରିଲେ ।

ହେଲେ, ଗରିବ ଗରୁବାଙ୍କ ଜଞ୍ଜାଳର କ'ଣ ଅନ୍ତହୁଏ ! ସେ ତ ଛାୟା ସଦୃଶ ପଛେପଛେ ଗୋଡ଼ାଇଥାଏ । ପୂର୍ବରୁ ପାଠପଢ଼ା ଛାଡ଼ି ଝିଅ ଘରେ ବସିଥିଲା, ଏବେ ତା ତଳ ମଝିଆଁ ପୁଅ ମଧ୍ୟ ବେଆଡ଼ା ହୋଇ ପାଠରୁ ମୁହଁ ମୋଡ଼ିଲା । ମ୍ରିୟମାଣ ସେ ହୋଇଗଲେ । ପରିଶେଷରେ ମନକୁ ବୁଝାଇଥିଲେ, ଏହା ହିଁ ହୁଏତ ଈଶ୍ୱରଙ୍କ ଇଚ୍ଛା !

କନିଷ୍ଠ ପୁଅ ମେଧାବୀ ନଥିଲା ସତ, ନିୟମିତ ସ୍କୁଲ୍ ଯାଉଥିଲା । ସମୟାନ୍ତରେ ହାଇସ୍କୁଲ୍ ଡେ଼ଇଁ କଲେଜ୍‌ରେ ମଧ୍ୟ ପଢ଼ିଲା । ଅଥଚ ଅବସୋସ ଏତିକି, କଲେଜ୍ ପାଠ ଶେଷହେବା ପୂର୍ବରୁ ଅଜବ ହରକତ୍ ଗୋଟେ କଲା । ପିକ୍‌ନିକ୍‌ରେ ଯାଉଛି କହି, ସାହିର ପ୍ରାପ୍ତବୟସ୍କା ଜଣେ ଝିଅସହିତ ଦିନଟେ ଫେରାର ହୋଇଗଲା । ଘଟଣା ଥାନା ପୋଲିସ୍ ହେଲା । ଝିଅପୁଅର ଅଗରୁ ସମ୍ପର୍କ ଥିବା ଦୁଇ ପରିବାର ଜାଣିଲେ । ଅନିଚ୍ଛାସତ୍ତ୍ୱେ ସେଇଝିଅକୁ ବୋହୂକରି ଘରକୁ ସେ ଆଣିଲେ ।

ବଡ଼ପୁଅ ଦ୍ୱାରା କାମଟା କରାଇବେ ବୋଲି ତା ଫେରିବା ବାଟକୁ ଚାହିଁ ରହିଥିଲେ । ପୁରୁଣା ଦିନମାନ ପୁନଃ ତାଙ୍କୁ ଆଚ୍ଛନ୍ନ କଲା । – ବାସଗୃହ ସାମ୍ନା ପଟକୁ ପ୍ରାୟ ଦେଢ଼ ଡ଼େସିମିଲ୍ ହେବ ନଜର ପଙ୍ଗାଭୁକ୍ତ ଜମି ରିକ୍ତ ପଡ଼ିଥିଲା । ବାଡ଼ବୁଜି ମାଟିହାଣି ତହିଁରେ ସେ ଗଣ୍ଡେ ଛଅଟା ଫୁଲଚାରା ପୋତୁଥିଲେ, ଶାଗପଟାଳି କରୁଥିଲେ । ବଡ଼ପୁଅ ପ୍ରସ୍ତାବ ଦେଲା ମାଆ', ଅବିକା ଦୋକାନ ବଜାର ଠାରୁ ଆରମ୍ଭ କରି, ସରକାରୀ ଅଫିସ୍ , ସରକାରୀ ବେସରକାରୀ ସ୍କୁଲ୍ କଲେଜ୍ ଓ ବ୍ୟାଙ୍କ୍, ଆଦି ସବୁ ଆମ ଏଠାରେ ଗଢ଼ି ଉଠିଲାଣି । ଘର ଆଗରେ ଖାଲି ପଡ଼ିଥିବା ଆମ ଜାଗା ଖଣ୍ଡକରେ ଗୋଟେ ଯୋଡ଼େ ଦୋକାନ ଘରତୋଳି ଭଡ଼ା ଲଗାଇଦେଲେ ମାସକୁ ମାସ ଟଙ୍କା ପଇସା ଆସନ୍ତା । ଋଣକିସ୍ତି ଦେଲାପରେ ମଧ୍ୟ କିଛି ବଳକା ହାତରେ ରହନ୍ତା ।

ପ୍ରସ୍ତାବଟା ମନ୍ଦ ନଥିଲା । ହେଲେ ମନରେ ଶଙ୍କା ଜାତହେଲା, ସାମ୍ନା ଜାଗା ଟକକରେ ଦୁଇଟା ଦୋକାନ କରିଦେଲେ ଭିତରକୁ ଯିବା ଆସିବା ଲାଗି ଗେଟ୍‌ପାଇଁ ଜାଗା ରହିବ ତ ! ପୁଅକୁ ବରାଦ କଲେ ମପାମପି କରି ଦେ'ଖ୍, ଯେବେ ହେଇ ପାରିବ ! ମାପଯୋଖରୁ ଜଣା ପଡ଼ିଥିଲା, ଯାତାୟତ ସକାଶେ ଛଅସାତ ଫୁଟ୍ ଚଉଡ଼ା ବାଟ ଛାଡ଼ିଲା ପରେ ବି ଯାହା ରହୁଛି ସେଥିରେ ଦୁଇଟା ଦୋକାନଘର ଆରାମରେ ହେବ । ବ୍ୟାଙ୍କ୍ ଋଣ ଉଠାଇ କାମ ଆରମ୍ଭ କରି ଦେଇଥିଲେ । ଭାଗ୍ୟ ଅନୁକୂଳ ଥିଲା ବୋଲି, ଦେକାନ ନିର୍ମାଣ କାମ ଶେଷହୋଇ ଥିବାରୁ ସାନପୁଅକୁ ବିଭା କଲାପରେ ସେଥିରୁ ଗୋଟାକରେ ତାକୁ ଥଇଥାନ କରାଗଲା । ଦ୍ୱିତୀୟଟି ଅନ୍ୟ ଜଣକୁ ଭଡ଼ାସୂତ୍ରରେ ଦେଇ ଋଣ ପରିଶୋଧ ହେଲା । ଏବେ ସେଇ ଦୋକାନଘର ଉପରେ ଆଉ ଦିଓଟି କୋଠରୀ ନିର୍ମାଣ କରି ଚାରିଜଣଯାକ ପୁଅଝିଅ ମାଲିକାନାରେ ଛାଡ଼ି ଦେଇଛନ୍ତି । ପିଲାଏ ଯା'ପରେ ନିଜନିଜ ରୋଜଗାରରୁ ଯୌଥ ପରିବାର ଚଳାଉଛନ୍ତି । ମାଆର ହାତଖର୍ଚ୍ଚ ପାଇଁ କେତେବେଳେ କେମିତି ପାଞ୍ଚଶତ ହଜାରେ ମଧ୍ୟ ଦେଉଛନ୍ତି । ସୁଖର କଥା, ସାଂସାରିକ ସାଗର ମନ୍ଥନରୁ ବାହାରି ଅଧୁନା କିଛି କିଛି ଜନସେବା ସେ କରୁଛନ୍ତି ।

କାନ୍ଧରେ ବ୍ୟାଗ୍ ଝୁଲାଇ ନାତି ବାହାରିଗଲା ସ୍କୁଲ୍ । – ପୁଅକୁ କାହିଁକି ଜଗିଛ, ସେ ତାଙ୍କର ଯେତେବେଳେ ଆସିବେ ଆସନ୍ତୁ । ତୁମେ ଉଠିଲ ଜଳଖିଆ ଗଣ୍ଡେ ଖାଇବ । ଏତେ ବେଳଯାଏ ଖାଲି ପେଟରେ ରହିଲେ ଦିହ ଖରାପ ହେବ । ବଡ଼ବୋହୂ ଆସି ତାଗିଦ କଲା । ଭାବନାରେ ବାଧା ପହଞ୍ଚିଲା । ଘରଭିତରକୁ ସେ ଉଠିଗଲେ । ଜଳଯୋଗ ଶେଷ ହୋଇନଥାଏ, ବଡ଼ପୁଅ ଘରକୁ ପ୍ରତ୍ୟାବର୍ତ୍ତନ କଲା । ଖାଇସାରି ଉତ୍କଣ୍ଠାଯୋଡ଼ିତ ସ୍ୱରରେ ତାକୁ ସେ ଜିଜ୍ଞାସା କଲେ 'ଚାଳିଆ' ତିଆରି କରିଦେବୁ କହିଥିଲୁ ପରା, କ'ଣ ହେଲା ! ଖରାତେଜ ବହୁତ ବଢ଼ିଗଲାଣି, ଯେମିତି ହେଉ ଆଜି କରିଦେ' । ପୁଅ ଉତ୍ତର ଦେଲା ସେଇକାମ ବରାଦ କରିବା ନିମନ୍ତେ ଟେଣ୍ଟ୍‌ବାଲା ପାଖକୁ ଯାଇଥିଲି ପରା । ଆଜି ହିଁ ଲୋକ ଲଗାଇ ଆମଘର ସାମ୍ନା ବଉଳଗଛ ମୂଳେ ପାଣିହାଣ୍ଡି ରଖିବା ସକାଶେ ମଞ୍ଚାବାନ୍ଧି ସମ୍ମୁଖ ଭାଗ ଖୋଲାଥିବ କପଡ଼ାଘେରା ଛୋଟ ଚଳିଆ ସେ ତୟାର୍ କରିଦେବ । ଜମ୍ବାରୁ ବ୍ୟସ୍ତ ହୋ'ନା ।

ଖରାଦିନ ଆସିଲେ ବିଗତ କିଛିବର୍ଷ ହେଲା ନିୟମିତ ଭାବେ ଜନସେବା କରି ଆସୁଥିବା ମାଆର ମହତ କାମଟି ପାଇଁ ଆତୁରତା ଲକ୍ଷ୍ୟକରି ପୁଅ ପରିହାସ କଲା, ହେଲା ତ ଏବେ ! କାଲିଠାରୁ ବୋରିଂକୂଅରୁ ପାଣିକାଢ଼ି ପରିଷ୍କାର କପଡ଼ାରେ ଛାଣି, ନୂଆ ମାଟିହାଣ୍ଡିରେ ସାଇତି ର'ଖ୍ । ସମୁଦ୍ର ମନ୍ଥନରୁ ମୋହିନୀ କନ୍ୟା ବାହାରି ଦେବତା ଦାନବଙ୍କୁ ଅମୃତ ପରଷିଲା ଭଳି, ତୃଷାର୍ତ୍ତ ବାଟୋଇ ଭାଇଭଉଣୀଙ୍କୁ ଯେତେ ଥଣ୍ଡାପାଣି ପିଆଉଛୁ ପିଆ, କିଏ ତୋତେ ବାରଣ କରୁଛି ! ପୁତ୍ରର ଆଦରମିଶ୍ରିତ ବାଣୀରେ ଗୌରୀ ମନ୍ଦମନ୍ଦ ହସିଲେ । ମିଛ ଆକଟ ପୂର୍ବକ ଶ୍ରଦ୍ଧା ପ୍ରକଟକଲେ, ଯାଃ..ଫାଜିଲ୍ କେଉଁଠିକାର ।

*ଦାରଗାଡ଼ାହି, ବାରିପଦା ୱାର୍ଡ୍ ନଂ.୧୫*
*ମୋ; ୯୪୩୭୨୧୮୬୦୮*

# ଦୃଶ୍ୟ

## ସରୋଜିନୀ ଷଡଙ୍ଗୀ

### ପ୍ରଥମ ଦୃଶ୍ୟ

ତୀଖ ନାସିକା, ଆଙ୍କି ଦେଲାପରି ପତଳା ଭ୍ରୂଲତା ତଳେ ଚଳଚଞ୍ଚଳ ହରିଣୀ ଆଖି, ସୁଗୋଲରକ୍ତିମ ଗଣ୍ଡଦେଶ. ଲାଲ୍ ଟୁକୁଟୁକୁ ପତଳା ଓଷ୍ଠାଧାର, ମଧ୍ୟମ ଧରଣର ଉଚ୍ଚତା ବିଶିଷ୍ଟ ଦୁଧ ଅଳତା ରଙ୍ଗର ଝିଅଟିଏ।

ନାମଟି ତାର ରୁକ୍‌ସାନା।

ବାପା, ମାଆ ଦୁହେଁ ଡାକ୍ତର। ଡାକ୍ତର ଦମ୍ପତିଙ୍କର ଏକମାତ୍ର ଅଲିଅଳ କନ୍ୟା, ନୟନ ପିତୁଳା ଏ ଝିଅଟି। ରୁକ୍‌ସାନାକୁ ଆଦରରେ ପିତାମାତା ଡାକନ୍ତି 'ରୁକୁ'। ଆଉ 'ରୁକୁ' ଡାକଟା ହିଁ ଝିଅଟି ଅନ୍ତରକୁ ଆନନ୍ଦରେ ଭରିଦିଏ।

ମୁସଲିମ୍ ସମ୍ପ୍ରଦାୟର ହେଲେ ମଧ ଚାଲିଚଳଣୀ, ହାବଭାବ ଆଚାର ବ୍ୟବହାର ଓ ସର୍ବୋପରି ଚେହେରାରେ ବି ମୁସ୍‌ଲିମ୍ ସମ୍ପ୍ରଦାୟର ଛାପ ନଥାଏ। ନ ଜାଣିଲା ଲୋକ କେବେ ବି ବିଶ୍ୱାସ କରିବ ନାହିଁ ଯେ ଏମାନେ ମୁସ୍‌ଲିମ୍। ପ୍ରତ୍ୟହ ନମାଜ କରୁଥିଲେ ମଧ ହିନ୍ଦୁ ଦେବାଦେବୀ ପ୍ରତି ଗଭୀର ଶ୍ରଦ୍ଧା, ସ୍ନେହ ଓ ଭକ୍ତି।

ତା'ପର ଦୃଶ୍ୟ –

ଘଟଣାକ୍ରମେ ଝିଅଟି ଭଲ ପାଇ ବସେ ଏକ ହିନ୍ଦୁ ବ୍ରାହ୍ମଣ ପୁଅକୁ। ପୁଅଟି ମଧ।

ନୀରବ ନିବିଡ଼ ଭଲ ପାଇବା କେବଳ।

ନିଜର ଭଲ ପାଇବାକୁ ଜାହିର କରିବା ପାଇଁ କେବେ ଚେଷ୍ଟା କରି ନାହାନ୍ତି ସେମାନେ, ହାତ ଧରାଧରି ହେଇ ସର୍ବ ସମ୍ମୁଖରେ ରାସ୍ତାରେ ଚାଲି ନାହାନ୍ତି କିମ୍ବା ପାର୍କର ନିଛାଟିଆ ସ୍ଥାନରେ ଦେହକୁ ଦେହ ଲଗାଇ ବସି ଗପ କରିନାହାନ୍ତି।

ଶାଶ୍ୱତ ନିର୍ମଳ ସ୍ୱର୍ଗୀୟ ପ୍ରେମରେ ଆଚ୍ଛନ୍ନ ଓ ସିକ୍ତ ଦୁଇଟି ହୃଦୟ ଓ ଆତ୍ମା।

କିଛିଟା ସ୍ୱପ୍ନ ଦେଖିଛନ୍ତି ପ୍ରେମକୁ ନେଇ। କିନ୍ତୁ ଭିନ୍ନ ସମ୍ପ୍ରଦାୟର ହୋଇଥିବାରୁ ମନ ସର୍ବଦା ଆନ୍ଦୋଳିତ ଭୟାତୁର। ପ୍ରେମର ଭବିଷ୍ୟତକୁ ନେଇ ଅନେକ ଆଶଙ୍କା। ଅନେକ ଦ୍ୱନ୍ଦ୍ୱ।

କେବେ କେମତି ଲୁଚି ଛପି ଦେଖାହୁଏ।

ଝିଅଟିର ଆଖିର ହତାଶା, ଭୟ ଆତୁରତା ବେଶ୍ ପଢ଼ିପାରେ ପୁଅଟି। କହେ, ଏ ସମାଜରେ ଏକାଠି ବଞ୍ଚି ନ ପାରିଲେ ଏକାଟି ମରି ତ ପାରିବା। ଏତେ ଭୟ କାହିଁକି କରୁଛ। ଅସଲରେ ପୁଅଟି ନିଜକୁ ନିଜେ ଏଇ କଥାଟି କହୁଥାଏ ଯେପରି ମଧାନ୍ତର ପୂର୍ବ ଦୃଶ୍ୟ –

କେଜାଣି କିପରି ଏ ଖବର ପହଞ୍ଚିଯାଇଥିଲା ଦୁଇ ପରିବାର ନିକଟରେ। ପୁଅ ଘରେ ପ୍ରଚଣ୍ଡ ବିସ୍ଫୋରଣ ସହ ସୁନାମୀର ଝଡ଼। ବାପାଙ୍କର ଗର୍ଜନ ତର୍ଜନ ସହ ଚେତାବନୀ ମାଆ କାନ୍ଦିକାଟି ଉଚ୍ଛାଳ। ଆତ୍ମହତ୍ୟାର ଧମକ। ଅନ୍ୟତ୍ର ବିବାହ କରିବାକୁ ଚାପ ପ୍ରୟୋଗ ତା ପୁଣି ଯଥାଶୀଘ୍ର।

ପୁଅଟି ଥିଲା ଅସମ୍ଭବ ଭାବେ ନୀରବ।

ପ୍ରତିବାଦ କରିବାକୁ ଚାହୁଁଥିଲେ ମଧ ପ୍ରତିବାଦ କରିପାରୁନଥିଲା। ମଲାମାଛର ଆଖିପରି ନିସ୍ତେଜ ତାର ଆଖି ଓ ଅସାଡ଼ ଶରୀର।

ଝିଅଟିର ଘରେ ଅସହ୍ୟ ନୀରବତା। ମାଆ ବାପା ଡାକ୍ତରଖାନା ନ ଯାଇ ଘରେ ପଡି ରହୁଥିଲେ। ବାପାଙ୍କ ମୁହଁର କାରୁଣ୍ୟ ଭରା ଦୃଷ୍ଟିରେ ଝିଅଟି ମରିଯାଉଥିଲା। ଓଠ ତାଙ୍କର ଥରି ଉଠୁଥିଲା। ଅଥଚ ବାକ୍ୟ ସ୍ଫୁରୁ ନଥିଲା ଓଠରୁ। ସତେକି ସେ ଓଠ କହୁଥିଲା କାହିଁକି ଏପରି କଲୁ ରୁକୁ। ମୋ ସୁନାଝିଅ। ତୋ ଉପରେ ମୋର କେତେ ବିଶ୍ୱାସ ଥିଲା। ଆମେ ଏବେ କ'ଣ କରିବୁ?

ମାଆ ଅବସ୍ଥା ଶୋଚନୀୟ। ସ୍ନେହମୟୀ ମାଆକୁ ଚାହିଁପାରୁନଥିଲା ଝିଅ। ମାଆ ଆଖିରୁ ଲୁହ ପୋଛି ଦେବାକୁ ସାହସ ବି ନଥିଲା। କେହି କାହାକୁ କିଛି କହୁନଥିଲେ। ଘରେ ଶ୍ମଶାନର ନୀରବତା, ଓ ଉଦାସ ପଣ। ତିନୋଟି ମଣିଷ କେହି କାହାକୁ ଅବା ଚିହ୍ନିନଥିଲେ କେବେ ବି ।

### ଅନ୍ୟ ଏକ ଦୃଶ୍ୟ –

ଅପରାଧ ବୋଧରେ ମାଡି ମକଚି ହୋଇଯାଉଥିବା ଆଦରର କନ୍ୟାର ଅବସ୍ଥା ଦେଖି ପିତାମାତାଙ୍କ ହୃଦୟ ଟିକଟିକ୍ ଚିରି ହୋଇଯାଉଥିଲା। ସମସ୍ୟା ଯେତେ କଠିନ ହେଲେ ବି କୋଉଠି ନା କୋଉଠି ସମାଧାନର ପନ୍ଥା ନିଶ୍ଚୟ ଥାଏ। ଏହା ତ ସୃଷ୍ଟିର ନିୟମ। ହଠାତ୍ ପଲଟି ଗଲା ଦୃଶ୍ୟ ଏହି ନିୟମରେ। ଦୁଃଖ ଓ ଅନୁତାପରେ ଦଗ୍‌ଧ ଶଯ୍ୟାଶାୟୀ କନ୍ୟାର ଖଟ ଧାରରେ ବସି ମାଆ ଝିଅର ମୁଣ୍ଡ ଆଉଁସି ଦେଲେ। ସେ ସ୍ପର୍ଶରେ କଣ ଥିଲା କେଜାଣି ପ୍ରବଳ କାନ୍ଦରେ ଫାଟିପଡ଼ି ମାଆକୁ କୁଣ୍ଢାଇ ଧରିଲା ଝିଅ। ଆକାଶ ପବନ ମାଟି ପାଣି ଏକାକାର ହୋଇଗଲା। ଲୁହର ନଈ ସମୁଦ୍ରରେ ମିଶିଗଲା। ଦୁଃଖର ବରଫ ପାହାଡ଼ ତରଳି ଗଲା ଲୁହର ଉଷୁମ ସ୍ପର୍ଶରେ।

ଏଥର ଝିଅଟି ମୁହଁ ଟେକି ଚାହିଁଲା ମାଆର ମୁହଁକୁ ଅନେକ ଦିନ ପରେ। ବାପା ବି ନୀରବ ନିଶ୍ଚଳ ଠିଆ ହୋଇ ଅପଲକ ଚାହିଁ ରହିଥିଲେ ଝିଅର କୋହ ବତୁରା ମୁହଁକୁ। କାହିଁ କେବେ ଠାରୁ ନ ଦେଖିଲା ପରି।

ମଧାନ୍ତର ଦୃଶ୍ୟ – ଏଥର ମାଆ ଝିଅର ଚିବୁକ ଟେକି ଧରି ଲୁହ ପୋଛି ଦେଲେ। ଭୂମିକା ନକରି ହଠାତ୍ କହିଲେ –

"ତୁ ସେ ପିଲାସାଙ୍ଗେ ଘର ଛାଡ଼ି ଲୁଚି ପଳାଇ ଯାଇପାରିବୁ ରୁକୁ? କେହି ଜାଣିବେନି। ଆମେ ମଧ ଜାଣି ଜାଣିବୁନି। ଯେତେ ଶୀଘ୍ର ପାରୁ ପଳେଇଯା – ଲକ୍ଷ୍ନୌର ବାପାଙ୍କର ଜଣେ ହିନ୍ଦୁ ସାଙ୍ଗ ଅଛନ୍ତି। ସେ ତୁମର ହେପାଜତ କରିବେ। ତାଙ୍କ ଘରେ କିଛି ଦିନ ରହିଯାଇପାରିବ। କେହି ତୁମକୁ ଖୋଜି ପାଇବେନି। ତା'ଛଡ଼ା ତୁମେ ଦୁହେଁ ସାବାଳକ। ଆଇନତଃ ଅସୁବିଧା ହେବନି।

ବିଶ୍ୱାସ କରିପାରୁନଥିଲା ଝିଅଟି।

ମାଆଙ୍କ ଆଖିରେ ପ୍ରତ୍ୟୟ ଭରା ଚାହାଁଣୀ।

ବାପାଙ୍କର ନୀରବ ସମର୍ଥନ, ଶକ୍ତି ସଞ୍ଚୟ ହେଇଥିଲା ଝିଅର ମନ ଓ ଦେହରେ। ଛାତିକୁ ଆଉଯାଇ ବାପା ଆଉଁସି ଦଉଥିଲେ। ଝିଅକୁ ଆଉ ଝିଅର ଆଖି ଲୁହରେ ଦ୍ରବୀଭୂତ ହୋଇ ଯାଉଥିଲା ପିତାର ମମତାସିକ୍ତ ହୃଦୟ।

ନିଜ ଭିତରେ ଅନେକ ସଂଘର୍ଷ ପରେ ହିନ୍ଦୁ ବ୍ରାହ୍ମଣ ପୁଅଟି ଶେଷରେ ମୁସ୍‌ଲିମ୍ ଝିଅ ରୁକ୍‌ସାନା ଖାତୁନ୍‌କୁ

ସାଙ୍ଗରେ ନେଇ ପଳାୟନ କରିବାର ନିର୍ଣ୍ଣୟ ନେଲା। ପ୍ରେମର ଜିତାପଟ ହେଲା। ଅନ୍ୟ ସବୁ କିଛି ଆଗରେ।

**ଶେଷ ଦୃଶ୍ୟ –**

ତା'ପରଦିନ ମଧ୍ୟ ରାତ୍ରରେ ଡାକ୍ତରଙ୍କ ଘରର ମୁଖ୍ୟ ଦ୍ୱାରରେ ପ୍ରଚଣ୍ଡ କରାଘାତ ଶବ୍ଦ। କିଛି ବୁଝିବା ପୂର୍ବରୁ ଦ୍ୱାର ଭାଙ୍ଗି ଦେବାର ଧମକ ସହିତ ଅନେକ ଲୋକଙ୍କର ଆଶ୍ରାବ୍ୟ ଅଶ୍ଳୀଳ ଗାଳି। "ଶଳା ଡାକ୍ତର କବାଟ ଖୋଲବେ। ଝିଅକୁ ଧରି ଏଠି ନାଟ ଲଗେଇଛୁ। ଆମର ଧର୍ମ ନଷ୍ଟ କରିବାକୁ ଯୋଜନା କରିଛୁ ଶଳା। ତୋ ଯୋଜନା କାର୍ଯ୍ୟକାରୀ ହେବାକୁ ଦବୁନି ଆମେ। ଝିଅକୁ ବ୍ରାହ୍ମଣ ପିଲା ସାଙ୍ଗେ ଭଗେଇ ଦବୁ ପ୍ଲାନ କରିଛୁ। ସେ ଟୋକୀର ପ୍ରେମ ଛଡ଼େଇ ଦବୁ ଆଜି ଆମେ। ପରିଣାମ ଏତେ ଭୟଙ୍କର ହେବ ଯେ ଆଉ କେହି କେବେ ଏପରି କରିବାକୁ ସାହସ କରିବନି। ସେ ବଦ୍‌ମାସ ଟୋକାକୁ ଛାଡ଼ିବୁନି ଆମେ। ତାର ମଧ୍ୟ ବିଚାର କରିବୁ। ପ୍ରେମ କରି ଆମ ଜାତି ନଷ୍ଟ କରିବ ନା କଣ ସେ। ଆଉ କେହି ଟୋକାକୁ ମିଳିଲେନି। ପିଲାଟା ଭଲ କିନ୍ତୁ ଏ ଟୋକୀ ତାକୁ ପାଲରେ ପକେଇ ଦେଲା।

ଏହିପରି ମିଳିତ କଣ୍ଠର ଅନେକ ଅଶ୍ରାବ୍ୟ ଗାଳିରେ ତଟସ୍ଥ ଡାକ୍ତର ପରିବାର।

କବାଟ ଭାଙ୍ଗିବାର ପ୍ରୟାସ।

ପୁଅର ନିଜ ସାଙ୍ଗ ହିଁ ବିଶ୍ୱାସ ଘାତକତା କଲା। ପରମ ବିଶ୍ୱାସ ଓ ଭରସାରେ ପିଲାଟି ତା ସାଙ୍ଗର ସାହାଯ୍ୟ ଚାହିଁଥିଲା। ପଳାୟନ ନିମନ୍ତେ। ଏତିକି ଥିଲା ଭୁଲ୍।

ଥର ଥର ଭୟାର୍ତ୍ତ ବିକଳ କଣ୍ଠରେ ବାପା କହିଲେ – 'ରୁକୁ, କେଉଁଠି ହେଲେ ଶୀଘ୍ର ଲୁଚିଯା। ସେମାନେ ତୋତେ ଛାଡ଼ିବେନି ଯେତେ ନେହୁରା ହେଲେ ବି। ଆମର ଯାହା ହବ ହଉଥାଉ।

ଝିଅଟି ମାଆକୁ ପଚାରିଲା – "ମାମା କେଉଁଠି ଲୁଚିବି। ସେମାନେ ଖୋଜି ବାହାର କରିଦେବେ।"

କେତୋଟି ମୂହୁର୍ତ୍ତ ସ୍ଥିର ରହିଗଲେ ମାଆ।

କେତୋଟି କ୍ଷଣ ମାତ୍ର। ମାତ୍ର କେତୋଟି କ୍ଷଣ।

ଦୃପ୍ତ ଦୃଢ଼ କଣ୍ଠରେ କହିଲେ – ସେ କୁକୁର ଗୁଡ଼ାକ ଝୁଣି ଖାଇଯିବା ପୂର୍ବରୁ ଯାଆ କୂଅ ଭିତରେ ଲୁଚିଯା ....

ମାଆର ଇଙ୍ଗିତ ଠିକ୍ ବୁଝିପାରିଲା ଝିଅଟି। କାଳବିଳମ୍ବ ନକରି ଅଗଣାରେ ଥିବା ବହୁ ପୁରୁଣା ଗଭୀର କୂଅଭିତରକୁ ଡେଇଁ ଲୁଚିଗଲା। ସବୁଦିନ ପାଇଁ। କବାଟ ଭାଙ୍ଗିବାର ଶବ୍ଦରେ କୂଅକୁ ଲମ୍ଫ ପ୍ରଦାନର ଶବ୍ଦ ମିଶି ଏକାକାର ହୋଇଗଲା।

ଏଇଠି ଦୃଶ୍ୟମାନଙ୍କର ଅନ୍ତ ହେଲା ଓ ରଙ୍ଗ ମଞ୍ଚର ଯବନିକା ପାତ ହେଲା।

*ଦୂରଭାଷ: ୯୯୩୮୪୩୪୦୪୮*

**ପ୍ରକାଶ ପାଇଲା ! ପ୍ରକାଶ ପାଇଲା ! ପ୍ରକାଶ ପାଇଲା !**



# ଉଧାର

## ଡକ୍ଟର ମଧୁସ୍ମିତା ମିଶ୍ର

ମନେ ପଡ଼େ, ପିଲାଦିନେ ଗାଁରେ ଥିବା ବେଳେ ଏହି ଅନୁଭୂତି ଥିଲା। ଠିକ ସ୍କୁଲ ବାହାରିଲା ବେଳକୁ ଅବା ସ୍କୁଲରୁ ଫେରିଲାବେଳେ ନିଶ୍ଚୟ କୁନିର ପିଉସୀନାନୀ ବାପାଙ୍କ ଦାଦା ଝିଅ ଭଉଣୀ, କୁସୁମ ଅପା ଆସିଥିବେ। ବାପା ଥିଲେ କୁନି ଗାଁ ହାଇସ୍କୁଲର ପ୍ରଧାନ ଶିକ୍ଷକ। ପ୍ରତି ମାସରେ ଥରେ କୁସୁମ ଅପା ଆସି ତାଙ୍କ ଗାଁରେ ତାଙ୍କ ଘରେ ପହଞ୍ଚି ଯାଉଥିଲେ। ଆଉ ତାଙ୍କ ଆସିବା ପଛରେ ନିହିତ ଉଦ୍ଦେଶ୍ୟ କ'ଣ ତାହା କାହାକୁ ଅଛପା ନ ଥିଲା।

ବାପା ସ୍କୁଲ ବାହାରିଯିବା ପରେ ବୋଉକୁ ବରାଦ କରନ୍ତି ଭାଉଜ, କାଲି ରବିବାର ପଖାଳ ସାଙ୍ଗରେ ଟିକିଏ ଚିଙ୍ଗୁଡ଼ି ଶୁଖୁଆ ଭଜା, ଛତୁ ପତ୍ରପୋଡ଼ା କରନ୍ତନି ?

ହଉ କାଲି କି କରିଦେବି ଏବେ ମୁଁ ତ ଜାଣି ନ ଥିଲି ହଠାତ୍ ତମେ ଆସିଲ, ଯାହା ହେଇଛି ଖାଇଦିଅ। କିଛି ନ ହେଲେ ସବୁ ମାସର ପ୍ରଥମ ସପ୍ତାହରେ ଯେମିତି ହେଉ କୁସୁମ ଅପା ଘରେ ହାଜିର ହେବା ଧାର୍ଯ୍ୟ ଥିଲା। ଥରେ ଜେଜେମା ବଞ୍ଚିଥିଲା ବେଳେ କୁନି ରୋଷେଇ ଘରକୁ ପଶିବାକୁ ଯାଉଥିବା ବେଳେ ଜେଜେମା ତା' ବୋଉକୁ କହିବାର ଶୁଣିଥିଲା, ଆଲୋ ବୋହୂ, ତୁ କହୁନୁ ସବୁ ମାସରେ ଚାଲି ଆସୁଛି, ଏଠି କ'ଣ ଟଙ୍କା ଗଛ ଲାଗିଛି ଯେ, ସବୁ ମାସରେ ଧାର ନେବାକୁ ମାସକ ସଉଦା ପତ୍ର ନେବାକୁ କୁସୁମ ଆସି ପହଞ୍ଚି ଯାଉଛି। ତୁ ପୁଅକୁ ଥରଟିଏ କହ ଏ ସବୁ କୁସୁମକୁ କହି ବନ୍ଦ କରୁ।

ସେଥର କୁସୁମ ଅପା ସଉଦା ପତ୍ର ଆଉ ଟଙ୍କା ନେଇ ଚାଲିଯିବା ପରଦିନ ସନ୍ଧ୍ୟା ବେଳେ ବାପା ସ୍କୁଲରୁ ଫେରି କାଳୀ ଗାଈକୁ ନଡା ଦେବାକୁ ଗଲା ବେଳେ ଜେଜେମା ଡାକିଥିଲା, ହଇରେ ନବ, ତୁ ଥରେ ମନା କରୁନୁ, ତୋର ବି ଝିଅ ଦୁଇଟି ଅଛନ୍ତି, ପୁଅ କଲେଜରେ ହଷ୍ଟେଲରେ ରହି ପଢୁଛି, ସବୁ ମାସରେ ଆସି ଧାର ନେଇଯିବା ବେଳକୁ କୁସୁମକୁ ଖରାପ ଲାଗୁନି। ବାପା କାଳୀଗାଈର ତୋରାଣି କୁଣ୍ଡରେ ଦାନା ଗୋଳାଇଦେଇ ଆସି ହାତ ଧୋଇ ଜେଜେମା ବସିଥିବା ଚୌକି ପାଖରେ ଚଟାଣରେ ବସିପଡ଼ି କହିଥିଲେ – ବୋଉ, ତୁ ତ ଜାଣିଛୁ କୁସୁମର ସ୍ୱାମୀ ଦିପୁ ବାବୁଙ୍କର ଚାକିରୀରେ ସମସ୍ୟା ଦେଖା ଦେଇଛି ବୋଲି ସେ ଆମକୁ ମାଗୁଛି, କହିଲୁ ଦେଖି କାହାକୁ ମାଗି ଖାଇବାକୁ ଭଲ ଲାଗେ ? ତା' ଛଡ଼ା, ଅଳ୍ପେ ବହୁତ ମୁଁ ଦେଇ ପାରୁଛି ବୋଲି ସେ ମୋତେ ମାଗୁଛି, ଆଉ ମୁଁ ବା କ'ଣ ଦେଉଛି ଦେବା ବାଲା ତ ଉପରେ ବସିଛି ମୁଁ କେବଳ ମାଧ୍ୟମ ମାତ୍ର। ତା' ଛଡା ମୁଁ କେବେ କୋଉ ଜନ୍ମରେ ତା' ଠାରୁ ଏମିତି କିଛି ଧାର ନେଇଥିବି ବୋଲି ସେ ଏ ଜନ୍ମରେ ମୋତେ ମାଗୁଛି।

ଜେଜେମା ବିରକ୍ତ ହେଇ କହିଥିଲା, ନବ, ତୋତେ କହିକି କିଛି ଲାଭ ନାହିଁ।

ରାତିରେ ଶୋଇବା ବେଳେ ବାପା ବୋଉକୁ କହିଥିଲେ, ବୁଝିଲ, ସ୍ୱଳ୍ପ ଦରମାରୁ ପ୍ରତି ମାସରେ ନଗଦ ଆଉ ସଉଦା ପତ୍ର ବାବଦରେ ଏତେ ଟଙ୍କା ଦେଲା ବେଳକୁ, ମୋତେ ବି କଷ୍ଟ ହେଉଛି। କିନ୍ତୁ ମୋ ପାଖରେ ଆଉ କ'ଣ ଉପାୟ ଅଛି ? ବୋଉ କହିଥିଲା, ଏମିତି ହେଇ ହେଇ କେତେ ବର୍ଷରୁ ଅଧିକ ହେଲାଣି, ଆଉ କେତେ ଦିନ ଏମିତି ଚଳିବ, ବୋଉ ତ କିଛି ଭୁଲ କହୁ ନାହାନ୍ତି, ତୁମେ ଥରେ ମନା କରି ଦେଖୁନ।

କୁନି ପାଖରେ ପଡ଼ିଥିବା ଖଟରେ ଶୋଇବାର ବାହାନା କରି ଶୁଣୁଥିଲା, ବାପା ଉତ୍ତର ଦେଇଥିଲେ, ହସି ହସି କହୁଥିଲେ, ବୁଝିଲ ଯିଏ ମାଗେ ତାକୁ ଲାଜ ଲାଗେନି ହେଲେ ଯିଏ ଟଙ୍କା ଉଧାର ଦିଏ, ସେ ଦେଇଥିବା ଟଙ୍କା ଫେରେଇବାକୁ କହିଲେ ଦୋଷୀ ସାବ୍ୟସ୍ତ ହେଇଯାଏ, ଅପନିନ୍ଦା ପାଏ। ଏଇଟା ପରା ଓଲଟା ଯୁଗ, କଳି କାଳ।

ଏହାପରେ ଜୀବନ ବଢ଼ିବା ସହ କୁନି ମଧ୍ୟ ସଂସାର ରେ ଆଗକୁ ବଢ଼ିଥିଲା, ପାଠଶାଠ ପଢ଼ି ଅଧ୍ୟାପିକା ହେଇଥିଲା, ସମୟ ଗଡିବା ସହ ଜୀବନ ବହୁତ କିଛି ଶିକ୍ଷା ଦେଇଥିଲା, ସେହି ଶିକ୍ଷା ଭିତରୁ ଏହି ଟଙ୍କା ଦେବା ନେବା ନେଇ ଗୋଟିଏ ଶିକ୍ଷା।

ସ୍ୱାମୀ ନରେଶ ଗୋଟିଏ ବଡ଼ କମ୍ପାନୀରେ ଭଲ ପଦବୀରେ ଅବସ୍ଥାପିତ ଥିଲେ। ଏହି ସମୟରେ କଲେଜରେ ସହକର୍ମୀମାନଙ୍କ ଭିତରେ ରାଜସ୍ଥାନରୁ ଆସି ଚାରି ପାଞ୍ଚ ବର୍ଷ ହେବ ଅଧ୍ୟାପନା କରୁଥିବା ଡକ୍ଟର ନାଙ୍ଗୁଙ୍କ ସହ ପରିଚୟ ହେଇଥିଲା। ସେ କେମିଷ୍ଟ୍ରିର ଅଧ୍ୟାପକ ଥିଲେ। ଥରେ ଦୁଇଥର ରିକ୍ସା ନ ପାଇ ଏକୁଟିଆ କଲେଜ ଛକରେ ଠିଆ ହେଇଥିବା ବେଳେ ଡକ୍ଟର ନାଙ୍ଗୁ କୁନିକୁ ଆଣି ତା' ଘରେ ଛାଡ଼ିଥିଲେ। ତା'ପରେ କେବେ କେମିତି ତିନି ଚାରିଥର କୁନିର ସ୍ୱାମୀ ଥିବାବେଳେ ଘରକୁ ଆସି ତାଙ୍କ ପରିବାର, ତା' ପିଲାମାନଙ୍କ ସହ ଘନିଷ୍ଠତା ବଢ଼ାଇଥିଲେ। ହଠାତ୍ ଦିନେ ଆସି କହିଥିଲେ, ମାଡାମ, ମୋତେ ତିନିଲକ୍ଷ ଟଙ୍କା ଦେଇଥାନ୍ତୁ ମୁଁ ଆର ମାସରେ ଫେରେଇ ଦେବି।

ଷ୍ଟାଫ୍ କମନରୁମ୍‌ରେ ଆସି ହଠାତ୍ ପହଞ୍ଚି ଯାଇଥିଲେ, ଚା' ମଗାଇ ବସି ଯାଇଥିଲେ ଇଆଡୁ ସିଆଡୁ ଘଣ୍ଟେ କାଳ କଥା ହେଇ ସାରି କୁନି ପର କ୍ଲାସ ନେବା ପାଇଁ ଉଠିବା ବେଳକୁ ସେ ଆରମ୍ଭ କଲେ –

ମାଡାମ, ଆପଣ ଟିକିଏ ବସନ୍ତୁ, ମୋର ଆପଣଙ୍କ ସହ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ଅଛି।

ସାର, ମୋର କ୍ଲାସ ଅଛି, କହି କୁନି ଚେୟାର ଛାଡି ଠିଆ ହେଲା।

ଶୁଣନ୍ତୁ ଶୁଣନ୍ତୁ , ମୋତେ କାଲି ତିନି ଲକ୍ଷ ଟଙ୍କା ଦେଇଥାନ୍ତୁ ମୁଁ ଯେମିତି ହେଉ ଆର ମାସରେ ଫେରେଇଦେବି।

କୁନି, କ୍ଲାସ ନେବାକୁ ଯାଉ ଯାଉ କହିଲା, ସବୁ ସମ୍ପର୍କର ଗୋଟିଏ ନିର୍ଦ୍ଧାରିତ ସୀମା ଥାଏ, ସେ ସୀମା ଲଙ୍ଘନ କରିବାକୁ ଚେଷ୍ଟା କରନ୍ତୁନି। ତା'ପରେ ବେଳ ଅବେଳରେ ଯୋଉଠି ଦେଖିଲେ ସେ କୁନିକୁ ଟଙ୍କା ଧାର ମାଗନ୍ତି। ଶେଷକୁ ବାଧ୍ୟ ହେଇ କୁନି ସ୍ୱାମୀ ନରେଶଙ୍କୁ ନ ଜଣାଇ ତାଙ୍କୁ ଲକ୍ଷେ ଟଙ୍କା ଧାର ଦେଲା, ହେଲେ ମାସେ ଭିତରେ ଫେରେଇ ଦେବାର ସର୍ତ୍ତରେ ଦେଲା ଯେମିତି ସେ ଠକି ହେଇ ନ ଯାଏ।

ହେଲେ ମାସ ମାସ ହେଇ ଦୁଇ ବର୍ଷ ହେଇଗଲା ଯେପରି ଡକ୍ଟର ନାଙ୍ଗୁ ଟଙ୍କା ନେଇ ନାହାନ୍ତି ସେପରି ବ୍ୟବହାର କରନ୍ତି ବରଂ ଧୀରେ ଧୀରେ କୁନି ତା'

ନିଜ ଚରିତ୍ର ବିଷୟରେ ଟୀକ୍କା ଟିପ୍ପଣୀ କଥା ଶୁଣିବାକୁ ପାଇଲା, କୁନି କାଳେ ଭାରି ଗର୍ବି, ସ୍ୱାର୍ଥପର ଓ କଂଜୁସ କିନ୍ତୁ ଏ ସବୁ ତା' ଚରିତ୍ର ବିଷୟରେ ଅପପ୍ରଚାର, କୁତ୍ସାରଟନା ଯେ ସାହାଯ୍ୟ ପାଇଥିବା ଲୋକଟି କରାଉଛି ସେ ସମ୍ପୂର୍ଣ୍ଣ ଅଜ୍ଞ ଥିଲା।

ଏମିତିରେ ଦିନେ ତା' ଦିଅର ପୂର୍ଣ୍ଣ ଆସି ପହଞ୍ଚିଥିଲେ। ସସ୍ତ୍ରିକ ଆସିଥିଲେ, ତାଙ୍କରି କଲେଜରେ ହଉଥିଲା ରାଜ୍ୟସ୍ତରୀୟ କେମିଷ୍ଟ୍ରି ସମ୍ମିଳନୀ। ପୂର୍ଣ୍ଣ ଓ ସ୍ତ୍ରୀ ସୁଧା ତାଙ୍କରି ଘରେ ଦୁଇ ଦିନ ପାଇଁ ରହିଥିଲେ।

ରାତିରେ କଥା ହେଉ ହେଉ ପୂର୍ଣ୍ଣ ପଚାରିଥିଲେ, ଭାଉଜ, ତୁମ କଲେଜରେ ଅଧାପନା କରୁଥିବା ଡକ୍ଟର ନାଗୁଙ୍କୁ ଚିହ୍ନନ୍ତି ନା ନାହିଁ ? ସେ କେମିଷ୍ଟ୍ରିରେ ଅଧାପକ ଅଛନ୍ତି।

କୁନି – ହଁ ଚିହ୍ନିଛି , ହେଲେ ତାଙ୍କ କଥା କାହିଁକି ପଚାରୁଛ

ପୂର୍ଣ୍ଣ – କଥା କ'ଣ କି ଭାଉଜ, ତୁମେ ସେ ଲୋକ ଙ୍କୁ କେତେ ଜାଣିଛ, ଲୋକଟା ଏକ ନମ୍ବର ଧୋକାବାଜ। ଆଜି କନ୍‌ଫେରେନ୍ସରେ ସେ ଲୋକଟା ଲଞ୍ଚ୍ ଟାଇମ୍‌ରେ ଆସି ପହଞ୍ଚି ଯାଇଥିଲା, ଖାଇଥିଲା, ମାଗଣା ଖାଇବା। ସେ ସମ୍ମିଳନୀରେ ଅଂଶଗ୍ରହଣକାରୀ ନ ଥିଲା କିମ୍ବା ପଞ୍ଜୀକରଣ ମଧ୍ୟ କରି ନ ଥିଲା। ଶୁଣିବାକୁ ମିଳିଥିଲା ଯେ କଲେଜର ସବୁ କାର୍ଯ୍ୟକ୍ରମରେ ସେ ଅନିମନ୍ତ୍ରିତ ଭାବରେ ମାଗଣା ଖାଇବାକୁ ଆସି ହାଜର ହେଇଯାଏ। ସୁଧା, ଯିଏକି ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ଅଧାପିକା ଥିଲା, ସେ କହି ଉଠିଲା, ମୁଁ ତ ଆଉ ଏକ କଥା ଶୁଣିଲି।

କୁନି ଆଶ୍ଚର୍ଯ୍ୟ ହେଇ ଚାହିଁଥିଲା, ଆଜି ମାଡାମମାନେ କଥା ହେଉଥିଲେ ଯେ ସେ କୁଆଡେ ଗୋଟିଏ ଡାଇରୀ ରଖିଛନ୍ତି, ସେଥିରେ କାହାଠୁ କେବେ କେତେ ଧାର ନେଲେ ଓ ଆଉ ସେହି ଧାର ନେଇଥିବା ଟଙ୍କା ରୁ କାହାକୁ କେତେ ସୁଝିଲେ ତାହା ଲେଖିକି ରଖନ୍ତି। ଆଉ ଏହା ମଧ୍ୟ କଥା ହେଉଥିଲେ ସମସ୍ତେ ଯେ ଡକ୍ଟର ନାଗୁ ଜଣକଠାରୁ ଧାର ନେଇ ଆଉ ଜଣକୁ ଶୁଝନ୍ତି। ସେ କୁଆଡ଼େ ଜୟପୁର ହାଇୱେରେ ଦେଢ କୋଟି ଟଙ୍କା ଦେଇ ଘର କିଣିଛନ୍ତି। ଯେତେ ସେମିନାର ହେରିକା ହୁଏ ସେ ସବୁଠି ପଶିକି ମାଗଣା ଖା'ନ୍ତି ଓ ରାତି ପାଇଁ ଗୋଟିଏ ମିଲ ନେଇଯାନ୍ତି।

ସୁଧା କଥା ଶୁଣି କୁନି ଜୋକ ମୁହଁରେ ଲୁଣ ଦେଲା ପରି ଚୁପ୍ ହେଇ ରହିଗଲା, ସେ ଯେ ଡକ୍ଟର ନାଗୁଙ୍କୁ ଲକ୍ଷେ ଟଙ୍କା କାହାକୁ ନ ଦେଇ ଉଧାର ଦେଇଛି, କାହାକୁ କହିବ। କୁନି ଜାଣିପାରୁଥିଲା ଯେ ସେ ଟଙ୍କା ତା'ର ବୁଡ଼ିଲା। ସେ ତ' ଡକ୍ଟର ନାଗୁଙ୍କୁ ଲକ୍ଷେ ଟଙ୍କା ଦେବା ବେଳକୁ କିଛି ରସିଦ ବା ସାକ୍ଷୀ ପ୍ରମାଣ ରଖିନି।

ପ୍ରାୟ ସପ୍ତାହେ ଖଣ୍ଡେ ପରେ କଲେଜ ବାରଣ୍ଡାରେ ଡକ୍ଟର ନାଗୁଙ୍କୁ ଦେଖିଥିଲା, ସେ କୁନିକୁ ଦେଖି ସିଡିରେ ତଳକୁ ଚାଲିଯିବାକୁ ବସିଲେ, କୁନି ଦଉଡ଼ି ଯାଇ ତାଙ୍କୁ ବାଟ ଓଗାଳି ପାଟି କରି କହିଲା, ଆଜି ସନ୍ଧ୍ୟା ଛଅଟା ଶୁଦ୍ଧା ମୋତେ ଟଙ୍କା ଫେରେଇବେ, ଯଦି ମୁଁ ଟଙ୍କା ଫେରି ନ ପାଏ, ତେବେ କାଲି ସକାଳେ ମୁଁ ଏଫ୍‌ଆଇଆର ଦେବି କାରଣ ଆପଣଙ୍କୁ ଅନ୍‌ଲାଇନ ପେମେଣ୍ଟ କରିଥିଲି ତେଣୁ ସେ ପ୍ରମାଣ ମୋ ପାଖରେ ଅଛି। ଡକ୍ଟର ନାଗୁ କ'ଣ କହିବାକୁ ଯାଉଥିଲେ, କୁନି ତାଙ୍କୁ କିଛି କହିବାକୁ ନ ଦେଇ ଦୁମ୍ ଦୁମ୍ ହେଇ ଚାଲି ଆସିଥିଲା।

ସେଦିନ ଘରକୁ ଫେରି କୁନି ବଡ଼ ଆଶଙ୍କାରେ ଥିଲା ସ୍ୱାମୀ ନରେଶଙ୍କୁ ନ ଜଣେଇ ଏତେ ଟଙ୍କା ଦେଇଛି ତା' ନିଜ ଗ୍ଲାନିରେ ନିଜକୁ ଅପରାଧି ମନେ କରୁଥିଲା। ସନ୍ଧ୍ୟା ଯାଇ ରାତି ହେଇଥିଲା, ସକାଳ ହେଇଥିଲା। ଏତେ ଶିକ୍ଷା ଲାଭ କଲା ପରେ ବି କୁନି ଶିଖି ନ ଥିଲା।

ଦିନେ ସନ୍ଧ୍ୟା ବେଳେ ନରେଶ ଟୁର୍‌ରେ ଯାଇଥିଲେ, କୁନି, ଝିଅ ଲିନୁ ସହ ଘରେ ଏକୁଟିଆ ଥିଲା।

କଲିଂବେଲ ଶୁଣିକି ହୋଲରେ ଦେଖିଥିଲା, କିରଣ କକା ଠିଆ ହେଇଥିଲେ ଖୁଡୀଙ୍କ ସହ। ପାଖରେ ଥୁଆ ହେଇଥିଲା ଦୁଇଟି ବାକ୍ସ। କୁନି ଦାଣ୍ଡ କବାଟ ଖୋଲିଥିଲା।

ନଇଁ ପଡି ମୁଣ୍ଡିଆ ମାରିଥିଲା। ସେମାନେ ଭିତରକୁ ଆସିବାରୁ କୁନି ସେମାନଙ୍କୁ ପାଣି ଆଣି ପିଇବାକୁ ଦେଲା। ରୋଷେଇ ଘରକୁ ଗଲା, କକା ଖୁଡୀଙ୍କ ପାଇଁ ପୁଣି କ'ଣ ଭଜାଭଜି ଆଉ ରୁଟି କରିବାକୁ ହେବ। ରୋଷେଇ ଘରେ ଥିବା ବେଳେ କଟକରେ ରହୁଥିବା ନଣନ୍ଦଙ୍କ ଫୋନ୍ ଆସିଥିଲା। ସେପଟୁ ଭାସି ଆସିଲା ତାଙ୍କ କଥା, ଭାଉଜ, ଶୁଣ, ତୁମ ଘରେ ଏଇଲେ କିରଣ କକା ଆଉ ଖୁଡୀ ଯାଇ ପହଁଚିବେ, ଭାଇ ନାହିଁ। ତୁମେ ସେମାନଙ୍କୁ କିଛି ଗୋଟିଏ ବାହାନା ଦେଖାଇ ମନା କରିଦେବ, କକା କ'ଣ ଖୁଡୀଙ୍କ ଦେହ ଖରାପ ବୋଲି ତାଙ୍କୁ ଡାକ୍ତରଙ୍କୁ ଦେଖାଇବାକୁ ଆସିଛନ୍ତି, ସେମାନେ ଥରେ ଆସିଲେ ଆଉ ଯିବା ନାଁ ଧରିବେନି।

ଏହି ସମୟରେ ଖୁଡୀ ରୋଷେଇ ଘରକୁ ପଶି ଆସିବା ଦେଖି ଭୟରେ ଛାନିଆଁ ହେଇ କୁନି ମୋବାଇଲ ବନ୍ଦ କରିଦେଲା, ମନରେ ଭାବୁଥିଲା, ଯାହାହେଉ ସେ ସ୍ପିକରଟା ଲଗେଇ ନ ଥିଲା, ଯଦି ଖୁଡୀ ଶୁଣି ଦେଇଥାନ୍ତେ, କ'ଣ ଭାବିଥାନ୍ତେ।

ଦିନେ ଦୁଇଦିନ ହେଇ କିରଣ କକା ଖୁଡୀ ରହୁ ରହୁ ତିନି ଚାରି ମାସ ରହିଯାଇଥିଲେ। ସେମାନେ ଆସିବାର ପ୍ରାୟ ପନ୍ଦର ଦିନ ପରେ ନରେଶ ଟୁର୍‌ରୁ ଫେରିଥିଲେ, ଯାହା ତ ମୋବାଇଲରେ ଗାଳି ଦେଇଥିଲେ, ରାଗିଥିଲେ ଘରେ ପହଞ୍ଚି ରାତିରେ ଶୋଇବା ବେଳେ ସବୁ ଘଟଣା ଶୁଣିଥିଲେ, କେମିତି କକା ଖୁଡୀଙ୍କ ଡାକ୍ତର ଫିଜ୍ ଦେବା ସହ ଅଟୋ ଖର୍ଚ୍ଚ, ମେଡ଼ିସିନ ଖର୍ଚ୍ଚ ସବୁ କୁନି ଦେଉଥିଲା।

ନରେଶ – କେତେ ଦିନ ଆମେ ଆଉ ସେମାନଙ୍କ ଖର୍ଚ୍ଚ ବହନ କରୁଥିବା ? ତାଙ୍କର ପରା ଦୁଇ ପୁଅ ଗୋଟିଏ ଝିଅ ଅଛନ୍ତି, ସେହି ପିଲାମାନେ ସେମାନଙ୍କ କଥା ବୁଝୁନାହାନ୍ତି କାହିଁକି ?

କୁନି – ହଁ ଯେ ଗୋଟିଏ ପୁଅ ତ ଲଣ୍ଡନରେ ଆର ଜଣକ ଗାଁରେ, ଆଉ ଝିଅ ତ ତାଙ୍କ ସଂସାର ନେଇ ବ୍ୟସ୍ତ।

ନରେଶ – ସେମାନେ ଦାୟିତ୍ୱ ନେଉ ନାହାନ୍ତି ? ବଡ ପୁଅ ବୋହୂ ଦୁଇଜଣ ରୋଜଗାରିଆ, ସେମାନେ ଏମାନଙ୍କ ଚିକିତ୍ସା ପାଇଁ ଟଙ୍କା ପଠଉନାହାନ୍ତି ? ଆଉ ସାନ ପୁଅ ତ ଗାଁରେ ଜମିଜମା ଭୋଗ କରୁଛି, ମୁଁ କିଛି ବୁଝି ପାରୁନି। ରହ କାଲି ମୁଁ କକାଙ୍କ ସହ କଥା ହେବି।

ସକାଳୁ ଅଫିସ୍ ଯିବା ପୂର୍ବରୁ କକା ଖୁଡୀ ଜଳଖିଆ ଖାଉଥିଲେ, ନରେଶ ଚୌକି ଟା ଟାଣି ନେଇ ବସି ପଡି ଆରମ୍ଭ କଲେ। ନରେଶ – କକା ତୁମେ କାହାକୁ, ମାନେ କୋଉ ଡାକ୍ତରଙ୍କୁ ଦେଖାଉଛ ? ଖୁଡୀଙ୍କର ହେଇଛି କ'ଣ ? ମୋତେ ଟିକିଏ କହିବ କି ?

କକା – ଆରେ ଖୁଡ଼ୀର କ'ଣ ହେଇଛି ଜଣାପଡୁନି। ଆଣ୍ଠୁ, ଅଣ୍ଟା ସବୁ ବହୁତ ଯନ୍ତ୍ରଣା ହେଉଛି, ରୋଗ ଜଣା ପଡୁନି ।

ନରେଶ – ହଁ ଯେ କାହାକୁ ମାନେ ଡାକ୍ତର କିଏ ଯିଏ ଦେଖୁଛନ୍ତି ? ଏତେ କ'ଣ ପରୀକ୍ଷା ଏମ୍‌ଆର୍‌ଆଇ, ଏକ୍ସ-ରେ, ମେଡିସିନ ଏ ସବୁ କ'ଣ ? ମୁଁ ତ କିଛି ବୁଝି ପାରୁନି।

କକା — ତୁ ବ୍ୟସ୍ତ ହୁଅନି, ଗାଁର ଆମ ଘର ପାଖର ରାଧୁ କକାର ପରିଚିତ ପାଣିଗ୍ରାହୀ ଡାକ୍ତରଙ୍କୁ ଦେଖାଉଛି ସେ କହିଛନ୍ତି ଶୀଘ୍ର ସବୁ ଠିକ୍ ହେଇଯିବ।

ଏମିତି ଏମିତି ହେଇ ଛଅ ମାସ ହେଇଗଲା, ଗାଁକୁ ଫେରିବାର ନାଁ ଗନ୍ଧ ନ ଥିଲା, କୁନି ଘର କାମ, କଲେଜରେ କ୍ଲାସ୍ ନେବା ପାଇଁ ରାତି ଅଧରୁ ଉଠି ପାଠ ପଢି ପ୍ରସ୍ତୁତ ହେବା, ଝିଅର ସ୍କୁଲ, ପାଠପଢ଼ା ଦେଖିବା ସହ କକା ଖୁଡ଼ୀଙ୍କ ଖାଇବା ପିଇବା, ଫର୍ମାଇସ ପୂର୍ଣ୍ଣ କରୁ କରୁ ଥକି ଯାଉଥିଲା, ଇଆଡ଼େ ପୁଣି ଦୁଇ ଜଣ ରହିଲା ବେଳକୁ ଡାକ୍ତରୀ ଖର୍ଚ୍ଚ, ମେଡିସିନ ଖର୍ଚ୍ଚ ତା' ସାଙ୍ଗକୁ ଅନ୍ୟାନ୍ୟ ଘର ଖର୍ଚ୍ଚ ସବୁ ଦାନକୁ ଦକ୍ଷିଣା ବଳେଇଯାଉଥିଲା। ନରେଶ ଓ କୁନି ଏ ସମସ୍ୟାର

ସମାଧାନ ପାଉ ନ ଥିଲେ। ଯେତେ ଥର କକାଙ୍କୁ ଡାକ୍ତରଙ୍କ କଥା ପଚାରୁଥିଲେ, ସେ ଟାଳି ଦେଉଥିଲେ। ନରେଶ କକାଙ୍କ ଦୁଇ ପୁଅଙ୍କୁ ଫୋନ କରିଥିଲେ, ବଡ଼ ଲଣ୍ଡନରୁ କହିଥିଲା, ମୁଁ ତ ଦୂରରେ ଅଛି ମୁଁ ବା କ'ଣ କରି ପାରିବି ? ତୁ ଭୁବନେଶ୍ୱରରେ ଅଛୁ, ମୁଁ ପ୍ରତି ମାସରେ ତ ନିୟମିତ ଭାବରେ ଟଙ୍କା ପଠାଉଛି, ତୁ କ'ଣ ଏତିକି କରି ପାରିବୁନି ? ନରେଶ କହି ପାରି ନ ଥିଲେ ଯେ କୋଉ ଟଙ୍କା ସେ ବା କାହାକୁ ପଠାଉଛି। ସାନ ପୁଅ ଯିଏ ଗାଁ ରେ ଅଛି ତାକୁ କହିଥିଲେ, ତୁ ଏଥର କକା ଖୁଡ଼ୀଙ୍କୁ ଗାଁକୁ ଡାକିନେ। ସେମାନଙ୍କର ତ ଡାକ୍ତର ଦେଖା ସରିଲାଣି। ସେ ଉତ୍ତର ଦେଇଥିଲା ହସି ହସି, ଭାଇ କ'ଣ ଏମିତି ହେଉଛ ଯେ, ତମେ ଭୁବନେଶ୍ୱରରେ ଅଛ ବୋଲି ବାପା ମା' ତମ ପାଖରେ ଅଛନ୍ତି, ଆଉ ଦୟାକରି ଖର୍ଚ୍ଚ ପାଇଁ ବ୍ୟସ୍ତ ହୁଅନି ଯାହା ଖର୍ଚ୍ଚ ହେବ ମୁଁ ତମକୁ ସବୁ ଏକା ସାଙ୍ଗରେ ଦେଇଦେବି।

ନରେଶ ଆଉ କୁନି ହତାଶ ହେଇଯାଉଥିଲେ।

ହଠାତ୍ ଦିନେ ନରେଶ ଅଫିସ୍ ଯାଉଛନ୍ତି କହିଗଲେ, କୁନିକୁ କହିକି ଯାଇଥିଲେ କକା ଖୁଡ଼ୀ ମୁଁ ଯିବା ପରେ ବା ମୁଁ ଘରେ ନ ଥିବା ବେଳେ ଡାକ୍ତରଙ୍କ ପାଖକୁ ଯାଉଛନ୍ତି, ତୁମେ ସେମାନେ ଠିକ୍ ବାହାରିଲା ବେଳକୁ ମୋତେ ରିଂ କରିବ, ମୁଁ ଯାହା କରିବା କଥା କରିବି। ଦୁଇ ତିନି ଥର ଚେଷ୍ଟା କରିବା ପରେ ନରେଶ ସେଦିନ ସେମାନଙ୍କ ପଛେ ପଛେ ଯାଇ ଡାକ୍ତର ପାଣିଗ୍ରାହୀଙ୍କ କ୍ଲିନିକରେ ପହଞ୍ଚିଥିଲେ।

କକା ଖୁଡ଼ୀ ଡାକ୍ତରଙ୍କ ପାଖରେ ଥିଲେ, ସେ ବାହାରେ ଠିଆ ହେଇ ଶୁଣୁଥିଲେ, ଡାକ୍ତର - ଆଚ୍ଛା ଲୋକ ଆପଣ, ମୁଁ କେତେ ଥର କହିଲିଣି, ଆପଣଙ୍କୁ ମୁଁ ମେଡିସିନ ଲେଖି ଦେଇଛି, ଆପଣମାନେ ଗାଁକୁ ଫେରି ଯାଆନ୍ତୁ, କାହିଁକି ବାରମ୍ବାର ଆସୁଛନ୍ତି।

କକା - ହଁ ସାର, ଆପଣ କହିଛନ୍ତି ଯେ ଏବେ ଗାଁକୁ ଗଲେ ମୁହୂର୍ତ୍ତେ ବସିବାକୁ ବି ଆମେ ଫୁରୁସତ୍ ପାଇବୁନି, ଆଜ୍ଞା ଘର ଗୋଟାକ ଯାକର କାମ ସବୁ ମୋ ସ୍ତ୍ରୀଙ୍କ ଉପରେ ପଡ଼ିବ ଏଠି ଟିକିଏ ଆରାମରେ ଅଛୁ।

ଡାକ୍ତର – ଭଲ କଥା ଆପଣଙ୍କ ସ୍ତ୍ରୀଙ୍କର କୌଣସି ରୋଗ ହିଁ ନାହିଁ, କେବଳ ଅଳ୍ପ କିଛି ମେଡିସିନ ଓ ନିୟମିତ ବ୍ୟାୟାମ ଦ୍ୱାରା ସବୁ ଠିକ୍ ହେଇଯିବ। ଯାହା ସବୁ ଯନ୍ତ୍ରଣା ହେଉଛି ବୋଲି କହୁଛନ୍ତି ତାହା କେବଳ ବୟସାଧିକ୍ୟ ଯୋଗୁଁ ହେଉଛି, ଆଉ ଭଲ କଥା ଅଳ୍ପେ ବହୁତ କାମ କଲେ ଫୁର୍ତ୍ତି ରହିବେ।

କକା - ହଁ ସେ ସବୁ ଠିକ୍ ଅଛି ଯେ, ଡାକ୍ତର ବେଲ୍ ଚିପିଲେ ପରବର୍ତ୍ତୀ ରୋଗୀ ଆସିବା ପାଇଁ।

ବାଧ ହେଇ କକା ଖୁଡ଼ୀ ଉଠିଲେ।

ନରେଶ ଅଭ୍ୟର୍ଥନା କକ୍ଷରେ ବସିଥିବା ମହିଳାଙ୍କ ପଛ ପଟେ ଥିବା ବାଥ ରୁମ୍‌ରେ ପଶିଗଲେ, ସେଠାକୁ ଆସି ପୁଣି ସେ ମହିଳାଙ୍କ ଆଗରେ ଖୁଡ଼ୀ କାନ୍ଦ କାନ୍ଦ ହେଇ କହୁଥିଲେ, ଦେଖୁନ ଝୁଅ ଏଠି ମୋତେ ଟିକିଏ ଆରାମ ମିଳୁଛି ଯାହା କରିବାକୁ କହିଲେ, ବୋହୂ କୁନି ସବୁ କରି ଦେଉଛି, ଭଲ ମନ୍ଦ ଖାଇବାକୁ ଦେଉଛି, ଡାକ୍ତର କହୁଛନ୍ତି ଗାଁକୁ ଚାଲିଯିବାକୁ। ଏବେ ଗାଁକୁ ଗଲେ ଆମ ବୋହୂ ମୁହୂର୍ତ୍ତେ ବସିବାକୁ ଦେବନି, ଝାଡୁ ପୋଛା ଠାରୁ ଆରମ୍ଭ କରି ରୋଷେଇ ସବୁ କରିବାକୁ ପଡ଼ିବ। ଅଭ୍ୟର୍ଥନାକାରୀ କହି ଆସୁଥିଲେ, ହଁ ଯେ ମାଉସୀ, ଏହି ସମୟରେ ଡାକ୍ତର ତାଙ୍କ କୋଠରୀରୁ ବାହାରି ଆସିଲେ, ଏମାନଙ୍କୁ ଦେଖି ରାଗିକରି ପାଟି କରି ଉଠିଲେ - ଏ ଲୋକମାନେ କାହିଁକି ଏ ପର୍ଯ୍ୟନ୍ତ ଯାଇ ନାହାନ୍ତି ? ଆଉ ଏମାନେ ଯେମିତି ଏଠାରେ ନିକଟରେ ଦେଖା ନ ଯାଆନ୍ତି। ରୀତିମତ ଘଉଡ଼େଇଲା ପରି କକା ଖୁଡ଼ୀଙ୍କୁ କ୍ଲିନିକରୁ ବାହାର କଲେ।

ନରେଶ କିଛି ସମୟ ବସି ନିଜ ନାଁ ଲେଖେଇ ଦେଇ ସବୁ ରୋଗୀ ଗଲା ପରେ ଡାକ୍ତରଙ୍କ ପାଖକୁ ଯାଇ ବୁଝିଥିଲେ, ଖୁଡ଼ୀଙ୍କର ସେମିତି କିଛି ରୋଗ ନ ଥିଲା କେବଳ ସ୍ପଣ୍ଡିଲାଇଟିସ ଯୋଗୁଁ ଯାହା ଯନ୍ତ୍ରଣା ହେଉଛି, ବ୍ୟସ୍ତ ହେବାର କିଛି ନାହିଁ।

ଘରକୁ ଫେରି ନରେଶ କହିଥିଲେ, ରାତିରେ ସମସ୍ତେ ଖାଉଥିଲେ। ନରେଶ – କୁନି, ଝିଅର ଖରା ଛୁଟି ଆରମ୍ଭ ହେଇ ଯିବ କାଲି ଠାରୁ, ତୁମର ବି କଲେଜ ଛୁଟି। ମୁଁ ସବୁ ବ୍ୟବସ୍ଥା କରି ଦେଇଛି, ତୁମେ ଜିନିଷ ପତ୍ର ସଜାଡ଼, ଆମେ ପହର ଦିନ ବୁଲିବାକୁ ଯିବା।

କୁନି - ଆଉ କକା ଖୁଡ଼ୀଙ୍କୁ ଏ ଅବସ୍ଥାରେ ଏକୁଟିଆ ଛାଡ଼ି କେମିତି ଯିବା ? ତୁମେ ଆଗରୁ କହିଲନି।

ନରେଶ - କକା ଖୁଡ଼ୀ ଥିବେ ଆମେ ମାସେ ଭିତରେ ଫେରି ଆସିବା।

ଖୁଡ଼ୀ - ନାଇଁ ଆମେ ଡାକ୍ତରଙ୍କ ପାଖକୁ ଯାଇଥିଲୁ ଆଜି ସେ ମେଡିସିନ ଲେଖିଦେଇଛନ୍ତି, ଆମକୁ ସେହି ମେଡିସିନ ଗୁଡ଼ାକ ଆଣିଦେଲେ ଆମେ ଆସନ୍ତାକାଲି ଗାଁକୁ ଚାଲି ଯିବୁ।

ନରେଶ - ହଉ ମୁଁ ଏବେ ନେଇ ଆସୁଛି। ତା' ପରଦିନ ସକାଳୁ ସକାଳୁ କକା ଖୁଡ଼ୀ ଗାଁକୁ ଚାଲି ଯାଇଥିଲେ।

କୁନି – ସେମାନଙ୍କୁ କିଛି ନୂଆ ଲୁଗା ପଟା ଦେଇ ପ୍ରଣାମ କରି ଦାଣ୍ଡ ଗ୍ରିଲ ପାଖରେ ଠିଆ ହେଇଥିଲା, ପଛରୁ ନରେଶ ଡାକ ପକାଇଲେ, ସେମାନେ ତ ଗଲେଣି, ଏଥର ଆସ ଚା' ଟିକେ କଲ, ମଣିଷ ସୁସ୍ଥରେ ବସି ଟିକିଏ ପିଇବ।

କୁନି ନୀରବରେ ଯାଇ ଚା' କରି ଆଣି ନରେଶଙ୍କୁ ବଢେଇଲା ଓ ନିଜେ ଚା' କପ୍‌ଟି ଧରି ବସିଲା, ନରେଶ ଟିଭି ଦେଖୁ ଦେଖୁ ମ୍ୟୁଟ କରି ପଚାରିଲେ, ତୁମେ ତ ଖୁସି ହେବା କଥା। ଆଜି ରବିବାର, ଝିଅ ପେଣ୍ଟିଂ କ୍ଲାସ୍‌ରୁ ଆସିଲେ ଚାଲ ଯିବା କୋଉ ଭଲ ରେଷ୍ଟୁରାଣ୍ଟରେ ଲଞ୍ଚ୍ କରିବା, ତେଣୁ ଘରେ ରନ୍ଧାରନ୍ଧି ବନ୍ଦ।

ନରେଶ ଦେଖିଲେ କୁନି ଚୁପ୍ ଚାପ୍ ହେଇ ଚା' ପିଉଛି, ପଚାରିଲେ କିହୋ କିଛି କହୁନ ଯେ ?

କୁନି ଦୁଇ ତିନିଥର ପରେ ଉତ୍ତର ଦେଲା, କ'ଣ କହିବି ଏମିତି ମିଛ କହି କକା ଖୁଡ଼ୀଙ୍କୁ ବିଦା କରିବାଟା ଠିକ ହେଲାନି ।

ନରେଶ ରାଗିଗଲେ, କି ଅଜବ ଲୋକ ତୁମେ, କିହୋ ଆଜିକାଲି ଲୋକମାନଙ୍କ ପ୍ରକୃତି ଓ ପ୍ରବୃତ୍ତି ହେଉଛି ଚାର୍ବାକ ନୀତି ଋଣମ୍ କୃତ୍ୱା ଘୃତମ୍ ପିବେତ୍, ଯାହାର ଅର୍ଥ ହେଉଛି ଶୁଦ୍ଧ ଓଡିଆ ଭାଷାରେ, ଯେତେ ଦିନ ପାରୁଛ ଋଣ କରି ବଞ୍ଚ। ସମାଜ, ସାମାଜିକ ନୈତିକ ମୂଲ୍ୟବୋଧ ଆଉ ଚଳଣି ସବୁ ସତରେ କେତେ ବଦଳି ଗଲାଣି, ଲୋକେ ଏତେ ବେଶି ସୁବିଧାବାଦୀ ହେଇଗଲେଣି ଭାବିଲେ ଯେତିକି ହସ ଲାଗେ ସେତିକି ଆଶ୍ଚର୍ଯ୍ୟ ଲାଗେ। କକାଖୁଡ଼ୀଙ୍କର ଯଦି ଆର୍ଥିକ ଅସୁବିଧା ଥାଆନ୍ତା ଅବା ଦେଖାରଖା କରିବାକୁ କେହି ନ ଥାଆନ୍ତେ ତେବେ ସେମାନେ ଏତେ ଦିନ ଏଠାରେ ରହିଥାନ୍ତେ ମୋର ମନା ନାହିଁ, ହଁ ଆସିଲେ ଡାକ୍ତରୀ ପରାମର୍ଶ କଲେ ରହିଲେ, ଗଲେ ସେ ସବୁ ଠିକ ଅଛି। କିନ୍ତୁ ସବୁ ସୁବିଧା ଥିବା ସତ୍ତ୍ୱେ ଏପରି ଅନ୍ୟ ଉପରେ ବୋଝ ହେବା ଆଉ ଅନ୍ୟଠାରୁ ଫାଇଦା ଉଠେଇବା କେତେ ଦୂର ନ୍ୟାୟ ସଙ୍ଗତ ?

ପରିବେଶ ଟା ବହୁତ ଭାରି ଭାରି ଲାଗୁଥିଲା

କୁନି କହିଥିଲା, ହଉ ଠିକ ଅଛି ସେମାନେ ତ ଗଲେଣି, ଏଥର ଆମେ ଯିବା ହୋଟେଲ।

ନରେଶ କହିଥିଲେ, ଥାଉ ମୋର ଆଉ ମନ ନାହିଁ।

କୁନି କିଛି ନ କହି ଉଠିଗଲା। ଖାଇ ପିଇ ରାଗ ଶାନ୍ତ ହେଲା ପରେ ସନ୍ଧ୍ୟା ବେଳକୁ ଝିଅକୁ ନେଇ ରୟାଲ ହିଲଟନ ହୋଟେଲକୁ ଡିନର କରିବାକୁ ଯାଇଥିଲେ।

ହୋଟେଲରେ ଦେଖା ହେଇଗଲା ଶାନ୍ତନୁ ସହ। ଶାନ୍ତନୁର ଝିଅର ଜନ୍ମଦିନ ପାଳନ ହେଉଥିଲା ସେଇ ହୋଟେଲରେ ସେଇଦିନ। ଶାନ୍ତନୁ ନରେଶ କମ୍ପାନୀରେ ଜୁନିଅର ଭାବରେ କାମ କରୁଥିଲା। ଶାନ୍ତନୁ ଏମାନଙ୍କୁ ଦେଖି ପାର୍ଟିରେ ଯୋଗ ଦେବାକୁ ନିମନ୍ତ୍ରଣ କରିଥିଲା, କିନ୍ତୁ ସେମାନେ ଡିନର କରିସାରିଲେଣି, ଧନ୍ୟବାଦ। ଝିଅକୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଫେରି ଆସୁଥିଲେ। ଏହି ସମୟରେ କମ୍ପାନୀର ଉମେଶ ଆସି ସେମାନଙ୍କୁ ନମସ୍କାର କରି, ଶାନ୍ତନୁ ଉଦ୍ଦେଶ୍ୟରେ କହିଥିଲା, ଆଉ ଶାନ୍ତନୁ ସାର୍, ଇଉରୋପ ଟୁର୍‌ରୁ

କେବେ ଫେରିଲେ ? ଶୁଣିଲି ପୁରା ଫ୍ୟାମିଲି ଯାଇଥିଲେ ବୋଲି, ହଁ ଟିକିଏ ବୁଲି ପଳେଇଥିଲୁ ମାସକର ପ୍ୟାକେଜ ଟୁର୍ ନେଇ ଯାଇଥିଲୁ।

ନରେଶ, କୁନି ସେମାନଙ୍କଠାରୁ ବିଦାୟ ନେଇ ଗାଡିକୁ ଚାଲି ଆସିଥିଲେ।

ଗାଡ଼ିରେ ବସି କୁନି ପଚାରିଲା, ଏ ଶାନ୍ତନୁ ପାଖରେ ଏତେ ଟଙ୍କା ଆସୁଛି କୁଆଡୁ, ଫରେନ ଟୁର୍, ତା' ସାଙ୍ଗକୁ ଏତେ ଦାମିକିଆ ହୋଟେଲରେ ପାର୍ଟି, କ'ଣ ତା' ସ୍ତ୍ରୀ ଚାକିରୀ କରୁଛି ନା ଶଶୁର ଘରର ବହୁତ ପଇସା ଅଛି।

ନରେଶ ଉତ୍ତର ଦେଲେ, କେଜାଣି ମୁଁ ଜାଣିନି, ଆମକୁ ସେଥିରୁ କ'ଣ ବା ମିଳିବ ? ସେ କହିବାକୁ ଚାହିଁ ନ ଥିଲେ ଯେ କାହିଁକି କେଜାଣି ସେ ଶାନ୍ତନୁ ଲୋକଟା ମୋଟ ଉପରେ ଭଲ ଲାଗେନି, ଲୋକଟା ଚାରିଶହ ବିଷ୍ ନୁହେଁ, ଆଠଶହ ଚାଳିଶ ବି ନୁହେଁ ବରଂ କହିବାକୁ ଗଲେ ଷୋଳ ଶହ ଅଶି ଥିଲା।

ଦୁଇ ଦିନ ପରେ ନରେଶ ଅଫିସ୍ ବାହାରିଲା ବେଳକୁ ମୋବାଇଲଟା ବାଜି ଉଠିଲା ସେପଟୁ ଭାସି ଆସିଥିଲା ଶାନ୍ତନୁର ସ୍ୱର,ଏପଟୁ ନରେଶ କହିଲେ, ହଁ ଯେ ମୁଁତ ଅଫିସ ଯାଉଛି, ସେଇଠି ଦେଖା ହେବ।

ସେପଟୁ ଶାନ୍ତନୁ କ'ଣ କହୁଥିଲେ, ଶୁଭୁ ନ ଥିଲା।

କୁନି ଦେଇଥିବା କର୍ନଫ୍ଲେକ୍ସ ଯେମିତି ସେମିତି ପାଟିରେ ଗେଞ୍ଜୁ ଗେଞ୍ଜୁ କଲିଂ ବେଲ ବାଜି ଉଠିଥିଲା।

ପଶି ଆସିଥିଲା ଶାନ୍ତନୁ, ସୋଫା ଉପରେ ବସିପଡି କହିଲା, ଭାଇନା, ନରେଶ ମୁହଁ ଉଠାଇ ଗାରଡେଇ କି ଚାହିଁଲେ।

ସଙ୍ଗେ ସଙ୍ଗେ ଲାଇନକୁ ଚାଲି ଆସି କହିଲା, ସାର୍, କଥା କ'ଣ କି ମୋର ଟିକିଏ ଅସୁବିଧା ହେଇ ଯାଇଛି ମୋତେ କିଛି ଟଙ୍କା ଧାର ଦେଇ ପାରିବେ, ଏତିକିବେଳକୁ କୁନି ଚା' ନେଇ ପଶି ଆସିଲା, ଶାନ୍ତନୁ ଠିଆ ହେଇ ପଡ଼ି, ଭାଉଜ ନମସ୍କାର କହିଲା, କୁନି ହସିଦେଇ ଚା' ଟ୍ରେଟା ରଖିଦେଇ ପଳେଇଲା ଭିତରକୁ।

ଏଣୁତେଣୁ ଲୋକ କୁନିକୁ ଭାଉଜ ବୋଲି ଡାକିଲେ, ନରେଶଙ୍କ ଛାତିରେ ନିଆଁ ଲାଗିଯାଏ। ସେ ଯେମିତି ଚାହିଁଛନ୍ତି, ଶାନ୍ତନୁ କହିବାକୁ ଆରମ୍ଭ କଲା, କିଛି ନାହିଁ ଯେ ସାର୍, ମୋର ଅର୍ଜେଣ୍ଟ ଦରକାର ଅଛି ମୋତେ ଦୁଇ ଲକ୍ଷ ଟଙ୍କା ଧାର ଦେଇଥାନ୍ତୁ। ମୁଁ ଆର ମାସରେ ଦରମା ପାଇଲା ମାତ୍ରେ ଆପଣଙ୍କୁ ସୁଧ ସହିତ ଫେରେଇଦେବି।

ନରେଶ ଉଠି ଠିଆ ହେଲେ, ଦାଣ୍ଡ କବାଟଟା ଖୋଲିକି ଧରିଲେ, କହିଲେ, ଶାନ୍ତନୁ ତମେ ଏଥର ଆସିପାର।

ସାର୍, ଟଙ୍କା ମୋତେ ଅନ୍ତତଃ କିଛି ଦିଅନ୍ତୁ, ପୁରା ଯଦି ନ ଦେଇପାରୁଛନ୍ତି।

ନରେଶ - ମୁଁ ଟଙ୍କା ଦେଇପାରୁନି ନୁହେଁ ମୁଁ ଧାର ଦେବିନି କି କାହା ପଛରେ ଉଧାର ଟଙ୍କା ଅସୁଲ କରିବାକୁ ତା' ପଛରେ ଦଉଡି ପାରିବିନି। ଶାନ୍ତନୁ ଯିବାକୁ ଉଠିଲା, ଦାଣ୍ଡ ପାହାଚ ଓହ୍ଲେଇଲା ବେଳକୁ ନରେଶ କହୁଥିଲେ, ମୁଁ ଜାଣି ସାରିଛି ଯେ ଆଜିକାଲି ଧାର ମାଗୁଥିବା ଆଉ ଧାର ନେଉଥିବା ଲୋକ ବହୁତ ଧନୀ। ଶାନ୍ତନୁ ମୁହଁ ତଳକୁ ପୋତି ଧୀରେ ଧୀରେ ଘରୁ ବାହାରି ଯାଉଥିଲା

କୁନି ଘର ଭିତରୁ ଆସି ପରଦା ଟେକି ଠିଆ ହେଲା, ନରେଶ କହୁଥିଲେ, ଆଜି ମୁଁ ଜଣକୁ ଜୀବନରେ ପ୍ରଥମ ଥର ପାଇଁ ନାହିଁ କହି ପାରିଲି ତେଣୁ ବହୁତ ଭଲ ଲାଗୁଛି।

କୁନି କହିଲା, ମୋତେ ସବୁ ଶୁଭୁଥିଲା ଆଉ ମୁଁ ଭାବୁଥିଲି ଯେ, ଆଜିକାଲି ଲୋକେ, ଧାର ଉଧାର କରି ଜୀବନ ବଞ୍ଚୁଛନ୍ତି, ଧନୀ ଜୀବନ ଜୀଉଁଛନ୍ତି ଯଦି ଆମେ ଲୋକଙ୍କର ପଇସା ଧାର ନେବା ବଦଳରେ ଭଲ ଗୁଣ ଧାର ନେଇ ପାରନ୍ତେ, ଦେଇ ପାରନ୍ତେ ଯାହା ଫେରେଇବାକୁ ପଡ଼ିବନି, କି ଯାହା ପାଇଁ ପଇସା ଦେବାକୁ ପଡିବନି ସମ୍ପର୍କ, ଜୀବନ ଓ ଦୁନିଆଁ ବଦଳିଯାଆନ୍ତା।

*'ଶ୍ରୀ', ୮୪୩/୨୨୯୫, ନାଥପୁର,*
*ମ୍ୟୁନିସପାଲିଟି ରୋଡ, ଶିଶୁପାଳଗଡ଼,*
*ଭୁବନେଶ୍ୱର - ୭୫୧୦୦୨*
*ଦୂରଭାଷ: ୯୪୩୭୭୬୨୭୩୨*

**ପ୍ରକାଶ ପାଇଲା ! ପ୍ରକାଶ ପାଇଲା ! ପ୍ରକାଶ ପାଇଲା !**



# ଘାଟ ମାହାସ୍ଥଳ

କମଳିନୀ ମଲ୍ଲିକ

ଘରୁ ବାହାରିଲା ବେଳଠୁଁ ବୋଉ ସେମିତି କାନ୍ଧ ଉପରେ ଆଉଜେଇ ମୁଣ୍ଡକୁ ଆଉଁଷି ଆଉଁଷି ଆଣୁଛି ପ୍ରିୟବ୍ରତକୁ । ଦେଖିଲେ ଜାଣି ହେଉଛି ଆଖିରେ ଆଖିଏ ଲୁହ । କିନ୍ତୁ ସେଗୁଡାକୁ ବୋହିବାକୁ ଦେଉ ନାହିଁ । ଘରଛାଡି ପୁଅ କେତେ ଦୁର ଦେଶକୁ ଯାଉଛି । ଲୁହ ଗଡେଇଲେ ତାର କାଳେ ଅମଙ୍ଗଳ ହେବ । ଆଗେ ଆଗେ ବାପା ଚାଲିଛନ୍ତି । ସାହି ପଡିଶାର କେତେ କିଏ ମଧ୍ୟ ଆଗପଛ ହେଇ ଆସୁଛନ୍ତି । ଗାଁର ପୁଅଟା ପରଦେଶକୁ ଯାଉଛି । ରାତି ପାହିଲେ ତାଙ୍କରି ଆଖି ଆଗରେ ଯିଏ ଖେଳିକୁଦି ଡିଆଁ ମାରୁଥିଲା, ସେ ପରଦେଶରେ ଯାଇ କେମିତି ଚଳିବ । ଆଉ ଏଣିକି ଦେଖିବା ସାତସ୍ୱପ୍ନ ହେବ । ଏପଟୁ ସେପଟୁ ଘେରି ଧାଇଁଛନ୍ତି ପିଲାଦିନର ସାଙ୍ଗସାଥୀମାନେ । ଗାଁ ଦାଣ୍ଡ ଧୂଳି ଖେଳଠାରୁ ଆରମ୍ଭ କରି ମହାଜନ ଗାଡିଆରେ ଏକୂଳ ସେକୂଳ ବାଜି ମାରି ପହଁରିବା, ଗାଁ ମେଳଣରେ ହାତ ଧରାଧରି ହୋଇ ବୁଲିବା, ରଙ୍ଗ ଅବିର ବୋଳାବୋଳି ହେବା, ପୁନି ବୁଢୀ ବାଡିରେ ପଶି ଲୁଚେଇ ଲୁଚେଇ ଯେତେ ପାଚିଲା ପିଜୁଳି, ବରକୋଳି ଖାଇବା, ମଝିରେ ମଝିରେ ମଧୁ ମଉସାଙ୍କ ଆମ୍ବତୋଟାରେ ଭୋଜିକରି ଖାଇବା ସାଙ୍ଗଟି ଏଣିକି ସାଥୀହରା ହୋଇ ଯାଉଛି । ଏଇ ଖେଳ, ବୁଲାବୁଲି, ସାଙ୍ଗସାଥୀ ହେଉ ହେଉ କେତେ ମାନ ଅଭିମାନ, କେତେ କଳି ଝଗଡା ଲାଗି ଯାଉଥିଲା । ହେଲେ ଏବେ ପାଖରୁ ଦୂରେଇ ଯାଉଥିବାରୁ ସେଇସବୁ କଥା ମନେ ପଡି କେତେ ଦୁଃଖ ଲାଗୁଛି । କାନ୍ଦ ବି ଲାଗୁଛି । ଛାଡିବାକୁ ଆଦୌ ଇଚ୍ଛା ହେଉ ନାହିଁ । କିଶୋର ବୟସର ଏଇ ଚପଳାମି ମନରେ ବି ଗୋଟିଏ ସାଙ୍ଗକୁ ହଜେଇ ଦେବାର ଦୁଃଖ କେତେ ଉଦାସ କରି ଦେଉଛି ସେମାନଙ୍କୁ । ହେଲେ କେହି କାହାକୁ କିଛି ପାରୁ ନାହାନ୍ତି । ଦୁଃଖ କରୁ ନଥିଲେ ନଈବାଲିଟାରେ ପଛେ ପଛେ ଧାଉଁଥାନ୍ତେ କାହିଁକି ?

ବୋଉ କାନ୍ଧ ଉପରେ ସେମିତି ଆଉଜି ରହି ପ୍ରିୟବ୍ରତ ବେକ ବୁଲେଇ ଟିକେ ଚାହିଁଲା ପଛକୁ । କେତେ ପଛରେ ରହିଗଲାଣି ତା ଜନ୍ମମାଟିର ଗାଁ, ଦୂରରୁ ଦେଖିଲେ କେତେ ସୁନ୍ଦର ନ ଦିଶୁଛି ସତେ । ଆଉ କିଛି କ୍ଷଣପରେ ପ୍ରିୟ ଗାଁଟି ସମ୍ପୂର୍ଣ୍ଣ ଆଖି ଆଗରୁ ଅଦୃଶ୍ୟ ହୋଇଯିବ । ସାଙ୍ଗସାଥୀ, ସାହିପଡିଶାର ପ୍ରିୟ ପରିଜନ କେତେ ଦୂରରେ ରହିଯିବେ । ନଈପଠା, ଗହଳ ଆମ୍ବତୋଟା, ବାପାବୋଉ, ଭାଇଭଉଣୀ, କକାଖୁଡୀ, ଗାଁର ବୁଢା ଜେଜେ ଓ ଜେଜୀମାମାନେ, ସମସ୍ତେ ରହିଯିବେ ଗୋଟିଏ ଜାଗାରେ । ସେ ଏକାକୀ ରହିଯିବ ଆଉ କେଉଁ ଅଜଣା ଜାଗାରେ । ଇଚ୍ଛା କଲେ ମଧ୍ୟ ଦେଖି ପାରିବ ନାହିଁ । ମନ କଥା କହିବାକୁ କାହାକୁ ପାଇବ ନାହିଁ । କାହା ପାଖେ ଆଉ ନିଜ ଦାବି, ଅଳିଅଝଟ କରି ପାରିବ ନାହିଁ ।

ପ୍ରିୟବ୍ରତ ଭାବୁଥିଲା କାହିଁକି ସେ ଏତେ ନମ୍ବର ରଖି ଫାଷ୍ଟ ଡିଭିଜନରେ ମେଟ୍ରିକଟା ପାଶ୍ କଲା କେଜାଣି । କିମ୍ବା ଏଇଠାରେ ଗୋଟେ ସେମିତି କଲେଜରେ ବିଜ୍ଞାନ ପାଠ କାହିଁକି ପଢା ଯାଉନି । ସତରେ ଏମାନଙ୍କୁ ଛାଡି ଯିବାକୁ ଜମା ଇଚ୍ଛା ହେଉନି । କି କରୁଣ, କି ବିକଳ ଲାଗୁଛି ଏବେ ଏମାନଙ୍କ ମୁହଁ । ସହରକୁ ଯାଇ ସେ କଲେଜରେ ବିଜ୍ଞାନ ପଢିବ, ଯାହାକି ଏପର୍ଯ୍ୟନ୍ତ ଏ ଗାଁ କିମ୍ବା ଆଖପାଖ ଗାଁର କୌଣସି ପିଲାଙ୍କ ଦ୍ୱାରା ସମ୍ଭବ ହୋଇ ନାହିଁ । ସେଥିପାଇଁ ବାପାଙ୍କର ଏକା ଜିଦ୍ ମୋ ପୁଅ ସହରରେ ରହି ପାଠ ପଢିବ । ଡାକ୍ତର ହେବ । ମୋ ନାଁ ରଖିବ । ଏ ଗାଁର ମଧ୍ୟ ଟେକ ରଖିବ । ଗାଁରେ କାହାକୁ ରୋଗବଇରାଗ ହେଲେ କାହିଁ କେତେ ଦୂରରେ ଥିବା ଡାକ୍ତରଖାନାକୁ ଯିବାକୁ ପଡେ । ଏମିତି ହେଇଛି କେତେକ ବିଚରା ଅଧା ବାଟରେ ହିଁ ଆଖି ବୁଜି ଦିଅନ୍ତି । ସେଥିପାଇଁ ପ୍ରିୟବ୍ରତ ବାପାଙ୍କ ମନରେ ମଧ୍ୟ ଏକ ମହତ୍ ଉଦ୍ଦେଶ୍ୟ ଥିଲା ପୁଅକୁ ବିଜ୍ଞାନ ପଢେଇବାରେ ।

ପ୍ରଥମେ ପ୍ରଥମେ ସହରରେ ରହି ପାଠ ପଢିବା କଥା ଶୁଣି ପ୍ରିୟବ୍ରତ ଭାରି ଖୁସି ହୋଇ ଯାଇଥିଲା । କିନ୍ତୁ ଏବେ ସମସ୍ତ ସ୍ନେହ, ମମତା ଓ ଆକର୍ଷଣଠାରୁ ଦୁରେଇ ଗଲାବେଳକୁ କାହିଁକି କେଜାଣି ତା ଛାତି ଭିତର କଳିଜା ଟିକି ଟିକି ହୋଇ କାଟି ହେଲା ପରି ଲାଗୁଛି । ବିଶେଷକରି ବୋଉଟାକୁ ଛାଡି ଯିବାକୁ ଆଦୌ ଇଚ୍ଛା ହେଉନାହିଁ । ବିଚାରୀ କାଲିଠାରୁ କାନ୍ଦୁଛି । ତା ପାଖେ ପାଖେ ରହି ଗେଲ କରୁଛି । କେତେ କଥା ବୁଝେଇସୁଝେଇ କହୁଛି ।

ଘାଟ ପାଖରେ ଯାଇ ସମସ୍ତେ ପହଁଚିଗଲେ । ଗାଁଠାରୁ ପ୍ରାୟ ଅଧ କିଲୋମିଟର ପାଖାପାଖି ଦୂରରେ ବହି ଯାଉଛି ଚିରସ୍ରୋତା ନଈଟିଏ । ବର୍ଷକ ବାରମାସ ପାଣି ଦୁଇକୂଳ ଛୁଉଁଥାଏ । ନଈ ମଝିରେ କେଉଁଠି କେଉଁଠି ଗଭୀର ଗଣ୍ଡର ପାଣି । ଭରଷା ପାଏ ନାହିଁ । ସେଥିପାଇଁ ସହରକୁ ଯିବାକୁ ହେଲେ କିମ୍ବା ନଈ ସେପଟର ଅନ୍ୟ କୌଣସି ସ୍ଥାନକୁ  ଯିବାକୁ ହେଲେ ଡଙ୍ଗାରେ ପାର ହେବାକୁ ପଡେ । ଆଉ ଏହି କାମଟିକୁ ନାଉରିଆ ଭାବରେ ଘନ ବେହେରା ତାର ତିନି ପୁରୁଷରୁ ଚଳେଇ ଆସୁଛି ।

ନାଆ ଉପରେ ଘନ ବେହେରା ବସି ବସି ଘୁମଉଥାଏ । ଦିପହରିଆ ପଖାଳ କଂସାଏ ଖାଇ ଦେଲା ପରେ ତା ଆଖି ପତା ମାଡିମାଡି ପଡୁଥାଏ । ମୁଣ୍ଡରେ ଗାମୁଛାଟେ ଠେକା ଭିଡି ଆଂଠୁ ଉପରେ ମୁହଁ ରଖିଥାଏ । ଲୋକଙ୍କ ପାଟି ଶୁଣି ଓ ନିଜ ଗାଁର ଏତେ ଲୋକଙ୍କୁ ଦେଖି ସେ ପ୍ରଥମେ ଆଶ୍ଚର୍ଯ୍ୟ ହୋଇ ମୁଣ୍ଡ ଉଠେଇ ସମସ୍ତଙ୍କୁ ଅନେଇଲା । ହଠାତ୍ ତା ଗାଁର ଏତେ ଲୋକ, ଛୁଆପିଲା ମିଶି କୁଆଡେ ବାହାରିଛନ୍ତି । କଣ ଆଉ ଗାଁରେ ହେଲା କି  ?

ଏଇ ନଈରେ ନାଆ ବେଉଷା କରିବା ଘନ ବୁଢାର କେତେ ପୁରୁଷରୁ ଚଳି ଆସୁଛି । ବାପ ଜେଜେ ଅମଳରୁ । ଏଇ ଡଙ୍ଗା ଚଳାଇ ଯାହା ଦି’ ପଇସା ପାଏ, ସେଇଥିରେ ପରିବାର ପୋଷଣ କରେ । ଦଶଖଣ୍ଡ ଗାଁର ଲୋକମାନେ କେଉଁଆଡେ ଯିବାକୁ ହେଲେ ଆଗ ଘନ ଡଙ୍ଗାରେ ପାରି ହେବାକୁ ପଡେ । ତା ପରେ ମାଇଲିଏ ବାଟ ଚାଲିକି ଗଲା ପରେ ପଡେ ପିଚୁ ସଡକ । ସେଇଠୁଁ ଯିଏ ଯେଉଁ ଗାଡି ମଟର ଧରି ନିଜ ନିଜର ଗନ୍ତବ୍ୟ ସ୍ଥାନକୁ ଯାତ୍ରା କରନ୍ତି । ପୁଣି କାମ ସାରି ନଈ ପାର ହୋଇ ଘରକୁ ଫେରନ୍ତି । ନଈ ସେପଟେ ଛାଡିଥିବା ଲୋକମାନଙ୍କୁ ପୁଣି ଘନ ବାଟ ଚାହିଁ ବସିଥାଏ । ତେଣୁ ଘନ ନାଉରୀ କହିଲେ ସେ ଅଂଚଳର ଛୁଆଠାରୁ ବଡ ଯେ କେହି ନ ଚିହ୍ନନ୍ତି ବୋଲି କହିହେବ ନାହିଁ । ଆହୁଲା ମାରିଲା ବେଳକୁ ଛାତିର ପଞ୍ଜରା ହାଡ ଗଣି ହୋଇଯାଏ । ହେଲେ ଗଭୀର ଗଣ୍ଡରେ ନାଆ ବାହିଲା ବେଳକୁ ସେ ଯେମିତି

ମନ ଫୁଲାଣିଆ ଗୀତ ଗାଇ ଗାଇ ନାଆକୁ ଗଣ୍ଡରୁ ଅତି ସହଜରେ କାଢ଼ି ନିଏ, ଲୋକେ ଅନୁଭବ କରୁଥିଲେ ବି ବିଶ୍ୱାସ କରି ପାରନ୍ତି ନାହିଁ । ଆର ପାରିରେ ଡଙ୍ଗା ଲାଗି ଲୋକେ ଦୀର୍ଘ ନିଃଶ୍ୱାସ ଛାଡୁଥିଲା ବେଳେ ଘନ ଗାମୁଛାରେ ଝାଳ ପୋଛି ଯାତ୍ରୀଙ୍କ ସୁଖଦୁଃଖରେ ନିଜକୁ ହଜେଇ ଦିଏ । ଭୁଲିଯାଏ ହାତୁଆ ହାତରେ ଆହୁଲା ମାରିବାର କଷ୍ଟ । କିଏ କେତେ ପାଉଣା ଦେଲା, ସେଥିପ୍ରତି ତାର ଧ୍ୟାନ ନଥାଏ କି ହିସାବ ରଖେନା । ତା ଯାତ୍ରୀମାନେ ସୁରୁଖୁରୁରେ ପାରି ହେଇଗଲେ, ସେତିକି ତା ପାଇଁ ଯେମିତି କୋଟିଏ ଟଙ୍କା ପାଇବାର ଆନନ୍ଦ ।

ପ୍ରିୟବ୍ରତର ବାପା ଈଶାରା ଦେଲେ ଡଙ୍ଗା ଖୋଲିବାକୁ । ସାଙ୍ଗେ ସାଙ୍ଗେ ଘନ ବେହେରା ମୁଣ୍ଡରେ ଠେକାଟାକୁ ଆହୁରି ଜୋରରେ ଭିଡି ଦେଇ ଡଙ୍ଗା ଖୋଲି କୂଳରେ ଲଗେଇଲା । ବୋଉ ପାଖରୁ ପ୍ରିୟବ୍ରତର ହାତ ଧରି ବାପା ନେଇ ଡଙ୍ଗାରେ ବସେଇ ନିଜେ ବସିଲେ । ସାଙ୍ଗରେ ଯାଇଥିବା ମାମୁଁ ବି ବସି ପଡିଲେ । ତାର ଜାମାପଟା ଓ ବହିପତ୍ର ଭର୍ତ୍ତି ଟ୍ରଙ୍କଟି ଡଙ୍ଗାରେ ରଖାଗଲା । ଆଉ ଗୋଟିଏ କପଡା ବ୍ୟାଗ୍ ଯେଉଁଥିରେ ବୋଉ ତାର ଅତି ଯତ୍ନରେ ସଜେଇ ରଖିଥିଲା ମୁଢ଼ୀ, ଚୂଡ଼ାଭଜା, ପାଚିଲା ପିଜୁଳି, କଦଳୀ, ସାବୁନ୍, ତେଲ, ଦାନ୍ତକାଠି, ପାନିଆଁ, ଦର୍ପଣ ଇତ୍ୟାଦି କେତେ ଦରବମାନ । ଡଙ୍ଗାରେ ବସିବା ପୂର୍ବରୁ ପ୍ରିୟବ୍ରତ ଗାଁରୁ ତାକୁ ଛାଡିବାକୁ ଆସିଥିବା ଲୋକମାନଙ୍କୁ ମୁଣ୍ଡିଆ ମାରିଲା । ସାଙ୍ଗମାନଙ୍କୁ କୁଣ୍ଢେଇ ପକେଇଲା । ବୋଉକୁ ଟିକେ ଚାହିଁ ଡଙ୍ଗାରେ ବସିଥିଲା । ବୋଉକୁ ଅନେଇ ତା ଆଖି ଛଳଛଳ ହେଇ ଯାଉଥିଲା । କାନ୍ଦ ମାଡୁଥିଲେ ବି ସେ କାନ୍ଦି ପାରୁନଥିଲା । କାଳେ ବୋଉକୁ ଆହୁରି ଦୁଃଖ ଲାଗିବ । ହେଲେ ବୋଉ କେତେ ଆଉ ନିଜକୁ ରୋକି ପାରିଥାନ୍ତା । ଏପର୍ଯ୍ୟନ୍ତ ସମ୍ଭାଳି ରଖିଥିବା ଲୁହ ଗୁଡାକ ଝରି ଯିବାକୁ ଲାଗିଲା । ତଥାପି ଯେମିତି ପୁଅ ନ ଦେଖୁ ସେଥିପାଇଁ ବାରମ୍ବାର ପଣତରେ ପୋଛି ପକାଉଥାଏ । କେତେ ବିକଳ ହେଇ ଚାହିଁଛି ତାକୁ । କେମିତି ଯାଇ ପର ଦେଶରେ ରହିବ । ସାଙ୍ଗମାନେ ନିରବ ହେଇଗଲେ । ଜଣେ ଯେ ଏମିତି ତାଙ୍କ ମେଳରୁ ଦୁରେଇ ଯିବ କେହି କେବେ ଭାବି ନଥିଲେ । ଗାଁ ଲୋକମାନେ କିଏ କେତେ କଲ୍ୟାଣ କରୁଥାନ୍ତି । ଘାଟଟା ଯେମିତି ଏକ ନିରବ ଶୋକରେ ଉବୁଟୁବୁ ହେଉଥିଲା । ଘନ ଠାକୁରାଣୀଙ୍କୁ ମୁଣ୍ଡିଆ ମାରି ଧୀରେ ଧୀରେ ଆହୁଲା ମାରିବାକୁ ଲାଗିଲା । ନଈ ସୁଅ କାଟି ଡଙ୍ଗା ଆଗକୁ ଆଗକୁ ଯାଉଥିଲା । ଏପଟ କୂଳରେ ସ୍ଥିର ରହି ଯାଇଥିଲା କେତେକ କରୁଣ ଆଖି ଓ ବୋଉର କୋହମିଶା କାନ୍ଦିବା ସ୍ୱର ।

ସେ କୂଳରେ ଡଙ୍ଗା ଲାଗିବା ପୂର୍ବରୁ ଘନ ମଉସା ପ୍ରିୟବ୍ରତର ବାପାଙ୍କଠାରୁ ସବୁ ଖବର ଶୁଣି ସାରିଥାଏ । ଆଉ ଶୁଣିଲା ପରେ ତା ମନ ଅତି ଆନନ୍ଦରେ କୁରୁଳି ଉଠୁଥାଏ । ଆରେ, ଏ କଣ କମ ବଡ କଥା । ତାରି ଗାଁର ପୁଅ ପାଠ ପଢିବାକୁ ସହର ଯାଉଛି । ଦିନେ ନା ଦିନେ ବଡ ହାକିମଟେ ହେବ । ବଡ ଅଫିସର ହୋଇ ପୁଣି ତାରି ଡଙ୍ଗାରେ ବସି ଗାଁକୁ ଫେରିବ । ଏହାଠାରୁ ଭାଗ୍ୟ ଆଉ କଣ ଥାଇପାରେ । ଆଜିଯାଏ ସେ ଖାଲି ଗୁଡାଏ ଦୁଃଖ, ଯନ୍ତ୍ରଣା, ରୋଗ ଓ ଅଭାବର ବୋଝକୁ ବାହି ଚାଲିଥିଲା । ହେଲେ ଏଣିକି ତା ଡଙ୍ଗାରେ ପାଠୁଆ ପୁଅ ବସିବ । ଜାଣ ତା ଡଙ୍ଗାର ଦୁଃଖ ଚାଲିଯିବ ।

ଠିକ୍ ବାଗରେ ନେଇ ଡଙ୍ଗା ଆରପାରିରେ ଲଗେଇ ଦେଲା ଘନ । ପ୍ରିୟବ୍ରତ, ବାପା ଓ ମାମୁଁ ଆଗପଛ ହୋଇ ଓହ୍ଲାଇ ପଡିଲେ । ଘନ ମଉସା ନିଜେ ନିଜେ ସବୁ ଜିନିଷପତ୍ର ଆଗତୁରା ବୋହି ଆଣିଲା । ପ୍ରିୟବ୍ରତର ବାପା ତାଙ୍କ ପଞ୍ଜାବୀ ପକେଟରୁ ପର୍ସ ବାହାର କରି ଟଙ୍କା କାଢ଼ି ବଢେଇଲେ ଘନ ଆଡକୁ ଘାଟ ମୂଲ ବାବଦକୁ । ହେଲେ ତାଙ୍କ ହାତରେ ଟଙ୍କା ଦେଖି ଘନ ଦି' ହାତ ପଛକୁ ଘୁଞ୍ଚିଗଲା । ହାତ ଯୋଡି ଅତି ଅନ୍ତରଙ୍ଗ ଭାବରେ ହସି ହସି କହିଲା – ଆଜ୍ଞା, ଜୀବନଟା ସାରା ତ ଡଙ୍ଗା ବାହି ଚାଲିଛି । ପରିବାର ପୋଷିବାରେ କିଛି ଅସୁବିଧା ହେଉନି । ଠାକୁରେ ଯେତିକି ଦେଉଛନ୍ତି, ସୁଖେ ଦୁଃଖେ ଚଳି ଯାଉଛି । ଆପଣ ରଖନ୍ତୁ ଏ ଟଙ୍କା । ପ୍ରିୟବ୍ରତର ବାପା ହଠାତ୍ ବୁଝି ପାରିଲେ ନାହିଁ । କହିଲେ – ଆରେ, ଏତେ ପରିଶ୍ରମ କଲୁ, ତୋ ପ୍ରାପ୍ୟ ତୁ ନେବୁନି ? ମୋ ପୁଅ ସହରକୁ ପ୍ରଥମ ଥର ଯାଉଛି, ଏ ଶୁଭ କାମରେ ତୁ ମନା କରୁଛୁ କାହିଁକି ? ବରଂ ଖୁସିରେ ନେ । ଘନ ପୁଣି କାକୁତି ହୋଇ କହିଲା – ନାଇଁ ଆଜ୍ଞା, ଯଦି ଆପଣ ଯାଇଥାନ୍ତେ, ମୁଁ ତ ନିଶ୍ଚୟ ମାହାସୁଲ ନେଇଥାନ୍ତି । ହେଲେ ଆମ ପୁଅଟା ଯାଉଛି, ପାଠ ପଢିବ, ବଡ ମଣିଷ ହେବ । ମୋତେ କଣ ଆନନ୍ଦ ଲାଗୁନି ! ଏଇ ଗାଁର ପୁଅ । ସେ ବଡ ମଣିଷ ହେଲେ ମୋ କଥା କଣ ମନେ ପକେଇବ ନାହିଁ । ସେ ଯେତେବେଳେ ବଡ ହାକିମଟେ ହେଇ ମୋରି ଡଙ୍ଗାରେ ବସିବ, ସେତିକିବେଳେ ମୁଁ ତାଠାରୁ କଡାଗଣ୍ଡା କରି ଯେତେ ବାକିଆ ଘାଟ ମାହାସୁଲ ଆଦାୟ କରିଦେବି ।

ପ୍ରିୟବ୍ରତର ମୁଣ୍ଡ ଉପରେ ହାତ ବୁଲାଇ ଆଣି ଘନ ମଉସା ଭାରି ଭାବବିହ୍ୱଳ ହେଇ କହିଲା – ଯା, ଭଗବାନ ତୋର ମଙ୍ଗଳ କରନ୍ତୁ । ମନ ଦେଇ ପାଠ । ଆଜିଠୁଁ ତୋ ପାଇଁ ମୋ ଡଙ୍ଗାଭଡା ଛାଡ । ହେଲେ ସବୁ ବାକିଆ ରହିବ । ଯୋଉଦିନ ହାକିମ ହେଇ ଫେରିବୁ, ସବୁ ମୁଁ ଆଦାୟ କରିବି ।

ପାଠଶାଠ ପଢି ନଥିବା, ଅଭାବୀ ମଣିଷ ଘନ ମୁହଁରୁ ଏଭଳି କଥା ଶୁଣି ପ୍ରିୟବ୍ରତର ବାପା ଆଉ କିଛି କହି ପାରିଲେ ନାହିଁ । ଅଗତ୍ୟା ଟଙ୍କାକୁ ପୁଣି ପକେଟରେ ରଖି ପ୍ରିୟବ୍ରତକୁ ଠାରିଦେଲେ ଘନକୁ ମୁଣ୍ଡିଆ ମାରି ଯିବା ପାଇଁ । ନାଉରିଆ ଭାବରେ ଯିଏ ନଈ ପାର କରେଇ କେତେ କେତେ ଜୀବନକୁ ସୁରୁଖୁରୁରେ କୂଳରେ ଲଗେଇ ଦେଉଛି, ତା ଆଶୀର୍ବାଦ ଟିକକ ସଂସାର ସାଗରକୁ ବି ପାର କରେଇବାର ସାହା ହେଇପାରେ । ବାପାଙ୍କ କଥା ମାନି ପ୍ରିୟବ୍ରତ ଘନ ମଉସାକୁ ମୁଣ୍ଡିଆ ମାରିଲା ବେଳେ ଘନର ଆଖି ଛଳଛଳ ହେଇଗଲା । କୋଳକୁ ଆଉଜେଇ ଆଣି ପିଠି ଥାପୁଡେଇ ଦେଲା । ଏଥର କୂଳରୁ ପାଦ ବଢେଇ ଆଗକୁ ଆଗକୁ ମାଡି ଯାଉଥିଲେ ସେ ତିନିଜଣ । ପଛରେ ରହି ଯାଉଥିଲା ଗାଁ, ଗ୍ରାମବାସୀ, ନଈପଠା, ଆମ୍ବତୋଟା, ବୋଉ, ସାଙ୍ଗସାଥୀ, ନଈ, ନାଆ ଓ ନାଉରୀ ଘନ ମଉସା ।

ମାମୁଁ ଓ ବାପାଙ୍କ ପଛରେ ପ୍ରିୟବ୍ରତ ଗୋଟିଏ ଗୋଟିଏ କରି ପାଦ ଗଣିଲା ପରି ଚାଲୁଥାଏ । କିଶୋର ବୟସର ଅନେକ କିଛି ତା ପାଇଁ ଅବୁଝା ରହିଥିଲେ ବି ନାଉରୀ ଘନ ମଉସାର ଅନାବିଳ ସ୍ନେହ ଓ ଆପଣାପଣଟି ତାକୁ ଚହଲେଇ ଦେଉଥାଏ । ଏପର୍ଯ୍ୟନ୍ତ କେବଳ ନିଜ ଘର, ପରିବାର ଓ ସାଙ୍ଗସାଥୀଙ୍କୁ ଛାଡି ଆସିବା ତାକୁ ବହୁତ ଦୁଃଖ ଦେଉଥିଲା । ଏବେ ଘନ ମଉସା ପାଇଁ କାହିଁକି କେଜାଣି ତାକୁ ଆହୁରି ଦୁଃଖ ଲାଗୁଥିଲା । ନିଜର ଭଳି କେତେ କଥା ନ କହିଲା ସତରେ । ଏଡେ ଉଦାର, ଏଡେ ଆପଣାର । କେତେ ବଡ ଆଶା ରଖୁଛି ସେ ତା ଉପରେ । ନାଉରିଆ ହେଲେ ମଧ ନଈ ଭଳି ତା ଭାବନା କାହିଁ କେତେ ଦୂର ଗତି କରି ଯାଉଛି । ତାର ସେଇ ଆଶା ଓ ବିଶ୍ୱାସକୁ ସେ ପୂରଣ କରି ପାରିବ ତ !

ତା ପରଠାରୁ ଯେତେବେଳେ ବି ଛୁଟିରେ ପ୍ରିୟବ୍ରତ ଗାଁକୁ ଆସେ ଓ ପୁଣି ଫେରିଯାଏ, ଘନ ମଉସା ହସି ହସି ତାକୁ ପାଛୋଟି ଆଣେ ଓ ବିଦାୟ ଦିଏ । ହେଲେ ମାହାସୁଲ କଥା କେବେ ବି ଉଠେ ନାହିଁ । ପ୍ରିୟବ୍ରତ ମଧ ଜାଣିଶୁଣି କେବେ ପଇସା ଯାଚେ ନାହିଁ । ପ୍ରତିବଦଳରେ ଘନ ମଉସାର ଖୋଲା ହୃଦୟରୁ ମଥାରେ ବୋହିନିଏ ଅନେକ ଆଶୀର୍ବାଦ ଓ ମଙ୍ଗଳ କାମନା ।

ନଦୀର ସୁଅ ଭଳି ସମୟର ସୁଅ ବି ଆଗକୁ ଆଗକୁ ମାଡି ଚାଲୁଥାଏ । ମଞ୍ଜିରୁ ଚାରା ଓ କ୍ଷୁଦ୍ର ଚାରାଟି ଦିନେ ମହାଦ୍ରୁମରେ ପରିଣତ ହେଲା ଭଳି ଗାଁ ଦାଣ୍ଡରେ ଖେଳିକୁଦି ଡିଆଁ ମାରୁଥିବା ପ୍ରିୟବ୍ରତ ପରିବାରର ଆଶା ଓ ସ୍ୱପ୍ନକୁ ସାର୍ଥକ କରି ପାରିଛି । ପାଠପଢାରେ କୃତିତ୍ୱ ହାସଲ ପରେ ସେ ଏବେ ଜଣେ ଡାକ୍ତର ହୋଇ ପାରିଛି । ଗାଁସାରା ଏକଥା ହୁରି

ପଡିଗଲା । ଏ ଗାଁର ପୁଅ ଡାକ୍ତର ହେଲା, ଏଣିକି ରୋଗ ବି ଡରିକି ପଳେଇବ । ଚାକିରିରେ ଯୋଗ ଦେବା ପୂର୍ବରୁ ପ୍ରଥମେ ଗାଁକୁ ଯାଇ ଘରେ କିଛି ଦିନ କଟେଇ ଦେଇ ଆସିବ । ବାପା ଚିଠି ଲେଖିଥିଲେ ଗାଁ ସାରା ଲୋକେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ବିଶେଷ ଭାବେ ଘନ ମଉସା କୁଆଡେ ଚାତକ ଭଳି ଚାହିଁ ରହିଛି କୋଉଦିନ ଡାକ୍ତରବାବୁଙ୍କୁ ତା ଡଙ୍ଗାରେ ବସେଇ ନଈ ପାର କରେଇବ । ମନ ମତାଣିଆ ଗୀତ ବୋଲିବ ।

ବାପାଙ୍କ ଚିଠି ପାଇଲା ଦିନଠୁଁ ପ୍ରିୟବ୍ରତର ମନ ଉଡୁଥିଲା । ଖୁସିରେ ଆଖି ବନ୍ଦ କରି ଦେଇଥିଲା । ସେଇ ବନ୍ଦ ଆଖି ତଳେ ଉଙ୍କି ମାରିଥିଲେ ଅନେକ ପରିଚିତ ଓ ଆପଣାର ମୁହଁମାନ । ସବୁଠୁ ଯିଏ ବେଶି ସାମ୍ନାକୁ ଆସୁଥିଲା ସିଏ ଥିଲା ଘନ ମଉସା । ସବୁ ନିଜର ଭିତରେ ବି ଘନ ମଉସା ଆହୁରି ନିଜର ଲାଗୁଥିଲା । ଏତେ ବର୍ଷ ଧରି ବିନା ମୂଲ୍ୟରେ ତାକୁ ନଈ ପାର କରେଇ ଆଉ ଗୋଟେ ଦୁନିଆଁର ଚିତ୍ର ଦେଖାଉଥିଲା । ଏତିକି ବେଳେ ତାଙ୍କୁ ଯାଇ ନିହାତି ଦେଖା କରିବା ଉଚିତ୍ ।

ଘରକୁ ଯିବା ପୂର୍ବରୁ ପରିବାର ଲୋକଙ୍କ ପାଇଁ କିଛି କିଛି ଉପହାର କିଣିଲା ବେଳେ ଡାକ୍ତର ପ୍ରିୟବ୍ରତ ଭାବୁଥିଲା ଘନ ମଉସାଙ୍କ ପାଇଁ କଣ ନେବ । ବିଗତ ଅନେକ ବର୍ଷ ଧରି ଯାହାଙ୍କ ଘାଟ ମାହାସୁଲ ବାକିଆ ପଡିଛି । ତାର ହିସାବ ନା ତା ପାଖରେ ଅଛି ନା ଘନ ମଉସା ରଖିଛନ୍ତି । କଣ ଦେଇ ସେ ତାଙ୍କ ଋଣ ଶୁଝିବେ । ବିଚରା ସେଇ ଡଙ୍ଗାରେ ଆହୁଲା ମାରି ମାରି ବୁଢା ହେଲାଣି । ଦାନ୍ତ ଝଡି, ମୁଣ୍ଡବାଳ ପାଚିଲାଣି । ଆଉ ଦେହରେ ବଳ ପାଉନି । ଏପାରିରୁ ଡଙ୍ଗା ନେଇ ସେପାରିରେ ଲଗେଇ ଦେଲା ପରେ ଘଡିଏ ଥକ୍କା ମାରି ବସି ପଡୁଛି । ଡଙ୍ଗାର ମଙ୍ଗ ସଳଖିଲା ବେଳକୁ ଦେହର ଶୀରା ଦୁହିଁ ହେଇ ଯାଉଛି । ସେଇଥିରେ ବି ସମସ୍ତଙ୍କୁ ଆପଣାର କରିବାର ସହଜ ସ୍ୱଭାବ ଗୁଣଟି ଛାଡି ନାହିଁ । ଏଇଥିରେ ଯେମିତି ତାର ଅପାର ଆନନ୍ଦ । ମଝିରେ ମଝିରେ ତାଙ୍କ ପୁଅ ଆସି ସାହାଯ୍ୟ କରେ । ପ୍ରିୟବ୍ରତ କିଛି ବି ସ୍ଥିର କରି ପାରିଲା ନାହିଁ ଘନ ମଉସାଙ୍କ ଅନ୍ତରଙ୍ଗତା ନିକଟରେ ଏମିତି କଣ ଅଛି ଯାହା ସେ ଦେଇ ପାରିବ ।କଣ ବା ଏମିତି ଅଛି ଯାହା ତା ସହିତ ସମତୁଲ ହେଇ ପାରିବ ।

ନିର୍ଦ୍ଦିଷ୍ଟ ଦିନ ପ୍ରିୟବ୍ରତ ବାହାରିଲା ଗାଁକୁ । ମନରେ ଅଫୁରନ୍ତ ଆନନ୍ଦ, ଅସରନ୍ତି ଭାବନା, ମାଟି, ମାଆ ଓ ପ୍ରିୟ ପରିଜନଙ୍କୁ ଦେଖିବାର ଉତ୍କଂଠାରେ ଉବୁଟୁବୁ । ପ୍ରାୟ ବର୍ଷକ ପରେ ଗାଁକୁ ଯାଉଛି । ଚାକିରି ପାଇଁ ଅଟକି ଯାଇଥିଲେ । ଏତେ ଦୂର ବାଟ ଜଣା ପଡୁ ନଥିଲା । ଗାଁକୁ ଫେରିବାର ଆବେଗରେ କେତେବେଳେ ଆସି ନଈ ସେପଟ ଘାଟ ପାଖରେ ପହଁଚି ଗଲାଣି । ଏବେ ଖାଲି ତାକୁ ଘନ ମଉସାର ମୁହଁ, ତା ପାକୁଆ ପାଟିର ମନ ଫୁଲାଣିଆ ଗୀତ, ଡଙ୍ଗାରେ ଆହୁଲା ମାରି ପାର କରେଇବାର ରୂପଟି ଚାରିଆଡୁ ଦିଶି ଯାଉଥିଲା । ମନକୁ ମନ ଟିକେ ହସି ଦେଲା ପ୍ରିୟବ୍ରତ । ଏବେ ତାକୁ ଦେଖୁ ଦେଖୁ ମୁଣ୍ଡରୁ ଠେକାଟା କାଢି ଦେଇ ସେଇ ଗାମୁଛାରେ ତା ଦେହମୁହଁ ପୋଛି ପକେଇବ । ତା ବ୍ୟାଗ ଧରି ଡଙ୍ଗାରେ ଥୋଇଦେବ । ଆଉ କେତେ କଥାମାନ ଗୋଟାକ ପରେ ଗୋଟାଏ ପଚାରି ହେବ ଯେ ସେତେବେଳକୁ ନାଆ ଯାଇ ଆର ପାରିରେ ଲାଗି ଯାଇଥିବ ।

ଘାଟ ପାଖରେ ଠିଆ ହୋଇ ନାଆକୁ ଅପେକ୍ଷା କଲା ପ୍ରିୟବ୍ରତ । ଆଉ ଦେଖିଲା ସେକୂଳରୁ ନାଆ ତ ଆସୁଛି, ହେଲେ ନାଆ ବାହୁଥିବା ଲୋକଟା ଯେ ଘନ ମଉସା ଆଦୌ ନୁହେଁ, ଏହା ପରିଷ୍କାର ଜଣା ପଡୁଛି । ନାଆ ଆସି କୂଳରେ ଲାଗିଲା ପରେ ସେ ଜାଣିଲା ଘନ ମଉସାଙ୍କ ପୁଅ ତାକୁ ଦେଖି ଆସୁଛି । ତା ମନଟା ହଠାତ୍ ଝାଉଁଳି ଗଲା । ଭାବିଲା ବାପା କଣ ଘନ ମଉସାଙ୍କୁ କହି ନାହାନ୍ତି ଯେ ସେ ଆଜି ଘରକୁ ଆସୁଛି ବୋଲି । ଅନ୍ତତଃ ଆଜି ଦିନଟା ପାଇଁ ତ ଘନ ମଉସାଙ୍କ ଆସିବା ନିହାତି ଦରକାର ଥିଲା । ଏହି ଦିନକୁ ସେ ବର୍ଷ ବର୍ଷ ଧରି ଅପେକ୍ଷା କରିଥିଲେ । ଏହି କଥା ଭାବି ପ୍ରିୟବ୍ରତ ଆହୁରି ଉଦାସ ଦିଶିଲା । କିନ୍ତୁ ଘନ ମଉସାଙ୍କ ପୁଅ କୌଣସି କାମରେ କିଛି ବ୍ୟତିକ୍ରମ କରି ନଥିଲା । ଠିକ୍ ତା ବାପା ପରି ମନକୁ ମନ ସବୁ କରିଦେଲା । ବ୍ୟାଗପତ୍ର ନେଇ ଡଙ୍ଗାରେ ରଖିଦେଲା । ମୁଣ୍ଡରେ ଗାମୁଛାକୁ ଠେକା ଭିଡି ହସି ହସି ଆହୁଲା ମାରୁଥିଲା । କିଛି ସମୟ ପ୍ରିୟବ୍ରତ ଗୁମ୍ ହେଇ ବସି ରହିବା ପରେ ଘନ ମଉସା କାହିଁକି ଆସିଲେନି ବୋଲି ତାକୁ ପଚାରିଲା । ଆଉ ତାଠାରୁ ଯାହା ଶୁଣିଲା ଆହୁରି ଦୁଃଖର କାଳିମା ତା ଦେହମୁହଁ ସାରା ଯେମିତି ବୋଳି ହେଇଗଲା । ସେ କଣ ସବୁ ଭାବିଥିଲା, ଅଥଚ କଣ ସବୁ ଶୁଣିବାକୁ ମିଳୁଛି ।

ତିନି ଦିନ ହେଲା ଘନ ମଉସାର ପେଟମରା ରୋଗ ବାହାରିଛି । ନିଃଶ୍ୱାସ ନେଇ ପାରୁନି । ଶେଯରୁ ବି ଉଠି ପାରୁନି । କତରାଳଗା ହେଇ ଗଲାଣି । ଯାହା ଖାଇଲେ ବାନ୍ତି ହେଇ ଯାଉଛି । ପ୍ରିୟବ୍ରତର ଛାତି ଥରେଇ ଏକ ଦୀର୍ଘ ନିଃଶ୍ୱାସ ବାହାରି ଆସିଲା । ଡାକ୍ତର ହେଇ ଆସିଥିଲେ କଣ ଅତି ନିଜ ଲୋକଟିର ରୋଗକଷ୍ଟ ଶୁଣିବାକୁ । ଇଏ କି ବିଚିତ୍ର ବିଡମ୍ବନା ।

ଡଙ୍ଗା ଯାଇ ଆର କୂଳରେ ଲାଗିଲା ପରେ ପ୍ରିୟବ୍ରତ ଦେଖିଲା ଗାଁରୁ ପ୍ରାୟ ଅଧେ ଲୋକ ଆସି ରୁଣ୍ଡ ହେଇଛନ୍ତି ତାକୁ ପାଛୋଟି ନେବାକୁ । ବୋଉ ଦେଖୁ ଦେଖୁ କୁଣ୍ଢେଇ ପକେଇଲା ଖୁସିରେ, ଆତ୍ମସନ୍ତୋଷରେ । ସମସ୍ତଙ୍କ ସହିତ ଭେଟ ହେଇ ସାରିଲା ପରେ ପ୍ରିୟବ୍ରତ ବାପାଙ୍କୁ ଚାହିଁ କହିଲା – ଘରକୁ ଆସିଛି ଯେତେବେଳେ ନିଶ୍ଚୟ ଯିବି । କିନ୍ତୁ ତା ପୂର୍ବରୁ ମୁଁ ଘନ ମଉସାଙ୍କୁ ଟିକେ ଦେଖିବାକୁ ଚାହେଁ । ତାଙ୍କ ପାଉଣା ଆଜି ଯାଏ ମୋ ଉପରେ ଗଡୁଛି । ପୁଅ କଥା ଶୁଣି ବାପା ଟିକେ ମୁରୁକେଇ ହସିଦେଲେ । ବୋଧହୁଏ ପୁଅର ମଣିଷପଣିଆ ନିକଟରେ ବାପାଙ୍କର ଛାତି ଆହୁରି ଚଉଡା ହେଇ ଯାଉଥିଲା । ମାପି ନେଇଥିଲେ ପ୍ରିୟବ୍ରତ ହୃଦୟର ବିଶାଳତାକୁ । କୌଣସି ଓଲଟା କଥା ନ କହି ପୁଅକୁ ନେଇଗଲେ ଘନ ମଉସା ଘର ଆଡକୁ ।

ଗାଁଠାରୁ କିଛି ବାଟ ଅନ୍ତରରେ କେଉଟ ସାହି । ସେଇ ସାହିର ଶେଷ ମୁଣ୍ଡ ଆଡକୁ ଘନର ଘର । ଦୁଇ ବଖୁରିଆ ନୁଆଁଣିଆ ଚାଳଘର ଆଗରେ ବାପ ପୁଅ ଠିଆ ହେଲେ । ଗାଁଟା ସାରା ସଙ୍ଗେ ସଙ୍ଗେ ହଲା ପଡିଗଲା ଯେ ଡାକ୍ତରବାବୁ ନିଜେ ଆସିଛନ୍ତି ଘନ ଘରକୁ । ଛୁଆଠାରୁ ବୁଢା ଯାଏ ଚାହୁଁ ଚାହୁଁ ଆସି ଜମା ହେଇଗଲେ । ସମସ୍ତଙ୍କ ମନରେ କୌତୁହଳ, ଖୁସିର ଲହର । ପ୍ରିୟବ୍ରତ ଭିତରକୁ ପଶି ଯେଉଁଠି ତାର ପ୍ରିୟ ଘନ ମଉସା ଶୋଇଥିଲା, ସେଇ ଛିଣ୍ଡା ମସିଣା ଉପରେ ବସି ପଡିଲା । ଚଦର ଖଣ୍ଡିଏ ଢାଙ୍କି ହୋଇ ବଡ ଦୟନୀୟ ଅବସ୍ଥାରେ ଜାକିଜୁକି ହେଇ ପଡିଛି । ଦେହର ହାତ ପଦାକୁ ବାହାରି ଦିଶୁଛି । ସେ ଅବସ୍ଥା ଦେଖିବା ପାଇଁ ଯେମିତି ପ୍ରିୟବ୍ରତର ଧୈର୍ଯ୍ୟ ନଥିଲା । ବିଚଳିତ ହେଇଗଲା ସେ । ଘନ ପିଠି ଉପରେ ହାତ ରଖି ଡାକିଲା – ମଉସା, ଦେଖିଲ ମୁଁ କିଏ ଆସିଛି । ଏମିତି ସ୍ୱରଟେ ଶୁଣି ଘନ ଦେହରେ ଯେମିତି ତରଙ୍ଗ ଖେଳିଗଲା । କେତେ ପରିଚିତ ଏଇ ସ୍ୱର । ଚଦର ଭିତରୁ ମୁହଁ କାଢି ଚାହିଁଲା । ଦେଖୁ ଦେଖୁ ତା ପେଜୁଆ ଆଖି କୋଣ ଲୁହରେ ଜକେଇ ଉଠିଲା । କଣ କହିବ ବୋଲି କିଛି କହି ପାରିଲା ନାହିଁ ପେଟର ଅସହ୍ୟ ଯନ୍ତ୍ରଣା ହେତୁ । ପ୍ରିୟବ୍ରତ ପୁଣି କହିଲା – ମଉସା, ମୋତେ କଥା ପଦେ କହିବ ନାହିଁ । ଦେଖ ମୁଁ କେମିତି ଡାକ୍ତର ହେଇ ଆସିଛି । ତମେ ପରା ବାକିଆ ଘାଟ ମାହାସୁଲ ମୋଠୁ କଡାଗଣ୍ଡା କରି ଆଦାୟ କରିବ ।

ସେଇ ଯନ୍ତ୍ରଣା କାତର ମୁହଁରୁ ବି ଝଲକାଏ ହସ ଖେଳିଗଲା ଘନର । ଖନେଇ ଖନେଇ କହିଲା – ଆରେ ଚଗଲା, ଆଉ କି ବାକିଆ ଅଛି । ମୋ ଘାଟ ମାହାସୁଲ ତ ତୁ ଦେଇ ସାରିଲୁଣି । ତୁ ଡାକ୍ତର ହେଇ ଏ ଗରୀବ ବୁଢା ନାଉରିଆ ଘରକୁ ଆସିଲୁ, ସେଇ ମୋର ଢେର ପାଉଣା । ହେଲେ ମୁଁ ଭଲ ହେଇଗଲେ ଆଉ ତୋତେ ମୋ ଡଙ୍ଗାରେ ଆରପାରିକୁ ଛାଡିବି ନାହିଁ । ତୁ ଏଇ

ଗାଁର ଯେତେ ରୋଗ ବଇରାଗ ଝାଡି ଦେ ।

ଆଉ ଯାହା କହିବାକୁ ଚାହୁଁଥିଲେ ବି ଘନ କିଛି କହି ପାରିଲା ନାହିଁ । ବୋଧହୁଏ ଯନ୍ତ୍ରଣା ହେବାରୁ ପେଟକୁ ଚିପି ଧରି ଚୁପ ହେଇଗଲା । ପ୍ରିୟବ୍ରତର ଆଖିରେ ଲୁହ ଜକେଇ ଆସିଲା । ସାଙ୍ଗରେ ନେଇଥିବା ଔଷଧ ଡବାରୁ କେତୋଟି ଔଷଧ ବାହାର କରି ଘନ ମଉଷାକୁ ନିଜ ହାତରେ ଖୁଆଇ ଦେଲା ଏବଂ ଆଉ କିଛି ଫଳମୂଳ ଶେଯ ପାଖରେ ଥୋଇଲା । ଘରକୁ ଆସିଲା ପରେ ସମସ୍ତଙ୍କ ସହିତ ମିଶି ଯଦିଓ ସେ ଖୁସି ହେଉଥିଲା, କିନ୍ତୁ ମନ ଭିତରେ ଘନ ମଉସାଙ୍କର ଯନ୍ତ୍ରଣାକ୍ଲିଷ୍ଟ ମୁଖ ଓ ଜୀର୍ଣ୍ଣଶୀର୍ଣ୍ଣ ଦେହ ବାରମ୍ବାର ଉଙ୍କି ମାରି ତାକୁ ଗୁମ୍‌ସୁମ୍ କରେଇ ଦେଉଥିଲା । ଏହି ଚିନ୍ତାରେ ରାତିସାରା ବି ଶୋଇ ପାରି ନଥିଲା । ଯେଉଁ ମଣିଷଟି ତାର ସହରକୁ ଯିବା ଦିନଠାରୁ ଘାଟ ପାଉଣା ନେଉ ନଥିଲା ଆଉ ଏମିତି ଏକ ଦିନରେ ସବୁ ଆଦାୟ କରିବ ବୋଲି କେତେ ଜୋର ଦେଇ କହୁଥିଲା, ହେଲେ କିଛି ତ କହି ପାରିଲା ନାହିଁ । କି ପ୍ରକାର ମାହାସୁଲ ସେ ଆଦାୟ କରିବାକୁ ଚାହୁଁଥିଲା ତାହେଲେ ।

ରାତି ପାହି ସକାଳ ହେଲା । ପୁଣି ଏକ ସୂର୍ଯ୍ୟୋଦୟର କଅଁଳ କିରଣରେ ଜୀବନ ଚଳଚଂଚଳ ହୋଇ ଉଠିଲା । କିନ୍ତୁ କେହି ଜଣେ ସେ କଅଁଳ ଖରାରେ ଅଳସ ଭାଙ୍ଗିବାକୁ ଆଉ ନଥିଲା । ଗାଁ ସାରା ତଡିତ୍ ବେଗରେ ଖବର ପ୍ରଚାର ହୋଇଗଲା ଘନ ବେହେରା ଆଉ ନାହିଁ । ପାହାନ୍ତାରୁ ମରି ଯାଇଛି । ପ୍ରିୟବ୍ରତ ପାଖରେ ମଧ୍ୟ ଏ ଖବର ପହଁଚି ସାରିଥିଲା । ଶୋଇବା ଶେଯରୁ ଚମକିଲା ଭଳି ଉଠି ଗଲା । ବାପା ଆସି ପାଖରେ ଠିଆ ହୋଇଛନ୍ତି । ତାଙ୍କ ମୁହଁ ବି ଭାରୀ ଭାରୀ ଦିଶୁଛି । ପ୍ରିୟବ୍ରତ କିଛି କହିବ ବୋଲି ବାପାଙ୍କୁ ଚାହିଁ ପୁଣି ଅଟକି ଗଲା । ଯେହେତୁ ବାପା ତାଙ୍କ ଆଡୁ ଆଗ ଆରମ୍ଭ କରିଥିଲେ କିଛି କଥା । ବାପା କହିଲେ - କଣ ଭାବୁଛୁ ? ଘନ ନାଉରୀ ତୋ ଉପରେ ଏତେ ଘାଟ ମାହାସୁଲ ବାକିଆ ରଖି ଚାଲିଗଲା । କେମିତି ଶୁଝିବୁ ? ତଥାପି ପ୍ରିୟବ୍ରତ ବୋକା ଭଳି ଖାଲି ବାପାଙ୍କୁ ଚାହିଁ ରହିଥିଲା । ବାପା ଗୋଟେ ନିଃଶ୍ୱାସ ଛାଡି ପୁଣି କହିଲେ – କାଲି ସେ ଯାହା କହିଗଲା, କଣ କିଛି ବୁଝି ପାରିଲୁ ନାହିଁ । ସେ ଯାହା କହିଥିଲା, ସେୟା କଲା । ଆଉ ତୋତେ ଆରପାରିକୁ ଛାଡିବାକୁ ରହିଲା ନାହିଁ । ତୁ ଡାକ୍ତର ହେଲୁ, ହେଲେ ତୋତେ ନଇ ପାର କରାଉଥିବା ଲୋକଟି ରୋଗରେ ପଡି ଚାଲିଗଲା । ଏମିତି ତା ଭଳି କେତେ କିଏ ବି ଚିକିତ୍ସା ଅଭାବରୁ ଚାଲିଯିବେ । ଗାଁଗଣ୍ଡାରୁ ରୋଗ ବଇରାଗ ଝାଡିବ କିଏ ?

ଏପର୍ଯ୍ୟନ୍ତ ଗୋଟାଏ ଅଡୁଆ ଚିନ୍ତାରେ ଘାଂଟି ହେଉଥିବା ପ୍ରିୟବ୍ରତ ସତେ ଯେମିତି ସବୁ ଗଣ୍ଠି ଫିଟେଇବାର ସୂତ୍ର ପାଇଗଲା । ତା ମୁହଁରୁ ଉଦାସର ଛାପ ସଙ୍ଗେ ସଙ୍ଗେ ଲିଭିଯାଇ ସତେଜ ଦିଶିଲା । ହଁ, ଘନ ମଉସା ଭଳି ତା ଗାଁର ଅନେକ ନିରୀହ ଓ ଅଭାବୀ ମଣିଷମାନଙ୍କର ସ୍ନେହ ମମତାର ମୂଲ୍ୟ ସେ କୌଣସି ଟଙ୍କା ପଇସା କି ଜିନିଷପତ୍ର ଦେବାର ବଡପଣ ଦେଖେଇ ଶୁଝି ପାରିବ ନାହିଁ । ଯେଉଁମାନେ ସେ ସଂସାରର ନଈକୁ ପାର ହେଉଥିଲା ବେଳେ ଘାଟ ପାଖରେ ଜଗି ବସୁଥିଲେ । ତାର ମଙ୍ଗଳ କାମନା କରୁଥିଲେ । ତା ଉପରେ ଢେର ବିଶ୍ୱାସ ଓ ଭରଷା ରଖିଥିଲେ । ଏବେ ସମୟ ଆସିଛି ସେମାନଙ୍କ ବିଶ୍ୱାସ, ଆଶା ଓ ସ୍ନେହ ମମତାକୁ ତୋଳି ଧରି ନିଜ ଭିତରେ ସାଇତି ରଖିବାର ।

ପ୍ରିୟବ୍ରତ ଶେଯରୁ ଉଠି ବାପାଙ୍କୁ କହିଲା ଘନ ମଉସା ଘରକୁ ଯିବା ପାଇଁ । ଗାଁ ଦାଣ୍ଡରେ ବାଟ ଚାଲୁଥିଲା ବେଳେ ପ୍ରିୟବ୍ରତ ଅନୁଭବ କରୁଥିଲା ତା ପାଦତଳର ଏଇ ମାଟି ହିଁ ତାର ଜୀବନ,ତାର ଅନ୍ୱେଷଣ ଓ ଏଇଠି ଅଛି ତା ଜୀବନର ପୂର୍ଣ୍ଣତା । ଏଇ ମାଟି ହିଁ ତା ପାଇଁ ସ୍ୱର୍ଗ ଓ ସାର୍ଥକର ପୃଥିବୀ । ସେ ଏହିଠାରୁ ହିଁ ତା ଡାକ୍ତରୀ ଜୀବନ ଆରମ୍ଭ କରିବ ଆଗାମୀ ଦିନ ଯାଏଁ । ଏତିକି ତ ଚାହୁଁଥିଲା ତା ଆପଣାର ଘନ ମଉସା ବାକିଆ ଘାଟ ମାହାସୁଲର ସୁଧମୂଳ ଆଦାୟ କରିବାକୁ ।

*କ୍ୱା.ନଂ. ଆଇ.ଭି. ୪୫/୧, ୟୁନିଟ – ୧,*
*ଭୁବନେଶ୍ୱର – ୭୫୧୦୦୯*
*ଦୂରଭାଷ: ୯୮୫୩୫୨୩୮୮୩*

**ପ୍ରକାଶ ପାଇଲା !** **ପ୍ରକାଶ ପାଇଲା !** **ପ୍ରକାଶ ପାଇଲା !**



# ସଜବାଜ

## ପଦ୍ମାଳୟା ପାଢ଼ୀ

– ଗ୍ରାଣ୍ଡ ମା ! ତୁମେ କେମିତି ସଜବାଜ ହେଉଥିଲ ତୁମ ସମୟରେ ? ଆମର ଏଠି ନା ରଜ ହେଉଛି ନା ଅନ୍ୟ କିଛି ଫେଷ୍ଟିଭାଲ।

ଦୁଇ ମାସ ପାଇଁ ଝିଅ ଘରକୁ ବିଦେଶ ଭ୍ରମଣରେ ଯାଇଥିବା ଅଜା ଆଇ ଅର୍ଥାତ କୃତ୍ତିକା ଓ ତାଙ୍କ ସ୍ୱାମୀ ରାଜେଶଙ୍କୁ ମଝିରେ ବସାଇ ନାତୁଣୀ ପଚାରୁଛି। ଛ ବର୍ଷର ଛୁଆଟା ଇଣ୍ଡିଆକୁ ଜମା ଦୁଇ ଥର ଆସିଛି ହେଲେ ସବୁ ଜାଣିବାରେ ମନ। ପର୍ବ ପର୍ବାଣି ବିଷୟରେ କହିବାକୁ ହେଲେ କୃତ୍ତିକାଙ୍କୁ ଆସେନାହିଁ କ'ଣ କହିବେ। ସକାଳୁ ସଞ୍ଜ ଯାଏଁ ତ କାମ ଚାଲିଥାଏ ନିଶ୍ୱାସ ନେବାକୁ ଫୁରୁସତ ମିଳେନି ଉପଭୋଗ ଆଉ କଣ କରିଥାନ୍ତେ। ତଥାପି ସେଥିରେ ଗୋଟେ ପ୍ରକାର ମଜା ଥାଏ ଯାହା ପରେ ପରେ ଆଉ ମିଳିଲା ନାହିଁ। ପିଠା ଛଣା ମଝିରେ ଚାହା ପିଆ ଏବଂ ରୋଷେଇ ମଝିରେ ମଝିରେ ଅତିଥି ଚର୍ଚ୍ଚା ତାଳ ଦେଇ ଚାଲିଥାଏ ଯେ କେତେବେଳେ ସକାଳ ଯାଇ ରାତି ହୁଏ ଜଣା ପଡ଼ନାହିଁ।

ଯେତେବେଳେ ସିଏ ରାଜେଶଙ୍କ ସହ ଶାଶୁ ଘର ଛାଡ଼ି ତାଙ୍କ ଚାକିରୀ ସ୍ଥଳକୁ ଗଲେ ସେତେବେଳେ କିନ୍ତୁ ପିଠା ପଣା ଭଲରେ ନ ଆସିଲେ ନାହିଁ ସଜବାଜରେ କୌଣସି ଊଣା ରଖି ନଥିଲେ। ପର୍ବଟିଏ ଆସିଲେ ସେଇ ଅନୁସାରେ ନିଜକୁ ପକ୍କା ସଜେଇବେ ହିଁ ସଜେଇବେ। ଝିଅ ପ୍ରିୟଙ୍କା ଓରଫ ପିଙ୍କିର ଜନ୍ମ ପରେ ବି ସେଇ ଅଭ୍ୟାସ ଜାରି ରହିଥିଲା। ତା' ଛଡ଼ା ସଜ ହେବାକୁ କାହାକୁ ବା ଭଲ ନ ଲାଗେ ? ପୁଣି ଝିଅ ପିଲା ହେଇ ସଜ ହେବନି ? ମା' ମାଉସୀ ମାନେ ଯାହା ଲଗାନ୍ତି କୃତ୍ତିକା ବି ସେଇ ସବୁ ପାଉଡର କ୍ରିମ୍ ଅଳତା ଟିକିଲିକୁ ହିଁ ସୌନ୍ଦର୍ଯ୍ୟର ସାମଗ୍ରୀ ବୋଲି ଭାବୁଥିଲେ। ପାର୍ଲର ମାନ ଗଳି କନ୍ଦିରେ ଖୋଲି ସଜବାଜର ସଂଜ୍ଞାକୁ ବି ବଦଳାଇ ଦେଲେ ଧୀରେ ଧୀରେ।

ଏଇ ପାର୍ଲରକୁ ନେଇ ଗୋଟେ ମଜା କଥା ଏବେ ବି ମନେ ଅଛି। ପିଙ୍କିକୁ ସେତେବେଳେ ପାଞ୍ଚ ବର୍ଷ ହେଇଥିବ ସେଥର ରଜକୁ ସେ ପଡୋଶୀ ରିଟା ଆଣ୍ଟିଙ୍କ ସହ ବାହାରିଲେ ପାର୍ଲର। ରାଜେଶ କିନ୍ତୁ କୃତ୍ରିମ ସୌନ୍ଦର୍ଯ୍ୟକୁ ପସନ୍ଦ କରନ୍ତି ନାହିଁ। ତାଙ୍କ ମତରେ ତୁମେ ପ୍ରକୃତରେ ଯେଉଁଭଳି ମୋତେ ସେଇଭଳି ହିଁ ଦରକାର ଏତେ ସବୁ କୃତ୍ରିମତାର ପ୍ରୟୋଜନ ନାହିଁ। ତେବେ ବି କୃତ୍ତିକା ମାନନ୍ତି ନାହିଁ। ଭଲ ଲାଗେ ତାଙ୍କୁ ସଜେଇ ହେବା ପାଇଁ ଏବଂ ନିଜ ମୁହଁ ନିଜେ ବାରମ୍ବାର ଦର୍ପଣରେ ଦେଖିବା ପାଇଁ। ଆଉ କାହା ପାଇଁ ନ ହେଉ ହେଲେ ନିଜେ ଟିକେ ଖୁସି ହେବା ପାଇଁ ତ ପୁଣି ବାହାନାଟିଏ ଦରକାର ନା ? ସେଦିନ ବି ପାର୍ଲର ଯିବାକୁ ଥାଏ ଆସନ୍ତାକାଲି ପହିଲି ରଜ ପରା। ପୁଣି ଥରେ ଝିଅ ହେଇ ଯିବାକୁ ମନ ହେଉଥାଏ ତାଙ୍କର। କଥା ଥାଏ ପାର୍ଲର କାମ ସାରି ଆଇନକ୍ସରେ ଆଣ୍ଟିଙ୍କ ସହିତ ଗୋଟେ ମୁଭି ଦେଖି ଆସିବେ। ସେଦିନ ରବିବାର ଏବଂ ରାଜେଶଙ୍କର କ୍ରିକେଟ ଭଲ ତ ସିଏ ଭଲ। ରାଜେଶ ପ୍ରବଳ ଭାବେ ବାସ୍ତବବାଦୀ। ମୁଭିର ରଙ୍ଗ ବେରଙ୍ଗ କଳ୍ପନାର ଦୁନିଆରେ ସିଏ କୃତ୍ତିକାଙ୍କ ଭଳି ହଜି ଯିବାକୁ ଚାହାଁନ୍ତି ନାହିଁ। ସେ ଯାହା ହେଉ କୃତ୍ତିକା ଏବଂ ରିଟା ବାହାରିଲା ବେଳକୁ ପୂର୍ବରୁ ବାପାଙ୍କ ପାଖେ ଆରାମରେ ଗେଲ ହୋଇ ଅନେକ ଥର ରହିଥିବା ପିଙ୍କି ଗୋଡ଼ ହାତ କଚାଡି ଜିଦ୍ କଲା ସାଙ୍ଗରେ ଯିବ ବୋଲି। ରିଟା ଆଣ୍ଟି କହିଲେ ହଉ ଚାଲୁ ପିଲାଟା ଯିବ ବୋଲି ମନ କରୁଛି ଯଦି ଆସୁ।

ସେମାନେ ପ୍ରଥମେ ଗଲେ ପାର୍ଲରକୁ। ରିଟା ଆଣ୍ଟି ଖାଲି ଚୁଟି ଟିକେ ସାଇଜ କଲେ କିନ୍ତୁ କୃତ୍ତିକାଙ୍କୁ ଅନେକ କିଛି କରିବାକୁ ଥିଲା କାରଣ ଅନେକ ଦିନ ପରେ ଆସିଥାନ୍ତି। ଆଇ ବ୍ରୋ କରିବେ ଏବଂ ଫେସିଆଲ ବି। ରିଟା ଆଣ୍ଟିଙ୍କ ସରିବା ପରେ ଯେତେବେଳେ ପାର୍ଲର ଝିଅଟି କୃତ୍ତିକାଙ୍କୁ ଥ୍ରେଡିଙ୍ଗ କରିବାକୁ ଆରମ୍ଭ କଲା ପିଙ୍କି ରିଟା ଆଣ୍ଟିଙ୍କୁ ଛାଡ଼ି ମୁଁ ବି କରିବି କରିବି ବୋଲି ରଡ଼ି ଛାଡ଼ି କାନ୍ଦିଲା। ରିଟା ଆଣ୍ଟି କହିଲେ ଚାଲ ଆମେ ଯାଇ ମଲ୍‌ରୁ ଘେରାଏ ବୁଲି ଆସିବା। ପିଙ୍କି କିନ୍ତୁ ନାହିଁ ମୁଁ ମାଆକୁ ଛାଡ଼ି କୁଆଡ଼େ ଯିବିନାହିଁ। ମାଆର ଯାହା ଯାହା ହେବ ମୋର ବି ସେଇ ସବୁ ହେବାକୁ ହେବ।

ଏଡ଼େ ପାଟି ଶୁଣି ଅନ୍ୟ ଗ୍ରାହକମାନେ ବି ଉଠି ଆସି ଦେଖିଲେ। କୃତ୍ତିକା କହିଲେ ଥାଉ ମୁଁ ଆଉ କେବେ ଆସିବି ଚାଲ ଆଣ୍ଟି ଆମେ ଯିବା ଚାଲ।

– ଆରେ ନା ନା! ସେମିତି କେମିତି ହେବ। କାଲି ପରା ପହିଲି ରଜ ? ତୁ ଏଠିକି ଆସିଲା ପରେ କିଛି ନକରି କେମିତି ଫେରିଯିବୁ ଲୋ ? ମୁଁ ଝିଅକୁ ସମ୍ଭାଳିବି ତୁ ବ୍ୟସ୍ତ ହଅ ନା।

– ନାହିଁ ଆଣ୍ଟି ଇଏ ଏତେ ଜିଦ୍ କରୁଛି ଯେ ଅନ୍ୟ ସ୍ତ୍ରୀ ଲୋକ ମାନେ କେମିତି ଚାହୁଁଛନ୍ତି ଦେଖୁନ।

ଆଣ୍ଟି କିନ୍ତୁ କୌଣସି ମତେ ରାଜି ହୋଇ ନଥିଲେ ଫେରିବା ପାଇଁ। ପିଙ୍କିକୁ ନେଇ ମଲ ଆଡ଼େ ଘେରାଏ ବୁଲେଇ ଆଣିବାକୁ ବାହାରିଲେ। ପାର୍ଲରର ଝିଅଟି କିନ୍ତୁ ହଠାତ ପାଟି କରି ଉଠିଲା ୟୁରେକା ! ୟୁରେକା ! ଆପଣ ମାନେ କେହି କୁଆଡ଼େ ଯିବା ଦରକାର ନାହିଁ। ବସନ୍ତୁ ଏଠି।

– ଗୁଡ଼ିଆ ରାଣୀ! ମାମାଙ୍କର ଆଗେ ସାରିଦିଏ ତା' ପରେ ତୁମର ଆରମ୍ଭ ହେବ। ତୁମର ଧୀରେ ଧୀରେ ଭଲରେ ଭଲ କ୍ରିମ ଦେଇ କରିବି ନା ସେଥିପାଇଁ।

ପିଙ୍କି ଏକାବେଳକେ ଚୁପ୍ ଆଉ ସୋର ଶବ୍ଦ ଶୁଭୁ ନଥିଲା। କୃତ୍ତିକା ତର ତର ହୋଇ ଯାହି ତାହି କାମ ସାରିଲେ ଏବଂ ପିଙ୍କିର ଆରମ୍ଭ ହେଲା ସୌନ୍ଦର୍ଯ୍ୟକରଣ।

– ମାନେ ମାମା ସତରେ ? ମୋର ସ୍କିନ ତ ଖରାପ ହେଇ ଯାଇଥିବ ?

– ଗ୍ରାଣ୍ଡ ମା'!! ମମି କେମିତି ଦିଶୁଥିଲା ? ବେଶୀ ସୁନ୍ଦର ଦିଶୁଥିବ ତ ? ମାନେ ତୁମ ଠାରୁ ବି ଅଧିକ ?

– କଣ କରାହେଲା ଶୁଣିବୁ ? ଫ୍ରିଜରୁ ଥଣ୍ଡା ପାଣି ବାହାର କରି ପିଙ୍କିର ମୁହଁରେ ଟୋପାଏ ଟୋପାଏ ଲଗେଇ ଦେଲା ଝିଅଟି। ପିଙ୍କିର ଖୁସି ଦେଖେ କିଏ ଓ ସିଏ ବି ତା' ମାମା ଭଳି ଆଜି ସଜ ହେଉଛି। ସେଠୁ ଆଇ ବ୍ରୋ କରିବା ପାଇଁ ଝିଅଟା ପୁଣି ସୂତାଟିଏ ଆଣି ପିଙ୍କିର କପାଳରେ ଘଷିବାକୁ ଲାଗିଲା। ପ୍ରଥମରୁ କହି ଦେଇଥାଏ ଗୁଡ଼ିଆ ରାଣୀ ତୁମକୁ ଆରମ୍ଭରୁ ଶେଷ ଯାଏଁ ଆଖି ବନ୍ଦ କରି ବସିବାକୁ ହେବ ପାରିବ ତ ? ପିଙ୍କି ବହୁତ ଜୋରରେ ହଁ ମାରିଥାଏ ଓ ସିଏ ତ ତା' ମାମା ଭଳି ଦିଶିବ ଆଜି ତେଣୁ ଯାହା କଷ୍ଟ ହେଲେ

ବି ଚଳିବ। କ୍ରିମ ଟିକେ ହାତରେ ଘଷି ଆଣି ଆଣି ପିଙ୍କିର ନାକ ପାଖେ ଶୁଂଘେଇ ଦେଇ କହିଲା ଦେଖ ପିଙ୍କି ମାମା କେତେ ବାସ୍ନା ଦେଖ ତ ଓ ପିଙ୍କି ସେଠୁ କହିଲା ହଁ ଆଣ୍ଟି ମୋର ଏଇ କ୍ରିମ ଲାଗିବ ଓ ପାଣି ଟିକିଏ ଆଣି ଝିଅଟା ପିଙ୍କିର ମୁହଁରେ କ୍ରିମ ବୋଲି କହି ପୁଣି ଘଷିଲା। ପିଙ୍କି ଦର୍ପଣ ଗୋଟେ ହାତରେ ଭିଡ଼ିକି ଧରି ବସିଥାଏ କ'ଣ ନା କାମ ସରିଲେ ଦେଖିବ ଯେ ସିଏ କେମିତି ଦିଶୁଛି।

– ମାମା ? ମୁଁ କିଛି ଜାଣି ପାରୁ ନଥିଲି ? ଖାଲି ପାଣି ଲଗାଇ ଠକୁଛି ବୋଲି ଜାଣି ପାରିଲିନି ?

– ତୋତେ ତ କୁହା ହେଇଥିଲା ଆଖି ବନ୍ଦ କରି ବସିବା ପାଇଁ ମୋ ଭଳି। ଜାଣିବାର ମୌକା କେତେବେଳେ ଦିଆ ଯାଇଥିଲା କି ତୋତେ ?

ପିଙ୍କି ଏତେ ଜୋରରେ ହସୁଥିଲା ଯେ ନିଜକୁ ରୋକି ପାରୁ ନଥିଲା ଜମା।

– ମାମା ! ମୋତେ ଚିଟିଂ କରା ହେଇଛି।

– କିନ୍ତୁ ସେଦିନ ତୁ କେତେ ଖୁସି ଥିଲୁ ଯେ ? ଝିଅର ଖୋଲା ହସ ଦେଖିଲେ କୋଉ ମା' ଖୁସି ନହେବ କହିଲୁ ?

– ହେଲା ଯେ କିନ୍ତୁ ତୋ ନାତୁଣୀ ତ ସବୁ ଶୁଣି ସାରିଲାଣି। ସେ ମେଡ଼ିସିନ ଏଇନେ ତା ପାଇଁ ଲାଗୁ ହେଇ ପାରିବ ନାହିଁ।

*ପୋଷ୍ଟାଲ ଆସିଷ୍ଟାଣ୍ଟ*
*ହେଡ଼ ପୋଷ୍ଟ ଅଫିସ ବିଲଡିଂ,*
*ପୁରୁଣା ବସ୍‌ଷ୍ଟାଣ୍ଡ, ବ୍ରହ୍ମପୁର*
*ଗଞ୍ଜାମ – ୭୬୦୦୦୧*
*ଦୂରଭାଷ: ୯୪୩୭୩ ୭୫୫୦୧*



କବିତା

ଆଦ୍ୟ ନିଳୟ

# ଉଭାସ

**ଅମରେଶ ପଟ୍ଟନାୟକ**

ଯା' କରିଛ କରୁଛ... କରୁଛୁ...!

ମାୟାରୁ ମୁକୁଳି ପାରିଲେ ହିଁ
ମୁକ୍ତି...!

ମାୟା କ'ଣ ମୁକ୍ତି କ'ଣ...
ମୂଲିଆ ଋଷୀ ପାଇଁ ଫରକ କ'ଣ
ହୋଇପାରେ ସତ ହୋଇପାରେ ଭ୍ରାନ୍ତି...!

ଦିଗ ଦିଗନ୍ତ
ଧୂ ଧୂ ଖରାତାତି
ସୁବିସ୍ତୀର୍ଣ୍ଣ ଉଗର ପ୍ରାନ୍ତର...

ଟୋପାଏ ପାଣି ପାଇଁ
ପଶୁ ପ୍ରାଣୀ ବୃକ୍ଷଲତା
କିପରି ବିବର୍ଣ୍ଣ...!

କଣିକାଏ ଅଶ୍ରୁରେ
ତର୍ପଣ କେବଳ ଆପାତତ...!

ସହି ସମ୍ଭାଳି ଭୋଗିବା ହିଁ
ମଧ୍ୟବିତ୍ତ ସାଧାରଣ...
ଏ ମହାର୍ଘ ଆୟୁଷ...!

ପ୍ରବଚନ ସନ୍ଥ ବଚନ...
କ୍ଷଣିକର ଶ୍ୱାସ ତ...
ଏ ମହାବିଶ୍ୱ...!

ଭୋଗ ହେଉ ଯାହାର ଯେତିକି ଯେପରି
ଯଶ ଅପଯଶ
ରସ ରାସ ଶସ୍ୟ....!

ଆବାହନ ଅବଗୁଣ୍ଠନ ସନ୍ନିଧାନ... ଅନ୍ତର୍ଲିନ...!
ରୁ ଉଭାସ ସର୍ବସ୍ୱ...!

ନିଃସ୍ୱ ହିଁ ଜିଣିପାରେ
ଭେଦାଭେଦ... ଅଦୃଷ୍ଟ ରହସ୍ୟ!

# ଦଶାନନ

**ଡଃ. ଗୋପବନ୍ଧୁ ଦାଶ**

ମୁଁ ଯାହା ଏବେ ହେଇଛି
ତାହା ହେବାକୁ ବହୁ କଷ୍ଟ କରିଛି
ଯେତେ ଭଲଭାବେ ହାତ
ତମେ ଧୋଇଲେ ବି
ସେ ହାତ ହାତ ହିଁ ରହିବ
ଯହିଁରେ ମତେ ଖଣ୍ଡ ବିଖଣ୍ଡିତ
କରିଥିଲ।
ତଥାପି ଦେଖି ପାରୁଛି ମୁଁ
ତମ ହିଂସ୍ର ନଖ ସନ୍ଧିରେ
ମୋର ପ୍ରେତର ଟୁକୁରା।
ତାକୁ ଆଉ ମୋ ପାଖ ମାଡ଼ିବାକୁ
ଦେବିନି
ଆଲୁଅ ଦେଖିନି
ତମ କାଳିମାମୟ ଆତ୍ମା
ଅଶୁଭ ଶାଗୁଣା ଦଳ,
କାନ୍ଦ ମୋର ଶୁଣିପାରିଲନି,
ଅଧା-ମରା ପୃଥିବୀ ବି ଥିଲା
ଅନ୍ଧ ଆଉ ବଧିର
ଦୁଃଖ ଲାଗେ -
ମୁଁ ଖାଲି ଗୋଟେ
ପରିସଂଖ୍ୟାନ ମାତ୍ର
ଆହୁରି ବି ଦୁଃଖଲାଗେ -
ତମେ ଯେଉଁ ହାତରେ ମତେ
ଚିରି ଦେଇଥିଲ, ସେହି ହାତ
ଯୋଡ଼ି ପ୍ରାର୍ଥନା କରୁଛ
ଈଶ୍ୱରଙ୍କ ପାଖରେ!

# ନଈପାରି

**ଡକ୍ଟର ନାରାୟଣ ପଣ୍ଡା**

ପହଁରି ନଜାଣି
ବଢ଼ିଲା ନଈରେ ମେଲି ଦେଇଚି ଡଂଗା
ସୁଅର ପ୍ରତିକୂଳରେ।
ପାଣିଭଉଁରୀ ଭିତରେ
ଚକପରି ଘୁରୁଚି ନାଗାଦଳ।
ଅଗାଧ ଜଳ
ଦୂରରୁ ବାରି ହେଉନି ଥଳକୂଳ।

ଜଳପଥ ବିପଦସଂକୁଳ
ବୋଧର ବାହାରେ
ବିଧାତାର ଖେଳ।
ସଳଖିଲା ବେଳକୁ ମଂଗ
ମୁଣ୍ଡ ଟେକିଚି ଘଡ଼ିଆଳ।

ଡଂଗା ଆହୁଲା
ଦଦରା ନାଆ
ପୁବେଇ ଉଠାଣ ମେଘ
ଦକ୍ଷୀଣି ବାଆ
ପଝାରିଙ୍କୁ କରେ ଛାନିଆଁ।

ନଈଛାତିରେ
ଚିଲାମାରୁଚି ସୁକୁମାର ମାଛରଂକା
ପାଣିଫଟକି ଯାଏ ସାହାସ
ଛାତିରେ ପଶିଯାଏ ଦକା।

ପବନ ନିଃଶ୍ୱାସରେ
ଦୋହଲିଯାଏ ଡଂଗା
ଜୀବନର ଚଲାପଥରେ
ବିଶ୍ୱାସ ମହଙ୍ଗା।

*ବଉଳପଦା, ବଳରାମପୁର, ଆଠଗଡ଼, କଟକ*
*ପିନ୍-୭୫୪୨୯୫*



# ପାଉଁଶଗଦା

ପିନାକୀ ମିଶ୍ର

ଆଶ୍ଚର୍ଯ୍ୟ ହେବାର କିଛି ନାହିଁ
ଯୁଦ୍ଧ – ଏକ ଆଦିମ ପ୍ରବୃତ୍ତି
ହାତଗଢ଼ା ତ୍ରୁଟିର ନିଷ୍ପତ୍ତି, କ୍ଷତି ହିଁ ପରିଣତି ।

ଗଛମୂଳକୁ କୁରାଢ଼ୀମାଡ଼
ଛାତି ଉପରେ ଠିଆନାଚ
ଆଖିରେ ଅହେତୁକ ବିଷ
କୁହୁଳାକ୍ରୋଧର ତାଣ୍ଡବ,
ମଣିଷଠି ଏ ସବୁ ସମ୍ଭବ
ଶ୍ରେଷ୍ଠଜୀବ, ଅଂକୁଶ ରଖୁନି ଜମା
ନିଃଶେଷ କରିଦେବ କି ତରୁଦୁବ !

ଆଉ ଗାରେ କଳଂକ ବସୁଧାଛାତିରେ
ଆଉ ଧାରେ ଲୁହ ଅତିଷ୍ଠ ତାଡ଼ନାରେ
ଆଉ ଏକ ଶୂନ୍ୟତା,
ଜୀବନନଈ ଛେକିହେଲା ପରେ ।

ଆକାଶ, ପେଟରେ ବୋହିଛି ଯାବତ ବିଷଧୂଆଁ
ଅଶାନ୍ତ ବିଜୁଳି କଳାଘୁମ
କେବେ ତ କେବେ ଫୁଲିବ ସୁନାମି ।

ରତୁକଥା ପଚାରନି ଆଉ
ବାସନ୍ତୀ ପୋଡ଼ାବଉଳ ଶେଯରେ ଶୋଇଥାଉ ।

କ୍ଷତି କଲିଲେ ମିଳିବ କ'ଣ !
ଧର୍ମକ୍ଷେତ୍ରରେ ସିନା ହତ୍ୟା ପାପ ନୁହେଁ,
ତା'ବୋଲି ଦେଶଦେଶ ଭିତରେ
ଉନ୍ମାଦ ଲଢ଼େଇ, ଥରହର ନିରୀହଜନତା
କାନ୍ଦ, କୁହାଟ, ଆକୁଳତା – ସବୁ କି ବ୍ୟର୍ଥ
କୋଉ ଗଡ଼ ଜିଣୁଛ ହେ ବିଶ୍ୱବିଜେତା ! !

ଶୂନ୍ୟହାତ ତଳକୁ ଝୁଲେଇ
ଯିବାର ଦେଖିନ କି ବାଜିଗରକୁ,
ସେଦିନ ଇତିହାସ ବି ହତବାକ୍ ଥିଲା ।

କୁନିପୁଅର ଛାତିରେ ଲୁହ ବତୁରୁଥାଉ,
ଟେକି ହଉନି ଆଖି, ଛଅାଣଭୟ,
ସୀମାରେଖାରେ ମୁକୁଳିବାକୁ ଭିଡ଼
ନିଜ ଘରେ ବି ଆଜି କେତେ ଡର ସତେ ! !
ରାସ୍ତାଧାରେ ପଡ଼ିଛି ପ୍ରଣୟିନୀ
ପୁରୁଷାର୍ଥର ଘନଘନ ପରାଜୟ,
ଦେଶପ୍ରୀତିର ଦାୟରେ ମରଣ ଶ୍ରେୟ ଯେ'
ବାଘୁଆଜଂଗଲରେ କେମିତି ମାଟିପୁଅ
ଠିଆହେବ ?

କାମକ୍ରୋଧର ନିଆଁ, ଛାରଖାର୍ କଲାଣି ଦୁନିଆଁ
ପାଣିତଳ ମାଛ କେମିତି ଥିବ କେଜାଣି ?
ଗାତରୁ ବି ଦୁର୍ଗନ୍ଧ ଆସିବ ମୂଷା ମାନଙ୍କର,
ନାରଖାର୍ ଦେଶର ପାଉଁଶଗଦାରେ
ପବନ ବି ଦୁଲ୍ କରିବ
ମଣିଷ କଳାକର୍ମର ତୀବ୍ର ଦରଜରେ ।

*"ଶୂନ୍ୟନୀଳ", ଚର୍ଚ୍ଚ ପାଖ, ଜେଲ୍ ରୋଡ଼,*
*କେନ୍ଦୁଝର*
*ଦୂରଭାଷ: ୯୪୩୮୧୧୮୩୯୭*

# ସ୍ମୃତି ସଦା ମଧୁଝରା

ମନୋଜ ମହାନ୍ତି

ସ୍ମୃତି ସଦା ମଧୁଝରା
ଝରା ବଉଳର ସଉରଭ ସମ
ସେ ତ ଗନ୍ଧଟେ ଅପାଶୋରା ।।

ସେ ମୋ ଶାମୁକା ଭିତରେ ଦାମୀ ମୋତି
ସେ ମୋ ଚିହ୍ନା ଚିହ୍ନା ମିଠା ଜହ୍ନରାତି
ଜୀବନବୀଣାର ମଧୁର ଝଙ୍କାର
ସାତସୁରେ ସିଏ ଭରା
ସ୍ମୃତି ସଦା ମଧୁଝରା ।।

ସେ ମୋ ଦୂର ବନାନୀର ମହୁଫେଣା
ସେ ମୋ ସବୁରି ଭିତରେ ଅତି ଜଣା
ସାଗର ବୁକୁରେ ବତୀଘରଟିଏ
ନୀଳ ନୀଳ ଢେଉମାଳା
ସ୍ମୃତି ସଦା ମଧୁଝରା ।।

ସେ ମୋ ଅଫେରା ଦିନର ଫୁଲ ଗାଆଁ
ସେ ମୋ ଜୀଇଁବାର ପୁଣି ଆନ ନାଆଁ
ଅଂଧାର ରାତିରେ ଦୀପ ଶିଖାଟିଏ
ମିଠା ଅନୁଭବ ପରା
ସ୍ମୃତି ସଦା ମଧୁଝରା ।।

*ଶତାବ୍ଦୀ ନଗର, ଭୁବନେଶ୍ୱର-୩*
*ଦୂରଭାଷ: ୯୪୩୮୭୭୧୮୮୦*

# ଶେଷ ସମୟ

ସଦାଶିବ ଦାଶ

ଆଉ କେତୋଟି ପୃଷ୍ଠା ଲେଖାଗଲା ପରେ...
ହାତରୁ ଖସି ପଡ଼ିଥିବ ଲେଖିବାର ବୟସ !
ମନର ମେଘଭରା ବଉଦରୁ,
ସମ୍ଭାବନା ନଥିବ ଶବ୍ଦ ବର୍ଷାର
ଜୀବନ ଚକ୍ ଖଡ଼ିର ଗାରପରି
ଲିଭୁଥିବ ସମୟ ସିଲଟରୁ;
ଇୟେତ ଜଣେ ସାଧାରଣ ସ୍ରଷ୍ଟାର ଅଜବ
ଚଲାପଥ ।

ବହୁତ ଯନ୍ତ୍ରଣା ଦାୟକ ନିଜ
ପରିଚିତ ପୃଥିବୀରୁ
ଧିରେ ଧିରେ ଅଲୋଡ଼ା, ଅଖୋଜା
ଅଦରକାରୀ ହୋଇଯିବ ।
ଲୋଟା କୋଟା ଜୀବନର ଅଷ୍ଟବକ୍ର
ଜୀବନ ଯାତ୍ରାରେ
କାହା କଥା ଲେଖି ହୋଇଯାଏ
ଯାହା କିଛି ଭୁଲିହୁଏ ନାହିଁ ।
ନିଦାଘ ଠାରୁ କଠୋର,
ଝଡ଼ ବଜ୍ର ଠାରୁ ମହା ଭୟଙ୍କର ।
ଅଂଧାର ଠାରୁ ଆଶଂକାଗ୍ରସ୍ତ,
ଜୀବନର ଏଇ ସାୟଂକାଳ
ମଂଦିରରେ ସଂଧ୍ୟା ଆଳତୀ ପରି
ସାମୟିକ ଆଲୋକମୟ ।

ସମୟ ଆଗରେ ଜୀବନ କହି ଚାଲିଥାଏ
ମିଛ ସତର ଅପାଶୋରା କାହାଣୀ ମାଳା:
ଚାରିଆଡ଼େ ଜମିଥାଏ
ଅଣସର କୁହୁଡ଼ିର ଧୂମିଳତା
ଜୀବନର ବାର ଗଗୁଲିଆ ଗପକୁ
ସମୟ କ'ଣ ମନେରଖେ
ଗପ ଶୁଣି ଶୁଣି ହାଲିଆ ହୋଇଯାଏ
ତାର ଦହଗଂଜ ଇଚ୍ଛାଶକ୍ତି ।

ନଈପାଣି ନଈରେ ବହିଲା ପରି ବହି ଚାଲିଥାଏ ।
ସମସ୍ତଙ୍କ ଧାରଣା କୁଆଡ଼େ ଜଣେ ଚିତ୍ରଗୁପ୍ତ ଅଛି
ସେ ସବୁ ପାପପୁଣ୍ୟକୁ ଲେଖି ସମୟକୁ କୁହେ ।
ୟେ ସବୁ ଜୀବନର
ଭୋଜବାଜୀ ଖେଳ ନୁହେଁ ତ ଆଉ କ'ଣ ?

ଆରମ୍ଭ ଠାରୁ ଗଣାଯାଏ ମହୀରେ
କେତେ ଦିନ ରାଜୁତି କଲା ମଣିଷ,
ଅଧା ବେଳ ଶୋଇବାରେ ତ'

ଚଉଠ ବିତିଗଲା ନିତ୍ୟକ୍ରମରେ
ଠାଆକୁ ଠାଆ ବୁଲିବା, ପେଟ ଚାଖଣ୍ଡକ ପୋଷିବା
ସେଥିରେ ପୁଣି ଛୁଆଜନ୍ମ ଲାଳନ ପାଳନ, ସୁଖ ଦୁଃଖ
ବିତିଗଲା ଚଲାପାଣି ପରି କେତେ,
ମିଛ, ସକାଳ ଠୁ ସଂଜ।
କ'ଣ ପାଇଁ ଏମିତି ଜନ୍ମନ୍ତି
ଲୋକ ପରେ ଲୋକ।
ଶେଷ ସମୟକୁ କିଛି ନଥାଏ, ନା ଥାଏ ଇତିହାସ
ପୃଥିବୀ ଘୁରିବା ଭଳି ଘୁରୁଥାଏ ଜୀବନର ଚକ୍ର।

*ବଟେଶ୍ୱର / ସାଲେପୁର, କଟକ-୭୫୪୨୦୨*
*ଦୂରଭାଷ: ୮୨୮୦୧୩୩୭୧୨*

# ଧିରେ ଧିରେ ଚଢ଼ ବାଇଶି ପାହାଚ

**ଅୟସ୍‌କାନ୍ତ**

ଧିରେ ଧିରେ ଚଢ଼
ହେ' ବୁଢ଼ା ବୟସ।
ପାଦ ପାଖେ ମୟୂର
ଚୂଳରେ ତ ପୁଚ୍ଛ!

ଭଲପାଏ ଦୁଇଟି ଜୀବନ ପ୍ରେମିକ
ନଜାଣି ନଶୁଣି
କିଛି ଆଗପଛ
ଧିରେ ଧିରେ ଚଢ଼ ବାଇଶି ପାହାଚ!

ପାଉଁଶ ପାହାଡ଼, ବିଷଝରା ନଈ
ପାହାଡ଼ ସେପାଖେ ଫୁଟେ କଳାକଇଁ
କଇଁ ତୋଳୁ ତୋଳୁ ଜଳେ ଯଦି ଜୁଇ
ଯୁଇଫୁଲ ପରା ପ୍ରେମ ଅପହଞ୍ଚ
ଧିରେ ଧିରେ ଚଢ଼ ବାଇଶି ପାହାଚ!

ହେଇ ଉଜାଗର
ଜଳର ଜାଗର
ଆଖିକୁ ପୁଛଇ ଆଖି ପୁଅ ମୋର
ଶ୍ରାବଣରେ ଶୁଣ ମିଛ କୁହୁତାନ
ବୁଢ଼ା ହୋଇଗଲ ବାପା ତମେ ମୋର
ଛଳେଇ କହୁଛ, ଏ ଯେ ମଧୁମାସ
ଧିରେ ଧିରେ ଚଢ଼ ହେ' ବୁଢ଼ା ବୟସ!

ଜୀବନର 'ସାରେଗାମା' ଶୁଣି ଶୁଣି
ଭାବୁଚି ଏବେ ମୁଁ ନେବି ତ ମେଲାଣି
ତଥାପି ଝରଇ କବିତା କାହାଣୀ
କଲମ ପଟ୍ଟରେ ତମେ କି ବଞ୍ଚଛ ?
ଧିରେ ଧିରେ ଚଢ଼ ବାଇଶି ପାହାଚ!!!

*ଗ୍ରାମ୍ୟ ନିର୍ମାଣ ଉପବିଭାଗ,*
*ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*
*ଦୂରଭାଷ: ୮୭୬୩୩୯୩୧୧୬*

# ଠିକଣା

**ପ୍ରଫେସର ଅରୁଣ ଚନ୍ଦ୍ର ସାହୁ**

ବସିବା ଅପେକ୍ଷା କାଶିବା ଭଲ।
ଘରେ ଆଉ ତୁଚ୍ଛାଟାରେ ନ ବସି
ବାହାରିଲି ମୁଁ ଗୋଟିଏ ଗୋଟିଏ ଚାଲି ଚାଲି
ଆଉ କିଛି ନ ଭାବି, ନ ଶୁଣି
ହାତରେ ଧଳା ଛତା
ଗୋଡ଼ରେ କଳା ଯୋତା
ଅଲେଖା କାଗଜ ଓ କଲମ ରଖି
ଛାତି ପକେଟରେ ଯାହାର ଗୋଟିଏ ପଟୁ
ଛିଣ୍ଡି ଯାଇଥିଲା କିଛି ସୂତା।

କେତେ ବାଟ ଖାଲଖମା ନ ମାନି
ଗଲାପରେ ମନକୁ ଡୁକିଲା ହଠାତ୍
ତମ ଘରକୁ ଯିବି, ଯେଉଁ ଘରକୁ ମୁଁ
ବହୁ ବର୍ଷ ହେଲା ଯାଇ ନାହିଁ କି
ତମ ସହ ଆଦୌ ହୋଇନି ଦେଖା ସାକ୍ଷାତ,
ପୂର୍ବର କେତେକେତେ ଘଟଣା ଅଘଟଣମାନଙ୍କ
ମଧୁର ତିକ୍ତ ସ୍ମୃତିସବୁକୁ
ପୁଣି ଥରେ ଉଖାରିବାକୁ
ତମ ଘରକୁ ଯିବା ପାଇଁ ସ୍ଥିର ନିଷ୍ପତ୍ତି
କଲାବେଳକୁ ମନେପଡୁନାହିଁ ଜମାରୁ
ତମ ଘରର ଠିକଣା ଯେଉଁ ଠିକଣାରେ
ମୁଁ ଅନେକବାର ଯାଇଥିଲି
ନିଃସଙ୍କୋଚରେ, ନିର୍ଭୟରେ, ରୋମାଞ୍ଚରେ
ଯାହା ଏଇ କେଇ ବର୍ଷ ଭିତରେ
କିପରି ମୁଁ ଭୁଲିଯାଉଛି ସେ
ଆପଣାପଣର ଠିକଣା ଯେ
ମୋତେ ଲାଗୁଚି ଆଶ୍ଚର୍ଯ୍ୟ ଚକିତ।

ବାଟରେ ଜଣେ କ'ଣ ଗୁଣୁଗୁଣୁ
ଗୀତ ବୋଲି ବୋଲି ଯାଉଥିବା ଲୋକକୁ ପଚାରିଲି
ତମ ଘରର ଠିକଣା ଯେ ସେ ଗୁଣୁଗୁଣୁ ସ୍ୱରରେ
କହିଲା - ଏପରି ଠିକଣା ମୁଁ ଆଦୌ
ଜାଣିନାହିଁ ଏଇ ଖଣ୍ଡମଣ୍ଡଳରେ।
ଥର ଥର ହୋଇ ଯାଉଥିବା ଜଣେ ଲୋକକୁ
ପଚାରିବାରୁ ସେ କହିଲା - କେମିତିଆ ଲୋକଟେ ମ
କାହାର ଠିକଣା ନ ଜାଣି ସଠିକ୍ ଭାବରେ
ଘୁରିବୁଲୁଛ କାହିଁକି ଏପରି ବାଟ ଅବାଟରେ ?
ତାପରେ ମୋର ଆଉ ଇଚ୍ଛା ହେଲାନି
କାହାକୁ ପଚାରିବାକୁ ତମର ଠିକଣା
ଭାବିଲି ଛାଡ଼, ଆଉ ତମ ସହ
ଦେଖା ହୋଇପାରିବନି ଯେବେ ଏବେ ନୁହେଁ
ତେବେ କେଉଁ ନୁହେଁ
କି ଏ ଜନ୍ମରେ ନୁହେଁ !
ସେଇଠୁ ମୁଁ ମୋ ଘରକୁ ଫେରିବାକୁ
ବାହାରିଲା ବେଳେ ପୁରାପୁରି ଭୁଲି ଯାଇଥିଲି
ଖୋଦ୍ ମୋ ନିଜ ଘରର ଠିକଣା॥

*ଅବସରପ୍ରାପ୍ତ ପ୍ରଫେସର*
*ଅନ୍ୱେଷଣ, ୫୨/୨,*
*ଭାଗବତ ସନ୍ଧାନ କଲୋନୀ,*
*ଜି.ଜି.ପି., ଭୁବନେଶ୍ୱର-୭୫୧୦୨୫*
*ଦୂରଭାଷ: ୮୨୪୯୦୭୯୦୮୪*

# ଭାବ ଅଭାବ

**ରମେଶ ଚନ୍ଦ୍ର ସାହୁ**

ନିଃଶ୍ୱାସକୁ ବିଶ୍ୱାସ କରିବା ଅନୁଚିତ
ହଠାତ୍ ଦିନେ ତୁମକୁ ଛାଡ଼ି
ଚାଲି ଯାଇପାରେ ମୁଗ୍ଧ ପ୍ରଜାପତି ପରି,
ଅଚାନକ ଅନ୍ୟମନସ୍କତା ଭାଙ୍ଗି
ପରିତ୍ୟକ୍ତ ମନ୍ଦିରର ଦିଅଁମାନଙ୍କ ପରି!
ମାଟି କାମୁଡ଼ି ପଡ଼ି ରହିବ ପୁଷ୍ପିତ ମହକ,
ଅଲୋଡ଼ା ଦେହ, ନୀରବ ନିଶ୍ଚୁପ।
ଭାଗ୍ୟକୁ ଜାବୁଡ଼ି ଧରି,
ତୀରବିଦ୍ଧ ଯନ୍ତ୍ରଣା ଭୋଗି
ବାହୁନୁ ଥିବେ ଆବାକ୍ ପରିଜନ
ଉଜୁଡ଼ି ଯିବ ସାତ ସଜଡ଼ା ଘର
ସବୁଜାଭ ପ୍ରତ୍ୟୟର ଆଧାର
ପବନରେ ମିଳେଇଯିବ ପ୍ରତିକ୍ରିୟା
ଅନ୍ଧାରକୁ ଆପଣାର ଭାବି
ମୁହଁପୋତି ବସିଥିବେ ଭାବ ଅଭାବ
କାମ କ୍ରୋଧ ଲୋଭ ମୋହ
ଆସକ୍ତ ଆୟୁଙ୍କ ଟାଣପଣ।
ଦେଖୁ ଦେଖୁ ନିସର୍ଗ ବିସ୍ମୃତିରେ
ସରିଯିବ ବାରଦିନ

ବାହୁନା ଫାହୁନାର ଶ୍ୟାମଳ ଜଞ୍ଜାଳ
ନୂଆ ଲୁଗା ପିନ୍ଧି ଘରମୁହାଁ ହେବେ
ଆତ୍ମସୁଖରେ ନିମଜ୍ଜିତ ଜ୍ଞାତି କୁଟୁମ୍ବ
ନିଃଶବ୍ଦରେ ଘର କୋଣରେ
ଗୁମୁରୁଥିବ ତମାମ ଅସ୍ମିତା
ଫଟୋ ପାଲଟିଯିବ ଅଖଣ୍ଡ ସ୍ମୃତିଙ୍କ ଗୁମାନ।
ଅନ୍ଧାରରେ ଆସି ଆଲୁଅରେ ଯିବାକୁ
ତାକୁ ମିଳିଯିବ ବିରଳ ଅନୁମତି ପତ୍ର
ଛିନ୍ନ ଛାୟା ପଥରେ ମିତ ପାଲଟିବେ ଭୂତପ୍ରେତ।
ଗୁଣିଆ ଡାକିବ ପତ୍ନୀର ଅସ୍ତିତ୍ୱ
ଅଶରିରୀ ଛାତିରେ ପୋତିବେ ଲୁହାକଣ୍ଟା
ମହାଳୟାରେ ଦି'ମୁଠା ପିଣ୍ଡ,
ଚାମୁଚେ ଗଙ୍ଗାଜଳ ପରଷି
ମୁଗ୍ଧ ଆବର୍ତ୍ତରେ, ସମସ୍ତେ ହେବେ ନିଶ୍ଚିନ୍ତ।

*ଅବସରପ୍ରାପ୍ତ ପ୍ରାଧ୍ୟାପକ, ସା./ପୋ.-*
*ରାସୋଲ, ଜି.- ଢେଙ୍କାନାଳ*
*ଦୂରଭାଷ: ୯୪୩୮୪୧୮୪୯୨*

# ସମୟ ଯଦି ହେବ.....

**ନୃସିଂହ ଚରଣ ବେହେରା**

ସମୟ ଯଦି ହେବଟିକିଏ ଆସିବୁ
ସାଥୀ ହୋଇ ବସିବା ଟିକିଏ ଏକାନ୍ତରେ
ନିର୍ଜନ ସ୍ଥାନରେ ତାରାଗହଣରେ
ସାଉଁଟିବା ବସି ପୁରୁଣା ସ୍ମୃତିସବୁକୁ
ଯେଉଁଠି କିଛିଟା ସ୍ମୃତି ଥିବ ତୋ'ର
ଆଉକିଛିଟା ସ୍ମୃତି ଥିବ ମୋର..
ତମାମ ସ୍ମୃତିରୁ ଖୋଜିବା ଆମେ ବସି
କିଛିଟା ଭଲ ଆଉ କିଛିଟା ଖରାପକୁ
ସେଥିରୁ ଶିଖିବା ଆମେ
ଜୀବନ ଜୀଇଁବାର କୌଶଳକୁ।
ସମୟ ଯଦି ହେବ ଟିକିଏ ଆସିବୁ
ସାଙ୍ଗହୋଇ ଚାଲିବା କିଛିବାଟ
ଅଙ୍କାବଙ୍କା ମାଟିରାସ୍ତାରେ
ଆଉ ଆୟତ୍ତ କରିବା ଜୀବନର ଅଙ୍କାବଙ୍କା
ରାସ୍ତାରେ ସଳଖି ଚାଲିବାର କଳାକୁ।
ସମୟ ଯଦି ହେବଟିକିଏ ଆସିବୁ
ସାଙ୍ଗହୋଇ ଫେରିଯିବା ପୁଣି ଥରେ ଆମ ଗାଁକୁ
ସେହି ବିଲଗହୀର ଆଉ ସବୁଜବନାନୀ ଦେଖି
ଆତ୍ମହରା ହେବା ଆନନ୍ଦରେ ଆଉ ତା' ସହିତ
ଭେଟିବା ଆମ ହଜିଯାଇଥିବା ବାଲ୍ୟକାଳକୁ।
ସମୟ ମିଳିଲେ ଟିକିଏ ଆସିବୁ
ବୁଲେଇ ନେବି ତତେ ଆମ ଗାଁ ପୋଖରୀକୁ
ଯେଉଁଠି ତମାମ ଅଭାବ ଦୁଃଖ ଭିତରେ
ଘେରେ ପହଁରାରେ ଲହଡି ମାରେ ଖୁସି
ଆଉ ଭେଟିବା ଅନିଶ୍ଚିତ ଭବିଷ୍ୟତର
ଅପୂର୍ଣ୍ଣ ସ୍ୱପ୍ନ ସବୁକୁ।
ସମୟ ହେଲେ ଟିକିଏ ଆସିବୁ
ଘରରୁ ଯିବା ଟିକିଏ ଦୂରକୁ
ଯାଇ ଭେଟିବା ଜଗତର ନାଥ ଜଗନ୍ନାଥଙ୍କୁ
ଲକ୍ଷ ଲକ୍ଷ ଭକ୍ତ ନିତି ଯେଉଁଠି କରନ୍ତି ଗୁହାରୀ
ଏ ଜୀବନରୁ ମୋକ୍ଷ ଲଭିବା ପାଇଁ
ଭବସାଗର ରୂପୀ ନଦୀରୁ ଉଦ୍ଧାର ପାଇବା ପାଇଁ
ଆମେବି ଗୁହାରୀ ଜଣେଇ ଆସିବା
ଯେମିତି ସାହସ ଦେବେ ସେ ଆମକୁ
ହସି ହସି ସାମ୍ନାକରିବାକୁ ମୃତ୍ୟୁକୁ।
ସମୟ ଯଦି ହେବ ଟିକିଏ ଆସିବୁ
କହୁଛି ଏମିତି ମୁଁ ବାରମ୍ବାର
ହେଲେ ଜାଣେ ସମୟ ନାହିଁ ତୋ'ର
ଆଉ ଯେବେ ସମୟ ହେବ ତତେ
କେଜାଣି ମୁଁ ଥିବିକି ନାହିଁ ଏ ଦୁନିଆରେ..
ସେତେବେଳେ ଭେଟିବୁ ମୋ ପାର୍ଥିବ ଶରୀରକୁ।

*ପ୍ଲଟ ନମ୍ବର-୨୧୭/ପି, ବାୟାବାବାମଠଲେନ୍,*
*ୟୁନିଟ୍-୯(ଫ୍ଲାଟ୍), ଭୁବନେଶ୍ୱର-୨୨*
*ଦୂରଭାଷ: ୯୦୯୦୪୫୯୭୪୫*

# କି ଅମର ଅହଂକାର

**ଡଃ ସରୋଜିନୀ ଷଡଙ୍ଗୀ**

କି ଅମର ଅହଂକାର ତମର ଯେ,
ଅଦ୍ଭୁତ ଭାବରେ ତମେ
ଅସ୍ୱୀକାର କରିଦେଲ
ଦେହ ଓ ମନ ଭିତରେ
ବଂଚିଥିବା ଯେତେ ବ୍ୟବଧାନ-
ଆଶ୍ଚର୍ଯ୍ୟ ଭାବରେ ତମେ
ଆଚ୍ଛାଦିତ କରିଦେଲ
ଜନ୍ମ ଓ ମୃତ୍ୟୁ ଭିତରେ
ମଗ୍ନଥିବା ତଲ୍ଲୀନ ଜୀବନ!

ତମର ସାକାର ଇଚ୍ଛା
ସ୍ପର୍ଶ କଲା,
କାଳକାଳାନ୍ତର ଧରି
ବ୍ୟାପିଥିବା
ଶୈଶବ, ଯୌବନ ପୁଣି
ଏ ମୌନ ବାର୍ଦ୍ଧକ୍ୟ-
ତମ ସ୍ୱୀକାରର ରେଖା ଛୁଇଁଗଲା
ଅରୁଣ ପୂର୍ବାହ୍ନ ଆଉ
ଶୀତଳ ସାୟାହ୍ନ।
ସେ ପ୍ରଶତ ପଲକରୁ
କ୍ରମେ କ୍ରମେ ଝରିଆସି
ସ୍ୱଚ୍ଛ ସ୍ୱରଟିଏ
ଆଚ୍ଛାଦିଲା ଉଷାରୁ ଗୋଧୂଳି
ଗୋଧୂଳିରୁ ବ୍ୟାପିଗଲା
ଶହ ଶହ ଜହ୍ନରାତି,
ଅସଂଖ୍ୟ ରଜନୀ।

ମୋର ଅନାଗ୍ରହ ଅବା
ଆଗ୍ରହର କାହିଁ ଅବକାଶ?
ଜିଇଁବାର ମହୋତ୍ସବେ
ମରିବାର କାହିଁ ଅବଶୋଷ?
ତମେ ଯେ ନିଃଶବ୍ଦ ସ୍ୱରେ
ପୋଛିଦେଲ ଅନାୟାସେ
ମୋର ଯେତେ ଶ୍ୟାମଳ ସନ୍ତାପ
ତମେ ନିର୍ବିକାରେ ସତେ
ଲିଭାଇ ଲିଭାଇ ଦେଲ
ସବୁତକ ଶାଣିତ ଆଶ୍ଳେଷ
ଉଜ୍ଜ୍ୱଳ ଅଙ୍ଗୀକାରରେ
ଭରିଦେଇ ମୋ ଅନ୍ତଃକରଣ!
ପୁନଶ୍ଚ ମୂର୍ତ୍ତ କଲ ମୋ,
ସବୁତକ ଜୀର୍ଣ୍ଣ ଅଭିଳାଷ!

*ଲିଙ୍କରୋଡ୍, କଟକ-୧୨*
*ଦୂରଭାଷ: ୯୪୩୭୦୫୫୦୦୭*

# ଶକ୍ତ କରିଦିଅ ଆପଣା ସିଦ୍ଧାନ୍ତ

**କ୍ଷମାନିଧି ଭୋଇ**

ଶକ୍ତ କରିଦିଅ ଆପଣା ସିଦ୍ଧାନ୍ତ
ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ
ହେଲେ ହେଉ ପଛେ ଯେତେ କଣ୍ଟକିତ
ସେଇ ସବୁ ଲକ୍ଷ୍ୟପଥ।

ବିଶ୍ୱ ହିତ ଲାଗି ଜୀବନ ଉଦ୍ଦିଷ୍ଟ
କର ବିଶ୍ୱର ମଙ୍ଗଳ
ଏ ସାରା ସଂସାର ଏକ ପରିବାର
ଆମେ ଅନେକ କେବଳ।

ଲୋଭ ମୋହ ନୁହେଁ ଲୋଡ଼ା ଏ ଜୀବନେ
ଆମକୁ ଲୋଡ଼ା ମଣିଷ
ସେ ବିଶ୍ୱ ନିୟନ୍ତା ଜଗତକରତା
ପୂଜ ତାଙ୍କୁ ଅନୁକ୍ଷଣ।

ବୃଥା ଅହଙ୍କାର ଜୀବନେ ଅସାର
ଅସାର ହିଂସା କପଟ
ସ୍ୱାର୍ଥକୁ ଜାବୁଡ଼ି ରୁହ ନାହିଁ ଭାଇ
ସ୍ୱାର୍ଥ ସବୁରି ସଙ୍କଟ।

ସେନେହ ଆଦର ଟିକେ ହସଧାର
ବାଣ୍ଟିଦିଅ ଏ ସଂସାରେ
ହସି ଓ ହସାଇ ପ୍ରେମଭାବ ନେଇ
ଚାଲ ସଭିଙ୍କ ସାଥିରେ।

ଏ ଧରାକୁ ସରା ମଣନାହିଁ କେବେ
ଅଥଳଥଳ ଏ ଧରା
ବେଙ୍ଗ ସାଜି କେବେ ନ ରୁହ କୂପରେ
ଧରି ହୀନ ଚିନ୍ତାଧାରା।

ଲମ୍ବାଇ ଦିଅ ସାହାଯ୍ୟର ହାତ
ଖୋଲିଦେଇ ଗୋ ହୃଦୟ
ଗାଇ ଗାଇ ଯାଅ ଜୀବନର ମନ୍ତ୍ର
ସତ୍ୟ ଧର୍ମ ଦେଇ ଲୟ।

କେତେ ପୁଣ୍ୟ ଫଳେ କେତେ କର୍ମ ବଳେ
ମାନବ ଜନ୍ମ ଲଭିଛୁ
ଈଶ୍ୱର ଆଶୀଷେ ଆମେ ଏ ସଂସାରେ
ଆନନ୍ଦେ ଦିନ କାଟୁଛୁ।

ଶକ୍ତ କରିଦିଅ ଆପଣା ସିଦ୍ଧାନ୍ତ
ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ
ହୁଅନି ଦୁର୍ବଳ ହୋଇ କଲବଲ
ନାସ୍ତି ଭାବ କର ଅନ୍ତ।

ମନୋଭାବ ତୁମ କର ହେ ପବିତ୍ର
ଭଲ କାମେ ଦେଇ ମନ
ଏ ଜୀବନ ଜାଣ ଅମୂଲ୍ୟ ରତନ
ଆରେ ଅମୃତ ସନ୍ତାନ।

*ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନାକଟିଦେଉଳ*
*ଜି: ସମ୍ବଲପୁର (ଓଡ଼ିଶା)*
*ପିନ୍-୭୬୮୧୧୮*
*ଦୂରଭାଷ: ୯୪୩୮୨୯୨୯୩୩*

# ଅଧାବାଟରୁ

**ରବି ଶତପଥୀ**

ଅଧାବାଟରୁ
ଫେରିଯାଇଥିବା ମେଘ
ଦୁଆର ପାଖରୁ
ଫେରିଯାଇଥିବା ପ୍ରେମିକା
ଫୁଲ ପାଖରୁ
ଫେରିଯାଇଥିବା ପ୍ରଜାପତି
କାହାକୁ ବି ପଚାରିପାରିଲିନି
ଏମିତି କାହିଁକି ଫେରିଗଲେ।

କହି ପାରିଥିଲେ
ହୁଏତ ମେଘ
ଦୋଷ ଦେଇଥାନ୍ତା
ଅମାନିଆ ପବନକୁ,
ମୁଁ ଘରେ ନଥିଲି ବୋଲି
କହିଥାନ୍ତା ପ୍ରେମିକା
ମଉଳାଫୁଲର କଥା କହି
ଖସିଯାଇଥାନ୍ତା ପ୍ରଜାପତି।

ଏବେ ଅଧାବାଟରୁ
ଫେରିଗଲେ ଅମାନିଆ ଶବ୍ଦ
ଝରିବା ଆଗରୁ ଶୁଖିଗଲା
ଦୁଇଧାର ଲୁହ
ରାତି ଥାଉ ଥାଉ
ବୁଡ଼ିଗଲା ଫୁଲେଇ ଜହ୍ନ।
ଆଉ ଅଧା ଜୀବନର
ମଝିଦାଣ୍ଡରେ ଆସି
ଯିଏ ଏବେ ଆଲିଙ୍ଗନ ମୁଦ୍ରାରେ,
ଠିଆ ହୋଇଛି
ସେ ପ୍ରିୟ ମରଣ ॥

*ଅଧ୍ୟାପକ, ଓଡ଼ିଆ ବିଭାଗ,*
*ନନ୍ଦପୁର କଲେଜ, କୋରାପୁଟ*
*ଦୂରଭାଷ: ୯୪୩୭୬୮୪୮୫୯*

# ଭବ୍ୟ ମହୋତ୍ସବ

**ନରହରି ମିଶ୍ର**

ସରିଗଲା ଆଜାଦୀର ଅମୃତ ମହୋତ୍ସବ
କାଶ୍ମୀରିରୁ କନ୍ୟାକୁମାରୀ ଯାଏ
ଭାଷଣର ଆତସବାଜିରେ କମ୍ପିଲା ମେଦିନୀ
ଆହା କି' ଆନନ୍ଦ! ଆହା କି' ଗୌରବ!!

ବାହାନଗା ରେଳ ଦୁର୍ଘଟଣାକୁ ତିନିବର୍ଷ ହେଲା
ବିଷାକ୍ତ ମଦ ମୃତ୍ୟୁରେ ମରିଗଲେ ମାତ୍ର ଦି'ଶ
ପୋଲ ଭାଙ୍ଗିଗଲା, ମଲେ ଦେଢ଼ଶ
ବିମାନ ଦୁର୍ଘଟଣାରେ ମୃତ ତିନିଶ
କ'ଣ ହୋଇଛି ସେସବୁର ପ୍ରତିକାର
ରିପୋର୍ଟ ଆସିବ, ଅପେକ୍ଷା କର।

ପିଇବା ପାଣି ପାଇଁ ଗାଆଁ ମାଇପିଏ
ଲମ୍ବା ଧାଡ଼ିରେ ଠିଆ ହୋଇଛନ୍ତି
ଗାଆଁକୁ ଦାଣ୍ଡରେ, ଖରା ବରଷାରେ
ପାଇପ୍ ବିଛା ହେଇଛି କେଉଁ କାଳରୁ
ପାଣି ଆସୁନାହିଁ ନଳରେ।

ମହଙ୍ଗା ମାଡ଼ରେ ମଣିଷ ମରେ
ଗର୍ଭବତୀ ବୁହା ହୁଏ ଭାରରେ
ପିଲା ବିକ୍ରୀ ହୁଏ ପାଞ୍ଚଶ ଟଙ୍କାରେ
ରମ୍ଭା, ମେନକା ଓ ଉର୍ବଶୀମାନେ
ଧର୍ଷିତା ହୁଅନ୍ତି ରାଜ ରାସ୍ତାରେ
ନିଆଁ ଜଳେ ସ୍କୁଲ, କଲେଜରେ।

ହାତକୁ କାମ ନାହିଁ ବେକାର ଯୁବକ
ଦଲାଲ ହାବୁଡ଼ରେ ପଡ଼ି ଦାଦନ ଖଟେ
ମୃତ୍ୟୁପରେ ଆଣିବାପାଇଁ ତା ଶବ
ହୋଇଛି ସରକାରୀ ଆଇନ
ବ୍ୟସ୍ତ କାହିଁକି ହେଉଛ, ଆସ ଦେଖିବ
ବିକଶିତ ଭାରତର ଭବ୍ୟ ମହୋତ୍ସବ।

*ଏଫ୍-୨୧୫, ସେକ୍ଟର-୮,*
*ମର୍କତନଗର, କଟକ-୧୪*
*ଦୂରଭାଷ: ୯୭୭୮୬୯୬୮୧*



# ଅଥର୍ବ ସମୟ

## ମନୋରଂଜନ ଶରଣ

ଦେଖୁଥିଲି ତୁମକୁ ମୁଁ କଣେଇ କଣେଇ
ଅସଜଡ଼ା ଶାଢ଼ୀ କାନି ଉଡୁଛି ପବନେ,
ଥିଲା ଭୟ କାଳେ ତୁମେ ଦେଖି ନବ ମତେ
ସଜାଡ଼ିବ ଲୁଗାପଟା ବିରକ୍ତ ଅରଣ୍ୟେ।
ଅଛି ଆଜି ସେଇମିତି ଚପଳା ନିର୍ଝର

ଅର୍ଦ୍ଧ ଶତାବ୍ଦୀର ଦାଗ ପାଉନି ଅଣ୍ଡାଳି,
ହେଇଗଲା ସ୍ଥିର ଏବେ ସମୟ ଦୋଳକ
ମାରେ ହାଇ ଶୀତ ଋତୁ ଅଳସ କୁହେଳି।
ବିଜୁଳି ଏବେ ବି ନାଚେ ଆଖି ଇସାରାରେ
ରହିଯା'ନ୍ତି ବଗମାଳା ପାଟିର କଥାରେ,
ଫୁଲେଇ ନଈର ବନ୍ୟା ଭାଂଗୁଛି ଲହଡ଼ି
ତାଳ ଦେଇ ନିଶ୍ୱାସରେ ପ୍ରତି ମୁହୂର୍ତ୍ତରେ।

ସୀମଂତ ଝରଣା ବହେ ମେଘର ଅରଣ୍ୟେ
କୃଷ୍ଣ ସାଗରରେ ସତେ ଲୋହିତ ତଟିନୀ,
ଘଡ଼ିର ଗୋଲକ ସ୍ଥିର, ଯାଏନି ଆଗକୁ
ସେଇ ସୁରା, ସେଇ ନିଆଁ ବାସନା ହଜିନି।

*୬୨, ଗୌତମ ନଗର, ଭୁବନେଶ୍ୱର-୧୪*

# ଅର୍ଘ୍ୟ

## ଚିତ୍ରା କାନୁନ୍‌ଗୋ

ଜଗତ ଜନନୀ ମା ମୋ
ମୋ ହୃଦୟର ଏକ ଶହ
ଆଠ ଶତ ଦଳର ନୈବେଦ୍ୟ
ଗ୍ରହଣ କର ନାରୀ ନିର୍ଯ୍ୟାତନା
ଯେମିତି ପ୍ରଶମିତ ହେଉ
ଆମର ଏ ସବୁଜ ଭୂଖଣ୍ଡରୁ
ଏହା ହିଁ ଲୁହ ଭିଜା ଆକୁଳ
ଆତୁର ପ୍ରାର୍ଥନା ତମ ଆଲକ୍ତିକ
ପାଦ ଯୁଗଳରେ ତୁମ ଅବତରଣରେ
ହସି ଉଠୁ ସସାଗରାଏ ଧରିତ୍ରୀ
ପାପ ତାପର ବିନାଶ ଘଟୁ
ଦୈତ୍ୟ ରୂପକ ମଣିଷକୁ ତୁମେ
ପ୍ରକୃତ ଦଣ୍ଡ ଦିଅ ତେବେ ଏ ସମାଜ
ତିଷ୍ଠିବ, ମା ତମ ବିନା ସଂସାରରେ
କିଏ ବା ସାହାରା ଆମର କୁହ
ଘେନ ଅୟୁତ ସଭକ୍ତି ପ୍ରଣାମ

*ଦୂରଭାଷ: ୯୧୭୮୧୧୮୯୪୪*

# ସୋନମ ରଘୁବଂଶୀ

## ଶ୍ରୀ ଭୁବନେଶ୍ୱର ବିଶି

ତମ ପାଇଁ
ପ୍ରେମ ଏକ
ଅମାବାସ୍ୟାର ଜୁଆର
ବିବାହ ଆଉ
ସାତ ଜନ୍ମ ନୁହେଁ
କିଛି ଦିନର ପ୍ରତାରଣା ପରେ
ରକ୍ତାକ୍ତ ଖେଳଘର ।।

ମନରେ ଯଦି
ଏତେ କଥା ଥିଲା
କାହିଁକି କହିଲନି କାହା ଆଗରେ ?
କିଏ ତମକୁ ବାଧ କରୁଥିଲା
ତୁମ ଇଚ୍ଛା ବିରୁଦ୍ଧରେ
ଆଉ କାହା ସହ ବାନ୍ଧି ହେବା ପାଇଁ ?
ଯାହା ସହ
ରାତ୍ରି ଯାପନ କଲ ସାତ ଜନ୍ମ ପାଇଁ
ସତରେ ହେଉ କି ମିଛରେ
ତାକୁ
ଏଇ ଜନ୍ମରେ ହିଁ ନିଶେଷ କରିଦେଲ
ନିଜ ହାତରେ।
ନାରୀ ଆଉ ନମନୀୟ ନୁହେଁ
ମିଛ ପ୍ରେମ ପାଇଁ
ସତସତିକା
ସାତ ଜନ୍ମର ସାଥିକୁ
ବଳି ଦେଇଯାଏ ।।

*ରେଳବାଇ କଲୋନି, ଜୟପୁର, କୋରାପୁଟ*
*ପିନ୍-୭୬୪୦୦୨*
*ଦୂରଭାଷ: ୭୫୮୭୪୪୫୮୦୩*



# ଜୀବନ ଉଜୁଡ଼ି ଯାଏ

## ବିରଜା ଦେବୀ

କିଏ କୁହ ବୁଝେ ମନର ଭାଷାକୁ
କିଏ ପର ପାଇଁ କାନ୍ଦେ
ମାନ ଅଭିମାନେ କିଏ ଏବେ ଆଉ
ପ୍ରୀତିର ସମ୍ପର୍କ ବାନ୍ଧେ ?

ଅବୁଝା ଏ ମନ ଅବୁଝା ଜୀବନ
ଅବୁଝା ଗ୍ରନ୍ଥର ଧାଡ଼ି
ହସ ଅଭିନୟେ ଲୁହର ନଦୀରେ
ବନ୍ୟା ତ ଯାଉଛି ମାଡ଼ି ।।

ଇତିହାସ କହେ ଅତୀତର କଥା
ବର୍ତ୍ତମାନ ଝାଇଁ ଝାଇଁ
ପଦ୍ମ ପୋଖରୀରେ ଫୁଲ ଖୋଜୁଥାଏ
ଯହିଁ ଟୋପେ ପାଣି ନାହିଁ ।।

ନଦୀ ଶୁଖେ ସିନା ଶୋଷ ତ ମରେନା
ମରୀଚିକା ଛଳଛଳ,
ସମୟ ଫାନ୍ଦରେ ଏବେ ଜୀବନରେ
କାମନା ଅଟେ ପ୍ରବଳ ।।

ରକତ ପିଇବି ଶୋଷ ମରେ ନାହିଁ
ଛୁରୀ, ବନ୍ଧୁକର ଦୋଷ
ମନ୍ଦିର ମଝିରେ ପାନ୍ଥଶାଳା ଏଠି
କେତେ ମନହୁଏ ତୋଷ ।।

ପ୍ରେମର ଆୟୁଷ ଦିନଟିଏ ହେଉ
ଜୀଇଁବାରେ ଥାଏ ମଜା
ଅଜାଣତେ ମନ ହଜିଯାଏ ଯେବେ
କୁଞ୍ଜବନ ହୁଏ ଖୋଜା ।।

କେଉଁଥିକି ଆଉ ଅବଶୋଷ ନାହିଁ
ସମ୍ମାନର ନାହିଁ ସ୍ଥାନ
ଦ୍ୱିପ୍ରହର ଏଠି ତୋଫା ଜହ୍ନ ରାତି
ପଥ ଏଠି ବୃନ୍ଦାବନ ।।

# ମୁଁ ସମୁଦ୍ର

**କବିତା ମହାନ୍ତି**

ମୁଁ ସମୁଦ୍ର,
ମୋର ବିଶାଳ ହୃଦୟ ଧରି ରଖିଛି
ଅନେକ କାହାଣୀ
ସେ କାହାଣୀ ପ୍ରେମର, ବିଚ୍ଛେଦର
ସୁଖର, ଦୁଃଖର
ହସର, ଲୁହର

ମୋ ଜଳର ଗଭୀରତା ହଜାଇଦିଏ
ସବୁ ପ୍ରଶ୍ନ
ମୋ ତରଙ୍ଗରେ ତରଙ୍ଗାୟିତ ହୁଏ
ଅନେକ ହୃଦୟ
କେହି ମୋର ଢେଉ ଗଣିପାରେ
ଅବା ମୋ ବେଳା ଭୂମିରେ
ପାଦଚିହ୍ନ ଛାଡ଼ିଯାଏ
କିଏ ସ୍ୱପ୍ନର ଶାମୁକା ଖୋଜୁଥାଏ
ଆଉ କେହି ତାର ଲୁହ କୋହ
ମିଶାଇ ଦିଏ ମୋ ଦେହରେ

କେତେ ନଦୀ ବହି ଆସେ
ମୋ ବିଶାଳ ବକ୍ଷରେ
ସବୁକୁ ଆପଣେଇ ନିଏ ମୁଁ
ଫିଙ୍ଗି ଥିବା ଆବର୍ଜନାକୁ
ଛାତିରେ ଧରି ରଖେ
ମୋ ଦେହର କଷ୍ଟ ଓ ଯନ୍ତ୍ରଣା
ପହଞ୍ଚି ପାରେନି କାହା ପାଖେ
ଅନ୍ୟର ଦୁଃଖ ସୁଖର
ମୂକସାକ୍ଷୀ ମୁଁ।

ମୁଁ ସମୁଦ୍ର
ମୋର ବିଶାଳ ଦେହରେ
କେତେ ଅସ୍ଥି, କେତେ ଭସ୍ମ
କେତେ ପୁଣ୍ୟ କେତେ ପାପର ଅପଚୟ ହୋଇଛି
କିଏ ରଖିଚି ତି ତାର ହିସାବ !!

ମୁଁ ପଚାରୁଛି ଆଜି
ପାରିବ କି ହୋଇ ସେତିକି ଗଭୀର
ଉଦାର, ବିଶାଳ ଦୟାର ସାଗର
ଠିକ୍ ମୋ ଭଳି ଏକ ସମୁଦ୍ର ହୋଇ ? ?

*ବମିଖାଲ, ଭୁବନେଶ୍ୱର*
*ଦୂରଭାଷ: ୯୯୩୭୭୩୪୮୨୫୦*

# ମହିଷମର୍ଦ୍ଦିନୀ ରୂପରେ ଆ

**ସ୍ୱୟଂପ୍ରଭା ରଥ**

ଦେହ ଭିତରେ ଭ୍ରୁଣଟିଏ ବଢୁଛି
ବାହାରକୁ ଆସିବ
ଦୁନିଆ ଦେଖିବ ବୋଲି ହାତ ଗୋଡ଼ ଛାଟୁଛି !
ତାକୁ ବୁଝାଇ କହିଲି;
ଅଟକି ଯା' ତୁ କୁନିଝିଅ
ଆଉ କିଛିଦିନ ଗର୍ଭରେ ହିଁ ଅଟକି ଯା' ତୁ
ବାହାରେ ଶ୍ୱାପଦ ସଙ୍କୁଳ ସହର
କବଳିତ କରିବ ନରମ ଦେହକୁ ତୋର !

କେତେ ନିରୀହ କଳିଙ୍କ ଜୀବନ କାହାଣୀ
ତାଙ୍କ ହାତର ରେଖାରେ
ବନ୍ଦୀ ହୋଇଯିବାର ମୁଁ, ଦେଖିଛି।
ଖୋଲା ପଞ୍ଜୁରିରେ ବନ୍ଦ ହୋଇଥିବା
ପକ୍ଷୀଙ୍କ କରୁଣ ଆଖିକୁ ମୁଁ ଦେଖିଛି।
ଜାତି, ଧର୍ମ, ବର୍ଣ୍ଣ ଭିନ୍ନ ଭିନ୍ନ ହେଲେ ହେଁ
ସବୁଠି ସେଇ ନରଭୋଜି ପିଶାଚଙ୍କ ଭିଡ଼
ସବୁଠି ଆରଣ୍ୟକ ପ୍ରବୃତ୍ତି
ସେଇ ଆଦିମ ଦେହ ଭୁଞ୍ଜିବାର ନିଶା
ଅମାନବଙ୍କ କାମୁକ ବୁଭୁକ୍ଷା
ମଝି ରାସ୍ତାରେ ଦେହସବୁ ନିଲାମ ହେବାର
ମୁଁ ଦେଖିଛି।

ଆଲୁଅକୁ ଡର ସିନା, ହେଲେ
ଅନ୍ଧାରରେ ଚାଲେ ସବୁ ଖୋଲାଖୋଲି
କେତେ ରଙ୍ଗିନ ସ୍ୱପ୍ନକୁ ଆଖିରେ ପୂରେଇ
ଅନ୍ଧାର ଗଳିରେ ନିତି ବଳି ପଡୁଥିବା
କଅଁଳ ପ୍ରଜାପତିଙ୍କ ଭଙ୍ଗା ଡେଣାରେ ମୁଁ
ମୋ ଲୁହର ମହମ ଭରିଛି।

କାହାର ବସ୍ତ୍ର କେତେ ଛୋଟ କି ବଡ଼ କ'ଣ
ନିରୂପଣ କରେ ବଳାତ୍କାର ?
ଅମାନବ ତ ଏକ କୁତ୍ସିତ ମାନସିକତାର ଶିକାର !
ଦାନବର ଆଖି ପରା ଭେଦିଯାଏ ବସ୍ତ୍ର
ଅନ୍ତର୍ବସ୍ତ୍ର, ପୃଥୁଳ ମାଂସାଳ ଶରୀରକୁ
ଦେହ ଭିତରେ ଥିବା ରକ୍ତର ଗନ୍ଧକୁ
ଏପରିକି ଆହୁରି ଗହୀରକୁ
ଜହ୍ଲାଦର ଶିକାରୀ ଆଖି, ପିଶାଚଙ୍କ ଆସୁରିକ
ପିପାସାରୁ ପରୀ ବାଦ୍ ଯାଆନ୍ତିନି ଅନୂଢ଼ା,
କିଶୋରୀ ଯୁବତୀ, ବୟସ୍କା, ବୃଦ୍ଧା
ଏପରିକି ନିରୀହ ବାଳୁତ ଶିଶୁକନ୍ୟା ଯାଏ
ପର ସ୍ତ୍ରୀ, ମା', ଝିଅ ବୋହୂଙ୍କୁ ଅତ୍ୟାଚାର
କଲାବେଳେ, ସେମାନେ ଭୁଲିଯାନ୍ତି ଈଶ୍ୱରଙ୍କୁ
ଏପରିକି, ମଣିଷ ବୋଲି ନିଜକୁ !

ବଦଳି ଯାଉ ଏ ଘୃଣ୍ୟ ମାନସିକତା
ପିତା, ମାତା, ଗୁରୁଜନ
ପୁଅଟିକୁ ବଡ଼ କଲାବେଳେ ଶିଖାଇ ଦିଅନ୍ତୁ
ନାରୀର ସମ୍ମାନ
ତେବେ ତ ସମ୍ଭବ ହେବ ପରିବର୍ତ୍ତନ !

କୁନିଝିଅ !
ଯେବେଯାଏ ପରିବର୍ତ୍ତନ ନ ଘଟିଛି
ଯେପର୍ଯ୍ୟନ୍ତ ରାସ୍ତାରେ, ଗଳିରେ, ପବନରେ
ବିଶ୍ୱାସଟି, ନ ଭରିଛି, ତୁ ସୁରକ୍ଷିତ
ଯେବେଯାଏ ନ ଲାଗିଛି ତୁ ସ୍ୱାଧୀନ
ନିରାପଦ ତୋ ଜୀବନ,
ତୁ ଭୂମିଷ୍ଠ ହେବୁନି ସୁନାଝିଅ !
ଯଦି ଭୂମିଷ୍ଠ ହେବୁ ତୁ ତେବେ
ପାତଳ ନାଶିନୀ, ପ୍ରବଳ ପରାକ୍ରମୀ
ମହିଷମର୍ଦ୍ଦିନୀ ରୂପରେ ଆ !!

# ଘାସଫୁଲ

**ନୀଳକଣ୍ଠ ସାହୁ**

ଅନାବନା ତା' ପରିଚୟ
ସବୁକାଳେ ବଞ୍ଚିଥାଏ ସେ
ସବୁରି ଦୃଷ୍ଟି ଆଢୁଆଳରେ।

ଅଦୃଶ୍ୟ, ଅଲୋଡ଼ା ସେ
ନଥାଇପାରେ କାହା
ଲୋଡ଼ିବାପଣର ପରିଧି ଭିତରେ
ହେଲେ, ଆନମନା କରେ ତା' ସୁଗନ୍ଧ
ରାତିର ବହଳ ଅନ୍ଧାରରେ।

ସେ ହିଁ ଜାଣିଥାଏ
ପଥର ସନ୍ଧିରେ ପଡ୍ରେଇ ଯାଉଥିବା
ଜୀବନର କଥା
ତୁଠ ପଥରର ନୀରବ ପ୍ରତୀକ୍ଷା
ଆଉ, ଅଣୁଏ ନିଆଁର ଆବାହନୀରେ
ଚିହିଁକି ଉଠୁଥିବା
ଅପେକ୍ଷିତ ମୁହୂର୍ତ୍ତର ତଲ୍ଲୀନତା।

ଏମିତିରେ ଏବେ
ବଦଳିଯାଇଛି ସମୟ

ଘାସଫୁଲର ଆଦର ସବୁଠି !

*ବଦ୍ରିରାଜ ନଗର, ପ୍ରଥମ ଗଳି, ବ୍ରହ୍ମପୁର-୩*
*ଦୂରଭାଷ: ୯୮୬୧୮୯୬୩୧୪*

# ଆସ ଗୋ ବରଷା

**ସୁରଞ୍ଜନ ପାତ୍ର**

ଏଇ ମୋ ମନର ଧୂସର ବେଳାରେ
କେବେ ଠୁଁ ଚାହିଁଛି ମୁହିଁ
ଆସ ଗୋ ବରଷା ଥରେ ଛୁଇଁ ଯାଅ
କଅଁଳ ସବୁଜ ଭୂଇଁ ।।

ତୁମ ଅପେକ୍ଷାରେ କେତେ ମୁଁ ଜାଳିଛି
କୃଷ୍ଣଚୂଡ଼ାର ବୀଥି
କେତେ ବିରହର ଦହନ ଆଗରେ
ପାତି ଦେଇଅଛି ଛାତି ।

ତୁମି ଯାଅ ମୋତେ ରିମ୍ ଝିମ୍ ଓଠେ
ମଉସୁମୀ ସୀମା ଡେଇଁ
ଏଇ ମୋ ମନର ଧୂସର ବେଳାରେ
କେବେ ଠୁଁ ରହିଛି ମୁହିଁ ।।

ଜାଣିଛି ମୁଁ ତୁମେ ନିଦାଘ ବୁକୁରେ
ଫୁଟେଇ ପାର ଗୋ କଇଁ
ପାନ୍ଥଶାଳାକୁ ଶୁଣାଇ କି ପାର
ମିଳନର ସାହାନାଇ ।

ମେଘର ପଣତେ ଆଶାବରୀ ଭରି
ପାଦ ତୁମ ଦିଅ ଥୋଇ
ଏଇ ମୋ ମନର ଧୂସର ବେଳାରେ
କେବେ ଠୁଁ ଚାହିଁଛି ମୁହିଁ ।

*ସଂପାଦକ ନିହାରକନ୍ୟା ସାହିତ୍ୟ ସଂସଦ*
*ନୂଆଗାଁ, ଶିଙ୍ଗାଖୁଣ୍ଟା, ସୋର,*
*ବାଲେଶ୍ୱର-୭୫୬୦୪୫*
*ଦୂରଭାଷ: ୮୧୧୭୮୦୫୯୫୯*



# ସେରାତି ପାଖେଇଗଲା

**ପ୍ରଶାନ୍ତ କୁମାର ଦାଶ**

ସେରାତି ପାଖେଇଗଲା
ପାଉନି ଖୋଜିଲେ ଆଉ
ସହୁଚି ବିଚ୍ଛେଦ ଦୁଃଖ
ନିଦାଘ ନିଆଁର ଦାଉ ।।

ସେଦିନ ଆକାଶୁ ଜହ୍ନ
ତୋଳିବାକୁ ଇଚ୍ଛାଥିଲା ମୋର
ସପନତ ସରିଗଲା
ଟାଣିଦେଲା ଆଖିଆଗେ
କିଏ ଆସି ବିଫଳତା ଗାର ।।

ପ୍ରିୟା ମୋତେ ଠକିଦେଇ
ଚାଲିଗଲା ବହୁଦୂର
ତାବିନା ଜୀବନ ଆଜି
କଳ୍ପନାର ବାଲିଘର ।।

ନିଛୁମରାତିର ଭାବନାତ
ସବୁ ଗଲା ହଜି
ରାତି ଚାଲିଗଲା
ଜହ୍ନ ବି ମଉଳିଲା
ସରିଲା ସମୟ ତାକୁ ଖୋଜି ।।

ଅନ୍ଧାରକୁ ଦେଖି ଲାଗେ ଡର
ଝୁଣ୍ଟିପଡ଼େ ତଳେ ବହୁଥର
କାଲି ଆଉ ଆଜିର ଫରକ୍
ସବୁ ଦୋଷ ଏଇ ବୟସର ।।

ଦେଇ ପାରିବିନି ଦୋଷ
ଜୀବନର ଅବସୋସ୍
ପାଣି ବିନା ଯେମିତି ଜୀବନ
ହୁଏ ଖାଲି ଛଟପଟ
ସାରାଦିନ ହୁଏ ଖାଲି
ଶୋଷ ଆଉ ଶୋଷ ।।

*କୁଞ୍ଜର - ସଙ୍ଗଳାଇ, ପିପିଲି- ପୁରୀ*
*ଦୂରଭାଷ: ୯୬୬୮୮୨୨୧୯୦*

# ଯାଦୁଖେଳ

**ଡକ୍ଟର ଗୌତମ ଜେନା**

ଅନେକ ବାର ଦେଖିଛି
ଜୀବନକୁ ।
ସେ ମାଲ୍ୟାଣୀ ପରି
ତା'ର ଇଚ୍ଛାରେ ଖେଳେ
କେତେବେଳେ ମେଣ୍ଢାରେ ତ
କେତେବେଳେ ଭେଣ୍ଡାରେ ।
ସେ ଅଟ୍ଟହାସ କରେ
ଯାତ୍ରାର ଭିଲେନ୍ ପରି
ତା'ର ଗୋଟେ ହାତରେ ଥାଏ
ତରବାରୀ ତ
ଅନ୍ୟ ହାତରେ ଥାଏ କଟାମୁଣ୍ଡ ।।

ଏ ଗୋଟେ ଯୁଗର କଥା ।
ଏଥିରେ ନଥାଏ ବିଜୟ
ନଥାଏ ବି ପରାଜୟ ।
ଅଥଚ ଏ ଯୁଦ୍ଧ ଚାଲିଥାଏ
ଗପ ଚାଲିଥାଏ ।
ଥମ୍ବ ନଥାଏ
ଧାଁ ଦୌଡ଼, ଆଶା ସ୍ୱପ୍ନ ।
ଶେଷରେ କଏଦୀ ହୋଇ
ନଜର ବଂଦୀରେ ଥାଏ
ଅବଶିଷ୍ଟ ଦିନ ।।

ଏସବୁ ଦିନମାନେ
କେତେବେଳେ ମନେ ରୁହଂତି ନାହିଁ
ପ୍ରାସଂଗିକ ।
ସକାଳୁ ନିତ୍ୟକର୍ମ ସାରିବା
ଔଷଧ ଭୋଜନ, ଅପରାହ୍ନରେ ଚ'
ରାତିରେ ଦୁଇଟା ରୁଟି ଭିତରେ
ପୁଣି ପର ଦିନର ସକାଳ ।
ଯେଉଁଠୁ ଆରମ୍ଭ ହୋଇଥାଏ
ସେଇଠି ଶେଷ ହୁଏ
ପ୍ରତିଟି ଜନ୍ମ ।।

ସବୁ ହାନିଲାଭରେ
ଉଚ୍ଛ୍ୱାସ ଦୀର୍ଘଶ୍ୱାସରେ
ହସକାଂଦରେ
ଧୀରେ ଧୀରେ ହଜିଯାଏ ପ୍ରବଣତା ।
କେବଳ ମୋ ଚାରିପାଖରେ
ଘୂରିବୁଲୁଥାଂତି ସାନ୍ତ୍ୱନା ଓ
ପୁରୁଣା ସ୍ୱପ୍ନ

ଭଙ୍ଗାରୁଜା ଜୀବନକୁ ପୁଣି ସଜାଡ଼ିଦେଇ
ଆଉ କିଛି ଦିନ
ଚଳେଇ ନେବାକୁ ॥

କ'ଣ ଥାଏ ଏ ଯାଦୁଖେଳରେ
କେଜାଣି !
ମୁଁ କିଂତୁ ଏ ରହସ୍ୟ ଭିତରକୁ
ବାରମ୍ବାର ଠେଲି ହୋଇ ଆସେ ।
ମୋର ଗୋଟେ ପରିଚୟ
ତିଆରି କରିବା ପାଇଁ
ବାରଂବାର ଲାଗିପଡ଼ିଥାଏ ॥

ସମୟ ଯାଏ ଥାଏ ଓ ଆସେ ।
ମୁଁ ନିବିଷ୍ଟ ଚିତ୍ତରେ
ସମ୍ମୋହିତ ହୋଇ
କେବଳ ନିଜକୁ ଠିଆ କରେଇବାରେ
ଲାଗିଥାଏ ।
ସବୁଥର
ଏ ପୁରୁଣା ଦେହ ଏଇଠି ପଡ଼ିଥାଏ
ପୁଣି ନୂଆ ଦେହ ଭିତରେ
ଋଲୁଥାଏ ଏ ଯାଦୁଖେଳ ॥

*ଡହଟା, ଧର୍ମଶାଳା, ଯାଜପୁର-୭୫୫୦୦୮*
*ଦୂରଭାଷ: ୯୨୩୭୪୮୧୪୦୫*

# ତୁମଠୁ ଫେରିବା ପରେ

## କୁମୁଦ ଚନ୍ଦ୍ର ଦାଶ

ଆକସ୍ମିତ ଘଟଣାର ମୋଡ଼େ
ତୁମଠୁ ଆସିଲେ ଫେରି
ଧୂସର ମୋ ପ୍ରାତ୍ୟହିକ ସମୟର
ନିମଗ୍ନ ଗହ୍ୱରେ
ସମୟ ଦିଶିଲା ଏକ ରାତିଅଧ ଅଳିବ୍ୟୂହ
ଦପ୍ ଦପ୍ ହୋଇ
ଲିଭିଗଲା ବତୀଖୁଣ୍ଟମାନ
ରାତି ଭିତରକୁ ଲମ୍ବିଥିବା
ଆଶ୍ୱସ୍ତ ଆଶାର ସହଜ ସଙ୍କେତ
ଏବଂ ତାହା ପରେ
ଅପ୍ରମିତ ଅନ୍ଧକାର ରାକ୍ଷସିକ ଉତ୍‌ପୀଡ଼ନ
ମୋ ବ୍ୟଥିତ ଅନ୍ତଃସ୍ଥଳେ
ଅସ୍ୱଚ୍ଛ ଅନୁଭବର
ଉତ୍‌ପ୍ଲାବୀ ତୋଫାନ
ମୋ ଗନ୍ତବ୍ୟ ସେହି ଅନ୍ଧକାର
ତୁମ ବିନା ମୁଁ କେବଳ ଦୀର୍ଘ ଏକ
ଅସହାୟ ଲୁହର ସାମୁଖ୍ୟ
ମୋତେ ଘେରି ମୋ ପୀଡ଼ିତ ପୃଥିବୀର
ଉଲ୍ଲଙ୍ଗ ପରିଧି
ତୀବ୍ର ହାହାକାର
ଆଖି ବୁଜି ହୋଇଥିଲା ଆଖିର ନେପଥ୍ୟେ
ଯନ୍ତ୍ରଣାର ଚିରସ୍ରୋତା ନଈ
ମୋ ବିଚ୍ଛିନ୍ନ ଛାୟାବିମ୍ୱେ
ନିଭିଯିବା ଆଲୁଅର ହତଶ୍ୱାସ ଛାଇ
ନିରୁଦ୍ଦିଷ୍ଟ ସ୍ମିତର ବା ଅପ୍ରସ୍ତୁତ ମେଘ
କେବଳ ଉଦ୍‌ବେଗ
ମୋ କୋଠରୀ କାନ୍ଥରୁ ବା ଲିଭିଗଲା
ରଙ୍ଗର ତରଙ୍ଗ
ବିବର୍ଣ୍ଣ ମୋ ଉପତ୍ୟକା ତଳେ
ଲୁପ୍ତ ମୋର ସବୁ ଅନୁଷଙ୍ଗ
ଅତର୍କିତ ବର୍ଷାମାଡ଼େ
ଓଦା ଓଦା କୋଠରୀର ଗାଲିଚ଼ ଓ ଶଯ୍ୟା
ହଠାତ୍ ଦୋହଲିଗଲା ମୋର ଅସ୍ଥିମଜ୍ଜା
ଏ କୋଠରୀ ଏ ଗାଲିଚ଼
ମନେ ହେଲା ଆଉ ନୁହେଁ ମୋର
ସମ୍ଭାବନା ହୀନ ଏକ ନିଷ୍ଫଳ ବୃତ୍ତର
ମୁଁ ବା କେନ୍ଦ୍ର ବିନ୍ଦୁ
ଅନ୍ତର୍ହିତ ହସର ବିଦୀର୍ଣ୍ଣ ଛାତି
ବିଷର୍ଣ୍ଣ ବିବର
ପ୍ରତିଟି ମୁହୂର୍ତ୍ତ ଏଠି
ବ୍ୟର୍ଥତାର ସ୍ମୃତିର ବେପଥୁ
ବିସ୍ମୃତିର ବ୍ୟଥାର ପାତାଳ
ମୋ ମୃତ୍ୟୁର ଚକିତ ଋହାଣି
ମୋ ସପ୍ତମ ଋତୁ
ମୁଁ ଭେଟେ ମୋ ଉଲଙ୍ଗ ନିୟତି
ଯେଉଁଠି ନିଶ୍ଚିହ୍ନ ସବୁ ଭରସାର ଛନ୍ଦ ଆଉ ଯତି
ମୁଁ ଏକ ଅଧ୍ୟାୟ
ଦିକ୍‌ଦାର ଅଜସ୍ର ହାଇର କ୍ଳାନ୍ତି
ବିପନ୍ନ ବସୁଧା
ମୁଁ ମୋର ସମୟର ଅସହଣି
ପାଶବିକ କ୍ଷୁଧା
ତମେ ଋଲିଯିବା ପରେ ବିଡ଼ମ୍ବିତ ମୋ ମଗ୍ନ
ମନୀଷା
ବିପର୍ଯ୍ୟସ୍ତ ଅଭୀପ୍ସାର ଅଭିସାର
ଇନ୍ଦ୍ରିୟର ସମସ୍ତ ଅସ୍ମିତା
ମୋ ସକଳ ସଙ୍ଗୀତର ଯେତେ ଯାହା
ପ୍ରାସଙ୍ଗିକ ରୂପ
ମନେହୁଏ କେବଳ ବିଦ୍ରୂପ
ତୀବ୍ର ଏକ ବିଳୟର ବହୁମୁଖିନତା
ଜ୍ୟୋତିହୀନ ଅସତ୍ୟର ନିର୍ଜନ ସହର
ପ୍ରେତାୟିତ ଘର
ମୁଁ ତୁମକୁ ଦେଖେ ଏଠି କଳ୍ପନାର ବିଜେ
ନା ନା ରୂପେ ନା ନା ରୂପକରେ
ପ୍ରତି ପ୍ରତିରୂପ
ସମୟକୁ ସତେ ଅବା ଗୋଟିଏ ତାଚ୍ଛଲ୍ୟ
ତ୍ରିକାଳର ତୀର୍ଯ୍ୟକ୍ ଛକରେ
କେତେ ଜନ୍ମ କେତେ ମୃତ୍ୟୁ
ହଜିଯାଏ ନିରର୍ଥକ ତୀବ୍ର ତମିସ୍ରାରେ
ଏ ଅମାପ ଅନ୍ଧାରର ପ୍ରାଣହୀନ ସମୁଦ୍ର ଓ
ନିଷ୍ପ୍ରାଣ ତାରାର କଳେ ନିର୍ଲଜ୍ଜ ମୁଦ୍ରାରେ
ଏ ବେଳାର ଏ ବାଲୁବକ୍ରରେ
ମୁଁ ବା ଖାଲି ବାଲିର ବ୍ୟବତା
ମୁଁ ହଜାଏ ମୋ ଠିକଣା
ମୋର ପରିଚୟ
ମୋ ସ୍ଥିତିର ସମସ୍ତ ଭୂମିକା ।

*ଅନୁଷ୍ଟୁପ, କଲେଜପଡ଼ା,*
*ହାକିମପଡ଼ା, ଅନୁଗୋଳ-୭୫୯୧୪୩*
*ଦୂରଭାଷ: ୮୭୬୩୮୯୭୫୬୯*

# ଜୀବନ ଏକ ମରୀଚିକା

## କୁଳଦୀପ ଦାସ

ଦିନଦିନ, କ୍ଷଣକ୍ଷଣ ହୋଇ ସରିଯାଏ ଜୀବନ
ପଲକ ପଡୁ ପଡୁ ପାହିଯାଏ ରାତି
ସପନ ଦେଖୁ ଦେଖୁ ନିଶ୍ୱାସ
ପାଲଟିଯାଏ ଦୀର୍ଘଶ୍ୱାସ
ମନେ ମନେ ଭାବେ ସତେ କଣ
ଅନ୍ତିମ ମୁହୂର୍ତ୍ତ ଆସିଛି ଏତେ ସହଳ ।
କାମ ତ ସରିନାହିଁ ଆହୁରି ଅଛି
ଢେର ରାସ୍ତା ଚାଲିବାକୁ
ମାୟାର ବନ୍ଧନ ତ ଛିଣ୍ଡିନାହିଁ, ସରିନାହିଁ ତ ସପନ
ଦୀପରୁ ସରିନାହିଁ ଇନ୍ଧନ !

କେବେ କେବେ ମନେପଡ଼େ
ଶୈଶବ ଆଉ ଯୌବନ
ଇନ୍ଦ୍ରଧନୁପରି ରଂଗୀନ୍ ଯୌବନ
ସାଗର ତରଙ୍ଗ ଭଳି ଉଚ୍ଛୁଳେ

କୁଳଲଂଘି ପୁରି ଫେରିଯାଏ ଦୂରକୁ ଦୂରକୁ
ଦୂର ଦିଗ୍‌ବଳୟଟା ମରୀଚିକା ଭଳି ଦିଶଇ ସୁନ୍ଦର
ଛୁଇଁବାକୁ ଇଚ୍ଛା ହୁଏ ଦୂର ଚନ୍ଦ୍ରମାକୁ
ରାତ୍ରିର ଖୋଲା ଆକାଶ ତଳେ
ତାରା ଗଣୁ ଗଣୁ ରାତି ପାହିଯାଏ
ପ୍ରେମିକାର ପ୍ରଥମ ଚିଠିଟା ସତେ
କେତେ ରୋମାଂଚ ଭରିଦିଏ ହୃଦୟରେ
ପ୍ରେମିକାର ହୃଦୟ ଜିତିବା ଅବା ହାରିବା
ସବୁ ଯୌବନର ଖେଳ
କିଏ ଜିତେ ବା ହାରେ ସତେ
ଏ ଲୁଚକାଳି, ରୁମାଲଚୋରି ଖେଳରେ !

ଚାହୁଁ ଚାହୁଁ ଯୌବନ ବାଟ ଭାଙ୍ଗି
ଚାଲିଯାଏ ହାତ ହଲାଇ
ମଳୟ ଲେଉଟିଯାଏ ଗ୍ରୀଷ୍ମର ଆଗମନରେ
କାକର ଭିଜା ସ୍ୱପ୍ନ ସବୁ ମଉଳି ମଉଳି ଯାଏ
ସକାଳ କିରଣର ଧାସରେ
ସୁଗନ୍ଧ ଉଡ଼ିଯାଏ ଜୁଇ, ରଜନୀଗନ୍ଧ,
କାମିନୀ ଫୁଲରୁ
ଜୀବନ ପଥରେ ସକାଳ ଯାଇ
ସଞ୍ଜ ହେଲେ ଖିଆଲୀ ମନଟା
ଖୋଜିବସେ ସେ ପୁରୁଣା ଦିନର କାହାଣୀକୁ
ଆଜି ସାଗର ତଟ ସୁକ୍ଷ୍ମ ବାଲୁକା ରାଶିରେ
ଜୀବନ ଜଳିଜଳିଯାଏ
ସଂସାରର ମାୟାଜାଲରୁ ମୁକୁଳିବା ପାଇଁ ହୁଏ
ଅଣନିଶ୍ୱାସୀ
କ୍ଷଣେ କ୍ଷଣେ ଦୁଃଖର ଝଞ୍ଜା
ଦରବାଜା ମୋର ଖଟ୍ ଖଟ୍ କରେ।

*ନନ୍ଦିସାହି, ରଂଗଭବନ, କଟକ*
*ଦୂରଭାଷ: ୬୩୭୦୬୬୬୧୨୮*

# ଏଇ ତ ସତ୍ୟ

## ସନ୍ତୋଷିନୀ ଦାଶ (ଗିରି)

ସୁଖବେଳେ ମନେ କେବେ ବଳିନାହିଁ
ରାମନାମରେ
ଦୁଃଖ ବେଳେ ହରିନାମ
ତୁଣ୍ଡରୁ ଝରେ
ଜୀବନ ଯମୁନା ପାରିହେବାପାଇଁ
ଲାଗେ ଭାରି ଡର
କୋଉଁଠି କେଜାଣି ଆପଣାଲୋକ
କରିଦେବେ ସାତପର
ଆସିଥିଲେ ଏକା ଫେରିଯିବା ଏକା
ମଶାଣୀ ଭୂଇଁ ଶେଷ ଠିକଣା
କେତେ ପାପ କେତେ ପୁଣ୍ୟ ହେବ ହି ସାର
କେତେ ଅବା ଅଛି ବାକି ପାଉଣା
ପରଦୁଃଖରେ ସଦା ହେବା ସହାୟ
ବିଭୂ ପଦେ ରଖିଥିବା
ମନରେ ଲୟ
ସେଇ ପାରି କରିଦେବ
ଜୀବନ ନଉକା
କେହିଁ ନାହିଁ ସାଥେ
ଫେରିବା ଏକା...

*ଗୋପାଳପୁର, ବଢ଼ପଣି, କେନ୍ଦୁଝର*
*ଦୂରଭାଷ: ୬୩୭୦୫୬୦୫୫୪*

# ବିଭୋର ସ୍ୱପ୍ନର ଗୀତ

## ସୁକୁମାର ଦାସ

ଗାଡି ଟିକିଏ ବନ୍ଦ କର
ରାସ୍ତାରେ ଛିଡା ହୁଅ
ଟିକିଏ ଅଟକି ଯାଅ
ଚୁପ ରୁହ କିଛି ସମୟ
ଗଛ ଡାଳରେ ବସିଥିବା ଦୁଇଗୋଟି ପକ୍ଷୀର
ଗୀତଟିଏ ଶୁଣ, କଥାଟିଏ ଶୁଣ
କୂଜନର ମଧୁ ବୃନ୍ଦାବନ
ମନହରିଣୀ ସ୍ୱର ଓ ସ୍ୱପ୍ନର ରାଇଜ ତାର
ମଳୟ ପବନ ଦିହରେ
ଅଙ୍କିଦିଏ ବେପଥୁ ଶିହରଣ ।। ୦ ।।

ତୁମ ହୃଦୟର ଦ୍ୱାରଦେଶକୁ ଖୋଲାରଖ -
ଆଉ ଥରେ ଶୁଣ
ପକ୍ଷୀର ମିଳନର ଗୀତଟିଏ ଶୁଣ
ନୀଳ ଆକାଶର ଛାତି ଚିରି
ଦୌଡୁଛି ସମୟର ରଥ
ସମୟ ସାଥେ କଥାହୁଅ ଥରେ
ତାକୁ ଟିକେ ରହିବାକୁ କୁହ
ନୀଳସ୍ୱପ୍ନର ସବୁଜ ବିଶ୍ୱକୁ
ଆଉ ଟିକେ ଦେଖ
ଆକାଶ ଦିହରେ ଫୁଟିଛି ଫୁଲ
ତାକୁ ଥରେ ମନ କଥା କୁହ ।।

ବେପଥୁ ରାଗ ରାଗିଣୀର ଉଚ୍ଛୁର ଜୁଆର
ଇନ୍ଦ୍ରଧନୁର ତୂଳିକାରେ ଥରେ ହସି ଉଠୁ
ବିଶ୍ୱର ସ୍ୱପ୍ନର ମନ୍ଦାକିନୀ
ହସି ଉଠୁଥାଏ ପ୍ରକୃତି ରାଣୀର ଜବା ଅଧର
ନାଚି ଉଠେ ମୃଦୁମଳୟ ପବନର ସ୍ୱର
ଅସୀମର ଆଜି ଦୁର୍ବାର ଯାତ୍ରା
ଚାଲିଅଛି କଦମ ପକାଇ ବିଭୋରସ୍ୱପ୍ନ ମୋର
ହାତକୁ ହାତ ପାଦକୁ ଛନ୍ଦାଇ ନୃତ୍ୟର ସମାହାରେ
ପୂର୍ଣମୀର ଚନ୍ଦ୍ରମାର ଖୋଲା ହସ
ସୂର୍ଯ୍ୟର ଲାଲ ରଂଗରେ
ଶବ୍ଦ ପାଲଟେ ମୋର ଜୀବନର ଡାକ ।।

ମୋ ଜୀବନ ପଥ, ମୋର ନୀଳ ଆଖି
ବାଂଟୁଥାଏ ଚେତନାର ଫସଲ
ଖୁସିହୁଏ ବିବେକର ସ୍ୱର
ସଭିଙ୍କର ସୁଖ ଓ ଦୁଃଖର ହାଟରେ
ତୃଷିତ, ନିର୍ଯ୍ୟାତିତ, ଲାଂଛିତ ମଣିଷର
ବିଜୟ ପାଇଁ ଚିରକାଳ ପ୍ରାର୍ଥନାରତ
ସଭିଙ୍କର ଚଲାପଥ ହେଉ ପୁଷ୍ପିତ -
ଝୁରିମରେ ଏମାନଙ୍କ ପାଇଁ
ଆଗାମୀ କାଲି ରଚିବାକୁ
ଏକ ସୁନ୍ଦର, ମନ୍ତ୍ରମୁଗ୍ଧ ମଧୁ ବୃନ୍ଦାବନ ।।

*କବି ସଂସାର, ଆରୁହାବୃତ୍ତି, ଭୋଗରାଇ,*
*ବାଲେଶ୍ୱର-୭୫୬୦୭୯*
*ଦୂରଭାଷ: ୯୯୩୭୫୩୧୯୯୩*

# ଏବେ ତ ଶିହରିଉଠୁଛି ମାଟି

## ଚକ୍ରଧର ପଣ୍ଡା

ନିଖୋଜ ରହିବା ପରେ
ଅନେକ ଦିନ ଧରି
ଏଇତ ଆସିଛି ଫେରି
ଚତୁରୀ ରତୁକନ୍ୟା
ମୁକୁଳା କେଶଗୁଚ୍ଛରେ
ଭରା ସ୍ୱପ୍ନ କୁହୁକର ବନ୍ୟା ।।

ଛାତିର ଉଭରୀ ତାଆର
ଚୁମିଯାଏ ବାର ବାର
ବ୍ୟାଥାତୁର କଦମ୍ବର
ଆତୁର କୋହକୁ
ସନ୍ତାପିତ ଆଷାଢ଼ର

ଊଷର ଦେହକୁ ।।

ଏବେ ତ ଶିହରିଉଠୁଛି ମାଟି,
ଚଅଁରିଯାଉଛି ଘାସ ,
ଭିଜା ଭିଜା ପବନରେ
ନିବିଡ ଉଲ୍ଲାସ
ଚାତକର ବୟସରେ
ସବୁଜ ଉଚ୍ଛ୍ୱାସ ।।

ଏ ବେଳରେ
ପାଖରେ ଥାଆନ୍ତାକି ମୋ ପ୍ରିୟତମା
ଝୁମା ଝୁମା ସଜଳ ସବୁଜିମା
ଅନୁରାଗର କାନ୍ଥକୁ
ଲଟେଇ ଯାଆନ୍ତା ଛାଇଟିଏ
ଭୋକିଲା ଇଛାର,
ଭିଡିଧରନ୍ତା ଗୋଟାପଣେ
କୋରେଇ ଫୁଲଗଛକୁ
ବଣମଲ୍ଲୀ ଲତା
ବାସିଉଠନ୍ତା ମହ ମହ
ବର୍ଷାରେ ଛଳ ଛଳ
ବଉଳଫୁଲର ଡାଳ
ମଧୁମତୀ ଫୁଲସଞ୍ଜ
ରତ୍ନମତୀ  ନଦୀର କବିତା ।।

***ବରଡ଼େଶ୍ୱର, ବାରିକପୁର ବଜାର, ଭଦ୍ରକ***

# ପ୍ରିୟସଖୀ

## ଡ.ଗୋପାଳକୃଷ୍ଣ ଆଚାର୍ଯ୍ୟ

କେଉଁ କରମର ସୁଫଳଟେ ଥିଲ ସରିଗଲ
ଚାହୁଁଚାହୁଁ
କେଉଁ ବଗିଚାର ଶ୍ରୀଫଳଟେ ଥିଲ ଝଡିଗଲ
କହୁକହୁ
ଗଲାଣି ଯାଉସେ କିଛି କଥାନାହିଁ ସାଇତିଚି ତୁମ
ଛବି
ଲୋଡୁଚ କି ନାହିଁ ଏବେ ପ୍ରିୟସହୀ ମୁଁ କିନ୍ତୁ
ପ୍ରଣୟୀକବି।

ବିତିଟି ଗଲାଣି ବୟସର ସବୁ
ବେହରଣ ପ୍ରିୟସଖୀ
ମୁଁ କିନ୍ତୁ ବେହାଗ ରଚୁଚି ଏବକୁ
ତୁମ ପାଇଁ ଗୀତ ଲେଖି,
ବିତି ଯାଇଥିବା କାଳ ତ ଫେରେନା
ନଫେରିଲେ ଭାରି ଭଲ
ଫେରି ଆସିଥିଲେ ଅଲିଭା ଫଗୁଣେ
ହୁଅନ୍ତି କି କଲବଲ ॥

ପାପକୁ ଭାବିଣ ପୁଣ୍ୟ ଚନ୍ଦନ
ହରିଥିଲେ ଦେହୁ ତାପ
ସେହି ପାପ ଦିନେ ତପ ହୋଇଥିଲା
ଆଜି କିଆଁ ଅନୁତାପ,
କୁହ ଆଗୋ ସଖୀ ପ୍ରୀତିର ପାତକ
ଆଶୀଷ କି ଅଭିଶାପ।

ଗଲା ଭାସିଗଲା କାଗଜ ଡଙ୍ଗା ମୋ
ଚିଲେଇଲ ଧରଧର,
ନଇଁ ପଡିଚି ସେ ଅଧା ଜଡିଚି ସେ
ବୁଡିଯିବ ବୋଲି ଡର,
ପାଦେ ପାଦେ ପାଣି ଆତୁରରେ ଛାଣି
ସଲଖିଲି ଯେଉଁ ନାଆ
ସେ ନାଆ ପରିକା ଅଣେଇ ପଡିଚି
ଆଜି ମୋ କାଗଜ କା'
ସଖୀଗୋ !
ଥରଟିଏ ଦେଖି ଯାଆ।

ଏଇ ବରଷାରେ କେତେ ସରସାରେ
ତୁମେ ଭିଜୁଥିଲ କାହା ଭରସାରେ
ଟୋପା ଟୋପା ଜଳ ଓଠେ ଢଳଢଳ
ଲବଣ ମଧୁର ପ୍ରୀତି ଦୋରସାରେ,
ସଖୀ  !
ଏ କବି ସେହି କି କୁହ ଥରେ
(ମାଖି )ସ୍ମୃତି ସୁରଭିତ ଘନସାରେ।

ମୁଁ ମୋ ମନର ମାଲିକ ନଥିଲି
ତୁମେ ଯେବେ ପାଶେ ଥିଲ
ମନ ମିଶିଗଲେ ମାମଲା ଖଲାସ
ନମିଶିଲେ ପଡ଼ି ମଲ
ଏବେ ଅଧିପତି ମନ ମୁଲକର
ମରୁରେ ପୋତିଛି ଛତି
ତମ ପାଇଁ ଗୋଟେ ମନପବନର
ବାଜି ଉଠେ ଖାଲି ମାତି।

ଥିଲେ ଥିବି ଅବା ନଥିଲେ ନଥିବି
ଭାଳିବନି ପ୍ରିୟସଖୀ
ଏମିତି ପୃଥିବୀ ରହିଛି ଅନେକ
ଘଟଣାର ମୂକସାକ୍ଷୀ,
ଥିଲେ ଥିବି ଅବା ନଥିଲେ ନଥିବି
ଢାଳିବନି ଧାରେ ଲୁହ
ଲୁହ ସହ ବୋଧେ ପୋଛି ହୋଇଯିବ
ତୁମ ପ୍ରିୟସଖା ମୁହଁ।

***ସହକାରୀ ପ୍ରଫେସର,***
***ଓଡ଼ିଆ, ରମାଦେବୀ ମହିଳା ମହାବିଦ୍ୟାଳୟ,***
***ଭୁବନେଶ୍ୱର,***
***ଦୂରଭାଷ: ୯୭୭୬୫୪୬୧୩୦***

# ସଂପର୍କ

## ଗୌରାଙ୍ଗ ଚନ୍ଦ୍ର ଦାଶ

କାହାକୁ ମୁଁ କେତେ ଆମନ୍ତ୍ରଣ କରିବି
ଗୋଟେ ଭୋର ବେଳାରେ
ସମସ୍ତେ ତ ଲୁଚିଯାଇଛନ୍ତି
ରତୁର ଶେଷ ଦିଗବଳୟରେ ଓ
ଜହ୍ନ ଆଲୁଅର ପଛଭାଗରେ।

କାହାକୁ କେତେ ବା ଖୋଜିବି !

କେଉଁଠି ନା କେଉଁଠି ରହିଯାଇଚି
ଚିହ୍ନା ଚିହ୍ନା ମୁହଁଟିଏ
ରାଶି ରାଶି ସ୍ୱପ୍ନ ଏ ?
ଭିନ୍ନ ଭିନ୍ନ ରତୁର ଫଳକ।

ଏମିତି ତ ବଦଳେଇ ଦେଇଛି
ଇଚ୍ଛାମତୀ ନଈଟି ତାର ଗତିପଥ
ମାଟି ସବୁ ହଜେଇ ଦେଇଚି
ସେମାନଙ୍କର ବୟସ୍କ ଠିକଣା
ସ୍ନେହରେ ଲୁଚେଇ ଦେଇଚି
ବୟସର ନିବିଡ଼ ସଂପର୍କ
ମେଘରେ ଭିଜି ଯାଇଛି
ଝୁଲୁଥିବା ପରିଚୟ ପତ୍ରଟିଏ।

ଏମିତି ବେଳେବେଳେ
ପୃଥିବୀ ଭିତରେ କେହି ଜଣେ
ନିହାତି ନିଜର ରହି
ପର ପରି ଲାଗେ
ସେଇଥି ପାଇଁ ତ କବିତାରେ
ଲେଖି ହେଇଯାଏ
ସଂପର୍କର ସୁଅ।

କବିତା ତ ବାଂଟୁଥାଏ ସୁଖ ଦୁଃଖ
କବିତାରେ ଝରୁଥାଏ ଫୁଲର ପାଖୁଡା
ଏମିତି କବିତା ବଂଚି ରହୁ ସ୍ମୃତିହୋଇ
ହୃଦୟର କୋମଳ ବକ୍ଷରେ
କବିତା ବଂଚିଲେ ସଂପର୍କ ବଢ଼ିବ
ସମସ୍ତଙ୍କୁ ଆମନ୍ତ୍ରଣ କରିପାରିବି
ଗୋଟେ ଭୋର ବେଳାରେ....

ଘର ନଂ ସି/୯୨, ସେକଟର ୨୨,
ରାଉରକେଲା - ୭୬୯୦୦୭
ଦୂରଭାଷ: ୯୪୩୮୦୦୨୭୧୬

# ବର୍ଷା

ମୂଳ ଇଂରାଜୀ -
ଜ୍ୟାକ ଗିର୍ଲବଟ
ଅନୁବାଦକ :-
ନଗେନ୍ଦ୍ର ନାଥ ପଟ୍ଟନାୟକ

ଅଚାନକ ଏ ପରାଭବ !
ହେ ବର୍ଷା !
ନୀଳରଙ୍ଗ ସବୁ ଧୂସର ହୋଇଗଲା
ମାଟିଆ ରଙ୍ଗତକ ହୋଇଗଲା ବିବର୍ଣ୍ଣ
ପୀତରଙ୍ଗ ବଦଳିଗଲା
ଗାଢ଼ ମୋତି ରଙ୍ଗରେ।
ହେମାଳିଆ ଗଳିମାନଙ୍କ  ଦେଇ ଘୂରିବୁଲିଛି
ତୁମ ଉଷୁମିଆ ଦେହ।
କୌଣସି ପ୍ରକୋଷ୍ଠରେ ସ୍ଥିତି
ତୁମ ଡହକ ଶରୀରର
କିନ୍ତୁ ସବୁ ଲୋକଙ୍କ ମଧ୍ୟରେ ତୁମେ
ତେବେ ବି ଅନୁପସ୍ଥିତ
ଲୋକଙ୍କ ଭିତରେ ତୁମେ ଯେମିତି
ତୁମେ ହୋଇ ରହିନାହଁ।
ଦ୍ରୁମମାନଙ୍କ ସଙ୍ଗେ ମୁଁ ସଦାବେଳେ
ସହଜ ସ୍ୱାଭାବିକ ଭାବେ ମୋର ଅବସ୍ଥିତି
କିଏ ଜାଣେ କେତେବେଳୁ
ପାହାଡମାଳାଙ୍କ ଭିତରୁ ଅଧିକାଂଶ
ସମୀପବର୍ତ୍ତୀ
ଆନନ୍ଦରେ ରହିବା ମୋର ଗୋଟିଏ
ଆଦତ ହୋଇସାରିଛି।
ଆଉ ଏବେ ହଠାତ୍
ଏ ବର୍ଷା !

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,*
*ଓଡ଼ିଶା ସରକାର, ଓସ୍କାର ସିଟି,*
*ଲେନ୍ ନଂ- ୯, ପ୍ଲଟ ନଂ- ୪୫୬,*
*ଲକ୍ଷ୍ମୀ ସାଗର କେନାଲ ରୋଡ଼, ଭୁବନେଶ୍ୱର*
*ଦୂରଭାଷ: ୯୪୩୮୩୩୨୧୩୮*

# ବାପାଙ୍କ ପାଇଁ ଗୀତ

ସୁଶାନ୍ତ ଦାଶ

ସମୁଦ୍ରର ପାଣି ଶୁଖିପାରେ
ମରୁଭୂମିରେ
ସାଗର ସୃଷ୍ଟି ହୋଇପାରେ
ଆକାଶ ମୁଁ ପହଁଚି ପାରେ
ପାତାଳରେ ବି
ସବୁ ଅସମ୍ଭବ ବିତଣ୍ଡା କଥା
ସମ୍ଭବ ହୋଇ ପାରେ
ହେଲେ, ମୋ ବାପାଙ୍କ  ପ୍ରେମ
କିଏ ଅଛି ଏଠି, ଯିଏ ମାପିପାରେ।

ଏଠି ବାପାଙ୍କୁ
କିଏ କହେ ଛାତ,
କିଏ କହେ ବରଗଛ
କିଏ କହେ କାନ୍ଥ
କିଂତୁ
ମୁଁ କହେ ବାପା ମୋର
ଈଶ୍ୱର ସାକ୍ଷାତ ଈଶ୍ୱର।

ମୋ ବାପା କହନ୍ତି
ମୁଁ କୁଆଡେ ତାଙ୍କର
କଳିଜା, ତାଙ୍କର ହୃଦୟ
ତାଙ୍କରି ଗୋଡ଼  ହାତ
ଆଖିର ପିତୁଳା
ମୁଁ ତାଙ୍କର ଆତ୍ମା
ସେ ଦେଖୁଥିବା
ପ୍ରତିଦିନର ଛାଇ
ତାଙ୍କ ଧମନୀରେ ବହୁଥିବା
ତାଜା ତାଜା ରକ୍ତ।

ବାପାଙ୍କୁ ନେଇ
ଗପ କବିତା  ଲେଖୁଥିବା
ଜାକିର ଖାନ, ସୁଧୀର ମେହେର,
ସନ୍ୟାସୀ ନାୟକ, ସୁଶାନ୍ତ ଦାଶ,
ସଂଘମିତ୍ରା ଦଳେଇଙ୍କ ଭଳି ସବୁ
ଲେଖକ ଅମର ରହିବେ,
ବାପା ମାନଙ୍କୁ ଏମାନେ
ଦେହରେ ମନରେ ଆତ୍ମାରେ ରଖନ୍ତି ସମସ୍ତେ
କହିବେ।

*'ନୀଳାଦ୍ରି ନିବାସ', ବ୍ରହ୍ମପୁର -(ଓଡିଶା)*

*ପିନ୍ - ୭୬୦୦୦୪*
*ଦୂରଭାଷ: ୯୪୩୭୦୨୫୦୯୭*

# ସମାଜ ହାତରେ ହାତକଡି

ଡକ୍ଟର ସଂଜୀବ କୁମାର
ପାଣିଗ୍ରାହୀ

ସମାଜ ଏବେ ବନ୍ଧା ପଡିଛି
ସେମାନଙ୍କ ହାତେ
ଯେଉଁମାନେ ଦିନରାତି ଟଙ୍କାର ମହକରେ
ମହକନ୍ତି
ରାଜନୀତିର ପଶାପାଲିରେ ଜୁଆଖେଳନ୍ତି
ସତକୁ ମିଛ ଓ
ମିଛକୁ ସତ କରିପାରନ୍ତି
ମାନବିକତା ଏଠି ନେଇଛି
ଚିର ସନ୍ନ୍ୟାସ
ହାଟରେ ବାଟରେ ଘାଟରେ
ମୁଖା ପିନ୍ଧା ମଣିଷ
ହୃଦୟ ମଧ୍ୟରେ
ବ୍ୟାଘ୍ର ଭଲ୍ଲୁକର ହିଂସ୍ରତା
ମୁଖରେ ମେଚଂଏ କୃତିମ ହସ
ମିଥ୍ୟା ପ୍ରତିଶ୍ରୁତି ଦେଇ
ମଣିଷପଣିଆର ସୀମା ସରହଦ ଡେଇଁ
କଳା ଟଙ୍କାର ପାହାଡ ଉପରେ ବସି
ହସୁଥାନ୍ତି ଦୁର୍ନୀତି ଜଗତର ବାଦ୍‌ଶାହାପରି
କେତେଦିନ ଚାଲିଥିବ ଏହି ଖେଳ
ଆସିବ ନିଶ୍ଚୟେତ ଅନ୍ତିମ ବେଳ।

*ଡକ୍ଟର ସଂଜୀବ କୁମାର ପାଣିଗ୍ରାହୀ*
*ସା/ପୋ-କୋଷ୍ଠା, ଭାୟା-ବାରିପଦା*
*ଜିଲ୍ଲା-ମୟୂରଭଂଜ, ପିନ୍-୭୫୭୦୮୪*
*ଦୂରଭାଷ: ୯୪୩୮୪୭୦୦୨୭*



# ପୁରୁଣା ଛାଇମାନଙ୍କ ଚିତ୍ର

## ଯୋଗେନ୍ଦ୍ର କୁମାର ନାୟକ

କେବେବି ଜାଣି ପାରିଲିନି
ଦେହର ଉଦାସ କଳାପଟାରୁ
କରୁଣ ସମୟର ଡଷ୍ଟର
କେବେଠୁ ପୋଛିନେଲା
ଯେତେ ପୁରୁଣା ଛାଇମାନଙ୍କ ଚିତ୍ର।

କେତେ କଇଁଫୁଲର ସକାଳ
ଉଦୁଉଦିଆ ଦ୍ୱିପହର ଖରାବେଳ
ଝାଉଁବଣର ତତଲା ଝାଂଜି
ହଜିଗଲା ଯେ ଗଲା
ଜଣା ନ ପଡ଼ିଲା।

ସଂଜୁଆଳି ପବନରେ
ଦୋହଲୁଥିବା ମାଛି ଅଂଧାର
ଅଧରାତିରେ ମିଂଜି ମିଂଜି ଜଳୁଥିବା
ମଶାଣୀର ଡାହାଣୀ ଆଲୁଅ
ଦୃଶ୍ୟପଟରୁ ଅନ୍ତର୍ଦ୍ଧାନ।

ପୋଖରୀ ତୁଠରେ ବାଲୁକା ଥାପି
ଶ୍ରାବଣର ପୂଜାକରିଥିବା ଜେଜେମା
ଶୁଭ ମନାସି ମନାସି
କେବେଠୁ ଚାଲିଗଲାଣି।

ତା ଦରଦୀ ଆଖିକୋଣରୁ ଝରିଥିବା
ବାତ୍ସଲ୍ୟର ଦୁଇଧାର କଂଚାଲୁହ
ଅଜାଣତେ କେତେବେଳେ ଝରିଯାଏ
ଦୁଇ ଆଖି ଛଳ ଛଳ କରି
ଯେତେବେଳେ ସେ ଖୁବ୍ ମନେପଡ଼େ।

ତା ବାଲୁକା ପିଣ୍ଡ ଉପରେ
ଖୋସିଥିବା କେନ୍ଦୁଡ଼ି ଫୁଲ
ଆଉ କୋଉଠି କେବେ
ଦିଶେନି ଫୁଟିବାର
ସେ ନିଆରା ଫୁଲରଚିତ୍ର
କେବେଠୁ ଲୁଚିଗଲାଣି ପତାତଳେ।

ହେଲେ ପୁରୁଣା ଫୁଲମାନଙ୍କ
ମତାଣିଆ ବାସ୍ନା
ହଜିଗଲାଣି ନାକପୁଡ଼ାରୁ
ଯେବେଠୁ ଜେଜେମା ଆମର
ମାଟି ସାଥେ ମିଶି ମାଟିହେଲା।

ଇଡ଼ି ଯାଇଥିବା ଦୁଆତର କାଳି
ଗଡ଼ି ଯାଇଥିବା ସମୟର ଚଇତାଳି
ଫୁଲଫୁଟା ଶୀତୁଆ ସକାଳ
ଓଳାପାଖ ଶ୍ରାବଣର ଝର୍ଝର
ଆଉକି ପାଖରେ ଅଛି ଛୁଇଁବାକୁ!

ଛାତିତଳେ ସାଇତିଥିବା ଦୁଃଖ
ଗାଆଁ ମୁଣ୍ଡରେ ଛାଡ଼ିଆସିଥିବା
ମଲାସୁଖମାନଙ୍କସ୍ମୃତି
କେହିସତେସବୁକିଛିନେଇ
ଚାଲି ଯାଉଛି
ଓମୟର ଲୁଚକାଳି ଖେଳି।

ବେଜାଏ ସୁକୁ ସୁକୁ ଡାକୁଥିବା
ଆତ୍ମହରା ଶବ୍ଦଙ୍କ ଛଡ଼ା
ଆଉ ମୋ ପାଖେ ଦବା ପାଇଁ
କ'ଣ ଅବା ଅଛି ଯେ
ଗଲାବେଳେ ତୁମକୁ ଦେଇଯିବି!

*ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ,*
*ମହିଳା ଓ ଶିଶୁ ବିକାଶ ବିଭାଗ, ଲୋକସେବା*
*ଭବନ, ଭୁବନେଶ୍ୱର-୧, ଦୂରଭାଷ:*
*୯୪୩୭୭୩୦୧୫୨୭*

# ଜଳଛବି

## ରଞ୍ଜନ ବାଗ

ଦୀର୍ଘ ବର୍ଷ ପରେ
ଏକ ସାମାଜିକ କାର୍ଯ୍ୟରେ
ଯାଇଥିଲି ମୋ ଗାଁକୁ ।
ଚିହ୍ନି ହେଲା ନାହିଁ, ସେଦିନର ମୋ ଗାଁ
ଆଉ ଗାଁ ହୋଇନଥିଲା,
ଚାରିପଟେ ପରିବର୍ତ୍ତନ ଆଉ
ବିକାଶର ଧାରା ବଦଳାଇ ଦେଇଥିଲା
ମୋ ଗାଁର ଛବିକୁ ।
ଛକରେ ଦୋକାନ ବଜାର
ଗୋଟିଏ ଛୋଟ ସହରର
ଭ୍ରମ ସୃଷ୍ଟି କରୁଥିଲା ।
ଗାଁ ମୁଣ୍ଡରେ ଥିବା
ପ୍ରାଥମିକ ବିଦ୍ୟାଳୟ ବି
ନୂଆ ନୂଆ ଦିଶୁଥିଲା।
ସେଇଟି ଥିବା ସେହି
ଝଙ୍କାଳିଆ ବରଗଛଟି କିନ୍ତୁ
ଛିଡ଼ା ହୋଇଥିଲା ନିର୍ବିକାର ଠାଣିରେ
ଶତାବ୍ଦୀର ମୁକସାକ୍ଷୀ ପରି ।
ତେବେ ସେଇଠୁ ଅଳ୍ପ ଦୂରରେ ଥିବା
ଆମ୍ବ ଗଛଟିକୁ ଗୋଟିଏ ଆତ୍ମୀୟତାରେ
ଖୋଜିଲି,ହେଲେ ତାର ଚିହ୍ନବର୍ଣ୍ଣ ନଥିଲା ।
ପଚାରି ବୁଝିଲି ବିଗତ ବାତ୍ୟାରେ
ଗଛଟି ଉପୁଡ଼ି ଯାଇଥିଲା ।
ମୋର ବାଲ୍ୟ ଜୀବନ ଚପଳାମିର
ତା ସହ ଥିଲା ଅନ୍ତରଙ୍ଗ ସମ୍ପର୍କ ।
ଖେଳ ଛୁଟିରେ ସେ ଗଛରୁ
ଟେକାମାରି ଆମ୍ବ ଖସାଇବାର
ପ୍ରତିଯୋଗୀତାରେ ଅନେକ ଥର
ବିଜୟୀ ହେବାର ରୋମାଞ୍ଚ
ଆଜିବି ମନେ ପଡ଼େ ।
ଅତିତର ଅନେକ କଥା
ଆଜି ଜଳଛବି ପରି ଝଲସି ଉଠୁଛି ।
ମୋ ଗାଁର ସେ ସମୟର
ମୁରବୀମାନେ ଆଉ ଦିଶୁ ନାହାଁନ୍ତି,
କୁଆଡ଼େ ଗଲେ ସେହି ଭଲ ମଣିଷମାନେ!
ସ୍କୁଲ ବେଳର ଅନେକ ସାଙ୍ଗ ସାଥି
ଅବେଳରେ ବାହୁଡ଼ି ଗଲେଣି
ଯେଉଁମାନେ ଅଛନ୍ତି ସେମାନେ
ମୋତେ ଆଉ ଚିହ୍ନି ପାରୁ ନଥିଲେ ।
ସେମାନଙ୍କୁ ଯେମିତି
ଗୋଟାଏ ଅକାଳ ବାର୍ଦ୍ଧକ୍ୟ
କବଳିତ କରି ନେଇଥିଲା ।
ନୂଆ ପିଢ଼ିର ଯୁବକମାନେ
ମୋତେ କାହିଁକି ବା ଚିହ୍ନିବେ ?
ଆମ ସାହି କୁଟୁମ୍ବର
ବଡ଼ବାପା, ବଡ଼ମା, କାକା, ଖୁଡ଼ି
କେହି ବି ନଥିଲେ ।
ମୁଁ କିନ୍ତୁ ସେମାନଙ୍କୁ ଦେଖିପାରୁ ଥିଲି
ଅତିତର ଆଇନାରେ ।
ସେମାନଙ୍କ ଅନାବିଳ ସ୍ନେହ
ମୋତେ ରୁନ୍ଧି ପକାଉଥିଲା ।
ଚାରିଆଡ଼େ ଖାଁ ଖାଁ ଭାବ
ମୋ ଗାଁ ମୋତେ
ଅଚିହ୍ନା ଅଚିହ୍ନା ଲାଗୁଥିଲା ।
କିଏ ଯେମିତି କହୁଥିଲା
ତୁ ଯେଉଁ ଗାଁକୁ ଖୋଜୁଛୁ
ସେ ଆଉ ନାହିଁ, ତୁ ଫେରିଯା ।

ସୁତରାଂ ମୁଁ କାର୍ଯ୍ୟ ସାରି
ତରବରରେ ଫେରିଆସିଥିଲି ସହରକୁ ।
ସେବେ ଠାରୁ ମୁଁ ଆଉ
ଗାଁ ମୁହାଁ ହୋଇ ନାହିଁ ।

*ଏମ୍‌ଏ (ଓଡ଼ିଆ), ବରିଷ୍ଠ ସାମ୍ବାଦିକ,*
*ମଲ୍ଲିକାଶପୁର, ବାଲେଶ୍ୱର*
*ଦୂରଭାଷ: ୯୪୩୭୨୬୪୩୩୬*

# ବସୁଧା

**ଡକ୍ଟର ସୁରେଶ ଚନ୍ଦ୍ର ପଣ୍ଡା**

ଅକପଟ ଭରସାରୁ
ସଜଳ ଜୀବନ ନଉକା
ପଥରୁ ପାନୁ
ଯାହା, ଚିରକାଳ ଦେଖା ।

ଯିଏ ଗର୍ଭ ଫାଡ଼ି ଜନ୍ମଦେଇ
ପଣତ ମେଲାଇ ଦେଇଛି
କୀଟ ପତଙ୍ଗଠୁ ଦୁର୍ଲ୍ଲଭ ମଣିଷ
କାହାକୁ ବି ଅନାଥ କରିନି,
ପାନ ବରଜରୁ ବଣିକ
ଶ୍ରମିକଠୁ, ଠିକାଦାର, ଶିଳ୍ପ ମାଲିକ
ପ୍ରକୃତି ଖଣି ଓ ଖାଦାନ
ସବୁ ସମୟାନ୍ତରରେ
ଅରପି ଦେଇ ଚାଲିଛି ଯେ
ଜମା ଅଟକି ଯାଇନି ।

ତା'ର କେଉଁ କଥା ବଖାଣିବା ଯେ,
ପରିବାର ଠାରୁ ରାଜ ନଅର
ନାରୀ ଠାରୁ ରାଣୀ ହଂସପୁର
ଶୁଣିଛି ଅଭିଯୋଗ
ବର୍ଷା, ବୈଶାଖ, ବସନ୍ତ
ଭାତହାଣ୍ଡି ପାଲଟିଛି,
ମାଣବସାରେ ସେ କେଶବତୀ
ରଜରେ ରସସ୍ନିଗ୍ଧା ଲାଜବତୀ
ଧର୍ମ ପାପୁଲିରେ ମାଟି ମା'
ଅନେକ ସହିଛି ବିଦଗ୍ଧ କବିର ତୂଳୀରେ
ଲୁହାର ରୂପକୁ ତୋଳିଛି ।
କେବେ ସେ ଲୁହର କିଆରୀରେ
ଆନନ୍ଦ ଲହରୀ ତ
ଆଉ କେବେ ବ୍ୟଥାର ବଳୟରେ
ଭାବର କରୁଣାନିଧି
ଚିରକାଳ ପଣତରେ
ଆବୋରି ନେଇଛି
ପଥରୁ ପାନୁ
ଅକପଟ ଭରସା ସାଜିଛି ।

*କଳିଂଗନଗର, ଭଂଜନଗର*
*ଦୂରଭାଷ: ୯୪୩୮୫୭୧୯୧୫*

# ଡର ନାହିଁ ଅନ୍ଧାରକୁ

**ସୁବାସ ଚନ୍ଦ୍ର ସାହୁ**

ଆ ଚାଲିଆ'
ଏଇ ଅନ୍ଧାରରେ
କ'ଣ ଏତେ ଡରୁଛି ଯେ
ଏବେ ତ
ଅନ୍ଧାର ଚାରିଆଡ଼େ
ସଇତାନମାନଙ୍କର, ରକ୍ଷକମାନଙ୍କର
ଉପରେ ଧଳା ପିନ୍ଧି
ଭିତରେ ଅନ୍ଧାରରେ ବାଡ଼ି ବୁଲାଉଥିବା
ଛଳନାକାରୀମାନଙ୍କର,
ହସୁଥିବା ଶକୁନିମାନଙ୍କର
କେଉଁଠି ତୁ ପାଇବୁ ଯେ
ଆଲୋକର ସ୍ପର୍ଶ
ମଣିଷମାନଙ୍କର ସଂଖ୍ୟା ତ
ଏବେ କମି କମି ଆସୁଛି ଯେ !

*ଜାରକା, ଯାଜପୁର*
*ଦୂରଭାଷ: ୮୨୮୦୮୫୭୨୮୮*

# ନୀରବ ମିଳନ

**କୃଷ୍ଣଚନ୍ଦ୍ର ରଥ**

ଇଚ୍ଛା ହୁଏ ତୁମ ସହ ନୀରବରେ
ବସିବାକୁ ସାଗର ବେଳାରେ
ବିତିଯାଇଥିବା ଦିନର ସ୍ମୃତି ଖୋଜି
ହଜି ବାକୁ ସମୟ ସ୍ରୋତରେ
ତୁମ ଆମ ବାର୍ତ୍ତାଳାପରେ
ଶବ୍ଦମାନଙ୍କୁ ଫେରାଇ ଆଣିବାକୁ
ବୃଥା ମୋର ପ୍ରୟାସ ।

ଯଦିଓ ନୀରବତା ଆମକୁ
ଦେଇଥିଲା ସୁଯୋଗ
ଲେଖିବାକୁ ସୁନ୍ଦର କବିତା,
କବିତା ଲେଖୁ ଲେଖୁ ଆମର
ବଢିଥିଲା ଗଭୀର ଆତ୍ମୀୟତା
ଆତ୍ମୀୟତାରୁ ଆରମ୍ଭ ହୋଇଥିଲା ପ୍ରେମ ।

ମୁଁ ଦେଖିଥିଲି ତୁମ ଆଖିରେ
ନୀଳ ସମୁଦ୍ରର ମାଳମାଳ ଢେଉ
ଶରୀରରୁ ବିଚ୍ଛୁରିତ ହେଉଥିଲା
ରୂପା ଜହ୍ନର ତରଙ୍ଗ
ଆମ ଦୁହିଁଙ୍କର ମନ
ଭିଜୁଥିଲା ଯୌବନର ସାତ ରଙ୍ଗରେ
କୋଣାର୍କର କାରୁକାର୍ଯ୍ୟରେ
ବିମଣ୍ଡିତ ଥିଲା ତୁମ ଚାରୁଚିତ୍ରଶାଳା
ତୁମର ସେ ମୁଗ୍ଧ ଚାହାଣୀରେ
ଭରି ରହିଥିଲା ଅଦ୍ଭୁତ ପାଗଳ ପଣ ।

ତୁମ ନୀରବ ଆଖିରୁ ଝରୁଥିବା
ଶ୍ରାବଣର ଲୁହଥିଲା କେତେ ମାର୍ମିକ
ମୋ ମନ ଆକାଶରେ ଖେଳିଯାଉଥିଲା
ଅସୁମାରି ଚନ୍ଦନ ନଈର ମହକ
ତୁମେ ନୀରବରେ ଅନ୍ୟମନସ୍କ ହୋଇ
କଥା ହେଉଥିଲ ଶରଦୀୟ ଜହ୍ନ ସଙ୍ଗେ
ଜହ୍ନ କଣ ବୁଝିପାରୁଥିଲା
ତୁମ ମନ ଗହନର
ଅନ୍ତର ଭାବନା ? ! !
ମୁଁ କେମିତି ଜାଣିପାରିଲିନି
ତୁମର ସେ ନୀଳସ୍ୱପ୍ନ
କାହା ଉଦ୍ଦେଶ୍ୟରେ ଥିଲା
ସମୟ ମୋ ହାତ ଛାଡ଼ି
ଦୌଡିଥିଲା ଆଗକୁ ଆଗକୁ
ଛିଡିଯାଇଥିଲା ସଂପର୍କର ସୂତାଖିଅ
ହଜି ଯାଇଥିଲ, ତୁମେ ସୀମା ହୀନ
କେଉଁ ରାଇଜରେ ।

ମୁଁ ଏବେ ଏକାକୀ
ଠିଆ ହୋଇଛି ସାଗର କୂଳରେ
ଆକାଶ ସାରା ତାରାଫୁଲର ମେଳଣ
ଚାନ୍ଦିନୀ ରାତିର ମଧୁ ଲଗ୍ନରେ
ଖେଳି ବୁଲୁଛି ମଳୟ ପବନ
ଏ ମହାର୍ଘ୍ୟ ମୁହର୍ତ୍ତ ଯେବେ ଆସେ
ମନେ ପଡେ ତୁମ ଆମ ପୁରୁଣା ମିଳନ ।

*ଖୁଣ୍ଟିଆ ସାହି, ପୁରୀ*
*ଦୂରଭାଷ: ୮୨୪୯୩୨୫୧୦୫*

# ଦେହ

## ସୁଶାନ୍ତ କୁମାର ନାୟକ

ଶ୍ୱାସ ପ୍ରଶ୍ୱାସ ଚାଲିବା ବାଟରେ
ଅଟକି ରହେ ମୃତ୍ୟୁର ପାଦ।

ବାରମ୍ବାର ଆତ୍ମହତ୍ୟା କରେ
କାକର ଟୋପାରେ ବନ୍ଧା ଜୀବନ।

ଗଛ ଛାଇରେ ଆତ୍ମ ସମୀକ୍ଷା କରେ
ବଂଚିବାର କଳା କୌଶଳ।

ଡଙ୍ଗର ତଳ ଗାଆଁରେ
ସଳପ ରସର ନିଶାରେ ସ୍ୱପ୍ନଦେଖେ
ମୋହଗ୍ରସ୍ତ ମାଟିର ଫୁଙ୍ଗୁଳା ଦେହ।

ଈଶ୍ୱରଙ୍କ ଚାରିପଟେ ଘୁରୁଥିବା
ଧ୍ୱସ୍ତ ବିଧ୍ୱସ୍ତ ପୃଥିବୀର
ମେରୁଦଣ୍ଡ ଭାଙ୍ଗି
ଶୂନ୍ୟତାର ସିଢ଼ି ଚଢ଼େ
ହାତଗୋଡ଼ ନ ଥିବା
ଡିମା ଡ଼ିମା ଆଖି।

ମୃତ୍ୟୁର ଦୁଇକୂଳ ଲଙ୍ଘି
ଜୀବନର ସୁଅକୁ
କୋଳେଇ ନିଏ ମଝି ସମୁଦ୍ର,
ଆକାଶର ରଙ୍ଗରେ
ସଜାଇବାକୁ ନିଜ ଦେହ ।

ହଠାତ୍ ଶୂନ୍ୟରୁ
ଶୂନ୍ୟତାର ଗର୍ଭ ଗୃହରୁ ଲମ୍ଫଦିଏ
ଦେହ ବିହୀନ ହାତ ଓ ପାଦ।

ଏବେ ସାମ୍ନା ଦର୍ପଣରେ
ଠିଆ ହୋଇଥିବା ଚରିତ୍ରଟି
ଯେ ଅନେକ ଦିନରୁ
ଆତ୍ମହତ୍ୟା କରି ସାରିଛି
ଏଇ କଥା ଭାବୁ ଭାବୁ
ଦର୍ପଣର କାଚ ସବୁ ଭାଙ୍ଗି
ତଳେ ପଡ଼ି ସାଉଁଟୁଥାନ୍ତି
ରକ୍ତ ଜୁଡୁବୁଡୁ ଦେହକୁ।

*ପଞ୍ଚବଟୀ ନଗର-୨ୟ ଲେନ୍,*
*ରାୟଗଡ଼-୭୬୫୦୦୧*
*ଦୂରଭାଷ: ୯୪୩୭୧୧୮୮୨୨*

# ଶେଷ ଇଚ୍ଛା

## ସ୍ନେହା ରଥ

ସେଦିନ କେମିତି ରାତି ପାହିଥିଲା କେଜାଣି
ସୂର୍ଯ୍ୟ ଉଦୟ ହେବା ପୂର୍ବରୁ,
ସବୁ କିଛି ବୁଝିବା ଆଗରୁ
ଟ୍ୟୁଲିପ୍, ଗୋଲାପ ସବୁ ହୋଇଗଲେ ଚୁପ୍‌ଚାପ୍
ବୋଧହୁଏ ତୃତୀୟ ନୟନରେ ସବୁକିଛି ଦେଖି
ସାରିଥିଲେ।
ନୀରବରେ ଝରିଗଲା ପରେ
ତୁହାକୁ ତୁହା କାନ୍ଦି ଉଠୁଥିଲା କାଶ୍ମୀର ମାଟିର
ଧୂଳି ଧୂସର ଶରୀର।
ସଜଫୁଟା ଫୁଲ ଅକାଳରେ ଲୋଟୁଥିଲା
ଜନ୍ମର ସାର୍ଥକତା ଆଉ ନାହିଁ।
ଶିଡେଇ ପଡ଼ିଲା ପତ୍ର।
ଦର ଓଦା ମାଟି।
ସମୟ ନଥିବ, ନଥିବ ବି ଆୟୁଷ
ସମୟ ଅତିକ୍ରାନ୍ତ ହୁଏ, ଅଥଚ
ସମ୍ଭାବନା ମରେ ନାହିଁ।
ଘଟଣା ଘଟିଯାଏ, ହେଲେ ସ୍ମୃତି ଲିଭେ ନାହିଁ
କାଶ୍ମୀର ମାଟିରେ କି ବିଭତ୍ସ କଦାକାର ରୂପ,
କି କରୁଣ ଧ୍ୱନି।
କେମିତି ବର୍ଣ୍ଣିବି ସେ ବୁକୁଫଟା କରୁଣ ଦୃଶ୍ୟ।
ହଠାତ୍ ଗୁଡୁମ୍, ଗୁଡୁମ୍ ଶବ୍ଦ
କେତେ ଜଣ ଆତତାୟୀଙ୍କ ଗୁଳିରେ ଚାହୁଁ ଚାହୁଁ
ଲିଭିଗଲା ନିରୀହ ନାରୀଙ୍କ ସୀମାନ୍ତରୁ
ସୁହାଗ ସିନ୍ଦୂର।
ଉଜୁଡ଼ିଗଲା ସୁଖ ସୌଭାଗ୍ୟ
ଅଶ୍ଳୀଳ ଅନଳରେ ଜଳେ କରୁଣ ଜୀବନ
ବିସ୍ଫୋରଣର ପ୍ରଚଣ୍ଡ ଶବ୍ଦରେ
ଥରିଗଲା କାଶ୍ମୀରର ଛାତି
ବଣ ଜଙ୍ଗଲ, ଉପତ୍ୟକାରେ ଛାଇଗଲା ହାହାକାର
ଜଙ୍ଗଲରେ ମିଶିଗଲା କିଛି କାନ୍ଦଣା
ସ୍ୱର୍ଗର ନନ୍ଦନ ବନରେ ଶୁଭେ ଚିତ୍କାର
ନାଲି, ନେଳି, ଧଳା ରଙ୍ଗ ବେରଙ୍ଗର
ଟିଉଲିପ୍ ଆଉ
ଗୋଲାପ ପାଖୁଡ଼ାରୁ ଝରିପଡ଼େ ଧାର ଧାର ଲୁହ।
ଦୂର ଗଛ ଡାଳରୁ କପୋତ କପୋତୀ ଦୁଇଟି
ବାହୁନି, ବାହୁନି କାନ୍ଦୁଥିଲେ।
ଧର୍ମ କଣ ରକ୍ତପାତର ସୂତ୍ରପାତ ?
ଧର୍ମ କଣ କାଶ୍ମୀରର ଗଣହତ୍ୟାର କାରଣ!!!
ସମୟକୁ ଧିକ୍କାର କରି ମନକୁ ସାନ୍ତ୍ୱନା ଦେଇ,
ତଥାପି ଆଶାକୁ ଅଞ୍ଜଳିରେ ତୋଳି---
ଆହା ଶବ୍ଦ କହି ଟିଉଲିପ୍, ଗୋଲାପ ଶେଷ ଇଚ୍ଛା
ପୂରଣ କରିବେ ନିଶ୍ଚୟ।

*୪-ବି, ଜୟ ଦୁର୍ଗା ନଗର, ବମିଖାଲ, କଟକ*
*ରୋଡ଼, ଭୁବନେଶ୍ୱର*
*ଦୂରଭାଷ: ୯୪୩୭୨୧୧୮୦୩*



ଅନୁବାଦ ଉପନ୍ୟାସ

# ସାତ ଫେରରେ ବନ୍ଧା

ମୂଳଲେଖା - ପ୍ରଭାବତୀ ଦେବୀ
ଭାଷାନ୍ତର - ସୁପ୍ରଭା ରାୟ

ଉଣେଇଶହ ଅଣଷଠିର କୋଲକାତା।

ପୂରା କୋଲକାତା ସହର ସେତେବେଳେ ଜଳୁଛି ଗୋଟିଏ ଭୟାବହ ନିଆଁର ବନ୍ୟାରେ। ଖାଦ୍ୟର ଦୁର୍ମୂଲ୍ୟ ସେତେବେଳେ ହେଇନାହିଁ ବର୍ତ୍ତମାନ ପରି। ତେବେବି ଯାହା ବୃଦ୍ଧି ପାଇଥିଲା, ସେଥିରେ ଆରମ୍ଭ ହେଇଥିଲା ଖାଦ୍ୟ ଆନ୍ଦୋଳନ।

ଜନତା ଆଉ ପୋଲିସ ଭିତରେ ଖଣ୍ଡ ଯୁଦ୍ଧ ଚାଲିଥିଲା ସର୍ବତ୍ର।

ଷ୍ଟେଟ ବସ୍‌ର ଗୁମୁଟି ଗୁଡ଼ାକ ଜଳୁଛି।

ଟ୍ରାମ୍‌ରେ ବି ନିଆଁ ଲଗାଇ ଦିଆହେଇଛି। ପୂରା ଉତ୍ତର କୋଲକାତା ଏବଂ ଦକ୍ଷିଣ କୋଲକାତାର କିଛି ଅଂଶରେ ଚାଲିଛି ଉତ୍ତେଜନା।

ମାଣିକତଲା ମୋଡ଼ରେ ବସ୍‌ର ଗୁମୁଟିରୁ ପୋଲିସ ଛିଡ଼ା ହେବାର ଷ୍ଟାଣ୍ଡ ପର୍ଯ୍ୟନ୍ତ ପୋଡ଼ି ଦେଇଛନ୍ତି ଜନତା।

ଏସବୁ ଅଜୟ ନିଜ ଆଖିରେ ଦେଖିଛନ୍ତି।

ଅଫିସ ଯାଉଥିଲେ ଅଜୟ ପ୍ରାଣକୁ ହାତରେ ଧରି। ପୁଣି ଫେରି ଆସୁଥିଲେ ସେଇପରି ଖୁବ୍ ସାବଧାନରେ। କାରଣ ପୂରା କୋଲକାତାର ସେତେବେଳେ ଅନ୍ୟ ମୂର୍ତ୍ତି।

ସେ ସେତେବେଳେ କାମ କରୁଥିଲେ ରାମନାଥ ସାହା ଲେନ୍‌ର ଗୋଟାଏ ଛାପାଖାନାରେ। ବୀଣାପାଣି ପ୍ରିଣ୍ଟିଂପ୍ରେସ୍।

ଫେରିବାକୁ ରାତି ହେଉଥିଲା। ସେମାନଙ୍କର ଘର ଥିଲା ଶିଆଳଦହ ଅଞ୍ଚଳର ଅଖିଳ ମିସ୍ତ୍ରୀ ଲେନ୍‌ରେ। ରାତିରେ ବସ୍ ନଚାଲିଲେ ତାଙ୍କୁ ଚାଲି ଚାଲି ଫେରିବାକୁ ହୁଏ। ରାମନାଥ ସାହା ଲେନ୍‌ରୁ ପାଞ୍ଚ ମିନିଟ୍‌ର ରାସ୍ତା ମାଣିକତଲା। ସେଇ ଜାଗାରୁ ଚାଲି ଶିଆଳଦହ।

ସେଦିନ ମଧ୍ୟ ସେ ସେଇଆ କରିବେ ବୋଲି ଠିକ୍ କରିଥିଲେ। ଚାରିଆଡ଼େ ବହୁତ ଗଣ୍ଡଗୋଳ। ମାଲିକ ଶିବନାଥ ବାବୁ ପ୍ରେସ୍‌କୁ ଆସିନାହାନ୍ତି। ଘରୁ ଫୋନ୍ କରିଥିଲେ।

- ଅଜୟ ବାବୁ! ଲିଟଲ୍ କମ୍ପାନୀର କାମଟା କ'ଣ ଶେଷ କରିଦେଇଛନ୍ତି ?

- ହଁ, ସାର୍! ଚାରି ହଜାର ଛପା ହେଇଯାଇଛି। ପ୍ୟାଡ୍ କରି ପ୍ରେସ୍‌କୁ ଦେଇଦେଇଛି। କିନ୍ତୁ ସାର୍, କମ୍ପୋଜିଟରମାନେ ଘରକୁ ଯିବା ପାଇଁ ରୀତିମତ ତାଗିଦା ଦେବାକୁ ଆରମ୍ଭ କରିଛନ୍ତି। ଆଜି ରାତିରେ କୁଆଡ଼େ ବହୁତ ଗୋଳମାଳ ହେବ। ଆପଣ କିଛି ଶୁଣି ନାହାନ୍ତି ?

ଶିବନାଥ ବାବୁ କହିଲେ, - ହଁ, ମୁଁ ଶୁଣିଛି, ମାଣିକତଲା ମୋଡ଼ରେ ଟିଅର୍ ଗ୍ୟାସ୍ ଚାଲିଛି ! ଆଚ୍ଛା, ଆପଣ ଗୋଟାଏ କାମ କରନ୍ତୁ ଅଜୟ ବାବୁ! କମ୍ପୋଜିଟରମାନଙ୍କୁ ଛୁଟି ଦେଇଦିଅନ୍ତୁ ଆଜିକା ପାଇଁ। ପ୍ରେସ୍‌ର ଚାବି ଭରତ ସିଂକୁ ଦେଇଦିଅନ୍ତୁ। ଆପଣ ଘରକୁ ଚାଲିଯାଆନ୍ତୁ। ମୁଁ କାଲି ଦିନ ସାଢ଼େ ଦଶଟାରେ ଆସିବି। କାଲି ଗୋଟାଏ ବଡ଼ ପେମେଣ୍ଟର କଥା ଅଛି। ଆପଣ ଠିକ୍ ଦଶଟା ବେଳେ ଆସିବେ। ଆପଣଙ୍କୁ ହିଁ ପଠାଇବି ଟଙ୍କାଟା ଆଣିବା ପାଇଁ।

- ଆଚ୍ଛା।

ଫୋନ୍ ରଖିଦେଲେ ଶିବନାଥ ବାବୁ।

ଏପଟେ କମ୍ପୋଜିଟର ଆଉ ମେସିନ୍‌ମ୍ୟାନ୍‌ମାନେ ସମସ୍ତେ ଛଟପଟ ହେଉଛନ୍ତି। ଆଜି ସେମାନଙ୍କର ସପ୍ତାହର ପେମେଣ୍ଟ ଦିନ।

ସେମାନେ ଆସି ଘେରିଗଲେ ଅଜୟଙ୍କୁ।

ଅଜୟ କିଛି କହିପାରିଲେନାହିଁ।

ଏତେ ସମୟ ହେଲା ଡବଲ୍ ଡିମେଇ ଫ୍ଲାଟ୍ ମେସିନ୍‌ଟାର ଗର୍ଜନ ଶୁଣାଯାଉଥିଲା ସମୁଦ୍ର ଗର୍ଜନ ପରି। ଯେମିତି ସାଗରର ଢେଉ ଆସି କୂଳରେ ବିଛେଇ ହେଇଯାଉଛି। ହଠାତ୍ ସେଇ ସମୁଦ୍ର ଗର୍ଜନ ଯେମିତି ଥମିଗଲା।

ମେସିନ୍ ମ୍ୟାନ୍ ସୁରେନ ଆସି କହିଲେ- ଅଜୟ ବାବୁ, ସୁହାଶ ପ୍ରକାଶନୀର ନୀତିମାଳର ତିନର ଫର୍ମା କ'ଣ ମେକ୍‌ଅପ୍ ରେଡ଼ି ହେଇଛି ? ଏହାପରେ ହିଁ ସେଇଟା ବସିବ।

ତା'ପରେ ସମସ୍ତଙ୍କ ମୁହଁ ଆଡ଼କୁ ଚାହିଁ ସେ ଯେମିତି ହଠାତ୍ ଥମକି ଗଲେ। କ'ଣ ଯେମିତି ଗୋଟାଏ ସନ୍ଦେହ କରିଲେ ସୁରେନ। ତା'ପରେ କହିଲେ- ଆଜିକାର ଅବସ୍ଥା କେମିତି ? କିଛି ଶୁଣିଲେନି ନା କ'ଣ ?

ଅଜୟ କହିଲେ- ଗଣ୍ଡଗୋଳ ଆରମ୍ଭ ହେଇଗଲାଣି, ଶୁଣିଲି ଫୋନ୍‌ରେ। କମ୍ପୋଜିଟରମାନେ ଆଉ କାମ କରିବାକୁ ଚାହୁଁନାହାନ୍ତି। ବର୍ତ୍ତମାନ ଶିବନାଥ ବାବୁଙ୍କର ଫୋନ୍ ପାଇଲି। ଗୁଳି, ଟିଅର୍ ଗ୍ୟାସ୍ ଆଦି ଚାଲିଛି। ସେ ଆଜି ପ୍ରେସ୍‌କୁ ଆସିବେନାହିଁ।

- ସର୍ବନାଶ ! ପେମେଣ୍ଟ !

- କାଲି ହେବ। ଆଜି ସମସ୍ତେ ଘରକୁ ଚାଲି ଯାଆନ୍ତୁ ସୁରେନ ବାବୁ। ପ୍ରତ୍ୟେକେ ଦୁଇଟଙ୍କା ଲେଖାଏଁ ନେଇ ଯାଆନ୍ତୁ। କ୍ୟାଶ୍‌ରେ ବେଶୀ ଟଙ୍କା ନାହିଁ।

- ଆଚ୍ଛା।

ପ୍ରତ୍ୟେକଙ୍କୁ ଦୁଇ ଟଙ୍କା ଲେଖାଏଁ ଦେବାରୁ ପ୍ରାୟ ତିରିଶ ଟଙ୍କା ଖର୍ଚ୍ଚ ହେଇଗଲା। ଟଙ୍କା ଦେଇ ଖାତାରେ ହିସାବ ଲେଖି ବାକୀ ଟଙ୍କା କ୍ୟାଶ୍‌ରେ ରଖି ବାହାରିଗଲେ ଅଜୟ।

ସମସ୍ତଙ୍କର ମୁହଁର ଭାବ ଅନ୍ୟ ରକମର। ଅଜୟ ମଧ୍ୟ କ୍ୟାଶ୍‌ରୁ ପାଞ୍ଚ ଟଙ୍କା ନିଜ ନାଁରେ ଲେଖି ନେଇ ଚାଲିଗଲେ। ସମସ୍ତେ ଚାଲିଗଲେ।

ସବା ଶେଷରେ ଚାବି ପକାଇ ପ୍ରେସ୍ ବନ୍ଦ କଲେ ଅଜୟ। ତା'ପରେ ଚାବିଟା ଦେଲେ ଭରତ ସିଂ ହାତରେ। ଭରତ ସିଂ ଏଇଠି ରହେ। ତା'ର ଗୋଟାଏ ଛୋଟ ଘର ଅଛି। ଅଜୟ କହିଲେ- ସାବଧାନରେ ଥିବ ଭରତ ସିଂ।

ରାସ୍ତା ନିର୍ଜନ। ଅଜୟ ରାସ୍ତାକୁ ଓହ୍ଲାଇଲେ।

ତାଙ୍କୁ ଘରକୁ ଫେରିବାକୁ ହେବ। ନହେଲେ ତାଙ୍କ ବାପା ଚାରିଆଡ଼ ଖୋଜି ବୁଲିବେ। ବୁଢ଼ା ମଣିଷ। ଅଜୟଙ୍କ ମନଟା ଯେମିତି କରୁଣାରେ ଭରି ଉଠିଲା।

\`\`\`\`\`

ଶ୍ୟାମ ବଜାର ମୋଡ଼କୁ ଆସିଲେ ଅଜୟ ଚାଲି ଚାଲି।

ମାଣିକତଲା ଆଡ଼କୁ ନଯାଇ ଯଦି ଅନ୍ୟ କୌଣସି ରୁଟ୍‌ରେ ବସ୍ ମିଳିଯାଏ।

ମୋଡ଼ରେ ଆସି ଦେଖିଲେ, ପୋଲିସ ଆଉ ପୋଲିସ ଗାଡ଼ିରେ ପୂରା ରାସ୍ତାଟା ଘେରି ରଖିଛନ୍ତି।

ସାଧାରଣ ଗାଡ଼ି ଓ ୱାରଲେସ୍ ଗାଡ଼ି, ବନ୍ଧୁକ ହାତରେ ନେଇ ପୋଲିସ ଦଳ। ଜଣେ ମୁଖିଆ

ଚେହେରା ବିଶିଷ୍ଟ ପୋଲିସ ଅଫିସରଙ୍କୁ ଅଜୟ ପ୍ରଶ୍ନ କଲେ- ଆଜ୍ଞା ! ବସ୍ ଚାଲୁଛି କି ନାହିଁ କହିପାରିବେ ?

ଲୋକ ଜଣକ ଭ୍ରୂକୁଞ୍ଚିତ କରି ଚାହିଁଲେ। ଦେଖିଲେ ସାଧାରଣ ହ୍ୟାଣ୍ଡଲୁମ୍‌ର ପଞ୍ଜାବି ଆଉ ଧୋତି ପିନ୍ଧା ଜଣେ ଲୋକ।

ପୋଲିସ ଅଫିସର ମୁହଁ କୁଞ୍ଚିତ କରି କହିଲେ- ହଁ, ଚାଲୁଛି, କିନ୍ତୁ ଗୋଟାଏ ଦୁଇଟା। ରାସ୍ତାରେ ଯାନବାହନର ସଂଖ୍ୟା ବହୁତ କମ୍। ଟ୍ରାମ୍ ବସ୍ ଗୋଟାଏ ବି ନାହିଁ।

କିଏ ଜଣେ କହି ଉଠିଲେ- କଲେଜ ଷ୍ଟ୍ରିଟ୍‌ରେ ଗୁଳି ବର୍ଷଣ ହେଉଛି ବୋଲି ଶୁଣିଲି- କେତେଜଣ ଛାତ୍ର ମୃତ୍ୟୁବରଣ କରିଛନ୍ତି।

ଆଉ ଜଣେ କହି ଉଠିଲେ- ପିମ୍ପୁଡ଼ିର ଡେଣା ଲାଗେ ମରିବା ପାଇଁ। ଗୁଳି କରି ପେଟର ଭୋକ ବନ୍ଦ କରାଯାଇପାରେ ନା କ'ଣ ?

ଅଜୟ ହସିଲେ। ସମସ୍ତେ ପଲିଟିକ୍ସ ବୁଝନ୍ତି ଆଜିକାଲି। କାହାରିକି କିଛି କହିବା ଆଜିକାଲି ବିପଜ୍ଜନକ।

ସର୍କୁଲାର୍ ରୋଡ଼ ବାଟେ ଚାଲିବାକୁ ଆରମ୍ଭ କଲେ ଅଜୟ। ମା' ନିଶ୍ଚୟ ବର୍ତ୍ତମାନ ବସି ବସି ଚିନ୍ତା କରୁଥିବେ। ବାପା ତ ଆହୁରି ବ୍ୟସ୍ତ ହେଉଥିବେ। - ସେ ନିଶ୍ଚୟ ରାସ୍ତାକୁ ଆସି ବୁଲାବୁଲି କରିବା ଆରମ୍ଭ କରିଦେଇଥିବେ। ଆଉ ମଝିରେ ମଝିରେ ମା'ଙ୍କୁ ଧମକାଉଥିବେ- ତୁମେ କାହିଁକି ଆଜି ତାକୁ ଯିବାକୁ ଦେଲ ? ଦିନେ କମେଇ କଲେ କ'ଣ ଏମିତି କ୍ଷତି ହୁଅନ୍ତା କହିଲ ?

ଫାଙ୍କା ରାସ୍ତାରେ ଚାଲିବାକୁ ଲାଗିଲେ ଅଜୟ। ଦୋକାନ ବଜାର, ସିନେମା ହଲ୍ ସବୁ ବନ୍ଦ। କେହି ଖୋଲିବାକୁ ସାହସ କରୁନାହାନ୍ତି ଏଇ ଭୀଷଣ ଗଣ୍ଡଗୋଳ ଅବସ୍ଥାରେ। ଆଉ ଗଣ୍ଡଗୋଳ ଅପେକ୍ଷା ଗୁଜବ ବେଶୀ। ଗୁଜବରେ କାନ ଦେଲେ ମୁଣ୍ଡ ଠିକ୍ ରଖିବା ସମ୍ଭବ ନୁହେଁ।

ସର୍କୁଲାର ରୋଡ଼ ଆଉ ଗ୍ରେ ଷ୍ଟ୍ରିଟ୍।

ବାମ ପଟରେ ନନ୍ଦନବାଗାନ ପାଖରେ ପାରା ଭାଡ଼ି ପରି ଘରଗୁଡ଼ାକ ସାମ୍ନାରେ ପତିତାମାନେ ଏବେବି ଛିଡ଼ା ହେଇ ରହିଛନ୍ତି ଖରିଦଦାର ଆଶାରେ। କିନ୍ତୁ ଖରିଦଦାରଙ୍କର କୌଣସି ପତ୍ତା ନାହିଁ। ସ୍ତିମିତ, ନିରାଶ ସେମାନଙ୍କର ଆଖି ଯୋଡ଼ିକ। ଡାହାଣ ପଟ ଦେଇ ଚାଲି ଚାଲି ରାସ୍ତା ପାରି ହେଇଗଲେ ଅଜୟ।

ସତରେ ମାଣିକତଲାରେ ପ୍ରବଳ ଉତ୍ତେଜନା ଦେଖାଗଲା। ଦୂରରୁ ଦେଖାଗଲା ନିଆଁର ଶିଖା। ରାସ୍ତାରେ ଜନତାଙ୍କ ଭିଡ଼। ଗୋଟାଏ ଗୁମୁଟି ଘର ଜଳୁଛି- ଷ୍ଟେଟ୍ ବସ୍‌ର ନା କ୍ଷୀର ଦୋକାନର ଗୁମୁଟି ଘର ଦୂରରୁ ଜଣାପଡୁନାହିଁ।

ଢଂ ଢଂ ଶବ୍ଦ କରି ଫାୟାର ବ୍ରିଗେଡ଼ର ଗାଡ଼ି ଆସିଲା। ଜନତା ଏମିତି ଭାବରେ ଘଉଡ଼ାଇଦେଲେ ଯେ ସେ ଫେରିଗଲା। ଦୁଇଟା ଟିୟର୍ ଗ୍ୟାସ୍‌ର ଶେଲ୍ ଫାଟିଲା। ଧୂଆଁରେ ଚାରିଆଡ଼ ଛାଇ ହେଇଗଲା- ଦୂରରୁ ଆଖି ପୋଡ଼ିବାକୁ ଆରମ୍ଭ କଲା ଅଜୟଙ୍କର।

ନା, ସେପଟକୁ ସେ ଆଉ ଯିବେନାହିଁ।

ପୋଲିସ ଜନତାଙ୍କୁ ଘଉଡ଼ାଇ ଦେଉଛି ବାଡ଼ି ହାତରେ ନେଇ। ଜନତା ଦୌଡ଼ି ପଳାଇ ଯାଉଛନ୍ତି।

ପୋଲିସ ଆଡ଼କୁ ଇଟା ପଥର ବି ପକାଉଛନ୍ତି- ଯେମିତି ଖଣ୍ଡଯୁଦ୍ଧ।

କିଏ ଯେମିତି କହିଲା- ପଳେଇ ଯାଅ, ପୁଣି ଗୁଳି ଚାଲିବ। ଅଜୟ ସେପଟକୁ ନଯାଇ ଡାହାଣ ପଟେ ଗୋଟାଏ ଗଳିରେ ପଶିଗଲେ। ଦୌଡ଼ିବାକୁ ଲାଗିଲେ ଅନ୍ଧ ପରି। ଦୌଡ଼ି ଦୌଡ଼ି କାର୍‌ବାଲା ଟ୍ୟାଙ୍କ ଲେନ୍‌ରେ ପଶି ଗୋଟାଏ ଘରର ବାରଣ୍ଡା ଉପରେ ଛିଡ଼ା ହୋଇ ହାମ୍ପିବାକୁ ଲାଗିଲେ ଅଜୟ।

କେଉଁ ଆଡ଼କୁ ଯିବେ ?

ମନ ଭିତରେ ହଜାର ଚିନ୍ତା। ଘରକୁ ନଫେରିପାରିଲେ ସମସ୍ତେ ଚିନ୍ତା କରିବେ। ଆଉ ଫେରିବାର ରାସ୍ତା ମଧ୍ୟ ସେ ଦେଖିପାରୁନାହାନ୍ତି ଆଖି ସାମ୍ନାରେ।

॥ ୨ ॥

ହଠାତ୍ ଯେମିତି କାହାର କଣ୍ଠ ସ୍ୱରରେ ଅଜୟଙ୍କର ଚମକ ଭାଙ୍ଗିଲା।

- ଆରେ ଅଜୟ ନା ?

- କିଏ ?

ଅଜୟ ଫେରି ଚାହିଁଲେ। ଚାହିଁ ବିସ୍ମୟରେ ହତବାକ୍ ହେଇଗଲେ। ଅଜୟଙ୍କର କଲେଜର ସାଙ୍ଗ ପୃଥ୍ୱୀଶ ଛିଡ଼ା ହେଇଛନ୍ତି ତାଙ୍କ ସାମ୍ନାରେ। ପୃଥ୍ୱୀଶ ଘଟକା ମହକୁମା ସହରର ଯେଉଁ କଲେଜରେ ସେ ଗୋଟାଏ ସମୟରେ ପଢୁଥିଲେ ଦେଶ ବିଭାଜନର ପୂର୍ବେ, ସେଇ ସହରର ଜମିଦାରଙ୍କ ପୁଅ ଥିଲେ ପୃଥ୍ୱୀଶ।

ଅଜୟଙ୍କର ମନେପଡ଼ିଲା। ମଟ୍‌କାର ପଞ୍ଜାବି ପିନ୍ଧି ତିନି ଆଙ୍ଗୁଳିରେ ତିନିଟା ମୁଦି ପିନ୍ଧି ସାଇକେଲ ରିକ୍ସାରେ କଲେଜ ଆସୁଥିଲେ ପୃଥ୍ୱୀଶ। ହାତରେ ଦାମୀ ରିଷ୍ଟ ୱାଚ୍- ଦେହରେ ପତଳା ତନ୍ତ ବୁଣା ଧୋତି।

କଲେଜରେ ଆବୃତ୍ତି ପ୍ରତିଯୋଗିତାରେ ସେ ନାଁ ଦେଉଥିଲେ। ଥରେ ଦୁଇଥର ଅଭିନୟ ବି କରିଛନ୍ତି କଲେଜରେ ହେଉଥିବା ନାଟକରେ।

ସେଇ ପୃଥ୍ୱୀଶ ! ସେ ଆଜି ଏଇଠି ?

କଲେଜ ଜୀବନ ପରେ ହିଁ ଅଲଗା ହେଇଯାଇଛନ୍ତି। ଅଜୟ ବି.ଏ. ପାସ୍ କରି ଦେଶ ଛାଡ଼ି ଚାଲିଆସିଲେ କୋଲକାତା।

ଚାକିରି ପାଇଁ ଚେଷ୍ଟା କରିବାକୁ ଲାଗିଲେ। ବି.ଏ. ପାସ୍ କଲାପରେ ଆଉ ଆଗେଇ ପାରିନାହାନ୍ତି। ନାନା ରକମ୍ ଝମେଲା ପାଇଁ ତାଙ୍କର ଆଉ ପଢ଼ାଶୁଣା ହେଇପାରିନାହିଁ। ତା'ପରେ ପ୍ରାୟ ବର୍ଷେ ହେଲା ବୀଣାପାଣି ପ୍ରିଣ୍ଟିଂପ୍ରେସ୍‌ର ସାମାନ୍ୟ ଗୋଟାଏ ମ୍ୟାନେଜର ପୋଷ୍ଟଟା ସେ ଅନେକ କଷ୍ଟରେ ପାଇଛନ୍ତି।

ସକାଳ ଆଠଟାରେ ଅଫିସ୍ ଯିବାକୁ ହୁଏ। ଛୁଟି ହେଉ ହେଉ ରାତି ନଅଟା। ପ୍ରେସର ଘଣାରେ ଯେମିତି ଅନବରତ ଘୂରି ଚାଲିଛନ୍ତି ଅଜୟ।

ଫାଷ୍ଟ ପ୍ରୁଫ, ମେକ୍ ଅପ୍ କରେକ୍ସନ୍, ମ୍ୟାଟାର, ଗେଜ, ଇମ୍ପ୍ରେସନ୍, ବିଲଭାଉଚର ଏଇ କେତେଗୁଡ଼ାକ କଥା ଭିତରେ ସୀମିତ ତାଙ୍କ ଜୀବନ।

ତାଙ୍କ ଜୀବନ ଯେମିତି ଆରମ୍ଭରୁ ଶେଷ ଯାଏଁ ଆବର୍ତ୍ତିତ ହେବ ଏଇ କେତୋଟି କଥା ଭିତରେ। ଏହାଛଡ଼ା କୌଣସି ବାଟ ଯେ ଥାଇପାରେ, ସେଇଟା ସେ ଭାବିପାରନ୍ତିନାହିଁ।

ପୃଥ୍ୱୀଶ କଥା କହୁଥିଲେ ସାମ୍ନା ଘର ବାରଣ୍ଡା ଉପରୁ। ରାସ୍ତାରେ ଓହ୍ଲାଇବାକୁ ଯେମିତି ତାଙ୍କର ଭୟ ହେଉଥିଲା।

- ତୁ ସେଇଠି ଛିଡ଼ା ହେଇ କ'ଣ କରୁଛୁରେ ?

- ଘରକୁ ଫେରୁଥିଲି ଭାଇ ! ମାଣିକତଲାରେ ଭୀଷଣ ଗଣ୍ଡଗୋଳ। ଦୌଡ଼ି ଦୌଡ଼ି ପଶିଯାଇଛି ଏଇପଟକୁ।

- ହଁ, ଗୁଳି ଚାଲୁଛି ମନେ ହେଉଛି।

- ଆଚ୍ଛା, ତୁ ହଠାତ୍ ଏଇ ଘରେ ପୃଥ୍ୱୀଶ ?

- ଆରେ, ଏଇଟା ମୋର ମାମୁଁ ଘର ! ଏଇଠି ରହି ୟୁନିଭର୍ସିଟିରେ ଏମ୍.ଏ. ପଢୁଛି ମୁଁ।

- କେଉଁ ସବ୍‌ଜେକ୍ଟ ?

- ଇକନମିକ୍ସ। ଏଥର ପରୀକ୍ଷା ଦେଇ ପୁଣି ଆରଥର ପଢ଼ିବି ହିଷ୍ଟ୍ରି ନେଇ।

- ବାପ୍‌ରେ, ବିଦ୍ୟାର ଜାହାଜ ବନିଯିବୁରେ !

ଦେଖେ କେତେ ଆଗେଇ ଯାଇପାରେ। ତା'ପରେ ତୋର ଖବର କ'ଣ ? ବହୁତ ଦିନ ହେଲା ତୋର କିଛି ଖବର ଜାଣିନାହିଁ ମୁଁ।

- ଚାକିରି କରେ। ବୀଣାପାଣି ପ୍ରିଣ୍ଟିଂ ପ୍ରେସ୍‌ର ମ୍ୟାନେଜର ମୁଁ।

- ବାପା-ମା' ?

- ସମସ୍ତଙ୍କୁ କୋଲକାତା ନେଇଆସିଛି। ଅଖିଲ ମିସ୍ତ୍ରୀ ଲେନ୍‌ରେ ରହେ। ସାତ ନମ୍ବର ଘର।

- ପୂରାପୂରି ସଂସାରୀ ? ବାହା ହେଇଯାଇଛୁ ନା କ'ଣ ?

- ନା। ଥଟ୍ଟା କରୁଛୁ ? ଏତେଦିନ ତ ଏକଶହ ପାଞ୍ଚ ଟଙ୍କା ଦରମା ପାଉଥିଲି। ଦୁଇ ମାସ ହେଲା ଦେଢ଼ଶହ ହେଇଛି। ଏଥିରେ ପୁଣି ବାହାଘର ?

ପଅଁଷଠି ଟଙ୍କା ଦେଢ଼ଖଣ୍ଡ ଘର ପାଇଁ ଭଡ଼ା। ଟଙ୍କା ଥିଲେ ତ ମୁଁ ଏମ୍.ଏ ପଢ଼ିବା ପାଇଁ ଭର୍ତ୍ତି ହେଇଥାଆନ୍ତି।

- କିଛି ଲାଭ ନାହିଁରେ! କେବଳ ବର୍ଷ ବର୍ଷ ନଷ୍ଟ ଆଉ ଟଙ୍କାର ଶ୍ରାଦ୍ଧ। ବରଂ ତୁ ଭଲରେ ଅଛୁ। ଶୁଣିଛି ପ୍ରେସ୍ ଲାଇନ୍‌ଟା ଭଲ। ଥରେ ଯଦି ନିଜେ ଗୋଟାଏ ପ୍ରେସ୍ କରିପାରୁ ତ ସାରା ଜୀବନ ଭଲ ଭାବରେ କଟିଯିବ।

ଏଇ ସମୟରେ ଦାମୀ ଲୁଙ୍ଗି ପିନ୍ଧା, ଦେହରେ ସିଲ୍କର ଗେଞ୍ଜି, ବେଶ୍ ଗୋରା ତକ୍‌ତକ୍ ସ୍ୱାସ୍ଥ୍ୟବାନ ଜଣେ ଭଦ୍ରଲୋକ ବାହାରକୁ ଆସିଲେ।

- କ'ଣ କିରେ ପୃଥୁ, କାହା ସାଙ୍ଗରେ କଥା କହୁଛୁ ?

ଅଜୟ ସେତେବେଳେ ଏମାନଙ୍କ ଘରର ବାରଣ୍ଡା ଉପରେ ଯାଇ ବସିଛନ୍ତି। ପୃଥ୍ୱୀଶ କାନ ପାଖରେ କହିଲେ- ମୋ' ମାମୁଁ। ତା'ପରେ ସେଇ ଭଦ୍ରଲୋକଙ୍କୁ କହିଲେ- ମୋର କଲେଜର ସାଙ୍ଗ ଅଜୟ।

ଭଦ୍ରଲୋକ ଜଣକ କହିଲେ- ଆଚ୍ଛା, ଆପଣ କେଉଁ ଦିଗରୁ ଆସିଲେ ? ମାଣିକତଲା ମୋଡ଼ରେ ତ ଶୁଣୁଛି ଗୁଳି ଚାଲିଛି। କଠୋର ହାତରେ ଏସବୁ ଗୁଣ୍ଡାମୀ ବନ୍ଦ କରିବା ଦରକାର। ମୁଁ ସେଦିନ ସେଥିପାଇଁ ଚିଫ୍ ମିନିଷ୍ଟରଙ୍କୁ କହିଲି। କିନ୍ତୁ ସେ ତ କାହାରି କଥା ଶୁଣନ୍ତିନାହିଁ। ଲୋକମାନଙ୍କୁ ଆସ୍କାରା ଦେବାରୁ ତ ସେମାନେ ଏଇପରି ଭାବରେ ଆଚରଣ କରୁଛନ୍ତି।

ପୃଥ୍ୱୀଶ କହିଲେ- ଚାଲ୍, ଉପରକୁ ଚାଲ୍। ବର୍ତ୍ତମାନ ତ ଆଉ ଯାଇପାରିବୁନାହିଁ।

ଅଜୟ କହିଲେ- ନାଇଁରେ ଭାଇ- ଦେଖେ ଯଦି ଆମହାର୍ଷ୍ଟ ଷ୍ଟ୍ରୀଟ୍ ଦେଇ ଯାଇପାରେ କୌଣସି ପ୍ରକାରେ। ନହେଲେ ବାପା-ମା' ବହୁତ ଚିନ୍ତା କରିବେ।

ପୃଥ୍ୱୀଶ କହିଲେ- ନା ନା, ରିସ୍କ ନେବା ଉଚିତ୍ ହେବନାହିଁ। ତୋ' ଘର ପାଖାପାଖି କୌଣସି ଜାଗାରେ ଫୋନ୍ ଫାନ୍ ନାହିଁ ?

- ସେଣ୍ଟ୍ରାଲ୍ ଡ୍ରଗ୍ ଷ୍ଟୋର୍‌ରେ ଫୋନ୍ ଅଛି। ଠିକ୍ ଆମ ଘର ପାଖରେ। ମଝିରେ ଦୁଇଟା ଘରର ବ୍ୟବଧାନ। ଖବର ଦେଲେ କେହି ଡାକିଦେବେ।

- ଠିକ୍ ଅଛି। ଖବର ପଠାଇବାର ବ୍ୟବସ୍ଥା କରୁଛି। ବ୍ୟସ୍ତ ହେଉଛୁ କାହିଁକି ? ତୁ ଏଥର ଚାଲ।

ମାମୁଁ କହିଲେ- ହଁ ବାପା, ଉପରକୁ ଯାଅ। ତୁମେ ଦୁହେଁ ବସି ଗପ ସପ କର। ସେମିତି ଯଦି କିଛି ମନେକର ତାହେଲେ ତ ତୁମ ସାଙ୍ଗ ପାଖରେ ରାତିରେ ରହିଯିବ।

ପୃଥ୍ୱୀଶର ପଛେ ପଛେ ସିଢ଼ିରେ ଦୋତାଲାକୁ ଚଢ଼ିଗଲେ ଅଜୟ। ଘରଟା ବେଶ୍ ଜୀର୍ଣ୍ଣ। ତଳ ମହଲାର ଘରଗୁଡ଼ିକ ଅନ୍ଧକାର। କାନ୍ଥର ପ୍ଲାଷ୍ଟର ମଝିରେ ମଝିରେ ଛାଡ଼ି ଯାଇଛି। ତଳ ମହଲାରେ କଳଘର। ପାଣି ପଡୁଥିବାର ଶବ୍ଦ ହେଉଛି।

ଦୋତାଲାକୁ ଆସିବାରୁ ଦେଖାହେଲା ଜଣେ ସୁନ୍ଦରୀ ମହିଳାଙ୍କ ସହ। ଦେଖି ମନେହେଲା ପଇଁତିରିଶ ବର୍ଷରୁ ଟିକେ ବେଶୀ ହେବ। ଯୌବନ ଯିବ ଯିବ ହେଇବି ସେତେବେଳ ଯାଏଁ ଯାଇନାହିଁ, ଶରୀରର ନିଖୁଣ ଗଠନ ପାଇଁ। ତାଛଡ଼ା ମହିଳାଙ୍କ ମୁହଁରେ ଅଦ୍ଭୁତ ସରଳତାର ଛାପ। ଦେଖିଲେ ଭକ୍ତି ଆସିଯାଏ। ପ୍ରଣାମ କରିବାକୁ ଇଚ୍ଛା ହୁଏ।

ପୃଥ୍ୱୀଶ କହିଲେ- ମାଇଁ, ଯାକୁ ଦେଖି ଓଢ଼ଣା ଟାଣୁଛ କାହିଁକି ? ମୋର ସାଙ୍ଗ ଅଜୟ। ହଠାତ୍ ବହୁତ ଦିନ ପରେ ଦେଖା ହେଇଗଲା।

ଭଦ୍ର ମହିଳା ଛିଡ଼ା ହେଇଗଲେ। ଓଢ଼ଣା ଘୁଞ୍ଚାଇ ଟିକେ ହସିଲେ, ମିଠା ହସ। ମୁକ୍ତା ପରି ଚକ୍ ଚକ୍ ଦାନ୍ତ। ହସିଲେ ଗାଲରେ ସାମାନ୍ୟ ଟିକେ ଅଂଶ ଦବିଯାଏ। ଅଜୟ ପ୍ରଣାମ କଲେ।

ଭଦ୍ର ମହିଳା କହିଲେ- ସେଇଆ କୁହ। ମୁଁ ଭାବିଲି ପୃଥୁ ପୁଣି କାହାକୁ ନେଇ ରାତିରେ ଉପରକୁ ଉଠୁଛନ୍ତି। ଯାଅ ବାପା, ବସ ତୁମେ।

ପୃଥ୍ୱୀଶ ଅଜୟଙ୍କୁ ତାଙ୍କ ଘରେ ନେଇ ବସାଇଲେ। ଗୋଟାଏ ପଟେ ଟେବୁଲ ଉପରେ ଅନେକ ବହି। ସାମ୍ନାରେ ଗୋଟାଏ ଚେୟାର। ଖଟ ଉପରେ ପରିଷ୍କାର ବିଛଣା ପରା ହେଇଛି।

ପୃଥ୍ୱୀଶ କାହାକୁ ଯେମିତି ଡାକିଲେ- ମିନତି - ଓ ମିନତି।

ଟିକେ ପରେ ଶାଢ଼ି ପିନ୍ଧା ଗୋଟିଏ ଝିଅ ଭୀରୁ ପାଦରେ ଆସି ଛିଡ଼ା ହେଲା ତାଙ୍କ ସାମ୍ନାରେ। ପିନ୍ଧିଛି ଘରପିନ୍ଧା ଶାଢ଼ି। ପତଳା ଚେହେରା। ଗୋରା ତକ୍‌ତକ୍ ରଙ୍ଗ। ପୃଥ୍ୱୀଶଙ୍କ ମାଇଁ ଯେମିତି ଦେଖିବାକୁ ଏ ଝିଅର ମୁହଁ ବି କିଛିଟା ସେଇପରି ଲାଗୁଛି।

ଝିଅଟି ଅଜୟଙ୍କ ଆଡ଼କୁ ଚାହିଁ ଆଖି ଫେରାଇ ନେଲା। ଅଜୟଙ୍କୁ ବି ଲଜ୍ୟା ଲାଗୁଥିଲା। ସେ ଗୋଟାଏ ବହି ଟାଣି ଆଣି ପୃଷ୍ଠା ଓଲଟାଇବାକୁ ଲାଗିଲେ।

ପୃଥ୍ୱୀଶ କହିଲେ,- ମିନୁ, ତୁମେ ସମସ୍ତେ ଯାଇ କେଉଁ ଘରୁ ଫୋନ୍ କର ?

- ପାଖରେ ବିନୟ ଦାଦାଙ୍କ ଘରୁ।

ବର୍ତ୍ତମାନ ଗୋଟାଏ ଫୋନ୍ କରିବାକୁ ହେବ। ଶୁଣ, କହିବୁ ଅଜୟ ରାୟଙ୍କ ବାପା ବିଜୟ ରାୟଙ୍କୁ ଗୋଟିଏ ଖବର ଦେବାକୁ ହେବ। କହିବୁ, ଅଜୟ ଅଟକି ଯାଇଛନ୍ତି। ତାର ଜଣେ ସାଙ୍ଗ ଘରେ ରାତିରେ ରହିବେ।

ଝିଅଟି ଚାଲିଯାଉଥିଲା।

ଯେମିତି ମନେହେଲା ପଳାଇଗଲେ ହିଁ ସେ ବଞ୍ଚିଯିବ। ଅପରିଚିତ ଜଣେ ଯୁବକଙ୍କୁ ଦେଖି ସେ ଯେମିତି ଖୁବ୍ ଲଜ୍ୟା ଭିତରେ ପଡ଼ିଯାଇଛି, ଏମିତି ମନର ଭାବତାର।

ପୃଥ୍ୱୀଶ ଡାକିଲେ- ଏ ମିନତି ଶୁଣ। - ଟେଲିଫୋନ୍ ନମ୍ବରଟା ନେଇ ଯା- ତାକୁ ନନେଇ ନାଚି ନାଚି ଚାଲି ଯାଉଛୁ କେଉଁଠି ?

- ନମ୍ବରଟା ଦିଅ।

ମିନତି ଫେରି ଆସି ଛିଡ଼ା ହେଲା।

ଅଜୟ କହିଲେ- ନାଇଁରେ ଭାଇ, ମୁଁ ବରଂ ଯାଏ- କାହିଁକି ଏମିତି ଭାବରେ ଝମେଲା ବଢ଼ାଉଛୁ ?

- ତୁ ଚୁପ୍ ହେଇ ବସ୍ ତ ! ତୋର ଫାର୍ମାସୀର ନମ୍ବରଟା ମୋତେ ଦେ।-

ଅଜୟ ନମ୍ବରଟା ଦେଲେ।

ଆଉ ତାଙ୍କୁ ରହିବାକୁ ହେଲା ସେଇ ରାତିରେ ସେଇ ଘରେ।

## ॥ ୩ ॥

ବିଜୟ ବାବୁ ବାରମ୍ବାର ଘର ବାହାରକୁ ଯାଉଥିଲେ ଆସୁଥିଲେ- ଏବେବି ପୁଅ ଫେରିଲା ନାହିଁ କାହିଁକି ?

ବିଜୟ ବାବୁ ଆଜୀବନ ଭାରି ବ୍ୟସ୍ତ ହୁଅନ୍ତି ସବୁ କାମରେ। ଟିକେ ନର୍ଭସ୍ ପ୍ରକୃତିର। ସାରା ଜୀବନ ସେ କୋଲକାତାକୁ ଆଡ଼େଇ ଚାଲିଛନ୍ତି। ନିଜ ଗାଁ, ବାସ୍ତୁ ଭିଟାଜମି ଛଡ଼ା କେଉଁଠିକି ଯାଇନାହାନ୍ତି।

କିନ୍ତୁ ଅଦୃଷ୍ଟର ପରିହାସରେ ଶେଷ ଜୀବନରେ ସେଇ କୋଲକାତା ସହରକୁ ତାଙ୍କୁ ଆସିବାକୁ ହେଲା। ପୁଅ ଯାହା ଦରମା ପାଆନ୍ତି, ସେଥିରେ ଦୁଇ ଜାଗାରେ ଖର୍ଚ୍ଚ ସମ୍ଭାଳିବା କଷ୍ଟକର। ତେଣୁ ବାଧ ହେଇ କୋଲକାତାରେ ଘରଭଡ଼ା ନେବାକୁ ହେଲା। ଏହାଛଡ଼ା ଅନ୍ୟ କାରଣ ବି ଅଛି। ଗାଁର ଲୋକେ ଅନେକେ ପରାମର୍ଶ ଦେଇଥିଲେ, ଉଠୁଥିବା ବୟସର ପୁଅକୁ ସ୍ୱାଧୀନ ହେବାକୁ ଦିଅନାହିଁ। ତାହେଲେ ସେ ପର ହେଇଯିବ। ଆଉ ପରେ ବାପା-ମା'ଙ୍କୁ ଚିହ୍ନିପାରିବନାହିଁ।

ବିଜୟ ବାବୁ ସେଥିପାଇଁ କୋଲକାତା ଆସି ନିଶ୍ଚିନ୍ତରେ ଅଛନ୍ତି, ଖାଇବା-ପିଇବା କରନ୍ତି ଆଉ ପ୍ରତିଦିନ ଉପରବେଳା କଲେଜ୍ ସ୍କୋୟାର୍‌ରେ ଯାଇ ବସନ୍ତି।

ସେଇଠି ଆହୁରି କେତେଜଣ ଆସନ୍ତି। ରାମ ବାବୁ, ଶ୍ୟାମ ବାବୁ, ଯଦୁ ବାବୁ, ରାଧେଶ୍ୟାମ ବାବୁ।

ରାମ ବାବୁ କହନ୍ତି- ସମୟ ଭାରି ଖରାପ ପଡ଼ିଛି ବିଜୟ ବାବୁ, ଆଜିକାଲି କେହି ଆଉ ବୟସରେ ବଡ଼ ବୋଲି ଖାତିର କରନ୍ତିନାହିଁ।

ବିଜୟ ବାବୁ କହିଲେ- ଯାହା କହିଲେ ସତ। ଦେଶ ସ୍ୱାଧୀନ, ତେଣୁ ସମସ୍ତେ ହେଇଯାଇଛନ୍ତି

ସ୍ୱାଧୀନ। କିନ୍ତୁ ଏଇ ସ୍ୱାଧୀନତା ଆସି କ'ଣ ଲାଭ ହେଲା କୁହନ୍ତୁ ତ?

- ସତ କଥା!

- ଆମେ କେବେବି ମହଣ ଛଡ଼ା ଚାଉଳର ହିସାବ ଜାଣିନଥିଲେ। ହେଇତ କେତେ ବର୍ଷ ପୂର୍ବେ ବି ଯୁଦ୍ଧ ବଜାରରେ କୋଡ଼ିଏ ଟଙ୍କା ମହଣ ଦରରେ ଭଲ ଚାଉଳ କିଣିଛି। ଆଉ ଆଜି?

ବାଧା ଦେଇ ବିଜୟ ବାବୁ କହିଲେ- ସତରେ ମହାଶୟ, ଏବେ ଦେଖୁଛି ଇଂରେଜମାନେ ଭଲ ଥିଲେ।

ବିଜୟ ବାବୁ ପାର୍କରୁ ଆସନ୍ତି ଠିକ୍ ସାତଟା ସମୟରେ। ତା'ପରେ ଠନ୍‌ଠନ୍ କାଳୀଙ୍କ ମନ୍ଦିରରେ ମା'ଙ୍କର ସନ୍ଧ୍ୟା ଆରତି ଦେଖନ୍ତି। ଆହୁରି ଡେରିରେ ପ୍ରାୟ ରାତି ନଅଟା ସାଢ଼େ ନଅଟା ବେଳେ ଘରକୁ ଫେରନ୍ତି।

ଘରକୁ ଫେରି କହିଲେ- ଖୋକା ଏବେବି ଆସିନାହିଁ?

ସ୍ତ୍ରୀ ଅମିତା କହିଲେ- ନା।

-ଏତେ ଡେରି ହେଉଛି କାହିଁକି? କୌଣସି ଦିନ ତ ଏମିତି ଡେରି କରେନାହିଁ। ଚାରିଆଡ଼େ ଗୁଳି ଫୁଟୁଛି ବୋଲି ଶୁଣିଲି। ରାତି ସାଢ଼େ ନଅଟା ବାଜିଲାଣି। ଅମିତା ବିରକ୍ତ ହେଇ କହିଲେ- ତୁମେ ଖାଇପିଇ ଶୋଇପଡ଼ ତ! ଖୋକା କେବେ ରାତି ଦଶଟା ପୂର୍ବରୁ ଫେରି ଆସେ ନା କ'ଣ?

- ହଁ, ସତ କଥା।

- ତେବେ ବକର ବକର କରୁଛ କାହିଁକି?

- ଶୁଣ, ଖୋକାକୁ ଯଦି ରୋଜ୍ ଗୋଟାଏ ଲେଖାଏଁ ଅଣ୍ଡା ଦିଅ ତ ଭଲ ହେବ। ସକାଳ ନଅଟା ଠାରୁ ରାତି ଦଶଟା ଯାଏଁ- ବହୁତ ଖଟଣି।

ଅମିତା ରାଗିଗଲେ- ତୁମେ ଚୁପ୍ କର ତ। ମୋତେ ଆଉ ଶିଖାଇବାକୁ ଆସନାହିଁ। ଗୋଟାଏ ପଇସା ଘରକୁ ଆଣିବାର କ୍ଷମତା ନାହିଁ, କିନ୍ତୁ ଉପଦେଶ ଦେବେ ଷୋଳ ଅଣା ଉପରେ ଅଠର ଅଣା।

କିନ୍ତୁ ଆଜି ଗୁଳି ବର୍ଷଣର ଖବର ପାଇଛନ୍ତି ବିଜୟ ବାବୁ। ସେଥିପାଇଁ ସେ ଚୁପ୍ ହେଇ ରହିପାରୁନାହାନ୍ତି। ବାରମ୍ବାର ସେ ବାହାରକୁ ଯାଉଛନ୍ତି ପୁଣି ଘରକୁ ଆସୁଛନ୍ତି। ଅବଶେଷରେ ରାତି ନଅଟା ବାଜିଗଲା, ସେ ଥରେ ସେଣ୍ଟ୍ରାଲ୍ ଡ୍ରଗ୍ ସେଣ୍ଟରକୁ ଯିବେ।

ଡାକ୍ତର ବାବୁ ନାହାନ୍ତି। କମ୍ପାଉଣ୍ଡର କାନାଇ ବାବୁଙ୍କ ସାଙ୍ଗରେ ଏଇ ସାହିରେ ଆସିବା ପରେ ପରିଚୟ ହେଇଛି। ମଝିରେ ମଝିରେ କାନାଇ ବାବୁ ତାଙ୍କ ସାଙ୍ଗରେ କଥାବାର୍ତ୍ତା କରନ୍ତି।

ଟିକେ ଏପଟ ସେପଟ ହେଇ ବିଜୟ ବାବୁ କହିଲେ- ଦେଖନ୍ତୁ, ଖୋକା ତ ଏବେବି ଆସିଲା ନାହିଁ। ଶୁଣିଲି ମାଣିକତଲାରେ ବହୁତ ଗଣ୍ଡଗୋଳ ଚାଲିଛି। ପ୍ରେସ୍‌କୁ ଥରେ ଫୋନ୍ କରିବି?

କାନାଇ ବାବୁ କହିଲେ- ମିଛ ମନେ କରିବେନାହିଁ ବିଜୟ ବାବୁ। ଡାକ୍ତର ବାବୁ ପୂରା ମନା କରିଛନ୍ତି ଫୋନ୍ କରିବା ପାଇଁ। ବିନା ପଇସାରେ ଫୋନ୍ କରି କରି ପଚାଶ ଟଙ୍କା ବିଲ୍ ଉଠିଛି।

ବିଜୟ ବାବୁ ଏହା ଶୁଣି ଚୁପ୍ ଚାପ୍ ଘରକୁ ଫେରି ଆସିଲେ।

ଅମିତାଙ୍କୁ ପଚାରିଲେ- କିହୋ! ଖୋକା ଆସିଲା?

- କ'ଣ ହେଲା କୁହ ତ? ଦୋକାନ ବଜାର ତ ସବୁ ବନ୍ଦ ବୋଲି ଶୁଣିଲି ଏପଟେ ଏବେବି ଫେରିଲା ନାହିଁ କାହିଁକି? ଆଗୋ, ଶୁଣୁଛ-

ଅମିତା ରାଗିଗଲେ- ବକର ବକର ହୁଅନାହିଁ ତ! ଟିକେ ଚୁପ୍ ଚାପ୍ ବସ ତ! ଯେତେ ସବୁ ଖରାପ ଚିନ୍ତା।

ଦବି ଯାଆନ୍ତି ବିଜୟ ବାବୁ।

ବସି ବସି ଚାରମିନାର ସିଗାରେଟ୍ ଟାଣୁଛନ୍ତି। ଆଉ ମନକୁ ମନ କଥା ହେଉଛନ୍ତି। ଏଇପରି ଭାବରେ ଅଧଘଣ୍ଟା ବିତିଗଲା।

ଏମିତି ସମୟରେ- ଡ୍ରଗ୍ ଷ୍ଟୋରର କମ୍ପାଉଣ୍ଡର କାନାଇ ବାବୁ ନିଜେ ଆସି ଡାକୁଛନ୍ତି- ଓ ବିଜୟ ବାବୁ, ଆପଣଙ୍କ ପୁଅ ଫୋନ୍ କରିଥିଲେ।

- ସତରେ?

- ହଁ। ସେ ଜଣେ ସାଙ୍ଗଙ୍କ ଘରେ ଅଛନ୍ତି। ଗୁଳିର ଭୟରେ ଆଶ୍ରୟ ନେଇଛନ୍ତି। ରାତିରେ ସେଇଠି ରହିବେ, ଫେରିବେ ଆସନ୍ତା କାଲି ସକାଳେ।

- ଧନ୍ୟବାଦ କାନାଇ ବାବୁ! ଆପଣ ମୋତେ ନିଶ୍ଚିନ୍ତ କଲେ। ନହେଇଥିଲେ ସାରା ରାତି ଆଜି ମୋର ନିଦ ହେଇନଥାଆନ୍ତା।

- ସତ କଥା! ଆଉ କୌଣସି ଭୟ ନାହିଁ।

ବିଜୟ ବାବୁ ଦୌଡ଼ିଲେ ଅମିତାଙ୍କୁ ଖବରଟା ଦେବାପାଇଁ।

\`\`\`\`\`

ସେଇ ରାତିରେ ସେଇ ଘରେ ପୃଥ୍ୱୀଶଙ୍କ ସାଙ୍ଗରେ ରାତି ବିତାଇବାକୁ ବାଧ୍ୟ ହେଲେ ଅଜୟ। ଦୁଇ ସାଙ୍ଗଙ୍କର ବହୁତ ଦିନ ପରେ ଦେଖା। କେତେ ଗପ କେତେ ମନର କଥା ହେଲା ସେମାନଙ୍କର।

ଅଜୟ କିନ୍ତୁ ଯେତେ ଦେଖୁଛନ୍ତି ଘରଟାକୁ ସେତେ ତାଙ୍କୁ ଅଦ୍ଭୁତ ମନେ ହେଉଛି। ତିନି ତାଲା ଘର। ବଡ଼ ବଡ଼ ଘର। ଆସବାବପତ୍ର ଗୁଡ଼ିକ ଦେଖିଲେ ମନେହୁଏ ଯେମିତି ବହୁ ପୁରାତନ କାଳର ତିଆରି- ପୁରୁଣା।

ପୃଥ୍ୱୀଶଙ୍କ ଘରେ ଗୋଟାଏ ଶ୍ୱେତ ପଥରର ଟେବୁଲ- ଦେଖି ମନେହୁଏ ମଧ୍ୟ- ଯୁଗର କୌଣସି ଗୋଟାଏ ନିଦର୍ଶନ।

ହାତ ମୁହଁ ଧୋଇ ପୃଥ୍ୱୀଶ ତାଙ୍କୁ ଗୋଟାଏ ଲୁଙ୍ଗି ପିନ୍ଧିବାକୁ ଦେଲେ। ତା'ପରେ କବାଟଟା ଆଉଜି ଦେଇ କହିଲେ- ସିଗାରେଟ୍ ଖାଉ ତ?

- ନାହିଁରେ ଭାଇ- ନିଶା କରିବା ଶିଖିନାହିଁ! ତେବେ ପାଇଲେ ଥରେ ଦୁଇଥର ଟାଣିଦିଏ।

- ଯାହା ହେଉ, ଭଲ କରିଛୁ। ଛାତ୍ର ଜୀବନରେ ତ ତୁ ଏସବୁ ଖାଇନାହୁଁ। ନେ, ଗୋଟାଏ ଟାଣି ଦେ- ତା'ପରେ ମଉଜ କରି ବସ୍।

ଦୁଇ ସାଙ୍ଗ ବେଶ୍ ଆରାମ୍ କରି ବସିଲେ ମୁହାଁମୁହିଁ ହେଇ। ପୃଥ୍ୱୀଶ ଗୋଟାଏ ଆସଟ୍ରେ ଆଣି ସାମ୍ନାରେ ରଖିଲେ।

ଅଜୟ କହିଲେ- ତୋର ଏଇ ମାମୁଁ ଘରଟା କେମିତି ଗୋଟାଏ ଅଦ୍ଭୁତ। ସେଇଆ ନା? ତୋର ନିଜ ମାମୁଁ ତ?

- ନା। ମା'ଙ୍କର ମାମୁଁ ପୁଅ ଭାଇ। ଏମାନଙ୍କର ଗୋଟାଏ ବିରାଟ ଇତିହାସ ଅଛି।

- କେଉଁ ରକମ?

- ହରିଦାସପୁରରେ ଗଡ଼ର ନାଁ ଶୁଣିଛୁ? ଖୁଲନା ଜିଲ୍ଲାର ବିରାଟ ଜମିଦାର ଫ୍ୟାମିଲି ସେମାନେ। ବାର ଭୁଇଁଆର ଗୋଟାଏ ଭୁଇଁଆ ମୋଗଲ ମାନଙ୍କର ଅମଳରେ ଦେଶରୁ ପଳାଇ ଆସି ହରିଦାସପୁରରେ ଜମିଦାରୀର ପତ୍ତନ କରନ୍ତି। ମୋର ମାମୁଁ ତାଙ୍କର ବଂଶଧର। ଗୋଟାଏ ସମୟରେ ସେମାନେ ଡକାୟତି ବି କରୁଥିଲେ।- ସେଇଟାକୁ ପାପ ବୋଲି ମନେ କରୁନଥିଲେ- ଭାବୁଥିଲେ ଏଇଟା ହେଉଛି କ୍ଷମତାର ଜୋର୍।

- ତା'ପରେ?

ତା'ପରେ ଟଙ୍କାର ଜୋର୍‌ରେ ମାମୁଁଙ୍କର ଜେଜେବାପା ବ୍ରିଟିଶ ସରକାରଙ୍କ ପାଖରୁ 'ରାଜା' ଉପାଧି ପାଆନ୍ତି। ସେତେବେଳେ ଏମାନଙ୍କର ବଡ଼ ଧନୀ ଘରର ଅବସ୍ଥା। ସେତେବେଳେ ଚାରିଟା ହାତୀ- ଦଶ କୋଡ଼ିଏଟା ଘୋଡ଼ା। ଅଜସ୍ର ଲୋକ- ଓ ସେନା। ମାମୁଁଙ୍କର ପ୍ରଥମ ଜୀବନରେ ବି ଅବସ୍ଥା ଭଲ ଥିଲା। ସେ ନିଜେ ତ କେବେ ହେଲେ ଜମିଦାରୀ ବୁଝୁନଥିଲେ ବା ଦେଖୁନଥିଲେ। ସୁନ୍ଦରୀ ସ୍ତ୍ରୀଙ୍କୁ ବିବାହ କରିଥିଲେ- ଆଉ ତା'ପରେ ଏଇ କୋଲକାତାର ଘରେ ହିଁ ତାଙ୍କୁ ନେଇ ରହୁଥିଲେ। ଦୁର୍ଗାପୂଜା ବେଳେ କେବଳ ଦେଶକୁ ଯାଉଥିଲେ। ଦେଶରୁ ନାଏବ ମହାଶୟ ଟଙ୍କା ପଠାଉଥିଲେ କୋଲକାତାକୁ।

- ବାଃ, ଭାରି ଆରାମର ଜୀବନ ତ!

- ସତରେ ସେଇଆ। ବେଶ୍ ଭଲ ଚାଲିଥିଲା। କିନ୍ତୁ ଏହା ମଧ୍ୟରେ ଦିନେ ବିନା ମେଘରେ ବଜ୍ରପାତ ଭଳି ଦେଶ ପାକିସ୍ଥାନ ହେଇଗଲା- ଖୁଲନା ଯେ

ପାକିସ୍ତାନକୁ ଚାଲିଯିବ ସେଇଟା ସେମାନେ କଳ୍ପନା ବି କରିପାରିନାହାନ୍ତି।

ତେଣୁ ଜମିଦାରୀ ବି ଚାଲିଗଲା। ଟଙ୍କା ଆସିବା ଧୀରେ ଧୀରେ ବନ୍ଦ ହେଇଗଲା। ମାମୁଁଙ୍କର ଦୁଇ ଝିଅ- ବଡ଼ ଝିଅକୁ ତ ତୁ ଦେଖିଲୁ- ମିନତି, କଲେଜରେ ଫାଷ୍ଟ ଇଅରରେ ପଢ଼େ ସେ। ତାର ତଳ ଭଉଣୀ ଆରତି- ଘରେ ତାକୁ ଡାକନ୍ତି ଟୁମ୍‌କି। ସେ ପଢ଼େ ସ୍କୁଲରେ- କ୍ଲାଶ୍ ନାଇନ୍‌ରେ। ବର୍ତ୍ତମାନ ଅବସ୍ଥା ହେଇଛି 'ଅଦ୍ୟଭକ୍ଷ ଧନୁର୍ଗୁଣଃ'। ଏଇ ଅବସ୍ଥାରେ ଘରେ ଯାହା କିଛି ଆସେଟ୍ ଥିଲା ତାକୁ ସବୁ ଧୀରେ ଧୀରେ ବିକ୍ରି କରି ଖାଇଛନ୍ତି।

- ସତରେ ?

- ସତ। କେତେ ଦାମୀ ଦାମୀ ଜିନିଷ ସବୁ ଥିଲା! ମୁଁ ପିଲାବେଳେ ସବୁ ଦେଖିଛି।

- ଚାକିରି କରୁନାହାନ୍ତି !

- ନାଇଁ। ଅସମ୍ଭବ ଧରଣର ପ୍ରେଷ୍ଟିଜ୍ ଜ୍ଞାନ! କହନ୍ତି, ମୁଁ ରାଜାର ପୁଅ ହେଇ କରିବି ପରର ଚାକିରି ? ଶୁଣ କଥା! ଦିନ ରାତି କେବଳ ବସି ଥାଆନ୍ତି ଆଉ ବଡ଼ ବଡ଼ ପଲିଟିକ୍ସର ଗପ କରନ୍ତି।

ଅଜୟ ରାତିରେ ଶୋଇ ଶୋଇ ଭାବୁଥିଲେ।

ପାଖରେ ପୃଥ୍ୱୀଶ ଶୋଇ ଘୁଙ୍ଗୁଡ଼ି ମାରୁଛନ୍ତି ଅବିଶ୍ରାନ୍ତ ଗତିରେ।

ଅଜୟଙ୍କ ଆଖି ସାମ୍ନାରେ ଭାସୁଥିଲା, ଗୋଟିଏ ଝିଅର ସଲଜ୍ଜ ମୁହଁର ଗୋଟିଏ ଛବି।

ସେ ଆସିଥିଲା ଚଞ୍ଚଳା ବନ ହରିଣୀ ପରି। ପୁଣି ଚାଲିଯାଇଥିଲା। କିନ୍ତୁ ତା'ପରେ ଥରକ ପାଇଁ ବି ଆଉ ମିନତିକୁ ଦେଖିପାରିନାହାନ୍ତି ଅଜୟ। ପୃଥ୍ୱୀଶ କହିଥିଲେ- ମାଇଁ ତୋତେ ଦେଖି ଯେ ଓଢ଼ଣା ଟାଣି ପଳାଇ ଯାଇନାହାନ୍ତି- ତୋର ଭାଗ୍ୟ ଭଲ।

- କାହିଁକିରେ ଭାଇ ?- ପ୍ରଶ୍ନ କରିଥିଲେ ଅଜୟ।

- ଏଇ ଘରେ ଏବେବି ସ୍ତ୍ରୀଲୋକମାନଙ୍କର ବାହାରର ପୁରୁଷ ମାନଙ୍କ ସାମ୍ନାରେ ବାହାରିଯିବା ମନା ଅଛି। ମାମୁଁ ଭାରି ଷ୍ଟ୍ରୀକ୍ଟ। ମିନତି ତ ଚାନ୍ସ ପାଇଲା ପ୍ରେସିଡେନ୍ସୀରେ- ମାମୁଁ ଶୁଣି ମୂର୍ଚ୍ଛା ଯିବା ଉପରେ! କୋ-ଏଜୁକେସନ୍ କଲେଜରେ ପଢ଼ିବା କଥା ଚିନ୍ତା ହିଁ କରିପାରନ୍ତିନାହିଁ ସେ। ମିନତିକୁ ସେଥିପାଇଁ ଭର୍ତ୍ତି କରାହେଲା ପୂରାପୂରି ଝିଅମାନଙ୍କ କଲେଜରେ। ଚାକର ସାଙ୍ଗରେ ଯାଏ- ପହଞ୍ଚାଇଦେଇ ଆସେ। ପୁଣି ଚାକର ହିଁ ସାଙ୍ଗରେ ନେଇଆସେ।

- ଇଏ ପୁଣି କ'ଣରେ !

-ହଁ। ଝିଅମାନଙ୍କର ବାରଣ୍ଡା ଉପରେ ଛିଡ଼ା ହେବା ମନା। ଏ ଘରେ ଫିଲ୍ମ ମ୍ୟାଗାଜିନ୍ ପଶିପାରେନା। ଏ ଘରର ସ୍ତ୍ରୀ ଲୋକମାନେ ପୌରାଣିକ ବା ଶିକ୍ଷାମୂଳକ ସିନେମା ଛଡ଼ା ଦେଖନ୍ତିନାହିଁ। ନାଟକ, ନଭେଲ ପ୍ରବେଶ କରେନାହିଁ। ଏପରିକି ମାମୁଁ-ମାଇଁ ଯେତେବେଳେ ସିନେମା ଦେଖିବାକୁ ଯାଆନ୍ତି, ଝିଅମାନଙ୍କୁ ତାଲା ପକାଇ ରଖିଦେଇ ଯାଆନ୍ତି ଗୋଟାଏ ଘରେ। ଏ ଘରେ ସବୁ କିଛି ଆଶ୍ଚର୍ଯ୍ୟ !

ରାତି ସାଢ଼େ ଦଶଟା ବେଳେ ଖାଇବା ପାଇଁ ଡାକରା ଆସିଲା। ଗୋଟାଏ ଗୋଲ ଶ୍ୱେତ ପଥରର ଟେବୁଲରେ ଖାଇବାକୁ ଦିଆହେଇଥିଲା। ଗୋଟାଏ ପୁରୁଣା ଅମଳର ପେଣ୍ଡୁଲମ ଯୁକ୍ତ ଘଣ୍ଟା ବାଜୁଥିଲା ଟକ୍ ଟକ୍ କରି।

ଘରର କାନ୍ଥ ଆଡ଼କୁ ଚାହିଁଲେ ଅଜୟ।

ପଲସ୍ତରା ଖସି ଯାଇଛି। ଗୋଟାଏ ବିରାଟ ତୈଳଚିତ୍ର। ବୋଧହୁଏ ଏଇ ବଂଶର କୌଣସି ପୂର୍ବ ପୁରୁଷଙ୍କର। ମାମୁଁ ଚନ୍ଦ୍ରନାଥ ବାବୁ ମଧ୍ୟ ଆସିଲେ।

- ଆସ, ଆସ। ହଠାତ୍ କିଛି ବ୍ୟବସ୍ଥା କରାହେଇ ପାରିଲାନାହିଁ। ଆଉ ବାହାରେ ଯାହା ଅବସ୍ଥା! ଦୋକାନ ବଜାର ସବୁ ବନ୍ଦ। ତୁମର ବହୁତ ଅସୁବିଧା ହେବ ଭାତ ଡାଲି ଖାଇବାକୁ।

ଅଜୟ ଦେଖିଲେ। ଏହା ସତ୍ତ୍ୱେ ବି ଆୟୋଜନ କିଛି କମ୍ ହେଇନାହିଁ। ଭାତ, ଡାଲି, ଭଜା, ଦୁଇ ରକମ ତରକାରୀ, ଅଣ୍ଡା-ଖାଇବା ଶେଷରେ ଦହି, ମିଠା ଦେଖି ବାଧା ଦେବାକୁ ଗଲେ ଅଜୟ।

ଚନ୍ଦ୍ରନାଥ ବାବୁ କହିଲେ- ଆରେ ପୃଥ୍ୱୀଶ, ତୋର ସାଙ୍ଗ ଦେଖୁଛି କିଛି ଖାଇପାରନ୍ତିନାହିଁ। ଖାଅ, ମାଷ୍ଟର- ଖାଅ। ତୁମ୍ଭମାନଙ୍କର ବୟସ ହେଉଛି ଖାଇବାର ବୟସ। ମୋ' ବାପା ରାଜା ଅମରେନ୍ଦ୍ର ନାରାୟଣ ତ ଶୁଣିଛି ଗୋଟାଏ ପୂରା ଛେଳିର ମାଂସ ଖାଇପାରୁଥିଲେ। ହେଇ ତ! ଦେଖ ତାଙ୍କର ଫଟୋ। ବିଶ୍ୱାସ ହେଉଛି ଦେଖି ? ହାତର ମସଲ୍ ଆଉ ଚେହେରା ଯାହାଥିଲା, କେଉଁଠି ଲାଗେ ତୁମ୍ଭମାନଙ୍କର ଦାରା ସିଂ ? ଖାଉ ଖାଉ କଥା କହିବାକୁ ଲାଗିଲେ ଚନ୍ଦ୍ରନାଥ ବାବୁ। ଯେମିତି କଥାର ଫୁଲଝରି।- ତୁମର ବର୍ତ୍ତମାନ ଚିଫ ମିନିଷ୍ଟରଙ୍କ ସାଙ୍ଗରେ ମୋ' ବାପାଙ୍କର ବନ୍ଧୁତ୍ୱ ଥିଲା। ସେଇ ସୂତ୍ରରେ ପରିଚୟ। ମଝିରେ ମଝିରେ ମୁଁ ଯାଇ ତାଙ୍କୁ ଦେଖାକରେ। ଦିନେ ସେ କହିଲେ- ଚନ୍ଦ୍ରନାଥ, ତୁମେ ଗୋଟାଏ ଚାକିରି କରୁନାହଁ କାହିଁକି ? ମୋର ତ ଅନେକ ଉଚ୍ଚ ପୋଷ୍ଟ ଖାଲି ଅଛି। ତୁମ ପାଇଁ ଗୋଟାଏ ବ୍ୟବସ୍ଥା କରିଦିଅନ୍ତି। ତୁମେ ବସି ବସି କାମ କରିବ- ଗଭର୍ଣ୍ଣମେଣ୍ଟର ଜମିଦାରୀ ଦେଖିବାର ଚାକିରି।

ମୁଁ ତାଙ୍କର ମୁହଁ ଉପରେ କହିଦେଲି- ସାର, ମୋ' ବାପାଙ୍କୁ ତ ଦେଖିଛନ୍ତି। ରାଜା ଅମରେନ୍ଦ୍ର ନାରାୟଣଙ୍କ ପୁଅ ଚାକିରି କରିପାରିବେନାହିଁ କେବେବି।

ଖାଇବା-ପିଇବା ଶେଷରେ ବାଥରୁମ୍‌ରୁ ବାହାରି ଆସିବା ବେଳେ ଦେଖାହେଲା ପୁଣି ମିନତି ସାଙ୍ଗରେ। ମିନତି ହାତରେ ତଉଲିଆ ନେଇ ଛିଡ଼ା ହେଇଛି। ଟିକେ ହସି ତଉଲିଆଟା ହାତକୁ ନେଲେ ଅଜୟ। ତା'ପରେ ମୁହଁ ପୋଛି ପୁଣି ମିନତି ହାତକୁ ଦେଇଦେଲେ।

ଚନ୍ଦ୍ରନାଥ ବାବୁ ଡାକ ପକାଇଲେ- ଆରତି-

-ବାପା !

ଆଉ ଗୋଟିଏ ଝିଅ ଆସି ଛିଡ଼ା ହେଲା। ମିନତିର ଭଉଣୀ। ପ୍ରାୟ ଉଚ୍ଚତାରେ ଏକା। କିନ୍ତୁ ଅଜୟଙ୍କ ମନେହେଲା, ମିନତି ଭିତରେ ଯାହା ଅଛି, ସେଟା ଆରତି ଭିତରେ ନାହିଁ। ଆରତିର ବି ଟଣା ଟଣା ଆଖି, ଲମ୍ବା ନାକ, ଦୀର୍ଘାଙ୍ଗୀ, ଦେହର ରଙ୍ଗ ଗୋରା। ବରଂ ଆରତି ଯେମିତି ଆହୁରି ବେଶୀ ଉଜ୍ଜ୍ୱଳତାରେ ପୂର୍ଣ୍ଣ।

କିନ୍ତୁ ସବୁ ମିଶାଇ ଦେଖିଲେ ମିନତିର ସେଇ ସ୍ନିଗ୍ଧ ଉଜ୍ଜ୍ୱଳତା, ସେଇ ଶାନ୍ତ ଅପରୂପ ମୁଖଶ୍ରୀ, ସେଇ ଦୀପ୍ତି ଯେମିତି ଆରତି ଭିତରେ ନାହିଁ। ମିନତି ଯେମିତି ପୂର୍ଣ୍ଣ ବେଗବତୀ ନଦୀ, ଆଉ ଆରତି ଚଞ୍ଚଳା ଝରଣା।

ଅଜୟ ଆଖି ଫେରାଇ ନେଲେ।

ଆରତି ଆସିଛି ପାନ ଆଉ ମସଲା ନେଇ। ସେଥିରୁ ଗୋଟିଏ ଉଠାଇ ନେଲେ ଅଜୟ।

## ॥ ୪ ॥

ଶିବନାଥ ତା'ପରଦିନ ବେଶ୍ ଶୀଘ୍ର ପ୍ରେସ୍‌କୁ ଆସିଯାଇଥିଲେ। ଦେହର ରଙ୍ଗ କୁଚ୍ କୁଚ୍ କଳା। କିନ୍ତୁ ଭଗବାନ ଚେହେରା ନଦେଲେ କ'ଣ ହେବ, ବହୁତ ସୌଖୀନ ଭଦ୍ରଲୋକ।

ମାଲିକ ହିସାବରେ କଥାବାର୍ତ୍ତା ବେଶ୍ ଅମାୟିକ ଧରଣର।

ପଢ଼ାଶୁଣା ବେଶୀ କରିନାହାନ୍ତି। ତେଣୁ ସେ ମଝିରେ ମଝିରେ ଅପେକ୍ଷା କରନ୍ତି। ତେବେ ପ୍ରେସ୍‌ର କାମଦାମ ବେଶ୍ ଭଲ ବୁଝନ୍ତି।

ବୀଣାପାଣି ପ୍ରିଣ୍ଟିଂ ପ୍ରେସ୍ ସେ ଚାଲୁ କରିଛନ୍ତି ଦଶ ଏଗାର ବର୍ଷ ପୂର୍ବେ, ଗୋଟାଏ ଟ୍ରେଡ୍‌ଲ ମେସିନ୍ ଆଉ ତିନି ମହଣ ଟାଇପ୍ ନେଇ।

ଆଜି ଦୁଇଟା ଫ୍ଲାଟ୍ ମେସିନ୍ ଚାଲୁଛି। ଇଂରାଜୀ ବଙ୍ଗଳା ମିଶାଇ ଦଶ ବାର ଜଣ କମ୍ପୋଜିଟର। ଅଜୟ ବହୁତ କୃତଜ୍ଞ ତାଙ୍କ ପାଖରେ।

ବି.ଏ ପାସ୍ କରିଥିବା ଅଜୟ ଯେତେବେଳେ ଚାକିରି ପାଇଁ ରାସ୍ତାରେ ରାସ୍ତାରେ ବୁଲୁଥିଲେ ସେତେବେଳେ ଜଣେ ପରିଚିତ ଭଦ୍ରଲୋକଙ୍କ ସୁପାରିଶରେ ସେ ତାଙ୍କୁ ନିଅନ୍ତି ପ୍ରେସ୍ କାମ ପାଇଁ। ଆଉ ଆଜି ଅଜୟଙ୍କ ହାତରେ ମୋଟାମୋଟି ପ୍ରେସ୍‌ର ସବୁ ଦାୟିତ୍ୱ ରହିଛି।

ସେ ଅଜୟଙ୍କୁ କହିଥିଲେ- ଆପଣ ଶିକ୍ଷିତ

ଲୋକ। ଯଦି ଏଇ ଲାଇନ୍‌ରେ ମନ ଦେଇ କାମ କରନ୍ତି ତାହେଲେ ଉନ୍ନତି ସୁନିଶ୍ଚିତ।

ସେଇ ଶିବନାଥ ବାବୁ ଆଜି ସକାଳୁ ଚାଲି ଆସିଛନ୍ତି।

କିନ୍ତୁ ଡେରି ହେଲା ଅଜୟଙ୍କର।

ସକାଳେ ଚନ୍ଦ୍ରନାଥ ବାବୁ ଚା' ନଦେଇ ଛାଡ଼ି ନାହାନ୍ତି। ଆଉ ଚା' ସାଙ୍ଗରେ ପୁଣି ଜଳଖିଆ- ସେଇଟା ଯେମିତି ରୀତିମତ ଗୋଟାଏ ସମାରୋହ ପରି।

ସେଇ ଜାଗାରୁ ଘରକୁ ଫେରି ସ୍ନାନ ଆହାର ସାରି ତା'ପରେ ସେ ପ୍ରେସ୍‌କୁ ଆସିଛନ୍ତି। ଶିବନାଥ ବାବୁଙ୍କ ସାଙ୍ଗରେ ଦେଖାହେବାରୁ ସେ କହିଲେ- ଆରେ ଅଜୟ ବାବୁ, ବହୁତ ଡେରି କରିଦେଇଛନ୍ତି। କେତୋଟି ପ୍ରୁଫ ଅଟକି ରହିଛି।

- କାଲି ରାତିରେ ଘରକୁ ଫେରିପାରିନଥିଲି।

- ଆରେ ଇଏ କି କଥା ! ତାହେଲେ ରାତିରେ ରହିଲେ କେଉଁଠି ?

- ମାଣିକତଲାରେ ଯାଇ ଅଟକିଗଲି। ମୋର ଗୋଟିଏ ସାଙ୍ଗର ଘର କାରବାଲା ଟ୍ୟାଙ୍କ ଲେନ୍‌ରେ। ସେଠିକି ଯାଇଥିଲି। ସେମାନେ ଛାଡ଼ିଲେନାହିଁ। ରାତିଟା ସେଇଠି-

-ହଁ, ଭଲ କରିଛନ୍ତି। ମୁଁ ବହୁତ ଚିନ୍ତାରେ ଥିଲି। ଏପଟେ ଆଜିବି ରାତି ହେଲେ କ'ଣ ହେବ ବୁଝିପାରୁନାହିଁ। ପୁଣି ପ୍ରେସ୍‌କୁ ଆଜି ଦୁଇଜଣ କମ୍ପୋଜିଟର ଆସିନାହାନ୍ତି। ଯାହାହେଉ, ମ୍ୟାନେଜ କରିନିଅନ୍ତୁ। ଆଉ ଆପଣଙ୍କ ସାଙ୍ଗରେ କିଛି ଜରୁରୀ କଥା ଥିଲା। ପ୍ରୁଫ ଗୁଡ଼ାକ ବାହାର କରିଦେଲା ପରେ ମୋ' ସାଙ୍ଗରେ ଦେଖା କରନ୍ତୁ। ପ୍ରବୋଧ-

ପ୍ରବୋଧ ହେଉଛନ୍ତି ଶିବ ବାବୁଙ୍କର ବିଶ୍ୱସ୍ତ ପୁରୁଣା କମ୍ପୋଜିଟର ଏବଂ ମେକଅ୍ୟାପ ମ୍ୟାନ। ପ୍ରବୋଧ ଆସିବାରୁ ସେ କହିଲେ- ରାମକାନ୍ତ ବିଦ୍ୟାଳୟର କୋଶ୍ଚେନଗୁଡ଼ାକ ହେଇଯାଇଛି ?

- ଟିକେ ବାକି ଅଛି ସାର୍ !

- କାହିଁକି ? ଟିକେ ବାକି କାହିଁକି ? ମୁଁ ଗତକାଲି କହିଥିଲି ଯେ, ଦିନ ଏଗାରଟା ବେଳେ ସବୁ ମେସିନ୍‌କୁ ଯିବ ? ବର୍ତ୍ତମାନ ବାରଟା ବାଜିଲାଣି। ତୁମପାଇଁ କ'ଣ ସ୍କୁଲ ପରୀକ୍ଷା ବନ୍ଦ ହେବ ?

ପ୍ରବୋଧ କହିଲେ- କ'ଣ କରିବି କୁହନ୍ତୁ, ଦଶ ପଏଣ୍ଟ ଇଟାଲିକ୍ସ ଟାଇପ୍ ମୋଟେ ନଥିଲା। ଆଉ ଗୋଟାଏ ମ୍ୟାଟାରରୁ ଡିଷ୍ଟ୍ରିବିଉଟ୍ କରି ତେବେ ଏଇଟା ଶେଷ କରିଛି। ଅଜୟ ବାବୁଙ୍କୁ କେତେଦିନ ହେଲା କହିଛି ଟାଇପ୍ ପାଇଁ।

ଅଜୟ କହିଲେ- ଫାଉଣ୍ଡ୍ରିରେ ଖୋଜ ଖବର ନେଇଥିଲି। ସେଇ ଟାଇପ୍ ପୂରା ସରିଯାଇଛି ବୋଲି କହିଲେ। ଆସନ୍ତା ସପ୍ତାହରେ ସେମାନେ ଦେବେ ବୋଲି କହିଛନ୍ତି।

ପ୍ରବୋଧ ଚାଲିଗଲା ପରେ ମନେ ମନେ ବିରକ୍ତି ପ୍ରକାଶ କଲେ ଶିବ ବାବୁ। ତାଙ୍କର ରାଗଟା ଯେ କାହା ଉପରେ ସେଇଟା ଜଣାପଡ଼ିଲାନାହିଁ।

\ \ \ \ \

ଅଜୟ ଚୁପ୍ ହେଇ ଦେଖୁଥିଲେ ଶିବନାଥ ବାବୁଙ୍କର ଗତିବିଧି।

ଶିବନାଥ ବାବୁ କହିଲେ- ଶୁଣନ୍ତୁ ଅଜୟ ବାବୁ, ଗୋଟାଏ ଭଲ ଅଫର ମିଳିଛି। ରମେଶ୍ୱର ସୋମ୍‌ଙ୍କ ନାଁ ଶୁଣିଛନ୍ତି- ବିଖ୍ୟାତ ଶିଳ୍ପପତି ? ଭି.ଆଇ.ପି. ରୋଡ଼ରେ ଗୋଟାଏ ନୂଆ ବିରାଟ ଘର ତିଆରି କରିଛନ୍ତି। ତାଙ୍କ ସାଙ୍ଗରେ ସମ୍ପ୍ରତି ମୋର ଯୋଗାଯୋଗ ହେଇଛି।

ଭଦ୍ରଲୋକ ଜଣକ ଗୋଟାଏ କାଗଜ କରିବାକୁ ଚାହାଁନ୍ତି- ସିନେମା କାଗଜ। ଆମ ପ୍ରେସ୍‌ରେ ଛପା ହେବ। ମୋର ବି ଇଣ୍ଟରେଷ୍ଟ ଅଛି ସେଥିପାଇଁ ଭଦ୍ରଲୋକ ମୋତେ ନୂଆ ଟାଇପ୍ କିଣି ଦେବେ ବୋଲି କହିଛନ୍ତି।

- ବହୁତ ଭଲ କଥା।

- ପାଞ୍ଚ, ସାତ ମହଣ ନୂଆ ଟାଇପ୍ ହେଲେ ଭଲ ହେବ ! ପ୍ରେସ୍‌ର ଆକାର ଏବଂ ଇନ୍‌କମ୍ ଦୁଇଟା ହିଁ ବଢ଼ିବ। ଉପରର ଛାତଟା ଘରବାଲାକୁ କହି ବ୍ୟବସ୍ଥା କରିନେଇଛି। ମୁଣ୍ଡ ଉପରେ ଗୋଟାଏ କେରପାଲ ଟାଙ୍ଗି ଦେବାର ବ୍ୟବସ୍ଥା କରିବି। ଚାରିପଟେ ବାଉଁଶର ବନ୍ଧେଇ ରହିବ। ଏଇଠି ମୋଟ ଚାରିଟା ସିଟ୍ ପକାଇବା ପାଇଁ ସୁବିଧା ହେବନାହିଁ ?

ଅଜୟ କହିଲେ- ତିନିଟା ତ ବେଶ୍ ଭଲ ଭାବରେ ହେବ- ଟିକେ ଚାପି କଲେ ଚାରିଟା ବି କରାଯାଇପାରେ।

- ଆପଣଙ୍କର ଲେଖାଲେଖିରେ ହବି ଥିଲା ବୋଲି ଶୁଣିଛି ଅଜୟ ବାବୁ ! ସେଇ କାମର ଦାୟିତ୍ୱ ଆପଣ ନିଅନ୍ତୁ ନା !

- ହଁ, ନେଇପାରିବି।

- ମିଃ ଅବନୀ ମୁଖାର୍ଜୀ ତାଙ୍କ ଘରେ ଅଫିସ କରିବେ। ସେଇଠି ତାଙ୍କର ଲୋକମାନେ ଏଡିଟୋରିଆଲ ବିଭାଗର ସବୁ କାମ ଦେଖିବେ। ପ୍ରୋଡକ୍‌ସନ୍‌ର ସବୁ ଦାୟିତ୍ୱ ଆପଣଙ୍କୁ ନେବାକୁ ହେବ। ଆପଣଙ୍କର ଅବଶ୍ୟ ପରିଶ୍ରମ ବଢ଼ିଯିବ। ତେବେ ମୁଁ ସବୁ ସୁବିଧା କରିଦେବି। ଏଥିପାଇଁ ମାସକୁ ପଚାଶ ଟଙ୍କା ଅତିରିକ୍ତ ପାଇବେ ଆପଣ। କ'ଣ କୁହନ୍ତୁ, ଆପଣ ରାଜି ତ ?

ରାଜି ନହେଇ ଉପାୟ ନାହିଁ ଅଜୟଙ୍କର। ସେ ବୀଣାପାଣି ପ୍ରିଣ୍ଟିଂ ପ୍ରେସ୍‌ରେ ମାତ୍ର ଦେଢ଼ଶହ ଟଙ୍କା ଦରମା ପାଆନ୍ତି- ସେଥିରୁ ଘରଭଡ଼ା ଦିଅନ୍ତି ପଅଁଷଠି ଟଙ୍କା। ପାଞ୍ଚଜଣ ଭଡ଼ାଟିଆ ସାଙ୍ଗରେ କମନ୍ ପାଣି ଏବଂ ପାଇଖାନା ବ୍ୟବହାର କରନ୍ତି।

ସଂସାରରେ ତିନୋଟି ପ୍ରାଣୀ। ବାପାଙ୍କର ହାତଖର୍ଚ୍ଚ ଲାଗେ ମାସକୁ ପ୍ରାୟ ପନ୍ଦର କୋଡ଼ିଏ ଟଙ୍କା। ଟଙ୍କା ଟିକେ କମ୍ ହେଲେ ବକ୍ ବକ୍ କରନ୍ତି ବିଜୟ ବାବୁ। ପନ୍ଦର ଟଙ୍କାରେ କ'ଣ ହୁଏ ଖୋକା ? କୋଲକାତା ସହରରେ ରାସ୍ତାକୁ ବାହାରିଲେ ହିଁ ତ ପଇସା ଦରକାର ହୁଏ।

ଅମିତା ଦେବୀ ମଝିରେ ମଝିରେ ରାଗିଯାଇ କହନ୍ତି- ତୁମକୁ ଲଜ୍ୟା ଲାଗେନାହିଁ ଟଙ୍କା ମାଗିବା ପାଇଁ ? ଏତେ ଟିକେ ଛୁଆ ମୁହଁରେ ରକ୍ତ ଉଠାଇ କାମ କରି ରୋଜଗାର କରୁଛି ?

ଅଜୟ ମଝିରେ ମଝିରେ ଚିନ୍ତା କରନ୍ତି। ସତରେ ତ ! ନିଜ ଗାଁରୁ ବାପାଙ୍କୁ ଆଣିବା ତାଙ୍କର ଉଚିତ୍ ହେଇନାହିଁ। ସେଇ ସତଚାଳିଶରୁ ଅଣଷଠି ସାଲ ପର୍ଯ୍ୟନ୍ତ ଏଇ ଦୀର୍ଘ ତେର ବର୍ଷ ସେଇ ଗାଁ ଘରେ ସେ ବେଶ୍ ଭଲରେ କଟାଇଛନ୍ତି। ପୁଅକୁ କେବଳ ପଢ଼ା ପାଇଁ ପଠାଇ ଦେଇଥିଲେ କୋଲକାତା।

ବନଗାଁ, ଗାଇଘାଟା ବର୍ଡର ଠାରୁ ନଢ଼ାଇଲେର ଦୂରତ୍ୱ ବେଶୀ ନୁହେଁ। କିନ୍ତୁ ଏଇ ଟିକକ ମାତ୍ର ରାସ୍ତା ଭିତରେ ଆଜି ଯେମିତି ପର୍ବତ ପ୍ରମାଣ ବ୍ୟବଧାନ।

କେବଳ ଚିଠି ମାଧ୍ୟମରେ ଯେତେ ଟିକେ ଯୋଗାଯୋଗ ସେତିକ ରଖିବା ସମ୍ଭବ ଆଜିକାଲି, ଏହାଠାରୁ ବେଶୀ ନୁହେଁ। ଅଜୟ ସେତେବେଳେ ବନଗାଁର ଗୋଟାଏ କଲେଜରେ ବି.ଏ. ପଢୁଥିଲେ।

ଦେଶ ବିଭାଜନ ପରେ ଦେଶରୁ ଆଇ.ଏ ପାସ୍ କରି ଚାଲିଆସନ୍ତି ଏପଟକୁ।

ଯେଉଁ ଲୋକଙ୍କ ଘରେ ରହି ବି.ଏ ପଢୁଥିଲେ ସେମାନଙ୍କ ପିଲାମାନଙ୍କୁ ପାଠ ପଢ଼ାଇବା ବିନିମୟରେ ଦୁଇବେଳା ଖାଇବା- ରହିବା ତାଙ୍କୁ ମିଳିଯାଉଥିଲା। ଆଉ ଗୋଟାଏ ଜାଗାରେ ପିଲାକୁ ପଢ଼ାଇ ପାଉଥିଲେ ସାମାନ୍ୟ ହାତଖର୍ଚ୍ଚ। ଏହିପରି ଭାବରେ ସେ ବି.ଏ ପାସ୍ କରିଛନ୍ତି। ତାଙ୍କର ଇଚ୍ଛା ଥିଲା ଏମ୍.ଏରେ ଭର୍ତ୍ତି ହେବେ। ଏଇ ସମୟରେ ସଂସାରର ସମସ୍ତ ଦାୟିତ୍ୱ ଆସି ପଡ଼ିଲା ତାଙ୍କ ଉପରେ।

ପୂଜା-ଅର୍ଚ୍ଚନା କରି, ଜମିଜମାରୁ ଗାଁରେ ବେଶ୍ ଭଲ ଭାବରେ ହିଁ ଚଳିଯାଉଥିଲା ବିଜୟ ବାବୁ ଆଉ ଅମିତାଙ୍କର।

କିନ୍ତୁ ସେମାନଙ୍କ ପାଖ ପ୍ରତିବେଶୀ ଯିଏ ଥିଲେ, ସେ ହଠାତ୍ ସମ୍ପତ୍ତି ବିକ୍ରି କରି ଚାଲିଗଲେ ଗାଁ ଛାଡ଼ି।

ଆଉ ସଙ୍ଗେ ସଙ୍ଗେ ପାଖ ଘରେ ଆସି ଉଠିଲେ ଗୋଟିଏ ଉଦ୍‌ବାସ୍ତୁ ମୁସଲମାନ ପରିବାର। ଆରମ୍ଭ ହେଇଗଲା ବିବାଦ କିଛି ଦିନ ପରେ।

କାହିଁକି ଯେ ଆରମ୍ଭ ହେଲା ତା'ର ବିସ୍ତୃତ କାରଣ ଜାଣନ୍ତି ନାହିଁ ଅଜୟ। ତା'ପରେ ଯାହା ଆରମ୍ଭ ହେଲା, ତାକୁ ଗୋଟାଏ କଥାରେ କୁହାଯାଇପାରେ ଭୀତି- ପ୍ରଦର୍ଶନ।

ଚିଠି ପରେ ଚିଠିରେ ସେଇ କରୁଣ କାହାଣୀ ବିଜୟ ବାବୁ ଲେଖୁଥିଲେ ପୁଅ ପାଖକୁ। ଅବଶ୍ୟ

ସେତେବେଳେ ବି ସେ ବୋଧହୁଏ ଭାବି ନାହାନ୍ତି ଯେ, ସାତ ପୁରୁଷର ବାସ ଛାଡ଼ି ଚିରଦିନ ପାଇଁ ଚାଲିଯିବେ ନିଜର ଦେଶ ଛାଡ଼ି।

ଇତିମଧ୍ୟରେ ବି.ଏ ପାସ୍ କରି ଅଜୟ ଚାକିରି ଖୋଜୁଥିଲେ କୋଲକାତାରେ।

ଦୁଇ ତିନି ବର୍ଷ ଖୋଜିଲେ। ଶେଷରେ ସେ ଗୋଟାଏ ଚାକିରି ପାଇଗଲେ। ଏଇ ବୀଣାପାଣି ପ୍ରିଣ୍ଟିଂ ପ୍ରେସ୍‌ରେ ମ୍ୟାନେଜରର ଚାକିରିଟା ପାଇଗଲେ ସେ।

ତା'ପରେ ନିଜ ଗାଁକୁ ଚାଲିଗଲେ ଅଜୟ। ସେ ସେଠାରେ ପହଞ୍ଚି ବାପା ଓ ମା'ଙ୍କୁ ସିଧା ଗାଁ ଛାଡ଼ି ଯିବାର ପ୍ରସ୍ତାବ ଦେଲେ।

ବାପା ମା' ଏଇ କଥା ଶୁଣି ବହୁତ ଖୁସୀ ହେଇଗଲେ ପ୍ରଥମେ। କିନ୍ତୁ ତା'ପରେ ମନ ଖରାପ କରିବାକୁ ଆରମ୍ଭ କଲେ।

ଅମିତା ନିଜ ଦେଶ ଛାଡ଼ି ଆସିବା ସମୟରେ କନ୍ଦାକଟା କଲେ।

ସମ୍ପତ୍ତିର ଦାମ୍ ମିଳିଲାନାହିଁ।

ଜଣେ ଦୂର ସମ୍ପର୍କୀୟ ଆତ୍ମୀୟଙ୍କ ଉପରେ ଦେଖାଶୁଣା କରିବାର ଦାୟିତ୍ୱ ଦେଇଦେଲେ ବିଜୟ ବାବୁ। ତା'ପରେ ଚାଲିଆସିଲେ କୋଲକାତା।

ଗାଁରୁ ପ୍ରଥମେ ବର୍ଷକୁ ଦୁଇଶହ ତିନିଶହ ଟଙ୍କା ଆସୁଥିଲା ଲୋକ ମାଧ୍ୟମରେ ନାନା କୌଶଳରେ।

କିନ୍ତୁ ସମ୍ପ୍ରତି ସେଇଟା ବି ବନ୍ଦ ହେଇଗଲା।

ସେଇ ବନ୍ଦ ହେବା ଦିନ ଠାରୁ ଦିନ ଚାଲିଛି ଏଇପରି ଭାବରେ। ଚାଲିଛି ବୋଲି ଭୁଲ୍ ହେବ- ଯେମିତି କୌଣସି ପ୍ରକାରରେ ଗଡ଼ି ଗଡ଼ି ଆଗେଇ ଯାଉଛି।

ବର୍ଷା ଦିନର ମେଘୁଆ ଦିନଗୁଡ଼ାକ ଯେମିତି ମେଘ ଆଢୁଆଳରେ ଭିତରେ ଭିତରେ ବଢ଼ିଚାଲେ, ଅଥଚ ମନେହୁଏ ଦିନ ଯେମିତି ଥମିଯାଇଛି- ଏଇଟା ମଧ୍ୟ ଠିକ୍ ସେଇଆ।

ଏଇ ସବୁ କଥା ଭାବୁଥିଲେ ଅଜୟ।

ତାଙ୍କ ପାଖରେ ଷାଠିଏ ଟଙ୍କା ଅଧିକ ଉପାର୍ଜନ ମାନେ ବର୍ତ୍ତମାନ ସ୍ୱର୍ଗ।

ଶିବନାଥ ବାବୁ କହିଲେ- ଆପଣ ଆଜି ହିଁ ସନ୍ଧ୍ୟାରେ ମିଃ ସୋମ୍‌ଙ୍କ ସାଙ୍ଗରେ ଦେଖା କରନ୍ତୁ।

- ଆଚ୍ଛା।

- ସେ ଆପଣଙ୍କୁ ଅବଶ୍ୟ ଆଜି ଯିବାକୁ କହିଛନ୍ତି। ତା'ଛଡ଼ା ମୋର ଗୋଟାଏ ଚିଠି ଥିବ ଆପଣଙ୍କ ସାଙ୍ଗରେ। ସବୁ ଶୁଣିଲେ ତ? ତାହେଲେ ସେଇ କଥା ହିଁ ରହିଲା।

ଅଜୟ କାମ ଚାପରେ ପୁଣି ବ୍ୟସ୍ତ ହେଇ ଚକ୍ରିପରି ଘୂରିବାକୁ ଲାଗିଲେ।

\`\`\`\`\`

ଭି.ଆଇ.ପି. ରୋଡ଼ରେ ରାମେଶ୍ୱର ସୋମ୍‌ଙ୍କର ବିରାଟ ଘରଟା ଖୋଜି ବାହାର କରିବାକୁ ବିଶେଷ କଷ୍ଟ ହେଲାନାହିଁ ଅଜୟଙ୍କୁ। ଗୋଟିଏ ପାର୍କର ପଛପଟେ ବିରାଟ ଚକ୍ ଚକ୍ ପାଞ୍ଚତାଲା ବିଶିଷ୍ଟ ସେଇ ଘରଟା। ଗାଡ଼ି ବାରଣ୍ଡାରେ ଗୋଟାଏ ଚକୋଲେଟ୍ ରଙ୍ଗର ଗାଡ଼ି ଛିଡ଼ା ହେଇରହିଛି। ସେଇଟା ଝଡ଼ା-ପୋଛା ହେଉଥିଲା। ଅଜୟ ଦେଖିଲେ, ସେଇଟା ନୂଆ ମଡ଼େଲର ଷ୍ଟୁଡିବେକର ଗାଡ଼ି। ବହୁତ ଦାମୀ ଗାଡ଼ିଟା, ସେ ବୁଝିପାରିଲେ।

ଦରୁଆନ ଆସି ପଚାରିଲା- କାହାକୁ ଦରକାର?

- ରାମେଶ୍ୱର ବାବୁଙ୍କୁ।

- କେଉଁଠାରୁ ଆସୁଛନ୍ତି?

- ବୀଣାପାଣି ପ୍ରିଣ୍ଟିଂ ପ୍ରେସ୍‌ରୁ।

- କାର୍ଡ ଅଛି?

- ଅଛି- କହି ବୀଣାପାଣି ପ୍ରିଣ୍ଟିଂର ଗୋଟାଏ କାର୍ଡ ସେ ଦେଲେ ସେଇ ଦରୁଆନ ହାତକୁ। କହିଲେ- କହିବେ, ଶିବ ବାବୁ ପଠାଇଛନ୍ତି।

- ଆଚ୍ଛା।

ଠିକ୍ ପଶିଲା ବେଳକୁ ବେଶ ବଡ଼ ଗୋଟାଏ ଘର। ମେଜିଆରେ କାର୍ପେଟ ପରା ହେଇଛି। କେତେ ଗୁଡ଼ାକ ସୋଫା ସେଟ୍ ଅଛି। କାନ୍ଥରେ ତିନି ଚାରୋଟି ଚିତ୍ର। ଗୋଟାଏ ରବୀନ୍ଦ୍ରନାଥ ଠାକୁରଙ୍କର ଅଏଲ ପେଣ୍ଟିଂ। ଏଆର କୁଲର ଲାଗିଥିବା ଘର।

ଦରୁଆନ ଆଉଥରେ ଚାହିଁଲା ଅଜୟଙ୍କ ଆଡ଼କୁ।

ନା- ଚେହେରା ଭିତରେ କୌଣସି ଆଭିଜାତ୍ୟ ତାଙ୍କର ନାହିଁ। ଟିକେ ପତଳା ଡେଙ୍ଗା ଚେହେରା ଅଜୟଙ୍କର। ଦେହର ରଙ୍ଗ ଅବଶ୍ୟ ବେଶ ଗୋରା।

କିନ୍ତୁ ଦେହରେ ପିନ୍ଧିଥିବା ଜାମା ଢିଲା ହ୍ୟାଣ୍ଡଲୁମ୍‌ର ପଞ୍ଜାବି- ଦେଖି ମନେହୁଏ, କୌଣସି ଚାନ୍ଦା- ମାଗିବାକୁ ଆସିବାଲୋକ ବା ନିହାତି କୌଣସି ମଧ୍ୟବିତ୍ତ ଘରର ଲୋକ ହୋଇଥିବେ। ସେ ପଙ୍ଖାଟା ଖୋଲିଦେଲା। ଏଆରକୁଲର ଚଲାଇଲାନାହିଁ। ଯିବାବେଳକୁ ପଚାରିଲା- କେଉଁ ପ୍ରେସ୍ କହିଲେ?

- ବୀଣାପାଣି ପ୍ରିଣ୍ଟିଂ ଓ୍ୱାର୍କସ୍। ଏଇ କାର୍ଡରେ ତ ନାଁ ଲେଖାଅଛି।

- ବସନ୍ତୁ! ମୁଁ ଖବର ଦେଉଛି।

ପ୍ରାୟ ଅଧଘଣ୍ଟା ବସିରହିଲେ ଅଜୟ।

ସେ ଯେତେବେଳେ କ୍ଳାନ୍ତ ହେଇଉଠିଛନ୍ତି, ସେତେବେଳେ ଆସି ପହଞ୍ଚିଲେ ରାମେଶ୍ୱର ବାବୁ। ବେଶ ସ୍ୱାସ୍ଥ୍ୟବାନ ଭଦ୍ରଲୋକ। ଚାଳିଶ ବର୍ଷରୁ ଊର୍ଦ୍ଧ୍ୱ ହେବ ବୟସ। ମୁଣ୍ଡର କେଶ ପାଚିନାହିଁ। ମୁହଁରେ ଗୋଟାଏ ଦୁଇଟା ବସନ୍ତର ଚିହ୍ନ ଅଛି। ରୀତିମତ ସୌଖିନ ଲୋକ ବୋଲି ମନେହୁଏ।

ପିନ୍ଧିଛନ୍ତି ସିଲ୍କର ପଞ୍ଜାବି ଆଉ ଶାନ୍ତିପୁରୀ ଧୋତି। ହାତରେ ଦାମୀ ସିଗାରେଟ୍‌ର ଟିଣ। ଭଦ୍ରଲୋକ ଜଣକ ଆସି ଗମ୍ଭୀର ସ୍ୱରରେ କହିଲେ- ଶିବ ବାବୁ ପଠାଇଛନ୍ତି ଆପଣଙ୍କୁ?

- ଆଜ୍ଞା ହଁ!

- ରାମ ସିଂ।

ସଙ୍ଗେ ସଙ୍ଗେ ବିଶ୍ୱସ୍ତ ଦରୁଆନଟି ଦୌଡ଼ି ଆସିଲା ତାଙ୍କ ସାମ୍ନାକୁ। ସେ ଇଙ୍ଗିତ କଲେ ଏଆରକୁଲରଟା ଚଲାଇବା ପାଇଁ। ତା'ପରେ କହିଲେ- ଦୁଇ କପ୍ କଫି।

- ଆଚ୍ଛା ସାର।

ସେ ଚାଲିଗଲା।

- ଶୁଣନ୍ତୁ ଆପଣ। - କୌଣସି ଭୂମିକା ନକରି ହିଁ କଥା କହି ଚାଲିଲେ ରାମେଶ୍ୱର ବାବୁ। ସିନେମା କାଗଜଟିର ନାଁ ଠିକ୍ ହେଇଯାଇଛି- ରୂପ-ରଙ୍ଗ। ଏଡିଟର ହେବେ ପ୍ରବୀଣ ସାହିତ୍ୟିକ ଓ ଚିତ୍ରନାଟ୍ୟକାର ଶୈଲେନ ମୁଖୋପାଧ୍ୟାୟ।

- ବୁଝିପାରିଲି ସାର!

- ଏଥର ମୋ' କଥାଟା ଭଲକରି ଶୁଣନ୍ତୁ। ଶୈଲେନ ମୁଖୋପାଧ୍ୟାୟ ସ୍ପଷ୍ଟ ଭାବରେ କହି ଦେଇଛନ୍ତି ଯେ, ତାଙ୍କ ହାତରେ ସମୟ ବହୁତ କମ୍। ତାଙ୍କର ବର୍ତ୍ତମାନ ବାରଟା ଉପନ୍ୟାସର କନ୍‌ଟ୍ରାକ୍ଟ। ତାଛଡ଼ା ସନେମାର ଚିତ୍ରନାଟ୍ୟ ନେଇ ବହୁତ ଭାବରେ ବ୍ୟସ୍ତ ଅଛନ୍ତି ସେ। ଇଉ.ଏସ୍.ଆଇ.ଏସ୍ ତାଙ୍କୁ ଆମେରିକା ନେଇଯିବେ ବୋଲି ସ୍ଥିର କରିଛନ୍ତି ସେ। ଛଅ ମାସ ଆପାତତଃ ସମୟ ଦେଇପାରୁନାହାନ୍ତି। ତେଣୁ କାଗଜର ସମ୍ପାଦନା କ୍ଷେତ୍ରରେ ଯେଉଁସବୁ ଦାୟିତ୍ୱ ଅଛି ସବୁ ଆପଣଙ୍କୁ ବହନ କରିବାକୁ ହେବ।

- ଠିକ୍ ଅଛି।

- ସମ୍ପାଦକ ହିସାବରେ ତାଙ୍କର ନାଁ ରହିବ। ଆପଣ ହେବେ ସହକାରୀ ସମ୍ପାଦକ। ହଁ, ଆଉ ଗୋଟିଏ କଥା। ଲେଖା-ଲେଖି କରିବାର ହାତ ଆପଣଙ୍କର କେମିତି?

- ଲୋକେ ତ ଭଲ ବୋଲି କହନ୍ତି।

- ସବୁ ପ୍ରକାର ଲେଖାଲେଖି ପାରିବେ ତ?

- କେଉଁ ରକମ କୁହନ୍ତୁ?

- ଧରନ୍ତୁ ଆର୍ଟିକେଲ, ରସ ରଚନା, ରମ୍ୟ ରଚନା, ଭ୍ରମଣ କାହାଣୀ, ଅଭିନେତ୍ରୀ ମାନଙ୍କ ସାକ୍ଷାତକାର, ଛୋଟ ଗଳ୍ପ, କବିତାର ପାଦପୂରଣ- ଯେତେବେଳେ ଯାହା ସର୍ଟ ପଡ଼ିବ ତାକୁ ସବୁ ଲେଖିବାକୁ ହେବ ଆପଣଙ୍କୁ।

- ଚେଷ୍ଟା କରିବି।

- ଶୁଣନ୍ତୁ, ଶୈଲେନ ମୁଖାର୍ଜି ତାଙ୍କର ନାଁ ପାଇଁ ମାସକୁ ପାଞ୍ଚଶହ ଟଙ୍କା ନେବେ। ସେଇଆ ହେଉ, ଆପଣଙ୍କର ବି ଟଙ୍କା ପାଇଁ କିଛି ଅଟକି ଯିବନାହିଁ। ଶୁଣନ୍ତୁ ମୁଁ ଚାହେଁ ପ୍ରେଷ୍ଟିଜ୍ ପବ୍ଲିକେସନ୍। ସିନେମା କାଗଜ ବୋଲି ଯାଇଛା ତା ଲେଖି ପୃଷ୍ଠା ଭରିଦେବାକୁ ପାରିବିନାହିଁ ମୁଁ। ପଇସା ରୋଜଗାର କରିବାର ବାସନା ମୋର ନାହିଁ। ଭଗବାନଙ୍କ ଦୟାରେ

ଚାରୋଟି ତେଲ କଳ, ଦୁଇଟା ରାଇସ୍ ମିଲ୍, ଦୁଇଟା ସାବୁନ୍ ଫ୍ୟାକ୍ଟରୀ ଆଉ ଗୋଟାଏ ଗ୍ଲାସ୍ ଫ୍ୟାକ୍ଟରୀ ମୋର ଅଛି। କିନ୍ତୁ କାଗଜ ବ୍ୟାପାରରେ ମୁଁ ଟିପିକ୍ୟାଲ ବିଜ୍‌ନେସ୍ ମ୍ୟାନ୍ ହେବାକୁ ଚାହେଁନାହିଁ। ମୁଁ ଆର୍ଟ, ଲିଟେରେଚାର ବହୁତ ଭଲପାଏ ତେଣୁ ଆଧୁନିକ କବିମାନଙ୍କୁ ପାଞ୍ଚଶହ ସର୍କୁଲେସନ୍ ପତ୍ରିକାକୁ ମଧ୍ୟ ମୁଁ ମୋର କମ୍ପାନୀର ବିଜ୍ଞାପନ ଦିଏ।

କଫି ଆସିଲା। ଏବଂ ତା' ସାଙ୍ଗରେ ଚାରିଖଣ୍ଡ ବିସ୍କୁଟ ।

ସୁଦୃଶ୍ୟ କପ୍ ପ୍ଲେଟ୍- କ୍ଷୀର ଚିନି ସବୁ ଅଲଗା ଅଲଗା ପାତ୍ରରେ।

ରାମେଶ୍ୱର ବାବୁ କହିଲେ- ହଁ ଶୁଣନ୍ତୁ, ଯାହା ସବୁ କହୁଥିଲି କାଗଜ କଥା।

- କୁହନ୍ତୁ।

- ମୋ' କାଗଜର ସବୁ ପ୍ରକାର ଦାୟିତ୍ୱ କିନ୍ତୁ ନେବାକୁ ହେବ ଆପଣଙ୍କୁ। ଶିବନାଥ ବାବୁ ମୋତେ ସବୁ କଥା କହିଛନ୍ତି। ଆଉ ଜଣେ ଭଦ୍ରଲୋକ ବି ରହିବେ। ଅବନୀ ମୁଖାର୍ଜୀ- ନାଁ ନିଶ୍ଚୟ ଶୁଣିଛନ୍ତି। ତାଙ୍କ ସାଙ୍ଗରେ ବି ଆପଣଙ୍କର ପରିଚୟ ହେବ। ଆଚ୍ଛା, ଆପଣ ଲେଖିବା ପାଇଁ ସମୟ ପାଇବେ ତ ?

- ସମୟ କରିନେବାକୁ ହେବ ସାର୍।

- ଆପଣଙ୍କ ସାଙ୍ଗମାନଙ୍କୁ ବି କହିବେ ଲେଖା ଦେବାପାଇଁ।

- ମୋର ସାଙ୍ଗମାନେ ଜଣେ ଦୁଇଜଣ ଲେଖନ୍ତି ସତ, ତେବେ ସୁବିଧା ହେବନାହିଁ।

- ନାମଜାଦା ରାଇଟର୍ ମାନଙ୍କ ସାଙ୍ଗରେ କଣ୍ଟ୍ରାକ୍ଟ କରିବି ଅବଶ୍ୟ ମୁଁ। ସୁଟିଂ ରିପୋର୍ଟ ଆର୍ଟିଷ୍ଟ ଇଣ୍ଟରଭିଉ, ରିଡ଼ରମାନଙ୍କ ପ୍ରଶ୍ନ ଓ ଜବାବ, ଭଲ ଭଲ ଚିତ୍ର- ବୁଝିଲେ ନା? ଏଇସବୁ ତ ପବ୍ଲିକ୍ ଚାହାଁନ୍ତି। ଏଗୁଡ଼ାକ ଆପଣ ଟିକେ ଦେଖିବେ।

- ଆଚ୍ଛା ସାର।

- ଫଟୋ ବିଷୟରେ ମୋର ସେଇପରି ମରାଲିଟି ନାହିଁ। ଇଇଥ୍‌ଫୁଲ୍ ଫଟୋ ଦରକାର ଆର୍ଟିଷ୍ଟମାନଙ୍କର। ତାଛଡ଼ା ନୂଆ ଆର୍ଟିଷ୍ଟମାନଙ୍କର ମଧ୍ୟ ଟିକେ ପରିଚୟ କରାଇବାକୁ ହେବ ବୁଝିଲେ ତ ?

- ହଁ ସାର୍।

ତାହେଲେ କାଲି ଠାରୁ ହିଁ ଆପଣ କାମ ଆରମ୍ଭ କରନ୍ତୁ। ପ୍ରଥମେ ପୂଜା ସଂଖ୍ୟା ବାହାରିବ।

ନମସ୍କାର ଜଣାଇ ଅଜୟ ଛିଡ଼ା ହେଲେ ଆସିବା ପାଇଁ।

॥ ୫ ॥

ରୂପ-ରଙ୍ଗର କାମ ପୂରା ଉଦ୍ୟମରେ ଆରମ୍ଭ ହେଇଗଲା ତା'ପର ଠାରୁ।

ବିଭିନ୍ନ କାଗଜରେ ବାହାରିଲା ବିଜ୍ଞାପନ- ନୂଆ ଧରଣର ଚଳଚ୍ଚିତ୍ର ପତ୍ରିକା 'ରୂପ-ରଙ୍ଗ'। ଶିବନାଥ ବାବୁଙ୍କର ଭୀଷଣ ଉତ୍ସାହ।

ସେ ଛାତ ଉପରେ କମ୍ପୋଜ- ଘର ତିଆରି କରାଇଲେ। ଦଶ ମହଣ ନୂଆ ଟାଇପ୍ କିଣା ହେଇଛି। ତାଛଡ଼ା ନାନା ଧରଣର ବାହ୍ୟ ଆଡ଼ମ୍ବର ଯୁକ୍ତ ହେଡିଂର ଟାଇପ୍। ଶିବବାବୁ କହିଲେ- ଅଜୟ ବାବୁ, ଆପଣ ଠିକ୍ ସମୟରେ ମିଃ ସୋମଙ୍କ ପାଖକୁ ଯାଉଛନ୍ତି ତ ?

- ହଁ, କାଲି ତ ଯାଇଥିଲି।

- ପୂଜା କିନ୍ତୁ ଡେରିନାହିଁ ଆଉ। ମଝିରେ ମାତ୍ର ଅଢ଼େଇ ମାସ ସମୟ। ଏପର୍ଯ୍ୟନ୍ତ ଗୋଟାଏ ଉପନ୍ୟାସ ବ୍ୟତିକ କିଛି ମ୍ୟାଟାର ହାତକୁ ଆସିନାହିଁ। ସେ ଆଡ଼କୁ ଟିକେ ଖିଆଲ ରଖିବେ ଆପଣ। ଅବନୀ ବାବୁଙ୍କୁ କହିବେ।

- ଅଜୟ କହିଲେ- ଆଚ୍ଛା, ଅବନୀ ବାବୁ କିଏ ? ତାଙ୍କ ଘରେ ତ ଅଫିସ।

- ଅବନୀ ବାବୁ ହେଉଛନ୍ତି ସବୁ। ସେ ମିଃ ସୋମ୍‌ଙ୍କର ପ୍ରାଇଭେଟ୍ ସେକ୍ରେଟାରୀ। ରୂପ-ରଙ୍ଗ ଲେଖା-ଲେଖି, ଅଫିସ ମ୍ୟାନେଜମେଣ୍ଟ ସବୁ ସେ ଦେଖୁଛନ୍ତି। ଏଥିପାଇଁ ମାସକୁ ଦୁଇଶହ ଟଙ୍କା ଉପାର୍ଜନ କରୁଛନ୍ତି।

- ଠିକ୍ ଅଛି, ତାଙ୍କୁ କହିବି।

- କିନ୍ତୁ ଏପଟେ ମୋର ଇଉଜୁଆଲ୍ କାମଗୁଡ଼ାକ ବି ଠିକ୍ ଦେଖୁଥିବେ।

- ହଁ, ସେଇଟା ତ ନିଶ୍ଚୟ ଦେଖିବି।

- ନୀତିମାଳାର କେତେ ଫର୍ମା ଛପା ହେଲା ?

- ପାଞ୍ଚ ଫର୍ମା ଶେଷ ହେଉଛି, ଆଉ ଦେଢ଼ ଫର୍ମା ମାତ୍ର ବାକି ଅଛି।

- ଏଇ ସପ୍ତାହରେ ବାକି ଗୁଡ଼ାକ ଶେଷ କରିବାକୁ ହେବ, ଆଉ ବାଣୀଲେଖା ପ୍ରକାଶନାଳୟର ଚାଲାନଗୁଡ଼ାକ ବି କରିଦିଅନ୍ତୁ। ପ୍ରାୟ ଆଠଶହ ଟଙ୍କା ବାକି ଅଛି।

କାମ- କାମ- ଆଉ କାମ, ଯାକୁ ନେଇ ହିଁ ଅଜୟଙ୍କ ଜୀବନ ପ୍ରବାହ ଚାଲିଛି କ୍ରମାଗତ ଭାବରେ।

ଶେଷ ଟ୍ରାମ୍‌ରେ ଘରକୁ ଫେରୁ ଫେରୁ ହଠାତ୍ ଅଜୟଙ୍କର ମନେପଡ଼ିଗଲା ସେଦିନ ରାତିର କଥା, ପୃଥ୍ୱୀଶ, ଚନ୍ଦ୍ରନାଥ ବାବୁ, ମାଇଁ ଆଉ ଝାପ୍‌ସା ଆଲୁଅରେ ଦେଖିଥିବା ଦୁଇଟି ଭୀରୁ ଆଖିର କଥା।

ମନେପଡ଼ିଲା ମିନତିଙ୍କୁ। ହଠାତ୍ କାହିଁକି ଯେ ବହୁତ ବେଶୀ ମନେପଡୁଛି ତାଙ୍କର ମିନତିଙ୍କର କଥା।

ଚେହେରାଟା ଭଲକରି ମନରେ ଆଣିବା ପାଇଁ ଚେଷ୍ଟା କରିବାକୁ ଲାଗିଲେ ଅଜୟ। ଭଲ ଭାବରେ ମନେପଡୁନାହିଁ। ଯେମିତି କିଛିଟା ଭସା-ଭସା। ଝାପ୍‌ସା ଝାପ୍‌ସା ମନେପଡ଼ିଲା। ପୂରା ଚେହେରାଟା ମନେପଡୁନାହିଁ, କେମିତି ଗୋଟାଏ ଭାଙ୍ଗି ଭାଙ୍ଗି ଯାଉଛି, ପୋଛି ହେଇଯାଉଛି ବାରମ୍ବାର।

କେବଳ ମନେ ପଡୁଛି ସେଇ ମିଠା ସ୍ୱର- ପୁଣି ଆସିବେ ନିଶ୍ଚୟ। ମାତ୍ର ଏଇ ତିନୋଟି କଥା। ତେବେ ସେଇ ତିନୋଟି କଥା ଯେମିତି ଗୁନ୍ଥା ହେଇ ରହିଛି ମନର ମଣିମଣ୍ଡିତ ଅଟ୍ଟାଳିକାରେ।

ଟିକେ ଛୁଁଆ, ଟିକେ ଦେଖା, ଟିକେ କଥା,- ତାକୁ ନେଇ ଅଜୟ ଯେମିତି ମନେ ମନେ ଗଢ଼ି ତୋଳନ୍ତି ବିରାଟ ଗୋଟାଏ କଳ୍ପନାର ପ୍ରାସାଦ।

ତା'ପରେ ପନ୍ଦର କୋଡ଼ିଏ ଦିନ ବିତିଯାଇଛି। ଆଉ ଯାଇପାରିନାହାନ୍ତି ଅଜୟ। କେତେ ନୂଆ ଦାୟିତ୍ୱ ତାଙ୍କ କାନ୍ଧକୁ ଆସି ଚାପି ଧରିଛି ଏହା ଭିତରେ। ଏସବୁ ନେଇ ବ୍ୟସ୍ତ ରହିବାକୁ ହେଇଛି ତାଙ୍କୁ। କାମ କରୁଥିବା ସମୟରେ ବେଳେ ବେଳେ ମନେ ମନେ କରିବାକୁ ଚେଷ୍ଟା କରିଛନ୍ତି ମିନତିର କଥା, କିନ୍ତୁ ଏତିକି, ଆଉ ଆଗେଇ ପାରିନାହାନ୍ତି।

ସେଦିନ ରାତିରେ ଭାତ ଖାଇବା ବେଳେ ମା' ଅମିତା ଦେବୀ କହିଲେ- ଜାଣିଛୁ ଅଜୟ ! ତୋତେ ଖୋଜିବା ପାଇଁ ଗୋଟିଏ ପୁଅ ଆସିଥିଲା। ପିଲାଟି ବହୁତ ଭଲ। ଭାରି ସୁନ୍ଦର ଚେହେରା।

- କିଏ କୁହ ତ ?

- ମୁଁ ଚିହ୍ନିନାହିଁ ତାକୁ। କହିଲା, ତୋ' ସାଙ୍ଗରେ କଲେଜରେ ପଢୁଥିଲା।

- ଓ ପୃଥ୍ୱୀଶ, ହଁ, ଚିହ୍ନିଛି ମୁଁ। ଆଚ୍ଛା, ଆଉ ସେ କ'ଣ କହୁଥିଲା ?

- ଏମ୍.ଏ ପଢୁଛି। ୟୁନିଭର୍ସିଟିରୁ ଫେରିବା ରାସ୍ତାରେ ଆସିଥିଲା। ତୋତେ ରବିବାର ଦିନ ଯିବାକୁ କହିଛି ତାଙ୍କ ଘରକୁ।

ଜଳଖିଆ କିଛି ଦେଇଥିଲ ତ ?

- କାହିଁକି କହ ତ ?

- ସେମାନେ ବିରାଟ ଜମିଦାର। ଗୋଟାଏ ସମୟରେ ସେମାନଙ୍କର ହାତୀ, ଘୋଡ଼ା ଥିଲା। ଭାଗ୍ୟ ତୁମର ବହୁତ ଭଲ ପୃଥ୍ୱୀଶ ଏ ଘରକୁ ଆସିଛି।

- ମୁଁ ତ କେତେ କହିଲି ଚା' ପିଇବା ପାଇଁ, ଶୁଣିଲା ନାହିଁ।

- କ'ଣ କହିଲା ?

- କହିଲା, ଆଉଦିନେ ଆସିବ, ଆଜି କ'ଣ କାମ ଅଛି, ଶୀଘ୍ର ଘରକୁ ଫେରିବାକୁ ହେବ।

- ସେ ତ ଦିନ ରାତି ବ୍ୟସ୍ତ। ଅଥଚ କାମ ଯେ କ'ଣ, ସେଇଟା କିଏ ଜାଣିଛି ! ଅମିତା ଦେବୀ ଆଉ କିଛି କହିଲେନାହିଁ, କେବଳ ଭାବିବାକୁ ଲାଗିଲେ ନିଜ ପୁଅର କଥା। କେବେ ସେ ଜୀବନରେ ଉନ୍ନତି କରିବ, ଏଇ ଉଚ୍ଚ ଆକାଂକ୍ଷା ନେଇ ବଞ୍ଚି ରହିଛନ୍ତି ସେ।

\`\`\`\`\`

ରବିବାର ସକାଳ।

ଏଇ ଦିନଟିରେ କାମ ନାହିଁ। ତେଣୁ ଟିକେ

ଯେମିତି ମନ ଖୋଲି ଯିବା ଆସିବା କରିପାରନ୍ତି ଅଜୟ। ଅଜୟ ଚାଲିଲେ ପୃଥ୍ୱୀଶଙ୍କ ଘରକ ଆଡ଼କୁ।

ଶିଆଳଦହରୁ ଟ୍ରାମ୍‌ରେ ଚଢ଼ି ଟ୍ରାମ୍‌ରୁ ଓହ୍ଲାଇଲେ ସେଇ ଗଳି ମୁହଁରେ।

ଶେଷରେ ପ୍ରବେଶ କଲେ ସେଇ ଭଙ୍ଗା ଘର ଭିତରକୁ।

କବାଟ କଡ଼ା ହଲାଇବାରୁ, ଗୋଟିଏ ଲୋକ ଆସି କବାଟ ଖୋଲି ଦେଲା।

ଯାକୁ ସେଦିନ ଅଜୟ ଦେଖିଥିଲେ ଏଇ ଘରେ। ଏଇ ଘରର ପୁରୁଣା ଚାକର ସେ।

- କାହାକୁ ଦରକାର ?

- ପୃଥ୍ୱୀଶ ଅଛି ?

- ନା, ନିଜ ଗାଁକୁ ଯାଇଛନ୍ତି।

- ତାହେଲେ ଆସୁଛି।

ଗୋଟାଏ ମୁହୂର୍ତ୍ତ।

ଅଜୟ ଚାଲିଯିବା ପାଇଁ ପ୍ରସ୍ତୁତ ହେଉଥିଲେ, କିନ୍ତୁ ବାଧା ପାଇଲେ, ସେଇ ସମୟରେ ହଠାତ୍ ଚନ୍ଦ୍ରନାଥ ବାବୁ ଆସି ଛିଡ଼ା ହେଲେ। ଅଜୟ ତାଙ୍କୁ ପ୍ରଣାମ କଲେ।

- ଆରେ ତୁମେ !

- ପୃଥ୍ୱୀଶ ନାହିଁ ?

- ନାଇଁ ବାପା, ଛୁଟିରେ ଦେଶକୁ ଯାଇଛି। ଆଉ କେତେଦିନ ପରେ ଚାଲି ଆସିବ। ତାର ମା'ଙ୍କ ଦେହର ଅବସ୍ଥା ଭଲନାହିଁ। ଆଚ୍ଛା, ତୁମେ ବାହାରେ ଛିଡ଼ା ହେଇଛ କାହିଁକି ? - ଭିତରକୁ ଆସ।

- ମୁଁ ଆଜି ତାହେଲେ ଆସୁଛି।

- ନା - ନା, ସେଇଟା କେମିତି ହେବ ?

- କିନ୍ତୁ -

- ନା ନା, କୌଣସି କିନ୍ତୁର ପ୍ରଶ୍ନ ନାହିଁ। ତୁମ ମାଇଁଙ୍କ ସାଙ୍ଗରେ ଦେଖାକରି ଯିବ। ସେ ତ ପ୍ରାୟ ତୁମ କଥା କହନ୍ତି, ପୃଥ୍ୱୀଶକୁ ପଠାଇଥିଲେ ତୁମ ଘରକୁ।

ବାଧ ହେଇ ଯିବାକୁ ହେଲା। ଆଜି ଆଉ ସେ ପୃଥ୍ୱୀଶଙ୍କ ଘରକୁ ଗଲେନାହିଁ। ଯେଉଁ ଘରେ ସେଦିନ ଖାଇବା ପାଇଁ ବ୍ୟବସ୍ଥା ହେଇଥିଲା, ସେଇ ଘରକୁ ଗଲେ।

ପୁରୁଣା ଅମଳର ଗୋଟାଏ ସୋଫା ରହିଛି। ସେଇଠି ବସିଲେ ଅଜୟ। ଚନ୍ଦ୍ରନାଥ ବାବୁ ବିଛଣା ଉପରେ ବସିଲେ। ଗୋଟାଏ ତକିଆ ଟାଣି ଆଣି ସେଥିରେ ଭାରା ଦେଇ ବସିଲେ। ଡାକିବାକୁ ଲାଗିଲେ- ଭଗବାନ - ଓ ଭଗବାନ !

ଭଗବାନ ଚାକରର ନାଁ, ଯିଏ କବାଟ ଖୋଲି ଦେଇଥିଲା।

- ଆରେ ଭଗବାନ ! ଦିନକୁ ଦିନ ତୁ କ'ଣ ହେଇଯାଉଛୁ କହିଲୁ ? କେତେବେଳୁ କହିଲିଣି ହୁଙ୍କାଟା ବଦଳାଇ ଦେବାପାଇଁ, ସେଇଟା ଆଉ ନବାବଙ୍କର ମନେନାହିଁ।

ଭଗବାନ ଗଡ଼ଗଡ଼ାରୁ ଚିଲମ୍ ଟାଣିବାଟା ନେଇ ଚାଲିଗଲା। ଅଜୟ ଦେଖିଲେ, ବହୁତ କାରୁକାର୍ଯ୍ୟ ବିଶିଷ୍ଟ ରୂପାର ଭାରୀ ଗଡ଼ଗଡ଼ା (ଚିଲମ୍)।

ତା'ପରେ ଟିକେ ଥମିଯାଇ ନିଃଶ୍ୱାସ ନେଇ ସେ କହିଲେ- ତୁମ କଥା ସେଦିନ ପୃଥ୍ୱୁ ମୋତେ କହିଛି। ତୁମେ ବହୁତ ଭଲ ଛାତ୍ର ଥିଲ କଲେଜରେ। ଆଜିକାଲି କୁଆଡ଼େ ଲେଖାଲେଖି କରୁଛ ବୋଲି ବି ସେ କହିଲା। କ'ଣ ଗୋଟାଏ କାଗଜ ବାହାର କରିବ ଶୁଣିଲି ସତ ?

- ହଁ।

- ଆମ ଫ୍ୟାମିଲିରେ ପାଠର ବହୁତ ଆଦର। ମୋର ଜେଜେବାପା ଥିଲେ ଏମ୍.ଏ ପାସ୍। ବାପା 'ଲ' କରିଥିଲେ, ତେବେ ଓକାଲତି କେବେ କରିନାହାନ୍ତି। ମୁଁ ବି ବି.ଏ. ପାସ୍ କରି 'ଲ'ରେ ଭର୍ତ୍ତି ହେଇଥିଲି, ତେବେ ବାପା ଚାଲିଗଲେ ବୋଲି ଆଉ ପଢ଼ାପଢ଼ି ହେଲାନାହିଁ ମୋର। ଜମିଦାରୀର ଦାୟିତ୍ୱ ନେବାକୁ ହେଲା। ବର୍ଷକୁ କୋଡ଼ିଏ ଲକ୍ଷ ଟଙ୍କା ଆୟ। ସେତେବେଳେ କ'ଣ ଜାଣିଥିଲି ଯେ ଏମିତି ହେବ? ତୁମ ଘର ବି ତ ଶୁଣିଛି ପାକିସ୍ତାନରେ। କେଉଁଠି ?

- ନଡ଼ାଇଲା ଯଶୋର ଜିଲ୍ଲା

- ଆଚ୍ଛା, ତୁମର କଥାବାର୍ତ୍ତା ତ ସବୁ ଏପଟ ଲୋକଙ୍କ ପରି। ବହୁତଦିନ ହେଲା ବୋଧହୁଏ ଏଇଠି ଅଛ ସମସ୍ତେ ?

- ହଁ, ବହୁତ ବର୍ଷ ହେଲାଣି।

- ମୋର ଜମିଦାରୀ ପାକିସ୍ତାନର ଖୁଲନାରେ ହେଲେ ବି, ମୋର ବେଶୀ ଭାଗ ସମୟ କଟିଛି କୋଲକାତାରେ। କଥାବାର୍ତ୍ତା ମଧ୍ୟ ସେଥିପାଇଁ ଏ ଦେଶ ପରି ହେଇଯାଇଛି। ଓଃ, କେଉଁ କୋଲକାତା ଆମେ ଆଗେ ଦେଖିଛୁ, ଆଉ ଆଜି କ'ଣ ହେଇଗଲା।

- ମୁଁ ଅବଶ୍ୟ ଏତେ ଦେଖିନାହିଁ।

- ଏଇ ଧର, ଆମେ ସେଇ ଗୋଟିଏ ଟଙ୍କା ସେର ଥିବା ଗୁଆଘିଅ ଯୁଗର ଲୋକ, ଆଜିକାର ଯୁଗରେ କ'ଣ ତାହେଲେ ବଞ୍ଚିବାକୁ ଇଚ୍ଛା ହୁଏ ?

ଏଇ ସମୟରେ ଭଗବାନ ଆସି ହୁଙ୍କାରେ ଯାହା ନିଅଣ୍ଟ ଥିଲା କରି ଚିଲମଟା ଦେଇଗଲା। ମୋଉଜ କରି ଗଡ଼ଗଡ଼ା ଟାଣିବାକୁ ଲାଗିଲେ ଚନ୍ଦ୍ରନାଥ ବାବୁ। ଆଖି ଯୋଡ଼ିକ ତାଙ୍କର ବୁଜି ଆସିଲା। ଯେମିତି କୌଣସି ଏକ ପ୍ରାଚୀନ ଦିନର ଝଙ୍କାର ଭାସି ଉଠିଛି ତାଙ୍କର ଆଖି ଯୋଡ଼ିକର ପତାରେ ପତାରେ।

ଏଇ ସମୟରେ ଆସିଲେ ମାଇଁ।

- ଆରେ, ତୁମେ ?

ଅଜୟ ସଲଜ୍ଜ ଭାବରେ ଟିକେ ହସିଲେ। ମାଇଁ କହିଲେ- କେମିତି ଅଛ ? ପୃଥ୍ୱୁ ହାତରେ ତୁମକୁ ଖବର ପଠାଇଥିଲି। ତୁମର ମାମୁଁ କହୁଥିଲେ ଯେ, ସେଦିନ ପିଲାଟା ଆସିଲା ଏତେ ଅସମୟରେ, କିଛି ବି ଖୁଆଇ ପାରିଲିନାହିଁ।

- ନା ନା, ସେଦିନ ତ ସେଇ ଅବସ୍ଥାରେ ବି ବିରାଟ ଆୟୋଜନ କରିଥିଲେ।

ଚନ୍ଦ୍ରନାଥ ବାବୁ କହିଲେ- କିଛି ନୁହେଁ, ବାବୁ ସେଇଟା କିଛି ନୁହେଁ। ଜାଣିଛ, ଆମର ଅତିଥିଶାଳା ଥିଲା। ଦୈନିକ ତିନି ଚାରିଶହ ଲୋକ ଖାଉଥିଲେ ସେଇଠି, ଭାତ ରୋଷେଇ ହେଉଥିଲା ରୋଜ୍ ତିନି ଚାରି ମହଣ କରି।

ମାଇଁ କହିଲେ- ଆଜି ଆଉ ଛାଡ଼ିବି ନାହିଁ ବାପା ! ଆଗୋ, କୁଆଡ଼େ ଗଲ- ତୁମେ ଟିକେ ନିଉ ମାର୍କେଟ ଯାଅ, ବଜାର କରିଆଣିବ।

- ହଁ ହଁ, ବର୍ତ୍ତମାନ ଯାଉଛି, ଟ୍ରାମରେ ଯିବି ଆଉ ସାଙ୍ଗେ ସାଙ୍ଗେ ଫେରିବି। ଆଚ୍ଛା, ତୁମେ ଚିକେନ ଖାଅ ତ ?

କୌଣସି ପ୍ରକାର ଆପତ୍ତି ଶୁଣାଯିବନାହିଁ ଅଜୟଙ୍କ ପାଖରୁ।

ଖାଇବା - ପିଇବାର ଗୋଟାଏ ବିରାଟ ବ୍ୟବସ୍ଥା କରିପକାଇଲେ ଚନ୍ଦ୍ରନାଥ ବାବୁ। ଏତେ ଆୟୋଜନ ହେଲା ଯେ, ଭାବିଲେ ଅବାକ ଲାଗେ।

ଅଜୟଙ୍କର ଏ ଘରେ ଯେ ବସିବାକୁ ଭଲ ଲାଗୁନଥିଲା, ତା' ନୁହେଁ।

ଏଇଠି ଆସି ପହଞ୍ଚିଲା ପରଠାରୁ ସେ ଭାବୁଥିଲେ ମିନତି କଥା, ଭାବୁଥିଲେ ଆରତି ଅଥବା ଚୁମ୍‌କି କଥା !

ହୁଏତ ସେମାନେ ଅନ୍ୟ କୌଣସି ଘରେ ଅଛନ୍ତି। ବୋଧହୁଏ ସେମାନଙ୍କର ବାହାରକୁ ବାହାରିବା ପାଇଁ ହୁକୁମ ନାହିଁ। କିନ୍ତୁ ଖାଇବା ସମୟରେ ଠିକ୍ ଦେଖାହେଲା।

ମିନତି ସଦ୍ୟ ସ୍ନାନ ଶେଷ କରି ଆସିଛି। ଭିଜା କେଶ ପିଠି ଉପରେ ବିଛେଇ ହେଇ ପଡ଼ିଛି। ମୁଣ୍ଡରେ ବେଶୀ ଘନ କେଶ ନାହିଁ ତାର। - କିନ୍ତୁ ଯେତିକି ଅଛି ସେତିକି ଯଥେଷ୍ଟ ପରି ମନେହେଉଛି।

ବେକ ପାଖରେ ଅନାବୃତ ଅଂଶଟା କେଶଗୁଚ୍ଛରେ ଢାଙ୍କି ହେଇଯାଇଛି। ପିନ୍ଧିଛି ଗୋଟିଏ ହାଲ୍‌କା ପାଉଁଶିଆ ରଙ୍ଗର ତନ୍ତ ଶାଢ଼ି। ତା' ଉପରେ ଧଳା ବୁଟି ଓ କାମ ଥିବା। ଆରତି ଆସିଛି ସ୍କାର୍ଟ ପିନ୍ଧି।

ସ୍ୱାସ୍ଥ୍ୟବତୀ ଝିଅମାନେ ସ୍କାର୍ଟ ପିନ୍ଧିଲେ ଦେଖିବାକୁ ଭାରି ଭଲ ଲାଗେ।

ସ୍ୱାସ୍ଥ୍ୟର ଦୀପ୍ତି ମୁହଁର ବା ଦୈହିକ ଗଢ଼ଣର ଛୋଟ ଛୋଟ ଦୋଷ ତ୍ରୁଟିକୁ ଢାଙ୍କି ଦିଏ। ମାଇଁ ପରିବେଶନ କରିବାକୁ ଲାଗିଲେ। ଆଉ ଚନ୍ଦ୍ରନାଥ

ବାବୁ ବସି ବସି ଖାଇବା ତଦାରକ କରିବାକୁ ଲାଗିଲେ।

- ନାଇଁ ବାପା, ସେଇ ପାଏସ୍ ଟିକକ ତୁମେ ଯେମିତି ହେଲେ ଖାଇବ- ଛାଡ଼ିଦେବନାହିଁ। ନାନା, ମୁଁ କିଛି ଶୁଣିବିନାହିଁ।

ଯେତେ ସମୟ ଅଜୟ ଖାଉଥିଲେ, ମିନତି ଆଉ ଚୁମି ଚୁପଚାପ ସେଇଠି ଛିଡ଼ା ହେଇଥିଲେ।

ଖାଇବା ସମୟରେ ଚୁମ୍‌କି ପାଣି ଆଣି ଦେଇଥିଲା। ଖାଇବା ପିଇବା ଶେଷ ହେବା ପରେ ମିନତି ତାଙ୍କୁ ବାଥ୍‌ରୁମ୍ ଦେଖାଇଦେଲା। ତା'ପରେ ବାଥ୍‌ରୁମ୍‌ରୁ ତଉଲିଆଟା ଆଣି ଅଜୟଙ୍କ ହାତକୁ ଆଗେଇ ଦେଲା।

ତଉଲିଆଟା ନେଇ ପୂରା ପାଖରୁ ମିନତି ଆଡ଼କୁ ଚାହିଁଲେ ଅଜୟ। ଦୁହେଁ ପୂରା ମୁହାଁମୁହିଁ ହେଲେ। ଆଖି ଫେରାଇ ନେଲା ମିନତି।

ତା'ପରେ ମସଲା ଦେବାକୁ ଯିବା ସମୟରେ ଦୁଇଜଣଙ୍କର ହାତରେ ହାତ ଲାଗିଗଲା। ଅପ୍ରସ୍ତୁତ ହେଇ ଅଜୟ କହିଲେ- ସତରେ ବହୁତ ଖୁଆଇଛନ୍ତି ଆଜି।

ଏଥର ମିନତି କହିଲା- ଆପଣ ମୋତେ ଆପଣ କହୁଛନ୍ତି କାହିଁକି ?

ଅଜୟ କହିଲେ- ପ୍ରଥମ ପରିଚୟ ତ ?

- ଆଚ୍ଛା, ଆପଣ ତ କିଛି ବି ଖାଇନାହାନ୍ତି।

- ଖାଇନାହାନ୍ତି ମାନେ ? ବାପ୍‌ରେ ! ରଜା ଘର ଖାଇବା ଯାକୁ ହିଁ କହନ୍ତି ସତରେ !

- ରଜାଘର ପରି ତ କିଛି ଖାଇବାକୁ ଦିଆହେଇନାହିଁ ଆପଣଙ୍କୁ।

ଆଉ ଦରକାର ନାହିଁ, ଯଥେଷ୍ଟ ହେଇଛି।

ଚୁମ୍‌କି ଫେରି ଆସିଲା ସେଇ ମୁହୂର୍ତ୍ତରେ। କହିଲା- ବାପା ଆପଣଙ୍କୁ ଡାକୁଛନ୍ତି।

\`\`\`\`\`

ଉପର ମହଲାର ଘରଟି ଚନ୍ଦ୍ରନାଥ ବାବୁ ଆଉ ଅମିତା ଦେବୀଙ୍କର ଶୋଇବା ଘର। ଗୋଟାଏ ପୁରୁଣା ଖଟରେ ବିଛଣା ପରାହେଇଛି। ଘରଟା ଟିକେ ଅନ୍ଧକାର ପରି ଲାଗୁଛି। ତେଣୁ ଦିନବେଳେ ବି ଆଲୁଅ ଜଳୁଥିଲା। କାନ୍ଥଟା ବିବର୍ଣ୍ଣ ହେଇଯାଇଛି।

ମଝିରେ ମଝିରେ କାନ୍ଥରେ ଇଟା ବି ଦାନ୍ତ କାଢ଼ି ବାହାରି ରହିଛି ଦେଖାଗଲା। ଗୋଟିଏ ପଟରେ କାଠର ଆଲମାରି। ତା'ଉପରେ ପ୍ରାଚୀନ ଆମଳର କାନ୍ଥ ଘଣ୍ଟା ଟିକ୍ ଟିକ୍ ଶବ୍ଦ ହେଉଛି, ପେଣ୍ଡୁଲମ୍ ଦୋଳୁଛି।

ଚନ୍ଦ୍ରନାଥ ବାବୁ କହିଲେ- ତୁମେ ଏଇ ବିଛଣାରେ ଶୋଇ ଟିକେ ବିଶ୍ରାମ କର। ଖରାବେଳେ ଶୋଇବା ଅଭ୍ୟାସ ଅଛି ନା କ'ଣ ?

- ଆଜ୍ଞା ନା।

- ତାହେଲେ ବହି ପଢୁଥିବ। ମୋ ଘରେ ପୁଣି ନଭେଲ ବହି ଆସେନାହିଁ। ଶରତ ବାବୁଙ୍କ ଠାରୁ ଆରମ୍ଭ କରି ଏକାଳର ସବୁ ଔପନ୍ୟାସିକମାନେ ପିଲାମାନଙ୍କର ମୁଣ୍ଡ ଖାଇଦେଇଛନ୍ତି। ସେଇଥିପାଇଁ ତ ମୁଁ କହେ ନାଟକ-ନଭେଲ ନପଢ଼ି ଜୀବନୀ ପଢ଼, ପ୍ରବନ୍ଧ ବହି ପଢ଼, ମହାକାବ୍ୟ ପଢ଼, ରବୀନ୍ଦ୍ରନାଥଙ୍କର କେତେ ଗୁଡ଼ାକ କାବ୍ୟ ବହୁତ ସୁନ୍ଦର। ତାଛଡ଼ା କାବ୍ୟ ହେଉଛି ମାଇକେଲ ମଧୁସୂଦନଙ୍କର ମିନତିକୁ ମୁଁ ମେଘନାଦ ବଧ, ବୀରାଙ୍ଗନା, ବ୍ରଜାଙ୍ଗନା ଇତ୍ୟାଦି କାବ୍ୟର ବହୁ ଜାଗା ମୁଖସ୍ଥ କରାଇଛି। ମାଇକେଲ ଥିଲେ ଜନ୍ମ କବି, ସେମିତି କବି ଆଉ ହେବେନାହିଁ। ତୁମର ସେଇ ପଟେ ହିଁ କେଉଁଠି ତାଙ୍କର ଜନ୍ମ ସ୍ଥାନ ?

- ଆଜ୍ଞା ସାଗରଦାଁଡ଼ି ଗ୍ରାମ। ଆମ ଘରଠାରୁ ପ୍ରାୟ ଛଅ ମାଇଲ ଦୂରରେ। ପିଲାବେଳେ ଥରେ ଯାଇଥିଲି।

- ବହୁତ ବର୍ଷ ପୂର୍ବେ ମୁଁ ବି ଥରେ ଯାଇଥିଲି ସେଇ ଜାଗାକୁ। ଯଶୋର ଜିଲ୍ଲାର ଏସ୍.ପି. ସେତେବେଳେ ହାର୍ଟ ସାହେବ। ଖୁଲନାର ସେ ପି.ଏସ୍.ପି ଥିଲେ। ସେଇଦିନ ଠାରୁ ତାଙ୍କ ସହ ବନ୍ଧୁତ୍ୱ ଥିଲା। ସାହେବଙ୍କର ପୁଣି ଭାରି ଶିକାର କରିବା ସଉକ ଥିଲା। ସେଥର ନଈରେ ବୋଟରେ ବସି କେତେ ଯେ ବୁଲିଛି ଠିକଣା ନାହିଁ।

ହଠାତ୍ ଗୋଟାଏ କଥା ଯେମିତି ମନେପଡ଼ିଗଲା। ସେ ଟିକେ ଥମିଗଲେ। ଭଲକରି ଚାହିଁଦେଖିଲେ, ଆଖପାଖରେ କେହି ଅଛନ୍ତି କି ନାହିଁ। ତା'ପରେ ଫୁସ୍‌ଫୁସ୍ କରି କହିଲେ- ତୁମକୁ ଗୋଟାଏ ଜିନିଷ ଦେଖାଇବି। କାହାରିକି କିଛି କହିବନାହିଁ, ପୃଥୁକୁ ବି କହିବନାହିଁ।

- କାହିଁକି ?

- ସେ ମୋର ଭଣଜା ହେଲେ କ'ଣ ହେବ, ସବୁ ବିଷୟରେ ଭାରି ମୁହଁ ଖୋଲା। ଗୋପନ ଜିନିଷ ବ୍ୟାପାରରେ ତାକୁ ବିଶ୍ୱାସ କରେନାହିଁ ମୁଁ।

ଅଜୟ ଆହୁରି ଅବାକ୍ ହେଲେ।

କ୍ଷୀୟମାନ ଅସ୍ତୋନ୍ମୁଖ ସମାଜତନ୍ତ୍ରର ଜଣେ ପ୍ରତିନିଧି ଯେମିତି ତାଙ୍କ ସାମ୍ନାରେ ଛିଡ଼ା ହେଇଛନ୍ତି। ସେ ତାଙ୍କୁ ଦେଖି ବିସ୍ମୟରେ ଯେମିତି ହତବାକ୍। ନିଆଁ ଲିଭି ଆସିଲେ ଅନେକ ସମୟରେ ତାର ଦାହ ଯେମିତି ଆହୁରି ତୀବ୍ର ହୁଏ।

ଚନ୍ଦ୍ରନାଥ ବାବୁ ଆଲମାରି ଖୋଲି ବାହାର କଲେ ଗହଣାର ବାକ୍ସ। ଚନ୍ଦନ କାଠରେ ସେଇଟା ତିଆରି। ତା' ଭିତରୁ ଗୋଟାଏ ଛୋଟ ରୂପାର ଫରୁଆ ସେ ବାହାର କଲେ।

ଚନ୍ଦ୍ରନାଥ ବାବୁ ଫରୁଆ ଖୋଲି ଗୋଟାଏ ଚକ୍‌ଚକ୍ ବସ୍ତୁ ବାହାର କରି ଅଜୟଙ୍କ ସାମ୍ନାରେ ଧରିଲେ।

- କୁହ ତ ଏଇଟା କ'ଣ ?

ଅଜୟ ଠିକ୍ ବୁଝିପାରିଲେ ନାହିଁ। ଗୋଟାଏ ଟୁକୁରା କାଚ ପରି ଧଳା ରଙ୍ଗର ପଥର।

ଚନ୍ଦ୍ରନାଥ ବାବୁ କହିଲେ- ତା'ର ନାଁ ହୀରା, ତେର ଚଉଦ ରତି ଓଜନ। ସେପ୍ କରି କଟା ହେଇଛି। ଯାକୁ ମୋର ଜେଜେବାପା କିଣିଥିଲେ ଜଣେ ନବାବଙ୍କ ପାଖରୁ। ଏଇଟା ହେଲା ଅସଲରେ ନୁରଜାହାନଙ୍କର ହୀରା। ନୁରଜାହାନଙ୍କର ଯେଉଁ ସବୁ ଦାମୀ ହୀରା ଥିଲା ଏଇଟା ସେଗୁଡ଼ିକ ଭିତରେ ଗୋଟିଏ, ଆମ୍ଭମାନଙ୍କ ଫ୍ୟାମିଲିରେ ବର୍ତ୍ତମାନ ଦାମୀ ଜିନିଷ ବୋଲି ଆଉ ବିଶେଷ କିଛି ନାହିଁ - ଅଛି କେବଳ ଏଇ ହୀରାଟି।

ନା, ଅଜୟ ସତରେ ଏହା ପୂର୍ବରୁ ଏତେ ବଡ଼ ଅସଲ ହୀରା କେବେବି ଦେଖିନାହାନ୍ତି। କେବଳ ଶୁଣିଛନ୍ତି ଏଗୁଡ଼ିକ ବହୁତ ଦାମୀ ରତ୍ନ। ବହୁତ ବଡ଼ ବଡ଼ ମଣିଷଙ୍କର ଉତ୍ଥାନ-ପତନ କୁଆଡ଼େ ଏହା ସାଙ୍ଗରେ ଏଇ ଧରଣର କାଚଖଣ୍ଡ ସାଙ୍ଗରେ ଜଡ଼ାଇଥାଏ।

ସେ ସତ ହୀରା ଖଣ୍ଡ ଦେଖି ଅବାକ ବିସ୍ମୟରେ ପ୍ରଶ୍ନ କଲେ- କେତେ ଦାମ୍ ଏହାର ?

- ଏକ ଲକ୍ଷ ପର୍ଯ୍ୟନ୍ତ ଦାମ୍ ହେଇଥିଲା ଏହାର। ମୁଁ କିନ୍ତୁ ଛାଡ଼ିନାହିଁ। ତା'ପରେ ଟିକେ ହସି କହିଲେ- ତୁମକୁ ଆଜି ଗୋଟାଏ ଦୁର୍ଲଭ ଜିନିଷ ଦେଖାଇଲି। କିନ୍ତୁ କାହାରିକି କିଛି କହିବନାହିଁ।

ଚନ୍ଦ୍ରନାଥ ବାବୁ ଅତି ସନ୍ତର୍ପଣରେ ପୁଣି ରଖିଦେଲେ ଆଲମାରି ଭିତରେ। ତା'ପରେ ଝରକା କବାଟ ସବୁ ଖୋଲିଦେଲେ।

ମାଇଁ ଆସିଲେ ଟିକେ ପରେ।

- ଆରେ ! ତୁମେ ଅଜୟ ଏଇଠି ? ମୁଁ ମିନତିକୁ ପଚାରୁଥିଲି- ଅଜୟ ଚାଲିଗଲେ ନା କ'ଣ ?

- ନାଇଁ, ମାଇଁ।

ଚନ୍ଦ୍ରନାଥ ବାବୁ ହସି କହିଲେ- ଶୁଣୁଛ ? ଅଜୟଙ୍କୁ ତୁମର ସେଇ ଶିକାରର ଡ୍ରେସ୍ ପିନ୍ଧା ଫଟୋଟା ଥରେ ଦେଖାଇ ଦିଅନ୍ତନାହିଁ ! ହାତରେ ରାଇଫେଲ- ଠିକ୍ ଯେମିତି ଗୋଟିଏ ମା' ଚଣ୍ଡିଙ୍କ ପରି ରଣରଙ୍ଗିନୀ ମୂର୍ତ୍ତି।

- ନା, ଥାଉ।

ଟିକେ ହସିଲେ ମାଇଁ।

- ଫଟୋଟା କେଉଁଠି ଉଠା ହେଇଥିଲା ?

- କାଳିପଙ୍ଗରେ।

ମାଇଁ ଆଉ କିଛି କହିଲେ ନାହିଁ।

ଆଉ କିଛି ସମୟ ଗପସପ କରି ଅଜୟ କହିଲେ- ଏଥର ଆସୁଛି।

ମାଇଁ କହିଲେ- ମଝିରେ ମଝିରେ ଆସୁଥିବ ବାପା। ତୁମେ ପୃଥୁର ସାଙ୍ଗ। ଏଇଟା ତୁମର ନିଜ ଘର ମନେକରି ଆସିବ।

ବିଦାୟ ନେଇ ଚାଲିଯିବା ସମୟରେ ସେ ଦେଖିବାକୁ ପାଇଲେ ଉପର ବାରଣ୍ଡାରେ ଛିଡ଼ା ହୋଇଛନ୍ତି ଦୁଇ ଭଉଣୀ- ମିନତି ଆଉ ଚୁମ୍‌କି। ତାଙ୍କ ଆଡ଼କୁ ଚାହିଁ।

`````

।। ୬ ।।

ତା'ପର ଠାରୁ ରୂପ-ରଙ୍ଗର କାମ ପୂରା ଉଦ୍ୟମରେ ଚାଲୁଥିଲା।

ଅଜୟ ବର୍ତ୍ତମାନ ପ୍ରତିଦିନ ପ୍ରେସ୍‌ରୁ ଉପରବେଳା ରୂପ-ରଙ୍ଗର ଅଫିସକୁ ଯାଆନ୍ତି। ସେଇଠି ନାନା ଧରଣର କାମ ଥାଏ ତାଙ୍କର। ବଡ଼ ବଡ଼ ଲେଖକମାନଙ୍କ ଘରକୁ ଯାଇ ଲେଖା ଆଣିବାକୁ ହୁଏ। ଟେଲିଫୋନ୍ ଯୋଗେ ଲେଖା ପାଇଁ ତାଗିଦ କରିବାକୁ ହୁଏ। ପ୍ରୁଫ ବି ସେ ନିଜେ ଦେଖନ୍ତି, ଅନ୍ୟାନ୍ୟ ଛୋଟ ଛୋଟ ଲେଖା ବି ସେ ନିଜେ ଲେଖନ୍ତି।

ସେଦିନ ରାମେଶ୍ୱର ବାବୁଙ୍କ ଘରକୁ ଯିବା ପରେ ରୂପ-ରଙ୍ଗ ଅଫିସରେ ପଳାଶ କହିଲେ, ଆପଣଙ୍କୁ ଅବନୀ ବାବୁ ଖୋଜୁଥିଲେ ଟିକେ ପୂର୍ବେ।

ପଳାଶ ରୂପ-ରଙ୍ଗ ଅଫିସରେ ନୂଆ ଚାକିରିରେ ପ୍ରବେଶ କରିଛନ୍ତି। ସେ ନାଇଟ୍ କଲେଜରେ ବି.କମ୍ ପଢ଼ନ୍ତି। ହିସାବପତ୍ର ଦେଖନ୍ତି- ଖାତାରେ ଲେଖନ୍ତି- ଏଜେଣ୍ଟ ମାନଙ୍କ ସହ ଯୋଗାଯୋଗ କରନ୍ତି। ତାଛଡ଼ା ଅବନୀ ବାବୁ ଅର୍ଥାତ୍ ରାମେଶ୍ୱର ବାବୁଙ୍କ ସେକ୍ରେଟାରୀଙ୍କର ନାନାରକମର ଫରମାସ ବି ଶୁଣି କାମ କରିବାକୁ ହୁଏ ତାଙ୍କୁ।

ଅବନୀ ବାବୁଙ୍କୁ ସୁବିଧାର ଲୋକ ବୋଲି ମନେହୁଏନାହିଁ ଅଜୟଙ୍କର। ସେ ଏମିତି ପ୍ରକୃତିର ଲୋକ- ଯେଉଁ ଜନ୍ମ ହୁଅନ୍ତି କେବଳ ବଡ଼ ଲୋକମାନଙ୍କର ଆଜ୍ଞାଧୀନ ହେବାପାଇଁ- ସେମାନଙ୍କର ଚାଟୁଗିରି କରି କିଛି ପଇସା ରୋଜଗାର କରିବା ପାଇଁ। ଅବନୀବାବୁଙ୍କୁ ସେଇ ଧରଣର ଲୋକ ବୋଲି ମନେହୁଏ ଅଜୟଙ୍କର।

ଦେହର ରଙ୍ଗ କଳା, ଗୋଲ ଚେହେରା, ହଳଦିଆ ରଙ୍ଗର ପଞ୍ଜାବି ପିନ୍ଧନ୍ତି ପ୍ରାୟ। ଆଖିରେ ରୋଲ୍ଡ ଗୋଲ୍ଡର ଚଷମା। କଥା କହିଲେ ମନେହୁଏ ବିନୟର ଅବତାର। କିନ୍ତୁ ଶିବ ବାବୁ ତାଙ୍କୁ ଆଗରୁ ସାବଧାନ କରିଦେଇଥିଲେ ଅବନୀ ବାବୁଙ୍କୁ ସମ୍ପର୍କରେ କିଛି କଥା କହି।

କହିଥିଲେ- ଖୁବ୍ ସାବଧାନ ହେଇ କାମ କରିବେ। ଲୋକ ଜଣକ ହେଲେ ମିଠା ଛୁରୀ। କେତେବେଳେ ଯେ ପେଟରେ ଭୁସିଦେବେ ଆପଣ ଜାଣିପାରିବେନାହିଁ।

ଅବନୀ ବାବୁଙ୍କ ଘର ଭିତରକୁ ଯିବାରୁ ସେ କହିଲେ, ଶୁଣନ୍ତୁ! ଆପଣଙ୍କୁ ଜଣେ ଚିତ୍ରାଭିନେତ୍ରୀଙ୍କର ଇଣ୍ଟରଭିଉ ନେବାକୁ ଯିବାକୁ ହେବ।

- କିଏ କୁହନ୍ତୁ ତ?

- ଚମ୍ପା ସେନ।

- ଚମ୍ପା ସେନ!

ସେଇ ନାଁର କୌଣସି ଅଭିନେତ୍ରୀଙ୍କ କଥା ମନେ କରିପାରିଲେନାହିଁ ଅଜୟ।

ଅବନୀ ବାବୁ ହସିଲେ।

- କ'ଣ ନାଁ ଶୁଣି ନାହାନ୍ତି ତ?

- ନା।

- ସେ ଏବେବି କୌଣସି ସିନେମାରେ ଅଭିନୟ କରିନାହାନ୍ତି - ତେବେ ଶୀଘ୍ର କରିବେ। ଆମ କାଗଜର ଉଦ୍ଦେଶ୍ୟ ହେଲା ନୂଆ ନୂଆ ଟ୍ୟାଲେଣ୍ଟ ମାନଙ୍କୁ ଖୋଜି ଖୋଜି ବାହାର କରିବା। ଚମ୍ପା ସେନ ସତରେ ଜଣେ ନୂଆ ଟ୍ୟାଲେଣ୍ଟ। ଦେଖିଲେ ବୁଝିପାରିବେ।

- ଆଚ୍ଛା ହଉ ସାର୍।

- ଆପଣ ଲେଖିବେ - ଚମ୍ପା ସେନ ଆସୁଛନ୍ତି। ସେ ଅଭିନୟ କରିବେ। ଜୟ କରିବେ ଆପଣମାନଙ୍କୁ! ଠିକ୍ ସେକ୍ସପୀୟରଙ୍କର ଭାଷା- ସେଇଆ ନା?

- ହଁ।

- ଏଇଟା ଲେଖିବେ ନାହିଁ - ସେଇ ରକମର କିଛି ଗୋଟାଏ ଲେଖିବେ। ଯେମିତି ସୁନ୍ଦର ହେବ।

- ବୁଝିଛି।

- ଆପଣ ଆମ ଫଟୋଗ୍ରାଫର ଚଞ୍ଚଳ ବ୍ୟାନାର୍ଜିଙ୍କୁ ସାଙ୍ଗରେ ନେଇଯିବେ। ଭଲ ଭଲ ପୋଜ୍‌ର କିଛି ଫଟୋ ଉଠାଇବାକୁ ହେବ ତ!

- ହଁ, ସେଇଟା ତ ସତ।

- ଆପଣ କାଲି ସନ୍ଧ୍ୟାବେଳେ ଯିବେ। ହେଇ ନିଅନ୍ତୁ ତାଙ୍କ ଫ୍ଲାଟ୍‌ର ନମ୍ବର। ତାଙ୍କ ସାଙ୍ଗରେ ଆପୟେଣ୍ଟମେଣ୍ଟ କରାହେଇଛି ଆମର।

ଅଜୟ ଉଠି ଛିଡ଼ା ହେଲେ। ଯେଉଁ ଦୁଇ ତିନିଜଣ ଅଭିନେତ୍ରୀଙ୍କ ସହ ସାକ୍ଷାତ ଅଜୟ କରିଛନ୍ତି ଏହା ପୂର୍ବେ ସେମାନେ ସମସ୍ତେ ଖ୍ୟାତନାମା ଅଭିନେତ୍ରୀ। ସେମାନଙ୍କ ସାଙ୍ଗରେ ଅଳ୍ପ କଥାରେ କାମ ଶେଷ ହେଇଯାଏ। କିନ୍ତୁ ଇଏ ପୁଣି କେଉଁ ନୂଆ ଅବିଷ୍କାର? ଦେଖାଯାଉ କ'ଣ ହେଉଛି!

`````

ସତରେ ଗୋଟାଏ ନୂଆ ଅଭିଜ୍ଞତା ଘଟିଲା ସେଦିନ ଅଜୟଙ୍କ ଜୀବନରେ। ସବୁ ଯେମିତି ଅଦ୍ଭୁତ ଲାଗିଲା। ଅଜୟ ଆସି ଛିଡ଼ା ହେଲେ ନିର୍ଦ୍ଦିଷ୍ଟ ଘର ସାମ୍ନାରେ।

ବିରାଟ ଫ୍ଲାଟ ଘର। ମୋଟ ଦଶ ବାରଟା ଫ୍ଲାଟ ହେବ ସେଇ ଘରେ। ଦୋତାଲାରେ ଚଢ଼ି ବାର ନମ୍ବର ଫ୍ଲାଟ ସାମ୍ନାରେ ଆସି ଛିଡ଼ା ହେଲେ। ସାମ୍ନାରେ କଲିଂବେଲ୍। ବେଲ୍‌ଟା ଚିପିଲେ ଅଜୟ।

ଟିକେ ପରେ ଜଣେ ତରୁଣୀ ଆସି କବାଟ ଖୋଲିଦେଲେ।

ସତରେ ବେଶଭୂଷା ଦେଖି ଚମ୍ପା ସେନ ବୋଲି ମନେ ହେଇପାରେ।

ମୁହଁରେ ପ୍ରସାଧନର ପ୍ରଲେପ। ପିନ୍ଧିଛନ୍ତି ଗାଢ଼ ଲାଲ ରଙ୍ଗର ଶାଢ଼ି, ବ୍ଲାଉସ ବି ମ୍ୟାଚ କରି ଲାଲ ରଙ୍ଗର। ଦେହର ରଙ୍ଗ ତକ୍ ତକ୍ ଗୋରା। ବବ୍ କଲା କେଶ। ପାଦରେ ହାଲ୍‌କା ଚଟି।

ଟିକେ ଯେମିତି ବୟସ ହେଇଛି।

ତେବେ ଉଗ୍ର ପ୍ରସାଧନରେ କପାଳର କୁଞ୍ଚିତ ରେଖା ଯେମିତି ବିଲୁପ୍ତ ହେଇଯାଇଛି। ହାତ ଟେକି ନମସ୍କାର ଜଣାଇଲେ ଅଜୟ।

- ଆପଣ ଚମ୍ପା ସେନ?

- ଆପଣ?

- ମୁଁ ଅଜୟ ରାୟ। ରୂପ-ରଙ୍ଗ ପତ୍ରିକା ତରଫରୁ ଆସିଛି।

- ଆସନ୍ତୁ-ଆସନ୍ତୁ, ଭିତରକୁ ଆସନ୍ତୁ।

ଅଜୟ ଭିତରକୁ ଗଲେ।

ଅଜୟ ବସିବା ପରେ ସେ ଶାନ୍ତ କଣ୍ଠରେ କହିଲେ- ମୁଁ ଚମ୍ପାର ମା'।

ମା'! ଏଥର ଯେମିତି ଚୂଡ଼ାନ୍ତ ଭାବରେ ବିସ୍ମିତ ଓ ହତଚକିତ ହେଲେ ଅଜୟ।

ଦେଖିଲେ ମନେହୁଏନା, ଏଇ ମହିଳାଙ୍କର ଏମିତି ଝିଅ ଥାଇପାରେ, ଯିଏ ଅଭିନେତ୍ରୀ ହେବାକୁ ଯାଉଛନ୍ତି।

ଶରୀରର ବନ୍ଧନ ଅତୁଟ ଓ ଚେହେରା ଭିତରେ ସତରେ ପ୍ରଶଂସା କରିବାର କିଛି ଅଛି, ଏହା ସତ୍ୟ। ଘରଟା ଦେଖିବାକୁ ଲାଗିଲେ ଅଜୟ।

ଛୋଟ ଘରେ ସୋଫା ସେଟ୍, ଟେବୁଲ, ଆଲମାରି ସବୁ ଅଛି। କିନ୍ତୁ ଏତେ ସୁନ୍ଦର ଭାବରେ ସଜାଇ ରଖାହେଇଛି ଯେ, ଆସବାବ-ପତ୍ରର ବାହୁଲ୍ୟ ଆଖିରେ ପଡ଼େନାହିଁ। ମେଜିଆ ଉପରେ ଗାଲିଚା ପରାହେଇଛି। ଡିସ୍‌ଟେମ୍ପର କରାହେଇଥିବା ଈଷତ୍ ସବୁଜ ରଙ୍ଗର କାନ୍ଥ। ଅନେକ ଗୁଡ଼ିଏ ପେଣ୍ଟିଂ ବି ଟଙ୍ଗାଇ ଦିଆହେଇଛି କାନ୍ଥରେ।

ମହିଳା ଜଣକ ମିଠା ହସ ହସି କହିଲେ- କ'ଣ ପିଇବେ? କୋକା-କୋଲା ନା କୌଣସି ଡ୍ରିଙ୍କ?

- କୋକା-କୋଲା।

ମହିଳା ବେଲ୍ ଚିପିଲେ। ଉର୍ଦ୍ଦିପିନ୍ଧା ବେହେରା ଆସିଲା। ମହିଳା କହିଲେ- ଦୋ କୋକା-କୋଲା ଲାଓ।

- ଜୀ!

ଟିକେ ପରେ ଦୁଇଟା ଗ୍ଲାସ୍‌ରେ କୋକା-କୋଲା ନେଇଆସିଲା ବେହେରା। ଭଦ୍ରମହିଳା ଗୋଟିଏ ଗ୍ଲାସ୍

ତୋଳି ଦେଲେ ଅଜୟଙ୍କ ହାତରେ। ଗୋଟିଏ ନିଜେ ନେଲେ।

ତା'ପରେ କହିଲେ- ଚମ୍ପା ବୋଧହୁଏ ଡ୍ରେସ୍ ପିନ୍ଧୁଛି ସେଇ ଘରେ। ଆପଣ ବସନ୍ତୁ ସେ ବର୍ତ୍ତମାନ ଆସିଯିବ।

- ବେହେରା! ପୁଣି ଡାକିଲେ।

- ଜୀ!

ଦିଦିଙ୍କୁ କହ ଯେ, ପତ୍ରିକା ଅଫିସରୁ ଲୋକ ଆସିଛନ୍ତି।

ବେହେରା ଚାଲିଗଲା।

ମହିଳା ଜଣକ ପଚାରିଲେ- କେବେ କାଗଜ ବାହାର କରିବାକୁ ସ୍ଥିର ହେଇଛି ?

- ମହାଳୟା ପୂର୍ବରୁ।

- ଅବନୀ ବାବୁ ମୋତେ ସବୁ କହିଛନ୍ତି। ବଙ୍ଗଳା ଦେଶରେ ଭଲ କାଗଜ ଆଖିରେ ପଡ଼େନାହିଁ। ଆପଣମାନେ ଯଦି ଭଲ କାଗଜ କରିପାରନ୍ତି ତ ବହୁତ ଭଲକଥା। ଚେଷ୍ଟା କରି ଦେଖନ୍ତୁ।

ଅଜୟ ହସିଲେ। କହିଲେ- ସେଇ ଚେଷ୍ଟା ହିଁ କରୁଛି।

- ହେଇ ତ ଚମ୍ପା ଆସିଗଲାଣି।

ଅଜୟ ଆଖି ତୋଳି ଚାହିଁଲେ। ବେଶ୍ ଦୀର୍ଘାଙ୍ଗୀ ଗୋଟିଏ ଝିଅ। କେଶର ପରିପାଟି ଠିକ୍ ବୁଦ୍ଧମୂର୍ତ୍ତି ସାମ୍ନାରେ ସୁଜାତାଙ୍କ କେଶ ପରି। ବେଶ୍ ଉଚ୍ଚ କରି ମୁଣ୍ଡରେ ଖୋସା ବାନ୍ଧିଛନ୍ତି- ଦୁଇପଟେ ଇତସ୍ତତଃ ହେଇ କେଶ ଓହଳି ପଡ଼ିଛି।

ତା' ଭିତରେ କେତେ ଅଂଶ ଅସଲ କେଶ, କେତେ ଅଂଶ ନକଲ ବୁଝିବା ମୁସ୍କିଲ। କାନରେ ଦୁଇଟି ରୁପାର ବଡ଼ ବଡ଼ ଦୁଲ।

ରଙ୍ଗ ବହୁତ ଗୋରା ନୁହେଁ- ମଝିଆ ମଝି ରଙ୍ଗ ଝିଅଟିର। ମା'ଙ୍କ ପରି ଗୋରା ନୁହଁନ୍ତି। ତେବେ ମେକ୍ଅପ୍ ପାଇଁ ସେସବୁ ଜାଣିବା ସମ୍ଭବପର ନୁହେଁ।

ଆଖି ଓ ମୁହଁର ଚେହେରା ନିହାତି ମନ୍ଦ ନୁହେଁ।

ତେବେ ପୋଷାକ ଆଡ଼କୁ ଚାହିଁ ହେବନାହିଁ।

ଯେଉଁଟା ଦେହରେ ପିନ୍ଧିଛନ୍ତି, ତାକୁ ହାତକଟା କୁହାଯାଇପାରିବନାହିଁ- ହାତ, ପିଠି, ପେଟ କଟା କହିଲେ ଶୋଭା ପାଇବ। ଲାଲ ରଙ୍ଗର ଯେଉଁ ବ୍ଲାଉସ ଟିକକ ଝିଅଟି ପିନ୍ଧିଛନ୍ତି, ସେଇଟା ଯେମିତି 'ଯୌବନ' କଥା ତଳେ ଗୋଟାଏ ଲାଲ ଦାଗ ଦିଆ। ଶାଢ଼ିର ରଙ୍ଗ ଗାଢ଼ ଲାଲ।

ଶାଢ଼ିଟା ନାଇଲନ ନା ଟେରେଲିନ ଠିକ୍ ବୁଝିପାରିଲେନାହିଁ ଅଜୟ।

ଶାଢ଼ିଟା ବାରମ୍ବାର ବିଦ୍ରୋହ କରୁଥିଲା। ଶାଢ଼ିର କାନିଟା ଯେମିତି କୌଣସି ପ୍ରକାରେ ଠିକ୍ ଜାଗାରେ ରହିବାକୁ ରାଜି ନୁହେଁ। ବାରମ୍ବାର ପଡ଼ିଯାଉଛି।

- ନମସ୍କାର!

ଚମ୍ପା ସେନ କହିଲେ।

ଦୁଇ ହାତ ତୋଳିଲେ। ଆଙ୍ଗୁଳି ଆଡ଼କୁ ଚାହିଁଲେ ଅଜୟ, ଚମ୍ପାକଳି ପରି ନୁହେଁ- ତେବେ ଚେଷ୍ଟା କରାହେଇଛି ସେଇ ପ୍ରକାର କରିବାପାଇଁ। ଓଠ ବି ରକ୍ତିମ।

ଅଜୟ ବୁଝିପାରିଲେ, ବେଶ୍ ଉଗ୍ର ପ୍ରସାଧନ କରିଆସିଛନ୍ତି ଝିଅଟି। ପ୍ରସାଧନର ସୁଗନ୍ଧରେ ସାରା ଘର ମହ ମହ ବାସ୍ନାରେ ଭରପୂର।

ଇଏ ହେଲେ ଚମ୍ପା ସେନ!

ଅବନୀ ବାବୁ କହିଥିଲେ, ସେ କୁଆଡ଼େ ଆଗାମୀ ଦିନରେ ବଙ୍ଗଳା ଚିତ୍ର ଜଗତର ସାମ୍ରାଜ୍ଞୀ ହେବେ। ସତରେ ଇଏ ଯଦି ବଙ୍ଗଳା ଚିତ୍ରର ସାମ୍ରାଜ୍ଞୀ ହୁଅନ୍ତି, ତାହେଲେ ବଙ୍ଗଳା ଚିତ୍ର ଜଗତର ଅପମାନ।

ମେକ୍-ଅପ୍‌ର ଜୋରରେ ଚେହେରା ଦେଖାଇ କ'ଣ ବାସ୍ତବ ଅଭିନୟ ପଟୁତା ଅଣାଯାଇପାରେ ? ଚମ୍ପାଙ୍କର ମା' କହିଲେ- କିଏ ଯେମିତି ବାହାରେ ଡାକୁଛି।

ସତରେ କଲିଂବେଲ୍ ବାଜିଲା।

ଅଜୟ କହିଲେ- ଆମର ଫଟୋଗ୍ରାଫର ଚଞ୍ଚଳ ବାବୁଙ୍କର ଆସିବାର କଥା ଅଛି। ଦେଖନ୍ତୁ, ସେ ଆସିଲେ ବୋଧହୁଏ।

ଭଦ୍ର ମହିଳା ଜଣକ ନିଜେ ଉଠିଗଲେ।

ଚମ୍ପା କହିଲେ- କିଛି ମନେ କରିବେ ନାହିଁ। ଟିକେ ଡେରି ହେଲା ବୋଲି।

- ନା ନା। ଅଜୟ ସପ୍ରତିଭ ଭାବରେ ଜବାବ ଦେଲେ ତାଙ୍କ କଥାରେ।

ଚମ୍ପା ଦେଖୁଥିଲେ ଭଲ କରି ଅଜୟଙ୍କୁ।

ଦେଖୁଥିଲେ ଅଜୟଙ୍କର ଅସହାୟ ଅବସ୍ଥା, ତାଙ୍କର ଅସ୍ୱସ୍ତି।

ମନେ ମନେ ଭାବୁଥିଲେ, ସତରେ ବିଚରା ଭାରି ଭଲ ମଣିଷ। ଏମିତି ଲୋକଙ୍କର ଫିଲ୍ମ ଜର୍ଣ୍ଣାଲିଷ୍ଟ ହେବା କେବେହେଲେ ଉଚିତ୍ ନୁହେଁ।

- ହଁ, ଚଞ୍ଚଳ ଆସିଛନ୍ତି।

ଚମ୍ପାଙ୍କ ମା' ତାଙ୍କୁ ସାଙ୍ଗରେ ନେଇ ଭିତରକୁ ପ୍ରବେଶ କଲେ।

ଚମ୍ପା ଚଞ୍ଚଳଙ୍କୁ ଚିହ୍ନନ୍ତି ବୋଲି ମନେହେଲା। ତାଛଡ଼ା ଚଞ୍ଚଳ ବହୁତ ସ୍ମାର୍ଟ। ଚମ୍ପା ଉଠିଗଲେ। ଚଞ୍ଚଳଙ୍କୁ ହାତ ଧରି ଆଣି ବସାଇଲେ। କହିଲେ- ଓହୋ! ତୁମ ପାଇଁ କେତେବେଳୁ ସଜ ହେଇ ବସି ରହିଛି ଚୁପ୍ ହେଇ।

- ଲଭ୍‌ଲି ଦିଶୁଛି ତୁମକୁ ଆଜି। ଶୁଣ, ଗୋଟାଏ ନୂଆ ପୋଜ୍ ମନ ଭିତରେ ଆସିଛି ମୋର।

- କେଉଁ ରକମର ?

- ଶୁଣ, ହଜ୍‌ବ୍ୟାଣ୍ଡ ଓ୍ୱାଇଫଙ୍କ ପୋଜ୍‌ରେ ଜଣେ ଖ୍ୟାତନାମା ଆର୍ଟିଷ୍ଟଙ୍କ ସାଙ୍ଗରେ ଫଟୋ ଉଠାଇବି ତୁମର। ଦୁହେଁ ଆଲିଙ୍ଗନବଦ୍ଧ। ଲଜ୍ୟା ଲାଗିବନାହିଁ ତ ତୁମକୁ ?

- ଲଜ୍ୟା ଲାଗିବ କାହିଁକି ? ଏଇଟା ତ ଅଭିନୟ।

- ହଁ। ପିକ୍ଚରର ନାଁ ଦେବି "ବକ୍ଷରେ ବକ୍ଷରେ ଉଠୁଛି ଆଜି କେଉଁ ତରଙ୍ଗ !"

- ଓ୍ୱାଣ୍ଡରଫୁଲ୍!

- ହଁ, ଶୁଣ, ସାଧାରଣ ଦର୍ଶକମାନେ ସିନେମା ଷ୍ଟାରମାନଙ୍କୁ ଯେଉଁ ପୋଜ୍‌ରେ ଦେଖନ୍ତି, ତା'ଠାରୁ ଅନ୍ୟ ପୋଜ୍ ଦେବାକୁ ହେବ।

- ଭଲ ଆଇଡ଼ିଆ, କିନ୍ତୁ ଆଜି ଉଠାଇବନାହିଁ ?

- ନିଶ୍ଚୟ, ତେବେ ଆଜିକାର ଫଟୋ କିଛି ବମ୍ବେ ପଠାଇବି। ସିନେ ରୋମାନ୍ସ ଆଉ ସ୍କ୍ରୀନ୍‌ରେ ତୁମର ଫଟୋ ଛପାଇବି।

- ଭଲ।

- ଚାଲ ତୁମ ବେଡ଼ରୁମ୍‌କୁ। ବିଛଣା ଉପରେ ଆଉଜି ବସି, ଅଧ ଶୋଇବା ଅବସ୍ଥାରେ ବହି ପଢୁଛ ଏମିତି କେତେ ଗୁଡ଼ିକ ପୋଜ୍ ଦେବାକୁ ହେବ। କିନ୍ତୁ ମନେରଖ, ବହୁତ ଆପିଲ ରହିବା ଦରକାର।

- ବୁଝିପାରିଛି।

ଚମ୍ପାଙ୍କ ମା' କହିଲେ- ଠିକ୍ ଅଛି, ଫଟୋ ଶେଷରେ କରାଯାଇପାରିବ। ଚଞ୍ଚଳ, ସେ ବରଂ ଇଣ୍ଟରଭିଉଟା ଆଗ ଶେଷ କରିଦିଅନ୍ତୁ।

- ନିଶ୍ଚୟ! ଯେତେବେଳେ ସେ ଆଗ ଆସିଛନ୍ତି- କହିଲେ ଚଞ୍ଚଳ । ଅଜୟ ଖାତା ପେନ୍‌ସିଲ୍ ବାହାର କଲେ।

ଚଞ୍ଚଳ ବସି ରହିଲେ।

ଖାତା କଲମ ବାହାର କରି ଲେଖିବାକୁ ଆରମ୍ଭ କଲେ ଅଜୟ।

ସାଧାରଣ ଇତିହାସ। ଚମ୍ପାଙ୍କ ବାପା ନାଗପୁରରେ କାମ କରୁଥିଲେ। ଖୁବ୍ ଭଲ ପୋଷ୍ଟ ଥିଲା ତାଙ୍କର।

ସେଇଠି ଥିବା ସମୟରେ ପଢ଼ାଶୁଣା କରିବା ସଙ୍ଗେ ସଙ୍ଗେ ନାଚ ଗୀତ ଆଡ଼କୁ ବହୁତ ସଉକ ଥିଲା ଚମ୍ପାଙ୍କର। ସ୍କୁଲର ଅନେକ ଫଙ୍କସନ୍‌ରେ ଯୋଗଦେଇଛନ୍ତି ସେ। ନାଚ ଗୀତ ଖୁବ୍ ଭଲ ଭାବରେ ଜାଣନ୍ତି।

ପିଲାବେଳେ କବିଗୁରୁଙ୍କର ଅନେକ ନୃତ୍ୟ ନାଟ୍ୟ, ତାଛଡ଼ା ଅନେକ ନାଟକରେ ଯୋଗ ଦେଇଛନ୍ତି ସେ। ତା'ପରେ ଚମ୍ପାଙ୍କର ବୟସ ଯେତେବେଳେ ସତର-ଅଠର, ସେତେବେଳେ ତାଙ୍କର ବାପାଙ୍କର ମୃତ୍ୟୁ ହୁଏ।

ଚମ୍ପା ମାଟ୍ରିକ ପାସ୍ କରିଥିଲେ। ମା'ଙ୍କୁ ନେଇ ଏବଂ ସାମାନ୍ୟ ଟଙ୍କା ନେଇ ସେଇ ସୁଦୂର ନାଗପୁର ଠାରୁ ସେମାନେ ଆସି ରହନ୍ତି ଜଣେ ମାମୁଁଙ୍କ ଘରେ।

ସେଇଠି ତିନି ମାସ ଥିଲେ। ସେଇ ତିନି ମାସ ଭିତରେ ହିଁ ଚମ୍ପା ଚାକିରି ଯୋଗାଡ଼ କରିନେଲେ।

ଚାକିରି ପାଇ ନିଶ୍ଚିନ୍ତ ହେଲେ ସେ। କିନ୍ତୁ ଭଲ ଚାକିରି ପାଇଲେନାହିଁ ଚମ୍ପା। ଗୋଟାଏ ଦୋକାନରେ ସେଲସ୍ ଗାର୍ଲର ଚାକିରି- ଏକଶହ ଚାଳିଶ ଟଙ୍କା ଦରମା।

ସେଇଠି ଗୋଟାଏ ବର୍ଷ କାମ କଲେ ସେ। ତା'ପରେ ହଠାତ୍ ଜଣେ ସାଙ୍ଗଙ୍କ ସାହାଯ୍ୟ ଓ ସହାୟତାରେ ଏଥର ହଷ୍ଟେଲରେ ଭଲ ଚାକିରି ପାଇଗଲେ ସେ। ଭଲ ଦରମା ପାଉଥିଲେ- ସାଢ଼େ ତିନିଶହ ଟଙ୍କା। ସେତେବେଳେ ସେ ଏହି ଫ୍ଲାଟ ନିଅନ୍ତି ତାଙ୍କର ସେଇ ସାଙ୍ଗଙ୍କ ସାହାଯ୍ୟରେ। ବର୍ତ୍ତମାନ ସେ କିଛି ଟଙ୍କା ଜମାଇ ଚାକିରି ଛାଡ଼ିଦେଇଛନ୍ତି। ସିନେମାରେ ଆକ୍ଟିଂ କରିବା ହିଁ ବର୍ତ୍ତମାନ ସାଧନା ଓ ଜୀବନର ବ୍ରତ ତାଙ୍କର- ଏହା ତାଙ୍କର ଧ୍ୟାନ- ଜ୍ଞାନ- ସ୍ୱପ୍ନ ସବୁକିଛି।

ମୁଣ୍ଡ ନୁଆଁଇ ସବୁକିଛି ଲେଖୁଥିଲେ ଅଜୟ। ଲେଖା ଶେଷ ହେବା ପରେ ମୁଣ୍ଡ ନଇଁ କହିଲେ ଅଜୟ- କେତେଟା ପ୍ରଶ୍ନ କରିବି? ଯେଉଁଗୁଡ଼ାକ ଲେଖି ଆଣିଛି କେବଳ ତା'ର ଉତ୍ତର ଗୁଡ଼ାକ ଲେଖିନେବି।

ଠିକ୍ ଅଛି।

- ଆପଣଙ୍କ ଭାଇ- ଭଉଣୀ କେହି ନାହାନ୍ତି?

-ନା, ମୁଁ ଏକଲା।

- କେଉଁ ଧରଣର ଚରିତ୍ରରେ ଅଭିନୟ କରିବାକୁ ଭଲ ଲାଗେ ଆପଣଙ୍କର?

- ସିରିଅସ୍ ଚରିତ୍ରରେ। ତେବେ କମେଡ଼ି ରୋଲ୍ ଯେ କରିପାରେନା, ସେଇଟା ବି ନୁହେଁ।

ଅଜୟ ମନେ ମନେ ହସିଲେ କଥାଟା ଲେଖୁ ଲେଖୁ। ଏଇ ଡ୍ରେସ୍ ପିନ୍ଧି କରିବେ ସରିୟସ୍ ଅଭିନୟ।

ଯାହାହେଉ, ପରବର୍ତ୍ତୀ ପ୍ରଶ୍ନ କଲେ ଅଜୟ- ଆପଣଙ୍କର ହବି କ'ଣ କ'ଣ?

- ବହି ପଢ଼ିବା ଆଉ ଡାକ ଟିକଟ ଜମାଇବା।

- କେଉଁ କେଉଁ ଅଭିନେତା- ଅଭିନେତ୍ରୀଙ୍କର ଅଭିନୟ ଭଲଲାଗେ ଆପଣଙ୍କୁ?

- ବିଦେଶୀମାନଙ୍କ ଭିତରେ ରୋନାଲ୍ଡ କୋଲମ୍ୟାନ୍ ଆଉ ପଲସୁମିଙ୍କର ଅଭିନୟ ଭଲ ଲାଗୁଥିଲା। ଏଇ ଦେଶରେ ଅହୀନ୍ଦ୍ର ଚୌଧୁରୀ ଆଉ ଛବି ବିଶ୍ୱାସ। ଏହାଛଡ଼ା ଆଉ କୌଣସି ଆର୍ଟିଷ୍ଟ ମାନଙ୍କ ଭିତରେ ସେ ଅଭିନୟ ଆଉନାହିଁ।

ଅଜୟ ଭାବିଲେ, ଏଇ କଥାଗୁଡ଼ାକ ନିଶ୍ଚୟ ଚମ୍ପାଙ୍କୁ କେହି ଶିଖାଇ ଦେଇଛନ୍ତି। କିଏ ଶିଖାଇଛନ୍ତି? ବିରେନ ବାବୁ, ନା ତାଙ୍କର ମା'?

ଅଜୟ ଭାବି ଠିକ୍ କରିପାରିଲେନାହିଁ କିଛି।

ଅଜୟ ଲେଖୁଥିଲେ, ଚମ୍ପା ଥଟ୍ଟା କରି କହିଲେ,- ଚଞ୍ଚଳ ବାବୁ! ଆପଣମାନଙ୍କର ସବ୍-ଅଡ଼ିଟାର ମୋ ଆଡ଼କୁ ଚାହିଁବି ପାରୁନାହାନ୍ତି। ତାଙ୍କର ଏତେ ଲଜ୍ୟା-

ଚଞ୍ଚଳ କହିଲେ- ସେଇଆ ନୁହେଁ।

- ତେବେ କ'ଣ ପାଇଁ?

- ବୋଧହୁଏ ତୁମକୁ ପସନ୍ଦ ହେଇନାହିଁ।

କଥାଗୁଡ଼ାକ ଶୁଣି ଅଜୟଙ୍କର କଣ୍ଠ ପର୍ଯ୍ୟନ୍ତ ଯେମିତି ଲାଲ ହେଇଉଠିଲା।

ଚଞ୍ଚଳ କହିଲେ- ଏଥର ମୁଁ ଆହୁରି କେତେଗୁଡ଼ାକ ପ୍ରଶ୍ନ କରିବି?

- କରନ୍ତୁ!

- ଆପଣ ଗୀତ ଗାଇବାକୁ ଜାଣନ୍ତି?

- ମୋଟାମୋଟି। ମଝିରେ ମଝିରେ ଗୁଣୁଗୁଣୁ କରି ଗାଏ ମୁଁ।

- ଶୁଣାନ୍ତି ନାହିଁ କାହାରିକି?

- ମୋର ମନ ମୁତାବକ ମଣିଷ ପାଇଲେ ଶୁଣାଇବାକୁ ଆପତ୍ତି ନାହିଁ।

- ମୋତେ ଶୁଣାଇବେ ନାହିଁ?

ଆପଣ କ'ଣ ମୋର ମନ ମୁତାବକ ମଣିଷ?

- କ'ଣ କହିଲେ? ଜାଣନ୍ତି, ମୋ ହାତରେ ଆପଣଙ୍କର ଭବିଷ୍ୟତ ନିର୍ଭର କରୁଛି?

- ଜାଣେ। ଆପଣ ଚାହିଁଲେ ମୋତେ ହିଡ଼ିମ୍ବା ରାକ୍ଷସୀ ତିଆରି କରିପାରିବେ। କିନ୍ତୁ ସେଥିପାଇଁ ଲୋକେ ମୋର ଚେହେରା ଖରାପ ବୋଲି କହିବେନାହିଁ- କହିବେ- ଆପଣଙ୍କର କ୍ୟାମେରାଟି ଖରାପ।

ଚମ୍ପା କହିଲେ- ଆପଣଙ୍କର ଆଉ କିଛି ଜାଣିବାର ଥିଲେ ଆସନ୍ତା ରବିବାର ଫୋନ୍ କରିପାରନ୍ତି। ରବିବାର ସାରାଦିନ ମୁଁ ଘରେ ହିଁ ଥାଏ।

ଅଜୟ କହିଲେ- ଆଚ୍ଛା।

ଚଞ୍ଚଳ କହିଲେ- ରବିବାର କିନ୍ତୁ ମୁଁ ଆସିବି। ତୁମର ଯେଉଁ କେତେଟା ଫଟୋ ମୁଁ ଉଠାଇବି ଆଜି, ତାର କପି ଗୁଡ଼ାକ ଦେଇଯିବି। ଆଜି ରବିବାର, ତୁମକୁ ନେଇ ଅରୂପ କୁମାରଙ୍କ ଘରକୁ ଯିବି। ତାଙ୍କ ସାଙ୍ଗରେ ଜଏଣ୍ଟ ଫଟୋ ଉଠାଇବି।

- ଆଚ୍ଛା।

ଅଜୟ ଉଠି ଛିଡ଼ା ହେଲେ। ଚଞ୍ଚଳ ସେଇ ସମୟ ଭିତରେ ତାଙ୍କର କ୍ୟାମେରାଟା ରେଡ଼ି କରିବାକୁ ଲାଗିଲେ।

ଚଞ୍ଚଳ ଆହୁରି ଅଧଘଣ୍ଟା ପରେ ଯିବେ। ଅଜୟଙ୍କୁ ବସି ରହିବାକୁ ଆଉ ଭଲ ଲାଗୁନଥିଲା। ଭଲ ଲାଗୁନଥିଲା ତାଙ୍କୁ ଏଇ ପରିବେଶ।

ସେ କାଗଜପତ୍ର ସବୁ ସଜାଡ଼ି ନେଇ ସିଡ଼ି ବାଟେ ଓହ୍ଲାଇ ଆସିଲେ।

\`\`\`\`\`

ଚମ୍ପାଙ୍କ ଘରୁ ବାହାରି ଆସି ଅଜୟ ରାସ୍ତା କଡ଼ରେ ଗୋଟାଏ ଚା' ଦୋକାନରେ ପଶିଲେ। ଏତେ ସମୟ ଗୋଟାଏ ଅପ୍ରୀତିକର ପରିବେଶରେ ସମୟ ବିତାଇଛନ୍ତି ବୋଲି ମେନ ହେଲା ତାଙ୍କର।

ବର୍ତ୍ତମାନ ଅନ୍ତତଃ ଗୋଟାଏ କପ୍ ଚା' ନପିଇଲେ, ତାଙ୍କର ମୁଣ୍ଡଟା ଠିକ୍ ହେବନାହିଁ। ଚା' କପ୍ ଶେଷ କରି ଉଠିବାକୁ ଯିବେ, ଏଇ ସମୟରେ ହଠାତ୍ ପଛରୁ କାହାର କଣ୍ଠସ୍ୱର ଭାସି ଆସଲା- ହ୍ୟାଲୋ!

କିଏ?

ଚାହିଁଲେ ଅଜୟ। ଦେଖିଲେ, ଚଞ୍ଚଳ ବ୍ୟାନାର୍ଜୀ ପଶୁଛନ୍ତି ଚା' ଦୋକାନକୁ। ଅଜୟ ହସି କହିଲେ- କ'ଣ! କାମ ଶେଷ ହେଲା?

- ହଁ।

- କେତେଟା ପୋଜ୍ ନେଲେ?

- ଚାରିଟା।

- କେମିତି ହେବ?

- ଏଇ ଏକା ପ୍ରକାର, ଯାହା ଚେହେରା ସେଇଆ ତ ଉଠିବ କ୍ୟାମେରାରେ।

- ସେଇଟା ଠିକ୍। ଏମିତି କିଛି ରୂପସୀ ତ ନୁହଁନ୍ତି! କେବଳ ଜାକଜମକ ପୋଷାକ ଆଉ ମେକ୍-ଅପ୍ କରି ଯେତିକି ସୁନ୍ଦର ଦିଶିବ ସେତିକି।

ମୃଦୁ ହସନ୍ତି ଚଞ୍ଚଳ। ଠିକ୍ ଧରିଛନ୍ତି।

- ଆପଣ ତ ତାଙ୍କର ଖୁବ ମନ ରଖି ଚାଲନ୍ତି ବୋଲି ମନେ ହେଲା।

- କାରଣ ଅଛି। ସେଇଟା ବି ଜାଣି ନାହାନ୍ତି ଆପଣ? ସେହେଲେ ମିଃ ସୋମଙ୍କ ନୂଆ ଆବିଷ୍କାର।

- ମାନେ, ଆମ ରାମେଶ୍ୱର ସୋମଙ୍କର?

- ମୁଁ କ'ଣ ତେବେ ମିଛ କଥା କହୁଛି? ବିଶ୍ୱାସ କରନ୍ତୁ ଆଜ୍ଞା। କେବଳ ତାଙ୍କ ପାଇଁ ମିଃ ସୋମଙ୍କର ଏଇ ପତ୍ରିକା ବାହାର କରିବା କାମ ଚାଲିଛି।

- ସେଇଟା ପୁଣି କେମିତି କଥା?

- ଯାହା କହୁଛି ସବୁ ସତ। ଏସବୁ କଥା ଜାଣନ୍ତିନାହିଁ, ଅଥଚ ଫିଲ୍ମ ଜର୍ଣ୍ଣାଲିଜମ୍ କରୁଛନ୍ତି!

- କାହିଁକି, ଏଥିରେ ଅନ୍ୟାୟ ଟା କେଉଁଠି?

- ଅନ୍ୟାୟ ନୁହେଁ? ମିଃ ସୋମଙ୍କ ପାଖରୁ କାମ ନେବା ପୂର୍ବରୁ, ସବୁଠାରୁ ଆଗ ଏଇ ତଥ୍ୟଟା ଆପଣଙ୍କର ଜାଣିବା ଉଚିତ ଥିଲା, ତେବେ ଯାଇ ବୁଝିଥାଆନ୍ତି ଆପଣ ଜଣେ ଜର୍ଣ୍ଣାଲିଷ୍ଟ!

- ଏଇଟା କ'ଣ ଜର୍ଣ୍ଣଲିଜମ୍‌ର ନମୁନା ନା କ'ଣ? କହିଲେ ଅଜୟ।

- ସତରେ ସେଇଆ। ଅନ୍ତତଃ ସ୍ୱରୂପ ନିଉଜ ସବୁ ଜାଣିବା ଦରକାର।

ଚଞ୍ଚଳ କହିଲେ- ସେଇ ମା' ଆଉ ଝିଅ ଦୁହେଁ ମିଃ ସୋମଙ୍କ କାନ୍ଧରେ ବର୍ତ୍ତମାନ ଚାପି ହେଇ ବସିଛନ୍ତି। ମିଃ ସୋମ ବହୁତ ଟଙ୍କା ଖର୍ଚ୍ଚ କରିଛନ୍ତି ସେମାନଙ୍କ ପଛରେ। କିନ୍ତୁ ତେବେବି ସେ ଶେଷରେ ରକ୍ଷା କରିବାକୁ ନପାରି, ଝିଅଙ୍କୁ ସିନେମାରେ ପୂରାଇ ବିଖ୍ୟାତ କରି ତୋଳିବାକୁ ଚେଷ୍ଟା କରୁଛନ୍ତି।

- ବୁଝିଲି।

ଅଜୟ ମନେ ମନେ ଚିନ୍ତା କରିବାକୁ ଲାଗିଲେ।

ଏଇଟା ତା'ହେଲେ ପତ୍ରିକା ବାହାର କରିବାର ଉଦ୍ଦେଶ୍ୟ ? ଅଥଚ ସେ କେତେ କେତେ କଳ୍ପନା କରୁଥିଲେ ପତ୍ରିକା ବିଷୟରେ !

ଚଞ୍ଚଳ କହିଲେ- କିନ୍ତୁ ସାବଧାନ, ସେ ଆଡ଼କୁ ବେଶୀ ଢଳି ଯିବେନାହିଁ ଯେମିତି, ସେ ହେଲେ ଗୋଟିଏ ନିଷିଦ୍ଧ ଫଳ।

ଅଜୟ ଉଠି ଛିଡ଼ା ହେଲେ।

\`\`\`\`\`

ଦ୍ୱିପହର ବେଳେ ଖାଇବା-ପିଇବା ଶେଷ କରି ଅଜୟଙ୍କ ବାପା ବିଜୟ ବାବୁ କହିଲେ- ଆଗୋ ଶୁଣୁଛ ! ବର୍ତ୍ତମାନ କେତେଟା ବାଜିଲା କହିପାରିବ ?

ଅମିତା ଦେବୀ କହିଲେ- କାହିଁକି, କ'ଣ ଘଟଣା କୁହତ ? ସେତେବେଳୁ ଦେଖୁଛି ଛଟପଟ୍ ହେଉଛ କାହିଁକି ?

- ମୁଁ ଟିକେ ବାହାରକୁ ଯିବି। ଜଣେ ଭଦ୍ରଲୋକଙ୍କ ସାଙ୍ଗରେ ଦେଖା କରିବାକୁ ହେବ।

- ଘଟଣା କ'ଣ ?

- ଗୋଟିଏ ଚାକିରି- ବାକିରିର ବ୍ୟବସ୍ଥା କରିବି, କିଛି ଉପାର୍ଜନ ତ କରିବାକୁ ହେବ !

- ଚାକିରି ? ତୁମେ କରିବ ଚାକିରି ? ଏଇ ବୁଢ଼ା ବୟସରେ କିଏ ତୁମକୁ ଚାକିରି ଦେବ, ଶୁଣେ ?

- ଗୋଟାଏ କିଛି ବ୍ୟବସ୍ଥା ତ କରିବାକୁ ହିଁ ହେବ। ବୁଢ଼ା ବୟସରେ ପଇସା ପାଇଁ ପୁଅ-ବୋହୂଙ୍କ ପାଖରେ ହାତପାରି ମାଗିବାକୁ ହେବ।

ଅମିତା ଦେବୀ ଏଥର ଫୁସ୍ ଫୁସ୍ କରି କହିଲେ- ତୁମର କ'ଣ ବୁଦ୍ଧିଭ୍ରଂଶ ହେଲାଣି ?

- କାହିଁକି ?

- ଖୋକା ସେପଟ ଘରେ ଶୋଇଛି। ସେ ଯଦି ଶୁଣେ ତାହେଲେ ସେ କ'ଣ ଭାବିବ କହିଲ ? ତୁମକୁ କ'ଣ ଟଙ୍କା ଦିଆହେଉନାହିଁ ? ହେଇ ତ, ଯେତେବେଳେ ଯାହା ତୁମର ଦରକାର ହେଉଛି, ସେଇଆ ଦେଉଛି ମୁଁ। ସେଦିନ ତ ଗୋଟାଏ ଟଙ୍କା ବେଶୀ ନେଲ। ତୁମର କୌଣସି ଦିଗରେ ସନ୍ତୁଷ୍ଟି ନାହିଁ।

ବିଜୟ ବାବୁ ମନକୁ ମନ କଥା କହି କହି ପଞ୍ଜାବି ପିନ୍ଧି, ଜୋତା ଗଳେଇ ବାହାରିଗଲେ।

ବୟସର ଭାରରେ ଦେହଟା ଯେମିତି କୁଜା ହେଇଆସୁଛି ତାଙ୍କର। ଏବେ ବେଶୀ ଚଲାବୁଲା କଲେ ହାମ୍ପି ହୁଅନ୍ତି ସେ। ମନ ଭିତରେ ଯେମିତି ଗୋଟାଏ ରାଗ ଗୁମରି ଗୁମରି ଉଠେ। ତେବେ ସେଇଟା ଯେ କାହା ବିରୁଦ୍ଧରେ ସେ କିନ୍ତୁ କହିପାରନ୍ତି ନାହିଁ। ମଝିରେ ମଝିରେ କେତେ କ'ଣ କହିଯାଆନ୍ତି।

କେତେବେଳେ ଅଭିଶାପ ଦିଅନ୍ତି ଦେଶକୁ। କେତେବେଳେ ସେମାନଙ୍କୁ- ଯେଉଁମାନେ ଦେଶକୁ ଦୁଇ ଭାଗରେ ବିଭକ୍ତ କଲେ। କେତେବେଳେ ବା ଭାରତ ସରକାର ବା ଚୀଫ୍ ମିନିଷ୍ଟରଙ୍କୁ ଗାଳି ଦେବାକୁ ଭୁଲନ୍ତିନାହିଁ ସେ। କିନ୍ତୁ ତେବେବି ତାଙ୍କର ମନର ଅସ୍ୱସ୍ତି କୌଣସି ମତେ ଦୂର ହୁଏନାହିଁ।

\`\`\`\`\`

ଅଜୟ ଚୁପଚାପ୍ ବସି ରୂପ-ରଙ୍ଗର ଫାଇଲ୍ କପି ଦେଖୁଥିଲେ।

ଯେତେଗୁଡ଼ାକ ଫର୍ମା ଛପା ହେଇଛି ସବୁଗୁଡ଼ାକ ସେ ଦେଖୁଥିଲେ।

ଅନେକାଂଶରେ ଛପା ହେଇଯାଇଛି।

ଚମ୍ପା ସେନ୍‌ଙ୍କର ପ୍ରାୟ ଛଅଟି ବିଭିନ୍ନ ଭଙ୍ଗିମାର ଫଟୋ ଛପା ହେଇଛି। ଅଜୟଙ୍କ ସାଙ୍ଗରେ ତାଙ୍କର ସାକ୍ଷାତ୍‌କାର ବିବରଣୀ ମଧ୍ୟ ଛପା ହେଇଛି।

ଅଜୟ ହେଡିଂ ଦେଇଥିଲେ- 'ସୁନ୍ଦରୀ ରୂପସୀ- ନନ୍ଦନ କାନନ ବାସିନୀ ଉର୍ବଶୀ।' ଆଉ ଗୋଟିଏ ଫିଚର- ଚଞ୍ଚଳ ବ୍ୟାନାର୍ଜୀଙ୍କ ଆଖିରେ ଚମ୍ପା ସେନ୍।

ଚମ୍ପା ସେନ୍‌ଙ୍କ ସାଙ୍ଗରେ ସାକ୍ଷାତକାର ବିବରଣୀ ବ୍ୟାପାରରେ ସ୍ୱୟଂ ରାମେଶ୍ୱର ସୋମ ଖୁବ୍ ଉତ୍ସାହୀ ଥିଲେ।

ଅଜୟ ସେଥିପାଇଁ କପିଟା ଦେଇଥିଲେ ଭୀତ ଓ ସନ୍ତ୍ରସ୍ତ ମନରେ।

ତାଙ୍କର ଲେଖାର ଚର୍ଚ୍ଚା ବହୁତ ଦିନ ହେଲା ନାହିଁ। ସେଇ କଲେଜ ଜୀବନରେ ମ୍ୟାଗାଜିନ୍‌ରେ ଲେଖୁଥିଲେ- ତା'ପରଠାରୁ ସବୁ ବନ୍ଦ।

ତେବେ ରାମେଶ୍ୱର ବାବୁ ଆଉ ଶିବନାଥ ବାବୁଙ୍କ ଦୟାରେ ସେ ରାତାରାତି ହେଇଗଲେ ଫିଲ୍ମ ଜର୍ଣ୍ଣାଲିଷ୍ଟ। ତେଣୁ ଏଇ ସାକ୍ଷାତକାର। ସେ ବହୁତ ଭାବି ଚିନ୍ତି ଲେଖିବି ମନରେ ବହୁତ ଭୟ ଥିଲା। କପିଟା ଜମା ଦେବା ପରଦିନ ହିଁ ଡାକରା ପଡ଼ିଲା ତାଙ୍କୁ ରାମେଶ୍ୱର ବାବୁଙ୍କ ଘରେ।

ରାମେଶ୍ୱର ବାବୁଙ୍କ ସାଙ୍ଗରେ ତାଙ୍କର ଆଜିକାଲି ପ୍ରାୟ କମ୍ ଦେଖାହୁଏ। ତେଣୁ ସେ ଭୟରେ ଭୟରେ ସେଠିକିଗଲେ। କେଜାଣି ସେ କ'ଣ କହିବେ ଏହି ଚିନ୍ତା କରି। ହୁଏତ କହିବେ- କ'ଣ ଯା ଇଚ୍ଛା ତା ଲେଖିଛନ୍ତି ? ଆପଣଙ୍କ ଦ୍ୱାରା ଆଉ କାମ କରାଇବା ସମ୍ଭବ ନୁହେଁ।

କିନ୍ତୁ ଠିକ୍ ଓଲଟା କଥା କହିଲେ ରାମେଶ୍ୱର ବାବୁ।

ସେ ବହୁତ ସମ୍ମାନ ସହକାରେ ତାଙ୍କୁ ବସାଇଲେ। ଅଜୟ ବସିଲେ। ରାମେଶ୍ୱର ବାବୁ କହିଲେ- ଆପଣଙ୍କର ଇଣ୍ଟରଭିଉଟା ବହୁତ ସୁନ୍ଦର ହେଇଛି। ଠିକ୍ ଏମିତି ଜିନିଷ ହିଁ ମୁଁ ଚାହିଁଥିଲି।

- ଆପଣଙ୍କୁ ଭଲ ଲାଗିଛି ଏଇ ଲେଖା ?

- ବହୁତ ସୁନ୍ଦର ଲାଗିଲା, ରୂପ-ରଙ୍ଗକୁ ଆପଣ ଠିକ୍ ଛିଡ଼ା କରାଇପାରିବେ।

ଅଜୟ କିଛି କହିଲେ ନାହିଁ।

- ଦେଖନ୍ତୁ କାଗଜ ବାହାର କରି ପ୍ରଫିଟ୍ କରିବା ମୋର ଉଦ୍ଦେଶ୍ୟ ନୁହେଁ। ବଙ୍ଗଳାଦେଶରେ ମୁଁ ଗୋଟାଏ ନୂଆ ଆଲୋକପାତ କରିବାକୁ ଚାହେଁ। ନୂଆ ନୂଆ ପ୍ରତିଭାଙ୍କୁ ଫୋକସ୍ କରିବି ଚିତ୍ର ଜଗତରେ। ହେଇ ଦେଖନ୍ତୁ- ଚମ୍ପା ସେନ, ଦେଖିବେ, ସେ ଦିନେ ବଙ୍ଗଳାର ଜଣେ ମେନ୍ ଅଭିନେତ୍ରୀ ହେବେ, ହେବାକୁ ବାଧ୍ୟ। ସେଦିନ ଆପଣଙ୍କ ମନରେ ଗର୍ବ ଆସିବ- ହଁ, ମୁଁ ହିଁ ପ୍ରଥମେ ତାଙ୍କୁ ପବ୍ଲିସିଟି ଦେଇଥିଲି।

ଅଜୟ ଖୁସୀ ହେଲେ କିନ୍ତୁ ସେଇଟା ମୁହଁରେ ପ୍ରକାଶ କଲେନାହିଁ।

ରାମେଶ୍ୱର ବାବୁ, ଶିବ ବାବୁଙ୍କୁ ବି ଏଇ କଥାଟା କହିଥିଲେ।

ଶିବ ବାବୁ କହିଥିଲେ- ଆପଣଙ୍କ ଷ୍ଟାର୍ ବହୁତ ଭଲ ଚାଲିଛି ଆଜ୍ଞା !

- କାହିଁକି, ଏମିତି କ'ଣ ଦେଖିଲେ ଭାଇ ଆପଣ ଯେ-

ରାମେଶ୍ୱର ବାବୁ ଆପଣଙ୍କର ବହୁତ ପ୍ରଶଂସା କରୁଥିଲେ। ଯାହାହେଉ, କଥାଟା ଶୁଣି ମୋର ଗର୍ବ ହେଲା। ଚମ୍ପା ସେନଙ୍କ ସାଙ୍ଗରେ ଇଣ୍ଟରଭିଉଟା କ'ଣ ଆପଣ ନେଇଥିଲେ ?

- ହଁ।

- ଆପଣ କ'ଣ ସିନେମା ୱାର୍ଲ୍ଡର ଖବର ରଖନ୍ତି ?

- ଧେତ୍ ! ସେଇ ଦେବଦାସ ପରେ ମୁଁ ଆଉ ସିନେମା ଦେଖିନାହିଁ। ସବୁ ଟ୍ରାଶ୍। କିନ୍ତୁ ଚମ୍ପା ସେନଙ୍କ ବିଷୟରେ କିଛି ଜାଣେ ମୁଁ। ସେ ତ ରହିଛନ୍ତି ସବୁ କିଛିର ମୂଳରେ।

- ସବୁ ମାନେ କ'ଣ ?

- ତାଙ୍କର ଜଣେ ମା' ଅଛନ୍ତି। ତାଙ୍କ ସାଙ୍ଗରେ ଆପଣଙ୍କର ପରିଚୟ ହେଇଛି ?

- ହଁ, ହେଇଛି।

- ସେଇ ମା'- ଝିଅଙ୍କର ବହୁତ ପ୍ରଭାବ ରାମେଶ୍ୱର ସୋମଙ୍କ ଉପରେ। କହିବାକୁ ଗଲେ, ସେମାନଙ୍କ ପାଇଁ ତ ସେ ଏଇ କାଗଜ ବାହାର କରିବାକୁ ବାଧ୍ୟ ହେଇଛନ୍ତି- ଏଇଟା ସତ ଯେ, ସେଇ ଦୁଇଜଣ ହେଉଛନ୍ତି କାଗଜର ଭାଗ୍ୟ ବିଧାତା।

- ଆଶ୍ଚର୍ଯ୍ୟ ତ !

- ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଧନୀ ମାନଙ୍କର ଏମିତି ଖିଆଲ ମଝିରେ ମଝିରେ ହେଇଥାଏ। କିନ୍ତୁ ସେସବୁ ଆଡ଼କୁ ନଜର ଦେଲେ ଚଳିବନାହିଁ ବାବୁ ! ରାମେଶ୍ୱର ବାବୁଙ୍କର କୌଣସି ପିଲାପିଲି ନାହିଁ ଜାଣିଛନ୍ତି ତ ?

- ଶୁଣିଛି।

- ଭଦ୍ରଲୋକ ଜଣକ ଭୀଷଣ ଅନ୍ୟାପି। ସେ

ଯାହାହେଉ, ଆପଣ ମୁଁ ସାମାନ୍ୟ ଲୋକ- ଆମ୍ଭମାନଙ୍କର ସେସବୁ ବିଷୟରେ କ'ଣ ଦରକାର ?

- ଠିକ୍ କଥା।

- ବର୍ତ୍ତମାନ ଆମ୍ଭମାନଙ୍କର ଆହୁରି ଗୋଟାଏ ମହଣ ପାଇକା ଟାଇପ ଲାଗିବ। ଆପଣ ଦୟାକରି ଏଇ କଥାଟା କହିବେ ତାଙ୍କୁ, ଅବନୀ ବାବୁଙ୍କୁ କହି କହି ମୁଁ ବ୍ୟସ୍ତ ହେଇଗଲିଣି। ତାଙ୍କର ପେଟରେ ବହୁତ ସଇତାନୀ ବୁଦ୍ଧି ଅଛି।

- ସୁଯୋଗ ପାଇଲେ କହିବି।

- ଆଚ୍ଛା, ଆଉ ଗୋଟିଏ କଥା ଥିଲା ବାବୁ! ସେଦିନ ଆପଣଙ୍କୁ ଜଣେ ସ୍ତ୍ରୀଲୋକ ଫୋନ୍ କରିଥିଲେ ଆପଣ ଜାଣିଛନ୍ତି ?

- ସ୍ତ୍ରୀଲୋକ ? କେତେଦିନ ପୂର୍ବେ ?

- ପହରଦିନ।

- କେଉଁଠୁ କହିପାରିବେ ? ଚମ୍ପା ସେନ ?

- ନା, ସେ ନୁହଁନ୍ତି। ମୁଁ ଚିହ୍ନିନାହିଁ, କହିଲେ- କାରବାଲା ଟ୍ୟାଙ୍କ ଲେନ୍‌ରୁ ଫୋନ୍ କରୁଛନ୍ତି।

- ଓହୋ! ଜାଣିପାରିଲି।

- କହିଲେ, ସେ ମାଇଁ। ଦେଖା କରିବାକୁ କହିଛନ୍ତି ଆପଣଙ୍କୁ।

ଅଜୟ ଚିନ୍ତା କରିବାକୁ ଆରମ୍ଭ କଲେ।

ମାଇଁଙ୍କ କଥା ଶୁଣି ତାଙ୍କର ମନେପଡ଼ିଲା ମିନତି କଥା।

ଅପୂର୍ବ ସୁନ୍ଦରୀ- ଅପୂର୍ବ ସ୍ୱାସ୍ଥ୍ୟ- ଉଜ୍ଜ୍ୱଳ ଚେହେରା ଓ ଦୀପ୍ତିମୟୀ ମିନତି।

ତାଙ୍କର ମନେପଡ଼ିଲା, ଯେଉଁଦିନ ସେ ଆସିଲେ ସେ ଘରୁ, ସେତେବେଳେ ମିନତି ବାରଣ୍ଡାରୁ ତାଙ୍କ ଆଡ଼କୁ ଚାହିଁ ଦେଖୁଥିଲେ।

ସେ ବିଦାୟ ନେବା ପୂର୍ବରୁ ମିନତି ଫୁସ୍ ଫୁସ୍ କରି କହିଥିଲେ- ଆପଣ ପୁଣି କେବେ ଆସିବେ ?

କିନ୍ତୁ ସେ ଫୋନ୍ କରିନାହାନ୍ତି – ଫୋନ୍ କରିଛନ୍ତି ମାଇଁ ନିଜେ।

ସେଦିନ ସେଇଠାରୁ ଆସିବା ପରେ ଆଉ ଅଜୟ ଯାଇପାରିନାହାନ୍ତି ତାଙ୍କ ଘରକୁ। ସମୟ ବି ପାଇନାହାନ୍ତି ସେ। ଗତ ରବିବାର ସେ ଯିବେ ବୋଲି ଭାବିଥିଲେ। ସେ କିନ୍ତୁ ଯାଇପାରିଲେନାହିଁ, କାରଣ ତାଙ୍କୁ ଜଣେ ବିଖ୍ୟାତ ଲେଖକଙ୍କ ଘରକୁ ଯିବାକୁ ହେଇଥିଲା।

ଚୁଁଚୁଡ଼ା ସହରରେ ଜଣେ ବିଖ୍ୟାତ ଅଧା ଭୈରବ ବିଖ୍ୟାତ ଧର୍ମୀୟ ସାହିତ୍ୟିକ ବାସ କରନ୍ତି। ତାଙ୍କର ଲେଖା ଛପା ହେଲେ କୁଆଡ଼େ ପତ୍ରିକାର ମୂଲ୍ୟ ବଢ଼ିଯିବ। ତେଣୁ ତାଙ୍କୁ ଯିବାକୁ ହେଲା। ସାହିତ୍ୟିକ ଜଣକ ପୁଣି ତନ୍ତ୍ରମନ୍ତ୍ରର ଜଣେ ମହାନ୍ ସାଧକ, ସେଇଠି ମା'ଙ୍କର ପୂଜା ବି ହେଇଥାଏ।

ତାଙ୍କ ପାଖରୁ ଲେଖା ନେଇ ଫେରିବାକୁ ପ୍ରାୟ ତିନିଟା ବାଜିଗଲା। ତେଣୁ ଆଉ ଯିବା ସମ୍ଭବ ହେଲାନାହିଁ।

ତେବେ ଏଇ କେତେଦିନ ହେଲା ରାତିରେ ଶୋଇବା ପୂର୍ବରୁ ରୋଜ୍ ସେ ଭାବିଛନ୍ତି ମିନତିଙ୍କର କଥା।

ଦିନେ ରାତିରେ ହଠାତ୍ ସେ ମିନତିଙ୍କୁ ସ୍ୱପ୍ନ ବି ଦେଖିଥିଲେ।

ସେ ସ୍ୱପ୍ନ ଦେଖିଲେ, ମିନତିଙ୍କର ରହସ୍ୟମୟ ଘରର ଦୋତାଲାରେ ବାରଣ୍ଡା ଉପରେ ବସିଥିଲେ ଦୁଇଜଣ- ସେ ଆଉ ମିନତି।

ମିନତି ସାଙ୍ଗରେ ସେ ଗପ କରୁଥିଲେ ବସି ବସି।

ମିନତି କହିଲେ- ଜାଣିଛନ୍ତି ଆଜୟ ଭାଇ, ଏ ଘରେ ମୋତେ ଏକଲା ରହିବାକୁ ଭଲ ଲାଗେନାହିଁ।

ମିନତି ଏହା କହି ହସି ଦେଲେ।

ମିନତି ନିବିଡ଼ ଆଲିଙ୍ଗନରେ ତାଙ୍କୁ ହଠାତ୍ ଜଡ଼ାଇ ଧରିଲେ। ତା'ପରେ ... ସାଙ୍ଗେ ସାଙ୍ଗେ ନିଦ ଭାଙ୍ଗିଗଲା ଅଜୟଙ୍କର।

ଗୋଟାଏ ଅଦ୍ଭୁତ ପୁଲକରେ ଭରିଗଲା ଯେମିତି ତାଙ୍କର ଦେହ ଓ ମନ।

## ॥ ୭ ॥

ତା'ପର ଠାରୁ ମିନତିଙ୍କୁ ଦେଖିବାର ଇଚ୍ଛା ଅଜୟଙ୍କର ମନ ଭିତରେ ପ୍ରବଳ ଭାବରେ ଜାଗରିତ ହେଇଛି। କିନ୍ତୁ ସେଇ ଇଚ୍ଛାକୁ ତାଙ୍କୁ ସମ୍ବରଣ କରିବାକୁ ହେଇଛି ବାରମ୍ବାର। କାରଣ ତାଙ୍କ ହାତରେ ସମୟ ନାହିଁ।

ଦ୍ୱିପହରର ଖରା ଆସ୍ତେ ଆସ୍ତେ ମ୍ଳାନ ହେଇ ଆସିଲା।

ଅଜୟ ଭାବିଲେ- ଅଜୟ କ'ଣ ଯାଇପାରିବେ ସେ ମିନତିଙ୍କ ଘରକୁ? କିନ୍ତୁ ଗୋଟାଏ ଅକାରଣ ଲଜ୍ୟା, ସଙ୍କୋଚ ଯେମିତି ଆଚ୍ଛନ୍ନ କରିଦେଲା ତାଙ୍କୁ।

ସେ ଘରୁ ବାହାରିପଡ଼ିଲେ ଠିକ୍ ବାରଟା ବେଳେ। କିନ୍ତୁ ମାଣିକତଲା ଟ୍ରାମ୍‌ରେ ଚଢ଼ିବେ ଭାବି ଉଠିପାରିଲେନାହିଁ ସେ। ହ୍ୟାରିସନ୍ ରୋଡ୍ ଦେଇ କଲେଜ ଷ୍ଟ୍ରୀଟ୍ ଆଡ଼କୁ ଚାଲିବାକୁ ଲାଗିଲେ ସେ। ଆସି ପହଞ୍ଚିଲେ କଫି ହାଉସ୍‌ରେ।

ଆ୍ୟାଲବାର୍ଟ ହଲ୍। ଇଏ ଯେମିତି ଆଉ ଗୋଟାଏ ପୃଥିବୀ।

ଯୁବକ-ଯୁବତୀମାନଙ୍କର ନିର୍ବିରୋଧ ମିଳନର ନନ୍ଦନ-କାନନ ଯେମିତି ଏଇଟା।

ଏଇଠି ଯୌବନ ଭାସି ଯାଉଛି କଫିର ଉନ୍ମତ୍ତ କପ୍‌ର ଅନାବିଳ ପ୍ରବାହରେ। ରଙ୍ଗିନ ସ୍ୱପ୍ନ, ପ୍ରେମ, ସୁଖ, ଭଲପାଇବା, ଖରାପ ଲାଗିବା, ବିରହ, ଘୃଣା, ଲଜ୍ୟା, କଥା କହିବା ବା ନକହିବା ଯେମିତି ଏଇ ବିରାଟ ଯୌବନ ସମୁଦ୍ରର ଗୋଟିଏ ଗୋଟିଏ ଢେଉ।

ଅଜୟ ଉଠିଲେ ଦୋତାଲାକୁ।

ଦୋତାଲାରେ ଉଠି ଦେଖିଲେ ପୂରା ହଲ୍‌ଟା ଧୂଆଁ ଆଉ ଗୁଞ୍ଜନରେ ପୂର୍ଣ୍ଣ। କେଉଁଠି ବସିବେ ସେ ?

ସବୁ ଟେବୁଲରେ ଗୋଟିଏ ଯୋଡ଼ିଏ ଝିଅ ଆଉ ଦୁଇ ଚାରୋଟି ପୁଅ। କେଉଁଠି ବି ଜାଗା ନାହିଁ। 'ସ୍ଥାନ ନାହିଁ- ସ୍ଥାନ ନାହିଁ, ଛୋଟ ଏଇ ତରୀ'। ସେ ବାହାରକୁ ଚାଲି ଆସିବେ କି ନାହିଁ ଭାବୁଛନ୍ତି, ହଠାତ୍ ଏଇ ସମୟରେ କିଏ ଯେମିତି ଡାକିଲା,- 'ଅଜୟ'।

- କିଏ ?

ଅଜୟ ଚାହିଁଲେ।

ଗୋଟିଏ ଟେବୁଲରେ ବସିଛି ପୃଥ୍ୱୀଶ।

- କ'ଣ ଖବରରେ ? ପୃଥ୍ୱୀଶ କହିଲେ।

- ଭଲ ଅଛି।

- ତୋର କାଗଜ କେତେଦୂର ଆଗେଇଲା ?

- ଛପା ପ୍ରାୟ ଶେଷ ହେବା ଉପରେ।

- ଭଲ, ଆ- ବସ।

ଅଜୟ ଲଜ୍ଜିତ ହେଲେ। ପୃଥ୍ୱୀଶର ଦୁଇ ପଟେ ବସିଛନ୍ତି ଦୁଇଜଣ ତରୁଣୀ। ଦୁହେଁ ପୋଷ୍ଟ ଗ୍ରାଜୁଏଟର ଛାତ୍ରୀ।

ପୃଥ୍ୱୀଶ ସେମାନଙ୍କ ଆଡ଼କୁ ଚାହିଁ କହିଲେ- ମଞ୍ଜୁଳା, ଶେଫାଳୀ- ଇଏ ମୋର ସାଙ୍ଗ ଅଜୟ, ଫିଲ୍ମ ଜର୍ଣ୍ଣାଲିଷ୍ଟ ଏବଂ ରାଇଟାର। ଆଉ ଏମାନେ ମୋର ସହପାଠିନୀ- ମଞ୍ଜୁଳା ଓ ଶେଫାଳୀ।

- ନମସ୍କାର। ଅଜନ୍ତାର ଭଙ୍ଗିରେ ନମସ୍କାର କଲେ ସେମାନେ।

ଅଜୟ ପ୍ରତି ନମସ୍କାର ଜଣାଇଲେ।

- ଆଚ୍ଛା, ତୁମ୍ଭେମାନେ ତାହେଲେ ଆଜି ଯିବାର ବ୍ୟବସ୍ଥା କର। ମୁଁ ଅଜୟ ସାଙ୍ଗରେ ଟିକେ କଥା ହୁଏ।

- ଆମେ ବସିଲେ କ'ଣ ଅସୁବିଧା ହେବ ?

- ହଁ, ସେ ଟିକେ ଲାଜୁକ ପ୍ରକୃତିର।

- ସତରେ ? ଏତେ ଲାଜ ? ବେଶୀ ଲଜ୍ୟା କିନ୍ତୁ ଭଲ ନୁହେଁ।

- ସମସ୍ତେ ତ ତୁମ୍ଭମାନଙ୍କ ପରି ଅପ୍ ଟୁ ଡେଟ୍ ନୁହଁନ୍ତି ?

- ସେ କଥା ଠିକ୍। ଗାଁରୁ କେତେଦିନ ହେଲା ଆସିଛନ୍ତି ?

- ଚାରିବର୍ଷ। ପୃଥ୍ୱୀଶ କହିଲେ।

- କୋଲକାତା ଆସିବାକୁ ଟିକଟ କିଏ ଦେଇଥିଲେ ଆପଣଙ୍କୁ ? ଦୁହେଁ ହସି ଉଠିଲେ କଥାଟା କହି। ଅଜୟ ଲଜ୍ୟାରେ ଲାଲ ହେଇଗଲେ।

ପୃଥ୍ୱୀଶ କହିଲେ- ତୁମ୍ଭମାନଙ୍କ ସାଙ୍ଗରେ କାଲି କଥା ହେବି। ଯାକୁ ଆଉ ବିରକ୍ତ କରନାହିଁ।

- ଆଚ୍ଛା- ଆଚ୍ଛା। ତାହେଲେ କାଲି ତୁମକୁ ପାଇବୁ ତ ଏଇଠି ?

- ହଁ।

- ସେମାନେ ଉଠି ଚାଲିଗଲେ।

ଅଜୟ କହିଲେ- ଶୁଣିଲି ମାଇଁ ଫୋନ୍ କରିଥିଲେ ମୋତେ।

- ହଁରେ। ତୋତେ ଖୋଜୁଥିଲେ।

- ଜାଣିଛୁ, ତୁ ନଥିବା ସମୟରେ ଦିନେ ତୁମ ଘରକୁ ଯାଇଥିଲି ତୋ ସହିତ ଦେଖା କରିବା ପାଇଁ।

- ଶୁଣିଛି। ତୁ ତ ଆଚ୍ଛାଲୋକ! ମୋତେ ଖୋଜିବାକୁ ଯାଇ ତା'ପରେ ନିଜେ ବୁଡ଼ିଗଲୁ କେଉଁଠି?

- କ'ଣ କରିବି କହ। ହଠାତ୍ ମୋତେ ନିଜର ଦେଶକୁ ଯିବାକୁ ହେଲା। ତୁମ୍ଭମାନଙ୍କର ରୂପ-ରଙ୍ଗର ବିଜ୍ଞାପନ ଦେଖିଲି କାଗଜରେ।

- ସତରେ?

- ହଁ, କଫି ପିଇବୁ?

- ହଁ, ମଗେଇ ଦେ।

- ଆଚ୍ଛା, କାଗଜ ବାହାରିଲେ ମୋତେ ଦଶ କପି ଦେବୁ। ଭୟ କରିବୁନାହିଁ, ଦାମ୍ ଦେବି।

- ଆଚ୍ଛା। ଆଉ ଗୋଟାଏ କଥା। ତୁ ତ ଗୋଟାଏ ସମୟରେ କବିତା ଲେଖୁଥିଲୁ? ଆଚ୍ଛା, ଗୋଟାଏ ଯୋଡ଼ାଏ ଗପ ଲେଖୁନାହୁଁ?

- ଛପେଇବୁ?

- ନିଶ୍ଚୟ। ଆମର ପ୍ରଡିଉସର କହନ୍ତି, ମୋର ସାଙ୍ଗମାନଙ୍କ ଠାରୁ ଲେଖା ସଂଗ୍ରହ କରିବା ପାଇଁ।

- ଦେବି, ଭଲ ଗଳ୍ପ।

ଟିକେ ପରେ କଫି ଆସିଲା।

ପୃଥ୍ୱୀଶ କହିଲେ- ଗୋଟାଏ କଥା।

- କହ।

- ମାଇଁ ତୋର କଥା ସବୁ ତନ୍ନ ତନ୍ନ କରି ପଚାରୁଥିଲେ ମୋତେ କହି ପୃଥ୍ୱୀଶ ହସି ଦେଲେ ଟିକେ। ଅର୍ଥପୂର୍ଣ୍ଣ ହସ।

ତା'ପରେ କହିଲେ- ତୋତେ ବହୁତ ଭଲ ଲାଗିଛି ତାଙ୍କୁ।

- ତା'ମାନେ?

- ବୁଝିପାରିଲୁ ନାହିଁ, ତା'ମାନେ?

- ନାଇଁ ତ!

- ମାନେ, ଗଲେ ବୁଝି ପାରିବୁ।

- ହଁ, ତୋର ମାମୁଁ କିନ୍ତୁ ଭାରି ଭଲ ଲୋକ। ସେଦିନ ବହୁତ ଗପ ହେଲା। ସତରେ, ଭଦ୍ରଲୋକ ବହୁତ ଗପିପାରନ୍ତି ସତରେ।

- ହଁ, ସେଇଟା ପାରନ୍ତି- ଆଉ ତ ତାଙ୍କର କୌଣସି କାମ ନାହିଁ ବର୍ତ୍ତମାନ। ସାରାଦିନ ବିଛଣାରେ ଶୋଇ ଶୋଇ ବା ବସି ସମୟ କାଟନ୍ତି।

- ସଂସାର ଚାଲେ କେମିତି?

- ବହୁତ ଖରାପ ଅବସ୍ଥାରେ ଚାଲେ। ବାହାରରୁ ଦେଖି କେହି ବୁଝିପାରିବେନାହିଁ।

- କ'ଣ କହୁଛୁ?

- ହଁ, ମିନତିର କଲେଜ ଦରମା ତିନି ଚାରି ମାସ ହେଲା ବାକି ପଡ଼ିଛି। ହେଇ ତ ସେଦିନ ଝାଡ଼ ଲଣ୍ଠନ ବିକ୍ରି କଲେ ପାଞ୍ଚ ଶହ ଟଙ୍କାରେ। ସେଇସବୁ ପୁରୁଣା ଜିନିଷ ବିକ୍ରି କରି ଏବେବି କୌଣସି ମତେ ଚାଲିଛି।

- ମାମୁଁ ମୋତେ ଗୋଟିଏ ଜିନିଷ ଦେଖାଇଛନ୍ତି। ଅବଶ୍ୟ ସେ କାହାରିକି କହିବାକୁ ନିଷେଧ କରିଛନ୍ତି।

- ମୁଁ ଜାଣେ, ତୋତେ କ'ଣ ଦେଖାଇଛନ୍ତି। ବିରାଟ ହୀରାଟା ତ? ମାମୁଁ ଏଇଟା ସମସ୍ତଙ୍କୁ ଦେଖାନ୍ତି- ଆଉ କୁହନ୍ତି, କାହାକୁ କହିବନାହିଁ।

- ଘଟଣା କ'ଣ?

- ସେଇଟା ଜାଣେନା। ପଚାଶ ହଜାର ପର୍ଯ୍ୟନ୍ତ ଦାମ୍ ଉଠିଥିଲା ହୀରାଟାର। କିନ୍ତୁ ସେ ଏଇଟାକୁ ବିକ୍ରି କରିବା ପାଇଁ ଚାହାଁନ୍ତିନାହିଁ।

- କାହିଁକି?

- ମାମୁଁ କହନ୍ତି, ଏକ ଲକ୍ଷ ଟଙ୍କାରୁ କମ୍ ହେଲେ ସେ ବିକ୍ରି କରିବେନାହିଁ। ମାମୁଁ ଆଉ ମାଇଁ ଦୁହେଁ ଏଇ ଯେଉଁ ଅଭାବ ସାଙ୍ଗରେ ଲଢୁଛନ୍ତି, ଏତେ ଜୋର୍ କେଉଁଠାରୁ ପାଆନ୍ତି ଜାଣିଛୁ? ସେଇ ହୀରାଟା ପାଇଁ। ମାମୁଁ ପ୍ରାୟ କହନ୍ତି, ମଲା ହାତୀର ଦାମ୍ ବି ଲକ୍ଷେ ଟଙ୍କା ହୁଏ। ଟିକିଏ ହସିଲେ ପୃଥ୍ୱୀଶ। ତା'ପରେ କହିଲେ, ତୋତେ ଗୋଟାଏ କଥା କହୁଛି ଶୁଣ।

- ମିନତି ଆଉ ଚୁମ୍କିକୁ ଦେଖି ମୋର ଭାରି ଦୁଃଖ ହୁଏ। କିନ୍ତୁ କ'ଣ କରିବି, କିଛି ଉପାୟ ନାହିଁ। ମାମୁଁ ଏବେବି ବିଶ୍ୱାସ କରନ୍ତି ଯେ, ବାହାରପଟରୁ ଉଚ୍ଚ ପାଚିର ତିଆରି କରିଦେଲେ ହିଁ ବୋଧହୁଏ ଚାରା ଗଛକୁ ବଞ୍ଚାଇ ରଖିହୁଏ।

- ତା'ମାନେ?

- ମାନେ ନିଜେ ତ ଦେଖୁଛୁ। କିନ୍ତୁ ଖରା ଆଉ ପବନର ଅଭାବରେ ବର୍ତ୍ତମାନ ଯେ ଚାରା ଗଛର ଅନ୍ତିମ ସମୟ ଘନାଇ ଆସିବ, ତାକୁ କେହି ବୁଝିବିପାରନ୍ତିନାହିଁ। ବାହାରପଟୁ ଯେମିତି କେହି ନଖାଇଯାଏ କେବଳ ଏଇ ବ୍ୟବସ୍ଥା ଚାରାଗଛ ପକ୍ଷରେ ଯଥେଷ୍ଟ ନୁହେଁ। ଝିଅ ଦୁହିଁଙ୍କୁ ତ ଦେଖୁଛୁ ତୁ- ମନେହୁଏ ଭିତରେ ଭିତରେ ଶୁଖି ଯାଉଛନ୍ତି। ଘର ଆଉ ସ୍କୁଲ-କଲେଜ ଛଡ଼ା ସେମାନେ ଦୁନିଆରେ ଆଉ କିଛି ଚିହ୍ନନ୍ତି ନାହିଁ।

- ସେଇଆ ତ ଭାବୁଛି ମୁଁ। ଅଦ୍ଭୁତ ମଣିଷର ମନ। କିନ୍ତୁ ଏମିତି ହେଇନଥାଆନ୍ତା। ମାମୁଁଙ୍କର ଯଦି ସତରେ ଟଙ୍କା ଥାଆନ୍ତା ଏମିତି କେବେବି ହୁଅନ୍ତା ନାହିଁ।

- ତେବେ କ'ଣ ହେଇଥାଆନ୍ତା?

- ବଡ଼ ଘରେ ବାହାଘର ହେଇଥାଆନ୍ତା। ମହମରେ ତିଆରି କଣ୍ଢେଇ ପରି କେଉଁ ରାଜକୁମାରଙ୍କ ବେକରେ ମାଳା ପିନ୍ଧାଇ, ତାଙ୍କ କାଚର ଶୋକେସ୍‌ରେ ଆଶ୍ରୟ ନେଇଥାଆନ୍ତା।

- ତାହେଲେ ଆଜି ଆସୁଛି ଅଜୟ।

- ହଁ। ଭଲ କଥା, ଲେଖା କଥାଟା ଯେମିତି ଭୁଲିବୁ ନାହିଁ।

ଅଜୟ ଚାଲିଗଲେ।

ସାରା ରାସ୍ତା ଅଜୟ ଭାବି ଭାବି ଚାଲିଲେ। ଭାବୁଥିଲେ ପୃଥ୍ୱୀଶଙ୍କ କଥା। ମିନତି ଆଉ ଚୁମ୍କିଙ୍କ ମୁହଁ ଭାସି ଯାଉଥିଲା ତାଙ୍କ ଆଖି ସାମ୍ନାରେ।

ଏବେ ବୁଝିଲେ ସେ ଗୋଟାଏ କଥା!

ମିନତିଙ୍କର ସ୍ତବ୍ଧ ଦୁଇଟି ଆଖିର ଭାଷା ଯେମିତି ସେ ଠିକ୍ ବୁଝିପାରିଛନ୍ତି।

ମିନତି ଚାହାଁନ୍ତି ତାଙ୍କରି ପରି ଜଣେ ପ୍ରାଣ ଚଞ୍ଚଳ ଯୁବକଙ୍କ ବେକରେ ମାଳା ଦେବା ପାଇଁ। ମିନତିଙ୍କର ପ୍ରତ୍ୟେକ ଆଖିର ଭାଷା ସତରେ କଥା ହିଁ କହିଛି।

ସେ ମୂର୍ଖ- ସେଥିପାଇଁ ଏତେଦିନ ସେ ବୁଝିପାରିନାହାନ୍ତି ତାଙ୍କ କଥା। ଆଜି ସେ ବୁଝିଲେ, ତାଙ୍କର ଦୁଇଟି ଆଖିର ଆତ୍ମନିବେଦନର ଭାଷାର ଅର୍ଥ। ତାଙ୍କର ମନ ଆନନ୍ଦରେ ଭରି ଉଠିଲା।

ସଙ୍ଗେ ସଙ୍ଗେ ତାଙ୍କ ମନର ପର୍ଦ୍ଦାରେ ଭାସି ଉଠିଲା ଆଉ ଗୋଟିଏ ମୁହଁର ଛବି। ସେଇ ଛବି ଚମ୍ପା ସେନଙ୍କର।

ଭାବିବାକୁ ଲାଗିଲେ ଅଜୟ।

ମନେ ମନେ ମିନତି ସାଙ୍ଗରେ ଚମ୍ପାର ତୁଳନା କରିବାକୁ ଲାଗିଲେ ସେ। ତାଙ୍କର ମନ ସ୍ଥିର କରିପାରୁନଥିଲା, କିଏ ବେଶୀ କାମ୍ୟ? ମିନତି ନା ଚମ୍ପା? ଚମ୍ପା ବି ତାଙ୍କର କଥା, ତାଙ୍କର ଭାଗଭଙ୍ଗୀ, ଆଉ ହସ ଥଟ୍ଟା ମଝିରେ ଯେମିତି କିଛି ବୁଝିବାକୁ ଚାହିଁଥିଲେ ତାଙ୍କୁ। କ'ଣ ସେ କଥା? କ'ଣ ସେଇ ଅନୁଚ୍ଚାରିତ ଭାଷା? ଅଜୟ ଭାବିପାରନ୍ତିନାହିଁ। ତାଙ୍କୁ ଯେମିତି ତଡ଼ି ନେଇଚାଲେ ଗୋଟିଏ ଚିନ୍ତା। ଦୁଇଟି ମୁହଁର ଚିନ୍ତା। ଦୁଇଟି ଆଖିର ଭାଷା। ଚମ୍ପାଙ୍କର ଆଉ ମିନତିଙ୍କର।

॥ ୮ ॥

ପୂଜା ଆଉ ଡେରି ନାହିଁ।

ରୂପ-ରଙ୍ଗର ପ୍ରକାଶନ ତେଣୁ ଆସନ୍ନ। ପତ୍ରିକା ଛପା ପ୍ରାୟ ଶେଷ ହେଇଆସିଛି। କଭର, ଭିତରର ଚିତ୍ର ସବୁ କିଛି ଛପା ହେଇଛି ସୁନ୍ଦର ଭାବରେ।

ଅଜୟ ଦେଖିଲେ, କିପରି ଭାବରେ ପୂଜାର ପୂର୍ବେ ସାରା ସହରର ରୂପ ଧୀରେ ଧୀରେ ପାଲଟି ଯାଏ। ଫୁଟ୍‌ପାଥ୍ ଗୁଡ଼ିକ ଭରି ଉଠେ ନାନା ଧରଣର

ପଣ୍ୟ ଦ୍ରବ୍ୟର ଅପୂର୍ବ ସମ୍ଭାରରେ। ଦୋକାନଗୁଡ଼ିକ ଯେମିତି ବର୍ଷାର ପରିପୂର୍ଣ୍ଣ ନଈ ପରି ନବଯୌବନର ଆନନ୍ଦରେ ମାତି ଉଠିଛନ୍ତି।

ଦୋକାନର ସଂଖ୍ୟା ବି ପ୍ରଚୁର ଭାବରେ ବଢ଼ିଯାଏ। ରାସ୍ତାରେ ରାସ୍ତାରେ ଆଲୁଅର ପ୍ରାଚୁର୍ଯ୍ୟ ଉପଲବ୍ଧି କରାଯାଏ। ଆଜିକାର କୋଲକାତା ସହରର ଚେହେରା ଦେଖିଲେ କେହି ଭାବିବିପାରିବେନାହିଁ, କେତେଦିନ ପୂର୍ବେ ଏଇ ସହରରେ ଏତେ କାଣ୍ଡ କାରଖାନା ଘଟିଯାଇଛି- କେବଳ ଖାଦ୍ୟ ଆନ୍ଦୋଳନ ପାଇଁ ଆହତ ହେଇଛନ୍ତି ପ୍ରାୟ ହଜାରେ ନିରୀହ ମଣିଷ।

ବୁଲେଟ ମୁହଁରେ ବି କମ୍ ଲୋକଙ୍କୁ ପ୍ରାଣ ବିସର୍ଜନ କରିବାକୁ ପଡ଼ିନାହିଁ। ଓୟେଲିଂଟନ ସ୍କୋଆରରେ ସେମାନଙ୍କ ଉଦ୍ଦେଶ୍ୟରେ ରଚିତ ଶହୀଦବେଦୀରେ ଅର୍ପିତ ଡାଲିଆ ଫୁଲର ଗନ୍ଧ ବୋଧହୁଏ ଆଜିବି ପବନରୁ ମିଳାଇଯାଇନାହିଁ।

ଅଜୟ ଭାବନ୍ତି, ସତରେ ଗୋଟିଏ ଅଜବ ସହର ଏଇ କୋଲକାତା? କେତେବେଳେ ଯେ ଏଇଠି ପାହାଡ଼ୀ ନଈ ପରି ପାଣି ଆସିବ, କୂଳ ଲଂଘିଯିବ, ଗାଁ ଗୁଡ଼ିକ ଭାସିଯିବ, ତାହା କେହିବି କଳ୍ପନା କରିପାରିବେନାହିଁ।

ପୁଣି କେତେବେଳେ ଏହାର ଚେହେରା ଭିନ୍ନ।- ସେତେବେଳେ ସେ ଆଉ ସେ ଉନ୍ମତ ନୁହେଁ- ସେ ଶାନ୍ତ ନଈ ପରି ଅପୂର୍ବ ନିସ୍ତରଙ୍ଗ ସ୍ତବ୍ଧତା ନେଇ ଧରଣୀକୁ ସୁଜଳା, ସୁଫଳା ଶସ୍ୟ ଶ୍ୟାମଳା କରିତୋଳେ।

ସେଦିନ ଜଣେ ନାମଜାଦା ସାହିତ୍ୟିକଙ୍କ ସାଙ୍ଗରେ ଦେଖା କରିବା ପାଇଁ ଅଜୟ ଯାଇଥିଲେ ଭବାନୀପୁରକୁ। ଭଦ୍ରଲୋକ ଅବଶ୍ୟ ଖୁବ୍ ଅଳ୍ପ ଦିନ ଭିତରେ ବିଖ୍ୟାତ ହେଇଛନ୍ତି।

ତାଙ୍କ ନାଁରେ ସହର ଉଚ୍ଛୁଳୁଛି। ସେ ନେଇଥିଲେ ପାଞ୍ଚଶହ ଟଙ୍କା କେବଳ ଗୋଟାଏ କରେଣ୍ଟ ଉପନ୍ୟାସ ପାଇଁ। ତା' ସତ୍ତ୍ୱେ ବି ସେ ଲେଖାଟା ଥରକରେ ଦେଇନାହାନ୍ତି। ସାତ ଆଠ କିସ୍ତିରେ ସେ ଲେଖାଟି ଦେଇଛନ୍ତି।

ବର୍ତ୍ତମାନ ସେଇଟା ଛପା ହେବାକୁ ଯାଇ ଦେଖାଗଲା ଯେ, ପ୍ରଥମ ପରିଚ୍ଛେଦ ସାଙ୍ଗରେ ଷଷ୍ଠ ପରିଚ୍ଛେଦର କୌଣସି ମେଳନାହିଁ ଲେଖାରେ।

ଲେଖାଟା ହାତରେ ନେଇ ଅଜୟ ଯାଇଥିଲେ ସେଇ ସାହିତ୍ୟିକଙ୍କ ସାଙ୍ଗରେ ଦେଖା କରିବା ପାଇଁ। ସେ ସେଇଟାକୁ ଠିକ୍ କରିଦେଲେ। ଫେରିବା ବେଳେ ସେ ବସ୍‌ରେ ଆସୁ ଆସୁ ଦେଖିବାକୁ ପାଇଲେ, ମଇଦାନ ଆଡୁ ଆଉ ଗୋଟିଏ ଲୋକଙ୍କ ସାଙ୍ଗରେ କଥା କହୁ କହୁ ବିଜୟ ବାବୁ ଆସୁଛନ୍ତି।

ଅଜୟ ବୁଝିପାରିଲେନାହିଁ, ବାପା ଏଇଠି! କେଉଁଠିକି ଯାଇଥିଲେ? ଏଇ ମଇଦାନ ରାସ୍ତାରେ ତ ସେ କେବେବି ବୁଲିବାକୁ ଆସନ୍ତିନାହିଁ। ଅଜୟଙ୍କ ମନ ଚିନ୍ତାରେ ଭରିଗଲା।

ଏସପ୍ଲାନେଡ୍‌ରେ ଓହ୍ଲାଇ ହୋଟେଲ ସାମ୍ନାରେ ଆସିବାରୁ ହଠାତ୍ ନାରୀ କଣ୍ଠରେ କିଏ ଯେମିତି ଡାକିଲେ- ଆରେ ଅଜୟ ବାବୁ ନା?

ଗୋଟିଏ ଗାଡ଼ିରୁ ଓହ୍ଲାଉଛନ୍ତି ଜଣେ ସ୍ତ୍ରୀଲୋକ- ଚମ୍ପା ସେନ।

ଉର୍ଦି ପିନ୍ଧା ଡ୍ରାଇଭର ସସମ୍ଭ୍ରମରେ ଗାଡ଼ିର କବାଟ ଖୋଲିଦେଲେ। ଚମ୍ପା ସେନ ଓହ୍ଲାଇଲେ।

ଟିକେ ହସିଲେ ଅଜୟ।

- ଆପଣ ଏଇଠି? ଘଟଣା କ'ଣ?

ଚମ୍ପା ସେନ୍ ମୃଦୁ ହସିଲେ। କହିଲେ- ସୁଟିଂ ଶେଷ କରି ଫେରିଲି। ଆପଣ ଏପଟେ କେଉଁଠି?

- ଏଇ ଟିକେ ବୁଲିବାକୁ ଯାଇଥିଲି।

- ଆସନ୍ତୁ, ମୋ' ସାଙ୍ଗରେ ଆସନ୍ତୁ।

- କେଉଁଠି?

- ଆରେ, ଆସନ୍ତୁନା। ବଡ଼ ବଡ଼ ଆଖି ଯୋଡ଼ିକ ମେଲି ଅଜୟଙ୍କ ଆଡ଼କୁ ଚାହିଁଲେ ଚମ୍ପା। ଯିବା- ଆସିବା ରାସ୍ତାରେ ଅସଂଖ୍ୟ ଲୋକ ଚାହିଁ ଦେଖୁଛନ୍ତି ଚମ୍ପାଙ୍କୁ। ଦେଖିବା ଭଳି ଚେହେରା। ଫିଲ୍ମ ଷ୍ଟାର୍ ବୋଲି ଗୋଟାଏ ନଜରରେ ହିଁ ତାଙ୍କୁ ଚିହ୍ନି ହୁଏ।

ଅଜୟ ଅପ୍ରସ୍ତୁତ ହେଇ କହିଲେ- ଚାଲନ୍ତୁ।

ହୋଟେଲ ଭିତରେ ପଶିଲେ ଚମ୍ପା। ପରିଷ୍କାର ଝକ ଝକ ହୋଟେଲ। ଲାଲ ରଙ୍ଗର କାର୍ପେଟ ପରା ହେଇଛି ମେଜିଆ ଉପରେ।

ଶଶବ୍ୟସ୍ତ ହେଇ ଚାଲିଛନ୍ତି ସମସ୍ତେ। ବେହେରା ଆଉ ବିଦେଶୀ ମାନଙ୍କର ଯିବା ଆସିବା।

ରିସେପ୍‌ସନ୍ ହଲ୍ ସାମ୍ନାରେ ଯାଇ ଛିଡ଼ା ହେବାରୁ ଜଣେ ଲୋକ ହସି ଦେଇ ଇଂରାଜୀରେ କହିଲେ- ହ୍ୟାଲୋ ମିସ୍ ସେନ୍!

- ଏନି ଟେଲିଫୋନ୍ ଅର୍ ଏନି ନିଉଜ୍?

- ନୋ।

ଚାବିଟା ନେଇ ଲିଫ୍ଟରେ ଚଢ଼ି ସିଧା ତିନି ତାଲାରେ ଉଠିଲେ ଚମ୍ପା। ମନ୍ତ୍ରମୁଗ୍ଧ ପରି ତାଙ୍କୁ ଅନୁସରଣ କରୁଥିଲେ ଅଜୟ।

ଯାଉ ଯାଉ ଚମ୍ପା କହିଲେ- ଓହୋ! ମୁଁ ପୂରାପୂରି ଟାୟାର୍ଡ। ପବ୍‌ଲିକ୍ ଭାବରେ, ଫିଲ୍ମରେ କାମ କରିବା ପରି ଆରାମ ଆଉ ନାହିଁ। କିନ୍ତୁ ପୂରା ଗଧଙ୍କର ଖଟଣି। ସେଇ ସକାଳ ଆଠଟା ବେଳେ ଘରୁ ବାହାରିଛି, ଆଉ ବର୍ତ୍ତମାନ ଫେରୁଛି। ଚାବିରେ କବାଟ ଖୋଲିଲେ ଚମ୍ପା।

ସୁନ୍ଦର ଭାବରେ ସଜିତ ଗୋଟିଏ ଘର। ଦୁଇଟା ଖଟରେ ଧଳା ଧବ୍ ଧବ୍ ବିଛଣା ଉପରେ ଚାଦର ପରା ହେଇଛି। ଘରଟା ଯେମିତି ଟିପ୍ ଟପ୍ ହେଇ ସଜିତ ଅବସ୍ଥାରେ ଅଛି।

ହଠାତ୍ ଚମ୍ପା କବାଟ ବନ୍ଦ କରିଦେଲେ।

ଅଜୟ କହିଲେ- କବାଟ ଟା ବନ୍ଦ କରିଦେଲେ ଯେ?

- କାହିଁକି, ଭୟ ହେଉଛି?

- ନା।

- ବସନ୍ତୁ ଚୁପ୍ ହେଇ। ଏହା କହି ଚମ୍ପା ହଠାତ୍ ତାଙ୍କର ହାତ ଧରି ଜୋର୍ କରି ଗୋଟାଏ ସୋଫା ଉପରେ ବସାଇଦେଲେ।

ଅଜୟ ହତବାକ୍।

ସେ କିଛି କହିବାକୁ ଗଲେ, କିନ୍ତୁ ତାଙ୍କ ମୁହଁରୁ କୌଣସି କଥା ବାହାରିଲାନାହିଁ।

- ଭୟ କରୁଛନ୍ତି ନା କ'ଣ? ମୁଁ କିନ୍ତୁ ଗୋଟାଏ ଝିଅ ମାତ୍ର। ବାଘ ବା ଭାଲୁକ ନୁହେଁ। ବର୍ତ୍ତମାନ କ'ଣ ଇଚ୍ଛା ହେଉଛି ଜାଣନ୍ତି? ଚୁପ୍‌ଚାପ୍ ସିଧା ହେଇ ବିଶ୍ରାମ କରେ ଦୁଇ ତିନି ଘଣ୍ଟା।

- ଆପଣ ବିଶ୍ରାମ କରନ୍ତୁ ଚମ୍ପା ଦେବୀ, ମୁଁ ବରଂ ଯାଏ।

- ଯିବେ ମାନେ?

- ମାନେ କାମରେ ବାହାରିବି।

- ଆହା ବ୍ୟସ୍ତ ହେବେ ନାହିଁ, ଆପଣ କ'ଣ ଭାବୁଛନ୍ତି ଯେ, ମୁଁ ସତରେ ଶୋଇ ପଡ଼ିବି ଏଇଠି?

- ସେଇଆ ତ ଭାବୁଛି।

ଜୋର୍‌ରେ ହସି ଉଠିଲେ ଚମ୍ପା। କହିଲେ- ଏତେ ସରଳ ମନ ନେଇ ଆପଣ ଚଳାଇବେ କାଗଜ? ସାତଟା କିମ୍ବା ସାଢ଼େ ସାତଟା ବେଳେ ମିଃ ସୋମ ଆସିବେ। ତାଙ୍କୁ ନେଇ ବାର୍‌କୁ ଯିବି।

- କେଉଁ ମିଃ ସୋମ?

- ଆପଣଙ୍କ ମାଲିକଙ୍କୁ ବି ଚିହ୍ନିପାରୁନାହାନ୍ତି ଆପଣ?

- ସେ କ'ଣ ରୋଜ୍ ଏଠିକି ଆସନ୍ତି?

- ଆସିବେ ନାହିଁ? ନଆସିଲେ କାହିଁକି ମୋର ମିଛ ପବ୍‌ଲିସିଟି କରିବେ କୁହନ୍ତୁ?

ଅଜୟ ଭାବିଲେ, ସେ ଯାହା ଶୁଣିଛନ୍ତି ତାହାଲେ ସତ। ଚମ୍ପା ସେନ ତାହେଲେ ମିଃ ସୋମଙ୍କର ...

ଚମ୍ପା କହିଲେ- ଆପଣ ବିଶ୍ରାମ ନିଅନ୍ତୁ। ସାରାଦିନ ତ କାମ ଆଉ କାମ। ଆପଣ ଡ୍ରିଙ୍କ୍ କରନ୍ତି ତ?

ଏଥର ଚମକି ପଡ଼ିଲେ ଅଜୟ।

ଇଏ କ'ଣ କହୁଛନ୍ତି ଚମ୍ପା ତାଙ୍କୁ? ଥଟ୍ଟା କରୁଛନ୍ତି କ'ଣ ତାଙ୍କ ସାଙ୍ଗରେ?

ଅଜୟ କହିଲେ- ନା।

- ଇଏ ପୁଣି କି କଥା? ଜର୍ଣ୍ଣାଲିଷ୍ଟ ହେଇ ଆପଣଙ୍କର ସେଇ ଆନନ୍ଦରେ ଅରୁଚି କାହିଁକି?

ବୋତାମ ଚିପି ବେହେରାଙ୍କୁ ଡାକିଲେ ଚମ୍ପା। କହିଲେ- ଗୋଟାଏ ବ୍ରାଣ୍ଡି, ଲିମନେଡ୍ ଆଉର- କୁହନ୍ତୁ କ'ଣ ଖାଇବେ ? ହୁଇସ୍କି ନା ରାମ ?

- ନା ନା। ଆର୍ତ୍ତନାଦ କରି ଉଠିଲେ ଅଜୟ।

- ତାହେଲେ ଲିମ୍‌ନେଡ୍ ଆଉର ଏକ୍ ଠୋ।

ବେହେରା ଚାଲିଗଲା।

ଚମ୍ପା କହିଲେ- ଆପଣ- ଟିକେ ବସନ୍ତୁ। ମୁଁ ଆସୁଛି- ସାଙ୍ଗେ ସାଙ୍ଗେ ଫେରି ଆସିବି।

ଚମ୍ପା ଗୋଟାଏ ବାକ୍ସ ଖୋଲି ସାଧାରଣ ଘର ପିନ୍ଧା ଖଣ୍ଡେ ଶାଢ଼ି ବାହାରକରି ପଶିଲେ ବାଥ୍‌ରୁମ୍‌ରେ। ବାଥ୍‌ରୁମ୍‌ରୁ ତାଙ୍କର ଗୀତର ସ୍ୱର ଭାସିଆସିଲା। କବାଟ ଖୋଲି ବାହାରି ଆସିଲେ ସ୍ନାନ ଶେଷ କରି। ରୁଜ୍-ଲିପ୍‌ଷ୍ଟିକ୍ ପୋଛି ହେଇଯାଇଛି। ପିନ୍ଧିଛନ୍ତି ଅତି ସାଧାରଣ ଖଣ୍ଡେ ଶାଢ଼ି।

ଅଜୟ ଦେଖିଲେ, ବିନା ପ୍ରସାଧନରେ ମଧ୍ୟ ଅଲଗା ଗୋଟାଏ ଲାବଣ୍ୟ ଅଛି ଚମ୍ପାଙ୍କ ଶରୀରରେ। ଦେହର ସ୍ୱାଭାବିକ ରଙ୍ଗ ଦେଖିବାକୁ ବେଶ ଭଲ ଲାଗୁଛି। ପିନ୍ଧିଛନ୍ତି ପାଉଁଶିଆ ରଙ୍ଗର ଶାଢ଼ି, ଆଉ ସେଇ ରଙ୍ଗର ହାତକଟା ବ୍ଲାଉସ।

- ବହୁତ ସମୟ ଅଟକାଇ ରଖିଲି ଆପଣଙ୍କୁ, ଅଜୟ ବାବୁ। ଭେରି ସରି।

ବେହେରା ଡ୍ରିଙ୍କସ୍ ଦେଇଯାଇଛି ? ହଁ, ଆସନ୍ତୁ।

ବ୍ରାଣ୍ଡି ସାଙ୍ଗରେ ଲିମନେଡ୍ ମିଶାଇ ନେଲେ ସେ। ଅଜୟଙ୍କୁ ଗୋଟାଏ ଗ୍ଲାସ୍‌ରେ ଲିମନେଡ୍ ଢାଳି ପିଇବାକୁ ଦେଲେ ସେ।

କହିଲେ- ଭୟ ନାହିଁ - ଏଇଟା ମଦ ନୁହେଁ। ସ୍ରେଫ ଲେମନ୍ ପାଣି। ଭାବିବେ ନାହିଁ ମୁଁ ଜଣେ ରୀତିମତ ଡ୍ରଙ୍କଡ଼। ସାରା ଦିନର ଖଟଣି ପରେ ଟିକେ ଚାଙ୍ଗା ହେବାକୁ ଚାହେଁ। ଏଇ ଗୋଟାଏ ପେଗ୍ ହିଁ ନିଶି ଭୋଜ। ନିଅନ୍ତୁ- ପିଅନ୍ତୁ।

ବ୍ରାଣ୍ଡିରେ ମୁହଁ ଲଗାଇ ପିଇବା ପରେ ଚମ୍ପା କହିଲେ- ଆପଣଙ୍କ କଥା ମିଃ ସୋମ କହୁଥିଲେ। ସେ ଆପଣଙ୍କ ଉପରେ ବହୁତ ଖୁସୀ।

- କାରଣ ?

- କାରଣ ଆପଣ କାଗଜଟା ଛିଡ଼ା କରିପାରିବେ ବୋଲି ତାଙ୍କର ବିଶ୍ୱାସ। ଆପଣ ଏଇ ସମୟରେ ତାଙ୍କୁ ଧରି ପାର୍ମାନେଣ୍ଟ କିଛି କରିନିଅନ୍ତୁ ନା ? ସେ କେବଳ ଧନୀ ବା ଶିଳ୍ପପତି ନୁହଁନ୍ତି- ସେ ବେଶ୍ ଇନ୍‌ଫ୍ଲୁଏନ୍‌ସିଆଲ୍ ଲୋକ ମଧ୍ୟ। କହିବେ ଯଦି, ମୁଁ କହିଦେଇପାରେ।

- ମୋର ଗୋଟାଏ ଉପକାର କରିପାରିବେ ଚମ୍ପା ଦେବୀ ?

- କୁହନ୍ତୁ ନା !

- ଶିବରାମ ବାବୁଙ୍କ ନାଁ ଶୁଣିଛନ୍ତି ତ ? ତାଙ୍କ ପ୍ରେସ୍‌ରେ ପତ୍ରିକା ଛପା ହେଉଛି। ସେ ପ୍ରେସ୍‌ର ମାଲିକ ଦୁଇ ମହଣ ପାଇକା ଟାଇପ୍ ପାଇଁ ତାଙ୍କର କାମ ଅଟକି ଯାଉଛି ବାରମ୍ବାର। ଆପଣ ଯଦି ମିଃ ସୋମଙ୍କୁ ଟିକେ କହି ଦିଅନ୍ତି ତ ଭଲ ହୁଅନ୍ତା।

ଚମ୍ପା ହସି ଉଠିଲେ।

- ଆପଣ ସତରେ ନିହାତି ପିଲା ମଣିଷ। ଏଇଟା କ'ଣ ଗୋଟାଏ କାମ ? ଏଇଟା ତ ଆପଣ ତାଙ୍କୁ ଫୋନ୍‌ରେ ବି କହିପାରିଥାଆନ୍ତେ। ଏଇଟା ତ ଅବନୀ ବାବୁଙ୍କୁ ବି କହିପାରିବେ ଆପଣ।

- ଅବନୀ ବାବୁଙ୍କୁ କୁହାହେଇଛି- କିନ୍ତୁ କୌଣସି ଫଳ ହେଇନାହିଁ।

- ହଉ, ମୁଁ କହିଦେବି।

ଆଉ ଟିକେ ବ୍ରାଣ୍ଡି ପିଇ ଚମ୍ପା କହିଲେ- ଯାହା ଦିନକାଳ ପଡ଼ିଛି, କେହି ଅଯାଚିତ ଭାବରେ କିଛି ଦେବେନାହିଁ ମନେ ରଖିବେ। ଯାହା ପାରିବେ, ତାକୁ ଆଦାୟ କରି ନେବାକୁ ହେବ ଆପଣଙ୍କୁ। ଦେଖୁନାହାନ୍ତି, ସମସ୍ତେ ଚିତ୍କାର କରୁଛନ୍ତି, ଆମର ଦାବୀ ମାନିବାକୁ ହେବ। ସମସ୍ତେ ଅନ୍ୟାୟକୁ ଶୋଷଣ କରୁଛନ୍ତି- ଆପଣ କାହିଁକି ଚୁପ୍ ହେଇ ରହିବେ ? ଆପଣଙ୍କର ଚାନ୍ସ ଆସିଲେ ଆପଣ ବି ଆପଣଙ୍କର କାମ ହାସଲ କରିନିଅନ୍ତୁ।

- ମୁସ୍କିଲ୍ କ'ଣ ଜାଣନ୍ତି ଚମ୍ପା ଦେବୀ, ମୁଁ ଠିକ୍ କାହାକୁ ମାଗିପାରେନାହିଁ।

- ଅଥଚ କୌଣସି ଜିନିଷ ପ୍ରତି ଆକାଂକ୍ଷା ମଧ୍ୟ ଅଛି ପୂରାପୂରି।

- ହଁ, ସେଇଟା ଅଛି। ଆଉ ପାଞ୍ଚଜଣ ଲୋକଙ୍କ ପରି ମୁଁ ବି ଜାଣିବାକୁ ଚାହେଁ ବଞ୍ଚିଥିବା ପରି କିଛି ପାଇବା ପାଇଁ। କିନ୍ତୁ କେମିତି ପାଇବି ? ନିଜର ଯୋଗ୍ୟତା କେତେ, ଠିକ୍ ଜାଣେନାହିଁ- ପୁଣି ଅନ୍ୟମାନଙ୍କ ଠାରୁ ଅନୁଗ୍ରହ ଭିକ୍ଷା କରିବାକୁ ବି ସଙ୍କୋଚ ବୋଧହୁଏ।

ଚମ୍ପା ହସିଲେ। ଗୋଟାଏ ଝଲକ୍ ମିଠା ହସ।

କହିଲେ- ମୁଁ ବି ଦିନେ ଠିକ୍ ଆପଣଙ୍କ ପରି ଥିଲି। ତେବେ ମୋର ବହୁତ ସୁବିଧା ଥିଲା। ମୁଁ ଝିଅ। ଚେହେରାଟା ମଧ୍ୟ ଖରାପ ନଥିଲା। କିନ୍ତୁ ସେଇ- ବିଦେଶର ଗୋଟିଏ ଗରୀବ ଡାକ୍ତରଙ୍କର ଝିଅ ଥିଲି। ବାପା ଯେତେବେଳେ ମୃତ୍ୟୁବରଣ କଲେ ମୁଁ ସେତେବେଳେ ସ୍କୁଲ ଫାଇନାଲ୍ ଦେଉଛି। ବାପା ଚାଲିଗଲା ପରେ କୂଳହୀନ ସାଗରରେ ଭାସିଗଲି। ଭାଇଭଉଣୀ କେହି ନାହାନ୍ତି- ମୁଁ ତ ଏକମାତ୍ର ସନ୍ତାନ- ସାଙ୍ଗ କେବଳ ମୋର ମା'।

ତା'ପରେ ଦିନ କାଟିବାକୁ ଲାଗିଲା। ଚାକିରି ଜଗତରେ ପାଦ ଦେଲି। ଧୀରେ ଧୀରେ ପୃଥିବୀକୁ ଚିହ୍ନିବାକୁ ଶିଖିଲି। ଗୋଟାଏ ଜିନିଷ ଦେଖିଲି, ଆମ୍ଭମାନଙ୍କ ଭଳି ଯେଉଁମାନଙ୍କର ସାମର୍ଥ୍ୟ କମ୍, ସେମାନେ ବଞ୍ଚିବାକୁ ହେଲେ ଧନୀମାନଙ୍କୁ ଏକ୍ସପ୍ଲଏଟ୍ କରିବାକୁ ହେବ। ଏଥିରେ କୌଣସି ପାପ ନାହିଁ- କୌଣସି ଦୈନ୍ୟ ନାହିଁ, ଲଜ୍ୟା ନାହିଁ।

ଅଜୟ ହସିଲେ। କିନ୍ତୁ କୌଣସି ଉତ୍ତର ଦେଲେନାହିଁ।

ଚମ୍ପା କହିଲେ- ଧରନ୍ତୁ, ପୂଜା ଛୁଟିରେ ମୁଁ ମିଃ ସୋମଙ୍କୁ ନେଇ ଯିବି ବୋମ୍ବେ ବୁଲିବା ପାଇଁ। ଅଭିନୟ ଶିଖିବି ବୋଲି, ତାଙ୍କୁ ସାଙ୍ଗରେ ନେଇ ଯାଉଛି ସେଇଠି। ସେ ମଧ୍ୟ ଅତି ଆନନ୍ଦର ସହ ରାଜି। ଗୋଟିଏ ମାସ ରହିବି। ଆପଣଙ୍କର ମନେ ହେଉଛି ଚମ୍ପା ବହୁତ ଖରାପ ଝିଅ- ସେଇଆ ତ ?

ଚମ୍ପା ଯାଉ ଯାଉ ହସିବାକୁ ଲାଗିଲେ।

ହସୁ ହସୁ ଦେହରୁ ଲୁଗା ବି ଖସିଗଲା।

- ଆଚ୍ଛା, ଗୋଟାଏ କଥା-

- କୁହନ୍ତୁ।

- ମୋ ସାଙ୍ଗରେ କେଉଁ ସାହସରେ, ଏତେ ସହଜରେ ନିଭୃତରେ ମିଶୁଛନ୍ତି ଆପଣ ?

- କାରଣ ଆପଣଙ୍କୁ ଭୟ କରିବାର କିଛି ନାହିଁ- ଆପଣଙ୍କୁ ଯେ ମୋତେ ଭଲ ଲାଗେ- ବିଶ୍ୱାସ କରନ୍ତୁ ମୋ' କଥା।

ଚମ୍ପା ଅଜୟଙ୍କ ହାତ ଚାପି ଧରିଲେ।

- ଛି ! ମିଃ ସୋମଙ୍କ ପାଖରେ ମୋପରି ଗୋଟାଏ ସାଧାରଣ ଲୋକ-

- ଯେଉଁମାନଙ୍କୁ ଏକ୍ସପ୍ଲଏଟ୍ କରାଯାଇପାରେ, ସେମାନଙ୍କୁ ଭଲପାଇବାର ପ୍ରଶ୍ନ ଉଠେନାହିଁ ମିଷ୍ଟର !

- ଏଥର ମୁଁ ଆସୁଛି ମିସ୍ ସେନ୍। ସାତଟା ପ୍ରାୟ ବାଜିଗଲା।

- ଠିକ୍ ଅଛି। ଆଉ ଅଧଘଣ୍ଟା ଭିତରେ ମିଃ ସୋମ ଆସିବେ। ମୋତେ ପ୍ରସ୍ତୁତ ହେଇଯିବାକୁ ପଡ଼ିବ ଏଇ ସମୟ ଭିତରେ। ଆପଣଙ୍କୁ ବି ଚାଲିଯିବାକୁ କହିବି। ମିଃ ସୋମ ଯଦି ଆପଣଙ୍କୁ ମୋ ଘରେ ଦେଖନ୍ତି, ତାହେଲେ ବିଶ୍ୱାସ କରିପାରିବେନାହିଁ ଯେ, ଆମେ କେବଳ ଗପ କରୁଛୁ। ମୁଁ ତ ଭଲ ଝିଅ ନୁହେଁ।

- ମୁଁ ତାହେଲେ ଆସୁଛି ?

- ଓ.କେ.। ଆପଣଙ୍କ ସାଙ୍ଗରେ ପୁଣି ଯୋଗାଯୋଗ କରିବି ମୁଁ। ଆପଣ ଯେକୌଣସି ଦିନ ମୋର ଏଇ ଫ୍ଲାଟ୍‌କୁ ଆସିପାରନ୍ତି। ଆଉ ରବିବାର ହେଲେ ବାର୍‌ର ଫ୍ଲାଟ୍‌ରେ। ଶୁଣିଲେ ତ ?

- ଆଚ୍ଛା।

ଅଜୟ ଉଠି ଛିଡ଼ା ହେଲେ ଯିବା ପାଇଁ।

````

ତା'ପରଦିନ ସକାଳ। ପ୍ରେସ୍‌କୁ ଯିବା ପରେ ହିଁ ଟେଲିଫୋନ୍ ପାଇଲେ ଅଜୟ। ସ୍ତ୍ରୀଲୋକଙ୍କର କଣ୍ଠସ୍ୱର। ସଙ୍ଗେ ସଙ୍ଗେ ଗୋଟାଏ ଝଲକ୍ ରକ୍ତ ଯେମିତି ତାଙ୍କ ମୁହଁରେ ଆସି ଜମା ହେଇଗଲା। ଚମ୍ପା ସେନ ନୁହଁନ୍ତି ତ ?
````

ନା, ସ୍ୱର ଚିହ୍ନିବାକୁ ଭୁଲ୍ ହେଲା ଅଜୟଙ୍କର। ଏଇଟା ମାଇଁଙ୍କ ସ୍ୱର।

- ହ୍ୟାଲୋ, ଅଜୟ କହୁଛ ?

- ହଁ, ମୁଁ ଅଜୟ।

- ତୁମେ ଟିକେ ଆଜି ଉପରବେଳା ଆମ ଘରକୁ ଆସିପାରିବ ? ବିଶେଷ ପ୍ରୟୋଜନୀୟ ଗୋଟାଏ କଥା ଥିଲା, ତୁମ ସାଙ୍ଗରେ ବାପା !

- ଆଚ୍ଛା ଯିବି।

- ଠିକ୍ ଅଛି।

ଟେଲିଫୋନ୍ କଟିଗଲା।

ଅଜୟ ଭାବିବାକୁ ଲାଗିଲେ, ମାଇଁଙ୍କର ପୁଣି କ'ଣ ଦରକାରୀ କଥା ? କ'ଣ କହିବେ, କେଜାଣି ! ହୁଏତ କୌଣସି ନୂଆ ଖାଇବାର ତିଆରି କରିଛନ୍ତି ତାଙ୍କ ପାଇଁ ! ଅଥବା ସଂସାରର ଅଭାବ କଥା କହିବେ।

ଥରେ ସେ କହିଥିଲେ ଗୋଟାଏ ଟ୍ୟାକ୍ସିର ପରମିଟ୍ ବ୍ୟବସ୍ଥା କରିବାପାଇଁ। ତୁମର ତ ବାପା ବହୁତ ଜଣାଶୁଣା ଲୋକ ଅଛନ୍ତି- ତାଛଡ଼ା ଅନେକଙ୍କ ସାଥିରେ ତୁମେ ମିଶିବାକୁ ଭଲପାଅ- ତୁମେ ଗୋଟାଏ ପରମିଟ୍ କରାଇଦିଅ ତ !

ଅଜୟ କହିଥିଲେ- ମାମୁଁଙ୍କୁ ମୋ' ସାଙ୍ଗରେ ଯିବାକୁ କୁହନ୍ତୁ। ମୁଁ ମିଃ ସୋମଙ୍କ ସାଙ୍ଗରେ ତାଙ୍କୁ ପରିଚୟ କରାଇଦେବି।

- କେଉଁ ମିଃ ସୋମ ?

- ବିଖ୍ୟାତ ଶିଳ୍ପପତି ରାମେଶ୍ୱର ସୋମ ? ତାଙ୍କ ସାଙ୍ଗରେ ସବୁ ମିନିଷ୍ଟର୍ ମାନଙ୍କର ଭଲ ପରିଚୟ। ସେ କହିଲେ ସାଙ୍ଗେ ସାଙ୍ଗେ ହେଇଯିବ।

- ସେ କ'ଣ ଯିବେ ? କହିବେ, ରଜା ପୁଅ- ମୁଁ ତ ମୁ ସାହେବି କରିପାରିବିନାହିଁ। ଚିଫ୍ ମିନିଷ୍ଟରଙ୍କ ସାଙ୍ଗରେ ଏତେ ପରିଚୟ, ସେଇଠି ବି କିଛି କହନ୍ତି ନାହିଁ- ତାଙ୍କ ଦ୍ୱାରା କିଛି ହେବନାହିଁ ବାପା ! ମୁଁ ବରଂ ଯିବି ତୁମ ସାଙ୍ଗରେ।

- ଆପଣ ? ନା ନା, ସେଇଟା ହେବନାହିଁ।

ଅଜୟ ଭାବୁଥିଲେ- ଆଜି ପୁଣି ମାଇଁ କ'ଣ ଯେ କହିବେ, କିଏ ଜାଣିଛି ?

\` \` \` \` \`

ରୂପ-ରଙ୍ଗ ଛପା ଶେଷ ହେଲା। ଦପ୍ତରୀ ପାଖରେ ଫାର୍ମା ପଠାଇଦିଆହେଇଛି।

ଏବେବି ପ୍ରଚୁର କାମ ବାକି ଅଛି। ଏଜେଣ୍ଟ ମାନଙ୍କ ନାଁରେ ଲିଷ୍ଟ କରିଦେବାକୁ ହେବ। ସେଇ ଅନୁସାରେ ଠିକଣା ଲେଖିବାକୁ ହେବ, ମାଲ ପଠାଇବା ପାଇଁ। ମହାଳୟା ଏବେବି ଦଶଦିନ ବାକି। ଏହା ଭିତରେ ସମସ୍ତଙ୍କୁ କପି ପଠାଇବାକୁ ହେବ।

ତେବେବି ଅଜୟଙ୍କର ମନଟା ସକାଳ ଠାରୁ ଯେମିତି ବିକ୍ଷିପ୍ତ ହେଇ ରହିଛି, କିନ୍ତୁ ଆଜି ତାଙ୍କର କାମରେ ମନ ଲାଗୁନଥିଲା।

ବାରମ୍ୟାର ମିନତିଙ୍କୁ ଦେଖିବା ପାଇଁ ଇଚ୍ଛା ହେଉଥିଲା ତାଙ୍କର। କାରବାଲା ଟ୍ୟାଙ୍କ ଲେନ୍‌ର ସେଇ ଘରଟା ସାମ୍ନାକୁ ଆସି କଡ଼ା ହଲାଇଲେ ଅଜୟ। କବାଟ ଖୋଲିଗଲା। କବାଟ ସାମ୍ନାରେ ଛିଡ଼ା ହେଇଛନ୍ତି ମିନତି।

- ଆସନ୍ତୁ, ଭିତରକୁ ଆସନ୍ତୁ।

- ଭଲହେଲା- ତୁମେ ମୋତେ ଭିତରକୁ ଆସିବା ପାଇଁ କହିଲ।

- ବାରେ ! ମୁଁ କ'ଣ ଆପଣଙ୍କୁ ଆସିବାକୁ କହିନାହିଁ ? କେତେଦିନ ପରେ ଆସିଲେ- ନ ଆସିଲେ ତ ଭଲ ହେଇଥାଆନ୍ତା।

ଅଜୟଙ୍କର ମନେହେଲା, ମିନତି ଯେମିତି କେତେଦିନ ହେଲା ଏଥିପାଇଁ ଅପେକ୍ଷା କରି ବସି ରହିଛନ୍ତି।

- ସେ କହିଲେ- ତୁମେ ଯଦି କହିବ, ତାହେଲେ ମୁଁ ପ୍ରତି ରବିବାର ଦିନ ଆସିବି।

- ଭଲ କଥା, ଦେଖିବି।

- ମା' କେଉଁଠି ?

- ବାପ୍‌ରେ ବାପ୍ ! ଆସି ହିଁ ମା'ଙ୍କର ଖବର ? କାହିଁକି ମୋ' ସାଙ୍ଗରେ କ'ଣ କଥା କହିବା ମନା ?

ଅଜୟ ଭାବିଲେ, ମିନତି ତ ବେଶ୍ ଭଲ କଥା କହିବାକୁ ଶିଖି ଯାଇଛନ୍ତି। ବୋଧହୁଏ ଟିକେ ବାଚାଳ ହେଇଉଠିଛନ୍ତି ମନକୁ ଯିଏ ବାଚାଳ କରେ ତାକୁ କ'ଣ କୁହାଯାଇପାରେ ଭଲପାଇବା ? ଅଜୟ ଉପରକୁ ଚାଲିଯାଆନ୍ତି।

ମାମୁଁ ଏବଂ ମାଇଁ ଗୋଟିଏ ଘରେ ବସିଥିଲେ। ଅଜୟଙ୍କୁ ଦେଖି ମାଇଁ ମାମୁଁଙ୍କୁ କହିଲେ- ତୁମେ ଟିକେ ସେଇ ଘରକୁ ଯାଅ- ଅଜୟଙ୍କ ସାଙ୍ଗରେ ମୋର ଗୋଟାଏ ଜରୁରୀ କଥା ଅଛି।

ମାମୁଁ କହିଲେ- ଭଲ କଥା, ତୁମ୍ଭେମାନେ କଥାବାର୍ତ୍ତା କର।

ମାଇଁ କହିଲେ- କ'ଣ ଅଜୟ ! ଭଲ ଅଛ ତ ତୁମେ ?

- ହଁ। ପୃଥ୍ୱି କେଉଁଠି ?

- ସେ କେତେଦିନ ହେଲା ଗାଁକୁ ଯାଇଛି।

ମାଇଁ ଚାରିଆଡ଼କୁ ଥରେ ଚାହିଁଲେ। ଭଲକରି ଯେମିତି ଚାରିପଟକୁ ଦେଖିନେଲେ ସେ। ତା'ପରେ କହିଲେ- ବାପା ! ଆଜି ତୁମକୁ ଗୋଟାଏ କଥା କହିବି। ତୁମେ ମୋର ପୁଅ ପରି। ଆଶା କରେ କିଛି ମନେ କରିବନାହିଁ।

- ନା ନା।

- କେତେ ଦିନ ହେଲା କଥାଟା ତୁମକୁ କହିବି ବୋଲି ଭାବୁଛି- କିନ୍ତୁ କହିପାରୁନାହିଁ, ତୁମ୍ଭମାନଙ୍କ ସାଙ୍ଗରେ ଆମର ବିବାହ ସମ୍ପର୍କ ସ୍ଥାପନ ହେଇପାରେ, ମୋର ମିନତିକୁ ତୁମ ହାତରେ ଟେକି ଦେବାକୁ ଚାହେଁ ବାପା ! ତୁମର କ'ଣ ସେଥିପାଇଁ କୌଣସି ଆପତ୍ତି ଅଛି ?

କ'ଣ କହିବେ ଅଜୟ ? ଏତେଦିନ ହେଲା ଏଇ କଥା ହିଁ ସେ ଭାବି ଆସିଛନ୍ତି। ଏଇ କେତେଦିନ ହେଲା ମିନତିଙ୍କୁ ନେଇ ତ ସେ ନାନା କଳ୍ପନାର ଜାଲ ବୁଣି ଚାଲିଛନ୍ତି।

ସେ ନିଜର ଉଚ୍ଛ୍ୱାସକୁ ସମ୍ବରଣ କଲେ। ଧୀର କଣ୍ଠରେ କହିଲେ- ଭଲ କଥା ତ ! ଯେତେବେଳେ ଆପଣମାନଙ୍କର ସେଇଆ ଇଚ୍ଛା ସେତେବେଳେ ମୋର କୌଣସି ଆପତ୍ତି ନାହିଁ।

- କିନ୍ତୁ ଗୋଟାଏ କଥା ଅଛି ବାପା ! ତୁମର ତ ଘରଦ୍ୱାର କିଛି ନାହିଁ। ତୁମର ମାମୁଁଙ୍କର ସେଥିପାଇଁ ଇଚ୍ଛା ନାହିଁ। ତୁମକୁ ଯଦି ଦୁଇବର୍ଷ ସମୟ ଦିଆଯାଏ, ତୁମେ ଖଣ୍ଡିଏ ଘର କରିପାରିବ ତ ?

ଅଜୟ ସ୍ତମ୍ଭିତ। କହିଲେ- କୋଲକାତାରେ ଘର ?

- ହଁ।

- ଦୁଇ ବର୍ଷ ଭିତରେ। କ'ଣ କହୁଛନ୍ତି ଆପଣ ?

- କିନ୍ତୁ ମୋର ବହୁତ ଇଚ୍ଛା, ଅଥଚ ତୁମର ମାମୁଁ କହୁଛନ୍ତି ଏଇ କଥା-

ତୁମେ ଦେଖ ଚେଷ୍ଟା କରି।

ଅଜୟ ହସିଲେ ମ୍ଳାନ ହସ। କହିଲେ- ମାଇଁ, ମୋର ତ ଆହୁରି ଅନେକ ଦାୟିତ୍ୱ ଅଛି। ମୋର ବାପା, ମା'- ଆପଣ, 'ମୋର ସାମର୍ଥ୍ୟକୁ ବହୁତ ବେଶୀ କରି ଭାବିଛନ୍ତି। ତେବେ ଯଦି ଘର କେବେ କରିପାରେ ତେବେ ସେଇଟା ନିଜର ତାଗିଦରେ ମୁଁ କରିବି। ଆପଣଙ୍କ ଝିଅକୁ ବାହା ହେବି ବୋଲି ନୁହେଁ। ଆଉ ଆପଣମାନଙ୍କ ଭିତରେ ଯେତେବେଳେ ଏଇ ବାହାଘର ନେଇ ଏତେ ବିରୋଧ, ସେତେବେଳେ କାହିଁକି ମିଛଟାରେ ମୋତେ ବିବ୍ରତ କରୁଛନ୍ତି ?

ଆଉ ବେଶୀ ସେଦିନ କଥା ହେଲାନାହିଁ।

କିନ୍ତୁ ଅଜୟଙ୍କର ବାରମ୍ବାର ଇଚ୍ଛା ହେଉଥିଲା ମିନତିଙ୍କୁ ସେ ପ୍ରଶ୍ନ କରନ୍ତେ- ତୁମର କ'ଣ ମତ ମିନତି ? ତୁମେ କ'ଣ ସତରେ ମୋତେ ଭଲପାଅ ? ମୋତେ ବାହା ହେଇ କ'ଣ ସୁଖୀ ହେଇପାରିବ ତୁମେ ? ଯଦି ସେଇଆ ମନେକର ସେତେବେଳେ ...

ଯିବାବେଳେ ମିନତି ପୁଣି ଆସି ଛିଡ଼ାହେଲେ କବାଟ ପାଖରେ। ଅଜୟଙ୍କର ବାରମ୍ବାର ଇଚ୍ଛା ହେଉଥିଲା, ସେ ମିନତିଙ୍କ ହାତ ଧରି ପ୍ରଶ୍ନ ପଚାରିଥାଆନ୍ତେ- ତୁମେ କ'ଣ ସତରେ ମୋତେ ଭଲପାଅ ମିନତି ? କିନ୍ତୁ ସେଇଟା କରିପାରିଲେନାହିଁ ଅଜୟ।

କେଉଁଠାରୁ ଗୋଟାଏ ବିରାଟ ସଙ୍କୋଚ ଆସି ତାଙ୍କୁ ବାଧା ଦେଲା। କବାଟ ବନ୍ଦ କରିବା ସମୟରେ ଅଜୟ କେବଳ କହିଲେ- ଆଜି ତୁମ ମା'ଙ୍କ ସାଙ୍ଗରେ କେଉଁ କଥା ହେଲା, ଶୁଣିଛ କି ମିନତି ?

- ନା। ମୁଁ କେମିତି ଜାଣିବି ?

- ତୁମକୁ ମୋତେ ନେଇ ସେଇ କଥା।

- କ'ଣ ବିଷୟରେ କୁହନ୍ତୁ ତ ?

- ତୁମେ କିଛି ଅନ୍ଦାଜ କରିପାରୁନାହଁ ମିନତି ?

- ନା ମୁଁ ଅନ୍ଦାଜ କଲେ ବା କ'ଣ ଲାଭ ହେବ କୁହନ୍ତୁ ?

- ସତ କଥା। ତେବେ ମୋର ପ୍ରଶ୍ନ ଏଇଟା ଯେ, ତୁମର ଏ ବିଷୟରେ ମତ କ'ଣ ?

ମିନତି ମୃଦୁ ହସିଲା। କହିଲା- ମୋର ଆପତ୍ତି ଥିଲେ କ'ଣ ମା' ଆପଣଙ୍କୁ ଡାକି ପଠାନ୍ତେ।

- ସେଇଟା ଠିକ୍। ଗୋଟାଏ ଅଭୂତପୂର୍ବ ଆନନ୍ଦରେ ଭରିଉଠିଲା ଅଜୟଙ୍କର ହୃଦୟ। ମିନତି ତାହେଲେ ତାଙ୍କୁ ଚାହାଁନ୍ତି। ତେଣୁ ସେ ମା'ଙ୍କୁ କହିଛି ତାର ମନର କଥା। ମାଇଁ ତେଣୁ ତାଙ୍କୁ ଡାକି ପଠାଇଥିଲେ।

ଅଜୟ ଚାଲି ଯିବା ପୂର୍ବରୁ ମିନତି କହିଲେ- ପୁଣି ଆସିବେ।

- ନା, ଆଉ ଆସିବି ନାହିଁ। ଗମ୍ଭୀର କଣ୍ଠ ଅଜୟଙ୍କର।

- କାହିଁକି ?

- ତୁମର ବାପା କହିଛନ୍ତି, ମୁଁ ଘର ତିଆରି ନକରିବା ପର୍ଯ୍ୟନ୍ତ ଆଉ ଏ ଘରକୁ ଆସିବା ଉଚିତ୍ ହେବନାହିଁ।

ବାପାଙ୍କର କଥା ଛାଡ଼ନ୍ତୁ ତ ! ମଝିରେ ମଝିରେ ମନେହୁଏ, ତାଙ୍କର ମୁଣ୍ଡ ଠିକ୍ ଅଛି କି ନାହିଁ। ଆପଣ ବି ସେଇଟା ନିଶ୍ଚୟ ବୁଝିପାରିବେ।

- ଆଚ୍ଛା, ତାହେଲେ ଆସୁଛି।

ଅଜୟ ଧୀରେ ଧୀରେ ରାସ୍ତା ଆଡ଼କୁ ଆଗେଇଲେ। ତାଙ୍କର ଆଖି ଯୋଡ଼ିକ ଲୋତକରେ ଭରି ଉଠିଲା। କିନ୍ତୁ ତେବେ ବି କଥା ବାହାରିଲା ନାହିଁ ତାଙ୍କ ମୁହଁରୁ।

ଧୈର୍ଯ୍ୟ, ଧୈର୍ଯ୍ୟ- ଧୈର୍ଯ୍ୟ ହିଁ ତ ମଣିଷକୁ ବଡ଼ କରେ, ଉନ୍ନତ ଓ ମହାନ୍ କରେ।

ଦେଖାଯାଉ- ଧୈର୍ଯ୍ୟ ଦ୍ୱାରା ସେ ଜୀବନରେ ଉନ୍ନତି କରିପାରନ୍ତି କି ନାହିଁ।

ଅଜୟ ଆଗେଇ ଚାଲିଲେ।

॥ ୯ ॥

ରୂପ-ରଙ୍ଗ ବାହାରିଯାଇଛି।

ଭଲ ବିକ୍ରି ହେଇଛି ତାର ପ୍ରଥମ ସଂଖ୍ୟାଟି। ଦଶ ହଜାର ଛପା ହେଇଥିଲା, ସବୁ ବିକ୍ରି ହେଇଗଲା ଚାହୁଁ ଚାହୁଁ।

ଅଜୟଙ୍କର ମନ ଆନନ୍ଦରେ ଭରିଗଲା।

ରାମେଶ୍ୱର ସୋମ ବହୁତ ଖୁସୀ ହେଲେ। କାଗଜ ବାହାରିବାର ଦୁଇ ଦିନ ପରେ ଅଜୟଙ୍କର ଡାକରା ପଡ଼ିଲା ତାଙ୍କ ଘରକୁ।

ଚଞ୍ଚଳ ଧୀରେ ଧୀରେ ଆଗେଇ ଆସି କହିଲେ- ଗୋଟାଏ କଥା ଥିଲା ଭାଇ-

- କୁହନ୍ତୁ।

- ମିସ୍ ଚମ୍ପା ସେନ ଆପଣଙ୍କୁ ଦୁଇଥର ଫୋନ୍ କରିଥିଲେ।

- କାହିଁକି ?

- ସେଇଟା ତ ଜାଣିନାହିଁ ଭାଇ। ମୁଁ ଫୋନ୍ ଧରିଥିଲି। ଭାଗ୍ୟ ଭଲ ଅବନୀ ବାବୁ ଧରି ନାହାନ୍ତି। ସେ ଧରିଥିଲେ ମୁସ୍କିଲ ହେଇଥାଆନ୍ତା।

- କାହିଁକି ?

- ମିଃ ସୋମଙ୍କୁ କେତେ କିଛି କଥା ଯୋଡ଼ି କହିଥାଆନ୍ତେ ସେ। ଫଳ ଖରାପ ହେଇଥାଆନ୍ତା। ଅଜୟଙ୍କ ଛାତିରେ ଯେମିତି ଧମ୍ ଧମ୍ ହାତୁଡ଼ିର ଆଘାତ ପଡୁଥିଲା। ଚମ୍ପା ତାଙ୍କୁ ଫୋନ୍ କରିଥିଲେ କେଉଁ ଉଦ୍ଦେଶ୍ୟରେ ? ତାଙ୍କୁ କ'ଣ ପୁଣି ଗୋପନ ଜାଗାକୁ ଡାକିବାକୁ ଚାହାଁନ୍ତି ଚମ୍ପା ସେନ୍ ? ସେଦିନ ସେଇ ଘଟଣା ଅଜୟ ଭୁଲିଯାଇନାହାନ୍ତି। ଅଜୟ ଚିନ୍ତାରେ ପଡ଼ିଗଲେ।

ଏଇ ଧରଣର ଝିଅମାନେ ପ୍ରେମ ଓ ପ୍ରତିହିଂସା ପାଇଁ ଯେକୌଣସି ସ୍ତରକୁ ଓହ୍ଲାଇ ଯାଇପାରନ୍ତି। ଏପରିକି ପ୍ରାଣ ନେବାକୁ ବି ଆପତ୍ତି ହେବନାହିଁ ସେମାନଙ୍କର।

ଅଜୟ ଭାବିଲେ, ସେ ଅଜାଣତରେ ଚମ୍ପାଙ୍କ ଫାନ୍ଦରେ ପାଦ ଦେଇଛନ୍ତି। ବର୍ତ୍ତମାନ ତାଙ୍କର ଉପାୟ କ'ଣ ?

ଅଜୟ କହିଲେ- ଅବନୀ ବାବୁ ଚମ୍ପା ସେନଙ୍କ ସାଙ୍ଗରେ ସେଇ ଇଣ୍ଟରଭିଉର ବିଷୟରେ କିଛି କହିଛନ୍ତି ନା କ'ଣ ?

- ନିଶ୍ଚୟ। ସେ ତ ତାକୁ ନେଇ ରୀତିମତ ବ୍ୟଙ୍ଗ ଓ ଉପହାସ କରିଛନ୍ତି।

- କାହିଁକି ? ମିଃ ସୋମ ତ କହିଲେ ଯେ, ଏଇଟା ବହୁତ ଭଲ ହେଇଛି।

- ସେଇଥିପାଇଁ ତ ତାଙ୍କର ରାଗ। ଆପଣ ଖୁବ୍ ସାବଧାନରେ ରହିବେ।

- କାହିଁକି ?

- ଜାଣି ନାହାନ୍ତି, ସେମାନେ ସବୁ କରିପାରନ୍ତି। କେଉଁ ଫାଙ୍କରେ ଆପଣଙ୍କର ଚାକିରିଟା ଖାଇବା ପାଇଁ ଚେଷ୍ଟା ବି କରିପାରନ୍ତି। ମୋ' ଉପରେ ବି ତାଙ୍କର ବିଷ ନଜର କିଛି କମ୍ ନୁହେଁ, ଏ କଥା ସତ।

ଅଜୟ ଆହୁରି ଚିନ୍ତିତ ହେଇପଡ଼ିଲେ।

ଦେଖାକଲେ ସେ ମିଃ ସୋମଙ୍କ ସାଙ୍ଗରେ।

ଅବଶ୍ୟ ଦେଖାକଲେ ଅତ୍ୟନ୍ତ ଭୟରେ।

କିଏ ଜାଣିଛି, ଚମ୍ପା ସେନ ତାଙ୍କୁ ବି ସବୁ ଜଣାଇଛନ୍ତି, କିମ୍ବା ହୁଏତ କହିଛନ୍ତି- ମିଃ ସୋମ, ଆପଣଙ୍କର ସେଇ ନୂଆ ପିଲା ଜଣକ ସେଦିନ ସନ୍ଧ୍ୟାରେ ମୋର ହୋଟେଲରେ ହଠାତ୍, କିମ୍ବା-

ମିଃ ସୋମ କିନ୍ତୁ ଆନନ୍ଦ ସହକାରେ ଆମନ୍ତ୍ରଣ ଜଣାଇଲେ ଅଜୟଙ୍କୁ।

- ଆସନ୍ତୁ, ଆସନ୍ତୁ -

ଅଜୟ ନମସ୍କାର ଜଣାଇ ବସିଲେ।

ମିଃ ସୋମ ତା'ପରେ ଟେଲିଫୋନ୍ ଉଠାଇ ଗୋଟାଏ ଡାଏଲ୍ କଲେ। କହିଲେ- କିଏ ? ବିଜୟ ଭାଇ ନା କ'ଣ ? ମୁଁ ସୋମ କହୁଛି। ମୁଁ କାଗଜରୁ ଦେଖିଲି, ଆପଣ ଦିଲ୍ଲୀରୁ ଆସିଲେଣି। ଦେହ ଭଲ ଅଛି ତ ? ମୁଁ ଭଲ ଅଛି। ଗୋଟାଏ ନୂଆ କାଗଜ ବାହାର କରିଛି ମୁଁ ବିଜୟ ଭାଇ। ଆପଣଙ୍କୁ ପଠାଇବି ? ନା, ରାଜନୀତି ନୁହେଁ। ସିନେମାର କାଗଜ- ତେବେ ଚିନ୍ତାର ଖୋରାକ୍ ବି ଅଛି ଏଥିରେ। କ'ଣ କହିଲେ ? ଆପଣଙ୍କର ଦୁଇଟା ଗାଡ଼ି ଦରକାର ? ମିଟିଂ କରିବାକୁ ଯିବେ ?

ଠିକ୍ ଅଛି- ପଠେଇ ଦେବି।

ଟେଲିଫୋନ୍ ରଖିଲେ ମିଃ ସୋମ।

ତା'ପରେ ପୁଣି ଡାଏଲ୍। ପୁଣି ଫୋନ୍।

- କିଏ, ସୁନ୍ଦର ? ଶୁଣ, ଜରୁରୀ କଥା। କାଲି ଦୁଇଟା ଗାଡ଼ି ଦ୍ୱିପହର ବେଳେ ପଠାଇ ଦେବ ବିଜୟ ଭାଇଙ୍କ ଘରକୁ। ହଁ- ମିନିଷ୍ଟର ବିଜୟ ରକ୍ଷିତ, ଦିନ ଗୋଟାଏ ବେଳେ ଆସନ୍ତା କାଲି ତାଙ୍କର ଦୁଇଟା ମିଟିଂ ଅଛି। ଗାଡ଼ି କମ୍ ? କାହିଁକି, ତୁମର ପୁରୁଣା ଗାଡ଼ିରେ କାମ ଚଲାଅ। ନୂଆ ଦୁଇଟା ଗାଡ଼ି ପଠେଇ ଦିଅ। ଠିକ୍ ଅଛି। ମନେ ରହିବ ତ ? ଓ.କେ. ଫୋନ୍ ଛାଡ଼ିଲି। ହଁ, ତାଙ୍କୁ ଅଷ୍ଟିନ୍ ଦୁଇଟା ପଠାଇ ଦେବ।

ଟେଲିଫୋନ୍ ରଖିଲେ ମିଃ ସୋମ, ସଗାରେଟ୍ ଲଗାଇଲେ।

ମିଃ ସୋମ ଅଜୟଙ୍କ ଆଡ଼କୁ ଚାହିଁ କହିଲେ- କାଗଜ ବହୁତ ଭଲ ହେଇଛି।

- ଆପଣଙ୍କୁ ଭଲ ଲାଗିଛି ?

- ଚମ୍ପା ବି କହୁଥିଲେ, ଖୁବ୍ ଭଲ ହେଇଛି। ବିକ୍ରିର ରେକର୍ଡ ମଧ୍ୟ ଖୁବ୍ ଭଲ।

- ମୁଁ ବହୁତ ଆନନ୍ଦିତ ସାର୍।

- ହଁ, ଚମ୍ପାକୁ ନେଇ ଯେଉଁ ଫିଚର ଏବଂ ଫଟୋ ସେଗୁଡ଼ିକ ମଧ୍ୟ ବହୁତ ଭଲ ହେଇଛି। ଶୁଣ, କାଗଜଟାକୁ ବଞ୍ଚାଇ ରଖାଯାଇପାରିବ ବୋଲି ମନେହୁଏ। ପ୍ରଥମ ଇସ୍ୟୁରେ ହିଁ ଲାଭ ହେଇଛି। ଆଉ ଶୁଣ, ଚମ୍ପା ମୋର ଆବିଷ୍କାର। ତାଙ୍କୁ ଫେମସ୍ କରି ତୋଳିବାକୁ ହେବ।

- ଆଚ୍ଛା, ସାର୍।

- ଆଉ ତୁମେ ଗୋଟାଏ କଥା କହିଥିଲ ସେଦିନ-

ଦୁଇ ମହଣ ଟାଇପ୍ - ଚମ୍ପା କହୁଥିଲେ। ତାଙ୍କୁ କହିଥିଲ କାହିଁକି ? ମୁଁ ଟଙ୍କା ପଠାଇ ଦେବି।

ଅଜୟ କହିଲେ- ସେଦିନ ହଠାତ୍ ଦେଖା-

- ମୁଁ ଶୁଣିଛି, ଅବନୀଙ୍କୁ କହିନାହଁ, ଟାଇପ୍ କଥା ?

- କହିଥିଲି। କିନ୍ତୁ -

- ବୁଝିଲି-। ସେ ଦିନକୁ ଦିନ ଭାରି ବଦ୍‌ରାଗି ହେଇଯାଉଛନ୍ତି। ତାଙ୍କୁ ନେଇ ଆଉ କାମ କରିବା ସମ୍ଭବ ନୁହେଁ। ଶୁଣ, ତୁମକୁ ମୁଁ ଆହୁରି କିଛି ଚାର୍ଜ ଦେବି। ତୁମକୁ ମୁଁ ବିଶ୍ୱାସ କରେ- ତୁମର ପ୍ରତିଭା ଅଛି।

ଅଜୟ ଉତ୍ତର ଦେଲେନାହିଁ।

ମିଃ ସୋମ କହିଲେ- ଭଲ କଥା, ତୁମ୍ଭମାନଙ୍କୁ ଦୁଇଶହ ଟଙ୍କା ଲେଖାଏଁ ଏକ୍ସଟ୍ରା ଦେବି ମୁଁ ପତ୍ରିକା ଫଣ୍ଡରୁ। ମନେ କରିନିଅ ପୂଜା ପାଇଁ ବୋନସ୍। ତୁମକୁ କେବଳ ତିନିଶହ ଟଙ୍କା। ତୁମେ ଖୁସୀ ତ ?

- ହଁ, ସାର୍।

- ଆଚ୍ଛା, ଏବେ ଆସିପାର। ଆଉ ଏସବୁ କଥା ବହୁତ ଗୋପନୀୟ ବୋଲି ଜାଣିବ। ଏଇଟା ସିକ୍ରେଟ୍ ରଖିବାକୁ ଚେଷ୍ଟା କରିବ ବୋଲି ମୋର ଆଶା।

- ନିଶ୍ଚୟ ସାର୍। ଅଜୟ ଯିବା ପାଇଁ ଉଠି ଛିଡ଼ା ହେଲେ।

\`\`\`\`\`

ତିନିଶହ ଟଙ୍କା ସେଦିନ ମିଳିଗଲା ଅଜୟଙ୍କୁ।

ଅଜୟ ବୁଝିପାରିଲେ ଏଇଟା ସେ ପାଇଲେ ବୋଧହୁଏ ଚମ୍ପା ସେନଙ୍କର କୌଣସି ଅନୁଗ୍ରହ ପାଇଁ। ଦୁଇଶହ ଟଙ୍କା ମା'ଙ୍କ ହାତରେ ତୋଳି ଦେଲେ ଅଜୟ। ଅମିତା ଦେବୀ କହିଲେ- ମୋତେ କାହିଁକି ଟଙ୍କା ଦେଉଛୁ ଖୋକା ? ତୁ ନିଜ ପାଇଁ କିଛି କର ଏଇ ଟଙ୍କାରେ !

ଅଜୟ କହିଲେ- ଏଇ ଟଙ୍କାଟା ତୁମେ ରଖ ମା'। ତୁମେ ଭାବିବ ନାହିଁ ଯେ ମୋର ଟଙ୍କାର ଦରକାର ଅଛି।

ଅମିତା ଦେବୀ ଧୀର କଣ୍ଠରେ କହିଲେ- ଭଗବାନ ଯେ କେବେ ତୋର ମୁହଁକୁ ଚାହିଁବେ, ଜାଣେନା। କେତେ ଆଶା ଥିଲା ମୋର- ତୋର ଗୋଟାଏ ଭଲ ଚାକିରି ହେଲେ ତୋତେ ବାହା ଦେବି। କିନ୍ତୁ ସେଇ ଆଶା ବୋଧହୁଏ ଏ ଜୀବନରେ ଆଉ ସଫଳ ହେଇପାରିବନାହିଁ।

ଅମିତା ଦେବୀ ମନେ ମନେ ଦୁଃଖ ପ୍ରକାଶ କରିବାକୁ ଲାଗିଲେ। ତାଙ୍କର ଦେହ ଏମିତିରେ ସୁସ୍ଥ ନୁହେଁ। ତା'ଛଡ଼ା ସଂସାରରେ କାମ ପ୍ରଚୁର। ସେ ସବୁବେଳେ ବିରକ୍ତି ପୂର୍ଣ୍ଣ ମିଜାଜରେ ରହନ୍ତି। ପ୍ରାୟ ପ୍ରତିଦିନ ରାତିରେ ତାଙ୍କୁ ଜ୍ୱର ଆସେ।

ଆଜି ପୁଣି ଅଜୟ ବାହାରିଗଲେ କାରାବାଲା ଟ୍ୟାଙ୍କ ଲେନ୍ ଉଦ୍ଦେଶ୍ୟରେ।

ପ୍ରଥମେ ଭାବିଲେ, ନା- ସେ କେବେବି ଆଉ ଯିବେନାହିଁ ମିନତି ଘରକୁ। ସେଦିନର ଘଟଣା ପରେ ଆଉ ଦଶ ବାରଦିନ ଯାଇ ସେ ନାହାନ୍ତି। ଆଶା କରିଥିଲେ, ମିନତି ବା ମାଇଁ ହୁଏତ ଫୋନ୍ କରିବେ। କିନ୍ତୁ ତାଙ୍କର ଆଶା ବ୍ୟର୍ଥ ହେଲା। ଏଇ କେତେଦିନ କେହିବି ତାଙ୍କର କିଛି ଖୋଜ ଖବର ନେଲେନାହିଁ।

ଏପରିକି ପୃଥ୍ୱୀଶଙ୍କର ମଧ୍ୟ କୌଣସି ଖବର ପାଇନାହାନ୍ତି ସେ। ତାଙ୍କର ଲେଖାଟା ବି ସେ ଦେଇନାହାନ୍ତି।

ଆଜି ଯିବେନାହିଁ ଭାବି ହଠାତ୍ ଯେମିତି ଯନ୍ତ୍ରଚାଳିତ ପରି ସେ ବସ୍‌ରେ ଚଢ଼ିଗଲେ। ଦେଖୁ ଦେଖୁ ନିଜର ଅଜ୍ଞାତରେ ସେ ଯେମିତି ହଠାତ୍ ଯାଇ ହାଜର ହେଇଗଲେ କାରାବାଲା ଟ୍ୟାଙ୍କ ଲେନ୍‌ରେ।

କବାଟଟା ଖୋଲା ଥିଲା। ଉପରକୁ ଯିବାରୁ ପ୍ରଥମେ ଦେଖା ହେଲା ପୃଥ୍ୱୀଶଙ୍କ ମାମୁଁଙ୍କ ସାଙ୍ଗରେ। ସେଇ ଗେଞ୍ଜି ପିନ୍ଧି, ଲୁଙ୍ଗିରେ ତକିଆକୁ ଆଉଜି ବସି ବହି ପଢୁଛନ୍ତି। ସାମ୍ନାରେ ସେଇ ଚିଲମ୍‌ଟା ଥୁଆ ହେଇଛି।

ଆଜି ସେ ଅନ୍ୟ ଦିନ ପରି ଅଜୟଙ୍କୁ ସାଦର ଅଭ୍ୟର୍ଥନା ଜଣାଇଲେନାହିଁ। କେବଳ ଚାହିଁଲେ ଥରେ।

କହିଲେ- ଅଜୟ ଆସିଲ ?

- ହଁ, ବର୍ତ୍ତମାନ ଆସିଲି। ପୃଥ୍ୱୀଶ ଅଛି ?

- ହଁ, ଥିଲା ତ ଟିକେ ପୂର୍ବେ। ବସ। ହୁଏତ ଏବେ ଆସିଯିବ।

ଅଜୟ ବସିଲେ।

ଚନ୍ଦ୍ରନାଥ ବାବୁ ପୁଣି ଚିଲମ୍ ଟାଣିବାକୁ ଲାଗିଲେ ଧୀରେ ଧୀରେ।

ଟିକେ ପରେ ବହିଟା ହାତରୁ ତଳେ ରଖି କହିଲେ- ଜାଣିଛ ଅଜୟ, ମୋର ବଡ଼ ଝିଅଟି ବି.ଏ ପାସ୍ କଲା। ପରୀକ୍ଷା ଫଳ ବାହାରିଛି। ତା'ର ବାହାଘର ପାଇଁ ନାନା ଦିଗରୁ ପ୍ରସ୍ତାବ ଆସୁଛି।

ଅଜୟ କେବଳ ମୁଣ୍ଡ ହଲାଇ ହଁ କହିଲେ।

ଚନ୍ଦ୍ରନାଥ ବାବୁ କହି ଚାଲିଲେ- ଜଣେ ବାରିଷ୍ଟରଙ୍କ ପୁଅ ପାଇଁ ଭାରି ବାଧ୍ୟ କରୁଛନ୍ତି। ମୁଁ ଭାବୁଛି, ଝିଅକୁ ବିଲାତ ପଠାଇବି ହାୟାର ଏଜୁକେସନ୍ ପାଇଁ। ସାନ ଝିଅ ଚୁମ୍‌କି ବି ହାୟାର ସେକେଣ୍ଡାରୀ ପାସ୍ କଲା, ଦୁଇ ଭଉଣୀ ଏକା ସାଙ୍ଗରେ ରହି ପଢ଼ାଶୁଣା କରିବେ।

ଅଜୟ ମନେ ମନେ ହସିଲେ।

ଜାଣିପାରିଲେ, କଥାଗୁଡ଼ାକ ତାଙ୍କୁ ଉଦ୍ଦେଶ୍ୟ କରି କୁହା ହେଉଛି।

ଚନ୍ଦ୍ରନାଥ ବାବୁ ଯେ ଖୁବ୍ ବଡ଼ ମଣିଷ ଏଇ କଥାଟା ହିଁ ଜଣାଇ ଦେବାକୁ ଚାହାଁନ୍ତି। ତାଙ୍କ ଝିଅକୁ ବାହା ହେବା ପାଇଁ ସ୍ୱପ୍ନ ଦେଖିବା ଯେ ଅଜୟଙ୍କ ପକ୍ଷରେ ଦୁଃସାହସିକତା ସେ ପ୍ରମାଣ କରିଦେବାକୁ ଚାହାଁନ୍ତି।

ମାଇଁ କ'ଣ ଗୋଟାଏ କାମରେ ଘରେ ପଶିଲେ- ଅଜୟଙ୍କୁ ଦେଖି କହିଲେ- ତୁମେ କେତେବେଳେ ଆସିଲ ?

- ଟିକେ ପୂର୍ବେ।

- ପୃଥୁ ସାଙ୍ଗରେ ଦେଖା ହେଇଛି।

- ନା।

- ସେ ତ ଘରେ ଅଛି। ତୁମେ ବସ, ମୁଁ ତାଙ୍କୁ ଡାକି ଦେଉଛି।

ମାଇଁ ଚାଲି ଯିବାର ଟିକେ ପରେ ହିଁ ପୃଥ୍ୱୀଶ ଆସିଲେ। ତାଙ୍କ ମୁହଁଟା ବେଶ୍ ଗମ୍ଭୀର ଦେଖାଗଲା।

କହିଲେ- କ'ଣକିରେ ! କେତେବେଳେ ଆସିଲୁ ? ଆ- ମୋ' ଘରକୁ ଆ- ବେଶ୍ ଗମ୍ଭୀର ହେଇ ତାଙ୍କୁ ଘରେ ନେଇ ବସାଇଲେ ପୃଥ୍ୱୀଶ।

ତା'ପରେ କହିଲେ- ତୁ ଦିନେ ଏଠିକି ଆସିଥିଲୁ ବୋଲି ଶୁଣିଲି।

- ମାଇଁ ଫୋନ୍‌ରେ ଡାକିଥିଲେ- ସେଥିପାଇଁ ମୁଁ ଆସିଥିଲି।

- ଶୁଣିଛି ସବୁ କଥା।

- ତୋର କ'ଣ ଇଚ୍ଛା, ସତରେ କହିଲୁ ପୃଥ୍ୱୀଶ।

ପୃଥ୍ୱୀଶ ହସିଲେ। କହିଲେ- ମୋର ମତ ନେଇ ବା ମୋର ଅମତରେ କୌଣସି କାମ ହେବନାହିଁ। ତୋର ନିଜ ମନକୁ ପ୍ରଶ୍ନ କରି ଦେଖିଛୁ ?

- ଦେଖିଛି, ବହୁତ ଥର ଭାବିଛି ମଧ୍ୟ।

- ଶୁଣ ଅଜୟ ! ତୋତେ ନେଇ ମାମୁଁ, ମାଇଁଙ୍କ ମଧ୍ୟରେ ବଡ଼ ଧରଣର ଝଗଡ଼ା ହେଇଯାଇଛି। ମିନତିକୁ କୁହାହେଇଛି ସେ ଘରୁ ବାହାରିବନାହିଁ। ତୁ ଆଉ ଏହା ଭିତରେ କିଛି ନକହିଲେ ହିଁ ଭଲ। ସବୁ ଭୁଲିଯା-

- ମିନତିଙ୍କର କ'ଣ ସେଇଆ ମତ ?

- ମତାମତ ପୁଣି କ'ଣ ? ମତାମତ ଦେଲାଭଳି ତାର ମନ ତିଆରି ହେଇନାହିଁ। ମୋର ମନେ ହୁଏ, ଏଇ ବାହାଘର ହେଲେ ସୁଖର ହେବନାହିଁ। ହେଇପାରେ ନା। ଏମାନଙ୍କର ମାନସିକ ସଂସ୍କାର ଏଥିପାଇଁ ଦାୟୀ। ତେଣୁ ମୁଁ କହୁଛି ଯେ, ମିଛରେ କଷ୍ଟ ପାଇ ତୋର କି ଲାଭ କହ ? ଆଉ ଖାଲି ଖାଲି ତୁ ବାହାହେଇ ଏତେ ବଡ଼ ଦାୟିତ୍ୱ ନେବୁ ବା କାହିଁକି ? ଆଗ ଚାକିରିରେ ତୁ ସ୍ଥାୟୀ ହେଇଯା- ତା'ପରେ ଭଲ ଫ୍ଲାଟ୍ ଗୋଟାଏ ଯୋଗାଡ଼ କର।

ଅଜୟ ଏକଥା ଶୁଣି ମନେ ମନେ ଖୁବ୍ ଆଘାତ ପାଇଲେ।

ପୃଥ୍ୱୀଶ ତାଙ୍କର ଦୁର୍ବଳତା ଜାଣନ୍ତି। ସେଇ ଦୁର୍ବଳତା ମୁହଁରେ ସେ ଆଘାତ କରିଛନ୍ତି। କିନ୍ତୁ ଏତେଦିନ ପରେ ପୃଥ୍ୱୀଶ ଯେ ତାଙ୍କୁ ଏଇପରି

ଭାବରେ ନିରୁତ୍ସାହ କରିବେ, ସେଇଟା ସେ କେବେହେଲେ ସ୍ୱପ୍ନରେ ବି ଭାବିନଥିଲେ।

ପୃଥ୍ୱୀଶ ତ ତାଙ୍କୁ କହିପାରିଥାଆନ୍ତେ ଯେ, ଅଜୟ ! ମୁଁ ତୋର ପାଖେ ପାଖେ ଅଛି- ମୁଁ ତୋତେ ସାହାଯ୍ୟ କରିବି। ତୁ ଯଦି ସତରେ ଭଲପାଇଥାଉ, ତାହେଲେ ତାକୁ ପାଇବା ପାଇଁ ଯେତେ କଷ୍ଟ ତୋର ହେଉନା କାହିଁକି, ତୁ ଆଉ ପଛକୁ ହଟିବୁନାହିଁ। କିନ୍ତୁ ସେଇଟା ସେ କହିଲାନାହିଁ।

ସେଥିପାଇଁ ଆହତ, ରକ୍ତାକ୍ତ ମନ ନେଇ ଅଜୟ କାରବାଲା ଟ୍ୟାଙ୍କଲେନ୍ ଘରର ବାହାରେ ଆସି ଛିଡ଼ା ହେଲେ। ଆଉ ଚାହିଁଲେ ଘର ଆଡ଼କୁ।

ମିନତି କେଉଁଠି ?

ଜୀର୍ଣ୍ଣ ଘରଟା ଯେମିତି ଛାଇ-ଅନ୍ଧକାରରେ ଶତାବ୍ଦୀର ଅଭିଶାପ ଛାତିରେ ନେଇ ଛିଡ଼ା ହେଇଛି। ଆଉ ତା' ପାଖରେ ଛିଡ଼ା ହେଇଛନ୍ତି ଦୁଇଟି ଛାଇ ମୂର୍ତ୍ତି।

ସେମାନେ ଚାହିଁ ରହିଛନ୍ତି ରାସ୍ତା ଆଡ଼କୁ ନିଃଶବ୍ଦରେ ପଥରର ଦୁଇଟି ମୂର୍ତ୍ତି ପରି। ଅଜୟ ସେମାନଙ୍କୁ ଚିହ୍ନି ପାରିଲେ। ମିନତି ଆଉ ଚୁମ୍କି।

ଅଜୟ ଦୀର୍ଘଶ୍ୱାସ ପକାଇଲେ।

### ॥ ୧୦ ॥

ତା'ପରଦିନ ଦ୍ୱିପହର ବେଳେ ଗୋଟାଏ ଫୋନ୍ ପାଇଲେ ଅଜୟ। ଚମ୍ପା ସେନଙ୍କ ଫୋନ୍।

- ଆସିପାରିବେ ଥରେ ? ଆଜି ତିନିଟାବେଳେ ଥରେ ଆସନ୍ତୁ ତ ! ଚୌରଙ୍ଗୀର ସେଇ ହୋଟେଲରେ। ମନେ ଅଛି ତ ? ସେଇଠି ଚାଲି ଆସନ୍ତୁ। ମନେ ରହିଲା ତ ? ଫୋନ୍ ରଖିଦେଲେ ଅଜୟ। ସେ ଚଞ୍ଚଳଙ୍କୁ କହିଲେ ସେ କଥା। ଚଞ୍ଚଳ ହସିଲେ।

- ହସୁଛନ୍ତି କାହିଁକି ?

- ହସିବି ନାହିଁ ? ଏସବୁ ଫ୍ଲାଟ୍ ଝିଅଙ୍କର ପ୍ରେମ- ବୁଝିବା କଠିନ।

- ପ୍ରେମ ?

- ତାଛଡ଼ା ଆଉ କ'ଣ ?

- ତେବେ ତ ସାବଧାନରେ ରହିବାକୁ ହେବ ?

- ନିଶ୍ଚିତ।

ସେଦିନ ଦିନ ଦୁଇଟା ବେଳେ ଶିବ ବାବୁଙ୍କ ପାଖରୁ ଛୁଟି ନେଇ ଅଜୟ ବାହାରି ଆସିଲେ ଚୌରଙ୍ଗୀର ସେଇ ହୋଟେଲ ଉଦ୍ଦେଶ୍ୟରେ।

ନିର୍ଦ୍ଦିଷ୍ଟ ହୋଟେଲରେ ଆସି ପହଞ୍ଚି ଦେଖିଲେ, କବାଟ ଆଉଜା ହେଇରହିଛି।

- ଭିତରେ ଚମ୍ପା ସେନ ବସିଛନ୍ତି।- ଆସନ୍ତୁ।

- ହଠାତ୍ କ'ଣ ଏମିତି ଦରକାର ହେଲା ?

- ମୁଁ ପହରଦିନ ଟିକେ ବାହାରକୁ ଯାଉଛି। ଯିବା ପୂର୍ବରୁ ଆପଣଙ୍କ ସାଙ୍ଗରେ ଥରେ ଦେଖା କରିବାକୁ ଇଚ୍ଛା ହେଲା- ସେଥିପାଇଁ ଫୋନ୍ କଲି।

- ହଉ ଭଲ କଥା। ହଠାତ୍ ମୋ' ସାଙ୍ଗରେ ଦେଖା କରିବାର ଇଚ୍ଛା ଆପଣଙ୍କର।

- ଆପଣ କେବଳ ପତ୍ରିକା ନେଇ ନରହି ଭଲ ଉପନ୍ୟାସ ଗୋଟାଏ ଦୁଇଟା ଲେଖିପାରନ୍ତେ ନାହିଁ ?

- କାହିଁକି କୁହନ୍ତୁ ତ ?

ମୁଁ ଫିଲ୍ମର ବ୍ୟବସ୍ଥା କରିଦେବି। ଭଲ ଷ୍ଟୋରି ହେଲେ ପ୍ରଡିଉସରଙ୍କର ଅଭାବ ହେବନାହିଁ।

ସହଜ ଭାବରେ ଅଜୟ କହିଲେ- ମୁଁ ଗୋଟାଏ ବହି ଲେଖିଥିଲି। ପ୍ରାୟ ତିନି ମାସ ସମୟ ଲାଗିଥିଲା ମୋର ଅବସର ସମୟରେ। ଆଶା କରେ ଭଲ ଲାଗିବ ଆପଣଙ୍କୁ।

- ଠିକ୍ ଅଛି। ସେଇଟା ଛପାଇବାର ବ୍ୟବସ୍ଥା କରନ୍ତୁ। ମୁଁ ବମ୍ବେରୁ ଫେରି ସେଇ ବହିଟାକୁ ପ୍ରଡିଉସର୍‌ଙ୍କୁ ଦିନେ ଦେଖାଇବି।

- କିନ୍ତୁ ଛପାଇବ କିଏ ?

- କାହିଁକି ପ୍ରକାଶକ ?

- ନୂଆ ଲେଖକଙ୍କର ବହି କୌଣସି ପ୍ରକାଶକ ଛାପିବାକୁ ଚାହାଁନ୍ତି ନାହିଁ।

- ଗୋଟାଏ ବହି ଛାପିବା ପାଇଁ କେତେ ଟଙ୍କା ଲାଗିବ ?

- ଏକ ହଜାର ତ ନିଶ୍ଚିତ। ମୁଁ ପାଞ୍ଚ ଶହ ଟଙ୍କା ଦେଇପାରିଲେ ହୁଏତ କୌଣସି ପ୍ରକାଶକ ରିସ୍କ ନେଇ ଛପାଇ ପାରନ୍ତି। ଆବଶ୍ୟ ସେ ଟଙ୍କାଟା ସେ ପରେ ଫେରାଇ ଦେବେ ନିଶ୍ଚିତ।

- ମାତ୍ର ପାଞ୍ଚଶହ ? ମୁଁ ଦେବି।

- ନା ନା, ସେଇଟା ହେବନାହିଁ- ଆପଣଙ୍କ ଟଙ୍କା ମୁଁ ନେବି କାହିଁକି ?

- ଆଗ ବହିଟା ଛାପି ଦିଅନ୍ତୁ। ପରେ ବହି ବିକ୍ରି ହେଲେ ଫେରସ୍ତ ଦେଇଦେବେ।

ଚମ୍ପା ତାଙ୍କର ବାକ୍ସ ଖୋଲି ପାଞ୍ଚ ଶହ ଟଙ୍କା ଅଜୟଙ୍କ ହାତକୁ ଦେଲେ।

- ଆପଣଙ୍କ ପାଇଁ ମୁଁ ଦୁଇଟା ସିନେମାରେ ଭଲ କାମ ପାଇଛି।

- ସତରେ ?

- ହଁ, ସେଥିପାଇଁ ତ ଡାକିଲି ଏଇ ସୁଖବରଟା ଦେବାପାଇଁ।

ବେହେରାକୁ ଡ୍ରିଙ୍କସ୍ ଆଣିବାକୁ କହିଲେ ଚମ୍ପା। ତା'ପରେ ନିଜେ ଡ୍ରିଙ୍କସ୍ ନେବାକୁ ଆରମ୍ଭ କଲେ।

ଅଜୟ ଚିନ୍ତା କରିବାକୁ ଲାଗିଲେ, ସତରେ ଚମ୍ପା କ'ଣ ଚାହାଁନ୍ତି ଆଜିବି ସେଇଟା ସେ କୌଣସି ମତେ ବୁଝିପାରୁନାହାନ୍ତି।

ତାଙ୍କର କାମ ଶେଷ କଲା ପରେ ଚମ୍ପା କହିଲେ- ମୁଁ ଫେରି ଆସିବି ଠିକ୍ ଏକ ମାସ ପରେ। ଆସିଲା ପରେ ଆପଣଙ୍କୁ ଫୋନ୍ କରିବି। ମୁଁ ଆସିବା ପୂର୍ବରୁ ବହି ଖଣ୍ଡିକ ଛପାଇ ବାହାର କରିବାକୁ ଚେଷ୍ଟା କରନ୍ତୁ।

- ଆଚ୍ଛା।

- ମୁଁ ଚାହେଁ ଯେ, ଆପଣ ପ୍ରତିଷ୍ଠିତ ହୁଅନ୍ତୁ, ଆହୁରି ଉନ୍ନତ ହୁଅନ୍ତୁ। ସମସ୍ତେ ଆପଣଙ୍କୁ ସମ୍ମାନ କରନ୍ତୁ।

ଏହା ଶୁଣି ଅଜୟ ମୃଦୁ ହସିଲେ। କିନ୍ତୁ ବୁଝିପାରିଲେନାହିଁ ଚମ୍ପାଙ୍କର ଉଦ୍ଦେଶ୍ୟ କ'ଣ ! ସେ କ'ଣ ଚାହାଁନ୍ତି ?

\`\`\`\`\`

କିଛିଦିନ ପରର କଥା।

ପୂଜା ଛୁଟି ଚାଲିଛି। ସେଦିନ ମିଃ ସୋମଙ୍କ ଘରକୁ ଗଲେ ଅଜୟ।

ମିଃ ସୋମ ବାହାରକୁ ଯାଇଛନ୍ତି। ଅବନୀ ବାବୁ କହିଲେ- ହେଇତ ଅଜୟ ବାବୁ, ଆପଣ ଆସିଲେଣି। ଆପଣଙ୍କ ସାଙ୍ଗରେ ମୋର ବହୁତ ଦରକାର ଥିଲା। ମିସେସ୍ ସୋମ ଆପଣଙ୍କୁ ଟିକେ ଡାକିଛନ୍ତି।

- ମୋତେ ! ମିସେସ୍ ସୋମ ? ତାଙ୍କୁ ତ ମୁଁ ମୋଟେ ଚିହ୍ନି ନାହିଁ।

- ହଁ, ସେ ଆମର କର୍ତ୍ତ୍ରୀ। ମିଃ ସୋମଙ୍କର ବିବାହିତା ସ୍ତ୍ରୀ।

ଅଜୟ ଚିନ୍ତା କରିପାରିଲେନାହିଁ, ହଠାତ୍ ମିସେସ୍ ସୋମଙ୍କର ତାଙ୍କ ସହ ଏମିତି କ'ଣ ଦରକାର ? ମିସେସ୍ ସୋମଙ୍କୁ ସେ ଆଖିରେ କେବେବି ଦେଖିନାହାନ୍ତି।

ଏ ଘରେ ମିସେସ୍ ସୋମଙ୍କର କୌଣସି ପ୍ରସଙ୍ଗ ଏହା ପୂର୍ବେ କେବେହେଲେ ଉଠିନାହିଁ। ଅଜୟ ତାଙ୍କର ଚାକିରି ଜୀବନରେ ଏଇ ପ୍ରଥମ ଦୋତାଲାକୁ ଚଢ଼ିଲେ। ଜଣେ ଚାକର ତାଙ୍କୁ ଦେଖି ପଚାରିଲା- କାହାକୁ ଦରକାର ?

- ମିସେସ୍ ସୋମ ମୋତେ ଡାକିଥିଲେ। ମୋର ନାଁ ଅଜୟ।

ଗୋଟାଏ ଘର ଭିତରେ ସୋଫାରେ ବସି ଉଲ୍ ବୁଣୁଥିଲେ ମିସେସ୍ ସୋମ। ଅଜୟଙ୍କୁ ଦେଖି ସେ କହିଲେ- ବସନ୍ତୁ।

ଅଜୟ ଚାହିଁ ଚାହିଁ ଦେଖିବାକୁ ଲାଗିଲେ ତାଙ୍କୁ। ଆଶ୍ଚର୍ଯ୍ୟ ହେଲେ। ଚମ୍ପାଙ୍କର ରୂପ ଅଛି ସତ, ତେବେ ମିସେସ୍ ସୋମଙ୍କର ମଧ କିଛି କମ୍ ନୁହେଁ।

ଚେହେରା ଟିକେ ଭାରୀ- ସେଥିପାଇଁ ରୂପର ଉଜ୍ଜ୍ୱଳତା ଟିକେବି କମିନାହିଁ।

ସୁନ୍ଦର ଘରକୁ ଆଲୁଅ ଓ ଲତାପତ୍ର ଦେଇ ସଜାଇଲେ ଯେମିତି କିଛି ବଢ଼ିଲା ପରି ମନେହୁଏନା- ଏହା ବି ଠିକ୍ ସେଇ ରକମ !

ତେବେ ଏତେ ସୁନ୍ଦରୀ ମିସେସ୍ ସୋମଙ୍କୁ ଛାଡ଼ି କେଉଁ ଆକର୍ଷଣରେ ଦୌଡ଼ି ଯାଆନ୍ତି ମିଃ ସୋମ

ଚମ୍ପାଙ୍କ ପାଖକୁ ! ଅଥଚ ଚମ୍ପା କହିଛନ୍ତି- ସେ ତାଙ୍କୁ ଏକ୍ସପ୍ଲଏଟ୍ କରୁଛନ୍ତି- ପ୍ରକୃତରେ ତାଙ୍କୁ ଭଲପାଆନ୍ତିନାହିଁ ଝିଅଟି ।

ବୋଧହୁଏ ବୁଦ୍ଧି ଦ୍ୱାରା ବା ଚିନ୍ତା ଦ୍ୱାରା ଏଇ ବିପଥଗାମିତାର କୌଣସି ବ୍ୟାଖ୍ୟା କରାଯାଇପାରେନାହିଁ । ଅଜୟଙ୍କ ପରି ପିଲା ବି ଜୀବନରେ ସମତଳ ପଥରେ ଚାଲୁ ଚାଲୁ ମିନତିଙ୍କୁ ଦେଖି ଧକ୍କା ଖାଇଛନ୍ତି ।

ମିସେସ୍ ସୋମ୍ କହିଲେ- ଆପଣଙ୍କ ସାଙ୍ଗରେ ମୋର ପରିଚୟ ନାହିଁ- ତେବେ ଆପଣଙ୍କ ଲେଖା ମୁଁ ପଢ଼ିଛି ।

- ସେଇଟା ତ ବାଜେ ଲେଖା !

- ଭଲ ଲେଖା କିଛି ଲେଖିଛନ୍ତି କି ?

- ହଁ, ଗୋଟାଏ ଉପନ୍ୟାସ । ସେଇଟା ଅତିଶୀଘ୍ର ଛପା ହେବ ।

- ଭଲ କଥା, ଗୋଟାଏ କପି ମୋତେ ପଢ଼ିବାକୁ ଦେବେ-

- ଆଚ୍ଛା ।

- ଦେଖନ୍ତୁ, ଗୋଟାଏ କଥା ପଚାରିବି ଆପଣଙ୍କୁ । ଆଶା କରେ ସତ ଉତ୍ତର ପାଇବି । ଚମ୍ପା ସେନ୍ ବର୍ତ୍ତମାନ କେଉଁଠି ?

ଅଜୟ କ'ଣ ଉତ୍ତର ଦେବେ ଭାବିପାରିଲେନାହିଁ । କହିଲେ- ମୁଁ ସଠିକ୍ ଜାଣେନାହିଁ ।

- ଆପଣ ଚମ୍ପାଙ୍କୁ କେତେଦିନ ହେଲା ଚିହ୍ନିଛନ୍ତି ?

- ବେଶୀ ଦିନ ନୁହେଁ । ପ୍ରାୟ ଦେଢ଼ ମାସ ପୂର୍ବେ ତାଙ୍କ ପାଖକୁ ଯାଇଥିଲି ଗୋଟାଏ ଇଣ୍ଟରଭିଉ ନେବା ପାଇଁ । ତା'ପରେ ତାଙ୍କ ସହ ଦୁଇଦିନ ଦେଖାହୋଇଛି ।

- ଆପଣଙ୍କୁ ସେ ସମୟରେ କିଛି କହିନାହାନ୍ତି ? ପୂଜା ସମୟରେ କେଉଁଠି ଯିବେ- ।

- ହଁ, ମନେ ପଡ଼ିଲା । ସେ କହିଥିଲେ, ବମ୍ବେ ବୁଲିବାକୁ ଯିବେ ।

- ଏକଲା ?

ଅଜୟ ଏଥର କ'ଣ କହିବେ ଠିକ୍ ଭାବରେ ଜାଣିପାରିଲେନାହିଁ । ଚମ୍ପା କହିଲେ, ମିଃ ସୋମ ସାଙ୍ଗରେ ଯିବେ । ଏତେ ସମୟ ପରେ ତାଙ୍କ ପାଖରେ ସବୁ ଅର୍ଥ ପରିଷ୍କାର ହୋଇଗଲା । ମିଃ ସୋମଙ୍କ ବିଷୟରେ ଖୋଜ୍ ଖବର ନେବା ପାଇଁ ମିସେସ୍ ସୋମ ତାଙ୍କୁ ଡକାଇ ପଠାଇଛନ୍ତି । ସେ କହିଲେ- ଦେଖନ୍ତୁ ମୋତେ ଆଉ କିଛି ପ୍ରଶ୍ନ କଲେ ମୁଁ ଜବାବ ଦେଇପାରିବିନାହିଁ ।

ମିସେସ୍ ସୋମ ଗମ୍ଭୀର ହୋଇଗଲେ । ଟେବୁଲ ଉପରୁ ଗୋଟାଏ ବହି ଉଠାଇ ନେଇ ଅନ୍ୟମନସ୍କ ଭାବରେ ପୃଷ୍ଠା ଓଲଟାଉ ଓଲଟାଉ କହିଲେ- ଠିକ୍ ଅଛି, ଆପଣଙ୍କୁ ବିରକ୍ତି କଲି ବୋଲି ମନେ କିଛି ଧରିବେନାହିଁ ।

- ନା ନା । - ସେଥିରେ କ'ଣ ଅଛି !

- ଆପଣଙ୍କୁ ଯାହା ପଚାରିଲି, ସେଇଟା ଯେମିତି କାହାରିକି କହିବେନାହିଁ । ଅଜୟ ଧୀରେ ଧୀରେ ତଳକୁ ଓହ୍ଲାଇ ଆସିଲେ ।

\`\`\`\`\`

ତା'ପରଦିନ ଦ୍ୱିପହର ବେଳା ।

ଅନେକ ଗୁଡ଼ାକ କାମ ଥିଲା, ସେସବୁ ଶେଷ କରି ଅଜୟ ପ୍ରେସ୍‌କୁ ଫେରିଲେ ।

ଶିବ ବାବୁ କହିଲେ- କ'ଣ ବ୍ୟାପାର କୁହନ୍ତୁ ତ ?

- କେଉଁ କଥା ?

- ଜାଣନ୍ତି ନାହିଁ, ଲାଲ ବଜାରରୁ ପୋଲିସ ଆସିଥିଲେ ଟିକେ ପୂର୍ବେ । ଦୁଇଜଣ ଅଫିସର । ସେମାନେ କହିଲେ- ଡିଟେକ୍‌ଟିଭ୍ ଡିପାର୍ଟମେଣ୍ଟରୁ ଆସିଛୁ । ଅଜୟ ବାବୁଙ୍କୁ ବିଶେଷ ଦରକାର ଆମର । ମୋତେ ନାନା ରକମ ଭାବରେ ଜେରା କରୁଥିଲେ ସେମାନେ । ଆପଣ କେମିତି ଚରିତ୍ରରଲୋକ, କେତେଦିନ ଏଇଠି କାମ କରୁଛନ୍ତି ଇତ୍ୟାଦି ଇତ୍ୟାଦି ।

ଭୟରେ ଅଜୟଙ୍କର ଦେହ ଥରି ଉଠିଲା ।

ପୋଲିସ ଆସିଥିଲେ ତାଙ୍କର ଖବର ନେବାପାଇଁ ?

ତେବେ କ'ଣ ଚମ୍ପା ସେନ୍‌ଙ୍କର କୌଣସି ବିଷୟରେ ଜଡ଼ାଇ ପଡ଼ିଛନ୍ତି ?

କିମ୍ବା ମିଃ ସୋମ୍ ବମ୍ବେରୁ ଆସି ଜାଣିପାରିଛନ୍ତି ଯେ, ସେ ତାଙ୍କ ସ୍ତ୍ରୀଙ୍କୁ ସବୁ କଥା କହିଦେଇଛନ୍ତି । ତେଣୁ ସେ ହୁଏତ ପ୍ରତିଶୋଧ ନେବା ପାଇଁ ଚକ୍ରାନ୍ତ କରିଛନ୍ତି ।

ଆଶ୍ଚର୍ଯ୍ୟ, ତାଙ୍କର କୌଣସି ଦୋଷ ନାହିଁ, ଅଥଚ-

ଶିବ ବାବୁ କହିଲେ- ଏଥର ଦେଖନ୍ତୁ ତ ! କେଉଁଠାରୁ କ'ଣ କରିବସିରହିଛନ୍ତି- ବର୍ତ୍ତମାନ ବାଘ ଛୁଇଁଲେ ଅଠର ଘା- । ପୋଲିସ ଘଟଣାଟା ହାତକୁ ନେଇଛି- । ମୁଁ ବ୍ୟବସାୟୀ ଲୋକ । ମୋ' ଉପରେ ଏସବୁ ହଙ୍ଗାମା କାହିଁକି ?

- ବର୍ତ୍ତମାନ କ'ଣ କରାଯାଇପାରେ କୁହନ୍ତୁ ତ ?

- ଆପଣ ସିଧା ଲାଲବଜାର ପୋଲିସ ଷ୍ଟେସନ୍‌କୁ ଚାଲିଯାଆନ୍ତୁ, ସେଠିକି ଯାଇ ଖୋଜଖବର କରନ୍ତୁ ।

ତରବର ହୋଇ ବାହାରି ଆସିଲେ ଅଜୟ । ପ୍ରଥମେ ସେ ଘରକୁ ଫେରିଲେ ।

ଘରେ ପହଞ୍ଚିବା ପରେ ଅମିତା ଦେବୀ ତାଙ୍କୁ ଦେଖି କାନ୍ଦିବାକୁ ଆରମ୍ଭ କଲେ । କହିଲେ- ତୋ' ପାଇଁ କ'ଣ ମୁଣ୍ଡ ବାଡ଼େଇ ମରିବି ବାପା ?

- କାହିଁକି, କ'ଣ ହେଲା ?

- ତୋର ସାଙ୍ଗ ପୃଥ୍ୱୀଶଙ୍କ ମାଈଁ ଆସି ମୋତେ ଯାଇଛା ତା କରି ଅପମାନ କରିଗଲେ ତାଙ୍କ ଝିଅକୁ କୁଆଡ଼େ ତୁ ଘରୁ ବାହାର କରି ନେଇଯାଇଛୁ । ଆମ ଘରେ କୁଆଡ଼େ ତାକୁ ଲୁଚାଇ ରଖା ହୋଇଛି ।

- ମୁଁ ତ କିଛି ବି ବୁଝିପାରୁନାହିଁ ମା' ?

ଅମିତା ଦେବୀ ଯାହା କହିଲେ, ତାର ମର୍ମାର୍ଥ ହେଲା, ଆଜି ସକାଳେ ଅଜୟ ଚାଲିଯିବା ପରେ ପୃଥ୍ୱୀଶଙ୍କ ମାଈଁ କେତେଜଣ ଲୋକ ସାଙ୍ଗରେ ନେଇ ଆସି ହାଜର ହେଲେ । ମାଈଁଙ୍କର ସାନ ଝିଅ ଟୁମ୍‌କି ଗତକାଲି ରାତିରୁ ନିରୁଦ୍ଦେଶ । ତାଙ୍କର ସନ୍ଦେହ, ଅଜୟ ହିଁ ତାକୁ ଘରେ ଆଣି ଲୁଚାଇ ରଖିଛନ୍ତି ।

- ଏମିତି ସନ୍ଦେହ କାହିଁକି ?

- ତୁ କୁଆଡ଼େ ତାଙ୍କର ବଡ଼ ଝିଅକୁ ବାହା ହେବାକୁ ଚାହିଁଥିଲୁ । କିନ୍ତୁ ତୋର ଚରିତ୍ର ସମ୍ପର୍କରେ ଘୋର ସନ୍ଦେହ ଥିବାରୁ ସେମାନେ ରାଜି ହୋଇନଥିଲେ । ତାର ପ୍ରତିଶୋଧ ନେବା ପାଇଁ ତୁ ଏଇ ଚକ୍ରାନ୍ତ କରିଛୁ । ମାଈଁ ମୋତେ ଯାଇଛା ତା କହି ଅପମାନ କଲେ । ଅକଥ୍ୟ ଭାଷାରେ ଗାଳି ବି ଦେଇଗଲେ ସେ । ପୋଲିସକୁ ମଧ୍ୟ ଖବର ଦେଇଛନ୍ତି ।

- ଏତେବେଳେ ବୁଝିଗଲି ।

- କ'ଣ ?

- କିଛି ଜାଣି ନାହୁଁ ତୁ ?

- ନା, କିଛି ନୁହେଁ ।

ପଥରର ମୂର୍ତ୍ତି ପରି ବସିରହିଲେ ଅଜୟ । ତାଙ୍କର କଥା କହିବାର ଶକ୍ତି ମଧ୍ୟ ହରାଇ ବସିଲେ । ମେଘହୀନ ଆକାଶ ଆଡ଼କୁ ଚାହିଁ ଚୁପ୍ ହୋଇ ବସିରହିଲେ ସେ । ଭାବିଲେ, ମିନତି ପାଖକୁ ସେ ଦୌଡ଼ି ଯିବେ । ତାଙ୍କୁ ଯାଇ ପ୍ରଶ୍ନ କରିବେ, ଏଇ ପ୍ରକାର ଅବସ୍ଥା ପାଇଁ ତାଙ୍କର କୌଣସି ସମର୍ଥନ ଅଛି କି ନାହିଁ । କିନ୍ତୁ କରିପାରିଲେନାହିଁ ।

ବାରମ୍ବାର ମନେପଡ଼ିଲା ପୃଥ୍ୱୀଶଙ୍କ ମୁହଁଟା ।

ପୃଥ୍ୱୀଶ କ'ଣ ଏଇ କଥାକୁ ବିଶ୍ୱାସ କରିଛନ୍ତି ନା କ'ଣ ?

ମନେପଡ଼ିଲା, ପୃଥ୍ୱୀଶଙ୍କର ବି ମତ ନଥିଲା ମିନତି ସାଙ୍ଗରେ ତାଙ୍କର ବାହାଘର ହେଉ । ସେ ମନେ ମନେ ତାଙ୍କୁ ଆତ୍ମୀୟ ହିସାବରେ ମାନି ନେବାକୁ ଚାହିଁନାହାନ୍ତି । ଛିନ୍ନମୂଳ, ଜୀବନ-ସଂଗ୍ରାମରେ କ୍ଳାନ୍ତ ଗୋଟାଏ ପୁଅ ସାଙ୍ଗରେ ଆତ୍ମୀୟତାର ସମ୍ପର୍କ ସ୍ଥାପନ କରିବାକୁ ତାଙ୍କର ସମ୍ମାନରେ ହୁଏତ ବାଧା ପଡ଼ିବ !

କିନ୍ତୁ ତା ବୋଲି ସେମାନେ ଏଇପରି ଭାବରେ ଆଘାତ ଦେବେ ତାଙ୍କୁ ? ସେ କେଉଁ ସ୍ୱଭାବର ପିଲା ସେଇଟା କ'ଣ ପୃଥ୍ୱୀଶ ଭଲକରି ଜାଣିନାହାନ୍ତି ?

ସେ ଭାବିବାକୁ ଲାଗିଲେ, ସତରେ କ'ଣ ଟୁମ୍‌କି ନିରୁଦ୍ଦେଶ ?

ନିରୁଦ୍ଦେଶ ହେଲେ ବି ଆଶ୍ଚର୍ଯ୍ୟ ବା ଚିନ୍ତିତ ହେବାର କୌଣସି କାରଣ ନାହିଁ। ଏତେ ବେଶୀ ଭାବରେ ଅଟକାଇ ରଖିବାକୁ ଚେଷ୍ଟା କଲେ ତାର ମନ ବୋଧହୁଏ ଏଇପରି ହିଁ ହୁଏ।

ଅଜୟଙ୍କ ସାଙ୍ଗରେ ଚୁମ୍‌କିର ଆଜିଯାଏଁ ବିଶେଷ କଥା ହେଇନାହିଁ।

କଥା କହିବାର ସୁଯୋଗ ବି ନଥିଲା। ଦିନେ ମାମୁଁ କହିଥିଲେ- ମୋର ଝିଅମାନେ ମୁହଁ ଟୋଳି କଥା ବି କହିବାକୁ ଜାଣନ୍ତିନାହିଁ। ଏ ଯୁଗର ଝିଅମାନଙ୍କ ଭଳି ମୁଁ ସେମାନଙ୍କୁ ମଣିଷ କରିନାହିଁ।

ସେଇ ଚୁମ୍‌କି ନିରୁଦ୍ଦେଶ ?

ଏଥିରେ ଅବଶ୍ୟ ଆଶ୍ଚର୍ଯ୍ୟ ହେବା ଅଜୟଙ୍କର ଉଚିତ୍ ନୁହେଁ। ତେବେ ସେ ଯେ ତାଙ୍କ ଘରେ ଅଛି ସେମାନେ ଭାବିଲେ କିପରି- ଏଥିପାଇଁ ଅଜୟ ଆଶ୍ଚର୍ଯ୍ୟ ହେଲେ।

\`\`\`\`\`

ପୋଲିସ ଆସିଲେ ସନ୍ଧ୍ୟା ପରେ।

ନା, ସେମାନେ ଅବଶ୍ୟ ବର୍ତ୍ତମାନ ତାଙ୍କୁ ଗ୍ରେପ୍ତାର କଲେନାହିଁ। ତେବେ ଅଭିଯୋଗ ଯେତେବେଳେ ହେଇଛି, ସେତେବେଳେ ଜିଜ୍ଞାସା କରିବା ସେମାନଙ୍କର କର୍ତ୍ତବ୍ୟ। ସେଥିପାଇଁ ସେମାନେ ଅଜୟଙ୍କୁ ନେଇଗଲେ ଲାଲବଜାର ପୋଲିସ ଷ୍ଟେସନ୍‌କୁ।

ବହୁତ ରାତିରେ ଘରକୁ ଫେରିଲେ ବିଜୟ ବାବୁ। ଅଜୟ ସେତେବେଳ ଯାଏଁ ଫେରି ନାହାନ୍ତି। ଆଜି ତାଙ୍କର ଘରକୁ ଫେରିବାକୁ ଇଚ୍ଛା ବି ନଥିଲା। ଆଜି ସେ ପୁଣି ରେସ୍ ପଡ଼ିଆକୁ ଯାଇଥିଲେ ଟଙ୍କା ଲଗାଇବାକୁ। ଚାଳିଶ ଟଙ୍କା ହାରିଛନ୍ତି ଆଜି। ସବୁ ଭାଗ୍ୟ- ମନେ ମନେ ଭାବନ୍ତି ସେ।

ଭାଗ୍ୟକୁ ଅଭିଶାପ ଦେଇ ଦେଇ ଘରକୁ ଫେରୁଥିଲେ ବିଜୟ ବାବୁ। ଭାଗ୍ୟ ବିପକ୍ଷରେ ନଗଲେ ସେ ହଠାତ୍ ହାରିଯିବେ ବା କାହିଁକି ? ଭାଗ୍ୟ ବିପକ୍ଷରେ ନଗଲେ ଦେଶଟା ଦୁଇଭାଗ ହେଲା ବା କାହିଁକି ? ଆଉ ଦେଶର ଅବସ୍ଥା ଦିନକୁ ଦିନକୁ ଏବେ ଖରାପ ହେଉଛି ବା କାହିଁକି ? ଖାଦ୍ୟ ଚାହିଁ ମଣିଷ କାହିଁକି ପୋଲିସର ଗୁଳିରେ ପ୍ରାଣ ଦେଲେ ?

ଘରକୁ ଫେରି ବିଜୟ ବାବୁ ଅବାକ୍। କାହାର କିଛି ସୋର୍ ଶବ୍ଦ ନାହିଁ। ଅନ୍ଧକାର ନିଥର ନିସ୍ତବ୍ଧ ଘର। ଅଜୟ କ'ଣ ଶୋଇପଡ଼ିଛନ୍ତି ?

- ଅଜୟ- ଆରେ ଅଜୟ-! କୁଆଡ଼େ ଗଲୁ ? ବିଜୟ ଡାକିବାକୁ ଲାଗିଲେ। କିଛି ସମୟ ପରେ କବାଟ ଖୋଲି ଅମିତା ଦେବୀ ବାହାରି ଆସିଲେ।

- କ'ଣ ହେଲା ? ଏତେ ଡାକୁଛି, ଅଜୟର ଜବାବ ପାଉନାହିଁ କାହିଁକି ?

ଅମିତା ଦେବୀ କିଛି ଉତ୍ତର ଦେଲେନାହିଁ।

- କ'ଣ ହେଲା, ମୁହଁରେ କଥା ନାହିଁ କାହିଁକି ?

- ମୋ ବାକ୍ସରୁ ଚାଳିଶ ଟଙ୍କା ତୁମେ ନେଇଛ ?

- ମୁଁ ? ଟଙ୍କା ? କ'ଣ କହୁଛ ତୁମେ ?

ଅମିତା ଦେବୀ କାନ୍ଦି ପକାଇଲେ-। ତୁମେ ନେଇନାହିଁ ? ନେଇ ପୁଣି ମିଛ କଥା କହୁଛ ? ତୁମ ଛଡ଼ା କ'ଣ ପଡ଼ିଶାର ଲୋକ ନେବେ ?

ଉତ୍ତର ଦେଇପାରିଲେ ନାହିଁ ବିଜୟ ବାବୁ।

ଅମିତା ଦେବୀଙ୍କର ଆଖିର ପାଣି ବାଧା ମାନିଲାନାହିଁ। ସେ କ୍ରମାଗତ କାନ୍ଦିବାକୁ ଲାଗିଲେ।

ବିଜୟ ବାବୁ ଚୁପ୍ ଚାପ୍ ମେଜିଆ ଉପରେ ବସିପଡ଼ି ଭାବିବାକୁ ଲାଗିଲେ ତାଙ୍କ ଭାଗ୍ୟର କଥା।

\`\`\`\`\`

ଚୁମ୍‌କିର ସନ୍ଧାନ ପାଇଲେ ତା'ର ଜଣେ ସାଙ୍ଗ ଘରେ।

ପୋଲିସ ପାଖରେ ଚୁମ୍‌କି ତା'ର ଷ୍ଟେଟ୍‌ମେଣ୍ଟ ଦେଲା। ତାର ମା' ମରାମରି କରିବାରୁ ସେ ଘର ଛାଡ଼ି ଚାଲିଯାଇଥିଲା।

ମା' ଯେତେବେଳେ ଶୁଣିଥିଲେ ଯେ, ଗୋଟିଏ ପୁଅ ତାକୁ ଚିଠି ଲେଖେ, ଲୁଚି ଲୁଚି ତା' ସାଙ୍ଗରେ ଦେଖାକରେ, ସେତେବେଳେ ମା' ତା'ର ମଥାର କେଶ ଗୁଚ୍ଛକୁ ଟାଣି ଓଟାରି ମାରଧର କରି ରାସ୍ତାକୁ ଠେଲି ଦେଇଥିଲେ। ଆଉ କହିଥିଲେ- ତୁ ଘରୁ ବାହାରିଯା-। ସେତେବେଳେ ସେ ତା'ର ସାଙ୍ଗ ଘରକୁ ଚାଲିଯାଇଥିଲା। ସାଙ୍ଗ ଜଣକ ବି ତାକୁ ବିବାହ କରିବାକୁ ରାଜି ଅଛି। ସେମାନଙ୍କର ଅବସ୍ଥା ମଧ ଖରାପ ନୁହେଁ। ଚୁମ୍‌କି ବି ତାକୁ ବହୁତ ଭଲପାଏ।- ତେଣୁ ତାକୁ ହିଁ ବାହାହେବ। ରେଜିଷ୍ଟ୍ରୀ କରିବା ପାଇଁ ଦରଖାସ୍ତ ଦିଆହେଇଛି। ଚୁମ୍‌କିର ବୟସ ଅଠର ବର୍ଷ ହେଇଯାଇଛି। ତେଣୁ ଏସବୁ ଶୁଣି ତାର କଥାକୁ ଅଗ୍ରାହ୍ୟ କଲେନାହିଁ ଅଫିସର ଜଣକ। ବାପା, ମା'ଙ୍କ ସାମ୍ନାରେ ଚୁମ୍‌କି ସେଇ ଯୁବକ ଜଣକର ହାତ ଧରି ସିଧା ଚାଲିଗଲା ମଥା ଉଚ୍ଚ କରି।

ପୋଲିସ ଅଫିସରମାନେ କହିଲେ- ଆମେ ସତରେ ଦୁଃଖିତ ଅଜୟ ବାବୁ। ମିଛ ରିପୋର୍ଟ ପାଇ ଆପଣଙ୍କୁ ଅନ୍ୟାୟ ଭାବରେ ବିବ୍ରତ କଲୁ।

ସେତେବେଳେ ବେଶ୍ ରାତି ହେଇଗଲାଣି।

ଗୋଟାଏ ଟ୍ୟାକ୍ସି ନେଇ ଅଜୟ ଘରକୁ ଫେରିଲେ। ଥାନା ଭିତରେ ସେ ମାମୁଁ, ମାଇଁଙ୍କ ସାଙ୍ଗରେ ଗୋଟାଏ କଥା ବି କହିଲେନାହିଁ।

ଏମାନଙ୍କର ମୁହଁରେ ଚୂନକାଳି ପଡ଼ିଗଲା। ଥାନା ଭିତରେ ଏତେବଡ଼ ଅପମାନ ସେମାନେ ପ୍ରତ୍ୟାଶା କରିନଥିଲେ।

ଅଜୟଙ୍କର ମନେହେଲା ସେ ଯେମିତି ଫାସି ହାତରୁ ବଞ୍ଚିଗଲେ ଅଥବା ସେ ଦ୍ୱୀପାନ୍ତରର କଏଦୀ- ତାଙ୍କର କାରାଦଣ୍ଡର ଆଦେଶ ହଠାତ୍ ରହିତ ହେଇଗଲା। ପ୍ରବଳ ଅଭିମାନରେ ତାଙ୍କ ଆଖିରେ ପାଣି ଆସିଥିଲା। କେଉଁ କେଉଁ ଅପରାଧରେ ତାଙ୍କର ଏଇ ପ୍ରକାର ନିର୍ଯାତନା ସେଇଟା ସେ ବୁଝିପାରିଲେନାହିଁ।

ଘରକୁ ଫେରି ଦେଖନ୍ତି, ଅମିତା ଦେବୀ କାନ୍ଦି କାନ୍ଦି ଆଖି ଯୋଡ଼ିକ ଫୁଲିଯାଇଛି। ଘରର ଗୋଟିଏ ପଟେ ଚୁପ୍ ହେଇ ବସି ବିଜୟ ବାବୁ ସିଗାରେଟ୍ ଟାଣି ଚାଲିଛନ୍ତି।

ବିଜୟ ବାବୁ କହିଲେ- କ'ଣ ହେଲା ?

ଅଜୟ କହିଲେ- ହେବ ଆଉ କ'ଣ ! ଛାଡ଼ିଦେଲେ।

- ଘରକୁ ଆସି ଧରି ନେଇଯାଇଥିଲେ କାହିଁକି ?

- ଜଣେ ମିଛରେ ମୋ' ନାଁରେ ନାଲିଶ କରିଥିଲେ, ସେଥିପାଇଁ।

- ଠିକ୍ ଅଛି- ଯାଅ, ଶୋଇପଡ଼।

ଅମିତା ଦେବୀ କିଛି ନକହି ଅଜୟଙ୍କ ହାତ ଧରି ରୋଷେଇ ଘରକୁ ନେଇଗଲେ। ଭାତ ବାଢ଼ି ମା' ଏବଂ ପୁଅ ଦୁହେଁ ଏକା ସାଙ୍ଗରେ ଖାଇବାକୁ ବସିଲେ।

\`\`\`\`\`

ଦିନ ଗଡ଼ିଚାଲେ। ଯଥା ନିର୍ଦ୍ଦିଷ୍ଟ ନିୟମରେ ରାତି ପରେ ଦିନ- ଦିନ ପରେ ରାତି।

ଅଜୟଙ୍କ ଦ୍ୱାରା ଲେଖିଥିବା ଉପନ୍ୟାସ ବାହାର କରନ୍ତି ଜଣେ ବିଖ୍ୟାତ ପ୍ରକାଶକ।

ମିଃ ସୋମ ଫେରି ଆସିଛନ୍ତି। ରୂପ-ରଙ୍ଗ ଖୁବ୍ ଭଲ ଚାଲିଛି- କାଗଜର ପ୍ରଚାର ସଂଖ୍ୟା ବି ବେଶ୍ ବଢ଼ିଯାଇଛି। ଶିବ ବାବୁଙ୍କର ପ୍ରେସ୍‌ର ଅବସ୍ଥା ବି ବେଶ୍ ଭଲ ଚାଲିଛି। ଭାବୁଛି, ଏଥର ଗୋଟାଏ ଲାଇନୋ କିଣିବି- ଆଶା କରେ ହେଇଯିବ।

ଅଜୟ କହିଲେ- ମୋତେ କିନ୍ତୁ ଏଇ ଲାଇନ୍‌ରେ ରହିବାକୁ ଆଉ ଭଲ ଲାଗୁନାହିଁ।

- କାହିଁକି ?

ଅନ୍ୟ ଜାଗାରେ ଚାକିରି ପାଇଁ ଚେଷ୍ଟା କରୁଛି। ଆଉ ଦୁଇ ତିନିଟା ବହି ମଧ ଲେଖିବାକୁ ଚେଷ୍ଟା କରିଛି। ଛାପିବାର ବ୍ୟବସ୍ଥା ବି ହେଇଯିବ ବୋଲି ଆଶା କରେ।

- ବହି ଲେଖନ୍ତୁ। କିନ୍ତୁ ଏଇ ଲାଇନ୍ ଛାଡ଼ନ୍ତୁ ନାହିଁ। ହୀରାକୁ ପକାଇ କାଚକୁ କାନିରେ ବାନ୍ଧିବେ ନାହିଁ। ପ୍ରେସ୍ ଲାଇନ୍‌ରେ ଲାଗି ରହିଲେ ଉନ୍ନତି ହେବ ହିଁ ହେବ।

କିନ୍ତୁ ଅଜୟଙ୍କର କୋଲକାତାରେ ରହିବାକୁ ଟିକେ ବି ଭଲ ଲାଗେନାହିଁ। ବରଂ ଗାଁ ଆଡ଼େ ଗୋଟାଏ ମାଷ୍ଟର ଚାକିରି ନେଇ ଚାଲିଗଲେ ଭାରି ଭଲ ହୁଅନ୍ତା। ସେ କୌଣସି ମତେ ଭୁଲି ପାରୁନାହାନ୍ତି ମିନତିଙ୍କୁ। ପୁରୁଣା ସ୍ମୃତିକୁ ମନରୁ ଝାଡ଼ି ପକାଇ ପାରୁନାହାନ୍ତି ସେ।

ସେଦିନ ଦ୍ୱିପହର ବେଳ। ଅଜୟଙ୍କର ଦ୍ୱିତୀୟ ଉପନ୍ୟାସଟି ବାହାରିଯାଇଛି। ଅଜୟ ପାଞ୍ଚଶହ ଟଙ୍କା ଆଉ ବହି ଦୁଇଟି ନେଇ ଦେଖାକରିବାକୁ ଆସିଥିଲେ ଚମ୍ପାଙ୍କ ସାଙ୍ଗରେ।

ଚମ୍ପା ସେତେବେଳେ ପୂରା ମାତାଲ। ବୋଧହୁଏ ତିନି-ଚାର ପେଗ୍ ପିଇଦେଇଛନ୍ତି ସେ।

ଅଜୟଙ୍କୁ ଦେଖି କହିଲେ- ଆସନ୍ତୁ।

- ନମସ୍କାର। ମୋର ଦୁଇଟା ବହିର କପି ଆଣିଛି, ଆପଣଙ୍କୁ ପ୍ରେଜେଣ୍ଟ କରିବା ପାଇଁ। ଆଉ ଆପଣ ଯେଉଁ ପାଞ୍ଚଶହ ଟଙ୍କା ମୋର ବହି ଛପାଇବା ପାଇଁ ଦେଇଥିଲେ, ସେଇଟା ଆଣିଛି ନିଅନ୍ତୁ।

- ନା। ସେଇଟା ମୋର ଦାନ ଆପଣଙ୍କୁ। ସେଇଟା ଆପଣଙ୍କୁ ଜୀବନ ପଥର ପାଥେୟ ଯୋଗାଇବ। ସେଇଟା ପରିବର୍ତ୍ତରେ ମୁଁ ଅନ୍ୟ ଗୋଟାଏ ଜିନିଷ ଚାହେଁ।

ଅଜୟ ବହି ଯୋଡ଼ିକ ଆଗେଇ ଦେଲେ। କହିଲେ- ପଢ଼ିବେ। ମୋତେ କହିବେ କେମିତି ଲାଗିଲା।

- ଭଲ- ନିଶ୍ଚିତ ଭଲ ଲାଗିବ। ତା'ଠାରୁ ମୋତେ ଆହୁରି ଭଲ ଲାଗେ ସେଇ ବହି ଦୁଇଟିର ସ୍ରଷ୍ଟାଙ୍କୁ- ଆପଣଙ୍କୁ। ଚମ୍ପା ହଠାତ୍ ଅଜୟଙ୍କୁ ଜଡ଼ାଇ ଧରିଲେ।

- ଚମ୍ପା ଦେବୀ!

- କ'ଣ ହେଲା? ଆପଣ ଜୀବନକୁ ଭୋଗ କରିବାକୁ ଚାହାଁନ୍ତି ନାହିଁ?

- ଚାହେଁ। କିନ୍ତୁ ଏଇପରି ଭାବରେ ନୁହେଁ।

- ଭଲ କଥା। ତେବେ ମୋତେ ବିବାହ କରନ୍ତୁ।

- ଭାବୁଛି। ପରେ ଜଣାଇବି।

ଚମ୍ପା ଅଜୟଙ୍କୁ ଛାଡ଼ି ଦିଅନ୍ତି। ଅଜୟ ଟଙ୍କାଟା ପକେଟରେ ରଖି ଧୀର ପାଦରେ ଓହ୍ଲାଇ ଆସନ୍ତି।

\`\`\`\`\`

କିଛି ଦିନ ପରେ।

ମିଃ ସୋମଙ୍କ ଘରେ ଡାକରା ପଡ଼ିଲା ଅଜୟଙ୍କର। ତାଙ୍କର ଟେବୁଲ ସାମ୍ନାରେ ଗୋଟାଏ ଚେୟାରରେ ବସିଛନ୍ତି ଜଣେ ଭଦ୍ରଲୋକ। ମୁହଁଟା ଚିହ୍ନା ଚିହ୍ନା ମନେହେଉଛି।

ମିଃ ସୋମ କହିଲେ- ଅଜୟ ବାବୁ, କାରବାଲା ଟ୍ୟାଙ୍କ ଲେନ୍‌ର ଚନ୍ଦ୍ରନାଥ ବାବୁଙ୍କୁ ଆପଣ ଚିହ୍ନନ୍ତି?

- ହଁ, ଚିହ୍ନିଥିଲି ଗୋଟାଏ ସମୟରେ।

- ତାହେଲେ ଅଚିନ୍ତ୍ୟ ବାବୁ ଠିକ୍ କହିଛନ୍ତି ଆପଣ।

- ତାଙ୍କର କ'ଣ ହେଉଛି କୁହନ୍ତୁ ତ?

ମିଃ ସୋମ ହସିଲେ। କହିଲେ- ଅଚିନ୍ତ୍ୟ ବାବୁ କୋଲକାତାର ଜଣେ ପକ୍କା ଜହୁରୀ। ସେ ଚନ୍ଦ୍ରନାଥ ବାବୁଙ୍କ ଘରକୁ ଯାଉଥିଲେ। ଆପଣଙ୍କୁ ମଧ୍ୟ ଦେଖିଛନ୍ତି ତାଙ୍କ ଘରେ। - ସେଥିପାଇଁ ଆପଣଙ୍କୁ ଡକାଇ ପଠାଇଥିଲି।

ଅଜୟ କହିଲେ- ହଁ, ଚନ୍ଦ୍ରନାଥ ବାବୁଙ୍କ ଘରେ ଭଦ୍ରଲୋକଙ୍କୁ ଦେଖିଛି ସତରେ। ବହୁତ ସମୟ କଥାବାର୍ତ୍ତା କରୁଥିଲେ।

ଅଚିନ୍ତ୍ୟ ବାବୁ କହିଲେ- ଚନ୍ଦ୍ରନାଥ ବାବୁଙ୍କର ଜୁଏଲ୍ ମୁଁ ବିକ୍ରି କରିଦେଇଛି। ଅବଶ୍ୟ ଆଉ କିଛି ବି ନାହିଁ ଭଦ୍ରଲୋକଙ୍କର।

ଅଜୟ କହିଲେ- ଆଚ୍ଛା, ତାଙ୍କର ଗୋଟାଏ ହୀରା ଥିଲା ନା? ତା'ର ଦାମ୍ ଶୁଣିଛି ଏକ ଲକ୍ଷ ଟଙ୍କା। ସେଇଟା କ'ଣ ବିକ୍ରି ହେଇଯାଇଛି?

ଅଚିନ୍ତ୍ୟ ବାବୁ ହସିଦେଇ କହିଲେ- ସେଇ କଥା ହିଁ ତ ମିଃ ସୋମଙ୍କୁ କହୁଥିଲି। ବୁଝିଲେ ବାବୁ! ଭଦ୍ରଲୋକ ଜଣକ କୌଣସି ପ୍ରକାରେ ସେଇ ହୀରାଟାକୁ ଟେଷ୍ଟ କରାଇବେନାହିଁ। ସେଇଟା କୁଆଡ଼େ ନୁରଜାହାନଙ୍କର ହୀରା ଥିଲା। ସେ କହୁଥିଲେ- ଏଇ ହୀରା ପରୀକ୍ଷା କରିବା ଦରକାର ନାହିଁ। - ଏହାର ଦାମ୍ ଏକ ଲକ୍ଷ ଟଙ୍କା।

ମିଃ ସୋମ କହିଲେ- ଯିଏ ଏକ ଲକ୍ଷ ଟଙ୍କା ଦେବେ, ସେ ହୀରାଟା ଟେଷ୍ଟ କରିନେବେ। ଟେଷ୍ଟ କରିବାକୁ ଯାଇ ଧରାପଡ଼ିଗଲେ ପୂରା ଇମିଟେସନ୍। ତାର ଦାମ୍ ଦଶ, କୋଡ଼ିଏ, ତିରିଶ ହଜାର ଟଙ୍କା ବି ହେବନାହିଁ। ଆପଣ ତ ଦେଖିଛନ୍ତି, କେମିତି ଏଇ ହୀରାକୁ ନେଇ କେତେ ବଡ଼େଇ କରୁଥିଲେ ଭଦ୍ରଲୋକ ଜଣକ। ସେ ବର୍ତ୍ତମାନ ନରମି ଯାଇଛନ୍ତି, ପୂରା ଶୁଖି ଯାଇଛନ୍ତି।- ସେଇ ମଣିଷ ଯେମିତି ଆଉ ନାହାନ୍ତି।

ଅଜୟ ମ୍ଳାନ ହସି ବାହାରି ଆସିଲେ। ବସିଲେ ପ୍ରୁଫ୍‌ର ତାଡ଼ା ନେଇ।

\`\`\`\`\`

ସାତ ଦିନ ପରେ। ଦିନେ ସକାଳେ ଆସି ପୃଥ୍ୱୀଶ ତାଙ୍କ ଘରେ ଉପସ୍ଥିତ।

- କ'ଣ ଖବର?

- ତୋ ଅଫିସରେ ମୋତେ ଗୋଟାଏ ଚାକିରି ଦେଇପାରିବୁ?

- ଆଚ୍ଛା, ତୋର ମାମୁଁଙ୍କର ଖବର କ'ଣ?

- ଖବର ଭଲ ନୁହେଁ। ରୋଜ୍ ଖାଇବାକୁ ବି ପାଆନ୍ତିନାହିଁ। ଟୁମ୍‌କି ତ ବହୁତ ସୁଖରେ ଅଛି। କିନ୍ତୁ ମିନତିର ବାହାଘର ହେଇନାହିଁ।- ବିଚାରୀ ଦିନ ରାତି ଘରେ ଚୁପ୍ ହେଇ ବସିଥାଏ।

- ଛାଡ଼ ସେ କଥା। ଚାକିରି ଗୋଟାଏ ଦେଇପାରିବି ତୋତେ ବୋଲି ମୁଁ ଆଶା କରେ। - ତେବେ ପ୍ରଥମେ ଏକଶହ ବା ଏକଶହ ପଚାଶ ଟଙ୍କା ଦରମାରୁ ବେଶୀ ପାଇବୁନାହିଁ। କାଲି ଥରେ ଆସିବୁ ମୋର ଅଫିସକୁ।

ଆଚ୍ଛା ଭାଇ, ମୁଁ ଆଜି ଆସୁଛି। ପୃଥ୍ୱୀଶ ଉଠି ଚାଲିଗଲେ।

\`\`\`\`\`

ଦୁଇ ଦିନ ପରେ।

ସେଦିନ ଉପରବେଳା ମାମୁଁ, ମାଇଁ ଆସି ହାଜର ଅଜୟଙ୍କ ଘରେ।

ମାଇଁ କହିଲେ- ଗୋଟାଏ ପ୍ରାର୍ଥନା ନେଇ ଆସିଛି। ଯାହା ଭୁଲ୍ କରିଛି - ତା' ପାଇଁ ମନେ ମନେ ଅନେକ ଅନୁଶୋଚନା ଭୋଗ କରୁଛି- ସେ ସବୁ ଭୁଲି ଯାଆନ୍ତୁ। - ଆପଣଙ୍କର ପୁଅକୁ ମୁଁ ଚାହେଁ। ମୋର ବଡ଼ ଝିଅକୁ ତାଙ୍କ ହାତରେ ଦେବାକୁ ଚାହୁଁ ଆମେ।

ସମ୍ମତ ହେଲେ ଅମିତା ଦେବୀ।

\`\`\`\`\`

ବାସର ଘରରେ ରକ୍ତାମ୍ବର- ଭୂଷିତା ମିନତି ଆଡ଼କୁ ଚାହିଁ ଅଜୟ କହିଲେ- ଏମିତି ଦିନ ଯେ ଆମ ଜୀବନରେ ଆସିବ, ତୁମେ କ'ଣ ଭାବିଥିଲ?

ମିନତି କ'ଣ ଯେମିତି କହିବାକୁ ଯାଉଥିଲା- କିନ୍ତୁ ସେଇଟା ଆଉ କୁହାହେଇ ପାରିଲାନାହିଁ।

*୪୬୪, ସହିଦନଗର, ଭୁବନେଶ୍ୱର-୭*




# ମିଳନ ମାୟା

## ପ୍ରଫେସର ଉପେନ୍ଦ୍ର ପ୍ରସାଦ ନାୟକ

**ଦୃଶ୍ୟ – ଏକ**

*(ରଣବୀର ବାବୁଙ୍କ ଦ୍ୱିତଳ ପ୍ରାସାଦ। ପରଦା ଉଠିଲା ବେଳକୁ ଦେଖାଗଲା - ସିଡ଼ିରୁ ଓହ୍ଲାଇ ଆସୁଛନ୍ତି ଅବସର ପ୍ରାପ୍ତ ବିଚାରପତି ମାନଧାତା ରଣବୀର ରାୟ। ବୈଠକ ଖାନାକୁ ଆସି ଟିପୟ ଉପରେ ଥିବା ପତ୍ରିକାଟି ଉପରେ ଆଖି ବୁଲାଇଲେ। ତାପରେ ତଳ ଘରକୁ ଚାହିଁ ଡାକିଛନ୍ତି)*

ରଣବୀର – ରାଜୁ! ରାଜୁ!

ରାଜୁ – (ପ୍ରବେଶ) ମତେ ଡାକିଲେ ବାବୁ!

ରଣବୀର – ଆରେ ସଂଗ୍ରାମ ଫେରିନି ଏ ଯାଏ?

ରାଜୁ – ନାହିଁ ଆଜ୍ଞା! ଆପଣ ସଂଜବେଳେ ବୁଲାବୁଲି କରି ଫେରିବା ଟିକିଏ ପୂର୍ବରୁ ତ ସେ ଯାଇଛନ୍ତି। ତାଙ୍କର କ'ଣ ବୁଲିବା ସରିଥିବ ଯେ ସେ ଏତେ ଶୀଘ୍ର ଫେରି ଆସିବେ?

ରଣବୀର – ଘରୁ ଏଠୁ ସେ ଏକା ଗଲା? ନା ତା' ସାଙ୍ଗମାନେ କିଏ ଆସିଥିଲେ?

ରାଜୁ – ନା, କାହିଁ କେହି ଆସିନଥିଲେ ତ?

ରଣବୀର – ସେ ଭଲଭାବେ ଜାଣେ ଯେ ଆଜି ମୋର ମେଡିକାଲ ଚେକ୍ଅପ୍ ପାଇଁ ଡାକ୍ତର ପାଣିଗ୍ରାହୀଙ୍କର ଆସିବାର ଥିଲା।

ରାଜୁ – ତା ହେଲେ ସେ ଆସୁଥିବେ ବୋଧ ହୁଏ। ଡାକ୍ତରଙ୍କର ଆସିବା କଥା ଜାଣିଥିବେ ଯଦି ସେ ନିଶ୍ଚୟ ଆସି ଏବେ ପହଞ୍ଚିଯିବେ। ଯାହା କୁହନ୍ତୁ ଆଜ୍ଞା, ଆମ ଛୁଆବାବୁ ଆପଣଙ୍କୁ ଖୁବ୍ ଭଲପାଆନ୍ତି। ସତେ ଯେମିତି ଆପଣ ତାଙ୍କର ଜୀବନ।

ରଣବୀର – ମୋତେ ସେ ଏତେ ଭଲପାଏ ବୋଲି ତୁ କେମିତି ଜାଣିଲୁ?

ରାଜୁ – କ'ଣ କହୁଛନ୍ତି ଆଜ୍ଞା; ମୁଁ ଏତିକି ଜାଣିପାରିବିନି?

ରଣବୀର – ଦୁଃସମୟରେ ତା' ମାଆ ଚାଲିଗଲା। ସେ ମୋର ଗୋଟିଏ ବୋଲି ପୁଅ। ମୋର ବ୍ୟସ୍ତବହୁଳ ବିଚାରପତି ଚାକିରି ଭିତରେ ବି ମୁଁ ତା'ର ସବୁ ଭଲମନ୍ଦ ବୁଝି ତାକୁ ମଣିଷ କରିଛି। ସେ ମୋତେ ଭଲପାଇବ ନାହିଁ ଆଉ କାହାକୁ ଭଲ ପାଇବ?

ରାଜୁ – ଆଜିକାଲିକା ପିଲାଙ୍କ କଥା ଦେଖୁନାହାନ୍ତି? ସମସ୍ତେ କ'ଣ ପିତୃଭକ୍ତ ରାମଚନ୍ଦ୍ର ହେଇ ପାରୁଛନ୍ତି? ଏଇ ଦେଖୁନାହାନ୍ତି, ପ୍ରଭାତ ବାବୁଙ୍କ ପୁଅ କଥା?

ରଣବୀର – ପ୍ରଭାତ ବାବୁଙ୍କ ପୁଅ କଥା? କ'ଣ ହେଇଛି? ମୁଁ ତ କାହିଁ କିଛି ଜାଣିନାହିଁ।

ରାଜୁ – ତାଙ୍କର ବି ଗୋଟିଏ ବୋଲି ପୁଅ। କେତେ ଆଦର ଯତ୍ନରେ ଏତେ କଷ୍ଟ କରି ପାଠ ପଢ଼େଇଥିଲେ। ପାଠପଢ଼ି ପୁଅ ଚାକିରି କଲା ଯେ ହେଲେ ସେ ବାପକୁ ଛଣ ଛ'ବିଡ଼ାରେ ପଚାରୁନାହିଁ।

ରଣବୀର – ଆମ ସଂଗ୍ରାମର ମାଆ ମରିଗଲା ପରେ ମୁଁ ମୋର ଜୀବନର ସବୁତକ ସ୍ନେହ ମମତା ଦେଇ ତାକୁ ବଡ଼ କରିଛି। ମଣିଷ ପରି ମଣିଷ କରିଛି। ସେ ମୋତେ ଭଲ ପାଇବ ନାହିଁ? ମୋ କଥା ବୁଝିବ ନାହିଁ? ମୁଁ ତା'ଠାରୁ ବି ଅଧିକା କିଛି ଆଶା କରେ ନାହିଁ। ତା'ଖୁସିରେ ମୋ ଖୁସି।

ରାଜୁ – ନା, ମୁଁ ସେମିତି କିଛି ଭାବୁନି। ଆମ ଛୁଆବାବୁ କେବେ ବି ଖରାପ ହୋଇ ପାରିବେନି।

(ଏହି ସମୟରେ ଫୋନ୍ ବାଜିଛି।)

ରଣବୀର – (ଫୋନ୍ ରିସିଭର୍ ଧରିଛନ୍ତି) ହାଲୋ ..ହଁ ହଁ ମୁଁ ଜଷ୍ଟିସ୍ ରଣବୀର ରାୟ କହୁଛି। କିଏ କହୁଛନ୍ତି? ଡକ୍ଟର ପାଣିଗ୍ରାହୀ? କାହିଁ ଆସିଲେ ନାହିଁ ତ? ହଁ ହଁ ମୁଁ ପରା ଅପେକ୍ଷା କରି ବସିଛି। ଆସିବେ? ହଉ ଠିକ୍ଅଛି। ଆସନ୍ତୁ। ରଖୁଛି(ରିସିଭର୍ ରଖିଦେଲେ)

ରାଜୁ – କ'ଣ ଆଜ୍ଞା! ଡାକ୍ତର ବାବୁ?

ରଣବୀର – ହଁ ଡାକ୍ତର ପାଣିଗ୍ରାହୀ।

ରାଜୁ – ଆସିବେ ବୋଲି କହିଲେ ତ?

ରଣବୀର – ହଁ ଏବେ ଆସିବେ। ତୁ ଯାଆ। ଟିକେ ଚା ଆଉ କିଛି ସ୍ନାକସ ବ୍ୟବସ୍ଥା କର।

ରାଜୁ – ଆଜ୍ଞା-(ଚାଲିଯାଉଥିଲା)

ରଣବୀର – (ପଛରୁ ଡାକି) ହଁ ଶୁଣ୍! ପାଣି ମଗେ ଗରମ କରି ରଖିଥିବୁ। ଡାକ୍ତରଙ୍କର ଦରକାରରେ ଲାଗିପାରେ।

ରାଜୁ – ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ। ମୁଁ ସବୁ ବ୍ୟବସ୍ଥା କରିଦେଉଛି।

*(ରାଜୁ ଭିତରକୁ ଚାଲିଗଲା। ରଣବୀର ବାବୁ ମନକୁ ମନ କ'ଣ ଭାବି ଏପାଖ ସେ ପାଖ ଚାହିଁଛନ୍ତି।)*

କୁଆଡ଼େ ଗଲା ଏ ଯାଏ? ସାଙ୍ଗମେଳରେ କୋଉଠି ବସି ଯାଇଥିବ। ଆଃ ପିଲାଳିଆମି ଗଲାନି ଏ ଯାଏ ତାର (କାଂଥରେ ଗାନ୍ଧୀଙ୍କ ଫଟୋକୁ ଚାହିଁ)

ହେ ଆଦର୍ଶ ମହାପୁରୁଷ! ତୁମ ଜୀବନ ଧର୍ମ ମୋ ଜୀବନରେ ପାଥେୟ କରିବାକୁ ଚେଷ୍ଟା କରିଛି। ହିଂସା ଦ୍ୱେଷ, ଇର୍ଷା, ଜାତିଭେଦଠାରୁ ଦୂରରେ ରହି ମୁଁ ସଂହତିର ସ୍ୱପ୍ନ ଦେଖିଛି। ତୁମ ଏକତା ଓ ମୈତ୍ରୀ ମନ୍ତ୍ରର ଜୟଗାନ କରିଛି। ସମତା ମମତାର ବୀଜ ବୁଣି ମୁଁ ଏ ସମାଜରୁ ବର୍ଣ୍ଣ ବୈଷମ୍ୟର ବିଲୟ ଘଟାଇବାକୁ ଶତମୁଖର ହୋଇଉଠିଛି। ମୁଁ ଜାଣେନା, ମୁଁ ଏଥିରେ କେତେ ମାତ୍ରାରେ ସଫଳତା କି ବିଫଳତା ଲାଭ କରିଛି।

(ଏହି ସମୟରେ ବାହାରୁ ଆସିଛି ସଂଗ୍ରାମ)

ସଂଗ୍ରାମ - ଡାଡି ! ଆପଣଙ୍କ ଭଳି ପଜିଟିଭ୍ ମାଇଣ୍ଡର ଲୋକ ବିଫଳତା କଥା ମୁହଁରେ ଧରୁଛନ୍ତି ?

ରଣବୀର - ସଂଗ୍ରାମ !

ସଂଗ୍ରାମ - ମଣିଷର ଉଦ୍ୟମ ଓ ନିଷ୍ଠା ଅବ୍ୟାହତ ରହିଲେ ସଫଳତା ଛଡ଼ା ବିଫଳତାର ପ୍ରଶ୍ନ ନାହିଁ।

ରଣବୀର - (Good, very good) ଗୁଡ୍, ଭେରିଗୁଡ୍ ! yes my son ଯେଉଁ ପୁଅ ବାପର ଆଦର୍ଶରେ ଅନୁପ୍ରାଣିତ ହୁଏ, ତା'ଠାରୁ ଆଉ ବଡ଼ ସାଫଲ୍ୟ କ'ଣ ଥାଇପାରେ ?

ସଂଗ୍ରାମ - ଡାଡି !

ରଣବୀର - ହଁ ତୁ ଏଯାଏ କୁଆଡ଼େ ଥିଲୁ ? ତୁ ଜାଣୁ ଡାକ୍ତର ପାଣିଗ୍ରାହୀଙ୍କର ଆଜି ଆସିବାର ଥିଲା ?

ସଂଗ୍ରାମ - ସେଇଥିପାଇଁ ତ ମୋ ସାଙ୍ଗମାନଙ୍କ ଠାରୁ ଆଜି ଶୀଘ୍ର ଚାଲି ଆସିଲି।

ରଣବୀର - କୁଆଡ଼େ ଗଲେ ତୋର ସେ ସାଙ୍ଗମାନେ ?

ସଂଗ୍ରାମ - ଆପଣଙ୍କ ଦେହ ଚେକଅପ୍ କଥା ଶୁଣି ସେମାନେ ବି ଆପଣଙ୍କୁ ଦେଖିବାକୁ ଆସୁଥିଲେ। ମୁଁ ତାଙ୍କୁ ଫେରାଇ ଦେଇଛି।

ରଣବୀର - ବାସ୍ତବିକ୍ ତୋର ସେ ସାଙ୍ଗ ଦି'ଜଣ ଭାରି ଭଲ।

ସଂଗ୍ରାମ - ଡାଡି; ସେମାନେ ମୋ ସାଙ୍ଗଟି ? ସେମାନେ କ'ଣ କେବେ ଖରାପ ହୋଇପାରନ୍ତି ?

ଡ଼ା.ପାଣିଗ୍ରାହୀ - (ପ୍ରବେଶ) ନମସ୍କାର ସାର !

ରଣବୀର- ଆରେ ଡାକ୍ତର ପାଣିଗ୍ରାହୀ ଯେ ? ଆସନ୍ତୁ, ବସନ୍ତୁ। ଆପଣଙ୍କ ଅପେକ୍ଷାରେ ହିଁ ଆମେ ବସିଥିଲୁ।

ସଂଗ୍ରାମ - (ଡାକ୍ତରଙ୍କୁ ) ନମସ୍କାର ଅଙ୍କଲ୍ !

ଡା.ପାଣିଗ୍ରାହୀ-ସଂଗ୍ରାମ ! ବି.ଟେକ୍ ଓ ଏମ୍.ବି.ଏ ସରିଗଲାଣି ପରା ?

ସଂଗ୍ରାମ - ଆଜ୍ଞା !

ଡ଼ା.ପାଣିଗ୍ରାହୀ-ଆଉ ଏବେ ? ଚାକିରି ପାଇଁ କେଉଁଠି କିଛି ଇଣ୍ଟରଭିଉ ଦେଲଣି ?

ସଂଗ୍ରାମ - 'ଷ୍ଟିଲ୍ ଅଥରିଟି ଇଣ୍ଡିଆ'ରେ ଗୋଟାଏ ଇଣ୍ଟରିଭିଉ ଦେଇଥିଲି।

ଡ଼ା.ପାଣିଗ୍ରାହୀ - ତୁମେ ମେଧାବୀ ଷ୍ଟୁଡେଣ୍ଟ୍। ତୁମର ଚାକିରି ଖୁବ୍‌ଶୀଘ୍ର ନିଶ୍ଚୟ ମିଳିଯିବ।

ସଂଗ୍ରାମ - ଡାଡିଙ୍କ କଥାରେ ଇଣ୍ଟର୍‌ଭିଉଟା ଦେଇଦେଇଛି ସିନା ହେଲେ ଚାକିରି କରିବାକୁ ମୋର ଆଦୌ ଇଚ୍ଛା ନାହିଁ।

ଡ଼ା.ପାଣିଗ୍ରାହୀ - କାହିଁକି ? କ'ଣ ହେଲା ? ଚାକିରି କରିବାକୁ ଇଚ୍ଛା ନାହିଁ କାହିଁକି ?

ସଂଗ୍ରାମ - ନାହିଁ କିଛି ନାହିଁ ଯେ,ହେଲେ......

ରଣବୀର- ଛାଡ଼ନ୍ତୁ ଆଜ୍ଞା ! ତା କଥା ଛାଡ଼ନ୍ତୁ। କେତେବେଳେ କ'ଣ କହୁଛି ତା'ର ଠିକ୍ ଠିକଣା ନାହିଁ। କେତେବେଳେ କହୁଛି ସମାଜ ସେବା କରିବ। ପୁଣି କେତେବେଳେ କହୁଛି ତା ସାଙ୍ଗମାନଙ୍କ ସାଙ୍ଗରେ କ'ଣ ଗୋଟେ ଇଣ୍ଡଷ୍ଟ୍ରି କରିବ। କ'ଣ କରୁଛି ଦେଖାଯାଉ। ଫଳେନ ପରିଚୟେତ୍।

ଡ଼ା.ପାଣିଗ୍ରାହୀ - ହଉ ଗୋଟିଏ ବୋଲିତ ପୁଅ। ଆଗକୁ ନାହିଁ କି ପଛକୁ ନାହିଁ। ତା'ର ଯାହା ଇଚ୍ଛା ହଉଛି କରୁ।

ରଣବୀର - ହଁ ଯାହା କରିବ, ସକ୍‌ସେସ ଫୁଲ୍ ହେବା ଦରକାର।

ଡ଼ା.ପାଣିଗ୍ରାହୀ - ପାଠ ପଢ଼ିଛି, ବୁଦ୍ଧିମାନ୍ ପିଲା। ସକ୍‌ସେସ୍ ଫୁଲ୍ ହବନି କାହିଁକି ?

ରଣବୀର - ଆରେ ରାଜୁ ! ରାଜୁ !

ରାଜୁ - (ଭିତରୁ) ଯାଉଛି ଆଜ୍ଞା ! (ଆସି) ଆଜ୍ଞା ଚା ଜଳଖିଆ ଆଣିବି।

ଡ଼ା.ପାଣିଗ୍ରାହୀ - ନା, ଭିତରକୁ ଚାଲନ୍ତୁ ଆଜ୍ଞା, ଆଗ ବି.ପି ଟା ଦେଖିଦେବା, ତା'ପରେ ଆଉ ଯାହା ଅନ୍ୟାନ୍ୟ। ଚା ଜଳଖିଆ ପରେ ହେଲେ ଚଳିବ। ଆସ ଆସ ସଂଗ୍ରାମ !

*(ଭିତରକୁ ସମସ୍ତେ ଯାଇଛନ୍ତି। ମଂଚ ଅନ୍ଧାର ହୋଇଛି।)*

## ଦୃଶ୍ୟ - ଦୁଇ

*(ରଣବୀର ବାବୁଙ୍କ ପୂର୍ବ ବର୍ଣ୍ଣିତ ଘର। ସେଠାରେ ବସି ଆଳାପ ରତ ସଂଗ୍ରାମ ଓ ତା'ର ଦୁଇ ବନ୍ଧୁ ରାକେଶ ଓ ଫିରୋଜ।)*

ସଂଗ୍ରାମ - ତୁ ଯାହା କ'ହ ରାକେଶ ! ମୋତେ ଏବେ ଆଉ କିଛି ଭଲ ଲାଗୁନି।

ରାକେଶ - ଭଲ ଲାଗୁନି ? କିରେ ଏମିତି କ'ଣ କହୁଛୁ ? ଅବସରପ୍ରାପ୍ତ ବିଚାରପତିଙ୍କର ଏକମାତ୍ର ଅଲିଅଳ ପୁତ୍ର, ଭଲ ଲାଗୁନି କାହିଁକି ? ଧନ, ମାନ, ଆଭିଜାତ୍ୟ ପ୍ରତିପତ୍ତି, କାହିଁରେ ତ ଊଣା ନାହିଁ। ଅଥଚ...

ସଂଗ୍ରାମ - ବଡ଼କରି କଥା କହିବାରେ ତ ତୁ ବେଶ୍ ପାରଙ୍ଗମ। ତୋତେ କ'ଣ କିଏ ପାରିବ ?

ଫିରୋଜ - ରାକେଶ୍ ତ କିଛି ଭୁଲ୍ କହିନାହିଁ। ତୋର ସବୁ ପରିପୂର୍ଣ୍ଣତା ଥାଇ ତୁ ଯଦି ନୈରାଶ୍ୟରେ ଏମିତି ଭାଙ୍ଗି ପଡ଼ିବୁ, ଆଉ ଯେଉଁମାନେ ଦୁଇ ଓଳି ଦୁଇମୁଠା ଖାଇବାକୁ ପାଉନାହାନ୍ତି, ଭଲ କରି ଖଣ୍ଡେ ପିନ୍ଧିବାକୁ ପାଉନାହାନ୍ତି ସେମାନଙ୍କ କଥା ? ସେମାନଙ୍କ କଥା କେବେ ଭାବିଛୁ ?

ସଂଗ୍ରାମ - ସେଇକଥା ତ ମୁଁ କହୁଛି। ସମାଜର ୬୦ ଭାଗ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ଥିବାବେଳେ ଆମେ ମୁଷ୍ଟିମେୟ କିଛି ଲୋକ ଭଲ କରି ଖାଇ ପିଇ ବଞ୍ଚିବାର ମୂଲ୍ୟ କ'ଣ ?

ରାକେଶ - ଆରେ ପରୀକ୍ଷା ପରେ ଆମର ତ ଅନେକ ଦିନ ବୁଲା ହେଲାଣି।

ଫିରୋଜ - ପ୍ରକୃତରେ ଆଉ ଏମିତି ବେକାର ହେଇ ବୁଲିବାକୁ ଜମା ଭଲ ଲାଗୁନି।

ରାକେଶ - ସଂଗ୍ରାମର କିଛି ଅସୁବିଧା ନାହିଁ। ଇଣ୍ଟରିଭିଉ ଦେଇଛି। ଇଣ୍ଟରିଭିଉରେ ଭଲ ହେଇଛି। ବିଚାରପତିଙ୍କ ପୁତ୍ର। ଚାକିରିଟା ନିଶ୍ଚୟ ହେଇଯିବ।

ସଂଗ୍ରାମ - ଆରେ ମୁଁ କ'ଣ ମୋ ଚାକିରି ପାଇଁ ବ୍ୟସ୍ତ ହଉଛି ?

ଫିରୋଜ- ଆଉ ତେବେ ?

ସଂଗ୍ରାମ- ତୁ କ'ଣ ଭାବୁଛୁ ଆମ ତିନିଜଣଙ୍କ ଭିତରୁ କେହି କାହାକୁ ଛାଡ଼ି ରହିପାରିବା ?

ରାକେଶ - ବାପା ମାଆମାନେ ତ ଚାକିରି ପାଇଁ ପାଣି ପିଉନାହାନ୍ତି।

ଫିରୋଜ - ଅର୍ଥ ହେଉଛି ସବୁ ଅନର୍ଥର କାରଣ।

ସଂଗ୍ରାମ - ଓ ହୋଃ ଅର୍ଥ ଆସିବ। ସେଥିପାଇଁ ଏତେ ବ୍ୟସ୍ତ କାହିଁକି ? ତା'ବୋଲି ଅର୍ଥପ୍ରାପ୍ତି ପାଇଁ ଚୋରି, ଦୁର୍ନୀତି କରିବା ନା' କ'ଣ ?

ରାକେଶ - ମୁଁ କହୁଥିଲି କ'ଣ କି, ଏମିତି କିଛି ଗୋଟେ କାର୍ଯ୍ୟ ମିଳନ୍ତା, ଯହିଁରେ ଆମେ ତିନିଜଣ ଯାକ ଏକାଠି କାର୍ଯ୍ୟରତ ରୁହନ୍ତେ ?

ସଂଗ୍ରାମ - ହଁ ହବନାହିଁ କାହିଁକି ? ତା'ର ଏକ

ରୀତିମତ ଯୋଜନା କଲେ ସିନା ହେବ ?

ଫିରୋଜ - ଖାଲି ଶୁଖିଲା ଯୋଜନା କଲେ କ'ଣ ହେବ ? ସବୁରି ମୂଳରେ ତ ମୋଟା ଅଙ୍କର ଟଙ୍କା ଦରକାର, ଟଙ୍କା।

ସଂଗ୍ରାମ - ହଁ ଟଙ୍କା ଆମେ ବ୍ୟାଙ୍କ ଲୋନ୍ ଏବଂ ଓ ଏସ.ଏଫ୍.ସିରୁ ଲୋନ୍ ଆଣିବା। ସେଥିପାଇଁ ଏତେ ବ୍ୟସ୍ତ କାହିଁକି ?

*(ଏହି ସମୟରେ ବାହାରୁ ଆସିଛନ୍ତି ଅବସରପ୍ରାପ୍ତ ବିଚାରପତି ରଣବୀର ରାୟ। ହାତରେ ୱାକିଙ୍ଗ୍ ଷ୍ଟିକ୍)*

ରଣବୀର - ଆରେ ରାକେଶ୍ ! ଫିରୋଜ !

ରାକେଶ ଓ ଫିରୋଜ - ନମସ୍କାର ଅଙ୍କଲ୍ !

ରଣବୀର - ଆରେ ତୁମ୍ଭେମାନେ କେତେବେଳୁ ଆସିଲଣି ? କ'ଣ କିଛି ଖାଇଲଣି ନା ନାହିଁ ?
(ଉଚ୍ଚ ସ୍ୱରରେ) ରାଜୁ ! ରାଜୁ !

ଫିରୋଜ - ଆପଣ ବ୍ୟସ୍ତ ହୁଅନ୍ତୁ ନାହିଁ ଅଙ୍କଲ୍ ! ଆମେ କେତେବେଳରୁ ଆସିଲୁଣି। ଚା' ଜଳଖିଆ ଖାଇ ସାରି ଏଠି ଗପୁଥିଲୁ।

ରଣବୀର - ଆଉ ତେବେ କ'ଣ ସବୁ ହାଲ୍‌ଚାଲ୍ କୁହ !

ରାକେଶ- ନାହିଁ ଆଉ କିଛି ନୂଆ ଖବର ନାହିଁ ଅଙ୍କଲ୍ !

ସଂଗ୍ରାମ - ଡାଡି ! ଆମେ ଭାବୁଛୁ ଏମିତି କିଛି ଗୋଟେ କାମ ଆରମ୍ଭ କରନ୍ତୁ, ଯହିଁରେ ତିନିଜଣ ଯାକ ଏନ୍‌ଗେଜ ରୁହନ୍ତୁ। ଆମ୍‌କୁ ବେଶ୍ ଜବ୍ ସାଟିସ୍‌ଫେକ୍‌ସନ ମିଳନ୍ତା।

ଫିରୋଜ - ତା' ଛଡ଼ା ସମାଜ ପାଇଁ କିଛି ଗୋଟେ ବଡ଼କାମ କରି ହୁଅନ୍ତା।

ରଣବୀର - ଆରେ, ଏହାତ ଏକ ଅଭିନନ୍ଦନୀୟ ପଦକ୍ଷେପ। ଭାବ ଭାବ କ'ଣ କରିପାରିବ ?
ଭଲ ଭାବରେ ସେ ବିଷୟରେ ତିନିହେଁ ଚିନ୍ତାକର।

ସଂଗ୍ରାମ - ମୁଁ ଭାବୁଛି, ଆମେ ଏମିତି ଉନ୍ନତ ଧରଣର ଶିଳ୍ପ ଆରମ୍ଭ କରନ୍ତୁ, ଯେଉଁଥିରେ ସମାଜର କିଛି ମଙ୍ଗଳ ସାଧନ ହେଇପାରନ୍ତା। ଆମକୁ ବି ଖୁସି ଲାଗନ୍ତା।

ରାକେଶ - ତା' ଛଡ଼ା ଗୁଡ଼ାଏ ଲୋକ ବି କର୍ମ ନିଯୁକ୍ତି ପାଇପାରନ୍ତେ।

ଫିରୋଜ - ଏହା ଫଳରେ ପରୋକ୍ଷରେ ବେକାର ସମସ୍ୟାର ସମାଧାନ ବି ହେଇପାରନ୍ତା।

ରଣବୀର - ୟେସ୍, ୟେସ୍ ଇଟି ଇଜ୍ ଏ ଭେରିଗୁଡ୍ ପ୍ରପୋଜାଲ୍।

ରାଜୁ - (ପ୍ରବେଶ) ଆଜ୍ଞା ରୋଷେଇ ସରିଛି। ଆପଣଙ୍କ ଖାଇବାବେଳ ବି ହୋଇଯାଇଛି।

ସଂଗ୍ରାମ - ହଁ ଡାଡି ! ଡ଼ାକ୍ତର ଅଙ୍କଲ୍ ବାରମ୍ବାର ସତର୍କ କରି ଯାଇଛନ୍ତି, ଆପଣଙ୍କର ନିହାତି ଟାଇମ୍‌ରେ ଖାଇବା ଦରକାର।

ରଣବୀର - ନା, ସେଥିରେ ମୋର ଆଉ ହେଳା ହେବ ନାହିଁ। ହଉ ରାଜୁ ! ତୁ ଚାଲ, ବଢ଼ା ବଢ଼ି କର।
(ଭିତରକୁ ଯିବାକୁ ପାଦ ବଢ଼ାଇଥିଲେ, ତା'ପରେ ବୁଲିପଡ଼ି) ଆରେ ହଁ ତୁମ୍ଭେମାନେ ସବୁ ଖାଇବନି ?

ରାକେଶ - ଆମ ପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ ଅଙ୍କଲ୍ !

ରଣବୀର - ନା, ନା ୟା କ'ଣ ଗୋଟାଏ କଥା। ଚାଲ, ଚାଲ ଆଜି ଏକାଠି ଖାଇବା। ଆରେ ସଂଗ୍ରାମ ! ରାଜୁ ରାକେଶ ଆଉ ଫିରୋଜଙ୍କ ପାଇଁ ଖାଇବାକୁ କରିଛିଟି ?

ସଂଗ୍ରାମ - ହଁ କରିଛି ବୋଧହୁଏ।

ରଣବୀର - ତେବେ ଆସ।

ଫିରୋଜ - ଆମ ପାଇଁ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ ଅଙ୍କଲ୍।

ରଣବୀର - ନା ସେପରି କୁହ ନାହିଁ। ତୁମେ ନ ଖାଇଲେ ମୁଁ ବି ଖାଇବି ନାହିଁ।

ସଂଗ୍ରାମ - ରାଜୁ, ଆମ ସମସ୍ତଙ୍କ ପାଇଁ ଖାଇବାକୁ ହବଟି ?

ରାଜୁ - ମୁଁ କ'ଣ ସେତିକି ଜାଣି ନାହିଁ ଛୁଆବାବୁ ! ମୋତେ ପୁଣି ଶିଖାଇବାକୁ ପଡ଼ିବ। ରାକେଶବାବୁ ଓ ଫିରୋଜବାବୁ ଏ ଘରକୁ ଯେବେ ଆସନ୍ତି, ବାବୁ କ'ଣ ତାଙ୍କୁ ନ ଖୋଇ କେବେ ଛାଡ଼ନ୍ତି ? ସେ ଆଜି ଆମଘରେ ପାଦ ଦେଲାବେଳୁ ମୁଁ ସେ କଥା ଚିନ୍ତାକରି ସେ ବ୍ୟବସ୍ଥା କରିସାରିଛି।

ସଂଗ୍ରାମ - ସାବାସ୍ !

ରଣବୀର - ଆରେ ଏଇ ତିନି ହିଁ ତ ମୋର ଜୀବନ।

ରାକେଶ୍ - ଅଙ୍କଲ୍ !

ରଣବୀର - ହଁ ରେ ରାକେଶ ! ସଂଗ୍ରାମ ପିଲାଟିଏ ହେଇଥିଲା ତୁମ ଆଣ୍ଟି ମୋତେ ଛାଡ଼ି ଚାଲିଗଲେ। ମୋର ଏଇ ନ୍ୟାୟାଧୀଶ ଜୀବନରେ ମୁଁ ଯେତିକି ପାରିଛି, ସଂଗ୍ରାମକୁ ନିଷ୍ଠାର ସହିତ ଯତ୍ନ ନେଇ ବଡ଼ କରିଛି। କିନ୍ତୁ ପ୍ରକୃତ ଆନ୍ତରିକତା ଭିତରେ ସେ ବଢ଼ିଛି ତୁମ ଦୁହିଁଙ୍କ ସାଙ୍ଗରେ।

ଫିରୋଜ - ନା, ଅଙ୍କଲ୍ - ଆପଣ ସଂଗ୍ରାମ ପାଇଁ ଯାହା କରିଛନ୍ତି, ସେ ସବୁର କ'ଣ ତୁଳନା ଅଛି ?

ରଣବୀର - ମୁଁ ନିଜ ଆଖିରେ ଦେଖିଛି ତୁମ ତିନିଙ୍କୁ, ତୁମ ବଂଧୁତାର ପଟାନ୍ତର ନାହିଁ।

ସଂଗ୍ରାମ - ଡାଡି ! ରାକେଶ କହୁଥିଲା..

ରଣବୀର - କ'ଣ କହୁଥିଲା ?

ସଂଗ୍ରାମ - କହୁଥିଲା - ଅଙ୍କଲ୍ କେତେ ଭଲ ଲୋକ। ଆମକୁ ଯେମିତି ସ୍ନେହ କରନ୍ତି, କେହି କଳ୍ପନା କରିପାରିବ ନାହିଁ। ଡାଡି ! ସେମାନେ ଯଦି ମୋ ପାଖରେ ସବୁଦିନ ରହିଯାଆନ୍ତି ?

ରଣବୀର - ଆରେ ତାହାତ ଅତି ଉତ୍ତମ ପ୍ରସ୍ତାବ। Yes you are my three sons.
ସତରେ ତୁମେ ତିନିହେଁ ଏଠି ରହିଯାଅ, ମୁଁ ଏଥିରେ ଅଧିକ ଖୁସି ହେବି।

ଫିରୋଜ - ଅଙ୍କଲ୍ - ଆମେ ତ ଆପଣଙ୍କର ପୁଅ। ପାଖରେ ନ ରହିଲେ ବି ଆମେ ଆପଣଙ୍କ ପାଖରେ ଅଛୁ ବୋଲି ଆମେ ମନେକରୁ।

ରଣବୀର - ଆରେ କ'ଣ ହେବ ମୋର ଏ ଧନ ସମ୍ପତ୍ତି ? ସଂଗ୍ରାମ ମୋର ଏଇ ଗୋଟିଏ ବୋଲି ପୁଅ। ଗାଁରେ ଗୁଡ଼ାଏ ଜମି। ଏଠି ମୋର ଏ ଘର, ଗାଡ଼ି, ବ୍ୟାଙ୍କ ବାଲାନସ୍। ଏ ସବୁ ମୋର ସମ୍ପୂର୍ଣ୍ଣ ଝାଳବୁହା ପଇସା। ଟଙ୍କାଟିଏ ବି କଳାଟଙ୍କା ନୁହେଁ। କିନ୍ତୁ ଗାଁ ଜମି ମୋର ପିତୃ ଅର୍ଜିତ।

ରାକେଶ - ଆମେ ତାହା ଭଲଭାବେ ଜାଣିଛୁ ଅଙ୍କଲ୍ !

ଫିରୋଜ୍ - ଆପଣ ଅବସର ନେଲା ପରେ ବି କିଛିଦିନ ପ୍ରାକ୍ଟିସ୍ କରୁଥିଲେ ?

ରଣବୀର - ପ୍ରାକ୍ଟିସ୍ କରୁଥିଲି ମାନେ ? କହିଲେ ତୁମେ ବିଶ୍ୱାସ କରିପାରିବ ନାହିଁ।

ଆଜିଯାଏ ମୁଁ କୌଣସି ଗୋଟିଏ କେସ୍‌ରେ ବି ହାରିନାହିଁ। ତା'ଛଡ଼ା କୌଣସି କେସ୍‌ରେ ମୁଁ ମୋର କ୍ଲାଏଣ୍ଟଙ୍କୁ ଅଧିକା ଟଙ୍କା ଜୁଲମ୍ କରି ନିଏନାହିଁ। ଯିଏ ଯାହା ଖୁସିରେ ଦେଲା ସେଇଥିରେ ମୁଁ ଖୁସି।

ରାଜୁ - (ପ୍ରବେଶ) ଆଜ୍ଞା ବାଡ଼ି ସାରିଲିଣି ପରା...

ରଣବୀର - ଭଲ କରିଛୁ। ହଉ ଆସରେ ପିଲେ ଆସ, ପରେ ଗପିବା...

*(ସମସ୍ତେ ଘର ଭିତରକୁ ଗଲେ। ମଞ୍ଚ ଅନ୍ଧକାର ହୋଇ ଉଠିଲା)*

### ଦୃଶ୍ୟ – ତିନି

*(ପରଦା ଉଠିଲା ବେଳକୁ ଦେଖାଗଲା ରଣବୀର ବାବୁ ବୈଠକ ଖାନାରେ ବସି ଫୋନ୍ ଡାଏଲ୍ କରୁଛନ୍ତି)*

ରଣବୀର - ହ୍ୟାଲୋ- ହଁ, ମୁଁ ଜଷ୍ଟିସ୍ ରଣବୀର ରାୟ କହୁଛି। କିରେ ରାକେଶ? ସଂଗ୍ରାମ କାହିଁ? ଏଇଟା ସଂଗ୍ରାମର ଫୋନ୍‌ଟି? ଆଚ୍ଛା ଆଚ୍ଛା - ସଂଗ୍ରାମ ତୁମ ପାଖରେ ଅଛି? ତାକୁ ଟିକିଏ ଫୋନ୍ ଦେଲ। (ଟିକିଏ ରହି) ହାଲୋ – ହଁ ହଁ ମୁଁ ଡାଡି କହୁଛି। କିଏ ସଂଗ୍ରାମ କହୁଛୁ ତ? ତୁ ଶୀଘ୍ର ଘରକୁ ଟିକିଏ ଆସିଲୁ। ହଁ ହଁ ତୋ ପାଖରେ ଜରୁରୀ କାମ ଅଛି। ୟେସ୍ ଜଷ୍ଟ ନାଓ (yes just now) ରିସିଭର ରଖିଲେ।

ରଣବୀର - (ବୈଠକ ଖାନାର କାନ୍ଥରେ ଟଙ୍ଗା ହୋଇଥିବା ଗାନ୍ଧୀଙ୍କ ଫଟୋ ପାଖକୁ ଯାଇ, ଫଟୋକୁ ଚାହିଁ) ହେ ମହାମହିମ ଯୁଗସ୍ରଷ୍ଟା! ତୁମ ଆଦର୍ଶରେ ଅନୁପ୍ରାଣିତ ହୋଇ ମୁଁ ଏ ଜୀବନ ବିତେଇଛି। ମୋର ଏକମାତ୍ର ପୁତ୍ର ସେହି ଆଦର୍ଶରେ ଉଦ୍‌ବୁଦ୍ଧ ହୋଇ ଏ ସମାଜକୁ ଦିଗ୍‌ଦର୍ଶନ ଦେଉ, ଏହାହିଁ ମୋର ଏକମାତ୍ର କାମନା।

ସଂଗ୍ରାମ - (ବାହାରୁ ଆସିଛି) ପୁଣି ସେହି ଆଶଙ୍କା? ତୁମ ପୁଅ ତୁମ ଆଦର୍ଶରୁ ବାହାରି ଯିବ ବୋଲି ଆଶଙ୍କା କରିପାରୁଛ ଡାଡି?

ରଣବୀର - ଆରେ ନାହିଁରେ, ମୁଁ କ'ଣ ସେ କଥା କହିଲି?

ସଂଗ୍ରାମ - ତେବେ?

ରଣବୀର - ଏ ସମାଜର ନୀତିରୀତି, ଗତି ବଡ଼ ବିଚିତ୍ର। ରଥଚକ ପରି ଏ ସମାଜ ଘୂରି ଚାଲିଛି। ସେହି ଘୂର୍ଣ୍ଣାୟମାନ ସ୍ଥିତିଚକ୍ର ଭିତରେ କିଏ କେତେବେଳେ କି ରୂପ ଗ୍ରହଣ କରିବ, କିଏ କହିବ?

ସଂଗ୍ରାମ - ସେ ପରିବର୍ତ୍ତିତ ପରିସ୍ଥିତି ମୁଁ କେବେ ବସ୍ତୁହରା ହୋଇଯିବି କିମ୍ବା ନିମ୍ନଗାମୀ ହେବି ବୋଲି କେବେ ଭାବି ପାରୁଛ ଡାଡି?

ରଣବୀର - ମୁଁ କ'ଣ ସେକଥା ଭାବୁଛି ବୋଲି କହୁଛି! ମୁଁ ଏଇ ସମାଜର ଅବସ୍ଥା କଥା କହିଲି ନା? ତୁ ଦେଖିପାରୁନୁ, ଏ ସମାଜକୁ ଅପସଂସ୍କୃତି କେମିତି ପଶି ଆସିଲାଣି? ସେଥିରେ ତୁ, ମୁଁ, ଆମ ସମସ୍ତଙ୍କୁ ଶିକାର ହେବାକୁ ପଡୁଛି।

ସଂଗ୍ରାମ - ସମାଜର ପ୍ରତିଟି ନାଗରିକ ଯଦି ଏଥିପ୍ରତି ସତର୍କ ହେଇପାରନ୍ତେ, ତେବେ ଏ ସମାଜ ନୂଆ କରି ଗଢ଼ି ହୋଇପାରନ୍ତା। ସମୃଦ୍ଧି ଓ ପ୍ରବୃଦ୍ଧିର ନବ ଉନ୍ମେଷ ଘଟି ପାରନ୍ତା।

ରଣବୀର - ହଁ ତୁ ଯାହା କହିଲୁ ଠିକ୍ ,ହେଲେ ଏମିତି କେତେଜଣ ମୁଷ୍ଟିମେୟ ଲୋକ ସକ୍ରିୟ ରହିଲେ ବିଶେଷ କିଛି ପରିବର୍ତ୍ତନ କରିହେବନାହିଁ। ତଥାପି ଜଣରୁ ତ ଗଣର ସୃଷ୍ଟି।

ସଂଗ୍ରାମ - ଉଦ୍ୟମ ଅବ୍ୟାହତ ରହିଲେ ସବୁ ସମ୍ଭବ ହେଇ ପାରିବ ଡାଡି!

ରଣବୀର - ହଉ ଛାଡ଼ ସେ କଥା। ମୁଁ ତତେ କ'ଣ ପାଇଁ ଡାକିଲି କହିଲୁ?

ସଂଗ୍ରାମ - କହିଲେ ପରା କ'ଣ ଜରୁରୀ କାମ ଅଛି ବୋଲି!

ରଣବୀର - ହଁ ଜରୁରୀ କାମ। ତତେ ଗୋଟିଏ ମୁଁ ଖୁସି ଖବର ଦେବି।

ସଂଗ୍ରାମ - ଖୁସି ଖବର? କି ଖୁସି ଖବର ଡାଡି?

ରଣବୀର - ସେ ଖୁସି ଖବର ଶୁଣି ତୁ ମତେ କି ଉପହାର ଦେବୁ କହିଲୁ?

ସଂଗ୍ରାମ - ତୁମକୁ ମୁଁ ଉପହାର ଦେବି?

ରଣବୀର - ହଁ ଅସୁବିଧା କ'ଣ?

ସଂଗ୍ରାମ - ଡାଡି! କଥାଟା କ'ଣ ଖୋଲି କୁହ। ଏତେ ସ୍ୱସପେନ୍ସ.... ମାନେ

ରଣବୀର - ହଁ କହିବି ତ ନିଶ୍ଚୟ। ତେବେ ଶୁଣ୍! ତୁ ଯେଉଁ ଚାକିରି ପାଇଁ ଇଣ୍ଟରଭିୟୁ ଦେଇଥିଲୁ, ସେ ଚାକିରିରେ ତୋର ଏପଏଣ୍ଟମେଣ୍ଟ ଅର୍ଡ଼ର ଆସିଯାଇଛି।

ସଂଗ୍ରାମ - (ଗମ୍ଭୀର ହୋଇ) ହୁଁ, ଏଇଟା ଗୋଟାଏ ଖୁସି ଖବର?

ରଣବୀର - କ'ଣ କହିଲୁ? ଏଇଟା ଖୁସିଖବର ନୁହେଁ? କିରେ ଆଜିକାଲି ଯୁଗରେ ତୁ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆରେ ଗୋଟାଏ ଏତେ ବଡ଼ ଚାକିରି ପାଇଲୁ, ଅଥଚ ତୁ ଏଥିରେ ଖୁସି ନୁହଁ? ଆଉ କ'ଣ ତୁ ଖାଲି ଆଇ.ଏ.ଏସ୍, ଆଇ.ପି.ଏସ୍ ପାଇଥିଲେ ଖୁସି ହେଇଥାନ୍ତୁ?

ସଂଗ୍ରାମ - ନା, ଆଇ.ଏ.ଏସ୍, ଆଇ.ପି.ଏସ୍‌ରେ ବି ମୁଁ ଖୁସି ନୁହେଁ।

ରଣବୀର - ଆଉ ତେବେ?

ସଂଗ୍ରାମ - ମୁଁ ଯେଉଁଥିରେ ଖୁସି ହୁଏତ ତୁମେ ସେଥିରେ ଖୁସି ହୋଇ ନ ପାର।

ରଣବୀର - ତୁ ଖୁସି, ଅଥଚ ମୁଁ ଖୁସି ନୁହେଁ? ମାନେ? କ'ଣ ତୁ କହୁଛୁ ମୁଁ କିଛି ବୁଝି ପାରୁ ନାହିଁ।

ସଂଗ୍ରାମ - ହଁ ତୁମେ ଏତେ ବଡ଼ ଚାକିରି କରି ଅବସର ନେଇଛ। ମୋ କଥା ତୁମକୁ ଭଲ ଲାଗିବ ନାହିଁ।

ରଣବୀର - ଭଲ ଲାଗିବ ନାହିଁ? ମାନେ?

ସଂଗ୍ରାମ - ଚାକିରି ପଘାରେ ଥରେ ବେକ ଗଳେଇ ଦେଲେ ଆଉ ସେ ଫାଶରୁ ମୁକ୍ତି ନେଇ ହୁଏନି। ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଗଣ୍ଡେ ଖାଇ ଖଣ୍ଡେ ପିନ୍ଧିବାର ନିଧାର୍ଯ୍ୟ ନିରାପତ୍ତା ମିଳିଯାଏ।

ରଣବୀର - ତୁ କ'ଣ କହିବାକୁ ଚାହୁଁ?

ସଂଗ୍ରାମ - ମୁଁ ଜୀବନଟାକୁ ପରାଧୀନତାର ବେଡ଼ିରେ ବାନ୍ଧିହୋଇ ରହିବାକୁ ଚାହେଁ ନାହିଁ ଡାଡି!

ରଣବୀର - ଏତେ ବଡ଼ ଚାକିରି? କହୁଛୁ ପରାଧୀନତାର ବେଡ଼ି?

ସଂଗ୍ରାମ - ମୁଁ ଚାହେଁ ମାନବ ପ୍ରେମ। ମୁଁ ଚାହେଁ ସମତା ମମତା। ମୁଁ ଚାହେଁ ଶାନ୍ତି, ପ୍ରୀତି ଓ ମୈତ୍ରୀ। ମୁଁ ଚାହେଁ ଜୀବନକୁ ଜୀବନ ଭାବରେ ବିତେଇ ଦବାର ନିଃସର୍ତ୍ତ ପ୍ରତିଶ୍ରୁତି।

ରଣବୀର - ଚାକିରିଠାରୁ ଆଉ ଏମିତି କି ବଡ଼ ଜିନିଷ ଅଛି ଯେ ଯାହାକୁ ତୁ ଜୀବନର ଶ୍ରେଷ୍ଠ ପାଥେୟ ଭାବେ ଗ୍ରହଣ କରି ନେବାକୁ ଚାହୁଁ?

ସଂଗ୍ରାମ - ମୋର ଦୁଇ ଅନ୍ତରଙ୍ଗ ସାଙ୍ଗକୁ ନେଇ ମୁଁ ଏକ ବିରାଟ ଫାର୍ମ କିମ୍ବା ଗୋଟାଏ

ଇଣ୍ଡଷ୍ଟ୍ରି (Industry) କରିବାକୁ ଚାହେଁ।

ରଣବୀର - ଆରେ ତୁ ବାଇଆ ହେଲୁନା କ'ଣ ? ଗୋଟାଏ ଧ୍ରୁବ ବସ୍ତୁକୁ ଛାଡ଼ି ଅଧ୍ରୁବ ପଛରେ କେହି କ'ଣ କେବେ ଧାଏଁ ?

ସଂଗ୍ରାମ - ଅଧ୍ରୁବ ପଛରେ ଧାଇଁ ଯିଏ ଧ୍ରୁବବସ୍ତୁକୁ ହାତକୁ ଆଣିପାରେ, ସେହି ହିଁ ପ୍ରକୃତ ସଂଗ୍ରାମୀ ମଣିଷ। ତା'ର କର୍ମନିଷ୍ଠା ପାଖରେ ଅନ୍ୟର ପାରିଲା ପଣିଆ ହୁଏତ ହାର ମାନିଯାଏ।

ରଣବୀର - ହଉ, ମୋର କିଛି କହିବାର ନାହିଁ। ତୁ ମୋର ଏକ ମାତ୍ର ସନ୍ତାନ। ମୋର ସାରା ସମ୍ପତ୍ତିର ତୁ ଏକମାତ୍ର ଉତ୍ତରାଧିକାରୀ। ତୁ ଯେଉଁଥିରେ ଖୁସି, ମୋର ସେଥିରେ ଆପତ୍ତି କରିବାର କିଛି ନାହିଁ। ହେଲେ ଆଜି ତୁ ମୋତେ ସ୍ପଷ୍ଟ କରି କହ ତୁ ଚାକିରି କରିବୁ ନା ନାହିଁ ?

ସଂଗ୍ରାମ - ଅନେକ ଚିନ୍ତା କରି ଭାବିଛି ଡାଡି ! ଚାକିରିର ସେ ଅଣନିଶ୍ୱାସୀ ଜୀବନ ମୁଁ ବରି ନେଇପାରିବି ନାହିଁ। ମୁକ୍ତ ଭାବରେ ନିଜ ଚିନ୍ତା ଚେତନାର ସ୍ଫୁରଣ ନିମନ୍ତେ ଚାକିରି କେବେ ପ୍ରକୃଷ୍ଟ କ୍ଷେତ୍ର ନୁହେଁ।

ରଣବୀର - ତେବେ ?

ସଂଗ୍ରାମ - ରାକେଶ ଆଉ ଫିରୋଜଙ୍କ ସହିତ ମିଶି ଗୋଟାଏ ବଡ଼ ଫାର୍ମ କିମ୍ବା ଇଣ୍ଡଷ୍ଟ୍ରୀ କରିବି।

ରଣବୀର - ସେଥିରେ ସକ୍‌ସେସ୍ ହେଲେ ହୁଏତ ଲାଭ ପାଇପାରୁ, କିନ୍ତୁ ଶାନ୍ତି ପାଇବୁ ନାହୁଁ।

ସଂଗ୍ରାମ - ଆମେ ଅତିକମ୍‌ରେ ସମାଜ ପାଇଁ ତ କିଛି କରି ପାରିବୁ ? କିଛି ବେକାରୀଙ୍କୁ ତ କର୍ମନିଯୁକ୍ତି ଦେଇପାରିବୁ।

ରଣବୀର - ଆରେ ତାହା କ'ଣ ଏତେ ସହଜ ହେଇଛି ? ହନ୍ତସନ୍ତ ହେଇ କେବଳ ଜୀବନସାରା ନୟାନ୍ତ ହେବୁ।

ସଂଗ୍ରାମ - ହଁ ଯାହା ହେଲେ ବି ତ ପ୍ରଥମେ କଷ୍ଟ କରିବାକୁ ପଡ଼ିବ। ସଂଗ୍ରାମ କରି ବଂଚିବାଠାରୁ ଆଉ ଅଧିକ ଆତ୍ମ ସନ୍ତୋଷ କିଛି ନାହିଁ।

ରଣବୀର - କି ଶିଳ୍ପ କାରଖାନା କରିବୁ ବୋଲି ଚିନ୍ତା କରିଛୁ ? ପୁଣି ରାକେଶ ଆଉ ଫିରୋଜଙ୍କ ସାଙ୍ଗରେ ?

ସଂଗ୍ରାମ - କାହିଁକି ? ସେ ଦୁହିଁଙ୍କ ଉପରେ ତୁମର ସନ୍ଦେହ ହେଉଛି ନା କ'ଣ ?

ରଣବୀର - ନାହିଁ, ସନ୍ଦେହ ନୁହେଁ ଯେ...

ସଂଗ୍ରାମ - ତେବେ ? ସେ ଦୁହେଁ ମୁସ୍‌ଲିମ୍ ଆଉ ଖ୍ରୀଷ୍ଟିୟାନ୍ ବୋଲି ଘୃଣା କରୁଛ ?

ରଣବୀର - ସଂଗ୍ରାମ ! ତୁ କାହାକୁ କ'ଣ କହୁଛୁ ? ତୋ ଡାଡିକୁ ତୁ ଆଜିଯାଏ ଭଲ କରି ଚିହ୍ନିପାରିଲୁ ନାହିଁ ? ରାକେଶ ଆଉ ଫିରୋଜ୍ କୁ ମୁଁ କେତେ ଭଲପାଏ ତୁ କ'ଣ ଜାଣିନୁ ? ଆରେ ମଣିଷ ତ ଗୋଟାଏ। ଧର୍ମ ବି ଗୋଟାଏ। ତାହା ହେଲା ମାନବ ଧର୍ମ। ମୁଁ କ'ଣ ଏ କଥା ଜାଣି ନାହିଁ ? ତୁ ମତେ ଆକ୍ଷେପ କରୁଛୁ ?

ସଂଗ୍ରାମ - କ୍ଷମା କରିଦିଅ ଡାଡି ! ମୁଁ ପୁଣି ତୁମକୁ ଆକ୍ଷେପ କରିବି ? ଏମିତି କହୁ କହୁ କହିଦେଲିନା ?

ରଣବୀର - ହଉ ଛାଡ଼ ସେକଥା। ତୁ କି ଫାର୍ମ କରିବୁ, କି କି ଇଣ୍ଡଷ୍ଟ୍ରି କରିବୁ, ମୋତେ ଚିନ୍ତାକରି ସ୍ପଷ୍ଟ କରି କହିବୁ। ହଁ ରାକେଶ ଆଉ ଫିରୋଜଙ୍କ ସହିତ ମୋର କଥା ଅଛି। (ରାକେଶ ଓ ଫିରୋଜ ଆସିଛନ୍ତି)

ରାକେଶ - କେଉଁ କଥା ଅଙ୍କଲ୍ !

ରଣବୀର - ଆରେ ରାକେଶ, ଫିରୋଜ ! ଦେଖିଲ, ତୁମ କଥା ଭାବିଲାବେଳକୁ ତୁମେ ଆସି ପହଞ୍ଚିଗଲ। ଏଇଥିରୁ ଚିନ୍ତାକର, ମୁଁ ତୁମକୁ କେତେ ଭଲପାଏ।

ଫିରୋଜ - ଆପଣ ଯେ ଆମକୁ ପୁତ୍ରର ସ୍ନେହ ଦିଅନ୍ତି,ଆମେ କ'ଣ କେବେ ଅସ୍ୱୀକାର କରିପାରିବୁ ?

ରଣବୀର - ମୁଁ ସବୁବେଳେ ଭାବିଛି, ସଂଗ୍ରାମ କେବଳ ମୋର ଗୋଟିଏ ପୁଅ ନୁହେଁ। ମୋର ତିନିଟା ପୁଅ। ସଂଗ୍ରାମ ରାକେଶ ଆଉ ଫିରୋଜ।

ରାକେଶ ଓ ଫିରୋଜ - (ଖୁସି ହୋଇ)ଅଙ୍କଲ୍ !

ରଣବୀର - ହଁରେ ଏ ବୃଦ୍ଧ ଅଙ୍କଲ୍‌ର ହୃଦୟର ଗଭୀରତା ତୁମେ ମାପି ପାରିବନାହିଁ ରେ ! କେମିତି ଗୋଟାଏ ଶୂନ୍ୟତାର ବଳୟ ଭିତରେ ସାରାଜୀବନ ଅତିବାହିତ କରିଛି, ତାହା ତୁମେ କଳ୍ପନା କରିପାରିବନି।

ସଂଗ୍ରାମ - ଡାଡି !

ରଣବୀର - ହଁ ରେ ସଂଗ୍ରାମ ! ତୋ ମମୀ ଅକାଳରେ ମୋତେ ଛାଡି ଚାଲିଗଲା ପରେ ମୁଁ କେବଳ ତୋରି ମୁହଁକୁ ଚାହିଁ ବଞ୍ଚି ରହିଛି। ତୁ ଏଇ ରାକେଶ ଆଉ ଫିରୋଜଙ୍କ ସାଙ୍ଗରେ ପିଲାଟିବେଳୁ ବଢ଼ି ଆସିଛୁ। ମୁଁ ତତେ ଯେମିତି ଭାବେ ଯେତିକି ଭଲପାଏ, ସେ ଦୁହିଁଙ୍କୁ ତା ଠୁଁ କିଛି କମ୍ ଭଲ ପାଏ ନାହିଁ।

ଫିରୋଜ - ସତରେ ଅଙ୍କଲ୍ ! ଆପଣ କେଡ଼େ ମହାନ୍। କେଡ଼େ ସ୍ନେହଶୀଳ ?

ରାକେଶ - ଆପଣଙ୍କ ସ୍ନେହ ମମତାର ପଟାନ୍ତର ନାହିଁ ଅଙ୍କଲ୍ !

ଫିରୋଜ - ଆମେ ଏଇ ଘରେ ସଂଗ୍ରାମ ସାଙ୍ଗରେ ଖେଳିଛୁ, ବୁଲିଛୁ, ଖାଇଛୁ, ଶୋଇଛୁ, ରହିଛୁ।

ରାକେଶ - ସଂଗ୍ରାମ ଆମର ଘନିଷ୍ଠ ବନ୍ଧୁ ହେଲେ ବି ଆପଣଙ୍କ ସ୍ନେହ ମମତାରେ ଆମେ ଟାଣି ହୋଇ ଆସୁ।

ରଣବୀର - ହଉ ଠିକ୍ ଅଛି, ସେହି ସ୍ନେହ ମମତାକୁ ପାଥେୟ କରି ମୁଁ ମରିଗଲା ପରେ ତୁମେ ତିନିହେଁ ମୋତେ ଏକାଠି ଶ୍ମଶାନକୁ ନେଇ ଦାହ କରିଦେବ।

ସଂଗ୍ରାମ - ଓ ହୋଃ ଡାଡ଼ି ! ସେ ସବୁକଥା ଏଇନେ କାହିଁକି ଉଠେଉଛ କହିଲ ? ମୋତେ ଏକାକରି ତୁମେ ଛାଡ଼ି ଯାଇ ପାରିବ ନାହିଁ।

ରଣବୀର - ଆରେ ଏକା କାହିଁକି ? ତୁ ପରା ତୋର ଆଉ ଦିଇଟା ଭାଇଙ୍କ ସାଙ୍ଗରେ ଅଛୁ ? ତୁ କ'ଣ ଭାବୁଛୁ ସେ ଭାଇ ଦିଇଟା ତୋତେ କେବେ ପର କରିଦେବେ ?

ରାକେଶ - ଅଙ୍କଲ୍ !

ରଣବୀର - ଆଚ୍ଛା, ଛାଡ଼ ସେ କଥା, (now you come to the topic)ନାଓ ଇୟୁ କମ୍ ଟୁ ଦି ଟପିକ୍। ହଁ ଶୁଣ ! ସଂଗ୍ରାମ ଯେଉଁ ଇଣ୍ଟରଭିୟୁ ଦେଇଥିଲା, ଏପଏଣ୍ଟମେଣ୍ଟ ଅର୍ଡ଼ର ଆସିଛି। କିନ୍ତୁ ସେ କହୁଛି ଜଏନ୍ କରିବ ନାହିଁ। କହୁଛି କ'ଣ ଫାର୍ମ କି ଇଣ୍ଡଷ୍ଟ୍ରୀ କରିବ। ତୁମର ସବୁ ମତ କ'ଣ କହିଲ ?

ଫିରୋଜ - ହଁ ସେ ଇଣ୍ଟରଭିୟୁ ଦେବା କଥା ତ ଆମେ ଜାଣୁ।

ରାକେଶ୍ - ସେ ଚାକିରି କରିବନାହିଁ ବୋଲି କହୁଥିଲା। ଆମେ କହିଲୁ ତୁ ଆଗ ଚାକିରିଟା କର, ଇଣ୍ଡଷ୍ଟ୍ରୀ କରିବା କଥା

ପରେ ଚିନ୍ତା କରିବା।

ରଣବୀର – ତୁମେ ସବୁ ନିଷ୍ଠାର ସହିତ ଇଣ୍ଡଷ୍ଟ୍ରୀ କରିପାରିବଟି ?

ସଂଗ୍ରାମ – ଆମ ନିଷ୍ଠା ଉପରେ ତୁମର କ'ଣ ସନ୍ଦେହ ଅଛି ଡାଡ଼ି ?

ରଣବୀର – ଆରେ ସନ୍ଦେହ ନାହିଁ ଯେ ତେବେ.....

ଫିରୋଜ୍ – ନାହିଁ ଅଙ୍କଲ୍ ! ଆପଣ ସେଥିପାଇଁ ନିର୍ଭୟ ରୁହନ୍ତୁ।

ରାକେଶ – ଉଦ୍ୟମ ଆଉ ନିଷ୍ଠାରେ ଆମର ତ୍ରୁଟି ରହିବ ନାହିଁ।

ରଣବୀର – ତେବେ ଠିକ୍ ଅଛି, ତୁମେ କ'ଣ କରିବା ପାଇଁ ଚାହୁଁଛ ?

ସଂଗ୍ରାମ – ଆଜି ଆମ ରାଜ୍ୟ, ଚିନି ପାଇଁ ଅନ୍ୟ ପାଖରେ ହାତ ପତାଉଛି। ଚିନି ଏଠି କଣ୍ଟ୍ରୋଲ୍‌ରେ ଦିଆହେଉଛି। ଆମ ଓଡ଼ିଶା ମାଟିରେ ଆମେ କ'ଣ ଯଥେଷ୍ଟ ଚିନି ଉତ୍ପାଦନ କରି ରାଜ୍ୟବାସୀଙ୍କ ଚାହିଦା ମେଣ୍ଟାଇବାକୁ ସକ୍ଷମ ହେଇପାରିବୁ ନାହିଁ ?

ରାକେଶ – ଆମେ ଗୋଟାଏ ବଡ଼ ଚିନିକଳ ପାଇଁ ଚିନ୍ତା କରିଥିଲୁ ଅଙ୍କଲ୍ !

ରଣବୀର – ଏଁ ତୁମେ ସୁଗାର ଫାକ୍ଟ୍ରି କରିବ ? ସେଥିପାଇଁ ତ ଗୁଡ଼ାଏ ପୁଂଜି ଦରକାର। ତା'ଛଡ଼ା ତୁମେ ଏତେ କଞ୍ଚାମାଲ୍ ପାଇବ କେଉଁଠୁ ?

ସଂଗ୍ରାମ – କାହିଁକି ? ଆମେ ନିଜେ ଆଖୁ ଚାଷ କରିବୁ। ତେଣୁ କଞ୍ଚାମାଲ୍ ପାଇଁ କାହା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ।

ରଣବୀର – ହଉ ଠିକ୍ ଅଛି। ତୁମର ସାହସକୁ ମୁଁ ତାରିଫ୍ ନ କରି ରହିପାରୁନି। ମୋର ଆଶୀର୍ବାଦ, ତୁମେ ତୁମ ଯୋଜନାରେ ସଫଳକାମୀ ହୁଅ।

ରାକେଶ୍ – ଆମକୁ ପାଦଧୂଳି ଦିଅନ୍ତୁ ଅଙ୍କଲ୍ ! ତିନିହେଁ ଭୂମିଷ୍ଟ ପ୍ରଣାମ କରିଛନ୍ତି।

ରଣବୀର – ଆରେ ଉଠ ଉଠ (ଉଠାଇ ଦେଇଛନ୍ତି)ଆଜି ଯେଉଁ ରାଷ୍ଟ୍ର ସବୁ ସମୃଦ୍ଧି ରାଷ୍ଟ୍ରରେ ପରିଗଣିତ ହୋଇଛନ୍ତି, ମୁଖ୍ୟତଃ ଏଇ ଶିଳ୍ପ କାରଖାନା ପାଇଁ। ତୁମେ ଯଦି ଏହାକୁ ସୁଚାରୁ ରୂପେ ଚଳାଇ ଓଡ଼ିଶାର ପ୍ରଗତିରେ ସହାୟକ ହୁଅ, ତେବେ ତାହାତ ଗୌରବର କଥା ହେବ।

ସଂଗ୍ରାମ – କେଉଁଠି ଏ ଫାକ୍ଟ୍ରି କଲେ ଠିକ୍ ହେବ ଡାଡି ?

ରଣବୀର – ଶୁଣ ! ମୋ କଥା ମାନ ! ସୁଗାର ଫାକ୍ଟ୍ରି ଆରମ୍ଭ କରିବା ପୂର୍ବରୁ ତୁମେ ଆଗ ଆଖୁଚାଷ ଆରମ୍ଭ କର ସେଥିରେ କେତେ ଦୂର ସଫଳ ହେଉଛ ଆଗ ପର୍ଯ୍ୟବେକ୍ଷଣ କର। ତା'ପରେ ସୁଗାର ଫାକ୍ଟ୍ରି ଆରମ୍ଭ କରିବ।

ରାକେଶ – ଆଖୁଚାଷ କେଉଁଠି କେମିତି କରିବୁ ଅଙ୍କଲ୍ ?

ରଣବୀର – ତୁମେ ଆଗ ଆମ ଗାଁ କୁ ଯାଅ। ସେଠାରେ ଆମର ଗୁଡ଼ାଏ ଜମି ଅଛି। ଗାଁରେ ଆମର ଜଣେ ଦେୱାନ୍ ଅଛି। ଆମର ଅନେକ ଜମିକି ଭାଗ ଦିଆଯାଇଛି। ମୁଁ ସେ ଦେୱାନ୍‌ଙ୍କୁ କହି ନେଉଛି। ତୁମେ କେତେ ଏକର ଜମିରେ ଆଗ ଆଖୁଚାଷ ଆରମ୍ଭ କର।

ସଂଗ୍ରାମ – (ଖୁସି ହୋଇ) ଓଃ ଡାଡ଼ି !

ଫିରୋଜ – ଭେରି ଗୁଡ୍ ଆଇଡ଼ିଆ (very good idea) ଅଙ୍କଲ୍ !

ରାକେଶ୍ – ସତରେ ଅଙ୍କଲ୍ ! କି ଦୂର ଦୃଷ୍ଟି ଆପଣଙ୍କର ?

ରଣବୀର – ଆରେ ନାଇଁରେ ! ମୁଁ ବୃଦ୍ଧ ହେଲିଣି। ଜୀବନରେ ଅନେକ ଅଭିଜ୍ଞତା, ଅନୁଭୂତିକୁ ପାଥେୟ କରି ଜୀବନ ବିତେଇଛି, ଅଥଚ....

ଫିରୋଜ – କେବେଠାରୁ ଆରମ୍ଭ କରିବୁ ଅଙ୍କଲ୍ !

ରଣବୀର – ଆଉ ଡେରି କାହିଁକି ? ଶୁଭସ୍ୟ ଶ୍ରୀଘମ୍ ! ଆସନ୍ତାକାଲି ଆମ ଗାଁ ଉଦ୍ଦେଶ୍ୟରେ ବାହାରିପଡ଼। ଆଗେ ଯାଇ ତୁମର ପ୍ଲାନ୍‌ଟା ଚେକ୍ ଆଉଟ୍ କରିନିଅ।

ରାକେଶ୍ – ବ୍ରାଭୋ,ବ୍ରାଭୋ ଅଙ୍କଲ୍ ! ବ୍ରାଭୋ

*(ସମସ୍ତେ ହସି ଉଠିଛନ୍ତି ମଞ୍ଚ ଅନ୍ଧାର ହୋଇଛି।)*

## ଦୃଶ୍ୟ – ଚାରି

*(ପାଟପୁର ଗାଁ ଦେୱାନ ଶଙ୍କରଙ୍କର ଘର। ଘରଟି ପୁରୁଣା କାଳିଆ ସାଧାରଣ କୋଠାଟିଏ।)*

ଶଙ୍କର – ଆନନ୍ଦରେ ଛାତି ମୋର ଫାଟି ପଡୁଛି ଛୁଆବାବୁ। ସତରେ ତୁମେ ଏଗାଁ ଭିଟା ମାଟିରେ ପାଦ ପକାଇବ ମୋର ପରତେ ନଥିଲା।

ସଂଗ୍ରାମ – ଗାଁ ର ପ୍ରାକୃତିକ ମନୋରମ ଦୃଶ୍ୟ ଓ ନିର୍ମଳ ପରିବେଶ ଦେଖି ମୁଁ ସତରେ ଭୀଷଣ ଉଲ୍ଲସିତ ହୋଇ ପଡୁଛି ଶଙ୍କର କକା !

ଶଙ୍କର – ବଡ଼ ବାବୁ ତ ତାଙ୍କର ବଡ଼ ଚାକିରି କଲେ ଯେ ଗାଁକୁ ଆସିଲେ ନାହିଁ। ଗାଁର ଘରବାଡ଼ି କଥା, ଜମିବାଡ଼ି କଥା ବୁଝିବାକୁ ତାଙ୍କର ସମୟ ନାହିଁ ନା ମନ ନାହିଁ। କେବଳ ଏଇ ବୃଦ୍ଧ ଶଙ୍କର କକା ହିଁ ତୁମ ଜମିଜମା କଥା ଆଜିଯାଏ ବୁଝି ଆସିଛି।

ସଂଗ୍ରାମ – ସତରେ ଶଙ୍କର କକା ! ଆମ ଘରପାଇଁ ଆମ ପରିବାର ପାଇଁ ତୁମ ଅବଦାନକୁ ଭୁଲି ହେବ ନାହିଁ।

ଶଙ୍କର – ତୁମ ଘରର ନିମକ ଖାଉଛି, ବେଇମାନ୍ ହେଇଯିବି କିପରି ?

ସଂଗ୍ରାମ – ଆଜିକାଲି ସମସ୍ତେ କ'ଣ ଆଦର୍ଶକୁ ହୃଦୟଙ୍ଗମ କରି ପାରୁଛନ୍ତି ?

ଶଙ୍କର – ଯିଏ ଯାହା ହେଲେ ବି ଆମ ପରି ପୁରୁଣା କାଳିଆ ଲୋକମାନେ ଏଥିରୁ ତିଳେ ହେଲେ ତଳକୁ ଖସି ଯାଇପାରିବେ ନାହିଁ।

ସଂଗ୍ରାମ – ଶଙ୍କର କକା ! ଡାଡ଼ି ତ ଆମ ବିଷୟରେ ସବୁ ତୁମକୁ କହି ସାରିଛନ୍ତି। ଏଠି ଆମକୁ ଅନେକ ଦିନ ରହିବାକୁ ପଡ଼ିବ। ଆମର ଭଲମନ୍ଦ ସବୁ ଆପଣଙ୍କ ଉପରେ ନିର୍ଭର କରେ।

ଫିରୋଜ – ଶଙ୍କର କକାଙ୍କ ସ୍ନେହ ମମତାରେ ଅନେକ ଦିନ କ'ଣ କହୁଛୁ, ମୋର ତ ଜୀବନସାରା ଏଠି ରହିଯିବାକୁ ଇଚ୍ଛା ହେଉଛି।

ଶଙ୍କର – ନାହିଁରେ ବାପ: ମୁଁ ତ ସାଧାରଣ ଲୋକଟାଏ। ତୁମପରି ପାଠ ପଢୁଆ ପିଲାଙ୍କୁ କି ସ୍ନେହ ମମତା ଦେଇ ପାରିବି ?

ରାକେଶ – ନା କକା, ନିଜକୁ ଯେତେ ଛୋଟ କରି କହିଲେ ବି ତୁମ ମହନୀୟତା, ତୁମ ମାନବିକତାର ପରିଚୟ ଆମେ ସମ୍ପୂର୍ଣ୍ଣରୂପେ ପାଇସାରିଛୁ।

ସଂଗ୍ରାମ – ନିଜକୁ ଏତେ ଛୋଟ ବୋଲି କାହିଁକି ମନେ କରୁଛ ଯେ ?

ଶଙ୍କର – ଛୋଟ ନୁହେଁ ତ ଆଉ କ'ଣ ? ତୁମରି ଘର, ତୁମରି ଜମିବାଡ଼ି ଶେରେସ୍ତା ବୁଝି ତ ମୋର ଜୀବନ ବିତିଛି।

ଫିରୋଜ – ତୁମର କ'ଣ କେହି ନାହାନ୍ତି ଶଙ୍କର କକା ?

ଶଙ୍କର - ମୋର ଝିଅ ବକଟେ ଛଡ଼ା, ମୋ ରକ୍ତର ଆଉ କିଏ ଅଛନ୍ତି ଏ ଦୁନିଆରେ ?

ସଂଗ୍ରାମ - କାହିଁକି ଆମେ କ'ଣ ତୁମର ନୁହେଁ?

ଶଙ୍କର - ହଁ ନୁହେଁ କାହିଁକି ? ତୁମେ ହିଁ ତ ମୋ ଭଲମନ୍ଦର କେବଳ ମାତ୍ର ସହାୟ।

ଫିରୋଜ - ମାଉସୀ ନାହାଁନ୍ତି କି ଶଙ୍କର କକା?

ଶଙ୍କର - ନା ବାପ; ଝିଅଟା ଦଶବର୍ଷର ହୋଇଥିଲା। ସେ ମୋତେ ଛାଡ଼ି ଚାଲିଗଲା ମଶାଣିର ମସିଣାକୁ।

ରାକେଶ - ସେ ଝିଅ କାହିଁ ? କ'ଣ ଏବେ ପଢୁଛି ? କେଡ଼େଟାଏ ହେଲାଣି ?

ଶଙ୍କର - ବି.ଏ ପଢ଼ିଛି। ବି.ଏ ପାସ୍ ପରେ ବଡ଼ବାବୁ କହୁଥିଲେ ସହରରେ ତାଙ୍କ ଘରେ ରଖି ଏମ୍.ଏ ପଢ଼ିବା ପାଇଁ। ହେଲେ ତାକୁ ଛାଡ଼ି ମୁଁ ଏଠି ଏକା ଏକା...

ସଂଗ୍ରାମ - ଡାଡ଼ିଙ୍କ କଥା ମାନିଥିଲେ ଠିକ୍ ହୋଇଥାନ୍ତା। ଦରକାର ପଡ଼ିଥିଲେ ତୁମେ ବି କିଛିଦିନ ଆମଘରେ ରହିଯାଇଥାନ୍ତ। ମୁଁ ଭାବୁଛି, ଅସୁବିଧା କିଛି ବି ହେଇନଥାନ୍ତା।

ଶଙ୍କର - ମୁଁ କ'ଣ ସେଠି ରହି ପାରିଥାନ୍ତି ? ମୁଁ ସେଠାରେ ରହିଥିଲେ ଏଠି ଏ ଗାଁ ଘରକଥା, ଜମିବାଡ଼ି କଥା ବୁଝିଥାନ୍ତା କିଏ ?

ସଂଗ୍ରାମ - ଜମି ତ ଭାଗ ଦିଆଯାଇଛି। ତୁମେ ମଝିରେ ମଝିରେ ଆସି ଦେଖାଶୁଣା କରିଥାନ୍ତ।

ଶଙ୍କର - ଯାହା ହେଉ ଭଗବାନଙ୍କ ଦୟାରୁ ବି.ଏ ତ ପାସ୍ କରିଛି। ଆଉ ଅଧିକ ପଢ଼ି କ'ଣ ବା କରିଥାନ୍ତା। ମୁଁ ଭାବୁଛି, କେମିତି ଭଲ ପାତ୍ରଟିଏ ଦେଖି......

ଫିରୋଜ - ବୁଝିଲେ କକା! ଆଜିକାଲି ପୁଅ ଆଉ ଝିଅ ଭିତରେ କିଛି ଫରକ୍ ନାହିଁ। ଝିଅମାନେ କେବଳ ଘର ସଂସାର କରି ଘରକୋଣରେ ବସି ରହୁନାହାନ୍ତି। ଝିଅମାନେ ବି ପୁଅମାନଙ୍କ ଭଳି ଛୋଟରୁ ବଡ଼ଯାଏ ଚାକିରି କରୁଛନ୍ତି। ଓ.ଏ.ଏସ୍, ଆଇ.ଏ.ଏସ୍ ପାଉଛନ୍ତି। ବଡ଼ ବ୍ୟବସାୟ ବି ଚଳାଉଛନ୍ତି। ଏପରିକି ରାଜନୀତି କରି ବିଧାୟକ, ମନ୍ତ୍ରୀ ହୋଇ ରାଜ୍ୟ ଶାସନ ବି କରୁଛନ୍ତି।

ରାକେଶ - ସ୍ୱର୍ଗୀୟା ଇନ୍ଦିରାଗାନ୍ଧୀଙ୍କ କଥା ତ ଜାଣନ୍ତି। ନିଜର ପିତା ଚାଚା ଜବାହର ଲାଲ୍ ନେହେରୁଙ୍କ ଆଦର୍ଶ ଓ ପ୍ରେରଣାରେ ପ୍ରଭାବିତ ହୋଇ କେମିତି ଏ ସାରା ଭାରତବର୍ଷକୁ ଶାସନ କରି ପାରିଲେ ?

ସଂଗ୍ରାମ - ଆମ ଓଡ଼ିଶାର ନନ୍ଦିନୀ ଶତପଥୀଙ୍କ କଥା କହୁ ନାହାନ୍ତି ? ପଶ୍ଚିମବଙ୍ଗର ମମତା ବାନାର୍ଜୀଙ୍କ କଥା କହୁ ନାହାନ୍ତି ?

ଶଙ୍କର - ହଁ ହଁ ସେ କଥା ମୁଁ ବୁଝୁଛି ପୁଅ; ହେଲେ....

ରାକେଶ୍ - ହେଲେ ଆଉ କ'ଣ ?

ଶଙ୍କର - ପିଲାଟାକୁ ପାଖରୁ ଛାଡ଼ି ମୁଁ ଏକାଏକା....

ସଂଗ୍ରାମ - ହଉ ଠିକ୍ ଅଛି। ତା'ର ଆଉ କୁଆଡ଼େ ଯିବା ଦରକାର ନାହିଁ। ଆମରି କମ୍ପାନୀରେ ସେ ଚାକିରି କରିବ।

ଶଙ୍କର - ତୁମ କମ୍ପାନୀ?

ରାକେଶ - ଆପଣ ଜାଣିନାହାନ୍ତି?

ସଂଗ୍ରାମ - ତୁମକୁ ଡାଡ଼ି କିଛି କହିନାହାନ୍ତି?

ଶଙ୍କର - ହଁ ଫୋନ୍‌ରେ ସେ କହିଥିଲେ - ସଂଗ୍ରାମ ଓ ତାଙ୍କ ସାଙ୍ଗମାନେ ଯାଉଛନ୍ତି। ତାଙ୍କୁ ଚାରି/ ପାଞ୍ଚ ଏକର ଜମି ଛାଡ଼ିଦେବ ସେମାନେ ଆଖୁଚାଷ କରିବେ।

ଫିରୋଜ - ଆଖୁଚାଷ କରିବା ସଙ୍ଗେ ସଙ୍ଗେ ଆମେ ଗୋଟାଏ ବିରାଟ ସୁଗାର ଫ୍ୟାକ୍ଟ୍ରି ବି କରିବୁ।

ଶଙ୍କର - ଓଃ ତୁମେ ତେବେ ଆଖୁ ଚାଷ କରି ସୁଗାର ଫାକ୍ଟ୍ରି କରିବ? ଭଲକଥା। ତୁମେ ତ ସୁଗାର ଫାକ୍ଟ୍ରି କରିବ ଆମ ଧରା ସେଥିରେ କି କାମ କରିବ?

ସଂଗ୍ରାମ - ଆମ ଫାକ୍ଟ୍ରିରେ ଅନେକ ଲୋକ ଦରକାର। ପିଅନ କିରାଣୀଠାରୁ ଆରମ୍ଭ କରି ମ୍ୟାନେଜର୍ ପର୍ଯ୍ୟନ୍ତ। ସେଥିରେ ଗୋଟାଏ ସମ୍ମାନଜନକ ଚାକିରିରେ ଆମେ ଧରିତ୍ରୀକୁ ରଖାଇଦେବା। ତା' ପାଇଁ ଆଦୌ ବ୍ୟସ୍ତ ହୁଅ ନାହିଁ।

ଶଙ୍କର - ନା, ମୋର ଆଉ ବ୍ୟସ୍ତ ହବା କ'ଣ ଦରକାର। ତୁମର ସେ ଭଉଣୀ। ତା' ପାଇଁ ଚାକିରି ଯୋଗାଇଦେବ, ତା'ଠାରୁ ଆଉ ଭଲ କଥା କ'ଣ ଅଛି ?

ସଂଗ୍ରାମ - ଆମକୁ ତ ଅନେକ ସମୟରେ ଏଠି ରହିବାକୁ ପଡ଼ିବ କକା।

ଶଙ୍କର - ହଁ ରହିବାର ଅସୁବିଧା କ'ଣ ? ଘର ତ ଅନେକ ଅଛି ମୁଁ ସବୁ କୋଠରୀ ଗୁଡ଼ାକ ସଫା କରାଇ ସଜାଡ଼ି ଦଉଛି। ତୁମର ରହିବାରେ କିଛି ଅସୁବିଧା ହେବ ନାହିଁ। ଖାଇବା ବ୍ୟବସ୍ଥା ବି ଭଲରେ ହେଇଯିବ।

ସଂଗ୍ରାମ - ନା କକା! ଖାଇବା ବନ୍ଦୋବସ୍ତ ଆମେ କରିନେବୁ। ଖାଲି ଗୋଟାଏ ଭଲ ରୋଷେୟା ଆମକୁ ଯୋଗାଡ଼ କରିଦେବ। ହଁ ତୁମ ପାଇଁ ବି ଆଉ ଧରିତ୍ରୀକୁ ରୋଷେଇ କରିବାକୁ ପଡ଼ିବ ନାହିଁ।

ଫିରୋଜ - ଗୋଟେ ରୋଷେଇରେ ଆମେ ସମସ୍ତେ ଖାଇନେବା।

ଶଙ୍କର - ହଉ ତୁମର ଯାହା ଭଲ ତୁମେ ତାହା କର। କିନ୍ତୁ ଆଜିତ ରୋଷେୟା ଯୋଗାଡ଼ ହେଇନି। ତୁମ ପାଇଁ ଆମ ଧରିତ୍ରୀକୁ କହୁଛି ସେ ରୋଷେଇ କରିଦେବ। (ଡାକିଛନ୍ତି) ଆରେ ମା ଧରା! ଧରା!

ଧରିତ୍ରୀ - (ଭିତରୁ ଆସିଛି) କ'ଣ ବାପା?

ଶଙ୍କର - ଆରେ ସଂଗ୍ରାମ ଭାଇ ଆସିଛନ୍ତି। ତା ସାଙ୍ଗରେ ତା' ସାଙ୍ଗମାନେ ଆସିଛନ୍ତି। ସେମାନେ ଏଠାରେ ଆଖୁଚାଷ କରିବେ। ତାପରେ ସୁଗାର ଫାକ୍ଟ୍ରି ଆରମ୍ଭ କରିବେ, ତାଙ୍କୁ ଏଠି ଅନେକ ସମୟରେ ରହିବାକୁ ପଡ଼ିବ। ଆମେ ତାଙ୍କ ପାଇଁ ଗୋଟେ ରୋଷେୟା ବ୍ୟବସ୍ଥା କରିଦେବା। ଆଜି ତାଙ୍କ ପାଇଁ ଭାତ, ଡାଲି, ତରକାରୀ ବ୍ୟବସ୍ଥା କରିଦେ। ସେମାନେ ଏଇଠି ଖାଇନେବେ।

ଧରିତ୍ରୀ - ଠିକ୍ ଅଛି ବାପା! ମୁଁ ସଙ୍ଗେ ସଙ୍ଗେ ଦୁଇଟା ଚୁଲି ଲଗାଇ ସବୁ କରିଦେବି। ତୁମେ ବ୍ୟସ୍ତ ହୁଅନାହିଁ।

ଶଙ୍କର - (ସଂଗ୍ରାମ, ଫିରୋଜ, ରାକେଶକୁ ଲକ୍ଷ୍ୟ କରି ) ତୁମେ ଫ୍ରେସ ହୋଇଯାଅ। ଆମ ଧରା ଖାଇବା ବ୍ୟବସ୍ଥା କରିଦେବ।

ରାକେଶ୍ - ହଉ ଠିକ୍ ଅଛି। ଆମ ପାଇଁ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ।

ଶଙ୍କର - ସେହି ବାଡ଼ି ପାଖରେ ଟ୍ୟୁବ୍‌ୱେଲ୍ ଅଛି। ତା'ରି ପାଖରେ ପାଇଖାନା ଗାଧୁଆଘର ବି ଅଛି। ସେଇଠୁ ଫ୍ରେସ୍ ହେଇ ଆସ।

ଫିରୋଜ - ଠିକ୍ ଅଛି ଆମେ ଫ୍ରେସ୍ ହୋଇ ଆସୁଛୁ।
(ସଂଗ୍ରାମ, ଫିରୋଜ, ରାକେଶ ଫ୍ରେସ୍ ହେବାକୁ ବାଡ଼ି ପାଖକୁ ଗଲେ। ଧରିତ୍ରୀ ଭିତରକୁ ଗଲା। ତାଙ୍କ ଗତିପଥକୁ ଚାହିଁ ରହିଥିଲେ ଶଙ୍କର।)

*(ମଂଚ ଅନ୍ଧାର ହେଲା)*

**ଦୃଶ୍ୟ – ପାଞ୍ଚ**

*(ଦେୱାନ ଶଙ୍କର ସିଂହଙ୍କ ଘର)*

ଶଙ୍କର - ଏବେ ଜମି ଦେଖିବାକୁ ଯିବେ ଛୁଆବାବୁ?

ସଂଗ୍ରାମ - ହଁ, ଏବେ ଚାଲନ୍ତୁ। ଆମର କିଛି ଅସୁବିଧା ନାହିଁ।

ଫିରୋଜ - ମୋର ପ୍ରବଳ ମୁଣ୍ଡ ବିନ୍ଧୁଛି। ଦେହଟା ଜ୍ୱର ଜ୍ୱର ଲାଗୁଛି।

ସଂଗ୍ରାମ - ତୁ ତେବେ ଯିବୁନି?

ରାକେଶ - ତେବେ ତୁ ଏଠି ବିଶ୍ରାମ ନେଉଥା। ଆମେ ଯାଇ ଦେଖି ଆସୁ।

ଶଙ୍କର - ତେବେ ତୁମେ ଥାଅ, ମୁଁ ଆମ ଧରାକୁ କହି ଯାଉଛି। କ'ଣ କିଛି ଦରକାର ପଡ଼ିଲେ ତାକୁ ଡାକିବ।

ଫିରୋଜ - ହଁ କକ; ମୋ ପାଇଁ ବ୍ୟସ୍ତ ହୁଅନ୍ତୁନାହିଁ। ମୁଁ ଟିକିଏ ବିଶ୍ରାମ ନେଇଗଲେ ସବୁ ଠିକ୍ ହୋଇଯିବ। (ଶଙ୍କର ସିଂହ ଘର ଭିତରକୁ ଗଲେ। ସଙ୍ଗରେ ଧରିତ୍ରୀକୁ ଧରି ଆସିଲେ।)

ଶଙ୍କର - ଏ ପୁଅର ଦେହ ଭଲ ଲାଗୁନି। ସେ ଏଠାରେ ବିଶ୍ରାମ ନେଉଛି। ଆମେ ଯାଉଛୁ ବିଲ ଆଡ଼େ। ସେମାନେ କେଉଁଠି ଆଖୁ ଚାଷ କରିବେ, ଜମି ସ୍ଥିର କରି ଆସିବେ।

ଧରିତ୍ରୀ - ହଉ ଠିକ୍ ଅଛି, ତୁମ୍ଭେମାନେ ଯାଇ ଆସ।(ଶଙ୍କର, ସଂଗ୍ରାମ ଓ ରାକେଶ ବାହରକୁ ଗଲେ।)

ଧରିତ୍ରୀ- ଦେହ କେମିତି ଲାଗୁଛି?

ଫିରୋଜ- ମୁଣ୍ଡଟା ପ୍ରବଳ ବିନ୍ଧୁଛି, ଦେହ ବି ଜର ଜର ଲାଗୁଛି। ଟିକେ ପାଣି ଦେବ?

ଧରିତ୍ରୀ- (ପାଣି ଗ୍ଲାସ ଆଣି ବଢାଇଛି। ଫିରୋଜ ପାଣି ପିଇଛି)

ଫିରୋଜ- ଘରେ ଅମୃତାଂଜନ ଅଛି?

ଧରିତ୍ରୀ- ହଁ ଅଛି। ଆଣିବି?

ଫିରୋଜ- ହଁ ମୁଣ୍ଡଟା ଏତେ ବିନ୍ଧୁଛି, ଅମୃତାଂଜନ ଲଗାଇ ଦେଲେ ଟିକିଏ ଉଶ୍ୱାସ ଲାଗିବ।
(ଧରିତ୍ରୀ ଭିତରୁ ଯାଇ ଅମୃତାଂଜନ ଆଣିଛି)

ଧରିତ୍ରୀ - ଅମୃତାଂଜନ ଆଣିଲି। ମୁଣ୍ଡରେ ଲଗାଇ ଦେବି?

ଫିରୋଜ- ନା, ତୁମେ କାହିଁକି ଏତେ କଷ୍ଟ କରିବ? ମୋତେ ଦିଅ ମୁଁ ଲଗାଇ ଦେବି।

ଧରିତ୍ରୀ- ନା କଷ୍ଟ କ'ଣ? ମୁଁ ଲଗାଇ ଦେଉଛି। ଆରାମ ଲାଗିବ, ଶୋଇ ପଡ଼ିବେ।
(ଫିରୋଜ କପାଳରେ ଅମୃତାଂଜନ ମାଲିସ୍ କରିଛି ଧରିତ୍ରୀ)

ଫିରୋଜ- ଆଃ କେଡେ ଆରାମ ଲାଗୁଛି ସତେ। ତୁମ ହାତ ପାପୁଲି ଏତେ କୋମଳ ଯେ ମୋର ସବୁ ମଥାବ୍ୟଥା ଯନ୍ତ୍ରଣାକୁ ହରଣ କରିନେଲା।

ଧରିତ୍ରୀ- ଆପଣ ମୋତେ ପ୍ରଶଂସା କରି ବେଶି ଗୌରଚନ୍ଦ୍ରିକା ଦେଇ ଏପରି କହୁଛନ୍ତି।

ଫିରୋଜ- ନା ଧରିତ୍ରୀ, ମୁଁ ଯାହା କହୁଛି ଏକବାର ସତକଥା କହୁଛି।

ଧରିତ୍ରୀ- ହଉ ଠିକ୍ ଅଛି। ଟିକିଏ ଶୋଇ ପଡନ୍ତୁ ଆଉରି ଅଧିକ ଆରାମ୍ ଲାଗିବ।

ଫିରୋଜ- ତୁମ ସହିତ କଥାବାର୍ତ୍ତା କଲେ ମୋତେ ବେଶି ଭଲ ଲାଗୁଛି। ମୋର ଯେଉଁ ମଥା ଯନ୍ତ୍ରଣା ହେଉଥିଲା, ଅନେକ ଉଶ୍ୱାସ ଲାଗୁଛି।

ଧରିତ୍ରୀ- ପ୍ରଥମରୁ ତୁମ ତିନିଜଣଙ୍କୁ ଦେଖିଲାବେଳୁ ତୁମକୁ ହିଁ ମୋତେ ବେଶି ଭଲ ଲାଗୁଥିଲା,

ଫିରୋଜ- କାହିଁକି?

ଧରିତ୍ରୀ- ତୁମେ ତିନିଜଣଙ୍କ ଭିତରେ ସବୁଠାରୁ ବେଶି ସୁନ୍ଦର, ସୁକୁମାର। ତୁମ କମନୀୟ ରୂପ ସଂଭାର ଯେମିତି ପ୍ରଥମରୁ ମୋତେ ଆନମନା କରିଦେଇଛି। ସଭିଙ୍କ ଭିତରେ ତୁମର ଉଦାସିନତାର ଏକ ଅନନ୍ୟ ଆବେଦନ ରହିଛି।

ଫିରୋଜ- ଏହା ତୁମର ମନର କଥା ନା ଅତିରଞ୍ଜିତ କରି ମୋ ଆଗରେ ଅଭିନୟ କରୁଛ।

ଧରିତ୍ରୀ- ଅଭିନୟ କାହିଁକି କରିବି ?

ଫିରୋଜ- ଯଦି କଥାଟା ସତ, ତେବେ ତ ମୁଁ ବହୁତ ଖୁସି।

ଧରିତ୍ରୀ- ଖାଲି ଖୁସି, ଆଉ କିଛି ନୁହେଁ?

ଫିରୋଜ- ଆଉ ଯାହା କହିବି, ତୁମେ କ'ଣ ବିଶ୍ୱାସ କରିବ?

ଧରିତ୍ରୀ- ବିଶ୍ୱାସ କରିବି ନାହିଁ କାହିଁକି? କୁହ,

ଫିରୋଜ- ମୁଁ ତୁମକୁ ଦେଖିଲା ପରଠାରୁ ତୁମେ ମୋ ମନ ସରୋବରରେ ଯେମିତି ବସା ବାନ୍ଧି ରହି ଯାଇଛ।

ଧରିତ୍ରୀ- ମାନେ?

ଫିରୋଜ- ମାନେ, ମୁଁ ତୁମକୁ ପ୍ରଥମ ଦେଖାରୁ ହିଁ ଭଲ ପାଇ ବସିଛି। ତୁମେ ଯଦି ଖରାପ ନ ଭାବିବ ଆଉ ଗୋଟେ ସତକଥା କହିବି।

ଧରିତ୍ରୀ- ସତକଥା? ଆଉ କି ସତକଥା?

ଫିରୋଜ- ତୁମ ସହିତ କଥାହେବାକୁ ହିଁ ମୋ ମୁଣ୍ଡ ବିନ୍ଧୁଥିଲା। ମୁଁ ଜାଣିଜାଣି ତାଙ୍କ ସହିତ ନ ଯାଇ ବିଶ୍ରାମ ନେବା ଆଳରେ ଘରେ ରହିଲି।

ଧରିତ୍ରୀ- ତାହେଲେ ତ ମୋ ଜୀବନ ଧନ୍ୟ ହେଇଯାଇଛି ବୋଲି ମୁଁ ମନେ କରିବି।

ଫିରୋଜ- ତାଚ୍ଛଲ୍ୟ କରୁଛ?

ଧରିତ୍ରୀ- ନା, ତାଚ୍ଛଲ୍ୟ କାହିଁକି କରିବି?

ଫିରୋଜ- ଭଲ ପାଇବା ଏମିତି ହିଁ ଅଚାନକ ସୃଷ୍ଟି ହୁଏ ବୋଧେ।

ଧରିତ୍ରୀ- ଏହା ପୂର୍ବରୁ କଲେଜ ପଢ଼ିବାବେଳେ କେହି କ'ଣ ତୁମ ଭଲ ପାଇବାର ବଳୟ ଭିତରକୁ ଆସିନାହାନ୍ତି?

ଫିରୋଜ- ନା, ତୁମରି ସହିତ ପ୍ରଥମ ସାକ୍ଷତରେ ହିଁ ଭଲ ପାଇବାର ସ୍ୱାଦୁ ଅନୁଭବ କରୁଛି। ତୁମେ ହିଁ ମୋର ଆଦ୍ୟ ପ୍ରେମ।

ଧରିତ୍ରୀ- ମୁଁ ଅଚିହ୍ନା ଅଜଣା ଗାଉଁଲି ଝିଅଟାଏ। ଆପଣ ହେଉଛନ୍ତି ସହରୀ ବାବୁ। ଆପଣ ମୋତେ ଭଲପାଉଛନ୍ତି - କିଏ ବିଶ୍ୱାସ କରିବ।

ଫିରୋଜ- ଆଉ କାହା ବିଶ୍ୱାସରେ କିଛି ଯାଏ ଆସେ ନାହିଁ। ତୁମର ବିଶ୍ୱାସ ଅଛି ତ?

ଧରିତ୍ରୀ- (ମୁଣ୍ଡ ହଲାଇ) ଉହୁଁ, କେମିତି ବିଶ୍ୱାସ କରିବି? ଆପଣ କେଉଁ ଅଜ୍ଞାତ କାନନର ଅଚିହ୍ନା ଚଢ଼େଇ। ଉଡ଼ି ଉଡ଼ି ଚାଲି ଆସିଛନ୍ତି ପୁଣି କିଛି କ୍ଷଣ ପରେ

ଉଡ଼ିଯିବେ। ଅଥଚ......

ଫିରୋଜ- ତୁମେ ଯାହା ଭାବୁଛ ପ୍ରକୃତରେ ମୁଁ ତାହା ନୁହେଁ। ମୁଁ ତୁମ ପ୍ରେମର ଅନାବିଳ ଯାତ୍ରୀ, ଆବିଳତା ମୋତେ ସ୍ପର୍ଶ କରିନି କି କରିପାରିବ ନାହିଁ।

ଧରିତ୍ରୀ- ମୁଁ ସିନେମାରେ ଦେଖିଛି, ଏମିତି ସହରୀ ବାବୁ ଆସନ୍ତି ଗ୍ରାମର ତରୁଣୀଙ୍କୁ ପ୍ରେମର ଜାଲରେ ଫସେଇ ତାପରେ ଛାଡ଼ି ଚାଲି ଯାଆନ୍ତି। ତାପରେ ସେ ଗ୍ରାମ୍ୟ ତରୁଣୀଟି .......

ଫିରୋଜ- ନା ସେପରି ମୋତେ ଭାବିବାର ଅବସର ରଖ ନାହିଁ। ମୁଁ ଏବେ ଚାହିଁଲେ ଏବେ ତୁମକୁ ନିଜର କରି ବିବାହ ବନ୍ଧନରେ ବାନ୍ଧିଦେଇ ପାରେ, କିନ୍ତୁ ଆମ ସାମ୍ନାରେ ଗୋଟିଏ ଅନ୍ତରାୟ ଅଛି।

ଧରିତ୍ରୀ- ଅନ୍ତରାୟ ?

ଫିରୋଜ- ମୁଁ ମୁସଲମାନ, ତୁମେ ହିନ୍ଦୁ।

ଧରିତ୍ରୀ- ତୁମେ ମୁସଲମାନ ? (ଟିକିଏ ଭାବି) ଓଃ ସେଥିରେ କ'ଣ ଅଛି, ମଣିଷ ତ ଗୋଟାଏ। ମନ ଗୋଟାଏ, ରକ୍ତ ଗୋଟାଏ। ମାନସିକ ସାମ୍ୟତା ରହିଲେ ବନ୍ଧୁତା ଗଢ଼ି ଉଠେ। ଭଲ ପାଇବାର ମାଦକତା ଭରିଗଲେ, ପ୍ରେମ, ପ୍ରଣୟ ଏବଂ ପରିଣୟ ସହଜରେ ସମାହିତ ହୋଇଯାଏ। ସେଠି ଧର୍ମ ଅନ୍ତରାୟ ସୃଷ୍ଟି କରିପାରେ ନାହିଁ।

ଫିରୋଜ- ମୁଁ ଯାହା ମନେକରେ ଆମ ଭିତରେ ମାନସିକ ବ୍ୟବଧାନ ନାହିଁ। ତୁମେ ମୋତେ କେମିତି ଭାବେ ଗ୍ରହଣ କରୁଛ ମୁଁ ଜାଣି ପାରୁନି। ଅଥଚ.....

ଧରିତ୍ରୀ- ଆପଣ ମୋତେ ଯେଭଳି ଭଲ ପାଇ ବସିଛନ୍ତି ମୋର ମଧ ଆପଣଙ୍କୁ ଭଲ ପାଇବାରେ କାଣିଚାଏ ବି ଊଣା ନାହିଁ। କିନ୍ତୁ ଏ ଅଚାନକ ପ୍ରେମ ବିଳମ୍ବିତ ଲଗ୍ନରେ ଫସର ଫାଟିଯିବାର ସମ୍ଭାବନା ଅଛି। ତା'ପରେ ପୁଣି ଧର୍ମ ଆମ ଭିତରେ ପ୍ରାଚୀର ହୋଇ ଛିଡାହେବ ?

ଫିରୋଜ- କିନ୍ତୁ ଆଉ ଗୋଟାଏ ଅସୁବିଧା ଅଛି। ମୁଁ ଉଚ୍ଚ ଶିକ୍ଷିତ ସତ। କିନ୍ତୁ ମୁଁ ଏପର୍ଯ୍ୟନ୍ତ ଉପାର୍ଜନ କ୍ଷମ ହୋଇନାହିଁ। ଆମେ ତିନିସାଙ୍ଗ ଗୋଟାଏ ସୁଗାର ଫାକ୍ଟ୍ରି କରିବା ପ୍ରସ୍ତୁତିରେ ଅଛୁ।

ଧରିତ୍ରୀ- ହଁ ସେଥିରେ କିଛି ଅସୁବିଧା ନାହିଁ। ଫାକ୍ଟ୍ରି ଯୋଜନାରେ ଅଛ ମାନେ, ଫାକ୍ଟ୍ରି ତ ନିଶ୍ଚୟ ହେବ। ହେଲେ -

ଫିରୋଜ- ଆମେ ଯେପରି ଭାବୁଛନ୍ତି। ସମାଜ ଆମକୁ ସେପରି ଗତି କରିବାକୁ ଦେବନାହିଁ।

ଧରିତ୍ରୀ- ମାନେ ?

ଫିରୋଜ- ତୁମ ବାପା ତ ଏ ପ୍ରସ୍ତାବରେ କେବେବି ସମ୍ମତ ହେବେ ନାହିଁ।

ଧରିତ୍ରୀ- ବାପା ଅସମ୍ମତ ହେଲେ ବି ଆମେ ନା ବାଳକ ବାଳିକା ନୁହଁନ୍ତି। ଆମର ବିବାହକୁ କେହିବି ଅସିଦ୍ଧ ଘୋଷଣା କରିପାରିବେ ନାହିଁ।

ଫିରୋଜ- ତୁମେ ଯଦି ତୁମ ସିଦ୍ଧାନ୍ତରେ ଅଟଳ, ତେବେ ମୁଁ ତୁମକୁ କଥା ଦେଉଛି, ମୁଁ ତୁମକୁ ଯେମିତି ହେଲେ ଏଠାରୁ ଉଦ୍ଧାର କରି ନେଇ ନିଜର କରିନେବି। ଯେମିତି ହେଲେ ବାଜି ଉଠିବ ଆମର ମଧୁମିତ ମିଳନରାଗିଣୀ। (ଉଭୟଙ୍କର ଚାରି ଆଖି ମିଳନରେ

ସତେ ଯେମିତି ଝରି ପଡୁଥିଲା ପୂର୍ଣ୍ଣମୀ ଜହ୍ନର ରୂପେଲି ଜ୍ୟୋତ୍ସ୍ନା। ଏକ ଅବ୍ୟକ୍ତ ଶିହରଣରେ ଶିହରିତ ହୋଇ ଫିରୋଜ ଧରିତ୍ରୀକୁ ନିଜ ଦେହରେ ଜଡାଇ ଧରି ଆଙ୍କି ଦେଇଥିଲା ଅଜସ୍ର ଗାଢ଼ ଚୁମ୍ବନ। )

*(ମଂଚ ଧୀରେ ଧୀରେ ଅନ୍ଧାର ହୋଇଥିଲା।)*

## ଦୃଶ୍ୟ ଛଅ

*(ଜଷ୍ଟିସ୍ ରଣବୀର ବାବୁଙ୍କ ବୈଠକ ଖାନା, ସମ୍ବାଦପତ୍ର ଉପରେ ଆଖି ବୁଲାଉଥିଲେ ରଣବୀରବାବୁ। ହଠାତ୍ ବାହାରୁ ଝଡ ବେଗରେ ପଶି ଆସିଛନ୍ତି ରଣବୀର ବାବୁଙ୍କ ପୁରୁଣା ଦେୱାନ୍ ଶଙ୍କର ସିଂହ।)*

ଶଙ୍କର- ଆଜ୍ଞା ସରିଗଲା ଆଜ୍ଞା ମୋର ସବୁ ସରିଗଲା। ମୋ ସଂସାର ଭାସିଗଲା।

ରଣବୀର- ଆରେ ଶଙ୍କର ! କ'ଣ ହେଲା ? ଏପରି ଅସ୍ଥିର ହେଉଛୁ କାହିଁକି ?

ଶଙ୍କର- କ'ଣ ଆଉ କହିବି ସାଆନ୍ତେ। ଆପଣ ଛୁଆବାବୁ ଆଉ ତାଙ୍କ ସାଙ୍ଗଙ୍କୁ ମୋ ପାଖକୁ ପଠାଇଥିଲେ। ସେମାନେ ଆଖୁ ଚାଷ କରିବେ ବୋଲି ଆପଣଙ୍କ ନିର୍ଦ୍ଧାରିତ ଜମି ନିରୂପଣ କରି ଆସିଲେ। ଯଥାରୀତିରେ ଆଖୁ ଚାଷ ହେଲା। ସେମାନଙ୍କ ଯୋଜନା ଅନୁସାରେ ସେମାନେ ତାଙ୍କ ସୁଗାର ଫାକ୍ଟ୍ରି ବି ଆରମ୍ଭ କଲେ।

ରଣବୀର- ସବୁ ତ ଠିକ୍ ଠିକ୍ ହେଲା , ହେଲେ ତୁମର ଅସୁବିଧା ରହିଲା କେଉଁଠି ?

ଶଙ୍କର- ଆଜ୍ଞା ସେମାନେ ମୋ ଝିଅ ଧରାକୁ ଗୋଟାଏ ଚାକିରି ଦେଇ ତାଙ୍କ ଫାକ୍ଟ୍ରିରେ ମୁତୟନ କଲେ।

ରଣବୀର- ତାପରେ ?

ଶଙ୍କର- ଛୁଆ ବାବୁଙ୍କର ଫିରୋଜ ବୋଲି ଯେଉଁ ମୁସଲ୍‌ମାନ ସାଙ୍ଗ, ସେ ମୋ ଝିଅ ସହିତ ପ୍ରେମ କରି ତାକୁ ଶିଖେଇ ବୁଝେଇ ନେଇ ସବ୍‌ରେଜିଷ୍ଟ୍ରୀଖାନାରେ ରେଜିଷ୍ଟ୍ରୀ ମ୍ୟାରେଜ୍ କରି ପକାଇଛି। ସେ ମୁସଲ୍‌ମାନଟା ସହିତ ମୋ ଝିଅ (ଭୋ ଭୋ କାନ୍ଦିଛି ଶଙ୍କର ସିଂହ)

*(କଥାଟାକୁ ମନେ ମନେ ବୁଝିବାକୁ ଚେଷ୍ଟା କରିଛନ୍ତି ଜଷ୍ଟିସ୍ ରଣବୀର ରାୟ।)*

ରଣବୀର- (ମାନସିକ ସ୍ଥିତି ସଂବରଣ କରି) ତୋ ଝିଅକୁ ଫିରୋଜ ବିବାହ କରିଛି ?

ଶଙ୍କର- ଆଜ୍ଞା !

ରଣବୀର- ଅସୁବିଧା କ'ଣ ହେଲା ? ତୁ ଏମିତି କାନ୍ଦୁଛୁ କାହିଁକି ? ଫିରୋଜ ତ ଖୁବ୍ ସୁନ୍ଦର ପିଲା। ଯେପରି ରୂପବାନ ଠିକ୍ ସେହିପରି ଗୁଣବାନ୍।

ଶଙ୍କର- ଆଜ୍ଞା, ଯାହା ହେଲେବି ସେ ମୁସଲ୍‌ମାନ ପିଲାଟେ। ମୋ ହିନ୍ଦୁ ଝିଅକୁ ସେ ବାହାହେଲା। ମୁଁ ଏ ସମାଜରେ ମୁଣ୍ଡ ଟେକି କେମିତି ବାଟ ଚାଲି ପାରିବି ?

ରଣବୀର- ଆରେ ମଣିଷ ଜୀବନର ଗୁରୁତ୍ୱ ଜଣେ ହିନ୍ଦୁ ପାଇଁ ଯାହା, ଜଣେ ମୁସଲ୍‌ମାନ ପାଇଁ ଠିକ୍ ସେଇୟା। ସଭିଙ୍କ ଧମନୀରେ ରକ୍ତ ଅଛି, ହୃଦୟରେ ସ୍ପନ୍ଦନ ଅଛି, ଦେହରେ ପ୍ରାଣ ଅଛି, ମନରେ ସରସତା ଅଛି। ଧର୍ମ ଧାରା ଭିନ୍ନ ହୋଇପାରେ। ସେଥିପାଇଁ ଏତେ ବ୍ୟସ୍ତ ହେବାର କ'ଣ ଅଛି ?

ଶଙ୍କର- ସେପରି ମୋତେ ବହଲାଇ ଦିଅନ୍ତୁ ନାହିଁ ସାଆନ୍ତେ। ମୋ ପିତୃପୁରୁଷ ପାଣି ପାଇବେ ନାହିଁ।

ରଣବୀର- ଆରେ ତୁ ଏତେ ବ୍ୟସ୍ତ ହୋଇ ପଡୁଛୁ କାହିଁକି ?

ଶଙ୍କର- ଆଜି ଯଦି ଛୁଆବାବୁ କେଉଁ ମୁସଲମାନ୍ ଝିଅକୁ ବାହା ହୋଇ ପଡ଼ିଥାନ୍ତେ, ଆପଣ ବ୍ୟସ୍ତ ହୁଅନ୍ତେ ନାହିଁ?

ସଂଗ୍ରାମ - (ପ୍ରବେଶ) କାହିଁକି ଯେ ଏତେ ବ୍ୟସ୍ତ ହୋଇପଡୁଛ କକା!

ଶଙ୍କର - ତୁମେ ମୋତେ ଆଉ କିଛି କୁହନାହିଁ ଛୁଆବାବୁ! ତୁମେ ଗଲ, ମୁଁ ତୁମକୁ ସହଯୋଗ କରିଦେଲି, ଶେଷକୁ ମୋ ଝିଅ...(ପୁଣି କୋହଭରା ହୋଇ କାନ୍ଦି ଉଠିଲେ)

ରଣବୀର- ସଂଗ୍ରାମ! ସେ ଫିରୋଜ କେମିତି ଶଙ୍କରର ଝିଅକୁ ବାହାହେଇ ପଡ଼ିଲା,ତୁମେ କିଛି ଜାଣି ପାରିଲନାହିଁ?

ସଂଗ୍ରାମ - ଅନାବିଳ ପ୍ରେମ ପାଖରେ ଜାତି ଧର୍ମ ବ୍ୟବଧାନ ରକ୍ଷା କରିବା ବଡ଼ ଜଟିଳ ଡାଡ଼ି।

ରଣବୀର - ତଥାପି ଆମ ସମାଜର ସୀମାରେଖା ଭିତରେ ହିନ୍ଦୁ ମୁସଲମାନ୍‌ର ବୈବାହିକ ସମ୍ପର୍କରେ ପ୍ରାଚୀର ଭାଙ୍ଗି ଯାଇନି।

ସଂଗ୍ରାମ - ଡାଡ଼ି! ତୁମେ ତ କହିଥିଲ- ହିନ୍ଦୁ ମୁସଲମାନ୍‌ର ଭେଦଭାବକୁ ତୁମେ ଘୃଣା କର ବୋଲି?

ରଣବୀର - ହଁ କହିଥିଲି, କିନ୍ତୁ ତାହା ଆମ ଦେଓ୍ୱାନ ଶଙ୍କର କ୍ଷେତ୍ରରେ ଯେ ସମାହିତ ହେବ, ମୁଁ କେବେ କଳ୍ପନା କରି ନଥିଲି। ମୁଁ ଶଙ୍କରକୁ ସେହି କଥା ହିଁ ଏବେ ବୁଝାଉଥିଲି।

ସଂଗ୍ରାମ - ତୁମେ ଆଦୌ ବ୍ୟସ୍ତ ହୁଅ ନାହିଁ କକା! ଫିରୋଜ ଭଳି ଏତେ ଭଲ ପିଲା ସାରା ସମାଜରେ ବିରଳ। ଆମ ଫାକ୍ଟ୍ରି ତ ଖୁବ୍ ଭଲ ଚାଲିଛି। ତେଣୁ ତା'ର ଅଭାବ କିଛି ନାହିଁ। ଆମେ ମଧ୍ୟ ଧରିତ୍ରୀକୁ ବଡ଼ ଦରମାରେ ଭଲ ଚାକିରି ଦେଇଛୁ। ଆଦୌ ବ୍ୟସ୍ତ ହୁଅ ନାହିଁ। ଦେଖିବେ ତୁମ ଝିଅଙ୍କୁ ତୁମକୁ କିପରି ସେବା ଯତ୍ନରେ ରଖିବେ। ତୁମେ ଚିନ୍ତା କର ନାହିଁ।

ରଣବୀର - ସଂଗ୍ରାମ କଥାକୁ ତୁ ଅନ୍ୟଥା ଭାବନି ଶଙ୍କର। ଫିରୋଜ ଭଳି ଏତେ ଭଲ ପିଲା ମୁଁ ଜୀବନରେ ଖୁବ୍ କମ୍ ଦେଖିଛି। ତୁ ଆଦୌ ବ୍ୟସ୍ତ ହେବୁନାହିଁ। ମୁଁ ନିଜେ ଫିରୋଜକୁ ଡକାଇ କଥା ହେଇଯିବି। ତୁ ଦେଖିବୁ, ତୋ ଝିଅ କେତେ ସୁଖଶାନ୍ତିରେ ଜୀବନ ବିତେଇବ। ତା ଭଲ ପାଇବାରେ ତୁ ଅନ୍ତରାୟ ସୃଷ୍ଟି କରିଥିଲେ ତୁ ପାପ କରିଥାନ୍ତୁ। ତାଙ୍କ ପ୍ରେମରେ ଆବିଳତା ନାହିଁ। ସେଭଳି ଅମୃତମୟ ପ୍ରେମର ପତାକା ଆଜି ଫରଫର ହୋଇ ଉଡୁଛି ଜାଣି ମୁଁ ଖୁବ୍ ଖୁସି। ତୁ ବି ସେହିପରି ଖୁସିହେବାକୁ ଚେଷ୍ଟାକର। ଦେଖିବୁ, କିଛି ବାଧାବିଘ୍ନ ସୃଷ୍ଟି ହେବନାହିଁ। ଆ, ମୋ ପାଖକୁ ଆ....

*(ଶଙ୍କରକୁ କୁଣ୍ଢେଇ ଧରିଛନ୍ତି ଜଷ୍ଟିସ୍ ରଣବୀର ରାୟ। ଆନନ୍ଦର ମୂର୍ଚ୍ଛନା ଉଚ୍ଛୁଳି ଉଠିଛି ଅନ୍ତରାଳରୁ। ଧୀରେ ଧୀରେ ଲହଁ ଆସିଛି ମଞ୍ଚର ଯବନିକା।)*

*ଚିତ୍ରକଳା, ଏଲ୍ - ୧୦୨, ବରମୁଣ୍ଡା*
*ହାଉସିଂବୋର୍ଡ କଲୋନୀ*
*ଭୁବନେଶ୍ୱର - ୭୫୧୦୦୩*
*ଦୂରଭାଷ: ୬୩୭୦୨୪୪୮୦୯*

ପ୍ରକାଶ ପାଇଲା!

କବି **ପ୍ରଫେସର ଉପେନ୍ଦ୍ର ନାୟକ**ଙ୍କର

# "ଛନ୍ଦକାବ୍ୟ ସମଗ୍ର"
## (ପ୍ରଥମ ଭାଗ)

ପ୍ରକାଶକ - 'ଗାୟତ୍ରୀ', ଭୁବନେଶ୍ୱର
ମୂଲ୍ୟ - ସାତଶହ ଟଙ୍କା ମାତ୍ର



କ୍ଷୁଦ୍ର ଉପନ୍ୟାସ

# ଦ କିସ୍

## ମୂଳ ରଚନା: ଆଂଟୋନ ଚେକୋଭ୍
## ଅନୁବାଦ: ଦିଲିପ କୁମାର ବିଷୋୟୀ

ମେ ୨୦, ସଂଧ୍ୟା ୮ଟା । କ୍ୟାମ୍ପକୁ ଫେରିବା ବାଟରେ ଅମୁକ ରିଜର୍ଭ ଆର୍ଟିଲାରୀ ବ୍ରିଗେଡର ସମସ୍ତ ଛଅଟି ବ୍ୟାଟେରୀ ସେମାନଙ୍କର ରାତ୍ରି ରହଣି ପାଇଁ ମେସ୍ଟେଚେଚିକି ଗ୍ରାମରେ ଅଟକି ଗଲେ । ସେମାନଙ୍କର ଗହଳି, କୋଳାହଳ ବେଶ୍ ଉଚ୍ଚ ହେବାରେ ଲାଗିଥିଲା । କିଏ ବନ୍ଧୁକ ସଫା କରିବାରେ ଲାଗିଥିଲା ତ କିଏ କିଏ ଚର୍ଚ୍ଚ ପାଖ ଛକରେ ଏକାଠି ହୋଇ କ୍ୱାଟର ମାଷ୍ଟରର କଥା ଶୁଣୁଥିଲେ । ଏହି ସମୟରେ କେହି ଜଣେ ସାଧା ପୋଷାକଧାରୀ ଏକ ଅଜବ ଘୋଡା ଚଢି ସେହି ଚର୍ଚ୍ଚ ପାଖରେ ଦେଖା ଦେଲା । ଲମ୍ବା ବେକ ଆଉ ଛୋଟ ଲାଞ୍ଜଥିବା ସେ ଇଷତ୍ ମାଟିଆ ରଙ୍ଗର ଘୋଡାଟା ସିଧା ସିଧା ଚାଲୁ ନଥିଲା । କୁଦିଲା ଭଳି ବଙ୍କେଇ ବଙ୍କେଇ ଚାଲୁଥିଲା ସତେ ଯେମିତି ତାର ଗୋଡଟାକୁ କିଏ ବାଡେଇ ଦେଇଛି । ଘୋଡାଟି ଅଫିସରମାନଙ୍କ ପାଖରେ ପହଂଚିବା ପରେ ଘୋଡା ପିଠିରେ ବସିଥିବା ଲୋକଟି ଟୋପି ଉଠାଇ ଅଭିନନ୍ଦନ ଜଣାଇଥିଲା ଏବଂ କହିଥିଲା-

"ମହାମାନ୍ୟ ଲେଫ୍ଟେନାଂଟ ଜେନେରାଲ ଫୋନ୍ ରାବିକ୍ ଆପଣମାନଙ୍କୁ ତାଙ୍କ ସହ ଚା' ପିଇବାକୁ ନିମନ୍ତ୍ରଣ କରିଛନ୍ତି..।"

ଘୋଡାଟି ନାଚି ନାଚି ବଙ୍କେଇ ବଙ୍କେଇ ଫେରିବାକୁ ଲାଗିଲା । ଦୂତ ଜଣକ ପୁଣି ଥରେ ଟୋପି ଉଠାଇ ତତ୍‌କ୍ଷଣାତ୍ ତାଙ୍କର ସେ ଅଜବ ଘୋଡାକୁ ନେଇ ଚର୍ଚ୍ଚର ପଛପଟେ ଅନ୍ତର୍ଦ୍ଧନ ହୋଇଗଲେ ।

"ସୈତାନର ଏଭଳି ନିମନ୍ତ୍ରଣର ଅର୍ଥ କଣ ହୋଇଥାଇପାରେ ?" କେତକ ଅଫିସର ବିରକ୍ତରେ ଗୁଣୁଗୁଣୁ ହୋଇ ନିଜ ନିଜ କ୍ୱାଟରକୁ ଫେରିଥିଲେ । "ନିଦ ମାଡିଲା ବେଳକୁ ଏ ଫୋନ୍ ରାବିକ୍ ଚା'କୁ ଡାକୁଛି ! ଆମେ ଜାଣିଛୁ ସେ ଚା'କୁ ଡାକିବାର ଅର୍ଥ କଣ ?"

ଛଅଟି ଯାକ ବ୍ୟାଟେରୀର ଅଫିସରମାନେ ସ୍ପଷ୍ଟଭାବେ ମନେ ରଖିଥିଲେ ଗତ ବର୍ଷର ଘଟଣା । କୋସାକ ରେଜିମେଂଟ ସହ ସେମାନେ ଯେତେବେଳେ ସମରାଭ୍ୟାସ କରୁଥିଲେ ଠିକ୍ ଏହିଭଳି ଭାବେ ଜଣେ କାଉଂଟ, ଅବସରପ୍ରାପ୍ତ ସାମରିକ ଅଫିସର, ଯାହାଙ୍କର ଜମିଦାରୀ ଥିଲା, ଚା'କୁ ଡାକିଥିଲେ । କାଉଂଟ ତାଙ୍କୁ ଖାଇବାକୁ ପିଇବାକୁ ଦେଇଥିଲେ ଆଉ ସେମାନଙ୍କୁ ସେମାନଙ୍କ କ୍ୱାଟରକୁ ଫେରି ଯିବାକୁ ନଦେଇ ରାତ୍ରି ଯାପନ ପାଇଁ ଅନୁରୋଧ କରିଥିଲେ । ସେ ସବୁ ବେଶ୍ ଭଲଥିଲା.. ତା'ଠୁ ଅଧିକ ଆଉ କିଛି ଆଶା କରାଯାଉନଥିଲା । ହେଲେ ସବୁଠାର ଖରାପ କଥାଥିଲା ଯେ ଯୁବକମାନଙ୍କ ସଂସ୍ପର୍ଶରେ ଆସି ଅନନ୍ଦରେ ସେ ବୃଦ୍ଧ ସାମରିକ ଅଫିସର୍ ଜଣକ ଏତେ ମସଗୁଲ ହୋଇ ଯାଇଥିଲେ ଯେ ସକାଳ ପର୍ଯ୍ୟନ୍ତ ସେ ତାଙ୍କର ଅତୀତ ଦିନରଗୌରବମୟ କାହାଣୀ ସବୁ ଶୁଣାଇଥିଲେ । ଘରସାରା ବୁଲାଇ ମୂଲ୍ୟବାନ ଚିତ୍ରସବୁ, ପ୍ରାଚୀନ ଖୋଦେଇ କାମ, ପୁରୁଣା ବନ୍ଧୁକମାନସବୁ ଦେଖାଇଥିଲେ । ବଡ ବଡ ଲୋକଙ୍କର ସ୍ୱାକ୍ଷରିତ ଚିଠି ସବୁ ପଢ଼ି ଶୁଣାଇଥିଲେ । କ୍ଲାନ୍ତ ଓ ଅବସାଦ ସତ୍ତ୍ୱେ ଅଫିସର୍ ମାନେ ସେ ସବୁ ଦେଖୁଥିଲେ ବା ଶୁଣୁଥିଲେ ହେଲେ ସେମାନେ ସେମାଙ୍କର ବିଛଣା ପାଇଁ ବ୍ୟାକୁଳ ହେଉଥିଲେ । ସେମାନଙ୍କର କୁର୍ତାର ଅସ୍ତିନରେ ହାଇ ଲୁଚାଇବାକୁ ଉଦ୍ୟମ କରୁଥିଲେ । ଏବଂ ଶେଷରେ ଯେତେବେଳେ ଏଥିରୁ ସେମାନଙ୍କୁ ମୁକ୍ତି ମିଳିଲା ସେତେବେଳକୁ ଶୋଇବା ସମୟଟା ଗଡି ଯାଇଥିଲା ।

ଏହି ଫୋନ୍ ରାବିକ୍ ସେଭଳି ହୋଇ ନଥାଇ ପାରନ୍ତି ? ସେ ସେଭଳି ହୋଇଥାନ୍ତୁ ବା ନଥାନ୍ତୁ କିଛି ଯାଏ ଆସେନି । ଅଫିସର୍ ମାନେ ସେମାନଙ୍କର ୟୁନିଫର୍ମ ବଦଳାଇ, ଦାନ୍ତ ବ୍ରସ୍ କରି, ଏକାଠି ହୋଇ ସେ ଭଦ୍ରବ୍ୟକ୍ତିଙ୍କର ଘର ଖୋଜିବାକୁ ବାହାରିଗଲେ । ଚର୍ଚ୍ଚ ଛକରେ କିଏ ଜଣେ କହିଲା ତଳ ରାସ୍ତାରେ ଯିବାକୁ ହେଲେ ଚର୍ଚ୍ଚ ପଛପାଖ ରାସ୍ତାରେନଦୀ ପଡିବ, ନଦୀ କୂଳେ କୂଳେ ଗଲେ ଗୋଟେ ବଗିଚା ପଡିବ ଏବଂ ସେଠାରେ ଗୋଟେ ବୀଥିପଥ ସେ କୋଠିରେ ପହଂଚାଇଦେବ ! ଆଉ ଉପର ରାସ୍ତାରେ ଗଲେ, ଚର୍ଚ୍ଚରୁ ସିଧା ଗଲେ ଗାଁ ଠାରୁ ଅଧା ମାଇଲ୍ ପରେ ଯେଉଁ ରାସ୍ତା ପଡିବ ସେହି ରାସ୍ତାରେ ତାଙ୍କର ଖଳାଘର ପଡିବ । ଅଫିସର୍‌ମାନେ ଉପର ରାସ୍ତାରେ ଯିବାକୁ ସ୍ଥିର କଲେ ।

"ଏ ଫୋନ୍ ରାବିକ୍ କିଏ ?" ସେମାନେ ବାଟରେ କଥା ହେଉଥିଲେ । "ନିଶ୍ଚିତ ଭାବେ ପ୍ଲେଭନାରେ ଥିବା ଅମୁକ କାଭାଲରୀର କମାଣ୍ଡର ନୁହେଁ ?"

"ନା ସେ ଫୋନ୍ ରାବିକ୍ ନୁହଁ । ସେ କେବଳ ରାବିକ୍ ଥିଲେ 'ଫୋନ୍ ନୁହଁ ।"

"ପାଗଟା ବେଶ୍ ଭଲ ଅଛି ।"

ଖଳାଘର ପାଖରେ ରାସ୍ତାଟା ଦୁଇ ଭାଗ ହୋଇଯାଇଛି । ଗୋଟେ ସିଧା ଯାଇ ସଂଧ୍ୟାର ଅନ୍ଧାରରେ ଲୀନ ହୋଇଯାଇଛି । ଅନ୍ୟଟି ଡାହାଣ ପଟେ ଯାଇ ଫୋନ୍ ରାବିକ୍‌ଙ୍କ ଘର ପାଖରେ ଉଠିଛି । ଅଫିସର୍‌ମାନେ ଡାହାଣ ପଟ ରାସ୍ତା ଧରୁ ଧରୁ ଧିର ସ୍ୱରରେ କଥାବାର୍ତା କରିଥିଲେ.. ଲମ୍ବି ଯାଇଥିବା ରାସ୍ତାର ଦୁଇପଟେ ପଥରର ଓ ନାଲି ଛାତର ଖମାରଘର ସବୁ ଭାରୀ ଭାରୀ କିନ୍ତୁ ଗମ୍ଭୀର ଦେଖା ଯାଉଥିଲା । ଜିଲ୍ଲା ସଦର ମହକୁମାର ବ୍ୟାରେକ୍ ଭଳି । ଖଳାଘର ଛାଡିଲେ ଆଗରେ ସେ କୋଠା ।

"ଶୁଭ ସୁଚନା ବନ୍ଧୁଗଣ", କେହି ଜଣେ କହିଲା । ନିଃସନ୍ଦେହରେ ସେ ଆମମାନଙ୍କ ପାଇଁ ଆଗରୁ ସବୁ ସଜାଡି ରଖିଛନ୍ତି ।

ଲେଫ୍ଟନାଂଟ ଲୋବିକୋ ସବା ଆଗରେ ଚାଲୁଥିଲେ । ଡେଙ୍ଗା ଚୌଡା ମଣିଷଟା ଯଦିଓ ମୁହଁ ନିଶ ନଥିଲା । ବୟସ ପଚିଶ ଖଣ୍ଡେ ହେଲାଣି ତଥାପି କୌଣସି କାରଣରୁ ତାର ସେ ଗୋଲଗାଲ ମୁହଁଟାରେ ନିଶଦାଢ଼ିର ଉଠି ନଥିଲା ।

ଦୂରରୁ ମହିଳାଙ୍କର ଉପସ୍ଥିତି ଜାଣିବାରେ ତାଙ୍କର ଏକ ଅଦ୍‌ଭୁତ କଳା ଥିବା କଥା ବ୍ରିଗେଡରେ ସମସ୍ତେ ଜାଣିଥିଲେ ।।

"ହଁ, ଏଠି ନିଶ୍ଚୟ କିଛି ମହିଳା ଥିବେ, ମୁଁ ତାହା ସ୍ପଷ୍ଟ ଭାବରେ ହୃଦୟଙ୍ଗମ କରି ପାରୁଛି ।"

ଦ୍ୱାରମୁହଁରେ ହିଁ ନିଜେ ଫୋନ୍ ରାବିକ୍ ଅଫିସରମାନଙ୍କୁ ଭେଟିଥିଲେ । ଷାଠିଏ ବର୍ଷ ର ମଣିଷଟା ସାଧା ପୋଷାକରେ ସାଧାରଣ ମଣିଷ ଭଳି ଦେଖା ଯାଉଥିଲା । ଅତିଥିମାନଙ୍କ ସହ କରମର୍ଦ୍ଦନ କରି ସେ କହିଲେ ସେମାନଙ୍କୁ ଭେଟି ସେ ବହୁତ

ଆନନ୍ଦିତ ଓ ଖୁସୀ । କିନ୍ତୁ ତୁରନ୍ତ ଭଗବାନଙ୍କ ଦ୍ୱାହି ଦେଇ କ୍ଷମା ମାଗିନେଲେ ଯେ ସେ ସେମାନଙ୍କୁ ରାତ୍ରି ଯାପନ ପାଇଁ କହି ପାରୁ ନାହାଁନ୍ତି । କାରଣ ପିଲପିଲିଙ୍କୁ ନେଇ ତାଙ୍କର ଦୁଇ ଭଉଣୀ, ଭାଇମାନେ ଓ କିଛି ପଡୋଶୀ ସେମାନଙ୍କୁ ଦେଖା କରିବାକୁ ଆସିଛନ୍ତି ଏବଂ ତାଙ୍କ ପାଖରେ କୌଣସି ବଳକା ରୁମ୍ ନାହିଁ ।

ଜେନେରାଲ୍ ସ୍ମିତହାସ୍ୟ ବଦନରେ ସମସ୍ତଙ୍କ ସହ ହାତ ମିଳେଇ ଆଉ କ୍ଷମା ମାଗିନେଲେ । କିନ୍ତୁ ତାଙ୍କ ମୁଖମଣ୍ଡଳରୁ ସ୍ପଷ୍ଟ ଜଣା ପଡୁଥିଲା ଯେ ସେ ଗତ ବର୍ଷର କାଉଂଟଙ୍କ ଭଳି ବିଶେଷ ଖୁସୀ ନଥିଲେ । ସେ ଅଫିସର୍‌ମାନଙ୍କୁ ଡାକିଛନ୍ତି କିଛି ସାମାଜିକ କୃତଜ୍ଞତା ଜଣାଇବା ପାଇଁ । ତାଙ୍କ କଥା ଶୁଣୁ ଶୁଣୁ କାରପେଟ ପଡିଥିବା ସିଡ଼ିରେ ଚଢ଼ିଲା ବେଳେ ଅଫିସରମାନେ ହୃଦୟଙ୍ଗମ କଲେ ଯେ ସେମାନଙ୍କୁ ନିମନ୍ତ୍ରଣ କରି ନଥିଲେ ଅସୁନ୍ଦର ହେବ ବୋଲି ସେ ସେମାନଙ୍କୁ ନିମନ୍ତ୍ରଣ କରିଛନ୍ତି । ଘର ବରଣ୍ଡାରେ ଆଉ ଉପର ଘରର ରୁମ୍ ଗୁଡିକରେ ଚାକର ପିଲାଟା ତରବର ହୋଇ ଦୀପ ଲଗାଉଥିଲା । ସେମାନେ ଅନୁଭବ କଲେ ସତେ ଯେମିତି ସେମାନେ କିଛି ଅସ୍ୱଭାବିକ ଯନ୍ତ୍ରଣା ଘରକୁ ନେଇ ଆସିଛନ୍ତି । କୌଣସି ପରିବାରିକ ଉତ୍ସବ ପାଇଁ କିମ୍ବା କୌଣସି କାର୍ଯ୍ୟକ୍ରମ ପାଇଁ ଯେଉଁ ଘରେ ଦୁଇ ଭଉଣୀ, ସେମାନଙ୍କର ପିଲାପିଲି, ଭାଇ ଓ ପଡୋଶୀ ଏକାଠି ହୋଇଛନ୍ତି ସେହି ପରିସ୍ଥିତିରେ ଉଣେଇଶ ଜଣ ଅଜଣା ଅଫିସରଙ୍କର ସେଠାରେ ଉପସ୍ଥିତିକୁ କିଭଳି ସ୍ୱାଗତ କରାଯାଇପରିବ ?

ଦାଣ୍ଡଘରର ଦ୍ୱାର ମୁହଁରେ ଅଫିସର୍‌ମାନେ ସାମ୍ରାଜ୍ଞୀ ୟୁଜେନି ଭଳି ଦେଖା ଯାଉଥିବା ଜଣେ ଡେଙ୍ଗା, କଳା କଳା ଆଖି ଏବଂ ଲମ୍ବା ମୁହଁ ଥିବା ସୁନ୍ଦରୀ ବୃଦ୍ଧାଙ୍କୁ ଭେଟିଲେ । ବୃଦ୍ଧା ଜଣକ ହସି ହସି କହିଲେ ଯେ ସେ ଅତିଥିମାନଙ୍କୁ ଦେଖି ବେଶ ପ୍ରସନ୍ନ ଏବଂ ସେ ଓ ତାଙ୍କ ସ୍ୱାମୀ ଅଫିସର୍‌ମାନଙ୍କୁ ରାତିରେ ରହିଯିବାପାଇଁ କହିପାରୁ ନାହାଁନ୍ତିବୋଲି କ୍ଷମା ମାଗି ନେଲେ । ହେଲେ ଯେତେବେଳେ ସେ ଅତିଥିମାନଙ୍କଠାରୁ ମୁହଁ ବୁଲାଇ ନେଉଥାନ୍ତିତାଙ୍କର ସେ ସୁନ୍ଦର ମୁହଁ ରୁ ହସ ସଙ୍ଗେ ସଙ୍ଗେ ଉଭେଇ ଯାଉଥାଏ । ସତେ ଯେମିତି ତାଙ୍କ ଜୀବନରେ ସେ ଏମିତି ଅନେକ ଅଫିସର୍ ଦେଖିଛନ୍ତି । ଏବଂ ସେଥିପାଇଁ ସେମାନଙ୍କ ପାଇଁ ତାଙ୍କର ବିଶେଷ ଆଗ୍ରହ ନାହିଁ । ଅଫିସର୍‌ମାନଙ୍କୁ ଘରକୁ ନିମନ୍ତ୍ରଣ କରିବା ଏବଂ ସେମାନଙ୍କର ଚର୍ଚ୍ଚା ବିଶେଷ ଭାବେ କରି ପାରୁ ନଥିବାରୁ କ୍ଷମା ମାଗି ନେବାଟା ସତେ ଯେମିତି ତାଙ୍କର ବଂଶ ପରଂପରା ଓ ସମାଜରେ ତାଙ୍କରପ୍ରତିଷ୍ଠା ପାଇଁ ଦରକାର ଥିଲା ।

ଅଫିସର୍‌ମାନେ ଯେତେବେଳେ ଡାଇନିଂ ରୁମ୍‌ରେ ପହଂଚିଥିଲେ ସେଠାରେ ଦଶବାରଜଣ ପୁରଷ ଓ ମହିଳା, ତୁରଣ ଏବଂ ବୟସ୍କ, ଗୋଟିଏ କଣରେ ପଡିଥିବା ଏକ ଲମ୍ବା ଟେବୁଲ ଚାରିକଡେ ବସି ଚା' ପିଉଥିଲେ । ଦଳେ ପୁରୁଷ ସେମାନଙ୍କର ଚୌକି ଅଢୁଆଳରେ, ସିଗାର ଧୂଆଁର ଘେରରେ, ଝାପ୍‌ସା ଦେଖା ଯାଉଥିଲେ । ସେମାନଙ୍କ ମଝିରେ ଠିଆ ହୋଇଲମ୍ବା କଲି ରଖିଥିବାଜଣେ ପତଳା, ଡେଙ୍ଗା ଯୁବକ ଥଙ୍ଗେଇ ଥଙ୍ଗେଇ ଇଂରାଜୀ ଭାଷାରେ ଉଚ୍ଚ ସ୍ୱରରେ କଥାବାର୍ତ୍ତା କରୁଥିଲା । ସେହି ପୁରୁଷ ଦଳଙ୍କ ପଛ ପାଖରେ ଥିବା କବାଟ ଫାଙ୍କରେ ଫିକା ନୀଳ ରଂଗର ଆସାବପତ୍ର ଥିବା ଏକ ଆଲୋକିତ କୋଠରୀ ଦେଖା ଯାଉଥିଲା ।

"ବନ୍ଧୁଗଣ, ଅପଣମାନଙ୍କର ସଂଖ୍ୟା ଏତେଯେ ଆପଣମାନଙ୍କର ପରିଚୟ କରାଇବାଟା ସମ୍ଭବ ନୁହେଁ!" ଉଚ୍ଚ ଗଳାରେ କହିଲେ ଜେନେରାଲ । ତାଙ୍କ ସ୍ୱରରେ ସେ ଚେଷ୍ଟା କରୁଥିଲେ ଜଣାଇବାକୁ ଯେ ସେ ଅତ୍ୟନ୍ତ ଖୁସୀ ଅଛନ୍ତି । "କୌଣସି ଔପଚାରିକତାର ଅପେକ୍ଷା ନରଖି ଅପଣମାନେ ନିଜ ନିଜର ପରିଚୟ ଦେଇ ପାରିଲେ ଭଲ ହୁଅନ୍ତା !"

ଅଫିସର୍‌ମାନେ- କେତକ ଗମ୍ଭୀର ହୋଇ ମୁହଁକୁ ଟାଣକରି, ଅନ୍ୟମାନେ ଜବରଦସ୍ତ ହସଟିଏ ମୁହଁରେ ଧରି, ଏବଂ ସମସ୍ତେ ଚରମ ଅସ୍ୱଭାବିକ ଅନୁଭବ କରି – ଯେନତେନ ପ୍ରକାରେଣ ନାଇଁ ପଡି ସମ୍ମାନ ଜଣାଇବା ସଙ୍ଗେ ସଙ୍ଗେ ଚା' ପାଇଁ ବସିଗଲେ ।

ସେମାନଙ୍କ ଭିତରୁ ଗେଡା ହୋଇ ଚଷମା ପିନ୍ଧିଥିବା ଆଉବିକ୍ଷିପ୍ତ ନିଶଦାଢ଼ି ଥିବାରାୟବୋଭିଚ୍ ସବୁଠାରୁ ଅଧିକ ଅଡୁଆ ଅସ୍ୱସ୍ତି ଅନୁଭବ କରୁଥାଏ । ଯେତେବେଳେ ତାର କେତେକ ସାଥି ଗମ୍ଭୀର ହୋଇପଡିଥିଲେ,ଆଉ ଅନ୍ୟମାନେ ଜବରଦସ୍ତ ହସ ହସୁଥିଲେ, ତା'ର ମୁହଁ, ତାର ବିଲେଇ ଭଳି ନିଶ, ଏବଂ ତାର ଚଷମା ସତେ ଯେମିତି କହୁଥିଲା: "ଏ ସାରା ବ୍ରିଗେଡ୍ ରେ ମୁଁ ହି ସବୁଠାରୁ ଲାଜକୁଳା, ସବୁଠାରୁ ନମ୍ର, ଆଉ ଅନ୍ୟମାନଙ୍କଠାରୁ ବାରି ହୋଇ ପଡୁଥିବା ଜଣେ ଅଫିସର୍ !" ପ୍ରଥମରୁ କୋଠରୀକୁ ପ୍ରବେଶ କରି ଟେବୁଲ ପାଖରେ ବସିବା ବେଳୁ ହିଁ ସେ କୌଣସି ଏକ ନିର୍ଦ୍ଦିଷ୍ଟ ଚେହେରା ବା ଜିନିଷ ଉପରେ ତାର ଧ୍ୟାନ କେନ୍ଦ୍ରିତ କରି ପାରୁ ନଥିଲା । ସେ ସବୁ ଚେହେରା, ପୋଷାକପତ୍ର, ବ୍ରାଣ୍ଡି ପରଶିବାର କାଚପାତ୍ର, ଏବଂ ସେ ପାତ୍ରରୁ ବାହାରୁଥିବା ଜଳକଣା, ଆଉ କାର୍ଣ୍ଣିସକରା ଛାତର କାରୁକାର୍ଯ୍ୟ – ସବୁ ମିଶି ଏମିତ ଏକ ପରିବେଶ ସୃଷ୍ଟି କରୁଥିଲା ଯାହା ରାୟବୋଭିଚ୍‌କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ତାକୁ ତାର ମୁହଁ ଲୁଚାଇବାର ଇଚ୍ଛାକୁ ପ୍ରାବଲ୍ୟ କରୁଥିଲା ।

ରାୟବୋଭିଚ୍ ସବୁ ଦେଖି ପାରୁଥିଲା ହେଲେ ସେଗୁଡିକୁ ଝାପ୍‌ସା ବୁଝି ପାରୁଥିଲା । ମନୋବିଜ୍ଞାନବିତ୍‌ମାନଙ୍କ ମତରେ ଏଭଳି ଏକ ଅବସ୍ଥା ରହିଛି ଯେତେବେଳେ ଦେଖୁଥିବ କିନ୍ତୁ ବୁଝି ପାରୁ ନଥିବ ତାହାକୁ ଶାରିରୀକ ଅନ୍ଧ ବୋଲି କୁହାଯାଏ । କିଛି ସମୟ ପରେ, ପରିବେଶ ସହ ନିଜକୁ ଖାପ ଖୁଆଇବା ପରେ ରାୟବୋଭିଚ୍ ସ୍ପଷ୍ଟଭାବେ ଦେଖିପାରୁଥିଲା ଏବଂ ଘଟଣାକୁ ଅନୁଧ୍ୟାନ କରିବା ଆରମ୍ଭ କରିଦେଇଥିଲା । ସମାଜକୁ ଭଲଭାବେ ଜାଣି ନଥିବା ଜଣେ ଲାଜୁକୁଳା ମଣିଷଭାବେ ତାକୁ ପ୍ରଥମେ ସେ ଯେଉଁଥିରେ ସବୁଠାରୁ ଦୁର୍ବଳ ତାହାହିଁ ଦେଖା ଯାଇଥିଲା । ଫୋନ୍ ରାବିକ୍, ତାଙ୍କ ମିସେସ୍, ଦୁଇଜଣ ବୟସ୍କା ମହିଳା, ଗୋଲାପୀ ପୋଷାକରେ ଜଣେ ଯୁବତୀ, ଏବଂ ଲମ୍ବାକଲି ରଖିଥିବା ଯୁବକ, ଯେ କି ମନେ ହେଉଥିଲା ଫୋନ୍ ରାବିକ୍‌ଙ୍କ କନିଷ୍ଠ ପୁତ୍ର । ସେମାନେ ଅତ୍ୟନ୍ତ ଚତୁରତାର ସହ, ସତେ ଯେମିତି ସେମାନେ ପୂର୍ବରୁ ଅଭ୍ୟାସକରି ରଖିଥିଲେ, ଦୁଇ ଅଫିସର୍‌ଙ୍କ ମଝିରେ ବସି ପଡିଲେ, ଏବଂ ସଙ୍ଗେ ସଙ୍ଗେ ଗରମାଗରମ ଆଲୋଚନା ଆରମ୍ଭ କରିଦେଲେ ଯେଉଁଥିରେ ଅତିଥିମାନେ ଭାଗ ନ ନେଇ ରହି ପାରିବେ ନାହି । ଗୋଲାପି ରଙ୍ଗର ପୋଷାକ ପରିହିତ ଯୁବତୀଜଣକ ଦୃଢ଼ତାର ସହ କହିଲେ ଯେ ଅଶ୍ୱାରୋହୀ ବାହିନୀ ଓ ପଦାତିକ ବାହିନୀ ଠାରୁ କମାଣ ବାହିନୀଙ୍କର ଦିନ ଭଲ ଥିଲା, ଯଦିଓ ଫୋନ୍ ରାବିକ୍ ଏବଂ ବୟସ୍କା ମହିଳାମାନେ ଭିନ୍ନମତ ରଖିଥିଲେ । ଏହାପରେ ତୀବ୍ର ମତ ବିନିମୟ ଚାଲିଥିଲା । ରାୟବୋଭିଚ୍ ଅନୁଧ୍ୟାନ କରୁଥିଲା ସେହି ଗୋଲାପ ବସ୍ତ୍ର ପରିହିତ ଯୁବତୀଟିକୁ । ଯୁବତୀଜଣକ ଜୋର୍‌ରେ ଯୁକ୍ତି କରୁଥିଲେ କିନ୍ତୁ ତାଙ୍କ ପାଇଁ ସେ ବିଷୟ ଅପରିଚିତ ଥିଲା ଏବଂ ଏତେ ରୋଚକ ମଧ୍ୟ ନଥିଲା । ରାୟଭୋବିଚ୍ ଦେଖିଥିଲା ସେ ତରୁଣୀଟିର ମୁହଁରେ କୃତ୍ରିମ ହସ ଟିଏ ଆସୁଥିଲା ଏବଂ ଚାଲି ଯାଉଥିଲା ।

ଫୋନ୍ ରାବିକ୍ ଏବଂ ତାଙ୍କ ପରିବାର ଅତ୍ୟନ୍ତ ଚତୁରତାରସହ ଅଫିସରମାନଙ୍କୁ ଆଲୋଚନା ଭିତରକୁ ଟାଣି ଆଣିଥିଲେ । ସେମାନେ ଅତିଥିମାନଙ୍କ ଗ୍ଲାସ୍ ଓ ଓଠ ଉପରେ ନଜର ରଖିଥିଲେ, ସେମାନେ ସମସ୍ତେ ପିଉଛନ୍ତି ନା ନାହିଁ ଜାଣିବାକୁ । ଚା'ରେ ଯଥେଷ୍ଟ ଚିନି ନେଇଛନ୍ତି ନା ନାହିଁ । କାହିଁକି କେହି ଜଣେ କେକ୍ ଖାଉ ନାହିଁ କିମ୍ବା ବ୍ରାଣ୍ଡି ପିଉ ନାହିଁ । ରାୟବୋଭିଚ୍ ଯେତେ ଅଧିକ ସମୟ ଦେଖୁଥିଲା ବା ଶୁଣୁଥିଲା, ସେ ସେତେ ଅଧିକ ଆକର୍ଷିତ ହେଉଥିଲା ଏହି ନିଷ୍ଠାହୀନ କିନ୍ତୁ ଚମତ୍କାର ଶୃଙ୍ଖଳିତ ପରିବାର ପ୍ରତି ।

ଚା' ପାନ ପରେ ଅଫିସରମାନେ ଡ୍ରଇଁ ରୁମ୍‌କୁ

ଗଲେ । ଲେଫ୍ଟେନାଂଟ ଲୋବିକୋଙ୍କର ଅନୁମାନ କିଛି ଭୁଲ ନଥିଲା । ସେଠାରେ ଅଧିକ ସଂଖ୍ୟାରେ ଯୁବତୀ ଏବଂ କମ୍ ବୟସ୍କ ବିବାହିତ ମହିଳା ଥିଲେ। 'ଶିକାରୀ'ଲେଫ୍ଟେନାଂଟ ଜଣେ କଳା ପୋଷାକ ପରିହିତା ସୁନ୍ଦରୀ ଯୁବତୀ ପାଖରେ ଠିଆ ହୋଲେ ଏବଂ ତା' ଉପରେ ଝୁଙ୍କି ପଡିଲେ ସତେ ଯେମିତ କୌଣସି ଏକ ଖଣ୍ଡା ଉଠାଇବାକୁ ନଇଁ ପଡୁଛନ୍ତି । ଆଉ ତା'ପରେ ରସିକ ଠାଣିରେ ଏକ ସ୍ମିତ ହସ ହସି କାନ୍ଧକୁ ଝାଡି ନେଲେ ।  ସେ ବୋଧହୁଏ କିଛି ନିରର୍ଥକ ମଜାଦାର କଥା କହିଥିଲେ, କାରଣ ସେ ସୁନ୍ଦରୀ ଝିଅଟି ତାଙ୍କର ଗୋଲଗାଲ ମୁହଁକୁ ଲୋଭନୀୟ ଭାବେ ଦେଖିଥିଲା ଏବଂ ବେପରୁଆ ଭାବେ ପଚାରିଥିଲା, "ସତରେ ?" ଏବଂ ସେହି ଅନାଗ୍ରାହ "ସତରେ" ଶବ୍ଦରୁ ସେ ଶିକାରୀ ହୁଏତ ଜାଣି ପାରିଥିବ ଯେ ଝିଅଟି ତାକୁ ସାଙ୍ଗରେ ଯିବାକୁ ଡାକିବ ନାହିଁ ।

ପିଆନୋଟା ବାଜି ଉଠିଲା; ତାର କରୁଣଧ୍ୱନୀ ଖୋଲା ଝରକା ଦେଇ ଭାସି ଚାଲିଗଲା, ଏବଂ ସମସ୍ତେ, କୌଣସି କାରଣରୁ, ମନ ପଡିଯାଇଥିଲା ଯେ ତାହା ବସନ୍ତ ଥିଲା, ଏକ ମେ' ମାସର ସଂଧ୍ୟା। ସମସ୍ତେ ଗୋଲାପ ଫୁଲର, ଲିଲାକ ଫୁଲର ଏବଂ ପୋପଲାର ଗଛର କଅଁଳ ପତ୍ରର ବାସ୍ନାପ୍ରତି ସଚେତନ ହୋଇ ପଡିଥିଲେ ।

ରାୟବୋଭିଚ୍‌କୁ ବ୍ରାଣ୍ଡିର ନିଶା ଚଢି ଯାଇଥିଲା। ସଂଗୀତର ପ୍ରଭାବରେ ଝରକା ଆଡକୁ ଚାହିଁଲା, ହସିଲା, ଏବଂ ମହିଳାମାନଙ୍କର ଗତିବିଧି ଦେଖିବା ଆରମ୍ଭ କରିଲା । ତାକୁ ଲାଗିଲା ଗୋଲାପ ଫୁଲର, ପୋପଲାରର ବା ଲିଲାକରବାସ୍ନା ବଗିଚାରୁ ନୁହେଁ ବରଂ ମହିଳାମାନଙ୍କ ମୁଖରୁ ଓ ସେମାନଙ୍କର ପୋଷାକରୁ ଆସୁଥିଲା ।

ଫୋନ୍ ରାବିକ୍‌ର ପୁତ୍ର ଜଣେ ପାତଳୀ ତରୁଣୀଙ୍କୁ ନିମନ୍ତ୍ରଣ କଲା ତା' ସହିତ ନାଚିବାକୁ  ।

ଏବଂ ତା' ସହିତ ସେ କକ୍ଷରେ ଦୁଇଥର ୱାଲ୍‌ଜ ତାଳରେ ଘୁରି ଆସିଲା । ଲେବୟଟକୋ, ମସୃଣ କାଠର ସେ ଚଟାଣ ଉପରେ ଖସି, ଗୋଲାପିବସ୍ତ୍ର ପରିହିତା ଯୁବତୀ ପାଖକୁ ଉଡି ଯାଇ ତାକୁ ଉଠାଇ ଆଣିଥିଲେ। ନାଚ ଆରମ୍ଭ ହୋଇଗଲା ...

ଯେଉଁ ମାନେ ନାଚୁ ନଥିଲେ ସେମାନଙ୍କ ମଧ୍ୟରେ ରାୟବୋଭିଚ୍‌କବାଟ ପାଖରେ ଠିଆ ହୋଇ ନାଚ ଦେଖୁଥିଲା । ସେ କେବେ ବି ଥରେ ତା' ଜୀବନରେ ନାଚି ନାହିଁ, ଏବଂ  ତା' ଜୀବନରେ ସେ କେବେବି ଥରେ କେଉଁ ସଂମ୍ଭ୍ରାନ୍ତ ମହିଳାଙ୍କ କଟିରେ ତାର ବାହୁ ଗୁଡାଇ ନାହିଁ । ସେ ବେଶ୍ ମୁଗ୍ଧଥିଲା ଯେ ଜଣେ ପୁରୁଷ ସମସ୍ତଙ୍କ ସମ୍ମୁଖରେ ଜଣେ ଝିଅକୁ ଯାହକୁ ଯେ ଜାଣି ନାହିଁ ତାର କଟିକୁ ଧରି ନେବ ଏବଂ ତାର କାନ୍ଧ ବଢ଼ାଇଦେବ ତାର ହାତ ରଖିବାକୁ । କିନ୍ତୁ ସେ ନିଜକୁ ସେହି ପୁରୁଷର ସ୍ଥାନରେ ନିଜକୁ ଦେଖିପାରୁ ନଥିଲା। ଦିନ ଥିଲା ସେ ତାର ସାଥିମାନଙ୍କର ବଳିଷ୍ଠତା ଓ ସାହସ ଦେଖି ଇର୍ଷା କରୁଥିଲା ଏବଂ ନିଜକୁ ଧିକ୍‌କାର କରୁଥିଲା । ସେ ସୁନ୍ଦର ନୁହେଁ, ତା' ପାଖରେ ପୁରୁଷପଣିଆ ନାହିଁ ସେହି ସଚେତନତା ତାକୁ ଅହୁରି ସଂକୁଚିତ କରିଦେଇଥିଲା । ଏହି ଭାବନା ସହ ବର୍ଷ ବର୍ଷ ଧରି ବଢ଼ିଥିବାରୁ ସେ ବର୍ତମାନତାର ସାଥିମାନେ ନାଚୁଥିବା ବା ଉଚ୍ଚ ସ୍ୱରରେ କଥାବାର୍ତାକରୁଥିବା ଦେଖି ଆଉ ଇର୍ଷା କରୁନାହିଁ। ଅବଶ୍ୟ କିନ୍ତୁ ଦୁଃଖ କରୁଛି ।

ଯେତେବେଳେ ଯୋଡି ଯୋଡି ହୋଇ ନାଚିବା ଆରମ୍ଭ ହେଲା, ଯୁବ ଫୋନ ରାବିକ୍ ନାଚରେ ଯୋଗ ଦେଇ ନଥିବା ଅତିଥି ମାନଙ୍କ ପାଖକୁ ଯାଇ ଦୁଇଜଣ ଅଫିସରଙ୍କୁ ନିମନ୍ତ୍ରଣ କରିଥିଲା ବିଲିୟାର୍ଡ ଖେଳିବାକୁ। ଅଫିସର ଦ୍ୱୟ ନିମନ୍ତ୍ରଣ ରକ୍ଷାକରି ତା' ସାଙ୍ଗରେ ଡ୍ରଇଁରୁମରୁ ବାହାରି ଯାଇଥିଲେ । ରାୟବୋଭିଚ, ତାର ଏଠି କିଛି କାମ ନାହିଁ ଦେଖି ଏବଂ ଅନ୍ୟ କିଛି କାର୍ଯ୍ୟକଳାପରେ ଭାଗ ନେବାକୁ ଇଛାକରି, ସେମାନଙ୍କ ପଛେ ପଛେ ବାହାରିଗଲା । ବଡ ଡ୍ରଇଁରୁମରୁ ବାହାରି ସେମାନେ ଗୋଟିଏ ଛୋଟିଆ ଡ୍ରଇଁରୁମରେ ପ୍ରବେଶ କଲେ, ତାପରେ କାଚର ଛାତ ଥିବା ଏକ ସଂକୀର୍ଣ୍ଣ ଗଳିରେ ପ୍ରବେଶ କଲେ । ସେମାନେ ଗୋଟିଏ ରୁମରେ ପଶିଲେ ଯାହାର ଦ୍ୱାରମୁହଁରେ ନିଦ୍ରା ଯାଇଥିବା ତିନିଜଣ ଚାକର ପିଲା ଡିଆଁମରି ସୋଫାରୁ ଉଠି ଠିଆ ହୋଇଗଲେ । ଶେଷରେ, ଧାଡି ଧାଡି ରୁମ ପାରହେବା ପରେ, ଯୁବ ଫୋନ୍ ରାବିକ୍ ସେ ଅଫିସର ଦ୍ୱୟଙ୍କୁଗୋଟିଏ ଛୋଟିଆ ରମକୁ ନିଇଯାଇଥିଲା ଯେଉଁଠାରେ ଗୋଟିଏ ବିଲିୟାର୍ଡ ଟେବୁଲ ପଡିଥିଲା । ସେମାନେ ଖେଳିବା ଆରାମ୍ଭ କରିଥିଲେ ।

ରାୟବୋଭିଚ, ଯେ ତାସ ଖେଳ ଛଡା ଆଉ କୌଣସି ଖେଳ ଜାଣି ନଥିଲା, ବିଲିୟାର୍ଡ ଟେବୁଲ ପାଖରେ ଠିଆ ହୋଇ ଖେଳାଳୀ ମାନଙ୍କୁ ନିରାସକ୍ତ ଭାବରେ ଦେଖୁଥିଲା । ସେମାନେ କୋଟ ଓହ୍ଲାଇ, ହାତରେ କ୍ୟୁ ଧରି ଖେଳିବାକୁ ଆରମ୍ଭ କଲେ ଏବଂ ମଝିରେ ମଝିରେ ଅବୈଧ୍ୟ ଚିତ୍କାରମାନ କଲେ ।

ସୋମାନେ ତା'ପ୍ରତି ଧ୍ୟାନ ଦେଉ ନଥିଲେ । ଖାଲି କେତେବେଳେ କେମିତି ସେମାନଙ୍କ ଭିତରୁ କେହି ଜଣେ ତାକୁ କହୁଣୀରେ ଠେଲି ଦେଉଥିଲା ବା ଆକସ୍ମିକ ଭାବେ ତାକୁ କ୍ୟୁରେ ଖେଂଚି ଦେଇ 'କ୍ଷମା କରିବେ' ବୋଲି କହି ଦେଉଥିଲା । ପ୍ରଥମ ରାଉଣ୍ଡ ଖେଳ ସରିବା ପୂର୍ବରୁ ସେ ଏ ଖେଳ ପ୍ରତି ବିତସ୍ପୃହ ହୋଇ ପଡିଥିଲା । ସେ ସେଠାରେ ଅଲୋଡା ହୋଇ ପଡିଥିବା ଅନୁଭବ କରି ସେ ଡ୍ରଇଁରୁମକୁ ଫେରି ଯିବାର ଆବଶ୍ୟକତା ମନେ କଲା ଏବଂ ସେଠାରୁ ବାହାରି ଆସିଲା ।

ଫେରିବା ବାଟରେ ଗୋଟେ ରୋମାଂଚକର ଘଟଣା ଘଟିଲା । ଅଧା ବାଟ ପାଖାପାଖି ଫେରିବା ପରେ ସେ ଜାଣି ପରିଲା ଯେ ସେ ଗୋଟେ ଭୁଲ ବାଟରେ ଚାଲି ଆସିଛି । ସେ ସ୍ପଷ୍ଟ ଭାବେ ମନେ ରଖିଥିଲା ଯେ ତାକୁ ତିନି ଜଣ ନିଦୁଆ ଚାକରଙ୍କୁ ଭେଟିବାକୁ ହେବ, କିନ୍ତୁ ସେ ପାଂଚ କିମ୍ବା ଛଅ ରୁମ ପାର ହୋଇଗଲାଣି ଏବଂ ସେ ନିଦୁଆ ମଣିଷଗୁଡାକଙ୍କର ଦେଖା ନାହିଁ । ନିଜର ଭୁଲ ବୁଝିପାରି, ସେ ପୁଣି କିଛି ବାଟ ପଛକୁ ଫେରିଲା ଏବଂ ଡାହାଣକୁ ମୋଡିଲା । ସେ ନିଜକୁ ଗୋଟେ ଛୋଟ ଅନ୍ଧାରୁଆ କକ୍ଷରେ ଆବିଷ୍କାର କଲା ଯାହାକୁ ସେ ବିଲିୟାର୍ଡ ରୁମକୁ ଗଲାବେଳେ ଦେଖି ନଥିଲା । ସେଠାରେ କିଛି ସମୟ ଠିଆ ହେବାପରେ, ସେ ଦୃଢ଼ ନିଶ୍ଚିତ ହୋଇ ତା' ଆଖିଆଗରେ ଥିବା  ପ୍ରଥମ ଦ୍ୱାରକୁ ଖୋଲିଲା ଏବଂ ଏକ ସଂପୂର୍ଣ୍ଣ ଅନ୍ଧକାର କୋଠରୀ ଭିତରକୁ ପ୍ରବେଶ କଲା । ଆଖି ସିଧାରେ ଦରଜାର ଫାଙ୍କରେ ଦେଖା ଯାଉଥିଲା ଅଳ୍ପ ଆଲୁଅ । ଦରଜା ଅରପଟୁ ଶୁଭୁଥିଲା ଏକ 'ମାଜୁରକା'ର କରୁଣ ଚାପା ଧ୍ୱନୀ । ଏଠାରେ ବି ସେ ଡ୍ରଇଁରୁମ ଭଳି ଝରକାଗୁଡିକ ସଂପୂର୍ଣ୍ଣ ଉନ୍ମୁକ୍ତ ଥିଲା ଏବଂ ଗୋଲାପ ଫୁଲ, ଲିଲାକ ଓ ପୋପଲାର ବାସ୍ନା ଥିଲା ।

ରାୟବୋଭିଚ ଅନିଚ୍ଛା ସତ୍ୱେ ସ୍ଥିର ହୋଇ ଠିଆ ହେଲା ...। ସେହି ସମୟରେ, ସେ ଆଶ୍ଚର୍ଯ୍ୟ ହେଲା, ଶୁଣିବାକୁ ପାଇଲା ବ୍ୟସ୍ତ ପାଦଶବ୍ଦ ଏବଂ ପୋଷାକର ଖସ୍ ଖସ୍ ଶବ୍ଦ, ଜଣେ ଅଣନିଶ୍ୱାସୀ ମହିଳାଙ୍କ ଚାପା ସ୍ୱର – "ଶେଷରେ !"ଦୁଇଟି କୋମଳ, ସୁବାସିତ ବାହୁ , ନିଶ୍ଚିତ ଭାବେ କେଉଁ ଜଣେ ମହିଳାଙ୍କର, ତାର ଗଳାକୁ ଛନ୍ଦି ଧରିଲା, ଉତପ୍ତ ଗାଲ ତାର ଗାଲରେ ଚାପି ହୋଇଗଲା ଏବଂ ସେହି ସମୟରେ ଚୁମ୍ବନ ଦେବାର ଶବ୍ଦ । କିନ୍ତୁ ଚୁମ୍ବନ ଦେଉଥିବା ମହିଳା ଜଣକ ହଠାତ୍ ଏକ କ୍ଷୀଣ ଚିତ୍କାର କରି ତା'ଠାରୁ ପଛେଇଗଲା । ରୋୟାବୋଭିଚକୁ ଲାଗିଲା ସତେ ଯେମିତି ସେ ଘୃଣାରେ ଦୂରେଇଗଲା । ସେ ମଧ୍ୟ ଚିତ୍କାର କରୁ କରୁ ରହିଗଲା ଏବଂ ସେ ଦରଜାରୁ ଆସୁଥିବା କ୍ଷୀଣ ଆଲୁଅ ଆଡକୁ ଧାଇଁଗଲା ...।

ସେ ଯେତେବେଳ ଡ୍ରଇଁରୁମକୁ ଫେରିଲା ତାର ଛାତି ଧକ୍ ଧକ୍ ହେଉଥିଲା । ହାତ ବେଶ୍ ସ୍ପଷ୍ଟ ଭାବେ ଥରୁଥିଲା । ସେ ତୁରନ୍ତ ହାତ ଦୁଇଟିକୁ ପଛକୁ କରି ଲୁଚାଇବାକୁ ଲାଗିଲା । ପ୍ରଥମେ ସେ ଲାଜରେ

ଯନ୍ତ୍ରଣାଦଗ୍ଧ ହୋଇ ପଡିଥିଲା । ସେ ଏହା ଭାବି ଭୟଭିତ ହୋଇ ପଡିଥିଲା ଯେ ସାରା ଡ୍ରଇଁରୁମ ଜାଣିଛି ଯେ ତାକୁ ଏହି କ୍ଷଣି ହିଁ  ଜଣେ ମହିଳା ତାର ବାହୁ ବନ୍ଧରେ ବାନ୍ଧି ଚୁମ୍ବନ ଦେଇଛି । ସେ ନିଜ ଭିତରେ ନିଜେ ପଶିଗଲା ଏବଂ ନିଜକୁଏକ ସଂପୂର୍ଣ୍ଣ ଅସ୍ୱଭାବିକ ଭାବେ ଦେଖିଲା । ତେବେ ସେ ଯେତେବେଳେ ନିଶ୍ଚିତ ହେଲାଯେ ଲୋକମାନେ ପୂର୍ବଭଳି ସ୍ୱଭାବିକ ଭାବେ ନାଚୁଛନ୍ତି ଏବଂ କଥାବାର୍ତ୍ତା ହେଉଛନ୍ତି ସେ ନିଜକୁ ହଜାଇ ଦେଲା ସେହି ନୂତନ ଶିହରଣରେ ଯାହାକି ସେ ତା ଜୀବନରେ କେବେ ବି ଅନୁଭବ କରି ନଥିଲା । ତାକୁ କିଛି ବିଚିତ୍ର ଲାଗୁଥିଲା ...। ତାର ବେକ ଚାରିପାଖେ ଯେଉଁଠି ଏକ କୋମଳ, ସୁବାସିତ ବାହୁ ଯାହା ଏଇ ଅଳ୍ପ ସମୟତଳେ ଗୁଡାଇ ହୋଇଥିଲା ଲାଗୁଥିଲା ସତେ ଯେମିତି କେହି ସେଠି ସୁବାସିତ ତେଲର ଏକ ଲେପ ଦେଇ ଦେଇଛି । ନିଶ ପାଖରେ ବାମ ଗାଲରେ ଯେଉଁଠି ସେ ମହିଳାଜଣକ ତାକୁ ଚୁମ୍ବନ ଦେଇଥିଲେ ସେଠାରେ ପିପରମେଂଟ ଭଳି କେମିତି ଏକ ହାଲକା ଜ୍ୱଳାର ଶିହାରଣ । ସେ ଯେତେ ସେ ସ୍ଥାନକୁ ଘଷୁଥାଏ ସେତେ ଜ୍ୱଳା ବଢୁଥାଏ । ମୁଣ୍ଡରୁ ଗୋଡ ଯାଏଁ  ଏକ ବିଚିତ୍ର ନୂଆ ଶିହରଣ ଆସ୍ତେ ଆସ୍ତେ ମଜବୁତ ହେଉଥାଏ । ସେ ଚାହିଁଥିଲା ନାଚିବା ପାଇଁ, ଗପିବା ପାଇଁ, ବଗିଚାକୁ ଦୌଡି ଯିବା ପାଇଁ, ଉଚ୍ଚ ସ୍ୱରରେ ହସିବା ପାଇଁ ....। ସେ ଭୁଲି ଯାଇଥିଲା ଯେ ସେ ଜଣେ ସ୍ତୈଣ ଏବଂ ଅକର୍ଷଣୀୟ ପୁରୁଷ ନୁହେଁ । ତା'ର ନିଶ ଦାଢ଼ି ଉଠୁନାହିଁ। ଏବଂ ତାର ଚେହେରା ଦେଖିଲାଭଳି ନୁହଁ। ତାର ଚେହେରା ବିଷୟରେ ସେ କିଛି ମହିଳାଙ୍କ କଥାବାର୍ତ୍ତାକୁ ଅକସ୍ମିକ ଭାବେ ଶୁଣି, ଜାଣି ପାରିଛି । ଯେତେବେଳେ ମିସେସ୍ ଫୋନ୍ ରାବିକ୍‌ର ତା' ପାଖ ଦେଇ ଯାଉଥିଲେ ସେ ତାକୁ ଏମିତି ଏକ ବନ୍ଧୁତ୍ୱପୂର୍ଣ୍ଣ ହସ ଦେଇଥିଲେ ଯେ ସେ ଠିଆ ହୋଇ ପ୍ରଶ୍ନବାଚୀ ନଜରରେ ଦେଖିଥିଲା ।

"ଆପଣଙ୍କର ଏ ଘର ମୋତେ ଖୁବ ଭଲ ଲାଗିଛି !" ନାକ ଉପରେ ଚଷମାକୁ ସଜାଡି ସେ କହିଥିଲା ।

ଜେନେରାଲଙ୍କ ମିସେସ୍ ସ୍ମିତ ହସ ହସି କହିଲେ ଯେ ଘରଟା ତାଙ୍କ ବାପାଙ୍କର । ତାପରେ ସେ ପଚାରିଲେ ବାପାମା ବଂଚିଛନ୍ତିକି ନାହିଁ, ସେ କଣ ବହୁ ବର୍ଷ ଧରି ସେନା ବାହିନୀରେ ରହିଲେଣି, ସେ କାହିଁକି ଏତେ ପତଳା, ଏବଂ ସେଭଳି କିଛି ...। ପ୍ରଶ୍ନ ଗୁଡିକର ଉତର ପାଇବା ପରେ ସେ ଚାଲିଗଲେ। ମହିଳାଙ୍କ ସହ ଏହି ବାର୍ତ୍ତଲାପ ପରେ ତାର ହସ ପୂର୍ବ ଅପେକ୍ଷା ଅଧିକ ବନ୍ଧୁତ୍ୱପୂର୍ଣ୍ଣ ହୋଇ ଯାଇଥିଲା । ସେ ଭାବିଲା ଯେ ସେ ସୁନ୍ଦର ଲୋକଙ୍କ ଦ୍ୱାରା ଘେରି ହୋଇ  ରହିଛି ।

ରାତ୍ରୀ ଭୋଜନ ସମୟରେ ରାୟବୋଭିଚ୍ ଯନ୍ତ୍ରବତ୍ ଯାହା ମିଳୁଥିଲା ତାହା ଖାଉଥିଲା । କାହାକଥା ନଶୁଣି ପିଇ ଚାଲିଥିଲା । ଚେଷ୍ଟା କରୁଥିଲା ଯାହା କିଛି ଘଟିଗଲା ତାହାକୁ ବୁଝିବା ପାଇଁ ... । ସେହି ଘଟଣାଟା ବେଶ୍ ରହସ୍ୟମୟ ଓ ରୋମାଂଚକର ଥିଲା । କିନ୍ତୁ ତାହା ବୁଝାଇବା କଷ୍ଟକର ନଥିଲା । ଏହା ନିଶ୍ଚିତ ଯେ କିଛି ତରୁଣୀ ବା ନବ ବିବାହିତା ମହିଳା କାହା ନା କାହା ସହିତ ତାଙ୍କର ଭାଗ୍ୟ ଯୋଗାଡ କରିଥିବେ ସେହି ଅନ୍ଧାର ଘରେ । ଅନେକ ସମୟ ଅପେକ୍ଷା କରିଥିବେ । ନର୍ଭସ ଓ ଉତେଜନା ରାୟଭୋବିଚ୍‌କୁ ଦୃଢ଼ କରିଥିଲା । ତାହାହିଁ ବୋଧହୁଏ ଠିକଥିଲା କାରଣ ରାୟବେଭିଚ୍ ଅନିଛା ସତ୍ତ୍ୱେ ସେହି ଅନ୍ଧାର ଘରେ ଠିଆ ହୋଇ ରହିଥିଲା । କାରଣସେମଧ୍ୟ ଅନ୍ୟମାନଙ୍କ ଭଳି କିଛି ଆଶା କରୁଥିଲା ... । ସେଇ ଚୁମ୍ବନ ସେ ପାଇବା ସଂପର୍କରେ ରାୟବୋଭିଚ୍ ନିଜକୁ ସେମିତି ବୁଝାଇଥିଲା

"ହେଲେ ସେ ମହିଳାଜଣକ କିଏ ?" ସେ ମନେ ପକାଇବାକୁ ଚେଷ୍ଟା କଲା ମହିଳାମାନଙ୍କର ମୁହଁ ସବୁ । "ସେ ନିଶ୍ଚିତ ଭାବେ ଜଣେ ତରୁଣୀ ହୋଇଥିବେ କାରଣ ବୟସ୍କ ମହିଳାମାନେ ଏମିତି ମାତନ୍ତିନି । ସେ ଯେ ଜଣେ ତରୁଣୀ ଥିଲେ ତାହା ଯେ କୌଣସି ଲୋକ କହି ପାରିବ ତାର ପୋଷାକର ଖସ୍‌ଖସ୍ ଶବ୍ଦ, ତାର ବାସ୍ନା, ତାର ସ୍ୱରରୁ ..

ତାର ଆଖି ଗୋଲାପି ପୋଷାକ ପରିହିତ ଯୁବତୀ ଉପରେ ଲାଖି ରହିଲା, ଏବଂ ସେ ଭାବିଲା ଯେ ସେ ହିଁ ବେଶ୍ ଆକର୍ଷଣୀୟ, ତାର କାନ୍ଧ ଓ ବାହୁ ବେଶ୍ ସୁନ୍ଦର, ଉଜ୍ୱଳ ମୁହଁ, ଏବଂ ଆମୋଦଦାୟକ କଣ୍ଠ ସ୍ୱର । ରାୟବୋଭିଚ୍, ତାକୁ ଦେଖି ଆଶାକଲା ଯେ ତା ଛଡା ଆଉ କେହି ନୁହେଁ ତାର ସେହି ଅଜଣା ମହିଳା...।  ଯୁବତୀ ଜଣକ ଏକ କୃତ୍ରିମ ହସ ହସିବାରୁ ତାଙ୍କର ନାସିକା କୁଂଚିତ ହେଇଗଲା ଯେଉଁଥିରୁ ତାକୁ ସେ ବୟସ୍କା ଦେଖାଗଲା । ତା'ପରେ ସେ କଳା ପୋଷାକ ପରିହିତା ଗୋରା ଝିଅ ଉପକୁ ତାର ଆଖି ବୁଲାଇଲା । ସେ କନିଷ୍ଠ ଥିଲା, ସରଳ ଥିଲା, ଏବଂ ଅଧିକ ଠିକଠାକ୍ ଲାଗୁଥିଲା । ଆକର୍ଷଣୀୟ ଭୃଲତା ଥିଲା । ସେ ତାର ୱାଇନ୍ ଗ୍ଲାସରୁ ଅତି ସମ୍ଭ୍ରାନ୍ତର ସହ ପିଉଥିଲା । ରାୟବୋଭିଚ୍ ବର୍ତମାନ ଆଶାକଲା ଯେ ସେ ହିଁ ସେହି ମହିଳା । କିନ୍ତୁ ତୁରନ୍ତ ସେ ଭାବିଲା ଯେ ତାର ମୁହଁଟା ଚେପଟା, ଏବଂ ଆଖି ନିବନ୍ଧ କଲା ତାରି ପାଖରେ ଥିବା ଜଣେ ତରୁଣୀଙ୍କ ଉପରେ ।

"ସତରେଅନୁମାନ ଲଗାଇବାଟା କଷ୍ଟ," ସେ ବେଶ୍ ପ୍ରଫୁଲିତ ହୋଇଭାବିଲା । "ଯଦି ଜଣେ ସେ ଗୋଲାପି ବସ୍ତ୍ର ପରିହିତ ଯୁବତୀଟିର ବାହୁ ଓ କାନ୍ଧକୁ ନିଏ, ଆଉ ସେଥିରେ କଳା ପୋଷାକ ପରିହିତ ଗୋରୀ ଝିଅଟିର ଭୃଲତା ଓଲୋବିକୋ ଡାହାଣ ପାଖରେ ବସିଥିବା ତରୁଣୀର ଆଖି ଯୋଡିକ ଯୋଡେ, ତାହେଲେ .."

ସେ ତା' ମନ ଭିତରେଏଭଳି ଏକ ଫେନ୍‌ଟା ଫେନ୍‌ଟି ରୂପ ଟିଏ ତିଆରି କଲା। ତାକୁ ଚୁମ୍ବନ ଦେଇଥିବା ତରୁଣୀ ଟିର ଚିତ୍ର ତାର ଆଖି ଆଗକୁ ଆସିଲା । କିନ୍ତୁ ସେଭଳି ତରୁଣୀଟିକୁ ସେ ଟେବୁଲରେ ଖୋଜି ପାଇ ପାରୁନଥିଲା..

ରାତ୍ରି ଭୋଜନ ଶେଷ ହେବାପରେ, ଅଫିସରମାନେ ବିଦାୟ ନେବାକୁ ବାହାରିଲେ ଏବଂ ଧନ୍ୟବାଦ ଦେଲେ । ଫୋନ୍ ରାବିକ୍ ଓ ମସେସ୍ ରାବିକ୍ ପୁଣି ଥରେ କ୍ଷମା ମାଗିନେଲେ ଯେ ସେମାନେ ଅଫିସିରମାନଙ୍କୁ ରାତିଟା ରହିଯିବା ପାଇଁ କହି ପାରୁ ନାହାଁନ୍ତି ।

"ଅଫିସରସ୍ ତୁମ ମାନଙ୍କୁ ଭେଟି ମୁ ଅତ୍ୟନ୍ତ ଖୁସୀ," ଭୋନ ରାବିକ୍ କହିଲେ । ଏଥିର କିନ୍ତୁ ସେ ନିଷ୍ଠାର ସହିତ କହିଥିଲେ ।(କାରଣ ଭେଟିବା ଅପେକ୍ଷା ତୁରନ୍ତ ବିଦାୟ ଦେବାରେ ଲୋକେ ଅଧିକ ନିଷ୍ଠା ଆଉ ଆଗ୍ରହ ଦେଖାଇ ଥାନ୍ତି ।)

"ଖୁସି ଲାଗିଲା । ଆଶା କରୁଛି ଫେରିବା ବେଳକୁ ପୁଣି ଆସିବେ। କୌଣସି ସୌଜନ୍ୟତାର ଅପେକ୍ଷା କରିବେନି । କୁଆଡେ ଯାଉଛନ୍ତି ? ଆପଣମାନେ କଣ ଉପର ରାସ୍ତାରେ ଯିବେ ? ନା-ନା, ବଗିଚା ଭିତର ଦେଇ ଯାଅନ୍ତୁ; ତଳ ରାସ୍ତା ଦେଇଗଲେ ସେଇଟା ଏଇ ପାଖରେ ପଡିବ ।"

ଅଫିସରମାନେ ଅଗତ୍ୟା ବଗିଚାକୁ ବାହାରିଗଲେ। ପାର୍ଟିର ଉଜ୍ଜଳ ଆଲୋକ ଏବଂ କୋଳାହଳ ପରେ ବଗିଚାଟା କେମିତି ଅନ୍ଧାର ଆଉ ନିରବ ଲାଗୁଥିଲା । ସେମାନେ ଟିକେ ପିଇ ଦେଇଥିଲେ, ଖୁସୀ ଏବଂ ଭଲ ମିଜାଜ୍ ରେ ଥିଲେ, କିନ୍ତୁ ଅନ୍ଧାକାରର ନିରବତା ସେମାନଙ୍କୁ ମୁହୂର୍ତ୍ତକ ପାଇଁ ଭାବୁକ କରିଦେଇଥିଲା । ବୋଧହୁଏ ରାୟବୋଭିଚ୍ ଯାହା ଭାବୁଥିଲା ତାହାହିଁ ସମସ୍ତେ ଭାବୁଥିଲେ : ସେମାନଙ୍କ ପାଇଁ ସେହି ସମୟ ଆସିବକି ଯେତେବେଳେ ଫୋନ ରାବିକ୍ ଭଳି ସୋମନଙ୍କର ବି ଗୋଟେ ବଡ ଘର ଥିବ, ଗୋଟେ ପରିବାର ଥିବ, ଗୋଟେ ବଗିଚା ଥିବ— ସେମାନେ ମଧ୍ୟ ଲୋକଙ୍କୁ ନିମନ୍ତ୍ରଣ କରୁଥିବେ, ଯଦିଓ ନିଷ୍ଠାହୀନ ଭାବେ, ଖାଇବାକୁ ଦେଉଥିବେ, ମନ ତୃପ୍ତି ହେବା ପର୍ଯ୍ୟନ୍ତ ପିଇବାକୁ ଦେଉଥିବେ ?

ବଗିଚାର ଗେଟ୍ ଦେଇ ବାହାରିବା ବେଳେ, ସେମାନେ ସମସ୍ତେ ଏକା ସାଙ୍ଗରେ କଥାବାର୍ତ୍ତା ଆରମ୍ଭ କରି ଦେଇଥିଲେ ଏବଂ କିଛି କଥା ନଥାଇ ଉଚ୍ଚ ସ୍ୱରରେ ହସୁଥିଲେ। ସେମାନେ ନଦୀ ଆଡକୁ

ଯାଇଥିବା ସେ ସରୁ ରାସ୍ତାରେ ଚାଲିବା ଆରମ୍ଭ କରିଥିଲେ, ଏବଂ ପରେ ନଦୀକୂଳରେ ଥିବା ବୁଦା, ଜଳାଶୟ, ପାଣି ଦଳ ସବୁକୁ ପଛରେ ପକାଇ ପାଣିର ଧାରେ ଧାରେ ଚାଲିଥିଲେ । ନଦୀକୂଳ ଆଉ ସେ ପଥ ଅସ୍ପଷ୍ଟ ଦେଖା ଯାଉଥିଲା ଏବଂ ନଦୀ ସେପାରର କୂଳ ସଂପୂର୍ଣ୍ଣ ଅନ୍ଧାରରେ ବୁଡି ରହିଥିଲା ।କଳା ମଚମଚ ସେ ପାଣିରେ ତାରା ଗୁଡିକ ଏଠି ସେଠି ପ୍ରତିବିମ୍ବ ସୃଷ୍ଟି କରୁଥିଲେ । ସେମାନେ ସାମାନ୍ୟ ଦୋଳାୟିତ ହୋଇ ପାଣି ଉପରେ ଭାଙ୍ଗି ପଡୁଥିଲେ- ଏବଂ ସେଥିରୁ ହିଁ ଜଣା ପଡୁଥିଲା ଯେ ପାଣି ବେଶ୍‌ପ୍ରଖର ଭାବେ ପ୍ରବାହିତ ହେଉଥିଲା । ପ୍ରତିବିମ୍ବଗୁଡିକ ସ୍ଥିର ଥିଲା । ନଈ ଆରପାଖରେ ନିଦୁଆ ପାଣି କୁଆଟା କରୁଣଭାବେ କାନ୍ଦୁଥିଲା ଏବଂ ଏପାଖରେ ଏକ ବୁଦାରେ କୋଇଲି ଟିଏ ଉଚ୍ଚ ସ୍ୱରରେ ଗୀତ ଗାଉଥିଲା । ସତେ ଯେମିତି ଅଫିସରମାନଙ୍କର ଭିଡକୁ ତାର ଖାତର ନାହିଁ। ଅଫିସରମାନେ ସେ ବୁଦାକୁ ଘେରି ଠିଆ ହେଲେ, ବୁଦାକୁ ସ୍ପର୍ଶ କଲେ, କିନ୍ତୁ ସେ କୋଇଲି ଟି ଗାଇ ଚାଲିଥିଲା ।

"କି କଥା!" ସେମାନେ ସାକାରତ୍ମକ ଭାବେ କହିଲେ। "ଆମେ ତା' ପାଖରେ ଠିଆ ହୋଇଛେ ଅଥଚ ତାକୁ ଖାତର ପଡୁନି! ରାସ୍କେଲ ଟା!"

ସେ ବାଟଟା ସରିବା ପରେ ରାସ୍ତାଟା ପାହାଡ ଉପରକୁ ଉଠିବା ଆରମ୍ଭ କଲା। ଏବଂ ଚର୍ଚ୍ଚର ପାଚେରୀ କଡରେ ବୁଲି ପଡିଲା ମୁଖ୍ୟ ରାସ୍ତାକୁ । ପାହାଡ ଚଢ଼ି ଥକି ଯାଇଥିବା ଅଫିସରମାନେ ସେଠାରେ ବସି ପଡି ସିଗାରେଟରେ ନିଆଁ ଧରାଇଲେ। ନଦୀ ଅରପଟୁ ଏକ ଅସ୍ପଷ୍ଟନାଲି ରଙ୍ଗର ନିଆଁ ଦେଖାଗଲା । ସେମାନଙ୍କ ପାଖରେ ଆଉ କିଛି କରିବାର ନଥିଲା । ତେଣୁ ସେମାନେ ଅନେକ ସମୟ ଧରି ଆଲୋଚନା କଲେ ସେଇଟା କଣ କ୍ୟାମ୍ପ ଫାୟାରର ନିଆଁ ନା କୌଣସି ଝରକା ବାହାରକୁ ପଡିଥିବା ଆଲୁଅନା ଆଉ କିଛି .. ରାୟବୋଭିଚ୍ ମଧ୍ୟ ସେହି ଆଲୁଅକୁ ଚାହିଁଲା ଏବଂ ତା' ଖିଆଲକୁ ଆସିଲା ଯେ ସେ ଆଲୁଅ ତାକୁ ଚାହିଁଆଖି ମିଟିକା ମାରୁଛି ସତେ ଯେମିତି ସେ ଜାଣିଛି ସେହି ଚୁମ୍ବନର କଥା ।

କ୍ୱାଟରରେ ପହଂଚିବା ପରେ ରାୟବୋଭିଚ୍ ତୁରନ୍ତ ପୋଷାକ ବଦଳାଇ ଶେଯ ଉପରକୁ ଉଠିଗଲା। ରାୟଭୋଭିଚ୍ ସାଙ୍ଗରେ ଲୋବିକୋ ଏବଂ ଲେଫ୍ଟେନାଂଟ୍ ମେରଲାୟକୋଭ୍ ସେହି କ୍ୱାଟରରେ ରହୁଥିଲେ । ଲେଫ୍ଟେନାଂଟ୍ ମେରଲାୟକୋଭ୍- ଜଣେ ଶାନ୍ତଶିଷ୍ଟ ଏବଂ ଚୁପ୍‌ଚାପ୍ ମଣିଷ, ଯେ କି ସାଙ୍ଗମାନଙ୍କ ମଧ୍ୟରେ ଜଣେ ଅତ୍ୟନ୍ତ ଶିକ୍ଷିତ ଅଫିସରଭାବେ ଜଣାଶୁଣା । ସେ ସଦାବେଳେ 'ଭେଷ୍ଟନିକ୍ ୟୁରୋପ' ପତ୍ରିକା ସାଙ୍ଗରେ ଧରି ବୁଲେ ଆଉ ଯେତେବେଳେ ସମ୍ଭବ ପଢୁଥାଏ । ଲୋବିକୋ କପଡା ବଦଳାଇ ସେହି କୋଠରୀରେ ଜଣେ ଅତୃପ୍ତ ମଣିଷ ପରି ଅନେକ ସମୟ ଏପଟେ ସେପଟେ ହେଲା ଏବଂ ନିଜର ଅର୍ଦ୍ଦଳୀକୁ ବିୟର ପାଇଁ ପଠାଇଲା। ମେରଲାୟକୋଭ୍ ଶେଜ ଉପରକୁ ଉଠିଗଲା, ନିଜ ତକିଆ ପାଖରେ ମହମବତୀକୁ ଜାଳି 'ଭେୟଷ୍ଟନିକ୍ ଇଭରୋପି' ପଢ଼ିପାରେ ନିମଗ୍ନ ହୋଇଗଲା ।

"ସେ ତରୁଣୀ ଜଣକ କିଏ ?" ରାୟବୋଭିଚ ଧୂମାୟିତ ଛାତଟାକୁ ଚାହିଁ ଭାବିବାକୁ ଲାଗିଲା ।

ତାକୁ ଲାଗୁଥିଲା ସତେ ସେମିତି ତାର ବେକରେ କିଏ ସୁଗନ୍ଧିତ ତେଲର ଏକ ପ୍ରଲେପ ଦେଇ ଦେଇଛି। ଆଉ ତାର ମୁଖରେ ପିପରମେଂଟ ଜ୍ୱଳାର ସ୍ୱାଦ । ସେ ଗୋଲାପ ପୋଷାକ ପରିହିତ ଯୁବତୀର ହାତ ଏବଂ କାନ୍ଧ, କଳା ପୋଷାକରେ ଥିବା ସେହି ଗୋରୀ ଝିଅଟିର ଭ୍ରୂଲତା ଏବଂ ବିଶ୍ୱସ୍ତ ଆଖି, କଟି, ପୋଷାକ ଏବଂ ବ୍ରାଉଚ୍ ପିନ୍ ସବୁ ତାର ଭାବନା ରାଜ୍ୟରେ ଘୁରି ବୁଲିଲା । ସେ ଏହି ସବୁ ଚିତ୍ର ଉପରେ ତାର ଧ୍ୟାନ ସ୍ଥିର ରଖିବାକୁ ଚାହିଁଲା । ସେମାନେ କିନ୍ତୁ ସବୁ ନାଚିବାରେ ଲାଗିଲେ ଏବଂ ଭାଙ୍ଗି ଖଣ୍ଡ ଖଣ୍ଡ ହୋଇ ଇତଃସ୍ତିତ ହୋଇ ପଡିଲେ ।

ଯେତେବେଳେ ଏହି ସବୁ ଚିତ୍ର ଏକ ବିସ୍ତୃତ କଳା ପୃଷ୍ଠଭୂମୀ ଉପରୁ , ଯାହା ମଣିଷ ଆଖି ବୁଜି ଦେଲେ ଦେଖାଯାଏ, ଉଭେଇ ଗଲା ସେ ଶୁଣିବାକୁ ପାଇଲା କାହାର ଚଂଚଳ ପାଦଶବ୍ଦ, ପୋଷାକର ଖସ୍‌ଖସ୍ ଶବ୍ଦ, ଚୁମ୍ବନର ଶବ୍ଦ ଏବଂ- ଏକ ଚରମ ଭିତିହୀନ ଆନନ୍ଦ ତାକୁ ଅବେରୀ ବସିଲା... ନିଜକୁ ସେହି ଆନନ୍ଦରେ ସାମିଲ କରିଦେବା ବେଳେ ସେ ଶୁଣିବାକୁ ପାଇଲା ଅର୍ଦ୍ଦଳୀର ପ୍ରତ୍ୟାବର୍ତନର ଶବ୍ଦ ଏବଂ ସୁଚନା ଯେ ବିୟର ମିଳିଲା ନାହିଁ। ଲୋବିକୋ ଅତ୍ୟଧିକ କ୍ରୋଧିତ ହୋଇ ସେ କୋଠରୀଟାରେ ଦୃତ ପାଦ ପକାଇ ଚଲିବାକୁ ଲାଗିଲା ।

"ସେଟା ଗୋଟେ ଇଡିଏଟ୍ ଟେ ?" ସେ କହିବାକୁ ଲାଗିଲା ପ୍ରଥମେ ରାୟବୋଭିଚ ଏବଂ ପରେ ମେରଲାୟକୋଭ ପାଖରେ ଅଟକି ଯାଇ । "କି ଗୋଟେ ମୁର୍ଖ ଏବଂ ବୁଦ୍ଧୁ ମଣିଷଯେ ବିୟରଟେ ଯୋଗାଡ କରି ଆଣି ପାରିଲା ନାହିଁ ! ହୁଁ? ସେଟା ଗୋଟେ ପାଜିଟା ନୁହେଁ ଆଉ କଣ ?"

"ଅବଶ୍ୟ ତମେ ଏଠାରେ ବିୟର ପାଇବ ନାହିଁ।" 'ଭେଷ୍ଟନିକ ୟୁରୋପ 'ରୁ ମୁହଁ ନ ଉଠାଇ କହିଲା ମେରଲାୟକୋଭ।

"ଓ ! ଏଇଟା ତାହେଲେ ତୁମର ମତ ?" ଲୋବିକୋ ବିରକ୍ତ ହୋଇ କହିଲା। "ପ୍ରଭୁଙ୍କର ଆମ ପ୍ରତି ଅପାର କରୁଣା ଅଛି । ତମେ ମୋତେ ଚନ୍ଦ୍ରରେ ବି ଛାଡି ଦିଅ ମୁଁ ତୁମକୁ ସେଠାରେ ବିୟର ଆଉ ତରୁଣୀ ସିଧା ସଳଖ ଖୋଜି ଆଣି ଦେବି ! ମୁଁ ସିଧା ଯିବି ଏବଂ ସଙ୍ଗେ ସଙ୍ଗେ ଖୋଜି ଆଣିବି .. ଯଦି ନପାରିବି ତୁମେ ମୋତେ ଜଣେ ମିଛୁଆ କହିପାର !"

ସେ ପୋଷାକ ପିନ୍ଧିବାରେ ଅନେକ ସମୟ ନେଲା ଏବଂ ତାର ହାଇ ବୁଟ ଗୋଡରେ ଚଢ଼ାଇଲା ତା'ପରେ ନିରବରେ ସିଗାରେଟ ଟାଣିବା ପରେ ବାହାରକୁ ଚାଲିଗଲା ।

"ରାବେକ, ଗ୍ରାବେକ, ଲାବେକ," ସେ ଗଣ ଗଣ ହୋଇ କହିଲା ବାହାର କୋଠରୀ ପାଖରେ ଅଟକି ଯାଇ । "ମୁଁ ଏକାକୀ ଯିବାରେ କୁଣ୍ଠାବୋଧ କରେନାହିଁ, ଛାଡ ସବୁ ! ରାୟବୋଭିଚ, ତୁମେ ଗୋଟେ ବୁଲିବାକୁ ଯିବାକୁ ଚାହିଁବ କି ? ଓଃ ?"

କୌଣସି ଉତର ନପାଇ, ସେ ଡେରି ଆସିଲା, ଆସ୍ତେ ଆସ୍ତେ ଶରୀରରୁ ପୋଷାକ ସବୁ ଓହ୍ଲାଇ ଖଟ ଉପରକୁ ଉଠିଗଲା । ମେରଲାୟକୋଭ ଦୀର୍ଘସ୍ୱାସ ନେଲା , 'ଭେଷ୍ଟନିକ ୟୁରୋପ'କୁ ରଖିଦେଇ ଆଲୁଅ ଲିଭାଇ ଦେଲା ।

"ହୁଁ!" ଅନ୍ଧାରରେ ସିଗାରେଟରେ ନିଆଁ ଧରାଉ ଧରାଉ କହିଲା ଲୋବିକୋ ।

ରାୟବୋଭିଚ ଚାଦରଟାରେ ମୁଣ୍ଡ ପର୍ଯ୍ୟନ୍ତ ଘୋଡାଇ ହୋଇ ଖଟ ଉପରେ ଗୋଡ ଭାଙ୍ଗି ଶୋଇ ଶୋଇ ନିଜ ମନରେ ସେହି ଚିତ୍ର ଗୁଡିକୁ ସାଉଁଟିବାକୁ ଚେଷ୍ଟା କଲା ଏବଂ ସେମାନଙ୍କୁ ସବୁ ଏକାଠି କରି ଗୋଟିଏ କରିବାକୁ ଲାଗି ପଡିଲା । କିନ୍ତୁ କିଛି ହେଲାନି। ସେ ଶୀଘ୍ର ଶୋଇ ପଡିଲା । ଏବଂ ତାର ଶେଷ ଭାବନା ଥିଲା ଯେ କିଏ ଜଣେ ତାକୁ ଆଉଁସି ଦେଉଛି ଏବଂ ତାକୁ ଆନନ୍ଦ ଦେଉଛି – କିଛି ଅନନ୍ୟ, ମୁର୍ଖତା, କିନ୍ତୁ ଆନନ୍ଦଦାୟକ ଏବଂ ରୋମାଂଚକର, ଯାହା ତାର ଜୀବନରେ ଆସିଛି। ସେ ନିଦରେ ଶୋଇଥିବା ବେଳେ ବି ସେ ଭାବନା ତାକୁ ଛାଡି ନଥିଲା।

ସେ ଯେତେବେଳେ ଉଠିଲା, ବେକରୁ ତେଲର ପ୍ରଲେପ ଏବଂ ମୁଖରୁ ପିପରମେଂଟର ଜ୍ୱଳା ଚାଲି ଯାଇଥିଲା । କିନ୍ତୁ ପୂର୍ବ ଦିନ ଭଳି ଖୁସି ତାର ହୃଦୟକୁ ପ୍ଲାବିତ କରି ଦେଇଥିଲା । ସେ ଉତ୍‌ଫୁଲ୍ଲିତ ହୋଇ ଝରକାର କାଚ ଫ୍ରେମ୍ କୁ ଚାହିଁଲା, ଉଦିତ ସୂର୍ଯ୍ୟ କିରଣରେ ତାହା ସ୍ୱର୍ଣ୍ଣାଭ ଦିଶୁଥିଲା, ଏବଂ ଶୁଣିଲା ଗଳିରେ ଯିବା ଆସବା କରୁଥିବା ପଥଚାରୀଙ୍କର ଚଳପ୍ରଚଳର ଶବ୍ଦ। ଲୋକମାନେ ଝରକା ପାଖରେ ଉଚ୍ଚ ସ୍ୱରରେ କଥାବାର୍ତା ହେଉଥିଲେ। ଲେବିଡେସ୍କି, ରାୟବୋଭିଚ ବ୍ୟଟେରୀର କମାଣ୍ଡର, ଯେ କି ଏଇ ମାତ୍ର ବ୍ରିଗେଡ୍‌ର ଦାୟୀତ୍ୱ ନେଇଥିଲେ, ପାଟିତୁଣ୍ଡ

କରିବା ସହ ଅଭ୍ୟସ୍ତ ଥିବାରୁ ଉଚ୍ଚ ଗଳାରେ ତାଙ୍କର ସର୍ଜେଂଟ ସହ କଥାବାର୍ତ୍ତା ହେଉଥିଲେ ।

"କଣ ସବୁ ଖବର ?" ଚିତ୍କାର କଲେ କମାଣ୍ଡର ।

"ମହାଶୟ ଗତକାଲି ଆରତେମେଭ୍ ପ୍ରଚୁର ପିଇ ଦେଇଥିଲା ଏବଂ ଲେଫ୍ଟନେଂଟ ତାକୁ ଗୋଟେ ବଳକା କମାଣବାହୀ ଗାଡି ଦାୟୀତ୍ୱରେ ପକାଇ ଦେବା ପାଇଁ ଅର୍ଡର ଦେଇଛନ୍ତି ।"

କାରପୋଭ୍ ତୁରୀର ନୂଆ କର୍ଡ ଏବଂ ଟେଂଟର ରିଂ ଆଣିବାକୁ ଭୁଲି ଯାଇଥିବା କଥା ସର୍ଜେଂଟ ରିପୋର୍ଟ କଲେ, ଏବଂ କହିଥିଲେ ଯେ ମାନ୍ୟବର ଅଫିସର ମାନେ ପୂର୍ବ ସଂଧ୍ୟାରେ ଜେନେରାଲ ଫୋନ ରାବିକ୍‌ଙ୍କ ଭେଟିବାକୁ ଯାଇ ସଂଧ୍ୟା ବିତାଇଥିଲେ । ଏହି କଥାବାର୍ତ୍ତା ମଝିରେ ଲାଲ ଦାଢ଼ିଥିବା ଲେବିଡେସ୍କିର ମୁହଁ ଝରକା ପାଖରେ ଦେଖାଗଲେ । ସେ ତା'ର ଆଖିକୁ ସଂକୁଚିତ କରି ଅଫିସରମାନଙ୍କର ନିଦୁଆ ମୁହଁକୁ ଦେଖି ସେମାନଙ୍କୁ ସୁପ୍ରଭାତ ଜଣାଇଲା ।

"ସବୁ କିଛି ଠିକ ଅଛି ତ ?" ସେ ପଚାରିଲା ।

"ନୂଆ ପଘା ଯୋଗୁଁ ଗୋଟିଏ ଘୋଡାର ଗଳାରେ ଘା' ହୋଇ ଯାଇଛି", ହାଇ ମାରୁ ମାରୁ ଉତର ଦେଲା ଲୋବିକା ।

କମାଣ୍ଡର ନିଶ୍ୱାସ ନେଲେ, କିଛି ସମୟ ଭାବି ଉଚ୍ଚ ସ୍ୱରରେ କହିଲେ :

"ଆଲେକ୍ସଜାଣ୍ଡର ୟୁଭ୍‌ଗ୍ରାଫୋଭ୍‌ନାକୁ ଦେଖା କରିବାକୁ ଯିବି ବୋଲି ଭାବୁଛି । ମୁଁ ତାଙ୍କୁ ଭେଟିବା ନିହାତି ଦରକାର । ଆଚ୍ଛା, ଗୁଡ ବାୟ । ସଂଧ୍ୟା ବେଳକୁ ପୁଣି ଦେଖାହେବ ।"

ପ୍ରାୟ ପନ୍ଦର ମିନିଟ୍ ପରେ ବ୍ରିଗେଡ୍ ପୁଣି ତାର ଗନ୍ତବ୍ୟ ପଥରେ ଆଗେଇଲା । ସବୁଜ କ୍ଷେତର ଧାରେ ଧାରେ ଯେତେବେଳେ ଏହା ରାସ୍ତାରେ ଆଗେଉଥାଏ, ରାୟବୋଭିଚ୍ ଡାହଣ ପଟେ ଥିବା ଘରଟିକୁ ଚାହିଁଲା । ଝରକାର ପର୍ଦ୍ଦା ସବୁ ପଡିଥାଏ । ବୋଧହୁଏ ଘରର ସମସ୍ତେ ବର୍ତମାନ ପର୍ଯ୍ୟନ୍ତ ଶୋଇଛନ୍ତି । ଗତ କାଲି ଯିଏ ରାୟବେଭିଚ୍‌କୁ ଚୁମ୍ବନ ଦେଇଥିଲା ସେ ବି ମଧ୍ୟ ଶୋଇପଡଥିବ । ସେ ଶୋଇ ପଡିଥିବାର କଳ୍ପନା କଲା । ଶୋଇବା ଘରର ଉନ୍ମୁକ୍ତ ଗବାକ୍ଷ ଦେଇ ଉଙ୍କି ମାରୁଥିବା ସବୁଜ ଡାଳ, ସକାଳର ସତେଜତା, ଗୋଲାପ, ଲିଲାକ ଏବଂ ପୋପଲାରର ବାସ୍ନା, ଶେଯ, ଚୌକି, ଏବଂ ତା ଛଡା ଗତକାଲି ର ସ୍କର୍ଟସର ଖସ୍‌ଖସ୍ ଶବ୍ଦ, କୁନି ଯୋତା, ଟେବୁଲ ଉପରେ କୁନି ଘଂଟା– ଏ ସବୁର ଚିତ୍ରସବୁ ସେ ନିଜେ ନିଜେ ସ୍ପଷ୍ଟ ଭାବେ ଦେଖୁଥିଲା । କିନ୍ତୁ ଚେହେରାର ଆକୃତି, ମିଠା ନିଦର ହସ, ଯାହା ସ୍ୱଭାବସିଦ୍ଧ ଏବଂ ଗୁରୁତ୍ୱପୂର୍ଣ୍ଣ, ହାତ ଆଙ୍ଗୁଠି ଫାଙ୍କରେ ପାରଦ ଖସିଗଲା ଭଳି ତାର ପରିକଳ୍ପନାରୁ ଉଭେଇ ଯାଇଥିଲା । ସେ ଅଧ ମାଇଲ ଖଣ୍ଡେ ଅତିକ୍ରମ କଲାପରେ ପଛକୁ ଚାହିଁଲା:ସେହି ହଳଦିଆ ରଂଗର ଚର୍ଚ୍ଚ, ସେ ଘର, ସେ ନଦୀ, ସବୁଗୁଡିକ ଆଲୁଅରେ ଗାଧୋଉଥିଲେ । ନଦୀର ଉଜ୍ଜଳ ସବୁଜ କୂଳ, ଜଳରାଶୀ ଉପରେ ନୀଳ ଆକାଶର ପ୍ରତିବିମ୍ବ ଏବଂ ସୂର୍ଯ୍ୟ କିରଣରେ ଏଣେ ତେଣେ ଝଲସୁଥିବା ରୂପେଲି ଆଲୁଅ, ବେଶ୍ ସୁନ୍ଦର ଲାଗୁଥିଲା ।

ରାୟବୋଭିଚ୍ ଶେଷଥର ପାଇଁ ମିଷ୍ଟଟଚ୍‌କି ଆଡକୁ ଚାହିଁଲା ଏବଂ କୌଣସି ନିଜର ଅତି ଆପଣାର ମଣିଷକୁ ଛାଡି ଯାଉଥିବାର ଦୁଃଖ ସେ ଅନୁଭବ କଲା ।

ରାସ୍ତାରେ ତା ସାମନାରେ ବହୁ ପରିଚିତ କିନ୍ତୁ ନିରସ ଚିତ୍ର ଛଡା ଆଉ କିଛି ନଥିଲା ।ରାସ୍ତାର ଦୁଇପଖକଅଁଳିଆ ଗହମର କ୍ଷେତରେ କାଉ ମାନଙ୍କର ଭିଡ । ଆଗକୁ ଦେଖିଲେ ଦିଶୁଛିଧୂଳି ଆଉ ମଣିଷ ମୁଣ୍ଡର ପଶ୍ଚାତ ଭାଗ । ଆଉ ପଛକୁ ଚାହିଁଲେ ଦିଶୁଛି ସେହି ଧୂଳି ଆଉ ମଣିଷ ମୁହଁ । ସବା ଆଗରେ ହାତରେ ଖଣ୍ଡାଧରି ମାର୍ଚ୍ଚ କରି ଚାଲୁଥିଲେ ଚାରିଜଣ- ମାର୍ଗ ଦର୍ଶକ ଦଳ । ତାଙ୍କ ପଛରେ ଗାୟକ ଦଳ, ଏବଂ ଘୋଡାପିଠିରେ ତୁରୀ ଫୁଙ୍କାଳୀ । କୌଣସି ଶବ ଶୋଭାଯାତ୍ରାରେ ମଶାଲଧାରୀ ଭଳି ଆଗର ସେ ଖଡ୍‌ଗଧାରୀ ଦଳ ଓ ପଛର ସେ ସଂଗୀତକାର ଦଳ ନିଜ ନିଜ ଭିତରେ ଦୂରତା ରକ୍ଷା କରିବାର ନିତି ନିୟମ ଭୁଲି ଆଗକୁ ମାଡି ଯାଉଥାନ୍ତି ...। ରାୟବୋଭିଚ ପଂଚମ ବ୍ୟାଟେରୀର ପ୍ରଥମ କମାଣ ସହିତ ଥିଲା । ସେ ତା' ଆଗରେ ଚାଲୁଥିବା ସମସ୍ତ ଚାରୋଟି ବ୍ୟାଟେରୀକୁ ଦେଖିପାରୁଥିଲା । ଜଣେ ବେସାମରିକ ନାଗରିକକୁ, ଗୋଟେ ଆବାଗମନ ବ୍ରିଗେଡର ଲମ୍ୱା, କଷ୍ଟକର ଏହି ଶୋଭାଯାତ୍ରା ଏକ ଜଟିଳ ଏବଂ ଦୁର୍ବୋଧ୍ୟ ଅବ୍ୟବସ୍ଥା ଭଳି ଲାଗିବ । ଜଣେ ବୁଝି ପାରିବନି କାହିଁକି ଏତେ ଲୋକ ଗୋଟିଏ କମାଣକୁ ଘେରି ଚାଲୁଛନ୍ତି, ଏବଂ କାହିଁକି ଏହାକୁ ଏତେ ଗୁଡିଏ ଘୋଡା ଅଦ୍ଭୁତଭାବେ ଯୋତା ହୋଇ ଟାଣୁଛନ୍ତି,ସତେ ଯେମିତି ସେଇଟା ଗୋଟେ ଅତି ଭୀଷଣକାୟ ଏବଂ ଓଜନଦାର ଜିନିଷ । ରାୟବୋଭିଚ ପାଇଁ ଏହାସବୁ ବେଶ ପରିଚିତ ଥିଲା ତେଣୁ ରୋଚକହୀନ ମନେ ହେଉଥିଲା । ସେ ବହୁ ପୂର୍ବରୁ ଜାଣିଥିଲା ପ୍ରତ୍ୟେକ ବ୍ୟାଟେରୀର ଅଗ୍ରଭାଗରେ ଜଣେ ଅଶ୍ୱପୃଷ୍ଠାରୁଢ଼ ପୁରୁଖା ବୋମାମାଡକାରୀ ଚାଲୁଥାଏ । ଏହି ବୋମାମାଡକାରୀ ଠିକ ପଛରେ ପ୍ରଥମ ଏବଂ ତା ପରେ ମଧ୍ୟ ୟୁନିଟ୍ ଗୁଡିକର ଅଶ୍ୱାରୋହୀ ମାନେ ଥାଅନ୍ତି । ସେମାନଙ୍କ ପଛରେ ଜୁଆଳିରେ ବନ୍ଧା ଦୁଇଟି ଘୋଡା ଆସନ୍ତି । ସେଥିରୁ ଗୋଟିକ ପିଠିରେ ଜଣେ ଚଢ଼ିଥାଏ ଯାହାର ପିଠିରେ ଗତକାଲି ର ଧୂଳି ଜମି ରହିଥାଏ ଆଉ ଗୋଡରେବେଢ଼ଙ୍ଗର ଏକ ବିଚିତ୍ର କାଠଖଣ୍ଡ ଲାଗିଥାଏ । ରାୟବୋଭିଚ ସେ କାଠଖଣ୍ଡର ଆବଶ୍ୟକତା ଜାଣିଥାଏ ତେଣୁ ତାକୁ ତାହା କୌତୁହଳ ଲାଗିନଥିଲା । ସମସ୍ତ ଅଶ୍ୱାରୋହୀ ଯନ୍ତ୍ରବତ୍ ସେମାନଙ୍କର ଚାବୁକ ହଲାଉଥିଲେ ଏବଂ ଘଡି କି ଘଡି ଚିତ୍କାର କରୁଥିଲେ । କମାଣଟା ହିଁ ଅସୁନ୍ଦର ଥିଲା । ଅଗ୍ରଭାଗରେ ଶସ୍ୟର ବସ୍ତାସବୁ ଲଦା ହୋଇ ଚାଦରରେ ଘୋଡା ହେଇଥିଲା ଏବଂ କମାଣ ସାରା ଚା' କେଟିଲ, ସୈନ୍ୟମାନଙ୍କ ବସ୍ତାନୀ, ବ୍ୟାଗସବୁ ଝୁଲି ଥିଲା । ଏବଂ ଏମିତି ଦେଖା ଯାଉଥିଲା ସତେ ଯେମିତି କୌଣସି ଏକଛୋଟ ନିରିହ ଯନ୍ତୁକୁ କୈଣସି ଅଜଣା କାରଣରୁ ମଣିଷ ଓ ଘୋଡାମାନେ ଘେରି ହୋଇ ରହିଛନ୍ତି । ପଛ ପଟେ ଛଅ ଜଣ ବନ୍ଧୁକଧାରୀ ମଣିଷ ହାତ ହଲାଇ ଚାଲୁଥଲେ । କମାଣ ପରେ ପୁଣି ଥରେ ବୋମାମାଡକାରୀ, ଘୋଡା ସବାରୀ, ଜୁଆଳି ଯୋଚା ଘୋଡା, ଏବଂ ସେମାନଙ୍କ ପଛରେ ଆଉ ଗୋଟେ କମାଣ, ପ୍ରଥମ କଣାଣ ଭଳି ଅସୁନ୍ଦର ଏବଂ ଅପ୍ରଭାବୀ । ଦ୍ୱିତୀୟ ପରେ ତୃତୀୟ, ଚତୁର୍ଥ; ଚତୁର୍ଥ ପାଖରେ ଜଣେ ଅଫିସର, ଏବଂ ଏମିତି ଚାଲିଥାଏ । ଗୋଟିଏ ବ୍ରିଗେଡରେ ଛଅଟା ବ୍ୟାଟେରୀ ଥାଏ । ଏବଂ ପ୍ରତ୍ୟେକ ବ୍ୟାଟାରୀରେ ଚାରୋଟି କମାଣ ଥାଏ । ଶେଭାଯାତ୍ରାଟା ଅଧା ମାଇଲ ଯାଏ ଲମ୍ୱି ଥିଲା । ଶେଷଭାଗରେ ଧାଡିରେ ୱାଗନ୍ ସବୁ । ସେହି ୱାଗନଗୁଡିକ ପାଖରେ ତୁର୍କୀରୁ ଜଣେ ବ୍ୟାଟାରୀ କମାଣ୍ଡର ଆଣିଥିବା ଏକ ଅତ୍ୟନ୍ତ ଆକର୍ଷଣୀୟ ଜନ୍ତୁ – ମଗର ନାମକ ଗଧ - ତାର ଲମ୍ୱାକାନର ମୁଣ୍ଡକୁ ପୋତି ଚିନ୍ତାଗ୍ରସ୍ତ ଭାବେ ଚାଲୁଥିଲା ।

ରାୟବୋଭିଚ ଆଗକୁ ଏବଂ ପଛକୁ ଅନାଗ୍ରହଭାବେ ଚାହିଁଥିଲା । ଆଗରେ ମଣିଷମାନଙ୍କ ମୁଣ୍ଡର ପଛଭାଗ ଆଉ ପଛରେ ମଣିଷମାନଙ୍କ ମୁହଁ ସବୁ । ଅନ୍ୟ ସମୟ ହୋଇଥିଲେ ସେ ଅଧା ନିଦରେ ଥାଅନ୍ତା, କିନ୍ତୁ ବର୍ତମାନ ସେ ସଂପୂର୍ଣ୍ଣ ଭାବେ ନିଜ ଭାବନାରେ ବୁଡି ଯାଇଥିଲା । ପ୍ରଥମେ ଯେତେବେଳେ ବ୍ରିଗେଡ ଯାତ୍ରା ଆରମ୍ଭ କରିବାକୁ ଯାଉଥିଲା ସେ ନିଜକୁ ବୁଝାଇବାକୁ ଚେଷ୍ଟା କରୁଥିଲା ଯେ ସେ ଚୁମ୍ବନ ଘଟଣାଟା ମାତ୍ର ଏକ ରହସ୍ୟ ରୋମଂଚ ଭଳି ବେଶ୍ ରୋଚକ ହେବ । ତାହା ଏକ ସାଧାରଣ ସତ ଘଟଣା ଥିଲା, ଏବଂ ଏହା ବିଷୟରେ ଗୁରୁତ୍ୱ ସହ ଭାବିବା, ଅତି କମ୍‌ରେ କହିବା, ମାନେ ମୁର୍ଖାମୀ ଛଡା ଆଉ କିଛି ନୁହେଁ । ତେବେ ବର୍ତମାନ ସେ ଆଉ ଅଧିକବିତର୍କ ନଯାଇ ନିଜକୁ ସ୍ୱପ୍ନ ପାଖରେ ସମର୍ପି ଦେଇଥିଲା ..। ଗୋଟେ ମୁହୂର୍ତ୍ତରେ ସେ ଭାବିଲା ସେ ଫୋନ୍ ରାବିକ୍‌ଙ୍କ ଡ୍ରଇଁ ରୁମ୍‌ରେ ସେହି ଗୋଲପୀ

ବସ୍ତ୍ର ପରିହିତା ତରୁଣୀଟିଭଳି ଜଣେ ଝିଅ ଏବଂ କଳା ବସ୍ତ୍ର ପରିହିତା ସେ ସୁନ୍ଦରୀଟି ପାଖରେ ଠିଆ ହୋଇ ନିଜର ଆଖି ଦୁଇଟି ବୁଜିଦେଇ ନିଜକୁ ଦେଖୁଛି ଅନ୍ୟ ଜଣେ ସଂପୂର୍ଣ୍ଣ ଅଜଣା ଝିଅଟେ, ଯାହାର ଅଙ୍ଗ ସୌଷ୍ଠଭ ଅତ୍ୟନ୍ତ ଅସ୍ପଷ୍ଟ । ତାର କଳ୍ପନାରେ ସେ ତା ସହିତ କଥା ହେଲା, ତାକୁ ଆଉଁସିଲା, ତାର କାନ୍ଧ ଉପରେ ନଇଁ ପଡିଲା, ତା ଆଖି ଆଗରେ ନାଚିଗଲା ଚିତ୍ର ଯୁଦ୍ଧର, ବିଚ୍ଛେଦର, ପୁଣି ମିଳନର, ତା' ସ୍ତ୍ରୀ ପିଲା ସହ ରାତ୍ରି ଭୋଜନର...।

"ବ୍ରେକ୍ !"ପ୍ରତ୍ୟେକଥର ଯେତେବେଳେ ସେମାନେ ପହାଡ ତଳକୁ ଖସନ୍ତି ସେତେବେଳେ ଏହି କମାଣ୍ଡ ଗୁଂଜରି ଉଠେ ।

ସେ ମଧ୍ୟ ଚିତ୍କାର କଲା "ବ୍ରେକ୍!" ହେଲେ ସେ ଶଂକିତ ହେଲା ଯେ ଏହି ଚିତ୍କାର ତାର ସେ ରଙ୍ଗିନ୍ ଭାବନାକୁ ଭାଙ୍ଗି ଦେବ ଏବଂ ତାକୁ ବାସ୍ତବତାକୁ ପୁଣି ଫେରାଇ ଆଣିବ ...।

ସେମାନେ ଯେତେବେଳେ କୌଣସି ଜମିଦାରର ଇଷ୍ଟେଟ ପାଖ ଦେଇ ଯାଉଥିଲେ ରାୟବୋଭିଚ ବାଡ ଉପର ଦେଇ ବଗିଚା ଭିତରକୁ ଚାହିଁଲା । ଗୋଟେ ଲମ୍ବା ରାସ୍ତା, ରୁଲବାଡି ଭଳି ସିଧା, ହଳଦିଆ ରଙ୍ଗର ବାଲିରେ ଆଚ୍ଛାଦିତ ଏବଂ ଦୁଇ ପାର୍ଶ୍ୱରେ କଅଁଳିଆ ଗଛର ବାଡ, ତା ଆଖିରେ ପଡିଲା ...। ସ୍ୱପ୍ନ ଦେଖିବା ଛାଡି ଦେଇଥିବା ଜଣେ ମଣିଷର ଉତ୍ସାହ ସେ ନିଜେ ନିଜ ପାଇଁ ଆଙ୍କିଥିଲା ଚିତ୍ରଟିଏ । ସେହି ହଳଦିଆ ବାଲି ଉପରେ ମହିଳା ସୁଲଭ କୋମଳ ପାଦର ଚାଲି । ବେଶ୍ ଆପ୍ରତ୍ୟାଶୀତଭାବେ ତାର ଭାବନାରେ ସେ ସ୍ପଷ୍ଟ ଭାବେ ଦେଖିପାରିଥିଲା ସେ ଝିଅଟିକୁ ଯିଏ ତାକୁ ଚୁମ୍ବନ ଦେଇଥିଲା ଯାହାର ଛବି ସେ ପୂର୍ବ ସଂଧ୍ୟା ରାତ୍ର ଭୋଜନ ବେଳେ ନିଜେ ନିଜେ ଆଙ୍କିବାରେ ସଫଳ ହୋଇଥିଲା । ଏହି ଛବିଟା ତା ମୁଣ୍ଡରେ ରହିଗଲା ଏବଂ ତାକୁ ଛାଡି ଆଉ ଗଲାନି।

ମଧ୍ୟାହ୍ନ ବେଳକୁ ପଛପଟୁ ୱାଗନଗୁଡିକ ପାଖରୁ ଚିତ୍କାର ଶୁଣାଗଲା।

"ଆସ୍ତେ ! ନଜର ବାଁକୁ ! ଅଫିସରମାନେ !"

ବ୍ରିଗେଡର ଜେନେରାଲ ହଳେ ଧଳା ଘୋଡା ଦ୍ୱାରା ଟଣା ଏକ କ୍ୟାରିଏଜରେ ପାଖଦେଇ ଗଲାବେଳେ ସେ ଦ୍ୱିତୀୟ ବ୍ୟାଟେରୀ ପାଖରେ ଅଟକିଗଲେ । ସେ ଏମିତି କିଛି ଗୋଟେ ଚିତ୍କାର କଲେ ଯାହା କେହି ବି ବୁଝି ପାରିନଥିଲେ । ରାୟବୋଭିଚ ସମେତ ଅନେକ ଅଁଫିସର ଘୋଡା ଝପଟାଇ ତାଙ୍କ ପାଖରେ ପହଂଚି ଥିଲେ ।

"ଆଛା ?" ନାଲି ଆଖିକୁ ମିଟମିଟକରି ପଚାରିଲେ ଜେନେରାଲ। " ତୁମ ମାନଙ୍କ ଭିତରୁ କେହି ବେମାର ଅଛନ୍ତି କି ?"

ଉତ୍ତର ଗୋଟେ ପାଇବା ପରେ, ଜେନେରାଲ, ଗେଡା ହୋଇ ସେ କ୍ଷୀଣ ମଣିଷଟା, ଦାନ୍ତ କଡମଡ କରି କିଛି ସମୟ ଚିନ୍ତା କରି ଜଣେ ଅଫିସରଙ୍କ ଉଦ୍ଦେଶ୍ୟରେ କହିଲେ:

"ତୁମର ତୃତୀୟ କମାଣର ଜଣେ ଡ୍ରାଇଭର ତାର ଗୋଡ ଗାର୍ଡକୁ ବାହରକରି କମାଣର ଅଗ୍ରଭାଗରେ ଝୁଲାଇ ଦେଇଛି । ରାସକେଲ୍ । ତାକୁ ଭର୍ତ୍ସନା କରି ପାରୁନ ।"

ରାୟବୋଭିଚ ଆଡକୁ ଆଖି ଉଠାଇ ସେ କହିଲେ:

"ମତେ ଲାଗୁଛି ତୁମର ସେ ଆଗ ବେଲ୍ଟଟା ବେଶ୍ ଲମ୍ବା ଅଛି।"

ଆଉ କିଛି ଏଣୁ ତେଣୁ କଟୁ ଟିପ୍ପଣୀ କରି ସାରିବା ପରେ ସେ ଜେନେରାଲ ଲୋବିକୋ ଆଡକୁ ଚାହିଁ ଅଳ୍ପ ହସି କହିଲେ -

"ତୁମେ ଆଜି କାହିଁକି ବେଶ୍ ଉଦାସ ଦେଖା ଯାଉଛ, ଲେଫ୍ଟେନାଂଟ ଲୋବିକୋ। ତମେ କଣ ମ୍ୟାଡାମ୍ ଲୋପୁହୋଭଙ୍କୁ ଝୁରୁଛ ? ହୁଁ? ବନ୍ଧୁଗଣ, ସେ ମ୍ୟାଡାମ ଲୋପୁହୋଭଙ୍କୁ ଝୁରୁଛନ୍ତି ।"

ମହିଳା ଜଣକ ବେଶ୍ ଉଚ୍ଚା ଏବଂ ହୃଷ୍ଟପୁଷ୍ଟ ଯେକି ବହୁ ଦିନରୁ ତାଙ୍କର ଚାଳିଶିତମ ବର୍ଷ ପାର କରି ସାରିଲେଣି । ଜେନେରାଲଙ୍କର ହୃଷ୍ଟପୁଷ୍ଟ ମହିଳାମାନଙ୍କ ପ୍ରତି, ତେଣିକି ତାଙ୍କ ବୟସ ଯେତେ ହେଉନା କାହିଁକି, ଗୋଟେ ଦୁର୍ବଳତା ରହିଛି । ଏଣୁ ସେ ସନ୍ଦେହ କରୁଛନ୍ତି ତାଙ୍କ ଅଫିସରମାନଙ୍କର ମଧ୍ୟ ସେଭଳି କିଛି ପସନ୍ଦ ଥିବ ।

ଅଫିସରମାନେ ଜେନେରାଲଙ୍କ କଥାକୁ ସମ୍ମାନର ଜଣାଇବାକୁ ଯାଇ ହସିଲେ । ଜେନେରାଲ ଜଣକ ଖୁସି ହେଲେ ଯେ ସେ ଗୋଟେ କଟୁ ମଧୁର କଥା କହିଛନ୍ତି । ସେ ଉଚ୍ଚ ସ୍ୱରରେ ହସିଲେ ଏବଂ ତାଙ୍କର କୋଚମ୍ୟାନର ପିଠିକୁ ଥାପୁଡେଇ ଦେବା ବେଳେ ସାଲ୍ୟୁଟ ମାରି ବିଦାୟ ନେଲେ। କ୍ୟାରିଏଜ ଗଡି ଚାଲିଲା..।

" ବର୍ତମାନ ମୁଁ ଯେଉଁ ସବୁ ସ୍ୱପ୍ନ ଦେଖୁଛି ଯାହା ମୋତେସଂପୂର୍ଣ୍ଣ ଅସମ୍ଭବ ଥିଲା ଏବଂ ଅସ୍ୱାଭାବିକ ମନେ ହେଉଛି ତାହା ଅତିଶୟ ସାଧାରଣ କଥା ଥିଲା, "ଭାବିଲା ରାୟବୋଭିଚ, ଜେନେରାଲର କ୍ୟାରିଏଜକୁ ପଛରୁ ଗୋଡାଉଥିବା ଧୂଳିର ମେଘକୁ ଦେଖି ।" ଏସବୁ ଅତ୍ୟନ୍ତ ସାଧାରଣ କଥା, ଏବଂ ପ୍ରତ୍ୟେକ ଏଭଳି ପରିସ୍ଥିତି ଦେଇ ଯାଇଥାନ୍ତି ...। ସେ ଜେନେରାଲଙ୍କୁବି ଧରିନିଅ, ଥରେ ପ୍ରେମରେ ପଡିଥିଲେ; ବର୍ତମାନ ସେ ବିବାହିତ ଏବଂ ତାଙ୍କର ପିଲାପିଲି ଅଛନ୍ତି । କ୍ୟାପଟେନ୍ ଫାତର ମଧ୍ୟ ବିବାହିତ ଏବଂ ଭଲପାଇବା ପାଇଛନ୍ତି ଯଦିଓ ତାଙ୍କର ବେକଟା ଅସୁନ୍ଦର ଆଉ ଅଂଟା ନାହିଁ କହିଲେ ଚଳେ। ସାଲ୍ମାନାନୋଭ ବେଶ୍ ମୋଟା ଏବଂ ଅବିକଳ ତାତାର ସଂପ୍ରଦାୟର ମଣିଷଟିଏ ଭଳି, ତଥାପି ତାଙ୍କର ବି ପ୍ରେମ ବ୍ୟାପାରରୁ ବିବାହ ହେଇଛି ...। ମୁଁ ବି ସମସ୍ତଙ୍କ ଭଳି ସମାନ, ଏବଂସମସ୍ତଙ୍କ ଭଳି ମୋର ମଧ୍ୟ ସେହି ଅଭିଜ୍ଞତା ରହିଛି, ଶୀଘ୍ର ହେଉ ବା ବିଳମ୍ବରେ ହେଉ.."।

ସେ ଜଣେ ସାଧାରଣ ମଣିଷ, ଏବଂ ତାର ଜୀବନ ମଧ୍ୟ ସାଧାରଣ, ଏହି ଭାବନା ତାକୁ ଅନନ୍ଦିତ କରିଥିଲା ଏବଂ ତାକୁ ସାହାସ ଦେଇଥିଲା । ସେ ନିଜ ଖୁସିରେ ସେ ତରୁଣୀଟିର ଛବି ଆଙ୍କିଲା,ନିଜରଖୁସି ଜାହିର କଲା ଆଉ ତାର ଭାବନାକୁଲଗାମଛଡା କରିଦେଲା ।

ଯେତେବେଳେ ବ୍ରିଗେଡ ସଂଧ୍ୟା ବେଳକୁ ତାର ବିଶ୍ରାମ ସ୍ଥଳିରେ ପହଂଚି ଯାଇଥିଲା, ଏବଂ ଅଫିସରମାନେ ନିଜ ନିଜର ଟେଂଟରେ ବିଶ୍ରାମ ନେଉଥିଲେ, ରାୟବୋଭିଚ, ମେର୍‌ଲାୟକୋଭ, ଏବଂ ଲୋବିକୋ ଗୋଟିଏ ବାକ୍ସ ଚାରିପଟେ ବସି ରାତ୍ରି ଭୋଜନ କରୁଥିଲେ । ମେର୍‌ଲାୟକୋଭ ଆରାମରେ ଖାଉଥିଲା । ସେ ଆସ୍ତେ ଆସ୍ତେ ଚୋବାଉ ଥିଲା, ଏବଂ ତାର ଦୁଇ ଆଣ୍ଠୁ ମଝିରେ 'ଭେଷ୍ଟନିକ୍ ୟୁରୋପ' ଧରି ପଢୁଥିଲା । ଲୋବିକୋ ଅନବରତ ଭାବେ କହି ଚାଲିଥିଲା ଏବଂ ତାର ଗ୍ଲାସରେବିୟର ଭର୍ତି କରି ଚାଲିଥିଲା । ଏବଂ ରାୟବୋଭିଚ, ଯାହାର ମୁଣ୍ଡଟା ଦିନ ସାରା ସ୍ୱପ୍ନ ଦେଖିବା ଯୋଗୁଁ ଦ୍ୱନ୍ଦରେ ଥିଲା, ପିଉଥିଲା କିନ୍ତୁ କଥା ହେଉ ନଥିଲା । ତିନି ଗ୍ଲାସପରେ ସେ ଟିକିଏ ମାତାଲ ହୋଇ ଯାଇଥିଲା, ସେ ଟିକେ ଦୁର୍ବଳ ଅନୁଭବ କରିଥିଲା । ତାର ନୂତନ ଶୀହରଣ କଥା ସହକର୍ମୀ ମାନଙ୍କ ସହ ବାଂଟିବାକୁ ତାର ଏକ ଅଦ୍ୟମ ଇଚ୍ଛା ଜାତ ହେଲା ।

"ସେ ଫେନ୍ ରାବିକ୍‌ଙ୍କ ଘରେ ମୋ ସହିତ ଏକ ଅଦ୍ଭୁତ ଘଟଣା ଘଟିଛି," କଣ୍ଠରେ କେମିତି ଏକ ଅନାସକ୍ତ ଓ ବିଡମ୍ୱିତ ସ୍ୱର ଆଣିବାକୁ ଚେଷ୍ଟା କରି ସେ କହିବା ଆରମ୍ଭ କରିଥିଲା । "ତୁମେମାନେ ଜାଣିଛ ମୁଁ ସେ ବିଲିୟ୍ୟଡ ରୁମକୁ ଯାଇଥିଲି ..।"

ଚୁମ୍ବନ ଘଟଣା ସେ ଟିକିନିକି ଭାବେ ବର୍ଣ୍ଣନା କରିବା ଆରମ୍ଭ କରିଥିଲା ଏବଂ କିଛ ସମୟ ପରେ ସେ ନିରବତାକୁ ଫେରିଯାଇଥିଲା ..। ସେହି ସମୟରେ ହିଁ ସେ ସବୁ କଥା କହିଦେଇଥିଲା । ତାକୁ ଭୟଙ୍କର ଭାବେ ଆଶ୍ଚର୍ଯ୍ୟ ଲାଗିଥିଲା ଯେ ସବୁ କଥା କହିବାକୁ କେତେ କମ୍ ସମୟ ଲାଗିଲା । ସେ ଭାବିଥିଲା ସେ ଚମ୍ୱନର କାହାଣୀ ପର ଦିନ ସକାଳ ପର୍ଯ୍ୟନ୍ତ କହୁଥିବ । ତାକୁ ଶୁଣିବା ପରେ, ଲୋବିକୋ, ଯେ କି ଜଣେ ମହା ମିଛୁଆ ଏବଂ ସେଥିପାଇଁ କାହାରିକୁ

ବିଶ୍ୱାସ କରେନାହିଁ, ତାକୁ ସନ୍ଦେହରେ ଚାହିଁଲା ଏବଂ ହସିଲା ।

ମେରଲାୟକୋଭ ତାର ଭୁଲତାକୁ ନଚାଇଲା ଏବଂ 'ଭେଷ୍ଟ୍ନିକ ୟୁରେପ'ରୁ ଆଖି ନଫେରାଇ କହିଲା:

" ଏଇଟାଗୋଟେ କଥା ! କି ଅଦ୍ଭୁତ ! ନାଁ, ଗାଁ ଠିକଣା ନଜାଣି ..ଜଣେ ପୁରୁଷର ବେକରେ ଝୁଲି ପଡିବ ... ସେ ନିଶ୍ଚିତ ଭାବେ କିଛିଟା ହାର୍ଷିକାଲ ନ୍ୟୁରୋଟିକ ଥିବ .."।

"ହଁ, ହୋଇଥିବ," ରାୟବୋଭିଚ୍ ଏକମତ ହେଲା ।

"ଏମିତି ଗୋଟେ ଘଟଣା ମୋ ଜୀବନରେ ବି ଘଟିଥିଲା," ମୁହଁରେ ଏକ ଭୟର ଭାବ ଆଣି କହିଲା ଲୋବିକୋ । " ମୁଁ ଗଲା ବର୍ଷ କୋଭ୍ନୋ ଯାଉଥିଲି... ଗୋଟେ ସେକେଣ୍ଡ କ୍ଲାସ ଟିକଟ ନେଇଥିଲି । ବଗିଟା ଭର୍ତି ହୋଇଥିଲା ଏଣୁ ଶୋଇବା ସମ୍ଭବ ନଥିଲା । ମୁଁ ଗାର୍ଡକୁ ଅଧା ରୁବେଲ ବଢ଼େଇ ଦେଇଥିଲି; ସେ ମେର ଲଗେଜ ଧରି ମୋତେ ଆଉ ଏକ କମ୍ପାର୍ଟମେଂଟକୁ ନେଇ ଯାଇଥିଲା ... ମୁଁ କମ୍ବଳ ଘୋଡି ହୋଇ ଶୋଇ ପଡିଥିଲି...। ବୁଝି ପାରୁଥିବ ଚାରିଆଡେ ଅନ୍ଧକାର ଥିଲା । ହଠାତ ମୁଁ ଅନୁଭବ କଲି କେହିଜଣେ ମୋର କାନ୍ଧକୁ ଛୁଉଁଛି ଏବଂ ମୋ ମୁହଁ ଉପରେ ନିଶ୍ୱାସ ଛାଡୁଛି । ମୁଁ ମୋର ହାତରେ ଅଣ୍ଡାଳିଲି ଏବଂ ଅନୁଭବ କଲି କାହାର ଗୋଟେ କହୁଣୀ ...ମୁଁ ଆଖି ଖୋଲିଲି ଏବଂ କେବଳ କଳ୍ପନାରେ ଦେଖିଲି – ଜଣେ ମହିଳା । କଳା କଳା ଆଖି, କଁଅଳ ସାଲମନ ପରି ନାଲି ଓଠ, ନାକରୁ ଆବେଗପୂର୍ଣ୍ଣ ନିଶ୍ୱାସ- ଉନ୍ନତ ବକ୍ଷୋଜ ...।"

"କ୍ଷମା କରିବେ," ମେରଲାୟକୋଭ ଶାନ୍ତିପୂର୍ଣ୍ଣ ଭାବେ ବାଧା ଦେଇ କହିଲା, "ମୁଁ ସ୍ତନଟା ବୁଝି ପାରୁଛି, କିନ୍ତୁ ଯଦି ଅନ୍ଧାର ଥିଲା ତୁମେ ତାର ଓଠ ଦୁଇଟା କିମିତି ଦେଖିଲ ?"

ଲୋବିକୋ ନିଜକୁ ସଜାଡିବାକୁ ଚେଷ୍ଟା କଲା ଏବଂ ମେରଲାୟକୋଭର ଭାବିବାର ଶୈଳୀ ପାଇଁ ହସିଲା । ରାୟବୋଭିଚ୍‌କୁ ବିରକ୍ତ ହେଲା । ସେ ବାକ୍ସ ପାଖରୁ ବାହାରି ଯାଇ ଶେଜ ଉପରକୁ ଉଠିଗଲା ଏବଂ ଶପଥ କଲା କାହାକୁ ଆଉ ମନ କଥା କହିବ ନାହିଁ ।

କ୍ୟାମ୍ପ ଜୀବନ ଅରମ୍ଭ ହେଲା ...। ଦିନ ଗଡି ଚାଲିଲା, ଦିନେ ଅନ୍ୟ ଦିନ ଭଳି । ସେହି ସବୁ ଦିନ ଗୁଡିକରେ ରାୟବୋଭିଚ୍ ଅନୁଭବ କଲା, ଭାବିଲା, ଏବଂ ଏମିତି ହାବଭାବ କଲା ସତେ ଯେମିତି ସେ ପ୍ରେମରେ ପଡିଯାଇଛି । ସବୁଦିନ ସକାଳେ ଯେତେବେଳେ ତାର ଅର୍ଦ୍ଦଳି ତାକୁ ପାଣି ବଢ଼ାଇ ଦିଏ ଧୁଆଧୋଇ ହେବାକୁ, ସେ ତାର ମୁଣ୍ଡକୁ ଥଣ୍ଡା ପାଣିରେ ଧୋଇ ନିଏ, ସେ ଭାବେ ତା ଜୀବନରେ କିଛି ଉଷୁମ ଆଉ ଆନନ୍ଦର କଥା ରହିଛି ।

ସଂଧ୍ୟା ବେଳେ ଯେତେବେଳ ତାର ସାଥିମାନେ ପ୍ରେମ ଆଉ ତରୁଣୀମାନଙ୍କ ବିଷୟରେ କଥା ହୁଅନ୍ତି, ସେ ଶୁଣେ, ପାଖକୁ ଲାଗି ଯାଏ; ଏବଂ ସେ ଜଣେ ସୈନିକ ଭଳି ମୁଖଭଙ୍ଗୀ କରେ ଯେତେବେଳେ ସେ ଭାଗ ନେଇଥିବା କୌଣସି ଯୁଦ୍ଧର ବର୍ଣ୍ଣନା ଶୁଣେ । ସଂଧ୍ୟାବେଳେ ଯେତେବେଳେ ଅଫିସରମାନେ ବୁଲି ବାହାରନ୍ତି ସହର ତଳି ଅଂଚଳ ଆଡେ, ରାୟବୋଭିଚ ସେମାନଙ୍କ ସଙ୍ଗେ ବାହାରି ଯାଏ । ସେ ସଦାବେଳେ ଦୁଃଖରେ ଥାଏ, ନିଜକୁ ଦୋଷୀ ବୋଲି ଭାବେ, ଏବଂ ମନେ ମନେ ତା'ଠାରୁ କ୍ଷମା ମାଗି ନିଏ ...। ଅବସର ସମୟରେ କିମ୍ବା ବିନିଦ୍ର ରଜନୀରେ, ସେ ଯେତେବେଳେ ଇଚ୍ଛା କରେ ଭାବିବାକୁ ତାର ପିଲାଦିନ କଥା, ତାର ବାପା ମା– ସମସ୍ତ ନିଜର ମଣିଷ, ପ୍ରକୃତରେ ତାର ସଦାବେଳେ ମନେପଡେ ସେହି ମ୍ୟାଷ୍ଟେଟଟିକି, ସେ ଅଦ୍ଭୁତ ଘୋଡା, ଫୋନ୍ ରାବିକ୍, ତାଙ୍କ ସ୍ତ୍ରୀ ଯେକି ସାମ୍ରାଜ୍ଞୀ ୟୁଜେନି ଭଳି ଦିଶନ୍ତି, ସେହି ଅନ୍ଧାର କୋଠରୀ, ସେହି କବାଟ ଫାଙ୍କର ଆଲୁଅ...

ଅଗଷ୍ଟ ୩୧ରେ ସେ କ୍ୟାମ୍ପରୁ ଫେରିଥିଲା, ଅବଶ୍ୟ ସମସ୍ତ ବ୍ରଗେଡ ସହ ନୁହେଁ, କେବଳ ତାହାର ଦୁଇଟି ବ୍ୟାଟେରୀଜକୁ ନେଇ । ସେ ରାସ୍ତା ସାରା ସ୍ୱପ୍ନ ଦେଖୁଥିଲା ଏବଂ ବେଶ୍ ଉତ୍ସାହିତ ଥିଲା ସତେ ଯେମିତି ସେ ତାର ନିଜ ଗାଁକୁ ଫେରୁଛି । ତାର ଏକ ଅଦମ୍ୟ ଇଚ୍ଛାଥିଲା ପୁଣି ଥରେ ଦେଖିବାକୁ ସେ ଅଦ୍ଭୁତ ଘୋଡାକୁ , ଚର୍ଚ୍ଚକୁ, ଫୋନ୍ ରାବିକ୍‌ଙ୍କର ନିଷ୍ପାହୀନ ପରିବାରକୁ, ଆଉ ସେହି ଅନ୍ଧାର କୋଠରୀକୁ । 'ଅନ୍ତରର ସ୍ୱର', ଯାହା ଅଧିକାଂଶ ସମୟରେ ପ୍ରେମିକମାନଙ୍କୁ ପ୍ରତାରଣା କରିଥାଏ, କୌଣସି କାରଣବସତଃ ତା କାନରେ ଫୁସ୍‌ଫୁସ୍ ହୋଇ କହିଥିଲା ଯେ ସେ ନିଶ୍ଚିତ ଭାବେ ତାକୁ ଭେଟିବାକୁ ଯାଉଛି ...। କିନ୍ତୁ ସେ କେମିତି ତାକୁ ଭେଟିବ ? ଏହି ପ୍ରଶ୍ନ ତାକୁ ଯନ୍ତ୍ରଣା ଦେଲା । ସେ ତା ସହିତ କଣ କଥା ହେବ ? ସେ କଣ ସେ ଚୁମ୍ବନ କଥା ଭୁଲି ଯାଇଥିବ ? ଯଦି ସବୁଠାରୁ ଖରାପ କିଛି ହୁଏ ତାହେଲେ ତା ସହିତ ତାର ଭେଟ ହୋଇ ନ ପାରେ ହେଲେ, ସେ ଭାବିଲା, ସେ ଅନ୍ଧାର ଘରେ ଠିଆ ହୋଇ ଅତୀତ କଥା ଭାବିବାଟାବି ତା ପାଇଁ ଆନନ୍ଦଦାୟକ ହେବ ।

ସଂଧ୍ୟା ବେଳକୁ ଦିଗବଳୟରେ ସେ ପରିଚିତ ଚର୍ଚ୍ଚ ଟା ଦେଖାଗଲା ଆଉ ସେ ଧଳା ଧଳା ଶସ୍ୟ ଗୋଦାମ ଗୁଡିକ । ରାୟବୋଭିଚର ହୃଦ୍ ସ୍ପନ୍ଦନ ବଢ଼ିବାରେ ଲାଗିଲା..। ତା' ପାଖରେ ଘୋଡାରେ ବସିଥିବା ଯାଉଥିବା ଅଫିସର ଜଣଙ୍କ କଣ କହୁଛନ୍ତି ତାହାସେ ଶୁଣି ପାରିଲା ନାହିଁ, ସେ ସବୁକିଛି ଭୁଲି ଗଲା, ଏବଂ ଦୂରରେ ଝଲସୁଥିବା ନଦୀକୁ ଉତ୍କଣ୍ଠାର ସହ ଚାହିଁ ରହିଲା, ଅସ୍ତଗାମୀ ସୂର୍ଯ୍ୟର ଆଲୁଅରେ ଛାତ ଉପରେ ପାରାଭାଡି ଚାରିକଡେ ଚକ୍କର କାଟୁଥିବା ପାରା ଗୁଡିକୁ ।

ସେମାନେ ଯେତେବେଳ ଚର୍ଚ୍ଚ ପାଖରେ ପହଂଚିଥିଲେ ଏବଂ ସାମରିକ ଆଦେଶ ସବୁ ଶୁଣୁଥିଲେ, ସେ ପ୍ରତି ମୁହୂର୍ତ୍ତରେ ଆଶା କରୁଥିଲା ଯେ ଜଣେ ମଣିଷ ଘୋଡା ପିଠିରେ ବସି ଚର୍ଚ୍ଚର ବାଡ ପାଖକୁ ଆସିବ ଆଉ ଅଫିସରମାନଙ୍କୁ ଚା' ପାଇଁ ନିମନ୍ତ୍ରଣ କରିବ, କିନ୍ତୁ... ସେ ସାମରିକ ଆଦେଶଗୁଡିକ ପଢ଼ାଗଲା, ଅଫିସରମାନେ ଗାଁକୁ ଯିବାପାଇଁ ବ୍ୟଗ୍ର ହେଉଥିଲେ, ଏବଂ ସେ ମଣିଷଟି ଘୋଡା ଉପରେ ବସି ଆସିଲା ନାହିଁ ।

"ଫୋନ୍ ରାବିକ୍ ଯେତେବେଳେ ଚାଷୀମାନଙ୍କ ଠାରୁ ଆମ୍ଭମାନଙ୍କ ଆସିବା କଥା ଶୁଣିବେ ସେ ନିଶ୍ଚୟ କାହାକୁ ପଠାଇବେ ଆମକୁ ନିମନ୍ତ୍ରଣ କରିବାକୁ," ସେ ଟେଂଟ ଭିତରକୁ ପ୍ରବେଶ କଲା ବେଳକୁ ଭାବିଲା, ବୁଝି ପାରିଲା ନାହିଁ କାହିଁକି ସାଥି ଜଣକ ମହମବତୀ ଜାଳୁଛି ଏବଂ କାହିଁକି ଅର୍ଦ୍ଦଳି ଗୁଡିକ ତରବର ହୋଇ ଚା' କେଟିଲଟ ସଜାଡୁଛନ୍ତି ...।

ଏକ ଯନ୍ତ୍ରଣାଦାୟକ ଦୁର୍ବଳତା ତାକୁ ଆବେରୀ ବସିଲା । ସେ ଶୋଇ ପଡିଲା, ପରେ ଉଠି ପଡି ଝରକାବାଟେ ବାହାରକୁ ଚାହିଁଲା ଦେଖିବାକୁ ସେ ଦୂତଜଣକ ଆସୁଛି କି ନାହିଁ । କିନ୍ତୁ ତାହାର କୌଣସି ସୂଚନା ନଥିଲା ।

ସେ ପୁଣି ଶୋଇ ପଡିଲା, କିନ୍ତୁ ଅଧ ଘଂଟା ପରେ ପୁଣି ଉଠି ପଡିଲା, ଏବଂ ତାର ଦୁର୍ବଳତାକୁ ଆୟତ କରି ନପାରି, ରାସ୍ତା ଉପରକୁ ଆସି ଚର୍ଚ୍ଚ ଆଡକୁ ଚାଲିଲ । ଅନ୍ଧାର ଓ ଜନଶୂନ୍ୟ ଥିଲା ଚର୍ଚ୍ଚ ପାଖ ଛକଟା...। ଯେଉଁଠି ରାସ୍ତାଟା ତଳକୁ ଗଡିବାକୁ ଅରାମ୍ଭ କରିଛି ସେଠି ତିନିଜଣ ସୈନ୍ୟ ଗୋଟିଏ ଧାଡିରେ ନିରବରେ ଠିଆ ହୋଇଥିଲେ । ରାୟବୋଭିଚକୁ ଦେଖି ସେମାନେ ସଞ୍ଚତ ହୋଇପଡି ସାଲ୍ୟୁଟ ମାରିଲେ । ସେ ସାଲ୍ୟୁଟ ଫେରାଇ ସେହି ଚିହ୍ନା ରାସ୍ତାରେ ତଳକୁ ଗଡିଲା ।

ନଦୀର ଆର ପାଖରେ ଆକାଶଟା ନାରଙ୍ଗୀ ରଙ୍ଗରେ ପ୍ଲାବିତ ଥିଲା: ଜହ୍ନ ଆକାଶରେ ଉଠୁ ଥିଲା; ଦୁଇଜଣ ମଫସଲି ମହିଳା ଉଚ୍ଚ ସ୍ୱରରେ କଥା ହୋଇକିଚେନ ଗାର୍ଡେନରୁ କୋବି ତୋଳୁ ଥିଲେ । କିଚେନ ଗାର୍ଡେନ ପଛରେ କେତେ ଗୁଡିଏ ଅନ୍ଧାର କୁଡିଆ ଥିଲା...। ଏବଂ ନଦୀର ଏ ପାଖରେ ମେ ମାସରେ ଯାହାସବୁ ସବୁ ଥିଲା: ରାସ୍ତା, ବୁଦା, ନଦୀ

ପାଣିକୁ ଝୁଲି ପଡିଥିବା ୱିଲୋ ଗଛର ଡାଳ– ସେମିତି ଥିଲା । କିନ୍ତୁ ସେ ସାହାସୀ କୋଇଲିର ସ୍ୱର ନଥିଲା ଏବଂ ପୋପଲାର ଓ ସଦ୍ୟ ଘାସର ବାସ୍ନା ନଥିଲା ।

ବଗିଚା ପାଖରେ ପହଂଚି ରାୟବୋଭିଚ୍ ଗେଟ ଭିତରକୁ ଚାହିଁଲା । ବଗିଚାଟା ଅନ୍ଧର ଏବଂ ସ୍ଥିର ଥିଲା ...। ସେ କେବଳ ଦେଖି ପାରୁ ଥିଲା ପାଖ ଗଛର ଡାଳ ଆଉ ସେ ରାସ୍ତାର କିଛି ଅଂଶ; ବାକି ସବୁ ଅନ୍ଧାରରେ ମିଳେଇ ଯାଇଥିଲା । ରାୟବୋଭିଚ୍ ଦେଖିବାକୁ ଏବଂ ଉତ୍କଣ୍ଠାର ସହ ଶୁଣିବାକୁ ଚେଷ୍ଟା କଲା, ପନ୍ଦର ମିନିଟ୍ ଧରି ଅପେକ୍ଷା କଲାପରେ ମଧ୍ୟ ଯେତେବେଳେ କୌଣସି ଶୋର ଶବଦ୍ ଶୁଣିବାକ ମିଳିଲାନି ବା ଆଲୁର ଛିଟା ଟିକେ ବି ଦେଖିବାକୁ ପାଇଲାନି ସେ ପାଦ ପଛକୁ ଫେରାଇଥିଲା ।

ସେ ନଦୀ ପାଖକୁ ଗଲା । ଜେନେରାଲଙ୍କର ଗାଧୁଆ ଘର ଏବଂ ଛୋଟିଆ ପୋଲର ରେଲିଂରେ ଟଙ୍ଗା ହୋଇଥିବା ତଉଲିଆଗୁଡିକତାକୁ ଧଳା ଧଳା ଦେଖାଗଲା ... । ସେ ପୋଲ ଉପରକୁ ଉଠିଯାଇ କିଛି ସମୟ ଠିଆ ହେଲା, ଏବଂ ବେଶ୍ ଅନାବଶ୍ୟକ ଭାବେ ସେ ତଉଲିଆକୁ ଛୁଇଁଲା । ସେ ଗୁଡିକ ହାତକୁ ମୋଟା ମୋଟା ଏବଂ ଥଣ୍ଡା ଲାଗିଲା । ସେ ପୋଲ ଉପରୁ ପାଣିକୁ ଚାହିଁଲା ...। ନଦୀ ଦୃତ ଗତିରେ ବହି ଯାଉଥାଏ ଏବଂ ଅସ୍ପଷ୍ଟ ଭାବେ ଗାଧୁଆ ଘରର ପାଇଲସ୍ ଚାରିପାଖେ କଳକଳ ଶବ୍ଦ କରୁଥାଏ । ନାଲି ଜହ୍ନଟା ଦକ୍ଷିଣ ନଦୀ ବନ୍ଧରେ ପ୍ରତିଫଳିତ ହେଉଥାଏ; ହାଲକା ଲହରଟିଏ ବହିଗଲା ସେହି ପ୍ରତିବିମ୍ବ ଉପରେ, ତାହାକୁ ବିସ୍ତାରିତ କରି, ଖଣ୍ଡ ଖଣ୍ଡ କରି, ଏବଂ ମନେହେଉଥିଲା ତାକୁ ସ୍ରୋତାରେ ବୋହି ନେବାକୁ ଉଦ୍ୟମ କରୁଥିଲା ।

"କି ମୁର୍ଖ, କି ମୁର୍ଖ !"ସେବହି ଯାଉଥିବା ପାଣି କୁ ଦେଖି ଭବିଲା ରାୟବୋଭିଚ୍ । "ଏ ଗୁଡାକ ସବୁ କେତେ ବୋକାମୀ !"

ବର୍ତ୍ତମାନ ସେ ଯେତେବେଳେ ଆଉ କିଛି ଆଶା କରୁନାହିଁ , ଚୁମ୍ବନର ସେ ଘଟଣା, ତାର ଅଥୟତା, ତାର ଅଯଥା ଆଶା ଏବଂ ନିରାଶା, ସବୁ ଏକ ସ୍ୱଚ୍ଛ ଆଲୁଅରେ ଉଭାସିତ ହେଲା । ଜେନେରାଲଙ୍କ ସେ ଦୂତକୁ ସେ ଦେଖିଲା ନାହିଁ, ଯେଉଁ ଝିଅଟି ଅନ୍ୟ କେହି ଭାବି ତାକୁ ଆକସ୍ମିକ ଭବେ ଚୁମ୍ବନ ଦେଇଥିଲା ତାକୁ ଆଉ ଦେଖି ପାରିବ ନାହିଁ ଆଦି ସବୁ ଭାବନା ତାକୁ ଆଉ ଅଦ୍ଭୁତ ଦେଖାଗଲା ନାହିଁ । ବରଂ ସେ ଝିଅଟକୁ ସେ ଯଦି ଦେଖିଥାନ୍ତା ତାହେଲେ ଅଦ୍ଭୁତ ହୋଇଥାନ୍ତା ।

ପାଣି ବହି ଯାଉଥିଲା ଯେମିତି ମେ ମାସରେ ବହେ, ହେଲେ ସେ ଜାଣେନି କେଉଁଠିକି ବା କାହିଁକି । ମେ ରେ ଏହା ବଡ ନଦୀକୁ ବହିଯାଇଥିଲା, ବଡ ନଦୀରୁ ସମୁଦ୍ରକୁ; ତା'ପରେ ବାଷ୍ପହୋଇ ଉପରକୁ ଉଠିଯାଇ ଥିଲା ଏବଂ ବର୍ଷାରେ ପରିଣତ ହୋଇଯାଇଥିଲା, ଏବଂ ବୋଧହୁଏ ଠିକ ସେହି ପାଣି ବର୍ତ୍ତମାନ ରାୟବୋଭିଚ୍ ଆଖି ଆଗରେ ପୁଣି ବହି ଯାଉଛି .. । କଣ ପାଇଁ ? କାହିଁକି ?

ଆଉ ସାରା ପୃଥିବୀ, ତାର ସାରା ଜୀବନ,ରାୟବୋଭିଚ୍‌କୁ ଲାଗିଲା, ଏକ ବୋକାମୀ, ଏକ ଲକ୍ଷ୍ୟହୀନ ମଜାକ ଥିଲା ...। ପାଣିରୁ ଆଖି ଫେରାଇ ସେ ଆକାଶକୁ ଚାହିଁଲା, ସେ ପୁଣି ମନେ ପକାଇଲା ଜଣେ ମଣିଷର ଭାଗ୍ୟକୁ ଯାହାକୁ ଜଣେ ଅଜଣ ଯୁବତୀ ଆକସ୍ମିକ ଭବେ ଆଲିଙ୍ଗନ କରିଥିଲା, ସେ ମନେ ପକାଇଲା ତାର ଗ୍ରୀଷ୍ମର ସ୍ୱପ୍ନକୁ ଏବଂ ବିଳାସକୁ, ଏବଂ ତାକୁ ତାର ଜୀବନ ଲାଗିଲା ଗୋଟିଏ ସାଘାଂତିକ କ୍ଷୁଦ୍ର, ଦାରିଦ୍ର୍ୟ ପ୍ରପିଡୀତ, ଏବଂ ରଂଗହୀନ...

ସେ ଯେତେବେଳେ ତାର ଟେଂଟକୁ ଗଲା ସେଠାରେ ତାର ସାଥିମାନଙ୍କ ମଧ୍ୟରୁ କାହାରିକି ପାଇନଥିଲା । ଅର୍ଦ୍ଦଳି ଜଣାଇଥିଲା ସେମାନେ ସମସ୍ତେ ଜେନେରାଲ ଫୋନ ରାବିକ୍‌ଙ୍କ ଘରକୁ ଯାଇଛନ୍ତି ଯେ କି ସେମାନଙ୍କୁ ନିମନ୍ତ୍ରଣ କରିବାକୁ ଘୋଡା ପିଠିରେ ଜଣେ ଦୂତକୁ ପଠାଇଥିଲେ ...।

ରାୟବୋଭିଚ୍ ହୃଦୟରେ ମୁହୂର୍ତ୍ତକ ପାଇଁ ଅନନ୍ଦର ଏକ ଝଲାକ୍ ସୃଷ୍ଟି ହେଲା, ସେ କିନ୍ତୁ ତତ୍‌କ୍ଷଣାତ ତାକୁ ଚାପି ଦେଇ ଶେଯ ଉପରକୁ ଉଠିଗଲା । ନିଜ ଭାଗ୍ୟ ଉପରେ କ୍ରୋଧ କରି ସେ ଜେନେରାଲଙ୍କ ଘରକୁ ଗଲା ନାହିଁ ।

*ଦୂରଭାଷ: ୯୮୬୧୦୩୭୬୬୫*

MAGNUM
Shoppers Club (P) Ltd
MAGNUM
FLY ASH BRICKS
Brand Bricks
Contact for:
Fly Ash Bricks of size of
10'' x 5'' x 3''
9 x 4 1/2'' x 3''
8'' x 4'' x 3''
Plot No. 243, Patelikuda,
Near Uttara Chhak, Pipili
Mob.: +91 9937157876, 9337097876

ସମାରୋହ

## ମଧୁ ନିଳୟ

# ପ୍ରେମିକ ପ୍ରେମିକ ଲାଗେ

**ସୌଭାଗ୍ୟବନ୍ତ ମହାରଣା**

ସମୟର ଅସମୟରେ ବିଶ୍ୱାସର ଅବିଶ୍ୱାସରେ
ପ୍ରେମିକାର ନରମ ନିଃଶ୍ୱାସମାନଙ୍କ ସହ
ସାଲିସ୍ କରି ସାରିଛି ମୁଁ
ନିଖୋଜ୍ ମୁହୂର୍ତ୍ତଙ୍କୁ ମୋ ରକ୍ତରେ ସାଇତି।
କେହି ଜାଣୁ ବା ନଜାଣୁ
ରକ୍ତର ପୃଷ୍ଠାରେ ଶପଥ ନେବାକୁ
ମୁଁ ଜାଣି ଶୁଣି କରିଛି
ଲୁହଭର୍ତ୍ତି ପ୍ରେମର ସ୍ୱାକ୍ଷର।

କାକଟସ୍‌ର ଶାଗୁଆ କଣ୍ଟାରେ
ଅଥୟ ହୃଦୟକୁ ଫୋଡ଼ି
ବାରମ୍ବାର ଉଚ୍ଚାରିଛି
ମୋ ପ୍ରେମର ଗଜଲରେ
ପ୍ରେମିକାର ଉଷୁମ ଲୁହରେ
ଭିଜି ଯାଇଥିବା ଅକ୍ଷରଙ୍କ ଘର।

ଏ ସୌସୁମୀ ମେଘର ଇନ୍ଦ୍ରଧନୁ କ'ଣ
ମୋ ପ୍ରେମିକାର ଓଠ, ଆଖି, ଉରଜଠାରୁ
ଆହୁରି ଲୋଭନୀୟ ଓ କୋମଳ
ଓ ନିବିଡ଼ ଅନ୍ତରଙ୍ଗତାରେ ଭରପୂର ?
ମୋ ପୌରୁଷର ଉର୍ବରତାକୁ
ଚିହ୍ନି ନ ପାରିଥିବା ରୂପସୀଙ୍କ
ଅନୁଶୋଚନାର ନିଆଁରେ
ଫୁଟିଯାଏ ଅରତୁରେ କଦମ୍ବଫୁଲ।

ପ୍ରେମଯୁଦ୍ଧରେ ହାରିବି ପ୍ରେମିକା ପାଖରେ
ପ୍ରେମବନ୍ଦୀ ହେବାର ଅପୂର୍ବ ଗୌରବ
ଖାସ୍ ମତେ ଇ ମିଳିଛି।
ମୁଁ ସେଇ ଦୃଶ୍ୟାନ୍ତରର ନାୟକ
ନେପଥ୍ୟର କୋଳାହଳର ନିଆଁରେ
ନିଜକୁ ବାରମ୍ବାର ଜଳେଇ
କେବେ କେବେ ପାଲଟି ଯାଏ
ନୀରବତାର ଗୁମ୍ ସୁମ୍ ପ୍ରେମିକ
କେବେ ଉତ୍ତାଳ ସମୁଦ୍ରର ପ୍ରବାଳ ଦ୍ୱୀପରୁ
ସାଉଁଟୁଥିବା ଝିକ୍ ମିକ୍ ମୁକ୍ତାର ଗ୍ରାହକ।

*'ଭାରତୀ ଭବନ', ଶିବମ କଲୋନୀ,*
*ଆୟକର ଭବନ ପଛ,*
*ସମ୍ବଲପୁର-୭୬୮୦୦୪*
*ଦୂରଭାଷ: ୯୪୩୭୪୫୭୭୩୬*

# ଲୁହ ନଥିବା ଆଖି

**ଡକ୍ଟର କମଳାକୃଷ୍ଣ ତ୍ରିପାଠୀ**

ପାଣି ନଥିବା ନଈ
ଆଉ ଲୁହ ନଥିବା ଆଖି ଏକା ପରି।

କାହାର ଶୋଷ ବେଳରେ
ହସି ହସାଇ ଦୁଃଖ ଲିଭେଇ ପାରିଲେ
ପଥର କୋଳରେ କଅଁଳି ପାରେ ସବୁଜିମା।
ଆଖି ତଳ ଉପତ୍ୟକାରେ
ଛନଛନ ହେଇପାରେ
ସୋରାଏ ଶ୍ରାବଣର ହସ।

ଏବେ ତ କାହାର କାନ୍ଦ ବୋବାଳି ଶୁଣିଲେ
ଅହଂକାରୀ ଓଠ ସନ୍ଧିରୁ ଶୁଭିଯାଉଛି
ତାଚ୍ଛଲ୍ୟର ହୁଳହୁଳି,
କାହାର ମିଞ୍ଜି ମିଞ୍ଜି ଜୀବନ ଦେଖିଲେ
ଆର ପାଖରେ ସଜବାଜ ହେଇଯାଉଛି
ଦୀପାଳି ହାବେଳି!

ନିଦ ଭାଙ୍ଗିବା ଆଗରୁ
ତିଆରି ସରିଥାଏ
ସମଗ୍ର ଆୟୁଷ୍କାଳର ରାସ୍ତା।
ଅନ୍ଧାରରେ ବି ପାଦସବୁ ପଡି ଯାଉଥାଏ
ସଳଖ ଭାବରେ,
ହସର କୁଆର ଆସି ମାଡି ବସେ
ଅନ୍ଧର ଲହୁଡି ଦେଖିଲେ,
ବାଟହୁଡା ନିର୍ବାକକୁ
କେହି ଜଣେ ଭୁଲ୍ ଠିକଣା ଦେଇ
ତାଳି ମାରୁଥିଲେ !

କାହିଁକି ଅପେକ୍ଷା କରିବା
ସେ ଆଖିରୁ କେତେବେଳେ ବୋହିବ ବୋଲି
ଝର ଝର ଲୁହର ଠିକଣା
ଅନେକ ଆଗରୁ ସେ ହେହରୁ ଉଭାନ୍
ହୃଦୟ ପରି କମନୀୟ ଠଣା
ନିଜେ ହିଁ ଦରାଣ୍ଡୁଛି
ନିଜ ଟିପାଖାତାରୁ
ନିଜର ସଠିକ୍ ଠିକଣା !

*'ସର୍ଜନାଳୟ', ଲିଙ୍କ ରୋଡ, ୨ୟ ଗଳି ,*
*ଓ.ଏସ୍.ଇ.ବି. ଆଇ.ବି. ରୋଡ୍,*
*ଜୟପୁର,(କୋରାପୁଟ)*
*ଦୂରଭାଷ: ୯୯୩୭୦୧୪୮୬୩*

# ଜୀବନ ସଂପର୍କରେ

**ଡ଼. ରାମାକାନ୍ତ ଜେନା**

ସମୟ ଦ୍ରୁତ ଗତିରେ ବଦଳି ଯାଉଛି
ସମୟ ସହିତ ତାଳ ଦେଇ ନ ଚାଲିଲେ
ପଛରେ ପଡିଯିବା ସ୍ୱାଭାବିକ।
ସମୟ କାହାକୁ ଅପେକ୍ଷା କରେନି
ସେ ଗଡିଚାଲେ ଆପଣା ବାଟରେ
ସମୟ ସ୍ରୋତର କାଉଁରୀ ପରଶରେ
ଦୁନିଆର ରୂପରଂଗ ପ୍ରତି ମୁହୂର୍ତ୍ତରେ
ବଦଳି ଯାଉଛି।

କୁଆଡେ ଗଲା ସେ ଗୀତା, ରାମାୟଣ
ମହାଭାରତ ଓ ଭାଗବତ ?
ଭାଗବତ ଟୁଙ୍ଗି ଆଜି କୁଆଡ଼ି,
ମଦ୍ୟପ ଟାଉଟରଙ୍କ ଆଡ୍ଡାସ୍ଥଳ
କୁଆଡେ ଗଲା ସେ ପଖାଳ କଂସା
ଆଜି ବିଦେଶୀ ପାନୀୟ ଆଭିଜାତ୍ୟର ପ୍ରତୀକ
ସେ ଦିନର ଝୋଟିଚିତା ଲୋକେ ଭୁଲିଗଲେଣି
ଗୋଟିପୁଅ ନାଚ, ରାଧାପ୍ରେମ ଲୀଳା, କୃଷ୍ଣ ଲୀଳା
ସୁଆଙ୍ଗ, ମୋଗଲ ତାମସା
ଲୋପ ପାଇବାକୁ ବସିଲାଣି।

ଆଜିର ସମାଜରେ ମୂଲ୍ୟବୋଧ ଭୁଷୁଡି ପଡିଛି
ସଂପର୍କର ସେତୁ ଛିଣ୍ଡି ପଡୁଛି
ଏଠି ଶାନ୍ତି, ପ୍ରୀତି, ସତ୍ୟ ଓ ସୁନ୍ଦରର ସ୍ଥାନ ନାହିଁ
ମଦ୍ୟପ, କୁଆଡ଼ି, ଟାଉଟର ଆଦି ସର୍ବତ୍ର ପୂଜିତ

ଧନ ପାଇଁ ସମସ୍ତେ ପାଗଳ
ସମସ୍ତଙ୍କ ହାତରେ ଛୁରୀ
ଯେଉଁ ଛୁରୀରେ ମା' ପୁଅର ବେକ କାଟୁଛି
ସ୍ୱାମୀ ସ୍ତ୍ରୀର ହତ୍ୟା କରୁଛି
ଭାଇ ଭାଇର ବେକ କାଟୁଛି
ସ୍ୱାର୍ଥ ପାଇଁ ସବୁ ପ୍ରକାର
ଅନୀତି କରିବାକୁ ସେ ପ୍ରସ୍ତୁତ।

*ମୁଖ୍ୟ ସଂପାଦକ ଗୋକର୍ଣ୍ଣିକା,*
*ଜାରକା, ଯାଜପୁର*
*ଦୂରଭାଷ: ୯୪୩୭୦୭୩୧୫୫*

# ଜୁଆଙ୍ଗପଲ୍ଲୀରେ ଜୀବନ

## ଦେବାଶିଷ ଚକ୍ରବର୍ତ୍ତୀ

ମୁଣ୍ଡରେ ଜାଳ କାଠ, ଦାନ୍ତକାଠି ନତୁବା
କେନ୍ଦୁ, ଚାର, ଗିଲିରି କି ପଣସକଠାର
ବୋଝ ସହିତ ପିଠିର ବୁଜୁଲି ରେ
ଜୁଲୁଜୁଲୁ କରି ଚାହିଁଥିବା ଥନଖିଆ ଛୁଆ
ଦି କୋଶ ପାଦଚଲା ବାଟ
ପରେ ପିଚୁ ସଡ଼କ
ତେଣିକି ଆହୁରି ଦି କୋଶ ପରେ
କେଁଝରି ଗଡ଼
ଏଇଠି ରାସ୍ତାକଡରେ ବିଛେଇହୁଏ
ତା'ର ଦୁଖିଲା ସଂସାର।

ଏଇତକ ବାଟରେ ବି କିଛି
କମ୍ ଝଂଝଟ କି
ଧାନ ଦିନେ ହାତୀ ତ
ଭାଲୁ ଭୟ ମହୁଲ ବେଳେ
ହେଲେ ଗାରଡ ବାବୁ ର
ଜୁଲୁମ୍ ସବୁ କାଳରେ।

ହାତଗୁଞ୍ଜା ଦେଇ ପାରିଲେ
ବେଧଡକ୍ ରେ ପାରିହୋଇ ଯାଉଛି
ଟିରିପ୍ ଟିରିପ୍ ଶାଳ, ପିଆଶାଳ
ଶିଶୁ, ଅସନ, କୁରୁମ
ଅଥଚ ଏଇ ଜାଳକାଠ କି ଦାନ୍ତକାଠି
କେଇ ବିଡ଼ା ପାଇଁ ଯେତେକ ଜୁଲୁମ
ଖାଲି କଣ ଏତିକି ନିଶୁଆ ଗାରଡ
ଲୋଭିଲା ଆଖିରେ ଖୋଜୁଥାଏ
ତାର ମୁଗୁନି ଦିହର କୋଟିକମ।

ହାଣ୍ଡିଆ କି ମହୁଲି ରେ ଚୁର୍ ହୋଇ
ଘରେ ପଡ଼ି ରହିଛି ଗୁସିଆଁ
ତାକୁ ହିଁ ସକାଳରୁ ସଞ୍ଜ
ଖରାରେ ଶିଝି, ବର୍ଷା ରେ ଭିଜି
ଲିଭେଇବାକୁ ହୁଏ ପେଟର ଭୋକ
ଓ ଦେହର ନିଆଁ।

ଆଗରୁ ଅଧିକ କଷ୍ଟକର ଥିଲେ ବି ଜୀବନ
ଆଜିପରି ମନରୁ ପାଛିହୋଇ
ଯାଇ ନଥିଲା ଆପଣାପଣ
ଜହ୍ନଧଉଳା ରାତିରେ
ଚାଙ୍ଗୁରେ ବୋଲ୍ ଦେଉଥିଲା ଧାଙ୍ଗଡ଼ା
ପାହାଡି ଝରଣା ପରି ଖର ଖରେଇ
ଉଠୁଥିଲା ଧାଙ୍ଗଡି ଙ୍କ ପାହୁଡ
ଚୂନା ହୋଇ ଯାଉଥିଲା
ଦିହ ରେ ଗଦେଇ ହୋଇ ପଡ଼ିଥିବା
କ୍ଳାନ୍ତିର ପାହାଡ଼।

ଏବେ ତ ଗଦେଇ ହୋଇ ପଡ଼ିଲାଣି
ଢେର୍ ସରକାରୀ ଯୋଜନା
ନିର୍ବାଚନ ଆସିଲେ କୁହୁପରି
ମହୁ ଢାଳୁଛି କଅଁଳ ଆଶ୍ୱାସନା
ମାୟାବୀ ଆପଣାପଣର ଭଉଁରୀ ରେ
ଆକ୍ରାମାକ୍ରା ହୋଇ କେତେଦିନ ଆଉ
ଆମେ ଭୋଗୁଥିବୁ
ନିଇତି ମରଣ ର ଆତଙ୍କ
ଜୀବନ ପାଲଟିଥିବ
ଆଦୌ କଷିହେଉ ନଥିବା ଅଙ୍କ ?

*ମଣ୍ଡୁଆ, କେନ୍ଦୁଝରଗଡ଼*
*ଦୂରଭାଷ: ୯୪୩୭୭୫୨୩୯୫*

# ସ୍ତ୍ରୀ ଲୋକ

## ଡକ୍ଟର ସୁଷମା ମିଶ୍ର

ଫ୍ରକ୍ ପିନ୍ଧା ଝିଅଟିକୁ ଛାଡ଼ିଦେଇ
ଆସିଲି ବାଲି ଘରେ
ସତ୍‌ଦେଇରେ ମିଛି ମିଛି ଭାତ ରାନ୍ଧିବାକୁ
ନୂଆ ନୂଆ ଶାଢ଼ୀ ପିନ୍ଧା ଝିଅଟିକୁ
ଛାଡ଼ି ଦେଇ ଆସିଲି ଦର୍ପଣ ଆଗରେ
ନିଜ ଚେହେରାକୁ ଦେଖି
ପହିଲି ଚମକରେ ଚମକି ଯିବାକୁ।
ମନ ଲଗାଇ ପଢୁଥିବା ଝିଅଟିକୁ
ଛାଡ଼ିଦେଇ ଆସିଲି ପଢ଼ାଘରେ
କୃତିତ୍ୱର ପାହାଚରେ ପାଦ ଥାପିବାକୁ।

ନିଜକୁ ଛାଡ଼ିଦେଇ ଆସିଲା ପରେ
ତିନୋଟି ଛକରେ
ଯିଏ ବଳି ଗଲା
ସେ ଏକ ସ୍ତ୍ରୀ ଲୋକ ହୋଇଗଲା
ତାର ମିଛ ବାଲିଘର
ସତ ହୋଇଗଲା କଂକ୍ରିଟ କାନ୍ଥରେ।
ତା ହାତରେ ହାତ ବାନ୍ଧି ହେଲା ପରେ
ସେ ସତ ସତ ରାନ୍ଧିବା ଶିଖିଲା
ଘର କାମ ପାଇଁ
ଏକନିଷ୍ଠ ଶ୍ରମିକ ହୋଇଲା।

ସେ ଯେବେବି
ଦର୍ପଣ ଆଗରେ ଠିଆ ହେଉଥିଲା
ବଦଳି ଯାଉଥିଲା ତାର ନିଟୋଳ ଚେହେରା
ସେ ଯେବେ ବି ବହି ଖୋଲିଲା
ସଫଳତାର ସିଡ଼ି ଚଢ଼ିବା ପାଇଁ
କ୍ଳାନ୍ତିର ଶେଯରେ ଶୋଇ
ଜୀଇଁଥିବା ଜୀବନକୁ ହିଁ
ଏକାଗ୍ର ଚିତ୍ତରେ ପଢ଼ିବାକୁ ଲାଗିଲା।
ମୋତେ ଚୁକ୍ତି କରିବାକୁ ହେଲା
ଆଜୀବନ ସେମାନଙ୍କ ଇଚ୍ଛାର ତୂଳୀ ଧରି
ରଙ୍ଗେଇବାକୁ ଜୀବନ ବହିର ମଲାଟ।
ସେଇ ଦିନରୁ
ନିଜଠୁ ଅଲଗା କରି ସ୍ତ୍ରୀ ଲୋକଟିକୁ
ମୁଁ ଛାଡ଼ି ଦେଇ ଆସିଛି
ସଖୀ କଣ୍ଢେଇ କରି ସେ ଅଗଣାରେ।
ଏକାନ୍ତରେ ନିଜ କଥା ନିଜକୁ ପଚାରି
କେବେ କେମିତି
ନିଜକୁ ମୁଁ କହି ଦେଉଛି
ସହିବାର ସୀମାନ୍ତରେ
ଅଧିକାଂଶ ନାରୀ
ଠିକ୍ ମୋ ପରି
ଗୋଟେ ଗୋଟେ କଳଙ୍କିଲଗା ତରବାରୀ।

*ସ୍ପନ୍ଦନ, ଖଣ୍ଡଗିରି ଏନ୍‌-କ୍ଲେଭ,*
*ଭୁବନେଶ୍ୱର-୩୦*



# ଘୋଡ଼ାଚଢ଼ା

କୃଷ୍ଣ ମିଶ୍ର

ତା' ବାପା ଘୋଡ଼ା ଚଢୁଥିଲେ।
ସେ ଅବଶ୍ୟ ଥୋଡ଼ା ଥୋଡ଼ା ଚଢ଼ିଲା ଯେ,
ସେଥିରେ କିନ୍ତୁ ତା'ର ମନ ବୁଝିଲାନି।
ସେ ବାପାଙ୍କ ଭଳି କେମିତି ଘୋଡ଼ା ଚଢ଼ିବ।
ଘୋଡ଼ାଚଢ଼ା ସୂତ୍ର ଖୋଜିଦେଲା।
ବାପା ମରିଯାଇଥିଲେ ସିନା,
ତା'କୁ ଲାଗିଲା ତାଙ୍କ ଘର, ବାଡ଼ି କି ବଗିଚା
କୋଉଠି ନା କୋଉଠି
ବାପା ନିଶ୍ଚୟ ଛାଡ଼ି ଯାଇଥିବେ ଘୋଡ଼ାଚଢ଼ା ସୂତ୍ର।
ସେ ଘର, ବାହାର ଅନ୍ଦି କନ୍ଦି, ବାଡ଼ି, ବଗିଚା
ସବୁଆଡ଼ ତନ ତନ କରି ଖୋଜିଲା।
ହଠାତ୍ ତା'ର ଆଖି ପଡ଼ିଲା
ବଗିଚାରେ ଥୁଆ ହୋଇଥିବା
ଗୋଟେ ମାଠିଆ ଉପରେ।
ଏଇ ମାଠିଆରେ ପାଣି ନେଇ
ବାପା ଫୁଲଗଛ ମୂଳେ ଦେଉଥିଲେ,
ମଲା ଗଛକୁ ବି ପାଣି ଦେଇ ବଞ୍ଚାଉଥିଲେ।
ତାକୁ ଲାଗିଲା ସତେ ଯେମିତି ମାଠିଆରେ ମୃତ
ସଞ୍ଜୀବନି ମନ୍ତ୍ର ଅଛି,
ଏ ମୃତ ସଞ୍ଜୀବନି ମନ୍ତ୍ର
ଆଉ ଘୋଡ଼ାଚଢ଼ା ସୂତ୍ର ନୁହେଁ ତ ?
ସେ ମାଠିଆ ମୁହଁ ବାଟେ ନିରେଖି ଅନେଇଲା।
ବାପା ମରିବା ଦିନଠୁଁ ସେଥିରେ ଚଳେ ମାତ୍ର ପାଣି
ବାପାଙ୍କ ସ୍ମୃତି ହୋଇ ରହିଥିଲା କି କ'ଣ,
ତା'କୁ ଧରିବାକୁ
ମାଠିଆ ମୁହଁରେ ସେ ହାତ ଭରିଲା।
ମାଠିଆର ସଂକୀର୍ଣ୍ଣ ମୁହଁ ଦେଇ ଯେତେବେଳେ
ତା' ହାତ ଗଲାନି
ଥିଲା ଥିଲା ସେ ଗୋଟେ କାଉ ହୋଇଗଲା।
ଏଠି ସେଠି ଗଡ଼ିଆଡ଼େ
ଟୁକୁଡ଼ା ଟୁକୁଡ଼ା ହୋଇ ପଡ଼ିଥିବା
ବାପାଙ୍କ ଆଦର୍ଶ ମାନଙ୍କୁ
ଗୋଟି ଗୋଟି ଥଣ୍ଟରେ ଆଣି,
ମାଠିଆ ଭିତରେ ଥିବା ଚଳେ ସ୍ମୃତିରେ
ପକେଇଲା।
ସ୍ମୃତି ଯେତେବେଳେ ଉପରକୁ ଉଠିଲା,
ତାକୁ ମନଭରି ପିଇ କାଉ ଫୁରୁକିନା ଉଡ଼ିଗଲା
ଗଛ ଡାଳକୁ।
ସକାଳକୁ କାଉ ମଣିଷ ହୋଇ ଶିଖି ସାରିଥିଲା
ଘୋଡ଼ାଚଢ଼ା ସୂତ୍ର।

*ଯୋଡ, ଅଲଣାହାଟ, ଜଗତସିଂହପୁର*
*ଦୂରଭାଷ: ୯୯୩୮୧୬୦୦୭୪*

# ପୀରତିର ଗାଥା

ବିଷ୍ଣୁ ମୋହନ

ପ୍ରେମ ଅଟେ ପବିତ୍ର ସତ୍ତା ଆତ୍ମାର
ମାପି ହୁଏ ନାହିଁ ଏହାର ଗଭୀରତା
ଏହା ଅଟେ ଶାଶ୍ୱତ, ପବିତ୍ର
ତ୍ରିବେଣୀର ଚିତ୍ରକଳ୍ପ ପରିପୂର୍ଣ୍ଣତାର
'ପ୍ରେମ' ଅଟେ ବିଶ୍ୱସ୍ରଷ୍ଟାଙ୍କର
ପବିତ୍ରତାର ଅପୂର୍ବ ଦାନ
ଏହା ନୁହେଁ କେବେ କାଗଜର ଫୁଲ
ଅବା ଛଳନାର କଳାମେଘ, ଯାହା କରିଥାଏ
ଆକାଶର ଅତିକାୟତାକୁ କଳା ମେଘରେ ଆଚ୍ଛନ୍ନ
ପବିତ୍ର ପ୍ରେମର ସାର୍ଥକତା, ଅବର୍ଣ୍ଣନୀୟ
ନୁହେଁ ଏହା ମନଲେଖା କବିର କବିତା
ନୁହେଁ ଏହା ଅବସାଦରେ ଭରା,
ବୈଶାଖୀ ମଧ୍ୟାହ୍ନର ନିଷ୍ଠୁରତା
ଏହା ଫଗୁଣ ରାତ୍ରିର ଜହ୍ନ ଜୁଆରର ଶୀତଳ ପ୍ରଲେପ
ପ୍ରେମିକର ମନୋବିଜ୍ଞାନର କାହାଣୀ ସଦୃଶ।
ପ୍ରଳମ୍ବ, ପ୍ରତୀକ୍ଷାରେ, ଏହାର ପ୍ରାପ୍ତି ପାଇଁ ହୋଇଥାଏ
ଅବର୍ଣ୍ଣନୀୟ ଆତ୍ମ ଦହନ, ଶାହାଜାହାନଙ୍କ ସମ
ସମସ୍ତେ ସୃଷ୍ଟି କରି ପାରନ୍ତି ନାହିଁ,
ଅପରୂପ 'ତାଜମହଲ'
ଯାହା ସ୍ୱର୍ଗୀୟ ପ୍ରେମର ନିଦର୍ଶନ
ତଥାପି ପ୍ରେମିକାମାନେ ରହିଯାନ୍ତି, 'ମମତାଜଙ୍କ' ସମ
ପ୍ରାଣ ସ୍ପନ୍ଦନରେ ପ୍ରେମିକର।
ଅତୁଟ, ଅନିର୍ବାଣ ଭାବରେ ପ୍ରେମିକାର ହସ
ପରିପ୍ରକାଶ କରିଥାଏ ହୃଦୟରେ ଅସୁମାରୀ
ସ୍ୱପ୍ନର ପାର୍ବଣ
ଏହାର ଅପ୍ରାପ୍ତିରେ ଅଂତରରେ ହୋଇଥାଏ
ଅବସାଦର ଆଗ୍ନେୟଗିରିର ଉଦଗୀରଣ
ପୀରତିର ଗାଥା ସୃଷ୍ଟି କରିଥାଏ, ଅପ୍ରମିତ
ଆଶାର ଉନ୍ମାଦନା, କାଶତଣ୍ଡୀ ଫୁଲର ବାସନା
ଆଉ କୃଷ୍ଣଚୂଡ଼ାର ରଂଗ ବିଭୋରତା
ପ୍ରେମିକର ଭାବନାରେ ଝଲମଲ ହୁଏ ,
ପ୍ରେମିକାର
ଶରୀର ମାଧୁର୍ଯ୍ୟ, ଯାହା ପ୍ରାଣର ସ୍ପନ୍ଦନ
ଆଉ ମନ ଆକାଶର ଜହ୍ନ
ମୁକୁଳା ବକ୍ଷ ତାହାର ପରଶି ଦେଇଥାଏ କେତେ
ଶତରୂପୀଙ୍କର ସୌନ୍ଦର୍ଯ୍ୟର ଆଲେଖ୍ୟ, ଯାହା
ଅବର୍ଣ୍ଣନୀୟ, ଅକଳ୍ପନୀୟ।
ପ୍ରେମିକାର ଅନାହୂତ ନୀରବତା, ସୃଷ୍ଟି କରିଥାଏ
ଅଶ୍ରୁ-ବିଧୂର ଗାଥା
ଯେବେ ଦିନେ ହୋଇଯିବ ସିଏ,
ମଉଳା ଫୁଲର ପାଖୁଡ଼ା
ପ୍ରେମିକ ପାଲଟିଯିବ କାଠବତ୍,
ସ୍ତବ୍ଧ, ନିରେଖି ସେହି
ହୃଦ-ବିଦାରକ ଛବି
ଅନ୍ତର୍ଦ୍ଧାନ ହୋଇଯିବ ମନର ସପନ, ହୃଦ-ଅଙ୍ଗନ
କରିବ ଲୋତକରେ ସ୍ନାନ
ସେଥିପାଇଁ ପ୍ରେମର - ଫଗୁଣ ଧରିଆସେ
ମାଦକତାର ଶିହରଣ
ପ୍ରେମର ଭଅଁର ଉଡ଼ିବୁଲୁଥାଏ ନିରବଚ୍ଛିନ୍ନ ଭାବରେ
ଶୋଷିବା ପାଇଁ ଅମୃତର ସ୍ୱାଦ
ଆସଇ ଆଲୋକ ଆସଇ
ଅନ୍ଧକାର ପ୍ରେମର ପଥରେ
ପଡେନାହିଁ କିନ୍ତୁ କେବେ ଏଥିରେ ପୂର୍ଣ୍ଣଚ୍ଛେଦ
ପୀରତିର ଗାଥାରେ ସେଥିପାଇଁ ଥାଏ,
ଉଦୟାଚଳର ଅପୂର୍ବ ଆଲୋକଚ୍ଛଟା,
ସୂର୍ଯ୍ୟାସ୍ତ ପରି ହୁଏ ନାହିଁ
ସମାପ୍ତିର ଯବନିକାପାତ।

*ଦୂରଭାଷ: ୭୨୦୫୭୭୫୮୨୫୫*

# ଅଥର୍ବ ସମୟ

ମନୋରଂଜନ ଶରଣ

ଦେଖୁଥିଲି ତୁମକୁ ମୁଁ କଣେଇ କଣେଇ
ଅସଜଡ଼ା ଶାଢ଼ୀ କାନି ଉଡୁଛି ପବନେ,
ଥିଲା ଭୟ କାଳେ ତୁମେ ଦେଖି ନବ ମତେ
ସଜାଡ଼ିବ ଲୁଗାପଟା ବିରକ୍ତ ଅରଣ୍ୟେ।
ଅଛି ଆଜି ସେଇମିତି ଚପଳା ନିର୍ଝର

ଅର୍ଦ୍ଧ ଶତାବ୍ଦୀର ଦାଗ ପାଉନି ଅଣ୍ଟାଳି,
ହେଇଗଲା ସ୍ଥିର ଏବେ ସମୟ ଦୋଳକ
ମାରେ ହାଇ ଶୀତ ଋତୁ ଅଳସ କୁହେଳି।
ବିଜୁଳି ଏବେ ବି ନାଚେ ଆଖି ଇସାରାରେ
ରହିଯା'ନ୍ତି ବଗମାଳା ପାଟିର କଥାରେ,
ଫୁଲେଇ ନଈର ବନ୍ୟା ଭାଂଗୁଛି ଲହଡ଼ି
ତାଳ ଦେଇ ନିଶ୍ୱାସରେ ପ୍ରତି ମୁହୂର୍ତ୍ତରେ।

ସୀମଂତ ଝରଣା ବହେ ମେଘର ଅରଣ୍ୟେ
କୃଷ୍ଣ ସାଗରରେ ସତେ ଲୋହିତ ତଟିନୀ,
ଘଡ଼ିର ଗୋଲକ ସ୍ଥିର, ଯାଏନି ଆଗକୁ
ସେଇ ସୁରା, ସେଇ ନିଆଁ ବାସନା ହଜିନି।

*୬୨, ଗୌତମ ନଗର, ଭୁବନେଶ୍ୱର-୧୪*

# ଲକ୍ଷ୍ମୀଛଡ଼ା ମୁହୂର୍ତ୍ତ

## ପ୍ରତିଭା ପରିଡ଼ା

ପାପର ବାଟ ନରକକୁ ଜାଣି ଥିଲି...
ହେଲେ
ଅନ୍ଧଗଳି, ନିଆଁ,ବର୍ଚ୍ଛା,ଜାଲ,ହଳାହଳର
ଭେଳିକିଭିଡ଼ରେ,
ଦୁଃଖ ର ଏଇ ହିନିମାନିଆ କାହାଣୀ
ଏଯାଏଁ ମୁଁ ପଢି ନଥିଲି---

ଏବେ ଯେମିତି ଭାଙ୍ଗି ପଡୁଛି ବିଶ୍ୱାସ...
ତରଳି ଯାଉଛି ନିଃଶ୍ୱାସ
ଖିନଭିନ୍ ହୋଇ ପଡୁଛି ସବୁଜ ଉଲ୍ଲାସ...
ତାତିଲା ଲୁହାର ରଡ଼ ନିଆଁ ରେ
ଦୋହଲି ଯାଉଛି ସତ୍ୟର ମାନଚିତ୍ର ---

ଇଏ କେଉଁ ଦଶା/ମହାଦଶା/ଅନ୍ତର୍ଦଶା ଚାଲିଛି
ମଣିଷର ନା' ପୃଥିବୀର ନିୟତିର ?
ଇଏ ବୋଧେ ଲକ୍ଷ୍ମୀଛଡ଼ା ମୁହୂର୍ତ୍ତର
ଡାହାଣୀ ପଲକ...
କାଙ୍ଗାଳ ହୋଇ ପଡୁଛି ଶତାବ୍ଦୀର ଫର୍ଦ୍ଦ---

ମୋ ଚାରିପଟେ
ଶବ୍ଦମାନଙ୍କର ବିକଟ ଆର୍ତ୍ତନାଦରେ
ମୋ ଓଠର ଶବ୍ଦ ମୁଁ ଶୁଣିପାରୁନି...
ଉଜୁଡା ପୃଥିବୀର କଙ୍କାଳ ଦେଖୁ ଦେଖୁ
ମୋ ସ୍ୱପ୍ନ ର ରଙ୍ଗ ମୁଁ ଖୋଜି ପାଉନି ---

ଇଏ କେଉଁ ବିଡ଼ମ୍ବିତ ସନ୍ଧିକ୍ଷଣ !
ଉତ୍ତରଣର ଅୟମାରମ୍ଭ
ନା' ପ୍ରଳୟ ର ଆବାହନ !
କଡ଼ ଲେଉଟାଉଛି,
ବିତିଗଲା କାଲିର ଇତିହାସ
କବଳିତ ବର୍ତ୍ତମାନ ଲହୁ ଲୁହାଣ
କୁହୁଳୁଛି ଅସଜଡା ଭାଗ୍ୟ ---

କୁହ !
କାହାକୁ ପ୍ରାର୍ଥନା କରିବି ?
ପଥର ଗଢା ମୂର୍ତ୍ତିକୁ
ନା' ପଥରର ମଣିଷକୁ ?
କୁହ !
କାହାକୁ ପ୍ରାର୍ଥନା କରିବି
ମୁଠାଏ ଫୁଲ ପାଇଁ
ଟୋପାଏ ଲୁହ ପାଇଁ...
କେଉଁ କାଳେ ପ୍ରତ୍ୟୟ ର ମହିମ୍ନ ରେଖା ଟିଏ
ଆଙ୍କି ହୋଇଯିବ
ମହମହ ମୁକୁଳି ଆସୁଥିବା ବାସ୍ନାଟେ ହୋଇ ----

*ପାର୍କ ପାରାଡାଇଜ କଲୋନୀ,ରଘୁନାଥପୁର,*
*ନନ୍ଦନକାନନ ରୋଡ଼, ଭାୟା-କିଟ୍ ଛକ,*
*ଭୁବନେଶ୍ୱର -୭୫୧୦୨୪*
*ମୋବାଇଲ ନମ୍ବର -୮୯୧୭୬୦୩୪୪୨*

# ମୁକ୍ତି ଯାତ୍ରା

## ବିନୋଦ

କା'ଆଗେ କହିବି ମରମର କଥା
ଗହନ ଭାବନା ଆଦି
ଭରିଛି ଯେଉଁଠି ପଙ୍କିଳେ ମଥା ଯେ,
ସରିଛି ସେନେହ ଭେଦି
ଅନ୍ଧାର ଆଖିରେ ଆକାଶର ତାରା
ଯେଉଁଠି ଦିଶଇ ନାହିଁ
କିପରି କହିବି ବ୍ୟଥା ବେଦନାର
ବାରତା ସେପାରି ତହିଁ ?

ଚାରିପାଶେ ମୋର ପ୍ରୀତି ସବୁଜର
ମଉଡ଼ ଉଠିଛି ସିନା
ହୃଦୟ ଭିତରେ କ୍ରାନ୍ତି କାହାଣୀର ଜାଗିଅଛି ଦାନାକନା
ରାତିର ନିର୍ଜନ ଅପାସୋରା କଥା
ଯାହା ମୁଁ ଯାଉଛି ଭାବି
ସକାଳେ ତାହାର ଆତ୍ମା ରାଗିଣୀର
ଉହାଡ଼ ଯାଉଛି ଭାଜି ।

କେତେ ଶିରୋନାମା ମଳୟ ପାଶରେ
ଜିଇଁଅଛି ଚିରକାଳ
ମୂଳକ ଯାକର ମଣିଷର କଥା ଭରା ଯାହା ଅବିଚାର
ହାଡ଼ ମାଉଁସର କାହାଣୀ କବିତା ପଢ଼ିଯାଉଅଛି ମନେ
ଉଦୟ ଲାଗି ତ ଜୀବନ ସାଜିଛି
ବିଧାନର ଉପବନେ ।

ମୁଁ ଏକ ନବୀନ ବାତୁଳ ପ୍ରାଣୀ ଯେ
ସବିତାର ମହାରଥେ
ମୋ ଜାତିର ଲାଗି ବିତାନ ଆଲେଖ
ସଜା ଅଛି ପ୍ରତି ପଥେ
ଲାଲ ଧରଣୀର ଲୋହିତ ସମରେ
ବଞ୍ଚିତ ଯେତେ ଜୀବ
ସେନେହ ରାଗରେ ଭରିଛି ଏ ମାଟି
ମୂର୍ଚ୍ଛିତ ଉପରାଗ ।

ଯେତେ ଭାବିଲେ ବି ମଣିଷର କଥା
ଇତିହାସ ନାହିଁ ଶେଷ
ଯେତେ ଲେଖିଲେ ବି ଜୀବନର ଗାଥା
ବଢୁଅଛି ଅବସୋସ

ଉଦାର ଆଖିରେ ଶତ ସହୋଦର
ପ୍ରାଣର ଅଦ୍ଭୁତ ରାସ
ସଭିଙ୍କର ଲାଗି ଶରୀର ବେଦନା
ହେଉ ପଛେ ଚିର ଶେଷ ।

ଶିଶିର ପରିକା ସମାଜର ଛବି କଳ୍ପନା ଆଜି ଜାଗେ
ନିଷ୍ପନ୍ଦ ଯେତେ ପ୍ରାଣର ଆଲେଖ
ମନ ଲାଗି ଦାବି ମାଗେ
ବଣ ପାହାଡ଼ର ମୂଳକର କଥା
ତା ଭିତରେ ଯା'ର ବାସ
ମୁକତିର ଲାଗି ପାଲଟିବି ପଛେ ଯାତ୍ରାର ମହାଦାସ ।

ଖୋଜୁଛି ନୀରବେ ବେଦନାର ଭାଷା
ଯାହାରି ମୁଖରେ ଦୁଃଖ
ପାରିବି କି ନାହିଁ ଜାଣେନା କାରଣ
ଏଯାଏ ହୋଇନି ଜାତ
କାଲି ତ ଉଇଁବ ପ୍ରଳୟ ସକାଳେ ଯୁଦ୍ଧ ଯେ ଉପଗତ
କୋଟିଏ ଆଶାର ଶୂନ୍ୟ ଧରାରେ
ଚଲାଇବି ମହାରଥ ।

*ଭୁବନେଶ୍ୱର*
*ଦୂରଭାଷ: ୯୪୩୭୧୬୪୭୬୪*

# ଲଂପଟ ନାଗର

## ହରିଶ୍ଚନ୍ଦ୍ର ବେହେରା

ଯେତେ ନିରେଖିଲେ
ତୁ ନୂଆ ଲାଗୁ
ନୂଆ ଲାଗେ ତୋ କୁହାଟ ।

ଜହ୍ନ ତୋର କିଏକି
ତା' ଛୁଆଁ ରେ ତାରକସି ର କାରୁକାର୍ଯ୍ୟଟିଏ
ହୋଇଯାଉ ।

ଉଭା ଲଙ୍ଗୁଳି ନଇ କୁ ଆଲିଙ୍ଗୁ
ସିପ ଶାମୁକାର ମୋତିମାଳା ପିଂଧେଇ
ବେଳା ସୁନ୍ଦରୀକି ଚୁମା ଦେଉ ।

ତୁ ତ ଗୋଟେ ଲଂପଟ ନାଗର
ବନ୍ଧ ବାଡ଼ ଭାଙ୍ଗି ଦେଉ
ସ୍ୱାଧିଷ୍ଠାନ ଚକ୍ରେ ଯେବେ ଉଠଇ ଜୁଆର ।

ତୋତେ ଛୁଇଁଲେ ଲାଗେ
ଛୁଉଁଛିକି ଜାଭା ବର୍ଣ୍ଣିଓ ସୁମାତ୍ରା ର
ପ୍ରବାଳ ନଅର

ହୀରା ନୀଳା ବୈଦୁର୍ଯ୍ୟ ବୋଝେଇ ଜାହାଜରେ
ଫେରୁଥିବା ଚାନ୍ଦ ସୌଦାଗର।

ସରିଯାଇଛି ଆ- କା- ମା-ଭୈ ଗୀତ
ଅର୍ଘ୍ୟସ୍ଥାଳି ମାନ କରେ ସାଧବାଣୀ ବୋହୂଙ୍କର
ବୋଇତ ବନ୍ଦାଣ ଆଉ ମଙ୍ଗଳ ସଙ୍ଗୀତ।

ସାଗର ମନ୍ଥନ ପରେ
କ'ଣ ଅଛି ତୋ ପାଖରେ ଆଉ
ନୋଳିଆର କେଇଟା ମାଛଧରା ଡଙ୍ଗା
ନାଆ ବୋଝେଇ ଜାଲ
ମଲା ମଗର ଶାଙ୍କୁଚ ର ନାକଫଟା ଗନ୍ଧ
ଆଉ କିଛି ଶିକାରୀଙ୍କ ଆଖି ଛଡ଼ା!

ମୁକ୍ତା ଗର୍ଭୀ ହେବା ପାଇଁ
ଆଁ କରି ଚାହିଁଛି ଶାମୁକା
କାହିଁ ସ୍ୱାତି କାହିଁ ବର୍ଷା!!

କେଉଁ ମାଦକତା ଅଛି
କର୍ପୂର ସହ ଉଡ଼ିଯାଇଥିବା କନା କୁ ନେଇ
ଗାଉଥିବା ଝାଉଁ ବଣର ଗୀତରେ
କୁନି କଙ୍କଡ଼ାର ଭଙ୍ଗାଗଡ଼ା କୁଟିକମରେ
ପରିତ୍ୟକ୍ତ କିଛି ପଇଡ଼ ଖୋଳା ଛିଣ୍ଡା ପଲିଥିନ
ଅଣ୍ଡା ଖୋଳପା ର ବିମର୍ଷ ଭାଗ୍ୟରେ!

ଝାଲ ମୁଢ଼ି ଚୁବାଉ ଚୁବାଉ କଳ୍ପନା କରି ହୁଏକି
ସେଦିନର ଅଝାଲ ସିଲେଇ ଆଉ
ଲବଣ ପୋକ୍ତାନ କଥା
ପର୍ତ୍ତୁଗାଲ ଦିନେମାର ଓଲନ୍ଦାଜ ବଣିକଙ୍କ
ବାଣିଜ୍ୟ ବେପାର ଆଉ ରାହାଜାନି କଥା!!

କୁଆଡେ ଗଲା ପ୍ରେମ ପାଗଳି ସାଧବ ଝିଅ
ଭରା ଭରା ଚାନ୍ଦିନୀ ରେ
ପ୍ରବାସୀ ପ୍ରିୟ ପାଇଁ
ବାଢ଼ିଥିବା ପ୍ରେମର ନୈବେଦ୍ୟ!

ଏବେତ ଚାଲାଣ ହେଉଛି
ନାଲି କଙ୍କଡ଼ାର ନୀଳ ରକ୍ତ
ତଅପୋଇ ର ତତଲା ଲୁହ
ଦିନ ଆସିବ ପୂରା ଚାଲାଣ ହୋଇଯିବ
ମହୋଦଧି ର ଅନାଘ୍ରାତ କଲିଜା।

କେଉଁ ଅଗସ୍ତି ଆସିବେ ଯେ
ନିଜ ପାପୁଲି ରେ ଲୁଚେଇ ଦେବେ
ସପ୍ତସ୍ୱରା ସମୁଦ୍ରକୁ
ଗଣ୍ଡୁଷେ ମାତ୍ର ଜଳ କରି !!

*କଲ୍ୟାଣ ନଗର, ବାଲେଶ୍ୱର-୧*
*ଦୂରଭାଷ: ୯୪୩୭୮୧୩୭୦୮*

# ମୋର ଗଲାଣି ବୟସ ଚାଲି

## ଚୈତନ୍ୟ ପ୍ରସାଦ ବେହେରା

ମୋର ଗଲାଣି ବୟସ ଚାଲି
ପୁରସ୍କାର ଅବା ଫୁଲତୋଡ଼ା ଆଉ
ଲୋଡ଼ା ନାହିଁ ଦେବ କାଲି।।

କାଲି କାଲି ହୋଇ କେତେ କାଲି ଗଲା
କାଲିତ ଆସିଲା ନାହିଁ
କେତେ ମୁଁ ଲେଖିଲି କେତେ ମୁଁ ଗାଇଲି
କିଏବା ବୁଝିଲେ କାହିଁ!
ଜହୁରି ତ ନାହିଁ କିଏସେ ଚିହ୍ନିବ!!
କେତେ ହେବି ମୂଲ ବୋଲି
ମୋର ଗଲାଣି ବୟସ ଚାଲି
ପୁରସ୍କାର ଅବା ଫୁଲ ତୋଡ଼ା ଆଉ
ଲୋଡ଼ା ନାହିଁ ଦେବ କାଲି।।

ହୋଇ ନାଟ୍ୟକାର ନାଟକରେ କେତେ
କରାଇଛି ମୁଁ ନାଟୁଆ
କଳାକାର ହୋଇ କଳଙ୍କିତ ହେଲେ
ସାକ୍ଷୀତ ଅଛି ଦୁନିଆ
ଏକ ଲବ୍ୟ ଅବା ଆରୁଣି ହେବେ ସେ
ମନେ ଭାବି ଥିଲି କାଲି
ମୋର ଗଲାଣି ବୟସ ଚାଲି
ପୁରସ୍କାର ଅବା ଫୁଲ ତୋଡ଼ା ଆଉ
ଲୋଡ଼ା ନାହିଁ ଦେବ କାଲି।।

ବୟସର ସଙ୍ଗେ ମନ ମୋ ଗଲାଣି
ମନ ରାଇଜକୁ ଚାଲି
ପାଇବାର ଆଶା ଯାହା ଥିଲା ମୋର
ସବୁତ ଗଲିଣି ଭୁଲି
ଆଉ ଯାହା ବାକି ରହିଗଲା ଜୀବନେ
ପାରୁନାହିଁ କହି ଖୋଲି
ମୋର ବୟସ ଗଲାଣି ଚାଲି
ପୁରସ୍କାର ଅବା ଫୁଲତୋଡ଼ା ଆଉ
ଲୋଡ଼ା ନାହିଁ ଦେବ କାଲି।।

*ଅଧ୍ୟକ୍ଷ, ଓଡ଼ିଶା ଅକ୍ଷୟ ମହାନ୍ତି ଫାଉଣ୍ଡେସନ୍ ଟ୍ରଷ୍ଟ,*
*ଖୋର୍ଦ୍ଧା: ୭୫୨୦୫୫*
*ଦୂରଭାଷ: ୯୪୩୭୩୬୩୭୪୧*

# ଲୁହ ନୁହେଁ ଲହୁର ଛିଟିକା

## ବୃନ୍ଦାବନ ଦାସ

ମେଘକୁ କଜଳ କରି
ଆଖି କୋଣୁ
ଦି'ଟୋପା ଲୁହ ଗଡ଼େଇ ଦେଲନି ଯେ
ବର୍ଷିଗଲା ଅସରାଏ ବର୍ଷା
ତାହା ଲୁହ ତ' ନୁହେଁ ହୃଦୟ ନିଗିଡ଼ା
ବୁନ୍ଦେ ବୁନ୍ଦେ ଲହୁର ଛିଟିକା।

ଫୁଲଠୁ କୋମଳ ହୃଦୟ
ପୃଥିବୀର ନା' ଆକାଶର!

ମାଟିମଗ୍ନ ମୁଁ
ଆକାଶ ଆଖିରେ ତମକୁ ଚାହିଁଲା ବେଳେ
ତମେ ଅନ୍ୟମନସ୍କ ଥାଅ
ସବୁ କାରୁଣ୍ୟକୁ ଆଖିରେ ନେସି
ତମ ପୃଥିବୀରେ।

ଦୁଃଖ ଏମିତି ଯେ
ଲୁହ ଲୁହାଠୁ ଓଜନ ହୋଇ ଝରିଗଲା ବେଳେ
ନା' ଛୁଇଁ ପାରୁଥାଏ ତମକୁ ମୁଁ
ନା' ତମେ ମତେ
ସେତେବେଳେ ପୃଥିବୀ ଆକାଶ
ଦୂରତା ମଝିରେ
ଲହଡ଼ି ଭାଙ୍ଗୁଥାଏ
ତମ ଓଠତଳ କେତେ ବିକ୍ଷୁବ୍ଧ ଅନ୍ଧାର।

କେଉଁ ନିର୍ଜନ ଉପତ୍ୟକାରେ
ସାତ ମେଘ ଏକ ହୋଇ ବର୍ଷୁଥାଏ
କେହିଜଣେ ତମପରି
ଅବିନ୍ୟସ୍ତ କୁନ୍ତଳା ବିମୁଗ୍ଧା ରମଣୀ
ସ୍ୱପ୍ନକୁ ବେହରଣ କରି
ଅନୁରାଗର ପର ମନରେ ଖଞ୍ଜି
ଲୋଟେଇ ଦେଉଥାଏ ନିଜକୁ ଝର ଝର ବର୍ଷାରେ
ତରଳି ଯାଉଥାଏ ବରଫରୁ ଜଳ ପରି
ବହି ଯାଉଥାଏ ନଈ ହୋଇ।

ଅବୁଝା କିଶୋରୀ ବର୍ଷା
କାନ୍ଦୁରି ଝିଅଟେ
ବିରହ ବିଧୁରା ଅସରା ପ୍ରେମର ପସରା
ଅକୁହା ଦରଦର କୋମଳ ଯନ୍ତ୍ରଣା

ସ୍ମୃତିର ନଙ୍ଗର ଖୋଲି ଭସେଇ ନିଏ ଯେ
ଭିଜା ଭିଜା ଆବେଗରେ
ତରଳୁଥାଏ ଛାତି।

କେବେ ଦେଖିଛକି ଭୂମିଲଗ୍ନ ଆକାଶକୁ !
କେବେ ଭିଜିଛକି ତୁହାକୁ ତୁହା ବର୍ଷାରେ !
ବର୍ଷାଭିଜା ଦେହ ଲୁହବୋଳା କୋହ
ପ୍ରେମ ପରି ବର୍ଷା
ଚିରକାଳ ସନ୍ତାପରେ ଜଡ଼ସଡ଼
ତମ ମେଘୁଆ ଆଖିରେ।

*ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ*
*ଡେରାବିଶ କଲେଜ, ଡେରାବିଶ*
*କେନ୍ଦ୍ରାପଡ଼ା -୭୫୪୨୮୯*
*ଦୂରଭାଷ: ୯୭୭୭୮୪୩୦୩୧*

# ନିରୁଦ୍ଦିଷ୍ଟ

## ଜିତେନ୍ଦ୍ର ପରିଡା

କାହାକୁ ଖୋଜୁଛ ?
ଈଶ୍ୱର ଙ୍କୁ... ? ସେତ ନିରୁଦ୍ଦିଷ୍ଟ.....
ପୁଣି ଥରେ କୃଶ ବିଦ୍ଧ ଯୀଶୁ.....
ଆଜାନ ଶୁଭେ ନାହିଁ .......
କାହିଁକି ନା ଆଲ୍ଲା ବି
ଭୟରେ କବର ତଳେ ......।।

ଏ ମାଟି ତ ଏମିତି ନଥିଲା.... ?
ଆକାଶ ରେ ଜହ୍ନ ତାରାଙ୍କ ମେଳନ ହେଉ ଥିଲା
ଗଛ ରେ ନୂଆ ପଲ୍ଲବନ ହେଉ ଥିଲା....
ମାଟି କଣ କେବେ ଜାଣିପାରେ କି.... ?
କାହାରିକୁ...... ?

ସେତ ଆଦରି ନେଇଛି ବନ୍ଧୁ କୁ...ବନ୍ଧୁକକୁ
ଦସ୍ୟୁକୁ ଦୁର୍ବୃତ୍ତକୁ......ନିଆଁ କୁ ପାଣିକୁ
ଫୁଲକୁ.....ଫୁଲମାଳକୁ ..... ?

ଗୋଟେ ମଣିଷ କୁ କେତେ ଯାଗା ଦରକାର ... ?
ନିଜେ ନିଜକୁ ମାପିଦେଖ...ନିଜ ହାତରେ.....
ତିନିହାତ ଚାଖଣ୍ଡେ ରୁ ବେଶି କେହିନୁହଁ ....।।

ତେବେ ଏତେ ସବୁ କାରନାମା କହାପାଇଁ..... ?
ସଭିଙ୍କ ମୁଁହରେ ତ ଗୋଟାଏ ଗୋଟାଏ ମୁଖା
ମୁଖା ତଳର ଚେହେରା କୁ
କେହି କେବେ ଦେଖାଏ ନାହିଁ...।।

କିନ୍ତୁ ବୁର୍ଖା ତଳର ଚେହେରା କୁ
ଦେଖିବାକୁ ତୟାର...।।
ତୋ ପାଇଁ ଚାଲିବା ମନା....
କଥା କହିବା ବି ମନା....
ତୋର ପସନ୍ଦ ....ନା ପସନ୍ଦ ର
କୌଣସି ମୂଲ୍ୟ ନାହିଁ .....
ତତେ ପଢିବା ମନା ......
ତୋର ଘରୁ ବାହାରିବା ମନା..।।

ରେ ! ଜହ୍ଲାଦ ଗଣ !
ତମକୁ ଜନ୍ମ ଦେଇ ଥିଲା
ଏଇ ମାନଙ୍କ ଭିତରୁ ଜଣେ
ତା ଛାତିର ଅମୃତରେ ପରିପୁଷ୍ଟ ତୋର ଦେହ
ତୋର ବି ତ ସାନ ଭଉଣୀ ଟେ ଭାଇଜାନ ଭାଇଜାନ
ବୋଲି କେତେ ଡାକି ନଥିବ ?

ତୋର ସ୍ତ୍ରୀ ଦିନକୁ ପାଂଚ ଥର ଆଜାନ ପଢୁଥିବ
ତୋର ସଲାମତି ପାଇଁ...ଦୁଆ ମାଗୁଥିବ
କିନ୍ତୁ ଡରି ଡରି ବଂଚିଥିବ..କାଳେ ତିନି ତଲାକ
ତୋ ପାଟିରୁ ବାହାରି ଯିବ....... ?

ଏବେ ତ ଆହୁରି ଅଧିକ କଟକଣା.....
ରକ୍ଷକ ଏବେ ଭକ୍ଷକ ସାଜିଛି .......
ତମ ମାନଙ୍କ ପାଖରେ ଲଜ୍ଜା ସରମ ମାନବିକତା
ବୋଲି କିଛିନାହିଁ ।। ରକ୍ଷକ ଡାକରା ଦେଇଛି
ଫତେ ହେଲା ପରେ ସବୁ ତମର .......।।

ଏବେଠୁ ଆକଳଣ କରିରଖ........
ବାର ବୟସ ରୁ ପଇଁଚାଳିଶ ବର୍ଷର ମହିଳା ଙ୍କ
ବୁର୍ଖା ଟେକି ଦେଖ ...
ଅଂଟା ର ମାପ ନିଅ....
ଭାର ସମ୍ଭାଳି ପାରିବ କି ନାହିଁ
ଓଜନ କର ।ଛାତିର ଚଉଡାଇ କୁ ମାପ କର
ମୁଖା ଫିଙ୍ଗି ବାହାର କରିଦେଇ
ସଇତାନି ଉଜାଗର କର...।।

ବୁର୍ଖା ପରେ ବୁର୍ଖା ଚିରି ଫିଙ୍ଗି ଚାଲ.....
ମଣିଷ ର କଂଚା ମାଂସ ସହ ଖେଳ ଖେଳି ଚାଲ
ସେମାନଙ୍କୁ ବିବସ୍ତ୍ର କଲାପରେ ଦୁନିଆ ର ସବୁଠୁ
ସୁନ୍ଦର ଜିନିଷ କୁ ମୂଲଚାଲ କର ......
ନଖ ଦାନ୍ତ ବାହାର କରି
ନର ଖାଦକ ଭଳି ପଞ୍ଝା ମାର....

ପସନ୍ଦ ହେଲେ ନିକ୍କା କର,
ନ ହେଲେ ବାନ୍ଧି କରି ରଖ ।।

ଏବେ ସେମାନେ କରିବେ କଣ ?

ଆହ୍ଲା ନିରୁତ୍ତର........।।

ଏତିକି କେବଳ ସେମାନଙ୍କ ପାଟିରୁ ବାହାରିବ
ୟା ଆହ୍ଲା ହମେ ଇସ ଧରତୀ ସେ ଉଠାଲେ.....
ୟା ଇନ ସବକୋ ନାମର୍ଦ୍ଦ ବନାଦେ.........
ନେହିଁ ତୋ କୟାମତ କା ଦିନ ଆନେଦେ.....

ସବୁ ଚୁପ୍ ...ଦେଶ ମହାଦେଶ କାହା କଥା କହୁଚ ?
ରୁଷ ଚୀନ, ଜାପାନ, ଆମେରିକା ସବୁ ଚୁଉଉପ୍....

ଏବେ ପରା ଈଶ୍ୱର ନିରୁଦ୍ଦିଷ୍ଟ
ଯୀଶୁ ପୁଣି ଥରେ କୃଶବିଦ୍ଧ
ଆଉ ଆହ୍ଲା ପରା ନେଇଛନ୍ତି ଜୀଅଁନ୍ତା କବର.....।।

*ଶରତ କୁଟୀର, ଧୋବାଡିହା ମାଝି ସାହି ଛକ,*
*ରବିନ୍ଦ୍ର ବିହାର,*
*କେନ୍ଦୁଝର ଗଡ-୧, କେନ୍ଦୁଝର,*
*ଦୂରଭାଷ:-୯୪୩୭୦୦୬୧୯୬*

# ମାଟିଆ ସାହି

## ଭରତ ବେହେରା

ପାହାଡ ତଳକୁ ଥିଲା
ଖଣି ମୁହଁ, ଚାଷ ଜମି ଚକ
ପାଖରେ ଥିଲା ଜନଜାତି ମଣିଷର
ପ୍ରିୟ ବାସଭୂମି।

ବଡ ଅଜବ ଥିଲା ସାହିର ସ୍ଥିତି
ଯା' ଆସ କରିବା ଲାଗି
ନା ଥିଲା ରାସ୍ତା, ନା ଥିଲା ଗୋହିରିକହର
ଫାଶି ହିଡ଼, ଦଣ୍ଡା ହିଡ଼
ଘାଇ ପଛାଲ ଡେଇଁ ଡେଇଁ
ଯା' ଆସ କରନ୍ତି
ଦୂର ହାଟ, ବନ୍ଧୁବର୍ଗ ଘର
ବୁଡ଼ିଗଲେ ସୂର୍ଯ୍ୟ, ବନ୍ଦ ହେଇଯାଏ
ସେମାନଙ୍କ ଯା' ଆସର ଗତି।

ହାତୀ, ବାଘ, ବଣ ଜନ୍ତୁ ନାହାଲା ଶଦରେ
ଥରିଯାଏ, ସାହି ସାରା କବାଟ ଝରକା
ବର୍ଷ ସାରା ପୋଷିବାକୁ ପେଟ
ମାଟିସହ ଯୁଝି ହେଉଥାନ୍ତି
ସକାଳରୁ ସଞ୍ଜ, ମାଟିଆ ମଣିଷ
ବିଲ ବଛା, ଧାନ କଟା, ଘାସ କଟା
କାଠ କାମ ଛଡା
ହାତ ଠେଲା ଘଣାରେ ପେଡିଥାନ୍ତି

ଛେଲା ଛେଲା ନିମ କରଞ୍ଜ ମଞ୍ଜି ।
ଏତେ ସହଜ ନୁହେଁ ପଢ଼ିବାକୁ
ସେମାନଙ୍କ ଚୁପ ଚାପ ଜୀବନର
ମନତଳ ଭାଷା
ସେମାନେ ଏମିତି ଜନଜାତି କୁଳରେ ଜନ୍ମଯେ...
ଭୋଜନ କରନ୍ତି ନାହିଁ ସବର୍ଣ୍ଣ କି ଉଚ୍ଚବର୍ଣ୍ଣ ଘର !
ହୁଏତ ଆଉ ବେଶି ଛୋଟ ନ ହେବାକୁ
ବାରବାର ବାରଣ କରୁଥାଏ
ମନତଳ ମର୍ମୀ ମଣିଷ
ଜାଣେ, ସେମାନେ ବସୁଧାଠୁ ଅଧିକ ସହିଷ୍ଣୁ
ଆକାଶଠୁ ଅଧିକ ଉଦାର
କାହିଁକି, ସେମାନେ ବିସ୍ଥାପିତ ହେଇଗଲେ
ମାଟିଆ ସାହିରୁ ମଲୀ ବଣିଆକୁ ?
ହୁଏତ ବଣଦେବୀଙ୍କର କୋପ ଦୃଷ୍ଟି
ବାଧ୍ୟ କରିଥିବ ଛାଡ଼ିବାକୁ ପ୍ରିୟତମ ଭୂମି
ସେମାନେ ନିରକ୍ଷର, ସରଳ ବିଶ୍ୱାସୀ
କେମିତି ଜାଣିଥାନ୍ତେ
ବଣଦେବୀ କୋପର କାରଣ କି ଅକାରଣ ବିନ୍ଦୁ ।

*ଏମ ଆଇ ଜି - ୨୨, ଜି ଏସ ନଗର,*
*ଜଗତପୁର*
*କଟକ -୭୫୪୦୨୧*
*ଦୂରଭାଷ: ୯୪୩୭୫୭୦୧୨୦*

# ଶବ୍ଦ

**ଜଳଧର ସ୍ୱାଇଁ**

ଶବ୍ଦ ଆବୋରି ଥାଏ
ସମଗ୍ର ବ୍ରହ୍ମାଣ୍ଡ
ଶବ୍ଦ ସଂଚରୁ ଥାଏ
ଶୂନ୍ୟ ଶୂନ୍ୟ ମହାଶୂନ୍ୟ
ସମଗ୍ର ନଭ ମଣ୍ଡଳ
ଚନ୍ଦ୍ର ସୂର୍ଯ୍ୟ ତାରା
ପାଳଟନ୍ତି ଶବ୍ଦମୟ ପିଣ୍ଡ ॥

ନିଃଶବ୍ଦରୁ ଶବ୍ଦ ଶୁଭେ
ଦେହ ଦେଉଳରେ
ହେଉଥାଏ ପ୍ରତିଧ୍ୱନିତ
ଶବ୍ଦର ତରଙ୍ଗ
ଅଥଚ ଶବ୍ଦଟେ ସାଉଁଟିବା
କେତେ ଯେ ଦୂରୁହ
ଜାଣିଥାଏ ଶବ୍ଦ ପଛରେ
ଧାଉଁଥିବା ଲୋକ ॥

ଜଳସ୍ଥଳ ଅନଳ
ସବୁଠି ସଂଚରେ ଶବ୍ଦ
ଶବ୍ଦବି ତ ଅଲଂଘ୍ୟ ନଇଟେ
ଯାହାକୁ ପାରି କରିବା
ହୁଏନି ସଂଭବ ॥

ଶବ୍ଦତ ନାଦ ନିନାଦ
ଊର୍ମ ଧୂର୍ମ ଜ୍ୟୋତି ଜ୍ୱାଳା
ଅଭେଦ୍ୟ ଅବୋଧ୍ୟ
ଶବ୍ଦହିଁ ଜୀବନ ଧର୍ମ
ଶବ୍ଦ ନାହିଁତ
କେଉଁଠି କେମିତି କିଏ
ତିଆରିବ ମାଟି ଘଟ
କେମିତିବା ସଚରା ଚରରେ
ଆତ୍ମରତି ମଗ୍ନହେବ ଜୀବ ॥

ଆଲୁଅ ଖୋଜେ ଅଂଧାର
ଅଂଧାରତ ଶବ୍ଦର ନିବୁଜ ଗଡ଼
ସେ ଗଡ଼ରେ ଶବ୍ଦହିଁ
ସୃଜନ ସତ୍ତା
ଶବ୍ଦହିଁତ ପ୍ରତ୍ୟକ୍ଷ ଈଶ୍ୱର ॥

*ପୂଜାରୀପୁଟ ରୋଡ଼, କୋରାପୁଟ-୭୬୪୦୨୦*
*ଦୂରଭାଷ: ୯୮୬୧୫୫୩୫୩୯*

# ଅବରୁଦ୍ଧ ଅଭିମାନ

**ମୁରଲୀଧର ମିଶ୍ର**

ଏମିତି ମୁହୂର୍ତ୍ତ ନାହିଁ
ଯେତେବେଳେ ନଥାଅ ତୁମେ
ମୋ ସ୍ମୃତିର ଅଦୃଶ୍ୟ ଇଲାକାରେ
ଶୁଭେ ନାହିଁ ତୁମ ପାଦ ପାଉଁଜିର
ମିଠା ମିଠା ସୁର
ତୁମେ ଆସୁଥାଅ ଧୀରେ ଧୀରେ
ଛୁଇଁ ଛୁଇଁ ମୋ କଳ୍ପନାର
ସବୁଜ ଅରଣ୍ୟ ଛାତିରେ
ଛଳ ଛଳ ଶବ୍ଦ ତୋଳି
ଝରି ଚାଲିଥିବା ନଈର ଧାର ।

ଆଜି ଯାଏ ଜାଣି ନାହିଁ
ତୁମେ କଣ !
ପ୍ରତିନିତ୍ୟ ପୃଥିବୀର ଝିଅଟିଏ
ଅବା
ଅନ୍ୟ ଏକ ସ୍ୱର୍ଗର ଦେବକନ୍ୟାଟିଏ ।
ନଥାଇ ବି ଥାଅ ତୁମେ
ନକହି ବି କୁହ ତୁମେ
ନ ଗାଇ ବି ଗାଅ ତୁମେ,
ଜାଣେନା କେମିତି ତୁମ
ଆତ୍ମୀୟତା ଏତେ ପରିବ୍ୟାପ୍ତ
ସୁଶୀତଳ ଚନ୍ଦ୍ର ପରି
ଚେତନାର ଇଲାକାରେ
ଉଦୟ ହେଉଥାଅ ତୁମେ ବାରମ୍ବାର ।

ଆଖି ବୁଜିଦେଲେ ତୁମ ମୁହଁ
ଆଖି ଖୋଲିଲେ ବି ତୁମ
ମୁହଁ ଜହ୍ନର ଜ୍ୟୋସ୍ନାରେ ତୁମେ ଅଛ
ତୁମେ ଅଛ ସକାଳର ଆଲୁଅରେ
ଅଛ ବି ଅସ୍ତ ସୂର୍ଯ୍ୟ ପରେ
ନଇଁ ନଇଁ ଆସୁଥିବା ସଂଜର ଅନ୍ଧାରରେ
ରାତ୍ରିର ଗହଳ ନିଦର ସ୍ୱପ୍ନରେ
ଫୁଲର ମିଠା ମହକରେ
ଅବା
ପାହାନ୍ତି ତାରାଙ୍କ ମେଳରେ ।

କେଉଁଠି ଖୋଜିବି ତୁମକୁ ?
ମାଟିରୁ ଆକାଶ ଯାଏ
ବାସ୍ତବରୁ କଳ୍ପନା ଯାଏ
ମନରୁ ହୃଦୟ ଯାଏ
ସବୁଠି ତ ତୁମେ
ସବୁଠି ତ ପରିପୂର୍ଣ୍ଣ ତୁମ ଅସ୍ତିତ୍ୱର
ମହ ମହ ବାସ୍ନା !
କେମିତି ଭାବିବି ଯେ ତୁମେ
ଛାଡ଼ି ଚାଲିଗଲ ବୋଲି
କେମିତି ଧରି ରଖିବି
ଅବରୁଦ୍ଧ ଅଭିମାନକୁ ନିଜ
ଭିତରେ ?

କାଲି ଥିଲ ତୁମେ
ଆଜି ଅଛ ତୁମେ
ଥିବ ବି ଆସନ୍ତା ଦିନ ମାନଙ୍କରେ
ଏ ଜନ୍ମର ଏ ଜୀବନର
ସମାପ୍ତି ମୁହୂର୍ତ୍ତ ଯାଏ ।

*ଭାଗବତ ସଂଧାନ କଲୋନୀ, ଭୁବନେଶ୍ୱର*
*ଦୂରଭାଷ: ୯୪୩୯୧୯୧୧୧୧*

# ବରଷାର ଭାଉ କମିତ ଗଲାଣି

ହଂସନାଥ ମୁଦୁଲି

ବରଷାର ଭାଉ
କମି ତ ଗଲାଣି
ଶୀତ ଛୁଇଁଲାଣି ଦେହ
ବରଷା ପରିକା
ଏଇ ଶୀତ ଭାରି ପ୍ରିୟ ॥

ବରଷା ଛୁଆଁରେ
ମନ ଛନଛନ
ଦେହ ଭିଜିଗଲା ପରେ
ଶୀତର ପରଟା
ସେମିତି ସରସ
ଶିରିଶିରି ପବନରେ
ବରଷା ଫେରିଲେ
ଶୀତ ଛୁଇଁଗଲେ
ସେ ପାଇଁ ଲାଗେ ଅଥୟ
ଏଇ ଶୀତ ଭାରି ପ୍ରିୟ ॥

ଋତୁ ତ ଏମିତି
ଆସଇ ଯେମିତି
ଭିନ୍ନ ଭିନ୍ନ ରୂପଧରି
ସେ ରୂପ ଯେତେ ବି
ଭିନ୍ନ ହୋଇଥାଉ
ପରଶତା ପ୍ରୀତି ପରି
ପ୍ରୀତି ପରଶରୁ
ଆନନ୍ଦ ଲଭିଲେ
ସବୁ ହେବ ମଧୁମୟ
ଏଇ ଶୀତ ଭାରି ପ୍ରିୟ ॥

*ଖଣ୍ଡଗିରି (ଢୁମୁଢୁମା-କ)*
*ଭୁବନେଶ୍ୱର-୭୫୧୦୩୦*
*ଦୂରଭାଷ: ୯୭୭୭୯୬୮୭୧୯*



# ମନ୍ତ୍ରପାଠ

ଡ. ଅନିଲ ନନ୍ଦ

ସେତିକି ହିଁ ସତ୍ୟ
ନିଜ କଣ୍ଠରେ ପଢ଼ିବାକୁ ହୁଏ
ନିଜ କାୟା ଆଉ ଛାୟାକୁ
ମନ୍ତ୍ରିତ କରିବାର ମନ୍ତ୍ର ।

ମନ୍ତ୍ର ପଢ଼ିଲେ ମାଡ଼ିଆସେ ବଳ
ରାତି ପାହିବାର ଅନେକ ଆଗରୁ
ତୋଫା ହେଇଆସେ ଆକାଶ
ମନ୍ତ୍ରପାଠକୁ ଡରଡର ହୁଏ
ମୃତ୍ୟୁର ତୁହା ତୁହା ଆର୍ତ୍ତନାଦ
ଆଣ୍ଠୁମାଡ଼ି ଜୁହାର କରନ୍ତି
ଅନିମନ୍ତ୍ରିତ ଅଚିହ୍ନା ବାଟୋଇ ।

କେହି କଣ ଡାକିପାରେ ନିଷ୍ଠାରେ
ଅନଶନକୁ ବ୍ରତ କରି
ହୋମ କୁଣ୍ଡର ନିଆଁ ଝାସରେ
ସିଝାଇ ଦେଇ ନିଜକୁ
ପର ପାଇଁ ଈଶ୍ୱର ଓ ଆଶୀର୍ବାଦ !

କଣ୍ଠ ଥରିଗଲେ ଝରୁଥାଏ
ନିଜ ଛାତିର କୋହ
ଝରୁଥାଏ ଆପଣାର ଲୁହ
ପର ପାଇଁ ମାଗିବାକୁ ଯାଇ
ଲମ୍ବାଇ ଦେବାକୁ ପଡ଼େ
ଆଖି ପିଛୁଳାକେ ରିକ୍ତ ହେଉଥିବା
କୁହୁକ ନିପୁଣ ନିଜ ହାତ ।

ଯୋଉ ମନ୍ତ୍ର ବଳରେ
ଦେଶକାଳପାତ୍ର ହୁଏ ନଜରବନ୍ଦୀ
ଭଗବାନଙ୍କୁ ଯଚାଯାଏ ଭୋଗ
ସେସବୁ ନିଜ ପାଇଁ ନିଜର ।

ବିଧାତାକୁ ଜଣାଅଛି
ଜଣକ ସ୍ତବସ୍ତୋତ୍ର ପାଠରେ
ବଦଳାଇ ହୁଏନାହିଁ କେମିତି
ଆଉ ଜଣକର ଦୁର୍ଭାଗ୍ୟ ।

*କ୍ୟାମ୍ପସ-୯, କିଟ୍, ଭୁବନେଶ୍ୱର*
*ଦୂରଭାଷ: ୯୯୩୭୮୪୩୩୬୮*

# ଛାଇ ବିକ୍ରୀ

ଦେବେନ୍ଦ୍ର କୁମାର ବାଉରୀ

ଚାକଚକ୍ୟର କାଚ ଘର ଭିତରେ
ବାଇମନ ଧାଉଁଛି
ଅଜ୍ଞାତ ଭୂତ ପଛରେ
ସମୁଦ୍ରରେ ଦିଗହରା ଡଙ୍ଗା ପରି

ମୁଣ୍ଡ ଟେକି ଉଠୁଥିବା
ପ୍ରତି ଢେଉ ଗୋଟେ ପ୍ରଶ୍ନ
ଉଠି ପଡ଼ି ଯାଇଥିବା ପ୍ରତି ଢେଉ
ଗୋଟେ ଅକୁହା ଯନ୍ତ୍ରଣା
ତଥାପି ଦିନ ରାତି
ବାଇମନ ଖୋଜୁଥାଏ ଉତ୍ତର
ଅସମାହିତ ପ୍ରଶ୍ନର

ରାସ୍ତା ବହିଯାଉଥାଏ
ଅସ୍ଥିର ପାଦ ଚଲା ସୁଅରେ
ଆସାର ସତ୍ୟର ଗଢ଼ାଣିଆ ଦେଇ
ନିଆଁର ଆଲୋକ ଚାରିପଟେ
ଘୁରି ବୁଲୁଥିବା ପତଙ୍ଗ ପରି
ଅଜଣା ଅନ୍ଧକାରକୁ କୋଳେଇ ନେବାକୁ

ମୋବାଇଲ୍ ପରଦା
ଧାରକରା ଶୀତଳ ଆଲୋକରେ
ଝଲସୁ ଥାଏ
ଆପ୍ ଗାଏ ମନ୍ତ୍ରର
ମନ୍ଦିର ଆଧାତ୍ମିକତା ବିଜେ
ଜ୍ଞାନ ମିଳେ ନେଟ୍‌ୱାର୍କ ଯୋଜନାରେ
ଶାନ୍ତି ମିଳେ ଟ୍ରେଣ୍ଡିଂ ପ୍ରାର୍ଥନାରେ

ବାଇମନ
ଛାଇ ବିକି ସୁନାର ଶିକୁଳି କିଣେ
ସଂପର୍କ କୁ ବାନ୍ଧିଦିଏ
ଇଣ୍ଟରନେଟ ର ଜାଲରେ
ଆପଣାର ପ୍ରିୟଜନକୁ
ଉପାସ ରଖିଦେଇ
ପୂଜୁଥାଏ ଅଭାସୀ ଦେବତାକୁ

ଜଙ୍ଗଲ କାନ୍ଦେ
ନଦୀର ଶ୍ୱାସ ରୁଦ୍ଧ ହୁଏ
ତଥାପି ସେ ଶୂନ୍ୟ ଧୂଆଁରେ ବୁଡ଼େ
ଦୂର ଆକାଶରେ
ଉପଶମର ଔଷଧ ଖୋଜେ
ତାହା କିନ୍ତୁ ଲୁଚି ରହିଥାଏ
ତା ଆଖିର ଗହୀରତାରେ

ବାଇମନ କେବେ ବୁଝିବ
ଯେଉଁ ଅଗ୍ନି ଖୋଜୁଛ ତମେ
ତା'ର ଶିଖା ତମରି ଭିତରେ
କୌଣସି ପ୍ରବଚନ କି
ଦିବ୍ୟବାଣୀ ନୁହଁ
ତମ ତାଲାର ଚାବିକାଠି
ତମର ପାଖରେ

ଚାବି ଖୋଲ, ମୁକ୍ତି ପାଅ ।

*ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର, ଲିଡ୍ ବ୍ୟାଙ୍କ ଅଫିସ୍,*
*ଫାଷ୍ଟ ଫ୍ଲୋର୍, ଏସ.ବି.ଆଇ. ମେନ୍ ବ୍ରାଞ୍ଚ,*
*ସା./ପୋ./ଜି.:- ରାୟଗଡ଼ା ପିନ୍-୭୬୫୦୦୧*
*ଦୂରଭାଷ: ୯୬୬୮୯୯୮୩୨୧*

# ନୂଆଁଖାଇ

## କାର୍ତ୍ତିକ ଚନ୍ଦ୍ର ଷଡ଼ଙ୍ଗୀ

ବିଶ୍ୱ ବ୍ରହ୍ମାଣ୍ଡର କର୍ତ୍ତା ଜଣେ
ବ୍ରହ୍ମାଣ୍ଡ ଭାଣ୍ଡରେ ଯାହା ଦୃଶ୍ୟମାନ
ସବୁ ତାଙ୍କରି ସୃଷ୍ଟି ।

ତାଙ୍କରି ଜିନିଷ ତାଙ୍କୁ ଦେବା ହିଁ
ସମର୍ପଣ
ଷାଠିଏ ପଉଟି ଭୋଗ ଆମ ଭୁଞ୍ଜିବା ପାଇଁ
ସେ କେବଳ ବାସ୍ନାବାରେ
ମନ ଦେଖେ, ଭାବକୁ ପରଖେ ।।

ପରମା ପ୍ରକୃତି, ଶାକମ୍ଭରୀ, ଅପର୍ଣ୍ଣା, ଅନ୍ନପୂର୍ଣ୍ଣା
ସୃଷ୍ଟିକର୍ତ୍ତାଙ୍କର ହ୍ଲାଦିନୀ ଶକ୍ତି ।
ସଭିଙ୍କ ପାଇଁ ମା'ର ବିଚାର ସମତୁଲ
ତେଣୁ ସେ ସମଲେଇ ।
ସମ୍ବଳ ପ୍ରଦାନ କରିବାରେ ସେ ମା'
ତେଣୁ ସେ ସମ୍ବଳଦେଇ, 'ସମଲେଇ' ।।

ଶସ୍ୟପର୍ବରେ ଫାଟିପଡୁଛି
ମା'ର ପାଟଅଗଣା
ମା' ଦେଖୁଛି ତାକୁ ସଅଁପି ଦେଉଥିବା ଶସ୍ୟ ।

ଜମିଦାର କର୍ତ୍ତୃକ ଅପହୃତ
ଭଗିଆ-ସାରିଆଙ୍କ
ଛମାଣ ଆଠଗୁଣ୍ଠ ଭଳି ଅନ୍ୟର
ଭାତହାଣ୍ଡି ଜମିର ଉତ୍ପାଦ ନୁହେଁ ତ !

ସୁନ୍ଦର ବେଶରେ ସଜାଯାଇଥିବା
'ବରଣାଞ୍ଚଳ'
ମଣିଷର ଝାଳବୁହା ଧନରୁ ଅର୍ପିତ ତ !!
ମହାର୍ଘ ଅମ୍ବର ବିଚାତ୍ରପୁରୀ'
କାହାର କଳାଧନରେ କ୍ରୟ ନୁହଁ ତ !!!
'ଭେଟଘାଟ' ଜୋରଦାର ହେଉ
ପରବାୟ ନାହିଁ
କିଂତୁ ଯାଇ ଭେଟ
ଦରିଦ୍ର କୃଷକକୁ ଭିକ୍ଷୁକଙ୍କୁ, ଅଖିଆ
ଅପିଆ ଥିବା ମଣିଷଙ୍କୁ ।।

ମାଟି ମା'ର ମହକ ସମସ୍ତଙ୍କ ଭିତରେ
ପୁଲକ ଆଣୁ
ଅନ୍ନମୟ ପ୍ରାଣ ରକ୍ଷା ପାଇଁ
ଶସ୍ୟ ଉତ୍ପନ୍ନ ହେଉ ।।
ସମ୍ବଳଦାୟିନୀ ମା'
ଚଷାର ହସ୍ତ ଉପାର୍ଜିତ ଓ
ସ୍ୱେଦରେ ପୁଷ୍ଟ
ଶସ୍ୟକୁ ରହିଁଥାନ୍ତି ।

*ସା.:- ବଲରା, ପୋ.- ବିଲାସୁଣି, ପୋଲିସ୍*
*ଷ୍ଟେସନ୍- ନିଆଳି,*
*କଟକ-୭୫୪୦୦୪*
*ଦୂରଭାଷ: ୭୮୫୪୮୪୨୫୩୯*

# ଉତ୍ତରାୟଣ

## ସୁଶୀଲ କୁମାର ପାଣିଗ୍ରାହୀ

କାକର ବୁନ୍ଦାରେ
ଓହ୍ଲାଇସାରିଲା ପରେ ଜାଣିଗଲି
କିଛି ନିର୍ମଳ ହୃଦୟ ହିଁ
ବଂଚାଇରଖିଛି ଦୁନିଆଁକୁ ।

ଅଦ୍ଭୁତ ଏ ଦୁର୍ବାଦଳ ଯେତେ
ଚମକିଉଠନ୍ତି ମୋ ସହ
ସବୁଜେଇଯାଆନ୍ତି ଖୁସିରେ
ହଜିଯିବାକୁ ଚାହାଁନ୍ତି ବି
ମୋ ଭିତରେ
କୁହୁଡି ଚିରି କିରଣ ନ ବିଂଚି
ଯିବା ବା କେମିତି ଅସ୍ତାଚଳକୁ ।

ହଁ ଯାଇ ଯାଇ କେତେଦୂର ଅବା ଯିବି
ଯେତେ ଦୂର ଗଲେ ବି ତ
ମୁଁ ପୃଥ୍ୱୀର
ନାଭିରଜ୍ଜୁରେ ବନ୍ଧା,ସମ୍ମୋହନରେ
ମହାକର୍ଷଣ ଅତୁଟ ଚିରକାଳ
ହିମାଳୟରେ ଜମିରହିବ ବରଫ
ଗଙ୍ଗା ବହୁଥିବ ଖଳ ଖଳ
ଫୁଲଙ୍କ ଲାଗି ସେମିତି ହିଁ ଥିବ
ଭଅଁରଙ୍କ ଗୀତ
ପତ୍ରଙ୍କ ଖୋଲୁଥିବ ସ୍ତୋମ୍ ।

ସ୍ଥିରତାର ଜଡତ୍ୱରେ ବି
ମୁଁ ଅସ୍ଥିର
ନୂତନତ୍ୱର ଆବାହନ ପାଇଁ
ଗତି ଅନିବାର୍ଯ୍ୟ
ଟିକେ ସଳଖିଯାଏଁ, ଟିକେ ଢଳିଯାଏଁ
ତୁମ ଆଂଜୁଳାଏ ତର୍ପଣରେ ତ
ମୁଁ ଉଜ୍ଜ୍ୱଳ ଉଦ୍‌ଭାସିତ, ଅଙ୍ଗୀକାରବଦ୍ଧ ।

ତୁମେ ବି କଡ଼ ଲେଉଟାଅ ହେ
ସମୟକୁ ଦୋଷ ଦେଇ କି ଲାଭ ?

*କଲ୍ୟାଣୀ ରେସିଡ଼େନ୍ସି, ଫ୍ଲାଟ -୨୦୩*
*ଫାର୍ମ ରୋଡ, ସମ୍ବଲପୁର-୨*
*ଦୂରଭାଷ: ୮୧୪୫୨୨୮୨୦୨*

# ସ୍ମୃତିର ଜ୍ୱାଳା

## ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ

ସମସ୍ତଙ୍କ ଅଲକ୍ଷ୍ୟରେ
କ'ଣ ତୁ ଖୋଜୁଥାଉ ?
ଆକାଶକୁ ବର୍ଷା
ସୂର୍ଯ୍ୟକୁ କିରଣ ମାଗୁ
ଅନ୍ଧାର ରାତିରେ ଚନ୍ଦ୍ରମାକୁ
ଆଲୋକ ପାଇଁ ଆଞ୍ଜୁଳା ପାତୁ
ସମୟକୁ ପଚାରିଲେ
ତୋ ବ୍ୟଥାତୁର ହୃଦୟର କଥା
ସମୟ ବି ଆଖିମୁଦି ଶୋଇପଡେ ।।
ତୋ ହୃଦୟକୁ ଚିହ୍ନିବାକୁ
ଅତୀତର ପୃଷ୍ଠା ଲେଉଟାଇଲେ ବି
ସଂଧାନ ମିଳେନି
ଶୋକାତୁର ସକାଳ ଆସିବା ପୂର୍ବରୁ ।।
ରାତି କଡ଼ ଲେଉଟାଇଲେ
ଆକାଶ ଫର୍ଚ୍ଚା ଦିଶେ
ତୋ ମୁହଁରେ ନୈରାଶ୍ୟ
ସମୟ ନିଶ୍ଚଳ
ମୁହୂର୍ତ୍ତମାନଙ୍କୁ ପଚାର ।।

ଫାଙ୍କା ହୃଦୟରେ ତୋର
ଯନ୍ତ୍ରଣାର ଶବ୍ଦମାନେ
ଆଉଜାଇଗଲେ ଲାଗେ
ସଞ୍ଚରି ଯାଉଛି ସତେ
ଅତୀତର ତୃପ୍ତ ମୁହୂର୍ତ୍ତମାନଙ୍କର
ତତଲା ଲୁହ ତୋ ଦେହରେ ॥
ଶବ୍ଦମାନେ ଲୁଚିଗଲେ
ମୁହୂର୍ତ୍ତମାନେ ବି
ବର୍ଷାର ବର୍ଷୁକୀ ବାଦଲ ସାଥେ
ତୋ ମୁହଁର ନୀରବତା, ଶୁନ୍ୟତା,ନୈରାଶ୍ୟ
ଲୁଚିଲାନି ଶୀତାର୍ତ୍ତ ରାତ୍ରୀରେ ॥

*ସଭାପତି - 'ସଖା', ମୂଷାଙ୍ଗ, କୋହ୍ଲ,*
*ତିହିଡ଼ି, ଭଦ୍ରକ*
*ଦୂରଭାଷ: ୮୮୯୫୫୮୮୯୦୫*

# ସହଯାତ୍ରୀ

**ଡ. ନୀଳମଣି ଲେଙ୍କା**

ଅନେକ ସହଯାତ୍ରୀ
ଏବେ ଚାଲିଗଲେଣି ମୋ ପାଖରୁ
ଅନେକ ଦୂରକୁ
ଅପହଂଚ ଇଲାକାର
ପରିଧି ଭିତରକୁ ।।

ସେମାନେ ତ ଚାଲିଗଲେ
ହେଲେ କ'ଣ ରଖିଦେଇଗଲେ
ସେମାନଙ୍କ ଆଗାମୀ ବଂଶଧର ପାଇଁ
କିମ୍ବା ଏବେକାର ସମାଜ ପାଇଁ
ଏପରିକି ରଖିଦେଇଗଲେ
ବୟସର ସ୍ପର୍ଶରେ ସୁନେଲୀ ସ୍ୱପ୍ନ ଦେଖୁଥିବା
ସବୁ ସ୍ତରର ମଣିଷଙ୍କ ପାଇଁ ।।

ଏବେ ଅନେକ ପ୍ରଶ୍ନ ଉଙ୍କି ମାରୁଛି
ଫୁଟ୍‌ପାଥରେ ରାତି ବିତାଉଥିବା
ଅସହାୟ ମହିଳାର ଭବିଷ୍ୟତ
ତା' ପିଲା ଛୁଆଙ୍କର ଭବିଷ୍ୟତ
ଅନାଗତ ପରିସ୍ଥିତିର ଭାବନାରେ
ସେ କିପରି ହନ୍ତସନ୍ତ ହେଉଛି
କିପରି ରାତିରେ ଉଜାଗର ରହି
ଜଗି ରହୁଛି ତା'ର ଛୋଟିଆ ଶିଶୁକୁ ।।

ମୋର ଅନେକ ସହଯାତ୍ରୀ
ଏବେ ସ୍ୱର୍ଗବାସ କଲେଣି
କିଏ କେତେ ପୁଣ୍ୟ ଅର୍ଜିଥିଲା
କିଏ କେତେ ପାପ କରିଥିଲା
ସେ ସବୁର ହିସାବ ରଖିବାକୁ
କାହାକୁ ବା ଫୁରସତ୍ ମିଳିଲା ?
ନା ମୋତେ ନା ଆଉ କାହାକୁ
ସମସ୍ତେ ଏବେ ଭୟଭିତ
ଆଖି ସାମ୍ନାର ମୃତ୍ୟୁ ଚେତନାକୁ ଭାବି ।।

ଏବେ ଖୁବ୍ ଝାପସା ଦେଖାଗଲାଣି
ଚାଲିଯାଇଥିବା ସହଯାତ୍ରୀଙ୍କ ମୁହଁ
ସେମାନଙ୍କ ଲେଉଟାଣୀ ଦେଖି
ମୁଁ ସତରେ ଖୁବ୍ ଭୟଭୀତ
ଭଜନ, ଜଣାଣ ଛାଡ଼ି
ନମ୍ର କଣ୍ଠରେ ବୋଲୁଛି
କୋଇଲି ଲୋ କେଶବ ଯେ
ମଥୁରାକୁ ଗଲା
କାହା ବୋଲେ ଗଲାପୁତ୍ର ବାହୁଡ଼ି ନୋଇଁଲା ।

*ପୋଖରୀଆପଡା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା*
*ଦୂରଭାଷ: ୯୪୩୮୩୨୯୯୫୦*

# ଆତ୍ମବୀଣା ଇତିହାସ ମୁହଁ

**ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦ**

ମୁଁ ଯିବାକୁ ବସିଲି ଜଙ୍ଗଲକୁ
ସେ ଭୁଲିଗଲା ତରକା ହରିଣୀର ଗୀତ;
ଦେହସାରା ସୋରି ସୋରି କଳାବିନ୍ଦୁ
ମୁଣ୍ଡରେ ଶିଙ୍ଗର ମକୁଟ
ସମୟ ଚାବୁକ୍ ପିଟି ଖେଳାଇଦିଏ
ସ୍ମୃତି, ସ୍ୱପ୍ନ, ସୌନ୍ଦର୍ଯ୍ୟର କାଳ ପ୍ରବାହର ନାଟ ।

ଶବ୍ଦର ନଈବଢ଼ିରେ ଭାସିଆସେ
ଅର୍ଥର ଫେଣ ପରି ଜୀବନର ସ୍ୱାଦ
ସୌନ୍ଦର୍ଯ୍ୟ ନିର୍ମିତ କୁଟିକମ ଖୋଜୁଥାଏ
ଶିଳ୍ପୀର ହାତ ଏବଂ ଗଢୁଥାଏ ସ୍ୱପ୍ନର ମଧସ୍ୱର୍ଗ ।
ପାଣିଚିଆ ଆଖିରେ ଦୃଶ୍ୟ ହୁଏ କାଳାନ୍ତର ଦୃଶ୍ୟ
ଜ୍ୟୋତି ମାଡ଼ିବସେ, ଅନ୍ଧକାର ଘୋଟିଆସେ
ବିସ୍ମୃତି ଲିଭାଇଦିଏ ସିଲଟର ବ୍ରହ୍ମା ବିଷ୍ଣୁ ମହେଶ୍ୱର
ରାତିଅଧ ଦିନଅଧ ଜଣା ପଡ଼େନାହିଁ
ହୃଦୟର ନିଭୃତ ବଖରାରେ ଜମୁଥାଏ କୋହ ।

ବେଦନାର କବିତାସବୁ ଅଣ୍ଟାଳୁଥାଏ
ଦୀର୍ଘଶ୍ୱାସର ଲୁହ
ତମର କାନ୍ଦିବା ପରି ପ୍ରେମ ମୋର
ଆସ୍ଥାନ ମାଡ଼ିବସିଥାଏ ସମୁଦ୍ର ବେଳାରେ
ନଈକୂଳ କାଶତଣ୍ଡି ଫୁଲର ସାମ୍ରାଜ୍ୟେ
ପ୍ରେମ ମୋର ଚାଲୁଥାଏ ନିକାଞ୍ଚନେ ନିଦ୍ରିତାବସ୍ଥାରେ ।

ଗାଁ ଠାକୁରାଣୀ ଉଦ୍ଦେଶ୍ୟରେ ମନାସିଲି
ଶହେଆଠ ନଡ଼ିଆ ଓ ଶିବଲିଙ୍ଗ ଉପାସନା
କରିଲି ଜଳଶାୟୀ କରି
ପର୍ବତ ପ୍ରମାଣ ବେଲପତ୍ର ଅଜାଡ଼ିଲି
ହସତଳେ ହତାଶାର ଦୀର୍ଘଶ୍ୱାସ ମେଲି
ମୁଁ ତମକୁ ଦେଖୁଥିଲି ଆଜୀବନ
ଅପେକ୍ଷାର ଅନ୍ତକରି, ମୁହୂର୍ତ୍ତର ଜୀବନ୍ୟାସ ଦେଇ
ସଞ୍ଜତାରା ଆଖିର ଇଶାରା କରି ଡାକୁଥାଏ
ସାଥୀ ତାରାଟିକୁ
ତାଙ୍କୁଇ ଅନିଷା କରି ମୁଁ ଚାଲିଲି ଆଗକୁ ଆଗକୁ ।

ତାରାର ଆଲୋକ ମୋର ଅନ୍ଧାରକୁ
ଭିଜାଇଦେଲା ଛପାଛପା ସ୍ନିଗ୍ଧ କିରଣରେ
ପ୍ରେମର ପ୍ରହେଳିକା ପରି ଦିଗନ୍ତର ଅଙ୍କୁରୋଦ୍‌ଗମ୍
ଫୁଟିଉଠେ ସୋରି ସୋରି ଜହ୍ନ ଆଲୁଅରେ ।

ଯନ୍ତ୍ରଣାର ଖୋଳଛଡ଼ା ଅପୂର୍ବ ପୁଲକ
ପ୍ରାର୍ଥନା ପରି ମନାସୁଥାଏ ସବୁରି ମଙ୍ଗଳ
ସୂର୍ଯ୍ୟଦୀପ ହୋଇ ଜଳେ ପୃଥିବୀ ମୁକୁର
ପୂର୍ଣ୍ଣ କରି କାଳ ପରକାଳ ।

ଗଛରେ ବାଦୁଡ଼ିପରି ଝୁଲିଥାଏ ପ୍ରେମର ଓହଳ
ପ୍ରତିଟି ପ୍ରେମର ଅର୍ଥ ଲେଖାହୁଏ ଦିଗନ୍ତରେ
ତାରା ପରି ହସୁଥାଏ କବିତାମାଳାରେ
ସ୍ମୃତି ମୋର ଝୁରୁଥାଏ ଅତୀତର ଗୀତ
ହସାଇ କନ୍ଦାଇ କଲବଲ କରେ ଆତ୍ମବୀଣା
ମୁଁ ଯାଏ ଜଙ୍ଗଲକୁ ଖୋଜିବାକୁ
ସୁନାର ହରିଣୀ, ସମୟ ରାବଣ
ଚୋରିକରେ ହୃଦୟ ଠିକଣା
ପ୍ରେମ ଆସେ ପ୍ରତାରଣା ପରି
ଝୁଲିଝୁଲି ଠିଆ ପହଣ୍ଡିରେ ସୂର୍ଯ୍ୟାସ୍ତ ପୂର୍ବରୁ ।

ଜଙ୍ଗଲର ସେପଟରେ ନୂଆ ଏକ ଦୁନିଆର
ସୀମା, ଅନ୍ଧାରରେ ବିଷାଦ ବିପଣୀ
ଦରହସି କିଶୋରୀର ଗୋଲାପୀ ଚାହାଣି
ପଣପଣ ଶବ୍ଦଙ୍କର ଭିଡ଼ ଦିଶେ ମୋତେ
ସମୁଦ୍ରର ପୋତ, ଯିଏ ମୋର ଅଂଶୀଦାର
ପ୍ରେମର ପ୍ରତାରଣାର ଗେହ୍ଲେଇ ନାୟିକା
ଆଖିରେ ବନିଶୀ
ମାୟା କୁହୁକରେ ଲେଖାଥାଏ ଅତୀତର
ନିରୀମାଖି ସତ୍ୱ, ଦାଣ୍ଡଦୁଆର ଗାଈଙ୍କ ହମ୍ବାରଡ଼ି
ଗୋପୀଙ୍କ ମୋହାଚ୍ଛନ୍ନ ରୂପ
କାହ୍ନୁ ରୂପ ନାତିଟୋକା ଓଠରେ ବଇଁଶୀ ।

ଖୁବ୍ ଡେରିହୁଏ ଦିନେ ଦିନେ
ଶବ୍ଦ ଖୋଜାରେ, ଅର୍ଥ ବଳୀପଡ଼େ
ପ୍ରକୃତ କବିତା ବାଟଖୋଜେ ପାଏନାହିଁ
ନଈସୁଅ କୂଳଲଘି ଖୋଜୁଥାଏ
ନୂଆ ପରିଚୟ
ଶବ୍ଦ ଲୋଡ଼ା ହୁଏନାହିଁ କବିତା ହିଁ
ଗାଉଥାଏ ଜୀବନର ଜୟ।

ଜଙ୍ଗଲରେ ପହଞ୍ଚିଲେ ବଣା ହୁଏ
ଶବ୍ଦ ଶୋଭାଯାତ୍ରା, ଜନ୍ତୁଙ୍କର ମେଳ
ହରିଣୀର ଚାହାଣି ସେପଟେ ଇତିହାସର ମୁହଁ
ସ୍ମୃତି, ସ୍ୱପ୍ନ ପ୍ରେମର ବଜାରେ
ବିକୁଥାନ୍ତି ହୃଦୟର ଲୁହ
ଅଜଣା ଅର୍ଥକୁ ଧରି କବିଟିଏ
ଲେଖୁଥାଏ ଶବ୍ଦ ପରିଚୟ।

ଜୀବନର ଇଚ୍ଛା ଅନିଚ୍ଛାରେ
ଲହଡ଼ି ଭାଙ୍ଗେ ଶୂନ୍ୟତା ଅନ୍ଧାର
ପ୍ରେମ ଏକ ପ୍ରଶ୍ନବାଚୀ ଜଙ୍ଗଲରେ, ସହରରେ
ମୁହଁଲୁଚା ଦେଉଥାଏ ଶବ୍ଦ ସାମ୍ରାଜ୍ୟରେ
ସ୍ମୃତିସବୁ ହୃଦୟର ସାତତଳ ପଙ୍କରୁ କାଢ଼ିଦିଅ
ପ୍ରେମ ପଇଁତରା ମାରି ଦେଖାଇବ
ଆତ୍ମବୀଣା ଇତିହାସ ମୁହଁ।

*୬୭, ସରସ୍ୱତୀ କୁଞ୍ଜ, ଜାଗମରା*
*ଖଣ୍ଡଗିରି, ଭୁବନେଶ୍ୱର-୩୦*
*ଦୂରଭାଷ: ୯୪୩୭୨୫୬୧୭୬*

# କାଳର ଖେଳ

**ଉମାକାନ୍ତ ବେହେରା**

ମୋହାଚ୍ଛନ୍ନ ଜୀବନର ଖେଳ
ଖେଳାଉଛି ଅଦୃଶ୍ୟ ସମୟ
ପ୍ରତିପାଦେ ବଂଚିବାର ମୋହ
ମିଳେନାହିଁ ଟିକେ ବରାଭୟ
କେଉଁ ପାଦେ ବହଳ ଅନ୍ଧାର
ପୁଣି ପଥ ଘନ କୁହୁଡ଼ିର
ଚାଲିବାକୁ ହେବ ତୋତେ ବନ୍ଧୁ
ପାଇବୁନି ଟିକିଏ ନିସ୍ତାର।

ଭାବିବନି ଜୀବନକୁ ମଧୁ ମମତାର
ଗୋଲାପ ମୁଠାଏ
ଏଡ଼େ ବଡ ଦୁନିଆଁରେ ଜୀବନଟା
ଖାଲି ମିଛ ଗପଟିଏ

ଅସହଣି ସମାପ୍ତିରେ ଭରା ଗପ
କେବେ ବଦଳାଏ ମୋଡ଼,
ମରଣର ଜୀବଟିଏ ତୁ ଚଳିବନି ତା ଉପରେ ତୋଡ।

ଦିଗବଳୟ ଏଇଠୁ ସୁନ୍ଦର
ଧରିବାକୁ ଯିବୁନି ତୁ ଧାଇଁ
ଗଛ ଯେତେ ବଡହେଉ ବନ୍ଧୁ
ଆକାଶକୁ ପାରେ ନାହିଁ ଛୁଇଁ।
କାଳ ସିନା ଦେଖାଯାଏ ନାହିଁ
ଚାରିପାଶେ କରିଥାଏ ଘର
ଯେଉଁଠାରେ ଗହଳ ଆଲୁଅ

ସେଇ ଠାରେ ବହଳ ଅନ୍ଧାର।

କାଳବଶେ ଏ ଜଗତ ସତ୍ୟ,
ମିଛେ ଖାଲି ଧରିଛୁ ଜଡ଼ାଇ
ମହାଶୂନ୍ୟେ ମିଶିଯିବ ଦିନେ
ଏ ଶରୀର ଧାପେ ନିଆଁ ପାଇ।

*ସ୍ୱପ୍ନସ୍ମୃତି, ଶ୍ରୀହରିବିହାର, କେନ୍ଦୁଝର ଗଡ଼*
*ଦୂରଭାଷ: ୯୩୪୮୫୧୬୦୦୧*

# ସ୍ୱପ୍ନ ଜୀବନ

**ପୀୟୂଷ ପଟ୍ଟନାୟକ**

ସବୁଜ ପତ୍ର କାକର ଟୋପାଏ
ପରି ଏ ସ୍ୱପ୍ନ ମୋର
ନିମିଷକେ ଥାଏ ଲିଭିଯାଏ ପୁଣି,
ଛାଇ ଗୋ ଅନ୍ଧକାର
ବିଶ୍ୱାସ କରେ, ବିଶ୍ୱାସ ହୀନ
ବରଫ ପାହାଡ଼ ଭଳି
ଶ୍ୱେତ ଅନୁପମ ଦିଶେ ସିନା ପରେ
ବହିଯାଏ ପାଣି ପରି।

ତରାଟ ଫୁଲର ଶୁଭ୍ରତା ନେଇ
ତାରା ଆଜି ଆକାଶରେ
କେବେଠୁଁ ସନ୍ଧ୍ୟା ଆସିଲାଣି ନଇଁ
ସଂଭ୍ରମ ତୁମ ଘରେ
ଏବେଠୁ ଚାହେଁ ମୁଁ ସ୍ୱପ୍ନ ଗୋ,
ରାତି ଯଦିଚ ଗୋ ଅଛି ଡେରି
ଆଜି କିଏ ଅବା ଆସିବ ଦେହରେ
ଶିକ୍ାର ଦେବ ଭରି।

ହରିତ ଶୀତଳ ଦୁର୍ବାଦଳର ଦୁର୍ବଳ ତନୁ ତଳେ
କିଏସେ ଶୋଇଛି ଶୀତଳ ବର୍ମ ଢାଙ୍କି ତା
ଶରୀରରେ
ଉଠୁନିଡାକିଲେ,ଡରକୁଳି ଗୋଟେ କେତେଯେ
ଯୁକ୍ତି କରେ
ତଥାପି ଛନକା ଛାଉଣୀ ହୋଇଛି
ଛ ହାତ ଭୂମି ତଳେ।

ନୀଳ ନୀଳ ଯେତେ ସ୍ମୃତିର ପ୍ରଲେପ
ସ୍ମରଣିକା ଦେହେ ଧରି
ସିଏ ଖାଲି ଆସେ ସ୍ୱପ୍ନ ରେ ମୋର
ଶବ୍ଦରେ ଯାଦୁ କରି
ହାତ ରଖେ ମାଥେ କିଛି କହେ ମତେ
ନିଷ୍ପ୍ରଭ କଣ୍ଠେ ତାର
କ୍ଷୀଣ ସିନା ସିଏ, ଭରିଦିଏ ଦେହେ,
ବଂଚିବା ଅନ୍ତଃସ୍ୱର।

ସ୍ୱପ୍ନେ ସେ ଆସେ, ସ୍ମୃତି ରେ ସମାଏ,
ସ୍ୱର୍ଣ୍ଣ ତରଣୀ ଧରି
ସ୍ନାୟୁ ର ସରଣୀ ଅନାଇ ବସିଛି
ତା ରୂପ ହୃଦୟେ ଧରି।

*ଡି-୮୦, ମୈତ୍ରୀ ବିହାର,ଭୁବନେଶ୍ୱର*
*ଦୂରଭାଷ: ୭୫୦୬୧୮୯୦୩୦*

# ଭିଜିବାର ଇଚ୍ଛା ନାହିଁ

**ବାବାଜୀ ଚରଣ ଜେନା**

ଫେରି ଯାଅ ମେଘ ଆଜି
ଭିଜିବାର ଇଚ୍ଛା ନାହିଁ
ଅଭିନୟ ତମେ କରୁଅଛ ଯାହା
ମୁହେଁ ରଙ୍ଗ ବୋଳି ହୋଇ
ଭାବୁଛକି ? ମୁଁ ବୁଝିନାହିଁ ଆଉ ଭିଜିବା ବୟସ ନାହିଁ ।।

ତମରି ଇଚ୍ଛାରେ ତମେ ଆସ ଯାଅ
ମାପିଛକି ମନ ବ୍ୟଥା
ଝରକା ଖୋଲିକି ରହିଁଛି କେତେ ମୁଁ
ହୋଇଛକି କେବେ କଥା
ବୟସର ଏଇ ଅପରାହ୍ନେ ଆସି
ଲୁଚକାଳି ଖେଳ ନାହିଁ।
ଆଉ ଭିଜିବାର ଇଚ୍ଛା ନାହିଁ ।।

ଖୋଜିଲା ବେଳକୁ ଦେଖା ମିଳେ ନାହିଁ
ଆପେ କେବେ ଆସି ଯାଅ

ମନ ଇଚ୍ଛା ତମେ ଦେହକୁ ଭିଜାଇ
ଦୁଷ୍ଟାମିତ କରୁ ଥାଅ
ପବନ ସାଥିରେ ଉଡୁ ଥାଅ କେବେ
ପାହାଡ଼ ଚୁଡ଼ାକୁ ଛୁଇଁ
ଆଉ ଭିଜିବା ବୟସ ନାହିଁ ॥

*ଅହଲ୍ୟା ନିବାସ, ପୋପରଡ଼ା, ନୂଆବଜାର,*
*କଟକ-୭୫୩୦୦୪*
*ଦୂରଭାଷ: ୯୪୩୭୮୩୪୭୧୯*

# ଗୋପନୀୟ

## ପ୍ରିୟନାଥ ପାଣି

ମନ ଚଉତରାରେ ବସି
ସ୍ମୃତି କିଛି ଚିପୁଡ଼ିଦେଲେ
ଆଖିରେ ଲୁହ ଜକେଇ ଆସିଲେ
ଚିହ୍ନି ହୁଏ ଚରିତ୍ର
ଓଠ ବି କୋଉ କଥା ମାନେ
ବଳକା ଦୁଃଖକୁ ଗର୍ଭସ୍ଥ କରୁଥାଏ
ଯେମିତି କେହି ନ ଜାଣୁ
ଏକାନ୍ତ ଅଭିନୟରେ।

କେମିତି ମନା କରିବି ଯେ,
ସେ ବି ନିସ୍ତାର ଚାହେଁ
ତା' ଇଚ୍ଛାରେ ସେ ଉଡ଼ିବ
ଧରିରଖିବ ପାପୁଲିଏ ଆକାଶ
ପଣତ ଲହରେଇ ଆଙ୍କିବ ନୀଳଢେଉ
ଚିଠି ସବୁ ଡଙ୍ଗା କରି ଭସେଇବ
ଶ୍ରାବଣର ସୁଅରେ।

ତା'ର ବି ସୋରିଷଫୁଲିଆ ମନଟିଏ ଅଛି ନା
ପବନରେ ଦୋଳି ଖେଳିବ
ନାନାବାୟା ଗୀତ ଗାଇବ
ନଖରେ ଗାର ଟାଣି
ଲିଭେଇବ ଚିତ୍ରିତ ଅତୀତ।

ନିଜ ସହ ବାଜି ରଖିଲା ଦିନଠୁ
ଆଉ କଥା ହେଇନି ତା' ସହ
କି ଅଳିକୁ ଚୋରିକରି ଗୁନ୍ଥିନି ଅପଯଶ।

*କଦଳିଆ, ବୈଶିଙ୍ଗା, ମୟୂରଭଞ୍ଜ*
*ଦୂରଭାଷ: ୯୯୩୭୧୨୫୧୫୧*

# ଜଗତରେ ପାଇବୁନି ଏମିତି ଠାକୁରଟିଏ

## ରେଣୁବାଳା ମହାପାତ୍ର

ବିଶ୍ୱର ଅଗ୍ନିକୋଣରେ ଭାରତ,
ଭାରତର ଅଗ୍ନିକୋଣରେ ଓଡ଼ିଶା,
ଓଡ଼ିଶାର ଅଗ୍ନିକୋଣରେ ପୁରୀ,
ପୁରୀର ଅଗ୍ନିକୋଣରେ ଶ୍ରୀମନ୍ଦିର,
ଶ୍ରୀମନ୍ଦିରର ଅଗ୍ନିକୋଣରେ ରୋଷଶାଳା,
ଧନ୍ୟ ପ୍ରଭୁ, ଧନ୍ୟ ଜଗତର ନାଥ ଜଗନ୍ନାଥ।

ନିଜକୁ ନିଜେ ରୂପ ଦେଇ ମଧ୍ୟ ସେ ଅପୂର୍ଣ୍ଣ,
ବାହୁ ନଥାଇ ସେ ମହାବାହୁ,
କାନ ନଥାଇ ସେ ନାଦବ୍ରହ୍ମ,
ସବୁ ଭେଦଭାବ ଭିତରେ ସେ ଅଭିନ୍ନ,
ଇହ ଜଗତର ପରିପୂର୍ଣ୍ଣ ଷୋଳ କଳାର ଠାକୁର,
ପ୍ରଭୁପଣରେ ସେ ଅଦ୍ୱିତୀୟ।

ସେ ଅତୀତ, ସେ ବର୍ତ୍ତମାନ, ସେ ଭବିଷ୍ୟତ,
ଅନାଦି ଅନନ୍ତ ପର୍ଯ୍ୟନ୍ତ ସେ ପରିବ୍ୟାପ୍ତ,
ସେ ବ୍ୟକ୍ତ, ସେ ଅବ୍ୟକ୍ତ,
ସେ ପୂର୍ଣ୍ଣ, ସେ ଶୂନ୍ୟ,
ସେ ସାକାର, ସେ ପୁଣି ନିରାକାର,
ସେ ତଥ୍ୟରେ, ସେ ତତ୍ତ୍ୱରେ,
ସେ ଜ୍ଞାନରେ, ସେ ଭକ୍ତିରେ,
ସେ କଥାରେ, ସେ କାହାଣୀରେ,

ସେ ଜଗତର ନାଥ... ଯୁଗେ ଯୁଗେ ଜଗନ୍ନାଥ।

ପ୍ରଭୁ.....
ତୁମର ଆକାର ନାହିଁ,
ତୁମେ ଅଣାକାରବ୍ରହ୍ମ,
ନା... ଆଦି,
ନା... ଅନ୍ତ,
ଅବର୍ଣ୍ଣନୀୟ ତୁମର ଲୀଳା,
ତୁମେ ପାଦ, ତୁମେ ପଥ, ତୁମେ ଗତି,
ତୁମେ ଦୃଷ୍ଟି, ତୁମେ ଦୃଶ୍ୟ,
ତୁମେ ସୃଷ୍ଟି, ସ୍ଥିତି ଓ ବିଲୟ।

ଜଗା...
ତୋର ମୋର ସଂପର୍କ କ'ଣ?

ତୋ ପ୍ରତି ଦୁର୍ବଳତା, ତୋ ପ୍ରତି ଆକର୍ଷଣ,
ତୋ ପ୍ରତି ଭକ୍ତି, ପୁଣି
ତୋ ପ୍ରତି ସମର୍ପଣ...
ତୋ ପାଖରେ ମୁଁ ସମ୍ପୂର୍ଣ୍ଣ ଶୂନ୍ୟ।
ଧର୍ମ ଦାଣ୍ଡରେ ଠିଆ ହୋଇ ଏତିକି ମାଗୁଣି...
ସର୍ବେ ଭବନ୍ତୁ ସୁଖିନଃ
ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ
ମା କଶ୍ଚିତ୍ ଦୁଃଖଭାଗ୍‌ଭବେତ୍ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ।

*ମାର୍ଫତ୍:- ଚିତ୍ତରଞ୍ଜନ ସାହୁ*
*ଖମେଶ୍ୱରୀ ବିହାର, ନାରୀ ସୁରକ୍ଷା ସମିତି,*
*ତୁରଙ୍ଗ, ଅନୁଗୋଳ-୭୫୯୧୨୩*
*ଦୂରଭାଷ: ୯୪୩୭୨୫୬୪୧୪*

# ନୀରିମାଖି ସୁଭଦ୍ରା

## ଅର୍ଚ୍ଚିତା ଦାସ

ନିଜ ହାତଗଢ଼ା ସାମ୍ରାଜ୍ୟର
ଅଘୋଷିତ ସାମ୍ରାଜ୍ଞୀମାନେ,
ତମ ନିଖୁଣ ସୃଜନୀ କଳାର
ଯାଦୁକରୀ ପରଶରେ
ଝାଟି ମାଟି ଘେରା କୁଡ଼ିଆଟିଏ ପରା
ଇନ୍ଦ୍ରଭୁବନରେ ଭ୍ରମ ଭରିଦିଏ
ତମ ପ୍ରିୟଜନଙ୍କ ମନରେ।

ଭୁରି ଭୋଜନରେ ତୃପ୍ତିଠୁଁ ବି
ବଳକା ହୋଇଯାଏ
ତମ ହାତର ନିରୁତା ଶାଗ ପଖାଳର ସ୍ୱାଦ,
ଯାହା କେବେ ନିଅଣ୍ଟ ପଡ଼େନି
ଅବେଳିଆ ଅତିଥି ବା ଦୁଃଖି ରଙ୍କି ଅଭାବୀଙ୍କ ପାଇଁ
ତମ ଅନ୍ନପୂର୍ଣ୍ଣା ଭାବର ଭଣ୍ଡାରେ।

ତମ କୁଶଳୀ ହାତର କାରିଗରୀ ପଣିଆରେ
କେତେ କେତେ କଳାକୃତି ଜୀବନ୍ୟାସ ପାଇଯାଏ
ତମ ଖରାବେଳ ଖାଲି ସମୟରେ।

ଆଜି କୋଉ ଅଭାବୀପଣରେ ଇସାରାର ଦାୟରେ
ଅବା କାହା ସ୍ୱାର୍ଥନିହିତ ଦୟାଭାବରେ ମାୟାରେ
ନିଜକୁ ଅସହାୟ ମଣି ଧାଡ଼ିରେ ଅପେକ୍ଷାରତ
କାହାର ହାତଟେକା ଧାରେ ଅନୁକମ୍ପା ପାଇଁ?

ଦେବୀ ସୁଭଦ୍ରା ପରା ଅଭୟଦାୟିନୀ ମୁଦ୍ରାରେ
ବିରାଜମାନ ରତ୍ନ ସିଂହାସନେ
ତମ ଦୁଃଖ, ଶୋକ, ପୀଡ଼ା ଲାଘବ ପାଇଁ।
ଥରେ ଭାବରେ ଅଞ୍ଜଳି ପ୍ରସାରି ଦେଲେ
କୋଉ ଯୋଜନା ବଳେଇ ପଡ଼ିବ
ତାଙ୍କ କରୁଣାକୁ ଯେ
ନିରିମାଖି ପରି ଧାଡ଼ିରେ ଠିଆ କରାଯାଇଛି
ତମକୁ ତାଙ୍କ ନାଆଁର ସାହାରା ନେଇ ?

ଆତ୍ମସମ୍ମାନର ବଳିଦାନ ବିନିମୟେ
ସୋଡ଼କାଏ ମାଗି ଆଣିଲା ଡିଅଣର
ସ୍ୱାଦରେ ଭଳି ନଯାଇ
ସ୍ୱାଭିମାନ ବୀଜରୁ ସମୃଦ୍ଧିର ଫସଲ ଉତାରି,
ବିକାଶଶୀଳରୁ ବିକଶିତ ରାଷ୍ଟ୍ରର ଜୟଯାତ୍ରାରେ
ସନ୍ତର୍ପରେ ପାଦ ଥାପି ପ୍ରମାଣ ଦିଅ ସେମାନଙ୍କୁ
କାହା ଦୟା, ଦାନ ବା ଅନୁକମ୍ପା ନୁହେଁ,
ନିଜ ଦମ୍ଭ, ଦର୍ପ ଓ ପାରିଲାପଣିଆର ଦାବିଦାର
ତମେ
ଏକ ସୁକଳ୍ପିତ ବିକଶିତ ରାଷ୍ଟ୍ର ନିର୍ମାଣରେ।

*ବରମୁଣ୍ଡା, ଭୁବନେଶ୍ୱର*
*ଦୂରଭାଷ: ୮୬୫୮୬୪୫୮୬୬*

# କିଏ ଜାଣେ କାହା କଥା

**କୌଶିକ ନାୟକ**

ଦେଖ ! ଖାଣ୍ଟି ନୀରବତା
ଏଠି ବହୁତ ମହର୍ଗ
ଏଇ ଆମ ଜନବସତିରେ
କଥା କୁହା ମଣିଷ ମାନଙ୍କ ପାଇଁ
ଭାଷଣରେ ପୁରିଉଠୁଛି ଗାଁରୁ ସହର।

ନୀରବତା ଲୁଚିଗଲାଣି
ଅଜଣା ଅନ୍ଧାର ଭିତରେ
ସତ୍ୟ ଲୁଚିଯିବା ପରି ଛଳନା ଜାଲରେ
ରାତି ନିଅଣ୍ଟ ଶବ୍ଦକୁ
ମନ୍ଦିର ନିଅଣ୍ଟ ଭକ୍ତଙ୍କ ଭିଡ଼ରେ।

ଆକାଶରେ ଆକାଶଭର୍ତ୍ତି ତାରା
ମେଘ ଆଣେ ଝଡ଼
ପୁଣି ବାଟୋଇ ପରି ହିମାଳୟରେ
ତପସ୍ୟା ରତ ସମୟ
ନୂତନ ଉଷାର ଉନ୍ମେଷ ପାଇଁ
କିଏ ଜାଣେ କାହା କଥା
ନା, ସମୟ, ନା, ସକାଳ !

ଆକାଶ ଜାଣେନା ତାରାମାନଙ୍କ କଥା
ସାଗର ଜାଣେନା ଢେଉର ଗତି
ହିମାଳୟ ଖୋଜୁଚି ତପସ୍ୱୀର ତପସ୍ୟା
କବି ଖୋଜିବା ପରି ଶବ୍ଦଙ୍କୁ
ନୀରବ ନିସ୍ପନ୍ଦ ଆବେଗ ଭିତରେ
କେଜାଣି କିଏ କ'ଣ ଜାଣେ !

ଖୋଜାଲୋଡ଼ା ଋଲିଚି
ନୀରବତାର ଯେତେ ସବୁ ଅଭିସାର
ଅସୀମଙ୍କ ଆହ୍ୱାନ ପାଇଁ
ଉଚ୍ଚାରଣ ହେଉଛି ସୃଜନୀର ମହାମନ୍ତ୍ର
ନୂତନ ସୃଷ୍ଟିର ॥

*ବାଙ୍କୀ, କଟକ*
*ଦୂରଭାଷ: ୯୩୪୮୨୪୨୨୦୧*

# ପ୍ରେମ ପକ୍ଷୀ ଉଡ଼େ ବହୁଦୂରେ

**ସତ୍ୟନାରାୟଣ ଆଚାର୍ଯ୍ୟ**

ଗଭୀର ନିଦ୍ରାରେ ଶୋଇ ଏକାନ୍ତରେ
ଭେଟ ହୁଏ ଯେବେ ତୁମ ସହ ସପନରେ
ଚାରିଚକ୍ଷୁ ମିଳନ ଆଣେ ଅଜଣା ପୁଲକ
ପ୍ରେମର ଉଚ୍ଛ୍ୱାସ ଆସେ ଧୀରେ ଧୀରେ
ଆଖିର ଭାଷା ମନ ବୁଝିପାରେ ॥

ଆଖିର ସାମନାରୁ ଦୂରେଇ ଗଲେ
ତୁମ କଥା ବେଶୀ ମନେ ପଡ଼େ
ଦେଖା ହେଲେ ଆଉଥରେ
ଗୋପନରେ କିଛି କହିବାକୁ
ମନ ମୋର ଭାରି ଉଚ୍ଚାଟ ହୁଏ ॥

ପ୍ରେମର ଆକର୍ଷଣ ଶକ୍ତିର ନାହିଁତ କଳନା
ମୁହୂର୍ତ୍ତେ ଅନ୍ତର କରିବାକୁ ମନତ ହୁଏନା
ଚିହ୍ନା-ଅଚିହ୍ନା, ପରାଆପଣାର ପଶାପାଲିରେ
ମାନ-ଅଭିମାନର ଅନୁଷ୍ଟୁପ୍ ଛନ୍ଦରେ
ଅନ୍ତରରେ ସୃଷ୍ଟି ହୁଏ ଅସହ୍ୟ ବେଦନା ॥

ଭିଡ଼ ଭିତରେ ଯେବେ ହଜିଯାଅ ତୁମେ
ଖୋଜି ଖୋଜି ନ ପାଏ ତୁମକୁ
ଅନେକ ଚନ୍ଦ୍ରବଦନୀଙ୍କୁ ଦେଖେ ସତ
ହେଲେ ଦେଖିବାକୁ ନୁହନ୍ତିତ ତୁମ ପରି କେହି
ତୃଷ୍ଣା ପାଇଁ ମରିଚୀକା ପଛେ ଅଛକି ମୁଁ ଧାଇଁ ! ॥

ସରିସରି ଆସେ ପାହାନ୍ତିଆ ସପନ
ମିଳନର ପଦ୍ମ ଘୁଂଚି ଘୁଂଚି ଯାଏ
ପ୍ରେମପକ୍ଷୀ ଉଡ଼ିଯାଏ ବହୁଦୂରେ
ଧରା ନ ଦେଇ କହିବକି ଏବେ ମୋତେ
ଫେରିଲେ ତୁମର, ନହେଲେ ମୁଁ ଆଉ କାହାର ॥

ଭୁଲିଗଲକି ପ୍ରଣୟର ନିବିଡ଼ ବନ୍ଧନ
ଛଳନାର ଲୁଚକାଳି ଖେଳ ଖେଳି
କରିଛକି ଅନ୍ୟ ନୀଡ଼ର ସନ୍ଧାନ
ବସା ବାନ୍ଧିବା ପୂର୍ବରୁ ଶେଷରେ ଦେଉଛି
ମୁଁ ତୁମକୁ ଏକ ଉଡ଼ନ୍ତା ଚୁମ୍ବନ ॥

*ପ୍ଲଟ ନଂ.- ୭୧, ବାପୁଜୀ ନଗର,*
*ଭୁବନେଶ୍ୱର-୭୫୧୦୦୯*

# ଜୀବନ ଅଟେ ଖୋଲା ବହି

**ସତ୍ୟବ୍ରତ ଦାସ**

ମଣିଷ ଖୋଜଇ ମଣିଷକୁ ଆଜି
ମଣିଷ ଶବ୍ଦଟେ ଗଲାଣି ହଜି
ଈଶ୍ୱରଙ୍କୁ ଆଜି ଲାଗଇ ଲାଜ
କାହିଁକି ଥିଲେ ଏ ମଣିଷ ସୃଜି !

ମନଟି ତାହାର କୁଳାଚାର୍ଯ୍ୟ ଜାଣ
ସେ କି ବୁଝିବ ବହିର ଗୁଣ
ଅମୂଲ ଏହି ଯେ ବହିର ମୂଲ
ମୁରୁଖ ମଣିଷ ନ ବୁଝେ ଭଲ ॥

ବହିରେ ଅଛି ଯେ ଅସରା ଜ୍ଞାନ
ସେ କାହୁଁ ଜାଣିବ ଅସଲ ଧନ
ଛନ୍ଦ କପଟେ ଭରା ତା' ମନ
ମନ ସବୁବେଳେ କରାଇ ହୀନ ॥

ଏମିତି ହେଲେକି ଜାତି ବଞ୍ଚିବ
ସୃଷ୍ଟି ନାଶ ହେଲେ ସର୍ବେ ମରିବ
ବହିରେ ରହିଲେ ତୁମରି ଧ୍ୟାନ
ବିଦ୍ୟା ଅରଜି ହେବ ନିପୁଣ ॥

ସବୁରି ହିତରେ ରହୁ ବିଚାର
ଆଜି ଯେ ମୋର କାଲି କାହାର
ସଂସାରେ ନୁହେଁ ଯେ କିଏ ଅସାର
ବିବେକହୀନ ଯେ ହୁଏ ପାମର ॥

କରମ ହେଉଛି ମହତ ପଣ
ସେଥିରେ ସତତ ରହୁ ଏ ମନ
ଖୋଜି ଖୋଜି ନିଜ ଭିତରେ ଖୁଣ
ଖୁଣ ଥିଲେ ସିନା ପ୍ରକାଶେ ଗୁଣ ॥

ଭାବରେ ଭୋଳ ଦିବସ ନିଶି
ଗୋଟାଇ ପିଲା ଦିନର ଖୁସି
ରଖିବା ସିନା ସ୍ନେହ ଓ ପ୍ରୀତି
ବହିରୁ ଜ୍ଞାନ ସାଉଁଟି ନିତି ॥

ମନେ ଅବଶ୍ୟ ରଖିବ ସହୀ
ଜୀବନ ଅଟେ ଏକ ଖୋଲା ବହି
ବହିବି ଆଜି ନେହୁରା ହୋଇ
କହେ ତୁମକୁ ବସିବା ସଇ ।

*ଘର ଡି./୨୮୭, କୋଏଲ ନଗର,*
*ରାଉରକେଲା-୭୬୯୦୧୪*

# ପ୍ରଳୟ

**ଡକ୍ଟର ବିଜୟଲକ୍ଷ୍ମୀ ତାରେଣିଆ**

ଝରା ଶ୍ରାବଣ ରାତିରେ
ମେଘର ଛମ୍ ଛମ୍ ନାଦ
ନିଃସଙ୍ଗ ହୃଦୟ ଖୋଜିହୁଏ
ଦରଦୀ ମନଟିଏ
ହେଲେ ଫସିଯାଏ
ରକ୍ଷ ବାସ୍ତବତାର
ଆଗ୍ନେୟଗିରିରେ
ଯେଉଁଠି ଖାଲି
ଉତପ୍ତ ଲାଭାର ସ୍ରୋତ ।

କୋମଳ ତଟିନୀ
ଏବେ ଶୁଷ୍କ କଠିନ
ବନ୍ଧ ରୋକିଛି ତା ପ୍ରବାହ
ଦିଶେ ସାଗରରେ ହିମଖଣ୍ଡ
ଭାସିଆସେ ଦୂର କେଉଁ
ହିମାଳୟ ଶିଖରରୁ
ବୁଡ଼ିଯାଏ ସହର ଓ ନଗ୍ର ।
ଭୁଷୁଡ଼ି ପଡ଼େ ତାସଘର ପରି
କୋଠାବାଡ଼ି ଅଟ୍ଟାଳିକା
ଗାଁ ଗଣ୍ଡା ହରାନ୍ତି ତାଙ୍କ ସତ୍ତା
ପିଲାଛୁଆ ନରନାରୀ
ହୁଅନ୍ତି ନିଖୋଜ
ଆଉ ଯେତେ ସବୁ ପର୍ଯ୍ୟଟକ ।

ଶାନ୍ତ ନୀରବ ପରିବେଶ
କୈଳାଶରେ ଧ୍ୟାନରତ ସଦାଶିବ
ବିଘ୍ନ ତାଙ୍କ ତପସ୍ୟାରେ
ଧରନ୍ତି ସେ ରୁଦ୍ର ରୂପ
ବଦଳିଯାଏ ଋତୁଚକ୍ର ।

ପ୍ରକୃତି ରଚେ ପ୍ରଳୟ
ସମାଧି ଲଭନ୍ତି
ଧନୀ ଓ ନିର୍ଦ୍ଧନ
ତ୍ରାହି ତ୍ରାହି ଡାକୁଥାନ୍ତି
ସର୍ବେ ହୋଇ ଏକାକାର
ଯେତେସବୁ ଗଛ ବୃକ୍ଷ
ପଶୁପକ୍ଷୀ ଓ ମଣିଷ ।

*ସା./ପୋ.- ବଳରାମ ପ୍ରସାଦ,*
*ଅନୁଗୁଳ-୭୫୯୧୨୮*
*ଦୂରଭାଷ: ୯୪୩୭୪୨୭୨୩୫*

# ଅନୁରାଗ

**ଡ. କଳ୍ପନା ମହାନ୍ତି**

ଅନାତୁର ମୋ ଆଖି ଆକାଶେ
ଚନ୍ଦ୍ର ତୁମେ
ସଞ୍ଚରି ଯାଉଛ
କୌମୁଦିର ସତ୍ତା ନେଇ
ମନ ହ୍ରଦ ନୀଳ ଆଖି
ତମ ଆଗମନ
ଯନ୍ତ୍ରଣାରେ ଜର ଜର
ସଂଜର ସଳିତା ମୁହିଁ
ଦୂରେ ଥାଇ ପାଖେ ଅଛି
ଏ ଭାବରେ
ଝୁରଇ ପରାଣ ।

ସମୁଦ୍ରର ବେଳାଭୂମି
ଅସରନ୍ତି ଶେଯର କୁହୁକ
ବାନ୍ଧିଛି ତୁମରି ହସ
ଲମ୍ବିଛି ତୁମରି ହାତ
ଆଲିଂଗି ନେବାକୁ
ତୁମେ ସତେ କେତେ ଅନ୍ତରଙ୍ଗ ।
କାହାର ସାମର୍ଥ୍ୟ ଅଛି
ତମ ଛଡ଼ା
ପରିପୂର୍ଣ୍ଣ କରିବାକୁ
ଏ ନିବିଡ଼ ଆତ୍ମୀୟତା
ଇପ୍‌ସିତ ତାଜର
ସ୍ୱପ୍ନମୟ ଶୁଦ୍ଧ ଦିଶିଥିନୀ ।

ଅଦିନ ମେଘର
ଡୁ ଡୁ ଶବ୍ଦରେ
ଅନୁରଣିତ ହୋଇଆସେ
କପୋତୀର କରୁଣ ବିଳାପ
ତମେତ ଦିଶନି ମତେ
ବଉଦ ଲୁଚଇ ଦିଏ
ତମ ଦେହ ଚର୍ଚ୍ଚିତ ଚନ୍ଦିନୀ
ଚତୁର୍ଦ୍ଦିଗେ ଚରିଯାଏ
ବିଷ ଖାଲି ବିଷ ।
ରାତି ଫୁଟା ଫୁଲମାନେ
ଖିନ୍‌ଭିନ୍ ହୋଇ
ଅନ୍ୱେଷନ୍ତି ରାକା
ଶୋଷ ମେଣ୍ଟାଇବା ପାଇଁ
ଚକୋର ଚକୋରୀ
ନିଟୋଳ ମାଧୁର୍ଯ୍ୟ ଝୁରି
ସନ୍ତର୍ପଣେ କାଟୁଥାନ୍ତି
ବଞ୍ଚିବାର ରେଖା ।

*ଆଖୁପାଳ, ହରିଚନ୍ଦନପୁର-୭୫୮୦୨୮,*
*କେନ୍ଦୁଝର*

# ଭାଗ୍ୟ

**ଡ. ଚିତ୍ରାକାନ୍ତୀ ସେଠୀ**

କେହି କ'ଣ କେବେ
ନିଜର ଭାଗ୍ୟକୁ ବଦଳାଇପାରେ
ନାଁ ଅନ୍ୟର ଭାଗ୍ୟରେଖାକୁ
ପରିବର୍ତ୍ତନ କରିପାରେ
ସେଥିପାଇଁ ତ ଆମେ କହୁ
ଲଲାଟ ଲିଖନ କେ କରିବ ଆନ
ସତେ ଯେପରି ଭାଗ୍ୟ ଡୋରୀରେ ବନ୍ଧା
ଆମର ଏ ତମାମ୍ ଜୀବନ
ଜନ୍ମଠାରୁ ମୃତ୍ୟୁଯାଏଁ
ବିଶ୍ୱାସରେ କରାଯାଏ
ଜାତକ ବିଚାର ।

ଜାତକ ଗଣନା ହେଉ
କାହାକୁ ମନାନାହିଁ
ଜ୍ୟୋତିଷ କପାଳ କିମ୍ବା
ପାପୁଲିର ରେଖା ଦେଖନ୍ତୁ
ତାହା ମଧ୍ୟ ମନାନାହିଁ
ପୂଜାପାଠ ମନ୍ତ୍ରତନ୍ତ୍ର
ଯେତେସବୁ କରାଯାଉ
କେଉଁଥିରେ ବାଧାନାହିଁ
କିନ୍ତୁ ଗୋଟିଏ ପ୍ରଶ୍ନ
ଏସବୁର ପ୍ରତିକାର କଲାପରେ
ସତରେ ମଣିଷ ଭାଗ୍ୟ
ଏଠି କ'ଣ ବଦଳିଯାଏ।

ସେଥିପାଇଁ ପ୍ରଭୁ ଶ୍ରୀକୃଷ୍ଣ କହିଥିଲେ
ମୁଁ ନିଜେ ଭଗବାନ୍ ହୋଇ
ମୋ ଭାଗ୍ୟକୁ ବଦଳାଇପାରିନାହିଁ
ମୀରା ଯଦିଓ ତାଙ୍କୁ ଚାହୁଁଥିଲେ
ସେ କିନ୍ତୁ ଚାହୁଁଥିଲେ ରାଧାଙ୍କୁ
ଏ ସବୁ ଅସମ୍ଭବ ହେଲାପରେ
ସେ ହୋଇଗଲେ ରୁକ୍ମଣୀର
ଏଠି ଆମେ କ'ଣ କହିବା
ଏହା ସେମାନଙ୍କର ଭାଗ୍ୟ
ନାଁ ଆଉକିଛି
ଯାହାର ଉତ୍ତର ଏଯାଏ ପାଇନି।

ଏଠି ମଧ୍ୟ କୁହାଯାଏ
ଭାଗ୍ୟ ଦୋଷେ ନରରାଜା
କାଟେ ଘୋଡାଘାସ
ବନବାସରେ ପାଣ୍ଡବ ଭ୍ରାତାମାନେ
ଛଦ୍ମ ବେଶରେ ବି ରହିଯାନ୍ତି
ବିରାଟ ନଗରରେ
ଦାନବୀର ହରିଶ୍ଚନ୍ଦ୍ର ରାଜା
ଶ୍ମଶାନ ଜଗିଥାନ୍ତି
ଏମିତି କେତେକଥା
ଦୃଶ୍ୟ ଆଡୁଆଳୁ
ଭାଗ୍ୟଟାହିଁ ସାର ହୋଇଯାଏ।

*ଅଧ୍ୟାପିକା, ଓଡିଆ ଭାଷା ସାହିତ୍ୟ ବିଭାଗ*
*ଶୈଳେନ୍ଦ୍ର ନାରାୟଣ ମହାବିଦ୍ୟାଳୟ*
*ରାଜକନିକା, କେନ୍ଦ୍ରାପଡା*

# ପ୍ରିୟା

**ବିଭୂତି ଭୂଷଣ ତ୍ରିପାଠୀ**

ପ୍ରିୟା ବୋଲି ଯାହାକୁ ମାନିଥିଲି ଥରେ,
ଯିବା ବେଳେ କିମ୍ପା ମନଟା ଆତୁରେ
ନିଶ୍ୱାସ କେତେଟା ଏବେ ବାକି ଅଛି,
ମାନସ ପଟରେ ତା ହସ ଦିଶୁଛି।

ଆକାଶ ସମୁଦ୍ର ପରି ସଂସାରରେ ଥିଲୁ,
ଦୂର ଦିଗବଳୟେ ମିଶିବା ଦିଶିଲୁ।
ମରୀଚିକା ପରି ଦିଶିବା ରଚିଲା,
ଇନ୍ଦ୍ରଧନୁ ପରି କ୍ଷଣେ ଲିଭିଗଲା।

ଅଦିନିଆ ମେଘ ଆକାଶେ ଘୋଟାଏ,
ନ ବରଷି ପୁଣି ଦୂରେ ଭାସିଯାଏ।
ଏପରି ଉପମା ଜୀବନ ଦେଖିଲା
କାହା ବଗିଚାରେ ସେଫୁଲ ଫୁଟିଲା।

ଲାଗେ କିଏ ଏହି ଅନ୍ତରେ କହୁଛି,
ପ୍ରତୀକ୍ଷା ରେ ସେ ଏବେବି ରହିଛି।
ଦେଖା ହୁଅନ୍ତାନି ସେପାରି ତଟରେ,
ହସି ଉଠିବ ସେ ଅଜଣା ପୁରରେ।

ଫେରିବା ନିୟମ ଅତୁଟ ରହିଛି,
ଯିଏ ଫେରି ଥାଏ ସେହିଁ ଆସୁଛି।
ଫେରି ଦେଖା ହେବା ଆମେ ଏ ମହୀରେ,
ବୁଝିବା ଏତିକି ଯାଉଛି କହିରେ।

*ଭୁବନେଶ୍ୱର*
*ଦୂରଭାଷ: ୯୪୩୭୭୬୪୩୭୦*

# ଅଛୁଆଁ ପ୍ରେମ

**ଶ୍ରୀମତୀ ରୀତା ସ୍ୱାଇଁ**

ତୁ ଆସିଲୁ ମୋ ଜୀବନରେ
ଶେଷ ସ୍ପର୍ଶ ଦେବାକୁ
ମନର ମନ୍ଦିର ଗଢ଼ି।

କିନ୍ତୁ ତୁ ଜାଣିନଥିଲୁ
ତାହା
ତୋର ଯେ ଖାଲି ଭାବନା
ଆଉ
ସେ ଭାବନା ଯେ



କାହା ହୃଦୟରେ ବାସନା।

ତୁ ଯେ ପ୍ରେମ
ସେ ପ୍ରତାରଣା
କାହିଁ ମିଛର ଶିଖାରେ
ଜଳୁଛୁ
ଶିଖା ଯେ ତୋ ପାଇଁ
ଦୀପିକା
ଭୁଲିବାକୁ ହେବ ତାହା।

ଯନ୍ତ୍ରଣାର ଛଳ ମନ
ଭାବନାର ଉଜ୍ଜ୍ୱଳ ଆଲୋକ
ଦୁହିଁଙ୍କୁ ଭୁଲିବାକୁ ହେବ
ତୋତେ
କେବଳ ତାକୁ ପହିଲି
ପ୍ରେମକୁ
ଆବୋରିବାକୁ ହେବ
ସେ ଅବା କଣ କରିବ
ସେ ତ ଗୋଟେ
କଣ୍ଟାର ଶେଯ।

ନାଁ କିଏ ଶୋଇପାରେ
ନାଁ କାହାକୁ
ଶୁଆଇପାରେ
ଉବୁଟୁବୁ ମନ ତାର
ଆନ୍ଦୋଳିତ କରେ
କ'ଣ ବା କରିବ,
ଉପାୟ ଶୂନ୍ୟ ସେ
କଣ୍ଟାକୁ ଜାବୁଡ଼ି ଧରେ
ତଥାପି କଣ୍ଟାକୁ ଝାଡ଼ି
ସଳଖି ଠିଆହୁଏ।
କାଳେ ସେହି ଶେଷସ୍ପର୍ଶ
ଦେବାକୁ ଥିବା ପ୍ରେମପକ୍ଷୀ
ଛାଇଯିବ ତା ଦେହରେ।

ଆଉ ତା ପ୍ରେମ ବାସ୍ନାରେ
କଣ୍ଟାକୁ ଖିନ୍‌ଭିନ୍ କରି
ବାସ୍ନାରେ ରଙ୍ଗେଇଦେବ ତା ଦେହ।

*ଖଜରା, କସର୍ଦା, କଟକ*

# ସକାଳର ସ୍ୱର

## ବିଜୟଲକ୍ଷ୍ମୀ ମହାନ୍ତି

ସିନ୍ଦୁରା ନ ଫାଟୁଣୁ ଏତେ ସବୁ ଆଡ଼ମ୍ବର
ସାଜସଜ୍ଜା
ଗାଢ଼ ଅନ୍ଧାର ଫିକା ପଡ଼ିଆସୁଛି, ସକାଳ ଧାସୁଛି
ଜନନୀ ଜଠରର ନୂତନ ସଂକେତ
ନୂଆ ଆଶାଟିଏର କୋମଳ ରାଗିଣୀ
ନୂଆ ସକାଳ ପାଦ ଥାପୁଛି।
ଶୁଭୁଛି କାର୍ତ୍ତିକ ଗୋସେଇଁଙ୍କର କଠୋଉ ଶବ୍ଦ
ଆଞ୍ଜୁଳା ଆଞ୍ଜୁଳା ପାପକୁ ବିସର୍ଜ୍ଜି ନଦୀ ଘାଟରେ
ପୁଣ୍ୟର ଆବାହନ, "ଜବା କୁସୁମ ସଂକାଶଂ"
ବୁଢ଼ୀ ମା ଦେହ ପଖାଳି କାନ୍ଥକୁ ଆଉଜି
ଧରିଛି କୋଥଳି, ହାତରେ ଜପାମାଳି
ଆପଣା ଅନିର୍ଦ୍ଦିଷ୍ଟ ଭବିଷ୍ୟତ ପାଇଁ
ସହଜ ପଥର ସନ୍ଧାନ,
ସକାଳର ଶାନ୍ତ ପବନ ଉଡ଼େଇ ନେଉଛି
ହିଂସା, ଅହଂକାର, ଅସୂୟାର ରଙ୍ଗଛଡ଼ା ଶୁଖିଲା ପତ୍ର
ଥମିଯାଇଛି ଅହରହ ଅନ୍ତର୍ବେଦନା
ଜରାଜୀର୍ଣ୍ଣ ଅସଂଖ୍ୟ କାମନା ବାସନାର ମୋହ
ରାତ୍ରିର ଅନ୍ଧାରରେ ବିସର୍ଜି ଯାଇଛି କାଳର
କାରନାମାୟ
ଶୁଭିଯାଉଛି ପବିତ୍ର ଶୁଭ ଶଙ୍ଖଧ୍ୱନି
ଝଲମଲ କରୁଛି ଚଉଦ ଭୁବନ
ସକାଳର କାକର ଟୋପାର ମୋତି ବିନ୍ଦୁ ପରି
ହୁଏତ ଅବତାରଣା ହୋଇଛି କିଛି
ମହାଜାଗତିକ ଦୃଶ୍ୟ
ଅଦୃଶ୍ୟରେ ଦିଶିଯାଉଛି ପବିତ୍ର ମୂର୍ତ୍ତିଟିଏ
ଶୁଭିଯାଉଛି ମଙ୍ଗଳ ପ୍ରାର୍ଥନା
ଇତି ହେବ ଅନ୍ୟାୟ ଅନୀତିର ପଶାପାଲି ଖେଳ
ଗୁଞ୍ଜରି ଉଠୁଛି ପବିତ୍ର ବେଦଧ୍ୱନି, ଶଙ୍ଖ ନାଦ
ବୋଧହୁଏ ଆଗମନ ହୋଇଛି ଶୁଭ ସକାଳର

*ନ୍ୟୁ କଲୋନୀ, କେନ୍ଦୁଝର*
*ଦୂରଭାଷ: ୮୨୮୦୫୮୮୮୦୬*



# ଢେଙ୍କାନାଳରେ କେବେ ବର୍ଷା !!

## ରାହାସ କୁମାର ବେହେରା

କେମିତି ଏ ବର୍ଷା !!
ହଠାତ ମାଡିଆସେ ଟପଟପ ଶବ୍ଦରେ,
ବିଜୁଳିର ଚମକରେ, ଓଦା ହୁଏ
ପାଦରୁ ମସ୍ତକ, ପାଦପରୁ ପାବଚ୍ଛ,
ଶୁଭେ ପାଟି କଳରୋଳ, ଧାଁଧପଡ଼ କଚେରି ଛକରୁ
ଚଢେଇ ରଗଡା, ଗଣେଶ ବଜାରରୁ ବାଜିଚୌକ।

ପଛକୁ ପଛ ମାଳ ମାଳ ଗାଡି ପେଁ ପାଁ ରଡି
କସରତ କେତେ କଣ ନ'ଭିଜିବା ପଣରେ
ତଥାପି ଅଧା ଭିଜା ଘରଣୀ,
କୁନି ଝିଅ ମାମୁନି, ରାନୁ ଭାଣେଜୀ।

ସଁ ସଁ ମାରଣା ଷଣ୍ଢ, ହେଲ୍ମର ହୁଇସିଲ
କିରିଙ୍ଗ କିରିଙ୍ଗ କାନ ଫଟା ଶବ୍ଦ,
ପୁଣି କେତେ ବଡ ପାଟି" ବାଟ ଛାଡ଼ ଏ ଭାଇ,
ଏ .. ନାନୀ, ଏ ବୁଢା ମଉସା...'
ଆଗକୁ ଭିଡ଼ ଖାଲି ଭିଡ଼,
ନା ଅଛି ଟ୍ରାଫିକ ପୋଲିସ
ନା' ଅଛି  ଗହଳିରୁ ଟିକେ ନିସ୍ତାର !!!

ପରିବା ବଜାରରେ ଲୋକ,
ଚା' ଦୋକାନରେ ଲୋକ,
ବିଖ୍ୟାତ ବରା ଭିତରେ ବାହାରେ ଲୋକ,
ଲୁଗା ଦୋକାନ ଭିତରେ ଖାଲି ଲୋକ ଆଉ ଲୋକ,
ଏ ବର୍ଷା ପାଇଁ .......!!!

ନୂଆ କଲେଜ ପଢୁଆ ଝିଅ ପରି ଏ ବର୍ଷା
ଆସିଛି ପହିଲି ପହିଲି ଏ ସହରକୁ
ଖୋଜୁଛି ଯେମିତି ସବୁ ସାଙ୍ଗ ସାଥି,
ଯୋଡୁଛି ଗୋଟେ ମିଠା ସଂପର୍କ
ଭିଜି ଭିଯାଉଛି ମନ, ପରଖୁଛି ଯେତେ ସବୁ ଜାଗା
ଦେଖୁଛି ବୁଲି ବୁଲି
ଲକ୍ଷ୍ମୀ ବଜାର, କୈବଲ୍ୟ ବଜାର,
ଷ୍ଟେସନ ରୋଡ଼ରୁ ଦେଉଳସାହି..।

ଏବେବି ଛାଡିନି ବର୍ଷା!!!
କଳା ମଚମଚ ରାଜରାସ୍ତା କଡରେ ଅପେକ୍ଷା ରତ
ଅସଂଖ୍ୟ ଭିଜା ଦେହ, ଅଧା କିଣା ସଉଦା
ଘର ବାହୁଡା ବିକଳ ମନ,
ଛୋଟ ଛୁଆର ରାହାଧରା କାନ୍ଦ,
ଅପରିଷ୍କାର ପଚା ସଡ଼ା ଅଳିଆ ଆବର୍ଜନା........।

କେବେ ଅପସରିବ ଏ ସ୍ଥିତି/ପରିସ୍ଥିତି
କମିବ ଗହଳି ଚହଳି
ପାଖ ନାଳିରେ ବହିଯିବ ଅଟକିଥିବା ମଇଳା ପାଣି,
ଭଙ୍ଗା ମନରୁ ଅବକାଶରେ
ହଜିଯିବ ଯେତେ ଅବସୋସ ଏ ଲମ୍ବା
ବର୍ଷାରେ...।

*ବାଲ୍ୟଯ୍ୟା, ଭାପୁର, ଢେଙ୍କାନାଳ - ୭୫୯୦୧୫*
*ଦୂରଭାଷ: ୯୪୩୮୧୧୪୩୬୮*

ସମାରୋହ

କଥା ଓ କାହାଣୀ

ଦ୍ୱିତୀୟ ପ୍ରସ୍ଥ

# ପଡୋଶିନୀ

## ଗାୟତ୍ରୀ ଆର୍ଯ୍ୟ

ଦୁଇ ମହଲା ଛାତ ଉପରେ କିଏ ଡାକୁଥିଲା।

ରୁମ୍ ଭିତରୁ ବାହାରି ରିମା ଛାତକୁ ଚାହିଁଲେ।

ଛାତ ଉପରୁ ନଟି ଅତର୍କିଆ ଡାକୁ ଥିଲା।

ନାନୀ, ନାନୀ, ଶୀଘ୍ର ଛାତ୍ର ଉପରକୁ ଆସ।

ରିମା ଘରେ କିଛି କାର୍ଯ୍ୟବ୍ୟସ୍ତ ଥିଲେ। ଛାତ ଉପରେ ପାରାପେଟ୍ ନଥିଲା। ଲମ୍ବା ଛାତର ଧାରରେ ନଟି ଠିଆ ହୋଇଥିଲା।

"କ'ଣ ହେଲା।"

କିଛି ଉତ୍ତର ଦବା ଅବସ୍ଥାରେ ନଟି ନଥିଲା। ତା' ଦେହ ମୁହଁରୁ ଝାଳ ବାହାରୁଥିଲା। ନିଜେ ଝାଳନାଳ ଏକଖଣ୍ଡ ହେଇଥିଲା। ମନକୁ ପାପ ଛୁଇଁଲା ରିମାଙ୍କର।

ଅନୋନ୍ୟପାୟ ହେଇ ସିଡି ଚଢ଼ି ଦ୍ରୁତଗତିରେ ଛାତ ଉପରକୁ ଗଲେ।

'ଏ କ'ଣ?'

ବିରାଟ ବଡ ପାଣି ଟାଙ୍କିର ତଳୁ ପାଣି ବୋହି ଚାଲିଛି। ତଳେ ଥିବା ଟ୍ୟାପ୍‌ଟି ଭାଙ୍ଗି ସେଇଠି ପଡ଼ିଥିଲା। କପଡ଼ା ଦେଇ ନଟି ପାଣିର ସ୍ରୋତକୁ ବନ୍ଦ କରିବାକୁ ଅପେଚେଷ୍ଟା ଚଳେଇଥିଲା।

ସପ୍ତାଶ୍ଚର୍ଯ୍ୟ ପରି ସେଠାରେ ଦଣ୍ଡାୟମାନ ଥିଲା ରିମାଙ୍କ ପୁତ୍ର।

ତା'ର ଦେହ ମୁହଁରୁ ରକ୍ତ ଶୁଖି ଯାଇଥିଲା। ଭୟରେ ମୁହଁ ଶେଖା ପଡ଼ିଯାଇଥିଲା। ପାଟିରୁ ବାକ୍ୟ ସ୍ଫୁରୁ ନଥିଲା। ସେ ବି ନଟି ସହିତ ମିଶି କପଡ଼ା ଦେଇ ପାଣିବନ୍ଦ କରିବାରେ ଲାଗିଥିଲା।

"ଯେ କେମିତି ହେଲା?"

ନଟି ମୁହଁରୁ ରିମା ନିଜ ଗୁଣମଣି ପୁତ୍ରର କାରନାମା ଶୁଣୁଥିଲେ।

ଛାତରେ ବୁଲୁବୁଲୁ ଟ୍ୟାପ୍ ଟିକେ ମୋଡ଼ି ଦେଇଥିଲା ପାଣି ପାଇଁ। ମୋଡୁ ମୋଡୁ ଟିକେ ଅଧିକା ମୋଡି ହେଇଯାଇଥିଲା। ଖରାବର୍ଷା ଖାଇ ପ୍ଲାଷ୍ଟିକ ଟ୍ୟାପ୍‌ଟି ପୁରୁଣା ହେଇଯାଇଥିଲା। ତା ମୁଣ୍ଡରୁ ଭାଙ୍ଗିଗଲା। ପାଣି ବୋହି ଚାଲିଲା

କିଂକର୍ତ୍ତବ୍ୟ ବିମୂଢ଼ ହେଇ ତଳୁ ନଟିକୁ ଡାକ ପକେଇଲା।

'ଆଣ୍ଟି ଆଣ୍ଟି, ଦଉଡ଼ି ଆସ।"

ନଟି ଡାକଶୁଣି ଛାତକୁ ଆସିଲା। ଟ୍ୟାପ୍‌ର ଅବସ୍ଥା ଦେଖି ହତାଶ ଓ ଆଶ୍ଚର୍ଯ୍ୟ ହେଇପଡ଼ିଲା। ତଳ ଉପର ହେଇ ଆଠଟି କ୍ୱାର୍ଟର। ସବୁ ଘରେ ଭଡାଟିଆ ରହିଥିଲେ। ସପରିବାର ସମସ୍ତଙ୍କ ପାଇଁ ସେଇ ଗୋଟିଏ ଟାଙ୍କ ଛାତ ଉପରେ।

ପାଣି ସବୁ ବୋହିଗଲେ କ'ଣ ହେବ?

ସବୁ ପରିବାର ହଇରାଣ ହେବେ।

ପାଣି ବୋହି ଚାଲିଥିଲା ଅମାନିଆ ସ୍ରୋତ ପରି। ତାକୁ କପଡାର ଆବରଣ ଦେଇ ରୋକିବାକୁ ଏମାନେ ଦୁହେଁ ବୃଥା ଚେଷ୍ଟା ଚଳେଇଥିଲେ।

'ନାନୀ, ନାନୀ ରାଗନା, ତମେ ରାଗିବ ବୋଲି ତ ସେ ମୋତେ ଡାକିଲା। ଆଣ୍ଟି ଆସ, ବୋଉକୁ ଡାକନା, ମୋତେ ମାରି ପକେଇବ।" ମୁଁ ଭାବିଥିଲି ଅଳ୍ପ କିଛି ହେଇଛି କପଡା ଦେଇ ଠିକ୍ କରିଦେବି। ହେଲେ ଟ୍ୟାପ୍‌ଟି ତ ମୂଳରୁ ଭାଙ୍ଗିଯାଇଛି, ସବୁ ପାଣି ବୋହିଯିବ, କିଛି ବ୍ୟବସ୍ଥା କର। ରିମା ଡରରେ କଳାକାଠ ପଡ଼ିଯାଇଥିବା ପୁଅକୁ ଚାହିଁଲେ।

ଡରରେ ଚକ୍ଷୁରେ ସେ ଚାହିଁଥିଲା।

ଗୋଟାଏ ଭୁଲ୍ କରି ପଶ୍ଚାତପ କରୁଥିଲା। କାନ୍ଦୁଣୁମାନ୍ଦୁଣୁ ଅବସ୍ଥାରେ ପହଞ୍ଚି ଯାଇଥିଲା। ଆଉ ଟିକେ ପରେ କାନ୍ଦି ପକାଇବ। ଏମିତି ଭୁଲ୍ କାମ କଲେ ବୋଉ ରାଗିଯାଏ, ଦଣ୍ଡଦିଏ।

'ହଉ ମୁଁ ଆସେ।' ରିମା କହି ତଳକୁ ଓହ୍ଲାଇ ଘରବାଲାଙ୍କ ଘରକୁ ଗଲେ। ଯୋଗକୁ ତାଙ୍କ ପୁତ୍ର ସହିତ ଦେଖା ହେଇଗଲା।

"ଆରେ ବାବୁ ଉପର ଟାଙ୍କିର ଟ୍ୟାପ୍‌ଟା ଭାଙ୍ଗି ଯାଇଛି। ସବୁ ପାଣି ବୋହି ଚାଲିଛି। ଗୋଟେ ନୂଆ ଟ୍ୟାପ୍ ଲଗାଇ ଦିଅ ଶୀଘ୍ର।

"ହଉ ହଉ ମୁଁ ଟ୍ୟାପ୍ ନେଇ ଯାଉଛି।"

ନୂଆ ଗୋଟିଏ ଟ୍ୟାପ୍ ଆଣି ଆସିଲା। ଲଗାଇ ଦେବାରୁ ପାଣି ବନ୍ଦ ହୋଇଗଲା। ଖରାରେ ଟ୍ୟାପ୍ ସବୁ ବର୍ଷକୁ ଗୋଟେ ଦିଟା ନଷ୍ଟ ହେଉଥିଲା।

ପୁଅକୁ ନେଇ ରିମା ତଳକୁ ଆସିଲେ। ଦଣ୍ଡ ଭୟରେ ସପ୍ତମରେ ପଢୁଥିବା ପୁତ୍ର ତାଙ୍କର କାତରକମ୍ପ ହେଇଯାଇଥିଲା।

ଆସନ୍ନ ବର୍ଷଣମୁଖୀ ମେଘ ପରି ସେ ମୁଖ ଓହଳାଇ ଥିଲା। ତାର ଦୁର୍ବଳ ନହନହକା ଶରୀର କମ୍ପି ଯାଉଥିଲା।

ଏଇ ସାଧାରଣ କଥାରେ ଅନ୍ୟମାନଙ୍କ ସମ୍ମୁଖରେ ତାକୁ ଦଣ୍ଡଦେବାକୁ ରିମା ଚାହିଁଲେ ନାହିଁ। ସେତ ଅନୁଶୋଚନା ଓ ଡରରେ ଏମିତିରେ ସରିଗଲାଣି।

ତା' ଉପରେ ତାକୁ ଦଣ୍ଡଦବାଟା କେଉଁ ବିଜ୍ଞତାର ପରିଚୟ?

ସେଥିରେ ସେମାନେ ଥିଲେ ସବୁଠାରୁ ଅଧିକ ଭଡା ଦଉଥିବା ଭଡାଟିଆ। ଗୃହସ୍ଥର ଅଧିକ କ୍ଷୀର ଦଉଥିବା ଦୁଧିଆଳୀ ଗାଈ।

ରିମା ପାହାଚରେ ଓହ୍ଲାଇଲା ବେଳେ ପୁଅକୁ କାନ୍ଧରେ ହାତରଖି ଦେଇଥିଲେ। ତା' ମୁଣ୍ଡ ଆଉଁସି ନିଜ ଆଡକୁ ଆଉଜେଇ ଆଣିଥିଲେ।

ପୁଅ ଦେହରେ ଜୀବନ ପଶିଲା।

ତଥାପି ତା'ର ପ୍ରତେ ହେଉନଥିଲା ଯେ ଏତେ ବଡ ଭୁଲ କାମରେ ବୋଉ କେମିତି ଦଣ୍ଡ ନଦେଇ କ୍ଷମା କରିଦେଲା?

ବୋଉ ତ ଛୋଟ ଛୋଟ ଭୁଲ ପାଇଁ ବଡ଼ ଦଣ୍ଡ ଦିଏ।

ତା' ଛୋଟ ମନଟି ବିଶ୍ୱାସ କରିବା ପାଇଁ ରାଜି ନଥିଲା।

ତା' ଦେହମନରୁ ଡର ଉଭେଇ ଯାଇଥିଲା। ଘରେ ପହଞ୍ଚି ରିମାଙ୍କୁ କୁଣ୍ଢେଇ ଧରି ଗେହ୍ଲା ହେଇଗଲା। ତା' ପରେ ଢେରଦିନ ଛାତକୁ ଯିବା ଛାଡ଼ି ଦେଇଥିଲା ସେ। ସେଇ ଛାତ ଉପରେ ଯେପରି ତାର ଦୁଷ୍ଟାମି। ତାର ପାଗଳାମି, ତାର ଅସାବଧାନତାର କାର୍ଯ୍ୟସୂଚୀ ଆଗରୁ ଲେଖା ଯାଇଥିଲା।

ପରେ ପରେ କେତେ ଘଟଣା ଓ ଅଘଟଣର ଭୁକ୍ତଭୋଗୀ ସେଇ ଲମ୍ବା ଛାତ। ରିମା ଏ ସହରକୁ ସପରିବାର ଆସିଥିଲେ ରହିବାକୁ। ଭଡାଘରେ ସେ ନଟିର ପଡୋଶୀ ଥିଲେ।

ରିମାଙ୍କ ଗୃହକର୍ତ୍ତା ଘରବାଲାଙ୍କର ସେଇ ବିଲ୍‌ଡିଙ୍ଗରେ ଆଠଟି କ୍ୱାର୍ଟର ଥିଲା। ପ୍ରାୟ ସବୁଥିରେ

ଭଡାଟିଆ ରହିଥିଲେ। ସହରରେ ତାଙ୍କର ଖୁବ୍ ନାଁ ଥିଲା।

ରିମାଙ୍କ ପରିବାରରେ ପ୍ରାୟ ଛଅ ସାତବର୍ଷ ପରେ ଏକତ୍ର ରହିବାର ସୁଯୋଗ ଆସିଥିଲା। ତାଙ୍କ ସ୍ୱାମୀଙ୍କର ବ୍ୟାଙ୍କ ସର୍ଭିସ୍, ତେଣୁ ସାରା ଦେଶ ତାଙ୍କ ପାଇଁ କାର୍ଯ୍ୟକ୍ଷେତ୍ର ଥିଲା। ଏବେ ଏବେ ନିଜ ରାଜ୍ୟକୁ ଆସିଥିଲେ ଏବଂ ନିଜ ପରିବାରକୁ ପାଖରେ ରଖିବାର ସୁଯୋଗ ପାଇଥିଲେ।

ଏତେ ଦିନ ରିମା ଶାଶୁଘରେ ଗାଁରେ ନିଜ ତିନି ପିଲାଙ୍କ ସହ ରହୁଥିଲେ। ସେମାନଙ୍କ ପାଠପଢ଼ା ସେଇ ଗ୍ରାମ୍ୟ ସ୍କୁଲରେ ଚାଲିଥିଲା।

ପିତା ଓଡ଼ିଶା ଆସିବାରୁ ତାଙ୍କ କାର୍ଯ୍ୟକ୍ଷେତ୍ର ସହରକୁ ସେମାନେ ସମସ୍ତେ ଆସିଥିଲେ। ଗାଁରେ ଶାଶୁ ଏକୁଟିଆ ଥିଲେ।

ପିଲାମାନଙ୍କ ଶିକ୍ଷା ପାଇଁ ତାଙ୍କୁ ଛାଡ଼ି ସହରକୁ ଆସିଲେ ରିମା।

ଗାଁରେ ଜଂଜାଳରେ, ପିଲାଙ୍କ ପାଠପଢ଼ା ଗ୍ରାମ ଚଳଣିରେ ସେ ସବୁ ଭୁଲି ଯାଇଥିଲେ। ସଦ୍ୟ ଗ୍ରାମରୁ ଆମଦାନୀ ହେଇ ଆସିଥିଲେ, ନାଁ ଲୁଗା ପିନ୍ଧାରେ ଷ୍ଟାଇଲ୍ ନା ବେଶଭୂଷାରେ।

ଧଳା କଳା ବ୍ଲାଉଜରେ ସବୁ ଶାଢ଼ୀ ପିନ୍ଧୁଥିଲେ ସେ।

ଅନେକ ଦିନରୁ ଉଜୁଡ଼ା ଘରକରଣାକୁ ସାଉଁଟି ତୋଳି ଧରିବା ପ୍ରୟାସ କରୁଥିଲେ। ପିଲାମାନଙ୍କର ନାଁ ଗାଁ ସ୍କୁଲରୁ କାଟି ସହରରେ ଲେଖା ଯାଇଥିଲା। ଉପକୂଳବର୍ତ୍ତୀ ପୁରୁଣା ସହର, ଜିଲ୍ଲାର ସଦର ମହକୁମା।

ଠିକ୍‌ରେ ଜିଲ୍ଲାର ସଦର ମହକୁମା।

ଠିକ୍‌ରେ ପରିବାର, ପିଲାମାନେ ବ୍ୟବସ୍ଥିତ ହେବା ପାଇଁ କିଛି ସମୟ ଲାଗିଥିଲା। ପ୍ରଥମେ ରୋଷେଇ ଘର ସଜଡ଼ା ହେଲା। ଶୋଇବାକୁ ଖଟ ନଥିଲା। ଆମ୍ବ ପଟାରେ ପଟାଖଟ ତିଆରି ହେଇ ଆସିଲା। ଖୁବ୍ କମ୍ ଦିନରେ ମଜବୁତ୍ ଖଟ ଯେତେ ଡେଇଁଲେ ଭାଙ୍ଗିବ ନାହିଁ। ଚାରି ଚାରି ଫୁଟ ଆଠଫୁଟ। ଆରାମରେ ଶୋଇ ହେବ। ରିମା ଉପର ମହଲାରେ ଥିଲେ।

ତାଙ୍କ ପଡୋଶୀ ଥିଲେ ଏଇ ନଟିର ବର ନାୟକ ବାବୁ।

ଛୋଟ ପରିବାର। ଦୁଇଟି ଛୁଆ। ପୁଅଟିଏ ଝିଅଟିଏ। ବୟସ କମ୍ ସେମାନଙ୍କର। ନଟିର ପୁଅ ବଡ଼, ରିମାଙ୍କର ସାନପୁଅ ବୟସର। ନାୟକବାବୁ ଷ୍ଟେଟ୍ ବ୍ୟାଙ୍କର କର୍ମଚାରୀ ଥିଲେ। ତାଙ୍କରି ଧର୍ମପତ୍ନୀ ନଟି।

ନଟି ନାଁଟି ରିମାଙ୍କୁ ନୂଆ ଲାଗିଲା।

ନଟି ନଟି।

କିନ୍ତୁ ନଟି ନାମଧାରୀ ମହିଳାଜଣକ ଅତ୍ୟନ୍ତ ମିଳନପ୍ରିୟ ଥିଲେ।

ସ୍ଲିଭ୍‌ଲେସ୍ ବ୍ଲାଉଜ ସହିତ, ମଥାରେ ବିରାଟ ବିନ୍ଦି। ଚକା ଚଉଧୁରୀ ପରି ଚେହେରା। ସ୍ୱାସ୍ଥ୍ୟବତୀ। ଅହରହ ଉପର ଓ ତଳ ଲୋକଙ୍କ ସହଗପୁଥିଲେ। ରିମା ନୂଆ ଆସିଥିବାରୁ ତାଙ୍କୁ ସଙ୍ଗୋଳିବା ପାଇଁ ଘରକୁ ଆସିଥିଲେ।

ରିମାଙ୍କର ଗୋଟିଏ ଗ୍ୟାସ ସିଲିଣ୍ଡର। ପ୍ରଥମେ ଷ୍ଟୋଭରେ ରାନ୍ଧୁଥିଲେ। ସେତେବେଳେ ହିଟରରେ ସମସ୍ତେ ରାନ୍ଧୁଥିଲେ। ହେଲେ ସକାଳୁ ହିଟର ତାତିବାକୁ ଘଣ୍ଟାଏ ଲାଗୁଥିଲା। ନଟି ସକାଳ ଚାରିଟାରୁ ଉଠି ହିଟରରେ ଭାତ ବସେଇ ଦଉଥିଲେ। ଭାତ ଡାଲି ସିଝି ଯାଉଥିଲା। ତା'ପରେ ଧିରେ ଧିରେ ସ୍ନାନ ସାରି ଅନ୍ୟାନ୍ୟ ରୋଷେଇ କରୁଥିଲେ।

ତାଙ୍କର ଗ୍ୟାସ ସାତମାସ ଯାଉଥିଲା।

ରିମା ଗ୍ୟାସ ଷ୍ଟୋଭ ଲଗାଇ ରାନ୍ଧିବାକୁ ଚେଷ୍ଟା କରୁଥିଲେ। ପିଲାମାନଙ୍କ ଟିଫିନ୍, ଭାତ ଖାଇ ସମସ୍ତେ ବାହାରିବେ। ସ୍କୁଲ ଅଫିସ। ରିମା ବି ନଟି ପରି ସକାଳ ଚାରିଟାରୁ ଉଠି କାମ କଲେ। ସତରେ ସବୁ କାମ ସୁରୁଖୁରୁରେ ହେଇଯାଇଥିଲା। ତା'ପରେ ପର୍ଯ୍ୟାପ୍ତ ସମୟ ରହିବାର କିଛି ଦିନ ପରେ ନଟିରି ମା'ଙ୍କୁ ଡାକି ନେଇଥିଲା। ବଜାରରେ ଥିବା ସେନ୍‌କୋ ସୁନା ଦୋକାନକୁ। ବ୍ୟାଙ୍କ ବଣିଆ, ତା' ପାଖରୁ ଛୋଟ ଛୋଟ ସୁନା ଆଇଟମ୍ କିଛି ଅଗ୍ରୀମ ଟଙ୍କା ଦେଇ ନେଇ ଆସୁଥିଲେ ସେ। ଧିରେ ଧିରେ ବାକି ପଇସା ଶୁଝି ଦଉଥିଲେ। "ନାନୀ ତମେ ଏମିତି ଛୋଟ ଛୋଟ କାନଫୁଲ, ଚେନ୍ ମୁଦି ଗଢ଼ାଇ ପାରିବ।" ରିମା ମୁଣ୍ଡ ଟୁଙ୍ଗାରୁଥିଲେ ସାକ୍ଷୀଗୋପୀନାଥ ପରି। ପିଲାମାନେ ପିତାଙ୍କ ଛତ୍ରଛାୟା ତଳେ ରହି ସେମାନଙ୍କର ଜ୍ଞାନର ବିକାଶ ପାଇଁ ଚେଷ୍ଟା ଚଳାଇଥିଲେ। ବିଭିନ୍ନ ପ୍ରକାର ସାଧାରଣ ଜ୍ଞାନ ପ୍ରତିଯୋଗିତା, ବକ୍ତୃତା, ରଚନା ଲିଖନରେ ଭାଗ ନଉଥିଲେ। ଅନେକ ଉପାଦେୟ ପୁସ୍ତକ କିଣିଆଣି ଦଉଥିଲେ ତାଙ୍କ ପିତା। ଜୋର୍‌ସୋର୍‌ରେ ପିତାପୁତ୍ରମାନଙ୍କ ଭିତରେ ଜିକେ.ଭାଷଣ, ରଚନା ଲିଖନର ଆଲୋଚନା ହେଉଥିଲା। ପିଲାମାନଙ୍କର ବୌଦ୍ଧିକ ଉନ୍ନତି ସହିତ ପାଠପଢ଼ା ଚାଲିଥିଲା। ସହରର ପିଲାଙ୍କ ସହିତ ତାଳମିଳାଇ ଚାଲିବାକୁ ସେମାନଙ୍କ ପ୍ରଚେଷ୍ଟା ଜାରି ରଖିଥିଲେ।

ରିମା ତାଙ୍କର ନୂତନ ମାର୍ଗଦର୍ଶିକା ନଟିଠାରୁ ସହରରେ ଚଳିବା ଇନ୍ଧନ ଖର୍ଚ୍ଚ, ସଞ୍ଚୟ, ପରିବାରକୁ କିପରି ଅଳ୍ପ ପଇସାରେ ସୁରୁଖୁରୁରେ ଚଳେଇ ହେବ ସେହି ବୀଜମନ୍ତ୍ର ଗ୍ରହଣ କରୁଥିଲେ। ମୂଳାଶାଗଠାରୁ, ଜହ୍ନିଚୋପା ଚଟଣୀ ଶିଖୁଥିଲେ। ଖାଦ୍ୟଦ୍ରବ୍ୟ ନଷ୍ଟ ନକରି ଖାଦ୍ୟୋପଯୋଗୀ କରିବାର ଗୂଢ଼ ତତ୍ତ୍ୱ ଦଉଥିଲା ରିମାଙ୍କୁ ନଟି, ମାଆଟିଏ।

ପ୍ରେମଶୀଳା ପତ୍ନୀଟିଏ।

ସ୍ନେହଶୀଳା ଭଗ୍ନୀ ଓ ଭାଉଜଟିଏ। ପାଖରେ ତାର ଦିଅରଟିଏ ପାଠ ପଢୁଥିଲେ ରହି। ତାଙ୍କର ରାସନକାର୍ଡ ଥିଲା। ରିମାଙ୍କୁ ପ୍ରବର୍ତ୍ତାଇଲା କାର୍ଡଟିଏ କରିବାକୁ। ଆବେଦନ କଲେ। ଗହମ, ଚିନି, କିରୋସିନ ଆସିଲା। ବିଜୁଳିକାଟ ଯୋଗୁ ପିଲାଙ୍କ ପାଠପଢ଼ା ବ୍ୟାଘାତ ହେଉଥିଲା। ଲଣ୍ଠନ ଦୁଇଟା ଲାଗୁଥିଲା। ରାସନ କାର୍ଡ ଯୋଗୁଁ ବହୁତ ସୁବିଧା ମିଳିଲା ତାଙ୍କୁ।

ନଟି କହୁଥିଲା, ପୁରୁଷ, ପଇସା ରୋଜଗାର କରିବ। ହେଲେ ଘରେ ଥିବା ଗୃହିଣୀଟିର ଅନେକ କାମ ଥିଲା। ସୀମିତ ରୋଜଗାରରେ ପରିବାରର ଭରଣପୋଷଣର ଚିନ୍ତା ଅହରହ ଗୃହିଣୀ ଉପରେ ନ୍ୟସ୍ତ ଥିଲା।

ଅତିଥି, ପିଲାଙ୍କ ସାଙ୍ଗ, ଯୋଗୀ, ଭିକାରୀ ସମସ୍ତଙ୍କ ପାଇଁ ସେ ଜାଗ୍ରତ ପ୍ରହରୀ ପରି ଦଣ୍ଡାୟମାନ ରହୁଥିଲେ।

ନଟିର ଲଭ ମ୍ୟାରେଜ ଥିଲା।

ଅନେକ ଦିନ ପରେ ନିଜେ ନଟି ରିମାଙ୍କୁ କହିଥିଲେ। ସେ ଅନ୍ୟଜାତିରେ ବିବାହ କରିଥିବାରୁ ବାପଘର ଲୋକ ପ୍ରାୟ ଆସୁନଥିଲେ।

ନଟିର ସାହଚର୍ଯ୍ୟରେ ରିମା ସହରର ଗଳିକନ୍ଦି ଦୋକାନ ବଜାର ବିଷୟରେ ଅବଗତ ଥିଲେ। ନଟିର ପୁଅ ରିମାଙ୍କ ସାନପୁଅର କ୍ଲାସମେଟ୍ ଥିଲା। ଝିଅଟି ସାନ ଦୁଇ ବର୍ଷର। ରିମାଙ୍କ ଘରେ ତାର ଅବାଧ ପ୍ରବେଶ, ତାଙ୍କ କଡେଇରୁ ଭଜା ଖାଇବା ତାର ବିଳାସ। 'ଆଣ୍ଟି ଭଜା' ସମସ୍ତେ ସ୍କୁଲ ଗଲାପରେ ସେ ଆସେ କିଛି ସମୟ ରିମାଙ୍କୁ ଖୁସି କରି ଚାଲିଯାଏ। ନଟି ରିମାଙ୍କର ମାର୍ଗଦର୍ଶିକା ସାଜିଥିଲେ।

ସବୁ ଆଡ଼େ ବଜାର ଘାଟ, ବଣିଆ ଦୋକାନ, ଶାଢ଼ୀ ଦୋକାନକୁ ତାଙ୍କୁ ଟାଣି ନଉଥିଲେ। ପ୍ରାୟ ସମସ୍ତେ ତାଙ୍କୁ ଚିହ୍ନିଥିଲେ। ତାଙ୍କର କଥାବାର୍ତ୍ତାରେ କି ମହୁପଣ ଥିଲା ଯେ ସମସ୍ତଙ୍କୁ ନିଜପଟକୁ ଟାଣି ନେଉଥିଲେ।

ପରିବା ବାଲା, ମାଛବାଲୀଙ୍କଠାରୁ ମୂଲଚାଲ କରି ସବୁ ଜିନିଷ କିଣୁଥିଲେ। ନଟିର ପଡୋଶୀ ହେଇ ରିମା ଗୋଟିଏ ବର୍ଷ ରହିଲେ। ସେଇ ଘରବାଲାଙ୍କର ତଳେ ଥିବା ତିନୋଟି ରୁମ୍ ଥିବା ବଡଘରଟିଏ ଖାଲି ହେବାରୁ ସେମାନେ ସେ ଘରକୁ ଚାଲି ଆସିଲେ। ପିଲାଙ୍କ ପାଇଁ ପଠନକକ୍ଷର ଆବଶ୍ୟକତା ଅଧିକ ଥିଲା। ହେଲେ ଏପଟ ଘରକୁ ଆସିବା ଆଗରୁ ରିମା ଯଥେଷ୍ଟ ଘରକରଣା ଶିଖି ଆସିଥିଲେ ତାଙ୍କଠାରୁ କନିଷ୍ଠା ନଟିଠାରୁ।

ନଟି, ଗୋଟିଏ, ଛଳଛଳ ପ୍ରବହମାନ ନଦୀ।

ସମାରୋହ

ତାର ମନଜିଣା ହସ ହୃଦୟକୁ ଛୁଇଁ ଯାଉଥିଲା। ସବୁବେଳେ ସଫା ଧଳା ରଙ୍ଗର ପ୍ରିଣ୍ଟେଡ ଶାଢ଼ୀ ପିନ୍ଧୁଥିଲେ। ତାଙ୍କ ଗୋଲ୍ ବିନ୍ଦି ସ୍ଲିଭ୍‌ଲେସ୍ ବ୍ଲାଉଜ ତାର ବ୍ୟକ୍ତିତ୍ୱକୁ ସମସ୍ତଙ୍କଠାରୁ ଅଲଗା କରି ଦଉଥିଲା। ଏପଟ ଘରକୁ ଆସିଲା ପରେଆଉ ବେଶୀ ଦେଖା ହେଇପାରେନା ରିମାଙ୍କ ସହ। ବେଳେବେଳେ ଛାତ ଉପରେ ଗହମ ଶୁଖାଇଲା ବେଳେ ଦେଖାହେଲେ ପୁରୁଣା କଥା ମନେ ପଡୁଥିଲା। ରିମା ଓ ନଟି ଦୁହେଁ ବ୍ୟସ୍ତ ଥିଲେ ନିଜ ପରିବାରର ଜଂଜାଳରେ। ବେଳେବେଳେ ଦେଖା ହେଲେ ତା'ଠାରୁ ଜ୍ଞାନ ନବା ଭୁଲନ୍ତି ନାହିଁ ରିମା। ଅର୍ଥନୀତିଜ୍ଞ ପରି ଅନେକ କଥା କହେ ନଟି।

ନାରୀର ସଞ୍ଚୟ ମନୋବୃତ୍ତି, ନାରୀ ଧନ ଉପରେ ଅନେକ ମନ୍ତବ୍ୟ ଦଉଥିଲା। ନଟିଠାରୁ ଶିଖିବା ଜାଣିବା ସରୁ ନଥିଲା ରିମାଙ୍କର। ସମସ୍ତଙ୍କ ସହିତ ମନଖୋଲା କଥାବାର୍ତ୍ତା ତା'ର ହସ ହସ ବ୍ୟକ୍ତିତ୍ୱ, ନିଆରା କରୁଥିଲା ଅନ୍ୟମାନଙ୍କଠାରୁ।

ପ୍ରତି ଜିନିଷ କିଣିଲା ବେଳେ ମୂଲଚାଲକୁ କିନ୍ତୁ ରିମାଗ୍ରହଣ କରିପାରୁନଥିଲେ। ଠକ ଲୋକଙ୍କୁ ସେ ଠିକ୍ ଚିହ୍ନିଥିଲା। ବେଳେବେଳେ ନଟି ହାବୁଡରେ ପଡ଼ି ଅପଦସ୍ତ ହେଉଥିଲେ। ହେଲେ ସରଳ ଲୋକ ତାଙ୍କ ଜିନିଷର ଉପଯୁକ୍ତ ମୂଲ୍ୟ ନପାଇଲେ ମନଦୁଃଖ କରୁଥିଲେ। ଆମେ ନିଜ ସ୍ୱାର୍ଥ ପାଇଁ ଅନ୍ୟର କଷ୍ଟ ଉପାର୍ଜିତ ଧନକୁ ଶସ୍ତାରେ କିଣିନବାକୁ ରିମା ପସନ୍ଦ କରୁନଥିଲେ। ଏଇଠି ନଟି ସହିତ ତାଙ୍କ ଚିନ୍ତାଧାରା ମେଳ ଖାଏନା। ସେ ଓହରି ଆସୁଥିଲେ, ଜିନିଷ ନକିଣି। ସମୟ ବିତି ଯାଉଥିଲା। ଧିରେ ଧିରେ ସେ ସହରରୁ ଯିବା ବେଳ ଆସି ଯାଇଥିଲା। ପାଞ୍ଚ ବର୍ଷ ପରଲଗାଇ ଉଡ଼ି ଯାଇଥିଲା। ନଟିର ପୁଅ ଓ ରିମାଙ୍କ ସାନପୁଅ ପଞ୍ଚମ ପାସ୍ କରିଥିଲେ। ରିମାଙ୍କ ବଡ଼ପୁଅ ରାଉରକେଲାରେ ଆର୍‌ଇସି ପାଇଥିଲା ଓ ତାଙ୍କ ନଟଖଟ୍ କହ୍ନେୟା ଦଶମ ପାସ୍ କରିଥିଲା। ରାଜଧାନୀ ଅଭିମୁଖେ ଆସିଲା ବେଳେ ଆଖିର ଲୁହ ବୋଲ ମାନୁନଥିଲା। ପଛରେ ରହିଲା ଯେ ସହର, ନଟି ଓ ପିଲାମାନଙ୍କର ଶୈଶବ, କୈଶୋରର ମୁଠା ମୁଠା ମିଠା ଖଟା ସ୍ମୃତି।

ପିଲାମାନେ ତାଙ୍କ ଉନ୍ନତି ପଥରେ ଆଗେଇବେ ଆଗରେ ତାଙ୍କର ଆଶାର ଆଲୋକ ଭବିଷ୍ୟତର ଖୋଲା ବିସ୍ତୀର୍ଣ୍ଣ ଆକାଶ।

ପଛରେ କେବେ ତାଙ୍କ ପୁରୁଣା ସହରକୁ ଆସିବେ। ହେଲେ ଏଇମନ, ଏଇ ସମୟ, ଏଇ ଆବେଗ ଭଲ ପାଇବା, କୋହମୋହ ସବୁ ବିତିଯାଇଥିବ। ଶୂନ୍ୟ ହୋଇଯାଇଥିବ। ସମୟ ଆଗେଇ ଯାଇଥିବ ତା ବାଟରେ।

ଏହା ଭିତରେ ବହୁତ ଦିନ ବିତିଯାଇଥିଲା। ଅନେକ ବର୍ଷ ହାତ ଗଣତିରେ। ନଟି ନାୟକ ବାବୁ ପୁରୁଣା ସହରରୁ ରିମାଙ୍କର ଫୋନ୍ ନମ୍ବର ସଂଗ୍ରହ କରିଥିଲେ। ରିମାଙ୍କର ଝିଆରିଠାରୁ। ଫୋନ୍ ନମ୍ବର ପାଇ ଖୁବ୍ ଉଚ୍ଛ୍ୱସିତ ହେଇ ନଟି ଫୋନ୍ କରିଥିଲା।

'ନାନୀ, ଭୁଲି ଗଲଣି ମୋତେ' ?

'ତମେ ଭୁଲିବାର ଲୋକ ନୁହଁତ ? ତମେ ମୋ ଶିକ୍ଷାଦାତ୍ରୀ ତମକୁ କେମିତି ଭୁଲିବି ? ତମ ସହିତ ଯାଇ ସେନ୍‌କୋରୁ କିଣିଥିବା କାନ ଦୁଲ୍ ଦୁଇଟା ଆଜିଯାଏ ମୋ କାନରେ ଝୁଲୁଛି। ଆଉ କୌଣସି କାନର ଗହଣା ପିନ୍ଧିବାକୁ ଇଚ୍ଛା ହେଉନି, ତାକୁ ଛାଡ଼ି। ଭାଙ୍ଗୁଛି ହେଲେ ପୁଣି ମରାମତି କରି ପିନ୍ଧୁଛି। ତମର ସ୍ମୃତି ହେଇ ଝୁଲୁଛି କାନରେ ମୋର...।' ରିମା ଉତ୍ତର ଦେଲେ।

କୁଶଳ ଜିଜ୍ଞାସା ପରେ ପିଲାମାନଙ୍କର ଉପସ୍ଥିତି ଅବସ୍ଥିତି, ତାଙ୍କ ପରିବାର, ତାଙ୍କ କାର୍ଯ୍ୟକ୍ଷେତ୍ର ସବୁ ଦୁହେଁ ଆଦାନ ପ୍ରଦାନ କରିଥିଲେ।

ନଟିର ପୁଅ ବିବାହ କରି କ'ଣ କାମ କରୁଛି, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାରେ।

ଛୋଟ ସୁନାନାକି ସୁନ୍ଦରୀ ଝିଅ ତା'ର ଯିଏ ରିମାଙ୍କ କଡେଇରୁ ଗରମଗରମ ଭଜା ଖାଉଥିଲା। ଆଣ୍ଟି ଆଣ୍ଟି ଡାକି ସେ ଆମେରିକା ଯାଇଥିଲା ଉଚ୍ଚ ଶିକ୍ଷା ପାଇଁ।

ନଟି କଟକରେ ଅବସ୍ଥାପିତ ଥିଲେ। ନାୟକ ବାବୁ ରିଟାୟାର୍ କରି ନଥିଲେ।

'ନଟି ତମେ ଯାଇ ଆମେରିକା ବୁଲି ଆସ ଝିଅ ଯାଇଛି।' ?

"ନା ନାନୀ, ମୋର ଶ୍ୱାସକୁ ସୁଗାର ବେମାରି। ମୋର ଆମେରିକା କିଏ ଯାଉଛି ? ମୋର ଏ ଓଡ଼ିଶା ଭଲ, ଆମେ ଆମ ନିଜ ଗାଁ ପାଖ ସହରରେ ଘର କରିଛୁ। ରିଟାୟାର ପରେ ସେଠାକୁ ଯିବୁ ସେଇଠି ରହିବୁ। ତମେ ଆସ କଟକ, ଦେଖା ହେବ ଅନେକ ଯୁଗ ପରେ। 'ହଉ ନିଶ୍ଚୟ ଯିବି।'

ଏମିତି କଥାବାର୍ତ୍ତା ଭିତରେ ନଟିଙ୍କ ନମ୍ବରଟା ମିସ୍ ହେଇଗଲା, ଯେତେ ଚେଷ୍ଟା କଲେ ମଧ ତାଙ୍କ ନମ୍ବରଟା ମିଳିଲା ନାହିଁ, ରିମାଙ୍କୁ। ଆଉ ଶତ ଚେଷ୍ଟା କରି ଝିଆରିକୁ ଫୋନ୍ କରିଥିଲେ ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀଙ୍କ ପାଖରୁ ତାଙ୍କ ନମ୍ବର ଆଣିବାକୁ, ହେଲେ ସେ ଆଜିଯାଏ ଆଣି ପାରିନଥିଲା। ବେଳେବେଳେ ନିରୋଳାରେ ରିମାଙ୍କର ନଟି କଥା ଖୁବ୍ ମନେପଡେ। ଆଖିରୁ ଲୁହ ଝରିଯାଏ। ରିମାଙ୍କ ପରିବାର ଭଲରେ ଅଛନ୍ତି, ଏଇକଥା ମନେ ରଖି ଆଉ ନଟି, ନଟି ମନେ ରହିଥିବ ସବୁବେଳେ, ତା' ସହିତ ତା' ପାଖରେ ତାଙ୍କ ପୁଅର ଡରିଲା ଡରିଲା, ଛବି ହୃଦୟରେ ଛାପି ହେଇ ରହିଥିବ ଜୀବନ ଯାକ। ନଟି ଖୁସି ହେଉଥିବ କେବେ କେବେ ଛାତ ଉପରେ ଜଳର ବନ୍ୟା ପ୍ରସଙ୍ଗ ଅନ୍ୟମାନଙ୍କ ପାଖରେ ଉତ୍‌ଥାପନ କରି।

ଖୁସିରେଥାଉ।

ତା' ଠିକଣା ଫୋନ୍ ନମ୍ବର ପାଇବା ପାଇଁ ଅନେକ ପ୍ରଯତ୍ନ କରି ରିମା ହାରି ଯାଇଥିଲେ। ଏଇ ଜିଓ ନମ୍ବର ଆସି ପୂର୍ବର ବିଏସଏନଏଲ ନମ୍ବର ସବୁ ଡିଲିଟ ହେଇ ଯାଇଥିଲା ମେମୋରିରୁ। ପୁଣି ସେ ସବୁ ମେମୋରିକୁ ଫେରାଇ ଆଣିବାକୁ ଢେର ସମୟ ଲାଗିପାରେ। ହୁଏତ ଜୀବନ ସରିଯିବ ଅକସ୍ମାତ୍। କେବେ, କେତେ ଦିନ କିଏ କହିବ ?

ରିମାଙ୍କର ସ୍ମୃତି ସବୁ ସୁନ୍ଦର ସଜୀବ ହେଇ ରହିଥାଉ ନଟି ପାଖରେ।

*ଦୂରଭାଷ: ୯୪୩୮୦୪୦୩୦୧*

# ଓଲଟ ପାଲଟ

## ଭାନୁମତୀ ସାହୁ

II ଏକ II

ପ୍ରବଣ ଲତାର ଗଳ୍ପଟିକୁ ଖୁବ୍ ଆଗ୍ରହରେ ଆରମ୍ଭ କରି ଦୁଇ ପୃଷ୍ଠା ପଢ଼ି ଥୋଇଦେଇ କହିଥିଲେ ମୋର ଲେଖା ଅଛି । ଆଜି ତାଙ୍କର ପାଠକ ହିସାବରେ ଗପଟି ପଢ଼ିବାର ଅନାଗ୍ରହକୁ ଲତା ଲକ୍ଷ୍ୟ କଲା ରୋଷେଇ ଘରୁ ପଢ଼ା ଟେବୁଲ ପାଖରେ ପହଁଞ୍ଚିଲାବେଳେ । ପ୍ରବଣ ଆଖିଟେକି ଲତାକୁ ନ ଚାହିଁ କହିଲେ- ଏଇଟା ସାନୁ ପାଇଁ ଲେଖିଛ ନା ?

- ତମ ପାଇଁ ଲେଖି ନଥିବି ବୋଲି କାହିଁକି ଭାବୁଛ ? ସାନୁ କି ମାନୁ କି ଆଉ ଟୁକୁ କି ମୁକୁ ହୋଇ ଥାଇପାରନ୍ତି । ଏମିତିଆ ଚରିତ୍ରଧାରୀ ଅନେକ ତ ଆମ ସମାଜରେ ଆତଯାତ ହେଉଛନ୍ତି । କଲେଜ ପଢ଼ିଲାବେଳେ କି ଅନ୍ୟ କେଉଁଠି କିଏ କାହା ସାଙ୍ଗରେ ରାସଲୀଳା କରି ମଧ୍ୟ ବିବାହ ପରେ ସତୀ ସାବିତ୍ରୀ ରୂପ ଧାରଣ କରନ୍ତି । ଆଉ ପୁଅମାନେ ଜାଣିଶିଆଣିଆ ସ୍ୱାମୀଟିଏ ପାଲଟି ଯାଆନ୍ତି । ସତରେ କ'ଣ ପ୍ରେମିକ ବା ପ୍ରେମିକାକୁ ଜୀବନ ସାରା ଭୁଲି ଯାଆନ୍ତି ନା ସ୍ୱାମୀ କି ସ୍ତ୍ରୀ ଆଗରେ ପ୍ରଘଟ କରିବାକୁ ଭୟ କରନ୍ତି ?

- ମୁଁ କେମିତି ଜାଣିଲି ?

ତମେ ତ ବଡ଼ ବଡ଼ କଲେଜରେ ପାଠ ପଢ଼ି କଲିକତାରେ ଚାକିରି କରିଥିଲେ ? କ'ଣ କେବେ ତୁମ ଜୀବନରେ କୌଣସି ଝିଅ ଆସି ନାହାନ୍ତି ନା ଆସିକରି ଫେରିଯାଇଛନ୍ତି ?

- ସେମିତି ମୋ କ୍ଷେତ୍ରରେ ହୋଇନି ।

- ମୋତେ କହିବନାହିଁ କେବେହେଲେ ମଧ୍ୟ କହି ଲତା ପୁଣି ଚାହିଁଲା ପ୍ରବଣଙ୍କ ମୁହଁକୁ । ସେ ତ କ'ଣ ଲେଖିଯାଉଥିଲେ ଖୁବ୍ ମନସ୍ଥ ହୋଇ । କିନ୍ତୁ ଯଦିଓ ଆଖିକୁ ସାମ୍ନାରେ ଦେଖି ପାରୁନଥିଲା ଲତା ତଥାପି କାହିଁକି ଚଷମା ତଳକୁ ଆଙ୍ଗୁଳି ଯାଇ ଆଖି ତଳକୁ ଗାଲରେ ହାତ ମାରୁଥିଲେ । କ'ଣ ପ୍ରବଣଙ୍କ ପୁରଣା କ୍ଷତ ଆଖିରେ ଲୁହ ଭରିଦେଲା କି ? ଯାହା ସ୍ତ୍ରୀ ଲତା ପାଖରେ ଗୋପନୀୟ ରଖିବାର ପ୍ରୟାସ କରୁଥିଲେ । ଏଇଟା ସତ୍ୟ ହୋଇ ପାରେ କି ତା ମନର ଭ୍ରମ ହୋଇପାରେ ତଥାପି ତାକୁ ଲାଗୁଥିଲା ସତ୍ୟ ପରି ।

କିଏ ଦେବ ପ୍ରମାଣ ପ୍ରବଣଙ୍କ ଚରିତ୍ର ଦୋଷ ନଥିବ ବୋଲି ? ଜଣେ ସତୁରୀ ବର୍ଷରେ ପଦାର୍ପଣ କରି ଯୋଗ୍ୟ ସନ୍ତାନ ସନ୍ତତିଙ୍କ ପିତାର ଆଖ୍ୟାପାଇ ନିଜର ଭୁଲ୍‌କୁ ସ୍ତ୍ରୀ ଲତା ପାଖରେ ଗାଇଦେବ କି ?

ନିଜର ଭୁଲ୍‌କୁ କେବେ କେଉଁଠି ପ୍ରକାଶ ନ କରିବାକୁ ବାପା ପରାମର୍ଶ ଦେଇଥିଲେ । ସେ କାହିଁକି ସତ୍ୟବାନ ହୋଇଯିବେ ? ଜାଣନ୍ତି ଲତା ଜଣଙ୍କ ମୁହଁର ଭାବରୁ ଭାବନାକୁ ଧରିପକାଏ ହଠାତ୍ । ମିଛ କହିବା ମଧ୍ୟ ଧରାପଡ଼ିଥାଏ ତା ଆଖିରେ । ସେ ଗପ ଲେଖୁଛି ବୋଲି କଳ୍ପନା ସହିତ ସତ୍ୟର ମିଶ୍ରଣ କରି ମନଗଢ଼ା ସୁନ୍ଦର ବିଷୟବସ୍ତୁକୁ ଉପସ୍ଥାପନା କରିବାରେ ସିଦ୍ଧହସ୍ତା । ତେବେ ଲତା ମନରେ ନିଶ୍ଚୟ କିଛି ଝଲକ ଉଠିଥିବ ଆଜି । ସେ ତାକୁ ନେଇ ଗପଟିଏ ଲେଖିଦେବ ଆଜି କି କାଲି ଭିତରେ ନିଶ୍ଚୟ । ତାର କାଗଜ ଉପରେ ଲେଖିବାକୁ ପ୍ରଶ୍ନ କରିଥିଲେ ପ୍ରବଣ-ଲତା ତମେ କ'ଣ ଗପ ଲେଖୁଛ କି ?

- ଗପ ପାଇଁ ଗପଟିଏ ଲେଖୁଛି ମୁଁ ।

- କେଉଁ ଗପ ପାଇଁ ପୁଣି ଗପଟିଏ ତମ ମନରେ ଆସିଗଲା ଯେ ?

- କାଲି ଯେଉଁ ଗପର ଦୁଇପୃଷ୍ଠା ପଢ଼ି ଥୋଇଥିଲ ପୁଣି ତା ଉପରେ ଲେଖୁଛି ଆଜି ।

ଚୁପ୍ ପଡ଼ିଗଲେ ପ୍ରବଣ । ଲତା ଜାଣେ ପୁରୁଷ ଓ ନାରୀ ଯିଏ ଯାହାର ମାୟାରେ ବାୟା । ସେଠି ନ କେଡ଼େ ଖରାପ ଆପଣ ଜାଣି ପାରିବେ ନାହିଁ । ବାହାର ଦୁନିଆରେ କ'ଣ ସବୁ ଘଟୁଛି ଆପଣ କ'ଣ ଜାଣୁଛନ୍ତି ?

- ଆରେ ଗୋଲକ, ତୋର ସିନା ହଜାରେ ସାଙ୍ଗ ଅଛନ୍ତି ଯେ ଛୁଟି ନେଇ ଜନ୍ମଦିନ ପାଳୁଛୁ । କିନ୍ତୁ ମୋର ଏଠି ଜନ୍ମଦିନ କେବେ ପାଳନ ହୋଇଛି କି ? ବୋଉ ଷଷ୍ଠୀବୁଢ଼ୀମା' ପାଖରେ ପିଠା ପୂଜା କରି ମୋତେ ଖୁଆଇ ଥାଏ । ବାହାହୋଇ ଆସିଲା ପରେ ଗାଁରେ ପିଠା ମିଠା ପୂଜା କରୁଛି ଶୀଳ ପାଖରେ ଭାଇ ଭାଉଜ ଓ ଝିଆରୀ ପୁତୁରାଙ୍କ ମେଳରେ । ପାଳୁଛି ମୋ ଜନ୍ମଦିନ । ଅନ୍ୟପଟରେ ତମ ବାବୁ ଦେବସ୍ନାନ ପୂର୍ଣ୍ଣମୀକୁ ମଧ୍ୟ ଭୁଲି ଯାଇଥିବେ । ମୋତେ ମନେ ପକାଇବାକୁ ପଡ଼େ ।

- ମା', ଦେବସ୍ନାନ ପୂର୍ଣ୍ଣମୀରେ ତମେ ଜନ୍ମ ହୋଇଥିଲ ?

- ହଁ, ଭୋର୍ ଭୋର୍‌ରୁ ଉଣେଇଶି ଏକଷଠି ମସିହା ଜୁନ୍ ସତେଇଶି ତାରିଖରେ । ଜାତକ ନାମ ଜୟନ୍ତୀ । ସେଥିପାଇଁ ତ ମୋ ଝିଅନାମ ମୋ ବାପା ରଖିଥିଲେ ଜନୀତା ।

- ତେବେ ଦିଦିଙ୍କ ନାମ ଜନୀତା ?

- ହଁ, ତମ ବାବୁ ଓ ମୁଁ ସେ ନାମକୁ ଭୁଲିଗଲୁ । କେବଳ ମୋ ବାପା କେତେକ ଚିଠିରେ ନାତୁଣୀ ନାମ ଜନୀତା ଲେଖି ପଠାଇଥିଲେ । କାଲି ଗୋଟିଏ ବାପାଙ୍କ ପୁରୁଣା ଅନ୍ତର୍ଦେଶୀୟ ପତ୍ରର ଚିଠି ପଢ଼ିଲା ପରେ ସ୍ମରଣ ହେଲା ଯେ ସତରେ ବାପା ତ ଜନିତା ଡାକୁଥିଲେ । ମୋ ବାପା ଏବେ ନାହାଁନ୍ତି ଆମର ପାଖରେ । ଏତେ ବର୍ଷ ପରେ ମୁଁ କେମିତି ଭୁଲି ଯାଇଥିଲି ମୋ ବାପାଙ୍କ ଦତ୍ତ ନାମକୁ ଭାବି ପାରୁନି । ବାହାହେଲା ପରେ ଘର ସଂସାର, ଶାଶୁଶ୍ୱଶୁର, ନଣନ୍ଦ ଦିଅର ଓ ପିଲାମାନଙ୍କ କଥାରେ କୁଆଡ଼େ ସାରିଦେଲିଣି ପଞ୍ଚଚାଳିଶ ବର୍ଷ କେବେ ଭାବିବାକୁ ସମୟ ପାଇନି ହାତରୁ ଖସି ଯାଉଛି ମୂଲ୍ୟବାନ ସମୟ ବୋଲି । ଏବେ ତୁ କେତେ ପାର୍ଟିରେ ଯାଉଛୁ ମୁଁ ଦେଖୁଛି । ବାହା ହୋଇ ଘରସଂସାରରେ ପଶିଗଲେ ବୁଝିବୁ ପ୍ରକୃତ ସଂସାର କ'ଣ ?

- ସେୟା ଯେ । ଆମ ପାର୍ଟିରେ ବିବାହିତା ମହିଳାମାନେ ମଧ୍ୟ ରହିଛନ୍ତି । ସେହି ମହିଳାଙ୍କ ଓ ଝିଅମାନଙ୍କ ଚରିତ୍ର ଜ୍ଞାନ ନାହିଁ ।

- ତୁ ଯଦି ଏତେ ବୁଝିପାରୁଛୁ ତେବେ ସେଠି ଯୋଡ଼ିହୋଇ ମାତିଛୁ କାହିଁକିରେ ଗୋଲକ ? ବେଳହୁଁ ସାବଧାନ ହୋଇଯାଆ । ଯଦି ଭୁଲ୍‌ରେ ପଶିଯାଇଛୁ ତେବେ ବାହାରିଯାଆ । ନଚେତ୍ ପଛରେ କୌଣସି ଅପରାଧରେ ଫସିଗଲେ ମାମୁଁଘରେ ମଜା ପାଉଥିବୁ । ତୁ ମୋ ଘରେ କି ଡ୍ରାଇଭର ହେବୁ ଆଉ ? ଆର ମାସରେ ବାହାରିଯାଆ ।

- ମା', ମୁଁ ତମ ଗାଁ ପିଲାଟା । ସତ କଥା ଖୋଲି କହିଦେଲି ବୋଲି ମୋ ଚାକିରି ନେଇଯିବ କି ? ଏଥର ତମ କଥା ବୁଝିଗଲି । ସ୍ତ୍ରୀ ଓ ପ୍ରେମିକା ଭିତରର ପାର୍ଥକ୍ୟରେ ସ୍ତ୍ରୀର ମହତ୍ତ୍ୱ ବେଶି ଅଛି । ଆଉ ଦୁଇମାସ ପରେ ମୋ ବାହାଘର ହେବ । ତା ପୂର୍ବରୁ ମୁଁ କ'ଣ ଆଉ ସେଠିକି ଯାଉଛି କି ?

- ତା ମାନେ ତୁ ସେଠାରୁ ମୁହଁ ବୁଲାଇ ଆଣିଲୁଣି କେବେଠୁ ?

- ପ୍ରାୟ ବର୍ଷେ ହେବ । ସେଥିପାଇଁ ତମକୁ କହିଲି ପରା ।

- ତୁ ଭାରି ଖରାପ ପିଲାଟେ ଥିଲୁ ବୋଲି ଆଜି ଜାଣୁଛି । ତୋ ବାପା ମୋ ଭରସାରେ ତତେ ଏଠିକୁ

ଛାଡ଼ିଥିଲା । ତୁ ଗାଁରୁ ଆସିଲା ପରେ ମୁଁ ମୋବାଇଲ୍ କିଣି ଦେଲି । ଖାଇ ପିଇ ମୋ ଘରେ ରହିଲୁ । ପୁଣି ଘରକୁ କିଲା ଆଣି ଥାଆନ୍ତୁରେ ଗୋଲକ !

- ମା', ମୋର ଭୁଲ ହୋଇଯାଇଥିଲା ବୋଲି ସତ ମାନୁଛି ପରା ।

- ବୁଝିଲି । ଏଥର ବାହାହେଲା ପରେ ସ୍ତ୍ରୀକୁ ନେଇ ପ୍ରେମିକାକୁ ଭୁଲିବୁ । ନଚେତ୍ ମୋ ଘରେ ତୋର ସ୍ଥାନ ନାହିଁ ।

- ମା, ତମେ ଠିକ୍ ପରାମର୍ଶ ଦେଉଛ । ମୋର ଜୀବନ ବଦଳିଯିବ ବୋଲି ସେ ଦିନ କହିଥିଲା ।

ବାହାଘରର କେଇମାସପରେ ଗୋଲକ ବ୍ୟାଙ୍କରୁ ଟଙ୍କା ସୁଧରେ ଆଣି ଗୋଟିଏ ନୂଆ କାର୍ କିଣି ଭଡ଼ାରେ ପକେଇ ନିଜ ସ୍ତ୍ରୀ ପୁଅକୁ ନେଇ ଭଲରେ ଅଛି ଭଡ଼ାଘରେ । ଦେଖାହେଲେ କିମ୍ବା ଆମ କାର୍ ଡ୍ରାଇଭର୍ ଲୋଡ଼ା ବେଳେ ଆସିଥାଏ । ପୁଣି ତାର ଗପ ଆରମ୍ଭ କରେ । କେତେ ଟଙ୍କା ଲାଭ କଲା, କେତେ ଶୁଝିଲା, କେତେ ଘର ଖର୍ଚ୍ଚ କରେ ଓ କେତେ ସଞ୍ଚୟ କରି ଆଉ ଗୋଟିଏ କାର୍ କିଣିବ ସବୁ କଥା କହିଥାଏ ଲତାକୁ ମା' ପରି ବିଶ୍ୱାସ କରି । ଏବେ ସେ ପୁରା ସଂସାରୀ ହୋଇଯାଇଛି ଯେମିତି । ରାତିରେ କୁଆଡ଼େ ଯାଏନି ସ୍ତ୍ରୀ ଓ ପୁଅକୁ ଛାଡ଼ିଦେଇ । ଭୋରରୁ ରାତି ନଅଟା, ଦଶଟା ଭିତରେ ନିଜର କାର ଭଡା କାମ ଶେଷ କରି ଦେଇଥାଏ ।

ଲତା ଆଜି ଭାବୁଛି, ପ୍ରେମିକାଟିଏ ତୁମ ଜୀବନ ଆକାଶରେ କେଉଁ ମୁହୂର୍ତ୍ତରେ ଝଲମଲ ତାରାପରି ଚକ୍ ଚକ୍ ହୋଇ ଆଖିର ଅନ୍ଧକାରକୁ ଦୂର କରି ଖୁସି ଭରି ଦେଉଥିବ କି ଦେଇପାରେ, ଅଥଚ ସ୍ତ୍ରୀଟିଏ ସ୍ଥିର ହୋଇ ତୁମ ଚରିତ୍ର ସାଙ୍ଗରେ ଜୀବନସାଥିର ଭୂମିକାକୁ ଗ୍ରହଣ କରି ଦୁଃଖ ସୁଖରେ ଚାଲିଥାଏ ଆଗକୁ ଆଗ । ଯଦିଓ ବ୍ୟକ୍ତିର ପ୍ରେମିକା ବିଷୟରେ ସ୍ତ୍ରୀଟି ଶୁଣିଥାଏ ତେବେ ମଧ୍ୟ କୁହେ – ଦେଖାଯାଉ କେତେଦିନ ଚକ୍ ଚକ୍ ହେଉଛି ସେ ପ୍ରେମିକା ?

ପୁରୁଷର ଗୋଟିଏ ଦୋଷ ଅଛି – ପ୍ରେମିକାଫୁଲର ସ୍ୱପ୍ନରେ ସାରା ଜୀବନ ବଞ୍ଚିଲାବେଳେ ସତେ ଯେପରି ଖୁସିର ମହକ ବୋଲି ହୋଇଯାଏ ଦେହରେ । ଆଉ ସ୍ତ୍ରୀଟି ବାସି ଫୁଲ ପରି ଦଳିହୋଇ ପଡ଼ିଲେ ମଧ୍ୟ ଦୁଃଖର ଛାୟା ଖେଳେଇଯାଏନି କୌଣସି ନିର୍ଭୃତ ମନରେ । ପିଲାଛୁଆର ମା' ହେଲା ପରେ ସେ ଯେମିତି ଅଲୋଡ଼ା ହୋଇ କେବଳ କର୍ତ୍ତବ୍ୟ, ଶିକ୍ଷାରେ ଓ ଶାସନରେ ଅନୁପ୍ରାଣୀତ ହୋଇ ଚାଲୁଚାଲୁ ସ୍ୱାମୀର କଟାକ୍ଷର ସ୍ୱର ଶୁଣାଯାଏ – ଏଇ କ'ଣ ଜାଣିପାରୁନ ?

ସତରେ ପ୍ରେମିକଟି ସ୍ୱାମୀ ହେଲା ପରେ ରୁକ୍ଷ ହୋଇଯାଏ ଯେମିତି ! ବର୍ଷେ ପରେ ଗୋଲକ କହିଥିଲା– ମା', ମୋ ସ୍ତ୍ରୀଟି ସକାଳୁ ଉଠିପାରି ମୋତେ ଜଳଖିଆ ଖାଇବାକୁ ଦେଇପାରୁନି । ମୁଁ ବାହାର ଦୋକାନରେ ଚା' ଜଳଖିଆ ଖାଇ ଯାଉଛି ।

- ପିଲାଟିର ଜଞ୍ଜାଳ ପାଇଁ ଏସବୁ ରୋଷେଇ କାମରେ ଡେରି ହୋଇଯାଇପାରେ ।

- ମୋ ମା', ଖୁଡ଼ୀ କରୁଥିଲେ କେମିତି ?

- ଛାଡ଼େ ସେ ଯୁଗର କଥା । ଗାଁ ଘରେ ବହୁତ ସାହାଯ୍ୟ ମିଳିଯାଏ ଏକାଠି ଥିଲାବେଳେ । ଏବେ ତୁ ସହରରେ ଘରଭଡ଼ା ନେଇ ରହିଛୁ । ତା କାମରେ ହେଳା ହୋଇଗଲେ ରାଗିବୁ କାହିଁକି ?

ଚୁପ୍ ପଡ଼ିଗଲା ଗୋଲକ । ତାକୁ ବୁଝେଇବାକୁ କହିଥିଲି– ତୁ ଯଦି ତୋ ପ୍ରେମିକାକୁ ସ୍ତ୍ରୀ କରିଥାଆନ୍ତୁ ତେବେ ସେ ମୁଣ୍ଡରେ ଚଢ଼ି ଥାଆନ୍ତା । ତୋ ଟଙ୍କା ପଇସାର ମାଲିକାଣୀ ହୋଇ କ'ଣ କରନ୍ତା ତୋ ପାଖରେ ସମୟ ନଥାନ୍ତା ବୁଝିବାକୁ । ତୋ ଟଙ୍କାର ମୂଲ୍ୟ ପାଆନ୍ତୁ କି ପର ଖାଆନ୍ତା ପରଖି ପାରିବୁ ତ ତୁ ? ପ୍ରେମିକାର ନିଶା ଖସିଗଲା ବେଳକୁ ସ୍ତ୍ରୀର ଦୋଷ ଦୁର୍ବଳତା ଦେଖି ବକିଯାଉଛୁ । ତୋ ବାପା ମା' ଭଲ ଝିଅଟିକୁ ବୋହୂ କରିଛନ୍ତି ବୋଲି ତୋ ଉପାର୍ଜନ ଟଙ୍କାର ହିସାବନିକାସ କରି ଘର ଚଳେଇ ଆଉ ଗୋଟିଏ କାର୍ କିଣିବାକୁ ଚାହିଁଛୁ । ତୋ ସ୍ତ୍ରୀ ତୋ ପୁଅର ଯତ୍ନ ନେଇପାରୁଛି ନା ନାହିଁ ?

- ତାର ସେଥିରେ ହେଳା ନାହିଁ । ଆମ ପୁଅର ସେ ଠିକ୍‌ରେ ଯତ୍ନ ନେଉଛି ।

- କାହିଁକିର ଉତ୍ତର ଦେଲୁ ଆମ ପୁଅ ବୋଲି । 'ଆମ' ଶବ୍ଦଟି ସେ ଓ ତମ ଦୁଇଜଣଙ୍କୁ ନେଇ ଯୋଡ଼ିହୋଇଛି । ଏହି କଥା ବୁଝି ବିଚାରି କାମ କରିବା କଥା । ତୋ ପୁଅର ଯତ୍ନ ଉଭୟଙ୍କ ଦାୟିତ୍ୱ ପରିସର ଭିତରେ । ତୋ ଧନ ରୋଜଗାର ନିଶା ସେହି ପୁଅ ପାଇଁ ତ ?

- ହଁ, ମା' । ମୁଁ ସିନା ଡ୍ରାଇଭର ହେଲି । ପାଠ ପଢ଼ାରେ ହେଳା କରିଛି । କିନ୍ତୁ ମୋ ପୁଅକୁ ବେଶି ପାଠ ପଢ଼ାଇବି । ଚାକିରି କରିବ ।

- ଠିକ୍ ଅଛି । ଯାଆ । ଗ୍ୟାରେଜରେ ଗାଡ଼ି ରଖିଦିଏ । ଅନ୍ୟପାଖରେ ବକ୍ ବକ୍ ହୋଇ ସମୟ ସାରିବା ଅପେକ୍ଷା ନିଜର ସୁଖର ସଂସାରରେ ରହିବୁ ।

କାର୍ ଗ୍ୟାରେଜରେ ରହିଲା ପରେ ଶୁଣାଗଲା ପ୍ରଣବଙ୍କ ସ୍ୱର– ଗୋଲକକୁ ପାଞ୍ଚଶହ ଟଙ୍କା ଦେଇଦିଅ ।

- ଦେଇ ସାରିଛି । ସେ ଏହି ସଂଧ୍ୟାବେଳଟାରେ ଭଡ଼ାରେ ନଥିଲା ବୋଲି ମିନା ଘରକୁ ଯାଇହେଲା । ଆମ କାର୍ ପଡ଼ିପଡ଼ି ଖତରା ହେଲାଣି । ତାକୁ ଏମିତି ମଝିରେ ମଝିରେ ଚଳେଇବା ଦରକାର । ଆଣ୍ଠୁ କାଟୁଛି, ମୁଁ ଠିକ୍‌ରେ ଚଳେଇ ପାରିବିନି କହି ଦୁଇହଜାର ଛଅ ମସିହାର ଏହି ମାରୁତି ଗାଡ଼ି ରଖିଛ କାହିଁକି ପାଖରେ ?

- ତାର ବ୍ୟବହାର ବହୁତ ହୋଇଗଲାଣି । ଝିଅ ପୁଅଙ୍କ ବାହାଘର ବେଳେ ଓ ମୋ କଲେଜ ଯିବା ଆସିବାରେ କାର୍‌ଟି ବହୁତ ଚାଲିଲା । ଜ୍ୱାଇଁ, ପୁଅ, ଝିଅ ଏହି କାର୍ ନେଇ ପ୍ରଥମେ ଡାକ୍ତରଖାନା ଯିବା ଆସିବା କରୁଥିଲେ । ଏବେ ପରା ନାତିକୁ ଏହି କାର୍‌ଟି ଭଲ ଲାଗୁଛି ବୋଲି ପ୍ରତିଦିନ ସ୍କୁଲରୁ ଆସିଲାପରେ ତା ଭିତରେ ବସି ସବୁ ସୁଇଚ୍ ଚିପି ଖେଳୁଛି ।

- ତେବେ ତାପାଇଁ ଏବେ କାର୍‌ଟି ନ ବିକି ରଖ । ପରେ କବାଡ଼ିବାଲାକୁ ବିକିବ ।

- କେତେ କାର୍ ନାତିପାଇଁ କିଣି ଆଣିଲଣି ପୁଅ । ତଥାପି ସେ ତ ଖୁସି ପାଉଛି ମୋ କାର୍‌ରେ ।

ଜେଜେଙ୍କ ଅଲଟୋ କାର୍ ତାର ସ୍ମୃତିହୋଇ ରହିଥାଉ । ଆଉ ତିନିଜଣ ନାତିନାତୁଣୀ ସିନା ବଡ଼ ହୋଇଗଲେଣି । ଏଇ ଛୋଟ ନାତିଟି କେବେ ବଡ଼ ହେଲେ ତା ପାଇଁ ନୂଆ କାର୍ କିଣିବ ଓ ଚଲେଇବ ।

- ରୂପ ଦେଖି ବୟସ ପଚାରୁଛ । ସତୁରୀ ବର୍ଷରେ ନୂଆ କାର୍ କିଣି ନ ଚଲେଇ କ'ଣ ଗ୍ୟାରେଜରେ ଖତ ଖୁଆଇବି କି ? ଲକ୍ଷ ଲକ୍ଷ ଟଙ୍କା କାରରେ ବିନିଯୋଗ କରିବି କାହିଁକି ? ପୁଅ ତ ପୁଣି ଆଉ ଗୋଟିଏ ବଡ଼ କାର୍ କିଣିବାକୁ ବସିଲାଣି, ତାର ବୟସ ଅଛି । ସେ କିଣିବ, ଚଲେଇବ ।

- ତେବେ ସେ ପୁରୁଣା କାର୍ ବିକିଦିଅ ।

ଠିକ୍ ସେତିକିବେଳେ ଠିକାଦାର ଆସି ପହଁଞ୍ଚିଗଲା । କହିଲା– ତମ ପୁଅଙ୍କର ବାଇକ୍ କିଏ ନେଲା ? ମୁଁ ନେଇଥାଆନ୍ତି ।

- ଜଣେ ଡ୍ରାଇଭର ନେଇଗଲାଣି ଚାରିବର୍ଷ ହେବ । ଏବେ ଖୋଜିଲେ ଆସିବ କୁଆଡୁ ?

- ମୋର ଗୋଟିଏ ବାଇକ୍ ଦରକାର ଥିଲା ।

- ତେବେ ଏହି କାର୍‌ଟି ନେବ କି ?

- ହଁ । ନେଇଯିବି ।

- ମୋ ହାତରେ ଟଙ୍କା ଦେଲାପରେ କାର୍ ନେବ । ଏବେ ତ ଆମ ଟିକିପୁଅ ସେ କାର୍‌ରେ ବସି ଖୁସି ହେଉଛି ।

- ଏତେବର୍ଷ ହେଲାଣି ପରା କାର୍‌ଟି ।

- ଆଉ ଦୁଇବର୍ଷ ପାଇଁ କାର୍‌ଟି ଚଲେଇ ହେବାର ସମୟ ଅଛି ।

- ଯେତେବେଳେ ଦେବ ମୋତେ ଦେବ । ଆମେ ଗାଁରେ ଚଲେଇବୁ ।

ପୁରାପୁରି ଭାବରେ ଅଫିସ କାଗଜ ପତ୍ରରେ ତମ ନାଁରେ କରି ଦିଆଯିବ । ତମେ ପରା ମିଶ୍ରବାବୁଙ୍କ ବାଇକ୍ ନେଇ ଚାଲଉଥିଲ ପୁରୀ ଯିବାବେଳେ । ଖରାପ ହେଲାବେଳେ ତାକୁ ଛାଡ଼ିଦେଇ ଯାଇଥିଲ । ସେହି ବାଇକ୍ ନମ୍ବର ଯୋଗୁ ମିଶ୍ରବାବୁଙ୍କୁ ଡକାହେଲା । ମାଗଣାରେ ବିନା କାଗଜ ପତ୍ରରେ ଯାନବାହାନ ଦେଲେ ନିଜ ଉପରକୁ କେଁ ଡାକିବା ସାର ହେବ ପରା ।

- ସେ କଥା ଗଲାଣି ଦଶବର୍ଷ ହେବ ।

- ବୁଝିଲ ଏବେ ବେଶି କଡ଼ା ନିୟମ ଅଛି । ଆମ କାର୍ ନେଇ କିଏ କେଉଁ ବ୍ୟବସାୟରେ ନିୟୋଜିତ କଲା ଆମେ କେମିତି ଜାଣିବୁ ? କିଣିଲା

ପରେ ତମର ଜିମାରେ ଦେଇଦେବୁ । ତମେ ହିଁ ମୁଣ୍ଡାଇବ ବିପଦ ଓ ଆପଦର ।

ଠିକାଦାର ଜାଣି ପାରିଲା ଏ ମା'ଙ୍କୁ ବୁଝାଇ କି ଫାଙ୍କାଫାଙ୍କି କି ତୋଷାମଦ କରି ହେବନି । ସେ କାମରେ ଯେମିତି ସମୟର ଧାର୍ଯ୍ୟ ଦିନକୁ ଖୋଜନ୍ତି ସେମିତି ନିୟମ କାନୁନ୍‌ରେ ଚଳିବାକୁ ଭଲ ପାଆନ୍ତି । ଏହି ଘର କାମ ବେଳେ ସାଙ୍ଗେ ସାଙ୍ଗେ ଟଙ୍କା ତୁଟାଇ ଦିଅନ୍ତି । କାହାର ଟଙ୍କାଟିଏ ରଖିବାକୁ ପସନ୍ଦ କରନ୍ତି ନାହିଁ । କହିଥାଆନ୍ତି – ଯିଏ ଯାହାର ପ୍ରାପ୍ୟ ଠିକ୍ ସମୟରେ ପାଉ । ଆଜି କାଲି କହି ସମୟ ଗଡ଼େଇ ନିଜର ସମୟକୁ ଖରାପ କରିବ କେମିତି ? ଠିକ୍ ସମୟରେ ଟଙ୍କା ମିଳିଯାଏ ବୋଲି ଆଜି ଦୁଇଟା ଲୋକ ଆଣିଛି ଅଠର ବର୍ଷର ଅରୋକାରିଆ ଗଛଟିକୁ ଅଧାରୁ କାଟିବାକୁ । ସେ ସୁବିଧାରେ କଟେଇଦେଇ ପାରିବ ଇଲେକ୍ଟ୍ରିକ୍ ତାର ରାସ୍ତାରେ ଥିଲେ ମଧ୍ୟ । ଟଙ୍କା ଅଧିକା ନେଉ ପଛକେ ଆଗ କାମଟି ସୁରୁଖୁରୁରେ ହୋଇଯାଉ ବୋଲି ପ୍ରବଣଙ୍କ ପରି ଶାନ୍ତିପ୍ରିୟ ଲୋକଙ୍କ କଥା । କଥା ଟିକିଏ ଏପଟ ସେପଟ ହେଲେ ପ୍ରବଣ ନିଜ ପରିବାର ଉପରେ ରାଗିଯାଆନ୍ତି । ଅଥଚ ବାହାର ଲୋକଙ୍କ ପାଇଁ ପୁରା ଶାନ୍ତଶିଷ୍ଟ ବ୍ୟକ୍ତିର ପରିଚୟ ନେଇ ସୁନାମ ଅର୍ଜିଛନ୍ତି । ବ୍ୟାଙ୍କ୍ ଚାକିରୀକୁ ବାଏ ବାଏ କରି ଅଧ୍ୟାପିକ ଚାକିରୀରେ ଯୋଗଦେବାକୁ ଆଗଭର ହେଲେ ନିଜ ମନର ଶାନ୍ତି ପାଇଁ । ଯାହାହେଉ ଏହି ଚାକିରୀରେ ପ୍ରଫେସର ହୋଇ ଲେଖାଲେଖିରେ ବ୍ୟସ୍ତ । ମୋ ଅଜବ ପ୍ରଶ୍ନ ଶୁଣି ଟିକିଏ ଥମିଗଲେ କାହିଁକି ବୁଝିପାରିଲା ନାହିଁ ଲତା ସେହି ସମୟରେ ।

**।। ଦୁଇ ।।**

ଆଜି ସ୍ନାନ ପୂର୍ଣ୍ଣମୀ । ଲତାର ଜନ୍ମଦିନ । ପୁଅ ବୋହୂ, ଝିଅ ଜ୍ୱାଇଁ, ନାତି ନାତୁଣୀମାନେ ଆସିଛନ୍ତି । ବୋହୂ ପୁଅ ଏହି ଜନ୍ମଦିନ ପାଳନ କରିବା ପାଇଁ ବେଶି ତତ୍ପର । ଲତାର ସେମିତି ଇଚ୍ଛା ନାହିଁ ଆଉ ନିଜ ପ୍ରତି । ପିଲାମାନଙ୍କ ଜନ୍ମଦିନ ପାଳନ ବେଳେ ବେଶି ଖୁସି ହୁଏ । ଏତିକିବେଳେ ଭଉଣୀର ଫୋନ୍ ଆସିଲା – ନାନୀ, ତତେ ନନା କି ଉପହାର ଦେଲେ ?

– ତୁ କ'ଣ ଜାଣିନୁ କି ନନା କେବେହେଲେ ମୋ ଜନ୍ମଦିନ ମନେରଖନ୍ତି ନାହିଁ ।

– ତୁ ତ ଦେବସ୍ନାନ ଭୋରରୁ ଜନ୍ମ ହେଇଛୁ ବୋଲି ବୋଉ କୁହେ । ନନା କେମିତି ଭୁଲିଯାଆନ୍ତି କି ? ଆଗରୁ ସିନା ପାଳୁନଥିଲୁ, ଏବେ ତୋ ପୁଅ ବୋହୂ ତୋ ଜନ୍ମଦିନ ପାଳୁଛନ୍ତି । ନନା ଏବେ ଆଧୁନିକ ଢାଞ୍ଚାରେ ପଡ଼ିଗଲେଣି ଆଗ ଅପେକ୍ଷା ବୋହୂ ଆସିବା ପରେ । ନହେଲେ ପିଲାଦିନେ ମୋତେ ପରା ନନାଙ୍କୁ ଭାରି ଡରମାଡୁଥିଲା ।

– ଆମର ଏବେ ଆଉ ପିଲାଦିନ ନାହିଁ । ବୁଢ଼ାଦିନ ହେଲାଣି । ଗଛର ହଳଦିଆ ପତ୍ରରେ ହଜାରେ ରୋଗ ଯେ ପ୍ରତିଦିନ ଦଶଟି ବଟିକା ଖାଉଛୁ ବଞ୍ଚିରହିବା ପାଇଁ ।

– ତୁ ଲେଖୁଛୁ ବୋଲି ଏପରି ତୁଳନା କଲୁଣି । ମୋର ମଧ୍ୟ ବ୍ଲଡ଼୍‌ପ୍ରେସର ବଢ଼ିଥିଲା । ଔଷଧ ଖାଉଛି । ତୁ ତ ବହୁ ବର୍ଷ ହେଲା ଔଷଧ ଖାଇଲୁଣି । କ'ଣ ରୋଗ କମିଗଲାଣି ?

– ଏହି ରୋଗ ଜ୍ୱର କି ଝାଡ଼ା ନୁହେଁ ଯେ ଚାରିପାଞ୍ଚ ଦିନରେ ଭଲ ହେବ । ବର୍ଷ ବର୍ଷ ଔଷଧ ଖାଇ କେବଳ ରୋଗକୁ ନ ବଢ଼େଇବା ଚେଷ୍ଟାରେ ରହିଛି ମୁଁ ଓ ଏବେ ତୁ ।

– ବେଳେବେଳେ ଔଷଧ ଖାଇଲାପରେ କେମିତି କେମିତି ଲାଗେ ଯେ ମୁଁ ସାଙ୍ଗେ ସାଙ୍ଗେ ଗ୍ଳୁକୋଜ କି ଚକୋଲେଟ୍ ଖାଇଦେଇ ଥାଏ ।

– ଠିକ୍ ଅଛି । ଦେହ ପା'କୁ ଚାହିଁ ଚଳେ । ତୋ ଝିଅ ବାହାଘର ଆଗକୁ ଅଛି ।

– ହଁ ନଭେମ୍ବର କି ଡିସେମ୍ବର ମାସରେ କରାଯିବ । ମୋତେ ଭାରି ହାଲିଆ ଲାଗୁଛି । ବାହାଘର କାମ କରିବି କେମିତି ?

– ତୋ ଝିଅ ଏଠା ବ୍ୟାଙ୍କ ଚାକିରୀ ଛାଡ଼ି ଜ୍ୱାଇଁ ସାଙ୍ଗରେ ମୁମ୍ବାଇ ଯିବକି ?

– ସେ ଜାଣିଥିବ ସେ କଥା । କ'ଣ ଛୋଟପିଲା ହୋଇଛି ଯେ ତାକୁ ବୁଝାଇବି । ଜ୍ୱାଇଁ ସଫ୍ଟୱେୟାର ଇଞ୍ଜିନିୟର ହୋଇ ବମ୍ବେରେ ଅଧିକା ଟଙ୍କା ପାଉଛି । ଏଠିକୁ ଆସିବ କାହିଁକି ? ଝିଅ ତା ମନ ଇଚ୍ଛାରେ ବର ଚୟନ କରିଛି । ତେଣୁ ସେକଥା ସେ ବୁଝିବ କି ତା ଶାଶୁଘର ଲୋକ ବୁଝିବେ । ମୋର ଆଉ ବଳ ନାହିଁ ଅନ୍ୟ କଥାରେ ମୁଣ୍ଡ ପଶେଇବାକୁ । ଏ ରୋଗ ମୋତେ ଦୁର୍ବଳ କରି ଦେଉଛି । କେତେ ମିଠା, ଫଳ ନ ଖାଇ ରହିବି ମୁଁ ? ବେଳେବେଳେ ଇଚ୍ଛା ହେଲେ ଖାଇ ଦେଉଛି ।

– ତୋର ଏବେ ରୋଗ ବାହାରିଛି । ମୋ ଠାରୁ ଦଶବର୍ଷ ସାନ ତୁ । ତେଣୁ ଏପରି କହୁଛୁ । ମୋର ରୋଗ ପୁରୁଣା ହେଲାଣି, ତେଣୁ ବେଶି ଜଗିବାକୁ ପଡୁଛି ।

ଫୋନ୍ କଟିଲା ପରେ ଲତା ଭାବିଲା ତା ଝିଅ ପ୍ରେମ କରି ଅନ୍ୟ ଜାତିରେ ବିବାହ କରିବାକୁ ଯାଉଥିବାରୁ ସେ ଆଉ ସେ କଥାରେ ମୁଣ୍ଡ ପଶେଇବାକୁ ଚାହୁଁନି । ପ୍ରେମିକାରୁ ସ୍ତ୍ରୀ ହୋଇ କେମିତି ଚଳିବ ଓ ରହିବ ସେ କଥାରେ ମଧ୍ୟ ବ୍ୟସ୍ତ ନୁହେଁ । ଦିନେ କହୁଥିଲା – ଆମକୁ ସିନା ଆମ ବାପା ଯେଉଁଠି ବାହାଘର କରିବାକୁ କଥା ପକ୍କା କଲେ ଆମେ ସେଠି ବାହାହେଲେ । କିନ୍ତୁ ଆଜିକାଲି ପିଲାମାନେ ପରା ନିଜ ପସନ୍ଦର ବିବାହ କରୁଛନ୍ତି । ତେଣୁ ସେମାନଙ୍କର ଭଲମନ୍ଦ ତାଙ୍କର । ଆମର ନୁହେଁ । ସେଥିପାଇଁ ତ ବାହାଘର ଉପରେ ଆଉ ଭରସା କରୁନାହାଁନ୍ତି ଝିଅମାନେ । ଟଙ୍କା ଆଗ ରୋଜଗାର କରି ପରେ ବାହାହେବାକୁ ଜିଦି କଲେଣି । ଆମେ ଯେମିତି ପାଠ ପଢ଼ି ଚାକିରି ନକରି ସ୍ୱାମୀ ଟଙ୍କାକୁ ଅନେଇ ଦେଖି ରହିଁ ଚଳିଲେ ସେମିତି ମୋ ଝିଅ ହେରିକା ଆଉ କରିବେ କି ? ଏବେ ତ ମନଇଚ୍ଛା ଖର୍ଚ୍ଚ କରୁଛି । ବାହାଘର ପରେ ବୁଝିବ ନିଜ କଥା । ତା ଶାଶୁଘର ବହୁତ ଖୁସି ମୋ ଝିଅକୁ ବୋହୂ କରି ନେବାପାଇଁ । କହିଲେ 'ଭାଗ୍ୟରେ ଥିଲେ ଏମିତି ବୋହୂ ମିଳିବ' ।

– ଶାଶୁଘରକୁ ଯିବାପରେ ଶାଶୁଙ୍କୁ ଭଲ ରାନ୍ଧି ପରଷିବ ।

– କ'ଣ କରିବ ସେ ଜାଣେ ? ଏଠି ଉଠୁ ଉଠୁ ସକାଳ ସାଢ଼େ ଆଠ ଉପରେ ହେଉଛି । ତା କାମ ସରିଲାବେଳକୁ ତା ଖାଇବା ଓ ଟିଫିନ୍ ମୁଁ ରେଡ଼ି କରିଦେଉଛି । ଶାଶୁଘରେ ବୋହୂ ଚାକିରିଆ ଓ ଶାଶୁ ଚାକିରିଆ, ତେଣୁ ରଖିଦେବେ ରାନ୍ଧୁଣିଆ ।

ଲତା ଜାଣେ ତା ଭଉଣୀ ମଧ୍ୟ ଯାହା ସତ ତାହା କହିବାକୁ କୁଣ୍ଠାବୋଧ କରେନି । ତେଣୁ ଝିଅ ବିଷୟରେ କହିଦେଲା ନିଜ ମନଖୋଲି କଥାଗୁଡ଼ାକ ।

– କାହାର ଫୋନ୍ ? ବେଶି ସମୟ କଥା ହୁଅନି । କାନକୁ ଖରାପ କରିଦେବ ।

ହସିହସି ଲତା କହିଲା– ମୋ ପ୍ରେମିକର ଫୋନ୍ ପରା ! ପୁରୁଣା ଦିନର କଥା କହୁଥିଲା । କେତେ ସମୟ ଫୋନ୍‌ରେ କଟିଗଲାଣି ଜଣା ପଡ଼ିଲାନି ।

ଚୁପ୍ ପଡ଼ିଗଲେ ପ୍ରବଣ । ଜାଣନ୍ତି ଲତା ଘରର ଆଭିଜାତ୍ୟର ଚଳଣୀ । ଅନ୍ୟ କାହାକୁ ଘର ଭିତରକୁ ପ୍ରବେଶ ନାହିଁ । ଗାଁ ପାଖ ଝିଅ ଥିଲା ଲତା । ତା ବିଷୟରେ ତା ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କଠାରୁ ତା ଶ୍ୱଶୁର ନିଶ୍ଚୟ ବୁଝିଥିବେ । ଗାଁର ଝିଅ ହୋଇ ପ୍ରଥମେ ଫାଷ୍ଟ ଡିଭିଜନ୍ ପାଇଲା ମାଟ୍ରିକ୍‌ରେ । ରକ୍ଷଣଶୀଳ ପରିବାର ଭିତରେ ବଢ଼ି ସିଧା ସ୍କୁଲ କି କଲେଜ ଯାଇ ଫେରେ । ସାଧାରଣତଃ ଗାଁର ଅନ୍ୟ କାହାର ସାହାସ ନାହିଁ ତାଙ୍କ ଘର ଝିଅମାନଙ୍କୁ କମେଣ୍ଟ୍ ମାରିବାକୁ ।

– ଆଜି ତ ନ୍ୟାୟାଳୟ କହିଲେଣି ଗୃହିଣୀମାନଙ୍କ ଆର୍ଥିକ ଅବସ୍ଥାରେ ଉନ୍ନତି ଆଣିବା ଦରକାର । ଦେଶ ଆଗେଇବ । ପ୍ରବଣ ଶୁଣାଇଲେ ।

– ଯାହାହେଉ ଗୃହିଣୀମାନଙ୍କ ହାତରେ ଟଙ୍କା ଆସିଯିବ । ଚାକିରୀ କରିଥିବା ମହିଳାମାନେ ନିଜ ଟଙ୍କାରେ ଗର୍ବ କରିବାକୁ ସାହସ କରନ୍ତି । କିନ୍ତୁ ମୋ ପରି କେତେଜଣ ସ୍ୱାମୀଙ୍କ ହାତଟେକା ଟଙ୍କାରେ ହିଁ ସାରାଜୀବନ ଚଳୁଥାଆନ୍ତି ନିଜ ଇଚ୍ଛାକୁ ଅପୁରଣ ରଖି ।

– ଏହି ଘର ତ ଆମର । ମୋର ଓ ତମର ଖର୍ଚ୍ଚ ଅଲଗା ତ ନୁହେଁ । ଆମେ ତ ଗୋଟିଏ ନାଆରେ ଗୋଡ଼ ଦେଇଛେ । କିଏ କ'ଣ କାହାକୁ ଦୂରେଇ ରହୁଛେ କି ?

– ବୁଝିଲ, ପଚାଶ ଷାଠିଏ ବର୍ଷର ଅତୀତର ସଂସ୍କୃତି ଓ ପରମ୍ପରା ଭିତରେ ଆମେ କଷଟିପଥର ପରି ଘସିମାଜି ହୋଇ ଦାମ୍ପତ୍ୟ ଜୀବନକୁ ଅଭାବ ଅନାଟନ ଭିତରେ ମଧ୍ୟ ଶୃଙ୍ଖଳିତ କରି ଆଗେଇ

ଆସିସାରିଛେ । ପଛକୁ ଋହିଁଲେ ଅତୀତ ହିଁ କେତେ ଗ୍ରହଣୀୟ ଥିଲା ଆମ ପକ୍ଷେ ସେ କଥା ଆଜିର ପିଲା ବୁଝିବାକୁ ନାରାଜ । ଶୁଣିବାକୁ ଋହାଁନ୍ତି ନାହିଁ ସେହି ପୁରୁଣା ବିନା ଇଲେକ୍‌ଟ୍ରିକ୍ ଆଲୁଅରେ ଚଳୁଥିବା ପିଲାଦିନକୁ । ବଞ୍ଚନ୍ତୁ ନିଜ ଇଚ୍ଛା ମୁତାବକ । ନିଜେ ଋଲୁଋଲୁ ଧୋକା ଖାଇଲେ ବୁଝି ପାରିବେ ଗୁରୁଜନଙ୍କ କଥା । ଦିନେ କ୍ଷୀରବାଲାକୁ ପର୍ଋରିଲି - ତୁ ଶୁଣୁଛୁ କି ତୋ ବାପାମା'ଙ୍କ କଥା ?

- କ'ଣ କହିଲା ?

- ମୁଣ୍ଡ ହଲାଇ ମନା କଲା ।

ଚୁପ୍ ପଡ଼ିଗଲେ ପ୍ରବଣ । ଶିକ୍ଷିତ ଓ ଅଶିକ୍ଷିତର ଆଉ ଫରକ ନାହିଁ । ଟିକିଏ ଫାଙ୍କା ସମୟ ପାଇଗଲେ ମୋବାଇଲ୍ ଖଣ୍ଡକରୁ କ'ଣ ସବୁ ଦେଖିବାରେ ବ୍ୟସ୍ତ ଋହନ୍ତି ଆଜିର ଯୁବପିଢ଼ି ମା' ଗଙ୍ଗେଇ ଜାଣନ୍ତି ।

- ଶୁଣୁଛ, ପୁଅ ଗୋଟିଏ ଦାମୀ କାର୍ କିଣିବ ।

- କିଣୁ । କିଏ ମନା କରୁଛି ନା ମୋତେ ତା ଦରମାଟଙ୍କା ଦଉଛି । ତା ଉପାର୍ଜନ ତାର ଖର୍ଚ୍ଚରେ ଲାଗୁଛି । ମୋର ପେନସନ୍ କମ୍ ନୁହେଁ ଯେ ମୁଁ ତା ପାଖରେ ଗୋଡ଼ଭାଙ୍ଗି ଠିଆହେବି । କିନ୍ତୁ ଯେଉଁ ବାପାଙ୍କର ରୋଜଗାର ଟଙ୍କାଟିଏ ନାହିଁ ସେହିମାନେ ତ ପୁଅ ପାଖରେ ହାତପତେଇବାକୁ ବାଧ । ମୋ ବାପାଙ୍କର ରୋଜଗାର ଓ ପେନସନ୍ ଥାଇ ମଧ ଆମେ ତାଙ୍କୁ ଟଙ୍କା ଦେବାକୁ ବାଧ ଥିଲୁ ବେଶି ଭାଇ ଭଉଣୀଙ୍କ ଖର୍ଚ୍ଚ ନିମିତ୍ତ ।

- ସତରେ, ତୁମେ କାହାକୁ ଋହିଁ ବାହାହୋଇ ପାରିନାହଁ କି ?

- ତମର ସବୁବେଳେ ଅବିଶ୍ୱାସ କଥା ଆସୁଛି । ପାଠପଢ଼ା ଓ ଋକିରୀ କ୍ଷେତ୍ରରେ କେତୋଟି ଝିଅଙ୍କ ସହଯୋଗ ସେତେବେଳେ ଥିଲା କି ? ବେଶି ଝିଅ ତ ପଢ଼ିବାର ସୁଯୋଗ ପାଇ ପାରୁ ନଥିଲେ । ଯିଏ ପଢୁଥିଲା ତାଙ୍କ ଭିତରୁ କେତେଜଣ ଋକିରୀ କରୁଥିଲେ କି ? ଆଜିକାଲି ପ୍ରାୟ ଅଧାପୁଅ ଓ ତାଠୁ ଅଧିକ ଝିଅଙ୍କର ସବୁଠି ପ୍ରବେଶ । ତେଣୁ ପ୍ରେମ ବିବାହ ବେଶି ପ୍ରଚଳନ ହେଲାଣି ।

- ସେଥିପାଇଁ ତମ ପୁଅ ନିଜ ଇଚ୍ଛାରେ ବାହାହୋଇ ତମ ଇଚ୍ଛାକୁ ପୁରଣ କରିଦେଇଛି ।

- ଯାଉସିଆଉ ପ୍ରଶ୍ନ ମତେ ଗୁଡେଇ ତୁଡେଇ ପର୍ଋରି ଏ ବୟସରେ କ'ଣ ମଜା କରୁଛ କି ? ପୁଅ କଲା ବୋଲି ବାପାଙ୍କର ଦୋଷ ନା କ'ଣ ?

- ବାପା ଗୁଣେ ପୁଅ ପରା । ତମ ଚରିତ୍ରଧାରୀ ସେ ନଥିବ ବୋଲି କିଏ ଭାବିବ ?

ଭଉଣୀର ଫୋନ୍ ଉଠାଇଲା ବେଳେ ପର୍ଋରିଲି - ତୋ ଝିଅ ବାହାଘର କଥା ତୋ ଶାଶୁଘର ଲୋକଙ୍କୁ କହିଲୁଣି କି ? ଆଗରୁ ଜଣେଇ ଦିଏ ।

- ସମୟ ଆସୁ । ସେମାନେ ତ ଅନ୍ୟ ଜାତି କଥା ଶୁଣିଲେ ପ୍ରତିକ୍ରିୟା ପ୍ରକାଶ କରିପାରନ୍ତି । ମୋ ସାନଦିଅର ସ୍ତ୍ରୀ ଆମ ଓଡ଼ିଆ ଝିଅ କିନ୍ତୁ ଅନ୍ୟ ଜାତିର ବୋଲି ଶୁଣିଲା ପରେ ଆମ ଘରଲୋକ ତା ବାହାଘରକୁ ଗଲେନି । ଯାଙ୍କୁ ମଧ ମନା କଲେ । ଆଜିପର୍ଯ୍ୟନ୍ତ ତା ବୋହୂ ଆମ ଗାଁ ଦେଖିନି । ଦିଅରଙ୍କ ଦଶବର୍ଷ ଉପରେ ବାହାଘର ସରିଯାଇଛି । ତଥାପି ଆକଟ କରି ରଖିଛନ୍ତି । ମୋ ଝିଅ ଆମ ଓଡ଼ିଆ ପୁଅକୁ କିନ୍ତୁ ଅନ୍ୟ ଜାତିରେ ବାହା ହେଉଛି । ତଥାପି କ'ଣ କରୁଛନ୍ତି ଦେଖ ? ଆଜିକାଲି ନିଜ ମନଇଚ୍ଛାରେ ବାହାଘର ହେଉଛି । ଆମ ହାତରେ କ'ଣ ଅଛି ? ତୋ ପୁଅକୁ ତ ନିଜ ଇଚ୍ଛା ଅନୁସାରେ ଅନ୍ୟ ଜାତିରେ ବାହାହେବାକୁ କହିଲା ଆଉ ତମେ ତ ହଁ ଭରିଲ । ଆମ କଥାରେ କ'ଣ ଆଉ ପିଲାମାନେ ଅଛନ୍ତି ?

ଭାବୁଥିଲି ବାପାଙ୍କ ଇଚ୍ଛା ଅନୁସାରେ ସାନଭଉଣୀକୁ ଚିହ୍ନାପରିଚିତ ନିଜ ଜାତିର ଘରେ ସେ ବିବାହ କରେଇଥିଲେ । ତଥାପି ସାନ ଭଉଣୀ ଏବେ ଋହୁଁନି ଜଣେଇବାକୁ ଖୁସି ଖବରଟି ।

- ନାନୀ, ମୋ ଶାଶୁ ଘର ସଦସ୍ୟଙ୍କୁ ନିର୍ବନ୍ଧ ଘରକୁ ଜଣେଇବି । ଆଗୁଆ କହିଲେ ଚଳିବନି । ଝିଅ ଋକିରୀ କରିଛି । ଆମ ହାତରେ ସେ ରହୁଛି ନା କ'ଣ ?

ମନ ଭିତରେ ପଶିଆସୁଥିଲା ସେତେବେଳେ ପ୍ରେମ କରିବା ଏକ ଅପରାଧ ଥିଲା । ଏଥିପାଇଁ ପୁଅ ଝିଅମାନଙ୍କ ମନରେ ଶଙ୍କା ଥିଲା । ମନକଥା ମନରେ ଋପି ସୁଦ୍ଧା ବିବାହ କରିବାକୁ ବେଦୀରେ ବସୁଥିଲେ ବାପାଙ୍କ ନିଷ୍ପତ୍ତି ଅନୁସାରେ । ଯୁଗର ପରିବର୍ତ୍ତନରେ ମନ ଉଡ଼ିଲାଣି । ଦେଶ ବିଦେଶ ଆଉ ପାର୍ଥକ୍ୟ ନାହିଁ । ପ୍ରାଚ୍ୟ ଓ ପାଶ୍ଚାତ୍ୟ ସଂସ୍କୃତିର ମିଶ୍ରଣ ହେବାକୁ କେଇବର୍ଷର ଅପେକ୍ଷା ଥାଇପାରେ । ମନ ଘୋଡ଼ାର ଦଉଡ଼ ପଛରେ ଦଉଡ଼ି ଦଉଡ଼ି ଥକ୍କା ହେଲେ ହିଁ ବସି ପଛକଥା ଭାବିବ । ନଚେତ୍ ଦୌଡ଼ିବା ନିଶା ସମସ୍ତଙ୍କୁ ଘାରିଛି । ଏତେ ବ୍ୟସ୍ତ କାହିଁକି ? ଦେଖାଅଛି ଆଗକୁ କ'ଣ ଘଟିବ !

ପାଖରେ ବୋହୂ ପହଁଞ୍ଚିଯାଇ କହିଲା- ମା', ଆଜି ସଂଧ୍ୟାରେ ଆପଣଙ୍କର ଜନ୍ମଦିନ ପାଳନ କରିବା ।

- କ'ଣ ପାଇଁ ଏ କେକ୍‌କଟା ଓ ଜନ୍ମଦିନ ପାଳନର ପର୍ବ ଋଲୁଛି ? ତମମାନଙ୍କର ଜନ୍ମଦିନ ପାଳୁଥାଅ । ଆମର ନ ହେଲେ ଚଳିବ । ମନଦୁଃଖ ନାହିଁ ।

- କାହିଁକି ? ଆପଣମାନେ ଆମପାଇଁ ଠାକୁର । ଆପଣଙ୍କ ଜନ୍ମଦିନ ପାଳିବୁନି କେମିତି ? ଆପଣଙ୍କ ପୁଅ ପାଳନ୍ତୁ । ଆପଣ ଏତେ ପରିଶ୍ରମ କରି ପୁଅକୁ ବଡ଼ କଲେ ଓ ଯୋଗ୍ୟକଲେ । ଆଉ ଅସୁବିଧା କେଉଁଠି ?

ପ୍ରବଣ ଲତାକୁ କହିଲେ - ଏ ଯୁଗରେ ବେଶି ଖର୍ଚ୍ଚବାର୍ଚ୍ଚ ପ୍ରତି ଆଜିର ଯୁବପିଢ଼ି ଆଗ୍ରହ । ଯେହେତୁ ଗୋଟିଏ ପରିବାରରେ ଜଣେ ଦୁଇଜଣ ଭାଇ ଭଉଣୀ ଭିତରେ ସୀମିତ ଅଛନ୍ତି । ଆମ ସମୟରେ ପରିବାରର ବୋଝରେ ଅଣ୍ଟା ନଇଁଯିବ ଓ ଅଧା ସମୟ ସରିଯିବ ନିଜ କଥା ଭାବିଲାବେଳକୁ । ସେଥିପାଇଁ ତମ ପାଇଁ ଭଲ ଶାଢ଼ୀ ଓ ଅଳଙ୍କାର କିଣିପାରିବାକୁ ସେତେବେଳେ ସକ୍ଷମ ନଥିଲି । ଏବେ ରିଟାୟାର୍ଡ଼ ପରେ କିଣିଦେଲି ନା ନାହିଁ ?

- ମନ ଥିଲାବେଳେ କିଣିବ ନାହିଁ । ପିନ୍ଧିବାକୁ ଇଚ୍ଛା ନଥିଲାବେଳେ କିଣି ଘର ଆଲ୍‌ମାରୀ ଭର୍ତ୍ତି କରି ରଖିବା କାହିଁକି ? ଖାଇବାକୁ ଇଚ୍ଛା ନଥିଲାବେଳେ ଜବରଦସ୍ତି ଖାଇଲେ ଅଜିର୍ଣ୍ଣ ହେବ । ତେଣୁ ସମୟ ସହିତ ମନ ଓ ବୟସ ଥାଏ । ପରେ ସେସବୁ ମରିସାରିଥାଏ । ଏବେ ତମକୁ କାର୍ ଚଲେଇବାକୁ କହିଲେ କାହିଁକି ମନା କରୁଛ ?

- ଯାହାହେଉ ଋକିରୀ କଲାବେଳେ କାର୍ କିଣି ଚଳେଇ ନେଇଛି । ଏବେ କାର୍ ଖତ ଖାଉଛି ଗ୍ୟାରେଜ୍‌ରେ ପଡ଼ି ରହି ।

- ବୟସ ଥିଲେ ପ୍ରେମିକ ପ୍ରେମିକାଙ୍କ ଆକର୍ଷଣର ରୋମାଞ୍ଚ ଥାଏ । ଆଉ ବାହାହୋଇ ଘରସଂସାର କଲେ ତାର ଅସଲ ବ୍ୟବହାର ଜଣାଯାଏ । ସ୍ତ୍ରୀ ଓ ପ୍ରେମିକା ଭିତରେ ଅନେକ ପାର୍ଥକ୍ୟ ଅଛି ପରିବର୍ତ୍ତିତ ବର୍ଷରେ ।

- କ'ଣ ?

- ସ୍ତ୍ରୀର ଆଶା ନ ଥାଏ କିଛି ପାଇବାକୁ । କିନ୍ତୁ ପ୍ରେମିକାର ପାଇବାର ଆଶା ବହୁତ ଥାଏ ।

- ଜଣେ ନକ୍ଷତ୍ର ହେଲେ ଆଉ ଜଣେ ଗ୍ରହ କି ?

- ଯିଏ ସେ ଭୂମିକାରେ ଲିପ୍ତ ସେ ହିଁ ଦେବେ ତା ଉତ୍ତର । ଛାଡ଼, ଆମେ ତ ଗୋଟିଏ ଡଙ୍ଗାରେ ବସି ଶପଥ ନେଇ ସାରିଛେ ଜୀବନର ଶେଷପର୍ଯ୍ୟନ୍ତ ଋଲିବା ପାଇଁ । କିଏ ଭାଙ୍ଗୁଛି କି କାହାର ସ୍ୱପ୍ନର ତାଜ୍‌ମହଲ୍ ?

ଅଋନକ ବୋହୂର ସ୍ୱର ଶୁଣାଗଲା- ମା', ତମେ ଯାହା ପର୍ଋରିବ ସଠିକ୍ ଉତ୍ତର ମୁଁ ଦେଇପାରିବି ।

- ତେବେ ସମୟ ଆସିଲେ ଏହି ପ୍ରଶ୍ନ ପର୍ଋରିବାକୁ କଦାପି ଭୁଲିଯିବିନି ମୁଁ । ହଉ, ତମ ଖୁସିରେ ଆମେ ଜନ୍ମଦିନର ଆନନ୍ଦିତ ମୁହୂର୍ତ୍ତ ଗୋଟାଇ ଟିକିଏ ଭୁଲିଯିବୁନି ତ ଆଉ !

ଏହି ସମୟରେ ନାତିନାତୁଣୀମାନଙ୍କ ସମ୍ମିଳିତ ସ୍ୱର ଶୁଣାଯାଉଥିଲା - ହାପି ବାର୍ଥଡ଼େ ଗ୍ରାଣ୍ଡମଦର !

*ଅନ୍ୱେଷଣ, ୫୨/ଫେଜ୍ -୨,*
*ଭାଗବତ ସନ୍ଧାନ କଲୋନୀ, ଜି.ଜି.ପି.,*
*ଭୁବନେଶ୍ୱର - ୭୫୧୦୨୫,*
*ଭ୍ରାମ୍ୟଭାଷ : ୬୩୭୮୧୩୬୫୫*

# ମନୁଷ୍ୟର ଭାଉ

## ମୂଳହିନ୍ଦୀ - ଆଚାର୍ଯ୍ୟ ଚତୁର ସେନ
## ଓଡିଆ ରୂପାନ୍ତର - ଜନ୍ମେଜୟ ବାବୁ

ଜେଲର୍ ଅଫିସ୍‌କୁ ଡାକି ତାକୁ କହିଲେ, - "ତମେ ମୁକ୍ତ ହେଲ !" ତା'ପରେ ଜେଲର ମେଟ୍ ତା'ର ପୁରୁଣା ବସ୍ତ୍ର ଓ ସାଢେ ସାତ ଟଙ୍କା ସାମ୍ନାରେ ରଖିଦେଲା।

ସାତ ବର୍ଷଯାଏଁ ଜେଲ୍‌ର ପ୍ରାଚୀର ଭିତରେ ରହିବା ପରେ ଆଜି ତାକୁ ଏହି ଶୁଭ ସଂବାଦ ମିଳିଲା। ତେଣୁ, ନିୟମାନୁସାରେ ଜେଲର୍‌ଙ୍କୁ ସଲାମ୍ କଲା ନାହିଁ କି କୌଣସି ଖାସ୍ ଖୁସୀ ପ୍ରକଟ କଲା ନାହିଁ। ସେ ନିଜର ସାତବର୍ଷ ପୂର୍ବର ଯତ୍ନରେ ରଖାଯାଇଥିବା ସଲ୍‌ବାର୍ ଓ କମିଜ୍‌କୁ ଗଭୀର ଦୃଷ୍ଟିରେ ଦେଖିଲା। ତା'ପରେ ତା'ର ନଜର ଟେବୁଲ୍ ଉପରେ ପଡିଥିବା ସାଢେ ସାତଟଙ୍କା ଉପରେ ଅଟକି ଗଲା। କେ'ଜାଣି କ'ଣ ଭାବିକରି ତା'ର ଓଠରେ ହସ ଫୁଟି ଉଠିଲା। ସେ ଚୁପ୍‌ଚାପ୍ ଜେଲ୍‌ର ବସ୍ତ୍ର ଉତାରି ନିଜର ବସ୍ତ୍ର ପିନ୍ଧିଲା ଓ ସେହି ଟଙ୍କାକୁ ବେପରୁଆ ଭାବରେ ତା' କମିଜ୍‌ର ମୁଣାରେ ପୂରାଇଲା। ପୁନଶ୍ଚ, ସହସା ନିଜର ହାତକୁ ସେ ଜେଲର୍‌ଙ୍କ ଆଡେ ବଢାଇଦେଲା।

ଜେଲର୍ ହିନ୍ଦୁସ୍ତାନୀ ଥିଲେ। କିନ୍ତୁ ସଲାମ୍ ବଦଳରେ କୟେଦୀ ହାତ ଆଗକୁ ବଢାଉଥିବା ଦେଖି ସେ କ୍ଷଣିକ ପାଇଁ କୁଣ୍ଠିତ ହେଲେ ଓ ପରମୁହୂର୍ତ୍ତରେ କୟେଦୀର ହାତ ସହ ପ୍ରେମର ସହିତ ହାତ ମିଳାଇଲେ। ବୁଢା ଜେଲର୍ ହସି ହସି କହିଲେ, - "ଦେଖ ସରଦାର୍, ତମେ ଜଣେ ସାହସୀ ବ୍ୟକ୍ତି। ତିନିବର୍ଷରୁ ତମେ ମୋ' ସହିତ ରହିଛ। ସେହି ଭିତରେ କେତେ ସଂଘର୍ଷ ତମ ଓ ମୋ' ସହିତ ହୋଇଛି। ତମର ବିଗତ ରେକର୍ଡ ବି ଭଲ ନଥିଲା। ତଥାପି, ମୁଁ ତମର ଗୁଣକୁ ବି ଜାଣିପାରିଛି। ତମେ ଦବି କରି ରହିବା ଶିଖି ନାହଁ। ତମେ ଯଦି ଏହି ଗୁଣକୁ ଠିକ୍ ଭାବରେ କାର୍ଯ୍ୟରେ ଆଣିବ, ତେବେ ନିଜର ଜୀବନକୁ ଏବେ ବି ସୁଧାରି ନେଇପାରିବ। ଆଉ ଦେଖ, ତମେ ଏବେ ତମର ବିଗତ ପେଷା କରିବ ନାହିଁ।"

- "ଅର୍ଥାତ୍, ଡକାୟତି ?"

- "ଡକାୟତି ଓ ହତ୍ୟା ବି !"

- "ହତ୍ୟା ତ ମୋ'ର ପେଷା ନୁହେଁ, ତାହା ତ କେବେ କେବେ ଅସହାୟ ଅବସ୍ଥାରେ.......।"

- "ନା, ନା, ବନ୍ଧୁ, କୌଣସି ଅବସ୍ଥାରେ ବି ନୁହେଁ। ଶପଥ କର, ତମେ ଜଣେ ଭଲ ବ୍ୟକ୍ତି ଭାବରେ ନିଜର ଜୀବନ ବିତାଇବ।"

କୟେଦୀ ହସି କରି ବୁଢା ଜେଲର୍‌ଙ୍କ ସହିତ ପୁଣି ହାତ ମିଳାଇଲା ଓ କହିଲା, - "ମୁଁ ଏମିତି ହିଁ କରିବି, ଜେଲର୍ ସାହେବ।"

ତା'ପରେ ସେ ଦ୍ୱାରଆଡେ ପାଦ ବଢାଇଲା।

ବାହାରେ ସୁନେଲୀ କିରଣ ଛାଇ ହୋଇଯାଉଥିଲା, ସଡକରେ ଅନେକ ଭଦ୍ର ଜନ ଭ୍ରମଣ ପାଇଁ ବାହାରିଥିଲେ, ସେମାନଙ୍କ ମଧ୍ୟରେ କିଛି ଯୁବ ଯୋଡି ବି ଥିଲେ। ଯୁବତୀମାନେ ରଙ୍ଗୀନ ପ୍ରଜାପତିମାନଙ୍କ ଭଳି ପ୍ରାତଃକାଳୀନ ସମୀରର ପ୍ରବାହରୁ ଆନନ୍ଦ ଉଠାଉଥିଲେ। ଏକ ମଜ୍‌ଦୁର୍ ଦମ୍ପତି ଉଚ୍ଚସ୍ୱରରେ ବିରହଗୀତ ଗାଇ ଗାଇ ଚାଲିଯାଉଥିଲେ। ତାର୍‌କୋଲ୍‌ର ଚମକୁଥିବା ସଡକରେ ମଝିମଝିରେ ତୀବ୍ର ଗତିରେ ମଟର୍‌ଗାଡିମାନେ ଚାଲିଯାଉଥିଲେ। ଜଣେ ବୁଢା ସଡକର କଡରେ ନିଜର ଛୋଟିଆ ଦୋକାନ୍‌ଟେ ଖୋଲି ଥିଲା।

କୟେଦୀ ଜଣକ ଏହି ସବୁ ଦେଖୁଥିଲା। ସାତବର୍ଷ ବାଦ୍ ତା' ସାମ୍ନାରେ ତା'ର ବିସ୍ମୃତ ସଂସାରର ରଙ୍ଗୀନ ଦୃଶ୍ୟ ଆତଯାତ ହେଉଥିଲା।

କୟେଦୀ ଜଣକ ଧୀରେ ଧୀରେ କେତେବେଳେ ଏଇ ଚଳଚଞ୍ଚଳ ଦୁନିଆଁକୁ ଦେଖୁଥିଲା ତ ଆଉ କେତେବେଳେ ନିଜର ଭୂତ ଭବିଷ୍ୟ ବିଷୟରେ ସ୍ମରଣ କରିବା ସହିତ ଆଗକୁ ବଢି ଯାଉଥିଲା। ସେ କୁଆଡେ ଯାଉଛି, ସେଥିର ସେ ବିଚାର ହିଁ କରୁନଥିଲା। ହେଲେ, ସେ ଅକସ୍ମାତ୍ ରେଲ୍‌ୱେ ଷ୍ଟେସନ୍ ସାମ୍ନାରେ ଯାଇ ଥମ କରି ଛିଡା ହେବାମାତ୍ରେ କିଛି ଭାବିବାରେ ଲାଗିଲା। ତା'ପରେ ଦ୍ରୁତ ପାଦ ପକାଇ ପକାଇ ଟିକଟ ଘରର ଝରକା ସାମ୍ନାରେ ଯାଇ ଖାଡା ହେଲା। କମିଜ୍‌ର ମୁଣାରେ ହାତ ପୂରାଇଲା ଓ ଯେତେ ପଇସା ମୁଣାରେ ଥିଲା, ସେତକ ବାହାର କରି ଝରକା ଭିତରକୁ ବେପରୁଆ ଭାବରେ ଫିଙ୍ଗି ସେ କହିଲା, ଦିଲ୍ଲୀ ପାଇଁ ଟିକଟ ଟେ ଦିଅନ୍ତୁ।

ଟିକଟ ବାବୁ ଆଖି ଉଠାଇ ଦେଖିଲା ଟିକଟର୍ ଦାମ୍‌ରୁ ବହୁତ ପଇସା ସାମ୍ନାରେ ପଡିଛି। ସେ ପଚାରିଲା, - "କେଉଁ କ୍ଲାସ୍‌ର ଟିକଟ ?"

କୟେଦୀ ବେପରୁଆ ଭାବରେ କହିଲା, - "ଯେକୌଣସି କ୍ଲାସ୍‌ର ଟିକଟଟେ ଦିଅନ୍ତୁ।"

ଟିକଟ ବାବୁ ପଇସା ଗଣିଲେ ଓ ସେକେଣ୍ଡ କ୍ଲାସ୍‌ର ଏକ ଟିକଟ ଦେଲେ।

ଏକ ଉପର ଠାଉରିଆ ନଜର ସେ ନିଜର ଟିକଟ ଉପରେ ପକାଇଲା ଓ କିଛି ବିଡିବିଡାଇ ପ୍ଲାଟ୍ ଫର୍ମ ଆଡେ ବଢିଗଲା।

ଗାଡି ଆସିବାରେ ବିଳମ୍ବ ଥିଲା, ତାକୁ ଭୋକ ଲାଗୁଥିଲା, ଷ୍ଟେସନ୍‌ରେ ଚା ଟୋଷ୍ଟ, ପୁରି ହାଲୁଆ ଓ ଫଳ ବିକ୍ରି ହେଉଥିଲା। ହେଲେ, ତା'ର ମୁଣାରେ ଏବେ ପଇସା ଟିଏ ନଥିଲା। ସେ ହସି କରି ନିଜର ଭୋକକୁ ପବନରେ ଉଡାଇ ଦେଲା ଓ ପ୍ଲାଟ୍‌ଫର୍ମର ଏକ କଣରେ ଯାଇ ଗାଡିର ପ୍ରତୀକ୍ଷାପୂର୍ବକ ଟହଲିବାରେ ଲାଗିଲା।

X X X X X

ସେ ଦିଲ୍ଲୀରେ ପହଞ୍ଚିଲାବେଳକୁ ଦିନ ଢଳିବାରେ ଲାଗିଥିଲା। ହେଲେ, ଖରା ଏବେ ବହୁତ ତୀବ୍ର ଥିଲା ଓ ଭୋକ ଜୋରରେ ତାକୁ ଲାଗୁଥିଲା। ଦିଲ୍ଲୀରେ ତା'ର କୌଣସି ବନ୍ଧୁ ବି ନ ଥିଲେ। ସେ ଷ୍ଟେସନ୍‌ରୁ ବାହାରି କିଛି ଭାବି ଭାବି ଗୋଟେ ଆଡେ ଚାଲିଲା। ସଡକର ଦି'କଡରେ ଖାଇବା ପିଇବାର ଦୋକାନମାନେ ଛିଡା ହୋଇଥିଲେ, କିଛିଟା ହୋଟେଲ୍ ବି ଥିଲା। ସେ ଭାବିଲା, କ'ଣ ମତେ ପେଟ ପାଇଁ ଆଜି ପୁଣି ସେହି କାମ କରିବାକୁ ପଡିବ, ଯାହା ନ କରିବା ପାଇଁ ବୁଢା ଜେଲର୍‌ଙ୍କଠାରେ ଶପଥ ନେଇଛି।

ସାମ୍ନାରେ ଏକ ସୁନ୍ଦର ବଡ ହୋଟେଲ୍‌କୁ ଦେଖି ସେ ସାହସ ପୂର୍ବକୁ ହୋଟେଲ୍ ଭିତରକୁ ପଶିଗଲା। ଆଉ ଏକ ଖାଲି ଟେବୁଲ୍ ପାଖରେ ଗର୍ବର ସହିତ ବସି ପଡିଲା। ପରିଚାରକଟେ ଆସିଲା ଓ ସେ ପରିଚାରକକୁ ଖାଦ୍ୟ ଆଣିବା ସଂକେତ ଦେଲା। ଖାଦ୍ୟ ଖାଇ ସାରିବା ପରେ ସେ ବିଲ୍ ମାଗିଲା, ବିଲ୍ ଆସିବାପରେ ସେ ଦୁଆତ୍ କଲମ ମଗାଇଲା ଓ ବିଲ୍‌ର

ପଛପଟରେ ଲେଖିଦେଲା - ଏଥିରର ଟଙ୍କା ଆଉ କେବେ ଦିଆଯିବ ! ପରିବେଷକ ଆଶ୍ଚର୍ଯ୍ୟରେ ତା'ର ମୁହଁ ଆଡ଼କୁ ଦେଖିବାରେ ଲାଗିଲା। ତାକୁ ଏ'ଭଳି ଘୂରି ଘୂରି ଦେଖିବା ଜାଣି ସେ ପରିବେଷକକୁ ଦାଣ୍ଡି କରି କହିଲା - ଯାଅ, ଆଉ ମ୍ୟାନେଜରକୁ ଏହି କାଗଜକୁ ଦେଇ ଦିଅ।

କାଗଜକୁ ପଢି କରି ମ୍ୟାନେଜର୍ ତା'ର ଟେବୁଲ୍ ପାଖକୁ ଆସିଲା। ସେ ଦେଖିଲା - ଏକ ବଳବାନ୍ ଫୁଟାଣିବାଲା ବ୍ୟକ୍ତି ବେପରୁଆ ଭାବରେ ଜିଦ୍‌ରେ ଚୌକି ଉପରେ ବସିଛି। ସେ କହିଲା, - "ବିଲ୍ ପେମେଣ୍ଟ କାହିଁକି କରୁନ ?"

- "କ'ଣ ତମେ ଏହି ହୋଟେଲ୍‌ର ମ୍ୟାନେଜର୍ ?"

- "ଆଜ୍ଞା, ହଁ।" ମ୍ୟାନେଜର୍ କୁଣ୍ଠିତ ହୋଇ କହିଲା।

- "ତେବେ ପେମେଣ୍ଟ ବାବଦରେ ବିଲ୍‌ର ପଛପଟରେ ଲେଖିଦିଆ ହୋଇଛି ଯେ, ପେମେଣ୍ଟ ଆଉ କେବେ କରାଯିବ !"

- "ହେଲେ, କାହିଁକି ?"

- "କାହିଁକି ନା, ମୋ' ପାଖରେ ଏବେ ଟଙ୍କା ନାହିଁ।"

- "ତେବେ ଖାନା କାହିଁକି ଖାଇଲ ?"

- "ଭୋକ ଲାଗୁଥିଲା।"

- "ତମକୁ ଭାବିବାର ଥିଲା ଯେ, ଖାନା ଖାଇଲେ ଟଙ୍କା ଦେବାକୁ ପଡ଼େ।"

- "ତାହା ମୁଁ ଭାବିଥିଲି। ହେଲେ, ମନେ ରଖ, ଏଠି ମତେ ତମେ କହନି, ଆପଣ କୁହ।"

- "ଆପଣ ଜଣେ ଭଦ୍ରବ୍ୟକ୍ତି।"

- "ଭଦ୍ରବ୍ୟକ୍ତି ହୋଇନଥିଲେ, ମୁଁ ତମର ଟ୍ରେଜରୀ ଭାଙ୍ଗି କରି ସେଥିର ସବୁ ଜମା ପୁଞ୍ଜି, ଜିନିଷ ପତ୍ର କାଢ଼ି ନେଇଯାଇଥାନ୍ତି।"

କଥାବାର୍ତ୍ତା ହୃଦୟସ୍ପର୍ଶୀ ଥିଲା, ଶୁଣିବା ଲୋକଙ୍କ କଥାବାର୍ତ୍ତା ପ୍ରତି ଆଗ୍ରହ ବୃଦ୍ଧି ପାଇବାରେ ଲାଗିଥିଲା। ଜଣେ ପଚାରିଲା - ଆପଣ କିଏ ?

- "ମୁଁ ଜଣେ ହତ୍ୟାକାରୀ ଡାକୁ।"

ଏହି ଶବ୍ଦ ଶୁଣିବାମାତ୍ରେ ସେଠି ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତି ବିସ୍ମିତ ହୋଇ ତା'ଆଡ଼େ ଦେଖିଲେ, କିଛିଲୋକ ତାକୁ ଘେରି କରି ଛିଡ଼ା ହୋଇଗଲେ। ମ୍ୟାନେଜର୍‌ର କପାଳରେ ସ୍ୱେଦ ଫୁଟି ଉଠିଲା।

ଏକ ଭଦ୍ରଜନ ବୃଦ୍ଧ ଆଗକୁ ଆସି ପଚାରିଲେ, ଆପଣ କେଉଁଠୁ ଆସୁଛନ୍ତି ?

- "ଜେଲ୍‌ରୁ।"

- "ସମ୍ଭବତଃ ଲମ୍ବା ସଜା କାଟିଛନ୍ତି।"

- "ଆଜ୍ଞା, ହଁ, ପୂରା ସାତବର୍ଷ।"

କିଛି କ୍ଷଣ ସେ ଚୁପ୍‌ଚାପ୍ ସେହି ବ୍ୟକ୍ତିର ଚମକପ୍ରଦ ଆଖି ଆଡେ ଦେଖିବାରେ ଲାଗିଲେ। ତା'ପରେ ମୁଣାରୁ ମନିପର୍ଶ କାଢ଼ି ତା'ର ବିଲ୍ ପୈଠ କଲେ ଓ ତା'ର କାନ୍ଧ ଉପରେ ହାତ ରଖି କହିଲେ, - "ଆସ, ମୋ' ସାଙ୍ଗରେ।"

ସେ ଚୁପ୍‌ଚାପ୍ ଆସି ସେହ ବୃଦ୍ଧଙ୍କର ମଟର୍‌ରେ ବସି ପଡ଼ିଲା। ମଟର୍ ସାନ୍ଧ୍ୟକାଳୀନ ପବନର ସୁରଭିତ ପ୍ରବାହରେ ଉଡି ଉଡି ଗୋଟେ ଆଡେ ଚାଲିଲା।

X X X X X

କୟେଦୀର କାହାଣୀ ଶୁଣିବାପରେ ସେହି ଭଦ୍ର ପୁରୁଷ ହସି ହସି ତା'ର ପିଠି ଉପରେ ହାତ ରଖିଲେ। ଆଉ କହିଲେ, - "ତେବେ ତମେ ଜେଲର୍‌ଙ୍କଠାରେ କରିଥିବା ପ୍ରତିଜ୍ଞାରେ ଦୃଢ଼ ରହିବ ?"

- "ଯଦି ବିଲ୍କୁଲ୍ ଅସହାୟ ନ ହୁଏ ?"

- "କ'ଣ ମୋ' ସହିତ କାମ କରିବ ? ହେଲେ, କଡା ମେହନତ୍ କରିବାକୁ ପଡିବ ?"

- "କ'ଣ ଡକାୟତିରୁ ବି ଅଧିକ ?"

ସେ ହସି ପଡ଼ିଲେ।

ସେ ପଚାରିଲା, - ପହିଲେ ଏହା କହୁଛି ଯେ, ଆପଣ ମତେ ବିଶ୍ୱାସ କରିବେ ?

- "କାହିଁକି କରିବି ନି ?"

- "ହେଲେ, ମୁଁ ଏକ ହତ୍ୟାକାରୀ ଡାକୁ, ସଜାପ୍ରାପ୍ତ ବ୍ୟକ୍ତି। ଜେଲ୍‌ର ଜୀବ।"

- "ମତେ ତ ତମେ ଏକ ତେଜସ୍ୱୀ, ସାହସୀ ଓ ଚତୁର ପୁରୁଷ ଭଳି ପ୍ରତୀତ ହେଉଛ, ତମର ନିର୍ଭୀକତା ପାଇଁ ମୁଁ ମୋହିତ ହେଉଛି। ଯଦି ତମେ ମୋ' ସହିତ କାମ କରିବ, ତେବେ ମୋ'ର ଫାର୍ମରେ ମୋ'ରି ପରେ ତମର ହିଁ ସ୍ଥାନ ହେବ।"

- "ହେଲେ, ମୁଁ ଆଦୌ ପାଠ ବି ପଢ଼ିନି !"

- "ଦସ୍ତଖତ୍ ତ କରିପାରୁଛ ?"

- "ଯଦି କରିବାକୁ ପଡେ, ତେବେ କରି ଦେବି !"

- "ତେବେ ଆଜିଠୁଁ ତମେ ମୋ'ର ପ୍ରଧାନ ସହାୟକ ହେଲ। ମୁଁ ଜଣେ ଠିକାଦାର୍। ବଡ ବଡ ଠିକା ନେଇଥାଏ। ଲକ୍ଷ ଲକ୍ଷ ଟଙ୍କାର କାର୍‌ବାର୍ ହୋଇଥାଏ, ହଜାର ହଜାର ବ୍ୟକ୍ତିମାନଙ୍କଠୁଁ ଲେଣଦେଣ କରିବାକୁ ପଡିଥାଏ, ସେସବୁ ତମକୁ କରିବାକୁ ପଡିବ।"

- "ମୁଁ କରିବି। ହେଲେ, ବେତନ ?"

- "ବେତନ କିଛି ନାହିଁ।"

- "ତେବେ ଖାଇବି କେଉଁଠୁ !"

- "ଯେଉଁଠୁ ମୁଁ ଖାଉଛି।"

- "ଠିକ୍ ଅଛି। ମୋ'ର ନାମ ନରେନ୍ଦ୍ର ସିଂହ।

କିନ୍ତୁ, ଆପଣ ସର୍ଦ୍ଦାର୍ ନରେନ୍ଦ୍ର ସିଂହ ବୋଲି ଡାକି ପାରନ୍ତି !"

- "ତ ସର୍ଦ୍ଦାର୍ ନରେନ୍ଦ୍ର ସିଂହ, ମୁଁ ସବୁଠୁଁ ପ୍ରଥମେ ତମର ସାହସ ପରୀକ୍ଷା କରିବି। ମୁଁ ତମକୁ ବାଘ ମୁହଁକୁ ପଠାଇବି।"

- "ବାଘର ମୁହଁକୁ କାହିଁକି ?"

- "ତା'ର ଦାନ୍ତ ଗଣିବାପାଇଁ।"

ଠିକାଦାର୍ ପୁଣି ହସି କରି କହିଲେ, - "ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର୍ ଅଣ୍ଡରସନ୍ ମଣିଷକୁ ଦେଖିବାମାତ୍ରେ କାମୁଡ଼ିବା ପାଇଁ ଦୌଡ଼ି ଥାଏ, ଏକରକମର ଗଧିଆ ଭଳି ବିପଦ୍‌ଜନକ ବ୍ୟକ୍ତି। ଏଇ ନିଅ ବିଲ୍, ପାସ୍ କରାଇ ଆଣିଲେ, ମୁଁ ଜାଣିବି, ତମେ ସାହସୀ ବ୍ୟକ୍ତି। ଛଅମାସରୁ ପଡିରହିଛି, ଏଇ ବିଲ୍।"

ନରେନ୍ଦ୍ର ଚୁପ୍‌ଚାପ୍ ବିଲ୍‌ଟି ନେଲା।

X X X X X

- "ତମେ କିଏ ?"

- "ସର୍ଦ୍ଦାର୍ ନରେନ୍ଦ୍ର ସିଂହ !"

- "ଆମେ ନାଇଁ ମାଙ୍ଗଟା, ତମକୁ, ମ୍ୟାନ୍ ବାହାରକୁ ଚାଲିଯାଅ ?"

- "ହେଲେ, ମୁଁ ତ ଶୁଣିଥିଲି ଯେ, କେବଳ ସାହେବ ହିଁ ଗଧିଆ ଭଳି ଜୀବ ! ଆପଣଙ୍କ କୋଣେସି ପ୍ରଶଂସା ତ ଶୁଣିନଥିଲି ?"

- "କେମିତି ପ୍ରଶଂସା ?"

- "ଯେ, ଆପଣ ମଣିଷକୁ ଦେଖିଲାମାତ୍ରେ କାମୁଡ଼ିବାକୁ ଦୌଡ଼ିଯାଆନ୍ତି ? ଆପଣଙ୍କୁ ଜାଣିବା ଦର୍କାର୍ ଯେ, ଆମର ଦେଶରେ ଏମିତି ମହିଳାମାନଙ୍କୁ ପସନ୍ଦ କରାଯାଏନି, ସେମାନେ ସୁଶୀଳ, ମିଷ୍ଟଭାଷୀ ଓ ଅତିଥି ପରାୟଣ ହେବା ହିଁ ଆବଶ୍ୟକ !"

- "ତମେ କେଉଁଠୁ ଆସିଛ ?"

- "ମୋ'ର ସାହେବଙ୍କଠିଁ କାମ ଅଛି- ବ୍ୟକ୍ତିଗତ ନୁହେଁ, ବିଜ୍‌ନେସ୍ କାମ। ଆପଣଙ୍କଠିଁ ମୋ'ର କୌଣସି କାମ ନାହିଁ, କୁହନ୍ତୁ, ସାହେବ କେଉଁଠି ଅଛନ୍ତି ?"

ମେମ୍ ସାହେବ ଆଜି ବହୁତ ଅଶାନ୍ତ ଥିଲେ। ତାଙ୍କର ମିଜାଜ୍‌ର ପାରା ତୀବ୍ର ଥିଲା। ହେଲେ, ଏହି ଅଦ୍‌ଭୁତ ଓ ନିର୍ଭୀକ ବ୍ୟକ୍ତିଠୁଁ ଭର୍ତ୍ସନା ଶୁଣି କରି ରାଗିଗଲେ। କିଛି କ୍ଷଣ ସେ ଚୁପ୍‌ଚାପ୍ ନରେନ୍ଦ୍ର ସିଂହର ମୁହଁ ନିରେଖି ରହିଲେ। ତା'ପରେ କହିଲେ, - "ହେଲେ, ତମେ କିଏ ?"

- "ଠିକାଦାର୍‌ଙ୍କ ଲୋକ।"

- "କିନ୍ତୁ, ତମେ ଠିକାଦାର୍ ଭଳିଆ ତୋ ବାଟ୍ କରୁନାହିଁ।"

- "କେମିତି ଠିକାଦାର୍ ଭଳିଆ ?"

- "ସେ ସଲାମ୍ କରେ, ହୁଜୁର୍ କହେ ଓ

ସମ୍ମାନର ସହିତ କଥାବାର୍ତ୍ତା କରେ।"

– "ତଥାପି, ଆପଣମାନେ ସେମାନଙ୍କ ସହିତ ଏମିତି ବ୍ୟବହାର କରନ୍ତି, ଯେମିତିମ ମୋ' ସହିତ କଲେ ? କ'ଣ ଆପଣଙ୍କ ବିଲାତରେ ମହିଳାମାନେ ପୁରୁଷମାନଙ୍କ ସହ ଏମିତି କଥାବାର୍ତ୍ତା କରନ୍ତି ?"

– "ଆମକୁ ତମେ ମାଫ୍‌କର ମ୍ୟାନ୍, ଏହି ସମୟରେ ଆମେ ଝଂଝଟ୍‌ରେ ଅଛୁ।"

– "ମୁଁ ମ୍ୟାନ୍ ନୁହେଁ, ମୋ'ର ନାମ ନରେନ୍ଦ୍ର ସିଂହ। ହେଲେ, ଆପଣ ସର୍ଦ୍ଦାର୍ ବୋଲି ଡାକି ପାରନ୍ତି। ହଁ, ଆପଣଙ୍କ କିଭଳି ଝଂଝଟ୍ ଅଛି, ମତେ ଟିକେ ଶୁଣାନ୍ତୁ।"

– "ମଟେ ଟଙ୍କା ଦର୍କାର୍ ?"

– "କେତେ ?"

– "ଦୁଇ ହଜାର ଟଙ୍କା। ଏବେ ହାତରେ ଟଙ୍କା ନାହିଁ, ଆମକୁ କ୍ରିସ୍‌ମସ୍ ଉପହାର କିଣିବାର ଅଛି।"

– "ଆପଣଙ୍କୁ କେବେ ଟଙ୍କା ଦର୍କାର୍ ?"

– "କାଲି ସକାଳେ।"

– "ଆପଣଙ୍କୁ କାଲି ଟଙ୍କା ମିଳିଯିବ, ଚିନ୍ତା କରନ୍ତୁ ନାହିଁ।"

– "ଥ୍ୟାଂକ୍ସ, ସର୍ଦ୍ଦାର୍, ଟଙ୍କା ଜଲ୍‌ଦି ଫେରାଇ ଦିଆଯିବ।"

– "ଠିକ୍ ଅଛି। ହେଲେ, ସାହେବଙ୍କ ସହିତ ସାକ୍ଷାତ୍ ହୋଇପାରିବ ନାହିଁ ?"

– "ଏବେ ନାହିଁ। ହେଲେ, ଟମେ ନିଜର ବିଲ୍ ଆମକୁ ଡେଇପାରିବ।"

– "ଏଇ ନିଅନ୍ତୁ, କାଲି ସକାଳେ ମୁଁ ଆସିବି।"

– "ଗୁଡ୍‌ବାଇ, ସର୍‌ଡାର୍।"

– "ଗୁଡ୍‌ବାଇ, ମ୍ୟାଡମ୍।"

X X X X X

ଠିକାଦାର୍ ଏକ ଆବଶ୍ୟକ କାର୍ଯ୍ୟ ଯୋଗୁଁ କଲିକତା ଚାଲିଯାଇଥିଲେ। ସର୍ଦ୍ଦାର୍‌କୁ ଟଙ୍କା ମେମ୍‌ସାହେବଙ୍କୁ ଦେବା ନିତାନ୍ତ ଜରୁରୀ ଥିଲା। ସେ ନିର୍ଭୟରେ ସେଫ୍‌ର ତାଲା ଭାଙ୍ଗି ପକାଇଲା ଓ ପାଞ୍ଚହଜାର ଟଙ୍କାର ନୋଟ୍ ବଣ୍ଡଲ୍‌ଟେ କାଢ଼ି ମୁଣାରେ ରଖିଲା। କେହିବି ତାକୁ ଏହି କାମ୍ କରିବା ଦେଖିଲେ ନାହିଁ। ନିଜର କାମ ପୂରା କରି ସର୍ଦ୍ଦାର୍ ନିଶ୍ଚିନ୍ତ ହୋଇ ଶୋଇପଡିଲା।

ପ୍ରାତଃକାଳରେ ସାହେବଙ୍କ ବଙ୍ଗଳାକୁ ଯାଇ ସର୍ଦ୍ଦାର୍ ମେମ୍ ସାହେବଙ୍କ ସହିତ ସାକ୍ଷାତ୍ କଲା। ଏହି ସମୟରେ ସେ ଫୁତ୍କାର କରୁଥିବା ନାଗୁଣୀ ଭଳିନଥିଲେ। ସେ ଗୃହପାଳିତ ବିଲେଇ ଭଳି ଦୌଡି ଆସିଲେ ଓ କହିଲେ, ହ୍ୟାଲୋ ସର୍‌ଡାର୍, କ'ଣ ଟଙ୍କା ପାଇଲ, ଅହୋ, କାଲି ଡାକର ଜାହାଜ ଯିବ, ଟଙ୍କା ନମିଳିଲେ, ସବୁ ଗଡବଡ ହୋଇଯିବ।

– "ଟଙ୍କା ଆଣିଛି, ଏଇ ନିଅନ୍ତୁ। କିଛି ବେଶୀ ଟଙ୍କା ଆଣିଛି, ସମ୍ଭବତଃ ଦର୍‌କାର୍ ପଡିପାରେ।" ସର୍ଦ୍ଦାର୍ ସହଜ ଭାବରେ କହିବା ସହିତ ନୋଟ୍‌ର ବଣ୍ଡଲ୍ ମେମ୍‌ସାହେବଙ୍କ ହାତରେ ଧରାଇଦେଲା।

X X X X X

ସାହେବଙ୍କ ବଙ୍ଗଳାରୁ ଫେରି ଆସି ନରେନ୍ଦ୍ର ସିଂହ ଯେତେବେଳେ ଅଫିସ୍‌ରେ ପହଞ୍ଚିଲା, ସେତେବେଳେ ସେଠାରେ ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଥିଲା। ଦଳବଳ ସହିତ ପୋଲିସ୍ ସେଠାରେ ଉପସ୍ଥିତ ଥିଲା। ଥାନା ବାବୁ ଓ ସିପାହୀ ମାନେ ନିଜର ପୂରା କ୍ଷମତା ସହିତ ଚପରାଶି, କ୍ଳର୍କ ଓ ଚାକରମାନଙ୍କୁ ପଚରାଉଚୁରା କରୁଥିଲେ।

ନରେନ୍ଦ୍ର ସିଂହ ଯାଇ କରି ସହଜ ସ୍ୱଭାବରେ ନିଜର ଚୌକିରେ ବସି ପଡିଲା। ମାଲିକ ତାକୁ ନିଜର ପ୍ରଧାନ ସହକାରୀ ବନାଇଥିଲେ, ଏହା ସଭିଏଁ ଜାଣିଥିଲେ। ସର୍ଦ୍ଦାର୍ ଉପରେ ଚୋରିର କୌଣସି ସନ୍ଦେହ ନଥିଲା।

ଥାନାବାବୁ କହିଲେ, – "ଆପଣ ଶୁଣିଛନ୍ତି ପାଞ୍ଚଟଙ୍କା ଟ୍ରେଜରୀ ଭାଙ୍ଗି ଚୋରି ହୋଇଛି। କୁହନ୍ତୁ, ଆପଣ କାହା ଉପରେ ସନ୍ଦେହ କରୁଛନ୍ତି ?"

– "ସନ୍ଦେହ ? ସନ୍ଦେହର କୌଣସି କଥା ନାହିଁ ?"

– "ଏହା କାହାର କାମ ହୋଇପାରେ, ଆପଣ କିଛି କହିପାରିବେ କି ?"

– "ନିଶ୍ଚୟ କହିପାରିବି।"

– "ତାହାହେଲେ, ଆପଣଙ୍କୁ କିଛି ସୁରାକ୍ ମିଳିଛି କି ?"

– "ଆରେ ଭାଇ, ଟଙ୍କା ତ କଢାଯାଇଛି।"

– "ଏୟା ତ ଠିକ୍ କଥା, ହେଲେ, କିଏ କାଢିଛି ?"

– "ମୁଁ କାଢିଛି। ନ ହେଲେ, ଆଉ କିଏ କାଢିବ ?"

– "ଆପଣ ?" ଥାନାବାବୁ ମୁହଁ ଖୋଲିକି କହିଲେ।

– "ଆଜ୍ଞା, ହଁ।"

– "ଆପଣ ଟଙ୍କା କାହିଁଲାଗି କାଢିଲେ ?"

– "ଦର୍‌କାର୍ ଥିଲା।"

– "ହେଲେ, ଆପଣଙ୍କ ଏମିତି କରିବା ଉଚିତ୍ ନଥିଲା।"

– "ମତେ ଆପଣ ପରାମର୍ଶ ଦେଉଛନ୍ତି ?"

ଥାନାବାବୁ ବି ରାଗି ଉଠିଲେ। ସେ କହିଲେ, ତେବେ ଆପଣ ସ୍ୱୀକାର କରୁଛନ୍ତି ଯେ, ଆପଣ ଚୋରି କରିଛନ୍ତି ?

– "ମୁଁ ଟ୍ରେଜରୀରୁ ଟଙ୍କା କାଢିଛି।"

– "ତାଲା ଭାଙ୍ଗିକରି ?"

– "ଆଜ୍ଞା, ହଁ।"

– "କାହିଁକି ?"

– "କାହିଁକିନା, ମୋ' ପାଖରେ ଚାବିନଥିଲା।"

– "ହେଲେ, ଟଙ୍କା ଆପଣଙ୍କର ନଥିଲା ?"

– "ଆପଣଙ୍କର ଏଥିରେ କୌଣସି ସଂପର୍କ ନାହିଁ।"

– "କ'ଣ ଟଙ୍କା ଅଫିସ୍‌ର କାର୍ଯ୍ୟ ପାଇଁ ଦରକାର୍ ଥିଲା ?"

– "ନା, ମୋ'ରି ଦର୍‌କାର୍ ଥିଲା।"

– "ତେବେ ସେହି ଟଙ୍କା କେଉଁଠି ଅଛି ?"

– "ଖର୍ଚ୍ଚ ହୋଇଗଲା।"

– "ଟଙ୍କା କେଉଁଠି ଅଛି, ବତାଇବେ ନାହିଁ, ଆପଣ ?"

– "ନା।"

– "ଛାଡନ୍ତୁ, ପରେ ତାହା ଦେଖାଯିବ। ହେଲେ, ଏବେ ଆପଣଙ୍କୁ ଚୋରି କରିବା ଦୋଷରେ ଗିରଫ୍ କରୁଛି। ଆପଣ ଥାନାକୁ ଚାଲନ୍ତୁ।"

ଥାନାବାବୁ ସର୍ଦ୍ଦାର୍‌କୁ ନେଇ ଯାଇ ହାଜତ୍‌ରେ ରଖିଲେ। ବହୁତ ପଚାରିବା ସତ୍ତ୍ୱେ ସେ ଏହା କହିଲା ନାହିଁ ଯେ, ଟଙ୍କା କେଉଁଠି ଅଛି।

'ତାର୍' ପାଇ କରି ଠିକାଦାର୍ ସାହେବ ଆସିଲେ। ଅଦାଲତ୍‌ରେ ଯାଇ କରି ସେ ବୟାନ୍ ଦେଲେ। ମୋ'ର ଆଦେଶରେ ତାଲା ଭାଙ୍ଗି ଟଙ୍କା ସେ କାଢିଛନ୍ତି। ଟଙ୍କା ମୋ'ରି କାମରେ ଖର୍ଚ୍ଚ ହୋଇଛି। ଏୟାଙ୍କୁ ଛାଡି ଦିଆଯାଉ।

ହାତକଡି ଖୋଲାଇ ଠିକାଦାର୍ ତାକୁ ନିଜ ସହିତ ମଟର୍‌ରେ ବସାଇ ଘରକୁ ଆଣିଲେ। ରାସ୍ତାରେ ସର୍ଦ୍ଦାର୍ କହିଲା- ମୁଁ ନିରୁପାୟ ହୋଇଗଲି। ଟଙ୍କା ମୋ'ର ବହୁତ ଦର୍‌କାର୍ ଥିଲା। ଆପଣଙ୍କୁ ସୂଚନା ଦେବାକୁ ସମୟନଥିଲା, ଏଥିପାଇଁ ଏମିତି କରିବାକୁ ପଡିଲା।

ଠିକାଦାର ସାହେବ କହିଲେ, – ସର୍ଦ୍ଦାର୍ ମୁଁ ତ ତମଠୁଁ କୈଫିୟତ୍ ତଲବ୍ କରୁନାହିଁ। ଟଙ୍କା ଯେମିତି ମୋ'ର, ସେମିତି ହିଁ ତମର ବି, ଏବେ ଟ୍ରେଜରୀର ଚାବି ତମେ ନିଜ ପାଖରେ ବି ରଖ।

ଠିକାଦାର୍‌ଙ୍କ ଉଦାର ହୃଦୟକୁ ଦେଖି ସର୍ଦ୍ଦାର୍ ନରେନ୍ଦ୍ର ସିଂହର ଆଖି ସଜଳ ହୋଇ ଉଠିଲା। ହେଲେ, ସେ ମୁହଁରୁ ଗୋଟେ ଶବ୍ଦ ବି ବାହାରିଲା ନି।

X X X X X

ସର୍ଦ୍ଦାର୍ ର ଯଶୋଗାଥା ଇଂଜିନିୟର୍ ସାହେବ ଓ ମେମ୍ ସାହେବଙ୍କ କାନରେ ବି ପଡିଲା। ମେମ୍‌ସାହେବ ସର୍ଦ୍ଦାର୍‌କୁ ପତ୍ର ଲେଖିକରି ଡକାଇଲେ। ପତ୍ର ନିଜେ ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର୍ ଲେଖିଥିଲେ। ସେଥିରେ ନମ୍ରତାପୂର୍ବକ ଚା' ପାଇଁ ସର୍ଦ୍ଦାର୍‌କୁ ନିମନ୍ତ୍ରଣ କରାଯାଇଥିଲା। ପତ୍ରର ଗୋଟେ କଣରେ ମେମ୍‌ସାହେବ ଲେଖିଥିଲେ – କୃପା କରି ଜରୁର୍ ଆସିବେ।

ସାହେବ ହସି କରି କହିଲେ, ଜେଲ୍‌ରେ କେମିତି ଲାଗିଲା, ସର୍ଦ୍ଦାର୍ ?

– "ଆରେ ତାହା ତ ଏକ କଉତକ ଖେଳ ଥିଲା।"

ଚ' ପିଇ ସାରି ସୋହେବ କହିଲେ, – ସର୍ଦ୍ଦାର୍ ଆପଣଙ୍କୁ ଆମେ କିଛି କାମ ଦେବାକୁ ଋହୁଁଛୁ, ଆଶା, ଆପଣ ତାହାକୁ ମେହନତ୍ ଓ ସଚ୍ଚୋଟତାର ସହିତ କରିବେ। ଏହି କଣ୍ଟ୍ରାକ୍ଟ କାଗଜ ପ୍ରସ୍ତୁତ ହୋଇ ରହିଛି, ଏୟା ଉପରେ ଦସ୍ତଖତ୍ କରିଦିଅନ୍ତୁ। ଆପଣଙ୍କୁ ଟଙ୍କା ଅଗ୍ରିମ ସରକାର ପକ୍ଷରୁ ମିଳିବ। ଆମେ ସୁପାରିଶ କରିଛୁ। ଆମେ ଓ ମେମ୍ ସାହେବ ଆପଣଙ୍କ ସେବା କରି ଖୁସୀ ହେବୁ।

ସର୍ଦ୍ଦାର୍ ଆଖି ଉଠାଇ ମେମ୍‌ସାହେବଙ୍କର ସୁନ୍ଦର ଓ ଆକର୍ଷକ ଚେହେରାକୁ ଦେଖିଲା। ମେମ୍‌ସାହେବଙ୍କ ଆଖି ଖୁସୀରେ ଚମକୁ ଥିଲା। ସେ ମହକିତ ହସଟେ ଓଠରେ ଚହଟାଇ କହିଲେ- ଡସ୍‌ଖଟ୍ କର୍‌ଡୋ ସର୍ଦ୍ଦାର୍, ଡସ୍‌ଖଟ୍।

ସର୍ଦ୍ଦାର୍ ସାହେବ ବତାଇଥିବା ସ୍ଥାନରେ ଦସ୍ତଖତ୍ କରିଦେଲା। ଆଉ ସେ ହାତ ମିଳାଇ କଣ୍ଟ୍ରାକ୍ଟ କାଗଜପତ୍ର ମୁଣ୍ଡାରେ ପୂରାଇ ଠିକାଦାରଙ୍କ ପାଖକୁ ଆସିଲା।

କାଗଜପତ୍ର ଦେଖି ଠିକାଦାର୍ ସାହେବ ବିସ୍ମିତ ହୋଇଗଲେ। ଲକ୍ଷ ଲକ୍ଷ ଟଙ୍କାର କାମ ଥିଲା। ପୁଣି ସବୁ ଟଙ୍କା ଅଗ୍ରିମ ଦେବାପାଇଁ ସରକାରକୁ ସୁପାରିଶ ବି କରାଯାଇଛି। ଠିକାଦାର୍ କହିଲେ, – "ସର୍ଦ୍ଦାର୍, ଅଭିନନ୍ଦନ, ଏହା ତମରି କାମ।"

– "ଆଜ୍ଞା, ନୁହେଁ, ଏହା ଆମର କାମ – ଆପଣଙ୍କ ଓ ମୋ'ର, ଦୁହିଁଙ୍କଣଙ୍କର। ଆପଣ ଆଦେଶ ଦେବେ, ସର୍ଦ୍ଦାର୍ ପାଳନ କରିବ। ଆପଣ ମୋ'ର ମାଲିକ ଓ ମୁଁ ଆପଣଙ୍କ ଆଜ୍ଞାଧୀନ।"

ଠିକାଦାର୍ ଉଠିକରି ସର୍ଦ୍ଦାରକୁ ଛାତିରେ ଜାବୁଡ଼ି ଧରିଲେ। ସେ କହିଲେ, – ସର୍ଦ୍ଦାର୍ ମୁଁ କୋଡ଼ିଏ ବର୍ଷ କଠିଣ ପରିଶ୍ରମ କରି ଯେତେ ଟଙ୍କା ଉପାର୍ଜନ କଲି, ସେତିକି ତମେ ଏଇ ଗୋଟେ କାମରୁ ଦି'ବର୍ଷ ଭିତରେ ଉପାର୍ଜିତ କରିପାରିବ।

ସର୍ଦ୍ଦାର୍ ଠିକାଦାରଙ୍କ ହାତକୁ କୋମଳତାର ସହିତ ନିଜ ହାତରେ ଧରି କହିଲା, – ଆମେ ଯାହା କିଛି ଉପାର୍ଜନ କରିବା, ତାହା ଆପଣଙ୍କ ଦୟାଶୀଳ ହାତରୁ ହେବ। ସେ ସବୁ ମୋ'ର ନୁହେଁ, ଆପଣଙ୍କର ହେବ।

X X X X X

ଏହି ଯେଉଁ ବିରାଟ ରାଜମହଲ ଭଳିଆ କୋଠା ନୂଆ ଦିଲ୍ଲୀର ମୁଖ୍ୟ ଛକରେ ଯିବା ଆସିବା ଲୋକଙ୍କ ଧ୍ୟାନ ଅନାୟସରେ ନିଜ ଆଡେ ଆକର୍ଷିତ କରୁଛି, ତାହା ସର୍ଦ୍ଦାର୍ ବାହାଦୂର୍ ଦୀବାନ୍ ନରେନ୍ଦ୍ର ସିଂହଙ୍କ ଅଟେ। ସେ ବୁଢ଼ା ହୋଇଗଲେଣି, କେଶ ସବୁ ଧଳା ହୋଇଗଲାଣି। କାର୍‌ବାର୍ ବହୁତ ଫଇଲି ଯାଇଛି। ଦି'ଋରି ଶହ ଲୋକ, ସବୁ ବେଳେ ତାଙ୍କ ପାଖକୁ ଭେଟ ହେବାପାଇଁ ଯିବାଆସିବା କରୁଛନ୍ତି। ବିଭିନ୍ନ ଲୋକଙ୍କ ୧୦,୨୦ ମଟର୍ ଗାଡି ସାହାଯ୍ୟ, ପରାମର୍ଶ ପାଇଁ ତାଙ୍କ ଘର ସାମ୍ନାରେ ସବୁବେଳେ ଅଟକି ରହୁଛି। ରାଜ୍ୟପାଳଙ୍କଠୁଁ ନେଇ କରି ଉଚ୍ଚ ପଦଧାରୀ ବ୍ୟକ୍ତି ମାନେ ତାଙ୍କର ପ୍ରତିଷ୍ଠାକୁ ଦୃଷ୍ଟିରେ ରଖି ତାଙ୍କୁ ପ୍ରଶଂସା କରୁଛନ୍ତି। ତାଙ୍କର ଭାଗ୍ୟକୁ ଉଜ୍ଜ୍ୱଳ କରିଥିବା ସେହି ମେମ୍‌ସାହେବ ଏବେ ନିଜର ପତିଙ୍କ ସହିତ ବିଲାତକୁ ଋଲିଯାଇଛନ୍ତି ଓ ଦୃଢ଼ତାର ସହିତ ତାଙ୍କ ହାତକୁ ଧରିଥିବା ଠିକାଦାର୍ ସାହେବ ବି ଏହି ସଂସାରରୁ ଋଲିଯାଇଛନ୍ତି। ହେଲେ, ତାଙ୍କର ସନ୍ତାନମାନେ ସର୍ଦ୍ଦାରଙ୍କ ଅଧୀନରେ କାମ କରୁଛନ୍ତି। ସର୍ଦ୍ଦାର୍ ସେମାନଙ୍କର ବହୁତ ଯତ୍ନ ନେଉଛନ୍ତି। ସେ ନିଜେ ବାହା ହୋଇନାହାଁନ୍ତି। ପଋରିଲେ ସେ ଜୋରରେ ହସି କହନ୍ତି – ଫୁରୁସତ୍ ହିଁ ମିଳିଲା ନି, ବିବାହ ହେବାକୁ। ଏବେ ଯଦି ଯୌବନ ପାଆନ୍ତି, ତାହାହେଲେ କୌଣସି ଯୁବତୀକୁ ବା ବାହା ହୁଅନ୍ତି।

*ପଟ୍ଟନାୟକ ପଡ଼ା, ସମ୍ବଲପୁର - ୧*
*ଦୂରଭାଷ: ୯୩୪୮୪୮୦୩୨୨*

## କ୍ଷୀରୋଦ ଦାସଙ୍କ ପ୍ରକାଶିତ ପୁସ୍ତକ ସମୂହ

ଗଳ୍ପ ସଂକଳନ
- ଅସୁସ୍ଥ ସମୟ
- ନିରବତାର ଭାଷା
- ମୂକ ରାଜଜେମା
- ଭୋକ
- ଅନେକ ଯନ୍ତ୍ରଣା ଓ ଅନ୍ୟାନ୍ୟ ଗଳ୍ପ
- ସତସତିକା ଖେଳ
- ମୁଠାଏ ଦୀର୍ଘଶ୍ୱାସ
- କାଠ କଣ୍ଢେଇ
- ନିଃଶବ୍ଦ ପଦଧ୍ୱନି
- ଅନ୍ଧାରର ଆତ୍ମଲିପି
- ନବଘନର ଘର
- କଥାକଳ୍ପ
- ସଞ୍ଜ ସଙ୍ଗୀତ
- ମୁକ୍ତି ଓ ଅନ୍ୟାନ୍ୟ ଗଳ୍ପ
- ଶୂନ୍ୟ ଉପତ୍ୟକା
- ଅଧ୍ୟାୟ ଅଷ୍ଟାଦଶ
- ବୋଲେ ହୁଁଟି
- ବନ୍ଦିନୀ ଓ ଅନ୍ୟାନ୍ୟ ଗଳ୍ପ
- ପୂର୍ଣ୍ଣ ପ୍ରତ୍ୟୁଷ

ଉପନ୍ୟାସ
- ସଂପର୍କର ସୂତାଖିଅ
- ବେଦନାର ବେଦ
- ପ୍ରିୟ ପୃଥିବୀ
- ଆଞ୍ଜୁଳାଏ ମୁକ୍ତି
- କଳାଜାଇ
- ଶେଷଦୃଶ୍ୟ
- ମହାନାୟକ
- ପ୍ରିୟ ପଞ୍ଚକ

ସଂପାଦନା
- ସମାରୋହ ଶ୍ରେଷ୍ଠଗଳ୍ପ
- ପ୍ରିୟଗଳ୍ପ
- ଜୀବନ
- ଗଳ୍ପର ଗାଁ
- ବାପା
- ବୋଉ
- ଝିଅ



9437163002

# ଅନୁତାପ

ଡ. ବୈଜୟନ୍ତୀ ମିଶ୍ର

ସେଦିନ ହସ୍‌ପିଟାଲ୍‌ରୁ ଫେରିବା ରାସ୍ତାରେ ହଠାତ୍ ସ୍କୁଟରଟା ଖରାପ ହେଲା। ସ୍କୁଟରଟିକୁ ଗ୍ୟାରେଜରେ ଦେଇ ଚାଲି ଚାଲି ଆସୁଥିଲି।

ଆକାଶରେ ବର୍ଷାର ଅୟମାରମ୍ଭ।

"ବାବା...।"

ମୋର ଚାରିବର୍ଷର ପୁଅର ସ୍ୱର ଶୁଣି ପଛକୁ ଫେରି ଚାହିଁଲି। ସେ ତା'ର ନିତିଦିନିଆ ରିକ୍‌ସାରେ ସ୍କୁଲରୁ ଫେରୁଥାଏ। ଯା'ହେଉ ଏ ଫାଙ୍କା ରାସ୍ତାରେ ରିକ୍‌ସାଟିଏ ମିଳିବା ଭାରି କଷ୍ଟ। ହୁଏତ ଘରେ ପହଞ୍ଚିବା ପର୍ଯ୍ୟନ୍ତ ଏମିତି ଚାଲି ଚାଲି ଯିବାକୁ ପଡ଼ିଥାନ୍ତା। ମହନିର ରିକ୍‌ସାରେ ବସିପଡ଼ି ନିଶ୍ୱାସ ମାରିଲି। ଝିପିଝିପି ବର୍ଷା ହେଉଥାଏ। ଅଳ୍ପଦୂର ଆସିବା ପରେ ଆରମ୍ଭ ହୋଇଗଲା ଭୀଷଣ ବର୍ଷା ସହିତ ଘଡ଼ଘଡ଼ିର ତାଣ୍ଡବଲୀଳା। ମେଘଟା ଯେମିତି ଆକାଶ ସାଙ୍ଗରେ ଝଗଡ଼ା କରିବାକୁ ଏଇ ମୁହୂର୍ତ୍ତଟିକୁହିଁ ଅପେକ୍ଷା କରି ରହିଥିଲା କାହିଁ କେତେ ଦିନରୁ।

ଭୟରେ ମୋ ପୁଅଟି କୋଳକୁ ଆଉଜି ଆସିଥିଲା। ସାମ୍‌ନାପଟର ବର୍ଷା ଛିଟାରେ ଆମେ ଅଧାଅଧି ଓଦା ହୋଇ ଯାଇଥିଲୁ। ରିକ୍‌ସାବାଲାଟି ଉପରେ ବିରକ୍ତ ହୋଇ କହିଲି, "ଜାଣିଛୁ ବର୍ଷାଦିନ, ପର୍ଦ୍ଦାଟିଏ ରଖିନୁ ?"

ବର୍ଷା ସହିତ ପବନର ଗତି ବଢ଼ିଗଲା ଅନେକ ପରିମାଣରେ ରିକ୍‌ସା ଟାଣିବା ଅସମ୍ଭବ ହୋଇଗଲା ମହନି ପାଇଁ। ଅତି କଷ୍ଟରେ କିଛି ବାଟ ଟାଣି ଟାଣି ସେ ଅଟକିଲା ଗୋଟିଏ ଚାଳିଆ ନିକଟରେ।

ମହନି କହିଲା- "ଓହ୍ଲେଇ ଆସନ୍ତୁ ଡାକ୍ତରବାବୁ, ଏ ଝଡ଼ ବର୍ଷାରେ ଆଉ ଯାଇହେବନି। କିଛି ସମୟ ଆମ ଚାଳିଆଟାରେ ଠିଆ ହୋଇ ଯାଆନ୍ତୁ। ବର୍ଷା କମିଗଲେ ଚାଲିଯିବା।"

ମୋଠାରୁ ଅନୁମତି ନନେଇ, ଅନେକ ଦିନରୁ ଅଧିକାର ଥିବା ମୋ ପୁଅକୁ ଟେକି ନେଇ ତା' ଚାଳିଆ ଭିତରକୁ ଗଲା ମହନି। ଚାରିଆଡ଼େ ଚାହିଁଲି ରିକ୍‌ସାବାଲା ବସ୍ତିଟିଏ। ଏ'ଠି ଆଶ୍ରୟ ନେବାପାଇଁ ଭଲ ଘରଟିଏ ଆଦୌ ନାହିଁ। ସବୁ ଘର ପ୍ରାୟ ଏକାପରି।

ନିରୂପାୟ ହୋଇ ମହନିର ପଛେ ପଛେ ମୁଁ ଗଲି ତା' ଘରକୁ। ସିଧା ହୋଇ ଛିଡ଼ା ହେଲେ ମୁଣ୍ଡ ବାଜୁଥାଏ ଚାଳିଆ ଛାତରେ। ତଥାପି ମହନିର ପିଣ୍ଡାରେ ସାମାନ୍ୟ ବଙ୍କେଇ ହୋଇ ମୁଁ ଠିଆ ହୋଇଥାଏ। ବର୍ଷା ପାଣିର ଛିଟାରୁ ସେ'ଠି ମଧ୍ୟ ମୁକ୍ତି ମିଳିଲାନି।

ମହନି ଅନୁରୋଧ କଲା, "ଭିତରକୁ ଆସନ୍ତୁ ଡାକ୍ତରବାବୁ ଏ ବାହାର ପିଣ୍ଡାରେ ପୂରାପୂରି ଓଦା ହୋଇଯିବେ। ତା' କଥା ମାନି ଭିତରକୁ ଗଲି। ଘର ବୋଲି ସେଇ ବଖରାଟିଏ। ତାରି ଭିତରେ ଚୁଲି ସେଇ ପାଖରେ କେତୋଟି ଟିଣ ଡବା। ଦଉଡ଼ି ବନ୍ଧର ଖଟଟିକୁ ସଜାଡ଼ି ଦେଇ ମତେ ବସିବାପାଇଁ ଇଙ୍ଗିତ ଦେଲା। ମୋ ପୁଅଠୁ ବର୍ଷେ ଦେଢ଼ବର୍ଷ ସାନ ହେବ ତାର ପୁଅଟି। ତଳେ ବସି ମୁଠାଏ ମୁଢ଼ି ଧରି ଖାଉଥାଏ।

ମହନିର ସ୍ତ୍ରୀ ମୋ ପୁଅର ଓଦା ଦେହ ମୁହଁକୁ ପୋଛି ଦେଇ ସେଇ ଦଉଡ଼ିଆ ଖଟ ଉପରେ ବସାଇ ଦେଲା। ବାହାରେ ବର୍ଷାର ପ୍ରକୋପ କମି ନଥାଏ।

ରିକ୍‌ସାବାଲାଟି ସହିତ କେତେ ପଦ ଦୁଃଖ ସୁଖ ହେଲି ତା' ରୋଜଗାର ବିଷୟରେ ଏବଂ ତା'ର ପରିଶ୍ରମ ବିର୍ଷରେ ସେ କହିଯାଉଥାଏ। ମୁଁ ମଧ୍ୟ ନିରବରେ ଶୁଣୁଥାଏ।

ତା' ପୁଅଟିକୁ କୋଳରେ ବସାଇ ତାକୁ ଟିକେ ଆଉଁଶି ଆଉଁଶି ମହନି କହିଲା- "କେତେ ମରି ମରି ଏଇ ଗୋଟେ ପିଲା, ଆ'ରି ପାଇଁ ଆମେ ଦୁଇଜଣ ଖଟି ଖଟି ତାକୁ ଟିକେ ଭଲରେ ବଢ଼େଇବା ପାଇଁ ଚେଷ୍ଟା କରୁଛୁ। ମୁଁ ରିକ୍‌ସା ଟାଣେ, ମୋର ସ୍ତ୍ରୀ ପର ଘରକୁ ପାଇଟି କରିଯାଏ। ଜାଣୁଛନ୍ତି ତ ଆଜ୍ଞା ଆଜିକାଲି ସବୁ ମହଙ୍ଗା ଯେଉଁଦିନ କାମ ବନ୍ଦ ସେଦିନ ଭଲ କରି ମୁଠାଏ ଖାଇବା ବନ୍ଦ। କଥା ମଝିରେ ମହନିର ସ୍ତ୍ରୀ ଦୁଇଟି କାଚ ଗ୍ଲାସରେ ଦୁଇ ଗ୍ଲାସ ଚା' ଆଣି ଦେଲା। ମହନି ଦଉଡ଼ି ଗଲା ତା' ଘର ସାମ୍‌ନାରେ ଥିବା ଦୋକାନଟିକୁ। ବିସ୍କୁଟ୍ ପ୍ୟାକେଟ୍‌ଟିଏ ଆଣି ଧରାଇଦେଲା। ପ୍ୟାକେଟ୍ ଖୋଲି ବିସ୍କୁଟ ଖଣ୍ଡେ ମହନିର ପୁଅ ହାତରେ ଦେଉ ଦେଉ ମହନି ପ୍ରତିବାଦ କରୁଥିଲା ନାଇଁ ଡାକ୍ତରବାବୁ ତାକୁ ଦିଅନ୍ତୁନି, ପୁଅ ଖାଇବେ। ବର୍ଷାରେ ଓଦା ହୋଇ ଯାଇଛନ୍ତି ସର୍ଦ୍ଦି ହୋଇଯିବ।

ମହନିର ଆତିଥ୍ୟ ମତେ ଆଶ୍ଚର୍ଯ୍ୟର ଅନ୍ଧକାର ଭିତରକୁ ଟାଣି ନେଉଥିଲା। ତା'ର ଆତିଥ୍ୟରେ ମୁଁ ସବୁ ଘୃଣା ସବୁ ବଡ଼ମା ଭୁଲି ଖୁସିରେ ଦୁଇଘଣ୍ଟା କେମିତି କଟାଇ ଦେଲି ଜାଣିପାରିଲିନି।

ବାହାରେ ବର୍ଷାର ଗତି ମନ୍ଥର ହୋଇଯାଇଥିଲା। ମୁଁ ଉଠିଲି। ମହନି ଆମକୁ ରିକ୍‌ସାରେ ଆଣି ଆମ ଗେଟ୍ ପାଖରେ ଛାଡ଼ିଲା। ରିକ୍‌ସାରୁ ଓହ୍ଲାଇ ମହନି ହାତକୁ ପଚାଶଟଙ୍କିଆ ନୋଟ୍ ବଢ଼ାଇଦେଇ ଗେଟ୍ ଖୋଲିଲି ମୁଁ। ମହନି କହଲା- "ଆଜ୍ଞା ଏତେ ଟଙ୍କା ?" ମୁଁ କହିଲି- "ଯା, ଯା, ଯେତେବେଳେ ଯାହା ଅସୁବିଧା ସୁବିଧା ଜଣାଉଥିବୁ।" ଗେଟ୍ ବନ୍ଦକରି ମହନି ଗୁଣୁ ଗୁଣୁ ହୋଇ କହୁଥାଏ... "ଏତେ ଟଙ୍କା କାହିଁକି ଦେଲେ ଆଜ୍ଞା ?"

ଘରେ ଦୋଡ଼ ଦେଉ ଦେଉ ମୋ ପୁଅ ସବୁ ଘଟଣା ବର୍ଣ୍ଣନା କରିବାକୁ ଲାଗିଲା। ମୁଁ ରିକ୍‌ସାବାଲାଟିର ପ୍ରଶଂସା କଲି। ମୋ ସ୍ତ୍ରୀ ସ୍ମିତା ସବୁ କଥା ଶୁଣିବା ପରେ ପୁଅର ଦେହଟାକୁ ଡେଟଲ୍ ପାଣିରେ ପୋଛି ଦେଉ କହିଲା- "କାହା ଘରେ କେଉଁ ରୋଗ। ପିଲାଟା ମୋର ଏତେ ସମୟ ଧରି ବସି ରହିଲା, କିଛି ଇନ୍‌ଫେକ୍‌ସନ୍ ଆସିପାରେ।"

'ଇନ୍‌ଫେକ୍‌ସନ୍' ? ରିକ୍‌ସାବାଲାଟିର ଛୋଟ କୁଡ଼ିଆଟିରେ ଦୁଇଘଣ୍ଟା ବିନା ଦ୍ୱିଧାରେ କଟାଇବା ଭିତରେ କାହିଁ ମୋ ମନକୁ ଏ ଶବ୍ଦଟି ତ ଥରଟିଏ ପାଇଁ ଛୁଇଁ ନଥିଲା। ହୁଏତ ମହନିର ମଧୁର ବ୍ୟବହାର ମୋ ମନରୁ ଏମିତି ସବୁ ଭାବନାକୁ ଦୂରେଇ ଦେଇଥିଲା।

ଏ ଭିତରେ କେତୋଟି ମାସ ବିତିଗଲାଣି। ବର୍ଷା, ଶୀତ ବସନ୍ତ ଯାଇ ଗ୍ରୀଷ୍ମ ଆସିଲାଣି। ମୋ ପୁଅ ନର୍ସରୀ ପାଠ୍ୟକ୍ରମ ଶେଷ କରି ପବ୍ଲିକ୍ ସ୍କୁଲକୁ ଯିବା ଦୁଇବର୍ଷ ହେଲାଣି। ସେ ରିକ୍‌ସାରେ ନ ଯାଇ ସ୍କୁଲ ବସ୍‌ରେ ଯିବା ଆସିବା କରୁଛି।

ସବୁଦିନ ସମାନ ଯାଏନି ସବୁ ଘଟଣାର ପ୍ରାୟତଃ

ପୁନରାବୃତ୍ତି ହୁଏନି । ବେଳେ ବେଳେ ଏମିତି ଘଟଣା, ଅଘଟଣା ଇତ୍ୟାଦି ଯାହା ମଣିଷର ଚିନ୍ତାଶକ୍ତିଠାରୁ ଅନେକ ଦୂରରେ । ସକାଳୁ ସକାଳୁ ସେଦିନ ହସ୍‌ପିଟାଲରେ ପହଞ୍ଚିବା ମାତ୍ରେ ସ୍ମିତାର ଫୋନ୍ ଶୁଣି ଭୟଭିତ ହୋଇଗଲି । "ଜଲ୍‌ଦି ଘରକୁ ଫେରିଆସ । ଘର ନିକଟରେ ତୁମୁଳକାଣ୍ଡ ।"

ମୁଁ ଫେରି ଯାହା ଦେଖିଲି ସେଥିରେ ଆଶ୍ଚର୍ଯ୍ୟ ନ ହୋଇ ରହିପାରିଲିନି । ରିକ୍‌ସାବାଲା ସଂଘର ଲୋକମାନେ ଆମ ସରକାରୀ କ୍ୱାର୍ଟର ଚାରିପଟେ ଘେରାଉ କରି ପାଟିତୁଣ୍ଡ ଫିଙ୍ଗାଫୋପଡ଼ା ଚଲାଇଛନ୍ତି । ଯାହା ଆସୁଛି ପାଟିକୁ ଗାଳି ଦେଇ ଚାଲିଛନ୍ତି । ହଠାତ୍ ବୁଝିପାରିଲିନି ଦୋଷଟା କାହାର ? କ'ଣ ପାଇଁ ଏ ଗଣ୍ଡଗୋଳର ସୂତ୍ରପାତ ?

ସୌଭାଗ୍ୟବଶତଃ ମୁଁ ପହଞ୍ଚିବା ସଙ୍ଗେ ସଙ୍ଗେ ପୋଲିସ ଗାଡ଼ି ମଧ୍ୟ ପହଞ୍ଚି ଯାଇଥିଲା । ପୋଲିସର ଗତିବିଧିରୁ ବୁଝିଲି ମୋର ତଥା ମୋ କ୍ୱାର୍ଟରର ସୁରକ୍ଷା ପାଇଁ ତାଙ୍କୁ ବୋଧହୁଏ କିଏ ଖବର ଦେଇଛି । କ୍ରମେ ବୁଝି ହେଉ ନଥିବା ବାକ୍ୟଗୁଡ଼ିକ ହୃଦ୍‌ବୋଧ ହେଲା ।

ଗତକାଲି ରାତିରେ ଚିକିତ୍ସା ଅଭାବରୁ ପିଲାଟିଏ ମୃତ୍ୟୁବରଣ କରିଛି । ଉତ୍ୟକ୍ତ ଜନତାଙ୍କ ସହିତ ପୋଲିସ୍‌ର ପାଟିତୁଣ୍ଡ ଲାଠି ଚାଳନା ଇତ୍ୟାଦି ମଧ୍ୟ ଚାଲିଲା ।

କିଛି ସମୟ ପରେ କ୍ରୋଧାନ୍ୱିତ ବ୍ୟକ୍ତିଟିଏ କରୁଣ ଚିତ୍କାର କରି ମୋ ନିକଟକୁ ଧାଇଁ ଆସିଲା । ତାକୁ ଦେଖିଲେ ମନେହେଉଥିଲା ସେ ଯେମିତି ପ୍ରତିଜ୍ଞାବଦ୍ଧ ଥିଲା କୌଣସି ବଡ଼ ଧରଣର କ୍ଷତି ଘଟାଇବାପାଇଁ । ମତେ ଦେଖି ସେ ତାର ଉତ୍‌କ୍ଷିପ୍ତ ଚିନ୍ତାଧାରାକୁ କିଭଳି ଭାବରେ ବ୍ୟକ୍ତ କରିବ ମୁଁ ବୁଝିପାରୁ ନଥିଲି ।

ମନେ ପଡ଼ିଲା ବ୍ୟକ୍ତିଜଣକ ଦୁଇବର୍ଷ ତଳେ ମୋ ପୁଅକୁ ସ୍କୁଲକୁ ନବା ଆଣିବା କରୁଥିବା ରିକ୍‌ସାବାଲା 'ମହନି' ।

"ଆରେ ମହନି ତୁ ? କ'ଣ ହୋଇଛି ତୋର ?"

ମହନି ଭୋ ଭୋ ହୋଇ କାନ୍ଦି ଉଠିଲା । ପଛରୁ କିଏ ପାଟିକଲା । "ଆରେ କାନ୍ଦୁଛୁ କାହିଁକି । ତା' ପୁଅକୁ ଟାଣିଆଣ, ଟୁକୁରା ଟୁକୁରା କରିଦେବା । ଶଳା ଡାକ୍ତର ବୁଝିବ ପୁଅ ମଲେ କେମିତି ଲାଗେ ।"

ଏଭଳି କହୁଥିବା ବ୍ୟକ୍ତିର ପାଟିକୁ ବନ୍ଦ କରିକରି ପୋଲିସଟିଏ ପଛକୁ ଟାଣିନେଲା ।

ଏଭଳି ଅଘଟଣର କର୍ତ୍ତା ମୁଁ କିପରି ହୋଇପାରେ ବୋଲି ଆଶ୍ଚର୍ଯ୍ୟ ମିଶ୍ରିତ କଣ୍ଠରେ ପଚାରିଲି ମହନିକୁ ।

ମତେ ଚାହିଁ ମହନିର ରାଗରେ ଜଳୁଥିବା ଆଖି ଦୁଇଟି କେବଳ ଲୁହରେ ଭରିଯାଉଥିଲା ।

ବୋଧହୁଏ ଯଥାସମ୍ଭବ କ୍ରୋଧକୁ ଦମନ କରିପାରିଥିଲା ସେ ।

କାନ୍ଦି କାନ୍ଦି ଉତ୍ତର ଦେଲା । "କାଲି ରାତିରେ ଆସିଥିଲି ଆଜ୍ଞା, ମା' କହିଲେ ଡାକ୍ତରବାବୁ ଘରେ ରୋଗୀ ଦେଖିପାରିବେନି ।"

ପ୍ରାଇଭେଟ୍ ପ୍ରାକ୍‌ଟିସ୍ ବନ୍ଦ କରିଛନ୍ତି ସରକାର । ଏ'ଠୁ ନେଇ ବଡ଼ ମେଡ଼ିକାଲ ଗଲି । ସେଠି ଗରିବଲୋକଙ୍କ ପାଇଁ ଚିକିତ୍ସା ଡେରିରେ ହୁଏ ।

ରାଗରେ ମୋର ଦେହଟା ଜଳି ଯାଉଥିଲା, କାହାକୁ ଦୋଷ ଦେବି; ସରକାରଙ୍କୁ ନା ମୋର ପତ୍ନୀଙ୍କୁ ?

ଅଧିକ କଥାବାର୍ତ୍ତା କରିବାର ସୁଯୋଗ ମିଳିନଥିଲା । ପୋଲିସମାନଙ୍କ ଦ୍ୱାରା ଟଣାହୋଇ ଦୂରକୁ ଚାଲି ଯାଉଥିଲାବେଳେ ମୁଁ କେବଳ କହୁଥିଲି ସେମାନଙ୍କର ଭୁଲ କିଛି ନାହିଁ । ସେ ଜାଗାରେ ମୁଁ ଥିଲେ ବି ଏଭଳି ପରିସ୍ଥିତି ସୃଷ୍ଟି ହୋଇଥାନ୍ତା ।

ଘର ଭିତରକୁ ଆସିଲି । ଚୁପ୍ ହୋଇ ବସିରହିଲି କିଛିକ୍ଷଣ । ପୁଅ ମୋର ଡରି ଯାଇଥାଏ- ସ୍ମିତାର ଅଭିଯୋଗ- "ଦେଖ କାଚ ଝରକା ଭାଙ୍ଗି ଦେଇଛନ୍ତି । ସେପଟ ବାଲ୍‌ଲାଇଟ୍ ଚୁନା କରି ଦେଇଛନ୍ତି । ଆମ ପଡ଼ିଶା ଡାକ୍ତର ରାଓଙ୍କର ଘରକୁ ମଧ୍ୟ ଟେକା ପଥର ଫିଙ୍ଗିଛନ୍ତି ।"

ସେତେବେଳେ ରିକ୍‌ସାବାଲା ବସ୍ତିର ଗୋଟିଏ ଲୋକ ବି ବାହାରେ ନଥିଲେ । କେବଳ ଦୁଇଟି କନେଷ୍ଟବଳ ବାହାରେ ପଇଁତରା ମାରୁଥିଲେ ।

ମୋର ଡାକ୍ତରବନ୍ଧୁ କେତେଜଣ ପହଞ୍ଚିଯାଇଥିଲେ ମୋ ନିକଟରେ । ସମସ୍ତଙ୍କର ଅଭିଯୋଗ ମହନି ବିରୁଦ୍ଧରେ, ରିକ୍‌ସାବାଲାମାନଙ୍କ ବିରୁଦ୍ଧରେ । କେହି ଦୋଷ ଦେଉନଥିଲେ ମତେ ବା ମୋ ସ୍ତ୍ରୀକୁ କିମ୍ବା ସ୍ୱାର୍ଥାନ୍ୱେଷୀ ଡାକ୍ତରସମାଜକୁ ।

ସେଦିନ ସାରା ମୋ ପାଟିରୁ ପଦଟିଏ ବାହାରି ନଥିଲା । ନିଜକୁ ଦୋଷୀ ସାବ୍ୟସ୍ତ କରି ଦେଇଥିଲି । ସତେ ଯେମିତି ଶିଶୁ ହତ୍ୟା ପାପରେ ଜଡ଼ିତ ମୁଁ ।

ରାତିଟା ଅନିଦ୍ରାରେ ବିତିଥିଲା । ମୋ ପୁଅର ସୁପ୍ତ ମୁହଁକୁ ଚାହିଁ ମୋ ହୃଦୟ ଦୁଃଖରେ ଅଭିଭୂତ ହୋଇ ଯାଉଥିଲା ।

ମହନି... ତା'ର ନୁଆଁଣିଆ ଚାଳଘର... ମହନିର ସ୍ତ୍ରୀ ମୋ ପୁଅର ଓଦା ମୁହଁକୁ ପୋଛି ଦେଇ ବିସ୍କୁଟ୍ ଧରାଇବାର ଦୃଶ୍ୟ ଏବଂ ସେଇ ଛୋଟିଆ ପୁଅଟିଏ ଯିଏ, ମୁଢ଼ି ମୁଠାଏ ଗିନାରେ ଧରି ଖୋଲା ଦେହରେ ବସିଥିଲା... ।

ମହନିର କଥା ବେଶୀ ମନେପଡ଼ିଲା । ସେଦିନ ମହନି କହୁଥିଲା "କେତେ ମରି ମରି ଏଇ ଗୋଟିଏ ଆଜ୍ଞା !"

ଅଜାଣତରେ ବିକଟ ଚିତ୍କାର କରି ଉଠିଥିଲି ମୁଁ । ସ୍ମିତାର ନିଦ ଭାଙ୍ଗିଯାଇଥିଲା । ମୋ ପାଖକୁ ଆସି ସାନ୍ତ୍ୱନା ଦେବା ସ୍ୱରରେ କହୁଥିଲା- "ଆଉ ସେମାନେ ଆସିବେନି, ତୁମେ ଭୟ କରନି ।"

ତା' କଥ ନ ଶୁଣିବା ଭଳି ମୁଁ କେବଳ ବସି ରହିଥିଲି ନିଃସହାୟ ରୋଗୀଟିଏ ଭଳି ।

ସ୍ମିତା କହିଚାଲିଥାଏ "ଏମାନଙ୍କ ବସ୍ତିରେ ଜୀବନ-ମରଣର ମାନେ କିଛି ନାହିଁ । ପ୍ରାୟତଃ ପ୍ରତ୍ୟେକ ଘରେ ଚାରି-ପାଞ୍ଚଟା ଛୁଆ । ଯଦି ଗୋଟାଏ ମରିଗଲା ସେଥିପାଇଁ ଏତେ ଦୁଃଖ କରି ଲାଭ ବା କ'ଣ ? ଆର ବର୍ଷକୁ ଶୁଣିଥିବ ମହନି ପୁଣି ବାପା ହୋଇଥିବ ।"

ବିରକ୍ତି ହେଲି ସ୍ମିତା ଉପରେ । "ଯଦି ମହନି ନ ଆସି କେହି ଜଣେ ଧନୀ ବ୍ୟକ୍ତି ଆସିଥାନ୍ତା, ତେବେ ତମେ ମତେ ନିଦରୁ ଉଠାଇ ନଥାନ୍ତ ? ଗରିବମାନଙ୍କର ଅବସ୍ଥା ସବୁବେଳେ ଏମିତି । ପୋକମାଛି ଭଳି ଜୀବନ କାଟିବାକୁ ସତେ ଯେମିତି ଭଗବାନ ତାଙ୍କୁ ଏ ସଂସାରକୁ ପଠେଇଛନ୍ତି ।"

ସ୍ମିତା ଚୁପ୍ ନ ରହି ଉତ୍ତର ଦେଇଥିଲା- "ହେଲେ ତୁମର ଭୁଲ୍ କଣ ? ସରକାର ତ ପ୍ରାଇଭେଟ୍ ପ୍ରାକ୍‌ଟିସ୍ ବନ୍ଦ କରିଦେଇଛନ୍ତି । ଯାଉନାହାନ୍ତି ସେମାନେ ଆସେଂବ୍ଲି ସାମ୍‌ନାରେ ପାଟି କରିବେ ।"

ସତ କହିଥିଲା ମହନି ।

*'ଆସ୍ଥା', ବୁଢ଼ୀଚଣ୍ଡି ଲେନ୍*
*ତୁଳସୀପୁର, କଟକ*
*ଦୂରଭାଷ: ୯୯୩୭୦୮୭୧୮୮*

# ସ୍ୱପ୍ନରେ ଭିଜିବା ମନା

## ଭାସ୍କର ଜେନା

ବହୁତ ଦିନ ପରେ ଶ୍ରୀମୟ ଭୁବନେଶ୍ୱରକୁ ବଦଳି ହୋଇ ଆସିଲା ପରେ ଶାନ୍ତିରେ ଟିକିଏ ନିଶ୍ୱାସ ମାରିଥିଲା। ଦୀର୍ଘ ବର୍ଷ ହେଲା। ଏ ଟ୍ରାନସଫରରେ ବୁଲି ଚାକିରି ମଧ୍ୟରେ ସଚିବାଳୟକୁ ଆସିବା ବୋଧହୁଏ ତା' ଭାଗ୍ୟରେ ନାହିଁ ବୋଲି ଏକ ପ୍ରକାର ଧରି ନେଇଥିଲା। କାରଣ ଏଠି ସବୁ ଲବିରେ ଚାଲେ। ଯିଏ ତୋଷାମତ କରିପାରିଲା ସେ ରାଜଧାନୀରେ ବର୍ଷ ବର୍ଷ ଧରି ଆସ୍ଥାନ ଜମେଇ ରହିଲା। ତାକୁ କେହି ହଟାଇବା ସହଜ ନୁହେଁ, ତା'ଛଡ଼ା ଏଠି ଭେକେନ୍ସି କାହିଁ ଯେ ସେ ଏଠିକୁ ଆସିବ। ଏଠିକୁ ଆସିବା ପାଇଁ ବହୁ ମନ୍ତ୍ରୀ, ନେତା, ବଡ଼ ବଡ଼ ଅଫିସର ପିଲାମାନେ ଲାଇନ୍‌ରେ ଅଛନ୍ତି। ତାକୁ କିଏ ପଚାରେ। ଭାଗ୍ୟ ଭଲ ସେ ପ୍ରୋମଶନ୍‌ରେ ଶିକ୍ଷା ବିଭାଗକୁ ଯୁଗ୍ମ ସଚିବ ଭାବରେ ଆସିଛି।

ସମଗ୍ର ପିଲାଦିନ ସ୍କୁଲିଂ, କଲେଜ କ୍ୟାରିଅର ଏଇ ଭୁବନେଶ୍ୱରରେ କଟିଛି। ସବୁ ସାଙ୍ଗସାଥୀ ଚିହ୍ନା ପରିଚିତ ଲୋକ ଏଇ ଭୁବନେଶ୍ୱରରେ। ଅନ୍ତତଃ ଚାକିରୀର ଅବଶିଷ୍ଟ ଜୀବନଟା ଏଇଠି କାଟିବାକୁ ଚେଷ୍ଟା କରିବ ବୋଲି ଶ୍ରୀମୟ ମନେମନେ ଖୁସି ହେଇଥିଲା।

ଶିକ୍ଷା ବିଭାଗରେ ଜଏନିଂ ରିପୋର୍ଟଟା ଦେଇ ସେ ଚାଲି ଆସିଥିଲା। ଆସନ୍ତାକାଲି ସେ ବିଧିବଦ୍ଧ ଭାବରେ ଅଫିସ କରିବ। କାମ ଆରମ୍ଭ କରିବ। ତେଣୁ ଗେଷ୍ଟ ହାଉସରେ ଲଗେଜତକ ଥୋଇ ଦେଇ ସେ ବାହାରି ଆସିଥିଲା। ତା'ର ଏକମାତ୍ର ଇଚ୍ଛାଥିଲା ସେ ଦେବା ଦେବୀ ଦର୍ଶନ ଭଳି ତିନି ନମ୍ବର ୟୁନିଟ୍‌ରେ ସେଇ ପରିଚିତ କ୍ୱାର୍ଟର୍ସଟିକୁ ଆଗ ଦର୍ଶନ କରିବ। ଯେଉଁଠି ସେ ବାପା, ବୋଉ, ଭାଇ, ଭଉଣୀମାନଙ୍କ ସହିତ ଜୀବନ ଗଢ଼ିଥିଲା। ସେଇ କ୍ୱାର୍ଟର୍ସଟି ପ୍ରତି ତା'ର ଅନେକ ଦୁର୍ବଳତା। ସେଇଠି ପିଲାଦିନ କୈଶୋର କଲେଜ ଜୀବନ କଟିଛି। ସେଇ ସବୁ ପୁରୁଣା ସ୍ମୃତି ସ୍ୱପ୍ନକୁ ଭୁଲିଯିବ କେମିତି ?

ସେଇ ସରକାରୀ କ୍ୱାର୍ଟର୍ସ ମଧ୍ୟରେ ଶ୍ରୀମୟର ଅନେକ ସ୍ମୃତି ସ୍ୱପ୍ନ ଅଭୁଲା ଘଟଣା ସବୁ ସେ ଆଜି ବି ମନ ଭିତରେ ସାଇତି ରଖିଛି। ଯାହାକୁ ଚାହିଁଲେବି ସେ ଭୁଲି ପାରିବନି। ବାଣୀବିହାରରୁ ପାଠପଢ଼ା ସରିଲା ପରେ ସେ ଓ.ଏ.ଏସ୍. ପାଇ ଭୁବନେଶ୍ୱର ଛାଡ଼ିଥିଲା। ବାପା ଭିନ୍ନ ମୂଲ୍ୟବୋଧର ମଣିଷ ଥିଲେ। ଚାକିରୀ କାଳ ମଧ୍ୟରେ ଭୁବନେଶ୍ୱରରେ ଘରଖଣ୍ଡେ କରିବାକୁ ସେ କେବେ ଇଚ୍ଛା କରିନଥିଲେ। ଏବଂ ବାରମ୍ବାର କହୁଥିଲେ, ମୁଁ ଏ ଗୋଲାମ ନଗରୀରେ ରହିବି ନାହିଁ। ମୋର ଘର ଦ୍ୱାର, ଜମିବାଡ଼ି, ତୋଟା ଥାଉ ଥାଉ ମୁଁ ଏଠି କାହିଁକି ରହିବି ? ଯେଉଁଠି ରାତିରେ ଜହ୍ନ ଦେଖି ହୁଏନା। ଯେଉଁ ପବନର ଜୀବଶକ୍ତି ଲୋପ ପାଇଗଲାଣି, ଯେଉଁଠି ପାଦ ଥୋଇବାକୁ ପାଦେ ମାଟି ମିଳେନା। ଚାରିଆଡ଼େ କଂକ୍ରିଟ ଜଙ୍ଗଲ। ଅଣନିଶ୍ୱାସୀ ହୋଇଯାଉଛି ଜୀବନ। ଏ ମରଣ ଯନ୍ତା ମଧ୍ୟରେ କାହିଁକି ରହିବି। ମୁଁ ଗାଁ ଗଣ୍ଡାର ମଣିଷ ଗାଁକୁ ଚାଲିଯିବି।

ଶ୍ରମୟ ବାପାଙ୍କୁ ଯେ ବୁଝେଇ ନାହିଁ ତାହା ନୁହେଁ। ସେ ବାପାଙ୍କ ଅବସର ପରେ କହିଥିଲା ବାପା ଆମେ ଭାଇମାନେ ବିଭିନ୍ନ ଆଡ଼େ ଚାକିରି କରୁଛୁ। ନାନୀ ମଧ୍ୟ ଦୁବାଇରେ। ଆପଣ ଗାଁରେ ଏକା ରହିବା ଭାରିକଷ୍ଟ। ଗାଁ ଗଣ୍ଡାର ପରିସ୍ଥିତି ଆଜିକାଲି ଠିକ୍ ନୁହେଁ। ଆଗ ଭଳି ଗାଁରେ ଆଉ ଭାଇଚାରା, ମଣିଷ ପଣିଆ, ଆଦୌ ନାହିଁ। ଗାଁଗୁଡ଼ାକୁ ଅତ୍ୟଧିକ ରାଜନୀତି କରଣ, ବହୁଳ ମଦର ପ୍ରସାର, ଅହଂକାର, ସ୍ୱାର୍ଥ, ବିଦ୍ୱେଷଭାବ, କଳୁଷିତ, ବିକଳାଙ୍ଗ କରିଦେଲାଣି। ସେଠି ଆପଣଙ୍କ ଭଳି ଜଣେ ନିର୍ଭୀକ, ସଚ୍ଚୋଟ, ସିଧା ସିଧା କଥା କହିବା, ଅନ୍ୟାୟ, ଅନୀତିକୁ ପ୍ରଶ୍ରୟ ନ ଦେବା ଲୋକର ସ୍ଥାନ ନାହିଁ। ଆଜିକାଲି ଗାଁମାନଙ୍କରେ ଗୁରୁ ଗୁରୁଜନମାନଙ୍କର ସ୍ଥାନ ନାହିଁ। ସେମାନଙ୍କୁ ସମ୍ମାନ ଦେବାକୁ ଯୁବ ସମାଜ କୁଣ୍ଠିତ। ଏଠି ମୁଁ ଗୋଟିଏ ଫ୍ଲାଟ ନେଇ ଯାଉଛି। ଆପଣ ଯେତେ ଦିନ ଚାହିଁଲେ ରହିପାରିବେ। ମଝିରେ ମଝିରେ ବଡ଼ ଭାଇ, ମଝିଆ ଭାଇ ମୋ ପାଖକୁ ଯାଇ ମଧ୍ୟ କିଛିଦିନ ନାତିନାତୁଣୀମାନଙ୍କ ଗହଣରେ କଟେଇ ଦେଇ ଖୁସି ସାଉଁଟିବେ।

ତା'ଛଡ଼ା ଅବସର ଲୋକାମାନଙ୍କ ପାଇଁ ରାଜଧାନୀରେ କିଛିଟା ସ୍ୱତନ୍ତ୍ର ସୁବିଧା ଅଛି। ଏଠି ପ୍ରାୟ ପାୱାରକଟ୍ ହୁଏନା। ହେଲେ ଗାଁରେ ଘଣ୍ଟା ଘଣ୍ଟା ,ଏପରିକି ଦିନକୁ ଦଶଘଣ୍ଟା ପାୱାରକଟ୍ ହୁଏ। କେବେକେବେ ଦିନ ଦିନ ମଧ୍ୟ ଲାଇନ୍ ରୁହେ ନାହିଁ। ଏଠି ମେଡ଼ିକାଲ ଫେସିଲିଟି ମଧ୍ୟ ଭଲ। ହାତ ପାହାନ୍ତାରେ ବଡ଼ ବଡ଼ ହସପିଟାଲ ସବୁ ଅଛି। ଗାଁ ଡାକ୍ତରଖାନାରେ ବର୍ଷ ବର୍ଷ ଧରି ଡାକ୍ତର ନାହାନ୍ତି। ବୁଢ଼ା କମ୍ପାଉଣ୍ଡର ହରିବାବୁ ରିଟାୟର୍ଡ଼ ପରେ ମଧ୍ୟ ଡାକ୍ତରଖାନା ସମ୍ଭାଳୁଛନ୍ତି। ରାସ୍ତାଘାଟ ଖାଲଖମା ପୂର୍ଣ୍ଣ। ପାର୍କଟିଏ ନାହିଁ ୱାକ୍ କରିବାକୁ। ସଂଧ୍ୟାବେଳେ ବନ୍ଧୁମାନଙ୍କ ସହିତ ବସି ମଧୁର ଆଳାପ କରିବାକୁ। ଏ ସବୁ ସୁବିଧା ଭୁବନେଶ୍ୱରରେ ବହୁଳ ଭାବରେ ଉପଲବ୍ଧ। ସେଥିପାଇଁ ପରା ଏନ.ଆର.ଆଇମାନେ ଭୁବନେଶ୍ୱରରେ ରହିବାକୁ ଚଢ଼ା ଦାମ୍‌ଦେଇ ଘର କିଣିବାକୁ ଭିଡ଼ ଜମେଇଛନ୍ତି।

ନିତ୍ୟାନନ୍ଦ ଆଖି ତରାଟି ଚାହିଥିଲେ ଶ୍ରୀମୟକୁ। ଟିକିଏ ରାଗମିଶା କଠିନ ଚଢ଼ା ଗଳାରେ କହିଥିଲେ – ଶ୍ରୀମୟ, ଗାଁ ଗଣ୍ଡାରେ କ'ଣ ମଣିଷ ରହୁନାହାନ୍ତି। ଯେଉଁମାନେ ଗାଁ ଗହଳରେ ରହୁଛନ୍ତି ସେମାନେ କ'ଣ ଗୋରୁଗାଈ। ମୁଁ ଏଠି ସେ ପିଞ୍ଜରା ମଧ୍ୟରେ ଆବଦ୍ଧ ପାରାଭାଡ଼ିରେ ରହିପାରିବିନି। ଯେଉଁଠି ବଞ୍ଚିବାର ସ୍ୱଚ୍ଛତା ନାହିଁ, ସ୍ୱାଧୀନତା ନାହିଁ, ଜେଲଖାନାରେ ରହି ବନ୍ଦି ଜୀବନ କଟାଇ ପାରିବିନି। ଆପାର୍ଟମେଣ୍ଟ ଫ୍ଲାଟରେ ମାତ୍ର କେଇ ଫୁଟ ଜାଗା ମଧ୍ୟରେ ଜୀବନ ହନ୍ତସନ୍ତ ହୁଏ ସେଇ ମରଣ ଯନ୍ତା ଭିତରେ ମୁଁ ଅବଶିଷ୍ଟ ଜୀବନ କଟାଇବି କେମିତି ?

ଶ୍ରୀମୟ କିଛି ଉତ୍ତର ଦେଇନଥିଲା। ସେ ବାପାଙ୍କୁ ଭଲ ଭାବରେ ଜାଣେ। ଏକଜିଦିଆ ମଣିଷ। ଯାହା ବୁଝିଥିବେ ସେଇଆ। ତାଙ୍କୁ ସ୍ୱୟଂ ଭଗବାନ ଆସିଲେ ବି ବୁଝେଇ ପାରିବେନି। କାରଣ ସେ ଭିନ୍ନ ଆଦର୍ଶରେ ଗଢ଼ା। ଜୀବଦଶା ମଧ୍ୟରେ ମିଛ କହିବା, ଲାଞ୍ଚ ନେବା, ଅନ୍ୟାୟ କରିବା ଭଳି ଶବ୍ଦମାନେ ତାଙ୍କ ଅଭିଧାନ ପୃଷ୍ଠାରେ ନାହିଁ। ସେ ଅତ୍ୟନ୍ତ କର୍ମଠ। ଆଜି ପର୍ଯ୍ୟନ୍ତ କାହା ଉପରେ ନିର୍ଭରଶୀଳ ନୁହଁନ୍ତି। ଅତ୍ୟନ୍ତ ନିର୍ଭିକ। ତାଙ୍କ କଥା ଆଉ କାମରେ ଦମ୍ ଥାଏ। ସେଥିପାଇଁ ସେ ସମଗ୍ର ଅଫିସରେ ଆଦର୍ଶ ପାଲଟି ଯାଇଥିଲେ।

ଏହା ମଧ୍ୟରେ ଶ୍ରୀମୟ କେତେବେଳେ ଯାଇ ତା' ଅତି ପରିଚିତ କ୍ୱାର୍ଟର୍ସ ପାଖରେ ଯାଇ ପହଞ୍ଚି ଯାଇଥିଲା । ସେ ଚୁପ୍ ଚାପ ଗେଟ ଖୋଲି ଭିତରକୁ ଯାଇଥିଲା । ସେଇ ମୁହୂର୍ତ୍ତରେ ଜଣାପଡୁଥିଲା କ୍ୱାର୍ଟର୍ସରେ ବିଶେଷ କିଛି ପରିବର୍ତ୍ତନ ହୋଇନି । ଆଗ ପରି ଅଛି । ଘର ଭିତରପଟୁ ବନ୍ଦ ଅଛି । ଘର ଭିତରେ କେହି ଜଣେ ନିଶ୍ଚୟ ଅଛନ୍ତି । ଶ୍ରୀମୟ କଲିଂ ବେଲ୍ ଚିପିଲା । କିଛି ସମୟ ଅପେକ୍ଷା କଲାପରେ ମଧ୍ୟ କିଛି ସୂଚନା ମିଳିଲାନି । କାହାର ସ୍ୱରଶବ୍ଦ ନାହିଁ । ପୁଣି ବାରମ୍ବାର କଲିଂ ବେଲ୍‌ଚିପିଲା ଶ୍ରୀମୟ । ତାକୁ ଲାଗିଲା ଯେମିତି କେହି ଜଣେ ଭିତରୁ ବିରକ୍ତି ପ୍ରକାଶ କରି ବହୁ କଷ୍ଟରେ ଉଠି କବାଟ ସେପଟୁ କହିଲା – କିଏ ? କିଏ ? ? କାହାକୁ ଖୋଜୁଛନ୍ତି । ଆପଣଙ୍କର କାହା ପାଖରେ କାମ ଅଛି ?

ଶ୍ରୀମୟ ଅଟକି ଯାଇଥିଲା ।

ଭିତରେ କିଏ ସେ ଜାଣେନା । ପରିଚିତ ପରି ଜଣାପଡୁଛି । ଏତେ ବର୍ଷର ବ୍ୟବଧାନ ପରେ ଏ କ୍ୱାର୍ଟର୍ସ କାହାକୁ ନା କାହାକୁ ଆଲଟ୍ ହୋଇଥିବ ନିଶ୍ଚୟ । କେତେ ଲୋକ ଆସିଥିବେ, ଯାଇ ମଧ୍ୟ ଥିବେ । କିଏ ବା ତା'ର ହିସାବ ରଖିଛି । ତଥାପି ଭଦ୍ର ଲୋକଙ୍କୁ ନଦେଖିଲେ ମଧ୍ୟ କଥାରୁ କେମିତି ଚିହ୍ନା ଚିହ୍ନା ଲାଗୁଛି । ତା'ହେଲେ ସେ କିଏ ? ମନରେ ଅନେକ କୌତୁହଳ ଖେଳି ବୁଲୁଥିଲା ଶ୍ରୀମୟର । କବାଟ ଖୋଲିଲା ପରେ ଯାହାଙ୍କୁ ଦେଖିଲା ଶ୍ରୀମୟ ଆଶ୍ଚର୍ଯ୍ୟ ନ ହୋଇ ରହିପାରିଲା ନାହିଁ ।

: ସୁବୋଧ ଭାଇ ତୁମେ ?

: ଆରେ ଶ୍ରୀମୟ ତୁ, ଏମିତି ଅଚାନକ ?

: ହଁ ଭାଇ, ଶିକ୍ଷା ବିଭାଗରେ ଜଏଣ୍ଟ ସେକ୍ରେଟେରୀ ଭାବରେ ସଚିବାଳୟରେ ଯୋଗ ଦେଇଛି । ବହୁତ ଦିନ ତ ବାହାରେ ବୁଲିଲି । ଏବେ ପ୍ରମୋଶନ ପାଇ ଭୁବନେଶ୍ୱର ଆସିଛି । ଆଚ୍ଛା ସୁବୋଧ ଭାଇ ତୁମେ ଏ କ୍ୱାର୍ଟର୍ସରେ କେମିତି ?

ଆରେ ଆ, ଘର ଭିତରକୁ ଆ । ଏଇ ଦୂଆର ମୁହଁରେ ଠିଆ ହୋଇ କ'ଣ ଗପ କରିବା ?

ଶ୍ରୀମୟ ଘର ଭିତରକୁ ପଶିଲା ପରେ ଯାହା ଦେଖିଲା ଆଶ୍ଚର୍ଯ୍ୟ ନ ହୋଇ ରହିପାରିଲା ନାହିଁ । ବିଭତ୍ସ ସେ ଘର ଭିତରଟା ଚାରିଆଡ଼େ ଜିନିଷପତ୍ର ଗୁଡ଼ାକ ଛିନଛତ୍ର ହୋଇ ପଡ଼ିଛି । ଯେହେତୁ ସୁବୋଧ ଭାଇ ଓଡ଼ିଶାର ଜଣେ ସୁନାମଧନ୍ୟ କବି । ତେଣୁ ଘର ସାରା କୁଢ଼ କୁଢ଼ କରି ବହି, ପତ୍ରିକା, ଖବରକାଗଜ ସବୁ ଇଆଡ଼େ ସିଆଡ଼େ ଇତସ୍ତତ ହୋଇ ପଡ଼ିଛି । ତା' ସହିତ ଚିରା ଟୁକୁରା କାଗଜ, ଖଣ୍ଡିଆ ସିଗାରେଟ୍ ପୋଡ଼ା ଦିଆସିଲି କାଠି, ଏମିତି ଆବର୍ଜନା ସବୁ ଭର୍ତ୍ତି ହୋଇଛି । ଘରଟା ବୋଧହୁଏ କେତେ ମାସ ହେଲା ଝାଡୁମରା ଯାଇନି । ଆଃ, ବଡ଼ ଅସ୍ୱାସ୍ଥ୍ୟକର ପରିବେଶ । କେମିତି ଏହା ଭିତରେ ସୁବୋଧ ଭାଇ ରହୁଛି ।

ଶ୍ରୀମୟ ପଚାରିଲା – ସୁବୋଧ ଭାଇ, ଏ ଘର କ'ଣ ହୋଇଛି ।

: କ'ଣ ହୋଇଛି ମାନେ ? ଏଇଟା ପରା ଓଡ଼ିଶାର ଜଣେ ଦୁଃସ୍ଥ କବିର ଘର । ଜୀବନସାରା ତ ଗରିବୀପଣ, ଦୁଃଖ ଯନ୍ତ୍ରଣା ମଧ୍ୟରେ ଯୁଝି ଯୁଝି ସମୟ ବହିଗଲା । ଯାହା ପାଇଁ ମୁଁ କବି ହେଲି ସେ'ତ ମୋତେ ଧୋକାରେ ଛାଡ଼ି ଚାଲିଗଲା । ଆଉ ଯାହାକୁ ପାଇଲି ତାକୁ ମଧ୍ୟ ମୁଁ ହଜେଇ ବସିଲି ।

: ମୁଁ କିଛି ବୁଝିପାରିଲିନି ସୁବୋଧ ଭାଇ ।

: ଆରେ ଏଥିରେ ଅବୁଝା ରହିଲା କେଉଁଠି ? ନିତ୍ୟାନନ୍ଦ ମଉସା ତ ମୋ ଆଦର୍ଶ ଥିଲେ । ସେ ମୋତେ ବାପାଙ୍କର ବାଲ୍ୟବନ୍ଧୁ ଭାବରେ ଗାଁରୁ ଆଣି ମଣିଷ କରିଥିଲେ । ଏ ଘରଟି ମୋର ବହୁବର୍ଷର ପରିଚିତ । ମୁଁ ଯେତେବେଳେ ଜି.ଏ. ଡିପାର୍ଟମେଣ୍ଟର କ୍ୱାର୍ଟର୍ସ ଆଲଟମେଣ୍ଟ ସିଟ୍‌କୁ ଆସିଲି, ଦେଖିଲି ଏ ଘରଟା ଖାଲି ଅଛି । ମୁଁ ମୋ ନାଁରେ ଆଲଟ୍ କରିନେଲି । ମୋର ବା ବଡ଼ଘର କ'ଣ ହେବ । ଏତେ ବଡ଼ ଘରଟାକୁ ମୁଁ ଜଣେ ମଣିଷ । କ'ଣ ହେବ ମୋର ବଡ଼ଘର । କାହା ପାଇଁ ନେବି ବଡ଼ଘର ।

: ସୁବୋଧ ଭାଇ, ତୁମେ ଯେଉଁଭଳି ମେଧାବୀ ଛାତ୍ରଥିଲ ଆଇ.ଏ.ଏସ. ନିଶ୍ଚିତ ପାଇବା କଥା । ହେଲେ ସାରା ଜୀବନ ଏଇ କିରାଣୀ ଚାକରି ମଧ୍ୟରେ ରହିଗଲ । ପ୍ରଥମଥର ଆଇ.ଏ.ଏସ. ଭାଇଭାରେ କଟିଗଲ ବୋଲି ଅଭିମାନ କରି ଆଉ କୌଣସି କମ୍ପିଟେଟିଭ ଏକଜାମିନେସନ ଦେଲ ନାହିଁ । ତୁମେ କ'ଣ ଠିକ୍ କଲ ?

: ଆରେ ଶ୍ରୀମୟ, ସବୁ ଭାଗ୍ୟ । କପାଳରେ ଯାହା ଲେଖାଥିବ ତାହାହିଁ ହେବ । ମୁଁ ଚାହିଁଲେ କ'ଣ ଭାଗ୍ୟକୁ ବଦଳାଇ ଦେଇ ପାରିବି ? ମୋ ଭାଗ୍ୟରେତ ବୁଢ଼ା କିରାଣୀ ଚାକିରୀ ଅଛି, ଆଇ.ଏ.ଏସ୍ ପାଇବି କେମିତି ?

: ମୁଁ ଜାଣିଥିଲି ତୁମେ ନିଶ୍ଚୟ ସଂଗୀତାକୁ ଜୀବନ ସାଥୀ ରୂପେ ପାଇବ ବୋଲି ସେତେବେଳେ ତୁମେ ଦୁହିଁଙ୍କ ପ୍ରେମ, ପ୍ରଣୟ, ଫୁଲ ଫଗୁଣ, ପରସ୍ପର ପ୍ରତି ଭଲପାଇବା, ସମର୍ପଣ ଭାବ ସାରାକଲେଜରେ ଏକ ଆଲୋଚନାର ବିଷୟ ଥିଲା । କିନ୍ତୁ ମୁଁ ଜାଣିଥିଲି ସଂଗୀତା ଗୋଟିଏ ଅହଂକାରୀ ଝିଅ । ସେ ଆମ ନମୀର ସାଂଗ । ସେ ବଡ଼ଲୋକ ଘରର ଝିଅ ବୋଲି ଖୁବ୍ ଅହଂକାର କରେ । ଅନିନ୍ଦ୍ୟ ସୁନ୍ଦରୀ ରୂପ ଖଣ୍ଡେ ପାଇଛି ବୋଲି ଗର୍ବରେ ଫାଟି ପଡ଼େ । ଏଭଳି ଝିଅ କ'ଣ ଶାଶ୍ୱତ ପ୍ରେମର ମହତ୍ତ୍ୱ ବୁଝନ୍ତି ? ସେତେବେଳେ ମୁଁ ତୁମକୁ ସୂଚେଇ ଦେଇପାରି ଥାଆନ୍ତି । ହେଲେ ତମେ ତାକୁ ଏତେ ମାତ୍ରାରେ ଭଲ ପାଇଥିଲ ଯେ, ତା' ପ୍ରେମ ପାଇଁ ଅସଂଖ୍ୟ ଦରଦୀ ପ୍ରେମ କବିତା ଲେଖି ଚାଲିଥିଲ । ତାକୁ ଭଲ ପାଇ ତୁମ ଭିତରେ ଏକ କବିତାର ସୂକ୍ଷ୍ମ କଢ଼ି ଉନ୍ମେଷ ହୋଇ ବିକଶିତ ହେବାରେ ଲାଗିଥିଲା । ମୁଁ ତୁମ ପାଖରେ ସଂଗୀତା ସମ୍ପର୍କରେ ଟିପ୍ପଣୀ ଦେଇ ସେଇ ଆବେଗମୟ କବିତାର ଉଚ୍ଛ୍ୱାସକୁ ପ୍ରତିହତ କିରବାକୁ ଚାହିଁ ନ ଥିଲି । ମୁଁ ଭଲ ଭାବରେ ଜାଣିଥିଲି ସେ ତମକୁ ଦିନେ ଧୋକା ଦେବ ।

: ହଁ ଶ୍ରୀମୟ । ସେ ମୋ ପ୍ରେମର ଗଭୀରତାକୁ ବୁଝିଲାନି । ମୋତେ ଧୋକା ଦେଲା । ମୋ ଛାତି ଭିତରେ ସ୍ୱଚ୍ଛ ହୃଦୟଟାକୁ କାଳୀମାମୟ କରିଦେଲା । ହେଲେ ସେ ସିନା ମୋ ଜୀବନରୁ ଚାଲିଗଲା ହେଲେ ମୋ ପାଖରେ ଛାଡ଼ିଦେଇଗଲା ଏ କବି ପଣିଆ । ଏବେବି ମୁଁ ସେଇ କବିତା ଭିତରେ ବଞ୍ଚିଛି । କବିତା ମୋ ଜୀବନ ପାଲଟି ଯାଇଛି । ମୁଁ ଶତଚେଷ୍ଟା କରି ମଧ୍ୟ ନା ସଂଗୀତାକୁ ଭୁଲି ପାରୁଛି, ନା କବିତାକୁ ଛାଡ଼ି ପାରୁଛି ।

ଖଣ୍ଡେ ସିଗାରେଟ ମୁହଁରେ ଧରି ଲାଇଟରରୁ ନିଆଁ ଧରେଇ ଦି ପୁଳା ଧୂଆଁ ଛାଡ଼ିବା ପରେ ସୁବୋଧ ଭାଇ କହିଥିଲା – ବୁଝିଲୁ ଶ୍ରୀମୟ, ସଂଗୀତା ମୋଜୀବନରୁ ଚାଲିଗଲା ଦୁଃଖ ନାହିଁ । କଲେଜ ଜୀବନରେ ଏମିତି ଅପ୍ରତ୍ୟାସିତ ପ୍ରେମ ହୁଏ । ପ୍ରେମ ଭଂଗ ମଧ୍ୟ ହୁଏ । ଖୁବ୍ କ୍ୱଚିତ ପ୍ରେମ ସଫଳ ହୁଏ । ହେଲେ ହଠାତ୍ ଦିନେ ସଂଗୀତା ଆସି ମୋତେ ତା' ବାହାଘର କାର୍ଡ ଧରେଇ ଦେଇ କହିଥିଲା – ସୁବୋଧ, ମୋ ବାହାଘର ଆସନ୍ତା ୨୮ ତାରିଖରେ । ନିମନ୍ତ୍ରଣ କଲି ଆସିବ । ଆସିଲେ ଖୁସି ହେବି । ନ ଆସିଲେ ଆହୁରି ବେଶୀ ଖୁସି ହେବି ।

: ସଂଗୀତା, ବୁଝି ପାରିଲାନି । କଥା ଏତେ ବାଟରେ ପହଞ୍ଚିଲାଣି । ତୁମେତ ମୋତେ ଆଗରୁ କହିପାରିଥାଆନ୍ତ ?

: ଆବଶ୍ୟକ ମନେ କରିନଥିଲି ।

: ମାନେ ?

: ଭେରି ସିମ୍ପୁଲ । ପ୍ରେମ ଆଉ ବିବାହ ଦି'ଟା ଗୋଟିଏ ନଦୀର ଭିନ୍ନ ଭିନ୍ନ ଶାଖା ନଦୀ ପରି । ଜୀବନ ଦର୍ଶନ ଭିନ୍ନ ଭିନ୍ନ । ଗୋଟିଏ ନଦୀ ସିଧା, ସରଳ ଶାନ୍ତ ହେଲେ ଅନ୍ୟଟି ଅଙ୍କାବଙ୍କା, ତୀକ୍ଷ୍ଣ, ପ୍ରଖର ସ୍ରୋତର ଭୟାବହତା ପୂର୍ଣ୍ଣ । ପରିଚୟର ସାମଞ୍ଜସ୍ୟ ନଥାଏ । ବିବାହ ହେଉଛି ଜୀବନ ସଉଦା କଥା । ତୁମ ପାଖରେ ସବୁ ଗୁଣ ଭରପୁର ଅଛି । ହେଲେ ବିନୟଙ୍କ ପାଖରେ ଯାହା ଅଛି ତୁମ ପାଖରେ ନାହିଁ । ସେ ଧୀନ ଘରର ପିଲା । ବାପା ଭାଇଙ୍କର ଅଚଳାଚଳ

ସମ୍ପତି। ପ୍ରେମଟା ଭାବପ୍ରବଣତାରୁ ସୃଷ୍ଟି ହେଲେ ବିବାହ ଏକ ନିରାଟ ବାସ୍ତବତା। ବିବାହ ପରେ ବାସ୍ତବ ଜୀବନରୁ ପ୍ରେମ ପ୍ରାୟ ଦୂରେଇ ଯାଏ। ସେ ଯେମିତି ଆସିଥାଏ ସେମିତି ତା' ବାଟରେ ବାଟକାଟି ଚାଲିଯାଏ। ସାମ୍ନାରେ ପଡ଼ିରହେ ଲମ୍ବା ବାସ୍ତବ ଜୀବନ। ସେ ବାସ୍ତବ ଜୀବନକୁ ରଂଗୀନ କରିବାକୁ ଅର୍ଥର ଆବଶ୍ୟକତା ପଡ଼ିଥାଏ। ଜୀବନ ପାଇଁ ଆଜିକାଲି ଧନ ସମ୍ପତ୍ତି, ଗାଡ଼ି ଘୋଡ଼ା, ସୁନ୍ଦର ରୁଚି ସମ୍ପନ୍ନ ଘର, ଫୁଲ ପତ୍ରର ବଗିଚା। ଏମିତି ଅନେକ କଥା। ଯାହା ତୁମ ପାଖରେ ନାହିଁ।

ଏ ବାବଦରେ ଝିଅମାନେ ଖୁବ୍ ସ୍ୱାର୍ଥପର। ମୁଁ ସେ ଜୀବନଦର୍ଶନରୁ ବାହାରି ଯାଇ ଥାଆନ୍ତି କେମିତି ? ପ୍ରେମ ଭଳି ଭାବ ପ୍ରବଣତାକୁ ଯେଉଁ ଝିଅମାନେ ଆପଣେଇଛନ୍ତି, ସେମାନେ ସାରା ଜୀବନ ଦୁଃଖ କଷ୍ଟରେ ସନ୍ତୁଳି ହୋଇଛନ୍ତି। କିନ୍ତୁ ମୁଁ ଭାବପ୍ରବଣତାରେ ଭାସିଯିବା ଝିଅ ନୁହେଁ। ତୁମେ ଏତେ ସୁନ୍ଦର କବିତା ଲେଖୁଛ। ଜଣେ ଯୁବ କବି ଭାବରେ ସାରା ଓଡ଼ିଶାରେ ବେଶ୍ ସୁନାମ ଅର୍ଜନ କରିଛ। ହେଲେ କବିତାରେ କ'ଣ ପେଟପୁରେ ? ମୋର ଏଇ ଶେଷ ଦେଖାରେ ଅନୁରୋଧ କବିତା ଲେଖା ଛାଡ଼ି ଦେବା ଭଲ। ଦେହ ପକ୍ଷେ ହିତକର। ପ୍ରେମ, ଭାବପ୍ରବଣତା, ସ୍ୱପ୍ନ, ସମ୍ଭାବନା, ଏସବୁ ଜୀବନ ପାଇଁ ଆବଶ୍ୟକ ସତ, ହେଲେ ଏମାନଙ୍କୁ ଭରସା କରି ସାରା ଜୀବନ ବଞ୍ଚ ହୁଏନା।

କିନ୍ତୁ ଗଲାବେଳେ ଏତିକି କହି ଯାଉଛି, ସୁବୋଧ, ଆମ ପ୍ରେମ, ଭଲ ପାଇବାକୁ ଟାଇମ୍ପାସ୍ ବୋଲି ଧରିନେବ। ବାୟ.....।

: ଚାଲି ଯାଇଥିଲା ସୁଶ୍ରୀ ସଂଗୀତା ସାମନ୍ତରାୟ। ହେଲେ ମୋ ଭିତରେ କବିତାକୁ ଛାଡ଼ି ଦେଇ ଯାଇଥିଲା। ଯାହାକୁ ମୁଁ ଆଜି ପର୍ଯ୍ୟନ୍ତ ଛାଡ଼ି ପାରିଲି ନାହିଁ। ବାନ୍ଧି ହୋଇଗଲି କବିତା ପ୍ରେମରେ।

: ହେଲେ ସୁବୋଧ ଭାଇ, ତୁମ ବାହାଘର ?

: ଆରେ ରହ ମୁଁ କଫିଟା ତିଆରି କରି ଆଣେ। ତୁ ମୋ ହାତ ତିଆରି କଫି କେବେ ପିଇନାହୁଁ। ମୁଁ ଚମତ୍କାର କଫି ତିଆରି କରି ଜାଣେ। ସାଂଗ ହୋଇ କଫି ପିଇବାରେ ଏକ ନିଆରା ଆନନ୍ଦ ଥାଏ।

ସୁବୋଧ ଭାଇ କିଚେନ ରୁମ୍‌କୁ ଯାଇ କଫି ବସେଇଥିଲା ଏବଂ କିଚେନରୁ ବଡ଼ ପାଟି କରି କହିଥିଲା – ଶ୍ରୀମୟ, ଆରେ ଚିନି ସରିଯାଇଛିରେ। ଅଳ୍ପ ଅଛି ଚଳେଇ ନେବୁ। ଶ୍ରୀମୟ କହିଥିଲା – ହଁ ଭାଇ, ମୋର ସୁଗାର ଲେଭୁଲ୍ ଟିକିଏ ହାଇ ଅଛି। ଚଳିବ।

ସୁବୋଧ ଭାଇ ଦି' କପ୍ କଫି ଧରି ପହଞ୍ଚିଥିଲା, ଗୋଟେ କପ୍ ମୋତେ ଦେଇ ସେ ତାଙ୍କ କପ୍‌ଟି ଟି-ପୟ ଉପରେ ଥୋଇ ଦେଇ ସିଗାରେଟ ଖଣ୍ଡେ ଧରିଥିଲେ। କଫି କପ୍‌ରୁ ଗୋଟେ ଢ଼ୋକ ଏବଂ ସିଗାରେଟ୍‌ରୁ କିଛି ଧୂଆଁ ଉଦରସ୍ଥ କରି କହିଥିଲା – ଶ୍ରୀମୟ, ତୁତ ମୋ ସାନ ଭାଇ ସାଂଗ ପରି, ତୋତେ କ'ଣ ଲୁଚେଇବିରେ। ତୋ' ପାଖରେ ତ ମୁଁ ଖୋଲା କରିଦିଏ।

ବାପା, ମା'ଙ୍କ ବାଧ୍ୟ ବାଧକତାରେ ସାରାଜୀବନ ଅବିବାହିତ ରହିବାର ନିଷ୍ପତ୍ତିକୁ ବଦଳାଇବାକୁ ପଡ଼ିଲା। ହେଲେ ଆମ ଗାଁ ସ୍କୁଲରେ ଟିଚର ଥିବା ମମତାକୁ ବାହାହେଲି ସତ, ହେଲେ ନା ତାକୁ ପ୍ରେମର ନିବିଡ଼ ବଂଧନରେ ଆପଣାର କରିପାରିଲି। ନା, ସୋହାଗପଣରେ ଆପଣେଇ ପାରିଲି। ସେ ଏବେ ଆମ ଘରେ ବୋହୂ ହୋଇ ବାପା ମାଙ୍କ ସେବା କରୁଛି। ଘରର ହାଲଚାଲ ବୁଝୁଛି। ମଝିରେ ମଝିରେ ଏଠିକୁ ଆସେ। ହେଲେ ମୁଁ ତାକୁ ପତ୍ନୀର ମହାନ ଧର୍ମରେ ବାନ୍ଧି ରଖି ପାରେନା। ତାକୁ ସପ୍ରେମେ ଆଲିଂଗନ କରିପାରେନା। ତା' ସହିତ ସମ୍ପର୍କ ସତେ ଯେମିତି ଏକ ଯନ୍ତ୍ରଚାଳିତ ମେସିନ ପରି ଲାଗେ। ତାକୁ ଦେଖିଲେ ମୋତେ ଅସହ୍ୟ ଲାଗେ। ସଂଗୀତାର ବିଟ୍ରେ କରିଗଲା ବେଳର ଛଳନାପୂର୍ଣ୍ଣ ଖଳନାୟିକାର ବିକୃତ ମୁହଁଟା ମୋତେ ଦେଖା ହୋଇଯାଏ। ମୋତେ ଯେମିତି ଲାଗେ ସବୁ ନାରୀ ମାୟାବିନୀ। ସମସ୍ତେ ଛଳନାମୟୀ।

ଦିନେ ମୁଁ ମମତାଙ୍କୁ ମୋ ଦୁଃଖ କଥା କହିଥିଲି। ମମତା, ତୁମେ ମୋତେ ଡାକୁ ଡାକିପାର ଅବା ଖରାପ ଭାବିପାର। ହେଲେ ତୁମ ପାଖରେ ମୁଁ ସ୍ପଷ୍ଟ ହୋଇଯିବା ଉଚିତ। ମୁଁ ପ୍ରେମରେ ଧୋକା ଖାଇଲା ପରେ ମୋ ହୃଦୟରୁ ପ୍ରେମର ସମୁଦ୍ରଟା ଶୁଖି ଯାଇଛି। ସ୍ୱପ୍ନର ଫୁଲବନ ଜଳି ପୋଡ଼ି ଛାରଖାର ହୋଇଯାଇଛି। ସେ ଇଲାକାକୁ ଆଉ ବସନ୍ତ ଆସୁନି। ଫଗୁଣ ବାଟ ଭୁଲି ଯାଇଛି। ମୁଁ ଯେ ସେମାନଙ୍କୁ ଆପଣାର କରିବାକୁ ଚେଷ୍ଟା କରିନି ତାହା ନୁହେଁ। ହେଲେ ପାରିନି। ଏବେ ତୁମେ ବିକଳ୍ପ ଚିନ୍ତା କରିପାର। ମୁଁ ଏକ ସବୁଜ ବୃକ୍ଷରାଜି ହୀନ ଲଣ୍ଡା ପାହାଡ଼ ପାଲଟି ଯାଇଛି। ମୋ ପାଖକୁ ପ୍ରେମର ଚଢ଼େଇଟିଏ ବି ଆସୁନାହାନ୍ତି। ମୁଁ ଖୁବ୍ ଅସହାୟ।

: ବିକଳ୍ପ ?

: ଏବେ କହିଲେ ମୁଁ ଡିଭୋର୍ସ ପେପରରେ ସାଇନ କରିଦେବି।

: ମୁଁ କ'ଣ ତୁମକୁ ଡିଭୋର୍ସ ଦେବାକୁ ବାହା ହୋଇଥିଲି ? ତୁମେ ଓଡ଼ିଶାର ଜଣେ ସ୍ଥିତପ୍ରଜ୍ଞ, ପ୍ରଥିତଯଶା, ସମ୍ମାନନୀୟ କବି। ମେଧାବୀ ଛାତ୍ର। ଓଡ଼ିଶା ସଚିବାଳୟରେ ଜଣେ ଦାୟିତ୍ୱ ସମ୍ପନ୍ନ କର୍ମଚାରୀ। ଏତେ ସବୁ ମହାନ ଗୁଣରେ ଆକୃଷ୍ଟହୋଇ ମୁଁ ତୁମକୁ ବିବାହ କରିଥିଲି। ମୁଁ କାହିଁକି ଏତେ ସବୁ ସୁନ୍ଦର ଅଳଙ୍କାର ଥିବା ଜଣେ ସୁପୁରୁଷ ସ୍ୱାମୀଙ୍କୁ ଏତେ ସହଜରେ ଛାଡ଼ିଦେବି। ବିବାହ ବନ୍ଧନ କେବଳ ଗୋଟିଏ ଜନ୍ମ ପାଇଁ ନୁହେଁ। ସାତ ଜନ୍ମର ବନ୍ଧନ। ମୁଁ କୌଣସି ପରିସ୍ଥିତିରେ ତୁମକୁ ଡିଭୋର୍ସ ଦେବି ନାହିଁ। ତା'ଛଡା ତୁମେ ଥରେ ବୁଢ଼ା ବାପା, ମା'ଙ୍କ କଥା ଚିନ୍ତା କରିଛ। ସେମାନଙ୍କର ଦୋଷ କ'ଣ ? ତୁମର ଏ ଖାମଖିଆଲି ପଣ ପାଇଁ ସେମାନେ କାହିଁକି ଭୋଗିବେ। ତୁମେ ଗୋଟିଏ ପୁଅ ବୋଲି ସେମାନଙ୍କ ମନରେ କେତେ ଆଶା ଥିଲା, ସ୍ୱପ୍ନ ଥିଲା। ସେମାନେ କାହିଁକି ତୁମ ପାଇଁ ହନ୍ତସନ୍ତ ହେଉଛନ୍ତି।

: ଚାଲି ଯାଇଥିଲା ମମତା। ତେବେ ସମ୍ପୂର୍ଣ୍ଣ ଆଶା ହରାଇନି। ମଝିରେ ମଝିରେ ଆସେ। ଏ ଅସଜଡ଼ା ଘରଟିକୁ ସଜାଡ଼େ। ହେଲେ ମନଟାକୁ ସଜାଡ଼ି ପାରେନା। ମୋ ପ୍ରତି ସେ କେବେ ଭଲ ପାଇବାରେ ଊଣା କରେନି। ହେଲେ ମୁଁ ତାକୁ ଯଥାଯଥ ସମ୍ମାନ ଦେଇପାରେନି। ତା' ଆଲିଙ୍ଗନ, ଆକର୍ଷଣରେ ମୁଁ କେମିତି କ୍ଳୀବ ପାଲଟି ଯାଏ। ନିରୀହ ଝିଅଟି କେତେ ଆଶା କରି ବେଦୀରେ ବସି ତାଙ୍କୁ ବାହା ହୋଇଥିଲା। ହେଲେ ମୁଁ ତାକୁ ଧୋକା ଦେଇ ଅନୁତପ୍ତର ଅନଳରେ ଜଳୁଛି ଆଉ ଲିଭୁଛି।

ଶ୍ରୀମୟ ଠୋ ଠୋ ହୋଇ ହସିଥିଲା। ହସି ହସି କହିଥିଲା – ସୁବୋଧ ଭାଇ, ଇଏତ ବଡ଼ ଯବରଦସ୍ତ ରୋଗ। ଏ ରୋଗକୁ କୌଣସି ମେଡିସିନ ନାହିଁ। ତୁମେ ମମତା ଭାଉଜଙ୍କ ପ୍ରତି ଏତେ ଅନ୍ୟାୟ କଲା ପରେ ମଧ୍ୟ ସେ ଭାଙ୍ଗି ପଡ଼ି ନାହାନ୍ତି। ଗାଁରେ ମଉସା ମାଉସୀଙ୍କ ସେବା କରୁଛନ୍ତି। ତୁମ ଘର ସମ୍ଭାଳୁଛନ୍ତି। ଏଠି ମଧ ତୁମ ଅସଜଡାଘରଟିକୁ ସଜାଡ଼ିବା ପାଇଁ ଧାଇଁ ଆସୁଛନ୍ତି। ଏବେ ବି ତୁମ ପାଇଁ ତୁଳସୀ ଚଉଁରା ମୂଳେ ସନ୍ଧ୍ୟା ଦୀପ ଦେଇ ତୁମ ଶୁଭ ମନାସୁଛନ୍ତି। ସେ ଏତେ ତ୍ୟାଗ କଲା ପରେ ମଧ୍ୟ ତୁମେ ତାଙ୍କ ଦୁଃଖ ବୁଝି ପାରୁନାହଁ। ଏଥିରେ ତୁମେ କହୁଛ ତାଙ୍କୁ ଛାଡ଼ପତ୍ର ଦେବ।

ସୁବୋଧ ଭାଇ ତୁମେତ ଜାଣିଛ ନାରୀମାନଙ୍କ ପାଇଁ ସରକାର ଏବେ କଠୋର ଆଇନ କାନୁନ ଆଣିଛନ୍ତି। ସେ ଚାହିଁଲେ ତୁମେ ତାଙ୍କୁ ମାନସିକ ସ୍ତରରେ ଅତ୍ୟାଚାର କରୁଛ ବୋଲି ତୁମ ବିରୁଦ୍ଧରେ କେଶ୍ କରି ତୁମକୁ ହଇରାଣ କରିପାରନ୍ତେ। ହେଲେ ସେ କରିନାହାନ୍ତି। ସେଇଟା ତାଙ୍କର ବଡ଼ ପଣ, ମହାନତା, କାରଣ ସେ ତମକୁ ବେଦୀରେ ବସି ସୂର୍ଯ୍ୟ, ଚନ୍ଦ୍ର, ଦଶଦିଗପାଳ, ଅଗ୍ନିଙ୍କୁ ସାକ୍ଷୀ ରଖି ବାହା ହୋଇଛନ୍ତି। ସେ ତମକୁ ଦୂରେଇ ଦେବା କଥା ଚିନ୍ତା କରିବେ କାହିଁକି ?

ଏଥିରୁ ସ୍ପଷ୍ଟ ଅନୁମେୟ ଯେ ମମତା ଭାଉଜ

ତୁମକୁ ଖୁବ୍ ଭଲ ପାଆନ୍ତି । ତମକୁ ଏବେବି ହୃଦୟର ଆସନରେ ବସେଇ ପୂଜା କରନ୍ତି । ସେ ଆଶା ରଖିଛନ୍ତି ଦିନେନା ଦିନେ ନିଷ୍ଠୁର ଲଣ୍ଡା ପାହାଡ଼ ଦେହରୁ ପ୍ରେମ, ପ୍ରଣୟର ଝରଣାଟିଏ କୁଳୁକୁଳୁ ଗୀତ ଗାଇ ଗାଇ ତାଙ୍କ ପ୍ରେମର ମଝି ଅଗଣାକୁ ଆସି ସପ୍ରେମେ ଆଲିଂଗନ କରିବ । ସେଇ ଦିନ ସେ ତାଙ୍କ ହଜିଲା ପ୍ରେମକୁ ଫେରି ପାଇବେ ।

ସୁବୋଧ ଭାଇ, ମୁଁ ମାନୁଛି ଜୀବନ ଜୀଇଁବା ପାଇଁ ଭାବପ୍ରବଣତାର ଆବଶ୍ୟକତା ଥାଏ । ଏକଥା କେହି ଅସ୍ୱୀକାର କରିବେନି । ହେଲେ ଭାବପ୍ରବଣତାକୁ ନେଇ କ'ଣ ସାରା ଜୀବନ ବାଟ ଚାଲିହୁଏ ? ସେମିତି ପ୍ରେମ ଏକ ଭାବପ୍ରବଣତା । କଲେଜ ଜୀବନରେ ଏମିତି କେତେ ପ୍ରେମ ହୁଏ । ସେସବୁ ପାଣି ଫୋଟକା ପରି ସେଇଠି ସୃଷ୍ଟି ହୋଇ ସେଇଠି ମିଳେଇ ଯାଏ । ସେମାନେ ପୁଣି ବାହା ଚୋରା ହୋଇ ଘର ସଂସାର କରନ୍ତି । ଏଇଟା କିଛି ନୂଆ କଥା ନୁହେଁ । ହେଲେ ତମ ଭଳି ମଣିଷ ଖୁବ୍ କ୍ୱଚିତ ଦେଖିବାକୁ ମିଳନ୍ତି । ଯିଏ ସେଇ ବହିଗଲା ସମୟ, ହଜିଗଲା ପ୍ରେମକୁ ଝୁରି ହୋଇ ହୋଇ ନିଜର ଅମୂଲ୍ୟ ଜୀବନକୁ ନଷ୍ଟ ଭ୍ରଷ୍ଟ କରି ବସନ୍ତି । ଯିଏ ତମ ପ୍ରେମକୁ ସ୍ୱୀକାର କଲାନାହିଁ । ପାଦରେ ଆଡ଼େଇ ଦେଇ ଚାଲିଗଲା । ତୁମ ବିଶ୍ୱାସକୁ ଧୋକା ଦେଇ ଛୁରୀ ମାରିଲା । ତା' ପାଇଁ ତୁମେ ନିଜ ଜୀବନକୁ ନଷ୍ଟ କରିଦେବ କାହିଁକି ?

ସୁବୋଧ ଭାଇ । ଚିନ୍ତା କରିଛ ଦିନେ ମଉସା ମାଉସୀଙ୍କ କଥା । ଯିଏ ତମକୁ ଜୀବନ ଦେଇଥିଲେ । ସ୍ନେହ ମମତା ଦେଇ ମଣିଷ କରିଥିଲେ । ସେମାନେ ଆଜି ତୁମ ପାଇଁ ଲୁହ ଝରାଉଛନ୍ତି । ବୋହୂଟିର ଦୁଃଖ ଦେଖି ପାରୁନାହାନ୍ତି । ଆଜିବି ମମତା ଭାଉଜ ତୁମକୁ ଚାହିଁ ବସିଛନ୍ତି । ଅନ୍ୟକୁ ଦୁଃଖ ଦେଇ ତୁମେ ନିଜକୁ କେବେ ସଚ୍ଚା ମଣିଷ ବୋଲି ଛାତିରେ ହାତଦେଇ କହିପାରିବ ନାହିଁ । ଅନ୍ୟକୁ ଖୁସି ବାଣ୍ଟି ନିଜେ ଖୁସି ହେବା ହେଉଛି ଜୀବନ । ଜଣେ ସଚ୍ଚା ମଣିଷର କର୍ତ୍ତବ୍ୟ ।

ଆଉ ତୁମେ ଜାଣିନା ସୁବୋଧ ଭାଇ । ମୋ ସ୍ତ୍ରୀ କାଦମ୍ବିନୀ ସଂଗୀତାର ସାଂଗ । ସେ କହୁଥିଲା । ଶୁଣିଛ, ସଂଗୀତା ତା' ଆଡୁ ବିନୟଙ୍କୁ ଛାଡ଼ପତ୍ର ଦେବାକୁ ନିଷ୍ପତ୍ତି ନେଇ ଫ୍ୟାମିଲି କୋର୍ଟରେ କେଶ୍ ଫାଇଲ୍ କରିଛି । ଧନ ଦୌଲତ ଲୋଭରେ ସିନା ସଂଗୀତା ବିନୟଙ୍କୁ ବାହା ହୋଇଗଲା ହେଲେ କିଛି ଦିନ ଗଲା ପରେ ଜାଣି ପାରିଲା ବିନୟ ଗୋଟେ ଦଲାଲ, ଲମ୍ପଟ, ମଦୁଆ, ମାଇଜର, ବେଶ୍ୟାଶକ୍ତ । ପ୍ରତ୍ୟେକ ଦିନ ମଦ ପିଇ ସଂଗୀତା ଉପରେ ଅତ୍ୟାଚାର କରେ । ଏକ ମାନସିକ ବିକାରଗ୍ରସ୍ତ ରୋଗୀଙ୍କ ପରି ସଂଗୀତାକୁ ବାଡ଼େଇ ବାଡ଼େଇ ଅତ୍ୟାଚାର କରି ଖୁସି ହୁଏ । ଅନେକ ସମୟରେ କଲ୍ ଗାର୍ଲମାନଙ୍କୁ ଘରକୁ ଆଣି ସଂଗୀତା ସମ୍ମୁଖରେ ସେମାନଙ୍କ ସହିତ ଦେହ ଖେଳରେ ମାତେ ।

ଧନ ଦୌଲତରେ ସିନା ମନବୁଝେ ହେଲେ ଦେହର ଭୋକ ମରେନା । କେତେ ଅତ୍ୟାଚାର ସହିବ । ଶେଷରେ ଅତ୍ୟାଚାର ସହିନପାରି ଡିଭୋର୍ସ ଦେବାକୁ ବାଧ୍ୟ ହେଲା । ସଂଗୀତା ଏବେ ଶ୍ୱଶୁର ଘରୁ ଫେରି ଆସି ମଉସା ମାଉସୀଙ୍କ ପାଖରେ ରହୁଛି । ମଉସା, ମାଉସୀ ତା' ପାଇଁ ବଡ଼ ଚିନ୍ତାରେ ଅଛନ୍ତି ।

ଚମକି ପଡ଼ିଥିଲା ସୁବୋଧ ।

ତା'ର ସ୍ୱପ୍ନ ଭଂଗ ହୋଇଥିଲା ସତେ ଯେମିତି ଆଜି ସେ ଏକସ୍ୱପ୍ନର ଦୁନିଆରୁ ବାସ୍ତବ ଦୁନିଆକୁ ଫେରି ଆସିଛି । ସେ ଆଜି ବୁଝି ପାରୁଛି ବାପା, ବୋଉଙ୍କ ଦୁଃଖ । ମମତାର ତ୍ୟାଗ । ସେ ମମତା ଏତେ ଅନ୍ୟାୟ କଲା ପରେ ମଧ୍ୟ ସେ ଆଜିବି ତାକୁ ଚାହିଁ ବସିଛି ।

ସୁବୋଧ ଶ୍ରୀମୟ ହାତ ଧରି କହିଥିଲା – ଶ୍ରୀମୟ, ତୁ ସାନଭାଇ ହିସାବରେ ଏତିକି ସାହାଯ୍ୟ କର । ଆମେ ସାଂଗ ହୋଇ ଗାଁକୁ ଯିବା । ମୁଁ ଟ୍ରାଭଲ ଏଜେନ୍ସିରୁ ଗାଡ଼ି ମଗାଇ ଦେଇଛି । ଆମେ ମମତାକୁ ସାଂଗରେ ନେଇ ଆସିବା । ମୁଁ ସଂଗେ ସଂଗେ ବାହାରି ପଡୁଛି । ମମତା ଏଠିକୁ ଆସିଲେ ଏ ଅସନା ଅସଜଡା ଘରକୁ ଦେଖିଲେ କ'ଣ ଭାବିବ । ମୁଁ ଅଧ ଘଣ୍ଟା ଭିତରେ ସଜାଡ଼ି ଦେଉଛି । ମମତା ଆସି ଦେଖିଲେ ଜାଣିବ ମୋ ସୁବୋଧ ଏହା ମଧ୍ୟରେ ସଜାଡ଼ି ହୋଇ ଯାଇଛି । ବଦଳି ଯାଇଛି ତା' ମନ ହୃଦୟ ।

ସୁବୋଧ ବହିପତ୍ରଗୁଡିକ ସଜାଡ଼ିବାରେ ଲାଗିଥିଲା ।

ଶ୍ରୀମୟ ବିରକ୍ତ ହୋଇ କହିଥିଲା – ସୁବୋଧ ଭାଇ ତୁମର ଏବେବି ପାଗଳାମୀ ଯାଇନି । ତୁମେ ବାହାରିପଡ଼ । ମମତା ଭାଉଜ ଆସିଲେ ତାଙ୍କ ଘର ସେ ସଜାଡ଼ିବେ ? ସେଇଥିରେ ତାଙ୍କର ଆନନ୍ଦ । ତାଙ୍କୁ ଟିକିଏ ଖୁସି ହେବାକୁ ସୁଯୋଗ ଦିଅ ।

ସୁବୋଧ ଅବାଧ୍ୟ ଶିଶୁଟି ପରି ଶ୍ରୀମୟ କଥାକୁ ସମ୍ମତି ଜଣାଇ ଡ୍ରେସ ପିନ୍ଧିଥିଲା ।

ଗେଟ୍ ପାଖରେ କାର୍ ପହଞ୍ଚିଲା କ୍ଷଣି ସେମାନେ ବିଳମ୍ବ ନକରି ଗାଁ ଅଭିମୁଖେ ବାହାରି ଯାଇଥିଲେ ।

ଦୂରଭାଷ: ୯୮୬୧୯୮୭୦୭୧



# ସ୍ୱୟଂବରା

## କାର୍ତ୍ତିକ ଚରଣ ବାରିକ

ପାର୍ବଣର ଋତୁରେ ଶାରଦୀୟ ଅବକାଶ। କର୍ମଜୀବୀ ବୃତ୍ତିଜୀବୀ ଓ ଶିକ୍ଷାର୍ଥୀଙ୍କ ପାଇଁ ବହୁ ପ୍ରତୀକ୍ଷିତ ଅବସର। ଶରଦର ଏହି ନାତିଶୀତୋଷ୍ଣ ଜଳବାୟୁ ଶାରଦୀୟ ବାତାବରଣକୁ କରେ ଆନନ୍ଦମୁଖର। ବିଶେଷ କରି ହିନ୍ଦୁମାନଙ୍କ ପାଇଁ ଏହା ବହନ କରିଥାଏ ସ୍ୱତନ୍ତ୍ରତା।

ଏ ସନ ଶାରଦୀୟ ଅବକାଶର ଅବଧି ସରି ଆସିଥିଲା। ଶତାନନ୍ଦଙ୍କୁ ଫେରିବାକୁ ହେବ।

ଗାଁରୁ ସେ ଯିବେ ବାଣୀବିହାର ସ୍ଥିତ ସ୍ନାତକୋତ୍ତର ଛାତ୍ରାବାସ; ଯେଉଁଠି ରହି ସେ ଏମ୍.ଏ ପଢୁଛନ୍ତି।

ଧୂଳି ଧୂସରିତ ଗାଁ ଦାଣ୍ଡ ସରଗ ପରି ଘର, ନିଜର ଆତ୍ମୀୟ ସ୍ୱଜନ ବନ୍ଧୁ ପରିଜନମାନଙ୍କୁ ଛାଡ଼ି ସେ ଫେରିବେ ନିଜର ଶିକ୍ଷାନିକେତନ। କ୍ଷଣିକ ପାଇଁ ଅବ୍ୟବସ୍ଥା ହେଲା ତାଙ୍କ ମାଟି ମନସ୍କ ମନ। କିନ୍ତୁ ପରମୁହୂର୍ତ୍ତରେ ନିଜର ସ୍ଥିତିକୁ ନେଇ ସେ ସଚେତନ ହେଲେ।

ଶତାନନ୍ଦ ଏବେ ଇତିହାସ ବିଭାଗର ଶେଷ ବର୍ଷର ଛାତ୍ର। ପିଲାଟି ବେଶ୍ ମେଧାସମ୍ପନ୍ନ। ନିମ୍ନ ମଧ୍ୟବିତ୍ତ କୃଷିଜୀବି ପରିବାରର ସନ୍ତାନ। ମଫସଲରେ ବିତିଛି ଶୈଶବ।

ରାତି ପାହିଲେ ସବୁ ଶିକ୍ଷାନୁଷ୍ଠାନ ଖୋଲି ଯିବ। ସେ ଯିବା ପାଇଁ କରି ସାରିଛନ୍ତି ସକଳ ପ୍ରସ୍ତୁତି।

ତାଙ୍କ ଅଭିଜ୍ଞତାରୁ ସେ ଜାଣନ୍ତି ଛୁଟି ଖୋଲିବା ଦିନରେ କଷ୍ଟପ୍ରଦ ହୁଏ ଯାତ୍ରା। ବସ୍ ହେଉ ଅବା ରେଳ ସବୁଠି ଭିଡ଼ ଓ ଗହଳି।

ବସଯାତ୍ରାକୁ ପସନ୍ଦ କରନ୍ତି ଶତାନନ୍ଦ। ତେଣୁ ରାଜଧାନୀ ଯାଉଥିବା ଏ ଦ୍ରୁତଗାମୀ ବସ୍‌ରେ ଅଗ୍ରିମ ଟିକେଟ କରିଦେଇଥିଲେ।

ତା'ପରଦିନ ସକାଳ। ପରିବାର ଲୋକଙ୍କଠାରୁ ବିଦାୟ ନେଇ ଶତାନନ୍ଦ ଆସିଲେ ବସ୍‌ଷ୍ଟାଣ୍ଡ। ପୂର୍ବାହ୍ନ ଆଠଟାରେ ବସ୍ ଛାଡ଼ିବାର ସମୟ। ବେଶ ଗହଳ ଚହଳ ବସ୍‌ଷ୍ଟାଣ୍ଡ। ଲାଗି ରହିଥାଏ ଯାତ୍ରୀଙ୍କ ଯିବା ଆସିବା। ନିଜର ଗନ୍ତବ୍ୟ ସ୍ଥଳକୁ ଯିବାକୁ ଥିବା ବସ୍ ପାଖରେ ଅପେକ୍ଷାରତ ଯାତ୍ରୀ। କିଏ ଥାଏ ସପରିବାର ତ କିଏ ଏକାକୀ। କିଏ ଧରିଥାଏ ହ୍ୟାଣ୍ଡ ବ୍ୟାଗ ତ କିଏ ବ୍ରିଫ୍‌କେଶ।

ନିଜର ଜିନିଷ ସହ ଶତାନନ୍ଦ ବସ୍ ଭିତରକୁ ଉଠିଲେ, ବସ୍ ଭିତରକୁ ଯାଇ ଦେଖିଲେ ଅଧିକାଂଶ ସିଟ୍‌ରେ ଯାତ୍ରୀମାନେ ବସି ସାରିଲେଣି।

ଟିକଟ ଉପରେ ଲେଖାଯାଇଥିବା ସିଟ୍ ନମ୍ବରକୁ ମିଳାଇ ସେ ପହଞ୍ଚିଲେ ତାଙ୍କ ପାଇଁ ସଂରକ୍ଷିତ ସିଟ୍ ପାଖରେ। ବସ୍‌ରେ ଟୁ ବାଇ ଟୁର ସିଟ୍‌ରେ ବସିବା ବ୍ୟବସ୍ଥା। ଦୂରଗାମୀ ବସ୍‌ମାନଙ୍କରେ ଏହିପରି ବ୍ୟବସ୍ଥା ହୋଇଥାଏ ଯାତ୍ରୀମାନଙ୍କ ଆରାମପ୍ରଦ ଯାତ୍ରା ପାଇଁ।

ଶତାନନ୍ଦଙ୍କ ବସିବା ପାଇଁ ଝରକାକୁ ଲାଗି। ତାହା ପୁଣି ବସର ମଝି ଅଂଶରେ। ଏକ ପ୍ରକାର ଆଶ୍ୱସ୍ତ ଥିଲେ, ତାଙ୍କ ଆରାମପ୍ରଦ ଯାତ୍ରାକୁ ନେଇ। ବ୍ରିଫ୍‌କେଶକୁ ନେଇ ଯଥା ସ୍ଥାନରେ ରଖି ନିଜ ସିଟ୍‌ରେ ବସିଲେ।

ତାଙ୍କ ପାଖ ସିଟ୍‌ଟି ଏବେ ବି ଖାଲି ଅଛି। ସଂରକ୍ଷଣ କରିଥିବା ଯାତ୍ରୀ ଜଣକ ପହଞ୍ଚିନାହାନ୍ତି। ମନେମନେ ଭାବୁଥାନ୍ତି ଯାତ୍ରୀଜଣକ ଯଦି ମେଳାପୀ ହୋଇଥାନ୍ତି, ଭଲରେ ଯାତ୍ରା ସମୟ ବିତିବ।

ବସ୍‌ଟି ଯାତ୍ରୀ ପୂର୍ଣ୍ଣ ହୋଇସାରିଥିଲା। କିଛି ଯାତ୍ରୀ ବି ଡ୍ରାଇଭର କେବିନ ଭିତରେ ଜାକିଜୁକା ହୋଇ ବସିଥାନ୍ତି। ଜଣେ ଦୁଇଜଣ ବି ବସ୍ ଭିତରେ ଛିଡ଼ା ହୋଇଥାନ୍ତି। ବୋଧହୁଏ ସେମାନେ ବାଟରେ କେଉଁଠି ଓହ୍ଲାଇବେ।

ଭାବୁଥିଲେ – ଛୁଟି ଖୋଲିବା ଦିନମାନଙ୍କରେ ବସ୍ ସେବା ପାଇଁ ଯାତ୍ରୀମାନଙ୍କ ଭିତରେ ତତ୍ପରତା। ଏକ ପ୍ରକାର ପ୍ରତିଯୋଗିତା କହିଲେ ଭୁଲ ହେବନାହିଁ। ଟିକେଟ ପାଇଁ କଣ୍ଡକ୍ଟର ପାଖରେ ଭିଡ଼। ସିଟ୍ ଟିଏ ପାଇଁ କେତେ ଖୋସାମତ କେତେ ନେହୁରା।

କିନ୍ତୁ ଅନ୍ୟ ଦିନମାନଙ୍କରେ ଦୃଶ୍ୟ ଠିକ୍ ଓଲଟା। କଣ୍ଡକ୍ଟରମାନେ ଯାତ୍ରୀମାନଙ୍କୁ ନିଜ ନିଜ ବସ୍‌ରେ ନେବା ପାଇଁ ସେମାନଙ୍କ ପଛରେ ପଡ଼ିଯାଆନ୍ତି।

ତାଙ୍କ ନିସ୍ତରଙ୍ଗ ଅଧରରେ ଖେଳି ଗଲା ଚେନାଏ ହସ। ଭାବିଲେ, ଜୀବିକା ନିର୍ବାହର ଏହା ଏକ ଅଭିନବ ଦୃଶ୍ୟ।

ଏହି ସମୟରେ ବସ୍ ଭିତରକୁ ଆସିଲେ ଜଣେ ମହିଳା। ବୟସ ପଚାଶ କିମ୍ବା ଟିକିଏ ଅଧିକ ହୋଇପାରେ। ପରିଧାନରୁ ଜଣାପଡୁଥାନ୍ତି ସେ ସଂଗତିସମ୍ପନ୍ନ ପରିବାରର ଲୋକ। ତାଙ୍କ ହାତରେ କୌଣସି ଲଗେଜ ନଥିଲା। ହାତରେ ଧରିଥିଲେ ଏକ ଭ୍ୟାନିଟ୍ ବ୍ୟାଗ।

କଣ୍ଡକ୍ଟର ଦେଖାଇ ଦେଲା ତାଙ୍କ ବସିବା ସ୍ଥାନ। ଶତାନନ୍ଦ ଜାଣିଲେ ତାଙ୍କ ପାର୍ଶ୍ୱରେ ଖାଲି ପଡ଼ିଥିବା ସିଟ୍ ଏହି ମଧ୍ୟବୟସ୍କା ମହିଳା ପାଇଁ ଉଦ୍ଦିଷ୍ଟ।

ମହିଳା ଜଣକ ବସିଲେ ନିଜ ସିଟ୍‌ରେ।

ସାମାନ୍ୟ ସମ୍ଭ୍ରମ ହୋଇ ଉଠିଲେ ଶତାନନ୍ଦ। ଯେହେତୁ ପାଖରେ ଜଣେ ମହିଳା ସହଯାତ୍ରୀ।

ନିର୍ଦ୍ଧାରିତ ସମୟରେ ଯାତ୍ରୀମାନଙ୍କୁ ନେଇ ଭୁବନେଶ୍ୱର ଅଭିମୁଖେ ବସ୍ ବାହାରିଲା।

ଶତାନନ୍ଦ ଭଲ ଭାବେ ଜାଣନ୍ତି ଏହିପରି ଦୂରଗାମୀ ବସ୍ ମାଲିକମାନଙ୍କ ମନସ୍ତତ୍ତ୍ୱ ବ୍ୟବସାୟିକ ଚିନ୍ତାଧାରା। ବସ୍‌ର ସାମନା କାଚ ପଛପଟେ ଲଗାଇଥାନ୍ତି, "ସୀମିତ ରହଣି" "ନନ୍‌ଷ୍ଟପ" ସୁପରଫାଷ୍ଟ ଲେଖାଥିବା ବୋର୍ଡ। ସମୟାନୁବର୍ତ୍ତିତା ସେମାନଙ୍କ ପାଇଁ ଏତେଟା ଗୁରୁତ୍ୱବହନ କରେ ନାହିଁ। କେବଳ ଅଧିକ ରୋଜଗାର ଚିନ୍ତା।

ସହର ଭିତର ଦେଇ ଗତିକରୁଥିବା ଏହି ବସ୍‌ଗୁଡ଼ିକ ପାଇଁ ସହର ଭିତରେ ଏକାଧିକ ରହଣି ସ୍ଥଳଥାଏ। ଫକୀର ମୋହନ ଗୋଲେଇ, ଷ୍ଟେସନ ଛକ, ସଦରଥାନାଛକ, ଆଇ.ଟି.ଆଇ ଛକ ପ୍ରଭୃତି ପ୍ରମୁଖ ରହଣି ସ୍ଥାନ। ଯାତ୍ରୀମାନେ ବି ଏହି ଛକରେ କଟକ କିମ୍ବା ଭୁବନେଶ୍ୱରଗାମୀ ବସ୍‌ମାନଙ୍କ ପାଇଁ ଅପେକ୍ଷା କରନ୍ତି। କିଏ ଅଗ୍ରିମ ଟିକେଟ କରିଥାନ୍ତି ତ କିଏ ଅଗ୍ରିମ ଟିକେଟ ନ କରି ବି ଆବଶ୍ୟକତା ଦୃଷ୍ଟିରୁ ବସ୍‌ରେ ଉଠନ୍ତି।

ସିଟ୍ ପାଇଯାଇଥିବାରୁ ଆଶ୍ୱସ୍ତ ହୋଇ ବସିଲେ ଶତାନନ୍ଦ। ଝରକା ଦେଇ ଦେଖୁଥିଲେ ଚଳମାନ ବସ୍‌ରୁ ସହରର ଦୃଶ୍ୟ।

ଏତିକିବେଳେ ପାଖ ସିଟ୍‌ରେ ବସିଥିବା ମହିଳା ସହଯାତ୍ରୀ ଜଣକ ପଚାରିଲେ,

-ପୁଅ ! କୁଆଡେ ଯିବ ?

ଶତାନନ୍ଦ ମୁହଁ ଫେରାଇ ଉତ୍ତର ଦେଲେ,

- ମୁଁ ରାଜଧାନୀ ଯିବି।

ମହିଳା ଜଣକ ଏତିକିରେ ନୀରବ ରହିଲେ ନାହିଁ। ପୁନଶ୍ଚ ପ୍ରଶ୍ନ କଲେ, -ପାଠ ପଢୁଛ ନା ଚାକିରି କରୁଛ ?

ତାଙ୍କ ଭିତର ଅନୁସନ୍ଧିତ୍ସାକୁ ଦୂର କରି ଦେବାକୁ ଯାଇ ଶତାନନ୍ଦ କହିଲେ, - ମୁଁ ବାଣିବିହାରରେ ଏମ୍.ଏ ପଢୁଛି।

ପାଖରେ ବସିଥିବାରୁ ନିକଟ ଦୃଷ୍ଟିରେ ମହିଳାଙ୍କୁ ନିରୀକ୍ଷଣ କଲେ ଶତାନନ୍ଦ। ଦୃଷ୍ଟି ଆକର୍ଷଣ କଲା ପରି ଚେହେରା ନ ଥିଲେ ମଧ, ମନମହକ ଆଚରଣ। ସୁବିନିସ୍ତ କେଶରାଶି ଭିତରେ କେଇକେରା ଶୁଭ୍ର କେଶ ରାଶି ସୂଚାଇ ଦେଉଛି ତାଙ୍କର ବୟସ। ବେଶଭୂଷା ଓ ଆଚରଣରୁ ଜଣା ପଡୁଥାନ୍ତି ଯେ ସେ ଗୃହିଣୀ ଓ ପିଲାଛୁଆର ମା'। ତାଙ୍କର ପୁଅ ସମ୍ବୋଧନ ତାଙ୍କ ମାତୃସୁଲଭ ସ୍ୱଭାବର ପରିପ୍ରକାଶ କରୁଥିଲା।

ଏଇ ଭଳି ଆଳାପ ଭିତରେ ବସ୍‌ଟି ପହଞ୍ଚି ସାରିଥିଲା ଆଇ.ଟି.ଆଇ ଛକରେ। ସହରାଞ୍ଚଳ ଭିତରେ ଏହା ଏକ ପ୍ରମୁଖ ରହଣି ସ୍ଥାନ।

ବସ୍‌ର ଗତି କ୍ରମଶଃ ଧୀର ହୋଇ ଆସି ସ୍ଥିର ହୋଇଗଲା ଏହି ଛକରେ। ବସ୍‌କୁ ଅପେକ୍ଷା କରି ରହିଥିଲେ ଏକମାତ୍ର ଯାତ୍ରୀ। ଜଣେ ସୁଶ୍ରୀ ତରୁଣୀ ତାଙ୍କ ହାତରେ ଥାଏ ଛୋଟ ବ୍ରିଫ୍‌କେଶ। ତା' ସହିତ ଥାନ୍ତି ଜଣେ ଲୋକ। କେହି ଆତ୍ମୀୟସ୍ୱଜନ ହେବେ ନିଶ୍ଚୟ। ବସ୍‌ରେ ଉଠାଇ ଦେବା ପାଇଁ ଆସିପାରିଥାନ୍ତି।

ବସ୍‌ଟି ରହିବା ମାତ୍ରେ କଣ୍ଡକ୍ଟର ବସ୍ ଦରଜା ଖୋଲି ଦେଇ ପଚାରିଲେ - କୁଆଡେ ଯିବେ ?

"କଟକ" - ତରୁଣୀ ଟି ଉତ୍ତର ଦେଲେ।

ବସ୍ ଭିତରେ କୌଣସି ସ୍ଥାନ ଫାଙ୍କା ନଥିଲେ ବି କଟକ ଯାତ୍ରୀଙ୍କୁ ଫେରେଇ ଦେବାକୁ ଚାହିଁଲା ନାହିଁ କଣ୍ଡକ୍ଟର।

କେବଳ ଏତିକି କହିଲା - ବସ୍‌ରେ ଆଦୌ ସିଟ୍ ନାହିଁ। ତଥାପି ମୁଁ କେଉଁଠି ସୁବିଧା କରି ସିଟ୍ ଦେବି।

ବସ୍‌ରେ ସିଟ୍ ନଥିବା କଥା ଶୁଣି ତରୁଣୀଙ୍କ ମନରେ ଖେଳିଗଲା ନିରାଶା ଭାବ। ଅମଙ୍ଗ ହେଉଥିଲେ ବସ୍‌ରେ ଉଠିବା ପାଇଁ। କିନ୍ତୁ ପରମୁହୂର୍ତ୍ତରେ କ'ଣ ଭାବି ବସ୍‌ରେ ଉଠିଲେ। ବୋଧହୁଏ କଣ୍ଡକ୍ଟରର କଥାରେ ଆସିଲା ଭରସା।

ତରୁଣୀଟି ବସ୍ ଭିତରକୁ ପଶିବା କ୍ଷଣି ଅନେକ ଯାତ୍ରୀଙ୍କ ଦୃଷ୍ଟି ଆକର୍ଷଣ କଲା ବୟସ ନିର୍ବିଶେଷରେ।

ତତ୍‌କ୍ଷଣାତ୍ ବସ୍‌ରେ ସିଟ ନମିଳିବାରୁ ଅନନ୍ୟୋପାୟ ହୋଇ ବସ୍‌ର ମଧ ଭାଗରେ ଛିଡ଼ା ହେଲେ। ଶତାନନ୍ଦଙ୍କ ସିଟ୍ ସନ୍ନିକଟ। ଅନ୍ୟ କିଛି ଯାତ୍ରୀ ବି ଛିଡ଼ା ହୋଇଛନ୍ତି।

ଶତାନନ୍ଦ ଭଲଭାବେ ଦେଖିପାରୁଥିଲେ ଛିଡ଼ା ହୋଇ ରହିଥିବା ତରୁଣୀ ଜଣଙ୍କୁ। ନିଟୋଳ ଶରୀର ସୁନ୍ଦର ସୁଡ଼ୌଳ କମ୍ର ମୁଖମଣ୍ଡଳ, ନିରୀହ ନିସ୍ପୃହ ନୟନ ଯୁଗଳ। ତୀକ୍ଷଣ ନାସାଗ୍ର ନିମ୍ନାଂଶରେ ବନ୍ଧୁଲି ଅଧର ଓ ସମ୍ଭ୍ରାନ୍ତ ପରିଧାନ; ଲାଗୁଥିଲା ଆଲବମର ନାୟିକା ପରି।

ଏଇ ଭିତରେ କଣ୍ଡକ୍ଟରଟି ତରୁଣୀଟି ପାଇଁ ସିଟ୍ ଯୋଗାଡ଼ ପ୍ରକ୍ରିୟା ଜାରୀ ରଖିଥିଲେ ମଧ ସଫଳ ହେଉନଥିଲା। କାରଣ ବସିଥିବା ଯାତ୍ରୀମାନେ କେହି ବାଟ ପାସେଞ୍ଜର ନଥିଲେ। କଟକ କିମ୍ୱା ଭୁବନେଶ୍ୱର ଥିଲା ସେମାନଙ୍କ ଗନ୍ତବ୍ୟ ସ୍ଥଳ।

ଅନନ୍ୟୋପାୟ ହୋଇ କଣ୍ଡକ୍ଟର ଜଣକ ଡ୍ରାଇଭର କେବିନ୍ ପାଖକୁ ଯାଇ ସ୍ଥିତି ଅନୁଧାନ କରି ଫେରି ଆସି ତରୁଣୀ ଜଣଙ୍କୁ କହିଲା- ଭଉଣୀ ! ଇଂଜିନ୍ ଉପରେ ଖଣ୍ଡେ ଗଦି ପଡ଼ିଛି। ସେଠାରେ ବସିଯାଅ।

ବସ୍ ନନ୍‌ଷ୍ଟପ୍ ହୋଇଯିବ। ବାଟରୁ ବି ଯାତ୍ରୀ ଉଠେଇବାର ନାହିଁ। କଣ୍ଡକ୍ଟରର ସବିନୟ ଅନୁରୋଧକୁ ତରୁଣୀଟି ନାସିକାକୁଞ୍ଚନ ପୂର୍ବକ ପ୍ରତ୍ୟାଖ୍ୟାନ କଲା।

ଶତାନନ୍ଦ ଲକ୍ଷ୍ୟ କରୁଥାନ୍ତି କଣ୍ଡକ୍ଟରଙ୍କ ସମସ୍ତ ପ୍ରକାର ପଦକ୍ଷେପ / ପ୍ରଚେଷ୍ଟା; ତଥାପି ଅସଫଳ, ଯାତ୍ରୀଙ୍କ ଅସହଯୋଗ ଯୋଗୁଁ ସମସ୍ତେ ନିଜ ନିଜର ଆସନ ଛାଡ଼ିବା ପାଇଁ ନାରାଜ।

ସେ ଅନୁଭବ କରୁଛନ୍ତି କଣ୍ଡକ୍ଟରଙ୍କ ନିରୁପାୟ। ଅସହାୟପଣ। ତରୁଣୀଟି ମଧ ଭାଗ୍ୟକୁ ଆଦରି ଛିଡ଼ା ହୋଇଥାନ୍ତି ଅନ୍ୟ ଯାତ୍ରୀମାନଙ୍କ ସହିତ। ଏକମାତ୍ର ସହିତ ମହିଳା ଯାତ୍ରୀ। ଜଣା ପଡୁଥାନ୍ତି ବିମର୍ଷ।

ଶତାନନ୍ଦ ବସ୍‌ରେ ପ୍ରାୟତଃ ଯିବା ଆସିବା କରନ୍ତି। ବସ୍‌ରେ ଠିଆ ହୋଇ ଯିବା ଆସିବାରେ ଯନ୍ତ୍ରଣା ସେ ଜାଣନ୍ତି। ଏକ ଅବଳା ପକ୍ଷରେ ଏହା ଆହୁରି ଯନ୍ତ୍ରଣାଦାୟକ ନିଶ୍ଚୟ।

ତାଙ୍କୁ ହିଁ କିଛି କରିବାକୁ ହେବ। ନିରୀହ ଝିଅଟିକୁ ସାହାଯ୍ୟ କରିବେ।

ହାତ ଠାରି କଣ୍ଡକ୍ଟରଙ୍କୁ ପାଖକୁ ଡାକିଲେ। ଶତାନନ୍ଦଙ୍କ ଡାକରାରେ କଣ୍ଡକ୍ଟରଙ୍କ ମନରେ କିଛି ଆଶାର ସଂଚାର ହେଲା।

ତାଙ୍କୁ ଦେଖି ଶତାନନ୍ଦ କହିଲେ : ତାଙ୍କୁ କୁହ ସେ ମୋ ସିଟ୍‌ରେ ବସିବେ। ମୁଁ ଛିଡ଼ା ହୋଇଯିବି। ଚଣ୍ଡିଖୋଲରେ ଏ ମାଉସୀ ଓହ୍ଲେଇଲେ ମୁଁ ବସିଯିବି।

ଶତାନନ୍ଦଙ୍କ ଏହି ଅତର୍କିତ ପ୍ରସ୍ତାବରେ କଣ୍ଡକ୍ଟର ବାବୁ ଆଶ୍ୱାସିତ ହେଲେ। ଶତାନନ୍ଦଙ୍କ ଏହି ପ୍ରସ୍ତାବ ମଧ ଲାଭାର୍ଥିନୀ ତରୁଣୀଙ୍କୁ ଆଶ୍ୱସ୍ତ କଲା। ଶତାନନ୍ଦଙ୍କ ସ୍ଥାନରେ ବସିଲେ ତରୁଣୀ ଜଣକ। ଶତାନନ୍ଦ ଛିଡ଼ା ହେଲେ ମାଉସୀଙ୍କ ଆସନ ସଂଲଗ୍ନ ହୋଇ।

ଇତି ମଧରେ ବସ୍‌ଟି ସୋର ଅତିକ୍ରମ କରି ସାରିଥିଲା। ଶତାନନ୍ଦଙ୍କ ଏହି ଉଦାରତା ତାଙ୍କୁ ମାଉସୀଙ୍କ ସ୍ନେହ ଭାଜନ କରିଦେଲା। ସେ ଛିଡ଼ା ହୋଇ ରହିଲେ ମାଉସୀଙ୍କ ସନ୍ନିକଟ ହୋଇ।

ତରୁଣୀ ଜଣକ ବସିଲା ପରେ ସ୍ୱସ୍ତିରେ ନିଶ୍ୱାସ ମାରିଲେ। ଯାଗାଟେ ପାଇନଥିଲେ, ସେ କଷ୍ଟ ଭିତରେ ଦହଗଞ୍ଜ ହୋଇ ଯାତ୍ରା କରିଥାନ୍ତେ। ତାଙ୍କ ଅନ୍ତର୍ମନରେ ସେଇ ଅଚିହ୍ନା ଯୁବକଙ୍କ ପ୍ରତି ଅକୁଣ୍ଠ କୃତଜ୍ଞତା ଭରିଗଲା।

ଜାତୀୟ ରାଜପଥର ମସୃଣ ରାସ୍ତାରେ ବସ୍‌ଟି ଆଗକୁ ବଢୁଥାଏ ଦ୍ରୁତ ଗତିରେ। ଜଣା ପଡୁନଥାଏ ଉଠାପକା। ବିନା ହଲଚଲରେ ସୁଖପ୍ରଦ ଯାତ୍ରା।

ଶତାନନ୍ଦ ମାଉସୀଙ୍କ ପାର୍ଶ୍ୱକୁ ଲାଗି ଛିଡ଼ା ହୋଇଥାନ୍ତି। ସେ କେତେବେଳେ ଚାହୁଁଥାନ୍ତି ବସ୍‌ର ସମ୍ମୁଖ ଭାଗକୁ ତ କେତେବେଳେ ଚାହୁଁଥାନ୍ତି ତରୁଣୀର ପାର୍ଶ୍ୱବର୍ତ୍ତୀ ଝରକା ଦେଇ ବାହାରକୁ। ସେଇ ଅବସରରେ ତାଙ୍କ ଦୃଷ୍ଟି ନିବଦ୍ଧ ହୋଇ ଥାଏ ତରୁଣୀଟିର ସୁଶ୍ରୀ ମୁଖମଣ୍ଡଳ ଉପରେ।

ବାସ୍ତବରେ ସେ ସୁନ୍ଦରୀ-ମନଜିଣା ତାଙ୍କ ରୂପକାନ୍ତି। ବେଶ ପୋଷାକରୁ ଜଣା ପଡୁଛନ୍ତି ସେ ଜଣେ ଥିଲାବାଲା ଘରର ଝିଅ।

ବସ୍‌ରେ ସିଟ୍ ପାଇ ବସିଲା ପରେ ପ୍ରସନ୍ନ ଜଣା ପଡୁଛନ୍ତି। ସେ ଦୃଷ୍ଟି ଫେରାଇଲେ।

ଏହି ସମୟରେ ଏଯାବତ୍ ନୀରବ ହୋଇ ବସିଥିବା ମାଉସୀ ଜଣକ ତରୁଣୀଙ୍କ ଆଡ଼କୁ ସାମାନ୍ୟ ଝୁଙ୍କି ପଡ଼ି ପଚାରିଲେ ତାଙ୍କ ନାଁ ଓ ପରିଚୟ। ମାଉସୀଙ୍କ ସ୍ନେହବୋଳା କଥାରେ ଆଉ ନୀରବ ହୋଇ ବସି ପାରିଲେ ନାହିଁ ତରୁଣୀ ଜଣକ। ତାଙ୍କର ନିଶ୍ଚୁପ ମୁହଁଟି ଖୋଲିଲା । ମାଉସୀଙ୍କ ଆଡକୁ ଚାହିଁ ଲଳିତ କଣ୍ଠରେ କହିଲେ,

- ମୋ ନା ସଂଜ୍ଞା। ରେଭେନ୍‌ସା କଲେଜରେ ପଢୁଛି। ବାଲେଶ୍ୱର ସହରାଞ୍ଚଳରେ ଆମ ଘର।

ମାଉସୀ ଜଣକ ତାଙ୍କ ପ୍ରଶ୍ନର ଉତ୍ତର ପାଇ ପାରିସାରିଥିଲେ ବି ନୀରବ ନ ରହି ପୁଣି ଅତିରିକ୍ତ ପ୍ରଶ୍ନ ପଚାରିଲେ; ବାପା କ'ଣ କରନ୍ତି ଓ କେତୋଟି ଭାଇଭଉଣୀ ଇତ୍ୟାଦି ଇତ୍ୟାଦି।

ମାଉସୀଙ୍କ ଆଦରପୂର୍ଣ୍ଣ ବ୍ୟବହାରରେ ବିମୋହିତା ସଂଜ୍ଞା ସରଳ ସାବଲୀଳ ଢ଼ଙ୍ଗରେ ସବୁ ଉତ୍ତର ଦେଇଥିଲେ।

ମାଉସୀଙ୍କ ପାର୍ଶ୍ୱରେ ଛିଡ଼ା ହୋଇଥିବା ଶତାନନ୍ଦ କିଛି ମାତ୍ରାରେ ଶୁଣି ପାରୁଥିଲେ ସେମାନଙ୍କ କଥୋପକଥନ।

ଶତାନନ୍ଦ ଜାଣିଲେ ତରୁଣୀର ନାମ ଓ ପରିଚୟ। ରେଭେନ୍‌ସା କଲେଜରେ ବିଜ୍ଞାନ ସ୍ନାତକ ଶ୍ରେଣୀରେ ଶେଷ ବର୍ଷର ଛାତ୍ରୀ। ଛାତ୍ରୀନିବାସରେ ରହି ପାଠ ପଢୁଛନ୍ତି। ମେଧାବୀ ଛାତ୍ରୀ ହୋଇଥିବେ ନିଶ୍ଚୟ। ତା ହୋଇନଥିଲେ,ରେଭେନ୍‌ସା ଭଳି ଖ୍ୟାତି ସମ୍ପନ୍ନ

କଲେଜରେ ସ୍ଥାନ ପାଇନଥାନ୍ତେ।

ଭାବିଲେ – ସଂଜ୍ଞା କେବଳ ରୂପରେ ନୁହେଁ ବିଦ୍ୟାରେ ବି ପାରଦର୍ଶିତା ଲାଭ କରିଛନ୍ତି।

ଶତାନନ୍ଦ ଦୃଷ୍ଟି ଫେରାଇଲେ। ପୁନରାୟ ଚାହିଁଲେ ସାମନା ପଟକୁ। ବସ୍‌ର ସାମନାକାଚ ଦେଇ ଦେଖାଯାଉଛି ଲମ୍ବିଯାଇଥିବା ସଳଖ ରାସ୍ତା। ପବନରେ ଶିଆର କାଟି ଦ୍ରୁତ ଗତିରେ ବସ୍‌ଟି ମାଡ଼ି ଚାଲିଛି ଆଗକୁ ଆଗକୁ।

ବସ୍ ଭିତରୁ ବାହାରର ଚଳମାନ ଦୃଶ୍ୟର ଅବଲୋକନରେ ସେ ସାମୟିକ ଭାବେ ଭୁଲିଯାଇଥିଲେ ଶାରୀରିକ କ୍ଲେଶ। କିଛି ସମୟ ପାଇଁ ସେ ସ୍ୱପ୍ନଜଗତରୁ ଅପସରି ଯାଇ କଳ୍ପନା ରାଜ୍ୟରେ ବିଚରଣ କରୁଥିଲା ତାଙ୍କ ସ୍ୱପ୍ନଭକ୍ତ ମନ।

ଭାବନାରେ ନିମଜ୍ଜିତ ଥିଲା ତାଙ୍କ ମନ।

ମନରେ ତାଙ୍କ ନିଜ ବିଶ୍ୱବିଦ୍ୟାଳୟ କଥା। ଉଚ୍ଚ ଶିକ୍ଷାର ସର୍ବୋଚ୍ଚ ଅନୁଷ୍ଠାନ। ଏହାର ଶୈକ୍ଷିକ ବାତାବରଣ ଭିତରେ ରହି ସେ ସାକାର କରିବେ ତାଙ୍କ ବହୁପୋଷିତ ଆଶା ଓ ମା'ବାପାଙ୍କ ଅଭିଳକ୍ଷିତ ସ୍ୱପ୍ନ। ତେଣୁ ତାଙ୍କ ଯୁବମନରେ ସ୍ଥାନ ପାଇନଥିଲା ପ୍ରେମ ଓ ପ୍ରଣୟ କେବଳ ଅଧ୍ୟବସାୟ ଓ ଅଧ୍ୟୟନ।

ବସ୍‌ର ସାମନା ପଟରୁ ଦୃଷ୍ଟି ଫେରାଇ ଆଣିଲେ। ଅବଲୋକନ କଲେ ବସ୍ ଭିତରେ ବସିଥିବା ଯାତ୍ରୀମାନଙ୍କୁ। ସିଟ ପାଇ ବସିଥିବା ଯାତ୍ରୀମାନେ ଜଣା ପଡୁଥାନ୍ତି ସହଜ ଓ ସ୍ୱସ୍ତିପୂର୍ଣ୍ଣ। ଠିଆ ହୋଇ ଯାତ୍ରା କରୁଥିବା ବ୍ୟକ୍ତିମାନଙ୍କ ମୁଖମଣ୍ଡଳରେ ଅସ୍ୱସ୍ତିଭାବ; ତାଙ୍କ ଶାରୀରିକ କ୍ଲେଶର ସ୍ୱଷ୍ଟ ପରିପ୍ରକାଶ।

ତାଙ୍କ ସଂଲଗ୍ନ ଦୁଇ ଟିକିଆ ସିଟ୍‌କୁ ଚାହିଁଲେ। ମାଉସୀ ଜଣକ ପଛକୁ ଆଉଜି ବସିଛନ୍ତି। ମୁଦି ହୋଇ ରହିଛି ତାଙ୍କ ଦୁଇଆଖିପତା। ଜଣା ପଡୁଥାନ୍ତି ତନ୍ଦ୍ରାଛନ୍ନ।

ତାଙ୍କ ସେ ପଟରେ ସଂଜ୍ଞା। ଆରାମ ମୁଦ୍ରାରେ ପଛକୁ ଆଉଜି ବସିଛନ୍ତି ଅର୍ଦ୍ଧନିମୀଳିତ ଚକ୍ଷୁ। ଅଧାଖୋଲା କାଚ ଝରକା ଦେଇ ପଶି ଆସୁଥିବା ପବନରେ ଫୁର୍‌ଫୁର୍ ହୋଇ ଉଡୁଥାଏ ତାଙ୍କ ଚୂର୍ଣ୍ଣକୁନ୍ତଳ।

ଶତାନନ୍ଦଙ୍କ ଚକ୍ଷୁ ନିବଦ୍ଧ ହୋଇଗଲା ସଂଜ୍ଞାଙ୍କ କମନୀୟ ମୁଖମଣ୍ଡଳରେ। ଆଖି ଫେରାଇ ପାରୁନଥିଲେ। ଓଡ଼ିଆ କବିତାର ଏକ ପଂକ୍ତି ତାଙ୍କ ମନକୁ ଆସିଲା। "ସୁନ୍ଦର ତୃପ୍ତିର ଅବସାଦ ନାହିଁ, ଯେତେ ଦେଖୁଥିଲେ ନୂଆ ଦିଶୁଥାଇ।"

ସତରେ! ପ୍ରତିଟି ପଲକରେ ଏକ ମୁଗ୍ଧ ଅନୁଭବ। ସମ୍ମୋହନ। ମୁହୂର୍ତ୍ତକ ପାଇଁ ପ୍ରେମ ମନସ୍କ ହୋଇ ଉଠିଲା ତାଙ୍କ ଯୁବ ମନ।

ଇତୋମଧ୍ୟେ ବସ୍‌ଟି ଚଣ୍ଡିଖୋଲର ନିକଟତର ହୋଇ ସାରିଥିଲା। ଯାତ୍ରୀବାହୀ ବସ୍‌ମାନଙ୍କ ପାଇଁ ଏହା ଏକ ପ୍ରମୁଖ ରହଣି ସ୍ଥଳ। ଏହା ପରେ ସିଧା ଯିବ କଟକ।

ମାଉସୀ ଜଣକ ଏହି ରହଣି ସ୍ଥଳରେ ଓହ୍ଲେଇବେ। କଣ୍ଡକ୍ଟର ବି ତା'ର କର୍ତ୍ତବ୍ୟରେ ଅବହେଳା ନ କରି ପୂର୍ବସୂଚନା ଦେଇ ସାରିଥିଲା।

ବସ୍ ରହିବାର ଅବ୍ୟବହିତ ପୂର୍ବରୁ ମାଉସୀ ତାଙ୍କ ସିଟ୍‌ରୁ ଉଠି ଦରଜା ପାଖକୁ ଯିବା ପୂର୍ବରୁ ସଂଜ୍ଞାଙ୍କୁ ସମ୍ବୋଧନ କରି କହିଲେ– ମୁଁ ଏହି ଷ୍ଟପେଜରେ ଓହ୍ଲେଇଯିବି। ମୋ ସ୍ଥାନରେ ଏ ପୁଅ ଜଣକ ବସିବେ। ତାଙ୍କ ପରି ଦରଦୀ ଲୋକ ମିଳିବା କଷ୍ଟ। ଭଗବାନ ତୁମ୍ଭମାନଙ୍କୁ ଭଲରେ ରଖନ୍ତୁ।

ବସ୍‌ର ଗତି ସ୍ଥିର ହେଲା। ମାଉସୀ ଓହ୍ଲେଇଗଲେ ମାଉସୀଙ୍କ ପ୍ରସ୍ଥାନ ପରେ ସେଇ ସିଟ୍‌ରେ ବସିଲେ ଶତାନନ୍ଦ।

ଦୀର୍ଘ ସମୟ ଧରି ଛିଡ଼ା ହୋଇ ଯାତ୍ରା କରିବା ଯୋଗୁଁ କ୍ଳାନ୍ତି ଅନୁଭବ କରୁଥିଲେ। ବସିଲା ପରେ ଆରାମ ବୋଧ କଲେ।

ସିଟ୍ ପଛକୁ ଆଉଜି ବସି ଆଖି ମୁଦି ବସିଲେ କ୍ଷଣିକ ପାଇଁ ଶତାନନ୍ଦ। ନାକରେ ବାଜୁଥିଲା ସଂଜ୍ଞା ବ୍ୟବହାର କରିଥିବା ହାଲ୍‌କା ଫରଫିଉମର ସ୍ନାୟୁ ଉତ୍ତେଜକ ବାସ୍ନା।

ମନରେ ଭାବିଲେ – ସେ ଅନେକ ଥର ବସ୍‌ଯାତ୍ରା କରିଛନ୍ତି କିନ୍ତୁ ଆଜି ତାଙ୍କୁ ମିଳିଛି ଏକ ଅନୂଢ଼ାର ସଂଲଗ୍ନ ହୋଇ ବସି ଯାତ୍ରା କରିବାର ଅବସର / ସୁଯୋଗ।

ସମୀପବର୍ତ୍ତୀ ହୋଇ ବସିଥିବାରୁ ସଂଜ୍ଞାଙ୍କ ଦେହରୁ ମୃଦୁ ସୁରଭିରେ ଆମୋଦିତ ହେଉଥାନ୍ତି ଶତାନନ୍ଦ। କଳ୍ପନା ରାଜ୍ୟରେ ବିଚରଣ କରୁଥାଏ ତାଙ୍କ ଯୁବମନ। ସେ ନ ଚାହିଁଲେ ବି।

ଉଭୟେ ଥିଲେ ଚୁପ୍‌ଚାପ୍। ନୀରବତା ଭିତରେ ବିତୁଥିଲା ସମୟ। ପରସ୍ପର ଭିତରେ ପରିଚୟ ଆଦାନ ପ୍ରଦାନର ଆବଶ୍ୟକତା ଆଉ ନଥିଲା। ମାଉସୀଙ୍କ ମାଧ୍ୟମରେ ଉଭୟ ବାବଦରେ କିଛି କିଛି ଜାଣି ସାରିଥିଲେ।

ଚଣ୍ଡିଖୋଲରୁ କଟକ ସେମିତି ବେଶୀ ରାସ୍ତା ନୁହେଁ। ସମୟ ଜଣା ପଡ଼ିବ ନାହିଁ।

ଶତାନନ୍ଦଙ୍କ ଧୀର ସ୍ଥିର ସ୍ୱଭାବ ଓ ଭଦ୍ର ଆଚରଣରେ ବିମୁଗ୍ଧ ହୋଇଥିଲେ ସଂଜ୍ଞା। ଇଚ୍ଛା ହେଉଥିଲା ତାଙ୍କ ସହିତ ବାର୍ତ୍ତାଳାପ ପାଇଁ ଆଗେଇ ପାରୁନଥିଲେ। ତାଙ୍କ ଭିତରେ ନାରୀ ସୁଲଭ ସଙ୍କୋଚ। ଭାବୁଥିଲେ ଶତାନନ୍ଦଙ୍କ ତରଫରୁ କଥାବାର୍ତ୍ତା ଆରମ୍ଭ ହେଲେ, ସେ ସ୍ୱାଗତ କରିବେ ଖୁସି ହେବେ। ଅବଶ୍ୟ ତାଙ୍କର ସାହାଯ୍ୟ ପାଇଁ ସୁଜନତା ଦୃଷ୍ଟିରୁ ସେ ନିଶ୍ଚୟ କୃତଜ୍ଞତା ଜଣାଇବେ।

ମନ କଥା ମନରେ ଥାଏ।

ଇତି ମଧ୍ୟରେ ବସ୍‌ଟି ମହାନଦୀ ପୋଲ ଅତିକ୍ରମ କରି ସାରିଥାଏ। ଆଗକୁ ଚାଉଳିଆଗଞ୍ଜ ବସ୍ ରହଣି ସ୍ଥଳ।

ଯାତ୍ରୀମାନଙ୍କ ଅବଗତି ନିମନ୍ତେ କଣ୍ଡକ୍ଟର ତା'ର ନିଜସ୍ୱ ଢ଼ଙ୍ଗରେ ଡ଼ାକ ମାରି ତା'ର କର୍ତ୍ତବ୍ୟ ଶେଷ କରିସାରିଲାଣି।

ସଂଜ୍ଞା ତାଙ୍କ ଆସନ ଛାଡ଼ି ଛିଡ଼ା ହେଲେ।

ଝରକା ପାଖ ସିଟ୍‌ରେ ବସିଥିବାରୁ ତାଙ୍କ ଶତାନନ୍ଦଙ୍କୁ ଅତିକ୍ରମ କରିଯିବାକୁ ହେବ।

ସିଟ୍‌ରେ ଉପରି ଭାଗରେ ଥିବା ଜିନିଷ ରଖିବା ସ୍ଥାନରେ ଅଛି ତାଙ୍କ ବ୍ରିଫ୍‌କେଶ ହାତ ବଢ଼େଇ ଆଣିବାକୁ ଉଦ୍ୟନ୍ତ ହୁଅନ୍ତେ ଶତାନନ୍ଦ ନିଜର ନୀରବତା ଭଙ୍ଗ କରି କହିଲେ,

ବ୍ରିଫ୍‌କେଶଟି ମୁଁ ବାହାର କରିଦେଉଛି।

ଶତାନନ୍ଦଙ୍କ କଥାରେ ନିରସ୍ତ ହେଲେ ସଂଜ୍ଞା।

ଶତାନନ୍ଦ ନିଜ ଆସନରୁ ଉଠି ସଂଜ୍ଞାର ଓଜନିଆ ବ୍ରିଫ୍‌କେଶଟି ତଳକୁ ଆଣି ବସ୍ ଭିତରେ ଏକ ଫାଙ୍କା ସ୍ଥାନରେ ରଖିଲେ, ଯେପରି ସଂଜ୍ଞା ତାହାକୁ ନେଇ ସହଜରେ ଓହ୍ଲେଇ ପାରିବେ।

ଶତାନନ୍ଦଙ୍କ ଏହି ଆଚରଣ ସୃଷ୍ଟି କଲା ସଂଜ୍ଞାଙ୍କ ଭିତରେ ଆପଣାର ଭାବ ଓ ମୁଗ୍ଧ ତନ୍ମୟତାରେ ଭରିଗଲା ତାଙ୍କ କୁଆଁରୀମନ।

ବସ୍ ରହିଲା।

ସଂଜ୍ଞା ନିଜର ଜିନିଷ ପତ୍ର ଧରି ଓହ୍ଲେଇବା ପୂର୍ବରୁ ଶତାନନ୍ଦଙ୍କୁ ସଭକ୍ତି ନମସ୍କାର ଜଣାଇ କହିଲେ,

– ଆପଣଙ୍କ ସାହାଯ୍ୟ ପାଇଁ ମୁଁ କୃତଜ୍ଞ। ଏହା ମୋ ପାଇଁ ଏକ ଅଭୁଲା ସ୍ମୃତି ହୋଇ ରହିବ। ଧନ୍ୟବାଦ ଜଣାଉଛି।

ଶତାନନ୍ଦ ସ୍ମିତ ହସ ହସି କହିଲେ, "ମୋର ବି।"

ସଂଜ୍ଞାଙ୍କ ପ୍ରସ୍ଥାନ ପରେ ସେଇ ସିଟ୍‌ରେ ବସିଲେ ଶତାନନ୍ଦ। ଝରକା ଦେଇ ଦେଖିପାରୁଥିଲେ ସଂଜ୍ଞାଙ୍କ ଯିବାର ଦୃଶ୍ୟ।

ସଂଜ୍ଞା ଅଟୋ ରିକ୍ସାରେ ବସି ଆଖିର ଆଡୁଆଳକୁ ଯିବା ପର୍ଯ୍ୟନ୍ତ ଶତାନନ୍ଦ ଚାହିଁ ରହିଥିଲେ ନିଷ୍ପଲକ ନେତ୍ରରେ।

ବସ୍‌ଟି ପୁଣି ଚାଲିଲା ଭୁବନେଶ୍ୱର ଅଭିମୁଖେ। ଶତାନନ୍ଦ ବାଣୀବିହାର ରହଣିରେ ଓହ୍ଲେଇବେ। ତାଙ୍କ ବସ୍ ଯାତ୍ରାର ପରିସମାପ୍ତ ଘଟିବ।

ଆଜିର ଯାତ୍ରା ସମୟର କଥା ମନରେ ଆସିଲା। ଜଣେ ସହଯାତ୍ରିଣୀଙ୍କ ପାଇଁ ତାଙ୍କର ଅକୁଣ୍ଠିତ ସାହାଯ୍ୟ ଓ ସହାନୁଭୂତି। ତାଙ୍କ ମନରେ ଆଣି ଦେଇଥିଲା ଆତ୍ମ ସନ୍ତୋଷ। ବାସ୍ ସେତିକିରେ ସୀମିତ ରହିଲା ତାଙ୍କ ଯାତ୍ରା ବିଷୟକ ତାଙ୍କ ଭାବନା।

ସେ ନିଜ ବିଷୟରେ ଭାବିବାକୁ ଲାଗିଲେ। ସ୍ନାତକୋତ୍ତର ଶ୍ରେଣୀରେ ଏଇଟା ତାଙ୍କର ଶେଷ ବର୍ଷ। ଶିକ୍ଷା ସମାପ୍ତି ପରେ ସେ ଚାହିଁବେ କୌଣସି ଚାକିରି / କର୍ମନିଯୁକ୍ତି। ନିଜ କଥା ତଥା ପରିବାର ପାଇଁ ରହିଛି ରୋଜଗାରର ଆବଶ୍ୟକତା। ତେଣୁ ଭଲ ଚାକିରି ହିଁ ତାଙ୍କ ଜୀବନର ଲକ୍ଷ୍ୟ। ତେଣୁ ତାଙ୍କ ଯୁବ ମନରେ ସ୍ଥାନ ପାଉନଥିଲା ପ୍ରେମ ପ୍ରଣୟର ଅଳୀକ ଭାବନା।

ଚାଉଳିଆଗଞ୍ଜରେ ବସ୍‌ରୁ ଓହ୍ଲେଇ ସଂଜ୍ଞା ଗଲେ ଛାତ୍ରୀ ନିବାସ। ଆଜିର ବସ୍‌ଯାତ୍ରା ତାଙ୍କ ପାଇଁ ଆଣି ଦେଇଛି ଏକ ଅନନ୍ୟ ଅନୁଭୂତି; ଯାହା ସ୍ମୃତି ହୋଇ ରହିବ ଅନେକ ଦିନ ପର୍ଯ୍ୟନ୍ତ।

ଏକ ପରିଚିତ ସହଯାତ୍ରୀଙ୍କ ଅପ୍ରତ୍ୟାଶିତ ସାହାଯ୍ୟ ଓ ଅନୁକମ୍ପାରେ ପ୍ରଭାବିତ ହୋଇଥିଲା ତାଙ୍କ କୁଆଁରୀ ମନ। ଶତାନନ୍ଦଙ୍କ ପ୍ରତି ମନରେ ସୃଷ୍ଟି ହୋଇଥିଲା କୋମଳ ଅନୁରାଗ।

ଏହାରି ଭିତରେ ବିତିଯାଇଥିଲା ଦୁଇବର୍ଷ। ସଂଜ୍ଞା ଫେରି ଆସିଲେ ନିଜର ପୈତୃକ ନିବାସ।

ପରିବାର ସହ ଆନନ୍ଦରେ ବିତୁଥାଏ ଦିନ। ମା'ବାପାଙ୍କ କୋଡପୋଛା ଝିଅ। ସ୍ନେହ ସୌହାର୍ଦ୍ଦ୍ୟ ଓଜାଡି ହୋଇ ପଡୁଥାଏ ତାଙ୍କ ଉପରେ। ମା'ବାପା ଭଲ ଭାବେ ଜାଣନ୍ତି ଝିଅର ସ୍ଥାୟୀ ଠିକଣା। ବାପ ଘର ନୁହଁ ଶାଶୁଘର।

ସାମାଜିକ ନୀତି, ନିୟମ / ପ୍ରଥା ପରମ୍ପରା କଥା ମନକୁ ଆସେ। ଏକ ଅନୂଢ଼ା ହାତ ଧରିବ ଏକ ଅନୂଢ଼ର। ଏହା ହିଁ ଏକ ଝିଅର ଭାଗ୍ୟ। ତାଙ୍କ ହାତ ଧରିବାକୁ ହେବ ଏକ ପୁରୁଷର। ଆରମ୍ଭ କରିବ ସାଂସାରିକ ଜୀବନ।

କିଏ ହେବ ସେଇ ପୁରୁଷ ଜଣକ ?

ଏହି ଭାବନା ଟାଣି ନିଏ ତାଙ୍କ କୁଆଁରୀ ମନକୁ କଳ୍ପନାର ଇନ୍ଦ୍ରଜାଲ ଭିତରକୁ। ସ୍ୱପ୍ନ ବିଳାସୀ ହୋଇଉଠେ ମନ।

ତାଙ୍କ ମନକୁ ଆସେ ସେ ଶୁଣିଥିବା ରଜାଘରର ସ୍ୱୟଂବର କଥା। ରାଜକନ୍ୟା ଅନେକ ରାଜପୁତ୍ରମାନଙ୍କ ମଧ୍ୟରୁ ଜଣକୁ ଚୟନ କରି ବରଣମାଳା ପିନ୍ଧାଇଥାନ୍ତି। ସେ ହୋଇଯାନ୍ତି ସ୍ୱୟଂବରା।

ଏହି ଚିନ୍ତନରେ ତାଙ୍କ ରକ୍ତିମ ଅଧରରେ ଉକୁଟି ଉଠିଲା ଚେନାଏ ସରୁ ହସ।

ପୁଣି ସେ ଭାବନ୍ତି, ଏବେ ତ ରାଜରାଜୁଡ଼ା ସମୟର ସେଇ ସ୍ୱୟଂବର ପ୍ରଥା ନାହିଁ। କେବଳ ଏହା ଏକ ଲୋକକଥା ହୋଇ ରହିଯାଇଛି।

ହ ! ଏତିକି ହୋଇପାରେ ଯେ ମା'ବାପାଙ୍କ ଦ୍ୱାରା ଆଗତ ବିବାହ ପ୍ରସ୍ତାବଗୁଡ଼ିକ ମଧ୍ୟରୁ ସେ ଜଣକୁ ନିଜର ପସନ୍ଦ ଅନୁଯାୟୀ ଚୟନ କରିବେ। ସେ ଆଶାବାଦୀ ମା'ବାପା ତାଙ୍କ ଏକମାତ୍ର କନ୍ୟାକୁ ତା'ର ଜୀବନ ସାଥୀ ଚୟନରେ ମତାମତ ଦେବାକୁ ସୁଯୋଗ ଦେବେ।

ଏମିତି ବିତୁଥାଏ ଦିନ।

ଦିନେ ଉତ୍ତୀର୍ଣ୍ଣ ସନ୍ଧ୍ୟାରେ ବାପା ଆସିଲେ ତାଙ୍କ ପାଖକୁ। କାର୍ଯ୍ୟ ବ୍ୟସ୍ତତା ଭିତରେ ଥାଇ ମଧ୍ୟ ସେ ସଂଜ୍ଞାଙ୍କ ଭଲମନ୍ଦ ବୁଝିବାରେ ଅବହେଳା କେବେ ବି କରନ୍ତି ନାହିଁ। ଏହା ତାଙ୍କର ନିତ୍ୟ ନୈମିତିକ କାର୍ଯ୍ୟ ପ୍ରଣାଳୀରେ ସୂଚୀବଦ୍ଧ ହୋଇଥାଏ ଯେପରି।

ସଂଜ୍ଞାଙ୍କୁ ପାଖରେ ବସାଇ ସ୍ନେହଭରା କଣ୍ଠରେ କହିଲେ,

–ଏକ ବାପାର ଦାୟିତ୍ୱ ନିର୍ବାହ କରିବାକୁ ଆସିଛି। ତୁ ମୋତେ ସହଯୋଗ କରିବୁ।

ବାପାଙ୍କର ଏହି ନାଟକୀୟ ସଂଳାପକୁ ପ୍ରଥମେ ବୁଝି ପାରିଲେ ନାହିଁ ସଂଜ୍ଞା। ତେଣୁ କହିଲେ – କଥାଟାକୁ ଖୋଲି କହନ୍ତୁ ? ମୁଁ ତୁମର ଆଜ୍ଞାଧୀନା କନ୍ୟା, ଅବାଧ୍ୟ ହେବି ନାହିଁ।

ବାପା କହିଲେ – ଏଠାରେ ବାଧ୍ୟ ଅବାଧ୍ୟର ପ୍ରଶ୍ନ ଉଠୁନାହିଁ। କେବଳ ତୋର ପସନ୍ଦ ଓ ମତାମତ ଚାହୁଁଛି। ତୋ ପସନ୍ଦ ହିଁ ଆମ ଦୁହିଁଙ୍କର ପସନ୍ଦ।

ଏତିକି କହି ଗୋଟିଏ ଫାଇଲ ଦେଇ କହିଲେ,

– ତୋ ବାହାଘର, ପାଇଁ ଅନେକ ପ୍ରସ୍ତାବ ମୋ ପାଖକୁ ଆସିଛି। ତା'ରି ଭିତରୁ ତୋ ମା' ଓ ମୁଁ କେତେକ ପ୍ରସ୍ତାବକୁ ତୋ'ର ମତାମତ ପାଇଁ ରଖିଛୁ। ତୁ ଆଜି ରାତିରେ ଏସବୁ ଦେଖି ମତାମତ ଦେଲେ ଆମେ ଆଗେଇବା।

ସଂଜ୍ଞା ପ୍ରାପ୍ତ ବୟସ୍କା ଓ ଶିକ୍ଷିତା। ଭଲ ମନ୍ଦ ବିଚାର କରିବାର ଶକ୍ତି ତାଙ୍କ ପାଖରେ ଅଛି। ତେଣୁ ବାପାଙ୍କ କଥାରୁ ସେ ସବୁ ବୁଝିଲେ। ବାପାଙ୍କ ବିଚାରଧାରାକୁ ମନେ ମନେ ପ୍ରଶଂସା କଲେ ସଂଜ୍ଞା। ବାପା ନିଜର ଇଚ୍ଛା ଓ ନିଷ୍ପତ୍ତିକୁ ସନ୍ତାନମାନଙ୍କ ଉପରେ ଲଦି ଦିଅନ୍ତି ନାହିଁ। କେବଳ ହୁଅନ୍ତି ମାର୍ଗଦର୍ଶକ।

ରାତ୍ରି ଭୋଜନ ପରେ ନିଜ କୋଠରୀକୁ ଆସିଲେ ସଂଜ୍ଞା। ବାପାଙ୍କ ପ୍ରଦତ୍ତ ଫାଇଲଟି ଖୋଲିଲେ। ସେଥିରେ ଅନେକ ପ୍ରସ୍ତାବ। ଫଟୋ ସହ ସମ୍ପୂର୍ଣ୍ଣ ବିବରଣୀ।

କୁତୂହଳୀ ହୋଇ ଦେଖୁଥାନ୍ତି ଗୋଟିଏ ପରେ ଗୋଟିଏ ପ୍ରସ୍ତାବ। ପିଲାର ଫଟୋ, ଶିକ୍ଷାଗତ ଯୋଗ୍ୟତା, ଚାକିରି ଓ ପରିବାର ସଂକ୍ରାନ୍ତରେ ସମସ୍ତ ତଥ୍ୟକୁ ନେଇ ମନ ଭିତରେ କରୁଥାନ୍ତି ବିଶ୍ଳେଷଣ।

ଏହି ପ୍ରସ୍ତାବମାନଙ୍କ ଭିତରୁ ନିଜର ପସନ୍ଦ ଅନୁଯାୟୀ ବ୍ୟକ୍ତିଙ୍କୁ ବାଛିଲେ ପୁଣି ହେବ ଦେଖା ଚାହାଁ। ଲୋଡ଼ା ହେବ ବରପକ୍ଷର ସମ୍ମତି। ଆଗକୁ ବଢ଼ିବ ପ୍ରସ୍ତାବ। ଗଢ଼ା ହେବ ନୂଆ ସମ୍ପର୍କ। ସାରା ଜୀବନ ପାଇଁ।

ମଧ୍ୟସ୍ଥଙ୍କ ମାଧ୍ୟମରେ ଆସିଥିବା ଏହି ବିବାହ ପ୍ରସ୍ତାବଗୁଡିକୁ ମନୋଯୋଗ ସହକାରେ ଦେଖୁଥିଲେ ସଂଜ୍ଞା। ଅଧାରୁ ଅଧିକ ପ୍ରସ୍ତାବ ଉପରେ ସେ ଆଖି ପକେଇ ସାରିଲେଣି। ତାଙ୍କ ପାଇଁ ସମସ୍ତେ ଅଜଣା, ଅପରିଚିତ।

ଗୋଟିଏ ପ୍ରସ୍ତାବ ଉପରେ ତାଙ୍କ ଆଖି ସ୍ଥିର ହୋଇଗଲା ମୁହୂର୍ତ୍ତକ ପାଇଁ।

ଫଟୋ ଦେଖି ସେ ଭାବିଲେ, ଏହି ବ୍ୟକ୍ତିଙ୍କୁ କେଉଁଠି ଦେଖିଛନ୍ତି। ତତ୍‌କ୍ଷଣାତ ମନେ ପଡୁନି। କିୟତକ୍ଷଣ ପାଇଁ ମୁଦ୍ରିତ କଲେ ଆଖି। ଭାବମଗ୍ନ ହେଲେ।

ମନେ ପଡ଼ିଲା ବିଗତ ଦିନର ବସ୍ ଯାତ୍ରା ଘଟଣା। ସେ କିପରି ବସ୍‌ରେ ସିଟ୍ ନ ପାଇ ଠିଆ ହୋଇ ଯାତ୍ରା କରୁଥିବା ସମୟରେ ଏକ ଅପରିଚିତ ଯୁବକଙ୍କ ଅଯାଚିତ ସାହାଯ୍ୟ। ସେଦିନ ଦେଖିଥିବା ସେହି ଯୁବକଙ୍କ ଚେହେରାକୁ ମେଳାଉ ଥିଲେ ସେହି ଫଟୋ ସହିତ। ଏକା ଭଳି ଲାଗୁଥିଲା। କେବଳ ସାମାନ ପରିପୁଷ୍ଟ ଲାଗୁଥିଲା ମୁଖାବୟବ।

ବିବରଣ ପଢ଼ି ସେ ଜାଣିଲେ ତାଙ୍କ ବିଷୟରେ। ଓଡ଼ିଶା ସରକାରଙ୍କ ଅଧିନରେ କାର୍ଯ୍ୟରତ ଦ୍ୱିତୀୟ ଶ୍ରେଣୀର ଅଧିକାରୀ, ସେତିକିରେ ତାଙ୍କ ମନ ବୁଝିଗଲା।

ସେଇ ପ୍ରସ୍ତାବକୁ ବାହାର କରି ଅଲଗା ରଖିଲେ। ବାକି ସମସ୍ତ ପ୍ରସ୍ତାବକୁ ଏକତ୍ର ରଖି ଫାଇଲରେ ରଖିଲେ।

ରାତିରେ ଶୋଇବା ବେଳେ ସେ କଲେ ମାନସ ମନ୍ଥନ। ଭାବିଲେ ବିବାହ ବନ୍ଧନ, ମଣିଷ ଜୀବନରେ ଥରେ ଆସେ। ଜୀବନ ଯାତ୍ରାରେ ସହଗାମୀ ହେବା ପାଇଁ ଲୋଡ଼ା ହୁଏ ମନର ମଣିଷ। ଯିଏ ବାଣ୍ଟିନେବ ଅଧାଅଧା ଜୀବନର ସୁଖଦୁଃଖର ପ୍ରତିଟି ମୁହୂର୍ତ୍ତ। ତାଙ୍କ ପାଖରେ ଥିବା ସମର୍ପିତ ମନୋଭାବ, ଉତ୍ତମ ବୁଝାମଣା ଓ ପୁରୁଷୋଚିତ ବ୍ୟବହାର। ଏକ ଭଲ ଜୀବନ ସାଥୀର ସମସ୍ତ ଗୁଣବତ୍ତା ସେ ଦେଖି ପାରିଥିଲେ ଶତାନନ୍ଦଙ୍କ ଭିତରେ।

ତାଙ୍କ ମନରେ ନଥିଲା କୌଣସି ପ୍ରକାର ଦ୍ୱିଧାଭାବ। ଆସନ୍ତାକାଲି ସେ ବାପାଙ୍କୁ ଜଣାଇବେ ତାଙ୍କ ନିର୍ଣ୍ଣୟ, ନିଷ୍ପତ୍ତି।

ତାଙ୍କ ଅନ୍ତଃକରଣରେ ବିଭୋର ଭାବ, ମୁଗ୍ଧ ଅନୁଭବ। ତାଙ୍କ ଭାବନାରେ ମୂର୍ତ୍ତିମନ୍ତ ହୋଇ ଉଠୁଥିଲେ ଶତାନନ୍ଦ।

*ଡା: ରୁକ୍ମଣୀ ଦେବୀ ଲେନ୍,*
*କଲେଜ ରୋଡ, ସାଲେପୁର*
*ଦୂରଭାଷ: ୯୪୩୭୪୦୮୯୦୬*

# ସୁମିନ୍ତରାର ଝିଅମାନେ

ସୂର୍ଯ୍ୟ ବାଲା
ଅନୁବାଦ - ସବିତା ମିଶ୍ର

ସହରର ଜନବସତି ସେଇଠି ସରି ଯାଇଥିଲା । ତା' ଘରକୁ ଧୂସର ବାଲିମାଟିର ସ୍ତୁପମାନ । ସେଇ ଢିପ ଜାଗା ସାରା ବହୁତ ଗୁଡ଼ାଏ କବର ଥିଲା । ଏକ, ଦୁଇ, ଅସଂଖ୍ୟ ।

ମୁଁ ଯେତେବେଳେ ଛୋଟ ଥିଲି ଆମ ଘରର ତାଜା, ଅଗଣା ଓ ଦୁଆରବନ୍ଧ ଉପରୁ ଯୋଉଠୁ ବି ଦେଖେ ମତେ କେବଳ କବର ହିଁ କବର ଦେଖାଯାଏ ।

ଟିକେ ବଡ଼ ହେବା ପରେ ମୁଁ ଭାବିଲି, ଏଇ ସହରଟା ନିଶ୍ଚୟ ଦିନେ କବର ଖାନା ହିଁ ହେଇଥିବ ।

ପ୍ରାୟତଃ, ଆମେ ଜୀବନର ସମାପ୍ତି କବରରେ ହିଁ ହୋଇଥାଏ । ଏଠି କିନ୍ତୁ ପୁରାପୁରି ସହରଟା ଯେମିତି କବରଗୁଡ଼ିକ ଭିତରେ ହିଁ ରହିଥିଲା ।

ଏବଂ ସହରର ଜନବସତିର ଶେଷଭାଗରେ ଥିଲା ଆମ ଘର । ଆମ ଘର ପରେ ଥିଲା କେଉଟ ବସ୍ତିର କୁଡ଼ିଆମାନ । ସେଇ ବସ୍ତି ମଝିରେ ଥିଲା ତା'ର ତାଟିଘର । ସେ ନିଜ ଘରକୁ ତାଟି ଘର କହୁଥିଲା । ତା' ଘର ବି ତାଟିରେ ତିଆରି ହୋଇଥିଲା । ତା'ର ସେଇ ତାଟି ଘର ମଝିରେ ସେ ପାଦରେ ମୋଟା ମୋଟା ଆଲୁମିନିୟମ୍‌ର କଡା ଆଉ ପାଉଁଜି ଝମ୍‌ଝମ୍ କରି ଝଡ଼ ପରି ଆସିଯାଏ ଆଉ ବାରଣ୍ଡାରେ ଗଦା ହୋଇ ପଡିଥିବା ଧାନ, ଜୁଆର ଆଉ ସେସବୁ କୁଟିବା ପାଇଁଥିବା ହେମଦସ୍ତା ଆଦି ସଜଡ଼ାସଜଡ଼ି କରି ରଖିଦିଏ । ଘରେ ଆମର ଦୁଇ ଚାରିଜଣ ପାଖ ବସ୍ତିର ସ୍ତ୍ରୀ ଲୋକ, ଚାକର, ବାକର ତା'ର ଏପଟେ ସେପଟେ ବସି ଥାଆନ୍ତି । ସେ ପ୍ରାୟ ସମସ୍ତଙ୍କ ସାଂଗେ ସବୁବେଳେ ଥଟ୍ଟା, ମଜା କରେ ଆଉ ଖିଲ୍ ଖିଲ୍ ହସୁଥାଏ । ତା' ହାତ ମୁଠାରେ ଧରିଥିବା ପାହାର ହେମଦସ୍ତାରେ ଆପଣା ଗତିରେ କାମ କରି ଚାଲୁଥାଏ । ଧାନ କୁଟୁଥିବା ବେଳେ କେବେ କେବେ ହଠାତ୍ ପିଲାମାନଙ୍କ ଭିତରୁ ମତେ ସିଏ ଉଠେଇ ନେଇ ଅଗଣା ମଝିରେ ନାଚର ତାଳରେ ଦୁଇ, ତିନି ଥର ଜୋର୍‌ରେ ଘୁରିଯାଏ । କୋଉ ପୁରୁଣା ଭୁଲିଯାଇଥିବା ଗୀତ ଝରଣା ପରି ବହିଯାଏ ତା' କଣ୍ଠରୁ ।

ଥରେ ଏଇଭଳି ଥିଲା-

ସେ ଗୀତଟିଏ ଗାଉଥିଲା ଯାହାର ଅର୍ଥ

'ମୋ ପାଦରେ ମରୁ କଣ୍ଟା କାହିଁକି ବାରମ୍ବାର ଫୋଡି ହୋଇଯାଏ

ମୋଠାରୁ ବି ଛୋଟ ଛୋଟ ମୋ ସଖୀମାନେ ବଜାର ସଉଦା କରିସାରି ନିଜ ଘରକୁ ଫେରି ଆସି ପାରନ୍ତି ।

ମୁଁ ହିଁ କାହିଁକି ବାରମ୍ବାର ରାସ୍ତା ଭୁଲିଯାଏ ।

ମୋଠାରୁ ଛୋଟ ଛୋଟ ସାଂଗମାନେ କେବେଠାରୁ ଶ୍ୱଶୁର ଘର ଯାଇ ସାରିଲେଣି ।

'ମୋର ଯିବାର ଦିନ କାହିଁକି ବାରମ୍ବାର ଘୁଞ୍ଚି ଯାଉଛି ।'

ସେ ଘୁରି ଘୁରି ତାଳ ଦେଇ ନାଚୁଥାଏ । ତା'ର କାନଫୁଲରୁ ଝୁଲୁଥିବା ରୂପାର ମଇଳା ଚେନ୍ ବାଜରାର କେଣ୍ଡା ପରି ଦୋହଲୁଥାଏ । କେଉଁଟୁଣୀମାନେ ଓଠ କୋଣକୁ ଲୁଗା କାନିରେ ଦବେଇ ପୁରା ପୁରୁଣାକାଳିଆ ଢଂଗରେ ଲାଜ କରନ୍ତି ଆଉ କାମ ତଦାରଖ କରିବାକୁ ଆସିଥିବା ବଡମା ଧମକ ଦେଇ ଚାଲିଯାଆନ୍ତି ।

'ମୁହଁ ଖୋର ! ତତେ ଧାନକୁଟିବାକୁ ବସେଇଥିଲି ନା, ଯା ନହେଲେ ଯାଇ ପୁରୁଷମାନଙ୍କ ସାମ୍ନାରେ ମଜ୍‌ଲିସ୍ ଲଗା । ଏଠି କ'ଣ ରୂପ ଦେଖଉଛୁ ?'

ସେ ଜୋର୍‌ରେ ହସେ 'ମୋର ମଜ୍‌ଲିସ୍ ତ ଧାନ ଗଦା ମଝିରେ ହିଁ ଲାଗେ ବୋହୂରାଣୀ । ହେଇ ଦେଖ ତିନି ଗଦା ଧାନ କୁଟି ଦେଲିଣି । ବାକି ଏଇ ସମୟରେ ... ବଡ଼ ମା'ଙ୍କର ମନା କରିବା ସତ୍ତ୍ୱେ ଝଅଟ କରି ମତେ କୋଳରେ ଝୁଲେଇ...ଜୋର୍‌ରେ ଚାଲିଯାଏ ।

ପୁରା ଅଲଗା ଥିଲା ସେ, ନିଜ ସମବୟସୀ କାମ ଚୋରଣୀ କେଉଟୁଣୀମାନଙ୍କଠାରୁ । ସେମାନଙ୍କ ପରି ଗିନା ଗିନା ତେଲରେ ଚିପ୍ ଚିପ୍ କରି ମୁଣ୍ଡ କୁଣ୍ଡାଏନି କି କପାଳ ମଝିରେ ସିଦ୍ଧା କରି ନାରଙ୍ଗୀ ସିନ୍ଦୂରର ପତଳା ଲାଇନ୍ ଲଗାଏନି । ଆଉ କଥାକଥାରେ ଲାଜ କରେନି କି ଅଳସେଇ ହୁଏନି ।

ମୁଁ ତାକୁ କେବେ କୋଉ ସାଧାରଣ ସ୍ତ୍ରୀ ଲୋକଙ୍କ ପରି ଫୁସ୍ ଫୁସ୍ କରି କଥା କହିବା ଦେଖିନି । ଧାନ କୁଟୁଥିବା ବେଳେ ବି ସେ ସେଇ ଧୂନ୍‌ରେ କିଛି ଗୀତ ଗାଉଥିବ ଆଉ ବାକୀ ସମୟରେ ମତେ ଚୁଟ୍‌କି ବଜେଇ ଗେଲ କରିବ ନହେଲେ ମତେ ଗୋଲ ଗୋଲ ବୁଲେଇ ଖିଲ୍ ଖିଲ ହସି ଦେଉଥିବ । କେହି ପଚାରିଲେ କିନ୍ତୁ ଖୁସୀମନରେ ସଂକ୍ଷିପ୍ତ ଉତ୍ତର ଦେବ । ପୁଣି ନିଜ ଗୀତରେ ଧୂନ୍‌କୁ ଫେରି ଆସୁଥିବ । ସବୁ ପିଲାମାନଙ୍କ ଭିତରୁ ସେ ମତେ ପସନ୍ଦ କରିଥିଲା ଆଉ ସବୁ କେଉଟୁଣୀମାନଙ୍କ ଭିତରୁ ମୁଁ ତାକୁ ପସନ୍ଦ କରିଥିଲି ।

ଗୋବର ଘଷି, ପଶୁଙ୍କ ପାଇଁ ପାଣିରେ ମିଶେଇଥିବା ଦାନା, ଆଉ ନାନା ପ୍ରକାର ଶସ୍ୟମାନଙ୍କର ମିଶାମିଶି ଗନ୍ଧ ପବନ ତା'ର ଗାଉଁଲି ଦେହରୁ ଆସୁଥିଲା ଏବଂ ତା'ର ଉଡୁଥିବା ରକ୍ଷ ଅଡୁଆ ତଡୁଆ କେଶ ଆଉ ହାତରେ ପିନ୍ଧିଥିବା ଗୋଟିଆ କଙ୍କଣ ସବୁ ମିଶି ମତେ ତା' ପ୍ରତି ଭଲ ପାଇବା ଆଉ ଚିଡିବା ଦୁଇଟା ଯାକ ଏକା ସାଂଗେ ଆସେ । ବଡମା ପ୍ରାୟ ତା'କୁ ପିଲାଙ୍କ ସାଂଗରେ ନ ଲାଗିବା ପାଇଁ କହି ବ୍ୟସ୍ତ ହୋଇ ରହିଯାନ୍ତି କିନ୍ତୁ ସେତେବେଳକୁ ସେ ଝମ୍‌ଝମ୍ କରି ମତେ ଉଠେଇନିଏ ଆଉ ଥରେ ଘୁରିଯାଇ ବାହାରକୁ ଚାଲିଯାଏ ।

ବାହାରେ ନିମ୍ବ, ଜାମୁକୋଳିର ଶିରଶିର୍ ପବନ ଖାଇ ସୂର୍ଯ୍ୟ କେମିତି ଆରାମରେ ଘଷି ପରାଯାଇଥିବା କାନ୍ଥ ପଛରେ ଲୁଚି ଯାଆନ୍ତି । ଗନ୍ଧିଆ, ମଇଳା ଜାମା ପିନ୍ଧିଥିବା ଆଉ ତେଲ ଲାଗି ନଥିବା ନୁଖୁରା ବାଳରେ ତା'ର ଦୁଇ ଝିଅ, ନିଜର କିମ୍ବା ଆଉ କାହାର ଗାଈ, ମଇଁଷି ଚରେଇ ଫେରୁଥାଆନ୍ତି । ମା'କୁ ଦେଖିବା ମାତ୍ରେ ସେମାନେ ପାଟିକରି, ଗେଲ ହବା ପାଇଁ ଦଉଡି ଆସନ୍ତି ।

ପାଖକୁ ଆସିବା ପରେ ତାଙ୍କର ଫଟା ଜାମାର ପକେଟ୍‌ରେ ଠୁସା ହୋଇଥିବା ଜଂଗଲୀ କୋଳି, ମଳୋୟ କୋଳି ଆଉ କଞ୍ଚା ପିଜୁଳି ଆଣି ମା'କୁ ଦେଖାନ୍ତି ଆଉ କୁହନ୍ତି ଯେ ଗୋରୁମାନଙ୍କୁ ଶୋଷ ଲାଗୁଛି ।

ଥରେ ସନ୍ଧ୍ୟା ହେବା ପରେ ସେ ମତେ ତା' କୋଳରେ ଧରି, ଦୁଇ ଝିଅଙ୍କ ସାଙ୍ଗରେ ତା'ର ତାଟି ଘରକୁ ନେଇଗଲା ।

ଫଟା ବାଉଁଶକୁ ପିଟାପିଟି କରି ଯୋଉ କବାଟ ବନେଇଥିଲା, ସେଥିରେ କୋଉଠୁ ଲୁହାର ଜଙ୍ଗ୍ ଲାଗିଥିବା ଶିକୁଳି ଆଣି ଅଟକେଇ ଥିଲା । ଆଉ ସେଇ ଶିକୁଳିରେ ଗୋଟିଏ ତାଲା ଲାଗିଥିଲା । ମତେ ପିଠିରେ

ଲାଉ କରି ସେ ତାଲା ଖୋଲିଲା। ସାରା ଜାଗା ଗୋବର, ପଶୁ ଆଉ ପାଣି ମିଶା ଖାଦ୍ୟର ତୀବ୍ର ଗନ୍ଧରେ ଫାଟି ଯାଇଥିଲା। ଗୋଟିଏ ପଟେ ମଇଁଷି ଆଉ ତା'ର ଛୁଆ ବାଛୁରୀକୁ ବାନ୍ଧିବାର ଜାଗା। ଅନ୍ୟପଟେ ଗୋଟିଏ ଭଙ୍ଗା ବାଉଁଶର ଖଟ ଆଉ ଚେପା ହୋଇଥିବା କେତେଟା ବାସନ। ଚଟାଣ ସାରା ଗୋବର ଆଉ ଅସନା ପାଣି ଜମି ରହିଥିଲା।

ତା'ର ଦୁଇ ଝିଅ ପିୟରିୟା ଆଉ ଝୁମରିୟା ନିଜ ତାଟି ଘରକୁ ଫେରି ଏତେ ଖୁସୀ ହୋଇଗଲେ ଯେମିତି ରାଜମହଲରେ ପହଞ୍ଚି ଯାଇଛନ୍ତି। ଆଉ ବହୁତ ଖୁସୀ ହେଲେ ମତେ ବି ତାଙ୍କ ତାଟି ଘରକୁ ଆସିବାର ଦେଖି। ବେଶୀ ଲଢେଇ ଝଗଡ଼ା ଆଉ ବେଶୀ ଗେଲ ବି କରୁଥିଲେ।

ସେ ଝିଅମାନଙ୍କୁ ଗେଲରେ ପାଟିକଲା ଆଉ କାନିର ଗଣ୍ଠିରେ ଥିବା କିଛି ପଇସା ସେମାନଙ୍କ ହାତରେ ଦେଇ, ଦଉଡ଼ି ଯାଇ ମୋ ପାଇଁ ବିସ୍କୁଟ ଆଣିବାକୁ କହିଲା।

ପୁଣି ଶୀଘ୍ର ଶୀଘ୍ର ନିଜ ମଇଁଷିକୁ ପାଣି ମିଶେଇ ଦାନା ଦବାରେ ଲାଗିଲା। ଝିଅମାନେ ଦଉଡ଼ିଯାଇ କିଛି ମିନିଟ୍ ଭିତରେ ବିସ୍କୁଟ ନେଇ ଆସିଲେ। ସେ ବଡ଼ ସ୍ନେହରେ ଗୋଟିଏ ବିସ୍କୁଟ ମତେ ଆଉ ଗୋଟିଏ ବିସ୍କୁଟକୁ ଅଧା ଅଧା ଭାଙ୍ଗି ସେଇ ଦୁଇଜଣଙ୍କୁ ଦେଲା। ତା'କୁ ସେମାନେ ସାଙ୍ଗେ ସାଙ୍ଗେ ଖାଇଦେଲେ ଆଉ ଜଲ୍‌ଦି ତାଙ୍କ ପଟେକ୍‌ରୁ କୋଳି, ପିଜୁଳି ବାହାର କରି ତା'କୁ ଭାଗ କଲେ। ତାଙ୍କ ପାଖରେ ପଡ଼ିଥିବା ପଥର ଉଠେଇ ସେମାନେ କଞ୍ଚା ପିଜୁଳିକୁ ଭାଙ୍ଗିଲେ ଆଉ ମା'କୁ ଦୁଇଟାକୋଳି, ମଳୋୟ କୋଳି ଆଉ ପିଜୁଳି ଖଣ୍ଡେ ଦେଲେ।

ଅନ୍ଧାର ହେଇ ଆସୁଥିଲା, ଏମିତିରେ ବି ତାଟି ଘର ବାହାରଠାରୁ ବେଶୀ ଅନ୍ଧାର ଥିଲା। ସେ ଥାକରୁ ଡିବି ବାହାର କରି ଜଳେଇଲା ଆଉ ଝିଅମାନଙ୍କୁ ମଇଳା ଚିକିଟା କପଡ଼ାରେ ଗୁଡ଼େଇ ରଖିଥିବା ରୁଟି ବାହାର କରି ଖାଇବାକୁ ଦେଲା।

ଡିବିରି ଧୀମା ଧୀମା ଆଲୁଅରେ ମୁଁ ବିସ୍କୁଟ ଆଉ ସେମାନେ ରୁଟି କାମୁଡ଼ି କାମୁଡ଼ି ଖାଇଲେ। ଅନାୟାସ ମୁଁ ଜାଣିବାକୁ ଚାହିଁଲି ସୁମିନ୍ତରା, ତୁ ତାଟି ଘରେ କାହିଁକି ରହୁଛୁ ? ତାଟି ଘରେ ତ ଆମ ପଶୁମାନେ ରହନ୍ତି।

ସେ ଗଛ ହୋଇ ହସି ଉଠି କହିଲା, 'ଝିଅ, ଆମର ପଶୁମାନେ କୋଉଠି ରହିବେ, ଆମେ ବି ସେଠି ରହିବୁ ନା ? ମୁଁ ବୟସ୍କଙ୍କ ପରି ମୁଣ୍ଡ ହଲେଇଲି ସେତେବେଳେ ଝୁମରିୟା ଥାକରୁ ତା'ର କାଚବାଟି ଗୋଟି ଆଣିବାକୁ ଡିଆଁ ମାରିଲା। ହଠାତ୍ ଗୋଟିଏ ଚକମକିଆ ବ୍ୟାଗ୍ ଆଉ ହଳଦିଆ କଳା ଲାଇନ ଥିବା ଗୋଟିଏ ଜ୍ୟାକେଟ ଆସି ତଳେ ପଡ଼ିଲା।

ଏତେ ଛୋଟ ବୟସରେ ବି ମୁଁ ଏତିକି ଜାଣି ପାରିଥିଲି, ଯେ ସେଇ ପୋଷାକଟି ଗୋଟିଏ ପୁରୁଷର। ଏଇଟା କାହାର ?

'ଢୋଢ଼'ର ଦୁଇଝିଅ ଚଟପଟ ଉତ୍ତର ଦେଲେ। ସେ ଚମକି ଯାଇ ଉଠି ପଡ଼ିଲା, ଜ୍ୟାକେଟ୍‌ରେ ଜମିଥିବା ଧୂଳି, ଭୂଷା ଆଦି ଝଡ଼ିଲା ଆଉ ଜ୍ୟାକେଟଟିକୁ ଭାଙ୍ଗ କରି ଥାକରେ ରଖିଦେଲା। ମଣିଷର ନାଁଟା ବେଢ଼ଙ୍ଗିଆ ପଥରଟେ ପରି ମୋର ପିଲା ମନରେ ଏପଟସେପଟ ହେଲା। ସେଇ ଶବ୍ଦର ଉଚ୍ଚାରଣ ଇଆଡ଼େ ସିଆଡ଼େ ପଡ଼ିଥିବା ଭଙ୍ଗା, ଅଧାଭଙ୍ଗା ଖେଳନା ପରି ମତେ ଲାଗିଲା।

ସୁମିନ୍ତରା ଅଗଣାରେ ପଡ଼ିଥିବା କୋବି ପତ୍ର ଆଉ ଚଣା, ମଟରର ଶାଗ ଡାଲାରେ ସଜାଡ଼ି ରଖୁଥିଲା ତା' ଗୋରୁକୁ ଖାଇବାକୁ ଦେବା ପାଇଁ। ବଡ଼ମା ମଝିରେ ମଝିରେ ଗୋଡ଼ି ଖେଳ ଖେଳିବା ବେଳେ ନିଜର ଗୋଡ଼ି ଫିଙ୍ଗି କୁହନ୍ତି –

'କ'ଣରେ ... ଢୋଢେଲାଲର କିଛି ଖବର ନାହିଁ ?'

'ନାଇଁ, କିଛି ଖବର ନାହିଁ।'

'କେମିତି ? ଚିଠି ଆସିଥିଲା ?'

'ନା, ମାରଓ୍ୱାଡ଼ି ସାହିରୁ କିଏ ଆସିଥିଲା, ତା' ହାତରେ ଖବର ପଠେଇଥିଲି।

(ଚିଠି ଆସିବ ତ ଆଣି ପଢ଼ିବାକୁ ପଡ଼ିବ, ସେଥିପାଇଁ ଉଭୟ ପକ୍ଷ ସତର୍କ !)

'ତାହେଲେ କ'ଣ ଖବର ପଠେଇଚି ? ଆସୁଛି କି ସିଏ ?

'ଜ୍ୟେଷ୍ଠ ଆରମ୍ଭରେ ନ ହେଲେ ଆଷାଢ଼ ଶେଷରେ।' ପ୍ରଶ୍ନରୁ ରକ୍ଷା ପାଇବା ପାଇଁ ସେ ପତ୍ର ସବୁ ଶୀଘ୍ର ଶୀଘ୍ର ଏକାଠି କରି ଚାଲିଯିବାର ଉପକ୍ରମ କଲା ...

'ଆରେ, ସେ ଖାଲି ଖବର ଦେଲା ...କିଛି ଖର୍ଚ୍ଚ ପାଇଁ ପଇସା ପତ୍ର ପଠେଇଲା ?'

'ଆଜିକାଲି ତ କାହାକୁ ବି ଭରସା ନାହିଁ ବୋହୂ ମା।' କହି ... କହି ସେ ସିଡ଼ି ଚଢ଼ି ଚାଲିଗଲା। ଯେମିତି ତାକୁ ବଡ଼ମାଙ୍କର ମୁରକି ହସକୁ ସାମ୍ନା କରିବାକୁ ପଡ଼ିବନି, କିମ୍ବା ଆଉ କୋଉ ସାକ୍ଷୀକୁ ଜଣେଇବାକୁ ପଡ଼ିବନି।

ବଡ଼ମା ନାଚାର ହୋଇ ଏକୁଟିଆ ମୁରୁକି ହସି ଦିଅନ୍ତି।

'ବିଚାରୀ ଢୋଢେଲାଲର କୁକର୍ମକୁ ଘୋଡେଇ ରଖୁଛି।'

'ବିଚାରୀ ? କେମିତି ? ବଚାରୀ କାହିଁକି ? ପୁରାପୁରି ସିଧା ଚାହାଣୀ ତା'ର। କେବେ ନଇଁଯିବାର ଦେଖାଯାଏନି।'

ପିୟରିୟା, ଝୁମରିୟା ବି ତାଙ୍କର ଚିରା, ଫଟା ସେମିଜରେ ଆମ ବାଡ଼ିରୁ ଛିଣ୍ଡେଇ ତୋଳିଥିବା ଜାମୁକୋଳି ମୁହଁରେ ଠୁସି ମନ ଭରି ଦୁଷ୍ଟାମି କରନ୍ତି, ଏପଟ ସେପଟ ଚାଲି ଖିଲି ଖିଲି ହସନ୍ତି। ଝିଅମାନଙ୍କ ସାଙ୍ଗରେ ସେ ଯେବେ ନିଜର ମଇଁଷି ଆଉ ବାଛୁରୀମାନଙ୍କୁ ଗେଲ କରେ ତା'ର ଗୋବର ଲାଗିଥିବା ମୁହଁରେ ବି ଏକ ଅକୁହା ଚମକ ଫୁଟି ଉଠେ।

ସେ ହସେ, ତାଳ ଓ ଲୟରେ ନାଚେ କିନ୍ତୁ କାହା ସାଙ୍ଗରେ ଗାଳି ଗୁଲଜ କରିବା କିମ୍ବା ଅଭଦ୍ରାମି କରିବା ଦେଖାଯାଏନି। ପ୍ରାୟ ସବୁ ଚାକର, ବାକର, କେଉଟୁଣୀମାନେ ବଡ଼ବାବାଙ୍କର ଶିକାରକୁ ଯିବା ବିଷୟରେ ଏକାନ୍ତରେ ଥଟ୍ଟା, ମଜା, କରି ହସନ୍ତି, ମିଶ୍ରଘର ସ୍ତ୍ରୀ ଯେବେ ନୂଆ ନୂଆ କାମକୁ ଆସିଥିଲେ ସେ ବି ଥରେ କହିଥିଲେ – 'ବୋହୂ ମା ଆପଣ ବି ଶିକାରରେ ଯାଆନ୍ତୁ ନା, ସାହେବଙ୍କ ସାଙ୍ଗରେ, ବଡ଼ମା କିନ୍ତୁ ଚାଲି ଯାଉ ଯାଉ ମୁହଁ ଫୁଲେଇଥିଲେ'ନାଇଁ ସେ, ମତେ ତ ମଂଚାର ନାଁ ଶୁଣିଲେ ଡରଲାଗେ, ନହେଲେ ତ ସାହେବ ତ କେତେଥର ଡାକିଲେଣି; ରାଗୁଥିଲେ ... କିନ୍ତୁ ...' ଯଦିଓ ସମସ୍ତେ ବଡମା'ଙ୍କର ନ ଯିବାର କାରଣ ଜାଣିଥିଲେ ଯେ ସାହେବ ଗୋଟିଏ ଶିକାରରେ ଅନେକ ଲକ୍ଷ୍ୟ ଭେଦ କରନ୍ତି। ପୁରା ପିକ୍‌ନିକ୍ ପାର୍ଟି, ରାତି ସାରା ଉଜାଗର ରହି ଘରକୁ ଫେରନ୍ତି।

ସମୟ ଅସମୟରେ ବଡମାଙ୍କର ଚେହେରାରେ ଯେମିତି ଛୋଟ, ବଡ଼ ତୋଫାନ ଉଠେ, ମୁହଁ ପାଉଁଶିଆ ଦିଶେ, ତଥାପି କାନଫୁଲର ଝୁଲୁଥିବା ଶିକୁଳି ସତରେ ସଜା ହୋଇଥିବା ତାଙ୍କ ଚେହେରା କେବେ ବି ଝାଉଁଳି ପଡ଼ି ନଥାଏ। ଜୀବନ ପୁରା ଉଲ୍ଲାସର ସହ ସଜା ହୋଇଥାଏ।

ମତେ ତ ଫିଟନ୍‌ରୁ ଓହ୍ଲାଇଥିବା ଶିକାରୀମାନଙ୍କ ସହ ହାତ ହଲଉ ଥିବା ବଡ଼ ବାପା ବି କେବେ କେବେ ବଡ଼ ବିଚରା ଲାଗନ୍ତି। କିନ୍ତୁ ସୁମିନ୍ତରା କେବେ ବି ବିଚାରୀ ଲାଗେନି।

ସେତେବେଳେ ବି ବିଚାରୀ ଲାଗେନି, ଯେତେବେଳେ କିଏ ପୁରା ଛୁଞ୍ଚ ଭଳି ସିଧାକଥା ଫୋଡ଼ିଦିଏ ତାକୁ ପୁରା ନିର୍ଦ୍ଦୟତାର ସହ।

'କ'ଣରେ ! ଧୂର୍ତ୍ତ ଢୋଢେ ସେଠି କୋଉଠି କାହାକୁ ରଖିନି ତ ?'

'ଆଖି ଆଡୁଆଳର ମାନେ ଦୁନିଆ ଆଡୁଆଳ' ଉତ୍ତର ଦେଇ ସେ ସେଇଠି ସେଇ ବିଷୟକୁ ସାରିଦିଏ ଏବଂ ଟୋକେଇ ଧରି ଶୀଘ୍ର ବାହାରିଯାଏ।

'ତଥାପି, ପୁରୁଷକୁ ନିଜ ଦାୟିତ୍ୱ ତ ବୁଝିବା କଥା ନା – ବଦ୍‌ମାସ ଏଠିକି କେବେ ଆସେ ସିଏ ?'

'ଆସିବ ତ ଦେଖିବ – ସେମିଜ୍‌ରେ ଲୁଚେଇ ତ ରଖିବିନି।'

ହଁ, ଏମିତି କଥାବର୍ତ୍ତା ଚାଲୁଥିବା ବେଳେ କିଛି ସମୟ ପାଇଁ ଚନ୍ଦ୍ର ଆଉ ସୂର୍ଯ୍ୟ ପାଳି କରି ତା' ଚେହେରାରେ ଉଦୟ ଓ ଅସ୍ତ ହୁଅନ୍ତି। ପୁଣି ସେଇ ତାଟିଘର, ଗୋବର ଆଉ ଗୋରୁ।'

ହଠାତ୍ ଖବର ବ୍ୟାପୀ ସରଗରମ ହେଲା ଯେ ଡୋଢେଲାଲ ଆସିଛି, କିନ୍ତୁ ତା' ଘରକୁ ନୁହେଁ, ବରଂ କୋଶେ ଦୂରରେ ଥିବା ଲାଇନ୍ ବଜାରରେ ସେ ରହିଛି। ସକଳଦୀପ ଢାବାରେ। ନାନା ଗୁଜବ ଉଡ଼ିବାରେ ଲାଗିଲା। ଏକା ଆସିନି, ବଜ୍‌ବଜ୍‌ରେ ରହୁଥିବା ବଙ୍ଗାଳୁଣୀକୁ ସାଙ୍ଗରେ ନେଇ ଆସିଛି। ରାମ୍ ଆସ୍‌ରେ ଆଉ ଖିଲାବନ୍, ଲାଇନ୍ ବଜାର ଯାଇଥିଲେ - ପଟା ପାଇଜାମା କିଣିବା ପାଇଁ, ସେମାନେ ନିଜ ଆଖିରେ ସବୁ ଦେଖି ଆସିଲେ।

ସେ କିନ୍ତୁ ଲୁଚିଲାନି। ବଡ ଉତ୍ସାହର ସହ ଦେଖାକଲା, ଢାବାର ଖଟରେ ବସେଇ ରୁଟି, ମାଂସ ଖୁଏଇଲା - ତା'ପରେ କେଜାଣି କାହିଁକି ହାତ ଯୋଡ଼ି ନେହୁରା ହୋଇ ଅନୁତାପ କଲା, ନିଜର ବିତିଥିବା କଥା ଶୁଣେଇ ଶୁଣେଇ।

ଏବେ ତ ଯିଏ ବି ସେଠିକି ଯାଉଛି, ଲାଇନ୍ ବଜାରର ସକଳଦୀପ ଢାବାକୁ ନିଶ୍ଚୟ ଯାଉଛି। ଡୋଢେ ପାଇଁ ଢ଼ାବାର ବିକ୍ରୀ ବି ବଢ଼ିଯାଇଛି। ମାହାଲିଆରେ ଢାବାରୁ କିଛି ନିଏନି। ନିଜ ପଇସା ଖର୍ଚ୍ଚ କରି ସମସ୍ତଙ୍କୁ ଖୁଆଇଛି। ବଜ୍‌ବଜ୍‌ରୁ ଆସିଥିବା ସ୍ତ୍ରୀଲୋକ ନିଜ ସମ୍ମାନ ରକ୍ଷା କରି ଭିତରେ ଥାଏ। ଡୋଢେଲାଲ୍‌ର କେବେ ହେଲେ ଏତେ ଭଦ୍ରାମି ଆଉ ବଡ଼ ମନ ନଥିଲା। ଖେଲାବନ୍ ପଚାରିବାରୁ ସେ ତା' କାନ୍ଧରେ ହାତ ରଖି ସତ କଥା କହି ପକେଇଲା। ଆଉ କହିଲା ଯେ' ଅଧରାତିରେ ଜୋର୍ କନ୍ଦାକଟା କରି ସେ ଘରକୁ ପଶି ଆସିଲା। ସ୍ତ୍ରୀ ଜାତି ଜାଣି ମୁଁ ଦୟା କଲି, ଆଶ୍ରା ଦେଲି, ସକାଳ ହେଲା ମାତ୍ରେ ଲାଠି, ଭାଲା ଧରି ତା' ବନ୍ଧୁବାନ୍ଧବ ତାକୁ ମାରିବା ଉଦ୍ଦେଶ୍ୟରେ ପହଞ୍ଚିଗଲେ। ଏବେ କହ, ନିଜର ସମ୍ମାନ, ମର୍ଯ୍ୟାଦା ଦେଖିବି ନା ସ୍ତ୍ରୀଲୋକର କନ୍ଦାକଟା ଦେଖିବି, ମୁଁ ଫସିଗଲି ବୋଲି ଜାଣ। ଏବେ ଛାଡ଼ିବି କେମିତି ? ନିଜର ଆସ୍ଥା ଆଉ ବେକରେ ପିନ୍ଧିଥିବା ମାଳାର ମାନ ବି ତ ରଖିବାକୁ ପଡ଼ିବ। ଗୋସାଇଁ କହିଛନ୍ତି - ପ୍ରାଣ ଜାଇ ପର ବଚନ ନ ଜାଇ - ଏବେ ଆପଣ ସବୁ ପଞ୍ଚାୟତ ବସି ନ୍ୟାୟ କରିବେ ତ ଧର୍ମ ଆଉ ମର୍ଯ୍ୟାଦା ସହ ଅଗ୍ନିକୁ ସାକ୍ଷୀ ରଖିବି। ତା' ନହେଲେ ସଂସାର ଜଂଜାଳ ଛାଡ଼ି କୋଉଠି ଯାଇ ଲଣ୍ଡା ହୋଇ ପଡ଼ିବି ଏବଂ ଜପାମାଳା ଧରିବି।

'ସୁମିନ୍ତରା'ର ନାଁ ନେବାରୁ ସେ ଶୂନ୍ୟକୁ ଚାହିଁ ହାତ ଯୋଡ଼ି, ଆଖିରେ ଗାମୁଛା ଲଗେଇ ଦେଲା 'ସେ ତ ସାକ୍ଷାତ ଦେବୀ ହିଁ ଦେବୀ - ବଡ଼ ମଣିଷ କ୍ଷମା କରିଦିଅନ୍ତି। ସେ କ୍ଷମା କରିବ ମତେ। ପିଯରିୟା, ଝୁମରିୟାକୁ ବି ସମ୍ଭାଳି ଦେବ, ଯେମିତି ଏତେ ବର୍ଷ ହେଲା କରି ଆସିଛି, ଆଗକୁ ବି କରିବ। ସେ ଯେବେ ଝିଅମାନଙ୍କର ବାହାଘର କରିବ ସେଥିରେ କିଛି ଅସୁବିଧା ହେଲେ ମୁଁ ହାଜର ହେବି।'

ବିଷମ ପରିସ୍ଥିତିରେ ସେଇ ତିନି ଜଣ ଅଛନ୍ତି, ସେମାନଙ୍କୁ କୋଉଠି ଫିଙ୍ଗି ପାରିବ ?'

ଧୀରେ ଧୀରେ କେଉଟ ବସ୍ତିରେ ସମସ୍ତେ ତା' ପାଖକୁ ଯାଇ ବୁଲି ଆସିଲେ। ସକଳଦୀପ ଢାବାର ମାଂସ ଆଉ ସେଠାରେ ଡୋଢେଲାଲର ଖାତିରର ଗୁଣ ଗାଇଲେ। ଢ଼ୋଢ଼େର ନାଁ ନେଲା ମାତ୍ରେ କେଉଟ ବସ୍ତିର ପୁରୁଷମାନେ ସମବେଦନା ଜଣାଇଲେ। ବିଚରା ଲୋକଟା ଫସିଗଲା। ଏବେ କ'ଣ ଅବା କରିବ ? ସ୍ତ୍ରୀଲୋକମାନେ ଯାଉଆସୁ ସୁମିନ୍ତରା କିଛି ନପଚାରିଲେ ବି ତାକୁ ଅଟକେଇ ଜବରଦସ୍ତି କଥା କହି ବୁଝେଇବାରେ ଲାଗିଲେ। 'ଶୁଣ ସୁମିନ୍ତରା ! ଏଇଟା ତ ସତ ଯେ ସେ ସମସ୍ତଙ୍କ ଆଗରେ ମାନିନେଉଛି ଲୁଚାଚୋରାରେ ସେ ସ୍ତ୍ରୀ ଲୋକକୁ ରଖି ଦେଇଥାନ୍ତା ତ ତୁ କ'ଣ କରିପାରିଥାନ୍ତୁ ? କହିଲୁ ?

ସେ ଆଉକ'ଣ କରିଥାନ୍ତା ? ସେଇ ଧାନକୁଟା, ବାସନମଜା ଆଉ ଗାଇ ଗୋରୁଙ୍କୁ ଦାନାପାଣି ଦେଇଥାନ୍ତା। ସେଇୟା କରି ଆସୁଛି। ଆଉ ଦେଖୁ ଦେଖୁ କେଉଟ ବସ୍ତିରେ ଶେଷ କୁଡ଼ିଆରେ ଶାଗୁଆ, ଗୋଲାପି ପତାକା ବନ୍ଧା ହେଲା, ତାଟିର ପଟି ସବୁ ବିଛା ହେଲା, ଭୋଜି ହେଲା, ବାହାଘର ହେଲା, ଆଉ ବଜ୍‌ବଜ୍‌ର ବଙ୍ଗାଳୁଣୀ ଜରି ଓଢ଼ଣୀ ଲଗେଇ ଡୋଢେଲାଲ ସାଙ୍ଗରେ ବାହା ହୋଇଗଲା। ଢୋଲ ବାଜିଲା, ତୂରୀ ଜୋର୍‌ରେ ବାଜିଲା। ସେତେବେଳେ ଝୁମରିୟା ଚିରା ଘାଗରା, ସେମିଜ ପିନ୍ଧି ନିମ ଗଛରେ ଚଢ଼ିଲା ଆଉ ବନ୍ଧୁବାନ୍ଧବଙ୍କର ଜମା ହେବା ଦେଖୁଥିଲା।

ମୁଁ ଆମ ଝରକାରୁ ଚାହିଁ ନିମଗଛରେ ବସିଥିବା ବଡଭଉଣୀକୁ ପଚାରିଲି 'କେଉଟ ବସ୍ତିରେ କ'ଣ ହଉଛି ?'

'ଡୋଢେର ବାହାଘର ହଉଛି ନା !'

ମୁଁ ପଚାରିଲି ଢ଼ୋଢ଼େ କିଏ ?'

ସେ ଧୀରେ କହିଲା 'ପିୟରିୟାର ମା'ର ବର'।

ଯାପରେ ଝିଅଟି କିଛି ଭାବିପାରିଲାନି। ମୁଁ ବି ଚୁପ୍ ରହିଲି।

ଭୋଜି ସରିଯାଇଥିଲା, ବଙ୍ଗାଳୁଣୀର ଝିଅ ବିନା ନୀତି କୋଉଠୁ କୋଉଠିକି ହବାର ନଥିଲା, ସେଥିପାଇଁ ଡୋଢେ ତା'କୁ ଟ୍ୟାକ୍‌ସିରେ ବସେଇ ଦେବୀ ଆସ୍ଥାନକୁ ନେଇ ଯାଉଥିଲା। କେଉଟୁଣୀମାନେ ବୋହୂକୁ ଟ୍ୟାକ୍‌ସିରେ ବସଉ ଥିଲେ - ଗାଡ଼ି ଷ୍ଟାର୍ଟ ହେବାର ଥିଲା - ସେତିକିବେଳେ ଝୁମରିୟା ନିମଗଛରୁ ତୀର ଗତିରେ ଶୀଘ୍ର ଓହ୍ଲେଇ ଆସିଲା ଆଉ ଜମିରୁ ବାଲି, ମାଟି, କାଦୁଅ, ଯାହାବି ତା' ହାତକୁ ଆସିଲା ଗୋଟେଇ ମୁଠା ଭର୍ତ୍ତି କରି ଷ୍ଟାର୍ଟ ହେଉଥିବା ଟ୍ୟାକ୍‌ସି ଉପରକୁ ଫୋପାଡ଼ି ଚିତ୍କାର କଲା - 'ଡୋଢେ ମରିଗଲା, ଏବେ ତା'ର ଲାସ୍ ଉଠିଲା।' ଲୋକମାନେ ଯେବେ ତାକୁ ଧରିବାକୁ ଦଉଡିଲେ ସେ ଅଣନିଶ୍ୱାସୀ ହୋଇ ଖୁବ୍ ଜୋର୍‌ରେ ଦଉଡ଼ିଲା ଏବଂ ତାଟିରେ କାନ୍ଥ ଡେଇଁ ଗାଏବ ହୋଇଗଲା।

ଝରକା ଆଉ ଦୁଆରବନ୍ଧରୁ ଦେଖୁଥିବା ମୁହଁ ସବୁ, ନିଜ ନିଜ ଅଗଣା ଓ ବାରଣ୍ଡାକୁ ଚାଲିଗଲେ - ଆଶ୍ଚର୍ଯ୍ୟ କଥା ! ଝୁମରିୟା ଡୋଢେର ଟ୍ୟାକ୍‌ସି ଉପରେ କାଦୁଆ ଫିଙ୍ଗି ପଳେଇଲା।

ସୁମିନ୍ତରା କେଉଟୁଣୀର ହାତରେ ପାହାର ଅଟକି ଗଲା। କାବା ହୋଇ, ପାଗଳପରି ସେ ତଳକୁ ଦଉଡ଼ିଲା। ଢୋଲ, ତୂରୀର ଶବ୍ଦ ଅଟକି ଯାଇଥିଲା। ଉତ୍ସବ ଶେଷ ହେବାକୁ ବସିଥିଲା।

କେବଳ କାଗଜର ପତାକା ସବୁ ଧୂଳି ଭରା ପବନରେ ଫର ଫର ହୋଇ ଉଡୁଥିଲେ।

ସେ ପାଗଳି ପରି, ଅଣନିଶ୍ୱାସୀ ହୋଇ ପିୟରିୟା, ଝୁମରିୟା ଡାକି ଡାକି ଘର ସେପାଖ ଢିପ ଜାଗା ସାରା, କ୍ଷେତର ଏଦିଗ ସେଦିଗ ଖୋଜି ଚାଲିଲା। କୋଉଠୁ ବି କିଛି ଶବ୍ଦ ନାହିଁ। ନିଶ୍ଚୟ ଲୋକମାନଙ୍କୁ ଡରି କେଜାଣି କୋଉ ସିଡି କିମ୍ବା ଗଳିରେ ଲୁଚି ବସିଥିବେ।

ସେତେବେଳେ କଣ୍ଟା କୋଳିଗଛର ଢିପରେ ଦୁଇଟା ମଇଳା ଛିଟ ବାଲା ସେମିଜ୍ ଦିଶିଲା, ସେ ବିକଟାଳ ଶବ୍ଦରେ ପାଟି କରି ଏକା ନିଃଶ୍ୱାସରେ ଦଉଡିଲା ... ପିୟରିୟା ... ଝୁମରିୟା... !

ତା'ର ଚିତ୍କାର ତଥାପି କାହାକୁ ଶୁଣାଯାଉ ନଥିଲା। ଦୁଇ ଭଉଣୀ ନିଜ ଖେଳରେ ବ୍ୟସ୍ତ ଥିଲେ, ପୁରା ମଗ୍ନ। ପାଖରେ ପହଞ୍ଚି ଦେଖିଲା ଦୁହେଁ ମୁଣ୍ଡକୁ ମୁଣ୍ଡ ଲଗେଇ ମାଟିର ଏକ ଲମ୍ବା ଢିପ ବନଉଛନ୍ତି। ନିଜ ଛୋଟ ଛୋଟ ହାତରେ ଖୁବ୍ ତନ୍ମୟତାର ସହ ମାଟି ଥାପୁଛନ୍ତି।

'ଶଇତାନ୍ ଦୁଇଜଣ !' ଧଇଁ ସଇଁ ହୋଇ ନିଃଶ୍ୱାସ ନେଇ ସେ କହିଲା - 'ଏଇଟା କ'ଣ ?'

'ଡୋଢେର କବର।'

ଦୁଇଜଣ ତାଳି ମାରି ହସି ଉଠିଲେ। ସ୍ତବ୍ଧ ରହି ସେ ଭୟଭୀତ ହେଲା - ପୁଣି ନଇଁପଡ଼ି ଦୁଇ ଝିଅକୁ ଛାତିରେ କୋଳେଇ ଧରିଲା।

ଗୋବର ଘଷି ପାରିଥିବା କାନ୍ଥ ପଛରେ ଯେବେ ସୂର୍ଯ୍ୟ ଅସ୍ତ ଯାଉଥିଲେ ସେବେ ସେଇ ତିନିଜଣ ତାଙ୍କ ଚିରାଫଟା ସେମିଜ ଆଉ ଅଳରା କେଶରେ ନିଜ ତାଟି ଘରକୁ ଫେରୁଥିଲେ।

ସୂର୍ଯ୍ୟଙ୍କର ଅବଶେଷ କିରଣର ଉଜ୍ଜ୍ୱଳତା ସେମାନଙ୍କ ମୁହଁକୁ ଉଦ୍‌ଭାସିତ କରୁଥିଲା।

# ଭୂତ ଦେଖିନଥିବା ଲୋକ

## ଜାନକୀ ବଲ୍ଲଭ ମହାପାତ୍ର

ଭୂତ ନାମକ ଜନ୍ତୁଟିଏ ଅଛି ବୋଲି ଦେଖିନଥିବା ଲୋକଟି ବିଶ୍ୱାସ କରିବାକୁ ଦୋଦୋ ପାଞ୍ଚ। ଯଦି ପାଠଶାଠ ପଢ଼ି ବିଜ୍ଞାନ ଉପରେ କିଛି ଜ୍ଞାନ ଆହରଣ କରିଥାଏ କେହି, ତେବେ ନିଜ ଗରିମାର ଦ୍ୱାହିଦେଇ କଥାଟିକୁ ସେ ଉଡ଼ାଇଦିଏ ବାଏଁବାଏଁ। ନିଜ ଆଖିରେ ଭୂତ ଦେଖିନଥିବା ଓ ଭୂତର ଅବସ୍ଥିତି ନେଇ ଘୋର ଅବିଶ୍ୱାସ କରୁଥିବା ଲୋକଙ୍କର ସଂଖ୍ୟା ଆଜିକାଲି ଯଥେଷ୍ଟ ଅଧିକ। ଏହିପରି ଅ-ଭୂତଦ୍ରଷ୍ଟା ଅଥବା ଭୂତ ଏକ ଅବିଦ୍ୟମାନ ଓ କଳ୍ପନା ପ୍ରସୂତ ରୂପକଳ୍ପ ବୋଲି ବିଶ୍ୱାସ କରୁଥିବା ଗୋଷ୍ଠୀ ଭିତରେ ଗଣାଯାଉଥିଲା ଆମର ବନ୍ଧୁ ଶକ୍ତିଶେଖର।

ସେହିପରି ବାରମ୍ବାର ଭୂତମାନଙ୍କ ହାବୁଡରେ ପଡିଥିବା, ସେମାନଙ୍କ ପ୍ରକାରଭେଦ ଦେଖି କେବେ ସାହସର ସହ ମୁକାବିଲା କରିଥିବା ତ କେତେବେଳେ ପଡ଼ିଉଠି ପଳାୟନ କରିଥିବା ମଣିଷ ଭାବରେ ଗଣାଯାଉଥିଲା ବନ୍ଧୁ ପ୍ରଶାନ୍ତ ମିଶ୍ର । ଏ ଗୋଷ୍ଠୀର ସଂଖ୍ୟା ଧୀରେଧୀରେ ଅବକ୍ଷୟାଭିମୁଖୀ ବୋଲି ଅ – ଭୂତଦ୍ରଷ୍ଟା ଗୋଷ୍ଠୀର ମତ।

ସ୍କୁଲରେ ପଢୁଥିବା ବେଳୁ ଆମ ବନ୍ଧୁମେଳରେ ଦୁଇଟି ଗୋଷ୍ଠୀ ଆପାତତଃ ତିଆରି ହୋଇଯାଇଥିଲା – ଗୋଟିଏ ଭୂତ ସପକ୍ଷ ଅନ୍ୟଟି ଭୂତ ବିପକ୍ଷ। କିନ୍ତୁ ଆଚମ୍ବିତ କଥା ଏଇଆ ଥିଲା ଯେ ଆମର ଆଉ ଯେ କୌଣସି ବିଷୟରେ ଆଲୋଚନା ହେଉଥିବା ବେଳେ, ଏପରିକି ଦଳଗତ ଭାବରେ ଖେଳୁଥିବା ସମୟରେ ଆମ ଅଜାଣତରେ ଦୁଇଟି ଦଳ ସୃଷ୍ଟି ହୋଇ ଯାଉଥିଲା। ଗୋଟିଏ ଦଳର ନେତୃତ୍ୱ ନେଉଥିଲା ଶକ୍ତି ଅନ୍ୟଟିର ପ୍ରଶାନ୍ତ। ଏହା ଭୂତମାନଙ୍କର ପ୍ରତିପତ୍ତିର ପ୍ରଭାବ ହୋଇଥାଇପାରେ ବୋଲି ଆମେ କେତେଜଣ ଭାବୁଥିଲୁ ।

ଆମର ଏ ଦୁଇଗୋଷ୍ଠୀର ବନ୍ଧୁମାନଙ୍କର ଆଉ ଏକ ବିଲକ୍ଷଣ ପରିଲକ୍ଷିତ ହୋଇଥିଲା। ଯେଉଁମାନେ ଭୂତକୁ ଅବିଶ୍ୱାସ କରୁଥିଲେ ସେମାନେ ବିଜ୍ଞାନ ପଢିଲେ ଓ ଯେଉଁମାନେ ଭୂତକୁ ବିଶ୍ୱାସ କରୁ ଥିଲେ ସେମାନେ କଳା କିମ୍ବା ବାଣିଜ୍ୟ ପଢ଼ିଲେ। ଆମର ଆଠଜଣିଆ ଦଳଟି ମଝିରୁ ଠିଆ ଦୁଇଫାଳ ହୋଇଗଲା। କିନ୍ତୁ ଆମମାନଙ୍କ ବନ୍ଧୁତ୍ୱର ନିବିଡତାରେ ସାମାନ୍ୟତମ ଆଞ୍ଚୁଡାଦାଗ ନଥିଲା।

ସେଇ ଗୋଟିଏ ଅସହମତି ଆମକୁ ଗୋଟିଏ ସହମତର ସିଦ୍ଧାନ୍ତ ନେବାକୁ ପ୍ରେରିତ କଲା- ଆମେମାନେ ସ୍ଥିର କରିଥିଲୁ ଯେ ବର୍ଷକୁ ଥରେ, ଡିସେମ୍ବର ମାସର ଶେଷ ସପ୍ତାହରେ ପୁରୀ ସହରର କେଉଁ ଏକ ସ୍ଥାନରେ ଅନ୍ତତଃ ଗୋଟିଏ ଦିନ ପାଇଁ ଏକତ୍ରିତ ହେବୁ, ମୌଜ ମଜଲିସ କରିବୁ, ନିଜନିଜର ବ୍ୟକ୍ତିଗତ ଜୀବନର ସୁଖଦୁଃଖ ସହିତ ଭୂତମାନଙ୍କ ଉପରେ ଆଲୋଚନା କରିବୁ। କହିବା ବାହୁଲ୍ୟ ଏହି ଯେ ଏ ସମ୍ମିଳନୀରେ ବନ୍ଧୁପତ୍ନୀ ମାନଙ୍କର ପ୍ରବେଶ ନିଷିଦ୍ଧ ଥିଲା।

ଏଇ ସର୍ବସମ୍ମତ ସିଦ୍ଧାନ୍ତ ନେବା ପାଇଁ ଆମକୁ ଦୁଇଟି ଘଟଣା ପ୍ରେରିତ କରିଥିଲା। ଆମେ ଭୂତମାନଙ୍କ ସହ ଦୁଇଥର ମୁହାଁମୁହିଁ ହୋଇଥିଲୁ; ଯଦିଓ ଶକ୍ତିଶେଖର ସେପରି ଘଟଣାଗୁଡିକୁ ପ୍ରତ୍ୟକ୍ଷ ଭାବରେ ଦେଖି ମଧ୍ୟ ବିଶ୍ୱାସ କରିନଥିଲା। କହିଥିଲା ଏମିତି ଦେଖି ବିଶ୍ୱାସ କରିବାର ନାହିଁ। ଭୂତ ମୋସାଙ୍ଗରେ କଥାହେବ, ହାତ ମିଳେଇବ ଓ ମୋ ପ୍ରଶ୍ନର ଉତ୍ତର ବି ଦେବ, ତେବେଯାଇ ମୁଁ ଜାଣିବି ଭୂତର ଉପସ୍ଥିତି ଏ ପୃଥିବୀରେ।

ପ୍ରଥମ ଘଟଣା ହେଉଛି ୧୯୭୨ ମସିହାର। ରାତି ଆଠଟା। କଲେଜରେ ଚାଲିଥାଏ ବାର୍ଷିକ ଉତ୍ସବ। ଶୀତଦିନ ହେଲେ ବି ପୁରୀରେ ଥଣ୍ଡା କମ ରହେ। ଉତ୍ସବଠାରୁ ଦୂରରେ ଥାଇ ଆମେ ଭୂତ ବିଷୟରେ ଗପ କରୁଥାଉ। ଜଣେ ବନ୍ଧୁ, ଯିଏ ପୁରୀ ଗୌଡ଼ବାଡ଼ ସାହିର, କହିଲା -ସମୁଦ୍ରକୂଳରେ ଗୋଟେ ଘରେ ଭୂତ ରହୁଛି। ଦେଖିବାର ଅଛି ଯଦି ଚାଲ ସେଠିକି, ରାତିରେ ରହିବା ଭୋଜି କରିବା ସକାଳୁ ଆସିବା। ସେ ଭଙ୍ଗା ଘରେ କେହି ରହନ୍ତିନି କି ଯାଆନ୍ତିନି।

ଆମେମାନେ ତା'ପ୍ରସ୍ତାବରେ ରାଜି ହୋଇଗଲୁ। ଭୋଜିହେବ ସେଇ ରାତିରେ। ଏମିତି ହୁଏ ଆମମାନଙ୍କ ଅବାଧ ମନର ଅଦ୍‌ଭୁତ ଇଚ୍ଛା ସବୁର ନିଷ୍ପତ୍ତି।

କଲେଜ ଉତ୍ସବ ଚାଲିଥାଏ, ଆମେ ଚାରୋଟି ସାଇକେଲରେ ବାହାରିଲୁ ଆଠଜଣ, କଲେଜଠାରୁ ପାଞ୍ଚ କିଲୋମିଟର ଦୂର ସ୍ୱର୍ଗଦ୍ୱାର। ସେଇଠି ଯୋଗାଡ଼ ହେଲା ଡେକଚି, ଡଙ୍କି, ଚାଉଳ, ଡାଲି, ପରିବାପତ୍ର, ମସଲା, କଦଳୀପତ୍ର, ମହମବତୀ, କାଠ ଇତ୍ୟାଦି। ଉଧାରରେ ମିଳିଲା ଗୋଟିଏ ଲଣ୍ଠନ। ଆମ ଭୋଜିର ଷ୍ଟାଣ୍ଡାର୍ଡ ମେନୁଥାଏ ଘିଅଭାତ, ଡାଲମା, ଖଟା। ଦୋକାନରୁ କିଣା ହୋଇ ଆସେ ଛେନାକ୍ଷୀରୀ।

ସେଠୁ ତିନି କିଲୋମିଟର ଦୂର ସମୁଦ୍ର ବାଲିରେ ଥିଲା ଆଠଦଶଟି ଅବ୍ୟବହୃତ ବଡବଡ ପୁରୁଣା କୋଠା। ସେଠାକୁ ନା ଥିଲା ରାସ୍ତା ନା ବିଦ୍ୟୁତ୍ ସଂଯୋଗ। ସେଗୁଡିକ ପ୍ରାୟତଃ ବଙ୍ଗାଳୀ ଜମିଦାର ଓ ଛୋଟ ରାଜାମାନଙ୍କର ଅତୀତର ସମ୍ପତ୍ତି।

ଆମଭିତରୁ ଦୁଇଜଣ ଗଲେ ସୁଆରସାହି ଛକ, ଛେନାକ୍ଷୀରୀ ପାଇଁ ଆମେ ଛ'ଜଣ ବାଲିରେ ସାଇକେଲ ପେଲି ଚାଲିଲୁ ଭୂତକୋଠି। ସେତେବେଳେ ପୁରୀରେ ଶତାଧିକ ଭୂତକୋଠି।

ଦୂରରୁ ଅନ୍ଧାରରେ ଦୁଇମହଲା ଘରଟି ଦିଶୁଥାଏ ବରଗଛ ପରି। ଜହ୍ନଥିବା ରାତିରେ ନିଛାଟିଆ ସମୁଦ୍ରକୂଳରେ ଥଣ୍ଡା ରୁପେଲି ସୁଜିପରି ବାଲିଶଯ୍ୟାରେ ଶୋଇ ତାରାଖଚିତ ଆକାଶକୁ ଦେଖି ଦୁନିଆ ଭୁଲିଯିବାର ଅନନ୍ୟ ଅନୁଭବ ବି ହୋଇଛି ଅନେକବାର। ଆଜି କିନ୍ତୁ ଆକାଶରେ ଜହ୍ନ ନାହିଁ। ହଠାତ୍ ନେଇଥିବା ସିଦ୍ଧାନ୍ତରେ ଜହ୍ନ ଗୋଟେ କାରକ ନଥିଲା ଆମର; ବରଂ ଭୂତ ହିଁ ଥିଲା ଏକମାତ୍ର ଲକ୍ଷ୍ୟ।

ପ୍ରଥମ ପାହାଚରେ ଝୁଣ୍ଟିପଡ଼ିଲା ପ୍ରଶାନ୍ତ। ତା'ଶରୀର ଭାରରେ ତିନିଜଣ ପଡ଼ିଗଲେ ବାଲି ଉପରେ। କିଏ ଧକା ମାରିଲା ମତେ? ପଚାରିଲା ଆଉଜଣେ। ଶକ୍ତି ଆସୁଥାଏ ପଛରେ, କହିଲା ଏତିକିବେଳୁ ସବୁ ଡରି ଗଲଣି ନା କ'ଣ? ଘର ଭିତରକୁ ଯାଇ ଆଗ ଲଣ୍ଠନ ଲଗାଇବା, ବାହାରେ ପବନ ଯୋର୍।

ଆମମାନଙ୍କ ପାଟି ଶୁଣି ଘର ଭିତରେ ଥିବା ଦୁଇଟି କୁକୁର ବାହାରି ଆସି, ସେମାନେ ଅକ୍ତିଆର କରିଥିବା ଜାଗା ଆମକୁ ଛାଡିଦେଲେ ବିନା

ପ୍ରତିବାଦରେ। ଖାଇବାକୁ ମିଳିବାର ସମ୍ଭାବନା ଅଛି ବୋଲି ବୋଧହୁଏ ଜାଣିପାରି ଭୁକାଭୁକି କଲେନାହିଁ।

ପ୍ରଶାନ୍ତର ଅଭିଜ୍ଞତା ଅଛି ସେଠି ଭୋଜିଭାତ କରିବାରେ ତା' ନିର୍ଦ୍ଦେଶରେ ଆମେ ଯୋଗାଡ଼ଯନ୍ତ୍ର କରୁଥାଉ। ଅଳ୍ପ ଦୂରରେ ଥିବା ଗୋଟେ ମଠ କୂଅରୁ ଦୁଇବାଲ୍‌ଟି ପାଣି ଓ ଡାଳ ଆଣିଲୁ । ପ୍ରଶାନ୍ତର ଘରପାଖ। ଚିହ୍ନା ପରିଚୟ ଅଛି। ମଠର ଲୋକ କହିଲେ ସୁରକ୍ଷା ଦୃଷ୍ଟିରୁ ରାତି ବାରଟା ପୂର୍ବରୁ ସେ ଚାଲିଯାନ୍ତି। ଘଣ୍ଟା ଦେଖିଲୁ ଦଶଟା ବାଜିବ। ପ୍ରଶାନ୍ତର ଘରପାଖ। ଚିହ୍ନାପରିଚୟ କୋଠା ଅଛି।

ପାଣିନେଇ ଫେରିବାବେଳକୁ ଘରେ ବାଜୁଥାଏ ହିନ୍ଦୀ ସିନେମା ଗୀତ ଶକ୍ତି ପାଖରେ ସବୁବେଳେ ରହିଥାଏ ଦିଲ୍ଲୀମେଡ୍ ପକେଟ ରେଡ଼ିଓ। କ୍ଷୀରା ଧରି ଫେରିଆସିଛନ୍ତି ଦୁଇବନ୍ଧୁ। ଆଗରୁ ଭୋଜି ହେଉଥିବାରୁ ପୁରୁଣା ଇଟାଚୁଲି ଅଛି।

ଘରଭିତରେ ଗୋଟିଏ ଲଣ୍ଠନ। ପବନରେ ମହମବତୀ ଲିଭିଯାଉଥାଏ। ବାହାରେ ଅନ୍ଧାର। ଗହଳ ଚହଳ ଠାରୁ ଦୂରରେ ଥିବା ଏଇ ଘରେ ଶୁଭୁଛି ସମୁଦ୍ର ଢେଉର ବାରମ୍ବାର ମୁଣ୍ଡ ପିଟୁଥିବା ଶବ୍ଦ। ଭୌତିକ ପରିବେଶ!

କିଛି ଗୋଟାଏ ପଡିଯିବାର ଶବ୍ଦରେ ଆମେ ସମସ୍ୱରରେ ପଚାରିଲୁ କିଏ? ଶକ୍ତି ପାଟିକରି କହିଲା ମତେ କିଏ ଠେଲିଦେଲା। ଶକ୍ତି ସାଙ୍ଗରେ ଆଉ ଦୁଇବନ୍ଧୁ ଯାଇଥିଲେ ଛାତ ଉପରକୁ। ପାହାଚରେ ଓହ୍ଲାଇ ଆସୁଥିବାବେଳେ କିଏ ତାକୁ ଧକା ମାରିଲା ବୋଲି ସେ ଚିତ୍କାର କରୁଛି। ଅନ୍ୟ ଦୁଇଜଣ କିନ୍ତୁ କହୁଥାନ୍ତି ସେମାନେ ଶକ୍ତିକୁ ଠେଲି ନାହାଁନ୍ତି। ଏହାର ସମାଧାନ କେମିତି ହେବ? ରାୟ ଦେଲା ଶକ୍ତି- ତମେ କ'ଣ ଠେଲିଦେଇ ପ୍ରମାଣ କରିଦେବ ଯେ ଭୂତ ମତେ ଧକା ମାରିଛି? ଏଇଟା ଚିଟିଙ୍ଗ୍!

ରୋଷେଇ ସରିଲା। ସେତେବେଳକୁ ଆମ କଣ୍ଟସମୟ ପାର ହୋଇ ସାଢେ ବାରଟା ବାଜିଲାଣି। ପ୍ରଶାନ୍ତ ପ୍ରଥମେ ଗୋଟେ ପତ୍ରରେ ସବୁ ଖାଇବାରୁ ଟିକେଟିକେ ବାଢ଼ି ଶକ୍ତିକୁ କହିଲା ସାଙ୍ଗରେ କାହାକୁ ନେଇ ଘର ପଛପାଖରେ ରଖିଦେବାକୁ।

ସେତିକିବେଳେ ରେଡ଼ିଓ ହଠାତ୍ ବନ୍ଦ ହୋଇଗଲା; ବେଟେରୀ ସରିଗଲା ବୋଧେ। ନିସ୍ତବ୍ଧ ହୋଇଗଲା ସେ ଘରର କୋଳାହଳ। ପାଖ ରୁମ୍ ଝରକା ସେପାଖରୁ ଶୁଭିଲା କିଏ ଜଣେ କୁନ୍ଥେଇ ହବାର ଶବ୍ଦ। ପ୍ରଶାନ୍ତ କହିଲା ଯା- ପଛପାଖରେ ଖାଇବା ଅଛି। ସେ ଏମିତି କହିଲା, ଆମେ ଭାବିଲୁ ଭୂତମାନଙ୍କ ସାଙ୍ଗରେ ତା'ର ପରିଚୟ ଅଛି। ଶକ୍ତି ଫେରୁଥିଲା ସେଇ ଝରକା ପାଖଦେଇ। ପାଟିକରି କହିଲା ଲଣ୍ଠନ ଧରିକି ଆସତ କିଏ । ପ୍ରଶାନ୍ତ ମନା କରୁଥିଲେ ବି ଲଣ୍ଠନ ଧରି ଝରକା ପାଖକୁ ଗଲେ ତିନିଜଣ । ସମସ୍ତେ ଚିତ୍କାର କରି ଫେରିଆସିଲେ। କହିଲା ଜଣେ –ବଡ଼ବଡ଼ ନଖ ଥିବା ଦୁଇଟା କଳା ଲୋମଶ ହାତ ମାଗିବା ମୁଦ୍ରାରେ ଝରକା ଫାଙ୍କରେ...

ଚୁଲିରୁ ଅଧପୋଡ଼ା କାଠଫାଳିଆ ଖଣ୍ଡେ ଧରି ଶକ୍ତି ଦୌଡିଲା ପଛ କବାଟ ଦେଇ ବାହାରକୁ। ତା'ପଛେ ପଛେ ଆଉ ଦୁଇଜଣ। ବାରଣ୍ଡାରେ ଶୋଇଥିବା କୁକୁର ଦୁଇଟା କିଛିସମୟ ଧରି ସ୍ୱରକୁ ଲମ୍ବେଇ ଭୁକି ଚାଲିଥିଲେ। ଆମେ ଭାବୁଥିଲୁ ଖାଇବା ପାଇଁ ବୋଧେ ସେମାନଙ୍କର ଏପରି ଭୁକା। ପ୍ରଶାନ୍ତ କହିଲା ଭୂତର ଉପସ୍ଥିତିରେ ତାଙ୍କ ଭୁକିବାର ଢଙ୍ଗ ଓ ସ୍ୱର ଏହିପରି।

କିଛିସମୟ ପରେ ଶକ୍ତି ଓ ଅନ୍ୟ ଦୁଇଜଣ ଫେରି ଆସିଲେ। ଶକ୍ତି କହିଲା ବୋଧେ ମାଙ୍କଡଟେ, ଆମ ପାଟିଶୁଣି ଦଉଡି ପଳେଇଲା। କିନ୍ତୁ ସେଇଟା ସର୍ବସମ୍ମତ ନିଷ୍କର୍ଷ ନଥିଲା। ଅନ୍ୟମାନେ ନିଜନିଜର ମତ ଦେଉଥିଲେ। ମାଙ୍କଡବେଶରେ ବି ଭୂତ ଆସିଥିବାର ସମ୍ଭାବନାକୁ ତର୍ଜମା କରାଯାଉଥିଲା।

ଖାଇବା ଆରମ୍ଭ ହେଲା ଆପାତତଃ ଏକ ଶାନ୍ତ ପରିବେଶରେ। ସେଯାଏ ଚୁପ୍ ରହିଥିବା ପ୍ରଶାନ୍ତ କହିଲା- ଗୋଟିଏ ମାତ୍ର ମାଙ୍କଡ଼ ଏଠାରେ ଆସି ରହିବା ଅସମ୍ଭବ। ହାତ ଦୁଇଟା ତା'ର କଳାରଙ୍ଗର ମାନେ ହନୁମାଙ୍କଡ, କିନ୍ତୁ ପୁରୀରେ ରହନ୍ତି ପାତିମାଙ୍କଡ଼ ଯାହାଙ୍କ ପାପୁଲିର ରଙ୍ଗ ଗୋଲାପି ନାଲି। ବାହାରୁ ଆସୁଥିବା ଦଳବଦ୍ଧ ହନୁ ପୁଣି ଫେରଯାଆନ୍ତି ସେମିତି ଦଳହୋଇ। ପୁରୀର ସାଇମାନଙ୍କରେ ମଣିଷଙ୍କ କାନ୍ଧରେ ବସି ବୁଲୁଥିବା ହନୁଗୁଡାକ ପୋଷା। ପାତିଙ୍କ ଅପେକ୍ଷା ହନୁମାଙ୍କଡ ଶାନ୍ତ ଓ ସଂଯତ; ଭଲ ପୋଷା ମାନନ୍ତି। ପୋଷା ହନୁ ଏଠିକୁ କିଆଁ ଆସିବ?

ପୋଷା ହନୁକୁ ପୁରୀ ସହର ବୁଲେଇବା ସେତେବେଳର ଏକ ସାଧାରଣ ରୋଚକ ଦୃଶ୍ୟ ସାଇକେଲ୍ ଚଳାଉଥାଏ ଜଣେ। ପଛ ଲୋକଟି ତା'ନଙ୍ଗଳା ବାଁ ପାଦକୁ ଚକା ଫ୍ରେମ୍ ଉପରେ ରଖି, ଡାହାଣ ପାଦକୁ କ୍ୟାରିଅର ଉପରେ ଥୋଇ ଛିଡା ହୋଇଥାଏ। ତା'କାନ୍ଧରେ ବସିଥାଏ ହନୁ ତିନିହେଁ ଥାଆନ୍ତି ଭାଙ୍ଗନିଶାରେ ଟୁଲ୍! ସେତିକିବେଳେ ନିଶାଗ୍ରସ୍ତ ହନୁଟି କାନ୍ଧରୁ ଡେଇଁପଡ଼ି ଏଠିକୁ ଚାଲି ଆସିଥିବାର ସମ୍ଭାବନାକୁ ଏଡେଇ ଦେଇ ହେବନି। ଲୋକଦୁଇଟି ନିଶାଗ୍ରସ୍ତ ଥିବାରୁ ହୁଏତ ଜାଣି ପାରିନଥିବେ।

ମୋ ଭାବନାରେ ଥିବା ଏମିତି ଅଜବ ଚିନ୍ତନକୁ ପ୍ରକାଶକରି ଲୋକହସା ହେବା ଅପେକ୍ଷା ଚୁପ୍ ରହିଲି।

ଦୀର୍ଘ ଆଲୋଚନା ପରେ ବି ଭୂତର ଅବସ୍ଥିତି ସମ୍ପର୍କରେ କିଛି ଠୋସ୍ ପ୍ରମାଣ ମିଳିଲା ନାହିଁ। ଶକ୍ତିର ପ୍ରଶ୍ନ ଥିଲା – କିଏ କାହାକୁ ଡରିବ? ଭୂତ ମଣିଷଙ୍କୁ ଡରି ପଳେଇବ କାହିଁକି? ଭୂତ ଯଦି ଡରିବ ତେବେ ସେ ଭୂତ ହେବ କାହିଁକି?

ସକାଳ ହେଲା,ଆମେ ଘରକୁ ଫେରିଲୁ।

ଦ୍ୱିତୀୟ ଘଟଣା ଘଟିଲା ଛ'ବର୍ଷ ପରେ। ତା'ର ଅର୍ଥ ନୁହେଁ ଯେ ଭୂତସମ୍ବନ୍ଧୀୟ ଖୋଜଖବର, ଖୋଳ ତାଡ଼ ଆମର ବନ୍ଦ ହୋଇ ଯାଇଥିଲା ସେତିକି ଦିନ। ପୁରୀର ଅନ୍ୟ ଭୂତକୋଠି ଗୁଡିକରୁ ଭୂତ ମିଳି ପାରିବାର ସମ୍ଭାବନାକୁ ଦେଖି ଆମେ ସେଠିକୁ ଯାଉଥଲୁ। ଖୋଜୁଥିଲୁ ଅନ୍ଧାର ରାତିରେ। ଆମ ଭିତରୁ କିଏ କିଏ ଭୂତକୁ ଦେଖୁଥିଲେ ବୋଲି କହୁଥିଲେ, କିନ୍ତୁ ଶକ୍ତିଶେଖରର ସର୍ତ୍ତ ଅନୁଯାୟୀ ତାକୁ ଛୁଇଁବା କି ତା'ସାଙ୍ଗରେ କଥାହେବା ସମ୍ଭବ ହେଉନଥିଲା ।

ଛ' ବର୍ଷ ଭିତରେ ସମସ୍ତେ ପାଠପଢ଼ା ସାରି ଚାକିରି ବାକିରି କଲେଣି। ଶକ୍ତିଶେଖର ଇଂଜିନିୟରିଂ ପଢ଼ିସାରି ଆମେରିକା ଯିବାର ଥାଏ। ଆମଭିତରୁ ରଜନୀକାନ୍ତ ବ୍ୟାଙ୍କରେ ଚାକିରି କରି 'ବୌଦ୍ଧ'ରେ ଥିଲା।

ସେଇ ଛୋଟ ସହରରେ ଅବିବାହିତ ଲୋକଙ୍କ ପାଇଁ ଭଡ଼ାଘର ମିଳିବା ଅସମ୍ଭବ ଥିଲା। କିଛିଦିନ ହୋଟେଲରେ ମାସିକିଆ ଭଡାଦେଇ ସେ ରହୁଥିଲା। ଜଣେ ପୋଲିସ୍ ସବଇନ୍ସପେକ୍ଟର ମଧ୍ୟ ଘର ନପାଇ ସେଠି ରହୁଥିଲେ। ପୋଲିସ ବିଭାଗ ମାର୍ଫତରେ ଥିବା ନଦୀକୂଳର ଗୋଟେ ଅବ୍ୟବହୃତ ବଙ୍ଗଳାରେ ରହିବାକୁ ଚାଲିଗଲେ ସେ ଦୁହେଁ।

ନଦୀର ଅତି ନିକଟରେ ଥିଲା ବଙ୍ଗଳା। ନୁଆଣିଆ ଉଚ୍ଚ ଛାତର ଘର। ପାଞ୍ଚଟି ଶୋଇବା ଘର, ମଝିରେ ବଡ ବୈଠକଖାନା। ଉଚ୍ଚ କବାଟ ଝରକା। ଛାତରୁ ଓହଳିଥାଏ ବଡ଼ବଡ଼ ଫ୍ୟାନ୍ ଓ ଲାଇଟ୍। ଆଗରେ ଓ ପଛରେ ଚଉଡା ବାରଣ୍ଡା। ମୁଖ୍ୟ ଘରଠାରୁ ଦୂରରେ ଉଠା ପାଇଖାନାକୁ ଘେରି ରହିଥାଏ ପନ୍ଦର ଫୁଟ ଉଚ୍ଚର ପାଚେରି। ଅଗଣାରେ ତିନୋଟି ଝଙ୍କାଳିଆ ଗଛ।

ବଙ୍ଗଳାର ମାଲିକାନାକୁ ନେଇ ଥିବା ଦ୍ୱନ୍ଦ ଯୋଗୁ ବିଦ୍ୟୁତ୍ ସଂଯୋଗ କଟିଯାଇଥିଲା ଦୀର୍ଘଦିନରୁ।

ସାମନା ପଟରେ ଥିଲା ପିଲାଙ୍କ ପାଇଁ ଏକ ସହଜ ଉପଲବ୍ଧ ବିରାଟ ଖେଳପଡିଆ। ଖେଳ କିନ୍ତୁ ଶେଷ ହୋଇଯାଏ ସୂର୍ଯ୍ୟାସ୍ତ ପୂର୍ବରୁ; ଭୂତକୋଠିର ଛାଇ ଲୁଚିଯିବା ଆଗରୁ। ଏମିତି ଗୋଟେ ଘରେ ରହିବା ପ୍ରସ୍ତାବରେ ରାଜି ହୋଇଥିଲା ରଜନୀକାନ୍ତ କେବଳ ଭୂତ ସାଙ୍ଗରେ ମୁହାଁ ମୁହିଁ ହେବାର ସମ୍ଭାବନାକୁ ଆଖିରେ ରଖି।

ଧଳାଶାଢ଼ି ପରିହିତ ଭୂତୁଣୀଟିଏ ଆସେ ସବୁଦିନ ସନ୍ଧ୍ୟାପରେ। ଧଳାଶାଢ଼ି କ'ଣ ଭୂତୁଣୀମାନଙ୍କ ଇଉନିଫର୍ମ! ରଜନୀକାନ୍ତ ଭାବେ। ରାତିରେ ଲଣ୍ଠଣ

ଆଲୁଅରେ ପଢି ହୁଏନା। ବାରଣ୍ଡାରେ ମଶାଙ୍କ ରାଜୁତି, ବସି ହୁଏନା। ଶୋଇପଡ଼େ ଶୀଘ୍ର।

ବୈଠକଖାନାରେ ରୁହନ୍ତି ସେ ଦୁଇଜଣ। ଅନ୍ୟଗୁଡ଼ିକ ବନ୍ଦ ଥାଏ। ପୋଲିସ ବାବୁଙ୍କ ଯିବାଆସିବାର ସମୟ ନିର୍ଦ୍ଧାରିତ ନଥାଏ। ଜଣେ ଗ୍ରାମରକ୍ଷୀ ଅନିଚ୍ଛା ସତ୍ତ୍ୱେ ଆସେ ରାତିରେ। ଭୟରେ ଜଡସଡ ହୋଇ ରାତିସାରା ଆସି ସେ ଶୁଏ ରଜନୀକାନ୍ତର ପଲଙ୍କ ତଳେ।

ଅନ୍ୟକୋଠରି ଭିତରୁ ଶୁଭେ ନାନାଦି ଶବ୍ଦ। କାନ୍ଦିବାର, ହସିବାର, ଚିତ୍କାର କରୁଥିବା ସ୍ତ୍ରୀଲୋକର ଶବ୍ଦ। ଅଗଣା ଗଛରୁ କିଏ ଗୋଟେ ଡିଏଁ ବାରମ୍ବାର। ସାରାରାତି। ପବନର ସୁସୁ ଗର୍ଜନଭଳି ଶୁଭେ ବାହାର ବାରଣ୍ଡାରୁ କିଛି ଶବ୍ଦ। ରଜନୀକାନ୍ତ ସକାଳୁ ଉଠି ଶୁଣେ ଏ ସବୁ ଖବର ଗ୍ରାମରକ୍ଷୀ ପାଖରୁ।

ଘୁଙ୍ଗୁଡ଼ିମାରି ନିଘୋଡ ନିଦରେ ଶୋଇଥିବା ସାର୍ ବା କେମିତି ଜାଣିପାରିବେ ଏତେକଥା ? ସେ ରାତିସାରା ଅନେଇକି ଜଗି ରହୁଛି ତାଙ୍କୁ, ତାଙ୍କର ସୁରକ୍ଷା ପାଇଁ ତ ସେ ଆସିଛି ଏଠିକୁ – ସେ କହେ।

ରଜନୀ ଏସବୁ ଚିଠିରେ ଲେଖି ପଠେଇଥିଲା ଆମପାଖକୁ। ଶକ୍ତି କହିଲା–ଆମେରିକା ଯିବା ପୂର୍ବରୁ ଅନ୍ତତଃ ବୌଦ୍ଧର ଭୂତକୋଠିରେ ଦୁଇତିନି ରାତି କଟେଇବାକୁ ତା'ର ଇଚ୍ଛା। ଅନ୍ୟ ବନ୍ଧୁମାନଙ୍କର ଯିବା ସମ୍ଭବ ହୋଇପାରିଲାନି, ମୁଁ ଓ ଶକ୍ତି ବାହାରିଲୁ ବୌଦ୍ଧ–ଭୂତୁଣୀ ଦର୍ଶନରେ।

ଅଦ୍‌ଭୂତ ଆକର୍ଷଣୀୟ ଥିଲା ମହାନଦୀକୂଳର ସେ ପ୍ରାସାଦ। ଘରପାଖରେ ଆଠଦଶଟି ବଡବଡ ଶିମିଳି ଗଛ ନାଲି ଫୁଲରେ ଭର୍ତ୍ତି । ଅନତି ଦୂରର ନଦୀକୂଳରେ ବଡବଡ ପଥର ଖଣ୍ଡ।

ଭୂତୁଣୀ ଶିମିଳିଗଛରେ ରହେ କିନ୍ତୁ ଦିଶେନି ଆଖିକୁ। ରାତିରେ ଧଳାଶାଢି ପିନ୍ଧି ତଳକୁ ଓହ୍ଲାଏ, ନଦୀକୂଳ ପଥର ଉପରେ ମୁଣ୍ଡପୋତି ବସେ। କେତେବେଳେ କାନ୍ଦେ ତ କେତେବେଳେ କିରିକିରି ହସେ। କାହାର ଅନିଷ୍ଟ କରେନି। ଖୁବ୍ ଦୁଃଖୀ ବିଚାରୀ। କିନ୍ତୁ ଆଉ ଯେଉଁ ପ୍ରେତାତ୍ମା ରହନ୍ତି ଘରର ବାଡିପାଖ ଗଛରେ ସେଗୁଡା ନିହାତି ଖଚଡ ! କହେ ଗ୍ରାମରକ୍ଷୀ।

ମୁଁ ପଚାରିଲି ଏଇ ବଙ୍ଗଳାରେ ଏତେ ଘର ଖାଲି ପଡିଛି ସେଠି ନରହି ଗଛରେ କାଇଁ ରହୁଛନ୍ତି ଖରା ବର୍ଷା ଶୀତରେ ?

– ସେମାନେ ଘର ଭିତରେ ବନ୍ଦୀ ଜୀବନ ବିତେଇବାକୁ ଅଛନ୍ତି କି ? ସେମାନେ ସ୍ୱାଧୀନ ଭାବରେ ରହନ୍ତି। ଇଚ୍ଛା ଅନୁସାରେ ଯିବାଆସିବା କରୁଥାନ୍ତି।

ଗ୍ରାମରକ୍ଷୀ ମନା କରୁଥିବା ସତ୍ତ୍ୱେ ଆମେ ନଦୀରେ ଗାଧେଇଲୁ; ଭୂତୁଣୀ ଘାଟରେ। ଆମେ ମନା କରୁଥିବା ସତ୍ତ୍ୱେ ସେ ଆମଠାରୁ ଓଦାଲୁଗା ନେଇ ସକାଳୁ ଟାଣିଥିବା ରସିରେ ଶୁଖେଇବାକୁ ନେଲା। ହଠାତ୍ ତା' ଚିତ୍କାର ଶୁଣି ଆମେ ଅଗଣାକୁ ଗଲୁ। ପାଟି ତା'ର ଖନିମାରୁଛି। ଆଙ୍ଗୁଠି ଦେଖେଇଛି ଝଙ୍କାଳିଆ ଗଛର ଗଣ୍ଡିକୁ।

ଲୁହାକଣ୍ଟା ମରା ହୋଇଥିବା ଯାଗାରୁ ବାହାରୁଛି ଲାଲରକ୍ତ ପରି ମେଞ୍ଚାଏ ପଦାର୍ଥ !

ଗ୍ରାମରକ୍ଷୀ କହିଲା –ସକାଳେ କଣ୍ଟା ବାଡ଼େଇଲା ବେଳେ ସେ ଶୁଣିଥିଲା କଷ୍ଟ ହେଉଥିବା କାନ୍ଦଣା। ଡରିବେ ବୋଲି ସାର୍‌ଙ୍କୁ କହିଲି ନାଇଁ। ଦୋଷତ ମୋର। ମତେ କ'ଣ ଏ ଗଛ ଆଉ ଏଥିରେ ରହୁଥିବା ଭୂତ ଛାଡିବେ ? ତଣ୍ଟି ଚିପିଦେବେନି ?

ଗଛର ରକ୍ତ କ'ଣ ନାଲି ? ଭୂତର କ'ଣ ଥାଏ ରକ୍ତ ? ଆମ ମନରେ ଉଠିଥିବା ପ୍ରଶ୍ନର ଉତ୍ତର ମିଳିଲା ନାହିଁ। ସେ ଗଛର ନାଁ ବି ଜଣାନଥିଲା ଆମକୁ।

ତିନିଦିନ ବିତିଗଲା, ଭୂତଦର୍ଶନ ହେଲାନାହିଁ। ସେଦିନ ରାତି ଏଗାରଟାରେ ବସ୍। ସନ୍ଧ୍ୟାରେ ବସିଥାଉ ନଦୀକୂଳରେ। ଦୂରରୁ ଦେଖିଲୁ ଧଳାବସ୍ତ୍ର ପିନ୍ଧିଥିବା ନାରୀମୂର୍ତ୍ତିଟିଏ ବସିଛି ପାଣିପାଖର ପଥର ଉପରେ। କାନ୍ଦୁଛି, ହସୁଛି। ତା' ପାଖକୁ ଯିବାପାଇଁ ଆମେ ଉଠିଲୁ ସନ୍ତର୍ପଣରେ। ସିଏ ବି ଉଠିଲା। ଆମେ ରହିଗଲୁ। ସେ ନଦୀକୂଳରୁ ବଙ୍ଗଳା ଅଭିମୁଖେ ଯାଉଥାଏ। ଆମେ କିଛି ଦୂରରେ ତାକୁ ଅନୁସରଣ କଲୁ। ବଙ୍ଗଳା ପାରିହୋଇ ସେ ଆଗେଇଲା ସାମନାପଡିଆକୁ। ଆମେ ତା'ପଛରେ ଡାହାଣପଟରେ ଚାଲିଲୁ। ଝାପସା ହୋଇ ଅଧା ଦିଶୁଥାଏ ମୁହଁ । ଦୂରରୁ ରାସ୍ତାରେ ଆସୁଥିବା କାରର ଉଜ୍ଜଳ ଆଲୋକ ତା'ମୁହଁରେ ପଡିଲା। ମୁହଁରେ ମାଂସ ଟିକେ ବି ନଥିଲା ।

ଆମ ଅଭିଯାନ ଶେଷହେଲା, ଯେତେବେଳେ ଶକ୍ତିଶେଖର କହିଲା– ଏଟା ତ ସେଇପାଗଳୀ ଭଳି ଦିଶୁଚି ଯାହାକୁ ସକାଳେ ଚା'ଦୋକାନରେ ଦେଖିଥିଲେ ! ରଜନୀ କହିଲା ନା, ଇଏ ବହୁତ ଡେଙ୍ଗୀ। ଆମେ ନିଶ୍ଚିତ କରିବାକୁ ପଛକୁ ଚାହିଁଲୁ; ନଥିଲା ସେ !

ପ୍ରଶାନ୍ତକୁ ଆଇସିୟୁରୁ କ୍ୟାବିନକୁ ଆଣିଲେଣି ବୋଲି ଖବର ପାଇଲି। କଥାବାର୍ତ୍ତା କରୁଛି ଭଲରେ। କିନ୍ତୁ ବିପଦ ଟଳିନାହିଁ ବୋଲି ଡାକ୍ତର କହୁଛନ୍ତି। ମୋର ସରକାରୀ କାମରେ ପୁରୀ ଆସିଥିବା ସମୟରେ ଶୁଣିଲି ସେକଥା।

ଏବେ ବେଶ୍ କିଛିଦିନ ହେବ ଆମ ବନ୍ଧୁମାନଙ୍କ ଭିତରେ ସମ୍ପର୍କ କମିଯାଇଛି। ସମସ୍ତେ ନିଜନିଜର କାର୍ଯ୍ୟରେ ବ୍ୟସ୍ତ। ନିଜ ଚାକିରି କ୍ଷେତ୍ରରେ ସ୍ଥାନ ପରିବର୍ତ୍ତନ ଯୋଗୁ ଫୋନ୍ ନମ୍ବର ଓ ଠିକଣା ବଦଳି ଯାଇଛି। ସ୍ମାର୍ଟଫୋନ୍ ନୂଆନୂଆ ଆସିଥାଏ। ସମସ୍ତଙ୍କ ପାଖରେ ଅଛି କି ନାହିଁ ଜଣାନାହିଁ। ଫେସ୍ ବୁକ୍, ହ୍ୱାଟସ୍ ଆପ୍ କିଛିବର୍ଷ ହେବ ଆସିଲାଣି କିନ୍ତୁ ତା'ର ବ୍ୟବହାର ଆମ ସାଙ୍ଗମାନଙ୍କ ଭିତରେ ହୋଇନାହିଁ।

ଏବେ ପ୍ରଶାନ୍ତ କହୁଛି ସମସ୍ତଙ୍କୁ ସେ ଥରେ ଦେଖିବ। ମୃତ୍ୟୁ ପୂର୍ବରୁ ଏଇଟା ତା'ଶେଷ ଇଚ୍ଛା ! ତାକୁ ମୁଁ ପରାମର୍ଶ ଦେଲି ଏପରି ଅଶୁଭ, ନକରାତ୍ମକ କଥା ନକହିବାକୁ। ସେ ହସିଲା କହିଲା ଠିକ୍ ଅଛି ତୁ ସମସ୍ତଙ୍କୁ ଖବର ଦେ ଆସନ୍ତା ଡିସେମ୍ବର ଏକତିରିଶ ତାରିଖରେ ଆମେ ସେଇ ପୁରୁଣା ଜାଗାରେ ଭୋଜି କରି ନୂଆବର୍ଷ ମନେଇବା। ସେ ଭୂତକୋଠି ଜାଗାରେ ଏବେ ଠିଆହୋଇଛି ଗୋଟେ ହୋଟେଲ–ଉର୍ମି ! ତା'ଖୋଲା ଛାତ ଉପରେ ଆୟୋଜନ କରିବା ଭୋଜି। ସମସ୍ତେ ପରିବାର ସହିତ ଯେମିତି ଆସିବେ।

ତାକୁ ମୋ ଫୋନ୍ ନମ୍ବର ଦେଲି, ତା'ଠାରୁ ଆଣିଲି, ଆଉ ପ୍ରତିଶ୍ରୁତି ଦେଲି ଯେ ସବୁ ବନ୍ଧୁମାନଙ୍କୁ ଜଣେଇଦେବି ତା' ପ୍ରସ୍ତାବ। ମୋ ପାଖରେ ଆଉ ରହିଲା ଦୁଇମାସ ସମୟ।

ଅଫିସ୍ କାମରେ ବ୍ୟସ୍ତ ରହିଲେ ବି ମୋ ଚେଷ୍ଟାରେ ଊଣା ନଥିଲା। ଅନ୍ୟ ସାଙ୍ଗସାଥି, ସେମାନଙ୍କ ଅଫିସ ସହକର୍ମୀ ଓ ପରିବାରର ଲୋକଙ୍କ ଦ୍ୱାରା ଖୋଜଖବର ନେଇ ସମସ୍ତଙ୍କୁ ଖବର ଦେଇ ପାରିଲି, କିନ୍ତୁ ଆମେରିକାରେ ଥିବା ଶକ୍ତିର ଠିକଣା କି ଫୋନ୍ ନମ୍ବର ମିଳିଲା ନାହିଁ।

କେବଳ ଖବର ମିଳିଲା ଯେ ସେ ଆମରେିକା ଯିବା ପରେ ମାତ୍ର ଦୁଇଥର ଗାଁକୁ ଆସିଥିଲା ବାପା ବୋଉଙ୍କ ମୃତ୍ୟୁ ପରେ। ଏବେ ଗାଁରେ ରହୁଥିବା ବଡଭାଇଙ୍କ ସାଙ୍ଗରେ ସମ୍ପର୍କ ନାହିଁ। ସେଠାରେ ଜଣେ ମେକ୍ସିକାନ ମହିଳାଙ୍କୁ ବିବାହ କରିଥିଲା। କିନ୍ତୁ କିଛି ବର୍ଷ ପରେ ଛାଡ଼ପତ୍ର ଦେଇ ଏକେଲା ରହୁଛି। ସେ ଖବର ବି ଫୋନରେ ଜଣେଇଦେଲି ପ୍ରଶାନ୍ତକୁ।

ପ୍ରଶାନ୍ତ କହିଲା – ହଉ ମୁଁ ଚେଷ୍ଟା କରେ। ତା' ବଦଳିଥିବା ଫୋନ୍ ନମ୍ବର ଗୋଟେ କୋଉଠି ଲେଖିଥିଲି, ଖୋଜିବି ନହେଲେ ଟେଲିପାଥିରେ ଖବର ଦେବି।

ଇଏ ଆଉ ଗୋଟେ ଦୁର୍ଗୁଣ ତା'ର କଲେଜବେଳୁ। ଟେଲିପାଥି ଉପରେ ଗୁଡେବହି ରଖିଛି ଘରେ।

ପ୍ରଶାନ୍ତ ଘରକୁ ପ୍ରାୟ ସୁସ୍ଥ ହୋଇ ଫେରିଯାଇଥିଲା। କାମରେ ବ୍ୟସ୍ତ ଥିବାରୁ ତା' ସାଙ୍ଗରେ କେବଳ ରବିବାର ମୁଁ କଥା ହେଉଥିଲି, ଅନ୍ୟ ବନ୍ଧୁମାନଙ୍କ ସାଙ୍ଗରେ ବି କଥାବାର୍ତ୍ତା ଚାଲୁଥିଲା, କେବଳ ଶକ୍ତିକୁ ଛାଡ଼ି।

ସେଦିନ ଥିଲା ଡିସେମ୍ବର କୋଡ଼ିଏ ତାରିଖ। ପ୍ରଶାନ୍ତ ଚାଲିଗଲା ସକାଳୁ ସକାଳୁ। ପ୍ରଶାନ୍ତର

ଫୋନ୍‌ରୁ ମେସେଜ କରିଥିଲା ତା' ସ୍ତ୍ରୀ। ମୁଁ ସମସ୍ତ ବନ୍ଧୁଙ୍କୁ ଜଣେଇବାକୁ ଫୋନ୍ କରି ଜାଣିଲି ସମସ୍ତଙ୍କ ପାଖକୁ ଆସିଛି ସେମିତି ମେସେଜ୍। ଛୁଟିନେଇ ବାହାରିଗଲି ପୁରୀ। ଆଉ ଯେଉଁ ତିନିବନ୍ଧୁଙ୍କ ସୁବିଧା ଥିଲା ସେମାନେ ପୁରୀ ଅଭିମୁଖେ ଯାଉଛନ୍ତି ବୋଲି କହିଲେ।

ସନ୍ଧ୍ୟାରେ ପୁରୀ ସ୍ୱର୍ଗଦ୍ୱାରରେ ପ୍ରଶାନ୍ତର ପାର୍ଥିବ ଶରୀରକୁ ଅଗ୍ନିର ଲେଲିହାନ ଶିଖା କୋଳେଇ ନେଉଥିବା ବେଳେ ମନେପଡ଼ିଲା ଅତୀତ – ଅନେକଥର ଜଣା ଅଜଣା ଲୋକଙ୍କ ମୃତଶରୀର ଅଗ୍ନିଶିଖା ଦେଖି ପ୍ରଶାନ୍ତ କହେ, ମୁଁ ଜାଣିନି ଶେଷରେ ତମର ସବୁ କେଉଁଠି ସଂସ୍କାର ହେବ, ମୁଁ କିନ୍ତୁ ଏଇଠି ଶୋଇଯିବି ଘରପାଖରେ।

ଫେରିବାବେଳକୁ ପ୍ରଶାନ୍ତର ବଡ଼ପୁଅ କହିଲା – ବାପାଙ୍କ ଫୋନ୍ ହଜିଯାଇଛି। ଆପଣମାନଙ୍କୁ ପରେ ଖବର ଦେଇହେବ କି ନାହିଁ, ସବୁ ବନ୍ଧୁଙ୍କୁ ଡାକି ସପରିବାର ଆସନ୍ତା ୩୧ ତାରିଖ ବାରଶ୍ରାଦ୍ଧର ସନ୍ଧ୍ୟାରେ ଆସିବେ। ଏଇ ପାଖରେ ଥିବା ଉର୍ମି ହୋଟେଲରେ ହେବ ମହାପ୍ରସାଦ ସେବନ। ଆପଣମାନଙ୍କ ପତ୍ରପଡ଼ିଲେ ବାପାଙ୍କ ଆତ୍ମା ଶାନ୍ତି ପାଇବ।

ଆମେ ଚକିତ ହେଲୁ ବାର ଶ୍ରାଦ୍ଧର ତାରିଖ ଶୁଣି। ପ୍ରଶାନ୍ତ ସେଇଦିନ ତ ଡାକିଥିଲା ପରିବାର ସହ ନୂଆବର୍ଷ ମନେଇବା ପାଇଁ! ପୁଣି ପ୍ରଶାନ୍ତର ଫୋନ୍ ହଜିଗଲା କ'ଣ ? ଆମ ପାଖକୁ ତ ମେସେଜ ଆସିଛି ସେଥିରୁ!

ଡିସେମ୍ବର ୩୧ ତାରିଖ ସନ୍ଧ୍ୟା। ଉର୍ମି ହୋଟେଲର ଗେଟପାଖ ସମୁଦ୍ରବାଲିରେ ପଡ଼ିଥାଏ କିଛି ଚୌକି। ଆମେ ଛ'ଜଣ ବସି ଗପୁଥିଲୁ। ଆଜିର ନିମନ୍ତ୍ରଣ ମେସେଜ୍ ତା'ରି ଫୋନ୍‌ରୁ ଆସିଛି। ହଜିଥିବା ଫୋନ୍ କିନ୍ତୁ ମିଳିନାହିଁ ବୋଲି କହୁଥିଲା ତା' ପୁଅ।

–ସେ କ'ଣ ଆମକୁ ବୁଦ୍ଧୁ ବନଉଛି ?

–ଆଜି କ'ଣ ନୂଆ ? ସେ ସବୁବେଳେ ଏମିତି। ଏପ୍ରିଲ ଫୁଲ୍ ଦିନ ଏମିତି କେହି ନାହିଁ ଯାହାକୁ ସେ ବୋକା ନ ବନେଇଛି ଅନ୍ତତଃ ଥରେ ଦୁଇଥର। ତା' ଚରିତ୍ର ବିଷୟରେ ଜାଣି ମଧ ତା'ଫାସରେ ପଡନ୍ତି ଲୋକମାନେ। ଦୁଃଖ ଓ ରାଗର ସମିଶ୍ରଣରେ ସମସ୍ତଙ୍କ ହୃଦୟରେ ଜମାଟ ବାନ୍ଧୁଥାଏ କୋହ !

କଥାବାର୍ତ୍ତା ମଝିରେ ଜଣେ କହିଲା –ଯୋଉ ଲୋକଟା କାରରୁ ଓହ୍ଲେଇଲା, ସେ ଶକ୍ତି ପରି ଦିଶୁନି ? ସମସ୍ତେ ସିଆଡକୁ ଚାହିଁଲେ।

ମୁଁ କହିଲି–ଶକ୍ତି, ଶକ୍ତିପରି ଦିଶିବନି ତ ଆଉ କାହାପରି ଦିଶିବ ?

ଶକ୍ତି, ହାତରେ ଟ୍ରଲି ବ୍ୟାଗ୍। ସେ ଚାହିଁଛି ଗେଟ୍‌ରେ ଲାଗିଥିବା ପ୍ରଶାନ୍ତର ପୂର୍ଣ୍ଣ ଅବୟବ ଫଟୋକୁ। ଫୁଲମାଳ ପରିହିତ ଫଟୋରେ ଜୀବନ୍ତ ଦିଶୁଚି ପ୍ରଶାନ୍ତ !

ଗେଟ୍ ସାମନାରେ ଝୁଣ୍ଟିପଡିଲା ବୋଧେ ଶକ୍ତି। ଠିଆ ହୋଇନପାରି ଥରଥର ହୋଇ ବସିପଡିଲା ସେଇଠି, ରାସ୍ତା ଉପରେ। ଆମେସବୁ ଦଉଡ଼ିଗଲୁ ତା'ପାଖକୁ। କଳା କିଚିକିଚି ମୁହଁରେ ସେ ଅତି ଭୟଙ୍କର ଦିଶୁଥାଏ।

ମୁଁ ପଚାରିଲି କିରେ, କ'ଣ ହେଲା ତୋର ? ସେ କିଛି କହିବାକୁ ଚେଷ୍ଟା କରୁଥିଲା କିନ୍ତୁ କହିପାରୁ ନଥିଲା। ହାତର ସଙ୍କେତରେ ବୁଝେ

ଇଲା ମୁଣ୍ଡ ଘୂରିଗଲା, ହାତ ଦେଖେଇ ପାଣି ମାଗିଲା। କିଏଜଣେ ବଢ଼େଇଦେଲା ପାଣି ବୋତଲ। ସବୁଯାକ ପାଣି ଢକଢକ କରି ପିଇଦେଲା। ଗୋଟେ ଦୀର୍ଘ ନିଶ୍ୱାସ ନେଇ କହିଲା – ଭୂତ !

ଆମେ ଚୁପ୍ ରହି କେବଳ ପରସ୍ପରକୁ ଚାହୁଁଥିଲୁ।

–ଗଲା ଦଶବାର ଦିନତଳେ ପ୍ରଶାନ୍ତ ଫୋନ୍ କଲା–ଡିସେମ୍ବର ଏକତିରିଶ ତାରିଖରେ ପୁରୀରେ ସବୁ ସାଙ୍ଗମାନଙ୍କୁ ଡାକିଛି ଗପସପ ଓ ମହାପ୍ରସାଦ ସେବନ ପାଇଁ। ଭୂତସାଙ୍ଗରେ କଥାବାର୍ତ୍ତା ଓ ଛୁଇଁବାର ବ୍ୟବସ୍ଥା ସେ ମୋ ପାଇଁ ଅଲଗା କରେଇବ। ସର୍ତ୍ତରେ ହାରିଲେ ମୋ ଯିବାଆସିବା ଖର୍ଚ୍ଚବି ଦେବ।

ମୁଁ ତୁମମାନଙ୍କ କଥା ପଚାରିଲି, କହିଲା ଆସିଲେ ଜାଣିବୁ ଫୋନ୍ କଟିଗଲା, ଆଉ ଚେଷ୍ଟାକରି ସେ ନମ୍ବରରେ ଲାଗିଲାନି। ନୂଆବର୍ଷ ସମୟରେ ଆମେରିକାରେ କାମଦାମ ହୁଏନି; କଲିକତାରେ ପୂଜା ସମୟ ପରି। ବହୁଦିନ ହେବ ଆସିନଥିଲି। ମତେ ପ୍ରଶାନ୍ତର କଥାଗୁଡାକ ବି କାହିଁକି ଏତେ ଆକର୍ଷିତ କଲା ଏବେ ବୁଝୁଛି।

ଏୟାରପୋର୍ଟରେ ମତେ ରିସିଭ କଲା, ହାତ ମିଳେଇଲା। ମାସ୍କ ଆଉ ମଙ୍କି କ୍ୟାପ୍ ପିନ୍ଧିଥାଏ। କହିଲା ଇନଫେକସନ୍ ଅଛି। ଡ୍ରାଇଭର ପାଖରେ ବସିଲା, ମୁଁ ପଛରେ। ବେଶି କଥା ହେଉନଥାଏ। ହୁଁ, ନାଇଁ କହୁଥାଏ। ଏଇ ପାଖରେ କହିଲା –ତୁ ଆଗରେ ଚାଲ ଉର୍ମି ହୋଟେଲ, ମୁଁ ଆସୁଛି। ମୋ ଉତ୍ତରକୁ ଅପେକ୍ଷା ନକରି ଓହ୍ଲେଇ ପଡିଲା। ସମୁଦ୍ର ଉପରୁ ବହି ଆସୁଥିବା ଥଣ୍ଡା ପବନରେ ମିଶିକି ଭାସି ଆସୁଥିଲା ପୋଡ଼ାମଣିଷର ବାସ୍ନା !

ମୁଁ ଚିହ୍ନି ପାରିଲି ସେ ଜାଗା –ସ୍ୱର୍ଗଦ୍ୱାର !

ଫୋନ୍ କରି ଡାକିଲା ଅଥଚ ଦେଖା ! ଭୂତ ଦେଖି ନଥିଲେ, ତା'ସଙ୍ଗେ କଥାହୋଇ ନଥିଲେ କି ଛୁଇଁ ନଥିଲେ କ'ଣ ଅସୁବିଧା ହେଉଥିଲା ମୋର ? ସେଇ ସର୍ତ୍ତ ଥିଲା ଭୂତ ପାଇଁ; ପ୍ରଶାନ୍ତ ପାଇଁ ନୁହେଁ।

*୩୦୧, ପର୍ଲ ରେସିଡେନ୍ସି, ଦୁର୍ଗାମାଧବ ନଗର,*
*ଭୁବନେଶ୍ୱର-୭୫୧୦୨୯*
*ଦୂରଭାଷ: ୯୦୪୦୦୫୫୧୫୮*

# ପ୍ରାର୍ଥନା

## ସରୋଜିନୀ ମିଶ୍ର (ଏମ୍.ଏ.)

ବଡ଼ପାଟି କରି ପଡ଼ିଶା ଘରର ଛୋଟ ଝିଅଟି ପ୍ରାର୍ଥନା କରୁଥିଲା । ସନ୍ଧ୍ୟା ସମୟ । ସନ୍ଧ୍ୟା ସମୟରେ ପାଠପଢୁଆ ପିଲାମାନେ ଏକାଠି ବସି ପ୍ରାର୍ଥନା କରିବା ଅନେକଙ୍କ ଘରେ ଦେଖାଯାଏ । ଆମେ ବି ଛୋଟ ବେଳେ ସ୍କୁଲରେ ପଢ଼ିଲା ବେଳେ ଏହିଭଳି ପ୍ରାର୍ଥନା କରୁଥିଲୁ । ପୁଣି ବଡ଼ ପାଟିରେ । ପ୍ରାର୍ଥନାର ପ୍ରାରମ୍ଭରେ ଥିଲା ଗଣପତିଙ୍କ ବନ୍ଦନା, ତା'ପରେ ଗୁରୁଦେବଙ୍କର ଶ୍ଳୋକ । ଏବଂ ଶେଷରେ ମୁଖ୍ୟ ବନ୍ଦନା । "ଆହେ ଦୟାମୟ ବିଶ୍ୱ ବିହାରୀ" । 'ଘେନ ଦୟାବହି ମୋର ଗୁହାରୀ ।"

ଆଜି ପଡିଶା ଘରର ଝିଅଟିର ପ୍ରାର୍ଥନା ଶୁଣି ମୋର ପିଲାଦିନ କଥା ମନେ କଡିଗଲା । ସ୍କୁଲ ଛୁଟି ହୁଏ ସାଢ଼େ ଚାରିଟା ବେଳେ । ସ୍କୁଲରୁ ଘରକୁ ଆସୁ ଆସୁ ପ୍ରାୟ ଅଧାଘଣ୍ଟା ଲାଗିଯାଏ । ପ୍ରାୟ ଏକ ମାଇଲ୍ ବାଟ ଚାଲିବାକୁ ପଡେ । ରାସ୍ତାରେ ଚାଲିବାଟାଏତେ ବାଧେ ନାହିଁ । ରାସ୍ତାଯାକ ସାଙ୍ଗମାନଙ୍କ ସଙ୍ଗରେ ଗପ କରି ଆସୁ ଆସୁ ବାଟଟା ସରିଯାଏ । ଶ୍ରେଣୀରେ କେଉଁ ସାର୍ କେମିତି ପଢ଼ାଇଲେ, କେଉଁ ସାର୍ ଠକ ପୁଣି କେଉଁସାର୍ ରାଗି । ପୁଣି କେଉଁ ସାର୍ ଭଲ । ଏମିତି ଗପୁ ଗପୁ ରାସ୍ତାଟା ସରିଯାଏ । ବାଟ ଅଧାରୁ ଗୋଟେ ଗୋଟେ ସାଙ୍ଗ ନିଜ ଘରକୁ ଚାଲିଯାଆନ୍ତି । ଶେଷରେ ପଡେ ଆମ ଘର ।

ଘରେ ପହଞ୍ଚି ପହଞ୍ଚି ପେଟରେ ପ୍ରବଳ ଭୋକ । ପେଟରେ ମୂଷା ଦଉଡୁଥାଏ । ଭଲ ହେଉ ବା ମନ୍ଦ ହେଉ ବୋଉ ଯାହା ବାଢ଼ିଦିଏ ତାକୁ ଆମେ ସମସ୍ତେ ଅତି ଖୁସିରେ ଏବଂ ଅତି ଶୀଘ୍ର ଉଦରସ୍ଥ ପରିପକାଉ । ଏ ଯୁଗ ପରି ସେତେବେଳେ ଫ୍ୟାମିଲି ପ୍ଲାନିଙ୍ଗ ବ୍ୟବସ୍ଥା ନଥିଲା । ତେଣୁ ସମସ୍ତଙ୍କ ଘରେ ଚାରିପାଞ୍ଚ ଜଣ ପାଠପଢୁଆ ପିଲା ଥାଆନ୍ତି । ସ୍କୁଲ ଯିବାଟା ଯେପରି ଉତ୍ତେଜନା ପୂର୍ଣ୍ଣ ସ୍କୁଲରୁ ଫେରିବାଟା ବି ସେହିପରି ଉତ୍ତେଜନା ପୂର୍ଣ୍ଣ ।

ଏତେ ଜଣ ପିଲାଙ୍କୁ ଏକାବେଳେକେ ଭୋଖିଲା ଦେଖି ବୋଉର ହାଲୁକ ଶୁଖିଯାଏ । କେମିତି କିଛି ଉପାୟ କରି ସମସ୍ତଙ୍କୁ ଖାଇବାକୁ ଦିଏ । ଖାଇସାରିବା ପରେ କଣ ହୁଏ କେଜାଣି ଦେହକୁ ଆସିଯାଏ ପ୍ରଚଣ୍ଡ ଶକ୍ତି ତ ମନରେ ଶାନ୍ତି । ପୁଅପିଲାଙ୍କ ପାଇଁ କିଛି କାମ ନଥାଏ କିନ୍ତୁ ଘରର ଯେଉଁମାନେ ଝିଅ ସେମାନଙ୍କ ପାଇଁ ଥାଏ କିଛି କିଛି କାମ ।

ଘରର ଝିଅ ହିସାବରେ ମୋ ପାଇଁ ବି କିଛି କାମ ଥିଲା । ଯଥା ଘର ଓଳାଇବା । ଲୁଗା ସଜାଡ଼ିବା । ଟେବୁଲ୍ ବହିଥାକ ସଜାଡିବା ଇତ୍ୟାଦି । ବାକି ଭଉଣୀମାନେ କିଏ ବାସନ ମାଜୁଥିଲା କେହି ପୁଣି ରନ୍ଧାବଢ଼ାରେ ବୋଉକୁ ସାହାଯ୍ୟ କରୁଥିଲା । ଘର ସଜାଡିବା କାମଟା କିନ୍ତୁ ପ୍ରାୟ ମୋ ଭାଗରେ ଥାଏ । କାମଦାମ ଭିତରେ ସାଙ୍ଗମାନଙ୍କ ମୁହଁ ନାଚି ଉଠୁଥାଏ । କାମରୁ ତ୍ରାହିମିଳିଲେ ପୁଣି ସାଙ୍ଗମାନଙ୍କ ସାଙ୍ଗରେ ଖେଳ ଓ ଗପସପ ଚାଲେ ।

ସେସବୁ ସାଙ୍ଗରେ କି ସୁଖ ଥାଏ କେଜାଣି ଯେତେ ଖେଳିଲେ ଖେଳ ସରେନି କି ଯେତେ ଗପିଲେ ଗପ ସରେନି । ଏହାର ସମୟ ସୀମା ବଢ଼ି ଚାଲେ । ଘରକୁ ଫେରୁ ଫେରୁ ସାତଟା ବାଜିଯାଏ । ସେ ଯାହା ହେଉ ସ୍କୁଲ ଓ କଲେଜ ସାଙ୍ଗମାନଙ୍କର ଗୁଣଗ୍ରାମ ଯେତେ ବଖାଣିଲେ ତାହା ସରେ ନାହିଁ ।

ବାହାଘର ପରେ ଆଜି କାଲି ଦେଖ ଅଧିକାଂଶ ସ୍ୱାମୀ ସ୍ତ୍ରୀ ଭିତରେ କଳହ । ଏବଂ ପ୍ରତ୍ୟେକ ପରିବାରର ସ୍ୱାମୀ ସ୍ତ୍ରୀମାନେ ମାନସିକ ରୋଗର ଶିକାର ହୋଇଥାଆନ୍ତି । ଏହାର ଏକମାତ୍ର କାରଣ ସାଙ୍ଗ ସୁଖର ଅଭାବ । ଏହି ସାଙ୍ଗ ସୁଖର ପବିତ୍ର ନିର୍ମଳ ସଂପର୍କଟା ବିବାହ ପରେ ଆଉ ମିଳେ ନାହିଁ । ଯେଉଁ ବନ୍ଧୁମାନେ ମିଳିଥାଆନ୍ତି ସେମାନେ ସବୁ ସ୍ୱାର୍ଥର ସୁଖର ବନ୍ଧୁ । ଏହି ସ୍ୱାର୍ଥ ଓ ପରଶ୍ରୀକାତରତା ଯୋଗୁଁ ବିବାହ ପରବର୍ତ୍ତୀ ସଂପର୍କ ପ୍ରାୟ ଭଲ ହୋଇନଥାଏ ।

ସ୍କୁଲ ବେଳର ସାଙ୍ଗମାନେ ବାହା ହୋଇ ସାରିବା ପରେ କିଏ କେଉଁଆଡେ ଚାଲିଯାଆନ୍ତି । ଖୋଜିଲେ ବି ସେମାନଙ୍କର ପତ୍ତା ମିଳେନି । କେବେ କେବେ ଯଦି ଦେଖା ମିଳେ ଏତେ ଖୁସି ଲାଗେ ଯେ କହିଲେ ନ ସରେ ।

ଛାଡ ଏତ ଗଲା ସାଙ୍ଗସୁଖ କଥା । ହସ ଖୁସିର ବେଳ । ଖେଳ ସରୁ ସରୁ ସାତଟା ବାଜିଯାଏ । ସନ୍ଧ୍ୟା ଗଡି ଯାଇଥାଏ । ଘରର ନିୟଅନୁଯାୟୀ ସବୁ ପିଲାମାନେ ଏକାଠି ହୋଇ ଠାକୁରଙ୍କ ସାମନାରେ ପ୍ରାର୍ଥନା କରିବେ । ଦିଅଙ୍କ ଘରେ ବସିବାକୁ ସମସ୍ତେ ବାଧ୍ୟ । ଗୋଡ ହାତ ମୁହଁଧୋଇ ଠାକୁର ଘରକୁ ଯିବାକୁ ପଡେ । ବେଳେବେଳେ ବି ସନ୍ଧ୍ୟାଦେବାକୁ ପଡେ । ଘରର ଦୁଆରବନ୍ଧ, ଚଉରାମୂଳେ ନିତି ସଞ୍ଜ ବତୀ ଦେବା ଗୃହସ୍ଥର ଧର୍ମ । ସେଇ ଧର୍ମରେ ଆମେ ସମସ୍ତେ ଏକାଠି ପ୍ରାର୍ଥନା କରି ବସୁ । କିନ୍ତୁ ସେତେବେଳର ପ୍ରାର୍ଥନା କଥା ଭାବିଲେ ମୁଁ ନହସି ରହିପାରେନି । ପାଠପଢ଼ା ପରିଶ୍ରମ ଖେଳର ପରିଶ୍ରମ ଯୋଗୁଁ ଦେହ କ୍ଳାନ୍ତ ହୋଇଯାଇଥାଏ । ଦେହରୁ ଗମଗମ ଝାଳ ବହୁଥାଏ । ମନରେ ଜମାରୁ ବି ଇଚ୍ଛା ହେଉନଥାଏ ପ୍ରାର୍ଥନା କରିବାକୁ ।

ଚାରିଟା ବେଳର ଖାଦ୍ୟଟା ପେଟରୁ ପୂରା ଝଡ଼ିଯାଇଥାଏ । ମନ କରୁଥାଏ ପୁଣି ଟିକିଏ ଯାଡୁ ସାଡୁ ଖାଇବାକୁ । ଏମିତି ଅବସ୍ଥାରେ କି ପ୍ରାର୍ଥନା ! ମନ ଗୋଟେଠି ତ ଠାକୁର ଗୋଟେଠି ।

ଅଧଘଣ୍ଟାଏ କାଳ ପ୍ରାର୍ଥନା ହୁଏ । ଶେଷରେ ଆରତୀ ହୁଏ । ଆରତୀ ବୋଉ କରେ । ଆମେ ତା ହାତ ଧରୁ । ମନ ଭିତରେ ଥାଏ କେମିତି ପ୍ରାର୍ଥନା ସରିବ ମଣିଷ ଏଠାରୁ ଉଠିବ । କେବଳ ପରୀକ୍ଷା ସମୟରେ ପୂଜାପୂଜି ଦିନମାନଙ୍କରେ ଠାକୁର ପାଖରେ ମନଟା ଟିକିଏ ଲାଗେ । ପରୀକ୍ଷାର ଭଲମନ୍ଦ ପାଇଁ ଠାକୁର ଯେମିତି ଦାୟୀ । କୁଆଡେ ଥାଏ କେଜାଣି ଏହି ସମୟରେ ମନରେ ବିଶେଷ ଭକ୍ତି ବଉଳେ । ପ୍ରାର୍ଥନା ନ କଲେ ବୋଉ ଆମର ଖାଇବା ଶୋଇବା ବନ୍ଦ କରି ଦେଉଥିଲା । ତେଣୁ ବାଧ୍ୟ ହୋଇ ଦିନକୁ ଦୁଇଓଳା ଠାକୁରଙ୍କ ସାମ୍ନାରେ ବସିବାକୁ ପଡେ ।

ଏବେ କିନ୍ତୁ ଠାକୁର ପୂଜାଟା ଏକରକମ ସଉକ ହୋଇଗଲାଣି । ସେତେବେଳର ପୂଜା, ଏ ବେଳର ପୂଜା ଭିତରେ ଆକାଶ ପାତାଳ ପ୍ରଭେଦ । କୌଣସି ଧର୍ମ କାର୍ଯ୍ୟ କରିବା ପୂର୍ବରୁ କେତୋଟି ବିଶେଷ କଥା ପ୍ରତି ଧ୍ୟାନ ଦିଆଯାଇଥାଏ ।

ଶାରୀରିକ ସୂଚୀ, ଧ୍ୟାନ, ଯୋଗ, ପ୍ରାଣାୟାମ, ନିରାମିଷ ଆହାର ପୁଣି ସଂଯମ । ଏମିତି ଅନେକ ବିଷୟରେ ଦକ୍ଷତା ଓ ଯୋଗ୍ୟତା ଥିଲେ ହିଁ ଜଣେ

କୌଣସି ଆଧାତ୍ମିକ ଅନୁଷ୍ଠାନରେ ଯୋଗ ଦେବାକୁ ସକ୍ଷମ ହୋଇପାରିବ।

ଯେଉଁ ଝିଅଟି ବାଲ୍ୟକାଳରେ କିଛି ନ ବୁଝି କେବଳ କର୍ତ୍ତବ୍ୟ ହିସାବରେ ଠାକୁର ସାମ୍ନାରେ ପ୍ରାର୍ଥନା କରୁଥିଲା, ଆଜି ସେଇଟା ତା ପାଇଁ ଏକ ସଉକ ହୋଇଯାଇ ଅପରିହାର୍ଯ୍ୟ ହୋଇଯାଇଛି। ସେ ଇଚ୍ଛା କଲେ ବି ସେଥିରୁ ମୁକୁଳି ପାରୁନି। ସେ ଜାଣେ ଯେ ସଂସାରରେ ଈଶ୍ୱର ବୋଲି କେହି ନାହିଁ। ଏସବୁ ଆଧାତ୍ମ ମିଥ୍ୟା ଓ ଭେଳିକି ତା ବି ସେ ଜାଣେ। ତଥାପି ସେ ଏଥିରୁ ମୁକ୍ତ ନୁହେଁ। ଅଥଚ ଅଜାଣତରେ ବାଲ୍ୟକାଳରେ ଯେଉଁ ଈଶ୍ୱରଙ୍କୁ ପ୍ରାର୍ଥନା କରିଥିଲା ସେତେବେଳେ ବି ସେ ଈଶ୍ୱରଙ୍କୁ ଖୋଜି ନଥିଲା। ସେ ଥିଲା କର୍ତ୍ତବ୍ୟ। ବର୍ତ୍ତମାନ ସେସବୁ ଅପରିହାର୍ଯ୍ୟ। ତାକୁ ଛାଡ଼ି ସେ ବଂଚିପାରିବ ନାହିଁ।

ସମୟ ସମୟରେ ଭାବନା ଭିତରେ କିଛି କିଛି ଆସ୍ତିକ ଭାବ ଅବଶ୍ୟ ଉପୁଜେ। ହଁ କେହି ଜଣେ ଈଶ୍ୱର ହୁଏତ ଅଛନ୍ତି। କେହି ଜଣେ ହୁଏତ ମଣିଷକୁ ବଂଚାଇ ରଖିଛନ୍ତି। ନଚେତ୍ ଏତେ ସବୁ ପ୍ରତିକୂଳ ପରିସ୍ତିତିରେ ମଣିଷ ବଂଚିଛି କେମିତି।

ସ୍କୁଲରେ ପରୀକ୍ଷା ସମୟରେ ପ୍ରଶ୍ନର ଉତ୍ତର ଖାତାରେ ଲେଖୁଥିବା ବେଳେ ମଧ୍ୟ ସେ ଭାବନା ଆସୁଥିଲା। ପ୍ରଶ୍ନର ଉତ୍ତର ଗୁଡ଼ିକ କେମିତି ଯେ ମନେ ପଡେ। ଅଥଚ ପରୀକ୍ଷା ସରିଗଲେ ସେହି ଉତ୍ତର ଆଉ ଧାଡିଟିଏ ମନେ ପଡେ ନାହିଁ। ଛୋଟ ଝିଅର ପ୍ରାର୍ଥନା ଓ ମୋ ପ୍ରାର୍ଥନା ଭିତରେ ଥିଲା ଅନେକ ତଫାତ୍ । ସେ କିଛି ନ ଜାଣି ବି ସବୁ ଜାଣିପାରିଛି। ଅଥଚ ମୁଁ ସବୁ ଜାଣି ବି କିଛି ଜାଣିପାରିନି।

*କଳିଙ୍ଗ ବିହାର, ଭୁବନେଶ୍ୱର*
*ଦୂରଭାଷ: ୯୭୭୮୮୨୪୬୦୦*

*With best complements from:*

# MILLENIUM EYE HOSPITAL

N-1/258, IRC Village, Nayapalli, Bhubaneswar-751015
Tel. 9937476618, 9937355406

*Headed by*
**Dr. Sarada PrasadPattanayak**
MS, FRF (Ex. HOD, KIMS, Hyderabad)

Ultra-Modern Eye Hospital provides the following facilities:

- PHACO SURGERY WITH MODERN FACILITY AND LATEST IOL.
- GLAUCOMA SCREENING WITH COMPUTERISED FIELD ANALYSIS AND LASER SURGERY.
- TREATMENT OF ALL RETINAL DISEASES WITH LASER FACILITY.
- OCCULOPLASTIC SURGERIES, SQUINT SURGERIES ETC.

# ଜୀବନ ନଈର ଏକ ବାଙ୍କରେ

## ପ୍ରତାପ ବିଶ୍ୱାଳ

ଛୋଟିଆ ବସ୍ତି ଟିଏ। ଯାହାର ଛାତିକୁ ଚିରି ଲମ୍ବିଛି ଗୋଟେ ରାସ୍ତା। ରାସ୍ତା ଶେଷ, ବସ୍ତିବି ଯେଉଁଠି ଶେଷ ସେଇଠି ଅଛି ଡ୍ରେନ ଟିଏ। ସେହି ଛୋଟିଆ ସହରର ସବୁ ଅଳିଆ ଆବର୍ଜନାର ନିଷ୍କାସନ ପଥ। ବସ୍ତିର ଆରମ୍ଭ, ମଝି ଓ ଶେଷ ମୁଣ୍ଡରେ ଅଛି ମ୍ୟୁନିସିପାଲିଟିର ତିନୋଟି ଲାଇଟ ପୋଷ୍ଟ। ଦିନରାତି ସେମାନେ ଆଖି ମିଟିକା ମାରିବାରେ ବ୍ୟସ୍ତ। ପନ୍ଦର ଷୋଳ ବର୍ଷର କିଶୋରଟିଏ ରାଜୁ ସକାଳୁ ଉଠି ଚାଲିଯାଏ ଭଙ୍ଗୀ ବୋତଲ ଜରି ଗୋଟାଇବାକୁ ସହର ଭିତରକୁ। ନଟା ବେଳକୁ ଫେରିଆସି ଯାଏ ଅନତି ଦୂରରେ ଥିବା ଗୋଟାଏ ସ୍କୁଲକୁ। ବସ୍ତିର ଆଉ ତିନି ଚାରିଜଣ ବି ଯାଆନ୍ତି ସେଇ ସ୍କୁଲକୁ। କିଛି ଲୋକ କୁହାକୁହି ହୁଅନ୍ତି ପାଠ ପଢିବାକୁ ନୁହେଁ ତ ଏମାନେ ଯାଆନ୍ତି ମାଗଣା ଖାଇବାକୁ।

ବସ୍ତିର ଶେଷମୁଣ୍ଡ ସେଇ ଅଳିଆ ଆବର୍ଜନା ଭିତରୁ କେବେଠାରୁ ବଢିଥିବା ଆମ୍ବ ଗଛଟା ବେଶ ଝଙ୍କାଳିଆ। ଅନେକ ପକ୍ଷୀଙ୍କ ଆଶ୍ରୟ ସ୍ଥଳ। ଅତ୍ୟଧିକ ବର୍ଷା ହେଲେ ଡ୍ରେନ ପୁରି ରାସ୍ତା ଜଳାର୍ଣ୍ଣବ। ଦିନ ବ୍ୟତିରେକେ ସନ୍ଧ୍ୟା ହେଲେ ରାଜୁ ଚାଲିଆସେ ଆମ୍ବଗଛ ପାଖକୁ। ଆମ୍ବ ଗଛ ତଳେ ବସେ। ଶୂନ୍ୟଆକାଶକୁ ଚାହେଁ।

ପକ୍ଷୀଙ୍କ କିଚିରି ମିଚିରି ଶବ୍ଦ ଶୁଣେ। ନର୍ଦ୍ଦମାର ସେ ନାକଫଟା ଗନ୍ଧରେବି ସାଙ୍ଗରେ ଆଣିଥିବା ବଂଶୀଟିକୁ ଧରି ଧୀରେ ବଜାଏ।ପକ୍ଷୀଙ୍କ କାକଳି ସହ ବଂଶୀର ସ୍ୱର ଏକାକାର ହୋଇଯାଏ।

ଦିନେ ସେ ବସ୍ତିର କିଶୋରୀଟିଏ କେଜାଣି କାହିଁକି ତା ପାଖକୁ ଆସି ପଚାରିଲା। ସବୁଦିନେ ଏଠି ଏକା ଏକା ବସି ବଂଶୀ ବଜାଉଛୁ। ନା କାହାକୁ ଅପେକ୍ଷା କରି କ'ଣ ଭାବୁଛୁ ? ରାଜୁ ତାକୁ ଚାହିଁଲା। ଦେଖିଲା ତାଙ୍କ ବସ୍ତିର ରେଣୁ। କହିଲା : କିଛିନାହିଁ।

: ତାହେଲେ ?

: ଏମିତି।

ରେଣୁ ତା' ପାଖରେ ବସିପଡ଼ିଲା। ଆଖି ମିଟିକା ଷ୍ଟ୍ରିଟ ଲାଇଟ ଉପରେ ହସୁଥିଲା ଜହ୍ନ। ସୁଲୁ ସୁଲିଆ ପବନ ଦେହକୁ ଆରାମ ଲାଗୁଥିଲା। ରେଣୁ କହିଲା : ମିଛ କହୁଛୁ। ନିଶ୍ଚୟ କାହାକୁ ଅପେକ୍ଷା କରି ବଂଶୀ ବଜାଉଛୁ ନହେଲେ କ'ଣ ଖୋଜୁଛୁ। ତଳକୁ ମୁହଁ କରି ରାଜୁ କହିଲା : ମୁଁ ଖୋଜୁଛି। ଜୀବନର ଶତ ସ୍ୱପ୍ନକୁ ଖୋଜୁଛି। ଏଇଠି ବସିଲେ ଦେଖାଯାଉଛି ଏ ସହରର ମାଳ ମାଳ ଆଲୋକ। ଲାଗେ ଏ ସହରଟା ଯେମିତି ଖତେଇ ହେଉଛି ଆମ ଦରିଦ୍ରତାକୁ। ଏଇଠି ବସିଲେ ମୁଁ ଫେରିଯାଏ ମୋ ପିଲାଦିନକୁ। ଏ ବଂଶୀ, ଏ ଚଢ଼େଇମାନଙ୍କ ସ୍ୱର ମୋ ଦେହରେ ଡେଣା ଲଗାଇ ଦିଅନ୍ତି। ବୋଉ ଭାରି ମନେପଡେ। ଯେମିତି ସେ ଏଇଠି ଲୁଚି ବସିଥିଲା ଭଳି ଲାଗେ। ଯିଏ ଦିନେ ଗୀତ ଗାଉଥିଲା ଚଢେଇଟିଏ ହୋଇ। କହୁଥିଲା ତୁ ପାଠ ଦି ଅକ୍ଷର ପଢ଼ ବଡ଼ ମଣିଷଟିଏ ହେବୁ। ଚାକିରୀ କରି ଭଲ ଘରଟିଏ କରିବୁ। ବଡ଼ ମଣିଷରେ ଚିହ୍ନା ହେବୁ।

ରେଣୁ ରହିଲା : ଆମରତ ଜନ୍ମ ଏମିତି। ବଡ଼ ସପ୍ନକୁ ରାତି କାହିଁ। ଇଚ୍ଛା ଥିଲେ କିନ୍ତୁ ଉପାୟ ଅଛି। ତୁ ଏଠୁ କେଉଁ ବଡ଼ ସହରକୁ ଚାଲି ଯା। ସେଠିକାଳେ ଭଲ ରୋଜଗାର ହୁଏ। ବାପା କହୁଥିଲା ଏ ବସ୍ତିକୁ ଭାଙ୍ଗିଦେବାକୁ କାଳେ ମସୁଧା ବି ଚାଲିଛି !

ରାଜୁ କହିଲା। କିନ୍ତୁ ବଡ଼ ସହରକୁ ମୋତେ ନେବକିଏ ? କାହା ସାଙ୍ଗରେ ଯିବି। ପୁଣି ବୁଢ଼ା ବାପଟାକୁ ଏକୁଟିଆ ଛାଡି ? ରେଣୁ କହିଲା। ବାପା କଥା ଛାଡ଼। ସେତ ସକାଳୁ ରିକ୍ସା ନେଇଯାଇ ରାତିରେ ଫେରୁଛନ୍ତି। କେତେଦିନ ଆଉ ବାପା ମୁଣ୍ଡରେ ବୋଝ ହେବୁ। ବରଂ ବଡ଼ ସହରକୁ ଯାଇ ଟଙ୍କା ରୋଜଗାର କର। ବାପାଙ୍କୁ ଟିକେ ବିଶ୍ରାମ ମିଳିଯିବ।

ରାଜୁ ମୌନ ରହିଲା।

ରେଣୁ ପୁଣି କହିଲା : ବାପା କହୁଥିଲେ କିଏ ଲୋକ କାଳେ ଦୁଇ ଚାରିଦିନ ତଳେ ବସ୍ତିକୁ ଆସି ବଡ଼ ସହରକୁ ଯିବା କଥା କହୁଥିଲା। ଆମ ବସ୍ତିରୁ ବି ଦାମ, ଗଗନ ଆଦି ଚାରି ପାଞ୍ଚଜଣ ଯିବାକୁ ଠିକ୍ କରିଯାଇଛି ! ତୁ ଯଦି କହିବୁ ବାପାଙ୍କୁ କହିବି ।

ରାଜୁ କହିଲା: ଆଗକୁ ମୋ ପରୀକ୍ଷା। ଗଲେତ ଆଉ ପରୀକ୍ଷା ଦେଇ ପାରିବିନି। ରେଣୁ ବୁଝାଇ ଦେଇ କହିଲା ଗଲାବେଳେ ବହିପତ୍ର ନେଇଯିବୁ। ଦିନରେ କାମକରି ରାତିରେ ପଢ଼ିବୁ। ପରୀକ୍ଷା ଦେବାକୁ ଛୁଟିରେ ଆସି ପରୀକ୍ଷା ଦେବୁ। ତୋ ବାପାକୁ ପଚାର।

ବାପା କ'ଣ ପାଠ କଥା ଜାଣେ ଯେ ସେ କହିବ। ବାପା ସକାଳୁ ରିକ୍ସା ନେଇ ଷ୍ଟେସନ ଚାଲିଗଲେ ମୋତେ ଏକା ଲାଗେ ବୋଲି ସିନା ମୁଁ ସ୍କୁଲ ଯାଉଛି ତୁ ବୁଝୁ। ସେଇଆ ବରଂ କରିବି ।

ଏବେ ସେମାନେ ପ୍ରାୟ ପ୍ରତିଦିନ ପରସ୍ପର ପରସ୍ପରକୁ ଭେଟୁଥିଲେ ଲାଜୁଆ ସନ୍ଧ୍ୟାରେ ଓ କେମିତି ଗୋଟାଏ ଅଦୃଶ୍ୟ ବନ୍ଧନ ଅସ୍ତବ୍ୟସ୍ତ କରିପକାଉ ଥିଲା ଦୁଇଟି ହୃଦୟକୁ। ଅକୁହା ଭାଷା କିନ୍ତୁ ଫିଟୁ ନଥିଲା ତୁଣ୍ଡରେ। ଅନୁରାଗ ଥିଲା, ପ୍ରୀତିର ଛାଇ ଦିଶୁଥିଲା ମାଇ ସଂଜର ଅନ୍ଧାରରେ କିନ୍ତୁ ପ୍ରତିଶ୍ରୁତି ନଥିଲା। ସମ୍ପର୍କ କିଛି ଥାଇ ବି ନଥିଲା ପରି ସେମାନେ ଦୁହେଁ ଛଟ ପଟ ହେଉଥିଲେ ମାୟାଜାଲରେ ପଡ଼ିଲାପରି। ଶବ୍ଦର ଜରାୟୁ ଶୂନ୍ୟ ଥିଲା। ମାଟିରେ ଶୋଷ ଥିଲା କିନ୍ତୁ ବିନ୍ଦୁଟିଏ ବର୍ଷା ନଥିଲା। ବରଂ ଦୁହିଁଙ୍କ ଭିତରେ କିଛି ଅଛି ବୋଲି ଫୁସୁର ଫାସର ଶୁଭୁଥିଲା ବସ୍ତିରେ। କିଛି ସମବୟସ୍କ, ଜଳୁଥିଲେ ଇର୍ଷାରେ ।

ବନ୍ଦ ହୋଇଗଲା ସେମାନଙ୍କର ସବୁଦିନିଆ ଭେଟ ଭାଟ। ରାଜୁ କିନ୍ତୁ ପୂର୍ବବତ ଆସୁଥିଲା ସେ ଗଛ ମୂଳକୁ ଓ ବସୁଥିଲା। ବଂଶୀ ବଜାଉଥିଲା। ଚଢେଇମାନଙ୍କ କୋଳାହଳ ଶୁଣୁଥିଲା। ଚାହିଁ ରହୁଥିଲା ସେ ସହରର ଦୂରରେ ଜଳୁଥିବା ଲାଇଟମାନଙ୍କର ଉଜ୍ଜଳତାକୁ। ସେମାନେ କିପରି ଅନ୍ଧାରକୁ ନିର୍ବିଘ୍ନରେ ଅପସାରି ଦେଇପାରନ୍ତି। ଭାବୁଥିଲା ସେ ବି ଦିନେ ତା ଜୀବନର ଅନ୍ଧାରକୁ ହଟେଇ ଦେବ। ରେଣୁ କହିଥିବା ବାଟକୁ ଆପଣେଇନେଇ ଏ ଛୋଟିଆ ସହର ଛାଡି ଦୂର ସହରକୁ ଯାଇ ଅନେକ ଟଙ୍କା ରୋଜଗାର କରି ଫେରିବ। ତା'ପରେ ରେଣୁକୁ ସେ ତା'ର ମନର କଥା କହିବ।

ଏ ଛୋଟ ସହର ଛାଡ଼ି ବଡ଼ ସହର ଯିବାର ପୂର୍ବଦିନ ସନ୍ଧ୍ୟା ।

ସବୁଦିନ ପରି ସେ ଆସି ଆମ୍ବ ଗଛମୂଳେ ବସି

ବଂଶୀରେ ତା'ର ଧୂନ ଦେଉଥିଲା। ଆଜି ତାର ଏଠି ଶେଷ ସନ୍ଧ୍ୟା। ହଠାତ ରେଣୁକୁ ପାଖରେ ଦେଖି ସେ ଆଶ୍ଚର୍ଯ୍ୟ ହୋଇ କହିଲା : ତୁପୁଣି ଏଠିକୁ କାହିଁକି ଆସିଲୁ। ଏଠି ଧୂଆଁ ନଥାଇବି ନିଆଁ ଉଠେ। ତୁ କାହିଁ ମୋ ପାଇଁ ମିଛଟାରେ ବଦନାମ ହେଉଛୁ। ରେଣୁ ଚୁପ୍‌ଚାପ୍ ଛିଡା ହୋଇ ତଳକୁ ମୁହଁ ପୋତି ତା' ପାଦର ବୁଢ଼ା ଆଙ୍ଗୁଠିରେ ଗାର କାଟୁଥିଲା। ସେ ପଚାରିଲା – କ'ଣ କହିବୁ ?

: ହଁ। ଗୋଟାଏ ଜିନିଷ ତୋ ପାଖରୁ ନେବାକୁ ଆସିଛି ।

ସେ ଆଶ୍ଚର୍ଯ୍ୟ ହୋଇ କହିଲା : ମୋ ପାଖରେ କ'ଣ ଜିନିଷ ଅଛି ଯେ ତୁ ନେବୁ। ହେଉ କହ। ତୁ ଯେତେବେଳେ ମୋତେ ବିଦେଶ ଯିବାର ବାଟ ଦେଖାଇ ଦେଇଛୁ ଥିଲେ ନିଶ୍ଚୟ ଦେବି ।

: ତୋ ବଂଶୀଟା ଦେଇଯା ମୋତେ। ବିଶ୍ୱାସ କର ମୁଁ ଏ ବଂଶୀକୁ କାହାକୁବି ଦେବି ନାହିଁ। ତୁ ଫେରି ଆସିବା ଯାଏ ରଖିଥିବି। କଥା ଦେଉଛି ତୁ ଆସିଲେ ତୋ ବଂଶୀକୁ ମୁଁ ତୋତେ ଫେରାଇ ଦେବି।

ରାଜୁ କଣ ଟିକେ ଭାବିଲା ପରେ ତା ହାତକୁ ବଂଶିଟାକୁ ବଢ଼ାଇ ଦେଇ କହିଲା ନେ। ବଂଶୀ କୁ ଧରି ରେଣୁ ଆଣିଥିବା ଗୋଟିଏ କୁମ୍ଭିକୁ ତା ହାତକୁ ବଢ଼ାଇ ଦେଇ କହିଲା : ନେ ଏଇଟା ରଖିଥା। କେବେ କେମିତି ବାପା ମୋତେ ଜାନିଯାତ୍ରାକୁ ଗଲାବେଳେ ପଇସା ଦେଲେ କିଛି କିଛି ମୁଁ ରଖିଥାଏ। ତୁ ଏଇଟା ନେଇଯା ଦର୍କାର ବେଳେ ତୋ କାମରେ ଆସିବ ।

ରାଜୁ କିଛି କହିବା ପୂର୍ବରୁ ତାକୁ ଚାରି ପାଞ୍ଚ ଜଣ ଆସି ମାଡ଼ିବସି ମାଡ଼ ମାରି ତଳେ ପକାଇ ଅଶ୍ରାବ୍ୟ ଭାଷାରେ ଗାଳି କରିବାକୁ ଲାଗିଲେ। ସେ କିଛି ବୁଝିପାରୁ ନଥିଲା। ଚିହ୍ନିଲା ସମସ୍ତେ ତାରି ବସ୍ତିର ପିଲା। ତା' ସାଙ୍ଗ। ସେ କହୁଥିଲା ଆରେ ମୋତେ ମାରୁଛ କାହିଁକି। କୁହ କ'ଣ ମୋ ଦୋଷ ଓ ସେମାନେ ଅଶ୍ରାବ୍ୟ ଭାଷାରେ ଗାଳି ଦେବା ସହ କହିଲେ : ଶଳା ଏଠି ବସ୍ତିରେ ବଂଶୀ ବଜାଇ କୃଷ୍ଣ ସାଜି ରାସଲୀଳା କରୁଛୁ। ଆଜି ରହ ଛଡ଼ାଉଛୁ ତୋ କୃଷ୍ଣ ପଣିଆ। କିଏ ଜଣେ କହିଲା ଆରେ ରାଧାକୁ ଦେଖ ସେ କୁଆଡେ ଗଲା। ସନ୍ଧ୍ୟା ବେଳଟାରେ ଆସିଥିଲା ରାସଲୀଳା କରିବାକୁ। ରାଜୁ କହୁଥିଲା ଆରେ ଛାଡ଼ ମୋତେ ତୁମେ ସବୁ ଯାହା ଭାବୁଛ ଆମର ସେମିତି କିଛି ସମ୍ପର୍କ ନାହିଁ। ତା' କଥା ସେମାନଙ୍କ କାନକୁ ପଶୁନଥିଲା। ବିଧା, ଚାପୁଡ଼ାରେ ସେ ଧରିଥିବା କୁମ୍ଭିଟା ପଡି ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ପଇସା ଦେଖି ସେମାନେ ରାଜୁକୁ ଛାଡି ସେ ଆଖି ମିଟିକା ମାରୁଥିବା ଲାଇଟ ପୋଷ୍ଟର ଆଲୁଅରେ ପଇସା ଗୋଟାଇବାରେ ଲାଗିଲେ। ସେ ତଳେ ପଡି ଚାହିଁଥିଲା। ରେଣୁର ସେଠି ଦେଖାନାହିଁ। ସେମାନେ ସମସ୍ତେ ପଇସା ଖୋଜି ପକେଟରେ ପୁରାଇବାରେ ବ୍ୟସ୍ତ। ପଇସା ନେଇ ସେମାନେ ଆଉ କିଛି ନକହି ତାକୁ ଛାଡି ତରବରରେ ପଳାଇଗଲେ। ସେ ଉଠି ବସି ନିଜକୁ ଚାହିଁଲା। ପିନ୍ଧିଥିବା ଗଞ୍ଜି ଚିରି ଯାଇଛି। କହୁଣୀ ଟିକେ ଆଞ୍ଚୁଡ଼ି ହୋଇ ରକ୍ତ ବୋହୁଛି। ତେବେବି ସେ ଉଠି ନଇଁପଡି ଖୋଜିଲା କୁମ୍ଭିର କିଛି ପଇସା କେଉଁଠି ଯଦି ରହିଯାଇଥିବ। ଭାଗ୍ୟକୁ ସେ ଭଙ୍ଗା କୁମ୍ଭି ତଳେ ଟଙ୍କିକିଆ କଏନ ଟାକୁ ପାଇ ମୁଠାଇ ଧରିଲା। ସେତେବେଳେ ତା'ର ମନେପଡ଼ିଗଲା ବଂଶୀ କଥା। ରେଣୁ ଭୟରେ ତା' ବଂଶୀକୁ ନେଇଗଲା ନା ସେମାନେ ବଂଶୀକୁ ନର୍ଦ୍ଦମାରେ ଫିଙ୍ଗି ଦେଇଗଲେ। ନର୍ଦ୍ଦମାକୁ ଚାହିଁଲା। ଭଲକରି ଚାହିଁଲା। ନର୍ଦ୍ଦମାର ପାଣି ଗଡି ଚାଲିଥିଲା ତଳକୁ ତଳକୁ। ପାଇଲାନାହିଁ। ମନ ଦୁଃଖରେ ପ୍ୟାଣ୍ଟ ପକେଟରେ ଟଙ୍କା ଟାକୁ ପୁରାଇ ଫେରିଆସିଲା ଘରକୁ।

ରେଣୁ ବାପାର କଥା ସତ ହେଲା। ଦୁଇମାସ ହୋଇନି ବସ୍ତିରେ ଅନ୍ଧକାର ଛାଇଗଲା। ସରକାରୀ ଲୋକଆସି ବସ୍ତି ଉଠାଇବାକୁ ଧମକ ଦେଲେ। କାହାର କାକୁତି ମିନତି ଶୁଣିଲେ ନାହିଁ। ସରକାର ଦେଇଥିବା ତିନିମାସ ସମୟ ଅବଧି ଭିତରେ ବାଧ ହୋଇ ଜଣ ଜଣ କରି ବସ୍ତି ଛାଡ଼ି ଯିବାକୁ ଲାଗିଲେ। ଯିଏ ରହିଲା ତାଙ୍କ ଝୁମ୍ପୁଡ଼ି ଘରକୁ ଭାଙ୍ଗିଦିଆଗଲା। ଏବେ ଶୂନ ସାନ ସେ ଜାଗା। ରାସ୍ତା ଦୁଇ ପାଖ ଘାସ ବୁଦା। ଭଙ୍ଗା ଝୁମ୍ପୁଡି କହୁଛି ଏକଦା ଏଠି ଗୋଟେ ବସ୍ତି ଥିଲା। କିନ୍ତୁ ଏବେବି ଅଛି ସେ ଲାଇଟ ପୋଷ୍ଟ। ସେଇ ଆମ୍ବ ଗଛ। ଏଇ ବର୍ଷକ ଭିତରେ ଆହୁରି ଶାଖା ପ୍ରଶାଖା ମେଲାଇ ଛିଡା ହୋଇଛି ସେ।

ସେଦିନ ସେ ବଡ଼ ସହରରୁ ଆସି ତାଙ୍କ ଷ୍ଟେସନରେ ପହଁଚିଲା ବେଳକୁ ଦିନ ଏଗାରଟା। ପ୍ରଥମେ ଖୋଜିଲା ବାପାକୁ। ସେ ଜାଣିଥିଲା ବାପା ରିକ୍ସାନେଇ ଆସି ଏଇ ଷ୍ଟେସନ ପାଖରେ କେଉଁଠି ଥିବେ। ବର୍ଷକ ଭିତରେ ପାଞ୍ଚ ଖଣ୍ଡ ଚିଠି ଦେଇଛି ସେ ବସ୍ତି ଠିକଣାରେ। କିଛି ଉତ୍ତର ପାଇନି। ଭାବିଛି ବାପା ତା'ର ପଢି ଲେଖି ଜାଣିନାହାନ୍ତି। ସେଥିପାଇଁ ବୋଧେ ଚିଠି ଦେଇନାହାନ୍ତି। ଷ୍ଟେସନ ବାହାରେ ଖେଦିଗଲା ଚାରିଆଡ଼। ଭାବିଲା କେଉଁଠିକୁ ଯାଇଥିଲେ ତ ଫେରିବେ ନିଶ୍ଚୟ। ଘର ଚାବି ତ ତାଙ୍କ ପାଖରେ। ସବୁ ଆଡକୁ ତନ ତନ କରି ଚାହିଁଲା। ଦେଖିଲା ଟିକେ ଦୂରରେ ଗୋଟାଏ ବଡ଼ ଦେବଦାରୁ ଗଛତଳେ ବାପା ବସିଛନ୍ତି କାନ୍ଧରେ ନାଲି ଗାମୁଛା ପକାଇ। ଯାଇ ପ୍ରଣାମ କଲା ବେଳେ ବାପା ତା'ର କାନ୍ଦ କାନ୍ଦ ହୋଇ କହିଲେ : ମା' ଗଲା ଓ ତୁ ବି ଏକାଜିଦିରେ ବସ୍ତି ଛାଡି ଗଲୁ। ଏ ବୁଢ଼ା ବାପଟା କଥା କ'ଣ ତୋର ଏତେଦିନରେ ମନେପଡ଼ିଲା ? ଖବର ଟିକିଏ ଦବାକୁ ତୋତେ ସମୟ ହେଉ ନଥିଲା ? ସେ ଆଶ୍ଚର୍ଯ୍ୟ ହୋଇ କହିଲା : ମୁଁ ତ ପାଞ୍ଚ ଖଣ୍ଡ ଚିଠି ଦେଇ ତୁମଠୁ ଉତ୍ତର ଖଣ୍ଡେ ପାଇଲିନାହିଁ। ମୋ ଦୋଷ କ'ଣ। ବାପା ତା''ର ଆଖିରୁ ଗାମୁଛାରେ ଲୁହ ପୋଛି କହିଲା : କେଉଁ ଠିକଣାରେ ଚିଠି ଦେଇଥିଲୁ। ବସ୍ତି ଠିକଣାରେ ? ବସ୍ତି ଆଉ ଅଛିଯେ ଠିକଣା ରହିବ।

ସେ ଆଶ୍ଚର୍ଯ୍ୟ ହୋଇଗଲା। କହିଲା : ବସ୍ତି ଗଲା କୁଆଡେ !

ତୁ ଯିବାର ଦୁଇ ମାସ ଯାଇନି ସରକାର ସେଠି କ'ଣ ଗୋଟାଏ କରିବେ ବୋଲି ବସ୍ତି ଛାଡି ଯିବାକୁ ବାଧ୍ୟ କରି ବସ୍ତି ଭାଙ୍ଗିଦେଲେ। କିଏ କୁଆଡେ ଯାଇ ରହିଛନ୍ତି ଏବେ କାହାର କିଛି ଠିକଣା ନାହିଁ ।

: ତୁମେ ! ତୁମେ କେଉଁଠି ରହୁଛ ?

ଏଇ ପ୍ଲାଟଫର୍ମର ଫୁଟ ବ୍ରିଜ ତଳେ ରାତିଟା କଟାଇ ଦେଉଛି। ଭଙ୍ଗା ବାକ୍ସଟା, ସପ ଟାକୁ ତାରି ତଳେ ରଖିଦେଇଛି। ଝୁମ୍ପୁଡ଼ି ହୋଟେଲରେ ଖାଇ ରାତିରେ ସେଠି ଟିକେ ଗଡ଼ିପଡିବା କଥା। ଚାଲ ସେଇଠିକି ଯିବା ଚାଲ।

ଉପାୟହୀନ ହୋଇ ସେ ବାପା ସାଙ୍ଗରେ ଆସିଲା ଷ୍ଟେସନ ଭିତରକୁ ଓ ବାପା ତା'ର ତାକୁ ବସିବାକୁ କହି ବାକ୍ସ ଖୋଲି ବଂଶୀ ଟାକୁ ବାହାର କରି ତା ହାତକୁ ବଢ଼ାଇ ଦେଇ କହିଲେ : ରେଣୁ ମୋତେ ଏ ବଂଶୀଟା ଦେଇ ବାର ବାର କହିଥିଲା ତୁ ଆସିଲେ ତୋତେ ଏ ବଂଶୀ ଟାକୁ ଦେଇଦେବାକୁ। ତୁ ବସିଥା। ମୁଁ ତୋ ପାଇଁ ହୋଟେଲରୁ ଖାଇବା ନେଇ ଆସୁଛି ।

ବଂଶୀ କୁ ଧରିଲା ବେଳେ ଆଖି ତା'ର ଛଳ ଛଳେଇ ଗଲା। ରେଣୁର ମୁହଁ ଆଖି ଆଗରେ ନାଚିଉଠିଲା। ମନେ ମନେ କହିଲା : କିଛି କହିନଥିଲି ବୋଲି ବଂଶୀ ଟାକୁ ତୁ ଫେରାଇ ଦେଲୁ ନୁହେଁ। ଭଲପାଇବାର ଭାଷା କ'ଣ ଖାଲି ଶବ୍ଦରେ ଥାଏ। ନୀରବତାର ବି କିଛି ଭାଷା ଥାଏ। ମୋ ନୀରବତାର ଭାଷାକୁ ବୁଝିପାରିଲୁନି କେମିତି। କିନ୍ତୁ ଏବେବି ମୁଁ ତୋ କୁମ୍ଭିର ଟଙ୍କା ଟିଏ ହେଲେବି ସାଇତି ରଖିଛି। ପ୍ରକୃତ ଭଲ ପାଇବା କ'ଣ କେବେ ପ୍ରତିବନ୍ଧକରେ ଭାଙ୍ଗିଯାଏ। ବରଂ ବଢ଼େ। ପକେଟରୁ ପର୍ସ ଆଣି ଖୋଲି ଟଙ୍କାଟାକୁ ଏପଟ ସେପଟ କରି ବାରମ୍ବାର ସେ ଦେଖିଲା। ଲୁହ ଦୁଇ ଟୋପା ଖସି ପଡ଼ିଲା ତା' ଆଖିରୁ ସେ ଟଙ୍କାଟା ଉପରେ। ବାପା ତା'ର ଖାଇବାକୁ ଆଣି କାଗଜ ପ୍ଲେଟରେ ଖାଇବାକୁ ବାଢ଼ିଦେଇ କହିଲା ଖାଇକରି ଟିକେ ଶୋଇପଡ ଏଇଠି। ରାତି ଅନିଦ୍ରା ହୋଇଥିବୁ ନହେଲେ ଦେହ ଖରାପ ହେବ ।

ଖାଇସାରି ବାକ୍ସ ପାଖରେ ଥିବା ସପ ଟାକୁ ପାରି

ସେ ଗଡ଼ିପଡ଼ିଲା । ଷ୍ଟେସନର କୋଳାହଳ ହେଉ କି ତା' ମନର ଅବସ୍ଥା ଯୋଗୁ ହେଉ ନିଦ ଆସିଲାନି ଆଖିକୁ । ଅପେକ୍ଷା କଲା ସନ୍ଧ୍ୟାକୁ । ସନ୍ଧ୍ୟା ହେଉ ହେଉ ଦେଖିଲା ବାପା ଆସୁଛନ୍ତି । ସେ ଆଶ୍ଚର୍ଯ୍ୟ ହୋଇଗଲା ବାପାଙ୍କୁ ଏତେଶୀଘ୍ର ଫେରିବାର ଦେଖି । ବାପାଙ୍କୁ କହିଲା: ମୋ ବ୍ୟାଗଟା ଏଇଠି ଅଛି । ମୁଁ ଟିକେ ବାହାରୁ ଆସୁଛି ।

ବଂଶଟା ଧରି ପଳାଇ ଆସିଲା ବସ୍ତିର ସେ ଆମ୍ବ ଗଛ ପାଖକୁ । ସେ ବିଜୁଳି ଖୁଣ୍ଟ ଅଛି ଆଗପରି କିନ୍ତୁ ସେଠି ଆଉ ସେ ଆଖି ମିଟିକା ମାରୁନି । ଖରାପ ହୋଇ ପଡିଛି । ସେ ସେଠି ବସିଲା । ପକ୍ଷୀ ମାନଙ୍କ କାକଳି ଭିତରୁ ତାକୁ ଶୁଭିଲା କିଏ ଯେପରି କାନ୍ଦୁଛି । ବଂଶୀକୁ ଧରି ସ୍ୱର ଦେବାକୁ ଯେତେ ଚେଷ୍ଟା କଲେବି ବଜାଇ ପାରିଲାନି । ବରଂ ଆଖିରୁ ଝରି ଆସିଲା ଲୁହ । ବଂଶୀକୁ ସେଇଠି ରଖି ଆଜି ସେ ପୁଣି ଥରେ ସେ ମାଟିକୁ ଆଡେଇ ଖୋଜି ଚାଲିଲା ଆଉ କାଳେ ସେଦିନର ପଇସା ଗୋଟାଏ କେଉଁଠି ପଡ଼ିଥିବ ପାଇ ଯିବ କି । ନା ନିରାଶ ହୋଇ ଆକାଶକୁ ଚାହିଁଲା ଓ ସେଦିନ ପରି ଭଙ୍ଗା ଜହ୍ନର ଟୁକୁଡା ଖଣ୍ଡେ ଆକାଶରେ ବାଦଲ ମାନଙ୍କ ସହ ଲୁଚକାଳି ଖେଳୁଛି । ହଠାତ ଉଲ୍‌କା ଟାଏ ଖସିଲା ଆକାଶରୁ । ସେ ସମ୍ବିତ ଫେରିପାଇ ବଂଶୀ ଟାକୁ ସେଇଠି ଛାଡି ଫେରିଆସିଲା ଷ୍ଟେସନକୁ । ବ୍ୟାଗ ଖୋଲି ବାପାଙ୍କ ହାତକୁ ଟଙ୍କା କିଛି ଓ ଗୋଟାଏ କାଗଜରେ ତା'ର ଠିକଣା ଲେଖି ବଢ଼ାଇଦେଇ କହିଲା: ନିଅ । ଏଇଟା ରଖ । ଆଉ କେଉଁଠି ଗୋଟାଏ ରହିବାର ବ୍ୟବସ୍ଥା କରି ମୋତେ ଏଇ ଠିକଣାରେ ଚିଠି ଦେବ । ମୋ ଚାକିରୀ ସହରକୁ ଯିବାକୁ ଟ୍ରେନ ଆସିବାର ଘୋଷଣା ହେଲାଣି । ମୁଁ ଏଇ ଟ୍ରେନରେ ପୁଣି ଫେରିଯାଉଛି ।

ବାପା ତା'ର ଆଉ କିଛି କହିବା ପୂର୍ବରୁ ସେ ତା' ବ୍ୟାଗକୁ ଧରି ଫେରିଯିବାକୁ ଉଦ୍ୟତ ହେଉଥିଲା । ବାପା ତା' ଯିବା ବାଟକୁ ପଛରୁ ଚାହିଁ ରହିଥିଲେ ଯାହା ।

*ସା/ପୋ- ରାହାଡୀଙ୍ଗା, ଜିଲ୍ଲା-ଜଗତସିଂହପୁର*
*ଦୂରଭାଷ: ୯୪୩୭୭୪୫୯୮୩*


WITH BEST COMPLIMENTS FROM
**P.P. Rtn Vijay Kumar Agrawal (Major Donor +2)**
**Rotary Club of Bhubaneswar Royal**
**Mobile: 94318 51993**
**Email.: vijayagrawal4u@gmil.com**

WEFE® Internet

**WEFE INTERNET AND CCTV SERVICES**
Odisha's most trusted internet and cctv service provider
Contact: 0674 6607080, 90909 08888 www.wefe.in

# ନିଷିଦ୍ଧ ଗଳିର ଅନ୍ଧାର

## ଶୋଭନା ଜେନା

ସୁଖ ଦୁଃଖ, ଝଡ଼ଝଞ୍ଜାର ଲୁଚକାଳି ଖେଳ ଭିତରେ ହିଁ ଜୀଇଁବାକୁ ପଡ଼େ। ଜୀବନ ଯୁଦ୍ଧରେ ଅହରହ କରିବାକୁ ପଡ଼େ ସଂଗ୍ରାମ ବୋଲି ଏବେ ଅନୁଭବ କରୁଛି। ହାରିଯିବା ଭୟରେ ଦିନେ ନିଜକୁ ଅସହାୟ ମନେ କରୁଥିବାବେଳେ ଏହି ରଙ୍ଗ ମାଆ ବଞ୍ଚିବାର ରାହା ଦେଖାଇଥିଲେ। ତାଙ୍କରି ପାଇଁ ତ ଆଜି ପୁଣିଥରେ ଗଢ଼ିପାରିଛି ଜୀବନକୁ ନୂଆ ଢଙ୍ଗରେ। ଆଜି କାହିଁକି କେଜାଣି ସେସବୁ ସମୟ ଫାଙ୍କରେ ଜଳଜଳ ହୋଇ ଦିଶିଯାଇଛି।

କେତେ ଆଶା, କେତେ ସ୍ୱପ୍ନ ଭରି ମନରେ ଆଗେଇ ଯାଉଥିଲି ଜୀବନ ପଥେ। ସୁନାର ସଂସାର ଆମ ପୁରି ଉଠୁଥିଲା, ଖୁସିର ଆଞ୍ଜୁଳାରେ, ସମୟର ସମ୍ଭାବନାରେ, ବିଶ୍ୱାସରେ, ସ୍ୱପ୍ନରେ। ହଠାତ୍ ଦିନେ ସ୍ୱପ୍ନକୁ ସଜାଡୁଥିବା ମନ ଭାଙ୍ଗିଗଲା ବାସ୍ତବତାକୁ ଅନୁଭବ କରି। ବ୍ୟସ୍ତ ବିବ୍ରତ ହୋଇପଡୁଥିଲି। ଅସ୍ୱାଭାବିକ ଚେହେରାର ପରିବର୍ତ୍ତନ ଦେଖି। ଖୁବ୍ ଡରିଯାଇଥିଲି। ଏକାଥ ବି କାହାକୁ କହିପାରୁନଥିଲି ଲାଜରେ। ଦିନେ ସବୁ ଲାଜ ଛାଡ଼ି ମୋ ଅନ୍ତରଙ୍ଗ ସାଙ୍ଗ ସୂରଜକୁ କହିବାକୁ ବାଧ୍ୟ ହେଲି। ସୂରଜ ପୁଣି କହିଲା, ହଁରେ ମୁଁ ବି ଟିକିଏ ଟିକିଏ ସନ୍ଦେହ କରୁଥିଲି, ହେଲେ ତୁ ଖରାପ ଭାବିବୁ ବୋଲି କହୁନଥିଲି। ହଁ, ଘରେ ଏ ବିଷୟରେ କହିଚୁ? ନା, କେମିତି କହିବି ଜାଣିପାରୁନି। ହଉ ଛାଡ଼ ମୁଁ ମାଉସୀଙ୍କ ପାଖରେ କହିବି କହି ସୂରଜ ଯାଇ ମାଆକୁ କହିଥିଲା। ମାଆ ବି ସେଇ ଏକା କଥା କହିଥିଲା। ମା' ଆଖି କେବେ ଧୋକା ଖାଏ ନାହିଁରେ ମୁଁ ବି ଅନୁମାନ କରୁଥିଲି। ତୋ ମଉସା ବି ମୋତେ ଏ ବିଷୟରେ କହିଥିଲେ। ଆମେ ସମସ୍ତେ ଜାଣି ତୋ' ଆଗରେ ନ ଜାଣିବାର ଅଭିନୟ କରୁଥିଲୁ। ସେଦିନ ମାଆ ସୂରଜକୁ ଏକଥା କାହା ପାଖରେ ନକହିବାକୁ ରାଣ ପକାଇଥିଲା। ସୂରଜ ବି କାହା ପାଖରେ କହିବନି ଏକଥା କହି ଆମ ଘରୁ ଯାଇଥିଲା ସତ ହେଲେ ବଦଳି ଯାଇଥିଲା ସେ। ମୁଁ ଯେବେ କଲେଜ ଗଲି ମୋତେ ନଦେଖିଲା ପରି ପଳାଇ ଯାଇଥିଲା। ତା' ପଛରେ ଦୌଡ଼ି ଦୌଡ଼ି ଯାଇ ହାତଟିକୁ ଧରିନେଇ କହିଥିଲି, ମୋ ସହ କ'ଣ କଥା ହେଉନୁ? ସେ ଉତ୍ତର ଦେଇଥିଲା – ଆଜିଠୁ ଆମର ବନ୍ଧୁତା ସବୁଦିନ ପାଇଁ ଶେଷ। ମୋ ସହ ଆଉ ସାଙ୍ଗ ହେବାକୁ ଚେଷ୍ଟା କରିବୁନି। ତୋ ସହ ମିଶିଲେ ମୋତେ ବି ସମସ୍ତେ ଥଟ୍ଟା ପରିହାସ କରିବେ। ତେଣୁ ଅନୁରୋଧ କରୁଛି ମୋଠାରୁ ଦୂରେଇ ଯାଆ। ଏମିତି ଅନେକ କଥା କହି ଚାଲିଯାଇଥିଲା। ସବୁ ଶୁଣିବା ପରେ ପାଟିରୁ ମୋର ଶବ୍ଦଟିଏ ବି ବାହାରି ନଥିଲା। ଏତେ ଦିନର ବନ୍ଧୁତାକୁ ଏତେ ଶୀଘ୍ର କେମିତି ଭୁଲିଗଲା। ଭାବୁଥିଲି ସେଦିନ ବହୁତ କାନ୍ଦିଥିଲି ଆଉ ଭଗବାନଙ୍କୁ ବି ରାଗିକି କେତେ କ'ଣ କହିଥିଲି। ଆଖିରୁ ବହିଯାଉଥିବା ଅମାନିଆ ଲୁହକୁ ପୋଛି ପୋଛି ଘରକୁ ଚାଲିଯାଇଥିଲି। ମୁଁ ଜାଣିଥିଲି, ମାଆକୁ କିଛି ନକହିଲେ ବି ସେ ମୋ ମୁହଁକୁ ଦେଖି ସବୁ କିଛି ବୁଝି ପାରିଥିଲା। ଘରେ ଆମର ଶାନ୍ତି ନଥିଲା। ଯାହାର କାରଣ ଥିଲି ମୁଁ। ମୋର ଏକ ପ୍ରକାର କଲେଜ, ବଜାର ସବୁକିଛି ବନ୍ଦ ହୋଇଯାଇଥିଲା। ମୁଁ ବାହାରକୁ ଗଲେ ମୋତେ ଦେଖି ସମସ୍ତେ ଠରାଠରି ହୋଇ ହସୁଥିଲେ। ଯାହା ମୋ ହୃଦୟକୁ ଖିନ୍‌ଭିନ୍ କରି ଦେଉଥିଲା। ବାପା ବି ଦିନେ ମାଆକୁ କହୁଥିବାର ଶୁଣିଲି। ରାଜା ଏ ଘରେ ରହିବାଟା ଠିକ୍ ହେବନି। ମୋ ସାଙ୍ଗମାନେ ମଧ୍ୟ ଏହି କଥା ନେଇ ବହୁତ କିଛି କହୁଛନ୍ତି। ଚାରିଆଡ଼େ ପ୍ରାୟ ପ୍ରଚାର ହୋଇଗଲାଣି। ମୋତେ ଭଲ ଲାଗୁନି। ତାକୁ ବାଲେଶ୍ୱର ପଠାଇଦେବା। ସେଠାରେ ରଙ୍ଗ ମାଆ ପାଖରେ ରହିବ। ରାଜା ପରି ଆହୁରି କେତେ ଜଣ ତାଙ୍କ ପାଖରେ ରହୁଛନ୍ତି। ମୁଁ ମାସକୁ ମାସ ତା' ଖର୍ଚ୍ଚ ପାଇଁ ଟଙ୍କା ପଠାଇଦେବି। କିଛି ତା'ର ଅସୁବିଧା ହେବନି। ସିଏ ବି ସେଠାରେ ଖୁସିରେ ରହିବ ଆଉ ଆମେ ବି ...। ଏ ପ୍ରସ୍ତାବଟି ମୋର ଜଣେ ସାଙ୍ଗ ଦେଇଛି। ମାଆ ଶୁଣିବା ପରେ କହିଥିଲା, ନା ମୋ ପୁଅକୁ କେଉଁଠିକୁ ପଠାଇପାରିବିନି। ଯିଏ ଯାହା କହନ୍ତୁ ସିଏ ଏଇଠି ରହିବ ଆମ ସାଙ୍ଗରେ। ତମେ ବାପା ହୋଇ କେମିତି ଏପରି କଥା କହିପାରୁଛ? ବାପା ଚଢ଼ା ଗଳାରେ କହିଲେ, ମୋର ଗୋଟିଏ ଆଭିଜାତ୍ୟ ଗୋଟେ ସମ୍ମାନ ଅଛି। ହଁ, ପାରୁଛ ଯଦି ତମେ ତା' ସାଙ୍ଗରେ ପଳାଅ। ଶୁଣ, ମୁଁ ଫୋନ୍ କରିଦେଇଛି ରଙ୍ଗ ମାଆ ଆସି ତାକୁ ନେଇଯିବେ। ମାଆ ମୋର ବାପାଙ୍କ ରାଗ ଦେଖି କିଛି ନକହି ସୁଁ ସୁଁ ହେଉଥିଲା। ବୋଧହୁଏ ଏକଥା ଶୁଣି କାନ୍ଦୁଥିଲା।

ମୁଁ ନିଶବ୍ଦ କୋଠରୀରେ ବସି ସମସ୍ତଙ୍କୁ ଜଣ ଜଣ କରି ପରଖୁଥିଲି। କେତେ ସ୍ୱାର୍ଥପର ଏ ଦୁନିଆ ସତେ। ଦୁଇ ଦିନ ପରେ ଖାଇସାରି ଧୋଇ ହେଉଛି ହଠାତ୍ ଜଣେ ଅଚିହ୍ନା ମୁହଁ ଦେଖି ଚମକି ପଡ଼ିଲି। ମନେ ପଡ଼ିଗଲା ବାପାଙ୍କ କଥା। ଇଏ ତାହେଲେ ରଙ୍ଗମାଆ। ତାଙ୍କ ସାଙ୍ଗରେ ବାପାବି ଥିଲେ ମୋତେ ଚିହ୍ନେଇ ଦେଲେ। ମୁଁ ଯାଇ ତାଙ୍କୁ ପ୍ରଣାମ କଲି। ସେ ମୋ ମୁଣ୍ଡକୁ ଆଉଁସି କହିଲେ ଆଉ ବାବା, ତୁ ରାଜା ନା ତୋ ସହ କଥା ଅଛି। ବାପା ତାଙ୍କୁ ଡ୍ରଇଁରୁମ୍‌ରେ ନେଇ ବସାଇଲେ ମୁଁ ବି ତାଙ୍କ ସହ ବସିଲି। ତାଙ୍କ ଆସିବାର କାରଣ ଜାଣିବି ଚୁପ୍ ରହିଲି। ପ୍ରଥମେ ସେ ଆରମ୍ଭ କଲେ ମୋତେ ରଙ୍ଗ ମାଆ ବୋଲି ସମସ୍ତେ ଡାକନ୍ତି ତୁବି ମୋତେ ଏଇ ନାଁରେ ଡାକି ପାରିବୁ। ମୁଁ ତୋ ବିଷୟରେ ସବୁ ବାପାଙ୍କଠୁ ଶୁଣିଛି। ଦୁଃଖ ବି ଲାଗିଲା ହେଲେ କ'ଣ କରିବା ଭାଗ୍ୟକୁ ଆଦରି ରହିବା ଛଡା ଆମର ଅନ୍ୟ କିଛି ଉପାୟ ନାହିଁ।

ତୋର ଆଉ ଏଠି ରହିବାଟା ଉଚିତ୍ ମନେ କରୁନି। ମୋ ସହ ତୋତେ ଯିବାକୁ ପଡ଼ିବ ଆମ ଦୁନିଆକୁ। ନହେଲେ ଏ ସମାଜ ଶାନ୍ତିରେ ଟିକେ ବଞ୍ଚିବାକୁ ଦେବନିରେ। ତୁ ଅନୁଭବ କରିପାରୁଛୁନା। ତୋତେ ସମସ୍ତେ କେମିତି ହୀନ ଦୃଷ୍ଟିରେ ଦେଖୁଛନ୍ତି। ସବୁ ସହି ପାରିବୁତ? ସବୁ ଶୁଣିବା ପରେ କାନ୍ଦ ଲାଗୁଥିଲେ ବି ହୃଦୟ କୋହକୁ ଚାପି କହିଥିଲି, ମୁଁ ଆପଣଙ୍କ ସାଙ୍ଗରେ ଯାଇପାରିବିନି। ମୋ ପରିବାରକୁ ଛାଡ଼ି ଗୋଟିଏ ମୁହୂର୍ତ୍ତବି ବଞ୍ଚିପାରିବିନି। ସବୁ ସହି ଏ ଘରେ ପଡ଼ି ରହିଥିବି। ମୋ କଥା ସରିଛି କି ନାହିଁ ବାପା ରାଗରେ ଗର୍ଜିଉଠି କହିଲେ, ତୁ ଆଉ ଏ ଘରେ ରହିବା ଦରକାର ନାହିଁ। ତୁ ଏ ଘରେ ରହିଲେ ମୋ ମାନ ସମ୍ମାନ ରହିବତ? ମୋର କେତେ ଆଡ଼େ ନାଁ ଅଛି ତୁ କ'ଣ ଜାଣିବୁ? ମୁଁ ରଙ୍ଗ ମାଆକୁ ଡକାଇଥିଲି

ତୋତେ ସାଙ୍ଗରେ ନେଇଯିବେ। ତୋର ସବୁ ଖର୍ଚ୍ଚ ପଠାଇଦେବି ହେଲେ ଦୟା କରି ଏ ଘରୁ ଚାଲିଯାଆ ଆଉ ଯେପରି ଏ ମାଟି ନମାଡୁ।

ସାନଭଉଣୀ ଲିଜା କେଉଁଠିଥିଲା କେଜାଣି ଦଉଡ଼ି ଆସି କହିଲା ହଁ ଭାଇ ବାପା ଠିକ୍ କହିଛନ୍ତି। ତୁ ଏ ଘରେ ରହିଲେ ମୋ ବାହାଘର ବି କେଉଁଠି ହୋଇପାରିବନି। ତେଣୁ ଲୋକମାନେ ଦେଖିବା ପୂର୍ବରୁ ଏ ରାତିରେ ଘର ଛାଡ଼ି ପଳା। ସବୁଶୁଣି ଭେଁ ଭେଁ କରି କାନ୍ଦି ଉଠିଥିଲି। ଶେଷରେ ମାଆ ପାଖକୁ ଯାଇ କହିଲି। ମାଆ ତୁ ବି ମୋତେ କ'ଣ ପର କରିଦେବୁ? ଛୋଟ ବେଳେ ଯେମିତି ମୋ ସୁରକ୍ଷା ପାଇଁ ତୋ ପଣତ କାନିରେ ମୋତେ ଘୋଡେଇ ଦେଉଥିଲୁ ଠିକ୍ ସେମିତି ଆଜି ଥରେ ତୋ ପଣତ କାନିରେ ମୋତେ ଲୁଚେଇଦେ ଯେ ମୋତେ କେହି ଦେଖିପାରିବେନି କି ଅଲଗା କରିପାରିବେନି। ତମମାନଙ୍କୁ ଛାଡ଼ି କେଉଁଠିବି ଖୁସିରେ ରହିପାରିବିନି ମାଆ। ମୋ କଥାଶୁଣି ମାଆ କାନ୍ଦି କାନ୍ଦି ଧଡ୍‌କିନା କବାଟଟା ଦେଇଦେଲା।

କବାଟ ବାହାରେ ଠିଆ ହୋଇ ମର୍ମାହତ ମନରେ ଆକଳନ କରୁଥିଲି ଆତ୍ମୀୟସ୍ୱଜନଙ୍କ ମଝିରେ ବଢ଼ିଯାଇଥିବା ଦୂରତାକୁ। ଆଭିଜାତ୍ୟ ବେଳେ କେମିତି ଯୋଡ଼ି ହୋଇଯାଉଥିଲି ମୁଁ। ମୋରବା ଭୁଲ୍ ଥିଲା କେଉଁଠି ଜାଣିପାରୁନଥିଲି। ସବୁ ଦୁଃଖ ଚାପି ସେଦିନ ରଙ୍ଗମାଆଙ୍କ ସଙ୍ଗେ ଘରୁ ଆସିଲା ବେଳେ ବାରମ୍ବାର ପଛକୁ ଫେରି ଚାହୁଁଥିଲି ଘର ଲୋକଙ୍କୁ ଟିକେ ଦେଖିବା ପାଇଁ ହେଲେ କାହାକୁ ଦେଖିବାକୁ ପାଇଲିନି। ବୋଧହୁଏ ତାଙ୍କ ପାଇଁ ବଡ଼ ବୋଝ ଥିଲି। ଆଜି ନିଶ୍ଚିତ ଭାବେ ଆଶ୍ୱସ୍ତି ଅନୁଭବ କରୁଥିବେ। ହଁ, ସେହିଦିନଠୁ ସେଇ ଅନ୍ଧାରରେ ରହିଯାଇଥିଲା ମୋ ଆତ୍ମକଥା। ଲାଗୁଥିଲା ସମସ୍ତେ ଯେମିତି ମୋତେ ଅଟ୍ଟହାସ୍ୟ କରି କହୁଛନ୍ତି ତୁ ଗୋଟେ...। ସବୁ ସ୍ୱପ୍ନକୁ ସମାଧି ଦେଇ ସେହି ମୁହୂର୍ତ୍ତରେ ଛାତିରେ ଛାତିଏ କୋହ ଧରି ଚାଲି ଆସିଥିଲି ନୂଆ ପରିଚୟ ରାଣୀ ହୋଇ। ଘରୁ ଆସିବାର ଦଶବର୍ଷ ହୋଇଗଲାଣି। ମୋ ଖବର ଘରେ ରଖିନାହାଁନ୍ତି କି ମୁଁ ଘର ଖବର ରଖିନି। ବେଳେବେଳେ ଘରକଥା ମନେପଡ଼ିଲେ ନିଜକୁ ଦୃଢ଼ କରିଦିଏ। ଭାବେ ଅତୀତକୁ ମନେ ପକାଇ କାନ୍ଦିବା ଅପେକ୍ଷା ବର୍ତ୍ତମାନ ଓ ଭବିଷ୍ୟତରୁ ଆଖି ଆଗେ ରଖି ଜୀବନ ସହଲଢ଼ିବାକୁ ପଡ଼ିବ ଆପଣାର ଲାଗୁଥିବା ଏହିମାନଙ୍କ ସହ। ଆରେ ରାଣୀ ଏତେ କ'ଣ ଭାବୁଛୁ ଯେ ବେଗି ସଜ ହୋଇପଡ଼ ଆମକୁ ଏବେ ଯିବାକୁ ପଡ଼ିବ ବସନ୍ତପୁର, ସେଠଇ ମେଳା ବସିଛି। ତାଳିଟିଏ ମାରି ଟଙ୍କା ଦିଇଟା ନ ଆଣିଲେ ଆମେ ଚଳିବା କେମିତି, ବଞ୍ଚିବା କିପରି? ହଠାତ୍ ରଙ୍ଗ ମାଆଙ୍କ ଡାକରେ ଚମକି ପଡ଼ି ଆଖିରୁ ବହିଯାଉଥିବା ଅମାନିଆ ଲୁହକୁ ପୋଛି ଦେଇ ଯାଉଛି ଯାଉଛି କହି ...।

*କେନ୍ଦୁଝର*
*ଦୂରଭାଷ: ୯୪୩୭୦୯୨୬୫୫*

*With Best Compliments From:-*

**Rtn. Sukumar Pattnaik**
Phone : (0674) 2748878
Mobile : 9437283820
E-mail : technocraftsbbsr@gmail.com

**TECHNOCRAFTS**
**An ISO 9001 : 2015 Company**
**Engineer & Contractors**
Plot No. 1169, Road No. 8,
Unit-IX, Bhubaneswar - 751022, Odisha

***We understand vertical Transportation System***
Design / AMC / Service / Modernisation / Supply & Installation of Elevators / Escaltors
**Branch Office :** L-12, Netaji Subash Enclave, Gadakana, Near Kendriya Vidalaya, No.-3, Bhubaneswar-751017

# ଡିମ୍ବିରି ଫୁଲର ପ୍ରେମ

## ସୁଷମା ପରିଜା

'ସରିତା' ସାଙ୍ଗେ ମୋ'ର ପ୍ରଥମ ଦେଖା ପ୍ରାୟ କୋଡିଏ ବର୍ଷ ତଳର ଏକ ବର୍ଷଣ ମୁଖର ସନ୍ଧ୍ୟାରେ। ସେଦିନ ଅଫିସ୍ ଛୁଟି ଥିବାରୁ ଡ୍ରଇଂ ରୁମ୍ ଝର୍କା ଖୋଲା ରଖି ମୁଁ ବାହାରେ ବର୍ଷା ଦେଖୁଥାଏ, ଏଇ ସମୟରେ ଗେଟ୍ ପାଖରେ ଅଟୋଟିଏ ଲାଗିଲା। ମୁଁ ଉତ୍ସାହିତ ହୋଇ ସିଆଡେ ଚାହିଁଲା ବେଳକୁ ଦେଖିଲି ଅଧାଅଧି ଓଦା ହୋଇ ଦୁଇଜଣ ଝିଅ ଅଟୋରୁ ଓହ୍ଲାଇ ଆମ ଗେଟ୍ ଖୋଲି ଭିତରକୁ ପଶିଲେ। ଝିଅଟିଏ ବୋଲି ଆଉ ଟିକେ ଆଗ୍ରହୀ ହୋଇ ବାହାର ପଟ କବାଟ ଖୋଲି ଚାହିଁଲି। ଆମ ପଡିଶା ଘର ଝିଅ ମିତାଲି ସହିତ ତା'ରି ବୟସର ଆଉ ଜଣେ ଝିଅ ପଶି ଆସିଲେ ଆମ ପୋର୍ଟିକୋ ତଳକୁ। ଆମ ଘର ପଛପଟକୁ ମିତାଲିର ଘର। ତା'ର ବାପା ଭାଇ ବାହାରେ ଚାକିରୀ କରନ୍ତି, ଘରେ ସେମାନେ ମା' ଝିଅ ଦୁଇଜଣ। ମିତାଲି ଜଗତପୁର ପାଖରେ ଗୋଟେ ଇନିଷ୍ଟିଚ୍ୟୁଟ୍‌ରେ ଫ୍ୟାସନ୍ ଡ଼ିଜାଇନିଂରେ ଡିପ୍ଲୋମା କରୁଛି। ଘର ପାଖରୁ ଛକ ଯାଏଁ ଚାଲିଗଲେ ଯେକୌଣସି ବସ୍ ଧରି ଆରାମ୍‌ରେ ପହଞ୍ଚି ହୁଏ ତା' ଇନିଷ୍ଟିଚ୍ୟୁଟ୍‌ରେ। ଏମିତି ବର୍ଷା ହେଲେ ଯାହା ଯିବା ଆସିବାର ଅସୁବିଧା। ଏବେ ଏତିକି ବର୍ଷାରେ ମଧ୍ୟ ସିଏ ତାଙ୍କ ଘରକୁ ଯିବା ବେଳକୁ ସମ୍ପୂର୍ଣ୍ଣ ଓଦା ହେବାଟା ଥୟ।

ସେଥିପାଇଁ ସେ ସାଙ୍ଗକୁ ଧରି ଆମ ଘରେ ଆସି ଠିଆ ହୋଇଛି। ମିତାଲିର ପୋନିଟେଲ୍ ଆଉ ଆର ଝିଅଟିର ଲମ୍ବା ବେଣୀରୁ ବର୍ଷା ପାଣି ଝରିପଡୁଥାଏ। ନିଜ ଓଢଣୀରେ ମୁଣ୍ଡ ପୋଛୁ ପୋଛୁ ମିତାଲି ହିଁ ମତେ ଚିହ୍ନେଇ ଦେଲା ଅନ୍ୟ ଝିଅ ଟିକୁ "ମାଉସୀ! ଇଏ ସରିତା.., ମୋ ସାଙ୍ଗରେ ଆମ ଇନିଷ୍ଟିଚ୍ୟୁଟ୍ ରେ ପଢ଼େ। ତାଙ୍କର ଘର ଢେଙ୍କାନାଳର ଏକ ଗାଆଁରେ। ସେ ସବୁଦିନ ତାଙ୍କ ଗାଆଁରୁ ବସ୍‌ରେ ଯିବା ଆସିବା କରେ, ହେଲେ ଆଜି ଏତେ ବର୍ଷାରେ କେମିତି ଯିବ ବୋଲି ମୁଁ ତା'କୁ ଆମ ଘରକୁ ଡାକି ଆଣିଛି। ଏମିତିରେ ଆମ ମିତାଲି ଟିକିଏ ଅଧିକ ଗପୁଡି, ମୁଁ ତା' କଥାକୁ ସେଇଠି ବନ୍ଦ ରଖି ସେମାନଙ୍କୁ ଆମ ଘର ଭିତରକୁ ଆସି ଫ୍ୟାନ୍ ତଳେ ଲୁଗାପଟା ଶୁଖାଇ ନେବା ପାଇଁ କହିଲି। ଝିଅଟି ଟିକିଏ ସଙ୍କୁଚିତ ହୋଇ ଆସି ମୋ'ର ପାଦ ଛୁଇଁ ପ୍ରଣାମ କଲା, ମୁଁ ସେମାନଙ୍କ ପାଇଁ ଚାହା ସହିତ କିଛି ଜଳଖିଆ ଆଣିବାକୁ ଘର ଭିତରକୁ ଚାଲିଗଲି। ଚାହା ଜଳଖିଆ ଧରି ଫେରିବା ବେଳକୁ ସେମାନଙ୍କ ଲୁଗାପଟା ପ୍ରାୟ ଶୁଖି ଆସିଥିଲା। ଜଳଖିଆ ଖାଇବା ଭିତରେ ମୁଁ ସରିତାର ଘର ପରିବାର ବିଷୟରେ ବୁଝି ନେଇଥିଲି। ତା'ର କଥା ରୁ ଯାହା ଜାଣିଲି ତାଙ୍କର ଚାଷବନ୍ଦୀ ଘର, ସେମାନେ ଭାଇ ଭଉଣୀ ମିଶି ପାଞ୍ଚ ଜଣ, ବାପା ପ୍ରାଇମେରୀ ସ୍କୁଲର ଶିକ୍ଷକ, ମାଆ ଗୃହିଣୀ, ଭାଇ ଭଉଣୀ ସମସ୍ତେ ପାଠ ପଢୁଛନ୍ତି, ସମସ୍ତ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ବାପା ସେମାନଙ୍କୁ ପାଠଶାଠ ପଢ଼ାଇ ମଣିଷ କରିବା ପାଇଁ ବହୁତ କଷ୍ଟ କରୁଛନ୍ତି। କାହିଁକି କେଜାଣି ସେଦିନ ମୋତେ ଖୁବ୍ ଭଲ ଲାଗିଥିଲା ସରିତା। ପତଳା ନକନକ ତା' ଶ୍ୟାମଳ ରଙ୍ଗର ଦେହକୁ ପାନପତ୍ର ଭଳି ଛୋଟ ମୁହଁରେ ତୀଖା ନାକ ଆଉ ଢଳଢଳ ଆଖି ଦୁଇଟି ମୋତେ ଆକର୍ଷିତ କରୁଥିଲା। ତା'ର ସୁନ୍ଦର ବ୍ୟବହାର, ନରମ କଥା ଆଉ ନିର୍ମଳ ହସ ମୋ' ମନକୁ ଖୁବ୍ ଛୁଉଁଥିଲା। ସେମାନେ ଚାହା ଜଳଖିଆ ଖାଇ ସାରିଲା ବେଳକୁ ବର୍ଷା ସମ୍ପୂର୍ଣ୍ଣ ଛାଡି ଯାଇଥିଲା। ସେମାନେ ମିତାଲି ଘରକୁ ଯିବା ବେଳକୁ ପୁଣିଥରେ ମୋ'ର ପାଦ ଛୁଇଁ ପ୍ରଣାମ କଲା ସରିତା। ଆଉକେବେ ଆସିଲେ ଆମ ଘରକୁ ନିଶ୍ଚୟ ଆସିବୁ ବୋଲି ସ୍ନେହରେ ଅନୁରୋଧ କରି ସେମାନଙ୍କୁ ବିଦାୟ ଦେଲି ମୁଁ। ତା' ପରଠାରୁ ସରିତା ଅଧିକାଂଶ ସମୟରେ ମିତାଲିର ଘରକୁ ଆସୁଥିଲା, ବେଳେବେଳେ ଦିନେ ଦୁଇଦିନ ତାଙ୍କ ଘରେ ରହି ଯାଉଥିଲା। ସେଇ ସମୟରେ ସେ ନିଶ୍ଚିତ ଭାବରେ ଥରେ ମୋ' ସହିତ ଦେଖା କରିବା ପାଇଁ ଆମ ଘରକୁ ଆସୁଥିଲା। ଦିନକୁ ଦିନ ଆମ ଭିତରେ ଆତ୍ମୀୟତା ବଢୁଥିଲା।

ମିତାଲି ମୋ' ଝିଅଠାରୁ ଦି' ଚାରି ବର୍ଷ ସାନ ହେଲେ ମଧ୍ୟ ଦୁହିଁଙ୍କ ଭିତରେ ବନ୍ଧୁତା ଅଧିକ। ତେଣୁ ତା'ର ଅଧିକାଂଶ ସମୟରେ ଆମ ଘରେ କଟେ। ଦୁଇ ଝିଅ ମିଶି ଏକାଠି ଖେଳିବା ଖାଇବା ବୁଲିବା ସହିତ ଦୁନିଆଁ ଯାକର ଗପ ମେଲି ଦିଅନ୍ତି। ସରିତା ଥିଲେ ସିଏ ମଧ୍ୟ ଯୋଗଦିଏ ତାଙ୍କ ସାଥିରେ। ଆମ ଭିତରେ ବେଳେବେଳେ ସରିତାର କଥା ମଧ୍ୟ ପଡ଼େ। ସରିତା କେତେ ଗୁଣର ଝିଅ, ପାଠ ପଢିବା ପାଇଁ ସେ କେତେ କଷ୍ଟ କରୁଛି, ଟଙ୍କା ପଇସା ପାଖରେ ନଥିଲେ ଦିନେ ଦିନେ ଖରାବେଳେ ଉପାସ ରହିବ ସିନା କାହାରିକୁ ମୁହଁ ଖୋଲି କହିବନି। ସାଙ୍ଗ ସାଥି କେହି ଖାଇବାକୁ ଡାକିଲେ ମୋ' ପେଟ ଭଲ ଲାଗୁନି କହି ବାଆଁରେଇ ଦେବ ଇତ୍ୟାଦି ଇତ୍ୟାଦି ଅନେକ କଥା କହେ ମିତାଲି। ସେଇ ସବୁ କଥା ମୋ' କାନରେ ବି' ପଡ଼େ, ମନେ ମନେ ଭାବେ ପ୍ରଭୁ ଏଝିଅଟି ଏତେ କଷ୍ଟ କରୁଛି, ତା'ର ପରିଶ୍ରମ ସାର୍ଥକ ହେଉ। ତା'ର ଫାଇନାଲ୍ ପରୀକ୍ଷାରେ ଭଲ ରେଜଲ୍‌ଟ ହୋଇ ଶୀଘ୍ର ତା'କୁ ଚାକିରିଟିଏ ମିଳିଯାଉ, ତେବେ ହୁଏତ ତା'ର କଷ୍ଟ ଲାଘବ ହେବ, ତା'ର ବାପାଙ୍କୁ ମଧ୍ୟ ଜ୍ୱାଇଁ ଖୋଜିବାକୁ କଷ୍ଟ ପଡିବ ନାହିଁ। ସତକୁ ସତ ସରିତା ମିତାଲି ଠାରୁ ଅଧିକ ନମ୍ବର ରଖି ପାସ୍ କଲା। ପାସ୍ କଲାପରେ ମିତାଲି ଚାକିରି ଟିଏ ଖୋଜିବା ପାଇଁ ତା'ର ବାପାଙ୍କ ପାଖକୁ ଚାଲିଗଲା ରାୟପୁର, ଆଉ ସରିତା ଫେରିଗଲା ଗାଆଁକୁ। ଗାଆଁରେ ରହି ଚାକିରିଟିଏ ଖୋଜିବା ସହଜ ହେଉନଥିବାରୁ ବେଳେବେଳେ ଆସି କଟକରେ ମିତାଲି ମାଆଙ୍କ ପାଖରେ ରହିଯାଏ ଦିନେ ଦି' ଦିନ। ମୋ' ସହ ଦେଖାହେଲେ ଭଲ ମନ୍ଦ ଦି'ପଦ କଥାହୁଏ। କହେ, ଘରର ଆର୍ଥିକ ପରିସ୍ଥିତି ତ' ଜାଣିଛନ୍ତି ମାଉସୀ , ଚାକିରିଟିଏ ଭୁବନେଶ୍ୱରରେ ଦେଖୁଛି, ହେଲେ ଫ୍ୟାସନ୍ ଡ଼ିଜାଇନିଂରେ ଆମର ଏଠି ସେମିତି ଭଲ ସ୍କୋପ୍ ନାହିଁ, ସେଥିରେ ପୁଣି ସାଧାରଣ ସିଲେଇ କରୁଥିବା ମହିଳାଙ୍କ ଭଳି ଲୋକଙ୍କ ବ୍ୟବହାର ... ନା' କିଛି ଭଲ ଲାଗୁନି, ତଥାପି ଦେଖୁଛି, କିଛି ସମ୍ମାନଜନକ ଚାକିରିଟିଏ ଯଦି ମିଳିଯାଏ!! ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସରିତାର ଆତ୍ମ ମର୍ଯ୍ୟାଦା ମତେ ବିବଶ କରୁଥିଲା ତା'

ବିଷୟରେ ଭାବିବା ପାଇଁ। କିଛିଦିନ ପରେ ଦିନେ ନିଜେ ଆସି ଖୁସିର ଖବରଟି ଦେଇଥିଲା ସିଏ, ଭୁବନେଶ୍ୱର "ବୟନିକା"ରେ ଚାକିରିଟିଏ ମିଳିଛି ମାଉସୀ। ଏଇ ମାସରେ ଜଏନ୍ କରବି, ଭୁବନେଶ୍ୱରରେ ଘରଭଡ଼ା ନେଇ ରହିବି। ଗଭୀର ଆତ୍ମତୃପ୍ତିରେ ଝଲସି ଉଠୁଥିଲା ତା' ମୁହଁ। ତା'ର ଅଳ୍ପ ଦିନ ପରେ ମିତାଲିର ବାହାଘର ହେଲା। ଅଫିସ୍‌ରୁ ଦୁଇଦିନ ଛୁଟି ନେଇ ଖୁବ୍ ଖୁସିରେ ଆସି ମିତାଲିର ବାହାଘରରେ ସାମିଲ ହୋଇଥିଲା ସରିତା। ବାହାଘର ପରେ ମିତାଲି ତା'ର ସ୍ୱାମୀ ସହିତ ଚାଲିଗଲା ବେଙ୍ଗାଲୁରୁ, ସେଠାରୁ କିଛିଦିନ ପରେ ଅଷ୍ଟ୍ରେଲିଆ। କାର୍ଯ୍ୟ ବ୍ୟସ୍ତତା ଭିତରେ ସରିତାର ଯିବା ଆସିବା ମଧ୍ୟ କମି ଯାଇଥିଲା ଅନେକ, ବ୍ୟବଧାନ ମଧ୍ୟ ବଢ଼ି ଚାଲିଥିଲା, ଦିନ ପରେ ମାସ, ମାସ ପରେ ବର୍ଷ। ଜଞ୍ଜାଳ ଭିତରେ ରହି ମୁଁ ମଧ୍ୟ ତା'କୁ କେବେ ବି' ଭେଟି ପାରୁନଥିଲି ।

ବେଳେବେଳେ ମିତାଲିର ମା' ଙ୍କ ପାଖରୁ ଶୁଣେ ସରିତା ଏବେ ଭଲ ରୋଜଗାର କରୁଛି, ତା'ର ଅନ୍ୟ ଭାଇଭଉଣୀମାନେ ମଧ୍ୟ ଲାଗିଗଲେଣି କାମରେ, ଏବେ ତାଙ୍କ ଘରର ଆର୍ଥିକ ପରିସ୍ଥିତି ଖୁବ୍ ବଦଳି ଗଲାଣି, କୋଠାବାଡ଼ି କରି ବଡ ପୁଅକୁ ବାହା କଲେଣି, ମଝିଆଁ ପୁଅ, ଝିଅ ଦୁହେଁ ଇଞ୍ଜିନିୟରିଂ ପଢ଼ି ଚାକିରି କଲେଣି ଇତ୍ୟାଦି ଇତ୍ୟାଦି ଅନେକ କଥା। ସେ ସବୁ ଶୁଣିବାକୁ ଆଗ୍ରହ ନଥାଏ ମୋ'ର। ମୋ' ମନରେ ଖାଲି ସରିତାର ବାହାଘର ହେଲାଣି କି ନାହିଁ ସେଇ କଥା ଜାଣିବାର ଉତ୍ସୁକତା ଥାଏ, ହେଲେ ସେ କଥା କେବେ କହନ୍ତି ନାହିଁ ମିତାଲି ମା'। ଯା ଭିତରେ ଯୁଗ ଟିଏ ବିତି ସାରିଥାଏ, ସରିତା ମୋ'ର ସ୍ମୃତିପଟରୁ ଲିଭି ସାରିଥାଏ ଜାଣ, ଠିକ୍ ସେଇ ସମୟରେ ଦିନେ ମିତାଲିର ମା' ଆସି ଖୁସି ଖବରଟିଏ ଦେଲେ "ଜାଣିଛ ! ଏତେଦିନ ପରେ ଆମ ସରିତାକୁ ବରଟିଏ ମିଳିଛି ମ'...।"

- ସତେ ନା'କ'ଣ ...? ମନେ ମନେ ଖୁସି ହେଲେ ବି' ମୁଁ ଆଶ୍ଚର୍ଯ୍ୟ ହେଲି। ଅନୁମାନ କଲି ସରିତାର ବୟସ ଏବେ ଚାଳିଶି ପାର୍ ହେବଣି, ଏ ବୟସରେ...ବାହାଘର ? ଲଭ୍ ମ୍ୟାରେଜ୍ ନା' ଆରେଞ୍ଜଡ୍ ମ୍ୟାରେଜ୍ ?? କୌତୁହଳୀ ହୋଇ ଉଠିଥିଲି ମୁଁ।

- ସତେ ମ'। ଜାଣିଛ ନା' ସେ ବରଟି ବି' ସରିତାର ପାଖାପାଖି ବୟସର ହେବ, ନିଜ ଘର ଅନୁଗୁଳର ଗୋଟିଏ ଗାଆଁରେ, ପିଲାଟି ଗୋଟିଏ ଅଷ୍ଟ୍ରେଲିଆନ୍ କମ୍ପାନୀରେ ଇଞ୍ଜିନିୟର ଅଛି, ବର ଘର ତରଫରୁ ପ୍ରସ୍ତାବ ଆସିଥିଲା, ସେମାନେ ସରିତାକୁ ଦେଖି ରାଜି ହୋଇଛନ୍ତି। ଆଉ ବର କନ୍ୟା ଉଭୟେ ଭିଡିଓ କଲ୍‌ରେ କଥାବାର୍ତ୍ତା ହୋଇ ରାଜି ହୋଇଛନ୍ତି, ବାହାଘର ଏଇ ଆସନ୍ତା ତିଥିରେ ହେବ। ଆମ ମିତାଲି ପରା ଆଗୁଆ ସେ ବର ସହିତ ଯୋଗାଯୋଗ କରି ସେମାନଙ୍କ ପାଇଁ ସେଠାରେ ଘରଦ୍ୱାର ଠିକ୍ କଲାଣି ସେମାନେ ରହିବାକୁ। ଦୁଇ ସାଙ୍ଗ ଏତେ ବର୍ଷ ପରେ ଦେଖା ହେବେ, ପୁଣି ସାଥି ହୋଇ ପାଖାପାଖି ରହିବେ, ସିଏ କ'ଣ କମ୍ ଖୁସିର କଥା କି ?? ମିତାଲିର ଗୋଡ଼ ଆଉ ତଳେ ଲାଗୁନାହିଁ ପରା। ମିତାଲି ମା'ଙ୍କର ଖୁସି ମଧ୍ୟ କିଛି କମ୍ ନଥିଲା। ଆମେ ଦୁହେଁ ମିଶି ସରିତାର ସୁଖମୟ ଦାମ୍ପତ୍ୟ କାମନା କଲୁ। ଡେରିରେ ହେଉ ପଛକେ ଈଶ୍ୱର ତା'କୁ ତା'ର ଇପ୍ସିତ ସଂସାରଟିଏ ଦେଇଛନ୍ତି ବୋଲି ଈଶ୍ୱରଙ୍କୁ ଧନ୍ୟବାଦ ଜଣେଇଲୁ।

ଖୁବ୍ ଧୁମଧାମ୍‌ରେ ସରିତା ସହ ସତ୍ୟବ୍ରତର ବାହାଘର ହୋଇଗଲା ତାଙ୍କର ଢ଼େଙ୍କାନାଳ ସ୍ଥିତ ଘରେ। ଝିଅର ପରୀକ୍ଷା ଥିବାରୁ ମିତାଲି ଅଷ୍ଟ୍ରେଲିଆରୁ ଆସିପାରିଲା ନାହିଁ ହେଲେ ତା' ମାଆ ବାପାଙ୍କୁ ବାରମ୍ବାର ତାଗିଦ୍ କରି କହିଥିଲା ଚାରି ଦିନ ଆଗରୁ ସରିତାର ଗାଆଁକୁ ଯାଇ ତା' ବାହାଘରରେ ତାଙ୍କର ପରିବାରକୁ ସାହାଯ୍ୟ କରିବାକୁ। ତା' ପସନ୍ଦର ଲୁଗାପଟା ସହ ଗହଣାଟିଏ ଦେବାକୁ। ସେ ବାହାଘରରୁ ଫେରି ମିତାଲି ମା' ଭାରମିଠା ଧରି ଆମ ଘରକୁ ଆସିଥିଲେ। ଖୁବ୍ ଖୁସିରେ ସରିତାର ବାହାଘର ଫଟୋ ଗୁଡ଼ିକ ମୋତେ ଦେଖାଇ କହିଥିଲେ "ଜାଣିଲନା' ସରିତା ଖୁବ୍ ଭାଗ୍ୟବତୀ। ଭଲ ଜ୍ୱାଇଁଟିଏ ପାଇଛି। ଲୋକେ ତା'କୁ 'କାଳୀ କୋତରି' କହି କେତେ ବାହାଘର ଭାଙ୍ଗିଥିଲେ, ଏଇ ଦେଖ, ଏତେ ସୁନ୍ଦର ଜ୍ୱାଇଁ, ଏତେ ଭଲ ଘର, ତା' ଭାଗ୍ୟରେ ଥିଲା। କାଗଜପତ୍ର କାମ ସାରି ଆଉ ଦୁଇ ମାସ ପରେ ସତ୍ୟ ତା'କୁ ନେଇଯିବ ଅଷ୍ଟ୍ରେଲିଆ। ଏବେ ବାହାଘର ପରେ ରେଜିଷ୍ଟ୍ରି ମ୍ୟାରେଜ୍ ହେବ ତା'ପରେ ଜ୍ୱାଇଁ ସେଠିକି ଚାଲିଯିବ। ସେଠାରେ କାଗଜପତ୍ର କାମ ସାରି ପୁଣି ଥରେ ଆସି ନେଇଯିବ ସରିତାକୁ। ମୁଁ ଫଟୋଗୁଡ଼ିକ ଖୁବ୍ ନିରିଖେଇ ଦେଖୁଥିଲି, ଫଟୋରେ ବୋହୂ ବେଶରେ ଖୁବ୍ ସୁନ୍ଦର ଦିଶୁଥିଲା ସରିତା, ଜ୍ୱାଇଁ ସହ ଲାଜ ଲାଜ ହସ ମୁହଁରେ ପରୀଟିଏ ଭଳି ଦିଶୁଥିଲା। ସରିତାକୁ ଏମିତି ମନଖୋଲି ହସିବାର ହୁଏତ ମୁଁ କେବେ ଦେଖି ନଥିଲି। ଅଜାଣତରେ ମୋ'ର ମନକୁ ତା'ର ଖୁସି ସଂଚରି ଆସିଲା। "ହେ ପ୍ରଭୁ! ସରିତା ସବୁବେଳେ ଏମିତି ହସୁଥାଉ" ମନେ ମନେ ପ୍ରାର୍ଥନା କଲି ଈଶ୍ୱରଙ୍କୁ।

ଯା' ଭିତରେ ମାସଟିଏ ବିତି ସାରିଥାଏ। ଦିନେ ମିତାଲି ମା' ଭେଟ ପଡ଼ିଗଲେ। "ସରିତା କେବେ ଅଷ୍ଟ୍ରେଲିଆ ଯାଉଛି ?" ବୋଲି ପଚାରି ଦେଲି ତାଙ୍କୁ। ମୁହଁ ଶୁଖେଇ ସେ କହିଲେ ସବୁ ଯୋଗାଡ଼ ଯନ୍ତ୍ର ସରିଲାଣି ଯେ ହଠାତ୍ ତା' ବଡ ଭାଉଜଙ୍କର ଦେହ ଖରାପ ହେବାରୁ ସେ ମେଡିକାଲ୍‌ରେ ଆଡ଼ମିଶନ ହୋଇଛନ୍ତି, ତାଙ୍କର ଇଉଟେରସ୍‌ରେ ଟିଉମର ହୋଇଛି, ଅପରେସନ୍ ହେବ, ସେଥିପାଇଁ ସମସ୍ତେ ବ୍ୟସ୍ତ ଅଛନ୍ତି। ମୁଁ ଜାଣିଥିଲି ଯେ ସରିତାର ବଡ ଭାଇ ଜଣେ ଶିକ୍ଷକ, ତା'ର ଭାଉଜ ଜଣେ ପୋଲିସ୍ କର୍ମଚାରୀ ଏବଂ ତାଙ୍କର ଦୁଇଟି ସାନ ସାନ ପୁଅଝିଅ ଅଛନ୍ତି, ସେମାନେ ସମସ୍ତେ ଗାଆଁରେ ତାଙ୍କର ବାପାମାଆଙ୍କ ସହିତ ରହନ୍ତି। ଆର୍ଥିକ ସ୍ୱଚ୍ଛଳତା ଥିବ ନିଶ୍ଚୟ, ତେଣୁ ମୁଁ ଆଉ ବିଶେଷ ଧ୍ୟାନ ଦେଲି ନାହିଁ ସେ କଥାରେ। ତା'ପରଦିନ ଜାଣିଲି ସରିତାର ଭାଇ ବଡ଼ ମେଡିକାଲରେ ଚିକିତ୍ସାରେ ଅସନ୍ତୁଷ୍ଟ ହୋଇ ସରିତାର ଭାଉଜଙ୍କୁ ଆମ ଘର ପାଖରେ ଥିବା ଏକ ଘରୋଇ ନର୍ସିଂ ହୋମ୍‌ରେ ଆଣି ରଖିଛନ୍ତି ଏବଂ ଆସନ୍ତାକାଲି ତାଙ୍କର ଅପରେସନ୍ ହେବ। ସେଥିପାଇଁ ବ୍ଲଡ଼ ଯୋଗାଡ଼ କରି ଆଜି ରାତିରେ ସରିତା ଭୁବନେଶ୍ୱରରୁ ତା'ର ଭାଇ ସାଥିରେ ଆସି କଟକରେ ପହଞ୍ଚିବ ଏବଂ ରାତିରେ ମିତାଲି ମା'ଙ୍କ ପାଖରେ ଆସି ରହିବ। ସରିତାକୁ ବୋହୂ ବେଶରେ ଦେଖିବାକୁ ମୋ'ର ଖୁବ୍ ଇଛା ହେଉଥିଲା। ସେଥିପାଇଁ ମୁଁ ଉତ୍ସୁକତାର ସହିତ ଅପେକ୍ଷା କରିଥିଲି।

ତା'ପରଦିନର ସକାଳଟି ଖୁବ୍ ଅପ୍ରତ୍ୟାଶିତ ଏବଂ ଚମକେଇ ଦେଲା ଭଳି ଥିଲା। ଆମ ଗେଟ୍ ପାଖରୁ ମିତାଲି ମା' କାନ୍ଦି କାନ୍ଦି ଆସୁଥିଲେ, କବାଟ ପାଖରେ ମତେ ଦେଖି ଭେଁ ଭେଁ ହୋଇ କାନ୍ଦି ପକାଇ କହିଲେ - ବିଧାତା ଏତିକି ନିଷ୍ଠୁର, କେତେ ଦିନ ପରେ ଝିଅଟା ଭାଗ୍ୟରେ ଟିକିଏ ସୁଖ ଦେଇଥିଲେ ଯେ ଏବେ ଦୁଃଖର ପାହାଡ଼ ଟିଏ ଲଦି ଦେଲେ !! ଆଉ କେତେ ଦୁଃଖ ସହିବ ସେ ଝିଅ ... ?

ଭୟଭୀତ ହୋଇ "କ'ଣ ହେଲା ,କ'ଣ ହେଲା" ବୋଲି ମୁଁ ପଚାରିଲି ତାଙ୍କୁ। ସେମିତି କାନ୍ଦୁରା ହୋଇ ସେ ଯାହା କହିଲେ ତା'ର ସାରମର୍ମ ହେଲା ଏଇଆ ଯେ "ଗତକାଲି ସନ୍ଧ୍ୟା ସାତଟା ସମୟରେ ସରିତାକୁ ପଛରେ ବସାଇ ତା'ର ବଡ଼ଭାଇ ଖପୁରିଆ ଆଡୁ ଆସି ଗୋଶାଳାର ନବନିର୍ମିତ ବ୍ରିଜ୍ ଦେଇ ନୂଆବଜାର ଆଡକୁ ଆସିବା ବେଳକୁ ଏ ପଟରୁ ଯାଉଥିବା ଏକ ଦ୍ରୁତଗାମୀ ଟ୍ରକ୍ ସହ ତାଙ୍କର ମୁହାଁମୁହିଁ ଧକ୍କା ହେଲା। ଖୁବ୍ ଭୟଙ୍କର ଥିଲା ସେ ଧକ୍କା।

ଟ୍ରକ୍‌ର ପଛ ଚକା ସରିତାର ଗୋଡ଼ ଆଉ ତା' ଭାଇଙ୍କ ମୁଣ୍ଡ ଉପରେ ଚଢ଼ି ଯିବାରୁ ଘଟଣାସ୍ଥଳରେ ତା' ବଡଭାଇଙ୍କର ମୃତ୍ୟୁ ହୋଇଗଲା। ଗୋଡ଼ଟା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ସତ୍ତ୍ୱେ ମଧ୍ୟ ସରିତାର

ଟିକିଏ ଚେତା ନଥିଲା। ଦୁର୍ଘଟଣା ପରେ ସେଠାରେ ଜମା ହୋଇଥିବା ଦେଖଣାହାରୀଙ୍କ ମଧ୍ୟରୁ କେହିଜଣେ ତା'ର ଫୋନ୍ ମାଗି ତାଙ୍କ ଗାଆଁକୁ ଏବଂ ପୋଲିସକୁ ଖବର ଦେଇଥିଲେ। ପୋଲିସ ପାଟ୍ରୋଲିଂ ସେଠାରେ ତୁରନ୍ତ ଭାଇ ଭଉଣୀ ଦୁହିଁଙ୍କୁ ବଡ଼ ମେଡିକାଲକୁ ନେଇ ଗଲେ। ବିଚାରୀ ଭାଉଜଟି ଅପରେସନ ଟେବୁଲ୍‌କୁ ଯିବା ପରିବର୍ତ୍ତେ ମେଡିକାଲ୍‌କୁ ଧାଇଁଲା। ନିଜ ଦୁଃଖ ଭୁଲି, ନିଜ ଜୀବନକୁ ପାଣି ଛଡ଼ାଇ ସେ ନଣନ୍ଦର ଜୀବନ ରକ୍ଷା ପାଇଁ ଚେଷ୍ଟା କରୁଥିଲା।

ସବୁଠାରୁ ବଡ଼ ଦୁର୍ଭାଗ୍ୟର କଥା ଏହିକି ଯେ ଆମ ଘର ପାଖରୁ ମାତ୍ର ଅଧ କିଲୋମିଟର ଦୂରରେ ଏହି ଦୁଘର୍ଟଣାଟି ଘଟିଥିଲେ ମଧ୍ୟ ଆମେ ଏହାର ଖବର ପାଇ ନଥିଲୁ। ତାଙ୍କର ଘରୁ କେହି ଫୋନ୍ କରି ରାତି ଦୁଇଟାରେ ଖବର ଦେଇଥିଲେ ମିତାଲି ମା'ଙ୍କୁ। ସେଇଠୁ ସେ ଜୀବନ ବିକଳରେ ଧାଇଁ ଥିଲେ ବଡ଼ ମେଡିକାଲକୁ।

ମୋ'ମୁଣ୍ଡ ଉପରେ ବଜ୍ରପାତ ହେଲା ଭଳି ଲାଗୁଥିଲା, ହାତ ପାଦ ଚଳୁ ନଥିଲା। ଏ କାନ ସାଏଁ ସାଏଁ ଶୁଭୁଥିଲା, ତଣ୍ଟି ପାଖରେ କ'ଣ ଗୋଟିଏ ଅଟକି ଗଲା ଭଳି ଲାଗୁଥିଲା। ତଳେ ପଡ଼ି ଯାଉ ଯାଉ କବାଟ ବନ୍ଧକୁ ଧରି ଅଟକି ଗଲି ମୁଁ। ମିତାଲି ମା' ଜାଣନ୍ତି ମୁଁ ହାଇ ବ୍ଲଡ଼ ପ୍ରେସର୍‌ରେ ପୀଡ଼ିତ ରୋଗୀ। ସେ ମୋ' ଅବସ୍ଥା ଦେଖି ତାଙ୍କର ଦୁଃଖ ଭୁଲି ମୋତେ ଧରି ଧରି ଆଣି ସୋଫା ଉପରେ ବସାଇ ସାଇ ପାଣି ଗ୍ଲାସ୍ ଟିଏ ପିଆଇଲା ପରେ ମୁଁ ଟିକିଏ ପ୍ରକୃତିସ୍ଥ ହେଲି। କାନ୍ଦି କାନ୍ଦି ମିତାଲି ମା' ତାଙ୍କ ଘରକୁ ଗଲେ।

ମିତାଲି ମା'ଙ୍କ ପାଖରୁ ଶୁଣିଲି ତା' ପରର ଘଟଣା ଆହୁରି ମର୍ମନ୍ତୁଦ।

ମିତାଲିର ବାପା ହସ୍ପିଟାଲରେ ସରିତାର ପରିବାର ସହିତ ଥାଆନ୍ତି। ସରିତାର ବଡ ଭାଇ ସରୋଜଙ୍କ ଶବ ପୋଷ୍ଟମର୍ଟମ୍ ହୋଇ ସାରିବା ପରେ ତାଙ୍କର ପରିବାର ତାଙ୍କର ଶେଷକୃତ୍ୟ କରିବା ପାଇଁ ଶବକୁ ଗାଆଁକୁ ନେଇଗଲେ। ବନ୍ଧୁ ବାନ୍ଧବ ମାନଙ୍କ ମଧ୍ୟରୁ ଜଣେ ଦୁଇଜଣ ହସ୍ପିଟାଲରେ ଥାଆନ୍ତି ସରିତା ପାଖରେ। ସରିତାକୁ ଚିକିତ୍ସା କରୁଥିବା ଡାକ୍ତରମାନେ କହୁଥାନ୍ତି "ଡାହାଣ ଗୋଡଟି ପୁରା ନଷ୍ଟ ହୋଇଯାଇଛି, ଜଙ୍ଘ ପାଖରୁ କାଟିବାକୁ ପଡ଼ିବ।" ସରିତାର ସ୍ୱାମୀ ସତ୍ୟବ୍ରତଙ୍କୁ ତୁରନ୍ତ ଖବର ଦିଆଯାଇଥିଲେ ମଧ୍ୟ କଟକରେ ପହଞ୍ଚିବାକୁ ତାଙ୍କୁ ତିନି ଦିନ ଲାଗିଗଲା। କଟକ ଆସି ସେ ସରିତାକୁ ନେଇ ଭୁବନେଶ୍ୱରରେ ଏକ ନାମୀଦାମୀ ହସ୍ପିଟାଲରେ ରଖିଲେ। ସାତ ଦିନ ପରେ ସେଇ ଗୋଡ଼ଟି ଜଙ୍ଘ ପାଖରୁ ସମ୍ପୂର୍ଣ୍ଣ କଟାଗଲା। ଦୁଇ ଦିନ ପରେ ଚେତା ଫେରିଥିଲା ସରିତାର। କେଇଦିନ ଆଗରୁ ଖୁସିରେ ଉଛୁଳି ପଡୁଥିବା ସରିତା ଯେମିତି ମୂକ ହୋଇ ଯାଇଥିଲା। ବେଡ୍ ପାଖରେ ବସିଥିବା ସତ୍ୟବ୍ରତଙ୍କୁ ଚାହିଁ ଲୁହ ଗଡାଇବା ଛଡ଼ା ଆଉ କୌଣସି ପ୍ରତିକ୍ରିୟା ନଥିଲା ତା' ଠାରେ। ଏପଟ ସେପଟକୁ ଚାହିଁ ପୁଣି ଆଖି ବନ୍ଦ କରି ଦେଉଥିଲା। ସତେ ଯେମିତି କିଛି ମନେ ପକାଇବାକୁ ଚେଷ୍ଟା କରୁଥିଲା। ସରିତାର ଦୁର୍ଘଟଣାର ଖବର ପାଇ ଭୁବନେଶ୍ୱରରେ ପହଞ୍ଚିଲା ପରଠାରୁ ଗୋଟିଏ ମୁହୂର୍ତ୍ତ ପାଇଁ ମଧ୍ୟ ସରିତାର ପାଖ ଛାଡୁ ନଥିଲା ସତ୍ୟବ୍ରତ। ବେଡ୍ ପାଖରେ ବସି ତା'ର ହାତ ଧରି "ଅପରେସନ ସଫଳ ହୋଇଛି ସରିତା, ତୁମେ ଖୁବ୍ ଶୀଘ୍ର ଭଲ ହୋଇଯିବ, ସବୁ ଠିକ୍ ହେଇଯିବ, ତା'ପରେ ଆମେ ଅଷ୍ଟ୍ରେଲିଆ ଚାଲିଯିବା, ତୁମେ ମୋଟେ ବ୍ୟସ୍ତ ହୁଅନି.." ଭଳି ଅନେକ ସାନ୍ତ୍ୱନା ଦେଇ ତା'ର ମୁଣ୍ଡ ଆଉଁସି ଗେଲ କରିପକାଉ ଥାଏ ସେ। ସେ ସବୁ ଦେଖିବା ଲୋକ ଆଖିରେ ଲୁହ ରହୁ ନଥାଏ। ପରିବାରରୁ ସାନଭାଇ ମନୋଜ ସରୋଜର ଶେଷକୃତ୍ୟ ସାରି ସରିତା ପାଖକୁ ଆସିଲା। ସେପଟେ ବାପା ମାଆ ଅଚ୍ଛାଡ ହୋଇ ଘରେ ପଡିଛନ୍ତି, ଛୋଟ ଛୋଟ ଛୁଆ ଦୁଇଟାକୁ ସମ୍ଭାଳିବାକୁ ପଡିବ ବୋଲି ସତ୍ୟବ୍ରତକୁ ବୁଝାଇ ଶୁଝାଇ ଅନେକ କଥା କହି ଫେରିଗଲା। ତିନି ଦିନ ପରେ ସବୁ କେମିତି ସହଜ ହୋଇ ଆସୁଥିଲା ବେଳେ ଦିନ ବାରଟା ବେଳେ ହଠାତ୍ କାହିଁକି ଜୋର୍‌ରେ ଥରି ଥରି ବେହୋସ୍ ହୋଇଗଲା ସରିତା। ବିକଳ ଆକୁଳ ହୋଇ "ନର୍ସ୍ ନର୍ସ୍" ବୋଲି ଚିତ୍କାର କରି ଉଠିଲା ସତ୍ୟବ୍ରତ। ପାଖରେ ଥିବା ନର୍ସ୍ ଧାଇଁ ଆସି ସରିତାକୁ ଦେଖିବା ପରେ ତୁରନ୍ତ ଆଇ.ସି.ୟୁ.କୁ ନେଇଗଲେ ତା'କୁ। ପଛରେ ବିକଳ ହୋଇ ଧାଇଁ ଥିଲା ସତ୍ୟବ୍ରତ। ଭୟାତୁର ହୋଇ ସେଠାକାର ଡାକ୍ତରଙ୍କୁ କିଛି ପଚାରିବା ପୂର୍ବରୁ ଡାକ୍ତର କହି ଉଠିଲେ "ଇଟ୍ ସିମ୍‌ସ ଟୁ ବି ଦ ଫାଷ୍ଟ କାର୍ଡିଆକ୍ ଷ୍ଟ୍ରୋକ୍ ସତ୍ୟବ୍ରତ ବାବୁ, ଲେଟ୍ ଅସ୍ ପ୍ରେ ଗଡ୍ ଫର୍ ହର୍..."

ଲଥ୍ କିନା ଆଇ.ସି.ୟୁ. ସାମନାରେ ପଡ଼ିଥିବା ବେଞ୍ଚ୍ ଉପରେ ମୁଣ୍ଡକୁ ଧରି ବସି ପଡ଼ିଲା ସତ୍ୟବ୍ରତ। କିଂ କର୍ତ୍ତବ୍ୟ ବିମୂଢ ହୋଇ ସେମିତି କେତେ ସମୟ ସେ ସେଠାରେ ବସି ରହିଥିଲା କେଜାଣି, ଡାକ୍ତରଙ୍କ ହାତ ସ୍ପର୍ଶରେ ଚମକି ପଡ଼ିଲା ସେ। ଚାରି ପଟକୁ ଚାହିଁ ଦେଖିଲା ସନ୍ଧ୍ୟା ଗଡ଼ି ରାତି ହୋଇ ଆସିଲାଣି। ଉପରକୁ ଚାହିଁଲା, କାନ୍ଥ ଘଣ୍ଟାରେ ସମୟ ସାତଟା ବାଜି ପଇଁ ଚାଳିଶି ମିନିଟ୍। ମୁହଁ ବୁଲେଇ ଡାକ୍ତରଙ୍କୁ ଚାହିଁଲା.. ଡାକ୍ତରଙ୍କ ଶୁଖିଲା ମୁହଁ ତା'କୁ ଜଣାଇଦେଲା ଯେ ସରିତା ଆଉ ନାହିଁ। ଖନ ଖନ ହୋଇ ତା' ପାଟିରୁ ବାହାରିଲା "ହୋଏନ୍ ଡିଡ୍ ସି ବ୍ରେଥ୍ଡ ହର୍ ଲାଷ୍ଟ୍ ଡକ୍ଟର ?"। ଆଖି ନୂଆଇଁ ଡାକ୍ତର ଉତ୍ତର ଦେଲେ "ଜଷ୍ଟ୍ ବିଫୋର୍ ଟେନ୍ ମିନିଟ୍ସ। ଉଇ ହାଭ୍ ଟ୍ରାଏଡ୍ ଆବର ଲେଭେଲ୍ ବେଷ୍ଟ ..ଆଇ ଆମ୍ ସୋ' ସରି, ସି କୁଡ୍ ନଟ୍ ସର୍ଭାଇଭ୍ ଦ ସେକେଣ୍ଡ୍ ଷ୍ଟ୍ରୋକ୍ .."

ସତ୍ୟବ୍ରତ ଆଖିରେ ଲୁହ ନଥିଲା, ସେ ଯନ୍ତ୍ର ମଣିଷ ଭଳି ଉଠିଲା, ଡାକ୍ତରଙ୍କ ପଛେ ପଛେ ଅନୁସରଣ କରି ପହଞ୍ଚିଲା ଆଇ.ସି.ୟୁ. ଭିତରେ ଥିବା ସରିତାର ଶେଷ ଶଯ୍ୟା ପାଖରେ, ନଇଁ ପଡି ତା'ର ମଥାରେ ଶେଷ ଚୁମ୍ବନ ଟିଏ ଦେଇ ବାହାରି ଆସିଲା ବାହାରକୁ।

ହସ୍ପିଟାଲର ବାରଣ୍ଡାରେ ଠିଆ ହୋଇ ଫୋନ୍ କଲା ସରିତାର ବାପାଙ୍କୁ। "ହୃଦଘାତରେ ସରିତା ଚାଲିଗଲା। ମୋ'ସ୍ତ୍ରୀକୁ ମୁଁ ପୁରୀ ସ୍ୱର୍ଗଦ୍ୱାରକୁ ନେବାକୁ ଚାହେଁ, ଆପଣଙ୍କ ମଧ୍ୟରୁ କେହି ଆସିବେ ତ' ଘଣ୍ଟାଏ ଭିତରେ ଆସନ୍ତୁ ହସ୍ପିଟାଲ୍ କୁ"। ସ୍ତବ୍ଧ ହୋଇ ଯାଇଥିଲେ ସରିତାର ସାରା ପରିବାର। ମାତ୍ର ଏଗାର ଦିନ ତଳେ ବଡ଼ପୁଅକୁ ହରେଇଥିବା ବାପା ମାଆ ଏ ଦ୍ୱିତୀୟ ଆଘାତ ସହି ନପାରି ମୂର୍ଚ୍ଛା ଗଲେ। ସାନଭାଇ ମନୋଜ ଫୋନ୍‌ରେ ଜଣାଇଦେଲା "ଭାଇ, ଆମ ଘର ଅବସ୍ଥା ତ' ଜାଣନ୍ତି, କେବଳ ସରିତାର ସାଙ୍ଗ ମିତାଲିର ବାପା ହିଁ ଆମ ତରଫରୁ ରହିବେ, ଆଉ ସବୁ ଆପଣଙ୍କର ଦାୟିତ୍ୱରେ ଛାଡିଲୁ"। କିଛି ସମୟ ପରେ ସରିତାର ମର ଶରୀରକୁ ମୋର୍‌ଚାର ଭ୍ୟାନ୍‌ରେ ଧରି ପୁରୀ ବାହାରି ଯାଇଥିଲେ ସତ୍ୟବ୍ରତ ଏବଂ ମିତାଲିର ବାପା। ପୁରୀ ସ୍ୱର୍ଗଦ୍ୱାରରେ ଓହ୍ଲାଇ ସେଠାର ଅଫିସ୍‌ରେ ସରିତାର ଅନ୍ତିମ କ୍ରିୟା କର୍ମର ସମସ୍ତ ବ୍ୟବସ୍ଥା କରିଥିଲା ନିଜେ ସତ୍ୟବ୍ରତ। କୋକେଇରେ ଶୁଆଇବା ପୂର୍ବରୁ ନିଜେ ନୂଆ ବୋହୂଟିଏ ଭଳି ନାଲି ଶଙ୍ଖା ସିନ୍ଦୂର ନାଲି ଜରି ଶାଢ଼ୀ ପିନ୍ଧେଇ ଚନ୍ଦନଟିପା ପାଟୀ କରି ଲଗାଇଥିଲା। କଣ୍ଠଲଗ୍ନା କରି ଗେଲ କରି ଶୁଆଇ ଦେଇଥିଲା ଅନ୍ତିମ ଶଯ୍ୟାରେ। ସବୁ କାମ ଧୀର ସ୍ଥିର ହୋଇ କରୁଥିଲା ସିନା ଶେଷରେ ମୁଖାଗ୍ନି ଦେଲା ବେଳକୁ ଭୋ.. ଭୋ.. ହୋଇ କାନ୍ଦି ଉଠିଥିଲା। ଏ ଜନ୍ମ ପାଇଁ ଏତିକି ଦିନ ଥିଲା ପ୍ରିୟା ମୋ'ର। ଜଗନ୍ନାଥଙ୍କୁ ପ୍ରାର୍ଥନା କରିବି ଆର ଜନ୍ମରେ ଆମକୁ ଆଉ ଟିକିଏ ଅଧିକ ସମୟ ଦେବେ, ତୁମକୁ ମନଭରି ଦେଖିବାକୁ... ମନଭରି ପ୍ରେମ କରିବାକୁ... ସେ ଯାଏଁ ବିଦାୟ ପ୍ରିୟା। ସମୁଦ୍ର ବାଲିରେ ବସିପଡ଼ି ଦୁଇ ଆଣ୍ଠୁ ସନ୍ଧିରେ ମୁହଁ ଲୁଚେଇ କାନ୍ଦୁଥିବା ସତ୍ୟବ୍ରତକୁ ଭାରି ମନ ନେଇ ଉଠେଇ ଆଣିଥିଲେ ମିତାଲିର ବାପା।

ଫେରିବା ବାଟରେ ମୁହଁ ଖୋଲି ନଥିଲା ସତ୍ୟବ୍ରତ। କ'ଣ ଭାବୁଥିଲା କେଜାଣି ? ହୁଏତ ଭାବୁଥିଲା ଯେ ସରିତା ତା' ଉପରେ ଭରସା କରି

ପାରିଲା ନାହିଁ କି ଦୁର୍ଘଟଣାରେ ଗୋଡ଼ ହରାଇବା ପରେ ସେ ତା'କୁ ପୂର୍ବ ଭଳି ଭଲ ପାଇ ପାରିବ ? ନା' ତା'କୁ ଛାଡି ଦେବ ? ତା'ର ସହିତ ପୂର୍ଣ୍ଣ ଭାବରେ ନିଜର ଖୁସିରେ ସଂସାର କରି ପାରିବ ? ନା' କେବଳ ଦୟାପରବଶ ହୋଇ ତା'ର ସହିତ ରହିବ ? ସରିତା ଭଳି ଆତ୍ମାଭିମାନୀ ଝିଅଟି ସାରା ଜୀବନ କାହାର ଦୟାରେ ବଞ୍ଚିବାକୁ ଚାହିଁଲା ନାହିଁ କି ? କାହା ଉପରେ ବୋଝ ହେବାକୁ ଚାହିଁଲା ନାହିଁ କି ? କେଉଁ ଚିନ୍ତା ଡାକି ଆଣିଲା ତା'ର ମୃତ୍ୟୁ କୁ ? ମନରେ ଅନେକ ପ୍ରଶ୍ନବାଚୀକୁ ନେଇ ଦୁଇଦିନ ପରେ ପୁଣି ଅଷ୍ଟ୍ରେଲିଆ ଫେରିଯାଇଥିଲା ସତ୍ୟବ୍ରତ।

ଏପଟେ ଦୁର୍ଭାଗ୍ୟ ପିଛା ଛାଡୁନଥିଲା ସରିତା ପରିବାରର। ସଦ୍ୟ ମୃତ ସରିତାର ବଡଭାଇଙ୍କର କ୍ରିୟା କର୍ମ ପରେ ପୁନର୍ବାର ପେଟରେ ଉତ୍କଟ ଯନ୍ତ୍ରଣା ହେବାରୁ ତାଙ୍କୁ ପୁନଃଶ୍ଚ ଆଡମିଶନ କରାଯାଇଥିଲା ଆମ ଘର ପାଖର ସେଇ ନର୍ସିଂ ହୋମ୍‌ରେ। ସେଠାରେ ପୂର୍ବରୁ ତାଙ୍କର ଅପରେସନ ହେବାର ସମସ୍ତ ବ୍ୟବସ୍ଥା ସରିଥିଲା ସେଦିନ, କେବଳ ଭାଇଙ୍କର ଦୁର୍ଘଟଣା ହେତୁ ବନ୍ଦ ହୋଇଥିଲା। ଡାକ୍ତରମାନେ ସବୁ ଯୋଗାଡ଼ ଯନ୍ତ୍ର କରି ପୁଣି ଥରେ ଅପରେସନ କରିଦେଲା ପରେ ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଗଲା। ଗୋଟାଏ ସିରିଜ୍ ଦୁର୍ଘଟଣାର ଶୀକାର ହୋଇ ସରିତାର ପରିବାର କେମିତି ଧୈର୍ଯ୍ୟ ଧରି ରହିଥିବେ କେଜାଣି ? ମୁଁ କିନ୍ତୁ ସେଦିନରୁ ମୋଟେ ଭୁଲି ପାରୁନାହିଁ ସେହି ଘଟଣା ପ୍ରବାହକୁ। ରହି ରହି ସରିତାର ହସହସ ମୁହଁ ମୋ' ଆଖିରେ ନାଚି ଯାଉଛି, ତା' ପିଲାଳିଆ କଥା, ତା'ର ସ୍ନେହ ଶ୍ରଦ୍ଧା ସବୁ ମନେ ପଡୁଛି। ବେଳେବେଳେ ଈଶ୍ୱର ଏମିତି ନିଷ୍ଠୁର କାହିଁକି ହୁଅନ୍ତି କେଜାଣି ? ସରିତା ଭଳି ସରଳ, ନୀରିହ ଝିଅକୁ ଏମିତି ଡିମିରି ଫୁଲର ଆୟୁଷ ଦିଅନ୍ତି !!!

*ଶାରଳା ଭବନ, ପୋତା ପୋଖରୀ*
*କଟକ-୪*
*ଦୂରଭାଷ: ୯୩୩୭୨୭୨୬୪୭*



# ଶେଷ ପାହାଚ

## ଉମାଶଙ୍କର ଷଡଙ୍ଗୀ

ଜୀବନ ପରିବର୍ତ୍ତନଶୀଳ ଏଭଳି ଏକ ପରିବର୍ତ୍ତନ ଅକ୍ଷୟଙ୍କ ଜୀବନରେ ଘଟିଥିଲା ଯେତେବେଳେ ସେ ଜୀବନର ଶେଷଧାରରେ ଥିଲେ। ଅତ୍ୟନ୍ତ ଦୁଃଖ ଦେଇଗଲା ସ୍ତ୍ରୀଙ୍କ ବିୟୋଗ। ଜୀବନ ସାଥି ଚାଲିଗଲା ପରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ। ସ୍ତ୍ରୀ ବିହିନ ଜୀବନ ଏତେ ମାତ୍ରାରେ ତାଙ୍କୁ ଅବସାଦ ଘେରକୁ ନେଇ ଯାଇଥିଲା ଯେ ସେ ଆତ୍ମହତ୍ୟା କରିବା ପର୍ଯ୍ୟନ୍ତ ଚିନ୍ତା କରିଥିଲେ। ପ୍ରଭୁ ଯେ ତାଙ୍କ ଜୀବନର ଅନ୍ୟ କେତୋଟି ପାହାଚ ଏତେ ସଜାଡ଼ି ରଖିଥିଲେ ତାଙ୍କ ଧାରଣାର ବାହାରେ ଥିଲା।

ଅକ୍ଷୟ ବାବୁଙ୍କ ଦାମ୍ପତ୍ୟ ଜୀବନ ପୂର୍ଣ୍ଣାଙ୍ଗ ନଥିଲା। ସ୍ତ୍ରୀଜନିତ ସୁଖ, ଶାନ୍ତି ସମ୍ମାନ କେଉଁଥିରେ ଅଭାବ କରିନଥିଲେ ସୁମିତ୍ରା। ଉଭୟ କିନ୍ତୁ ଏକ ନିଃସନ୍ତାନର ମନସ୍ତତ୍ତ୍ୱ ନେଇ ଜୀବନ ଯାପନ କରିଥିଲେ। ଏକ ସନ୍ତାନ ଲାଭ ଆଶାରେ ଭାରତ ବର୍ଷରେ ଥିବା ସମସ୍ତ ଦେବାଦେବୀଠାରେ ମୁଣ୍ଡ ପୋତିବା, ସବୁ ପ୍ରକାର ଉପାସ ବ୍ରତରେ ନିଷ୍ଠା ରଖିବା, କେଉଁଥିରେ ହେଲେ ହେଳା କରିନଥିଲେ ଉଭୟ। ଏପରିକି ଏକ ସନ୍ତାନ ଆଶାରେ ଆଇଭିଏଫ ପଦ୍ଧତି ଅବଲମ୍ବନ କରିବା ପର୍ଯ୍ୟନ୍ତ ଆଗଇେ ଯାଇଥିଲେ। ତାହା ମଧ୍ୟ ଫଳପ୍ରଦ ହୋଇନଥିଲା ଏ ଦମ୍ପତିଙ୍କ ଭାଗ୍ୟରେ।

ସୁମିତ୍ରା ଚାଲିଯିବା ପରେ ସମ୍ପୂର୍ଣ୍ଣ ଏକୁଟିଆ ହେଇଗଲେ ଅକ୍ଷୟ। ଅନେକ ପ୍ରକାର ଚିନ୍ତାଧାରାର ଆଶ୍ରୟ ନେବା ପରେ ମଧ୍ୟ ବିଫଳ ହୋଇଥିଲେ। ଶେଷରେ ସ୍ଥିର କଲେ ଯେ ଭ୍ରମଣ କଲେ, କିଛି ଲୋକଙ୍କ ସଙ୍ଗେ ଦେଖାହେଲେ ହୁଏତ ଏ ଦୁଃଖର ମାତ୍ରା କମିଟିବ। ଦୀର୍ଘ ଦିନ ଧରି ଭାବିଥିବା ଶ୍ରୀରଙ୍ଗାପାଟଣା ଟିପୁ ସୁଲତାନଙ୍କ ଗ୍ରୀଷ୍ମକାଳୀନ ମହଲ ଦେଖିବା ପାଇଁ ମହୀଶୂର ଉଦ୍ଦେଶ୍ୟରେ ରେଳଗାଡ଼ି ଯୋଗେ ଯିବା ପାଇଁ ନିର୍ଣ୍ଣୟ କଲେ। ହାଓଡ଼ା ମହୀଶୂର ଏକ୍ସପ୍ରେସରେ ଯାତ୍ରା କଲାବେଳେ ତାଙ୍କ ଜୀବନରେ ଯାହା ଘଟିଗଲା ତାହା ଏକ ପ୍ରକାର ପ୍ରଭୁଦତ୍ତ ଥିଲା। ତାଙ୍କର ଭବିଷ୍ୟତ ଯୋଜନା ଓ ଚିନ୍ତାଧାରାକୁ ଓଲଟପାଲଟ କରିଦେଇଥିଲା।

ରାତ୍ରି ୧୦.୩୦ ମିନିଟରେ ତାଙ୍କ ଟ୍ରେନ ଡବାରେ ଆରକ୍ଷିତ ସିଟ୍‌ରେ ଶୋଇ ଆଖି ବୁଜି ବିଗତ ଦିନଗୁଡିକର ସ୍ମୃତି ଚଳନ ଓ ଏକ ସନ୍ତାନ ପାଇଁ ଆତୁରତା ମନେ ପକାଇ ଶୋଇବା ପାଇଁ ଚେଷ୍ଟା କରୁଥିଲେ। ଆଖି ଖୋଲିବା ଆଗରୁ ଶୁଣିଲେ ଏକ ମଧୁର ନାରୀ କଣ୍ଠ। ଯେକି ତାଙ୍କୁ ବିନତି କରୁଥିଲେ ଉପର ବର୍ଥକୁ ଯାଇ ତାଙ୍କୁ ତଳ ବର୍ଥଟା ଛାଡ଼ିବା ପାଇଁ। ଆଖି ଖୋଲି ଦେଖନ୍ତି ଏକ ଅଠର ଉଣେଇଶ ବର୍ଷର ଝିଅଟିଏ ଏଭଳି ଅନୁରୋଧ କରୁଛି। କହିଲେ – 'ଝିଅ ଉପର ବର୍ଥ ତୁମ ପାଇଁ ସୁରକ୍ଷିତ ଓ ନିରାପଦ, ତଳେ ତୁମେ ଶୋଇ ପାରିବ ନାହିଁ କାରଣ ବହୁତ ଲୋକ ଯିବା ଆସିବା କରିବେ। ବ୍ୟାଗଟା ବୋଧହୁଏ ଭାରୀ ହୋଇଛି। ତୁମକୁ ଏହା ଉପରକୁ ଉଠାଇବା ପାଇଁ ମୁଁ ସାହାଯ୍ୟ କରୁଛି।' ଝିଅଟି ମୋଟ ଉପରେ ସୁନ୍ଦର ଥିଲା। ଯଦି ତାଙ୍କର ସନ୍ତାନ ହୋଇ ଥାଆନ୍ତା ତାହେଲେ ତେବେ ହୁଏତ ଏକ ନାତୁଣୀ ଏହି ବୟସର ହୋଇଥାଆନ୍ତା।

ଝିଅଟି ବୋଧହୁଏ ତାଙ୍କ ଚେହେରା ଦେଖି ବୟସ ଆକଳନ କରି ନେଇଥିଲା। ଆତ୍ମୀୟତା ପ୍ରକାଶ କରିବାକୁ ଯାଇ କହିଲା 'ଜେଜେ ଆପଣ ଠିକ୍ କହୁଛନ୍ତି।' ଜେଜେ ସମ୍ବୋଧନ ଶୁଣି ଅକ୍ଷୟ ବାବୁ ଚମକି ପଡ଼ିଥିଲେ। ପୁଣି ଏକ ମାୟାରେ ଛନ୍ଦି ଦେବା ପ୍ରଭୁଙ୍କର ଉଦ୍ଦେଶ୍ୟ ନୁହେଁ ତ?

ଗାଡ଼ିରେ ଗଲାବେଳେ ଉଭୟ କିଛି ସମୟର କଥାବାର୍ତ୍ତା। ପ୍ରଥମେ ଝିଅଟି 'ଜେଜେ' ଡାକିବା ପାଇଁ ଅନୁମତି ନେଲା ଓ ପରେ ପୁରା ନିଃସଂକୋଚ ହୋଇ ତାହାର ଜୀବନର ସମସ୍ତ ବୃତାନ୍ତର ଏକ ଖୋଲା ଫର୍ଦ୍ଦ କହିଗଲା –

'ଜେଜେ' ମୋର ବାପା, ମା' ଓ ବନ୍ଧୁବାନ୍ଧବ କେହି ନାହାଁନ୍ତି। ମୁଁ ଏକ ଅନାଥ ଆଶ୍ରମରେ ବଡ଼ ହୋଇଛି। ଅନାଥ ଆଶ୍ରମର ଦିଦି କୁହନ୍ତି ସେ କୁଆଡ଼େ ଖବର ପାଇ ଏକ ମ୍ୟୁନିସିପାଲିଟି କଚଡା ବିନ୍‌ରୁ ମୋତେ ଉଦ୍ଧାର କରିଥିଲେ। ସେ ସମୟରେ ବର୍ଷା ହେଉଥାଏ। ଆଉ କିଛି ସମୟ ଯାଇଥିଲେ ହୁଏତ ମୋ ଶରୀର ଥଣ୍ଡା ହୋଇ ମୁଁ ମରିଯାଇ ଥାଆନ୍ତି। ବଡ଼ ହେବା ପରେ ମୁଁ ଜାଣିଲି ମୋ ପିତାମାତାଙ୍କର କ'ଣ ଏପରି ବିବସତା ଥିଲା ଯେ ନିଜ ସନ୍ତାନଟିକୁ ଏଭଳି ଅବସ୍ଥାରେ ମରିବା ପାଇଁ ଛାଡ଼ି ଚାଲିଗଲେ। ହୁଏତ ସେମାନେ ବିବାହ କରିନଥିଲେ ଓ ସମାଜର ଭୟରେ ଏଭଳି ନିଜ ଇଚ୍ଛା ବିରୁଦ୍ଧରେ କରିଥିଲେ। ପିତାମାତାଙ୍କର ମୋ ପ୍ରତି ଏଭଳି ଆଚରଣ ଦୀର୍ଘଦିନ ଧରି ମୋର ଚିନ୍ତାଧାରାକୁ ଆନ୍ଦୋଳିତ କରିଥିଲା। ଏହା ପରେ ଏକ ମାନସିକ ପ୍ରସ୍ତୁତ ଜନ୍ମାଇ ମୁଁ ସେମାନଙ୍କୁ କ୍ଷମା କରି ଦେଇଛି। ଅନାଥ ଆଶ୍ରମରେ ରହିବା ବେଳେ ମୁଁ ଜାଣିଲି କେବଳ ମୋ କ୍ଷେତ୍ରରେ ନୁହେଁ ଅନେକ ଶିଶୁଙ୍କ କ୍ଷେତ୍ରରେ ଏହା ଘଟିଛି। ବଡ଼ ହେଲେ ଏକ ସମାଜ ସୁଧାରକ ଭାବେ କାର୍ଯ୍ୟ କରିବି ଓ ଏଭଳି ଅଘଟଣ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବି। ପ୍ରଭୁ କିନ୍ତୁ ମୋ ପ୍ରତି ସଦୟ ହୋଇ ମୋତେ ଅନ୍ୟବାଟ ଦେଖାଇଲେ। ଅନାଥାଶ୍ରମର ଅନ୍ୟ ଛାତ୍ରଙ୍କ ସହିତ ମୁଁ ମଧ୍ୟ ସ୍କୁଲ ଗଲି। ସମୟର ଆଶୀର୍ବାଦରୁ ଭଲ ପଢୁଥିଲି। ମାଟ୍ରିକ ପରେ ପ୍ଲସଟୁ ସାରିବା ପରେ ମେଡିକାଲ କଲେଜରେ ନାମ ଲେଖାଇବା ପାଇଁ ପ୍ରସ୍ତୁତି ଆରମ୍ଭ କଲି। ଏବେ ମୁଁ ସେଥିରେ କୃତକାର୍ଯ୍ୟ ହୋଇ ମହୀଶୂରସ୍ଥିତ ମେଡିକାଲ କଲେଜରେ ନାମ ଲେଖାଇବାକୁ ଯାଉଛି। ତେଣୁ ଆପଣ ମୋ ସାଙ୍ଗରେ କାହାକୁ ଦେଖୁନାହାଁନ୍ତି। ଆପଣ ପଚାରିବା ଆଗରୁ କହିରଖେ ମୋର ସମସ୍ତ ଆର୍ଥିକ ବ୍ୟବସ୍ଥା ମୋର ସ୍କୁଲ ଶିକ୍ଷକମାନେ ଓ ଅନାଥ ଆଶ୍ରମର ପରିଚାଳକ ବହନ କରୁଛନ୍ତି। ଆପଣ ଯେଉଁ ଜେଜେ ଡାକ ଶୁଣି ଚମକି ଉଠିଲେ ପ୍ରକୃତରେ ଅନାଥ ଆଶ୍ରମରେ ଆପଣଙ୍କ ବୟସର ଜଣେ ବ୍ୟକ୍ତି ଥିଲେ ଯାହାଙ୍କୁ ମୁଁ ଜେଜେ ବୋଲି ଡାକୁଥିଲି। ତାଙ୍କର ମୋ ପ୍ରତି ସେ ସ୍ନେହ, ସଦିଚ୍ଛା ଓ ମହତ୍ ବାଣୀ ମୁଁ ଭୁଲି ପାରିବି ନାହିଁ। ଆପଣଙ୍କୁ ଦେଖି ମୋର ସେହିଭଳି ମନେ ହେଲା। ଏଣୁ ଡାକିଦେଲି। ଭାବୁଛି ଆମ ଭିତରେ ଏ ଜେଜେ ନାତୁଣୀର ସମ୍ପର୍କ ଦୀର୍ଘସ୍ଥାୟୀ ହେବ।

ଝିଅଟି ମୁହଁରୁ ସେ କଥାର ଶ୍ରୋତ ଶୁଣି ଅବାକ୍ ହୋଇଯାଇଥିଲେ ଅକ୍ଷୟ ବାବୁ। କେତେ ସରଳ ଭାବରେ ଜୀବନର ସଂଘର୍ଷକୁ ଆପଣାର କରି ନେଇଛି

ଏ ଛୋଟ ଝିଅଟି। ଏ ତୁଳନାରେ ଜୀବନର ସମସ୍ତ ଦୁଃଖ ଫିକା ଦେଖାଯିବ। କହିଲି – 'ଏହା ପରଠାରୁ ମୁଁ ଏକ ଜେଜେର କର୍ତ୍ତବ୍ୟ କରିବି ତୁ ବାରଣ କରିବୁ ନାହିଁ। ତୋର ମେଡିକାଲ କଲେଜରେ ନାମ ଲେଖାଇବା ପର୍ଯ୍ୟନ୍ତ ତୋତେ ସାହାଯ୍ୟ କରିବି ଏହା ମୋର ଅନ୍ତରାତ୍ମା କହୁଛି।'

ମହୀଶୂରରେ ପହଞ୍ଚି ପ୍ଲାଟଫର୍ମରେ ନିତ୍ୟକର୍ମ ସାରି ଦୁହେଁ ବାହାରିଲେ ମେଡିକାଲ କଲେଜ ଅଭିମୁଖେ। ସେ ସାଙ୍ଗରେ ଥିବାରୁ ଝିଅଟିର ନିର୍ଭୀକତା ଓ ସାହସ ଅତି ମାତ୍ରାରେ ବଢ଼ି ଯାଇଥିବାର ଜଣାଯାଉଥିଲା। ମେଡିକାଲ କଲେଜ ନାମ ଲେଖା ହୋଇଗଲା କିନ୍ତୁ ହଷ୍ଟେଲ ସିଟ୍ ମିଳିଲା ନାହିଁ। ଝିଅଟି (ଇତି) କାନ୍ଦି କାନ୍ଦି ଆସି ସବୁ କିଛି ବଖାଣିଲା। ଆକାଶ ମାଡି ବସିବା ପରି ଏକ ଭୟଭୀତ ଅବସ୍ଥାରେ ଥିଲା ସେ। ଏକ ହତାଶ ସ୍ୱରରେ ପଚାରିଲା 'ମୁଁ କ'ଣ ତାହେଲେ ଡାକ୍ତର ହୋଇ ପାରିବି ନାହିଁ?'

ଇତିକୁ ସାନ୍ତ୍ୱନା ଦେଇ ଅକ୍ଷୟ କହିଲେ – 'ଯେ ପର୍ଯ୍ୟନ୍ତ ତୋ ଜେଜେ ସାଙ୍ଗରେ ଅଛନ୍ତି ତୋର କୌଣସି ଅସୁବିଧା ହେବନାହିଁ। ଏହାର ସରଳ ସମାଧାନ ଅଛି। ଏ ସହରକୁ ମୁଁ ବୁଲିବାକୁ ଆସିଥିଲି। ଏବେ କିନ୍ତୁ ଭାବୁଛି ଈଶ୍ୱରଙ୍କ ଇଚ୍ଛା ତୋତେ ସାହାଯ୍ୟ କରିବା।' କୌଣସି ପ୍ରାଇଭେଟ ହଷ୍ଟେଲରେ ସିଟ୍ ନମିଳିବାରୁ ଏକ ଛୋଟ ଘର ଭଡାରେ ନିଆଗଲା କଲେଜଠାରୁ ଅଳ୍ପ ଦୂରରେ। ସେଠାରେ ଜେଜେ ନାତୁଣୀ ରହିଲେ ଓ ପଢ଼ାରେ କୌଣସି ବ୍ୟାଘାତ ସୃଷ୍ଟି ହେଲା ନାହିଁ।

ଜେଜେ ସବୁଦିନ କଲେଜ ଯାଆନ୍ତି ଓ ମୁହଁ ଶୁଖାଇ ବିଫଳ ହୋଇ ଫେରନ୍ତି। ଘରକୁ ଆସି ଆଶ୍ୱସନା ଦିଅନ୍ତି "ବ୍ୟସ୍ତ ହୁଅନା। ତୋର ହଷ୍ଟେଲ ସିଟ୍ ନହେବା ପର୍ଯ୍ୟନ୍ତ ତୋତେ ଛାଡ଼ି କରି ଯାଉନାହିଁ।" ଏହା ଶୁଣିବା ପରେ ଇତି କଇଁ କଇଁ ହୋଇ କାନ୍ଦି ପକାଏ ଓ ଆସି କୁଣ୍ଢାଇ ପକାଏ। ଦିନେ ରାତିରେ ଅଘଟଣ ଘଟିବା ପରି ଜଣାପଡ଼ିଲା। ଅକ୍ଷୟ ଉଠି ଦେଖନ୍ତି ଇତି ତାଙ୍କ ଖଟରେ ଏକ ପାଖରେ ଶୋଇଛି। ଡାକିବା ପରେ ଇତି ଆଖି ମଳି ମଳି ଉଠିଲା ଓ କହିଲା "ଜେଜେ ମୁଁ ପଢ଼ା ସାରି ଶୋଇବାକୁ ଯିବା ପୂର୍ବରୁ ଦେଖିବାକୁ ଆସିଥିଲି ଆପଣ କ'ଣ କରୁଛନ୍ତି। ଆପଣଙ୍କ ମୁହଁଟା ଶୁଖିଲା ଓ ଅଶାନ୍ତ ଜଣାପଡ଼ିଲା। ଆପଣଙ୍କ ସେ ମୁହଁକୁ ଚାହିଁ ଚାହିଁ ଦୁଃଖରେ କେତେବେଳେ ଶୋଇ ପଡ଼ିଛି ଜାଣିନାହିଁ। ଅକ୍ଷୟ କହିଲେ ତୋଭଳି ଝିଅକୁ ଭୁଲ ବୁଝିଲେ ମୋର ନର୍କରେ ବାସ ହେବ। ତୁ ତୋର ସଂଗ୍ରାମରେ ଲାଗିଯାଆରେ ମାଆ। ଏକ ଭଲ ଡାକ୍ତର ଭାବେ ନିଜକୁ ପ୍ରମାଣିତ କର।"

ଏହିଭଳି ଦୁଇମାସ କଟିଗଲା ଓ ଇତିକୁ ହଷ୍ଟେଲରେ ଏକ ସିଟ୍ ମିଳିଗଲା। ସେଦିନ ଦୁହିଁଙ୍କର ଆନନ୍ଦ କହିଲେ ନସରେ। ଏକ ଭଲ ହୋଟେଲରେ ଖାଇବା ସହିତ କେତୋଟି ଦର୍ଶନୀୟ ସ୍ଥାନ ବୁଲି ଦେଖିଲେ। ବିଦାୟ ବେଳର ଦୃଶ୍ୟ ହୁଏତ ପ୍ରଭୁ ବି ଦେଖିଥିଲେ ନ କାନ୍ଦି ରହି ପାରିନଥାନ୍ତେ।

ସମୟ ଗଡ଼ି ଚାଲିଲା। ଜେଜେ ନାତୁଣୀଙ୍କ ସମ୍ପର୍କରେ ମୋବାଇଲରେ ସୀମିତ ହୋଇଗଲା। ପଢ଼ାରେ ବ୍ୟସ୍ତତା ହେତୁ ଆସ୍ତେ ଆସ୍ତେ ସେ ଆଦାନ ପ୍ରଦାନ ପ୍ରାୟ ବନ୍ଦ ହୋଇଗଲା। ଇତି ଡାକ୍ତରୀ ପାସ୍ କରି ଓଡ଼ିଶା ଫେରି ଆସିଲା। ବ୍ୟାଙ୍କରୁ ଋଣ ଆଣି ଏକ ନର୍ସିଂହୋମ ଆରମ୍ଭ କଲା। ସମୟକ୍ରମେ ସେ ନର୍ସିଂହୋମ ସହରରେ ଏକ ନମ୍ବର ସ୍ଥାନରେ ରହିଲା।

ଅତ୍ୟଧିକ ବୟସ ହେତୁ ଅକ୍ଷୟଙ୍କ ଶରୀର ଅସୁସ୍ଥ ହେବାରେ ଲାଗିଲା। ଯତ୍ନ ନେବା ପାଇଁ ସନ୍ତାନ ନଥିଲେ। ପଇସାର ଅଭାବ ନଥିଲା କିନ୍ତୁ ଆପଣାର ଲୋକ ଅଭାବ ଥିଲେ। ବହୁ ଅନୁରୋଧ ସତ୍ତ୍ୱେ ପୁତୁରା ଆଣି ତାଙ୍କୁ ନର୍ସିଂହୋମରେ ଛାଡି ଦେଇଗଲା। ଏ ଅସମୟରେ ଅକ୍ଷୟ କିନ୍ତୁ ଇତିକୁ ବହୁତ ମନେ ପକାଉଥିଲେ। କିନ୍ତୁ ଦୀର୍ଘ ଦିନ ଧରି କୌଣସି ଯୋଗସୂତ୍ର ତଥା ଆଦାନ ପ୍ରଦାନ ସେମାନଙ୍କ ମଧ୍ୟରେ ନଥିଲା। ଏତିକିବେଳେ ପରିଚାରିକା ଆସି କହିଥିଲା ଯେ ଡାକ୍ତର ମ୍ୟାଡାମ ଛୁଟିରେ ଯାଇଛନ୍ତି। ଦୁଇ ଦିନ ପରେ ଆସିବେ, ତୁମର ଚିକିତ୍ସା କରିବେ।"

ଇତି ଫେରିବା ପରେ ବୁଝିଲା ଯେ ଜଣେ କେହି ବୃଦ୍ଧ ବ୍ୟକ୍ତି ଚିକିତ୍ସା ଅପେକ୍ଷାରେ ଅଛନ୍ତି। ଇତି ରୋଗୀ ବେଡ ପାଖରେ ପହଞ୍ଚି ଜେଜେଙ୍କୁ ଦେଖି ବିସ୍ମୟ ଓ ଆନନ୍ଦରେ ଅଭିଭୂତ ହେଇଗଲା। ଖୁସିଥିଲା ଯେ ଜେଜେ ମିଳିଗଲେ ଦୁଃଖିଥିଲା ଯେ ଚିକିତ୍ସା ଅଭାବରୁ ସେ କେତେ ଦୁର୍ବଳ ହୋଇଯାଇଛନ୍ତି।

ଏହାପରେ ଯାହା ହେଲା ମାନବିକତାର ଚରମ ପରିପ୍ରକାଶ ଥିଲା। ଇତି ନର୍ସଙ୍କୁ ନିର୍ଦ୍ଦେଶ ଦେଲା ଅକ୍ଷୟଙ୍କ ଡିସଚାର୍ଜ କାଗଜ ପତ୍ର କରିବା ପାଇଁ। ନର୍ସ ଯେତେବେଳେ ଅବାକ୍ ହୋଇ ଚାହିଁଲା ଇତି କହିଲା ସେ ଆଜିଠାରୁ ତାଙ୍କ ନିଜ ଘରେ ମାନେ ମୋ ଘରେ ରହି ଚିକିତ୍ସା ହେବେ।



# ବାବୁ

## ଡାଃ. ସୁରେନ୍ଦ୍ର ନାଥ ଦାଶ

ବାବୁ ଶବ୍ଦ ଆଜିର ଦୁନିଆରେ ବହୁଳ ପ୍ରସାରିତ । କାହାକୁ ବାବୁ ଡକାଯିବ ତା'ର କୌଣସି ମାପକାଠି ନାହିଁ। ସମ୍ବୋଧନ କରୁଥିବା ବ୍ୟକ୍ତି ଯେତେବେଳେ ଅନୁଭବ କରେ ତା' ଆଗର ବ୍ୟକ୍ତିଟି ସମ୍ମାନ, ଧନରେ ତାଠାରୁ ଆଗରେ ସେ ତାଙ୍କୁ ବାବୁ ବୋଲି ସମ୍ବୋଧନ କରେ।

ପିଲା ଦିନେ ଗାଁ ସ୍କୁଲରେ ପଢୁଥିଲା ବେଳେ ସ୍କୁଲ ପରିଦର୍ଶକ ବା ସବ ଇନସେକ୍ଟର ଅଫ ସ୍କୁଲକୁ ମାଷ୍ଟ୍ର ମାନେ ବାବୁ କହୁଥିଲେ। 'ପିଲାଏ କାଲି ବାବୁ ଆସିବେ, ଭିଜିଟ୍‌ରେ। ସଫା ପୋଷାକ ପିନ୍ଧି ଆସିବ', ସର୍ତକ କରିଦେଉଥିଲେ । ତାହାହିଁ ବାବୁ ଶବ୍ଦ ସହ ମୋର ପ୍ରଥମ ପରିଚୟ।

ଆମର ମଫସଲୀ ଗାଁ। ସମସ୍ତେ ଚାଷୀ,ଚାଳଘରେ ରହନ୍ତି। ଘର ଆଗରେ ଗୁହାଳ, ବଳଦ ବନ୍ଧା ହୋଇଥିବା ଦାଣ୍ଡ। ଗୋବର ସାଲୁସାଲୁ। ସେଗାଁରେ ବାବୁ ଶବ୍ଦର ପ୍ରଚଳନ ନଥିଲା ଦାଦା ଭାଇ ମଉସା କକା ବୋଲି ଜଣେ ଆଉ ଜଣକୁ ସମ୍ବୋଧନ କରୁଥିଲେ।

ପାଠ ପଢିବାକୁ ଗାଁ ଠାରୁ କିଛି ଦୂର ନରୁଆ ମଧ୍ୟଇଂରାଜୀ ବିଦ୍ୟାଳୟକୁ ଗଲା। ସେ ଗାଁର ସଂଖ୍ୟାଧିକ ଲୋକ କରଣ। ଭାଇ ଦାଦି ଡାକ ନାହିଁ। ଜଣେ ଆରଜଣକୁ ବାବୁ ଡାକନ୍ତି। ସଫା ଧଳା ଫରଫର ପୋଷାକ ପିନ୍ଧି ଦାଣ୍ଡରେ ଆରାମ ଚେୟାର ପକାଇ ବସନ୍ତି। ଭାବିଲି ସମସ୍ତେ ବୋଧେ ବଡ ଲୋକ। ଆମ ଗାଁରେ ପଚାରିଲି, 'କ'ଣ ପାଇଁ ସମସ୍ତେ ବାବୁ ସେ ଗାଁର ?'

ଜଣେ ମଜାଳିଆ ଦାଦା କହିଲେ, 'କରଣ ମାନେ ଜମି ଭାଗ ଦେବେ, ହଳ କରିବେ ନାହିଁ ଓ ଗୋବର ହେବ ବୋଲି ଗାଈ ବଳଦ ରଖିବେନି। ଘର ଆଗପଟ ଚୂନ ଦେଇ ଧଳା କରିବେ। ପଛପଟ ଘର କିନ୍ତୁ ଭଙ୍ଗା ଥିବ। ସେମାନଙ୍କ ମଧ୍ୟରେ କରଣ କମ ଗୋଲାମ ଅଧିକ। ସେମାନେ କିନ୍ତୁ ପିଲାଙ୍କୁ ପାଠ ପଢେଇବେ। ଅଧିକାଂଶ କରଣ ପାଖ ସାଲେପୁରରେ ଛୋଟ ଡେସ୍କ ପକାଇ ଦଲିଲ ଲେଖନ୍ତି କରଣିଆ ଛାଟରେ ରେଜିଷ୍ଟ୍ରେସନ ଅଫିସ୍ ବାରଣ୍ଡାରେ।'

ବଙ୍ଗାଳୀ ମାନେ ସବୁଠାରୁ ପ୍ରଗତିଶୀଳ ଜାତି ଭାରତ ଭିତରେ। ଇଂରେଜ ମାନଙ୍କ ସଂସ୍ପର୍ଶରେ ସେମାନେ ପ୍ରଥମେ ଆସିଲେ। ପାଠ ପଢିଲେ। ସରକାରୀ ଚାକିରି କଲେ ଅନେକ ଜମିଦାରୀ ଓଡିଶା ବିହାରର ନିଲାମ ଧରି ଧନୀ ଭିତରେ ଗଣା ହେଲେ। ପରିଷ୍କାର ଧଳା ପୋଷାକ ପିନ୍ଧି ନିଜକୁ ଭଦ୍ର ଲୋକ ବା ବାବୁ ବୋଲି କହିଲେ।

ସ୍ୱାଧୀନତା ପରେ ପାଠପଢି ଚାକିରି କରୁଥିବା ଲୋକଙ୍କୁ ଅନ୍ୟମାନେ ବାବୁ କହିଲେ। ସେମାନେ ହେଲେ ସମାଜର ଆଗ ଧାଡିର ଲୋକ। ସମାଜକୁ ଶିକ୍ଷାଦେବେ। ଲୋକଙ୍କ ସମସ୍ୟା ବୁଝିବେ। ଲୋକେ ତାଙ୍କୁ ଖାତିରି କରିବେ। ସେତେବେଳେ ବାବୁ ମାନେ ଚରିତ୍ରବାନ ଥିଲେ। ମଧୁବାବୁ, ଗୋପବାବୁ, ମହତାବ ବାବୁ ଆଦି ସମ୍ବୋଧନ କରାଯାଉଥିଲା ସମ୍ମାନ ଜଣାଇ। ଗୋପବାବୁ କହିଲେ ଗୋପବନ୍ଧୁ ଚୌଧୁରୀ ଯେକି ନବ ବାବୁ ପୂର୍ବତନ ମୁଖ୍ୟ ମନ୍ତ୍ରୀଙ୍କ ବଡଭାଇଙ୍କୁ ବୁଝାଉଥିଲା। ସେ ଋଷିପ୍ରତିମ ବ୍ୟକ୍ତିଥିଲେ। କ୍ଷମତା ରାଜନୀତିରୁ ଦୂରେଇଥିଲେ। ନିଜ ସବଡେପୁଟି ଚକିରୀ ଛାଡି ଗାନ୍ଧୀଙ୍କ ଆନ୍ଦୋଳନରେ ଯୋଗ ଦେଇଥିଲେ। କଟକର ନିଜର ପୈତୃକ ଗୃହ ସ୍ୱରାଜ୍ୟ ଭବନକୁ କଂଗ୍ରେସ ଦଳକୁ ଦାନ କରିଥିଲେ ନେହରୁଙ୍କ ପ୍ରୟାଗରାଜର ଆନନ୍ଦ ଭବନ ଭଳି। ପୂର୍ବରୁ ବାବୁଙ୍କ ପାଇଁ ସମାଜର ଉଚ୍ଚ ସମ୍ମାନ ବୋଧ ଫୁଟି ଉଠୁଥିଲା ଓ ମଧୁସୂଦନ ଦାସଙ୍କୁ ଲୋକେ ମଧୁବାବୁ ବୋଲି ହିଁ ଜାଣନ୍ତି ଶ୍ରଦ୍ଧାରେ।

ହଟାତ ବାବୁ ଶବ୍ଦର ଅବମୂଲ୍ୟାୟନ ହବାକୁ ଲାଗିଲା। ସରକାରୀ ବାବୁମାନଙ୍କ ଦରମା ସୁବିଧା ଯେତିକି ବଢିଲା ସେମାନଙ୍କର କାମପ୍ରତି ନିଷ୍ଠା ଲୋକମାନଙ୍କ ପ୍ରତି ସମ୍ବେଦନଶୀଳତା ସେତିକି କମିଲା ଲୋଭ ସେତିକି ଅଧିକ ହେଲା। କ୍ଷମତାର ଅହଂ ତାଙ୍କୁ ଅନ୍ଧ କରିଦେଲା। ଲାଲ ବତୀ ନଲାଗିଲେ ବାବୁଙ୍କୁ ମାଡି ପଡିଲା। ନିଜ କ୍ଷମତାର ଅପପ୍ରୟୋଗ କରି ନିଜ ଫାଇଦା ନବା ଅନ୍ୟମାନଙ୍କୁ ଛୋଟ ବୋଲି ଭାବିବା ବାବୁମାନଙ୍କ ମଧ୍ୟରେ ଏକ ସଂକ୍ରାମକ ରୋଗ ଭଳି ମାଡି ଚାଲିଲା। ଯାହାଥିଲା ଏବେ ଗରୀବଙ୍କ ଟଙ୍କାକୁ ଆତ୍ମସାତ କରି ଟଙ୍କାର ପାହାଡ କରିବା ମାନସିକତା ସମାଜକୁ ବ୍ୟଥିତ ଆଶ୍ଚର୍ଯ୍ୟ କରିଛି। ଜଣେ ବାବୁ କୌଣସି ସଂସ୍ଥାର ପ୍ରେସିଡେଣ୍ଟ ଅଛନ୍ତି। ମ୍ୟୁନିସିପାଲିଟି କି ଏକ ଦଳର ମୁଖ୍ୟ, ଜିଲ୍ଲାକି ବ୍ଲକସ୍ତରୀୟ। ତାଙ୍କ କାର୍‌ର ଆଗରେ ବଡବଡ ଅକ୍ଷରରେ ଲେଖାଯାଇଛି 'ପ୍ରେସିଡେଣ୍ଟ'। ତଳେ ଅତି ଛୋଟ ଅକ୍ଷରରେ ମ୍ୟୁନିସିପାଲିଟି କି ଦଳର ନାମ ଲେଖାଯାଇଛି । ଅହଂକାରରେ ସେ ନିଜକୁ ଭାରତର ପ୍ରେସିଡେଣ୍ଟ ଭାବୁଛନ୍ତି ।

ଗୋଟାଏ ଗୋଟାଏ ତହସିଲରେ ୧୫/୨୦ଟା ଲାଲବତୀ ଲଗା ଗାଡି ବୁଲୁଛି। ନିତି ନୂଆନୂଆ ସଂସ୍ଥା ଖୋଲି କାହାକୁ କ୍ୟାବିନେଟ ପାହ୍ୟାତ କାହାକୁ ଡାଇରେକ୍ଟର ପାହ୍ୟା ଦିଆଯାଉଛି। ଲାଲ ବତୀ ପାଇଁ ନିର୍ଦ୍ଧିଷ୍ଟ ଗାଇଡଲାଇନ ଥିଲେ ମଧ୍ୟ କେହି ମାନିବାକୁ ପ୍ରସ୍ତୁତ ନୁହଁଛି। ଅମାପ ଅର୍ଥ ଗଣ୍ଡା ଗଣ୍ଡା କୋଠା, ଗାଡି ବିଳାସରେ ଜଣଙ୍କୁ ଟପିଯିବେ। ଘରୁ ବାହାରିଥିବା ଟଙ୍କାକୁ ଗଣିବାକୁ ହାଲିଆ ହେଉଛନ୍ତି ଭିଜିଲାନସ ବାଲା। ବଉଦ ଜିଲ୍ଲା । ଦିଇଟା ତହସିଲ। ତା'ର ପୁଣି ଏମଭିଆଇ। ତାଙ୍କ ଘରୁ ପୁଳାପୁଳା ଟଙ୍କା, ୪୦ ଟା ପ୍ଲଟ। ଅସରପା ଗୋଟିଏ ଚଢ଼େଇ ନା....। ଜଣେ ଡେପୁଟି ରେଂଜର ତାଙ୍କ ଘରେ ଟଙ୍କାର ପାହାଡ଼। ନୂଆ ହୋଇ ଆଇଏଏସ ଚାକିରି ପାଇଥିବା ଧରମଗଡ଼ର ଉପଜିଲ୍ଲାପାଳଙ୍କ କଥାତ ଦେଖିଲେ। କ'ଣ ହେଲାଏ ଦେଶ ? ଏମାନେ ବାବୁନା ଚମ୍ବଲ ଡକାୟତ ? ଆମଦେଶ କୁଆଡେ ବିଶ୍ୱଗୁରୁ, କ'ଣ ଦୁର୍ନୀତି ଶିକ୍ଷା ଦେଇ ? ଏମାନଙ୍କୁ ଦେଖିଲେ ଟଲଷ୍ଟୟଙ୍କ ଗପ, 'ମଣିଷର କେତେ ଜମି ଦରକାର' ? ମନେପଡ଼େ। ଚାରିଟା କାଠରେ ଶେଷରେ ବୁହାହେବା ଅନ୍ତିମ ଯାତ୍ରାରେ ଆମେ। ଏ ଟଙ୍କାର ପାହାଡ଼ରୁ ପାହୁଲାଟିଏ ବି ସାଙ୍ଗରେ ଯିବନି। ଲୋକଙ୍କ ଅର୍ଥ ଲୁଟକରି କିପରି ଶାନ୍ତିରେ ଶୋଉଛନ୍ତି ବାବୁ ମାନେ ? କାଳକାଳକୁ ବାବୁ ଶବ୍ଦକୁ କଳଙ୍କିତ କରିଦେଲେ ଏମାନେ। ବାବୁ ଶବ୍ଦ ଆଜି ଡକାୟତ ଠକ ଲୁଟେରାରେ ପରିଣତ ହୋଇଛି। ଆମେ ପୁଣି କୁଆଡେ ବିକଶିତ ଦେଶ ହେବା। ବିକଶିତ ଦେଶ କ'ଣ ତାହା ଆମ ନେତାମାନେ ଜାଣନ୍ତିକି ?

ଭଗବାନ ଏମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ନାହିଁତ ହୁଏତ ଦିନେ ଦୁର୍ନୀତି ବିରୁଦ୍ଧରେ ଜନଜାଗରଣ ରୁପି ସୁନାମି ସେମାନଙ୍କ ସମେତ ଦେଶକୁ ଅତଳ ଜଳରେ ବୁଡାଇଦେବ।

*ଉମରକୋଟ*

# ବେବି ଏକାଅଶୀ

## ସରୋଜକାନ୍ତ ଚୌଧୁରୀ

ବର୍ଣ୍ଣନା କରାଯାଉଥିବା ଘଟଣାଟିର ଉତ୍ପତ୍ତିସ୍ଥଳ ଶ୍ରୀଲଙ୍କାର ପୂର୍ବ ଉପକୂଳରେ ଅବସ୍ଥିତ କାଲମୁନାଇ ନାମକ ଏକ ସହରର ହାସପାତାଳ ଏବଂ ସମୟ ଦୁଇ ହଜାର ପାଞ୍ଚ ମସିହା ଜାନୁୟାରୀ ମାସର ଏକ ଶିତୁଆ ଅପରାହ୍ନ। ଡିସେମ୍ବର ଚବିଶ ତାରିଖରେ ଆସିଥିବା ମହାବିପତ୍ତି ସୁନାମୀର କରାଳ କବଳରୁ ବର୍ତ୍ତି ଯାଇଥିବା ଉପକୂଳ ବାସିନ୍ଦାଙ୍କ ପାଇଁ ନିତ୍ୟ ନୈମିତ୍ତିକ ଜୀବନଧାରାରେ ଚଞ୍ଚଳତା ନାହିଁ। କୁଢ଼ କୁଢ଼ ଅବର୍ଜନା ଏବଂ ଧ୍ୱଂସସ୍ତୁପ ଭିତରେ ଜୀବନସବୁ ଘୁମେଇ ପଡିଛନ୍ତି ଯେମିତି। ବ୍ୟାପକ ଧନ ଜୀବନ ହାନୀର ପ୍ରଭାବରେ ପ୍ରଭାବିତ ହୋଇ ଚାରିଆଡ଼ ଯେମିତି ଖାଁ ଖାଁ। ସରକାରୀ ବେସରକାରୀ ସଂସ୍ଥାମାନଙ୍କ ତରଫରୁ ଖୋଲାଯାଇଥିବା ଆଶ୍ରୟସ୍ଥଳୀ ବ୍ୟତୀତ ସମସ୍ତ ସହର ଯେମିତି ନିଥର। ସହରର ସବୁଠାରୁ ବଡ ଡାକ୍ତରଖାନାର ମହିଳା ଓ୍ୱାର୍ଡର ଏକ ବେଡ୍ ଉପରେ ନିଜର ମାନସିକ ଭାରସାମ୍ୟ ହରାଇ ପଡ଼ିରହିଥିଲା ପାବର୍ତୀ। ଘର ଦ୍ୱାର ତଥା ନିଜର ଜ୍ଞାତି ସ୍ୱଜନଙ୍କୁ ହରାଇ ଅନେକ ଏମିତି ମାନସିକ ଅବସାଦର ଶିକାର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ତା' ମଧ୍ୟରେ ପାବର୍ତୀ ଥିଲା ଅନ୍ୟତମ। ଡାକ୍ତରଖାନାର ଝରକା ଦେଇ ଶୂନ୍ୟ ଦୃଷ୍ଟିରେ ଆକାଶକୁ ଚାହିଁ ରହିଥିଲା ପାବର୍ତୀ। ଜୀବନ ରାସ୍ତାର ପ୍ରତ୍ୟେକଟି ମାଇଲଖୁଣ୍ଟ ଯେମିତି ତା' ଆଖି ଆଗରେ ଭାସି ଉଠୁଥିଲା।

ସହରର ସମୁଦ୍ର ତଟକୁ ଲାଗି ଏକ ବିରାଟ ତାମିଲ ବସ୍ତି। ଏମିତି ତ ଦେଖିବାକୁ ଗଲେ କାଲମୁନାଇ ସହରର ଅର୍ଦ୍ଧାଧିକ ବାସିନ୍ଦା ତାମିଲ। ଏଠି ବସ୍ତି ବାସିନ୍ଦାଙ୍କ ମୁଖ୍ୟ ପେଶା ସମୁଦ୍ରରୁ ମାଛ ଧରିବା। ଏଇ ବସ୍ତିର ଗୋଟାଏ ଝାଟିମାଟି ଘରର ଅଧିବାସୀ ରାମୁଲୁ ଏବଂ ପାବର୍ତୀ। ସରକାରୀ ଜାଗା ଉପରେ ଗଢ଼ି ଉଠିଥିବା ବସ୍ତିରେ କାହା ନାଁରେ ଜମି ନାହିଁ। ରାମୁଲୁ ଯଦିଚ ନୋଳିଆ ବସ୍ତିରେ ରହିଛି ସେ ନୋଳିଆ ନୁହେଁ। ମାଛ ଧରିବାକୁ ସମୁଦ୍ର ଭିତରକୁ ଯାଏ ନାହିଁ। ବାହାରେ ସହରରେ ମୂଲ ମଜୁରୀ କରି ପେଟ ପୋଷୁଥିଲା। ଏବେ ଦୁଇ ବର୍ଷ ହେବ ବସ୍ତି ପାଖରେ ଥିବା ଏକ ସୂତା ତିଆରି କାରଖାନାରେ ଛୋଟ ଚାକିରି ଖଣ୍ଡେ ପାଇ ଯାଇଛି। ପାବର୍ତୀ ରାମୁଲୁ ସହିତ ଘର କଲାଣି ପାଖାପାଖି ପ୍ରାୟ ଚାରିବର୍ଷ ହେବ। ଏ ପର୍ଯ୍ୟନ୍ତ ସେ ବସ୍ତି ପାଖର ଥିବା ବାବୁ ମାନଙ୍କ ଘରେ କାମଦାମ କରୁଥିଲା, ବର୍ଷେ ଖଣ୍ଡେ ହେବ ତା' ପେଟରେ ପିଲା ରହିଲା ଦିନୁ ଆଉ କାମକୁ ଯାଉନଥିଲା। ରାମୁଲୁ ବି ସୂତାକଳରେ କାମକଲା ଦିନଠୁଁ ତାକୁ ଆଉ କାହା ଘରେ ପାଇଟି କରିବାକୁ ବାରଣ କରୁଥିଲା।

ରାମୁଲୁ ଆଉ ପାବର୍ତୀ, ବେଦୀରେ ବସି ତାଙ୍କର ବାହାଘର ହୋଇନାହିଁ। ପାବର୍ତୀ ବସ୍ତିରେ ତା'ବାପା ମାଆଙ୍କ ସହିତ ରହୁଥିଲା ବେଳେ ରାମୁଲୁର ବଳିଲା ବଳିଲା ଯୁଆନ୍ ଚେହରା ଦେଖି ତା' ଆଡ଼କୁ ଆକର୍ଷିତ ହୋଇଗଲା ଏବଂ ପ୍ରତିଦାନରେ ରାମୁଲୁଠାରୁ ପାଇଥିଲା ସ୍ନେହବୋଳା ବିଶ୍ୱାସ। ବାସ୍ ଦିନେ ତା' ସାଂଗରେ ଚାଲିଆସି ତା'ଘରେ ରହିଥିଲା ତା'ଘରଣୀ ହୋଇ। ହୁଏତ ତା'ବାପା ମାଆ ଏ କଥା ଜାଣିଲେ କିନ୍ତୁ ବସ୍ତି ସଂସ୍କୃତିରେ ପାବର୍ତୀର ଏଭଳି କାର୍ଯ୍ୟ କିଛି ନୂଆ ପରମ୍ପରା ସୃଷ୍ଟି କରି ନ ଥିଲା। ରାମୁଲୁ ତାଙ୍କ ବିଚାରରେ କିଛି ଗୋଟା ଅକର୍ମା ବା ଅଗୁଣର ଯୁଆନ୍ ନ ଥିଲା। ସେଥିପାଇଁ ସେମାନେ କିଛି ଓଜର ଆପତ୍ତି କରି ନଥିଲେ ବରଂ ରାମୁଲୁକୁ କହି ବସ୍ତି ବାଲାଙ୍କ ପାଇଁ ଗୋଟାଏ ଭୋଜିର ବ୍ୟବସ୍ଥା କରିଦେଲେ। ସ୍ୱାମୀ ସ୍ତ୍ରୀ ରୂପେ ଏକାଠି ରହିବା ଏ ମଧ୍ୟରେ ଢେର ଦିନ ହୋଇ ଯାଇଥିଲା ରାମୁଲୁ ଆଉ ପାବର୍ତୀର। ପାବର୍ତୀର କୋଳକୁ ପୂର୍ଣ୍ଣକରି ପୁଅଟିଏ ଆସିଲା ବହୁଦିନ ପରେ। ପିଲାଟି ପାଇବା ପାଇଁ କେତେ ଯେ ଠାକୁରଙ୍କ ପାଖରେ ସେମାନେ ପୂଜା ଆରାଧନା କରିଛନ୍ତି ତା'ର ହିସାବ ନାହିଁ। ସତରେ ପୁଅଟି ବି ତାଙ୍କର ବଡ଼ଘର ପିଲାଟି ଭଳି ଚେହରା ପାଇଥିଲା। ପାର୍ବତୀ ଏତେ ଦିନ ପରେ ନିଜକୁ ଭାରି ଭାଗ୍ୟବତୀ ମନେ କରୁଥିଲା। ରାମୁଲୁର ଚାକିରି ଆଉ ପରେ ତା' କୋଳରେ ରାଜାପୁଅ ଭଳି ପିଲା। ସବୁଦିନେ ସକାଳେ ରାମୁଲୁ ଖାଇପିଇ ନଅଟା ପୂର୍ବରୁ କାରଖାନାକୁ କାମ କରିବାକୁ ଯାଏ। କାମ ସାରି ଆସିଲାବେଳକୁ ସନ୍ଧ୍ୟା ଛଅଟା। ଏ ଭିତରେ ଦିନଯାକ ପାର୍ବତୀ ଘରେ ପୁଅ ସହିତ ଅନବରତ ଲାଗିଥାଏ। ପୁଅ ହିଁ ଜୀବନ ତା'ର। କୃଷ୍ଣ ଭଳି ଚେହେରା ପାଇଥିବାରୁ ଆଦରରେ ନାଁ ତା'ର ଦେଇଥିଲା କ୍ରିଷ୍ଣା। ତାଙ୍କ ଛୁଆର କିଛି ଯେମିତି ଅପୂରଣୀୟ ନରହୁ ଏକଥା ଉଭୟ ରାମୁଲୁ ଏବଂ ପାର୍ବତୀର ମନ ମଧ୍ୟରେ ସବୁବେଳେ ଖେଳୁଥାଏ।

ତିନି ମାସର ଛୁଆ ପାଇଁ ବାପା ତା'ର କେତେ ପ୍ରକାରର ଖେଳନା ଆଣିଥିଲା ତା'ର ହିସାବ ନାହିଁ। କେତେ ବେଶ ପୋଷାକ, ଊଣା କିଛି ନଥିଲା ତା'ର।

ବେଳାଭୂମୀ ଉପରେ ବିସ୍ତାରିତ ହୋଇଥିଲା ସେହି ତାମିଲ୍ ବସ୍ତି। ସାଗରର ନୀଳିମାରେ ବସ୍ତି ବାସିନ୍ଦା ହୁଅନ୍ତି ଆତ୍ମହରା। ସକାଳର ସୁନେଲି ଖରା, ରାତିର ଜହ୍ନ ଆଲୁଅରେ ସମୁଦ୍ରର ଦିଗହରା ପାଣିରେ ବସ୍ତିର ଧୀବରମାନେ ମେଲି ଦିଅନ୍ତି ମାଛଧରା ଡଙ୍ଗା ସବୁ। ଧାଡି ଧାଡି ପାଲଟଣା ମାଛଧରା ଡଙ୍ଗା ସୃଷ୍ଟି କରେ ଅନେକ ରୋମାଂଚ। ବସ୍ତି କଡ ଦେଇ ଯାଇଥିବା ବେଳାଭୂମୀ ରାସ୍ତା ଉପରେ ସବୁବେଳେ ଯାତ୍ରୀ ଭିଡ଼। କାଲମୁନାଇ ସହରର ପୂର୍ବ ପଟରେ ସମୁଦ୍ର ଆଉ ସେଇଥିପାଇଁ ଆଲୋଚିତ ବସ୍ତିରେ ସବୁଠୁଁ ଆଗରୁ ସକାଳ ଆସେ। ରାତି ନ ପାହୁଣୁ ଧୀବରମାନେ ମାଛ ଧରିବାକୁ ଯିବା ପାଇଁ ପ୍ରସ୍ତୁତ ହେଲା ବେଳେ କର୍ମତତ୍ପର ଅନ୍ୟ ବସ୍ତିବାସିନ୍ଦା ନିତ୍ୟ ନୈମିତ୍ତିକ କାର୍ଯ୍ୟ ତାଙ୍କର ଆରମ୍ଭ କରିଦିଅନ୍ତି। ଏଇ କିଛିଦିନ ହେଲା ପାର୍ବତୀ ଓ ରାମୁଲୁ ସମୁଦ୍ର କୂଳିଆ ଥଣ୍ଡା ପବନ ଉପଭୋଗ କରିବା ପାଇଁ ସୂର୍ଯ୍ୟ ଉଦୟ ହେବା ସଙ୍ଗେ ସଙ୍ଗେ ସମୁଦ୍ରକୂଳକୁ ଆସୁଥିଲେ। ଥଣ୍ଡା ଟିକେ ପଡିଥିଲା। ବାହାରେ ସାମାନ୍ୟ ଖରାରେ ସମୁଦ୍ର କୂଳିଆ ପବନ ଭଲ ଲାଗୁଥିଲା। ସମୁଦ୍ର ଉପକୂଳରେ ଅବସ୍ଥିତ ଏହି ସହରକୁ ଦେଶର ଅନ୍ୟ ସ୍ଥାନରୁ ବୁଲି ଆସିଥିବା ଯାତ୍ରୀମାନେ ମଧ୍ୟ ବେଳାଭୂମିର ବାଲି ଉପରେ ଭିଡ଼ ଲଗାଇଥାନ୍ତି ସକାଳର ସୂର୍ଯ୍ୟ ଉଦୟ ଦେଖିବାକୁ। ପାର୍ବତୀ ଓ ରାମୁଲୁ ଅଗଣିତ ଯାତ୍ରୀମାନଙ୍କ ସହ

ମିଶି ଅଧଘଣ୍ଟା ଘଣ୍ଟାଏ କଟାଇ ଚାଲି ଯାଆନ୍ତି ଅଦୂରରେ ଥିବା ତାଙ୍କ ଝାଟିମାଟିର ଘରକୁ। ସେଦିନ ବି ସେମିତି ସେମାନେ ଆସିଥିଲେ ସମୁଦ୍ର କୂଳିଆ ଥଣ୍ଡା ପବନ ଖାଇବାକୁ। ପୁଅର ନିଦରୁ ଉଠିବାରେ ଡେରି ହେବାରୁ ସେମାନଙ୍କର ଆସିବା ମଧ ବିଳମ୍ବିତ ହୋଇଥିଲା। ପ୍ରାୟ ସକାଳ ସାତଟା ବେଳକୁ ସମୁଦ୍ର ପାଣିରେ କେମିତି ଗୋଟାଏ ପରିବର୍ତ୍ତନ ଘଟିଲା। ଲହଡ଼ି ସବୁ ଦୂରକୁ ଘୁଞ୍ଚିଗଲା ସମୁଦ୍ର ଭିତରକୁ ପ୍ରାୟ ଦୁଇଶହ ତିନିଶହ ଫୁଟ। ସମସ୍ତେ ଆଶ୍ଚର୍ଯ୍ୟ ହୋଇ ଅନାଇ ରହିଥିଲେ। ତା' ପର ମୁହୂର୍ତ୍ତରେ ସମୁଦ୍ର ଲହଡି ସବୁ ମାଡି ଆସିଲା କୂଳକୁ ଅତି ତୀବ୍ର ଗତିରେ। ପାହାଡ଼ ପ୍ରମାଣ ଲହଡି। ମନେ ହେଲା ସତେ ଯେମିତି ସମୁଦ୍ରର ସବୁପାଣି ଚାଲି ଆସୁଛି ଲୋକମାନଙ୍କ ଆଡ଼କୁ। କୂଳ ଉପରେ ଠିଆ ହୋଇଥିବା ଲୋକମାନେ ନିଜନିଜର ପାରୁପର୍ଯ୍ୟନ୍ତ ଦୌଡିଲେ ସମୁଦ୍ର ଲହଡି କବଳରୁ ବର୍ତ୍ତିଯିବା ପାଇଁ। କିନ୍ତୁ ଲହଡି ଏତେ ଯୋରରେ ଆସିଲା ଯେ ନିମିଷକ ମଧରେ ସମସ୍ତେ ତା' ଭିତରେ ଭାସିଗଲେ। ନଡିଆ ଗଛ ଉଚ୍ଚାରେ ଆସୁଥିବା ଲହଡ଼ି ବେଳାଭୂମିର ରାସ୍ତାଟପି ସମଗ୍ର ବସ୍ତିକୁ ଭସାଇ ନେଇ ପୁଣି ସମୁଦ୍ର ଗଭର୍କୁ ଫେରିଗଲା। ଆଖି ପିଛୁଳାକେ ଏସବୁ ଘଟିଗଲା, ଯେମିତି ମହାପ୍ରଳୟ ନିମିଷେକ ମଧରେ। ରାମୁଲୁ ଏବଂ ପାର୍ବତୀ ପରସ୍ପରକୁ ଜାବୁଡ଼ିଧରି ସମୁଦ୍ର ଲହଡ଼ିରେ ଏକାଠି ଭାସିଗଲେ ବସ୍ତି ଆଡ଼କୁ କିନ୍ତୁ ଏ ମଧରେ ପାର୍ବତୀ ହାତରୁ ପୁଅ ଖସିଗଲା। ଲହଡ଼ି ସହ ସେ ଦୁଇ ଜଣ ପୁଣି ସମୁଦ୍ର ଗଭର୍କୁ ଠେଲି ହୋଇ ଫେରିଲା ବେଳେ ହାତରେ ପଡ଼ିଗଲା ଅକସ୍ମାତ ଗୋଟାଏ ଗଛର ଡାଳ, ଯାହାକୁ ଧରି ରହିଗଲେ ସେ ଦୁଇ ପ୍ରାଣୀ। କିନ୍ତୁ ଜୀବନ ଠୁଁ ବଳି ତାଙ୍କର ଅତି ଆଦରର ପୁଅ କାହିଁ କେଉଁଆଡ଼େ ଚାଲିଗଲା। ସମୁଦ୍ରର ଲହଡ଼ି ନିମିଷେକେ ନେଇ ଯାଇଥିଲା ଅନେକଙ୍କୁ ସମୁଦ୍ର ଭିତରକୁ। ଅନେକଙ୍କ ପ୍ରାଣହୀନ ଶରୀର ବେଳାଭୂମିର ବାଲି ଶଯ୍ୟାରେ ଇତସ୍ତତଃ ହୋଇ ପଡ଼ିଥିଲା ଆଉ ସେମାନଙ୍କ ଭଳି ଅନେକ ଭଙ୍ଗା ଘର, କାନ୍ଥ ଅଥବା ଗଛକୁ ଧରି ପ୍ରାଣ ବଞ୍ଚାଇ ପାରିଥିଲେ। ମୁହୂର୍ତ୍ତକ ପୂର୍ବର ଥିବା ସୁନ୍ଦର ପୃଥିବୀ ଭଗ୍ନସ୍ତୁପରେ ପରିଣତ ହୋଇ ଯାଇଥିଲା। ପାର୍ବତୀ ଓ ରାମୁଲୁଙ୍କର ଘରର ଅସ୍ତିତ୍ୱ ମଧ ନଥିଲା। ବାଲି କାଦୁଅର ସ୍ତୁପ ମଧରୁ କେବଳ ପୁଅର କେତେଟା କଣ୍ଢେଇ ପୋଷାକ ସିନା ମିଳିଲା ଏପଟେ ପୁଅର କିନ୍ତୁ ପତ୍ତା ନ ଥିଲା।

ମୁହୂର୍ତ୍ତକ ମଧରେ କେମିତି ଏସବୁ ଘଟିଗଲା ତାହା ଉଭୟଙ୍କ ମନକୁ ଆସୁନଥିଲା। ପାର୍ବତୀର ମନେ ଅଛି ସମୁଦ୍ରର ଫେରନ୍ତା ଲହଡ଼ିରେ ଘୋଷାଡ଼ି ହୋଇ ଆସିବା ପର୍ଯ୍ୟନ୍ତ ସେ ପୁଅକୁ ଛାତିରେ ଜାକି ଧରିଥିଲା। ଶେଷ ମୁହୂର୍ତ୍ତରେ ହିଁ ସେ ତା' ହାତରୁ ଖସିଗଲା। ପୁଅ ଯେ ତା'ର ସମୁଦ୍ରରେ ଭାସିଯାଇଛି କିମ୍ବା ନିର୍ଜୀବ ହୋଇ କେଉଁଠି ପଡି ରହିଛି ତାହା ଭାବିବାକୁ ପାର୍ବତୀର ମନ ଭିତରୁ କେହି ଯେମିତି ତାକୁ ବାରମ୍ବାର ବାରଣ କରୁଥିଲା। ଭାବୁଥିଲା କେମିତି କେଉଁଠି ତା' ସହିତ ତା'ର ଦେଖା ହୋଇଯିବ। ଦେଖି ତାକୁ ସେ ହସିଦେବ ପ୍ରାଣ ଖୋଲା ହସ। ଧୂଳି ଧୂସରିତ ଦେହକୁ ତା'ର ପୋଛି ପାଛି କୋଳକୁ ଆଉଜାଇ ଆଣିବ ସେ।

ସରକାରଙ୍କ ତରଫରୁ ସୁନାମୀ ପିଡ଼ିତଙ୍କ ପାଇଁ ଖୋଲା ଯାଇଥିଲା ଆଶ୍ରୟସ୍ଥଳ। ପାର୍ବତୀ ଏବଂ ରାମୁଲୁ ସେଠି ଯାଇ ଆଶ୍ରୟ ନେଲେ। ତାଙ୍କରି ଭଳି ଅନେକ ଲୋକ ଯେଉଁ ମାନଙ୍କର ଘରଦ୍ୱାର ସୁନାମୀର କରାଳ ସ୍ରୋତରେ ଭାସିଯାଇଥିଲା ସେମାନେ ସେଠାରେ ଆଶ୍ରୟ ନେଇଥିଲେ ସାମୟିକ ଭାବରେ। ରାମଲୁ କାମ କରୁଥିବା ସୁତାକଳ ଭିତରେ ହୁଏତ ଆଉଟିକେ ଭଲରେ ରହି ପାରିଥାନ୍ତେ କିନ୍ତୁ ଏଠି ରହିଲେ ପୁଅର ଖବର ହୁଏତ ମିଳିଯାଇପାରେ ସେଥିପାଇଁ ଏହିଠାରେ କିଛିଦିନ ଆଶ୍ରୟ ନେବାକୁ ଚାହିଁଲେ ସେମାନେ।

ସୁନାମୀ ତାଣ୍ଡବଲୀଳାର ଦୁଇଦିନ ପରେ ସେହି ଆଶ୍ରୟ କ୍ୟାମ୍ପରେ ସେମାନେ ଥିଲାବେଳେ କେହିଜଣେ ରାମୁଲୁକୁ କହିବାର ଶୁଣାଗଲା "ଦେଖ ଭାଇ ଏଠାରେ ଏମିତି ଏଣେ ତେଣେ ଖୋଜିବାରେ ଲାଭ ନାହିଁ। ସୁନାମୀ କବଳରୁ ରକ୍ଷାପାଇ ହଜିଯାଇଥିବା କିଛି ପିଲାମାନଙ୍କୁ ଡାକ୍ତରଖାନାର ଶିଶୁରୋଗ ବିଭାଗରେ ରଖା ଯାଇଛି। ଦେଖ ସେଠି ହୁଏତ ତୁମ ପୁଅର ସନ୍ଧାନ ମିଳି ଯାଇପାରେ।" ହଁ ସତେତ ଏ ପର୍ଯ୍ୟନ୍ତ ଏକଥା ତାଙ୍କ ମନକୁ କେମିତି ଆସିନଥିଲା। ଡାକ୍ତରଖାନା ସେ କ୍ୟାମ୍ପଠାରୁ ପ୍ରାୟ ତିନି କି.ମି.ଦୂର। ଅଣନିଶ୍ୱାସୀ ହୋଇ ଦୌଡ଼ିଲେ ଦୁଇ ପ୍ରାଣୀ ସେଠାକୁ। ସୁନାମୀ ପ୍ରପୀଡିତ ଲୋକଙ୍କର ଗହଳି ସେଠି ବି କମ୍ ନଥିଲା। ମୃତ ଆହତ ନିଖୋଜଙ୍କର ପରିଜନ, ଚିକିତ୍ସିତ ହେଉଥିବା ଆହତ ଏବଂ ବିଭିନ୍ନ ସାହାଯ୍ୟକାରୀ ସଂସ୍ଥାର ଲୋକମାନଙ୍କ ଭିଡ଼। ଭିଡ କାଟି ପାର୍ବତୀ ଆଉ ରାମୁଲୁ ଖୋଜି ବୁଲୁଥିଲେ ଡାକ୍ତରଖାନାର ଏ କୋଠରୀରୁ ସେ କୋଠରୀ। ବାଟରେ ପାଗଳପ୍ରାୟ ସମସ୍ତଙ୍କୁ ପଚାରି ଚାଲିଥିଲେ ତାଙ୍କ ପୁଅ ଅଛି ନା ନାହିଁ। ଶିଶୁ ଓାର୍ଡରେ କେତେତ ପିଲା ଚିକିତ୍ସିତ ହେଉଥିଲେ ମାତ୍ର କେଉଁଠି ତାଙ୍କ ପୁଅ ଭଳି କେହି ତାଙ୍କୁ ଦେଖାଯାଉ ନଥିଲା। ଶେଷରେ ବିଫଳ ହୋଇ ଫେରି ଆସୁଥିଲେ ଦୁଇ ଜଣ ଯାକ। ଡାକ୍ତରଖାନାର ଗେଟ୍ ପାଖରେ ଦେଖା ହୋଇଗଲା ମୁଥୁରମଣ ସାଂଗରେ। ମୁଥୁରମଣ ରାମୁଲୁ ସହ ସୁତା କଳରେ କାମକରେ। ସୁନାମୀର କରାଳ ଲହରୀ ତା'ର ପରିବାରର ସମସ୍ତଙ୍କୁ ଅଲଗା କରିଦେଇଥିଲା। ଏମିତି ଖୋଜି ଖୋଜି ସମସ୍ତଙ୍କୁ ସିନା ଠାବ କରିପାରିଲା କିନ୍ତୁ ଏପର୍ଯ୍ୟନ୍ତ ମା' ତା'ର ନିଖୋଜ ଅଛି। ଏବେ ତା ସ୍ତ୍ରୀ ଏବଂ ଦୁଇଟି ପିଲା ଏଇ ଡାକ୍ତରଖାନାରେ ଚିକିତ୍ସାଧୀନ। ସେ କହିଲା ଚାଲ ଚାଲ ସେପଟ ଶିଶୁ ରୋଗୀଙ୍କ ୱାର୍ଡକୁ, "ସେ ଯାହା ଜାଣିଛି ସେଠି କେତେକ ଛୋଟ ପିଲା ଉଦ୍ଧାରକାରୀ ଦଳଙ୍କ ଦ୍ୱାରା ଉଦ୍ଧାର ହୋଇ ରହିଛନ୍ତି, ଏ ଦି'ଦିନ ଭିତରେ ବହୁ ଛୋଟପିଲା ତାଙ୍କ ବାପମାଆଙ୍କ ସାଥିରେ ଗଲେଣି ସେଠୁ ଚିହ୍ନଟ ହୋଇ।"

ମୁଥୁରମଣ ସାଥିରେ ଚାଲିଲେ ସେଇଠିକୁ ଶିଶୁ ରୋଗ ବିଭାଗର ୱାର୍ଡକୁ। ପାର୍ବତୀ ମନ ମଧ୍ୟରେ ଭାବନାର ଅନ୍ତ ନାହିଁ, ଆଖିର ଲୁହ ଅବାରିତ ଗଡି ଚାଲିଥାଏ। ଏ ମଧରେ ସେମାନେ ଆସି ଶିଶୁରୋଗ ବିଭାଗର ଦ୍ୱାର ପାଖରେ ପହଂଚି ଯାଇଥିଲେ ଯେଉଁଠି କେତେ ସବୁ ଛୁଆ ସୁନାମୀର ସ୍ରୋତ ଦ୍ୱାରା ପରିବାରଠୁଁ ଅଲଗା ହୋଇ ଭାସିଯାଇଥିଲା ବେଳେ ଉଦ୍ଧାର ହୋଇ ଚିକିତ୍ସିତ ହେଉଥିଲେ, ମୁଥୁରମଣ କହିବା ଅନୁଯାୟୀ। ତିନି ଜଣଯାକ ଉତ୍କଣ୍ଠାର ସହ ଘର ଭିତରକୁ ପଶିଗଲେ। ବହୁତ ଛୋଟ ପିଲାଙ୍କର ଚିକିତ୍ସା ଚାଲିଥିଲା କିନ୍ତୁ ସମସ୍ତେ ପ୍ରାୟ ବର୍ଷେ ଦୁଇବର୍ଷର ଥିଲେ ଏବଂ ବାପା ମାଆ କିମ୍ବା ସମ୍ପର୍କୀୟଙ୍କ ହେପାଜତରେ ଚିକିତ୍ସିତ ହେଉଥିଲେ। ପାର୍ବତୀ ଏସବୁ ଦେଖି କେମିତି ଏକ କାଳ୍ପନିକ ଭାବନା ଭିତରେ ଘୁରି ବୁଲୁଥିଲା। ତାକୁ ଯେମିତି ଲାଗୁଥିଲା ତା'ପୁଅ ବଡ଼ ହୋଇ ମା' ମା' ଡାକି ତା'ଆଡକୁ ଚାଲି ଆସୁଛି, କୋଳରେ ତାର ଲୋଟିଯାଉଛି। ସତେ ଯେମିତି ପୁଅ ତା'ର ତିନିମାସର ନୁହେଁ ତିନି ବର୍ଷର ଚଳଚଞ୍ଚଳ। ମଣିଷ କାରଣ ଅକାରଣରେ ବେଳେବେଳେ ଏମିତି ଅସମ୍ଭବ ଭାବରେ ଆଶାବାଦୀ ହୋଇଉଠେ। କିନ୍ତୁ କାହିଁ ସେମାନେ ତ ଏତେ ବଡ଼ ବଡ଼ ଦୁଇଟା ୱାର୍ଡ ବୁଲି ସାରିଲେଣି କୌଣସି ଠାରେ ତ ପୁଅକୁ ତାଙ୍କର ଭେଟୁ ନାହାଁନ୍ତି। ଉପସ୍ଥିତ ଥିବା ସବୁ ବାପାମାଆ ତାଙ୍କର ପିଲାମାନଙ୍କର ଚିକିତ୍ସା ପାଇଁ ଡାକ୍ତରଖାନରେ ଭିଡ ଜମାଇଛନ୍ତି, କେବଳ ତାଙ୍କ ଦୁଇଜଣଙ୍କୁ ଛାଡି। ରାମୁଲୁ ଏ ମଧରେ ପାର୍ବତୀଠାରୁ ଟିକେ ଆଗେଇ ଯାଇଥିଲା ଏବଂ ପରେ ପରେ ଏକ ଆନନ୍ଦିତ ସ୍ୱରରେ ପାର୍ବତୀକୁ ଡାକ ପକାଇବା ସଂଗେ ସଂଗେ ଖୁବ୍ ଯୋରରେ ଆଗେଇ ଆସି ତାକୁ ଟାଣି ଟାଣି ନେଇଗଲା ସେ ଦିଗକୁ। ଛୋଟ ପୁଅ ପିଲାଟିକୁ ଜଣେ ସିଷ୍ଟର ତା'ର ଛାତିରେ ଆଉଜାଇ ଶୁଆଉଥିଲା। "ହେଇ ଦେଖେ ଆମ କ୍ରୀଷ୍ଣା ସେ ନର୍ସ କୋଳରେ"

କହିଲା ରାମୁଲୁ। ଏମିତି ଗୋଟେ ସୁଖଦ ଘଟଣାର ପ୍ରତୀକ୍ଷାରେ ଥିବା ପାର୍ବତୀ ଆଶ୍ଚର୍ଯ୍ୟ ହୋଇଗଲା। ସତରେ ସେ କ'ଣ ଦେଖୁଛି ,ଏ ତ ତାରି ପୁଅ। ଏକୋଇର ବଳା ବିଶିକେଶନ,ନିଜ ଆଖିକୁ ସେ ବିଶ୍ୱାସ କରି ପାରୁ ନ ଥିଲା। ସିଷ୍ଟର କୋଳରୁ ତାକୁ ଜବରଦସ୍ତ ଛଡାଇ ଆଣିବାକୁ ଉଦ୍ୟତ ହେଲା ସିଏ,ବାଧା ଦେଲା ସିଷ୍ଟର। ଏ ମଧ୍ୟରେ ମାଆ ଭଳି ସ୍ନେହ ଦେଇ ପିଲାଟିକୁ କୋଳକୁ ନେଇଥିବା ସିଷ୍ଟର ଜଣକ ସନ୍ଦେହ ଯୁକ୍ତ ସ୍ୱରରେ ପାର୍ବତୀକୁ ପଚାରିଲେ "ତୁମ ପୁଅ ବୋଲି କେମିତି ଜାଣିଲ, କ'ଣ ପ୍ରମାଣ ଅଛି।" ପାର୍ବତୀ କିଛି ନଶୁଣି କାନ୍ଦି କାନ୍ଦି କହିଲା "ଦିଅ ଦିଅ ମୋ ପୁଅକୁ, ଦୁଇ ଦିନ ହେଲା ତାକୁ ନପାଇ କ'ଣ ମୋର ଅବସ୍ଥା, କିଛି କ'ଣ ଜାଣି ପାରୁନ।" ସତ ମିଛର ଏଭଳି ଗୋଲକ ଧନ୍ଦାରେ ଘାରି ହେଉଥିବା ସେ ସିଷ୍ଟର ସମେତ ଡାକ୍ତରଖାନାର ଅଧିକାଂଶ କର୍ମଚାରୀଙ୍କ ମନକୁ ପାର୍ବତୀର ଆକୁଳ କ୍ରନ୍ଦନ ଛୁଉଁଥିଲା। ସେମାନଙ୍କ ମଧ୍ୟରୁ ଜଣେ ତାକୁ କହିଲେ ଦେଖ ଭଉଣୀ, ତୁମ ଭଳି ଅନେକ ଲୋକ ଛୁଆଟିକୁ ତାଙ୍କର କହି ନେବାକୁ ବସିଲେଣି କିନ୍ତୁ ନିଜର ବୋଲି ପ୍ରମାଣ ତ ଦେବାକୁ ହେବ। ପିଲାଟି ସୁନାମୀ ପରେ ପରେ ସମୁଦ୍ରକୂଳ ରାସ୍ତା ପାଖରେ ଥିବା ଏକ ଅଳିଆ ଗଦାରୁ ଉଦ୍ଧାର ପାଇଛି। ଦେଖୁଛ ତ ପିଲାଟି ସମ୍ପୂର୍ଣ୍ଣ ସୁସ୍ଥ ଅଛି, କିଛି ଅସୁବିଧା ତାର ହୋଇନି। ତା ନାଁ ଜଣା ନଥିବାରୁ ତାଲିକାରେ ଥିବା କ୍ରମିକ ନମ୍ବର ଅନୁଯାୟୀ ତାକୁ ବେବି ଏକାଅଶି ବୋଲି କୁହାଯାଉଛି। ବେବିକୁ ନିଜର ବୋଲି ଦାବୀ କରୁଥିବା ବାପା ମାଆଙ୍କୁ ସେଥିପାଇଁ ପ୍ରମାଣ ଅବଶ୍ୟ ଦେବାକୁ ହେବ। ପାର୍ବତୀର ସରଳ ମନ ବେବି ଏକାଅଶି, ପ୍ରମାଣ ଇତ୍ୟାଦି ଶବ୍ଦର ଘନଘଟା ମଧ୍ୟରେ ପଶି ପାରୁନଥିଲା। ସିଷ୍ଟରଙ୍କ କୋଳରେ ଥାଇ ଯେ ସେ ତାକୁ ଦେଖି ହସୁଛି, ସେଥିରୁ କ'ଣ ସେମାନେ ବୁଝି ପାରୁ ନାହାଁନ୍ତି ସେ ତା' ପୁଅ ବୋଲି। ରାମୁଲୁ ତ କହୁଥିଲା କ୍ରିଷ୍ଣାଟା ଆମର ତୋଅରି ନାକ ଆଖି ଆଉ ରଙ୍ଗ ନେଇ ଜନ୍ମ ହୋଇଛି। ଆଉ ଏଠି ଏତେ ଲୋକ ସେସବୁ ଦେଖି ପାରୁନାହାଁନ୍ତି ନା କଣ। କିଛି ତା'ମୁଣ୍ଡରେ ପଶୁ ନଥିଲା। ସୁନାମୀର ମହାପ୍ରଳୟ ଭିତରେ ପୁଅ ତା'ର ବଞ୍ଚି କରି ଅଛି, ଏକଥା ଜାଣି ସେ ଏତେ ଖୁସି ହେଉଥିଲା ବେଳେ ପୁଣି ଯେ ତାକୁ ସେ କୋଳକୁ ଆଣି ପାରୁନାହିଁ, ଏ ଅବସ୍ଥା ତାକୁ ବିବଶ କରିଦେଉଥିଲା। ତା'ରି ଆଖି ଆଗରେ ତା କୋଳକୁ ନ ବଢ଼ାଇ ଅନ୍ୟ ଜଣେ ନାରୀ ତାକୁ ଛାତିରେ ଜଡ଼ାଇ ଗେଲ କରୁଛି, ଏକଥା ସହିବା ଅବସ୍ଥାରେ ପାର୍ବତୀ ନଥିଲା। କାନ୍ଦି କାନ୍ଦି ସେ ସେଇଠି ନିସ୍ତେଜ ହୋଇ ବସିପଡ଼ିଲା। ଦୁଇଦିନ କାଳ ତା'ର କିଛି ଖାଇବା ପିଇବା ନଥିଲା ବେଳେ ପୁଣି ଏସବୁ ମାନସିକ ଚାପ ଫଳରେ ସେ ସେଠି ଚେତା ହରାଇ ପଡିଗଲା। ଆବଶ୍ୟକୀୟ ଚିକିତ୍ସା ଉପଚାର କଲା ପରେ ତାକୁ ସେଇ ଡାକ୍ତର ଖାନାର ମହିଳା ୱାର୍ଡରେ ରଖାଗଲା ଏବଂ ଡାକ୍ତର, ନର୍ସମାନେ କ୍ରମଶଃ ତାକୁ ବୁଝାଇବାରେ ସକ୍ଷମ ହେଲେ ଯେ ତାଆରି ଭଳି ଆଠ ଜଣ ମାଆ ଏଇଟି ତାଙ୍କର ପୁଅ ବୋଲି ଦାବୀ କରି ସେଥିପାଇଁ କାଗଜ ପତ୍ର ଦାଖଲ କରି ସାରିଲେଣି। ଯଦି ତା'ର ଏ ବାବଦରେ କିଛି କାଗଜ ଅଛି ତାହା ଡାକ୍ତରଖାନାରେ ଦାଖଲ କରିଦେଉ। ପୁଅକୁ ସେ ସବୁଦିନେ ଟିକେ କେମିତି ଦେଖିପାରିବ, ସେଥିପାଇଁ ତାକୁ ଅନୁମତି ମିଳିବା ସହ ମହିଳା ୱାର୍ଡରୁ ସେପଟେ ନଜର ପକାଇ ପାରୁଥିବା ଏକ ସ୍ଥାନରେ ତା'ର ବେଡ୍ ବ୍ୟବସ୍ଥା କରି ଦିଆଗଲା।

ପାର୍ବତୀ କୌଣସି ଡାକ୍ତରଖାନାରେ ତା' ପୁଅକୁ ଜନ୍ମ ଦେଇ ନଥିଲା। ଘରେ ସବୁକାମ ତା'ର ହୋଇଯାଇଥିଲା। ତା'ଘର ପାଖରେ ରହୁଥିବା ଲଳିତା ବୁଢ଼ୀ ବସ୍ତି ଯାକର ସବୁ ସ୍ତ୍ରୀଲୋକଙ୍କର ଛୁଆ ଜନ୍ମ କରାଇବାରେ ସାହାଯ୍ୟ କରେ ଆଉ ତା'ପାଇଁ ମଧ୍ୟ ସେୟା କରିଥିଲା। ତେଣୁ ପୁଅର ଜନ୍ମ କାଗଜ କେମିତି ଯୋଗାଡ ହୋଇ ପାରିବ ସେନେଇ ରାମୁଲୁ ଏବଂ ପାର୍ବତୀ ଦ୍ୱନ୍ଦରେ ପଡ଼ିଗଲେ। ଭାବୁଥିଲେ ଉଭୟ ଡାକ୍ତର ନର୍ସ ମାନେ ଏତେ ପାଠ ପଢିଛନ୍ତି, ତାଙ୍କ ପାଠରେ କିଛି ବ୍ୟବସ୍ଥା ନାହିଁ ଯେ ସେ ତାଙ୍କରି ପୁଅ ଏ କଥା ସାବ୍ୟସ୍ତ କରିବାକୁ। କର୍ତ୍ତୃପକ୍ଷଙ୍କ ପାଇଁ ମଧ୍ୟ ଏହା ଏକ ମୁଣ୍ଡ ବ୍ୟଥାର କାରଣ ରୂପେ ଦେଖା ଦେଇଥିଲା। ଘନ ଘନ ବିଚାର ବିମର୍ଷ ଚାଲିଥିଲା ସେଠିକାର ଡାକ୍ତରଖାନା ମୁଖ୍ୟ ଏବଂ ଅନ୍ୟାନ୍ୟ ଡାକ୍ତରମାନଙ୍କ ମଧ୍ୟରେ। କିନ୍ତୁ ପିଲାଟିର ବାପା ମାଆଙ୍କୁ ସଠିକ୍ ବାଟରେ ଚିହ୍ନଟ କରିବାର ଉପାୟ ବାହାର କରାଯାଇ ପାରୁନଥିଲା। ଯଦିଓ ଅଧିକାଂଶ ପାର୍ବତୀ ଓ ରାମୁଲୁଙ୍କ ପ୍ରତି ସହାନୁଭୂତିଶୀଳ ଥିଲେ ତଥାପି ଘଟଣାଟିର ଆଇନଗତ ପ୍ରତିବନ୍ଧକ ସେମାନଙ୍କୁ ମାନବିକତା ଦୃଷ୍ଟିକୋଣରୁ କିଛି କରିବାକୁ ବାରଣ କରୁଥିଲା। ପାର୍ବତୀ ଓ ରାମୁଲୁଙ୍କୁ ମିଶାଇ ନଅ ଯୋଡା ଦମ୍ପତି ବେବି ଏକାଅଶି ଉପରେ ତାଙ୍କର ଦାବୀ ଉପସ୍ଥାପନ କରିସାରିଥିଲେ। ସରକାର ଏଭଳି ପରିସ୍ଥିତିରେ ସମସ୍ୟାର ସମାଧାନ କରିବାକୁ ଏବଂ ପିଲାଟିକୁ ତା'ର ସଠିକ୍ ବାପା ମାଆଙ୍କ ହାତରେ ଅର୍ପଣ କରିବାକୁ ଜଣେ ଆଇନଜ୍ଞଙ୍କୁ ପ୍ରାଧିକୃତ ଅଧିକାରୀ ରୂପେ ନିଯୁକ୍ତ କରିସାରିଥିଲେ।

ଏମଧ୍ୟରେ ଆଠଦିନ ବିତିସାରିଲାଣି। ପ୍ରଳୟଙ୍କରୀ ସୁନାମୀର କ୍ଷତ ଭରିବାକୁ ଆରମ୍ଭ କଲାଣି। ନିଖୋଜ ହୋଇଥିବା ଲୋକମାନଙ୍କ ବିଷୟରେ ସେମାନଙ୍କର ସମ୍ପର୍କୀୟମାନେ ପ୍ରାୟ ଅବଗତ ହୋଇ ଗଲେଣି। ପାର୍ବତୀ କିନ୍ତୁ ସେମିତି ଶୂନ୍ୟ ଦୃଷ୍ଟିରେ ଝରକା ବାହାରକୁ ଅନାଇ ଡାକ୍ତରଖାନା ବେଡ୍‌ରେ ପଡିଥିଲା। ମାନସିକ ଅବସାଦରେ ସେ ପାଗଳ ପ୍ରାୟ। ମହିଳା ୱାର୍ଡରେ ଥିବା ଯୋଗୁଁ ରାମୁଲୁ ରାତିରେ ତା' ପାଖରେ ରହି ପାରୁନଥିଲା, କିନ୍ତୁ ଦିନରେ ଅଧିକାଂଶ ସମୟ ସେ ସେଇଠି କଟାଉଥିଲା। ରାମୁଲୁ ଭାବୁଥିଲା ସେମାନେ କାହାପ୍ରତି କିଛି ଅନ୍ୟାୟ କରି ନାହାଁନ୍ତି, ତେଣୁ ଭଗବାନ ତାଙ୍କ ପ୍ରତି କାହିଁକି ଅବିଚାର କରିବେ। ପାର୍ବତୀ ଚୁପ୍ ରହି ରହି ଭାବୁଥିଲା, ସତରେ କ'ଣ ତା' ପୁଅକୁ ସେ ଫେରିପାଇବ। ଭଗବାନ ସତରେ କ'ଣ ତା ଡାକ ଶୁଣିବେ। ଏସବୁ ମଧ୍ୟରେ ରାମୁଲୁ ପାର୍ବତୀ ପାଖରେ ବସି ତା'ମନକୁ ଭୁଲାଇବାକୁ ଝରକା ବାହାରର ବଗିଚାରେ ଫୁଟୁଥିବା ଫୁଲ, ଆକାଶରେ ଉଡିଯାଉଥିବା ପକ୍ଷୀଙ୍କୁ ଦେଖାଉଥିଲା। ଯେମିତି ସେ ଗୋଟେ ଅବୋଧ୍ୟ ଶିଶୁ, ନାନା ବାୟା ଗୀତର ମୋହରେ ସବୁ କିଛି ଭୁଲିଯାଇ ଶୋଇ ପଡିବ। ସେ ସିନା ପାର୍ବତୀର ମନ ଭୁଲାଇବାକୁ ଏମିତି ଉଦ୍ୟମ କରୁଥିଲା। କିନ୍ତୁ ନିଜ ମନରେ ଉଠୁଥିବା ଚିନ୍ତା ଅଗ୍ନିକୁ ନିର୍ବାପିତ କରିପାରୁନଥିଲା। ସରକାରୀ ନିୟମ କାନୁନ୍ ଭିତରେ ଚାପି ହୋଇ ପୁଅ ଯଦି ତାଙ୍କୁ ନମିଳେ ତାହେଲେ କ'ଣ ସେମାନେ କରିବେ। ଏହି ଭଳି ଅନେକ ଦ୍ୱନ୍ଦରେ ସେ ଅନବରତ ଘାରି ହେଉଥିଲା।

ସେଦିନ ଏମିତି ଏକ ଚିନ୍ତାରେ ଥିଲା ବେଳେ ରାମୁଲୁ ଦେଖିଲା ଯେ ସେମାନଙ୍କ ଆଡକୁ ଶିଶୁ ରୋଗ ବିଭାଗର ସିଷ୍ଟର ଜଣକ ଖୁବ୍ ଦ୍ରୁତ ଗତିରେ ଆସୁଛନ୍ତି। ନିକଟରେ ପହଞ୍ଚିଲା ପରେ କହିଲେ "ଶିଶୁ ରୋଗ ବିଭାଗର ମୁଖ୍ୟ ଡାକ୍ତର ତାଙ୍କ ଦୁଇ ଜଣଙ୍କୁ ସାଙ୍ଗେ ସାଙ୍ଗେ ଦେଖା କରିବାକୁ ଡକାଇଛନ୍ତି।" ପାର୍ବତୀ ଏବଂ ରାମୁଲୁ ତାଙ୍କୁ ଅନୁସରଣ କରି କରି ସେଠାରେ ପହଞ୍ଚିଲେ। ସେଠାରେ ମୁଖ୍ୟ ଡ଼ାକ୍ତରଙ୍କ ବ୍ୟତୀତ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ଅଧିକାରୀ ଜଣକ ବି ଉପସ୍ଥିତ ଥିଲେ। ଯେମିତି ଜଣାପଡୁଥିଲା ସମସ୍ତେ ପାର୍ବତୀ ଏବଂ ରାମୁଲୁକୁ ଅପେକ୍ଷା କରିଥିଲେ। ଏମାନେ ସେଠାରେ ପହଞ୍ଚିବାପରେ ଅଧିକାରୀ ଜଣକ ତାଙ୍କର ଲିଖିତ ଆଦେଶ ପାଠ କଲେ ଯାହାର ସାରମର୍ମ ହେଲା ଏୟା ଯେ ସୁନାମୀର ପ୍ରଳୟଙ୍କରୀ ସମୁଦ୍ର ଲହଡ଼ିରେ ଭାସିଯାଇ ସହରର ବେଳାଭୂମି ଅଞ୍ଚଳରେ ଥିବା ଏକ ଅଳିଆଗଦା ନିକଟରୁ ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ଆବିଷ୍କୃତ ହୋଇଥିଲା ଏକ ତିନିମାସର ଶିଶୁ। ନିଖୋଜ ହୋଇଥିବା ଶିଶୁମାନଙ୍କ ତାଲିକାରେ କ୍ରମିକ ନମ୍ବର ଏକାଅଶିରେ ଥିବାରୁ

ତାହାକୁ ବେବି ଏକାଅଶି ବୋଲି କୁହାଯାଇଛି। ସେହି ବେବିର ପ୍ରକୃତ ବାପମାଆଙ୍କୁ ଚିହ୍ନଟ କରିବାକୁ ସେମାନଙ୍କ ରକ୍ତ ଅଣୁର ପରୀକ୍ଷା ଓ ତୁଳନା କରିବାର ଆବଶ୍ୟକତା ପଡ଼ିଲା। ଡି.ଏନ୍.ଏ. ପରୀକ୍ଷା କୁହାଯାଉଥିବା ପରୀକ୍ଷାରୁ ଏକଥା ଜଣା ପଡ଼ିଲା ଯେ... ଲିଖିତ ଆଦେଶ ଅଧା ପଢ଼ା ହୋଇଥିଲା ବେଳେ ପାର୍ବତୀ ଓ ରାମୁଲୁଙ୍କୁ ବୁଝିବାକୁ ଆଉ କିଛି ବାକି ନ ଥିଲା। ପାର୍ବତୀ ଯେ ପ୍ରକୃତ ମାଆ ଆଉ ତାକୁ ସେମାନେ ଫେରାଇ ଦେବେ ତାର ଆଦରର ଧନ, ପ୍ରାଣାଧିକ କ୍ରିଷ୍ଣାକୁ ଏକଥା ଭାବି ତା'ର ଆଖିରୁ ଆନନ୍ଦାଶ୍ରୁ ବହି ଆସିଲା। ଆଖିପିଛୁଳାକେ ସେ ଯେମିତି ଝାମ୍ପି ଆଣିଲା ତା'ପୁଅକୁ ତାକୁ ଧରିଥିବା ସିଷ୍ଟରଙ୍କ କୋଳରୁ। ଅବିଶ୍ରାନ୍ତ ଭାବରେ ତାକୁ ସେ ଗେଲ କରି ପକାଇଲା ଆନନ୍ଦ ଆବେଗରେ। ଉଚ୍ଛୁଳା ସ୍ନେହର ଆଧିକ୍ୟରେ ବିଚାରା ଛୁଆଟି କାନ୍ଦି ପକେଇଲା। କିନ୍ତୁ ପାର୍ବତୀର ଅବସାଦଗ୍ରସ୍ତ ମାନସିକତାର ଜ୍ୱଳନକୁ ନିର୍ବାପିତ କରିବା ପାଇଁ ବେବି ଏକାଅଶି ଓରଫ୍ କ୍ରିଷ୍ଣା କାନ୍ଦିବା ଯେ ନିହାତି ଜରୁରୀ, ଉପସ୍ଥିତ ଦର୍ଶକମାନେ ଠିକ୍ ବୁଝୁଥିଲେ। ଆହୁରି ବୁଝୁଥିଲେ ଯେ ଭଗବାନଙ୍କ ସୃଷ୍ଟିରେ ସମ୍ପର୍କଟା କାଗଜ କଲମରେ ନୁହେଁ, ମଣିଷର ଦେହ, ମନ ଓ ଜୀବନର ମୁହୂର୍ତ୍ତ ମାନଙ୍କରେ ଲେଖା ହୋଇଥାଏ ଏବଂ ପ୍ରତିବିମ୍ବିତ ହୋଇ ଉଠେ ରକ୍ତର ପ୍ରତିଟି ଅଣୁରେ ନିଖୁଣ ଭାବରେ। ସତରେ ପ୍ରଳୟରୁ ବର୍ତ୍ତି ଯାଇଥିବା ଗୋଟେ ଦୁଗ୍ଧପୋଷ୍ୟ ଶିଶୁର ବାପମାଆଙ୍କ ପାଖକୁ ଏଭଳି ପ୍ରତ୍ୟାବର୍ତ୍ତନର ଦ୍ୱିତୀୟ ଉଦାହରଣ ନଥିଲା।

ଏହି ଅଦ୍ୱିତୀୟ ସୁଖଦ ମିଳନକୁ ଆହୁରି ରଙ୍ଗାୟିତ କରିବାକୁ ଯାଇ ଘଟଣାଟିର ଆମୂଳଚୂଳ ପ୍ରତିଛବି ଉତ୍ତୋଳିତ କରୁଥିବା ଆମେରିକାର ଟି.ଭି କମ୍ପାନୀ ପାର୍ବତୀ ଓ ରାମୁଲୁଙ୍କୁ ପୁଅ ସହିତ ତାଙ୍କ ଦେଶ ବୁଲିଯିବା ପାଇଁ ସେଦିନ ଆମନ୍ତ୍ରଣ କଲେ। ଯିବା ଆସିବା ପାଇଁ ଦୁଇଟି ଅଗ୍ରୀମ ବିମାନ ଟିକେଟ୍ ଓ ବେବି ଏକା ଅଶି ଓରଫ କ୍ରିଷ୍ଣାର ଭବିଷ୍ୟତ ପାଇଁ ପ୍ରଦାନ କଲେ ଦୁଇଲକ୍ଷ ଟଙ୍କାର ଏକ ବ୍ୟାଙ୍କ ଚେକ୍।

*ପ୍ଲଟ ନଂ ୧ସି/ ୬୬,*
*ସେକ୍ଟର- ୯ ସିଡିଏ, କଟକ- ୧୪*
*ଦୂରଭାଷ: ୯୪୩୭୭୩୬୦୯୮୧*



# ଚକ୍ରବ୍ୟୂହ

ସୁରଭି ପତି

ହେ ପତିତପାବନ ? ହେ ମହାବାହୁ ସର୍ବଜ୍ଞାତ କାଳିଆ ଠାକୁର ମୋର ? ଏହି କ'ଣ ତୁମର ବିଚାର ! ତୁମେ ପରା ପରଂବ୍ରହ୍ମ, ପରମାତ୍ମା, ଅନ୍ତର୍ଯ୍ୟାମୀ । କେମିତି ଏ ଦୁଃଖି ମା'ର କରୁଣ ବେଦନା ଅଜ୍ଞାତ ରହିଲା ତୁମ ପାଖରେ ପ୍ରଭୁ ! ସବୁଦିନ ପାଇଁ ଦୁଃଖ ସାଗରରେ ଭସାଇ ଦେଲ ମୋତେ । ଏକ ଲୟରେ ମନ୍ଦିରର ଚୂଡ଼ାକୁ ଚାହିଁ ସିଂହଦ୍ୱାର ସାମନାରେ ଗୁଣୁଗୁଣୁ ହୋଇ ଲୁହ, କୋହକୁ ଏକାକାର କରି କହି ଯାଉଥିଲା ମାଳତୀ । ଆଖିରୁ ତା'ର ଲୁହର ବନ୍ୟା ବନ୍ଧବାଡ଼ ମାନୁନଥିଲା । ଅନ୍ତରରୁ କୋହ ଉଠି ଛାତି ଭିତରଟା ଥରାଇ ଦେଉଥିଲା । ବେକରେ ଗୁଡ଼ାଇ ଧରିଥିବା ଲୁଗା କାନି ଖଣ୍ଡକ ଲୁହରେ ଜୁଡୁବୁଡୁ ହୋଇ ଯାଇଥିଲା ।

କର୍ମାଙ୍ଗ ପଣ୍ଡିତଙ୍କ ପରାମର୍ଶରେ ମାଳତୀ ପୁରୀ ଚାଲି ଆସିଥିଲା ନିଜ ଏକୋଇର ବଳା ବିଶିକେସନ ବୁଲାର ଶୁଦ୍ଧିକ୍ରିୟା କରି ମହୋଦଧିରେ ଅସ୍ଥି ବିସର୍ଜନ କରିବାକୁ ।

ଏତେ ବଡ଼ ଭେଣ୍ଡିଆ ପୁଅର ଅସ୍ଥି ବିସର୍ଜନ କଲାବେଳେ କୋହ ସମ୍ଭାଳି ପାରିନଥିଲା ମାଳତୀ । ଭୋ ଭୋ ହୋଇ କାନ୍ଦି ଉଠିଥିଲା । ମହୋଦଧିର ଜଳରେ ତା' ଆଖିରେ ଭାସି ଉଠୁଥିଲା ବୁଲାର ପ୍ରତିବିମ୍ବ । ସବୁବେଳେ ମା'କୁ ବୁଝାଇବାକୁ ଯାଇ ବୁଲାର କଥା "ମୋର କିଛି ହେବନି ଲୋ ବୋଉ, ତୁ ଜମା ଡରନି" ବୁଲାର ଆଶ୍ୱାସନା, ତା'ର ପ୍ରତିଶ୍ରୁତି ସବୁ ଯେମିତି ସମୁଦ୍ର ଲହଡ଼ି ପରି ଭାଙ୍ଗି ଚୁରମାର୍ ହୋଇଯାଇଥିଲା । ତା'ର ସବୁ ଭବିଷ୍ୟତ ସ୍ୱପ୍ନ ବି ସମୁଦ୍ରର ଲହଡ଼ି ପରି ହାତ ପାଆନ୍ତାକୁ ଆସି ଚାଲି ଯାଇଥିଲା ବହୁ ଦୂରକୁ ।

ପରିବାର କହିଲେ ପୁଅ ବୁଲା ଓ ଝିଅ କୁସୁମକୁ ନେଇ ମାଳତୀର ଛୋଟିଆ ସଂସାର । ବୁଲା ବାପା ଅନେକ ଦିନରୁ ରୋଗରେ ପଡ଼ି ଚାଲିଯାଇଥିଲା ଆରପାରିକୁ । ଯେନତେନ ପ୍ରକାରେ ତିନି ପ୍ରାଣୀ କୁଟୁମ୍ବଙ୍କୁ ଧରି ନିଜ ଛୋଟିଆ ସଂସାରର ବୋଝ ଉଠେଇବାକୁ ଯେ କି କଷ୍ଟ ସେ ସହିଛି ତାହା ସେହି କାଳିଆ ଠାକୁରଙ୍କୁ ଜଣା ।

ବୁଲା ବାପା ତା' ଜବାନ ବେଳରେ କାମଧନ୍ଦା କରି ରୋଜଗାର ଆଶା ନେଇ ଗାଁରୁ ଚାଲିଆସିଥିଲା ଏହି କଟକ ସହରକୁ । ପାଠ ଦୁଇ ଅକ୍ଷର ଜାଣିଥିବାରୁ ଜଣେ ଡାକ୍ତର ବାବୁଙ୍କ ପାଖରେ ତାଙ୍କ ନର୍ସିଂହୋମ୍‌ରେ ବୁଝାବୁଝି କରିବାକୁ ରହି ଯାଇଥିଲା । ଅଳପ ଦିନରେ ଡାକ୍ତର ବାବୁଙ୍କ ଖାସ୍ ଲୋକ ହୋଇଯାଇଥିଲା । ତା'ର ଉତ୍ତମ ସ୍ୱଭାବ, ଶାନ୍ତ ସରଳ ବ୍ୟବହାର, ନିପୁଣ କାର୍ଯ୍ୟଦକ୍ଷତା ଦେଖି ଡାକ୍ତରବାବୁଙ୍କ ଘରେ ସମସ୍ତଙ୍କର ପ୍ରିୟ ହୋଇଯାଇଥିଲା ବୁଲା ବାପା । ଡାକ୍ତରବାବୁ ନିଜ ଘର ପାଖରେ ଥିବା ତାଙ୍କର ଅଧଗୁଣ୍ଠ ଜମିକୁ ବୁଲା ବାପା ନାଁରେ କରାଇଦେଇଥିଲେ ଅଳ୍ପ କିଛି ମୂଲ୍ୟ ବିନିମୟରେ । ସେହି ଜମିରେ ଦୁଇ ବଖୁରିଆ ଆଜେବେଷ୍ଟସ୍ ଘର ଖଣ୍ଡେ କରି ବୁଲା ବାପା ପାଲଟି ଯାଇଥିଲା ଖୋଦ୍ କଟକିଆ ।

ଖୁସିରେ ମାଳତୀର ସଂସାର ରଥ ଗଡ଼ି ଚାଲିଥିବାବେଳେ ବୁଲା ବାପାକୁ କି ରୋଗ ମାଡ଼ି ବସିଲାଯେ ବର୍ଷେ କେଇଟା ନଯାଉଣୁ ଚାଲିଗଲା ଆରପାରିକୁ । ପଛରେ ରହିଗଲେ ଅଭାଗିନୀ ସ୍ତ୍ରୀ ମାଳତୀ ଆଉ ଛୁଆ ଦୁଇଟା ।

ବୁଲାବାପା ଚାଲିଯିବା ପରେ କ'ଣ ହେଲା କେଜାଣି ସେ ଡାକ୍ତରଖାନା ଦୁଆର ମୁହଁ ମାଡ଼ିବାକୁ ଇଚ୍ଛା କଲାନି ମାଳତୀ ।

ପାଖପଡ଼ିଶା, ବନ୍ଧୁବାନ୍ଧବ ଯେତେ ପରାମର୍ଶ ଦେଲେ ସେଇ ଡାକ୍ତରଖାନାରେ କିଛି କାମ ଯୋଗାଡ଼ କରି ଦୁଇ ପିଲାଙ୍କ ତୁଣ୍ଡରେ ଖୁଦ, ତୋରାଣୀ ଦେଇ ରଖିବାକୁ, ହେଲେ ମାଳତୀ ଉପରେ କାହା କଥାର କିଛି ପ୍ରଭାବ ପଡୁନଥିଲା । ପର ଘରେ ପାଇଟି କରି ବାସନ ମାଜିବ ପଛେ ସେ ଡାକ୍ତରଖାନା ଦୁଆର ମାଡ଼ିବନି । ଅଶିକ୍ଷିତ ମାଳତୀ ମନରେ ଗୋଟିଏ କଥା ଘର କରି ରହିଯାଇଥିଲା ଯେ, ସେଇ ଡାକ୍ତରଖାନାରେ ରୋଗୀ ସହିତ ମିଳାମିଶା କରି ତା'ର ଭେଣ୍ଡିଆ ଗେରସ୍ତକୁ ଅଜଣା ରୋଗ ମାଡ଼ି ବସିଲା । ଆଉ ସେ ପୁଣି ଯିବ ସେଇ ଜାଗାକୁ ତା'ର ଛୁଆ ଦୁଇଟାକୁ ଅନାଥ କରିବାକୁ ।

କୋଟି ପରମାୟୁ ଦିଅନ୍ତୁ ଠାକୁର ଡାକ୍ତରବାବୁଙ୍କୁ । ଉଦାର ହୃଦୟର ଡାକ୍ତରବାବୁ ଜାଣିପାରିଲେ ମାଳତୀର ମନର କଥାକୁ । ବୁଲା ବାପାର ସଂସାର ଭାସିଯିବା ଚିନ୍ତାକରି ବୁଲାବୋଉ ପାଇଁ ଉପରିସ୍ଥ ମହଲରେ କୁହାବୋଲା କରି ରଖେଇ ଦେଇଥିଲେ ନିକଟସ୍ଥ ଲୋୟର ପ୍ରାଇମେରୀ ସ୍କୁଲର ମଧ୍ୟାହ୍ନ ଭୋଜନର ପାଚିକା ଭାବରେ । ତା'ପରେ ସୁଖେଦୁଃଖେ ସମୟ ବିତି ଚାଲିଥିଲା ମାଳତୀ ପରିବାରର ।

ପୁଅ ବୁଲା ଗୋଟାପଣେ ବାପ ସମାନ ହୋଇଥିଲା । ତା'ର ସୁଦୀର୍ଘ ସାବନା ରଙ୍ଗର ବଳିଷ୍ଠ ଶରୀର ସାଙ୍ଗକୁ ମଜବୁତ ବାହା, ଚଉଡ଼ା ଛାତିକୁ ଦେଖିଲେ ବୁଲା ବାପ କଥା ମନେ ପଡ଼ିଯାଏ ମାଳତୀର । ବାପ ପରି ପର ଆପଣା ନବାଛି ସମସ୍ତଙ୍କୁ ସାହାଯ୍ୟ କରିବା, ସମସ୍ତଙ୍କ ଅସୁବିଧାରେ ଠିଆହେବା, କାହାର ବିପଦ ଆପଦ ପଡ଼ିଲେ ଆଗ ଛାତି ଦେଖାଇବାରେ ବୁଲା ଥିଲା ଧୂରନ୍ଧର । ସବୁ କାମରେ ପାରଙ୍ଗମ । ସେଥିପାଇଁ ପାଖ ପଡ଼ିଶାରେ ବୁଲା ଥିଲା ସମସ୍ତଙ୍କର ପ୍ରିୟ ।

ଏମିତି ସାହି, ବସ୍ତି, ପାଖ ପଡ଼ିଶାରେ ସମସ୍ତଙ୍କର ସୁବିଧା ଅସୁବିଧା, ଭଲମନ୍ଦରେ ସହାୟତାର ହାତ ବଢ଼ାଉଥିବା ବୁଲାର କିନ୍ତୁ ପାଠ ଆଡ଼କୁ ମନ ନଥିଲା । ଯେନତେନ ପ୍ରକାରେ ବି.ଏ. ଖଣ୍ଡେ ବହୁ କଷ୍ଟରେ ପାଶ୍ କଲାପରେ ଆଉ ଇଚ୍ଛା ନଥିଲା ବୁଲାର ପାଠପଢ଼ାକୁ । ମାଳତୀ ଚାରିଆଡ଼କୁ ନଜରରେ ପକାଇଲା କାହା ପାଖରେ ଟିକେ କାମଧନ୍ଦା ଯୋଗାଡ଼ କରି ବୁଲାକୁ ରୋଜଗାରକ୍ଷମ କରାଇବା ଆଶାରେ ।

ବୁଲା ଏମିତ ସାହିବସ୍ତିରେ ଅନ୍ୟମାନଙ୍କୁ ସାହାଯ୍ୟ, ସହାୟତା କରିବା ଭିତରେ କେତେବେଳେ ଯେ ସ୍ଥାନୀୟ କର୍ପୋରେଟରର ଭାଇ ତଥା ସାହିର ତଥାକଥିତ ଦାଦା ଅଭିମନ୍ୟୁ ସାଙ୍ଗରେ ବସାଉଠା କରି ତା'ର ଯୋଡ଼ିଦାର ବନି ଯାଇଥିଲା, ତା'ର ଟିକେବି ସୁରାକ ପାଇନଥିଲା ମାଳତୀ । ବାଟଘାଟରେ ଯେତେବେଳେ ଚାରିଦଉଡ଼ି କଟା, ବାଲୁଙ୍ଗା ପର୍ଶୁରାମ ମହାନ୍ତି ପୁଅ ଗୋପାଳ ଓ ବୁଲାକୁ ସାହିର ଦାଦା

ଅଭିମନ୍ୟୁର ମୋଟର ସାଇକେଲ୍‌ରେ ଘର୍‌ର ଘର୍‌ର କରି ପ୍ରାୟତଃ ବୁଲିବାର ଦେଖିଲା, ସେତେବେଳେ ମାଳତୀ ମୁଣ୍ଡକୁ ଛନକା ପଶିଲା। ମାଳତୀର ଅସ୍ଥିରତା ଦେଖି ବୁଲା ବୁଝାଇଥିଲା, "ତୁ ଜମା ବ୍ୟସ୍ତ ହୁଅନି ଲୋ ବୋଉ। ଏଇ ସ୍ଥାନୀୟ ରାସ୍ତା କଣ୍ଟ୍ରାକ୍ଟରି କାମଟା ଆମକୁ ଅଭିମନ୍ୟୁ ଭାଇର ସୁପାରିଶିରୁ ମିଳିଛି। ସେଇ କଣ୍ଟ୍ରାକ୍ଟରି ବିଲ୍ ମିଳିଗଲା ପରେ ହାତରେ କିଛି ପଇସା ଆସିଗଲେ ମୁଁ ବାଙ୍ଗାଲୋର ଚାଲିଯିବି। ମାମୁଁ ସହିତ ମିଶି ପାଣି ପାଇପ୍ ମିସ୍ତ୍ରୀ କାମ ଶିଖିବି।" ବାଙ୍ଗାଲୋରରେ ପାଇପ୍ କାମ କରୁଥିବା ନିଜର ସାନଭାଇ ପାଖେ ରହି ବୁଲା କାମ କରିବ, ରୋଜଗାରକ୍ଷମ ହେବ। ଏହି ଆଶାରେ ଅଭିମନ୍ୟୁ ସାଙ୍ଗେ ବୁଲାର ମେଳଜୋଳ, ଭାବଦୋସ୍ତି ସବୁ ମାଳତୀକୁ ନାପସନ୍ଦ ଥିଲେବି ବୁଲାର ଭବିଷ୍ୟତ ଚିନ୍ତା ଦେଖି ଚୁପ୍ ରହିଥିଲା ମାଳତୀ। ତା' ଉପରେ ପୁଣି ଅଭିମନ୍ୟୁ ସାହିର ଗୁଣ୍ଡା, ପୁଣି କର୍ପୋରେଟରର ଭାଇ। ବଡ଼ ଲୋକଙ୍କ ସଙ୍ଗେ ବଇରି କଲେ ଖରାପ ପରିସ୍ଥିତି ଉପୁଜିବ। ଏ ସବୁ ଚିନ୍ତାରେ ଚୁପ୍ ରହୁଥିଲା ମାଳତୀ। ବୁଲାକୁ ଗୋଡ଼େ଼ଗୋଡ଼େ଼ ପରାମର୍ଶ ଦେଇ ବୁଝାଉଥିଲା। ମୁଣ୍ଡ ଛୁଆଁଇ ନିୟମ କରାଇଥିଲା କୌଣସି ଅବାଟକୁ ନଯିବା ପାଇଁ।

ଧିରେ ଧିରେ ରାସ୍ତା ଠିକାଦାରି ସାଙ୍ଗକୁ ଦୋକାନରୁ ରାହାଜାନି କରି ଜିନିଷ ଉଠାଇବା, ରାସ୍ତାରୁ ଦାଦାଗିରି କରି ବଟି ଆଦାୟ, ଭିନ୍ନ ଭିନ୍ନ ଟେଣ୍ଡର କାମରେ ଧମକ ଚମକ, ହେରଫେର ଆଦି ସବୁଥିରେ ନାଁ ଯୋଡ଼ି ହୋଇଯାଇଥିଲା ବୁଲାର ଅଭିମନ୍ୟୁ ସାଙ୍ଗରେ। କିଛି ଖରାପ ନିୟତ ନରଖି ବି ବୁଲା ଯାଉଥିଲା ସେ ଗ୍ୟାଙ୍ଗଷ୍ଟାର ଦୁନିଆର ପଙ୍କିଳ ରାସ୍ତାରେ ଅଭିମନ୍ୟୁ ସହିତ। ଚିନ୍ତା ସହିତ ଆଶଙ୍କାଗ୍ରସ୍ତ ହୋଇଥିଲା ମାଳତୀ। ବାପ ଛେଉଣ୍ଡ ପିଲାଟା। ତା' ଛଡ଼ା କିଏ ବା ଅଛି ବୁଲାକୁ ବୁଝାଇବାକୁ। ଝିଅ କୁସୁମକୁ ତ କେତେ ବନ୍ଧୁବାନ୍ଧବଙ୍କ ପାଖେ ହାତ ପତେଇ ଦେଇନେଇ ବାହାଘର କରିଥିଲା ଯେ ବର୍ଷେ ଗୋଟାଏ ବି ପୁରିଲାନି ଝିଅ ଆସି ବାପଘରେ ମାଳତୀ ପାଖରେ ରହିଲା। ମଦୁଆ ଜ୍ୱାଇଁର ରୋଜ ମାରପିଟ୍, କଳି ଝଗଡ଼ାରେ ଅତିଷ୍ଠ ହୋଇ ମାଳତୀ ନେଇ ଆସିଥିଲା ଝିଅକୁ। କ'ଣ ବା କରିଥା'ନ୍ତା, ତା'ର କିଏ ବା ଅଛି ଝିଅ ଶ୍ୱଶୁରଘରର ପିଶାଚ ପ୍ରବୃତ୍ତି ଲୋକମାନଙ୍କର ପ୍ରତିରୋଧ କରିବାକୁ । ଗଣ୍ଡେ ଖାଇପିଇ ବଞ୍ଚି ଜିଇଁ ଝିଅ ତା'ର ରହୁ ଏଇଆ ଚିନ୍ତା କରି ନେଇ ଆସିଥିଲା କୁସୁମକୁ। ସେତେବେଳେ ପେଟରେ ଥିଲା ଚାରିମାସର ନାତି ଟୋକା ବିଜୁଟା। ନିଜର ପେଟ ପିଠିରୁ ଊଣା କରି ପିଲା ଦୁହିଁଙ୍କୁ ଯଥାସମ୍ଭବ ସୁଖ ସୁବିଧା ଦେଇଚାଲିଥିଲା ମାଳତୀ।

ଦିନେ ହଠାତ୍ ଟେଣ୍ଡର ପକାଇବା ସ୍ଥାନରେ ଗଣ୍ଡଗୋଳ ଓ ଗୁଳିମାଡ଼ ଘଟଣାରେ ପୋଲିସ୍ ଗିରଫ୍ କରିନେଇଥିଲା ଅଭିମନ୍ୟୁ ଓ ତା'ର ଦୁଇଜଣ ସହଯୋଗୀ ବୁଲା ଆଉ ଗୋପାଳକୁ। ସାହିର ଦାଦା ଅଭିମନ୍ୟୁର ଗିରଫ ଖବରର ଚର୍ଚ୍ଚା ପବନ ପ୍ରାୟ ସବୁଆଡ଼େ ବ୍ୟାପିଯାଇ ମାଳତୀ କାନ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଏକ ଅହେତୁକ ଆଶଙ୍କାରେ ଲଣ୍ଡଭଣ୍ଡ ହୋଇ ପାଗଳପ୍ରାୟ ଥାନାକୁ ଦୌଡ଼ିଥିଲା ମାଳତୀ। ହାତ ଯୋଡ଼ି ନେହୁରା ହୋଇଥିଲା ଥାନାବାବୁଙ୍କ ଆଗରେ ବୁଲାର ନିର୍ଦ୍ଦୋଶତା ଦର୍ଶାଇ। ଘଟଣାର ଖୋଳତାଡ଼ କରି ବୁଲାକୁ ନିର୍ଦ୍ଦୋଷୀ ପାଇ ଛାଡ଼ିଦେଇଥିଲେ ଥାନାବାବୁ ହାଜତରୁ।

ଏହି ଘଟଣାରେ କିନ୍ତୁ ଅଭିମନ୍ୟୁ ଗିରଫ ହୋଇ କୋର୍ଟ ଚାଲଣ ହେଲା। ଦୀର୍ଘ ଦିନ ଧରି ତା'ର ବିଚାର ପ୍ରକ୍ରିୟା ପରେ ଦୁଇବର୍ଷର କାରାଦଣ୍ଡର ସଜା ଶୁଣାଇଥିଲେ ବିଚାରପତି ମହୋଦୟ। ଅଭିମନ୍ୟୁର ସଜା ଖବର ଶୁଣି ଉପରେ ଉପରେ ଦୁଃଖ ପ୍ରକଟ କରୁଥିଲେବି ଭିତରେ ଖୁସି ହୋଇଯାଇଥିଲା ମାଳତୀ। ଯାହାହେଉ ତା' ପୁଅ ବୁଲାକୁ ଏଥର ଗୁଣ୍ଡା, ବଦମାସ ଅଭିମନ୍ୟୁର ସଂଗ ଦୋଷରୁ ଛୁଟ୍‌କରା ମିଳିଯିବ। ମନେ ମନେ ଈଶ୍ୱରଙ୍କୁ ସୁମରଣ କରି ଚାଲୁଥାଏ। ବୁଲାକୁ ଦେହମୁଣ୍ଡ ଛୁଆଁଇ ନିୟମ କରାଇଦେଲା ଆଉ ଖରାପ ସାଙ୍ଗ ଦୋସ୍ତିରେ ନ ପଡ଼ିବା ପାଇଁ ।

ବୁଲା ଏଥର ଅଧିକାଂଶ ସମୟ ଘରେ ରହିଲା। ଘର କଥା ବୁଝିଲା। ମା' କଥା ଶୁଣିଲା, ଭଉଣୀ କୁସୁମ ଓ ଭଣଜାର ଦାୟିତ୍ୱ ନେଲା। ଭାଇ ଭଉଣୀ ମିଶି କେତେ ଭବିଷ୍ୟତ ଯୋଜନା କରିଚାଲିଲେ। ଏଥର ଟିକେ ନିଶ୍ଚିନ୍ତ ହେଲା ମାଳତୀ। ମାଳତୀ କାମ କରୁଥିବା ସ୍କୁଲର ଜଣେ ଶିକ୍ଷକଙ୍କ ଭାଇ କରିଥିବା ସାନିଟାରି ଷ୍ଟୋର୍‌ରେ କାମରେ ଲଗାଇ ଦେଇଥିଲା ବୁଲାକୁ। ବିବାହ ଜୁଆଳି ପିଠିରେ ପଡ଼ିଲେ ବୁଲା ସାଙ୍ଗ ଦୋସ୍ତି ତ୍ୟାଗ କରି ଘର ସଂସାରରେ ମନଦେବ, ଏକଥା ଚିନ୍ତାକରି ମାଳତୀ ଲାଗିପଡ଼ିଲା ବୁଲା ପାଇଁ କନ୍ୟା ଖୋଜାରେ। ମନରେ କେତେ ଆଶା ବାନ୍ଧିଥିଲା ବୋହୂଟିଏ ଆସିଲେ ଘର ଆଉ ବର ଦୁହିଁଙ୍କୁ ସମ୍ଭାଳି ଦେବ।

ନିଜ ଭାଇ ଶ୍ୱଶୁର ଘରଙ୍କର ପରିଚିତ ପରିବାରର ଝିଅଟିଏ ଠିକ୍ କରିଦେଲା ମାଳତୀ ନିଜର ବୋହୂ କରିବାକୁ। ବୁଲା ବି ନିଜେ ରୋଜଗାର କରୁଥିଲା। ତେଣୁ ମା' କଥାରେ ଅରାଜି ହେବାର କିଛି ନଥିଲା। ଦିନ, ବାର, ଲଗ୍ନ ସ୍ଥିର କରି ଲାଗିପଡ଼ିଲା ବିବାହ ଆୟୋଜନରେ। ମାର୍ଗଶୀରର ପ୍ରଥମ ପାଳି ଗୁରୁବାରରେ ଦିନ ଧାର୍ଯ୍ୟ ହୋଇଥିଲା। ମାର୍ଗଶୀର ଗୁରୁବାରରେ ଲକ୍ଷ୍ମୀ ସମ ବୋହୂ ତା'ର ବିବାହ କରି ଘରକୁ ଆସିବ ଭାବି ଭାବି ଖୁସିରେ କୁରୁଳି ଉଠୁଥିଲା ମାଳତୀ।

ଭାଇ, ଭଉଣୀ, ମା' ଯେ ଯାହା ବାଟରେ ଲାଗିପଡ଼ିଲେ ବିବାହ ଆୟୋଜନରେ। ବୁଲା କାମ କରୁଥିବା ଦୋକାନରୁ କିଛି ଅଗ୍ରୀମ ଆକାରରେ ଟଙ୍କା ଆଣି ଦେଇଥିଲା ବିବାହରେ ଖର୍ଚ୍ଚବାର୍ଚ୍ଚ କରିବା ପାଇଁ। ନିଜର ସୀମିତ ଆର୍ଥିକ ଆୟ ସତ୍ତ୍ୱେ ବି ଭୋଜିଭାତ ଆୟୋଜନ, ବିବାହ ଖର୍ଚ୍ଚବାର୍ଚ୍ଚ ସବୁକିଛି ନିଜ ସାଧ ମୁତାବକ କରି ଚାଲୁଥିଲା ମାଳତୀ। ମା' ଓ ଝିଅ ଯାଇ ନିତାଇ ସାହୁ ଦୋକାନରୁ କିଣି ଆଣିଥିଲେ ନାଳିଜରିଲଗା ବନାରସି ପାଟ ବୋହୂ ପାଇଁ । ବାପ ଛେଉଣ୍ଡ ଛୁଆଟା ବୁଲା। ସାତ ମାସର ବକଟେ ଛୁଆ ଥିଲାବେଳେ ବାପା ଛାଡ଼ି ଆରପାରିକୁ ଗଲା। ମାଳତୀ ସବୁ ସ୍ନେହ, ମମତା ଅଜାଡ଼ି ଦେଇଥିଲା କଅଁଳା ଛୁଆଟା ଉପରେ। ଏବେ କେମିତି ତା' ଉପରେ ଦୁବ, ଚାଉଳ ପଡ଼ିବ, ଖୁସିରେ ଘର ସଂସାର କରି ରହିବ ଏ ଚିନ୍ତାରେ ମାଳତୀକୁ ରାତି ନିଦ ନଥିଲା। ସୁନାନାକି ବୋହୂ ତା'ର ଘରକୁ ଆସିବ। ମା'ର ଆଦର, ଭଲପାଇବା ଦେଇ ନିଜର କରିନେବ ତାକୁ। ବୁଲା ଆଉ ବାରବୁଲାମାନଙ୍କ ସାଙ୍ଗେ ଏଣେତେଣେ ନ ବୁଲି ଘର ସଂସାରରେ ମନ ଦେବ ଏମିତି କେତେ ଭାବନା ମାଳତୀ ମନ ଭିତରକୁ ଧସେଇ ପଶି ତାକୁ ଖୁସିରେ ବିଭୋର କରି ଦେଇଥିଲା।

ବାହାଘରକୁ ଆଉ ମୋଟ ଦଶଦିନ ବାକିଥିଲା। ମାଳତୀ ଶୁଣିଲା ଅଭିମନ୍ୟୁର ଜେଲ୍‌ରୁ ଜାମିନ୍‌ରେ ମୁକୁଳିବା କଥା। ଛାତିରେ ଛନକା ପଶିଲା ତା'ର। ଘରେ ଆସି କେତେ ବାପ, ଧନ କରି ବୁଝାଇଲା ବୁଲାକୁ ଅଭିମନ୍ୟୁଠାରୁ ଦୂରେଇ ରହିବା ଲାଗି। ବୁଲା କିନ୍ତୁ ବାସ୍ତବତାକୁ ଅନୁଭବ କରି ମା', ଭଉଣୀଙ୍କୁ ବୁଝାଇଦେଲା। "ଅଭିମନ୍ୟୁ ସହ ନମିଶିଲେ ସେ ମୋ ଉପରେ ରାଗ ରଖିବ। ଆଉ ମିଶିଲେ ଅପର ଗୋଷ୍ଠୀର ଆକ୍ରୋଶର ଶିକାର ହେବି। କିନ୍ତୁ ବୋଉଲୋ ଏତିକି ମୋ ଉପରେ ଭରସା ରଖ, ଅଭିମନ୍ୟୁର ସବୁ ଖରାପ କାମରୁ ନିଜକୁ ଦୂରେଇ ରଖିବି। ଆଉ ଧିରେ ଧିରେ ତା' ରାସ୍ତାରୁ ଦୂରେଇ ଯିବି।"

ବୁଲାର କଥାରେ ତଥାପି ଆଶଙ୍କା ତୁଟି ନଥିଲା ମାଳତୀର। ପରଦିନ ସିଧା ଚାଲିଲା କର୍ପୋରେଟରଙ୍କ ଘରକୁ। ବୈଠକ ଘରେ ଅଭିମନ୍ୟୁ ଓ ତା'ର କର୍ପୋରେଟର ଭାଇ ବସି ସକାଳର ଚା' ପର୍ବରେ ମଗ୍ନ ଥାଆନ୍ତି। ଅନୁମତି ନେଇ ଭିତରକୁ ପଶିଗଲା ସେ। ତା' ପୁଅ ବୟସର ହେବ ଅଭିମନ୍ୟୁ। ସେ ଆଡ଼କୁ ତା'ର ନିଘା ନଥିଲା। ତଳେ ବସି ପଡ଼ି ପିନ୍ଧା ଲୁଗାର କାନିକୁ ମେଲେଇ ଦେଇଥିଲା ଅଭିମନ୍ୟୁର

ଗୋଡ଼ ତଳେ। କାନି ପତେଇ ମାଗି ଚାଲିଥିଲା ତା' ପୁଅକୁ " ବୁଲାକୁ ମୋର ଖୁସିରେ ଘର ସଂସାର କରିବାକୁ ଦିଅ।ମୋତେ ନିର୍ଭୟରେ ବଞ୍ଚିବାକୁ ଦିଅ ବାବୁ। ତୁମ ସାଙ୍ଗସାଥିରୁ ତାକୁ ଦୂରେଇ ରଖ।" ବିକଳ ହୋଇ କାନ୍ଦି କାନ୍ଦି ଦୋହରାଉଥିଲା ତା' କଥାକୁ। "ମାଉସୀ ଏ କ'ଣ କରୁଛ ! ମୁଁ ବଞ୍ଚିଥିଲା ପର୍ଯ୍ୟନ୍ତ ତୁମ ପୁଅ ଗୋଡ଼ରେ କଣ୍ଟା ବଜାଇ ଦେବିନି । କିଛି ଅସୁବିଧା କରାଇ ଦେବିନି ତୁମ ବୁଲାର।" ଅଭିମନ୍ୟୁ ଆଶ୍ୱାସନା ଦେଇ ଚାଲିଥିଲା ମାଳତୀକୁ। ଅଭୟ ପ୍ରତିଶ୍ରୁତି ପାଇ ମାଳତୀ ଫେରିଥିଲା କର୍ପୋରେଟରଙ୍କ ଘରୁ।

ବୁଲା ! ଏ ବୁଲା ! ମାଳତୀ ସ୍କୁଲକୁ ରୋଷେଇ କାମ ପାଇଁ ବାହାରିବା ବେଳେ ବାହାରେ କାହାର ଡାକରେ ଘର ବାହାରକୁ ଆସିଲା ତର ତର ହୋଇ। ମୋଟର ସାଇକେଲ୍ ଉପରେ ଗୋପାଳ ବସିଥିଲା। ମାଳତୀକୁ ଦେଖି କହିଥିଲା "ଅଭିମନ୍ୟୁ ଭାଇ ଆଜି ଭୋଜି କରୁଛି। ବୁଲାକୁ ନେଇ ଯିବାକୁ ମୋତେ ପଠେଇଛି।"

"କାଲି ଛାଡ଼ି ପଅରଦିନ ତା'ର ମଙ୍ଗନ। କେତେ କାମ ବାକି ପଡ଼ିଛି। ଆମର କିଏ ଅଛି ସବୁ କରିବାକୁ। ଭାଇକୁ ଏଇ କଥା ବୁଝାଇ କହିଦେବୁ।" ବୁଲାକୁ ନଡ଼ାକି ଗୋପାଳକୁ ନାସ୍ତିବଚନ ଶୁଣାଇଥିଲା ମାଳତୀ।

'ଭାଇ କହିଛି ବୁଲା ଖାଲି ଖାଇସାରି ଚାଲି ଆସିବ।" ତୁମେ ତାକୁ ମନା କରନି, ମୁଁ ଆଣି ତାକୁ ଛାଡ଼ିଦେଇ ଯିବି। ବୁଲାକୁ ନେଇଯିବା ପାଇଁ ସେମିତି ମୋଟର ସାଇକେଲ୍ ଉପରେ ଅଡ଼ି ବସି ରହିଥିଲା ଗୋପାଳ। ନିରୁପାୟ ମାଳତୀ ଡାକ ପକାଇଥିଲା ଘର ଭିତରୁ ବୁଲାକୁ। ଉପାୟ ଶୂନ୍ୟ ଭାବରେ ଘର ବାହାରେ ଛିଡ଼ା ହୋଇ ଚାହିଁ ରହିଥିଲା ଗୋପାଳ, ପଛରେ ବୁଲା ବସିଥିବା ମୋଟର ଗାଡ଼ିଟି ଗଳି ବାଙ୍କ ବୁଲିବା ପର୍ଯ୍ୟନ୍ତ।

ବିଜୁଳି ବେଗରେ ଚାରିଆଡ଼କୁ ପ୍ରସରି ଯାଇଥିଲା ଅଭିମନ୍ୟୁ ଭାଇର ଦୁଃସମ୍ବାଦଟି। ଜଙ୍ଗଲ ନିଆଁପରି ସହର ସାରା ବ୍ୟାପି ଯାଇଥିଲା। ସ୍ତବ୍ଧ ହୋଇଯାଇଥିଲେ ସହରବାସୀ। ଦିନ ଦ୍ୱିପହରରେ ଏମିତି କାଣ୍ଡ। ବିପକ୍ଷ ଗୋଷ୍ଠୀର ଅତର୍କିତ ଗୁଳି ମାଡ଼ରେ ଅଭିମନ୍ୟୁ ଭାଇ ସହ ତା'ର ଗୋଷ୍ଠୀର ଆଉ ଦୁଇଜଣ ସହଯୋଗୀ ନିହତ ହୋଇଛନ୍ତି। ସହରର ଏକ ପରିତ୍ୟକ୍ତ କୋଠାଘରେ ଅଭିମନ୍ୟୁ ଗୋଷ୍ଠୀର ଭୋଜି ମାହୋଲରେ ଘଟିଛି ଏ ବର୍ବର କାଣ୍ଡ। ଅଭିମନ୍ୟୁ ଜେଲରୁ ମୁକୁଳିବାର ଖବର ପାଇ ପ୍ରତିଶୋଧ ମନୋଭାବ ସ୍ୱରୂପ ବିପକ୍ଷ ଗୋଷ୍ଠୀର ଏ ଭୟାନକ କାର୍ଯ୍ୟ ।

ସ୍କୁଲରେ ଥିବାବେଳେ ମାଳତୀ କାନରେ ପଡ଼ିଲା ଏକଥା। ହତବାକ୍ ହୋଇଯାଇଥିଲା ଏ ଖବର ଶୁଣି। ପାପ ଛୁଇଁଥିଲା ତା'ର ମନକୁ। ଦୁଇ ସହଯୋଗୀ ଭିତରେ ବୁଲା ଆଉ ନାହିଁ ତ ? ପାଗଳୀ ପ୍ରାୟ ହୋଇ ଦୌଡ଼ିଥିଲା ଘଟଣାସ୍ଥଳକୁ।

ପୋଲିସ୍ ଛାଉଣି ସାଙ୍ଗକୁ ଜନତାଙ୍କ ଭିଡ଼ରେ କୋଳାହଳପୂର୍ଣ୍ଣ ହୋଇଥିଲା ଦୁର୍ଘଟଣା ସ୍ଥଳଟି। ସମ୍ପୂର୍ଣ୍ଣ ରକ୍ତାୟିତ ସ୍ଥାନଟିରେ ତିନୋଟି ଶବ ବିକ୍ଷିପ୍ତ, ବିଭତ୍ସ ଭାବରେ ପଡ଼ି ରହିଥିଲା। ମାଳତୀର ଉପସ୍ଥିତି ଚାପା ଗୁଞ୍ଜରଣ ଖେଳାଇ ଦେଇଥିଲା ଭିଡ଼ ମଧ୍ୟରେ। ଥମଥମ ହୋଇ ଆଗକୁ ବଢ଼ି ଲଥ୍ କରି ବସିପଡ଼ିଲା ମାଳତୀ। ସାମନାରେ ପଡ଼ିଥିଲା ରକ୍ତ ଜୁଡୁବୁଡୁ ବୁଲାର ବିଭତ୍ସ ଶରୀର। ନିର୍ଜୀବ ବୁଲାର ମୁଣ୍ଡକୁ ଉଠାଇ କୋଳରେ ଧରିଲା ମାଳତୀ। ଝାଡ଼ିଝୁଡ଼ି ଦେଲା ବୁଲାର ସମ୍ପୂର୍ଣ୍ଣ ଶରୀର। ବୁଲା ଦେହର ତାଜା ରକ୍ତରେ ଦେହ ମୁଣ୍ଡ ସବୁ ଭିଜି ଯାଇଥିଲା ତା'ର। ମା'ର ମମତା ସହ ବୁଲାର ମୃତ ଶରୀରଟାକୁ ଘସି, ଆଉଁସି ଛାତିରେ ଚାପି ଧରୁଥିଲା। କେତେବେଳେ ବହେ ଗେଲ କରିଦେଉଥିଲା ତ କେତେବେଳେ ମୁଣ୍ଡକୁ ସାଉଁଳେଇ ଦେଉଥିଲା। ତା'ର ଚାରିପାଖରେ କ'ଣ ସବୁ ଘଟି ଯାଉଛି ସେ ସବୁଥିରେ ଯେମିତି ନିର୍ଲିପ୍ତ ଥିଲା। ମଝିରେ ମଝିରେ ପାଗଳୀପ୍ରାୟ "କେତେ କାମ ପଡ଼ିଛିରେ ବାପା, ଉଠ ଘରକୁ ଯିବା" କହି ହଲାଇ ଦେଉଥିଲା ବୁଲାର ନିଷ୍ପନ୍ଦ ଶରୀରଟାକୁ। ତା' ଜୀବନ ଧନର ଅସହାୟ ଅକାଳ ମୃତ୍ୟୁ, ନିଜର ଉଜୁଡ଼ି ଯାଇଥିବା ସଂସାର, ଭାଙ୍ଗି ଚୁରମାର୍ ହୋଇ ଯାଇଥିବା ତା'ର ସୁନେଲି ସ୍ୱପ୍ନ ଏସବୁର କୌଣସି ପ୍ରତିକ୍ରିୟା ନଥିଲା ତା' ଚେହେରାରେ। ନିଷ୍ପ୍ରଭ ଆଖି ଦୁଇଟିରେ ଏକ ଲୟରେ ଚାହିଁ ରହିଥିଲା ତା' ପ୍ରାୟ ବୁଲାର ପ୍ରାଣହିନ ଶରୀରଟାକୁ ।

ସମବେତ ସମସ୍ତଙ୍କ ଆଖିରେ ଥିଲା ଲୁହର ବନ୍ୟା। କେହି କେହି କଥା ହେଉଥିଲେ "ବିଚାରୀଟା ପାଗେଳୀ ହୋଇଗଲା।"

ବୁଲା ଯିବାର ଆଜି ଚତୁର୍ଦ୍ଦଶ ଦିବସ। କର୍ମାଙ୍ଗ ଯଜମାନଙ୍କ ପରାମର୍ଶରେ ସମୁଦ୍ରରେ ଅସ୍ଥି ବିର୍ସଜନ କରିବାକୁ ପୁରୀ ଆସିଥିଲା ମାଳତୀ। ଅସ୍ଥି ବିର୍ସଜନ ପରେ ଅଶୌଚ କାମରେ ଆସିଥିବାରୁ ମନ୍ଦିର ବାହାରେ ନିଜ ଅନ୍ତରର ବେଦନାକୁ ନିଜର ପ୍ରିୟ କାଳିଆ ଠାକୁର ଆଗରେ ଅଭିଯୋଗ କରି ଚାଲିଥିଲା ମାଳତୀ।

ନୀଳଚକ୍ରକୁ ଅପଲକ ନେତ୍ରରେ ଚାହିଁ ରହିଥିବା ବେଳେ ସାମନାରେ ସତେ ଅବା ଦିଶି ଯାଉଥିଲା ବୁଲାର ତୋଜୋଦିପ୍ତ ମୁହଁଟି। ଏକ ଅଦୃଶ୍ୟ ଶକ୍ତିର ସ୍ୱର କାନରେ ବାଜି ଯାଉଥିଲା ମାଳତୀର।

"ଏ କ'ଣ ବୁଲାର ସ୍ୱର ! ମୁଁ ମୁକ୍ତି ପାଇଯାଇଛି ଲୋ ବୋଉ। ରାଜନୀତିର ଛତ୍ରଛାୟାରେ ନିଜକୁ ସୁରକ୍ଷିତ ରଖି ସମାଜକୁ କଳୁଷିତ କରୁଥିବା ଏହି ଭାଇ ପଦଧାରୀ ଗୁଣ୍ଡାମାନଙ୍କ କବଳରୁ କେବେବି ଜୀବିତାବସ୍ଥାରେ ମୁକ୍ତି ପାଇପାରି ନଥା'ନ୍ତି । ସ୍ୱଇଚ୍ଛାରେ ପଥହୁଡ଼ି ଯେଉଁ ପୁତିଗନ୍ଧମୟ ରାସ୍ତାରେ ପାଦଦେଇ ଆଗେଇ ଯାଇଥିଲି ତାହାହିଁ ତ ଥିଲା ମୋ ପାଇଁ ଚକ୍ରବ୍ୟୂହ। ତା'ର ଶେଷ ପରିଣତି ଥିଲା ମୋର ଏ ସଂସାରରୁ କରୁଣ ବିଦାୟ। ମୁଁ ଏବେ ମୁକ୍ତିଗାମୀ, ମୋକ୍ଷପ୍ରାପ୍ତ।" ଆତ୍ମ ସନ୍ତୋଷ ପୁରି ରହିଥିଲା ବୁଲାର ସ୍ୱରରେ। ଅନୁଭବ କରୁଥିଲା ମାଳତୀ ତା'ର ଦୃଢ଼ ସ୍ୱରକୁ ।

ହରାଇବାର ଦୁଃଖ ଭିତରେ ଆତ୍ମତୃପ୍ତି ଅନୁଭବ କରୁଥିଲା ମାଳତୀ । ସେ ତୃପ୍ତି ଥିଲା ଇହଲୋକରେ ନହେଉପଛେ ଅନ୍ତତଃ ପରଲୋକରେ ତା' ରତ୍ନଧନର ମୋକ୍ଷପ୍ରାପ୍ତିର ଭାବନାକୁ ନେଇ। ହାତ ଦୁଇଟି ଆପେ ଆପେ ଉପରକୁ ଉଠି ଯାଇଥିଲା ସେଇ ଜଗତର ଠାକୁର ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ।

*ଅପର୍ଣ୍ଣା ନଗର, ଚାଉଳିଆଗଞ୍ଜ, କଟକ*

# ବହୁରୂପୀ ଏଣ୍ଡୁଅ

**ଲେଖିକା :- ରେଣୁ ମଣ୍ଡଳ**
**ମୂଳଭାଷା :- ହିନ୍ଦୀ,**
**ଅନୁବାଦ:- ସମ୍ବେଦନା ମିଶ୍ର**

ଦଶ ବର୍ଷର ଲମ୍ବା ସମୟ ପରେ ଆଜି ହଠାତ ଦେବଦତ୍ତ ତା' ସାମନାରେ ଆସି ଠିଆ ହୋଇଗଲା। ସଙ୍ଗେସଙ୍ଗେ ତାକୁ ଦେଖିବା ପରେ ସେ ଚମକି ପଡ଼ିଲା। ଖାଲି ଚମକି ପଡ଼ିନଥିଲା ବରଂ ତା' ମନ ମଧ୍ୟ ବହୁତ ଆନ୍ଦୋଳିତ ହୋଇ ଉଠିଥିଲା। ଥରେ ତା'ର ମନକୁ ଆସିଲା ଯେ ବିନା କୌଣସି କଥାବାର୍ତ୍ତା କରି ତାକୁ ନିଜ କୋଠରୀରୁ ବାହାର କରିଦେବ। କିନ୍ତୁ ପଛରେ ଭାବିଲା, ଅଫିସ୍‌ର ଲୋକମାନେ ବିନା କାରଣରେ ବହୁତ ପ୍ରକାରର ମିଛସତ କଥା କହିବେ। ହୋଇପାରେ, ସେ ମଧ୍ୟ କୌଣସି ସରକାରୀ କାମରେ ତା' ପାଖକୁ ଆସିଥିବ। ଏହା ଭାବି ସେ ତାକୁ କୋଠରୀ ଭିତରକୁ ଡାକିଲା। କିନ୍ତୁ ବହୁତ ଜଲ୍‌ଦି ତାର ଭାବନା ସବୁ ନିରଥର୍କ ପ୍ରମାଣିତ ହେଲା। ତା' ସାମନାରେ ନିରଥର୍କ କଥା, ପୁରୁଣା ସମ୍ପର୍କର ଗାଥା, କ୍ଷମା ପ୍ରାର୍ଥନା ତା' ସହିତ ନିଜ ଘରକୁ ଫେରିଆସିବା ପାଇଁ ଅନୁରୋଧ ଆରମ୍ଭ ହୋଇଗଲା। 'ନିଜଘର' ଶବ୍ଦଟି ଶୁଣି ତା' ଓଠରେ ଗୋଟିଏ ବିଦ୍ରୁପ ହସ ଖେଳିଗଲା ଓ ପୁଣିଥରେ ଉଭାନ ହୋଇଗଲା। ଏସବୁ କଥାର ଆଉ କ'ଣ କିଛି ମୂଲ୍ୟ ରହିଛି ତା' ଜୀବନରେ ?

ସେ ଗୋଟିଏ ଛୋଟ ଘରର ହିଁ କଳ୍ପନା କରିଥିଲା। ସବୁ ଝିଅଙ୍କ ଭଳି ସେ ମଧ୍ୟ ସ୍ୱପ୍ନ ସବୁ ଦେଖିଥିଲା। କ'ଣ କ୍ଷତି କରିଥିଲା ସେ ଦେବଦତ୍ତର ଯେ ସେ ବିବାହର କିଛିଦିନ ପରେ ହିଁ ତା'ର ସବୁ କଳ୍ପନାକୁ ଓ ଛୋଟ ଛୋଟ ସ୍ୱପ୍ନଗୁଡିକୁ ପୋଡି ପାଉଁଶ କରିଦେଲା ? ପୁଣିଥରେ ସେ କାହିଁକି ଆସିଛି ସେହି ପାଉଁଶକୁ ଖୋଜିବାକୁ ? ସେମିତି କ'ଣ ଆବଶ୍ୟକତା ପଡିଲା ଯେ ତାକୁ ସେହି ପାଉଁଶକୁ ଖୋଜିବାକୁ ପଡିଲା ?

ଯେମିତି ଦେବଦତ୍ତ ତାକୁ ଛାଡି ଚାଲିଯାଇଥିଲା, ସେମିତି କଣ ପ୍ରମିଳା ମଧ୍ୟ ଦେବଦତ୍ତକୁ ଛାଡି ଚାଲିଗଲା କି ? କିନ୍ତୁ, ପ୍ରମିଳା ତ ଦେବଦତ୍ତର ପିଲାର ମାଆ ହେବାକୁ ଯାଉଥିଲା।ତେଣୁ ସେ କାହିଁକି ଦେବଦତ୍ତକୁ ଛାଡିବ ? ମାତ୍ର କିଛି ଘଟଣା ନିଶ୍ଚୟ ଘଟିଛି। ମନରେ ଏମିତି ଅନେକ ପ୍ରଶ୍ନ ତା'ର ଉଙ୍କି ମାରୁଥିବା ବେଳେ ସ୍ଥାନୀୟ କଲେଜର ଅଧ୍ୟକ୍ଷ ଆସିବା ଦ୍ୱାରା ସେ ସେଥିରୁ ମୁକୁଳି ଗଲା ଓ ଦେବଦତ୍ତ ମଧ୍ୟ ସେଠାରୁ ଉଠି ଚାଲିଗଲା।

ଅଫିସ୍‌ରେ ତା'ର ମନ ଆଉ ଲାଗିଲା ନାହିଁ ଓ ସେ ଜଲ୍‌ଦି ଘରକୁ ଫେରିଗଲା। ହାତମୁହଁ ଧୋଇ ସେ ଖାଇବା ପାଇଁ ବସିଲା। ଯେମିତି ସେ ପ୍ରଥମ ଥର ଖାଦ୍ୟ ମୁହଁ ପାଖକୁ ନେଲା ସେମିତି ତାକୁ ଦେବଦତ୍ତ କଥା ସବୁ ମନେ ପଡ଼ିଗଲା ଓ ଖାଦ୍ୟ ଖାଇବା ଛାଡ଼ି ସେ ଜାଗାରୁ ଉଠି ଠିଆ ହୋଇଗଲା। ମାଆ ଯେତେବେଳେ ନ ଖାଇବାର କାରଣ ପଚାରିଲେ ସେ ତାଙ୍କୁ ମିଛ କହି ମୁଣ୍ଡବିନ୍ଧାର ବାହାନା କରିଦେଲା। ଦେବଦତ୍ତ ଆସିବାର କଥା ମାଆଙ୍କୁ କହି ସେ ଅଯଥାରେ ତାଙ୍କର ଚିନ୍ତା ବଢାଇବାକୁ ଚାହୁଁନଥିଲା। ପୂର୍ବରୁ ସେ ସେହି ଦେବଦତ୍ତ ପାଇଁ ତାଙ୍କୁ ବହୁତ ଦୁଃଖ ଦେଇସାରିଥିଲା। ସେ ସବୁପ୍ରକାରର ଚେଷ୍ଟା ମାଆଙ୍କୁ ଦେଖାଇବାକୁ ଯେ ସେ ଖୁସିରେ ଅଛି ଓ ନିଜ ଜୀବନକୁ ନେଇ ମଧ୍ୟ ସନ୍ତୁଷ୍ଟ ଅଛି। ମାତ୍ର ମାଆ ତ' ସବୁବେଳେ ମାଆ ହୋଇଥାନ୍ତି। ସେଥିପାଇଁ ସେ ଯେତେବେଳେ ପଡୋଶୀମାନଙ୍କର ଝିଅଙ୍କ ମଥାରେ ସିନ୍ଦୂର ଓ କୋଳରେ ପିଲାମାନଙ୍କୁ ଖେଳୁଥିବାର ଦେଖୁଥିଲେ ସେତେବେଳେ ଅନିଚ୍ଛା ସତ୍ତ୍ୱେ ନିଜ ଝିଅର ଖାଲି ମଥା ତାଙ୍କ ଆଖି ଆଗକୁ ଚାଲିଆସୁଥିଲା ଯାହା ତାଙ୍କ ହୃଦୟକୁ ବହୁତ ଆଘାତ ଦେଉଥିଲା।

ପିଲାବେଳେ ମାଆବାପାଙ୍କୁ କହୁଥିଲେ, 'ମୋର ସୁଧା ଏତେ ସୁନ୍ଦର ଓ ଗୁଣୀ ଯେ, ତା'ର ବାହାଘର ପାଇଁ ତୁମକୁ ଚିନ୍ତା କରିବାକୁ ପଡିବ ନାହିଁ। ଘରେ ବସିରହିଲେ ମଧ୍ୟ ସ୍ୱତଃ ବିବାହ ପ୍ରସ୍ତାବ ଆସିବ। ଦେଖିବ ! ଆମଝିଅ ଶ୍ୱଶୂର ଘରେ ରାଣୀ ହୋଇ ରହିବ। ତା'ର ଶାସନ ଚଳିବ। 'ମାଆଙ୍କ ସେହି କଥାଟି ଅବଶ୍ୟ ସତ ହୋଇଗଲା। ଶାସନ ସେ କଲା, ମାତ୍ର ନିଜ ଶ୍ୱଶୁର ଘରେ ନୁହେଁ ବରଂ ନିଜ କାର୍ଯ୍ୟାଳୟରେ।'

ଏମ୍.ଏ କରିବା ସଙ୍ଗେସଙ୍ଗେ ବାପାମାଆ ମିଶି ତା'ର ବିବାହ ଦେବଦତ୍ତ ସହିତ କରିଦେଲେ। ଘରେ ବସି ଏତେ ସୁନ୍ଦର ଓ ଉଚ୍ଚ ପଦବୀରେ ଥିବା ଜ୍ୱାଇଁ ପାଇ ବାପାମାଆ ବହୁତ ଖୁସି ଥିଲେ। ତା'ର ନିଜର ପାଦ ମଧ୍ୟ ଖୁସିରେ ଭୂମିରେ ଲାଗୁନଥିଲା। କିନ୍ତୁ ବହୁତ ଶୀଘ୍ର ତାକୁ ଜଣାପଡିଗଲା ଯେ, ସ୍ୱପ୍ନର ଯେଉଁ ରଙ୍ଗୀନ ଦୁନିଆ ସେ ସଜାଉଛି ତାହା କେବଳ ଗୋଟିଏ ମରିଚିକା।

ଗୋଟିଏ ଦିନ ସେ ନିଜର ବଗିଚାରେ ପିଜୁଳି ଗଛ ପାଖରେ ଗୋଟିଏ ଏଣ୍ଡୁଅ ବସିଥିବାର ଦେଖିଲା। ତା'ର ଦେଖିବା ଭିତରେ ହିଁ ସେହି ଏଣ୍ଡୁଅର ହଳଦିଆ ରଙ୍ଗ ବଦଳି ସବୁଜ ହୋଇଗଲା। ବହୁତଦିନ ପର୍ଯ୍ୟନ୍ତ ସେହି ବହୁରୂପୀ ଏଣ୍ଡୁଅ ତା' ମୁଣ୍ଡ ଭିତରେ ଆସ୍ଥାନ ଜମାଇ ରହିଲା। ସେ ଯେତେ ଚେଷ୍ଟା କଲେ ମଧ୍ୟ ସେହି ବହୁରୂପୀ ଏଣ୍ଡୁଅକୁ ନିଜ ମନରୁ କାଢ଼ିପାରୁନଥିଲା। ଦିନେ ଯେତେବେଳେ ପ୍ରମିଳା ତାକୁ ଦେଖା ସାକ୍ଷାତ କରିଗଲା ସେତେବେଳେ ସେ ଭାବିଲା ଯେ ସେ ଅଯଥାରେ ସେହି ବହୁରୂପୀ ଏଣ୍ଡୁଅକୁ ଭୁଲିବାକୁ ଚେଷ୍ଟା କରୁଛି। ତା'ର ଜୀବନରେ ଯେଉଁ ବହୁରୂପୀ ଏଣ୍ଡୁଅ ପ୍ରବେଶ କରିସାରିଛି ସେ କ'ଣ ଏତେ ସହଜରେ ତା' ଜୀବନରୁ ଚାଲିଯିବ ? ପ୍ରତିଥର ତା'ର ବଦଳୁଥିବା ରଙ୍ଗକୁ କ'ଣ ଏତେ ସହଜରେ ସେ ଭୁଲିପାରିବ ? ଦେବଦତ୍ତ ଓ ତା' ମଧ୍ୟରେ ତାଙ୍କ ସମ୍ପର୍କକୁ ନେଇ ହୋଇଥିବା ଲମ୍ବା କଥାବାର୍ତ୍ତା, ପ୍ରମିଳା ଓ ଦେବଦତ୍ତର ଭାବି ସନ୍ତାନ, ଦେବଦତ୍ତର ପିତାଙ୍କ ଦ୍ୱାରା ଦେବଦତ୍ତକୁ ନିଜ ସମ୍ପତିରୁ ବହିଷ୍କାର କରିଦେବାର ଭୟ ଯୋଗୁଁ ପ୍ରମିଳାକୁ ବିବାହ ନ କରିବା ଇତ୍ୟାଦି କେତେ କ'ଣ ସବୁ ଶୁଣି ଶୁଣି ତାକୁ ଲାଗୁଥିଲା ସତେ ଯେପରି ସେ ପାଗଳ ହୋଇଯିବ। ନିୟତିର କ୍ରୁର ଥଟ୍ଟା ଉପରେ ସେ ବୁଝିପାରୁନଥିଲା ହସିବ କି କାନ୍ଦିବ ?

ସେ ଯଦି ଚାହିଁଥାନ୍ତା ତେବେ ନିଜର ଶ୍ୱଶୁରଙ୍କୁ ସବୁକଥା କହି ଦେବଦତ୍ତର ସବୁ ଯୋଜନାକୁ ପଣ୍ଡ କରିଦେଇପାରିଥାନ୍ତା। ଯେଉଁ ସମ୍ପତିରେ ଅଧିକାର ପାଇଁ ସେ ପ୍ରମିଳାକୁ ଧୋକା ଦେଇ ତାକୁ ବହିଷ୍କାର କରିଦେଇପାରିଥାନ୍ତା। କିନ୍ତୁ ସୁଧା ସେସବୁ କିଛି

କଲାନାହିଁ। ତା'ର ଶ୍ୱଶୁର ତାକୁ ବହୁତ ଭଲ ପାଉଥିଲେ। ପୂର୍ବରୁ ଦୁଇଥର ତାଙ୍କୁ ହୃଦ୍‌ଘାତ ହୋଇସାରିଥିଲା। ଫଳରେ ସେ ସବୁବେଳେ ରୋଗଗ୍ରସ୍ତ ରହୁଥିଲେ। ଶେଷରେ ତାଙ୍କ ମୃତ୍ୟୁ ପରେ ଦେବଦତ୍ତ ସବୁପ୍ରକାରର ଭୟମୁକ୍ତ ହୋଇଗଲା ଓ ସୁଧାକୁ କିଛି ବଡ଼ ନିଷ୍ପତ୍ତି ନେବାକୁ ପରିସ୍ଥିତି ବାଧ୍ୟ କରୁଥିଲା। ପିତାଙ୍କ ମୃତ୍ୟୁ ପରେ ଦେବଦତ୍ତ ତା' ଠାରୁ ଅଲଗା ହେବା ପାଇଁ ଚେଷ୍ଟା କରିବାକୁ ଲାଗିଲା। ତେଣୁ ସେ କାହିଁକି ଜବରଦସ୍ତି ତା ସହିତ ଏକାଠି ରହିବ ? ମନରୁ ସେ ତ ସେଦିନ ହିଁ ଦେବଦତ୍ତ ଠାରୁ ଦୂରେଇ ଯାଇଥିଲା ଯେଉଁଦିନ ତାକୁ ଦେବଦତ୍ତର ଧୋକା ବିଷୟରେ ଜଣାପଡିଥିଲା। କେବଳ ଦୁନିଆ ଆଗରେ ଦେଖାଇବା ପାଇଁ ସେ କାହିଁକି ନିଜର ସ୍ୱାମୀଙ୍କ ନାମ ନିଜ ସହିତ ଲଗାଇ ଚାଲିବ ? ଏହିସବୁ କଥା ଭାବି ସେ ଦେବଦତ୍ତର କୌଣସି ଫଇସଲାର ବିରୋଧ କରିନଥିଲା।

କିନ୍ତୁ ତା'ର ଏହି ନିର୍ଣ୍ଣୟକୁ ବାପାଘରେ କିଏ ବି ସମର୍ଥନ କରିନଥିଲେ। ତା'ର ଭାଇର ବିଚାର ଥିଲା କି, ପ୍ରଥମତଃ ସୁଧାକୁ ଛାଡ଼ପତ୍ର ଦେବାର ଦରକାର ନାହିଁ। ତଥାପି ଯଦି ସେ ତାକୁ ଛାଡ଼ପତ୍ର ଦେବାକୁ ଚାହୁଁଛି ତେବେ ଅନ୍ତତଃ ନ୍ୟାୟାଳୟ ଦ୍ୱାରା ସ୍ୱୀକୃତ ଖର୍ଚ୍ଚଟଙ୍କା ତାଠାରୁ ନିଶ୍ଚୟ ନେବା କଥା। ମାତ୍ର ସୁଧାକୁ ତା'ଠାରୁ କିଛିବି ନେବା ପସନ୍ଦ ନଥିଲା। ଯେଉଁ ଲୋକ ସହିତ ତା'ର କୌଣସି ସମ୍ପର୍କ ନାହିଁ, ତା ସହିତ କୌଣସି ପ୍ରକାରର ନେଣଦେଣ ସମ୍ପର୍କକୁ ସେ ମନରେ କାହିଁକି ରଖିବ ? ତା ସହିତ ସେ କଣ ଏତେ ଦୁର୍ବଳ ହୋଇଛି ଯେ ଦେବଦତ୍ତର ଖର୍ଚ୍ଚଟଙ୍କାରେ ନିଜର ସାରାଜୀବନ ବିତାଇବ ?

ଦୁଃଖର ବିଷୟ ଏହା ଥିଲା ଯେ ଏପରି ବିଚାର ତାର ନିଜର ଭାଇର ଥିଲା। ସୁଧା ତାର ଭାଇକୁ ବହୁତ ବିଶ୍ୱାସ କରୁଥିଲା। ପିଲାଦିନରୁ ବିବାହ ପର୍ଯ୍ୟନ୍ତ ତାର ଭାଇ ତାକୁ ସବୁବେଳେ ଭରଷା ଓ ସମର୍ଥନ ଦେଇଆସିଥିଲା। ସୁଧାର ପ୍ରତ୍ୟେକ ଘଟଣାରେ ତାର ଭାଇ ତା' ପାଖରେ ଥିଲା। ସେହି ଭାଇ ଏବେ ଏତେ ବଦଳି ସ୍ୱାର୍ଥପର ହୋଇଯାଇଥିଲା ଯେ ଥରେ ମଧ ସୁଧାର ମନକଥା ବୁଝିବାକୁ ଚେଷ୍ଟା କରିନଥିଲା। ସେ ତ ଛୋଟଝିଅ ନଥିଲା। ତେଣୁ ସେ ବହୁତ ଭଲଭାବରେ ବୁଝିପାରୁଥିଲା ଯେ ଭାଇଭାଉଜଙ୍କ ଏହି ଅବହେଳା ପଛର ଅସଲ କାରଣ ତାଙ୍କ ମନରେ ଥିବା ଗୋଟିଏ ଭୟ ଯେ, ସୁଧା ସାରାଜୀବନ ତାଙ୍କ ଉପରେ ବୋଝ ହୋଇ ରହିବ।

ବୋଝହୋଇ ରହିବା ତାକୁ ନିଜକୁ ପସନ୍ଦ ନଥିଲା। ହଁ, ଏକଥା ସତ ଯେ, ସେ ନିଜ ଭାଇଠାରୁ ଟିକିଏ ସ୍ନେହ ଓ ଆତ୍ମବିଶ୍ୱାସ ପାଇବାର ଆଶା ଅବଶ୍ୟ କରିଥିଲା। କିନ୍ତୁ ଭାଇଠାରୁ ତାକୁ କିଛିବି ମିଳିନଥିଲା। ଫଳରେ ସୁଧାର ସମ୍ବେଦନଶୀଳ ମନକୁ ଗଭୀର ଆଘାତ ଲାଗିଥିଲା ଓ ସେ ସବୁବେଳେ ଚୁପ୍ ରହିବା ଆରମ୍ଭ କରିଦେଲା। ଦିନରାତି ଚୁପ୍ ରହି ସେ କ'ଣ ଭାବୁଥିଲା ନିଜେ ମଧ ଜାଣୁନଥିଲା। ବୋଧହୁଏ, କିଛି ଭାବୁନଥିଲା। କୌଣସି ଖଟାମିଠା କଳ୍ପନା ନାହିଁ, କୌଣସି ଭାବନା ନାହିଁ, କୌଣସି ଇଚ୍ଛା ନାହିଁ। ଚାରିପଟେ ଖାଲି ଶୂନ୍ୟତା ଘେରି ରହିଥିଲା। କିନ୍ତୁ ସେ କୌଣସି ନିର୍ଜୀବ ମୂର୍ତ୍ତି ନଥିଲା। ସେଥିପାଇଁ ବହୁତ ଶୀଘ୍ର ତା'ର ସେହି ଶୂନ୍ୟତା ତା' ମନ ଉପରେ ବୋଝଭଳି ଲଦି ହେବାକୁ ଲାଗିଲା। ସେତେବେଳେ ସେ ଅନୁଭବ କଲା ଓ ଭାବିଲା ଯଦି ଜୀବନରେ ଆତ୍ମସମ୍ମାନର ସହିତ ବଞ୍ଚିବାକୁ ଅଛି ତେବେ ତାକୁ କିଛି କରିକି ଦେଖାଇବାକୁ ପଡ଼ିବ। ସେହି ଆତ୍ମବିଶ୍ୱାସର ସହିତ ସେ ଲୋକସେବା ପରୀକ୍ଷାର ପ୍ରସ୍ତୁତିରେ ଲାଗିପଡ଼ିଲା ଓ ତା' ଫଳ ସ୍ୱରୂପ ଜଲ୍‌ଦି ହିଁ ଶିକ୍ଷାଅଧିକାରୀ ରୂପେ କାର୍ଯ୍ୟରତ ହୋଇଗଲା। ତା'ର ଅସ୍ତିତ୍ୱ ଧୂଳିସାତ ହେବାପୂର୍ବରୁ ଯଦି କିଏ ବଞ୍ଚାଇ ରଖିବାରେ ଟିକିଏ ହେଲେ ସହଯୋଗ କରିଥିଲେ ସେ ଥିଲେ ତା'ର ମାଆ ଯିଏ ବର୍ତ୍ତମାନ ମଧ ତା' ପାଖରେ ହିଁ ଅଛନ୍ତି।

ସନ୍ଧ୍ୟାର ଅନ୍ଧଅନ୍ଧାର ଭିତରେ ଦେବଦତ୍ତ ପୁଣିଥରେ ଆସିଲା। ସୁଧା ସେତେବେଳେ ଆରାମଚୌକିରେ ବସି ମଲ୍ଲୀ, ମାଳତୀ ଫୁଲରେ ଭର୍ତ୍ତି ଗଛମାନଙ୍କୁ ଦେଖୁଥିଲା। ଥଣ୍ଡାପବନ ସହ ବଗିଚାର ବିଭିନ୍ନ ଫୁଲର ବାସନା ତା ମନକୁ ଏବେଯାଏଁ ବହୁତ ହାଲୁକା କରିଦେଇଥିଲା। କିନ୍ତୁ ପୁଣିଥରେ ଦେବଦତ୍ତର ଆଗମନ ଦ୍ୱାରା ତା' ଚାରିପଟର ପରିବେଶ ବହୁତ ଅସ୍ୱାସ୍ଥ୍ୟକର ଓ ଶ୍ୱାସରୋଧକର ହୋଇଗଲା। ସେ ଦେବଦତ୍ତକୁ ନିରେଖି ଦେଖିଲା, ଲାଗିଲା ସମୟଚକ୍ରରେ ପଡି ସେ ବହୁତ ଥକ୍କି ପଡିଛି। ମୁଣ୍ଡର ଚୁଟିସବୁ ପାଚି ଧଳା ହୋଇଯାଇଥିଲା। ସେ ବହୁତ ଦୁର୍ବଳ ଦିଶୁଥିଲା। ତା' ତୁଳନାରେ ସୁଧା ବହୁତ ଅଧିକ ସୁସ୍ଥ ଓ ଖୁସିରେ ଥିବାଭଳି ଲାଗୁଥିଲା। ଅବାନ୍ତର କଥାରେ ନପଡ଼ି ସୁଧା ସିଧାସିଧା ମୁଖ୍ୟ ବିଷୟ ଉପରେ କଥାବାର୍ତ୍ତା ପାଇଁ ତାକୁ ପ୍ରମିଳା କଥା ପଚାରିଲା। ତା'ର ଉତ୍ତର ଶୁଣି ସେ ଆଶ୍ଚର୍ଯ୍ୟଚକିତ ହୋଇଗଲା ଯେ ପ୍ରମିଳାର ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥିଲା।

ସୁଧା ଭାବିଲା, ଏ ପୁରୁଷ କେତେ ସୁବିଧାବାଦୀ ହୋଇଥାନ୍ତି। କାଲିଯାଏଁ ଯେତେବେଳେ ପ୍ରମିଳା ବଞ୍ଚିଥିଲା ସେତେବେଳେ ଏହି ସ୍ୱାର୍ଥପର ପୁରୁଷ ତା' ବିଷୟରେ ଭାବିବା ପାଇଁ ମଧ ଥରେ ଚେଷ୍ଟା କରିନଥିଲା। ଆଜି ତା'ର ମରିଯିବା ସଙ୍ଗେସଙ୍ଗେ ସେ ସୁଧାକୁ ନେବାପାଇଁ ଦୌଡ଼ି ଆସିଥିଲା। ଏସବୁ କଥା ଭାବି ଭାବି ସୁଧାର ମନ ବିରକ୍ତିକର ହୋଇ ଉଠିଲା। ଫଳରେ ସେ ନିର୍ଣ୍ଣୟ ନେବାରେ ଗୋଟିଏ ମୁହୂର୍ତ୍ତ ମଧ ଡେରି କରିନଥିଲା।

ସେ ତାକୁ ସିଧାସିଧା କଥାରେ ମୁହଁ ଉପରେ ସେଠାରୁ ଚାଲିଯିବା ପାଇଁ ଆଦେଶ ଦେଲା। ଦେବଦତ୍ତ ଉଠିଲା ଓ ମୁଣ୍ଡନୁଆଇଁ ଥକ୍କି ପଡିଥିବା ପାଦରେ ଚାଲିଚାଲି ଗେଟ୍ ଆଡକୁ ଅଗ୍ରସର ହେଲା। ସେହି ସମୟରେ ସୁଧା ଦେଖିଲା ତା'ର ବଗିଚାର ଘାସ ଉପରେ ଗୋଟିଏ ବହୁରୂପୀ ଏଣ୍ଡୁଅ ଛଟପଟ ହୋଇ ନିଜର ଶେଷ ନିଶ୍ୱାସ ତ୍ୟାଗ କରୁଛି।

*ପ୍ଲଟ ନ - ୯୫୯/ ୧୦ , ଘର ନ - ୨୧ ,*
*ସମ୍ପିତ ଭିଲା , ଘାଟିକିଆ*
*ଭୁବନେଶ୍ୱର - ୭୫୧୦୨୯*
*ଦୂରଭାଷ: ୯୯୩୭୭୧୩୫୭୯*

# ଜୀବନଟା ଏକ ସ୍ୱପ୍ନ

## ବିଭୂତି ଭୂଷଣ ନନ୍ଦ

ଶୀତ ଦିନର ନରମ ସକାଳ । ପାଖ ଚାଳିଆ ଘରେ ଥିବା ଗଞ୍ଜା କୁକୁଡ଼ାର ରାବରେ ରତି ୪ଟାରୁ ନିଦ ଭାଙ୍ଗିଗଲା । ବିବେକ ବାବୁଙ୍କର । ଶୋଇବାକୁ ଚେଷ୍ଟାକରି ମଧ୍ୟ ଶୋଇ ପାରୁନଥିଲେ । ଶଯ୍ୟାରେ ପଡ଼ିରହି ଅତୀତର ଘଟଣାବଳୀଗୁଡ଼ିକର ସ୍ମୃତି ଚାରଣ କରୁ କରୁ ମନର ନିଭୃତ କୋଣରୁ ମୀନାକ୍ଷୀ ଚାଲି ଆସିଲା । ମୀନାକ୍ଷୀ ଥିଲା ବିବେକ ବାବୁଙ୍କ କଲେଜ ଜୀବନର ବାନ୍ଧବୀ । ତାଙ୍କଠାରୁ ଜୁନିଅର ଭିନ୍ନ ଏକ କଲେଜରେ ପଢୁଥିଲା । ବନ୍ଧୁତା ଭଲ ପାଇବାରେ ପରିଣତ ହୋଇ ଥିଲା । ଉଭୟ ପରସ୍ପରକୁ ଏତେ ଭଲ ପାଉଥିଲେ ଯେ ଛୁଟି ଦିନଗୁଡ଼ିକରେ ଦେଖା ନ ହେବା ଦୁର୍ବିସହ ହୋଇ ପଡୁଥିଲା । ସାଙ୍ଗହୋଇ ରିକ୍ସାରେ ବୁଲିବା, ସିନେମା ଯିବା ନିକାଞ୍ଚନ ସ୍ଥାନରେ ପରସ୍ପର ସହିତ ଘଣ୍ଟା ଘଣ୍ଟା ଗପିବା ଥିଲା ଉଭୟଙ୍କର ଦୈନନ୍ଦିନ କାର୍ଯ୍ୟକ୍ରମ । ଅନୁଭୂତିଗୁଡ଼ିକ ମଧ୍ୟରେ ଗୋଟିଏ ଛୋଟିଆ ମଧୁର ଅଥଚ ତିକ୍ତ ଅନୁଭୂତି ଚାଲି ଆସିଲା ସାମନାକୁ । ଉଦୁଉଦିଆ ଖରାବେଳେ ... ସତ୍ୟବ୍ରତ ଷ୍ଟାଡ଼ିୟମର ଝଙ୍କା ବରଗଛ ତଳେ ବିବେକ କୋଳରେ ମଥାଦେଇ ଘାସ ଉପରେ ଶୋଇଥାଏ ମୀନାକ୍ଷୀ ... ହଠାତ୍ କାହାର ଡ଼ାକରେ ଉଭୟ ଚମକି ପଡ଼ିଲେ ... ଏ ଟୋକା ଯାକୁ କେଉଁଠାରୁ ଉଡ଼େଇକରି ଆଣିଛୁ । ସେ ଲୋକ ପାଟିରୁ କଥା ନ ସରୁଣୁ ବିବେକ ୧୦ ଖଣ୍ଡ ଚକ୍‌ଚକିଆ ୨ ଟଙ୍କିଆ ନୋଟ୍ କାଢ଼ି ତାକୁ ଧରାଇ ଦେଇଥିଲା । ତା'ପରେ ଉଭୟ ତୁରନ୍ତ ସେ ସ୍ଥାନ ତ୍ୟାଗ କରିଥିଲେ । ସିନେମା ହଲ ଅନ୍ଧାର ହେବାପରେ ପଶିବା ଓ ଜାତୀୟ ସଂଗୀତ ବୋଲାହେବା ଆଗରୁ ବାହାରି ଆସିବା ଏହା ତ ଥିଲା ଚିରାଚରିତ ପ୍ରଥା । ଓକିଲାତି ପାଶ କରିବା ପରେ ବିବେକ ବାବୁ ପ୍ରାକ୍‌ଟିସ ଆରମ୍ଭ କଲେ । ମୀନାକ୍ଷୀ ଥିଲା ବନ୍ଧୁତ ସୁନ୍ଦର, ସୁଶିକ୍ଷିତା । ତା' ବାପା ଜଣେ ସରକାରୀ କର୍ମଚାରୀ ଥିଲେ । ବିବେକ ମିନାକ୍ଷୀ ସମ୍ପର୍କ ବିଷୟ ଜାଣିବା ପରେ ସବୁ ମଧ୍ୟବିତ୍ତ ପରିବାରଙ୍କ ପରି ସେ ଉଭୟଙ୍କ ବିବାହ ଜଲ୍‌ଦି ସମ୍ପନ୍ନ କରିବାକୁ ଚାହୁଁଥିଲେ । କାରଣ ସେ ସମୟରେ ୨୧/୨୨ ବର୍ଷ ଛୁଇଁଲେ ମଧ୍ୟବିତ୍ତ ପରିବାର ଗୁଡ଼ିକରେ ପ୍ରାୟତଃ ଝିଅମାନଙ୍କର ବିବାହ ଖୋଜା ପଡୁଥିଲା । ବିବେକ ବାବୁ କିନ୍ତୁ ବିବାହ ପାଇଁ ଅତିକମ୍‌ରେ ପାଞ୍ଚବର୍ଷ ସମୟ ଚାହୁଁଥିଲେ । ସେ ଜାଣିଥିଲେ ଓକିଲାତି ପେଶାରେ ରୋଜଗାରରେ ସ୍ଥିରତା ପାଇଁ ଅତି କମ୍‌ରେ ପାଞ୍ଚ ବର୍ଷ ଦରକାର । ତେଣୁ ପ୍ରଥମତଃ ବିବାହ କରି ଅନ୍ୟମାନଙ୍କ ପାଇଁ ବୋଝ ହେବାକୁ ଚାହୁଁନଥିଲେ । ଦ୍ୱିତୀୟରେ ପେଶା ଆରମ୍ଭରୁ ପାରିବାରିକ ଜୀବନରେ ପଶିଲେ ନା ପରିବାରକୁ ନ୍ୟାୟ ଦେଇପାରିବେ ନା ପେଶାକୁ । ତେଣୁ ବିବେକ ବାବୁ ମିନାକ୍ଷୀକୁ ପରାମର୍ଶ ଦେଇଥିଲେ ଚେଷ୍ଟା କରି ଚାକିରୀରେ ଜଏନ କରିଯିବାକୁ । କିନ୍ତୁ ମିନାକ୍ଷୀ ପରିବାର ଲୋକଙ୍କ ବିରୋଧ ଯୋଗୁଁ ତାହା ସମ୍ଭବ ହୋଇନଥିଲା ଓ ମୀନାକ୍ଷୀର ସହମତୀରେ ଏକ ବ୍ୟାଙ୍କ କର୍ମଚାରୀଙ୍କ ସହିତ ତାର ବିବାହ ସମ୍ପନ୍ନ ହୋଇଥିଲା । ଓଃ କରି ଛୋଟ ଚିତ୍କାରଟିଏ ବାହାରି ଆସିଲା ବିବେକ ବାବୁଙ୍କ ପାଖରୁ ।

ସୁଲତା ଦେବୀ ଆସି କେତେବେଳୁ ବିବେକ ବାବୁଙ୍କ ପାଖରେ ବସିଛନ୍ତି । ତାଙ୍କର ଅନ୍ୟମନସ୍କତା । ଦେଖି ପଚାରିଲେ କ'ଣ ସେଇ ମିନାକ୍ଷୀ କଥା ଭାବୁଥିଲ ତ । ସ୍ମିତହାସ୍ୟ ଦେଇ ବିବେକ ବାବୁ କହିଲେ ନା ସେମିତି କିଛି ନୁହେଁ । ସେତ ଆଉ କାହାର ହୋଇଗଲାଣି, ତଥାପି ଟିକିଏ କାହିଁକି ପୁରୁଣା ସ୍ମୃତିଗୁଡ଼ାକ ମନକୁ ଚାଲିଆସିଲା । ଛାଡ଼ ସେ କଥା ... ଏବେ ମୁଁ ତୁମ କଥା ଭାବୁଛି ... ତୁମ ମୋ କଥା ... ପିଲାମାନଙ୍କ କଥା ... । ତୁମ ସ୍ୱାସ୍ଥ୍ୟ ଭଲ ରହୁନି । ସେଥିରେ ପୁଣି ଆମେ ଦୁଇଜଣ ଏକା । ସୁଲତା ଦେବୀ କହିଲେ ଆମକୁ ଏମିତି କେତେ ବୟସ ହୋଇଗଲାଣି । ଉଭୟତ ସତୁରୀ ଟପିନେ । ଆହୁରି କେତେ କାମ ବାକି ଅଛି । ନାତିମାନଙ୍କର ବ୍ରତଘର, ବିବାହ ଏସବୁ ନିଶ୍ଚୟ ଦେଖିବାନା, ତାଙ୍କର ଏପରି ମଧୁର ଭାଷାର ଦୃଢ଼ କଥା ଗୁଡ଼ାକ ବିବେକ ବାବୁଙ୍କ ମନରେ ଭରିଦେଲା ଅନେକ ଶକ୍ତି, ଆଶା ଓ ବିଶ୍ୱାସ ।

ସେଦିନ ପ୍ରାତଃଭ୍ରମଣରେ ସୁଶାନ୍ତ ବାବୁ ଦେଖା ହୋଇଗଲେ । ଉଭୟଙ୍କ ବନ୍ଧୁତା ପ୍ରାତଃ ଭ୍ରମଣରୁ ହିଁ ଆରମ୍ଭ । ଦୁଇ ମାସପରେ ସୁଶାନ୍ତ ବାବୁଙ୍କ ସହିତ ଦେଖା । କାରଣ ସମ୍ପର୍କରେ ବିବେକ ବାବୁ କିଛି ପଚାରିବା ଆଗରୁ ସୁଶାନ୍ତ ବାବୁ ଅନର୍ଗଳ କହି ଚାଲିଲେ ... ପୁଅ ଘରେ ପୁଣେରେ ହଠାତ୍ ହୃଦ୍‌ଘାତରେ ସ୍ତ୍ରୀ ଚାଲିଗଲେ । ସେ ଚାହୁଁଥିଲେ ପାର୍ଥିବ ଶରୀରଟା କଟକରେ ଥିବା ଘରକୁ ଆସୁ, ଏଇଠି ସତ୍କାର ହେଉ । ପୁଅ ବୋହୂ ଅରାଜି ହେବାରୁ ସେଇଠାରେ ପୁଣେରେ ସତ୍କାର ଓ ଶୁଦ୍ଧିକ୍ରିୟା ସବୁକିଛି ହେଲା । ଏବେ ସେ ଏକା କେମିତି ଚଳିବେ ଭାବି ପାରୁନାହାନ୍ତି । ଚାକିରୀରେ ଥିବାବେଳେ ମାସ ଆରମ୍ଭର ଦରମା ଟଙ୍କାଟା ସ୍ତ୍ରୀଙ୍କୁ ଧରାଇ ଦିଅନ୍ତି । ଯାବତୀୟ ଘର ଖର୍ଚ୍ଚ, ପିଲାଙ୍କ ପାଠପଢ଼ା ବନ୍ଧୁବାନ୍ଧବ କାହାକୁ କ'ଣ ଦିଆହେବ । କେଉଁଠିକି ଯିବେନ ଯିବେ ସବୁ ତାଙ୍କ ସ୍ତ୍ରୀ ସ୍ଥିର କରନ୍ତି । ସେ କେବଳ ଆବଶ୍ୟକ ଅର୍ଥ ଦେବାର ବ୍ୟବସ୍ଥାଟି କରନ୍ତି । ଚାକିରୀରୁ ଅବସର ନେବା ପରେ ବି ସେଇଆ । ଏବେ ସେ ବୁଝିପାରୁ ନାହାନ୍ତି କେମିତି ଏତେବଡ଼ ଦୁନିଆରେ ଆଗକୁ ଚାଲିବେ । ସୁଶାନ୍ତ ବାବୁ ଦୁଃଖରେ ଭାଙ୍ଗିପଡ଼ି କହିଲେ ବିବେକ ବାବୁ ମୁଁ ନିରୁପାୟ । ଏତେ ଜଲଦି ଏସବୁ ଘଟିଯିବ ମୁଁ ଭାବି ପାରିନଥିଲି । ଯଦିଓ ପୁଅବୋହୂ ପୁଣେରେ ତାଙ୍କ ସହିତ ରହିବାକୁ ବାରମ୍ବାର କହିଛନ୍ତି । କିନ୍ତୁ ଏଠି ଏ ଘର ବନ୍ଧୁ, ବାନ୍ଧବ ସାଙ୍ଗ, ସାଥି, କେମିତି କ'ଣ କରିବି ଜାଣିପାରୁନି । ତାଙ୍କର ଏ ଦୁଃଖ ଓ ବ୍ୟସ୍ତତା ବିବେକ ବାବୁ ବୁଝି ପାରୁଥିଲେ । ଆଶ୍ୱାସନା ଦେବାକୁ ଯାଇ କହିଲେ ଯେତେବେଳେ ଯେଉଁ ପରିସ୍ଥିତି ଆସିବ ଆମକୁ ଭାଙ୍ଗି ନ ପଡ଼ି ସାମନା କରିବାକୁ ପଡ଼ିବ । ଦୁଇ ଜଣଙ୍କ ଭିତରୁ କେହିବି ଜଣେ ଆଗେଯିବ । ଅନ୍ୟଜଣଙ୍କୁ ସେ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ ।

ବିବେକ ବାବୁ ସିନା ଏତେ କଥା ସୁଶାନ୍ତ ବାବୁଙ୍କୁ ବୁଝାଇ କହିଦେଲେ, କିନ୍ତୁ ପରକ୍ଷଣରେ ଭାବିଲେ ଯଦି ମୋ କ୍ଷେତ୍ରରେ ଏଇଆ ହୁଏ ତା'ହେଲେ କ'ଣ କରିବି । ମୀନାକ୍ଷୀକୁ ସିନା ନିଜର ଭୁଲ ପାଇଁ ହରାଇଥିଲେ, କିନ୍ତୁ ସୁଲତାଙ୍କୁ ହରାଇବେ ଏ କଥା ସ୍ୱପ୍ନରେ ସୁଦ୍ଧା ସେ ଭାବି ପାରୁନାହାନ୍ତି । ସକାଳୁ

## ସମାରୋହ

ସକାଳୁ ଏମିତି ଗୁଡ଼ାଏ ଅତୀତ । ବର୍ତ୍ତମାନ ଭବିଷ୍ୟତ ଚିନ୍ତାରେ ମନଟା ଖାଲି ଗୋଳେଇ ଘାଣ୍ଟି ହେଉଥାଏ । କୋର୍ଟର ଯେହେତୁ ଶୀତକାଳୀନ ଅବକାଶ ସବୁ ନିତ୍ୟ ନୈମିତିକ କାମ ଢ଼େରି ଢ଼େରିରେ ଚାଲିଥାଏ । ପରିବା, ଆମିଷ ବ୍ୟାଗ ସୁଲତା ଦେବୀଙ୍କ ହାତକୁ ବଢ଼ାଇଦେଇ କଫି କପ୍‌ର ବରାଦ କରି ସାମନା ବାରଣ୍ଡାରେ ପଡ଼ିଥିବା ଚୌକିରେ ବସିପଡ଼ିଲେ ବିବେକ ବାବୁ ।

କିଛି ସମୟ ଅନ୍ତରରେ କଫି କପ୍‌ଟି ବିବେକ ବାବୁଙ୍କ ହାତକୁ ବଢ଼ାଇଦେଇ ତାଙ୍କ ପାଖରେ ବସିପଡ଼ିଲେ ସୁଲତା ଦେବୀ । ସ୍ୱଳ୍ପ ସମୟର ନୀରବତା ଭଙ୍ଗକରି ବିବେକ ବାବୁ କହିଲେ ... ଜାଣିଛି ସୁଶାନ୍ତ ବାବୁଙ୍କ ପତ୍ନୀ ହୃଦ୍‌ଘାତରେ ହଠାତ୍ ଚାଲିଗଲେ । ଉଭୟ ବୁଲିବା ପାଇଁ ପୁଅ ବୋହୂଙ୍କ ପାଖକୁ ପୁଣେ ଯାଇଥିଲେ । ସୁଶାନ୍ତ ବାବୁଙ୍କ ଅନିଚ୍ଛାସତ୍ତ୍ୱେ ସେଇଠାରେ ସତ୍କାର ଓ ସୁଧଘର ସବୁ କିଛି ହେଲା । ମୃତ୍ୟୁ ପରେ ପାର୍ଥିବ ଶରୀରଟା ଟିକିଏ ନିଜ ଘରକୁ ଆସିପାରିଲା ନାହିଁ ବୋଲି ମନ ଖରାପ କରୁଥିଲେ । ଛୋଟିଆ ହସଟିଏ ହସି ସୁଲତା ଦେବୀ କହିଲେ ଏହା ନିଶ୍ଚୟ ଦୁଃଖର କଥା । କିନ୍ତୁ ଏହାତ ସମସ୍ତଙ୍କ ଜୀବନରେ ଦିନେ ଆସିବ । ତୁମେ ମୀନାକ୍ଷୀ ଠାରୁ ଅଲଗା ହେବା ଥିଲା ମନୁଷ୍ୟକୃତ । ସେଥିରେ ତୁମ ଉଭୟଙ୍କର କିଛି କିଛି ଭୁଲ ଥିଲା । କିନ୍ତୁ ସ୍ୱାମୀ ସ୍ତ୍ରୀ ଭିତରୁ କିଏ ଆଗଯିବ, ତାହା ଦଇବକୁ ଜଣା । ତେଣୁ ସେ ଚିନ୍ତା ଛାଡ଼ । ଦୁଇଟା ଅନ୍ ଲାଇନ୍ ଟିକେଟ ଆଇନକସ୍‌ରେ ବୁକ୍ କର । ଗୋଟିଏ ଭଲ ଓଡ଼ିଆ ସିନେମା ପଡ଼ିଛି । "ଜଗନ୍ନାଥଙ୍କର ନବ କଳେବର" । ଆଜି ରାତିରେ ରୋଷଇେ ବନ୍ଦ । ମୁଁ ରୋଷେଇଆକୁ ଛୁଟିଦେଇ ଦେଇଛି । ହୋଟେଲରେ ଖାଇବା ତୁମର ତ କୋର୍ଟ ଛୁଟି । ମୁଁ ଅବସରପ୍ରାପ୍ତ କର୍ମଚାରୀ । ମୋର ଛୁଟି ହିଁ ଛୁଟି । ପ୍ରୋଗ୍ରାମ କର ଦୁହେଁ ମିଶି କୁଆଡ଼େ ବୁଲିଯିବା । ବାକିତକ ଜୀବନ ଉପଭୋଗ କରିବା ... କାରଣ ଜୀବନଟା ଏକ ସ୍ୱପ୍ନ । ଯାହାର ଆରମ୍ଭ ଓ ଶେଷ ଈଶ୍ୱରଙ୍କ ହାତରେ ।

*ଗଣ୍ଡରପୁର, କଟକ-୩*


**ପ୍ରକାଶ ପାଇଲା !** **ପ୍ରକାଶ ପାଇଲା !** **ପ୍ରକାଶ ପାଇଲା !**



# ଅନ୍ତିମ ବ୍ୟାଧି

## ଡାକ୍ତର ଶ୍ରୀପ୍ରସାଦ ମହାନ୍ତି

ଅନ୍ତିମ ବ୍ୟାଧି ବିଷୟରେ ଭାବୁଥିଲା ଓ ଚିନ୍ତାରେ ପଡ଼ିଯାଇଥିଲା ଆଲୋକ।

ଅନେକ ଲୋକ ଜୀବନ ହାରିବାବେଳକୁ ଛୋଟ ଛୋଟ ରୋଗରେ ପଡ଼ନ୍ତି। ସେଇଟା କିନ୍ତୁ ଅନ୍ତିମବ୍ୟାଧି ନୁହେଁ। ସେଠି ମୂଳକଥା ହେଉଛି ବାର୍ଦ୍ଧକ୍ୟ ଜନିତ ସ୍ୱାସ୍ଥ୍ୟବସ୍ଥା। ଏମିତି ଦୁର୍ବଳ ଅବସ୍ଥା ହେତୁ ଛୋଟମୋଟ ରୋଗ ବି ଘାତକ ସାଜନ୍ତି। ତେବେ କେତେକ ରୋଗ ଅଛି, ଯାହା ଯେଉଁ ବୟସରେ ବି ହୋଇପାରେ, ଯାହାର ଭଲ ହେବା ଭଳି ଚିକିତ୍ସା ନାହିଁ ଏବଂ ମୃତ୍ୟୁକୁ ଆଖି ଆଗରେ ଦେଖି ହେଉଥିବ। ଅନେକଙ୍କ ମତରେ ଯେଉଁଠି ଦୁଇବର୍ଷ ଭିତରେ ମୃତ୍ୟୁ ଅବଶ୍ୟମ୍ଭାବୀ ତାହା ହିଁ ଅନ୍ତିମ ବ୍ୟାଧି।

ଆଲୋକ ଅନ୍ତିମ ବ୍ୟାଧି ବିଷୟରେ ତଥ୍ୟ ଖୋଜି ଚାଲିଥିଲା, ଭାବି ଚାଲିଥିଲା ଓ ଅଧିକରୁ ଅଧିକ ଚିନ୍ତାରେ ପଡ଼ିଯାଉଥିଲା। କାରଣ ଡାକ୍ତରୀ ଚିକିତ୍ସାରେ କୌଣସି ଗାଣିତିକ ସୂତ୍ର କିମ୍ବା ଜ୍ୟୋତିଷ ତଥ୍ୟ ନାହିଁ ଯେ ଏମିତି କଳନା କରି କହି ହେବ, କିଏ ଦୁଇ ବର୍ଷ ଅବଧିର ଆୟୁଷ ଟପିବ କି ନାହିଁ। ହୃଦ୍‌ରୋଗ ଭୋଗୁଥିବା ଲୋକଟିଏ ହୁଏତ ବର୍ଷ ବର୍ଷ ବଞ୍ଚିପାରେ କିମ୍ବା ସହସା ମରିଯାଇପାରେ। ଏତେ ବେଶୀ ନାଟକୀୟ ଯବନିକା ନଥିଲେ ବି ବୃକ୍‌କ ରୋଗ, ଯକୃତ ରୋଗ, ଫୁସ୍‌ଫୁସ୍ ରୋଗ କି କର୍କଟ ଆଦିରେ ବି ଆୟୁକାଳ କଳିବା ଏତେ ସହଜ ନୁହେଁ।

ଅନ୍ତିମ ବ୍ୟାଧି ବିଷୟରେ ମତଦେବା ପାଇଁ ଗୋଟିଏ ଚିକିତ୍ସକ ଦଳ ଗଠନ କରାଯାଇଥିଲା ଓ ଆଲୋକ ସେଥିର ଜଣେ ସଦସ୍ୟ ଥିଲା। ଯଦି ନିଜର, ସ୍ୱାମୀ କି ସ୍ତ୍ରୀର ଅଥବା ସନ୍ତାନ କାହାରି ଅନ୍ତିମ ବ୍ୟାଧି ଥାଏ। ତା'ହେଲେ ଜଣେ ନିଜର ସୁବିଧାଜନକ ସ୍ଥାନକୁ ବଦଳି ହୋଇପାରିବ। ଶହ ଶହ ଆଶାୟୀ ପ୍ରାର୍ଥୀ। ସମସ୍ତଙ୍କ ହାତରେ କିଛି କିଛି ଡାକ୍ତରୀ ଚିଠା। ସମସ୍ତଙ୍କ ଆଖିରେ ଆଶା। ନିଜ ନିଜର ଡାକ୍ତରୀ ଚିଠାକୁ ଧରି ଅଧିକାଂଶ ନିଜକୁ ହକ୍‌ଦାର୍ ମଣୁଥିଲେ। କେହି କେହି ମନେକରୁଥିଲେ, ଆବଶ୍ୟକୀୟ ତଥ୍ୟ ସେମାନେ ଦାଖଲ କରିସାରିଛନ୍ତି ଓ ଡାକ୍ତରୀ ବୋର୍ଡ଼ର ଅନୁମୋଦନ ଖାଲି ଏକ ଔପଚାରିକତା। ଆଉ କେହି କେହି ଏତେ ନିଶ୍ଚିତ ନ ଥିଲେ, ଅଥଚ ଭାବୁଥିଲେ ଯେ ଡାକ୍ତରଙ୍କର ସାମାନ୍ୟ ସହୃଦୟତା ତାଙ୍କ କାମକୁ ସୁଗମ କରିଦେବ। ଏଇଠୁ ସକାରାତ୍ମକ ସୁପାରିଶ ପାଇଲେ ତାଙ୍କର ବଦଳି ହୋଇଯିବ। ସେମାନଙ୍କର ଆଖିରୁ, ଓଠରେ ଓ ଶବ୍ଦ ସବୁରେ ଅନୁନୟ ଓ ଅନୁରୋଧ ଝରିପଡୁଥିଲେ।

ଆଲୋକ ଜାଣିଥିଲା, ତା'ର କ୍ଷମତା ସୀମିତ। ହେଲେ ସମସ୍ତେ ନିଜ ନିଜ ପାଇଁ ଛୋଟ "ହଁ ଟି ଆଶା କରୁଥିଲେ। ବହୁଦୂରରୁ ଆସିଥିବା କ୍ଳାନ୍ତ ମୁହଁ, ଆଶା ଭରା ମୁହଁ କିମ୍ବା ଅନୁନୟ ବୋଳା ମୁହଁ ଯେତେ ଦେଖୁ ଦେଖୁ ଆଲୋକ ଆବେଗ ପ୍ରବଣ ହୋଇଯାଉଥିଲା। ସିଏ ଜାଣୁଥିଲା, ଏଇ ପ୍ରତ୍ୟେକ ମୁହଁ ପଛରେ ଗୋଟେ ଗୋଟେ କାହାଣୀ ଅଛି – ହୁଏତ ଯନ୍ତ୍ରଣା କ୍ଳିଷ୍ଟ କାହାଣୀ କିମ୍ବା ବାଧ୍ୟବାଧକତାର କାହାଣୀ। ତାର ସାଧ୍ୟ ଥିଲେ ସିଏ ସମସ୍ତଙ୍କ ପାଇଁ ସୁପାରିଶ କରିଦିଅନ୍ତା ! ମାତ୍ର ତାହା ସମ୍ଭବ ନଥିଲା। ସିଏ ଜାଣିଥିଲା, ଗତଥର ଏଠାରୁ ସୁପାରିଶ କରାଯାଇଥିବା ପଚାଶରୁ ଅଧିକ ପ୍ରାର୍ଥୀଙ୍କ ମଧ୍ୟରୁ ଖାଲି ପାଞ୍ଚ ଦଶ ଲକ୍ଷ୍ୟ ହାସଲ କରିଥିଲେ। ସେମାନଙ୍କୁ ବାଛିବା ପାଇଁ ଆଉ ଏକ ଉଚ୍ଚତର କମିଟି ଗଠନ କରାଯାଇଥିଲା। ଏଥରକ ତାଗିଦ୍ କରାଯାଇଥିଲା, ଗତଥର ଭଳି ଅଯଥା ସୁପାରିଶ ନ କରିବା ପାଇଁ।

ନିଜର କାଗଜପତ୍ର ଯାଞ୍ଚ୍ କରାଇବା ପରେ ପ୍ରାର୍ଥୀ କେବେକେବେ ପଚାରୁଥିଲେ, "ମୋର ହୋଇଯିବ ତ" ? ସେତେବେଳେ ଆଲୋକ ତାଙ୍କ ମୁହଁକୁ ଅନାଇବାକୁ ଭୟ କରୁଥିଲା। ଚୌକିଛାଡ଼ି କୁଆଡ଼େ ନାଇଁ କୁଆଡ଼େ ପଳାଇବାକୁ ଇଚ୍ଛା କରୁଥିଲା, ଯେଉଁଟାକି ଆଦୌ ସମ୍ଭବ ନଥିଲା। ନିଜକୁ ପୁଣି ସମ୍ଭାଳୁଥିଲା। ଆବେଗକୁ ନିୟନ୍ତ୍ରଣ କରୁଥିଲା। ଯାନ୍ତ୍ରିକ ଭାବେ କାମ କରିଯିବାର ଚେଷ୍ଟା କରୁଥିଲା। ତେବେ ଯେତେ ବେଶୀ ଯାନ୍ତ୍ରିକ ହେବାର ଚେଷ୍ଟା କଲେ ବି କେତୋଟି ଚରିତ୍ର ତାକୁ ବିବ୍ରତ କରୁଥିଲେ। ତା'ର ମନକୁ ଆବୋରି ବସିଥିଲେ ଓ ନିଛାଟିଆ ସମୟରେ ଆଲୋକଙ୍କୁ ଅକ୍ତାମାକ୍ତା କରିଦେଉଥିଲେ।

### (ପ୍ରଥମ ଚରିତ୍ର)

ଆଲୋକର ସହପାଠୀ ଓ ସହକର୍ମୀ ଜଣେ ସକାଳୁ ସକାଳୁ ଫୋନ୍ କରି ତାକୁ ଭେଟିବାକୁ ଚାହିଁଲେ। ସେ ଅସମ୍ମତ ହେବାର କାରଣ ନଥିଲା। ତେବେ ଯେହେତୁ ସିଏ ଫୋନ୍‌ରେ ନ କହି ଘରକୁ ଆସି ଆଲୋକଙ୍କୁ କହିବାକୁ ଚାହିଁଲେ, ଭାବିବାକୁ ପଡ଼ିଲା କଥାଟି ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି।

ତାଙ୍କ ଘର ପାଖର ଲୋକଟିଏ। ସବୁବେଳେ ଛୋଟ ମୋଟ କାମରେ ସାହାଯ୍ୟ କରେ। ଛୋଟ ଅସ୍ଥାୟୀ ଚାକିରୀଟିଏ କରିଛି। ତା'ର ସ୍ତ୍ରୀ ଶିକ୍ଷୟିତ୍ରୀ। ବେଶ ଦୂରରେ ତାଙ୍କର ସ୍କୁଲ। ରାତି ତିନିଟାରୁ ଉଠି ନିଜ କାମ ଓ ରୋଷେଇ ସାରିବାକୁ ହୁଏ। ତା'ପରେ ଟ୍ରେନ୍ ଧରିବାକୁ ପଡ଼ିବ। ସାତ କିଲୋମିଟର ଦୂରରେ ଷ୍ଟେସନ୍। ସ୍ୱାମୀ ଛାଡ଼ିଦିଅନ୍ତି। ସେଇଠୁ ଅଢ଼େଇ ଘଣ୍ଟାର ଟ୍ରେନ୍ ଯାତ୍ରା। ସେଇଠୁ ପୁଣି ବେଶ୍ କିଛି ବାଟ ଚାଲିବା ପରେ ସ୍କୁଲ୍ ପଡ଼େ। ସ୍କୁଲରେ ପାଠ ପଢ଼ାଇବାକୁ ହେବ। ପାଞ୍ଚଟା ପରେ ପୁଣି ଓଲଟା କ୍ରମରେ ଯାତ୍ରା ଜଞ୍ଜାଳ।

ସ୍ୱାମୀ ସବୁକାମରେ ସହଯୋଗ କରୁଥିଲେ। ହେଲେ, ସମସ୍ୟା ତୁଟୁ ନ ଥିଲା। ନିଜର ଛୋଟ ଛୋଟ ପିଲା ଦୁହିଁଙ୍କୁ ଛାଡ଼ି ଏମିତି ଚାଲିଯିବାକୁ ପଡୁଥିବାରୁ ମା' ମନ ଛଟପଟ ହେଉଥିଲା। ପୁଣି ସ୍କୁଲ୍‌ରେ ପାଠ ପଢ଼ାଇବାଟା ଏକ ପ୍ରକାରର ବାଧ୍ୟବାଧକତା ପାଲଟି ଯାଉଥିଲା। କାହାର ପରାମର୍ଶରେ ଶିକ୍ଷୟିତ୍ରୀ ଜଣକ ଗୋଟେ ଡାକ୍ତରୀ ପ୍ରମାଣ ପତ୍ର ଯୋଗାଡ଼ କରିଥିଲେ ଓ ବଦଳି ପାଇଁ ଆବେଦନ କରିଥିଲେ। ଆଲୋକ ଡାକ୍ତରୀବୋର୍ଡ଼ରେ ଅଛି ବୋଲି ଜାଣିବା ପରେ ତା'ର ବନ୍ଧୁ ଜଣଙ୍କର ଆଶା ବଢ଼ି ଯାଇଥିଲା। ଆଲୋକ ବିଚାରୀ ଶିକ୍ଷୟିତ୍ରୀଙ୍କର କଷ୍ଟକର ଜୀବନଶୈଳୀ ଅନୁମାନ କରିପାରୁଥିଲା। ହେଲେ ତା'ର କ୍ଷମତା ଥିଲା

ସୀମିତ। ସେଇ ମର୍ମରେ ତା'ର ବନ୍ଧୁଙ୍କୁ ବୁଝାଇବାକୁ ଚେଷ୍ଟା କଲା।

ବନ୍ଧୁଜଣକ କହିଲେ, "ଏଥିପାଇଁ ଯାହା ଖର୍ଚ୍ଚ ହେଲେ ବି ସିଏ ଦେବ। ମୁଁ ବନ୍ଧା ରହିଲି। ନ ହେଲେ, ମୁଁ ନିଜେ ଦେବି।"

ଆଲୋକ ଆଉଥରେ ବୁଝାଇବାର ଚେଷ୍ଟା କଲା। ହେଲେ, ବନ୍ଧୁ ତାକୁ ବିଶ୍ୱାସ ତାକୁ କରୁନଥିଲେ।

## (ଦ୍ୱିତୀୟ ଚରିତ୍ର)

ଆଲୋକ ତାଙ୍କ ସଂଘର ଅତିଥି ଭବନରେ ରହୁଥିଲା। ତତ୍ତ୍ୱାବଧାରକ ଆସି କହିଲେ, "କେହି ଜଣେ ମହିଳା ଦେଖା କରିବାକୁ ଆସିଛନ୍ତି।"

ଆଲୋକ ସଙ୍ଗେ ସଙ୍ଗେ ଡାକ୍ତରୀ ବୈଠକରୁ ଫେରିଥିଲା। ଭଦ୍ରମହିଳାଙ୍କୁ ସେଠି ଦେଖିଥିଲା। ଦେଖୁ ଦେଖୁ ଜାଣିପାରିଲା।

ଜଣେ ଡାକ୍ତରଙ୍କର ଭଉଣୀ ଥିଲେ ସିଏ। ସ୍ୱାମୀଙ୍କୁ ଚାରି ବର୍ଷ ତଳେ କୋଭିଡ୍ ହୋଇଥିଲା। ସେତିକିବେଳେ ତାଙ୍କର ବେସରକାରୀ ଚାକିରୀଟି ଚାଲିଗଲା। ଭଦ୍ରମହିଳାଙ୍କର ଚାକିରୀ ତିନି ଶହ କିଲୋମିଟର ଦୂରରେ। ଘରେ ଶଯ୍ୟାଶାୟୀ ଶାଶୂ-ଶ୍ୱଶୁର। ସ୍ୱାମୀ ସେ ଦୁହିଁଙ୍କ କଥା ବୁଝନ୍ତି। ପୁଅ-ଝିଅ ଦୁହେଁ ବି ତାଙ୍କ ପାଖରେ ରୁହନ୍ତି। ଭଦ୍ରମହିଳାଙ୍କର ଅଣ୍ଟା ବଥା। ସବୁବେଳେ ଯିବା ଆସିବା କରିପାରିନ୍ତିନି। ସ୍ୱାମୀ ବି ତାଙ୍କ ପାଖକୁ ଆସିବା ଅବସ୍ଥାରେ ନ ଥା'ନ୍ତି। ଗାଁ ଘର ଓ ତାଙ୍କର ଅଳ୍ପ କିଛି ଜମିବାଡ଼ିକୁ ଆଡ଼େଇବାକୁ ହେଉଥାଏ।

ଭଦ୍ର ମହିଳାଙ୍କର ମଧୁମେହ ଓ ଉଚ୍ଚ ରକ୍ତଚାପ ଥିଲା। ଘରର ଚିନ୍ତା ମାଡ଼ି ପଡୁଥାଏ। ରୋଗ ବଢ଼ାଉଥାଏ। ଏଣେ ଅଣ୍ଟାବଥା ହେତୁ ଘରକାମ ତୁଲାଇବାରେ ବାଧା ଆସୁଥାଏ। ତେଣୁ ସିଏ ବି ଡାକ୍ତରୀ କାରଣରୁ ବଦଳି ହେବାର ଚେଷ୍ଟା କରୁଥିଲେ ଓ ଆଲୋକକୁ ସେଇମର୍ମରେ ଅନୁରୋଧ କରିବାକୁ ଆସିଥିଲେ।

ଆଲୋକ ତା'ର ସୀମାବଦ୍ଧତା ବୁଝାଇବାର ଚେଷ୍ଟା କଲା। ସିଏ କହିଲେ, "ମୁଁ ଜାଣିବାରେ ରୋଗ ନ ଥାଇ ବି ଲୋକମାନେ ସୁପାରିଶ କରାଇ ନେଇଛନ୍ତି। ମୋର ରୋଗ ଅଛି। ଆହୁରି ବି ଦେଖନ୍ତୁ, ମୋ' ଉପରେ କେତେ ଜଣଙ୍କର ବୋଝ।"

ଆଲୋକ ମନେ ମନେ ଚିନ୍ତା କରୁଥିଲା, କେଉଁ ମର୍ମରେ କଥା କହିବା ଏବେ ଠିକ୍ ହେବ–ସତ କଥା ନା ମିଛ ଭରସା?

## (ତୃତୀୟ ଚରିତ୍ର)

ଉଚ୍ଚ ପଦାଧିକାରୀ ଜଣେ ଆଲୋକଙ୍କୁ ଫୋନ୍ କରିଥିଲେ ତାଙ୍କର ନିକଟ ସମ୍ପର୍କୀୟ ଜଣକ ସକାଶେ ସକାରାତ୍ମକ ସୁପାରିଶ ପାଇଁ ଆଲୋକ କହିଲା, "ଚେଷ୍ଟା କରିବି।"

–"ଆପଣ ଜାଣିଥିବେ ଯେ ଗତବର୍ଷ ଆପଣଙ୍କର କମିଟି ଯେଉଁ ସୁପାରିଶ କରିଥିଲା, ସେଥିରୁ ଅଧିକାଂଶଙ୍କର ନାକଚ ହୋଇଗଲା। ଟିକେ ଭଲ ଭାବରେ ଦେଖିବେ।"

ଆଲେକ ଚିନ୍ତାରେ ବୁଡିଗଲା। ଗତବର୍ଷ ହୁଏତ ଏଇଭଳି ଅନେକ ଅନୁରୋଧ ଆସିଥିବ, ଆଉ ସେଇ ସବୁ ପାଇଁ ସୁପାରିଶ କରାଯାଇଥିଲା। ଏ ବର୍ଷ ବି ସେମିତି କଲେ, ଅଧିକାଂଶ ନାକଚ ହେବାର ସମ୍ଭାବନା ରହିବ। କିନ୍ତୁ ସବୁଯାକ ବଦଳି କ'ଣ ଖାଲି ଡାକ୍ତରୀ ରିପୋର୍ଟର ଅଧାରରେ କରାଯାଉଛି ? ନିଜେ ଯେତେବେଳେ ଉଚ୍ଚପଦରେ ଅଛନ୍ତି, ନିଜର ସମାସ୍କନ୍ଦ କାହାକୁ କହି କ'ଣ ବଦଳିକରାଇ ପାରିବେନି ?

## (ଚତୁର୍ଥ ଚରିତ୍ର)

ଜଣଙ୍କର ସ୍ୱାମୀ ମରିଯାଇଥିଲେ। ଘରେ ମାନସିକ ବିକଳାଙ୍ଗ ପୁଅ ଆଉ ଅଶୀ ବର୍ଷର ଶାଶୂ। ପୁଅର ରୋଗ ସମ୍ପର୍କୀୟ ସବୁ କାଗଜପତ୍ର ପାଖରେ ଥିଲା। ହେଲେ ପୁଅକୁ ଆଣିପାରି ନଥିଲେ। ପୁଅ ଅବୁଝା ଥିଲା। ପୁଣି ଗାଡ଼ିରେ ଦୂରକୁ ଯିବା-ଆସିବା କଲେ ଅପସ୍ମାର ବାଦ ବାହାରୁଥିଲା।

ଆଲେକ ସହିତ ବସିଥିବା ସହକର୍ମୀ କହିଲେ, "ପୁଅକୁ ଆଣିବାକୁ ହେବ।"

ଆଲୋକ ଆଉଥରେ କାଗଜ ପତ୍ର ଦେଖିଲା। ସବୁ ଠିକ୍ ଥିଲା। ପୁଅର ବିକଳାଙ୍ଗ ପ୍ରମାଣ ପତ୍ର ବି ମିଳିଲା। ଭଦ୍ରମହିଳାଙ୍କ ଭାବଭଙ୍ଗୀ ଓ ଚାହାଣିକୁ ଆଲେକ ଅବିଶ୍ୱାସ କରିପାରୁନଥିଲା। ତାଙ୍କ ସାହାଯ୍ୟ କରିବାକୁ ଚାହୁଁଥିଲା। ତା'ର ମନୋଭାବ ବୁଝିପାରି ସହକର୍ମୀ ଜଣକ କହିଲେ, "ପୁଅ ଜୀବିତ ନା ମୃତ ଆମେ ଜାଣିବା କେମିତି? ଜଣେ ବଦଳି ପାଇଁ ଆମକୁ ଭୁଲେଇ ଦେଇପାରେ।"

ଆଲୋକ ସାହାଯ୍ୟ କରିବାର ବାଟ ଖୋଜୁଥିଲା। ଭଦ୍ର ମହଳାଙ୍କୁ ଅନୁରୋଧ କଲା ଘରକୁ ଭିଡ଼ିଓ କଲ୍ କରିବାକୁ। ସେଇଥିରୁ ଶାଶୂ, ପୁଅ ଓ ଘର ବିଷୟରେ ସବିଶେଷ ଧାରଣା ପାଇପାରିଲା। ଭାଗ୍ୟଙ୍କୁ ସହକର୍ମୀ ବି ସହମତି ହେଲେ। ଭଦ୍ରମହିଳା ଜଣକ ଖୁସିରେ କାନ୍ଦି ପକାଇଲେ।

ଆଲୋକ ଲେଖିବାକୁ ଆରମ୍ଭ କଲାବେଳେ ଆଉ ଉଠିଆସି ତାକୁ ଘେରିଗଲେ ଓ କହିଲେ, "ଏଇଠା ନିୟମର ଉଲ୍ଲଙ୍ଘନ।"

ଆଲୋକ ତାଙ୍କର ପାରିବାରିକ ସ୍ଥିତି ବର୍ଣ୍ଣନା କରି ଅନ୍ୟମାନଙ୍କ ମନରେ ସମବେଦନା ଆଣିବାକୁ ଚାଲିଲା, ହେଲେ, କାହାର ବି କାଣିଚାଏ କରୁଣା ନ ଥିଲା। ଆଲେକ ଭାବିଲା, "ଏଇଟା କ'ଣ ଗୋଟେ ଯୁଦ୍ଧକ୍ଷେତ୍ର, ଆଉ ସମସ୍ତେ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ?"

## (ପଞ୍ଚମ ଚରିତ୍ର)

ଜଣେ ଆବେଦନକାରୀ ମିଛ ପ୍ରମାଣ ପତ୍ର ଆଣିଥିଲେ। ଆଲୋକ ଜାଣିପାରିଲା ଓ ତାଙ୍କୁ ସେଇକଥା ଜଣାଇଦେଲା। ରୋକଠୋକ ଭାବରେ ସିଏ ଆଲୋକକୁ ଜବାବ ଦେଲେ, "କେଉଁ ବଡ଼ବଡ଼ିଆଙ୍କ ସମ୍ପର୍କୀୟକୁ ଆପଣ ଏମିତି କଥା କହିପାରିଥାନ୍ତେ?"

## (ଷଷ୍ଠ ଚରିତ୍ର)

ଜଣେ ଅଳ୍ପ ବୟସର ମହିଳା। ଚାରିମାସ ତଳୁ ତାଙ୍କର ସ୍ତନକର୍କଟ ଚିହ୍ନଟ କରାଯାଇଥିଲା। ସେ ଅନିୟମିତ ଭାବେ ଚିକିତ୍ସା କରାଉଥିଲେ ଓ ଏଣୁ ତେଣୁ ଔଷଧ ଖାଉଥିଲେ। ଆଲୋକକୁ ଭଲ ଲାଗିଲାନି। ତା' ପାଟିରୁ ବାହାରିଗଲା, "ଆପଣ ଶିକ୍ଷିତ ଲୋକ। ଚାରିମାସ ସମୟ ନଷ୍ଟ କଲେ କାହିଁକି? ସ୍ତନକର୍କଟ ମୂଳରୁ ଚିକିତ୍ସା କଲେ ସମ୍ପୂର୍ଣ୍ଣ ଭଲ ହୁଏ। ଡେରିରେ ଚିକିତ୍ସା କଲେ ସେଭଳି ସୁଫଳ ମିଳିନପାରେ।"

କରିଦେଇସାରି ଆଲୋକ ଭଦ୍ରମହିଳାଙ୍କ ମୁହଁକୁ ଅନାଇବା ବେଳେ ଅପ୍ରସ୍ତୁତ ହୋଇଗଲା। ପରିସ୍ଥିତି ଏଡ଼ାଇବାକୁ ତାଙ୍କ ସ୍ୱାମୀଙ୍କୁ ଖୋଜିଲା। ହେଲେ ସ୍ୱାମୀ ଆସି ନ ଥିଲେ। ତାଙ୍କ ଛୁଟି ମିଳିଲାନି। ତାଙ୍କର ବେସରକାରୀ ସଂସ୍ଥାରେ ଚାକିରୀ। ସ୍ୱାମୀଙ୍କ ମା'ଙ୍କର ବି କର୍କଟରୋଗ ଚିହ୍ନଟ ହୋଇଥିଲା। ଭଦ୍ରମହିଳାଙ୍କ ବାପା ଓ ଶ୍ୱଶୁର ମରିଯାଇଥିଲେ। ଭାଇମାନେ ବିଦେଶରେ। ତାଙ୍କ ମା'ଙ୍କର ମାନସିକରୋଗ ଓ ସେ ବି ଝିଅ-ଜ୍ୱାଇଁଙ୍କ ସହ ରହୁଥିଲେ।

ଆଲୋକର ଦୟା ହେଲା। ତଥାପି ଭଦ୍ରମହିଳାଙ୍କ ଚିକିତ୍ସାରେ ଅବହେଳାରୁ ସହଜରେ ଗ୍ରହଣ କରିପାରିଲାନି। ସେଇ ମର୍ମରେ ତାଙ୍କ ସ୍ୱାମୀଙ୍କ ବିରୁଦ୍ଧରେ କିଛି କହିପକାଇଲା।

ଭଦ୍ରମହିଳା କାନ୍ଦି ପକାଇଲେ। ସ୍ୱାମୀଙ୍କୁ ନିଜର ରୋଗ କଥା ଜଣାଇନଥିଲେ। ଚାରିମାସ ହେଲା ତାଙ୍କୁ ଏଡ଼ାଇ ଆସୁଥିଲେ। ଆଲୋକକୁ ପଚାରିଲେ,

"ସିଏ କାହା ରୋଗ କଥା ବୁଝିବେ? ଏଣେ ଅନିୟମିତ ଚାକିରୀ, ଅଳ୍ପ ଦରମା ଓ ଛୁଟି ନାହିଁ।"

**(ସ୍ୱଗତୋକ୍ତି)**

କେବେକେବେ କୋର୍ଟର ନିର୍ଦ୍ଦେଶନାମାରେ ଲେଖାଥାଏ। "ସରକାର ହେଉଛନ୍ତି ଆଦର୍ଶ ନିଯୁକ୍ତିଦାତା। ତେଣୁ ସେ ଅମୁକ ଅମୁକ କାମ କରିବା ଉଚିତ୍।"

ତେବେ ଏଇ ଉପରୋକ୍ତ ତତ୍ତ୍ୱଟି ସାର୍ବଜନୀନ ସତ୍ୟ ନା ଖାଲି ମାମଲା ରୁଜୁ କରିଥିବା ମହକିଲଙ୍କ ପାଇଁ ଉଦ୍ଦିଷ୍ଟ ?

ଜଣକଠାରୁ ଉତ୍ତମ କାମ ଆଶା କଲାବେଳେ ତାକୁ ସୁସ୍ଥ ମନରେ ରଖିବାକୁ ହେବ। ତାର ସାମାଜିକ ଓ ପାରିପାର୍ଶ୍ୱିକ ଅବସ୍ଥା ଠିକ ରହିବା ଦରକାର। ତା' ନ ହେଲେ ସିଏ ଉପଯୁକ୍ତ ଭାବେ ତଥା ନିଜର କ୍ଷମତା ଅନୁରୂପେ କାମ କରିପାରିବନି। ମାର୍ଗଦର୍ଶନ ଓ ନିଯୁକ୍ତିଦାତାମାନେ କାହିଁକି ଏ କଥା ବୁଝନ୍ତିନି? ଉପଯୁକ୍ତ ସ୍ଥାନରେ ଅବସ୍ଥାପିତ କରିବାକୁ ଅନ୍ତିମ ବ୍ୟାଧି ଭୋଗୁଛି ବୋଲି ସୁପାରିଶ ଚାହାନ୍ତି କିମ୍ୱା ଅନ୍ତିମ ବ୍ୟାଧି ଭୋଗିବା ପାଇଁ ଅପେକ୍ଷା କରିବାକୁ କୁହନ୍ତି! ଏଇଟା ହିଁ କ'ଣ ଏକମାତ୍ର ମାନଦଣ୍ଡ?

ଆମେମାନେ ବି ଏତେ ବେଶୀ ଚାକିରୀ ସର୍ବସ୍ୱ କାହିଁକି? କାହିଁକି ସରକାରୀ ଚାକିରୀଟିଏ ପାଇଁ ଆଉ ସବୁ ସ୍ୱାଚ୍ଛନ୍ଦ୍ୟ ତଥା ଆଉ ସବୁ ଦିଗକୁ ଅଣଦେଖା କରୁ? ସରକାରୀ ଚାକିରୀଟିଏ କ'ଣ ଏତେ ବେଶୀ ମହିମାମଣ୍ଡିତ? ଆଉ ସବୁ କାମକୁ ଆମେ ଇତର ମଣୁ କାହିଁକି ?

ଅଧିକାରୀମାନେ ସମ୍ବେଦନଶୀଳ ହେଲେ ବୋଧେ ଅଧିକାଂଶ ସମସ୍ୟାର ସମାଧାନ ହୋଇଯାଆନ୍ତା। କିନ୍ତୁ ଏମିତି ଲାଗେ, ନିଜର ଗାରିମା ବଢ଼ାଇବା ସକାଶେ ସେମାନେ ବୋଧେ ପରପୀଡ଼ନ ମନୋବୃତ୍ତିର ଶିକାର ହୋଇଥାନ୍ତି।

ଏବେ ଆଲେକ ଚାରିପଟେ ଶହ ଶହ ମୁହଁ। ସବୁ ମୁହଁରେ ଅନୁରୋଧ ଓ ଅନୁନୟ। ହେଲେ ସିଏ ଜାଣେ ଯେ ଅଳ୍ପ କେତେକଙ୍କୁ ଛାଡ଼ିଦେଲେ, ଅନ୍ୟ ସମସ୍ତଙ୍କ ପାଇଁ ସିଏ ଖଳନାୟକ ପାଲଟିବାକୁ ଯାଉଛି।

*ମାର୍ଫତ: ରୁଦ୍ରପ୍ରସାଦ ମହାନ୍ତି,*
*ହାଉସିଂବୋର୍ଡ କଲୋନି,*
*ବାଜିଚୌକ, ଢେଙ୍କାନାଳ*
*ଦୂରଭାଷ: ୯୮୬୧୦୭୬୫୪୯*

**ପ୍ରକାଶ ପାଇଲା ! ପ୍ରକାଶ ପାଇଲା ! ପ୍ରକାଶ ପାଇଲା !**



# ବୁଢା ବୃକ୍ଷ

## ମୂଳ ହିନ୍ଦୀ – ରେନୁ ମଣ୍ଡଳ
## ଅନୁବାଦ – ଦେବସ୍ମିତା ବେହେରା

ସେ ପୁରା ପଥର ପାଲଟିଗଲା ଆରବର କଥା ଶୁଣି । ପୁଅ ମୁହଁରୁ ବାହାରିଥିବା ପ୍ରତ୍ୟେକଟି ଶବ୍ଦ ପ୍ରହାର କରି ଚାଲିଥିଲେ ତା' ଆତ୍ମା ଉପରେ । ସ୍ତ୍ରୀଲୋକ ଯିଏ ନିଜ ଜୀବନର ଦଶ ବର୍ଷ ତା' ଗୃହସ୍ଥୀ ପାଇଁ ସ୍ୱାହା କରି ଦେଲେ, ଅକ୍ଲାନ୍ତ ପରିଶ୍ରମ କରି ତା' ପୁଅର ଯତ୍ନ ନେଲେ, ତା' ଘରକୁ ସମ୍ଭାଳିଲେ, ଯେଉଁଥି ପାଇଁ ନିଶ୍ଚିନ୍ତ ହେଇ ସେ ଚାକିରୀ କରିପାରିଲା । ବିଲକୁଲ୍ ଜଣେ ଜେଜେମାର କର୍ତ୍ତବ୍ୟ କରିଛନ୍ତି ମାଉସୀ ଆଉ ସେ ତାଙ୍କ ତ୍ୟାଗ..ବଳିଦାନର ପ୍ରତି ବଦଳରେ କ'ଣ ଦେବାକୁ ଯାଉଛି ତାଙ୍କୁ.. ?

ଗତ ଦୁଇଦିନ ହେଲା ବିଚାରର ଝଡ ଚାଲିଥିଲା ତା' ମନ ଭିତରେ । ବୁଦ୍ଧି ଆଉ ଭାବନା ଭିତରେ ଗୋଟିଏ ଅଦ୍‌ଭୁତ ପ୍ରକାରର ଅର୍ନ୍ତଦ୍ୱନ୍ଦ ଚାଲିଥିଲା । ଯେତେବେଳେ ଭାବନା ବିଗତ ଦଶ–ଏଗାର ବର୍ଷର ସମ୍ବେଦନାକୁ ଏକାଠି କରିବାକୁ ଲାଗୁଥିଲା, ସେତେବେଳେ ବୁଦ୍ଧି ତାକୁ ପାଠ ପଢାଉଥିଲା ବ୍ୟବହାରିକତାର । ବିତି ଯାଇଥିଲା ଜୀବନର ସଂଘର୍ଷର ରାଣ ଦେଇ ନିଜ ବିଷୟରେ ଭାବିବାକୁ ଓ ନିର୍ଣ୍ଣୟ ନେବା ପାଇଁ ବିବଶ କରୁଥିଲା । ଦୁଇ ଦିନ ତଳେ ଗୀତା ଅପା ଆସି ଯେତେବେଳେ କଥା ହେଉଥିଲେ ତା' ସହିତ, 'ସେତେବେଳଠାରୁ ତା' ମନ ଏହି ନୂଆ ଦିଗ ପ୍ରତି ଭାବିବାକୁ ବାଧ୍ୟ ହେଉଥିଲା । ଅନ୍ୟଥା ଏପର୍ଯ୍ୟନ୍ତ ତ ସାମାନ୍ୟ ଭାବରେ ଚାଲିଥିଲା ସବୁ କିଛି' ।

କିଛି ବି ତ ନଥିଲା ତା' ମନରେ । ଆରାମରେ ସେ ଆଉ ମାଉସୀ ନୂଆ ଘରକୁ ଯିବା ପାଇଁ ପ୍ରସ୍ତୁତି କରୁଥିଲେ । ହେଲେ ଗୀତା ଦିଦି ଆସି ତା' ମନ ଭିତରେ ଝଡ ସୃଷ୍ଟି କରି ଦେଇଥିଲେ । ସେ କହିଥିଲେ, 'ତନୁ, ତୁ ବହୁତ ଦାୟିତ୍ୱର ନିର୍ବାହ କଲୁ । ସଂଘର୍ଷ କରୁ କରୁ କେତେ ବର୍ଷ ବିତି ଗଲାଣି । ଏବେ ସମୟ ଆସିଗଲାଣି କି ତୁ ନିଜ ବିଷୟରେ କିଛିଟା ଭାବ' । ନୂଆ ଘରକୁ ଶିଫ୍ଟ ହେବା ପୂର୍ବରୁ ନିଜ ଦାୟିତ୍ୱକୁ ଗୋଟିଏ ପଟେ ରଖ । ଆହୁରି ଜଣା ନାହିଁ କ'ଣ କ'ଣ କହି ଚାଲିଥିଲେ ସେ । ଶୁଣିକରି ତାକୁ ଟିକିଏ ଅଖାଡୁଆ ଲାଗିଥିଲା ଗୀତା ଦିଦିଙ୍କର କଥା । ଆଶ୍ଚର୍ଯ୍ୟ ଚକିତ ହେଇ ଯାଇଥିଲା ତାଙ୍କର ବ୍ୟବହାରିକ ଚିନ୍ତାଧାରା ହେଲେ ପଛରେ ସେ ଗମ୍ଭୀରତାର ସହିତ ବିଚାର କରିବାରୁ ତାକୁ ତାଙ୍କ କଥନର ସତ୍ୟତା ପ୍ରତୀତ ହେଉଥିଲା ।

ଭାବନାମାନେ ସର୍ବଦା ଦୁର୍ବଳ କରିଦିଅନ୍ତି ମଣିଷଙ୍କୁ । ଭାବୁକ ବ୍ୟକ୍ତି ସବୁବେଳେ ହାରିଥାଏ ଜୀବନରେ । ସତ କଥା ହିଁ ତ ଅଟେ ଏହା ଯେବେଠୁ ତା'ର ରବିଙ୍କ ସହିତ ବିବାହ ହେଇଛି ସେ କେବେବି ନିଜର ଆରାମ ବିଷୟରେ ଭାବି ପାରିନାହିଁ । କିଛିମାସ ବିତିଗଲା ତା' ବାହାଘରକୁ କି ଗୋଟିଏ ରାତିରେ ତା' ଶାଶୁଙ୍କର ସିଭିୟର ହାର୍ଟଆଟାକ୍ ହେଲା । ତୁରନ୍ତ ତାଙ୍କୁ ଭର୍ତ୍ତି କରାଗଲା ଆଇ.ସି.ୟୁ.ରେ । ଦଶ ଦିନ ହସ୍‌ପିଟାଲ୍‌ରେ ରହିବା ପରେ ସେ ଘରକୁ ଆସିଲେ ସତ, କିନ୍ତୁ ବିଛଣାରୁ ଆଉ ଉଠି ପାରିଲେ ନାହିଁ । ତା'ପରେ ଗୋଟିକ ପରେ ଗୋଟିଏ ରୋଗ ତାଙ୍କୁ କାବୁ କରି ଚାଲିଲେ । ଦୁଇ ବର୍ଷ ଯାଏଁ ସେ ବ୍ୟସ୍ତ ରହିଲା ଶାଶୁଙ୍କ ସେବାରେ । ତାଙ୍କର ସ୍ୱର୍ଗବାସ ହେବାର ବର୍ଷକ ପରେ ଜନ୍ମ ଆରବର ।

ରବି ଏବେ ନିଜ ସାନ ଭଉଣୀ ପାଇଁ  ବର ଖୋଜୁଥିଲେ । ଦିନେ ଚାରୁ ନିଜର ସହକର୍ମୀ ଅଜୟ ସହିତ ତାକୁ ଭେଟ କରେଇ କହିଥିଲା, 'ଭାଉଜ..ମୁଁ ଅଜୟଙ୍କୁ ବାହା ହେବାକୁ ଚାହେଁ । ତୁମେ ଭାଇଙ୍କ ସହିତ ଏ ବିଷୟରେ କଥା ହୁଅନା' । ରବିଙ୍କୁ ପସନ୍ଦ କରିଥିଲେ ଅଜୟ । ତାଙ୍କ ମା' ନିଜ ପୁଅର ବିବାହ ଧୁମ୍‌ଧାମ୍‌ରେ କରିବାକୁ ଚାହୁଁଥିଲେ ଯେଉଁଥିରେ ଖର୍ଚ୍ଚ ଅଧିକ । ସେଥିପାଇଁ ଟିକିଏ ପଛଘୁଞ୍ଚା ଦେଉଥିଲେ ରବି । କାହିଁକିନା ମା'ଙ୍କ ଚିକିତ୍ସାରେ ଏମିତିରେ ବହୁତ ଟଙ୍କା ଖର୍ଚ୍ଚ ହେଇ ସାରିଥିଲେ । ସେତେବେଳେ ସେ ରବିଙ୍କୁ ଲୋନ୍ ନେବାକୁ କହିଥିଲା ଆଉ ବହୁତ ଧୁମ୍‌ଧାମ୍‌ରେ ଚାରୁଙ୍କ ବାହାଘର କରେଇଥିଲା ।

ଯେତେବେଳେ ଆରବ ତିନିବର୍ଷର ହେଇଗଲା ଆଉ ସ୍କୁଲ୍ ଯିବାକୁ ଲାଗିଲା,ସେତେବେଳେ ରବି ତାକୁ ଚାକରିରୀ କରିବାକୁ କହିଲେ, ଯାହାଦ୍ୱାରା ଲୋନ୍ ଶୁଝିବାରେ ତାଙ୍କୁ ଟିକିଏ ସାହାଯ୍ୟ ମିଳିବ ଆଉ ତାଙ୍କର ଆର୍ଥିକ ସ୍ଥିତି ମଧ୍ୟ ସୁଧୁରିବ । ସେ ଦ୍ୱନ୍ଦରେ ପଡିଗଲା, କରିବ ତ କ'ଣ କରିବ ? ଘର ପାଖରେ କୌଣସି କ୍ରେଚ୍ ନଥିଲା ଯେଉଁଠି ସ୍କୁଲ୍ ପରେ ଆରବ ରହି ପାରିବ । ଏହି ଚିନ୍ତାରେ ବହୁତ ସମୟ ବିତିଗଲା । ସେଦିନ ଶ୍ରାଦ୍ଧ ଥିଲା ମା'ଙ୍କର । ସକାଳୁ ସକାଳୁ ପଣ୍ଡିତଙ୍କ ପାଖକୁ ଯିବାକୁ ବାହାରିଲେ ରବି । ସେ ତାଙ୍କୁ କହିଥିଲା, ରବି ପଣ୍ଡିତଙ୍କ ପେଟ ଭରିବା ଅପେକ୍ଷା ଆମେ ଯଦି କୌଣସି ବୃଦ୍ଧାଶ୍ରମ ଯାଇ ବଡ ଗୁରୁଜନମାନଙ୍କ ଭିତରେ ସ୍ନେହ ବାଣ୍ଟି ତାଙ୍କ ଆଶୀର୍ବାଦ ନେବା ତେବେ କେତେ ଭଲ ହୁଅନ୍ତା । କଥଟା ପାଇଲା ରବିଙ୍କ ମନକୁ ।

ବୃଦ୍ଧାଶ୍ରମରେ ଗୁରୁଜନମାନଙ୍କୁ ଖାଇବା ଖୁଆଇ ଅପାର ସନ୍ତୋଷ ମିଳିଥିଲା ସେମାନଙ୍କୁ । କେତେ ଗୁରୁଜନ ନିଜ ପରିବାର ବର୍ଗଙ୍କ ଦ୍ୱାରା ଅବହେଳିତ ଥିଲେ ତ ଆଉ କିଛି ଥିଲେ ପରିସ୍ଥିତିର ମାଡ ଦ୍ୱରା ଆହାତ । ତାଙ୍କ ଭିତରୁ ଜଣେ ଥିଲେ ଦମୟନ୍ତୀ ମାଉସୀ । ଅତ୍ୟନ୍ତ ମୃଦୁ ଏବଂ ବିନମ୍ର ସ୍ୱଭାବର । କୌଣସି ସନ୍ତାନ ସନ୍ତତି ନଥିଲା ତାଙ୍କର । ପାଞ୍ଚବର୍ଷ ପୂର୍ବେ ଗୋଟିଏ ଆକ୍‌ସିଡେଣ୍ଟରେ ତାଙ୍କ ସ୍ୱାମୀଙ୍କର ମୃତ୍ୟୁ ଘଟି ସାରିଥିଲା । ଏକାକୀପଣ ଆଉ ଅସୁରକ୍ଷାର ଭାବନା ତାଙ୍କୁ ଟାଣି ଆଣିଥିଲା ଏହି ବୃଦ୍ଧାଶ୍ରମକୁ । ସେ ଘରକୁ ଆସି ରବିଙ୍କୁ କହିଥିଲା..

ଆମେ ଦମୟନ୍ତୀ ମାଉସୀଙ୍କୁ ଆମ ଘରକୁ ନେଇ ଆସିଲେ କେମିତି ହୁଅନ୍ତା ? ସେ ପାଠ–ଶାଠ ପଢିଥିବା ଶିକ୍ଷିତ ପରିବାରର ମହିଳା ଜଣେ । ତାଙ୍କ ଏଇ ବୟସରେ ପରିବାର ମିଳିଯାଆନ୍ତା ଆଉ ମୁଁ ଆରବର ଚିନ୍ତାରୁ ମୁକ୍ତ ହେଇ ଶାନ୍ତିରେ ଚାକିରୀ କରି ପାରନ୍ତି । କିଛି ସମୟ ଭାବିଲେ ରବି କହିଥିଲେ, 'ତନୁ..ବୃଦ୍ଧାଶ୍ରମରୁ କାହାକୁ ନିଜ ଘରକୁ ଆଣିବା ହେଉଛି ବହୁତ ବଡ କଥା' । ଏହାର ଅର୍ଥ ତୁମେ ସର୍ବଦା ଜଣେ ମଣିଷର ଦାୟିତ୍ୱ ଉଠେଇବା ପାଇଁ ପ୍ରସ୍ତୁତ ଅଛ । ଆଉ ଯଦି ଏମିତି ହୁଏ, କାଲିକି ତୁମକୁ ପଶ୍ଚାତାପ ହେବ ତୁମର ନିର୍ଣ୍ଣୟ ପାଇଁ ତେବେ କ'ଣ କରିବ ?

'ମୁଁ ବହୁତ ଭାବିଚିନ୍ତି କହୁଛି ରବି, କହିଲି ମୁଁ' ।

'ହଉ ଠିକ୍ ଅଛି ? କିନ୍ତୁ ଦମୟନ୍ତୀ ମାଉସୀ କ'ଣ ରାଜି ହେବେ ଏହି ପ୍ରସ୍ତାବରେ' ? ରବି ଆଶଙ୍କା ଜାହିର କଲେ ।

ତୁମେ କଥା ହେଇକି ଦେଖ । ଦମୟନ୍ତୀ ମାଉସୀଙ୍କର ଏଥିରେ ଆପତ୍ତି କ'ଣ ପାଇଁ ହେଇଥାନ୍ତା। ସେ ସହର୍ଷ ରାଜି ହେଇଗଲେ । ବୃଦ୍ଧାଶ୍ରମର ସଞ୍ଚାଳକ କହିଥିଲେ, "ମିଷ୍ଟର ରବି, ଏମିତି ନହେଉ, ନିଜ କାମ ହାସଲ କଲା ପରେ ଆପଣ ତାଙ୍କୁ ପୁଣି ଥରେ ଛାଡି ଦେବେ ଏହି ଆଶ୍ରମରେ" । ଆଉ ଯଦି ଏମିତି ହୁଏ, ତେବେ ସେ ଆଉ ସାରା ଜୀବନ ନିରାଶାର ଘେରରୁ ବାହାରି ପାରିବେ ନାହିଁ । ଆପଣ ବୁଝି ପାରୁଛନ୍ତି ତ ମୁଁ କ'ଣ କହିବାକୁ ଚାହୁଁଛି ?

ରବି ତାଙ୍କୁ ଆଶ୍ୱସ୍ତ କରି ଦମୟନ୍ତୀ ମାଉସୀଙ୍କୁ ନେଇ ଆସିଥିଲେ ଘରକୁ । ଖୁବ୍ ଶୀଘ୍ର ସେ ପ୍ରମାଣ କରିଦେଲେ ଯେ ତାଙ୍କୁ ଘରକୁ ଆଣି ଆମେ କିଛି ଭୂଲ୍ କରିନାହୁଁ । ସେ ନା' କେବଳ ନିଜ ସ୍ନେହ ଆଉ ମମତା ଦ୍ୱାରା ଆରବକୁ ଆପଣେଇ ନେଲେ, ବରଂ ଘରକୁ ମଧ୍ୟ ସମ୍ଭାଳି ନେଇଥିଲେ ବହୁତ ଭଲ ଭାବରେ' । ଆରବକୁ ଭଲ ସଂସ୍କାର ଦେବାରେ ସେ କେବେବି ପଛଘୁଞ୍ଚା ଦେଇ ନାହାନ୍ତି ।

ଧୀରେ ଧୀରେ ଦମୟନ୍ତୀ ମାଉସୀ ତାଙ୍କର ଅତି ପ୍ରିୟ ହେଇଗଲେ । ଆରବର ଜେଜେମା ହେଇ ସେ ଆରବକୁ ଖୁବ୍ ଯତ୍ନରେ ଲାଳନ-ପାଳନ କରିବାକୁ ଲାଗିଲେ । ପ୍ରାୟ ରବି କହୁଥିଲେ,'ଯେତେ ଗୁରୁତ୍ୱ ରକ୍ତ ସମ୍ପର୍କର ହେଇଥାଏ, ସେତିକି ଗୁରୁତ୍ୱ ସେହି ସମ୍ପର୍କର ମଧ୍ୟ ହେଇଥାଏ ଯାହାକୁ ଆମେ ଭାବନାର ଦୃଢ ରଜ୍ଜୁ ସାହାଯ୍ୟରେ ବନାଇଥାଉ । ଏପରି ସମ୍ପର୍କ ବେଳେବେଳେ ରକ୍ତ ସମ୍ପର୍କଠୁ ମଧ୍ୟ ଦୃଢ ହେଇଥାନ୍ତି । କିନ୍ତୁ ଆଜି ତା'ର ମନ ଏହି ସମ୍ପର୍କଠୁ ଦୂରକୁ ପଳେଇ ଯିବା ପାଇଁ ଚାହୁଁଥିଲା । ତା'ର ମନେ ପଡିଲା ତିନି ବର୍ଷ ତଳେ ମାଉସୀଙ୍କର ଗଲ୍‌ବ୍ଲାଡରରେ ଅପରେସନ୍ ହେଇଥିଲା । ସେ ସମୟରେ ମାଉସୀ ଏତେ ଦୁର୍ବଳ ହେଇ ଯାଇଥିଲେ ଯେ ଦୁଇ ମାସ ଯାଏଁ ଖଟରୁ ଉଠି ପାରିନଥିଲେ ଖଟରୁ । କେତେ ହଇରାଣ ହେଇଥିଲା ସେତେବେଳେ ସେ । ଅଫିସ୍‌ରୁ ମାସେ ଛୁଟି ନେବାକୁ ପଡିଥିଲା ତାକୁ । ତା' ଉପରେ ପୁଣି ଲଗାତାର ହସ୍‌ପିଟାଲର ଚକ୍କର ଲଗେଇବାକୁ ପଡୁଥିଲା ।

ଏବେ ତ ବୟସ ଆହୁରି ବିଦିଲାଣି ମାଉସୀଙ୍କର । ତା' ଉପରେ ପୁଣି ସେ ଡାଇବେଟିସ୍ ପେସେଣ୍ଟ । ଯଦି କାଲିକି ଆହୁରି ଅଧିକ ବେମାର ହେବେ ତେବେ କ'ଣ କରିବ ସେ ? କିଏ କରିବ ସେବା ତାଙ୍କର ? ନା'..ନା'..ସେ ନିଶ୍ଚୟ ରବିଙ୍କ ସହିତ କଥା ହେବ ଏ ବିଷୟରେ ଆଉ ତାଙ୍କୁ ମାଉସୀଙ୍କୁ ବୃଦ୍ଧାଶ୍ରମକୁ ପଠେଇବା ପାଇଁ ବ୍ୟବସ୍ଥା କରିବ । ସେ କୋଉ ତା'ର ନିଜ ମାଉସୀ ଯେ ସେ ଏତେ ଚିନ୍ତା କରିବ ? ଆଉ ନିଜ ଜୀବନକୁ ବରବାଦ୍ କରିବ ? ଦୁଇ ବର୍ଷ ପରେ ତ ଆରବ ତାର କ୍ୟାରିୟର ବନେଇବା ପାଇଁ ଚାଲିଯିବ ବାହାରକୁ । ସେତେବେଳେ ସେ ନିଜ ହିସାବରେ ଜୀଇଁବ ଜୀବନକୁ । ରବିଙ୍କ ସହିତ ଏକୁଟିଆ ସମୟ ବିତେଇବାକୁ ମିଳିବ । ଦୁହେଁ ମିଶି ନିଜ ନିଜ ସଉକକୁ ପୁରା କରିବେ । ସାଙ୍ଗମାନଙ୍କ ସହୁତ ମଉଜ ମଜଲିସ୍ କରିବ । ସେତେବେଳେ ସେ ମାଉସୀଙ୍କର ବୋଝ ଉଠେଇ କାହିଁକି ମାରିବ ନିଜର ମନକୁ ?

ପାର୍କରେ ବସି ବସି ଏହି ସବୁ କଥା ଭାବି ସେ ଉଠିଲା ଆଉ ଘର ଆଡେ ଚାଲିଲା । ହଠାତ୍ ତା' ପାଦ ଅଟକିଗଲା ଘରର ଦୁଆର ବନ୍ଧ ପାଖରେ । କବାଟ ବନ୍ଦ ଥିଲା ସତ ହେଲେ ଭିତରୁ ଆରବ ଆଉ ତା' ସାଙ୍ଗ ପଙ୍କଜର କଥା ସ୍ପଷ୍ଟ ଶୁଭୁଥିଲା ବାହାରକୁ ।

ଆରବ ପଚାରୁଥିଲା, 'ତୁ ନିଜ ଜେଜେ-ଜେଜେମାଙ୍କ ପାଖକୁ ଯିବାକୁ କାହିଁକି ଚାହୁଁନୁ' ?

ଆରେ ଯା'ର ଜେଜେ-ଜେଜେମା ପ୍ରତିକଥାରେ ଏଇଟା କହନା..ସେଇଟା କରନା..କହନ୍ତି । ଏତେ ନିୟମ କିଏ ମାନିବ କହିଲୁ ? ସେଥିରେ ପୁଣି ଇଆଡେ ଯାଆ..ସେଆଡେଯାଆନା..ସମୟରେ ଘରକୁ ଆସ..ଇତ୍ୟାଦି । ଆଚ୍ଛା ମୋ କଥା ଛାଡ ! ତୁ ବୁଝି ପାରିବୁନି । ଏଥର କହ ତୋ ଜେଜେ-ଜେଜେମା କେଉଁଠି ଅଛନ୍ତି ?

'ଆରେ ବାଃ ! ତୋ କଥା କାହିଁକି ବୁଝି ପାରିବନି' ? ମୋର ମଧ୍ୟ ଜେଜେମା ଅଛନ୍ତି ।

ହେଲେ ସାଙ୍ଗ..ସେ ତ ତୋର ନିଜ ଜେଜେମା ନୁହନ୍ତି, କହିଲା ପଙ୍କଜ ।

ସେମିତି କହନା ପଙ୍କଜ ! ସେ ନିଜର ନହେଲେ ମଧ୍ୟ ନିଜ ଜେଜେମାଙ୍କଠୁ ବେଶୀ ସ୍ନେହ କରନ୍ତି ମୋତେ । ଚାରବର୍ଷର ଥିଲି ମୁଁ, ଯେତେବେଳେ ସେ ଆସିଥିଲେ ଆମ ଘରକୁ? ମା' ଚାକିରୀ କରିବାକୁ ଯାଉଥିଲେ । ସ୍କୁଲ୍‌ରୁ ଫେରିଲା ପରେ ମା'ଙ୍କୁ ଘରେ ନଦେଖି ମୁଁ ଉଦାସ ହେଇ ଯାଉଥିଲି । ଖାଇବା ପାଇଁ ମନ ହେଉ ନଥିଲା । ସେତେବେଳେ ଏଇ ଜେଜେମା ମୋତେ ଖୁଆଇବା ପାଇଁ କେତେ ପ୍ରକାରର ଚେଷ୍ଟା କରୁଥିଲେ । କେତେବେଳେ ମୋ ସହିତ କ୍ୟାରମ୍ ଖେଳୁଥିଲେ, କେତେବେଳେ କାହାଣୀ ଶୁଣାଉଥିଲେ, ମୋ ମନ ପସନ୍ଦର ନାନା-ପ୍ରକାରର ଖାଇବା ତିଆରି କରି ଖୁଆଉଥିଲେ, ଆଉ ଧୀରେ-ଧୀରେ ସେ ମୋ ସାଙ୍ଗ ହେଇଗଲେ ।

ସ୍କୁଲ୍‌ର ପ୍ରତ୍ୟେକଟି କଥା ପର୍ଯ୍ୟନ୍ତ ମୁଁ ତାଙ୍କୁ ନକହେ ମୋତେ ଶାନ୍ତି ମିଳୁ ନଥିଲା । ସେ ମଧ୍ୟ ମନଧ୍ୟାନ ଦେଇ ଶୁଣନ୍ତି ମୋ କଥାକୁ ଆଉ ମୋତେ ଦରକାର ପଡିଲେ ଉଚିତ୍ ପରାମର୍ଶ ମଧ୍ୟ ଦେଉଥିଲେ । ଆଉ ତତେ କିଏ କହିଲା ସେ ମୋତେ ଏଇଟା କରନା..ସେଇଟା କରନା ବୋଲି କହନ୍ତିନି । ଏଇ କିଛି ଦିନ ତଳେ ମୋର ବଦଖର୍ଚ୍ଚୀ ସ୍ୱଭାବକୁ ସେ ଏହା କହି ଛଡେଇଲେ କି କେତେ ପରିଶ୍ରମ କରି ବାପା-ମା' ଟଙ୍କା ରୋଜଗାର କରୁଛନ୍ତି । ମୋତେ ପଇସାର ମୂଲ୍ୟକୁ ବୁଝିବା ଦରକାର । ତାଙ୍କ ପରିଶ୍ରମକୁ ଉଚିତ୍ ସମ୍ମାନ ଦେବା ଦରକାର । ପଙ୍କଜ, ମୁଁ ତ ଜେଜେମାଙ୍କ ବିନା ଘରର କଳ୍ପନା ମଧ୍ୟ କରି ପାରିବି ନାହିଁ । ମା'-ବାପା ମଧ୍ୟ ତାଙ୍କୁ ବହୁତ ସ୍ନେହ କରନ୍ତି ।

ସେ ପୁରା ପଥର ପାଲିଟିଗଲା ଆରବର କଥାଶୁଣି । ପୁଅ ମୁହଁରୁ ବାହାରି ଥିବା ପ୍ରତ୍ୟେକଟି ଶବ୍ଦ ପ୍ରହାର କରି ଚାଲିଥିଲେ ତା' ଆତ୍ମା ଉପରେ । ସେହି ସ୍ତ୍ରୀଲୋକ ଯିଏ ନିଜ ଜୀବନର ଦଶ ବର୍ଷ ତା' ଗୃହସ୍ଥୀ ପାଇଁ ସ୍ୱାହା କରିଦେଲେ, ଅକ୍ଳାନ୍ତ ପରିଶ୍ରମ କରି ତା' ପୁଅର ଯତ୍ନ ନେଲେ, ତା' ଘରକୁ ସମ୍ଭାଳିଲେ ଯେଉଁଥି ପାଇଁ ନିଶ୍ଚିନ୍ତ ହୋଇ ସେ ଚାକିରୀ କରିପାରିଲା । ବିଲକୁଲ୍ ଜଣେ ଜେଜେମାର କର୍ତ୍ତବ୍ୟ କରିଛନ୍ତି ମାଉସୀ..ଆଉ ସେ ତାଙ୍କ ତ୍ୟାଗ..ବଳିଦାନରେ କ'ଣ ଦେବାକୁ ଯାଇଛି ତାଙ୍କୁ ?

କେତେ ଶାନ୍ତିଥିବ ମାଉସୀଙ୍କ ମନରେ କି ସେ ଏବେ ଗୋଟିଏ ପରିବାରର ସଂରକ୍ଷଣରେ ଅଛନ୍ତି । ତାଙ୍କର ସୁଖ-ଦୁଃଖ ଯୋଡି ହେଇ ରହିଛି ଏହି ପରିବାର ସହିତ । କିନ୍ତୁ ଏବେ ସେ ଏହି ଶାନ୍ତିକୁ ଛଡେଇ ନେବାକୁ ଚାହୁଁଛି । ପୁଣି ଥରେ ତାଙ୍କୁ ସେହି ଅନ୍ଧାର ଅସୁରକ୍ଷିତ ଭବିଷ୍ୟତ ଆଡେ ଠେଲି ଦେବାକୁ ଚାହୁଁଛି । ଆରବ କେତେ ଭଲ ପାଉଛି ମାଉସୀଙ୍କୁ । ସେ ଛୁଆଟେ ହେଇ ମଧ୍ୟ ତାଙ୍କ ମମତାକୁ ଭୂଲି ନାହିଁ ଆଉ ସେ ଏତେ ବଡ ହେଇ ମଧ୍ୟ ତାଙ୍କ ଉପକାରଙ୍କୁ ଭୂଲି ଯାଇଛି ।

ତା'ର ମନେ ପଡିଗଲା କିଛି ବର୍ଷ ତଳର ସେହି ଘଟଣା । ସେ ଆଉ ରବି ଆରବର ଦାୟିତ୍ୱ ମାଉସୀଙ୍କ ଉପରେ ଛାଡି ଦେଇ କେତେ ଦାୟିତ୍ୱହୀନ ହେଇ ଯାଇଥିଲେ । ଅଫିସ୍ ସରିଲା ପରେ ବାହାରେ ବୁଲା-ବୁଲି, ସାଙ୍ଗ ଗହଣରେ ମଉଜ ମସ୍ତି, ପାର୍ଟିରେ ବିତୁଥିଲା ତାଙ୍କ ସମୟ । ସେତେବେଳେ ମାଉସୀ ତାଙ୍କୁ ଚେତେଇ ଥିଲେ ଆରବ ଏବେ ବଡ ହେଉଛି । ତାକୁ ତୁମ ଦୁହିଁଙ୍କର ସମୟ ଆଉ ସହଚର୍ଯ୍ୟ ଦରକାର । ତୁମେ ଆଣିଥିବା ଦାମୀ-ଦାମୀ ଖେଳନା ତାକୁ ସେ ଖୁସି ଦେଇ ପାରିବ ନାହିଁ ଯାହା ତୁମର ଅଳ୍ପ ଟିକିଏ ସମୟ ଆଉ ସହଚର୍ଯ୍ୟ ଦେବ । ଆଉ ସେ ସମ୍ଭାଳି ନେଇଥିଲା ନିଜକୁ । କିନ୍ତୁ ଏବେ..ଏବେ

ପୁଣି ଥରେ ବାଟ ହୁଡିବାକୁ ଯାଉଛି । ନିଜ ପାଇଁ ଗୋଟିଏ ଉନ୍ମୁକ୍ତ ଦାୟିତ୍ୱ ବିହୀନ ଭବିଷ୍ୟର ଇଚ୍ଛାରେ ସେ ଭୂଲି ଯାଇଥିଲା କି ତା'ର ଏମିତିଆ ପଦକ୍ଷେପରେ କ'ଣ ପ୍ରଭାବ ପଡିବ ପୁଅ ଜୀବନରେ ? କ'ଣ ଶିକ୍ଷା ମିଳିବ ଆରବକୁ ? ଏଇଆ ନା' କି ବୟସ ହେଇଯିବା ପରେ ମା'-ବାପା ବୋଝ ହେଇ ଯାଆନ୍ତି । କାଲିକି ଯଦି ଆରବ ତାଙ୍କୁ ବୋଝ ବୋଲି ଭାବିବ ତେବେ.. ? ଏହି କଥା ତା' ମନ ଭିତରକୁ ଆସିବା ମାତ୍ରେ ସମଗ୍ର ଶରୀର ଶିହରୀ ଉଠିଲା ।

ସଂସ୍କାରର ଯେଉଁ ବିହନ ସେ ବୁଣିବାକୁ ଯାଉଛି,କାଲି ସେମିତିଆ ଫଳର କଷାପଣ ତାକୁ ମଧ୍ୟ ଚାଖିବାକୁ ମିଳିବ । ମାଉସୀ ତ ତା'ର ପରିବାର ପ୍ରତି ପୁରାପୁରି ସମର୍ପିତ ହେଇଗଲେ । ହେଲେ ସେ ତାଙ୍କ ସହିତ ଯୋଡି ହୋଇ ପାରିଲା ନାହିଁ ହୃଦୟରୁ । ଯଦି ଯୋଡି ହେଇଥାନ୍ତା ତା'ହେଲେ ତାଙ୍କୁ ପୁଣି ଥରେ ବୃଦ୍ଧାଶ୍ରମକୁ ପଠେଇବା ପାଇଁ ଭାବି ନଥାନ୍ତା । ତା'ର ମାଉସୀଙ୍କର ଅପରେସନ୍ ଆଉ ଛୁଟି ନେଇ ନିଜେ କରିଥିବା ସେବା ସିନା ମନେ ରହିଲା,ମାତ୍ର ପ୍ରାୟ ଅଫିସ୍‌ରୁ ଫେରିଲା ପରେ ନିଜ ମୁଣ୍ଡ ବିନ୍ଧା ଆଉ ମାଉସୀଙ୍କ ଦ୍ୱାରା ତା'ମଥାରେ ବାମ୍ ଲଗେଇବା, ମୁଣ୍ଡ ଚିପିବା, ଆଉ ଜଣାନାହିଁ କେତେ କ'ଣ..ସେ ସବୁ କଥା ମନେ ପଡିଲା ନାହିଁ । କ'ଣ ସେ ସେହି ସେବା ଯତ୍ନର, ମମତା ମୟୀ ସ୍ପର୍ଶର ମୂଲ୍ୟ କେବେ ଦେଇ ପାରିବ ?

ପିଲାଦିନେ ସେ ନିଜ ବାପା-ମା'ଙ୍କ ସହିତ ଋଷିକେଶ ଯାଇଥିଲା । ସେଇଠି ପରମାର୍ଥ ନିକେତନରେ ବୁଲିବା ସମୟରେ ତା ବାହାରେ ଲେଖା ହୋଇଥିବା ଶିଳାଲେଖାକୁ ଅନେକ ଥର ପଢୁଥିଲା । ସେ ସମୟରେ ସ୍ମୃତି ଉଙ୍କି ମାରୁଥିଲେ ତା' ମାନସ ପଟଳରେ । ଅଗଣାରେ ଲାଗିଥିବା ବୁଢ଼ା ବୃକ୍ଷକୁ କେବେ କାଟ ନାହିଁ । ଯଦିଓ ସେ ତୁମକୁ ଫଳ ଦେଉ ନାହିଁ, ହେଲେ ନିଜର ଛାୟା ଅବଶ୍ୟ ତୁମକୁ ଦେବ । ଏହି କଥା ଭାବିଲା ବେଳକୁ ଲୁହ ଝରିବାକୁ ଲାଗିଲା ତା' ଆଖିରୁ । ଆତ୍ମ ବିଶ୍ଳେଷଣର ଏହି ମୁହୂର୍ତ୍ତ ତା'ର ପଥହୁଡା ପାଦକୁ ଅଟକେଇ ଦେଲା । ତା'ର ମୁଣ୍ଡ ଅନ୍ତରାତ୍ମାକୁ ଜାଗ୍ରତ କରିଦେଲା ମନ ଭିତରେ ଚାଲିଥିବା ଝଡ ଏବେ ଶାନ୍ତ ହେଇ ସାରିଥିଲା ।

ସେ ଘର ଭିତରକୁ ଆସି ଦେଖିଲା, ମାଉସୀ ଟିଭି ଦେଖି ଦେଖି ବ୍ୟସ୍ତ ଥିଲେ ଆରବ ପାଇଁ ସ୍ୱେଟର ବୁଣିବାରେ । ମନେ ମନେ ସେ ଧନ୍ୟବାଦ କଲା ଈଶ୍ୱରଙ୍କୁ । ଯିଏ ତାକୁ ଏତେ ବଡ ଭୂଲ୍ କରିବାରୁ ଅଟକେଇ ଦେଲେ ଆଜି । ଆତ୍ମ ଶାନ୍ତିର ସହିତ ସେ ବ୍ୟସ୍ତ ହେଇଗଲା ନୂଆ ଘରକୁ ଯିବା ପାଇଁ କରିବାକୁ ଥିବା ପ୍ରସ୍ତୁତିରେ ।

*ପ୍ଲଟ ନମ୍ବର-୨୧୭/ପି, ବାୟାବାବା ମଠ ଲେନ୍, ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨*
*ଦୂରଭାଷ: ୯୩୮୩୯୫୫୩୭*

**ପ୍ରକାଶ ପାଇଲା !** **ପ୍ରକାଶ ପାଇଲା !** **ପ୍ରକାଶ ପାଇଲା !**



ରମ୍ୟରଚନା

# ଭଲକରି ଚିହ୍ନ ଭ୍ରାତାଙ୍କ ବଦନ !

## ରାଧାଶ୍ୟାମ ରାଉଳ

ଅନେକ ସମୟରେ ଆମେମାନେ ପରିସ୍ଥିତି ଚାପରେ ଅସହାୟ ଓ ନିରୁପାୟ ହେବାକୁ ବସ୍ତୁତଃ ବାଧହେଉ। ପ୍ରତ୍ୟେକ କଥା କିମ୍ବା କାମର ନର୍ଦ୍ଦିଷ୍ଟ ସୀମା ଅଛି। ସୀମା ଟପିଗଲେ, ଅସମ୍ଭାଳ ଅବସ୍ଥା ଉପୁଜେ। ସେଥିରୁ ବର୍ତ୍ତିବା ପାଇଁ ଅନ୍ୟର ସାହାଯ୍ୟ, ସମଥର୍ନ ସମବେଦନା ଲୋଡ଼ ଯଦି ଆମେ ସଫଳ ବା କୃତକାର୍ଯ୍ୟ ହେଉଛୁ, ତେବେ ତାହା ଅତି ସୁନ୍ଦର ଓ ଶୁଭଙ୍କର। ଆଉ ଯଦି ସେକ୍ଷେତ୍ରରେ ବିଫଳ ବା ଅକୃତକାର୍ଯ୍ୟ ହେଉଛୁ, ତେବେ ଅସହାୟତାକୁ ଆପଣେଇବା ଥୟ !

ଏକଥା କହିବାର ଅର୍ଥ ହେଲା, ଆମମାନଙ୍କର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ତଥା ରାଷ୍ଟ୍ରୀୟ ଜୀବନରେ ନିତିଦିନ ଯେଉଁଭଳି ଭାବରେ ନାନାବିଧ ସମସ୍ୟା, ପରସ୍ପର ଭିତରେ ଭୁଲ୍ ବୁଝାମଣା, ଅପ୍ରତ୍ୟାଶିତ ଆହ୍ୱାନ, ମିଥ୍ୟା ପ୍ରତିଶ୍ରୁତି, ପ୍ରତାରଣା, ଛଳନା, ବାହାନା ଇତ୍ୟାଦି ଯେଉଁ ହାରରେ ବଢିଚାଲିଛି, ସେଦୃଷ୍ଟିରୁ ଆମେ ଅନ୍ୟକୁ ଭରସା କରିବୁ କ'ଣ, ଓଲଟି ନିଜନିଜର ଆତ୍ମବିଶ୍ୱାସକୁ ବି ଆମେ ହରେଇ ବସୁଛୁ, ଆଗକୁ ବଢ଼ିବା ପାଇଁ !

ଘଡ଼ିକୁ ଘୋଡ଼ା ଛୁଟିବା ପରି ଏବେ ଆମ ସମାଜର ଚିତ୍ର ଓ ଚରିତ୍ର ପ୍ରତି ମୁହୂର୍ତ୍ତରେ ବଦଳୁଛି। ଆଜିକାଲି ଆଉ ପାରସ୍ପରିକ ସମ୍ପର୍କ ଜମାରୁ ଭଲ ରହୁନାହିଁ। ସ୍ନେହ, ପ୍ରେମ, ବିଶ୍ୱାସ, ହୃଦୟବତ୍ତାର ମାତ୍ରା ଦିନକୁଦିନ ହ୍ରାସ ପାଇଚାଲିଥିବା ବେଳେ, ଘୃଣା, ସନ୍ଦେହ, ଅବିଶ୍ୱାସ, ହୃଦୟହୀନତାର ମାତ୍ରା କ୍ରମଶଃ ବଢ଼ିବାରେ ଲାଗିଛି। ଦୟା, କ୍ଷମା, କରୁଣା, ସମବେଦନା ସତେକି ଆଜିର ଦିନରେ ବାଟମାରଣା ହୋଇଯାଇଛି ! ସବୁ ମଣିଷଙ୍କ ପ୍ରକୃତି ବଦଳୁଛି କହି ଏବେ ପ୍ରାୟ ଆମେ ବେଧଡ଼କ ଭିଆଇ ଚାଲିଛୁ, ଛଳନା, ବାହାନା। ଅନ୍ୟପ୍ରତି ନାହିଁ, ଦୟା, କ୍ଷମା, କରୁଣା। ନାଟକବାଜି ଭିଆଇ ମିଛଟାରେ କରୁଛୁ, କୁମ୍ଭୀର କାନ୍ଦଣା।

ଆଜି ମୂଲ୍ୟବୋଧର ଅବକ୍ଷୟ ନିମନ୍ତେ ଆମେମାନେ ମୁଖ୍ୟତଃ ଦାୟୀ। ଅନୀତି, ଦୁର୍ନୀତି, ଅନ୍ୟାୟ, ଅବିଚାର, ମିଥ୍ୟାଚାର, ବ୍ୟଭିଚାର, ଭ୍ରଷ୍ଟାଚାର, ଈର୍ଷା, ଘୃଣା, ଅସହିଷ୍ଣୁତା, ଅସଂଯମତା ଆଦିକୁ ପ୍ରଶ୍ରୟ ଦେଇଚାଲିଛୁ, କେବଳ ନିଜନିଜର ସ୍ୱାର୍ଥସାଧନ ପାଇଁ। ସବୁଠୁଁ ବଡ଼ ଆଶ୍ଚର୍ଯ୍ୟ ଓ ଚିନ୍ତାଜନକ ବିଷୟ ଏହିକି ଯେ, ନିଜ ନିଜର ସ୍ୱାର୍ଥ, ଅସ୍ତିତ୍ୱ, ପରିଚୟ, ସମ୍ମାନକୁ ସହିସଲାମତ୍ ରଖିବାପାଇଁ, ସମାଜର ଅନ୍ୟମାନଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ଆମେ ବିଦ୍ରୋହର ସ୍ୱର ତୋଳୁଛୁ; କର୍ତ୍ତୃପକ୍ଷ କିମ୍ବା ସରକାରଙ୍କର ପ୍ରିୟାପ୍ରୀତିତୋଷଣ ନୀତି, ଦୋମୁହାଁ ନୀତିନାହିଁ, କାଳକ୍ଷେପଣ ନୀତି ବିରୁଦ୍ଧରେ, ପ୍ରଶାସନର ସ୍ଥାଣୁତା ଏବଂ ସର୍ବୋପରି ଅବ୍ୟବସ୍ଥା ବିରୁଦ୍ଧରେ !

ବାଃ ବାଃ କି ଅଜବ ପ୍ରକୃତି ଆମ ସଭିଙ୍କର କହିଲେ। ଯେଉଁଟା ଆମକୁ ସୁହାଇବ, ଯାହା ଆମ ସପକ୍ଷରେ ଯିବ, ତାହା ବ୍ୟବସ୍ଥା। ଆଉ ଯାହା ଆମକୁ ସୁହାଉନାହିଁ ବା ଆମ ବିପକ୍ଷରେ ଯାଉଛି, ତାହା ଅବ୍ୟବସ୍ଥା ପଦବାଚ୍ୟ ହେବା ନିଶ୍ଚିତ ! ଏଇଥିପାଇଁ ବୋଧହୁଏ, ଆମେ ଅନ୍ୟମାନଙ୍କ ଉପରେ ଭରସା ରଖିବୁ କ'ଣ, ବରଂ ଆତ୍ମବିଶ୍ୱାସ ହରେଇ ବାରମ୍ବାର ଆତ୍ମପ୍ରବଞ୍ଚନାର ଶିକାର ହୋଇଚାଲିଛୁ।

ଠିକ୍ ଅଛି। ତେବେ ସରକାରଙ୍କର ଅପାରଗତା, ପ୍ରଶାସନିକ ସ୍ଥାଣୁତା ଏବଂ ଅବ୍ୟବସ୍ଥା ବିରୁଦ୍ଧରେ ବିଦ୍ରୋହ କରିବା ପୂର୍ବରୁ ପ୍ରଥମେ ଆମେ ଆମର ଭିତ୍ତିଭୂମି ସୁଦୃଢ଼ ଅଛି କି ନାହିଁ, ତାହା ଭଲଭାବେ ପରଖିନେବା ଉଚିତ। 'ଆପେ କହିଦେଉଥାଏ ପରକୁ, ବୁଦ୍ଧି ନ ଦିଶଇ ଘରକୁ' ନ୍ୟାୟରେ ଅନ୍ୟକୁ କିଛି କହିବା ପୂର୍ବରୁ ଆମେ ପ୍ରଥମେ ଆମ ନିଜକୁ ପରୀକ୍ଷା ଓ ପ୍ରମାଣିତ କରିବା ଉଚିତ ଯେ, ଆମେ କେତେ ସ୍ୱଚ୍ଛ, କେତେ ସଚ୍ଚୋଟ, କେତେ ନୀତିନିଷ୍ଠ ! ନିଜେ ଅନ୍ୟାୟ ଆଚରି ମୋତେ ନ୍ୟାୟ ମିଳୁନାହିଁର ଚିତ୍କାର କରିବା ହାସ୍ୟାସ୍ପଦର ବିଷୟ ନିଶ୍ଚୟ !

ବାସ୍ତବ ଚିତ୍ର ଏଇୟା ଯେ, ଆମଭିତରୁ ଥୋକେ ଭାସମାନ ବାଦଲ ପରି ଶୂନ୍ୟେ ଶୂନ୍ୟେ, ମହାଶୂନ୍ୟେ ଭାସୁଥିବେ ! ମତଲବର ମାଲିକ ଏମାନେ ! ମତଲବ ଥିଲେ, ବର୍ଷିବେ, ଧୂମ୍ ଗର୍ଜିବେ ! ମତଲବ ନଥିଲେ, ବର୍ଷିବେ ନାହିଁ କି ଗର୍ଜିବେ ନାହିଁ ! ଏମାନେ ବିନା ଦେୟ କି ପାଉଣାରେ ଆମଭଳିଆ ଅବ୍ୟବସ୍ଥିତ ବିଦ୍ରୋହୀମାନଙ୍କୁ ପ୍ରବୋଧିବେ, "ହେଃ,ଏତେ ସୁଆଙ୍ଗ ପାଲା କ'ଣ ପାଇଁ ଯେ? ତୁମର କ'ଣ ଯାଉଛି,କହିଲେ ? ଅକାରଣେ ରାଉରାଉ ହେଉଛ ଯେ ? ଯାହା ଚାଲିଛି, ଚାଲିଥାଉ, ସେଥିରେ ଆଦୌ ଦଖଲ ଦିଅନାହିଁ। ବ୍ୟବସ୍ଥା ଠିକ୍ ଅଛି। ସମୟର ଆବଶ୍ୟକତାକୁ ନେଇ ଯେତେସବୁ ବିଧିବ୍ୟବସ୍ଥା। ସମୟ ବଦଳୁଛି ମାନେ ବ୍ୟବସ୍ଥା ବଦଳିବାକୁ ବାଧ। ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଯେ ସବର୍କାଳୀନ ହେବ, ଏକଥା ଭାବିବା ଆଦୌ ଠିକ୍ ନୁହେଁ। ଆଗରୁ କ'ଣ ଥିଲା, କ'ଣ ହୋଇଥିଲା, ସେକଥା ଛାଡ଼ ହୋ ! ଏବେକାର ସମୟର ଚାହିଦା କ'ଣ, ଭଲକିନା ବୁଝ ହୋ ! ନୀତି ନୁହେଁ, ଅନୀତି, ବିଶ୍ୱାସ ନୁହେଁ ବିଶ୍ୱାସଘାତକତା, ପ୍ରେମ ନୁହେଁ ପ୍ରତାରଣା, ସେବା ନୁହେଁ ଶୋଷଣ; ଏଇସବୁ ସମୟର ଆବଶ୍ୟକତା ବା ଚାହିଦା ! ଟ୍ରେଣ୍ଡ୍ ସେଇୟା। ତ ସେଇ ଢଙ୍ଗରେ ବ୍ୟବସ୍ଥା ମଧ ଚାଲିଛି। ତେଣୁ ପ୍ରଚଳିତ ବ୍ୟବସ୍ଥାକୁ ଅବ୍ୟବସ୍ଥା କହି ବିଦ୍ରୋହ କରିବା ବୃଥା !"

ଠିକ୍ ଅଛି, ବ୍ୟବସ୍ଥାକୁ ଦୋଷ ଦେବା ନାହିଁ। ହେଲେ ବ୍ୟବସ୍ଥାକୁ ଚଳାଉଥିବା ତଥାକଥିତ ମୁଣ୍ଡିଆଳମାନେ ବ୍ୟବସ୍ଥା ନାଁରେ ଯେତେସବୁ ବିଭ୍ରାଟ ଭିଆଉଛନ୍ତି, ନାନା ଅବ୍ୟବସ୍ଥାକୁ ବଳ ଯୋଗେଇ ଚାଲିଛନ୍ତି। ସେଇ ତଥାକଥିତ ମୁଣ୍ଡିଆଳମାନେ ହେଉଛନ୍ତି; ଆମର ଅତି ପ୍ରିୟ, ଆମ ସୁଖଦୁଃଖର ସାଥୀ, ମାନ୍ୟବର ରାଜନେତା ମହାଶୟମାନେ। ସେମାନଙ୍କ ସହିତ ମଧ ରହିଛନ୍ତି ଆମର ପ୍ରିୟ ଅମଲାତନ୍ତ୍ରୀ ମହାଶୟମାନେ ! ସେମାନେ ସେମାନଙ୍କ ମର୍ଜିରେ ଦେଶର ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ଓଲଟ ପାଲଟ କରୁଛନ୍ତି ! ହାତରେ କ୍ଷମତା ଥିବା ହେତୁ ସେମାନେ ସେମାନଙ୍କର ଚାମଚା, ବଟସ୍କର, ଭୃତ୍ୟ, ଅନୁଗତ, ସଖା, ସହୋଦର ମାନଙ୍କ ପାଇଁ ବିପଦଭଂଜନ, ତ୍ରାଣକର୍ତ୍ତା ପ୍ରତ୍ୟକ୍ଷ ଦେବତା ହେଉଥିବା ବେଳେ ସେମାନଙ୍କର ବିରୋଧୀ, ସମାଲୋଚକମାନଙ୍କ ପାଇଁ ସେମାନେ ସଂହାରକର୍ତ୍ତା, ସଇତାନ୍ ସାଜନ୍ତି !

ଆମଭିତରୁ କେହି ଗଣତନ୍ତ୍ରପ୍ରେମୀ ବନ୍ଧୁ, କ୍ଷମତାଧାରୀ ରାଜନେତାଙ୍କୁ ଯଦି ପଚାରିବେ, "ଆଜ୍ଞା,କ'ଣ ବିକାଶ, କ'ଣ ସମୃଦ୍ଧି ଆଣିପାରିଛନ୍ତି ଆପଣମାନେ ? ତ୍ରୁଟିପୂର୍ଣ୍ଣ ବିଧିବ୍ୟବସ୍ଥାରେ କେଉଁ

ସମାରୋହ

ସଂସ୍କାର, ସୁଧାର ଆଣି ପାରିଛନ୍ତି ଯେ, ଆପଣମାନେ ? ବରଂ ଯେଉଁ ତିମିରେକୁ ସେଇ ତିମିରେ ନ୍ୟାୟରେ, ଆମେ ସବୁ ଅବ୍ୟବସ୍ଥାର ପାପଚକ୍ର ଭିତରେ ଫସିଯାଇ ଅହର୍ନିଶୀ ଅଣନିଶ୍ୱାସୀ ହୋଇପଡୁଛୁ !"

ମାନ୍ୟବର ରାଜନେତା ମହାଶୟମାନେ ହୁଅନ୍ତୁ କି ସେମାନଙ୍କର ବୋଲକରା ଅମଲାତନ୍ତ୍ରୀ ମହାଶୟମାନେ ହୁଅନ୍ତୁ, ଚହଟଚିକ୍କଣ କଥା କହିବାରେ ବେଶ୍ ପାରଙ୍ଗମ। ମୁଖମଣ୍ଡଳରେ ମନ୍ଦମନ୍ଦ ହସ ଖେଳେଇ ମହାଶୟମାନେ ଅବଶ୍ୟ କହିବେ, "ହେଉହେଲା, ଯାହାକୁ ଆପଣମାନେ କହୁଛନ୍ତି, ଅବ୍ୟବସ୍ଥା, ତହିଁରେ ତୃଣମୂଳ ସ୍ତରରୁ ସଂସ୍କାର, ସୁଧାର ଆସିବା ନିହାତି ଦରକାର ! ସେଇଠୁ ଆମ ପରି ସାଧାରଣ ଜନତା ହୁଏତ ସହଜରେ ବୁଝିପାରିବେ ନାହିଁ, ଯା'ର ରହସ୍ୟ ଓ କାରଣ ! ହୁଏତ ଏଇୟା ବୁଝିବେ ଯା'ର ଅର୍ଥ; ଯେହେତୁ ତୃଣମୂଳସ୍ତରରେ ଆମେ ଅଛୁ, ତେଣୁ ଆମପରି କୋଟିକୋଟି ସାଧାରଣ ଜନତା ! ଉପରସ୍ତରରେ ରହୁଛନ୍ତି, ମନ୍ତ୍ରୀ, ସାଂସଦ, ବିଧାୟକ, ବଡ଼ବଡୁଆ ପ୍ରଶାସକ ଓ ଅନ୍ୟାନ୍ୟ କ୍ଷମତାସମ୍ପନ୍ନ ରାଜନେତା ! ତୃଣମୂଳସ୍ତରରେ, ବାଡିରୁ ପୋଇ, କାକୁଡି, କଖାରୁ, ଓ ଅନ୍ୟାନ୍ୟ ପନିପରିବା ଚୋରି କରୁଥିବା ଗାଉଁଲି ଚୋରକୁ ପ୍ରଥମେ କୁଆଡେ ଧରିଲେ, ଉପରମହଲ ବା ସ୍ତରରେ ଥିବା ଡାକୁ, ଡକାୟତ, ଦସ୍ୟୁ, ତସ୍କର ବି ଛାଆଁକୁଛାଆଁ କାଳେ ବଳେ ଧରାପଡିଯିବେ ! ବାସ୍, ଏହାହିଁ ଅବ୍ୟବସ୍ଥାରେ ସଂସ୍କାର, ସୁଧାର ଆସିବାର ସର୍ବୋତ୍କୃଷ୍ଟ ତରିକା ! ହାଃ ହାଃ ହାଃ !

ବଡ଼ ଆଶ୍ଚର୍ଯ୍ୟ ଲାଗେ, ଆମର ପ୍ରଚଳିତ ବିଧିବ୍ୟବସ୍ଥାର ଗତିଶୀଳତା ଓ କାର୍ଯ୍ୟକାରିତାକୁ ଦେଖିଲେ। ସଂକ୍ଷେପରେ ଏତିକି କୁହାଯାଇପାରେ, ଏ ବ୍ୟବସ୍ଥା ଭିତରେ ଯିଏ ଯାଦୁଆ, ସେ ଯାଦୁର ମଲମ ବିକୁଛି, ଯିଏ ମଦ୍ୟପ ସେ ମଦ୍ୟ ନିବାରଣର ସ୍ଲୋଗାନ୍ ଦେଉଛି ! ଖୋଦ୍ ଚୋର ନିଜେ କହୁଛି, "ହେଇ ହେଇ, ଚୋର ଯାଉଛି ପଳେଇ ! ଧାଇଁକିନା ଚୋରକୁ ଗାବୁକିନା ଧର ହୋ ଭାଇ, ଆମ ଭିତରୁ କେହି !"

ଏଇ ବ୍ୟବସ୍ଥା ଭିତରେ ମଧ୍ୟ ଆମ ମଧ୍ୟରୁ ଅନେକ ୟେସ୍ ମ୍ୟାନ୍ କେଟେଗୋରୀର ! କିଛି ବୁଝନ୍ତି ନାହିଁ କି ହେଜନ୍ତି ନାହିଁ ଏମାନେ। ଅନ୍ୟମାନଙ୍କ କଥାରେ ଭାସନ୍ତି, ଭଳିଯାଆନ୍ତି ! ଅନେକ ମଧ୍ୟ ଅଛନ୍ତି, ନିଜର କର୍ତ୍ତବ୍ୟ ସମ୍ପାଦନ ନକରି ଅଧିକାର ଦାବି କରିଥାନ୍ତି, ଶର୍ଟକଟ୍ ରାସ୍ତା ଧରି ଅର୍ଥ, କ୍ଷମତା, ପ୍ରତିପତ୍ତି କେମିତି ହାସଲ କରିହେବ; ସେଇ ଅଭିପ୍ରାୟରେ ଏମାନେ ସବୁବେଳେ ଥାଆନ୍ତି।

ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରର ଅର୍ଥ କ'ଣ, ଆମେ ଆମର କର୍ତ୍ତବ୍ୟ ନକରି କେବଳ ଅଧିକାର ଜାହିର କରୁଥିବା ? ହାତରେ କ୍ଷମତା ଅଛି ବୋଲି କ'ଣ ସ୍ୱେଚ୍ଛାଚାରୀ ହେବା ?

ଆଜ୍ଞା, କୌଣସି କ୍ଷେତ୍ରରେ ବିଧିବ୍ୟବସ୍ଥା ଠିକ୍ ଢଙ୍ଗରେ କାମ କରୁନାହିଁ। "ଅଳପ ଲୋକ ଅଧିକାର" ନ୍ୟାୟରେ ଆଜି ଦେଶର ଗଣତନ୍ତ୍ର ବିପନ୍ନ, ଆଇନକାନୁନ୍ ବିପର୍ଯ୍ୟସ୍ତ ! ସର୍ବୋପରି ବ୍ୟବସ୍ଥା ଭୂଲୁଣ୍ଠିତ !

ଅତଏବ,ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତ ଓ ସଙ୍କଟଜନକ ପରିସ୍ଥିତିରେ, ଆମ ସମସ୍ତଙ୍କ ପାଇଁ ନିଶ୍ଚିତଭାବରେ ଏହା ଏକ ବଡ଼ ଆହ୍ୱାନ; "ଭଲକରି ଚିହ୍ନ ଭ୍ରାତାଙ୍କ ବଦନ !" କିଂ ଅଧିକଂ ?

*"ଇନ୍ଦ୍ରଧନୁ", ଡୁପ୍ଲେକ୍ସ :୧୦/ବି, ବୀମାବିହାର,*
*ମର୍କତନଗର, ସେକ୍ଟର: ୬,*
*କଟକ - ୭୫୩୦୧୪*
*ଦୂରଭାଷ: ୯୪୩୭୦୯୦୯୮୫*



# ଭଲ ବ୍ୟବସାୟ ରାଜନୀତି

ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ବାଣୀ ବିହାର ଛକରେ ନାଇଟ୍ ବସ୍‌ରୁ ଓହ୍ଲେଇ ପୁଅକୁ ସାକ୍ଷାତ କରିବା ଅଭିଳାଷରେ ସେଦିନ ରାଜଧାନୀର ରାଜରାସ୍ତାରେ ଏକା ଏକା ଚାଲିଥାଏ ମୁଁ। ଆପଣାର ଭାବନାରେ ବୁଡ଼ିରହି ଚାଲୁଥାଏ ବଡ଼ ସନ୍ତର୍ପଣରେ। କାହିଁକି ନା ମୋତେ ଖୁବ୍ ଭୟଲାଗେ ମହାନଗରର ଏଇ ପ୍ରବଳ ଭିଡ଼କୁ। ଆଜିକାଲି ଯେଉଁ ପରିମାଣରେ ଗାଡ଼ି ମଟରର ସଂଖ୍ୟା ବଢ଼ିଲାଣି, ସେକଥା ନକହିବା ଭଲ। ତା ଯୋଗୁଁ ସଦାବେଳେ ଲାଗି ରହିଛି ଟ୍ରାଫିକ୍ ଜାମ୍। ଯଥେଷ୍ଟ ସମୟ ପୂର୍ବରୁ ଗନ୍ତବ୍ୟ ପଥରେ ନବାହାରିଲେ ହେଲା କାମ ବି ହୋଇ ପାରିବନି ଏଇଠି। ତା ଉପରେ ପୁଣି ଯୋଉ ହିସାବରେ ଗାଡ଼ି ଚଲାଉଛନ୍ତି ଆଜିକାଲିକାର ଏଇ ଟାଉନିଆଁ ବାଲୁଙ୍ଗା ଟୋକାସବୁ, ସେଥିରେ କେତେବେଳେ କି ଅଘଟଣ ଘଟିବ ସେଇ କଥା କହିବା ବି ମୁସ୍କିଲ୍।

"କ'ଣ ତିହାଡ଼ି ଭାଇ, କେମିତି ଅଛ ?" ହଠାତ୍ ମୋ ପାଖରେ ଆସି ମନ୍ଥର ଗତିରେ ରହିବାକୁ ଯାଉଥିବା ଗୋଟିଏ ଇମ୍ପୋର୍ଟେଡ୍ କାର୍ ଭିତରୁ ମୁଣ୍ଡକାଢ଼ି କହୁଥିଲେ କେହିଜଣେ। ଦୋ ଦୋ ଚିହ୍ନା ହୋଇ ଚିହ୍ନିବାକୁ ଚେଷ୍ଟା କରୁକରୁ ମନେ ପଡ଼ିଗଲା ସେଇ ମୁହଁଟି। ଏ ଯେ ମୋର କଲେଜ ବେଳର ବନ୍ଧୁ ଗୋପାଳ ଦାସ। ସେତେବେଳେ ଭଲ ପଢୁନଥିଲା ସେ। ଆମ ସମସ୍ତଙ୍କ ଭିତରେ ସେ ଥିଲା ଏକ ନମ୍ବର ବାଲୁଙ୍ଗା। ଖଚମିଛ କହି ବାପା ପାଖରୁ ଆଣୁଥିବା ପୁଳାପୁଳା ଟଙ୍କାରେ ମଦପିଇ ମାତାଲ ହେବାଟା ଥିଲା ତା'ର ଗୋଟେ ସଉକ୍। ଆଉ ସିଗାରେଟ୍ ଖାଇ ଅତି ନିର୍ଲଜ ଭାବେ ଝିଅମାନଙ୍କ ମୁହଁ ଉପରକୁ ଧୂଆଁ ଛାଡ଼ିବାଟା ଆପଣାର ପୁରୁଷତ୍ୱର ପରିଚୟ ବୋଲି ଭାବୁଥିଲା ସେ। ତା'ର ସିନା ଲାଜ ସରମ ବୋଲି କିଛି ନଥିଲା, କିନ୍ତୁ ଆମର ? କଲେଜରେ ପାଠ ପଢ଼ିବା ଆଳରେ ଏମିତି କୁକର୍ମ ସବୁ କରୁଛୁ ବୋଲି ଆମ ବାପାମାଆ କେହି ଜାଣିଥିଲେ ପୋଥିରେ ଡୋରୀ ବନ୍ଧାହୋଇ ଯାଇଥାନ୍ତା ସଙ୍ଗେ ସଙ୍ଗେ। ତେଣୁ ଆମେ ସାଙ୍ଗମାନେ ତାଠୁ କରଛଡ଼ା ଦେଉଥିଲୁ ଅନେକ ସମୟରେ। ହେଲେ ଆଜି ତାକୁ ହଠାତ୍ ରାଜଧାନୀର ରାଜରାସ୍ତାରେ ଦେଖି ଚମକି ପଡ଼ିଲି ମୁଁ। କେବେଦିନେ ତାକୁ ପୁଣି ଏମିତି ଏକ ଇମ୍ପୋର୍ଟେଡ୍ ଲକ୍‌ଜୁରୀ କାର୍ ଭିତରେ ଦେଖିବି, ଏକଥା ଥିଲା ମୋର କଳ୍ପନାର ବାହାରେ। ଆମେ ଗରିବ ପରିବାରରୁ ଆସିଥିବା ବେଳେ ସେ ଥିଲା ଗୋଟେ ନିମ୍ନ ମଧ୍ୟବିତ୍ତ ପରିବାରର ପିଲା। ବାପା ତାର ଶିକ୍ଷକ। ଜଣେ ଆଦର୍ଶବାନ ମଣିଷ। ହେଲେ ଗୋପାଳ ଦାସ ପାଖରେ ବାପାଙ୍କର କୌଣସି ଗୁଣ ନଥିଲା। ବରଂ ଆବାରାଗର୍ଦ୍ଦି କରିବାରୁ ତାକୁ ମିଳୁଥିଲା ଅପାର ଆନନ୍ଦ। କିନ୍ତୁ ସେଇ କଲେଜ ଜୀବନରୁ ହିଁ ସେ ଦେଖୁଥିଲା ବଡ଼ବଡ଼ ସ୍ୱପ୍ନ, ବଡ଼ଲୋକ ହେବାର ସ୍ୱପ୍ନ। ତେଣୁ ଅନାୟାସରେ ଅଧିକରୁ ଅଧିକ ଧନ ଉପାର୍ଜନର ସହଜ ପନ୍ଥା ଖୋଜି ଚାଲିଥିଲା ସେ ଅନବରତ। ହେଲେ ତା କଥାକୁ ହସରେ ଉଡ଼େଇ ଦେଉଥିଲୁ ଆମେ ସବୁ ବନ୍ଧୁମାନେ। ତାକୁ ଦେଖେଇ ଶୁଣେଇ କହୁଥିଲୁ, ପାଠଘର ଶୂନ, ସିଏ ପୁଣି ହେବ କଣ ନା ବଡ଼ଲୋକ ! ! ଆରେ ବାବୁଙ୍କୁ ଆବାରାଗର୍ଦ୍ଦିରୁ ଫୁର୍‌ସତ୍ ମିଳିଲେତ ଜୀବନରେ କିଛି ଗୋଟେ କରିବ। ବଡ଼ଲୋକ ତ ବଡ଼ଲୋକ, ସିଏ ତା ଜୀବନରେ କିଛି ବି ହୋଇ ପାରିବ ନାହିଁ। ଅଯଥାରେ କଲେଜପଢ଼ା ଆଳରେ ବାପାମାଆଙ୍କ କଷ୍ଟାର୍ଜିତ ଅର୍ଥଶ୍ରାଦ୍ଧ କରିବା ସଙ୍ଗେସଙ୍ଗେ ତାଙ୍କ ଚିରହରିତ ସ୍ୱପ୍ନକୁ ନିର୍ମମ ଭାବେ ହତ୍ୟା କରୁଛି ଯାହା।

"କଣ ଭାଇ ଚିହ୍ନି ପାରୁନ କି ? ଆରେ ମୁଁ ଗୋପାଳ ଦାସ ହୋ। ତୁମ କଲେଜ୍‌ମେଟ୍ ବାଲୁଙ୍ଗା ଗୋପାଳ। ହା ହା ହା। ଏବେ ଚିହ୍ନିଲ ? ଆଚ୍ଛା, ସକାଳୁ ସକାଳୁ ଏମିତି କୁଆଡ଼େ ଧପାଳିଛ କହିଲ ? ଆସ, ମୁଁ ତୁମକୁ ଛାଡ଼ିଦେବି ତୁମ ଡେଷ୍ଟିନେସନ୍‌ରେ।" କାର୍‌ରୁ ଓହ୍ଲେଇ ସାମ୍ନା କବାଟ ଖୋଲୁ ଖୋଲୁ କହିଲା ସେ। ତା' ଆଗ୍ରହ ଦେଖି ମନା କରିବାର ଜୁ ନଥିଲା। ଅଗତ୍ୟା ତା' ଗାଡ଼ିର ଆଗସିଟ୍‌ରେ ବସୁବସୁ କହିଲି "ପୁଅ ପାଖକୁ ଯାଉଥିଲି ଭାଇ, ଏଇ ଖାରବେଳ ନଗରର ଗୋଟେ ପ୍ରାଇଭେଟ୍ ହଷ୍ଟେଲରେ ରହି କମ୍ପିଟିଟିଭ୍ ଏକ୍‌ଜାମ୍ ପାଇଁ ପ୍ରିପେୟାର୍ କରୁଛି ସେ। ଅଳ୍ପ କିଛି ଅଫିସ୍ କାମ ବି ଅଛି ନଅତାଳାରେ। ସେତକ ସାରି ଆଜି ହିଁ ଫେରିଯିବି ଗାଆଁକୁ।"

"ଆଚ୍ଛା ତିହାଡ଼ି ଭାଇ, ଆଜିକାଲି କଣ କରୁଛ ତୁମେ ?" ଗାଡ଼ି ଷ୍ଟାର୍ଟ କରୁକରୁ ପଚାରିଲା ସେ। "ଅନେକ ଦିନରୁ ତୁମ ସହିତ ଦେଖା ହୋଇନଥିଲା ହୋ ଭାଇ। ବନ୍ଧୁମାନେ ବି କେହି କିଛି କହିପାରୁ ନଥିଲେ ତୁମ ବିଷୟରେ। କଲେଜରେ ତ ଭଲ ପଢୁଥିଲ। ଭଲ ଚାକିରୀ ଖଣ୍ଡେ ପାଇଥିବ ନିଶ୍ଚୟ। ସ୍ତ୍ରୀ ପିଲାଙ୍କୁ ନେଇ ଆରାମରେ ବିତି ଯାଉଥିବ ତୁମ ସମୟ।"

"ନାଇଁ ଭାଇ, ଯେତେ ଭଲ ପଢ଼ିଲେ କଣ ହେବ ? ଆମ ପରି ଗରିବ ଘର ପିଲାକୁ କିଏ ବା କାହିଁକି ବଡ଼ ଚାକିରୀ ଦେବ ଯେ କରିବି ? ସବୁଥିରେ ତ କିଳାପୋତେଇ। ସେଥିରେ ପୁଣି ବ୍ରାହ୍ମଣ ଘରେ ଜନ୍ମହୋଇ ବଡ଼ ପାପଟିଏ କରି ପକେଇଛି। ପଢ଼ା ସରିଲା ବେଳକୁ ବୁଢ଼ା ହୋଇ ଯାଇଥିଲେ ବାପା। ମୋ ପଢ଼ାଖର୍ଚ୍ଚ ତୁଲେଇବା ପାଇଁ ଗୋସେଇଁ ବାପା ଅମଳର ଚାଷଜମି ଟିକକ ବି କେବେଠୁ ବନ୍ଧକ ପଡ଼ି ସାରିଥିଲା ମୋ ଅଜାଣତରେ। ବାପାଙ୍କୁ ଖୁବ୍‌କଷ୍ଟ ସ୍ୱୀକାର କରିବାକୁ ପଡୁଥିଲା ପାଂଚପ୍ରାଣୀ କୁଟୁମ୍ବର ଘର ଚଳେଇବାରେ। ତେଣୁ ପଢ଼ା ଛାଡୁଛାଡୁ ଚାକିରୀ ଖୋଜିବାକୁ ଲାଗିଥିଲି ମୁଁ। ଅନେକ ଇଣ୍ଟରଭ୍ୟୁ ଦେଇଛି ସେତେବେଳେ। ହେଲେ ମୋ ଦୁର୍ଭାଗ୍ୟକୁ ମୌଖିକ ପରୀକ୍ଷାରେ କଟି ଯାଉଥିଲି ପ୍ରତିଥର। ବାରମ୍ବାର ବିଫଳ ହେବା ପରେ ଦିନକୁ ଦିନ ମରିଯିବାକୁ ବସିଥିଲା ମୋ ମନର ସବୁତକ ଉତ୍ସାହ ଆଉ ଉଦ୍ଦିପନା। ଦିନେଦିନେ ରାସ୍ତାକଡ଼ ନଳକୂଅରୁ ପାଣିପିଇ ଭୋକ ମେଣ୍ଟାଇ ଦିଏ। ହେଲେ ସାଙ୍ଗଘରେ ଭୋଜି ଖାଇକି ଆସିଛି ବୋଲି ମିଛ କହିଦିଏ ମାଆଙ୍କୁ। ସେତେବେଳକୁ ଭାରୀ ଦୟନୀୟ ଅବସ୍ଥା ଆମର। ଓଳିଏ ଖାଇଲେ, ଦିଓଳି ଖାଡ଼ା ଓପାସ। ତଥାପି କୌଣସି କର୍ମ ସଂସ୍ଥାନର ବ୍ୟବସ୍ଥା ହୋଇ ପାରୁନଥିଲା ମୋର। ମୋ ଉପରେ କେତେ ଆଶା ରଖି ପାଠ ପଢ଼େଇଥିଲେ ବାପାମାଆ। ତାଙ୍କ ଜୀବନର ସବୁତକ ପୁଞ୍ଜି ଲଗେଇ ଦେଇଥିଲେ ମୋ ପଛରେ। ମୁଁ ଚାକିରୀ କଲେ ପରିବାରର ଦୁଃଖ ଦୂରହେବ। ଏଇ ଆଶାରେ ସବୁତକ ଦୁଃଖ କଷ୍ଟକୁ ନୀଳକଣ୍ଠ ପରି ପିଇ ଯାଉଥିଲେ

ସେମାନେ। କିନ୍ତୁ ମୋତେ ନେଇ ସେମାନେ ଦେଖିଥିବା ସୁଖସ୍ୱପ୍ନ ସବୁ ଦିବାସ୍ୱପ୍ନ ପରି ଅମୂଳକ ହେବାରେ ଲାଗିଥିଲା। ଏମିତି ସ୍ଥିତିରେ କଣ କରିବି, କଣ ନାଇଁ ଭାବିଲା ବେଳକୁ ହତୋତ୍ସାହିତ ହୋଇ ପଡୁଥିଲି ମୁଁ। ଠିକ୍ ସେତିକି ବେଳେ ଗାଆଁଭାଇଙ୍କ ଦୟାରୁ କିରାଣୀ ଚାକିରୀ ଖଣ୍ଡେ ମିଳିଗଲା ଆମ ଗାଆଁ ହାଇସ୍କୁଲରେ। ସେଇ ଦିନଠୁ କିରାଣୀଗିରୀ କରି ଫାଇଲ୍ ଚଷୁଛି ଯେ ଚଷୁଛି। ପ୍ରାଇଭେଟ୍ ସ୍କୁଲ କିରାଣୀ ପଦବୀର ସ୍ୱଳ୍ପ ବେତନରେ ଶାଗପେଜ ଖାଇ କୌଣସି ପ୍ରକାରେ ପରିବାର ଚଳୁଛି ଆମର। ଅନ୍ନ ଚିନ୍ତା ଚମତ୍କାର ଭାଇ। ହାତରେ ସମୟ କାହିଁ ଯେ କୁଆଡ଼େ ବୁଲାବୁଲି କରିବି ମୁଁ। ଏମିତିରେ ମୋ ବିଷୟରେ କେମିତିବା ଜାଣି ପାରିବେ ଆମର କୋଉ ସାଙ୍ଗ କି ସାଥୀ। ହଉ ଛାଡ଼ ଭାଇ, ମୋ କଥା। ଯେତେ ଗାଉଣି ଗାଇଲେ ବି ସରିବନି। ଆଉ ତୁମେ? ତୁମେ କଣ କରୁଛ ଏବେ? ଏଇ ରାଜଧାନୀରେ ରହୁଛ ବୋଧହୁଏ? ତୁମକୁ ଦେଖିଲେ ଲାଗୁଛି, ଭଲ ଚାକିରୀ ଖଣ୍ଡେ କରୁଥିବ ନିଶ୍ଚୟ?"

"ଚାକିରୀ? ପୁଣି ଭଲ ଚାକିରୀ??" ତଣ୍ଟି ଫଟେଇ ହୋ ହୋ ହୋଇ ହସୁହସୁ କହିଲା ଗୋପାଳ ଦାସ। "ଆରେ ଭାଇ, ତୁମପରି ବ୍ରିଲିଆଣ୍ଟ୍ ଷ୍ଟୁଡେଣ୍ଟମାନେ ଯେଉଁଠି ଭଲ ଚାକିରୀ ଖଣ୍ଡେ ପାଇ ପାରୁନାହାନ୍ତି, ସେଇଠି ମୋପରି ବେକ୍ ବେଂଚେସ୍ ବାଲୁଙ୍ଗାଟିକୁ କିଏ ବା କାହିଁକି ଚାକିରୀ ଦେବ ଯେ କରିବି?"

"ତାହାହେଲେ ଆଜିକାଲି ତୁମେ କରୁଛ କ'ଣ? ସଂପୂର୍ଣ୍ଣ ରୂପେ ବଦଳି ଯାଇଛି ଯେ ତୁମର କାୟାକଳ୍ପ!! ଏମିତି କି କାମ କରୁଛ କି? କଣ କିଛି ବେପାର ସେପାର କରୁଛ? ନା ଆଉ କିଛି??" ଏକା ସାଥିରେ ପଚାରିବାକୁ ଚାହୁଁଥିଲି ମୁଁ ମୋ ମନରେ ଉଠୁଥିବା ଏମିତି ଅସଂଖ୍ୟ ପ୍ରଶ୍ନ।

"ହଁ ତୁମେ ଠିକ୍ କହୁଛ ତିହାଡ଼ି ଭାଇ। ତାକୁ ବେପାର ହିଁ କୁହା ଯାଇପାରେ। ନାଇଁନାଇଁ ବେପାର ନକହି ଅଧମ ଉଦ୍ଧାରଣ ପନ୍ଥା କହିଲେ ବେଶି ପ୍ରାସଙ୍ଗିକ ହେବ।" କିଛି ସମୟ ନୀରବ ରହି ତା'ର ଚିରାଚରିତ ମୁଚୁକୁନ୍ଦୁ ହସ ସହ ପୁଣି କହିବାକୁ ଲାଗିଲା ଗୋପାଳ ଦାସ। "ଆଜିକାଲି ସେଇ ଅଧମ ଉଦ୍ଧାରଣ ପନ୍ଥା ଧରିଛି ମୁଁ। ଦୀନ, ଦୁଃଖି, ଦରିଦ୍ରଙ୍କ ସେବା କରୁଛି ନିତିଦିନ। ସମାଜ ସେବା କରୁଛି।"

"ମାନେ.. କୋଉ ଏନ୍‌ଜିଓ ଫେନ୍‌ଜିଓଟିଏ କରିଛ ନା କଣ? ଭଲ ସଂସ୍ଥାଟିଏ ହୋଇଥିବ ନିଶ୍ଚୟ। ଶୁଣିଛି, ଆଜିକାଲି ଏନ୍‌ଜିଓ ମାନଙ୍କରେ ଫଣ୍ଡର ଅଭାବ ନଥାଏ। ଭଲ ପ୍ରୋଜେକ୍ଟ ପ୍ଲାନ୍‌ଟିଏ ସବ୍‌ମିଟ୍ କରି ପାରିଲେ କୁଆଡ଼େ ଦେଶ ଭିତରୁ ହେଉ କି ଦେଶ ବାହାରୁ ଅପର୍ଯ୍ୟାପ୍ତ ପାଣ୍ଠିର ସୁଅ ଛୁଟେ ଉଜାଣି ନଇ ବହିଲା ପରି। 'ଟଙ୍କା ଉଡୁଛି, ଯେତେ ପାରୁଛ ଧର' କେହି କେହି ଏମିତି କହୁଥିବା ବି ଶୁଣାଯାଏ ବେଳେବେଳେ।" ଗୋପାଳ ଦାସର ମୁହଁକୁ ଚାହିଁ କହିଲି ମୁଁ।

ମୋ ପାଟିରୁ ଏତକ ଶୁଣୁ ନଶୁଣୁ ହୋ ହୋ ହୋଇ ପୁଣି ଥରେ ହସିଲା ଗୋପାଳ ଦାସ। ସେମିତି ହସୁହସୁ କହିଲା "ମୋ କଥାର ଅର୍ଥ ଠିକ୍ ସେ ବୁଝି ପାରିଲନି ତିହାଡ଼ି ଭାଇ? ତୁମେ ଯେଉଁ ନିରୀହକୁ ସେଇ ନିରୀହ ରହିଗଲ ହୋ। ଆସି ବୁଢ଼ାଟିଏ ହେଲଣି ତଥାପି ଦୁନିଆଁକୁ ବୁଝି ପାରିଲନି ଏଯାଏଁ। କୋଉ ଏନ୍‌ଜିଓ ଫେନ୍‌ଜିଓ ନୁହେଁ ହୋ ଭାଇ! ସମାଜ ସେବା.. ମାନେ ତୁମେମାନେ ଯାହାକୁ ରାଜନୀତି ବୋଲି କୁହ, ମୁଁ ସେଇ କାମ ହିଁ କରୁଛି ଆଜିକାଲି। ଡାଇରେକ୍ଟ ସଟ୍‌ରେ କହିଲେ ରାଜନୀତି କରୁଛି, ରାଜନୀତି। ତା ସାଥିରେ ଠିକାକାମ ବି କରେ କେବେ କେମିତି। ନହେଲେ ଆଜିକାର ଜମାନାରେ ଚାକିରୀରୁ କିଏ କ'ଣ ଏତେ ଉନ୍ନତି କଲାଣି ଯେ ଏମିତି ଅଳ୍ପଦିନ ଭିତରେ ବଦଳି ଯାଇଥାନ୍ତା ମୋ କାୟାକଳ୍ପ। ଚାକିରୀ ବୃତ୍ତିରୁ ଆଖିଦୃଶିଆ କିଛି କରିଥିବ କି ନାହିଁ ତୁମ ଘରକୁ ମାଡ଼ି ବସିବେ ଭିଜିଲାନ୍ସ, ଇଡ଼ି କି ସିବିଆଇବାଲା। ଅକାରଣରେ ବଦନାମ ହୋଇଯିବ ତୁମେ। କିନ୍ତୁ ରାଜନୀତି କ୍ଷେତ୍ରରେ ସେସବୁର ଭୟନାହିଁ। ଠିକ୍ ସମୟରେ କେବଳ ଇନ୍‌କମ୍ ଟେକ୍ସଟା ଦେଇଦେଲେ ହେଲା। ତୁମେ ବିଶ୍ୱାସ କରିବ ନାହିଁ ଭାଇ, ଏବେ ମୋର ଦୁଇଟା ବସ୍ ସାଙ୍ଗକୁ ଟ୍ରକ୍ ଟ୍ରାକ୍ଟର କରି ଆଠ ଦଶଟା ଅଛି। ଜେସିବି ମେସିନ୍ ବି ଦୁଇଟା କଲିଣି। ଚାରି ପାଂଚଟା ବିଦେଶୀ ମଦ ଦୋକାନ ଲାଇସେନ୍ସ ସହିତ ପେଟ୍ରୋଲ୍ ପମ୍ପଟିଏ ବି ଅଛି। ଈଶ୍ୱରଙ୍କ ଦୟାରୁ ମୋର ଅଭାବ ବୋଲି କିଛିନାହିଁ। ଚାକିରୀ କରିଥିଲେ କ'ଣ ଏତେସବୁ ସମ୍ପଦର ମାଲିକ ହୋଇ ପାରିଥାନ୍ତି ମୁଁ? ତାହା ପୁଣି ଏତେ ଅଳ୍ପ ସମୟ ଭିତରେ? ତୁମେ ଜାଣି ଖୁସି ହେବ ଭାଇ, ଏବେ ଆମ ଇଲାକାର ମନ୍ତ୍ରୀଙ୍କ ପଲିଟିକାଲ୍ ସେକ୍ରେଟାରୀ ଅଛି ଏଇ ତୁମ ଅଧମ ବନ୍ଧୁ ଗୋପାଳ ଦାସ, ସେଦିନର ସେଇ ଗୋପାଳ ଭାଣ୍ଡ। ମନ୍ତ୍ରୀଙ୍କ ପାଖରେ ତୁମର ଯଦି କିଛି କାମ ପଡ଼େ, ତେବେ ନିଃସଂଙ୍କୋଚରେ କହିବ ମୋତେ। ତୁମପରି ଜଣେ ମହତ ଲୋକର ସେବା କରିପାରିଲେ ଅଶେଷ ପୂଣ୍ୟ ମିଳିବ ନିଶ୍ଚୟ। ସେଥିରୁ ହୁଏତ ଜଣାଅଜଣା ଅନେକ ପାପକର୍ମରୁ କିଛିଟା ମୁକ୍ତି ମିଳିଯିବ ମୋତେ। ହା ହା ହା।" ହୃଦୟ ଖୋଲା ହସଟିଏ ହସିବାକୁ ଲାଗିଥିଲା ଗୋପାଳ।

"ନିଶ୍ଚୟ କହିବି ଭାଇ, ନିଶ୍ଚୟ। ନକହିଲେ ତୁମପରି ଜଣେ ଯୋଗ୍ୟବନ୍ଧୁ ତାହେଲେ କାମରେ ଲାଗିବେ କେତେବେଳେ? ଏଇଠି ଟିକେ ଗାଡ଼ି ରଖ ଭାଇ। ଏଇ ମୋ ପୁଅର ହଷ୍ଟେଲ ଆସିଲାଣି। ମୁଁ ଆସୁଛି। ଧନ୍ୟବାଦ।" ଗାଡ଼ିରୁ ଓହ୍ଲାଉ ଓହ୍ଲାଉ କହିଲି ମୁଁ।

"ହଉ ତିହାଡ଼ି ଭାଇ। ମୁଁ ଆସୁଛି। ବାଏ। ସି ୟୁ ଏଗେନ୍।" କହି ଗାଡ଼ି ଝପଟେଇ ଚାଲି ଯାଉଥିଲା ଗୋପାଳ ଦାସ। ତା' ଯିବା ବାଟକୁ ବୋକାଙ୍କ ପରି ଚାହିଁ ରହିଥିଲି ମୁଁ। ହଠାତ୍ ମୋ ପାଟିରୁ ବାହାରି ଆସୁଥିଲା କୋଉ ଏକ ପୁରୁଣା ଓଡ଼ିଆ ସିନେମା ସଙ୍ଗୀତରୁ ପଦେ "ପାନ ଗୁଆ ଖଇର ଗୁଆକାତି। ଭଲ ବ୍ୟବସାୟ ରାଜନୀତି।" ଧନ୍ୟରେ ରାଜନୀତି। ଧନ୍ୟ ତୋର ଯାଦୁକରୀ ଶକ୍ତି। ତୁ ଚାହିଁଲେ, ଅଯୋଗ୍ୟକୁ ଯୋଗ୍ୟସ୍ଥାନର ଶିର୍ଷରେ ପହଂଚାଇ ଦେଇପାରୁ କ୍ଷଣିକରେ। 'ଯାହାର ନାହିଁ ଆନଗତି, ସିଏ କରଇ ରାଜନୀତି।' ମିଛଟାରେ ଲୋକେ କାହିଁକି ଏମିତି କହନ୍ତି ଯେ? ଯଥାର୍ଥରେ ରାଜନୀତି ହିଁ ତ ଅଧମ ଉଦ୍ଧାରଣ ପନ୍ଥା। ଏବେ ମୁଁ ବୁଝିପାରୁଥିଲି ଗୁଡ଼କୁ ପିମ୍ପୁଡ଼ି ବେଢ଼ିଲା ପରି ରାଜନେତାଙ୍କ ଚଉକତି କାହିଁକି ଘେରି ରହିଥାନ୍ତି ଆମ ଗୋପାଳ ଦାସ ପରି ଯୁବକମାନେ।

*ଭାରତୀ କୁଟୀର,*
*ଡୁଙ୍ଗୁରିପାଲି – ୭୬୭୦୨୩, ସୁବର୍ଣ୍ଣପୁର*
*ଦୂରଭାଷ: ୮୨୪୯୮୦୭୨୬୭*

# ରାଜଧାନୀରେ ମଶାଙ୍କ ଗୋଲଟେବୁଲ ବୈଠକ

## ପ୍ରଭାତ କୁମାର ମହାପାତ୍ର

'ମଶା' ଏ ନାମଟି ଶୁଣିବାମାତ୍ରେ ମନୁଷ୍ୟ ମଧ୍ୟରେ ହୃତ- କମ୍ପ ଜାତହୁଏ। ତେଣୁ ପିଲାଠୁ ବୁଢ଼ା ଯାଏ ଗ୍ରାମରୁ ସହର ଯାଏ ସମସ୍ତେ ଏହା ସହିତ ଅତି ପରିଚିତ। ଏହି ଅକିଞ୍ଚନ କ୍ଷୁଦ୍ରଜୀବ ଆକାରରେ ଅତି ଛୋଟ ହେଲେ ମଧ୍ୟ ଏହାର ପ୍ରଭାବ ସବର୍ବ୍ୟାପୀ। ଏପରିକି ଏହା ସରକାରଙ୍କୁ ମଧ୍ୟ ବଦଳାଇ ଦେଇପାରେ। ତେବେ ଆସନ୍ତୁନା, ସେମାନଙ୍କ ବିଷୟରେ କିଛି ଚର୍ଚ୍ଚା କରିବା।

ନିକଟରେ ଜଣା ପଡିଛି ଯେ ଏଇ କିଛିଦିନ ତଳେ ସମଗ୍ର ଓଡିଶାର ନେତା ମଶାମାନଙ୍କର ଏକ ବୈଠକ ଭୁବନେଶ୍ୱର ବରମୁଣ୍ଡା ବସ୍‌ଷ୍ଟାଣ୍ଡ ପଡିଆରେ ଅନୁଷ୍ଠିତ ହୋଇଯାଇଛି। ଏମିତି ଦେଖିବାକୁଗଲେ ଅଧୁନା ଓଡିଶାରେ ମଶାଙ୍କ ସଂଖ୍ୟା ଏକଲକ୍ଷ କୋଟିରୁ ମଧ୍ୟ ବଳିଯିବ। ଏତେ ସଂଖ୍ୟକ ମଶା ଗୋଟିଏ ସ୍ଥାନରେ ଏକତ୍ର ହେଲେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଇଯିବ। ତେଣୁ ସମସ୍ତ ଜିଲ୍ଲାର ମଶା ପ୍ରତିନିଧିଙ୍କୁ ନେଇ ବୈଠକଟି ଆୟୋଜନ କରାଯାଇଥିଲା। ମଶା ସମାଜ ତରଫରୁ ମନୁଷ୍ୟଙ୍କ ପ୍ରତିନିଧି... ନିଧି ମଉସାଙ୍କୁ ଏ ବୈଠକକୁ ସ୍ୱତନ୍ତ୍ର ଭବେ ଆମନ୍ତ୍ରିତ କରାଯାଇଥିଲା। ଏଥିରେ ଭୁବନେଶ୍ୱର ମଶା ସଂଗଠନର ମୁଖ୍ୟ... ଏଡିସ ମଶା ମହୋଦୟ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନୋଫ୍ଲିସ ମଶା, ଡାଆଁସ ମଶା, ଡେଙ୍ଗୁ ମଶା ଇତ୍ୟାଦିଙ୍କ ସମେତ ଓଡିଶାର ବିଭିନ୍ନ ଗ୍ରାମ୍ୟ ଓ ସହରୀ ମଶାଙ୍କ ପ୍ରତିନିଧି ବହୁସଂଖ୍ୟାରେ ଏଥିରେ ଯୋଗ ଦେଇଥିଲେ। ବିଶେଷକରି ଲମ୍ଭା ଶୁଣ୍ଢ ଥିବା ମଶାମାନେ ଏହି ସଭାରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ପୋଲିସ ବାହିନୀର ଭୂମିକା ତୁଲାଇଥିଲେ। ବରମୁଣ୍ଡା ବସଷ୍ଟାଣ୍ଡର ସ୍ୱାସ୍ଥ୍ୟକର... ପରିବେଶରେ ମଶାଙ୍କ  ବୈଠକ ଆୟୋଜନରେ କୌଣସି ଅସୁବିଧା ହୋଇନଥିଲା। ଆହୁରି ମଧ୍ୟ, ଖାଦ୍ୟପେୟ ଯୋଗାଣର ଦାୟିତ୍ୱ ନିକଟବର୍ତ୍ତୀ ଚାଳିଆ ହୋଟେଲରେ ରହୁଥିବା ମଶାଙ୍କ ଉପରେ ଅର୍ପଣ କରାଯାଇଥିଲା।

ମନୁଷ୍ୟ ସମାଜର ବୈଠକ ପରି ମଶାମାନଙ୍କ ବୈଠକ ମଧ୍ୟ ସମସ୍ତ ଔପଚାରିକତା ମଧ୍ୟରେ ଅନୁଷ୍ଠିତ ହେଲା। ବୈଠକରେ ଅଧକ୍ଷତା କରୁଥିବା ଏଡିସ୍ ମଶା ମହୋଦୟ ସବୁ ଜିଲ୍ଲାର ମଶା ପ୍ରତିନିଧିଙ୍କୁ ସେମାନଙ୍କର ମତ ଉପସ୍ଥାପନ ପାଇଁ ସମାନ ସୁଯୋଗ ଦେଇଥିଲେ। ସେଥିରେ ଉପକୂଳ କିମ୍ବା କେ.ବି.କେ. ଜିଲ୍ଲା ପ୍ରତି  କୌଣସି ପାତର ଅନ୍ତର କରାଯାଇ ନଥିଲା। ବୈଠକରେ ବିଭିନ୍ନ ଜିଲ୍ଲାର ପ୍ରତିନିଧିମାନେ ସେମାନଙ୍କର ସୁଚିନ୍ତିତ ମତ ପ୍ରକାଶ କରିଥିଲେ ଯାହାର କିୟଦଂଶ ଏଠାରେ ଉଦ୍ଧାର କରାଗଲା :-

ଭୁବନେଶ୍ୱର ମଶା ପ୍ରତିନିଧି: ତାଙ୍କ କହିବା ଅନୁସାରେ ଭାରତ ପୃଥିବୀର ସବର୍ବୃହତ ଗଣତନ୍ତ୍ର ହୋଇଥିବାରୁ ମଶାମାନଙ୍କର ମଧ ମନୁଷ୍ୟ ପରି ଭୋଟ ଦେବାର ଅଧିକାର ରହିଛି। ତେଣୁ ସମଗ୍ର ଓଡ଼ିଶାର ମଶାଙ୍କୁ ନେଇ ଏକ ଭୋଟର ଲିଷ୍ଟ ଗଠନ କରାଯାଉ ଓ ଏକ ସପ୍ତାହରୁ ଊର୍ଦ୍ଧ୍ୱ ବୟସ୍କ ମଶାମାନଙ୍କୁ ଭୋଟ ଦେବାର ଅଧିକାର ଦିଆଯାଉ। କିନ୍ତୁ ସେଥିରେ ଆଂଚଳିକ ଭିତ୍ତିରେ ସ୍ଥାନ ସଂରକ୍ଷଣ ଅଥବା ଜାତି ବା ଲିଙ୍ଗ ଭେଦରେ କୌଣସି ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ନ ରହୁ।

ଦ୍ୱିତୀୟତଃ, ଉକ୍ତ ପ୍ରସ୍ତାବିତ ମଶା ରାଜ୍ୟର ରାଜଧାନୀ ଭୁବନେଶ୍ୱରରେ କିମ୍ବା କଟକରେ ନରହି ପୁରୀର ବଡଦାଣ୍ଡ ଏଥିପାଇଁ ସର୍ବୋତ୍କୃଷ୍ଟ ସ୍ଥାନ ହୋଇଥିବାରୁ ଓ ଏଠାକୁ ଅନେକ ତୀଥର୍ଯାତ୍ରୀ ପ୍ରତ୍ୟେହ ଆସୁଥିବାରୁ ଏବଂ ଗମନାଗମନ ସୁବିଧା ଥିବାରୁ ଏଠାରେ ସ୍ଥାପନା କରାଯାଉ। ପୁନଶ୍ଚ ପୁରୀର ସମୁଦ୍ରକୂଳିଆ ଲୁଣି ହାୱା ମଶାଙ୍କର ପ୍ରଥମ ପସନ୍ଦ ହୋଇଥିବାରୁ ଏଠାରେ ଏକ ଶୈଳନିବାସ ସ୍ଥାପନା କରାଯାଉ, ଯାହା ଫଳରେ କି ପର୍ଯ୍ୟଟନ ଶିଳ୍ପର ବିକାଶ ହେବା ସଙ୍ଗେ ସଙ୍ଗେ ମଶାଗଣ ଜଗନ୍ନାଥଙ୍କୁ ଦର୍ଶନ କରିବାର ସୌଭାଗ୍ୟ ଲାଭ କରିବେ ଓ ସମୁଦ୍ରକୂଳ ହୋଟେଲ ମାନଙ୍କରେ ରହି ନିଜର କର୍ତ୍ତବ୍ୟ ଠିକ ଭାବରେ ତୁଲାଇ ପାରିବେ ଏହା ସହିତ ବିଭିନ୍ନ ବର୍ଗର ଲୋକଙ୍କ ତାଜା ରକ୍ତର ସ୍ୱାଦ ନେଇପାରିବେ।

ଶେଷରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ମଶାଙ୍କ ବଂଶ ଅତ୍ୟଧିକ ଭାବରେ ବଢିଯିବାରୁ ସେମାନଙ୍କ ରହିବା ପାଇଁ ସ୍ଥାନାଭାବ ଘଟୁଛି। କାରଣ ଆଧୁନିକ ଯୁଗର ମଶା ଆଉ ନାଳନର୍ଦ୍ଦମାରେ ରହିବା ପାଇଁ ପସନ୍ଦ କରୁନାହାନ୍ତି। ତା'ଛଡା, ଭୁବନେଶ୍ୱରରେ ପ୍ରଦୂଷଣର ମାତ୍ରା ଏତେ ବଢିଯାଇଛି ଯେ ଏଠି ମନୁଷ୍ୟଙ୍କ ରହିବା ପାଇଁ ପରିବେଶ ଆଉ ନାହିଁ ବରଂ ମଶାଙ୍କ ପାଇଁ ସବୁଠାରୁ ଉତ୍କୃଷ୍ଟ ସ୍ଥାନ ହୋଇପାରିବ। ଯେହେତୁ ଭୁବନେଶ୍ୱରର ରାସ୍ତାଘାଟ ଖାଲଖମାରେ ପରିପୂର୍ଣ୍ଣ ଓ ବିଭିନ୍ନ ସ୍ଥାନରେ ବିକ୍ଷିପ୍ତ ଭାବରେ ପଡିରହିଥିବା ମଟର ଗାଡିର ପୁରୁଣା ଟାୟାର, ଅବ୍ୟବହୃତ ଫୁଲକୁଣ୍ଡ, ପାଣିଟାଙ୍କି ଇତ୍ୟାଦି... ମଶାଙ୍କ ପାଇଁ ଆରାମ ଦାୟକ ବାସସ୍ଥାନରୂପେ ପରିଗଣିତ ହୋଇପାରିବ। କେବଳ ସେତିକି ନୁହେଁ ଉପରୋକ୍ତ ସ୍ଥାନ ଗୁଡିକ ମଶାଙ୍କ ବାସଗୃହ ଆବଣ୍ଟନପାଇଁ ନୂତନ ମଶା ସରକାର ବ୍ୟବସ୍ଥା କଲେ ଭଲହୁଅନ୍ତା।

କଟକ ପ୍ରତିନିଧି : ସେ ମତପ୍ରକାଶ କରନ୍ତି ଯେ, ମଶା ରାଜ୍ୟର ରାଜଧାନୀ କଟକରେ କରିବା ପାଇଁ ଆମେ ଆଦୌ ବ୍ୟାକୁଳ ନୁହେଁ। ବରଂ, ଯେପରି ଓଲିଉଡ଼ ଚଳଚ୍ଚିତ୍ର ପାଇଁ ପ୍ରସିଦ୍ଧ ଠିକ ସେହି ଢାଞ୍ଚାରେ ବାରବାଟୀ ଷ୍ଟାଡିୟମରେ ଆମେ ଅଲିମ୍ପିକ କ୍ରୀଡା (କେବଳ ମଶାମାନଙ୍କ ପାଇଁ ) ଆୟୋଜନ କରିବାକୁ ଗୋଡ଼ ଟେକି ବସିଛୁ। ଯେଉଁ ମଶା ମନୁଷ୍ୟଙ୍କ ଶରୀରରେ ଡେଙ୍ଗୁ ଜ୍ୱର ସୃଷ୍ଟି କରିବେ ସେମାନଙ୍କୁ ସ୍ୱର୍ଣ୍ଣପଦକ, ବ୍ରେନମେଲେରିଆ ସୃଷ୍ଟି କଲେ ରୌପ୍ୟ ପଦକ ଓ ମେଲେରିଆ ଅଥବା ଫାଇଲେରିଆ ସୃଷ୍ଟି କଲେ ବ୍ରୋଂଜ ପଦକ ପୁରସ୍କାର ପାଇବାକୁ ହକ୍‌ଦାର ହେବେ। ଏତଦ ବ୍ୟତୀତ, ଯେଉଁ ମଶା ସ୍ୱାସ୍ଥ୍ୟବିଭାଗ କମକର୍ତ୍ତା ଓ କମର୍ଚାରୀ ଅଥବା ମେଡିକାଲ କଲେଜ ଓ ହାସପାତାଳ ଅଧିକାରୀ ଏବଂ ଡାକ୍ତରଙ୍କୁ କାମୁଡିବେ, ସେମାନଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ଦିଆଯିବ। ଏହା ଫଳରେ, ମେଡିକାଲରେ ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନେ ନିଜେ ଚିକିତ୍ସାପାଇଁ ଭର୍ତ୍ତି ହେବେ। ଏହି ଉପାୟରେ ଖାଦ୍ୟ ସମସ୍ୟାର ସମାଧାନ ସହଜରେ ହୋଇପାରିବ।

ସମ୍ବଲପୁର ପ୍ରତିନିଧି : 'ଆମକୁ ମଶାଙ୍କ ସମସ୍ୟା

ସମ୍ପର୍କରେ କିଛି କହିବା ପାଇଁ ସୁଯୋଗ ଦେଇଥିବାରୁ ଆମେ ଆମନେତାଙ୍କୁ ଧନ୍ୟବାଦ ଦେଉଛନ... । ଆମର ଆଜ୍ଞା ଏତେ ରାଜନୀତି ଭିତରକୁ ପଶିବାର ନାଇଁ... ।

ଆମ ଅଂଚଳର ମଶାଙ୍କ ପାଇଁ ସ୍ୱତନ୍ତ୍ର କୋଶଳ ପ୍ରଦେଶ ଆମର ଦାବି । ଏତେଦିନ ଧରି ପଶ୍ଚିମାଂଚଳକୁ ହତାଦର ଆଉ କରିବାର ନାଇଁ । ଆମେ ମଶାମାନେ ଅଫିସ ଓ କୋର୍ଟ କାମପାଇଁ ରୋଜ ଭୁବନେଶ୍ୱର, କଟକ ଦୌଡୁଛନ... । ତେଣୁ ଆମର ଗୁଟେ ମଶା କୋର୍ଟ ଦରକାର । ଆମେ ସେତିକିରେ ଖୁସ... ।

ଗଞ୍ଜାମ ପ୍ରତିନିଧି : 'ସମ୍ବଲପୁର ଆଜ୍ଞାଙ୍କର କଥା ପୂରାପୂରି ଠିକ ହବାର । ବୋଇଲେ ଆମକୁ ମଧ ଗୋଟେ ମଶାକୋର୍ଟ ଦରକାର ଏକା । ମଶାରାଜ୍ୟର ରାଜଧାନୀ ଯୋଠି ହେଲେ ଆମର କିଛି କହିବାର ନାହିଁ । କିନ୍ତୁ ଆମକୁ ପାଖରେ ନ୍ୟାୟ ମିଳିବାର ଅଛି ଏକା ।

କନ୍ଧମାଳ, ବଲାଙ୍ଗିର ଓ କୋରାପୁଟ ମଶା ପ୍ରତିନିଧି ଏକ ସ୍ୱରରେ : 'ଆମର ବଣ, ପାହାଡ଼ ରାଇଜ ବୋଲି ଏଠାକୁ କେହି ଆସୁନାହାନ୍ତି । ମଣିଷମାନେ ଏନ.ଜି.ଓ ନାଁରେ କୋଟି କୋଟି ଟଙ୍କା ସରକାରଙ୍କ ଠାରୁ ଓ ବିଦେଶରୁ ଆମ ନାଁରେ ଆଣି ଆମକୁ ଠକୁଛନ୍ତି । ଆମର ଖଣି ଖାଦାନ ଲୁଟ କରି ଆମକୁ ଦାଣ୍ଡର ଭିକାରି କରିଛନ୍ତି । ତେଣୁ ଆମ ମଶା ସରକାର ଆମକୁ ଯାହା ଗ୍ରାଣ୍ଟ ଦେବେ ତାହା ସିଧାସଳଖ 'ଗ୍ରାମସଭା' ଜରିଆରେ ଖର୍ଚ୍ଚ ହେଉ । ଆମର ଅନେକ ଜାଗାରେ ସ୍କୁଲ ନାହିଁ, ଡାକ୍ତରଖାନା ନାହିଁ, ରାସ୍ତାଘାଟ କିଛି ନାହିଁ । ତେଣୁ ସଭ୍ୟତା କ'ଣ ଆମେ ବୁଝିପାରୁନାହୁଁ । ସରକାରୀ ଯୋଜନାର ୯୦ଭାଗ ବାଟମାରଣା ହେଉଛି । ଆମେ ମଶା ମାନେ ମେଲେରିଆ, ଫାଇଲେରିଆ ସୃଷ୍ଟି କରି ରାଜ୍ୟର ରାଜକୋଷ ବଢ଼ାଉଛୁ । ଅଥଚ ଆମ ପାଇଁ କୌଣସି ସୁବିଧା ନାହିଁ । ଏପରି ହେଲେ ଆମେ କେ.ବି.କେ. ମଶାମାନେ ଲୋକମାନଙ୍କୁ କାମୁଡିବା ବନ୍ଦ କରିଦେବୁ ଓ ଅନ୍ୟ କୌଣସି ମାଶାଙ୍କୁ କେ.ବି.କେ. ଅଂଚଳକୁ ପ୍ରବେଶ କରାଇଦେବୁନି ଯାହାଫଳରେ ଏଠାରେ ଖାଦ୍ୟାଭାବ ଦେଖାଯିବ ଓ ବାହାର ମଶାମାନେ ଖାଦ୍ୟଅଭାବରୁ ମରିଯିବେ ।

ବୈଠକରେ ଅନ୍ୟ ଜିଲ୍ଲାର ମଶା ପ୍ରତିନିଧି ନିଜ ନିଜର ମତ ପ୍ରକାଶ କରିଥିଲେ । ସେ ଯାହା ହେଉନା କାହିଁକି ସମସ୍ତେ ମଶାମାନଙ୍କ ଏକତା ରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ । ବୈଠକର ଶେଷରେ ଅଧ୍ୟକ୍ଷତା କରୁଥିବା ଏଡ଼ିଶ ମଶା ମହୋଦୟ ନିମ୍ନୋକ୍ତ ନିଷ୍ପତ୍ତି ବିଷୟରେ ଘୋଷଣା କରିଥିଲେ :

ଭୁବନେଶ୍ୱର ମଶା ପ୍ରତିନିଧିଙ୍କ ପ୍ରସ୍ତାବ ଅନୁସାରେ ସମଗ୍ର ମଶାଙ୍କ ପାଇଁ ଏକ ସରକାର ଗଠନ କରାଯିବା ସ୍ଥିର ହେଲା ଓ ସେଥିରେ କେବଳ ଯୁବକ ମଶାଙ୍କୁ ଭୋଟ ଅଧିକାର ଅର୍ପଣ କରାଗଲା । କୌଣସି ଜାତି ଭିତ୍ତିକ ସଂରକ୍ଷଣ ନ ରଖିବା ପାଇଁ ପ୍ରସ୍ତାବ ମଧ ଗ୍ରହଣ କରାଗଲା । କିନ୍ତୁ ମଶା ସରକାରଙ୍କ ରାଜଧାନୀ ଭୁବନେଶ୍ୱରରେ ନ ରହି ପୁରୀ (ସମର କ୍ୟାପିଟାଲ) ଓ କୋରାପୁଟ ଠାରେ ରଖିବା ପାଇଁ ସ୍ଥିର କରାଗଲା । ଏହା ଫଳରେ ଓଡିଶାର ସମସ୍ତ ମଶା ସମାନଭାବରେ ଉପକୃତ ହୋଇପାରିବେ । ପୁନଶ୍ଚ, ମଶାମାନଙ୍କ ଅଭିଯୋଗର ଶୁଣାଣି ପର୍ଯ୍ୟାୟକ୍ରମେ ପ୍ରତି ଜିଲ୍ଲାର ସଦର ମହକୁମାରେ ପ୍ରତି ପନ୍ଦର ଦିନରେ ଥରେ ବିଚାର କରାଯିବ । ଏହା ମଧ ସ୍ଥିରକରାଗଲା ଯେ ମଶା ରାଜ୍ୟରେ କୌଣସି ଆଞ୍ଚଳିକବାଦକୁ ପ୍ରଶ୍ରୟ ଦିଆଯିବ ନାହିଁ । ଶିକ୍ଷା ଓ ସ୍ୱାସ୍ଥ୍ୟସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯିବ । ବିଭିନ୍ନ ଜିଲ୍ଲାରେ ମଶାବ୍ୟାଙ୍କମାନ ପ୍ରତିଷ୍ଠା କରାଯିବ । ଆଉ ମଧ୍, ମଶାଙ୍କ ବାସଗୃହ ସମସ୍ୟାର ସମାଧାନ କରିବା ପାଇଁ ଏକ କର୍ପୋରେସନ ଗଠନ କରାଯିବ ଓ ଏଡ଼ିଶ ମଶା ତା'ର ଅଧ୍ୟକ୍ଷ ରହିବେ ।

କଟକ ପ୍ରତିନିଧିଙ୍କ ସମସ୍ତ ପ୍ରସ୍ତାବ ବିନା ବାଧାରେ ପାଶ କରାଗଲା । ଅଧ୍ୟକ୍ଷ କହିଲେ 'କାହିଁ କେତେକାଳରୁ କଟକ ମଶାଙ୍କର ରାଜଧାନୀ ହୋଇ ଆସୁଥିଲା କିନ୍ତୁ ଏବେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଗ୍ରଗତି ଫଳରେ ମଶାମାନେ ଆଉ ନାଳ ନର୍ଦ୍ଦମାରେ ରହିବାକୁ ଚାହୁଁ ନାହାନ୍ତି, ସେମାନଙ୍କ ପାଇଁ ଘର ଦରକାର । ଆଉ ମଧ କଟକ ଲୋକଙ୍କୁ କାମୁଡି କାମୁଡି ସେମାନେ ବୋର ହେଲେଣି । ଏଣିକି ଓଡିଶା ସାରା ସରକାରୀ ପଇସାରେ ଗସ୍ତ କରି ବିଭିନ୍ନ ଜିଲ୍ଲାର ଲୋକଙ୍କୁ କାମୁଡିବେ ।

ଅଧ୍ୟକ୍ଷ ପୁନଶ୍ଚ କହିଲେ 'ସମ୍ବଲପୁର ଓ ଗଞ୍ଜାମ ପ୍ରତିନିଧିଙ୍କ ବିଷୟରେ ଅଗ୍ରାଧିକାର ଭିତ୍ତିରେ ବିଚାର କରାଯିବ । କିନ୍ତୁ ପଶ୍ଚିମାଞ୍ଚଳ, ଦକ୍ଷିଣାଞ୍ଚଳ, ବିଭିନ୍ନାଞ୍ଚଳ ଇତ୍ୟାଦି ଭିତ୍ତିରେ କୌଣସି ନିଷ୍ପତ୍ତି ନିଆଯିବ ନାହିଁ । ଏ ପ୍ରକାର ସଂକୀର୍ଣ୍ଣ ମନୋଭାବ ଗୁଡିକୁ ପରିହାର କରିବାକୁ ପଡିବ ।

ସର୍ବଶେଷରେ କେ. ବି. କେ. ଜିଲ୍ଲାର ମଶା ପ୍ରତିନିଧିଙ୍କୁ ସମର୍ଥନ କରି ଅଧ୍ୟକ୍ଷ କହିଲେ 'ସେହି ଜିଲ୍ଲାର ମଶାମାନଙ୍କ ପ୍ରତି ଅନେକ ଅବହେଳା କରାଯାଇଛି । କଟକ ଜିଲ୍ଲାରୁ ଯେପରି ଅନେକ ରାଜସ୍ୱ ଆସୁଛି, କେ.ବି.କେ. ଜିଲ୍ଲାରୁ ମଧ ଅନେକ ରାଜସ୍ୱ ମିଳୁଛି ତେଣୁ ସେହି ଟଙ୍କାରେ ମଶାଙ୍କର ର୍ସବାଙ୍ଗୀନ ଉନ୍ନତି ପଥେ ବ୍ୟୟ ହେବା ଉଚିତ । ଅତଏବ ରାସ୍ତାଘାଟ, ଶିକ୍ଷାସ୍ୱାସ୍ଥ୍ୟ ଏସବୁ ଦିଗରେ ନୂତନ ସରକାର ର୍ସବାପେକ୍ଷା ଗୁରୁତ୍ୱଆରୋପ କରିବେ ।

ବୈଠକ ସମାପ୍ତି ଘୋଷଣା ପରେ ନିଶାର୍ଦ୍ଧରେ ବିଭିନ୍ନ ଜିଲ୍ଲାର ମଶା ପ୍ରତିନିଧିମାନେ ନିଜ ନିଜ ସ୍ଥାନକୁ ବସଯୋଗେ ବାହୁଡ଼ି ଯାଇଥିଲେ ।

*ପ୍ଲଟ ନଂ.୧୧୦, ଶହୀଦ ନଗର*
*ଭୁବନେଶ୍ୱର - ୭*

କବିତା

## ଅନ୍ତଃ ନିଳୟ

# ଚୌକୀ

**ଡକ୍ଟର ଶ୍ରୀହରି ଧଳ**

ଏଠି ଚୌକୀ ସ୍ଥିର ଥାଏ।
ଯା' ବଦଳୁଥାନ୍ତି ବସୁଥିବା ଲୋକ।
ଚୌକୀ ପାଇଁ ଲଢୁଥିବାବେଳେ -
ସିଙ୍ଗ, ସିଙ୍ଗ।
ରକ୍ତାକ୍ତ ହେଉଥିବାବେଳେ -
ଧୂଳିଫର୍ଦ୍ଦ -
ନିର୍ବିକାର ଚୌକୀ,
ଅପେକ୍ଷାରେ ଥାଏ ଯୁଦ୍ଧ ଶେଷକୁ।
ଚୌକୀ ବାରଣ କରେନା କାହାକୁ।
ସବୁବେଳେ ହକ୍‌ଦାର ଥାଏ -
ଜିତୁଥିବା ଲୋକ।
କିଏ ଈଶ୍ୱର, କିଏ ଅସୁର,
ଚୌକିଟିଏ କେବଳ
ସେଇ ଲୋକର -
ଯିଏ ଢେର ବିଶ୍ୱାସରେ
ଚଢ଼ିଆସିଥାଏ -
ସାପ ଶିଢ଼ୀ।
ଲଙ୍ଘି ସାରିଥାଏ -
ଖର୍ବ ଭେଳାରେ ଉଚ୍ଛୁଳା ନଈ।
ଚୌକୀଟିଏ କେବଳ
ସେଇ ଲୋକର -
ଯିଏ ହୃଦୟ ଜିତୁକି
ହୃଦୟ ଫାଡୁ,
ପ୍ରେମରେ ହେଉକି, ରକ୍ତପାତରେ।
ଯିଏ ସ୍ପର୍ଦ୍ଧା ତୋଳି
ଚୁମିଆସେ ଆକାଶ ଛାତି,
ଯିଏ ଜଳନ୍ତା ସୂର୍ଯ୍ୟ ଖଣ୍ଡେ
ତୋଳିଆଣେ-
ହାତ ମୁଠାରେ।
ସେ ଆବୋରି ବସେ -
ହିରଣ୍ୟମୟ -
ଚୌକି ॥

*ତାଉଁତରା, କପାସି, ଚିତାଳୋ, ଯାଜପୁର*
*ଦୂରଭାଷ: ୮୧୧୭୦୮୧୯୦୬*

# କିଏ ଭାବୁଛି

**ଦୁର୍ଗାଚରଣ ଷଡ଼ଙ୍ଗୀ**

ଜଣ ଜଣ କରି କେତେ ଯେ
ଲୋଡ଼ିଲି ସଭିଙ୍କୁ
ଖୋଲିଦେଲି ହୃଦୟର ସଂଗୁପ୍ତ
ଜଳା କବାଟି ମାନଙ୍କୁ
ଆଦର କଲି
ସ୍ନେହ ଦେଲିବି
ଭଲପାଏ ବୋଲି ଡାକି ହାକି
ଛାତିରେ ହାତଥୋଇ କହିଲି ସଭିଙ୍କୁ
ଅଥଚ କେହିବି ଏଯାଏଁ
ନିଜର ହେଲେନି
କେଜାଣି କାହିଁକି ?

ଆକାଶ ଭର୍ତ୍ତି ତାରାଙ୍କୁ ଦେଖିଛି
ସଂଜରେ-ଭୋରର ଅଧା ଅନ୍ଧାରରେ
ପୂର୍ବାଶାରେ
କଅଁଳା ବାଛୁରୀ ପରି ଦେଖିଛି ବି
ଚହ ଚହ ସୂର୍ଯ୍ୟଙ୍କ ସେ ବର୍ଣ୍ଣମୟ ଛଟାକୁ
କେମିତି ଅନ୍ଧାର ଚିରି ବାହାରି ଆସେ
ଆଲୋକିତ କରେ
ସୁନ୍ଦର ଏ ଧୂଳିର ଧରାକୁ।

ଫୁଲଭର୍ତ୍ତି ମଧୁମାଳତୀ ଲତାରେ
ଅସଂଖ୍ୟ ଫୁଲଙ୍କ ସୋହାଗ
କାଠ ଚମ୍ପାର ନହକା ଡାଳରେ
ଲାଲ୍ ହଳଦୀର ରଙ୍ଗ ରୋଶଣୀ ବର୍ଣ୍ଣଷୟ
ବାସ୍ନାମୟ ହୋଇ
କେମିତି ରୋମାଞ୍ଚିତ କରିଥିଲା
ମୋର ଏଇ ରକ୍ତ ମାଂସର ଅନିତ୍ୟ ଦେହକୁ
ଏବେ ସମସ୍ତେ ଯେଝାବାଟରେ
ଯିଏ ଚାଲିଗଲେ
ମତେ ଭୁଲିଗଲେ
ସେମାନଙ୍କ ଆଖିର ବିନୀତ
କପଟ ଅଶ୍ରୁରେ
ଏବେ ଅଟକି ରହିଲା ଯା' ସ୍ମୃତିରେ ମୋର
କାଠଚମ୍ପା ମଧୁମାଳତୀ
ଗହନଶାଳ ଶାଗୁଆନର ବନ
ନଉଝରଣାର ଛଳଛଳ ବହମାନ
ଅଥଚ କ୍ଷୀଣ ଧାରର ସଂଗୀତ
ତାରୁଣ୍ୟର ରୋମାଞ୍ଚ
କୋଇଲିର କୁହୁ
ମାଛରଙ୍କାର ଉଦାତ୍ତ ଉଡ଼ାଣ
ଆଉ ମୋ ପ୍ରଥମ ଉନ୍‌ମତ୍ତ ପ୍ରେମ ଜୀବନର।

ସେଇ ସଂପର୍କର ଅଝାଳ ଡଙ୍ଗାରେ
ମୁହାଁଇ ଚାଲିଛି ଏବେ ସମୁଦ୍ର ଆଡ଼କୁ ସଙ୍ଗାତ ହେ'
ଧୀରେ ଧୀରେ ସନ୍ତର୍ପଣରେ।

କେହି ଜଣେ ଡାକୁଛି
ଅସ୍ତ ଆକାଶ ଚିରିତା କୋମଳ ଡାକରେ
ମିଶିଯିବାକୁ ତା' ଆଲିଙ୍ଗନରେ।
ଯେଉଁ ଖୁସି ଯେଉଁ ରୋମାଞ୍ଚ ପାଇଲି
ଯେତେ ଇତିହାସ
ଜୀବନର ଆସ୍ପର୍ଦ୍ଧା ଭୋଗିଲି
ସେ ସବୁକୁ ଜଡ଼ାଇନେବ ବୋଲି
ତା ଦେହରେ।
କେହି ଜଣେ ଡାକୁଛି ତା କୋମଳ ସ୍ୱରରେ।

*ଦୂରଭାଷ: ୯୪୩୮୫୩୫୫୭୭*

# ସନେଟ୍ ନୁହେଁ ସନେଟ୍ ପରି

**ଭିକାରୀ ଧଳ**

**॥ ମନେ ଅଛି ସବୁକଥା ॥**

ମନେ ଅଛି ସବୁକଥା ଭୁଲିନାହିଁ ଗୋଟିଏ ମୁହୂର୍ତ୍ତ
ଘଟିଥିଲା ସେଇକାଳୁ ଆଜିଯାଏଁ ଯେତେ ମିଛସତ
ଭୁଲିନାହିଁ କମା ବିନ୍ଦୁ ପୂର୍ଣ୍ଣଚ୍ଛେଦ ଗଲା ସମୟର
ମନେଅଛି ସୁଖ ଦୁଃଖ ଆବୋରିବା ପ୍ରତିଟି କଥାର।

ବନ୍ୟାବାତ୍ୟା ଭୂମିକମ୍ପ ମହାମାରୀ ଯୁଦ୍ଧ ଓ ବିଗ୍ରହ
ଘଟିଛି ଅନେକ କିଛି ଅତୀତ ଏ ସାତ ଦଶନ୍ଧିରେ
ରାଜନୀତି କ୍ଷୟକ୍ଷତି ସମାଜର ଯେତେକ ଦୁର୍ଗତି
ସବୁକୁ ଦେଖିଛି ଆଖି ସହି ସହି ପଥର ଛାତିରେ।

ଇର୍ଷା ଅପମାନ ଆଉ ଦୂରାଚାରୀ ମଣିଷଙ୍କ ଖେଦ
କେମିତି ଭୁଲିଥାଆନ୍ତି ଅଙ୍ଗେନିଭା ଦୁଃଖ ଅବସାଦ
ଜୀବନରେ ଘଟିଥିବା ଭେଟିଥିବା କଳାମେଘ ଛାଇ
ଭୁଲିବାକୁ ଇଚ୍ଛାକରି ପଛକଥା ଭୁଲିପାରି ନାହିଁ।

ଏବେବି ଶୁଭୁଛି କାନେ ଲୋକଙ୍କର ନିନ୍ଦା ଅପବାଦ

ସବୁକୁ ଶୁଣୁଛି କାନେ ଗଣୁନାହିଁ କେବେ ଯେ ପ୍ରମାଦ।

॥ କିଛି ଆଉ ବାକିନାହିଁ ॥
କିଛି ଆଉ ବାକି ନାହିଁ ହେବ ଯାହା ହୋଇସାରିଅଛି
ବିବେକି ମଣିଷ ସିଏ ତା' ବିଚାରେ ସବୁକୁ ଗଢ଼ିଛି
ଦେଖୁନାହିଁ ଚାରିପାଖ ଆଖିବୁଜି ବିରାଡ଼ିଟି ପରି
ଦୁଗ୍ଧପାନ କରୁଅଛ ପାପପୁଣ୍ୟ କିଛି ନବିଚାରି।

ଏହା ଯଦି ଧର୍ମହୁଏ ଏ ସମୟେ ସଭ୍ୟ ମଣିଷର
କାହାକୁ କହିବା କହ କିଏ ଆଉ କରିବ ବିଚାର
ସଭିଏଁ ଲୁଟିବା ପାଇଁ ପାତିଥାନ୍ତି ହାତ ଯେ ଆନକୁ
ସୁବିଧା ସୁଯୋଗ ଦେଖି ଲୁଟୁଥାନ୍ତି ନିଜେ ସେ ନିଜକୁ।

କାହିଁକି ଯେ ଏ ସଂସାର ହୁଏ ଏକ ଉଚ୍ଛୃଙ୍ଖଳ ନଦୀ
ସମୟ ବାଉଳା ହୁଏ ମଣିଷର ଦେଖି ଏ ପ୍ରବୃତ୍ତି
ଭାଇ ବନ୍ଧୁ କୁଟୁମ୍ବ ଯେ ରହିଲେଣି କାହିଁ କେତେଦୂରେ
କି ସଭ୍ୟତା ମଥାଟେକେ ଆଧୁନିକ ସଭ୍ୟଜଗତରେ ?

ବାକି ନାହିଁ ହେବା ପାଇଁ ଯାହା
ତୁମେ କରିବ ଭାବିଛ !
ସବୁତ ସାରିଛି ହୋଇ ଅନ୍ୟକଥା ଭାବିବାଯେ ମିଛ।

*କାବ୍ୟଲୋକ, ନିଜିଗଡ଼କୁରୁଖି,*
*ହରିରାଜପୁର, ଜଟଣୀ, ପୁରୀ-୭୫୨୦୫୦*
*ଦୂରଭାଷ: ୯୪୩୭୨୮୩୯୦୭*

# ଡାକବାକ୍ସ

## ଅଜୟ ପ୍ରଧାନ

ଟିପ ଚିହ୍ନ ସ' ଧୀରେ ଯାଏ ଲିଭିଲିଭି
ମୋହର ମରା ଚୁମ୍ବନର ଦାଗ, ସବୁ !
ଯାଏ ମୁହଁ ଫୁଲେଇ ଭଲପାଇବା ପ୍ରେମ
ଛଳନା ପ୍ରତାରଣା ଲୁହ ହସ, ସବୁ।
କିଏ କ'ଣ ପାଇଲା, ରହିଲା କ'ଣ ବାକି
କ'ଣ କିଏ ଦେଲା, ରଖିଲା
କ'ଣ ହିସାବ ହିଁ ବେକାର
କିଏ ବା ରଖିବ ମନେ, ଜଞ୍ଜାଳ ପେଟେ ଧରି
ବେଳ କାହିଁ କା'ର !

ଯେତେ ହିସାବ ସେତେ ଭୁଲ।
ଭୁଲର ହିସାବ କରୁକରୁ ଭବିଷ୍ୟତ ବେକାର।

ଭୁଲ ହଉ ହିସାବ ବା ଯେମିତି ହଉ ଭୁଲ,
ସହିହବ ବରଂ
ଛି ଛାକର ଶୁଣିହବ ବରଂ
ଦଣ୍ଡ ଭୋଗିହବ ଜୀବନ ତମାମ ବରଂ;
କହି ହବନି କିନ୍ତୁ ଭୁଲ ଥିଲା ଆଖିରେ ମୋର !
ଯିଏ ଗହନକାନ୍ତାରୁ ଆଣିଥିଲା ଖୋଜି ତମକୁ,
ମିନା ପାଉଁଜି
ଅହଂକାର କଟା, ଅଳଙ୍କାର ହୀନା ଆଖି ଦିଓଟି:
ରଖିଚି ସାଇତି
ଦେଖୁଚି ନିଇତି,
ପକେଇଚାଲିଚି ଡାକବାକ୍ସ ଭାବି
ଗୋଟିଏ ଗୋଟିଏ କବିତାକୁ କରି ଚିଠି !

ତମେ ଥରେ ନ ଚାହିଁଲେ ନାଇଁ,
ଯାଏ ଆସେ ନାଇଁ କିଛି।
ବେପାରଫେପାର ଜଣାନାଇଁ ବୋଲି
ଜୀବନ କରୁଚି ବିକ୍ରୀ।

କାଲି ଛାଡ଼, ଏଇ ଆଜି ପରେପରେ
କିଏ ଜାଣେ ଥିବି ମୁଁ ଏଠି କି କୋଉଠି
କିଏ ଜାଣେ ଖୋଲା କି ବନ୍ଦ ହେଇ ରହିବ
ମୋ ଆଖି !
ଥିବ,ଥିବ ତ ତମ ଆଖିର ଡାକବାକ୍ସଟି !

ଦବ କିଏ କାଲେ କେବେ ଫୁଲପକା ଚିଠି,
ମୋତେ ଭଲପାଇକି !!

*ଦୂରଭାଷ: ୭୯୭୮୮୫୮୦୯୧*

# ମୋ ସ୍ୱାଭିମାନ

## ଡାଃ ମନୋରଞ୍ଜନ ଦାଶ

ହେ, ମୋ ସ୍ୱାଭିମାନ ! ମୋ ଠୁଁ ଯାଆନା ଦୂରେଇ।
ମୁଁ ମାନୁଚି, ତୋତେ ଭାବପ୍ରବଣତାରେ
ବହୁବାର ଦେଇଚି ହଜେଇ...
ଏବେ ତୋତେ ମୁଁ ଉଣ୍ଡାଳୁଛି,
ଆ ମୋ ପାଖକୁ ଆ...
ତୋତେ ଧରିବି ମୋ ହୃଦୟରେ ଜଡ଼େଇ...
ବାରମ୍ବାର ବିଭୋରପଣରେ ଭୁଲ୍ କରି ବସୁଚି !
ମିଛ ଅଭିନୟର ବଶ ମୁଁ ହୋଇଯାଉଚି...
ତୁ ଆଉ ଅଭିମାନ କରନା...
ତୁ ହିଁ ମୋ ସମ୍ପତ୍ତି !
ତୁ ଦୂରେଇ ଗଲେ ମୁଁ ବଞ୍ଚିବି କେମିତି !
ମୁଁ ତ ଆପାଂକ୍ତେୟତା ବାସ ପରଖିବା ଜାଣେନା।
ବାଟ ଚାଲୁଚି ଯେ ଚାଲୁଚି,
ଝୁଣ୍ଟୁଚି ବହୁବାର
ତଥାପି ମୁଁ ବଞ୍ଚିଚି !

ପ୍ରତାରଣାର ନିଆଁରେ ଜଳୁଛି ମୁଁ କେତେ...
ଯନ୍ତ୍ରଣାରେ ଛଟପଟ ହେଉଚି ସେତେ...
ନୀରବତାର ଗାଲିଚାରେ
ଏବେ ପଢୁଚି ମୁଁ ତୋତେ
ମୋ ସୃଜନର ଚାଙ୍ଗୁଡ଼ିକୁ
ସଦା ରଖିବି ମୋ ସାଥେ...
ଯିଏ ଯେତେ ପାରୁ ଆଡ଼େଇ ଦେଉ ମୋତେ
ରାଣ ମୁଁ ଖାଉଚି, ଛାତି ପାତି ଦେଇ
ସହିଯିବି, ଇଚ୍ଛା ମତେ !

*ପ୍ରଭାବତି ନିଳୟମ୍,*
*ବେଲତଳ, ପଟ୍ଟାମୁଣ୍ଡାଇ, ଜି.: କେନ୍ଦ୍ରାପଡ଼ାଯ*
*ଦୂରଭାଷ: ୯୪୩୭୩୧୭୭୨୨*

# ଗାଆଁ ଗୀତ

## - ଉମାକାନ୍ତ ରାଉତ (ଅରୂପ)

ଶୀଦ ସକାଳର କାଙ୍କୁରା ଦେହରେ
କପେ ନାଲି ନିକ ଚାହା
ନିରବ ସଂଜ ଝୁଣାର ଦୋଳିରେ
ଅଗୁରୁ ବାସ ମୋ' ଗାଆଁ

ଗୋବରରେ ଲିପା କାନ୍ଥରୁ ଚହଟେ
ଚୁଆ ଚନ୍ଦନର ବାସ୍ନା
ଦୀପ ଆଲୁଅର ମନଲୋଭା ଦୃଶ୍ୟେ
ଫିକା ପଡିଯାଏ ଜ୍ୟୋସ୍ନା

ଧାନ ଶିଁଷା କେରି କାଖ ପାଛିଆରେ
ଗୁରୁବାର ଝୋଟି ଚିତା
ଯୋଗୀ କେନ୍ଦେରାର ମୋ ଧନମାଳୀ ସେ
ସବୁଠି ଜଗତଜିତା

ସାଳନ୍ଦୀ ନଈର କାଚକେନ୍ଦୁ ଧାର
ଲତା କୁଞ୍ଜ ତାରକସି
କମଳା ରଙ୍ଗର କଅଁଳ ଖରାରେ
ଦୁଃଖ ସବୁ ଯାଏ ଭାସି

ରାଗ ରଞ୍ଜିତ ଗୋଧୂଳିର ବେଳା
ଅସ୍ତ ରବି ବର୍ଣ୍ଣବିଭା
ଆବେଗଭରା ସେ ସବୁଜ ତୀର୍ଥ
ଛାତି ଛାଉଣୀରେ ଉଭା

ସ୍ୱତଃ ଉଚ୍ଛ୍ୱାସର ଏକ୍ତୁଡ଼ିଶାଳ ସେ
ଚଳନ୍ତି କାବ୍ୟଧାରା

ତା' ଭଳି କବିତା ମୂଳକରେ ନାହିଁ
ଛନ୍ଦ ତାର ଅପାସୋରା

କିଆ କେତକୀର ବାସନା ଘେରରେ
ମହକୁଥାଏ ମୋ' ଗାଆଁ
ଗାଆଁ ନୁହେଁ ସେତ ସରଗରପୁର
କୋଟି ପ୍ରାଣବିନ୍ଦୁ ଆହା

ନଈଏ ପାଣିରେ ଏଠି ବି ପହଁରେ
ରୂପା ମାଛ ପରି ଜହ୍ନ
ବୀଣା ଅପା କୁଶ୍ ପ୍ରଜାପତି ଡେଣା
କବି ସତ୍ୟବାଦୀ ମନ

ସବୁଜ ଶୈଶବ ସ୍ନିଗ୍ଧ ତାରୁଣ୍ୟକୁ
ଯୋଗାଉଥାଏ ଯେ ରାହା
ଧୂଳିଧୂପ ସ୍ୱର୍ଗ ଅମରାବତୀ ସେ
ହାତୀସାହି ତାର ନାଆଁ

କାନ୍ଥ ଘଂଟାରେ ଅଟକି ରହିଛି
ସେ ସବୁ ସମୟ ମୋର
ତା' ପ୍ରିୟ ଅଙ୍ଗନ ସ୍ମୃତିରେ ପଖଳା
ବାଲି ଖେଳ ଧୂଳି ଘର

ସବୁ କବିତାର ବିଭୋର ସକାଳ
ମନ୍ତ୍ର ଉତ୍ସ ମୋ' ଗାଆଁ
କାବ୍ୟ କବିତାର ପ୍ରଶଂସା ପୃଷ୍ଠାରେ
ନଥାଉ ପଛେ ତା' ନାଆଁ

ଜୀବନ ଜୀବିକା ଭିତରେ ମୋ ଗାଆଁ
ଲୁଚକାଳି ଖେଳୁଥାଏ
ପାଳଭୂତ ପରି ସମୟ ତା' ମଧ୍ୟେ
ସଦା ଠିଆ ହୋଇଥାଏ

କେବେ ଲିଭିଥିବା ଦୁଃଖରେ ମୋ ଗାଆଁ
ମୁଠେ ଆଶାର ପାର୍ବଣ
କେବେ ଜଳୁଥିବା ମରମ ଛାତିରେ
ଅସରାଏ ମିଠାପଣ

କେବେ ବୈଶାଖର ବିଦଗ୍ଧ ମଧ୍ୟାହ୍ନ
କେବେ ସବୁଜିମା ହସ
କେବେ ବିଶ୍ୱାସର ବତୀଘରଟିଏ
କେବେ କୁସୁମର ବାସ

କେବେ ହାରିବାର ଆଶଙ୍କା ଭିତରେ
ଜିତିବା ଅମୋଘ ଅସ୍ତ୍ର
ଅଜେୟ ଅଟଳ ଅଦ୍ଭୁତ ସେ ଏକ
ନିଆରା ପ୍ରଭାତୀ ଗୀତ

ବିଶ୍ୱାସର ଏକ ମଜବୁତ ଦୁର୍ଗ
ପ୍ରେମର ଆଲୁଅ ଘର
ତା' ମାଟି କାନ୍ଥର ଝୋଟିଚିତା ପରେ
କେତେ ଭାଷା ଦରଦର

କେବେ ଶୈଶବର କୋମଳତା କେବେ
ତାରୁଣ୍ୟର ତାରକସି
କେବେ ଛଳ ଛଳ ଆବେଗ ମହଲ
ପ୍ରେମର ଯମୁନା କାଶୀ

କାନିଏ ପ୍ରେମର ନିରୂତା ବିଶ୍ୱାସ
ଚିରକାଳ ଯିଏ ମାଆ
ଆକାଶ ପଣର ବିଶାଳତା ନେଇ
ମାଟିର ମୋହ ମୋ' ଗାଆଁ

ରାତି ସରିଯାଏ ଜହ୍ନ ଫେରିଯାଏ
କେବେ ଫେରେ ନାହିଁ ଯାହା
ସ୍ନାୟୁ ସହରର ପ୍ରତିଟି ଛକରେ
ଠିଆ ମୋର ପ୍ରିୟ ଗାଆଁ

ହଜାରେ ରାସ୍ତାର ହଜିଲା ବାଟରେ
ହଜେ ହଜାରଟା ନାଆଁ
ନିଗିଡା ସ୍ମୃତିକୁ ଯେତେ ପୋଛିଲେ ବି
ଲିଭେ ନାହିଁ ମୋର ଗାଆଁ

ଜୀବନବୋଧର ବରଗଛ ଛାଇ
ଉଷୁମ ବିଶ୍ୱାସ ଆହା
ଫୁଲ ଓ ପବନ ଶାନ୍ତ ଉଚ୍ଚାରଣ
ସ୍ୱରବର୍ଣ୍ଣ ମୋ' ଗାଆଁ ।।

*'ଉଦୟାଚଳ'*
*ଡି -୩୫, ଗ୍ରୀନ୍ ଗାର୍ଡେନ୍, କେ୯(ଏ),*
*କଳିଙ୍ଗବିହାର, ପାତ୍ରପଡ଼ା, ଭୁବନେଶ୍ୱର-୧୯*
*ଦୂରଭାଷ: ୮୨୪୯୧୦୮୪୫୨*



# ବୁଲାଦାଶ କାନ୍ଦୁଥିଲା

**ରମେଶ ପତି**

ଏଥର ଛାଡ଼ିଦିଅ ତାକୁ... !

ସେ ପୁଣି ଥରେ ଉଡ଼ି ବୁଲିବ
ଆକାଶ ମଂଡଳ ।
ତରାମାନଙ୍କୁ ଏକାଠି କରି
ତାଙ୍କୁ ଦର୍ଶେଇବ
ନିଜର ସଂଭାବ୍ୟ ପ୍ରତିଭା ।
ଶେଷରେ ସେମାନେ
ତାଳିମାରି କହିବେ
ବାଃ- ବାଃ-
ତା'ର ଭବିଷ୍ୟ ଉଜ୍ଜ୍ୱଳ ।

ଝିଅଟିର ପାଦ ତଳେ ନଥିଲା
ଚାଖଣ୍ଡେ ଭୂଇଁ କି
ଦିଗହରା ସ୍ୱପ୍ନମାନଂକୁ ନେଇ
ରାସ୍ତାଟେ ତିଆରିବା ପାଇଁ
ତା' ପାଖରେ
ନଥିଲା ଯଥେଷ୍ଟ ସଂବଳ ।
ଯାହାଥିଲା ସେଠି ସିଏ
ଅନ୍ୟର ନୌକା ନେଇ
ନଈ ପାରହେବାର ସହଜ ଉପାୟ ।

ଅନେଶତ ବାତ୍ୟା ପରେ
ଏରସମା ଅଂଚଳରେ ନିଖୋଜ ଝିଅଟି
ଏବେ ବୁଲାଦାଶ ଘରେ... !
ଅଭୟ ମୁଦ୍ରାରେ ସେ ଅଗ୍ରସର
ସହରର ଜନପଦ ଆଡ଼େ ।
ସେଠି ତା'ର ଭେଟ ହେବ
ଚଢ଼ା ଦରରେ ଆଲୁଅ ବିକୁଥିବା
ବ୍ୟବସାୟୀଂକ ସହ ତ
ପୁଣି ବିନା ମୂଲ୍ୟରେ ଜ୍ଞାନ ଦାନ କରୁଥିବା
ଦଲାଲଙ୍କ ସହ... !

କିଂତୁ ବୁଲା ତାକୁ
ବରାବର ଉପଦେଶ ଦିଏ
ଦୁନିଆଁର ଚିକିଟା ରାସ୍ତାରେ
ଅତି ସଂତର୍ପଣରେ
ପାଦ ଥାପିବୁ ଲୋ ଝିଅ... !
ଟିକେ ଖସିଗଲେ
ରସାତଳକୁ ।

ଝିଅ କିଛି ବୁଝେ ନାହିଁ ଜମା
ଦୁନିଆଁ ଦେଖିବାର ଜିଦ୍ ନେଇ
ସେ ଆଜି ବି ଅଟଳ... !

ଖଣ୍ଡିଉଡ଼ା ଦେଉଦେଉ
ପକ୍ଷୀଟି କେଇବାର
ଗଛବୃଛ, ପାହାଡ଼ ପର୍ବତ ସହ
ପିଟି ହେଇ ଭାଂଗିଲାଣି ଡେଣା।
ତଥାପି ଡେଣା ବିସ୍ତାରି ଉଡ଼ିବା
ତା' ଜୀବନର
ସର୍ବଶ୍ରେଷ୍ଠ ଇଚ୍ଛା... !
ବାପ ମା' ଛେଉଣ୍ଡ
କୁନି ପାଇଁ ସଦା କାନ୍ଦୁଥାଏ
ବୁଲାର ହୃଦୟ।
ସେ କହୁକହୁ କହିଦିଏ
କୁନି ଲୋ...
ଅତୀତର ସେଇ ନରହଂତା ମହାବାତ୍ୟା
ତୋ' ଜୀବନରେ
କେବେ ବି ନଆସୁ।

*ସା- କମଳପୁର, ପୋ.- ମାର୍କଣ୍ଡପୁର, ଭାୟା- ଚିତାଳୋ, ଜିଲ୍ଲା-ଯାଜପୁର, ପିନ୍-୭୫୫୦୬୨*
*ଦୂରଭାଷ: ୯୪୩୮୪୫୨୦୪୦*

# ମୟୂରୀ ଗୋ

**କିଶୋର କୁମାର ମହାନ୍ତି**

ତୁମେ କ'ଣ ବ୍ୟଗ୍ର
ନାଚିବା ପାଇଁ, କିନ୍ତୁ
ଇନ୍ଦ୍ରଧନୁର ତ ଦେଖା ନାହିଁ
ସେଥିପାଇଁ ତୁମେ ଅପେକ୍ଷାରତ
ବର୍ଷାର ଆଗମନ ପାଇଁ ॥

ସବୁ ବର୍ଷ ଭଳି ଆସିଛି
ଶରତର ଅନାବିଳ ଜ୍ୟୋତ୍ସ୍ନା
କାଶତଣ୍ଡୀ ବନର ଢେଉରେ
ନଈପଠାରେ
ଗାଉଛି ରୋଷଣୀର ଗୀତ ॥

ଶିଶିର ଭିଜା ସକାଳ
ମୃଦୁ ମନ୍ଦ ଶିତୁଆ ପବନ
ପୁଲକିତ କରୁଛି ମନ
ଆନ୍ଦୋଳିତ କରୁଛି
ଦେହର ସୂକ୍ଷ୍ମ ଶିରା ପ୍ରଶିରାକୁ ॥

ଜଣେ କେହି ଆସନ୍ତାନି
ଚୁଲ୍ ବୁଲି ମୟୂର ହୋଇ
ଆଖିରେ ଆଖି ମିଶାଇ
ପୁଚ୍ଛ ନଚାଇ ନାଚନ୍ତା
ଓ ଏକ ପିପାସିତ ଅନ୍ତରର
ମାର୍ମିକ ବେଦନାକୁ
ନିର୍ବାପିତ କରନ୍ତା ॥

ଚେନାଏ ଅତୀତ ଓ
ସ୍ମୃତି ବିଜଡ଼ିତ ମଧୁର ମୁହୂର୍ତ୍ତ
ସବୁ ପାଲଟି ଯାଆନ୍ତି
ଏକ ଛୋଟ ଛୋଟ ତାରା
ଅସ୍ତିତ୍ୱ ହଜାଇ ବସନ୍ତି
ପୂର୍ଣ୍ଣ ସକାଳର
ବହ୍ନିମାନ ଆଲୋକ ମଧ୍ୟରେ ॥

ଦେଖ ଦେଖତ - ସକାଳୁଆ ବର୍ଷା
ଅବେଳଟାରେ ବର୍ଷି ଦେଇଗଲା ।
ଇନ୍ଦ୍ରଧନୁ ପଶ୍ଚିମ ଆକାଶରେ
ସୃଷ୍ଟିକରି, ନିଦୁଆ ଆଖିର
ମାଦକତାକୁ ଅଗ୍ନି ସ୍ଫୁଲିଙ୍ଗରେ
ପରିଣତ କରିଦେଲା ॥

ଗ୍ରାମର ଅନ୍ୟ ଏକ ପ୍ରାନ୍ତରେ
ମନ୍ଦିରରେ ଶୁଭୁଛି ଘଂଟ ଓ ନାଗରା
ମୁଁ ଚାଲିଛି ଖୋଜିବାକୁ ମୋର ଅସ୍ତିତ୍ୱକୁ
ଆକାର ଓ ନିରାକାର ମଧ୍ୟରେ ॥

ଜୀବନଟାକୁ ବୁଝିବାକୁ ହୁଏତ
ଜନ୍ମ ନେବାକୁ ପଡ଼ିବ ହଜାର ବାର
କାହିଁକିନା - କ୍ଷଣିକ ଜୀବନ ସ୍ରୋତରେ
ଭାସିଯାଆନ୍ତି ବିଖଣ୍ଡିତ ବାଦଲମାନେ
ଇନ୍ଦ୍ରଧନୁର ସଂଧାନରେ ॥

ମୟୂରୀଗୋ
ଇନ୍ଦ୍ରଧନୁର ଆବିର୍ଭାବ ଓ
ମେଘର ସାମୟିକ ଉପସ୍ଥିତି
ମତୁଆଲା କରିଛି ତୁମକୁ
ନାଚିବା ପାଇଁ !
କିନ୍ତୁ ମୋତେ ଖୋଜିବାକୁ ଦିଅ
ଏକ କ୍ଷତାକ୍ତ ପ୍ରାଣର
ହସ ଓ କାନ୍ଦର ପରିଭାଷା
ଯେତେବେଳେ ତୁମେ
ଚକ୍ରବାଳ ତଳେ, କାଶତଣ୍ଡୀର
ନଦୀପଠାରେ ନାଚି ନାଚି
ଧୀରେ ଧୀରେ ଲୁଚି ଯାଇଥିବ
ଗତ ରାତ୍ରିର ସମସ୍ତ ଆଶ୍ଲେଷକୁ
ମନରେ ଜାବୁଡ଼ି ଧରି ॥

*କେ-୯/ଏ., ପ୍ଲଟ୍ ନଂ. ୨୮୮,*
*କଳିଙ୍ଗ ବିହାର,*
*ଭୁବନେଶ୍ୱର-୭୫୧୦୧୯*
*ଦୂରଭାଷ: ୯୪୩୭୪୪୫୬୪୬*

# କବିର ମାନସିକତା

**ମୋହନ କୁମାର ସ୍ୱାଇଁ**

ଆଜି
ବସନ୍ତର ଝଡ଼ା ପତ୍ରରେ ବସି
ମାନପତ୍ରର ସୁଅରେ ଭାସି ଯାଉଥିବା
ଜଣେ କବିର ଆକୁଳ ଚିତ୍କାର
କାହାକୁ ଶୁଭୁନି
ହାତ ଟେକିଦେଇ କୁଳ କିନାରା
ଆଶାରେ ସ୍ରଷ୍ଟାକୁ ଜୀବନ ମାଗୁଛି

ବେଧଡକ ସାହିତ୍ୟ ବେପାରରେ
ବିଚଳିତ ନୁହେଁ ତାର ଚିତ୍ତ
ମୁନାଫାକାରୀର ଅଟ୍ଟହାସ୍ୟରେ
ନିଷ୍ପ୍ରଭ ଅବୟବ ତାର
ଦେଉଛି ତଥାପି ଇଙ୍ଗିତ

ନିଜର ଇଚ୍ଛାଶକ୍ତିକୁ ସେ
କରିପକେଇଛି କାନିର ଗଣ୍ଠି,
ଭାବି ନେଇଛି ପ୍ରାଣବାୟୁ ଥିବା ଯାଏ
ଜାବୁଡ଼ି ଧରିବ ତ୍ରିରଙ୍ଗାର ଖୁଂଟି
ବୋଧହୁଏ ସିଏ ଜଣେ କବି
ଚୁଡ଼ାଗୁଡ଼ ବାଂଟିବାଂଟି ମନସ୍ଥ କରିଛି
ମାଟିରେ ମିଶାଇ ଦେବ ଆପଣାର ଛବି।

*ବେଣାପୁର, କଂଟିଗଡ଼ିଆ, ଯାଜପୁର*
*ଦୂରଭାଷ: ୮୧୧୮୦୯୯୦୩୮*



# ନିର୍ବାସନର ସହର

କପିଳ ଚନ୍ଦ୍ର ମହାନ୍ତି

ସମୟର ଜରାଜୀର୍ଣ୍ଣ ଭୂର୍ଜପତ୍ରରେ
ଅସ୍ପଷ୍ଟ ଲିପି ଭଂଗାକୁଟା ଶବ୍ଦରେ ଶବ୍ଦରେ
ଉଲ୍ଲସିତ ମୁହୂର୍ତ୍ତମାନଙ୍କୁ ସାଉଁଟି
ସାଇତି ରଖିଛି ବାସ୍ନାଫୁଲ ସ୍ମୃତି ବିସ୍ମୃତିରେ ।।

ଆକାଶୁ ନିଭିଛି ରଙ୍ଗ ଥିଲା ଯେତେ ସବୁ
ତାରାମାନେ ଝଡି ଯା'ନ୍ତି ଶୁଷ୍କ ଫୁଲ ପରି
କ୍ଲାନ୍ତିରେ ଅବଶ ଜହ୍ନ
ନିଦେଇ ଯାଇଛି ପରା !
ମାଳମାଳ ରହସ୍ୟମୟ ବଉଦ କୋଳରେ !!

ବାସହୀନ କ୍ଷତାକ୍ତ ପକ୍ଷୀ ପରି
ନିରର୍ଥକ ଆଶା, ଅକୁହା ଯନ୍ତ୍ରଣା ନେଇ
ତମକୁ ଖୋଜିବା ବେଳେ ଅଣନିଃଶ୍ୱାସୀ ହୋଇ
ବିକ୍ଷତ ଆଶା ସବୁ ଘୁରି ବୁଲନ୍ତି ଇତସ୍ତତ
ମଲା ଲୋକଙ୍କ କୋଳାହଳର ଭିଡ ଭିତରେ
ନିଜେଇ ହଜିଯାଏ, ହଜିଯାଏ ମୋ ସ୍ଥିତି
ସମୟର ଆଗ୍ନେୟ ଦୀର୍ଘଶ୍ୱାସରେ
ଜଳିପୋଡ଼ି ଯାଏ ଜୀବନର ସକଳ ଦୁଃସ୍ଥିତି ।।

ପାର ହୋଇ ଆସିଲିଣି କାହିଁ କେଉଁ କାଲୁ
ତମ ଗାଁ, ବାରିମୂଳ, ଆମ୍ବତୋଟା,
ଭରା ନଈ, ଅପନ୍ତରା ବାଲିଚର,
ଜ୍ୟୋତ୍ସ୍ନାସ୍ନାତ ତମ ଦେହ, ନିବିଡ ଅନ୍ଧାର,
ଫର୍ଦ୍ଦ ଫର୍ଦ୍ଦ ହଳଦିଆ କାଗଜରେ
ଝାପ୍ସାଝାପ୍ସା ସ୍ମୃତିର ଦାଗ ଅତୀତର
ବେଦନାରେ ନଈ ବହିଯାଏ
ଛାତି ଚିରି ଶୋଣିତର ଧାର,
ଅବିସ୍ମୃତ ଅନ୍ତରଙ୍ଗ ବିହ୍ୱଳ ମୁହୂର୍ତ୍ତମାନଙ୍କ
ଅଳନ୍ଧୁ ଓହଳି ରହିଛି
ଶେଷ ପତ୍ରଝଡ଼ା ପରି ବିବର୍ଣ୍ଣ ବସନ୍ତର
ହଜିଯାଇଛି ନାମ, ଗୋତ୍ର ପରିଚୟ
ନିଛାଟିଆ ସାରା ଘର ଆବୋରି ରହିଛି
ଯନ୍ତ୍ରଣାର ବହଳ ଅନ୍ଧାର ।।

*ଅଯୋଧ୍ୟା ନଗର ପ୍ରଥମ ସରଣୀ,*
*ବ୍ରହ୍ମପୁର - ୭୬୦୦୧୦*
*ଦୂରଭାଷ: ୭୫୩୯୮୧୨୯୫୧*

# ଆଞ୍ଜୁଳାଏ ନୀରବତା

ମୀନକେତନ ପଶାୟତ

ମୁଠାଏ ମାଟି
ଚେନାଏ ଆଲୁଅ
ଦଲକାଏ ପବନ
ଆଉ ଆଞ୍ଜୁଳାଏ ପାଣିରେ ଓଦା ହେଲେ
ବୀଜରେ ଖେଳିଯାଏ ସ୍ପନ୍ଦନ
ଜଡତାର ଶୁଖିଲା ଦେହରେ
ସଂଚରୀ ଯାଏ ଜୀବନ
ଯେମିତି ଅନ୍ଧାରୁଆ ଛାତିରେ
ସୁନେଲି କିରଣ।

ଏଠି ଫୁଲ ଫୁଟେ
ପ୍ରଜାପତି ବି ଉଡେ
ସ୍ନିଗ୍ଧ ପାଖୁଡ଼ାରେ ରଙ୍ଗ ଭରେ
ମହମହ ବାସ୍ନାରେ
ଭ୍ରମର ବି ମତୁଆଲା ହୁଏ
ଅନନ୍ତ ସୃଷ୍ଟିର
ଶୋଭାବନ୍ତ କିଆରୀରେ
ଜୀବନ ଦାନା ବାନ୍ଧେ
ବଂଚିବାର ମଧୁର ସ୍ୱପ୍ନରେ।

ପବନ ବନ୍ଦ ହେଲେ କିନ୍ତୁ
ଅଟକି ଯାଏ ଜୀବନ
ମହାନିଦ୍ରା ଆସେ
ଆରମ୍ଭ ହୁଏ ମହାଯାତ୍ରା
ସେଠି ନ ଥାଏ ସ୍ୱପ୍ନ
ଫୁଲର ରଙ୍ଗ ବି ନ ଥାଏ
ସେଠି ନା ଥାଏ ଆୟବ୍ୟୟ
ଦେବା ନେବାର ହିସାବ ନିକାଶ
ନା ଥାଏ ତେଲ ଲୁଣର ଝନ ଝଟ୍
ଥାଏ କେବଳ ଅଖଣ୍ଡ ନୀରବତା
ଅତଳ ଗହୀରରେ ଯା ' ର ଶୁଭୁଥାଏ
ଖାଲି ଦିବ୍ୟତାର ସ୍ୱର ଅହରହ।

ଆସ !
ପବନକୁ ବାନ୍ଧ ନିଅ
ମୁଠାକୁ ଖୋଲି ଦିଅ
ଖୋଲିଦିଅ କବାଟ ଝର୍କା
ଆଡେଇ ଦିଅ ପର୍ଦ୍ଦା
ପରସ୍ତ ପରସ୍ତ ଚେତନାର
ପ୍ରଶସ୍ତ ଆଞ୍ଜୁଳାରେ
ସାଉଁଟି ନିଅ ଆଞ୍ଜୁଳାଏ ନୀରବତା
ଦେଖିବ
ଜୀବନ କେମିତି ପାଲଟି ଯିବ
ମହାସୌନ୍ଦର୍ଯ୍ୟର ଜୀବନ୍ତ ପ୍ରତିମା।

*କ୍ୱା . ନ.- ଏଫ୍. ଏଲ.-୧୧, ବାସନ୍ତୀ ନଗର*
*ରାଉରକେଲା -୧୨*
*ଦୂରଭାଷ: ୯୯୩୭୮୭୭୫୨୯*

# ମାଆଙ୍କ ପାଇଁ ପଦେ

ଚନ୍ଦନ କୁମାର ଦାସ

ଶରତ ମେଲିଛି ଶୋଭାର ମେଲାଣି
ଆଶ୍ୱିନ ଅଗଣା ପରେ
ଆକାଶେ ହସୁଛି ଧଳା ମେଘଖଣ୍ଡ
କାଶତଣ୍ଡି ନଈ ଧାରେ।
ସବୁଠିଁ ଛୁଟୁଛି ସେନେହ ସୁବାସ
ମମତାର ମଧୁଝର
ଏ ଧରା ବୁକୁରେ ପଡ଼ିଛି ପରାଲୋ
ମାଆଙ୍କର ଶ୍ରୀପୟର।
ଘଂଟ ଘଂଟା ଆଉ ହୁଳହୁଳି ସ୍ୱରେ
ପୂରି ଉଠୁଛି ଏ ଧରା
ସବୁରି ଓଠରୁ ଉକୁଟୁଛି ହସ
ନିସ୍ତେଜରୁ ତେଜ ପରା।
ଧୂପ ଦୀପ ଆଉ କର୍ପୁର ଚନ୍ଦନେ
ମହକୁଛି ପୂଜା ବେଦୀ
ଅପୂର୍ବ ଆନନ୍ଦେ ପୂରି ଉଠେ ପ୍ରାଣ
ସକଳ କଳୁଷ ଭେଦି।
କଳୁଷ ନାଶିନୀ ଆଶୀଷ ଦାୟିନୀ
ମାଆ ମୋ ମମତାମୟୀ
ସକଳ ବିଷାଦ ବାଦ - ବିସମ୍ବାଦ
ଆସିଛି ତାରିବା ପାଇଁ।
ମାନବ କଲ୍ୟାଣୀ ଅଭୟ ଦାୟିନୀ
ନାଶିଛି ମହିଷାସୁର
ଆସିଛି ମରତେ କଲ୍ୟାଣ ପରତେ
ହରିବାକୁ ପାପ ଭାର।
ମାଆ ଦରଶନ ପାଇଁ ସଦା ମନ
ଚାତକ ପ୍ରାୟେ ନୟନ
ଆଗମନେ ତାର ଧନ୍ୟ ହେଲି ମୁହିଁ
ଧନ୍ୟ ହେଲା ଏ ଜୀବନ।

*ସା:ପୋ - ଆରୁହାବୃତ୍ତି, ଭା: ଦହମୁଣ୍ଡା,*
*ବ୍ଲକ୍: ଭୋଗରାଇ, ଜି: ବାଲେଶ୍ୱର,*
*ଦୂରଭାଷ: ୮୧୧୪୩୪୫୯୮୮*

# ଭୋର୍ ସକାଳ

## ପ୍ରସନ୍ନ କୁମାର ଜେନା

ସବୁଦିନ ସଅଳ ଉଠନ୍ତି ସେ
ପୂରୁବର ଦିଗନ୍ତ ଉହାଡୁ
ମୋତେ ହରବର କରି ।
ମୁଁ ଉଠେ, ପାଦ ପକାଏ  ମାଟିରେ,
ଛୁଏଁ ଅମୃତ ମାଟିକୁ
ଓ ତା' ପରେ ମୋ କପାଳକୁ ।
ଝରକା ଖୋଲି ଚାହେଁ ଆକାଶକୁ,
ଆଖି ଝଲସି ଯାଏ ତାଙ୍କ ଦର୍ଶନରେ
ହାତ ଦି'ଟା  ଯୋଡି ହୋଇଯାଏ,
ଓଠ ଦୁଇଟାରୁ ସ୍ଫୁରି ଉଠେ - - - -
ଯବା କୁସୁମ ସଂକାଶଂକାଶ୍ୟପେୟଂମହାହ୍ଯୁତିଂ
ଧ୍ୱାନ୍ତାରିଂ ସର୍ବ ପାପଘ୍ନଂପ୍ରଣତୋସ୍ମିଦିବାକରଂ

ଆକାଶରୁ ମାଟି ଓ ମାଟିରୁ ଆକାଶରୁ ଛୁଉଁଥିବା
ଅରୁଣ ଆଭାରେ ଲୁଚିଯାଏ
ଦୂର ଦିଗନ୍ତର ଅନ୍ଧାର
ଆହା ! କେତେ ଭଲ ଏଇ ଭୋର ଆକାଶ ।
ମେଲା ପଡିଥିବା
ଆମ ଉତ୍ତର ଡିହରେ
ମୁଁ ଲଗାଇଥିବା ଜହ୍ନି କାକୁଡି
ଲାଉ ଆଦି ଗଛରେ ଫୁଟୁଥିବା ଫୁଲ
ଓ ଅର୍ଦ୍ଧ ମୁକୁଳିତ
ଫୁଲର ପାଖୁଡା ସବୁକୁ ମୁଁ ନିରେଖି ଦେଖେ
କାକରବୁନ୍ଦା ସବୁ ଝଲମଲ ଦିଶନ୍ତି
ଅରୁଣ କିରଣେ,
ଖେଳୁଥାନ୍ତି ଫୁଲସବୁ ସୁଲୁ ସୁଲୁ ବାଆରେ ।
ଅଗଣାର ମନ୍ଦାର, ତୁଳସୀ,
କନିଅର, ମାଳତି, ସେବତୀ,
ପେନ୍ଥା ପେନ୍ଥା ଲେମ୍ବୁ
କାନ୍ଦି କାନ୍ଦି କଦଳୀ ଓ ଫୁଲ ଫଳ ସବୁ-
ତୁମେ ମାନେ ମୋର ସଖା ସହୋଦର
ତୁମେମାନେ ଭରିଛ ମୋ ପୃଥିବୀକୁ
ଧନଧାନ୍ୟରେ; ସମୃଦ୍ଧିରେ,
ସମୃଦ୍ଧି ଯାହା ଥାଏ
ଖାଲି ମୋ ହୃଦ କନ୍ଦରରେ ।
ତାକୁ କିଏ ଦେଖିପାରିବ
ମୋ ବ୍ୟତୀତ  !
ଭାସିଆସେ ନାମ ନଥିବା ଚଢେଇ ମାନଙ୍କ
କିଚିରିମିଚିରି ସଙ୍ଗୀତ,
ମଙ୍ଗଳ ଆଳତି ଶୁଭେ ଭାଗବତ ଘରୁ ।
ଏତେସବୁ ଧ୍ୱନି ପ୍ରତିଧ୍ୱନି ଭିତରେ
ବାସକରେ ଅଖଣ୍ଡ ନୀରବତା-
ମନର ପରିଧିରେ ଆଉ ଏକ ପୃଥିବୀ ।
ମୋ ହୃଦୟର ନିଭୃତ କନ୍ଦରରେ
ଜଳୁଥାଏ ସନ୍ତାପର ବହ୍ନି ଶିଖାଟିଏ,
ତଥାପି କେଉଁ ଅନନ୍ତ କାଳରୁ
ମୁଁ ଅପେକ୍ଷା କରୁଥାଏ
ସେଠି ଫୁଲଟିଏ ଫୁଟୁ ।

*ଆଇ.ଏ.ଏସ୍. ଅବସରପ୍ରାପ୍ତ,*
*ଦୂରଭାଷ: ୯୮୬୧୫୭୨୨୪୧*

# ଏଇଠି ଜଳୁଛି ଆଜି ମୁହିଁ ଏକା

## ନୀଳମଣି ଚାନ୍ଦ

ଏଇଠି ଜଳୁଛି ଆଜି ମୁହିଁ ଏକା
ମୋତେ ଜଳିବାକୁ ଦିଅ
ଚନ୍ଦନକାଠ, ଘିଅ ଲୋଡ଼ା ନାହିଁ
ନିଜ ବାଟେ ନିଜେ ଯାଅ।

ମୁଁ ହୋଇଗଲି ମୋ ଶବବାହକ
କାହାକୁ ତ ଲୋଡ଼ିଲିନି
ଭାବିଲି ଜନମିଥିଲି ଧରା ପରେ
ହଳାହଳ ପାନ ପାଇଁ
ପ୍ରତାରଣା ପରେ ନୀରବି ଯାଇଛି
ଏବେ ହେଉଛି ମୋ ଦାହ।

ସପନବିଳାସୀ ହୋଇଥିଲି ଦିନେ
ନୀଳପରୀ କଥାଟିରେ
ସେହି ନୀଳପରୀ ଛାଇ ତ ପଡୁନି
ରହିଛି ଆଜି ସେ ଦୂରେ
ଏତେ ବଡ଼ ଦୁନିଆକୁ ଯାଏ ଛାଡ଼ି
କରୁଣ-ଗୀତି ନ ଗାଅ।

*୨୭, ମନ୍ତମାନୋର, ଗୋଠପାଟଣା,*
*ଭୁବନେଶ୍ୱର-୨୯*
*ଦୂରଭାଷ: ୯୮୫୩୨୦୨୩୫୭*

# ମଶାଲ

## ନିରଂଜନ ସାହୁ

ସତକୁ ଲୁଚାଇ
ଲୋଭରେ ଅବା
ଦୋଷରେ ହେଉ
ଅହଂକାରରେ
ଅତିରଞ୍ଜିତ କରି
ମିଛର ସାହାରା
ନଈବଢ଼ିରେ ପଡ଼ି
କ୍ଷତିଗ୍ରସ୍ତ ହେବାପରି
ମଣିଷ ଭାଙ୍ଗିପଡ଼ିବ।

ଜୀବନ ସୁଧାରିବା
ସତ୍ୟକୁ ପଛ ନ ନକରି
ସମ୍ପର୍କକୁ ନଷ୍ଟ ନ କରି
କାହାକୁ ଦୁଃଖ ନ ଦେଇ
ବିଶ୍ୱାସ ନ ଭାଙ୍ଗି
ଅନ୍ତରାତ୍ମାର ଆହ୍ୱାନକୁ
ମାନି ନେବା -
ହୃଦୟର ମହୌଷଧି।

ସାଧୁତାରେ ମନଖୋଲି ଦେବା
ଲୋକ ଓ ସମାଜ
ପ୍ରଶଂସା କରିବେ
ମୂଲ୍ୟବୋଧର ଗଭୀରତାରେ
ସାହସୀ ହୋଇ
ମିଛ ଯୁକ୍ତି ଛଳନାରେ
ଛନ୍ଦି ନ ହେଲେ
ଆଗେଇବାର ଦୁଆର
ଖୋଲି ଯାଏ।

ବିବେକର ଆଲୁଅରେ
ବିଭାସିତ
ପୁରସ୍କୃତ ହେବା
ସଫଳତା ଆଣିଦେବ
ସୁଖ, ଶାନ୍ତି, ସମ୍ମାନ -
ପରିତୃପ୍ତ ଜୀବନ।

*କେ-୭, ୬୪୧, କଳିଙ୍ଗ ନଗର, ପୋ.-*
*ଘାଟିକିଆ,  ଭୁବନେଶ୍ୱର-୨୯*
*ଦୂରଭାଷ: ୮୮୯୫୧୭୬୮୬୪*

# ନାଚାର ନାରୀ

## ବିପ୍ଳବ ରଞ୍ଜନ ପତି

ଯେତେଥର ପ୍ରଜାପତିର ପ୍ରେମରେ ପଡ଼ି
ସେ ଫୁଲ ହେଇ ଧାଇଁଲା
କାଚ ପରି ଚକ ଚକ ଜୀବନଟା ତାର
ପାରଦ ପଛର ପାରିବା ପଣିଆର ପରୀକ୍ଷାରେ
ନିଜ ସହ ନିଜେ ବାରମ୍ବାର ଧକ୍କା...ଧୋକା ଖାଇଲା
ଚକ ଚକ ଦିଶୁଥିବା
ଲୋଭନୀୟ ସ୍ୱଚ୍ଛ କାଚ କି ଆଇନାର
ଓଃ କି ତୀକ୍ଷଣ ଧାର!!!

ଲୁହ କି ଲହୁ ପାଇଁ ତ ବେଶ ଯଥେଷ୍ଟ।

ନିଜକୁ ଧିକ୍କାରିଲା
ବୁଝେଇଲା
କହିଲା
ଏଇ ଦେଖ
ଚୋଟ ପରେ ଚୋଟ ଖାଇ
ମୁଁ କେମିତି ଛୋଟେଇ
ଦେଉଛି ନିଜକୁ,
ତୁମ ସେ ଅହମିକା ପାଖରେ।
ଖୁସି ହୁଅ
ଏଇଥି ପାଇଁ ଯେ
କାଲିଭଳି ହୃଦୟ ଟା
ଅବିକଳ ଅଛି
ତୁମେ ଚାହୁଁଥିବା ସାଇଜରେ।
ଏଇ ଦେଖୁନ ପୁରାପୁରି
ଅକ୍ଷତ ଅଛି ସିଏ
ଚୋଟଟେ ବି ବାଜିବାକୁ ଦେଇନି
ତା ଦେହରେ
ନିଜର ଅସତର୍କତାରେ ।
ଦୁଃଖ ପାଇଁ ବରଂ ବିଛେଇ ଦେଇସାରିଛି
ମାର୍ବଲର ଚଟାଣ
ଖଜୁରୀ ଗଛର ଦେହରେ

ଠିକ କହିଛ
ଗୋଲାପର ପୁଣି ରତୁ ଗୋଟେ କଣ
ଏଣିକି ସବୁ ରତୁକୁ ଶୀତଳ ଭଣ୍ଡାରରେ
ରଖି ଉପଭୋଗ କରାଯାଇପାରେ
କଣ୍ଟାରେ ଚାଲି ଜାଣିଲେ ଯନ୍ତ୍ରଣାରେ ତ
ଶୀଘ୍ର ଚାଲି ହେବ ବାଟ
କେବଳ କଷ୍ଟ ହିଁ ସହଳ କିଣି ନେଇପାରେ ଲକ୍ଷ୍ୟ
ପକ୍ଷୀ ଥଂଟ ମାପର ଆହାର ଟିକେ ପାଇଁ
ଯେଉଁ କଦଳୀ ପତ୍ର ଖଣ୍ଡେ ଖୋଜିଛି
ପବନ ମାଡ଼ରେ ସେ ସାତ ସିଆଁ କେଉଁକାଲୁ

ଦୁଃଖ ସବୁକୁ ଢ଼ୋକିନେବା ପରେ
ଆଉ କାହାକୁ ଡର
କାହାକୁ ଅପେକ୍ଷା

ଯେଉଁ ବିଜୁଳି ତାରକୁ ଛୁଇଁଦେଲେ
ଜୀବନ ଯାଏ ଦେଖିନୁ!
ସେଇଠି ପକ୍ଷୀଟିଏ କେମିତି
ଏକଲା ବେଶ ବେଧଡ଼କ ବସିଥାଏ
ସବୁ ଚୋଟ, ସବୁ କ୍ଷତ,ସବୁ ପାହାର, ଶକ୍ତିଦିଏ

ଝିଅ ଯେବେ କଳା ମଚ ମଚ ପିଚୁ ରାସ୍ତାରେ
ଏକାହୋଇ ଚାଲିବା ଅଭ୍ୟାସ କରେ
ରାସ୍ତାର ବି ନିଦ ଭାଙ୍ଗେ ଅଧ ରାତିରେ
ସେ ରାସ୍ତା କେବେ କେବେ ଝିଅର ହାତ ଧରେ
ଯେବେ ପାଦ ଖସି ଝିଅର ଦେହ ରାସ୍ତାରେ ବହିଯାଏ
କାଇଁ ସେ କଳା ରାସ୍ତାରେ ଟିକେ ବି କଳଙ୍କ ନ ଥାଏ
ଦେହ ଗୋଟେ ବୋଝ
ଦେହ ଗୋଟେ ଭୟ
ସନ୍ଦେହରେ ସତୀତ୍ୱର ସଂଜ୍ଞା କଳଙ୍କ
ମାଟିହାଣ୍ଡିର ଲୁଣ

ଢେର ଢେର ମାଟି ଖୋଳି
ଯେଉଁ ହାଡ଼ ଗୋଡ଼ ଦିଖଣ୍ଡ ପାଇଲ
ସେଇ ମାଟି ତଳେ ସବୁ ନାରୀମାନଙ୍କ ନଅର
ପୁରୁଷ ଦେବତା ହୋଇ ଜନ୍ମ ହେଲେବି ଏକା ଡର
ବାରମ୍ବାର ଚୋଟ କି ଆଘାତ ପାଇ
ଦେହ ମନ ଜୀବନ ସବୁ ମକଚି ଗଲାପରେ
ଦିନେ କାନ୍ଦିବା କି କଇଁଳିବା ବି ଭୁଲି ଯାଏ ଗଛ
କାଠ ହୋଇ ସବୁ ଖରା ବର୍ଷାକୁ ଯେବେ ପିଠି କରିଦିଏ
ତଥାପି
ନିସ୍ତାର ନଥାଏ

ଛାର ଛତୁଟିଏ ବି ସେଠି
ତା ଜୀବନର ଛପନ ଭୋଗ ଟିକକ ପାଇଁ
ଖୁବ ଗୋଟେ ଲମ୍ବା ଅପେକ୍ଷା ପରେ
କହିବାର ଥାଏ କୁଆଁ...
ଡାକିବାର ଥାଏ ମା..ଆ...।

ସଜ ସର୍ଜନାର
ଶୂନ୍ୟ ପୂର୍ଣ୍ଣତାର
ନୀରବ ,ନିର୍ବେଦ ,ନିର୍ବିକାର
କୋଟି ପୁଣ୍ୟର କୋଳ
ଅନିର୍ବାଣ ଆନନ୍ଦ
ଏ ମୋହର ମୃତ୍ୟୁ କାହିଁ??

*ମମତାମନ୍ଦିର, ଝିଙ୍କିରିଆ, ଆରସା, ତିହିଡ଼ି,*
*ଭଦ୍ରକ,୭୫୬୧୩୯*
*ଦୂରଭାଷ: ୭୦୦୮୦୫୯୬୦୧*

# ଦାଗ

## ନୀରଦ ସୁନ୍ଦର ଜେନା

ମୋ କପାଳରେ
ଏ ଦାଗକୁ ଦେଖିଲେ
କେହି ହେଲେ ବି
ଦଣ୍ଡେ ଘଡିଏ ଅନାଇ ରହନ୍ତି
ସାହସ କରିପାରିଲେ
କେହି ବି ପଚାରନ୍ତି
କେମିତି ହେଲା ଏ ଦାଗ।
ମୋ ମାଆକୁ ଯିଏ ଦେଖିଛି
ସେ ତ ଚକିତ
ବିସ୍ମିତ ନେତ୍ର ମନରେ
ପଚାରି ଦିଅନ୍ତି
ଆଉ ମୁଁ ବି
ସଜ୍ଞାନ କାଳରୁ ଦର୍ପଣରେ
ମା' କପାଳର ଦାଗ ସହ
ମୋ ଦାଗର ସାଦୃଶ୍ୟ ମିଳାଏ
ପଚାରିଲେ ମା' ନୀରବି ଯାଏ
ଆଖି ତା'ର ବାଦଲାକ୍ତ ହୋଇଯାଏ
ବାପାଙ୍କୁ ପଚାରିଲେ
ତଳକୁ ମୁହଁ ପୋତି ଦିଅନ୍ତି
ଆଖି ତାଙ୍କ ଅନୁତାପାୟିତ ହୋଇଉଠେ।
*** *** ***
ଏବେ ଏବେ ଜାଣିଲି –
ମୁଁ ଝିଅ ହେଇ ଜନ୍ମ ହେବାକୁ ଯାଉଛି
ବାପା ଯେବେ ଜାଣିଲେ
କ୍ରୋଧରେ ସେ
ମାଆ କପାଳରେ ରନ୍ଧା ଖୁସୁଣୀରେ
ଆଙ୍କି ଦେଇଥିଲେ ଏଇ ଦାଗ...।

*ସଂପାଦକ, ନମୟୂରୀ,*
*ବେତନଟୀ, ମୟୂରଭଞ୍ଜ*
*ଦୂରଭାଷ: ୯୮୬୧୩୪୮୫୨୩*

# ଅନ୍ଧ

## ବୃନ୍ଦାବନ ବାଡ଼ତ୍ୟା

ଅନ୍ୟାୟର ଆକ୍ରମଣରେ
କ୍ଷତାକ୍ତ ହୋଇ
ରକ୍ତରେ ଗାଧୋଇ ହୋଇଥିବା
ନ୍ୟାୟର କାୟାକୁ ଦେଖିଛ ?

କଞ୍ଚ ମାଂସ ଲୋଭୀ
ଦୁର୍ବୃର୍ତ୍ତ ହିଂସ୍ରର କାମୁଡ଼ାରେ
ଲହୁ ଲୁହାଣ ହୋଇଥିବା
ବିବିସ୍ତ୍ର ଲଳନାକୁ ଦେଖିଛ ?

କୌଣସି ପ୍ରଲୋଭନରେ ଫଶି
ସର୍ବହରା ହୋଇ
ପରିତ୍ୟକ୍ତ ପାନ୍ଥାଶାଳାରେ
ଶବ ପରି ଶୋଇଥିବା
ସରଳ ମଣିଷକୁ ଦେଖିଛ ?

ଏସବୁ ଦୃଶ୍ୟର ପ୍ରମାଣ
ନଷ୍ଟ କରାଯାଇଥିବାରୁ
ନିଜେ ନିଜ ଆଖିରେ ଦେଖିଥିବା
ମଣିଷଟି କହେ ମୁଁ କିଛି ବି ଦେଖିନି
କାରଣ ମୁଁ ଏବେ ଅନ୍ଧ ହୋଇଗଲିଣି,
ମୁଁ ଏବେ ଅନ୍ଧ ହୋଇ ଗଲିଣି ॥

*ଡେରା ସାହି, କଙ୍କୋରାଡ଼ା, ଗଞ୍ଜାମ,*
*ପିନ୍-୭୬୧୧୪୪*

# ଝଡ଼

## ବିଦ୍ୟାଧର ସେଠୀ

(ଏକ)
ଝଡ଼ ଏମିତି ଅଦିନିଆ ଆସେ
ଏବେ କିନ୍ତୁ ତୀବ୍ରରୁ ତୀବ୍ରତର
ପ୍ରତି ମୁହୂର୍ତ୍ତରେ ପ୍ରଚଣ୍ଡ ବେଗରେ
ପ୍ରବହମାନ ଏ ଝଡ଼ ଅସହ୍ୟ ଖୁବ
ନୁହେଁ କି... ?

ଅମୃତବେଳା ତଥା ଅମୃତ ବର୍ଷାର କୁମ୍ଭ
କେଉଁଠି ମିଳେ କେଜାଣି
ମୋ ଘର ଛାତ ଉପରେ ଛିଡ଼ାହେଲେ
ଦୃଶ୍ୟ ହୁଏ ସୁରମ୍ୟ ପାହାଡ଼ର ଚୂଡ଼ା
ବଖାଣିଥାଏ ଐତିହ୍ୟ ଗରିମା
ପାଦଦେଶରେ କିନ୍ତୁ ଆଦିମାନବ ଯେତେ
ଚାତକ ପରି ଚାହିଁ ବସିଛନ୍ତି କାଳେ
ତୁଣ୍ଡରେ ମିଳିଯିବ ଟୋପାଏ
ଅମୃତ ।

ମୁଁ ସାମ୍ନା କରୁଥିଲି ଝଡ଼କୁ
ପ୍ରତିହତ କରିବାର ସାମର୍ଥ୍ୟ ଥାଇ ବି
ଅସମର୍ଥ ମୁଁ
ଅନେକ ମୋ ଭଳି ଯୁଦ୍ଧକରି ମଧ
କ୍ଳାନ୍ତ
ବୋଧହୁଏ ଅସହିଷ୍ଣୁତାର ବଳୟରେ
ଝଡ଼ ଏବେ ଘନୀଭୂତ ।

ବିଧି ବ୍ୟବସ୍ଥା ସୁଦୃଢ଼ ହେଉଛି କି ଦୁର୍ବଳ
ସେକଥା ମୁଁ ଜାଣିନି
ହୁଏତ କିଏ ଜାଣିଥିବ, ସମୟ କହିବ
ନେଡ଼ି ଗୁଡ଼ କହୁଣୀକୁ ବହିଗଲା ପରେ
ନା ଥିବ ବାଉଁଶ ନା ଥିବ ବଂଶୀ ।

(ଦୁଇ)
ଏକାନ୍ତରେ ଝଡ଼ର ତୀବ୍ରତା ମାପୁଥିଲି
ମୁଁ
ଶିଉଳିଲଗା ଛାତରେ ଠାଏ ଠାଏ ପାଣି
ଗୋଡ଼ କାଳେ ଖସିଯିବ
ସାବଧାନ... ।

ଗୋଧୂଳିର ଛାତିଚିରି ଚାହୁଁ ଚାହୁଁ
ନଇଁ ଆସୁଥିଲା ସଞ୍ଜ
ଛାଇ ଅନ୍ଧାରରେ ମୁଦି ଯାଉଥିଲା ଆଖି
ଝାପ୍ସା ଦିଶୁଥିଲା ଏ ଝଡ଼ର
ବିକୃତ ଚେହେରା ।

ବାରମ୍ବାର ଦିଗ ବଦଳାଉ ଥିଲା ଝଡ଼
ରୂପରେଖ ବି କିମ୍ଭୁତକିମାକାର
ସବୁଜ କ୍ଷେତରେ ନିଆଁ, ଝୁମ୍ପୁଡ଼ିରେ ନିଆଁ
ବେସାହାରା ଆଦିମାନବ ।

ମାଟି ସୁରେଇରୁ ପାଣି ପିଇଲେ ପୁଣି ପାପ
ଏହା ଝଡ଼ କି ଅସହିଷ୍ଣୁତାର ଗରଳ
କହିବା ମୁସ୍କିଲ ।

ମଶାଣିର ପାଉଁଶଗଦାରୁ ଏବେ
କୁହୁଳିଲାଣି ନିଆଁଝୁଲ
ଚାରିଆଡ଼େ ଧୂଆଁ, ବୋଧହୁଏ
ବିଦ୍ରୋହର ବହ୍ନି
ଲୁହାକୁ ଲୁହା କାଟେ, ନିଆଁକୁ... ?
କିଏ ଜାଣେ, କୌଣସି ବି ମୁହୂର୍ତ୍ତରେ
ଏ ଝଡ଼ ଥମିଯିବନି ତ... !

*ବ୍ୟକ୍ତିଗତ ସହାୟକ*
*ଜିଲ୍ଲା ପରିଷଦ କାର୍ଯ୍ୟାଳୟ, ବାଲେଶ୍ୱର*
*ଦୂରଭାଷ: ୯୯୩୭୮୩୫୮୭୭*

# ଝିଅ

## ରତ୍ନ ମଞ୍ଜରୀ ରାଉତ

କନ୍ୟା ରତ୍ନ ବୋଲି ଯାହାକୁ କହନ୍ତି
ସବୁଠାରୁ ଭିନ୍ନ ସେହି
ଜୀବନସାରା ସେ ଜଞ୍ଜାଳ ମୁଣ୍ଡାଏ
କେତେ ଝଡ଼ ଝଞ୍ଜା ସହି ।

ପୁଣ୍ୟ ଅରଜନ କରିଥାଏ ମାଆ
ଝିଅଟେ ହେଲେ ଜନମ
ସାର୍ଥକ ହୁଏ ତା ଅଧୁରା ଜୀବନ
କରେ ଯେବେ କନ୍ୟାଦାନ ।

ଝିଅଟିଏ ନିଷ୍ଠେ ବଡ଼ ହୋଇ ଦିନେ
ରଖିବ କୁଳର ନାମ
ପୁଅ ଝିଅ ମଧ୍ୟେ ନଥାଏ ଅନ୍ତର
କିଏ ମୁଖ୍ୟ କିଏ ଗୌଣ ।

ମାଆ କୋଳେ ବସି ଆଞ୍ଜୁଳା ଚାଉଳ
ଦେଇ ମାଆର କାନିରେ
ପର ଘରି ହୋଇ ସଂସାର ଗଢ଼ଇ
ସାଥୀ ସହ ଆନନ୍ଦରେ ।

ଝିଅ ଠାରୁ ବେଶୀ ବାପା ମାଆଙ୍କର
ଦୁଃଖକେ ପାରଇ ବୁଝି
ବୁଢ଼ା ବୟସରେ ସେବା କରୁଥାଏ
ପକ୍କା ମାଆଟିଏ ସାଜି ।

ଦୁହିତା ନୁହେଁ ସେ ଦୁଇ କୁଳ ହିତା
ବଢ଼ାଏ କୁଳର ମାନ
ତା କିରତି ଦେଖି ଏ ସାରା ସଂସାର
କରେ ତାର ଯଶ ଗାନ ।

*ବଡ଼ଡେରା, ମଣ୍ଡୁଆ, କେନ୍ଦୁଝର-୭୫୮୦୧୪*
*ଦୂରଭାଷ: ୯୪୩୮୭୭୫୧୪୫*

# ବାପା

ପ୍ରିୟଦର୍ଶିନୀ ନାୟକ

ଡର ଥିଲା ଏରୁଣ୍ଡିବନ୍ଧ ଡେଇଁବାକୁ ମୋର
ଛାଡ଼ିବାକୁ ହେବ ହାତ ମୋ ବାପାଙ୍କର
ବାପା ମଣିଷଟି ମୋ ପାଇଁ ଅତି ନିଆରା
ମୋ ପାଇଁ ସରଗ ସେ, ପାରିଜାତ ପରା
ତାଙ୍କ ସ୍ଥାନ କିଏ ଆଉ ପୂରଣ କରିବ ?
ହୃଦୟରେ ସେ ସ୍ଥାନ ଫାଙ୍କା ହିଁ ପଡ଼ିବ... !

କୁହାଗଲା, ମା' ଏବେ ଶଶୁର ଘର
ତୋ ପାଇଁ ହେବ ସରଗ ପୁର,
ସ୍ୱାମୀ, ଶାଶୁ, ଶଶୁର, ନଣନ୍ଦ ଦିଅର
ଏଇ ମାନେ ତୋ ପାଇଁ ହେବେ ନିଜର

ପ୍ରଥମେ.....
ମନରେ ମୋର ଅଜଣା ଏକ ଡର
କିଏ ସବୁ ଥିବେ କେଉଁ ପରକାର
ସବୁ ଡର ଗଲା ଧୀରେ ଦୂରେଇ
ମିଶିଗଲି ଯେବେ ସଭିଙ୍କ ସାଥିରେ
ଶଶୁରଙ୍କ ସ୍ନେହ ଯେବେ ପାଇଲି ମୁହିଁ
ବାପାଙ୍କ ପରି ଅବିକଳ ଲାଗିଲା କାହିଁ... !

ନ କହିବା ଆଗରୁ ମୋ ମନ ବୁଝି ନିଅନ୍ତି
ନ ମାଗିବା ଆଗରୁ ସବୁ ଆଣି ଦିଅନ୍ତି
ଝୁଣ୍ଟି ପଡ଼େ ଯେବେ ତାଙ୍କ ହାତ ଧରିନିଏ
ବାପା ତୁମ ପରି ମୋତେ ଅନୁଭବ ହୁଏ
ମୋତେ ଲାଗିଲା ମୁଁ ପୁରା ଭାଗ୍ୟଶାଳୀ
ଦୁଇ ବାପା ମୋତେ ଯାଇଛନ୍ତି ମିଳି...

*ଅଧ୍ୟାପିକା ଓଡ଼ିଆ ଭାଷା ସାହିତ୍ୟ ବିଭାଗ,*
*ସିମୁଳିଆ କଲେଜ, ବାଲେଶ୍ୱର*



# ମନର ଯାନରେ ମୋହର ଅଶ୍ୱ

ଅନସୂୟା ପଣ୍ଡା

ନିରୋଳାରେ
ଜହ୍ନର ଜରିକାମ ଚିକ୍ ଚିକ୍ ପଣତ ତଳେ
ଚନ୍ଦ୍ରବାସିନୀର ତୀବ୍ର ଇଚ୍ଛାର ରାଗରେ
ମୁଁ ଇଚ୍ଛାମତି ରାତିଟିଏ
ବିବାକ୍ୟରେ କିଛି ଲୋଭାସକ୍ତ
କଳ୍ପନା ସଜେଇ ଛୁଇଁଯାଏ

ଗୋଲାପୀ ସ୍ୱପ୍ନର ଦୁନିଆ
ନଥିବା ଭିତରେ ଥିବାର ଆଘ୍ରାଣ କରି।

ମୁଖଶାଳା ଗଢୁଥାଏ ଦୁର୍ଲଭ ମନ୍ଦିରର
ରାତି ରାତି ପଥରରେ ପ୍ରାଣ ଭରି
କଳ୍ପନାର କାନ୍ଥରେ ଆଙ୍କୁ ଥାଏ
ଭାବର ପଟ୍ଟଚିତ୍ର ପ୍ରୀତିର ରଙ୍ଗ ନେଇ।

ଅପହଞ୍ଚ ଦ୍ୱୀପଟିଏ
ଦିଶୁଥାଏ ଛଳନାର ଚିତ୍ରବନ
ପ୍ରବଳ ସ୍ରୋତକୁ ଟପିଯିବା ପରେ
ତଥାପି ପ୍ରାପ୍ତିର ହୁଙ୍କାର
ମନର ଯାନରେ ଯୋଡ଼ିଦିଏ
ମୋହର ଅଶ୍ୱ।

କୋଳାୟତ କରିବାର ଜିଦିରେ
ପୋଡ଼ିଯାଏ କମକୁଟା ଇଚ୍ଛାର ମହଲ
ପୁଣି ନୂଆ ଦୁଃଖ ସଜ ହୁଏ
ମାନଚିତ୍ରରେ କୋହରେ କାତର
ଏମିତି ମରି ମରି ଜୀଇଁବା
ଜୀବନର ଦୁଃସହ ଖେଳ।

*କ୍ୱାର୍ଟର ନଂ-୫.ଆର୍./୧, ଭି.ଏସ୍.ଏସ୍.ୟୁ.ଟି.*
*କଲୋନୀ, ପୋ. ଇଞ୍ଜିନିୟରିଂ କଲେଜ,*
*ବୁର୍ଲା, ସମ୍ବଲପୁର*

# ଚର୍ଯ୍ୟାପଦରେ ଚନ୍ଦ୍ରମୁଖୀ

ସୁରେଶ କୁମାର ନାୟକ

ଆଉ ଟିକେ ଲମ୍ୱିଥାଆନ୍ତା ରାତି
ଆଉ ଟିକେ ଜଳିଥାଆନ୍ତା ଦୀପ
ଗୋଟିଏ ରାତିରେ କ'ଣ ଆଙ୍କିହେଇହେବ
ତୁମ ହିରଣ୍ମୟୀ ରୂପ ?

ପ୍ରଥମ ପ୍ରହର ତ କଟିଗଲା ଲୁଚକାଳି ଖେଳରେ।

ତୁମକୁ ଗର୍ଭଗୃହରେ ଥାପିଲା ବେଳକୁ
ଶୃଙ୍ଗାରିତ ହୋଇ ବସିଲଣି ଗଜଦନ୍ତ ପଲଙ୍କରେ
ମଣ୍ଡପରେ ସଜେଇଲା ବେଳକୁ
ସୁନେଲି ଜରିବୁଣା ନାଲିଓଢ଼ଣୀ ପକେଇ
ଶୋଭା, ପାଲଲଣି ମାନ୍ୟତା ମାନ୍ୟତା ଚୁଲୀର
ଦେବଲୋକରେ ଖୋଜିଲାବେଳକୁ
ଘରକୁ ଘର ବୁଲିଲଣି ଶ୍ରୀୟାଚଣ୍ଡାଲୁଣୀ ବେଶରେ,
ସନ୍ନ୍ୟାସିନୀ ଭାବି
ପର୍ଣ୍ଣକୁଟୀରରେ ପହଞ୍ଚିଲା ବେଳକୁ
ରୋଷେଇଘରୁ ଗଳଦ୍ ଘର୍ମ ହୋଇ ବାହାରିଲାଣି
ହାତ ପୋଛି ପୋଛି ପଣତକାନିରେ।

ଚେତନାର ଆଇନାରେ ସ୍ଥାୟୀ ପ୍ରତିବିମ୍ୱ ନହେଲେ
କୋଉ ଶିଳ୍ପୀ ନା ତୂଳୀ ଆଙ୍କିପାରିଲାଣି
ଚନ୍ଦ୍ରମୁଖୀର ଅନଘ ଚିତ୍ରପଟ୍ଟ ?

ଦ୍ୱିତୀୟ ପ୍ରହର ବେଳକୁ ବୁଡ଼ିଗଲି ବିହ୍ୱଳତାରେ।
କୋଦାଳକୋଡ଼ା ମେଘୁଆ ବାଦଲ ପଛରେ
ଲୁଚିଥିବା ଜହ୍ନ ପରି
ତୁମ ଦେହରେ ଉକୁଟୁଥିଲା ଆଭା,
ଗହଳପତ୍ର ଫାଙ୍କରେ ମନ୍ଦିରର ଚୂଡ଼ା ଦିଶିବା ପରି
ମୁଁ ଯେତେଯେତେ ପାଖେଇଗଲି
ସମ ଦୂରତାରେ ତୁମେ
ହଳଦୀରଙ୍ଗର ପତାକାଟେ ହୋଇ
ଲହରଉଥିଲ ଅଦୃଶ୍ୟ ଦଧିନଉତି ଉପରେ,
ବେଣ୍ଟ ପୋଖରୀର କାଚକେନ୍ଦୁ ପାଣିରେ
ସହସ୍ରଦଳ କମଳଟେ ହୋଇ ଢଳଢଳ ହେଉଥିଲ,
ମୁଁ ହାତ ବଢ଼େଇବା ମାତ୍ରେ
ଶଙ୍ଖଧବଳ ଗ୍ରୀବା ଲହରେଇ
ହଂସିନୀଟେ ହୋଇ ଉଡ଼ିଗଲ ଦିଗ୍ ବଳୟ ଆଡ଼େ।
ମୁଁ ବିବାକ୍ ହୋଇଯାଇଥିବା ବେଳେ
ବୋଧହୁଏ ଘୁମେଇ ପଡ଼ିଥିଲି
କେଇଘଡ଼ି ଅସହାୟତାରେ।

ପ୍ରତିଜ୍ଞାବଦ୍ଧ ଥିଲି ତୃତୀୟ ପ୍ରହର।
ନା ଥିଲା ତନ୍ଦ୍ରା ନା ଅଳସକୁହୁଁା,
ପୂର୍ଣ୍ଣଜାଗରଣର ଉର୍ଜା ନେଇ
ସାରାଆକାଶ ବିଛେଇଲି ଜାଲ,
ଅଠାକାଠିରେ ରୁନ୍ଧିଦେଲି ବନସ୍ତର ବାଟ
ପବନକୁ କଲି ଗୁପ୍ତଚର
ନୀରବତାକୁ ଦ୍ୱାରପାଳ ସଜେଇ ବସିଗଲି
ଚେତନାର ଗମ୍ଭୀରିଘରେ, ଧ୍ୟାନମୁଦ୍ରାରେ,
ମୂଳାଧାରରୁ ସହସ୍ରାର ଯାଏ କୁଣ୍ଡଳିନୀ ଜାଗ୍ରତ କରି
ଗାୟତ୍ରୀ ମନ୍ତ୍ରରେ ତୁମକୁ
ଆବାହନ କରୁଥିଲା ବେଳେ
ବିଜୁଳିକନ୍ୟା ପରି ଟହଟହ ହସି
ମିଳେଇଗଲ ଶୂନ୍ୟରେ।
ପ୍ରଭାତୀତାରାର ଉଜ୍ଜ୍ୱଳତା
ଛୁରୀଟିଏ ପରି କାଟୁଥିଲା ଅନ୍ଧାରର ଅରମା
ବନ୍ଦାଣଥାଳି ଧରି ସଜହେଉଥିଲା ଦିଗଙ୍ଗନା
ସ୍ୱାଗତିବାକୁ ଦିନଙ୍କର,
ଏବେ ଚତୁର୍ଥ ପ୍ରହର।

ନିଜ ଚିତାଭସ୍ମର ପାଉଁଶରେ ବିବର୍ଣ୍ଣିତ
ମୁଁ ନୀମିଳିତ ଆଖି ଖୋଲିଲା ବେଳକୁ
ମୋ ଆଗରେ ସ୍ୱୟଂଭୂତା ଜ୍ୟୋତିର୍ମୟ ପ୍ରତିମା,
ଦୁଇଆଖିରେ ଜ୍ୱଳନ୍ତ ଚନ୍ଦ୍ର ସୂର୍ଯ୍ୟଙ୍କ ତେଜ
ଅଧରରେ ଜବାପୁଷ୍ପର ଲାଲିମା
ଗଳାରେ ମହଣେ ବନଫୁଲର ହାର
ବକ୍ଷରେ ପୀୟୁଷ କଳସ
କଟୀରେ ମୋତିଝରା, ପାଦରେ କିଙ୍କିଣୀ,
ତେଜସ୍ୱିୟତାରେ ଅନ୍ଧହୋଇଯିବା ପୂର୍ବରୁ
ମୁଁ ରଙ୍ଗରେ ତୁଳୀ ବୁଡ଼େଇ ଆଙ୍କିବସିଲି
ଈପ୍ସିତ ଚିତ୍ରପଟ୍ଟ,
ସଂବିତ୍ ଫେରିପାଇ ଚାହିଁଲା ବେଳକୁ
ହଳେ ଗାଢ଼ ଅଳତାର ପାଦ
ଗୋଟେ ସଜ ମନ୍ଦାରଫୁଲ।

ଆହା ଆଉ ଟିକେ ପ୍ରଲମ୍ବିଥାଆନ୍ତା ନିର୍ବିକଳ୍ପତା
ଆଉ ଟିକେ ଧ୍ୱନିତ ହୋଇଥାଆନ୍ତା ଓଁକାର
ହୁଏତ ମୋ କାନ୍‌ଭାସରେ
ଜୀବନ୍ୟାସ ପାଇଥାଆନ୍ତା
ତୁମ ଭୁବନମୋହିନୀ ଭୁବନେଶ୍ୱରୀ ରୂପ।

ତୁମକୁ ପାଇବା ଆଗରୁ
ସଦାକାଳେ କାହିଁକି
ପାହିଯାଏ ରାତି!
ଅଧାରହିଯାଏ ମୋ ଚର୍ଯ୍ୟାଗୀତି।

*ପ୍ଲଟ ନଂ-୯୧, ଶତାବ୍ଦୀ ବିହାର,*
*କୃଷକ ବଜାର,*
*ଅଭିନବ ବିଡ଼ାନାସୀ, କଟକ-୧୪*
*ଦୂରଭାଷ: ୬୩୭୨୨୭୯୪୫୦୬*

# କିରିବୁରୁ ଜହ୍ନ

**ଚିନ୍ତାମଣି ମହାଲିକ**

କିରିବୁରୁ ଜହ୍ନ ଆଜି ଶୋଇଥାଉ
ଶୋଇଥାଉ ତା' ସବୁଜ ବିସ୍ମୟ ଅତୀତ,
ଉଠାଅନି ଜମା ତାକୁ...
ନ ହେଲେ ତା ମନ ମଶାଣିରେ ଅକସ୍ମାତ
ହୁତୁ ହୁତୁ ଜଳିଯିବ ତା ଅତୀତ ନିତ୍ୟ ବୃନ୍ଦାବନ।

ଆକାଶର ଖୋଲାମେଲା ଅଗଣାରେ
ଭଙ୍ଗା ଭଙ୍ଗା ମନର ଯନ୍ତ୍ରଣା ନେଇ
ସେ ପଡ଼ିରହିଛି ଆଜି ଏକା ଏକା...
କୁହୁଡ଼ିର ରଙ୍ଗପରି ଦେହ ତା'ର ଶେତା ପାଉଁଶିଆ।

ଈଏ ସେହି ଜହ୍ନ,
ଯିଏ ଦିନେ କିରିବୁରୁ ବନାନୀର
ରସଘନ ଶ୍ୟାମଳ ସମୁଦ୍ର ଛାତିରେ
ରାଜହଂସଟିଏ ପରି ରାଜକୀୟ ଠାଣିନେଇ
ଥାକ ଥାକ ପାହାଡ଼ର ଢେଉ କାଟି କାଟି
ପ୍ରତିଟି ରାତିରେ ରଚୁଥିଲା ନବ ନବ ଲୀଳା
ଏବଂ ପୁଣି କେବେ କେବେ ସେ କେଉଁ
ରସିକ ନାଗରପରି ସାରାରାତି ଉଜାଗର ରହି
ଫର୍ଦ୍ଦ ଫର୍ଦ୍ଦ ବଉଦର ପୃଷ୍ଠା ଓଲଟେଇ
ପଢୁଥିଲା ଗୋପନ ପ୍ରେମର ଭାଷା।

ନିଜ ପାଖେ ନିଜର ଠିକଣା ହଜେଇ
ଆକାଶରୁ ବହୁତ ଉଚ୍ଚରେ ଉଡୁଥିବା
କିରିବୁରୁ ରୂପସୀର ମନ,
ସତେଅବା ଲାଗୁଥିଲା କୋଟି ବୃନ୍ଦାବନ...
ଚାରିଆଡ଼େ ମହ ମହ ବାସୁଥିଲା ତା'ବଣୁଆ ଦେହର
ଭିନ୍ନ ଏକ ବାସ୍ନା ଓ ବସନ୍ତ।

ସାପ ଓ ସପନ ପରି ଏ ମଣିଷ, ଏ ସମୟ
ଆଜି ଭାରି ଅବିଶ୍ୱାସୀ...
ଚାରିଆଡ଼େ ଧୂଳି ଧୂଆଁ ବିଷର ବଳୟ,
କିରିବୁରୁ ରାସ୍ତା ଓଠ ଫାଙ୍କେ
ଚଇତି ଫୁଲର ହସ ନାହିଁ,
ନାହିଁ ନାହିଁ ଡେଣାଛଟା ପ୍ରଜାପତିଙ୍କର
ଶାଳ ଓ ମହୁଲ ବଣରେ ମହୁଝରା
ସେ ରଙ୍ଗ ଅଧିବାସ।
ବରଂ ବିଧବା ବଣର ବିବର୍ଣ୍ଣ ଉଦରୁ
ଘନ ଘନ ଶୁଭେ ସନ୍ତ୍ରାସର ଡାକ।

ଏବେ ବେଳକାଳ ଭଲ ନାହିଁ
ଉଠାଅନି ଜମା ତାକୁ,
ବରଂ ଧୂଳି ଧୂଆଁର ଚଦର ଢାଙ୍କି ଶୋଇଥାଉ
କିରିବୁରୁ ଜହ୍ନ, ଦେହରେ ତା ଭରିଅଛି
ଖଇଫୁଟା ତାତି।

*କାଶୀପୁର-ବଳରାମପୁର,*
*କେନ୍ଦୁଝରଗଡ଼-୭୫୮୦୦୧*
*ଦୂରଭାଷ: ୮୭୬୩୩୯୯୬୨୮*

# ଅଥଚ ଉଧବ ଉବାଚ

**ବସନ୍ତ କୁମାର ସାହୁ**

ସମୟର ଦୋ ଛକିରେ!
ମୋ ସହର ଚଣ୍ଡୀ ମନ୍ଦିର ସାମ୍ନା ରାସ୍ତାରେ
ଦୁର୍ଗାପୂଜା ମେଢ଼ ଆଉ
ପୋଲିସ୍‌ର ହୋ ହୋଲା ଓ ବାଡ଼ିଚଲା ଭିତରେ
ହଠାତ୍ ମୁଁ ଆବିଷ୍କାର କରି ପଚାରିଲି
ଇସରେ ଉଧବ! ତୁ ଏଠି!!
ଏମିତି ଥାନରେ
ଏଇ ପବହୀନ, ନିଷ୍ପନ୍ଦ ଦୁଃଖୀ ରଙ୍କିଙ୍କ ଗହଣେ
ଏଇ ଅବସ୍ଥାରେ?

ଠୋ-ଠୋ ହସି
ଉଧବ କହୁଚି ବସି,
ବାବୁ ହେ! ମୁଁ ତ ଏବେ ପବହୀନ,
ପାଦହୀନ ଆମର
ଅନେକ ଆଗରୁ ମୋର
ଯନ୍ତ୍ରଣା ସବୁ ଭାସିଯାଇଅଛି
କେଉଁ ଏକ ନାମକରା "ସହର"ର
ତଳି ଅଂଚଳେ ବୋହୁଥିବା ଦୁର୍ଗନ୍ଧ ନାଳରେ।

କୁଟା, କାଠି ଧରି
କେ ରଖିଛି ତା'ର ହିସାବ ନିକାସ
ସେଇ ସବୁ ପାଶୋରିଛି
ସମୟ ସୁଅରେ
କା, ବେକରୁ ଗହଣା ଛିଣ୍ଡାଇ
କେତେ କେତେ କାନ ରିଙ୍ଗ୍

ଅବା କପାଳର ମଥାମଣି ଝୁଣି।

ସେ 'ଉଧବ' ବାବୁ, ଯାଇଅଛି ମରି
ସେଇଠାରେ, ଯେଉଁ ଦିନୁ ଛାଡ଼ି ଅଛି
ଗାଁ ମାଟି ତା'ର
ପାଖ ପଡ଼ୋଶୀ, ସାଥୀ
ଆତ୍ମୀୟସ୍ୱଜନ ଓ ନିଜ ପରିଜନ।

ଆଉ କ'ଣ ଅଛି ଅବା ଏବେ ?
ଭରସି କହିବି ଯେବେ
ଯଦି ପୁଣି ଦେଖାହେବ କେବେ !
ବାକୀ ଜୀବନର ରହଣିକୁ
ତଉଲିଥିବି ମୁହିଁ
ଭୁଲି ଅବା ମୋ ଜୀବନର ଅନାବନା ଗାଥା
ସମୟର ଅଦେଖା ପଲ୍ଲା (ନିକିତି) ରେ !!

*ଦୂରଭାଷ: ୯୪୩୭୨୧୧୫୭୭*

# ମୋହରାତ୍ରି

## ଅନୀତା ପାଣି

ହାରିଗଲା ଅହମିକା
ଅରାଜକତାର ଅନ୍ଧାର।

ଏମିତି ଆସନ୍ତି ଈଶ୍ୱର !
ମୋହରେ ପଡ଼ିଲା ସାରା ସଂସାର।

କାଳକୋଠରୀର ସାତ କବାଟ
ଖୋଲିଗଲା ଲୁହାର କିକିଣୀ
ମାୟା ନିଦ୍ରିତ ପ୍ରହରୀ
ଭିତରେ ଝଲସି ଉଠିଥିଲା
ଆଲୁଅ ଛିଟିକି ପଡ଼ିଲା କାରାଗାର।

ମାତୃ ହୃଦୟ ଶଙ୍କିତ ଭୟାତୁର
ଅନ୍ତଃଦହନ ପୀଡ଼ାରେ ବିଗଳିତ ମହମ ପରି
ମିଳେଇ ଗଲା ମାଟିରେ।

କ୍ଷଣେ ସ୍ତବ୍ଧ ନିରୀହ ନିଷ୍ପ୍ରଭ ଆଖି
ବଲ ବଲ ଚାହିଁଛି ସିନା ନିରୁପାୟ
ଛଅ ପୁଅ ହରାଇ ଥିବା ମାଆ
କେମିତି ଥିବ ?
କିଏ ବୁଝିବ ତା ମରମ ଚାପ
ବିଳାପିତ ହୃଦୟ।

ଟେକି ଦେଲା ଅଷ୍ଟମ ପୁଅ !
ତୁମେ ତ ଈଶ୍ୱର
ତୁମେ ତ ହୋଇଥାନ୍ତ ସଦୟ।

ମୋହ ନିଦ୍ରା କୋଳେ ସାରା ଭୁବନ
ଘନ ଘନ ବିଜୁଳି,
ତୁହା ତୁହା ବର୍ଷାର ଦାଉ
ଘଡ଼ଘଡ଼ିର ବିକଟାଳ ଗର୍ଜନ
ସମୟର ଇସାରା କୁଆଡ଼େ ?

ପୁଣି ସେହି ଶୂନ୍ୟ କୋଳ
ଅକଥନୀୟ ପୀଡ଼ାର ପାହାଚ
ନବଜାତ ଛୁଆକୁ ଛାତିରୁ ଅଲଗା କରି
ଜୀବନ ଜୀଇଁବାର କରୁଣ ଦଶା
ଅସହଣୀ ବେଦନା ଦେବକୀ ହେବାର
ବୀର ବସୁଦେବ ମଧ ଅସହାୟ।

ହେ ଈଶ୍ୱର,
ଗର୍ଭଧାରିଣୀ କି ଦୋଷ କଲା
ସୌଭାଗ୍ୟବତୀ ଦୁନିଆ କହିଲା
ଅଭାଗିନୀ ଦେବକୀ ମୋହ ଫେଡ଼ିଲା
ପୁତ୍ର ସୁଖରୁ ବଞ୍ଚିତ ହେଲା।

ଏ ରାତ୍ରି
ମୋହରାତ୍ରି କେମିତି ହେଲା ?

*ପଦ୍ମେଶ୍ୱୟ, ସୌଭାଗ୍ୟ ନଗର, ଅନୁଗୋଳ,*
*ପି.-୭୫୯୧୨୨*
*ଦୂରଭାଷ: ୮୩୨୭୭୦୫୯୭୦*

# ଶେଷ ପ୍ରାର୍ଥନା

## ଦେବଦର୍ଶନ ଦାଶ

ସରିଥିଲା ଈଶ୍ୱର ସମର୍ପଣ
ପଦେ ଗୀତ ଗାଇବା ଆଗରୁ
ତୁମେ ଗଲ ସଭାସ୍ଥଳରୁ ସ୍ୱର୍ଗଧାମ

ପାଇଥିବ ଈଶ୍ୱରଙ୍କ ଠିକଣା
ଆଉ ପଡ଼ି ନଥିବ ଖୋଜିବାକୁ
ଲୋଡ଼ା ପଡ଼ିବନି ପ୍ରାର୍ଥନା ସଭା
ଆଉ ଆସିବେନି ଏକତ୍ର ବୈଷ୍ଣବ ଜନ

ତୁମେ କହିଛ
ବାରୁଦଗନ୍ଧରେ ବିଜୟ ମିଳେନା
ମିଳେ ଆକୁଳ ପ୍ରାର୍ଥନାରେ

ତୁମେ କେମିତିକା ପୁରୁଷ !!
ମହାଜାତିର ମହାନାୟକ
ବିନା ଅସ୍ତ୍ରରେ ବିଶ୍ୱବିଜୟୀ
ଏମିତି ଜିତାପଟ୍ ଆଉ କାହାର କୁହ ତ ?

ଯୋଉ ଦେଶକୁ ଗଲେ
ତୁମେ ବସିଥିବ ଧ୍ୟାନମଗ୍ନରେ,
ନୀରବତା ହିଁ ତ ବିଜୟ ମନ୍ତ୍ର
ତୁମେ ଶିଖେଇଲ ସନ୍ଥ।

ହିମାଳୟ ଓ ତୁମେ
ଅଚଳ ମହାମେରୁ
ଏ ଦେଶକୁ କରିଛ ତୀର୍ଥ
ତୁମେ ଗାନ୍ଧୀ, ସାବରମତୀର ସନ୍ଥ।

ସେଇ ଶେଷ ପ୍ରାର୍ଥନା
ସେଇଠୁ ଆରମ୍ଭ ହେଲା ରଘୁପତି ବନ୍ଦନା
ତୁମେ ରଘୁବରଙ୍କ ଦାସ
ଆଶ୍ରମ ଚାଟ
ପରାଧୀନ ଭାରତର ତୁଙ୍ଗ ବିକ୍ରମ
ଫିରିଙ୍ଗି ଅତ୍ୟାଚାରର ନିଦହଜା ଦେବଦୂତ

ପ୍ରାର୍ଥନା ଆଗରୁ ସରିଗଲା ସବୁ
ଆଲୁଅ ଲିଭିଗଲା
ତୁମେ ସେବେଠୁ ବସିଛ
ସବୁଘରର ପିଣ୍ଡାରେ, କାଠ ଚୌକିରେ।

*ଶିବ ନାରାୟଣ ପୁର ସାହି, ପୁରୁଣା ବଜାର,*
*କେନ୍ଦୁଝର-୭୫୮୦୦୨*
*ଦୂରଭାଷ: ୭୦୦୮୬୧୫୦୯୪*

# କାବ୍ୟ ଉନ୍ମେଷ

## ସୁଜିତ କୁମାର ମିଶ୍ର

ସ୍ନିଗ୍ଧ ରାଗର ସେ ଲଳିତ ଗୀତରେ
ଲଳିତାର ମୁଗ୍ଧ ସ୍ୱର,
ଅଭିଯୋଗ ନାହିଁ ଭାବନାର ନଈ
ଅପୂର୍ବ ଉନ୍ମେଷ ଝର।
ମଗ୍ନ ଆଖି ତଳେ ପ୍ରଣୟ ଚାହାଣୀ
ମଧୁଗୀତି ମାଦକତା,
ଓଠ ଖୋଲି ହସେ ସରାଗର ସ୍ରୋତେ
ଭାଙ୍ଗି ଅଶ୍ରୁ ନୀରବତା ॥

ମନ ପାଦପ ଯେ ପୂର୍ଣ୍ଣ ପଲ୍ଲବିତ
ପିନ୍ଧି ସବୁଜିମା ବେଶ,
ଝରି ଝରି ଆସେ ହୃଦୟ କନ୍ଦରୁ
ଜୀବନର ଗୀତି ରସ।

ବିରହ ବୈଶାଖ ଚିର ଅପହୃତ
ଭାବବର୍ଷା ଆଗମନେ,
ରାଧା ବାନ୍ଧବୀ ସେ ପ୍ରଣୟ ମୁଖର ରାସଗୀତ
ସମ୍ମୋହନେ ॥

ନୀଳ ଆକାଶରେ ତାରାଫୁଲଙ୍କର
କମନୀୟ ନବଜ୍ୟୋତି
ସପନ ରାତିର ପୁଲକ ଛୁଆଁରେ
ଶିହରିତ ଭିଜାଛାତି ।
ଜହ୍ନରାତି ତଳେ ସ୍ମୃତି ଉଜ୍ଜୀବିତ
ଜଳି ବ୍ୟଥା ଜଉଘର,
ପ୍ରେମ ପୀୟୂଷର ଅପାର ଧାରାରେ
ଲେଉଟିଛି ଭାବଝର ॥

ଜୀବନ ଯମୁନା ତୀରେ ବାଜୁଅଛି
ପୀରତିର ବଂଶୀସ୍ୱନ,
ଆନମନା ପ୍ରାଣ କାବ୍ୟ ଉନ୍ମେଷରେ
ହୋଇଛି ମଧୁ ମିଳନ ॥

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ଦୂରଭାଷ: ୭୬୮୩୮୬୭୭୪୨*

# ବର୍ଷାରାଣୀ

## ମନୋଜ କୁମାର ଜେନା

ବର୍ଷାରାଣୀ ତୁମେ ଝୁମି ଝୁମି ଆସ
ଶୋଭାଯାତ୍ରାର ଝଲକେ
ଘଡଘଡି ବାଦ୍ୟେ ମେଦିନୀ ଦୁଲୁକେ
ଦୀପ୍ତ ବିଜୁଳି ଆଲୋକେ ।
ମେଘ ଶାଢ଼ୀ ପିନ୍ଧି ବାଦଲଙ୍କ ମେଳେ
ଆସ ତୁମେ ରୂପବତୀ
ସବୁଜିମାର ବର୍ଣ୍ଣାଢ୍ୟ ଓଢଣୀ
ଇନ୍ଦ୍ରଧନୁର ଛତ୍ରୀ ।
ଆଖି ନୀଳ ନଈ ଓଠ ନୀଳ କଇଁ
କେଶ ପାହାଡର ଛାଇ
ରଜନୀଗନ୍ଧା ଚପଳଛନ୍ଦା
ଯୌବନ ଉଛୁଳା ନଈ ।
ହେ ଆକାଶୀ କନ୍ୟା ଦେହେ ରୂପ ବନ୍ୟା
କୋଳେ ଚଂଚଳା ଚପଳା
ରିମଝିମ ସ୍ୱର ଟୁପୁରୁ ଟୁପୁରୁ
ପାଦରେ ନୁପୂର ମାଳା
କୁଆଁରୀ ରତୁର ଡାଳେ ଡେଣା ଖୋଲେ
କାମନାର କଳହଂସ
ପ୍ରଣୟ ବିଭୋରେ ଆବେଗ ଅଧୀରେ
ଶିହରଣର ଉଚ୍ଛ୍ୱାସ ।
ମେଘର ମହ୍ଲାର ରାଗିଣୀର ସୁର
ହସେ ବନ ଉପବନ
ରୂପରେ ମଞ୍ଜୁଳ ଚନ୍ଦ୍ରଠୁ ଶୀତଳ
ବାସ୍ନାରେ ଭିଜା ଶ୍ରାବଣ ।

*ଦୂରଭାଷ: ୯୫୭୪୩୩୧୯୫୭*

# ଦୁଇ ଭିନ୍ନ ସ୍ତବ

## ମହେନ୍ଦ୍ର କୁମାର ମଲ୍ଲିକ

ଅମଡ଼ା ବାଟର ଚାଲି
ଉତ୍ସାହ ଓ ଆଶଙ୍କାରେ ଭରା
କଣ୍ଟାଫୁଟି ପାଦରୁ ଝରିଯାଏ ଲହୁ
ଛାତିରେ ଚମକ ଖେଳେ
ସତେ ଅବା ପଞ୍ଜୁରୀରୁ ମୁକ୍ତ କେଉଁ ବିହଙ୍ଗ
ଆକାଙ୍କ୍ଷା
ଆକାଶେ ବିହରେ ॥

ଅରୁଣ କିରଣ ତେଜ କ୍ରମେ ହୁଏ ଦୀପ୍ତ
ସେ କିରଣ ପୁଣି ହୁଏ ଧୀରେ ଧୀରେ କ୍ଷାନ୍ତ
ପଶ୍ଚିମ ଦିଗନ୍ତେ ଥିବା ପାହାଡ଼ର ଚୂଡ଼ା
ଛୁଇଁବାକୁ ଅଗ୍ରସର
ଶିଷ୍ଟ ନମ୍ର ଛାତ୍ରଟିଏ ପରି ॥

ଜୀବନତ ସବୁବେଳେ
ଆହରଣ ସହିତରେ ଉତ୍ତରଣପର୍ବ
ଆଗରୁ ଚାଲିବା ପଣ
ଫେରିବାକୁ ପରେ କାହିଁ ନାହିଁ ଅବସର
ସଉଦାତ ସବୁବେଳେ କିଣା ଚାଲିଥାଏ
ଶେଷ ପଣ୍ୟ ଘେନିବାକୁ ଅଣ୍ଟେନି ସମୟ
ଅର୍ଜନ ବର୍ଜନ ଅବା ପୌରୁଷର ସବୁ ଉପସର୍ଗ
ମନ୍ଦିର ମସଜିଦ ଗୀର୍ଜା ସବୁ ତ ସମାନ
ଫରକ କେବଳ ଯାହା ମନର ଗଢ଼ଣ ॥

ଜୀବନତ ନଈ
ବହୁଥାଏ ସବୁବେଳେ ଆଗକୁ ଆଗକୁ
ପୟଗମ୍ବର ପରି ସିଏ
ପଢୁଛିକି ଚରୈବେତି ମନ୍ତ୍ର !
ପ୍ରଭାତ ହେଉକି ପ୍ରଦୋଶ
ଜନ୍ମ ହେଉକି ମୃତ୍ୟୁ
କେଉଁ ଅଦେଖା ନିର୍ଦ୍ଦେଶରେ
ଅହରହ ଚାଲୁଥାଏ
କି ଅଦ୍ଭୁତ ଇହଯାତ୍ରା-ଯନ୍ତ୍ର ॥

କେଉଁଠୁ ଆସିଛି କିଏ
କେଉଁଆଡ଼େ ଯିବ
କିଏ ବା ଜାଣିଛି କେତେ
ସବୁ ଖାଲି ଜାଣିଛି ଦଇବ
ମଣିଷ ମାତ୍ରକ ପଢ଼େ
ଆସିବା ଓ ଫେରିବାର
ଦୁଇ ଭିନ୍ନ ସ୍ତବ ॥

*କି.ଏ. - ୪୨୩, କୈଳାଶ ବିହାର,*
*ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧*
*ଦୂରଭାଷ: ୯୪୩୭୨୮୧୧୫୫*

# ଅତୁଳ ଜୀବନ

## ନୀହାରିକା ସାହୁ

ନାଚିବା ପାଇଁ ନୁହେଁ ଏ ଜୀବନ
ଗାଇବା ପାଇଁ ବି ନୁହଁ
ପ୍ରେରିତ ହୋଇଛି କର୍ମର ପାଇଁ
କର୍ମରେ ରଖ ମୋହ ।
ହସିବା ପାଇଁ ନୁହେଁ ଏ ଜୀବନ
କାନ୍ଦିବା ପାଇଁ ବି ନୁହଁ
ବାଣ୍ଟିଲେ ଖୁସି ମିଳଇ ବେଶି
ଏ କଥା ଜାଣି ଥାଅ ।
ସ୍ୱାର୍ଥର ପାଇଁ ନୁହେଁ ଜୀବନ
ସ୍ୱପ୍ନର ପାଇଁ ବି ନୁହଁ
ବାସ୍ତବବାଦୀ ହୋଇ ଚାଲିଲେ
ନଥିବ ପରାଜୟ ।
ସୁଖର ପାଇଁ ନୁହେଁ ଜୀବନ
ଦୁଃଖର ପାଇଁ ବି ନୁହଁ
ସୁଖ ଦୁଃଖ ଦିନରାତି ପରାୟ
କାହାର ନାହିଁ ଥୟ ।
ନେବାର ପାଇଁ ନୁହେଁ ଜୀବନ
ଦେବାର ପାଇଁ ବି ନୁହଁ
ସେବାର ପାଇଁ ଆସିଛେ ସର୍ବେ
ସେବାରେ ରଖ ଲୟ ।
ଲାଭର ପାଇଁ ନୁହେଁ ଜୀବନ
କ୍ଷତିର ପାଇଁ ବି ନୁହଁ
ଖେଳ ସରିଗଲେ ବେଳ ନ ମିଳିବ
ଜୀବନଟା ସୂତାଖିଅ ।
ସଂସାରଟା ଏକ ନାଟକଶାଳା
ଜୀବନଟା ଅଭିନୟ
ସେବାବ୍ରତୀ ହୋଇ ବଞ୍ଚିପାରିଲେ
ରହିଥିବ ପରିଚୟ ।

*ଜେମାଦେଇପେଣ୍ଠ ସାହି, ବ୍ରହ୍ମପୁର, ଗଞ୍ଜାମ*

# ବେଦୁଇନ

**ଡ଼ଃ ସଂଜୟ କୁମାର ତ୍ରିପାଠୀ**

ଦର୍ପଣରେ ପ୍ରତିଫଳିତ ହୁଏ
ଅସଲି ଚେହେରା – ନକଲି ମୁଖା
ଯେପରିକି ଅଂଡା ଖୋଳପା ଓ କେଶର
ବେଦୁଇନ୍ ଜଣେ ମରୁଭୂମି ଅତିକ୍ରମୁଥିବା ବେଳେ
ଯେମିତିକି ଦୁରେଇ ଯାଏ ଓଏସିସ୍
ତୃଷାର୍ତ୍ତ ପଥିକର ଘର୍ମାକ୍ତ ଝାଳରେ
ଲେଖା ହୁଏ ବାକି ଇତିହାସ
ଜୟନ୍ତୀ ଉତ୍ସବର ଗତାନୁଗତିକତାରେ
ହଜିଯାଏ ବ୍ୟକ୍ତି ବିଶେଷର ପରିଚୟ
ନିଃଶବ୍ଦ ଶବ୍ଦର ପ୍ରତିଧ୍ୱନି ବିତରିଯାଏ
ଆବେଗ, ପୁଲକ, ଚିଂତା ଓ ଚେତନାର ଝଂକାର
ଲୁହ ଲହୁରେ ଗଢ଼ା ପ୍ରତିମୂର୍ତ୍ତି
ବର୍ତ୍ତି ଯାଏ କଳାପାହାଡ଼ର ଆକ୍ରମଣ
କେଉଁ ସୁଦୂର ଗାଁ ଦାଣ୍ଡରେ ଜଳିଯାଏ ଦୀପ
ବେଦୁଇନର ସ୍ଥିତି ଓ ସ୍ମୃତିରେ ।

*ସଂତୋଷ ବିହାର,ଗୋପାଳମାଳବୁଢ଼ାରଜା,*
*ସଂବଲପୁର - ୪*
*ଦୂରଭାଷ: ୯୯୩୮୧୪୨୯୦୭*

# ପରଂବ୍ରହ୍ମ ସ୍ୱରୂପିଣୀ

**ଶ୍ରୀମତୀ ସଂଘମିତ୍ରା ନାୟକ**

ଆହେ ଗିରିରାଜ ନନ୍ଦିନୀ
ମହେଶଙ୍କ ଅର୍ଦ୍ଧାଙ୍ଗିନୀ
ତୁହିତ ଜଗତ ତାରିଣୀ
ଅଟୁ ପତିତପାବନୀ ॥

ମହାମାୟା ତୁହି ମାତ
ପରଂବ୍ରହ୍ମ ସ୍ୱରୂପିଣୀ
ଗଢ଼ିଅଛୁ ଏହି ସୃଷ୍ଟି
ଗଢ଼ି ଅଛୁ ଧରଣୀ ॥

'ପାର୍ବତୀ' 'କାଳରାତ୍ରି'
'ଚନ୍ଦ୍ର ଘଂଟା' 'କାତ୍ୟାୟନୀ'
'କୁଷ୍ମାଣ୍ଡା' 'ସିଦ୍ଧିଦା' ନାମ
ବହି ଅଛୁ ପୁଣି ॥

'ମହାଗୌରୀ' 'ସ୍କନ୍ଦମାତା'
ତୁ 'ବ୍ରହ୍ମ ଚାରିଣୀ'
ଏହି ରୂପେ ପୂଜା ପାଉ
ତୁ ଭବେ ଭବାନୀ ॥

ବହୁ ରୂପେ ଉଭା ତୁହି
ଅଜ୍ଞାନ ନାଶିନୀ
ତମସା ନାଶିନୀ ମାତ
ତ୍ରିଭୁବନ ମୋହିନୀ ॥

ଜଗତ ଉଦ୍ଧରି ଥାଉ
ଏହି ନବ ରୂପେ ପୁଣି
ନାଶି ଥାଉ ଦୁଷ୍ଟ ବୁଦ୍ଧି
ହୋଇ ସଂହାରିଣୀ ॥

ତୁ ପରା ଚଣ୍ଡ ମୁଣ୍ଡ
ବଧ କାରିଣୀ ?
ତୁ ପୁଣି ଅଟୁ ପରା
ମହିଷାମର୍ଦ୍ଦିନୀ ? ॥

କର ନାଶ ପାପ ଭାର
ହେ ! ପାପ ନାଶିନୀ
ବସୁଧାରୁ ହୋଇଯାଉ
ପାପୀଙ୍କର ମେଲାଣି ॥

ଜଗତରେ ଦୂରାଚାରୀ
ବଢ଼ି ଚାଲିଲେଣି
ନାଶ ତାଙ୍କୁ ନିଜ ହସ୍ତେ
ହେ ! ତ୍ରିଶୂଳ ଧାରିଣୀ ॥

ଯେତେ ରୂପ ଥାଉ ତୋ'ର
ତୁହି ମୋ ଜନନୀ
ଦୟାକର ମୋତେ ବାରେ
କରେ ମୁଁ ଦାୟିନୀ ॥

ଦୁଃଖ ମୋର ଦୂର ହେଉ
ହେ ! ଦୁଃଖ ନାଶିନୀ
ସତ୍ୟ ପଥେ ଘେନିଯାଅ ମୋତେ
ମୁଁ ତୋର ଅଟେ ପୂଜାରିଣୀ ॥

*ପ୍ଲଟ -୧୬୩, କାନନ ବିହାର, ଫେଜ- ୧*
*ଚନ୍ଦ୍ରଶେଖରପୁର, ପଟିଆ,*
*ଭୁବନେଶ୍ୱର, ଖୋର୍ଦ୍ଧା*
*ଦୂରଭାଷ: ୯୯୩୭୬୯୭୯୪୬*

# ମୋ ମାଆ ଆସିବ ପଡ଼ିଛି ହୁରି

**ଶ୍ରମତୀ ସୁଷମା ଲେଙ୍କା**

ଶରତ ଆକାଶୁ ଧବଳ ମେଘରେ
ମୋ ମାଆ ଆସିବ ପଡ଼ିଛି ହୁରି
ଆକୁଳ ଚିତ୍ତରେ ଡାକଇ ଭକତ ବିପଦୁ ରଖ ମା
ଭୁବନେଶ୍ୱରୀ ॥

ସଜାଇ ହେଲାଣି ମାଆ ବସୁମତୀ
ଘାସ ଗାଲିଚାରେ ଶେଫାଳୀ ଝରି
ଗଗନରୁ ଝରେ ଶିଶିର ମୁକୁତା
ଶୀତଳ ପବନ ବହୁଛି ଥିରି
ବଉଦ ଫାଙ୍କରେ ଜହ୍ନର ଯୋଛନା
ଧାନ କ୍ଷେତ ହସେ କେରିକି କେରି ॥

ଭିଜା ଭିଜା ଏଇ ଗୋଧୂଳି ଲଗନେ
ଆସ ମା ଶିବାନୀ ଆସ ଅବତରୀ
ହଳଦୀ ପାଟରେ ସୁନା ପାଲିଙ୍କିରେ
କାଶତଣ୍ଡୀ ଫୁଲେ ଚାମର ଧରି
ଫୁଲ ରୋଷଣୀରେ ରୂପେଲି ହସରେ
ସେନେହ ସରାଗ ହୃଦୟେ ଭରି ॥

ଆଜିର ମାନବ ଦାନବ ସାଜିଛି
ପାପ ଭାର ବଢି ହେଲାଣି ଭାରି
ଏ ସାରା ବିଶ୍ୱରେ କଳୁଷ କାଳିମା
ଦେଖ ମା ଦୁରୁଗା ଗଲାଣି ଭରି
ପାପକୁ ବିନାଶି ସୁଖ ଭରିଦିଅ
ସବୁ ଅରାତିକୁ ନିପାତ କରି ॥

ତୋର ପାଦ ଦୁଇ ଅଭୟ ମୋ ପାଇଁ
ସେ ପାଦରେ ସଦା ଲୟ ମୋ ଥାଉ
ହୃଦୟରେ ମୋର ଯେତେ ଦୁଃଖ ଥାଉ
ତୋ ସେବାରେ ମୋର ଜୀବନ ଯାଉ
ତୋର ଆଗମନେ ଏଧରା ବୁକୁରେ
ସଦା ସୁଖ ଶାନ୍ତି ଦିଅ ମାଆ ଭରି ॥

ଶରତ ଆକାଶୁ ଧବଳ ମେଘରେ
ମୋ ମାଆ ଆସିବ ପଡ଼ିଛି ହୁରି ॥

*ଖଣ୍ଡଗିରି ବିହାର, କୋଲଥିଆ, ଭୁବନେଶ୍ୱର-୧୯*
*ଦୂରଭାଷ: ୯୮୫୩୬୧୫୮୬୮*

କଥା ଓ କାହାଣୀ

ଶେଷ ପ୍ରସ୍ଥ

# ଝିଅର ବାପା

## ଅରବିନ୍ଦ ଦାସ

- ଝିଅ ବାପାକୁ, ପୁଅ ଘର ସାମ୍ନାରେ ଟିକେ ମୁଣ୍ଡ ନୁଆଇଁବାକୁ ହୁଏ।

ଜେଜେମା କଥା ଶୁଣି ସେଦିନ ବହୁତ ରାଗିଯାଇଥିଲା ମିତୁ। ବୋଉ ର ଆଖି ଦେଖାଇବା ସତ୍ତ୍ୱେ ବି ସେ ଜେଜେମାକୁ ବଡ଼ ପାଟିରେ ସିଧା ଶୁଣାଇ ଦେଇଥିଲା।

- ମୋ ବାପା, କାହା ଆଗରେ ମୁଣ୍ଡ ନୁଆଁଇବେ ନାହିଁ। ପୁଅ ଘର କ'ଣ ସ୍ୱର୍ଗରୁ ଆସିଲେ ନା ସେମାନେ ଭଗବାନ ? ଝିଅ ଘର ବୋଲି ଆମେ ମୁଣ୍ଡ ବିକିବୁ ନା କ'ଣ ? ମୋ ବାପା ମୋତେ ଯୋଗ୍ୟ ବନାଇଛନ୍ତି। ପାଠଶାଠ ପଢ଼ି ଚାକିରୀ କରି ନିଜ ଗୋଡ଼ରେ ମୁଁ ବି ଠିଆ ହୋଇଛି। ସେଠି ମୋର ବାହା ହେବାର ନାହିଁ। ବାପା ତମେ ଫୋନ କରି ମନା କରିଦିଅ।

ହାଉଳି ଖାଇଲା ଭଳି ଜେଜେମା କହିଲା।

- ସୁର, ଦେଖେ ତୋ ଝିଅକୁ; ଅତି ଗେଲ୍‌ହା କରିବାର ଫଳ। ଦି' ଅକ୍ଷର ପାଠ ପଢି ଆଛା ଚାକିରୀ ଖଣ୍ଡେ କଲା ଯେ, କଥା କଥାକେ ଜବାବ ! ଶାଶୁ ଘରେ ଇୟେ ଏମିତି ଚଣ୍ଡୀ ରୂପ ଦେଖାଇଲେ କଥା ସରିଲା। ନିଜ ଘର ଛାଡ଼ି ବାପ ଘରେ ଆସି ବସିବ, ଯେମିତି ସେ ପଡ଼ିଶା ଘର ଝିଅ ଟ୍ୱିଙ୍କିଲ ଆସି ବସିଛି।

ଆହୁରି ବିରକ୍ତ ଲାଗେ ମିତୁକୁ। ପରମ୍ପରା, ସଂସ୍କାର ଦ୍ୱାହି ଦେଇ ଅନ୍ୟକୁ ବ୍ଲାକମେଲ କରାଇବାର କୌଶଳ / ନାଟ ଏଇ ବୁଢା ବୁଢ଼ୀମାନେ ହିଁ କରନ୍ତି। ଘରେ ବାହାଘର ପୁର୍ବରୁ ନିଜ ଝିଅ / ନାତୁଣୀଙ୍କ ପାଇଁ ଏବଂ ପରେ ନିଜ ଘର ବୋହୂ, ନାତୁଣୀ ବୋହୁମାନଙ୍କ ପାଇଁ ଏଭଳି କଥା ବାହାର କରନ୍ତି। ମିତୁ ମନ ବିଦ୍ରୋହ କରେ। ସେଦିନ ସେ ପାଟି ଫିଟାଇ ଥିଲା।

- ଜେଜେମା  ତମେ ପାଟି ଚୁପ୍ କର। ଯୁଗ ବଦଳିଲାଣି। ପୁଅ, ଝିଅ ସବୁ ସମାନ। ଆମେ କାହିଁକି ଜିନିଷ ପତ୍ର କିଣି ସେମାନଙ୍କୁ ଦେବା ? ଟ୍ୱିଙ୍କିଲ ତା' ବାପାଙ୍କ ଘରକୁ ନଆସି କୁଆଡେ ଯାଇଥାନ୍ତା ? ମୋ ବାପା କାହା ଆଗରେ କେବେ ବି ମୁଣ୍ଡ ନୂଆଇବେ ନାହିଁ।

ମୁରୁକି ହସି ସୁରେନ୍ଦ୍ର ବାବୁ ଝିଅ ମୁଣ୍ଡ ସାଉଁଳେଇ ଦେଇ କହିଲେ, - ମୋ ବାୟାଣୀ ମା' ଟା ସବୁବେଳେ ଅବୁଝା। ଆରେ ମା,କିଛି ଜିନିଷ ଆମ ପରମ୍ପରା,ନୀତି ରେ ଅଛି। ଜୋଇଁ କୁ ଡ୍ରେସ,ସୁଟ, ଜୋତା, ସୁନା ଚେନ, ମୁଦି ଇତ୍ୟାଦି ଝିଅ ଘର ତରଫରୁ ଦିଆଯାଏ। ମୁଁ ବାହା ହେଲାବେଳେ ବି ମୋତେ ମିଳିଥିଲା। ବାଜାଜ ଚେତକ ସ୍କୁଟର ବି। ଆଉ ପୁଅ ଘର ବନ୍ଧୁ ବାନ୍ଧବଙ୍କ ପାଇଁ ବେଭାର ଲୁଗାପଟା ଟିକେ ଦାମିକା ଦେବାକୁ ସମୁଦି ସମୁଦୁଣୀ କହିଛନ୍ତି। ଆସବାସପତ୍ର ସବୁ ଝିଅକୁ ଦିଆଯାଏ। ପିଲାଟା ବହୁତ ଭଲ। ତୁ ଖୁସିରେ ରହିଲେ ଆମେ ଖୁସି। ବ୍ୟସ୍ତ ହଅନା।ସବୁ ଯୋଗାଡ଼ ହୋଇଯିବ।"

ବୋଉ ଡାଇନିଂ ଟେବୁଲରୁ ଉଠିଆସି ମିତୁ ହାତ ଧରି ଟାଣି ନେଇ ସୋଫାରେ ବସାଇଦେଇ କହିଲେ,

-ଭଦ୍ରାମି ସବୁ ଭୁଲି ଗଲୁଣି ନା କଣ ?ଘର ର ବଡ଼ ମାନେ କଥା ହେଲାବେଳେ ତୁ କାହିଁକି ମୁଣ୍ଡ ଖେଳାଉଛୁ ?ଯୁଗ ଯେତେ ବଦଳିଲେ ବି କିଛି ରୀତି ନୀତି ବଦଳେ ନାହିଁ।"

ମିତୁ ଜାଣେ ମଧ୍ୟବିତ୍ ପରିବାରର ଗୋଟେ ବାପା ର ଅବସ୍ଥା, ମନୋବୃତ୍ତି। ଯେତେ ଅସୁବିଧା ଥିଲେ ବି ପିଲାଙ୍କ ମୁହଁରେ ହସ,ଖୁସି ଦେଖିବା ପାଇଁ ବାପା ନିଜର ସବୁ ଖୁସି କୁ ଜଳାଞ୍ଜଳି ଦେଇଥାଏ। ଆଉ ଝିଅ ପାଇଁ ତ ବାପା ଅସାଧ୍ୟକୁ ସାଧ୍ୟ କରିଦିଏ।

ଘରର ଅଛିଣ୍ଡା ଅର୍ଥନୀତି, ବଜେଟ ଭିତରେ ଭାରସାମ୍ୟ ରଖିବାକୁ ଅହରହ ଚେଷ୍ଟା କରୁଥିବା ବାପାଟିଏ ବାହା ବୟସ ହୋଇଥିବା ଝିଅ ପାଇଁ କେଉଁଠୁ ଯୋଗାଡ଼ କରେ ଟଙ୍କା ?

ମିତୁ ଦେଖେ, ଖବରକାଗଜରେ ମାଟ୍ରିମୋନିଆଲ କଲମରେ ବାହାରିଥିବା ବିଜ୍ଞାପନ ଭିତରେ ବାପା ଖୋଜୁଥାନ୍ତି  ଯୌତୁକ ଦାବି ନଥିବା ଭଲ ପାତ୍ରଟେ। ଥରେ ମିତୁ ଚୁପ୍ କିନା ବାପାଙ୍କ କାନରେ କହିଥିଲା,

- ମୁଁ କୋର୍ଟ ମ୍ୟାରେଜ କରିବି। ତମକୁ, ଯୌତୁକ ଦେବାକୁ ପଡିବିନି।

ସେଦିନ କାହିଁକି କେଜାଣି ବାପା ତାକୁ ନିରବରେ ଅନାଇଥିଲେ ତାହା ବୁଝି ପାରିନଥିଲା ମିତୁ।

ମନୋଜଙ୍କ ସହ ତାର ବାହାଘର ଧୂମ୍‌ଧାମ୍‌ରେ କରିଥିଲେ ବାପା। ନିଜ ସାମର୍ଥ୍ୟ ଅନୁଯାୟୀ ସବୁ ଦେଇଥିଲେ।ବିଦା ହେଲା ବେଳେ ଜ୍ୱାଇଁଙ୍କ ହାତ ଧରି ବାପା କାନ୍ଦି କାନ୍ଦି କହିଥିଲେ,

- ଆଜିଠୁ ମିତୁ ତୁମକୁ ଲାଗିଲା ବାପା। ପିଲାଲୋକ ସେ, ତା' ଦୋଷ ଧରିବନି। କିଛି କେଉଁଠି ଦୋଷ ତ୍ରୁଟି ଥିଲେ ମୋତେ କ୍ଷମା କରିଦେବ।

ଝିଅର ବାପା କାହିଁକି କ୍ଷମା ମାଗେ ? ବୁଝି ପାରେନା ମିତୁ। ପୁଅ ଭୁଲ୍ କଲେ, ପୁଅର ବାପା ମା' କ'ଣ କେବେ କ୍ଷମା ମାଗନ୍ତି ?

ବାହାଘର ପରେ ଶାଶୁ ମୁହଁ ଫୁଲାଇଥିଲେ। ବେଭାର ଜିନିଷ ତାଙ୍କ ମନକୁ ଯାଇ ନଥିଲା। ନଣନ୍ଦପୁଟୁଳିରେ ସୁନା ଜିନିଷ ହାଲକା ହେଲା। କ୍ୟାସ ଆଉ ଟିକେ ଅଧିକା ଦେଇଥାନ୍ତେ ଇତ୍ୟାଦି ଇତ୍ୟାଦି। ମନୋଜ ସ୍ୱାମୀ ହିସାବରେ ବହୁତ ଭଲ। ହେଲେ ବାପା, ମା'ଙ୍କ ବାଧ୍ୟ ସନ୍ତାନ ପରି ଚୁପ୍ ରହୁଥିଲେ ଓ ମିତୁକୁ କହିଥିଲେ,

- ନୂଆ ନୂଆ ଏସବୁ କୁହାଶୁଣା ଶାଶୁ ଘରେ ହୁଏ। ଧୀରେ ଧୀରେ ସବୁ ଠିକ ହୋଇଯାଏ।

ମିତୁ କିନ୍ତୁ ଦେଖୁଥିଲା, ତା' ବାପା ବୋଉ ତାକୁ ଭେଟିବାକୁ ଶାଶୁ ଘରକୁ ବୁଲିବାକୁ ଆସିଲେ ଶାଶୁ, ଶଶୁରଙ୍କ ମନୋଭାବରେ କିଛି ପରିବର୍ତ୍ତନ ହେଉନଥିଲା। ନଦେଖିଲା ପରି ବ୍ୟବହାର। ଶାଶୁ ମିଛରେ ମୁଣ୍ଡ ବିନ୍ଧିବା ବାହାନା କରି ଖଟରେ ଶୋଇବେ ଓ ଶଶୁର କାମର ବାହାନା ଦେଖାଇ ବାହାରକୁ ଚାଲି ଯାଆନ୍ତି। ବାପା ଥିଲା ଯାଏଁ ମୁହଁକୁ ହାଣ୍ଡି କରି ଥାଆନ୍ତି। ପାଖରେ ବସି କଥା ହେବା, ଖାଇବା ପାଇଁ ଅଟକାଇବା ଦୂରର କଥା, ଚାହା ସର୍ବତ ପାଇଁ ବି କୁହନ୍ତି ନାହିଁ ଶାାଶୁ, ଶଶୁର। ଅଥଚ ଯେତେବେଳେ ନଣନ୍ଦଙ୍କ ଶାଶୁ ଶଶୁର ବୁଲିବାକୁ ଆସନ୍ତି, ସେତେବେଳେ ମିତୁ ଦେଖେ, ତା' ଶାଶୁ ଶଶୁରଙ୍କ ପାଦରେ ଯେମିତି ଚକ ଲାଗିଯାଏ। ବିଲ୍‌କୁଲ ବଦଳି ଯାଆନ୍ତି। ମନୋଜ ଅବଶ୍ୟ ଚର୍ଚ୍ଚାରେ ଅବହେଳା କରନ୍ତି ନାହିଁ।

ବାପା କିନ୍ତୁ କେବେ ଅଭିଯୋଗ କରନ୍ତିନି। ଝିଅର ବାପାମାନେ ଏତେ ଅଧିକ ସହନଶୀଳ କାହିଁକି ହୁଅନ୍ତି ?

ଘରୁ ଆଣିଥିବା ସବୁ ଜିନିଷ କାଢି ମିତୁକୁ ଦିଅନ୍ତି। ତା' ପ୍ରିୟ ଲେମନ୍ ଜୁସ ଏବଂ କମଳା ଚକୋଲେଟ ନିହାତି ଆଣିଥାନ୍ତି। ଝିଅ ଯେତେ ବଡ଼ ହେଲେ ବି ବାପା ପାଇଁ ସେଇ ଛୋଟିଆ ଝିଅ। ତା' ଦେହପା ପଚାରନ୍ତି ବାପା।

ଶଶୁର ଘରେ ବାପାଙ୍କ ପ୍ରତି ବ୍ୟବହାର ମିତୁକୁ ଖରାପ ଲାଗେ। ଥରେ ସେ ବାପାଙ୍କୁ ମୁହଁ ଖୋଲି ସବୁ ପଚାରିଥିଲା। ବାପା ତା' ମୁଣ୍ଡ ସାଉଁଳେଇ କହିଥିଲେ,

– ଭୁଲ ବୁଝାମଣା, ଛୋଟ ଛୋଟ କଥାକୁ ଧରି ବସିଲେ କେବଳ ଘର ଭାଙ୍ଗେ। କେଉଁ ଝିଅର ବାପା, ବୋଉ ଚାହାନ୍ତି ତାଙ୍କ ଝିଅର ବିବାହିତ ଜୀବନରେ କିଛି ଅସୁବିଧା ହେଉ ବୋଲି ?

ମିତୁର ମନେ ଅଛି, ଥରେ ତାକୁ ବାପା କିଛି ଘାସ ଓ ବଡ଼ ଗଛକୁ ଦେଖାଇ କହିଥିଲେ,

– ଝଡ଼ ବାତ୍ୟା ଆସିଲେ ଏଇ ବଡ଼ ଗଛର ଡାଳ ପତ୍ର ଭାଙ୍ଗିଯାଏ, ଗଛ ଉପୁଡି ପଡ଼େ। ହେଲେ ଘାସର କିଛି କ୍ଷତି ହୁଏନା। ଆମେ ବି ସେମିତି ଜୀବନର ଝଡ଼ଝଞ୍ଜାକୁ ଘାସ ଭଳି ମୁଣ୍ଡ ପାତି ସାମ୍ନା କରିବା ଉଚିତ।

ଝିଅର ବାପା ସବୁବେଳେ ଏମିତି ଘାସ ଭଳି।

କେତେ ବର୍ଷ ବିତି ଗଲାଣି। ଏଠି ଶାଶୁଙ୍କ ଦେହାନ୍ତ ପରେ ଶଶୁର ଏକୁଟିଆ। ସେଠି, ବାପଘରେ ପ୍ରଥମେ ଜେଜେମା ଓ ପରେ ବୋଉ ସ୍ୱର୍ଗକୁ ଚାଲିଗଲେଣି। ଘରେ ବାପା ଏକୁଟିଆ। ବାପାଙ୍କ ଦେହ ବି ଭଲ ନାହିଁ।

ଶଶୁର ହଜାରେ ପେଖେନା, ନଖରା ଦେଖାଉଛନ୍ତି। ନଣନ୍ଦମାନେ କେହି ଦିନେ ଶଶୁରଙ୍କୁ ପାଖକୁ ଡାକୁ ନାହାନ୍ତି, ସେବା କରିବାକୁ ପଡ଼ିବା ଭୟରେ।

ମିତୁ ମନୋଜକୁ କୁହେ,

– ଏଠି ସବୁ ସେବା ବିନା ପ୍ରତିବାଦରେ, ମାଗଣାରେ ମିଳିଯାଉଛି ବୋଲି ତମ ବାପାଙ୍କ ଏତେ ପେଖେନା। ଦେଖିବ ଯାଅ ମୋ ବାପାଙ୍କୁ। ନିଜ ହାତରେ ରୋଷେଇ କରି ଖାଉଛନ୍ତି।

ଆଜି ବାପାଙ୍କ କଥା ବହୁତ ମନେ ପଡୁଥିଲା ମିତୁର।

ପିଲାବେଳେ ସେ ଲେମନଜୁସ, ପପିନ୍ସ ଓ କମଳା ଚକୋଲେଟ ଭଲ ପାଏ ବୋଲି ବାପା ଅଫିସ୍‌ରୁ ଫେରିଲା ବେଳେ ସାର୍ଟ ପକେଟରେ ଆଣିଥାନ୍ତି। ଅଫିସ୍ ଗଲା ପୂର୍ବରୁ ତା'ର କ'ଣ ଦରକାର ଗୋଟେ କାଗଜରେ ଲେଖି ବାପାଙ୍କ ହାତକୁ ବଢ଼ାଇଦିଏ ମିତୁ।

ଛକ ପାଖ ସାହୁ ଦୋକାନରୁ ତା' ପାଇଁ ବରା, ସିଙ୍ଗଡ଼ା, ପିଆଜି କାଗଜ ଠୁଙ୍ଗା କିମ୍ବା ଖଲିପତ୍ରରେ ଗୁଡ଼ା ହୋଇ ଆସେ। ବୋଉ ରାଗେ ବୋଲି ପ୍ୟାଣ୍ଟ ପକେଟରେ କିମ୍ବା ଅଫିସ ଫାଇଲ ଥିବା ବ୍ୟାଗରେ ପଶାଇ ଅଫିସରୁ ଫେରିଲା ବେଳେ ଆଣିଥାନ୍ତି ବାପା। ଚୁପ୍ କିନା ତା' ହାତକୁ ବଢ଼ାଇ ଦେଇ କୁହନ୍ତି,

– ବୋଉକୁ ଦେଖାଇବୁନି।

ଫିକ୍ କିନା ହସିଦେଇ ପ୍ୟାକେଟ ଖୋଲି ଖାଇଲା ବେଳେ ବାପାଙ୍କ ପାଟିକୁ ଦିଏ, ହେଲେ ମନା କରି ବାପା କୁହନ୍ତି ସେ ଦୋକାନରୁ ଖାଇକି ଆସିଛନ୍ତି ବୋଲି। ହେଲେ ମିତୁ ଜାଣେ ବାପା ମିଛ କହୁଛନ୍ତି ବୋଲି।

– ତମେ ପାଟି ଆଁ କଲ, ମୁଁ ଶୁଙ୍ଘିକି ଦେଖିବି ତମ ପାଟିରୁ ସିଙ୍ଗଡା ବାସ୍ନା ଆସୁଛି କି ନାହିଁ।

ଅଗତ୍ୟା ବାଧ ହୋଇ ବାପା ଆଁ କରନ୍ତି, ଝିଅର କୁନି ହାତରୁ ଟିକେ ଖାଇଲା ବେଳେ ଆଖି ଛଳଛଳ ହୋଇଯାଏ ବାପାଙ୍କର। ସବୁଦିନ ଖାଇଲା ପୂର୍ବରୁ ମିତୁ ପାଟିରେ ପ୍ରଥମ ଗୁଣ୍ଡା ଦେଲା ପରେ ହିଁ ନିଜେ ଖାଆନ୍ତି ବାପା।

ସେ ଖାସି ମାଂସ ଭଲ ପାଏ ବୋଲି ବାପା ସାଇକେଲ, ସ୍କୁଟରରେ କୁଆଡ଼େ କୁଆଡ଼େ ବୁଲି ବୁଲି ଭଲ ଖାସି ମାଂସ ଆଣନ୍ତି। ପାଖରେ ବସାଇ ଖୁଆନ୍ତି। ମାଛରୁ କଣ୍ଟା ଛଡାଇ ଦିଅନ୍ତି, ତରକାରୀ ଭଜା ଗରମ ଥିଲେ ଫୁଙ୍କି ଫୁଙ୍କି ତାକୁ ଦିଅନ୍ତି।

ଘୋଡ଼ା ହୋଇ ପିଠିରେ ବସାନ୍ତି, ଘର ଭିତରେ ନାଉ କରି ବୁଲାନ୍ତି, ଖଟ ଉପରେ ଗୁଗୁପାଆଁଚି ଓ ନିଜ ସାଇକେଲରେ, ସ୍କୁଟରରେ ବସାଇ ବୁଲାଇଲା ବେଳେ ମିତୁକୁ ଲାଗେ ସେ ଗୋଟେ ରାଜକୁମାରୀ ଓ ବାପା ଜଣେ ମହାରାଜ। ପ୍ରତ୍ୟେକ ଝିଅ ପାଇଁ ତା' ବାପା ମହାରାଜ ଯିଏ ନିଜ ଅଲିଅଳି ଝିଅର ଖୁସି ପାଇଁ କିଛି ବି କରିପାରିବ।

ପ୍ରଥମ ଥର ସ୍କୁଲ ଗଲାବେଳେ ତାର କି କାନ୍ଦ ? ପ୍ରଥମ ପନ୍ଦର ଦିନ କାଳ ବାପା ସ୍କୁଲ ଗେଟ୍ ପାଖ ଗଛ ମୂଳେ ଠିଆ ହୋଇ ତାକୁ ଅନାଇ ଥାଆନ୍ତି। କ୍ଲାସ ଭିତରୁ ତାଙ୍କୁ ଅନାଇଥାଏ ମିତୁ।

ବାପା, ଭରସାର ଗୋଟେ ସୀମାହୀନ ଆକାଶ, ଯେଉଁଠି ଅସରନ୍ତି ତାରା ଭଳି ସ୍ନେହ ସବୁ ଖୁନ୍ଦି ହୋଇଥାଏ।

ଝିଅର ମନ କଥା କାଳେ ବାପା ମାନେ ଆଗେ ବୁଝନ୍ତି। ତା'ର ଇଚ୍ଛା ବାପା ଏଠିକୁ ତା' ପାଖକୁ ଚାଲି ଆସନ୍ତୁ।

ତେବେ ବର୍ତ୍ତମାନ ବାପା ମିତୁ ପାଖରେ ରହିବାକୁ କାହିଁକି ଆସୁ ନାହାନ୍ତି ?

ଆଲବମ୍‌ରେ ବାପାଙ୍କ ସହ ନିଜ ପିଲାବେଳ ଫଟୋ ସବୁ ଦେଖି ଆଖି ପୋଛୁଥିଲା ମିତୁ।

ପଛପଟୁ ମନୋଜ ଆସି ପଚାରିଲେ,

– କ'ଣ ହେଲା ? କାନ୍ଦୁଛ କାହିଁକି ? ବାପା ଫୋନ୍ କରିଥିଲେ କି ? ଯଦି ମନ ହେଉଛି ଟିକେ ଦେଖି ଦେଇ ଆସୁନ ?

ଶୁଖିଲା ହସଟେ ମୁହଁରେ ଖେଳାଇ ମିତୁ କହିଲା,

– ତମେ ଯେମିତି ଗୋଟିଏ ପୁଅ ହିସାବରେ ତମ ବାପାଙ୍କ ଦାୟିତ୍ୱ ନେଉଛ, ମୁଁ ବି ସେମିତି ଗୋଟିଏ ବୋଲି ଝିଅ ହିସାବରେ ମୋ ବାପାଙ୍କୁ ନିଜ ପାଖରେ କାହିଁକି ରଖି ପାରିବିନି ? ଦିନେ ତ କେବେ ନିଜ ଆଡୁ ତମେ ପ୍ରସ୍ତାବ ଦେଇନ।

ଚୁପ୍ ହୋଇଗଲା ମନୋଜ ଓ କ'ଣ ଭାବି ଫୋନ୍ ଲଗାଇଲା ଶଶୁରଙ୍କୁ,

– ବାପା, ଆପଣଙ୍କ ଦେହ ଭଲ ରହୁନି।

ଆଜି ମୁଁ ଓ ମିତୁ ଆପଣଙ୍କୁ ଏଇଠିକୁ ନେଇ ଆସିବୁ। ଆମ ପାଖରେ ରହିବେ ଆପଣ।

ଜ୍ୱାଇଁଙ୍କ ସହ କଥା ହୋଇ ସୁରେନ୍ଦ୍ର ମିତୁ ସହ କଥା ହେଲେ ଅନେକ ସମୟ।

ଫୋନ୍ ରଖି ଆଲବମ୍‌କୁ ଅନାଇ ପୁଣି କାନ୍ଦିଲା ମିତୁ। ଆବାକାବା ହୋଇ ମନୋଜ ପଚାରିଲା,

– ପୁଣି କଣ ହେଲା ?

– ବାପା ଏଠାକୁ ଆସି ରହିବାକୁ ମନା କଲେ।

– କାହିଁକି ? ମୁଁ ତ ଡାକିଲି ? ଅଦ୍ଭୁତ ଲୋକ। ପୁଣି କ'ଣ ଅସୁବିଧା ହେଲା ?

ଆଖିରୁ ଲୁହ ପୋଛି ମିତୁ କହିଲା,

– ବାପା, କାଉଁରିଆ କାଠି; ଭାଙ୍ଗି ଯିବେ ପଛେ, ନଇଁବେନି। କୋଉଁ ଘରେ ଝିଅର ବାପା ସବୁଦିନ ରହିବ ? କାଳେ ଝିଅକୁ କିଏ ପଦେ ଶୁଣାଇଦେବ। ସେଇତ ସବୁ ଝିଅଙ୍କର ଦର୍ପ ଗର୍ବ; ନିଜ ବାପା ପାଇଁ। ମୋ ବାପା ବି। ପ୍ରଚଣ୍ଡ ଆତ୍ମଭିମାନୀ। ଝିଅ'ର ବାପା ପରା।

*ଫ୍ଲାଟ୍ - ୧୦୩, ହୋରାଇଜନ ଏନକ୍ଲେଭ ,*
*ମହାରାଣୀପେଟା, ବିଶାଖାପାଟଣା*
*ଦୂରଭାଷ: ୯୧୭୭୬୦୫୧୦୫*

# ବୋଉର ଉପହାର

## ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର

ଲାଗୁଥିଲା, କିଛି ଗୋଟେ ଛାଡ଼ି ହୋଇଗଲା ପରି। ଯେତେ ମନେ ପକାଇଲେ ମଧ ଜାଣି ପାରୁନଥିଲି କ'ଣଟା ଛାଡ଼ି ଆସିଛି। ଦୀର୍ଘ ବର୍ଷ ପରେ ଏଥର ଘରେ ରହିବାକୁ ପଡ଼ିଲା ଚଉଦ ଦିନ। ଚାକିରିର ତିରିଶ ବର୍ଷ ଭିତରେ ଏତେ ଦୀର୍ଘଦିନ କେବେ ରହିଥିବାର ମୋର, ମନେ ପଡୁନଥିଲା। ବାହାଘର ପାଇଁ ମଧ ଏତେ ଦିନ ଛୁଟି ନେଇ ନଥିଲି। ଛୁଟି ନେଇନଥିଲି କ'ଣ, ଛୁଟି ମିଳିନଥିଲା। ବାହାଘର ହୋଇଥିଲା ମାର୍ଚ୍ଚ ତେର ତାରିଖରେ। ମାର୍ଚ୍ଚ ମାସରେ ବ୍ୟାଙ୍କରେ ଛୁଟି ନେବା ନିଷେଧ। ତେବେ ବାହାଘର କଥା ବୋଲି ଉପରିସ୍ଥ ଅଧିକାରୀ ଦଶଦିନ ଛୁଟି ମଞ୍ଜୁର କଲେ ବଡ଼ କଷ୍ଟରେ। କଡ଼ା ନିର୍ଦ୍ଦେଶ ଥିଲା, ଛୁଟି ଆଉ ବଢ଼ାଯାଇ ପାରିବ ନାହିଁ। ଛୁଟି ସରିବା କ୍ଷଣି ଆସି ଯୋଗଦେଇ ବ୍ୟାଙ୍କର ବାର୍ଷିକ ଲାଭକ୍ଷତିର ରିପୋର୍ଟ ପ୍ରସ୍ତୁତ କରିବା ପାଇଁ। ପ୍ରୋବେସନ ପିରିୟଡ ସରି ନଥାଏ। ନିର୍ଦ୍ଦେଶ ଅବମାନନା କଲେ ପ୍ରୋବେସନ୍ ଘୁଞ୍ଚି ଯିବା ଭୟରେ ଛୁଟି ସରୁ ସରୁ କାର୍ଯ୍ୟରେ ଯୋଗ ଦେଇଥିଲି।

ଏତେ ବର୍ଷ ପରେ ଏହିଥର ହିଁ ଏକାଦିକ୍ରମେ ଏତେ ଦୀର୍ଘ ଛୁଟି ନେଇ ରହିଲି ଗାଆଁରେ। ମାତ୍ର ଏ ଅବକାଶଟି ଥିଲା ବାଧ ବାଧକତାର ଦାୟରେ। ଫୋନ୍ ପାଇଲି ବୋଉ ଚାଲିଗଲା। ବଡ଼ପୁଅ ମୁଁ, ମୁଖାଗ୍ନି ଦେବାକୁ ପଡ଼ିବ। ଘରଠାରୁ ଦଶ ଘଣ୍ଟା ସଡ଼କ ପଥର ଯାତ୍ରାର ଦୂରତ୍ୱରେ ମୁଁ। ତଥାପି ସାନଭାଇକୁ କହିଲି, ମୁଁ ଯାଇ ପହଞ୍ଚୁଛି, ମୋତେ ଅପେକ୍ଷା କର। ସିଏ କୁନ୍ଥୁ କୁନ୍ଥୁ ହେଉଥିଲା, ଗାଆଁରେ ସାହି ଭାଇ କଥା। କାହାରି ଘରେ ଚୁଲି ଜଳିବନି, କେହି କ'ଣ ସମ୍ଭଳା ପଡ଼ିବେ। ତା' ପରେ ବୋଉ ବାସିମଡ଼ା ହେବ। ତଥାପି ମୋ କଥା କାଟି ନପାରି ସେ ଅପେକ୍ଷା କରିବ ବୋଲି କହିଲା।

ମୁଁ ପହଞ୍ଚିଲା ବେଳକୁ ମୁହଁ ସଂଜ। ଅପେକ୍ଷାରେ ସମସ୍ତଙ୍କର ଧୈର୍ଯ୍ୟଚ୍ୟୁତି ଘଟି ସାରିଥିଲା ପ୍ରାୟ। ମୁଁ ପହଞ୍ଚିବା ପରେ ଆଉ ସମୟ ବରବାଦ୍ ନକରି ସଜା ହେଲା କୋକେଇ। ଆରମ୍ଭ ହେଲା ବିଦାୟ ପର୍ବ। ସଂସ୍କାର ସାରି ଫେରିବା ବେଳକୁ ରାତି ଅଧ।

ଚଟାଣରେ ବିଛାଗଲା ନଡ଼ା। ଉପରେ ସପଟିଏ। ବୋଉ ଯେଉଁ ଘରେ ମରିଥିଲା, ସେହି ଘରେ। ଯେହେତୁ ମୁଁ ମୁଖାଗ୍ନି ଦେଇଥିଲି, ତାହାଥିଲା ମୋ ପାଇଁ ଉଦ୍ଦିଷ୍ଟ ସ୍ଥାନ। ସାନଭାଇ ଏ ବ୍ୟବସ୍ଥା କରୁଥିଲାବେଳେ କେବଳ କହିଲା - ତମେ କ'ଣ ଏତେ ନୀତି ନିୟମ ମାନି ରହିପାରିବ? ମୁଁ ତମଠାରୁ କ୍ରିୟାଟା ନେଇଯାଆନ୍ତି ଯେ, ହେଲେ ଏ ଦଶଦିନ ଭିତରେ ବାହାରେ ଯେତେ କାମ ତମେ କ'ଣ ପାରିବ?

ନା-ନା, ମୁଁ ପାରିବି, ପାରିବି। ତୁ ଜମା ଏଥିପାଇଁ ବ୍ୟସ୍ତ ହଅନା। କେବଳ ଯାହା ଆଜି ଟିକିଏ ଡର ଡର ଲାଗିବ।

ମୁଁ ପରା ଏଇଠି, ଏହି ଦୁଆରେ ଶୋଇବି। ତମ ଘରର କବାଟ ଖୋଲା ରହିବ, ଡର କାହିଁକି ଲାଗିବ?

ଆରେ ବୋଉ ମଲା ଖବର ଜଣାଇଲୁ, ଦେହ ଖରାପ ଖବରଟା ଆଗରୁ ଜଣାଇ ପାରିନଥାନ୍ତୁ? ମୁଁ ଟିକିଏ ଶେଷ ବେଳକୁ ଆସି ଦେଖି ପାରିଥାଆନ୍ତି। ମଲା ପୂର୍ବରୁ ବୋଉ ମୋତେ ଖୋଜିଥିଲା କି?

ଶେଷ ବେଳ! ବୋଉ ଜର ନା ବାଧିକାରେ ପଡ଼ିଥିଲା ଯେ ତା'ର ଶେଷ ବେଳ ହୋଇଗଲା ବୋଲି ମୁଁ ଜାଣିଥାଆନ୍ତି! ସିଏ ଭଲ ମଣିଷଟାଏ ଥିଲା। ନିଜର ସବୁ କାମ ନିଜେ କରିପାରୁଥିଲା। ଆଜି ତ ସକାଳୁ ସେ ଗାଧୋଇ ପାଧୋଇ ସାରି ଠାକୁର ପୂଜା କରି ରୁଟି ସନ୍ତୁଳା ଖାଇଥିଲା। ଖାଇ ସାରିବା ପରେ ତ କେବଳ କହିଲା, ମୋ ମୁଣ୍ଡ ଓ ଛାତି କ'ଣ ହୋଇଯାଉଛି ବୋଲି। କହୁ କହୁ ଚେତା ବୁଡ଼ିଗଲା। ମୁଁ ଧାଇଁଲି ଡାକ୍ତରଙ୍କ ପାଖକୁ। ସିଏ ଆସି ଦେଖିସାରି କହିଲେ - ହ୍ୟାର୍ଟ ଷ୍ଟ୍ରୋକ। ଚାଲିଗଲେଣି। ହେଲେ ବୋଉ ବୋଧେ ଆଗରୁ କିଛି ସୂଚନା ପାଇ ସାରିଥିଲା ତା' ମରଣର। ଏଇ କିଛିଦିନ ତଳେ ହଠାତ୍ ଆମ ସିନ୍ଦୁକ ଦରାଣ୍ଡି ପାଟ କନାରେ ବନ୍ଧା ଗୋଟିଏ ପୁଡ଼ିଆ ବାହାର କଲା। ମୋତେ ଡାକି କହିଲା - ଏଇଟା ରଖିଥା', ଭାଇକୁ ଦେଇଦେବୁ।

ତୁ ରଖିଥା ଭାଇଙ୍କୁ ଦେବୁ, ମୋତେ କାହିଁକି ଦେଉଛୁ? ଆରେ ମୁଁ ପାଚିଲା ତାଳ, କେତେବେଳେ କେଉଁ କଥା, ତୋ' ପାଖରେ ଥାଉ।

କ'ଣ ଅଛି ଏହା ଭିତରେ?

ମୁଁ କ'ଣ ସୁନା ନା ରୁପା ରଖିଛି, କେବଳ ତା' ପିଲାବେଳର ଅଣ୍ଟାସୂତାରେ ଲାଗିଥିବା କିଛି କଣା ପଇସା, ମନ୍ତୁରା ପଇସା ଏହା ଭିତରେ ଅଛି। ସାଇତି ରଖିଥିଲି ନାତି କି ନାତୁଣୀ ହେଲେ ତାଙ୍କ ଅଣ୍ଟାରେ ବାନ୍ଧିବି ବୋଲି। ହେଲେ ସେ ଭାଗ୍ୟ ତ ଭଗବାନ ଏଯାଏଁ ନଥିଲେ। ଏବେ ବୋହୂର ପିଲାପିଲି ହେବ, ହେଲେ ବାନ୍ଧିବ।

ପିଲାପିଲି ହେଲେ ତୁ ଗଲେ ଦେଇଦେଲେ ହେବନି? କେତେବେଳେ କେଉଁକଥା, କିଏ କହିପାରିବ? ତୁ ରଖିଥା', ମୁଁ ଯଦି ଯାଏ ତୋ'ଠାରୁ ମାଗି ନେବିନି।

ତୋ' କଥା ଶୁଣି ମୋତେ ଲାଗୁଛି ବୋଉ ତା'ର ମୃତ୍ୟୁ କଥା ଆଗରୁ ଜାଣିଥିଲା। ଆଚ୍ଛା ବୋଉ କ'ଣ ପ୍ରଥମଥର ପାଇଁ କହିଲା ମୋ ମୁଣ୍ଡ ଓ ଛାତି କ'ଣ ହୋଇଯାଉଛି ବୋଲି ନା ଆଗରୁ କେବେ କହିଥିଲା?

ନା ମୁଣ୍ଡ ଓ ଛାତି କ'ଣ ହୋଇଯାଉଛି ବୋଲି ଆଗରୁ କେବେ କହିନଥିଲା, ମାତ୍ର ମଝିରେ ମଝିରେ ଟିକିଏ ଚାଲିକରି କୁଆଡ଼ୁ ଆସିଲେ କହୁଥିଲା, ମୋତେ ଚତୁର୍ଦ୍ଦିଗ ଅନ୍ଧାର ଦିଶୁଛିରେ କାହିଁକି?

ଏବେ ସିଏ ଚାଲିଗଲା ପରେ ମୁଁ ଭାବୁଛି, ତା' ହାର୍ଟରେ ବ୍ଲକେଜ୍ ବୋଧେ ହୋଇଥିଲା, ଆମେ ଜାଣି ପାରିଲେ ନାହିଁ।

ହୁଁ-ବୋଉର ଚାଲିଯିବାଟା ନିଶ୍ଚୟ ତୃତୀୟ ଷ୍ଟ୍ରୋକ ହୋଇଥିବ। ନଚେତ୍ ଭଲ ଥିବା ମଣିଷଟା କ'ଣ ଏମିତି ଚାଲିଯାଏ? ହଉ ଗତ କଥା ଭାବି ଆଉ ଲାଭ କ'ଣ?

ହଁ-ବୋଉ ଯିବା କଥା ଏବେ ଭାବି ଲାଭ ନାହିଁ, ଏବେ କେମିତି କ୍ରିୟା କର୍ମ ହେବ ଚିନ୍ତା କରିବା କଥା। ଭାଉଜ ବୋଧେ ଆସି ପାରିବେ ନାହିଁ?

ଆସିବା କଥା ସମ୍ଭବ ହୋଇଥିଲେ, ମୁଁ ଗାଡ଼ି ଧରି ଆସିଲି କ'ଣ ଆଣି ପାରିନଥାନ୍ତି? ସିଏ ଏବେ ଆଡଭାନସ ଷ୍ଟେଜରେ। ଏଥିରେ ଯେକେହି ଯିବା ଆସିବା କରୁନାହାନ୍ତି ସେକଥା ନୁହଁ, ହେଲେ ତାଙ୍କ କଥା ଅଲଗା, ଡାକ୍ତର ସମ୍ପୂର୍ଣ୍ଣ ବାରଣ କରିଛନ୍ତି ଚାଲବୁଲ ଓ ହଲଚଲ ପାଇଁ। ମୁଁ ବି କେଉଁ ଆସି ପାରିଥାଆନ୍ତି ଯେ, ଯୋଗକୁ ଦୁଇ ଦିନ ତଳେ ତାଙ୍କ ମା' ଯାଇ ପହଞ୍ଚିଛନ୍ତି ବୋଲି ଆସି ପାରିଲି। ତେଣୁ ସିଏ ଆସିପାରିବାଟା ସମ୍ପୂର୍ଣ୍ଣ ଅସମ୍ଭବ। ସିଏ ସେଠାରେ ହିଁ ଶୁଦ୍ଧି ହୋଇପଡ଼ିବେ।

ହଁ, ଏତେ ସବୁ ସମସ୍ୟା ଭିତରେ ନଆସିବାଟା

ଉଚିତ। ହଉ, ଆମେ କ୍ରିୟା କର୍ମ, ବ୍ରାହ୍ମଣ ଓ ଜ୍ଞାତି ଭୋଜନ କେମିତି କରିବା, ସେ ବିଷୟରେ କିଛି ଭାବିଛ ?

ମୁଁ ତ ଖବର ପାଇ ସଂଗେ ସଂଗେ ଆସିଲି, ଆସିବା ପରେ ତ ସଂସ୍କାର କାର୍ଯ୍ୟ, ଏକଥା ଭାବିବାକୁ ବେଳ ପାଇଲି କେତେବେଳେ ? ତା'ତ ଠିକ୍। ଇଏ ତ ବାହା କି ବ୍ରତଘର ନୁହଁ ଯେ ଆମେ ପ୍ରସ୍ତୁତ ହୋଇ ଆମ ସୁବିଧା ଅନୁସାରେ ଦିନ ସ୍ଥିର କରିପାରିବା। ମାତ୍ର ଦଶଟା ଦିନ ହାତରେ, ସେଥିକୁ ଆଜି ରାତି ପାହିଲେ କାଲିକୁ ଦୁଇଦିନ ହୋଇଯିବ, ତେଣୁ ଆମକୁ କିଛି ନିଷ୍ପତ୍ତି ନେବାକୁ ପଡ଼ି।

ହଉ, ତୁ କହୁନୁ କ'ଣ କରିବା ?

ଯାହା ଅନ୍ୟମାନେ କରନ୍ତି, ଆମେ ସେଇଆ କରିବା। ଖର୍ଚ୍ଚଟା ଆମର ଶକ୍ତି ଓ ସାମର୍ଥ୍ୟ ଉପରେ ନିର୍ଭର କରେ।

ଠିକ୍ କଥାଟିଏ କହିଲୁ। ଆମର ଶକ୍ତି ଓ ସାମର୍ଥ୍ୟକୁ ଚାହିଁ ଆମେ ଖର୍ଚ୍ଚ କରିବା, ତୁ ଭାବୁଛୁ କି ମୋ ପାଖରେ ଗୁଡ଼ାଏ ଟଙ୍କା ପଇସା ଅଛି ? ନାରେ, ମୁଁ ଫଁକଡରାମ ଗିରିଧାରୀଟିଏ। ନଥାନ୍ତା କାହିଁକି, ଥାଆନ୍ତା। ହେଲେ ସବୁ ସଂଚୟ ତ ମୋର ଚାଲିଗଲା ଡାକ୍ତରୀ ଖର୍ଚ୍ଚରେ। ଏବେ ପୁଣି ସିଏ ମା' ହେବ, କୋଉ ମୁହୂର୍ତ୍ତରେ କେତେ ଖର୍ଚ୍ଚ ଲାଗିବ କିଏ ଜାଣେ। ମୁଁ ଅତି ବେଶିରେ ଟଙ୍କା ପନ୍ଦର ହଜାର ଦେବାକୁ ସକ୍ଷମ ହେବି।

ଇଏତ କେବଳ ଶୁଦ୍ଧି କାର୍ଯ୍ୟକୁ ନିଅଣ୍ଟ। ତମେ ଭାବୁଛ କି ମୋ ପାଖରେ ଟଙ୍କା ପଇସା ଅଛି ବୋଲି ? ମୁଁ ତ ମୋ କୃତକର୍ମର ପରିଣାମ ଭୋଗୁଛି। ପାଠଶାଠ ପଢ଼ିଲି ନାହିଁ। ବାପା ସେଥିପାଇଁ ମନଦୁଃଖ କରି ଚାଲିଗଲେ। ମୋ କପାଳରେ ଲେଖାଥିଲା ମାଟିରେ ଘାଣ୍ଟି ହେବାକୁ। ମାଟିରେ ଘାଣ୍ଟି ହେବାକୁ ମୋତେ ଅସୁଖ ଲାଗୁନି ଯେ, ହେଲେ ସେଥିରେ ପେଟ ପୂରୁଥାଆନ୍ତା ଭଲା। କେତେବେଳେ ବନ୍ୟା, କେତେବେଳେ ବାତ୍ୟା ତ ଆଉ କେଉଁ ବର୍ଷ ମରୁଡ଼ି। ଜମି ବା ଆମର କେତେ ? ସରକାରଙ୍କର ଏଇ ମାଗଣା ଚାଉଳରେ ପେଟଟା ପୂରି ଯାଉଛି ସତ, ହେଲେ ଅନ୍ୟ ଖର୍ଚ୍ଚ ମେଣ୍ଟାଉମେଣ୍ଟାଉ ମୁଁ ନୟାନ୍ତ ହେଉଛି।

ମୁଁ ଜାଣେ, ତୋ ପାଖରେ ଟଙ୍କା ନଥିବ। ମୁଁ ମାସକୁ ମାସ ଦରମା ପାଇ ଯଦି ଦାୟ ଦରକାର ବେଳେ ଟଙ୍କା କିଛି ବାହାର କରିବାକୁ ସକ୍ଷମ ହେଉନି, ତୁ ଗାଆଁରେ ଚାଷବାସ କରି ଯେ ଗୁଡାଏ ଟଙ୍କା ଜମା ରଖିପାରିଥିବୁ, ସେକଥା ମୁଁ ଭାବୁନି। ତେଣୁ ମୁଁ ଭାବୁଛି ଅତି ଛୋଟ ଧରଣର ଭୋଜିଭାତଟିଏ କରିଦେବା।

ତମେ ଶୁଦ୍ଧିକ୍ରିୟା ସରିଲେ ଚାଲିଯିବ। ମୁଁତ ଗାଆଁରେ ରହିବି ନା ? ଲୋକେ କ'ଣ କହିବେ ? ଏତେ ବଡ଼ ରୋଜଗାରିଆ ପୁଅ ଥାଉଥାଉ ମାଆର ଶୁଦ୍ଧିକ୍ରିୟାରେ ବ୍ରାହ୍ମଣ ଓ ଜ୍ଞାତି କୁଟୁମ୍ବ ଖୋଇ ପାରିଲେନି ? ବାପାଙ୍କ ନାଁ ବି ପଡ଼ିବ। ମୁଁ ସିନା ଅଯୋଗ୍ୟ ପୁଅଟିଏ, ହେଲେ ଲୋକଙ୍କ ଆଖିରେ ତ ତମେ ଖୁବ୍ ଯୋଗ୍ୟ। ବ୍ୟାଙ୍କ ଚାକିରିଆମାନେ ତମ ପାଖରେ ଢେର୍ ଟଙ୍କା। ତମର ନିନ୍ଦା ଶୁଣିବାକୁ ମତେ କ'ଣ ଭଲ ଲାଗିବ ?

ମୁଁ ତ ମୋ ଶକ୍ତି ଓ ସାମର୍ଥ୍ୟ କଥା କହିଲି। ହେଲେ ତୁ କ'ଣ କହିବାକୁ ଚାହୁଁଛୁ କହ ?

ତମର ଯଦି ସାମର୍ଥ୍ୟ ଏତିକି, ମୁଁ ଭାବୁଛି କିଛି ଜମି ବିକିଦେବା। ଜମି ବିକିଦେବା ? ତୁ ଚଳିବୁ କେମିତି ?

ମୋ ଚଳିବା କଥା ପଛକୁ। ଆଗ ଏ କାମକୁ ତ ଆମକୁ ସମ୍ମାନଜନକ ଭାବରେ କରିବାକୁ ପଡ଼ିବ।

ହଉ ରାତି ବେଶି ହେଲାଣି,ତୁ ଶୋଇପଡ଼। କାଲି ରୋହିଶୀତଳା ପରେ ଚିନ୍ତା କରିବା କ'ଣ କରିବା।

ସାନ ଭାଇଟାକୁ ସିନା କହିଦେଲି ଶୋଇପଡ଼, ହେଲେ ସାରାରାତି ମୁଁ ବା ଶୋଇ ପାରୁଥିଲି କେଉଁଠି ? ଏକରେ ବୋଉ ମରିଥିବା ଜାଗାରେ ଶୋଇଥିଲି ନିଦ ଆସିବ କେଉଁଠୁ। ଆଖି ବନ୍ଦ କରି ପଡ଼ି ରହିଥିଲି ସିନା, ହେଲେ ମୁଣ୍ଡ ମୋର ଚକ୍କର୍ ଖାଉଥିଲା ପଇସା ଯୋଗାଡ କରିବା ଚିନ୍ତାରେ। ଶେଷରେ ନିଷ୍ପତ୍ତି ନେଲି ଯାହା ବି ହେଲେ ମୋତେ ଏ ଦାୟିତ୍ୱ ନେବାକୁ ପଡ଼ିବ।

ରାଇ ଶୀତଳା ସରିଲା। ସାନଭାଇକୁ ପଚାରିଲି, ତୁ ଅନୂରୋହିନ୍ୟ ଗୋଟିଏ ମାସ ପାଇଁ କିଛି ଟଙ୍କା ଉଧାର ସୂତ୍ରରେ ଆଣି ପାରିବୁ କି ?

କେତେ ଟଙ୍କା ?

ତୋ' ହିସାବରେ ଯେତେ ଟଙ୍କା ଖର୍ଚ୍ଚ ହେବ, ସେଥିରୁ ପନ୍ଦର କୋଡ଼ିଏ ହଜାର କମ୍।

ଆଣି ହବ ଯେ, ଶୁଝିବା କେମିତି ?

ମୁଁ ଫେରିଲା ପରେ ପର୍ସନାଲ ଲୋନ୍ ନେଇ ଶୁଝିଦେବି।

ହଉ, ମୁଁ ଚେଷ୍ଟା କରୁଛି। ମାସଟିଏ ପାଇଁ ତ, ଯାହା ସୁଧ ନେଲେ ମଧ୍ୟ ମୁଁ ଯୋଗାଡ଼ କରୁଛି।

ପରଦିନ ସନ୍ଧ୍ୟା ବେଳକୁ ବାବୁଲା ଆଣି ଲକ୍ଷେ ଟଙ୍କା ମୋ ପାଖରେ ଥୋଇ କହିଲା – ରଖ।

ମୁଁ କହିଲି – ମୋତେ କ'ଣ ଦେଉଛୁ, ତୁ ରଖ।

ନା–ନା, ତମେ ବଡ଼ଭାଇ, ଟଙ୍କାଟା ତମ ହାତରେ ରହିବା କଥା। ଆରେ ଟଙ୍କା ରଖିବାର ବଡ଼ ସାନ କ'ଣ, ତା'ପରେ ମୁଁ ମୁଖାଗ୍ନି ଦେଇଛି, ମୁଁ କ'ଣ କୁଆଡ଼େ ଯାଇ କିଣାକିଣି କରି ପାରିବିନା କ'ଣ ? ତୁ ବାରମ୍ୱାର ମୋତେ କେତେ ମାଗୁଥିବୁ। ବରଂ ତୁ ରଖି ଖର୍ଚ୍ଚ କରୁଥା'. ନିଅଣ୍ଟ ପଡ଼ିଲେ ମୋତେ କହିବୁ।

ବାବୁଲା ଯେମିତି ଜାକଜମକରେ ବୋଉର ଶୁଦ୍ଧିକ୍ରିୟା ଓ ଭୋଜିଭାତ କରିବାକୁ ଚାହୁଁଥିଲା ସେମିତି କଲା, ମୁଁ ମନେ ମନେ ଖର୍ଚ୍ଚର ହିସାବ କରୁଥିଲି ଏବଂ ଆକଳନ କରୁଥିଲି ଯେ ସେ ଉଧାରି ଆଣିଥିବା ଟଙ୍କାଠାରୁ ଢେର ଅଧିକ ଖର୍ଚ୍ଚ କଲାଣି। ମୁଁ ତାକୁ ବାରମ୍ୱାର କହୁଥାଏ– ଆରେ ତୁ ଉଧାରି ଆଣିଥିବା ଟଙ୍କା ତ କେବେଠୁ ସରିବଣି, ନେ' ଆଉ କିଛି ରଖ। ସେ କେବଳ କହେ – ରଖିଥା', ଦରକାର ବେଳେ ମୁଁ ମାଗିନେବି।

ବୋଉର କାମଦାମ ସରିଗଲା। ଆସିଥିବା ବନ୍ଧୁବାନ୍ଧବ ସବୁ ବିଦାହୋଇ ଚାଲିଗଲେ। ମୋର ବି ଫେରିବାର ସମୟ ହୋଇସାରିଥିଲା। ସିଏ ମୋତେ ଆଉ ଟଙ୍କା ମାଗିବାର ନାଁ ଗନ୍ଧ ନେଉନଥିଲା। ଶେଷକୁ ମୁଁ ଗୋଟିଏ ଉପାୟ ପାଞ୍ଚି ତାକୁ କହିଲି, କେତେ କ'ଣ ଖର୍ଚ୍ଚ ହେଲା ଗୋଟେ ହିସାବ ଦେ'।

ହିସାବ ଦେ' କଥା ଶୁଣି ସେ ମୋ ମୁହଁକୁ ବିସ୍ମିତ ହୋଇ ଚାହିଁଲା କିଛିକ୍ଷଣ। ତା'ପରେ ଘର ଭିତରୁ ଗୋଟିଏ ଡାଲରୀ ଆଣି ମୋ ଆଗରେ ଥୋଇଦେଲା। ସେଥିରେ ବନ୍ଧୁବାନ୍ଧବ ଦବାନବାଠାରୁ ଭୋଜିଭାତ ଇତ୍ୟାଦିର ଖର୍ଚ୍ଚ ଗୋଟିଗୋଟି କରି ଲେଖା ଯାଇଥିଲା। ସବୁ ହିସାବ ପରେ ମୋଟ ଖର୍ଚ୍ଚ ହୋଇଥିଲା ଲକ୍ଷେ ଅଶି ହଜାର। ମୁଁ କେବଳ ତାକୁ ଚାହିଁଲି କିଛିକ୍ଷଣ। ସେ ବୋଧେ ମୋ ମନର କଥା ପଢ଼ିନେଲା, କହିଲା– ତମେ ସେଥିପାଇଁ ବ୍ୟସ୍ତ ହୁଅନି। ତମେ ଯେତିକି ଉଧାର ଆଣିବାକୁ କହିଥିଲ ସେତିକି ଦେବ, ଅମଶିଷ୍ଟ ଟଙ୍କା କଥା ମୁଁ ବୁଝିବି।

ତୋ' ପାଖରେ ଏତେ ଟଙ୍କା ଆସିଲା କେଉଁଠୁ ?

ମୁଁ ସାଙ୍ଗମାନଙ୍କ ପାଖରୁ ଦଶ କୋଡ଼ିଏ ହଜାର କରି ଆଣିଛି, ସେମାନଙ୍କୁ ଧୀରେ ଧୀରେ ଶୁଝିଦେବି। ତମ ମୁଣ୍ଡ ଉପରେ ଆଗକୁ ଢ଼େର ଖର୍ଚ୍ଚ ଅଛି, ତେଣୁ ତମକୁ ଏତେ ବୋଝଦେବା ଠିକ୍ ନୁହେଁ। ତା' ପରେ ମୁଁ ବି ତ ବୋଉର ଗୋଟେ ପୁଅ, ହୋଇପାରେ ନିରୋଜଗାରିଆ, ହେଲେ ମୋର ବି ତ କିଛି ଦାୟିତ୍ୱ ଅଛି।

ମୁଁ ଯେତେ ବାଧ କଲେ ବି ଆଉ ଟଙ୍କା କୋଡ଼ିଏ ହଜାର ତାକୁ ଦେବା ପାଇଁ, ସେ ନେଲା ନାହିଁ। କେବଳ କହିଲା – ତମର ଅସୁବିଧା ଦୂର ହେଉ, ଯଦି ଦରକାର ପଡ଼େ ମୁଁ ମାଗିବି।

ମୋର ଛୁଟି ସରିଯାଇଥିଲା, ମୁଁ ଫେରିଲି। ବାବୁଲା ଆସିଥିଲା ମୋତେ ବଳାଇ ଦେବାକୁ। ନଈକୂଳରେ ପହଞ୍ଚିଲା ବେଳକୁ ଘାଟ ଡଙ୍ଗା ଆରପଟେ ଥିଲା। ଆମେ ଡଙ୍ଗାକୁ ଅପେକ୍ଷା କରିବା ଭିତରେ ମୋର ମନେ ପଡ଼ିଲା, ବୋଉ ମୋତେ ଦେବାପାଇଁକ'ଣ ଗୋଟେ ଜିନିଷ ବାବୁଲାକୁ ଦେଇଥିଲାବୋଲି। ଆରେ ବାବୁଲା, ମୁଁ ତ ଭୁଲିଯାଇଛି, ବୋଉ ପା' ମୋତେ ଦେବା ପାଇଁ କ'ଣ ଗୋଟେ ଜିନିଷ ଦେଇଥିଲା ?

ହଁ ତ। ଏ କାଉଳି ଭିତରେ ମୁଁ ପୂରା ଭୁଲିଯାଇଛି। ହଉ ଡଙ୍ଗା ତ ସେପଟେ ଅଛି, ସେ ଏପଟକୁ ଆସିବା ଭିତରେ ମୁଁ ଦୌଡ଼ି ଦୌଡ଼ି ଯାଇ ଘରୁ ଆସୁଛି। ଧରି ଆସିଛି। ମୋ ଆଉ କୌଣସି କଥା ଶୁଣିବାକୁ ଅପେକ୍ଷା ନକରି ସେ ଧାଇଁଲା ଏକମୁହାଁ।

କିଛି ସମୟ ପରେ ଡଙ୍ଗା ଏପଟ କୂଳରେ ଲାଗିଲା। ଘାଟିଆ ଅପେକ୍ଷା କରିଥିଲା, ଲୋକ ପୂରା

ହୁଅନ୍ତୁ। ମୁଁ ଅପେକ୍ଷା କରିଥିଲି ବାବୁଲାର ଫେରିବାକୁ। ଜଣକ ପରେ ଜଣେ ଚଢ଼ି ଚଢ଼ି ଡଙ୍ଗାରେ ଲୋକ ପୂରା ହେବାକୁ ବସିଲା। ଘାଟିଆ ଡାକିଲା – ଯିବେ ଯଦି ଆସନ୍ତୁ। ମାତ୍ର ବାବୁଲା ନଆସିଲା ଯାଏ ମୁଁ ବା ଡଙ୍ଗାକୁ ଚଢ଼ିବି କେମିତି? ଶେଷକୁ ଡଙ୍ଗା ଛାଡ଼ିବା ଛାଡ଼ିବା ବେଳକୁ ସେ ଆସି ପହଞ୍ଚିଲା। ମୋ ହାତକୁ ପୁଡ଼ିଆଟିଏ ବଢ଼ାଇଦେଇ କହିଲା – ତମେ ଡଙ୍ଗାରେ ଚଢ଼ିଯାଅ। ମୁଁ ତରବରରେ ସେ ଦେଇଥିବା ପୁଡ଼ିଆଟିକୁ ମୋ ବ୍ୟାଗ୍ ଭିତରେ ପୂରାଇ ଦେଇ ଡଙ୍ଗାକୁ ଉଠିଗଲି। ବାବୁଲା ମୋ ପାଦଧୂଳି ନେଲା। ଡଙ୍ଗା ଛାଡ଼ିଲା।

ଠିକ୍ ସମୟରେ ବସ୍ ମିଳିଗଲା ଏବଂ ଟ୍ରେନ ଷ୍ଟେସନରେ ପହଞ୍ଚିବା ବେଳକୁ ମୋ ହାତରେ ଘଣ୍ଟାଏ ବି ସମୟ ଥିଲା। ଷ୍ଟେସନରେ ଚା’ ପିଇ, ପତ୍ରିକା ଦେଖି ସମୟ କଟାଇ ସାରିଲା ବେଳକୁ ଟ୍ରେନ ବି ଠିକ୍ ସମୟରେ ପହଞ୍ଚିଗଲା। ମୁଁ ମୋର ରିଜର୍ଭ କମ୍ପାର୍ଟମେଣ୍ଟରେ ପଶି ମୋ ସିଟ୍‌ରେ ଯାଇ ବସିଲି।

କିଛି ସମୟ ପରେ ଅନ୍ୟ ଦୁଇଜଣ ଯାତ୍ରୀ ବି ସେହି ବର୍ଥରେ ପହଞ୍ଚିଲେ। ଟ୍ରେନ ଛାଡ଼ିଲା।

ସେମାନେ ବସୁବସୁ ହାତରେ ଧରିଥିବା ପେପର୍ ଖୋଲି ଜଣେ ପଢ଼ି ବସିଲା। ପଢୁ ପଢୁ କୌତୂହଳ ହୋଇ ଅନ୍ୟ ସହଯାତ୍ରୀଟିକୁ କହିଲା – ଆରେ, ଏ ହନୁମାନ ପଇସା ଚକ୍କର କ’ଣ?

ମାନେ!

ହେଇ ଦେଖନ୍ତୁ, ଫ୍ରଣ୍ଟ ପେଜ୍ ନିଉଜ୍ଃ ହନୁମାନ ପଇସା କାରବାର ବେଳେ ପୋଲିସର ଚଢ଼ାଉ। ହେଲେ ଆସାମୀ ଖସିଗଲେ। କ’ଣ ଏ ହନୁମାନ ପଇସାର ଖେଳ? କ’ଣ ସତକଥା ଇଏ?

କେଉଁଟା ସତ ବୋଲି ପଚାରୁଛୁ?

ଏଇ ଯେମିତି ଲକ୍ଷ ଲକ୍ଷ ଟଙ୍କାରେ ହନୁମାନ ପଇସା ବିକ୍ରି ହେଉଛି। ହଁ, ତୁ ଯେମିତି ଶୁଣୁଛୁ କିମ୍ବା ଖବରକାଗଜରେ ପଢୁଛୁ, ମୁଁ ସେମିତି ଶୁଣିଛି ଓ ପଢ଼ିଛି କେବଳ। ନା, ମୁଁ ହନୁମାନ ପଇସା ଦେଖିଛି ନା କ’ଣ ଦରକାର ହେଉଛି ଜାଣିଛି।

ମୁଁ କ’ଣ ଶୁଣୁଛି ସେଗୁଡ଼ା ପରମାଣୁ ଅସ୍ତ୍ର ତିଆରିରେ ଲାଗୁଛି। ହଁ, ଶୁଣିବା କଥା ଯାହା। ସେଥିରେ ପୁଣି ନକଲି ହନୁମାନ ପଇସା ବଜାରରେ ମିଳିଲାଣି।

ଯିଏ ଏତେ ଟଙ୍କା ଦେଇ କିଣୁଛନ୍ତି ସେମାନେ ତ ଜାଣିଥିବେ ନା ଅସଲି ଓ ନକଲିର ପରୀକ୍ଷା।

ହଁ, ଜାଣିଛନ୍ତି। ଅସଲି ହନୁମାନ ପଇସା କୁଆଡ଼େ ଚୁମ୍ବକ ପରି ଅରୁଆ ଚାଉଳ ଟାଣିନିଏ। ତା’ ଉପରେ ସୂତାରେ ଯଦି ଛୁଞ୍ଚିଟିଏ ଝୁଲାଇବ ଛୁଞ୍ଚ ନବେ ଡିଗ୍ରୀ ଯାଏ ସିଧା ହୋଇଯିବ। ବିଜୁଳିବତୀ ଆଗରେ ଦେଖାଇଦେଲେ ଆଲୁଅ ଲିଭିଯିବ। ହେଲେ ଏସବୁ କେବଳ ଶୁଣା ଓ ପଢ଼ା କଥା, ଅସଲରେ ନା ମୁଁ ଦେଖିଛି ନା ପରୀକ୍ଷା କରିଛି। କିଛି ଗୋଟାଏ ଥିବ, ନଚେତ ଲୋକେ ଏମିତି ପାଗଳ ପରି କାହିଁକି ରାମ ଦରବାର ହନୁମାନ ପଇସାକୁ ଖୋଜୁଥାଆନ୍ତେ ଓ ଏତେ ଟଙ୍କା ଦେଇ କିଣୁଥାଆନ୍ତେ? ତୋ ଶୁଣିବାରେ କେତେ ଟଙ୍କାରେ ଗୋଟିଏ ଗୋଟିଏ ହନୁମାନ ପଇସା ବିକ୍ରି ହେଉଛି?

ଟଙ୍କାରେ ନୁହଁ, ଲକ୍ଷ କଥା କହ।

ହଉ କହ ତ କେତେ ଲକ୍ଷରେ ବିକ୍ରି ହେଉଛି?

ହନୁମାନ ପଇସା ତ ବିଭିନ୍ନ ପ୍ରକାର ଅଛି। ରାମାଭିଷେକ, ରାମ ଦରବାର, ବଜରଙ୍ଗବାଲି, ପଞ୍ଚମୁଖୀ ହନୁମାନ ଇତ୍ୟାଦି ଇତ୍ୟାଦି। ଏମାନଙ୍କ ଭିତରୁ ରାମାଭିଷେକ ଓ ରାମ ଦରବାରର ଡିମାଣ୍ଡ ଅଧିକ। ଏ ଟଙ୍କାର ଦାମ୍ କିଣିବାବାଲା ଓ ବିକିବାବାଲା ଉପରେ ନିର୍ଭର କରେ। ଦଶ ଲକ୍ଷରୁ ଆରମ୍ଭ ହୋଇ ପଚାଶ ଲକ୍ଷ ଯାଏ ଯାଉଛି ବୋଲି ଶୁଣିଛି।

ସେମାନଙ୍କର ଷ୍ଟେସନ ଆସିଯାଇଥିଲା। ସେମାନେ ଯେମିତି ହୁଃଦସିଆ ହୋଇ ଉଠିଥିଲେ ସେମିତି ହୁଡ଼ହୁଡ଼ ହୋଇ ଓହ୍ଲାଇଗଲେ। ମୁଁ ଘଣ୍ଟାକୁ ଦେଖିଲି। ମୋର ଆହୁରି ଚାରି ଘଣ୍ଟାର ବାଟ। ଘରେ ପହଞ୍ଚିବାଟା ରାତି ବାରଟା ପରେ ନିଶ୍ଚୟ ହେବ।

ଘରେ ପହଞ୍ଚିଲି। ବହୁତ ସମୟ କଲିଂବେଲ୍ ମାରିଲା ପରେ ମଧ କେହି କବାଟ ଖୋଲିଲେନି। ବାଧ ହୋଇ ପତ୍ନୀଙ୍କ ମୋବାଇଲ୍‌ରେ ଫୋନ୍ କଲି। ସେ ଫୋନ୍ ଧରିଲେ। ମୁଁ ଘର ଦୁଆରେ କେତେବେଳୁ ଠିଆ ହୋଇ କଲିଂବେଲ୍ ମାରୁଛି ବୋଲି କହିଲି। ସେ କହିଲେ – କଲିଂ ବେଲ୍ ତ କେବେଠୁ ଖରାପ ଅଛି, ବାଜିବ କେମିତି?

ତମେ ଖାଇଛ?

ହଁ – ହଁ, ମୁଁ ତ ଜାଣିଥିଲି ଡେରି ହେବ ବୋଲି, ତେଣୁ ଖାଇ ନେଇଥିଲି। ଆଉ ତମ ଦେହ? ବୋଉ ଶୋଇ ସାରିଛନ୍ତି ନା?

ହଁ – ସିଏ କେତେବେଳୁ ଶୋଇ ପଡ଼ିଲାଣି। ତମ ଆସିବାକୁ ଅପେକ୍ଷା କରି କରି ମୋର ବି ଆଖି ଲାଗିଯାଇଥିଲା। ଭଲ କରିଛ ତମେ ବୁଦ୍ଧି କରି ମୋ ମୋବାଇଲରେ ଫୋନ୍ କରିଦେଲ, ନଚେତ ରାତିଭରି କଲିଂ ବେଲ୍ ବଜାଇ ଥାଆନ୍ତ।

ମୁଁ କପଡ଼ାଲତା ବଦଳାଇ ଧୁଆଧୋଇ ହୋଇ ଶୋଇବାକୁ ଗଲି। ସକାଳୁ ଉଠି ଚା’ ପିଇବା ବେଳେ ମୋର ମନେ ପଡ଼ିଲା, ବୋଉ ମୋ ପାଇଁ କ’ଣ ଗୋଟେ ରଖିଥିଲା, ଯାହାକୁ ବାବୁଲା ନଈକୂଳରୁ ଫେରିଯାଇ ଘରୁ ଆଣି ଦେଇଥିଲା। ଟ୍ରେନ ଧରିବାର ତରବର ଓ ବ୍ୟସ୍ତତା ଭିତରେ ମୁଁ ତାକୁ ଏଯାଏଁ ଦେଖିନାହିଁ। ମୋ ବ୍ୟାଗରୁ ବାହାର କଲି ସେଇଟା। ଗୋଟେ କଳା ସୂତାରେ ଗୁନ୍ଥା ଯାଇଥିଲା କେତେ ଗୁଡ଼ାଏ କଣା ତମ୍ବା ପଇସା। ଉଭୟ ପଟରେ କିଛି କିଛି କଣା ପଇସା ଓ ମଝିରେ ଗୋଟେ ଲକେଟ୍ ଭଳି ଆଉ ଏକ ପଇସା। ମୁଁ ଲକେଟ୍ ପଇସାଟିକୁ ଟିକିଏ ଭଲ କରି ଦେଖିଲି। ଆରେ, ଇଏ ତ ଏକ ହନୁମାନ ପଇସା, ରାମଙ୍କ ରାଜ୍ୟାଭିଷେକ ପଇସା। ପତ୍ନୀଙ୍କୁ କହିଲି – ଆଣିଲ, ଆଣିଲ ମୁଠାଏ ଅରୁଆ ଚାଉଳ।

କ’ଣ କରିବ?

ତମେ ଦିଅ ତ, ପରେ ପ୍ରଶ୍ନ ପଚାରିବ।

ମୁଁ ଦେଖାଇଲି ଅରୁଆ ଚାଉଳ, ଚୁମ୍ବକ ଟାଣିନେଲା ପରି ସେ ଟଙ୍କାରେ ଲାଗିଗଲେ ଅରୁଆ ଚାଉଳ।

ପତ୍ନୀ ପଚାରିଲେ – ବୈଜ୍ଞାନିକ ପରି କ’ଣ ପରୀକ୍ଷା କରୁଛ?

ପରୀକ୍ଷା କରୁନାହିଁ, ଭାବୁଛି।

କ’ଣ?

ବୋଉ ମଲା ପରେ ବି ଆମକୁ ଧନୀ କରିଦେଇଗଲା।

କେମିତି?

ଏ ଯେଉଁ କଣା ପଇସାର ମାଳ ତମର ପୁଅ କି ଝିଅ ହେଲେ ଅଣ୍ଟାରେ ବାନ୍ଧିବାକୁ ଦେଇଥିଲା, ତା’ ଲକେଟ୍‌ଟି ଗୋଟେ ହନୁମାନ ପଇସା।

କ’ଣ ହେଲା ସେ’ଥୁ?

କିଛି ନୁହଁ, ଏହା ଦୁର୍ମୂଲ୍ୟ। ଏହା ପାଇଁ ଯେତେ ଟଙ୍କା ମାଗିପାର, ମିଳିଯିବ।

ପତ୍ନୀ ଆଗ୍ରହ ସହକାରେ ଦେଖୁଥିଲେ ତାକୁ। ମୁଁ ମନେ ମନେ ଭାବୁଥିଲି, ଏହାକୁ କିପରି ବିକ୍ରି କରାଯାଇପାରିବ?

ପତ୍ନୀ କହିଲେ – ଏ ମାଳାଟି ଆମ ଛୁଆର ଅଣ୍ଟାରେ ପିନ୍ଧାଇବି, ତାକୁ ସମସ୍ତ ରୋଗ, ବୈରାଗ ଓ କୁଦୃଷ୍ଟିରୁ ରକ୍ଷା କରିବ। କେତେ କଷ୍ଟ ପରେ ସେ ଆସୁଛି, ଆସିବା ପରେ ଆଉ ଯେମିତି କଷ୍ଟ ନପାଉ। ମାତ୍ର ମୁଁ ଭାବୁଛି, ଏଇ ଗୋଟିଏ ପଇସାରେ ତା’ ଭବିଷ୍ୟତକୁ କିପରି ସୁରକ୍ଷିତ କରାଯାଇପାରିବ।

ମାନେ! ବୋଉଙ୍କ ଉପହାରକୁ ବିକି ଦେବନା କ’ଣ? ନା – ଘରୁ ଆସିବାବେଳେ ମୋତେ ଲାଗୁଥିଲା, କିଛି ଗୋଟେ ଛାଡ଼ି ଦେଇ ଆସିବା ପରି। ନଈକୂଳରେ ଯାଇ ମନେ ପଡ଼ିବାରୁ ବାବୁଲା ଧାଇଁ ଧାଇଁ ଯାଇ ଘରୁ ଏଇଟା ଆଣିଥିଲା। ଏବେ ଜାଣୁଛି ଏ ଉପହାର ମାଧ୍ୟମରେ ବୋଉ ମୋ ସହ ଆସୁଥିଲା, ତାକୁ ଆଣିନଥିବାରୁ କିଛି ଛାଡ଼ି ଆସିବା ପରି ଲାଗୁଥିଲା। ଏଇଟି ଆମ ଘରେ ରହିବ ଚିରଦିନ ବୋଉର ଆଶୀର୍ବାଦ ହୋଇ।

*ତଥାସ୍ତୁ, କଲ୍ୟାଣୀ ନଗର, ଫେଜ୍-୨,*
*ରଘୁନାଥପୁର ଜାଲି, ପଟିଆ,*
*ଭୁବନେଶ୍ୱର-୭୫୧୦୨୪*
*ଦୂରଭାଷ: ୯୪୩୭୪୨୭୬୯୧*

# ଉଆଁସୀ ଝଡ଼

## ସୀମାଞ୍ଚଳ ଦାଶ

ଉଆଁସୀ କନିଆଁ ନା' ଟୋପା। କିଏ ସେ ଲେଖିଛି କୋଉ ଶାସ୍ତ୍ରରେ ବେ – ଉଆଁସୀ କନିଆକୁ ଚାହିଁବା ପାପ। ତାକୁ ବାହା ହବା ପାପ। ଆଣ ତ, ସେ ଶାସ୍ତ୍ର ...ପୋଥି ପତର ପୋଡ଼ି କି' ସଫା ପାଉଁଶ କରିଦିଏ। ହାରେ ....ଶଳା ଯୁଗଯାଇ କୋଉଠି ପାଇଲାଣି ଏ ଛେନାଗୁଡ଼ ଅନ୍ଧବିଶ୍ୱାସ ଗଲାନି ଲୋକଙ୍କ ମନରୁ। ଆମ ଘରେ ତ' ବେଶି। ସେଥିପାଇଁ ଘରେ କାହା ସହ ପଟିଲାନି ଏ' ପଦିଆର। ହାଁ... ଛଅବର୍ଷରୁ ଅଧିକ ହେଲାଣି ସେ ଆସିଛି ଗାଁରୁ ଯେ ଆସିଛି। ଯାଉଛି ଆଉ ମାଳତିପୁରକୁ!

ଅଫିସ ବାରଣ୍ଡାରେ ଷ୍ଟୁଲ ଉପରେ ମନକୁ ମନ ଗପୁଛି ପଦିଆ ଓରଫ ପଦ୍ମନାଭ। ଭିତରୁ ମିନି ଦିଦିଙ୍କ ଡାକରା ପାଇ ତାଙ୍କ ସିଟ୍ ପାଖରେ ଯାଇ ଛିଡ଼ା ହେଲା –ପଦିଆ। ପଦିଆ ମୁହଁକୁ ଚାହିଁ ହସି ଦେଇ ପଚାରିଲେ ମିନି ଦିଦି – କ'ଣ ହୋଇଛି କିରେ ତୋର! ମନକୁ ମନ କ'ଣ ଗପୁଛୁ।

ହେଁ... ହେଁ... ହସି ଫାଇଲଟେ ମିନି ଦିଦିଙ୍କ ହାତରୁ ଧରୁ ଧରୁ ପଦିଆ କହିଲା –ନାଇଁମ ଦିଦି। ଏଇ... ଘରକଥା ...ଗାଁ କଥା ମନେ ପଡ଼ିଗଲା ତ।

କ'ଣ କନିଆ ...କନିଆ.... ହେଉଥିଲୁ, ବାହାଘର ପାଇଁ ଝିଅ ଦେଖାଚାହାଁ କଲୁଣି କିରେ! ବାହା ହୋଇପଡ଼ ... ହୋଇପଡ଼। ତୋତେ ବତିଶି ଟପିବଣି ନା'କ'ଣ! କେତେ ଦିନ ଆଉ ହାତରେ ରାନ୍ଧି ବାଢ଼ି ଖାଇବୁ।

ମୋଟେ ନୁହଁ। ପଦିଆକୁ ଏଇ ସନ ବାହା କରେଇଦବା ଦିଦି। ମିନି ଦିଦିଙ୍କ କଥାରେ ଆଉ ପଦେ ଯୋଡ଼ି କହିଲେ ରଣାବାବୁ।

ଲାଜେରା ହୋଇଗଲା ପଦିଆ। ବଡ଼ବାବୁ ତାକୁ ଏ' ଅକାଳୁଆ ପରିସ୍ଥିତିରୁ ବଞ୍ଚେଇବାକୁ ଯାଇ କହିଲେ – ପଦ ଗଲୁ ହରିଆଠୁ ମୋ ପାଇଁ ପାନ ଚାରିଟା ଆଣିବୁ। ବଡ଼ବାବୁଙ୍କ ପାଟିରୁ ଏକଥା ସରୁ ନ ସରୁଣୁ ପଦିଆ ପାନ ଆଣିବାକୁ ଧାଇଁଲା। ବୁଝିଲେ ବଡ଼ବାବୁ ଆମେ ପଦିଆ ପେଟରୁ କଥା ଆଦାୟ କରିଥାନ୍ତୁ। କେତେ କଣ ସେ କହି ହେଉଥିଲା – ଉଆଁସୀ କନିଆ। ଶାସ୍ତ୍ର ପୋଥି ପତର। ଆପଣ ତାକୁ ....କହିଲେ ନନ୍ଦବାବୁ।

କ'ଣ ପାଇଁ ତା'ସାଙ୍ଗରେ ଲାଗିଛ ସବୁ। ଛ'ବର୍ଷ ହେଲା ସେ କୁଆଡ଼େ ରାଗି କରି ଆସିଛି ତା'ଘରୁ। ଆମର ଏଠି ଜଏନ କରିବା ଚାରିବର୍ଷରୁ ଅଧିକ ହେଲାଣି କେବେ ସେ ଗାଁକୁ ଯିବା ଦେଖିଛ। ଦେଖିଛ କେହି ପଦିଆ ଛୁଟି ନେବା। ବିଚରା ପିଲାଟା ତା' ଦୁଃଖ ସୁଖରେ ଅଛି। କ'ଣ ପାଇଁ ତା' ଘା'କୁ ଉଖାରି କଷ୍ଟ ଦେବ ତାକୁ।

ପଦିଆ ପାନ ଆଣି ବଡ଼ବାବୁକୁ ଦେଲା। ତା'ମୁହଁଟା କେମିତି ଥମ୍‌ଥମ୍ ଦେଖାଯାଉଥିଲା ଯେମିତିକି ଅକାଡ଼ି ହୋଇପଡ଼ିବ ଅସରାଏ ବର୍ଷା।

ପଦିଆ ଘରୁ ବିଦା ହୋଇ ଆସିବା ମୂଳ କାରଣ ହେଉଛି ଟିକି। ନୁହେଁ ତ' ଆଉ କ'ଣ? ଟିକିକୁ ସେ ବାହାହବାକୁ ଜିଦ୍ ଧରିବାରୁ ଘରେ ଆରମ୍ଭ ହେଲା ପାଲା। ବା'ତାକୁ ଘରୁ ତଡ଼ିଦେଲା- ଭାଗ୍ କୁଳାଙ୍ଗାର ମୋ ଘରୁ। ତୁ କ'ଣ ଯାହା କହିବୁ ସେଇଆ। ନିକାଲ ମୋ ପାଖରୁ।

ପଦିଆ ଆସିଛି ତ' ଆସିଛି।

ଦିନ କେତଟା ଆସି ..... ରାମଗଡ଼ ସହରରେ ଏଣେତେଣେ ବୁଲିଲା। ଭାରି ଟାଣୁଆ ଜଣେ ବାବୁଙ୍କ ଘରେ ରହିଗଲା ସେ। ତାଙ୍କ ବୋଲହାକ କଲା। ବଜାର ସଉଦାଠୁ ଆରମ୍ଭ କରି ତାଙ୍କ ଘରର ଫୁଲକୁଣ୍ଡରେ ପାଣି ଦେବାଯାଏ ସବୁ କାମ କଲା। ତାଙ୍କ ଅଇଁଠା ବାସନ ମାଜିବାକୁ ବି କୁଣ୍ଠା କରିନଥିଲା ପଦିଆ।

ବାବୁ ମାଆ ଭାରି ଭଲ ମଣିଷ। ଚାକିରି ସାରି ତାଙ୍କ ଗାଁକୁ ଯିବା ବେଳକୁ ତାକୁ ଲଗେଇ ଦେଇଗଲେ କୁଳରେ। ସେ ଥିବା ପଞ୍ଚାୟତ ବିଭାଗରେ ପିଅନ କରି ରଖିଦେଲେ। ନ ହେଲେ ଅଷ୍ଟମ ଯାଏ ପଢ଼ିଥିବା ପଦିଆ କିଏ ସରକାରୀ ଚାକିରି କିଏ? ବୁଲି ବୁଲି ଭିକ ମାଗୁଥିଲେ ବି ଭିକ ମିଳୁନଥାନ୍ତା ତାକୁ।

ଭଗବାନ ସେଭଳି ଲୋକଙ୍କୁ କୋଟି ପରମାୟୁ ଦେଇଥାନ୍ତୁ। ଟିକି ତାଙ୍କ ମାଳତିପୁର ଗାଁର ଶରତ ସେନାପତି ଝିଅ। ତାରି ସାଙ୍ଗର। ପିଲାଦିନେ କେତେ ମଜା କରୁଥିଲେ ସେମାନେ ସବୁ। ଏକାଠି ସ୍କୁଲ ଯିବାଠୁ ଆରମ୍ଭ କରି ଚୋର ପୋଲିସ୍, ରୁମାଲ ଚୋରି, ବୋହୂ ବୋହୂକା, ପୁଚି, ତାସ ଖେଳ ସବୁଥିରେ ଟିକି ଥିବ ଆମ ସହ। ଗାଁରେ ଆମେ ପାଞ୍ଚଜଣିଆ ଗୋଟେ ଦଳ ହୋଇଥିଲୁ। ମୁଁ, ଗଦା, ଅକୁର, ଗଙ୍ଗା ଓ ବିଶିଆ। ଆମ ପରସ୍ପରଙ୍କ ଅନ୍ୟ ସାଙ୍ଗମାନେ ଥିଲେ ଆମେ ପାଞ୍ଚଜଣ ଥିଲୁ। ଉଭୟ ଉଭୟଙ୍କ ଖାସ ସାଙ୍ଗ। ଜିଗିରି ଦୋସ୍ତ। କୁଆଡ଼େ ଯାଉ ପାଞ୍ଚଜଣ। ଯାହା କରିବୁ ସମସ୍ତେ କଥାବାର୍ତ୍ତା ହୋଇ କରିବୁ। ବାନାମ୍ବର ବୁଢ଼ା ତୋଟାରେ ପଶିବୁ ଯଦି ଭୁତ୍‌ଭାତ୍ ହୋଇ ସମସ୍ତେ ପଶିବୁ। ସ୍କୁଲରେ ଖେଳଛୁଟି ହେଲେ ଯିଏ ଯାହା ଖାଇବା ଆଣିଥିବ ଏକାଠି କରି ଖାଇବୁ। ଆମମାନଙ୍କ ସହ ସବୁବେଳେ ଥାଏ ଟିକି।

ଖୁବ୍ ମିଶିଯାଏ ଟିକି ଆମ ସହ। ଅନ୍ୟ ପିଲାଏ ଆମ ବିରୁଦ୍ଧରେ ଯିଏ ଯାହା କହିଲେ ଶୁଣିବନି। ଓଲଟି ଶୁଣେଇ ଦେବ- ମୁଁ (ଟିକି) କାହା ସହ ସାଙ୍ଗ ହେଲି। ପଢ଼ାପଢ଼ି କଲି କି, ଖେଳିଲି ତୁ କହିବାକୁ କିଏ?

ବୟସ ଆମମାନଙ୍କୁ ପରସ୍ପର ପାଖରୁ ଅଲଗା କରିଦେଲା। ଦଳ ଭାଙ୍ଗିଗଲା। ଗଦା, ଟିକି ସପ୍ତମ ପରେ ପଢ଼ାରେ ଡୋରି ବାନ୍ଧିଲେ। ଅକୁର ମାଟ୍ରିକ ଡେଇଁ ତା'ମାମୁଁଘରେ ରହି କଲେଜ ପଢ଼ିଲା। ଗଙ୍ଗା ମାଟ୍ରିକ ଫେଲ ହୋଇରହିଲା। ବିଶିଆ ଆଉ ମୁଁ ଅଷ୍ଟମରୁ ଆଣ୍ଟେଇଲୁ। ସେତେବେଳେ ବି'ଆମ ଘରମାନଙ୍କରେ ପଢ଼ାପଢ଼ି ଉପରେ ଦେଉନଥିଲେ ସେତେ ଗୁରୁତ୍ୱ। ପଢୁଛି ତ' ପିଲା ପଢୁ ଯୋଉଯାଏ ଯାଉଛି ଯାଉ। ଗଛ ଚଢ଼ାରେ ଆମ ସଭିଙ୍କ ଭିତରେ ଟିକି ହୁଏ ଫାଷ୍ଟ। ଯୋଉ ଗଛ ହେଉ ସେ ଖପଖାପ ଚଢ଼ିଯିବ ଭୁତ୍‌ଭାତ୍ ହୋଇ ଓହ୍ଲେଇ ପଡ଼ିବ। ପିଜୁଳି ହେଉ କି ଆମ୍ବ ଖଜୁରି ଅବା କରମଙ୍ଗା, ଜାମୁକୋଳି ଗଛ। ସବୁଥିରୁ ଫଳ ଲୁଟିବାରେ ଟିକି ଓସ୍ତାଦ।

ସେଥିପାଇଁ ରମାବୁଢ଼ୀ ବାଡ଼ିରେ ରହେନା ଆମ୍ବ କି ପୁଜୁଳି। ତା'ବାଡିରୁ ଆମ୍ବ ପିଜୁଳି ଚୋରି ହେଲେ ବୁଢ଼ୀ ଆମ ସଭିଙ୍କ ଘର ତଲାସିବ। ବା' ଆଗରେ ଫେରାଦ ଦେବ। ଟିକିର ଏଇ ଗଛ ଚଢ଼ା ଗୁଣ ଯୋଗୁ ଅକୁର ତାକୁ ଚିଡ଼ାଏ ଅଣ୍ଡିରିଚଣ୍ଡୀ। ତୁ' ପୁଅ ହଉହଉ ଝିଅ ହୋଇଗଲୁ। ଏତିକି କହିଦେଲେ ଟିକି ଚିଡ଼ିବ ଯେ ଚିଡ଼ିବ କାହିଁରେ କଣ। ତା' ଆଖି ମୁହଁ ଲାଲ ପଡ଼ିଯିବ। ନାକ ଥରିବ।

ଆମେମାନେ ପରସ୍ପରଠାରୁ ଅଲଗା ହୋଇଗଲା ପରେ ବି' ଟିକି ଛୋଟ ପିଲାଙ୍କ ସଙ୍ଗରେ ନିଜକୁ ସାମିଲ କରିଦେଉଥିଲା ବେଳେବେଳେ। ସେମାନଙ୍କ ଟିକି ଅପା ହୋଇ ପିଲାଙ୍କ ପରି ଖେଳୁଥିଲା ତ କେବେ ପିଲାଙ୍କ ଭିତରେ କଳି ଲାଗିଲେ ତୁଟାଉଥିଲା। ପିଲାଙ୍କୁ ହସେଇବାରେ ଢେର୍ ଖୁସି ଟିକିର।

ଅକୁର ତା' ମାମୁଁଘରେ ରହି ବହୁତ ପାଠ ପଢ଼ି ବଡ଼ ଚାକିରି କରି ସହରରେ ରହିଲା। ଛୁଟିଛୁଟା ହେଲେ ଗାଁମୁହାଁ ହେଉଥିଲା। ଆମେ ଅନ୍ୟ ଚାରି ସାଙ୍ଗ କିଏ ବିଲବାଡ଼ି, କିଏ ବେପାର ବଣିଜ କରି ଆରମ୍ଭ କରୁଥିଲୁ ଆଉ ଗୋଟେ ଗୋଟେ ଜୀବନ ଅନୁଭବ।

ଟିକି ଗାଁ ପାଖ ସଦାନନ୍ଦପୁର ଗାଁରେ ବାହା ହୋଇଯାଇଥିଲା। ମାଷ୍ଟ୍ର ଚାକିରି କରିଥିଲା ତା'ବର। ମାସ ଗୋଟାଏ ହୋଇଛି କି ନାହିଁ ଟିକିର ଫାଟିଗଲା କପାଳ। ଗାଁ ମୁଣ୍ଡରେ ଲାଗିଥିବା ନିଆଁ ଲିଭାଇବାକୁ ଯାଇ ଟିକିର ବର ପୋଡ଼ିହୋଇ ଚାଲିଗଲା ଆରପାରିକୁ। ନିଆଁ ଲାଗିଥିବା ଲୋକର ଘର ଭିତରେ ରହି ଯାଇଥିଲେ କୁଆଡ଼େ ଦି'ଟା ଛୁଆ। ସେମାନଙ୍କୁ ଉଦ୍ଧାର କରିବାକୁ ଗାଁର ଦି'ତିନି ଜଣଙ୍କ ସହ ଟିକି ବର ପଶିଥିଲା ସେ ଜଳନ୍ତା ଘର ଭିତରେ। ବାହାରି ପାରିଲାନି ଭିତରୁ ନିଆଁ ଖାଇଗଲା ତାକୁ।

ଶୁଦ୍ଧିକ୍ରିୟା ପରେ ଅଲକ୍ଷଣୀ ...ଅମଙ୍ଗଳି ଆମ ପୁଅକୁ ଖାଇଲା। ଏଇଟା ଉଆଁସୀ କନ୍ୟା ଯୋଗୁଁ ଏପରି ହେଲା କହି ଟିକି ଶାଶୁଘର ଲୋକେ ଆଣି ଟିକିକୁ ଛାଡ଼ି ଦେଇଗଲେ ତାଙ୍କ ଘରେ।

ପ୍ରକୃତରେ ଟିକି ଉଆଁସ ତିଥି ଅମାବାସ୍ୟାରେ ହିଁ ଜନ୍ମ ହୋଇଥିଲା। ଉଆଁସ ବେଳାରେ ହିଁ ଲେଖା ହୋଇଥିଲା ତା' ଜନ୍ମଜାତକ। ଏକଥା ହେତୁ ହେବା ଦିନୁ ସେ (ପଦିଆ) ଗାଁରେ ଶୁଣିଥିଲା କାହାଠୁ କେମିତି। ଆଗ ଆଗ ଏଥିପାଇଁ କୁଆଡ଼େ ଟିକିର ଭାଙ୍ଗିଯାଇଥିଲା କେତେ ବାହାଘର ପ୍ରସ୍ତାବ।

ଟିକିର ହସିଲା ସଂସାର ଉଜୁଡ଼ି ଯିବା ପରେ ତା'ନା'ରେ ଉଠିଥିବା ଉଆଁସୀ କନ୍ୟାର ଅପବାଦକୁ ସେ ଗ୍ରହଣ କରିପାରୁନଥିଲା। ଟିକିର ଜନ୍ମ ତିଥି ସହ ବାହାଘର ଭାଙ୍ଗିଯିବା ....ତା'ସଂସାର ଉଜୁଡ଼ିଯିବାରେ ଟିକିର ଦୋଷ କେଉଁଠି ? ଭୂମିକା କ'ଣ ?

ଏସବୁ ଲୋକଙ୍କ ମନଗଢ଼ା କଥା ନୁହେଁ। ସଂସାରେ ଯେତେ ଝିଅ ବାହା ସାହା ହୋଇଛନ୍ତି; ସମସ୍ତେ କ'ଣ ଏମିତି ତିଥି ନକ୍ଷତ୍ର...ବାର ଦେଖି ଜନ୍ମିଛନ୍ତି। କାହାର ଜନ୍ମ ହୋଇନି ଅମାବାସ୍ୟା ତିଥିରେ ? ହେଲା ତ ହେଲା ଅମାବାସ୍ୟାରେ ଜନ୍ମ, କ'ଣ ହୋଇଗଲା ସେଠୁ ? ଟିକିର ବେଳା ନକ୍ଷତ୍ର.. ଭାଗ୍ୟ ସଭିଏଁ ଏକାଠି ହୋଇ ସେଦିନ ତାକୁ ଭୂମିଷ୍ଠ କରାଇଲେ। ତା' ବୋଲି ଟିକିର କ'ଣ ଭୁଲ୍ ଯେ, ସେ ବଳି ପଡ଼ିବ !

କେମିତି ହୁଅନ୍ତା ଟିକିକୁ ସେ ନିଜେ ବାହା ହୋଇ ପଡ଼ିଲେ ....। ଭାଇର ବା'ଘର ତ' ସରିଛି। ଏବେ ତା'ପାଳି। ବିଚାରି  କ'ଣ କରିବ ?

ମଉକା ଦେଖି ତା'ର ଏ ପ୍ରସ୍ତାବ ସେ ବୋଉକୁ ଜଣାଇଲା। ବାପରେ ବାପ୍ ଶୁଣୁ ଶୁଣୁ ବୋଉ ତଟସ୍ଥ ହୋଇ ହାତେ ଲମ୍ବର ଜିଭ କାଢ଼ି ଦେଲା। ଆଲୋ ମାଆ ମୋ ପିଲା ଉପରେ ସେ ଡାଆଣୀ ଆଖି ପଡ଼ିଲାଣି ଲୋ। ମୁଁ କ'ଣ କରିବି କହି ଝାଡୁ ଆଣି ତାକୁ ପରସ୍ତେ ଝାଡ଼ିଦେଲା। ଯୁଆଡେ ଗଲେ ତା'ଗୋଡକୁ ଉଣ୍ଡି ରହିଲା।

ବୋଉକୁ ବୁଝେଇବାକୁ ଚେଷ୍ଟା କରି ସେ ପାରିନଥିଲା। ଓଲଟି ଶୁଣିବାକୁ ପଡ଼ିଥିଲା ତାକୁ – ସେ ଶରତ ସେନାପତି ଝିଅ ଉଆଁସୀ କନିଆ। ଥୁଣ୍ଟା ବିଧବାଟା। ବାହା ହବାର ମାସ ଗୋଟା ପୂରିନି ତା' ଘଇତାକୁ ରଟମଟ କରି ଖାଇ ଆଇଛି। ତାକୁ କ'ଣ ବାହା ହବୁ। ତୋତେ କଣ ଝୁଅ ମିଳିବେନି। କୋଉ ବାଡ଼ିପୋଡ଼ା ତୋ'ମୁଣ୍ଡରେ ଏ ଭୂତ ପୁରେଇଛି।

ବା' ଭାଇ ନୂଆ'ଉ ଶୁଣି ସମସ୍ତେ ରାଗରେ ଲଙ୍କା ବାଣ ହୋଇଗଲେ। ବାପା ତ' ଆମର ଗାଁରେ ବଡ଼ଚାଷୀ। ଆଖପାଖର କେତଟା ସାନଚାଷୀ ଆସି କେବେ କେମିତି ବାପାଙ୍କ ପରାମର୍ଶ ନିଅନ୍ତି। ଚାଷର ଭଲମନ୍ଦ ପଚାରନ୍ତି ବୋଲି ସେ ଭାବନ୍ତି ଚାଷବାସ ଲାଇନ୍‌ରେ ମୁଁ ଗୋଟାଏ ବୈଜ୍ଞାନିକ।

ବା'ଭାଇ ଲାଗିପଡ଼ିଲେ ଝିଅଟିଏ ଦେଖି ମୋ କାମ ବଢ଼େଇ ଦେବାକୁ। ମୋର ଏକା ଜିଦ୍ ଯଦି ବାହା ହେବି ଟିକିକୁ। ନ ହେଲେ ନାହିଁ। ଯେତେ ଜୁଆଡୁ ପ୍ରସ୍ତାବ ଆସିଲା ଝିଅ ଦେଖିଗଲିନି କି' ହଁ ମାରିଲିନି।

ଗୋଟେ ଉଜୁଡ଼ି ଯାଇଥିବା ଜୀବନ ପୁଣି ଚଳଚଞ୍ଚଳ କରିଦବା ଥିଲା ମୋର ସ୍ୱପ୍ନ। ମଉଳି ଯାଇଥିବା ଓଠ ପାଖୁଡ଼ାରେ ହସ ଫୁଟେଇବା ଥିଲା ମୋର ଆକାଂକ୍ଷା। ଯୁଗ ଯୁଗର ଗୋଟେ ଅନ୍ଧବିଶ୍ୱାସ...ଗୋଟେ ମିଛ ଅହମିକାକୁ ଭାଙ୍ଗିବା ଥିଲା ମୋର ଜିଦ୍। ଅହଙ୍କାର।

ବାସ୍। କଥା ବଢ଼ିଚାଲିଲା। ଗାଁ ସାରା ରାଷ୍ଟ୍ର ହୋଇଗଲା ସନେଇ ପୁଅ ପଦିଆ ଜିଦି ଧରିଛି ଟିକିକୁ ବାହା ହବ। ଦିହିଁଙ୍କ ଭିତରେ ଭାବନାବ ଚାଲିଛି। ଏ କି କଥା ମ। ଯୁଆନ ବିଧବା ଉଆଁସୀ କନିଆ ସେ। ତାକୁ ବାହା ହବାକୁ ଏ ଟୋକା ଏତେ ହମହମ କ'ଣ ପାଇଁ !

ବା' ସିଧା ଘରୁ ବାହାର କରିଦେଲା ତାକୁ। ତେଣୁ ବାହାର କୁଳାଙ୍ଗାର ଏ ଘରୁ। ଭାଗ୍ ଏଠୁ। ମୋର ଖାଇ ଗାଁ ସାରା ନାଆଁ ପକେଇବୁ ନାଇଁ।

ଆସିଛି ଯେ ଆସିଛି ପଦିଆ ଆଉ ଗାଁ ମୁହାଁ ହୋଇନି। ଆସିବା ପୂର୍ବରୁ ଥରେ ତାକୁ ଭେଟିଥିଲା ଟିକି। ଏ ପଦିଆ'ଇ ! କ'ଣ ଏସବୁ ମୁଁ ଶୁଣୁଛି। କ'ଣ ପାଇଁ ତୋର ଏ ପାଗଳାମୀ। ଆଁ। ମୋ କପାଳ ତ' ପୋଡ଼ା। ସୁନା ଧରିଲେ ମାଟି ହୋଇଯାଉଛି। ଭାଗ୍ୟ ମୋ ସହ ଏମିତି ଲୁଚକାଳି ଖେଳୁଛି ଯେ, ମୁଁ ସବୁବେଳେ ଚୋର ହିଁ ହେଉଛି।

ନିରୁତ୍ତର ରହି ରହି ଟିକିକୁ କହିଥିଲା ସେ– ଦେଖ ଟିକି ! ତୋତେ ମୁଁ ପିଲାଦିନୁ ଦେଖିଛି। ଜାଣିଛି। ତୁ' ଅମଙ୍ଗୁଳି ଝିଅଟେ ପରା କାହିଁ କେବେ ତ' ମୋର କି' ଆମେ ସାଙ୍ଗସାଥୀ ହେଉଥିବା ପିଲାଙ୍କର କିଛି କ୍ଷତି ହୋଇନି। ଏବେ କ'ଣ ହୋଇଛି ନ' ହୋଇଛି ଅବା ଭବିଷ୍ୟତରେ କିଛି ହୋଇଯିବ ଆଶଙ୍କା ଭିତରେ ଗୋଟେ ହିନୀମାନ ଜୀବନ ତୁ' ବଞ୍ଚିବୁ କ'ଣ ପାଇଁ ? ବହୁତ ଭାବିଚିନ୍ତି ମୁଁ ଏ ନିଷ୍ପତ୍ତି ନେଇଛି। କହ ତ'ତୋର ଅଛି କିଛି ଆପତ୍ତି ? ତୁ' ଗୋଟେ ତୁଚ୍ଛା ଅପବାଦକୁ ମୁଣ୍ଡେଇ ହବୁନି ମୋର ?

କିଛି ଆଉ କହିପାରିନଥିଲା ଟିକି।

ପଦ... ଏ ପଦିଆ। ବଡବାବୁଙ୍କ ଡାକରେ ଷ୍ଟୁଲ ଉପରେ ଗାଁ କଥା...ଟିକି କଥା....ଭାବି ହୋଇ ଢୁଳେଇ ପଡ଼ିଥିବା ପଦିଆ ଚାଉଁକରି ନିଦ ଭାଙ୍ଗିଲା ପରି ଉଠିପଡ଼ି ଯାଇ ହାଜର ହେଲା ବଡବାବୁଙ୍କ ପାଖରେ। କିରେ ଦି'ଟା ହେଲାଣି। ବକଧ୍ୟାନ କଲା ପରି ତ' ଷ୍ଟୁଲଟା ଉପରେ ବସିଛୁ। ଅଫିସ କାମ କିଛି ହେବ ନା' ନାହିଁ। ଏ ଫାଇଲ୍ ତକ ନେଇ ରଖ।

ଅଫିସରୁ ଫେରି ବି'ପଦନ ସ୍ୱାଭାବିକ ହୋଇପାରିଲାନି। ରୋଷେଇ କଲାନି କି ଖାଇଲାନି। ଗାଁ କଥା ତାର ଢ଼େର ଢ଼େର ମନେପଡୁଥିଲା, ଅଥଚ ସେ ଗାଁକୁ ଯାଇପାରୁନଥିଲା। ତାଙ୍କ ଗାଁର ପୁନିଆ ସାହୁ ପୁଅ ଦନିଆ ସହ ଥରେ ଦେଖା ହୋଇଥିଲା ଯେ, ସେ ଯାଇ କହିଥିଲା ଘରେ। ତା'ଠୁ ଖବର ରଖି ଘରୁ ବାପା...ଭାଇ....ଭାଉଜ... ଥର ଥର କରି ଆସିଥିଲେ। କେତେ କରି ବୁଝେଇଥିଲେ ତାକୁ।

ପଦିଆ ନିଜ ଜିଦ୍‌ରେ ରହିଛି ଅଟଳ।

ଟିକି ଏବେ କେମିତି ଅଛି କ'ଣ କରୁଛି...କେମିତି ଜୀବନଟେ ଜିଉଁଛି କିଛି ଖବର ରଖିପାରିନି ପଦିଆ।

ଡେରି ରାତିରେ ଶୋଇଥିବାରୁ ସକାଳୁ ଉଠିବା ବେଳକୁ ଢ଼େର ଡେରି ହୋଇଯାଇଥିଲା। ସ୍କାଏ ଲାଇଟ ଓ ଝରକା ଫାଙ୍କ ଦେଇ ଘର ଭିତରେ ପଡ଼ିଥିଲା ଖରା। କିଏ ଜଣେ କବାଟ ଠକ୍ ଠକ୍ କରିବା ଶବ୍ଦରେ ନିଦ ଭାଙ୍ଗିଗଲା ପଦିଆର।

କବାଟ ଖୋଲି ଦେବାବେଳକୁ ବାହାରେ ଛିଡ଼ା ହୋଇଥିଲେ ବା' ବୋଉ ଓ ଟିକି। ହଠାତ୍ ସମସ୍ତଙ୍କୁ ଦେଖି ପଦିଆ ପାଟିରୁ କଥା ପଇଟିଲାନି। ସେ ଚା'କରିବା ପାଇଁ ରୋଷେଇ ଘରକୁ ପଶିଲା। ତାର ଖଡ଼ଖାଡ଼ କରିବା ଶବ୍ଦ ଶୁଣି ଟିକି ପହଞ୍ଚି କହିଲା– ଉଠ ମୁଁ ଚା କରି ଦେଉଛି। ତମେ  ବାପା ବୋଉଙ୍କ ସହ କଥାବାର୍ତ୍ତା ହେବ ଯାଅ। ଗଲ ଏଠୁ। ପେଲି ପେଲି ପଦିଆକୁ ବାହାର ଘରକୁ ପଠେଇ ଦେଲା ଟିକି।

ବୁଝିଲୁ ତୋର ହିଁ ହେଲା ଜିତ୍। ଘରକୁ ଚାଲ ଏଥର ଟିକି ସହ ହିଁ ତୋର ବାହାଘର ହେବ। ଆମେ ତିଥି ସ୍ଥିର କରି ନିର୍ବନ୍ଧ ସାରି ଦେଇଛୁ। ତେଣିକି ତୋ ଭାଗ୍ୟ।

ପଦିଆ ଖୁସି ଆନନ୍ଦରେ ଆକ୍ତାମାକ୍ତା ହୋଇଯାଉଥିଲା।

*ଶଗଡ଼ିଆ ସାହି ନୟାଗଡ଼ -୨*

# ଅନ୍ତିମ ସୂର୍ଯ୍ୟର ଲୋହିତ ଛଟା

## ଡକ୍ଟର ତ୍ରିନାଥ ପଟ୍ଟନାୟକ

ସାଗରର ଉତ୍ତାଳ ତରଙ୍ଗରାଶି ଭେଦକରି ଛୁଟିଚାଲିଛି ସୁରମ୍ୟ ପୋତଟି କଳିଙ୍ଗରୁ ସିଂହଳ ଦ୍ୱୀପ ଅଭିମୁଖେ। ସମଗ୍ର ଜଗତରେ ଦୁର୍ଗମ୍ୟ ଜଳପଥରେ ପ୍ରଥମ ନୌଯାତ୍ରୀ ହେଉଛନ୍ତି କଳିଙ୍ଗର ସାଧବ ପୁଅମାନେ। ସେଥିପାଇଁ କୁହାଯାଇଛି - କଳିଙ୍ଗାଃ ସାହସିକାଃ। ବୋଇତ ବାଣିଜ୍ୟର ପ୍ରଥମ ମାର୍ଗ ଦର୍ଶକ ହେଉଛନ୍ତି ସେମାନେ। ଉତ୍ତମ ସାଜସଜ୍ଜାରେ ସଜ୍ଜିତ ପୋତଟି ଦେଖାଯାଉଛି ସତେ ଯେମିତି ଏକ ଅପରୂପ ସୌଧ।

ଆଉ ମାତ୍ର ଦିନେ ଦୁଇଦିନ ପରେ ସିଂହଳ ବେଳାଭୂମିରେ ପୋତ ଆଶ୍ରୟ ନେବ। ଦକ୍ଷିଣ ଭାରତର କୌଣସି ଏକ ପୋତାଶ୍ରୟରୁ, ସିଂହଳ ଦ୍ୱୀପ ଅଭିମୁଖେ ଯାତ୍ରୀ, ବୋଇତର ମୁଖ୍ୟ ସାଧବଙ୍କ ଅନୁମତି ନେଇ ଉଠି ଆସିଲେ ବୋଇତ ଉପରକୁ। ବାଣିଜ୍ୟ ବ୍ୟବସାୟ କରିବା ସହିତ ଯାତ୍ରୀ ଆନୟନ କରିବା ମଧ୍ୟ କଳିଙ୍ଗ ସାଧବମାନଙ୍କର ଅନ୍ୟ ଏକ ବ୍ୟବସାୟ।

ବିକ୍ଷୁବ୍ଧ ସାଗରର ଦିଗହୀନ ବକ୍ଷକୁ ଚାହିଁ ରହିଛନ୍ତି ଆଗନ୍ତୁକ ପରିବ୍ରାଜକ। ଯୌବନର ଉଦ୍ଦାମତା କମିନାହିଁ। ସ୍କନ୍ଧ ଉପରେ ଝୁଲି ପଡ଼ିଛି ଅଯତ୍ନ କେଶରାଶି। କର୍ଣ୍ଣରେ ମକର କୁଣ୍ଡଳ। ଉତ୍ତରୀୟ ସହ ଉପବୀତ ବକ୍ଷ ଦେଶକୁ ବେଶମାନୁଛି। ତୀକ୍ଷ୍ଣ ନାସିକାଟି ବ୍ୟକ୍ତିତ୍ୱକୁ ସତେ ଯେମିତି ସୂଚାଇ ଦେଉଛି। ଆଜାନୁଲମ୍ବିତ ଦୀର୍ଘବାହୁ, ଦୀର୍ଘ ତଥା ଉଜ୍ଜ୍ୱଳ ଚକ୍ଷୁ ଦୁଇଟିରେ କେତେ ଅସୁମାର ସ୍ୱପ୍ନର ଅକୁହା କଥା।

ବୋଇତର ଅନ୍ୟାନ୍ୟ ଯାତ୍ରୀ ଯେତେବେଳେ ଭିନ୍ନ ଭିନ୍ନ ବିଷୟକୁ ନେଇ ଆଲୋଚନା ରତ, ସେତେବେଳେ ଉକ୍ତ ଯାତ୍ରୀ ଜଣକ ସେଥିପ୍ରତି ବୀତସ୍ପୃହ। ଜଣା ପଡୁଥିଲା ସେ ସ୍ୱଭାବରେ ଗମ୍ଭୀର। ସେ ବୋଇତର ନିରୋଳାଞ୍ଚଳରେ ବସି ରହିଛନ୍ତି।

ମନରେ ଅସରନ୍ତି ଚିନ୍ତା, ସେ କେମିତି ବନ୍ଧୁ କୁମାର ଦାସଙ୍କୁ ସାକ୍ଷାତ କରିବେ। କୁମାର ଦାସ ଏବେ ସିଂହଳର ସମ୍ରାଟ। ତଥାପି ସେ କବି ମନସ୍କ, ତାଙ୍କ କାବ୍ୟ କୃତିର ଗୌରବ ଗରିମା ଆଜି ସମଗ୍ର ଆର୍ଯ୍ୟାବର୍ତ୍ତରେ ଗୁଞ୍ଜରିତ।

ସିଂହଳ ସମ୍ରାଟଙ୍କ ନିମନ୍ତ୍ରଣ ପାଇ ଆଗନ୍ତୁକ ଆଜି ଜଳପଥର ଯାତ୍ରୀ। ସେ ଆକୁମାରୀ ହିମାଳୟ ସମଗ୍ର ଭାରତବର୍ଷ ସେ ଭ୍ରମଣ କରିଛନ୍ତି। ସାରା ଭାରତବର୍ଷ ତାଙ୍କର ଅତି ନିଜର। ନିଜକୁ କେଉଁ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ସୀମିତ ନ କରି ଭାରତବର୍ଷକୁ ସଂକୀର୍ଣ୍ଣ କରିଦେବା ପାଇଁ ସେ ଚାହନ୍ତି ନାହିଁ।

-ମହାଭାଗ! ନମସ୍କାର ଗ୍ରହଣ କରନ୍ତୁ।

ପରିବ୍ରାଜକଙ୍କ ଧ୍ୟାନ ଭଗ୍ନ ହେଲା। ସେ ସମ୍ମୁଖକୁ ଚାହିଁଲେ। ଦେଖିଲେ ଜଣେ ସୁଶ୍ରୀ ଯୁବତୀ ତାଙ୍କୁ ସମ୍ମାନ ଜଣାଉଛନ୍ତି। ଆଉ ପ୍ରଶ୍ନିଳ ଦୃଷ୍ଟିଭଙ୍ଗୀ ନେଇ ଦଣ୍ଡାୟମାନ।

-ଦେବି! ତୁମର ପରିଚୟ ପାଇ ପାରିଲେ ଧନ୍ୟ ହେବି। ପରିବ୍ରାଜକଙ୍କ ମୁଖଶ୍ରୀରେ ମନ୍ଦହାସ।

- ମୁଁ କଳିଙ୍ଗ ଶ୍ରେଷ୍ଠୀ ଧନଦତ୍ତଙ୍କ କନ୍ୟା। ମୋର ପିତା ଉକ୍ତ ପୋତର ଅଧ୍ୟକ୍ଷ।

-ଧନ୍ୟ ହେଲି, କୌଣସି ଆପତ୍ତି ନଥିଲେ କିଛି ସମୟ ମୋ ସହିତ ଆଳାପ ଆଲୋଚନା କରିପାରନ୍ତି।

- "ଧନ୍ୟବାଦ, ଆର୍ଯ୍ୟ!" - ଯୁବତୀ ସେଇଠାରେ ପରିବ୍ରାଜକଙ୍କ ସମ୍ମୁଖରେ ବସିଗଲେ।

-ମୋର ଅନୁମାନ ଯଦି ଭୁଲ ନହୁଏ, ତେବେ ଆପଣ ନିଶ୍ଚୟ କବିକୁଳ ଶ୍ରେଷ୍ଠ କାଳିଦାସ?

- 'କାଳିଦାସ'!! ପରିବ୍ରାଜକ ସତେ ଯେମିତି ଚମକ ଖାଇଲେ। "ଆପଣ କ'ଣ କାଳିଦାସଙ୍କୁ ଚିହ୍ନନ୍ତି?

- ମହାକବି କାଳିଦାସଙ୍କୁ ନ ଜାଣେ ବା କିଏ? ଚେହେରାକୁ ଚିହ୍ନିବା ସୌଭାଗ୍ୟ ଅବଶ୍ୟ କମ ଲୋକଙ୍କର ଥାଏ। କାଳିଦାସଙ୍କୁ ଜାଣିନଥିବା ବ୍ୟକ୍ତି କଦାପି ତ ଆର୍ଯ୍ୟବର୍ତ୍ତବାସୀ ହୋଇ ନପାରେ। ମୋର ସୌଭାଗ୍ୟ ମୁଁ ଆପଣଙ୍କୁ ଜାଣେ ଓ ଚିହ୍ନେ।

- ଆପଣ କାଳିଦାସଙ୍କୁ କେମିତି ଚିହ୍ନିଲେ ଦେବି!

- ମୁଁ ପିତାଙ୍କ ସହିତ କେତେଥର ଉଜ୍ଜୟିନୀ ଯାଇଛି। ରାଜସଭାରେ ଆପଣଙ୍କୁ ଦେଖିଛି।

-ଦେବି! ତୁମ ଅନୁମାନ ଅବଶ୍ୟ ସତ୍ୟ।

- କବି ଆପଣଙ୍କୁ ମୋର ଗୋଟିଏ ପ୍ରଶ୍ନ, ନିଶ୍ଚିତ ରୂପେ ଆପଣ କଳିଙ୍ଗ ଆସିଛନ୍ତି, ନହେଲେ କେମିତି ଲେଖିଥାନ୍ତେ - "ଉତ୍କଳା ଦର୍ଶିତ ପଥଃ, କଳିଙ୍ଗାଭିମୁଖୋ ଯଯୌ।"

ଦୂରରୁ କିଏ ଜଣେ ଗୁରୁ ଗମ୍ଭୀର ସ୍ୱରରେ ଡାକୁଥିଲେ... ଅବନ୍ତିକା .. 'ଯାଉଛି ପିତା.. ତାପରେ କାଳିଦାସଙ୍କୁ ଚାହିଁ କହିଲା। ମୁଁ ଆସୁଛି କବି। ପିତା ମୋତେ ଡାକିଲେଣି।

ଅବନ୍ତିକା ଫେରି ଯାଉଥିଲା ଲୀଳାୟିତ ଗତିରେ। ଅସ୍ତ ସୂର୍ଯ୍ୟର ବିଭା ଅବନ୍ତିକା ମୁଖଶ୍ରୀକୁ ରକ୍ତିମା କରିଦେଇଛି। ତାର ଅଥୟ ପଦପାତରେ ଘନ କବରୀର ଭାର ଅସ୍ତବ୍ୟସ୍ତ ହୋଇ ଉଠୁଛି। ଆଉ ସେଥିରୁ ଝରିପଡ଼ିଲା ମଉଳା ରକ୍ତ କମଳଟିଏ। ସୂର୍ଯ୍ୟର ରକ୍ତିମରଶ୍ମିରେ ତାହା ଅଧିକ ଲାଲ ଦେଖାଯାଉଥିଲା।

କବି କାଳିଦାସଙ୍କ ମନମର୍ମରରେ ଉକୁଟି ଉଠିଲା ବନ୍ଧୁ ସମ୍ରାଟ କୁମାର ଦାସଙ୍କ ଦ୍ୱାରା ଲିଖିତ ଶ୍ଳୋକଟିଏ। "ଶୀଘ୍ର ଶୀଘ୍ର ବାହାରିଯାଅ, ସୂର୍ଯ୍ୟାସ୍ତ ହୋଇ ଆସୁଛି। କମଳମାନଙ୍କର ଅର୍ଗଳ ରୂପୀ ପାଖୁଡ଼ାଗୁଡ଼ିକ ବନ୍ଦହୋଇ ଯିବାକୁ ବସିଲାଣି। ଏହି କଥା କହି କହି ପୁଷ୍କରିଣୀ ଉପରେ ଭ୍ରମରମାନେ କୋଳାହଳ କରିବାକୁ ଲାଗିଲେ।" ଅବଶ୍ୟ କୁମାର ଦାସ ରଘୁବଂଶ ମହାକାବ୍ୟର ପଦାଙ୍କ ଅନୁସରଣ କରି 'ଜାନକୀହରଣ' କାବ୍ୟ ରଚନା କରିଛନ୍ତି। ତଥାପି କାବ୍ୟର ଶବ୍ଦ ସଂଯୋଜନା ଓ ବର୍ଣ୍ଣନା ପରିପାଟୀ କବି କାଳିଦାସଙ୍କୁ ବେଶ ମୁଗ୍ଧ କରିପାରିଛି। କବି କାଳିଦାସ ଏକ ପତ୍ରରେ କୁମାର ଦାସଙ୍କ ନିକଟକୁ ଲେଖିଥିଲେ - "ବନ୍ଧୁ! ତୁମର

କାବ୍ୟବୃତ୍ତି ଜାନକୀହରଣ ମୋତେ ସନ୍ତୋଷ ପ୍ରଦାନ କରିଛି। ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ଉକ୍ତ କାବ୍ୟ ବାରମ୍ବାର ସାଦରେ ଆଲୋଚିତ ହୋଇଛି। ଏଣୁ ତୁମକୁ ବଧାଇ ଦେଉଛି।"

ସିଂହଳ ସମ୍ରାଟ କୁମାର ଦାସ ବହୁବାର ନିମନ୍ତ୍ରଣ କରିଛନ୍ତି କାଳିଦାସଙ୍କୁ ସିଂହଳ ଭ୍ରମଣରେ ଆସିବା ପାଇଁ ମାତ୍ର କବିଙ୍କ ନିକଟରେ ସମୟ ଆଉ ସୁଯୋଗର ଅଭାବ। ବିକ୍ରମାଦିତ୍ୟଙ୍କ ରାଜସଭା କାଳିଦାସଙ୍କ ବିନା ଶ୍ରୀହୀନ ହୋଇ ଉଠିବ। ରାଜସଭାରେ ସବୁଦିନ ନୂଆ ନୂଆ ସମସ୍ୟା। କେତେବେଳେ କ'ଣ ହେବ? କାଳିଦାସଙ୍କ ବିନା ସମସ୍ୟାର ସମାଧାନ ସମ୍ଭବ ନୁହେଁ। ସେଥିପାଇଁ ସମ୍ରାଟ ବିକ୍ରମାଦିତ୍ୟ କାଳିଦାସଙ୍କୁ ବାହାରକୁ ଯିବା ଅନୁମତି ଦିଅନ୍ତି ନାହିଁ। ସବୁବେଳେ ଗୋଟିଏ ସ୍ଥାନରେ ରହି ରହି କାଳିଦାସଙ୍କୁ ମଧ୍ୟ ବ୍ୟସ୍ତ ଲାଗିଲାଣି।

ମୁକ୍ତ ବିହଙ୍ଗମକୁ ବା ସ୍ୱର୍ଣ୍ଣପଞ୍ଜୁରୀ କେତେଦିନ ଅଟକାଇ ରଖି ପାରିବ? ମନରହୁଁଛି ପୁଣ୍ୟମୟୀ ଭାରତ ଜନନୀର ଅପୂର୍ବ ବର୍ଣ୍ଣଛଟାମୟୀ ସୌନ୍ଦର୍ଯ୍ୟ ଅବଲୋକନରେ ମନ ଓ ନେତ୍ରକୁ ଧନ୍ୟକରିବେ।

ସେ ଦିନ ନ କାଳିଦାସ ରାଜସଭାରେ ଉପସ୍ଥିତ ନଥିଲେ ବିକ୍ରମାଦିତ୍ୟ ବଡ ବିପଦରେ ପଡିଯାଇଥାନ୍ତେ। ବିକ୍ରମାଦିତ୍ୟ ପଣ୍ଡିତମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ବସିଛନ୍ତି ଏହି ସମୟରେ ଜଣେ ରାକ୍ଷସୀ କେଉଁଠି ଥିଲା ହଠାତ୍ ଦରବାର ଭିତରକୁ ପଶି ଆସିଲା।

ସେ ସଙ୍ଗେ ସଙ୍ଗେ ପ୍ରଶ୍ନ କଲା - ମହାରାଜ। ମୁଁ ଶୁଣିଛି ଆପଣଙ୍କର ଏ ରାଜସଭାରେ ଅନେକ ଜଟିଳ ପ୍ରଶ୍ନର ଉତ୍ତର ଦିଆଯାଏ। ମୁଁ ଗୋଟାଏ ସାମାନ୍ୟ ସମସ୍ୟା ନେଇ ଆସିଛି। ଆପଣ ପୂରଣ କରି ଦିଅନ୍ତୁ। ନହେଲେ ଏଇ ସଭାରେ ଯେତେ ଅଛନ୍ତି ସମସ୍ତଙ୍କୁ ଭକ୍ଷଣ କରିବି।

ସଭାସଦମାନେ ଭୟଭୀତ ହେବା ସହିତ ବିସ୍ମିତ ହେଲେ। ସମ୍ରାଟ ମଧ୍ୟ କିଂ କର୍ତ୍ତବ୍ୟବିମୂଢ଼ ହୋଇ ଶେଷରେ କହିଲେ - ଭଦ୍ରେ! ତୁମର କ'ଣ ପ୍ରଶ୍ନ ଅଛି ମୋତେ ପଚାରିପାର?

ରାକ୍ଷସୀ ଶ୍ଳୋକର ଚତୁର୍ଥ ପାଦଟି ପଢିଲା -

"କନକ ଲତିକା ବା କିମ୍ବଳା।"

କିଏ ପାଦ ପୂରଣ କରିପାରବ? ସମସ୍ତଙ୍କ ଦୃଷ୍ଟି କାଳିଦାସଙ୍କ ପ୍ରତି ଗଲା। ଗୋଟିଏ ପଦ୍ମ ଉପରେ ଆଉ ଗୋଟେ ପଦ୍ମଫୁଲ ..।

କାଳିଦାସ ସାମାନ୍ୟ ହସିଲେ, ତାପରେ କହିଲେ-

ହେ ନିଶାଚରି! କାଳିଦାସ ଉପସ୍ଥିତିରେ ତୁମର ପ୍ରବୃତ୍ତି କଦାପି ପୂର୍ଣ୍ଣହେବ ନାହିଁ। ସେ କଥା ଭାବିବା ଭୁଲ।

- ହେ ପଣ୍ଡିତ ପ୍ରବର! ପ୍ରଭାତ କାଳୀନ ମେଘ ଗର୍ଜନ ପରି ବୃଥା ଆସ୍ଫାଳନ କଲେ କ'ଣ ମିଳିବ। ମୋ ସମସ୍ୟା ପୂରଣ କରିଦେଲେ ତୁମ ପରିଚୟ ବଳେ ବଳେ ପାଇଯିବି।

ରାକ୍ଷସୀ ଶ୍ଳୋକର ୪ର୍ଥ ପାଦରେ କହିଥିଲା - କିମ୍ବା ସ୍ୱର୍ଣ୍ଣଲତା ଅଥବା ଅବଳା ହେବକି?

କବି କାଳିଦାସ ଏକ ସଦ୍ୟସ୍ନାତା ଷୋଡଶୀ ନବବଧୂର କମନୀୟ କାନ୍ତିକୁ ମନେ ମନେ ଆଙ୍କି ତାର ଅସୀମ ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରିବାକୁ ଯାଇ କହିଲେ - ଏକ'ଣ ଇନ୍ଦୁ, ବା ପଦ୍ମ କିମ୍ବା ଦର୍ପଣ ଅଥବା ମୁଖ। ଏହା କ'ଣ କମଳ ଯୁଗଳ ବା ଶଫରୀ ବା କ୍ଷୁଦ୍ର ମତ୍ସ୍ୟ ଦୁଇଟି, ରହାଣି ମନର ବାଣ ଭଳି ?ଏହା କଣ ଯୁଗ୍ମ ଗିରି କିମ୍ବା ପୁଷ୍ପସ୍ତବକ ବା ସ୍ୱର୍ଣ୍ଣକଳସ ଅଥବା କୁଚ ଦ୍ୱୟ? ଏହା କ'ଣ ବିଦ୍ୟୁତଲତା ନା ତାରକାବଳୀ କିମ୍ବା ସ୍ୱର୍ଣ୍ଣଲତା ଅଥବା ଅବଳା ହେବ କି?

ରାକ୍ଷସୀ ତା ସମସ୍ୟା ପୂର୍ତ୍ତି ପାଇଯାଇଥିବାରୁ ସେଠାରୁ ନୀରବରେ ଚାଲିଗଲା । ଗଲାବେଳେ କାଳିଦାସଙ୍କୁ ବିନମ୍ର ନମସ୍କାର ମଧ୍ୟ ଜଣାଇଲା।

କବି କାଳିଦାସଙ୍କ ମନମର୍ମରରେ ଆଜି ଯେ କେତେ ସ୍ମୃତି ଚିତ୍ର। କେବେ ରାଜସଭା କଥା ତ କେବେ ଘରକଥା। କବିଙ୍କ ମନରେ ଉଙ୍କି ମାରୁଛି ବିଦାୟ କାଳୀନ ଦୃଶ୍ୟ। କବିପତ୍ନୀଙ୍କ ଆଖିରେ ଅଶ୍ରୁ।

ସେ ଅଶ୍ରୁଥିଲା ଗଭୀର ଆତ୍ମବେଦନାର ସ୍ମାରକୀ। କବି ଜୀବନର ବହୁ ବିଚ୍ଛେଦ ବିରହକୁ ଅଙ୍ଗେ ନିଭାଇଛନ୍ତି। ସେହି ବିରହ ଅନୁଭୂତିରୁ ତ ମେଘଦୂତ ପରି କାବ୍ୟର ସୃଷ୍ଟି। ମାତ୍ର ପତ୍ନୀଙ୍କର ଚକ୍ଷୁରୁ ବହୁଥିବା ବିରହ ଅଶ୍ରୁ କେମିତି କବି ହୃଦୟକୁ ବିଗଳିତ କରିପକାଇଲା। କବି ଫେରିଯାଇ ପ୍ରିୟାକୁ କୋଳାଗ୍ରତ କଲେ ଓ କହିଲେ- ପ୍ରିୟେ! ମନରେ ଆନ କଥା କିଛି ଭାବନାହିଁ। ବନ୍ଧୁଙ୍କ ସହିତ ସାକ୍ଷାତ୍ ହୋଇସାରିଲା ପରେ ସଙ୍ଗେ ସଙ୍ଗେ ତୁମ ପାଖକୁ ଫେରି ଆସିବି। ହେ ଶୁଭେ! ମୋତେ ସହର୍ଷ ବଦନରେ ବିଦାୟ ଦିଅ।

କବିପତ୍ନୀ ପାରଂପାରିକ ରୀତିରେ ବନ୍ଦାପନାଦିପରେ କବିଙ୍କୁ ବିଦାୟ ଦେଇଥିଲେ।

ହଠାତ୍ ଆକାଶରେ ପାଗର ପରିବର୍ତ୍ତନ ହେଲା।

ଅବନ୍ତିକା ସୂଚନା ଦେଇଗଲା, ସାମୁଦ୍ରିକ ଝଡ ଆସୁଛି, ସତର୍କ ରୁହନ୍ତୁ।

କିପ୍ରକାର ସତର୍କ ରହିବେ କାଳିଦାସ। ଜୀବନରେ ତ ଅନେକ ଝଡକୁ ସେ ଭେଟିଛନ୍ତି। ସବୁ ଝଡକୁ ସେ ମୁଣ୍ଡପାତି ସହି ଯାଇଛନ୍ତି। ବହୁ ସ୍ଥାନରେ ଜୀବନ ବିପନ୍ନ ହୋଇଛି କିନ୍ତୁ ଈଶ୍ୱରଙ୍କର ଅପାର କରୁଣାରୁ ସମସ୍ତ ବିପଦକୁ ସେ ଅତିକ୍ରମ କରିଯାଇଛନ୍ତି। ସାମୁଦ୍ରିକ ଝଡ ଆସିବ ତ ଆସୁ।

ଝଡର କରାଳ ଗର୍ଜନ ଭିତରେ କବି ଆନମନା ହୋଇ ଉଠିଲେ। ମୃତ୍ୟୁ ତ ମା ପେଟର ଭଉଣୀ ଭଳି ମଣିଷ ସାଥୀରେ ହିଁ ଜନ୍ମ ନେଇଥାଏ। ସେଥିପାଇଁ ତ ମହାଭାରତ ଗ୍ରନ୍ଥରେ ଉଲ୍ଲେଖ ଅଛି -ମୃତ୍ୟୁ ହିଁ ପୁରୁଷଃ ବ୍ୟାଘ୍ର ଜନ୍ମ ନା ସହଜାୟତେ। ଜୀବନ ସମସ୍ତଙ୍କ ପକ୍ଷେ ପ୍ରିୟବସ୍ତୁ କିନ୍ତୁ ଯେତେବେଳେ ଜୀବନର ଶେଷ ନିଶ୍ଚୟ ହିଁ ମୃତ୍ୟୁ, ସେତେବେଳେ ମରଣ କାହିଁକି ମନୁଷ୍ୟ ପାଇଁ ପ୍ରିୟ ନହେବ?

ସୃଷ୍ଟି ଦିନେ ନା ଦିନେ ବିନାଶର ସମ୍ମୁଖୀନ ହେବ। ଯେତେ ପ୍ରକାର ସଂଯୋଗ ତାର ଶେଷ ପରିଣତି ବିଯୋଗ। ଉନ୍ନତିର ଶେଷ ହେଉଛି ଅବନତି। ଜୀବନର ଶେଷ ମୃତ୍ୟୁରେ।

କେତେବେଳେ ଝଡ, ଝଡର ବାଟରେ ଚାଲିଯାଇଛି। ବୋଇତ ସିଂହଳ ଦ୍ୱୀପର ଉପକୂଳରେ ଲଙ୍ଗର ଭିଡିଛି।

ସଜାଗ ହୋଇ ଉଠିଛନ୍ତି ଯାତ୍ରୀ ସକଳ। ସ୍ଥଳ ଉପରେ ପାଦ ପକାଇବା ନିମନ୍ତେ ସମସ୍ତେ ତତ୍ପର।

କବି ନିଜର ଯତ୍‌କିଞ୍ଚିତ ଆସବାପବପତ୍ର ଧରି ପୋତରୁ ଅବତରଣ କଲେ।

ଯିବେ କେଉଁଠିକୁ? ରାଜଭବନକୁ ନା ଏତେ ଶୀଘ୍ର ନୁହେଁ। କେହିତ ତାଙ୍କୁ ପାଛୋଟି ନେଉନି, ସମ୍ରାଟ ତ ଏଇ ବୋଇତରେ ଆସିବା କଥା ଆଦୌ ଜାଣି ନଥିଲେ। କିଏ ବା ତାଙ୍କୁ ଚିହ୍ନେ, ଏ ଦୂରନ୍ତ ରାଜ୍ୟରେ କବି କାଳିଦାସଙ୍କ କବି ସତ୍ତାକୁ । ତାଙ୍କର କାବ୍ୟିକ ପ୍ରତିଭା ସିନା ସୁଦୂର ପ୍ରସାରୀ, ବ୍ୟକ୍ତିକୁ ଚିହ୍ନିଛି କିଏ? ବିସ୍ତୀର୍ଣ୍ଣ ରାଜପଥରେ ଆଗେଇ ଚାଲିଛନ୍ତି କବି। ଭିନ୍ନ ପରିବେଶ, ଭିନ୍ନ ସଂସ୍କୃତି। ତାଙ୍କୁ ଆନନ୍ଦ ଦେଉଛି ଏ ସବୁ।

ଘର୍ ଘର୍ ନାଦରେ ସୁସଜ୍ଜିତ ରଥ ତାଙ୍କୁ ଅତିକ୍ରମ କରି ଛୁଟି ଚାଲିଛି। ନା ରାଜ ଦ୍ୱାରକୁ ଯିବେ ନାହିଁ। ସେ ଆଜି ଏ ସୁରମ୍ୟ ନଗରୀରେ କେଉଁଠି ହେଲେ ବିଶ୍ରାମ ନେବେ, ତା ପରେ କାଲି ସୁପ୍ରଭାତରେ ସମ୍ରାଟଙ୍କୁ ସାକ୍ଷାତ୍ କରିବେ। ଏତେ ଚଞ୍ଚଳ ଚାଲିଗଲେ ରାଜକୀୟ ପରିଚର୍ଯ୍ୟା

ଭିତରେ ପ୍ରକୃତ ସିଂହଳୀ ଜନଜୀବନକୁ ସେ କଦାପି ଅନୁଭବ କରି ପାରିବେ ନାହିଁ।

- "କବି ଟିକିଏ ଅପେକ୍ଷା କର।"

କବି ଫେରି ଚାହିଁଲେ ପଛକୁ। ସିଂହଳର ରାଜରାସ୍ତାରେ ଅସ୍ତବ୍ୟସ୍ତ ଚଳତ୍‌ବଲ୍ଲୀ ସମା କିଏ ଜଣେ ତରୁଣୀ ତାଙ୍କରି ଆଡକୁ ଦୌଡୁଛି। କବି ଦୂରରୁ ଚିହ୍ନିନେଲେ ଏତ ଅବନ୍ତିକା। ଅବନ୍ତିକା ସହିତ ଶେଷ ସମୟରେ ଥରେ ଦେଖା ହୋଇ ଯାଇଥିଲେ ଭଲ ହୋଇଥାନ୍ତା ବୋଲି କବି ଭାବୁଥିଲେ।

-ଅବନ୍ତିକା... ତୁମେ ? ତୁମେ ଏମିତି କାହିଁକି ଦୌଡୁଛି।

-କବି ! ଆପଣ ଏଠାରେ ଅପରିଚିତ ପୁଣି ନୂତନ। ରାଜଭବନକୁ ଆପଣ ସହଜରେ ଯାଇ ପାରିବେ ନାହିଁ। ଏଠାରୁ ଦୂର ମଧ୍ୟ। ଆପଣ କ'ଣ ଏକା ଏକା ଯାଇ ପାରିବେ ? ମୋ ଠାରୁ ଆପଣଙ୍କ ପରିଚୟ ପାଇସାରିବା ପରେ ବାପା ଆପଣଙ୍କ ସହିତ ସାକ୍ଷାତ କରିବାକୁ ଚାହୁଁଥିଲେ। ସେ ଆପଣଙ୍କୁ ସାହାଯ୍ୟ କରିପାରନ୍ତେ।

-ମୋର କୌଣସି ସାହାଯ୍ୟ ଆବଶ୍ୟକତା ନାହିଁ, ଅବନ୍ତିକା ! ମୁଁ ଏହି ପରିଚୟ ହୀନ ଭାବେ ଜନ ସମୁଦାୟ ସହିତ ମିଶିଯିବାକୁ ଚାହେଁ। ମଣିଷ ସହିତ ଖୋଲା ଭାବେ ମିଶିଯିବାର ଯେଉଁ ଆନନ୍ଦ ଓ ଲାଭ ତାହା ଲୋକ ଦେଖାଣିଆ ସୌଜନ୍ୟତାରେ ନାହିଁ। ସାଧାରଣ ଲୋକଙ୍କଠାରୁ ପାଇବି ସାହିତ୍ୟିକ ପ୍ରେରଣା।

-ଯାହା ଆପଣଙ୍କ ଇଚ୍ଛା।

- ହଁ, ଅବନ୍ତିକା ! ତୁମେ ତ ଏହା ପୂର୍ବରୁ ବହୁବାର ସିଂହଳ ଆସିଛ। ଏଠି ଏମିତି କୌଣସି ସ୍ଥାନ ମିଳିବ ଯେଉଁଠାରେ ମୁଁ ଦିନେ ଦୁଇଦିନ ନିଶ୍ଚିନ୍ତରେ ରହି ପାରିବ। ଯାତ୍ରା ଜନିତ କ୍ଲାନ୍ତି ଦୂର ହେବା ପର୍ଯ୍ୟନ୍ତ।

-ହଁ, କବି ସେମିତି ସ୍ଥାନର ଅଭାବ ସିଂହଳରେ ନାହିଁ। ନିକଟରେ ଶ୍ରୀଲଙ୍କାର ନଗରବଧୂ ତନ୍ୱୀ ମଞ୍ଜରିକାଙ୍କ ପ୍ରାସାଦ। ଆପଣ ଚାହିଁଲେ ସେଠାରେ ଦିନେ ଦୁଇଦିନ ବିଶ୍ରାମ ନେଇ ପାରନ୍ତି। ଆଉ ମଧ୍ୟ ତନ୍ୱୀ ମଞ୍ଜରିକା ନିଜେ ଲେଖିକା, ସାହିତ୍ୟ ରସିକା, କବି ପ୍ରାଣା।

-କିନ୍ତୁ ମୋର ପରିଚୟ ଗୋପନ ହେବା ଆବଶ୍ୟକ। ମୁଁ ଚାହିଁବା ପର୍ଯ୍ୟନ୍ତ। ତା ପୂର୍ବରୁ ମୋର ଅବସ୍ଥିତି ବିଷୟରେ ସମ୍ରାଟ ଯେପରି ଜାଣି ନପାରନ୍ତି।

-ସେଥିପାଇଁ ମୁଁ ବଚନବଦ୍ଧ। ଆପଣଙ୍କୁ କେହି ଚିହ୍ନି ପାରିବେ ନାହିଁ।

-କିନ୍ତୁ ନଗରବଧୂଙ୍କ ପ୍ରାସାଦରେ ଆତିଥ୍ୟ ଗ୍ରହଣ କଲା ଭଳି ଆର୍ଥିକ ସ୍ୱଚ୍ଛଳତା ମୋର ନାହିଁ। ସେଠାରେ ତ ପ୍ରତ୍ୟେକ ମୁହୂର୍ତ୍ତକୁ ସ୍ୱର୍ଣ୍ଣ ମୁଦ୍ରାରେ ଓଜନ କରାଯାଉଥିବ।

-ସେଥିପାଇଁ ବ୍ୟସ୍ତ ହୁଅନ୍ତି ନାହିଁ କବି ! ଆପଣଙ୍କର ପ୍ରତ୍ୟେକଟି ମୁହୂର୍ତ୍ତର ଅନୁଭୂତି, ସ୍ୱର୍ଣ୍ଣମୁଦ୍ରା କ'ଣ ରତ୍ନରାଜିର ଉର୍ଦ୍ଧ୍ୱରେ। କେତୋଟି ସ୍ୱର୍ଣ୍ଣମୁଦ୍ରା ବ୍ୟୟରେ ମୁଁ ଆପଣଙ୍କର ସନ୍ତୋଷ ବିଧାନ କରିପାରିଲେ ଧନ୍ୟ ହେବି। ଆପଣଙ୍କର ପାଇଁ ବ୍ୟୟ ହେଉଥିବା ସ୍ୱର୍ଣ୍ଣମୁଦ୍ରା ମୁଁ ଦେବୀ ମଞ୍ଜରିକାଙ୍କୁ ପ୍ରଦାନ କରିଦେବି। ସେଥିପାଇଁ ଆପଣ ଚିନ୍ତା କରନ୍ତୁ ନାହିଁ।

- ନାଁ ନାଁ ଅବନ୍ତିକା ମୋ ପାଇଁ ତୁମେ କାହିଁକି କଷ୍ଟ କରିବ। ଯଦି କୌଣସି ପାନ୍ଥଶାଳାର ବ୍ୟବସ୍ଥା କରାଇ ଦେଇପାରିବ ତେବେ ମୋ ପକ୍ଷେ ଯଥେଷ୍ଟ ହୁଅନ୍ତା। ମୁଁ କବି। ଜନଜୀବନର ସର୍ବନିମ୍ନ ପରିବେଶ ସହିତ ଚଳିଯିବା ମୋ ପକ୍ଷେ ସମ୍ଭବ। ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜକୀୟ ପରିଚର୍ଯ୍ୟା ଭିତରେ ରହି ରହି ମୁଁ ଅଣନିଶ୍ୱାସୀ ହୋଇଉଠିଛି। ମୁଁ ନିରୋଳା ଚାହେଁ, ଶାନ୍ତି ଚାହେଁ।

ସେମାନଙ୍କ ନିକଟ ଦେଇ ଶୂନ୍ୟରଥ ଅତିକ୍ରମ କରୁଥିଲା।

ରଥର ଶୀର୍ଷଭାଗରେ ସବୁଜ ପତାକା। ସବୁଜ ପତାକା ସୂଚିତ ରଥ ସର୍ବସାଧାରଣଙ୍କ ସେବାରେ ଲାଗିପାରେ। ଯେ କୌଣସି ବ୍ୟକ୍ତି ଉଚିତ ଭଡା ଦେଇ ନିଜ ବ୍ୟବହାର ନିମନ୍ତେ ନେଇପାରନ୍ତି।

ଅବନ୍ତିକା ଅଙ୍ଗୁଳି ନିର୍ଦ୍ଦେଶ ଦେଲା - ସେମାନଙ୍କ ଠିକ୍ ନିକଟରେ ରଥ ଅଟକି ଗଲା। ଅବନ୍ତିକା ନିର୍ଦ୍ଦେଶ ଦେଲା- ନଗରବଧୂ ମଞ୍ଜରିକାଙ୍କ ଆବାସ ପର୍ଯ୍ୟନ୍ତ..।

ଶ୍ୱେତ ମର୍ମରରେ ଗଠିତ ବିଶାଳ ସୌଧ।

ସୌଧ ସମ୍ମୁଖରେ ନାନା ଜାତିର ପୁଷ୍ପ ବୃକ୍ଷରେ ସୁସଜ୍ଜିତ ସୁରମ୍ୟ ଉଦ୍ୟାନ। ରଥ ସେଇଠି ଅଟକିଗଲା।

ଅବନ୍ତିକା ରଥରୁ ଓହ୍ଲାଇ ସଦର ଦରଜା ଆଡକୁ ମୁହାଁଇବା ପୂର୍ବରୁ କହିଗଲା, ଆପଣ ଏଠାରେ କ୍ଷଣେ ଅପେକ୍ଷା କରନ୍ତୁ। ମୁଁ ଦେବୀଙ୍କ ଠାରୁ ଅନୁମତି ନେଇ ସଙ୍ଗେ ସଙ୍ଗେ ଫେରୁଛି।

ପ୍ରାସାଦର ଗଠନ ଚାତୁରୀ ଅତ୍ୟନ୍ତ ମନୋରମ। ସତେ ଯେମିତି ବିଶ୍ୱକର୍ମା ଏହାକୁ ନିର୍ମାଣ କରିଛନ୍ତି। ଥରେ ଚାହିଁଲେ ଆଖି ଲାଖି ରହୁଛି। ଉପର ମହଲାର ବିରାଟ ବାତାୟନ ନିକଟରେଜଣେ ତରୁଣୀ ପ୍ରସାଧାନ ରତ। ସହଚରୀମାନେ ପ୍ରଲମ୍ବ କୁନ୍ତଳ ଶ୍ରେଣୀ ଉପରେ ହସ୍ତୀଦନ୍ତ ନିର୍ମିତ କଙ୍କତିକାରେ ଆସ୍ତେ ଆସ୍ତେ ଚଳାଉଛନ୍ତି। ଅନ୍ୟଜଣେ ତରୁଣୀ ସ୍ୱର୍ଣ୍ଣାଧାର ନିର୍ମିତ ଦର୍ପଣକୁ ସମ୍ମୁଖରେ ଦେଖାଉଛି।

କବିଙ୍କ ମନ ସେ ଦୃଶ୍ୟ ଦେଖି ମୁଗ୍ଧ ହୋଇଉଠିଲା। ହୃଦୟରେ ଏକ ଅଭିନବ ଅନୁଭୂତି। ଏମିତି ଦୃଶ୍ୟ ସେ ଉଜ୍ଜୟିନୀର ରାଣୀ ଅନ୍ତଃପୁରରେ ବହୁବାର ଦେଖିଛନ୍ତି। କେବଳ ସେତିକି ନୁହେଁ, ନିଜର କାବ୍ୟ କବିତାରେ ମଧ୍ୟ ସେ ପରିସ୍ଫୁଟ କରିଛନ୍ତି।

ମାତ୍ର ଏ ଦୃଶ୍ୟ କାହିଁକି ନୂତନତ୍ୱର ସନ୍ଦେଶ ଦେଉଛି।

କବି ଦେଖୁଛନ୍ତି ଦୂରରେ ଥାଇ, ଅବନ୍ତିକା ବିନମ୍ର ପଦପାତରେ ସେଠି ଉପସ୍ଥିତ ହେଉଛି। ପ୍ରସାଧନରତା ଯୁବତୀ ସାଗ୍ରହର ସହିତ ଅବନ୍ତିକା ପ୍ରତି ଦୃଷ୍ଟି ତୋଳିଲେ। ଅବନ୍ତିକା ଅଟ୍ଟାଳିକାର ତଳକୁ ଅଙ୍ଗୁଳି ନିର୍ଦ୍ଦେଶକରି କ'ଣ କହୁଛନ୍ତି। ତନ୍ୱୀ ତଳକୁ ଦୃଷ୍ଟି ନିକ୍ଷେପ କଲେ। ବୋଧେ ଅବନ୍ତିକା ତାଙ୍କ ଆତିଥ୍ୟ ନିମନ୍ତେ ଅନୁମତି ଚାହୁଁଛି। କବିଙ୍କ ସହିତ ଚାରିଚକ୍ଷୁର ମିଳନ ଘଟିଲା।

କବି ଦେଖୁଛନ୍ତି ତାଙ୍କ ସମ୍ମୁଖରେ ମୁକ୍ତ କୁନ୍ତଳା ଅପରୂପ ସୁନ୍ଦରୀ.. ବୋଧେ ଏହି ହେଉଛନ୍ତି ମଞ୍ଜରିକା... ନଗରବଧୂ ମଞ୍ଜରିକା !

-ଅଭିନନ୍ଦନ ଗ୍ରହଣ କରନ୍ତୁ ଆର୍ଯ୍ୟ !

- 'ଶାନ୍ତି ଲଭ ଶୁଭେ !' କାଳିଦାସ ସହର୍ଷ ବଦନରେ ପ୍ରତ୍ୟୁତ୍ତର ଦେଲେ।

- ଆର୍ଯ୍ୟ ! ଭାରତବାସୀ ହୋଇଥିବା ଜାଣି ବିଶେଷ ପ୍ରୀତ ହେଲି। ଆପଣ ଏଠିଦିନେ ଦୁଇଦିନ ରହି ରତ୍ନ ବ୍ୟବସାୟ କରି ପାରନ୍ତି। ଆପଣଙ୍କର କୌଣସି ଅସୁବିଧା ହେବ ନାହିଁ।

କବି କାଳିଦାସ ଖୁସି ହେଲେ। ତେବେ ଅବନ୍ତିକା ମୋର ପରିଚୟ ଗୁପ୍ତ ରଖିଛନ୍ତି। ରତ୍ନ ବ୍ୟବସାୟୀ ବୋଲି ପରିଚୟ ଦେଇଛନ୍ତି। କବି ଅବନ୍ତିକାର ଚାତୁରୀ ପ୍ରତି ମନେ ମନେ ପ୍ରଶଂସା କଲେ।

କବି କାଳିଦାସ ଲକ୍ଷ୍ୟ କଲେ ନଗରବଧୂ ମଞ୍ଜରିକା କେବଳ ନୃତ୍ୟ ଗୀତ ପ୍ରବୀଣା ନୁହନ୍ତି, କବିତା ଲେଖିବା ଓ ପଢ଼ିବାରେ ଧୂରନ୍ଧର। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ କଣ ସବୁ ଲେଖୁଛନ୍ତି, ଆବୃତ୍ତି କରୁଛନ୍ତି ପୁଣି ଚିରି ପକାଉଛନ୍ତି। ପ୍ରମୋଦ ଭବନକୁ ସୁଦ୍ଧା ଯାଉନାହାନ୍ତି। ନିଜେ ଅସୁସ୍ଥ ଅଛନ୍ତି ବୋଲି ସୂଚାଇ ଦେଇଛନ୍ତି।

ଆଗନ୍ତୁକ ରସିକ ମାନେ ଅପେକ୍ଷା କରି ଫେରି ଯାଉଛନ୍ତି ।

କବି କାଳିଦାସ ନଗରବଧୂଙ୍କ ଅଳିନ୍ଦ ପରିସରରେ ପଦଚାରଣ କରୁଥିଲେ । ମଞ୍ଜରିକା ଡାକିଲେ ଓ କହିଲେ – ବିଳମ୍ବିତ ରାତ୍ରି, ପରିବ୍ରାଜକ ! ଏପର୍ଯ୍ୟନ୍ତ ଆପଣ କ'ଣ ବିଶ୍ରାମ ନେଇ ନାହାନ୍ତି ।

-ଦେବି ! ଗୋଟିଏ ପ୍ରଶ୍ନ ମୋତେ ଆନ୍ଦୋଳିତ କରୁଛି । ଏଇ କାଲିଠାରୁ ଲକ୍ଷ୍ୟ କରିଛି, ଆପଣ ଅନ୍ୟ ମନସ୍କା, କ'ଣ ସବୁ ଲେଖୁଛନ୍ତି ପୁଣି ବିମର୍ଷ ହୋଇ ଚିରୁଛନ୍ତି ।

ନଗରବଧୂ ପରିବ୍ରାଜକକୁ ନିଜ କକ୍ଷ ମଧକୁ ଡାକିଲେ । ସୁସଜ୍ଜିତ କକ୍ଷ । ପରିବ୍ରାଜକଙ୍କୁ ସ୍ୱର୍ଣ୍ଣାସନରେ ବସାଇ ସେ କହିଲେ – କବିକୁଳ ସମ୍ରାଟ କାଳିଦାସ ଭାରତବର୍ଷରୁ ଏଇ ଦିନେ ଦୁଇଦିନ ମଧ୍ୟରେ ସିଂହଳରେ ଉପସ୍ଥିତ ହୋଇଯିବେ । ତାଙ୍କର ସମ୍ମାନାର୍ଥେ ସାହିତ୍ୟ ଆସର ଓ କବି ସମ୍ମିଳନୀ ଅନୁଷ୍ଠିତ ହେବ । ପରମ୍ପରା ଅନୁଯାୟୀ ସମ୍ରାଟ କୁମାର ଦାସ ଏକ ସମସ୍ୟା ପୂର୍ତ୍ତି ପାଇଁ ଦେଇଛନ୍ତି । ଦରବାରରେ କବିସମୂହକୁ ଜଣାଇ ଦିଆଯାଇଛି । ଯିଏ ସମସ୍ୟାଟିକୁ ଠିକ୍ ରୂପେ ପୂରଣ କରିପାରିବେ, ତାଙ୍କୁ ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦିଆଯିବ । ସେହି ପୁରସ୍କାର ରାଶିକୁ ମହାକବି କାଳିଦାସଙ୍କ କରକମଳରୁ ପ୍ରାପ୍ତ ହେବେ ।

– ସମସ୍ୟାଟି କ'ଣ ? ପରିବ୍ରାଜକ ପଚାରିଲେ ।

– "କମଳେ କମଳୋତ୍ପତ୍ତିଃ ଶ୍ରୂୟେତେ ନତୁଦୃଶ୍ୟତେ ।"ନଗରବଧୂ କହିଲେ, ଆଉ ମଧ ବୁଝାଇ ଦେଲେ, ଏକଥା କେବଳ ଶୁଣାଯାଉଛି, କିନ୍ତୁ କେହି ଦେଖିନାହିଁ ଯେ ଗୋଟଏ ପଦ୍ମ ଉପରେ ଆଉ ଗୋଟିଏ ପଦ୍ମଫୁଲ ଫୁଟିଛି ।

କବି କାଳିଦାସ ମଞ୍ଜରିକାଙ୍କ ମୁଖକୁ କିଛି ସମୟ ରହିଁଲେ, ଦୁଇଟି କମଳ ସଦୃଶ ନେତ୍ର ଯୁଗଳ ସୁନ୍ଦର, ସଦ୍ୟ ଓ ସଜଳ ।

ଭାବ ତରଙ୍ଗର ଉଚ୍ଛ୍ୱାସ ଭେଦି ମର୍ମ୍ମରିତ ହେଲା ପରିବ୍ରାଜକ କାଳିଦାସଙ୍କ ମୁହଁରୁ ଉପମାମୟ ଖଣ୍ଡିତ ପଦ–

'ବାଳେ !ତବ ମୁଖାମ୍ଭୋଜେ ଦୃଷ୍ଟମିନ୍ଦିବର ଦ୍ୱୟମ୍ ।'

ହେ ବାଳା ! ତୁମ ମୁଖ କମଳରେ ଦୁଇଟି ନୀଳ କମଳ ଦୃଷ୍ଟି ଗୋଚର ହେଉଛି ।

ନଗରବଧୂ ମଞ୍ଜରିକା ଗଦ୍ ଗଦ୍ ହୋଇ ଉଠିଲେ । କାଗଜ କଲମରେ ଲେଖି ନେଲେ ଖଣ୍ଡିତ ପଦଟିକୁ । ଦୃଢ଼ ବାହୁ ବଲ୍ଲରୀରେ ପରିବ୍ରାଜକଙ୍କୁ ଆଲିଙ୍ଗନ କରି ଅଶେଷ ଧନ୍ୟବାଦ ଜଣାଇଲେ ।

ସହସା ଆକାଶରେ ମେଘାଚ୍ଛନ୍ନ ବାହାରେ ଝଡବର୍ଷା । କବି ଉତ୍ଫୁଲ୍ଲିତ । କବୟିତ୍ରୀ ନଗରବଧୂ ଉତ୍ଫୁଲ୍ଲିତା ଏକ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଓ ସମ୍ମାନ ନିଶ୍ଚୟ ତାଙ୍କୁ ପ୍ରାପ୍ତ ହେବ ।

ପୁଣି ବିମର୍ଷ ହୋଇ ଉଠିଲେ ମଞ୍ଜରିକା । ଯଦି ପରିବ୍ରାଜକ ରାଜ ଦରବାରରେ ଯାଇ ଦାବି କରିପକାନ୍ତି ଶ୍ଳୋକର ରଚୟିତା ସେ ବୋଲି.. ତେବେ କ'ଣ କରାଯିବ । କଥା ତ ଗହନ ହୋଇଯିବ..। ସମାଧାନ କ'ଣ ? ପରିବ୍ରାଜକ ଫେରିଯାଇଥିଲେ ନିଜ ପ୍ରକୋଷ୍ଟକୁ । ବର୍ଷା ଅନ୍ଧକାରର ରାତ୍ରି ।

ରାଜ ପରିଷଦ ବସିଛନ୍ତି । ସମ୍ରାଟ କୁମାର ଦାସ ସିଂହାସନ ଉପରେ ଉପବିଷ୍ଟ । ମହାକବି କାଳିଦାସ ପହଞ୍ଚିନଥିବାରୁ ତାଙ୍କ ମନରେ ବିମର୍ଷ ଭାବ । ମହାମନ୍ତ୍ରୀ ଅନୁରୋଧ କଲେ, ସମ୍ରାଟ ବୋଧେ ଆସନ୍ତାକାଲି ନିଶ୍ଚୟ ମହାକବି ଆସି ପହଞ୍ଚିଯିବେ । ତା ପୂର୍ବରୁ ଆମର ସଭାକବି ସମସ୍ୟାର ପଦପୂର୍ତ୍ତି କାର୍ଯ୍ୟ ସାରି ଦିଅନ୍ତୁ । କାଳିଦାସ ପହଞ୍ଚିଲ ସେ କେବଳ ଅତିଥି ରୂପେ କବିଙ୍କୁ ପୁରସ୍କୃତ କରିବେ ।

ରାଜପରିଷଦ ତରଫରୁ ଘୋଷକ ଘୋଷଣ କଲେ କେଉଁ କବିମାନେ ବିଗତ ଦିନରେ ଦିଆଯାଇଥିବା ସମସ୍ୟାର ପଦପୂର୍ତ୍ତି କରିଛନ୍ତି, ସଭା ସମ୍ମୁଖରେ ପଠନ କରନ୍ତୁ ।

କିନ୍ତୁ କେହି ହେଲେ ଜଣେ କବି ଆଗେଇ ଆସିଲେ ନାହିଁ । ଶତାଧିକ କବି ମୁଖାବନତ କରି ବସିଛନ୍ତି । ସମସ୍ତେ ଆସିଛନ୍ତି ମହାକବି କାଳିଦାସଙ୍କୁ ଭେଟିବା ପାଇଁ ସମସ୍ୟା ପୂର୍ତ୍ତି ନିମନ୍ତେ ନୁହେଁ । ସମସ୍ତେ ପରାସ୍ତ । ପରିଶେଷରେ ନଗରବଧୂ ମଞ୍ଜରିକା ଆସନ ତ୍ୟାଗ କରି ଦଣ୍ଡାୟମାନ ହେଲେ । ଗର୍ବରେ, ସହର୍ଷ ବଦନରେ ସ୍ୱରଚିତ ପଂକ୍ତି ପାଠକଲେ–

କମଳେ କମଳୋତ୍ପତ୍ତିଃ ଶ୍ରୂୟତେ ନତୁ ଦୃଶ୍ୟତେ ।

ବାଳେ ! ତବ ମୁଖାମ୍ବୁଜେ ଦୃଷ୍ଟ ମିନ୍ଦିବର ଦ୍ୱୟମ୍ ।

ଶ୍ଳୋକ ଶୁଣିବାପରେ ମହାମନ୍ତ୍ରୀ ବିସ୍ମୟ ହୋଇ ଉଠିଲେ, ରାଜକବିଙ୍କ ଭ୍ରୁକୁଟି ତୀର୍ଯ୍ୟକ ହୋଇଗଲା । ସେ କହିଲେ– ମହାରାଜ । ପଦପୂର୍ତ୍ତି ତ ଅଲୌକିକ । କିନ୍ତୁ ଏହା ପୂର୍ତ୍ତି କରିବା କବୟିତ୍ରୀ ମଞ୍ଜରିକା ପକ୍ଷେ ସଂପୂର୍ଣ୍ଣ ଅସମ୍ଭବ । ସମ୍ରାଟ ଉଚ୍ଚସ୍ୱରରେ କହିଲେ – କାହିଁକି ନୁହେଁ ଜଣେ ନାରୀ ବୋଲି ?

– ତା ନୁହେଁ ମହାରାଜ ସ୍ୱୟଂ ଚିନ୍ତା କରନ୍ତୁ । ରାଜ୍ୟର କବି ସମାଜ ଯେଉଁଠି ପରାସ୍ତ...।

ମହାରାଜ ଦ୍ୱନ୍ଦ୍ୱରେ ପଡିଲେ ।

କବୟିତ୍ରୀ ମଞ୍ଜରିକା ବିରକ୍ତି ପ୍ରକାଶ କରି କହିଲେ, ମହାରାଜ ! ରାଜକବି ନିଜେ ତ ପାରିଲେ ନାହିଁ ବରଂ ମୋର ଅପମାନ କରୁଛନ୍ତି ।

ସମ୍ରାଟଙ୍କର ତୀର୍ଯ୍ୟକ ଦୃଷ୍ଟି ରାଜକବିଙ୍କ ଉପରେ ସ୍ଥିର ହୋଇ ରହିଲା, ରାଜକବି ମହାମନ୍ତ୍ରୀଙ୍କ ଈଶରା ପାଇ ଦୃଢ଼ଭାବରେ ଠିଆ ହୋଇ ଶ୍ଳୋକଟିର ବ୍ୟାଖ୍ୟା କଲେ – ହେ ସମ୍ରାଟ ଆପଣ ଲକ୍ଷ୍ୟ କରନ୍ତୁ ସମସ୍ୟା ପୂର୍ତ୍ତିପଦରେ 'ବାଳେ'ବୋଲି ସମ୍ବୋଧନ ହୋଇଛି ଏଥିରୁ ସ୍ପଷ୍ଟ ହେଉଛି ଯେ କୌଣସି ପୁରୁଷ କବି ନିଶ୍ଚୟଏହାକୁ ରଚନା କରିଛନ୍ତି । ନହେଲେ 'ବାଳେ'ବୋଲି କାହିଁକି ସମ୍ବୋଧନ କରିଥାନ୍ତେ ।

କବି ମଣ୍ଡଳୀର ସମସ୍ୱର ଏହି କଥାକୁ ସମର୍ଥନ କରି କହି ଉଠିଲେ ସତକଥା, ସତକଥା ମହାରାଜା ।

ମହାରାଜ କୁମାର ଦାସ ଚିନ୍ତିତ ହେଲେ । ବାସ୍ତବରେ ଏ ସମସ୍ୟା ପୂର୍ତ୍ତି କାଳିଦାସ ଭଳି କବିଙ୍କ ପକ୍ଷେ ସମ୍ଭବ । ବୋଧେ କବି କାଳିଦାସ ସିଂହଳରେ ପହଞ୍ଚି ଗଲେଣି । ମଞ୍ଜରିକା ପ୍ରତି ଆସକ୍ତ ହୋଇଯାଇ ଶ୍ଳୋକାଂଶ ରଚନା କରିଛନ୍ତି । ସମ୍ରାଟଙ୍କ ସ୍ୱର ହଠାତ୍ ଦୃଢ ହୋଇ ଉଠିଲା, ସେ ଏକପ୍ରକାର କୋହଭରା କଣ୍ଠରେ ଚିତ୍କାର କରି ଉଠିଲେ – କୁହ ମଞ୍ଜରିକା, ସ୍ପଷ୍ଟ କରି କୁହ । କାହାନ୍ତି କବି ସମ୍ରାଟ ?ଏ ଉପମା ତାଙ୍କର, ତୁମର ନୁହେଁ । ସ୍ୱୀକାର କର । ବାଳେ ! ସମ୍ବୋଧନ ସେ ହିଁ ତୁମ ପ୍ରତି କରୁଛନ୍ତି...।

ମଞ୍ଜରିକା ନୟନରେ ଅଶ୍ରୁ, ଧୀରେ ସ୍ୱରରେ କହିଲେ– ଅପରାଧ କ୍ଷମା କରିବେ ସମ୍ରାଟ...।

ଗର୍ଜି ଉଠିଲେ ସମ୍ରାଟ । କହିଲେ – ମଞ୍ଜରିକା କବି ସମ୍ରାଟ କାଳିଦାସଙ୍କୁ କେଉଁଠି ଲୁଚାଇଛ କୁହ । ଶୀଘ୍ର ପ୍ରକାଶକର । ନଚେତ ଭୟଙ୍କର ରାଜଦଣ୍ଡ ଭୋଗ କରିବାକୁ ପ୍ରସ୍ତୁତ ହୁଅ ।

ମଞ୍ଜରିକା ତଥାପି ନିରୁତ୍ତରା ।

-ସମ୍ରାଟ, କବି ମୋ ଭବନରେ..।

ସମ୍ରାଟ ଓ ସଭାଷଦ ବର୍ଗ କାଳିଦାସଙ୍କୁ ପାଛୋଟି ଆଣିବା ନିମନ୍ତେ ଯାତ୍ରା କଲେ ।

ନଗରବଧୂ ଭବନ । ଦ୍ୱାର ଦେଶରେ ସମ୍ରାଟଙ୍କର ରଥ ଅଟକିଲା । ମଞ୍ଜରିକା ନିଜ ରଥରୁ ଓହ୍ଲାଇ ଆସି ସମ୍ରାଟଙ୍କ ପଦତଳେ

ଲୋଟିଯାଇ କହିଲେ - ଛାମୁଁ ମୁଁ -ଅପରାଧିନୀ ମୋତେ ଦଣ୍ଡ ଦିଅନ୍ତୁ।

ମଞ୍ଜରିକା ସମ୍ରାଟ କୁମାର ଦାସଙ୍କୁ ଗୋଟିଏ ନିଭୃତ କକ୍ଷକୁ ଘେନିଗଲେ। ନିଜ ହସ୍ତରେ ତାଲା ଖୋଲି ଦ୍ୱାର ଉନ୍ମୋଚନ କଲେ। ମାତ୍ର ଏ କ'ଣ ? କାଳିଦାସଙ୍କର ନିର୍ଜୀବ ଶରୀର ଲୋଟି ପଡିଛି ଶୁଭ୍ର ଶଯ୍ୟା ଉପରେ।

ଗୋଟିଏ ପଦକ୍ଷେପରେ ସମ୍ରାଟ କୁମାର ଦାସ କାଳିଦାସଙ୍କ ଶଯ୍ୟ ସମୀପରେ ପହଞ୍ଚିଲେ। ନିଜ ବାହୁରେ ଉଠାଇନେଲେ କବିଙ୍କର ସୁପ୍ତ ଶରୀରକୁ। ନୟନରୁ ତାଙ୍କର ଅଗ୍ନିର ସ୍ଫୁଲିଙ୍ଗ ଝରୁଥିଲା। ମଞ୍ଜରିକା ଭୟରେ ଥରୁଛି। କ୍ରମଶଃ ତାରଜ୍ଞାନ ଶକ୍ତି ଲୋପ ପାଇ ଆସୁଥିଲା।

ସମ୍ରାଟ ବାକଶୂନ୍ୟ। ସାରା ସଂସାର ଯେମିତି ଚକ୍ରବତ ଘୂରୁଛି। ସାମାନ୍ୟ ସ୍ୱର୍ଣ୍ଣମୁଦ୍ରା ଓ ସମ୍ମାନ ପାଇଁ ମଞ୍ଜରିକା ଏଭଳି ଜଘନ୍ୟ କର୍ମ କରିପାରେ। ଏତେ ବଡ ସ୍ୱର୍ଣାଭ ପ୍ରତିଭାର ଅନ୍ତକରିଦେଲା। କବି ବିଭା ଆଦି ଅସ୍ତ ହୋଇଗଲା।

ନିହାରିକା ଏ ସମ୍ବାଦ ପାଇଲା, ପୁଷ୍ପଗୁଚ୍ଛ ହସ୍ତରେ, ପିତାଙ୍କ ସହିତ ଶ୍ମଶାନ ଘାଟର ପହଞ୍ଚିଗଲା। ମହାକବିଙ୍କ ଦର୍ଶନ ନିମେନ୍ତ। ନିଜକୁ ସେ ଦୋଷୀ ଦୋଷୀ ମନେ କରୁଥିଲା, ସେ ହିଁ ମହାକବିଙ୍କ ମରଣ ଦ୍ୱାର ଦେଖାଇଛି,ସେ ଯଦି ନଗରବଧୂ ଅଳିନ୍ଦ ପର୍ଯ୍ୟନ୍ତ ଅଣାଇନଥାନ୍ତି। ତେବେ କବି ଆଜି ସୁରକ୍ଷିତଥାନ୍ତେ। ଆଦିର ଦିନରେ ସିଂହଳ ନଗରୀ କବିଙ୍କ ଆଗମନ ମହୋତ୍ସବରେ ମୁଖରିତ ହୋଇ ଉଠୁଥାନ୍ତା।

କିନ୍ତୁ ତା ପରିବର୍ତ୍ତେ ଆଜି ନଗରରେ ଶୋକାକୁଳ ପରିବେଶ। ନଗରବଧୂକୁ ଭେଟିବାକୁ ତାର ସାହସ ହେଲାନାହିଁ। ଯାହାକୁ ସାରା ନଗର ଛି ଛି କରୁଛି ସେ ବା ଭେଟି କି ପ୍ରବୋଧନା ଦେବ। ସେମିତି ଅନୁତପ୍ତ ହୋଇଥାନ୍ତୁ ମଞ୍ଜରିକା, ତାଙ୍କର କପଟାଚ୍ଛର ନିମନ୍ତେ ସେ ନିନ୍ଦାର ପାତ୍ରୀ।

ସିଂହଳର ବେଳାଭୂମି.. ରାଜ ଶ୍ମଶାନ। ସର୍ବତ୍ର ଲୋକାରଣ୍ୟ। ଶୋକାକୁଳ ଜନତା। ଘୃତ ବା ଚନ୍ଦନ କାଠର ଚିତା ପ୍ରସ୍ତୁତ। ମହାକବି ଚିତା ଉପରେ ଚୀର ନିଦ୍ରାରେ। ସମ୍ରାଟ ସ୍ୱହସ୍ତରେ ଅଗ୍ନି ସଂଯୋଗ କଲେ ଚିତାରେ।

ଲେଲିହାନ ଅଗ୍ନିଶିଖା କାୟା ବିସ୍ତାର କରି ଆକାଶକୁ ଚୁମ୍ବୁ ଥିଲା। ଶୋକ ଜର୍ଜରିତ କୁମାରଦାସ, ଚକ୍ଷୁରୁ ଝରୁଛି ଅବିରତ ଧାର ଧାର ଅଶ୍ରୁ। ପରମ ପ୍ରିୟ ବନ୍ଧୁର ବିଚ୍ଛେଦ। ସେ ଆଉ ବିଚ୍ଛେଦକୁ ସହ୍ୟ କରିପାରିଲେ ନାହିଁ। ଅକସ୍ମାତ ଭାବବିହ୍ୱଳ ହୋଇ ସମ୍ରାଟ ସେହି ଚିତାଗ୍ନିରେ ଲମ୍ଫ ପ୍ରଦାନ କଲେ। ଦୁଇଟି ଶରୀର ଏକାକାର ହୋଇ ଭସ୍ମିଭୂତ ହୋଇଗଲା। ଶୋକ ଉଦ୍‌ବିଗ୍ନ ଜନତା ଏହି ହୃଦୟ ବିଦାରକ ଦୃଶ୍ୟକୁ ନୀରବରେ ଦେଖୁଥିଲା।

ଆକାଶ ଧରିତ୍ର, ସିଂହଳଭୂମି ସର୍ବତ୍ର ହାହାକାର -ବ୍ୟଥା ବିମର୍ଷର ଗୁଞ୍ଜରଣ। ସମସ୍ତେ ଦେଖିଲେ ଦୂରରୁ ନଗରବଧୂ ମଞ୍ଜରିକାର ସୁରମ୍ୟ ପ୍ରାସାଦ ମଧ୍ୟ ଧୁ ଧୁ ଅଗ୍ନିଶିଖାର ଜଳିଯାଉଛି। ଆକାଶକୁ ଛୁଇଁ ଧୂମାଭରଣ; ଏହା କ'ଣ ଜନତାର କୋପ ନା ମଞ୍ଜରିକାର ସ୍ୱୟଂ କୃତ।

*ସମ୍ପାଦକ, ପୁରାଣ ପତ୍ରିକା, ନିଆଳୀ,*
*ଜି: କଟକ - ୭୫୪୦୦୪*
*ଫୋନ୍ ନଂ : ୯୯୩୭୮୪୦୩୮୭*





# ଜୀବନ ଯୁଦ୍ଧ

## ରାଜଲକ୍ଷ୍ମୀ ଦାଶ

ଅଗଣାରେ କାଠ ଚୁଲିରେ ଅଳ୍ପ ନିଆଁରେ ରୁଟି ସେକୁଥିଲା ନମିତା। ସୂର୍ଯ୍ୟକାନ୍ତ ବାରଣ୍ଡାରେ ଛୋଟ ଟୁଲ ଉପରେ କିଛି ଲେଖୁଥିଲେ। ବୋଧହୁଏ ବଡ଼ପୁଅ ସିମାଦ୍ରୀକୁ ଚିଠି, ସେମିତି ମନେହେଲା ନମିତାର। ଛଅ, ସାତଦିନ ଏ ଭିତରେ ଗଲାଣି, ଚିଠି ଖଣ୍ଡକର ଉତ୍ତର ଯାଇ ପାରିଲା ନାହିଁ। ପୁଅଟା କ'ଣ ମନରେ ଭାବୁଥିବ କେଜାଣି।

ନମିତା କହିଲା, "ଆଜି ସୀମାକୁ ଚିଠି ଲେଖିଲ କି ?"

"ହଁ, ଲେଖିବି ବୋଲି ତ ବସିଛି। "

"ସେ କଥା କ'ଣ ଠିକ୍ କଲ? ମୁଁ ତ ଭାବି ଭାବି ଥଳକୂଳ କିଛି ପାଉନି।"

" ଠିକ୍ କରିବାର ଗୋଟେ କ'ଣ ଅଛି ? ପ୍ରସ୍ତାବ ଥିଲେ ସିନା ପ୍ରସ୍ତାବର ବିଭିନ୍ନ ଦିଗ ବିଷୟରେ ଚିନ୍ତା କରାଯାଏ। ବିଚାର କରାଯାଏ ଏବଂ ଶେଷରେ କିଛି ଗୋଟାଏ ଠିକ୍ କରାଯାଏ। ଯେଉଁଠି ପ୍ରସ୍ତାବ ନାହିଁ, ଅନୁରୋଧ ନାହିଁ ,ଅଥଚ ଗୋଟାଏ ଦାବୀ ଅଛି, ଅଭିମାନ ଅଛି, ସେଠି ନିଜର ମତ ଦେବାର ଯଥାର୍ଥତା କେଉଁଠି ରହିଲା ଯେ ମୁଁ ଦେବି।"

ଏତିକି କହି କଲମକୁ ଦାନ୍ତରେ ଟିକେ କାମୁଡ଼ି ଧରିଲେ ସୂର୍ଯ୍ୟକାନ୍ତ। ଲେଖା ସେଇଠୁ ବନ୍ଦ ହୋଇଗଲା।

ନମିତା ବୁଝିପାରିଲା, ତା'ର ଏଇ କଥାଟା ଗୋଟାଏ ଗହୀର ଜାଗାରେ ଲାଗିଗଲା। ସ୍ୱାମୀ ତା'ର ଭାରି ଆଘାତ ପାଇଲେ। ପୁଅର ଚିଠିଟା ଆସିବା ଦିନୁ ସୂର୍ଯ୍ୟକାନ୍ତ କେମିତି ଟିକେ ଅନ୍ୟମନସ୍କ ହୋଇଯାଇଥିଲେ।

ଲୋକଟି ସବୁଦିନେ ସେମିତି, ଛାତି ଭିତର ଯନ୍ତ୍ରଣାରେ ଫାଟିଯାଉଥିବା ବେଳେ ଉପରେ ଜୋରରେ ହସୁଥିବେ। ଯେ କେହି ଭାବିବ ଭାରି ହାଲୁକା, ବେପରୁଆ, ଦିଲ୍‌ଦାର ମଣିଷଟିଏ। ଜୀବନକୁ ଫୁଟବଲ୍ ପଡ଼ିଆ ଭାବି ବଲ୍ ମାରୁଚି। କିନ୍ତୁ ନମିତା ହିଁ କେବଳ ସେ ହସର ରହସ୍ୟ ଜାଣେ। ପାବନ ଘୁ ଘୁ ବହିଆସି ସେଇଠି ଧୂଳିଝଡ଼ଟିଏ ସୃଷ୍ଟି କରିଦିଏ।

ତାୱାରେ ରୁଟି ଗରମ ହେଉଛି। ଖଡ଼ିକାରେ ଏପଟ ସେପଟ ଓଲଟେଇବାରେ ଲାଗିଛି ନମିତା। ଲହରେଇ ଲହରେଇ ନିଆଁର ଲହଡ଼ିଟିଏ ଚୁଲି ଭିତରେ ଦୋଳି ଖେଳୁଛି। ନିଆଁର ଏଇ ରୂପ ସୂର୍ଯ୍ୟକାନ୍ତଙ୍କୁ ଅନ୍ୟମନସ୍କ କରିଦେଲା। ତାଙ୍କ ଆଖିରେ କେତେ ଗୁଡ଼ିଏ ଘଟଣାର ଚିତ୍ର ଲହଡ଼ି ସାଙ୍ଗରେ ତାଳଦେଇ ନାଚିବାକୁ ଲାଗିଲା। ବିଶେଷ କରି ଆଖି ଆଗରେ ବସିଥିବା ନମିତାର ରୂପ ଓ ତାଙ୍କ ସହିତ ଛନ୍ଦାଛନ୍ଦି ଚାଳିଶ ବର୍ଷର ଜୀବନ। ନମିତାକୁ ଏବେ ପଞ୍ଚାବନ। ତାଙ୍କୁ ବାଆଷଠି। ତା' ମୁଣ୍ଡରେ ମଝିରେ ମଝିରେ ବାଳ ସବୁ ଧଳା ହୋଇଗଲାଣି। ଆଗଭଳି ଗହଳ ଲମ୍ବାବେଣୀକୁ ଆଣ୍ଠି କରି ମୁହଁକୁ ମାନିଲା ଭଳି ଖୋଷା ସେ କରୁ ନାହିଁ। କେରାଏ ସରୁ ବାଳକୁ ଟାଣି ଭିଡ଼ି ଫାଶଟିଏ ପକାଇ ଦେଉଛି ଯାହା। ଆଖି ତଳେ କଳା କଳା ଦାଗ। ଗାଲର ହାଡ଼ ଇଞ୍ଚେ ଉପରକୁ ବାହାରି ଆସିଛି। ଦର୍ପଣ ନ ଦେଖି ଆଙ୍ଗୁଠି ଟିପରେ ଦୁଇ ଭୁରୁ ମଝିରେ ଏମିତି ସିନ୍ଦୂର ଲଗାଉଛି ଯେ ବେଳେ ବେଳେ ସୂର୍ଯ୍ୟକାନ୍ତଙ୍କ ଆଖିକୁ ତା' ଚେହେରାଟା ବଡ଼ ବେଢଙ୍ଗିଆ ଦିଶୁଛି। ଖାଲି ସେତିକି ନୁହେଁ, ଅନବରତ ଲୋଟଣି ପାରା ପରି ସାରା ଘରର ସବୁ ପାଇଟି କରୁଥିବା ସ୍ତ୍ରୀ ଲୋକଟା ଥରେ ବସିଲେ ଠିଆ ହେବାକୁ ଘଣ୍ଟାଏ ଲାଗୁଛି। ଅଣ୍ଟା, ପିଠିରେ ସବୁବେଳେ ବ୍ୟଥା। ହେମାଦ୍ରୀ ମାଆର ଅଣ୍ଟାରେ ବାନ୍ଧିବାକୁ ବେଲଟ ଓ ରୋଜ୍ ଘଷିବା ପାଇଁ ମଲମ ଦେଇଯାଇଥିଲା। କିନ୍ତୁ ନିଜ ପାଇଁ କିଛି କରିବାକୁ ନମିତା ପାପ ବୋଲି ଭାବେ କି କ'ଣ, ଦଶଥର କହିଲେ ଥରେ ମଲମ ଘଷେ ଓ ବେଲଟ୍ ବାନ୍ଧିବା କଥା କହିଲେ କାମର ବାହନା କରି କୁଆଡ଼େ ହେଲେ ଚାଲିଯାଏ।

ରୁଟି କରିସାରି ନମିତା ଆସି ପାଖରେ ବସିଲା। କହିଲା, "ନାଇଁ, ମୁଁ କ'ଣ କହୁଥିଲି କି ..." କିଛି କହିବାର ନାହିଁ। ତମ କଥା କେହି ଶୁଣିବାକୁ ନାହାଁନ୍ତି।" ସୂର୍ଯ୍ୟକାନ୍ତ କହିଲେ ଓ ଲେଖିବା ପାଇଁ କଲମ ଧଇଲେ।

ନମିତା ପୁଣି କହିଲା "ମୁଁ ପୁଅମାନଙ୍କୁ ଦୋଷ ଦେଉନି। ସବୁ ଦୋଷ ତମର। ତମେ ବାପ ହୋଇ ପିଲାଙ୍କୁ ଟିକେ ବୁଝେଇ ଦେଲେ ହୁଅନ୍ତା ନାହିଁ? ଅନ୍ୟ ଲୋକଙ୍କ ପିଲାଙ୍କ ଠାରୁ ମୋ ପିଲା ଢେର ଭଲ। ତମ କଥାକୁ ସେମାନେ କ'ଣ କେବେ ଅମାନ୍ୟ କରିଛନ୍ତି ?"

"ଏବେ ସେମାନେ ଆଉ ପିଲା ନାହାଁନ୍ତି। ସେମାନେ ବେଶ୍ ବଡ଼ ହୋଇଛନ୍ତି। ବଡ଼ ବଡ଼ ଚାକିରୀ କରିଛନ୍ତି। ସଂସାର କଲେଣି। ପିଲା ଛୁଆର ବାପ ହେଲେଣି। ତାଙ୍କର କ'ଣ ବୁଦ୍ଧି ନାହିଁ? ତାଙ୍କୁ ଏଣିକି ଭୁଲ ଠିକ୍ ବୁଝାଇଲେ ସେମାନେ ବାପକୁ ସ୍ୱାର୍ଥପର ନ ହେଲେ ପାଗଳ କହିବେ।"

"ହଉ, ହେଲା କ'ଣ ଲେଖିଲ ଟିକେ ପଢ଼ିଲ! ସୂର୍ଯ୍ୟକାନ୍ତ ଗଭୀର ମନଯୋଗ ସହକାରେ ଚଷମାଟା ଟିକେ ନାକ ଉପରେ ସଜାଡ଼ି ନେଇ ପଢ଼ିଲେ।

ବାବୁରେ, ତୋ' ବୋଉର ଓ ମୋର ଆଶୀର୍ବାଦ ନେବୁ। ସୋନୀ ଓ ପିଲାଙ୍କୁ ସ୍ନେହାଶିଷ ଦେବୁ। ତୋ ଚିଠି ପାଇଛି। ଆଜିକାଲି ଖଣ୍ଡେ ପୋଷ୍ଟକାର୍ଡ଼ ବା ଲଫାପା ଆଣିବାକୁ ହେଲେ ନିଜକୁ ଯିବାକୁ ହୁଏ। କିଏ କାହା କାମ କରୁଛି? ସମସ୍ତେ ନିଜ ନିଜ ଧନ୍ଦାରେ ବ୍ୟସ୍ତ, ରତନା ବି ଆଜିକାଲି ବେଶୀ ଆସେ ନାହିଁ। ଦେଖାହେଲେ ଖୁବ୍ ବ୍ୟସ୍ତ ଅଛି ବୋଲି ଛଳନା କରେ। ମଣିଷ ଗଛ ତିଆରି କରିବା, କାହାପାଇଁ କିଛି କରିବା ବେଳେ ବେଳେ ଭୁଲ ବୋଲି ମନେହେଲାଣି। ଜଗତଟା କେବଳ ସ୍ୱାର୍ଥରେ ହିଁ ଚାଲାକ ବୋଧହୁଏ...

ଏ ଗୁଡ଼ା କି ଚିଠି ଲେଖା ମ? ଅସଲ କଥା କାହିଁ ରହିଲାଣି! ଲେଖିଦିଅ ତୋ'ବୋଉ ରାଜି ହେଉନାହିଁ। ତିନି ପୁରୁଷ ଜମି ତୋ' ସାଆନ୍ତେଙ୍କ ବାପା କିଣିଥିଲେ। ସବୁ ଜମି ତମ ଦି' ଭାଇଙ୍କ ପାଠ ପଢ଼ା ଓ ଝିଅ ତିନିଙ୍କ ବାହାଘରରେ ବିକ୍ରି ହୋଇଗଲା। ଆଉବା କେତେ ଜମି। ମାଣେ ଦେଢ଼ ମାଣ ଭିତରେ। ଯାକୁଇ ବାପା, ମା' ଥାଉ ଥାଉ ବିକିଦେଲେ ଗାଁରେ ଆଉ ଆମର ମାନ ଇଜତ ରହିବଟି? ଲୋକେ କହିବେ ଅମୁକ ଲୋକର ପୁଅମାନେ ଗାଁରୁ ଜମି ବିକି, ଘର ବିକି, ସେଇ ପଇସାରେ ବିଦେଶରେ ଘର କରି ରହିଲେ। ଠାକୁର କରନ୍ତୁ ତମେ ରୋଜଗାର କରି ଭଲରେ ରୁହ,ସେଠି କୋଠାବାଡ଼ି କର..."।

"ହେଲା, ହେଲା କଳଗାଉଣାଟା ଏଣିକି ବନ୍ଦ କର। ମୁଁ ବୁଝିପାରିଲି କିନ୍ତୁ ମନେରଖ। ପିଲାମାନେ ଯେମିତି ଏ ସବୁ କଥା ନ ଜାଣନ୍ତି।"

ଏଥର ନମିତା କାନିରେ ଲୁହ ପୋଛିଲା। କହିଲା, "ମୁଁ ସହିପାରୁନି। ପୁଅମାନେ ମୋର କାହିଁକି ଏମିତି ଚିନ୍ତା କଲେ ଗାଁରୁ ସବୁ ବିକିଦେବେ। ସହରରେ ରହିବେ। ହେ ଠାକୁର। ମୋ ପିଲାଙ୍କୁ

ଭଲ ବୁଦ୍ଧି ଦିଅ। ଏ ସବୁ ସେଇ ଶାଶୁ, ଶ୍ୱଶୁରଙ୍କ ଶିକ୍ଷା, ମୋ ଘର ସେଇମାନେ ହିଁ ଭାଙ୍ଗିଲେ।"

"ଓ ହୋ ଅଯଥାରେ ଅନ୍ୟ ଲୋକଙ୍କୁ କାହିଁକି ଦୋଷ ଦେଉଛ ? ଦେଖ ନମି, ଏଥିରେ ବ୍ୟସ୍ତ ହେବାର କ'ଣ ଅଛି ?"

"ତମକୁ କଷ୍ଟ ହେଉନି ?"

"ନାଁ।"

"ମିଛ କହୁଛ।"

"ନା - ସତ କହୁଛି, ତା' ଛଡ଼ା ତମେ ବି କାହିଁକି କଷ୍ଟ ପାଉଛ ମୁଁ ବୁଝିପାରୁନି।"

"ସେତିକି ଜମି ପରେ ଆମର ଆଉ କ'ଣ ଅଛି କୁହ ?"

"କିଛି ନାହିଁ। କ'ଣ ଆଉ ଥାଆନ୍ତା ଯେ ?"

"ନିଜର ବୋଲି କିଛି..."

ସୂର୍ଯ୍ୟକାନ୍ତ ଚୁପ୍‌ଚାପ୍ ଆକାଶକୁ ଚାହିଁଲେ। ଚାଳର ସାମନା ମଥାନ ଦେଇ ନଡ଼ିଆ ଗଛ ଫାଙ୍କରେ ଜହ୍ନ ଉଠିଛି। ଆଜି ଆକାଶ ଖୁବ୍ ପରିଷ୍କାର ଦିଶୁଛି। ଚାରିଆଡ଼େ ନୀରବ, ଗାଁରେ ବୋଧହୁଏ ଅନ୍ୟମାନେ ଖାଇ ସାରିଲେଣି। କିମ୍ବା କାହାଘରେ ସ୍ତ୍ରୀ ଲୋକମାନେ ଖାଉଥିବେ। ସୂର୍ଯ୍ୟକାନ୍ତ ନମିତାକୁ ଚାହିଁଲେ। ଏଇ ତିନି ବଖୁରି ଚାଳଘରେ ଦଶ ଏଗାର ବର୍ଷ ହେଲା ଏଇ ଦୁଇଟି ପ୍ରାଣୀ ଜୀବନ କଟାଉଛନ୍ତି। ଜୀବନ କହିଲେ କ'ଣ ଯେ? ଗୋଟାଏ ସୂତ୍ର? ସୂର୍ଯ୍ୟ ଉଇଁଛନ୍ତି - ସକାଳ ହେଉଛି। ନମିତା ଉଠୁଛି। କେତୋଟି କାମ ଯନ୍ତ୍ର ପରି କରୁଛି। ପୁଣି ସଞ୍ଜ ଆସୁଛି। ରାତି, ତା'ପରେ ନମିତାର ଅଣ୍ଟା ବିନ୍ଧୁଛି। ସେ ନଇଁ ନଇଁ ମଶାରୀ ଟାଙ୍ଗୁଛି। ପାନ ଭାଙ୍ଗୁଛି। ତା'ପରେ ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀଙ୍କ କଥା ଗପୁଛି। କେବେ କେବେ ସୂର୍ଯ୍ୟକାନ୍ତଙ୍କୁ କାଶ। ଦୁହେଁ ସାରାରାତି ଉଜାଗର।

ପୁଅମାନେ ଆସନ୍ତି ମଝିରେ ମଝିରେ। ବୋହୂମାନେ, ତିନି ନାତି, ଚାରି ନାତୁଣୀ ସମସ୍ତେ ଯେ ଯାହାର ପରିବାର ସାଙ୍ଗରେ ଆସନ୍ତି। ହୋ ହାଲା କରି ସିମାଦ୍ରୀ ଫେରିଯାଏ ସମ୍ବଲପୁର। ହିମାଦ୍ରୀ ଭୁବନେଶ୍ୱର। ନାତି ନାତୁଣୀଙ୍କର ଯିବା ପାଇଁ ଇଚ୍ଛା ନଥାଏ। ଏଠି ଗାଁରେ ପୋଖରୀ, ନଈରେ ବୁଡ଼ା, ବରକୋଳି ଗଛରକୋଳି, ନମିତାର ହାତ ତିଆରି ଆମ୍ବ, ଲେମ୍ବୁର ଆଚାର ଏ ସବୁ ପିଲାମାନଙ୍କୁ ବାନ୍ଧି ରଖେ। କିନ୍ତୁ ବାପା ମାଆଙ୍କର କଡ଼ା ତାଗିଦ୍‌ରେ ସେମାନେ ଯାଆନ୍ତି। ଆଜିକାଲି ପିଲାମାନଙ୍କୁ ପାଠ ପାଇଁ ବହୁତ ଖଟିବାକୁ ପଡ଼େ। ସୂର୍ଯ୍ୟକାନ୍ତ ମନେ ମନେ ଭାରି ବିରକ୍ତ ହୁଅନ୍ତି କିନ୍ତୁ କିଛି କହିପାରନ୍ତି ନାହିଁ।

ଝିଅମାନେ ଖୁବ୍ କମ୍ ଆସନ୍ତି, "ଚିଠି ଲେଖନ୍ତି ମଝିରେ ମଝିରେ ବାପା, ତମକଥା, ବୋଉ କଥା ଖୁବ୍ ମନେ ପଡୁଛି। ଯାଇ ହେଉନି। ଏଠିକାର ଜଞ୍ଜାଳ... ପିଲାଙ୍କର ପାଠପଢ଼ା.. ପରୀକ୍ଷା...."।

ସୂର୍ଯ୍ୟକାନ୍ତ ମନେ ମନେ ହସିଲେ। ଏଇ ଜୀବନରେ ଦି' ଏକର ଜମି, ଖଣ୍ଡେ ଚାଳଘର ବାଡ଼ିରେ କିଛି ଗଛ। କେଇଖଣ୍ଡ ଟ୍ରଙ୍କ,ବାକ୍‌ସ, ଦି'ଖଣ୍ଡ ଖଟ, ଠାକୁରଙ୍କ ଖଟୁଳି, କିଛିଧାନ, ବିରିର ବସ୍ତା... ଏସବୁ ନମିତା ପାଇଁ ଖୁବ୍ ମୂଲ୍ୟବାନ୍। ନିଜର ବୋଲି କିଛି ସେ ଯାକୁଇ କହୁଛି।

ସତରେ କ'ଣ ଏଇ ସବୁହିଁ ନିଜର ?

ସୂର୍ଯ୍ୟକାନ୍ତ ଖାଇବାକୁ ମାଗିଲେ। ନମିତା ସ୍ୱାମୀଙ୍କୁ ଖାଇବାକୁ ଦେଇ ନିଜେ ମଧ୍ୟ ସେଇଠି ଖାଇ ବସିଲେ। ଖାଇଲାବେଳେ ସବୁଦିନ ଭଳି ନମିତା କହିଲା ନାହିଁ, "କ୍ଷୀର ସବୁ ପିଇଦିଅ। ତମ ଦେହ ଭାଙ୍ଗି ଗଲାଣି।"ସୂର୍ଯ୍ୟକାନ୍ତ ବି କହିଲେ ନାହିଁ। "ଆରେ ମତେ କାହିଁକି ଏତେଗୁଡ଼ା ତରକାରୀ ଦେଉଛ ? ନିଅ, ନିଅ ଏତକ ନିଅ, ମୁଁ ଏତେ ଖାଇ ପାରିବି ନାହିଁ।"

ନମିତା ତଳକୁ ମୁହଁ ପୋତି ସେଇ କଥା ଭାବୁଥିଲା। ସୀମାଦ୍ରୀ ଓ ହିମାଦ୍ରୀ ତା'ର ଦୁଇ ପୁଅଙ୍କ କଥା। ଏଇ ଘରେ ଜନ୍ମ ହୋଇ ବଢ଼ିଲେ। ଖେଳିଲେ, ବୁଲିଲେ, ଏ ଘରର ସବୁ ଧୂଳିକଣାରେ ପିଲାଙ୍କ ପାଦଚିହ୍ନ। ସବୁ ଯେମିତି ଜୀବନ୍ତ ତା'ଆଖି ଆଗରେ।

ତା' ଅନୁଭୂତିରେ, ତା'ର ରକ୍ତ କଣାରେ। ହେଇତ ସାନ ହିମାଦ୍ରୀଟା ବୋଧହୁଏ ତା' ପିଠିରେ ଝୁଲି ପଡୁଛି। ବଡ଼ ସୀମାଦ୍ରୀ ତା' ଥାଳିରୁ ରୁଟି ସାଙ୍ଗରେ ପୁଳାଏ ତରକାରୀ ଦେଇ ପାଟିରେ ଭରି ଧାଇଁ ଯାଉଛି ବାଡ଼ି ଆଡ଼କୁ। ଆଖିରୁ ଦୁଇବୁନ୍ଦା ଲୁହ ଠପ୍ ଠପ୍ ହୋଇ ଶୁଖିଲା ରୁଟି ଉପରେ ଖସି ପଡ଼ିଲା। ସୂର୍ଯ୍ୟକାନ୍ତ ସବୁ ଦେଖିଲେ। ନ ଦେଖିଲା ପରି କହିଲେ, "ଏ ବାଇଗଣ କ'ଣ ମୁଁ ହାଟରୁ ଆଣିଥିଲି ନା ଆମ ବାଡ଼ିରେ ଫଳିଛି ? ଭାରି ସୁଆଦ, ଗୋଟିଏ ହେଲେ ମଞ୍ଜି ନାହିଁ।"

ନମିତା ଛୋଟ ହୁଁଟିଏ ମାରି ପାଣି ପିଇବାର ବାହାନା କଲା।

ଖାଇସାରି ପୁଣି ଚିଠି ଲେଖିବାକୁ ବସିଲେ ସୂର୍ଯ୍ୟକାନ୍ତ। ଛୋଟ ବଡ଼ କେତୋଟି ନିତିଦିନିଆ କାମ ଶେଷ କରି ନମିତା ଆସି ପାଖରେ ବସିଲା, ସୂର୍ଯ୍ୟକାନ୍ତ ଚିଠିଟା ଠିକ୍ କେମିତି ଲେଖିବେ ଭାବୁଥିଲେ। ନମିତା ଯେଉଁ କଥାଗୁଡ଼ା କହୁଥିଲା ସେ ସବୁ ଲେଖିଦେବା ଖୁବ୍ ସହଜ। କିନ୍ତୁ ସେ ସେମିତି କିଛି ଲେଖିବାକୁ ଚାହିଁ ନଥିଲେ। ସେ ନିଜକୁ ଚାରି ପାଞ୍ଚ ଦିନ ଧରି ଏମିତି ଚିଠିଟିଏ ଲେଖିବାକୁ ପ୍ରସ୍ତୁତ କରୁଥିଲେ-

ବାବୁରେ, ତମେ ଦୁଇଭାଇ ଯଦି ଗାଁରୁ ଜମିବାଡ଼ି, ଘରଦ୍ୱାର ବିକି ଦେଇ ସହରରେ ଘର କରି ରହିବ ବୋଲି ଭାବୁଛ ମୋର କିଛି ଆପତ୍ତି ନାହିଁ। ତୁମ ଖୁସିରେ ହିଁ ମୋର ଖୁସି। ସାରା ଜୀବନ ଯାହା କରିଛି ସବୁ କେବଳ ତୁମ ମଙ୍ଗଳ ପାଇଁ। ଏବେ କ'ଣ ତୁମ ଖୁସିରେ ବାଧା ଦେବି ?

କିନ୍ତୁ କେଜାଣି କାହିଁକି ଏଇ ଦୁଇ ଚାରଟି ବାକ୍ୟ ମନ ଭିତରେ ଶହ ଶହ ଥର ଉଚ୍ଚାରଣ କଲେ ବି ଶବ୍ଦ ହୋଇ ଅକ୍ଷର ଆକାରରେ ପ୍ରକାଶିତ ହୋଇପାରୁନଥିଲେ। କଲମ ମୁନରେ ଏତିକି ଫୁଟାଇବାକୁ ଚେଷ୍ଟା କଲାକ୍ଷଣି ତାଙ୍କ ଛାତି ଭିତରେ ଯନ୍ତ୍ରଣା ହେଉଥିଲା। ସତେ ଯେମିତି କିଏ କୁରାଢ଼ି ଧରି ସାରା ଜଙ୍ଗଲର ଗଛ କାଟି ସଫା କରି ଦେଉଛି। କିମ୍ବା କିଏ ଜଣେ କାହାର ଗଳାକୁ କଳଙ୍କି ଲଗା ଛୁରୀରେ ଧୀରେ ଧୀରେ କାଟୁଛି ଯେ ସେ ବିକଳରେ ଚିତ୍କାର କରୁଛି। ସେ ସତକୁ ସତ କିଛି ଲେଖିପାରୁ ନାହାଁନ୍ତି।

ସାମନା କାନ୍ଥରେ ପାଖକୁ ପାଖ ଲାଗି ପାଞ୍ଚଟି ଷଠି ଘର। ମାଟି କାନ୍ଥରେ କଉଡ଼ି ଖଞ୍ଜିଛି ଜୟନୀ ମା' ଧାଯି। ପାଞ୍ଚ ପିଲାଙ୍କର ଜନ୍ମର ସ୍ମୃତି। ସୂର୍ଯ୍ୟକାନ୍ତଙ୍କର ମନେ ହେଲା ସେମାନେ ଫିକ୍ କରି ହସୁଛନ୍ତି। ଗୁରୁଣ୍ଡୁଛନ୍ତି। ଆଣ୍ଡଉଛନ୍ତି। ହେଇ କିଏ ଜଣେ କାନ୍ଥ ଧରି ଛିଡ଼ା ହେଉ ହେଉ ଖସିପଡ଼ିଲା ଜୋରରେ। ରାହାଧରି କାନ୍ଦିଲା। ଏଇଟା ସେଇ ରୋଗୀଣା ହିମାଦ୍ରୀ। ନମିତାକୁ ଡାକିବେ ବୋଲି ଭାବିଲାକ୍ଷଣି ଆଖି ଆଗରୁ ଦୃଶ୍ୟଟା ଘୁଞ୍ଚିଗଲା। ନମିତା ତାଙ୍କପାଇଁ ମଶାରୀ ଟାଙ୍ଗୁଛି ଖଟରେ। ଆହା ! ବିଚାରୀ ଜୀବନଟା ସାରା କେବଳ ଏଇ କେତୋଟି କାମ ନିରବରେ କରି ଚାଲିଛି। ସେଇଥିପାଇଁ ବୋଧହୁଏ ଏ ଘରର ସବୁ ଜିନିଷ,ଏମିତି କି କୁଟା କାଠିଟିଏକୁ ବି ସେ ନିଜର ବୋଲି କହି ଜାବୁଡ଼ି ଧରି ବଞ୍ଚିବାକୁ ଚାହେଁ। ସୂର୍ଯ୍ୟକାନ୍ତ ଆଜି ଆଉ ତାକୁ ଲୋଭୀ ବୋଲି କହିପାରିଲେ ନାହିଁ। ସେ ତାଙ୍କୁ ଭିନ୍ନ ପ୍ରକାରେ ଦିଶିଲା। କିଛି ଗୋଟାଏ ରହସ୍ୟ ଯେମିତି ଲୁଚି ରହିଛି ଏଇ ସ୍ତ୍ରୀ ଲୋକଟା ଭିତରେ।

"ମଶାରୀ ଟାଙ୍ଗିସାରି ନମିତା ପାନ ଭାଙ୍ଗି ବସିଲା। ଗୁଆକାତିରେ ଗୁଆ କାଟୁଛି ସେ। ଟୁକ୍ ଟୁକ୍ ଶବ୍ଦ ଶୁଭୁଛି, ନିରବତା ଭିତରେ ସେଇ ଶବ୍ଦଟି ଭାରି ଅର୍ଥପୂର୍ଣ୍ଣ ମନେ ହେଉଛି। ସେଇ ଶବ୍ଦ ହିଁ ସୂଚାଇ ଦେଉଛି ଗୁଆ କାଟିବା ଲୋକଟି ଭିତରେ ଭିତରେ ଗୁମୁରି ଗୁମୁରି କାନ୍ଦୁଛି କ'ଣ ଗୋଟାଏ ହରାଇବାର ଆଶଙ୍କାରେ।"

ସୂର୍ଯ୍ୟକାନ୍ତ ତାକୁ ସେଇ ମାନସିକ ସ୍ଥିତିରୁ ଜବରଦସ୍ତ ଟାଣି ଆଣିବା ପାଇଁ ଚେଷ୍ଟା କରି କହିଲେ,"ବୁଝିଲ ମୁଁ ସେମାନଙ୍କ ଉପରେ ମୋ ମତକୁ ଲଦି ଦେବାକୁ ଚାହେଁନା। ସେମାନେ ଖୁସିରେ ରହନ୍ତୁ। ଆମର ବା ଆଉ କେତେଦିନ ଯେମିତି ହେଲେ କଟାଇ ଦେବା।"

ନମିତା ହସିଲା। ମଉଳା ଗଙ୍ଗଶିଉଳୀ ଫୁଲରୁ ମୁଠାଏ ଯେମିତି ସକାଳେ ଗଛତଳେ ବିଞ୍ଚିହୋଇ ପଡ଼ିଲା।

ସେ କହିଲା, ମତେ ଲାଗୁଛି ଆମେ ସବୁକିଛି ହରାଇବାକୁ ଯାଉଛେ। ବାକି କିଛି ଦିନ ଦୁଃଖରେ ହିଁ କଟିବ। ମଣିଷ ପାଇଁ ତା' ନିଜର ଅଧିକାର ହିଁ ସବୁଠୁ ବଡ଼କଥା। ପୁଅମାନେ ଖାଇବା, ପିନ୍ଧିବା ବା ଅନ୍ୟାନ୍ୟ ସୁଖ ସୁବିଧା ଖଞ୍ଜିଦେବେ, ମୁଁ ଜାଣେ।

ସୂର୍ଯ୍ୟକାନ୍ତ ସ୍ତ୍ରୀ ପାଖକୁ ଉଠି ଆସି କହିଲେ,"ଆସ,ଆଜି କିଛି କଥାହେବା। ଅନ୍ତରଂଗ କଥା। କାଲି ଚିଠି ଲେଖିବା, ମୋ ଭିତରେ ଗୁଡ଼ାଏ ଭଙ୍ଗା ରୁଜା ଚାଲିଛି।"

ଅନେକ ବର୍ଷ ପରେ ନମିତା ସ୍ୱାମୀର ଛାତିରେ ମୁଣ୍ଡ ରଖି କାନ୍ଦିଲେ। ଆଜିକାଲି ଏସବୁ ଆବଶ୍ୟକ ହୁଏନା, ସେମାନେ ବେଶ୍ ବୟସ୍କ। ବେଳ ଅବେଳରେ ଦେହ,ମନ କାହା ଦେହରେ ଲୋଟି ପଡ଼ିବାକୁ, ଆଶ୍ରା ନେବାକୁ ଚାହିଁଲେ ବି ଲାଜ ମାଡ଼େ। କିଏ ଯେମିତି ଭିତରୁ କହେ, "ଛି, ଛି, ଏ ସବୁ ଆଉ ନୁହେଁ।"

ସୂର୍ଯ୍ୟକାନ୍ତ ଆଜି ନମିତାକୁ ହାତରେ ଆଡ଼େଇ ଦେଲେ ନାହିଁ। ଅଧିକନ୍ତୁ ନିଜ ଉପରେ ଜଡ଼ାଇଧରି କହିଲେ,"ଦେଖ,ଏଇ ଯେଉଁ ହରାଇବା କଥାଟି କହିଲ ସେଇକଥା ପଦକ ସବୁ ସମସ୍ୟାର ସମାଧାନ କରିଦେଲା।"

"ନାହିଁ ତ। ମୁଁ କ'ଣ ଏମିତି କହିଲି ଯେ?" ସୂର୍ଯ୍ୟକାନ୍ତ ଅନ୍ୟମନସ୍କ ଭାବରେ କହିଲେ," ନମିତା ତମେ, କ'ଣ ଏବେ ଆଉ ସାରୁପତ୍ରରେ କଙ୍କି ଧରୁଛ?"

"କି କଥାମ! ମୁଁ କ'ଣ ପିଲା ହୋଇଛି? ଏ ଗୁଡ଼ା କ'ଣ କହୁଛ?"

"ତମେ ଏବେ ତମ ଗାଁ ପୋଖରୀରେ ଘଣ୍ଟା ଘଣ୍ଟା ବୁଡୁଛ?

"ତମର ମୁଣ୍ଡ ଖରାପ ହେଲାଣି କି?"

"ତମର ଜଣେ ବଉଳ ଥିଲା ନାଁ? ତା' ନାଁ କ'ଣ ଥିଲା? ତା' ସାଙ୍ଗରେ କ'ଣ ଆଜିକାଲି ଦିନଦିନ ଗପୁଛ?"

"ମଲା ଭୁଲିଯାଉଛ। ତା' ନାଁ ପରା ସୌଦାମିନୀ। ତାକୁ ସମସ୍ତେ ମିନି ବୋଲି ଡାକନ୍ତି। ତା'କଥା କାହିଁକି ମନେ ପଡ଼ିଲା କି ଆଜି? ତା' ଶାଶୁଘର ତ ମାଧପୁର, ତା'କୁ କେମିତି ଭେଟିବ?"

"ନା, ନା ତା' କଥା ତମର ମନେ ପଡ଼େନି?" ନମିତା ହସିଦେଲା। କହିଲା, "ଛାଡ଼,ମତେ ଏସବୁକଥାରୁ କ'ଣ ମିଳିବ। ତମେ ସିଧା ଲେଖିଦିଅ, ଆମେ ଗାଁ ଛାଡ଼ି ଯାଇପାରିବୁନି।"

"ଶୁଣ, ଆହୁରି ଅନେକ କଥା ତୁମକୁ କହିବାକୁ ଅଛି। ଆଛା କୁହତ, ଠିକ୍ ସେଇ ରୂପ, ସେଇମନ, ସେଇ ଆବେଗ, ଉନ୍ମାଦନା, ସ୍ୱପ୍ନ ଯାହା ସବୁ ଏ ଘରକୁ ନୂଆହୋଇ ଆସିବା ଦିନ ତମଠାରେ ଥିଲା ଆଜି କ'ଣ ସେ ସବୁ ଠିକ୍ ସେମିତି ଅଛି?"

ନମିତାକୁ ଲାଜ ମାଡ଼ିଲା, କହିଲା, "ଛି,ଛି ଏସବୁ କି ଅଲାଜୁଗ କଥାଗୁଡ଼ା କହୁଛ ମ ଭାଗ୍ୟକୁ ପିଲାଏ ନାହାଁନ୍ତି।"

ସୂର୍ଯ୍ୟକାନ୍ତ ପୁଣି କହିଲା, "ମନେଅଛି, ଜଣ ଜଣ କରି ପାଞ୍ଚଜଣକର ଜନ୍ମ? ବାଲ୍ୟକାଳ, ପାଠପଢ଼ା, ବାହାଘର ପାଇଁ ବ୍ୟସ୍ତତା, ତମର ମୋର କେତେ କଳି, ମନାନ୍ତର, ମତାନ୍ତର। ସେଇ ଭିତରେ କେତେ ଭଲପାଇବା....."।

"ମନେ ନ ରହିବ କାହିଁକି? ଏସବୁ କିଏ କ'ଣ ଭୁଲିଯାଏ?"

"ତମେ ଜାଣ ନମିତା, ମୁଁ ପିଲାବେଳେ ଖୁବ୍ ଦଉଡୁଥିଲି। ଦଉଡ଼ରେ ସବୁବେଳେ ଫାଷ୍ଟ ହେଉଥିଲି। ମୋ ବୋଉ କହୁଥିଲା, ମୋ ପୁଅକୁ କେହି କେବେ ହରେଇ ପାରିବ ନାହିଁ। ସେ ସବୁଥିରେ ଜିତି ଯିବ।"

"ନମିତା କହିଲା , ତମ ଜିଦ୍ କଥା ମୁଁ କ'ଣ ଜାଣେନା? ବୋଉ କହୁଥିଲେ ଖେଳରେ ଯଦି କେହି କେବେ ଜିତି ଯାଉଥିଲା, ତମେ ତା'କୁ ପିଟୁଥିଲ। ଧୂଳିଘର ଭାଙ୍ଗି ଦେଉଥିଲ। ଲୁଡୁପାଲି ଚିରି ଫିଙ୍ଗି ଦେଉଥିଲ। ମୁଁ ବି ଭୁଲିନି, କଉଡ଼ି ଖେଳ ବେଳେ ମୁଁ ଟିକେ ମୁଠା ଟାଣ କରିଦେଇଥିଲି ଯେ ନଖରେ ମୋ ବୁଢ଼ା ଆଙ୍ଗୁଠିକୁ ଖୁବ୍ ଜୋର୍‌ରେ ଫୁଟାଇ ଦେଇଥିଲ। ମୁଁ ଭୟରେ ମୁଠା ଖୋଲି ଦେଇଥିଲି ଆଉ ମୋ ଜେଜେ ମା'ଠୁ ଗାଳି ଶୁଣିଥିଲି। ହୁଣ୍ଡିଟା ଏଇଟା କି ଘର ସଂସାର କରିବ? ଆଲୋ ସ୍ତ୍ରୀ ଲୋକର ହାତ ମୁଠାଟା ସିନା ଟାଣ ଥିଲେ ସ୍ୱାମୀର ରୋଜଗାର ସଞ୍ଚିବ। ନ ହେଲେ ତ ନାତୁଣୀ ଜ୍ୱାଇଁ ମୋର ସବୁ ଉଡ଼େଇଦେବ।"

ସୂର୍ଯ୍ୟକାନ୍ତ ହସିଲେ। କହିଲେ "ହଁ ସବୁକଥା ମୋର ମନେଅଛି। ସେଦିନର ମୋର ଅହଂକାର ଏବେ କୁଆଡ଼େ ଗଲା? ହଜିଗଲା ନା ନମିତା ଏମିତି ଅନେକ କଥା? ଧର ତମର ଆଉ ମୋର ବାଲ୍ୟକାଳ, ଆମର ବାପା, ମାଆ, ଭାଇ, ଭଉଣୀ, ଆମର ଯୌବନ, ସ୍ୱପ୍ନ, ଆଶା ଆକାଂକ୍ଷା, ରୁଚି, ଲକ୍ଷ୍ୟ, ଯୋଜନା, ସଂକଳ୍ପ.....

ଆଉ.....ଆଉ.....କ'ଣ କୁହ?"

ନମିତା କହିଲା, ମତେ କିଛି ପଚାରନା। ମୁଁ ଏତେକଥା କିଛି ବୁଝିପାରୁନାହିଁ। ମତେ ଖାଲି ଦୁଃଖ ଲାଗୁଛି ଯେ ଆମର ସ୍ଥିତି ବଦଳିଯିବ। ଏଇ କେତେ ସ୍ମୃତି ଚିହ୍ନର ଘର ଚକବନ୍ଦୀ ଅଫିସ୍ ହୋଇଯିବ। ଗାଁ ବୋଲି ଆମର ଆଉ କିଛି ନଥିବ। ପରିଚୟ ନଥିବ। ଜନ୍ମମାଟି ନଥିବ, ବାକି ଦିନଗୁଡ଼ା ସେଇଥିପାଇଁ ଶାନ୍ତିରେ କଟିବ ନାହିଁ। ସିମାଦ୍ରୀ କହୁଥିଲା, ଆମକୁ ସମ୍ବଲପୁର ନେଇଯିବ। ହିମାଦ୍ରୀ ବି ଥରେ କହୁଥିଲା ସାନବୋହୂକୁ ବାପା ବୋଉ ଆମ ପାଖରେ ରହିଲେ ତମର କିଛି ଆପତ୍ତି କରିବା ଉଚିତ୍ ନୁହେଁ। ତମେ କେମିତି ଜାଣିବ ସେମାନେ କେତେ କଷ୍ଟ କରି ଆମକୁ ମଣିଷ କରିଛନ୍ତି। ଆମର ବି ତାଙ୍କ ପାଇଁ କିଛି କର୍ତ୍ତବ୍ୟ ଅଛି ବୋଲି ଭାବୁ ନାହଁ କାହିଁକି?

ସୂର୍ଯ୍ୟକାନ୍ତ ନମିତା ହାତରୁ ପାନ ଖଣ୍ଡିଏ ନେଇ ପାଟିରେ ଭରିଲେ। କିଛି ସମୟ ପାନର ସ୍ୱାଦକୁ ଅନୁଭବ କଲେ। ଲଣ୍ଠନ ଆଲୁଅରେ ନମିତାର ମୁହଁ ଝାପସା ଦିଶୁଛି। ଯେମିତି ଇତିହାସ ବହି ଖଣ୍ଡେ, ଗୁଡ଼ାଏ ଘଟଣା, ଗୁଡ଼ାଏ ସ୍ମୃତି, ଗୁଡ଼ାଏ ଲହୁ ଲୁହକୁ ଧରି ସେ ସୂର୍ଯ୍ୟକାନ୍ତଙ୍କ ଆଗରେ ବସି ରହିଛି।

ସେ କହିଲେ, "ଏ ଯେତେ କଥା ତମେ କହିଲ ବା ମୁଁ କହିଲି, ଏସବୁ ଗୋଟିଏ ଗୋଟିଏ କଥା। ଜୀବନ ପରି ଗୋଟିଏ ଅଜଣା ରାସ୍ତାରେ ଚାଲିଲାବେଳେ କିଛି ହରାଇବାକୁ ପଡ଼େ। ଏବଂ ଏକଥା ବି ସତ୍ୟ ଯେ କିଛି ହରାଇଲା କ୍ଷଣି ଆଉ କିଛି ମିଳେ। ହୁଏତ ଏମିତି ହୁଏ, ଯାହା ମିଳେ ଆମେ ତାହା ଚାହୁଁନା। ଯାହା ଚାହୁଁ ତାହା ମିଳେନା। କିନ୍ତୁ ଏସବୁ ହରାଇବା ଓ ପାଇବା ଭିତରେ ଜୀବନ ପାହୁଣ୍ଡେ ଆଗକୁ ଘୁଞ୍ଚିଯାଏ। ଆମେ ଜୀବନରେ ଅନେକ କିଛି ହରାଇ ଅନେକ କିଛି ପାଇଛେ। ଆଜି ଶେଷ ଜମି ଖଣ୍ଡକ ଚାଲିଯିବ। ଜେ ଜେ କିଣିଥିଲେ। ଉତରାଧିକାରୀ ସୂତ୍ରରେ ତାଙ୍କ ଠାରୁ ବାପା, ବାପାଙ୍କ ଠାରୁ ମୁଁ ପାଇଥିଲି। ମୋ ପରେ ସିମୁ,ହିମୁ ପାଇଥାନ୍ତେ - ସେମାନେ ଚାହୁଁନାହାଁନ୍ତି। ତମ ପାଇଁ ଯାହା ସ୍ମୃତି, ତାଙ୍କ ପାଇଁ ତାହା ଅଦରକାରୀ। ଘର ଖଣ୍ଡିକ କଥା ମଧ ସେଇଆ, କହିପାରିବ ଏ ମାଟି ପ୍ରକୃତରେ କାହାର? କିଛି କାହାର ନୁହେଁ। ସବୁ ସେଇ ସର୍ବଶକ୍ତିମାନ ଈଶ୍ୱରଙ୍କର - ଖାଲି ଅହଂକାରରେ, ମିଛ ରେ ମଣିଷ କହୁଥାଏ ମୋର ଜମି, ମୋର ଘର, ମୋର... ମୋର.... ମୋର।" ଶୁଣ, ପିଲାଙ୍କୁ ଗାଁ ଭଲ ଲାଗୁନି। ଏଠି ଆଧୁନିକ ମଣିଷର ବଂଚିବା ପାଇଁ ଯାହା ଯାହା ଦରକାର ସେ ସବୁ କିଛି ନାହିଁ। ଏଠି ଜୀବନ ଖୁବ୍ ଗତାନୁଗତିକ, ଧୀର, ଚମକ ନାହିଁ, ଚାଞ୍ଚଲ୍ୟ ନାହିଁ, ଆକସ୍ମିକତା ନାହିଁ। ଅସଲ କଥା ଅହେତୁକ ନାହିଁ। ଅହେତୁକ ସ୍ୱପ୍ନ ନାହିଁ। ତେଣୁ ଆମକୁ ବାକି ଯାହା କିଛି ଅଛି, ହରାଇଦେବାକୁ ପଡ଼ିବ। ସେଇ ମୂଲ୍ୟରେ ସେମାନେ ନିଜ ସ୍ୱପ୍ନକୁ ସଜାଡ଼ି ନେବେ। ଗାଁ ଛାଡ଼ି ସହରରେ ରହିବେ। ପୁଣି କିଛି ବାଟ ଆମଠୁ ଆଗେଇ ଯିବେ। ଆମେ କ'ଣ ଚାହୁଁନା ଆମ ପିଲାଏ ଭଲରେ ରୁହନ୍ତୁ?"

ନମିତା ସୁଁ ସୁଁ କାନ୍ଦି କହିଲା, "ମୁଁ କ'ଣ କହୁଛି ମୋ ପିଲା ଦୁଃଖରେ ରୁହନ୍ତୁ? ସୁଖରେ ରହିବା ପାଇଁ କ'ଣ ଆଉ କିଛି ବାଟ ନାହିଁ? ବାପକୁ ଏମିତି ନିଃସ୍ୱ; ଅଦରକାରୀ କରାଇ ନ ଦେଲେ ସେମାନେ କ'ଣ ସୁଖରେ ରହିପାରିବେ ନାହିଁ?"

ସୂର୍ଯ୍ୟକାନ୍ତ ଏଥର ଉଠି ଠିଆହେଲେ। ଏତେ ବୟସରେ ବି ସାଢ଼େପାଞ୍ଚ ଫୁଟର ସେଇ ଦେହ ଖୁବ୍ ବଳିଷ୍ଠ ମନେହେଲା ନମିତାକୁ। ଲଣ୍ଠନ ଆଲୁଅରେ ମାଟି ଚଟାଣରେ ଅନେକ ଦୂର ଛାଇ ଲମ୍ବିଗଲା। ଘର ଭିତରେ ସେ ଦୁଇ ତିନିଥର ଏ ମୁଣ୍ଡ ସେ ମୁଣ୍ଡ ବୁଲିଲେ। ତା'ପରେ କଇଁ କଇଁ ହୋଇ କାନ୍ଦି ଉଠିଲେ, କହିଲେ; "ବୁଝିଲ ନମିତା ଜମି, ଘର ଏ ସବୁ ଚାଲିଯିବାରେ ମୋ ଦୁଃଖ ନାହିଁ। ମୁଁ ଏସବୁକୁ ହରାଇ ଦୁଃଖୀ ହେଲି ବୋଲି ମନେ କରୁନାହିଁ। ମତେ ଆଉ ଗୋଟିଏ ଭୟ ଭିତରେ ଭିତରେ ଖୁବ୍ ଅସ୍ଥିର କରୁଛି। ମୁଁ ଭୀତ, କାକୁସ୍ଥ ହୋଇପଡୁଛି।

ନମିତା ଡରିଗଲା। ଦେହ କିଛି ଖରାପ ହେଲା କି ଆଉ? ସେ ବିକଳ ହୋଇ ପଚାରିଲା, "କାଇଁ ମତେ ତ ଏ ଯାଏ କିଛି କହୁନ?"

ସୂର୍ଯ୍ୟକାନ୍ତ ସାମନା କାନ୍ଥରେ ଝୁଲୁଥିବା କାଠ

ବନ୍ଧେଇ ଫଟୋ ଖଣ୍ଡିଏ କାଢ଼ି ଆଣିଲେ। ଲଣ୍ଠନ ଆଲୁଅରେ କିଛି ସମୟ ନିଠେଇ ଚାହିଁଲେ। କହିଲେ, "ଏ ଫଟୋ କେବେ ଉଠିଥିଲା କହିଲ ? ତିରିଶ ବର୍ଷ ତଳେ। ବୋଧେ ହିମୁକୁ ଦି'ବର୍ଷ ହୋଇଥିଲା। ତମେ ଜାଣ ନମିତା, ଜୀବନଟା ଖାଲି ଗୋଟାଏ ଖେଳ, ଗୋଟାଏ ଦୌଡ଼। ପିଲାବେଳେ ଗାଁ ମୁଣ୍ଡ ପଡ଼ିଆରେ ଦୌଡୁଥିଲି।ତା'ପରେ ଶ୍ରେଣୀରେ, ଚାକିରିରେ, ଘର ସଂସାରରେ... ଧନ... ସଂପତ୍ତି.. ପ୍ରତିପତ୍ତି ..ପିଲା...ସବୁ ସେଇ ଗୋଟିଏ ପ୍ରକାର ଖେଳ। ଦୌଡ଼ିବାର ଖେଳ। ଆଗକୁ ମାଡ଼ିଯାଅ, ଅଣନିଃଶ୍ୱାସୀ ହୋଇ ବଞ୍ଚିବା ପାଇଁ କିଛି ବ୍ୟସ୍ତତା ଦରକାର। ନ ହେଲେ ମଣିଷ ଏଠି ସତୁରୀ, ଅଶି, ନବେ ବର୍ଷ ଯାଏ କ'ଣ କରିବ କୁହତ ? ଦିନେ ଏଇମାନଙ୍କ ପାଇଁ ମୁଁ କେତେ ବ୍ୟସ୍ତ ରହୁଥିଲି। ରାତିରେ ଚିନ୍ତା କରି କରି ଶୋଇପାରୁନଥିଲି। ଦିନରେ ଟଙ୍କା ରୋଜଗାର ପଛରେ ପାଗଳ ପରି ଧାଉଁଥିଲି। ଏବେ ସେ ସବୁରେ ପୂର୍ଣ୍ଣଚ୍ଛେଦ ପଡ଼ିଯାଇଛି। ତଥାପି ଜମି ଖଣ୍ଡକ, ଦି ଚାରିଟା ଗଛ, ଦି ବଖରା ଘର, ଗାଁ ରେ କିଛି କିଛି ସଂପର୍କ, ଭଙ୍ଗା ଦଦରା ସାଇକେଲ ଖଣ୍ଡେ, ନିଜର ସ୍ମୃତି ଏମିତିକି ତମର ଅଣ୍ଟା, ପିଠିର ଦରଜ, ମୋର କାମ.. ଏସବୁ ନେଇ କିଛିଟା ବ୍ୟସ୍ତତା ଥିଲା। ନିଜକୁ ଅନାବଶ୍ୟକ ବୋଲି ଭାବି ହେଉନଥିଲା, ବଞ୍ଚିଯାଉଥିଲି।

ଏବେ ହଠାତ୍ କେହି ଜଣେ ଆଦେଶ ଦେଲା,ସେଇଠି ଠିଆ ହୁଅ। ଦୌଡ଼ିବା ଦରକାର ନାହିଁ। ଏଣିକି ଠିକ୍ ସମୟରେ ଚାହା, ଜଳଖିଆ, ଭାତ, ଔଷଧ, ଲୁଗା, ଜାମା, ବିଛଣା, ଏମିତିକି ମଶାଣିକୁ ଯିବା ପାଇଁ କୋକେଇ ସବୁକିଛି ଯେତେବେଳେ ଯାହା ଲୋଡ଼ା, ପୁଅମାନେ ବ୍ୟବସ୍ଥା କରିଦେବେ। ତାଙ୍କ ଘରେ ଯେମିତି ଖଟ, ସୋଫାସେଟ୍, କାନ୍ଥରେ ଛବି, ଟେଲିଭିଜନ୍, ଠିକ୍ ସେମିତି ବାପା, ମାଆଙ୍କୁ ଅନ୍ୟକୁ ଦେଖାଇ ନିଜ ପାଇଁ ବାହା ବାହା ସଂଗ୍ରହ କରିବାର କୌଶଳ।"

"ହେ ଭଗବାନ" ନମିତା କଇଁ କଇଁ ହୋଇ କାନ୍ଦିଲା।

ସୂର୍ଯ୍ୟକାନ୍ତ ଅଳ୍ପ ହସି କହିଲେ, "ଖାଲି ସେତିକି ନୁହେଁ। ମୋର ମନେ ହେଉଛି ପିଲାମାନେ ଆମକୁ ଅଲଗା କରିଦେବେ ଏଣିକି; କେହି ଜଣେ ବାପକୁ, କେହି ଜଣେ ମାଆକୁ।"

ନମିତାର ଆଉ ଅଧିକ ଶୁଣିବାର ଧୈର୍ଯ୍ୟ ନଥିଲା। ହାତରୁ ଗୁଆକାତି ଖସାଇଦେଇ ସେ କାନ୍ଥକୁ ଆଉଜି ପଡିଲା। ସୂର୍ଯ୍ୟକାନ୍ତ ୩୦ ବର୍ଷ ତଳେ ଉଠାଯାଇଥିବା ସେଇ ଫୋଟଟିକୁ କାନ୍ଥରେ ଝୁଲାଇଦେଇ ତାରି ଭିତରୁ ନିରବରେ କ'ଣ ଗୋଟାଏ ଖୋଜୁଥିଲେ।

*କ୍ୱାର୍ଟର ନଂ. ୪ - ୯/୧,*
*ୟୁନିଟ୍-୧, ଭୁବନେଶ୍ୱର*



# ପାହାନ୍ତି ସମୀରଣ

## ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ପରମେନ୍ଦ୍ର ରାତି ପ୍ରାୟ ଏଗାରଟା ବେଳକୁ ତଳ ମହଲାର ତାଙ୍କ ପଢା ଘରକୁ ଆସିଲେ । ସନ୍ଧ୍ୟା ଆଠଟାରେ ସେ ରାତ୍ରିଭୋଜନ ସାରି ଦେଇଥିଲେ । ପରେ ପରେ ତିନୋଟି ଟାବ୍‌ଲେଟ୍ ସେ ଖାଇଥିଲେ । ପ୍ରଥମଟି ଖାଇବାର ଅଧଘଣ୍ଟାଏ ପରେ ଦ୍ୱିତୀୟ ଓ ତୃତୀୟ ବଟିକା ଦୁଇଟି ଖାଇବା କଥା ଡାକ୍ତର କରିଥିବାରୁ ଅଗତ୍ୟା ପରମେନ୍ଦ୍ରଙ୍କୁ ଗତ କେଇଟି ରାତି ହେଲା ସୋଫାଟି ଉପରେ ବସି ଟି.ଭିକୁ ଚାହିଁ ବସିବାକୁ ପଡିଥାଏ । ଆଜି କିନ୍ତୁ ପ୍ରାୟ ରାତି ଦଶଟା ବେଳକୁ ଡାକ୍ତର ଦେଇଥିବା ଚତୁର୍ଥ ବଟିକାଟିକୁ ବି ଖାଇ ଦେଇଛନ୍ତି, କାରଣ ସେ ରାତି ନଅଟାରେ ଉପର ମହଲାର ତାଙ୍କ ଶୋଇବା ଘରକୁ ଯାଇ ଖଟ ଉପରେ ଶୋଇବାକୁ ଯେତେ ଉପକ୍ରମ ଆରମ୍ଭ କରିଦେଇଥିଲେ ମଧ୍ୟ ନିଦ ଯେ ଆସିବ ତା'ର ସାମାନ୍ୟ ସୂଚନା ନଥିଲା । ଡାକ୍ତର କହିଥିଲେ – ଦେଖନ୍ତୁ ମୁଁ ଯେଉଁ ତିନି ନମ୍ବର ବଟିକାଟି ଖାଇବାକୁ କହିଛି, ସେଇଟି ଖାଇଲେ ନିଦ ଆସିଯିବା କଥା । ଆଉ ଯଦି ଅଧଘଣ୍ଟାଏ କି ଘଣ୍ଟାଏ ଭିତରେ ନିଦ ନ ଆସିଲା, ତେବେ ଏଇ ଚତୁର୍ଥ ନମ୍ବରର ନିଦ ବଟିକାଟି ଖାଇନେବେ ।

ଚାରି ବର୍ଷ ତଳେ ଅବସର ନେବାପରେ ପରମେନ୍ଦ୍ରଙ୍କ ଜୀବନଚର୍ଯ୍ୟା ଏକପ୍ରକାର ଶଗଡଗୁଳାର ଧାରରେ ପଡିଯାଇଛି । ସକାଳ ଛଅ କି ସାତଟାରେ ଛାତ ଉପରେ ଅଧଘଣ୍ଟାଏ ଚାଲିବା ପରେ ପନ୍ଦର ମିନିଟ୍ ଯୋଗାଭ୍ୟାସ କରିବା ଓ ତା'ପରେ ସିଧା ତଳମହଲାର ପଢା ଘରକୁ ଆସି କେତେବେଳେ ଚେୟାର ଉପରେ ବସି କିମ୍ବା ସେଇଠି ପଡିଥିବା ଗୋଟିଏ ଅଣଓସାରିଆ ଖଟ ଉପରେ ଶୋଇ ରହି ପତ୍ର ପତ୍ରିକା ପଢିବା, ଖବରକାଗଜମାନଙ୍କ ପାଇଁ ସ୍ତମ୍ଭଲେଖ, ଛୋଟ ପ୍ରବନ୍ଧ, ଗପ କବିତା ଆଦି ଲେଖିବା –ଏଇମିତି ସେ କାଟି ଦେଇଥାନ୍ତି ପୂର୍ବାହ୍ନରୁ ମଧ୍ୟାହ୍ନ ପର୍ଯ୍ୟନ୍ତ– ଦୁଇଟା କି ସାଢେ ଦୁଇଟାରେ ଦିବାଭୋଜନ ପାଇଁ ପତ୍ନୀଙ୍କ ଠାରୁ ଫୋନ୍‌ଟିଏ ପାଇବା ପର୍ଯ୍ୟନ୍ତ । ହଁ, ଅନେକ ସମୟ ପତ୍ନୀ ତାଙ୍କୁ ଫୋନରେ ହିଁ କହି ଦେଇଥାନ୍ତି ଉପରମହଲାର ଡ୍ରଇଁ ରୁମ୍‌କୁ ଆସିବାକୁ – ସେଇଠି ଟି ପୟଟି ଉପରେ ଖାଇବା ଥାଳୀଟି ସେ ରଖି ଦେଇଥିବେ । ପରମେନ୍ଦ୍ରଙ୍କ ଅଭ୍ୟାସ ଟି.ଭି ଟି ଅନ୍ କରି କିଛି ଗୋଟାଏ ଦେଖିଚାଲିବା ଖାଇ ସାରିବା ପର୍ଯ୍ୟନ୍ତ । ତା'ପରେ ପୁଣି ସେ ଆସି ଯାଆନ୍ତି ତଳ ମହଲାର ପଢାଘରକୁ–ସେଇଠି ହିଁ ରହିଥାନ୍ତି ସନ୍ଧ୍ୟା ଛଅ କି ସାତଟା ଯାଏ । ଏଇ ଚାରିବର୍ଷ ହେଲା ଏମିତି ବଞ୍ଚି ରହିଛନ୍ତି ସେ – ନିରୁପଦ୍ରବ ଅଥଚ ପୂରାପୂରି ଏକ ଏକତାନୀ ଜୀବନ ତାଙ୍କର ଏବେ ।

ଉପରମହଲାରେ ଥିବା ପରମେନ୍ଦ୍ରଙ୍କ ଶୋଇବାଘରର ପ୍ରଶସ୍ତ ଖଟଟି ଉପରେ ନାଇଲନ୍ ମଶାରିଟିଏ ଟଙ୍ଗା ହୋଇ ରହିଥାଏ ଦିନରାତି । ବେଶ୍ ମୋଟା ଡନଲପ୍‌ର ଗଦି ଓ ଚାରି ପାଞ୍ଚୋଟି ମୁଲାୟମ୍ ତକିଆ ଶେଯରେ । ଏମିତି ଏକାଧିକ ତକିଆ ଦେଇ ଶୋଇବା ଅଭ୍ୟାସ ତାଙ୍କର ପିଲାବେଳୁ । ସେତେବେଳେ ଗାଁ ଘରେ ସମୁଦାୟ ଛଅ ସାତଟି ତକିଆରୁ ତିନୋଟି ଉପରେ ଥିଲା ତାଙ୍କର ଏକଚାଟିଆ ଅଧିକାର । ସେ ତକିଆ ସବୁ ବୋଉ ହାତରେ ତିଆରି ହୋଇଥିବା ପୁରୁଣା ଲୁଗା କି ଚିରା ପ୍ୟାଣ୍ଟ ସାର୍ଟର ଗଣ୍ଡିଲି । ଏବେ ଏଠି ଏ ଭୁବନେଶ୍ୱରର ସୁଦୃଶ୍ୟ ଦୋମହଲା ଘରେ ଶିମିଳିତୁଳାର ତକିଆ ଓ ମାଣ୍ଡି । ଏ.ସି. ଫୁଲ୍ ଅନ୍ କରି ମୁଲାୟମ କମ୍ବଳଟିଏ ଘୋଡି ହୋଇ, ଦୁଇଟି ମାଣ୍ଡିକୁ ବାମ ଓ ଡାହାଣ କଡରେ ଦେଇ ଶୋଇଥାନ୍ତି ସେ । ହେଲେ ବୋଉ ହାତରେ ତିଆରି ହୋଇଥିବା ସେ ଗଣ୍ଡିଲି ତକିଆରେ ସେ ଯେଉଁ ସୁଖ ନିଦ୍ରାରେ ଶୋଇ ଯାଉଥିଲେ, ତାହା ଏଣିକି ସାତ ସପନ ହୋଇଗଲାଣି ତାଙ୍କ ପାଇଁ । ବଡ ଆଶ୍ଚର୍ଯ୍ୟ ହୁଅନ୍ତି ପରମେନ୍ଦ୍ର । ପେନ୍‌ସନ୍ ଛଅ ଅଙ୍କ ବିଶିଷ୍ଟ ବେଶ୍ ଉତ୍ତମ । ପୁଅ ବୋହୂ ଉଭୟେ ଉତ୍ତମ ଚାକିରିରେ, ସ୍ତ୍ରୀ ମୋଟାମୋଟି ଯତ୍ନଶୀଳା । ଏମିତି କିଛି ଦୁଃଖ, ବୈରାଗ୍ୟ ତାଙ୍କର ନାହିଁ । ହେଲେ ନିଦ – ଯାହା ଏକମାତ୍ର ଆଶ୍ୱାସନା, ସେଇଟି କାହିଁକି ଯେ ସହଜରେ ଆସୁନି, ବୁଝିପାରନ୍ତି ନାହିଁ ସେ । ସାରା ରାତି ଶେଯ ଉପରେ ଛଟପଟ ହୋଇ କଟାଇବାକୁ ହେଉଛି ତାଙ୍କୁ ଅନେକବାର । ଦିନେ ଦିନେ ରାତି ଗୋଟାଏ କି ଦୁଇଟାରେ ଟିକିଏ ନିଦ ଆସେ –ପୁଣି ଠିକ୍ ଚାରିଟା କି ପାଞ୍ଚଟାରେ ଭାଙ୍ଗିଯାଏ । ପିଲାବେଳେ ସିନା ରାତି ନଅଟାରୁ ନିଘୋଡ ନିଦରେ ଶୋଉଥିଲେ ବୋଲି ସକାଳ ଚାରିଟାର ମାଛି ଅନ୍ଧାରରେ ଉଠିଯାଇ ବାଡିପଟକୁ ଚାଲିଯାଉଥିଲେ ଫୁଲ ତୋଳିବା ପାଇଁ । ଖାଲି ଫୁଲ ଯେ ଖେଳୁଥିଲେ ନୁହେଁ, ପୂର୍ବ ରାତିରୁ ପୋଖରୀରେ ପୋତି ଦେଇଥିବା ବନିଶୀ ସବୁ ଥିଲେ ମୁଖ୍ୟ ଆକର୍ଷଣ । ଏ ମାଛଧରା ନିଶା ତାଙ୍କର କେବେଠାରୁ ହେଲା ସେ କହି ପାରିବେ ନାହିଁ, ତେବେ ଅନ୍ୟ ନିଶାଟି ଆରମ୍ଭ ହୋଇଯାଇଥିଲା ଯେବେ ମଧୁଜେଜେଙ୍କ ସାନପୁଅ, ଯିଏ ତାଙ୍କର ସଂପର୍କରେ କକେଇ ହେବେ, ରେଭେନ୍‌ସାରେ ଏମ୍.ଏସ.ସି କରିସାରି ଗାଁରେ ଆସି କିଛି ଦିନ ରହିଥିଲେ । ସେଇ ଶୁକ କକେଇଙ୍କଠାରୁ ସେ ଶିଖିଯାଇଥିଲେ ଚେସ୍ । ଏ ମାଛଧରା ଓ ଚେସ୍ ନିଶା ତାଙ୍କ ଉପରେ ସବାର ହୋଇ ରହିଥିଲା ମାଟ୍ରିକ୍ ସରିବା ପର୍ଯ୍ୟନ୍ତ । ଏବେ ବି ତାଙ୍କ କାନରେ ବେଳେବେଳେ ଶୁଭିଯାଇଥାଏ ବାପା କହୁଥିବାର –ଯିଏ ଖେଳେ ଚେସ୍, ତାର ହୁଏ ନାଶ୍ । ପରମେନ୍ଦ୍ର କିନ୍ତୁ ମନେ ମନେ କହୁଥିଲେ – "ବାପା ତ ଏ କଠିନ ଖେଳଟି ବିଷୟରେ ବିନ୍ଦୁବିସର୍ଗ ଜାଣନ୍ତି ନାହିଁ । ଏଇଟି ତ ବୁଦ୍ଧିର ଖେଳ" । ସେ ଯେ ଜଣେ ବୁଦ୍ଧିମାନ, ପ୍ରତିଭାବାନ ପିଲା ଏ କଥା କାହିଁକି ବାପା କି ଗାଁର ଅନ୍ୟ ଲୋକେ ଜାଣିପାରୁନାହାନ୍ତି, ସେଥିପାଇଁ ଘୋର ଚିନ୍ତିତ ହୋଇପଡୁଥିଲେ ।

ପରମେନ୍ଦ୍ର ତଳ ମହଲାର ପଢାଘରକୁ ଆସି ଖଟ ଉପରେ ବସିଲେ । ନାନା ବହି ପତ୍ର ପତ୍ରିକା, ଗତ ଦୁଇ ଚାରି ଦିନର ଖବରକାଗଜର ସଂପାଦକୀୟ ପୃଷ୍ଠା – ଯେଉଁ ଗୁଡିକରୁ କେତୋଟିକୁ ସେ ଦୁଇ ତିନି ଥର ପଢିଥାନ୍ତି –ଏମିତି ସବୁ ବିଛାଇ ହୋଇ ରହିଥାନ୍ତି ଖଟଟି ସାରା । ଏହି ପଢାଘର, ଏଇ ଖଟ ତ ତାଙ୍କ ଅବସର ଜୀବନର ଏକାକୀତ୍ୱର ବୋଝକୁ ଭାଗ କରି ନେଉଛନ୍ତି ନିଜ ନିଜ ଭିତରେ – ଯେଝା ଯେଝା ବାଗରେ । ଏଇ ଖଟଟି ଉପରେ ଅର୍ଦ୍ଧଶାୟିତ ଅବସ୍ଥାରେ ବସି, ଡାହାଣ ଓ ବାମପଟର ଦୁଇଟି କାନ୍ଥ ଆଲମାରୀରେ ଭର୍ତ୍ତି ହୋଇଥିବା ପତ୍ର ପତ୍ରିକା ବହିଗୁଡିକ ଉପରେ ଆଖି ବାରମ୍ବାର ବୁଲାଇ ଆଣିବା ପରେ ନୂଆ ନୂଆ ଭାବନା

କିଛି ଉଙ୍କି ଉଠିଥାନ୍ତି ତାଙ୍କ ମନର ପରଦାରେ । ଦିନଟା ଯାକ ଏଇ ଘରେ ପଢ଼ାପଢ଼ି ଲେଖାଲେଖି କରିଥାନ୍ତି ସେ । ଛାତ୍ର ଅବସ୍ଥାରୁ ସେ ପାଠ୍ୟପୁସ୍ତକ ଅପେକ୍ଷା ବେଶୀ ପଢୁଥିଲେ ପାଠ୍ୟକ୍ରମ ବାହାରର ବହି ସବୁ -"ଦସ୍ୟୁ ନାୟିକା ମୀରା" ପରି ଗୋଇନ୍ଦା ଉପନ୍ୟାସ ହେଉ କି ସେର୍‌ଲକ୍ ହୋମ୍‌ସ କାହାଣୀ ହେଉ ଜହ୍ନମାମୁଁ, ମନପବନ ପରି ସରଳ ଅଥଚ ଆବେଦନଭରା ଶିଶୁଲେଖାମାନ ହେଉ – କିମ୍ବା ଦସ୍ତୋଭସ୍କି, ଟଲ୍‌ଷ୍ଟୟ, ଜେମ୍‌ସ ଜୟସ୍, ଫ୍ରାନଜ୍ କାଫ୍‌କା ଓ ଜାଁ ପଲ୍ ସାର୍ତ୍ତେଙ୍କ ପରି ଗଭୀର ଚିନ୍ତା ଉଦ୍ରେକକାରୀ ସାହିତ୍ୟକୃତି ସବୁ ହେଉ – ସବୁକିଛି ଆକର୍ଷିତ କରୁଥିଲା ତାଙ୍କୁ ହାଇସ୍କୁଲ ଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ । ଅନେକଥର ବନ୍ଧୁ, ସହକର୍ମୀମାନେ ଯେତେବେଳେ ତାଙ୍କୁ କହନ୍ତି, 'ପରମେନ୍ଦ୍ର ! ତୁ ଗାନ୍ଧୀ, ମାକିଆଭେଲି, ମାର୍କ୍ସ, ହେଗେଲ୍, ସାର୍ତ୍ତେ ଓ ବୁଦ୍ଧଙ୍କ ସହ ଇଶପ୍ ଓ ବିଷ୍ଣୁଶର୍ମା ସଭିଙ୍କୁ ଯାହା ଯାତନାଗୁଡ଼ିଏ ଦେଇଚାଲିଛୁ ତୋର 'ମେଲ୍‌ଟିଂ ପଟ୍' ମୁଣ୍ଡଟି ଭିତରେ',ସେତେବେଳେ ବି ସେ ହସି ଦେଉଥିଲେ ଓ ମନେ ମନେ କହୁଥିଲେ ଏ ନିର୍ବୋଧମାନେ କାହୁଁ ବା ଜାଣିବେ ଜ୍ଞାନାକାଶରେ ମୁକ୍ତ ଉଡାଣର କଥା ?

କିନ୍ତୁ ଏ ଉତ୍ତୀର୍ଣ୍ଣ ବୟସରେ ସେ ବୁଝୁଥିଲେ ଗୋଟିଏ ବିଶେଷ ଅର୍ଥରେ ବନ୍ଧୁ, ସହକର୍ମୀମାନଙ୍କ ସେ ମନ୍ତବ୍ୟଟି ନିଶ୍ଚୟ ସତ- ପରସ୍ପର ବିରୋଧାତ୍ମକ ବୌଦ୍ଧିକ ଧାରଣା ଓ ତତ୍ତ୍ୱଗୁଡ଼ିକର ଯାତନା ସେ ଜୀବନସାରା ଭୋଗିଚାଲିଛନ୍ତି ନିରବରେ ଓ ସେ ଯାତନା ତୀବ୍ରତର ହୋଇଚାଲିଛି ତାଙ୍କ ଜୀବନର ଏହି ଗଡନ୍ତା ପ୍ରହରରେ । କାଇଁ ବୁଦ୍ଧ କି ସାର୍ତ୍ତେ କେହି ତ ତାଙ୍କୁ ଶକ୍ତ କରି ପାରିଲେନି ଜୀବନର ନିଃସଙ୍ଗତା, ଜୀବନର ଏକାକୀତ୍ୱକୁ ନିର୍ବିକାରରେ ଅଙ୍ଗୀକାର କରିନେବାପାଇଁ ! ବେଳ ଅବେଳରେ ତାଙ୍କ ଭିତର ଶିଶୁଟିଏର କ୍ରନ୍ଦନରତ ମୁହଁ ତାଙ୍କୁ ଦିଶିଯାଇଥାଏ ଯିଏ କେବଳ ଲୋଡ଼ିଥାଏ କାହାର ସ୍ନେହପଖଳା, ପ୍ରେମପଖଳା ହାତର କୋମଳ ସ୍ପର୍ଶ ତାର କପାଳ, ଚିବୁକରେ ।

ପରମେନ୍ଦ୍ର ଦୃଢ଼ ନିଷ୍ପତ୍ତି ନେଲେ-ନା,ଆଜି ଆଉ ଡାକ୍ତର ଦେଇଥିବା ସେ ଚତୁର୍ଥ ବଟିକାଟିକୁ ଖାଇବେ ନାହିଁ କି କାଇଁକି ନିଦ ଆସୁନାହିଁ ସେଥିପାଇଁ ଛାଟିପିଟି ହେବେ ନାହିଁ । ଦୁଇଦିନ ତଳେ ସେ ଆରମ୍ଭ କରିଥିବା ପ୍ରବନ୍ଧଟି ପୂରା ଲେଖିସାରି ଦେବାପାଇଁ ଟେବୁଲ ଲାଇଟ୍‌ଟି ଜଳାଇ କଲମଟିଏ ଧରି ଛାତି ତଳେ ମୋଟା ନରମ ତକିଆଟି ଦେଇ ପେଟେଇ ପଡ଼ିଲେ ଶେଯ ଉପରେ -ଏମିତି ମୁଦ୍ରାରେ ଲେଖାଲେଖି କରିବା ବଦାଭ୍ୟାସଟି ସେଇ ପିଲା ଦିନରୁ ତାଙ୍କର । ପ୍ରାୟ ଅଧା ଲେଖା ହୋଇଥିବା ପ୍ରବନ୍ଧଟି ଉପରେ ଆଖି ବୁଲାଇବା ବେଳେ ମନେ ପଡ଼ିଗଲା ତାଙ୍କ ଯତ୍‌କିଞ୍ଚିତ୍ ସୃଜନଶୀଳତାର ଅନ୍ୟତମ ଉତ୍ପ୍ରେରକ ପ୍ରିୟ ଗୁଡାଖୁ ଡବାଟି କଥା । ଆରେ ସେଇଟି ତ ଉପର ମହଲାରେ ! ସେ ପଢ଼ିବା କି ଲେଖିବା ସମୟରେ ସେ ଦ୍ରବ୍ୟଟି ପାଖରେ ନଥିଲେ ନହୁଏ । ଅଗତ୍ୟା ସେ ଉପରମହଲାକୁ ଯାଇ ଅତି ସନ୍ତର୍ପଣରେ ନିଜ ଶୋଇବାଘରର କବାଟଟି ଖୋଲିଲେ । ସେ ଜାଣନ୍ତି ଖୁଟ୍ କରି ସାମାନ୍ୟ ଶବ୍ଦଟିଏ ହେଲେ ବି ଅନ୍ୟ ଏକ ରୁମ୍‌ରେ ଶୋଇଥିବା ପତ୍ନୀ ଉଠି ପଡ଼ିବ । ପରମେନ୍ଦ୍ରଙ୍କ ଏ ନିଦ୍ରାହୀନ ଅବସ୍ଥାର ଯନ୍ତ୍ରଣା ସେ ବା କାହୁଁ ବୁଝିବ ! ସେ ତ ଶୋଇଯାଏ ଶେଯରେ ପଡୁ ପଡୁ । ପରମେନ୍ଦ୍ର ଭାବୁଥିଲେ -ଆହା, ମୁଁ ତା ଭଳି ହୋଇଥାଆନ୍ତି କି ?- ଶେଯକୁ ଯାଉ ଯାଉ ଶୋଇ ପଡୁଥାଆନ୍ତି କି ? ନା, ତାଙ୍କ ଭାଗ୍ୟରେ ସେ ସୁଖ କାହିଁ ! ସେ ତ ବନ୍ଧୁମାନେ କହୁଥିବା ଭଳି ଗୋଟିଏ ମେଲ୍‌ଟିଂ ପଟ୍ -କାହିଁ କେତେ ଦୂର ଅଦୂରରୁ ବହି ଆସୁଥିବା ଜଳାଧରମାନଙ୍କର ଭଉଁରୀ ଖେଳ ତ ତାଙ୍କ ଭିତରେ । ନିଦ

ନିଦ ଲାଗୁଥିବ, ହାଇ ପରେ ହାଇ ଉଠୁଥିବ, କିନ୍ତୁ ଶେଯକୁ ଗଲାମାତ୍ରେ କୁଆଡେ ନିଦ ଯେ ଖସି ଚାଲିଯାଏ, ତାର ପତ୍ତା ପାଆନ୍ତିନି ସେ । ଆଖି ବୁଜିଥିବେ, ଅଥଚ ଆଖି ପତା ତଳେ କାନ ତାଙ୍କର ଖୋଲି ବସିବ ଅସୁମାରୀ କଥା କାହାଣୀ,ଘଟଣା ଦୁର୍ଘଟଣାର ପେଡ଼ି । ଏ ପର୍ଯ୍ୟନ୍ତ ଜୀବନରେ ଯାହା ଯାହା ଘଟିଛି, ଯାହା ଯାହା ସେ ଭୋଗିଛନ୍ତି, ଯେଉଁମାନଙ୍କ ସହ ନିବିଡ଼, ଆବେଗାତ୍ମକ ସଂପର୍କରେ ଆସିଛନ୍ତି- ସବୁକିଛିର ଦୃଶ୍ୟ ଅଭିନୀତ ହୋଇ ଚାଲିବ, ଆଖି ପତା ତଳେ ପରି ଲାଗୁଥିଲେ ବି ସବୁକିଛି ତାଙ୍କ ଭିତରର ଅତଳତଳ ଗହୀରରୁ ଫିଟି ଆସୁଥିବ । ନିଦ ବା ଆସିବ କେଉଁଠୁ ?

ପରମେନ୍ଦ୍ର ପାଞ୍ଚଦିନ ତଳେ ଜଣେ ନ୍ୟୁରୋଲଜିଷ୍ଟ ପାଖକୁ ଯାଇଥିଲେ । ଡାକ୍ତର ସବୁ ପରୀକ୍ଷା କରି କହିଲେ -ନା, ଆପଣଙ୍କର ଡାଇବେଟିସ୍ ନାହିଁ, କିଡ୍‌ନୀ, ହାର୍ଟ, ଲିଭର ସବୁ ଠିକ୍ ଅଛି । ଆପଣଙ୍କୁ ଏ ନିଦ ନ ହେବାର କାରଣ ହେଉଛି ଡିପ୍ରେସନ୍ ଓ ଆନ୍‌ଗଜାଇଟି । ପରମେନ୍ଦ୍ର କିନ୍ତୁ କହି ପାରିଲେ ନାହିଁ କାହିଁକି ତାଙ୍କର ସେ ଡିପ୍ରେସନ୍, ସେ ଆନ୍‌ଗଜାଇଟି । 'ନା, ଏତେ ସହଜରେ କେହି ଏ ଡିପ୍ରେସନ୍ ବା ଆନ୍‌ଗଜାଇଟି ପରି ମାନସିକ ବ୍ୟାଧିର କାରଣ କହିପାରିବେ ନାହିଁ । ଜଣେ ବେଶ୍ ଫୁର୍ତ୍ତି, ବେଶ୍ ସ୍ୱାଭାବିକ ବୋଲି ନିଜକୁ ଭାବୁଥିବ, କିନ୍ତୁ ଭିତରେ ଭିତରେ ସେ ଅବସନ୍ନ ହୋଇପଡୁଥିବ, ଗୋଟାଏ ଭୟାବହ ଶୂନ୍ୟତା ଅନୁଭବ କରୁଥିବ'- କହିଲେ ଡାକ୍ତର । ସ୍ୱୀକାର କଲେ ପରମେନ୍ଦ୍ର ଯେ ଏବେ ସତରେ ସେ ଖୁବ୍ ନିଃସଙ୍ଗ ମନେ କରୁଛନ୍ତି ନିଜକୁ । 'ନିଃସଙ୍ଗ କାହିଁକି ? ଆପଣଙ୍କ ପତ୍ନୀ ତ ଆପଣଙ୍କ ପାଖରେ, ଏବେ ଏ ବୟସରେ ଆପଣ ଉଭୟେ ତ ଉଭୟଙ୍କର ଶାନ୍ତି ଓ ଆଶ୍ୱାସନା'- ପରମେନ୍ଦ୍ର ହସି ଦେଇ ନମସ୍କାର ଜଣାଇ ଫେରି ଆସୁଥିବାବେଳେ କହୁଥିଲେ ଡାକ୍ତର -ବେଶ୍ ଅମାୟିକ, ଦରଦଭରା ସ୍ୱରରେ ।

ପତ୍ନୀ ସୁମିତ୍ରାଙ୍କ ସହ କୋଡ଼ିଏଟି ବର୍ଷ ସେ କାଟିଛନ୍ତି ସୁଖରେ, ଦାମ୍ପତ୍ୟ ଜୀବନର ସବୁ ଶାନ୍ତି ସନ୍ତୋଷ ସେ ପାଇଛନ୍ତି ସେଇ କେତୋଟି ବର୍ଷ -ଭାବି ଚାଲିଥିଲେ ପରମେନ୍ଦ୍ର ଡାକ୍ତରଙ୍କ ପାଖରୁ ବିଦାୟ ନେଇ ଘରକୁ ଫେରୁଥିବାବେଳେ । ସବୁକିଛି କିନ୍ତୁ ବଦଳିଗଲା ଯେବେ ତାଙ୍କର ଏକମାତ୍ର ପୁଅ ଇଞ୍ଜିନିୟରିଂ ପଢୁଥିବାବେଳେ ଡ୍ରଗସ୍‌ର ଶିକାର ହେଇଗଲା, ଭୟଙ୍କର ମାନସିକ ଅବସାଦଗ୍ରସ୍ତ ହୋଇ ମାସାଧିକ କାଳ ଗୋଟିଏ ରୁମ୍ ଭିତରେ ଦିନରାତି ଚୁପଚାପ୍ ହୋଇ ବସି ରହିଲା । ପୁଅର ଏ ପ୍ରକାର ଅବସ୍ଥା ଦେଖି ସୁମିତ୍ରା ବି ଦିନରାତି ପଡ଼ି ରହିଲେ ଠାକୁର ଘରେ । ଅନେକବାର ଦଉଡ଼ି ଚାଲିଲେ କେଉଁ ଜ୍ୟୋତିଷ, କେଉଁ ଗୁଣିଆ ପାଖକୁ । ଘରେ ଆରମ୍ଭ କରିଦେଲେ କେତେ କେତେ ପୂଜା, ହୋମ ସବୁର ଅନୁଷ୍ଠାନ । ଆଉ ସେତିକିବେଳେ ସେ କାହିଁକି କେଜାଣି ଭାବି ବସିଲେ ସ୍ୱାମୀ ପରମେନ୍ଦ୍ରଙ୍କ ସହ ଦୈହିକ ସଂପର୍କ ବି ଗୋଟିଏ ପାପ; କାହିଁକି କେଜାଣି ଭାବି ବସିଲେ ପୁଅର ଏ ଅବସ୍ଥା ସମୟରେ ସ୍ୱାମୀଙ୍କ ସହ ଏକ ଶଯ୍ୟାରେ ଶୟନ କରିବା ବି ଏକ ଘୋର ପାପ । ବାସ୍, ସେହିଦିନୁ ସୁମିତ୍ରାଙ୍କ ଶୋଇବା ଘର ଅଲଗା, ସେହି ଦିନୁ ସେ ପୂରାପୂରି ଜଣେ ବ୍ରତଚାରିଣୀ । ତାଙ୍କର ବିଶ୍ୱାସ ଥିଲା ଏମିତି ନିଷ୍ପାପର ଜୀବନଟିଏ ସେ ବଞ୍ଚି ଚାଲିଲେ ସେ ଫେରିପାଇବେ ପୁଅକୁ । ତାହା ହିଁ ହେଲା । ପୁଅ ଅରିନ୍ଦମ କେତୋଟି ମାସ ପରେ ତା'ର ମାନସିକ ସୁସ୍ଥତା ଫେରି ପାଇଲା । ଇଂଜିନିୟରିଂ ପାଠ୍ୟକ୍ରମକୁ କୃତିତ୍ୱର ସହ ଶେଷ କରିବା ପରେ ପରେ ମୁମ୍ବାଇରେ ଏକ ପ୍ରତିଷ୍ଠିତ ଆଇ.ଟି କମ୍ପାନୀରେ ଚାକିରି କଲା ଓ ଦୁଇ ବର୍ଷ ପରେ ବିବାହ ବି କଲା ସେହି କମ୍ପାନୀରେ ଇଞ୍ଜିନିୟର ଥିବା ମହାରାଷ୍ଟ୍ରର ଝିଅ ସୋନାଲିକାକୁ । ପୁଅ ସିନା ସୁଧୁରିଗଲା, ହେଲେ ସୁମିତ୍ରା ଆଉ ଫେରିପାଇଲାନି ତା'ର ପୂର୍ବର ସ୍ୱାଭାବିକ ମନଃସ୍ଥିତି ଏବଂ ସେହିଦିନଠୁ ପରମେନ୍ଦ୍ର ଏକା ହୋଇଗଲେ ପତ୍ନୀ ସହ ଏକାଠି ଥିଲେ ବି ଗୋଟିଏ ଛାତ ତଳେ । ସାଥି ଭାବରେ ବାଛିନେଲେ ଦୁଇ ଚାରିଟି ଆଲମାରୀରେ ସେ ରଖିଥିବା ପୁସ୍ତକଗୁଡ଼ିକୁ, ବିତାଇ ଚାଲିଲେ ବୋଝ ହୋଇ ଲଦି ହୋଇଯାଉଥିବା ସମୟଗୁଡ଼ିକୁ ତାଙ୍କର ପ୍ରିୟ ଲେଖକ,ଲେଖିକାମାନଙ୍କ ସହ କାଳ୍ପନିକ କଥୋପକଥନ କରି, ମୂର୍ତ୍ତ ବା ଅମୂର୍ତ୍ତ ବୌଦ୍ଧିକ ଓ ଦାର୍ଶନିକ ଭାବଭାବନା ସହିତ କେତେବେଳେ ଶାନ୍ତ,

କେତେବେଳେ ଅଶାନ୍ତ ସଖ୍ୟ ସ୍ଥାପନ କରି । ପରମେନ୍ଦ୍ରଙ୍କ ଏଇ ଜୀବନଧାରା ପୂର୍ବାପେକ୍ଷା ଆହୁରି ଗାଢ, ନିବିଡ ହେଲା ସେ ଅବସର ନେବାପରେ ଓ ସେ ଭୁଲିଗଲେ ଯେ କେବେ ଦିନେ ସୁମିତ୍ରାର ଅନ୍ତରଙ୍ଗ ସାନ୍ନିଧ୍ୟ ସେ ଲୋଡୁଥିଲେ ଗହମ ନିଦରେ ଶୋଇଯିବା ପାଇଁ ।

ପରମେନ୍ଦ୍ର ମାର୍କ୍ୱେଜଙ୍କ ଉପନ୍ୟାସଟିଏ ଖୋଲି ପଢିବା ଆରମ୍ଭ କରିଦେଲେ- ତଳ ମହଲାର ପଢା ଘରେ । ଉପର ମହଲାରେ ସ୍ତ୍ରୀ । ବିରାଟ ଘରଟିଏ । କେହି ଭଡାଟିଆ ନାହାନ୍ତି । ଛଅ ସାତଟି ବଖରା ତଳେ ଓ ଉପରେ । ଦୁଇଟିରେ ସେ ଓ ସୁମିତ୍ରା । ଅନ୍ୟ ସବୁଗୁଡିକରେ ଆସବାବପତ୍ର, ବହି ଓ ପତ୍ର ପତ୍ରିକାର ଏକାଧିପତ୍ୟ କେବଳ । ସବୁଠି ଶୂନ୍ୟତାର ଧୂମ୍ରପଟଳ, ଯାହାକୁ ଅଙ୍ଗୀକାର କରି ନେଇଛନ୍ତି ପରମେନ୍ଦ୍ର, ଅଙ୍ଗୀକାର କରିନେବାକୁ ସର୍ବଦା ଆପ୍ରାଣ ଉଦ୍ୟମ ବି କରିଚାଲିଛନ୍ତି ତପସ୍ୱିନୀ ସ୍ତ୍ରୀର ଏକାନ୍ତ ତପସ୍ୟା । ମାର୍କ୍ୱେଜ୍‌ଙ୍କ ଏଇ ଉପନ୍ୟାସଟି ପଢୁଥିବାବେଳେ ପରମେନ୍ଦ୍ରଙ୍କ ଅନିଦ୍ରା ପୀଡିତ ଆଖି ଆଗରେ ଫୁଟି ଉଠିଲେ ମାରକ୍ୱେଜଙ୍କ ପ୍ରସିଦ୍ଧ ଉପନ୍ୟାସ 'ୱାନ୍ ହନ୍‌ଡ୍ରେଡ୍ ଇୟର୍‌ସ ଅଫ୍ ସଲିଚ୍ୟୁଡ'ର ବିଚିତ୍ର ଚରିତ୍ର ସବୁ- ବୁଏନିଜ୍ ପରିବାର ସାତପିଢି ଧରି ଭୋଗିଥିବା ଗୋଟିଏ ପରେ ଗୋଟିଏ ଦୁର୍ବୋଧ୍ୟ ଘଟଣା ଦୁର୍ଘଟଣା। ପରମେନ୍ଦ୍ରଙ୍କ ଆଖି ପତା ବୁଜି ହୋଇଆସିଲା ମାର୍‌କ୍ୱେଜଙ୍କ ସେ ଉପନ୍ୟାସର ଐନ୍ଦ୍ରଜାଲିକ ରୋମାଞ୍ଚରେ ଓ ସେ ବି ଦେଖିଚାଲିଲେ କେତେ କେତେ ଉଦ୍‌ଭଟ, ଦୁର୍ବୋଧ୍ୟ ଚିତ୍ରମାନଙ୍କର ଚମକପ୍ରଦ ରୋଷଣୀ ଆଖି ପତା ତଳେ - ପହିଲି ରଜରେ ସାଙ୍ଗମାନଙ୍କ ସହିତ ଘର ପଛପଟ ବାଡିର ଘଞ୍ଚ ଗଛଗହଳିରେ ଲୁଚକାଳି ଖେଳୁଥିବା ବେଳେ ପୋଖରିହୁଡାରେ ଫଣା ଟେକି ଫୁତ୍କାର ତୋଳୁଥିବା ବିରାଟ ଏକ ହଳଦୀ ଗୁରୁଗୁରୁ ନାଗସାପ, ଦୋଳଠାକୁରଙ୍କ ବିମାନଯାତ୍ରାରେ ନାଚୁଥିବା କାହ୍ନୁଆ ସାମଲର କାଳିସୀ ବେଶ ଓ ଗାଁକୁ ଆସିଥିବା ଜଣେ ନାଗାବାବାଜୀ ତାଙ୍କ ଜନନେନ୍ଦ୍ରିୟରେ ମୋଟା ଲୁହା ଚେନ୍‌ଟିଏ ଝୁଲାଇ ଥିବାର ଦୃଶ୍ୟ । ପରମେନ୍ଦ୍ର ଆବେଶାଚ୍ଛନ୍ନ ଅବସ୍ଥାରେ ଭାବୁଥିଲେ ସେ ହେଉଛନ୍ତି ମାରକ୍ୱେଜଙ୍କ ସେହି ଉପନ୍ୟାସର ଚରିତ୍ର 'ମେଲକ୍ୱିଜେସ'ଙ୍କ ଭଳି - ଯିଏ ମୃତ୍ୟୁଲୋକର ଏକାନ୍ତତା ଓ ଏକାକୀତ୍ୱର ବେଦନାକୁ ସହି ନପାରି ଫେରି ଆସିଥିଲା ମର୍ତ୍ତ୍ୟଲୋକକୁ । ପରମେନ୍ଦ୍ର ବି ସେମିତି ଫେରି ଯାଉଛନ୍ତି ବିତିଯାଇଥିବା ଦିନଗୁଡିକରେ ସେ ଦେଖିଥିବା, ଭୋଗିଥିବା ଯୁଗପତ୍ ଉଲ୍ଲାସକ ଓ ଲୋମଟାଙ୍କୁରା ସ୍ମୃତିଗୁଡିକର ଗହଳିକୁ- ରାତିରାତିର ଯନ୍ତ୍ରଣାଦାୟକ ନିଦ୍ରାହୀନତା ଭିତରେ ସେ ବାରମ୍ବାର ଅଣ୍ଡାଳି ହୋଇଚାଲିଥିବା ନିଜ ଜୀବନର ପ୍ରତିଟି ଅନ୍ଧାର ଓ ଫିକା ଆଲୁଅର ଗଳିକୁ । ହଠାତ୍ ତାଙ୍କୁ ଲାଗିଲା ମୁଣ୍ଡଟି ତଳେ ତାଙ୍କର ଗଣ୍ଡିଲି ତକିଆଟେ- ଚାରିବର୍ଷ ତଳେ ସ୍ୱର୍ଗଦ୍ୱାରର ଜୁଇରେ ଶୋଇଥିବା ବୋଉର ମୁହଁ ଝଲସି ଉଠିଲା ଆଖି ଆଗରେ ତାଙ୍କର । ପ୍ରଳାପ କରି ଉଠିଲେ ସେ- 'ବୋଉ, ବୋଉ ତୁ ଆସିଛୁ । ଦେଖ୍, ତୋ ବାବୁ କି ଯନ୍ତ୍ରଣା ଭୋଗିଚାଲିଛି ତୁ ତାକୁ ଛାଡି ଦେଇ ଚାଲିଗଲା ପରେ । ଆଉ ଜମା ତତେ ଛାଡିବିନି ମୁଁ । ମତେ ଶୁଆଇଦେ ତୋ କୋଳରେ ବୋଉ, ମୁଁ ଟିକେ ଶାନ୍ତି ପାଏ' ।

ତନ୍ଦ୍ରା ଓ ନିଦ୍ରାର ମଝି ଇଲାକାର ମାଛି ଅନ୍ଧାରରେ ଆଖି ଦୁଇଟି ବୁଜି ହେଇଥିବାବେଳେ ପରମେନ୍ଦ୍ର ଅନୁଭବ କଲେ ତାଙ୍କ କପାଳ ଉପରେ ଝରି ପଡୁଥିବା ଲୁହର ଠୋପା । 'ବୋଉ ତୁ, କାନ୍ଦୁଛୁ । ନା, ନା ତୁ କଣ ଜାଣିନୁ ତୋ ଆଖିରେ ଠୋପାଏ ଲୁହ ଦେଖିଲେ ତୋ ବାବୁ କେତେ କଷ୍ଟ ପାଏ' - କହି ହଠାତ୍ ଉଠି ବସି ପଡିଲେ ସେ । ସେ କିନ୍ତୁ ଦେଖୁଥିଲେ ଶେଯ ଉପରେ ବସିଛନ୍ତି ପତ୍ନୀ ସୁମିତ୍ରା - ଆଖିରୁ ତାଙ୍କର ଗଡିଚାଲିଛି ବୁନ୍ଦା ବୁନ୍ଦା ଲୁହ । ଆଖି ବୁଜିବାର ସାତ କି ଆଠ ଦିନ ପୂର୍ବରୁ ନିଜ ବେକରୁ ବଉଳକଣ୍ଠି ହାରଟିକୁ କାଢି ବୋହୂ ସୁମିତ୍ରାକୁ ଦେଇ କହିଥିଲା ବୋଉ- 'ମା, ଏ ହାରଟି ମୋ ଶାଶୂଙ୍କର ଆଶିଷ । ଏଇଟି କାଢିବୁନି ଜମା ବେକରୁ' । ପରମେନ୍ଦ୍ରଙ୍କ ଆଖି ଅଟକି ରହିଥିଲା ସୁମିତ୍ରାଙ୍କ ବେକରେ ଝୁଲୁଥିବା ସେଇ ହାରଟିର ପଦକ ଉପରେ । ପାହାନ୍ତା ପ୍ରହରର ଶିଶିରଭିଜା ସମୀରଣ ଛୁଇଁ ଦେଉଥିଲା ସୁମିତ୍ରାଙ୍କୁ ଓ ତା'ପରେ ପ୍ରସରି ଯାଉଥିଲା ପରମେନ୍ଦ୍ରଙ୍କ ଦେହସାରା। ସେ ଆଖିବୁଜି ଦେଇଥିଲେ ନିର୍ଭୟ ଆଶ୍ୱସ୍ତିରେ - ଠିକ୍ ସେହି ନିର୍ଭୟ ଆଶ୍ୱସ୍ତି ଯାର କୋମଳ ପରଶରେ ସେ ଆଖିବୁଜି ଶୋଇ ପଡୁଥିଲେ ବୋଉ କୋଳରେ ।

*ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ*
*କୋଟିଆଁ ବାରଙ୍ଗ,*
*ଦୂରଭାଷ: ୯୮୫୩୩୫୫୧୦୭*



# ରାଜ ଉଆସ

## ପ୍ରଦ୍ୟୁମ୍ନ ପଟ୍ଟନାୟକ

ରୋହିତ ଏବଂ ରୋନିତାଙ୍କର ରାଜ ଜୋଟକ !

ଆଜିକାଲି କିଏ ଜାତକ ମିଳାଉଛି ହୋ ! ତାଚ୍ଛଲ୍ୟ କରି କହିଲେ ମଧ୍ୟସ୍ଥି।

ତଥାପି ଯଦି କୋଷ୍ଠୀ ମିଳିଯାଉଛି ତେବେ ଶୁଭା ଶୁଭ ଗଣନା କରିଦେଲେ କ୍ଷତି କ'ଣ ମତ ଦେଲେ ଜ୍ୟୋତିଷ। ଆଗକୁ ଆଉ ପାଦେ ଯାଇ ମଧ୍ୟସ୍ଥି କହିଲେ ଆହୁରି ପୁଣି ଦେଖୁନା ପୁଅର ଡ଼ାକ ନାଁ ରାଜା, ଝିଅକୁ ତାଙ୍କ ଘରେ ଡାକନ୍ତି ରାଣୀ।

"ହଁ ହଁ ଦେଖିବାକୁ ପୁଅ ଝିଅ କେଉଁ ରାଇଜର ରାଜା ରାଣୀଠାରୁ କେଉଁ କମ୍ କି", ଯୋଡ଼ି ଦେଲେ ପୁରୋହିତ। ବାହା ପୁଆଣି ଚର୍ଚ୍ଚା ବେଳେ ଏମିତି ଗମାତ୍ ଚାଲେ। ଅସଲ କଥା ହେଲା ଆଜିକାଲିକା ସମୟରେ ଯୋଗାଯୋଗ ମାଧ୍ୟମରେ ପୁଅକୁ ଝିଅ ଏବଂ ଝିଅକୁ ପୁଅ ମିଳିଗଲା ସେତକ ବଡ଼ କଥା। ଦୁଇ ପକ୍ଷ ଆଶ୍ୱସ୍ତ। ନହେଲେ ବାପା ଦାଦା, ବନ୍ଧୁ ବାନ୍ଧବ, ମଧ୍ୟସ୍ଥି ମାଟ୍ରିମୋନିଆଲ ଯେତେ ଚେଷ୍ଟା କଲେବି ଯୋଗ୍ୟ ବର ପାଇଁ ଯୋଗ୍ୟା କନ୍ୟା ତଥା ଯୋଗ୍ୟା କନ୍ୟା ପାଇଁ ଯୋଗ୍ୟ ବର ମିଳିବା କଷ୍ଟକର ବ୍ୟାପାର। ଗଡ଼ିଯାଏ ବୟସ। ପାଠପଢ଼ା, ଚାକିରି ବାକିରି, ମନପୁତ୍ତି, କ୍ୟାରିଅର ଆଦିକୁ ଧ୍ୟାନ ଦେଉ ଦେଉ ସାଧାରଣତଃ ପୁଅ ଝିଅଙ୍କ ବୟସ ତିରିଶ ପାର ହୋଇଯାଉଛି। ତେଣିକି ବୁଦ୍ଧି ପାକଳ ବିଚାର ଆବେଗ ଶୂନ୍ୟ। ଅଧିକ ସୁନ୍ଦର, ଅଧିକ ଯୋଗ୍ୟତା, ଅଧିକ ରୋଜଗାର ଆଦି ଅମୁକ ସମୁକ ଫରମାସି କରୁ କରୁ ପୁଅଙ୍କୁ ଝିଅ ଏବଂ ଝିଅଙ୍କୁ ପୁଅ ପସନ୍ଦ ହେଉନାହାଁନ୍ତି। ବିଚରା ବାପା ମା' ପିଲାଙ୍କୁ ବାହା ସାହା କରାଇ ନିଶ୍ଚିନ୍ତ ହେବାକୁ ଯେତେ ଶୃଙ୍ଖଳାଚାରେ ଛାଟିପିଟି ହେଲେବି ଆଶା ବୈତରଣୀ ପାରି ହୋଇପାରୁନାହାଁନ୍ତି।

ସେ ଦୃଷ୍ଟିରୁ ବିଚାର କଲେ ରୋହିତ ଏବଂ ରୋନିତାଙ୍କର ବାପା ମା' ଭାଗ୍ୟବାନ ଭାଗ୍ୟବତୀ। ଖୋଜା ଖୋଜି କରି ଜ୍ୟୋତିଷ, ପୁରୋହିତ ମଧ୍ୟସ୍ଥିଙ୍କ ସହାୟତାରେ ଦୁଇ ପକ୍ଷରୁ ଅଭିଜାତ ସମ୍ପନ୍ନ ପରିବାର ଦେଖି ଶୁଣି ପ୍ରସ୍ତାବ ପଡ଼ିଛି। ଦିଆ ନିଆ, ଭୋଜି ଭାତକୁ ନେଇ ଆନୁଷଙ୍ଗିକ କଥାବାର୍ତ୍ତା ବି ହୋଇଯାଇଛି। କେବଳ ଔପଚାରିକତା ଦୃଷ୍ଟିରୁ ପୁଅ ଝିଅ ଥରେ ଭେଟା ଭେଟି ହୋଇଗଲେ ଦିନ ବାର ସ୍ଥିର ହେବ। ତେଣିକି ଆରମ୍ଭ ହେବ ଯୋଗାଡ଼ ଯନ୍ତ୍ର। ଆଜିକାଲିକା ବାହା ଘରରେ କେତେ ଆୟୋଜନ। ହୋଟେଲ ମଣ୍ଡପ ଖୋଜା। ବାଜା, ବାଣ, ଫୁଲ, ଫଟୋ ପାଇଁ ବରାଦ ବଇନା। ଆଡ଼ମ୍ବର ସହ ବାହାଘରଟିଏ କରିବାକୁ କମ୍‌ସେ କମ୍ ଛଅ ସାତ ମାସ ସମୟ ଲୋଡ଼ା।

ପୁଅ ଝିଅମାନେ ବି ଅତି କମ୍‌ରେ ଛଅ ସାତ ମାସ ଦରକାର କଲେଣି ପରସ୍ପରକୁ ଭଲ ଭାବରେ ଚିହ୍ନିବା, ଜାଣିବା ପାଇଁ। ଆଗ ଭଳି ଅଜଣା ଅଦେଖା ପୁଅ ଝିଅ ପରସ୍ପରକୁ ବାହା ହେବାକୁ ନାରାଜ। ଅବଶ୍ୟ ସେ ବି ଗୋଟେ ଦୃଷ୍ଟିରୁ ଉତ୍ତମ। ବୈବାହିକ ବନ୍ଧନରେ ବାନ୍ଧି ହେବା ପୂର୍ବରୁ ବର କନ୍ୟା ଦେଖା ସାକ୍ଷାତ୍ ବାର୍ତ୍ତାଳାପ ମାଧ୍ୟମରେ ପରସ୍ପରର ଆଚରଣ ଉଚ୍ଚାରଣ, ଅଭ୍ୟାସ ପ୍ରକୃତି ବିଷୟରେ ଅବଗତ ହେବା ଅନିବାର୍ଯ୍ୟ। କେତେ ଦୂର ଅନ୍ୟ ସହ ମିଳାଇ ନେଇ ହେବ। କ'ଣ ଛାଡ଼ିବାକୁ ପଡ଼ିବ, କ'ଣ ଗ୍ରହଣ କରିବା ଆବଶ୍ୟକ ହେବ ସେସବୁ ପରଖି ନେଇଥିଲେ ଆଉ ବାହାଘର ପରେ ଆଶ୍ଚର୍ଯ୍ୟ ହେବାକୁ କିମ୍ବା ପସ୍ତେଇବାକୁ ପଡ଼ିବ ନାହିଁ। ଯଦି କେଉଁଥିରେ କିଛି ଅସାମଞ୍ଜସ୍ୟତା ଦେଖାଦିଏ କିମ୍ବା କାହାର ହାବ ଭାବ କଥାବାର୍ତ୍ତା ଅରୁଚିକର ଆଶାଳୀନ ବୋଧ ହୁଏ ତେବେ ସେପରି ସଂପର୍କ ଯୋଡ଼ିବା ଆଗରୁ ଭାଙ୍ଗି ଦେବା ଶ୍ରେୟସ୍କର। ନହେଲେ ଆଇନ୍ କାନୁନ କୋର୍ଟ କଚେରିର ଅବସ୍ଥା ଯାହା ଥରେ ବିବାହ ବନ୍ଧନରେ ବାନ୍ଧି ହୋଇଗଲେ ଛାଡ଼ ବାଡ଼ ହେବା କାଠିକର ପାଠ। ଅବଶ୍ୟ ଦୁନିଆର ରୀତିନୀତି ଦେଖି ସମସ୍ତେ ଅଳ୍ପ ବହୁତେ ସାବଧାନ ହୋଇଗଲେଣି। ସେ ପ୍ରେମ ବିବାହ ହେଉ କିମ୍ବା ପାରମ୍ପରିକ ଯୋଗାଯୋଗ ଦ୍ୱାରା ଅନୁଷ୍ଠିତ ବିବାହ ହେଉ ମାତ୍ର କିଛି ଦିନ ମଧ୍ୟରେ ମନ ଫଟା ଫଟି ହୋଇ ଅଲଗା ହୋଇଯିବା ଅତି ସାଧାରଣ, ମାମୁଲି ଘଟଣା କହିଲେ ଅତ୍ୟୁକ୍ତି ହେବନାହିଁ। ସେଥିପାଇଁ ଦେଖି ଚାହିଁ, ବୁଝି ବିଚାରି ଆଗକୁ ବଢ଼ିବାକୁ ଆଜି କାଲି ସମସ୍ତେ ଚାହାଁନ୍ତି।

ରୋହିତ ଏବଂ ରୋନିତାଙ୍କର ପ୍ରଥମ ସାକ୍ଷାତ୍ ଦୁଇ ପକ୍ଷର ଗୁରୁଜନଙ୍କ ଉପସ୍ଥିତିରେ। ଉଭୟଙ୍କର ଉଭୟଙ୍କୁ ପସନ୍ଦ ହେବାର ସ୍ୱୀକୃତି ପରେ ବିବାହ କାର୍ଯ୍ୟ ସ୍ତର ପରେ ସ୍ତର ଦେଇ ଗତି କରିବାକୁ ସମ୍ମତି ପ୍ରକାଶ ପାଇଲା। ଆଗକାଳର ମନ୍ଦିରରେ ନିର୍ବନ୍ଧ ଏବେ ଛୋଟକାଟିଆ ବାହାଘର ଭଳି। ଦୁଇ ପକ୍ଷ ଏକାଠି ହୋଇ ପୂଜାପାଠ, ଭୋଜିଭାତ, ଖିଆପିଆ ସହ ମୁଦି ପିନ୍ଧାଇବା, ଫଟୋ ଉଠାଇ ସେ ଉତ୍ସବକୁ ସ୍ମରଣୀୟ କରିବା ବିବାହ ଉତ୍ସବର ଆଦି ପର୍ବ।

ପୁଅ ପକ୍ଷରୁ ରୋହିତ ବାପା ମା'ଙ୍କର ଏକମାତ୍ର ସନ୍ତାନ। ସେପରି ଝିଅ ଘର ପଟୁ ରୋନିତା ତା' ବାପା ମା'ଙ୍କର ବି ଏକାକୀ ଅଲିଅଳୀ। ଦୁହେଁ ଉଚ୍ଚ ଶିକ୍ଷିତା ରୋଜଗାରକ୍ଷମ। କୌଣସି ପକ୍ଷରୁ ଅର୍ଥାଭାବର ଅନୁଭବ ଲେଶମାତ୍ର ନାହିଁ। ରୋହିତ ତା'ବାପାଙ୍କର ସହରରେ ଥିବା ବ୍ୟବସାୟର ଏକମାତ୍ର ଉତ୍ତରାଧିକାରୀ। ସେଥିପାଇଁ ସେ ପାଠ ପଢ଼ା ସାରି ଚାକିରି ଖୋଜିବାର ଆବଶ୍ୟକତା ଉପଲବ୍ଧି କରି ନାହିଁ। ସେପରି ରୋନିତାର ବାପା ତାଙ୍କ ଜୀବନ କାଳରେ ଯେତିକି ଘର ବାଡ଼ି ସଂପତ୍ତି ଅର୍ଜନ କରିଛନ୍ତି ଏବଂ ସେଥିରୁ ମାସକୁ ମାସ ଆସୁଥିବା ଆୟ ସ୍ୱଚ୍ଛନ୍ଦରେ ଜୀବନ ଯାପନ କରିବାକୁ ଯଥେଷ୍ଟ। ତେଣୁ ଦୁଇ ଜଣଙ୍କର ଯୁବାବସ୍ଥାରେ କେବଳ ଦାମ୍ପତ୍ୟ ଜୀବନକୁ ଉପଭୋଗ କରିବା ବ୍ୟତୀତ ଅନ୍ୟ ସମସ୍ୟା ନାହିଁ। ସେସବୁ ଲାଗି ଆବଶ୍ୟକ ଅର୍ଥ ଦୁହିଁଙ୍କୁ ଯଥେଷ୍ଟ ରୂପେ ଉପଲବ୍ଧ। ଦୁନିଆରେ ଏମିତି ଖୁବ୍ କମ୍ ବ୍ୟକ୍ତି ଥାଆନ୍ତି ଯିଏ ସେପରି ସୌଭାଗ୍ୟ ନେଇ ଜନ୍ମ ହୋଇଥାଆନ୍ତି, ଯାହାଙ୍କୁ ସବୁ ସୁବିଧା ସୁଯୋଗ ଅନାୟାସରେ ମିଳିଯାଏ ଉତ୍ତରାଧିକାରୀ ସୂତ୍ରରେ। ଦୁଇ ଅଜଣା ଯୁବକ ଯୁବତୀଙ୍କ ମଧ୍ୟରେ ପରିଚୟ ଏବଂ ନିକଟ ଭବିଷ୍ୟତରେ ବିବାହ ବନ୍ଧନରେ ବାନ୍ଧି ହେବାର ପ୍ରତିଶ୍ରୁତି ମିଳିବା ପରେ ଦୁହେଁ ଦୁହିଁଙ୍କ ନିକଟତର ହେବାକୁ ଲାଗିଲେ। ରୋହିତ ଏବଂ ରୋନିତାଙ୍କର ବାସସ୍ଥାନ ପରସ୍ପର ଠାରୁ ଶହେ ମାଇଲ ଦୂର ହୋଇଥିଲେ ବି ଦୂରଭାଷ ଯନ୍ତ୍ର ମାଧ୍ୟମରେ ଦୁହିଁଙ୍କର ବାର୍ତ୍ତାଳାପ ଦୁହିଁଙ୍କୁ ଅଧିକ ପରିଚିତ ଅଧିକ ନିକଟତର କରୁଥାଏ। ସବୁଦିନ ଦୁହେଁ ନିରୋଳାରେ

କିଛି ସମୟ ବାର୍ତ୍ତାଳାପ କରନ୍ତି। ଭାବ ଆବେଗର ଆଦାନ ପ୍ରଦାନ ହୁଏ। ରୋହିତକୁ ଘରେ ରାଜା ଡାକୁଥିବାବେଳେ ରୋନିତାର ଶ୍ରଦ୍ଧା ନାମ ରାଣୀ। ଦୁହେଁ ଦୁହିଁଙ୍କୁ ସେହି ଘରେ ଡାକୁଥିବା ନାମରେ ହିଁ ସମ୍ବୋଧିତ କରୁଥାଆନ୍ତି। ସେଥିରେ ଥିବା ଆତ୍ମୀୟତା, ମିଠାପଣ ସ୍କୁଲ କଲେଜର ସାର୍ଟିଫିକେଟ୍‌ରେ ଥିବା ନାମରେ ନଥାଏ।" ଏବେଠାରୁ କାହାଣୀ ସେହି ରାଜା ରାଣୀଙ୍କୁ ନେଇ ଅଗ୍ରସର ହେଉ।

ରାଜା ରାଣୀଙ୍କର ଆବେଗପୂର୍ଣ୍ଣ ବାର୍ତ୍ତାଳାପରେ ସ୍ଥାନ ପାଉଥାଏ କିଛି ସ୍ୱପ୍ନ କିଛି ବାସ୍ତବତା। ବ୍ୟକ୍ତିଗତ ଭାବେ କାହାର କ'ଣ ରୁଚି, ଅରୁଚି, ପସନ୍ଦ ଅପସନ୍ଦ ଆଲୋଚିତ ହୁଏ। ଖାଦ୍ୟପେୟ, ରଙ୍ଗରୂପ, ବସନ ଭୂଷଣ, ବିଳାସ ବ୍ୟସନ, ଭୟ ଭ୍ରାନ୍ତି, ସାଙ୍ଗ ସାଥି ଆଦିକୁ ନେଇ ଉଭୟଙ୍କ ମଧ୍ୟରେ ଆଳାପ ଚାଲେ ଘଣ୍ଟା ଘଣ୍ଟା। ତା' ମଧ୍ୟରେ ଉଭୟଙ୍କୁ ଉଭୟଙ୍କର ହାବଭାବ, ସ୍ୱଭାବର ବୈଶିଷ୍ଟ୍ୟ ଗୁଡ଼ିକୁ ଅନୁଧ୍ୟାନ କରିବାକୁ ସୁଯୋଗ ମିଳୁଥାଏ। ସେ ମଧ୍ୟରୁ କିଛିକୁ ପରସ୍ପର ଗ୍ରହଣ କରି ଅଭ୍ୟାସରେ ପରିଣତ କରିବାକୁ ଚେଷ୍ଟା କରୁଥାନ୍ତି। ଆଉ କିଛି ଅଗ୍ରାହ୍ୟ ମତାନ୍ତର ବିଷୟକୁ ଆପୋସ ଆଲୋଚନାରେ ସମାଧାନ କରିନିଅନ୍ତି। ନମନୀୟତା ହିଁ ଦାମ୍ପତ୍ୟ ଜୀବନର ମୂଳାଧାର। ପରସ୍ପର ପ୍ରତି ସମ୍ମାନ ନରହିଲେ ପରସ୍ପର ମତକୁ ଗୁରୁତ୍ୱ ନଦେଲେ ମତାନ୍ତର ମନାନ୍ତରରେ ପରିଣତ ହୋଇଥାଏ। ରାଜା ରାଣୀଙ୍କର ବିବାହ ପୂର୍ବରୁ ପରିଚୟ ଆଳାପ ଆଲୋଚନା ତାଙ୍କୁ ପରସ୍ପର ପ୍ରତି ଆକର୍ଷିତ କରିବା ସହ ସେମାନଙ୍କ ମିଳନକୁ ଈପ୍ସିତ ଆକାଂକ୍ଷିତ କରୁଥାଏ ଦିନ ପରେ ଦିନ।

ଦିନେ ଆଗ୍ରହର ସହ ରାଜା ପଚାରିଲା,

– ରାଣୀ ତୁମେ ତ ସ୍ୱପ୍ନ ଦେଖୁଥିବ! କ'ଣ ଦେଖ ସେ ସ୍ୱପ୍ନରେ ?

– ଗୋଟିଏ ରାଣୀ ପରି ରାଜ ଉଆସରେ ରହୁଥିବା, ରାଜୋଦ୍ୟାନରେ ବିଚରଣ କରୁଥିବା।

– କ'ଣ ତୁମ ନାମର ସାର୍ଥକତା ପାଇଁ ତୁମର ଏପରି ସ୍ୱପ୍ନ ନା ତୁମେ କାହାଠୁ କିଛି ଶୁଣିଛ। କେଉଁଠୁ କିଛି ପଢ଼ିଛ ?

– କାହିଁକି ? କାହାଠୁ କିଛି ନଶୁଣି, କେଉଁ ଗ୍ରନ୍ଥ ପୁରାଣ, ଇତିହାସରୁ ନପଢ଼ି କ'ଣ ସ୍ୱପ୍ନ ଦେଖିବା ମନା ?

– ହେଲେ ଏମିତି ଅବାନ୍ତର ସ୍ୱପ୍ନ ପୁଣି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ। ଯେବେ ସାରା ଦୁନିଆ ଗଣତନ୍ତ୍ରର ଗୁଣଗାନ କରୁଛି, ତୁମେ କେଉଁ ମରହଟୀ ରାଜତନ୍ତ୍ରର କଥା ଭାବୁଛ! ରାଣୀ ହେବାର ସ୍ୱପ୍ନ ଦେଖୁଛ!

– ମୁଁ ଇତିହାସର ଛାତ୍ରୀ। ଅନେକ ରାଜ ରାଜୁଡ଼ାଙ୍କ ବିଷୟରେ ପଢ଼ିଛି। ଇଜିପ୍ଟର ରାଣୀ କ୍ଲିଓପାଟ୍ରା, ଇଂଲଣ୍ଡର ରାଣୀ ଭିକ୍ଟୋରିଆ, ଚିତୋରର ରାଣୀ ପଦ୍ମାବତୀଙ୍କ ବିଷୟରେ ଜାଣିଛି। ଏବେ ବି ଆମ ଦେଶରେ, ଆମ ରାଜ୍ୟରେ ରାଜ ପରିବାରର ଦାୟଦମାନେ ଅଛନ୍ତି। ରାଜପ୍ରାସାଦମାନ ଇତିହାସର ସାକ୍ଷୀଭାବେ ଦଣ୍ଡାୟମାନ ରହିଛି। ସେହି ରାଜପ୍ରସାଦ ମାନଙ୍କରେ ମୋର ରହିବାର ସେ ସବୁକୁ ଦେଖିବାର ଅଦମ୍ୟ ଇଚ୍ଛା। ଗୋଟିଏ ରାଣୀ ପରି ଜୀବନ ଯାପନ କରିବାକୁ ମୋର ସ୍ୱପ୍ନ। ଆଉ ତୁମର ସ୍ୱପ୍ନ କ'ଣ ?

– ମୁଁ ବାଣିଜ୍ୟର ଛାତ୍ର। ଆମର ପୁରୁଷାନୁକ୍ରମେ ଚାଲିଆସିଥିବା ବ୍ୟବସାୟ ପରମ୍ପରାକୁ ଆଗକୁ ବଢ଼ାଇ ନେବାରେ ମୋର ଆଗ୍ରହ। ପିଲାବେଳୁ ଯାହା ଦେଖି ଆସିଛି, ଶୁଣି ଆସିଛି ତାକୁ ବୃତ୍ତିରେ ପରିଣତ କରିବାରେ ନିଜକୁ ନିୟୋଜିତ କରିବା ମୋ ଲକ୍ଷ୍ୟ। ଜଣେ ବଣିକ ହେବା ମୋର ସ୍ୱପ୍ନ। ବ୍ୟବସାୟରେ ସମୟାନୁଯାୟୀ ଉପର ତଳ, ଲାଭ କ୍ଷତି ନିର୍ବିଶେଷରେ ଅଭିବୃଦ୍ଧି ଥାଏ। ପ୍ରାଚୁର୍ଯ୍ୟ ଥାଏ। କିନ୍ତୁ ଅବସର ବିନୋଦନ ପାଇଁ ଯଥେଷ୍ଟ ସମୟ ନଥାଏ। ତୁମେ ତୁମ ଇତିହାସ ଅଧ୍ୟୟନ ପୃଷ୍ଠଭୂମିରେ ବିଚାର କରିପାର, ବ୍ୟବସାୟ ବି ଏକ ସାମ୍ରାଜ୍ୟ ସଦୃଶ। ସେଥିରେ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାହତ କରି ରାଜ୍ୟ ଜୟ କରିବାର ଅଭୀପ୍ସା ସହ ରାଜ୍ୟ ହରାଇବାର ଦୃଷ୍ଟାନ୍ତ ବି ରହିଛି। ତା'ସହ ଚାଲିଥାଏ ନୃତ୍ୟ ଗୀତ, ସଂସ୍କୃତି ସାହିତ୍ୟ, କଳା ଲାଳିତ୍ୟ ପ୍ରତି ଆଗ୍ରହ ଏବଂ ଆହୁତି।

ହଉ ରାଜା, ଆଉ ଅଧିକ ଭାବ ପ୍ରବଣ ନହୋଇ ଚାଲ ପ୍ରୟାସ କରିବା ମୋର ରାଜ ଉଆସରେ ରାଣୀ ହେବାର ଏବଂ ତୁମର ବ୍ୟବସାୟ ଜଗତରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ରାଜା ହେବାର ସ୍ୱପ୍ନ ସାକାର କରିବାକୁ।

– ସତରେ କ'ଣ ରାଣୀ ତୁମେ ନିଜକୁ ଜଣେ ସାମ୍ରାଜ୍ଞୀ ହେବାର ସ୍ୱପ୍ନ ଦେଖ ?

– ହଁ ରାଜା ଏ ସ୍ୱପ୍ନ ମୋର ଚିର ପରିଚିତ। ଛୋଟବେଳୁ ପକ୍ଷୀରାଜ ଘୋଡ଼ା, ରାଜକୁମାର ରାଜକୁମାରୀଙ୍କ ଗପ ଶୁଣିବା ପରଠୁ ପ୍ରାୟ ମୁଁ ନିଜକୁ ଗୋଟିଏ ରାଜକୁମାରୀ ହେବାର ସ୍ୱପ୍ନ ଦେଖି ଆସୁଥିଲି। ବଡ଼ ହେଲାରୁ ବିଶେଷ କରି ଆମର ବିବାହ ପ୍ରସ୍ତାବ ପରଠୁ ମୁଁ କେବଳ ଏକ ରାଜ ରାଣୀ ଭଳି ରାଜ ଉଆସର ମଖମଲୀ ଶେଯରେ ଶୋଇଥିବାର ସ୍ୱପ୍ନ ଦେଖୁଛି। ତାକୁ ନେଇ ମୋର ସଚେତନ ମନରେ ବି ଗୋଟିଏ ଯୋଜନା ଅଛି। ଗୋଟିଏ ଇଚ୍ଛା ବାରମ୍ବାର ଉଙ୍କି ମାରୁଛି।

– ନିସଂକୋଚରେ କୁହ ରାଣୀ। ଏବେ ତୁମର ସବୁ ଇଚ୍ଛାକୁ ସମ୍ମାନ ଦେବା ଏବଂ ତାକୁ ପୂରଣ କରିବାକୁ ଚେଷ୍ଟା କରିବା ହେବ ମୋର ନିବିଷ୍ଟ ଲକ୍ଷ୍ୟ।

– ତଥାପି !

– ସେ ଲାଜ କଥା।

– କୁହତ !

– ସେମିତି କିଛି ନୁହଁ ମ। ତୁମେ ଏତେ ସିରିୟସ୍ ହୋଇଯାଅନି।

– ତୁମେ କ'ଣ ଭାବିଛ, ଆମ ବାହାଘର ପରେ ଆମେ ହନିମୁନ୍ ପାଇଁ କୁଆଡ଼େ ଯିବା ?

– ଓଃ ଏଇଆ ତ ? ସମସ୍ତେ ଯୁଆଡ଼େ ଯାଉଛନ୍ତି, ଥାଇଲ୍ୟାଣ୍ଡ, ସିଙ୍ଗାପୁର, ମରିସସ୍, ଆଣ୍ଡାମାନ କିମ୍ବା ଗୋଆ ଭଳି କେଉଁଠି ଗୋଟେ ଜାଗା, ଯାହା ତୁମର ପସନ୍ଦ ସେଠିକୁ ଯିବା।

– ନା' ସେସବୁ ଯିବାକୁ ମୋର ଇଚ୍ଛା ନାହିଁ।

– ତେବେ ?

– ଆମେ ଆମ ରାଜ୍ୟର ରାଜପ୍ରାସାଦ ମାନଙ୍କ ମଧ୍ୟରୁ ଗୋଟିଏରେ ଦିନେ କିମ୍ବା ଦୁଇ ଦିନ ପାଇଁ ଗୋଟିଏ ରୁମ୍ ବୁକ୍ କରି ସେଠିକୁ ଯିବା। ଏବେ ଢ଼େଙ୍କାନାଳ, କେନ୍ଦ୍ରାପଡ଼ା, ରମ୍ଭା, ମୟୂରଭଞ୍ଜ ଆଦିରେ ଥିବା ରାଜ ପ୍ରାସାଦ ଗୁଡ଼ିକ ସାଧାରଣ ବ୍ୟକ୍ତିମାନଙ୍କ ପାଇଁ ରହିବାକୁ ଖୋଲି ଦିଆଯାଇଛି। କେଉଁ ବିଳାସପୂର୍ଣ୍ଣ ହୋଟେଲରେ ରହିବା ଅପେକ୍ଷା ରାଜ ପ୍ରାସାଦରେ ଦୁଇ ରାତ୍ରୀ ବିତାଇବାକୁ ମୋର ଇଚ୍ଛା।

ରାଣୀର ଆଗ୍ରହ ଅନୁଯାୟୀ ରାଜା ମୟୂରଭଞ୍ଜ ରାଜାଙ୍କର ବେଲଗାଡ଼ିଆ ରାଜପ୍ରାସାଦରେ ଦୁଇ ରାତି ପାଇଁ ଗୋଟିଏ କୋଠରି ଅନ୍‌ଲାଇନ୍ ମାଧ୍ୟମରେ ବୁକ୍ କରିଦେଲା। ଯେହେତୁ ସେ ଦୁଇ ଜଣଙ୍କର ବିବାହ ଜାନୁଆରୀ ଶେଷ ଭାଗରେ ହେବାକୁ ଥାଏ ସେମାନେ ରାଜ ପ୍ରାସାଦରେ ଦୁଇ ଦିନ ରହିବା ସହ ଶିମିଳିପାଳ ଅଭୟାରଣ୍ୟରେ ବୁଲିବାର ଯୋଜନା ବି କରିଥିଲେ। ସହର ବଜାରର ଭିଡ଼ ଠାରୁ ଦୂରରେ ଅରଣ୍ୟ ପରିବେଶରେ କିଛି ସମୟ ବିତାଇବା ଥିଲା ତାଙ୍କ ଯୋଜନା ଅନ୍ତର୍ଭୁକ୍ତ।

ରାଜା ରାଣୀଙ୍କର ପ୍ରତୀକ୍ଷାର ଅବସାନ ଘଟାଇ ଦୁହେଁ, ବିବାହ ବନ୍ଧନରେ ବାନ୍ଧି ହୋଇଗଲେ। ବିବାହ, ଭୋଜିଭାତ, ବନ୍ଧୁ ଚର୍ଚ୍ଚା, ଭିଡ଼ ଭାଡ଼ ସାତ ଆଠ ଦିନ ମଧ୍ୟରେ ଶେଷ ହୋଇଗଲା। ଅଷ୍ଟମଙ୍ଗଳା ପରେ ରାଜା ଓ ରାଣୀ ଗୋଟିଏ ଗାଡ଼ି ବୁକ୍ କରି ବାହାରି ପଡ଼ିଲେ ବାରିପଦା। ଭୁବନେଶ୍ୱରରୁ ସକାଳେ ବାହାରି ବେଲଗାଡ଼ିଆ ରାଜ ପ୍ରାସାଦରେ ପହଞ୍ଚିବା ବେଳକୁ ମଧ୍ୟାହ୍ନ ହେଉଥାଏ। ସେତିକିବେଳେ ହିଁ ସେଠାରେ ଅତିଥି ମାନଙ୍କୁ ସ୍ୱାଗତ କରିବା ସମୟ। ଦୁହେଁ ପୋର୍ଟିକୋରେ ଗାଡ଼ିରୁ ଓହ୍ଲାଇବା ମାତ୍ରେ ପୁଷ୍ପ, ଦୀପ, ଶଙ୍ଖ ଧ୍ୱନି ସହ ସୁସ୍ୱାଗତ କରି ତାଙ୍କୁ ପାଛୋଟି ନେଲେ ସେଠାରେ କାର୍ଯ୍ୟରତ କର୍ମଚାରୀ ବୃନ୍ଦ। ତାଙ୍କୁ ଅଭ୍ୟର୍ଥନା କକ୍ଷରେ ଉପବିଷ୍ଟ କରାଇ ଆୟୁର୍ବେଦିକ ପାନୀୟ ଦ୍ୱାରା ଆପ୍ୟାୟିତ କରିଥିଲେ। ସ୍ଥାନୀୟ ଚେରମୂଳି ପତ୍ର ଦ୍ୱାରା ପ୍ରସ୍ତୁତ ପାନୀୟ ସ୍ୱାଦିଷ୍ଟ ସୁଗନ୍ଧିତ ଥିବା ସହ ସ୍ୱାସ୍ଥ୍ୟ ପକ୍ଷେ ହିତକର ଥିବାର ସୂଚନା ମଧ୍ୟ ଦେଇଥିଲେ।

ତା'ପରେ କର୍ମଚାରୀମାନେ ବୁକ୍ କରାଯାଇଥିବା ରାଜ ପ୍ରାସାଦର ସୁସଜ୍ଜିତ କୋଠରିକୁ ତାଙ୍କ ବ୍ୟାଗ୍ ପତ୍ର ନେଇ ଦେଖାଇ ଦେଇଥିଲେ ତାଙ୍କ ଈପ୍‌ସିତ ରହଣି ସ୍ଥଳ ଦୁଇ ଦିନ ପାଇଁ।

ରାଜା ଓ ରାଣୀ ଉତ୍କଣ୍ଠାର ସହ ଆଗ ଦେଖିନେଲେ ବିଳାସପୂର୍ଣ୍ଣ କୋଠରି। ସେଥିରେ ପଡ଼ିଥିଲା ଐତିହ ବହନ କରୁଥିବା ଶିଶୁକାଠର କଳା ମଚ ମଚ ପଲଙ୍କ। ଭୂମିରୁ ତିନି ଫୁଟ ଉଚ୍ଚରେ ତଳିତଳ୍ପ ଶେଯ। ରାଜକୀୟ ପ୍ରାସାଧନ ଟେବୁଲରେ ଖଚିତ ବଡ଼ ଆଇନା। କୋଠରିକୁ ସଂଲଗ୍ନ କରୁଥିବା ରୁଚିପୂର୍ଣ୍ଣ ଶୌଚାଳୟ। କୋଠରି ସାମ୍ନାରେ ପ୍ରଶସ୍ତ ବାରଣ୍ଡା ଦେଖି ନବ ଦମ୍ପତି ଆନନ୍ଦିତ ହୋଇଗଲେ। ବିଶେଷ କରି ଉଲ୍ଲସିତ ହେଉଥାଏ ରାଣୀ। ସ୍ୱଳ୍ପ ସମୟ ହେଲେବି ରାଜକୀୟ ପରିବେଶରେ ବିତିବ ତାଙ୍କର ମଧୁଯାମିନୀ। ରାଜକୀୟ ଠାଣିମାଣି, ପରିବେଶ, ରାଜ ଉଆସ ଦେଖି ରାଜା ଯେତିକି ଉତ୍ସାହିତ ହେଉଥିଲା ତାଙ୍କୁ କେତେ ଗୁଣ ଅଧିକ ଶିହରିତ ରୋମାଞ୍ଚିତ ହୋଇଯାଉଥିଲା ରାଣୀ ରାଜ ଉଆସରେ ପାଦଦେବା ପରଠୁ। ତାକୁ ଲାଗୁଥିଲା ଯେମିତି ସେ ରାଜ ଉଆସ ତା'ର ପୂର୍ବ ପରିଚିତ। ସେ ସେଠାକୁ ଫେରିଆସୁଛି ଯୁଗ ଯୁଗର ବ୍ୟବଧାନ ପରେ। ରାଜ ପ୍ରାସାଦର ଛାତ, କାନ୍ଥ, କାରୁକାର୍ଯ୍ୟ ତାକୁ ଚିହ୍ନିଲା ଚିହ୍ନିଲା ପରି ଲାଗୁଥିଲା। ସେ ସ୍ୱପ୍ନରେ ଯେଉଁ ରାଜପ୍ରାସାଦକୁ ଦେଖିଆସୁଥିଲା ଏହିତ ସେହି ରାଜ ମହଲ। କୋଠରିର ଆଲୋକ ଜଳାଇ ଛାତ ଉପରୁ ଝୁଲୁଥିବା ଝୁମର ଗୁଡ଼ିକ ଆଡ଼କୁ ଚାହିଁ ଦେବାବେଳକୁ ସେଥିରେ ଖଞ୍ଜା ଯାଇଥିବା ଇଟାଲି, ବେଲଜିୟମ୍ ବିଦେଶୀ କାଚଗୁଡ଼ିକରେ ପ୍ରତିଫଳିତ ହୋଇଯାଉଥାଏ ରାଣୀର ସୁନ୍ଦର ଛବି ବହୁଧା ଭାବରେ।

କିଛି ସମୟ ବିଶ୍ରାମ ନେଇ ଲମ୍ବା ପଥ ଯାତ୍ରା ଜନିତ କ୍ଲାନ୍ତି ଦୂର ହେବା ପରେ ପରିଚାରିକାଙ୍କ ଆହ୍ୱାନକ୍ରମେ ପତିପତ୍ନୀ ଭୋଜନ କକ୍ଷରେ ଉପସ୍ଥିତ ହୋଇଗଲେ ମଧ୍ୟାହ୍ନ ଭୋଜନ ନିମିତ୍ତ। ଭୋଜନ କକ୍ଷର ଆସବାବ, କଂସା ପିତଳର ଭୋଜନ ପାତ୍ର ଏବଂ ଭୋଜନ ସାମାଗ୍ରୀ ଗୁଡ଼ିକର ବିଭିନ୍ନତା ଏବଂ ଗୁଣବତ୍ତା ଥିଲା ଉପଭୋଗ୍ୟ ଏବଂ ତୃପ୍ତିକର। ଆଦର ସତ୍କାର ସହ ପରୋଷା ଯାଇଥିଲା ଆଠ ଦଶ ପ୍ରକାରର ସ୍ୱାଦିଷ୍ଟ ଅନ୍ନ ବ୍ୟଞ୍ଜନ ମିଷ୍ଟାନ୍ନ ଇତ୍ୟାଦି। ଦୈବାତ ସେଦିନ ରାଜା ଏବଂ ରାଣୀଙ୍କ ବ୍ୟତୀତ ଅନ୍ୟ କେହି ଅତିଥି ନଥିବାରୁ ସମସ୍ତ କର୍ମଚାରୀମାନଙ୍କର ଧ୍ୟାନ ଥିଲା ନବ ଦମ୍ପତିଙ୍କୁ ଆପ୍ୟାୟିତ କରିବା।

ଭୋଜନ ଉପରାନ୍ତ ସନ୍ଧ୍ୟା ଯାଏ ଅନ୍ୟ କୌଣସି କାର୍ଯ୍ୟକ୍ରମ ନଥିଲା। ସୂର୍ଯ୍ୟାସ୍ତ ହେବା ପୂର୍ବରୁ ରାଜୋଦ୍ୟାନରେ ଭ୍ରମଣ, ପଦଚାଳନ ଏବଂ ବୃକ୍ଷ ଲତାଗୁଡ଼ିକର ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ ଉଭୟ ରାଜା ଏବଂ ରାଣୀ। ବୃକ୍ଷରେ ବସା ବାନ୍ଧିଥିବା ପକ୍ଷୀ ଗୁଡ଼ିକ ମଧୁର କୂଜନରେ ସ୍ୱାଗତ କରୁଥାଆନ୍ତି ରାଜ ଉଆସର ଅତିଥିମାନଙ୍କୁ। ସନ୍ଧ୍ୟା ଆଗତ ହେବାରୁ ଉଦ୍ୟାନରେ ଜଳି ଉଠିଲା ଆଲୋକ ମାଳା। ତା' ସହ ପରିବେଶଣ ହୋଇଥିଲା ଚା' ଜଳଖିଆ। ଉଦ୍ୟାନରେ ବସି ଜଳପାନ ଏବଂ ରାଜ ପ୍ରାସାଦର ବାହ୍ୟ ପରିବେଶ ଅବଲୋକନ ଉପରାନ୍ତ ଥିଲା ଶୀତ ସନ୍ଧ୍ୟାରେ ଖୋଲା ଆକାଶ ତଳେ ଛଉ ନୃତ୍ୟ ଉପଭୋଗ କରିବା। ପରିବେଶକୁ ଉଷ୍ମ କରିବାକୁ ବଷ କାଠରେ ଅଗ୍ନି ସଂଯୋଗ କରି ରଖାଯାଇଥାଏ ସମୀପବର୍ତ୍ତୀ ସ୍ଥାନରେ। ବାଦ୍ୟର ତାଳେ ତାଳେ ଛଉ ନୃତ୍ୟର ଭିନ୍ନ ଭିନ୍ନ ପରିବେଷଣ ପ୍ରତ୍ୟକ୍ଷ କରିବା ସହ ଅତିଥି ଦ୍ୱୟଙ୍କୁ ଜଣେ ସଂଚାଳକ ଅବଗତ କରାଉଥିଲେ ରାଜ ବଂଶର ଐତିହ୍ୟ, ଓଡ଼ିଶାର ଶିକ୍ଷା ସଂସ୍କୃତି, ସ୍ୱାସ୍ଥ୍ୟ ଏବଂ ଗମନାଗମନରେ ରାଜ ପରିବାରର ଅବଦାନ। ପିଢ଼ି ପରେ ପିଢ଼ି ମହାରାଜା ମାନଙ୍କର ଜନକଲ୍ୟାଣକାରୀ କାର୍ଯ୍ୟ ସମ୍ବନ୍ଧରେ ସୂଚନା ଦେଇ ଚମତ୍କୃତ କରିଥିଲେ।

ନିଜର ଦାମ୍ପତ୍ୟ ଜୀବନର ଆରମ୍ଭରେ ମଧୁଶଯ୍ୟା ନିମିତ୍ତ ରାଜ ଉଆସକୁ ଆସିଥିବା ରାଜା ଓ ରାଣୀ ରାଜକୀୟ ପରିବେଶରେ ବିଚରଣ, ରାଜପ୍ରାସାଦରେ ରହଣି, ରାଜୋଚିତ ଭୋଜନ ଏବଂ ମନୋରଞ୍ଜନକୁ ଭରପୂର ଉପଭୋଗ କରି ନିଜ ନିଜ ନାମକୁ ସାର୍ଥକ କରୁଥାଆନ୍ତି। ବିଶେଷଭାବେ ରାଣୀ ତା'ର ସ୍ୱପ୍ନ ସହ ମିଳାଇ ନେଉଥାଏ ରାଜ ପ୍ରାସାଦର ଅଟ୍ଟାଳିକା, ସାଜସଜ୍ଜା, ସୋଫା ପଲଙ୍କ, ଆଲୋକ ରୋଶଣି ଏବଂ ବୈଠକ କକ୍ଷର ଆସବାବ ଗୁଡ଼ିକୁ।

ରାତ୍ରି ଭୋଜନ ମଧ୍ୟ ଅନୁରୂପ ଥିଲା। ଆବଶ୍ୟକତା ଠାରୁ କେଇଗୁଣ ଅଧିକ ଖାଦ୍ୟ ପଦାର୍ଥ ପରିବେଷଣ କରାଯାଇଥିଲା। ଭୋଜନ ଉପରାନ୍ତ ସାମାନ୍ୟ ବାର୍ତ୍ତାଳାପ ସମୟରେ ରାଜନିବାସର କର୍ମଚାରୀମାନେ ସୂଚିତ କରିଥିଲେ ଯେ ତା'ପରଦିନ ସେମାନେ ରାଜ ପ୍ରାସାଦର ବିଭିନ୍ନ କୋଠରି ଗୁଡ଼ିକ ବୁଲାଇ ଦେଖାଇବା ସହ ରାଜବଂଶର ଇତିହାସ ସଂପର୍କରେ ସଂକ୍ଷେପରେ ଅବଗତ କରାଇବେ।

ନୈଶ ଭୋଜନ ପରେ ତାଙ୍କୁ ଦିଆଯାଇଥିବା କୋଠରିକୁ ପ୍ରତ୍ୟାବର୍ତ୍ତନ କଲେ ରାଜା ଏବଂ ରାଣୀ। ଶେଯକୁ ଯିବା ପୂର୍ବରୁ ପ୍ରଶସ୍ତ ବାରଣ୍ଡାରେ ପଦଚାରଣ କରି ନିର୍ମେଘ ଆକାଶରେ ଶୁକ୍ଳ ପକ୍ଷର ଶୁଭ୍ର ଜ୍ୟୋତ୍ସ୍ନାର ବିଚ୍ଛୁରଣକୁ ଉପଭୋଗ କରୁଥିଲେ। ହାଲ୍‌କା ହାଲ୍‌କା ପାହାଡ଼ୀ ଶୀତୁଆ ପବନ ଦେହରେ ବାଜି ସୃଷ୍ଟି କରୁଥାଏ ଅବର୍ଣ୍ଣନୀୟ ରୋମାଞ୍ଚ। କୋଳାହଳ ଶୂନ୍ୟ ରାଜ ପ୍ରାସାଦର ସ୍ନିଗ୍ଧ ସାନ୍ଦ୍ରତା ଉପଲବ୍ଧି କରି ଶୟନ କକ୍ଷକୁ ପ୍ରବେଶ କରେ ରାଜା ଏବଂ ରାଣୀ, ନବ ଦମ୍ପତି। ନିଜ ନିଜର ପରିଧାନ ବଦଳାଇ ଶେଯକୁ ଯିବା ପୂର୍ବରୁ ଦୁହେଁ ସମୋହିତ ଦୃଷ୍ଟି ପହଁରାଇ ଆଣିଲେ ରାଜ ଉଆସର ସେହି କୋଠରିଟିର ଭବ୍ୟ ସାଜସଜ୍ଜା ଉପରେ। କଳା ମଚ ମଚ ତକ୍ତପୋଷ ଉପରେ ତୁଳିତଳ୍ପ ଶେଯ। ବେଡ଼ ଲ୍ୟାମ୍ପ ଗୁଡ଼ିକରୁ ଧାରେ ଧାରେ ନୀଳାଲୋକ ନୀଳ ସମ୍ମୋହନରେ ଭରି ଦେଇଥାଏ କୋଠରିକୁ ଛାତରୁ ଝୁଲୁଥିବା କାଚର ଝୁମରରେ ଖଞ୍ଜା ହୋଇଥିବା ବଲବ୍ ଗୁଡ଼ିକରୁ ଅଜାଡ଼ି ହୋଇ ପଡୁଥାଏ ସ୍ତିମିତ ଆଲୋକର ପ୍ରତିଫଳନ। କେହି ପରିଚାରିକା ନବଦମ୍ପତି ମଧୁଶଯ୍ୟା ନିମିତ୍ତ ଆସିଥିବା ଜାଣି ମସାରି ବାଡ଼ରେ ଝୁଲାଇ ଦେଇଥାଏ କେତୋଟି ରଜନୀଗନ୍ଧାର ମାଳ। ଛଳକି ଯାଉଥାଏ ଭୁରୁ ଭୁରୁ ବାସ୍ନା। ବହୁ ପ୍ରତୀକ୍ଷିତ ମଧୁ ଯାମିନୀ ନିମିତ୍ତ ପ୍ରକୃଷ୍ଟ ପରିବେଶ। ମନ ଓ ଦେହରେ ଉତ୍ତେଜିତ ଉଦ୍‌ବେଳନ।

ମଧୁର ଆଳାପ, ଅଧୋରଷ୍ଠର ବିମୁଗ୍ଧ ଚୁମ୍ବନ ଏବଂ ନିବିଡ଼ ପ୍ରୀତି ଆଲିଙ୍ଗନରେ ବିତିବାକୁ ଲାଗିଲା ନିସ୍ତବ୍ଧ ରାତ୍ରୀର ପ୍ରହର ପରେ ପ୍ରହର। ରାତ୍ରୀର ଶେଷ ପ୍ରହରରେ ଗଭୀର ନିଦ୍ରାରୁ ଉଠିପଡ଼ି ବସିପଡ଼ିଲା ରାଣୀ। ଶୀତର ପ୍ରକୋପ ସତ୍ତ୍ୱେ ତା' ଦେହରେ ଜମିଆସୁଥାଏ ସ୍ୱେଦବିନ୍ଦୁ। ଖୁବ୍ ଡ଼ରିଯାଇ ସେ ହଲାଇ ଉଠାଇ ଦେଲା ପାଖରେ ନିଦ୍ରା ଯାଇଥିବା ରାଜାକୁ। ଏପରି ଡରିଯିବାର କାରଣ ଥିଲା ଗୋଟିଏ ସ୍ୱପ୍ନ। ଆଶ୍ଚର୍ଯ୍ୟ ହୋଇ ରାଜା ପଚାରିଲା ଏହା କି ସ୍ୱପ୍ନ ? ତୁମେ ତ ରାଣୀ ପରି ରାଜ ଉଆସରେ ରହିବାର ସ୍ୱପ୍ନ ଦେଖୁଥିଲ ! ଆଜି ରାଜ ପଲଙ୍କରେ ଶୋଇ ପୁଣି କେଉଁ ସ୍ୱପ୍ନ ଦେଖିଲ ?

ପରିହାସ କରନା ରାଜା ସେ ସ୍ୱପ୍ନକୁ ମନେ ପକାଇ ଏଯାଏ ମୋ ଦେହ ଥରିଯାଉଛି। ମୁଁ ସ୍ୱପ୍ନ ଦେଖିଲି ମୁଁ ସେହି ରାଣୀ ଯିଏ ନିଜର ଶିଶୁ ପଛରେ ଗୋଡ଼େଇ ଯାଉଛନ୍ତି ଏହି ବାରଣ୍ଡାରେ। ତାକୁ ଧରିବାକୁ ଚେଷ୍ଟା କରୁଛନ୍ତି। ବିକଳରେ ଡ଼ାକ ଛାଡୁଛନ୍ତି। ମାତ୍ର ଶିଶୁପୁତ୍ରଟି ରାଣୀଙ୍କ ଡାକ ନଶୁଣି ଆଗକୁ ଆଗକୁ ଦୌଡ଼ି ପଳାଉଛି। ନିମିଷକେ ଅଦୃଷ୍ଟ ହୋଇଯାଉଛି। ରାଣୀ ଅର୍ଥାତ୍ ମୁଁ ସେ ରାଜ କୁମାରଙ୍କ ପଛରେ ଦୌଡ଼ି ଦୌଡ଼ି ନିଜେ ସିଡ଼ିରୁ ପଡ଼ିଯାଉଛି। ସେହି ପଡ଼ିବା ଭୟରେ ମୋ ନିଦ ଭାଙ୍ଗିଗଲା।

ହଉ ଆସ ଆଉ କିଛି ସମୟ ଶୋଇଯାଅ। ଏଯାଏ ସକାଳ ହୋଇନାହିଁ। ତୁମେ ରାଜ ଉଆସରେ ଥିବାରୁ ଏପରି ରାଜା ରାଣୀ ରାଜକୁମାର ସ୍ୱପ୍ନ ଦେଖିଲ। ସବୁ ସ୍ୱପ୍ନର ଅର୍ଥନଥାଏ। ନା ନା ଏହା ଏକ ସାଧାରଣ ସ୍ୱପ୍ନ ନୁହଁ। ସେ ସ୍ୱପ୍ନ ଦେଖିବା ପରଠୁ ମୋ ଆଖିରୁ ନିଦ ଉଡ଼ିଯାଇଛି, କହିଲା ରାଣୀ।

ତୁମେ ଏବେ ମୋ ଉପରେ ହାତ ରଖି ଶୋଇଯାଅ ଆଉ ଭୟ ଲାଗିବ ନାହିଁ। କାଲି ରାଜ

ପ୍ରାସାଦର କର୍ମଚାରୀମାନଙ୍କୁ ପଚାରିନେବା। "ଏଠିକୁ ଆସୁଥିବା ଆଉ କେହି ଅତିଥି ଏପରି ସ୍ୱପ୍ନ ଦେଖନ୍ତି ନା ତୁମେ ଏକୁଟିଆ ଏମିତି ସ୍ୱପ୍ନ ଦେଖିଲ।"

ତନ୍ଦ୍ରାଳସ ଯାଇନଥାଏ। ରାଜା ରାଣୀ ପୁଣି ଅର୍ଦ୍ଧାଲିଙ୍ଗନ ମୁଦ୍ରାରେ ଶୟନ କରି ଗୋଟିଏ କମ୍ବଳକୁ ଘୋଡ଼ି ହୋଇପଡ଼ିଲେ। ପ୍ରାତଃ କାଳର ପକ୍ଷୀଙ୍କର କିଚିରି ମିଚିରି ବାରଣ୍ଡା ପଟୁ ଶୁଣାଯିବା ଯାଏ ତାଙ୍କର ନିଦ୍ରାଭଙ୍ଗ ହୋଇନଥିଲା। "ନିଦ୍ରାଭଙ୍ଗ ହେବା ପରେ ଶୌଚ ପ୍ରସାଧନ ଶେଷ କରି ଦୁହେଁ ବାହାରିପଡ଼ିଲେ ମନ୍ଦିର ଦର୍ଶନରେ। ବାରିପଦାର ଜଗନ୍ନାଥ ମନ୍ଦିର ମଧ୍ୟ ପୁରୀ ଭଳି ପ୍ରସିଦ୍ଧ। ସେଠାରେ ମଧ୍ୟ ମହାଡ଼ମ୍ବରରେ ରଥଯାତ୍ରା ସମ୍ପାଦିତ ହୁଏ। ଜଗନ୍ନାଥ ବଳଭଦ୍ର ସୁଭଦ୍ରାଙ୍କ ଦର୍ଶନ ପରେ ଦେବୀ ଅମ୍ବିକାଙ୍କୁ ଦର୍ଶନ କରି ଦୁହେଁ ଫେରିଆସିଲେ ରାଜପ୍ରାସାଦକୁ। ସେତେବେଳକୁ ଭୋଜନ କକ୍ଷରେ ପ୍ରାତଃ ଭୋଜନ ପ୍ରସ୍ତୁତ ହୋଇସାରିଥାଏ। ପ୍ରାତଃ ଭୋଜନରେ ସେପରି ପରିବେଷଣ କରାଗଲା ସ୍ଥାନୀୟ ପିଠା, ମିଠା ବ୍ୟତୀତ ରୁଚିପୂର୍ଣ୍ଣ ଅନ୍ୟ ଖାଦ୍ୟ ସାମଗ୍ରୀ। ଭୋଜନ ଉପରାନ୍ତ ପ୍ରାସାଦର ଆଭ୍ୟନ୍ତରିଣ ଭ୍ରମଣର କାର୍ଯ୍ୟକ୍ରମ ଏବଂ ରାଜ ବଂଶର ଇତିହାସ ସହ ସଂକ୍ଷେପ ପରିଚୟ ଲାଭ କରିବାର କାର୍ଯ୍ୟକ୍ରମ ଥାଏ।

ରାଜ ପ୍ରାସାଦର ଜଣେ ସୁଦକ୍ଷ କର୍ମଚାରୀ ରାଜା ଏବଂ ରାଣୀଙ୍କୁ ସାଥିରେ ନେଇ ଦେଖାଇବାକୁ ଲାଗିଲେ ରାଜ ପ୍ରାସାଦର ଗୋଟିଏ ପରେ ଗୋଟିଏ କୋଠରି। ସେସବୁ ମଧ୍ୟରେ ଥିବା ଆସବାବ। ବିଶେଷ କରି ସେ କୋଠରି ଏବଂ ବାରଣ୍ଡାରେ ଲାଗିଥିବା ପ୍ରତିଛବି ଗୁଡ଼ିକୁ ଦେଖାଇ ଚିହ୍ନାଇ ଦେଉଥାଆନ୍ତି ଭଞ୍ଜ ବଂଶୀୟ ମହାରାଜା ଓ ମହାରାଣୀମାନଙ୍କୁ। ଏକଥା ମଧ୍ୟ କହିଥାଆନ୍ତି ଯେ ମୟୂରଭଞ୍ଜର ରାଜ ପରିବାର ସହ ନେପାଳ, ରାଜସ୍ଥାନ, ମଧ୍ୟପ୍ରଦେଶ ଆଦି ରାଜ ପରିବାରମାନଙ୍କ ବୈବାହିକ ସଂପର୍କ ଥିଲା।

ଗୋଟିଏ ତୈଳଚିତ୍ରକୁ ଦେଖାଇ ରାଜପ୍ରାସାଦର କର୍ମଚାରୀ କହିଲେ ଏ ହେଉଛନ୍ତି ରାଣୀ ଶୋଭାବତୀ। ସେ ଥିଲେ ବିହାରର ଏକ ରାଜ ପରିବାରର। ସେ ଯେପରି ରୂପସୀ ଥିଲେ ସେପରି ବିଦୁଷୀ ବି। ମହାରାଜା ତାଙ୍କୁ ପ୍ରାଣାଧିକ ଭଲ ପାଇବା ସହ ରାଜ୍ୟ ପରିଚାଳନାରେ ତାଙ୍କ ଉପଦେଶ ଗ୍ରହଣ କରୁଥିଲେ। ତାଙ୍କର ଗୋଟିଏ ସୁନ୍ଦର ପୁତ୍ର ସନ୍ତାନ ଥିଲା। ରାଜକୁମାରଙ୍କୁ ଆଠ ବର୍ଷ ବୟସରେ ମହାମାରୀ ବସନ୍ତ ରୋଗ ହେଲା। ରାଣୀ ଶୋଭାବତୀ ଚିନ୍ତିତା ହୋଇପଡ଼ିଲେ। ମହାରାଜ ରାଜବୈଦ୍ୟଙ୍କୁ ଡ଼କାଇ ଚିକିତ୍ସା କରାଇଲେ। କିନ୍ତୁ କୌଣସି ଫଳ ମିଳିଲା ନାହିଁ। ରାଜକୁମାରଙ୍କର ଶୈଶବରେ ହିଁ ମୃତ୍ୟୁ ହୋଇଗଲା। ମହାରାଣୀ ଶୋକସନ୍ତପ୍ତା ହୋଇ ଖାଦ୍ୟ ପାନୀୟ ଛାଡ଼ି ଦେଲେ। କିଛି ଦିନ ମଧ୍ୟରେ ସେ ବି ପ୍ରାଣ ହରାଇଲେ। ମହାରାଣୀଙ୍କର ବିୟୋଗରେ ମହାରାଜା ବିମର୍ଷ ହୋଇ ନିଜ ସାନ ଭାଇଙ୍କୁ ରାଜପଦ ସମର୍ପି ଦେଇ ସନ୍ୟାସ ବ୍ରତ ଧାରଣ କରି ହିମାଳୟ ଚାଲିଗଲେ।

ଏସବୁ ଶୁଣୁଥିବା ସମୟରେ ରାଣୀର ଶରୀରରେ ଶୀତଳ ଶିହରଣ ଖେଳିଯାଉଥାଏ। ଅନୁଭୂତ ହେଉଥାଏ ଅପ୍ରତ୍ୟାଶିତ ବେପଥୁ। ସେ ଭୂପତିତା ହେବା ଭଳି ସ୍ଥିତି ଦେଖି ତାକୁ ଧରିନେଇ ରାଜା ଗୋଟିଏ ଚୌକିରେ ବସାଇ ଦେଲା। ଜଣେ ପରିଚାରିକା ସଙ୍ଗେ ସଙ୍ଗେ ପାଣି ଆଣି ପିଇବାକୁ ଦେଲେ। ସେମାନେ ଭାବୁଥିଲେ ବୋଧେ ନବଦମ୍ପତି ଅନେକ ରାତ୍ରିଯାଏ ଅନିଦ୍ରା ରହିବାରୁ ହୋଇପାରେ ଏପରି ଶାରୀରିକ ଦୁର୍ବଳତା। କିନ୍ତୁ କୋଠରିରେ ପହଞ୍ଚିବା ପରେ ରାଣୀ ସାଷ୍ଟମ ହୋଇ କହିଲା ଗତ ରାତ୍ରିରେ ସେ ଯେଉଁ ରାଣୀଙ୍କୁ ସ୍ୱପ୍ନରେ ଦେଖିଥିଲା ସେ ହିଁ ଥିଲେ ମହାରାଣୀ ଶୋଭାବତୀ। ଏବଂ ସେ ଯେଉଁ ଶିଶୁଟି ପଛରେ ଗୋଡ଼ାଉଥିଲେ ସେ ତାଙ୍କର ଶିଶୁପୁତ୍ର। ତାକୁ ଲାଗୁଥାଏ ସେ ଯେପରି ଶୋଭାବତୀଙ୍କର ରୂପାନ୍ତର। ତାଙ୍କ ଶହ ଶହ ବର୍ଷ ତଳର ଆତ୍ମା ତା' ଶରୀରରେ ଲୁକାୟିତ ନହେଲେ ସେ ମହାରାଣୀ ହେବାର ସ୍ୱପ୍ନ ଦେଖନ୍ତା କାହିଁକି? ରାଜ ଉଆସ ପ୍ରତି ଆଗ୍ରହ ଆଜନ୍ମରୁ ତା'ର ରହନ୍ତା କାହିଁକି?

*ଫ୍ଲାଟ୍ ନଂ.-୧୦୧, ପ୍ରକାଶଦୀପ ଟାୱାର*
*ଜୟଦୁର୍ଗା ନଗର, ଭୁବନେଶ୍ୱର-୭୫୧୦୦୬*
*ଦୂରଭାଷ: ୯୯୬୮୨୮୦୮୯୬*



# ମିସେସ ନନ୍ଦୀ

## ମୂଳ ବଙ୍ଗଳା ଗଳ୍ପ - ବିମଳ ମିତ୍ର
## ଓଡ଼ିଆ ରୂପାନ୍ତର - ଜୟକୃଷ୍ଣ ସାମଲ

ମିସେସ ସେନକୁ ମୋର ସତରେ ହିଁ ମନେ ଥିଲାନି । ଟେଲିଫୋନ ଉଠାଇ ପଚାରିଲି-କିଏ ?

- ଚିହ୍ନିପାରୁନ ? ମୁଁ ମିସେସ ସେନ-ପ୍ରଭା-

ସେଇ ବିସ୍ତୃତ ଭାବରେ କଥା କହିବା ତା'ର ଭଙ୍ଗି । ଟେଲିଫୋନରେ ଯେପରି ଗଳାଟା ଆହୁରି ମିଠାଳିଆ ଲାଗିଲା । ଟେଲିଫୋନରେ ସ୍ପଷ୍ଟ ଦେଖିବାକୁ ପାଇଲି ମିସେସ ସେନର ଜର୍ଜେଟ ଶାଢ଼ୀ ତା'ର ସିଗାରେଟ ଟାଣିବା, ତା'ର ଅସଜଡ଼ା ଖୋଷା ଆଉ ସିନ୍ଦୂର ଟୋପା । କହିଲେ -ଆଜି ଆପଣଙ୍କର ଟିକିଏ ସମୟ ହେବ ? ଆପଣଙ୍କୁ ମୋର ବିଶେଷ ଦରକାର ଥିଲା -

କହିଲି-କେତେବେଳେ ?

ମିସେସ ସେନ ବୋଧହୁଏ ସେତେବେଳେ ସିଗାରେଟ ଟାଣୁଛନ୍ତି । ଟିକିଏ ଧୂଆଁ ଛାଡ଼ି କହିଲେ - ମିଷ୍ଟର ସେନ ଇହଜଗତରେ ନାହାନ୍ତି ଶୁଣିଛନ୍ତି ବୋଧହୁଏ । କହିଲି - କେବେ ? ଶୁଣିନି ତ ।

ସତରେ ଅବାକ୍ ହୋଇଗଲି । ସୁବ୍ରତ ସେନ ମୃତ୍ୟୁବରଣ କରିଛନ୍ତି, ଏ ଖବର ତ ଜାଣିନଥିଲି । ସେ ଯେ ଅସୁସ୍ଥ ତାହାବି ଶୁଣିନି । ଅବଶ୍ୟ ସୁବ୍ରତ ସେନର ସଙ୍ଗରେ ମୋର ଦେଖା ସେପରି ଘନ ଘନ ହୁଏନା । ସେ ଅନ୍ୟ ଜଗତର ଲୋକ । ତା' ସଙ୍ଗରେ ମୋର ସଂପର୍କଟା ବା କେଉଁଥିପାଇଁ । ରେସର ଖବରବି ମୋର ରଖିବାର ଦରକାର ହୁଏନା । ସୁବ୍ରତ ସେନର ସଙ୍ଗରେ କହିବାକୁ ଗଲେ ମୋର କୌଣସି ସମ୍ବନ୍ଧ ରଖିବାର ପ୍ରୟୋଜନ ବି ମଧ୍ୟ ହୋଇନି । କଲେଜରେ କିଛିଦିନ ସାଥୀ ହୋଇ ପଢ଼ିଥିଲୁ, ସେଇ ପର୍ଯ୍ୟନ୍ତ ।

ମନେ ଅଛି ଦିନେ ଜଣେ ଭଦ୍ରଲୋକ ସକାଳବେଳା ଗୋଟାଏ ଚିଠି ଦେଇଗଲା ।

ପଚାରିଲି - କାହାର ଚିଠି ?

ଭଦ୍ରଲୋକ କହିଲେ - ଆମ ସାହେବ ଏଇ ଚିଠି ପଠାଇଛନ୍ତି । ଆପଣ ତାଙ୍କ ସଙ୍ଗରେ ଏକା କଲେଜରେ ପଢୁଥିଲେ - ସେ ଥରେ ଦେଖା କରିବାକୁ ଇଚ୍ଛା କରନ୍ତି ଆପଣଙ୍କ ସଙ୍ଗରେ ।

ସେତେବେଳେ ମଧ୍ୟ ମୁଁ ଜାଣେନା ସାହେବ କିଏ । ମସ୍ତବଡ଼ କୌଣସି ସରକାରୀ ଅଫିସର ଆହୁରିବି ବଡ଼ ପ୍ରଭାବଶାଳୀ ସାହେବର ନାମ-ଧାମ ପରିଚୟ ଲେଖା ପ୍ୟାଡ଼ରେ ଲେଖା ଖଣ୍ଡେ ଚିଠି । ଲେଖିଛି ସୁବ୍ରତ ସେନ । କୋଡ଼ିଏ ବର୍ଷ ପରେ ମୋର ଠିକଣା ଖୋଜି ବାହାର କରି ଅଫିସର ଲୋକଙ୍କ ସାହାଯ୍ୟରେ ଚିଠି ପଠାଇଛି । କେତେବେଳେ ମୋର ଅବସର, କେତେବେଳେ ଘରେ ରହେ ନରହେ ବା ତା' ଅଫିସକୁ ଯାଇ ଦେଖା କରିବାକୁ ଅସୁବିଧା ହେବନି ଜାଣିବାକୁ ଚାହିଁଛି । ଭଲଭାବରେ ଆପ୍ୟାୟନ କରି ଭଦ୍ରଲୋକକୁ ବିଦାୟ ଦେଲି । କହିଲି -ତାଙ୍କର ସାହେବ ସତରେ ମୋର ସହପାଠୀ ଏବଂ ତାଙ୍କ ସଙ୍ଗରେ ମୁଁ ସେଇଦିନ ହିଁ ଦେଖାକରିବି ।

କିନ୍ତୁ, ତାପରେ ଯାହା ସଚରାଚର ହୁଏ ତାହା ହିଁ ହୋଇଥିଲା । ଦେଖାକରା ତ ହୋଇନି, ଏପରିକି ଚିଠି ଦେବାବି ହୋଇନି । କାହିଁକି ଯେ ହୋଇନି ତାହାର କୌଣସି ଯୁକ୍ତିସଙ୍ଗତ କାରଣ ନଥିଲା । ଦେଖା ହୋଇନି-ହୋଇନି । ଆହୁରି ମଧ୍ୟ ନାନାପ୍ରକାର ଜରୁରୀ କାମ ଅବହେଳା କରିବା ପରି । ଏହି କାମଟାବି ଅବହେଳିତ ହୋଇ ହୋଇ ଶେଷରେ ସ୍ଥିର କରାଯାଇ ପାରିନି । ଶେଷ ସମୟରେ ଏପରି ବିଳମ୍ବ ହୋଇଗଲା ଯେ ଏଇ ପ୍ରସଙ୍ଗ ମୁଁ ଭୁଲିଗଲି ।

ଶେଷରେ ଏକଦା ହଠାତ୍ ଦେଖା ହୋଇଗଲା ମିସେସ ସେନର ସାଙ୍ଗରେ ।

ସଭାରୁ ବାହାରିବାର ସମୟ ଦେଖି ଗେଟ ପାଖରେ ଠିଆ ହୋଇଛନ୍ତି ଜଣେ ମହିଳା । ଜର୍ଜେଟ ଶାଢ଼ୀ ଅସଜଡ଼ା ଖୋଷା, ସିନ୍ଦୂର ଟିପା । ମୋ ଆଡ଼କୁ ଚାହିଁ ଚାହିଁ ଝଲମଲିଆ ହସ ହସୁଛନ୍ତି । ମୁଁ ପାଖକୁ ଯିବାକ୍ଷଣି ମୋ ଆଡ଼କୁ ଆଗେଇ ଆସି କହିଲେ - ମୋତେ ଚିହ୍ନିପାରୁଛନ୍ତି ?

ଗୋଟାଏ ନିମିଷକରେ ମୋର ବାରବର୍ଷ ବୟସ କମିଗଲା ।

କହିଲି - ପ୍ରଭା ନିଶ୍ଚୟ ?

ପ୍ରଭା କହିଲା -ମିଷ୍ଟର ସେନଙ୍କର ଚିଠି ପାଇନ ?

- ମିଷ୍ଟର ସେନ ?

ପ୍ରଭା କହିଲା - ମିଷ୍ଟର ସେନଙ୍କ ଅଫିସର କ୍ଲର୍କ ଆପଣଙ୍କୁ ଚିଠି ଦେଇନି ?

କହିଲି - ସେ ତ ସୁବ୍ରତ, ଆମେ ଦୁଇଜଣ ଏକା ସାଙ୍ଗରେ ପଢ଼ିଛୁ ଗୋଟାଏ କଲେଜରେ - ତା' ସଙ୍ଗରେ ତୋର କି ପ୍ରକାର ସଂପର୍କ ?

ପ୍ରଭା ହସି ପକାଇଲା, କହିଲା -ଭାବିଥିଲି ଚମକେଇ ଦେବି ଆପଣଙ୍କୁ । ତେବେ ଆପଣ ଆସିଲେନି ସେଦିନ ।

ପଚାରିଲି - ଏଠାକୁ କେଉଁଥିପାଇଁ ଆସିଛ ?

ପ୍ରଭା କହିଲା -ଖବରକାଗଜରେ ଖବର ଦେଖି ଆପଣଙ୍କ ଲେକ୍‌ଚର ଶୁଣିବାକୁ ଆସିଛି ।

ପଚାରିଲି - ମାଉସୀ କିପରି ଅଛନ୍ତି ?

ଭଲକରି ତାକୁ ଆଉଥରେ ଚାହିଁ ଦେଖିଲି । ମନେ ଅଛି ମାଉସୀଙ୍କର କଥାଗୁଡ଼ିକ । ମାଉସୀ କହୁଥିଲେ - ଏହିସବୁ କବିତା ପଢ଼ା-ଲେଖା ଛାଡ଼ ବାବୁ, ଗରିବ ଘରର ପୁଅ, ଏସବୁ ରୋଗ କାହିଁକି -

ମାଉସୀଙ୍କ ସାନପୁଅ ଖୋକାକୁ ସେତେବେଳେ ପଢ଼ାଉଥିଲି ମୁଁ । ଗରିବ ଘରର ପୁଅକୁ କେବଳ ସାହାଯ୍ୟ କରିବା ପାଇଁ ପୁଅକୁ ପଢ଼ାଇବା କାମଟା ଦେଇଥିଲେ । କଥା ଅନୁସାରେ ପ୍ରତିଦିନ ସକାଳେ ଓ ଓପରବେଳା ଖୋକାକୁ ପଢ଼ାଉଥିଲି । କିନ୍ତୁ ମାଉସୀ ସାମ୍ନାରେ ବସି ରହନ୍ତି । ଦିନେ ଦିନେ ପଢ଼ା ଶେଷ ପରେ ମୋତେ ଆଢୁଆଳକୁ ଡାକନ୍ତି । କହନ୍ତି -ଘରକୁ ଯିବା ପୂର୍ବରୁ ମୋ ସଙ୍ଗରେ ଥରେ ଦେଖାକରି ଯିବ ।

ତାପରେ ଯେତେବେଳେ ଦେଖା କରିବାକୁ ଯାଏ, କହନ୍ତି - ବସ-

ସୋଫାରେ ବସାଇ କହିଥିଲେ ଖୋକାର ସାମ୍ନାରେ କଥା କହି ତୁମକୁ ଲଜ୍ଜା ଦେବାକୁ ଚାହେଁନା, ତେଣୁ ଆଢୁଆଳକୁ ଡାକିଛି -

କହିଲି - କୁହନ୍ତୁ -

ମାଉସୀ କହିଲେ - ମୁଁ ଅନେକ ଦିନରୁ ଦେଖୁଛି ତୁମେ ଖୁବ୍ ଖରାପ ଜାମା-ଲୁଗା ପିନ୍ଧି ପଢ଼ାଇବାକୁ ଆସ - ସାର୍ଟ, ଟ୍ରାଉଜର ପିନ୍ଧି ଆସି ପାରନା ।

ଥଙ୍ଗେଇ ଥଙ୍ଗେଇ କହିଲି - ସବୁବେଳେ ଧୋତି

ପିନ୍ଧିହିଁ କଟେଇଛି, ତେଣୁ ... ଆଉ ତାହା ହେଲେ ଟ୍ରାଉଜର କିଣିବାକୁ ହେଲେ -

-ହଁ କିଣିବ । ଟ୍ରାଉଜର ପିନ୍ଧିଲେ କେତେ ସ୍ମାର୍ଟ ଦେଖାଯିବ ମୋତେ ଜାଣିଛ । ଏଇ ସାର୍ଟ କପଡ଼ାର ଗଜ କେତେ ମୂଲ୍ୟ ?

କହିଲି - ବାରଅଣା କରି କିଣିଥିଲି ସେତେବେଳେ, ବର୍ତ୍ତମାନ ଟିକିଏ ଦାମ୍ ବଢ଼ିଛି, ଅନେକ ଦିନ ହୋଇଗଲା-

- ଛି, ଛି-

ମାଉସୀ ଯେପରି ମୂଲ୍ୟ ଶୁଣି ମର୍ମାହତ ହେଲେ । କହିଲେ - ଖୋକା କ'ଣ ଭାବେ କହିଲ ଦେଖି । ତୁମେ ଖୋକାର ଟିଉଟର, ତୁମ ପାଖରେ ସେତ କେବଳ ଲେଖାପଢ଼ାହିଁ ଶିଖିବ ନାହିଁ, ତୁମର ଚାଲିଚଳନ, ବ୍ୟବହାର ପୋଷାକ ପରିଛଦ, ସବୁହିଁ ତା' ଉପରେ ପ୍ରଭାବ ବିସ୍ତାର କରିବ ?

ତାପରେ ଗୋଟାଏ ସିଗାରେଟ ଲଗାଇ କହିଲେ - ଏହି ଦେଖିଲ ମୁଁ ସିଗାରେଟ ଟାଣେ, ଟାଣେ କାହିଁକି ?

ମାଉସୀଙ୍କର ସିଗାରେଟ ଟାଣିବାର କାରଣ ମୁଁ କିପରି ଜାଣିବି ? ସୁତରାଂ ମୁଁ ଚୁପ୍ କରି ରହିଲି ।

ମାଉସୀ ନିଜେହିଁ କହିଲେ ମୁଁ ତ ପ୍ରଥମେ ଟାଣୁ ନଥିଲି । ଟାଣିଲେ କାଶ ଲାଗିଥାଏ -କିନ୍ତୁ ଖୋକା-ଖୁକୁର ଶିକ୍ଷାର କଥା ଭାବି ସିଗାରେଟ ଧରିଲି, ଭାବିଲି ଏମାନେ ତ ସ୍ମାର୍ଟନେସ ଶିଖିବେ -ହାତ ଖର୍ଚ୍ଚବି ଟିକିଏ ବଢ଼େ ଅବଶ୍ୟ, କିନ୍ତୁ କେତେ ଲାଭ ହୁଏ ଜାଣ ?

ଲାଭଟା କ'ଣ ହୁଏ ତାହା ମୁଁ ସେଦିନ ଠିକ୍ ବୁଝି ପାରିନି । କିନ୍ତୁ କଥାଟା କହିଲା ପରଠାରୁ ବାରମ୍ବାର ଲକ୍ଷ୍ୟକରି ଦେଖିଛି- ଏଇ ଟ୍ରାଉଜର, ସାର୍ଟ ଏଇ ସିଗାରେଟ, ଏହି ଚାଲିଚଳନର ଗୋଟାଏ ଲାଭ ଅଛି । ଦେଖୁଥିଲି ଜାମସେଦପୁରର ଯେତେ ବଡ଼ ବଡ଼ ଲୋକ ସମସ୍ତେ ଆସୁଥିଲେ ମାଉସୀଙ୍କ ଘରକୁ । ସନ୍ଧ୍ୟାବେଳେ ତାଙ୍କ ସି-ରୋଡ଼ର ବଙ୍ଗଳା ଘରଠାରେ ପ୍ରତ୍ୟେକ ଦିନ ପାର୍ଟି ଅନୁଷ୍ଠିତ ହେଉଥିଲା । ଜେନେରାଲ ମ୍ୟାନେଜରଠାରୁ ଆରମ୍ଭ କରି ୱାର୍କସ ସୁପରିଣ୍ଟେଣ୍ଡେଣ୍ଟ, ଫୋରମ୍ୟାନ-ଜାମସେଦପୁରର ଯେତେ ଗଣ୍ୟମାନ୍ୟ ଅଫିସର ସବୁ ଆସୁଥିଲେ । ମାଉସୀଙ୍କର ସେତେବେଳେ କିପ୍ରକାର ଉତ୍ସାହ । ମଉସା ସେପରି ସ୍ମାର୍ଟ ନଥିଲେ । ଗୋଟାଏ କୋଣରେ ବସି ବସି ଚୁରୁଟ ଟାଣୁଥିଲେ । କିନ୍ତୁ ମାଉସୀ ସର୍ବତ୍ର । କହୁଥିଲେ ମିଷ୍ଟର ଭଣ୍ଡାରୀ, ଆପଣ ଆଜି ଖୁବ୍ ୟଙ୍ଗ ଦେଖା ଯାଉଛନ୍ତି-

ମିଷ୍ଟର ଭଣ୍ଡାରୀ କହୁଥିଲେ ଏହା ଆପଣଙ୍କ ଆଖିର ଗୁଣରୁ ମିସେସ ନନ୍ଦୀ-

ମାଉସୀ କହୁଥିଲେ - ନା ନା, ନିଶ୍ଚୟ ସାଦେକ ଅଲୀ ଆପଣଙ୍କର ସୁଟ୍ ତିଆରି କରିଛି - ଖୁବ୍ ଚମତ୍କାର ଫିଟ୍ କରିଛି ଆପଣଙ୍କୁ -

ସାଦେକ ଅଲୀ ବ୍ରଦର୍ସ ଜାମସେଦପୁରର ସବୁଠାରୁ ବଡ଼ ଟେଲର୍ସ । ଜେନେରାଲ ମ୍ୟାନେଜର ସୁଟ୍ ତିଆରି କରନ୍ତି ସାଦକ ଅଲୀ ପାଖରୁ । ଆଉ ସେଥିପାଇଁ ମିଷ୍ଟର ନନ୍ଦୀଙ୍କୁ ମଧ୍ୟ ସେଠାରୁ ସୁଟ୍ ତିଆରି କରିବାକୁ ହୋଇଥାଏ । ମାଉସୀଙ୍କ ଘରର ଜାମା-ବ୍ଲାଉଜ ତିଆରି ହୋଇଥାଏ ସେଠାରୁ । କେବଳ ଟେଲର୍ସ ନୁହେଁ, ସବୁ କିଛି । ସବୁକିଛି କିଣିବାକୁ ହୋଇଥାଏ ସବୁଠାରୁ ଫେସନେବୁଲ ଦୋକାନରୁ, ଯେଉଁଠାରୁ ଜାମସେଦପୁରର ବଡ଼ ବଡ଼ ଅଫିସରମାନେ କିଣନ୍ତି । ଆଉ ମାଉସୀ ତାଙ୍କ ଘରର ସନ୍ଧ୍ୟାପାର୍ଟିର ପାଇଁ କ'ଣ କମ୍ ଖର୍ଚ୍ଚ କରୁଥିଲେ । ମିଷ୍ଟର ନନ୍ଦୀ ଟିକିଏ ଶାନ୍ତ ପ୍ରକୃତିର ମଣିଷ । ବେଶୀ ବୁଲାବୁଲି, ବେଶୀ ସଜବାଜ ପସନ୍ଦ କରନ୍ତି ନାହିଁ । ତାଙ୍କୁ ଦେଖିଲେ ହିଁ ମନେ ହୋଇଥାଏ ଯେପରି ଖୋଲା ଦେହରେ ରହିବାକୁ ସେ ବେଶୀ ଆରାମ ପା'ନ୍ତି । ଗୋଡ଼ ମେଲେଇ ମସିଣା ବିଛାଇ ଶୋଇହିଁ ଯେପରି ସ୍ୱସ୍ତି ପାଆନ୍ତି ବେଶି ।

ଆଉ ତାହା ସହିତ ଥିଲା ମିଷ୍ଟର ନନ୍ଦୀଙ୍କର ଭୁଲା ମନ ।

ସକାଳ ସମୟରେ ମିସେସ ନନ୍ଦୀ ଧରିଛନ୍ତି ଠିକ୍ । କହିଲେ - ଏ କ'ଣ ଚୁରୁଟ କାହିଁ ତୁମର ? ମିଷ୍ଟର ନନ୍ଦୀ ଥଙ୍ଗେଇ ଥଙ୍ଗେଇ କହୁଥିଲେ - ଚୁରୁଟ ସରିଯାଇଛି ବୋଧହୁଏ -

- କାହିଁକି ? ପୂର୍ବରୁ କହିନ କାହିଁକି । ଷ୍ଟୋରକୁ ନେଇ ଆସିଥାନ୍ତ । କ'ଣ ଯେ ତୁମର ନେଚର, ତୁମକୁ ବାରମ୍ବାର କହିଛି ନା, ଚୁରୁଟ ବ୍ୟତୀତ ତୁମେ ଭଲ ଦେଖାଯାଅନା, ବର୍ତ୍ତମାନ ଯଦି କେହି ଆସି ପହଞ୍ଚିଯାଏ ?

ମିଷ୍ଟର ନନ୍ଦୀଙ୍କୁ କହିବାକୁ ଗଲେ ମାଉସୀ ହିଁ ମଣିଷ କରିଛନ୍ତି । ଜଣେ ସାଧାରଣ ଲେଖାପଢ଼ା ଜଣାଲୋକ ଥିଲେ ମିଷ୍ଟର ନନ୍ଦୀ, ଯେବେ ପ୍ରଥମ ତାଙ୍କ ସଙ୍ଗରେ ବିବାହ ହୁଏ । ମିସେସ ନନ୍ଦୀହିଁ ମିଷ୍ଟରଙ୍କୁ ଭଲ ସୁଟ୍ ପିନ୍ଧିବାକୁ ଶିଖାଇଥିଲେ । ଚୁରୁଟ ଧରାଇଲେ, ପାର୍ଟିରେ ଡ୍ରିଙ୍କସ ଖାଇବାକୁ ଶିଖାଇଲେ । ସେତେବେଳେ ମିଷ୍ଟର ନନ୍ଦୀ ଥିଲେ ସାମାନ୍ୟ ଆସିଷ୍ଟାଣ୍ଟ ଫୋରମ୍ୟାନ । କିନ୍ତୁ ମିସେସ ନନ୍ଦୀ ସେହିଠାରୁ ହିଁ ସ୍ମାର୍ଟ, ସେଇ ମିଷ୍ଟର ନନ୍ଦୀଙ୍କ ଅଳ୍ପ ଦରମାରୁ ଟଙ୍କା ବଞ୍ଚାଇ, ନଖାଇ ଭଲ ପୋଷାକ-ପରିଛଦ ପିନ୍ଧିବାକୁ ଲାଗିଲେ, ଘରେ ଚା ପାର୍ଟି ଦେଲେ, ମିଷ୍ଟର ନନ୍ଦୀଙ୍କ ବାର୍ଥ-ଡ଼େ ଉତ୍ସବ ପାଳନ କଲେ, ବଡ଼ ବଡ଼ ଅଫିସରଙ୍କୁ ତାଙ୍କ ନିଜ ଘରକୁ ନିମନ୍ତ୍ରଣ କରି ଖାଇବାକୁ ଦେଲେ । କିପରି ଯେ କଷ୍ଟର ଜୀବନଥିଲା ମାଉସୀଙ୍କର ସେତେବେଳେ । ଘରେ ବାସି ରୁଟି ପଖାଳଭାତ ଖାଇ ପାର୍ଟିରେ ସମସ୍ତଙ୍କୁ କେକ ଓମଲେଟ କଫି ଖୁଆଇବାକୁ ଲାଗିଲେ । ପୂର୍ବରୁ ଥିଲେ ଜାମସେଦପୁରର ଏଲ-ରୋଡ଼ରେ, ପରେ ଉଠି ଆସିଲେ ସି-ରୋଡ଼କୁ ବେଶି ଭଡ଼ାର କ୍ୱାର୍ଟରକୁ କ୍ରମେ ଗଣ୍ୟ-ମାନ୍ୟ ଲୋକ ଆସିବାକୁ ଲାଗିଲେ ମିସେସ ନନ୍ଦୀଙ୍କ ପାର୍ଟିକୁ । ମିସେସ ନନ୍ଦୀଙ୍କର ପାର୍ଟିର ସୁନାମ ପ୍ରଚରିତ ହେବାକୁ ଲାଗିଲା ଜାମସେଦପୁରର ପ୍ରଭାବଶାଳୀ ଲୋକଙ୍କ ମହଲରେ । ମିଷ୍ଟର ଭଣ୍ଡାରୀ ଆସିଲେ । ମିସେସ ଭଣ୍ଡାରୀ ଆସିଲେ । ମିଷ୍ଟର ଦେଶମୁଖ ଆସିଲେ, ମିସେସ ଦେଶମୁଖ ଆସିଲେ । ମିଷ୍ଟର ସୁନ୍ଦରମ ଆୟାର ଆସିଲେ, ମିସେସ ସୁନ୍ଦରମ ଆୟାର ଆସିଲେ । ଶେଷରେ ସୋସାଇଟିରେ ମିସେସ ନନ୍ଦୀଙ୍କର ପାର୍ଟି କ୍ରେଜ ହୋଇ ଉଠିଲା ।

ମିସେସ ନନ୍ଦୀଙ୍କର ସେଇ ସବୁ ଦିନର ଇତିହାସ ଖୁବ୍ କରୁଣ ।

ମିଷ୍ଟର ନନ୍ଦୀ ରାତିରେ ଅଣ୍ଡରୱାର ପିନ୍ଧି ଶୋଇଥା'ନ୍ତି । ମିସେସ ନନ୍ଦୀ ମଧ୍ୟ ଛିଡ଼ା ଶାଢ଼ୀ ପିନ୍ଧି ଶୁଅନ୍ତି । ବିଛଣାର ସଫା ଚଦର ଉଠାଇ ଛିଡ଼ା ଚଦର ବ୍ୟବହାର ରାତିରେ । କେବଳ 'ର' ଚା ଖାଇ ବ୍ରେକଫାଷ୍ଟ କରୁଥିଲେ ଦୁଇଜଣ । ମାଛ-ମାଂସର ତରକାରି ଟେବୁଲରୁ ବାଦ ଦିଆଯାଇଥାଏ । ସାବୁନ ଲଗାଇ ଲୁଗା କାଚୁଥିଲେ ନିଜ ହାତରେ ବାଥରୁମର ଦରଜା ବନ୍ଦ କରି । ଘର ମଧ୍ୟରେ କେବଳ ସେମିଜ ପିନ୍ଧି ଅତିବାହିତ କରିଛନ୍ତି, ଘରେ ଛାଞ୍ଚୁଣୀ ମାରି ସଫା କରିଛନ୍ତି । ପାଉଁଶ ସାହାଯ୍ୟରେ ବର୍ଷ ପରେ ବର୍ଷ ଦାନ୍ତ ଘଷିଛନ୍ତି । କିନ୍ତୁ କେହି ଆସିଗଲେ ହିଁ ଜର୍ଜେଟ ଶାଢ଼ୀଟା ପିନ୍ଧି ନେଉଥିଲେ । ଖାଇବା ସମୟରେ ଚାରିପାଖର ଝରକା ବନ୍ଦ କରି ରଖୁଥିଲେ । ନହେଲେ କ'ଣ ଲଗାଇ ସେମାନେ ଖାଉଛନ୍ତି ବାହାର ଲୋକ ଦେଖିପାରନ୍ତି । ଘରେ ଜଣେ ଚାକର ରଖିଛନ୍ତି, ସେ କେବଳ କାମ କରିଦେଇ ଚାଲି ଯାଉଥିଲା । ଖାଉ ନଥିଲା । ସେଇ ଚାକର ହିଁ ପଗଡ଼ି ପାଇଜାମା ପିନ୍ଧି ଥରେ ଖାନ୍‌ସମା, ଥରେ ବୟ, ଥରେ ବାବୁର୍ଚି, ଥରେ ଦରୁଆନ ସାଜ ପିନ୍ଧି ଠିଆ ହେଉଥିଲା । ବହୁରୂପୀ ।

ମିଷ୍ଟର ନନ୍ଦୀ କହୁଥିଲେ -ଏହିପରି ଭାବରେ କଷ୍ଟ କଲେ, ତୁମର ଦେହ ଖରାପ ହୋଇଯିବ ଶେଷ କାଳରେ-

ମିସେସ ନନ୍ଦୀ କହୁଥିଲେ -ତାହାହେଉ, କିନ୍ତୁ ଏହି ପ୍ରକାର ନ କଲେ ତୁମର ପ୍ରମୋସନଟା ଯେ ହେବନି-

ମିଷ୍ଟର କାଶ୍ୟପ ଥିଲେ ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର । ତାଙ୍କ ହାତରେ ସବୁ । ମିଷ୍ଟର ନନ୍ଦୀ

କହୁଥିଲେ - ମିଷ୍ଟର କାଶ୍ୟପ ଯଦି ଇଚ୍ଛା କରନ୍ତି ତ ଦିନେ ଫୋରମ୍ୟାନ ହୋଇପାର-

ସେତେବେଳେ କାରଖାନାରେ ଆହୁରି ମଧ୍ୟ ଅନେକ ଆସିଷ୍ଟାଣ୍ଡ ଫୋରମ୍ୟାନ ଅଛନ୍ତି । ମିଷ୍ଟର ନନ୍ଦୀ ସମସ୍ତଙ୍କଠାରୁ ଜୁନିୟର । ମାଉସୀ ଦିନେ ଗୋଟାଏ ପାର୍ଟିକୁ ଯାଇ ମିସେସ କାଶ୍ୟପଙ୍କ ସହିତ ଭାବ ଜମାଇଲେ । ତାପରେ ନିମନ୍ତ୍ରଣ କଲେ ନିଜ ଘରକୁ । ଆସିଲେ ମିଷ୍ଟର କାଶ୍ୟପ, ମିସେସ କାଶ୍ୟପ ଦୁଇଜଣ ହିଁ । ସିଫନ ଶାଢ଼ୀ ପିନ୍ଧି ସୁନ୍ଦର ଭାବରେ ସାବଧାନ ସହକାରେ ଯତ୍ନ କଲେ ଦୁଇଜଣଙ୍କର ।

ଦୋକାନରୁ ଅର୍ଡ଼ର ଦେଇ ନାନା ପ୍ରକାର ଖାଇବା ପଦାର୍ଥ ଆଣିଲେ । ଚା, କଫି ଲେମେନ୍ କୋକ୍ । ସବୁକିଛି ହିଁ ଆୟୋଜନ ହୋଇଥିଲା । ଆଉ ତାପର ମାସ ପ୍ରମୋସନ ହୋଇଗଲା ମିଷ୍ଟ ନନ୍ଦୀଙ୍କର । ତିନିଶହ ଟଙ୍କା ଦରମା ବଢ଼ିଲା ।

କିନ୍ତୁ କେବଳ ଫୋରମ୍ୟାନ କରି ତୃପ୍ତି ହେଲାନି ମାଉସୀଙ୍କର । ୱାର୍କସ ମ୍ୟାନେଜରର ଗୃହିଣୀ ମଧ୍ୟ ହେବାକୁ ହେବ ଦିନେ । ଲକ୍ଷ୍ୟଟା ରହିଲା ସେଇ ଦିଗକୁ ।

ସେତେବେଳେ ଆସିଲେ ମିଷ୍ଟର ଆଉ ମିସେସ ଭଣ୍ଡାରୀ ।

ଏପରି ଭାବରେ ମିଷ୍ଟର ନନ୍ଦୀ ଅଳ୍ପ ଛୋଟ ଅବସ୍ଥାରୁ ବଡ଼ ହୋଇଥିଲେ । କିପରି ଭାବରେ ବଡ଼ ହେବାକୁ ହୁଏ ତାହାର ଚାବିକାଠିର ସନ୍ଧାନ ଜାଣିଥିଲେ ମାଉସୀ । ମୋର ଭଲପାଇଁ ମୋତେ ସେହିସବୁ ଉପଦେଶ ଦେଉଥିଲେ ।

ତେଣୁ ସେଦିନ ଯେତେବେଳେ ଜାମା-ଲୁଗା ନେଇ ଆକ୍ଷେପ କଲେ, ମୁଁ କିଛିହିଁ କହିନି ଚୁପ୍ କରି ରହିଥିଲି ।

ମାଉସୀ କହିଥିଲେ - ସାଦେକ ଅଲୀର ଦୋକାନରୁ ସୁଟ୍ ତିଆରି କରିନିଅ ।

କହିଲି - ମୁଁ ଏତେ ଟଙ୍କା କେଉଁଠୁ ପାଇବି କୁହନ୍ତୁ - ଘରେ ଭାଇଭଉଣୀ ଅଛନ୍ତି, ବାପା-ମା'ଙ୍କୁ ଟଙ୍କା ପଠାଇବାକୁ ହୁଏ -

ମାଉସୀ କହିଲେ -ତୁମ ମଉସାଙ୍କର କିପରି ଭାବରେ ପ୍ରମୋସନ କରାଇଛି ଜାଣ ? ଥିଲେତ କର୍କ- ବର୍ତ୍ତମାନ ସମସ୍ତେ ଦେଖୁଛନ୍ତି ୱାର୍କସ ମ୍ୟାନେଜର, କିନ୍ତୁ କିପରି ଭାବରେ ହେଲା ତାହା ଜାଣ ?

କହିଲି - ନା-

ମାଉସୀ କହିଲେ -ଚୁରୁଟ ଟାଣି । ପ୍ରଥମେ ଆଦୌ ଟାଣିବାକୁ ଚାହୁଁ ନଥିଲେ, କୁତ୍ସିତ ଗନ୍ଧ ଲାଗେ । କହିଲି -ଗନ୍ଧ ଲାଗିଲେ ଲାଗୁ ଅଫିସରମାନଙ୍କ ସହିତ ମିଶିବାକୁ ଗଲେ ସେମାନେ ଯେପରି ଭାବରେ ଚଳନ୍ତି ସେହିପରି ଭାବରେ ଚଳିବାକୁ ହେବ । ସେମାନେ ଯେଉଁ ଦୋକାନରୁ ଜାମା ତିଆରି କରାନ୍ତି ସେଇ ଦୋକାନରୁ ଜାମା ତିଆରି କରିବାକୁ ହେବ । ଯେଉଁ କ୍ଲବକୁ ଯାଆନ୍ତି ସେଇ କ୍ଲବକୁ ଯିବାକୁ ହେବ -

ତାପରେ ପୁଣି ହସି କହିଲେ - ନହେଲେ ମନଦେଇ କେବଳ ବେକ ଗୁଞ୍ଜି ଅଫିସ କାମ କରିଗଲେ ସେଇ କ୍ଲର୍କ ହୋଇ ରହିଥାନ୍ତେ ସବୁଦିନ ପାଇଁ । ଏଇ ପ୍ରମୋସନ ମଧ୍ୟ ହୋଇ ନଥା'ନ୍ତା । ଏହି ଗାଡ଼ି, ଘର କିଛିବି ହୋଇନଥା'ନ୍ତା-

କହିଲେ -ତୁମର ଭଲପାଇଁ କହୁଛି, ତୁମକୁ ମଧ୍ୟ କାରଖାନରେ ଭଲ ଚାକିରିରେ ଢୁକେଇ ଦେଇପାରେ ତାଙ୍କୁ କହି, କିନ୍ତୁ ମୁଁ ଯେପରି ଭାବରେ କହିବି ଚଳିବାକୁ ହେବ, ଏଇ ଧୋତି-ଫୁତି ଚଳିବ ନାହିଁ-

ମାଉସୀ ସେତେବେଳେ ପଦୋନ୍ନତିର ସଙ୍ଗେ ସଙ୍ଗେ ମୋଟା ହେଉଥିଲେ ଖୁବ୍ । ଗୋରା ସବୁ ସମୟରେ ହିଁ ଥିଲେ, କିନ୍ତୁ ତାହା ସହିତ ମେଦ ବଢ଼ିଲା । ଜର୍ଜେଟ ଶାଢ଼ୀର ଅତି ଉଜ୍ଜ୍ୱଳ ଭାବକୁ ଭେଦ କରି ମାଉସୀର ମେଦ ଫାଟି ପଡ଼ିଥିଲା ପରି ଲାଗେ । କିନ୍ତୁ ସେଇ ମେଦ ହିଁ ଥିଲା ମାଉସୀଙ୍କ ଗର୍ବ । ନହେଲେ ଏପରି ଭାବରେ ସମସ୍ତଙ୍କ ଆଖିରେ ଆଙ୍ଗୁଳି ଗେଞ୍ଜି ଦେଖାଇବା ପରି କରି କାହିଁକି ପ୍ରକାଶ ପ୍ରଚାର କରୁଥିଲେ । ସିଲ୍କ ଶାଢ଼ୀ ସିଲ୍କର ବ୍ଲାଉଜ ଦେହ ଉପରେ ଜାବୁଡ଼ି ଧରି ରହିନଥା'ନ୍ତା, ବାରମ୍ବାର ଖସି ପଡ଼ିବାକୁ ଇଚ୍ଛା କରନ୍ତା । ଥରେ ଥରେ ମନେ ହୋଇଥାଏ ଶାଢ଼ୀର ପଣତକାନିଟା କାନ୍ଧ ଆଉ ବୁକୁ ମଧ୍ୟରେ ପିଠିରୁ ଇଚ୍ଛା କରି ଖସାଇ ଦେଇହିଁ ବୋଧହୁଏ ମାଉସୀ ବେଶୀ ଆନନ୍ଦ ପାଉଥିଲେ । ମିଷ୍ଟର କାଶ୍ୟପ, ମିଷ୍ଟର ଭଣ୍ଡାରୀ, ମିଷ୍ଟର ଦେଶମୁଖ ପ୍ରଭୃତିଙ୍କର ବୋଧହୁଏ ଏହିଭାବରେ ହିଁ ଆକର୍ଷଣ କରିବାକୁ ଇଚ୍ଛା କରୁଥିଲେ । ତାଙ୍କର ସେ ଚେଷ୍ଟା ଯେ ବ୍ୟର୍ଥ ହୋଇନି, ମଉସାଙ୍କ ପଦୋନ୍ନତି ହିଁ ତା'ର ପ୍ରମାଣ ।

ଅଥଚ ମଉସାଙ୍କୁ ଦେଖିଛି ଅନ୍ୟପ୍ରକାର । ନନ୍ଦୀ ମାଉସୀଙ୍କର ବାଧ୍ୟବାଧକ୍ୟତାରେ ଦେହରେ ଜାମା ପିନ୍ଧିବାକୁ ହୋଇଥାଏ ତାଙ୍କୁ, ମାଉସୀଙ୍କର କଥାରେହିଁ ଚୁରୁଟ ଧରି, ଟ୍ରାଉଜର ପିନ୍ଧି ଦଳ ମଧ୍ୟରେ ବସି ରହିବାକୁ ହୋଇଥାଏ ।

ମାଉସୀ କହୁଥିଲେ -କାଲି ମିଷ୍ଟର ଭଣ୍ଡାରୀ ପ୍ରଭୃତିଙ୍କୁ ପାର୍ଟି ଦେଉଛି ଗୋଟାଏ, ମନେ ଅଛି ତ ?

ମଉସା ସେତେବେଳେ କାରଖାନାରୁ ଫେରି ଟିକିଏ ପଡୁଛନ୍ତି ସେଇକ୍ଷଣି । ଡରି ଡରି କହିଲେ - ପୁଣି ? ଏଇ ଯେ ସେଦିନ ପାର୍ଟି ଦେଇଥିଲ ।

ମାଉସୀ କହିଲେ -ତୁମେ ଆଉ ବୁଝିବନି, ବର୍ତ୍ତମାନ ବି ତୁମର କନଫାର୍ମେସନ ହୋଇନି, ଜାଣିନ ?

ମଉସା କହିଲେ - ଆଉ ଭଲ ଲାଗେନା, ଦିନେ ଯେ ଟିକିଏ ଏକାକୀ ନିର୍ଜନରେ ଘରେ ରହିନି-

ମାଉସୀ କହିଲେ - ଥରେ ୱାର୍କସମ୍ୟାନେଜର ହୁଅ, ସେତେବେଳେ ଯେତେ ଇଚ୍ଛା ନିର୍ଜନରେ ବସି ରୁହ -ମୁଁ ମନା କରିବାକୁ ଆସିବି ନାହିଁ - ମୋର କ'ଣ ଖୁବ୍ ଇଚ୍ଛା ? ଖର୍ଚ୍ଚ ମଧ୍ୟ କ'ଣ କମ୍ ହୁଏ ଭାବିଛ ?

ମଉସା ହତାଶ ହୋଇ ପଡୁଥିଲେ - ଆଉ ନିର୍ଜନତା କେଉଁଠି ମିଳିବ, ସେମାନେ ଆସିଲେ ହିଁ ଜୋର୍ କରି ହସିବାକୁ ହୁଏ, କଥାବାର୍ତ୍ତା କରିବାକୁ ହୁଏ- ଅଫିସରେ ସେମାନେ, ଘରେ ମଧ୍ୟ ସେମାନେ-ସବୁ ସମୟରେ କ'ଣ ଭଲ ଲାଗେ ?

ମାଉସୀ କହୁଥିଲେ -ସେସବୁ ବିଷୟ ମୋତେ କ'ଣ ଖୁବ୍ ଭଲ ଲାଗେ ମନେ କରୁଛ ?

-ତାହାହେଲେ, କାହିଁକି କରୁଛ ? ଆଉ ପ୍ରମୋସନ କ'ଣ ଦରକାର ? ବେଶ୍ ତ ଚଳିଯାଉଛି ।

ମାଉସୀ କହୁଥିଲେ - ତୁମେତ କହିଲ ବେଶ୍ ଚଳିଯାଉଛି । ବେଶ୍‌ଟା ଚଳିଯାଉଛି କେଉଁଠି ? ଏଇ ପୁରୁଣା ଗାଡ଼ିଟା ଚଢ଼ିବାକୁ ମନ ଲାଗେ ? ମିଷ୍ଟର ଭଣ୍ଡାରୀର ଗାଡ଼ିଟା ଦେଖିଛ ଆଖି ମେଲି ?

ତେବେ ମଉସା ମଧ୍ୟ ଅସ୍ୱୀକାର କଲେନି । ପୂର୍ବରୁ ତ ଚାଲି ଚାଲି କାରଖାନାକୁ ଯିବାକୁ ହୋଇଛି । ଝାଳ ବୋହି ପଡୁଥାଏ ସେତେବେଳେ ଅଫିସ ଯିବା ସମୟରେ । ଟିକିଏ ଅଫିସ ବିଳମ୍ବ ହେଲେ ଗାଳି ଖାଇବାକୁ ହୋଇଥାଏ - ଫାଇନ୍ ମଧ୍ୟ ହେଉଥିଲା । ସେଇ ଅବସ୍ଥାରୁ ତ ଆଜି ଏହି ଅବସ୍ଥାରେ ପହଁଚିଛନ୍ତି । ବର୍ତ୍ତମାନ ତେବେ ଦଶଜଣ ମାନନ୍ତି, ଖାତିର କରନ୍ତି, ସମ୍ମାନ କରନ୍ତି । ରାସ୍ତାରେ ଦେଖାହେଲେ ଡାକି ନମସ୍କାର କରନ୍ତି । ଜେନେରାଲ ମ୍ୟାନେଜର ଘରୁ ନିମନ୍ତ୍ରଣ ଆସେ । ପୋଷାକ ପରିଚ୍ଛଦର ମଧ୍ୟ କିଛି ପରିବର୍ତ୍ତନ ହୁଏ, ସେ ନିଜେହିଁ ତ ତାହାର ପ୍ରମାଣ । ସେଇ ମାଉସୀ ଯିଏ ଏକଦା ଧୂଆଁରେ ବସି ରାନ୍ଧିବାକୁ ଯାଇ ଆଖିର ଲୁହ ଭସାଉଥିଲେ, ନିଜ ହାତରେ କେବଳ ରାନ୍ଧିବା ନୁହଁ, ବାସନ ମଧ୍ୟ ମାଜୁଥିଲେ । ସେଇ ମାଉସୀ ହିଁ ବର୍ତ୍ତମାନ ଏତେ ଚେଷ୍ଟା ପରେ ସମାଜରେ ଜାତିରେ ଉଠିଛନ୍ତି । ମିସେସ ଭଣ୍ଡାରୀ ସହିତ ମିସେସ ନନ୍ଦୀ ନାମ ମଧ୍ୟ ଏକା ସାଙ୍ଗରେ ଉଚ୍ଚାରିତ ହୁଏ- । ଜେନେରାଲ ମ୍ୟାନେଜର ପାଖ ଚେୟାରରେ ବସିବାକୁ ପାଇଥା'ନ୍ତି, ଏହା କ'ଣ କମ୍ କଥା । ସେଇ ମାଉସୀ ହିଁ ସି-ରୋଡ଼ର ଘର ଛାଡ଼ି ନିଜର କିଣା ଘରେ ରହୁଛନ୍ତି । ନିଜର ଗ୍ୟାରେଜ, ନିଜର ଗାଡ଼ି ଅଛି ତାଙ୍କର, ରୋଷାଇ ଘରେ ବାବୁର୍ଚ୍ଚି ଅଛି, ଟେବୁଲ ବୟ ଅଛି, ବଗିଚାରେ ମାଳି ଅଛି । ଏହା କ'ଣ କମ୍ କଥା ନା କ'ଣ । ଆଉ ସଂସାରରେ ରହିବା ମଧ୍ୟରେ ତ ଗୋଟିଏ ମାତ୍ର ପୁଅ ଆଉ ଗୋଟିଏ ଝିଅ ।

ଠିକ୍ ଏହି ଅବସ୍ଥାରେ ହିଁ ମୁଁ ଆସି ହାଜିର ହୋଇଥିଲି ଖୋକାର ପ୍ରାଇଭେଟ ଟିଉଟର ହୋଇ । ତାହା କ'ଣ କମ୍ ଚେଷ୍ଟା ପରେ ।

ମୋର ଜଣେ ଦୂର ସଂପର୍କୀୟ କକା କହିଥିଲେ - ମିଷ୍ଟର ନନ୍ଦୀଙ୍କୁ କହିଲେ ତୁମର ଚାକିରି ହେବନି- ଯଦି କୌଣସି ପ୍ରକାରେ ମିସେସ ନନ୍ଦୀଙ୍କୁ ଧରିପାରୁ ତାହାହେଲେ ହୋଇପାରେ -

ମୋର ସେତେବେଳେ ତାଙ୍କ ପୁଅକୁ ପଢ଼ାଇବା ମୁଖ୍ୟ ଉଦ୍ଦେଶ୍ୟ ନୁହଁ । କୌଣସି ପ୍ରକାରେ ଆସ୍ତେ ଆସ୍ତେ ଘନିଷ୍ଠତା ହେଲେ କାରଖାନାର ଗୋଟାଏ ଚାକିରି ଯୋଗାଡ଼ କରିବା । ମିସେସ ନନ୍ଦୀର ହାତରେ ସବୁ । ମିଷ୍ଟର ନନ୍ଦୀ ହିଁ ଏକମାତ୍ର ବଙ୍ଗାଳୀମାନଙ୍କ ମଧ୍ୟରେ ଜାମସେଦପୁରରେ ବଡ଼ ଚାକିରି କରନ୍ତି । ଇଚ୍ଛା ହେଲେ ସେହିଁ ଚାକିରି କରାଇ ଦେଇପାରନ୍ତି ।

ଦିନେ ଏକା ପାଇ ମିଷ୍ଟର ନନ୍ଦୀଙ୍କୁ କହିଲି ମୋର ଅଭାବର କଥା ।

କହିଲି -ଆପଣ ଯଦି ଗୋଟାଏ ଚାକିରି କରେଇ ଦିଅନ୍ତି କାରଖାନାରେ ବଡ଼ ଉପକାର ହୁଅନ୍ତା । ଯେକୌଣସି ପ୍ରକାରର ଗୋଟାଏ ଚାକିରି-

କାରଖାନାରେ ମିଷ୍ଟର ନନ୍ଦୀଙ୍କର ଭଲକାମ କରିବା ଲୋକ ହିସାବରେ ନାଁ ଥିଲା । ଯୋଗ୍ୟତାର ସହିତ ମାଉସୀର ତଦ୍‌ବିର ମିଶି ଆପେ ଆପେ ତାଙ୍କର ଉନ୍ନତି ହୋଇଥିଲା । କିନ୍ତୁ ଅନ୍ତରରେ ସେ ଥିଲେ ବଙ୍ଗାଳୀ । ଡିନର ଖାଉଥିଲେ, ସ୍ୟୁଟ୍ ପିନ୍ଧନ୍ତି, ଚୁରୁଟ ଓଠରେ ଧରନ୍ତି, ସେ କେବଳ ସ୍ତ୍ରୀର ଅଦମ୍ୟ ଉଚ୍ଚାକାଂକ୍ଷା ତାଗିଦରେ । ନହେଲେ ସୋରିଷ ତେଲ ଦେହରେ ଲଗାଇ ଗାଧୋଇବାକୁ ପସନ୍ଦ କରୁଥିଲେ, ଡାଲି ଲଗାଇ ଭାତ ଖାଇବାକୁ ଭଲ ପାଆନ୍ତି, ତେଣୁ ମୋ କଥାରେ ଟିକିଏ ସହାନଭୂତି ହେଲା ଯେପରି ତାଙ୍କର ।

କହିଲେ - ଚାକିରି କରିବ ?

ପୁଣି କହିଲି - ହଁ, ଯେକୌଣସି ଚାକିରି-

କିଏ ଜାଣେ କିପ୍ରକାର ମିଜାସରେ ଥିଲେ । କହିଲେ - ତୁମେ ଜାଣନା, ଜୀବନରେ ଚାକିରି କେବେହେଲେ କରିନ । ତେବେ ଆରମ୍ଭ କରିଛ ଜୀବନ, ଆମେ ଚାକିରିକୁ ଏତେଦିନ, ମର୍ମେ ମର୍ମେ ବୁଝିନୁ ଚାକିରିର ଜ୍ୱଳା -

କହିକରି ଟିକିଏ ରହିଗଲେ । ମାନେ ଯିଏ ଚାକିରି କରିନି, ସେ ବୁଝିବ ନାହିଁ - ତେବେ ତୁମର ଚାକିରି ନକଲେ କ'ଣ ଚଳିବନି ?

ସେଦିନ ବୁଝିଲି ମଉସାଙ୍କର ସେସବୁ କଥା ଛଳନା ନୁହଁ । ବାହାରୁ ସାମାଜିକ ପ୍ରତିପତ୍ତି ପ୍ରତିଷ୍ଠାଟା ହିଁ ଆମେ ଦେଖୁଥିଲୁ, ଭିତରର ଅନ୍ତରଙ୍ଗ ମଣିଷଟି ଯେ ଅନ୍ୟ ପ୍ରକାର, ସେଦିନ ତାହାର ପରିଚୟ ପାଇଲି ।

କହିଲେ - ସମୟ ସମୟରେ ମନେହୁଏ ସବୁକିଛି ଛାଡ଼ି ଦେଇ ବଣକୁ ଚାଲିଯିବି - ମନେହୁଏ ଏହାଠାରୁ ଭିକ୍ଷା କରି ଖାଇବା ହିଁ ଭଲ -

ମୁଁ ଆଉ କ'ଣ କହିବି । ସେଦିନ ତାଙ୍କ ସାମ୍‌ନାରେ ଚୁପ୍ କରି ବସି ଥିଲି ।

ମଉସା ପୁଣି କହିଲେ - ଭାବେ ମୋ ଜୀବନଟା ତ ଏହିପ୍ରକାର ଗଲା, ମୋ ପୁଅକୁ ଯେପରି ଏହି ଦୁର୍ଯ୍ୟୋଗ ଭୋଗିବାକୁ ନହୁଏ - ଯେପରି ଭାବରେ ହେଉ ଗୋଟାଏ ଛୋଟ ମୋଟ ଦୋକାନ କଲେବି ଏହାଠାରୁ ଖୁବ୍ ବେଶି ସୁଖୀ ହୋଇ ପାରିବ -

ସେଦିନ ଜାମସେଦପୁର କାରଖାନାର ଓ୍ୱାର୍କସ ମ୍ୟାନେଜର ମିଷ୍ଟର ନନ୍ଦୀଙ୍କର ମୁହଁରୁ ଏପରି କଥା ଶୁଣିବି ସତରେ ଆଶା କରିନି । କହିବାକୁ ଗଲେ ଠିକ୍ ସେଇଦିନରୁ ଜୀବନ ସଂପର୍କରେ ମୋର ଏକ ନୂଆ ଦୃଷ୍ଟି ଖୋଲିଗଲା ।

ପ୍ରଭା ସେତେବେଳେ ଛୋଟ, ଖୋକା ଆହୁରି ବି ଛୋଟ । ମୁଁ ଖୋକାକୁ ପଢ଼ାଇବାକୁ ଯାଉଥିଲି ସନ୍ଧ୍ୟାବେଳେ । ଯିବା ପୂର୍ବରୁ ଯଥାସାଧ୍ୟ ଫିଟ୍-ଫାଟ୍ ହୋଇଯିବାକୁ ଚେଷ୍ଟା କରୁଥିଲି ନିୟମିତ ମୁଣ୍ଡ କୁଣ୍ଡାଉଥିଲି, ସାଦେକ ଅଲୀର ଦୋକାନରୁ ସ୍ୟୁଟ୍ ତିଆରି କରେଇ ପିନ୍ଧୁଥିଲି, କିନ୍ତୁ ତେବେ ମାଉସୀଙ୍କୁ ଖୁସି କରାଇ ପାରୁନଥିଲି । ମାଉସୀ ମୋର ସବୁ ଜିନିଷରେ ହିଁ ଭୁଲ ଧରୁଥିଲେ ।

କହୁଥିଲେ - ଏହି ଟ୍ରାଉଜର କ'ଣ ବଦଳାଇବନି ତୁମେ ? ତୁମକୁ ତ କହିଥିଲି ଗୋଟାଏ ସ୍ୟୁଟ୍ ଦୁଇଦିନରୁ ବେଶି ପିନ୍ଧିବ ନାହିଁ - ଆଉ ଘରକୁ ଯାଇ ବିଛଣା ତଳେ ଭାଙ୍ଗିକରି ରଖିବ-

କେବେକେବେ କହୁଥିଲେ - ସୁ ପିନ୍ଧନା ? ଏଠାକୁ ବଡ଼ ବଡ଼ ଲୋକ ଆସନ୍ତି ସବୁ, ଯଦି ମିସେସ ଭଣ୍ଡାରୀ କୌଣସି ଦିନ ପଚାରନ୍ତି -ଇଏ କିଏ ? ସେତେବେଳେ କ'ଣ ଉତ୍ତର ଦେବି କହିଲ ?

ହୁଏତ ମାଉସୀଙ୍କ ଘରର ବିଶିଷ୍ଟ ଅତିଥିମାନଙ୍କ ସାମ୍‌ନାରେ ମୋର ବାହାରିବା ପସନ୍ଦ କରୁନଥିଲେ, ତେଣୁ ଯେଉଁଦିନ ପାର୍ଟି ଥାଏ ମୁଁ ସକାଳେ ପଢ଼ାଇବାକୁ ଆସୁଥିଲି । ସେଥିରେ ମାଉସୀଙ୍କର ମଧ୍ୟ ଇଜ୍ଜତ ରହିଯାଉଥିଲା, ମୋତେ ଦୁର୍ଭାଗ୍ୟରୁ ମଧ୍ୟ ବଞ୍ଚିଯିବାକୁ ପଡୁଥିଲା ।

କିନ୍ତୁ ସବୁଠାରୁ ବେଶୀ ରାଗିଗଲେ ସେଦିନ - ଯେଉଁଦିନ ଜାଣିପାରିଲେ -ମୁଁ ଗଳ୍ପ ଲେଖେ ।

କହିଲେ - ଏସବୁ ଖରାପ ନିଶା ହେଲା ତୁମର କେଉଁଠୁ ? ତୁମକୁ ଭଲ ପିଲା ବୋଲି ଜାଣିଥିଲି -

ମୁଁ ଆଉ କ'ଣ କହିବି, ସେଦିନ ଚୁପ୍ କରି ରହିଲି ।

କହିଲେ - ଲେଖାପଢ଼ା ଜାଣିଥିବା ପିଲାମାନେ ଏହିସବୁ ଲେଖିବାକୁ ଯିବେ କାହିଁକି ? ତୁମେ ପୁଣି କାରଖାନାରେ ଚାକିରିପାଇଁ ମିଷ୍ଟର ନନ୍ଦୀଙ୍କୁ କହୁଥିଲ ? ଯଦି କେହି ଜାଣିପାରେ ତୁମେ ଏହିସବୁ ଚାବିଶ ଲେଖ ତାହା ହେଲେ କ'ଣ ତୁମର ଚାକିରି ହେବ କୌଣସି ଦିନ ଜାଣିଛ ? ଛି - ଛି-

କହିଲେ - ଭାବିଥିଲି ମିଷ୍ଟର ନନ୍ଦୀ ପରି ତୁମକୁ ଜୀବନରେ କିପରି ଭାବରେ ଠିଆ ହେବାକୁ ହୁଏ ଶିଖାଇବି -

ତାପରେ ଟିକିଏ ଭାବି କହିଲେ - କିନ୍ତୁ ସାବଧାନ, ଖୋକାକୁ ଯେପରି ଏସବୁ ପଢ଼ାଇବ ନାହିଁ, ଶିଖାଇବ ନାହିଁ -

ତାହା ଯାହାହେଉ, ଏଠାରେ ମୋର ଆଉ ବେଶୀଦିନ ଚାକିରି କରିବା ସମ୍ଭବ ହୋଇନି । କାରଖାନାରେ ମଧ୍ୟ ମୋର ଚାକିରି ହୋଇନି ଶେଷ ପର୍ଯ୍ୟନ୍ତ । ହୋଇନି ବୋଲି କୌଣସି କ୍ଷତି ହୋଇନି ଆଜି ବୁଝିଛି । କିନ୍ତୁ ଏଇ ପ୍ରଭା ?

ଏହି ପ୍ରଭାର ପାଇଁ ମାଉସୀଙ୍କର କ'ଣ କମ୍ ଚିନ୍ତା ଥିଲା । ଯେତେବେଳେ ମଉସାଙ୍କୁ ପ୍ରତିଷ୍ଠାର ଉଚ୍ଚ ଶିଖରରେ ବସାଇ ଦେଇଛନ୍ତି, ସେତେବେଳେ ପ୍ରଭାର ବିବାହ ପ୍ରସ୍ତାବ, ଆଇ-ସି.ଏସ୍‌ଠାରୁ ଆରମ୍ଭ କରି ଗେଜେଟେଡ଼ ଅଫିସର ପର୍ଯ୍ୟନ୍ତ ସମସ୍ତ ପାତ୍ର ଯେତେବେଳେ ଜଣ ପରେ ଜଣେ ନିଃଶେଷ ହୋଇଗଲେ, ସେଇ ସମୟରେ ଦିନେ .... ।

କିନ୍ତୁ ସେସବୁ ମୁଁ ଦେଖିନି । ମୁଁ ସେତେବେଳେ କଲିକତାରେ ।

କିଛି କିଛି ଖବର ଆସେତ । ଶୁଣିଥିଲି ମଉସା ଅନେକ ପାତ୍ରର ପ୍ରସ୍ତାବ ଆଣିଥିଲେ । କିନ୍ତୁ ମାଉସୀଙ୍କର ସେସବୁ ପସନ୍ଦ ହୋଇନି । ଅନେକ ପ୍ରକାର ବାହାନା ଥିଲା ମାଉସୀଙ୍କର । ବିଲାତ ଫେରନ୍ତା ହେବା ଆବଶ୍ୟକ । ସ୍ୟୁଟ୍‌ପିନ୍ଧା ଚେହେରା ଚାହେଁ । ଆଇ-ସି-ଏସ୍ ହେବା ଚାହେଁ । ଅନ୍ତତଃ କିଛି ନହେଲେବି ହେଉ, ଗେଜେଟେଡ଼ ଅଫିସର ।

ଶେଷ ପର୍ଯ୍ୟନ୍ତ ବିବାହ ହୋଇଥିଲା । ଜଣେ ବିଲାତ-ଫେରନ୍ତାର ସାଙ୍ଗରେ । ଗେଜେଟେଡ଼ ଅଫିସର ଅବଶ୍ୟ । ଏହି ବିବାହରେ ମଧ୍ୟ ମାଉସୀ ବଡ଼ ପାର୍ଟି ଦେଇଥିଲେ । ମିଷ୍ଟର ମିସେସ ସମସ୍ତେ ଆସିଥିଲେ ସେ ପାର୍ଟିକୁ । କିନ୍ତୁ ପରେ ଜଣାପଡ଼ିଥିଲା ପାତ୍ର ଖୁବ୍ ବେଶି ମଦ ପିଏନା କ'ଣ, ରେସ ଖେଳେ, ଷ୍ଟକ ଏକ୍‌ସଚେଞ୍ଜରେ ଫଟକା ଖେଳେ । ଏସବୁ ଖବର ମୁଁ କଲିକତାରୁ ଶୁଣିବାକୁ ପାଇଥିଲି । ସେଇ ପାତ୍ର ଯେ ଆମ ସୁବ୍ରତ ତାହାବି ଜାଣିନଥିଲି ।

ବରଂ ଯେତେବେଳେ ସୁବ୍ରତ ତା' ଅଫିସର କ୍ଲର୍କ ହାତରେ ମୋତେ ଚିଠି ପଠାଇଥିଲା ସେତେବେଳେବି ଜାଣେ ନା ଯେ ତା' ସହିତ ମିସେସ ନନ୍ଦୀର ଝିଅ ପ୍ରଭାର ବିବାହ ହୋଇଛି ।

ଜାଣିଲି ପରେ । ଅନେକ ପରେ । ସେତେବେଳେ ଦେଶ ସ୍ୱାଧୀନ ହୋଇଯାଇଛି । ଦେଶର ଆବହାଓ୍ୱା ବଦଳି ଯାଇଛି । ମୁଁ ମଧ୍ୟ ସେତେବେଳେ ଅନ୍ୟଭାବେ ଅନ୍ୟ ଜଗତରେ ଭୀଷଣ ବ୍ୟସ୍ତ ଅବସ୍ଥାରେ ଅଛି । ସେତେବେଳେ ଆଉ ମିଷ୍ଟର ନନ୍ଦୀ, ମିସେସ ନନ୍ଦୀ, ଜାମସେଦପୁରର ସେଇ ସମାଜ କୌଣସି କଥା ମନେନାହିଁ । ସେଇ ସମୟରେ ହଠାତ୍ ଦିନେ ମିସେସ ନନ୍ଦୀର ଚିଠି ପାଇଲି ଯେ ସେ ମୋ ସଙ୍ଗରେ ଦେଖା କରିବାକୁ ଆସୁଛନ୍ତି । ଏ ଘଟଣା ଯେପରି ବିସ୍ମୟକର ସେଇପରି ହିଁ କୌତୁକପ୍ରଦ । ମନେ ଅଛି ମୁଁ ସେ ଚିଠି ପାଇ ସେଦିନ ଅବାକ୍ ହୋଇଯାଇଥିଲି ।

ମିସେସ ନନ୍ଦୀ ଯେତେବେଳେ ମୋ ଘରକୁ ଆସିଥିଲେ, ସେତେବେଳେ ତାଙ୍କର ପୋଷାକ ପରିଚ୍ଛଦ ଦେଖି ଅବାକ୍ ହୋଇଥିଲି । ଖଦଡ଼ ଶାଢ଼ୀ ପିନ୍ଧିଛନ୍ତି, ଖଦଡ଼ର ବ୍ଲାଉଜ ।

କହିଲେ – ଖୁବ୍ ଖୁସୀ ହୋଇଛି ତୁମର ସକ୍‌ସେସ ଦେଖି- ଯେଉଁଠିକି ଯାଏ ସେଠାରେ ତୁମର ନାମ ଶୁଣେ, ତେବେ ତୁମର ନାମ ଶୁଣେ, ତୁମର ବହିଟା ଏବେବି ପଢ଼ିନି, ତେବେ ଏତେଲୋକ ଯେତେବେଳେ ପଢ଼ିଛନ୍ତି ସେତେବେଳେ ନିଶ୍ଚୟ ହିଁ ଭଲ ହୋଇଛି – ଶୁଣିଲି ସିନେମାବି ହେଉଛି ତୁମ ବହି ?

ଅସଲ ଉଦ୍ଦେଶ୍ୟଟା ପରେ କହିଲେ ।

କହିଲେ – ଯେଉଁଥିପାଇଁ ତୁମ ପାଖକୁ ଆସିଛି – କହୁଛି –

କହି ଟିକିଏ ରହିଗଲେ । ମିସେସ ନନ୍ଦୀ ମନେହେଲା ଯେପରି ଆହୁରି ବୁଢ଼ୀ ହୋଇ ଯାଇଛନ୍ତି ବର୍ତ୍ତମାନ । ଚର୍ବି ଯେପରି ସବୁ ଝଡ଼ି ଯାଇଛି । କେଶ ମଧ୍ୟ ଧଳା ହୋଇ ଆସିଛି । ଟିକିଏ ଯେପରି ହତାଶ-ହତାଶ ଭାବ ମୁହଁ ଆଖିରେ ।

କହିଲେ – ଦେଖ କିପ୍ରକାର ସବୁକିଛି ବଦଳିଗଲା । ତୁମର ତ ବର୍ତ୍ତମାନ ସବୁଲୋକଙ୍କ ସଙ୍ଗତରେ ଆଳାପ ପରିଚୟ ଅଛି, ଏଠାକାର ମିନିଷ୍ଟର ମହଲର ସଙ୍ଗରେ ମୋର ଟିକିଏ ଆଳାପ ପରିଚୟ କରେଇ ଦେଇପାର ?

ପଚାରିଲି ମିନିଷ୍ଟର ମହଲ ସଙ୍ଗରେ ଆଳାପ ପରିଚୟ କରିବାକୁ ଚାହୁଁଛନ୍ତି କାହିଁକି ?

କହିଲେ – ଖୋକାକୁତ ବିଲାତ ପଠାଇଛି, ଜାଣିଛ ବୋଧହୁଏ – ସେଇ ତା'ର ଗୋଟାଏ ଚାକିରି ପାଇଁ – ଏଇ ପୁଅଟି ପାଇଁ ଯାହା କିଛି ଭାବନା, ଖୁକୁର ତ ବିବାହ ହୋଇଯାଇଛି ତେଣୁ ସେଦିନ ମାଉସୀଙ୍କୁ ମୁଁ ସାହାଯ୍ୟ କରିପାରିନି ବୋଲି ଦୁଃଖ ଯେ ନ ପାଇଥିଲି ତାହା ନୁହଁ । କାରଣ ସେ ଯେ କିପରି ଭାବରେ ଭାବି ପାରିଥିଲେ ଶିଳ୍ପୀ-ଲେଖକ ହେଲେ ମିନିଷ୍ଟର ମହଲର ସଙ୍ଗରେ ଚିହ୍ନା-ପରିଚୟ ଥିବା ସମ୍ଭବ, ତାହା ମୁଁ କହି ପାରିବି ନାହିଁ । ସେଦିନ କ୍ଷୁଣ୍ଣ ମନରେ ହିଁ ମାଉସୀ ବିଦାୟ ନେଇଥିଲେ ଅବଶ. କିନ୍ତୁ ତାଙ୍କ ପୁଅର ଚାକିରି ଶେଷ ପର୍ଯ୍ୟନ୍ତ ହୋଇଥିଲା କି ନାହିଁ, ତାହା ମଧ୍ୟ ଖବର ରଖିବାର ସମୟ ପାଇନି ।

ଏହାପରେ ଆସିଥିଲା ସୁବ୍ରତ ସେନର ଚିଠି । ଏବଂ ତାପରେ ହିଁ ସେଇ ମିଟିଂରେ ପ୍ରଭା ସହିତ ଦେଖା । ପଚାରିଥିଲି – ମାଉସୀ କିପରି ଅଛନ୍ତି ପ୍ରଭା ?

ପ୍ରଭା କହିଥିଲା – ମା'ର ତ ମୃତ୍ୟୁ ହୋଇଯାଇଛି, ଆପଣ ଜାଣନ୍ତିନି ?

– ଆଉ ମଉସା ?

ପ୍ରଭା କହିଥିଲା – ବାପା ଖୁବ୍ ଅସୁସ୍ଥ, ସେବା କରିବାକୁ ତ କେହି ନାହିଁ –ଖୁବ୍ କଷ୍ଟ ହେଉଛି ତାଙ୍କର–

– କାହିଁକି ଖୋକା କେଉଁଠି ? ବିଲାତରୁ ଫେରିନି ।

ପ୍ରଭା କହିଲା – ନା ଖୋକା ସେଠାରେ ହିଁ ଜଣେ ମେମ୍‌କୁ ବିବାହ କରିଛି, ଚିଠିପତ୍ର ଦିଏନା, ଖୋକା ପାଇଁ ଭାବିଭାବି ମା' ଏତେ ଶୀଘ୍ର ଚାଲିଗଲା ।

ସୁବ୍ରତ କଥା ଆଉ ପଚାରିଲି ନାହିଁ । କାରଣ ସୁବ୍ରତକୁ ଭଲ ଭାବରେ ଜାଣିଥିଲି କଲେଜରୁ । ବଡ଼ଲୋକର ପୁଅ ଦେଖିବାକୁ ବି ସୁନ୍ଦର । କିନ୍ତୁ ସେଇ ବୟସରୁ ଅବାଞ୍ଛିତ ଦଳ ସହିତ ମିଶି ପୂରା ନଷ୍ଟ ହୋଇଯାଇଥିଲା । ଆହୁରି ବି କେଉଁଠି କେଉଁଠିକୁ ଯାଏ, ତାହାର ଉଲ୍ଲେଖ ନକରିବା ହିଁ ଭଲ ।

ଟିକିଏ ରହି ପ୍ରଭା ପଚାରିଲା – ଆଉ କ'ଣ ବହି ଲେଖୁଛନ୍ତି ?

କହିଲି – ଲେଖିବାକୁ ସମୟ ପାଉଛି କାହିଁ – ଲେଖା ଆଉ ଆସୁନି ।

ପ୍ରଭା ହସି କହିଲା – ଏଥର ଆମମାନଙ୍କୁ ନେଇ ଗୋଟାଏ ବହି ଲେଖନ୍ତୁନା –

ମୁଁ ବି ହସିଲି । ପଚାରିଲି – ତୁମର କାହାକୁ ନେଇ ?

– ଏଇ ଆମ ମା'କୁ ନେଇ ।

କଥାଟା କହି ପ୍ରଭା ହସିବାକୁ ଚେଷ୍ଟା କଲା । କିନ୍ତୁ ମନେହେଲା, ପ୍ରଭାର ହସଟା ଯେପରି କାନ୍ଦିବା ପରି ଦେଖାଗଲା । ମୁଁ ମଧ୍ୟ ହସିବାକୁ ଚେଷ୍ଟା କଲି, କିନ୍ତୁ ପାରିଲି ନାହିଁ ।

ଅନେକ ରାତି ହୋଇ ଯାଇଥିଲା । ସେଦିନ ପ୍ରଭାଙ୍କ ଘରକୁ ଦିନେ ଯିବି କହି ଚାଲି ଆସିଥିଲି । କିନ୍ତୁ ଯଥାରୀତି ସେ କଥାବି ରଖିପାରିନି ।

ତାପରେ ଆଜି ଏତେଦିନ ପରେ ହଠାତ୍ ଟେଲିଫୋନରେ ସୁବ୍ରତ ସେନର ମୃତ୍ୟୁ ଖବରଟା ଶୁଣିହିଁ ଖୁବ୍ ଦୁଃଖ ହେଲା । ଦୁଃଖ ହେଲା ସମସ୍ତଙ୍କ ପାଇଁ । ଦୁଃଖ ହେଲା ସୁବ୍ରତର ସ୍ତ୍ରୀ ମିସେସ ସେନର ପାଇଁ ବି ।

ମିସେସ ସେନ ସେବେବି ଟେଲିଫୋନ ଧରିଛନ୍ତି । ପୁଣି କହିଲେ – ଆଜି କ'ଣ ଆପଣଙ୍କର ସମୟ ହେବ ଥରେ ? ଆପଣଙ୍କୁ ମୋର ବିଶେଷ ଦରକାର ଥିଲା –

ମନେ ପଡ଼ିଲା ପ୍ରଭାର ସେଦିନର କଥାଟା । ପ୍ରଭା କହିଥିଲା –ଏଥର ଆମମାନଙ୍କୁ ନେଇ ବହି ଲେଖନ୍ତୁ ନା–

ହୁଏତ ମୋ ସଙ୍ଗରେ ଏହି କଥାହିଁ ହେବ ପ୍ରଭା । ହୁଏତ କହିବ ମାଉସୀଙ୍କ କଥା, ମଉସାଙ୍କ କଥା, ଖୋକାର କଥା ଆଉ ତା'ର ନିଜର ଆଉ ସୁବ୍ରତର କଥା । ସୁବ୍ରତର ମଦ ଖାଇବା କଥା, ସୁବ୍ରତ ଅସଂଜମୀର କଥା, ସୁବ୍ରତର ରେସ ଖେଳିବାର କଥା । ସବୁ କଥାହିଁ ହୁଏତ ଅକପଟରେ କହିଯିବ । ଆଉ ହୁଏତ ସେମାନଙ୍କର ଏଇ ସଂସାରର କଥା ନେଇ ବହି ଲେଖିବାକୁ ବାଧ୍ୟ କରିବ ।

କିନ୍ତୁ ମାଉସୀଙ୍କୁ ମୁଁ କିପରି ଭାବରେ ମୋ ଗଳ୍ପର ବିଷୟ-ବସ୍ତୁ କରିବି । ମାଉସୀ ଯେ ସେଦିନ ମୋତେ ସୁ୍ୟଟ୍ ପିନ୍ଧିବାକୁ କହିଥିଲେ, ମୋର ସାହିତ୍ୟ-ରଚନା କରିବାକୁ ବାରଣ କରିଥିଲେ, ତାହା ତ ମୋର ଭଲପାଇଁ ନିଶ୍ଚୟ । ମୁଁ ତାଙ୍କର କଥା ଅନୁସାରେ ଚାଲିଲେ ମୋତେ ସେ ଗୋଟାଏ ଚାକିରି ସେଦିନ କରେଇ ଦେଇଥା'ନ୍ତେ । ଏତେଦିନ ଧରି ସେଇ ଚାକିରିରେ ଥିଲେ ହୁଏତ ମଉସାଙ୍କ ପରି ଫୋରମ୍ୟାନ ହୋଇ ପାରିଥା'ନ୍ତି । ଚିର ଜୀବନ ପାଇଁ ନିଶ୍ଚିନ୍ତ ବି ହୋଇ ପାରିଥା'ନ୍ତି । ପେନ୍‌ସନ ପ୍ରୋଭିଡେଣ୍ଟ ଫଣ୍ଡ – ସବୁହିଁ ସ୍ଥିରୀକୃତ ହୋଇ ରହିଥା'ନ୍ତା । ତାହାହେଲେ ଆଉ ଏହି ପାଠକର କୃପାଦୃଷ୍ଟି ପାଇଁ ଭାତୁର ହୋଇ ରହିବାକୁ ପଡ଼ି ନଥା'ନ୍ତା । ରାତି ଅନିଦ୍ରା ହୋଇ ଲେଖିଲେଖି ଦେହ ଖରାପ କରିବାକୁ ପଡ଼ନ୍ତା ନାହିଁ । ଏତେ ଈର୍ଷା, ଏତେ ଶତ୍ରୁତା, ଏତେ ଦଳାଦଳିର ଗ୍ଲାନିରୁ ମୁକ୍ତି ପାଇଥା'ନ୍ତି । ସାହିତ୍ୟ କରି ମୋର କ'ଣ ବା ହୋଇଛି । ସେଇ ଚାକିରି ହିଁ ତ ମୋର ପକ୍ଷରେ ଭଲ ଥିଲା ।

ମିସେସ ସେନ ପୁଣି ପଚାରିଲେ – ଆଜି ସମୟ ହେବ ଆଣଙ୍କର ?

କହିଲି – ନା ।

ଏବଂ ନା କହି ଟେଲିଫୋନଟା ରଖିଦେଲି ।

ହୁଏତ ପ୍ରଭା ଖୁବ୍ ଆଘାତ ପାଇଲା । କିନ୍ତୁ ତାହା ହେଉ, ନନ୍ଦୀ ମାଉସୀଙ୍କୁ ନେଇ ଗଳ୍ପ ଲେଖିଲେ ଯେ ବିଶ୍ୱାସଘାତକତା କରାଯିବ ।

# "ହୃଦୟହୀନ"

ମୂଳ ହିନ୍ଦୀ-ପୁନମ୍ ଅହମଦ୍
ଅନୁବାଦ-ମଧୁସ୍ମିତା ପଟ୍ଟନାୟକ

'ରାହୁଲଠୁ ତିନି ବର୍ଷ ବଡ ରିୟା ସହିତ ମୁଁ ଶେୟାର କଲି ମନର କଥାକୁ କି..ତୋ ବାପାଙ୍କର ତ ହୃଦୟ ନାହିଁ,ସେ ସତେ ଯେମିତି ପଥର ହେଇ ଯାଇଥନ୍ତି । ଥରଟେ ପାଇଁ ମଧ୍ୟ ଏହା ଭାବି ଦୁଃଖୀ ହେଉ ନାହାନ୍ତି କି ପୁଅ ଯାଉଛି, ଅନ୍ତତଃ ବର୍ଷେ ପୂର୍ବରୁ ତା' ସହିତ ଦେଖା ହେଇ ପାରିବ ନାହିଁ' ।

ସନ୍ଧ୍ୟା ମସୟରେ ନିଜ ବେଡ୍‌ରୁମ୍‌ରେ ଶୋଇ ଶୋଇ ମୁଁ କୌଣସି ପତ୍ରିକା ପଢୁଥିଲି । ଗୋଟିଏ ଜନ୍ମଦିନ ପାର୍ଟିକୁ ଯିବା ପାଇଁ ପ୍ରସ୍ତୁତ ହଉଥିଲା ରାହୁଲ୍। ଅଫିସ୍‌ରୁ ଆସି ସାରିଥିଲେ ବିଜୟ । ଆଉ ନିଜ ଫୋନ୍‌ରେ ବ୍ୟସ୍ତ ଥିଲେ ସେ । ରାହୁଲ୍ କେବଳ ଜିନ୍ସ ପିନ୍ଧି ଆମ ରୁମ୍‌କୁ ଆସିଲା, ବିଜୟଙ୍କର ଆଲମାରୀ ଖୋଲି ସାର୍ଟ ସବୁ ଦେଖିବାକୁ ଲାଗିଲା । ଏହା ଦେଖି ବିଜୟ ତାକୁ ଅଟକେଇ କହିଲେ, 'ମୋ ଆଲମାରୀ କାହିଁକି ଖୋଲିଲୁ' ?

'ଗୋଟିଏ ସାର୍ଟ ନେବାର ଅଛି' ।

'ନିଜର ପିନ୍ଧିକରି ଯାଆ' ।

ନା',ମୋତେ ତୁମର ବ୍ଲୁ ସାର୍ଟ ପିନ୍ଧିବାର ଅଛି, 'ଏବେ ଆଇରନ୍ ହେଇ ଆସିଥିବ' ।

ଆରେ..ତୁ ନିଜ ଡ୍ରେସ୍ କାହିଁକି ପିନ୍ଧୁନୁ ? ଆଉ ୟେ କ'ଣ ? ଜିନ୍ସ ବି ମୋର ପିନ୍ଧିଛୁ ?

ସେଠୁ କ'ଣ ହେଲା ବାପା ?ମୁଁ ହେଉଛି ତୁମ ପୁଅ । ତୁମର ଡ୍ରେସ୍ ପିନ୍ଧିବିନି ତ ଆଉ କାହାର ଡ୍ରେସ୍ ପିନ୍ଧିବି ? ରାହୁଲ୍ କହିଲା ନିଜର ଚିର ପରିଚିତ ହସ ସହିତ । ମୁଁ ପ୍ରତ୍ୟକ୍ଷତଃ ପତ୍ରିକା ପଢୁଥିଲି ସିନା, ହେଲେ ମୋର କାନ ଲାଗିଥିଲା ବାପା-ପୁଅଙ୍କର କଥାବାର୍ତ୍ତା ଶୁଣିବାରେ ? ଏହା ତ ପ୍ରତିଦିନର କଥା ହେଇ ଯାଇଥିଲା । ଯେହେତୁ ଦୁହିଁଙ୍କର ମାପ ସମାନ ହେଇ ଯାଇଥିଲା, ରାହୁଲ୍‌କୁ ମଜା ଲାଗୁଥିଲା ପ୍ରତିଦିନ ବାପାଙ୍କ ଲୁଗାପଟା ପିନ୍ଧିବାକୁ । ତାକୁ ବ୍ଲୁ ସାର୍ଟ ମିଳିଗଲା । ଆଉ ସେ ତାକୁ ପିନ୍ଧି ବାହାରିଗଲା ଆମ ରୁମ୍‌ରୁ ।

ବିଜୟ କହିଲେ,'ପୁଣି ଥରେ ମୋର ସାର୍ଟ ପିନ୍ଧି ପକେଇଲା । ଆଉ ତା' ପରେ ରାହୁଲ୍‌କୁ ଶୁଣେଇବା ପାଇଁ ଜୋର୍‌ରେ କହିଲେ, ଆଉ କେତେଦିନ ଏମିତି ପିନ୍ଧିବୁ' । ଯାଉଛୁନା ଏବେ, ଜଲ୍‌ଦି ଯାଆ, ମୋର ଜୀବନ ବଞ୍ଚିଯିବ ।

ରାହୁଲ୍‌ର ସେପଟୁ ଉତ୍ତର ଆସିଲା, 'ତୁମର ସବୁ ଲୁଗାପଟା ନେଇଯିବି ସାଙ୍ଗରେ' ।

ତା'ହେଲେ ମୁଁ କ'ଣ ପିନ୍ଧିବି ?

'ତମେ ନିଜ ପାଇଁ ନୂଆ ଡ୍ରେସ୍ କିଣି ନେବ' ।

ବାଃ ! ଠିକ୍ କଥା ! ବହୁତ ମଜା ଆସିବ ସେତେବେଳେ । ସବୁ ନୂଆ ଡ୍ରେସ୍ କିଣିବି । ହଉ ଠିକ୍ ଅଛି, ନେଇ ଯାଆ ମୋର ସବୁ ପୁରୁଣା ଡ୍ରେସ୍। ମୁଁ ପତ୍ରିକାକୁ ଗୋଟିଏ ପଟେ ରଖି ଦେଇ ପଚାରିଲି, 'ବିଜୟ..ଏମିତି କାହିଁକି କହୁଁଛ ? କହିବା ପୂର୍ବରୁ ଟିକିଏ ବି ଭାବୁନାହଁ ତମେ, ଜୀବନ ପଞ୍ଚିଯିବ..ଏମିତି କାହିଁକି କହିଲ ?

ତାହା ନୁହେଁ ତ ଆଉ କ'ଣ ?ଯେତେବେଳେ ଦେଖ ମୋ ଆଲମାରୀରୁ କିଛି ନା' କିଛି କାଢୁଥିବ । ତା' ପାଖରେ ଏତେ ଡ୍ରେସ୍ ଅଛି, ହେଲେ ନା'..ବାବୁଙ୍କୁ ତ ଆଜିକାଲି ମୋର ଡ୍ରେସ୍ ପିନ୍ଧିବାର ଚସ୍‌କା ଲାଗିଛି । ଯେତେବେଳେ ଦେଖ ମୋ ଡ୍ରେସ୍ ପିନ୍ଧିକରି ବୁଲୁଥିବେ ।

'ତୁମର ତା'ର ଏହି କଥା ମନେ ପଡିବନି' ?

'ନା'..! ମୁଁ ବରଂ ଟିକିଏ ଶାନ୍ତିରେ ନିଃଶ୍ୱାସ ମାରିବି' ।

କେମିତିକା ମଣିଷ ତୁମେ ? କେଉଁ ଧାତୁରେ ଗଢା କେଜାଣି ? ସବୁବେଳେଏଇଆ କହୁଛ ? ମୁଁ ସବୁଥର ପରି ଟିକିଏ ଚିଡିଗଲି । ରାହୁଲ୍ ଜିମେଟ୍ ପରୀକ୍ଷାରେ ବହୁତ ଭଲ ସ୍କୋର କରିଛି । ତା'ର ଆଡ୍‌ମିଶନ୍ ଗୋଟିଏ କଲେଜ ଯାହାକି ବିଶ୍ୱରେ ନମ୍ବର ପାଞ୍ଚରେ ଅଛି ତା'ର ସେଠି ହେଇ ଯାଇଛି । ତିନିମାସ ପରେ ସେ ଚାଲିଯିବ ଫ୍ରାନ୍ସ । ଆଜିକାଲି ଟିକିଏ ଫାଙ୍କା ଅଛି । ମୋର ମନ ପ୍ରତ୍ୟେକ ଦିନ ବିତିବା ସହିତ ଆହୁରୀ ଭାରୀ ହେବାକୁ ଲାଗିଛି । ହେଲେ ଆଜିକାଲି ମୁଁ ପ୍ରାୟ ଏହି କଥାରେ ମନେ ମନେ ଚିଡୁଛି କି ବିଜୟ କେତେ ହୃଦୟହୀନ । ଠିକ୍ ପାଷାଣ ପରି । ଥରଟିଏ ପାଇଁ ହେଉ ପଛକେ ପୁଅକୁ ବାହାରକୁ ଯିବାକୁ ମନା କରୁନାହାନ୍ତି । ଯେତେବେଳେ ସେ ଜିଦ୍ କଲା ବିଜୟ ମୋତେ ବୁଝେଇଲେ, ତା'ର ସୁନେଲି ଭବିଷ୍ୟତ ପାଇଁ ତାକୁ ଯିବାକୁ ଦିଅ । ସେ ଏହି ଆଡ୍‌ମିଶନ୍ ପାଇଁ ବହୁତ ପରିଶ୍ରମ କରିଛି । ଯଦି ସେ ବିଦେଶ ଯିବାକୁ ଚାହୁଁଛି ଆଉ ଆମେ ତା'ର ବିଦେଶ ଗସ୍ତର ଖର୍ଚ୍ଚକୁ ବହନ କରିବା ପାଇଁ ସକ୍ଷମ ଅଛେ, ତା'ହେଲେ ତାକୁ ଖୁସି-ଖୁସି ପଠାଅ । ସବୁବେଳେ ଦୁଃଖୀ ହେଇ ତା' ସ୍ୱପ୍ନ ପୁରଣ କରିବାରେ ବାଧା ଦେବା ଠିକ୍ କଥା ନୁହେଁ ଆମର । ଆମେ ତା'ର ବାପା-ମା', ଯଥା ସମ୍ଭବ ଆମେ ତା' ସହିତ ରହିବା ଉଚିତ୍ । ତାଙ୍କର ଏତିକି କଥାରେ ଚୁପ୍ ହେଇଗଲି ମୁଁ । ଆଉ ମନେ ମନେ ଏଇଆ ଭାବିଲି, ବିଜୟ କେତେ ପ୍ରାକ୍ଟିକାଲ ସତରେ । ମୋଠୁ ବେଶୀ ତ ତାଙ୍କୁ ମୁଁ ରାହୁଲ୍‌କୁ ବିଦେଶରେ ଉଚ୍ଚ ଶିକ୍ଷା ପ୍ରାପ୍ତ କରିବା ପାଇଁ ଉତ୍ସାହିତ କରିବା ଶିଖିଛି । ବାପ ପୁଅଙ୍କର ଜୋଶ୍‌କୁ ଦେଖି ମୁଁ ଦୀର୍ଘଶ୍ୱାସ ଛାଡି ଚୁପ୍ ହେଇଯାଏ । ଅନେକ ଥର ମୁଁ କୁହେ, କାଲିକି ଯଦି ରାହୁଲ୍ ବଦଳି ଯାଏ, ବିଦେଶ ମାଟିର ମୋହରେ ଆମକୁ ଭୁଲିଯିବ, ତେବେ ମୋତେ ଦୋଷ ଦେବନାହିଁ। ମୋ କଥା ଶୁଣି ବିଜୟ ହସିଦେଇ କୁହନ୍ତି, 'ଭୂଲିଗଲେ କ'ଣ ହେଲା, ଯେଉଁଠି ରହିବ ଖାଲି ଖୁସିରେ ରହୁ । ଆମଠୁ ୟା'ଠୁ ଆଉ କ'ଣ ଦରକାର' ? ଆମେ ଏହା ଭାବି ଖୁସି ହେଇଯିବା କି ପୁଅକୁ ସେଟେଲ୍ କରି ଆମେ ଆମର କର୍ତ୍ତବ୍ୟର ନିର୍ବାହ ଠିକ୍‌ରେ କରିଛେ । ତାଙ୍କ କଥା ଶୁଣି ମୁଁ ରାଗରେ କହିଥିଲି, 'ତୁମର ହୃଦୟ ବୋଲି କିଛି ନାହିଁ । ତୁମେ ହେଉଛ ପାଷାଣ । ସବୁବେଳେ ସବୁ କଥା ପାଇଁ ପ୍ରସ୍ତୁତଃ । କୌଣସି କଥାରେ ଟିକିଏ ହେଲେ ଦୁଃଖ ହେଉନାହିଁ ମନରେ ତୁମର ?'

ଆରେ ଏଇଟା ତ ଖୁସିର କଥା । ଆମ ପୁଅ ଗୋଟିଏ ବିଶ୍ୱ ବିଖ୍ୟାତ କଲେଜରେ ପଢିବ, ସେଇଠୁ ତାକୁ ବହୁତ ଭଲ ଚାକିରୀ ମଧ୍ୟ ମିଳିବ । ଭଲରେ ନିଜ ଜୀବନ ଜୀଇଁବ । ରାହୁଲ୍ କିଛି କହିବା ପୂର୍ବରୁ ବିଜୟ କହିଲେ, ଆରେ..ଆମ ପୁଅ ବଡ ହେଇଗଲାନି । କିଛି ଦିନରେ ସେଟ୍ ହେଇଯିବ ନୂଆ

ଜାଗାରେ । ତୁମେ ଏସବୁ ଅଯଥା କଥା ଭାବନା ଆଉ । ବହୁତ ରାଗ ମାଡୁଥିଲା ମୋତେ ସେତେବେଳେ, ହେଲେ ଚୁପ୍ ହେଇଗଲି ମୁଁ ।

ମୁଁ ଏହି କଥାରେ ପ୍ରାୟ ଭାବେ କି କ'ଣ ସତରେ ପୁରୁଷମାନେ ବ୍ୟବହାରିକ ହେଇଥାନ୍ତି ଆଉ ତା' ସହିତ ହୃଦୟହୀନ ମଧ୍ୟ ? ଆଜିକାଲି ପ୍ରତିଟି ମୁହୂର୍ତ୍ତରେ ମୁଁ ବିଜୟଙ୍କୁ ରାହୁଲ୍‌ର ଯିବାରେ ଉତ୍ସାହିତ ହେବାର ଦେଖିଲା ମାତ୍ରେ ମୋ ମନଟା ଜଣାନାହିଁ କାହିଁକି କେମିତି ଆକ୍ତାମାକ୍ତା ହେଇଯାଏ । ଦିନେ ମୁଁ ରାହୁଲ୍‌କୁ କହୁଥିଲି, 'ରାହୁଲ୍ ତୁ ତ ସପ୍ତାହଟେ ପାଇଁ ମଧ୍ୟ ଆମଠୁ କେବେ ଦୂରକୁ ଯାଇନାହୁଁ, ରାତି ଏଗାରଟାରେ ଫେରିଲେ ମଧ୍ୟ ମା'-ମା 'କହି ପଛେ ପଛେ ବୁଲୁଥାଉ । ସେଇଠି ଏତେ ଦୂରରେ ଆମ ବିନା କେମିତି ରହିବୁ ?'

ଧୀରେ-ଧୀରେ ପାଖେଇ ଆସୁଥିଲା ରାହୁଲ୍‌ର ଯିବା ସମୟ ଆଉ ମୁଁ ବିଜୟଙ୍କ ଉତ୍ସାହ ଦେଖି ମନେମନେ ତାଙ୍କୁ ହୃଦୟହୀନର ଉପାଧି ଦେଇ ଚାଲିଥିଲି । ତା'ର ସବୁ ସପିଙ୍ଗ୍ ଅଫିସ୍‌ରୁ ଛୁଟି ନେଇ ବିଜୟ କରୁଥିଲେ ।

ରାହୁଲଠୁ ତିନି ବର୍ଷ ବଡ ରିୟା ସହିତ ମୁଁ ଶେୟାର୍ କଲି ମନର କଥାକୁ, ତୋ ବାପାଙ୍କର ତ ହୃଦୟ ନାହିଁ, ସେ ସତେ ଯେମିତି ପଥର ହେଇ ଯାଇଛନ୍ତି । ଥରଟେ ପାଇଁ ମଧ୍ୟ ଏହା ଭାବି ଦୁଃଖୀ ହେଉନାହାନ୍ତି କି ପୁଅ ଯାଉଛି.., ଅନ୍ତତଃ ବର୍ଷେ ପୂର୍ବରୁ ତା' ସହିତ ଦେଖା ହେଇ ପାରିବ ନାହିଁ । ରିୟା ମୋ ଭଳିଆ ବହୁତ ସେନ୍‌ସିଟିଭ୍ ପ୍ରକୃତିର । ସେ ମୋ ହଁ ରେ ହଁ ମିଶେଇ କହିଲା, 'ହଁ ମା', ବାପାଙ୍କୁ ଯେମିତି କିଛି ଫରକ ପଡୁନାହିଁ । ସେ ସତରେ ବହୁତ ଦୃଢ ହୃଦୟର ଲୋକ' ।

ପ୍ରାୟତଃ ବିଜୟ ଫୋନ୍‌ରେ ପରିଚିତଙ୍କ ସହିତ କଥା ହେଲାବେଳେ ବହୁତ ଉତ୍ସାହର ସହିତ ରାହୁଲ୍ ପ୍ରାନ୍ସ ଯାଉଛି ବୋଲି କୁହନ୍ତି । ଆଉ ସପ୍ତାହେ ଥିଲା ରାହୁଲ୍‌ର ଯିବାକୁ । ତେଣୁ ବିଜୟ କହିଲେ, 'ରାହୁଲ୍ ତୋ ସାଙ୍ଗମାନଙ୍କୁ ଡିନର୍‌ରେ ନିମନ୍ତ୍ରଣ କର । ତୋର ଯିବା ଖୁସିରେ ଗୋଟିଏ ପାର୍ଟି ହେଇଯାଉ' ।

ମୁଁ ତାଙ୍କୁ ଆଖି ବଡ ବଡ କରି ଦେଖିଲି ତାଳରୁ ତଳିପା ଯାଏଁ । ତା'ପରେ ଚିଡି କହିଲି, 'ମୋ ପୁଅ, ଆଉ ସାତ ଦିନପରେ ଚାଲିଯିବ । ଜଣାନାହିଁ କେବେ ପୁଣି ଆସିବ ଘରକୁ, ମୋର ଏବେ ମୁଡ୍ ନାହିଁ ପାର୍ଟି ଦେବା ପାଇଁ' ।

ରାହୁଲ୍ ଆରମ୍ଭ କରିଦେଲା ଜିଦ୍ କରିବା ଆଉ କହିଲା, ବାପା ତମେ ଠିକ୍ କହୁଛ, ମା' ଡାକିବାକୁ ଦିଅନା ମୋ ସାଙ୍ଗମାନଙ୍କୁ ଡିନର୍‌ରେ । ପ୍ଲିଜ୍ ! ରାହୁଲ୍‌ର ଜିଦ୍ ଆଗରେ ମନା କରି ପାରିଲି ନାହିଁ ମୁଁ । ଭାବିଲି ହଁ ଏବେ ତ ସେ ଚାଲିଯିବ ବିଦେଶକୁ, ଜଣା ନାହିଁ ପିଲାଦିନର ଏହି ସବୁ ସାଙ୍ଗମାନଙ୍କ ସହିତ ପୁଣି କେବେ ଭେଟ ହେବ ଜଣାନାହିଁ । ପ୍ରଥମେ ତ ସେଠି ତାକୁ ବହୁତ ଏକୁଟିଆ ଲାଗିବ ନୂଆ ଜାଗାରେ । ତେଣୁ ମୁଁ କହିଲି, ଠିକ୍ ଅଛି ଡାକ ତୋର ଯାହାକୁ ଡାକିବାର ଅଛି । ତା'ପରେ ତା'ର ସବୁ ସାଙ୍ଗମାନଙ୍କୁ ଡିନର୍‌ରେ ଡକା ହେଲା । ସବୁ ସାଙ୍ଗ ବହୁତ ଖୁସି ଥିଲେ । ସମସ୍ତଙ୍କୁ ଅତି ସ୍ନେହରେ ଖାଇବା ପରଷୁଥିଲେ ବିଜୟ । ଆଉ ମୁଁ ନିଜ ଆଖିର ଲୁହକୁ ପୋଛୁଥିଲି ଲୁଚେଇ ଲୁଚେଇ । ମୋ ମନର ଉଦାସପଣର ଏକମାତ୍ର ସାକ୍ଷୀ ଥିଲା ରିୟା । ସେ ମଧ୍ୟ ଉଦାସ ଥିଲା ବହୁତ କଷ୍ଟରେ ମୁଁ ଅଳ୍ପ ଟିକିଏ ଖାଇଲି ।

ରାତି ଗୋଟାଏ ପର୍ଯ୍ୟନ୍ତ ରାହୁଲ୍‌ର ସାଙ୍ଗମାନଙ୍କର ଗହଳି ଚହଳି ଲାଗି ରହିଲା । ସମସ୍ତେ ବିଦାୟ ନେଇ ଗଲା ପରେ ରାହୁଲ୍ ମୋତେ କୁଣ୍ଢେଇ ପକେଇ କହିଲା, 'ଥ୍ୟାଙ୍କସ୍ ମା', ବହୁତ ମଜା ଆସିଲା ଆଜି । ମୁଁ ବିଜୟଙ୍କୁ ଅନେଇଲା ବେଳକୁ ସେ ମୁରୁ ମୁରୁ କରି ହସୁଥିଲେ' । ମୁଁ ଏକୁଟିଆ ଚିଡିଯାଇ କହିଲି, ତୁମେ କେମିତିଆ ବାପ ? ପୁଅର ଯିବା ପାର୍ଟିରେ ଏତେ ଖୁସି ହେଉଛ । ମୋର ତ ମନ ଭିତରୁ ରହି ରହି କୋହ ଉଠୁଛି । କେମିତି ରହିବି ମୁଁ ତା' ଯିବା ପରେ ? ସେଇକଥା ଭାବି ଭାବି ମୋ ଆଖିର ନିଦ ହଜି ଗଲାଣି । ବିଜୟ ମୋ ଗାଲକୁ ଥାପୁଡେଇ ଦେଇ କହିଲେ, ସବୁ ଠିକ୍ ହେଇଯିବ ରଶ୍ମି । ତାକୁ ଖୁସି ଖୁସି ପଠାଅ ନହେଲେ ସେ ଦୁଃଖୀ ହେଇଯିବ ।

କାଶ୍ ! ମୋ ମନ ମଧ୍ୟ ତୁମ ଭଳି ହେଇଥାନ୍ତା, 'ମୁଁ କହିଲି ଆଉ ମୋ କଥା ଶୁଣି ହସି ଦେଲେ ବିଜୟ' ।

ରାତି ଗୋଟାଏ ବେଳେ ଥିଲା ରାହୁଲ୍‌ର ଫ୍ଲାଇଟ୍ । ଆମେ ସମସ୍ତେ ସନ୍ଧ୍ୟା ସାତଟା ବେଳେ ବାହାରିଲୁ ଘରୁ । ବିଜୟଙ୍କ କାର୍‌ରେ ଆମେ ଚାରି ଜଣ ଆଉ ଦୁଇଟା କାର୍‌ରେ ରାହୁଲ୍‌ର ସାଙ୍ଗମାନେ ତାକୁ ଏୟାରପୋର୍ଟରେ ଛାଡିବା ପାଇଁ ବାହାରିଲେ ।

ରିୟା ବସିଥିଲା ଆଗରେ, ମୁଁ ପଛରେ ବସିଥିଲି ରାହୁଲ୍ ସାଙ୍ଗରେ । ରାସ୍ତା ସାରା ମୁଁ ରାହୁଲ୍‌ର ହାତକୁ ଧରିଥିଲି ମୋ ହାତ ଭିତରେ । ମନ ଉପରେ ଯେମିତି କେହି ଭାରୀ ପଥରଟିଏ ରଖି ଦେଇଥିଲା । ଉଦାସ୍ ଥିଲା ରାହୁଲ୍ । ବିଜୟ ବାଟ ସାରା ହାଲ୍‌କା - ଫୁଲ୍‌କା କଥା କହି ପରିବେଶକୁ ସାମାନ୍ୟ କରି ରଖିଥିଲେ । ମୋ ପାଖରେ କହିବାକୁ ଆଉ କିଛି କଥା ନଥିଲା । ବାଟସାରା ମୁଁ କେବଳ ପୋଛି ଚାଲିଥିଲି ଆଖିରୁ ଝରୁଥିବା ଲୁହର ଧାରକୁ । କେତେବେଳେ ରାହୁଲ୍ ମୋ ଗାଲରେ କିସ୍ କରୁଥିଲା ତ ଆଉ କେତେବେଳେ ମୋ କାନ୍ଧରେ ମୁଣ୍ଡ ରଖି ମୋତେ ସାନ୍ତ୍ୱନା ଦେଉଥିଲା, "ଡୋଣ୍ଟ ୱରୀ ମା', ସ୍କାଇପ୍‌ରେ ପ୍ରତିଦିନ କଥା ହେବା ।" ତୁମେ ଉଦାସ ହୁଅନାହିଁ । ମୁଁ ସବୁବେଳେ ଟଚ୍‌ରେ ରହିବି ।

ଏୟାରପୋର୍ଟରେ ପହଞ୍ଚିଲା ପରେ ଏକାଠି ହେଲେ ସବୁ ସାଙ୍ଗ । ପରିବେଶ ଟିକିଏ ଉଦାସିଆ ହେଇଗଲା । ସମସ୍ତଙ୍କୁ ଆଲିଙ୍ଗନ କରି ରାହୁଲ୍ ନିଜ ଟ୍ରଲି ନେଇ ଭିତରକୁ ବଢିଲା ବେଳକୁ ସବୁ ସାଙ୍ଗ ଜୋର୍‌ରେକହିଲେ, "ରାହୁଲ୍..ଯା ଜୀ ଲେ ଅପନି ଜିନ୍ଦେଗୀ ।" ରାହୁଲ୍ ପଛକୁ ବୁଲି ପଡି ସାଙ୍ଗମାନଙ୍କୁ ଚାହିଁଲା ଆଉ ହସି ହସି ହାତ ହଲେଇ ଭିତରକୁ ଚାଲିଗଲା । ଯେମିତିରାହୁଲ୍ ଆଖି ଆଗରୁ ଅଦୃଶ୍ୟ ହେଇଗଲା, ବିଜୟ ସେଇଠି କାର ଉପରେ ନିଜ ମୁଣ୍ଡକୁ ରଖି ଭୋ ଭୋ ହେଇ କାନ୍ଦିବାକୁ ଲାଗିଲେ । ସବୁ ସାଙ୍ଗମାନେ ଆଶ୍ଚର୍ଯ୍ୟ ଚକିତ ହୋଇ ଛିଡା ହୋଇଥିଲେ ତାଙ୍କ ପାଖରେ । ଆଉ ବିଜୟ ନିଜ ମୁଣ୍ଡ ଉପରେ ହାତ ରଖି ଜୋର୍ ଜୋର୍‌ରେ କାନ୍ଦୁଥିଲେ । ମୁଁ ଆଉ ରିୟା ଅଶ୍ରୁପୁରିତ ଆଖିରେ ଦେଖୁଥିଲୁ ପରସ୍ପରକୁ ଅନବରତ ।

କେତେ ଭୁଲ୍ ଥିଲି ମୁଁ । ପୁରୁଷ କେଉଁଠି ହୃଦୟହୀନ ହେଇଥାନ୍ତି । ତାଙ୍କର ମଧ୍ୟ ହୃଦୟ ଅଛି, ଯାହା ଧକ୍‌ଧକ୍ କରୁଛି ଛାତି ତଳେ । ତାଙ୍କୁ ମଧ୍ୟ ସେହି ସବୁ ଭାବନା ଛୁଇଁଯାଏ, ଯାହାକୁ ଅବମେ ଉଜାଗର କରିଦେଉ । ହେଲେ ସେମାନେ ନିଜ ମନର ଭାବନା ଉପରେ ନିୟନ୍ତ୍ରଣ ରଖି ସବୁ ପରିସ୍ଥିତି ସହ ଲଢି ପରିବାରର ସବୁ ସଦସ୍ୟଙ୍କୁ ସମ୍ଭାଳନ୍ତି । ପୁତ୍ର ସ୍ନେହରେ ଦୁର୍ବଳ ସ୍ତ୍ରୀକୁ ବୁଝାନ୍ତି । ନିଜକୁ ବୁଝାଇ ପୁଅକୁ ତା'ର ସ୍ୱପ୍ନ ପୁରା କରିବା ପାଇଁ ଦୂରକୁ ପଠାନ୍ତି । ପୁଅର ନିଷ୍ପତ୍ତିରେ ତା' ସହିତ ଛିଡା ହୁଅନ୍ତି । ସତରେ ମୁଁ କେତେ ଭୁଲ୍ ଥିଲି ।

*ପ୍ଲଟ ନମ୍ବର-୨୭, ବ୍ରହ୍ମେଶ୍ୱର ବାଗ, ଟଙ୍କପାଣି ରୋଡ, ଭୁବନେଶ୍ୱର-୭୫୧୦୧୮*
*ଦୂରଭାଷ: ୭୨୦୫୮୫୦୮୩୧*

# ଦୃଶ୍ୟ

## ଭାଗୀରଥି ବେହେରା

ଘରେ ସବୁ ଜାଣିଲେ କାଲିଠୁ ଦିଦି ଆସିବେ ନାହିଁ କାମକୁ। ଦିଦି ଅର୍ଥ ସାତ ବର୍ଷ ହେଲା ଘର କାମ କରୁଥିବା ଚାକରାଣୀ ରଙ୍ଗଦିଦି। ସକାଳୁ ସକାଳୁ ସବୁ ଏପଟ ସେପଟ ହୋଇଯାଇଥିଲା। ରାଧିକା କହିଲା ଦିଦି ଆଉ ଆସିବ ନାହିଁ। ତାକୁ ବାହାର କରି ଦିଆଯାଇଛି। କ'ଣ ପାଇଁ ପ୍ରଶ୍ନ କଲେ ଉତ୍ତର ସେ ଦେବାର ନାହିଁ। କହୁଛି ଯେତେ ଶୀଘ୍ର ପାରିବ ସମସ୍ତେ ନିଜ ନିଜ କାମ କର, ଯିଏ ଯା ବାଟରେ ଯାଅ, ଯେ ପର୍ଯ୍ୟନ୍ତ ଆଉ କିଏ ମିଳିନି।

ନବମରେ ପଢୁଥିବା ଝିଅ ଗାୟତ୍ରୀର ସ୍କୁଲବସ୍ ମିସ୍ ହେଇଗଲା ବୋଲି ପାଦ କଚାଡ଼ି କଚାଡ଼ି ଅଟୋରେ ଗଲା ବିନା ଲଂଚବକ୍ସ। ତା' ହାତରେ ପଚାଶ ଟଙ୍କିଆ ନୋଟଟେ ଧରେଇ ଦେଲା ରାଧିକା କ୍ୟାଣ୍ଟିନରେ ଖାଇନେବାକୁ କହିଲା। କଲେଜରେ ପଢୁଥିବା ପୁଅ ଗଣେଶ ଭୋକରେ ତା' ସାଙ୍ଗର ବାଇକ୍‌ରେ ବାହାରିଗଲା। ରକିକୁ ବାହାରକୁ ବୁଲେଇ ନେବାକୁ ହେବ, ନ ହେଲେ ସେ ତା' ହାତ ଧରି ଝିଙ୍କିବ ଓ ଭୁକିବ।

ଘରଦ୍ୱାର ଝାଡି, ପିଲାଙ୍କ ପାଇଁ ରାନ୍ଧି, ତାକୁ ଏବେ ବାହାରିବାକୁ ହେବ ଅଫିସ୍ ଅର୍ଜେଣ୍ଟ ମିଟିଂ ପାଇଁ। ଯଦି ରକିକୁ ବୁଲେଇନେବ, ତେବେ ସେଆଡେ ଲେଟ୍ ହେବ। ସ୍ୱାମୀ ବିମଳ ଉପରେ ରାଧିକାର ପ୍ରବଳ ରାଗ ଆସୁଥିଲା। ମଣିଷଟାକୁ କେତେ ଥର କହିଲାଣି ଟଙ୍କାଫଙ୍କା ଦେଇ ଏଇ ସହରକୁ ବଦଳି କରି ପରିବାର ସାଙ୍ଗରେ ରୁହ, କିନ୍ତୁ ହେଲାନି।

ଦୁଇଟି ଚାବିରୁ ଗୋଟିଏ ଦିଦି ପାଖରେ ଥାଏ। ସମସ୍ତେ ଯିଏ ଯୁଆଡ଼େ ବାହାରିଗଲେ, ଦିଦି ଘରକାମ ସାରି ଯାଏ। ପୁଣି ସଭିଏଁ ଫେରିବା ପରେ ଆସେ। ଗତକାଲି ହଠାତ୍ ଅବେଳରେ ସେ ଘରକୁ ଆସି ଯାହା ଦେଖିଲା, ତା' ମୁଣ୍ଡ ଖରାପ ହେଇଗଲା। ନିଜକୁ କଣ୍ଟ୍ରୋଲ କରିନେଲା ସିନା ରାଗ ତମ ତମ ହୋଇ ଚୁପଚାପ ଫେରିଗଲା ଅଫିସ୍। ଅପରାହ୍ଣରେ ଫେରି ରଙ୍ଗଦିଦିକୁ ଆସିବାକୁ ମନା କରିଦେଲା। ମିଛ ବି କହିଦେଲା ପାଞ୍ଚଦିନ ପାଇଁ ବାବୁଙ୍କ ପାଖକୁ ପୁରା ପରିବାର ଯିବୁ, କିନ୍ତୁ ଏବେ ଭାବୁଛି ପଳେଇଗଲେ ହିଁ ଭଲ। ନ ହେଲେ ମୁଣ୍ଡ ଖରାପ ହେଇଯିବ। ପାଗଳ ହେଇଯିବ। ଦେଖିଥିବା ଦୃଶ୍ୟ ହାତଗୋଡ଼ ସବୁ ବାନ୍ଧି ଦେଉଥିଲା। ଅନ୍ୟଥା ଅଧିକ ଭାବିବାକୁ ସମୟ ହିଁ ନଥିଲା। ଝଟପଟ ରକିକୁ ଜୋର ଜବରଦସ୍ତ ବୁଲେଇ ଦେଇ ତା' ଜାଗାରେ ଛାଡ଼ିଦେଲା ସେ। ଖାଦ୍ୟ ରଖିଦେଇ ଟିକେ ଆଉଁସି ଦେଲା। ନିଜେ ଫଟାଫଟ୍ ବାଥରୁମରେ ବନ୍ଦ କରି ଆଖି ପିଛୁଳାକେ ଭେନିଟ୍ ସାଉଁଟି ନିଜକୁ ସଅଁପି ଦେଲା କମ୍ପାନୀ ପ୍ରଦତ୍ତ କାରରେ। ହେଲେ ତା' ଘର ଭିତରେ ଘଟିଥିଲା ଯେଉଁ ଦୃଶ୍ୟ, ବାତାନୁକୂଳ ଗାଡିର ଶୀଥିଳତା କୋଉ ଆବଦ୍ଧ କରିପାରୁଥିଲା ମୁଣ୍ଡ ଭିତରେ ଘାଣ୍ଟି ନ ହେବାକୁ।

ସତକୁ ସତ ସେ ଆଉ ରହିପାରିଲା ନାହିଁ ନିଜ ଘରେ। ଏମିତି ନୁହଁ ଯେ ଅନ୍ୟ ଚାକରାଣୀ ମିଳିଲା ନାହିଁ। କିନ୍ତୁ ତା'ର ରାଗ ସବୁ ଛିଡ଼େଇବାର ଥିଲା ବିମଳ ଉପରେ। ବିମଳ ତ ସ୍ୱାମୀ ହେଇ ସ୍ତ୍ରୀର ପୀଡ଼ା ବୁଝିବା କଥା ନା! ସନ୍ଧ୍ୟାକୁ ସେ ବାହାରି ପଡିଲା ପୁଅଝିଅ ଓ ରକିକୁ ନେଇ ସ୍ୱାମୀ ବିମଳର ସହର।

ଯାହାବି ହେଉ, ବିମଳ ବି ଖୁସି ହେଲା ଅନେକ ଦିନ ପରେ ପରିବାରକୁ ପାଇ। – "ମୋର ଆଉ ଯିବାକୁ ଇଛା ହେଉନି ସେହି ଘରକୁ ଫେରିବାକୁ। ତୁମେ ନଥାଉଛ। ଜାଣିଛ କେତେ ମୁଁ ଏକଲା ଫିଲ୍ କରୁଛି। ପୁଣି ଉପରେ ଦିଦିର ମାମଲା। ପୁଣି ଆଉ କୌଣସି ଚାକରାଣୀ ରଖିବି ନାହିଁ। ବରଂ ମୁଁ ଚାକିରି ଛାଡ଼ିଦେବି। ତୁମ ପାଖରେ ରହିବି। ପିଲାଙ୍କୁ ଏ ସହରରେ ପଢ଼େଇବା। ନ ହେଲେ ତୁମେ ବଦଳି କରିନିଅ।" ରାଧିକାର ସ୍ୱର ତୀକ୍ଷଣ ହେଉଥିଲା।

– "ରାଧିକା! ପ୍ଲିଜ୍! ପିଲାମାନେ ସେପଟେ ଶୋଇଛନ୍ତି। ସମୟ ମିଳିନି ବୋଲି ମୁଁ ରଙ୍ଗର କଥାକୁ ଗୁରୁତ୍ୱ ଦେଇନି। ଆଛା! ଯାହା ସବୁ କହିଲ ମୁଁ କରିବି। ୟୁ କୁଲ୍ ଡାଉନ୍।" ରାଧିକାକୁ ଆଉଟିକେ ନିଜ ଆଡ଼କୁ ଟାଣିଆଣିଲେ। ସ୍ୱାମୀର ସାନ୍ନିଧ୍ୟ ପାଇ ଟିକେ ଭଲ ଲାଗିଲା ରାଧିକାକୁ। ଭୁଲିବାକୁ ଚେଷ୍ଟା କଲା ସେ ବେକାର ଦୃଶ୍ୟ।

– "ଆଛା! ଏମିତି କ'ଣ ଦେଖିଦେଲ ଯେ ତୁମେ ଏତେ ରାଗିଛ ତା' ଉପରେ? ଟିକିଏ ଭାବିଲ ନାହିଁ ବାହାର କରିବା ପୂର୍ବରୁ। ରଙ୍ଗ କେବଳ ଆମର ଚାକରାଣୀ ନୁହଁ, ପିଲାଙ୍କ ଦିଦି ମଧ୍ୟ। ସାତବର୍ଷ ହେଲାଣି ଗୋଟିଏ ବି ଅସୁବିଧା ହେଇନି।"

ଏତିକି ଶୁଣି ରାଧିକାର ରାଗ ଆହୁରି ପ୍ରବଳ ହେଲା। ନିଜକୁ ଦୂରେଇ କହିଲା – "କ'ଣ କହୁଛ? ତା'ର ସାହସ କେତେ ଦେଖୁନ? ଆମ ଶେଯ ଉପରେ... ଛି! ସେହି ବେଡ଼ସିଟ୍ ନେଇ ଫୋପାଡ଼ି ଦେଲି ବାରିପଟ ନାଳରେ। ଶୋଇପାରୁନି ନିଜ ଶେଯ ଉପରେ ମୁଁ ଯେ, ଯାଇ ଶୋଇଲି ପିଲାଙ୍କ ରୁମ୍‌ରେ। ହାଓ ହ୍ୟୁମିଲେଟିଙ୍ଗ! ମୋତେ ଏତେ ଲାଜ ଲାଗିଲା ଯେ ମାଲିକାଣୀ ହେଇ କିଛି କହି ପାରିଲିନି, କିନ୍ତୁ ସେ ଅଲାଜୁକି...ନନସେନ୍ସ ଇରୋଟିକ୍!"

– "ଇଟ୍ସ ଓକେ!" ହସିଲେ ବିମଳ। ସ୍ୱାମୀର ହସ ଦେଖି ରାଗିବ କି ହସିବ ଭାବି ପାରୁନଥିଲା ରାଧିକା। ଷ୍ଟୁପିଡ୍ ମେଲ୍ ଆଟିଚ୍ୟୁଡ୍! କେଜାଣି ଏମିତି ତାଙ୍କ ପଛରେ କେତେ ଥର କରିଥିବ ଧୋକେବାଜି ରଙ୍ଗ। ଆଉ କେତେ ରଙ୍ଗ ଥିବ। ପ୍ଲିଜ! ଡୋଣ୍ଟ୍ ଲାଫ ବିମଳ। କେମିତି ଲାଗିବ କହିଲ ତୁମ ଶେଯ ଉପରେ...!"

– "ହଉ ହଉ! ରାଗନି! ମୋତେ କେବଳ ଗୋଟିଏ କଥା କୁହ। ତା ସାଙ୍ଗରେ କିଏ ଥିଲା? ଚନ୍ଦ୍ର କି!" ରାଧିକାର କାନରେ ଫୁସୁଫସେଇ ପଚାରିଲା ବିମଳ କୌତୁହଳରେ।

ଏମିତି ପ୍ରଶ୍ନର ଉତ୍ତର ପାଇଁ କିଛି ସମୟ ସିଧା ସିଧା ଅନେଇଲା ରାଧିକା। –"ହଁ ହଁ! ଚନ୍ଦ୍ରଭାଇ ହିଁ ଥିଲା। ଅଲାଜୁକ ଭାଇ! କେଜାଣି ତା'ର ବୁଦ୍ଧି ବି କୁଆଡେ ଯାଇଥିଲା!"

ଏ କଥା ଶୁଣି ପୁଣି ଥରେ ହସିଲେ ବିମଳ ରାଧିକାକୁ କୋଳେଇ କହିଲେ– "କାଲି ମୁଁ ତୁମ ସାଙ୍ଗରେ ଦଶଦିନ ପାଇଁ ଛୁଟି ନେଇ ବାହାରିବି ଓ ସବୁ ଠିକ୍ କରିଦେବି। କେବଳ ତୁମେ ତୁମ ନିର୍ଣ୍ଣୟକୁ ଦଶଦିନ ହୋଲ୍ଡ କରିଦିଅ।"

ସ୍ୱାମୀର ଆଖିକୁ ଦେଖି ଖୁସି ହେଲା ରାଧିକା। ଦଶଦିନ ଛୁଟି ଅର୍ଥ ଦଶଦିନର ଭରପୁର ପାରିବାରିକ ଜୀବନ। ଆଉ ଟିକେ ପ୍ରେମରେ ଭିଡ଼ି ଧରିଲା ବିମଳଙ୍କୁ। ତଥାପି ତାକୁ ଚିଡ଼େଇବା ପାଇଁ ତା' କାନ ପାଖରେ କହିଲେ ବିମଳ - "ଯାହା ହେଉ! ଅନ୍ତତଃ ତା ସ୍ୱାମୀ ତ ଥିଲା।"

- "ହେ! ଅଲାଜୁକ!" ଲାଇଟ୍ ଅଫ୍ କଲା ରାଧିକା।

xx xx xx xx xx

ଘରକୁ ଫେରିଲା ରାଧିକା ସ୍ୱାମୀ ଓ ପିଲାମାନଙ୍କ ସହ। ବଜାରରୁ କିଛି ଡ୍ରେସ, ଶାଢୀ, ବେଲୁନ, ଚକଲେଟ୍ ଆଦି କିଣେଇଲେ ବିମଳ ସ୍ତ୍ରୀ ରାଧିକା, ଝିଅ ଗାୟତ୍ରୀ ଓ ପୁଅ ଗଣେଶଙ୍କୁ ସାଙ୍ଗରେ ନେଇ।

କାର୍ ହର୍ଣ୍ଣ ଶୁଣି ଘର ଭିତରୁ ଧାଇଁ ଆସିଲା ରଙ୍ଗ ଯେମିତି ସେ ଅପେକ୍ଷା କରିଥିଲା କାହାକୁ। ତାକୁ ଦେଖୁ ଦେଖୁ ଗାୟତ୍ରୀ ଓ ଗଣେଶ ଦିଦି ଦିଦି କହି କୁଣ୍ଢେଇ ଧରିଲେ। ଗରିବ ମାନଙ୍କ ବସ୍ତିରେ ଭଙ୍ଗା ଆଜବେଷ୍ଟ ଘର ଭିତରୁ ବାହାରି ଆସିଲା ଚନ୍ଦ୍ର, ତା'ର ଦୁଇ ପୁଅଝିଅ, ଅନ୍ୟ ଏକ ସ୍ତ୍ରୀର କାଖରେ ଗୋଟିଏ ଛୋଟ ପୁଅ।

ରାଧିକା ଏମିତିକା ସ୍ଥିତି ପାଇଁ ପ୍ରସ୍ତୁତ ନଥିଲା। ରଙ୍ଗ ଓ ଚନ୍ଦ୍ରଭାଇଙ୍କୁ ସେ ଦେଖିବାକୁ ଚାହୁଁ ନଥିଲା। ଭୁଲିପାରୁ ନଥିବା ଦୃଶ୍ୟକୁ ମନେ ପକେଇବାକୁ ଚାହୁଁ ନଥିଲା। କିନ୍ତୁ ବିମଳ ଆଗରେ କିଛି କହିବି ପାରୁନଥିଲା, କାରଣ ନିଜ ସ୍ତ୍ରୀକୁ ବାହାରକୁ ନ ଛାଡିବାର ପରମ୍ପରା ପାଳୁଥିବା ପୁରୁଷ ଚନ୍ଦ୍ରଭାଇ କେବଳ ବିମଳଙ୍କୁ ବଡଭାଇ ମାନୁଥିଲା ବୋଲି ରଙ୍ଗକୁ ପଠେଇଥିଲା ତାଙ୍କ ଘରସେବା ପାଇଁ।

ଏତେ ଆଦର, ଏତେ କୃତଜ୍ଞତା ଯେ, ସମସ୍ତେ ଘର ଭିତରକୁ ବାଧ ହୋଇ ପ୍ରବେଶ କଲେ ରାଧିକା ଜାଣିଥିଲା ଚନ୍ଦ୍ରଭାଇ ଡ୍ରାଇଭର କାମ କରନ୍ତି, କିନ୍ତୁ ମାଲିକାଣୀ ହେଇ କେବେ ଚାକରାଣୀ ଘରକୁ ଆସିନଥିଲେ। ଏମିତି ଛୋଟଘର ଯେଉଁଠି ଖଟ ଉପରେ ଗୋଟିଏ ରୋଗିଣା ବୃଦ୍ଧା ଓ ତା' ତଳେ ଶୋଇଛି ପଇଁତିରିଶ ବର୍ଷର ପୁରୁଷ। ବୃଦ୍ଧା ରଙ୍ଗର ଶାଶୁ ଓ ପୁରୁଷ ଚନ୍ଦ୍ର ଭଉଣୀର ମଦୁଆ ସ୍ୱାମୀ। ଯାହାସବୁ କିଣା ହେଇଥିଲା ପିଲାମାନଙ୍କ ହାତରେ ରଙ୍ଗକୁ ଦେଲେ ବିମଳ।

ଯାହାହେଉ, ଫେରିଲା ବେଳକୁ ବିମଳ ଚନ୍ଦ୍ରକୁ ଡାକିଲେ। କହିଲେ -"ଚନ୍ଦ୍ର! ଆଜିଠୁ ତୁମେ ମୋ ଘର କାର୍ ଚଲେଇବ। କାଲି ହିଁ ଯାଇ ନୂଆ କାର୍ କିଣିବା। ଗାୟତ୍ରୀକୁ ବସ୍‌ରେ ବସେଇ ତୁମେ ରାଧିକା ଦିଦିକୁ ଛାଡ଼ିବ ତା କମ୍ପାନୀ ଅଫିସ୍‌ରେ। ବାଟରେ ଗଣେଶକୁ କଲେଜରେ। ହଁ! ଆଉ ଗୋଟିଏ କଥା କାର୍ ଗ୍ୟାରେଜ ପାଖରେ ଯେଉଁ ପୁରୁଣା ଗେଷ୍ଟହାଉସ୍ ଅଛି, ସେଇଟା ସଜେଇ ଦିଅ। ତୁମେ ଓ ରଙ୍ଗ ବ୍ୟବହାର କରିବ। କ'ଣ କହୁଛ ରାଧିକା? ଠିକ କହିଲି ନା? ଚାବିଟା ଦେଇଦିଅ ଯାହା ତୁମ ଭେନିଟରେ ମୁଁ ରଖିଛି।"

କ'ଣ ହେଉଛି ରାଧିକା ବୁଝି ପାରୁନଥିଲା। ତା' ପୂର୍ବରୁ ଝିଅ ଗାୟତ୍ରୀ ଭେନିଟରୁ ଚାବି ନେଇ ଦେଇଦେଲା ଓ ତାଙ୍କ ପିଲାମାନଙ୍କୁ ବାଏ ବାଏ କଲା। ଯିବାକୁ ପ୍ରସ୍ତୁତ ହେଲେ ସେମାନେ। ଡାଡିଙ୍କ କଥା ଶୁଣି କି ଖୁସି ସେମାନଙ୍କ!

ରାଧିକାର ହାତ ଦୁଇଟାକୁ ଧରି ଆଖିରେ ଆଖିଏ ଲୁହ ନେଇ ରଙ୍ଗ କହିଲା- ଦିଦି! କ୍ଷମା କରିଦିଅ ଆଉ ଭୁଲ ହେବନି। ସେଦିନ ବିବାହ ବାର୍ଷିକୀ ଥିଲା ତ, ଘରେ ଏତେ ଲୋକ ଦେଖିଲ। ମୁଁ ଚଣ୍ଡୀ ହିଁ ତାଙ୍କୁ ଉସୁକେଇଲି ସେ ଅଲାଜୁକ କାମ ପାଇଁ।" ଆଖି ତା'ର ତଳକୁ ଥିଲା। ଚନ୍ଦ୍ର ସେଥିପାଇଁ ପାଞ୍ଚ ଛଅଦିନ ହେଲା ଭଲ କି ମୁଠେ ଖାଇ ନାହାନ୍ତି। ସେ ତ ଜାଣିନାହାନ୍ତି କି କାମରୁ ବାହାରି ପଡ଼ିଛି ବୋଲି। ଆଜି ଯଦି ଆଜ୍ଞା ନ ଆସିଥାନ୍ତେ..।" ରଙ୍ଗର କଣ୍ଠ ଅବରୁଦ୍ଧ ହେଉଥିଲା।

ଏମିତି ନୁହଁ କି ରଙ୍ଗ ଓ ଚନ୍ଦ୍ର କେତେ ଭଲ ରାଧିକା ଜାଣିନଥିଲା। ଗାୟତ୍ରୀ ଓ ଗଣେଶର ଖୁସି ଆଗରେ ତା' ରାଗ ତ କିଛି ବି ନୁହଁ। କିନ୍ତୁ ଯାହା ସେ ବୁଝି ପାରୁନଥିଲା ବିମଳ ସହଜେ ବୁଝିଯାଇଥିଲେ। ଏମିତି କୌଣସି ଘୃଣ୍ୟା କାମ କି ଚୋରୀ ଡକେଇତି କରିନଥିଲେ ପତିପତ୍ନୀ।

ରାଧିକା ରଙ୍ଗଦିଦିର ହାତକୁ ଆଉଟିକେ ଜୋରକି ଚିପିଦେଇ କହିଲା - "ହେଲା ହେଲା! ମୁଁ କ'ଣ ଏତିକି ବୁଝୁନି କି! ଯ! ସେ ଖଟଟି ଆମ ତରଫରୁ ମ୍ୟାରେଜ ଆନିଭର୍ସାରି ପାଇଁ। ଚନ୍ଦ୍ରଭାଇଙ୍କୁ କହି ନୂଆ କାର୍ ସହ ନୂଆ ଖଟଟେ ବି ଆମ ପାଇଁ କିଣେଇ ଦେବ।"

ଦୂରରୁ ତାକୁ ଦେଖି ହସୁଥିଲେ ବିମଳ। ବୋଧେ ରାଧିକା ଏବେ ଠିକ୍ ବୁଝୁଛି। ଆଗରେ ଯେମିତି ଗେରୁଆ ରଙ୍ଗ ଓଭରବ୍ରିଜ ଉପରେ ବିଛୁରିତ ଅସ୍ତଗାମୀ ରବି କହୁଛନ୍ତି କାଲି ପୁଣି ଗୋଟିଏ ସୁନ୍ଦର ସକାଳର ଦୃଶ୍ୟ ନେଇ ହେବ ଭେଟ ...।

*ସଂପାଦକ, ଗଞ୍ଜାମର କବିତାଘର,*
*ବାରିବନ୍ଧ, ଆଙ୍କୁଲି ,*
*ବ୍ରହ୍ମପୁର ଗଞ୍ଜାମ ଜିଲ୍ଲା , ଓଡିଶା*
*ଦୂରଭାଷ: ୮୭୬୩୨୦୧୬୨୨*

# ଦଣ୍ଡି

## ଇନ୍ଦୁମତୀ ପାତ୍ର

ମୁକୁନ୍ଦପୁର ଗାଁରେ ଏମିତି କଉ ମଣିଷଟେ ଅଛି ଯେ, ମାଷ୍ଟ୍ରାଣୀକୁ ଚିହ୍ନି ନ ଥିବ। ଛୁଆ ଠାରୁ ବୁଢ଼ା ଯାଏ ସମସ୍ତଙ୍କ ତୁଣ୍ଡରେ ସେଇ ମାଷ୍ଟ୍ରାଣୀ ଡାକ। କାହିଁକି ଯେ ସମସ୍ତେ ତାକୁ ମାଷ୍ଟ୍ରାଣୀ ଡାକନ୍ତି, ସେ କଥା ମୋତେ ଜଣାନାହିଁ। କେବଳ ପିଲାଟି ଦିନରୁ ଗାଁଟା ଯାକର ସଭିଙ୍କ ମୁହଁରୁ ଶୁଣି ଆସୁଛି ଏଇ ମାଷ୍ଟ୍ରାଣୀ ଡାକ।

ସାଢ଼େ ଚାରିଫୁଟ ଉଚ୍ଚତାର ଗୋରା ବର୍ଣ୍ଣର ମାଇପି ଟାଏ। ବୟସ ସତୁରି ପାଖାପାଖି ହେବ। ହେଲେ ଏବେ ବି ଦିହରେ ମାଉଁସ ଖୁନ୍ଦି ହୋଇ ରହିଛି। ବଳ ହଟିନି। ଦିହରେ ନୀଳ ରଙ୍ଗର କସ୍ତା ଖଣ୍ଡେ ପିନ୍ଧି ଅଣ୍ଟାରେ ହାତ ଦେଇ ଗାଁ ଦାଣ୍ଡରେ ଚାଲିଗଲେ, କେହି ନା କେହି ମାଷ୍ଟ୍ରାଣୀ ବୋଲି ଡାକି ଦିଅନ୍ତି। ମାଷ୍ଟ୍ରାଣୀ ଦଣ୍ଡେ ଠିଆ ହୁଏ, କଥା ଦି ପଦ ହେଇ ଆପଣା ବାଟରେ ଚାଲିଯାଏ। ତା'ର ମୁଣ୍ଡଟା ସବୁବେଳେ ଥରୁଥାଏ। ବାତ ରୋଗ ହୋଇଥିବ କି କ'ଣ ?

ସବୁଠୁ ନିଆରା କଥା ହେଲା, ମାଷ୍ଟ୍ରାଣୀର ଦୁଇ ନାକପୁଡା ମଝିରେ  ଝୁଲୁଥିବା କଞ୍ଚା ହଳଦୀ ବର୍ଣ୍ଣର ସୁନାରେ ତିଆରି ଦଣ୍ଡିଟା। ଏଇ ଦଣ୍ଡିଟା କୁଆଡ଼େ ମାଷ୍ଟ୍ରାଣୀ ବାହା ହେଇ ଆସିଲା ବେଳେ ପିନ୍ଧିକି ଆଇଥିଲା। ମାଷ୍ଟ୍ରାଣୀକୁ କେହି ଦଣ୍ଡିଟା କଥା ପଚାରିଦେଲେ, ବାଁ ହାତରେ ଥରେ ଦଣ୍ଡିଟା ସାଉଁଳେଇ ଦେଇ ତା' କାହାଣୀ ମେଲେଇ ବସେ – ମୋ ବାପା ଭୁବନ ବଣିଆ ହାତରେ ଗଢେଇଥିଲା ଏ ଦଣ୍ଡିଟା। ଖାଣ୍ଟି ସୁନାର। ଏ ଦଣ୍ଡିଟା ଗଢ଼ିବାକୁ ସାତଦିନ ନେଇଥିଲା ପୁରିଆ ବଣିଆ। ଘରେ ରହି ଖାଇ ପିଇ ଗଢ଼ିଲା ନା। କେତେ କୁଟିକମ ହେଇଛି ଦେଖୁନ। ଏ ରାଇଜରେ ମୋ ଦଣ୍ଡି ସମାନ ଆଉ ଦେଖିଥିବନା କାହାର। ସତ କହିବାକୁ ଗଲେ ଦଣ୍ଡିଟା ବେଶ ମାନୁଥିଲା ମାଷ୍ଟ୍ରାଣୀକୁ। ଗୋରା ତକ ତକ ପାଚିଲା ଆମ୍ବ ପରି ଦିହକୁ ନୀଳ ରଙ୍ଗର କସ୍ତା। ତା' ସାଙ୍ଗକୁ ଅଳଙ୍କାର କହିଲେ, ବେକରେ ମାଳଟାଏ, ଆଉ ନାକରେ ଦଣ୍ଡିଟାଏ।

ମାଷ୍ଟ୍ରାଣୀର ପରିବାର କହିଲେ ତିନି ପୁଅ ଗୋଟିଏ ଝିଅ। ବୁଢ଼ାବୁଢ଼ୀ ଦି' ଜଣ ଯାକ ଥିଲେ, ହେଲେ ସେଥିରୁ ପଟେ ଚାଲିଗଲେଣି ଦି ବର୍ଷ ହେବ। ବାକି ରହିଛି ଏ ବୁଢ଼ୀଟା। ବଡ଼ ପୁଅ ନିତେଇ ଓରଫ ନିତ୍ୟାନନ୍ଦ, ତା' ତଳକୁ ସତିଆ ଓରଫ ସତ୍ୟାନନ୍ଦ, ଆଉ ସବା ସାନଟା ବ୍ରହ୍ମାନନ୍ଦ। ଝିଅ ମାଳ ବାହା ହେଇଛି ବାଟ ପାଞ୍ଚ କୋଶ ହେବ। ଜୋଇଁଟି ବେପାର ବଟା କରେ, ଚାଷ ବାସ ଦି କିଆରୀ ବି ଅଛି। ସୁରୁଖୁରୁରେ ଚଳି ଯାଏ।

ବେଳେ ବେଳେ କେହି କେହି ନିତେଇ ମା ବୋଲି ଡାକି ଦିଅନ୍ତି। ତା'ର ସେଥିରେ ଯାଏ ଆସେ ନାହିଁ। କିଏ ତାକୁ କ'ଣ କହୁଛି, କାହିଁକି କହୁଛି, ସେଥିକି ନିଘା ନାହିଁ ତା'ର। ସେ କେବଳ ଗଧ ଭଳିଆ ଖଟିବା ଜାଣିଛି...। ଅଳପ ବୟସରେ ବାହା ହେଇ ଆଇଥିଲା, ଶାଶୁ ଶଶୁରଙ୍କୁ ଡରି କାମ ଦାମ କରୁଥିଲା, ନ ଶିଖିବା କାମ ନିଜେ ଶିଖିଲା। ଆଜିକାଲି ଆଉ କାମ କଉ ବନ୍ଦ ହେଉଛି। ଏବେ ଏଣିକି ବୋହୂଙ୍କର ସୁଖ କରିବାର ପାଳି। ପୁଅ ନିଲଠା ଗୁଡ଼ାକ ତ ସେମିତି।

ବୁଢ଼ା ଚାଲିଗଲା ପରେ ଏବେ ଏଣିକି ନିତେଇ ମା'ର ମନ ଭଲ ନାହିଁ। ବୁଢ଼ାଟା ପାଇଁ ବଳ ଥିଲା। ବଳ ଭାଙ୍ଗିଗଲା। ତା' ସୁଖ ଦୁଃଖରେ ଆଉ କିଏ ଅଛି ଆହା କହିବାକୁ। ସେ କିନ୍ତୁ ଘରେ ମନ ମାରି ବସିବା ଲୋକ ନୁହଁ।

କେତେ ବେଳେ ବେଳ ପାଇଲେ ସାଇ ଆଡ଼େ ପଳେଇ ଆସେ। ସୁଖ ଦୁଃଖ ଦି ପଦ ହୁଏ। କେତେ ରକମର ହିତ କଥା କହେ। ସାହିରେ କାହାର ଦିହପା ହେଲେ ମାଷ୍ଟ୍ରାଣୀକୁ ଡକା ପଡ଼େ। କେତେ ଟୁଟୁକା ଉପଚାର ବତେଇ ଦିଏ। କାହା ଘରେ ପିଠା ପଣା ହେଲା ତ' ମାଷ୍ଟ୍ରାଣୀ କୁ ଡାକ। ତା' ହାତରେ କି ଯାଦୁ ଅଛି କେଜାଣି, ତା' ହାତ ତିଆରି ପିଠାର ଭିନେ ସୁଆଦ। ମାଷ୍ଟ୍ରାଣୀ ଅନେକ ସମୟରେ ଆମ ଘରକୁ ଆସେ। ହିସାବରେ ସେ ମୋର ଜେଜେମା ହେବ। ମା'ର ଖୁଡି ଶାଶୁ। ସେ ଆସିଲେ ମୁଁ ଯାଇ ତା' ପାଖରେ ଘଷି ନେସି ହୁଏ, ତା' ନାକର ଦଣ୍ଡିଟା ଅଣ୍ଡାଳେ। ମୋ ଦେଖିବାରେ ଆମ ଗାଁରେ ଦଣ୍ଡି ପିନ୍ଧିବା ମାଇପି ବୋଧେ ଏକା ସିଏ। ମୁଁ ତାକୁ ମଜାରେ କହେ – ଆଲୋ ଜେଜେମା ତୋ ନାକ ଅଗରେ ଝୁଲି ରହିଛି ଦଣ୍ଡିଟା, ତୋତେ ଅଡୁଆ ଲାଗୁଥିବ ନାଇଁ? ଆଜିକାଲି ଆଉ ଏ ଗହଣା କିଏ ପିନ୍ଧୁଛି କହିଲୁ ?

ସେଇଟା କାଢ଼ି ଦେଉନୁ। ସିଏ ତା' ଅଧ ଫୁଙ୍ଗୁଲା ପାଟିରେ ହସିଦେଇ କହେ – ଆଲୋ ଏଇଟା ମୋ ବା ଦେଇଥିଲା କେଡ଼େ ଶରଧାରେ। ମୁଁ କିଆଁ ଯାକୁ କାଢିଦେବି, ମଲା ଯାଏ ଏଇଟା ଥିବ ମୋ ନାକରେ। ତମର ସିନା ଆଜିକାଲି ଭଳିକି ଭଳି କେତେ ଢଙ୍ଗର ଗହଣା। ହେଲେ ଏଇଟା ସରି କେହି ହେବେନି ଲୋ ଜାଣିଥା। ବାର ମଶାର ମୋ ଦଣ୍ଡି।

ସେତେବେଳେ ଭରି କି ଗ୍ରାମ ତ ନଥିଲା, ମଶା, ତୋଳା ଏମିତିରେ ମାପ ଓଜନ ହେଉ ଥିଲା ସୁନା ରୁପାର। ମୋ ମୁଣ୍ଡରେ ତା' କଥା ପଶୁ ନଥିଲା କିଛି। ଆଉ ଦିନେ ସୁଯୋଗ ଦେଖି ମୁଁ ପଚାରିଦେଲି ଆଲୋ ଜେଜେମା ! ତୋର ତ କିଛି ଗୋଟାଏ ନାଁ ଥିବ, ତୋତେ ସଭିଏଁ ମାଷ୍ଟ୍ରାଣୀ ବୋଲି କାହିଁକି ଡାକୁଛନ୍ତି ଏ ଗାଁରେ। ମୁଁ ଭାବିଲି ସିଏ ହୁଏତ ମୋ ପ୍ରଶ୍ନରେ ରାଗିଯାଇ କେତେ କ'ଣ ବକିବ। ହେଲେ ତା ମିଜାଜ ଥଣ୍ଡା ଥିଲା କି କ'ଣ, ମୋ କଥା ଶୁଣି ସେ ହସିଲା ବହେ। ସେଇଠୁ ବଖାଣିଲା ତା କଥା..., ଆଲୋ ଶୁଣିବୁ। ମୁଁ ନୂଆ ହେଇ ଆଇଥାଏ ଏ ଗାଁକୁ। ସେତେବେଳେ କିଏ ନାଁ ଧରି ଡାକୁଛି ବୋହୂ ମାନଙ୍କୁ। ବୋହୂମାନଙ୍କୁ ଶଶୁର ଶାଶୁ ବୋହୂ ଡାକୁଥିଲେ, ଆଉ ନଣନ୍ଦ ଦିଅର ସଭିଏଁ ସେଇ ନାଁରେ ଡାକିଲେ। ମୋ ପାଟିଟା ତ ସବୁବେଳେ ବକର ବକର। ସେଇଠୁ ନେଖା ଯୋଖାର ଦିଅର ଟୋକାଏ ମୋତେ ଡାକିଲେ ମାଷ୍ଟ୍ରାଣୀ। ସେତେବେଳେ ତ ଗାଁ ମାନଙ୍କରେ ଇସ୍କୁଲ ନ ଥିଲା। ପାଞ୍ଚ ସାତ ଖଣ୍ଡ ଗାଁରେ ଗୋଟିଏ ଚାଟଶାଳୀ। ସେତେ ବେଳେ ସମୟରେ କୋଉ ମାଇପି ଟାଏ ପାଠ ପଢିଥିଲା ଯେ, ସେ ଗାଁ ଗାଁ ବୁଲି ଝିଅମାନଙ୍କୁ ଏକାଠି କରୁଥାଏ ପାଠ ପଢ଼ିବା ପାଇଁ। ତା'କୁ ଇ ଦେଖି ସଭିଏଁ ମାଷ୍ଟ୍ରାଣୀ ଡାକିଲେ ଲୋ ମୋତେ। ସେଇ ଦିନଠୁଁ ମୋର ଏଇ ଗାଁରେ ଏଇ ନୂଆ ନାଁଟା ହେଲା ମାଷ୍ଟ୍ରାଣୀ।

ସତରେ ମାଷ୍ଟ୍ରାଣୀ ଥିଲା ଖୁବ ଖୁସି ମିଜାଜର ଲୋକ। ଢେଙ୍କାନାଳ ଅଞ୍ଚଳର ଝିଅ ହୋଇ ଥିବାରୁ ତା' ଭାଷାରେ ସାମାନ୍ୟ ବ୍ୟତିକ୍ରମ ଥିଲା ସିନା, ମଣିଷ ପଣିଆରେ ତା' ସରି କେହି ନ ଥିଲେ ଗାଁରେ। କାହାର ଦୁଃଖ ବିପତ୍ତିରେ ସେ ଦୁଆରେ ଠିଆ ନ ହେଉଛି। ରୋଗ ବୈରାଗ ହେଲେ ସିଏ ତ ଜାଣିବ ଡାକ୍ତରଠୁ ବଳି। ତା' ତୁଟୁକା ଉପଚାରର କମ୍ କାଟତି ବି ନାହିଁ। ସବୁରି ଉପରେ ସେ ଥିଲା ଗାଁର ଭଲ ମାଇପି ଟାଏ।

ବୟସ ହଟିଲାରୁ ମାଷ୍ଟ୍ରାଣୀର ବଳ ବି ହଟିଲା। ବାର୍ଦ୍ଧକ୍ୟଜନିତ ରୋଗ ଗୋଟିଏ ପରେ ଗୋଟିଏ ଦାଉ ସାଧିଲା। କାମ ଦାମକୁ ଆଉ ପାରିଲାନି। ବସି ବସି ଖାଇବାଟା ବୋହୂ ତିନିଙ୍କ ଦେହରେ ଗଲାନି। ସଭିଏଁ ତ ଭିନେ ହୋଇ ସାରିଛନ୍ତି। ଯାହା ଜମି ତିନି ମାଣ ଥିଲା ତାକୁ ବୁଢ଼ୀ ତିନି ଭାଗ କରିଦେଇଛି। ତାଙ୍କର ବି ନିଅଣ୍ଟିଆ ସଂସାର। ବୁଢ଼ୀକୁ ବା ଆଉ ପଚାରେ କିଏ ? ଦିନକୁ ଦିନ ବୁଢ଼ୀ ଦିହ ଖରାପ ହେବାକୁ ଲାଗିଲା। ବୁଢ଼ୀ ଭାବିଲା ଝିଅ ଘରକୁ ଗଲେ ସିଏ ହେଲେ ସେବା ଶୁଶ୍ରୁଷା କରିବ। ଶେଷରେ ବୁଢ଼ୀ ଶଗଡ଼ିଆକୁ ନେହୁରା ହେଲା ଝିଅ ଘରେ ଟିକିଏ ଛାଡ଼ି ଦେବାକୁ। ଝିଅ ଘରେ ପହଞ୍ଚି ବୁଢ଼ୀ ଟିକିଏ ଆଶ୍ୱସ୍ତ ହେଲା। ପୁଅ ନ କଲେ ନାହିଁ ଝିଅ ତ ଅଛି। ତାଙ୍କୁ ଯେମିତି ଦଶ ମାସ ଗର୍ଭରେ ଧରି ଜନମ ଦେଇଛି, ଝିଅକୁବି ସେଇ କଷ୍ଟରେ ଜନମ କରିଛି। ସିଏ କ'ଣ ବୁଝିବନି ମା'ର ଦୁଃଖ। ମା'କୁ ଦେଖି ଝିଅ ମାଳ ଭାରି ଖୁସି ହୋଇଗଲା। କେତେ ଆଦର ଯତ୍ନରେ ତିନି ତିଅଣ କରି ମା'କୁ ପରସିଦେଲା। ଗୋଡ଼ ହାତରେ ତେଲ ଲଗେଇ ଦେଲା। ବୁଢ଼ୀ ଏଥର ଖୁସି। ଯା ହେଉ ଝିଅର ଚିକିତ୍ସାରେ ନିଶ୍ଚେ ଭଲ ହେଇଯିବ ଏଥର।

ମାସ ଟିଏ ବିତିଗଲା। ହେଲେ ଦିହ ଜମାରୁ ଭଲ ରହିଲାନି ବୁଢ଼ୀର। କେତେବେଳେ ଜର ତ କେତେବେଳେ କାଶ। ଡାକ୍ତର ବଇଦ କରିବାକୁ ଝିଅବି କହିଲାନି ଦିନେ। ଜୋଇଁ ତ ପର ପୁଅ, ତା'ର ବା କ'ଣ ଯାଉଛି। ବୁଢ଼ୀ ଦିହ ବେଶୀ ଖରାପ ହେବାରୁ ଝିଅ ମାଳ ଦିନେ କଂଳେଇ କହିଲା – ଆଲୋ ମା', ଦେଖୁଛୁ ତ ମୋର ପାଞ୍ଚ ପ୍ରାଣୀ କୁଟୁମ୍ବ। ତୋ ଜୋଇଁର ବା ରୋଜଗାର କେତେ। ଅଳପ ଟିକେ ଚାଷ। ସବୁ ଆଡକୁ କେତେ ଖରଚ। ତୋ ଦଣ୍ଡିଟା ଯଦି ଦିଅନ୍ତୁ, ତାକୁ ବିକି ମୁଁ ତୋତେ ଡାକ୍ତର ଦେଖାନ୍ତି। ଝିଅ ପାଖରୁ ଏଇ କଥା ପଦକ ଶୁଣି ବୁଢ଼ୀ ଆଖିରୁ ଦୁଇ ଧାର ଲୁହ ଖସି ପଇଲା। ହେଲେ କିଛି ଉତ୍ତର ଦେଲାନି ଝିଅ କଥାରେ। ଝିଅ ବି ମା'ର ଚୁପ୍ ଦେଖି ଆଉ କିଛି ସାହସ କଲାନି କହିବାକୁ। ଦି ଚାରିଦିନ ପରେ ବୁଢ଼ୀ ବାହାରିଲା ଗାଁକୁ। ଝିଅ ବି ଚୁପଚାପ୍ ବ୍ୟବସ୍ଥା କରି ପଠେଇ ଦେଲା ମା'କୁ।

ଝିଅ ଘରୁ ଚାଲି ଆସିବାରୁ ବୋହୂଙ୍କର ଭାଲେଣି ପଡିଲା। ଏବେ ବୁଢ଼ୀକୁ ସେବା କରିବ କିଏ ? ନ ହେଲା ନାହିଁ ପାଳି କରି ତ ଖାଇବାକୁ ଦେଉଛେ, ପାଳି କରି ସେବା ବି କରିବା। ପ୍ରଥମ ପାଳିରେ ବୁଢ଼ୀ ରହିଲା ବଡ଼ ପୁଅ ପାଖରେ। ଦିହ ତ ଭଲ ରହିଲାନି, ବୁଢ଼ୀ ଆଉ ଖାଇବ ପିଇବ କ'ଣ। ବୁଢ଼ୀ କତରା ଲଗା ହେଇଗଲା। ବଡ଼ ବୋହୂ ଦିନେ ତା' ସ୍ୱାମୀକୁ ବୁଝେଇ କହିଲା – ଆହେ ! ଆମେ ଦେଖୁ ଦେଖୁ କ'ଣ ବୁଢ଼ୀଟା ଏମିତି ଗଡ଼ି ସଡ଼ି ମରିବ। ଗାଁ ଭାଇ କ'ଣ କହିବେ କହିଲ ? ତମେ ତାଙ୍କ ଦଣ୍ଡିଟା ବିକିଦିଅ। ସେଇ ପଇସାରେ ଡାକ୍ତର ବଇଦ କରିବା। ବଡ଼ ପୁଅ ସ୍ତ୍ରୀର କଥା ଶୁଣିଲା। ମା' ପାଖକୁ ପାଦ ମାଡୁ ନଥିବା ପୁଅ ସେ ଦିନ ମା' ପାଖରେ ଯାଇ ବସିଲା। ମା'ର ମଥା ଆଉଁସି ଦେଇ କହିଲା – କେମିତି ଲାଗୁଛି ଲୋ ମା' ? ତୋ ଦିହ ଦିନକୁ ଦିନ କେତେ ଖରାପ ହୋଇ ଗଲାଣି। ମୋ ପାଖରେ ଟଙ୍କା ପଇସା କାହିଁ ଯେ ମୁଁ ତୋର ଚିକିତ୍ସା କରିବି। ଯଦି ଏଇ ଦଣ୍ଡିଟା ଦିଅନ୍ତୁ, କିଛି ଗୋଟେ କରନ୍ତି। ବୁଢ଼ୀ ଅବଶ ଆଖି ମେଲି ଥରେ ଚାହିଁଲା ପୁଅକୁ। ଧୀରେ ହାତ ବୁଲେଇଲା ନାକର ଦଣ୍ଡିଟାରେ। ତା' ପରେ ମୁହଁ ବୁଲେଇ କଡ଼ ଲେଉଟାଇଲା। ପୁଅ ସରମରେ ଆଉ କିଛି କହି ପାରିଲାନି। ଚୁପଚାପ୍ ଉଠି ଆସିଲା ମା' ପାଖରୁ।

ମଝିଆଁ ଓ ସାନ ପୁଅ ଶୁଣିଲେ ବଡ଼ ଭାଇର ଏ କଥା। ତାଙ୍କ ମନରେ ବି ଦଣ୍ଡିଟା ପ୍ରତି ଲୋଭ ଜାଗିଲା। କାଳେ ବଡ଼ ଭାଇ କୌଶଳ କରି ଦଣ୍ଡିଟା ହାତେଇ ନେବ, ସେଇ ଭୟରେ ପାଳି ନ ସରିଥିଲେ ବି ମଝିଆଁ କହିଲା ମାଆ ମୋ ପାଖରେ ରହିବ, ସାନ କହିଲା ମୁଁ ମା'ର ସେବା ଯତ୍ନ କରିବି, ମୋ ପାଖରେ ମା' ରହୁ। ହେଲେ ବୁଢ଼ୀ ବା ଆଉ ଉଠୁଛି କଉଠୁ ? ଝିଅ ଘରୁ ଫେରିବାର ମାସ ଟିଏ ନ ପୂରୁଣୁ ବୁଢ଼ୀ ଆଖି ବୁଜିଲା। ଗାଁ ସାହିରେ ଫୁସୁରୁ ଫାସୁରୁ କେତେ କଥା ଶୁଣାଗଲା।

ବୁଢ଼ୀ ଟାକୁ ହେଳାରେ ମାରିଦେଲେ। ନିଜ ଛୁଆ ମାଇପଙ୍କ ଦିହପା ହେଲେ କ'ଣ ଡାକ୍ତର ବଇଦ କରୁ ନାହାନ୍ତି ? କି ବେଳରେ ଜନମ ଦେଇଥିଲା ଏ ଅଭାଗା ପୁଅଙ୍କୁ, ମଲା ବେଳେ ମା'ର ଚିକିତ୍ସା ବି କଲେନାହିଁ। ବୁଢ଼ୀ ଚାଲିଗଲା। ମୁକୁନ୍ଦପୁର ଗାଁରେ ଆଉ କାହା ତୁଣ୍ଡରୁ ମାଷ୍ଟ୍ରାଣୀ ଡାକ ଶୁଭିଲାନି। ଥରିଲା ମୁଣ୍ଡ ସହ ତାଳ ଦେଇ ନାକ ଅଗରେ ଝୁଲୁଥିବା ଦଣ୍ଡିଟା ଆଉ ଦିଶିଲାନି କେବେ।

*ଗୌର ତୋଟା ସାହି, କେନ୍ଦୁଝର ଗଡ଼*
*ଦୂରଭାଷ: ୯୮୬୧୬୪୯୦୨୯*

# ଶୀତଳ ସୂର୍ଯ୍ୟର ଛାଇ

## ବିଜୟ ପଟ୍ଟନାୟକ

ସେକେଣ୍ଡ ସୋ ସିନେମାରେ 'ମିଶନ୍ କାଶ୍ମୀର' ଦେଖି ଫେରିଲୁ। ସିନେମା ହଲ୍‌ରୁ ବାହାରିଲା ବେଳକୁ ସଳିତା କେମିତି ଟିକେ ଅନ୍ୟମନସ୍କ ଲାଗୁଥିଲା। ଘରେ ପିଲାମାନେ ଖାଇ ଶୋଇଯାଇଥିଲେ। ମୋ ପାଇଁ ଖାଇବାକୁ ବାଢ଼ିଦେଇ ସେ କହିଲା – "ତୁମେ ଖାଇନିଅ, ମୋତେ ଭୋକ ନାହିଁ।"

ଜଲ୍‌ଦି କେମିତି ସେ ଶୋଇ ପଡ଼ିବ ମୁଁ ଚେଷ୍ଟା କରୁଥାଏ। ସାଂଗେ ସାଂଗେ ଖାଇଦେଇ କହିଲି – "ଚାଲ ଶୋଇପଡ଼ିବା। ରାତି ବେଶୀ ହେଲାଣି। ସକାଳୁ ଉଠି ରିଚି, ଜିଟିଙ୍କୁ ସ୍କୁଲକୁ ନେବାକୁ ପଡ଼ିବ। ପିଲାଗୁଡ଼ା ଡିସେମ୍ବର ଥଣ୍ଡାରେ ସକାଳୁ ବଡ଼ କଷ୍ଟରେ ଉଠୁଛନ୍ତି।" ଲାଇଟ୍ ଲିଭେଇ ଶୋଇ ପଡ଼ିଲୁ।

ଅଧ ଘଣ୍ଟେ ପରେ ଆଖି ଲାଗିଆସୁଥିଲା। ସଳିତା ମୋ ଦେହରେ ହାତ ଦେଇ କହୁଥିଲା – "ଅନ୍ୱୟ ! ଆଜି ଠିକ୍ କାଶ୍ମୀର ପରି ଶୀତ ଲାଗୁଛି। ହେଲେ ପୁରା ଫିଲ୍ମଟାରେ ଆମ କାଶ୍ମୀରକୁ ଦେଖି ପାରିଲିନି, କେବଳ ହାଉସ ବୋଟ୍ ଛଡ଼ା। ମନେ ପକାଅ ତ, ଆମ ବାହାଘର ପରେ ପରେ 'ବେମିସାଲ୍' ଫିଲ୍ମ ଦେଖି ସାରିଲା ପରେ ମୋ'ରି ଜିଦ୍ ପାଇଁ ଆମେ କାଶ୍ମୀର ଯାଇଥିଲେ ହନିମୁନରେ। ଗୋଟେ ସପ୍ତାହ ବୁଲି ବୁଲି କାଶ୍ମୀର ଦେଖିଲେ। ମନେ ଅଛି ତୁମର ନାଁ, ଡାଲ୍ ଲେକ୍‌ର କାଚକେନ୍ଦୁ ପରି ପାଣି, ଗୁଲ୍‌ମାର୍ଗର ମାଇଲ୍ ମାଇଲ୍ ବରଫଢଙ୍କା ଘାସ ପଡ଼ିଆର ଉପତ୍ୟକା ଓ ଚାରିପଟର ପାହାଡ଼ ? ପାଇନ୍ ଗଛର ଡାଳ ଓ ପତ୍ର ସବୁରେ ସଦ୍ୟ ପଡ଼ିଥିବା ବରଫ ଲାଗି ରହିଥାଏ। କୁଆଡ଼େ ଗଲା ସେ ସବୁ ଏ ଫିଲ୍ମରେ ? ଗୁଲମାର୍ଗ ଉପତ୍ୟକାର ପଶ୍ଚିମ ପଟ ପାହାଡ଼ର ପାଦ ଦେଶରେ ଆମର ହୋଟେଲ୍। ଆମେ ପୂର୍ବାହ୍ନରେ ପହଞ୍ଚିଲା ବେଳକୁ ହୋଟେଲର ଛାତଟା ସଂପୂର୍ଣ୍ଣ ବରଫରେ ଘୋଡ଼େଇ ହୋଇଯାଇଥାଏ। ଟୁରିଷ୍ଟମାନଙ୍କ କାର୍ ବା ଭ୍ୟାନ୍ ଉପରେ ବି ଗଦାଏ ଗଦାଏ ବରଫ। ରୁମ୍‌ରେ ହିଟିଙ୍ଗ୍ ପାଇଁ ଗୋଟେ ଫାୟାର୍ ପ୍ଲେସ୍। ମଝିରେ ମଝିରେ କାଠ ଦେବାକୁ ହୁଏ ନିଆଁକୁ ଜଳେଇକି ରଖିବାକୁ।

ପୁରା ଉପତ୍ୟକାଟା ଆଜି ବୁଲିବାର ପୋଗ୍ରାମ କରିନେଲେ। ଆଣ୍ଠୁଏ ଆଣ୍ଠୁଏ ବରଫ ଭିତରେ ପଶି ବୁଲିବାକୁ ପଡ଼ିବ ଛୋଟ ଛୋଟ ଝରଣା ବା ପଥରକୁଦ ଦେଇ। ଅବଶ୍ୟ ଚଲା ରାସ୍ତା ବାହାରି ଯାଇଥାଏ। ପାଖ ଦୋକାନରୁ ହୁଡ୍ ଲଗା ଲମ୍ବା ଲମ୍ବା ଓଭର୍ କୋଟ୍ ଓ ଗମ୍ ବୁଟ୍ ଭଡ଼ାରେ ନେଲେ। ତୁମେ କମଳା ରଙ୍ଗର ଓଭର୍ କୋଟ୍ ପିନ୍ଧିଥିଲ। ମୋର ହଳଦିଆ ରଙ୍ଗର। ଗାଇଡ୍ ଆସି ଗୋଟେ ସ୍ଲେଜ୍ ରାଇଡ୍ ନେବାକୁ ପ୍ରବର୍ତ୍ତାଇଲା। ସ୍ଲେଜ୍‌ଟା କାଠରେ ତିଆରି ଚକ ନଥିବା ପିଲାଙ୍କ ଶଗଡ଼ ପରି। ଜଣକୁ ସେଥିରେ ବସେଇ ବରଫ ଉପରେ ଦଉଡ଼ିରେ ଟାଣିବାକୁ ପଡ଼ିବ। ଗାଇଡ୍ କହିଲା – "ମା'ମ୍‌କୋ ବିଠାକେ ଆପ୍ ସ୍ଲେଜ୍ ଲିଜିଏ। ପ୍ୟାର୍ ବଢ଼ତା ହେ ସ୍ଲେଜ୍‌କୋ ଖିଞ୍ଚନେସେ।" ତମେ ତ ସାଂଗେ ସାଂଗେ ରାଜି ହୋଇଗଲ। ମତେ ସ୍ଲେଜ୍‌ରେ ବସେଇ ପୁରା ୩-୪ କିଲୋମିଟର ବରଫ ଉପରେ ଟାଣିଟାଣି ଚାଲୁଥିଲ। ଟିକେ ଉଠାଣି ଥିଲା ରାସ୍ତାରେ, ଛୋଟ ଗୋଟେ ପଥରରେ ବୋଧେ ସ୍ଲେଜ୍‌ଟା ଲାଗିଗଲା। ରହିଗଲ ସେଇଠି। ତୁମେ କହିଲ 'ଓଃ'...। ଗାଇଡ୍ କହିଲା – ' ଥୋଡ଼ାସା ଜୋର ଲଗାଇଏ, ଉଠ୍ ଯାଏଗା ସାବ୍....।'

ତୁମେ ହସି ହସି କହିଲ – "ପୁରା ଜୀବନ ତୋ ଇନ୍‌କୋ ଉଠାନେ କେ ଲିଏ ସାତ୍ ଫେରେ ମେଁ କସମ୍ ଲିଏ ହେଁ। ହୋ ଯାଏଗା ୟାର୍।" ଟିକେ ଜୋର ଦେଇ ସ୍ଲେଜ୍‌କୁ ଟାଣିନେଲ। ପୁରା ଦିନ ସେଦିନ ବରଫରେ ଆମେ ଖେଳୁଥିଲେ।

ସେଦିନ ରାତିରେ ଦେଖିଲି ତୁମ ଦୁଇ ପାପୁଲି ଫୋଟକା ହୋଇ ଯାଇଥିଲା ଦଉଡ଼ି ଟାଣି ଟାଣି। ମୋ ପାଇଁ ତୁମ ହାତରେ ଫୋଟକା!!! ମତେ ଦୋଷୀ ଦୋଷୀ ଲାଗୁଥିଲା। କାହିଁକି ତୁମକୁ ଏତେ କଷ୍ଟ ଦେଲି ? ଆଉଁସି ଦେଉଥିଲି ତୁମ ହାତକୁ । ତମେ କହିଲ – "ଦୁଇଟା ଚୁମା ଦେଇଦିଅ, କାଲି ସକାଳକୁ ଫୋଟକା ନଥିବ।" ଦୁଇଟା ନୁହଁ, ଦୁଇଶହଟା ଚୁମା ମୁଁ ଦେଇଥିଲି ତୁମ ଦୁଇ ପାପୁଲିରେ।

ରାତି ବଢ଼ିବା ସହ ଶୀତ ମାଡ଼ି ଆସୁଥିଲା। କାଚ ଝରକା ଦେଇ ପୂର୍ଣ୍ଣିମା ଚନ୍ଦ୍ର କିରଣରେ ସମଗ୍ର ବରଫାଚ୍ଛାଦିତ ପଡ଼ିଆ ଗୋଟେ ପରୀ ରାଇଜର ଧାରଣା ଦେଉଥାଏ। ଆଖ ପାଖ ବରଫ ଶୃଙ୍ଗଗୁଡ଼ାକରେ ଚନ୍ଦ୍ର କିରଣ ପ୍ରତିଫଳିତ ହୋଇ ରୂପା ପରି ଚିକ୍ ମିକ୍ କରୁଥା'ନ୍ତି।

ଶୀତରୁ ରକ୍ଷା ପାଇବା ପାଇଁ ତୁମେ ଦି'କପ୍ କାହ୍ୱା ତିଆରି କରି ଆଣିଦେଲ। କାହ୍ୱା କାଶ୍ମୀରର ଗୋଟେ ପ୍ରକାରର ଚା'। ଏଥିରେ ଗ୍ରୀନ୍ ଚା' ପତି ସହିତ ବାରପ୍ରକାରର ଜଡ଼ିବୁଟି ଓ ମସଲା ମସଲି ପଡ଼ିଥାଏ। ପିଇଦେଲେ ଦେହ ଗରମ ହୋଇଯାଏ। ଥଣ୍ଡା କାଟିବା ପାଇଁ କାଶ୍ମୀରୀମାନେ କାହ୍ୱା ପିଅନ୍ତି। ପିଇଲା ପରେ ଟିକେ ଉଷୁମ ଲାଗିଲା। ତୁମର ତ କିଛି ଦୁଷ୍ଟାମି କରିବାକୁ ଥିଲା। କାହ୍ୱାଟା ସେଥିପାଇଁ ବୋଧେ ଏନର୍ଜି ଯୋଗେଇ ଦେଲା ! ମନେ ପଡୁନି ତୁମର ସେ ରାତି କଥା ? ?

ପରଦିନ ସକାଳକୁ ତମେ ହାତ ଦେଖେଇଲ। କେବଳ ଅଳ୍ପ କିଛି ଲାଲ୍ ଲାଲ୍ ଦାଗ ଥିଲା। ଫୋଟକା ନଥିଲା। ତମେ କହିଲ – ' ଦେଖ ! ତୁମ ପ୍ରେମର କେତେ ଶକ୍ତି ! ଫୋଟକାମାନେ ବି ରାତାରାତି ଡରିକି ଚାଲିଗଲେ।' "ଅନ୍ୱୟ ! ମୋର ସାରା ଜୀବନଟା ବି କମ୍ ପଡ଼ିଯାଇପାରେ ତୁମ ପ୍ରେମର ପରିଶୋଧ କରିବା ପାଇଁ।"

"ଶୋଇପଡ଼ିଲଣି ନାଁ କ'ଣ ?" ମୋ ହାତକୁ ହଲେଇ ଦେଇ କହିଲା ସେ। ରାତି ଦୁଇଟା ବାଜିବାକୁ ଯାଉଥିଲା। ସଳିତା କହିଲା – "ଭୁବନେଶ୍ୱରରେ ବେଶ୍ ଥଣ୍ଡା ଅଛି ଆଜି। ଟିକେ ଟିକେ କଫି ପିଇଲେ ହୁଅନ୍ତାନି ? ଆଣିଦେବ କି ଅନ୍ୱୟ ମୋ ପାଇଁ ?

ତା ମନ ଭୁଲାଇବାକୁ କହିଲି – "ତୁମର ସ୍ପେସାଲ୍ ଡିକାସେନ୍ କଫି ତ ଫ୍ରିଜ୍‌ରେ ଅଛି, ଗୋଟେ ମିନିଟ୍ ଦିଅନା !"

ଅଧା ଅଧା କପ୍ କଫି ନେଇ ଆସିଲି। ସଳିତା ଓ ମୁଁ ପିଉଥିଲୁ । ଦୁଇ ତିନି ସିପ୍ ପରେ ସେ କହିଲା – "ମତେ ନିଦ ଆସିଲାଣି। ପାଖକୁ ଆସନା ଅନ୍ୱୟ ! ଆଜି ଗୋଟାଏ ରେଜେଇରେ ଶୋଇବା।"

ତା ପାଖକୁ ଯାଇ ଘୋଡ଼େଇ ଦେଲି। ଦି' ତିନି ମିନିଟ୍ ପରେ ସେ ଶୋଇଗଲା।

ମୁଁ ଭାବୁଥିଲି ସଳିତା କଥା। ମୁଁ ତାକୁ ସ୍ନେହରେ ସିଲି ବୋଲି ଡାକେ। ଦଶ ବର୍ଷ ହେଲାଣି ବାହାଘର। ରିଟି, ଜିଟି ଦୁଇଟା ଦେବ ପ୍ରତିମ ଶିଶୁ ଆମ ଜୀବନରେ ଆସିଛନ୍ତି। ଜୀବନରେ ସିଲି ମୋ ପାଇଁ ଆଉ ମୋ ପରିବାର ପାଇଁ ତା'ର ସର୍ବସ୍ୱ ଢାଳିଦେଇଛି। ବାପା ମା'ଙ୍କର ସେ ଅଲିଅଳି ବୋହୂ। ମୋ'ଠୁଁ ବି ସେମାନେ ତା'କୁ ବେଶୀ ଭଲପାଆନ୍ତି। ଦି'ଟା କଫି କପ୍ ଆଣି ଧୋଇଦେଇ କିଚିନ୍‌ରେ ରଖିଦେଲି। ପ୍ୟାସିଫ୍ଲୋରା ହୋମିଓପାଥି ଔଷଧ ଶିଶିଟାକୁ ଯଥା ସ୍ଥାନରେ ରଖିଦେଲି।

ମତେ ସିଲି କେତେ ଭଲ ପାଏ କେମିତି ବୁଝେଇବି ? ମୋ ପାଇଁ ଭଲିକି ଭଲି ଡିସ୍ କରିଦିଏ ବିଭିନ୍ନ ରେସିପି ବହି ଦେଖିକି। ହେଲେ, ତା'ର ନଡ଼ିଆ ପୁରଦିଆ ସରୁଚକୁଲୀ ବା ନାଲିମଣ୍ଡା ଓ ଛେନା ପୁରଦିଆ ଧଳାମଣ୍ଡା ମୋର ସବୁଠୁ ଫେବରିଟ୍। ତା'ର ମହିଳା ମହଲରେ ସ୍ତ୍ରୀର ଅସରନ୍ତି ପ୍ରେମ ପାଇଥିବା ଭାଗ୍ୟବାନ୍ ପୁରୁଷ ବୋଲି ସବୁ ବର୍ଷ ମୋ ନାଁ ନମିନେଟ୍ ହୁଏ। ସବୁ ସାଂଗମାନେ କହନ୍ତି – "ସିଲି ଭାଉଜ ପାଇଁ ସଂଚିତ୍ ସବୁଠାରୁ ଲକ୍କି।" ଯୁକ୍ତିତର୍କ ତ ଦୂରର କଥା ଉଚ୍ଚ ସ୍ୱରରେ ଆମେ କେବେ କଥା ହେଉନି।

ଅନ୍ୟ ସାଂଗଙ୍କ ସ୍ତ୍ରୀମାନେ ସେମାନଙ୍କୁ ପ୍ରାୟ ନାଁ ଧରି ଡାକନ୍ତି। କିନ୍ତୁ ସିଲି ମତେ ଡାକେ – "ଏଇ ! ଶୁଣୁଛ !" କେବେବି ସଂଚିତ୍ ବୋଲି ମୋ ନାଁଟା ସାମ୍ନାରେ କହେନି କି ପଛରେ ଧରେନି। ହେଲେ ଗୋଟେ କଥା..... ଆମ ଦୁଇଜଣଙ୍କର ସବୁ ଅନ୍ତରଙ୍ଗ ମୁହୂର୍ତ୍ତରେ ସେ ମୋତେ 'ଅନ୍ୱୟ' ବୋଲି ସମ୍ବୋଧନ କରେ। ବାହାଘର ପରେ ଚତୁର୍ଥୀ ରାତିରେ ମୋ ପାଇଁ ଗୋଟେ ବଡ଼ ମାନସିକ ଆଘାତ ଅପେକ୍ଷା କରିଥିଲା। ସାଧାରଣ କେଇପଦ କଥାବାର୍ତ୍ତା ପରେ ଆମେ କ୍ରମଶଃ ରୋମାଣ୍ଟିକ୍ ହୋଇଆସୁଥିଲୁ। ହଠାତ୍ ସେ ମତେ 'ଅନ୍ୱୟ' ବୋଲି ସମ୍ବୋଧନ କଲା। ସକ୍‌ଟାଏ ତ ମତେ ଲାଗିଲା... ସାରା ରାତି ସେ ସେଇ ନାଁରେ ମୋ ସହିତ କଥାବାର୍ତ୍ତା କରୁଥାଏ। ଗୋଟେ ସଂପୂର୍ଣ୍ଣ ସ୍ୱପ୍ନାଚ୍ଛନ୍ନ ଅବସ୍ଥାରେ ସେ ଥାଏ। ବାପା ମା'ଙ୍କର ଗୋଟିଏ ବୋଲି ଗେହ୍ଲା ଝିଅ ହୋଇଥିବାରୁ ତା' ମନରେ କଣ ଥିବ ଭାବି ମୁଁ ସେଦିନ ଚୁପ୍ ରହିବାକୁ ଉଚିତ୍ ମନେ କଲି। ଅନ୍ୱୟର ରୋଲ୍ କରିବାଟା ନିରାପଦ ବୋଲି ଭାବିଲି। କିନ୍ତୁ ତା'ପରଦିନ ସକାଳକୁ ମୋ ପାଇଁ ଆଉ ଗୋଟେ ଅପେକ୍ଷାକୃତ ବଡ଼ ସକ୍ ରହିଥିଲା। 'ଅନ୍ୱୟ' କିଏ ବୋଲି ପଚାରିବାରୁ ସେ କହିଲା – "ଅନ୍ୱୟ ? ସେ କିଏ ? ସେମିତିକା କୌଣସି ପୁଅକୁ ତ ମୁଁ ଜାଣିନି। ଗୋଟିଏ ପୁଅ ମୋ ଜୀବନରେ ପ୍ରଥମ କରି ଆସିଛି। ସେ ହେଉଛି ସଂଚିତ୍, ତମେ......।" ଆଶ୍ଚର୍ଯ୍ୟ ହେଲି।

ତା ବାପା, ମା' ବନ୍ଧୁବାନ୍ଧବ ସମସ୍ତଙ୍କଠୁ ଖବର ନେଲି। ଅନ୍ୱୟ ବୋଲି କୌଣସି ପୁଅ ତା'ର ପାଖାପାଖି କେବେ ବି ନଥିଲେ। ତା'ର ସବୁଠୁ ଇଣ୍ଟିମେଟ୍ ସାଂଗ ବି ଆଶ୍ଚର୍ଯ୍ୟ ହେଲା ଏମିତି ନାଁ ଶୁଣି। ମୋର ଗୋଟେ ସାଇକୋଲୋଜିଷ୍ଟ ସାଂଗ ଡକ୍ଟର ଆଶ୍ୱିନ୍‌କୁ ପଚାରିଲି। ସେ ଆମ ସହ ଅନେକ ଦିନ ମିଶିଲା ଭିତରେ କଥାବାର୍ତ୍ତା ଛଳରେ 'ଅନ୍ୱୟ' ନାଁ ନେଲେ ବି ସିଲିର କୌଣସି ପ୍ରତିକ୍ରିୟା ନଥାଏ। ଶେଷକୁ ଆଶ୍ୱିନ୍ ମତେ ବସେଇକି କହିଲା – "ଅନ୍ୱୟ ବୋଲି କୌଣସି ପୁଅ ନାହିଁ ବା ସିଲି ଭାଉଜ ଜୀବନରେ ଆସିନି। କୌଣସି ବହି ପଢ଼ି ବା ଜଷ୍ଟ୍ ନାଁଟା ଭଲ ଲାଗିଯାଇଥିବାରୁ ତା'ର ଅବଚେତନ ମନରେ ଏଇ ନାଁଟା ବସା ବାନ୍ଧି ରହିଯାଇଛି। ସେଥିପାଇଁ ତା'ର ପ୍ରିୟତମ ବ୍ୟକ୍ତି ଭିତରେ, ଅତ୍ୟନ୍ତ ଖୁସୀ ହେଲେ ବା ସବୁଠୁ ଅନ୍ତରଙ୍ଗ ମୁହୂର୍ତ୍ତରେ ସେ ଅନ୍ୱୟକୁ ଆବିଷ୍କାର କରେ। ତା'ର ସାଧାରଣ ଜୀବନରେ କିଛି ଅସୁବିଧା ନାହିଁ। ତା'ପରି ଝିଅ ପାଇ ତୁ ନିଜକୁ ଭାଗ୍ୟବାନ ମନେ କରିବା କଥା। ତା'କୁ ଏ ବିଷୟରେ କେବେ ପଚାରିବୁନି କି ତା' ମନରେ ଆଘାତ ଦେବୁନି। ତୁ ହିଁ ଅନ୍ୱୟ ହୋଇ ତା'ର ସ୍ନେହ ପ୍ରେମ ବାଣ୍ଟିନେ । ଆଉ ଗୋଟେ କଥା ମନେ ରଖିଥିବୁ। ତା'କୁ ସେଇ ଅବସ୍ଥାରେ ବେଶୀ ସମୟ ନରଖିବା ପାଇଁ ଚେଷ୍ଟା କରିବୁ। ଯେତେ ଜଲ୍‌ଦି ତା'କୁ ଶୁଆଇଦେବୁ, ସେତେ ଭଲ। ତା'ର ଅବଚେତନ ମନ ଯଥାଶୀଘ୍ର ବିଶ୍ରାମ ପାଇବା ଦରକାର।"

ସାରା ଜୀବନଟା ମୁଁ ଗୋଟେ ଉଙ୍କବକ୍ଷ ଓୟରଭ-ସ୍ୱସସ୍ୱଚ୍ଛ (ଦ୍ୱୈତ ପରିଚୟ) ନେଇ ବଂଚିରହିଲି ସିଲି ସହିତ। ରିଟି, ଜିଟି ପାଠଶାଠ ପଢ଼ି, ବାହାହୋଇ ନିଜ ନିଜର ପ୍ରଫେସନ୍‌ରେ ବେଶ୍ ପ୍ରତିଷ୍ଠିତ। ଆମର ବୟସ ବଢ଼ୁଥିଲା। ଆସ୍ତେ ଆସ୍ତେ ସିଲି ସମସ୍ତଙ୍କୁ ଭୁଲିବା ଆରମ୍ଭ କଲା। ରିଟି, ଜିଟିଙ୍କୁ ବି ଚିହ୍ନି ପାରିଲାନି। ସେମାନଙ୍କୁ ଅନ୍ୟ କୌଣସି ନାଁରେ ସମ୍ବୋଧନ କରି କଥାବାର୍ତ୍ତା କରେ। କେବଳ ମତେ ଦେଖିଲେ ଉଜ୍ଜ୍ୱଳ ଆଖିରେ ହସି ଦେଇ କହେ – "ଏତେ ସମୟ ହେଲା ମତେ ଛାଡ଼ି କୁଆଡ଼େ ଯାଇଥିଲ ଅନ୍ୱୟ ?"

ଆଜି ଜୀବନର ଅପରାହ୍ନରେ ମୁଁ କେବଳ ଅନ୍ୱୟ ହୋଇ ସିଲି ସହିତ ରହିଛି। "ଏଇ ! ଶୁଣୁଛ" ବଦଳରେ ଏବେ ସେ ମତେ ସଦାବେଳେ ଅନ୍ୱୟ ହିଁ ସମ୍ବୋଧନ କରେ। ସଂଚିତ୍ ତା ଜୀବନରୁ ସଂପୂର୍ଣ୍ଣ ଚାଲିଯାଇଛି। ସ୍ନେହ, ପ୍ରେମ ରତିଏ ବି ଊଣା ହୋଇନି ମୋ ପାଇଁ ତା ତରଫରୁ। କିନ୍ତୁ ମନ ତଳେ ତା'ର କେବଳ ଅଛି ଅନ୍ୱୟ। ଡକ୍ଟର ଆଶ୍ୱିନ୍ କହିଲା – "ସବୁ କିଛି ଠିକ୍ ଥାଇ ଯଦି ସେ ତତେ ଅନ୍ୱୟ ବୋଲି ଡାକିଲା ଆଉ ଶତ ପ୍ରତିଶତ ପ୍ରେମ କଲା, ତୋର ଅସୁବିଧା କ'ଣ ହେଉଛି ? ତୁ ତ ନିଜେ ଅନ୍ୱୟ ! ତୁ ଖୁସି ହେବା କଥା ଯେ ସେ ତତେ ଏତିକି ଭଲପାଏ। ନାଁରୁ କ'ଣ ମିଳିବ ? ଅନ୍ୱୟ ପରି ଗୋଟେ ସୁନ୍ଦର ନାଁକୁ ନେଇ ଖୁସିରେ ରହ।"

ସେଦିନ ବି ସେମିତି ସଂଧ୍ୟାବେଳେ ସିଲି ପଚାରିଲା– "ନଥିଲ କି ଘରେ ?"

ମୁଁ କହିଲି – "ଆରେ ସିଲି ! ଟିକେ ବଜାର ଯାଇଥିଲି ଅଳ୍ପ କିଛି ସପିଙ୍ଗ୍ ପାଇଁ। କିଛି ଅସୁବିଧା ହେଇନି ତ ? ହେଇ, ମୁଁ ତୁମ ସାମ୍ନାରେ ବସିଲି। କୁହ କ'ଣ କହିବ ?"

"କୁହନା ସେଥରର କାଶ୍ମୀରର କଥା। ପ୍ରଥମ ଦିନଟା ଗୁଲ୍‌ମାର୍ଗର ବରଫରେ ଖେଳି ଚାଲିଗଲା। ତା'ପରଦିନ ଅଫରଓ୍ୱାତ୍ ପାହାଡ଼ ଉପରକୁ କେବୁଲ କାରରେ ଯିବାକୁ ଥିଲା। ପାହାଡ଼ର ଶୀର୍ଷ ଦେଶରେ ପହଞ୍ଚି ଦେଖୁ ତ କେବଳ ବରଫର ଉଚ୍ଚା ନୀଚା ପଡ଼ିଆ। ୩-୪ ଫୁଟ୍‌ର ବରଫ ପଡ଼ିଥାଏ। ଠିକ୍ ରାସ୍ତାରେ ନଚାଲିଲେ ଗମ୍ ବୁଟ୍ ସହିତ ଅଣ୍ଟା ଯାଏ ପୋତି ହୋଇପଡ଼ିବ। ଗାଇଡ୍ କହିଲା – 'ଏବେ ବରଫ ଜମି ଯାଇନି, ଢିଲା ଅଛି। ଜମିଗଲାପରେ ପୃଥିବୀର ସବୁ କୋଣରୁ ସ୍କିଇଂ କରିବାକୁ ଲୋକମାନେ ଆସନ୍ତି। ପୁରା ପାହାଡ଼ର ଉପରଟା ଗୋଟେ ବିରାଟ ସ୍କିଇଂ ଫିଲ୍‌ଡରେ ପରିଣତ ହୋଇଯାଏ।'

ତମେ ମୋର ହାତଧରି ଚାଲୁଥାଅ। ହଠାତ୍ ମୋର ଗୋଡ଼ଟା ମୋଡ଼ି ହୋଇଗଲା ଅଣଓସାରିଆ ରାସ୍ତାରେ। ସାଇଡ୍‌ରେ ଥିବା ବରଫଗଦା ଉପରେ ହିଁ ମୁଁ ପଡ଼ିଗଲି। ଅଧା ପୋତି ହୋଇଗଲି। ଗମ୍ ବୁଟ୍‌କୁ ନେଇ ଉଠିବା କଷ୍ଟ ହେଉଥିଲା। ସେଠୁଁ ବାହାରିବା କାଠିକର ପାଠ ଲାଗୁଥାଏ। ମାତ୍ର ତମେ ଠୋ ଠୋ କରି ହସୁଥିଲ ଆଉ ଫଟୋ ପରେ ଫଟୋ ଉଠେଇ ଚାଲିଥିଲ। ମୁଁ ରାଗିଲାରୁ, ଗାଇଡ୍ ହିଁ ମତେ ଟାଣି ଆଣିଲା। ତା'ର ବି ଫଟୋ ନେଲ। ଅଭିମାନ କରି ଚାଲିଲା ବେଳକୁ ତମ ହାତ ନଧରି ଛାଡି ଦେଲି।

ତମେ କହିଲ – "କଥା କଥାରେ ଝାନ୍‌ସୀ ରାଣୀଙ୍କ ଅବତାର ବୋଲି ତ ଘରେ କୁହ। ଏଥର ଫେରିଲେ ସମସ୍ତଙ୍କୁ ଦେଖେଇବି ଝାନ୍‌ସୀ ରାଣୀଙ୍କ କାରନାମା।" ମୁଁ ବେଶୀ ରାଗିଗଲାରୁ ମୋ ହାତ ଧରି ବରଫ ଉପରେ ଗୋଟେ ଛୋଟ ତମ୍ବୁ ପକା କଫି ସପ୍ ପାଖକୁ ନେଇଗଲ। ବରଫ ଉପରେ ଫୈକି ଟେବୁଲ ପଡ଼ିଥାଏ। ବିଭିନ୍ନ ପ୍ରକାରର ହଟ୍

ଡ୍ରିଙ୍କ୍ (କଫି, ଚା, ବର୍ଣ୍ଣଭିଟା, କାହ୍ୱା ଇତ୍ୟାଦି)ର ବନ୍ଦୋବସ୍ତ ଅଛି। ଆମେ ଯାଇ ଗୋଟେ ଟେବୁଲ ନେଇ ବସିଲେ। ମୁଁ କହିଲି - "କାହ୍ୱା ପିଇବା।" ଚାରିପଟେ ବରଫ ପଡ଼ିଆ। ମଝିରେ ବସି କାହ୍ୱା ପିଇବାର ମଜ୍ଜା ନେଉଥିଲେ ଆମେ। ଏଇ ସମୟରେ ଆକାଶରୁ ଧୂଳି ଝଡ଼ିଲା ପରି ଚିକ୍ ଚିକ୍ କ'ଣ ସବୁ ଝରିବା ଆରମ୍ଭ କଲା। ଗାଇଡ୍ କହିଲା - "ୟେ ବରଫ୍ କା ଧୂଲ୍ ହେ ସାର୍। କୋଇ ଚିନ୍ତା ନହିଁ।" ଜାଣିଲି ଏସବୁ ହେଉଛି ମାଇକ୍ରୋ ସ୍ନୋ କ୍ରିଷ୍ଟାଲସ୍। ଧଳା ଧଳା କ୍ରିଷ୍ଟାଲ୍‌ର ଗୋଟେ ପରସ୍ତ ଆମ ଓଭରକୋଟ ଉପରେ ବସିଗଲା। ହଠାତ୍ ଆକାଶରେ ଏଇ ଗୁଡ଼ିକରେ ସୂର୍ଯ୍ୟ କିରଣ ପ୍ରତିଫଳିତ ହୋଇ ଗୋଟେ ଗାଢ଼ ଇନ୍ଦ୍ରଧନୁ ଆଙ୍କି ହୋଇଗଲା, ଏ ବରଫ ଶୃଙ୍ଗରୁ ଆଉ ଏକ ଶୃଙ୍ଗ ପର୍ଯ୍ୟନ୍ତ। ତଳେ ସଫେଦ୍ ବରଫ, ଉପରେ ଗାଢ଼ ନୀଳ ଆକାଶ, ଆଖି ସାମ୍ନାରେ ଝୁଲନ୍ତା ଇନ୍ଦ୍ରଧନୁ ସହିତ କାହ୍ୱା ପିଇବାର ଅନୁଭୂତିକୁ ତୁମେ କ'ଣ ଭୁଲି ଯାଇଛ ଅନ୍ୱୟ ?"

"ଆରେ ନାଁ ନାଁ। ଏସବୁ କ'ଣ କେବେ ଭୁଲିହୁଏ ? ହେଲେ, ରାତି ବାରଟା ବାଜିଲାଣି। ସକାଳୁ ଜଲ୍‌ଦି ଉଠି ଯୋଗ ପ୍ରାଣାୟାମ କରିବାକୁ ଡାକ୍ତର କହିଛି ପରା! (ତା'କୁ ଜଲ୍‌ଦି ତିରିଶ ବର୍ଷ ତଳର କାଶ୍ମୀରରୁ ଫେରେଇ ଆଣିବାର ଥିଲା।)

"ହଉ, ଚାଲ ଖାଇନବା", କହିଲା ସେ ।

ମୁଁ ଡିନର ସହିତ ଦି'ଗ୍ଲାସ୍ ପାଣି ଆଣି ଟେବୁଲ ଉପରେ ରଖିଲି। ପ୍ୟାସିଫ୍ଲୋରା ଶିଶିଟାକୁ ଆଣି ତା ଜାଗାରେ ରଖିଦେଲି। କେବଳ ଦଶ ଠୋପାହିଁ ଯଥେଷ୍ଟ।

ଏମିତି କେବେ କେବେ ରାତିରେ କାଶ୍ମୀର ବା ଅନ୍ୟ କୌଣସି ମଧୁର ସ୍ମୃତି ଆମ ଭିତରକୁ ପଶିଆସେ ଓ ମୁଁ ଅନ୍ୱୟ ପାଲଟି ଯାଏ। ପ୍ୟାସିଫ୍ଲୋରା ଗୋଟେ ନିରାପଦ ହୋମିଓପ୍ୟାଥିକ୍ ନିଦ ଔଷଧ। ଯାର ସାଇଡ୍ ଇଫେକ୍ଟ ପ୍ରାୟ ନଥାଏ। ଡକ୍ଟର ଆଶ୍ୱିନ୍ ପରାମର୍ଶରେ ସିଲି ଅଜାଣତରେ ମୁଁ ଏଇଟା ବ୍ୟବହାର କରେ ତା' ନିଦ୍ରା ପାଇଁ।

ଧିରେ ଧିରେ ସିଲିର ସ୍ମରଣଶକ୍ତି କମି କମି ଆସୁଛି। ଡାକ୍ତର କହିଲେ ମେମୋରୀ ସେଲ୍ ଗୁଡ଼ାକ ନିସ୍ତେଜ ହୋଇ ଆସୁଛନ୍ତି। ତାଙ୍କୁ ଖୁସୀରେ ରଖିବାକୁ ଚେଷ୍ଟା କରନ୍ତୁ। ତା'ର ଦେହ ବହୁତ ଖରାପ ହୋଇ ଆସୁଥାଏ। ରିଟି, ଜିଟି ଆସିଥା'ନ୍ତି। ବି.ପି ଲୋ ହେବା ସହିତ ପଲସ କମି କମି ଆସୁଥାଏ। ଆମେ ତିନିଜଣ ତା'ସାମ୍ନାରେ ବସିଥାଉ। ହଠାତ୍ ସିଲି ଅଳ୍ପ ଆଖି ଖୋଲି ଧୀର ସ୍ୱରରେ କହିଲା - "ଏଇ ! ଶୁଣୁଛ !"

କେତେ ଦିନ ପରେ ଏ ଡାକ ! ଖୁସୀରେ ନାଚି ଉଠିଲା ମନ। କହିଲି - "ସିଲି ! ମୁଁ ପରା ତମ ସାମ୍ନାରେ ବସିଛି।"

"ହେଲେ, ତମେ କିଏ ?" ଆଖି ଖୋଲି ସେ ମତେ ପଚାରିଲା।

ଆଶ୍ଚର୍ଯ୍ୟ ହୋଇ ତା' ହାତ ଧରି କହିଲି- "ଆରେ ! ମୁଁ ପରା 'ଅନ୍ୱୟ'। ଦେଖ ! ମତେ ଚିହ୍ନିବାକୁ ଚେଷ୍ଟା କର ସିଲି !"

"ନାଇଁ ନାଇଁ, ତମେ ବୋଧେ ସଂଚିତ୍ ! ଟିକେ ଶୁଣ ମୋ କଥା। କାଲି ରାତିରେ ଗୁଲମାର୍ଗର ବରଫ ପାହାଡ଼ ସ୍ୱପ୍ନରେ ଦେଖିଲି। ଏଥର କିନ୍ତୁ ଏକା ଯିବାକୁ ଇଚ୍ଛା। ଅନୁମତି ଦେବ ତ ସଂଚିତ୍ ?" ସଂପୂର୍ଣ୍ଣ ସ୍ୱପ୍ନାବିଷ୍ଟ ଅବସ୍ଥାରେ ସେ କହୁଥିଲା।

"ନାଁ ନାଁ, ମୁଁ ଅନ୍ୱୟ, ତୁମର ପ୍ରିୟ ଅନ୍ୱୟ। ତୁମ ମନର ଛାଇ ଅନ୍ୱୟ। ସିଲିକୁ ଏକା ଛାଡ଼ି ଅନ୍ୱୟ କ'ଣ ରହିପାରେ ? ବରଫ ପାହାଡ଼କୁ ପୁଣି ଯିବା... ପୁଣି ସ୍ଲେଜ୍‌ରେ ବୁଲିବା, ପୁଣି ଇନ୍ଦ୍ରଧନୁ ଦେଖିବା....।"

"ଅନ୍ୱୟ କିଏ କେଜାଣି ? ମୁଁ ତ ଜାଣିନି କି ଚିହ୍ନିନି। କିନ୍ତୁ ମୋର ମନଶ୍ଚକ୍ଷୁ ଖୋଲିଲା ଦିନୁ ମୁଁ ତୁମକୁ ହିଁ ଦେଖି ଆସିଛି ସଂଚିତ୍ ! ତୁମରି ଛାଇରେ ଜୀବନର ସୂର୍ଯ୍ୟାଲୋକର ତାତି ମୁଁ ଅନୁଭବ କରିନି। ଯେବେ ବି ମୁଁ ମୁଣ୍ଡ ଟେକି ମୋ ଆକାଶକୁ ଅନେଇଛି ଆଲୋକର ଉତ୍ସକୁ ଦେଖିବା ପାଇଁ, ତୁମେ ହିଁ ସୂର୍ଯ୍ୟ ହୋଇ ମତେ ଦେଖା ଦେଇଛ। ତୁମରି ସ୍ନିଗ୍ଧ, ଶୀତଳ ଆଲୋକରେ ଜୀବନ ମୋର ମହକିତ ଓ ଆଲୋକିତ। ସଂସାରର ଖରାର ଧାସ ମୋତି ବାଜିନି। ଜୀବନରେ ମୋ'ର ଭରି ଦେଇଛ ତୁମେ ଅଫୁରନ୍ତ ସୁଖ, ଶାନ୍ତି ଓ ତୃପ୍ତି। ଅପ୍ରାପ୍ତି ବୋଲି ଜୀବନରେ ମୋ'ର କିଛି ନାହିଁ। ସ୍ନେହ, ପ୍ରେମ ଓ ଆଲୋକର ଅସରନ୍ତି ଉତ୍ସ ତୁମେ ମୋ ପାଇଁ। ତୁମେ ହିଁ ସଂଚିତ୍, ତୁମେ ହିଁ ମୋର ଶୀତଳ ସୂର୍ଯ୍ୟ....। ଆଖି ତା'ର ବୁଜି ହୋଇ ଆସୁଥିଲା। ଶବ୍ଦ ତା'ର ସରି ସରି ଆସୁଥିଲା...

ଦୁଇ ହାତ ତା'ର ମୋ ଠରେ ଲଗେଇ ରଖିଥାଏ। "ଥ୍ୟାଙ୍କ୍‌ସ ସିଲି ! ସଂଚିତ୍‌ର ଆଜି ପୁନର୍ଜନ୍ମ ହୋଇଛି। କିନ୍ତୁ ଅନ୍ୱୟକୁ ହରେଇ ମୋ ଆତ୍ମା ମୋଠୁଁ ଦୂରେଇ ଗଲାପରି ଲାଗୁଛି।" ଶ୍ରାବଣର ବର୍ଷା ପରି ଅବାରିତ ଲୁହ ଧାର ମୋର ତା'ର ଦୁଇ ପାପୁଲିକୁ ଭିଜାଇ ଦେଉଥାଏ। ଦୁଇ ପାପୁଲିରେ ତା'ର ଚୁମା ଦେଇ ଚାଲିଥିଲି, ଯେମିତି ମୋର ତାତିଲା ଲୁହ ତା ପାପୁଲିରେ ଫୋଟକା କରି ନଦିଏ।

ହେଲେ, ଦୁଇ ପାପୁଲି ତା'ର ଶୀତଳ ହୋଇ ଆସୁଥିଲେ.....

ଶୀତଳ ସୂର୍ଯ୍ୟର ଆଉ ଆବଶ୍ୟକତା କ'ଣ ????

*ଦୂରଭାଷ: ୯୪୩୭୦୨୫୪୨୯*

# ଉତ୍ତରା ଉବାଚ

**ସବିତା ରଥ**

ନିଷ୍ପାପ କୈଶୋରର ଅବୁଝା ମନନେଇ ବୈଶାଖୀ ସଞ୍ଜୀକୁ ପିଠି କରି ଅଗଣାରେ ଶୋଇ ଶୋଇ ତାରାଫୁଲ ଗଣୁଗଣୁ କୋଡ଼ିଏ ବର୍ଷ ତଳେ ସଖି ଆଈ ମୁହଁରୁ ତା ନୂଆ ବୋହୁ ବେଳର କାହାଣୀ ଶୁଣି ପ୍ରଚଣ୍ଡ ଗୁଳୁଗୁଳି ସତ୍ତ୍ୱେ ଦେହହାତ ଶିତେଇ ଯାଉଥିଲା ଉତ୍ତରାର। ଅସହିଷ୍ଣୁ ଶାଶୁ ନଣନ୍ଦଙ୍କ ଅକଥନୀୟ ଅତ୍ୟାଚାର ସାଙ୍ଗକୁ ସାତସାତଟା ଛୁଆଙ୍କ ଅଦଉତିରେ ପ୍ରତିଟି ମୁହୂର୍ତ୍ତ ଆକ୍ତାମାକ୍ତା ହୋଇ ପଡୁଥିଲେ ବି ନିସ୍ତାର ନ ଥିଲା ଆଈଙ୍କୁ ଜଞ୍ଜାଳ ଭିତରୁ ମୁକୁଳି ନିଜକଥା ଭାବିବାର ଅବକାଶ ଶେଷପର୍ଯ୍ୟନ୍ତ ମିଳିନଥିଲା ମଧ୍ୟ।

ରାତିରୁ ରାତି ଯାଏଁ ମେସିନ୍ ପରି ଖଟି ଖଟି, ଗାଡ଼ିଏ ଲେଖାଁ ଧାନ ସିଝାଇବା, ଢ଼ିଙ୍କିକୁଟି ଚାଉଳକାଢ଼ିବା, ଘଷିପାରିବା, ବଡ଼ି ଆଚାର ବନେଇବା ଇତ୍ୟାଦି ଏତେ କାମ କେମିତି ଯେ ଆଈ କରିପାରୁଥିଲେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଉତ୍ତରାକୁ। ବେଳେବେଳେ ଅବିଶ୍ୱାସୀ ଘଟଣା ସବୁ ଗପ ଛଳରେ କହିଥାଆନ୍ତି ଆଈ। ଯେମିତି କି ରାତିଅଧରୁ ନଈତୁଠକୁ ଗାଧେଇଯିବା ବାଟରେ ଡ଼ାହାଣୀ, ଚିରୁଗୁଣୀଙ୍କୁ ଭେଟିବା, ତାଳଗଛ ପରି ଡ଼େଙ୍ଗା ଭୂତ ଦେଖି ହନୁମାନ ଚାଳିଶା ଜପିବା ଇତ୍ୟାଦି। କିଟ୍ କିଟ୍ ଅନ୍ଧାରରାତିର ଅଲୌକିକ ଅନୁଭୂତି ସବୁ ନାତି ନାତୁଣୀଙ୍କ ଆଗରେ ଗପ ହୋଇ ଫିଟିପଡ଼େ ସଖିଆଈର ନରମଭାଷା।

ନଅବର୍ଷ ବୟସରେ ମଦନ ଅଜାଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ ଆଈ। ପୁଆଣି ହୋଇ ଆସିଥିଲେ ଚଉଦବର୍ଷରେ, ଗୃହଯୋଗ୍ୟ ହେବାପରେ। କନକନ ଶୀତରାତିରୁ ଉଠି ଅଳସ ଦେହମନ ନେଇ ବୋହୂ ପଣିଆ କରିବା ଲାଗି ନିତ୍ୟକର୍ମ ସାରିବାକୁ ପଡୁଥିଲା ରାହାବାଳୀ ନଣନ୍ଦର କିଳିକିଳା ରଡ଼ି ସାଥିରେ। ଥରେ ତ ଚକୁଳି ପିଠା ଗୋଲ୍ କରି ବୁଲେଇ ପାରିନଥିବାରୁ କଳିହୁଡ଼ି,ନିଷ୍ଠୁରା ଶାଶୁ ତାଙ୍କ କଅଁଳିଆ ହାତକୁ ତାୱାରେ ମାଡ଼ି ଦେଇଥିଲେ। ଯନ୍ତ୍ରଣାରେ ଚିତ୍କାର କରିବାକୁ ବି ସାହାସ କରି ନଥିଲେ ଆଈ ସାଇପଡ଼ିଶାଙ୍କ ଭୟରେ। ଦାଣ୍ଡବାହାରେ ମାନଇଜ୍ଜତ ଚାଲିଯିବା ଭୟରେ ପ୍ରତିଟି ପଦକ୍ଷେପରେ ଖୁବ୍ ଜଗିରଖି ଚଳିବାକୁ ପଡୁଥିଲା ସେ କାଳରେ ବୋହୂମାନଙ୍କୁ। ହାତେ ଓଢ଼ଣା ଭିତରେ ଆଦ୍ୟ ଯୌବନର ଯାବତୀୟ ସ୍ୱପ୍ନକୁ,ଦୁଃଖଯନ୍ତ୍ରଣାକୁ ଚାପି ରଖି ପରିବାରର ସୁଖଶାନ୍ତି ଲାଗି ଆପ୍ରାଣ ଚେଷ୍ଟା କରିବା ଥିଲା ସେ ସମୟର ବୋହୁଟି ଲାଗି ଅଲିଖିତ ଦସ୍ତାବିଜ୍। ନିଜସ୍ୱ ବିଚାରଧାରା, ବ୍ୟକ୍ତିଗତ ନିଷ୍ପତ୍ତି  କଥା ଚିନ୍ତାକରିବା ବି ଅପରାଧ ଥିଲା କାଳେ। ସ୍ୱାମୀ ସ୍ତ୍ରୀ ସମ୍ପର୍କ ଥିଲା ଆହୁରି ଗୋପନୀୟ। ରାତ୍ରିର ନିରନ୍ଧ୍ର ଅନ୍ଧକାର ଭିତରେ କେବଳ ପୁରୁଷର ଆଦିମ ବାସନା ପରିପୂରଣ କରିବା ଛଡ଼ା ଆଉ କୌଣସି ଭୂମିକା ନ ଥିଲା ନିରିମାଖି ପତ୍ନୀଟିର। ଏମିତି କି ନିଜର କଷ୍ଟ ଓ ଯନ୍ତ୍ରଣାକୁ ସ୍ୱାମୀ ଆଗରେ କହିବା ଲାଗି ସାହସ ଜୁଟୁ ନଥିଲା ସ୍ତ୍ରୀ ମନରେ। କାରଣ ଯୌଥ ପରିବାରରେ ମାଆ ଭଉଣୀଙ୍କ ଗୁରୁତ୍ୱ ତୁଳନାରେ ପତ୍ନୀର ଭୂମିକା ଥିଲା ଅତୀବ ନଗଣ୍ୟ। ପ୍ରତିବାଦହୀନ ଏମିତି ଗୋଟେ ଦୟନୀୟ ଯନ୍ତ୍ରଣା ଜର୍ଜରିତ ଜୀବନ ବଞ୍ଚିଥିବା ଆଈଭଳି ନାରୀମାନଙ୍କର ତତ୍କାଳୀନ ପରିସ୍ଥିତି କଥା ଭାବିଲେ ଆଖି ଛଳଛଳ ହୋଇ ଯାଏ ଉତ୍ତରାର। ବେଳେବେଳେ ଅବିଶ୍ୱାସ୍ୟ ମନେ ହେଉଥିବା ଏସବୁ କଥା ପଚାରିଲେ ମାଆ କହନ୍ତି ଏ ସବୁ କାଳେ ତାଙ୍କ ଆଖି ଦେଖା କଥା, ଅଙ୍ଗେ ନିଭା ଘଟଣା।

ଅଥଚ ଏତେ ଦୁଃଖ କଷ୍ଟ ସତ୍ତ୍ୱେ ଆଈ କୌଣସି ଦିନ ଭାଙ୍ଗି ପଡ଼ିନଥିଲେ। ଧୈର୍ଯ୍ୟ ହରାଇ ଆତ୍ମହତ୍ୟା କରିଦେବା କଥା ମଧ୍ୟ ଭାବି ନଥିଲେ। ମଧ୍ୟଯୁଗୀୟ ନାରୀର ଏ ଧରଣର ଜୀବନଯାତ୍ରାକୁ ଖୁବ୍ ସ୍ୱାଭାବିକ ଭାବରେ ଗ୍ରହଣ କରିନେଇଥିଲେ ହୁଏତ। ସଂସାରିକ ସତ୍ୟର ଏ ଅଦ୍ଭୁତ ସହନଶୀଳତା ଉତ୍ତରାର ସେଇ କିଶୋରୀ ମନକୁ ଖାଲି ପ୍ରଭାବିତ କରିଥିଲା ସେ କଥା ନୁହେଁ ଖୁବ୍ ପ୍ରତିକ୍ରିୟାଶୀଳ ବି କରିଥିଲା।

ସେବେକାର ନାରୀଙ୍କ ତୁଳନାରେ ଆଜିର ନାରୀଟିଏ ଖୁବ୍ ସୁଖୀ ସମ୍ମାନଜନକ ଓ ଅପେକ୍ଷାକୃତ ସ୍ୱାଧୀନ ଭାବେ ସାବଲୀଳ ଜୀବନଟିଏ ଜିଉଁଛି ବୋଲି ହୃଦବୋଧ ହେଉଥିଲା ତା'ର। ତା ମାଆଙ୍କ ଭଳି ଅନେକ ନାରୀ ଅଛନ୍ତି ଯେଉଁମାନେ ନିଜ ପସନ୍ଦ ମୁତାବକ ସଂସାର ଗଢ଼ିଛନ୍ତି। ପିଲାମାନଙ୍କ ଶିକ୍ଷା, ଦୀକ୍ଷାର ଦାୟିତ୍ୱ ଓ ଘରର ଛୋଟବଡ଼ ନିଷ୍ପତ୍ତି ମଧ୍ୟ ନେଇପାରନ୍ତି। ଯଦିଓ ବାପା ଖୁବ୍ କଡ଼ାମିଜାଜର ମଣିଷ। ଅଶାନ୍ତି ସୃଷ୍ଟି ନ ହେବା ଲାଗି ମାଆ ସହନଶୀଳତାର ମୂର୍ତ୍ତୀମନ୍ତ ପ୍ରତୀକଟିଏ ପାଲଟିଯାଇଥିବା ଭଳି ମନେହୁଏ ଉତ୍ତରାକୁ ବେଳେବେଳେ।

ବାପାଙ୍କର ଅଲଂଘ୍ୟ ଇଚ୍ଛା ଓ ଅକାଟ୍ୟ ନିଷ୍ପତ୍ତିକୁ ପାଳନ କରିବାରେ ତା'ର ଶୋଚନା ନଥିଲା। ବାପାଙ୍କର ପସନ୍ଦର ଖାଦ୍ୟ ଖାଇବାକୁ ସେ ଭଲ ପାଉଥିଲା। ଦୋଳ,ଦଶହରାରେ ବାପା ସାଧାରଣ ଶାଢ଼ୀଟିଏ ଉପହାର ଦେଲେ ମହାର୍ଘ୍ୟ ପାଟଶାଢ଼ୀ ତୁଲ୍ୟ ଗ୍ରହଣ କରୁଥିଲା, ତେବେ ବି ସମସ୍ତଙ୍କର ଅଲକ୍ଷ୍ୟରେ ମାଆ ମୁହଁରେ ଅହରହ ଗୋଟେ କରୁଣ ଉଦାସୀନତା ଛାଇ ରହୁଥିଲା, ଯାହାକୁ ଉତ୍ତରାର ଅନୁସନ୍ଧାନୀ ଆଖି ସ୍ପଷ୍ଟ ପଢ଼ିପାରୁଥିଲା। ଯାବତୀୟ ସୁଖ ସ୍ୱାଚ୍ଛନ୍ଦ୍ୟ ଭିତରେ ମାଆର ଗୋଟିଏ ମାତ୍ର ଦୁଃଖ ଥିଲା, ପରାଧୀନତାର ଦୁଃଖ। ଜନ୍ମରୁ ବାପା ଭାଇଙ୍କ କଡ଼ା ନଜର ଭିତରେ ବନ୍ଦିନୀ ରାଜଜେମା ପରି ବଢ଼ିଥିଲେ ମାଆ। ଏକମାତ୍ର ଝିଅଥିବା ହେତୁ ପ୍ରତିଟି ପଦକ୍ଷେପକୁ ମାଆ, ଖୁଡ଼ିଆଦିଙ୍କର ଅଜସ୍ର ଆଖିର ସତର୍କ ଦୃଷ୍ଟିରେ ଆତଯାତ ହେଉଥିଲେ ଘରେ ବାହାରେ। ଭାବିଥିଲେ ବିବାହ ପରେ ହୁଏତ କିଛିଟା ସ୍ୱାଧୀନତା ମିଳିବ। ଉଚ୍ଚଶିକ୍ଷିତ, ବିଦେଶୀଆ ସ୍ୱାମୀ ଅନ୍ତତଃ ସ୍ତ୍ରୀକୁ କାଠକଣ୍ଢେଇ ପରି ନଚେଇବାକୁ ପସନ୍ଦ କରିବେ ନାହିଁ ବରଂ ତା'ର ସ୍ୱାଧୀନ ବିଚାରଧାରା ଓ ଜୀବନଯାତ୍ରା ଲାଗି ସମର୍ଥନ କରିବେ ଅକୁଣ୍ଠ ଚିତ୍ତରେ।

ଅଥଚ ସେମିତି କିଛି ହେଲା ନାହିଁ। ବାହାଘର ପରେ ଏକମାତ୍ର ବୋହୁ ଭାବରେ ଶାଶୁଶଶ୍ୱରଙ୍କ ଦାୟିତ୍ୱ ନେଇ ଗାଆଁରେ ରହିବାକୁ ପଡ଼ିଲା ବାପାଙ୍କ କଡ଼ା ନିର୍ଦ୍ଦେଶରେ। ତିନିଭାଇ ଭଉଣୀଙ୍କର ଜନ୍ମ ସେଇ ନୀଳକଣ୍ଠପୁରରେ। ଅବଶ୍ୟ ଜେଜେବାପାମାଆଙ୍କ ଅଜସ୍ର ସ୍ନେହଶ୍ରଦ୍ଧା ଓ ଆର୍ଶୀବାଦ ନେଇ ବଢ଼ିଥିଲେ ନାତି ନାତୁଣୀମାନେ। କିନ୍ତୁ ମାଆଙ୍କ ଅବସ୍ଥା ଥିଲା ଗୁହାଳକଣରେ ବନ୍ଧା ଶାନ୍ତ – ନିରୀହ ଗାଈ ପରି ଦୟନୀୟ। ଗାଆଁରେ ଥିଲା ପର୍ଯ୍ୟନ୍ତ ନିଜ ଇଚ୍ଛାରେ ପଦାକୁ ଗୋଡ଼ କାଢ଼ିବାର ଜୁ ନଥିଲା। ବନ୍ଧୁ ବାନ୍ଧବ ତ ଦୂରର କଥା, ସାଇ ପଡ଼ିଶାଙ୍କ ସହିତ ପଦେ ଦୁଃଖସୁଖ ହେବାକୁ ବି ସାହସ କରି ନଥିଲେ ମାଆ

କାଳେ। ଆଦର୍ଶ ବୋହୂ, ଆଜ୍ଞା କାରିଣୀ ସ୍ତ୍ରୀ ଓ ଆଦର୍ଶ ମାଆ ପାଲଟିବାର ଘଟଣା ଚକ୍ର ଭିତରେ ପେଶି ହୋଇ ମାଆ ନୀରବ କାଠ କଣ୍ଢେଇଟିଏ ପାଲଟି ଯାଇଥିଲେ ଯେମିତି।

ପରବର୍ତ୍ତୀ ସମୟରେ -- ମାଆଙ୍କ ମୁହଁରୁ ଏଇ ହୃଦୟସ୍ପର୍ଶୀ ଅନୁଭୂତି ସବୁ ଶୁଣି ଆଶ୍ଚର୍ଯ୍ୟ ହେଉଥିଲା ଉତ୍ତରା। ଭାବୁଥିଲା, କାହିଁକି ମାଆପରି ନାରୀମାନେ ନୀରବରେ ସହିଯାଆନ୍ତି ଏତେ ସବୁ ଅନ୍ୟାୟ, ଅତ୍ୟାଚାର।

କେମିତି ଅଣନିଃଶ୍ୱାସୀ ହୋଇ ପଡ଼ନ୍ତିନି ଅନ୍ୟମାନଙ୍କର ଇଚ୍ଛାର ବୋଝ ବୋହିବୋହି। କାହିଁକି ବା ପ୍ରତିବାଦ କରି ପାରନ୍ତି ନାହିଁ କୌଣସି ଅନୁଚିତ ଆଦେଶ ବା ନିଷ୍ପତ୍ତି ସତରେ କ'ଣ ନାରୀଟିଏ ଜନ୍ମ ନେଇଥାଏ ଅନ୍ୟମାନଙ୍କ ଲାଗି ଜଳିଜଳି ନିଃଶେଷ ହୋଇଯିବା ଲାଗି। କି ଲାଭ ମିଳେ ସେ ମିଛ ଆଦର୍ଶ ଅଥବା ମନଭୁଲାଣିଆ ପ୍ରଂଶସାରୁ ଯାହା ନାରୀ ଓଠରେ ହସ ଟେନାଏ ଫୁଟାଇପାରେନି, ମନରେ ଭୟଶୂନ୍ୟତ ଟିକିଏ ଜନ୍ମାଇପାରେନି। ଅଦୃଶ୍ୟ ଲୁହରେ ଅଣନିଃଶ୍ୱାସୀ ଭାବେ ଉବୁଟୁବୁ ହୋଇ ଏମିତି ନିରର୍ଥକ ଜୀବନ ଜିଇଁବାରେ କି ମୂଲ୍ୟଥାଏ ?

ଅନେକ ଥର ମାଆଙ୍କୁ ଏ କଥା ପଚାରିଛି ଉତ୍ତରା। ବିଶେଷ କରି ମନସ୍ତତ୍ତ୍ୱରେ ଗବେଷଣା କରି ସେ ପ୍ରତିଟି ମଣିଷର ଅବଚେତନର ସ୍ୱାଧୀନ ମାନସିକତା ଅବଲୋକନ କରିବାପରେ ଅନୁସନ୍ଧିତ୍ସା ବଢ଼ିଯାଇଛି ତା'ର କେବଳ ନାରୀଟିଏ କାହିଁକି ଏବେ ଏତେ ଶୃଙ୍ଖଳ ଭିତରେ ବନ୍ଧାରହେ। ସଚରାଚର ପ୍ରତିଟି ଚଳମାନ ସୃଷ୍ଟି ସ୍ୱାଧୀନ, ଇଚ୍ଛାମୁତାବକ ଜୀବନ ଜିଉଁଥିଲା ବେଳେ କାହିଁକି ନାରୀକୁ ଯୁଗ ଯୁଗ ଧରି ପିନ୍ଧାଇଦିଆଯାଇଛି ପରାଧୀନତାର ବେଡ଼ି। ହୁଏତ ଏଇଟା ପ୍ରଭୁତ୍ୱ ଜାହିର କରିବା ଲାଗି ପୁରୁଷ ଜାତିର ଏକ ସୁଚିନ୍ତିତ ଯୋଜନା, ଯାହା ସାମାଜିକ ବ୍ୟବସ୍ଥା ଓ ନିରାପତ୍ତା ନାମରେ ଜୋର ଜବରଦସ୍ତ ଲଦି ଦିଆଯାଇଛି ସମଗ୍ର ନାରୀ ଜାତି ଉପରେ।

ଉତ୍ତରାର ଯୁକ୍ତି ଶୁଣି ମାଆ ହସନ୍ତି, ସେଇ ଚିରାଚରିତ କରୁଣ ବିଷାଦ ହସ ଯାହା ଉତ୍ତରାର ହୃଦୟକୁ ବିଚଳିତ କରିଦିଏ ପିଲାଟି ଦିନରୁ। ଜୀବନ ସହିତ ମାଆଙ୍କର ଏ ନୀରବ ସାଲିସରେ ସେ କେବେ ଅଭିଭୂତ ହୁଏ ପୁଣି କେବେ ପ୍ରତିକ୍ରିୟାଶୀଳ ହୋଇ ବିରକ୍ତି ପ୍ରକାଶ କରିଥାଏ ମଧ୍ୟ। ଅଥଚ ମାଆ ତାକୁ ସ୍ନେହରେ ଆଦରରେ ମଥା ଆଉଁସି ଖୁବ୍ ସହଜରେ ବୁଝାଇବା ଲାଗି ଉଦ୍ୟମ କରିଛନ୍ତି। ସଂସାରିକ ସତ୍ୟର ଏ ଚରମ ଅନୁଭୂତି କୁ ମାଆଙ୍କ ଭାଷାରେ ସ୍ୱାଧୀନତା, ସ୍ୱାତନ୍ତ୍ର୍ୟତାର ଅଧିକାର, ବ୍ୟକ୍ତିତ୍ୱ ଏସବୁ ନାରୀପାଇଁ କେବଳ ଆଭିଧାନିକ ଶବ୍ଦମାତ୍ର। ବିଶ୍ୱ ବିଦ୍ୟାଳୟର ସର୍ବୋଚ୍ଚ ଡ଼ିଗ୍ରୀ ଧରି ଏସବୁ ଖୋଜି ବସିଲେ ଘର ସଂସାର ଗଢ଼ିହୁଏ ନାହିଁ।

ବିଶିଷ୍ଟ ସାହିତ୍ୟିକ ମାନେ ନାରୀକୁ ସର୍ବୋଚ୍ଚ ଆସନରେ ଅଧିଷ୍ଠିତ କରି ଅନେକ ଆଦର୍ଶର କଥା ଲେଖନ୍ତି। ନାରୀ ସ୍ୱାଧୀନତାର ସ୍ଲୋଗାନ ଦିଅନ୍ତି। ନିର୍ଯ୍ୟାତିତା ନାରୀପାଇଁ ପ୍ରତିବାଦର ସ୍ୱର ଉତ୍ତୋଳନ କରନ୍ତି। ବିପ୍ଳବଧର୍ମୀ କାହାଣୀ ଲେଖି ବାଃ ବାଃ... ନିଅନ୍ତି। ପୁରସ୍କାର, ମାନପତ୍ର ହାସଲ କରନ୍ତି। ଆଉ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ସେଇମାନଙ୍କ ଘରର ସ୍ତ୍ରୀ, ଝିଅ, ବୋହୂ ହିଁ ବେଶୀ ନିର୍ଯ୍ୟାତିତା ହୁଅନ୍ତି।

ଥରେ ତା'ର ଅନ୍ତରଙ୍ଗ ବାନ୍ଧବୀ ବିଶାଖାକୁ ଏ ସମ୍ବନ୍ଧରେ ପଚାରି ବୁଝିବାକୁ ଚେଷ୍ଟା କରିଥିଲା ଉତ୍ତରା। ପ୍ରେମବିବାହରେ ଏ ସବୁ ସଂକୀର୍ଣ୍ଣତା ଅପେକ୍ଷାକୃତ କମ୍ ଦେଖାଯାଉଥିବ ବୋଲି ଧାରଣାଟିଏ ବସା ବାନ୍ଧିଥିଲା ତା' ମନଭିତରେ। ଅଥଚ ବିଶାଖା ହସିଥିଲା ତା କଥା ଶୁଣି ଗୋଟେ ରହସ୍ୟମୟ ହସ। ଆଉ ଉଦ୍‌ଘାଟିତ କରିଥିଲା ତା ସୁଖି ଦାମ୍ପତ୍ୟର ଅନ୍ତରଙ୍ଗ ରହସ୍ୟସବୁକୁ। ମନର ମଣିଷଟି ସ୍ୱାମୀ ପାଲଟି ଗଲେ ସେଇ ଚିରାଚରିତ ପ୍ରଭୁତ୍ୱ ବିସ୍ତାର କରିବାକୁ ଆରମ୍ଭ କରେ। ଆଉ ସହଜାତ ପ୍ରବୃତ୍ତି ଭାବେ ନାରୀ ବି ତା'ର ବଶ୍ୟତାକୁ ସ୍ୱଇଚ୍ଛାରେ ଗ୍ରହଣ କରିନିଏ। ଆପଣାର ମଣିଷଟିର ଇଚ୍ଛା, ଆକାଂକ୍ଷାକୁ ନିଜର କରି ନେବାରେ ବି ଗୋଟେ ପ୍ରକାର ଆତ୍ମ ସନ୍ତୋଷ ମିଳେ। ବାହାରେ ଖଟି ଖଟି ଘରକୁ ଫେରିବା ପରେ ପ୍ରତିଟି ପୁରୁଷ ଆଶା କରେ ପତ୍ନୀଟିର ହସ ହସ ମୁହଁର ସାଦର ସମ୍ଭାଷଣ। ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ସ୍ତ୍ରୀଟିଏ ନିଃସ୍ୱାର୍ଥ ଭାବରେ ନିଜର ମନପ୍ରାଣ ଅର୍ପଣ କରିଦିଏ ସ୍ୱାମୀ ପାଖରେ। ଅଥଚ ସେଇ ସ୍ତ୍ରୀ ନାମକ ମଣିଷଟିର ମନ ବୋଲି ମହାର୍ଘ୍ୟ ଚିଜଟିଏ ଅଛି ଏକଥା ଅଧିକାଂଶ ପୁରୁଷ ଭୁଲି ଯାଇଥାନ୍ତି ବିବାହ ପରେ। ତଥାପି ନାରୀଟିଏ ନିଜକୁ ସାମିଲ କରିନିଏ ସ୍ୱାମୀ ନାମକ ମଣିଷଟି ସାଙ୍ଗରେ। ବୁଡ଼ି ରହିବାକୁ ଚେଷ୍ଟାକରେ ସ୍ୱାମୀ ସନ୍ତାନଙ୍କ ଜଞ୍ଜାଳରେ। ଯେମିତି ଏ ସଂସାରରେ ଅସଂଖ୍ୟ; ଅଗଣିତ ନାରୀ ସୁଖସଂସାର ଗଢ଼ି ବଞ୍ଚିବାଭଳି ଦେଖାଯାଇଥାନ୍ତି।

ନିଜ ଚାରିପାଖର ନାରୀମାନଙ୍କ ଜୀବନ ସହ ଏ ଅଦ୍ଭୁତ ବୁଝାମଣାକୁ ଆଦୌ ସହଜରେ ଗ୍ରହଣ କରିପାରୁ ନଥିଲା ଉତ୍ତରାର ସଂସ୍କାରବାଦୀ ମନ। ତ୍ୟାଗ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ଆଦର୍ଶ, ବିଶ୍ୱାସନୀୟତା, ଆନ୍ତରିକତା ଓ ପୂର୍ଣ୍ଣପ୍ରାଣରେ ଦେହମନ ସମର୍ପିତା ନାରୀଟିଏ କାମନା କରୁଥିବା ପୁରୁଷଟି ପ୍ରତିଦାନରେ ନାରୀଟିକୁ ଦେଇଥାଏ ବା କ'ଣ ? ଦୁଇପଟ ଶଙ୍ଖା ଓ ଟୋପାଏ ସିନ୍ଦୁର ସହିତ ବଞ୍ଚିବାର ସର୍ବନିମ୍ନ ମୌଳିକ ଆବଶ୍ୟକତା ପରିପୂରଣ କରିଦେଲେ ପୁରୁଷଟି ନିଜର କର୍ତ୍ତବ୍ୟ ସରିଗଲା ବୋଲି ଭାବିନିଏ। ସେଇ ଅହଙ୍କାର ନେଇ ନାରୀଟିକୁ ନିଜ ଇଚ୍ଛା ଓ କାମନାର ରକ୍ତମାଂସ ତିଆରି

କଣ୍ଢେଇଟିଏ କରି ସଜାଇରଖିବାର ପ୍ରବୃତ୍ତି ପ୍ରତିଟି ପୁରୁଷର ସହଜାତ ପ୍ରକୃତି।

ତଥାପି ବି ନାରୀଟିଏ ଏମିତି ବାଧ୍ୟବାଧକତାର ଜୀବନକୁ ଆଦରି ନିଏ। ସମସ୍ତଙ୍କୁ ସୁଖୀ କରିବାର ସନ୍ତୁଷ୍ଟ କରିବାର ପ୍ରାଣାନ୍ତକ ଉଦ୍ୟମ କରିବାକୁ ଯାଇ ନିଜ ହୃଦୟନାମକ ମୂଲ୍ୟବାନ ଚିଜଟିକୁ ଧୋ ରେ ବାୟା ଧୋ ଗୀତ ଗାଇ ଶୁଆଇଦିଏ ନୀରବତାର ନିଦ। ମାଆଙ୍କ ଭାଷାରେ, ବିବାହିତା ନାରୀର ହୃଦୟ କୋମାଗ୍ରସ୍ତ ମଣିଷ ପରି ଯାହା ନାମ ମାତ୍ର ବଞ୍ଚିରହିଥାଏ, ଯାହାର ବଞ୍ଚିରହିବାର କୌଣସି ହେତୁ ହିଁ ନଥାଏ। ଏଇଟା ହିଁ ବାସ୍ତବ। ଯୁଗ ଯୁଗ ଧରି ଏଇମିତି ଭାବରେ ନାରୀ ମଥାପାତି ଗ୍ରହଣ କରି ଆସିଛି ପୁରୁଷର ପ୍ରଭୁତ୍ୱକୁ। ପରିବର୍ତ୍ତିତ ସମୟ ସାଥୀରେ ସବୁ କିଛି ବଦଳିଯାଉଥାଏ। ଜୀବନଧାରଣର ଶୈଳୀଠୁ ଆରମ୍ଭ କରି ପ୍ରକୃତିର ଋତୁଚକ୍ର ପର୍ଯ୍ୟନ୍ତ। ଅଥଚ କୌଣସି ଦିନ ବଦଳେ ନାହିଁ ପୁରୁଷର ପ୍ରଭୁତ୍ୱ ମାନସିକତା ଅଥବା ନାରୀର ଦାସୀତ୍ୱ ମନୋବୃତ୍ତି।

ଦିନଥିଲା, ନାରୀର ଜୀବନ, ଯନ୍ତ୍ରଣା, ଅତ୍ୟାଚାର କେବଳ ଘରର ଚାରିକାନ୍ଥ ଭିତରେ ସିମୀତ ଥିଲା। ହୁଏତ କେବଳ ପରିବାର ଦ୍ୱାରା ସିଏ ନିର୍ଯ୍ୟାତିତା ହେଉଥିଲା ମାନସିକ ସ୍ତରରେ। ଅଥଚ ଆଜିର ନାରୀ, ଉଚ୍ଚଶିକ୍ଷିତା, ରୋଜଗାରକ୍ଷମ ହେବା ସତ୍ତ୍ୱେ ତା' ଠାରୁ ଅଧିକ ଅତ୍ୟାଚାରିତା ହେଉଛି। ଶାରୀରିକ ଅତ୍ୟାଚାରଠୁ ଯଥେଷ୍ଟ ଅଧିକ କ୍ଷତିଗ୍ରସ୍ତ ହେଉଛି ମାନସିକ ଭାବେ। କର୍ମଜୀବି ନାରୀଟିଏ ତ ସତକୁ ସତ ମେସିନ୍ ପାଲଟିଯିବାର ଦୃଶ୍ୟ ଉତ୍ତରା ଅହରହ ସାମନା କରିଛି। ଏ ସହରରେ ଏମିତି ଚାକିରିଆ ସ୍ତ୍ରୀ ଲୋକଟିଏ ଉତ୍ତରା ଦେଖିନାହିଁ ଯା ଓଠରେ ସରଳ ନିରୋଳା। ହସ ଟେନାଏ ଥିବା ବ୍ୟସ୍ତତା, ପାରିବାରିକ ଚିନ୍ତା, ସ୍ୱାମୀଙ୍କ ବିରକ୍ତି। ଅଫିସ୍ କଲିଗ୍‌ଙ୍କ ଦୁର୍ବ୍ୟବହାର ଇତ୍ୟାଦି ଅସଂଖ୍ୟ ସମସ୍ୟା ଭିତରେ ପେଶୀ ହୋଇ ଦିନକୁ ଦିନ ରୁକ୍ଷ,ଗମ୍ଭୀର ଓ ଚିଡ଼ଚିଡ଼ା ହୋଇଯାଉଥାଏ ଏଇଭଳି ନାରୀମାନଙ୍କର କୋମଳ ନାରୀତ୍ୱ। ଏମିତିକି ପତିପତ୍ନୀ ଝଗଡ଼ାର ସୀମା ଟପି କୋର୍ଟ କଚେରୀ ଯାଏ କଥା ପହଞ୍ଚେ।

ଉତ୍ତରା ଭାବୁଥିଲା ସେଇଥି ପାଇଁ ବୋଧହୁଏ ଏ ସଂସାରର ଅସଂଖ୍ୟ, ଅଗଣିତ ନାରୀ ଘରର ଚାରିକାନ୍ଥ ଭିତରର ନିରାପଦ ଜୀବନକୁ ପରିବାର ପରିଜନଙ୍କ ଆଜ୍ଞାବହତାକୁ ନିର୍ବିବାଦରେ ଗ୍ରହଣ କରି ନିଅନ୍ତି। ସିଏ କିନ୍ତୁ କଦାପି ଏଭଳି ସାମନ୍ତୀୟ ମାନସିକତା ନେଇ ବଞ୍ଚିପାରିବ ନାହିଁ। ଆଦୌ ପ୍ରଶୟ ଦେଇପାରିବ ନାହିଁ, ତା ଇଚ୍ଛା, ଚିନ୍ତା, ଚେତନାରେ ଅନ୍ୟ କାହାରି ହସ୍ତକ୍ଷେପକୁ। ତା ମାନେ ନୁହେଁ ଯେ ସେ ପରିବାର ସହିତ ସଂପର୍କ ରଖିବାକୁ ପସନ୍ଦ କରେ ନାହିଁ। କିନ୍ତୁ ତା ଯୁକ୍ତିରେ ପରିବାର ଭିତରେ ବି ସମସ୍ତଙ୍କର ବୋହୂଟି ପ୍ରତି ସେତିକି ନରମ ମନୋବୃତ୍ତି ରହିବା

ଦରକାର ଯେତିକି ଝିଅଟି ପ୍ରତିଥାଏ। ବିଶେଷ କରି ଖର୍ଚ୍ଚ--- ପୋଷାକ,ବାହାରକୁ ଯିବା ଆସିବାରେ କଟକଣା ଏ ସବୁକୁ ତ ଆଦୌ ବରଦାସ୍ତ କରିପାରିବ ନାହିଁ ଉତ୍ତରା। ସେଇଥିପାଇଁ ସମସ୍ତେ ଭାବୁଥିଲେ ବୋଧହୁଏ ଉତ୍ତରାର ବୈବାହିକ ଜୀବନ ଅସଫଳ ହେବ ଅଥବା ସିଏ ଆଜୀବନ ଅବିବାହିତା ରହିବ।

ବିବାହ ପରେ ଉତ୍ତରା କିନ୍ତୁ ସାମନା କରିଥିଲା ସଂପୂର୍ଣ୍ଣ ଭିନ୍ନ ଗୋଟେ ପରିବର୍ତ୍ତିତ ପରିବେଶକୁ। ଅପେକ୍ଷାକୃତ ଗୋଟେ ଆଦର୍ଶ ପରିବାରରେ ବଡ଼ ବୋହୁ ଭାବରେ ଯଥେଷ୍ଟ ଆଦର ସମ୍ମାନ ସହିତ ସ୍ୱାଗତ କରାଯାଇଥିଲା ତାକୁ। ଶାଶୁଶ୍ୱଶୁର ତ ଝିଅଠୁ ଅଧିକ ସ୍ନେହ କରୁଥିଲେ। ଏକମାତ୍ର ନଣନ୍ଦ ରୁମି ପ୍ରଥମ ଦେଖାରୁ ଖୁବ୍ ଆପଣାର, ସରଳ ଓ ନିଷ୍କପଟ ଝିଅଟିଏ ପରି ମନେ ହେଉଥିଲା। ସ୍ୱାମୀ ଅଭିଷେକ ଥିଲେ ଖୁବ୍ ଥଟ୍ଟା ମଜାଳିଆ ସ୍ୱଭାବର। କଲେଜରୁ ଫେରିଲେ ସମସ୍ତେ ଏକାଠି ବସି ଜଳଖିଆ ଖାଇବା ଲାଗି ଅପେକ୍ଷା କରୁଥିଲେ ଉତ୍ତରାକୁ। ଛୁଟି ଦିନ ମାନଙ୍କରେ ସମସ୍ତେ ଏକାଠି ଯାଉଥିଲେ ପାର୍କ, ସିନେମା ନଚେତ୍ ମନ୍ଦିର ବୁଲିବାକୁ। ବାହାରକୁ ଯିବା ଲାଗି ଭଳିକିଭଳି ବେଶରେ ବୋହୁକୁ ନିଜ ହାତରେ ସଜେଇ ଦେଉଥିଲେ ଶାଶୁ ଅନିମାଦେବୀ।

ସାଇପଡ଼ିଶା କିମ୍ବା ବନ୍ଧୁବାନ୍ଧବରୁ କେହି ଆସିଲେ ସେମାନଙ୍କ ଆଗରେ ବୋହୁର ପ୍ରଶଂସାରେ ଶତମୁଖ ହୋଇପଡୁଥିଲେ ଶ୍ୱଶୁର। ଭଦ୍ରତା ଶାଳୀନତା ଓ ସଂସ୍କାରବାଦୀ ମନୋବୃତ୍ତିର ଆଦର୍ଶ ଝିଅଟିଏ ବୋଲି ସ୍ୱୀକାର କରୁଥିଲେ ତାକୁ। କେବଳ ରୋଷେଇବାସ କରି, ପିଲାଛୁଆ ଲାଳନ ପାଳନରେ ବ୍ୟସ୍ତ ରହିଲେ ଜଣେ ଆଦର୍ଶ ନାରୀ ହୁଏ ନାହିଁ। ଘର, ପରିବାରରେ ସମସ୍ତଙ୍କ ସହିତ ହସଖୁସିରେ ମିଳିମିଶି ଚଳିବା ସହିତ ସମାଜରେ କିଛି ଉନ୍ନତିମୂଳକ କାମ କରିବା, ଦୁନିଆରେ ନିଜର ଗୋଟେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ମଧ୍ୟ ନାରୀମାନଙ୍କର ପ୍ରଚେଷ୍ଟା ରହିବା ଉଚିତ୍। ସେଇ ଦୃଷ୍ଟିରୁ ବୋହୁ ଉତ୍ତରା ଗୋଟେ ଆଦର୍ଶ ବୋଲି ବିଚାରୁଥିଲେ ଶାଶୁଶ୍ୱଶୁର।

ଅନ୍ଧ,ମୁକ, ବଧିର ମହାବିଦ୍ୟାଳୟ ଅଧ୍ୟାପିକା ଭାବରେ କର୍ମମୟ ଜୀବନ ଆରମ୍ଭ କରିଥିବା ଉତ୍ତରା ନିଜର ସ୍ୱତନ୍ତ୍ର ଚିନ୍ତାଧାରା, କର୍ତ୍ତବ୍ୟ ପରାୟଣତା ଓ ନିଷ୍ଠା ଲାଗି ଖୁବ୍ ଲୋକପ୍ରିୟ ହୋଇଯାଇଥିଲା ସେ ଅଞ୍ଚଳରେ। ପାରିବାରିକ ଅନୁକୂଳ ପରିବେଶ ଓ ସ୍ୱାମୀଙ୍କ ପ୍ରେରଣା ତାକୁ ମାନସିକ ଭାବେ ଯଥେଷ୍ଟ ପ୍ରେରଣା ଓ ସାହସ ଯୋଗାଇଥିଲା ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ନୂଆ ନୂଆ କାର୍ଯ୍ୟପନ୍ଥା ଗ୍ରହଣ କରିବାଲାଗି। ଖୁବ୍ କମ୍ ଦିନ ଭିତରେ ସାରା ସହରରେ ପରିଚିତା ହୋଇଯାଇଥିଲା ଉତ୍ତରା ଜଣେ ଆଦର୍ଶ ଅଧ୍ୟାପିକା ଓ ସମାଜ ସେବିକା ଭାବରେ। ଉନ୍ନତିର ଶେଷସୋପାନରେ ପହଞ୍ଚିବାରେ ତା ପରିବାରର ଭୂମିକାକୁ ହିଁ ପ୍ରାଧାନ୍ୟ ଦେଉଥିଲା ନିଜ ଅଭିଭାଷଣରେ।

କିନ୍ତୁ ଉତ୍ତରା ଜଣେ ସଚରାଚର ଏପରି ଘଟେ ନାହିଁ। ପରିବାରର ଗୁରୁତ୍ୱ ଦେବାଲାଗି ଅନେକତ୍ର ନାରୀକୁ ହିଁ ପ୍ରଥମେ ନିଜ ରୁଚି, ଇଚ୍ଛା, ଆଦର୍ଶ ଏପରିକି ଚାକିରୀକୁ ବାଧ୍ୟ ବାଧକତାରେ ଛାଡ଼ିବାକୁ ହୁଏ। ଖୁବ୍ ମେଧାବୀ ଛାତ୍ରୀଟିଏ ଆର୍ଥୀକ, ପାରିବାରିକ ଚାପରେ ଅଧାରୁ ପାଠଛାଡ଼େ ନଚେତ୍ ସାଧାରଣ ସ୍କୁଲ୍ କଲେଜ୍‌ରେ ପଢ଼ି ବାପା ମାଙ୍କ ନିର୍ଦ୍ଧାରିତ ନିୟମକୁ ମାନିନେଇ ତେଲଲୁଣ ସଂସାରରେ ବୁଡ଼ିରହେ। ପରିବାରରେ ବୁଝାମଣା ଅଭାବରୁ କର୍ମଜୀବି ବୋହୁଟି ହିଁ ଲାଞ୍ଛିତା, ଉପହସିତା ହୁଏ। ମାନସିକ ଭାବରେ ବାରମ୍ୱାର ଅପମାନିତା ହୋଇ ଚାକିରୀ ଛାଡ଼େ ନଚେତ୍ ଘର ଛାଡ଼ି ଅନ୍ୟତ୍ର ବସବାସ କରେ। ସେଇ ପରିବାର ପରିଜନ କାହିଁକି ବୁଝି ପାରନ୍ତି ନାହିଁ ଘରର ସୁଖଶାନ୍ତି ଓ ସୌହାର୍ଦ୍ଦ୍ୟ ବଜାୟ ରଖିବା ଲାଗି କେବଳ ବୋହୁଟି ଉପରେ ଦାୟିତ୍ୱ ଲଦି ଦେଲେ ଚଳିବ ନାହିଁ ବରଂ ସମସ୍ତଙ୍କୁ ସାଲିସ୍ ଓ ସହଯୋଗ ମନୋବୃତ୍ତି ପୋଷଣ କରିବା ଆବଶ୍ୟକ ବୋଲି। ସଂପୂର୍ଣ୍ଣ ଭିନ୍ନ ପରିବେଶ ଓ ପରିସ୍ଥିତି ନୂଆ ଭାବରେ ପାଦ ଦେଇଥିବା ଝିଅଟି ମନରେ ଆପଣାର ଭାବ ସୃଷ୍ଟି କରି, ତା ମନରେ ବିଶ୍ୱାସ ଓ ଆନ୍ତରିକତାର ପ୍ରତ୍ୟୟବୋଧ ସୃଷ୍ଟି କରିବା ନିତାନ୍ତ ଆବଶ୍ୟକ।

ଯାହା ଉପରେ ପରିବାରର ସମସ୍ତ ସୁଖଶାନ୍ତି ଓ ସମ୍ମାନର ଦାୟିତ୍ୱ ନିହିତ ବୋଲି ଆମେ ସ୍ୱୀକାର କରୁଛେ ତା'ର ଇଚ୍ଛା,ଆଗ୍ରହ ଚିନ୍ତାଧାରାକୁ ଆମେ ଆଖି ବୁଜି ଦେବା ଅନୁଚିତ୍। ସ୍ନେହସିକ୍ତ ଅନୁଶାସନର ନରମ ଶୃଙ୍ଖଳ ଭିତରେ ନୂତନ ଆଗନ୍ତୁକାଟିକୁ ପାରିବାରିକ ବନ୍ଧନ ରଜ୍ଜୁରେ ବାନ୍ଧିପାରିଲେ ହିଁ ସିଏ ସମସ୍ତଙ୍କୁ ଆପେ ଆପେ ଆପଣେଇ ନେବ।

ଅଥଚ ଏ କଥା କେତେ ଜଣ ବା ବୁଝନ୍ତି? ବୁଝୁଥିଲେ କାହିଁକି ଏମିତି ଅକାଳରେ ଭାଙ୍ଗିରୁଜି ଚୁରମାର୍ ହୋଇଯାଉଥାନ୍ତା ଅନେକଙ୍କ ସୁନାର ସଂସାର। ଯୁଗେ ଯୁଗେ ନାରୀ କେତେ ରୂପରେ, କେତେ ରଙ୍ଗରେ ନିର୍ଯ୍ୟାତିତ ହୋଇ ଆସୁଛି ଏ ସମାଜରେ। ଆଈ ସେ ଯୁଗର ନାରୀ ଥିଲେ। ଯେତେବେଳେ ନୀରବରେ ମଥାପାତି ଅନ୍ୟମାନଙ୍କର ଅନ୍ୟାୟ, ଅତ୍ୟାଚାର ସହିବାଟା ଗୌରବ ବୋଲି ନାରୀମାନେ ବିଚାରୁଥିଲେ। ସେବାକାର ନାରୀ ଶିକ୍ଷାର ଆଲୋକ ଦେଖିନଥିଲେ,ସ୍ୱାଧୀନତାର ମାନେ ବୁଝିନଥିଲେ। ଅତିବେଶୀରେ ପିଲାଦିନର ଚାଟଶାଳୀରେ ପଢ଼ିଥିବେ କେଶବ କୋଇଲି ନଚୁବା ମନବୋଧ ଚଉତିଶା। ଅଥଚ ଜୀବନର ମହାକାବ୍ୟ ପଢ଼ିବାରେ ସେଇ ଆଈ କୌଣସି ଦିନ ଥକି ପଡ଼ି ନଥିଲେ। ତାଙ୍କରି ସଂସ୍କାର ନେଇ ମାଆ ବୁଝିଥିଲେ ସଂସାର ଭିତରେ "ଘର କରିଥିଲେ ପଥର ପଡ଼ିଲେ ସହି" ଏବଂ ସେଇ ନ୍ୟାୟରେ ନିଜ ଭିତରର ସବୁ ଆବେଗକୁ ଚାପି ରଖି ମେସିନ୍‌ଟିଏ ପାଲଟିଯାଇଥିଲେ କର୍ତ୍ତବ୍ୟ ପରାୟଣତାର ମଧ୍ୟଯୁଗର ଭୀତତ୍ରସ୍ତା ନାରୀର ପ୍ରତୀକ ଥିଲେ ମାଆ ଯିଏ ସବୁ ବୁଝିପାରୁଥିଲେ ବି ପ୍ରତିବାଦ କରିବାର ସାହସ କରିପାରୁନଥିଲେ ତତ୍କାଳୀନ ପରିବେଶ ଓ ପରିସ୍ଥିତିରେ ତଥାପି ସାଂସାରିକ ଜୀବନର ଦାୟିତ୍ୱ ମୁଣ୍ଡାଇ ଶେଷ ପର୍ଯ୍ୟନ୍ତ ନିର୍ବିବାଦରେ ବଞ୍ଚିରହିଥିଲେ ସ୍ୱାମୀ ସନ୍ତାନର ସଂସାରରେ ସମ୍ମାନଜନକ ଭାବରେ।

କିନ୍ତୁ ଉତ୍ତରାର ସମୟ ଓ ପରିବେଶ ସମ୍ପୂର୍ଣ୍ଣ ଅଲଗା ଥିଲା ହୁଏତ କେଉଁ ଜନ୍ମ ପୁଣ୍ୟ ବଳରୁ ନଚୁବା ଭାଗ୍ୟଦେବୀଙ୍କ ପ୍ରସନ୍ନତାରୁ ସବୁକିଛି ତା ଇଚ୍ଛାମୁତାବକ ଘଟୁଥିଲା। ତା ମାନେ ନୁହେଁ ଯେ ସେ ସ୍ୱେଚ୍ଛାଚାରିଣୀ, ଅଥବା ମନମୁଖୀ ଶାସନ ଚଳାଇଥିଲା। କିନ୍ତୁ ପାରିବାରିକ ସହଯୋଗ ଓ ସହାନୁଭୂତି ନ ମିଳିଥିଲେ କ'ଣ ହୋଇଥାନ୍ତା ତା'ର ଅବସ୍ଥା। ବେଳେବେଳେ ଭାବିଲେ କୃତଜ୍ଞତାର ଲୁହ ଝରିଯାଏ ଆଖିରେ। ଈଶ୍ୱର ନାମକ ସେ ମହାନ ସତ୍ତା ପାଖରେ ମୁଣ୍ଡ ନଇଁଯାଏ ଛାଏଁ ଛାଏଁ। ସାରା ସଂସାରର ନାରୀମାନଙ୍କ ଲାଗି ପ୍ରାର୍ଥନା କରେ ଆନ୍ତରିକ ଭାବେ ସେମାନଙ୍କ ସୁଖଶାନ୍ତି ଓ ସମ୍ମାନ ପାଇଁ ଲଢ଼େଇ କରିବାର ପ୍ରେରଣା ଓ ସାହସ ଭରି ଦେବାକୁ ମିନତି କରେ।

କିନ୍ତୁ ସିଏ କ'ଣ ଜାଣେ ନାହିଁ ଯେ ଘରକୋଣରେ ଓଢ଼ଣା ଭିତରେ ଲୁହଢାଳିଲେ ସେ ଲୁହର, ସେ ସ୍ୱାଭିମାନର ମର୍ଯ୍ୟାଦା କ୍ଷୁର୍ଣ୍ଣ ହୁଏ ବୋଲି। ନିଜ ଢଙ୍ଗରେ , ନିଜ ରୁଚିରେ ନାରୀଟିଏ ବଞ୍ଚିବାକୁ ଚେଷ୍ଟା କଲେ ପରିବାରର ବା ସମାଜର କୌଣସି କ୍ଷତି ହୁଏ ନାହିଁ। ଆତ୍ମସମ୍ମାନ ରକ୍ଷା କରିବା ପ୍ରତ୍ୟେକ ମଣିଷର ସହଜାତ ଅଧିକାର। ନୀରବରେ ଅଶ୍ରୁପାତ କଲେ ସମସ୍ୟାର ସମାଧାନ ହୁଏ ନାହିଁ। ରୁଚିପୂର୍ଣ୍ଣ ଭାବରେ, ଶାନ୍ତ କୋମଳ କଣ୍ଠରେ ନିଜ ହକ୍, ଇଚ୍ଛା ଓ ଆଦର୍ଶକୁ ଉପସ୍ଥାପନ କରିବାକୁ ହୁଏ। ପ୍ରାଚୀନ ଓ ମଧ୍ୟଯୁଗୀୟ ନାରୀ ପରି ନୀରବ କାଠକଣ୍ଢେଇ ସାଜି ବସିଗଲେ ସମାଜର କୌଣସି ଆଖିଦୃଶିଆ ଉନ୍ନତି ହେବନାହିଁ। ନିଜର ସ୍ୱାତନ୍ତ୍ର୍ୟ, ଆଦର୍ଶ ବଜାୟ ରଖିବା ଲାଗି ନିଜକୁ ହିଁ ସ୍ୱର ଉତ୍ତୋଳନ କରିବାକୁ ହେବ, କର୍ମପନ୍ଥା ନିର୍ଦ୍ଧାରଣ କରିବାକୁ ପଡ଼ିବ। ତେଣିକି ଏଥିପାଇଁ ଯିଏ ଯାହା ଭାବୁ ପଛେ। ନିଜ ଜୀବନକୁ ନିଜ ଆଦର୍ଶରେ, ଆପଣାର ଢଙ୍ଗରେ ବଞ୍ଚିବାରେ ଭୁଲ୍ କେଉଁଠି ରହିଲା ଯେ? ଉତ୍ତରା ନିଜେ ନିଜକୁ ପ୍ରଶ୍ନ କରୁଥିଲା।

*ଶିକ୍ଷୟିତ୍ରୀ , ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର*
*ବରମୁଣ୍ଡା, ଭୁବନେଶ୍ୱର*

# ମାର ଗୁଲି କୃଷ୍ଣକୁ

ପ୍ରବୀର ମହାନ୍ତି

ଏମିତି ମିଟିଂ ଆଗରୁ କେବେ ଏ ଗାଁ ଚଉପାଢ଼ିରେ ହୋଇଛି। କାଇଁ ମନେ ପଡୁନି, ଆଜିତ ମାଇପେ ଆସି ବାଡମୁଳେ, ବାରଣ୍ଡାରେ, ଛାତଉପରେ ଚଢ଼ି ମିଟିଂ ଦେଖୁଛନ୍ତି, କ'ଣ ଆଜି ହେବ କେଜାଣି ! ନଟ ମକଦ୍ଧମ, ହଜାରି ମହାନ୍ତି, ଗୁରିଆ ଜେନା, ମହନ୍ତ ପହଲି ମିଶ୍ର, ରଙ୍କ ବୈଠାଲୁ, ପିଞ୍ଚୁ ସ୍ୱାଇଁ, ମୁରାରୀ ଅଧିକାରୀ, ରତନ ରଥ ଆଗ ଧାଡିରେ ବିରଜମାନ, ଅଧିକା ଗୋଟାଏ ଯୋଡାଏ ଲାଇଟ ଲାଗିଛି ବୋଧେ। ମହାବୀର ଚକଡାରେ ଯେମିତି ରାମନବମୀ ହେଉଛି।

ହେଇପା ଆସିଲେଣି,

ପାଟି କରିଉଠିଲା, ଗୁଲିଆ ନନ୍ଦି।

ସମସ୍ତେ ଅନେଇଲେ, ପୁନା ବାବା ଆସୁଛନ୍ତି ପିନ୍ଧିଛନ୍ତି ଖଣ୍ଡେ ଗେରୁଆ ଲୁଗା ଓ ହାତଥିବା ଧଳା ଗଂଜି ଖଣ୍ଡେ, ଦେହ ଉପରେ ଗୋଟାଏ ଛୋଟ ଧଳା ଚଦର ପଡିଛି। ସବୁ ଆଖି ସେଇ ଆଡକୁ ବୁଲିଗଲା, ପୁନାବାବା ଆଡକୁ। ଆଜକୁ ୩୦ ବର୍ଷ ସରିକି ସିଏ ଆସିବେଣି – ପୁନା ବାବାଜି, ମନ୍ତ୍ରଯନ୍ତ୍ର ଜାଣେନା ଯଶୁଆପୁର ଗାଁରେ ବହୁଦିନ ପୂର୍ବେ ଗୋଟେ ମଠ ଥିଲା ବୁଢ଼ା ବୁଢ଼ା ଲୋକ କହନ୍ତି ସେଥିରେ କୁଆଡେ ଗୋଟାଏ ସିପ୍ରିନାଗା ସନ୍ୟାସୀ ରହୁଥିଲେ। ଗୋଡରେ ଖଡୁ, ବାହାରେ ରୁପା କୁନ୍ଦା ପିତ୍ତଳ ରାମଯନ୍ତ। ମୁଣ୍ଡରେ ବିରାଟ ଚିତା। ବିରାଟ ଜଟା ଧାରଣ କରିଥାନ୍ତି। ଲୋକଙ୍କର ଅଖଣ୍ଡ ବିଶ୍ୱାସ ଥିଲା। ସେ ବାବାଜୀ କୁଆଡେ ଦେବୀ ଦେବତାଙ୍କ ସହିତ କଥାବାର୍ତ୍ତା ହେଉଥିଲେ। ରଡ କୋଇଲା ଖଣ୍ଡ ପରି ଆଖି। ବାବାଜି କେବେ ମଠରୁ ବାହେରେନା। ଗାଁ ଲୋକେ ଯାଇ ତାର ସବୁ କାମଦାମ କରିଦେଇ ଆସନ୍ତି। ମଠର ଆଗପଟେ ଗୋଟାଏ ଲମ୍ୱାଧାଡି ଦାଣ୍ଡି ଆଟୁଘର ଟାଏ ଥାଏ। ସେଠି ସଞ୍ଜରେ ସଂକୀର୍ତ୍ତନ ହୁଏ। ବାବାଜୀ ଯୋଉଁ ବାଦ୍ୟଯନ୍ତ୍ର ପାଇଲେ ତାକୁଧରି ସଂକୀର୍ତ୍ତନ ମଝିରେ ମଝିରେ ଉଦ୍ଦଣ୍ଡ ନାଚନ୍ତି, ହରିବୋଲ ରେ ହତା କମ୍ପେ। ଯଶୁଆପୁର ଗାଁ ପୁରସ୍ତମ (ପୁରି) ଯିବା ବାଟରେ ପଡେ – ସେବେ ଲୋକେ ଚାଲି ଚାଲି ପୁରୀ ଆସୁଥିଲେ। ବାଟରେ ରହି ରହି ଯାଆନ୍ତି। ବାବାଜି ମଠରେ ଯେଉଁ ଦାଣ୍ଡି ଆଟୁଘର ଥିଲା ସେଇଠି ଲୋକେ ଆସି ଦିନେ ଅଧେ ରହି ପୁଣି ଯାଉଥିଲେ। ଠାକୁର ପୋଖରୀରେ ଗାଧାନ୍ତି, ଗାଁର ଡାହାଣୀ ଡିଆଁ ତୋଟାରେ ସକାଳ ନିତ୍ୟକର୍ମ ସାରି ପୁଣି ବାହାରି ଯାଆନ୍ତି। ବେଳେବେଳେ ବାବାଜୀ ଚାଉଳଭଜା ଆଉ ଧନନ୍ତ୍ୱରୀ ପତ୍ର, ଗୁଡ ଦେଇ ମାଟି ହାଣ୍ଡିରେ ନାଲି ଚା ଭକ୍ତମାନଙ୍କୁ ଦିଅନ୍ତି। ଲୋକେ ତାହାକୁ ରାତି ଭୋଜନ କରି ଆରାମରେ ଶୋଇଯାଆନ୍ତି। ଗଲାବେଳେ ବେଶ ଭଲ ଦିପଇସା ବାବାଙ୍କୁ ଦେଇକରି ଯାଆନ୍ତି। ସେହି ପଇସା ରଖି ବାବା ସାଢ଼େ ତିନିଏକର ଜମି ମଠ ଠାକୁରଙ୍କ ନାଁରେ କିଣିଥିଲେ। ଆଜିବି ଅଛି। ହେଲେ ବାବାଙ୍କ ଦେହାନ୍ତ ପରେ ଗାଁ ଲୋକେ ଟ୍ରଷ୍ଟି ମାରଫତଦାର ହୋଇ ଧାନଚାଷ କରି ମଠକୁ ଚଳାନ୍ତି। ହେଲେ ପୁନାବାବା ସେମିତି ନୁହଁନ୍ତି। ସେ ଦିଅଁ ପୂଜା କରନ୍ତି। ମଠରେ ଯେତେ ଯାନିଜାତରା ସବୁ ଲୋକମାନଙ୍କୁ ଡାକି କରନ୍ତି। ସେମିତି ପୂଜା ପାଠ ଅଳ୍ପେ ବହୁତ ଜାଣନ୍ତି। ଏବେ ଧାନ ଯାହା ଅମଳ ହୁଏ ମଠ ଯାନିଯାତ କୁ ଅଣ୍ଟେନା। ଦିଅଁଙ୍କର ଦୁଇଓଳା ଅନ୍ନ ମଣୋହି। ତହିଁରେ କାର୍ତ୍ତିକ, ଶ୍ରାବଣ, ପୁଷ, ମାର୍ଗଶିର ମାସରେ ସକାଳ ଧୂପ ଅଛି। ତେଣିକି ଅତିଥି ଅଭ୍ୟାଗତ, ସାଧୁ ପଙ୍ଗତ, ବାଲଭୋଗ, ମାଳି, ମଠ ଟହଲିଆ ଯାଙ୍କ କଥା ବି ସେହିଥିରୁ ବୁଝିବାକୁ ପଡିବ। ଭାଦ୍ରବ ମାସସରି କି ପ୍ରାୟ ଧାନ ସରିଯାଏ, ମଠର ନଡିଆ ଗଛ, ଆମ୍ବ ଗଛ, ଆହୁରି ଅନେକ ଅନେକ ଗଛ ସବୁ ବୁଢ଼ା ହୋଇଗଲେଣି। ଆଉ ସେମିତି ଫଳ ଦେଉ ନାହାନ୍ତି। ପୁନା ବାବାଙ୍କ ଅମଳରେ କିଛି ଗଛ ଲାଗିଛି। ସପୁରି, ଜାମୁରୋଳ, ପଣସ, ଆମ୍ବ, କଦଳୀ, ସପେଟା, ଲିଚୁ, ଲେମ୍ବୁ, ଆତ, ନଡିଆ ପ୍ରଭୃତି ଲାଗିଛି ଯେ ହେଲେ ମାଙ୍କଡଙ୍କ ଅଦୌତି ସମ୍ଭାଳିବ କିଏ। ମଠରେ ଦୁଇଟି ଦେଶି ଗାଈ ଅଛିନ୍ତି। ତା ପଛରେ ଟହଲିଆ ଦିନରାତି ବୁଲୁଛନ୍ତି। ମାଙ୍କଡ ବାଡେଇବ କେତେ ବେଳେ। ପୁନାବାବା ଧିରସ୍ଥିର ଲୋକ। ଗାଁ ଗଣ୍ଡାରେ କାହାରି ଦେହ ମୁଣ୍ଡ ଖରାପ ହେଲେ ଲୋକମାନେ ମଠକୁ ମାନସିକ କରିବାକୁ ଦୌଡି ଆସନ୍ତି। ଅକାଳେ ସକାଳେ ଯଦି ପୁନାବାବା କାହା ଦେହ ପା ଭଲ ନାହିଁ ବୋଲି ଖବର ପାଆନ୍ତି ତାହା ହେଲେ ଟହଲିଆକୁ ଧରି ତା ଘରେ ଭୋଗ ମୁଠାଏ ଆଉ ତୁଳସୀ ପତ୍ର ଚାରିଟା ଧରି ପହଞ୍ଚି ଯାଆନ୍ତି। କହନ୍ତି, ଭଗବାନଙ୍କୁ ଡାକ, ତୁ ଭଲ ହୋଇଯିବୁ। ସେତେବେଳେ ପୁନାବାବା ଜାତି, ଧର୍ମ, ଧନୀ, ଗରିବ, ବଡ ଛୋଟ ଦେଖନ୍ତି ନାହିଁ।

ପୁନାବାବା ଆସୁଛନ୍ତି। ଗୋରାନୁହଁ କି କଳାନୁହଁ। ଡେଙ୍ଗା ନୁହଁ କି ଗେଡାନୁହଁ। ଗାଲ ଓ ଓଠରେ ସବୁ ଦାଢ଼ି ମାଡି ଯାଇନାହିଁ। ଗାଲ ସିଲପଟ ଚିକ୍କଣ ଥୋଡିରେ ମେଞ୍ଚାଏ ଦାଢ଼ି ବଢ଼ି ଯାଇଛି। ଓଠ ତଳକୁ ନିଶସବୁ ଗଡି ଗଲେଣି। ପୁନା ବାବା ତାକୁ ଖାଇବି ହାତରେ ଖାଇବା ବେଳେ ସଜିଲ କରି ଖାଇ ଦିଅନ୍ତି ଯେ ହେଲେ ବେଳେ ବେଳେ ଖାଦ୍ୟ ଲାଗିଯାଏ। କାନ୍ଧରେ ଖଣ୍ଡେ ପଇତା ପଡିଛି। ବାକି ଦେହ ଅଣ୍ଡାଳି ଦେଲେ କେଉଁଠି କିଛି ନାହିଁ।

ପୁନାବାବା କୌପୁନୀ ମାରନ୍ତି। ଦ୍ୱାଦଶୀ ଜହ୍ନର କେତେ ଆଲୁଅଯେ ମହୀ ଆଲୋକିତ କରିବ। ଧୂଷୁରିଆ ଜହ୍ନ ଛାୟାରେ ପୁନାବାବା ପହଞ୍ଚି ଗଲେ ସଭାରେ। ଆଗେ ଯେମିତି ତାଙ୍କୁ ଦେଖି ଲୋକ ଆଡେଇ ହୋଇ ଯାଉଥିଲେ ମୁଣ୍ଡ ଝୁକାଇ ଦଣ୍ଡବତ କରୁଥିଲେ। ଏଥର ସେଇଟା ହେଲାଯେ, ବହୁତ କମ୍, ଯାହା ଆଖିରେ ପଇଲା। ମହନ୍ତେ ଗୋଟାଏ ଗର୍ଜନ କଲେ। ଆରେ, ବାଟ ଛାଡ, ବାବା ଲାଇଟ ମୁହଁରେ ଡେବିରି ପଟେ ବସନ୍ତୁ। ବାବା ନିର୍ବିକାର। ସେଇ ପାଲ ଉପରେ ବାବା ବସି ପଇଲେ। ବଇଠାଲୁଏ ପଚାରିଲେ, ସଂଜ ଆଳତୀ ସରିଛି ବାବା ? ବାବା ଡାହାଣ ପଟକୁ ମୁଣ୍ଡ ଝୁଙ୍କାଇ ଦେଇ କହିଲେ ହଁ। ସଭାରେ କଥା ଉଠାଇବ କିଏ, ଇଏ ତାକୁ କହୁଛି, ସିଏ ତାକୁ କହୁଛି, ଶେଷକୁ ଅଧିକାରୀଏ କହିଲେ ବାବା, ଆମେ ଏସବୁ ଯେଉଁ କଥା ଶୁଣୁଛୁ, ଏସବୁ କ'ଣ ସତ ? ବାବା ଧିର କଣ୍ଠରେ ଉତ୍ତର ଦେଲେ। କେଉଁ କଥା ବାପା। ଗରମ ଖାଇ ଗୁରିଆ ଜେନା କହିଲା, କ'ଣ ତୁମେ ଜାଣିନ, ଅଜଣା ଚାଉଳ ଭାତ ଖାଉଛ। ବାବା କହିଲେ, ସେଇ ପାଗଳୀ

କଥାତ ! ହୁରିଆ ପରିଡା ଗର୍ଜନ କରି କହିଲା, ହଁ, ହଁ, ସେଇକଥା, ରାଧାମାଧବ ଆମ ଗାଁର ପିଣ୍ଡ। ସାତ ଖଣ୍ଡ ମୌଜା ଲୋକଙ୍କର ଆଶା ଭରସା। ତମକୁ ଗାଁ ଲୋକେ ପୋଷୁଛନ୍ତି। ତମର ଫଟା ପାହୁଲାଟାଏ ରୋଜଗାର କରିବାର କ୍ଷମତା ନାହିଁ। ତମେ ଏ କେଲେଙ୍କାରୀ ନେଇ ଆମ ବହୁ ଦିନର ବିଶ୍ୱାସରେ ବିଷ ପୁରାଇଲ। ବାବା କହିଲେ, ପରିଡା ପୁଅ, ତୁମ ବାପା ଭାଗବତ ସପ୍ତାରେ ଫି ବରଷ ସଂକଳ୍ପ କରନ୍ତି। ସାତ ଦିନ ଓଳିଏ ନ ଖାଇ ରହନ୍ତି। ତୁମେ ତାଙ୍କ ପୁଅ। ଯେଉଁଠି ପ୍ରାଣୀ ବିପଦରେ ପଡିଥାଏ ତାକୁ ସାହାଯ୍ୟ କରିବା ଆମ କର୍ତ୍ତବ୍ୟ। ମଘା ମହାନ୍ତି ପାଟି କରି ଉଠିଲା, ସେଇଟା ବାର ବୁଲି, ଛତର ଖାଇ, ତା ପାଇଁ ତୁମର ଏତେ ଦରଦ।

ବାବା କହିଲେ, ଶୁଣ, ସିଏ ବଜାରରେ ଆସି ବୁଲୁଥିଲା। ତା ମୁହଁ ସାରା ଘା ବାଲୁ ବାଲୁ, ପିନ୍ଧିଥିବା ଶାଢ଼ୀ ପଟା ସବୁ ନଷ୍ଟ ହୋଇଗଲା। ବଜାରରେ ଲୋକେ ଖାଇବାକୁ ଦେବେ କ'ଣ ତା ଉପରକୁ ଗରମ ପାଣି ଛାଟିଲେ। ମୁଁ ତାକୁ ନେଇ ଆମ ଡାକ୍ତର ବାବୁଙ୍କୁ ଦେଖାଇଲି। ଆଗରୁ ସେ ମଠରେ ଯାଇ ଗଣ୍ଡାଏ, ଗଣ୍ଡାଏ ଖାଉଥିଲା। ତାକୁ ଆମରି ଲୋକମାନେ ମଠକୁ ଗଲେ ବାଡେଇଲେ, ସେ ବିଚାରୀ ଆଉ ଡରରେ ଗଲାନି। ମୁଁ ବାଧ୍ୟହୋଇ ତାକୁ ଡାକ୍ତର ପାଖକୁ ନେଇ ଗଲି। ଡାକ୍ତରବାବୁ ପରୀକ୍ଷା କରି କହିଲେ ସେ ଚାରି ମାସର ଗର୍ଭବତୀ। ଏବେ ମୁଁ ତାକୁ ଆଣି ମଠରେ ରଖିଛି। କ'ଣ ଭୁଲ କଲି ?

କ'ଣ ଭୁଲ କଲି ବାକ୍ୟଟି ଆଉ ବାବାଙ୍କର ଶୁଭାଗଲା ନାହିଁ। ଲୋକ ହାଉ ହାଉ ହେଲେ। ମଘା ମହାନ୍ତି କହିଲା, ଯା ଭିତରେ ଏତେ କଥା। ହଇରେ ! ସିଏ ପେଟରେ ହେଇଛି। ମହନ୍ତେ, ଆପଣ ଆଗ ଫଇସଲା କରନ୍ତୁ, ଯାକୁ ପେଟରେ କଲାକିଏ। ବାବା ସବୁ ହାଉ ହାଉ ବନ୍ଦକରି କହିଲେ ଯିଏ ବି କରୁ। ବିଚାରୀ ମାନସିକ ରୋଗୀଟିଏ, ଖଲାସ ହୋଇ ଯାଉ। ଲୋକଙ୍କ ହାଉ, ହାଉ ବଢ଼ିଲା।

ମଘା ମହାନ୍ତି ରଡି କରି କହିଲା, ଏ ପାପ ଗର୍ଭ ଏ ବାବା ଶଳା କରିଛି। ନହେଲେ ତାକୁ କୋଳରେ ପୁରାଇଛି କାହିଁକି ? ଆମେ ଟହଲିଆଠାରୁ ଯେଉଁ ଖବର ନେଇଛୁ। ଏ ଶଳା ବାବାଜୀ ତାର ମୁତ ଲୁଗା ବଦଳାଇ ଦେଉଛି, ତାକୁ ଗାଧୋଇ ଦେଉଛି। ତାକୁ ଖୁଆଇ ବି ଦେଉଛି। ଭାଇମାନେ କୁହ, ଏ ଗର୍ଭ ତା ହେଲେ କରିଛି କିଏ ? ଆରେ ତୁମେମାନେ କଣ ଭାବୁଛ, ପର ମଇଁଷି ପରଶିଙ୍ଘ, ମିଛେ ବୋହୁଛି ନରସିଂହ ! ଆଗ କଥା ପଡୁ, ଏ ଧନ୍ଦା କରିଛି କିଏ, ତାପରେ ପାଗେଳୀ ବାହାରିବା କଥା ପଡିବ।

ଗୋଟାଏ ନଂଘା ଭୁରୁଡୁ ମାରି ପ୍ରସଙ୍ଗଟାକୁ ଦାବି ଦେଲେ ମକଦ୍ଦମେ, କହିଲେ, ଚୋପ... ବଇଠାଲୁ. ଅଧିକାରୀଏ, ମହାନ୍ତି ଦାଦି, ମୀମାଂସା ଆଡକୁ କଥାଟା ନେଉନ କିଆଁ ଯଦିଓ ହଲ୍ଲା କମିଗଲା, ହେଲେ ସଭାରୁ ଟୁପୁରୁ ଟାପରା ବନ୍ଦ ହେଉନଥାଏ। ମହନ୍ତେ, ଅଧିକାରୀ, ବଇଠାଲୁ, ମହାନ୍ତି ଦାଦି ଓ ମକଦ୍ଦମେ ପାଞ୍ଚମୁଣ୍ଡ ମିଶି କଣ ଫୁସ୍ ଫୁସ୍ ହେଲେ। ତାପରେ ଅଧିକାରୀଏ କହିଲେ। କେଲେଙ୍କାରୀର ମୀମାଂସା ତ ଗୋଟିଏ ପଦରେ ଥୁଆ ହୋଇଛି। ବିଚାର ହେଲା, କାଲି ସକାଳୁ ବାବାଜୀ ସେ ପାଗେଳୀକୁ ମଠରୁ ବାହାର କରି ଦେବେ। ସେ ଯୁଆଡେ ଯାଉଛି ଯାଉ। ଆମେ ସେ ବେଧ ବୁଜୁଳା ବୋହିବା ନାହିଁ। ପିଞ୍ଚ ସ୍ୱାଇଁ ବାବାଙ୍କୁ ହକାରୀ ପଚାରିଲେ। ବାବା ! ଫଇସଲାତ ସରିଲା, 'ହଁ' ମାର, କାଲି କେତେବେଳେ ତାକୁ ବାହାର କରିବ କୁହ, ସେ ଗଲାପରେ ମଠକୁ ଗୋବର ପାଣିରେ ଧୂଆ ହେବ। ହୋମ ହେବ। ସଂକୀର୍ତ୍ତନାଟାଏ ହେବ, ସଂଜ ସରିକି ଗାଁ ଲୋକ ପ୍ରସାଦ ସେବନ କରିବେ, କଥା ସଇଲା। ହେଲେ ବାବା ହଁ କି ନାହିଁ କିଛି କହିଲେ ନାହିଁ। ରତନ ରଥ ପାଟି କରିଉଠିଲେ ବାବା କହୁନ କାହିଁକି, ରାତି ବଢୁଛି ଯେ, ଆଟପଟାଳି ଲୋକ ବସିଛନ୍ତି। ସବୁଘରକୁ ଯିବେନା ! ବାବା ମୁଣ୍ଡ ହଲାଇ ନା କଲେ, ହଜାରି ମହାନ୍ତି ଗମ୍ଭିର ସ୍ୱରରେ ପଚାରିଲେ, କ'ଣ ତୁମେ କହିବାକୁ ଚାହୁଁଛ। ନଟମକଦ୍ଦମ ସୀମା ଟପିଗଲେ, କହିଲେ, ଶଳା ବାବାଜୀକି କଖାରୁ ପରିକା କଚ୍ଚିଦେବି। କୋଉ ବାରବୁଲି, ତା ଜାତି ଧର୍ମ ଜଣାନାହିଁ। କିଏ ତାକୁ ଆଣି ବଜାରରେ ଛାଡି ଦେଇଗଲା। ଏଠି କିଏ ତାକୁ ପାପ ଗର୍ଭ କଲା, ତାକୁ ତୁ ନେଇ ମଠରେ ପୁରେଇଛୁ। ପଛରୁ ମେଘା ମହାନ୍ତି ଆଉ ଟୋକାଏ ସବୁ ପାଟି କଲେ, କେହି ନୁହଁ, କେହି ନୁହଁ, ଏଇ ମା... ଶଃ..., ଏ ଭଡୁଆ ବାବାଜୀ କରିଛି। ଭଲରେ ମାନିବ ନାହିଁ, ଟୋକା ଚଢ଼ି ଆସିଲେ, ଆଉ ମାମଲତକାରଙ୍କୁ ମାନିଲେ ନାହିଁ। ସଭା ବଉଳି ଗଲା। ଟୋକାଏ ଆସି ବାବାଙ୍କୁ ଚଢ଼ିଲେ, କହ ଶଳା, କିଏ ଏ କାମ କରିଛି ? ଶଳା ହିନ୍ଦୁ ଧର୍ମ ସାଇଲୁ। ପୁଣି ଗର୍ଜିଲେ, ତା ଦାଢ଼ିକୁ ଧରି ପକାଇଲେ, କହ..., କିଏ କରିଛି ? ବାବା କହିଲେ, ମୁଁ ଜାଣିନି। ମେଘା ମହାନ୍ତି ହନୁ ଡେଇଁଲାପରି ଡେଇଁ ଆସିଲା। ରତନ ରଥେ, ପିଞ୍ଚା ସ୍ୱାଇଁ, ରଙ୍କ ବଇଠାଲୁ, ମହନ୍ତେ ତାକୁ ଧରୁଛନ୍ତି। ସେ କହିଲା ତୁମେ ହଟି ଯାଅ, ତୁମେ ମୀମାଂସା କରି ପାରିବ ନାହିଁ। ଗାଁର କଥା ଗାଁର ଇଜ୍ଜତ ଯାଇ ଦାଣ୍ଡରେ ଗଡିଲାଣି। ତୁମକୁ ଖେଳଘର ଲାଗିଛି। ମୁଁ ମିଲିଟାରୀ ଫେରନ୍ତା, ସତ କେମିତି ଓଗାଳି ବାକୁ ହୁଏ ମୋତେ ଜଣା। କୁଦାମାରି ପଶିଗଲା ଭିତରକୁ। ବାବାଜୀର ଚୁଟି ଧରି ଗୋଟିଏ ବ୍ରହ୍ମ ଚୈତନ୍ୟ ନାଦି ଦେଲା। ଉଡକେଇ ପଚାରିଲା, କହ ଶଳା, କିଏ କରିଛି, ବାବାଜୀ କ୍ଷଣେ ରହିଗଲା, କହିଲା ମୁଁ ଜାଣିନି। ମଘା ମହାନ୍ତି ବାବାଜୀର ବେକଶଣ୍ଢାକୁ ବ୍ରୟଲର କୁକୁଡା ଯେମିତି ଭାଡିରୁ ଟଣାଯାଏ, ସେମିତି କରି ଭିଡିଆଣିଲା। ପିଠିରେ ଗୋଟେ ସାତ ତାଳିଆ ବିଧା କଷି ଦେଲା। ପାହାଡପରି କା ଅର୍ଘୀସୁର ଲୋକଟା ବାବାଜୀ ଗୋଟାଏ ବିଧାରେ ବଙ୍କା ହୋଇଗଲା। ଆଉ ସଳଖି ଠିଆ ହୋଇ ପାରିଲାନି। ଏଥର କାବୁଲା ରଥ ବାବାଜୀର ହାତ ଦୁଇଟାକୁ ପଛରୁ ମୋଡି ଧରି ପକାଇଲା। ମେଘା ମହାନ୍ତି ତା ହାତ ପଞ୍ଝାକୁ ବାବାଜୀର ଗାଲ ଭିତରେ ପୁରାଇ କହିଲା, କହ ଏଥର କିଏ କରିଛି ? ବାବାଜୀ କହିଲା, "ମୁଁ", କାବୁଲା ରଥ, ମେଘା ମହାନ୍ତି ବାବାଜୀକୁ ଉଠାଇଲେ। କହିଲେ, ଚାଲ ଶଳାକୁ ମାରିଦେବା। ଗାଁର ଲୋକମାନେ ଝାମ୍ପିପଇଲେ। ଟୋକାମାନଙ୍କୁ ଭିଡିକି ବାହାର କରିବାକୁ ନୟାନ୍ତ ହେଲେଣି। ଗାଁ ମାଇପେ ଇଜ୍ଜତ, ମହତ ତେଜି ସଭାକୁ ଧାଇଁ ଆସିଲେ। ହାରେ, ଅଳପେଇସା, ଅଲକ୍ଷଣା, କଣ କରୁଛରେ। ଦିନେ ନାହିଁ କାଳେ ନାହିଁ, ଆମେ ବାବାଜୀର ଏ ଦୋଷତ କେବେ ଦେଖିନୁ। ଟୋକା ସବୁ ପାଟିକଲେ। ତୁମେମାନେ କଣ ଜାଣିଛ ?, ସେ କଣ ଗାଁରେ କରିବ, ସେ ବାହାର ମାଲ୍ ଦେଖି କରିଛି। ହେ, ଏଗୁଡା ସବୁ ଭୁଲ କଥା, ମାଇପେ ପାଟି କଲେ। ଭ୍ରମରବର ପୁହାଣ ବାବାଙ୍କ ସାଙ୍ଗରେ ଆଠକାଳି ବାର ମାସ ଯୋଖି ହୋଇ ରହିବା ଲୋକ। ପୁହାଣ ବାବାଙ୍କୁ ହାମୁଡାଇକି ଧରିକି ରଖିଲା। ମକଦ୍ଦମେ ପାଟି କରି କହିଲେ, କହିଲେ, କଣ ପୁନାବାବା, ପାଗଳୀ ଛାଡିବ ନା ମଠ ଛାଡିବ। ସବୁକଥା ଆମେ ପଛକୁ ପକାଇ ଦେଲୁ। ହଜାରୀ ମହାନ୍ତି କହିଲେ, ଛାଡ, ପାପକୁ ପୋତି ପକାଅ। ମଠ ଯେମିତି ଚାଲୁଥିଲା। ସେମିତି ଚାଲିବ। ପାଗଳୀକୁ କାଲି ବାହାରକରି ଦିଅ। ବାବା ଶାନ୍ତ ସ୍ୱରରେ କହିଲେ, ମଠ ଛାଡିବା ମଞ୍ଜୁର, ହେଲେ ପାଗଳୀ ନୁହଁ। ସଭା ହତ୍‌ବାକ୍ ହୋଇଗଲା। ଭ୍ରମର ପୁହାଣ ବାବାଙ୍କୁ ଆଡୁଆଳେ ନେଇ ପଚାରିଲା। ବାବା, ଆପଣ କୃଷ୍ଣଙ୍କୁ ଏତେ ପ୍ରେମ କରନ୍ତି। ତାଙ୍କ ବିନା ଆପଣ ରହି ପାରି ବେନି। ମୁଁ ଜାଣେ, ଆପଣ କଣ ! ଏ ଲୋକ ସିନା ଜାଣି ନାହାନ୍ତି। ଆପଣ ହୀରା ଖଣ୍ଡେ। ବାବା କିନ୍ତୁ, ନିର୍ବେଦ, ନିଶ୍ଚଳ। ବାବା କହିଲେ, ପୁହାଣ ପୁଅ, ମାର ଗୁଲି କୃଷ୍ଣଙ୍କୁ / ମୁଁ ପାଗେଳୀ ଚାହେଁ। ପୁହାଣ କହିଲା, ବାବା, ଏ ଦୁନିଆରେ ପ୍ରମାଣିତ ହୋଇଯିବ, ଆପଣ ଏ କାମ କରିଛନ୍ତି ବୋଲି। ବାବା କହିଲେ, ତା ତ ମୁଁ ଚାହେଁ। ସଭାରେ ମକଦ୍ଦମେ ଅର୍ଡର କଲେ, କାଲି ସକାଳୁ ପୁନାବାବା ତୁମେ ମଠ ଛାଡି ଯିବ। ପୁହାଣ କହିଲା,

ବାବା, ତୁମେ ହାରିଯିବ। ତୁମେ ଏ ମୀମାଂସା ପତ୍ରରେ ସହି କରନା। ବାବା କହିଲେ, ପୁହାଣ ପୁଅ, ମୁଁ ପରାଜିତ ହେବାକୁ ଚାହେଁ।

ଲୋକ ବଡ ବିରକ୍ତ ହୋଇଗଲେଣି। ଜେନେରାଲ ଆପାର୍ଟମେଣ୍ଟ୍। ବାବାଜୀକୁ ରାମ୍ପୁଡି କାମୁଡି ରକ୍ତାକ୍ତ କରିଦେଲାଣି ପାଗେଳୀ। ବାବାଜୀ ଖାଲି ହସୁଛି, ଖାଇବାକୁ ଦେଲେ ପାଗଳୀ ମୁହଁ କୁ ଫୋପାଡୁଛି। ମୁହଁ ଧୋଇବାକୁ ଯାଉନି। ୧୫ ମିନିଟ୍‌କୁ ଥରେ ଲେଖା ଚାହା ମାଗୁଛି। କହୁଛି ସିଟ ତଳେ ପରିଶ୍ରା କରିବି। ବାବା ତାକୁ ପାରୁପର୍ଯ୍ୟନ୍ତ ଲାଗି ଲାଗି ନେଇ ଯାଇଛି ଉତ୍ତରାଖଣ୍ଡ। ପ୍ରଥମେ ଗୋଟେ ସରକାରୀ ଡାକ୍ତରଖାନାରେ ତାକୁ ରଖିଛନ୍ତି। ବାବା ଆଟେଣ୍ଡାଣ୍ଟ, ପାଗେଳୀ ରୋଗୀ। ରଖିବା ବଡ କଷ୍ଟ। ସେ ଜିଲ୍ଲାର ଏ.ଡି.ଏମ୍ ଜଣେ ଖ୍ରୀଷ୍ଟିୟାନ ଲୋକ। ସିଏ ପାଗେଳୀକୁ ନେଇ ଗୋଟିଏ ମିସନାରୀ ଡାକ୍ତରଖାନାରେ ରଖିଲେ। ଯେଉଁଠି ବାବାକୁ ଗୋଟିଏ ଘର ମିଳିଛି। ଖାଇବାକୁ ରାସନ୍, ହାଣ୍ଡି କୁଣ୍ଡି ମିଳିଛି। ବାବା ରାତି ଦିନ ପାଗେଳୀ ପଛରେ ଲାଗିଛି। ଶୀତ ପରିବେଶ ପାଗେଳୀକୁ ଖୁବ୍ ସୁହାଇଛି।

ପାଗେଳୀର ଗର୍ଭ ଯନ୍ତ୍ରଣା ଆରମ୍ଭ ହୋଇଛି। ତା ପାଇଁ ଅଧିକା ନର୍ସ ଦରକାର ହୋଇଛନ୍ତି। ତାର ଗୋଟିଏ ରାତି ଗର୍ଭଯନ୍ତ୍ରଣା ପରେ ପାଗେଳୀ ଚେତାଶୂନ୍ୟ ହୋଇ ପଡିଛି। ପୁଅଟିଏ ଜନ୍ମ ହୋଇଛି। ପାଗେଳୀର ଚେତା ଫେରି ଆସିଛି। ପାଗେଳୀ ପଚାରୁଛି, ମୁଁ ଏଠି କେମିତି। ମୁଁ ମାଧବୀ, ମୋ ଘର ତ ରାସେଶ୍ୱରପୁର, ଗଜପତି ଜିଲ୍ଲା, ଫିରିଙ୍ଗିଆ ବ୍ଲକ୍। ମୋ ସାବତ ମାଆର ଅତ୍ୟାଚାର ସହି ନ ପାରି ମୁଁ ରାତିରେ ବାହାରି ପଳାଇ ଆସିଥିଲି। ଜଙ୍ଗଲ ଭିତରେ ମୋତେ ଗୋଟେ ଗାଡି ଧକ୍କା ଦେଇଥିଲା। ତା ପରେ ମୁଁ ଗୋଟାଏ ବସ୍‌ରେ କଷ୍ଟେ ମଷ୍ଟେ ଚଢ଼ିଲି, ଆଜି ମୋର ଏତିକି ଯାହା ମନେ ଅଛି। ସବୁ କଥା ଡାକ୍ତର ତାକୁ ବୁଝାଇ ଦେଲେ। ବାବାଙ୍କୁ ଡକାଇ ପଠାଇଲେ। ପାଗେଳୀ ଦେଖିଲା ସେ ବାବାର ଦେହ ମୁହଁ ସବୁ ସେ କେମିତି ରାମ୍ପୁଡି ଖଣ୍ଡିଆ ଖାବରା କରି ଦେଇଛି। ବାବା ଆସି ନମସ୍କାର କଲେ। ପାଗେଳୀ କାନ୍ଦିଲା, ମୋତେ ତୁମେ ନମସ୍କାର କରନି ମହାପୁରୁଷ। ନର୍ସ କହିଲା, ସେସବୁ କଥା ଛାଡ, ତୁମେ ବାପା, ମା ଉଭୟ ଅଛ। ଏ ପିଲାଟିକୁ କେମିତି ମଣିଷ କରିବ, ସେ କଥା ଭାବ, ଭଲ ପିଲାଟି, ହୋଇଛି। ପାଗଳୀ କିଛି ସମୟ ରହିଗଲା। କହିଲା, ଯେତ ଯେଶସ୍ କ୍ରାଏଷ୍ଟ, ନର୍ସ ମାନେ ପଚାରିଲା କଣ ଏ ପିଲାଟି। ପାଗଳୀ ପୁଣି ରହିଗଲା। କଣ ଭାବିଲା କେଜାଣି। କହିଲା ନା, ଏ ମହାପୁରୁଷଟିଏ। ବାବା କହିଲା। ନା, ନା ମୁଁ ମହାପୁରୁଷ ନୁହଁ। ପାଗଳୀ କହିଲା ଆହୁରି କଥା ମନେ ପଡୁଛି। ମୁଁ କହିବି, କହିବି।

ଶୀତୁଆ ସକାଳ, ମକଦ୍ଦମେ ନିଜ ପିଣ୍ଡା ଦୋଳିରେ ବସି ହୁକା ଟାଣୁଛନ୍ତି, ଚାହା ପିଉଛନ୍ତି। ପାଗେଳୀ ପହଞ୍ଚିଲା, ହାତରେ ଗୋଟିଏ ଛୁଆ ଧରିଛି। କହିଲା, ମକଦ୍ଦମେ ଜୁହାର, ମୁଁ ମାଧବୀ ସାଆନ୍ତ। ମୋର ଘର ରାସେଶ୍ୱରପୁର, ମୁଁ ପାଗେଳୀ ହୋଇ ଏଠିକି କେମିତି ପଳାଇ ଆସିଥିଲି। ମକଦ୍ଦମେଙ୍କ ପିଣ୍ଡାରେ ଛଅ, ସାତଜଣ ବସିଥାନ୍ତି। ସମସ୍ତେ ପାଗେଳୀ ଆଡେ ଅନାଇଲେ। ପାଗେଳୀ ପଚାରିଲା, ମୋତେ ଚିହ୍ନି ପାରୁଛ। କାବୁଲା ରଥ କହିଲା, ହଁ , ହଁ, ତୋତେ ଚିହ୍ନିଛୁ। ତୁ ସେ ବାବା ସହ ରାସଲୀଳା କରି ଛୁଆ ଜନ୍ମ କରିଛୁ। ସେ ବାବା କୁଆଡେ ଗଲା। ପାଗେଳୀ ଓଳିତଳ ପଥରରେ ଆଉଜେଇ ପଇଲା। ଛୁଆଟା ଚିରି ଚିରି ହୋଇ କାନ୍ଦି ଉଠିଲା। ପାଗେଳୀ ରଡି ଦେଲା। ଏ, ସେମିତି କହିବୁନି। ତୋ ତଣ୍ଟି ଚିପିରକ୍ତ ପିଇଦେବି। କାବୁଲା ସହ ସମସ୍ତେ ହସି ଉଠିଲେ, ହସ ଭିତରେ କଥା ରଖି କହିଲା, ମକଦ୍ଦମେ ଆଜ୍ଞା, ସତ କହିଲେ ରାଧାକୁ ବାଧା ପଶି ଯାଉଛି। ପୁଣି ରଡି ଦେଲା ମାଧବୀ, ସତ ଯଦି କହିବି, ଆକାଶ ଛିଡି ପଡିବରେ ବାଡିପଡା। ସତ କହିବି, ସତ କହିବି, ଏଇ, ମକଦ୍ଦମ ଘର କଚେରୀ ପିଣ୍ଡାରେ ମୋ ସହ ବଳାତ୍କାର କଲେ ମଘା ମହାନ୍ତି ଓ ଆଉ ଏଇ କାବୁଲା ରଥ। ମୋର ସଂପୂର୍ଣ୍ଣ ମନେ ପଡୁଛି। ଏଇ କାବୁଲା ରଥ ମୋ ହାତକୁ ମାଡି ବସି ଧରିଲା ଜଣେ ପରେ ଜଣେ, ଜଣେ ପରେ ଜଣେ, ରାତି ପାହିଗଲା। ମୋତେ ବଜାରର ସେଲୁନ୍ ପାଖରେ ରାତି ଥାଏ ନେଇ ଫୋପାଡି ଦେଇ ଆସିଲେ। କାବୁଲା ରଥ ଡେଇଁ ପଡିଲା, ତୋ ତଣ୍ଟି ଚିପିଦେବି ମୋ ନାଁରେ ମିଛ କହୁଛୁ। ମାଧବୀ କହିଲା, ମୁଁ ଫେରିଛି। ଆଜି ରାତିରେ ଗାଁ ସଭା ବସାଅ। ନହେଲେ ମୁଁ ତୁମ ଦାଣ୍ଡ ଆଗରେ ଦଉଡିଦେବି ମକଦ୍ଦମେ! ଥାନାକୁ ଯିବି, କୋର୍ଟକୁ ଯିବି, କଲେକ୍ଟର ପାଖକୁ ଯିବି। ସେତେବେଳେକୁ ଗାଁ ସାରା ଲୋକେ ଗଦା ହୋଇ ପଡିଲେଣି। ମାଧବୀ କହିଲା, ମୁଁ କାନ୍ଦୁ ନାହିଁ କି ମୁଁ ଜଳୁ ନାହିଁ ମୋ ଉପରେ ବଳତ୍କାର ହେଲା ବୋଲି। ବରଂ ମୁଁ କାନ୍ଦୁଛି ଆଉ ଜଳୁଛି, ସେ କଥା ଭାବିଲା ମାତ୍ରେ ସବୁ ତୁମେ ଯେ ଗୋଟାଏ ଦେବତାକୁ ଅତ୍ୟାଚାର କରି ବଦନାମ ଦେଇ ଗୋଇଠା ମାରି ବାହାର କରିଦେଲ। ପ୍ରକୃତ ଠାକୁର ପଳାଇ ଯାଇଛି, ମଠ ଖାଲି ପଡିଛି।

ପିଲାମାନେ ଅଡି ବସିଲେ। ରାତିକୁ ସଭା ହେଲା। ହଜାରୀ ମହାନ୍ତି ଗାଁର ବଡ ମୁରବୀ। ତା ପୁଅ ନାଁରେ କଥା ଉଠିଲାଣି। ଗାଁ ଅଡି ବସିଲା, ଦୋଷୀକୁ ଧର ଦଣ୍ଡ ଦିଅ। ମେଘା ଆଉ ସଭାକୁ ଆସିଲାନି। କାବୁଲା ରଥର ସକାଳୁ ଦେଖା ନାହିଁ। ହଜାରୀ ମହାନ୍ତି ଗୋଡ ତଳେ ପଡି କହିଲେ। ମାଲୋ, ଏ ପିଲା କେମିତି ପାଠ ପଢ଼ିବ, ବଞ୍ଚିବ, ବଢ଼ିବ, ତା ପାଇଁ ମୁଁ ଟଙ୍କା ରଖିଦେବି। ତୁ ଯଦି ରାଜି ହେବୁ। ଆମ ଘରେ ବି ରହିବୁ। ମାଧବୀ କହିଲା ଜଙ୍ଗଲୀ ଜନ୍ତୁଙ୍କ ସହ କଣ ମଣିଷ ରହନ୍ତି! ସଭାରେ ଫଇସଲା ହେଲା, ମଠକୁ ଚାରିଏକର ଜମି ଲେଖି ଦେବେ ହଜାରୀ ମହାନ୍ତି। ପୁନାବାବା, ମାଧବୀ ଆଉ ତା ପୁଅ ମଠରେ ସବୁଦିନ ପାଇଁ ରହିବେ। କାଲି ସକାଳୁ ଗାଁ ଲୋକ ମାଧବୀ ଠାରୁ ଠିକଣା ନେଇ ପୁନାବାବାକୁ ଆଣିବାକୁ ଯିବେ। ସେଇଆ ହେଲା। ଅଧିକାରୀଙ୍କ ସହ ଚାରିଜଣ ଲୋକ ଉତ୍ତରାଖଣ୍ଡ ଗଲେ ମଠରେ ବାବା ରହୁଥିବା ଘରକୁ ଝାଡି ଝୁଡି, ପୋଛି, ଧୋଇ ସଫା କରୁଛି ଭ୍ରମର। ତା ଘରେ ଲୁଚାଇ ରଖିଥିବା ବାବାର ଫଟୋକୁ ଯାହାକୁ ସେ ନିତି ଧୂପଦୀପ ଦେଉଥିଲା, ଭ୍ରମର ତାକୁ ଆଣି ମଠରେ ଟାଙ୍ଗିଲାଣି।

ପାଞ୍ଚଦିନ ପରେ ଖବର ଆସିଲା, ବାବା ଆଉ ସେଠି ନାହାନ୍ତି। ଗାଁ ଲୋକ ମାଧବୀକୁ ଏ କଥା ଜଣାଇଲେ ନାହିଁ। ଅଧିକାରୀଙ୍କ ସହ ଲୋକମାନେ ଫେରି ଆସିଲେ। ଭ୍ରମରର ଖିଆନାହିଁ, ପିଆ ନାହିଁ, ବାବାଙ୍କ ଆସିବା ବାଟକୁ ଅନାଇ ରହିଛି। ସଂଜ ବୁଡିଲା। ଭ୍ରମର ସବୁଦିନ ପରି ପାଇକଛା ମାରି ଗୋଡ ହାତ ଧୋଇ ବାବାଙ୍କ ଫଟୋରେ ଝୁଣା ଧୂପ, ଦୀପ ଆଳତୀ ଦେଲା। ନନା ଆସି ରାଧାମାଧବଙ୍କ ପୂଜା କରି ଗଲେ। ମାଧବୀ ପଚାରିଲା, ଭାଇ, ଜୀଅନ୍ତା ଲୋକଙ୍କୁ କଣ ଧୂପ ଦୀପ ଦିଆଯାଏ। ଭ୍ରମର ବେକ ମୋଡି ମାଧବୀକୁ ଚାହିଁଲା, କହିଲା, ମା, ତୁ ଜାଣି ପାରିଲୁ ନାହିଁ। ସେ ପରା ଜୀଅନ୍ତା ଦେବତା। ଲୋକମାନେ ଆସି ଉତ୍ତରାଖଣ୍ଡରୁ ପହଞ୍ଚିଗଲେ। ଡକା ଡକି ହୋଇ ସମସ୍ତେ ମଠକୁ ଆସିଲେ। କଣ ହୋଇଛି, ଆସ ଶୁଣିବା। ପୁନାବାବାର ପାଦତଳେ ଗାମୁଛା ପାରି ଶୋଇପଡି ଥିବା ଭ୍ରମରକୁ ସପ ଉପରେ ଶୁଆଇ ଦେଲେ। ମଠ ଦାଣ୍ଡରେ କୋକେଇ ଭିଡା ହେଲାଣି। ଭ୍ରମରବର ରାମନାମ ସତ୍ୟ ହେ, ହରି ନାମ ସତ୍ୟହେ ଡାକରେ କୋକେଇରେ ଲଦା ହୋଇ ମଶାଣି ଆଡେ ଚାଲିଲା। ଲୋକମାନେ କହୁଥିଲେ। ପୁନାବାବାଙ୍କ ଫଟୋଟା ବିନା ପବନରେ କେମିତି ହଲି ଯାଉଥିଲା। ମାଧବୀ ସେହିଦିନଠାରୁ ମଠର ଦାୟିତ୍ୱରେ ରହିଲା। ପୁନାବାବାଙ୍କ ଫଟୋତଳେ ଭ୍ରମର ବରର ଫଟୋଟିଏ ଆଜିଯାଏ ସେଠି ଟଙ୍ଗା ହୋଇଛି। ଏବେ ଲୋକ ଯିବା ଆସିବା ସମୟରେ କହନ୍ତି ପୁନାବାବା ମଠ।

*ଦୂରଭାଷ: ୯୪୩୭୧୮୫୬୮୨*

# ଏମିତି ବି ହୁଏ

ନୃସିଂହ ବେହେରା

କେହି ମନା କରୁନାହାଁନ୍ତି। କିନ୍ତୁ ଏଯାଏ କାହାର ଦେଖା ନାହିଁ। ବ୍ୟସ୍ତ ହୋଇ ଆଉ କେତେ ଜଣଙ୍କୁ କଲ୍ କଲେ ଶ୍ୟାମ ସୁନ୍ଦର ବାବୁ। ସେ ସବୁ କେବଳ ରିଂଗ ହୋଇ କଟିଲା। ଉତ୍ତର ମିଳିଲା ନାହିଁ। ଭାବିଲେ ଆଗରୁ ତାଙ୍କ ପାଖରେ କେତେ ଲୋକ ହାଉ ଯାଉ ନହେଉଥିଲେ ? ଘରକୁ ଆସି ବଳେ ବଳେ କିଏ କେତେ କାମ ନ କରୁଥିଲେ ? ଚାକିରି ଯିବା ପରେ ସବୁ ହଜି ଗଲେ। ସମସ୍ତେ ସ୍ୱାର୍ଥପର। ଏତିକି ବେଳେ ତାଙ୍କର ଜଣେ ପଡ଼ୋଶି ନବ କିଶୋର ବାବୁ ଆସି ପହଁଚି ଗଲେ। ଲୋକଟା ଭାରି ଉପକାରୀ ସାଜି ଅଯଥା ଆଦର୍ଶବାଦୀ ଭାବେ ଖାତିର ଦେଖାଏ। ସାମାଜିକ ତାର ଦୁହାଇ ଦେଇ ଅନେକଙ୍କୁ ସମାଲୋଚନା କରେ। ତାଙ୍କୁ ମଧ୍ୟ ମୁହେଁ ମୁହେଁ ଥରେ ଶୁଣାଇ ଥିଲା। ଏମିତି ଲୋକଙ୍କୁ ସେ ଛାଡ଼ନ୍ତେ କେମିତି ? କାମରେ ଦେଖାଇ ଦେଲେ। ତାଙ୍କର ଜଣେ ଅନୁଗତ ମାଧ୍ୟମରେ ନବ କିଶୋରଙ୍କ ଘର ପଛରେ ରାତିରେ କିଛି ମାଦକ ଦ୍ରବ୍ୟ ରଖି ପୋଲିସ୍‌କୁ ଜଣାଇଦେଲେ। ଅବକାରୀ ଚୋରା କାରବାର ପାଇଁ ଲୋକଟା ବେଶ୍ ହଲାପଟା ହେଲା। ହେଲେ ତା'ର ପ୍ରକୃତି ବଦଳିଲା ନାହିଁ।

ପରେ ଅବଶ୍ୟ ଅନୁମାନ ଓ ଅନୁସନ୍ଧାନରୁ ସେ ସତ ଜାଣି ପାରିଛି ବୋଲି ତାଙ୍କର ଜଣେ ପ୍ରୀୟ ଲୋକ ଜଣାଇଲେ। ହେଲେ ତାଙ୍କୁ ଦୋଷ ରୋପ କରିବା କ'ଣ ଏତେ ସହଜ ? ଲୋକଟା କିନ୍ତୁ ସହଜ ଭାବେ ଯେମିତିକୁ ସେମିତି ରହିଗଲା। ଆଜି କେମିତି ଜାଣିଲା କେଜାଣି ? ଚାଲି ଆସିଲା ବାହାଦୂରି ଦେଖାଇବାକୁ। ସେ ଭାବିଲେ ତାଙ୍କୁ କହିବେ, ଆପଣଙ୍କୁ ମୁଁ କ'ଣ ଆସିବାକୁ ନିମନ୍ତ୍ରଣ ଦେଇଥିଲି ? କିନ୍ତୁ କହିପାରିଲେ ନାହିଁ। ନବ ବାବୁ କହିଲେ ଆପଣ ଆମ୍ବୁଲାନସ୍‌କୁ ଡାକି ନାହାଁନ୍ତି ? ଡାକିଛି। ସେମାନଙ୍କର କ'ଣ ଦାୟିତ୍ୱ ଜ୍ଞାନ ଅଛି ? ଆଉ କ'ଣ କହିବାକୁ ଯାଉଥିଲେ, ନବ ବାବୁଙ୍କ କଥାରେ ସେ ଅଟକି ଗଲେ। ସେ କହିଲେ ତେବେ ଆଣନ୍ତୁ ମୋ ଗାଡ଼ିରେ ହସ୍‌ପିଟାଲ ନେଇ ଯିବା। ବିଳମ୍ବ କରିବା ଆଦୌ ଠିକ୍ ହେବ ନାହିଁ। ଏତକ ଶୁଣି ଶ୍ୟାମବାବୁ କେମିତି ଏକ ଅସହ୍ୟ ଅସହାୟ ଦୃଷ୍ଟିରେ ନବବାବୁଙ୍କ ମୁହଁକୁ ଚାହିଁଲେ। କାରଣ ଲଳୀତାଙ୍କର ଯନ୍ତ୍ରଣା ଜର୍ଜରିତ ଦେହଟା ଏବେ ଚେତା ଶୂନ୍ୟ ହୋଇଗଲାଣି। ତାଙ୍କୁ ସେ ଏକା ଗାଡ଼ି ଭିତରକୁ ନେବେ କେମିତି ?

ଅବସ୍ଥା ଅନୁମାନ କରି ନବବାବୁ କହିଲେ, ଆପଣଙ୍କର ମିସେସ୍ ହଠାତ୍ ବଗିଚାରେ ପଡ଼ିଯିବା ଏବଂ ଆପଣ ଏକା ତାଙ୍କୁ ଘରକୁ ଆଣିବା ଘଟଣା ମୋର ମିସେସ୍ ଛାତରୁ ଦେଖିଲେ। ସେ ମୋତେ ବାଧ କରି ପଠେଇଲେ। ମୁଁ ତାଙ୍କୁ ଡାକୁଛି। ସମସ୍ତେ ମିଶି ହସ୍‌ପିଟାଲ ନେଇଯିବା। ମୋତେ ଡାକିବା ପାଇଁ ଯିବା ଦରକାର ନାହିଁ। ମୁଁ ଆସିଲିଣି। ବାହାରୁ କହିଲେ ନବବାବୁଙ୍କର ମିସେସ୍ ନର୍ମ୍ରତା ଦେବୀ। ସମସ୍ତେ ମିଶି ତାଙ୍କୁ ଗାଡ଼ି ଭିତରକୁ ନେଇଗଲେ। ହସ୍‌ପିଟାଲରେ ପହଞ୍ଚିବା ପରେ ଡାକ୍ତର ତତ୍‌ପର ହୋଇ ଉଠିଲେ। ହେଲେ ଲଳିତା ଦେବୀଙ୍କର ଚେତା ଫେରାଇବାର ସମସ୍ତ ଚେଷ୍ଟା ବିଫଳ ହେଲା। ଶେଷରେ ମୃତ ଘୋଷଣା କରି ଦୁଃଖିତ ହୋଇ ଜଣାଇଲେ ଆପଣ ଡେରି କରିଦେଲେ ଶ୍ୟାମସୁନ୍ଦର ବାବୁ। ସିଭିୟର ଷ୍ଟ୍ରୋକ, ଆଉ ଟିକେ ଆଗରୁ ପହଞ୍ଚିଥିଲେ ହୁଏତ ଏମିତି ହୋଇନଥାନ୍ତା। ଡାକ୍ତରଙ୍କର କଥା ଶୁଣି ସମସ୍ତଙ୍କର ମୁହଁରେ ଚିରାଚରିତ ଦୁଃଖ ଫୁଟି ଉଠିଲା। ଇତି ମଧ୍ୟରେ ଶ୍ୟାମ ବାବୁଙ୍କର କିଛି ଆତ୍ମୀୟ ସୋଦର ପହଞ୍ଚିଥିଲେ। ସେମାନେ ପାରମ୍ପରିକ ରିତିରେ ଅନ୍ତେଷ୍ଟି କ୍ରିୟାର ଆୟୋଜନ କଲେ।

ଅନେକ ଭାବିଲେ ଶ୍ୟାମ ବାବୁ ହୁଏତ ଭାଙ୍ଗି ପଡ଼ିବେ। ପତ୍ନୀ ବିୟୋଗ ଶୋକରେ ସନ୍ତୁଳନ ହରାଇବେ। ସେମିତି କିନ୍ତୁ ହେଲା ନାହିଁ। ସେ ପୂର୍ବ ପରି ଶାନ୍ତ ରହି କ୍ରିୟା କର୍ମ ପରିଚାଳନା କଲେ। କିନ୍ତୁ ନିଜ ଭିତରେ ଅଶାନ୍ତିର ଯାତାୟତକୁ ଅଟକାଇ ପାରିଲେ ନାହିଁ। ଅନେକ ଭାବନା ତାଙ୍କୁ ବିଚଳିତ କଲା। ସେଥିରେ ଲଳୀତାଙ୍କ ଆବର୍ତ୍ତମାନ ତାଙ୍କୁ ଦୂର ଅତୀତକୁ ନେଇଗଲା। ସେ ବୋହୁ ହୋଇ ଆସିବା ପରେ ଖୁବ୍ ଶିଘ୍ର ପରିବାରର ଆଦରଣୀୟା ହୋଇଗଲେ। ଘରର ବଡ଼ ବୋହୁ ଭାବେ ସେ ମଧ୍ୟ ନିଜ କର୍ତ୍ତବ୍ୟରେ ହେଳା କଲେ ନାହିଁ। ଶାନ୍ତ ସରଳ ସ୍ୱଭାବର ଅଧୀକାରିଣୀ ଯୋଗୁ ସେ ତାଙ୍କ ମନକୁ ମଧ୍ୟ ଅଧୀକାର କରିନେଲେ। ଅପରୂପା ନହେଲେ ମଧ୍ୟ ରୂପର ଲାଳିତ୍ୟ ଆଦୌ କମ ନଥିଲା। ଆପଣା ପଣର ଅପରିସୀମ ପରିତୃପ୍ତି ଭିତରେ ବୈବାହିକ ଜୀବନର ଦୁଇବର୍ଷ ପରେ ତାଙ୍କ କୋଳକୁ ଝିଅଟିଏ ଆସିଲା। ପୁଅ ନହେବାରୁ ପ୍ରୀୟ ପରିଜନଙ୍କର ମନ ଫିକା ପଡ଼ିଗଲା। ଗମରା ଅଥବା ପଚା ଫଳଟିଏ ମିଳିବା ପରି। ତାଙ୍କ ଭିତରକୁ ସେମିତି କିଛି ଅନାଦର ଆୟତ କଲା ନାହିଁ। କାରଣ ସେ ଝିଅମାନଙ୍କୁ ବେଶି ଶ୍ରଦ୍ଧା କରନ୍ତି। ତେଣୁ ବିମୁଖ ପରିଜନଙ୍କ ଉଦ୍ଦେଶ୍ୟରେ କହିଲେ ଆମ ଘରକୁ ଲକ୍ଷ୍ମୀ ଆସିଛି। ସତକୁ ସତ ଲକ୍ଷ୍ମୀଙ୍କର ପ୍ରସନ୍ନତା ପାଇବା ପରି ତାଙ୍କର ରୋଜଗାର ବଢ଼ିଚାଲିଲା। ଧନ ବଢ଼ିଲା ହେଲେ ଝିଅ ଲକ୍ଷ୍ମୀଙ୍କ ପରି ଚଞ୍ଚଳା ହେଲାନାହିଁ।

ଗାଁରେ ପ୍ରସବ ଜନିତ ତ୍ରୁଟି ଯୋଗୁ ସେ ସ୍ୱଭାବିକ୍ ହୋଇପାରିଲା ନାହିଁ। ନିହାତି ଅଚଳ ଭାବେ ବିଛଣାରେ ପଡ଼ି ରହିଲା। ଡାକ୍ତର କବିରାଜଙ୍କର ସବୁ ଚେଷ୍ଟା ନିଷ୍ଫଳ ହେଲା। ସେ ସେମିତି ପକ୍ଷା ଘାତରେ ଆକ୍ରାନ୍ତ ପରି ନିଶ୍ଚଳ ଭାବେ ଶୋଇ ରହିଲା। ଦେହରେ ଜୀବନ ଅଛି ବୋଲି କେବଳ ଆଖି ଦୁଇଟି ଜଣାଇ ଦେଉଥାଏ। ଏମିତି ଏକ ପିଲାକୁ ଦେଖି ସମସ୍ତେ ଦୁଃଖରେ ଏକ ଶୁଖିଲା ସମବେଦନା ଜଣାଉଥାନ୍ତି। ଲଳିତାଙ୍କର କିନ୍ତୁ ସେମିତି କିଛି ନଥାଏ। ହୁଏତ ଦୁଃଖ ତାଙ୍କ ଭିତରେ ଭିତରେ ଥାଇପାରେ। କିନ୍ତୁ ବାହାରେ ତାଙ୍କର ସେମିତି କିଛି ବ୍ୟତିକ୍ରମ ନଥାଏ। ଝିଅ ପ୍ରତି ତାଙ୍କର ଅନାବିଳ ସ୍ନେହ ଅତୁଟ ଥାଏ। ତା'ର ସେବା ଯତ୍ନରେ କେବେ ତ୍ରୁଟି କରନ୍ତି ନାହିଁ। ଏମିତିରେ ତିନିବର୍ଷ ପରେ ପୁଅ ସୌରଭ ଆସିବାରୁ ତାଙ୍କର ଭିତରର ଦୁଃଖ ହୁଏତ ଟିକେ ଲାଘବ ହେଲା। ହେଲେ ତାଙ୍କ ହାତରୁ ଝିଅର ଦାୟିତ୍ୱ ସରିଲା ନାହିଁ।

ଇତି ମଧ୍ୟରେ ଗାଁରେ ଦେଖିଲା ଭଳି ବଡ଼ ଘରଟିଏ ତୋଳା ହେଲା ଏଥିରେ ତାଙ୍କର ଅବଦାନ

ଅଧୀକା ରହିଲା। ତାଙ୍କ ତଳକୁ ଆଉ ପାଞ୍ଚ ଜଣ ଭାଇ ଥିଲେ ମଧ୍ୟ କାହାର ସେମିତି ରୋଜଗାର ନଥିଲା। ସେମାନଙ୍କ ମଧ୍ୟରୁ ସେ ଏକା ସରକାରୀ କିରାଣି ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କର ଏହି ଚାକିରି ଯେମିତି ଲେଉଟିଆ କିଆରି। ଖାତିର ଖିଆଲ ତଥା ତାଙ୍କ ତଳକୁ ଥିବା ପାଞ୍ଚ ଭାଇଙ୍କ ପ୍ରତି ଅଧୀକ ଦରଦ ଯୋଗୁ ସେ ଏମିତି ସୁଦୃଶ୍ୟ ଘରଟିଏ କଲେ ସିନା ସେଠାରେ ବେଶି ଦିନ ରହିଲେ ନାହିଁ। ସୁବିଧା ଓ ସହରୀ ଜୀବନ ପାଇଁ ବ୍ଲକ ଠାରୁ ଅଳ୍ପ ଦୂରରେ ଯାଗାଟିଏ କିଣି ଆଉ ଗୋଟିଏ ଘର ଆରମ୍ଭ କଲେ। କୋଣାର୍କ ଦେଉଳ ପରି ତାହା ଶିଘ୍ର ସରିଲା ନାହିଁ। ପ୍ରତିଦିନ ଆସୁଥିବା ପୁଞ୍ଜି ଆଧାରରେ। ନିର୍ମାଣରେ ନୂଆ ନୂଆ କାରୁକାର୍ଯ୍ୟ ଖଂଜା ଯାଉଥାଏ। ଏଥିପାଇଁ ଅବଶ୍ୟ ତାଙ୍କୁ ବେଶି କିଛି ଫନ୍ଦି ଫିକର କରିବାକୁ ପଡୁନଥାଏ। କାରଣ ଅଫିସ୍‌ରୁ ଯାହା ମିଳେ ତା ଠାରୁ ବେଶି ଆୟ ଆସେ କାହାର ବଦଳି ତଥା ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ସମାଧାନର ପ୍ରତିଶ୍ରୁତିରୁ।

ତାଙ୍କ ଜାଲ ଯଦିଓ ବଡ଼ ମାଛ ପାଇଁ ବେଶି ଉଦ୍ଦିଷ୍ଟ, ଛୋଟ କିନ୍ତୁ ଛାଡ଼ ପାଆନ୍ତି ନାହିଁ। ସମସ୍ତଙ୍କ ପ୍ରତି ତାଙ୍କର ନଜର ସଜାଗ ଥାଏ। ସହଯେ ସେ ଶାନ୍ତ ସ୍ୱଭାବର। ତେଣୁ ସେ କାହାକୁ ଟାଣ କରି କହନ୍ତି ନାହିଁ। କିମ୍ବା କାମ କରିଦେବାକୁ ମନା କରନ୍ତି ନାହିଁ। ଧୀର ସ୍ଥିର ଭାବେ ଯେମିତି ଆଖି ମିଟି ମିଟି କରନ୍ତି ତାହା କେବଳ ଚେତୁଆ ଦେଖିଲେ ଚେତି ପାରେ। କିନ୍ତୁ ମୁହଁରେ ଯେମିତି କାହାର କିଛି କହିବାର ଯୁ ନଥାଏ। ଉପରିସ୍ଥଙ୍କ ଠାରୁ ପଦସ୍ଥ ନେତାଙ୍କ ଯାଏ ସମସ୍ତେ ତାଙ୍କ ହାତ ମୁଠାରେ ସଂଗ୍ରକ୍ଷିତ। ସେହି କାଇଦା ପାଇଁ ସେ ବେଶ୍ ବୁଦ୍ଧିଆ। ଗଧିଆ ପରି ମୁଣ୍ଡରେ ସାମାନ୍ୟ ବୁଦ୍ଧି ଆଉ ଧାଡ଼ିଏ ଲେଖିବାର କରାମତି ନଥିବା ଜଣେ ଲିପିକ ଯେତେବେଳେ ଏଇ ଅଫିସ୍‌ରୁ ଉପୁରି ନେଇ ଅବସର ପରେ ରାଜ ନଗରରୁ ରାଜଧାନୀରେ କୋଠାବାଡ଼ିର ମାଲିକ, ସେଇଠି ସେ କାହିଁକି ପଛେଇବେ ? ସେ କ'ଣ ଏତେ ଅପାରଗ ? ଇଂରାଜୀ ଅନର୍ସରେ ଅଣସଠି ଶତକଡ଼ା ନମ୍ବର ପାଇ ସେ ପାସ୍ କରିଛନ୍ତି। ସେଥିପାଇଁ ପ୍ରମୋସନ ପାଇ ଏଇନେ ବି. ଇ. ଓ. ଅଫିସ୍‌ରେ ବଡ଼ବାବୁ।

ତାଙ୍କ କଥାକୁ ତଳିଆ କେହି ଅନ୍ୟଥା କରିବା ସହଜ ନୁହେଁ। ଥରେ ଅଫିସ୍‌ରେ ଜଣେ କନିଷ୍ଠ ଡାଟା ଅପରେଟର ତାଙ୍କ କଥାରେ ରହିଲା ନାହିଁ। ବେଶି ଟିକେ ହେଙ୍କଡ଼ାମି କଲା। ତାକୁ ଏମିତି ଫାନ୍ଦରେ ପକେଇଦେଲେ ଯେଉଁଠି ସେ ବସି ବସି ଅଖା ଧୋଇଲାଗୁଣ ଗାଇଲା। କ୍ରାଇମ୍ ବ୍ରାଞ୍ଚ ହାତରେ ପଡ଼ି ଚାରି ମାସ ଜେଲରେ ରହିଲା। କେତେକ ଅବଶ୍ୟ ତାଙ୍କର ଏହି କୌଶଳର ସୂଚନା ପାଇଥିଲେ। କିନ୍ତୁ ତାଙ୍କୁ ଦୋଷୀ ରୋପ କରି ତାଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇବାକୁ ସାହାସ କରିନାହାଁନ୍ତି। ବରଂ ତାଙ୍କ ପଡିଆରାକୁ ତାରିଫ୍ କରି କେତେ କ'ଣ ବଖାଣିଛନ୍ତି।

ଏମିତି ଜଣେ ତୋସାମଦ କାରି ପ୍ରୀୟଜନ ତାଙ୍କୁ କହିଲେ ଆପଣଙ୍କର ଘର ତ ପ୍ରାୟ ସରିଗଲାଣି। ତୁଚ୍ଛାରେ ଭଡ଼ାଘରେ ରହି କାହିଁକି ଟଙ୍କା ସାରୁଛନ୍ତି ? ତାହା ଶୁଣି ସେ ନିରୁତ୍ତର ରହିଲେ। ଏମିତି ଅନେକ କଥା ତାଙ୍କ ପାଖରୁ ଝରାପତ୍ର ପରି ଉଡ଼ିଯାଏ। କିନ୍ତୁ ଏହି କଥା ସେମିତି ଅଗ୍ରାହ୍ୟ ହେଲା ନାହିଁ। ଯଥା ଶିଘ୍ର ଘର ପ୍ରତିଷ୍ଠା କରି ସପରିବାର ସେଠାରେ ରହିଲେ। ସୁରୁଖୁରୁରେ ଉପର ମହଲାର କାମ ମଧ୍ୟ ଚାଲିଲା। ଏଥର ତାଙ୍କୁ ଅନେକ ସୁବିଧା ମିଳିଲା। ଲଳିତାଙ୍କର ଦୁଃଖ ଘୁଞ୍ଚିଲା ନାହିଁ। ନିଶ୍ଚଳ ଝିଅଟିକୁ ଟେକାରଖା କରିବା କିମ୍ବା ଗାଧେଇ ଦେବା, ଖୁଆଇବା ଆଉ ପୋଷାକ ବଦଳାଇବା ପରି କାମରେ ସେ ସବୁବେଳେ ବ୍ୟସ୍ତ ରହୁଥାନ୍ତି। କ୍ରମେ ଏସବୁ ତାଙ୍କର ଦେହସୁହା ହୋଇଗଲା। ଦିନେ ସେ ପତ୍ନୀଙ୍କୁ ପ୍ରସ୍ତାପ ଦେଲେ, ମୁଁ ଜଣେ ସାର୍‌ଙ୍କୁ ରାଜି କରାଇଛି। ତାଙ୍କ ଝିଅ ଆମ ଘରେ ରହି ଏହି କଲେଜରେ ପଢ଼ିବ। ଏଠାରେ ରହିଲେ ତମକୁ କାମରେ ସାହାଯ୍ୟ କରିବ। ପୁଅ ତ ବାହାରେ ରହି ପଢ଼ିଲା। ଘରର ପିଲା ଗାଁରୁ ଆସି କେହି ଏଠାରେ ରହିବାକୁ ରାଜି ନୁହଁନ୍ତି। ତେଣୁ ମୁଁ ଭାବୁଛି ସେହି ଇସିତା ଆସି ରହିଲେ ଭଲ ହେବ। ପ୍ରତିବାଦ କଲେ ନାହିଁ ଲଳୀତା। ଇସିତା ଆସି ରହିବାରୁ ଲଳୀତା ତାକୁ ନିଜ ଝିଅ ପରି ସ୍ନେହ ଦେବାରେ ଊଣା କଲେ ନାହିଁ।

ତାଙ୍କ ବାତ୍ସଲ୍ୟ ଋହାଣିକୁ ସେ ଓଲଟାଇ ଦେଲା। (ଝିଅଟି ସିନା ଗୋଟେ ଋଉଳରେ ଗଢ଼ା, ଆଚାର ବ୍ୟବହାର ଅବଗୁଣରେ ଭରପୁର। କାମରେ ସାହାଯ୍ୟ ତ ଦୂରର କଥା, ବରଂ ବେଶି କାମ ଲଗାଇଲା। ଗୁଣ୍ଡା ବଦଳେ ଭେଣ୍ଡାଏ ମାତିବା ପରି ସେ ତା'ର ସାଙ୍ଗସାଥିଙ୍କୁ ଆଣି ଅନେକ ଉପଦ୍ରବ କଲା। ସେ ଯେମିତି ଘରର ମାଲିକିଆଣି, ଆଉ ଲଳୀତା ତା'ର ସେବା ଦାସୀ। ତା'ର ଏମିତି ଲଗାମ' ଛଡ଼ା ରିତିକୁ ସହିପାରିଲେ ନାହିଁ ଲଳିତା। ରାଗ ଜର ଜର ହୋଇ ଘରୁ ବାହାରି ଯିବାକୁ କହିଲେ। ପତ୍ନୀଙ୍କ କଥାରେ ତାଙ୍କ ମନଟା ଫିକା ହୋଇଗଲା ତାଙ୍କର ପରିକଳ୍ପନା ଯେମିତି ଏକ ଅଦିନ ଝଡ଼ରେ ଝଡ଼ିଗଲା। ସେ ଭାବିଥିଲେ ଇପସିତ ସୁଖ ପାଇଁ ବାହାରକୁ ବେଶି ଯିବାକୁ ହେବନାହିଁ। ନିଜ ଘରେ ସହଜରେ ନିଜର ଓରିମାନା ହାସଲ କରିହେବ। ଲଳୀତା କ'ଣ ତାଙ୍କର ମତଲବ ଜାଣିଥିଲେ ? କିନ୍ତୁ ତାଙ୍କୁ ଲାଗେ ସେ ନିହାତି ଗୋଟିଏ ହୁଣ୍ଡିଟାଏ। ତାଙ୍କର ନିଛକ ନିର୍ଲିପ୍ତ ଭାବ ପାଇଁ ସେ ତାଙ୍କୁ ବାଲୁରି ବୋଲି ଡାକନ୍ତି। ଏଥିରେ ତାଙ୍କର ଶ୍ରଦ୍ଧା ଜଡ଼ିତ ଅଛି ବୋଲି ଭାବି ସେ ପ୍ରତିବାଦ କରି ନାହାଁନ୍ତି। ପ୍ରକୃତରେ କିନ୍ତୁ ସେ ତାଙ୍କୁ ଭଲପାଆନ୍ତି। ସୁଖରେ ରଖିବା ପାଇଁ ଅବହେଳା କରନ୍ତି ନାହିଁ କିନ୍ତୁ ଝିଅଟା ତାଙ୍କ ବଳରେ ଅଧିକ ଆଗେଇଗଲା। ବିଭ୍ରାଟର ଫାଟ ଯୋଡ଼ିବାକୁ ଅଧିକା ଆଗେଇଗଲା। ବିଭ୍ରାଟର ଫାଟ ଯୋଡ଼ିବାକୁ ସେ ପ୍ୟାଚ ପକେଇବାକୁ ଋହିଁଲେ। କିନ୍ତୁ ପାରିଲେ ନାହିଁ। ଅଗତ୍ୟା ଝିଅଟିକୁ ବାହାରି ଯିବାକୁ ହେଲା।

ନିଜର ସ୍ୱାର୍ଥ ବ୍ୟାହତ ଜନିତ କ୍ରୋଧକୁ ସେ ଅଟକାଇ ପାରିଲେ ନାହିଁ। ରାଗ ଜର ଜର ହୋଇ କହିଲେ, ପ୍ରୀୟତା ଦୃଷ୍ଟିରୁ କେହି ରହିଲେ ତମର ଯଦି ଏତେ ଅସୁବିଧା ହେଉଛି ତେବେ ତମେ ବାପ ଘରେ ଯାଇ ରୁହ। କଥାଟା ତିକ୍ଷ୍ଣଶର ପରି ଲଳୀତାଙ୍କ ସ୍ୱାଭିମାନକୁ ଭେଦିଗଲା। ସେ ନୀରବ ରହିଲେ ସତ, କିନ୍ତୁ ଭାବ ଭଙ୍ଗିକୁ ସ୍ୱଭାବିକ ରଖି ପାରିଲେ ନାହିଁ। ତାଙ୍କର ଅସହିଷ୍ଣୁ ଯନ୍ତ୍ରଣା କିଛି ଦିନ ପାଇଁ ଅବ୍ୟାହତ ରହିଲା। କିନ୍ତୁ ସେହି ଦିନରୁ ସେ ଆଉ କୌଣସି ପ୍ରତିବାଦ କରି ନାହାଁନ୍ତି। ପରେ ପରେ ଯେଉଁ ଝିଅକୁ ଆଣି ଘରେ ରଖିଲେ ସେ ସେମିତି କିଛି ପ୍ରତିକ୍ରିୟା ପ୍ରକାଶ କରିନାହାଁନ୍ତି। ଲଳୀତାଙ୍କର ଏମିତି ବ୍ୟତିକ୍ରମ ଜାଣି ମଧ୍ୟ ସେ ନିଜ ଲକ୍ଷ୍ୟରୁ କେବେ ଓହରି ଯାଇନାହାଁନ୍ତି।

ଆଗନ୍ତୁକମାନେ ଲଳୀତାଙ୍କୁ ନିଜର ଅପଙ୍ଗ ଝିଅଟି ପାଇଁ ସମବେଦନା ଜଣାନ୍ତି। ଉତ୍ତରରେ ଲଳୀତା କହନ୍ତି, ଏଇ ଝିଅ ଆଗରୁ ମୋତେ ଯଦି ଭଗବାନ ନେଇଯାଆନ୍ତେ ତେବେ ଭଲ ହୁଅନ୍ତା। ମୋ ପରେ କିଏ ତାକୁ ଦେଖିବ ? କିଏ ତା'ର ସେବା ଜତ୍ନ କରିବ ? ତାହା କିନ୍ତୁ ହେଲାନାହିଁ। ଅଧୀକ ଥଣ୍ଡା ଜନିତ ରୋଗରେ ଆକ୍ରାନ୍ତ ହୋଇ ଏକ ଶୀତ ରାତିରେ ଝିଅଟି ସବୁଦିନ ପାଇଁ ଆଖି ବୁଜି ଦେଲା। ଦୀର୍ଘ ତିରିଶ ବର୍ଷ ଧରି ବିଛଣାରେ ପଡ଼ି ରହିଥିବା ଯନ୍ତ୍ରଣାରୁ ସେ ମୁକ୍ତି ପାଇଗଲା। ଲଳୀତା ମଧ୍ୟ ତା ଦାୟିତ୍ୱରୁ ମୁକ୍ତ ହୋଇଗଲେ କିନ୍ତୁ ଝିଅର ବିୟୋଗ ଜନିତ ଲୁହକୁ ସେ ଅଟକାଇ ପାରିଲେ ନାହିଁ। ଅନ୍ୟମାନଙ୍କ ମନକୁ ସେମିତି ଦୁଃଖ ଛୁଇଁଲା ନାହିଁ। ଲଳୀତା ଏକ ଅବ୍ୟକ୍ତ ଯନ୍ତ୍ରଣାରୁ ମୁକୁଳିବାର ମନ୍ତବ୍ୟ ଦେଇ ଅନେକ ସହାନୁଭୂତି ଝରାଇଲେ। ବାପା ଭାବରେ ତାଙ୍କୁ ମଧ୍ୟ ଦୁଃଖ ଲାଗିନଥିଲା ବୋଲି ନୁହେଁ, ଲାଗିଥିଲା। ହେଲେ ଲଳୀତାଙ୍କର ସମସ୍ୟା ସରିଛି ଭାବି ନିଜକୁ ନିଜେ ଆଶ୍ୱସ୍ତ ହୋଇଥିଲେ। ଏଇ ଝିଅଟି ପାଇଁ ସେ ଯେମିତି ସଂପୂର୍ଣ୍ଣ ବନ୍ଧା ପଡ଼ିଥିଲେ। ଏମିତି କି ବାପ ଘରକୁ ଗଲେ ଓଳିଏରୁ ବେଶି ରହିପାରୁନଥିଲେ। ଝିଅ ଚିନ୍ତା

ତାଙ୍କୁ କେଉଁଠାରେ ରଖେଇ ଦେଉ ନଥିଲା। ଝିଅଟି କିଛି କହି ପାରୁନଥିଲା। କେବଳ ବିଛଣାରେ ନିଜର ଶାରିରୀକ ବର୍ଜ୍ୟ ନିଷ୍କାସନ ପରେ ଏକ ଅସ୍ୱଭାବିକ ଚିତ୍କାର କରି ନିଜର ବିରକ୍ତ ପ୍ରକାଶ କରୁଥିଲା। ତତ୍‌କ୍ଷଣାତ୍ ଲଳୀତା ତାର ଉପଚାର କରୁଥିଲେ।

ଏତିକି ବେଳେ ସାନ ଭାଇର କଥାରେ ନିଜ ଭିତରକୁ ଫେରି ଆସିଲେ ଶ୍ୟାମ ବାବୁ। ସାନ ଭାଇଟି କହିଲା ସମସ୍ତଙ୍କର ହିସାବ ଶୁଝେଇ ଦେଲି। କେବଳ ରୋଷେଇ ବାଲା ପଚାଶ ହଜାର ପାଇବ। ବିନା ବାକ୍ୟ ବ୍ୟୟରେ ସେତକ ଦେଇ ପୁଣି ନୀରବରେ ସେ ବସି ପଡ଼ିଲେ। ଅନେକ ରାତିଯାଏ ତାଙ୍କୁ ନିଦ ହେଲା ନାହିଁ। ତାଙ୍କୁ ଭାରି ଏକା ଲାଗିଲା। ଏକାକିତ୍ୱର ପରିସରକୁ ପୁଣି ପଶି ଆସିଲେ ଲଳୀତା। ତାଙ୍କର ସେହି ହସ ହଜିଥିବା ମୁହଁଟା ତାଙ୍କୁ ଲୁହରେ ଭିଜେଇ ଦେଲା। ତାଙ୍କର ସେହି ନୀରବତାରୁ ନିକ୍ଷିପ୍ତ ତ୍ୟାଗକୁ ସେ ଅନେକ ତର୍ଜମା କଲେ। କିଛିଦିନ ପୂର୍ବରୁ ସେ ସୌରଭର ବାହାଘର ପାଇଁ କହିଲେ। ସେ ଯେଉଁଠି କହିଲେ ତାଙ୍କର ଇଚ୍ଛା ନଥିଲା। ତଥାପି ଲଳୀତାଙ୍କର ଜିଦ୍ ଜଡ଼ିତ କଥା ପାଇଁ ସେ ସମ୍ମତ ହେଲେ। ଯଥା ସମୟରେ ବାହାଘର ହେଲା।

ଯାହା ହେଉ ତାଙ୍କର ସେହି ଇଚ୍ଛାଟି ଅନ୍ତତଃ ପୂରଣ ହୋଇଛି। ଏମିତି ଭାବୁ ଭାବୁ ସେ ଶୋଇଗଲେ। ପରଦିନର ପରିବେଶ ଅଲଗା ଲାଗିଲା। ଗହଳି ଚହଳି ସରେଇ ଘରଟା ଯେମିତି ଶାନ୍ତ ହୋଇ ଯାଇଥିଲା। ଏକା ଦଶାହ କ୍ରିୟା ପାଇଁ ଆସିଥିବା ବନ୍ଧୁ ବାନ୍ଧବ ପ୍ରାୟ ଚାଲି ଗଲେଣି। ସୌରଭ ମଧ୍ୟ ବାହାରି ଗଲା। ତାହାର ଘରୋଇ ଚାକିରୀ। ତା'ର ଆଉ ଛୁଟି ନାହିଁ ବୋଲି ସେ ଆଗରୁ ଶୁଣେଇ ଥିଲା। ତେଣୁ ବୋହୂ ପିଙ୍କୁଲି ସହ ସେ ଭୁବନେଶ୍ୱର ଚାଲିଗଲା। ଶ୍ୟାମବାବୁ ଭାବିଥିଲେ ସୌରଭ ନିଶ୍ଚୟ ତାଙ୍କୁ ପଚାରିବ। ବାପା! ଆପଣ ଏବେ କେଉଁଠି ରହିବେ? ଏଠାରେ ରହିଲେ ଏକା କେମିତି ଚଳିବେ? ଗାଁରେ ରହିବା ତ ଆପଣଙ୍କ ପକ୍ଷରେ ସମ୍ଭବ ନୁହେଁ। କିନ୍ତୁ ସେ ସେମିତି କିଛି କହିଲା ନାହିଁ। ଅବଶ୍ୟ ସେ ସବୁବେଳେ ଏମିତି। ତାଙ୍କ ଆଗକୁ ଆସେ ନାହିଁ। ତା'ର ଯାହା କଥା ଏବଂ ଆବଶ୍ୟକ ସବୁ ସେ ମା ସହିତ ସେୟାର କରେ। ତେଣୁ ସେ ତାଙ୍କୁ କ'ଣ କହିଥାନ୍ତା? କିନ୍ତୁ ବୋହୂ ପିଙ୍କୁଲି କହିପାରିଥାନ୍ତା? ହଁ। ସେ କ'ଣ କହିଥାନ୍ତା? ହୁଏତ ସେ ଟିକେ ବେଶି ଭାବୁଛନ୍ତି।

ଅଡୁଆ ସୂତା ପରି ତାଙ୍କ ଭିତରେ ଗୁଡ଼େଇ ହେଉଥିବା ଏମିତି କିଛି ଚିନ୍ତାକୁ ଚେତନାରୁ ଆଡ଼େଇ ସେ ନିଜକୁ ନିଜେ ଆଗପରି ରହିବାକୁ ବୁଝେଇ ଦେଲେ। ଦିନ କେଇଟା ପରେ ସେ ଭୁବନେଶ୍ୱରରେ ପହଞ୍ଚିଲେ। ତାଙ୍କର ଚାକିରୀ ସରିବା ଏଗାର ମାସ ହେଲାଣି ଏଯାଏ ଫାଇନାଲ ପେନ୍‌ସନ୍ ହେଲା ନାହିଁ। ତେଣୁ ସେ ଅଫିସ୍‌କୁ ଗଲେ। ଦେଖିଲେ ତାଙ୍କର ସେହି ଚିହ୍ନା କର୍ମଚାରୀ ଜଣକ ନାହାଁନ୍ତି। ତାଙ୍କ ଯାଗାରେ ଆଉ ଜଣେ ନୂଆ ବାବୁ ବସିଛନ୍ତି। ତାଙ୍କୁ ଆଗରୁ କେଉଁଠି ଦେଖିଲା ଭଳି ମନେ ହେଲା। ସେ ତାହା ମନେ ପକାଇବାର ପ୍ରୟାସ ଛାଡ଼ି ନିଜର ପରିଚୟ ଦେଲେ। ଏଯାଏ ତାଙ୍କର ପେନ୍‌ସନ୍ ନହେବାର କାରଣ ଜିଜ୍ଞାସା କଲେ। ଉପସ୍ଥିତ କର୍ମଚାରୀ ତାଙ୍କ ମୁହଁକୁ ଟିକେ ଚାହିଁ ଗମ୍ଭୀର ହୋଇ କହିଲେ ମୁଁ ଆପଣଙ୍କୁ ଜାଣେ। ଆପଣ ବ୍ଲକ ଶିକ୍ଷାଧୀକାରୀଙ୍କ ଅଫିସ୍‌ରେ ବଡ଼ ବାବୁ। ଚାକିରୀ କାଳ ଭିତରେ ଆପଣ ତିନିଥର ନିଲମ୍ବିତ ହୋଇଛନ୍ତି। ଏ ସବୁ ଅଡୁଆ କ'ଣ ସହଜରେ ସରୁଛି?

ଏଥର ଶ୍ୟାମବାବୁଙ୍କର ମନେ ପଡ଼ିଗଲା। ଏହି କର୍ମଚାରୀଙ୍କର ବାପା ଜଣେ ଶିକ୍ଷକ ଥିଲେ। ତାଙ୍କର ଅବସର ଛଅମାସ ପୂର୍ବରୁ ସେ ତାଙ୍କୁ ଏକ ଦୂର ଯାଗାକୁ ବଦଳି କରାଇ ତାଙ୍କ ଯାଗାରେ ନୂଆ ଆସିଥିବା ଜଣେ ଶିକ୍ଷିକାକୁ ଅବସ୍ଥାପିତ କରିଥିଲେ। ସେହି ବୟସ୍କ ଶିକ୍ଷକ ଜଣକ ତାଙ୍କର ଅସୁବିଧା ଜଣାଇଥିଲେ। ତାଙ୍କର ଏହି ପୁଅ ମଧ୍ୟ ତାଙ୍କୁ ବିନମ୍ର ଅନୁରୋଧ କରିଥିଲେ। ହେଲେ ସେ ନିଜର ଜିଦ୍ ଓ ଲକ୍ଷ୍ୟରେ ଅଟଳ ଥିଲେ। ତାଙ୍କ କଥାକୁ ବେଶ୍ ଚତୁରତା ସହିତ ଅଗ୍ରାହ୍ୟ କରିଯାଇଥିଲେ। ତେବେ ସେ କ'ଣ ତା'ର ପ୍ରତି ବଦଳରେ ତାଙ୍କ କାମ ଅଟକାଇଛନ୍ତି? ଏମିତି ଭାବନାକୁ ପଛେଇ ସେ ଶାନ୍ତଭାବରେ କହିଲେ, ମୁଁ ଆଗରୁ ଏହାର ସମସ୍ତ ବ୍ୟବସ୍ଥା କରିଥିଲି। ହୁଏତ ପୂର୍ବ ଅଧୀକାରୀ କୌଣସି କାରଣରୁ ତା'ର ସମାଧାନ କରିନାହାଁନ୍ତି। ସେ ତ ଏବେ ବଦଳି ଗଲେଣି। ଆପଣ ଆମ ଅଞ୍ଚଳର। ଆପଣ ଚାହିଁଲେ ସବୁ ଠିକ୍ ହୋଇଯିବ।

ଏଇ ସବୁ କାମ ତାଙ୍କୁ ବଳେଇ ଯାଇନଥାନ୍ତା ସେ ଜାଣିଥିଲେ ତାଙ୍କ ଅଫିସ୍‌ରେ କେହି ସେମିତି ଦକ୍ଷ ନୁହଁନ୍ତି। ତେଣୁ ସେ ସବୁଦିନ ପରି ଅଫିସ୍ ଆସି କାମ କରିବେ। କିନ୍ତୁ ଅବସରର ଚାରିଦିନ ପରେ ଯେତେ ବେଳେ ଅଫିସ୍‌ରେ ପହଞ୍ଚିଲେ ଦେଖିଲେ କିଛି ସାମ୍ବାଦିକ ସେଠାରେ ଅଛନ୍ତି। ସେମାନେ ତାଙ୍କୁ ଆଉ ଅଫିସ୍ ଆସିବାର କାରଣ ସହ ଅନେକ ପ୍ରଶ୍ନ ଗୁଡ଼େଇ ତୁଡ଼େଇ ପଚାରିଲେ। ପରଦିନ ଖବରକାଗଜରେ ମଧ୍ୟ ତାଙ୍କ ବିରୁଦ୍ଧରେ ବାହାର କଲେ। ଏହା ତାଙ୍କର ସହକର୍ମୀଙ୍କ ସଲା ସୁତୁରାରେ ହୋଇଥିବାର ଜାଣି ନିଜର ସ୍ୱାଭିମାନ ସାଇତି ସେ ଆଉ ଅଫିସ୍ ଗଲେ ନାହିଁ। ଯାଇ ଥିଲେ ତାଙ୍କ କାମ କ'ଣ ଅଟକିଥାନ୍ତା? ତେବେ ସେ କଥା ଭାବି ଲାଭ କ'ଣ? ହୋଇ ନାହିଁ ଯେତେ ବେଳେ ଏଇନେ ଯେମିତି ହେଉ କରିବାକୁ ହେବ। ତେଣୁ ସେ ନିଜର କଣ୍ଠସ୍ୱର ଆହୁରି ନରମ କରି ନମ୍ରଭାବେ ନିଜର କାମ ପାଇଁ ଅନୁରୋଧ କଲେ।

ତା'ପରେ ସେ ପୁଅ ବୋହୂ ରହୁଥିବା ଘରକୁ ଫେରି ଆସିଲେ। ଦେହଟା ଆଗରୁ ଭଲ ନଥିଲା। ସହରି ପରିବେଷ ପ୍ରଭାବରେ ମୁଣ୍ଡଟା ବେଶି ବେଶି ବିନ୍ଧିଲା। ତାଙ୍କୁ ଔଷଧ ଖାଇବାକୁ ଭଲ ଲାଗେ ନାହିଁ। ତଥାପି ସେ ନିଜ ଦେହ ପ୍ରତି ଯତ୍ନଶିଳ। ଖାଦ୍ୟପେୟରେ ଯଥା ସମ୍ଭବ ସଂଯମତା ରଖନ୍ତି। ସେଥିପାଇଁ ସମ୍ଭବତଃ ସେହି କାରଣରୁ ଅବସର ବୟସ ତାଙ୍କ ଦେହରେ ସେମିତି ଛାପ ପକେଇ ପାରିନି। ସେଥିପାଇଁ ମିଠା ଆକ୍ଷେପର ଆପଣା ପଣ ମିଶେଇ ତାଙ୍କର ଜଣେ ସହଯୋଗୀ କହିଥିଲେ, ଆପଣ କେବେ ବୁଢ଼ା ହେବେନାହିଁ। ଯଥାର୍ଥରେ ଆପଣ ଶ୍ୟାମ ସୁନ୍ଦର। ହେଲେ ଏଇ ଥଣ୍ଡା ଜନିତ ଯାତନାକୁ ସେ ସହଜରେ ଘୁଞ୍ଚେଇ ପାରନ୍ତି ନାହିଁ। ଭାବିଲେ ଟିକେ ମୁଣ୍ଡଟା ଚିପି ଦେବାକୁ ବୋହୂ ପିଙ୍କୁଲିକୁ ଡାକିବେ। କିନ୍ତୁ ଡାକିଲେ ନାହିଁ। ଆଗରୁ ତାଙ୍କୁ କହିବାକୁ ପଡ଼େ ନାହିଁ। ଅଫିସ୍‌ରୁ ଫେରିବା ମାତ୍ରେ ସେ ଆସି ସେଠାରେ ଲାଗିଯାଏ। ମୁଣ୍ଡରୁ ଗୋଡ଼ ଯାଏ ଘସା ମୋଡ଼ା କରେ। ବାରଣ କଲେ ବି ମାନେ ନାହିଁ। ଏବେ ଅବଶ୍ୟ ସେ ବେଳ ନାହିଁ। କିନ୍ତୁ ତାଙ୍କ ଭିତରୁତ ସେ ସବୁ ଉଭେଇ ଯାଇନି। ଏମିତି ଭାବି ସେ ନିଜର ବ୍ୟଥାକୁ ସହିନେଲେ।

ପରଦିନ ସେ ଆଉ ବାହାରକୁ ଗଲେ ନାହିଁ। ଏଥିପାଇଁ ତାଙ୍କୁ ନିଜର ଶରୀରର ସହଯୋଗ ମିଳିଲାନାହିଁ। ଶରୀରର ଦୁର୍ବଳତା ମନକୁ ମଧ୍ୟ ମଉଳେଇ ଦେଲା। ହାତ ଧୁଆ ବେସିନ୍ ପାଖରେ ଠିଆ ହୋଇ ଖୁଁ ଖୁଁ ହେବାକୁ ଲାଗିଲେ। ତାହା ଦେଖି ପିଙ୍କୁଲି ମୁହଁ ବିକୃତ କରି ରୁକ୍ଷ ସ୍ୱରରେ କହିଲା, "ଇସ୍ କି ଅଜବ ଲୋକ କେଜାଣି? ମଣିଷକୁ ବାନ୍ତି ହୋଇଯିବ। ବାହାରକୁ ଯାଇ କଫ ଗୁଡ଼ାକ ଫିଙ୍ଗିଲେ ହୁଅନ୍ତା ନାହିଁ?" ତା'ର ଏଇ କଥାରେ ତାଙ୍କ ଭିତରେ ଯେମିତି ନିଆଁ ଲାଗିଗଲା। ତଥାପି ସେ ନିରୁତ୍ତର ରହି ଧୀରେ ଧୀରେ ବାହାରକୁ ଆସିଲେ। ବାହାରେ ଅବଶ୍ୟ ବେଶି ଯାଗା ନାହିଁ। ଘରର ସୀମା ସଂରକ୍ଷିତ ପାଇଁ ସେ ପାଚେରିଟିଏ ବୁଲାଇ ଦେଇଥିଲେ। ଅବସର ଆଗରୁ ଏଇଟିକୁ ସେ ପୁଅ ସୌରଭ ନାମରେ କିଣି ଘର କରାଇଦେଇଥିଲେ। ଏବେ ସେଇଠି ବୋଉର ବହପ ଦେଖି ତାଙ୍କୁ ହସ ଲାଗିଲା। ହେଲେ ସେ ହସ ବାହାରକୁ ବାହାରି ପାରିଲା ନାହିଁ।

ଏଇ ପିଙ୍କୁଲିର ସୁନ୍ଦର ଚେହେରା ଦିନେ ତାଙ୍କ ମନକୁ ମୋହିତ କରିଥିଲା। କୌଶଳରେ ସଂପର୍କୀୟର

ଆଲେଖ୍ୟ ଯୋଡ଼ି ସେ ତାକୁ ଆଣି ଘରେ ରଖିଲେ। ତା'ର ପାରିବାରିକ ଅବସ୍ଥା ସେତେଟା ସ୍ୱଚ୍ଛଳ ନଥିଲା। ସେଥିପାଇଁ ସେ ସହଜରେ ତାଙ୍କ ଘରେ ଆସି ରହିଗଲା। ସୁଖର ବିନିମୟରେ ସେ ସେମିତି ଆପଣାର ହୋଇଗଲା। ଅନ୍ୟମାନଙ୍କ ଭଳି ତାକୁ ମଧ୍ୟ ସେ ଋକିରୀ ତଥା ଆହୁରି ଅନେକ କିଛି ଦେବାର ପ୍ରତିଶୃତି ପ୍ରଦାନରେ ହେଳା କରିନାହାଁନ୍ତି। ସେ କିନ୍ତୁ ତାଙ୍କୁ ଛଳିଗଲା। ତାଙ୍କ ସହ ଅଭିନୟ କରି ପୁଅ ସୌରଭକୁ ପଟେଇ ନେଲା ପରିଣତି ସ୍ୱରୂପ ସୌରଭ ସହ ତା'ର ବାହାଘର ହେଲା। ଏହାକୁ ସେ ବିରୋଧ କରିଥିଲେ କିନ୍ତୁ ପାରିଲେ ନାହିଁ। ପତ୍ନୀ ଓ ପୁଅ ଉଭୟଙ୍କ ଯିଦି ତଥା ପରିସ୍ଥିତିର ପ୍ରଭାବରେ ସେ ବାଧ୍ୟ ହୋଇ ମାନିନେଲେ।

ଏମିତି ଭାବନା ସହ ସେ ପାଚେରି କ'ଣରେ ଥିବା ଗଛ ଛାଇରେ ଯାଇ ଠିଆହେଲେ। ତାଙ୍କ ବଜାର କଲୋନିରେ ଥିବା ଘରର ପରିବେଶ ପରି ଏଠାରେ ମଧ୍ୟ ପାଚେରିକୁ ଲାଗି ପକ୍କା ରାସ୍ତାଟିଏ ଲମ୍ବିଯାଇଛି। ନିଜର କାଶ ପ୍ରେରିତ କଫ ଯାକ ସେ ପୂର୍ବର ଅଭ୍ୟାସ ବଶତଃ ସେ ପାଚେରୀ ଆର ପାଖକୁ ଫିଙ୍ଗି ଋଲିଲେ। ଅବଶ୍ୟ ରାସ୍ତାଟି ନିର୍ଜନ ଥିଲା କିନ୍ତୁ ହଠାତ୍ ଏକ ଗୁରୁ ଗମ୍ଭିର ଶ୍ୱର ଶୁଣି ସେ ମୁହଁ ଉଠାଇ ଋହିଁଲେ। ଦେଖିଲେ କିଛି ଦୂରରେ ସମ୍ଭ୍ରାନ୍ତ ଠାଣିରେ ଦଣ୍ଡାୟମାନ ଜଣେ ଦୀର୍ଘକାୟ ବ୍ୟକ୍ତି। ଡାହାଣ ହାତରେ ଧରିଛନ୍ତି ବାଘ ପରି ଏକ ବିଦେଶୀ କୁକୁର ଏବଂ ବାମ ହାତରେ ଏକ ବାଡ଼ି। ଆଖି ଦେଖାଇ ସେ ଶ୍ୟାମ ସୁନ୍ଦରଙ୍କ ଉଦ୍ଦେଶ୍ୟରେ କହିଲେ, ତମର କ'ଣ ସାଧାରଣ ଜ୍ଞାନ ନାହିଁ? ସର୍ବ ସାଧାରଣ ରାସ୍ତାକୁ ଏମିତି ଅସନା କରୁଛ? ଅସଭ୍ୟ କେଉଁଠିକାର। ତାଙ୍କ କଥାରେ ପ୍ରତିବାଦ କରି ପାରିଲେ ନାହିଁ ଶ୍ୟାମ ବାବୁ। ଅହେତୁକ ଅପମାନ ଜନିତ ଲାଜରେ ସେ ଝାଉଁଳି ଯାଇ କହିଲେ ମୁଁ ସଫା କରାଇ ଦେବି। ଲୋକ ଜଣକ ଆହୁରି କେତେ କ'ଣ କହି ଋଲିଗଲା ଶ୍ୟାମବାବୁ ଭାବିଲେ ନିଜ ଅଞ୍ଚଳର ହୋଇଥିଲେ ସେ ଆଜ୍ଞ ନିଜର ପାରିଲା ପଣର ପରାକାଷ୍ଠା ଦେଖାଇ ଦେଇଥାନ୍ତେ। ହେଲେ ଏଠାକାର କଥା ନିଆରା। ଗାଁରେ ତାକୁ ଜଣେ ମୁହଁ ମୋଡ଼ି ଏମିତି ଠୋକର ଦେଇଥିଲା ସେ ତାକୁ ମୁହଁରେ କିଛି କହି ନଥିଲେ। ସୁଯୋଗ ଦେଖି ବିଜୁଳି କର୍ମଋରୀଙ୍କୁ କହି ତାଙ୍କ ଘରକୁ ପଠେଇ ଦେଲେ। ସେମାନେ ଘରେ ପଶି ଏଣୁ ତେଣୁ ବିଜୁଳି ଉପକରଣର ହିସାବ ଯୋଡ଼ି ଅଠାନବେ ହଜାର ପକାଇଲେ। ବିଚରାର ବହପ ଛାଡ଼ିଗଲା।

କଥାଟା ଶୁଣି ସେ କହିଥିଲେ, ଦାସ ବାବୁ ନିହାତି ଅପାରଗ। ଦେଖୁନ ମୋ ଘରକୁ ଦୁଇଟା ତାର ଆସିଛି। ଗୋଟିଏ ମିଟରରେ ଲାଗିଛି। ଅନ୍ୟଟିରେ ଘରର ସବୁକିଛି ମାଗଣାରେ ଋଲିଛି କେହି କିଛି କରିପାରୁଛନ୍ତି? ଛାଡ଼! ସେଇଟା ସେଠାକାର କଥା। ମନକୁ ମନ ଏତକ କହି ସେ ଗଛ ଛାଇରେ ବସି ପଡ଼ିଲେ। ଦେଖିଲେ ପୁଅ ପଛେ ପଛେ ବୋହୂ କୁଆଡ଼େ ବାହାରିଗଲା। ସମ୍ଭବତଃ କେଉଁ ମନ୍ଦିରକୁ ଯାଉଥିବେ। ତେଣୁ ସେ ଭିତରକୁ ନଯାଇ ସେଇଠାରେ ବସିରହିଲେ। ଅନେକ ସମୟ ଯାଏ ସେମାନେ ନଆସିବାରୁ ସେଠାରୁ ସେ ଉଠି ଆସିଲେ। ଦେଖିଲେ କବାଟରେ ତାଲା ପଡ଼ିଛି। ଏଥିରେ ସେ ଯେତିକି ଆଶ୍ଚର୍ଯ୍ୟ ହେଲେ ତହିଁରୁ ବେଶି ଆଘାତ ପାଇଲେ। ଏକ ଅବାଞ୍ଛିତ ଦୁଃଖରେ ସେ ବାରଣ୍ଡାରେ ବସି ପଡ଼ିଲେ। ଭାବିଲେ ଏମିତି କ'ଣ ହୁଏ? ବୋଧହୁଏ ଭୁଲ୍‌ରେ ଏମିତି କରିଛନ୍ତି। ବରଂ ଏଠାରୁ ଋଲିଯିବା ଭଲ। ହେଲେ କେମିତି? ତାଙ୍କର ପ୍ୟାଣ୍ଟ ସାଟ୍ ତ ବ୍ୟାଗ ଭିତରେ ରହିଛି। ପାଖରେ ପଇସାଟିଏ ନାହିଁ। ମୋବାଇଲ୍‌ଟା ହେଲେ ଥାନ୍ତା। ସେ ନିରୁପାୟ ହୋଇ ଏଣେତେଣେ ଋହିଁଲେ। ଅପେକ୍ଷା ଜନିତ ଅସନ୍ତୋଷରେ ଭାରାକ୍ରାନ୍ତ ହୋଇ ସେ ସେଇ ଚଟାଣରେ ଶୋଇଗଲେ।

ଅନେକ ସମୟ ପରେ କାହାର ଉପସ୍ଥିତି ଅନୁଭବି ସେ ଆଖି ଖୋଲିଲେ। ପୁଅ ବୋହୂ ବଦଳରେ ପୁଅର ଶାଳକକୁ ଦେଖିଲେ। ସେ ଚକିତ ଦୃଷ୍ଟିରେ ତାଙ୍କ ଆଡ଼କୁ ଋହିଁଛି। ସମ୍ଭବତଃ ଏମିତି ଶୋଚନୀୟର କୌଣସି ବିଶ୍ୱାସ ଯୋଗ୍ୟ କାରଣ ପାଉନାହିଁ। ନୀରବତା ଭାଙ୍ଗି ସେ କହିଲେ ଆପଣ କ'ଣ ଏଠାରେ ଏମିତି...। ବିରକ୍ତ ସ୍ୱରରେ ଶ୍ୟାମବାବୁ କହିଲେ, ସେମାନେ କାହାଁନ୍ତି? ତାଙ୍କ କଥାର ଅର୍ଥ ବବ୍‌ଲୁ ପାଇଁ ଅବୁଝା ହେଲା ନାହିଁ। ଉତ୍ତରରେ ସେ କହିଲା, ସେମାନେ ପରା ସକାଳୁ ଗଲେଣି। ଗୋଆ ବୁଲିବାକୁ ଯାଇଛନ୍ତି। ଆଠଦିନ ପରେ ଫେରିବେ। ମୋତେ ଘର ଯଗିବାର ଦାୟିତ୍ୱ ଦେଇଛନ୍ତି। ଏତକ କହି ସେ ଡୁପ୍ଲିକେଟ୍ ଋବିରେ ଘର ଖୋଲିଲା। ଶ୍ୟାମବାବୁ ଭାବିଲେ ସେ ନିଜ ଘରକୁ ଫେରିଯିବେ। ସେହି ଘର ତାଙ୍କ ପାଇଁ ଭଲ। ଭଲ କ'ଣ? ସେହି ଯାଗାଟିକୁ କିଣିବା ବେଳେ ସେ ପତ୍ନୀଙ୍କ ନାଁରେ କିଣିଥିଲେ। କାରଣ ଭବିଷ୍ୟତରେ ଭାଇମାନେ ଏଥିରେ ଅଧିକାର ସାବ୍ୟସ୍ତ କରିପାରିବେ ନାହିଁ। କିନ୍ତୁ ପୁଅର ବାହାଘର ପରେ ଶ୍ରଦ୍ଧାରେ ଲଳୀତା ତାକୁ ବୋହୂ ନାଁରେ କରି ଦେଇଛନ୍ତି। ଆଉ ଅଧିକ କିଛି ଭାବି ପାରିଲେନି ଶ୍ୟାମ ବାବୁ ଏକ ଅକଳ୍ପନୀୟ ବିସ୍ମୟରେ ବଶି ଭୁତ ହୋଇ ସେ ଶୂନ୍ୟକୁ ଋହିଁ ରହିଲେ।

# ବାପା

## ଶୈବାଳିନୀ ସାହୁ

ଜ୍ଞାନ ଦୌଡ଼ୁଥିଲା ଧଇଁ ସଇଁ ହୋଇ ଖୁବ୍ ଜୋରରେ। ସତେ ଯେମିତି ବୁଲା କୁକୁରଙ୍କ ଭିଡ ତା' ପଛରେ । ତା' ପାଟିରୁ ଲାଳ ବୋହି ପଡୁଥିଲା ଠପ୍ ଠପ୍ ।ମୁହଁରୁ ଝାଳ ବାହାରି ଲାଗୁଥିଲା ଯେମିତି ଧାନ ଉଷୁଆଁ ହାଣ୍ଡିରେ ଧାନ ସିଝୁଥିଲା ବେଳେ ନିଆଁ ରଡରେ ହାଣ୍ଡିରୁ ପାଣି ବୋହୁଛି ସଁ ସଁ କରି । ଅଭିଜ୍ଞାନ ଅଟୋଟି ପଛରେ ଏମିତି ଦୌଡୁଥିଲା ପଡିଗଲେ ହାତ ଗୋଡ ଭାଙ୍ଗି ଏକାକାର ହୋଇଯିବାର ଭୟ । ଅଟୋ ଡ୍ରାଇଭରଟି ଏକ୍ସଲେଟରଟା ଆଉ ଟିକେ ଜୋରରେ ବୋଧେ ଦବାଇ ଦେଇଥିଲା । ଅଭିଜ୍ଞାନର ପାଦର ତୀବ୍ରତା ଆଉ ଟିକେ ଜୋରରେ ବଢ଼ିଗଲା । ଗାଡ଼ି ଆହୁରି ଟିକେ ସ୍ପିଡ ହେଲା। ଅଭିଜ୍ଞାନର ଫାଳେ ଚପଲ ଦଉଡୁ ଦଉଡୁ ବୋଧେ ଛିଡ଼ିଗଲା । ହାବୁକା ପବନ ବୋହିଆସି ଥମିଯିବା ପରି ସେ ଛିଡ଼ା ହୋଇ କିଛି ସମୟ ଆଗକୁ ଚାହିଁଲା । ତା'ର ଆଖି ଦୁଇଟି ବିସ୍ଫାରିତ ହୋଇ ଯାଉଥିଲା । ଦେହରୁ ବଳ ସରି ସରି ଆସୁଥିଲା । ସମସ୍ତ ଆଶା ଭରସା ମରୀଚିକା ଭଳି କ୍ଷୀଣ ହୋଇ ଆସୁଥିଲା । ପଛରୁ ଅସ୍ପଷ୍ଟ ଶୁଣା ଯାଉଥିଲା - ମୋ ବାପାଟା ପରା, ଧନଟା ପରା, ରହିଯା ....ରହିଯା ବାବା ...ଅଭି ।

ବୁଢ଼ା ଭଦ୍ରବ୍ୟକ୍ତି ଜଣଙ୍କ ବୋଧେ ପିଲାଟିର ବାପା। ହଁ । କାରଣ ବାପାମାନେ ଏମିତି । ଧୁଡୁ ଧୁଡୁ ଚମଡ଼ା । ଦେହରେ ଘିଅ ରଙ୍ଗର ଫତୁଆ ସହିତ ଧଳା ଧୋତି ଆଉ କାନ୍ଧରେ ଖଣ୍ଡେ ଝୁଲା ବ୍ୟାଗ । କାନ୍ଧରେ ମାଟିଆ ରଙ୍ଗର ଖଣ୍ଡେ ସମ୍ବଲପୁରିଆ ଗାମୁଛା। ଆଖିରେ ମୋଟା କାଚର କଳା ଚଷମା ବେକରେ ଥିବା କାଠ ମାଳି ସହିତ ଯୋଡା ।ବୋଧେ ଚଷମା ହଜାଇବାର ଦୋଷ ଅଛି ଭଦ୍ରବ୍ୟକ୍ତିଙ୍କର ପାଦରେ ପିନ୍ଧିଥିବା ହାୱାଇ ଚପଲର ଫିତା ମନେହୁଏ ମୋଟା ସୂତାରେ ସିଲାଇ କରା ।

ତାଙ୍କ ପାଖ ଦେଇ ବିଶ୍ୱଜିତ୍ ତା ଧଳା ଫର୍ ଫର୍ କ୍ରେଟା ଗାଡ଼ିରେ ଯାଉ ଯାଉ ରାସ୍ତାର ଭିଡ ଯୋଗୁ ଆସ୍ତେ ଆସ୍ତେ ଆଗକୁ ଯାଉଥିଲା ସତ କିନ୍ତୁ ଏଭଳି ଦୃଶ୍ୟ ଦେଖିବା ଲାଗି ଆଉଟିକେ ମନ୍ଥର ଗତିରେ ଯାଉଥିଲା । ସେ ପଳାଇ ଯାଇଥିଲେ ଏଭଳି ଅଭାବ ନୀୟ ଦୃଶ୍ୟ ଦେଖି ପାରି ନ ଥାଆନ୍ତା । ତା'ରି ଆଗରେ ଦ୍ରୁତ ଗତିରେ ଦଉଡ଼ି ଯାଉଥିବା ପିଲାଟି ଏହି ଭଦ୍ରବ୍ୟକ୍ତିଙ୍କର କିଛି ହୋଇପାରେ । କିନ୍ତୁ ବିଶ୍ୱଜିତ୍ ଗାଡ଼ିର କାଚ ଖୋଲି ଦେଇ ଶୁଣି ପାରିଥିଲେ - ମୋ ବାପାଟା ପରା ...ଧନଟା ପରା ରହିଯାଆ । ଭଦ୍ର ବ୍ୟକ୍ତିଙ୍କ ଆଖିରେ ଆଖିଏ ବିକଳ ଭାବ । ଭଦ୍ରବ୍ୟକ୍ତି ମାଟିର ଛାତିରେ ଚାଲୁ ଚାଲୁ ଝୁଣ୍ଟି ପଡ଼ିଯିବାର ସମ୍ଭାବନା ବେଶୀ । ତଥାପି ବୃଦ୍ଧବ୍ୟକ୍ତିଙ୍କ ଦୃଷ୍ଟି ଶକ୍ତି ଆଗକୁ ନିବଦ୍ଧ ।ସତେ ଯେମିତି ତାଙ୍କ ପେଜୁଆ ଆଖି ଆଗରେ କୁହେଳିକା ଭଳି ଧୂଆଁ ଧୂଆଁ ଛାଇ ଛାଇ ଆଗକୁ ମାଡି ଯାଉଛି ।ଆଗରେ ପାଣି ଭର୍ତ୍ତି । ଅଥଚ ଘୁଞ୍ଚି ଯାଉଛି ଆଗକୁ ଆଗକୁ । ଆଉ ତୃଷାର୍ତ୍ତର ଶୋଷ ବଢ଼ି ଚାଲିଛି ।ସେ ଧାଉଁଛନ୍ତି ଆଗକୁ ଆଗକୁ ନିଷ୍ପାପ ଭାବରେ ।

ବିଶ୍ୱଜିତ୍ ଗାଡ଼ିଟା ଚଲେଇ ପାରିଲେନି ଜୋରରେ। ଏଭଳି ବିକଳପଣର ଦୃଶ୍ୟକୁ ଏଡେଇ ଦେଇ ଆଗକୁ ଆଗେଇ ଯିବାଟା ଉଚିତ୍ ହେବନି । କିଛି ତ ଗୋଟେ ଘଟିଛି ।ହୋଇପାରେ, ପିଲାଟି ଅଭିମାନରେ ବୃଦ୍ଧ ବ୍ୟକ୍ତିଙ୍କୁ ପରିତ୍ୟାଗ କରି ଚାଲି ଯାଉଛି । ଯଦି ବୃଦ୍ଧ ବ୍ୟକ୍ତି ତାର ବାପା ହୋଇଥାନ୍ତି ତାଙ୍କର କଣ ବା ଅବଦାନ ଥିବ ପୁଅ ପ୍ରତି । ସେ କ'ଣ ବା ଦେଇପାରିବେ ତାଙ୍କର ଏଇ ଦାରିଦ୍ର୍ୟ ବେଶଭୂଷା ଭିତରେ । କେବଳ ପୁଅ ପାଖରୁ ପାଇବାର ଆଶା ରଖିଥିବେ । ଛି । ସବୁ ବାପା ଗୁଡ଼ାକ ଏମିତି । ମନରେ ଘୃଣା ଆସୁଥିଲେ ବି ବୃଦ୍ଧ ବ୍ୟକ୍ତିଙ୍କର ଆକୁଳ ଚିତ୍କାରରେ କେଜାଣି କାହିଁକି ତାଙ୍କ ହୃଦୟଟା ଭାରି ଭାରି ହୋଇଗଲା ।

ଆଗରେ ପିଲାଟିର ଚପଲ ବୋଧେ ଛିଡି ଯାଇଛି। ସେ ଚପଲ ଫିଙ୍ଗି ଦେଇ ଖାଲି ପାଦରେ ଦୌଡ଼ୁଛି । ଛୋଟବେଳେ ଚପଲ ଛିଡ଼ିବା କିଛି ନୂଆ କଥା ନୁହେଁ । ଖେଳୁ ଖେଳୁ ,ଦୌଡ଼ୁ ଦୌଡ଼ୁ ବହୁତ୍ ଥର ଚପଲ ଛିଡେ ।ପୁଣି ନୂଆ ଚପଲ ସେତେବେଳେ ଆସେ । ଆଉ ପୁଣି ପ୍ରତି ବାପା ନାମ ଶବ୍ଦଟି ଅରଖ ନୂଆ ଭଳି ସିଲାଇ କରି ନେଇ ଆସନ୍ତି କି ନୂଆ ଚପଲଟେ ଆଣି ପୁରୁଣାଟା ସେ ବ୍ୟବହାର କରନ୍ତି ପରେ ।ସେତେବେଳେ ଚପଲର ନବୀକରଣ ଦେଖି ମନ ଆନନ୍ଦରେ ଭରିଯାଏ। ବିଶ୍ୱଜିତ୍ ଭାବିଲା, ଶୀଘ୍ର ସେ ଗାଡ଼ି ଚଳାଇ ପିଲାଟିକୁ ଅଟକାଇବା ବଡ଼ କଥା ନୁହେଁ । ଆଗ ବୃଦ୍ଧ ବ୍ୟକ୍ତିଙ୍କୁ ତା' ଗାଡ଼ିରେ ବସାଇ ତାଙ୍କ ପିଲା ପାଖରେ ପହଞ୍ଚାଇ ଦେବାଟା ବୁଦ୍ଧିମାନର କାମ ।କିନ୍ତୁ ବିଶ୍ୱଜିତଙ୍କର ବାପା ଶବ୍ଦଟି ଉପରେ ବିତୃଷ୍ଣା । ସେ ସବୁଠୁ ଘୃଣା କରନ୍ତି ବାପା ଶବ୍ଦଟିକୁ। ଆଜି ସେ ଯେଉଁ ପରିସ୍ଥିତିରେ ସମ୍ମୁଖୀନ ହୋଇଛନ୍ତି ସେ ଦଦରା ନାଆ ଉପରେ ବସି ଭାସିବା ସହିତ ସମାନ ।ସେ ଆଉ ଥଳ କୂଳ ପାଉନାହାନ୍ତି । ସବୁ ପାଇଁ ଦାୟୀ ବୋଧେ ତାଙ୍କ ବାପା । ତାଙ୍କ ବାପାଙ୍କ ପାଇଁ ତା'ର ଆଜି ଏଭଳି ଅବସ୍ଥା । ଘୃଣାରେ ପ୍ରଥମେ ତାଙ୍କ ନାକଟି ଉପରକୁ ଉଠି ଯାଇଥିଲା । ଏବେ ସେ ସବୁ ବିଶ୍ଳେଷଣ କରିବାର ସମୟ ନୁହେଁ ।ମାନବିକତା ଦୃଷ୍ଟିରୁ ଆଗ ସାହାଯ୍ୟ କରିବା ପ୍ରଥମ କର୍ତ୍ତବ୍ୟ । ଷ୍ଟିୟରିଂ ଉପରେ ହାତ ରଖି ଗାଡ଼ି ଅଟକାଇଦେଲେ ବୃଦ୍ଧ ବ୍ୟକ୍ତିଙ୍କ ପାଖରେ । ନିଜର ଖରାପ ସମୟକୁ ଚିନ୍ତା କରୁଥିବାରୁ ମୁହଁରୁ ଘୃଣାରେ ଆଗେ ବାହାରି ଆସିଲା ଓଃ ସିଟ୍..।

ଗାଡି ବ୍ରେକ ଲଗାଇ ତଳକୁ ଓହ୍ଲାଇ ଆସି ବୃଦ୍ଧ ବ୍ୟକ୍ତିଙ୍କୁ କହିଲେ - ରୁହନ୍ତୁ , ରୁହନ୍ତୁ ମଉସା । କଣ ହୋଇଛି ? ପଡ଼ିଯିବେ ଯେ ।

ପ୍ରଥମେ ବୃଦ୍ଧ ବ୍ୟକ୍ତି ଜଣଙ୍କ ଅସହାୟ ଦୃଷ୍ଟିରେ ଓ ଅବିଶ୍ୱାସନୀୟ ହତାଶପଣରେ ଚାହିଁଲେ । ହଠାତ୍ ଆଜିକାଲି ଯୁଗରେ ମନକୁ ମନ ସାହାଯ୍ୟ କରିବାକୁ ହାତ ବଢାଇ ଥିବା ହାତଟା ଯେ କେତେ ବିଶ୍ୱାସନୀୟ ସେ ବୁଝି ପାରୁ ନଥିଲେ । ବିଶ୍ୱାସ କରିବା ମାନେ ଜାଣି ଶୁଣି ଜଳନ୍ତା ନିଆଁକୁ ଡେଇଁବା ସହିତ ସମାନ। କିନ୍ତୁ ଏ ପରିସ୍ଥିତିରେ ସେ ଶୂନ୍ୟହସ୍ତ । ବିଶ୍ୱଜିତ୍ ପୁଣି କହିଲେ -ପିଲାଟି ଦଉଡ଼ି ଦଉଡ଼ି ବହୁତ ଆଗକୁ ଚାଲି ଗଲାଣି ମଉସା । କୁହନ୍ତୁ , ଯଦି ସେ ରାଗିକି ଚାଲି ଯାଉଥାଏ ଆପଣ ଏଇଠି ଥାଆନ୍ତୁ । ମୁଁ ପିଲାଟିକୁ ଧରି ଆଣୁଛି । ଆପଣ ଭିଡ଼ରେ କୋଉଠି ହଜିଯିବେ ଯେ।

ଏଥର ବୃଦ୍ଧ ବ୍ୟକ୍ତିଙ୍କ ଆଖିରେ ଆଶାର ଆଲୋକ ଝଲ୍ ମଲ୍ କରି ଉଠିଲା । ସେ କହି ଉଠିଲେ - ନା ନା ପୁଅ । ମୋ ପୁଅ ରାଗିକି ପଳାଇ ଯାଉନି । ତୁମେ ମୋ ସହିତ ଚାଲ ବାବା। ମୋ ପୁଅ ପାଖକୁ ମୋତେ ନେଇ ଚାଲ। ମୁଁ ବାଟରେ ସବୁ କହୁଛି । ଗାଡ଼ିର ଦରଜା ଖୋଲିଦେଲେ ବିଶ୍ୱଜିତ୍। ଛତାଟିକୁ କାଖରେ ଜାକି ମୁହଁରୁ ବାହାରୁଥିବା ଝାଳକୁ ନ ପୋଛି ଯେମିତି ସବୁ ଲବଣାକ୍ତ ଝାଳକୁ ଶୋଷିନେଲେ ପାଟିରେ । ଧଇଁ ସଇଁ ହୋଇ କହିଲେ, ଶୀଘ୍ର ଚାଲ।

ବିଶ୍ୱଜିତ୍ ଗାଡ଼ି ଜୋରରେ ଚଳାଇବା ଆରମ୍ଭ କରିଦେଇଥିଲେ ।ଜୟଦେବ ବିହାରରୁ ଭିଡ ରାସ୍ତା ଯେମିତି ଲାଗୁଥିଲା ଏକ ଅଣନିଶ୍ୱାସର ବାତାବରଣ। ବୃଦ୍ଧ ଜଣଙ୍କ କହିବା ଆରମ୍ଭ କରି ଦେଇଥିଲେ । ପୁଅ ତାଙ୍କର ଆଇ. ଆଇ. ଟି. କଲେଜରେ ପାଠ ପଢେ । ଯେଉଁଠି ରହୁଚି ସେଠୁ କଲେଜ ବହୁତ ଦୂର । ଗାଡ଼ି ଘୋଡାରେ ଗଲେ ବେଶି ପଇସା ଖର୍ଚ୍ଚ ହେବ । ତେଣୁ ତା'ର ଏକା ଜିଦି, ସାଇକେଲ ଗୋଟେ ଲାଗିବ ।ତାଙ୍କର ଗୋଟେ ଛୋଟ ତେଜରାତି ଦୋକାନ । ବହୁ କଷ୍ଟରେ ଜମି ବିକି କିଛି ସଞ୍ଚିତ ଟଙ୍କା ,ଓ କିଛି ଧାର ଉଧାର କରି ସୁଦୂର ମୟୁରଭଞ୍ଜରୁ ଆସିଥିଲେ । ପୁଅ ସହିତ ଦେଖା ହୋଇଯିବା ସହିତ ପୁଅକୁ ତା ଜନ୍ମଦିନ ଆଗରୁ ସାଇକେଲଟି କିଣି ଦେଇ ଆସିବେ । ବ୍ୟାଗରେ ମୁଢ଼ି ,ଆରିସା, ଶାଗ,ମୁଗ ଦୁଇଟି ଆଣିଛନ୍ତି । ପୁଅ ତାଙ୍କୁ ବସଷ୍ଟାଣ୍ଡକୁ ନେବାକୁ ଆସିଥିଲା । ଫେରୁଥିଲେ ଉଭୟେ । ଚୋରଟା କେମିତି ଜାଣିଲା କେଜାଣି ତାଙ୍କ ଫତୁଆ ପକେଟ୍ ଭିତରେ ବନ୍ଧା ରୁମାଲରେ ଏତେ ଟଙ୍କା ଅଛି । ସେ ପାଖରୁ ଆସି ଝମ୍ପ ମାରି ନେଇଗଲା । ଅଟୋଟିଏ ଆଗରୁ ଷ୍ଟାର୍ଟ ଅବସ୍ଥାରେ ଥିଲା । ସେ ତା ସଙ୍ଗୀ ନିଶ୍ଚିତ ।ଉଭୟେ ଅଟୋରେ ଚାଲିଗଲେ । ମୋ ପୁଅ ଛୁଆ ଲୋକ । ତାଙ୍କ ପଛରେ ଦୌଡୁଛି ଯଦି ଟଙ୍କା ମିଳିଯାଏ ..।

ଭଦ୍ରଲୋକ ଏକା ନିଃଶ୍ୱାସରେ ଏତକ କଥା କହି ଭୋ' ଭୋ' କାନ୍ଦି ଉଠିଥିଲେ । ବିଶ୍ୱଜିତଙ୍କର ହୃଦୟ ବି ଦୁଃଖରେ ଆର୍ଦ୍ର ହୋଇ ଉଠୁଥିଲା । ଅଭିଜ୍ଞାନ ହାଲିଆ ହୋଇ କିଛି ଦୂର ଆଗରେ ଖାଲି ପାଦରେ କଳାହାଣ୍ଡିଆ ମେଘକୁ ମୁହଁରେ ଜାବୁଡ଼ି ଧରି ଥକ୍କା ଆଖିରେ ଚାହିଁଥିଲା ।ବିଶ୍ୱଜିତ୍ ପିଲାଟି ପାଖରେ ଗାଡ଼ି ବ୍ରେକ କଷିଲେ । ପିଲାଟିକୁ ଇଶାରା କଲେ ଗାଡ଼ିରେ ଆସି ବସିବାକୁ । ପିଲାଟି ବିକଳପଣରେ ବୃଦ୍ଧ ବାପା ପାଖକୁ ଆସୁ ଆସୁ ବାପାଜଣଙ୍କ ପୁଅଟିକୁ ଜାବୁଡ଼ି ଧରି କହି ଉଠିଲେ -

ଅଭିରେ । କଣ ଦରକାର ଥିଲା ଏତେ ଜୋରରେ ସେ ଅଟୋ ପଛରେ ଦୌଡ଼ିବା ? ଟଙ୍କା ଗଲା ଗଲା , ସେ ଆମ କପାଳରେ ନାହିଁ । ହେଲେ ଏତେ ଗାଡ଼ି ମଟର ଭିଡ ଭିତରେ ତୋ'ର ଯଦି କିଛି ହୋଇଥାନ୍ତା ଧନ । ତୋ ମାଆ ଆଉ ମୁଁ ଜୀବନ ଧରି ଥାଆନ୍ତୁ ତ ? ପିଲାଟି ଆଃ କରି ଚିତ୍କାର କରି ଉଠି ତା ପାଦଟିକୁ ଆଉଁଷୁଥିଲା । ବୃଦ୍ଧବ୍ୟକ୍ତି ଏଥର ଅଧୀର ହୋଇ କହିଉଠିଥିଲେ - ଖାଲି ପାଦରେ ଦୌଡୁଥିଲୁ ? ପିଲାଟି ପିଚୁ ଢଳା ଖାଲି ପାଦରେ ଦୌଡୁଥିବାରୁ ପାଦ ତା'ର ଗୋଡିରେ ମନେହୁଏ ଫୁଟି ଯାଇଥିଲା । ବୃଦ୍ଧ ଜଣଙ୍କ ତାଙ୍କ ଗାମୁଛାକୁ ଚିରି ଦୁଇଖଣ୍ଡ କରିଦେଇ ପିଲାଟିର ଗୋଡ଼ରେ ଖଣ୍ଡେ ବାନ୍ଧୁଥିଲେ କୋଳରେ ଗୋଡ଼କୁ ରଖି । ଆଗକୁ ଏମିତି ନ କରିବାକୁ ଆକଟ କରୁଥିଲେ । ବିଶ୍ୱଜିତ୍ ଆସ୍ତେ ଆସ୍ତେ ଗାଡ଼ି ଚଳାଉଥାଆନ୍ତି ଓ ମିରର ସାହାଯ୍ୟରେ ସବୁ ଦେଖୁ ଥାଆନ୍ତି । ତାଙ୍କର କଟକ ଯିବାର ନ ଥିଲା । କିନ୍ତୁ ମାନବିକତା ଦୃଷ୍ଟିରୁ ସେମାନଙ୍କ ଅସହାୟତା ଅବସ୍ଥାକୁ ଆଖି ଆଗରେ ରଖି ଆଉ ଜଣଙ୍କ ପୁତ୍ର ହିସାବରେ ଏତିକି ତାଙ୍କର କରିବା ଉଚିତ୍ ବୋଲି ସେ ଭାବିବା ଆରମ୍ଭ କରିଥିଲେ ।ପୁତ୍ର ପ୍ରାଣ ତାଙ୍କର ହାହାକାର କରୁଥିଲା । ମନ ଝୁରୁଥିଲା ବାପାର ଏହିଭଳି ସ୍ନେହକୁ ।

ବିଶ୍ୱଜିତଙ୍କର ଆଖିରେ ଉଛୁଳା ସମୁଦ୍ର ଉଙ୍କି ମାରୁଥିଲା । ଷ୍ଟିୟରିଂରୁ ଗୋଟେ ହାତ ଛାଡ଼ି ଆର୍ଦ୍ର ଆଖି ପତାକୁ ପୋଛିନେଲେ ସଯତନ୍ । ଆଜି ତାଙ୍କ ବାପା ତାଙ୍କଠୁ ସାତ ପର । ତାଙ୍କ ମତରେ ବାପା ବୁଝି ନାହାନ୍ତି ତା'ଙ୍କ ଦୁଃଖ ସୁଖ। ତା'ଙ୍କ ବିବାହ ପରେ ଛାଡି ଦେଇଛନ୍ତି ତାଙ୍କ ହାତକୁ । ମାଆ ସବୁବେଳେ କିନ୍ତୁ ତାଙ୍କ ପ୍ରତି ବାପାଙ୍କର ଭଲ ପାଇବାର ଗୁଣ ବଖାଣେ । କେତେ ଗପ କୁହେ ଅନ୍ତର ଭିତରୁ । ମାଆର ଆଖି ଝଲସି ଉଠେ ଗଭୀର ତୃପ୍ତିରେ । ବିଶ୍ୱଜିତ୍ ଛୁଆଟେ ଥିଲାବେଳେ କୁଆଡ଼େ ତାଙ୍କ ବାପା କେତେ ଗୀତ ଗାଆନ୍ତି । ସମୟ ଅନୁସାରେ ଆସି ତାଟିଆ ଚାମଚରେ ଖୁଆଇ ଦିଅନ୍ତି। ଘୋଡ଼ା ହୋଇ ପିଠିରେ ଝୁଲାନ୍ତି ।ଆଉ ତାକୁ କାଳେ ଥଣ୍ଡା ହୋଇ ନାକ ବନ୍ଦ ହୋଇଗଲେ ପାଗଳ ଭଳି ତା' ନାକରେ ମୁହଁ ପୁରାଇ ନାକ ଶୋଷି ପକାନ୍ତି । ପୁଅର ନାକ ଖୋଲିଯାଉ । ହେଃ । ଯେତେ ସବୁ ମନ ଗଢା କଥା ବୋଧେ । ସବୁ ଯଦି ଏତେ ସବୁ କରିଥିଲେ ତା ହେଲେ ଆଜି..... । ମାଆ ସବୁବେଳେ ଓ ଏବେ ବି କୁହେ, ବାପା ତୁମମାନଙ୍କ ଭବିଷ୍ୟତ ପାଇଁ ଖଟୁଛନ୍ତି ।ତା'ହେଲେ ତାଙ୍କୁ କାହିଁକି କହିଲେ ନିଜ ଗୋଡ଼ରେ ଠିଆ ହେବାକୁ । ଆଜି କାଲି ବିନା ବ୍ୟାଙ୍କ୍ ବାଲାନ୍ସରେ ସବୁ ବ୍ୟର୍ଥ । ଜୀବନ ଗଡା ଯାଏନା । ବାପାଙ୍କ ବ୍ୟବସାୟରେ କ୍ଷତି କିଛି ବି ତା'ର ଶୁଣିବାର ନାହିଁ । ମାଆ ବାପାଙ୍କୁ ସମର୍ଥନ କରେ କି କଣ , ତାକୁ ବୁଝିବା ମୁସ୍କିଲ । କିନ୍ତୁ ବିଶ୍ୱଜିତଙ୍କର ଘୃଣା ତାଙ୍କ ବାପାଙ୍କ ଆଡ଼କୁ ଲମ୍ବି ଆସୁଥିବା ବେଳେ ଭଦ୍ରବ୍ୟକ୍ତିଙ୍କ ମାଟିଆ ରଙ୍ଗର ଚିରା ଗାମୁଛା ଖଣ୍ଡକ ଗାଢ଼ ଲାଲ୍ ଦିଶୁଥିଲା ରକ୍ତ ସହିତ ପୁତ୍ର ପ୍ରେମର ରଙ୍ଗ ମିଶି । ଅଭିଜ୍ଞାନ ଛୋଟ ପିଲା ଭଳି କାନ୍ଦୁଥିଲା କଇଁ କଇଁ । ସେ କେବଳ ଅଟୋର ନମ୍ବରଟା ମନେ ରଖି ପାରିଛି । ତା' ଗରିବ ବାପା ଏତେ କଷ୍ଟରେ ପାଠ ପଢ଼ାଉଛନ୍ତି । ତାଙ୍କର ଦାରିଦ୍ର୍ୟତା ମଧ୍ୟରେ ଜମି ବିକ୍ରି କରି ସଞ୍ଚିଥିବା ଟଙ୍କାକୁ ହରାଇ କେବଳ ଶୂନ୍ୟତାର ଫାଙ୍କରେ ସେ ଆହୁରି ଦାରିଦ୍ର୍ୟତା ଭିତରେ ପେଷି ହୋଇଯିବେ ।

ବିଶ୍ୱଜିତ୍ ଅଟୋ ନମ୍ବରଟି ଖାନ୍ ନଗର ପୋଲିସ୍ ଷ୍ଟେସନକୁ ଇନ୍ ଫର୍ମ ଦେଇ ସାରିଥିଲେ । କାରଣ ସେଠିକାର ପୋଲିସ ଇନ୍ସପେକ୍ଟର ତା'ର କଲେଜ ବନ୍ଧୁ ଥିଲେ । ବିଶ୍ୱଜିତ୍ ଥାନା ପାଖରେ ପହଞ୍ଚି ବୃଦ୍ଧ ବ୍ୟକ୍ତିଙ୍କୁ ୫୦୦ ଟଙ୍କା ବଢାଇ ଦେଇଥିଲେ । କିନ୍ତୁ ପିଲାଟି ଲଜ୍ଜିତ ଅନୁଭବ କରୁଥିଲା ଅଯାଚିତ ସାହାଯ୍ୟର ଭାରିପଣରେ । ହାତ ଯୋଡ଼ି ବିଶ୍ୱଜିତଙ୍କର ଫୋନ୍ ନମ୍ବର୍ ମାଗିଥିଲା । କାରଣ ସେ ଯଦି ସାହାଯ୍ୟର ପଇସା ନ ଫେରାଏ ସେ ଭଗବାନଙ୍କ ନିକଟରେ ଦୋଷୀ ସାବସ୍ତ୍ୟ ହୋଇଯିବ । ବିଶ୍ୱଜିତଙ୍କ ହୃଦୟ ଦୁଃଖରେ ଆନ୍ଦୋଳିତ ହେଉଥିଲା ବେଳେ ଏତେ ଦୁଃଖରେ ବି ସେ ହସୁଥିଲେ । ଥାନା ପାଖରେ ସେ ପହଞ୍ଚି ସାରିଥିଲେ ।ଥାନା ସାମ୍ନାରେ ସେହି ଅଟୋଟି ରଖା ହୋଇଥିଲା ।ସେମାନେ ତାଙ୍କ ଫୋନ୍ ପାଇ ଟ୍ରାକ କରି ଅଟୋଟିକୁ ଧରିନେଇଥିଲେ ।

ବିଶ୍ୱଜିତ୍ ସେମାନଙ୍କୁ ଗାଡିରୁ ଓହ୍ଲାଉ ଓହ୍ଲାଉ ତାଙ୍କ ଫୋନ୍ ଜୋରରେ ବାଜି ଉଠିଥିଲା । ମାଆ ଫୋନ୍ କରିଛି । ମାଆ ଉପରେ ବି ଅଭିମାନ କରି ଦୁଇ ମାସ ହେଲା ମାଆ ଫୋନ୍ ବି ଉଠାଉ ନ ଥିଲେ ସେ। ବାପାଙ୍କର ଏକଜିଦିଆ ପ୍ରକୃତି ଉପରେ ବିରକ୍ତ ହେଲେ ବି ମାଆ ତାକୁ କୁହେ - ବାବୁରେ । ତୁ ଏ ସଂସାରର ଯୁଦ୍ଧଭୂଇଁରେ ବିନା ଅସ୍ତ୍ରରେ ତୋ' ମଗଜ ବୁଦ୍ଧି ଦେଇ ଲଢ଼ିବୁ । ତୋ' ଜ୍ଞାନରେ ତୁ ଜିତିବୁ । ବାବୁ , ହିମାଳୟ ଶିଖର ଦିନେ ତୁ ଛୁଇଁ ଫେରିବୁ। ତୋ' ବାପାଙ୍କ,ଗୁରୁଜନଙ୍କ ଆଶୀର୍ବାଦ ତୋ' ଉପରେ। ଭୀଷଣ ରାଗଲାଗେ ଏଭଳି ଫମ୍ପା ଶବ୍ଦଗୁଡ଼ିକ ଶୁଣି । ଏ ନୀତି ଆଦର୍ଶରେ ପେଟ ପୂରେନା । ତା'କୁ ଲାଗେ ସେ ହି ହିଁ ଛତ୍ରପତି ଶିବାଜୀ। ସେ ତା ଜ୍ଞାନ ବୁଦ୍ଧି ବଳରେ ଆସମାନ୍ ଛୁଇଁ ପାରିଛି ।

ସବୁ ଭାବନାର ଅନ୍ତ ଘଟାଇ ଏତେ ଦିନ ପରେ କେଜାଣି ମାଆର ଫୋନ୍ ଟା ଉଠାଇବାକୁ ପ୍ରାଣ ବ୍ୟାକୁଳ ହୋଇ ଉଠିଲା । ମାଆ ଲୁହଭରା କଣ୍ଠରେ

କହୁଥିଲା – ଧନରେ । ତୋ ବାପା ମୋତେ ଫୋନ୍ କରି କହିଲେ ସେ କେଉଁ ଆଶ୍ରମକୁ ଯାଉଛନ୍ତି । କେହି ଖୋଜିବନି ତାଙ୍କୁ । ତୋର ଗୋଟେ ଚିଠି ଆସିଛି । ତୋ'ର ୫୦ କୋଟିର ପ୍ରୋଜେକ୍ଟ ସାଙ୍କସନ୍ ହୋଇ ଯାଇଛି । ବିଶ୍ୱଜିତଙ୍କର ଗୋଡ ତଳ ଥଣ୍ଡା ହୋଇ ଆସୁଥିଲା । ହାତ ଅବଶ । ସେ ପ୍ରୋଜେକ୍ଟ ତା ବାପାଙ୍କ ଛଡା କେହି ସାଙ୍କସନ୍ କରି ପରିବାର କ୍ଷମତା ନାହିଁ । କିନ୍ତୁ ବାପା ତାଙ୍କର ସ୍ୱାଭିମାନ ହରାଇବେନି ବୋଲି ପ୍ରତିଜ୍ଞାରେ ଅଟଳ ଥିବା ଲୋକଟିଏ ହୋଇ କେମିତି ଅହଂକାର ଶୂନ୍ୟ ହୋଇଗଲେ ? କେବଳ କଣ ତା ସୁଖ ପାଇଁ ?? ମନରେ ଶହେ ପ୍ରଶ୍ନ ଉଙ୍କି ମାରୁଥିଲା । ମାଆର ଫୋନକୁ କାଟି ବାପାଙ୍କ ଫୋନକୁ ସେ ବାର ବାର ଲଗାଇ ଚାଲିଥିଲେ । ଆଜି ସେ ବୁଝି ପାରୁଥିଲେ, ପିଲାମାନେ ଯେତେ ଉପରକୁ ଗଲେ ବି ତାଙ୍କ କାନ୍ଧରେ ବାପା ମାଆଙ୍କ ବିନା ଆଶୀର୍ବାଦର ହାତରେ ସେମାନେ ଶିଖର ଛୁଇଁ ପାରିବେନି । ସାରା ସଂସାର କୁହେ, ବାପା ମା କୁଆଡ଼େ ଜୀବନ୍ତ ଦେବତା । ତାଙ୍କ ଆଖି ସାମ୍ନାରେ ମାଡ଼ିଥିବା ପରଳରୁ ସିନ୍ଦୂରା ଫାଟି ଆସୁଥିଲା । ବିଶ୍ୱଜିତ୍ ବୃଦ୍ଧ ଭଦ୍ରବ୍ୟକ୍ତିଙ୍କୁ ଛାତିରେ ଚାପି ଧରି ଭୋ' ଭୋ ' କାନ୍ଦି ଉଠିଥିଲେ ।ତାଙ୍କ ପାଦ ଛୁଇଁ ପ୍ରଣାମ କରି କହୁଥିଲେ, ମଉସା । ଆପଣଙ୍କୁ ପ୍ରଣାମ କରି ମୋ ବାପାଙ୍କ ଆଶୀର୍ବାଦ ନେଉଛି । ଆପଣଙ୍କ ଆଶୀର୍ବାଦରେ ମୋ' ବାପା ମୋତେ କୋଳକୁ ନେବେ ବହୁତ ଶୀଘ୍ର ।ବୃଦ୍ଧ ବ୍ୟକ୍ତି ଅବୁଝା ଆଖିରେ ଚାହିଁ ରହିଥିଲେ । ତାଙ୍କ କାନକୁ ଖାଲି ଶୁଭୁଥିଲା – ବାବୁରେ । ବାପା ମାନେ କେବଳ ବାପା ହିଁ ହୁଅନ୍ତି ।

ବିଶ୍ୱଜିତ୍ ଆଉ ଗୋଟେ ପୁଅର ବାପାଙ୍କ ହାତକୁ ଧରି ଆଗେଇ ନେଉଥିଲେ ପୋଲିସ ଷ୍ଟେସନ ଭିତରକୁ । ସେ ହାତ ମୁଠାରେ ଥିଲା ମମତାର ଉଷ୍ମତା। ଭିତରେ ଗଭୀର ଆଶ୍ୱାସନା । ସେ ଅନୁଭବ କରୁଥିଲେ , ଦୁଇଟି ଶକ୍ତ ହାତ ଜଡାଇ ଧରିଛି ତାଙ୍କ ପଞ୍ଜରାକୁ ।ସେଇଠି ଆତ୍ମ ସମ୍ମାନର ରକ୍ତ ବୋହି ଯାଉଛି ଧାର ଧାର । ଆଉ ଦୁଇଟି କଠୋର ଅନୁଶାସନ ଆଖି ଭିତରେ ଅପେକ୍ଷା କରିଛି ଅନେକ ଆଶା , ଭରସାର ଉଚ୍ଚା ଇମାରତ।

*ସମ୍ପାଦିକା - ଅନ୍ନପୂର୍ଣ୍ଣା , ସେ - ଏ,*
*ପ୍ଲଟ -୯୪, ମେଟ୍ରୋ ପଲିଟାନ କୋ-*
*ଅପରେଟିଭ ସୋସାଇଟି*
*କୋଲକତା -୭୦୦୧୦୫,*
*ଦୂରଭାଷ: ୭୦୦୩୪୭୭୨୦୭*

With Best Compliments From :

COMPUTECH
113-B, Surya Nagar, Unit-7, Bhubaneswar-751003
+91 9937233060 / +91 8114381678
computechbbsr1995@gmail.com

Deals in : PRE-PRESS DESIGNING, XEROX, DIGITAL COLOUR XEROX, DIGITAL PLAN PRINTER, DIGITAL COLOUR PLOTER | SPIRAL BINDING, WIRO BINDING, STICK BINDING, SCREEN PRINTING, FLEX PRINTING, HOT LAMINATION, I-CARD (PAPER & PLASTIC), THERMAL LAMINATION

# ଆହତ ସ୍ୱାଭିମାନ

## ରବିନାରାୟଣ ନନ୍ଦ

ମାଟ୍ରିକ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ସରିତାର ଆଖିରେ ଥିବା ସ୍ୱପ୍ନଗୁଡ଼ିକରେ ପର ଲାଗିଯାଇଥିଲା। ଗାଆଁ ଛାଡ଼ି ଅଦୂରରେ ଥିବା ସହରସ୍ଥିତ କଲେଜରେ ପଢ଼ିବାକୁ ଯିବା ନିମନ୍ତେ ବସ୍‌ରେ ମାତ୍ର ଅଧଘଣ୍ଟାଇ ବାଟ, ଘରେ ଆର୍ଥିକ ପରିସ୍ଥିତି ସ୍ୱଚ୍ଛଳ ନୁହେଁ। ତେଣୁ ବିଜ୍ଞାନ କିମ୍ବା କୌଣସି ବୈଷୟିକ ବିଦ୍ୟାରେ ପାଠ ପଢ଼ିବା ସମ୍ଭବପର ନଥିଲା। କଲେଜରେ କଳା ବିଭାଗରେ ନାମ ଲେଖାଇ ବି.ଏ. ଡିଗ୍ରୀ ହାସଲ କରିଥିଲା। ସରିତା, କଲେଜକୁ ବସରେ ଯିବା ସମୟରେ ତା' ଉପରେ ଆଉ କେହି ଆଖି ପକଉ ନ ପକଉ ସୁରିଆ ତାକୁ ସବୁବେଳେ ଅନୁସରଣ କରୁଥିଲା। ଅନ୍ୟ ଯୁବକମାନଙ୍କ ସହ ମିଶି ବସ୍‌ରେ, କଲେଜ କ୍ୟାମ୍ପସ ବାହାରେ ବସ ଷ୍ଟପରେ ଓ ଗାଆଁ ବସ୍ ଷ୍ଟପରେ ସେ ବରାବର ତା'ର ପ୍ରତ୍ୟେକ ଗତିବିଧିକୁ ଲକ୍ଷ୍ୟ କରୁଥିଲା ଓ ତା'କୁ ଅନୁସରଣ ମଧ୍ୟ କରୁଥିଲା। ସୁରିଆ ମାଟ୍ରିକରେ ଉତ୍ତୀର୍ଣ୍ଣ ହୋଇଥିଲା ତୃତୀୟ ଶ୍ରେଣୀରେ କିନ୍ତୁ କେବଳ ସରିତାର ସଙ୍ଗ ଲାଭ ନିମନ୍ତେ କଲେଜରେ ନାମ ଲେଖାଇ ଦେଇଥିଲା। ପ୍ଲସଟୁରେ ତା'ର ପାଠ ପଢ଼ାର ନାଁ ଗନ୍ଧ ନଥିଲା କାରଣ ଉଦ୍ଦେଶ୍ୟ ଥିଲା ସରିତା ସହିତ ସମ୍ପର୍କ ବଢ଼ାଇବା। ସରିତା କିନ୍ତୁ ଅତି ଚତୁରତାର ସହିତ ଖସିଯାଉଥିଲା ସୁରିଆ ପକେଇଥିବା ଜାଲ ମଧ୍ୟରୁ।

ଏହିପରି ପ୍ରାୟ ଦୁଇବର୍ଷ ଚାଲିବା ଭିତରେ ବହୁଥର ସରିତା ତା'ର ବାପାଙ୍କୁ ସୁରିଆର ମନ୍ଦ ଉଦ୍ଦେଶ୍ୟ କଥା କୁହେ। ବାପା ସବୁ ଶୁଣିଲେବି ସିଆଡ଼େ ମନ ନଦେଇ ପଢ଼ିବାରେ ମନଯୋଗ କରିବାକୁ ପରାମର୍ଶ ଦିଅନ୍ତି। ହଠାତ୍ ଦୁଇବର୍ଷପରେ ସୁରିଆ ଆଉ କଲେଜ ଆସିଲା ନାହିଁ। ସେ ହୁଏତ ପରୀକ୍ଷା ନଦେଇ ପଢ଼ା ଛାଡ଼ିଦେଲା କିମ୍ବା ପରୀକ୍ଷାରେ ବିଫଳ ହେଲା। ବାପାଙ୍କର ଚାପରେ ସୁରିଆ ତାଙ୍କର ତେଜରାତି ଦୋକାନଟି ଚଳାଇବାରେ ତା' ବାପାଙ୍କୁ ସହାଯ୍ୟ କରିବାରେ ନିୟୋଜିତ ହୋଇଯିବା ଫଳରେ ସରିତା ତା'ର ଦୌରାତ୍ମ୍ୟରୁ ସାମୟିକ ଭାବରେ ରକ୍ଷା ପାଇଗଲା ସିନା ମଝିରେ ମଝିରେ ବିଭିନ୍ନ ସମୟରେ ପରିସ୍ଥିତିର ସୁଯୋଗ ନେଇ ସୁରିଆ ତା' ପିଛା ପଡ଼ିଯାଉଥିଲା। ବିଏ ପରୀକ୍ଷାରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲା ପରେ ସରିତା ଚିନ୍ତା କରିପାରୁନଥିଲା କ'ଣ କରିବ। ବାପାଙ୍କର ଏକା ମନା ଆଉ ଅଧିକ ପଢ଼ିବା ପାଇଁ। ସେ ଆର୍ଥିକ ସହଯୋଗ କରିପାରିବେନି କାରଣ ଏହା ପରର ପି.ଜି. ପାଠ୍ୟକ୍ରମ କେବଳ କଟକ କିମ୍ବା ଭୁବନେଶ୍ୱରରେ ପ୍ରାପ୍ତ ହୋଇପାରିବ ଏବଂ ସେଥି ନିମନ୍ତେ ହଷ୍ଟେଲ ସହିତ ବହିପତ୍ର ଖାଇବା ପିଇବା ଖର୍ଚ୍ଚ ପ୍ରତ୍ୟେକ ମାସରେ ଯୋଗାଇଦେବା ବାପାଙ୍କ ପକ୍ଷରେ ସମ୍ଭବ ନଥିଲା। ଠିକ୍ ଏଇ ବେଳକୁ ଗାଆଁକୁ ଆସିଥିବା ଅଙ୍ଗନବାଡି କେନ୍ଦ୍ରର କର୍ମୀ ନିଯୁକ୍ତି ପାଇ ବିଜ୍ଞାପନ ପ୍ରକାଶ ପାଇବା ମାତ୍ରେ ସରିତା ସେଥିନିମନ୍ତେ ଦରଖାସ୍ତ ଦାଖଲ କରିନେଲା ସମସ୍ତଙ୍କ ଅଜ୍ଞାତରେ। ଆର୍ଥିକ ଦୁଃସ୍ଥିତି ମଧ୍ୟରେ ବୁଡ଼ିଯାଉଥିବା ଲୋକ କୁଟା ଖିଅକୁ ଆଶ୍ରା କଲା ଭଳି ସେ ମଧ୍ୟ ଆଶାବାଦୀ ହୋଇ ଉଠିଲା ଏଇ ନିଯୁକ୍ତିଟି ପାଇବାର ସମ୍ଭାବନା ନେଇ। ସୁରିଆର ହରକତ ଏ ଭିତରେ ଟିକେ ବଢ଼ିଯାଇଥିଲା। ବସ୍‌ଷ୍ଟାଣ୍ଡରୁ ସରିତା ଚାଲି ଚାଲି ଆସୁଥିଲା ବେଳେ ସେ ସରିତାକୁ ତା'ର ପାଠପଢ଼ିବାରେ ସହାୟତା କରିବାକୁ ପ୍ରସ୍ତାବ ରଖିଲା।

ତୁ କାହିଁକି ମୋତେ ପାଠ ପଢ଼େଇବୁ। ତୋର ସେଥିରେ କ'ଣ ଲାଭ - ସରିତା ପଚାରିଥିଲା। ଆରେ ମୁଁ ପରା ତତେ କେବେଠୁଁ ଭଲପାଏ ତୁ କ'ଣ ଜାଣିନୁ ? ଆଉ ତୁ ପାଠ ପଢ଼ି ଉପରକୁ ଉଠିଲେ ତ ମୋର ହିଁ ଫାଇଦା ନା, କାରଣ ତୁ ଆମ ଘରକୁ ବୋହୂ ହୋଇ ଆସିବୁ - ଲାଜ ଲଜ୍ଜା ତ୍ୟାଗ କରି ଏକା ନିଶ୍ୱାସକେ କହିପକାଇଥିଲା ସୁରିଆ।

ସରିତାକୁ ଆକାଶରୁ ଖସି ପଡ଼ିଲା ଭଳି ଲାଗୁଥିଲା। ଏକେତ ତା'ର ଦୁଃସ୍ଥିତିରେ ବଦାନ୍ୟତା ଦେଖାଇ ନିଜକୁ ମହାନ୍ ବୋଲି ପରିଚିତ କରୁଛି, ଦ୍ୱିତୀୟରେ ପ୍ରେମ ବି କରୁଛି ଏକ ତରଫା ଯେଉଁଥିରେ ତା'ର କୌଣସି ଇଚ୍ଛା ବା ସ୍ୱୀକୃତି ନାହିଁ। ଆଉ ସବାଶେଷରେ ବାହା ହୋଇ ତା' ସାଙ୍ଗରେ ଘର କରିବାର ବିରାଟ ପରିକଳ୍ପନା। ଏଇ ବାର୍ତ୍ତାଳାପଟିକୁ କ୍ଷଣେ ମଧ୍ୟ ବିଳମ୍ବ ନକରି ସରିତା କହିଦେଇଥିଲା ତା' ବାପା ଓ ବୋଉ ପାଖରେ। ଏଇ କଥା ଶୁଣିବା ପରେ ବାପା ଯେ ଅତ୍ୟଧିକ ଚିନ୍ତିତ ହୋଇ ଉଠିଥିଲେ ଏହା ଲକ୍ଷ୍ୟ କରିଥିଲା ସରିତା।

କର୍ମୀ ନିଯୁକ୍ତି ସାକ୍ଷାତକାରରେ ଯୋଗଦେଇଥିଲା ସରିତା ଏବଂ ସର୍ବୋଚ୍ଚ ସ୍ଥାନ ହାସଲ କରି ସେ ସଫଳ ହୋଇଥିଲା ଏଇ ନିଯୁକ୍ତି ପରୀକ୍ଷାରେ କାରଣ ତା'ର ମାଟ୍ରିକ ନମ୍ବର, ପ୍ଲସଟୁ ନମ୍ବର ଓ ବି.ଏ. ନମ୍ବର ସମସ୍ତଙ୍କଠାରୁ ଅଧିକ ଥିଲା। ସାକ୍ଷାତକାର ନେଉଥିବା ଅଧିକାରୀମାନେ ତା'ର ମେଧାକୁ ଲକ୍ଷ୍ୟ କରି ପଚାରିଥିଲେ ତୁମେ ଆଗକୁ ପଢ଼ିଲନି, ଜୀବନରେ ଆହୁରି ଅଧିକ କିଛି ପାଇପାରନ୍ତ। ଏଇଠି ଏଇ ଛୋଟିଆ ଚାକିରୀରେ ନିଜକୁ ସମସ୍ତ ମେଧାକୁ ବିସର୍ଜିତ କରି ଦେଇଛ କାହିଁକି ! ସରିତା ତା ପରିବାରର ଆର୍ଥିକ ଅସ୍ୱଚ୍ଛଳତାକୁ ଲକ୍ଷ୍ୟ କରି ଏଭଳି ନିଷ୍ପତ୍ତି ନେଉଛି ବୋଲି କହବା ପରେ ଗୋଟିଏ ମୁହୂର୍ତ୍ତରେ ହିଁ ସେ ଏଇ ଚାକିରୀ ପାଇଁ ଯୋଗ୍ୟ ବିବେଚିତା ହୋଇଯାଇଥିଲା। ଏବେ ଚିଠି ଆସିଗଲା, ଦୁଇ ମାସ ପରେ ଯୋଗଦେବାକୁ ପଡ଼ିବ।

ସରିତାର ଏଇ ସଫଳତାରେ ସୁରିଆ ଆନନ୍ଦିତ ହୋଇନଥିଲା। କାରଣ ସରିତା ଅଧିକ ପଢୁ ବୋଲି ସେ ଚିନ୍ତା କରୁଥିଲା। ଏବଂ ତାକୁ ସେ ମନେ ମନେ ପ୍ରେମ କରୁଥିଲା। ସୁଯୋଗ ଉଣ୍ଡି ସେ ସରିତାକୁ ଭେଟିଲା ବେଳେ ସରିତାର ଏଇ ନିଷ୍ପତ୍ତିକୁ ସେ ନାପସନ୍ଦ କରିଥିଲା। ତା'ର ପ୍ରସ୍ତାବ ଥିଲା ଯେ ସରିତା ଏଭଳି ଚାକିରୀଟିଏ ନକରି ଉଚ୍ଚ ଡିଗ୍ରୀ ହାସଲ କରୁ ଏବଂ ଅଧିକ ସଫଳତା ହାସଲ କରୁ। ତା'ର ଏଭଳି ମନୋଭାବରେ ସରିତାକୁ ଜୀବନ ସାଥି କରିବାର ଅଭିପ୍ରାୟ ସହିତ ଯେତିକି ସ୍ୱାର୍ଥ ନିହିତ ଥିଲା ସରିତା ପ୍ରତି ତତ୍ ସହିତ ସେତିକି ସଦିଚ୍ଛା ଓ ଶୁଭକାମନା ମଧ୍ୟ ଭରି ରହିଥିଲା। ସରିତା ମୁଣ୍ଡରେ ସୁରିଆର ଏଭଳି ପ୍ରସ୍ତାବ ଆଦୌ ପ୍ରବେଶ କରୁନଥିଲା। ସେ ଭାବି ଚାଲିଥିଲା ଏକପାଖିଆ ସୁରିଆ ତାକୁ ପାଇବାକୁ ପାଗଳ, ତେଣୁ ଏମିତି ସେମିତି କଥା କହୁଛି, ଯଦିଓ

ସୁରିଆର କଥାରେ କିଛି ଓଜନ ଓ ତାତ୍ପର୍ଯ୍ୟ ଥିଲା ସରିତା ସେଇ କଥାଗୁଡ଼ିକ ଅନ୍ୟ ଦୃଷ୍ଟିକୋଣରେ ବିବେଚନା କରି ଅଣଦେଖା କରୁଥିଲା । ଅତି ଦମ୍ଭର ସହିତ ସୁରିଆର ସମସ୍ତ ପ୍ରସ୍ତାବକୁ ନାକଚ କରି ତା' ବିଷୟରେ ମୁଣ୍ଡ ନଖେଳେଇବା ପାଇଁ ତାଗିଦ ମଧ୍ୟ କରିଥିଲା ।

ସୁରିଆର ଏତାଦୃଶ ଭାବନା ଓ ପ୍ରସ୍ତାବ ସରିତା ବାପା ବୋଉଙ୍କ ଆଗରେ ବି ଆଲୋଚନାକୁ ଆଣିଥିଲା ଏବଂ ସେ ପାଇଥିବା ଏ ଚାକିରିଟି ସେ ନିଶ୍ଚିତ ଭାବରେ ଯୋଗଦେଇ ନିଜର ଜୀବନକୁ ଆଗେଇ ନେବାର ଅଭିପ୍ରାୟକୁ ବାପା, ମାଆଙ୍କ ଆଗରେ ସ୍ପଷ୍ଟ ଭାବରେ ଜଣାଇଦେଲା ।

ସରିତାର ବାପା ଚିନ୍ତିତ ହୋଇ ଉଠିଥିଲେ ଝିଅର ଭବିଷ୍ୟତ ପାଇଁ । ତାଙ୍କ ବିଚାରରେ ଗୋଟିଏ ଭଲ ପାତ୍ରଟିଏ ଖୋଜି ସରିତାର ବିବାହ କରିଦେବା ହିଁ ହେବ ସର୍ବୋତ୍କୃଷ୍ଟ ସମାଧାନ । ଏ କାର୍ଯ୍ୟରେ ବିଶେଷ ମଧ୍ୟ ବିଳମ୍ବ ହେଲା ନାହିଁ । ପ୍ରାୟ ତିରିଶି କିଲୋମିଟର ଦୂରରେ ଥିବା ହରିପୁର ଗ୍ରାମର ସାଧୁବାବୁଙ୍କର ଜ୍ୟେଷ୍ଠ ପୁତ୍ର ଅର୍ଜୁନ ପଞ୍ଚାୟତ ସ୍ୱାସ୍ଥ୍ୟ କେନ୍ଦ୍ରରେ ତୃତୀୟ ଶ୍ରେଣୀ କର୍ମଚାରୀ । ରକ୍ଷଣଶୀଳ ଘର, ଝିଅ ବୋହୂ ଘରୁ ବାହାରି ଚାକିରୀ କରନ୍ତୁ ବୋଲି ଅର୍ଜୁନର ପରିବାରର ସଦସ୍ୟମାନେ ଚାହୁଁନଥିଲେ ମଧ୍ୟ ପାଠ ପଢୁଆ ରୋଜଗାରିଆ ବୋହୂ ବୋଲି ଅର୍ଜୁନ ଅଧିକ ଆଗ୍ରହ ଦେଖାଇବାରୁ ବିବାହ ସେଇଠାରେ ହିଁ ସ୍ଥିର ହୋଇଯାଇଥିଲା । ଆଖି ପିଛୁଳାକେ ମାସକ ଭିତରେ ବାହାଘର ହୋଇ ସରିତା ଅର୍ଜୁନର ଜୀବନ ସାଥି ଭାବରେ ଚାଲିଯାଇଥିଲା ଶ୍ୱଶୁର ଘର ହରିପୁରକୁ । ଚାକିରୀରେ ଯୋଗ ଦେବା ପାଇଁ ସମୟ ଆହୁରି ମାସଟିଏ ବାକି ଥିଲା । ସରିତା ତା'ର ଭାଗ୍ୟରେ ସେତିକି ହିଁ ଥିଲା ବୋଲି ଧରି ନେଇ ନିଜର ଜୀବନକୁ ଆଗେଇ ନେବାର ପ୍ରୟାସ ଆରମ୍ଭ କରିଥିଲା ।

ସରିତାର ବିବାହ ଖବର ଶୁଣି ସୁରିଆ ଉତ୍‌କ୍ଷିପ୍ତ ହୋଇ ଉଠି ସରିତା ଘର ଆଗରେ ଅଭଦ୍ର ଭାଷାରେ ପାଟିତୁଣ୍ଡ କରିଥିଲା । ସରିତା କେବଳ ତା'ର ଏବଂ ସେ ଯଦି ତା'ର ନ ହୋଇ ପାରିଲା ସେ ତା'ର ସର୍ବନାଶ କରିଦେବ – ଏଭଳି ଧମକ ଦେଇ ସୁରିଆ ପାଗଳପ୍ରାୟ ଗାଆଁରୁ ଦୁଇ ଚାରିଦିନ କୁଆଡେ ଚାଲିଯାଇଥିଲା । ସୁରିଆର ଏବେ ଏକମାତ୍ର ଲକ୍ଷ୍ୟ ହୋଇ ଉଠିଥିଲା ଯେନତେନ ପ୍ରକାରେଣ ସରିତାର ସର୍ବନାଶ । ସୁରିଆର ଏଭଳି ପାଗଳାମିରେ ସରିତାର ବାପା ଅତ୍ୟନ୍ତ ଭୟଭୀତ ହୋଇ ଉଠିଥିଲେ । ତୁଣ୍ଡ ବାଇଦ ଏକାନରୁ ସେ କାନ ହୋଇ କଥା ମଧ୍ୟ ସରିତା ମଧ୍ୟରେ ଶାଶୁଘର ଗାଆଁରେ ପହଞ୍ଚିଲା ଏବଂ ସରିତାର ସ୍ୱାମୀ, ଶାଶୁ, ଶ୍ୱଶୁର ସମସ୍ତେ ସନ୍ଦେହୀ ହୋଇ ଉଠିଥିଲେ ସୁରିଆ ଓ ସରିତାର ଏ ସବୁ ଘଟଣାକୁ ନେଇ । ନାରୀ କେବେ ଦୋଷ କରୁ ବା ନକରୁ ପ୍ରଥମ ସନ୍ଦେହ ତା'ରି ଉପରେ ହିଁ ସମାଜ କରିଥାଏ । ଏ କ୍ଷେତ୍ରରେ ମଧ୍ୟ ଚାପା ସନ୍ଦେହ ସୃଷ୍ଟି ହୋଇ ସାରିଥିଲା ପରିବାରର ସମସ୍ତଙ୍କ ମନରେ ସରିତା ଉପରେ ଯଦିଓ ସରିତାର କୌଣସି ଚାରିତ୍ରିକ ଦୋଷର କିଛି ବି ପ୍ରମାଣ ନଥିଲା ।

ଚାକିରୀରେ ଯୋଗ ଦେବା ପାଇଁ ଆଉ ଗୋଟିଏ ସପ୍ତାହ ଅଛି । ସରିତା ପ୍ରାୟତଃ ପ୍ରସ୍ତୁତ ବାପ ଘରକୁ ଯାଇ ସେଠାରେ ଅଙ୍ଗନବାଡି କେନ୍ଦ୍ରରେ ଶିକ୍ଷୟିତ୍ରୀ ରୂପେ ଯୋଗଦେବ । ଶାଶୁ ଘର ପରିବାରର ଅନୁମୋଦନ ସହିତ ସେ କେତେଦିନ ବାପଘରେ ଓ କେତେଦିନ ଶାଶୁଘରେ କାଟିବ, ତା'ର କ୍ୟାଲେଣ୍ଡ ମଧ୍ୟ ସମସ୍ତେ ପ୍ରସ୍ତୁତ କରିସାରିଥିଲେ । ଶାଶୁଙ୍କର ଅନିଚ୍ଛା ସତ୍ତ୍ୱେ ଅର୍ଜୁନର ସମର୍ଥନ ନପାଇ ଶାଶୁ ବିଶେଷ ଆଗକୁ ବଢ଼ିନପାରି ସବୁ ଯୋଜନାରେ ସହଯୋଗ କରିଥିଲେ । ହଠାତ୍ ଗୋଟିଏ ମୁଦା ଚିଠିଟିଏର ଆବିର୍ଭାବ ସବୁ କିଛି ଓଲଟପାଲଟ କରିଦେଲା । ଚିଠି ତ ନୁହେଁ ଏକ ନୋଟିସ ଯେଉଁଥିରେ ସରିତା ବିବାହ ପରେ ହରିପୁରର ଅଧିବାସୀ ଅନ୍ୟ ଗୋଟିଏ ବ୍ଲକର ପରିସରଭୁକ୍ତ ହୋଇ ସାରିଥିବାରୁ ବାପଘର ଗାଆଁର ଅଙ୍ଗନବାଡିରେ ରହିବାର ଯୋଗ୍ୟତା ହରାଇଛି । ତେଣୁ ତା'ର ନିଯୁକ୍ତିପତ୍ର ରଦ୍ଦ କରାଯାଇ ସେ ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଝିଅଟିକୁ ନିଯୁକ୍ତି ଦେବାକୁ ସ୍ଥିର ହୋଇଛି । ଆଇନତଃ କୌଣସି ପ୍ରକାର ଅଙ୍ଗନୱାଡି କେନ୍ଦ୍ରରେ କେବଳ ସେହି ଗ୍ରାମ ବା ପଞ୍ଚାୟତର ଝିଅଟିଏ ହିଁ ନିଯୁକ୍ତି ପାଇପାରିବ । ଇଏବି ସତକଥା ବିବାହ ପରେ ସରିତାର ବାପଘର ଗାଆଁ ଆଉ ତା'ର ବାସସ୍ଥାନର ଠିକଣା ନୁହେଁ । ତଥାପି ସରିତା ସାହସ ଜୁଟାଇ ଅର୍ଜୁନ ସହ ଜିଲ୍ଲାର ସର୍ବୋଚ୍ଚ ଅଧିକାରୀଙ୍କୁ ଆପତ୍ତି ଜଣାଇବାକୁ ଗଲା ।

ଏସବୁ ଚେଷ୍ଟାର କିଛି ବି ଫଳ ମିଳିଲାନି ସରିତାକୁ । ବରଂ ଏତିକି ଜଣାପଡିଲା ଯେ ସୁରିଆ ନେତୃତ୍ୱରେ କିଛି ଗ୍ରାମବାସୀ ଦେଇଥିବା ଏକ ଆପତ୍ତି ଦରଖାସ୍ତ ପହଞ୍ଚିବା ପରେ ତଦନ୍ତ କରାଯାଇ ଏଭଳି ନିଷ୍ପତ୍ତି ନିଆଯାଇଛି । ସରିତା ହତବାକ୍ ହୋଇଯାଇଥିଲା ଏସବୁ ଜାଣି ଏବଂ ତା'ର ମାନସିକ ଦୁଶ୍ଚିନ୍ତା ବଢ଼ିଯାଇଥିଲା । ଶାଶୁ, ଶ୍ୱଶୁର ଓ ସ୍ୱାମୀ ସରିତାର ବିବାହ ପୂର୍ବରୁ ସୁରିଆ ସହିତ ସମ୍ବନ୍ଧର ପର୍ଯ୍ୟାଲୋଚନା ଆରମ୍ଭ କରିଦେଇଥିଲେ ଏବଂ ଏସବୁ ପାଇଁ ସେମାନେ ସରିତାକୁ ହିଁ ଦାୟୀ କରି ଚାଲିଥିଲେ । ତ୍ରେତୟାରେ ଅଶୋକ ବନରେ ଅସହାୟ ସୀତା, ଦ୍ୱାପର ଯୁଗରେ କୁରୁ ସଭାରେ ଅସହାୟ ଦ୍ରୌପଦୀ ଭଳି ଏକ ରକ୍ଷଣଶୀଳ ପରିବାରର ଗଣ୍ଡି ଭିତରେ ସରିତା ଛଟପଟ ହେଉଥିଲା । ସେ ତ କେବେବି ସୁରିଆକୁ ତା' ସହିତ ସମ୍ପର୍କରେ ଅଗେଇବା ପାଇଁ ସାମାନ୍ୟତମ ପ୍ରଶ୍ରୟ ମଧ୍ୟ ଦେଇନି ବରଂ ଜଣେ ସଚ୍ଚା ଝିଅ ଭାବରେ ନିଜର ସ୍ୱାଭିମାନ ଓ ଆତ୍ମସମ୍ମାନକୁ ଅଗ୍ରାଧିକାର ଦେଇ ସୁରିଆକୁ ପ୍ରତ୍ୟାଖ୍ୟାନ କରିଛି । ଏବେ ସୁରିଆ ଯେଉଁ ପ୍ରତିଶୋଧର ନିଆଁ ଜାଳିବା ଆରମ୍ଭ କରିଛି ତା' ସୁରିଆ ପାଇଁ ଯୁକ୍ତିଯୁକ୍ତ ହୋଇପାରିଥାଏ, କିନ୍ତୁ ତା' ପାଇଁ ଘୋର ଏକ ଅନ୍ୟାୟ । ଜଣେ ସତ୍‌ଚରିତ୍ରା, ଶିକ୍ଷିତା ଓ ନୈତିକତା ସମ୍ପନ୍ନ ତଥା ବିବେକୀ ଝିଅକୁ କ'ଣ ଜଣେ ଉଦ୍ଧତ ଅବିବେକୀ ପୁରୁଷର ରୋଷର ଶୀକାର ହେବାକୁ ପଡ଼ିଲା । ଏହାତ ଅନ୍ୟାୟ ଏବଂ ସେ କେଭେ ଏହା ମୁଣ୍ଡପାତି ସହି ନେବ ନାହିଁ । ନିଜ ମନର ବଳ ସବୁକୁ ଏକଜୁଟ କଲାବେଳେ ସ୍ୱାମୀର ସମର୍ଥନ ନପାଇ ସେଇ ବଳ ନିଷ୍ପ୍ରଭ ହୋଇଯାଉଥିଲା । ଏବେ ଆରମ୍ଭ ହୋଇଗଲା ଅର୍ଜୁନ ଓ ସରିତାଙ୍କ ମଧ୍ୟରେ କ୍ରମାଗତ ବିବାଦ ଓ ଅସନ୍ତୋଷ । ଶାଶୁ ଖତେଇ ହୋଇ ଅର୍ଜୁନକୁ କହୁଥିଲେ – ଏବେ ପାଇଲୁ ମଜା, ସତୀ ଶିରୋମଣି ପାଠୁଆ, ରୋଜଗାରିଆ ସ୍ତ୍ରୀଟିଏ ଆଣିବାର ମଜା ପାଇଗଲୁ ତ ଏବେ । ଏ କୁଳଟା ପଇସା ରୋଜଗାର କରିବା ତ ଦୂରର କଥା ବରଂ ଯେତିକି ଦୁର୍ନାମ ରୋଜଗାର କରିଛି ସେଗୁଡ଼ିକୁ ବୋହିବା ଆମ ଶକ୍ତି ବାହାରେ । ସେ ଚାଲିଯାଉନି ବାପଘରକୁ । ସେଠି ସୁରିଆ ସାଙ୍ଗରେ ସନ୍ଧିକରି ରାସଲୀଳା କରିବ ଆଉ ରେଜଗାର ବି କରିବ ।

ଶାଶୁଙ୍କର କଥା ବେଶ୍ କଡା ଥିଲେ ବି ବେଶୀ କଷ୍ଟକର ଥିଲା ଅର୍ଜୁନର ନୀରବତା । ସରିତାକୁ ଲାଗୁଥିଲା ଯେପରିକି ଅର୍ଜୁନ ମଧ୍ୟ ତା'ର ମାଆଙ୍କ କଥାରେ ଏକମତ ଓ ତା' ପ୍ରତି ଅର୍ଜୁନର ତିଳେମାତ୍ର ଦରଦ ବା ସମର୍ଥନ ଲକ୍ଷ୍ୟ ନକରି ସେ ନିଜକୁ ବେଶ୍ ଅସହାୟବୋଧ କରୁଥିଲା । ସମସ୍ତଙ୍କର ବାଧ୍ୟବାଧକତାରେ ବି ସେ ବାପଘରକୁ ଯିବାକୁ ସଙ୍କୋଚ ଅନୁଭବ କରୁଥିଲା । ସୁରିଆର ପାଗଳାମି ଓ ପ୍ରତିହିଂସା ପରାୟଣତା ତାକୁ ଯେତିକି ବ୍ୟଥିତ କରୁଥିଲା ତା'ଠାରୁ ସେ ଅଧିକ ବିବ୍ରତ ଥିଲା ନିଜର ଜୀବନ ସାଥି ରୂପେ ବାଛିନେଇଥିବା ଅର୍ଜୁନର ଛୋଟଲୋକି ଓ ସ୍ୱାର୍ଥପରତା ନିମନ୍ତେ ପରିବାରର ମତ ବିପକ୍ଷରେ ଯାଇ ସେଇ ତ ତାକୁ ଜୀବନ ସଙ୍ଗିନୀ ଭାବରେ ବାଛିଥିଲା । ଆଜି ରୋଜଗାର ଅଯୋଗ୍ୟ ହୋଇଗଲା ପରେ ସରିତା ତା' ପାଇଁ ମୂଲ୍ୟହୀନ ହୋଇଯାଇଥିଲା ବୋଧହୁଏ । ଶିକ୍ଷାଗତ ଯୋଗ୍ୟତା ଥାଇ ନିଜର ଦକ୍ଷତା ଓ ଆତ୍ମବିଶ୍ୱାସକୁ ନେଇ ସେ

କ'ଣ ଆହୁରି ଭଲ ରୋଜଗାର କରିପାରିନଥାଆନ୍ତା। ସେମିତି ଦେଖିଲେ ଭଦ୍ରମୁଖା ପିନ୍ଧା ଅର୍ଜ୍ଜୁନର ତା' ପ୍ରତି ମନୋବୃତ୍ତିଠାରୁ ନୀଚ୍ଚମନା ସୁରିଆର ମନୋବୃତ୍ତି ବହୁ ଉଚ୍ଚମାନର ଥିଲା ଭଳି ତା'ର ମନେ ହେଉଥିଲା।

ଏବେ ଜୀବନର ଏକ ଦୋଛକିରେ ଠିଆ ହୋଇଥିଲା ସରିତା। ଶାଶୁଘର ଗାଆଁରେ ଅଙ୍ଗନବାଡି ଥିଲେ ହିଁ ସେ ନିଯୁକ୍ତି ପାଇଁ ଉଦ୍ୟମ କରିଥାଆନ୍ତା। କିନ୍ତୁ ସେଇ ସୁଯୋଗ ବି ନାହିଁ। ବାପଘର ଗାଆଁରୁ ତା'ର ଆସ୍ଥାନ ଉଠିଯାଇଛି ଏବଂ ସେଥିପାଇଁ ପାଇଥିବା ଚାକିରୀଟି ହରାଇଛି। ତା'ପଛରେ ଏକତରଫା ପଡ଼ିଥିବା ସୁରିଆର ସମସ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରି ଯାହାର ହାତ ଧରି ଶାଶୁ ଘରକୁ ଆସିଥିଲା ସେ ମଧ୍ୟ ତା' ପ୍ରତି ବିମୁଖ କାରଣ ସେ ତାଙ୍କର ଥିବା ଆଶାକୁ ଶେଷ କରିଦେଇଛି ରୋଜଗାରକ୍ଷମ ନହୋଇପାରି। ରକ୍ଷଣଶୀଳ ଶାଶୁ ଶ୍ୱଶୁରଙ୍କର ଯାତନା ମଧ୍ୟ ଦୁର୍ବିସହ ଏବଂ ନିଜ ବାପଘର ଗାଆଁକୁ ଫେରିଯିବା ତା' ପାଇଁ ଲାଂଛନା ଓ ଅପମାନ ଦାୟକ। ଏମିତି ଦିନଗୁଡିକ କଟିଯାଇଥିଲା ସ୍ୱାମୀଙ୍କର କଟୂକ୍ତି ଓ କର୍କଶତା ମଧ୍ୟରେ ଏବଂ ଶାଶୁ ଶ୍ୱଶୁରଙ୍କର ପ୍ରତିଦିନର ଗଂଜଣା ଭିତରେ। ଯେତେବେଳେ ସେ ଏସବୁ ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠାଇଲା ସେମାନେ ଏକଜୁଟ ହୋଇଗଲେ ତାକୁ ସେମାନଙ୍କ ଜୀବନରୁ ସବୁଦିନ ବହିଷ୍କାର କରିବାକୁ। ପରିସ୍ଥିତି ଏଭଳି ହେଲା ଯେ ଅର୍ଜ୍ଜୁନ ତାକୁ ଛାଡପତ୍ର ଦେବାର ପ୍ରକ୍ରିୟା ଆରମ୍ଭ କଲା। ଅର୍ଜ୍ଜୁନର ମାନସିକତା ତା' ପ୍ରତି ଥିଲା ଦୁର୍ବିସହ। ଏଭଳି ଲୋକ ସହିତ ଲମ୍ବା ଜୀବନଟିଏ ବିତାଇବା ତା' ପାଇଁ ଅସମ୍ଭବ ପ୍ରାୟ ଲାଗୁଥିବାର ସେ ମଧ୍ୟ ମାନସିକ ଭାବରେ ପ୍ରସ୍ତୁତ ହୋଇଯାଇଥିଲା ଆପୋଷ ଛାଡପତ୍ର ପାଇଁ।

ସରିତା କିନ୍ତୁ ଚାକିରୀଟିଏ ପାଇବା ପାଇଁ ତା'ର ଅଭିଯାନ ନିରବଧି ଜାରି ରଖିଥିଲା। ଶାଶୁଘର ପରିବାରର ସମସ୍ତ ଅସହଯୋଗ ଓ ବିରୋଧ ବିରୁଦ୍ଧରେ ନିଜେ ପଢ଼ାପଢ଼ି କରି ପ୍ରସ୍ତୁତ ହେଉଥିଲା ବିଭିନ୍ନ ସ୍ଥାନରେ ଚାକିରୀ ପରୀକ୍ଷା ଦେବା ପାଇଁ। ଅର୍ଜ୍ଜୁନର ପୌରୁଷର ଅହଙ୍କାରକୁ ଖାତିର ନକରି ତା'ର ବିନା ସାହାଯ୍ୟରେ ବରଂ ତା'ର ପ୍ରଚଣ୍ଡ ବିରୋଧ ସତ୍ତ୍ୱେ ସରିତା ତା'ର ଉତ୍ସାହ ଓ ପ୍ରଚେଷ୍ଟାକୁ ଅବ୍ୟାହତ ରଖିଥିଲା। ନିଜର ପ୍ରଚେଷ୍ଟା, ପ୍ରତିଶ୍ରୁତି ବିଜ୍ଞତା ଓ ମେଧା ବଳରେ ସେ ଦୃଢ଼ ଥିଲା ଯେ ସମସ୍ତ ପ୍ରତିବନ୍ଧକକୁ ଦିନେ ନା ଦିନେ ଲଂଘିପାରିବ। ପୁରୁଷ ପ୍ରଧାନ ସମାଜର ଯୁଗ ଶେଷ ହୋଇ ଆସୁଥିଲା ବେଳେ ସେହିଁ ପତାକା ବାହକ ହେବ ନାରୀ ସ୍ୱାଧୀନତା ଓ ଆତ୍ମନିର୍ଭରଶୀଳତାର। ତା'ର ନୀରବ ସ୍ୱୀକୃତି ସହ ସେପଟେ ଛାଡ଼ପତ୍ର ପ୍ରସ୍ତାବରେ ମଧ୍ୟ ଅଗ୍ରଗତି ହୋଇଥିଲା। ଛାଡ଼ପତ୍ର କାର୍ଯ୍ୟକାରୀ ହେବା ପରେ ଅର୍ଜ୍ଜୁନ ଏକ ନୂତନ ସ୍ତ୍ରୀ ବରଣ କରିବାର ସୁଯୋଗ ପାଇବ ଏବଂ ତା' ଫଳରେ ସେ ଧନଧାନ୍ୟରେ ଭରପୂର ହୋଇ ସରିତା ଭଳି ଅଯୋଗ୍ୟା, ରୋଜଗାରବିହୀନ ସ୍ତ୍ରୀଟିର କବଳରୁ ମୁକ୍ତି ପାଇବ କାରଣ ସରିତାର ରୋଜଗାରକୁ ଆଖିରେ ରଖି ଲୋଭୀ ମନରେ ତାକୁ ବାହା ହୋଇଥିବାରୁ ସେଥିରୁ ସେ ଆଉ କୌଣସି ଲାଭ ବା ସୁଫଳ ପାଇବ ନାହିଁ। ଶାଶୁ ଶ୍ୱଶୁର ତ ଖୁସିରେ ମସଗୁଲ କାରଣ ବିନା ଯଉତୁକରେ ବାହା ହୋଇଥିବା ସରିତା ଭଳି ବୋହୂଟିଏ ବଦଳରେ ନୂଆ ବୋହୂଟିଏ ଆଣି ଓ ଭରପୁର ଯଉତୁକ ନେଇ ନିଜର ଆର୍ଥିକ ସ୍ଥିତି ମଜଭୁତ କରିନେବେ। ସରିତାର ରୋଜଗାରକୁ ସମ୍ପତ୍ତି ବୋଲି ମନେ କରି ସାରା ପରିବାର ଅର୍ଜ୍ଜୁନ ସହିତ ତା'ର ବିବାହକୁ ସମଝୋତା ଦୃଷ୍ଟିରେ ଦେଖିନେଇଥିଲେ। ତାହା ଏବେ ଆଉ ବଳବତ୍ତର ନଥିଲା।

ଅଦାଲତରେ ଦାଖଲ ହୋଇଥିବା ଛାଡ଼ପତ୍ର ଉପରେ ସ୍ତ୍ରୀ ଓ ସ୍ୱାମୀଙ୍କ ସ୍ୱୀକୃତି ପାଇଁ ଧାର୍ଯ୍ୟ ହୋଇଥିବା ତାରିଖରେ ସରିତା ପହଞ୍ଚିଲା ଠିକ୍ ସମୟ ଅଲଗା ଭାବରେ। ଶାଶୁଘରେ ଦୃଢ଼ତାରେ ସହ ରହିଥିବା ସରିତା ସମସ୍ତଙ୍କଠାରୁ ନିଜକୁ ଅଲଗା କରିନେଇଥିଲା। ଘରର କେତେକ ସର୍ବନିମ୍ନ କାର୍ଯ୍ୟ କରିନେବା ପରେ ସେ ନିଜକୁ ଆଉ କୌଣସି ଦାୟିତ୍ୱର ବନ୍ଧନରେ ବାନ୍ଧି ରଖିପାରିନଥିଲା। ଆପାତତଃ ସମସ୍ତଙ୍କର ମାନସିକ ପ୍ରସ୍ତୁତି ଥିଲା ଏକ ଆପୋଷ ଛାଡ଼ପତ୍ର ସପକ୍ଷରେ। ସେ ନିଷ୍ପତ୍ତି ନେଇଯାଇଥିଲା ଛାଡ଼ପତ୍ର ସ୍ୱୀକାର କରିବାର ଦୁଇଦିନ ମଧ୍ୟରେ ଶାଶୁଘର ଛାଡ଼ି ସେ ଶିକ୍ଷା ଲାଭ କରିଥିବା ସହରରେ ଛୋଟ ଘରଟିଏ ଭଡା ନେଇ ରହିବ, ଚାକିରୀ ପାଇଁ ଚେଷ୍ଟା କରିବ ଏବଂ ସାମୟିକ ଭାବରେ ଟିଉସନ କରି ନିଜକୁ ଚଳାଇନେବା ପାଇଁ କିଛି ଉପାର୍ଜନ ମଧ୍ୟ କରିବ। ବାପା ଯେତେ ବୁଝାଇଲେ ମଧ୍ୟ ସେ ବାପଘର ଗାଆଁକୁ ଯିବାକୁ ଥିଲା ଅରାଜି କାରଣ ଗାଁରେ ରହୁଥିବା ସୁରିଆର କ୍ରୁରତା ତା'ର ସ୍ୱାଭିମାନକୁ ବାରମ୍ବାର ଦଂଶନ କରୁଥିଲା।

ଅଦାଲତରୁ ଫେରି ଆସିବା ପରଦିନ ସେ ନିଜର ସାମଗ୍ରୀ ସବୁ ସଜାଡୁଥିଲା ଘରଛାଡ଼ି ଚାଲିଯିବା ପ୍ରସ୍ତୁତିରେ। ଏଇ ସମୟରେ ରେଜିଷ୍ଟ୍ରି ଚିଠିଟିଏ ଦେଇଗଲା ପୋଷ୍ଟମ୍ୟାନ। ସେ ନିଯୁକ୍ତି ପାଇଛି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ କେନ୍ଦ୍ର ପରିଚାଳନା କରିବା ନିମନ୍ତେ ଜଣେ କନିଷ୍ଠ ସହକାରୀ ପ୍ରଶାସନିକ ଅଧିକାରୀ ଭାବରେ। ଚିଠିଟି ଖୋଲି ଦେଖିଲା ପରେ ଆଶ୍ୱସ୍ତିର ନିଶ୍ୱାସ ନେଲା ସରିତା। ସନ୍ଧ୍ୟାବେଳେ ସରିତାର ବିଦାୟ ନିଶ୍ଚିତ ଥିବା ନେଇ ଅର୍ଜ୍ଜୁନ ଏବେ ବେଶ୍ ଆଶ୍ୱସ୍ତ। ତା ସହ ଅର୍ଜ୍ଜୁନ ଦିପଦ ଆଳାପ କରିବାକୁ ଇଚ୍ଛାପ୍ରକାଶ କଲାବେଳେ ସେ କିଛି ବିରୋଧ କରିନଥିଲା କାରଣ ସେ ଜାଣିଥିଲା ଏହା ଶେଷ ଆଳାପ ଏବଂ ଆଇନଗତ ଏବଂ ଦୈହିକ ଭାବରେ ଅର୍ଜ୍ଜୁନ ସହିତ ତା'ର ସମସ୍ତ ସମ୍ପର୍କ ଛିନ୍ନ ହେବାକୁ ଯାଉଛି। ଆଳାପ ଆରମ୍ଭରୁ ଅର୍ଜ୍ଜୁନର ଦୃଷ୍ଟିରେ ପଡ଼ିଗଲା ଟେବୁଲ ଉପରେ ଚିଠିଟି ଉପରେ। ପଢ଼ି ଆଶ୍ଚର୍ଯ୍ୟ ହୋଇଗଲା – ତା' ବିଭାଗର ଜଣେ ଉଚ୍ଚକର୍ମକର୍ତ୍ତା ଭାବରେ ନିଯୁକ୍ତି ପାଇଛି ସରିତା। ନିଜେ କରିଥିବା ଭୁଲର ପ୍ରଭାବରେ ଅତିଷ୍ଠ ହୋଇ ଉଠୁଥିଲା ଅର୍ଜ୍ଜୁନ। ପଚାରିଲା – ସତରେ କ'ଣ ତୁମେ କାଲି ଚାଲିଯାଉଛ। ବେଶ୍ ଦୃଢ଼ତାର ସହିତ ସରିତା ଉତ୍ତର ଦେଲା – ସେ କଥାତ ତୁମେମାନେ ଆଇନର ଦ୍ୱାରରେ ଚୂଡ଼ାନ୍ତ କରିସାରିଛ। ମୁଁ ଭୌତିକ ଶରୀରରେ କେବଳ ତାକୁ କାର୍ଯ୍ୟକାରୀ କରିବି। ଆଜିତ ମୁଁ ତୁମ ସମସ୍ତଙ୍କ କବଳରୁ ମୁକ୍ତ। ଜଣେ ନାରୀ ଭାବରେ ମୁଁ ସିଦ୍ଧ କରିବି ଯେ ନାରୀଟିଏ ଅବଳା ନୁହେଁ, ସେଇଟା ହିଁ ମୋ ପାଇଁ ପରମ ଗୌରବ ହେବ। ତଥାପି ଥଙ୍ଗେଇ ଥଙ୍ଗେଇ ଅର୍ଜ୍ଜୁନ ପଚାରିଲା – ସତରେ କ'ଣ ତୁମେ ଆମ ସହିତ କେଭେ ରହିବନି ! ତୁମେ କ'ଣ ଚେଷ୍ଟା କଲେ ଏକଥା ସମାଧାନ ହୋଇଯାଆନ୍ତାନି ! ସରିତା କିଛି ସମୟ ନୀରବ ରହିବା ପରେ ବିନା ଉତ୍ତରରେ ଅବଜ୍ଞା ପ୍ରଦର୍ଶନ ପୂର୍ବକ ମୁହଁ ବୁଲାଇ ରୁମ୍ ବାହାରକୁ ଚାଲିଗଲା।

***ସି-୧୬୩, ବିଡିଏ ଏଚ୍.ଆଇ.ଜି. ଡୁପ୍ଲେକ୍ସ,***
***ପ୍ରଜ୍ଞାବିହାର, ବରମୁଣ୍ଡା,***
***ଭୁବନେଶ୍ୱର-୭୫୧୦୦୩***
***ଦୂରଭାଷ: ୯୪୩୭୦୩୧୩୯୨***

ଜ୍ୟୋତିଷ ବିଚାର



# ମାସିକ ରାଶିଫଳ

## (ତା: ୧୫/୦୯/୨୦୨୫ ରୁ ତା: ୧୪/୦୧୦/୨୦୨୫)

ଜ୍ୟୋତିର୍ବିଦ- ବିଶ୍ୱନାଥ ନାୟକ



**ମେଷ:-** ମାସଟି ଆପଣଙ୍କ ପକ୍ଷେ ଶୁଭଫଳ ପ୍ରଦାୟକ ହୋଇ ଗଡ଼ି ଚାଲିଥିବା ଅଶାନ୍ତିରୁ ମୁକ୍ତ କରିବ। ଶତ୍ରୁବାଧା ହେବା ଫଳରେ କର୍ତ୍ତବ୍ୟ ପଥରେ ନିରଙ୍କୁଶ ଜୀବନଚର୍ଯ୍ୟାର ଅବସର ପାଇବେ। ଅସଂପୂର୍ଣ୍ଣ କାର୍ଯ୍ୟର ସଫଳତା ପୂର୍ବକ ପୂର୍ଣ୍ଣତା ପ୍ରଦାନ କରି ଆତ୍ମ ସନ୍ତୋଷ ଲାଭ କରିପାରନ୍ତି। ଚେଷ୍ଟା ଚରିତ୍ର ଯୋଗେ କର୍ମରେ ଲକ୍ଷ୍ୟପ୍ରାପ୍ତି କଷ୍ଟକର ହେବନାହିଁ। ଈର୍ଷାଳୁମାନଙ୍କର ତୁଣ୍ଡ ବନ୍ଦ ରହିବ। ହିତୈଷୀମାନଙ୍କ ସହଯୋଗ ଲାଭକରି ଉତ୍‌ଫୁଲ୍ଲିତ ହେବେ। ଉପରିସ୍ଥ ମାନଙ୍କଠାରୁ ସଦିଚ୍ଛା ଓ ପ୍ରେରଣା ପ୍ରାପ୍ତ ହେବା ଯୋଗେ ଆଗ୍ରହ ବୃଦ୍ଧି ହେବ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ସାମାଜିକ ସ୍ତରରେ ଆଦୃତିରେ ବଢ଼ତିହେବ। ବେପାର ବାଣିଜ୍ୟରେ ଲାଭର ଆଶା ନିଶ୍ଚିତ। ଆର୍ଥିକ ଦିଗରୁ ଚିନ୍ତିତହେବେ ନାହିଁ। ମୂଲ୍ୟବାନ ଦ୍ରବ୍ୟ କ୍ରୟ ସହିତ ଭବିଷ୍ୟତର ସୁଦୃଢ଼ ଯୋଜନା କରିବସିବେ। ମାଙ୍ଗଳିକ କାର୍ଯ୍ୟରେ ତତ୍ପରତା ବୃଦ୍ଧି ପାଇବ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ବିଷାଦିତ କରିପାରେ। ଭ୍ରମଣ ଓ ଦେବଦର୍ଶନ ତଥା ଐଶ୍ୱରୀୟ କର୍ମରେ ନିଜକୁ ସାମିଲ କରିବେ। ବଡ଼ ଧରଣର ଥଣ୍ଡାଦୋଷ ଓ ପିତ୍ତଦୋଷରେ ଆକ୍ରାନ୍ତ ହେବାର ସୂଚନା ମିଳୁଛି। ପାରିବାରିକ ଜୀବନରେ ମନରେ ଗ୍ଲାନି ଆସିବାର ନାହିଁ। ମହିଳାମାନେ ପରିଚାଳନା କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶାଇବେ। ଉଦ୍ୟମ ଯୋଗେ ସମସ୍ତ ପରିବେଶକୁ ନିୟନ୍ତ୍ରଣରେ ରଖିବାର ସାମର୍ଥ୍ୟ ଜୁଟିବ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟକୁ ପ୍ରାଧାନ୍ୟତା ଦେବେ।

ଅଶୁଭ ଦିବସ:- ୨୦, ୨୧, ୬, ୭, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୭, ୨୮ ଘାତଚନ୍ଦ୍ର:- ୮, ୯ ଅନ୍ୟ ଦିନ ଶୁଭ।



**ବୃଷ:-** ଶୁଭାଶୁଭ ମିଶ୍ରିତଫଳର ଉପଭୋକ୍ତା ହେଲେବି ପୂର୍ବ ତୁଳନାରେ ମାସଟି ଅଧିକ ନିରାମୟ ହେବ। ଅନିଶ୍ଚିତତା ଦୂରହେବା କାରଣରୁ ମାନସିକ ଶାନ୍ତି ପାଇବେ। କର୍ମକ୍ଷେତ୍ରରେ ବିଳମ୍ବ ଦେଖାଦେଲେ ଧୈର୍ଯ୍ୟର ସହିତ ସମୟ ବିତାଇବାକୁ ପଡ଼ିବ। ଆଧାତ୍ମିକତା ବେଶ୍ ପରିଲକ୍ଷିତ ହେବ। ଆଶା ଓ ବିଶ୍ୱାସ ଜୀବନର ମୂଳମନ୍ତ୍ର ହେବ। ଲକ୍ଷ୍ୟ ପ୍ରାପ୍ତି ଦୁରା ସାଧ ହେବ ନାହିଁ। ଗୁରୁଜନ ମାନଙ୍କ ଆଶୀର୍ବାଦ ନକାରାତ୍ମକ ପରିବେଶକୁ ଖଣ୍ଡନ କରିବ। ଉପରିସ୍ଥମାନଙ୍କ ସନ୍ତୁଷ୍ଟିରୁ କର୍ମକ୍ଷେତ୍ର ସରଳ ହେବ। ଶତ୍ରୁମାନେ ମୁହଁ ବନ୍ଦ ରଖିବେ। ସାମାଜିକ ସ୍ତରରେ ମୂଲ୍ୟବୋଧ ବୃଦ୍ଧି ଘଟିବ। ବିବାଦୀୟ କ୍ଷେତ୍ର ଅଣାୟତ୍ତ ହେବନାହିଁ। ପଡ଼ୋଶୀମାନେ ସହାୟକ ହେବେ। ବେପାର ବାଣିଜ୍ୟରେ ବାଧାବିଘ୍ନ ଦେଖା ଦେବନାହିଁ। ଆର୍ଥିକ ଦିଗରୁ ଚିନ୍ତାମୁକ୍ତ ହେବେ। ବନ୍ଧୁବାନ୍ଧବରେ ଖାତିର ବଢ଼ିବ। ନୂତନ ଯୋଜନାକୁ ସାକାର କରିବା ନିମିତ୍ତ ଦୃଢ଼ ପ୍ରତିଜ୍ଞ ହେବେ। ବେଳେବେଳେ ମନର କଥା ମନରେ ମାରିବାକୁ ପଡ଼ିବ। ସୌଖୀନ ବସ୍ତୁ ଓ ଉତ୍ତମ ଖାଦ୍ୟର ରୁଚି ବଢ଼ିପାରେ। ଥଣ୍ଡାଦୋଷ ଓ ବାୟୁ ବିକାର ଦେଖାଦେବ। ଏ ସବୁ ସତ୍ତ୍ୱେ ଭ୍ରମଣ ଅଟକିବ ନାହିଁ। ପାରିବାରିକ ଜୀବନରେ ଉଦ୍‌ବିଗ୍ନତା ଦେଖାଦେଇପାରେ। ମହିଳାମାନେ ସନ୍ତାନ ଚିନ୍ତାରେ ଚିନ୍ତିତ ହେବେ। ଆଶା ଅସୁମାରି ହେବ। ବିଦ୍ୟାର୍ଥୀମାନେ ଭବିଷ୍ୟତର ଉଚ୍ଚାକାଂକ୍ଷା ପୂରଣରେ ବ୍ରତୀ ହେବେ।

ଅଶୁଭ ଦିବସ:- ୧୫, ୧୬, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୯, ୩୦, ୧ ଘାତଚନ୍ଦ୍ର:- ୨୨, ୨୩ ଅନ୍ୟଦିନ ଶୁଭ।



**ମିଥୁନ:-** ଆପଣଙ୍କ ନିମିତ୍ତ ମାସଟି ଶୁଭଫଳ ପ୍ରଦାନ କରିବାର ସମ୍ଭାବନା ଭରପୁର। ପ୍ରାୟ ଦିଗରେ ଆଗୁଆ ରହିବା ସହିତ କର୍ମକ୍ଷେତ୍ରରେ ଦ୍ରୁତଗତି ଧାରଣ କରି ଲକ୍ଷ୍ୟ ସ୍ଥଳରେ ଅନାୟାସରେ ପହଞ୍ଚିଯାଇ ପାରିବେ। ସରକାରୀ କଳରୁ ଆବଶ୍ୟକୀୟ ସୁବିଧା ସୁଯୋଗ ଉପଲବ୍ଧ ହେବ। କର୍ମକୁ ସମାପନ କରିବେ। ବେଳେବେଳେ ଅଯଥା କର୍ମରେ ମୁଣ୍ଡ ଖେଳାଇ ଦିକ୍‌ଦାର ହୋଇପାରନ୍ତି। ଖୋସାମଦିଆଠାରୁ ଦୂରତା ରକ୍ଷାକଲେ ଠକିଯିବାର ଆଶଙ୍କା ରହିବ ନାହିଁ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ଖଟାଇ ନିଜକୁ ସୁରକ୍ଷିତ ରଖିବେ। ସାମାଜିକ ସ୍ତରରେ ଲୋକସଂପର୍କ ବୃଦ୍ଧି ଘଟିବ। ଆର୍ଥିକ କାରବାର ଚଉଆଖିଆ ହୋଇ ଲାଭବାନ ହେବେ। ବେପାର ବାଣିଜ୍ୟରେ ଧୋକ୍କା ଖାଇବାର ନାହିଁ। ଆପଣାରମାନେ ଶୋଷଣ ମନୋବୃତ୍ତି ପୋଷଣ କରିପାରନ୍ତି। ନିର୍ମାଣ କାର୍ଯ୍ୟରେ ମନୋନିବେଶ କରିବେ। ସ୍ଥାନ ପରିବର୍ତ୍ତନର ସୂଚନା ଅଛି। ଅବୟବରେ ଆଘାତ ଆସିପାରେ। ଅର୍ଥ ଉପାର୍ଜନରେ ତତ୍ପରତା ପ୍ରକାଶ ପାଇବ। ଆତ୍ମୀୟ ମାନଙ୍କ ସହଯୋଗ ପ୍ରେରଣାପ୍ରଦ ହେବ। ଦେବ କାର୍ଯ୍ୟରେ ଓ ଆନୁଷ୍ଠାନିକ କର୍ମରେ ତତ୍ପରତା ବୃଦ୍ଧିପାଇବ। ତଥାପି ରୋଗରେ ଆକ୍ରାନ୍ତ ହେବେ। ବିଦ୍ୟାର୍ଥୀମାନେ ଅସ୍ଥିରତା ଯୁକ୍ତ ହେବେ।

ଅଶୁଭ ଦିବସ:- ୧୭, ୧୮, ୧୯, ୨୨, ୨୩ ଅଷ୍ଟମଚନ୍ଦ୍ର:- ୨, ୩ ଘାତଚନ୍ଦ୍ର:- ୪, ୫ ଅନ୍ୟଦିନ ଶୁଭ।



**କର୍କଟ:-** ମାସଟିରେ ଆପଣଙ୍କୁ ଶୁଭାଶୁଭ ମିଶ୍ରିତଫଳ ପ୍ରାପ୍ତହେବ। ମାସର ଦ୍ୱିତୀୟାର୍ଦ୍ଧରେ ଶୁଭଫଳର ମାତ୍ରା ଅଧିକ ହେବାର ସୂଚନା ମିଳୁଛି। ଧର୍ମବଳ ଓ

କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେଇ ଅଶୁଭ ଫଳର ମାତ୍ରା ହ୍ରାସ ଘଟାଇ ପାରନ୍ତି। କର୍ମର ଗତି ସାମାନ୍ୟ ବିଳମ୍ବିତ ହେଲେବି ବିଡ଼ମ୍ବିତ ହେବାର ନାହିଁ। ଯୋଜନାବଦ୍ଧ ହୋଇ କର୍ମାଭିମୁଖୀ ହେଲେ ପଶ୍ଚାତାପର ଆଶଙ୍କା ନାହିଁ। ଭାବପ୍ରବଣତା ଠାରୁ ଦୂରେଇ ରହିଲେ ଦୁଶ୍ଚିନ୍ତା ଭୋଗିବେ ନାହିଁ। ସାମାଜିକ ସ୍ତରରେ ଲୋକମାନ୍ୟତା, ଗ୍ରହଣ କରିବେ। ବିବାଦୀୟ କ୍ଷେତ୍ରରେ ବିଚଳିତ ହେବେନାହିଁ। ଆଶୁ ସମାଧାନର ପନ୍ଥା ଉପଗତ ହେବ। ଆର୍ଥିକ ଦିଗରୁ ସ୍ୱାବଲମ୍ବୀ ହେବେ। ବେପାର ବାଣିଜ୍ୟର ଧାରା ସହଜ ସରଳହେବ। ଚଲାପଥରେ ଶତ୍ରୁମାନଙ୍କ କୁଚକ୍ରାନ୍ତ ଅପସରିଯିବ। ଭୋଜନ ଓ ପରିଧାନ ପ୍ରତି ରୁଚି ବଢ଼ିବ। ସୌଖୀନ ଦ୍ରବ୍ୟର କୁ ଅଭ୍ୟାସ ପରିତ୍ୟାଗ କଲେ ଉତ୍ତମ ଭବିଷ୍ୟତ ଗଠନ ହେବ। ଅଣ୍ଡାଦୋଷ ଓ ଗଣ୍ଠିବାତ ଯନ୍ତ୍ରଣାପ୍ରଦ ହେବ। ପାରିବାରିକ ଜୀବନରେ ବାଧା ଉପୁଜିବ ନାହିଁ। ମହିଳାମାନେ ବଚନ ଓ ବ୍ୟବହାରରେ ଅସାଧ୍ୟ ସାଧନ କରିବେ। ଖଟଣୀ ସତ୍ତ୍ୱେ ଆନନ୍ଦ ମିଳିବ। ବିଦ୍ୟାର୍ଥୀମାନେ ନିରାପଦ ସ୍ଥିତି ବଜାୟ ରଖିବେ।

ଅଶୁଭ ଦିବସ:- ୨୪, ୨୫, ୨୬ ଅଷ୍ଟମ ଚନ୍ଦ୍ର:- ୪, ୫ ଘାତଚନ୍ଦ୍ର:- ୨୦, ୨୧ ଅନ୍ୟଦିନ ଶୁଭ।



**ସିଂହ:-** ପୂର୍ବ ତୁଳନାରେ ମାସଟି ଆପଣଙ୍କ ନିମିତ୍ତ ଶାନ୍ତିପ୍ରଦ ହେବ। କଳେ ବଳେ କୌଶଳେ କାର୍ଯ୍ୟ ହାସଲ କରିବେ। କର୍ମରେ ଉନ୍ନତି ଯୋଗେ ମନରେ ଆନନ୍ଦ ଉତ୍ସାହ ଭରିଯିବ। ସରକାରୀ କଳର ସହାୟତା ଲାଭକରି ଆନନ୍ଦିତ ହେବେ। ସାମାଜିକ ସ୍ତରରେ ବ୍ୟକ୍ତିତ୍ୱର ପରିସ୍ଫୁଟନ ହେବ। ଦୌଡ଼ଧୂପ ବୃଦ୍ଧି ଜନିତ କ୍ଲାନ୍ତି ଅନୁଭବ କଲେବି କର୍ମ ସଫଳତା ଯୋଗେ ଶାନ୍ତି ପାଇବେ। ବିବାଦୀୟ କ୍ଷେତ୍ର ହାତମୁଠାରେ ରହିବ। ପ୍ରାପ୍ତ ବସ୍ତୁରେ ସନ୍ତୋଷ ଅନୁଭବ କରିବା ଶ୍ରେୟ ହେବ। ଲୋଭ ପରିହାର କଲେ ଅଯଥା ଅଶାନ୍ତି ଉପୁଜିବ ନାହିଁ। ବେପାର ବାଣିଜ୍ୟରୁ ଲାଭ ପାଇଲେବି ଆୟ ତୁଳନାରେ ବ୍ୟୟର ପରିମାଣ ଅଧିକ ହେବ। ଋଣ ପରିଶୋଧରେ ସମର୍ଥ ହେବେ। ନିଜଲୋକ ମାନଙ୍କ ନିମିତ୍ତ ବ୍ୟସ୍ତତା ବୃଦ୍ଧି ପାଇବ। ଆନୁଷ୍ଠାନିକ କାର୍ଯ୍ୟରେ ପ୍ରମୁଖ ଭୂମିକା ନିର୍ବାହ କରିବେ। ନିର୍ମାଣ କାର୍ଯ୍ୟ ପ୍ରତି ମନ ବଳାଇବେ। ମୂଲ୍ୟବାନ ଧାତୁ କ୍ରୟାଦି କରିପାରନ୍ତି। ସେବା ଓ ଦାନଧର୍ମ ପ୍ରତି ରୁଚି ବଢ଼ିବ। ଉଚ୍ଚ ରକ୍ତଚାପ ଓ ବାୟୁ ବିକାର ଯୋଗେ ଦୁର୍ବଳ ଅନୁଭବ କରିବେ। ପାରିବାରିକ ସମସ୍ୟାକୁ ସୁନିୟନ୍ତ୍ରିତ କରିବେ। ମହିଳାମାନେ ଅନ୍ୟମାନଙ୍କ ବ୍ୟବହାର ଯୋଗେ ଅସୁଖୀ ହୋଇପାରନ୍ତି। ପରିବାରର ଓ ଅନୁଷ୍ଠାନର ମୁଖ୍ୟ କର୍ମରେ ଜଡ଼ିତ ହେବେ। ବିଦ୍ୟାର୍ଥୀମାନେ କର୍ତ୍ତବ୍ୟରେ ନିଷ୍ଠା ପ୍ରଦର୍ଶାଇବେ।

ଅଶୁଭ ଦିବସ:- ୨୭, ୨୮, ୮, ୯ ଅଷ୍ଟମଚନ୍ଦ୍ର:- ୬, ୭ ଘାତଚନ୍ଦ୍ର:- ୨, ୩ ଅନ୍ୟଦିନ ଶୁଭ।



**କନ୍ୟା:-** ଶୁଭାଶୁଭ ସ୍ଥିତିରେ ମାସଟି ଅତିବାହିତ ହେବ। ମଝିରେ ମଝିରେ ପ୍ରତିକୂଳ ପବନ ବହିବାଦ୍ୱାରା ମନରେ ଅସ୍ଥିରତା ଗାତ ହୋଇପାରେ। ପ୍ରିୟ ଲୋକମାନେ ବୋଝ ଭଳି ଅନୁଭୂତ ହେବେ। ନିଜ ସମସ୍ୟା ସହିତ ଅନ୍ୟମାନଙ୍କର ଦାୟିତ୍ୱ ବେଳେବେଳେ ଅସହଜ ମନେହେବ। ମାସର ଶେଷଭାଗରେ ଶୁଭ ପରିବେଶ ଅନୁଭୂତ ହେବାଯୋଗେ ଆଶ୍ୱସ୍ତ ହେବେ। ମନର ପରିଭାଷା ଅନ୍ୟ ଆଗରେ ପ୍ରକାଶ କରିହେବ ନାହିଁ। କର୍ମର ଗତି ପୂର୍ବଭଳି ଚାଲୁ ରହିବ। ଦୃଢ଼ ମନୋବଳ ଓ ଅଦମ୍ୟ ସାହାସ ଜୁଟାଇ ଅସ୍ଥିରତାକୁ ନିଜ ଭିତରେ ଆୟତ୍ତ କରିବେ। ସାମାଜିକ ସ୍ତରରେ ନିନ୍ଦିତ ହେବାର ନାହିଁ। ବିବାଦୀୟ କ୍ଷେତ୍ରରେ ନ୍ୟାୟ ମିଳିବାରେ ବିଳମ୍ବ ହେବ। ବେପାର ବାଣିଜ୍ୟ ନିମିତ୍ତ ଦୁଶ୍ଚିନ୍ତାଗ୍ରସ୍ତ ହେବେନାହିଁ। ପତିତ ଧନ ହାତକୁ ଆସିବା ଫଳରେ ମନରେ ସାହାସ ଓ ଆନନ୍ଦ ଭରିଯିବ। ଛୁଆପିଲାମାନଙ୍କ ଯୋଗେ ଚିନ୍ତିତ ହେବେ। ବନ୍ଧୁ ବାନ୍ଧବଙ୍କ ନିକଟରୁ ସାହାଯ୍ୟ ମିଳିବ। ଦୈବୀକୃପା ଯୋଗେ ଅସମ୍ଭବରେ ସମ୍ଭାବନା ସୃଷ୍ଟି କରିବେ। ପ୍ରିୟଜନମାନଙ୍କ ସ୍ୱାସ୍ଥ୍ୟ ବିକଳିତ କରିବ। ଦୂର ଭ୍ରମଣ କରିପାରନ୍ତି। ଦେବକର୍ମରେ ଶ୍ରଦ୍ଧା ବଳିବ। ପିତ୍ତଦୋଷ ଓ ସ୍ନାୟବିକ ଦୁର୍ବଳତା ଦେଖାଦେବାର ସମୟ। ପରିବାରରେ ଅନ୍ୟମାନଙ୍କ ମର୍ଜି ଉପରେ ଚାଲିବାକୁ ପଡ଼ିବ। ମହିଳାମାନେ ସମସ୍ତ ପରିବେଶରେ ନିଜକୁ ଦୃଢ଼ କରି ଅନ୍ୟମାନଙ୍କୁ ସାହାସ ଓ ପ୍ରେରଣା ଦେବେ ପରିଚାଳନାଗତ କ୍ଷମତା ବୃଦ୍ଧି ପାଇବ। ବିଦ୍ୟାର୍ଥୀମାନେ ବାଧାବିଘ୍ନ ଅତିକ୍ରମ କରି ଆଗେଇବେ।

ଅଶୁଭ ଦିବସ:- ୨୯, ୩୦, ୧, ୧୦, ୧୧ ଅଷ୍ଟମଚନ୍ଦ୍ର:- ୮, ୯ ଘାତଚନ୍ଦ୍ର:- ୧୫, ୧୬, ୧୨, ୧୩, ୧୪ ଅନ୍ୟଦିନ ଶୁଭ।



**ତୁଳା:-** ମାସଟିରେ ଆପଣ ଶୁଭଫଳ ପ୍ରାପ୍ତ ହୋଇ ଆତ୍ମ ବିଭୋର ହୋଇପାରନ୍ତି। ମାସର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମୟ ଆପଣଙ୍କ ସପକ୍ଷରେ ରହିବା ଯୋଗେ କର୍ମ କ୍ଷେତ୍ରରେ ଦ୍ରୁତଗତି ଧାରଣକରି ପ୍ରାପ୍ତହେବେ। ଉତ୍ସାହ ଉଦ୍ଦୀପନାର ସହିତ କର୍ମ ସଂପାଦନ ଅବ୍ୟାହତ ରହିବ। ଉପରିସ୍ଥମାନଙ୍କ ଉତ୍ତମ ପରାମର୍ଶ ସହିତ ସହଯୋଗ ଫଳରେ ସାହାସ ଓ ଆନନ୍ଦ ଭରିଦେବ। କର୍ମରେ ସାଫଲ୍ୟ ଯୋଗେ କ୍ଲାନ୍ତି ଓ ଅବସାଦକୁ ଏଡ଼ାଇ ଯିବେ। ନୂତନ ଦାୟିତ୍ୱ ବହନ କରି ତାହାର ଉତ୍ତମ ପରିଚାଳନା କରିବେ। ସାମାଜିକ ସ୍ତରରେ ଖ୍ୟାତିର ବଢ଼ତି ହେବ। ବେପାର ବାଣିଜ୍ୟରେ ବହୁଦିନର ଆଶା ପୂରଣ ହୋଇପାରେ। ବିବାଦୀୟ କ୍ଷେତ୍ରରେ କର୍ମନିଷ୍ଠା ଓ ଦୈବୀକୃପା ଯୋଗେ ପରିବେଶ ଅନୁକୂଳ ହେବ। ଆର୍ଥିକ ଦିଗରୁ ଚିନ୍ତାମୁକ୍ତ ହେବେ। ବନ୍ଧୁ ସମାଗମର ଯୋଗ ଅଛି। ଦେଶ ଭ୍ରମଣରେ ଆଗ୍ରହୀ ହେବେ। ମୂଲ୍ୟବାନ ଦ୍ରବ୍ୟ ସହିତ ଯାନକ୍ରୟର ଯୋଗ ଅଛି। ଶତ୍ରୁମାନେ ବ୍ୟଥିତ ହେବେ। ଶୁଭ ଖବରର ଅପେକ୍ଷା କରିପାରନ୍ତି। ବସ୍ତ୍ର ଭୂଷଣ ପ୍ରାପ୍ତି ଯୋଗ ଅଛି। ସନ୍ତାନ ଚିନ୍ତା ବଢ଼ିବ। ବିଦ୍ୟାର୍ଥୀମାନଙ୍କ ନିମିତ୍ତ ସମୟ ଅନୁକୂଳ।

ଅଶୁଭ ଦିବସ:- ୧୫, ୧୬, ୨୨, ୨୩, ୨, ୩, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୧୦, ୧୧ ଘାତଚନ୍ଦ୍ର:- ୨୯, ୩୦, ୧ ଅନ୍ୟଦିନ ଶୁଭ।



**ବିଛା:-** ଆପଣଙ୍କ ନିମିତ୍ତ ଗ୍ରହମାନଙ୍କ ଶୁଭ ସଞ୍ଚାର ଯୋଗେ ଆଶାଜନକ ସୁଫଳ ମିଳିବ। କର୍ମକ୍ଷେତ୍ରରେ ଦ୍ରୁତଗତି ଧାରଣ କରି ଇପ୍‌ସିତ କାର୍ଯ୍ୟର ସଂପୂର୍ଣ୍ଣତା କରିବାରେ ସକ୍ଷମ ହେବେ। ନୂତନ ସଂପର୍କରୁ ଓ ଶୁଭ ଚିନ୍ତକ ମାନଙ୍କ ସହଯୋଗର ହାତ ପାଇବାଦ୍ୱାରା ଉତ୍ସାହିତ ହେବେ। କର୍ତ୍ତବ୍ୟକୁ ପ୍ରାଧାନ୍ୟ ଦେବା କାରଣରୁ ଅଏସ ଆରାମ ପ୍ରତି ସମୟର ଅଭାବ ଘଟିବ। ସରକାରୀ କଳ ଆପଣଙ୍କ ସପକ୍ଷରେ ଯିବାର ବଳିଷ୍ଠ ସୂଚନା ମିଳୁଛି। ମୁଣ୍ଡ ଉଠାଇଥିବା ଶତ୍ରୁମାନେ ନିଷ୍ପ୍ରଭ ହୋଇପଡ଼ିବା କାରଣରୁ ଗତି ପଥରୋଧ ହେବେନାହିଁ। ସାମାଜିକ ସ୍ତରରେ ଲୋକମାନ୍ୟତା ମିଳିବ। ବିବାଦୀୟ କ୍ଷେତ୍ର ସରଳ ହେବ। ବେପାର ବାଣିଜ୍ୟ ନିମିତ୍ତ ଉପଯୁକ୍ତ ସମୟ ଯୋଗେ ଉତ୍‌ଫୁଲ୍ଲିତ ହେବେ। ଆର୍ଥିକ ସମସ୍ୟା ରହିବ ନାହିଁ। ପରିବାରରେ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ଚିନ୍ତିତ କରାଇପାରେ। ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଆଶାୟୀମାନେ ନିରାଶ ହେବେନାହିଁ। ଈଶ୍ୱର ବିଶ୍ୱାସରେ ଅଭିବୃଦ୍ଧି ଘଟିବ। ବିନା ପରିଶ୍ରମରେ ଅର୍ଥ ପ୍ରାପ୍ତି ହୋଇପାରେ। ଖାଦ୍ୟ ପ୍ରତି ରୁଚି ବଢ଼ିବ। ସ୍ନାୟବିକ ଓ ଚର୍ମରୋଗର ଶିକାର ହୋଇପାରନ୍ତି। ପାରିବାରିକ କ୍ଷେତ୍ରରେ ପ୍ରାଧାନ୍ୟ ବଜାୟ ରହିବ। ମହିଳାମାନେ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିବେ। ପରିବାରର ଉନ୍ନତି କଳ୍ପେ ଯଥା ଚେଷ୍ଟା ଜାରି ରଖିବେ। ବିଦ୍ୟାର୍ଥୀମାନେ ଅସ୍ଥିରତାର ବଶବର୍ତ୍ତୀ ହୋଇପାରନ୍ତି।

ଅଶୁଭ ଦିବସ:- ୧୭, ୧୮, ୧୯, ୨୪, ୨୫, ୨୬, ୪, ୫ ଅଷ୍ଟମଚନ୍ଦ୍ର:- ୧୫, ୧୬, ୧୨, ୧୩, ୧୪ ଘାତଚନ୍ଦ୍ର:- ୧୦, ୧୧ ଅନ୍ୟଦିନ ଶୁଭ।



**ଧନୁ:-** ମାସଟିରେ ଆପଣ ଶୁଭାଶୁଭ ମିଶ୍ରିତଫଳର ଉପଭୋକ୍ତା ହେବେ। ଅଶୁଭ ତୁଳନାରେ ଶୁଭଫଳର ମାତ୍ରା ଅଧିକ ଭାବେ ପରିଲକ୍ଷିତ ହେବ। କାମ୍ୟ କର୍ମରେ ଆଗେଇବା ନିମିତ୍ତ ବାଧାବିଘ୍ନର ପ୍ରତିକୂଳ ପରିବେଶ ଉପୁଜିବ ନାହିଁ। ଉପରିସ୍ଥ ମାନଙ୍କର ଶ୍ରଦ୍ଧା ଭାଜନ ହୋଇ କର୍ମମୁଖର ହେବେ। ଶତ୍ରୁମାନେ ପଛରେ ଲାଗି ରହିଲେବି ସେମାନଙ୍କର ଚେଷ୍ଟା ଗତିରୋଧ କରିବ ନାହିଁ। ଲାଭପ୍ରଦ କର୍ମ ଗୁଡ଼ିକୁ ଆପଣେଇ ନେଇ ଉତ୍ତମ ଫଳ ଭୋକ୍ତା ହେବେ। ସାଙ୍ଗଠନିକ କର୍ମରେ ତତ୍ପରତା ବୃଦ୍ଧି ପାଇବ। ସାମାଜିକ ସ୍ତରରେ ଆଗଧାଡ଼ିରେ ଉପବେଶନ କରିବେ। ବିବାଦୀୟ ସ୍ତରରେ ଆପଣା ଛାଏଁ ପଥ ପରିଷ୍କାର ହେବ। ବୃହତ୍ତର ଯୋଜନାକୁ ଆଗେଇନେବେ। ବେପାର ବାଣିଜ୍ୟର ଅବସ୍ଥା ପୂର୍ବ ଅପେକ୍ଷା ସ୍ୱଚ୍ଛଳ ହେବ। ଆର୍ଥିକ ଦିଗରୁ ମନଊଣା କରିବାର ନାହିଁ। ବୈଷୟିକ ସମୃଦ୍ଧି କରଗତ ହେବ। ଭ୍ରମଣ ଯୋଗେ ଶାନ୍ତି ପାଇବେ। ଚଉଆଖିଆ ହୋଇ ମାପିଜଗି ଚଳିଲେ ଦୁଶ୍ଚିନ୍ତା ଦୂରେଇଯିବ। ଗୁରୁଜନମାନଙ୍କ ସ୍ୱାସ୍ଥ୍ୟ ବିବ୍ରତ କରିପାରେ। ବିଶେଷ ରୋଗର ଆଶଙ୍କା ନଥିଲେବି ଥଣ୍ଡାଦୋଷ ଓ ବାତଦୋଷ ଅନୁଭୂତ ହେବ। ପାରିବାରିକ ସ୍ତରରେ ଶାନ୍ତି ଦେଖାଦେବ। ମହିଳାମାନେ ନୂତନ ଆଶା ଓ ଭରସା ପୋଷଣ କରିପାରନ୍ତି। ଧୈର୍ଯ୍ୟ ଧାରଣ କରି ସମସ୍ତ ପରିବେଶକୁ ଆୟତ୍ତ କରିବେ। ସଞ୍ଚୟ ମନୋବୃତ୍ତି ବୃଦ୍ଧି ପାଇବ। ବିଦ୍ୟାର୍ଥୀମାନେ ଏକାଗ୍ରତା ଦ୍ୱାରା ସଫଳ ହେବେ।

ଅଶୁଭ ଦିବସ:- ୨୦, ୨୧, ୨୭, ୨୮, ୮, ୯ ଅଷ୍ଟମଚନ୍ଦ୍ର:- ୧୭, ୧୮, ୧୯ ଘାତଚନ୍ଦ୍ର:- ୬, ୭ ଅନ୍ୟଦିନ ଶୁଭ।



**ମକର:-** ଶୁଭାଶୁଭ ସ୍ଥିତିରେ ମାସଟି ଅତିବାହିତ କରିବେ। ପୂର୍ବ ତୁଳନାରେ ମାସଟି ସୁଧାର ହେବ। କର୍ମର ଗତି ଆଶାନୁରୂପ ନହେଲେବି ଗତିରୋଧ ହେବନାହିଁ। ବିପରୀତ ପରିବେଶକୁ ନିଜଚେଷ୍ଟାରେ ଅନୁକୂଳ କରି ଆଗେଇବେ। ପଦାସୀନ ଅଧିକାରୀଙ୍କ ଆଶୀର୍ବାଦରୁ ସଫଳକାମ ହେବାର ଆଶା ଅଧିକ। କର୍ମଫଳ ସାଙ୍ଗକୁ ଦୈବୀକୃପା ଯୋଗେ କର୍ମସାଧନ କରି ଆତ୍ମ ସନ୍ତୋଷ ଲାଭ କରିବେ। ଅନ୍ୟମାନଙ୍କୁ ଉପଯୋଗ କରି ଲାଭବାନ ହେବେ। ସାମାଜିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପତିତ ଅଥବା ପୈତୃକ ସଂପତ୍ତିରେ ଅଧିକାର ମିଳିବ। ବିବାଦୀୟ କ୍ଷେତ୍ରରୁ ଫାଇଦା ଉଠାଇବେ। ସାମର୍ଥ୍ୟ ଅପେକ୍ଷା ଦାୟିତ୍ୱର ବୋଝ ଅଧିକ ହେବା ଫଳରେ ଦିକ୍‌ଦାର ହେବେ। ବେପାର ବାଣିଜ୍ୟରେ ଆଶା ମୁତାବକ ଲାଭ ନହେଲେବି ସ୍ଥାଣୁତା ଆସିବ ନାହିଁ। ଆର୍ଥିକ ଦିଗ ଆବଶ୍ୟକତା ମୁତାବକ ଯୋଗାଡ଼ କରିହେବ। ସୌଖୀନ ଜୀବନ ବିତାଇବା ନିମିତ୍ତ ପ୍ରୟାସୀ ହେବେ। ଭ୍ରମଣରୁ ମାନସିକ ଶାନ୍ତି ପାଇବେ। ନୂତନ ଅନୁଷ୍ଠାନ ଗଢ଼ିପାରନ୍ତି। ବାୟୁ ପ୍ରକୁପିତ ହେବା ଦ୍ୱାରା ଅସହଜ ବୋଧ ହେବ। ଗଳା ନାସା କର୍ଣ୍ଣରେ ଯନ୍ତ୍ରଣା ଅନୁଭୂତ ହୋଇପାରେ। ପାରିବାରିକ ଜୀବନ ସହଜ ସରଳ ହେବ। ମହିଳାମାନେ ଶାରିରୀକ ଅସୁସ୍ଥି ସତ୍ତ୍ୱେ କର୍ତ୍ତବ୍ୟ ନିର୍ବାହରେ ପଛେଇଯିବ ନାହିଁ। ବିଦ୍ୟାର୍ଥୀମାନେ ଦୃଢ଼ ଭବିଷ୍ୟତ ଗଠନ କରିବାରେ ସମର୍ଥ ହେବେ।

ଅଶୁଭ ଦିବସ:- ୨୯, ୩୦, ୧, ୧୦, ୧୧ ଅଷ୍ଟମଚନ୍ଦ୍ର:- ୨୦, ୨୧ ଘାତଚନ୍ଦ୍ର:- ୨୦, ୨୧ ଅନ୍ୟଦିନ ଶୁଭ।



**କୁମ୍ଭ:-** ଗଡ଼ି ଚାଲିଥିବା କେତେକ ସମସ୍ୟାର ସମାଧାନ ହେବାଫଳରେ ମାସଟିରେ ଆଶ୍ୱସ୍ତି ଲାଭ କରିବେ। ଆତ୍ମୀୟ ମାନଙ୍କର ଆତ୍ମୀୟତା ଊଣା ହେବାଫଳରେ ମନରେ ଅଭିମାନ ଓ ଅବଶୋଷ ଜାତହେବ। କର୍ମପଥରେ ଘୋଷାରି ହୋଇ ଚାଲିବା ଛଡ଼ା ଅନ୍ୟପନ୍ଥା ନାହିଁ। ଆତ୍ମ ସଂଯମତା ଓ ଧୈର୍ଯ୍ୟଧାରଣ ନ କଲେ ଅସହାୟତାର କବଳିତ ହେବେ। ବିବଦମାନ ପରିବେଶରୁ ଯଥା ସମ୍ଭବ ନିଜକୁ ଦୂରେଇ ରଖନ୍ତୁ। କାର୍ଯ୍ୟ ସାଧନ ନିମିତ୍ତ ସମୟର ଆବଶ୍ୟକତା ଅଛି। ସାମାଜିକ ସ୍ତରରେ ଲୋକ ସହାୟତା ଓ ସହାନୁଭୂତି ମିଳିବ। ବେପାର ବାଣିଜ୍ୟରେ କ୍ଷୟକ୍ଷତି ଘଟିବାର ନାହିଁ। ଅନ୍ୟ ପାଇଁ ଉପକାର କରି ପ୍ରତାରଣାର ଶିକାର ହୋଇପାରନ୍ତି। ଆର୍ଥିକ ଦିଗରୁ ସନ୍ତାପିତ ହେବେ ନାହିଁ। ଭ୍ରମଣ ଯୋଗେ ଓ ନୂତନ ବ୍ୟବସାୟର ଉନ୍ମୋଚନ କରି ଶାନ୍ତି ପାଇବେ। କ୍ରୋଧକୁ ନିୟନ୍ତ୍ରଣରେ ରଖିଲେ ଶତ୍ରୁବୃଦ୍ଧି ହେବନାହିଁ। ପୁରାତନ ରୋଗ ସାଙ୍ଗକୁ ଚକ୍ଷୁ ଓ ରକ୍ତଶର୍କରା ଜନିତ ରୋଗ ଦେଖାଦେବ। ପାରିବାରିକ ଜୀବନରେ ବୁଝାମଣାକୁ ପ୍ରାଧାନ୍ୟ ଦେଲେ ଦଳିତଚିତ୍ତ ହେବେନାହିଁ। ବକେୟା ଅର୍ଥ ହାତକୁ ଆସିପାରେ। ମହିଳାମାନେ ନିଜ ଚେଷ୍ଟାରେ ଓ କର୍ମମୁଖର ହୋଇ ସମୟକୁ ସରସ ସୁନ୍ଦର କରିପାରିବେ। ପରିବାରର ଅନ୍ୟ ସଦସ୍ୟ ମାନଙ୍କ ସେବାରେ ନିଜକୁ ସମର୍ପଣ କରିବେ। ସମ୍ମାନ ଓ ପ୍ରତିଷ୍ଠାର ଅଧିକାର ମିଳିବ। ବିଦ୍ୟାର୍ଥୀମାନେ ବିଦ୍ୟା ଅପେକ୍ଷା ଧନାର୍ଜନ ପ୍ରତି ଲାଳାୟିତ ହେବେ।

ଅଶୁଭ ଦିବସ:- ୧୫, ୧୬, ୨, ୩, ୧୨, ୧୩, ୧୪ ଅଷ୍ଟମଚନ୍ଦ୍ର:- ୨୨, ୨୩ ଘାତଚନ୍ଦ୍ର:- ୨୯, ୩୦, ୧ ଅନ୍ୟଦିନ ଶୁଭ।



**ମୀନ:-** ମାସଟିରେ ଆପଣଙ୍କୁ ମିଶ୍ରିତଫଳ ପ୍ରାପ୍ତହେବ। ପୂର୍ବ ତୁଳନାରେ ପରିବେଶ ପରିସ୍ଥିତିରେ ସୁଧାର ଆସିବା ଯୋଗେ ଆଶ୍ୱସ୍ତ ହେବେ। କର୍ମର ଗତି ସାଧାରଣ ରହିବ। ବହୁ ସମୟରେ ଅନ୍ୟମନସ୍କତା ଯୋଗେ ଭୁଲାପଣ ଦେଖାଦେବ। ଚିନ୍ତାଧାରାରେ ସ୍ଥିରତା ରହିନପାରେ। କର୍ମ, ସ୍ୱଭାବ, ଚରିତ୍ରକୁ ସୁସଂଯତ ଓ ସଂସ୍କାରିତ କଲେ ଶୁଭଫଳ ତଥା ଆତ୍ମ ସନ୍ତୋଷର ଉପଭୋକ୍ତା ହେବେ। ସାମାଜିକ ସ୍ତରରେ ମାନ ଓ ସ୍ଥାନ ବୃଦ୍ଧି ଘଟିବାର ସୂଚନା ଅଛି। ଭୁଲ ବୁଝାମଣାକୁ ପରିହାର କରିବା ଆବଶ୍ୟକ। ବିବାଦୀୟ କ୍ଷେତ୍ରରେ ଉପସ୍ଥିତ ବୁଦ୍ଧି ପ୍ରୟୋଗ ଦ୍ୱାରା ଖାଲରେ ପଡ଼ିବେ ନାହିଁ। ବେପାର ବାଣିଜ୍ୟରୁ ଭଲ ଦୁଇପଇସା ହାତେଇବେ। ସଦ୍‌ଭାଗୀ ବ୍ୟବସାୟରୁ ଉପକୃତ ହେବେ। ଆୟରେ ଭଙ୍ଗା ପଡ଼ିବାର ନାହିଁ ତେବେ ବ୍ୟୟର ଦିଗ ସାହାଣ ମେଲା ରହିବ। ଭବିଷ୍ୟତ ଯୋଜନାକୁ ସାକାର କରିବେ। ଭ୍ରମଣ ତଥା ଉତ୍ସବାଦି କର୍ମରୁ ଶାନ୍ତି ମିଳିବ। କାର୍ଯ୍ୟ ହାସଲ ନିମିତ୍ତ ନିଜ ଇଚ୍ଛାକୁ ଅନ୍ୟ ଉପରେ ଲଦିଦେଇ ଚାପରୁ ମୁକ୍ତ ରହିବେ। ଶତ୍ରୁମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତ ହେବାର ନାହିଁ। ସୌଖୀନ ବସ୍ତୁର ଉପଭୋକ୍ତା ହେବେ। ହଜମ କ୍ରିୟାରେ ଗଡ଼ବଡ଼ ଦେଖାଦେବ। ଥଣ୍ଡା ଓ ଗଳାଦୋଷ ଦେଖାଦେବ ପରିବାରରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ମହିଳାମାନେ ନିଜ ଚିନ୍ତାଧାରାକୁ ପ୍ରମୁଖତା ପ୍ରଦାନ କରି କର୍ମପଥ ଆପଣେଇବେ। ଭୋଗ ବିଳାସରେ ଭଙ୍ଗା ପଡ଼ିବାର ନାହିଁ। ବିଦ୍ୟାର୍ଥୀମାନେ ନିଜର ଉତ୍ତମ କର୍ମ ସଂପାଦନରେ ଯତ୍ନବାନ ହେବେ।

ଅଶୁଭ ଦିବସ:- ୧୭, ୧୮, ୧୯, ୮, ୯ ଅଷ୍ଟମଚନ୍ଦ୍ର:- ୨୪, ୨୫, ୨୬ ଘାତଚନ୍ଦ୍ର:- ୪, ୫ ଅନ୍ୟଦିନ ଶୁଭ।

*ନୂଆଗାଁ, ଇଟିପୁର, ଖୋର୍ଦ୍ଧା*
*ଦୂରଭାଷ: ୬୩୭୨୫୯୬୯୧୯*

ତନ୍ମାତ୍ର

# ସିନେ ଦୁନିଆର କିମ୍ବଦନ୍ତୀ ପୁରୁଷ!
# ସତ୍ୟଜିତ ରାଏ





ବିଶ୍ୱ ଦରବାରରେ ଭାରତୀୟ ସଂସ୍କୃତି, ସାହିତ୍ୟ ଓ କଳାକୁ ଉପସ୍ଥାପନ କରି ଦେଶକୁ ଗୌରବ ମଣ୍ଡିତ କରିବାରେ ଯେଉଁ କାଳଜୟୀ ସାଧକ ଅନନ୍ୟ କୃତିତ୍ୱ ପ୍ରଦର୍ଶନ କରିଯାଇଛନ୍ତି ସେ ହେଲେ ସତ୍ୟଜିତ ରାଏ। ଭାରତୀୟ ସିନେମାରେ ଜଣେ ଯୁଗପୁରୁଷ ସତ୍ୟଜିତ ରାଏ ଏକଧାରରେ ଜଣେ ଲେଖକ, ପତ୍ରିକା ସଂପାଦକ, ସଂଗୀତ ନିର୍ଦ୍ଦେଶକ, ଗୀତିକାର, କାହାଣୀ ଲେଖକ ଓ ନାଟ୍ୟକାର ସିନେମା ପ୍ରଯୋଜକ ଓ ନିର୍ଦ୍ଦେଶକ, ଅଭିନେତା ଏବଂ ଚିତ୍ରକର। ଏଭଳି ସର୍ବଗୁଣ ସଂପନ୍ନ ବ୍ୟକ୍ତିତ୍ୱଟିଏ ଭାରତୀୟ ସଂସ୍କୃତିରେ ବିରଳ ଏବଂ କହିବାକୁ ଗଲେ ନୋବେଲ ବିଜେତା ରବୀନ୍ଦ୍ରନାଥ ଠାକୁରଙ୍କର ସେ ଥିଲେ ପରବର୍ତ୍ତୀ ସାଂସ୍କୃତିକ ଉତ୍ତରାଧିକାରୀ ଓ ଦାୟାଦ। ରବୀନ୍ଦ୍ରନାଥ କେବଳ ସିନେମା ଓ ତତ୍‌ସଂକ୍ରାନ୍ତୀୟ ସୃଜନଶୀଳତାକୁ ବାଦ ଦେଇ ବାକୀ ସବୁଥିରେ ଥିଲେ ତାଙ୍କର ପଥ ପ୍ରଦର୍ଶକ ଓ ପ୍ରେରଣାର ଉତ୍ସ। ସିନେମା ନହେଲେ ଅଭିନୟ କଳା ଓ ଥିଏଟର କାର୍ଯ୍ୟକଳାପରେ ରବୀନ୍ଦ୍ର ନାଥ ଥିଲେ ତାଙ୍କର ଆଦର୍ଶ।

ସୁକୁମାର ରାଏ ଓ ସୁପ୍ରଭାଙ୍କ ଔରସରୁ କଲିକତାଠାରେ ଜନ୍ମଗ୍ରହଣ କରିଥିଲେ ସତ୍ୟଜିତ୍। ବାଲିଗଞ୍ଜ ସରକାରୀ ବିଦ୍ୟାଳୟରୁ ମାଟ୍ରିକ ପାସ୍ କରିବା ପରେ କଲିକତାର ପ୍ରସିଦ୍ଧ ପ୍ରେସିଡେନ୍‌ସି କଲେଜରେ ସେ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ସ୍କୁଲରେ ପଢ଼ିବା ସମୟରେ ଚାର୍ଲି ଚାପଲିନ, ବଷ୍ଟର କିଟନ ଓ ହାର୍ଲଡ଼ ଲଏଡଙ୍କର ଚଳଚ୍ଚିତ୍ରଗୁଡ଼ିକ ଅତି ଆଗ୍ରହର ସହିତ ଦେଖୁଥିଲେ ଏବଂ ଥିଫ ଅଫ ବାଗଦାଦ (୧୯୨୪), ଅଙ୍କଲ ଟମ୍‌ସ କ୍ୟାବିନ୍ (୧୯୨୭) ତାଙ୍କ ଭିତରେ ଥିବା କଳା ପ୍ରତିଭାକୁ ତାଙ୍କ ଅଜ୍ଞାତରେ ଗଭୀର ଭାବରେ ପ୍ରଭାବିତ କରିଥିଲା। ୧୯୪୦ ରେ ତାଙ୍କର ମାତା ତାଙ୍କୁ ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ପ୍ରତିଷ୍ଠିତ ଶାନ୍ତିନିକେତନରେ ଯୋଗ ଦେବାକୁ ପ୍ରବର୍ତ୍ତାଇଥିଲେ ମଧ୍ୟ କଲିକତାର ସୁଖକର ଜୀବନ ଛାଡ଼ି ଶାନ୍ତିନିକେତନରେ ବୌଦିକ ପରିବେଶରେ ସମୟ ବିତାଇବାକୁ ସେ ଥିଲେ ଘୋର ଅନିଚ୍ଛୁକ। ମାତାଙ୍କର ବାଧ୍ୟବାଧକତା ଓ ରବୀନ୍ଦ୍ରନାଥଙ୍କ ପ୍ରତି ଅସାମାନ୍ୟ ସମ୍ମାନ ତାଙ୍କୁ ବାଧ୍ୟ କରିଥିଲା ଲଳିତକଳା ଉପରେ ଉଚ୍ଚତର ଗବେଷଣାତ୍ମକ ଅଧ୍ୟୟନ ନିମନ୍ତେ ଶାନ୍ତିନିକେତନରେ ଯୋଗ ଦେବା ପାଇଁ। ପରବର୍ତ୍ତୀ ସମୟରେ ସେ ସ୍ୱୀକାର କରିଛନ୍ତି ଯେ ସେଇ ଶାନ୍ତିନିକେତନରେ ନନ୍ଦଲାଲ ବୋଷ ଓ ବିନୋଦ ବିହାରୀ ମୁଖାର୍ଜୀଙ୍କର ସଂସ୍ପର୍ଶରେ ଆସି ସେମାନଙ୍କର ଚିତ୍ରକଳା ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ ଯାହାକି ତାଙ୍କ ମଧ୍ୟରେ ସୃଜନୀ ଶକ୍ତିକୁ ଜାଗ୍ରତ କରିବାକୁ ପ୍ରେରଣାଦାୟକ ହୋଇଥିଲା। ଶାନ୍ତିନିକେତନରେ ଅଧ୍ୟୟନ କରିବା ସମୟରେ ସେ ବିନୋଦ ମୁଖାର୍ଜୀଙ୍କ ଉପରେ ଏକ ପ୍ରାମାଣିକ ଚିତ୍ର ପ୍ରସ୍ତୁତ କରିଥିଲେ। ଏହି ସମୟରେ କଳା ଓ ସୃଜନଶୀଳତା ଉପରେ ଅନେକ ପୁସ୍ତକ ଅଧ୍ୟୟନ କରି ନିଜର ସୃଜନାତ୍ମକ ଚିନ୍ତାଧାରାକୁ ଶାଣିତ କରିବା ସହିତ ଅଜନ୍ତା ଓ ଏଲୋରା ଭ୍ରମଣରେ ଯାଇ ସେଇ ଅନନ୍ୟ ସ୍ଥାପତ୍ୟକୁ ନିଜର ବୌଦ୍ଧିକ ଚିନ୍ତାଧାରାରେ ସାମିଲ କରିଥିଲେ। ଚିତ୍ରକଳା ପ୍ରତି ଅଶେଷ ଆଗ୍ରହ ନଥିବାରୁ ସେ ୧୯୪୨ ରେ ଶାନ୍ତିନିକେତନ ଛାଡ଼ିଦେଇଥିଲେ।

ଏହାପରେ ସେ ଯୋଗ ଦେଇଥିଲେ ଏକ ବ୍ରିଟିଶ ବିଜ୍ଞାପନ ସଂସ୍ଥାରେ। ଜଣେ ସୃଜନାତ୍ମକ ରୂପାୟନକାରୀ ଭାବରେ। ଏହି କାର୍ଯ୍ୟଟି ତାଙ୍କୁ ସଫଳ

ଭାବରେ ସିନେମା ଦିଗରେ ଆଗେଇନେଇଥିଲା। ଭିଜୁଆଲ ଡିଜାଇନ ବ୍ୟତୀତ ଭଲ ଭଲ ଆନ୍ତର୍ଜାତିକ ପ୍ରକାଶନରେ ସେ ପୁସ୍ତକ ଗୁଡ଼ିକର ମଲାଟ ତଥା ପ୍ରଚ୍ଛଦ ଚିତ୍ର ପ୍ରସ୍ତୁତିରେ ଅଶେଷ ସୁନାମ ଅର୍ଜନ କରିବା ଆରମ୍ଭ କରିଦେଇଥିଲେ। ଏହାହିଁ ଥିଲା ତାଙ୍କର ସୃଜନଶୀଳ ପ୍ରତିଭାର ପ୍ରାରମ୍ଭିକ ଉନ୍ମେଷ। ଏହି ପ୍ରତିଭା ବିକାଶ କ୍ରମରେ ସେ ପ୍ରଚ୍ଛଦପଟ ପ୍ରସ୍ତୁତ କରିଥିଲେ ଜୀବନାନନ୍ଦ ଦାସଙ୍କର ବନଲତା ସେନ ଓ ରୂପସୀ ବାଂଲା ପୁସ୍ତକର, ବିଭୁତିଭୂଷଣ ବନ୍ଦୋପାଧ୍ୟାୟଙ୍କର ପଥେର ପାଞ୍ଚାଳି ଦ୍ୱାରା ଅଶେଷ ପ୍ରଭାବିତ ହୋଇ ଏହାର ପୁନଃ ନାମକରଣ ପୂର୍ବକ ଶିଶୁମାନଙ୍କ ଉଦ୍ଦେଶ୍ୟରେ ସେ ଚିତ୍ର ପୁସ୍ତକ ପ୍ରସ୍ତୁତ କରିଥିଲେ। ଯାହାର ନାମ ଥିଲା "ଆମ ଅନ୍ତିର ଭେପୁ" (ଆମ୍ବ ଟାକୁଆର ଫେଂକାଳି)। ଏଇ ପୁସ୍ତକର ଚିତ୍ରଗୁଡ଼ିକ ସେ ଉପାଦେୟ ଭାବରେ ସ୍ଥାନିତ କରିଥିଲେ ତାଙ୍କର ପ୍ରଥମ ଚଳଚ୍ଚିତ୍ର "ପଥେର ପାଞ୍ଚାଳି" ରେ।

ବିଶ୍ୱଯୁଦ୍ଧ ଆରମ୍ଭ ହେବାପରେ ସେ ତାଙ୍କର ଜଣେ ଘନିଷ୍ଠ ଆମେରିକୀୟ ସୈନିକ ବନ୍ଧୁଙ୍କ ଠାରୁ ଅଲଗା ହୋଇଯାଇଥିଲେ। ଯିଏକି ତାଙ୍କୁ କଲିକତାରେ ଆସି ଚାଲୁଥିବା ସମସ୍ତ ଇଂରାଜୀ ଚଳଚ୍ଚିତ୍ର ଉପରେ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରୁଥିଲେ। ଇଂରାଜୀ ଚଳଚ୍ଚିତ୍ରର ଢାଞ୍ଚା ତାଙ୍କର ସୃଜନୀ ଶକ୍ତିକୁ ଉଜ୍ଜିବିତ କରାଇଥିଲା ଏବଂ କ୍ରମେ କ୍ରମେ ସେ ପାଶ୍ଚାତ୍ୟ ସଙ୍ଗୀତକୁ ଭଲପାଇବା ଆରମ୍ଭ କରିଦେଇଥିଲେ। କଲିକତାର ଫିଲ୍ମ ଦର୍ଶକଙ୍କର ଆଡ୍ଡାରେ ସେ ଥିଲେ ଜଣେ ନିୟମିତ ଯୋଗଦାନକାରୀ। ବିଶିଷ୍ଟ ନୃତ୍ୟ ବିଶାରଦ ଉଦୟଶଙ୍କରଙ୍କ ନିର୍ଦ୍ଦେଶିତ (କଳ୍ପନା) ତାଙ୍କୁ ଅଶେଷ ପ୍ରଭାବିତ କରିଥିଲା। ୧୯୪୮ ରେ ସେ ତାଙ୍କର ସଂପର୍କୀୟ ଭଉଣୀ ବିଜୟା ଦାସଙ୍କୁ ବିବାହ କଲାପରେ ସେମାନଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ନେଇଥିଲା ଯାହାର ନାମ ହେଲା ସନ୍ଦୀପ ରାଏ, ଯିଏକି ପରବର୍ତ୍ତୀ ସମୟରେ ଜଣେ ଫିଲ୍ମ ନିର୍ଦ୍ଦେଶକ ହୋଇଥିଲେ। ବିଶିଷ୍ଟ ଫରାସୀ ନିର୍ଦ୍ଦେଶକ ଜିଁ ରିନୟେ ତାଙ୍କର ଫିଲ୍ମ "ଦି ରିଭର" ସୁଟିଂ କରିବାକୁ କଲିକତାରେ ଥିବା ସମୟରେ ସେ ତାଙ୍କୁ ବହୁ ପ୍ରକାରରେ ସାହାଯ୍ୟ କରିଥିଲେ। ସେହି ସମୟରେ ହିଁ "ପଥେର ପାଞ୍ଚାଳି"ର ପ୍ରସ୍ତୁତିର ଚିନ୍ତାଧାରା ସଂପର୍କରେ ରିନୟଙ୍କ ସହିତ ଆଲୋଚନା କରି ତାଙ୍କଠାରୁ ଅନେକ ପ୍ରୋତ୍ସାହନ ପାଇଥିଲେ। ୧୯୫୦ ରେ ବିଜ୍ଞାପନ କମ୍ପାନୀର ମାଲିକ କେମେର ତାଙ୍କୁ ୬ ମାସ ପାଇଁ କାର୍ଯ୍ୟ କରିବାକୁ ଲଣ୍ଡନ ପଠାଇଥିଲେ। ସେଇ ସମୟରେ ସେ ହଲ୍‌ରେ ୯୯ଟି ଫିଲ୍ମ ଦେଖିଥିଲେ ଏବଂ "ବାଇସାଇକେଲ ଥିପସ" ଦେଖି ହଲ୍‌ରୁ ବାହାରିବା ପରେ ଯେ ସେ ଜଣେ ଫିଲ୍ମ ନିର୍ଦ୍ଦେଶକ ହିଁ ହେବେ ବୋଲି ସ୍ଥିର କରିନେଇଥିଲେ। ତାଙ୍କର ପ୍ରଥମ ଚିତ୍ର ପଥେର ପାଞ୍ଚାଳୀ ଏବଂ ଅନ୍ୟ ଏକ ଚିତ୍ର "ଅପରାଜିତୋ" ସାରା ବିଶ୍ୱରେ ଅସାଧାରଣ ମାନ୍ୟତା ଓ ସମ୍ମାନ ପାଇଥିଲା। ତାପରେ ପରେ "ଆପୁର ସଂସାର", "ଚାରୁଲତା", "ଦେବୀ" ଭଳି ଚଳଚ୍ଚିତ୍ର ଗୁଡ଼ିକ ନିର୍ମାଣ କରି ସେ ଅଜସ୍ର ସମ୍ମାନ ସାଉଣ୍ଟି ଥିଲେ। ଏହି ଧାରାରେ ସେ ଆହୁରି ଗୁଡ଼ିଏ ସଫଳ ଚଳଚ୍ଚିତ୍ର ଯଥା "ମହାନଗର", "ଛିର୍ଦକନ୍ୟା", "ଅଭିଯାନ", "କାପୁରୁଷ" ଓ "ମହାପୁରୁଷ" ଭଳି ଚଳଚ୍ଚିତ୍ର ଗୁଡ଼ିକ ନିର୍ମାଣ କରି ପ୍ରସିଦ୍ଧି ଲାଭ କରିଥିଲେ। "ଚାରୁଲତା" ନିମନ୍ତେ ବର୍ଲିନ ଚଳଚ୍ଚିତ୍ର ଉତ୍ସବରେ ସେ ଦ୍ୱିତୀୟ ଶ୍ରେଷ୍ଠ ନିର୍ଦ୍ଦେଶକର ସମ୍ମାନ ପାଇଥିଲେ। ସେ ଯେଉଁ ଚଳଚ୍ଚିତ୍ର ଗୁଡ଼ିକର ନିର୍ଦ୍ଦେଶନା ଦେଇଥିଲେ ସେଗୁଡ଼ିକ ହେଲା "ପଥେର ପାଞ୍ଚାଳି (୧୯୫୫)", "ଅପରାଜିତୋ", "ପରଶପଥର" ଓ "ଜଲସା ଘର (୧୯୫୮)", "ଆପୁର ସୀମାର (୧୯୫୯)", "ଦେବୀ" (୧୯୬୦), "ତିନ୍ କନ୍ୟା", "ଦ ପୋଷ୍ଟମାଷ୍ଟର", "ମଣିହରା", "ସଂପତ୍ତି", ରବୀନ୍ଦ୍ରନାଥ ଠାକୁର (୧୯୬୧), "କାଞ୍ଚନ ଜଙ୍ଗା" ଓ "ଅଭିଯାନ", "ମହାନଗର (୧୯୬୩)", "ଚାରୁଲତା (୧୯୬୪)", "କାପୁରୁଷ" ଓ "ମହାପୁରୁଷ" (୧୯୬୫), "ନାୟକ ୧୯୬୬", "ଚିଡ଼ିଆଖାନା (୧୯୬୭)", "ଗୁପି ଗାୟନ", "ବାଘା ବାୟନ (୧୯୬୯)", "ଅରଣ୍ୟେର ଦିନରାତ୍ରୀ", "ପ୍ରତିଦ୍ୱନ୍ଦୀ" (୧୯୭୦), "ସୀମାବଦ୍ଧ" (୧୯୭୩), "ଅଶନି ସଂକେତ", "ସୋନାର କିଲ୍ଲା" ୧୯୭୪, "ଜନଅରଣ୍ୟ" (୧୯୭୫), ସତରଞ୍ଜ କି ଖିଲାଡ଼ୀ, (ହିନ୍ଦୀ ୧୯୭୭), "ଜୟ ବାବା", "ଫେଲୁନାଥ" (୧୯୭୯), "ହୀର କି ରାଜାର ଦେଶେ ଓ ପିକୁ (୧୯୮୦), ସଦଗତି ହିନ୍ଦୀ (୧୯୮୧), "ଘରେ ବାଇରେ", (୧୯୮୪), "ସୁକୁମାର ରାଏ" (୧୯୮୭), "ଗଣଶତ୍ରୁ ଓ ଶାଖା ପ୍ରଶାଖା '୧୯୯୦'", ଆଗନ୍ତୁକ (୧୯୯୧)

ବିଶ୍ୱର ସବୁଠାରୁ ସମ୍ମାନଜନକ ଓସ୍କାର ପୁରସ୍କାର ପାଇବାରେ ସତ୍ୟଜିତ୍ ରାଏ ହେଲେ ପ୍ରଥମ ଭାରତୀୟ। ସେ ପାଇଛନ୍ତି ୩୬ଟି ଜାତୀୟ ଚଳଚ୍ଚିତ୍ର ପୁରସ୍କାର, ମସ୍କୋ ଚଳଚ୍ଚିତ୍ର ଉତ୍ସବରେ ସ୍ୱତନ୍ତ୍ର ସମ୍ମାନ, ବର୍ଲିନ ଚଳଚ୍ଚିତ୍ର ଉତ୍ସବରେ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବରେ "ସିଲ୍‌ଭର ବିୟର" ପୁରସ୍କାର, ଭେନିସ୍ ଚଳଚ୍ଚିତ୍ର ଉତ୍ସବରେ "ଗୋଲଡେନ୍ ଲାୟନ" ପୁରସ୍କାର, "ଦାଦା ସାହେବ ଫାଲକେ" ପୁରସ୍କାର। ପଦ୍ମଭୂଷଣ ଓ ପରେ ଭାରତ ରତ୍ନ ଭଳି ଅନେକ ଅନେକ ସମ୍ମାନ ଜନକ ପୁରସ୍କାର, ଚାର୍ଲି ଚାପଲିନଙ୍କ ପରେ ସତ୍ୟଜିତ୍ ରାଏ ଥିଲେ ସିନେମା ଜଗତର ପ୍ରଥମ ବ୍ୟକ୍ତି ଯିଏକି ଅକ୍ସଫୋର୍ଡ ବିଶ୍ୱ ବିଦ୍ୟାଳୟରୁ ଡକ୍ଟରେଟ୍ ଉପାଧି ପାଇଥିଲେ। ସର୍ବାଧିକ ଥର ପାଇଁ ତାଙ୍କର ଚଳଚ୍ଚିତ୍ର ଗୁଡ଼ିକ "କାନ୍‌ସ" ଚଳଚ୍ଚିତ୍ର ଉତ୍ସବରେ ପ୍ରବେଶ ଅଧିକାର ପାଇଥିଲା। ୨୦୨୪ ରେ ଫୋର୍ବ ତାଲିକାରେ ସେ ସର୍ବକାଳୀନ ଶ୍ରେଷ୍ଠ ୩୦ ଜଣ ଚଳଚ୍ଚିତ୍ର ନିର୍ଦ୍ଦେଶକ ଭାବରେ ସ୍ଥାନିତ ହୋଇଥିଲେ।

ଏଇ ଯୋଗଜନ୍ମା ଭାରତୀୟ କିମ୍ବଦନ୍ତୀ ପୁରୁଷଙ୍କ ତିରୋଧାନ ହୋଇଥିଲା ୭୧ ବର୍ଷ ବୟସରେ। ଅଦ୍ୟାବଧି ତାଙ୍କର ସମକକ୍ଷ ଆଉ ଜଣେ କଳାର ସାଧକ ଏ ଦେଶ ସୃଷ୍ଟି କରିନାହିଁ। ଭାରତର ସଂସ୍କୃତିକୁ ଓ ସିନେମାକୁ ଗୌରବ ମଣ୍ଡିତ କରିବାରେ ତାଙ୍କର କୃତିତ୍ୱ ଅତୁଳନୀୟ।

# ଭାରତ ବନାମ ପାକିସ୍ତାନ ରଣଭୂମି ଓ ମଇଦାନ

ଭାରତ ଓ ପାକିସ୍ତାନ ମଧ୍ୟରେ ଚଳିତ ସମୟରେ ଲାଗିରହିଥିବା ତିକ୍ତତା ସିଧାସଳଖ ରଣଭୂମିରୁ ଆରମ୍ଭ କରି କ୍ରୀକେଟ୍‌ର ମଇଦାନ ପର୍ଯ୍ୟନ୍ତ ବ୍ୟାପ୍ତ ହୋଇଯାଇଛି। ଦୁଇଦେଶର ବିଭାଜନ ପରେ ଭାରତର ବଡ଼ଭାଇ ଭୂମିକାକୁ କ୍ରୀକେଟ୍‌ରେ ଅଳ୍ପକିଛି ଦିନ ପାଇଁ ମାନିନେଇଥିଲା ପାକିସ୍ତାନ ସାନଭାଇ ଭାବରେ। କାରଣ ସ୍ୱାଧୀନତା ପୂର୍ବରୁ ଭାରତୀୟ ଦଳରେ ହିଁ ଉଭୟ ଦେଶର ଖେଳାଳୀ ଖେଳୁଥିଲେ ଏବଂ ସ୍ୱତନ୍ତ୍ର ଦଳ ତିଆରି ହେବାପରେ ବିଭାଜିତ ପାକିସ୍ତାନ ଦଳକୁ ମୂଳ ଭାରତୀୟ ଦଳରୁ ଯାଇଥିବା ଖେଳାଳୀମାନେ କିଛିଟା ବନ୍ଧୁତ୍ୱର ବାତାବରଣ ଜାରି ରଖିଥିଲେ। ଅଳ୍ପ କେଇଟି ବର୍ଷପରେ ଦୁଇଦଳ ମଧ୍ୟରେ ପ୍ରତିଦ୍ୱନ୍ଦିତା ତୀବ୍ରତର ହୋଇଯାଇଥିଲା ଏବଂ ଏକ ଶତ୍ରୁ ଭାବପନ୍ନତାର ଉଦ୍ରେକ ହୋଇଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ କାଶ୍ମୀରକୁ ନେଇ ସଂଘର୍ଷ ଏବଂ ପାକିସ୍ତାନର ଅମାନିଆ ପଣ ଓ ରାଜନୈତିକ ଚକ୍ରାନ୍ତ ଭାରତ ସହିତ ଏକ ଚିରସ୍ଥାୟୀ ବିବାଦର ସୂତ୍ରପାତ କରାଇଥିଲା। ଏହାଫଳରେ ଯେଉଁ ଦୁଇଟି ଖେଳରେ ଉଭୟ ଦେଶ ପ୍ରତିଯୋଗିତାରେ ପ୍ରଭାବ ବିସ୍ତାର କରି ଖେଳନ୍ତି ଯଥା ହକି ଓ କ୍ରୀକେଟ୍। ଏଇ ଦୁଇଟି ଖେଳରେ ପ୍ରତିଦ୍ୱନ୍ଦିତା ତୀବ୍ରରୁ ତୀବ୍ରତର ହୋଇଉଠିଥିଲା। ହକିରେ ମଧ୍ୟ ପ୍ରତିଦ୍ୱନ୍ଦିତା ରଣଭୂମିରୁ ମଇଦାନକୁ ଓହ୍ଲାଇ ଆସିଥିଲା ବେଳେ କ୍ରୀକେଟ୍‌ର ଅନୁରୂପ ଶତ୍ରୁତା ଆରମ୍ଭ ହୋଇଯାଇଥିଲା। ପରିଶେଷରେ ପହେଲଗାଓଁ ସନ୍ତ୍ରାସବାଦୀ ଆକ୍ରମଣ ପରେ ଏଇ ତିକ୍ତତା ସର୍ବୋଚ୍ଚ ସ୍ତରକୁ ଚାଲିଯାଇଛି।

କ୍ରୀକେଟ୍‌ରେ ଦୁଇଦେଶ ମଧ୍ୟରେ ତିକ୍ତତା ଚିରସ୍ଥାୟୀ ଭାବରେ ଲାଗି ରହିଥିଲେ ମଧ୍ୟ କିଛି କିଛି ସମୟରେ ଦ୍ୱିପାକ୍ଷିକ ସଂପର୍କରେ ବେଳେବେଳେ ଉନ୍ନତିର ଚେଷ୍ଟା କରାଯାଇଛି। ୧୯୮୭ ରେ ଜିଆ ଉଲ୍ ହକ୍‌ଙ୍କର ଜୟପୁରଠାରେ ଭାରତ-ପାକିସ୍ତାନ ଟେଷ୍ଟମ୍ୟାଚ୍‌ରେ ଉପସ୍ଥିତ ରହିବା ସହିତ ରାଜୀବ ଗାନ୍ଧୀଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବାପରେ ତିକ୍ତତା କିଛି ଶିଥିଳ ହୋଇଥିଲା ସତ, ଦୀର୍ଘ ପନ୍ଦରବର୍ଷ କାଳ ଭାରତୀୟ ଦଳ ପାକିସ୍ତାନ ଗସ୍ତକୁ ବନ୍ଦ କରିରଖିଥିଲା। ୨୦୦୪ ରେ ଦୀର୍ଘ ଦିନ ପରେ ଭାରତୀୟ ଦଳ ପାକିସ୍ତାନ ଗସ୍ତ କରି ଟେଷ୍ଟମ୍ୟାଚ୍ ଖେଳିଥିଲା। ଏହାପରେ ୨୦୧୧ ବିଶ୍ୱକପ୍‌ରେ ଭାରତ-ପାକିସ୍ତାନ ସେମି ଫାଇନାଲ ମ୍ୟାଚ୍‌କୁ ପାକିସ୍ତାନ ଓ ଭାରତୀୟ ପ୍ରଧାନମନ୍ତ୍ରୀ ମିଳିତ ଭାବରେ ମୋହାଲି ଠାରେ ଦେଖିବା ଫଳରେ ତିକ୍ତତା କିଛିଟା କମିଥିଲା। କିନ୍ତୁ ବିଭିନ୍ନ ସମୟରେ ପୁନରାୟ ଏହି ତିକ୍ତତା ବଢ଼ିଚାଲିଛି ଆଜି ପର୍ଯ୍ୟନ୍ତ।

ବିଭାଜନପରେ ପ୍ରଥମ ଭାରତ-ପାକ୍ ଟେଷ୍ଟ ଖେଳାଯାଇଥିଲା ଅକ୍ଟୋବର



୧୯୫୧ ରେ, ଯେଉଁଥିରେ ଭାରତ ଇନିଂସ ଓ ୭୦ ରନ୍‌ରେ ବିଜୟୀ ହୋଇଥିଲା। ୫ ଟେଷ୍ଟ ବିଶିଷ୍ଟ ଏଇ ଶୃଙ୍ଖଳା ଭାରତରେ ଖେଳାଯାଇଥିଲା ଏବଂ ଭାରତୀୟ ଦଳର ଅଧିନାୟକ ଥିଲେ ଲାଲା ଅମରନାଥ ଓ ପାକିସ୍ତାନ ଦଳର ଅଧିନାୟକ ଥିଲେ ଅବଦୁଲ କାରଦାର। ଏଥିରେ ଲକ୍ଷ୍ନୌଠାରେ ଖେଳାଯାଇଥିବା ୨ୟ ଟେଷ୍ଟରେ ପାକିସ୍ତାନ ସିରିଜ୍ ପ୍ରତ୍ୟାବର୍ତ୍ତନ କରିଥିଲା ଏକ ଇନିଂସ ଓ ୪୩ ରନ୍‌ର ବିଜୟ ସହିତ। ତୃତୀୟ ଟେଷ୍ଟରେ କିନ୍ତୁ ଭାରତ ୧୦ ଉଇକେଟ୍‌ର ଏକ ବିଜୟ ସହିତ ସିରିଜ୍ ହାତେଇଥିଲା, କାରଣ ପରବର୍ତ୍ତୀ ଦୁଇଟି ଟେଷ୍ଟ ଅମୀମାଂସିତ ଭାବରେ ଶେଷ ହୋଇଥିଲା ଏଇ ଶୃଙ୍ଖଳାରେ ଉମ୍ରିଗାର ୨୫୮, ବିଜୟ ହଜାରେ ୨୨୩ ଓ ବିନୁ ମାଙ୍କଡ଼ ୧୨୯ ରନ୍ ସଂଗ୍ରହ କରି ଶ୍ରେଷ୍ଠ ୩ ବ୍ୟାଟର ହୋଇଥିଲେ। ବୋଲିଂରେ ବିନୁ ମାଙ୍କଡ଼ ୨୫ଟି, ଗୁଲାମ୍ ଅହମ୍ମଦ ୧୨ଟି ଏବଂ ଲାଲା ଅମରନାଥ ୯ଟି ଉଇକେଟ୍ ନେଇ ଶ୍ରେଷ୍ଠ ୩ ଉଇକେଟ୍ ହାସଲକାରୀ ହୋଇଥିଲେ। ପଚାଶ ଓ ଷାଠିଏ ଦଶକରେ ଉଭୟଙ୍କ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦିତା ହୋଇଥିଲା ନିଜ ଦେଶର ଆଧିପତ୍ୟ ସୃଷ୍ଟି କରିବାକୁ କିନ୍ତୁ ଦେଶ ଦେଶ ବିବାଦ ହେତୁ ବିଶେଷ ସଂଖ୍ୟକ ମ୍ୟାଚ୍ ଖେଳା ଯାଇନଥିବାରୁ ଏଇ ପ୍ରତିଦ୍ୱନ୍ଦିତା ପରବର୍ତ୍ତୀ ଦଶକମାନଙ୍କରେ ମଧ୍ୟ ଜାରି ରହିଥିଲା। ସତୁରି ଦଶକରେ ପାକିସ୍ତାନ ଦଳରେ ଇମରାନ୍, ସରଫରାଜ, ଜାହିର ଆବ୍‌ବାସଙ୍କ ପ୍ରବେଶ ଦଳକୁ ମଜବୁତ କରିଥିଲେ ମଧ୍ୟ ଭାରତୀୟ ଦଳରେ ଗାଭାସ୍କର, ବିଶ୍ୱନାଥ, କପିଳ ଦେବଙ୍କର ଉପସ୍ଥିତି ଦୁଇ

ଦଳ ମଧ୍ୟରେ ବେଶ୍ ଟକ୍‌କର ସୃଷ୍ଟି କରିଥିଲା ଏବଂ ଆଧିପତ୍ୟର ସମ୍ମାନ ଉଭୟେ ବାଣ୍ଟିନେଇଥିଲେ । ଅଶୀ ଦଶକରେ କିନ୍ତୁ ପାକିସ୍ତାନ ଦଳ ଇମରାନ, ଆକ୍ରାମ ଓ ୟୁନୁସଙ୍କର ଦ୍ରୁତଗତିର ବୋଲରମାନଙ୍କ ସହିତ ମିଆଁଦାଦ ଓ ମୁଦାସରଙ୍କ ଭଳି ବ୍ୟାଟର ମାନଙ୍କୁ ନେଇ ଭାରତ ଉପରେ ବେଶ ପ୍ରଭାବ ବିସ୍ତାର କରି ନିଜ ଆଧିପତ୍ୟ ଜାହିର କରିଥିଲେ । ପରବର୍ତ୍ତୀ ଦଶକରେ ତେନ୍ଦୁଲକର, କୁମ୍ବଲେ, ସେୱାଗ ପ୍ରଭୃତିଙ୍କର ଆବିର୍ଭାବ ଭାରତକୁ ଅଧିକ ଶକ୍ତି ଯୋଗାଇଥିଲା ଏବଂ ୨୦୦୦ ପରବର୍ତ୍ତୀ ଅବସ୍ଥାରେ ସୌରଭ ଗାଙ୍ଗୁଲି, ଦ୍ରାବିଡ଼, ଲକ୍ଷ୍ମଣ ଓ ଜାହିର ଖାଁଙ୍କର ଦଳରେ ଯୋଗଦାନ ଟେଷ୍ଟରେ ଭାରତର ଆଧିପତ୍ୟକୁ ସ୍ଥାପନ କରିଥିଲା, ତେବେ ସବୁ ଦଶକରେ ନିଜ ନିଜ ମାଟିରେ ଦୁଇଦେଶ ଜିତୁଥିଲେ ମଧ୍ୟ ପ୍ରଥମ ଥର ପାଇଁ ୨୦୦୦ ପରବର୍ତ୍ତୀ ସମୟରେ ପାକିସ୍ତାନରେ ବିଜୟ ସହିତ ଭାରତୀୟ ଦଳ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିଲା । ପରବର୍ତ୍ତୀ ଦଶକମାନଙ୍କରେ ଏପର୍ଯ୍ୟନ୍ତ ଅଠର ବର୍ଷ ହେଲା ଦୁଇ ଦଳ ପରସ୍ପର ମଧ୍ୟରେ ଗୋଟିଏ ହେଲେ ଟେଷ୍ଟମ୍ୟାଚ୍ ଖେଳିନାହାନ୍ତି, ଡିସେମ୍ବର ୨୦୦୭ ରେ ଖେଳାଯାଇଥିବା ଅମୀମାଂସିତ ଟେଷ୍ଟମ୍ୟାଚ୍ ଥିଲା ଉଭୟଙ୍କ ମଧ୍ୟରେ ଶେଷ ଟେଷ୍ଟ ।

ସତୁରୀ ଦଶକର ଶେଷାର୍ଦ୍ଧରେ ଆବିର୍ଭାବ ହୋଇଥିଲା, ଏକଦିବସୀୟ ବିଶ୍ୱକପ୍ । ଟେଷ୍ଟ ଖେଳୁଥିବା ଦଳମାନଙ୍କ ମଧ୍ୟରେ ଏକଦିବସୀୟ ଦଳ ଭାବରେ ଭାରତ ବୋଧହୁଏ ସବୁଠାରୁ ଶେଷ ସ୍ଥାନରେ ଥିଲା । କିନ୍ତୁ ପାକିସ୍ତାନ ଦଳ ମୁସ୍ତାକ ମହମ୍ମଦଙ୍କ ଅଧିନାୟକତ୍ୱରେ ଆସିଫ୍ ଇକ୍‌ବାଲ, ମିଆଁଦାଦ, ଜାହିର ଆବାସ, ଇମରାନ ଓ ସରଫରାଜ ନୱାଜଙ୍କୁ ନେଇ କଡ଼ା ଟକ୍‌କର ଦେଇଥିଲା ସେଇ ବର୍ଷର ଚାଂପିୟାନ ଇଣ୍ଡିଜ ଦଳକୁ । ୧୯୭୫ ଓ ୧୯୭୯ ବିଶ୍ୱକପରେ ଭାରତର ଏକଦିବସୀୟରେ ଅସ୍ତିତ୍ୱ ଦୁର୍ବଳତମ ଥିଲା ଏବଂ କୌଣସି ଦୃଷ୍ଟିକୋଣରୁ ଏହା ପାକିସ୍ତାନ ଦଳର ଶକ୍ତି ସହ ତୁଳନୀୟ ନଥିଲା । ଯଦିଓ ୧୯୭୮ ରେ ବେଦୀଙ୍କ ଅଧିନାୟକତ୍ୱରେ ଭାରତ ପାକିସ୍ତାନ ସହ ଖେଳିଥିବା ପ୍ରଥମ ଏକଦିବସୀୟ ମ୍ୟାଚକୁ ୪ ରନ୍‌ରେ ଜିତିଥିଲା ଏବଂ ତା' ମଧ୍ୟ ପାକିସ୍ତାନ ମାଟିରେ ! ୧-୧ ରେ ସ୍ଥିତି ସମାନ ଥିଲାବେଳେ ତୃତୀୟ ମ୍ୟାଚ୍‌ରେ ଭାରତ ଅଂପାୟାରିଂ ନିଷ୍ପତ୍ତିର ପ୍ରତିବାଦ କରି ପଡ଼ିଆ ଛାଡ଼ିବାରୁ ପାକିସ୍ତାନ ମ୍ୟାଚ ବିଜୟୀ ହୋଇ ସିରିଜ ବିଜୟୀ ହୋଇଥିଲା । ପାକିସ୍ତାନ ଅଂପାୟାର ପର୍ଯ୍ୟାପ୍ତ ସଂଖ୍ୟକ ବଲ୍‌କୁ ୱାଇଡ ଘୋଷଣା ନକରି ପାକିସ୍ତାନ ଦ୍ରୁତ ବୋଲରଙ୍କୁ ସହାୟତା କରୁଥିବା ଅଭିଯୋଗ କରିଥିଲା ଭାରତ । ସେଇ ଦଶକରେ ଘରୋଇ ମାଟିରେ ଘରୋଇ ଅଂପାୟାର ରହୁଥିବାର ବ୍ୟବସ୍ଥା ରହିଥିଲା ଓ ପାକିସ୍ତାନ ଅଂପାୟାରମାନେ ମଧ୍ୟ ବେଶ୍ ଦୁର୍ନାମ ଅର୍ଜନ କରିଥିଲେ । ଏହି କାରଣରୁ ବିଦେଶୀ ଦଳମାନେ ପାକିସ୍ତାନ ପରିଭ୍ରମଣରେ ଆସିବାକୁ ଆଗ୍ରହ ପ୍ରକାଶ କରୁନଥିଲେ ଏବଂ ଭାରତ ମଧ୍ୟ ଏଇ ଅନ୍ୟାୟର ସମ୍ମୁଖୀନ ହେଉଥିଲା ପ୍ରତ୍ୟେକ ପାକିସ୍ତାନ ଗସ୍ତ ସମୟରେ ।

୧୯୮୩ ରେ କପିଳ ଦେବଙ୍କ ଅଧିନାୟକତ୍ୱରେ ପ୍ରୁଡେନ୍‌ସିଆଲ ବିଶ୍ୱକପ୍ ଜିତିଲା ପରଠାରୁ ଭାରତ ତା'ର ପ୍ରଭାବ ବଢ଼ାଇ ଚାଲିଛି ଏବଂ ଆଜି ଏହା ବିଶ୍ୱର ଶ୍ରେଷ୍ଠ ମାନ୍ୟତା ପ୍ରାପ୍ତ ଦଳ । ଉଲ୍ଲେଖଯୋଗ୍ୟ ଯେ ଏକଦିବସୀୟ ବିଶ୍ୱକପରେ ପ୍ରତ୍ୟେକ ଭାରତ-ପାକିସ୍ତାନ ମ୍ୟାଚ୍‌ରେ ଭାରତ ପାକିସ୍ତାନକୁ ପରାସ୍ତ କରିଛି । ଭାରତ-ପାକିସ୍ତାନ ମଧ୍ୟରେ ଜାରି ରହିଥିବା ସୀମା ବିବାଦ, ରାଜନୈତିକ ଦ୍ୱନ୍ଦ୍ୱ ଓ ଯୁଦ୍ଧର ପରିସ୍ଥିତି ମଧ୍ୟରେ ଭାରତର କ୍ରମାଗତ ବିଜୟ ଭାରତୀୟ ଖେଳାଳୀଙ୍କର ମାନିସକତାକୁ ଦୃଢ଼ତର କରାଇବା ସହିତ ପାକିସ୍ତାନୀ ଦଳକୁ ନିମ୍ନ ସ୍ତରକୁ ନେଇଯାଇଛି । ଯୁଦ୍ଧ କ୍ଷେତ୍ରରେ ଭାରତ ଦାବୀ କରୁଥିବା ବିଜୟକୁ ପାକିସ୍ତାନ ଗାଲ ଭୁରୁଡ଼ ମାରି ଅସ୍ୱୀକାର କରୁଥିଲାବେଳେ କ୍ରିକେଟ ମଇଦାନରେ ପରାଜିତ ହେବା ସେମାନଙ୍କର ମାନସିକତାକୁ ବ୍ୟତିବ୍ୟସ୍ତ କରିଦେଉଛି । ସାମାଜିକ, ରାଜନୈତିକ ଓ ରଣକ୍ଷେତ୍ରରେ ଭାରତର ଆଧିପତ୍ୟ ପାକିସ୍ତାନୀମାନଙ୍କ ପାଇଁ ଦୁର୍ବିସହ ତେଣୁ ସେମାନଙ୍କର ହତାଶାର ଓ କ୍ରୋଧର ପ୍ରତିଫଳନ ଖେଳ ପଡ଼ିଆରେ ହେଲାବେଳେ ତାହା ଏକ ଜୋରଦାର ସଂଘର୍ଷର ବାତାବରଣ ସୃଷ୍ଟିକରୁଛି । ସଦ୍ୟ ଖେଳା ଯାଉଥିବା ଏସିଆ କପ୍ ପ୍ରତିଯୋଗିତା ଉଭୟ ଦେଶର ଖେଳାଳୀଙ୍କ ମଧ୍ୟରେ ଏକ ତୀବ୍ର ଜାତୀୟତା ଭାବରେ ଅନୁପ୍ରେରିତ ସଂଘର୍ଷ ସ୍ପଷ୍ଟ ଦୃଷ୍ଟିଗୋଚର ହେଉଛି ।

ଚଳିତ ଦଶନ୍ଧିରେ ଏବଂ ତା'ର କିଛି ବର୍ଷ ପୂର୍ବରୁ ମଧ୍ୟ ଭାରତ ଏକଦିବସୀୟ ମାନ୍ୟତାରେ ସବୁବେଳେ ଶ୍ରେଷ୍ଠ ତିନିଟି ସ୍ଥାନ, ଟି-୨୦ ରେ ମଧ୍ୟ ଅନୁରୂପ ମାନ୍ୟତା ସହିତ ଟେଷ୍ଟ ଚାଂପିୟାନସିପ୍‌ରେ ଦୁଇ ଦୁଇ ଥର ଫାଇନାଲ ପ୍ରବେଶ କରି ରନର୍ସ ଟ୍ରଫି ପାଇଛି । ସର୍ବଶେଷ ଟେଷ୍ଟ ଚାଂପିୟାନସିପ୍ ପ୍ରତିଯୋଗିତାରେ ଚତୁର୍ଥ ଶ୍ରେଷ୍ଠ ଦଳର ମାନ୍ୟତା ମଧ୍ୟ ପାଇଛି । ଏହି ତୁଳନାରେ ପାକିସ୍ତାନ କୌଣସି ଦୃଷ୍ଟିରୁ ଆଉ ଭାରତର ସମକକ୍ଷ ନୁହେଁ ଏହି ବିଫଳତା, ଅବସାଦ, ହତାଶା କ୍ରୋଧର ରୂପ ନେଇଛି ପାକିସ୍ତାନ କ୍ରିକେଟ ଦଳର ଖେଳାଳୀ ତଥା ପାକିସ୍ତାନ କ୍ରିକେଟର ସମର୍ଥକ ମାନଙ୍କ ନିକଟରେ । ରଣଭୂମିର ଖବର କେବଳ ଟିଭି ଓ ଖବରକାଗଜରୁ ମିଳୁଥିଲା ବେଳେ କ୍ରିକେଟ ମଇଦାନର ପ୍ରଦର୍ଶନ କୋଟି କୋଟି ଜନତା ସ୍ୱଚକ୍ଷୁରେ ଦେଖୁଥିବାରୁ ଏହା ଅଧିକ ରୋଚକ ହୋଇଯାଇଛି ଏବଂ ରଣକ୍ଷେତ୍ରକୁ ପହଞ୍ଚାଇ ଦେଇଛି ମଇଦାନର କ୍ରିକେଟ୍ ରଂଗାଗନରେ ।

## ସମୁଦାୟ ଫଳାଫଳ

| ମ୍ୟାଚ୍ | ଖେଳିଥିବା ମ୍ୟାଚ୍ ସଂଖ୍ୟା | ଭାରତର ବିଜୟ | ପାକିସ୍ତାନର ବିଜୟ | ଅମୀମାଂସିତ |
|---|---|---|---|---|
| ଟେଷ୍ଟ | ୫୯ | ୯ | ୧୨ | ୩୮ |
| ଏକଦିବସୀୟ | ୧୩୬ | ୫୮ | ୭୩ | ୫ |
| ଟି-୨୦ | ୧୪ | ୧୦ | ୩ | ୧ |
| ସମୁଦାୟ | ୨୦୯ | ୭୭ | ୮୮ | ୪୪ |

## ପ୍ରତିଯୋଗିତା ୱାରୀ ଫଳାଫଳ

| ପ୍ରତିଯୋଗିତା | ମ୍ୟାଚ୍ ସଂଖ୍ୟା | ଭାରତର ବିଜୟ | ପାକିସ୍ତାନର ବିଜୟ | ଅସୀମାଂସିତ |
|---|---|---|---|---|
| ବିଶ୍ୱକପ୍ | ୮ | ୮ | ୦ | ୦ |
| ଟି-୨୦ ବିଶ୍ୱକପ୍ | ୮ | ୭ | ୧ | ୦ |
| ଚାଂପିୟାନ୍ସ ଟ୍ରଫି | ୬ | ୩ | ୩ | ୦ |
| ଟେଷ୍ଟ ଚାଂପିୟାନସିପ୍ | ୦ | ୦ | ୦ | ୦ |
| ସମୁଦାୟ | ୨୨ | ୧୮ | ୪ | ୦ |

# ସମାରୋହ

## ଏସିଆ କପ୍ ମୁକାବିଲା

| ମ୍ୟାଚ୍ | ମ୍ୟାଚ୍ ସଂଖ୍ୟା | ଭାରତର ବିଜୟ | ପାକିସ୍ତାନର ବିଜୟ | ଅସୀମାଂସିତ |
|---|---|---|---|---|
| ଏସିଆ କପ୍ ଏକଦିବସୀୟ | ୧୫ | ୮ | ୫ | ୨ |
| ଏସିଆ କପ୍ ଟି-୨୦ | ୬ | ୫ | ୧ | ୦ |
| ଏସିଆ ଟେଷ୍ଟ ଚାଂପିୟାନ୍‌ସିପ୍ | ୧ | ୦ | ୧ | ୦ |
| ସମୁଦାୟ | ୨୨ | ୧୩ | ୭ | ୨ |

## ଆଇ.ସି.ସି. ବିଶ୍ୱକପ୍‌ରେ ମୁକାବିଲା

| ବର୍ଷ | କେଉଁ ପର୍ଯ୍ୟାୟ | ଫଳାଫଳ |
|---|---|---|
| ୧୯୯୨ | ଗ୍ରୁପ୍ ପର୍ଯ୍ୟାୟ | ଭାରତ ୪୩ ରନ୍‌ରେ ବିଜୟୀ |
| ୧୯୯୬ | କ୍ୱାର୍ଟର ଫାଇନାଲ | ଭାରତ ୩୯ ରନ୍‌ରେ ବିଜୟୀ |
| ୧୯୯୯ | ସୁପର-୬ | ଭାରତ ୪୭ ରନ୍‌ରେ ବିଜୟୀ |
| ୨୦୦୩ | ଗ୍ରୁପ୍ ପର୍ଯ୍ୟାୟ | ଭାରତ ୬ ରନ୍‌ରେ ବିଜୟୀ |
| ୨୦୧୧ | ସେମି ଫାଇନାଲ | ଭାରତ ୨୯ ରନ୍‌ରେ ବିଜୟୀ |
| ୨୦୧୫ | ଗ୍ରୁପ୍ ପର୍ଯ୍ୟାୟ | ଭାରତ ୭୬ ରନ୍‌ରେ ବିଜୟୀ |
| ୨୦୦୯ | ଗ୍ରୁପ୍ ପର୍ଯ୍ୟାୟ | ଭାରତ ୮୯ ରନ୍‌ରେ ବିଜୟୀ |
| ୨୦୨୩ | ଗ୍ରୁପ୍ ପର୍ଯ୍ୟାୟ | ଭାରତ ୭ ଉଇକେଟ୍‌ରେ ବିଜୟୀ |

## ଆଇ.ସି.ସି. ଟି-୨୦ ବିଶ୍ୱକପ୍ ମୁକାବିଲା

| ବର୍ଷ | କେଉଁ ପର୍ଯ୍ୟାୟ | ଫଳାଫଳ |
|---|---|---|
| ୨୦୦୭ | ଫାଇନାଲ | ଭାରତ ୫ ରନ୍‌ରେ ବିଜୟୀ |
| ୨୦୧୨ | ସୁପର-୮ | ଭାରତ ୮ ଉଇକେଟ୍‌ରେ ବିଜୟୀ |
| ୨୦୧୪ | ସୁପର-୧୦ | ଭାରତ ୭ ଉଇକେଟ୍‌ରେ ବିଜୟୀ |
| ୨୦୧୬ | ସୁପର-୧୦ | ଭାରତ ୬ ଉଇକେଟ୍‌ରେ ବିଜୟୀ |
| ୨୦୨୧ | ସୁପର-୧୨ | ପାକିସ୍ତାନ ୧୦ ଉଇକେଟ୍‌ରେ ବିଜୟୀ |
| ୨୦୨୨ | ସୁପର-୧୨ | ଭାରତ ୪ ଉଇକେଟ୍‌ରେ ବିଜୟୀ |
| ୨୦୨୪ | ଗ୍ରୁପ୍ ପର୍ଯ୍ୟାୟ | ଭାରତ ୬ ଉଇକେଟ୍‌ରେ ବିଜୟୀ |

## ପ୍ରମୁଖ ଆଇ.ସି.ସି. ପ୍ରତିଯୋଗିତା ବିଜୟୀ

| ପ୍ରତିଯୋଗିତା | ଭାରତର ବିଜୟ | ପାକିସ୍ତାନର ବିଜୟ |
|---|---|---|
| ଆଇ.ସି.ସି ବିଶ୍ୱକପ୍ | ୨ ଥର | ୧ ଥର |
| ଆଇ.ସି.ସି. ଟି-୨୦ ବିଶ୍ୱକପ୍ | ୨ ଥର | ୧ ଥର |
| ଆଇ.ସି.ସି. ଚାଂପିୟାନ୍‌ସ ଟ୍ରଫି | ୩ ଥର | ୧ ଥର |
| ଆଇ.ସି.ସି. ଟେଷ୍ଟ ଚାଂପିୟନ୍‌ସିପ୍ | ୦ | ୦ |
| ଏସିଆ କପ୍ | ୮ ଥର | ୨ ଥର |
| ଏସିଆନ୍ ଗେମ୍‌ସ | ୧ ଥର | ୦ |
| ସମୁଦାୟ | ୧୬ ଥର | ୫ ଥର |

## ଏକଦିବସୀୟ ପ୍ରଦର୍ଶନ

| | ମ୍ୟାଚ୍ ସଂଖ୍ୟା | ଭାରତ ବିଜୟ | ପାକିସ୍ତାନ ବିଜୟ | ଅସୀମାଂସିତ |
|---|---|---|---|---|
| ୫୦ ଦଶକ | ୧୦ | ୨ | ୧ | ୭ |
| ୬୦ ଦଶକ | ୫ | ୦ | ୦ | ୫ |
| ୭୦ ଦଶକ | ୯ | ୨ | ୨ | ୫ |
| ୮୦ ଦଶକ | ୨୦ | ୦ | ୪ | ୧୬ |
| ୯୦ ଦଶକ | ୩ | ୧ | ୨ | ୦ |
| ୨୦୦୧-୧୦ | ୧୨ | ୪ | ୩ | ୫ |
| ୨୦୧୦ ରୁ ଏପର୍ଯ୍ୟନ୍ତ | - | - | - | - |
| ସମୁଦାୟ | ୫୯ | ୯ | ୧୨ | ୩୮ |

## ଟେଷ୍ଟ ପ୍ରଦର୍ଶନ

| | ମ୍ୟାଚ୍ ସଂଖ୍ୟା | ଭାରତ ବିଜୟ | ପାକିସ୍ତାନ ବିଜୟ | ଅସୀମାଂସିତ |
|---|---|---|---|---|
| ୭୦ ଦଶକ | ୩ | ୧ | ୨ | - |
| ୮୦ ଦଶକ | ୩୦ | ୯ | ୧୯ | ୨ |
| ୯୦ ଦଶକ | ୪୫ | ୧୭ | ୨୬ | ୨ |
| ୨୦୦୦-୧୦ | ୪୦ | ୧୮ | ୨୨ | - |
| ୨୦୧୦-୨୦ | ୧୪ | ୧୦ | ୪ | - |
| ୨୦୨୦-୨୫ | ୪ | ୩ | ୦ | ୧ |
| ସମୁଦାୟ | ୧୩୬ | ୫୮ | ୭୩ | ୫ |

## ଟି-୨୦ ପ୍ରଦର୍ଶନ

| | ମ୍ୟାଚ୍ ସଂଖ୍ୟା | ଭାରତ ବିଜୟୀ | ପାକିସ୍ତାନ ବିଜୟୀ | ଅସୀମାଂସିତ |
|---|---|---|---|---|
| ୨୦୦୦-୧୦ | ୨ | ୨ | ୦ | - |
| ୨୦୧୦-୨୦ | ୬ | ୫ | ୧ | - |
| ୨୦୨୦-୨୫ | ୭ | ୫ | ୨ | - |
| ସମୁଦାୟ | ୧୫ | ୧୨ | ୩ | |

## ସଦ୍ୟ ଆଇ.ସି.ସି. ମାନ୍ୟତା

| | ଭାରତ | ପାକିସ୍ତାନ |
|---|---|---|
| ଟେଷ୍ଟ | ଚତୁର୍ଥ | ସପ୍ତମ |
| ଏକଦିବସୀୟ | ପ୍ରଥମ | ପଞ୍ଚମ |
| ଟି-୨୦ | ପ୍ରଥମ | ଅଷ୍ଟମ |



Begin your
Happily
ever
after
with us
Specially Curated Menu
Bespoke Decor
Trained Event Crew
AA Convention Complex
a destination of your dream events.......
AIIMS Square, Patrapada, Bhubaneswar
Contact for Booking : 9861717767 / 9861717768
jjcreativevision / abcl-01/23

AUSTIN®
PLYWOOD
www.austinplywood.com
Toll free number : 9073433333

SUMI'Z
PATISSERIE

Call/ WhatsApp to Order: +91-63715 53221
SUMI'Z PATISSERIE 10 Nirmalya Garden, KIIT Road, Patia, Bhubaneswar
Instagram: @SUMIZPATISSERIE FSSAI No: 22023067000554

Tastiest North Indian food.
Now in Bhubaneswar

sigree

Esplanade One Mall, Rasulgarh
0674-2548089 / 9078836888

* Conditions apply
Ask the captain for details.

*With Best Compliments From:*

**Angul-Sukinda Railway Ltd.**

**CIN : U45203OR2009PLC010620**


JCB
Indian's Largest Manufacturer of Construction Equipment
Kalinga Automobiles Pvt. Ltd.
Plot : 6C/6D, Sector-A, Zone-B, Mancheswar I . E, BBSR-10
Branch- Berhampur, Boudh, Dhenkanal, Jajpur, Paradeep, Bhadrak
0674-2583022, 9938449909, 9937292002

PANDA
TRAVEL MART

# BIG
*Celebrations*
**START WITH SMALL BILLS.**




UP TO 50% OFF*

GRAB exciting OFFERS AT OUR STORE

5% EXTRA CASHBACK* SBI card

*Min. Trxn.: ₹4,000; Max. Cashback: ₹750 per card account;
Validity: 20 Sep - 31 Oct 2025. T&C Apply.

*Conditions apply

sanket mh 25

CHANDRASEKHARPUR: 8480612003 | ASHOK NAGAR: 8480612001 | MARKET BUILDING: 8480612002

INDIA'S LEADING STORE FOR LUGGAGE, BACKPACK, LADIES HANDBAG AND ACCESSORIES


Announcement!
IT'S HY TIME
With Great Pride & Joy
If Interested in buying any Toyota/Lexus Vehicles, without Dealer Margin & Lower Insurance directly from Toyota
Call Magnum Auto 9937000909


STS
Synnovel Techcon
Solutions Pvt. Ltd.
Synnovel Techcon Solutions Private Limited
OUR SERVICES

RNI No. CK (C)/91/2024-2026
The Samaroha Puja Special September-2025 Vol. - 34 Issue-12 Regd. No. : 034056/1981

KALINGA COMMERCIAL CORPORATION LTD
A Leading Turnkey Service Provider for Mining Sector
(ISO 9001 : 2008 Certified)

Our Strength is-
Unity &
Teamwork with





Commitment and
Dedication

Our Motto –
No Words but Deeds





Aiming for Excellence
in Achievement with
Customer Satisfaction

Our Vision:
Aspire to set Benchmark on Global Mining,Value Creation and Corporate Social Responsibility

*CORPORATE OFFICE*

A/47, NILAKANTHA NAGAR, NAYAPALLI, BHUBANESWAR, ODISHA 751012
MOB: 9937559264
WEB: www.kccl.co.in

₹ 120/-

Date of Publication : 26.09.2025
E-mail : thesamaroha@gmail.com